# ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା

## ଷଷ୍ଠ ଖଣ୍ଡ

ଶ୍ରୀ ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଶିବେଶ୍ୱରାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର-୭୫୧୦୦୨

ସର୍ବସ୍ୱତ୍ୱ ସଂରକ୍ଷିତ

ତୃତୀୟ ସଂସ୍କରଣ
ଶ୍ରୀଶ୍ରୀ ମା ସାରଦାଦେବୀ ଜୟନ୍ତୀ
୧୧ ଡିସେମ୍ବର ୨୦୦୬
M

ମୂଲ୍ୟ : ଅଶୀ ଟଙ୍କା ମାତ୍ର

ମୁଦ୍ରାକର
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ
ଏ/୪୮ ରାମେଶ୍ୱରପାଟଣା
ଭୁବନେଶ୍ୱର-୨

**SWAMI VIVEKANANDANKA VANI O RACHANA, Vol. VI :** *Published by Ramakrishna Math, Bhubaneswar-751002; Third Edition; 11 December 2006;* ***Price : Rupees Eighty Only***

# ପ୍ରକାଶକଙ୍କ ନିବେଦନ

'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ଷଷ୍ଠ ଖଣ୍ଡରେ 'ଭାବିବାର କଥା', 'ପରିବ୍ରାଜକ', 'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ଏବଂ 'ସନାତନ ଭାରତବର୍ଷ' — ବଙ୍ଗଳା ଭାଷାରେ ଲିଖିତ ସ୍ୱାମୀଜୀଙ୍କର ମୌଳିକ ରଚନାବଳୀ ଓ ତାଙ୍କ ରଚିତ ସଂସ୍କୃତ ସ୍ତୋତ୍ର ଓ ବଙ୍ଗ ଭାଷାରେ ଲିଖିତ କବିତାସମୂହ ଏବଂ ୧୧୯ଟି ପତ୍ର ଅନୁବାଦ କରାଯାଇ ସନ୍ନିବେଶିତ ହୋଇଛି ।

'ଭାବିବାର କଥା'ରେ ସ୍ୱାମୀଜୀଙ୍କର କେତୋଟି ପ୍ରବନ୍ଧ ଓ ସମାଲୋଚନା ସହ 'Imitation of Christ' ନାମକ ପୁସ୍ତକର ଅସମାପ୍ତ ଅନୁବାଦ ଅନ୍ତର୍ଭୁକ୍ତ ।

'ପରିବ୍ରାଜକ' ପୁସ୍ତକଟି ଦ୍ୱିତୀୟଥର ପାଶ୍ଚାତ୍ୟ ଭ୍ରମଣ ସମୟରେ ସ୍ୱାମୀଜୀଙ୍କ ଚିନ୍ତାର ଭାଷାରେ ପରିପ୍ରକାଶ । 'ଉଦ୍‌ବୋଧନ' - ସମ୍ପାଦକଙ୍କ ଅନୁରୋଧରେ ସ୍ୱାମୀଜୀ ପ୍ରଥମେ ଏହାକୁ ମନୋରଞ୍ଜନକାରୀ ଭ୍ରମଣ-କାହାଣୀ ଭାବରେ ଲେଖିବାକୁ ଆରମ୍ଭ କରିଥିଲେ । ମାତ୍ର ବିଶ୍ୱ-ଇତିହାସରେ ଅଗାଧଜ୍ଞାନସମ୍ପନ୍ନ ସ୍ୱାମୀଜୀଙ୍କ ଲେଖନୀରେ ଏହା ମଧ୍ୟପ୍ରାଚ୍ୟ ଓ ୟୁରୋପର ଇତିହାସ ଓ ସଭ୍ୟତାର ଗୋଟିଏ କ୍ଷୁଦ୍ର ସମାଲୋଚନାରେ ପରିଣତ ହୋଇଛି ।

'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ଗ୍ରନ୍ଥଟିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ଉଭୟ ଗୁଣ ଓ ଦୋଷଗୁଡ଼ିକୁ ସ୍ୱାମୀଜୀ ଉଦାର ଦୃଷ୍ଟିରେ ଉପସ୍ଥାପିତ କରି ଗୁଣଗୁଡ଼ିକୁ ଆହରଣ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ।

'ସନାତନ ଭାରତବର୍ଷ' ମୂଳତଃ 'ବର୍ତ୍ତମାନ ଭାରତ' ନାମରେ ଗ୍ରନ୍ଥାକାରରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକଟି ମାନବଜାତିର ଉତ୍‌ଥାନ-ପତନର ଗୋଟିଏ ସୁଚିନ୍ତିତ ସମାଜ-ତାନ୍ତ୍ରିକ ଇତିହାସ । ସ୍ୱାମୀଜୀ ଏଥିରେ ଭାରତର କେବଳ ଅତୀତ ଓ ତତ୍‌କାଳୀନ ଅବସ୍ଥାର ଆଲୋଚନା କରିନାହାନ୍ତି, ବରଂ ଭାରତବର୍ଷର ଜାତୀୟ ସନାତନ ଧାରାଟିକୁ ଆମ ଆଗରେ ଉପସ୍ଥାପିତ କରି ଭବିଷ୍ୟତ ଭାରତର ଏକ ସମୃଦ୍ଧ ରୂପରେଖ ଅଙ୍କନ କରିଛନ୍ତି ଏବଂ ବିଶ୍ୱର ସାମଗ୍ରିକ ପରିସ୍ଥିତିରେ ଆମର କର୍ତ୍ତବ୍ୟ ନିର୍ଦ୍ଧାରଣ କରି ଯାଇଛନ୍ତି ।

ସ୍ୱାମୀଜୀଙ୍କର କବିତା କେବଳ ଛନ୍ଦୋବଦ୍ଧ ପଦ ନୁହେଁ ; ଏହା ତାଙ୍କ ଅନ୍ତରର ଗଭୀର ଭାବପ୍ରସୂତ ଅଭିବ୍ୟକ୍ତି । ଏହି ଖଣ୍ଡରେ କେବଳ ବଙ୍ଗଭାଷାରେ ରଚିତ କବିତାଗୁଡ଼ିକର ଅନୁବାଦ 'ବୀରବାଣୀ' ନାମରେ ସଂକଳିତ ହୋଇଛି ; ଇଂରାଜୀ କବିତାର ଅନୁବାଦ ପରବର୍ତ୍ତୀ ଖଣ୍ଡରେ ପ୍ରକାଶିତ ହେବ ।

ସ୍ୱାମୀଜୀଙ୍କର ଅଗ୍ନିଗର୍ଭ 'ପତ୍ରାବଳୀ' ସମସ୍ତ ଜଗତକୁ ଉଦ୍‌ବୁଦ୍ଧ କରିବା ପାଇଁ ଲିଖିତ ହୋଇଥିଲା । ଅମୋଘ ଶକ୍ତି-ସଞ୍ଚାରକ ପତ୍ରଗୁଡ଼ିକ—ବିଶେଷ ଭାବରେ ଆତ୍ମବିସ୍ମୃତ ଭାରତ ପକ୍ଷରେ ଅଶେଷ କଲ୍ୟାଣପ୍ରଦ ଓ ଯୁଗୋପଯୋଗୀ । ସମସ୍ତ ପତ୍ରାବଳୀର ବ୍ୟକ୍ତିମାନଙ୍କର ପରିଚୟ ଏହି ଖଣ୍ଡରେ ସନ୍ନିବେଶିତ ହୋଇଛି । ୮ମ ଖଣ୍ଡରେ ପତ୍ରାବଳୀର ତଥ୍ୟପଞ୍ଜୀ ଓ ସୂଚୀପତ୍ର ସଂଯୋଜିତ ହେବ ।

ଅନ୍ୟାନ୍ୟ ଖଣ୍ଡ ଭଳି ଏହି ଖଣ୍ଡରେ ମଧ୍ୟ ତଥ୍ୟପଞ୍ଜୀ ଓ ନିର୍ଦ୍ଦେଶିକା ସଂଯୁକ୍ତ କରାଯାଇଛି ।

ଏହି ଖଣ୍ଡର ବିଭିନ୍ନ ଅଂଶର ସମ୍ପାଦନା କରିଛନ୍ତି ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଶ୍ରୀଯୁକ୍ତ ସତ୍ୟନାରାୟଣ ମିଶ୍ର, ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ ଓ ଶ୍ରୀଯୁକ୍ତ ପ୍ରହରାଜ ସତ୍ୟନାରାୟଣ ନନ୍ଦ । ଅଧ୍ୟାପକ ଶ୍ରୀ ଚକ୍ରଧର ମିଶ୍ର ଅନ୍ୟାନ୍ୟ ଖଣ୍ଡଭଳି ଏହି ଖଣ୍ଡର ସମ୍ପାଦନା ଓ ଭାଷା-ସଂଶୋଧନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୁଦ୍ରଣ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ବହନ କରି ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଏମାନଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜଣାଉଛୁ । ଏହି ଗ୍ରନ୍ଥର ପ୍ରକାଶନରେ ସ୍ୱାମୀ ବୈରାଗ୍ୟାନନ୍ଦଙ୍କର ବହୁ ପ୍ରକାର ଅବଦାନ ଓ ଏକାନ୍ତ ଉଦ୍ୟମ ଅବିସ୍ମରଣୀୟ ।

ଏହି ଖଣ୍ଡର ପ୍ରକାଶନ କେନ୍ଦ୍ର ସରକାରଙ୍କର ଆର୍ଥିକ ସହାୟତା ଯୋଗୁଁ ହିଁ ସମ୍ଭବପର ହୋଇଛି; ସେଥିପାଇଁ ଆମେ କେନ୍ଦ୍ର ସରକାରଙ୍କଠାରେ ଗଭୀର ଭାବରେ କୃତଜ୍ଞ ।

ଓଡ଼ିଶା ସରକାରଙ୍କର ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଏହି 'ସ୍ୱାମୀ ବିବେକାନନ୍ଦଙ୍କର ବାଣୀ ଓ ରଚନା' ପ୍ରକାଶନରେ ବିଶେଷ ଅବଦାନ ଓ ପ୍ରେରଣା ନିମିତ୍ତ ଆମେ ସେମାନଙ୍କ ନିକଟରେ ବିଶେଷ ଭାବରେ ଋଣୀ ।

ଏହି ଗ୍ରନ୍ଥପାଠରେ ଓଡ଼ିଶାବାସୀମାନେ ବିଶେଷ ଉପକୃତ ହେବେ ବୋଲି ଆମର ଆଶା ଓ ବିଶ୍ୱାସ ।

ଭୁବନେଶ୍ୱର,
ଶ୍ରୀଶ୍ରୀଶ୍ୟାମାପୂଜା
ତା ୨୮।୧୦।୧୯୮୯

ସ୍ୱାମୀ ଶିବେଶ୍ୱରାନନ୍ଦ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଭାବିବାର କଥା | ୧—୮୮ |
| ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ | ୧ |
| ରାମକୃଷ୍ଣ ଏବଂ ତାଙ୍କର ଉକ୍ତି | ୪ |
| ଈଶା-ଅନୁସରଣ | ୧୨ |
| ବର୍ତ୍ତମାନ ସମସ୍ୟା | ୨୪ |
| ବଙ୍ଗଳା ଭାଷା | ୨୯ |
| ଜ୍ଞାନାର୍ଜନ | ୩୧ |
| ଭାବିବାର କଥା | ୩୫ |
| ପ୍ୟାରିସ୍-ପ୍ରଦର୍ଶନୀ | ୩୯ |
| ଶିବଙ୍କ ଭୂତ | ୪୪ |
| ପ୍ରଣବ (ଓଁକାର) : ଏକ ପ୍ରତୀକ | ୪୭ |
| ପରିବ୍ରାଜକ | ୮୯—୧୨୮ |
| ପ୍ରାଚ୍ୟ ଓ ପାଶ୍ଚାତ୍ୟ | ୧୨୯—୧୯୧ |
| ସନାତନ ଭାରତବର୍ଷ | ୧୯୩—୨୨୩ |
| ବୀରବାଣୀ (କବିତା) | ୨୨୫—୨୫୦ |
| ଶିବସ୍ତୋତ୍ରମ୍ | ୨୨୭ |
| ଅମ୍ବା-ସ୍ତୋତ୍ରମ୍ | ୨୩୦ |
| ଶ୍ରୀରାମକୃଷ୍ଣ-ଆରାତ୍ରିକଭଜନ | ୨୩୭ |
| ଶିବ-ସଙ୍ଗୀତ | ୨୩୭ |
| ଶ୍ରୀକୃଷ୍ଣ-ସଙ୍ଗୀତ | ୨୩୮ |
| ସୃଷ୍ଟି | ୨୩୮ |
| ପ୍ରଳୟ ବା ଗଭୀର ସମାଧି | ୨୩୯ |
| ସଖାପ୍ରତି | ୨୩୯ |
| ନାଚୁ ତହିଁ ପରେ ଶ୍ୟାମା | ୨୪୧ |
| ଗାଏ ଗୀତ ଶୁଣାଇ ତୁମକୁ | ୨୪୪ |
| ସାଗର-ବକ୍ଷେ | ୨୪୯ |

ପତ୍ରାବଳୀ ୨୫୧—୪୨୫
(ପତ୍ରସଂଖ୍ୟା ୧—୧୧୯) :
(୧୬ ଅଗଷ୍ଟ ୧୮୮୮ ରୁ ୧୯ ସେପ୍ଟେମ୍ବର ୧୮୯୪)
ତଥ୍ୟପଞ୍ଜୀ ୪୨୭
ବ୍ୟକ୍ତି-ପରିଚୟ ୪୫୯
ନିର୍ଦ୍ଦେଶିକା ୪୮୫

# ଭାବିବାର କଥା

# ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ

[ ଏହି ପ୍ରବନ୍ଧଟି 'ହିନ୍ଦୁ ଧର୍ମ କଅଣ ?' ନାମରେ ୧୯୦୧ ମସିହାରେ ଶ୍ରୀରାମକୃଷ୍ଣ-ଦେବଙ୍କର ଷଷ୍ଠ-ଷଷ୍ଟିତମ ଜନ୍ମୋତ୍ସବ ସମୟରେ ପୁସ୍ତିକାକାରରେ ପ୍ରଥମେ ପ୍ରକାଶିତ ହୋଇଥିଲା । ]

'ଶାସ୍ତ୍ର' ଶବ୍ଦଟି ଅନାଦି ଅନନ୍ତ 'ବେଦ'କୁ ବୁଝାଏ । ଧର୍ମଶାସନ ନିମନ୍ତେ ଏହି ବେଦ ହିଁ ଏକମାତ୍ର ସକ୍ଷମ ।

ପୁରାଣାଦି ଅନ୍ୟାନ୍ୟ ପୁସ୍ତକ ସ୍ମୃତି-ଶବ୍ଦବାଚ୍ୟ ଏବଂ ସେମାନଙ୍କର ପ୍ରାମାଣ୍ୟ—ଯେଉଁ ପର୍ଯ୍ୟନ୍ତ ସେମାନେ ଶ୍ରୁତିକୁ ଅନୁସରଣ କରନ୍ତି, ସେହି ପର୍ଯ୍ୟନ୍ତ ।

'ସତ୍ୟ' ଦୁଇପ୍ରକାର । ପ୍ରଥମେ ସାଧାରଣ ମଣିଷର ପଞ୍ଚେନ୍ଦ୍ରିୟ-ଗ୍ରାହ୍ୟ ଓ ତଦୁପସ୍ଥାପିତ ଅନୁମାନଦ୍ୱାରା ଗୃହୀତ । ଦ୍ୱିତୀୟଟି ଅତୀନ୍ଦ୍ରିୟ ସୂକ୍ଷ୍ମ ଯୋଗଜ ଶକ୍ତିର ଗ୍ରାହ୍ୟ ।

ପ୍ରଥମ ଉପାୟଦ୍ୱାରା ସଙ୍କଳିତ ଜ୍ଞାନକୁ 'ବିଜ୍ଞାନ' କୁହାଯାଏ । ଦ୍ୱିତୀୟ ପ୍ରକାରରେ ସଙ୍କଳିତ ଜ୍ଞାନକୁ 'ବେଦ' କହନ୍ତି ।

'ବେଦ' ନାମଧେୟ ଅନାଦି ଅନନ୍ତ ଅଲୌକିକ ଜ୍ଞାନରାଶି ସର୍ବଦା ବିଦ୍ୟମାନ, ସୃଷ୍ଟିକର୍ତ୍ତା ସ୍ୱୟଂ ଯାହାର ସହାୟତାରେ ଏହି ଜଗତର ସୃଷ୍ଟି-ସ୍ଥିତି-ପ୍ରଳୟ କରୁଛନ୍ତି ।

ଏହି ଅତୀନ୍ଦ୍ରିୟ ଶକ୍ତି ଯେଉଁ ପୁରୁଷଠାରେ ଆବିର୍ଭୂତ ହୁଅନ୍ତି, ତାଙ୍କ ନାମ ଋଷି ଓ ସେହି ଶକ୍ତିଦ୍ୱାରା ସେ ଯେଉଁ ଅଲୌକିକ ସତ୍ୟ ଉପଲବ୍ଧି କରନ୍ତି, ତାହାର ନାମ 'ବେଦ' ।

ଏହି ଋଷିତ୍ୱ ଏବଂ ବେଦଦ୍ରଷ୍ଟୃତ୍ୱ ଲାଭ କରିବା ହିଁ ଯଥାର୍ଥ ଧର୍ମାନୁଭୂତି । ଯେତେ ଦିନ ଏହାର ଉନ୍ମେଷ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଧର୍ମ କେବଳ 'କଥାର କଥା' ଓ ଧର୍ମରାଜ୍ୟର ପ୍ରଥମ ସୋପାନରେ ମଧ୍ୟ ପଦସ୍ଥିତ ହୋଇନାହିଁ, ଜାଣିବାକୁ ହେବ ।

ସମସ୍ତ ଦେଶ-କାଳ-ପାତ୍ରକୁ ବ୍ୟାପୀ ବେଦର ଶାସନ ଅର୍ଥାତ୍ ବେଦର ପ୍ରଭାବ ଦେଶ-ବିଶେଷରେ ବା କାଳ-ବିଶେଷରେ କିମ୍ବା ପାତ୍ର-ବିଶେଷରେ ଆବଦ୍ଧ ନୁହେଁ ।

ସାର୍ବଜନୀନ ଧର୍ମର ବ୍ୟାଖ୍ୟାକାରୀ ଏକମାତ୍ର 'ବେଦ' ।

ଅଲୌକିକ ଜ୍ଞାନବେତ୍ତୃତ୍ୱ କିଞ୍ଚିତ୍ ପରିମାଣରେ ଅସ୍ମଦ୍ଦେଶୀୟ ଇତିହାସ ପୁରାଣାଦି ପୁସ୍ତକରେ ଓ ମ୍ଲେଚ୍ଛାଦି ଦେଶୀୟ ଧର୍ମପୁସ୍ତକ ସମୂହରେ ଯଦ୍ୟପି ବିଦ୍ୟମାନ, ତଥାପି ଅଲୌକିକ ଜ୍ଞାନରାଶିର ସର୍ବପ୍ରଥମ ସମ୍ପୂର୍ଣ୍ଣ ଏବଂ ଅବିକୃତ ସଂଗ୍ରହ ବୋଲି ଆର୍ଯ୍ୟଜାତି ମଧ୍ୟରେ ପ୍ରସିଦ୍ଧ 'ବେଦ'-ନାମଧେୟ ଚତୁର୍ବିଭକ୍ତ ଅକ୍ଷରରାଶି, ସର୍ବତୋଭାବରେ ସର୍ବୋଚ୍ଚ ସ୍ଥାନର ଅଧିକାରୀ—ସମସ୍ତ ଜଗତର ପୂଜାର୍ହ ଏବଂ ଆର୍ଯ୍ୟ ବା ମ୍ଲେଚ୍ଛ ସମସ୍ତ ଧର୍ମପୁସ୍ତକର ପ୍ରମାଣଭୂମି ।

ଆର୍ଯ୍ୟଜାତିର ଆବିଷ୍କୃତ ଉକ୍ତ ବେଦ ନାମକ ଶବ୍ଦରାଶି ସମ୍ବନ୍ଧରେ ଏହା ମଧ୍ୟ ବୁଝିବାକୁ ହେବ ଯେ, ତନ୍ମଧ୍ୟରେ ଯାହା ଲୌକିକ, ଅର୍ଥବାଦ ବା ଐତିହ୍ୟ ନୁହେଁ, ତାହା ହିଁ

'ବେଦ' ।

ଏହି ବେଦରାଶି ଜ୍ଞାନକାଣ୍ଡ ଓ କର୍ମକାଣ୍ଡ, ଏହି ଦୁଇ ଭାଗରେ ବିଭକ୍ତ । କର୍ମକାଣ୍ଡରେ କ୍ରିୟା ଓ ଫଳ ମାୟାଧିକୃତ ଜଗତ ମଧ୍ୟରେ ବୋଲି ଦେଶ-କାଳ-ପାତ୍ରାଦି-ନିୟମାଧୀନରେ ତାହାର ପରିବର୍ତ୍ତନ ହୋଇଛି, ହେଉଛି ଓ ହେବ । ସାମାଜିକ ରୀତିନୀତି ମଧ୍ୟ ଏହି କର୍ମକାଣ୍ଡ ଉପରେ ଉପସ୍ଥାପିତ ବୋଲି କାଳେ କାଳେ ପରିବର୍ତ୍ତିତ ହେଉଛି ଓ ହେବ । ଲୋକାଚାର-ସକଳ ମଧ୍ୟ ସତ୍‌ଶାସ୍ତ୍ର ଏବଂ ସଦାଚାରର ଅବିସମ୍ବାଦୀ ହୋଇ ଗୃହୀତ ହେବ । ସତ୍‌ଶାସ୍ତ୍ର-ବିଗର୍ହିତ ଓ ସଦାଚାରବିରୋଧୀ ଏକମାତ୍ର ଲୋକାଚାରର ବଶବର୍ତ୍ତୀ ହେବା ହିଁ ଆର୍ଯ୍ୟଜାତିର ଅଧଃପତନର ଗୋଟିଏ ପ୍ରଧାନ କାରଣ ।

ଜ୍ଞାନକାଣ୍ଡ ଅଥବା ବେଦାନ୍ତ-ଭାଗ ହିଁ—ନିଷ୍କାମ-କର୍ମ, ଯୋଗ, ଭକ୍ତି ଓ ଜ୍ଞାନର ସହାୟତାରେ-ମୁକ୍ତିପ୍ରଦ ଏବଂ ମାୟାପାର-ନେତୃତ୍ୱ ପଦରେ ପ୍ରତିଷ୍ଠିତ ହୋଇ, ଦେଶ-କାଳ-ପାତ୍ରାଦିଦ୍ୱାରା ଅପ୍ରତିହତ ନିୟମାନୁସରଣରେ ପ୍ରଯୁକ୍ତ ସାର୍ବଲୌକିକ, ସାର୍ବଭୌମିକ ଓ ସାର୍ବକାଳିକ ଧର୍ମର ଏକମାତ୍ର ଉପଦେଷ୍ଟା ।

ମନ୍ୱାଦି ତନ୍ତ୍ର କର୍ମକାଣ୍ଡକୁ ଆଶ୍ରୟ କରି ଦେଶ-କାଳ-ପାତ୍ର ଭେଦରେ ଅଧିକ ଭାବରେ ସାମାଜିକ କଲ୍ୟାଣକର କର୍ମର ଶିକ୍ଷା ଦେଇଛନ୍ତି । ପୁରାଣାଦି ତନ୍ତ୍ର-ବେଦାନ୍ତ-ନିହିତ ତତ୍ତ୍ୱ ଉଦ୍ଧାର କରି ଅବତାରାଦିଙ୍କ ମହାନ୍ ଚରିତ-ବର୍ଣ୍ଣନ ମାଧ୍ୟମରେ ଏସବୁ ତତ୍ତ୍ୱର ବିସ୍ତୃତ ବ୍ୟାଖ୍ୟାନ କରୁଛନ୍ତି ଏବଂ ଅନନ୍ତ ଭାବମୟ ପ୍ରଭୁ ଭଗବାନଙ୍କର କୌଣସି କୌଣସି ଭାବକୁ ମୁଖ୍ୟ କରି ସେହି ସେହି ଭାବର ସାଧନ ପାଇଁ ଉପଦେଶ ଦେଇଛନ୍ତି ।

କିନ୍ତୁ କାଳବଶରେ ସଦାଚାରଭ୍ରଷ୍ଟ ବୈରାଗ୍ୟବିହୀନ, ଏକମାତ୍ର ଲୋକାଚାର-ନିଷ୍ଠ ଓ କ୍ଷୀଣବୁଦ୍ଧି ଆର୍ଯ୍ୟସନ୍ତାନ ଏହିସବୁ ଭାବ-ବିଶେଷର ବିଶେଷ ଶିକ୍ଷା ପାଇଁ ଆପାତ ପ୍ରତିଯୋଗୀ ପରି ଅବସ୍ଥିତ ଓ ଅଳ୍ପବୁଦ୍ଧି ମାନବ ପାଇଁ ସ୍ଥୂଳ ଓ ବହୁ-ବିସ୍ତୃତ ଭାଷାରେ ସ୍ଥୂଳଭାବରେ ବୈଦାନ୍ତିକ ସୂକ୍ଷ୍ମ ତତ୍ତ୍ୱର ପ୍ରଚାରକାରୀ ପୁରାଣାଦି ତନ୍ତ୍ରର ମଧ୍ୟ ମର୍ମଗ୍ରହଣରେ ଅସମର୍ଥ ହୋଇ, ଅନନ୍ତଭାବସମଷ୍ଟି ଅଖଣ୍ଡ ସନାତନ ଧର୍ମକୁ ବହୁଖଣ୍ଡରେ ବିଭକ୍ତ କରି, ସାମ୍ପ୍ରଦାୟିକ ଈର୍ଷା ଓ କ୍ରୋଧ ପ୍ରଜ୍ୱଳିତ କରି ତନ୍ମଧ୍ୟରେ ପରସ୍ପରକୁ ଆହୁତି ଦେବା ପାଇଁ ସତତ ଚେଷ୍ଟିତ ଥାଇ, ଯେତେବେଳେ ଏହି ଧର୍ମଭୂମି ଭାରତବର୍ଷକୁ ପ୍ରାୟ ନରକଭୂମିରେ ପରିଣତ କରିଛନ୍ତି —ସେତେବେଳେ ଆର୍ଯ୍ୟଜାତିର ପ୍ରକୃତ ଧର୍ମ କଅଣ ଏବଂ ସତତ ବିବଦମାନ ଆପାତ ପ୍ରତୀୟମାନ ବହୁଧାବିଭକ୍ତ, ସର୍ବଦା ପ୍ରତିଯୋଗୀ ଆଚାର-ସଙ୍କୁଳ ସମ୍ପ୍ରଦାୟରେ ସମାଚ୍ଛନ୍ନ, ସ୍ୱଦେଶୀର ଭ୍ରାନ୍ତିସ୍ଥାନ ଓ ବିଦେଶୀର ଘୃଣାସ୍ପଦ ହିନ୍ଦୁଧର୍ମ ନାମକ ଯୁଗଯୁଗାନ୍ତରବ୍ୟାପୀ ବିଖଣ୍ଡିତ ଓ ଦେଶକାଳଯୋଗେ ଇତସ୍ତତଃ ବିକ୍ଷିପ୍ତ ଧର୍ମଖଣ୍ଡ ସମଷ୍ଟି ମଧ୍ୟରେ ଯଥାର୍ଥ ଏକତା କେଉଁଠି—ଏବଂ କାଳବଶରେ ନଷ୍ଟ ଏହି ସନାତନ ଧର୍ମର ସାର୍ବଲୌକିକ ଓ ସାର୍ବଦେଶିକ ସ୍ୱରୂପ ସ୍ୱୀୟ ଜୀବନରେ ନିହିତ କରି, ଲୋକସମକ୍ଷରେ ସନାତନ ଧର୍ମର ଜୀବନ୍ତ ଉଦାହରଣ-ସ୍ୱରୂପ ନିଜକୁ ପ୍ରଦର୍ଶନ କରିବା ପାଇଁ ଲୋକହିତ ନିମନ୍ତେ ଶ୍ରୀଭଗବାନ ରାମକୃଷ୍ଣ ଅବତୀର୍ଣ୍ଣ ହୋଇଛନ୍ତି ।

ଅନାଦି-ବର୍ତ୍ତମାନ ସୃଷ୍ଟି ସ୍ଥିତି ଓ ଲୟ-କର୍ତ୍ତାଙ୍କର ସହଯୋଗୀ ଶାସ୍ତ୍ର କି ପ୍ରକାରରେ ସଂକ୍ଷିପ୍ତ-ସଂସ୍କାର ଋଷିହୃଦୟରେ ଆବିର୍ଭୂତ ହୁଅନ୍ତି, ତାହା ଦେଖାଇବା ପାଇଁ ଓ ଏବଂପ୍ରକାର ଶାସ୍ତ୍ର ପ୍ରମାଣୀକୃତ ହେଲେ ଧର୍ମର ପୁନରୁଦ୍ଧାର, ପୁନଃସ୍ଥାପନ ଓ ପୁନଃପ୍ରଚାର ହେବ, ଏଥିପାଇଁ ବେଦମୂର୍ତ୍ତି ଭଗବାନ ଏହି କଳେବରରେ ବହିଃଶିକ୍ଷା ପ୍ରାୟ ସମ୍ପୂର୍ଣ୍ଣରୂପେ ଉପେକ୍ଷା କରିଛନ୍ତି ।

ବେଦ ଅର୍ଥାତ୍ ପ୍ରକୃତ ଧର୍ମର ଏବଂ ବ୍ରାହ୍ମଣତ୍ୱ ଅର୍ଥାତ୍ ଧର୍ମ-ଶିକ୍ଷକତ୍ୱର ରକ୍ଷା ପାଇଁ ଭଗବାନ ବାରମ୍ବାର ଶରୀର ଧାରଣ କରନ୍ତି, ଏହା ସ୍ମୃତ୍ୟାଦିରେ ପ୍ରସିଦ୍ଧ ଅଛି ।

ପ୍ରପତିତ ନଦୀର ଜଳରାଶି ସମଧିକ ବେଗବାନ ହୁଏ, ପୁନରୁତ୍ଥିତ ତରଙ୍ଗ ସମଧିକ ବିସ୍ଫାରିତ ହୁଏ । ପ୍ରତ୍ୟେକ ପତନ ପରେ ଆର୍ଯ୍ୟସମାଜ ମଧ୍ୟ ଶ୍ରୀଭଗବାନଙ୍କର କାରୁଣିକ ନିୟନ୍ତୃତ୍ୱରେ ବିଗତାମୟ ହୋଇ, ପୂର୍ବାପେକ୍ଷା ଅଧିକତର ଯଶସ୍ୱୀ ଓ ବୀର୍ଯ୍ୟବାନ ହେଉଛି— ଏହା ଇତିହାସପ୍ରସିଦ୍ଧ ।

ପ୍ରତ୍ୟେକ ପତନ ପରେ ପୁନରୁତ୍ଥିତ ସମାଜ ଅନ୍ତର୍ନିହିତ ସନାତନ ପୂର୍ଣ୍ଣତ୍ୱକୁ ସମଧିକ ପ୍ରକାଶିତ କରୁଅଛି ଏବଂ ସର୍ବଭୂତ ଅନ୍ତର୍ଯ୍ୟାମୀ ପ୍ରଭୁ ମଧ୍ୟ ପ୍ରତ୍ୟେକ ଅବତାରରେ ଆତ୍ମସ୍ୱରୂପକୁ ସମଧିକ ଅଭିବ୍ୟକ୍ତ କରୁଛନ୍ତି ।

ବାରମ୍ବାର ଏହି ଭାରତଭୂମି ମୂର୍ଚ୍ଛାପନ୍ନା ହୋଇଥିଲେ ଏବଂ ବାରମ୍ବାର ଭାରତର ଭଗବାନ ଆତ୍ମାଭିବ୍ୟକ୍ତିଦ୍ୱାରା ଏହାଙ୍କୁ ପୁନରୁଜ୍ଜୀବିତା କରିଛନ୍ତି ।

କିନ୍ତୁ ଈଷନ୍ମାତ୍ରଯାମା ଗତପ୍ରାୟା ବର୍ତ୍ତମାନ ଗଭୀର ବିଷାଦ-ରଜନୀ ପରି କୌଣସି ଅମାନିଶା ମଧ୍ୟ ଏହି ପୁଣ୍ୟଭୂମିକୁ ସମାଚ୍ଛନ୍ନ କରିନାହିଁ । ଏ ପତନର ଗଭୀରତାରେ ପ୍ରାଚୀନ ପତନ ସମସ୍ତ ଗୋଷ୍ପଦତୁଲ୍ୟ—

ଏବଂ ସେଥିପାଇଁ ଏହି ପ୍ରବୋଧନର ସମୁଜ୍ଜ୍ୱଳତାରେ ଅନ୍ୟ ସମସ୍ତ ପୁନର୍ବୋଧନ ସୂର୍ଯ୍ୟାଲୋକରେ ତାରକାବଳୀ ପରି । ଏହି ପୁନରୁତ୍ଥାନର ମହାବୀର୍ଯ୍ୟ ସମକ୍ଷରେ ପୁନଃପୁନର୍ଲବ୍ଧ ପ୍ରାଚୀନ ବୀର୍ଯ୍ୟ ବାଳକ୍ରୀଡ଼ା ପରି ହୋଇଯିବ ।

ପତନାବସ୍ଥାରେ ସନାତନ ଧର୍ମର ସମସ୍ତ ଭାବସମଷ୍ଟି ଅଧିକାରୀହୀନତା ଫଳରେ ଇତସ୍ତତଃ ବିକ୍ଷିପ୍ତ ହୋଇ କ୍ଷୁଦ୍ର କ୍ଷୁଦ୍ର ସମ୍ପ୍ରଦାୟ ଆକାରରେ ସଂରକ୍ଷିତ ହେଉଥିଲା ଏବଂ ଅନେକ ଅଂଶ ଲୁପ୍ତ ହୋଇଥିଲା ।

ଏହି ନବୋତ୍ଥାନରେ ନବବଳରେ ବଳୀୟାନ ମାନବସନ୍ତାନ ବିଖଣ୍ଡିତ ଓ ବିକ୍ଷିପ୍ତ ଅଧ୍ୟାତ୍ମବିଦ୍ୟା ସମଷ୍ଟିକୃତ କରି ଧାରଣା ଓ ଅଭ୍ୟାସ କରିବାକୁ ସମର୍ଥ ହେବ ଏବଂ ଲୁପ୍ତ ବିଦ୍ୟାର ମଧ୍ୟ ପୁନରାବିଷ୍କାର କରିବାକୁ ସମର୍ଥ ହେବ; ଏହାର ପ୍ରଥମ ନିଦର୍ଶନସ୍ୱରୂପ ଶ୍ରୀଭଗବାନ୍ ପରମକାରୁଣିକ, ସର୍ବଯୁଗାପେକ୍ଷା ସମଧିକ ସମ୍ପୂର୍ଣ୍ଣ, ସର୍ବଭାବ-ସମନ୍ୱିତ ସର୍ବବିଦ୍ୟାସହାୟ ଯୁଗାବତାରରୂପ ପ୍ରକାଶ କଲେ ।

ଅତଏବ ଏହି ମହାଯୁଗର ପ୍ରତ୍ୟୂଷରେ ସର୍ବଭାବର ସମନ୍ୱୟ ପ୍ରଚାରିତ ହେଉଛି ଏବଂ ଏହି ଅସୀମ ଅନନ୍ତଭାବ, ଯାହା ସନାତନ ଶାସ୍ତ୍ର ଓ ଧର୍ମରେ ନିହିତ ରହି ମଧ୍ୟ ଏତେଦିନ

ପ୍ରଚ୍ଛନ୍ନ ଥିଲା, ତାହା ପୁନରାବିଷ୍କୃତ ହୋଇ ଉଚ୍ଚ ନିନାଦରେ ଜନସମାଜରେ ଘୋଷିତ ହେଉଛି ।

ଏହି ନବ ଯୁଗ-ଧର୍ମ ସମସ୍ତ ଜଗତର ବିଶେଷତଃ ଭାରତବର୍ଷର କଲ୍ୟାଣର ନିଦାନ; ଏବଂ ଏହି ନବଯୁଗ-ଧର୍ମ-ପ୍ରବର୍ତ୍ତକ ଶ୍ରୀଭଗବାନ ପୂର୍ବଗ ଶ୍ରୀଯୁଗଧର୍ମ-ପ୍ରବର୍ତ୍ତକମାନଙ୍କର ପୁନଃ-ସଂସ୍କୃତ ପ୍ରକାଶ । ହେ ମାନବ, ଏହା ବିଶ୍ୱାସ କର ଓ ଧାରଣ କର ।

ମୃତ ବ୍ୟକ୍ତି ପୁନରାଗତ ହୁଏ ନାହିଁ । ଗତ ରାତ୍ରି ପୁନର୍ବାର ଆସେ ନାହିଁ । ବିଗତୋଚ୍ଛ୍ୱାସ ପ୍ରଥମ ରୂପ ଆଉ ପ୍ରଦର୍ଶନ କରେ ନାହିଁ । ଜୀବ ଦୁଇଥର ଏକ ଦେହକୁ ଧାରଣ କରେ ନାହିଁ । ହେ ମାନବ, ମୃତର ପୂଜାରୁ ଆମେମାନେ ତୁମମାନଙ୍କୁ ଜୀବନ୍ତର ପୂଜାକୁ ଆହ୍ୱାନ କରୁଛୁଁ; ଗତାନୁଶୋଚନାରୁ ବର୍ତ୍ତମାନ ପ୍ରଯତ୍ନକୁ ଆହ୍ୱାନ କରୁଛୁ । ଲୁପ୍ତ ପନ୍ଥାର ପୁନରୁଦ୍ଧାରରେ ବୃଥା ଶକ୍ତିକ୍ଷୟରୁ ସଦ୍ୟୋନିର୍ମିତ ବିଶାଳ ଓ ସନ୍ନିକଟ ପଥକୁ ଆହ୍ୱାନ କରୁଛୁ । ବୁଦ୍ଧିମାନ୍, ବୁଝିନିଅ ।

ଯେଉଁ ଶକ୍ତିର ଉନ୍ମେଷମାତ୍ରେ ଦିଗଦିଗନ୍ତବ୍ୟାପୀ ପ୍ରତିଧ୍ୱନି ଜାଗରିତ ହୋଇଛି, ତାହାର ପୂର୍ଣ୍ଣାବସ୍ଥା କଳ୍ପନାରେ ଅନୁଭବ କର ଏବଂ ବୃଥା ସନ୍ଦେହ, ଦୁର୍ବଳତା ଓ ଦାସଜାତିସୁଲଭ ଈର୍ଷାଦ୍ୱେଷ ତ୍ୟାଗ କରି ଏହି ମହାଯୁଗଚକ୍ର-ପରିବର୍ତ୍ତନରେ ସହାୟତା କର ।

ଆମେମାନେ ପ୍ରଭୁଙ୍କର ଦାସ, ପ୍ରଭୁଙ୍କର ପୁତ୍ର, ପ୍ରଭୁଙ୍କର ଲୀଳାର ସହାୟକ—ଏହି ବିଶ୍ୱାସ ଦୃଢ଼ କରି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ ।

## ରାମକୃଷ୍ଣ ଏବଂ ତାଙ୍କର ଉକ୍ତି

[ ଅଧ୍ୟାପକ ମାକ୍ସମୁଲରଙ୍କ ଲିଖିତ ପୁସ୍ତକର ସମାଲୋଚନା ]

ଅଧ୍ୟାପକ ମ୍ୟାକ୍ସମୁଲର ପାଶ୍ଚାତ୍ୟ ସଂସ୍କୃତଜ୍ଞମାନଙ୍କର ଅଧିନାୟକ । ଯେଉଁ ସମସ୍ତ ଋଗ୍‌ବେଦସଂହିତା ପୂର୍ବେ କେହି ଚକ୍ଷୁରେ ଦେଖିବାକୁ ପାଉ ନ ଥିଲେ, ଇଷ୍ଟ ଇଣ୍ଡିଆ କୋମ୍ପାନୀର ବିପୁଳ ବ୍ୟୟରେ ଏବଂ ଅଧ୍ୟାପକଙ୍କ ବହୁବର୍ଷବ୍ୟାପୀ ପରିଶ୍ରମରେ, ଏକ୍ଷଣି ତାହା ଅତି ସୁନ୍ଦରରୂପେ ମୁଦ୍ରିତ ହୋଇ ସାଧାରଣଙ୍କର ପାଠ୍ୟ ହୋଇଛି । ଭାରତର ଦେଶଦେଶାନ୍ତରରୁ ସଂଗୃହୀତ ହସ୍ତଲିପି ପୋଥି—ତାହାର ମଧ୍ୟ ଅଧିକାଂଶ ଅକ୍ଷରଗୁଡ଼ିକରେ ବିଚିତ୍ର ଏବଂ ଅନେକ କଥା ଅଶୁଦ୍ଧ—ବିଶେଷ ମହାପଣ୍ଡିତ ହେଲେ ମଧ୍ୟ ବିଦେଶୀ ପକ୍ଷରେ ସେହି ଅକ୍ଷରର ଶୁଦ୍ଧାଶୁଦ୍ଧି ନିର୍ଣ୍ଣୟ ଏବଂ ଅତି ସ୍ୱଳ୍ପାକ୍ଷର ଜଟିଳ ଭାଷ୍ୟର ବିଶଦ ଅର୍ଥ ବୋଧଗମ୍ୟ କରିବା କି କଠିନ, ତାହା ଆମେମାନେ ସହଜେ ବୁଝିପାରୁ ନାହିଁ । ଅଧ୍ୟାପକ ମ୍ୟାକ୍ସମୁଲରଙ୍କ ଜୀବନରେ ଏହି ଋଗ୍‌ବେଦ ମୁଦ୍ରଣ ଗୋଟିଏ ପ୍ରଧାନ କାର୍ଯ୍ୟ । ଏତଦ୍‌ବ୍ୟତୀତ ଆଜୀବନ ପ୍ରାଚୀନ ସଂସ୍କୃତ-ସାହିତ୍ୟରେ ତାଙ୍କର ବସବାସ, ଜୀବନ-ଯାପନ; କିନ୍ତୁ ତାହା ବୋଲି ଯେ

ଅଧ୍ୟାପକଙ୍କର କଳ୍ପନାର ଭାରତବର୍ଷ—ବେଦ-ଘୋଷପ୍ରତିଧ୍ୱନିତ, ଯଜ୍ଞଧୂମପୂର୍ଣ୍ଣାକାଶ, ବଶିଷ୍ଠ-ବିଶ୍ୱାମିତ୍ର ଜନକ-ଯାଜ୍ଞବଲ୍କ୍ୟାଦି ବହୁଳ, ଘରେ ଘରେ ଗାର୍ଗୀ-ମୈତ୍ରେୟୀ-ସୁଶୋଭିତ, ଶ୍ରୌତ ଓ ଗୃହ୍ୟସୂତ୍ରର ନିୟମାବଳୀ ପରିଚାଳିତ—ତାହା ନୁହେଁ । ବିଜାତି-ବିଧର୍ମୀ-ପଦଦଳିତ, ଲୁପ୍ତାଚାର, ଲୁପ୍ତକ୍ରିୟା ମ୍ରିୟମାଣ ଆଧୁନିକ ଭାରତର କେଉଁ କୋଣରେ କି ନୂତନ ଘଟଣା ଘଟିଛି, ତାହା ମଧ୍ୟ ଅଧ୍ୟାପକ ସଦା ଜାଗରୂକ ହୋଇ ସମ୍ବାଦ ରଖନ୍ତି । ଏ ଦେଶରେ ଅନେକ ଆଙ୍ଗ୍ଲୋ-ଇଣ୍ଡିଆନ୍ ଅଧ୍ୟାପକଙ୍କ ପଦଯୁଗଳ କେବେହେଲେ ଭାରତ-ମୃତ୍ତିକା-ସଂଲଗ୍ନ ହୋଇ ନାହିଁ ବୋଲି ଭାରତବାସୀଙ୍କର ରୀତିନୀତି-ଆଚାର ଇତ୍ୟାଦି ସମ୍ବନ୍ଧରେ ତାଙ୍କର ମତାମତ ପ୍ରତି ନିତାନ୍ତ ଉପେକ୍ଷା ପ୍ରଦର୍ଶନ କରନ୍ତି । କିନ୍ତୁ ସେମାନଙ୍କର ଜାଣିବା ଉଚିତ ଯେ, ଆଜୀବନ ଏ ଦେଶରେ ବାସ କଲେ ମଧ୍ୟ ଅଥବା ଏ ଦେଶରେ ଜନ୍ମଗ୍ରହଣ କଲେ ମଧ୍ୟ ଯେଉଁପ୍ରକାର ସଙ୍ଗ ସେହି ସାମାଜିକ ଶ୍ରେଣୀର ବିଶେଷ ବିବରଣ ଭିନ୍ନ ଅନ୍ୟ ଶ୍ରେଣୀ ବିଷୟରେ ଆଙ୍ଗ୍ଲୋ-ଇଣ୍ଡିଆନ୍ ରାଜପୁରୁଷଙ୍କୁ ସମ୍ପୂର୍ଣ୍ଣ ଅନଭିଜ୍ଞ ରହିବାକୁ ହୋଇଥାଏ । ବିଶେଷ, ଜାତିବିଭାଗରେ ବିଭକ୍ତ ଏହି ବିପୁଳ ସମାଜରେ ଗୋଟିଏ ଜାତି ପକ୍ଷରେ ଅନ୍ୟ ଜାତିର ଆଚାରାଦି ବିଶିଷ୍ଟରୂପେ ଜାଣିବା କେଡ଼େ ଦୁରୂହ । କିଛିଦିନ ହେଲା କୌଣସି ପ୍ରସିଦ୍ଧ ଆଙ୍ଗ୍ଲୋ-ଇଣ୍ଡିଆନ୍ କର୍ମଚାରୀଙ୍କ ଲିଖିତ 'ଭାରତାଧିବାସ'-ନାମଧେୟ ପୁସ୍ତକରେ ଏପରି ଗୋଟିଏ ଅଧ୍ୟାୟ ଦେଖିଥିଲି—'ଦେଶୀ ପରିବାର-ରହସ୍ୟ' । ମନୁଷ୍ୟ-ହୃଦୟରେ ରହସ୍ୟ-ଜ୍ଞାନେଚ୍ଛା ପ୍ରବଳ ବୋଲି ବୋଧହୁଏ ସେହି ଅଧ୍ୟାୟ ପାଠ କରି ଦେଖେ ଯେ, ଆଙ୍ଗ୍ଲୋ-ଇଣ୍ଡିଆନ୍-ଦିଗ୍‌ଗଜ, ତାଙ୍କର ମେହେନ୍ତର-ମେହେନ୍ତରାଣୀ ଓ ମେହେନ୍ତରାଣୀର ଜାର-ଘଟିତ ଘଟଣା ବିଶେଷ ବର୍ଣ୍ଣନା କରି ସ୍ୱଜାତିବୃନ୍ଦର ଦେଶୀୟ ଜୀବନ-ରହସ୍ୟ ସମ୍ବନ୍ଧରେ ଉଗ୍ର କୌତୂହଳ ଚରିତାର୍ଥ କରିବାରେ ବିଶେଷ ପ୍ରୟାସୀ ଏବଂ ସେହି ପୁସ୍ତକର ଆଙ୍ଗ୍ଲୋ-ଇଣ୍ଡିଆନ୍ ସମାଜରେ ସମାଦର ଦେଖି ଲେଖକ ଯେ ସମ୍ପୂର୍ଣ୍ଣରୂପେ କୃତାର୍ଥ, ତାହା ମଧ୍ୟ ବୋଧହୁଏ । 'ଶିବା ବଃ ସନ୍ତୁ ପନ୍ଥାନଃ'—ଆଉ କହିବି କଅଣ ? ତେବେ ଶ୍ରୀଭଗବାନ କହିଛନ୍ତି—'ସଙ୍ଗାତ୍ ସଞ୍ଜାୟତେ' ଇତ୍ୟାଦି । ଯାଉ ଅପ୍ରାସଙ୍ଗିକ କଥା; ତେବେ ଅଧ୍ୟାପକ ମ୍ୟାକ୍‌ସମୁଲରଙ୍କ ଆଧୁନିକ ଭାରତବର୍ଷର, ଦେଶଦେଶାନ୍ତରର ରୀତିନୀତି ଓ ସାମୟିକ ଘଟଣା-ଜ୍ଞାନ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଏହା ଆମମାନଙ୍କର ପ୍ରତ୍ୟକ୍ଷ ।

ବିଶେଷତଃ ଧର୍ମ ସମ୍ବନ୍ଧରେ ଭାରତରେ କେଉଁଠି କି ନୂତନ ତରଙ୍ଗ ଉଠୁଛି, ଅଧ୍ୟାପକ ସେଗୁଡ଼ିକ ତୀକ୍ଷ୍ଣ ଦୃଷ୍ଟିରେ ଅବେକ୍ଷଣ କରନ୍ତି ଏବଂ ପାଶ୍ଚାତ୍ୟ ଜଗତ ଯେପରି ସେହି ବିଷୟରେ ଅବହିତ ହୁଏ, ତାହାର ମଧ୍ୟ ବିଶେଷ ଚେଷ୍ଟା କରନ୍ତି । ଦେବେନ୍ଦ୍ରନାଥ ଠାକୁର ଓ କେଶବଚନ୍ଦ୍ର ସେନ-କର୍ତ୍ତୃକ ପରିଚାଳିତ ବ୍ରାହ୍ମସମାଜ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ-ପ୍ରତିଷ୍ଠିତ ଆର୍ଯ୍ୟ-ସମାଜ, ଥିଓସଫି ସମ୍ପ୍ରଦାୟ, ଅଧ୍ୟାପକଙ୍କ ଲେଖନୀମୁଖରେ ପ୍ରଶଂସିତ ବା ନିନ୍ଦିତ ହୋଇଛି । ସୁପ୍ରତିଷ୍ଠିତ 'ବ୍ରହ୍ମବାଦୀନ୍' ଓ 'ପ୍ରବୁଦ୍ଧ ଭାରତ' ନାମକ ପତ୍ରିକା ଦ୍ୱୟରେ ଶ୍ରୀରାମକୃଷ୍ଣଙ୍କ ଉକ୍ତି ଓ ଉପଦେଶର ପ୍ରଚାର ଦେଖି ଏବଂ ବ୍ରାହ୍ମଧର୍ମପ୍ରଚାରକ ବାବୁ ପ୍ରତାପଚନ୍ଦ୍ର ମଜୁମଦାର-ଲିଖିତ 'ଶ୍ରୀରାମକୃଷ୍ଣଙ୍କ ବୃତ୍ତାନ୍ତ' ପାଠରେ ରାମକୃଷ୍ଣ-ଜୀବନ ତାଙ୍କୁ ଆକର୍ଷଣ

କରେ । ଇତିମଧ୍ୟରେ 'ଇଣ୍ଡିଆ ହାଉସ୍'ର ଲାଇବ୍ରେରିଆନ୍ ଟନି ମହୋଦୟଙ୍କ ଲିଖିତ 'ରାମକୃଷ୍ଣଚରିତ' ମଧ୍ୟ ଇଂଲଣ୍ଡୀୟ ପ୍ରସିଦ୍ଧ ମାସିକ ପତ୍ରିକାରେ* ମୁଦ୍ରିତ ହୁଏ । ମାନ୍ଦ୍ରାଜ ଓ କଲିକତାରୁ ଅନେକ ବିବରଣ ସଂଗ୍ରହ କରି ଅଧ୍ୟାପକ 'ନାଇନ୍‌ଟିନ୍ଥ ସେଞ୍ଚୁରୀ' ନାମକ ଇଂରାଜୀ ଭାଷାର ସର୍ବଶ୍ରେଷ୍ଠ ମାସିକ ପତ୍ରିକାରେ ଶ୍ରୀରାମକୃଷ୍ଣଙ୍କ ଜୀବନ ଓ ଉପଦେଶ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରନ୍ତି । ତହିଁରେ ସେ ବ୍ୟକ୍ତ କରିଛନ୍ତି ଯେ, ବହୁ ଶତାବ୍ଦୀ ଯାବତ୍ ପୂର୍ବ ମନୀଷୀମାନଙ୍କର ଓ ଆଧୁନିକ କାଳରେ ପାଶ୍ଚାତ୍ୟ ବିଦ୍ୱତ୍‌ବର୍ଗଙ୍କ ପ୍ରତିଧ୍ୱନିମାତ୍ରକାରୀ ଭାରତବର୍ଷରେ ନୂତନ ଭାଷାରେ ନୂତନ ମହାଶକ୍ତି ପରିସ୍ଫୁଟିତ କରି, ନୂତନ ଭାବସମ୍ପାତକାରୀ ନୂତନ ମହାପୁରୁଷ ସହଜରେ ହିଁ ତାଙ୍କର ଚିତ୍ତାକର୍ଷଣ କଲେ । ପୂର୍ବତନ ଋଷିମୁନି ମହାପୁରୁଷମାନଙ୍କ କଥା ସେ ଶାସ୍ତ୍ରପାଠରେ ବିଶେଷରୂପେ ଅବଗତ ଥିଲେ; ତେବେ ଏ ଯୁଗରେ, ଏ ଭାରତରେ ପୁଣି ତାହା ହେବା ସମ୍ଭବ କି ? ରାମକୃଷ୍ଣ-ଜୀବନୀ ଏ ପ୍ରଶ୍ନର ଯେପରି କି ମୀମାଂସା କରିଦେଲା ! ଆଉ ଭାରତଗତ ପ୍ରାଣ ମହାତ୍ମାଙ୍କର ଭାରତର ଭାବୀ ମଙ୍ଗଳର ଭାବୀ ଉନ୍ନତିର ଆଶାଲତା ମୂଳରେ ବାରି ସେଚନ କରି ନୂତନ ପ୍ରାଣ ସଞ୍ଚାର କଲା ।

ପାଶ୍ଚାତ୍ୟ ଜଗତରେ କେତେ ଜଣ ମହାତ୍ମା ଅଛନ୍ତି, ଯେଉଁମାନେ ନିଶ୍ଚିତ ଭାରତର କଲ୍ୟାଣାକାଙ୍କ୍ଷୀ । କିନ୍ତୁ ମ୍ୟାକ୍ସମୁଲରଙ୍କଠାରୁ ବଡ଼ ଭାରତହିତୈଷୀ ଇଉରୋପଖଣ୍ଡରେ ଅଛନ୍ତି କି ନା, ଜାଣେ ନାହିଁ । ମ୍ୟାକ୍ସମୁଲର୍ ଯେ କେବଳ ଭାରତହିତୈଷୀ ତାହା ନୁହନ୍ତି —ଭାରତର ଦର୍ଶନ-ଶାସ୍ତ୍ରରେ ଓ ଭାରତର ଧର୍ମରେ ତାଙ୍କର ବିଶେଷ ଆସ୍ଥା; ଅଦ୍ୱୈତବାଦ ଯେ ଧର୍ମରାଜ୍ୟର ଶ୍ରେଷ୍ଠତମ ଆବିଷ୍କ୍ରିୟା, ତାହା ଅଧ୍ୟାପକ ସର୍ବସମକ୍ଷରେ ବାରମ୍ବାର ସ୍ୱୀକାର କରିଛନ୍ତି । ଯେଉଁ ସଂସାରବାଦ** ଦେହାତ୍ମବାଦୀ ଖ୍ରୀଷ୍ଟିଆନମାନଙ୍କର ବିଭୀଷିକାପ୍ରଦ, ତାହା ମଧ୍ୟ ସେ ସ୍ୱୀୟ ଅନୁଭୂତିସିଦ୍ଧ ବୋଲି ଦୃଢ଼ରୂପେ ବିଶ୍ୱାସ କରନ୍ତି; ଏପରିକି, ବୋଧହୁଏ ଯେ ଇତିପୂର୍ବ-ଜନ୍ମ ତାଙ୍କର ଭାରତରେ ହିଁ ଥିଲା, ଏହା ହିଁ ତାଙ୍କର ଧାରଣା ଏବଂ ପଛେ ଭାରତକୁ ଆସିଲେ ତାଙ୍କର ବୃଦ୍ଧ ଶରୀର ସହସା ସମୁପସ୍ଥିତ ପୂର୍ବ-ସ୍ମୃତିଗୁଡ଼ିକର ପ୍ରବଳ ବେଗ ସହ୍ୟ କରି ନ ପାରିବ, ଏହି ଭୟ ହିଁ ଅଧୁନା ଭାରତାଗମନର ପ୍ରଧାନ ପ୍ରତିବନ୍ଧକ । ତେବେ ଗୃହସ୍ଥ ମନୁଷ୍ୟ, ଯେ ହୁଅନ୍ତୁ ନା କାହିଁକି, ସବୁଆଡ଼ ବଜାୟ ରଖି ଚଳିବାକୁ ହୁଏ । ଯେତେବେଳେ ସର୍ବତ୍ୟାଗୀ ଉଦାସୀନଙ୍କୁ ଅତି ବିଜ୍ଞ ଜାଣି ମଧ୍ୟ ଲୋକନିନ୍ଦିତ ଆଚାରର ଅନୁଷ୍ଠାନରେ କମ୍ପିତ-କଳେବର ଦେଖାଯାଏ, 'ଶୂକରାବିଷ୍ଠା' ମୁହଁରେ କହି ମଧ୍ୟ ଯେତେବେଳେ ପ୍ରତିଷ୍ଠାର ଲୋଭ, ଅପ୍ରତିଷ୍ଠାର ଭୟ ମହାଉଗ୍ର ତାପସର ମଧ୍ୟ କାର୍ଯ୍ୟପ୍ରଣାଳୀର ପରିଚାଳକ, ସେତେବେଳେ ସର୍ବଦା ଲୋକସଂଗ୍ରହେଚ୍ଛୁ ବହୁଲୋକପୂଜ୍ୟ ଗୃହସ୍ଥର ଯେ ଅତି ସାବଧାନରେ ନିଜର ମନୋଗତ ଭାବ ପ୍ରକାଶ କରିବାକୁ ହେବ, ଏଥିରେ କି ବିଚିତ୍ରତା ? ଯୋଗଶକ୍ତି ଇତ୍ୟାଦି ଗୂଢ଼ ବିଷୟ ସମ୍ବନ୍ଧରେ ମଧ୍ୟ ଯେ ଅଧ୍ୟାପକ ଏକାଥରକେ ଅବିଶ୍ୱାସୀ, ତାହା ମଧ୍ୟ ନୁହେଁ ।

---

* Asiatic Quarterly Review.

** ପୁନର୍ଜନ୍ମବାଦ

'ଦାର୍ଶନିକପୂର୍ଣ୍ଣ ଭାରତ-ଭୂମିରେ ଯେଉଁସବୁ ଧର୍ମତରଙ୍ଗ ଉଠୁଛି', ତହିଁର କିଞ୍ଚିତ୍ ବିବରଣ ମ୍ୟାକ୍ସମୁଲର୍ ପ୍ରକାଶ କରନ୍ତି; କିନ୍ତୁ ଆକ୍ଷେପର ବିଷୟ, ଅନେକେ 'ତାହାର ମର୍ମ ବୁଝିବାରେ ଅତ୍ୟନ୍ତ ଭ୍ରମରେ ପଡ଼ିଛନ୍ତି ଏବଂ ଅତ୍ୟନ୍ତ ଅଯଥା ବର୍ଣ୍ଣନ କରିଛନ୍ତି ।' ଏହାର ପ୍ରତିବିଧାନ ପାଇଁ 'ଏସୋଟେରିକ ବୌଦ୍ଧମତ', 'ଥିଓସଫି' ପ୍ରଭୃତି ବିଜାତୀୟ ନାମର ପଶ୍ଚାତରେ ଭାରତବାସୀ ସାଧୁସନ୍ନ୍ୟାସୀମାନଙ୍କର ଅଲୌକିକ କ୍ରିୟାପୂର୍ଣ୍ଣ ଅଦ୍ଭୁତ ଯେଉଁସବୁ ଉପନ୍ୟାସ ଇଂଲଣ୍ଡ ଓ ଆମେରିକାର ସମ୍ବାଦପତ୍ରସମୂହରେ ଉପସ୍ଥିତ ହେଉଛି, ତାହା ମଧ୍ୟରେ କିଞ୍ଚିତ୍ ସତ୍ୟ ଅଛି''* ଏହା ଦେଖାଇବା ପାଇଁ – ଅର୍ଥାତ୍ ଭାରତବର୍ଷ ଯେ କେବଳ ପକ୍ଷିଜାତି ପରି ଆକାଶରେ ଉଡ଼ଡୀୟମାନ, ପଦଭରେ ଜଳସଞ୍ଚରଣକାରୀ, ମନ୍ତ୍ରୀନୁସାରୀ ଜଳଙ୍ଗୀ, ମନ୍ତ୍ର-ତନ୍ତ୍ର-ଗୁଣି-ଗାରେଡ଼ିଯୋଗେ ରୋଗାପନୟନକାରୀ, ସିଦ୍ଧି ବଳରେ ଧନୀମାନଙ୍କର ବଂଶରକ୍ଷକ, ସୁବର୍ଣ୍ଣାଦି-ସୃଷ୍ଟିକାରୀ ସାଧୁମାନଙ୍କର ନିବାସ-ଭୂମି, ତାହା ନୁହେଁ; କିନ୍ତୁ ପ୍ରକୃତ ଅଧ୍ୟାତ୍ମତତ୍ତ୍ୱବିତ୍, ପ୍ରକୃତ ବ୍ରହ୍ମବିତ୍, ପ୍ରକୃତ ଯୋଗୀ, ପ୍ରକୃତ ଭକ୍ତ ଯେ ସେ ଦେଶରେ ଏକାବେଳକେ ବିରଳ ନୁହନ୍ତି ଏବଂ ସମଗ୍ର ଭାରତବାସୀ ଯେ ଏପର୍ଯ୍ୟନ୍ତ ଏତେଦୂର ପଶୁଭାବ ପ୍ରାପ୍ତ ହୋଇ ନାହାନ୍ତି ଯେ, ଶେଷୋକ୍ତ ନରଦେବଗଣଙ୍କୁ ଛାଡ଼ି ପୂର୍ବୋକ୍ତ ବାଜିକରଗଣଙ୍କର ପଦଲେହନ କରିବାକୁ ଆପାମର ସାଧାରଣ ଦିବାନିଶି ବ୍ୟସ୍ତ, ଏହା ହିଁ ଇଉରୋପୀୟ ମନୀଷିଗଣଙ୍କୁ ଜଣାଇବା ପାଇଁ ୧୮୯୬ ଖ୍ରୀଷ୍ଟାବ୍ଦରେ ଅଗଷ୍ଟ ସଂଖ୍ୟକ 'ନାଇନ୍‌ଟିନ୍ଥ ସେଞ୍ଚୁରୀ'** ନାମକ ପତ୍ରିକାରେ ଅଧ୍ୟାପକ ମ୍ୟାକ୍ସମୂଲର୍ 'ପ୍ରକୃତ ମହାତ୍ମା'-ଶୀର୍ଷକ ପ୍ରବନ୍ଧରେ ଶ୍ରୀରାମକୃଷ୍ଣ-ଚରିତର ଅବତାରଣା କରନ୍ତି ।

ଇଉରୋପ ଓ ଆମେରିକାର ବୁଧମଣ୍ଡଳୀ ଅତି ସମାଦରରେ ଏ ପ୍ରବନ୍ଧଟି ପାଠ କରନ୍ତି ଏବଂ ତାହାର ବିଷୟୀଭୂତ ଶ୍ରୀରାମକୃଷ୍ଣଦେବଙ୍କ ପ୍ରତି ଅନେକେ ହିଁ ଆସ୍ଥାବାନ୍ ହୋଇଛନ୍ତି । ଆଉ ସୁଫଳ ହୋଇଛି କଅଣ ?—ପାଶ୍ଚାତ୍ୟ ସଭ୍ୟ ଜାତିମାନେ ଏହି ଭାରତବର୍ଷ ନରମାଂସଭୋଜୀ, ନଗ୍ନଦେହ, ବଳପୂର୍ବକ ବିଧବାଦହନକାରୀ, ଶିଶୁଘାତୀ, ମୂର୍ଖ କାପୁରୁଷ, ସର୍ବପ୍ରକାର ପାପ ଓ ଅନ୍ଧତାପରିପୂର୍ଣ୍ଣ, ପଶୁପ୍ରାୟ ନରଜାତିପୂର୍ଣ୍ଣ ବୋଲି ଧାରଣା କରି ରଖିଥିଲେ; ଏହି ଧାରଣାର ପ୍ରଧାନ ସହାୟ ପାଦ୍ରୀ ସାହେବମାନେ – ଏବଂ କହିବାକୁ ଲଜ୍ଜା ହୁଏ ଦୁଃଖ ହୁଏ, କେତେଗୁଡ଼ିଏ ଆମର ସ୍ୱଦେଶୀ । ଏହି ଦୁଇ ଦଳର ପ୍ରବଳ ଉଦ୍ୟୋଗରେ ଯେ ଗୋଟାଏ ଅନ୍ଧତାମସର ଜାଲ ପାଶ୍ଚାତ୍ୟଦେଶବାସୀଙ୍କ ସମ୍ମୁଖରେ ବିସ୍ତୃତ ହୋଇଥିଲା, ସେଇଟି ଧୀରେ ଧୀରେ ଖଣ୍ଡ ଖଣ୍ଡ ହେବାକୁ ଲାଗିଲା । "ଯେଉଁ ଦେଶରେ ଶ୍ରୀଭଗବାନ ରାମକୃଷ୍ଣଙ୍କ ପରି ଲୋକଗୁରୁଙ୍କ ଉଦୟ, ସେ ଦେଶ କଅଣ ବାସ୍ତବିକ ଆମେମାନେ ଯେପ୍ରକାର କଦାଚାରପୂର୍ଣ୍ଣ ବୋଲି ଶୁଣିଆସିଛୁଁ, ସେହିପ୍ରକାର ? ଅଥବା କୁଚକ୍ରୀମାନେ

* 'The Life and Sayings of Ramakrishna' by Prof. Max Muller; pp. 1 and 2

** A Real Mahatma in 19th Century (Aug., 1896)

ଆମମାନଙ୍କୁ ଏତେଦିନ ଭାରତର ତଥ୍ୟ ସମ୍ବନ୍ଧରେ ମହାଭ୍ରମରେ ପକାଇ ରଖିଥିଲେ''— ଏହି ପ୍ରଶ୍ନ ସ୍ୱତଃ ପାଶ୍ଚାତ୍ୟ ମନରେ ସମୁଦିତ ହେଉଛି ।

ପାଶ୍ଚାତ୍ୟ-ଜଗତରେ ଭାରତୀୟ ଧର୍ମ-ଦର୍ଶନ ସାହିତ୍ୟ-ସାମ୍ରାଜ୍ୟର ଚକ୍ରବର୍ତ୍ତୀ ଅଧ୍ୟାପକ ମ୍ୟାକ୍ସମୂଲର୍ ଯେତେବେଳେ ଶ୍ରୀରାମକୃଷ୍ଣ ଚରିତ ଅତି ଭକ୍ତି ପ୍ରବଣ ହୃଦୟରେ ଇଉରୋପ ଓ ଅମେରିକା ଅଧିବାସୀମାନଙ୍କର କଲ୍ୟାଣକଳ୍ପେ ସଂକ୍ଷେପରେ 'ନାଇନ୍‌ଟିନ୍ଥ ସେଞ୍ଚୁରୀ'ରେ ପ୍ରକାଶ କଲେ, ସେତେବେଳେ ପୂର୍ବୋକ୍ତ ଦୁଇ ସମ୍ପ୍ରଦାୟ ମଧ୍ୟରେ ଯେ ଭୀଷଣ ଅନ୍ତର୍ଦାହ ଉପସ୍ଥିତ ହେଲା, ତାହା ବୋଲିବା ବାହୁଲ୍ୟ ।

ମିଶନାରି ମହୋଦୟଗଣ ହିନ୍ଦୁଦେବଦେବୀଙ୍କର ଅତି ଅଯଥା ବର୍ଣ୍ଣନା କରି ସେମାନଙ୍କର ଉପାସକମାନଙ୍କ ମଧ୍ୟରେ ଯେ ଯଥାର୍ଥ ଧାର୍ମିକ ଲୋକ କଦାପି ଉଦ୍ଭୂତ ହୋଇପାରେ ନାହିଁ—ଏହା ପ୍ରମାଣ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲେ; ପ୍ରବଳ ବନ୍ୟା ସମକ୍ଷରେ ତୃଣଗୁଚ୍ଛ ପରି ତାହା ଭାସିଗଲା; ଆଉ ପୂର୍ବୋକ୍ତ ସ୍ୱଦେଶୀ ସମ୍ପ୍ରଦାୟ ଶ୍ରୀରାମକୃଷ୍ଣଙ୍କର ଶକ୍ତି ଧର୍ମ ସଂସାରଣରୂପକ ପ୍ରବଳ ଅଗ୍ନି ନିର୍ବାଣ କରିବାର ଉପାୟ ଚିନ୍ତା କରି କରି ହତାଶ ହୋଇପଡ଼ିଛନ୍ତି । ଐଶୀ ଶକ୍ତି ସମକ୍ଷରେ ଜୀବର ଶକ୍ତି କଅଣ ?

ଅବଶ୍ୟ ଦୁଇ ଦଳରୁ ଗୋଟିଏ ପ୍ରବଳ ଆକ୍ରମଣ ବୃଦ୍ଧ ଅଧ୍ୟାପକଙ୍କ ଉପରେ ପତିତ ହେଲା । ବୃଦ୍ଧ କିନ୍ତୁ ହଟିବାର ନୁହନ୍ତି—ଏ ସଂଗ୍ରାମରେ ସେ ବହୁବାର ପାରୋତ୍ତୀର୍ଣ୍ଣ । ଏଥର ମଧ୍ୟ ଅବଲୀଳାକ୍ରମେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ କ୍ଷୁଦ୍ର ଆତତାୟୀଗଣଙ୍କୁ ଇଙ୍ଗିତରେ ନିରସ୍ତ କରିବା ପାଇଁ ଏବଂ ଉକ୍ତ ମହାପୁରୁଷ ଓ ତାଙ୍କ ଧର୍ମ ସନ୍ଧିରେ ସର୍ବସାଧାରଣ ଜାଣିପାରନ୍ତି ସେଥିପାଇଁ, ତାଙ୍କର ଅପେକ୍ଷାକୃତ ସମ୍ପୂର୍ଣ୍ଣ ଜୀବନ ଓ ଉପଦେଶ ସଂଗ୍ରହପୂର୍ବକ 'ରାମକୃଷ୍ଣ ଓ ତାଙ୍କର ଉକ୍ତି' ନାମକ ପୁସ୍ତକ ପ୍ରକାଶ କରି ତାହାର 'ରାମକୃଷ୍ଣ' ନାମକ ଅଧ୍ୟାୟରେ ନିମ୍ନଲିଖିତ କଥାଗୁଡ଼ିକ କହିଛନ୍ତି—

"ଉକ୍ତ ମହାପୁରୁଷ ଇଦାନୀଂ ଇଉରୋପ ଓ ଆମେରିକାରେ ବହୁଳ ପ୍ରତିଷ୍ଠିତ ହୋଇଛନ୍ତି, ସେଠାରେ ତାଙ୍କର ଶିଷ୍ୟମାନେ ମହୋତ୍ସାହରେ ତାଙ୍କର ଉପଦେଶ ପ୍ରଚାର କରୁଛନ୍ତି ଏବଂ ବହୁ ବ୍ୟକ୍ତିଙ୍କୁ, ଏପରିକି ଖ୍ରୀଷ୍ଟିଆନମାନଙ୍କ ଭିତରୁ ମଧ୍ୟ ରାମକୃଷ୍ଣମତକୁ ଆନୟନ କରୁଛନ୍ତି, ଏକଥା ଆମମାନଙ୍କ ନିକଟରେ ଆଶ୍ଚର୍ଯ୍ୟବତ୍ ଏବଂ କଷ୍ଟରେ ବିଶ୍ୱାସଯୋଗ୍ୟ ... ତଥାପି ପ୍ରତ୍ୟେକ ମନୁଷ୍ୟ ହୃଦୟରେ ଧର୍ମପିପାସା ବଳବତୀ, ପ୍ରତ୍ୟେକ ହୃଦୟରେ ପ୍ରବଳ ଧର୍ମକ୍ଷୁଧା ବିଦ୍ୟମାନ, ଯାହା ବିଳମ୍ବରେ ବା ଶୀଘ୍ର ଶାନ୍ତ ହେବାକୁ ଚାହେଁ । ଏହିସବୁ କ୍ଷୁଧାର୍ତ୍ତ ପ୍ରାଣରେ ରାମକୃଷ୍ଣଙ୍କ ଧର୍ମ ବାହାରର କୌଣସି ଶାସନାଧୀନରେ ଆସେ ନାହିଁ (ଏଥିପାଇଁ ଅମୃତବତ୍ ଗ୍ରାହ୍ୟ ହୁଏ) । ଅତଏବ, ରାମକୃଷ୍ଣଧର୍ମାନୁବର୍ତ୍ତୀମାନଙ୍କର ଯେଉଁ ପ୍ରବଳ ସଂଖ୍ୟା ଆମେମାନେ ଶୁଣିବାକୁ ପାଉ, ତାହା କଥିତ ଅତିରଞ୍ଜିତ ଯଦ୍ୟପି ହୁଏ, ତଥାପି ଯେଉଁ ଧର୍ମ ଆଧୁନିକ ସମୟରେ ଏତାଦୃଶ ସଫଳତା ଲାଭ କରିଛି ଏବଂ ଯାହା ବସ୍ତୁତ ନିଜେ ନିଜକୁ ସମ୍ପୂର୍ଣ୍ଣ ସତ୍ୟତା ସହିତ ଜଗତର ସର୍ବପ୍ରାଚୀନ ଧର୍ମ ଓ ଦର୍ଶନ ବୋଲି ଘୋଷଣା କରେ ଏବଂ ଯାହାର ନାମ ବେଦାନ୍ତ ଅର୍ଥାତ୍ ବେଦଶେଷ ବା ବେଦର ସର୍ବୋଚ୍ଚ

ଉଦ୍ଦେଶ୍ୟ, ତାହା ଆମମାନଙ୍କର ଅତି ସହୃଦ ସହିତ ମନଃସଂଯୋଗାର୍ହ ।''*

ଏହି ପୁସ୍ତକର ପ୍ରଥମ ଅଂଶରେ 'ମହାତ୍ମା' ପୁରୁଷ, ଆଶ୍ରମ ବିଷୟ, ସନ୍ନ୍ୟାସୀ, ଯୋଗ, ଦୟାନନ୍ଦ ସରସ୍ୱତୀ, ପଓହାରି ବାବା, ଦେବେନ୍ଦ୍ରନାଥ ଠାକୁର, ରାଧାସ୍ୱାମୀ ସଂପ୍ରଦାୟର ନେତା ରାୟ ଶାଳିଗ୍ରାମ ସାହେବ ବାହାଦୁର ପ୍ରଭୃତିଙ୍କର ଉଲ୍ଲେଖ କରି ଶ୍ରୀରାମକୃଷ୍ଣ ଜୀବନୀର ଅବତାରଣା କରାଯାଇଛି ।

ଅଧ୍ୟାପକଙ୍କର ବଡ଼ ଭୟ, ପଛେ ସବୁ ଐତିହାସିକ ଘଟଣା ସମ୍ବନ୍ଧରେ ଯେଉଁ ଦୋଷ ଆପଣାଛାଏଁ ଆସେ, ଅନୁରାଗ ବା ବିରାଗାଧିକ୍ୟରେ ଅତିରଞ୍ଜିତ ହେବା, ସେହି ଦୋଷ ଏ ଜୀବନରେ ପ୍ରବେଶ କରେ । ସେଥିଯୋଗୁଁ ଘଟଣାବଳୀ ସଂଗ୍ରହରେ ତାଙ୍କର ବିଶେଷ ସାବଧାନତା । ବର୍ତ୍ତମାନ ଲେଖକ ଶ୍ରୀରାମକୃଷ୍ଣଙ୍କର କ୍ଷୁଦ୍ର ଦାସ—ତାଙ୍କ ସଙ୍କଳିତ ରାମକୃଷ୍ଣ-ଜୀବନୀର ଉପାଦାନ ଯେ ଅଧ୍ୟାପକଙ୍କର ସୂକ୍ଷ୍ମ ଓ ଯୁକ୍ତି ଉଦୁଖଳରେ ବିଶେଷ କୁଟିତ ହେଲେ ମଧ୍ୟ ଭକ୍ତି-ଆଗ୍ରହରେ କିଞ୍ଚିତ୍ ଅତିରଞ୍ଜିତ ହେବା ସମ୍ଭବ, ତାହା ମଧ୍ୟ କହିବାକୁ ମ୍ୟାକ୍ସମୁଲର୍ ଭୁଲି ନାହାନ୍ତି ଏବଂ ବ୍ରାହ୍ମଧର୍ମ-ପ୍ରଚାରକ ଶ୍ରୀଯୁକ୍ତ ବାବୁ ପ୍ରତାପଚନ୍ଦ୍ର ମଜୁମ୍‌ଦାର ପ୍ରମୁଖ ବ୍ୟକ୍ତିଗଣ ଶ୍ରୀରାମକୃଷ୍ଣଙ୍କ ଦୋଷୋଦ୍‌ଘୋଷଣ କରି ଅଧ୍ୟାପକଙ୍କୁ ଯାହା କିଛି ଲେଖିଥିଲେ, ତାହାର ପ୍ରତ୍ୟୁତ୍ତର-ମୁଖରେ ଦୁଇ ଗୋଟିଏ କଠୋର-ମଧୁର କଥା ଯାହା କହିଛନ୍ତି, ତାହା ମଧ୍ୟ ପରଶ୍ରୀକାତର ଈର୍ଷାପୂର୍ଣ୍ଣ ବଙ୍ଗାଳୀର ବିଶେଷ ମନୋଯୋଗର ବିଷୟ, ସନ୍ଦେହ ନାହିଁ ।

ଶ୍ରୀରାମକୃଷ୍ଣ କଥା ଅତି ସଂକ୍ଷେପରେ ସରଳ ଭାଷାରେ ପୁସ୍ତକ ମଧ୍ୟରେ ସନ୍ନିବେଶିତ । ଏ ଜୀବନୀରେ ସତ୍ୟର ଐତିହାସିକର ପ୍ରତ୍ୟେକ କଥାଟି ଯେପରି ଓଜନ କରି ଲେଖା—'ପ୍ରକୃତ ମହାତ୍ମା' ନାମକ ପ୍ରବନ୍ଧରେ ଯେ ଅଗ୍ନିସ୍ଫୁଲିଙ୍ଗ ମଝିରେ ମଝିରେ ଦେଖାଯାଏ, ଏଥିର ତାହା ଅତି ଯତ୍ନରେ ଆବରିତ । ଏକ ଦିଗରେ ମିଶନାରି, ଅନ୍ୟ ଦିଗରେ ବ୍ରାହ୍ମ କୋଲାହଳ—ଏ ଉଭୟ ଆପଦ ମଧ୍ୟରେ ଅଧ୍ୟାପକଙ୍କ ନୌକା ଚାଲିଛି । 'ପ୍ରକୃତ ମହାତ୍ମା' ଉଭୟ ପକ୍ଷରୁ ବହୁ ଭର୍ତ୍ସନା, ବହୁ କଠୋର ବାଣୀ ଅଧ୍ୟାପକଙ୍କ ଉପରକୁ ଆଣେ; ଆନନ୍ଦର ବିଷୟ—ତା'ର ପ୍ରତ୍ୟୁତ୍ତରର ଚେଷ୍ଟା ମଧ୍ୟ ନାହିଁ, ଇତରତା ନାହିଁ, ଆଉ ଗାଳିଗୁଲଜ ସଭ୍ୟ ଇଂଲଣ୍ଡର ଭଦ୍ର ଲେଖକ କଦାପି କରନ୍ତି ନାହିଁ; କିନ୍ତୁ ବର୍ଷୀୟାନ ମହାପଣ୍ଡିତ ଉପଯୁକ୍ତ ଧୀର-ଗମ୍ଭୀର, ବିଦ୍ୱେଷଶୂନ୍ୟ ଅଥଚ ବଜ୍ରବତ୍ ଦୃଢ଼ସ୍ୱରରେ ମହାପୁରୁଷଙ୍କର ଅଲୌକିକ ହୃଦସ୍ରୋତ୍‌ଥିତ ଅମାନବଭାବ ଉପରେ ଯେଉଁ ଆକ୍ଷେପ ହୋଇଥିଲା, ତାହା ଅପସାରିତ କରିଛନ୍ତି ।

ଆକ୍ଷେପଗୁଡ଼ିକ ମଧ୍ୟ ଆମମାନଙ୍କର ବିସ୍ମୟକର ନିଶ୍ଚୟ । ବ୍ରାହ୍ମସମାଜର ଗୁରୁ ସ୍ୱର୍ଗୀୟ ଆଚାର୍ଯ୍ୟ ଶ୍ରୀ କେଶବଚନ୍ଦ୍ରଙ୍କ ଶ୍ରୀମୁଖରୁ ଆମେମାନେ ଶୁଣିଛୁ ଯେ, ଶ୍ରୀରାମକୃଷ୍ଣଙ୍କ ସରଳ ମଧୁର ଗ୍ରାମ୍ୟଭାଷା ଅତି ଅଲୌକିକ ପବିତ୍ରତା-ବିଶିଷ୍ଟ; ଆମେମାନେ ଯାହାକୁ ଅଶ୍ଳୀଳ କହୁଁ, ଏପରି

* 'The Life and Sayings of Ramakrishna' by Prof. Max Muller, pp 10 and 11.

କଥାର ସମାବେଶ ଭିତରେ ଥିଲେ ମଧ୍ୟ ତାଙ୍କର ଅପୂର୍ବ ବାଳବତ୍ କାମଗନ୍ଧ-ହୀନତା ପାଇଁ ସେସବୁ ଶବ୍ଦ ପ୍ରୟୋଗ ଦୋଷଯୁକ୍ତ ନ ହୋଇ ଭୂଷଣସ୍ୱରୂପ ହୋଇଛି; ଅଥଚ ଏହା ହିଁ ଗୋଟିଏ ପ୍ରବଳ ଆକ୍ଷେପ !!

ଅପର ଆକ୍ଷେପ ଏହି ଯେ, ସେ ସନ୍ନ୍ୟାସ ଗ୍ରହଣ କରି ସ୍ତ୍ରୀଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରିଥିଲେ । ସେଥିରେ ଅଧ୍ୟାପକ ଉତ୍ତର ଦେଇଛନ୍ତି ଯେ, ସ୍ତ୍ରୀଙ୍କର ଅନୁମତି ନେଇ ସେ ସନ୍ନ୍ୟାସବ୍ରତ ଧାରଣ କରିଥିଲେ ଏବଂ ଯେତେଦିନ ମର୍ତ୍ତ୍ୟଧାମରେ ଥିଲେ, ତାଙ୍କର ସ୍ତ୍ରୀ ପତିଙ୍କୁ ଗୁରୁଭାବରେ ଗ୍ରହଣ କରି ସ୍ୱେଚ୍ଛାରେ ପରମାନନ୍ଦରେ ତାଙ୍କର ଉପଦେଶ-ଅନୁସାରେ ଆକୁମାରୀ-ବ୍ରହ୍ମଚାରିଣୀରୂପେ ଭଗବତ୍‌ସେବାରେ ନିଯୁକ୍ତା ଥିଲେ । ଆଉ ମଧ୍ୟ କହିଛନ୍ତି ଯେ, ଶରୀର-ସମ୍ବନ୍ଧ ନ ହେଲେ କଅଣ ବିବାହ ଏତେଦୂର ଅସୁଖ ? "ଆଉ ଶରୀରସମ୍ବନ୍ଧ ନ ରଖି ବ୍ରହ୍ମଚାରିଣୀ ପତ୍ନୀଙ୍କୁ ଅମୃତସ୍ୱରୂପ ବ୍ରହ୍ମାନନ୍ଦର ଅଂଶୀଦାର କରି ବ୍ରହ୍ମଚାରୀ ପତି ଯେ ପରମପବିତ୍ରଭାବରେ ଜୀବନ ଅତିବାହିତ କରିପାରନ୍ତି, ଏହି ବିଷୟରେ ଉକ୍ତ ବ୍ରତଧାରଣକାରୀ ଇଉରୋପନିବାସୀମାନେ ସଫଳକାମ ହୋଇ ନାହାନ୍ତି, ଆମେମାନେ ମନେକରିପାରୁଁ; କିନ୍ତୁ ହିନ୍ଦୁମାନେ ଯେ ଅନାୟାସରେ ସେପ୍ରକାର କାମଜିତ୍ ଅବସ୍ଥାରେ କାଳାତିପାତ କରିପାରନ୍ତି, ଏହା ଆମେମାନେ ବିଶ୍ୱାସ କରୁଁ ।"* ଅଧ୍ୟାପକଙ୍କ ମୁହଁରେ ଫୁଲଚନ୍ଦନ ପଡ଼ୁ ! ସେ ବିଜାତି, ବିଦେଶୀ ହୋଇ ଆମମାନଙ୍କର ଏକମାତ୍ର ଧର୍ମସହାୟ ବ୍ରହ୍ମଚର୍ଯ୍ୟ ବୁଝିପାରନ୍ତି ଏବଂ ଭାରତବର୍ଷରେ ଯାହା ବର୍ତ୍ତମାନ ମଧ୍ୟ ବିରଳ ନୁହେଁ, ବିଶ୍ୱାସ କରନ୍ତି— ଆଉ ଆମମାନଙ୍କ ଘରର ମହାବୀରମାନେ ବିବାହରେ ଶରୀରସମ୍ବନ୍ଧ ଛଡ଼ା ଆଉ କିଛି ହିଁ ଦେଖିବାକୁ ପାଉ ନାହାନ୍ତି !! ଯାଦୃଶୀ ଭାବନା ଯସ୍ୟ···ଇତ୍ୟାଦି ।

ପୁଣି ଅଭିଯୋଗ ଏହି ଯେ, ସେ ବେଶ୍ୟାମାନଙ୍କୁ ଅତ୍ୟନ୍ତ ଘୃଣା କରୁ ନ ଥିଲେ । ଏଥିରେ ଅଧ୍ୟାପକଙ୍କ ଉତ୍ତର ଅତି ମଧୁର; ସେ କହନ୍ତି, କେବଳ ରାମକୃଷ୍ଣ ନୁହଁନ୍ତି, ଅନ୍ୟାନ୍ୟ ଧର୍ମପ୍ରବର୍ତ୍ତକମାନେ ମଧ୍ୟ ଏ ଅପରାଧରେ ଅପରାଧୀ ।

ଆହା ! କି ମଧୁର କଥା—ଶ୍ରୀଭଗବାନ୍ ବୁଦ୍ଧଦେବଙ୍କ କୃପାପାତ୍ରୀ ବେଶ୍ୟା ଅମ୍ବାପାଲୀ ଓ ହଜରତ୍ ଈଶାଙ୍କର ଦୟାପ୍ରାପ୍ତା ସାମରୀୟା ନାରୀଙ୍କ କଥା ମନେପଡ଼େ । ଆହୁରି ମଧ୍ୟ ଅଭିଯୋଗ, ମଦ୍ୟପାନ ଉପରେ ମଧ୍ୟ ତାଙ୍କର ତାଦୃଶ ଘୃଣା ନ ଥିଲା । ହରି ହରି ! ଟିକେ ମଦ ଖାଇଛି ବୋଲି ସେ ଲୋକଟାର ଛାୟା ମଧ୍ୟ ସ୍ପର୍ଶ କରାଯିବ ନାହିଁ, ଏହା ହିଁ ନା ଅର୍ଥ ?—ଦାରୁଣ ଅଭିଯୋଗ ନିଶ୍ଚୟ ! ମାତାଲ, ବେଶ୍ୟା, ଚୋର, ଦୁଷ୍ଟମାନଙ୍କୁ ମହାପୁରୁଷ କାହିଁକି ଦୂର୍ ଦୂର୍ କରି ତଡ଼ୁ ନ ଥିଲେ, ଆଉ ଚକ୍ଷୁ ମୁଦ୍ରିତ କରି ଛନ୍ଦୁଆ-ଭାଷାରେ ସାନାଇର ଧାରାବାହିକ ସ୍ୱରରେ କାହିଁକି କଥା କହୁ ନ ଥିଲେ ! ଆହୁରି ସବୁଠାରୁ ବଡ଼ ଅଭିଯୋଗ—ଆଜନ୍ମ ସ୍ତ୍ରୀସଙ୍ଗ କାହିଁକି କଲେ ନାହିଁ !!

---

* 'The Life and Sayings of Ramakrishna' by Prof. Max Muller pp 65

ଆକ୍ଷେପକାରୀମାନଙ୍କର ଏହି ଅପୂର୍ବ ପବିତ୍ରତା ଏବଂ ସଦାଚାରର ଆଦର୍ଶରେ ଜୀବନ ଗଢ଼ି ନ ପାରିଲେ ଭାରତ ରସାତଳକୁ ଯିବ ! ଯାଉ ରସାତଳକୁ, ଯଦି ସେପ୍ରକାର ମିଥ୍ୟା-ସହାୟରେ ଉଠିବାକୁ ହୁଏ ।

ଜୀବନୀ ଅପେକ୍ଷା ଉକ୍ତି-ସଂଗ୍ରହ ଏ ପୁସ୍ତକରେ ଅଧିକ ସ୍ଥାନ ଅଧିକାର କରିଛି । ସେହି ଉକ୍ତିଗୁଡ଼ିକ ଯେ ସମସ୍ତ ପୃଥିବୀର ଇଂରାଜୀଭାଷୀ ପାଠକଙ୍କ ମଧ୍ୟରେ ଅନେକ ବ୍ୟକ୍ତିଙ୍କର ଚିତ୍ତାକର୍ଷଣ କରୁଛି, ତାହା ପୁସ୍ତକର କ୍ଷିପ୍ର ବିକ୍ରୟ ଦେଖି ଅନୁମିତ ହୁଏ । ଉକ୍ତିଗୁଡ଼ିକ ତାଙ୍କ ଶ୍ରୀମୁଖର ବାଣୀ ବୋଲି ମହାଶକ୍ତିପୂର୍ଣ୍ଣ ଏବଂ ସେଥିପାଇଁ ନିଶ୍ଚିତ ସର୍ବଦେଶରେ ନିଜର ଐଶୀଶକ୍ତି ବିକାଶ କରିବ । 'ବହୁଜନହିତାୟ ବହୁଜନସୁଖାୟ' ମହାପୁରୁଷଗଣ ଅବତୀର୍ଣ୍ଣ ହୁଅନ୍ତି - ସେମାନଙ୍କର ଜନ୍ମ କର୍ମ ଅଲୌକିକ ଏବଂ ସେମାନଙ୍କର ପ୍ରଚାର-କାର୍ଯ୍ୟ ମଧ୍ୟ ଅତ୍ୟାଶ୍ଚର୍ଯ୍ୟ ।

ଆଉ ଆମେମାନେ ? ଯେଉଁ ଦରିଦ୍ର ବ୍ରାହ୍ମଣକୁମାର ଆମମାନଙ୍କୁ ସ୍ୱୀୟ ଜନ୍ମଦ୍ୱାରା ପବିତ୍ର, କର୍ମଦ୍ୱାରା ଉନ୍ନତ ଏବଂ ବାଣୀଦ୍ୱାରା ରାଜଜାତିର ମଧ୍ୟ ପ୍ରୀତି-ଦୃଷ୍ଟି ଆମମାନଙ୍କ ଉପରେ ପାତିତ କରିଛନ୍ତି, ଆମେ ତାଙ୍କ ପାଇଁ କରୁଛୁ କଅଣ ? ସତ୍ୟ ସବୁ ସମୟରେ ମଧୁର ହୁଏ ନାହିଁ, କିନ୍ତୁ ସମୟବିଶେଷରେ ତଥାପି କହିବାକୁ ହୁଏ—ଆମେ କେହି କେହି ବୁଝୁଛୁ ଆମର ଲାଭ; କିନ୍ତୁ ସେହି ସ୍ଥାନରେ ହିଁ ଶେଷ । ସେ ଉପଦେଶକୁ ଜୀବନରେ ପରିଣତ କରିବାର ଚେଷ୍ଟା ମଧ୍ୟ ଆମମାନଙ୍କର ଅସାଧ୍ୟ—ଯେଉଁ ଜ୍ଞାନ-ଭକ୍ତିର ମହାତରଙ୍ଗ ଶ୍ରୀରାମକୃଷ୍ଣ ଉତ୍ତୋଳିତ କରିଯାଇଛନ୍ତି, ସେଥିରେ ଅଙ୍ଗ ବିସର୍ଜନ କରିବା ତ ଦୂରର କଥା । ଯେଉଁମାନେ ବୁଝିଛନ୍ତି ଏ ଖେଳ, ବା ବୁଝିବା ପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ କହେ ଯେ ଖାଲି ବୁଝିଲେ କଅଣ ହେବ ? ବୁଝିବା ପ୍ରମାଣ କାର୍ଯ୍ୟରେ । 'ମୁହଁରେ ବୁଝିଛୁ' ବା 'ବିଶ୍ୱାସ' କରେ କହିଲେ କଅଣ ଅନ୍ୟମାନେ ବିଶ୍ୱାସ କରିବେ ? ସମସ୍ତ ହୃଦଗତ ଭାବ ହିଁ ଫଳାନୁମେୟ; କାର୍ଯ୍ୟରେ ପରିଣତ କର—ଜଗତ ଦେଖୁ ।

ଯେଉଁମାନେ ନିଜ ନିଜକୁ ମହାପଣ୍ଡିତ ଜାଣି ଏହି ମୂର୍ଖ, ଦରିଦ୍ର, ପୂଜାରୀ ବ୍ରାହ୍ମଣଙ୍କ ପ୍ରତି ଉପେକ୍ଷା ପ୍ରଦର୍ଶନ କରନ୍ତି, ସେମାନଙ୍କ ପ୍ରତି ଆମର ନିବେଦନ ଏହି ଯେ, ଯେଉଁ ଦେଶର ଜଣେ ମୂର୍ଖ ପୂଜାରୀ ସପ୍ତସମୁଦ୍ରପାର ପର୍ଯ୍ୟନ୍ତ ନିଜର ପିତୃପିତାମହାଗତ ସନାତନ ଧର୍ମର ଜୟ ଘୋଷଣା ନିଜ ଶକ୍ତିବଳରେ ଅତ୍ୟଳ୍ପ କାଳରେ ହିଁ ପ୍ରତିଧ୍ୱନିତ କଲେ; ସେହି ଦେଶର ସର୍ବଲୋକମାନ୍ୟ ଶୂରବୀର ମହାପଣ୍ଡିତ ଆପଣମାନେ—ଆପଣମାନେ ଇଚ୍ଛା କଲେ ଆହୁରି କେତେ ଅଦ୍ଭୁତ କାର୍ଯ୍ୟ ସ୍ୱଦେଶର, ସ୍ୱଜାତିର କଲ୍ୟାଣ ପାଇଁ କରିପାରନ୍ତି । ତେବେ ଉଠନ୍ତୁ, ପ୍ରକାଶିତ ହୁଅନ୍ତୁ, ଦେଖାନ୍ତୁ ମହାଶକ୍ତିର ଖେଳ—ଆମେମାନେ ପୁଷ୍ପ-ଚନ୍ଦନ-ହସ୍ତରେ ଆପଣମାନଙ୍କ ପୂଜା ପାଇଁ ଛିଡ଼ା ହୋଇଛୁ; ଆମେମାନେ ମୂର୍ଖ, ଦରିଦ୍ର, ନଗଣ୍ୟ, ବେଶମାତ୍ରଧାରୀ ଭିକ୍ଷୁକ; ଆପଣମାନେ ମହାରାଜ, ମହାବଳ, ମହାକୁଳ-ପ୍ରସୂତ, ସର୍ବବିଦ୍ୟାଶ୍ରୟ —ଆପଣମାନେ ଉଠନ୍ତୁ, ଅଗ୍ରଣୀ ହୁଅନ୍ତୁ, ପଥ ଦେଖାନ୍ତୁ, ଜଗତର ହିତ ପାଇଁ ସର୍ବତ୍ୟାଗ ଦେଖାନ୍ତୁ—ଆମେମାନେ ଦାସପରି ପଶ୍ଚାଦ୍‌ଗମନ କରୁଁ । ଆଉ ଯେଉଁମାନେ ଶ୍ରୀରାମକୃଷ୍ଣ

ନାମର ପ୍ରତିଷ୍ଠା ଓ ପ୍ରଭାବରେ ଦାସଜାତିସୁଲଭ ଈର୍ଷ୍ୟା ଓ ଦ୍ୱେଷରେ ଜର୍ଜ୍ଜରିତ-କଳେବର ହୋଇ ବିନା କାରଣରେ ବିନା ଅପରାଧରେ ନିଦାରୁଣ ବୈର-ପ୍ରକାଶ କରୁଛନ୍ତି, ସେମାନଙ୍କୁ କହେ ଯେ—ହେ ଭାଇ, ତୁମମାନଙ୍କର ଏ ଚେଷ୍ଟା ବୃଥା । ଯଦି ଏହି ଦିଗ୍‌ଦିଗନ୍ତବ୍ୟାପୀ ମହାଧର୍ମତରଙ୍ଗ ଯାହାର ଶୁଭ୍ର ଶିଖରରେ ଏହି ମହାପୁରୁଷମୂର୍ତ୍ତି ବିରାଜ କରୁଛନ୍ତି— ଆମମାନଙ୍କର ଧନ, ଜନ ବା ପ୍ରତିଷ୍ଠାଲାଭ ଉଦ୍ୟୋଗର ଫଳ ହୁଏ, ତାହାହେଲେ ତୁମମାନଙ୍କର ବା ଅପର କାହାରି ମଧ୍ୟ ଚେଷ୍ଟା କରିବାକୁ ହେବ ନାହିଁ, ମହାମାୟାଙ୍କ ଅପ୍ରତିହତ ନିୟମପ୍ରଭାବରେ ଅଚିରାତ୍ ଏ ତରଙ୍ଗ ମହାଜଳରେ ଅନନ୍ତକାଳ ପାଇଁ ଲୀନ ହୋଇଯିବ; ଆଉ ଯଦି ଜଗଦମ୍ବାପରିଚାଳିତ ମହାପୁରୁଷଙ୍କ ନିଃସ୍ୱାର୍ଥ ପ୍ରେମୋଚ୍ଛ୍ୱାସରୂପକ ଏହି ବନ୍ୟା ଜଗତ ଉପପ୍ଲାବିତ କରିବାକୁ ଆରମ୍ଭ କରିଥାଏ, ତେବେ ହେ କ୍ଷୁଦ୍ର ମାନବ, ତୁମର କି ସାଧ୍ୟ ମାଆଙ୍କ ଶକ୍ତିସଞ୍ଚାର ରୋଧ କରିବ ?

## ଈଶା-ଅନୁସରଣ

[ ସ୍ୱାମୀଜୀ ଆମେରିକା ଯିବାପୂର୍ବରୁ ୧୮୮୯ ମସିହାରେ ଅଧୁନା ଲୁପ୍ତ 'ସାହିତ୍ୟ-କଳ୍ପଦ୍ରୁମ' ନାମକ ମାସିକ ପତ୍ରିକାରେ Imitation of Christ ନାମକ ଜଗଦ୍‌ବିଖ୍ୟାତ ପୁସ୍ତକର 'ଈଶା-ଅନୁସରଣ' ନାମ ଦେଇ ଅନୁବାଦ କରିବାକୁ ଆରମ୍ଭ କରିଥିଲେ । ଉକ୍ତ ପତ୍ରିକାର ୧ମ ବର୍ଷର ୧ମଠାରୁ ୪ମ ସଂଖ୍ୟା ଅବଧି ୬ଷ୍ଠ ପରିଚ୍ଛେଦ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । ଆମେ ସମୁଦାୟ ଅନୁବାଦଟିକୁ ଏହି ଗ୍ରନ୍ଥରେ ସନ୍ନିବେଶିତ କଲୁ । ସୂଚନାଟି ସ୍ୱାମୀଜୀଙ୍କର ମୌଳିକ ରଚନା ]

### ସୂଚନା

'ଖ୍ରୀଷ୍ଟଙ୍କ ଅନୁସରଣ' ନାମକ ଏହି ପୁସ୍ତକ ସମସ୍ତ ଖ୍ରୀଷ୍ଟଜଗତରେ ଅତି ଆଦରର ଧନ । ଏହି ମହାପୁସ୍ତକ କୌଣସି 'ରୋମାନ୍ କ୍ୟାଥଲିକ' ସନ୍ନ୍ୟାସୀଙ୍କ ଲିଖିତ— ଲିଖିତ କହିଲେ ଭୁଲ ହେବ—ଏହାର ପ୍ରତ୍ୟେକ ଅକ୍ଷର ଉକ୍ତ ଈଶାପ୍ରେମରେ ସର୍ବତ୍ୟାଗୀ ମହାତ୍ମାଙ୍କ ହୃଦୟର ଶୋଣିତବିନ୍ଦୁରେ ମୁଦ୍ରିତ । ଯେଉଁ ମହାପୁରୁଷଙ୍କ ଜ୍ୱଳନ୍ତ ଜୀବନ୍ତ ବାଣୀ ଆଜି ଦୁଇଶତ ବର୍ଷ କୋଟି କୋଟି ନରନାରୀଙ୍କ ହୃଦୟ ଅଦ୍ଭୁତ ମୋହିନୀଶକ୍ତିବଳରେ ଆକୃଷ୍ଟ କରି ରଖିଛି, ରଖୁଛି ଏବଂ ରଖିବ, ଯେ ଆଜି ପ୍ରତିଭା ଏବଂ ସାଧନାବଳରେ ଶତ ଶତ ସମ୍ରାଟଙ୍କର ମଧ୍ୟ ନମସ୍ୟ ହୋଇଛନ୍ତି, ଯାହାଙ୍କର ଅଲୌକିକ ପବିତ୍ରତା ନିକଟରେ ପରସ୍ପର ମଧ୍ୟରେ ସତତ ଯୁଧ୍ୟମାନ ଅସଂଖ୍ୟ ସମ୍ପ୍ରଦାୟରେ ବିଭକ୍ତ ଖ୍ରୀଷ୍ଟ-ସମାଜ ଚିରପୁଷ୍ଟ ବୈଷମ୍ୟ ପରିତ୍ୟାଗ କରି ମସ୍ତକ ଅବନତ କରି ରହିଛି—ସେ ଏହି ପୁସ୍ତକରେ ନିଜର ନାମ ଦେଇ

ନାହାନ୍ତି । ତେବେ ବା କାହିଁକି ? ସେ ସମସ୍ତ ପାର୍ଥିବ ଭୋଗ ଏବଂ ବିଳାସକୁ, ଇହଜଗତର ସମସ୍ତ ମାନସମ୍ଭ୍ରମକୁ ବିଷ୍ଠା ପରି ତ୍ୟାଗ କରିଥିଲେ—ସେ କ'ଣ ସାମାନ୍ୟ ନାମର ଭିଖାରି ହୋଇପାରନ୍ତି ? ପରବର୍ତ୍ତୀ ଲୋକମାନେ ଅନୁମାନ କରି 'ଟମାସ୍ ଆ କେମ୍ପିସ୍' ନାମକ ଜଣେ କାଥଲିକ ସନ୍ନ୍ୟାସୀଙ୍କୁ ଗ୍ରନ୍ଥକାର ସ୍ଥିର କରିଛନ୍ତି, କେତେଦୂର ସତ୍ୟ ଈଶ୍ୱର ଜାଣନ୍ତି । ଯେ କେହି ହୁଅନ୍ତୁ, ସେ ଯେ ଜଗତର ପୂଜ୍ୟ, ତହିଁରେ ଆଉ ସନ୍ଦେହ ନାହିଁ ।

ବର୍ତ୍ତମାନ ଆମେମାନେ ଖ୍ରୀଷ୍ଟିଆନ ରାଜାଙ୍କ ପ୍ରଜା । ରାଜ-ଅନୁଗ୍ରହରେ ବହୁବିଧ ନାମଧାରୀ ସ୍ୱଦେଶୀ-ବିଦେଶୀ ଖ୍ରୀଷ୍ଟିଆନ ଦେଖିଲି । ଦେଖୁଛି, ଯେଉଁ ମିଶନାରି ମହାପୁରୁଷ-ମାନେ 'ଆଜି ଯାହା ଅଛି ଖାଅ, କାଲି ପାଇଁ ଭାବ ନାହିଁ' ପ୍ରଚାର କରି ଆସି ଆଗାମୀ ଦଶ ବର୍ଷର ହିସାବ ଏବଂ ବନ୍ଦୋବସ୍ତରେ ବ୍ୟସ୍ତ—ଦେଖୁଛି—'ଯାହାଙ୍କର ମୁଣ୍ଡ ରଖିବାର ସ୍ଥାନ ନାହିଁ' ତାଙ୍କର ଶିଷ୍ୟମାନେ, ତାଙ୍କର ପ୍ରଚାରକମାନେ ବିଳାସରେ ମଣ୍ଡିତ ହୋଇ ବିବାହରେ ବର ସାଜି ଗୋଟିଏ ପଇସାର ମା-ବାପ ହୋଇ—ଈଶାଙ୍କ ଜ୍ୱଳନ୍ତ ତ୍ୟାଗ, ଅଦ୍ଭୁତ ନିଃସ୍ୱାର୍ଥତା ପ୍ରଚାର କରିବାରେ ବ୍ୟସ୍ତ; କିନ୍ତୁ ମୁଁ ପ୍ରକୃତ ଖ୍ରୀଷ୍ଟିଆନ ଦେଖୁ ନାହିଁ । ଏ ଅଦ୍ଭୁତ ବିଳାସୀ, ଅତି ଦାମ୍ଭିକ, ମହା ଅତ୍ୟାଚାରୀ, ବେରୁସ୍ ଏବଂ ବ୍ରୁମରେ ଚଢ଼ିଥିବା ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଦେଖି ଖ୍ରୀଷ୍ଟିଆନ ସମ୍ବନ୍ଧରେ ଆମମାନଙ୍କର ଯେଉଁ ଅତି କୁତ୍ସିତ ଧାରଣା ହୋଇଛି, ଏହି ପୁସ୍ତକ ପାଠ କଲେ ତାହା ସମ୍ୟକ୍‌ରୂପେ ଦୂରୀଭୂତ ହେବ ।

'ସର୍ବେଷାମ୍ ଏକମତ'—ସବୁ ଜ୍ଞାନୀମାନଙ୍କର ଗୋଟିଏ ମତ । ପାଠକ ଏହି ପୁସ୍ତକ ପଢ଼ୁ ପଢ଼ୁ ଗୀତାର ଭଗବଦୁକ୍ତ 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ପ୍ରଭୃତି ଉପଦେଶର ଶତ ଶତ ପ୍ରତିଧ୍ୱନି ଦେଖିବାକୁ ପାଇବେ । ଦୀନତା, ଆର୍ତ୍ତି ଏବଂ ଦାସ୍ୟ ଭକ୍ତିର ପରାକାଷ୍ଠା ଏହି ଗ୍ରନ୍ଥର ଛତ୍ରେ ଛତ୍ରେ ମୁଦ୍ରିତ ଏବଂ ପାଠ କରୁ କରୁ ଜ୍ୱଳନ୍ତ ବୈରାଗ୍ୟ, ଅତ୍ୟଦ୍ଭୁତ ଆତ୍ମସମର୍ପଣ ଏବଂ ନିର୍ଭରତା ଭାବରେ ହୃଦୟ ଉଦ୍‌ବେଳିତ ହେବ । ଯେଉଁମାନେ ଅନ୍ଧ ରକ୍ଷଣଶୀଳତାର ବଶବର୍ତ୍ତୀ ହୋଇ ଖ୍ରୀଷ୍ଟିଆନର ଲେଖା ବୋଲି ଏ ପୁସ୍ତକରେ ଅଶ୍ରଦ୍ଧା କରିବାକୁ ଚାହାଁନ୍ତି, ସେମାନଙ୍କୁ ନ୍ୟାୟଦର୍ଶନର ଗୋଟିଏ ସୂତ୍ର କହି ଆମେମାନେ କ୍ଷାନ୍ତ ହେବୁ—'ଆପ୍ତୋପଦେଶଃ ଶବ୍ଦଃ'— ସିଦ୍ଧପୁରୁଷମାନଙ୍କ ଉପଦେଶ ହିଁ ପ୍ରାମାଣ୍ୟ ଏବଂ ତାହାର ନାମ ଶବ୍ଦପ୍ରମାଣ । ଏ ସ୍ଥଳରେ ଭାଷ୍ୟକାର ଋଷି ବାତ୍ସ୍ୟାୟନ କହୁଛନ୍ତି* ଯେ, ଏହି ଆପ୍ତ-ପୁରୁଷ ଆର୍ଯ୍ୟ ଏବଂ ମ୍ଲେଚ୍ଛ ଉଭୟଙ୍କ ହିଁ ସମ୍ଭବ ।

ଯଦି 'ଯବନାଚାର୍ଯ୍ୟ' ପ୍ରଭୃତି ଗ୍ରୀକ୍ ଜ୍ୟୋତିଷୀ ପଣ୍ଡିତଗଣ ପୂର୍ବକାଳରେ ଆର୍ଯ୍ୟମାନଙ୍କର ନିକଟରେ ଏତାଦୃଶ ପ୍ରତିଷ୍ଠା ଲାଭ କରିଯାଇଥାନ୍ତି, ତାହାହେଲେ ଏହି ଭକ୍ତସିଂହଙ୍କ ପୁସ୍ତକ ଯେ ଏ ଦେଶରେ ଆଦର ପାଇବ ନାହିଁ, ତାହା ବିଶ୍ୱାସ ହୁଏ ନାହିଁ ।

ଯାହାହେଉ, ଏହି ପୁସ୍ତକର ଅନୁବାଦ ଆମେମାନେ ପାଠକଗଣଙ୍କ ସମକ୍ଷରେ କ୍ରମେ

---

* ଆପ୍ତଃ ଖଳୁ ସାକ୍ଷାତ୍‌କୃତଧର୍ମା ଯଥାଦୃଷ୍ଟସ୍ୟ···ଋଷ୍ୟାର୍ଯ୍ୟମ୍ଲେଚ୍ଛାନାଂ ସମାନମ୍ ଲକ୍ଷଣମ୍··· ।—ବାତ୍ସ୍ୟାୟନଭାଷ୍ୟ, ୧।୧।୭

କ୍ରମେ ଉପସ୍ଥାପିତ କରବୁ । ଆଶା କରୁଁ, ଯିଶି ଯିଶି ଅସାର ନଭେଲ-ନାଟକରେ ସାଧାରଣ ପାଠକ ଯେଉଁ ସମସ୍ତ ନିୟୋଜିତ କରନ୍ତି, ତାହାର ଶତାଂଶର ଏକାଂଶ ଏଥିରେ ପ୍ରୟୋଗ କରିବେ ।

ଅନୁବାଦ ଯେତେଦୂର ସମ୍ଭବ ଅବିକଳ କରିବାର ଚେଷ୍ଟା କରିଛୁ—କେତେଦୂର କୃତକାର୍ଯ୍ୟ ହୋଇଛୁ କହିପାରୁ ନାହିଁ । ଯେଉଁସବୁ ବାକ୍ୟ 'ବାଇବେଲ'-ସହାନ୍ତ କୌଣସି ବିଷୟର ଉଲ୍ଲେଖ କରେ, ନିମ୍ନରେ ତାହାର ଟୀକା ପ୍ରଦତ୍ତ ହେବ । ଇତ୍ୟଳମତିବିସ୍ତରେଣ ।

## ପ୍ରଥମ ଅଧ୍ୟାୟ

## ପ୍ରଥମ ପରିଚ୍ଛେଦ

### 'ଖ୍ରୀଷ୍ଟଙ୍କ ଅନୁସରଣ' ଏବଂ ସଂସାର ଓ ଯାବତୀୟ ସାଂସାରିକ ଅନ୍ତଃସାରଶୂନ୍ୟ ପଦାର୍ଥ ପ୍ରତି ଘୃଣା

୧ । ପ୍ରଭୁ କହୁଛନ୍ତି, "ଯେ କେହି ମୋର ଅନୁଗମନ କରିବେ, ସେ ଅନ୍ଧକାରରେ ପଦକ୍ଷେପ କରିବେ ନାହିଁ ।"*

ଯଦ୍ୟପି ଆମେମାନେ ଯଥାର୍ଥ ଆଲୋକ ପ୍ରାପ୍ତ ହେବା ପାଇଁ ଇଚ୍ଛା କରୁଁ ଏବଂ ସବୁପ୍ରକାର ହୃଦୟର ଅନ୍ଧକାରରୁ ମୁକ୍ତ ହେବାର ବାସନା କରୁ, ତାହାହେଲେ ଖ୍ରୀଷ୍ଟଙ୍କର ଏହି କେତୋଟି କଥା ଆମମାନଙ୍କୁ ସ୍ମରଣ କରାଉଛି ଯେ, ତାଙ୍କ ଜୀବନ ଓ ଚରିତ୍ରର ଅନୁସରଣ ଆମମାନଙ୍କର ଅବଶ୍ୟ କର୍ତ୍ତବ୍ୟ ।

ଅତଏବ ଈଶାଙ୍କ ଜୀବନ ମନନ କରିବା ଆମମାନଙ୍କ ପ୍ରଧାନ କର୍ତ୍ତବ୍ୟ ।**

୨ । ସେ ଯେଉଁ ଶିକ୍ଷା ଦେଇଛନ୍ତି, ତାହା ଅନ୍ୟ ସକଳ ମହାତ୍ମାପ୍ରଦତ୍ତ ଶିକ୍ଷାକୁ ଅତିକ୍ରମ କରିଛି ଏବଂ ଯେ ପବିତ୍ର ଆତ୍ମାଦ୍ୱାରା ପରିଚାଳିତ, ସେ ଏହାର ମଧ୍ୟରେ ଲୁକ୍କାୟିତ

---

* He that followeth me &c.—ଯୋହନ, ୮।୧୨

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥—ଗୀତା, ୭।୧୪

—ମୋର ସତ୍ତ୍ୱାଦି ତ୍ରିଗୁଣମୟୀ ମାୟା ନିତାନ୍ତ ଦୁରତିକ୍ରମ୍ୟ, ଯେଉଁମାନେ ବ୍ୟକ୍ତ କେବଳ ମୋର ଶରଣାଗତ ହୋଇ ଭଜନ କରନ୍ତି, ସେହିମାନେ ହିଁ କେବଳ ଏହି ସୁଦୁସ୍ତର ମାୟାକୁ ଉତ୍ତୀର୍ଣ୍ଣ ହୋଇଥାନ୍ତି ।

** To meditate &c.

ଧ୍ୟାୟେଦ୍ବୈ ବାତ୍ମାନମହର୍ନିଶଂ ମୁନିଃ ।
ତିଷ୍ଠେତ୍ ସଦା ମୁକ୍ତସମସ୍ତବନ୍ଧନଃ ॥—ରାମଗୀତା

—ମୁନି ଏହିପ୍ରକାରେ ଅହର୍ନିଶ ପରମାତ୍ମାଙ୍କ ଧ୍ୟାନଦ୍ୱାରା ସମସ୍ତ ସଂସାର-ବନ୍ଧନରୁ ମୁକ୍ତ ହୁଅନ୍ତି ।

'ମାନ୍ନା'* ପ୍ରାପ୍ତ ହେବେ ।

କିନ୍ତୁ ଏପ୍ରକାର ଅନେକ ସମୟରେ ହୁଏ ଯେ, ଅନେକେ ଖ୍ରୀଷ୍ଟଙ୍କ ସୁସମାଚାର ବାରମ୍ବାର ଶ୍ରବଣ କରି ମଧ୍ୟ ତାହା ଲାଭ ପାଇଁ କିଛି ମାତ୍ର ଆଗ୍ରହ ପ୍ରକାଶ କରନ୍ତି ନାହିଁ, କାରଣ ସେମାନେ ଖ୍ରୀଷ୍ଟଙ୍କ ଆତ୍ମାଦ୍ୱାରା ଅନୁପ୍ରାଣିତ ନୁହନ୍ତି । ଅତଏବ ଯଦ୍ୟପି ତୁମେ ଆନନ୍ଦ-ହୃଦୟରେ ଏବଂ ସମ୍ପୂର୍ଣ୍ଣ ସ୍ୱରରେ ଖ୍ରୀଷ୍ଟବାକ୍ୟ-ତତ୍ତ୍ୱରେ ଅନୁପ୍ରବେଶ କରିବାକୁ ଚାହଁ, ତାହାହେଲେ ତାଙ୍କ ଜୀବନ ସହିତ ତୁମ ଜୀବନର ସମ୍ପୂର୍ଣ୍ଣ ସୌସାଦୃଶ୍ୟ ସ୍ଥାପନ ପାଇଁ ସମଧିକ ଯତ୍ନଶୀଳ ହୁଅ ।**

୩ । 'ତ୍ରିତତ୍ତ୍ୱବାଦ' *** ସମ୍ବନ୍ଧରେ ଗଭୀର ଗବେଷଣାରେ ତୁମର କି ଲାଭ ହେବ, ଯଦି ସେହି ସମସ୍ତ ସମୟ ତୁମର ନମ୍ରତାର ଅଭାବ ସେହି ଯୀଶୁଙ୍କ ତ୍ରିତ୍ୱକୁ ଅସନ୍ତୁଷ୍ଟ କରେ ?

ଉଚ୍ଚ ବାକ୍ୟଚ୍ଛଟା ମନୁଷ୍ୟକୁ ପବିତ୍ର ଏବଂ ଅକପଟ କରିପାରେ ନାହିଁ—ଏହା ନିଶ୍ଚୟ; କିନ୍ତୁ ଧାର୍ମିକ ଜୀବନ ତାକୁ ଈଶ୍ୱରଙ୍କ ପ୍ରିୟ କରେ ।****

ଅନୁତାପରେ ହୃଦୟ-ଜ୍ୱାଳା ବରଂ ଭୋଗ କରିବ—ତାହାର ସର୍ବଲକ୍ଷଣାକ୍ରାନ୍ତ ବର୍ଣ୍ଣନା ଜାଣିବାକୁ ଚାହେଁ ନାହିଁ ।

---

* ଇସ୍ରାଏଲମାନେ ଯେତେବେଳେ ମରୁଭୂମିରେ ଆହାରାଭାବରେ କଷ୍ଟ ପାଉଥିଲେ, ସେହି ସମୟରେ ସେମାନଙ୍କ ନିମିତ୍ତ ଈଶ୍ୱର ଏକପ୍ରକାର ଖାଦ୍ୟ ବର୍ଷଣ କରିଥିଲେ—ତାହାର ନାମ 'ମାନ୍ନା' (Manna) ।

** But it happens &c.

ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ।—ଗୀତା

—ଶ୍ରବଣ କରି ମଧ୍ୟ ଅନେକେ ଏହାକୁ ବୁଝିପାରନ୍ତି ନାହିଁ ।

ନ ଗଚ୍ଛତି ବିନା ପାନଂ ବ୍ୟାଧିରୌଷଧଶବ୍ଦତଃ ।

ବିନାଽପରୋକ୍ଷାନୁଭବଂ ବ୍ରହ୍ମଶବ୍ଦୈର୍ନ ମୁଚ୍ୟତେ ॥—ବିବେକଚୂଡ଼ାମଣି, ୬୪

—ଔଷଧ-ପାନ ବ୍ୟତୀତ 'ଔଷଧ' କହୁଥିରେ ହିଁ ବ୍ୟାଧି ଦୂର ହୁଏ ନାହିଁ, ଅପରୋକ୍ଷାନୁଭବ ବ୍ୟତିରେକେ ବ୍ରହ୍ମ, ବ୍ରହ୍ମ କହିଲେ ମୁକ୍ତ ହେବ ନାହିଁ ।

ଶ୍ରୁତେନ କିଂ ଯୋ ନ ଚ ଧର୍ମମାଚରେତ୍ ।—ମହାଭାରତ

—ଯଦି ଧର୍ମାଚରଣ ନ କର, ବେଦ ପଢ଼ି କଅଣ ହେବ ?

*** ଖ୍ରୀଷ୍ଟିଆନ ମତରେ ଜନକେଶ୍ୱର (ପିତା), ପବିତ୍ର ଆତ୍ମା ଏବଂ ତନୟେଶ୍ୱର (ପୁତ୍ର)—ଏ ଏକରେ ତିନି, ତିନିରେ ଏକ ।

**** Surely sublime language &c.

ବାଗ୍‌ବୈଖରୀ ଶବ୍ଦଝରୀ ଶାସ୍ତ୍ରବ୍ୟାଖ୍ୟାନକୌଶଲମ୍

ବୈଦୁଷ୍ୟଂ ବିଦୁଷାଂ ତଦ୍ୱଦ୍ଭୁକ୍ତୟେ ନ ତୁ ମୁକ୍ତୟେ ॥—ବିବେକଚୂଡ଼ାମଣି, ୬୦

—ନାନାବିଧ ବାକ୍ୟବିନ୍ୟାସ ଏବଂ ଶବ୍ଦଚ୍ଛଟା ଯେପ୍ରକାର କେବଳ ଶାସ୍ତ୍ରବ୍ୟାଖ୍ୟାର

ଯଦି ସମସ୍ତ ବାଇବେଲ ଏବଂ ସମସ୍ତ ଦାର୍ଶନିକମାନଙ୍କର ମତ ତୁମର ଜଣାଥାଏ, ତହିଁରେ ତୁମର କି ଲାଭ ହେବ, ଯଦି ତୁମେ ଈଶ୍ୱରଙ୍କ ପ୍ରେମ ଏବଂ କୃପାବଞ୍ଚିତ ହୁଅ ?*

"ଅସାରଠାରୁ ମଧ୍ୟ ଅସାର, ସବୁ ହିଁ ଅସାର; ସାର ଏକମାତ୍ର ତାଙ୍କୁ ଭଲ ପାଇବା, ସାର ଏକମାତ୍ର ତାଙ୍କର ସେବା ।"**

ସେତେବେଳେ ହିଁ ସର୍ବୋଚ୍ଚ ଜ୍ଞାନ ତୁମର ହେବ, ଯେତେବେଳେ ତୁମେ ସ୍ୱର୍ଗରାଜ୍ୟ ପ୍ରାପ୍ତ ହେବା ପାଇଁ ସଂସାରକୁ ଘୃଣା କରିବ ।

୪ । ଅସାରତା—ଅତଏବ ଧନ ଅନ୍ୱେଷଣ କରିବା ଏବଂ ସେହି ନଶ୍ୱର ପଦାର୍ଥରେ ବିଶ୍ୱାସ ସ୍ଥାପନ କରିବା ।

ଅସାରତା—ଅତଏବ ମାନ ଅନ୍ୱେଷଣ କରିବା ଓ ଉଚ୍ଚ ପଦଲାଭର ଚେଷ୍ଟା କରିବା ।

ଅସାରତା—ଅତଏବ ଶାରୀରିକ ବାସନାର ଅନୁବର୍ତ୍ତୀ ହେବା ଏବଂ ଯାହା ଅନ୍ତେ ଅତି କଠିନ ଦଣ୍ଡଭୋଗ କରାଇବ, ତାହା ପାଇଁ ବ୍ୟାକୁଳ ହେବା ।

ଅସାରତା—ଅତଏବ ଜୀବନର ସଦ୍‌ବ୍ୟବହାର ପାଇଁ ଚେଷ୍ଟା ନ କରି ଦୀର୍ଘ-ଜୀବନ-ଲାଭ ପାଇଁ ଇଚ୍ଛା କରିବା ।

ଅସାରତା—ଅତଏବ ପରକାଳର ସମ୍ବଳ ପାଇଁ ଚେଷ୍ଟା ନ କରି କେବଳ ଇହଜୀବନ ବିଷୟ ଚିନ୍ତା କରିବା ।

ଅସାରତା—ଅତଏବ ଯେଉଁଠାରେ ଅବିନାଶୀ ଆନନ୍ଦ ବିରାଜମାନ, ଦ୍ରୁତବେଗରେ ସେଠାରେ ଉପସ୍ଥିତ ହେବା ପାଇଁ ଚେଷ୍ଟା ନ କରି ଅତିଶୀଘ୍ର ବିନାଶଶୀଳ ବସ୍ତୁକୁ ଭଲ ପାଇବା ।

୫ । ଉପଦେଷ୍ଟାଙ୍କର ଏ ବାକ୍ୟ ସର୍ବଦା ସ୍ମରଣ କର—"ଚକ୍ଷୁରେ ଦେଖି ତୃପ୍ତ ହୁଏ ନାହିଁ, କର୍ଣ୍ଣରେ ଶ୍ରବଣ କରି ତୃପ୍ତ ହୁଏ ନାହିଁ ।"***

---

କୌଶଳ ମାତ୍ର, ସେହିପ୍ରକାର ପଣ୍ଡିତମାନଙ୍କର ପାଣ୍ଡିତ୍ୟପ୍ରକର୍ଷ କେବଳ ଭୋଗ ନିମିତ୍ତ, ମୁକ୍ତି ନିମିତ୍ତ ନୁହେଁ ।

* କୋରିନ୍‌ଥିୟାନ୍, ୧୩।୨

** ଇକ୍ଲେଜିଆଷ୍ଟିକ୍, ୧।୨—Vanity of vanities, all is vanity &c.

କେ ସନ୍ତି ସନ୍ତୋଽଖିଲବୀତରାଗାଃ । ଅପାସ୍ତମୋହାଃ ଶିବତତ୍ତ୍ୱନିଷ୍ଠାଃ ॥

(ମଣିରତ୍ନମାଳା, ଶଙ୍କରାଚାର୍ଯ୍ୟ)

—ଯେଉଁମାନେ ତାବତ୍ ସାଂସାରିକ ବିଷୟରେ ଆଶାଶୂନ୍ୟ ହୋଇ ଏକମାତ୍ର ଶିବତତ୍ତ୍ୱରେ ନିଷ୍ଠାବାନ୍, ସେହିମାନେ ହିଁ ସାଧୁ ।

*** ଇକ୍ଲେଜିଆଷ୍ଟିକ୍, ୧।୮

ପରିଦୃଶ୍ୟମାନ ପାର୍ଥିବ ପଦାର୍ଥରୁ ମନର ଅନୁରାଗକୁ ଉପରତ କରି ଅଦୃଶ୍ୟ ରାଜ୍ୟରେ ହୃଦୟର ସମୁଦାୟ ଭଲ ପାଇବା ପ୍ରତିଷ୍ଠିତ କରିବାକୁ ବିଶେଷ ଚେଷ୍ଟା କର, ଯେହେତୁ ଇନ୍ଦ୍ରିୟସକଳର ଅନୁଗମନ କଲେ ତୁମର ବୁଦ୍ଧିବୃତ୍ତି କଳଙ୍କିତ ହେବ ଏବଂ ତୁମେ ଈଶ୍ୱରଙ୍କ କୃପା ହରାଇବ ।[୧]

## ଦ୍ୱିତୀୟ ପରିଚ୍ଛେଦ

### ନିଜର ଜ୍ଞାନ ସମ୍ବନ୍ଧରେ ହୀନଭାବ

୧ । ସମସ୍ତେ ହିଁ ସ୍ୱଭାବତଃ ଜ୍ଞାନଲାଭର ଇଚ୍ଛା କରନ୍ତି, କିନ୍ତୁ ଈଶ୍ୱରଙ୍କଠାରେ ଭୟ ନ ଥିଲେ ସେ ଜ୍ଞାନରେ କ'ଣ ଲାଭ ?

ନିଜ ଆତ୍ମାର କଲ୍ୟାଣଚିନ୍ତା ପରିତ୍ୟାଗ କରି ଯେ ନକ୍ଷତ୍ରମଣ୍ଡଳୀଙ୍କ ଗତି-ବିଧି ପର୍ଯ୍ୟାଲୋଚନା କରିବାରେ ବ୍ୟସ୍ତ, ସେହି ଗର୍ବିତ ପଣ୍ଡିତ ଅପେକ୍ଷା ଯେଉଁ ଦୀନ କୃଷକ ବିନୀତଭାବରେ ଈଶ୍ୱରଙ୍କ ସେବା କରେ, ସେ କଅଣ ଶ୍ରେଷ୍ଠ ନୁହେଁ ?

ଯେ ନିଜକୁ ଉତ୍ତମରୂପେ ଜାଣିଛନ୍ତି, ସେ ହିଁ ନିଜ ଚକ୍ଷୁରେ ନିଜେ ଅତି ହୀନ ଏବଂ ସେ ମନୁଷ୍ୟର ପ୍ରଶଂସାରେ ଅଣୁମାତ୍ର ଆନନ୍ଦିତ ହୋଇପାରନ୍ତି ନାହିଁ । ଯଦି ମୁଁ ଜଗତର ସବୁ ବିଷୟ ଜାଣେ, କିନ୍ତୁ ମୋର ନିଃସ୍ୱାର୍ଥ ସହାନୁଭୂତି ନ ଥାଏ, ତା'ହେଲେ ଯେଉଁ ଈଶ୍ୱର ମୋର କର୍ମାନୁସାରେ ମୋର ବିଚାର କରିବେ, ତାଙ୍କ ସମକ୍ଷରେ ମୋର ଜ୍ଞାନ କେଉଁ ଉପକାରରେ ଆସିବ ?

୨ । ଅତ୍ୟନ୍ତ ଜ୍ଞାନ-ଲାଳସା ପରିତ୍ୟାଗ କର, କାରଣ ସେଥିରୁ ଅତ୍ୟନ୍ତ ଚିତ୍ତବିକ୍ଷେପ ଓ ଭ୍ରମ ଆଗମନ କରେ ।

ପଣ୍ଡିତ ହେଲେ ହିଁ ବିଦ୍ୟା ପ୍ରକାଶ କରିବାକୁ ଏବଂ ପ୍ରଜ୍ଞାଶାଳୀ ବୋଲି କଥିତ ହେବାକୁ ବାସନା ହୁଏ ।

ଏ ପ୍ରକାର ଅନେକ ବିଷୟ ଅଛି, ଯେଉଁ ବିଷୟର ଜ୍ଞାନ ଆଧ୍ୟାତ୍ମିକ କୌଣସି ଉପକାରରେ ଆସେ ନାହିଁ ଏବଂ ସେ ଅତି ମୂର୍ଖ, ଯେ—ଯେଉଁସବୁ ବିଷୟ ତାଙ୍କ ପରିତ୍ରାଣରେ ସହାୟତା କରିବ—ତାହା ପରିତ୍ୟାଗ କରି ଏହିସବୁ ବିଷୟରେ ମନ ନିବିଷ୍ଟ କରନ୍ତି ।

ବହୁ ବାକ୍ୟରେ ଆତ୍ମା ତୃପ୍ତ ହୁଏ ନାହିଁ, ପରନ୍ତୁ ସାଧୁଜୀବନ ଅନ୍ତଃକରଣରେ ଶାନ୍ତି ପ୍ରଦାନ କରେ ଏବଂ ପବିତ୍ର ବୁଦ୍ଧି ଈଶ୍ୱରଙ୍କଠାରେ ସମଧିକ ନିର୍ଭରତା ସ୍ଥାପିତ କରେ ।

---

[୧] Strive therefore &c.

ନ ଜାତୁ କାମଃ କାମାନାମୁପଭୋଗେନ ଶାମ୍ୟତି ।
ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ॥—ମହାଭାରତ

—କାମ୍ୟ ବସ୍ତୁର ଉପଭୋଗଦ୍ୱାରା କାମନାର ନିବୃତ୍ତି ହୁଏ ନାହିଁ, ବରଂ ଅଗ୍ନିରେ ଘୃତ ପ୍ରଦାନ ପରି ଅତ୍ୟନ୍ତ ବର୍ଦ୍ଧିତ ହୁଏ ।

୩ । ତୁମର ଜ୍ଞାନ ଓ ଧାରଣାଶକ୍ତି ଯେଉଁ ପରିମାଣରେ ଅଧିକ, ତୁମର ସେତେ କଠିନ ବିଚାର ହେବ, ଯଦି ସମଧିକ ଜ୍ଞାନର ଫଳସ୍ୱରୂପ ତୁମର ଜୀବନ ମଧ୍ୟ ସମଧିକ ପବିତ୍ର ନ ହୁଏ ।

ଅତଏବ ତୁମର ଦକ୍ଷତା ଏବଂ ବିଦ୍ୟା ନିମନ୍ତେ ବହୁଜନପ୍ରଶଂସିତ ହେବା ପାଇଁ ଇଚ୍ଛା କର ନାହିଁ; ବରଂ ଯେ ଜ୍ଞାନ ତୁମକୁ ପ୍ରଦତ୍ତ ହୋଇଛି, ତାହାକୁ ଭୟର କାରଣ ବୋଲି ଜାଣ ।

ଯଦି ଏପ୍ରକାର ଚିନ୍ତା ଆସେ ଯେ, ତୁମେ ବହୁ ବିଷୟ ଜାଣ ଏବଂ ଭଲରୂପେ ବୁଝ, ସ୍ମରଣ ରଖ, ଯେଉଁସବୁ ବିଷୟ ତୁମେ ଜାଣ ନାହିଁ, ସେସବୁ ସଂଖ୍ୟାରେ ଅନେକ ଅଧିକ ।

ଜ୍ଞାନଗର୍ବରେ ସ୍ଫୀତ ହୁଅ ନାହିଁ, ବରଂ ଆପଣାର ଅଜ୍ଞତା ସ୍ୱୀକାର କର । ତୁମ ଅପେକ୍ଷା କେତେ ପଣ୍ଡିତ ରହିଛନ୍ତି, ଈଶ୍ୱରାଦିଷ୍ଟ ଶାସ୍ତ୍ରଜ୍ଞାନରେ ତୁମ ଅପେକ୍ଷା କେତେ ଅଭିଜ୍ଞ ଲୋକ ରହିଛନ୍ତି । ଏହା ଦେଖି ମଧ୍ୟ ତୁମେ କାହିଁକି ଅପରର ପୂର୍ବସ୍ଥାନ ଅଧିକାର କରିବାକୁ ଚାହଁ ?

ଯଦି ନିଜ କଲ୍ୟାଣପ୍ରଦ କୌଣସି ବିଷୟ ଜାଣିବାକୁ ବା ଶିଖିବାକୁ ଚାହଁ, ଜଗତ ନିକଟରେ ଅପରିଚିତ ଏବଂ ଅକିଞ୍ଚିତ୍କର ରହିବାକୁ ଭଲପାଅ ।

୪ । ନିଜକୁ ନିଜେ ଯଥାର୍ଥରୂପରେ ଜାଣିବା ଅର୍ଥାତ୍ ନିଜକୁ ଅତି ହୀନ ମନେ କରିବା ସର୍ବାପେକ୍ଷା ମୂଲ୍ୟବାନ୍ ଏବଂ ଉତ୍କୃଷ୍ଟ ଶିକ୍ଷା । ନିଜକୁ ନୀଚ ମନେ କରିବା ଏବଂ ଅପରକୁ ସର୍ବଦା ଶ୍ରେଷ୍ଠ ମନେ କରିବା ଏବଂ ତାଙ୍କର ମଙ୍ଗଳକାମନା କରିବା ହିଁ ଶ୍ରେଷ୍ଠ ଜ୍ଞାନ ଏବଂ ସମ୍ପୂର୍ଣ୍ଣତାର ଚିହ୍ନ ।

ଯଦି ଦେଖ, କେହି ପ୍ରକାଶ୍ୟରୂପେ ପାପ କରୁଛି ଅଥବା କେହି କୌଣସି ଅପରାଧ କରୁଛି, ତଥାପି ନିଜକୁ ଉତ୍କୃଷ୍ଟ ବୋଲି ଭାବ ନାହିଁ ।

ଆମମାନଙ୍କର ସମସ୍ତଙ୍କର ହିଁ ପତନ ହୋଇପାରେ; ତଥାପି ତୁମର ଦୃଢ଼ ଧାରଣା ରହିବା ଉଚିତ ଯେ, ତୁମ ଅପେକ୍ଷା ଅଧିକ ଦୁର୍ବଳ କେହି ମଧ୍ୟ ନାହିଁ ।

## ତୃତୀୟ ପରିଚ୍ଛେଦ

### ସତ୍ୟର ଶିକ୍ଷା

୧ । ସାଙ୍କେତିକ ଚିହ୍ନ ଏବଂ ନଶ୍ୱର ଶବ୍ଦ ପରିତ୍ୟାଗ କରି ସତ୍ୟ ସ୍ୱୟଂ ଓ ସ୍ୱ-ସ୍ୱରୂପରେ ଯାହାକୁ ଶିକ୍ଷା ଦିଏ, ସେହି ମନୁଷ୍ୟ ହିଁ ସୁଖୀ ।

ଆମମାନଙ୍କର ମନ ଇନ୍ଦ୍ରିୟସକଳ ପ୍ରାୟଶଃ ଆମମାନଙ୍କୁ ପ୍ରତାରିତ କରନ୍ତି; କାରଣ ବସ୍ତୁର ପ୍ରକୃତ ତତ୍ତ୍ୱରେ ଆମମାନଙ୍କ ଦୃଷ୍ଟିର ଗତି ଅତି ଅଳ୍ପ ।

ଗୁପ୍ତ ଓ ଗୂଢ଼ ବିଷୟସବୁ କ୍ରମାଗତ ଅନୁସନ୍ଧାନ କରି ଲାଭ କ'ଣ ? ତାହା ନ ଜାଣିବା ଯୋଗୁଁ ଶେଷ ବିଚାରଦିନରେ* ଆମେମାନେ ନିନ୍ଦିତ ହେବୁ ନାହିଁ ।

---

* ଖ୍ରୀଷ୍ଟୀୟ ମତରେ ମହାପ୍ରଳୟ ଦିନ ଈଶ୍ୱର ସମସ୍ତଙ୍କର ବିଚାର କରିବେ ଏବଂ ପାପ ଅଥବା ପୁଣ୍ୟାନୁସାରେ ନରକ ଅଥବା ସ୍ୱର୍ଗ ପ୍ରଦାନ କରିବେ ।

ଉପକାରକ ଓ ଆବଶ୍ୟକ ବସ୍ତୁ ପରିତ୍ୟାଗ କରି ସ୍ୱ-ଇଚ୍ଛାରେ ଯାହା କେବଳ କୌତୂହଳ ଉଦ୍ଦୀପିତ କରେ ଏବଂ ଅପକାରକ ଏ ପ୍ରକାର ବିଷୟର ଅନୁସନ୍ଧାନ କରିବା ଅତି ନିର୍ବୋଧର କାର୍ଯ୍ୟ; ଚକ୍ଷୁ ଥାଇ ମଧ୍ୟ ଆମେମାନେ ଦେଖୁ ନାହୁଁ ।

୨ । ନ୍ୟାୟଶାସ୍ତ୍ରୀୟ ପଦାର୍ଥ-ବିଚାରରେ ଆମେମାନେ କାହିଁକି ବ୍ୟାପୃତ ରହୁ ? ସେହି ବନ୍ଧୁ ସନ୍ଦେହପୂର୍ଣ୍ଣ ତର୍କରୁ ମୁକ୍ତ ହୁଅନ୍ତି, ସନାତନ[1] ବାଣୀ ଯାହାଙ୍କୁ ଉପଦେଶ ଦିଅନ୍ତି ।

ସେହି ଅଦ୍ୱିତୀୟ ବାଣୀରୁ ସକଳ ପଦାର୍ଥ ବିନିଃସୃତ ହୋଇଛି, ସକଳ ପଦାର୍ଥ ତାଙ୍କୁ ହିଁ ନିର୍ଦ୍ଦେଶ କରୁଛି, ସେ ହିଁ ଆଦି, ସେ ହିଁ ଆମମାନଙ୍କୁ ଉପଦେଶ ଦିଅନ୍ତି ।

ତାଙ୍କୁ ଛାଡ଼ି କେହି କିଛି ବୁଝିପାରନ୍ତି ନାହିଁ ଅଥବା କୌଣସି ବିଷୟରେ ଯଥାର୍ଥ ବିଚାର କରିପାରନ୍ତି ନାହିଁ ।

ସେ ହିଁ ଅଚଳଭାବରେ ପ୍ରତିଷ୍ଠିତ—ସେ ହିଁ ଈଶ୍ୱରଙ୍କଠାରେ ସୁସ୍ଥିତ, ଯାହାଙ୍କର ଉଦ୍ଦେଶ୍ୟ ଏକମାତ୍ର, ଯେ ସକଳ ପଦାର୍ଥ ଏକ ଅଦ୍ୱିତୀୟ କାରଣରେ ନିର୍ଦ୍ଦେଶ କରନ୍ତି ଏବଂ ଯେ ଏକ ଜ୍ୟୋତିଃରେ ସମସ୍ତ ପଦାର୍ଥ ଦର୍ଶନ କରନ୍ତି ।

ହେ ଈଶ୍ୱର, ହେ ସତ୍ୟ, ଅନନ୍ତପ୍ରେମରେ ମୋତେ ତୁମ ସହିତ ଏକୀଭୂତ କରିନିଅ ।

ବହୁ ବିଷୟ ପାଠ ଏବଂ ଶ୍ରବଣ କରି ମୁଁ ଅତି କ୍ଳାନ୍ତ ହୋଇପଡ଼େ; ମୋର ସକଳ ଅଭାବ, ସକଳ ବାସନା ତୁମଠାରେ ହିଁ ନିହିତ । ଆଚାର୍ଯ୍ୟସବୁ ନିର୍ବାକ୍ ହୁଅନ୍ତୁ, ଜଗତ ତୁମ ସମକ୍ଷରେ ସ୍ତବ୍ଧ ହେଉ; ପ୍ରଭୋ, କେବଳ ତୁମେ ମୋ ସହିତ କଥା କୁହ ।

୩ । ମନୁଷ୍ୟର ମନ ଯେତେ ସଂଯତ ଏବଂ ଅନ୍ତଃପ୍ରଦେଶ ସରଳ ହୁଏ, ସେତେ ହିଁ ସେ ଗଭୀର ବିଷୟସକଳରେ ଅତି ସହଜରେ ପ୍ରବେଶ କରିପାରେ; କାରଣ ତାହାର ମନ ଆଲୋକ ପାଏ ।

ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ମାହାତ୍ମ୍ୟ ପ୍ରକାଶ ପାଇଁ ସମସ୍ତ କାର୍ଯ୍ୟ କରନ୍ତି, ନିଜ ସମ୍ବନ୍ଧରେ କାର୍ଯ୍ୟହୀନ ରହନ୍ତି ଏବଂ ସମସ୍ତ ପ୍ରକାର ସ୍ୱାର୍ଥଶୂନ୍ୟ ହୁଅନ୍ତି, ସେହିପ୍ରକାର ପବିତ୍ର, ସରଳ ଓ ଅଟଳ ବ୍ୟକ୍ତି ବହୁ କାର୍ଯ୍ୟ କରିବାକୁ ହେଲେ ମଧ୍ୟ ଆକୁଳ ହୋଇପଡ଼ନ୍ତି ନାହିଁ । ହୃଦୟର ଅନିୟନ୍ତ୍ରିତ ଆସକ୍ତି ଅପେକ୍ଷା କେଉଁ ପଦାର୍ଥ ତୁମକୁ ଅଧିକତର ବିରକ୍ତ କରେ ବା ବାଧା ଦିଏ ?

ଈଶ୍ୱରାନୁରାଗୀ ସାଧୁ ବ୍ୟକ୍ତି ଆଗେ ନିଜ ମନରେ ଯେଉଁସବୁ ତାହାର କର୍ତ୍ତବ୍ୟ କରିବାକୁ ହେବ, ତାହା ନିର୍ଦ୍ଦିଷ୍ଟ କରି ନିଅନ୍ତି, ସେହିସବୁ କାର୍ଯ୍ୟ କରିବାରେ ସେ କଦାପି ବିକୃତ ଅସତ୍ପ୍ରଜନିତ ଇଚ୍ଛାଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ; ପରନ୍ତୁ ସମ୍ୟକ୍-ବିଚାରଦ୍ୱାରା ନିଜର କାର୍ଯ୍ୟସକଳକୁ ନିୟମିତ କରନ୍ତି ।

ଆତ୍ମଜୟ ପାଇଁ ଯେ ଚେଷ୍ଟା କରୁଛନ୍ତି, ତଦପେକ୍ଷା କଠିନତର ସଂଗ୍ରାମ କିଏ କରେ ? ନିଜକୁ ନିଜେ ଜୟ କରିବା, ଦିନକୁ ଦିନ ନିଜ ଉପରେ ଆଧିପତ୍ୟ ବିସ୍ତାର କରିବା

---

[1] ଏ ବାଣୀ ଅନେକ ପରିମାଣରେ ବୈଦାନ୍ତିକମାନଙ୍କ 'ମାୟା' ପରି । ସେ ହିଁ ଈଶାରୂପରେ ଅବତାର ହୁଅନ୍ତି ।

ଏବଂ ଧର୍ମରେ ବଦ୍ଧିତ ହେବା—ଏହା ହିଁ ଆମମାନଙ୍କର ଏକମାତ୍ର କର୍ତ୍ତବ୍ୟ।

୪। ଏ ଜଗତରେ ସକଳ ପୂର୍ଣ୍ଣତା ମଧ୍ୟରେ ଅପୂର୍ଣ୍ଣତା ରହିଛି ଏବଂ ଆମମାନଙ୍କର କୌଣସି ତତ୍ତ୍ୱାନୁସନ୍ଧାନ ହିଁ ସମ୍ପୂର୍ଣ୍ଣ ସନ୍ଦେହରହିତ ହୁଏ ନାହିଁ।

ଗମ୍ଭୀର ବୈଜ୍ଞାନିକ ତତ୍ତ୍ୱାନୁସନ୍ଧାନ ଅପେକ୍ଷା ନିଜକୁ ଅକିଞ୍ଚନକର ବୋଲି ଜ୍ଞାନ କରିବା ଈଶ୍ୱରପ୍ରାପ୍ତିର ନିଶ୍ଚିତ ପଥ।

କିନ୍ତୁ ବିଦ୍ୟା ଗୁଣମାତ୍ର ବୋଲି ଅଥବା କୌଣସି ବିଷୟରେ ଜ୍ଞାନଦାୟକ ବୋଲି ବିବେଚିତ ହେଲେ ନିନ୍ଦିତ ନୁହେଁ; କାରଣ ତାହା କଲ୍ୟାଣପ୍ରଦ ଓ ଈଶ୍ୱରାଦିଷ୍ଟ।

କିନ୍ତୁ ଏହା ହିଁ କୁହାଯାଉଛି ଯେ, ସଦ୍‌ବୁଦ୍ଧି ଏବଂ ସାଧୁ-ଜୀବନ ବିଦ୍ୟା ଅପେକ୍ଷା ପ୍ରାର୍ଥନୀୟ।

ଅନେକେ ହିଁ ସାଧୁ ହେବା ଅପେକ୍ଷା ବିଦ୍ୱାନ୍ ହେବାକୁ ଅଧିକ ଯତ୍ନ କରନ୍ତି; ତାହାର ଫଳ ଏହା ହିଁ ହୁଏ ଯେ, ଅନେକ ସମୟରେ ସେମାନେ କୁପଥରେ ବିଚରଣ କରନ୍ତି ଏବଂ ସେମାନଙ୍କର ପରିଶ୍ରମ ଅତ୍ୟଳ୍ପ ଫଳ ଉତ୍ପାଦନ କରେ ଅଥବା ନିଷ୍ଫଳ ହୁଏ।

୫। ଅହୋ ! ସନ୍ଦେହ ଉତ୍ଥାପିତ କରିବା ପାଇଁ ମନୁଷ୍ୟ ଯେ ପ୍ରକାର ଯତ୍ନଶୀଳ, ପାପ ଉନ୍ମୂଳିତ କରିବା ପାଇଁ ଓ ପୁଣ୍ୟ ରୋପଣ କରିବା ପାଇଁ ଯଦି ସେହି ପ୍ରକାର ହୋଇଥାନ୍ତେ, ତାହାହେଲେ ପୃଥିବୀରେ ଏବଂପ୍ରକାର ଅମଙ୍ଗଳ ଓ ପାପକାର୍ଯ୍ୟର ବିବରଣ ନଥାନ୍ତା ଏବଂ ଧାର୍ମିକମାନଙ୍କ ମଧ୍ୟରେ ଏତାଦୃଶୀ ଉଚ୍ଛୃଙ୍ଖଳତା ନ ଥାନ୍ତା।

ନିଶ୍ଚିତ ଶେଷ ବିଚାର ଦିନରେ 'କଅଣ ପଢ଼ିଛ' ତାହା ପଚରା ହେବ ନାହିଁ, 'କଅଣ କରିଛ', ତାହା ହିଁ ପଚରା ହେବ। କିପରି ପଟୁତାସହକାରେ ବାକ୍ୟବିନ୍ୟାସ କରିଛ, ତାହା ପଚରା ହେବ ନାହିଁ, ଧର୍ମରେ କେତେଦୂର ଜୀବନ କଟାଇଛ, ତାହା ହିଁ ତୁମକୁ ପ୍ରଶ୍ନ କରାଯିବ।

ଯେଉଁମାନଙ୍କ ସହିତ ଜୀବଦ୍ଦଶାରେ ତୁମେ ଉତ୍ତମରୂପେ ପରିଚିତ ଥିଲ ଏବଂ ଯେଉଁମାନେ ନିଜ ନିଜ ବ୍ୟବସାୟରେ ବିଶେଷ ପ୍ରତିପତ୍ତି ଲାଭ କରିଥିଲେ, ସେହିସବୁ ପଣ୍ଡିତ ଏବଂ ଅଧ୍ୟାପକମାନେ କେଉଁଠି, କହିପାରିବ ?

ଅନ୍ୟମାନେ ସେମାନଙ୍କ ସ୍ଥାନ ଅଧିକାର କରୁଛନ୍ତି ଏବଂ ନିଶ୍ଚିତ କହିପାରେ, ସେମାନେ ସେମାନଙ୍କ ବିଷୟ ଥରେ ମଧ୍ୟ ଚିନ୍ତା କରନ୍ତି ନାହିଁ !

ଜୀବଦ୍ଦଶାରେ ସେମାନେ ସାରବାନ୍ ବୋଲି ବିବେଚିତ ହେଉଥିଲେ, ଏକ୍ଷଣି କେହି ସେମାନଙ୍କ କଥା ମଧ୍ୟ କହନ୍ତି ନାହିଁ।

ଅହୋ ! ସାଂସାରିକ ଗରିମା କି ଶୀଘ୍ର ଚାଲିଯାଏ ! ଅହା, ସେମାନଙ୍କ ଜୀବନ ଯଦି ସେମାନଙ୍କ ଜ୍ଞାନ ସଦୃଶ ହୋଇଥାନ୍ତା, ତାହାହେଲେ ବୁଝନ୍ତି ଯେ, ସେମାନଙ୍କର ପାଠ ଏବଂ ଚିନ୍ତା, କାର୍ଯ୍ୟକାରୀ ହୋଇଅଛି।

ଈଶ୍ୱରଙ୍କ ସେବାରେ କୌଣସି ଯତ୍ନ ନ କରି ବିଦ୍ୟାମଦରେ ଏ ସଂସାରରେ କେତେ ଲୋକ ବିନଷ୍ଟ ହୋଇଥାନ୍ତି।

ଜଗତରେ ସେମାନେ ହୀନସ୍ଥନ ହେବାକୁ ଚାହାଁନ୍ତି ନାହିଁ; ସେମାନେ ମହତ୍ ବୋଲି ପରିଚିତ ହେବାକୁ ଚାହାଁନ୍ତି; ସେଥିପାଇଁ ହିଁ ଆପଣାର କଳ୍ପନା-ଚକ୍ଷୁରେ ନିଜେ ଅତି ଗର୍ବିତ ହୁଅନ୍ତି ।

ସେ ବାସ୍ତବିକ୍ ମହାନ୍, ଯାହାଙ୍କର ନିଃସ୍ୱାର୍ଥ ସହାନୁଭୂତି ଅଛି ।

ସେ ହିଁ ବାସ୍ତବିକ୍ ମହାନ୍, ଯେ ନିଜ ଚକ୍ଷୁରେ ନିଜେ ଅତି କ୍ଷୁଦ୍ର ଏବଂ ଉଚ୍ଚପଦଲାଭରୂପ ସମ୍ମାନକୁ ଅତି ତୁଚ୍ଛବୋଧ କରନ୍ତି ।

ସେପାଇଁ ହିଁ ଯଥାର୍ଥ ଜ୍ଞାନୀ, ଯେ ଖ୍ରୀଷ୍ଟଙ୍କୁ ପାଇବା ପାଇଁ ସମସ୍ତ ପାର୍ଥିବ ପଦାର୍ଥକୁ ବିଷ୍ଠାପରି ଜ୍ଞାନ କରନ୍ତି ।

ସେ ହିଁ ଯଥାର୍ଥ ପଣ୍ଡିତ, ଯେ ଈଶ୍ୱରଙ୍କ ଇଚ୍ଛାରେ ପରିଚାଳିତ ହୁଅନ୍ତି ଏବଂ ନିଜର ଇଚ୍ଛାକୁ ପରିତ୍ୟାଗ କରନ୍ତି ।

## ଚତୁର୍ଥ ପରିଚ୍ଛେଦ

### କାର୍ଯ୍ୟରେ ବୁଦ୍ଧିମତ୍ତା

୧ । ପ୍ରତ୍ୟେକ ପ୍ରବାଦ ଅଥବା ମନୋବେଗଜନିତ ଇଚ୍ଛାକୁ ବିଶ୍ୱାସ କରିବା ଆମମାନଙ୍କର କଦାପି ଉଚିତ ନୁହେଁ, ପରନ୍ତୁ ସତର୍କତା ଏବଂ ଧୈର୍ଯ୍ୟସହକାରେ ଉକ୍ତ ବିଷୟର ଈଶ୍ୱରଙ୍କ ସହିତ ସମ୍ବନ୍ଧ ବିଚାର କରିବ ଉଚିତ ।

ଆହା, ଆମେମାନେ ଏପରି ଦୁର୍ବଳ ଯେ, ଆମେମାନେ ପ୍ରାୟ ଅତି ସହଜରେ ଅନ୍ୟର ସୁଖ୍ୟାତି ଅପେକ୍ଷା ନିନ୍ଦାକୁ ବିଶ୍ୱାସ କରୁଁ ଏବଂ ରଟନା କରୁଁ ।

ଯେଉଁମାନେ ପବିତ୍ରତାରେ ଉନ୍ନତ, ସେମାନେ ସହସା ସକଳ ମନ୍ଦ ପ୍ରବାଦରେ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ; କାରଣ ସେମାନେ ଜାଣନ୍ତି ଯେ ମନୁଷ୍ୟର ଦୁର୍ବଳତା ମନୁଷ୍ୟକୁ ଅପରର ମନ୍ଦ ରଟନା କରିବା ପାଇଁ ଏବଂ ମିଥ୍ୟା କଥା କହିବାକୁ ଅତ୍ୟନ୍ତ ପ୍ରବଣ କରେ ।

୨ । ଯେ କାର୍ଯ୍ୟରେ ହଠକାରୀ ନୁହନ୍ତି ଏବଂ ହବିଶେଷ ବିପରୀତ ପ୍ରମାଣ ସତ୍ତ୍ୱେ ନିଜ ମତରେ ଦୃଢ଼ଭାବରେ ଅବସ୍ଥାନ କରିବା ଯାହାଙ୍କର ନାହିଁ, ଯେ ଯାହା ଶୁଣନ୍ତି ତାହା ବିଶ୍ୱାସ କରନ୍ତି ନାହିଁ ଏବଂ ଶୁଣିଲେ ମଧ୍ୟ ତାହା ତତ୍କ୍ଷଣାତ୍ ରଟନା କରନ୍ତି ନାହିଁ, ସେ ଅତି ବୁଦ୍ଧିମାନ୍ ।

୩ । ବୁଦ୍ଧିମାନ୍ ଓ ସଦ୍ବିବେଚକ ଲୋକମାନଙ୍କଠାରୁ ଉପଦେଶ ଅନ୍ୱେଷଣ କରିବ ଏବଂ ନିଜ ବୁଦ୍ଧିର ଅନୁସରଣ ନ କରି ତୁମ ଅପେକ୍ଷା ଯେଉଁମାନେ ଅଧିକ ଜାଣନ୍ତି, ସେମାନଙ୍କଦ୍ୱାରା ଉପଦିଷ୍ଟ ହେବାକୁ ଉତ୍ତମ ବିବେଚନା କରିବ ।

ସାଧୁ-ଜୀବନ ମନୁଷ୍ୟକୁ ଈଶ୍ୱରଙ୍କ ଗଣନାରେ ବୁଦ୍ଧିମାନ୍ କରେ ଏବଂ ଏହିପରି ବ୍ୟକ୍ତି ଯଥାର୍ଥ ବହୁ ଦର୍ଶନଲାଭ କରନ୍ତି । ଯେ ନିଜକୁ ନିଜେ ଯେତେ ଅକିଞ୍ଚିତ୍କର ବୋଲି ଜାଣନ୍ତି ଏବଂ ଯେତେ ପରିମାଣରେ ଈଶ୍ୱରଙ୍କ ଇଚ୍ଛାର ଅଧୀନ, ସେ ସର୍ବଦା ସେତେ ପରିମାଣରେ ବୁଦ୍ଧିମାନ୍ ଏବଂ ଶାନ୍ତିପୂର୍ଣ୍ଣ ହେବେ ।

## ପଞ୍ଚମ ପରିଚ୍ଛେଦ

### ଶାସ୍ତ୍ରପାଠ

୧ । ସତ୍ୟର ଅନୁସନ୍ଧାନ ଶାସ୍ତ୍ରରେ କରିବାକୁ ହେବ; ବାକ୍‌ଚାତୁର୍ଯ୍ୟରେ ନୁହେଁ । ଯେଉଁ ପରମାତ୍ମାଙ୍କ ପ୍ରେରଣାରେ ବାଇବେଲ ଲିଖିତ ହୋଇଛି, ତାଙ୍କର ସାହାଯ୍ୟରେ ବାଇବେଲ ସର୍ବଦା ପଢ଼ିବା ଉଚିତ ।[୧]

ଶାସ୍ତ୍ରପାଠକାଳରେ କୂଟତର୍କ ପରିତ୍ୟାଗ କରି ଆମମାନଙ୍କର କଲ୍ୟାଣ ମାତ୍ର ଅନୁସନ୍ଧାନ କରିବା କର୍ତ୍ତବ୍ୟ ।

ଯେଉଁସବୁ ପୁସ୍ତକରେ ପାଣ୍ଡିତ୍ୟସହକାରେ ଏବଂ ଗମ୍ଭୀରଭାବରେ ପ୍ରସ୍ତାବିତ ବିଷୟ ଲିଖିତ ଅଛି, ତାହା ପଢ଼ିବାକୁ ଆମର ଯେ ପ୍ରକାର ଆଗ୍ରହ, ଅତି ସରଳଭାବରେ ଲିଖିତ ଯେ କୌଣସି ଭକ୍ତିଗ୍ରନ୍ଥରେ ସେହିପ୍ରକାର ଆଗ୍ରହ ରହିବା ଉଚିତ ।

ଗ୍ରନ୍ଥକାରର ପ୍ରସିଦ୍ଧି ଅଥବା ଅପ୍ରସିଦ୍ଧି ଯେପରି ତୁମ ମନକୁ ବିଚଳିତ ନ କରେ । କେବଳ ସତ୍ୟ ପ୍ରତି ତୁମର ଭଲ ପାଇବାଦ୍ୱାରା ପରିଚାଳିତ ହୋଇ ତୁମେ ପାଠ କର ।

କିଏ ଲେଖିଛି, ସେ ତତ୍ତ୍ୱ ନ ନେଇ 'କଅଣ ଲେଖିଛି', ତାହା ହିଁ ଯତ୍ନପୂର୍ବକ ବିଚାର କରିବା ଉଚିତ ।

୨ । ମନୁଷ୍ୟ ଚାଲିଯାଏ, କିନ୍ତୁ ଈଶ୍ୱରଙ୍କ ସତ୍ୟ ଚିରକାଳ ଥାଏ ।

ନାନାରୂପରେ ଈଶ୍ୱର ଆମମାନଙ୍କୁ କହୁଛନ୍ତି, ତାଙ୍କ ନିକଟରେ ବ୍ୟକ୍ତିବିଶେଷର ଆଦର ନାହିଁ ।

ଅନେକ ସମୟରେ ଶାସ୍ତ୍ର ପଢ଼ୁ ପଢ଼ୁ ଯେଉଁସବୁ କଥା ଆମର କେବଳ ଦେଖିଯିବା ଉଚିତ, ସେହିସବୁ କଥାର ମର୍ମଭେଦ ଓ ଆଲୋଚନା କରିବା ପାଇଁ ଆମେମାନେ ବ୍ୟଗ୍ର ହୋଇପଡ଼ୁ । ଏହିଭାବରେ ଆମମାନଙ୍କର କୌତୂହଳ ଆମମାନଙ୍କୁ ଅନେକ ସମୟରେ ବାଧା ଦିଏ ।

ଯଦି ଉପକାର ବାଞ୍ଛା କର, ନମ୍ରତା ସରଳତା ଓ ବିଶ୍ୱାସ ସହିତ ପାଠ କର ଏବଂ କେବେହେଲେ ପଣ୍ଡିତ ବୋଲି ପରିଚିତ ହେବାର ବାସନା ରଖ ନାହିଁ ।

---

୧ 'ନୈଷା ତର୍କେଣ ମତିରାପନେୟା'—ତର୍କଦ୍ୱାରା ଭଗବତ୍‌-ସମ୍ବନ୍ଧୀୟ ଜ୍ଞାନ ଲାଭ କରାଯାଏ ନାହିଁ ।—କଠୋପନିଷଦ୍‌, ୧।୨।୯

୨ 'ଆଦଦୀତ ଶୁଭାଂ ବିଦ୍ୟାଂ ପ୍ରଯତ୍ନାଦବରାଦପି ।'—ନୀଚ ନିକଟରୁ ଯତ୍ନପୂର୍ବକ ଉତ୍ତମ ବିଦ୍ୟା ଗ୍ରହଣ କରିବ ।—ମନୁ

## ଷଷ୍ଠ ପରିଚ୍ଛେଦ

### ଅତ୍ୟନ୍ତ ଆସକ୍ତି

୧। ଯେତେବେଳେ କୌଣସି ମନୁଷ୍ୟ କୌଣସି ବସ୍ତୁ ପାଇଁ ଅତ୍ୟନ୍ତ ବ୍ୟଗ୍ର ହୁଏ, ସେତେବେଳେ ହିଁ ତାଙ୍କର ଆଭ୍ୟନ୍ତରୀଣ ଶାନ୍ତି ନଷ୍ଟ ହୁଏ।[୧]

ଅଭିମାନୀ ଏବଂ ଲୋଭୀ କେବେହେଁ ଶାନ୍ତି ପାଆନ୍ତି ନାହିଁ; କିନ୍ତୁ ଅକିଞ୍ଚନ ଏବଂ ବିନୀତ ଲୋକମାନେ ସଦା ଶାନ୍ତିରେ ଜୀବନ ଅତିବାହିତ କରନ୍ତି । ଯେଉଁ ମନୁଷ୍ୟ ସ୍ୱାର୍ଥ ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ମୁକ୍ତ ହୋଇ ନାହିଁ, ସେ ଶୀଘ୍ର ହିଁ ପ୍ରଲୋଭିତ ହୁଏ ଏବଂ ଅତି ସାମାନ୍ୟ ଓ ଅକିଞ୍ଚିତ୍କର ବିଷୟସକଳ ତାଙ୍କୁ ପରାଭୂତ କରେ।[୨]

ଯାହାଙ୍କ ଆତ୍ମା ଦୁର୍ବଳ ଓ ବର୍ତ୍ତମାନ ସୁଦ୍ଧା କିୟତ୍‌ପରିମାଣରେ ଇନ୍ଦ୍ରିୟବଶ ଏବଂ ଯେଉଁସବୁ ପଦାର୍ଥ କାଳରେ ଉତ୍ପନ୍ନ ଓ ଧ୍ୱଂସପ୍ରାପ୍ତ ହୁଏ ଏବଂ ଇନ୍ଦ୍ରିୟଦ୍ୱାରା ଅନୁଭବ ଉପରେ ଯେଉଁମାନଙ୍କର ସତ୍ତା ବିଦ୍ୟମାନ, ସେହିସବୁ ବିଷୟରେ ଆସକ୍ତିସମ୍ପନ୍ନ ପାର୍ଥିବ ବାସନାରୁ ନିଜକୁ ବିଚ୍ଛିନ୍ନ କରିବା ତାହା ପକ୍ଷରେ ଅତ୍ୟନ୍ତ ଦୁରୂହ । ସେଥିପାଇଁ ହିଁ ଯେତେବେଳେ ସେ ଅନିତ୍ୟ ପଦାର୍ଥସକଳ କୌଣସିରୂପେ ପରିତ୍ୟାଗ କରେ, ସେତେବେଳେ ମଧ୍ୟ ସର୍ବଦା ତାହାର ମନ ବିମର୍ଷ ଥାଏ ଏବଂ କେହି ତାହାକୁ ବାଧା ଦେଲେ ସହଜରେ ସେ କ୍ରୁଦ୍ଧ ହୁଏ ।

ତା'ହା ଉପରେ ଯଦି ସେ କାମନାର ଅନୁଗମନ କରିଥାଏ, ତାହାହେଲେ ତା'ର ମନ ପାପଙ୍କର ଅନୁଭବ କରେ; କାରଣ ଯେ, ଶାନ୍ତି ସେ ଅନୁସନ୍ଧାନ କରୁଥିଲା, ଇନ୍ଦ୍ରିୟଦ୍ୱାରା ପରାଭୂତ ହୋଇ ସେ ଦିଗକୁ ଆଉ ଅଗ୍ରସର ହୋଇପାରିଲା ନାହିଁ ।

---

୧ ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥—ଗୀତା, ୨।୬୭

—ସଞ୍ଚରମାଣ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଯାହାର ପଶ୍ଚାତ୍‌ଗମନ କରେ ତାହା—ବାୟୁ ଜଳରେ ଯେଉଁଭଳି ନୌକାକୁ ମଗ୍ନ କରେ, ତଦ୍ରୂପ ତାହାର ପ୍ରଜ୍ଞା ବିନାଶ କରେ ।

୨ ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥
କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥—ଗୀତା, ୨।୬୨-୬୩

—ବାହ୍ୟ ବସ୍ତୁର ଚିନ୍ତା କଲେ ସେମାନଙ୍କ ସଙ୍ଗ ଉପସ୍ଥିତ ହୁଏ । ସେଥିରୁ ବାସନା ଏବଂ ଅତୃପ୍ତ ବାସନାରୁ କ୍ରୋଧ ଉପସ୍ଥିତ ହୁଏ । କ୍ରୋଧରୁ ମୋହ ଏବଂ ମୋହରୁ ସ୍ମୃତି ଧ୍ୱଂସ ହୁଏ । ସ୍ମୃତିଧ୍ୱଂସ ହେଲେ ନିତ୍ୟାନିତ୍ୟ-ବିବେକ ନଷ୍ଟ ହୁଏ ଏବଂ ତାହାଦ୍ୱାରା ସମ୍ପୂର୍ଣ୍ଣ ପତନ ଉପସ୍ଥିତ ହୁଏ ।

ଅତଏବ, ମନର ଯଥାର୍ଥ ଶାନ୍ତି ଇନ୍ଦ୍ରିୟ-ଜୟଦ୍ୱାରା ହିଁ ହୁଏ, ଇନ୍ଦ୍ରିୟର ଅନୁଗମନ କଲେ ହୁଏ ନାହିଁ । ଅତଏବ ଯେଉଁ ବ୍ୟକ୍ତି ସୁଖାଭିଳାଷୀ, ତାହାର ହୃଦୟରେ ଶାନ୍ତି ନାହିଁ; ଯେଉଁ ବ୍ୟକ୍ତି ଅନିତ୍ୟ ବାହ୍ୟ ବିଷୟର ଅନୁସରଣ କରେ, ତାହାର ମନରେ ଶାନ୍ତି ନାହିଁ; କେବଳ ଯେ ଆତ୍ମାରାମ ଏବଂ ଯାହାଙ୍କ ଅନୁରାଗ ତୀବ୍ର, ସେ ହିଁ ଶାନ୍ତି ଭୋଗ କରନ୍ତି ।[୧]

## ବର୍ତ୍ତମାନ ସମସ୍ୟା

[ ଉଦ୍‌ବୋଧନ ପତ୍ରିକାର ପ୍ରସ୍ତାବନା ]

ଭାରତର ପ୍ରାଚୀନ ଇତିବୃତ୍ତ—ଗୋଟାଏ ଦେବପ୍ରତିମ ଜାତିର ଅଲୌକିକ ଉଦ୍ୟମ, ବିଚିତ୍ର ଚେଷ୍ଟା, ଅସୀମ ଉତ୍ସାହ, ଅପ୍ରତିହତ ଶକ୍ତିସଂଘାତ ଓ ସର୍ବାପେକ୍ଷା ଅତି ଗମ୍ଭୀର ଚିନ୍ତାଶୀଳତାରେ ପରିପୂର୍ଣ୍ଣ । ଇତିହାସ ଅର୍ଥାତ୍ ରାଜା ରାଜୁଡ଼ାଙ୍କ କଥା ଓ ସେମାନଙ୍କର କାମ-କ୍ରୋଧ-ବ୍ୟସନାଦିଦ୍ୱାରା କିୟତ୍‌କାଳ ପରିକ୍ଷୁବ୍ଧ, ସେମାନଙ୍କର ସୁଚେଷ୍ଟା-କୁଚେଷ୍ଟାଦ୍ୱାରା ସାମୟିକ ବିଚଳିତ ସାମାଜିକ ଚିତ୍ର ହୁଏତ ପ୍ରାଚୀନ ଭାରତରେ ଆଦୌ ନ ଥିଲା । କିନ୍ତୁ କ୍ଷୁତ୍-ପିପାସା-କାମ-କ୍ରୋଧାଦିବିତାଡ଼ିତ, ସୌନ୍ଦର୍ଯ୍ୟତୃଷ୍ଣାକୃଷ୍ଟ ଓ ମହାନ୍ ଅପ୍ରତିହତବୁଦ୍ଧି, ନାନାଭାବପରିଚାଳିତ ଗୋଟିଏ ଅତି ବିସ୍ତୀର୍ଣ୍ଣ ଜନସଂଘ, ସଭ୍ୟତାର ଉନ୍ମେଷର ପ୍ରାୟ ପ୍ରାକ୍‌କାଳରୁ ନାନାବିଧ ପଥ ଅବଲମ୍ବନ କରି ଯେଉଁ ସ୍ଥାନରେ ସମୁପସ୍ଥିତ ହୋଇଥିଲେ—ଭାରତର ଧର୍ମ-ଗ୍ରନ୍ଥରାଶି, କାବ୍ୟ-ସମୁଦ୍ର, ଦର୍ଶନସମୂହ ଓ ବିବିଧ-ବୈଜ୍ଞାନିକ ତନ୍ତ୍ରଶ୍ରେଣୀ, ପ୍ରତିଛତ୍ରରେ ତାଙ୍କର ପ୍ରତି ପଦବିକ୍ଷେପ ରାଜାଦି ପୁରୁଷବିଶେଷବର୍ଣ୍ଣନାକାରୀ ପୁସ୍ତକ-ନିଚୟାପେକ୍ଷା ଲକ୍ଷଗୁଣ ସ୍ପୁଟୀକୃତଭାବରେ ଦେଖାଇ ଦେଉଛି । ପ୍ରକୃତି ସହିତ ଯୁଗଯୁଗାନ୍ତର-ବ୍ୟାପୀ ସଂଗ୍ରାମରେ ସେମାନେ ଯେଉଁ ରାଶୀକୃତ ବିଜୟପତାକା ସଂଗ୍ରହ କରିଥିଲେ, ଆଜି ଜୀର୍ଣ୍ଣ ବାତ୍ୟାହତ ହୋଇ ମଧ୍ୟ ସେଗୁଡ଼ିକ ପ୍ରାଚୀନ ଭାରତର ଜୟ ଘୋଷଣା କରୁଛି ।

ଏହି ଜାତି ମଧ୍ୟ-ଏସିଆ, ଉତ୍ତର ଇଉରୋପ ବା ସୁମେରୁ-ସନ୍ନିହିତ ହିମପ୍ରଧାନ ପ୍ରଦେଶରୁ ଶନୈଃପଦସଞ୍ଚାରରେ ପବିତ୍ର ଭାରତଭୂମିକୁ ତୀର୍ଥରୂପେ ପରିଣତ କରିଥିଲେ ବା ଏହି ତୀର୍ଥଭୂମି ହିଁ ସେମାନଙ୍କର ଆଦି ନିବାସ—ବର୍ତ୍ତମାନ ସୁଦ୍ଧା ଏହା ଜାଣିବାର ଉପାୟ ନାହିଁ ।

ଅଥବା ଭାରତମଧ୍ୟସ୍ଥ ବା ଭାରତବହିର୍ଭୂତ ଦେଶବିଶେଷ-ନିବାସୀ ଗୋଟିଏ ବିରାଟ

---

୧ ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥—ଗୀତା, ୨।୬୦
—ଯେଉଁସବୁ ଦୃଢ଼ ପୁରୁଷ ସଂଯମୀ ହେବା ପାଇଁ ଯତ୍ନ କରୁଛନ୍ତି, ଅତି ବଳବାନ୍ ଇନ୍ଦ୍ରିୟସମୂହ ସେମାନଙ୍କର ମନକୁ ମଧ୍ୟ ହରଣ କରନ୍ତି ।

ଜାତି ନୈସର୍ଗିକ ନିୟମରେ ସ୍ଥାନଭ୍ରଷ୍ଟ ହୋଇ ଇଉରୋପାଦି ଭୂମିରେ ଉପନିବେଶ ସ୍ଥାପନ କରିଛନ୍ତି ଏବଂ ସେମାନେ ଶ୍ୱେତକାୟ ବା କୃଷ୍ଣକାୟ, ନୀଳଚକ୍ଷୁ ବା କୃଷ୍ଣଚକ୍ଷୁ, କୃଷ୍ଣକେଶ ବା ହିରଣ୍ୟକେଶ ଥିଲେ—କେତେକ ଇଉରୋପୀୟ ଜାତିଙ୍କ ଭାଷା ସହିତ ସଂସ୍କୃତଭାଷାର ସାଦୃଶ୍ୟ ବ୍ୟତିରେକେ, ଏହିସବୁ ସିଦ୍ଧାନ୍ତର ଆଉ କୌଣସି ପ୍ରମାଣ ମଧ୍ୟ ନାହିଁ । ଆଧୁନିକ ଭାରତବାସୀ ସେମାନଙ୍କର ବଂଶଧର କି ନା, ଅଥବା ଭାରତର କେଉଁ ଜାତି କେତେ ପରିମାଣରେ ସେମାନଙ୍କର ଶୋଣିତ ବହନ କରୁଛନ୍ତି, ଏସବୁ ପ୍ରଶ୍ନର ମୀମାଂସା ମଧ୍ୟ ସହଜ ନୁହେଁ ।

ଅନିଶ୍ଚିତତାରେ ମଧ୍ୟ ଆମମାନଙ୍କର ବିଶେଷ କ୍ଷତି ନାହିଁ ।

ତେବେ, ଯେଉଁ ଜାତି ମଧ୍ୟରେ ସଭ୍ୟତାର ଉନ୍ମୀଳନ ହୋଇଛି, ଯେଉଁଠାରେ ଚିନ୍ତାଶୀଳତା ପରିସ୍ଫୁଟ ହୋଇଛି—ସେହି ସ୍ଥାନରେ ସେମାନଙ୍କର ଲକ୍ଷ ଲକ୍ଷ ବଂଶଧର—ମାନସପୁତ୍ର—ସେମାନଙ୍କର ଭାବରାଶିର, ଚିନ୍ତାରାଶିର, ଉତ୍ତରାଧିକାରୀ ଉପସ୍ଥିତ । ନଦୀ, ପର୍ବତ, ସମୁଦ୍ର ଉଲ୍ଲଙ୍ଘନ କରି, ଦେଶକାଳର ବାଧା ଯେପରି କି ତୁଚ୍ଛ କରି, ସୁପରିସ୍ଫୁଟ ବା ଅଜ୍ଞାତ ଅନିର୍ବଚନୀୟ ସୂତ୍ରରେ ଭାରତୀୟ ଚିନ୍ତାରୁଧିର ଅନ୍ୟ ଜାତିର ଧମନୀରେ ପହଞ୍ଚିଛି ଏବଂ ଏବେ ମଧ୍ୟ ପହଞ୍ଚୁଛି ।

ହୁଏତ ଆମମାନଙ୍କ ଭାଗରେ ସାର୍ବଭୌମ ପୈତୃକ ସମ୍ପତ୍ତି କିଛି ଅଧିକ ।

ଭୂମଧ୍ୟସାଗରର ପୂର୍ବକୋଣରେ ସୁଠାମ ସୁନ୍ଦର ଦ୍ୱୀପମାଳାପରିବେଷ୍ଟିତ, ପ୍ରାକୃତିକ-ସୌନ୍ଦର୍ଯ୍ୟବିଭୂଷିତ ଗୋଟିଏ କ୍ଷୁଦ୍ର ଦେଶରେ, ଅଳ୍ପସଂଖ୍ୟକ ଅଥଚ ସର୍ବାଙ୍ଗସୁନ୍ଦର, ପୂର୍ଣ୍ଣାବୟବ ଅଥଚ ଦୃଢ଼ସ୍ନାୟୁପେଶୀସମନ୍ୱିତ, ଲଘୁକାୟ ଅଥଚ ଅଟଳ-ଅଧ୍ୟବସାୟ-ସହାୟ, ପାର୍ଥିବ ସୌନ୍ଦର୍ଯ୍ୟସୃଷ୍ଟିର ଏକାଧିରାଜ, ଅପୂର୍ବକ୍ରିୟାଶୀଳ, ପ୍ରତିଭାଶାଳୀ ଗୋଟିଏ ଜାତି ଥିଲେ । ଅନ୍ୟାନ୍ୟ ପ୍ରାଚୀନ ଜାତିମାନେ ଏମାନଙ୍କୁ 'ଯବନ' କହୁଥିଲେ; ଏମାନଙ୍କର ନିଜ ନାମ—ଗ୍ରୀକ୍ ।

ମନୁଷ୍ୟ-ଇତିହାସରେ ଏହି ମୁଷ୍ଟିମେୟ ଅଲୌକିକ ବୀର୍ଯ୍ୟଶାଳୀ ଜାତି ଗୋଟିଏ ଅପୂର୍ବ ଦୃଷ୍ଟାନ୍ତ । ଯେଉଁ ଦେଶରେ ମନୁଷ୍ୟ ପାର୍ଥିବ ବିଦ୍ୟାରେ—ସମାଜନୀତି, ଯୁଦ୍ଧନୀତି, ଦେଶଶାସନ, ଭାସ୍କର୍ଯ୍ୟାଦି ଶିଳ୍ପରେ—ଅଗ୍ରସର ହୋଇଛନ୍ତି ବା ହେଉଛନ୍ତି, ସେହି ସ୍ଥାନରେ ହିଁ ପ୍ରାଚୀନ ଗ୍ରୀସ୍‌ର ଛାୟା ପଡ଼ିଛି । ପ୍ରାଚୀନ କାଳ କଥା ଛାଡ଼ିଦିଆଯାଉ; ଆମେମାନେ ଆଧୁନିକ ବଙ୍ଗାଳୀ—ଆଜକୁ ଅର୍ଦ୍ଧଶତାବ୍ଦୀ ଧରି ସେହି ଯବନ ଗୁରୁମାନଙ୍କର ପଦାନୁସରଣ କରି ଇଉରୋପୀୟ ସାହିତ୍ୟ ମାଧ୍ୟମରେ ସେମାନଙ୍କର ଯେଉଁ ଆଲୋକଟିକି ଆସୁଛି, ତାହାର ଦୀପ୍ତିରେ ନିଜ ନିଜ ଗୃହ ଉଜ୍ଜ୍ୱଳିତ କରି ସ୍ପର୍ଦ୍ଧା ଅନୁଭବ କରୁଛୁ ।

ସମସ୍ତ ଇଉରୋପ ଆଜି ସବୁ ବିଷୟରେ ପ୍ରାଚୀନ ଗ୍ରୀସ୍‌ର ଛାତ୍ର ଏବଂ ଉତ୍ତରାଧିକାରୀ; ଏପରି କି, ଜଣେ ଇଂଲଣ୍ଡୀୟ ପଣ୍ଡିତ କହିଛନ୍ତି, 'ଯାହା କିଛି ପ୍ରକୃତି ସୃଷ୍ଟି କରି ନାହାନ୍ତି, ତାହା ଗ୍ରୀକ୍ ମନର ସୃଷ୍ଟି ।'

ସୁଦୂରସ୍ଥିତ ବିଭିନ୍ନ ପର୍ବତ-ସମୁତ୍ପନ୍ନ ଏହି ଦୁଇ ମହାନଦୀର ସ୍ଥାନେ ସ୍ଥାନେ ସଙ୍ଗମ ଉପସ୍ଥିତ ହୁଏ ଏବଂ ଯେତେବେଳେ ସେହିପ୍ରକାର ଘଟଣା ଘଟେ, ସେହି ସମୟରେ ହିଁ

ଜନସମାଜରେ ଗୋଟିଏ ମହା-ଆଧ୍ୟାତ୍ମିକ ତରଙ୍ଗରେ ଉଦ୍ବେଳିତ ସଭ୍ୟତା-ରେଖା ସୁଦୂର-ସଂପ୍ରସାରିତ ହୁଏ ଏବଂ ମାନବମଧ୍ୟରେ ଭ୍ରାତୃତ୍ୱବନ୍ଧନ ଦୃଢ଼ତର ହୁଏ ।

ଅତି ପ୍ରାଚୀନକାଳରେ ଥରେ ଭାରତୀୟ ଦର୍ଶନବିଦ୍ୟା ଓ ଗ୍ରୀକ୍ ଉତ୍ସାହର ସମ୍ମେଳନରେ ରୋମକ, ଇରାଣୀ ପ୍ରଭୃତି ମହାଜାତିବର୍ଗଙ୍କ ଅଭ୍ୟୁଦୟ ସୂଚିତ ହୋଇଥିଲା । ସିକନ୍ଦର ସାହେବଙ୍କର ଦିଗ୍ବିଜୟ ପରେ ଏହି ଦୁଇ ମହାଜଳପ୍ରପାତର ସଂଘର୍ଷରେ ପ୍ରାୟ ଅର୍ଦ୍ଧ-ଭୂଭାଗ ଈଶା ଇତ୍ୟାଦି ନାମାଖ୍ୟାତ ଅଧ୍ୟାତ୍ମ-ତରଙ୍ଗରାଜିରେ ଉପପ୍ଲାବିତ ହୋଇଥିଲା । ଆରବମାନଙ୍କର ଅଭ୍ୟୁଦୟ ସହିତ ପୁନର୍ବାର ସେହିପ୍ରକାର ମିଶ୍ରଣ ଆଧୁନିକ ଇଉରୋପୀୟ ସଭ୍ୟତାର ଭିତ୍ତି ସ୍ଥାପନ କରିଥିଲା ଏବଂ ବୋଧହୁଏ ଆଧୁନିକ ସମୟରେ ପୁନଶ୍ଚ ସେହି ଦୁଇ ମହାଶକ୍ତିଙ୍କର ସମ୍ମେଳନକାଳ ଉପସ୍ଥିତ ।

ଏଥର କେନ୍ଦ୍ର ଭାରତବର୍ଷ ।

ଭାରତର ବାୟୁ ଶାନ୍ତିପ୍ରଧାନ, ଯବନର ପ୍ରାଣ ଶକ୍ତିପ୍ରଧାନ । ଜଣଙ୍କର ଗମ୍ଭୀର ଚିନ୍ତା, ଅପରର ଅଦମ୍ୟ କାର୍ଯ୍ୟକାରିତା; ଜଣଙ୍କର ମୂଳମନ୍ତ୍ର 'ତ୍ୟାଗ', ଅପରର 'ଭୋଗ'; ଗୋଟିକର ସର୍ବଚେଷ୍ଟା ଅନ୍ତର୍ମୁଖୀ, ଅପରର ବହିର୍ମୁଖୀ; ଜଣଙ୍କର ପ୍ରାୟ ସର୍ବବିଦ୍ୟା ଅଧ୍ୟାତ୍ମ, ଅପରର ଅଧିଭୂତ; ଜଣେ ମୁକ୍ତିପ୍ରିୟ, ଅନ୍ୟ ଜଣକ ସ୍ୱାଧୀନତାପ୍ରାଣ; ଜଣେ ଇହଲୋକ-କଲ୍ୟାଣଲାଭରେ ନିରୁତ୍ସାହ, ଅପର ଏହି ପୃଥିବୀକୁ ସ୍ୱର୍ଗଭୂମିରେ ପରିଣତ କରିବା ପାଇଁ ବଦ୍ଧପରିକର; ଜଣେ ନିତ୍ୟସୁଖର ଆଶାରେ ଇହଲୋକର ଅନିତ୍ୟ ସୁଖକୁ ଉପେକ୍ଷା କରୁଛି, ଅପର ନିତ୍ୟସୁଖରେ ସନ୍ଦିହାନ ହୋଇ ବା ଦୂରବର୍ତ୍ତୀ ଜାଣି ଯଥାସମ୍ଭବ ଐହିକ ସୁଖଲାଭ ପାଇଁ ସମୁଦ୍ୟତ ।

ଏ ଯୁଗରେ ପୂର୍ବୋକ୍ତ ଜାତିଦ୍ୱୟ ହିଁ ଅନ୍ତର୍ହିତ ହୋଇଛନ୍ତି, କେବଳ ସେମାନଙ୍କର ଶାରୀରିକ ବା ମାନସିକ ବଂଶଧରମାନେ ବିଦ୍ୟମାନ ।

ଇଉରୋପ-ଆମେରିକା ଯବନମାନଙ୍କର ସମୁନ୍ନତ ମୁଖୋଜ୍ଜ୍ୱଳକାରୀ ସନ୍ତାନ, କିନ୍ତୁ ଆଧୁନିକ ଭାରତବାସୀ ଆର୍ଯ୍ୟକୁଳର ଗୌରବ ନୁହନ୍ତି ।

କିନ୍ତୁ ଭସ୍ମାଚ୍ଛାଦିତ ବହ୍ନି ପରି ଏହି ଆଧୁନିକ ଭାରତବାସୀଙ୍କଠାରେ ମଧ୍ୟ ଅନ୍ତର୍ନିହିତ ପୈତୃକ ଶକ୍ତି ବିଦ୍ୟମାନ । ଯଥାକାଳରେ ମହାଶକ୍ତିଙ୍କର କୃପାରେ ତାହାର ପୁନଃସ୍ଫୁରଣ ହେବ ।

ପ୍ରସ୍ଫୁରିତ ହୋଇ କଅଣ ହେବ ?

ପୁନର୍ବାର କଅଣ ବୈଦିକ ଯଜ୍ଞଧୂମରେ ଭାରତର ଆକାଶ ତରଳମେଘାବୃତ ରୂପରେ ପ୍ରତିଭାତ ହେବ, ବା ପଶୁରକ୍ତରେ ରନ୍ତିଦେବଙ୍କ କୀର୍ତ୍ତିର ପୁନରୁଦ୍ଦୀପନ ହେବ ? ଗୋମେଧ, ଅଶ୍ୱମେଧ, ଦେବରଙ୍କ ଦ୍ୱାରା ସୁତୋତ୍ପତ୍ତି ଆଦି ପ୍ରାଚୀନ ପ୍ରଥା ପୁନରାୟ କଅଣ ଫେରିଆସିବ ବା ବୌଦ୍ଧୋପପ୍ଲାବନରେ ପୁନର୍ବାର ସମଗ୍ର ଭାରତ ଗୋଟିଏ ବିସ୍ତୀର୍ଣ୍ଣ ମଠରେ ପରିଣତ ହେବ ? ମନୁଙ୍କ ଶାସନ ପୁନରାୟ କଅଣ ଅପ୍ରତିହତ ପ୍ରଭାବରେ ପ୍ରତିଷ୍ଠିତ ହେବ ବା ଦେଶଭେଦରେ ବିଭିନ୍ନ ଭକ୍ଷ୍ୟାଭକ୍ଷ୍ୟବିଚାର ହିଁ ଆଧୁନିକ କାଳପରି ସର୍ବତୋମୁଖୀ ପ୍ରଭୁତା ଉପଭୋଗ କରିବ ? ଜାତିଭେଦ ବିଦ୍ୟମାନ ରହିବ ?—ଗୁଣଗତ ହେବ ବା ଚିରକାଳ ଜନ୍ମଗତ ରହିବ ? ଜାତିଭେଦରେ ଭକ୍ଷ୍ୟାଭକ୍ଷ୍ୟ ସମ୍ବନ୍ଧରେ ସ୍ପୃଷ୍ଟାସ୍ପୃଷ୍ଟ ବିଚାର ବଙ୍ଗଦେଶପରି

ରହିବ କି ମାନ୍ଦ୍ରାଜାଦିପରି କଠୋରତର ରୂପ ଧାରଣ କରିବ, ଅଥବା ପଞ୍ଜାବାଦି ପ୍ରଦେଶପରି ଏକାଥରକେ ତିରୋହିତ ହୋଇଯିବ ? ବର୍ଣ୍ଣଭେଦରେ ଯୌନ-ସମ୍ବନ୍ଧ ମନୁକ୍ତ ଧର୍ମପରି ଏବଂ ନେପାଳାଦି ଦେଶପରି ଅନୁଲୋମକ୍ରମରେ ପୁନଃ ପ୍ରଚଳିତ ହେବ ବା ବଙ୍ଗାଦି ଦେଶପରି ଏକବର୍ଣ୍ଣ ମଧ୍ୟରେ ଅବାନ୍ତର ବିଭାଗରେ ମଧ୍ୟ ପ୍ରତିବଦ୍ଧ ହୋଇ ଅବସ୍ଥାନ କରିବ ? ଏସବୁ ପ୍ରଶ୍ନର ସିଦ୍ଧାନ୍ତ କରିବା ଅତୀବ ଦୁରୂହ । ଦେଶଭେଦରେ, ଏପରିକି ଗୋଟିଏ ଦେଶରେ ଜାତି ଏବଂ ବଂଶଭେଦରେ ଆଚାରର ଘୋର ବିଭିନ୍ନତା ଦୃଷ୍ଟିରୁ ମୀମାଂସା ଆହୁରି ଦୁରୂହତର ପ୍ରତୀତ ହେଉଛି ।

ତେବେ କ'ଣ ହେବ ?

ଯାହା ଆମମାନଙ୍କର ନାହିଁ, ବୋଧହୁଏ ପୂର୍ବକାଳରେ ମଧ୍ୟ ନ ଥିଲା । ଯାହା ଯବନମାନଙ୍କର ଥିଲା, ଯାହାର ପ୍ରାଣସ୍ପନ୍ଦନରେ ଇଉରୋପୀୟ ବିଦ୍ୟୁଦାଧାରରୁ ଘନ ଘନ ମହାଶକ୍ତିର ସଞ୍ଚାର ହୋଇ ଭୂମଣ୍ଡଳ ପରିବ୍ୟାପ୍ତ କରୁଛି, ତାହା ହିଁ ଦରକାର । ଆବଶ୍ୟକ —ସେହି ଉଦ୍ୟମ, ସେହି ସ୍ୱାଧୀନତାପ୍ରିୟତା, ସେହି ଆତ୍ମନିର୍ଭର, ସେହି ଅଟଳ ଧୈର୍ଯ୍ୟ, ସେହି କାର୍ଯ୍ୟକାରିତା, ସେହି ଏକତାବନ୍ଧନ, ସେହି ଉନ୍ନତିତୃଷ୍ଣା; ଆବଶ୍ୟକ—ସର୍ବଦା ପଶ୍ଚାଦ୍ଦୃଷ୍ଟି କିଞ୍ଚିତ୍ ସ୍ଥଗିତ କରି ଅନନ୍ତ ସମ୍ମୁଖ-ସମ୍ପ୍ରସାରିତ ଦୃଷ୍ଟି, ଆଉ ଆବଶ୍ୟକ ଆପାଦମସ୍ତକ ଶିରାରେ ଶିରାରେ ସଞ୍ଚାରକାରୀ ରଜୋଗୁଣ ।

ତ୍ୟାଗ ଅପେକ୍ଷା ଶାନ୍ତିଦାତା କିଏ ? ଅନନ୍ତ କଲ୍ୟାଣ ତୁଳନାରେ କ୍ଷଣିକ ଐହିକ କଲ୍ୟାଣ ନିଶ୍ଚିତ ଅତି ତୁଚ୍ଛ । ସତ୍ତ୍ୱଗୁଣାପେକ୍ଷା ମହାଶକ୍ତିସଞ୍ଚୟ ଆଉ କେଉଁଥିରେ ହୁଏ ? ଅଧ୍ୟାତ୍ମବିଦ୍ୟା ତୁଳନାରେ ଆଉ ସବୁ 'ଅବିଦ୍ୟା'—ସତ୍ୟ, ସନ୍ଦେହ ନାହିଁ; କିନ୍ତୁ କେତେ ଜଣ ଏ ଜଗତରେ ସତ୍ତ୍ୱଗୁଣ ଲାଭ କରନ୍ତି—ଏ ଭାରତରେ କେତେ ଜଣ ? ସେ ମହାବୀରତ୍ୱ କେତେଜଣଙ୍କର ଅଛି, ଯେ ନିର୍ମମ ହୋଇ ସର୍ବତ୍ୟାଗୀ ହୁଅନ୍ତି ? ସେ ଦୂରଦୃଷ୍ଟି କେତେ ଜଣଙ୍କ ଭାଗ୍ୟରେ ଘଟେ, ଯେଉଁଥିରେ ପାର୍ଥିବ ସୁଖ ତୁଚ୍ଛ ବୋଧ ହୁଏ ? ସେ ବିଶାଳ ହୃଦୟ କେଉଁଠି, ଯାହା ସୌନ୍ଦର୍ଯ୍ୟ ଓ ମହିମାର ଚିନ୍ତାରେ ନିଜ ଶରୀର ପର୍ଯ୍ୟନ୍ତ ବିସ୍ମୃତ ହୁଏ ? ଯେଉଁମାନେ ଅଛନ୍ତି, ସମଗ୍ର ଭାରତର ଲୋକସଂଖ୍ୟା ତୁଳନାରେ ସେମାନେ ମୁଷ୍ଟିମେୟ ।—ଆଉ ଏହି ମୁଷ୍ଟିମେୟ ଲୋକଙ୍କ ମୁକ୍ତି ନିମନ୍ତେ କୋଟି କୋଟି ନରନାରୀଙ୍କୁ ସାମାଜିକ, ଆଧ୍ୟାତ୍ମିକ ଚକ୍ରତଳେ ନିଷ୍ପିଷ୍ଟ ହେବାକୁ ହେବ ?

ଏ ପେଷଣର ବା କି ଫଳ ?

ଦେଖୁ ନାହଁ ଯେ, ସତ୍ତ୍ୱଗୁଣର ଦୁଆ ଧରି ଧୀରେ ଧୀରେ ଦେଶ ତମୋଗୁଣସମୁଦ୍ରରେ ବୁଡ଼ିଯାଇଛି । ଯେଉଁଠାରେ ମହାଜଡ଼ବୁଦ୍ଧି ପରାବିଦ୍ୟାନୁରାଗର ଛଳନାରେ ନିଜ ମୂର୍ଖତାକୁ ଆଚ୍ଛାଦିତ କରିବାକୁ ଚାହେଁ, ଯେଉଁଠାରେ ଜନ୍ମାଳସ ବୈରାଗ୍ୟର ଆବରଣ ନିଜ ଅକର୍ମଣ୍ୟତା ଉପରେ ନିକ୍ଷେପ କରିବାକୁ ଚାହେଁ, ଯେଉଁଠାରେ କ୍ରୂରକର୍ମୀ ତପସ୍ୟାଦିର ଛଳନା କରି ନିଷ୍ଠୁରତାକୁ ମଧ୍ୟ ଧର୍ମ କରିଥାଏ, ଯେଉଁଠାରେ ନିଜ ସାମର୍ଥ୍ୟହୀନତା ଉପରେ ଦୃଷ୍ଟି କାହାରି ମଧ୍ୟ ନାହିଁ—କେବଳ ଅପର ଉପରେ ସମସ୍ତ ଦୋଷ ନିକ୍ଷେପ, ବିଦ୍ୟା କେବଳ କତିପୟ

ପୁତ୍ରକ-କଣ୍ଠସ୍ୱରେ, ପ୍ରତିଷ୍ଠା ଚର୍ବିତଚର୍ବଣରେ ଏବଂ ସର୍ବୋପରି ଗୌରବ କେବଳ ପିତୃପୁରୁଷଙ୍କ ନାମକୀର୍ତ୍ତନରେ—ସେହି ଦେଶ ତମୋଗୁଣରେ ଦିନକୁ ଦିନ ବୁଡ଼ିଯାଉଛି, ଏହାର କଅଣ ପ୍ରମାଣାନ୍ତର ଦରକାର ?

ଅତଏବ ସତ୍ତ୍ୱଗୁଣ ବର୍ତ୍ତମାନ ମଧ୍ୟ ବହୁଦୂରରେ । ଆମମାନଙ୍କ ଭିତରେ ଯେଉଁମାନେ ପରମହଂସପଦବୀରେ ଉପସ୍ଥିତ ହେବାର ଯୋଗ୍ୟ ନୁହନ୍ତି ବା ଭବିଷ୍ୟତରେ (ହେବାର) ଆଶା ରଖନ୍ତି, ସେମାନଙ୍କ ପକ୍ଷରେ ରଜୋଗୁଣର ଆବିର୍ଭାବ ହିଁ ପରମକଲ୍ୟାଣକର । ରଜୋଗୁଣ ମଧ୍ୟଦେଇ ନ ଗଲେ କିପରି ସତ୍ତ୍ୱଗୁଣରେ ଉପନୀତ ହେବ ? ଭୋଗ ଶେଷ ନ ହେଲେ କି ଯୋଗ କରିବ ? ବିରାଗ ନ ହେଲେ ତ୍ୟାଗ କେଉଁଠାରୁ ଆସିବ ?

ଅପର ଦିଗରେ ତାଳପତ୍ର-ବହ୍ନି ପରି ରଜୋଗୁଣ ଶୀଘ୍ର ହିଁ ନିର୍ବାଣୋନ୍ମୁଖ, ସତ୍ତ୍ୱର ସନ୍ନିଧାନ ନିତ୍ୟବସ୍ତୁର ନିକଟତମ, ସତ୍ତ୍ୱ ପ୍ରାୟ ନିତ୍ୟ, ରଜୋଗୁଣପ୍ରଧାନ ଜାତି ଦୀର୍ଘଜୀବନ ଲାଭ କରେ ନାହିଁ, ସତ୍ତ୍ୱଗୁଣପ୍ରଧାନ ଯେପରି କି ଚିରଜୀବୀ; ଏହାର ସାକ୍ଷୀ ଇତିହାସ ।

ଭାରତରେ ରଜୋଗୁଣର ପ୍ରାୟ ଏକାନ୍ତ ଅଭାବ; ପାଶ୍ଚାତ୍ୟରେ ସେହିପରି ସତ୍ତ୍ୱଗୁଣର । ଭାରତରୁ ସମାନୀତ ସତ୍ତ୍ୱଧାରା ଉପରେ ପାଶ୍ଚାତ୍ୟ ଜଗତର ଜୀବନ ନିର୍ଭର କରୁଛି ନିଶ୍ଚିତ, ଏବଂ ନିମ୍ନସ୍ତରରେ ତମୋଗୁଣକୁ ପରାହତ କରି ରଜୋଗୁଣପ୍ରବାହ ପ୍ରତିବାହିତ ନ କଲେ ଆମମାନଙ୍କର ଐହିକ କଲ୍ୟାଣ ଯେ ସମୁତ୍ପାଦିତ ହେବ ନାହିଁ ଓ ବହୁଧା ପାରଲୌକିକ କଲ୍ୟାଣରେ ବିଘ୍ନ ଉପସ୍ଥିତ ହେବ, ଏହା ମଧ୍ୟ ନିଶ୍ଚିତ ।

ଏ ଦୁଇ ଶକ୍ତିର ସମ୍ମେଳନରେ ଓ ମିଶ୍ରଣରେ ଯଥାସାଧ୍ୟ ସହାୟତା କରିବା 'ଉଦ୍‌ବୋଧନ'ର ଜୀବନୋଦ୍ଦେଶ୍ୟ ।

ଯଦ୍ୟପି ଭୟ ଅଛି ଯେ, ଏହି ପାଶ୍ଚାତ୍ୟବୀର୍ଯ୍ୟତରଙ୍ଗରେ ଆମମାନଙ୍କର ବହୁକାଳାର୍ଜ୍ଜିତ ରତ୍ନରାଜି ବା ଭାସିଯିବ; ଭୟ ହୁଏ, କାଳେ ପ୍ରବଳ ଆବର୍ତ୍ତରେ ପଡ଼ି ଭାରତଭୂମି ମଧ୍ୟ ଐହିକ ଭୋଗଲାଭର ରଣଭୂମିରେ ଆତ୍ମହରା ହୋଇଯିବ; ଭୟ ହୁଏ କାଳେ ଅସାଧ୍ୟ ଅସମ୍ଭବ ଏବଂ ମୂଳୋଚ୍ଛେଦକାରୀ ବିଜାତୀୟ ଢଙ୍ଗର ଅନୁକରଣ କରିବାକୁ ଯାଇ ଆମେମାନେ 'ଇତୋନଷ୍ଟସ୍ତତୋଭ୍ରଷ୍ଟଃ' ହୋଇଯିବା ।

ଏଥିପାଇଁ ଘରର ସମ୍ପତ୍ତି ସର୍ବଦା ସମ୍ମୁଖରେ ରଖିବାକୁ ହେବ, ଯହିଁରେ—ସର୍ବସାଧାରଣ ସମସ୍ତେ ସେମାନଙ୍କ ପିତୃଧନ ସର୍ବଦା ଜାଣିବାକୁ ଓ ଦେଖିବାକୁ ପାଇବେ, ତାହାର ପ୍ରଯତ୍ନ କରିବାକୁ ହେବ ଓ ସଙ୍ଗେ ସଙ୍ଗେ ନିର୍ଭୀକ ହୋଇ ସର୍ବଦ୍ୱାର ଉନ୍ମୁକ୍ତ କରିବାକୁ ହେବ । ଆସୁ ଚାରିଆଡ଼ରୁ ରଶ୍ମିଧାରା, ଆସୁ ତୀବ୍ର ପାଶ୍ଚାତ୍ୟକିରଣ । ଯାହା ଦୁର୍ବଳ, ଦୋଷଯୁକ୍ତ, ତାହା ମରଣଶୀଳ—ତାହାକୁ ନେଇ ବା କଅଣ ହେବ ? ଯାହା ବୀର୍ଯ୍ୟବାନ, ବଳପ୍ରଦ, ତାହା ଅବିନଶ୍ୱର; ତାହାକୁ କିଏ ନାଶ କରିବ ?

କେତେ ପର୍ବତଶିଖରରୁ କେତେ ହିମନଦୀ, କେତେ ଉତ୍ସ, କେତେ ଜଳଧାରା ଉଚ୍ଛ୍ୱସିତ ହୋଇ ବିଶାଳ ସୁର-ତରଙ୍ଗିଣୀରୂପରେ ମହାବେଗରେ ସମୁଦ୍ରାଭିମୁଖରେ ଧାବିତ । କେତେ ବିଭିନ୍ନ ପ୍ରକାରର ଭାବ, କେତେ ଶକ୍ତିପ୍ରବାହ ଦେଶଦେଶାନ୍ତରରୁ କେତେ ସାଧୁ-

ହୃଦୟ, କେତେ ଓଜସ୍ୱୀ ମସ୍ତିଷ୍କରୁ ପ୍ରସୂତ ହୋଇ—ନର-ରଙ୍ଗକ୍ଷେତ୍ରର କର୍ମଭୂମି—ଭାରତବର୍ଷକୁ ଆଚ୍ଛନ୍ନ କରିପକାଉଛି । ଲୌହବର୍ତ୍ମ-ବାଷ୍ପପୋତବାହନ ଓ ତଡ଼ିତ୍‌ସହାୟ ଇଂରେଜର ଆଧିପତ୍ୟରେ ବିଦ୍ୟୁତ୍‌ବେଗରେ ନାନାବିଧ ଭାବ, ରୀତିନୀତି ଦେଶମଧ୍ୟରେ ବିସ୍ତୀର୍ଣ୍ଣ ହୋଇପଡ଼ୁଛି । ଅମୃତ ଆସୁଛି, ସଙ୍ଗେ ସଙ୍ଗେ ଗରଳ ମଧ୍ୟ ଆସୁଛି—କ୍ରୋଧ-କୋଳାହଳ, ରୁଧିରପାତାଦି ସମସ୍ତ ହିଁ ହୋଇଯାଇଛି—ଏ ତରଙ୍ଗରୋଧର ଶକ୍ତି ହିନ୍ଦୁସମାଜରେ ନାହିଁ । ଯନ୍ତ୍ରୋତ୍ଥିତ ଜଳଠାରୁ ମୃତଜନ୍ତୁର ଅସ୍ଥି-ବିଶୋଧିତ ଶର୍କରା ପର୍ଯ୍ୟନ୍ତ ସମସ୍ତ ବହୁବାଗାଡ଼ମ୍ବର-ସତ୍ତ୍ୱେ ନିଃଶବ୍ଦରେ ଗଳାଧଃକୃତ ହେଲା । ଆଇନର ପ୍ରବଳ ପ୍ରଭାବରେ, ଧୀରେ ଧୀରେ, ଅତି ଯତ୍ନରେ ରକ୍ଷିତ ରୀତିଗୁଡ଼ିକରୁ ମଧ୍ୟ ଅନେକଗୁଡ଼ିଏ କ୍ରମେ କ୍ରମେ ଖସିପଡ଼ୁଛି—ରଖିବାର ଶକ୍ତି ନାହିଁ । ନାହିଁ ବା କାହିଁକି ? ସତ୍ୟ କଅଣ ବାସ୍ତବିକ ଶକ୍ତିହୀନ ? 'ସତ୍ୟମେବ ଜୟତେ ନାନୃତମ୍'—ଏ ବେଦବାଣୀ କଅଣ ମିଥ୍ୟା ? ଅଥବା ଯେଉଁଗୁଡ଼ିକ ପାଶ୍ଚାତ୍ୟ ରାଜଶକ୍ତି ବା ଶିକ୍ଷାଶକ୍ତିର ଉପପ୍ଲାବନରେ ଭାସିଯାଉଛି—ସେହି ଆଚାରଗୁଡ଼ିକ ହିଁ ଅନାଚାର ଥିଲା ? ଏହା ମଧ୍ୟ ବିଶେଷ ବିଚାରର ବିଷୟ ।

'ବହୁଜନହିତାୟ ବହୁଜନସୁଖାୟ' ନିଃସ୍ୱାର୍ଥଭାବରେ ଭକ୍ତିପୂର୍ଣ୍ଣ ହୃଦୟରେ ଏହିସବୁ ପ୍ରଶ୍ନର ମୀମାଂସା ପାଇଁ 'ଉଦ୍‌ବୋଧନ' ସହୃଦୟ ପ୍ରେମିକ ବୁଧମଣ୍ଡଳୀଙ୍କୁ ଆହ୍ୱାନ କରୁଛି ଏବଂ ଦ୍ୱେଷବୁଦ୍ଧିବିରହିତ ଓ ବ୍ୟକ୍ତିଗତ ବା ସମାଜଗତ ବା ସମ୍ପ୍ରଦାୟଗତ କୁବାକ୍ୟପ୍ରୟୋଗରେ ବିମୁଖ ହୋଇ ସବୁ ସମ୍ପ୍ରଦାୟର ସେବା ପାଇଁ ନିଜର ଶରୀର ଅର୍ପଣ କରୁଛି ।

କାର୍ଯ୍ୟରେ ଆମମାନଙ୍କର ଅଧିକାର, ଫଳ ପ୍ରଭୁଙ୍କ ହସ୍ତରେ; କେବଳ ଆମେମାନେ କହୁଛୁ—ହେ ଓଜଃସ୍ୱରୂପ ! ଆମମାନଙ୍କୁ ଓଜସ୍ୱୀ କର; ହେ ବୀର୍ଯ୍ୟସ୍ୱରୂପ ! ଆମମାନଙ୍କୁ ବୀର୍ଯ୍ୟବାନ୍ କର; ହେ ବଳସ୍ୱରୂପ ! ଆମମାନଙ୍କୁ ବଳବାନ୍ କର ।

## ବଙ୍ଗଳା ଭାଷା

[ ୧୯୦୦ ଖ୍ରୀଷ୍ଟାବ୍ଦର ଫେବୃଆରୀ ୨୦ ତାରିଖରେ ରାମକୃଷ୍ଣ ମଠପରିଚାଳିତ 'ଉଦ୍‌ବୋଧନ' ପତ୍ରିକାର ସମ୍ପାଦକଙ୍କୁ ସ୍ୱାମୀଜୀ ଯେଉଁ ପତ୍ର ଲେଖିଥିଲେ, ସେଥିରୁ ଉଦ୍ଧୃତ । ]

ଆମମାନଙ୍କ ଦେଶରେ ପ୍ରାଚୀନ କାଳରୁ ସଂସ୍କୃତରେ ସମସ୍ତ ବିଦ୍ୟା ରହିଥିବାରୁ ବିଦ୍ୱାନ୍ ଓ ଜନସାଧାରଣଙ୍କ ମଧ୍ୟରେ ବ୍ୟବଧାନର ସମୁଦ୍ର ବ୍ୟାପିଯାଇଛି । ବୁଦ୍ଧଙ୍କଠାରୁ ଚୈତନ୍ୟ, ରାମକୃଷ୍ଣ ପର୍ଯ୍ୟନ୍ତ ଯେଉଁମାନେ 'ଲୋକହିତାୟ' ଆସିଛନ୍ତି, ସେମାନେ ସମସ୍ତେ ହିଁ ସାଧାରଣ ଲୋକଙ୍କ ଭାଷାରେ ସାଧାରଣଙ୍କୁ ଶିକ୍ଷା ଦେଇଛନ୍ତି । ପାଣ୍ଡିତ୍ୟ ଅବଶ୍ୟ ଉତ୍କୃଷ୍ଟ; କିନ୍ତୁ କଟମଟ ଭାଷା, ଯାହା ଅପ୍ରାକୃତିକ, କଳ୍ପିତ ମାତ୍ର, ତାକୁ ଛାଡ଼ି କଅଣ ପାଣ୍ଡିତ୍ୟ ହୁଏ ନାହିଁ ? ଚଳନ୍ତି-ଭାଷାରେ କଅଣ ଆଉ ଶିଳ୍ପନୈପୁଣ୍ୟ ହୁଏ ନାହିଁ ? ସ୍ୱାଭାବିକ ଭାଷାକୁ ଛାଡ଼ି

ଗୋଟିଏ ଅସ୍ୱାଭାବିକ ଭାଷା ତିଆରି କରି କ'ଣ ହେବ ? ଯେଉଁ ଭାଷାରେ ଘରେ କଥା କହ, ସେଥିରେ ହିଁ ତ ସମସ୍ତ ପାଣ୍ଡିତ୍ୟ ଗବେଷଣା ମନେ ମନେ କର; ତେବେ ଲେଖିବାବେଳେ କାହିଁକି ଗୋଟାଏ କିମ୍ଭୂତକିମାକାର ଭାଷା ଉପସ୍ଥିତ କର ? ଯେଉଁ ଭାଷାରେ ନିଜ ମନରେ ଦର୍ଶନ ବିଜ୍ଞାନ ଚିନ୍ତା କର, ଦଶ ଜଣଙ୍କ ବିଚାର କର—ସେ ଭାଷା କଅଣ ଦର୍ଶନ ବିଜ୍ଞାନ ଲେଖିବାର ଭାଷା ନୁହେଁ ? ଯଦି ନ ହୁଏ, ତେବେ ନିଜ ମନରେ ଏବଂ ପାଞ୍ଚଜଣ ସେସବୁ ତତ୍ତ୍ୱର ବିଚାର କିପରି କର ? ସ୍ୱାଭାବିକ ଯେଉଁ ଭାଷାରେ ମନର ଭାବ ଆମେମାନେ ପ୍ରକାଶ କରୁଁ, ଯେଉଁ ଭାଷାରେ କ୍ରୋଧ, ଦୁଃଖ, ପ୍ରେମ ଇତ୍ୟାଦି ଜଣାଉ, ତାହାଠାରୁ ଉପଯୁକ୍ତ ଭାଷା ଆଉ ହୋଇପାରିବ ନାହିଁ; ସେହି ଭାବ, ସେହି ଭଙ୍ଗୀ, ସେହି ସମସ୍ତ ବ୍ୟବହାର କରିଯିବାକୁ ହେବ । ସେ ଭାଷାର ଯେପରି ବଳ, ଯେପରି ଅଳ୍ପ ଭିତରେ ବହୁତ, ଯେପରି ଯେଣିକି ଫେରାଇବ ସେଣିକି ଫେରିବ, ସେପରି କୌଣସି ତିଆରି ଭାଷା କୌଣସି କାଳରେ ମଧ୍ୟ ହେବ ନାହିଁ । ଭାଷାକୁ କରିବାକୁ ହେବ—ଯେପରି ସାଫ୍ ଇସ୍ପାତ୍, ମୋଡ଼ି ମୋଡ଼ି ଯାହା ଇଚ୍ଛା କର - ପୁଣି ଯେପରିକୁ ସେପରି, ଏକା ଚୋଟକେ ପଥର କାଟିଦିଏ, ଦାନ୍ତ ଭାଙ୍ଗେ ନାହିଁ । ଆମମାନଙ୍କ ଭାଷା—ସଂସ୍କୃତର ନକଲି ଚାଲ – ସେହି ଗୋଟାଏ ଚାଲି ନକଲ କରି ଅସ୍ୱାଭାବିକ ହୋଇଯାଇଛି । ଭାଷା ହେଉଛି ଉନ୍ନତିର ପ୍ରଧାନ ଉପାୟ, ଲକ୍ଷଣ ।

ଯଦି କହ, ସେକଥା ଭଲ; ତେବେ ବଙ୍ଗଦେଶର ସ୍ଥାନେ ସ୍ଥାନେ ନାନା ପ୍ରକାରର ଭାଷା, କେଉଁଟି ଗ୍ରହଣ କରିବ ? ପ୍ରାକୃତିକ ନିୟମରେ ଯେଉଁଟି ବଳବାନ୍ ହେଉଛି ଏବଂ ଖେଳେଇ ଯାଉଛି, ସେହିଟିକୁ ହିଁ ନେବାକୁ ହେବ; ଅର୍ଥାତ୍ କଲିକତାର ଭାଷା । ପୂର୍ବ-ପଶ୍ଚିମ, ଯେଉଁ ଦିଗରୁ ଆସୁନା କାହିଁକି, ଥରେ କଲିକତା ପବନ ଖାଇଲେ ଦେଖୁଛି, ସେହି ଭାଷା ହିଁ ଲୋକେ କହନ୍ତି । ସେତେବେଳେ ପ୍ରକୃତି ଆପଣାଛାଏଁ ଦେଖାଇ ଦେଉଛନ୍ତି ଯେ, କେଉଁ ଭାଷା ଲେଖିବାକୁ ହେବ । ଯେତେ ରେଲ ଏବଂ ଗତାଗତର ସୁବିଧା ହେବ, ସେତେ ପୂର୍ବ-ପଶ୍ଚିମା ଭେଦ ଉଠିଯିବ ଏବଂ ଚଟ୍ଟଗ୍ରାମଠାରୁ ବୈଦ୍ୟନାଥ ପର୍ଯ୍ୟନ୍ତ ସେହି କଲିକତାର ଭାଷା ହିଁ ଚଳିବ । କେଉଁ ଜିଲ୍ଲାର ଭାଷା । ସଂସ୍କୃତର ବେଶୀ ନିକଟ, ସେକଥା ହେଉ ନାହିଁ—କେଉଁ ଭାଷା ଜିତୁଛି ସେଇଟାକୁ ଦେଖ । ଯେତେବେଳେ ଦେଖିପାରୁଛି ଯେ, କଲିକତା-ଭାଷା ହିଁ ଅଳ୍ପ ଦିନରେ ସମସ୍ତ ବଙ୍ଗଦେଶର ଭାଷା ହୋଇଯିବ, ସେତେବେଳେ ଯଦି ପୁସ୍ତକର ଭାଷା ଓ ଘରେ କଥାକୁହା ଭାଷାକୁ ଏକ କରିବାକୁ ହୁଏ, ତେବେ ବୁଦ୍ଧିମାନ୍ ଅବଶ୍ୟ ହିଁ କଲିକତାର ଭାଷାକୁ ଭିତ୍ତିସ୍ୱରୂପ ଗ୍ରହଣ କରିବେ । ଏଠାରେ ଗ୍ରାମ୍ୟ ଈର୍ଷାଟିକୁ ମଧ୍ୟ ଜଳରେ ଭସାଇଦେବାକୁ ହେବ । ସମସ୍ତ ଦେଶର ଯେଉଁଥିରେ କଲ୍ୟାଣ, ସେଠାରେ ତୁମର ଜିଲ୍ଲା ବା ଗ୍ରାମର ପ୍ରାଧାନ୍ୟଟିକୁ ଭୁଲିଯିବାକୁ ହେବ । ଭାଷା ଭାବର ବାହକ । ଭାବ ହିଁ ପ୍ରଧାନ; ଭାଷା ପରେ । ହୀରା-ମୋତିର ସାଜ ପିନ୍ଧା ଘୋଡ଼ା ଉପରେ ମାଙ୍କଡ଼ ବସାଇଲେ କଅଣ ଭଲ ଦିଶିବ ? ସଂସ୍କୃତ ଆଡ଼କୁ ଦେଖିଲ ଦେଖି । 'ବ୍ରାହ୍ମଣ'ର ସଂସ୍କୃତ ଦେଖ, ଶବରସ୍ୱାମୀଙ୍କ 'ମୀମାଂସାଭାଷ୍ୟ' ଦେଖ, ପତଞ୍ଜଳିଙ୍କ 'ମହାଭାଷ୍ୟ' ଦେଖ, ଶେଷରେ—ଆଚାର୍ଯ୍ୟଙ୍କ ମହାଭାଷ୍ୟ ଦେଖ, ଆଉ ଅର୍ବାଚୀନ କାଳର ସଂସ୍କୃତ ଦେଖ । ଏକ୍ଷଣି ବୁଝିପାରିବ ଯେ, ଯେତେବେଳେ ମଣିଷ ବଞ୍ଚିଥାଏ,

ସେତେବେଳେ ଜୀଅନ୍ତା କଥା କୁହେ; ମରଗଲେ ମଲ-ଭାଷାରେ କଥା କୁହେ । ଯେତେ ମରଣ ନିକଟ ହୁଏ, ନୂତନ ଚିନ୍ତାଶକ୍ତିର ଯେତେ କ୍ଷୟ ହୁଏ, ସେତେ ହିଁ ଦୁ'ଟା ଗୋଟାଏ ପଚା ଭାବକୁ ରାଶୀକୃତ ଫୁଲ-ଚନ୍ଦନ ଦେଇ ଛାଙ୍କିଦେବାର ଚେଷ୍ଟା ହଠାତ୍ ହୁଏ । ବାପ୍‌ରେ, ସେ କି ଆଡ଼ମ୍ବର—ଦଶପୃଷ୍ଠା ଲମ୍ବା ଲମ୍ବା ବିଶେଷଣ ପରେ ହଠାତ୍ କି—'ରଜା ଆସୀତ୍' !!! ଆହା-ହା ! କି ପେଞ୍ଚୁଆ ବିଶେଷଣ, କି ବାହାଦୁର୍ ସମାସ, କି ଶ୍ଳେଷ !! ସେସବୁ ମଡ଼ାର ଲକ୍ଷଣ । ଯେତେବେଳେ ଦେଶଟା ଉଚ୍ଛନ୍ନ ହେବାକୁ ଆରମ୍ଭ ହେଲା, ସେତେବେଳେ ଏହିସବୁ ଚିହ୍ନର ଉଦୟ ହେଲା । ଏଇଟା କେବଳ ଭାଷାରେ ନୁହେଁ, ସବୁ ଶିଳ୍ପରେ ହିଁ ଆସିଲା । ଘରଟାର ନା ଅଛି ଭାବ, ନା ଭଙ୍ଗୀ; ଖୁଣ୍ଟଗୁଡ଼ାକ କୁନ୍ଦି କୁନ୍ଦି ସାରା କରିଦେଲେ । ଗହଣାଟା ନାକ ଫୋଡ଼ି ବେକ ଫୋଡ଼ି ବ୍ରହ୍ମରାକ୍ଷସୀ ସଜାଇଦେଲେ, କିନ୍ତୁ ସେ ଗହଣାରେ ଲତାପତ୍ର ଚିତ୍ରବିଚିତ୍ରର କି ଅଲଙ୍କରଣ !! ଗୀତ ହେଉଛି, କି କାନ୍ଦଣା ହେଉଛି, କି କଳିଗୋଳ ହେଉଛି—ତାହାର କି ଭାବ, କି ଉଦ୍ଦେଶ୍ୟ, ତାହା ଭରତ ଋଷି ମଧ୍ୟ ବୁଝି ପାରନ୍ତି ନାହିଁ; ପୁଣି ସେ ଗୀତ ଭିତରେ କି କୁଟିଳ କାରସାଦି ! ପୁଣି କି ଅଙ୍କାବଙ୍କା ପାଟିତୁଣ୍ଡ, ଛତିଶ ନାଡ଼ୀର ଟାଣ ସେଥିରେ ବାବା ! ତା' ଉପରେ ମୁସଲମାନ ଓସ୍ତାଦର ନକଲ କରି ଦାନ୍ତରେ ଦାନ୍ତ ଚିପି, ନାକବାଟେ ଆଓ୍ବାଜରେ ସେ ଗୀତର ଆବିର୍ଭାବ । ସେଗୁଡ଼ାକ ସୁଧାରିବାର ଲକ୍ଷଣ ଏବେ ହେଉଛି । ଏବେ କ୍ରମେ ବୁଝିବେ ଯେ, ଯେଉଁଟା ଭାବହୀନ, ପ୍ରାଣହୀନ—ସେ ଭାଷା, ସେ ଶିଳ୍ପ, ସେ ସଙ୍ଗୀତ—କୌଣସି କାମର ନୁହେଁ । ଏବେ ବୁଝିବ ଯେ, ଜାତୀୟ ଜୀବନରେ ଯେତିକି ଯେତିକି ବଳ ଆସିବ, ସେତିକି ସେତିକି ଭାଷା, ଶିଳ୍ପ, ସଙ୍ଗୀତ ପ୍ରଭୃତି ନିଜେ ନିଜେ ଭାବମୟ ପ୍ରାଣପୂର୍ଣ୍ଣ ହୋଇଉଠିବ । ଦୁଇଟା ଚଳନ୍ତି କଥାରେ ଯେଉଁ ଭାବରାଶି ଆସିବ—ତାହା ଦୁଇ ହଜାର ଗୁନ୍ଥୁଆ ବିଶେଷଣରେ ମଧ୍ୟ ନାହିଁ । ସେତେବେଳେ ଦେବତା ମୂର୍ତ୍ତି ଦେଖିଲେ ହିଁ ଭକ୍ତି ହେବ, ଗହଣାପିନ୍ଧା ନାରୀ ମାତ୍ରେ ହିଁ ଦେବୀ ବୋଲି ବୋଧ ହେବେ, ଆଉ ଘରଦ୍ୱାର ସବୁ ପ୍ରାଣ-ସ୍ପନ୍ଦନରେ ଉଲ୍ଲସିତ ହେବ ।

## ଜ୍ଞାନାର୍ଜନ

ବ୍ରହ୍ମା—ଦେବତାମାନଙ୍କ ମଧ୍ୟରେ ପ୍ରଥମ ଓ ପ୍ରଧାନ—ଶିଷ୍ୟ-ପରମ୍ପରାରେ ଜ୍ଞାନ ପ୍ରଚାର କଲେ; ଉତ୍ସର୍ପିଣୀ ଓ ଅବସର୍ପିଣୀ[୧] କାଳଚକ୍ର ମଧ୍ୟରେ କତିପୟ ଅଲୌକିକ ସିଦ୍ଧପୁରୁଷ—ଜିନର ପ୍ରାଦୁର୍ଭାବ ହୁଏ ଓ ସେମାନଙ୍କଠାରୁ ମାନବସମାଜରେ ଜ୍ଞାନର ପୁନଃପୁନଃ ସ୍ଫୂର୍ତ୍ତି ହୁଏ; ସେହିପରି ବୌଦ୍ଧମତରେ ସର୍ବଜ୍ଞ ବୁଦ୍ଧନାମଧେୟ ମହାପୁରୁଷମାନଙ୍କର ବାରମ୍ବାର ଆବିର୍ଭାବ; ପୌରାଣିକମାନଙ୍କର ଅବତାରଙ୍କର ଅବତରଣ, ଆଧ୍ୟାତ୍ମିକ

---

[୧] ଊର୍ଦ୍ଧ୍ୱଗାମିନୀ ଓ ଅଧୋଗାମିନୀ

ପ୍ରୟୋଜନରେ ବିଶେଷରୂପରେ, ଅନ୍ୟାନ୍ୟ ନିମିତ୍ତ-ଅବଲମ୍ବନରେ ମଧ୍ୟ; ମହାମନା ସ୍ପିତାମା ଜରଥୁଷ୍ଟ୍ର[୧] ଜ୍ଞାନଦୀପ୍ତି ମର୍ତ୍ତ୍ୟଲୋକକୁ ଆନୟନ କଲେ; ହଜରତ୍ ମୁଶା, ଈଶା ଓ ମହମ୍ମଦ ମଧ୍ୟ ସେହିପରି ଅଲୌକିକ ଉପାୟଶାଳୀ ହୋଇ ଅଲୌକିକ ପଥରେ ଅଲୌକିକ ଜ୍ଞାନ ମାନବସମାଜରେ ପ୍ରଚ୍ଚର କଲେ ।

କେତେ ଜଣ ମାତ୍ର ଜିନ ହୁଅନ୍ତି, ତାହାଛଡ଼ା ଆଉ କାହାରି ମଧ୍ୟ ଜିନ ହେବାର ଉପାୟ ନାହିଁ, ଅନେକେ ମୁକ୍ତ ହୁଅନ୍ତି ମାତ୍ର; ବୁଦ୍ଧ ନାମକ ଅବସ୍ଥା ସମସ୍ତେ ପ୍ରାପ୍ତ ହୋଇପାରନ୍ତି, ବ୍ରହ୍ମାଦି—ପଦବୀ ମାତ୍ର, ଜୀବମାତ୍ରେ ହିଁ ହେବାର ସମ୍ଭାବନା; ଜରଥୁଷ୍ଟ୍ର, ମୁଶା, ଈଶା, ମହମ୍ମଦ—ଲୋକବିଶେଷ, କାର୍ଯ୍ୟବିଶେଷ ପାଇଁ ଅବତୀର୍ଣ୍ଣ; ତଦବତ୍ ପୌରାଣିକ ଅବତାରଗଣ—ସେହି ଆସନରେ ଅନ୍ୟର ଦୃଷ୍ଟିନିକ୍ଷେପ କରିବା ବାତୁଳତା । 'ଅଦମ୍' ଫଳ ଖାଇ ଜ୍ଞାନ ପାଇଲେ । 'ନୂ' (Noah) ଜିହୋବାଦେବଙ୍କ ଅନୁଗ୍ରହରେ ସାମାଜିକ ଶିଳ୍ପ ଶିଖିଲେ । ଭାରତରେ ସକଳ ଶିଳ୍ପର ଅଧିଷ୍ଠାତା—ଦେବଗଣ ବା ସିଦ୍ଧପୁରୁଷ; ଜୋତା ସିଲେଇଠାରୁ ଚଣ୍ଡୀପାଠ ପର୍ଯ୍ୟନ୍ତ ସମସ୍ତ ହିଁ ଅଲୌକିକ ପୁରୁଷମାନଙ୍କ କୃପା । 'ଗୁରୁ ବିନ୍ ଜ୍ଞାନ ନାହିଁ'; ଶିଷ୍ୟପରମ୍ପରାରେ ସେହି ଜ୍ଞାନବଳ ଗୁରୁମୁଖରୁ ନ ଆସିଲେ, ଗୁରୁକୃପା ନ ହେଲେ ଆଉ ଉପାୟ ନାହିଁ ।

ପୁଣି ଦାର୍ଶନିକମାନେ—ବୈଦାନ୍ତିକମାନେ କହନ୍ତି, ଜ୍ଞାନ ମନୁଷ୍ୟର ସ୍ୱଭାବସିଦ୍ଧ ଧନ—ଆତ୍ମାର ପ୍ରକୃତି; ଏହି ମାନବାତ୍ମା ହିଁ ଅନନ୍ତ ଜ୍ଞାନର ଆଧାର, ତାହାକୁ ପୁଣି କିଏ ଶିଖାଇବ ? କୁକର୍ମଦ୍ୱାରା ସେହି ଜ୍ଞାନ ଉପରେ ଯେ ଗୋଟାଏ ଆବରଣ ପଡ଼ିଛି, ତାହା କଟିଯାଏ ମାତ୍ର । ଅଥବା ସେହି 'ସ୍ୱତଃସିଦ୍ଧ ଜ୍ଞାନ' ଅନାଚାରଦ୍ୱାରା ସଙ୍କୁଚିତ ହୋଇଯାଏ, ଈଶ୍ୱରଙ୍କ କୃପାରୁ ସଦାଚାରଦ୍ୱାରା ପୁନର୍ବିସ୍ତାରିତ ହୁଏ । ଅଷ୍ଟାଙ୍ଗ-ଯୋଗାଦିଦ୍ୱାରା, ଈଶ୍ୱରଙ୍କଠାରେ ଭକ୍ତିଦ୍ୱାରା, ନିଷ୍କାମ କର୍ମଦ୍ୱାରା, ଜ୍ଞାନଚର୍ଚ୍ଚାଦ୍ୱାରା ଅନ୍ତର୍ନିହିତ ଅନନ୍ତ ଶକ୍ତି ଓ ଜ୍ଞାନର ବିକାଶ—ଏହା ମଧ୍ୟ ପଢ଼ାଯାଏ ।

ଆଧୁନିକମାନେ ଅପର ଦିଗରେ, ଅନନ୍ତସ୍ଫୂର୍ତ୍ତିର ଆଧାରସ୍ୱରୂପ ମାନବ-ମନ ଦେଖୁଛନ୍ତି, ଉପଯୁକ୍ତ ଦେଶକାଳପାତ୍ର ପରସ୍ପର ଉପରେ କ୍ରିୟାବାନ୍ ହୋଇପାରିଲେ ହିଁ ଜ୍ଞାନର ସ୍ଫୂର୍ତ୍ତି ହେବ, ଏହା ହିଁ ସମସ୍ତଙ୍କର ଧାରଣା । ପୁଣି ଦେଶକାଳର ବିଡ଼ମ୍ବନା ପାତ୍ରର ତେଜରେ ଅତିକ୍ରମ କରାଯାଏ । ସତ୍ପାତ୍ର କୁଦେଶରେ କୁକାଳରେ ପଡ଼ିଲେ ମଧ୍ୟ ବାଧା ଅତିକ୍ରମ କରି ନିଜ ଶକ୍ତିର ବିକାଶ କରେ । ପାତ୍ର ଉପରେ, ଅଧିକାରୀ ଉପରେ ଯେଉଁସବୁ ଭାର ଲଦା ହୋଇଥିଲା, ତାହା ମଧ୍ୟ କମିଆସୁଛି । ସେଦିନର ବର୍ବର ଜାତିମାନେ ମଧ୍ୟ ଯତ୍ନଗୁଣରେ ସୁସଭ୍ୟ ଓ ଜ୍ଞାନୀ ହୋଇଉଠୁଛନ୍ତି—ନିମ୍ନସ୍ତର ଉଚ୍ଚତମ ଆସନ ଅପ୍ରତିହତ ଗତିରେ ଲାଭ କରୁଛି । ନିରାମିଷଭୋଜୀ ପିତାମାତାଙ୍କ ସନ୍ତାନ ମଧ୍ୟ ସୁବିନୀତ, ବିଦ୍ୱାନ୍ ହୋଇଛନ୍ତି, ସାନ୍ତାଲ ବଂଶଧରମାନେ ମଧ୍ୟ ଇଂରେଜଙ୍କ କୃପାରେ ବଙ୍ଗାଳୀ ପୁଅମାନଙ୍କ ସହିତ ବିଦ୍ୟାଳୟରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥାପନ କରୁଛନ୍ତି । ପିତୃପିତାମହାଗତ ଗୁଣର ପକ୍ଷପାତିତା ବହୁତ କମିଆସିଛି ।

---

୧ ପାରସୀମାନଙ୍କର ପ୍ରାଚୀନ ଗୁରୁ

ବଳେ ଅଛନ୍ତି, ଯେଉଁମାନଙ୍କର ବିଶ୍ୱାସ—ପ୍ରାଚୀନ ମହାପୁରୁଷମାନଙ୍କର ଅଭିପ୍ରାୟ ପୂର୍ବପୁରୁଷପରମ୍ପରାଗତ ପଥରେ ସେମାନେ ହିଁ ପ୍ରାପ୍ତ ହୋଇଛନ୍ତି ଏବଂ ସବୁ ବିଷୟର ଜ୍ଞାନର ଗୋଟିଏ ନିର୍ଦ୍ଦିଷ୍ଟ ଭଣ୍ଡାର ଅନନ୍ତ କାଳରୁ ହିଁ ଅଛି, ସେହି ଖଜଣା ପୂର୍ବପୁରୁଷମାନଙ୍କ ହସ୍ତରେ ନ୍ୟସ୍ତ ହୋଇଥିଲା। ସେମାନେ ଉତ୍ତରାଧିକାରୀ, ଜଗତର ପୂଜ୍ୟ। ଯେଉଁମାନଙ୍କର ଏପ୍ରକାର ପୂର୍ବପୁରୁଷ ନାହାନ୍ତି, ସେମାନଙ୍କର ଉପାୟ ? କିଛି ହିଁ ନାହିଁ। ତେବେ ଯେ ଅପେକ୍ଷାକୃତ ସଦାଶୟ, ଉତ୍ତର ଦେଲେ—ଆମମାନଙ୍କ ପଦଲେହନ କର, ସେହି ସୁକୃତ ଫଳରେ ଆଗାମୀ ଜନ୍ମରେ ଆମମାନଙ୍କ ବଂଶରେ ଜନ୍ମଗ୍ରହଣ କରିବ।—ଆଉ ଏହି ଯେ ଆଧୁନିକମାନେ ବହୁବିଦ୍ୟାର ଆବିର୍ଭାବ କରୁଛନ୍ତି—ଯାହା ତୁମେମାନେ ଜାଣ ନାହିଁ ଏବଂ ତୁମମାନଙ୍କ ପୂର୍ବପୁରୁଷମାନେ ଯେ ଜାଣିଥିଲେ, ତାହାର ମଧ୍ୟ ପ୍ରମାଣ ନାହିଁ ? ପୂର୍ବପୁରୁଷମାନେ ଜାଣିଥିଲେ ସନ୍ଦେହ ନାହିଁ, ତେବେ ଲୋପ ପାଇଯାଇଛି।

ଅବଶ୍ୟ ପ୍ରତ୍ୟକ୍ଷବାଦୀ ଆଧୁନିକମାନେ ଏସବୁ କଥାରେ ଆସ୍ଥା ପ୍ରକାଶ କରନ୍ତି ନାହିଁ।

ଅପରା ଓ ପରାବିଦ୍ୟାରେ ପାର୍ଥକ୍ୟ ରହିଛି ନିଶ୍ଚିତ; ଆଧିଭୌତିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପାର୍ଥକ୍ୟ ଅଛି ନିଶ୍ଚିତ; ଗୋଟିକର ପଥ ଅନ୍ୟର ନ ହୋଇପାରେ; ଗୋଟିଏ ଉପାୟ ଅବଲମ୍ବନଦ୍ୱାରା ସକଳ ପ୍ରକାର ଜ୍ଞାନ-ରାଜ୍ୟର ଦ୍ୱାର ଉଦ୍‌ଘାଟିତ ନ ହୋଇପାରେ; କିନ୍ତୁ ସେହି ପାର୍ଥକ୍ୟ (difference)କେବଳ ଉଚ୍ଚତାର ତାରତମ୍ୟ, କେବଳ ଅବସ୍ଥାଭେଦ, ଉପାୟର ଅବସ୍ଥା ଅନୁଯାୟୀ ପ୍ରୟୋଜନଭେଦ; ବାସ୍ତବିକ ସେହି ଗୋଟିଏ ଅଖଣ୍ଡ ଜ୍ଞାନ ବ୍ରହ୍ମାଦିସ୍ତମ୍ବ ପର୍ଯ୍ୟନ୍ତ ବ୍ରହ୍ମାଣ୍ଡ-ପରିବ୍ୟାପ୍ତ।

'ଜ୍ଞାନ-ମାତ୍ରେ ହିଁ ପୁରୁଷବିଶେଷଙ୍କଦ୍ୱାରା ଅଧିକୃତ ଏବଂ ସେହିସବୁ ବିଶେଷ ପୁରୁଷ ଈଶ୍ୱର ବା ପ୍ରକୃତି ବା କର୍ମନିର୍ଦ୍ଦିଷ୍ଟ ହୋଇ ଯଥାକାଳରେ ଜନ୍ମଗ୍ରହଣ କରନ୍ତି; ତଦ୍‌ଭିନ୍ନ କୌଣସି ବିଷୟରେ ଜ୍ଞାନଲାଭର ଆଉ କୌଣସି ଉପାୟ ନାହିଁ'—ଏହା ସ୍ଥିର ସିଦ୍ଧାନ୍ତ ହେଲେ ସମାଜରୁ ଉଦ୍ୟୋଗ ଉତ୍ସାହାଦି ଅନ୍ତର୍ହିତ ହୁଏ, ଉଦ୍ଭାବନା-ଶକ୍ତି ଚର୍ଚ୍ଚାଭାବରେ କ୍ରମଶଃ ବିଲୀନ ହୁଏ—ନୂତନ ବସ୍ତୁରେ ଆଉ କାହାର ମଧ୍ୟ ଆଗ୍ରହ ହୁଏ ନାହିଁ, ହେବାର ଉପାୟକୁ ମଧ୍ୟ ସମାଜ କ୍ରମେ ବନ୍ଦ କରିଦିଅନ୍ତି। ଯଦି ଏହା ହିଁ ସ୍ଥିର ହେଲା ଯେ, ସର୍ବଜ୍ଞ ପୁରୁଷଗଣଙ୍କ-ଦ୍ୱାରା ମାନବର କଲ୍ୟାଣ-ପନ୍ଥା ଅନନ୍ତ କାଳ ପାଇଁ ନିର୍ଦ୍ଦିଷ୍ଟ ହୋଇଛି, ତାହାହେଲେ ସେସବୁ ନିର୍ଦ୍ଦେଶର ରେଖା-ମାତ୍ର ବ୍ୟତିକ୍ରମ ହେଲେ ହିଁ ସର୍ବନାଶ ହେବା ଭୟରେ ସମାଜ କଠୋର ଶାସନଦ୍ୱାରା ମନୁଷ୍ୟଗଣଙ୍କୁ ସେହି ନିର୍ଦ୍ଦିଷ୍ଟ ପଥକୁ ନେଇଯିବା ପାଇଁ ଚେଷ୍ଟା କରେ। ଯଦି ସମାଜ ଏ ବିଷୟରେ କୃତକାର୍ଯ୍ୟ ହୁଏ, ତେବେ ମନୁଷ୍ୟର ପରିଣାମ ଯନ୍ତ୍ରପରି ହୋଇଯାଏ। ଜୀବନର ପ୍ରତ୍ୟେକ କାର୍ଯ୍ୟ ଯଦି ଆଗଠାରୁ ସୁନିର୍ଦ୍ଦିଷ୍ଟ ହୋଇ ରହିଛି, ତେବେ ଚିନ୍ତା-ଶକ୍ତିର ପର୍ଯ୍ୟାଲୋଚନାରେ ଆଉ କି ଫଳ ? କ୍ରମେ ବ୍ୟବହାର ଅଭାବରୁ ଉଦ୍ଭାବନା-ଶକ୍ତିର ଲୋପ ହୁଏ ଓ ତମୋଗୁଣପୂର୍ଣ୍ଣ ଜଡ଼ତା ଆସି ପଡ଼ିଯାଏ; ସେହି ସମାଜ କ୍ରମଶଃ ହିଁ ଅଧୋଗତିରେ ଗମନ କରୁଥାଏ।

ଅପର ଦିଗରେ, ସର୍ବପ୍ରକାର ନିର୍ଦ୍ଦେଶବିହୀନ ହେଲେହେଁ ଯଦି କଲ୍ୟାଣ ହୁଅନ୍ତା,

ତାହାହେଲେ ଚୀନ, ହିନ୍ଦୁ, ମିସର, ବାବିଲ, ଇରାନ, ଗ୍ରୀସ୍, ରୋମ୍ ଓ ସେମାନଙ୍କ ବଂଶଧରମାନଙ୍କୁ ଛାଡ଼ି ସଭ୍ୟତା ଓ ବିଦ୍ୟାଶ୍ରୀ ଜୁଲୁ, କାଫ୍ରି, ହଟେଣ୍ଟଟ, ସାନ୍ତାଳ, ଆଣ୍ଡାମାନୀ ଓ ଅଷ୍ଟ୍ରେଲିଆନ୍ ପ୍ରଭୃତି ଜାତିଗଣଙ୍କୁ ହିଁ ଆଶ୍ରୟ କରନ୍ତା ।

ଅତଏବ ମହାପୁରୁଷମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପଥର ମଧ୍ୟ ଗୌରବ ଅଛି, ଗୁରୁପରମ୍ପରାଗତ ଜ୍ଞାନର ମଧ୍ୟ ବିଶେଷ ବିଧେୟତା ଅଛି, ଜ୍ଞାନର ସର୍ବାନ୍ତର୍ଯାମିତ୍ୱ ମଧ୍ୟ ଗୋଟିଏ ଅନନ୍ତ ସତ୍ୟ । କିନ୍ତୁ ବୋଧହୁଏ, ପ୍ରେମର ଉଚ୍ଛ୍ୱାସରେ ଆତ୍ମହରା ହୋଇ ଭକ୍ତମାନେ ମହାଜନମାନଙ୍କର ଅଭିପ୍ରାୟ—ସେମାନଙ୍କ ପୂଜା ସମକ୍ଷରେ ବଳିଦାନ କରନ୍ତି ଏବଂ ସ୍ୱୟଂ ହତଶ୍ରୀ ହେଲେ ମନୁଷ୍ୟ ସ୍ୱଭାବତଃ ପୂର୍ବପୁରୁଷମାନଙ୍କର ଐଶ୍ୱର୍ଯ୍ୟସ୍ମରଣରେ ହିଁ କାଳାତିପାତ କରିଥାଏ, ଏହା ମଧ୍ୟ ପ୍ରତ୍ୟକ୍ଷସିଦ୍ଧ । ଭକ୍ତିପ୍ରବଣ ହୃଦୟ ସର୍ବପ୍ରକାରରେ ପୂର୍ବପୁରୁଷମାନଙ୍କର ପଦରେ ଆତ୍ମସମର୍ପଣ କରି ସ୍ୱୟଂ ଦୁର୍ବଳ ହୋଇଯାଏ ଏବଂ ପରବର୍ତ୍ତୀ କାଳରେ ସେହି ଦୁର୍ବଳତା ହିଁ ଶକ୍ତିହୀନ ଗର୍ବିତ ହୃଦୟକୁ ପୂର୍ବପୁରୁଷମାନଙ୍କର ଗୌରବ-ଘୋଷଣାରୂପକ ଜୀବନଧାରା ମାତ୍ର ଅବଲମ୍ବନ କରିବାକୁ ଶିଖାଏ ।

ପୂର୍ବବର୍ତ୍ତୀ ମହାପୁରୁଷମାନେ ସମୁଦାୟ ହିଁ ଜାଣିଥିଲେ, କାଳବଶରେ ସେହି ଜ୍ଞାନର ଅଧିକାଂଶ ହିଁ ଲୋପ ପାଇଯାଇଛି—ଏ କଥା ସତ୍ୟ ହେଲେ ମଧ୍ୟ ଏହା ହିଁ ସିଦ୍ଧାନ୍ତ ହେବ ଯେ, ସେହି ଲୋପର କାରଣ—ପରବର୍ତ୍ତୀ ବଂଶଧରମାନଙ୍କ ନିକଟରେ ସେହି ଲୁପ୍ତ ଜ୍ଞାନ ଥିବା ନ ଥିବା ସମାନ; ନୂତନ ଉଦ୍ୟୋଗ କରି ପୁନର୍ବାର ପରିଶ୍ରମ କରି ତାହା ପୁଣି ଶିଖିବାକୁ ହେବ ।

ଆଧ୍ୟାତ୍ମିକ ଜ୍ଞାନ ଯେ ବିଶୁଦ୍ଧ ଚିତ୍ତରେ ନିଜେ ନିଜେ ସ୍ଫୁରିତ ହୁଏ, ତାହା ମଧ୍ୟ ଚିତ୍ତଶୁଦ୍ଧିରୂପକ ବହୁ ଆୟାସ ଓ ପରିଶ୍ରମସାଧ୍ୟ । ଆଧିଭୌତିକ ଜ୍ଞାନର ଯେଉଁସବୁ ଗୁରୁତର ସତ୍ୟ ମାନବହୃଦୟରେ ପରିସ୍ଫୁରିତ ହୋଇଛି, ଅନୁସନ୍ଧାନରେ ଜଣାଯାଏ ଯେ, ସେଗୁଡ଼ିକ ମଧ୍ୟ ସହସା ଉଦ୍‌ଭୂତ ଦୀପ୍ତିପରି ମନୀଷୀମାନଙ୍କ ମନରେ ସମୁଦିତ ହୋଇଛି; କିନ୍ତୁ ବନ୍ୟ ଅସଭ୍ୟ ମନୁଷ୍ୟର ମନରେ ତାହା ହୁଏ ନାହିଁ—ଏହା ହିଁ ପ୍ରମାଣ ଯେ, ଆଲୋଚନା ଓ ବିଦ୍ୟାଚର୍ଚ୍ଚାରୂପକ କଠୋର ତପସ୍ୟା ହିଁ ତାହାର କାରଣ ।

ଅଲୌକିକତ୍ୱରୂପକ ଯେଉଁ ଅଦ୍ଭୁତ ବିକାଶ, ଚିରୋପାର୍ଜ୍ଜିତ ଲୌକିକ ଚେଷ୍ଟା ହିଁ ତାହାର କାରଣ, ଲୌକିକ ଓ ଅଲୌକିକ—କେବଳ ପ୍ରକାଶର ତାରତମ୍ୟରେ ।

ମହାପୁରୁଷତ୍ୱ, ଋଷିତ୍ୱ, ଅବତାରତ୍ୱ ବା ଲୌକିକ ବିଦ୍ୟାରେ ମହାବୀରତ୍ୱ ସର୍ବଜୀବଙ୍କ ମଧ୍ୟରେ ଅଛି, ଉପଯୁକ୍ତ ଗବେଷଣା ଓ କାଳାଦି ସହାୟରେ ତାହା ପ୍ରକାଶିତ ହୁଏ । ଯେଉଁ ସମାଜରେ ସେହିପ୍ରକାର ବୀରଗଣଙ୍କର ଥରେ ପ୍ରାଦୁର୍ଭାବ ହୋଇଯାଇଛି, ସେଠାରେ ପୁନର୍ବାର ମନୀଷୀଗଣଙ୍କର ଅଭ୍ୟୁତ୍ଥାନ ଅଧିକ ସମ୍ଭବ । ଗୁରୁସହାୟ ସମାଜ ଅଧିକତର ବେଗରେ ଅଗ୍ରସର ହୁଏ, ତହିଁରେ ସନ୍ଦେହ ନାହିଁ; କିନ୍ତୁ ଗୁରୁହୀନ ସମାଜରେ କାଳକ୍ରମେ ଗୁରୁଙ୍କ ଉଦୟ ଓ ଜ୍ଞାନର ବେଗପ୍ରାପ୍ତି ସେହିପରି ହିଁ ନିଶ୍ଚିତ ।

# ଭାବିବାର କଥା

( ୧ )

ଠାକୁର-ଦର୍ଶନ ପାଇଁ ଜଣେ ବ୍ୟକ୍ତି ଆସି ଉପସ୍ଥିତ । ଦର୍ଶନଲାଭରେ ତାହାର ଯଥେଷ୍ଟ ପ୍ରୀତି ଓ ଭକ୍ତିର ଉଦୟ ହେଲା । ସେତେବେଳେ ସେ—ବୋଧହୁଏ ଆଦାନ-ପ୍ରଦାନ-ସାମଞ୍ଜସ୍ୟ କରିବା ପାଇଁ—ଗୀତ ଆରମ୍ଭ କଲା । ଅଗଣାର ଗୋଟିଏ କୋଣରେ ଖୁଣ୍ଟକୁ ଆଉଜି 'ଗ୍ରେଟ୍‌ବେଙ୍ଗ' ଢୁଲାଉଥିଲେ । 'ଗ୍ରେଟ୍‌ବେଙ୍ଗ' ମନ୍ଦିରର ପୂଜାରୀ, ପଦ୍ମଲମାନ—ସୀତାସ୍ତ—ଦୁଇ ଲୋଟା ଭାଙ୍ଗ ଦୁଇବେଳା ଉଦରସ୍ଥ କରିବାରେ ବିଶେଷ ପଟୁ ଏବଂ ଅନ୍ୟାନ୍ୟ ଆହୁରି ଅନେକ ସଦ୍‌ଗୁଣଶାଳୀ । ସହସା ଗୋଟିଏ ବିକଟ ନିନାଦ 'ଗ୍ରେଟ୍‌ବେଙ୍ଗ'ଙ୍କ କର୍ଣ୍ଣପଟହ ପ୍ରବଳ ବେଗରେ ଭେଦ କରିବାକୁ ଉଦ୍ୟତ ହେବାରୁ ସମ୍ବିଦା-ସମୁତ୍ପନ୍ନ ବିଚିତ୍ର ଜଗତରୁ କ୍ଷଣକାଳ ପାଇଁ ଗ୍ରେଟ୍‌ବେଙ୍ଗଙ୍କର ବସ୍ତ୍ରାଞ୍ଚଳ ଈଷତ୍ ବିଶାଳ ବକ୍ଷସ୍ଥଳରେ 'ଉତ୍‌ଥାୟ ହୃଦି ଲୀୟନ୍ତେ'—ହେଲା । ତରୁଣ-ଅରୁଣ-କିରଣ-ବର୍ଣ୍ଣ ଢୁଳୁଢୁଳୁ ଦୁଇଟି ନୟନ ଇତସ୍ତତଃ ବିକ୍ଷେପ କରି ମନଶ୍ଚାଞ୍ଚଲ୍ୟର କାରଣାନୁସନ୍ଧାୟୀ 'ଗ୍ରେଟ୍‌ବେଙ୍ଗ' ଆବିଷ୍କାର କଲେ ଯେ, ଏକ ବ୍ୟକ୍ତି ଠାକୁରଙ୍କ ସାମନାରେ ନିଜ ଭାବରେ ନିଜେ ବିଭୋର ହୋଇ, ଭୋଜିଘରର କରେଇମଜା ଭଳି ମର୍ମସ୍ପର୍ଶୀ ସ୍ୱରରେ—ନାରଦ, ଭରତ, ହନୁମାନ, ନାୟକ—କଲାବନ୍ତଗୋଷ୍ଠୀଙ୍କ ସପିଣ୍ଡୀକରଣ କରୁଛି । ସଚ୍ଚିଦାନନ୍ଦ-ଉପଲବ୍ଧିର ପ୍ରତ୍ୟକ୍ଷ ବିଘ୍ନସ୍ୱରୂପ ପୁରୁଷକୁ ମର୍ମାହତ ଗ୍ରେଟ୍‌ବେଙ୍ଗ ତୀବ୍ରବିରକ୍ତିବ୍ୟଞ୍ଜକ ସ୍ୱରରେ ପଚାରୁଛନ୍ତି, 'ହଇ ହେ ବାପା—ଏ ବେସୁର ବେତାଲ କଅଣ ଚିତ୍କାର କରୁଛ ?' କ୍ଷିପ୍ର ଉତ୍ତର ଆସିଲା—'ସ୍ୱରତାଳରେ ମୋର ଆବଶ୍ୟକ କଅଣ ହେ ? ମୁଁ ଠାକୁରଙ୍କର ମନ ଭିଜାଉଛି ।' ଗ୍ରେଟ୍‌ବେଙ୍ଗ—'ହୁଁ, ଠାକୁର କ'ଣ ଏପରି ବେକୁବ କି ରେ ? ତୁ ଗୋଟାଏ ପାଗଳ; ମୋତେ ଭିଜାଇ ପାରୁନାହୁଁ, ଠାକୁର କଅଣ ମୋ'ଠାରୁ ବେଶୀ ମୂର୍ଖ ?'

***

ଭଗବାନ ଅର୍ଜ୍ଜୁନଙ୍କୁ କହୁଛନ୍ତି—ତୁମେ ମୋ ଶରଣ ନିଅ, ଆଉ କିଛି କରିବା ଦରକାର ନାହିଁ, ମୁଁ ତୁମକୁ ଉଦ୍ଧାର କରିବି । ତେଣୁ ଭୋଳାବୁଦ୍ଧି ଲୋକଙ୍କଠାରୁ ଶୁଣି ମହାଖୁସି; ରହି ରହି ବିକଟ ଚିତ୍କାର—ମୁଁ ପ୍ରଭୁଙ୍କ ଶରଣାଗତ, ମୋର ଆଉ ଭୟ କଅଣ ? ମୋତେ କଅଣ ଆଉ କିଛି କରିବାକୁ ହେବ ? ଭୋଳାବୁଦ୍ଧିର ଧାରଣା—ଏକଥାଗୁଡ଼ିକ ଖୁବ୍ ବିକଟାଳ ଶବ୍ଦ କରି ବାରମ୍ବାର କହିପାରିଲେ ହିଁ ଯଥେଷ୍ଟ ଭକ୍ତ ହେବ । ପୁଣି ତା' ଉପରେ ମଝିରେ ମଝିରେ ପୂର୍ବୋକ୍ତ ସ୍ୱରରେ ଜଣାଇବା ମଧ୍ୟ ଅଛି ଯେ, ସେ ସବୁବେଳେ ପ୍ରଭୁଙ୍କ ପାଇଁ ପ୍ରାଣପର୍ଯ୍ୟନ୍ତ ଦେବାକୁ ପ୍ରସ୍ତୁତ । ଏ ଭକ୍ତିଜୋରରେ ଯଦି ସ୍ୱୟଂ ପ୍ରଭୁ ବନ୍ଧା ନ ପଡ଼ନ୍ତି, ତେବେ ସବୁ ତ ମିଥ୍ୟା । ଦୁ'ଚାରିଟା ବୋକା ପାର୍ଶ୍ୱଚର ମଧ୍ୟ ତାହା ହିଁ ହେଉନ୍ତି । କିନ୍ତୁ ଭୋଳାବୁଦ୍ଧି ପ୍ରଭୁଙ୍କ ପାଇଁ ଗୋଟିଏ ହେଲେ ଦୁଷ୍ଟପଣିଆ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ । କହ—ଠାକୁର କଅଣ ଏପରି ବୋକା ? ଏଥିରେ ଆମେମାନେ ସେ

ଭୁଲୁନାହଁ !!

***

ଭୋଳାପୁରୀ ଖୁବ୍ ବେଦାନ୍ତୀ—ସବୁକଥାରେ ହିଁ ତାଙ୍କର ବ୍ରହ୍ମତ୍ୱ ସମ୍ବନ୍ଧରେ ପରିଚୟଟିକକ ଦେଉଥାଆନ୍ତି । ଭୋଳାପୁରୀଙ୍କ ଚାରିଆଡ଼େ ଯଦି ଲୋକଗୁଡ଼ାକ ଅନ୍ନାଭାବରେ ହାହାକାର କରନ୍ତି—ତାହା ତାଙ୍କୁ ସ୍ପର୍ଶ କରେ ନାହିଁ, ସେ ସୁଖଦୁଃଖର ଅସାରତା ବୁଝାଇ ଦିଅନ୍ତି । ଯଦି ରୋଗଶୋକ ଅନାହାରରେ ଲୋକଗୁଡ଼ାକ ମରି ଭୂତ ହୋଇଯାନ୍ତି, ସେଥିରେ ତାଙ୍କର ଯାଏ ଆସେ କଅଣ ? ସେ ତତ୍‌କ୍ଷଣାତ୍ ଆତ୍ମାର ଅବିନଶ୍ୱରତ୍ୱ ଚିନ୍ତା କରନ୍ତି ! ତାଙ୍କ ସାମନାରେ ବଳବାନ ଦୁର୍ବଳକୁ ଯଦି ମାରିପକାଏ, ଭୋଳାପୁରୀ କହନ୍ତି 'ଆତ୍ମା ମରନ୍ତି ନାହିଁ, ମାରନ୍ତି ବି ନାହିଁ'—ଏହି ଶ୍ରୁତି-ବାକ୍ୟର ଗଭୀର ଅର୍ଥ-ସାଗରରେ ବୁଡ଼ିଯାଆନ୍ତି ! କୌଣସି ପ୍ରକାର କର୍ମ କରିବାକୁ ଭୋଳାପୁରୀ ନାରାଜ । ଜୋର୍‌ଜୁଲମ୍ କଲେ ଜବାବ ଦିଅନ୍ତି ଯେ, ପୂର୍ବଜନ୍ମରେ ସେସବୁ ସାରି ଆସିଛନ୍ତି । ଗୋଟିଏ ଜାଗାରେ ମାଡ଼ ହେଲେ କିନ୍ତୁ ଭୋଳାପୁରୀଙ୍କ ଆତ୍ମୈକ୍ୟାନୁଭୂତିରେ ଘୋର ବ୍ୟାଘାତ ହୁଏ—ଯେତେବେଳେ ତାଙ୍କ ଭିକ୍ଷାର ପରିପାଟିରେ କିଛିତ୍ ଗୋଳମାଳ ହୁଏ ବା ଗୃହସ୍ଥ ତାଙ୍କ ଆକାଙ୍କ୍ଷାନୁଯାୟୀ ପୂଜା ଦେବାକୁ ନାରାଜ ହୁଅନ୍ତି, ସେତେବେଳେ ପୁରୀଜୀଙ୍କ ମତରେ ଗୃହସ୍ଥଭଳି ଘୃଣ୍ୟ ଜୀବ ଜଗତରେ ଆଉ କେହି ନାହିଁ ଏବଂ ଯେଉଁ ଗ୍ରାମ ତାଙ୍କର ସମୁଚିତ ପୂଜା ଦେଲା ନାହିଁ, ସେ ଗ୍ରାମ ଯେ କାହିଁକି ମୁହୂର୍ତ୍ତେ ବି ଧରଣୀର ଭାର ବୃଦ୍ଧି କରୁଛି, ଏହା ଭାବି ଭାବି ସେ ଆକୁଳ ହୁଅନ୍ତି ।

ଏ ମଧ୍ୟ ଠାକୁରଜୀଙ୍କୁ ଆମମାନଙ୍କଠାରୁ ବୋକା ବୋଲି ଠଉରାଇଛନ୍ତି ।

***

'ଆହେ ରାମଚରଣ ! ତୁମେ ଲେଖାପଢ଼ା ଶିଖିଲ ନାହିଁ, ବ୍ୟବସାୟ-ବାଣିଜ୍ୟ ପାଇଁ ମଧ୍ୟ ସଙ୍ଗତି ନାହିଁ, ଶାରୀରିକ ଶ୍ରମ ମଧ୍ୟ ତୁମଦ୍ୱାରା ସମ୍ଭବ ନୁହେଁ, ତା' ଉପରେ ନିଶାଭାଙ୍ଗ ଏବଂ ଦୁଷ୍ଟପଣିଆଗୁଡ଼ାକ ମଧ୍ୟ ଛାଡ଼ିପାରୁନାହଁ; କିପରି ଜୀବିକାନିର୍ବାହ କର, କୁହ ତ ?'

ରାମଚରଣ—'ସେ ସହଜ କଥା, ଆଜ୍ଞା—ମୁଁ ସମସ୍ତଙ୍କୁ ଉପଦେଶ ଦିଏ ।'

ରାମଚରଣ ଠାକୁରଜୀଙ୍କୁ କଅଣ ଠଉରାଇଛନ୍ତି ?

( ୨ )

ଲକ୍ଷ୍ନୌ ସହରରେ ମହରମ୍‌ର ଭାରି ଧୂମ୍ ! ବଡ଼ ମସଜିଦ୍ ଇମାମ୍‌ବଡ଼ାରେ ଜାକଜମକ, ରୋଶନିର ଚାକ୍‌ଚକ୍ୟ ଦେଖିବ କଅଣ ? ବେସୁମାର ଲୋକଙ୍କ ସମାଗମ । ହିନ୍ଦୁ, ମୁସଲମାନ, ଇରାନୀ, ଇହୁଦୀ, ଛତିଶ ବର୍ଣ୍ଣର ସ୍ତ୍ରୀ-ପୁରୁଷ ବାଳକ-ବାଳିକା, ଛତିଶ ବର୍ଣ୍ଣର ହଜାର ଜାତିର ଲୋକଙ୍କ ଭିଡ଼ ଆଜି ମହରମ୍ ଦେଖିବା ପାଇଁ । ଲକ୍ଷ୍ନୌ ସିୟାମାନଙ୍କର ରାଜଧାନୀ, ଆଜି ହଜରତ୍ ଇମାମ୍ ହାସାନ-ହୋସେନଙ୍କ ନାମରେ ଆର୍ତ୍ତନାଦ ଗଗନ ସ୍ପର୍ଶ କରୁଛି—ସେ ଛାତିଫଟା ମର୍ସିୟାର କାନ୍ଦଣା କାହାର ବା ହୃଦୟକୁ ଭେଦ ନ କରିବ ? ହଜାର ବର୍ଷର ପ୍ରାଚୀନ 'କାରବାଲା'ର କଥା ଆଜି ପୁଣି ଜୀବନ୍ତ ହୋଇଉଠିଛି ।

ଏ ଦର୍ଶକବୃନ୍ଦଙ୍କ ଭିଡ଼ ମଧ୍ୟରେ ଦୂର ଗ୍ରାମରୁ ଦୁଇଜଣ ରାଜପୁତ ଭଦ୍ରଲୋକ ତାମସା ଦେଖିବାକୁ ହାଜର । ଠାକୁର୍-ସାହେବମାନଙ୍କର—ଯେପରି ମଫସଲ ଜମିଦାରଙ୍କର ହୋଇଥାଏ—'ବିଦ୍ୟାସ୍ଥାନେ ଭୟେବ ଚ' । ସେ ମୁସଲମାନୀ ସଭ୍ୟତା, କାଫ୍‌ଗାଫ୍ ବିଶୁଦ୍ଧ ଉଚ୍ଚାରଣ ସମେତ ଲକ୍ଷ୍ନୌ ଜବାନଙ୍କର ସୂକ୍ଷ୍ମବୃଷ୍ଟି, ଆବାକାବା ଚୁସ୍ତ୍ ପାଇଜାମା, ତାଜ ମୋଡ଼ାସାର ରଙ୍ଗ-ବେରଙ୍ଗର ସହ୍ମପସନ୍ଦ ଢଙ୍ଗ ଏତେଦୂର ଗ୍ରାମକୁ ଯାଇ ଠାକୁର-ସାହେବମାନଙ୍କୁ ଆଜ ମଧ୍ୟ ସ୍ପର୍ଶ କରିପାରି ନାହିଁ । ତେଣୁ ଠାକୁରମାନେ ସରଳ ସିଧା, ସବଦା ଶିକାର କରି 'ଜମାମରଦ୍ କଡ଼ାଜାନ୍' ଆଉ ବେଜାୟ ମଜବୁତ୍ ଦିଲ୍ ।

ଠାକୁରଦ୍ୱୟ ତ ଫାଟକ ପାରିହୋଇ ମସଜିଦ୍ ମଧ୍ୟରେ ପ୍ରବେଶୋଦ୍ୟତ, ଏପରି ସମୟରେ ସିପାହୀ ନିଷେଧ କଲା । କାରଣ ପଚାରିବାରୁ ଜବାବ ଦେଲା ଯେ, ଏହି ଦ୍ୱାରପାର୍ଶ୍ୱରେ 'ମୁରୁଦ' ଖାଡ଼ା ଦେଖୁଛ, ତାକୁ ଆଗ ପାଞ୍ଚଜୋତା ମାର, ତେବେ ଭିତରକୁ ଯାଇପାରିବ । ମୂର୍ତ୍ତିଟି କାହାର ? ଜବାବ ଆସିଲ୍—ସେ ମହାପାପୀ ଇୟେଜ୍ୱଦ୍‌ର ମୂର୍ତ୍ତି । ସେ ହଜାରବର୍ଷ ପୂର୍ବେ ହଜରତ୍ ହାସେନ ହୋସେନଙ୍କୁ ମାରି ପକାଇଥିଲା, ସେଥିପାଇଁ ଆଜ ଏ ରୋଦନ, ଶୋକପ୍ରକାଶ । ପ୍ରହରୀ ଦ୍ୱାରା ଏ ବିସ୍ତୃତ ବ୍ୟାଖ୍ୟା ପରେ ଇୟେଜ୍ୱଦ-ମୂର୍ତ୍ତି ପାଞ୍ଚଜୋତା ସ୍ଥାନରେ ଦଶ ତ ନିଶ୍ଚିତ ଖାଇବ । କର୍ମର କି ବିଚିତ୍ର ଗତି ! 'ଓଲଟା ସମଝିଲୁ ରାମ୍'—ଠାକୁରଦ୍ୱୟ ଗଳଲଗ୍ନୀକୃତ-ବାସ ଭୂମିଷ୍ଠ ହୋଇ ଇୟେଜ୍ୱଦ-ମୂର୍ତ୍ତିର ପାଦତଳେ କଖାରୁ ପରି ଗଡ଼ାଗଡ଼ି ଆଉ ଗଦ୍‌ଗଦ ସ୍ୱରରେ ସ୍ତୁତି—ଭିତରକୁ ପଶି ଆଉ କାମ କ'ଣ, ଅନ୍ୟ ଠାକୁର ଆଉ କ'ଣ ଦେଖିବୁ ? 'ଭଲ୍ ବାବା ଅଜିଦ୍, ଦେବତା ତ ତୁ ହି ହ୍ୟାସ୍ତୁ, ଅସ୍ ମାରେ ଶାରେକୋ କି ଅଭିତକ୍ ରୋବତ ।' (ଧନ୍ୟ ବାବା ଇୟେଜ୍ୱଦ୍, ଏପରି ମାରିଛ ଶଳାଙ୍କୁ—ଯେ ଆଜଯାଏ କାନ୍ଦୁଛନ୍ତି !!)

***

ସନାତନ ହିନ୍ଦୁଧର୍ମର ଗଗନସ୍ପର୍ଶୀ ମନ୍ଦିର—ସେ ମନ୍ଦିରକୁ ନେଇଯିବା ପାଇଁ ରାସ୍ତା ବା କେତେ ! ଆଉ ସେଠାରେ ନାହିଁ ବା କଅଣ ? ବେଦାନ୍ତୀଙ୍କ ନିର୍ଗୁଣ ବ୍ରହ୍ମଠାରୁ ବ୍ରହ୍ମା, ବିଷ୍ଣୁ, ଶିବ, ଶକ୍ତି, ଜହ୍ନମାମୁଁ, ମୂଷାଚଢ଼ା ଗଣେଶ, ଆଉ ଗ୍ରେଟିଆ ଗ୍ରେଟିଆ ଦେବତା ଷଷ୍ଠୀଦେବୀ, ମହାକାଳ ପ୍ରଭୃତି—ନାହିଁ କ'ଣ ? ଆଉ ବେଦବେଦାନ୍ତ ଦର୍ଶନ-ପୁରାଣ-ତନ୍ତ୍ରରେ ତ ଢେର ମାଲ ଅଛି, ଯାହାର ଗୋଟାଏ ଗୋଟାଏ କଥାରେ ଭବବନ୍ଧନ ତୁଟିଯାଏ । ଆଉ ଲୋକମାନଙ୍କର ବା କି ଭିଡ଼, ତେତିଶ କୋଟି ଲୋକେ ତେଣିକି ଦୌଡ଼ୁଛନ୍ତି । ମୋର ମଧ୍ୟ କୌତୂହଳ ହେଲା, ମୁଁ ବି ଦୌଡ଼ିଲି । କିନ୍ତୁ ଯାଇ ଦେଖେଁ, ଏ କି କାଣ୍ଡ ! ମନ୍ଦିର ଭିତରକୁ କେହି ଯାଉ ନାହାନ୍ତି, ଦ୍ୱାରପାଖରେ ପଞ୍ଚମୁଣ୍ଡ, ଶହେ ହାତ, ଦୁଇଶ ପେଟ, ପାଞ୍ଚଶ ଗୋଡ଼ବାଲା ମୂର୍ତ୍ତି ଠିଆ ! ସେଇଟାର ପାଦତଳେ ସମସ୍ତେ ଗଡ଼ାଗଡ଼ି କରୁଛନ୍ତି । ଜଣକୁ କାରଣ ପଚାରିବାରୁ ଉତ୍ତର ପାଇଲି ଯେ, ସେ ଭିତରେ ଯେଉଁସବୁ ଠାକୁରଦେବତା, ସେମାନଙ୍କୁ ଦୂରରୁ ଗୋଟିଏ ଦଣ୍ଡବତ ବା ଦୁଇଟା ଫୁଲ ଫୋପାଡ଼ିଦେଲେ ହିଁ ଯଥେଷ୍ଟ ପୂଜା ହେଲା । ଅସଲ ପୂଜା କିନ୍ତୁ ଏଙ୍କର କରିବା ରହି—ଯେ ଦ୍ୱାରଦେଶରେ; ଆଉ ସେହି

ଯେ ବେଦବେଦାନ୍ତ, ଦର୍ଶନପୁରାଣ, ଶାସ୍ତ୍ରସବୁ ଦେଖୁଛ, ତାହା ମଝିରେ ମଝିରେ ଶୁଣିଲେ ହାନି ନାହିଁ; କିନ୍ତୁ ପାଳିବାକୁ ହେବ ସ୍ୱାଙ୍କ ହୁକୁମ୍ । ସେଇଠୁଁ ପୁଣି ପଚାରିଲି—ତେବେ ଏ ଦେବଦେବଙ୍କ ନାଁ କଅଣ? ଉତ୍ତର ଆସିଲା—ଏହାଙ୍କ ନାମ 'ଲୋକାଚାର' । ମୋର ଲକ୍ଷ୍ନୌର ଠାକୁରସାହେବଙ୍କ କଥା ମନେ ପଡ଼ିଗଲା, 'ଭଲ୍ ବାବା "ଲୋକାଚାର" ଅସ୍ ମାରେ' ଇତ୍ୟାଦି ।

***

ଗୁଡ଼ଗୁଡ଼ିଆ କୃଷ୍ଣବ୍ୟାଳ ଭଟ୍ଟାଚାର୍ଯ୍ୟ—ମହାପଣ୍ଡିତ, ବିଶ୍ୱବ୍ରହ୍ମାଣ୍ଡର ଖବର ତାଙ୍କ ନଖଦର୍ପଣରେ । ଶରୀରଟି ଅସ୍ଥିଚର୍ମସାର; ବନ୍ଧୁମାନେ କହନ୍ତି ତପସ୍ୟାଦାଉରୁ, ଶତ୍ରୁମାନେ କହନ୍ତି ଅନ୍ନାଭାବରୁ ! ପୁଣି ଦୁଷ୍ଟମାନେ କହନ୍ତି, ବର୍ଷକରେ ଦେଢ଼କୋଡ଼ି ଛୁଆ ହେଲେ ସେହିପରି ଚେହେରା ହୋଇଥାଏ ! ଯାହାହେଉ, କୃଷ୍ଣବ୍ୟାଳ୍ ମହାଶୟ ନ ଜାଣନ୍ତି ଏପରି ଜିନିଷଟାଏ ନାହିଁ, ବିଶେଷ ଚୂଟ୍‌କିଚୁଟିଠାରୁ ଆରମ୍ଭ କରି ନବଦ୍ୱାର ପର୍ଯ୍ୟନ୍ତ ବିଦ୍ୟୁତ୍‌ପ୍ରବାହ ଓ ଚୁମ୍ବକ-ଶକ୍ତିର ଗତାଗତ ବିଷୟରେ ସେ ଦକ୍ଷ ! ଆଉ ଏ ରହସ୍ୟ-ଜ୍ଞାନ ଥିବା ଯୋଗୁଁ ଦୁର୍ଗାପୂଜାର ବେଶ୍ୟାଦ୍ୱାର-ମୃତ୍ତିକାଠାରୁ ଆରମ୍ଭ କରି ପୁନର୍ବିବାହ, ଦଶବର୍ଷର କୁମାରୀର ଗର୍ଭାଧାନ ପର୍ଯ୍ୟନ୍ତ ସବୁ ବିଷୟରେ ବୈଜ୍ଞାନିକ ବ୍ୟାଖ୍ୟା କରିବାରେ ସେ ଅଦ୍ୱିତୀୟ । ପୁଣି ପ୍ରମାଣ-ପ୍ରୟୋଗ—ତାହା ତ ବାଳକମାନେ ମଧ୍ୟ ବୁଝିପାରିବେ, ସେ ଏପରି ସହଜ କରି ଦେଇଛନ୍ତି । କହନ୍ତି, ଭାରତବର୍ଷ ଛଡ଼ା ଅନ୍ୟତ୍ର ଧର୍ମ ହୁଏ ନାହିଁ, ଭାରତ ମଧ୍ୟରେ ବ୍ରାହ୍ମଣ ଛଡ଼ା ଧର୍ମ ବୁଝିବାର ଆଉ କେହି ଅଧିକାରୀ ନୁହନ୍ତି, ବ୍ରାହ୍ମଣ ମଧ୍ୟରେ ପୁଣି କୃଷ୍ଣବ୍ୟାଳଗୋଷ୍ଠୀ ଛଡ଼ା ବାକି ସବୁ କିଛି ନୁହନ୍ତି, ପୁଣି କୃଷ୍ଣବ୍ୟାଳମାନଙ୍କ ମଧ୍ୟରେ, 'ଗୁଡ଼ଗୁଡ଼ିଆ ବାମନ' !!! ଅତଏବ ଗୁଡ଼ଗୁଡ଼ିଆ କୃଷ୍ଣବ୍ୟାଳ ଯାହା କହନ୍ତି, ତାହା ହିଁ ସ୍ୱତଃପ୍ରମାଣ । ବହୁତ ଲେଖାପଢ଼ାର ଚର୍ଚ୍ଚା ହେଉଛି, ଲୋକଗୁଡ଼ାକ ଟିକିଏ ଫିଟ୍‌ଫାଟ୍ ହୋଇଉଠୁଛନ୍ତି, ସବୁ ଜିନିଷ ବୁଝିବାକୁ ଚାହାଁନ୍ତି, ଚାଖିବାକୁ ଚାହାଁନ୍ତି । ତେଣୁ କୃଷ୍ଣବ୍ୟାଳ ମହାଶୟ ସମସ୍ତଙ୍କୁ ଆଶ୍ୱାସ ଦେଉଛନ୍ତି ଯେ, ମାଭୈଃ, ଯେଉଁସବୁ ସମସ୍ୟା ମନ ମଧ୍ୟରେ ଉପସ୍ଥିତ ହେଉଛି, ମୁଁ ତା'ର ବୈଜ୍ଞାନିକ ବ୍ୟାଖ୍ୟା କରୁଛି, ତୁମେମାନେ ଯେପରି ଥିଲ, ସେହିପରି ରହିଥାଅ । ନାକରେ ସୋରିଷତେଲ ପକାଇ ଖୁବ୍ ଶୋଇପଡ଼ । କେବଳ ମୋ ବିଦାକି କଥାଟା ଭୁଲ ନାହିଁ । ଲୋକେ କହିଲେ—ବଞ୍ଚିଲୁ, କି ବିପଦଟା ଆସିଥିଲା ବାପ୍‌ରେ ! ଉଠି ବସିବାକୁ ହେବ, ଚାଲିବାକୁ ବୁଲିବାକୁ ହେବ, କି ଆପଦ !! 'ବଞ୍ଚିରହ କୃଷ୍ଣବ୍ୟାଳ' କହି ପୁଣି କର ଲେଉଟାଇ ଶୋଇଲେ । ହଜାର ବର୍ଷର ଅଭ୍ୟାସ କି ଛାଡ଼େ ? ଦେହଟା କରିବାକୁ ଦେବ କାହିଁକି ? ହଜାର ବର୍ଷ ମନର ଗଣ୍ଠି କି କଟେ ! ସେଇଥିପାଇଁ କି ନା କୃଷ୍ଣବ୍ୟାଳମାନଙ୍କର ଆଦର ! 'ଭଲ ବାବା "ଅଭ୍ୟାସ" ଅସ୍ ମାରେ' ଇତ୍ୟାଦି ।

# ପ୍ୟାରିସ୍-ପ୍ରଦର୍ଶନୀ

[ ପ୍ୟାରିସ ପ୍ରଦର୍ଶନୀରେ ସ୍ୱାମୀଜୀଙ୍କର ଏହି ବକ୍ତୃତାଦିର ବିବରଣ ସ୍ୱାମୀଜୀ ସ୍ୱୟଂ ଲେଖି 'ଉଦ୍‌ବୋଧନ' ମାସିକ ପତ୍ରିକାକୁ ପଠାଇଥିଲେ । ]

କେତେକଦିବସ ଯାବତ୍ ପ୍ୟାରିସ୍ (Paris) ମହାପ୍ରଦର୍ଶନୀରେ "କଂଗ୍ରେସଦ' ହିଷ୍ଟୋୟାର ଦେ ରିଲିଜିଅଁ" ଅର୍ଥାତ୍ ଧର୍ମେତିହାସ ନାମକ ସଭାର ଅଧିବେଶନ ହୋଇଥିଲା । ଉକ୍ତ ସଭାରେ ଆଧ୍ୟାତ୍ମ ବିଷୟକ ଏବଂ ମତାମତସମ୍ବନ୍ଧୀ କୌଣସି ଚର୍ଚ୍ଚାର ମଧ୍ୟ ସ୍ଥାନ ନ ଥିଲା, କେବଳ ମାତ୍ର ବିଭିନ୍ନ ଧର୍ମର ଇତିହାସ ଅର୍ଥାତ୍ ତଦଙ୍ଗସବୁର ତଥ୍ୟାନୁସନ୍ଧାନ ହିଁ ଉଦ୍ଦେଶ୍ୟ ଥିଲା । ଏ କାରଣରୁ ଏହି ସଭାରେ ବିଭିନ୍ନ ଧର୍ମପ୍ରଚାରକ-ସମ୍ପ୍ରଦାୟର ପ୍ରତିନିଧିର ଏକାନ୍ତ ଅଭାବ । ଚିକାଗୋ ମହାସଭା ଗୋଟିଏ ବିରାଟ ବ୍ୟାପାର ଥିଲା । ସୁତରାଂ ସେ ସଭାରେ ନାନା ଦେଶର ଧର୍ମ-ପ୍ରଚାରକମଣ୍ଡଳୀର ପ୍ରତିନିଧି ଉପସ୍ଥିତ ଥିଲେ । ଏ ସଭାରେ କେତେ ଜଣ ପଣ୍ଡିତ, ଯେଉଁମାନେ ବିଭିନ୍ନ ଧର୍ମର ଉତ୍ପତ୍ତିବିଷୟକ ଚର୍ଚ୍ଚା କରନ୍ତି, ସେମାନେ ହିଁ ଉପସ୍ଥିତ ଥିଲେ । ଧର୍ମସଭା ନ ହେବାର କାରଣ ଏହି ଯେ, ଚିକାଗୋ ମହାମଣ୍ଡଳୀରେ କ୍ୟାଥଲିକ ସମ୍ପ୍ରଦାୟ ବିଶେଷ ଉତ୍ସାହରେ ଯୋଗଦାନ କରିଥିଲେ; ଭରସା—ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟ ଉପରେ ଅଧିକାରବିସ୍ତାର, ତଦ୍‌ବତ୍ ସମଗ୍ର ଅଖ୍ରୀଷ୍ଟିଆନ-ଜଗତ—ହିନ୍ଦୁ, ବୌଦ୍ଧ, ମୁସଲମାନ ପ୍ରଭୃତି ସମ୍ପ୍ରଦାୟର ପ୍ରତିନିଧିବର୍ଗଙ୍କୁ ଉପସ୍ଥିତ କରାଇ ସ୍ୱମହିମା-କୀର୍ତ୍ତନର ବିଶେଷ ସୁଯୋଗ ନିର୍ଣ୍ଣିତ କରିଥିଲେ । କିନ୍ତୁ ଫଳ ଅନ୍ୟପ୍ରକାର ହେବାରୁ ଖ୍ରୀଷ୍ଟାନ୍ ସମ୍ପ୍ରଦାୟ ସର୍ବଧର୍ମସମନ୍ୱୟରେ ସମ୍ପୂର୍ଣ୍ଣ ନିରୁତ୍ସାହ ହୋଇଛନ୍ତି । କ୍ୟାଥଲିକ୍‌ମାନେ ବର୍ତ୍ତମାନ ଏହାର ବିଶେଷ ବିରୋଧୀ । ଫ୍ରାନ୍‌ସ କ୍ୟାଥଲିକ୍‌ପ୍ରଧାନ; ଅତଏବ ଯଦିବା କର୍ତ୍ତୃପକ୍ଷମାନଙ୍କର ଯଥେଷ୍ଟ ବାସନା ଥିଲା, ତଥାପି ସମଗ୍ର କ୍ୟାଥଲିକ୍-ଜଗତର ବିପକ୍ଷତାରେ ଧର୍ମସଭା କରାଗଲା ନାହିଁ ।

ମଝିରେ ମଝିରେ ଯେପରି Congress of Orientalists ଅର୍ଥାତ୍ ସଂସ୍କୃତ, ପାଲି, ଆରବ୍ୟାଦି ଭାଷାଭିଜ୍ଞ ବୁଧମଣ୍ଡଳୀଙ୍କର ଉପବେଶନ ହୋଇଥାଏ, ସେହିପରି ତାହା ସହିତ ଖ୍ରୀଷ୍ଟାନ୍‌ଧର୍ମର ପ୍ରତ୍ନତତ୍ତ୍ୱ ଯୋଗଦେଇ ପ୍ୟାରିସ୍‌ରେ ଧର୍ମେତିହାସ-ସଭା ଆହୂତ ହୋଇଥିଲା ।

ଜମ୍ବୁଦ୍ୱୀପରୁ କେବଳ ମାତ୍ର ଦୁଇ ତିନି ଜଣ ଜାପାନୀ ପଣ୍ଡିତ ଆସିଥିଲେ । ଭାରତବର୍ଷରୁ ସ୍ୱାମୀ ବିବେକାନନ୍ଦ ।

ବୈଦିକ ଧର୍ମ—ଅଗ୍ନି-ସୂର୍ଯ୍ୟାଦି ପ୍ରାକୃତିକ ବିସ୍ମୟାବହ ଜଡ଼ବସ୍ତୁର ଆରାଧନାସମ୍ଭୂତ, ଏହା ଅନେକ ପାଶ୍ଚାତ୍ୟ ସଂସ୍କୃତଜ୍ଞଙ୍କ ମତ ।

ସ୍ୱାମୀ ବିବେକାନନ୍ଦ ଉକ୍ତ ମତ ଖଣ୍ଡନ କରିବା ପାଇଁ ପ୍ୟାରିସ୍ ଧର୍ମେତିହାସ ସଭାକର୍ତ୍ତୃକ ଆହୂତ ହୋଇଥିଲେ ଏବଂ ସେ ଉକ୍ତ ବିଷୟରେ ଗୋଟିଏ ପ୍ରବନ୍ଧ ପାଠ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଶାରୀରିକ ପ୍ରବଳ ଅସୁସ୍ଥତାଯୋଗୁଁ ତାଙ୍କ ପକ୍ଷରେ ପ୍ରବନ୍ଧ

ଲେଖିବା ସମ୍ଭବ ହୋଇ ନ ଥିଲା; କୌଣସି ପ୍ରକାରେ ସଭାରେ ଉପସ୍ଥିତ ହେବାରୁ ଇଉରୋପ ଅଞ୍ଚଳର ସମସ୍ତ ସଂସ୍କୃତଜ୍ଞ ପଣ୍ଡିତ ତାଙ୍କୁ ସାଦରେ ଅଭ୍ୟର୍ଥନା କରିଥିଲେ; ସେମାନେ ଇତିପୂର୍ବେ ସ୍ୱାମୀଜୀଙ୍କର ରଚିତ ପୁସ୍ତକାଦି ପାଠ କରିଥିଲେ ।

ସେହି ସମୟରେ ଉକ୍ତ ସଭାରେ ଓପର୍ଟ ନାମକ ଜଣେ ଜର୍ମାନ ପଣ୍ଡିତ ଶାଳଗ୍ରାମ-ଶିଳାର ଉତ୍ପତ୍ତି ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ସେଥିରେ ସେ ଶାଳଗ୍ରାମର ଉତ୍ପତ୍ତିକୁ 'ଯୋନି'-ଚିହ୍ନ ବୋଲି ନିର୍ଦ୍ଧାରିତ କରିଥିଲେ । ତାଙ୍କ ମତରେ ଶିବଲିଙ୍ଗ ପୁଂଲିଙ୍ଗର ଚିହ୍ନ ଏବଂ ତଦ୍‌ବତ୍ ଶାଳଗ୍ରାମଶିଳା ସ୍ତ୍ରୀଲିଙ୍ଗର ଚିହ୍ନ । ଶିବଲିଙ୍ଗ ଏବଂ ଶାଳଗ୍ରାମ ଉଭୟେ ଲିଙ୍ଗଯୋନି-ପୂଜାର ଅଙ୍ଗ ।

ସ୍ୱାମୀ ବିବେକାନନ୍ଦ ଉକ୍ତ ମତଦ୍ୱୟ ଖଣ୍ଡନ କରି କହିଥିଲେ ଯେ, ଶିବଲିଙ୍ଗର ନରଲିଙ୍ଗତା ସମ୍ବନ୍ଧରେ ଅବିବେକ ମତ ପ୍ରସିଦ୍ଧ ଅଛି; କିନ୍ତୁ ଶାଳଗ୍ରାମ ସମ୍ବନ୍ଧରେ ଏ ନବୀନ ମତ ଅତି ଆକସ୍ମିକ ।

ସ୍ୱାମୀଜୀ କହିଲେ ଯେ, ଅଥର୍ବବେଦ-ସଂହିତାର ଯୂପ-ସ୍ତମ୍ଭର ପ୍ରସିଦ୍ଧ ସ୍ତୋତ୍ରରୁ ଶିବଲିଙ୍ଗ-ପୂଜାର ଉତ୍ପତ୍ତି । ଉକ୍ତ ସ୍ତୋତ୍ରରେ ଅନାଦି ଅନନ୍ତ ସ୍ତମ୍ଭର ଅଥବା ସ୍କମ୍ଭର ବର୍ଣ୍ଣନା ଅଛି ଏବଂ ଉକ୍ତ ସ୍କମ୍ଭ ହିଁ ଯେ ବ୍ରହ୍ମ, ତାହା ହିଁ ପ୍ରତିପାଦିତ ହୋଇଛି । ଯେଉଁ ଭାବରେ ଯଜ୍ଞର ଅଗ୍ନି, ଶିଖା, ଧୂମ, ଭସ୍ମ, ସୋମଲତା ଓ ଯଜ୍ଞକାଷ୍ଠର ବାହକ ବୃଷ—ମହାଦେବଙ୍କର ଅଙ୍ଗକାନ୍ତି, ପିଙ୍ଗଳ ଜଟା, ନୀଳକଣ୍ଠ ଓ ବାହନାଦିରେ ପରିଣତ ହୋଇଛି, ସେହିପରି ଯୂପସ୍କମ୍ଭ ମଧ୍ୟ ଶ୍ରୀଶଙ୍କରଙ୍କଠାରେ ଲୀନ ହୋଇ ମହିମାନ୍ୱିତ ହୋଇଛି ।

ଅଥର୍ବବେଦ-ସଂହିତାରେ ତଦ୍‌ବତ୍ ଯଜ୍ଞୋଚ୍ଛିଷ୍ଟର ମଧ୍ୟ ବ୍ରହ୍ମତ୍ୱମହିମା ପ୍ରତିପାଦିତ ହୋଇଛି ।

ଲିଙ୍ଗାଦି ପୁରାଣରେ ଉକ୍ତ ସ୍ତବକରେ ହିଁ କଥାଛଳରେ ବର୍ଣ୍ଣନା କରି ମହାସ୍ତମ୍ଭର ମହିମା ଓ ଶ୍ରୀଶଙ୍କରଙ୍କର ପ୍ରାଧାନ୍ୟ ବ୍ୟାଖ୍ୟାତ ହୋଇଛି ।

ପରେ ହୋଇପାରେ ଯେ, ବୌଦ୍ଧାଦିଙ୍କ ପ୍ରାଦୁର୍ଭାବ-କାଳରେ ବୌଦ୍ଧସ୍ତୂପ-ସମାକୃତି ଦରିଦ୍ରାର୍ପିତ କ୍ଷୁଦ୍ରାବୟବ ସ୍ମାରକସ୍ତୂପ ମଧ୍ୟ ସେହି ସ୍ତମ୍ଭରେ ଅର୍ପିତ ହୋଇଛି । ଅଦ୍ୟାପି ଭାରତଖଣ୍ଡରେ କାଶ୍ୟାଦି ତୀର୍ଥସ୍ଥଳରେ ଅପାରଗ ବ୍ୟକ୍ତି ଯେପରି ଅତି କ୍ଷୁଦ୍ର ମନ୍ଦିରାକୃତି ଉତ୍ସର୍ଗ କରନ୍ତି, ସେହିପରି ବୌଦ୍ଧମାନେ ମଧ୍ୟ ଧନାଭାବରେ ଅତି କ୍ଷୁଦ୍ର ସ୍ତୂପାକୃତି ଶ୍ରୀବୁଦ୍ଧଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ ।

ବୌଦ୍ଧ-ସ୍ତୂପର ଅପର ନାମ ଧାତୁଗର୍ଭ । ସ୍ତୂପମଧ୍ୟସ୍ଥ ଶିଳାକରଣ୍ଡ ମଧ୍ୟରେ ପ୍ରସିଦ୍ଧ ବୌଦ୍ଧଭିକ୍ଷୁମାନଙ୍କର ଭସ୍ମାଦି ରକ୍ଷିତ ହେଉଥିଲା । ତତ୍‌ସଙ୍ଗରେ ସ୍ୱର୍ଣ୍ଣାଦି ଧାତୁ ମଧ୍ୟ ପ୍ରୋଥିତ ହେଉଥିଲା । ଶାଳଗ୍ରାମ-ଶିଳା ଉକ୍ତ ଅସ୍ଥି ଭସ୍ମାଦି ରକ୍ଷଣ-ଶିଳାର ପ୍ରାକୃତିକ ପ୍ରତିରୂପ । ଅତଏବ ପ୍ରଥମେ ବୌଦ୍ଧ-ପୂଜିତ ହୋଇ ବୌଦ୍ଧମତର ଅନ୍ୟାନ୍ୟ ଅଙ୍ଗପରି ଏହା ବୈଷ୍ଣବ ସମ୍ପ୍ରଦାୟରେ ପ୍ରବେଶଲାଭ କରିଛି । ଅଧିକ ନର୍ମଦାକୂଳରେ ଓ ନେପାଳରେ ବୌଦ୍ଧପ୍ରାବଲ୍ୟ ଦୀର୍ଘସ୍ଥାୟୀ ଥିଲା । ପ୍ରାକୃତିକ ନର୍ମଦେଶ୍ୱର ଶିବଲିଙ୍ଗ ଓ ନେପାଳପ୍ରସୂତ ଶାଳଗ୍ରାମ ହିଁ ଯେ ବିଶେଷ

ସମାବୃତ, ଏହା ମଧ୍ୟ ବିବେଚ୍ୟ ।

ଶାଳଗ୍ରାମ ସମ୍ବନ୍ଧରେ ଯୌନବ୍ୟାଖ୍ୟା ଅତି ଅଶ୍ରୁତପୂର୍ବ ଏବଂ ପ୍ରଥମରୁ ହିଁ ଅପ୍ରାସଙ୍ଗିକ; ଶିବଲିଙ୍ଗ ସମ୍ବନ୍ଧରେ ଯୌନ-ବ୍ୟାଖ୍ୟା ଭାରତବର୍ଷରେ ଅତି ଅର୍ବାଚୀନ ଏବଂ ଉକ୍ତ ବୌଦ୍ଧ ସମ୍ପ୍ରଦାୟର ଘୋର ଅବନତି ସମୟରେ ସଂଘଟିତ ହୋଇଥିଲା । ସେହି ସମୟରେ ଘୋର ବୌଦ୍ଧ-ତନ୍ତ୍ରସକଳ ବର୍ତ୍ତମାନ ସୁଦ୍ଧା ନେପାଳରେ ଓ ତିବ୍ବତରେ ଖୁବ୍ ପ୍ରଚଳିତ ।

***

ଆଉ ଗୋଟିଏ ବକ୍ତୃତା ସ୍ୱାମୀଜୀ ଭାରତୀୟ ଧର୍ମମତର ବିସ୍ତାର ବିଷୟରେ ଦେଇଥିଲେ । ସେଥିରେ ବୁଝାଯାଇଥିଲା ଯେ, ଭାରତଖଣ୍ଡର ବୌଦ୍ଧାଦି ସମସ୍ତ ମତର ଉତ୍ପତ୍ତି ବେଦରେ । ସବୁମତର ବୀଜ ତନ୍ମଧ୍ୟରେ ପ୍ରୋଥିତ ଅଛି । ସେସବୁ ବୀଜକୁ ବିସ୍ତୃତ ଓ ଉନ୍ମୀଳିତ କରି ବୌଦ୍ଧାଦି ମତର ସୃଷ୍ଟି । ଆଧୁନିକ ହିନ୍ଦୁଧର୍ମ ମଧ୍ୟ ସେସବୁର ବିସ୍ତାର— ସମାଜର ବିସ୍ତାର ଓ ସଙ୍କୋଚ ସହିତ କେଉଁଠାରେ ବିସ୍ତୃତ ଏବଂ ଅନ୍ୟ କେଉଁଠାରେ ଅପେକ୍ଷାକୃତ ସଙ୍କୁଚିତ ହୋଇ ବିରାଜମାନ । ତତ୍ପରେ ସ୍ୱାମୀଜୀ ଶ୍ରୀକୃଷ୍ଣଙ୍କର ବୁଦ୍ଧପୂର୍ବବର୍ତ୍ତିତ୍ୱ ସମ୍ବନ୍ଧରେ କିଛି କହି ପାଶ୍ଚାତ୍ୟ ପଣ୍ଡିତମାନଙ୍କୁ କହିଥିଲେ ଯେ, ଯେପରି ବିଷ୍ଣୁ-ପୁରାଣୋକ୍ତ ରାଜକୁଳାଦିର ଇତିହାସ କ୍ରମଶଃ ପ୍ରତ୍ନତତ୍ତ୍ୱ-ଉଦ୍‌ଘାଟନ ସହିତ ପ୍ରମାଣୀକୃତ ହେଉଛି, ସେହିପରି ଭାରତର କିମ୍ବଦନ୍ତୀସମୂହ ସତ୍ୟ । ବୃଥା ପ୍ରବନ୍ଧ-କଳ୍ପନା ନ କରି ପାଶ୍ଚାତ୍ୟ ପଣ୍ଡିତମାନେ ଯେପରି ଉକ୍ତ କିମ୍ବଦନ୍ତୀର ରହସ୍ୟ-ଉଦ୍‌ଘାଟନର ଚେଷ୍ଟା କରନ୍ତୁ । ପଣ୍ଡିତ ମ୍ୟାକ୍‌ସମୁଲର ଗୋଟିଏ ପୁସ୍ତକରେ ଲେଖିଛନ୍ତି ଯେ, ଯେତେ ସୌସାଦୃଶ୍ୟ ଥାଉ ନା କାହିଁକି, ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ହେବ ନାହିଁ ଯେ, କୌଣସି ଗ୍ରୀକ୍ ସଂସ୍କୃତଭାଷା ଜାଣିଥିଲେ, ସେପର୍ଯ୍ୟନ୍ତ ପ୍ରମାଣ ହେଲା ନାହିଁ ଯେ, ଭାରତବର୍ଷର ସାହାଯ୍ୟ ପ୍ରାଚୀନ ଗ୍ରୀସ୍ ପ୍ରାପ୍ତ ହୋଇଥିଲା । କିନ୍ତୁ କେତେଜଣ ପାଶ୍ଚାତ୍ୟ ପଣ୍ଡିତ ଭାରତୀୟ ଜ୍ୟୋତିଷରେ କେତୋଟି ସଂଜ୍ଞା ଗ୍ରୀକ୍-ଜ୍ୟୋତିଷର ସଂଜ୍ଞାର ସାଦୃଶ୍ୟ ଦେଖି ଏବଂ ଗ୍ରୀକ୍‌ମାନେ ଭାରତ-ପ୍ରାନ୍ତରେ ଗୋଟିଏ କ୍ଷୁଦ୍ର ରାଜ୍ୟ ସଂସ୍ଥାପନ କରିଥିଲେ, ଅବଗତ ହୋଇ ଭାରତର ଯାବତୀୟ ବିଦ୍ୟାରେ—ସାହିତ୍ୟରେ, ଜ୍ୟୋତିଷରେ, ଗଣିତରେ ଗ୍ରୀକ୍-ସହାୟତା ଦେଖିପାରନ୍ତି । କେବଳ ସେତିକି ନୁହେଁ, ଜଣେ ଅତିସାହସିକ ଲେଖିଛନ୍ତି ଯେ, ଭାରତର ଯାବତୀୟ ବିଦ୍ୟା ଗ୍ରୀକ୍‌ମାନଙ୍କ ବିଦ୍ୟାର ଛାୟା ! !

ଏକ, 'ମ୍ଳେଚ୍ଛା ବୈ ଯବନାସ୍ତେଷୁ ଏଷା ବିଦ୍ୟା ପ୍ରତିଷ୍ଠିତା । ଋଷିବତ୍ ତେଽପି ପୂଜ୍ୟନ୍ତେ'—ଏହି ଶ୍ଳୋକ ଉପରେ ପାଶ୍ଚାତ୍ୟମାନେ କେତେ କଳ୍ପନା ଯେ ନ ଚଳାଇଛନ୍ତି ! ଉକ୍ତ ଶ୍ଳୋକରେ କି ପ୍ରକାରେ ପ୍ରମାଣୀକୃତ ହେଲା ଯେ, ଆର୍ଯ୍ୟମାନେ ମ୍ଳେଚ୍ଛଠାରୁ ଶିଖିଛନ୍ତି ? ଏହା ମଧ୍ୟ ବୁଝାଯାଇପାରେ ଯେ, ଉକ୍ତ ଶ୍ଳୋକରେ ଆର୍ଯ୍ୟଶିଷ୍ୟ ମ୍ଳେଚ୍ଛମାନଙ୍କୁ ଉତ୍ସାହବାନ୍ କରିବା ପାଇଁ ବିଦ୍ୟାର ଆଦର ପ୍ରଦର୍ଶିତ ହୋଇଛି ।

ଦ୍ୱିତୀୟତଃ, 'ଗୃହେ ଚେତ୍ ମଧୁ ବିନ୍ଦେତ, କିମର୍ଥଂ ପର୍ବତଂ ବ୍ରଜେତ୍ ?'

ଆର୍ଯ୍ୟମାନଙ୍କର ପ୍ରତ୍ୟେକ ବିଦ୍ୟାର ବୀଜ ବେଦରେ ରହିଛି ଏବଂ ଉକ୍ତ ଯେକୌଣସି ବିଦ୍ୟାର ପ୍ରତ୍ୟେକ ଅଙ୍ଗ ହିଁ ବେଦରୁ ଆରମ୍ଭ କରି ବର୍ତ୍ତମାନ କାଳର ଗ୍ରନ୍ଥଗୁଡ଼ିକ ପର୍ଯ୍ୟନ୍ତ ଦେଖାଇ ଦିଆଯାଇପାରେ । ଏ ଅପ୍ରାସଙ୍ଗିକ ଯବନାଧିପତ୍ୟର ଆବଶ୍ୟକତା ନାହିଁ ।

ତୃତୀୟତଃ, ଆର୍ଯ୍ୟ ଜ୍ୟୋତିଷର ପ୍ରତ୍ୟେକ ଗ୍ରୀକ୍‌ସଦୃଶ ଶବ୍ଦ ସଂସ୍କୃତରୁ ସହଜରେ ବ୍ୟୁତ୍ପନ୍ନ ହୁଏ, ଉପସ୍ଥିତ ବ୍ୟୁତ୍ପତ୍ତି ତ୍ୟାଗ କରି ଯାବନିକ ବ୍ୟୁତ୍ପତ୍ତି ଗ୍ରହଣ କରିବାରେ ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଯେ କି ଅଧିକାର, ତାହା ମଧ୍ୟ ବୁଝିପାରୁ ନାହିଁ ।

ସେହିପରି କାଳିଦାସାଦି କବି-ପ୍ରଣୀତ ନାଟକର 'ଯବନିକା' ଶବ୍ଦର ଉଲ୍ଲେଖ ଦେଖି ଯଦି ସେ ସମୟରେ ଯାବତୀୟ କାବ୍ୟ-ନାଟକ ଉପରେ ଯବନାଧିପତ୍ୟ ଆପତ୍ତି ହୁଏ, ତା' ହେଲେ ପ୍ରଥମେ ବିବେଚ୍ୟ ଯେ, ଆର୍ଯ୍ୟନାଟକ ଗ୍ରୀକ୍‌ନାଟକ ସଦୃଶ କି ନୁହେଁ ? ଯେଉଁମାନେ ଉଭୟ ଭାଷାରେ ନାଟକ ରଚନା-ପ୍ରଣାଳୀ ଆଲୋଚନା କରିଛନ୍ତି, ସେମାନଙ୍କୁ ଅବଶ୍ୟ କହିବାକୁ ହେବ ଯେ, ସେହି ସୌସାଦୃଶ୍ୟ କେବଳ ପ୍ରବନ୍ଧକାରର କଳ୍ପନା-ଜଗତରେ, ବାସ୍ତବ-ଜଗତରେ ତାହା କସ୍ମିନ୍‌କାଳେ ନ ଥିଲା, ଏବେ ମଧ୍ୟ ନାହିଁ । ସେ ଗ୍ରୀକ୍ କୋରସ୍ କେଉଁଠି ? ସେ ଗ୍ରୀକ୍ ଯବନିକା ନାଟ୍ୟମଞ୍ଚର ଏକ ଦିଗରେ, ଆର୍ଯ୍ୟନାଟକରେ ତାହାର ଠିକ୍ ବିପରୀତରେ । ସେ ରଚନା-ପ୍ରଣାଳୀ ଏକ ପ୍ରକାର, ଆର୍ଯ୍ୟନାଟକର ଆଉ ଗୋଟିଏ ।

ଆର୍ଯ୍ୟନାଟକର ସାଦୃଶ୍ୟ ଗ୍ରୀକ୍‌ନାଟକରେ ତ ଆଦୌ ନାହିଁ, ବରଂ ସେକ୍‌ସପୀୟର୍-ପ୍ରଣୀତ ନାଟକ ସହିତ ଭୂରି ଭୂରି ସାଦୃଶ୍ୟ ଅଛି ।

ଅତଏବ ଏପରି ସିଦ୍ଧାନ୍ତ ମଧ୍ୟ ହୋଇପାରେ ଯେ, ସେକ୍‌ସପୀୟର୍ ସର୍ବବିଷୟରେ କାଳିଦାସଙ୍କ ନିକଟରେ ଋଣୀ ଏବଂ ସମଗ୍ର ପାଶ୍ଚାତ୍ୟ-ସାହିତ୍ୟ ଭାରତର ସାହିତ୍ୟର ଛାୟା ।

ଅବଶେଷରେ, ପଣ୍ଡିତ ମ୍ୟାକ୍‌ସମୁଲର୍‌ଙ୍କ ଆପତ୍ତି ତାଙ୍କ ଉପରେ ପ୍ରୟୋଗ କରି ଏହା ମଧ୍ୟ କୁହାଯାଏ ଯେ, ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ନ ହୋଇଛି ଯେ, କୌଣସି ହିନ୍ଦୁ କୌଣସି କାଳରେ ଗ୍ରୀକ୍‌ଭାଷାରେ ଅଭିଜ୍ଞତା ଲାଭ କରିଥିଲେ, ସେପର୍ଯ୍ୟନ୍ତ ଏହି ଗ୍ରୀକ ପ୍ରଭାବର କଥା ମୁହଁରେ ଧରିବା ମଧ୍ୟ ଉଚିତ ନୁହେଁ ।

ତଦ୍‌ବତ୍ ଆର୍ଯ୍ୟ-ଭାସ୍କର୍ଯ୍ୟରେ ଗ୍ରୀକ୍-ପ୍ରାଦୁର୍ଭାବ-ଦର୍ଶନ ମଧ୍ୟ ଭ୍ରମ ମାତ୍ର ।

ସ୍ୱାମୀଜୀ ଏହା ମଧ୍ୟ କହିଥିଲେ ଯେ, ଶ୍ରୀକୃଷ୍ଣାରାଧନା ବୁଦ୍ଧଙ୍କର ଆରାଧନା ଅପେକ୍ଷା ଅତି ପ୍ରାଚୀନ ଏବଂ ଗୀତା ଯଦି ମହାଭାରତର ସମସାମୟିକ ନ ହୁଏ, ତା' ହେଲେ ତଦପେକ୍ଷା ମଧ୍ୟ ପ୍ରାଚୀନ—ନବୀନ କୌଣସିମତେ ନୁହେଁ । ଗୀତାର ଭାଷା ଓ ମହାଭାରତର ଭାଷା ଏକ । ଗୀତାରେ ଯେଉଁସବୁ ବିଶେଷଣ ଅଧ୍ୟାତ୍ମ ସମ୍ବନ୍ଧରେ ପ୍ରୟୋଗ କରାହୋଇଛି, ତାହାର ଅନେକଗୁଡ଼ିଏ ହିଁ ବନାଦି ପର୍ବରେ ବୈଷୟିକ ସମ୍ବନ୍ଧରେ ପ୍ରଯୁକ୍ତ । ସେସବୁ ଶବ୍ଦର ପ୍ରଚୁର ପ୍ରଚାର ନ ହେଲେ ଏପରି ଘଟିବା ଅସମ୍ଭବ । ପୁନଶ୍ଚ ସମସ୍ତ ମହାଭାରତର ମତ ଆଉ ଗୀତାର ମତ ମଧ୍ୟ ଏକ; ପୁଣି ଗୀତା ଯେତେବେଳେ ତତ୍‌ସାମୟିକ ସମସ୍ତ ସମ୍ପ୍ରଦାୟର ଆଲୋଚନା କରିଛନ୍ତି, ସେତେବେଳେ ବୌଦ୍ଧମାନଙ୍କର ନାମୋଲ୍ଲେଖ ମାତ୍ର କରିନାହାନ୍ତି

ନାସ୍ତିକ ?

ବୁଦ୍ଧଙ୍କ ପରବର୍ତ୍ତୀ କୌଣସି ଗ୍ରନ୍ଥରେ ବିଶେଷ ଚେଷ୍ଟା କରି ମଧ୍ୟ ବୌଦ୍ଧୋଲ୍ଲେଖ ଆବିଷ୍କୃତ ହେଉ ନାହିଁ । କଥା, ଗଳ୍ପ, ଇତିହାସ ବା କଟାକ୍ଷ ମଧ୍ୟରେ କେଉଁଠି ନା କେଉଁଠି ବୌଦ୍ଧମତର ବା ବୁଦ୍ଧଙ୍କର ଉଲ୍ଲେଖ ପ୍ରକାଶ୍ୟ ବା ଲୁକ୍କାୟିତ ଭାବରେ ରହିଛି—ଗୀତା ଭିତରେ କିଏ ସେପ୍ରକାର ଦେଖାଇପାରନ୍ତି ? ପୁନଶ୍ଚ ଗୀତା ଧର୍ମସମନ୍ୱୟଗ୍ରନ୍ଥ; ସେହି ଗ୍ରନ୍ଥରେ କୌଣସି ମତର ଅନାଦର ନାହିଁ, ସେ ଗ୍ରନ୍ଥକାରଙ୍କ ସାଦର ବଚନରେ କେବଳ ବୌଦ୍ଧମତ ବା ନାସ୍ତିକ ବଞ୍ଚିତ ହେଲା, ଏହାର କାରଣ-ପ୍ରଦର୍ଶନଭାର କାହା ଉପରେ ?

ଉପେକ୍ଷା—ଗୀତାରେ କାହାକୁ ହିଁ ନାହିଁ । ଭୟ ?—ତାହାର ମଧ୍ୟ ଏକାନ୍ତ ଅଭାବ । ଯେଉଁ ଭଗବାନ ବେଦପ୍ରବର୍ତ୍ତକ ହୋଇ ମଧ୍ୟ ବୈଦିକ ହଠକାରିତା ଉପରେ କଠିନ ଭାଷାପ୍ରୟୋଗରେ ମଧ୍ୟ କୁଣ୍ଠିତ ନୁହନ୍ତି, ତାଙ୍କର ବୌଦ୍ଧମତକୁ ପୁଣି କି ଭୟ ?

ପାଶ୍ଚାତ୍ୟ ପଣ୍ଡିତମାନେ ଯେଉଁପ୍ରକାର ଗ୍ରୀକ୍ ଭାଷାର ଗୋଟିଏ ଗୋଟିଏ ଗ୍ରନ୍ଥ ଉପରେ ସମସ୍ତ ଜୀବନ ଦିଅନ୍ତି, ସେହି ପ୍ରକାରେ ଗୋଟିଏ ଗୋଟିଏ ପ୍ରାଚୀନ ସଂସ୍କୃତ ଗ୍ରନ୍ଥ ଉପରେ ଜୀବନ ଉତ୍ସର୍ଗ କରନ୍ତୁ; ଅନେକ ଆଲୋକ ଜଗତକୁ ଆସିବ । ବିଶେଷତଃ ଏ ମହାଭାରତ ଭାରତେତିହାସର ଅମୂଲ୍ୟ ଗ୍ରନ୍ଥ । ଏହା ଅଯୁକ୍ତ ନୁହେଁ ଯେ, ଏପର୍ଯ୍ୟନ୍ତ ଉକ୍ତ ସର୍ବପ୍ରଧାନ ଗ୍ରନ୍ଥ ପାଶ୍ଚାତ୍ୟ ଜଗତରେ ଉତ୍ତମ ରୂପରେ ଅଧୀତ ହୋଇନାହିଁ ।

ବକ୍ତୃତାପରେ ଅନେକେ ମତାମତ ପ୍ରକାଶ କରିଥିଲେ । ଅନେକେ କହିଲେ, ସ୍ୱାମୀଜୀ ଯାହା କହିଛନ୍ତି, ତହିଁର ଅଧିକାଂଶ ଆମମାନଙ୍କର ସମ୍ମତ ଏବଂ ସ୍ୱାମୀଜୀଙ୍କୁ ଆମେମାନେ କହୁ ଯେ, ସଂସ୍କୃତ ପ୍ରତ୍ନତତ୍ତ୍ୱର ଆଉ ସେ ଦିନ ନାହିଁ । ବର୍ତ୍ତମାନ ନବୀନ ସଂସ୍କୃତଜ୍ଞ ସମ୍ପ୍ରଦାୟର ମତ ଅଧିକାଂଶ ସ୍ୱାମୀଜୀଙ୍କ ମତ ସଦୃଶ ଏବଂ ଭାରତର କିମ୍ବଦନ୍ତୀ ପୁରାଣାଦିରେ ଯେଉଁ ବାସ୍ତବ ଇତିହାସ ରହିଛି, ତାହା ମଧ୍ୟ ଆମେମାନେ ବିଶ୍ୱାସ କରୁଁ ।

ସର୍ବଶେଷରେ, ବୃଦ୍ଧ ସଭାପତି ମହାଶୟ ଅନ୍ୟସବୁ ବିଷୟ ଅନୁମୋଦନ କରି କେବଳ ଗୀତାର ମହାଭାରତ-ସମସାମୟିକତ୍ୱରେ ଦ୍ୱୈତ ମତ ଅବଲମ୍ବନ କଲେ । କିନ୍ତୁ ପ୍ରମାଣ-ପ୍ରୟୋଗ ଏତିକି ମାତ୍ର କଲେ ଯେ, ଅଧିକାଂଶ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଗୀତା ମହାଭାରତର ଅଙ୍ଗ ନୁହେଁ ।

ଅଧିବେଶନର ଲିପି-ପୁସ୍ତକରେ ଉକ୍ତ ବକ୍ତୃତାର ସାରାଂଶ ଫରାସୀଭାଷାରେ ମୁଦ୍ରିତ ହୋଇଥିଲା ।

# ଶିବଙ୍କ ଭୂତ

[ସ୍ୱାମୀଙ୍କ ଦେହତ୍ୟାଗର ବହୁକାଳପରେ ତାଙ୍କ ଘରର କାଗଜପତ୍ର ସଜାଇବା ସମୟରେ ତାଙ୍କର ହାତଲେଖା ଏହି ଅସମାପ୍ତ ଗଳ୍ପଟି ମିଳିଥିଲା ।]

ଜର୍ମାନର ଗୋଟିଏ ଜିଲ୍ଲାରେ ବ୍ୟାରେନ୍ 'କ'ଙ୍କର ବାସ । ଅଭିଜାତବଂଶରେ ଜାତ ବ୍ୟାରେନ୍ 'କ' ତରୁଣ ଯୌବନରେ ଉଚ୍ଚପଦ, ମାନ, ଧନ, ବିଦ୍ୟା ଏବଂ ବିବିଧ ଗୁଣର ଅଧିକାରୀ । ଯୁବତୀ, ସୁନ୍ଦରୀ, ବହୁଧନର ଅଧିକାରିଣୀ, ଉଚ୍ଚକୁଳ-ପ୍ରସୂତା ଅନେକ ମହିଳା ବ୍ୟାରେନ୍ 'କ'ଙ୍କ ପ୍ରଣୟାଭିଳାଷିଣୀ । ରୂପରେ, ଗୁଣରେ, ମାନରେ, ବଂଶରେ, ବିଦ୍ୟାରେ, ବୟସରେ ଏପରି ଜ୍ୱାଇଁ ପାଇବା ପାଇଁ କେଉଁ ମା-ବାପାଙ୍କର ଅଭିଳାଷ ନୁହେଁ ? କୁଳୀନବଂଶଜା ଗୋଟିଏ ସୁନ୍ଦରୀ ଯୁବତୀ, ଯୁବା ବ୍ୟାରେନ୍ 'କ'ଙ୍କ ମନ ମଧ୍ୟ ଆକର୍ଷଣ କରିଛନ୍ତି; କିନ୍ତୁ ବିବାହରେ ଏବେ ମଧ୍ୟ ଡେରି । ବ୍ୟାରେନ୍ଙ୍କର ମାନ-ଧନ ସବୁ ଥାଇ ଏ ଜଗତରେ ଆପଣାର ବୋଲି କେହି ନାହିଁ ଗୋଟିଏ ଭଗ୍ନୀ ଛଡ଼ା । ସେ ଭଗ୍ନୀ ପରମାସୁନ୍ଦରୀ—ବିଦୁଷୀ । ସେ ଭଗ୍ନୀ ନିଜର ମନୋମତ ସୁପାତ୍ରକୁ ମାଲ୍ୟଦାନ କରିବେ—ବ୍ୟାରେନ୍ ବହୁ ଧନଧାନ୍ୟ ସହିତ ଭଗ୍ନୀକୁ ସୁପାତ୍ରରେ ସମର୍ପଣ କରିବେ—ତା'ପରେ ନିଜେ ବିବାହ କରିବେ, ଏହି ତାଙ୍କର ପ୍ରତିଜ୍ଞା । ମା, ବାପ, ଭାଇ—ସମସ୍ତଙ୍କ ସ୍ନେହ ସେହି ଭଗ୍ନୀ ପ୍ରତି; ତାଙ୍କର ବିବାହ ନ ହେଲେ, ନିଜେ ବିବାହ କରି ସୁଖୀ ହେବାକୁ ଚାହାଁନ୍ତି ନାହିଁ । ତା' ଉପରେ ଏ ପାଶ୍ଚାତ୍ୟ ଦେଶର ନିୟମ ହେଉଛି ଯେ, ବିବାହ ପରେ ବର—ମା, ବାପ, ଭଗ୍ନୀ ଆଉ କାହାରି ସଙ୍ଗରେ ବାସ କରନ୍ତି ନାହିଁ; ତାଙ୍କ ସ୍ତ୍ରୀ ତାଙ୍କୁ ନେଇ ସ୍ୱତନ୍ତ୍ର ହୁଅନ୍ତି । ବରଂ ସ୍ତ୍ରୀ ସହିତ ଶ୍ୱଶୁରଘରକୁ ଯାଇ ବାସ କରିବା ସମାଜସମ୍ମତ; କିନ୍ତୁ ସ୍ତ୍ରୀ ସ୍ୱାମୀଙ୍କ ପିତାମାତାଙ୍କ ସହିତ ବାସ କରିବାକୁ କଦାପି ଆସିପାରିବ ନାହିଁ । ତେଣୁ ନିଜର ବିବାହ ଭଗ୍ନୀର ବିବାହ ପର୍ଯ୍ୟନ୍ତ ସ୍ଥଗିତ ରହିଛି ।

***

ଆଜିକୁ କେତେ ମାସ ହେବ, ସେ ଭଗ୍ନୀର କୌଣସି ଖବର ନାହିଁ । ଦାସଦାସୀ-ପରିସେବିତ ନାନାଭୋଗର ଆଳୟ ଅଟ୍ଟାଳିକା ଗୃହ—ଏକମାତ୍ର ଭାଇର ସ୍ନେହବନ୍ଧନ ତାଚ୍ଛଲ୍ୟ କରି—ସେ ଭଗ୍ନୀ ଅଜ୍ଞାତଭାବରେ ଗୃହତ୍ୟାଗ କରି କେଉଁଆଡ଼େ ଚାଲିଯାଇଛି । ନାନା ଅନୁସନ୍ଧାନ ବିଫଳ । ସେ ଶୋକ ବ୍ୟାରେନ 'କ'ଙ୍କ ଗୃହରେ ବିଦ୍ଧଶୂଳବତ୍ ହୋଇ ରହିଛି । ଆହାର-ବିହାରରେ ଆଉ ତାଙ୍କର ଆସ୍ଥା ନାହିଁ । ସଦା ହିଁ ବିମର୍ଷ, ସଦା ହିଁ ମଳିନ-ମୁଖ । ଭଗ୍ନୀର ଆଶା ଛାଡ଼ି ଦେଇ ଆତ୍ମୀୟସ୍ୱଜନମାନେ ବ୍ୟାରେନ 'କ'ଙ୍କ ମାନସିକ ସ୍ୱାସ୍ଥ୍ୟ ସାଧନାରେ ବିଶେଷ ଯତ୍ନ କରିବାକୁ ଲାଗିଲେ । ଆତ୍ମୀୟମାନେ ତାଙ୍କ ପାଇଁ ବିଶେଷ ଚିନ୍ତିତ—ପ୍ରଣୟିନୀ ସଦା ହିଁ ସଶଙ୍କ ।

***

ପ୍ୟାରିସ୍‌ରେ ମହାପ୍ରଦର୍ଶନୀ । ନାନା ଦିଗ୍‌ଦେଶାଗତ ଗୁଣିମଣ୍ଡଳୀଙ୍କର ବର୍ତ୍ତମାନ ପ୍ୟାରିସ୍‌ରେ ସମାବେଶ—ନାନାଦେଶର କାରୁକାର୍ଯ୍ୟ, ଶିଳ୍ପ ରଚନା ପ୍ୟାରିସ୍‌ରେ ଆଜି କେନ୍ଦ୍ରୀଭୂତ । ସେ ଆନନ୍ଦ-ତରଙ୍ଗର ଆଘାତରେ ଶୋକରେ ଜଡ଼ୀଭୂତ ହୃଦୟ ପୁଣି ସ୍ୱାଭାବିକ ବେଗବାନ୍ ସ୍ୱାସ୍ଥ୍ୟ ଲାଭ କରିବ, ମନ ଦୁଃଖଚିନ୍ତା ଗ୍ରାହ୍ତି ବିବିଧ ଆନନ୍ଦଜନକ ଚିନ୍ତାରେ ଆକୃଷ୍ଟ ହେବ—ଏହି ଆଶାରେ ଆତ୍ମୀୟମାନଙ୍କ ପରାମର୍ଶରେ ବନ୍ଧୁବର୍ଗ-ସମଭି-ବ୍ୟାହାରରେ ବ୍ୟାରେନ୍ 'କ' ପ୍ୟାରିସ୍ ଯାତ୍ରା କଲେ ।•••

# ପ୍ରଣବ (ଓଁକାର) : ଏକ ପ୍ରତୀକ

ତୁମ ମନରେ ଯେକୌଣସି ଭାବ ଥାଉନା କାହିଁକି, ତାହାର ଗୋଟିଏ ପ୍ରତିରୂପ ଶବ୍ଦ ମଧ୍ୟ ଅଛି; ଏହି ଶବ୍ଦ ଓ ଭାବକୁ ପୃଥକ୍ କରାଯାଇପାରେ ନାହିଁ । ଗୋଟିଏ ବସ୍ତୁର ବାହ୍ୟ ଭାବଟିକୁ 'ଶବ୍ଦ' ଓ ଅନ୍ତର୍ଭାବଟିକୁ ଚିନ୍ତା ବା 'ଭାବ' ଆଖ୍ୟା ଦିଆଯାଇଥାଏ । ବିଶ୍ଳେଷଣ କରି କେହି ହେଲେ ଚିନ୍ତାକୁ ଶବ୍ଦରୁ ପୃଥକ୍ କରିପାରିବେ ନାହିଁ । କେତେଗୁଡ଼ିଏ ଲୋକ ଏକାଠି ବସି କେଉଁ ଭାବ ପାଇଁ କେଉଁ ଶବ୍ଦ ପ୍ରୟୋଗ ହେବ—ଏହିପରି ସ୍ଥିର କରୁ କରୁ ଭାଷାର ଉତ୍ପତ୍ତି ହୋଇଅଛି, ଏପରି ଅନେକଙ୍କର ମତ; କିନ୍ତୁ ଏହା ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଅଛି । ଯେତେଦିନ ହେଲା ମନୁଷ୍ୟର ସୃଷ୍ଟି ହୋଇଅଛି, ସେତେଦିନରୁ ଶବ୍ଦ ଓ ଭାଷା ବିଦ୍ୟମାନ ରହିଅଛି । ଭାବ ଓ ଶବ୍ଦ ମଧ୍ୟରେ ସମ୍ବନ୍ଧ କଅଣ ? ଆମେ ଦେଖିବାକୁ ପାଉ ଯେ, ଗୋଟିଏ ଭାବ ସହିତ ଗୋଟିଏ ଶବ୍ଦ ରହିବା ଆବଶ୍ୟକ; କିନ୍ତୁ ଗୋଟିଏ ଭାବ ଯେ ଗୋଟିଏ ମାତ୍ର ଶବ୍ଦଦ୍ୱାରା ପ୍ରକାଶିତ ହେବ, ତାହା ନୁହେଁ । ଭିନ୍ନ ଭିନ୍ନ ଦେଶରେ ଭାବ ଏକ ପ୍ରକାର ହୋଇପାରେ; କିନ୍ତୁ ଭାଷା ସମ୍ପୂର୍ଣ୍ଣ ପୃଥକ୍ । ପ୍ରତ୍ୟେକ ଭାବ ପ୍ରକାଶ କରିବା ପାଇଁ କୌଣସି ଏକ ଶବ୍ଦର ପ୍ରୟୋଜନ ହେବ, କିନ୍ତୁ ଏକ ଭାବର ପ୍ରକାଶକ ଶବ୍ଦଗୁଡ଼ିକ ଯେ ଏକଧ୍ୱନିବିଶିଷ୍ଟ ହେବ, ତାହା ହୋଇ ନ ପାରେ । ଭିନ୍ନ ଭିନ୍ନ ଭାଷାରେ ଶବ୍ଦର ଧ୍ୱନି ଭିନ୍ନ ଭିନ୍ନ ହେବ । ସେଥିପାଇଁ ଆମର ଟୀକାକାର ମଧ୍ୟ କହିଛନ୍ତି, ଯଦିଓ ଭାବ ଓ ଶବ୍ଦର ପରସ୍ପର ସମ୍ବନ୍ଧ ସ୍ୱାଭାବିକ; କିନ୍ତୁ ଏକ ଶବ୍ଦ ଓ ଏକ ଭାବ ମଧ୍ୟରେ ଯେ ଏକ ଅନତିକ୍ରମଣୀୟ ସମ୍ବନ୍ଧ ରହିବ, ତାହା ତାତ୍ପର୍ଯ୍ୟ ନୁହେଁ ।* ଏହି ସମସ୍ତ ଶବ୍ଦ ଭିନ୍ନ ଭିନ୍ନ ହେଲେ ସୁଦ୍ଧା ଶବ୍ଦ ଓ ଭାବର ପରସ୍ପର ସମ୍ବନ୍ଧ ସ୍ୱାଭାବିକ । ଯଦି ବାଚ୍ୟ ଓ ବାଚକ ମଧ୍ୟରେ ପ୍ରକୃତ ସମ୍ବନ୍ଧ ଥାଏ, ତେବେ ଭାବ ଓ ସମ୍ବନ୍ଧ ମଧ୍ୟରେ ପରସ୍ପର ସମ୍ବନ୍ଧ ଅଛି ବୋଲି କହିବାକୁ ହେବ, ନଚେତ୍ ସେହି ବାଚକ ଶବ୍ଦ କେବେହେଲେ ସାଧାରଣ ଭାବରେ ବ୍ୟବହୃତ ହୋଇପାରିବ ନାହିଁ । ବାଚକ ବାଚ୍ୟ ପଦାର୍ଥର ପ୍ରକାଶକ । ଯଦି ସେ ବାଚ୍ୟବସ୍ତୁର ଅସ୍ତିତ୍ୱ ପୂର୍ବରୁ ଥାଏ, ଆଉ ଆମେ ଯଦି ପୁନଃ ପୁନଃ ପରୀକ୍ଷା କରି ଦେଖିବାକୁ ପାଉ ଯେ, ବାଚକ ଶବ୍ଦଟି ଏହି ବସ୍ତୁକୁ ପୂର୍ବରୁ ଅନେକ ଥର ବୁଝାଇଛି, ତାହାହେଲେ ଆମେ ବୁଝିବୁ ଯେ, ଏହି ବାଚ୍ୟ-ବାଚକ ମଧ୍ୟରେ ଯଥାର୍ଥ ସମ୍ବନ୍ଧ ଅଛି । ଯଦି ଏହି ପଦାର୍ଥଗୁଡ଼ିକ ଉପସ୍ଥିତ ନ ଥିଲେ ସୁଦ୍ଧା ସହସ୍ର ସହସ୍ର ବ୍ୟକ୍ତି କେବଳ ସେମାନଙ୍କ ବାଚକଦ୍ୱାରା ସେଗୁଡ଼ିକ ସମ୍ବନ୍ଧରେ ଜ୍ଞାନଲାଭ କରିବେ ତେବେ ବାଚ୍ୟ ଓ ବାଚକ ମଧ୍ୟରେ ସ୍ୱାଭାବିକ ସମ୍ବନ୍ଧ ରହିବା ଅବଶ୍ୟମ୍ଭାବୀ; ଅତଏବ ଯେତେବେଳେ ବାଚକ ଶବ୍ଦଟି ଉଚ୍ଚାରଣ କରାଯିବ, ସେତେବେଳେ ତାହା ବାଚ୍ୟ ପଦାର୍ଥଟିର କଥା ମନରେ ଜାଗ୍ରତ କରିଦେବ । ସୂତ୍ରକାର କହୁଅଛନ୍ତି, 'ଓଁକାର ଈଶ୍ୱରଙ୍କର

---

* ସର୍ବେ ଏବ ଶବ୍ଦାଃ ସର୍ବାକାରାର୍ଥାଭିଧାନସମର୍ଥା—ଇତି ସ୍ଥିତ ଏବୈଷାଂ ସର୍ବାକାରୈରର୍ଥୈଃ ସ୍ୱାଭାବିକଃ ସମ୍ବନ୍ଧଃ ।—ବ୍ୟାସଭାଷ୍ୟର ବାଚସ୍ପତି ମିଶ୍ରକୃତ ଟୀକା ।

ବାଚକ' । କାହିଁକି ସେ ଏହି ଶବ୍ଦଟି ଉପରେ ଜୋର୍ ଦେଲେ ? 'ଈଶ୍ୱର'—ଏହି ଭାବଟି ବୁଝାଇବା ପାଇଁ ତ ସହସ୍ର ସହସ୍ର ଶବ୍ଦ ରହିଅଛି । ଗୋଟିଏ ଭାବ ସହିତ ସହସ୍ର ସହସ୍ର ଶବ୍ଦର ସମ୍ବନ୍ଧ ଥାଏ । ଈଶ୍ୱର ଭାବଟିର ଶତ ଶତ ଶବ୍ଦ ସହିତ ସମ୍ବନ୍ଧ ରହିଛି ଏବଂ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ହିଁ ଈଶ୍ୱରବାଚକ । ଭଲ କଥା, କିନ୍ତୁ ଏହି ଶବ୍ଦଗୁଡ଼ିକ ମଧ୍ୟରୁ ତାହା ହେଲେ ଗୋଟିଏ ସାଧାରଣ ଶବ୍ଦ ବାହାର କରିବା ଦରକାର । ଏହି ବାଚକଗୁଡ଼ିକର ଗୋଟିଏ ସାଧାରଣ ଅଧିଷ୍ଠାନ, ସାଧାରଣ ଶବ୍ଦଭୂମି ବାହାର କରିବାକୁ ହେବ, ଆଉ ଯେଉଁ ବାଚକ ଶବ୍ଦଟି ସାଧାରଣ ବାଚକ ହେବ, ସେହି ଶବ୍ଦଟି ସର୍ବଶ୍ରେଷ୍ଠ ବୋଲି ପରିଗଣିତ ହେବ, ପୁଣି ତାହା ହିଁ ସବୁଗୁଡ଼ିକର ପ୍ରତିନିଧିରୂପେ ଯଥାର୍ଥ ବାଚକ ହେବ । କୌଣସି ଶବ୍ଦ ଉଚ୍ଚାରଣ କରିବାକୁ ହେଲେ ଆମେ କଣ୍ଠନାଳୀ ଓ ତାଳୁକୁ ଶବ୍ଦୋଚ୍ଚାରଣର ଆଧାର ରୂପେ ବ୍ୟବହାର କରିଥାଉ । ଏପରି କଅଣ କୌଣସି ଶବ୍ଦ ଅଛି, ଅନ୍ୟ ସମସ୍ତ ଶବ୍ଦ ଯାହାର ପ୍ରକାଶ—ଯାହା ସର୍ବାପେକ୍ଷା ସ୍ୱାଭାବିକ ଶବ୍ଦ ?—ଓଁ (ଅଉମ୍) ଏହି ପ୍ରକାର ଶବ୍ଦ; ଏହା ସମସ୍ତ ଶବ୍ଦର ଭିତ୍ତିସ୍ୱରୂପ । ତାହାର ପ୍ରଥମ ଅକ୍ଷର 'ଅ' ସମଗ୍ର ଶବ୍ଦର ମୂଳ—ତାହା ସମୁଦାୟ ଶବ୍ଦର କୁଞ୍ଚିକାସ୍ୱରୂପ, ତାହା ଜିହ୍ୱା ଅଥବା ତାଳୁର କୌଣସି ଅଂଶ ସ୍ପର୍ଶ ନ କରି ଉଚ୍ଚାରିତ ହୁଏ । 'ମ'—ବର୍ଗୀୟ ଶବ୍ଦର ଶେଷ ଶବ୍ଦ, ତାହାକୁ ଉଚ୍ଚାରଣ କରିବାକୁ ହେଲେ ଓଷ୍ଠଦ୍ୱୟ ବନ୍ଦ କରିବାକୁ ପଡ଼େ । ପୁଣି 'ଉ' ଏହି ଶବ୍ଦ ଜିହ୍ୱାମୂଳରୁ ମୁଖ ମଧ୍ୟବର୍ତ୍ତୀ ଶବ୍ଦାଧାରର ଶେଷ ସୀମା ପର୍ଯ୍ୟନ୍ତ ଯେପରି ଗଡ଼ିଆସୁଛି । ଏହି ଭାବରେ 'ଓଁ' ଶବ୍ଦଟି ଦ୍ୱାରା ସମସ୍ତ ଶବ୍ଦୋଚ୍ଚାରଣ ବ୍ୟାପାରଟି ପ୍ରକାଶିତ ହୋଇଅଛି ଏବଂ ଏହି କାରଣ ହେତୁ ଏହା ସ୍ୱାଭାବିକ ବାଚକ ଶବ୍ଦ—ଭିନ୍ନ ଭିନ୍ନ ଶବ୍ଦର ଜନନୀସ୍ୱରୂପ । ଯେତେ ପ୍ରକାର ଶବ୍ଦ ଉଚ୍ଚାରିତ ହୋଇପାରେ—ଆମମାନଙ୍କ କ୍ଷମତା ଅନ୍ତର୍ଭୁକ୍ତ ଯେତେ ପ୍ରକାର ଶବ୍ଦ ଉଚ୍ଚାରଣର ସମ୍ଭାବନା ଅଛି, ଓଁ କାର ସେହି ସମୁଦାୟର ସୂଚକ ।

ଏହି ସକଳ ଆନୁମାନିକ ଗବେଷଣା ଛାଡ଼ିଦେଲେ ମଧ୍ୟ ଦେଖାଯାଏ, ଭାରତବର୍ଷରେ ଯେତେ ପ୍ରକାର ବିଭିନ୍ନ ଧର୍ମଭାବ ଅଛି, ସବୁ ଏହି ଓଁ କାରକୁ କେନ୍ଦ୍ର କରି ରହିଅଛି । ବେଦର ବିଭିନ୍ନ ଧର୍ମସମୂହ ମଧ୍ୟ ଏହି ଓଁ କାରକୁ ହିଁ ଆଶ୍ରୟ କରି ରହିଅଛି । ବର୍ତ୍ତମାନ କଥା ହେଲା, ଏହା ସହିତ ଆମେରିକା, ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶର କଅଣ ସମ୍ବନ୍ଧ ? ଏହାର ସହଜ ଉତ୍ତର ହେଉଛି, ସବୁ ଦେଶରେ ଏହି ଓଁ କାରର ବ୍ୟବହାର ଚଳିପାରେ; ତାହାର କାରଣ ଏହି ଯେ ଭାରତବର୍ଷରେ ଯେତେ ବିଭିନ୍ନ ଧର୍ମଭାବର ବିକାଶ ହୋଇଅଛି, 'ଓଁ କାର' ତାହାର ପ୍ରତ୍ୟେକ ସୋପାନରେ ବ୍ୟବହୃତ ହୋଇଅଛି ଓ ତାହା ଈଶ୍ୱର ସମ୍ବନ୍ଧୀୟ ଭିନ୍ନ ଭିନ୍ନ ଭାବକୁ ବୁଝାଇବା ପାଇଁ ମଧ୍ୟ ବ୍ୟବହୃତ ହୋଇଅଛି । ଅଦ୍ୱୈତବାଦୀ, ଦ୍ୱୈତବାଦୀ, ଦ୍ୱୈତାଦ୍ୱୈତବାଦୀ, ଭେଦାଭେଦବାଦୀ, ଏପରିକି ନାସ୍ତିକଗଣ ପର୍ଯ୍ୟନ୍ତ ସେମାନଙ୍କର ଉଚ୍ଚତମ ଆଦର୍ଶର ପ୍ରକାଶ ପାଇଁ ଏହି 'ଓଁ କାର' ଶବ୍ଦକୁ ଅବଲମ୍ବନ କରିଥିଲେ । ଯେତେବେଳେ ଏହି 'ଓଁ କାର' ମାନବଜାତିର ଅଧିକାଂଶଙ୍କର ଧର୍ମଭାବ ପ୍ରକାଶ ପାଇଁ ବ୍ୟବହୃତ ହୋଇଅଛି, ସେତେବେଳେ ସକଳ ଦେଶର ଲୋକେ ତାହା ଅବଲମ୍ବନ

କରିପାରନ୍ତି । ଧର, ଇଂରାଜୀ 'ଗଡ୍' (God) ଶବ୍ଦ, ତାହାଦ୍ୱାରା ଯେଉଁ ଭାବ ପ୍ରକାଶିତ ହୁଏ, ତାହା ନିତାନ୍ତ ସୀମାବଦ୍ଧ । ଯଦି ଏହାର ଅତିରିକ୍ତ କୌଣସି ଭାବ ଏହି ଶବ୍ଦଦ୍ୱାରା ବୁଝାଇବାକୁ ଇଚ୍ଛା କର, ତେବେ ତୁମକୁ ଏଥିରେ ବିଶେଷଣ ଯୋଗ କରିବାକୁ ହେବ—ଯେପରି ସଗୁଣ (Personal) ନିର୍ଗୁଣ (Impersonal), ପୂର୍ଣ୍ଣ ବା ପରମ (Absolute) ଇତ୍ୟାଦି । ଅନ୍ୟସବୁ ଭାଷାରେ ଈଶ୍ୱରବାଚକ ଯେଉଁ ସକଳ ଶବ୍ଦ ଅଛି, ସେ ସମ୍ବନ୍ଧରେ ମଧ୍ୟ ଏହି ଯୁକ୍ତି ପ୍ରଯୋଜ୍ୟ । ଏହି ଶବ୍ଦଗୁଡ଼ିକର ଭାବ ପ୍ରକାଶ କରିବାର ଶକ୍ତି ଅତି ସାମାନ୍ୟ; କିନ୍ତୁ ଓଁ ଶବ୍ଦରେ ଉକ୍ତ ସର୍ବପ୍ରକାର ଭାବ ରହିଅଛି । ଅତଏବ ତାହା ସମସ୍ତଙ୍କର ଗ୍ରହଣଯୋଗ୍ୟ ।

# ପରିବ୍ରାଜକ

# ପରିଚୟ

ହେ ପାଠକ ! ପ୍ରାଚୀନକାଳର ପରିବ୍ରାଜକ ଭ୍ରମଣ-କାହାଣୀର ଆଶୀର୍ବାଦ ଉଚ୍ଚାରଣ କରି ଦ୍ୱାରଦେଶରେ ଦଣ୍ଡାୟମାନ । ତୁମର କୁଳଗତ ଆତିଥ୍ୟ ଚିର ପ୍ରଥିତ । ଅତିଥି-ଜ୍ୟୋତିକୁ ପୂର୍ବଭଳି ସମ୍ମାନପୂର୍ବକ ଆହ୍ୱାନ କରି ଗୃହ ମଧ୍ୟରେ ସ୍ଥାନ ଦେବେ କି ? ଏଥର କେବଳ ଭାରତ ଭ୍ରମଣ ନୁହେଁ, ପୃଥିବୀର ନାନା ସ୍ଥାନ ପର୍ଯ୍ୟଟନର ଅଭିଜ୍ଞତା ଦାନ ପାଇଁ ସେ ପ୍ରସ୍ତୁତ । ତାଙ୍କର ଶ୍ରୀମୁଖରୁ ସେସବୁ କଥା ଶୁଣିଲେ ବୁଝିପାରିବେ ଯେ, ତାଙ୍କର ଭ୍ରମଣ ଉଦ୍ଦେଶ୍ୟବିହୀନ ନୁହେଁ । କେଉଁ ଉପାୟରେ ଭାରତର ବର୍ତ୍ତମାନ ଅମାବାସ୍ୟାର ଅବସାନ ହୋଇ ପୂର୍ବ ଗୌରବ ପୁଣି ଉଜ୍ଜ୍ୱଳତର ବର୍ଣ୍ଣରେ ଓ ସୁଷମାରେ ଉଦ୍ଭାସିତ ହେବ—ଏହି ଚିନ୍ତା ଓ ଚେଷ୍ଟା ତାଙ୍କର ପ୍ରତି ପାଦବିକ୍ଷେପର ମୂଳରେ । ପୁଣି ଭାରତର ଦୁର୍ଦ୍ଦଶା କେଉଁ ସୂତ୍ରରୁ ଆସିଲା, କେଉଁ ଶକ୍ତିବଳରେ ତାହା ଦୂରୀଭୂତ ହେବ, କେଉଁଠି ବା ସେ ସୁପ୍ତଶକ୍ତି ନିହିତ ରହିଛି ଏବଂ ତାହାର ଉଦ୍‌ବୋଧନ ଓ ପ୍ରୟୋଗ ନିମିତ୍ତ କ'ଣ କ'ଣ ଉପକରଣ ବା ପ୍ରୟୋଜନ—ଏହି ସମସ୍ତ ଗୁରୁତର ବିଷୟର ମୀମାଂସା କରି ଯେ ସେହି ମହାପୁରୁଷଙ୍କୁ କ୍ଷାନ୍ତ ଦେଖିବ, ତାହା ନୁହେଁ—କିନ୍ତୁ ସେ ବଦ୍ଧପରିକର ହୋଇ ସ୍ୱଦେଶ ଓ ବିଦେଶର କାର୍ଯ୍ୟ-କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ମୀମାଂସିତ ବିଷୟସମୂହର ସତ୍ୟତା ଯଥାସମ୍ଭବ ପ୍ରମାଣ କରିଥିଲେ । ବୁଦ୍ଧିମାନ ବିଦେଶୀ ତାଙ୍କର ଉପଦେଶକୁ କାର୍ଯ୍ୟରେ ପରିଣତ କରି ବଳିଷ୍ଠ ହେବାକୁ ବସିଲେ—ହେ ସ୍ୱଦେଶୀ ! ତୁମେ ମଧ୍ୟ ଏଥର ସେହି ବହୁ ଶ୍ରମରେ ସମାହୃତ ସାରଗର୍ଭ ସତ୍ୟଗୁଡ଼ିକୁ ହୃଦୟରେ ଧାରଣ କରି ଓ କାର୍ଯ୍ୟରେ ପରିଣତ କରି ସଫଳକାମୀ ହେବ କି ?

ବିନୀତ

ମାଘ ୧, ୧୩୧୨ ସାଲ

ସ୍ୱାମୀ ସାରଦାନନ୍ଦ

# ଭୂମିକା

ସ୍ୱାମିଜୀ ! ଓଁ ନମୋ ନାରାୟଣାୟ—'ମୋ'-କାରଟା ହୃଷୀକେଶୀ ଢଙ୍ଗରେ ଉଦାତ୍ତ କରିନିଅ, ଭାଇ ! ଆଜିକି ସାତଦିନ ହେଲା ଆମର ଜାହାଜ ଚାଲିଛି, ନିତି ତମକୁ କ'ଣ ହେଉଛି ନ ହେଉଛି ଖବରଟା ଲେଖିବି ବୋଲି ମନେ କରେ, ଖାତା-ପତ୍ର କାଗଜ କଲମ ମଧ୍ୟ ଯଥେଷ୍ଟ ଦେଇଛ, କିନ୍ତୁ ଏହି ବଙ୍ଗାଳି 'କିନ୍ତୁ' ବଡ଼ ଗୋଳମାଳ କରି ବସେ । ପହିଲା ନମ୍ବର—କୋଡ଼ିଗିରି ନା କ'ଣ ତମେ କହ; ରୋଜ୍ ଲେଖିବି ମନେ କରେ, ତା' ପରେ ନାନା କାମରେ ତାହା ଅନନ୍ତ 'କାଳ' ନାମକ ସମୟରେ ହିଁ ରହିଯାଏ, ପାଦେ ମଧ୍ୟ ଆଗେଇପାରେ ନା । ଦୁଇ ନମ୍ବର—ତାରିଖ ପ୍ରଭୃତି ମନରେ ମଧ୍ୟ ରହେ ନାହିଁ । ସେଗୁଡ଼ିକ ସବୁ ତମର ନିଜ ଗୁଣରେ ପୂର୍ତ୍ତି କରିନେବ । ଆଉ ଯଦି ବିଶେଷ ଦୟା କର ତ, ମନେ କରିବ ଯେ, ମହାବୀରଙ୍କ ପରି ବାର ତିଥି ମାସ ମନରେ ହିଁ ରହିପାରେ ନା—ରାମ ହୃଦୟରେ ବୋଲି । କିନ୍ତୁ ବାସ୍ତବିକ କଥାଟା ହେଉଛି ଏହି ଯେ, ତାହା ବୁଦ୍ଧିର ଦୋଷ ଏବଂ ସେହି କୋଡ଼ିଗିରି । କି ଉତ୍ପାତ ! 'କ୍ୱ ସୂର୍ଯ୍ୟପ୍ରଭବୋ ବଂଶଃ' —ଆଚ୍ଛା, ହେଲା ନାହିଁ, 'କ୍ୱ ସୂର୍ଯ୍ୟପ୍ରଭବବଂଶ-ଚୂଡ଼ାମଣିରାମୈକଶରଣୋ ବାନରେନ୍ଦ୍ରଃ', ଆଉ—କାହିଁ ମୁଁ ଦୀନ, ଅତି ଦୀନ । ତେବେ ସେ ମଧ୍ୟ ଶତ ଯୋଜନ ସମୁଦ୍ର ଗୋଟିଏ ଡିଆଁରେ ପାରି ହୋଇଥିଲେ, ଆଉ ଆମେ କାଠଘର ମଧ୍ୟରେ ବନ୍ଦ ହୋଇ, ପଡ଼ି ଉଠି, ଖୁଣ୍ଟିଖୁଣ୍ଟି ଧରି ଚଲତ୍‌ଶକ୍ତି ବଜାୟ ରଖି, ସମୁଦ୍ର ପାର ହେଉଛୁ । ଗୋଟାଏ ବାହାଦୁରି ଅଛି—ସେ ଲଙ୍କାରେ ପହଞ୍ଚି ରାକ୍ଷସ-ରାକ୍ଷସୀଙ୍କର ଚାନ୍ଦମୁହଁ ଦେଖିଥିଲେ, ଆଉ ଆମେ ରାକ୍ଷସ-ରାକ୍ଷସୀଦଳ ସାଙ୍ଗରେ ଯାଉଛୁଁ । ଖାଇବା ସମୟରେ ସେ ଶତ ଛୁରିର ଚକ୍-ଚକ୍ ଝଲକ ଆଉ ଶତ କଣ୍ଟାର ଠକ୍ ଠକ୍ ହେବା ଦେଖି ଶୁଣି ତୁ-ଭାଇଙ୍କର ତ ଅକଲ ଗୁଡ଼ୁମ୍ । ଭାଇ ତ ଥାଇ ଥାଇ ଚମକି ଉଠନ୍ତି, ପଛେ ପାର୍ଶ୍ୱବର୍ତ୍ତୀ ରଙ୍ଗକେଶ ବିଡ଼ାଲାକ୍ଷ ଭୁଲ୍‌କ୍ରମେ ଭୁସ୍ କରି ଛୁରିଖଣ୍ଡେ ତାଙ୍କ ଦେହରେ ବା ଲଗେଇଦେବେ । ଭାଇ ଟିକିଏ ଗୋଲ୍‌ଗାଲିଆ ଅଛନ୍ତି କି ନା ! କହେ, ହଁ ହେ, ସମୁଦ୍ର ପାରି ହେବାକୁ ହନୁମାନଙ୍କର ସି-ସିକ୍‌ନେସ୍* ହୋଇଥିଲା କି, ସେ ବିଷୟରେ ପୋଥିରେ କିଛି ପାଇଛ ? ତୁମେମାନେ ପଢ଼ିଲାବାଲା ପଣ୍ଡିତ ମଣିଷ, ବାଲ୍ମୀକି ଆଲ୍ମୀକି କେତେ ଜାଣ, ଆମର 'ଗୋସାଇଁଜୀ' ତ କିଛି ହିଁ କହୁ ନାହାନ୍ତି । ବୋଧହୁଏ—ହୋଇ ନାହିଁ; ତେବେ ଏହି ଯେ କାହା ପାଟିରେ ପ୍ରବେଶ କରିଥିଲେ, ସେଇଠି ହିଁ ଟିକିଏ ସନ୍ଦେହ ହୁଏ । ତୁ-ଭାଇ କହୁଛନ୍ତି, ଜାହାଜର ତଳଟା ଯେତେବେଳେ ଭୁସ୍ କରି ସ୍ୱର୍ଗ ଆଡ଼କୁ ଉଠେ, ଇନ୍ଦ୍ରଙ୍କ ସାଙ୍ଗରେ ପରାମର୍ଶ କରେ, ପୁଣି ତତ୍‌କ୍ଷଣାତ୍ ଭୁସ୍ କରି ପାତାଳମୁଖୀ ହୋଇ ବଳିରାଜାଙ୍କୁ ବାନ୍ଧିବାର ଚେଷ୍ଟା କରେ, ସେହି ସମୟଟା ତାଙ୍କର ମଧ୍ୟ ବୋଧ ହୁଏ, ଯେପରି କି କାହାର ମହାବିକଟ ବିସ୍ତୃତ ମୁଖ

* ସି-ସିକ୍‌ନେସ୍—ଜାହାଜ ଦୋହଲିବାରେ ମୁଣ୍ଡ ଘୁରିବା ଓ ବାନ୍ତି ହେବାର ନାମ ।

ମଧ୍ୟରେ ପ୍ରବେଶ କରୁଛନ୍ତି । 'ମାଫ୍ ଫରମାଇୟେ' ଭାଇ—ଭଲ ଲୋକକୁ କାର୍ଯ୍ୟର ଭାର ଦେଇଛ । ରାମ କହୋ ! କେଉଁଠି ତୁମକୁ ସାହିତ୍ୟର ସମୁଦ୍ରଯାତ୍ରାର ବର୍ଣ୍ଣନା ଦେବ, ସେଥିରେ କେତେ ରଙ୍ଗ ଢଙ୍ଗ ମସଲା ବାର୍ନିଶ ଥିବ, କେତେ କାବ୍ୟରସ ଇତ୍ୟାଦି, ଆଉ କ'ଣ ନା ଏଆଡ଼ୁ ସେଆଡ଼ୁ ବକୁଛୁ ! ଫଳ କଥା, ମାୟାର ଛାଲଟି ଛଡ଼ାଇ ବ୍ରହ୍ମ-ଫଳଟି ଖାଇବା ଚେଷ୍ଟା ଚିରକାଳ କରିଯାଇଛୁ, ଏକ୍ଷଣି ଖପ୍‌କରି ସ୍ୱଭାବର ସୌନ୍ଦର୍ଯ୍ୟବୋଧ କେଉଁଠୁ ପାଇବ କହ ! 'କାହିଁ କାଶୀ, କାହିଁ କାଶ୍ମୀର, କାହିଁ ଖୋରାଶାନ୍ ଗୁଜରାଟ୍'* ଆଜନ୍ମ ଘୂରୁଛୁ । କେତେ ପାହାଡ଼, ନଦ, ନଦୀ, ଗିରି, ନିର୍ଝର, ଉପତ୍ୟକା, ଅଧିତ୍ୟକା, ଚିରନୀହାରମଣ୍ଡିତ ମେଘମେଖଳିତ ପର୍ବତ-ଶିଖର, ଉତ୍ତୁଙ୍ଗତରଙ୍ଗଭଙ୍ଗକଲ୍ଲୋଳଶାଳୀ କେତେ ବାରିନିଧି ଦେଖିଲି, ଶୁଣିଲି, ଡେଇଁଲି, ପାରି ହେଲି; କିନ୍ତୁ କେରାଞ୍ଚି ଓ ଟ୍ରାମ୍-ଘଡ଼-ଘଡ଼ାୟିତ ଧୂଳିଧୂସରିତ କଲିକତାର ବଡ଼ ରାସ୍ତା କଡ଼ରେ—କିମ୍ବା ପାନପିକ-ବିଚିତ୍ରିତ କାନ୍ଥରେ, ଝିଟିପିଟି-ମୂଷା-ଚୁଚୁନ୍ଦ୍ରା'ମୁଖରିତ ଏକମହଲା ଘର ମଧ୍ୟରେ ଦିନବେଳା ପ୍ରଦୀପ ଜାଳି—ଆମ୍ବକାଠ ପଟାରେ ବସି ବଇଠିଲଗା ହୁକ୍‌କା ଟାଣୁ ଟାଣୁ—କବି ଶ୍ୟାମାଚରଣ ହିମାଚଳ, ସମୁଦ୍ର, ପ୍ରାନ୍ତର, ମରୁଭୂମି ପ୍ରଭୃତି ଯେ ଅବିକଳ ଛବିଗୁଡ଼ିକ ଚିତ୍ରିତ କରି ବଙ୍ଗାଳୀଙ୍କର ମୁଖ ଉଜ୍ଜ୍ୱଳ କରିଛନ୍ତି, ସେ ଆଡ଼େ ଲକ୍ଷ୍ୟ କରିବା ହିଁ ଆମର ଦୁରାଶା । ଶ୍ୟାମାଚରଣ ପିଲାଦିନେ ପଶ୍ଚିମ ଦେଶକୁ ବୁଲି ଯାଇଥିଲେ, ଯେଉଁଠି ଆକଣ୍ଠ ଆହାର କରି ଲୋଟାଏ ପାଣି ପିଇଦେଲେ ବାସ୍—ସବୁ ହଜମ୍, ପୁଣି କ୍ଷୁଧା—ସେଠାରେ ଶ୍ୟାମାଚରଣଙ୍କର ପ୍ରାତିଭ ଦୃଷ୍ଟି ଏହିସବୁ ପ୍ରାକୃତିକ, ବିରାଟ ଓ ସୁନ୍ଦର ଭାବ ଉପଲବ୍ଧି କରିଛି । ତେବେ ଟିକିଏ ଗୋଳମାଳ ଯେ, ସେହି ପଶ୍ଚିମ କୁଆଡ଼େ ବର୍ଦ୍ଧମାନ ପର୍ଯ୍ୟନ୍ତ ବୋଲି ଶୁଣିବାକୁ ମିଳେ ।

ତେବେ ଏକାନ୍ତ ହିଁ ତୁମମାନଙ୍କ ଅନୁରୋଧ, ପୁଣି ମୁଁ ମଧ୍ୟ ଯେ ଏକାବେଳକେ 'ସେ ରସେ ବଞ୍ଚିତ ଗୋବିନ୍ଦ ଦାସ' ନୁହେଁ, ସେଇଟା ପ୍ରମାଣ କରିବା ପାଇଁ ଶ୍ରୀଦୁର୍ଗା ସ୍ମରଣ କରି ଆରମ୍ଭ କରୁଛି । ତୁମେମାନେ ମଧ୍ୟ ମନଦେଇ ଶୁଣ ।

ନଦୀମୁଖ ବା ବନ୍ଦରଠାରୁ ଜାହାଜ ରାତିରେ ପ୍ରାୟ ଛାଡ଼େ ନାହିଁ, ବିଶେଷତଃ କଲିକତା ପରି ବାଣିଜ୍ୟବହୁଳ ବନ୍ଦର, ଆଉ ଗଙ୍ଗାପରି ନଦୀରୁ । ଯେତେବେଳ ପର୍ଯ୍ୟନ୍ତ ଜାହାଜ ସମୁଦ୍ରରେ ନ ପହଞ୍ଚିଛି, ସେତେବେଳ ପର୍ଯ୍ୟନ୍ତ 'ଆଡ଼କାଟୀ'ର ** ଅଧିକାର, ସେହି ହେଲେ କାପ୍ତେନ; ତାଙ୍କର ହିଁ ହୁକୁମ୍; ସମୁଦ୍ରରେ କିମ୍ବା ଆସିବାବେଳେ ନଦୀମୁଖ-ଠାରୁ ବନ୍ଦରରେ ପହଞ୍ଚାଇ ଦେଇ ସେ ଖଲାସ । ଆମର ଗଙ୍ଗାମୁଖରେ ଦୁଇଟି ପ୍ରଧାନ ଭୟ । ଗୋଟିଏ ବଜ୍‌ବଜ୍ ପାଖରେ ଜେମ୍‌ସ ଓ ମେରି ନାମକ ଚୋରା ବାଲି, ଦ୍ୱିତୀୟଟି ଡାୟମଣ୍ଡ ହାର୍‌ବର୍ ମୁହଁରେ ଚଡ଼ା । ପୂରା ଜୁଆରରେ, ଦିନବେଳେ ପାଇଲଟ (ଆଡ଼କାଟୀ) ଅତି ସନ୍ତର୍ପଣରେ ଜାହାଜ ଚଳାନ୍ତି, ନ ହେଲେ ନୁହେଁ । ଫଳରେ ଗଙ୍ଗାରୁ

* ତୁଳସୀଦାସଙ୍କ ଦୁଆ ମଧ୍ୟରେ ଏହି ବାକ୍ୟଟି ଅଛି ।

** ଆଡ଼କାଟୀ—ବନ୍ଦରଠାରୁ ସମୁଦ୍ର ପର୍ଯ୍ୟନ୍ତ ଜଳର ଗଭୀରତାବୋଧ ଯେ ଜାଣନ୍ତି ।

ବାହାରିବା ପାଇଁ ଆମକୁ ତିନିଦିନ ଲାଗିଗଲା ।

# ଗଙ୍ଗାର ଶୋଭା ଓ ବଙ୍ଗଦେଶର ରୂପ

ହୃଷୀକେଶର ଗଙ୍ଗା ମନେ ଅଛି ? ସେହି ନିର୍ମଳ, ନୀଳାଭ ଜଳ — ଯାହା ମଧ୍ୟରେ ଦଶହାତ ଗଭୀରରେ ମାଛର ଡେଣା ଗଣାଯାଏ, ସେହି ଅପୂର୍ବ ସୁସ୍ୱାଦୁ ହିମଶୀତଳ 'ଗଙ୍ଗାବାରି ମନୋହାରୀ', ଆଉ ସେହି ଅଦ୍ଭୁତ 'ହର୍ ହର୍ ହର୍' ତରଙ୍ଗୋତ୍ଥ ଧ୍ୱନି, ସାମନାରେ ଗିରିନିର୍ଝରର 'ହର୍ ହର୍' ପ୍ରତିଧ୍ୱନି, ସେହି ବିପିନରେ ବାସ, ମାଧୁକରୀ ଭିକ୍ଷା, ଗଙ୍ଗାଗର୍ଭରେ କ୍ଷୁଦ୍ର ଦ୍ୱୀପାକାର ଶିଳାଖଣ୍ଡ ଉପରେ ଭୋଜନ, କରପୁଟରେ ଅଞ୍ଜଳି ଅଞ୍ଜଳି ସେହି ଜଳପାନ, ଚାରିଆଡ଼େ କଣପ୍ରତ୍ୟାଶୀ ମତ୍ସ୍ୟକୁଳର ନିର୍ଭୟ ବିଚରଣ ? ସେ ଗଙ୍ଗାଜଳପ୍ରୀତି, ଗଙ୍ଗାର ମହିମା, ସେ ଗଙ୍ଗାବାରିର ବୈରାଗ୍ୟପ୍ରଦ ସ୍ପର୍ଶ, ସେ ହିମାଳୟ-ବାହିନୀ ଗଙ୍ଗା, ଶ୍ରୀନଗର, ଟିହିରି, ଉତ୍ତରକାଶୀ, ଗଙ୍ଗୋତ୍ରୀ, ତୁମମାନଙ୍କ ମଧ୍ୟରୁ କେହି କେହି ଗୋମୁଖୀ ପର୍ଯ୍ୟନ୍ତ ଦେଖିଛ; କିନ୍ତୁ ଆମର କର୍ଦ୍ଦମାବିଲା, ହରଗାତ୍ରବିଘର୍ଷଣଶୁଭ୍ରା ସହସ୍ରପୋତବକ୍ଷା ଏହି କଲିକତାର ଗଙ୍ଗାର କ'ଣ ଗୋଟାଏ ଆକର୍ଷଣ ଅଛି, ତାହା ଭୁଲିବାର ନୁହେଁ । ସେ କ'ଣ ସ୍ୱଦେଶପ୍ରିୟତା ନା ବାଲ୍ୟ ସଂସ୍କାର—କେଜାଣି ? ହିନ୍ଦୁର ସଙ୍ଗରେ ମା' ସାଙ୍ଗରେ ଏ କି ସମ୍ବନ୍ଧ ! କୁସଂସ୍କାର କି ? ହୋଇପାରେ ! ଗଙ୍ଗା ଗଙ୍ଗା କରି ଜନ୍ମ କଟାଏ, ଗଙ୍ଗାଜଳରେ ମରେ, ଦୂର ଦୂରାନ୍ତରର ଲୋକ ଗଙ୍ଗାଜଳ ନେଇ ଯାଆନ୍ତି, ତାମ୍ରପାତ୍ରରେ ଯତ୍ନ କରି ରଖନ୍ତି, ପୂଜାପାର୍ବଣରେ ବିନ୍ଦୁ ବିନ୍ଦୁ କରି ପାନ କରନ୍ତି । ରାଜରାଜୁଡ଼ା ମାଠିଆ ପୂରାଇ ରଖନ୍ତି, କେତେ ଅର୍ଥ ବ୍ୟୟ କରି ଗଙ୍ଗୋତ୍ରୀର ଜଳ ରାମେଶ୍ୱରଙ୍କ ଉପରେ ଢାଳନ୍ତି; ହିନ୍ଦୁ ବିଦେଶକୁ ଯାଏ, ରେଙ୍ଗୁନ, ଜାଭା, ହଂକଂ, ଜାଞ୍ଜିବର, ମାଡାଗାସ୍କର, ସୁଏଜ, ଏଡେନ, ମାଲ୍ଟା — ସାଙ୍ଗରେ ଗଙ୍ଗାଜଳ, ସାଙ୍ଗରେ ଗୀତା । ଗୀତା, ଗଙ୍ଗା — ହିନ୍ଦୁ, ହିନ୍ଦୁଗିରି । ଗଲାଥର ମୁଁ ମଧ୍ୟ ଟିକିଏ ନେଇଥିଲି — କେଜାଣି ! ବାଗ ମିଳିଲେ ବିନ୍ଦୁଏ ଅଧବିନ୍ଦୁଏ ପାନ କରୁଥିଲି । ପାନ କରିବାମାତ୍ରେ କିନ୍ତୁ ସେ ପାଶ୍ଚାତ୍ୟ ଜନସ୍ରୋତ ମଧ୍ୟରେ, ସଭ୍ୟତାର କଲ୍ଲୋଳ ମଧ୍ୟରେ, ସେ କୋଟି କୋଟି ମାନବର ଉନ୍ମତ୍ତପ୍ରାୟ ଦ୍ରୁତପଦସଞ୍ଚାର ମଧ୍ୟରେ ମନ ଯେପରି ସ୍ଥିର ହୋଇଯାଉଥିଲା । ସେ ଜନସ୍ରୋତ, ସେ ରଜୋଗୁଣର ଆସ୍ଫାଳନ, ପଦେ ପଦେ ସେହି ପ୍ରତିଦ୍ୱନ୍ଦ୍ୱୀ ସଂଘର୍ଷ, ସେ ବିଳାସକ୍ଷେତ୍ର, ଅମରାବତୀସମ ପ୍ୟାରିସ୍, ଲଣ୍ଡନ, ନିଉୟର୍କ, ବର୍ଲିନ, ରୋମ୍, ସବୁ ଲୋପ ହୋଇଯାଉଥିଲା; ଆଉ ଶୁଣୁଥିଲି ସେହି 'ହର୍ ହର୍ ହର୍', ଦେଖୁଥିଲି — ସେହି ହିମାଳୟକ୍ରୋଡ଼ସ୍ଥ ବିଜନ ବିପିନ, ଆଉ କଲ୍ଲୋଳିନୀ ସୁରତରଙ୍ଗିଣୀ ଯେପରି ହୃଦୟରେ, ମସ୍ତକରେ, ଶିରାରେ-ଶିରାରେ ସଞ୍ଚାର କରୁଛନ୍ତି, ଆଉ ଗର୍ଜି ଗର୍ଜି ଡାକୁଛନ୍ତି 'ହର୍ ହର୍ ହର୍ !!'

ଏଥର ତୁମେମାନେ ମଧ୍ୟ ପଠାଇଛ ଦେଖୁଛି ମା'ଙ୍କୁ ମାନ୍ଦ୍ରାଜ ପାଇଁ । କିନ୍ତୁ ଗୋଟାଏ କି ଅଦ୍ଭୁତ ପାତ୍ର ମଧ୍ୟରେ ମା'ଙ୍କୁ ପ୍ରବେଶ କରାଇଛ, ଭାଇ ! ତୁ-ଭାଇ, ବାଳ-

ବ୍ରହ୍ମସ୍ୱଶ୍ରୀ 'ଜ୍ୱଳନ୍ନିବ ବ୍ରହ୍ମମୟେନ ତେଜସା'; ଥିଲେ 'ନମୋ ବ୍ରହ୍ମଣେ', ହୋଇଛନ୍ତି, 'ନମୋ ନାରାୟଣାୟ' (ବାପ, ରକ୍ଷା ଅଛୁ), ସେଥିପାଇଁ ବୋଧ ହୁଏ, ସ୍ୱଇ ହସ୍ତରେ ବ୍ରହ୍ମାଙ୍କର କମଣ୍ଡଳୁ ଗ୍ରୁଡ଼ି ମାଆର ଗଡ଼ୁରେ ପ୍ରବେଶ । ଯାହା ହେଉ, କଛୁ ରାତରେ ଉଠି ଦେଖେ, ମା'ଙ୍କର ସେହି ବୃହତ୍ତ୍ ଗଡ୍ଡୁ-ଆକାର କମଣ୍ଡଳୁ ମଧ୍ୟରେ ଅବସ୍ଥାନଟା ଅସହ୍ୟ ହୋଇଉଠିଛି । ତାହା ଭେଦ କରି ମା' ବାହାରିବାକୁ ଚେଷ୍ଟା କରୁଛନ୍ତି । ସ୍ୱବଳ ସର୍ବନାଶ, ଏହିଠାରେ ହିଁ ଯଦି ହିମାଚଳ ଭେଦକରି ଐରାବତ ଉସେଇବା, ଜହ୍ନୁ ର କୁଟୀର ଭଙ୍ଗା ପ୍ରଭୃତି ପର୍ବାଭିନୟ ହୁଏ ତ—ସରିଲା । ସ୍ତବ ସ୍ତୁତି ବହୁତ କଲି, ମାଙ୍କୁ ବହୁତ ବୁଝାଇ କହିଲି, ମା ଟିକିଏ ରହ, କାଲି ମାନ୍ଦ୍ରାଜରେ ଓହ୍ଲାଇ ଯାହା କରିବାର ହେବ କରି, ସେ ଦେଶରେ ହସ୍ତୀ ଅପେକ୍ଷା ମଧ୍ୟ ସୂକ୍ଷ୍ମବୁଦ୍ଧି ଅନେକେ ଅଛନ୍ତି, ସମସ୍ତଙ୍କର ପ୍ରାୟ ଜହ୍ନୁ ର କୁଟୀର, ଆଉ ସେହି ଯେ ଚକଚକିଆ ଖିଅର ହୋଇଥିବା ଚୁର୍କିଚୁଟିଆ ମୁଣ୍ଡଗୁଡ଼ିକ, ସେଗୁଡ଼ିକ ସବୁ ପ୍ରାୟ ଶିଳାଖଣ୍ଡରେ ତିଆରି, ହିମାଚଳ ତ ତା' ପାଖରେ ଲହୁଣୀ, ସେତେ ପାରି ଭାଙ୍ଗ, ବର୍ତ୍ତମାନ ଟିକିଏ ଅପେକ୍ଷା କର । ଉହୁଁ, ମା' କଅଣ ଶୁଣନ୍ତି ! ତହୁଁ ଗୋଟାଏ ବୁଦ୍ଧି ପାଞ୍ଚିଲି, କହିଲି—ମା' ଦେଖ, ଏହି ଯେ ପଗଡ଼ି ମୁଣ୍ଡରେ, ଜାମା ଦେହରେ ସ୍ୱଙ୍କରସବୁ ଜାହାଜରେ ଏଆଡ଼େ ସେଆଡ଼େ ହେଉଛନ୍ତି, ଏମାନେ ହେଉଛନ୍ତି ମିଆଁ ପୁଅ—ଅସଲ ଗୋରୁଖିଆ ମିଆଁ ପୁଅ, ଆଉ ଏହି ଯେଉଁମାନେ ଘରଦ୍ୱାର ସଫାକରି ବୁଲୁଛନ୍ତି, ସେମାନେ ହେଉଛନ୍ତି ଅସଲ ମେହେନ୍ତର, ଲାଲବେଗର ଚେଲା ।* ଯଦି କଥା ନ ଶୁଣ ତ, ଏମାନଙ୍କୁ ଡାକି ତମକୁ ଛୁଆଁଇ ଦେବି, ବୁଝିଲ । ସେଥିରେ ମଧ୍ୟ ଯଦି ଶାନ୍ତ ନ ହୁଅ, ତମକୁ ଏହିକ୍ଷଣି ବାପଘରକୁ ପଠାଇଦେବି; ଏହି ଯେଉଁ ଘରଟି ଦେଖୁଛ, ଏହା ମଧ୍ୟରେ ବନ୍ଦ କରିଦେବା ମାତ୍ରେ ତମେ ବାପଘର ଅବସ୍ଥାରେ ପଡ଼ିବ, ଆଉ ତମର ତକାତକ ସବୁ ଯିବ, ଜମାଟ ବାନ୍ଧି ଖଣ୍ଡେ ପଥର ହୋଇ ରହିବାକୁ ହେବ । ସେତେବେଳେ ଯାଇ ଝିଅ ଶାନ୍ତ ହେଲେ । ଖାଲି ଦେବତା କାହିଁକି, ମଣିଷର ମଧ୍ୟ ଏହି ଅବସ୍ଥା । ଭକ୍ତ ପାଇଲେ ହିଁ କାନ୍ଧରେ ଚଢ଼ି ବସନ୍ତି ।

କ'ଣ ବର୍ଣ୍ଣନା କରିବାକୁ ଯାଇ କ'ଣ ବକୁଛୁ । ପୁଣି ଦେଖ ! ଆଗରୁ ତ କହି ରଖିଛୁ, ମୋ ପକ୍ଷରେ ସେସବୁ ଏକ ପ୍ରକାର ଅସମ୍ଭବ । ତେବେ ଯଦି ସହ୍ୟ କର ତ ପୁଣି ଚେଷ୍ଟା କରିପାରେ । ଆପଣା ଲୋକର ଗୋଟାଏ ରୂପ ଥାଏ, ସେପରି ଆଉ କେଉଁଠି ଦେଖାଯାଏ ନାହିଁ । ନିଜର ଚେପଟାନାକିଆ ଖଣ୍ଡିଆମୁହାଁ ଭାଇଭଉଣୀ ପୁଅଝିଅଙ୍କଠାରୁ ଗନ୍ଧର୍ବ-ଲୋକରେ ମଧ୍ୟ ସୁନ୍ଦର ମିଳିବ ନାହିଁ, ସତ । କିନ୍ତୁ ଗନ୍ଧର୍ବଲୋକ ଘୂରିଆସି ମଧ୍ୟ

* ଐତିହାସିକ ଇଲିୟଟଙ୍କ ମତରେ ଲାଲବେଗୀମାନଙ୍କର (ଝାଡ଼ୁଦାର ମେହେନ୍ତର ସମ୍ପ୍ରଦାୟବିଶେଷ) ଉପାସ୍ୟ ଆଦିପୁରୁଷ ବା କୁଳଦେବତା ଲାଲବେଗ ଓ ଉତ୍ତର ପଶ୍ଚିମରେ ଲାଲଗୁରୁ (ରାକ୍ଷସ ଅରଣ୍ୟ କରୀତ) ଅଭିନ୍ନ । ବାରାଣସୀବାସୀ ଲାଲବେଗୀମାନଙ୍କ ମତରେ ପୀର ଜହିର ହିଁ (ଚଣ୍ଡିସ୍ଥ ସାଧୁ ସେୟଦ ସାହା ଜୁହୁର) ଲାଲବେଗ ।

ଯଦି ଆପଣା ଦେଶେ ଯଥାର୍ଥ ସୁନ୍ଦର ମିଳେ, ସେ ଆହ୍ଲାଦ ରଖିବା ପାଇଁ କଅଣ ଆଉ ସ୍ଥାନ ଥାଏ ? ଏହି ଅନନ୍ତଶସ୍ୟଶ୍ୟାମଳା, ସହସ୍ରସ୍ରୋତସ୍ୱତୀମାଲ୍ୟଧାରିଣୀ ବଙ୍ଗଳା ଦେଶର ଗୋଟିଏ ରୂପ ଅଛି । ସେ ରୂପ—କିଛି ଅଛି ମାଲୟାଲମ୍‌ରେ (ମାଲବାର), ଆଉ କିଛି କାଶ୍ମୀରରେ । ପାଣିରେ କି ଆଉ ରୂପ ନାହିଁ ? ଜଳେ ଜଳମୟ, ମୂଷଳ ଧାରାରେ ବୃଷ୍ଟି ସାରୁପତ୍ର ଉପର ଦେଇ ଗଡ଼ିଯାଉଛି, ରାଶି ରାଶି ତାଳ, ନଡ଼ିଆ, ଖଜୁରିର ମୁଣ୍ଡ ଟିକିଏ ଅବନତ ହୋଇ ସେ ଧାରାସମ୍ପାତ ବହନ କରୁଛି, ଚାରିଆଡ଼େ ଭେକର ଘର୍ଘର ଆବାଜ—ଏଥିରେ କଅଣ ରୂପ ନାହିଁ ? ଆଉ ଆମର ଗଙ୍ଗାକୂଳ, ବିଦେଶରୁ ନ ଆସିଲେ, ଡାଇମଣ୍ଡ ହାର୍ବର୍‌ର ମୁଖଦେଇ ଗଙ୍ଗାରେ ପ୍ରବେଶ ନ କଲେ, ତାହା ବୁଝାଯାଏ ନାହିଁ । ସେ ନୀଳ ନୀଳ ଆକାଶ, ତା' କୋଳରେ କଳାମେଘ, ତା' କୋଳରେ ଧଳା ମେଘ, ସୁନେଲି ଧଡ଼ିଦାର, ତା' ତଳରେ ବୁଦା ବୁଦା ତାଳ, ନଡ଼ିଆ ମୁଣ୍ଡ ପବନରେ ଯେପରି କି ଲକ୍ଷ ଲକ୍ଷ ଚାମର ପରି ହଲୁଛି, ତା ତଳେ ଫିକା, ଘନ, ଈଷତ୍ ପୀତାଭ, ଟିକିଏ କଳା ମିଶା, ଇତ୍ୟାଦି ହରେକ ରକମ୍ ସବୁଜର ଗଦା ଗଦା ଆମ୍ବ, ଲିଚୁ, ଜାମୁ, ପଣସ—ପତ୍ରକୁ ପତ୍ର—ଗଛ ଡାଳ ପତ୍ର ଆଉ ଦେଖାଯାଉ ନାହିଁ, ଆଖପାଖରେ ବୁଦା ବୁଦା ବାଉଁଶ ହଲୁଛି, ଦୋଳୁଛି, ଆଉ ସବାତଳେ—ଯାହା ପାଖରେ ଇୟାରକାନ୍ଦୀ, ଇରାନୀ, ତୁର୍କିସ୍ତାନୀ ଗାଲିଚ୍ ଫାଲିଚ୍ ଯେଉଁଠି ହାର ମାନିଯାଏ, ସେହି ଘାସ—ଯେତେ ଦୂର ଚାହିଁ, ସେହି ଶ୍ୟାମଳ କୋମଳ ଘାସ, କିଏ ଯେପରି ଛାଣ୍ଟିକୁଟି ଠିକ୍ କରି ରଖିଛି; ପାଣିକୂଳ ପର୍ଯ୍ୟନ୍ତ ସେହି ଘାସ; ଗଙ୍ଗାର ମୃଦୁମନ୍ଦ ହିଲ୍ଲୋଳ ଯେପର୍ଯ୍ୟନ୍ତ ଜମିକୁ ଢାଙ୍କୁଛି, ଯେ ଅବଧି ଅଳ୍ପ ଅଳ୍ପ ଲୀଳାମୟ ଧକ୍କା ଦେଉଛି, ସେପର୍ଯ୍ୟନ୍ତ ଘାସରେ ଢଙ୍କା । ପୁଣି ତା' ତଳେ ଆମର ଗଙ୍ଗାଜଳ । ପୁଣି ପାଦର ତଳଠାରୁ ଦେଖ, କ୍ରମେ ଉପରକୁ ଯାଅ, ଉପର ଉପର ମୁଣ୍ଡ ଉପର ପର୍ଯ୍ୟନ୍ତ, ଗୋଟିଏ ରେଖା ମଧ୍ୟରେ ଏତେ ରଙ୍ଗର ଖେଳ, ଗୋଟିଏ ରଙ୍ଗରେ ଏତେ ପ୍ରକାର, ଆଉ କେଉଁଠି ଦେଖିଛ ? ତୁମକୁ କେବେ ରଙ୍ଗର ନିଶା ଧରିଛି କି ?—ଯେଉଁ ରଙ୍ଗର ନିଶାରେ ପତଙ୍ଗ ନିଆଁରେ ପୋଡ଼ି ମରେ, ମହୁମାଛି ଫୁଲ ଗାରଦରେ ଅନାହାରରେ ମରେ ? ହୁଁ,—ଏତିକିବେଳେ ଏହି ଗଙ୍ଗାମା'ଙ୍କର ଶୋଭା ଯାହା ଦେଖିବାର ଦେଖି ନିଅ, ଏହାପରେ ଆଉ ବେଶୀ କିଛି ରହିବ ନାହିଁ ! ଦୈତ୍ୟ-ଦାନବ ହାତରେ ପଡ଼ି ଏସବୁ ଯିବ । ଏହି ଘାସ ଜାଗାରେ ଉଠିବ—ଇଟାଭାଟି, ଅଉ ଓହ୍ଲାଇବ ଇଟାଖୋଳା ଗର୍ତ୍ତକୁଳ । ଯେଉଁଠି ଗଙ୍ଗାର ସାନ ସାନ ଢେଉଗୁଡ଼ିକ ଘାସ ସହିତ ଖେଳୁଛି ସେହିଠାରେ ଠିଆ ହେବ ଝୋଟବୋଝାଇ ଫ୍ଲାଟ୍, ଆଉ ସେହି ଗାଧ-ବୋଟ୍; ଆଉ ସେହି ତାଳ ତମାଳ ଆମ୍ବ ଲିଚୁର ରଙ୍ଗ, ସେହି ନୀଳ ଆକାଶ, ମେଘର ସୌନ୍ଦର୍ଯ୍ୟ, ସେସବୁ କ'ଣ ଆଉ ଦେଖିବାକୁ ପାଇବ ? ଦେଖିବ ପଥରକୋଇଲା ଧୂଆଁ ଆଉ ତା' ମଝିରେ ମଝିରେ ଭୂତପରି ଅସ୍ପଷ୍ଟ ଠିଆ ହୋଇଛି କଳର ଚିମ୍ନି !

# ବଙ୍ଗୋପସାଗରରେ

ଏଥର ଜାହାଜ ସମୁଦ୍ରରେ ପଡ଼ିଲା । ଏହି ଯେ 'ଦୂରାଦୟଶ୍ଚକ୍ର' ଫକ୍ର 'ତମାଲତାଲୀବନରାଜି'* ଇତ୍ୟାଦି ମଧ୍ୟ ସବୁ କିଛି ଠିକ୍ କଥା ନୁହେଁ । ମହାକବିଙ୍କୁ ନମସ୍କାର କରୁଛୁ, କିନ୍ତୁ ସେ କ'ଣ ? ତାଙ୍କ ବାପ ମଧ୍ୟ ହିମାଳୟ ଦେଖି ନାହାନ୍ତି, ସମୁଦ୍ର ମଧ୍ୟ ଦେଖି ନାହାନ୍ତି, ଏହା ମୋର ଧାରଣା ।**

ଏହିଠାରେ ଧଳାକଳା ମିଶାମିଶି, ପ୍ରୟାଗର କିଛି ଭାବ ଯେପରି । ସର୍ବତ୍ର ଦୁର୍ଲଭ ହେଲେ ମଧ୍ୟ 'ଗଙ୍ଗାଦ୍ୱାରେ ପ୍ରୟାଗେ ଚ ଗଙ୍ଗାସାଗରସଙ୍ଗମେ ।' ତେବେ ଏହି ଜାଗାକୁ କହନ୍ତି—ଠିକ୍ ଗଙ୍ଗାମୁହଁ ନୁହେଁ । ଯା ହେଉ, ମୁଁ ନମସ୍କାର କରେ 'ସର୍ବତୋକ୍ଷି-ଶିରୋମୁଖଂ' ବୋଲି ।

କି ସୁନ୍ଦର ! ସାମନାରେ ଯେତେ ଦୂର ଦୃଷ୍ଟି ଯାଏ, ଘନ ନୀଳଜଳ ତରଙ୍ଗାୟିତ, ଫେନିଳ, ବାୟୁ ସଙ୍ଗରେ ତାଳେ ତାଳେ ନାଚୁଛି । ପଛରେ ଆମର ଗଙ୍ଗାଜଳ, ସେହି ବିଭୂତିଭୂଷଣ, ସେହି 'ଗଙ୍ଗାଫେନସିତା ଜଟା ପଶୁପତେଃ ।'*** ସେ ଜଳ ଅପେକ୍ଷାକୃତ ସ୍ଥିର । ସାମନାରେ ମଧ୍ୟବର୍ତ୍ତୀ ରେଖା । ଜାହାଜ ଥରେ ଧଳାପାଣି ଥରେ କଳାପାଣି ଉପରକୁ ଉଠୁଛି । ସେହି ଧଳାପାଣି ଶେଷ ହୋଇଗଲା । ଏଥର ଖାଲି ନୀଳାମ୍ବୁ, ସାମନାରେ ପଛରେ ଆଖପାଖରେ ଖାଲି ନୀଳ ନୀଳ ନୀଳ ଜଳ, ଖାଲି ତରଙ୍ଗଭଙ୍ଗ । ନୀଳକେଶ, ନୀଳକାନ୍ତ ଅଙ୍ଗ-ଆଭା, ନୀଳ ପଟ୍ଟବସ୍ତ୍ର ପରିଧାନ । କୋଟି କୋଟି ଅସୁର ଦେବଭୟରେ ସମୁଦ୍ର ତଳେ ଲୁଚିଥିଲେ, ଆଜି ସେମାନଙ୍କର ସୁଯୋଗ । ଆଜି ସେମାନଙ୍କର ବରୁଣ ସହାୟ, ପବନଦେବ ସାଥୀ, ମହାଗର୍ଜ୍ଜନ, ବିକଟ ହୁଂକାର, ଫେନମୟ ଅଟ୍ଟହାସ, ଦୈତ୍ୟକୁଳ ଆଜି ମହୋଦଧି ଉପରେ ରଣତାଣ୍ଡବରେ ମତ୍ତ ହୋଇଛନ୍ତି । ତା' ମଧ୍ୟରେ ଆମର ଅର୍ଣ୍ଣବପୋତ; ପୋତ ମଧ୍ୟରେ ଯେଉଁ ଜାତି ସସାଗରା ଧରାପତି, ସେହି ଜାତିର ନରନାରୀ—ବିଚିତ୍ର ବେଶଭୂଷା, ସ୍ନିଗ୍ଧ ଚନ୍ଦ୍ରପରି ବର୍ଣ୍ଣ, ମୂର୍ତ୍ତିମାନ୍

---

* ଦୂରାଦୟଶ୍ଚକ୍ରନିଭସ୍ୟ ତନ୍ୱୀ ତମାଲତାଲୀବନରାଜିନୀଳା ।
ଆଭାତି ବେଳା ଲବଣାମ୍ବୁରାଶେର୍ଧାରାନିବଦ୍ଧେବ କଳଙ୍କରେଖା ॥ (ରଘୁବଂଶ)

** କାଶ୍ମୀରଭ୍ରମଣ ଏବଂ ଏହି ଦେଶର ପୁରାବୃତ୍ତ ପାଠ କରିବାପରେ ସ୍ୱାମୀଜୀଙ୍କର ଏହି ବିଷୟରେ ମତ ପରିବର୍ତ୍ତିତ ହୋଇଥିଲା । ମହାକବି କାଳିଦାସ ଅନେକ ଦିନ ପର୍ଯ୍ୟନ୍ତ କାଶ୍ମୀର ଦେଶର ଶାସନକର୍ତ୍ତା ପଦରେ ପ୍ରତିଷ୍ଠିତ ଥିଲେ—ଏକଥା ଏହି ଦେଶର ଇତିହାସ ପାଠରେ ଅବଗତ ହେବାକୁ ହୁଏ । ରଘୁବଂଶାଦି-ବିବୃତ ହିମାଳୟ-ବର୍ଣ୍ଣନା କାଶ୍ମୀରଖଣ୍ଡର ହିମାଳୟ-ଦୃଶ୍ୟ ସହିତ ଅନେକ ସ୍ଥଳରେ ମିଳେ । କିନ୍ତୁ କାଳିଦାସ କେତେବେଳେ ସମୁଦ୍ର ଦେଖିଥିଲେ କି ନାହିଁ, ସେ ବିଷୟରେ କୌଣସି ପ୍ରମାଣ ଆମେମାନେ ଏପର୍ଯ୍ୟନ୍ତ ପାଇ ନାହୁଁ ।

*** ଶିବାପରାଧଭଞ୍ଜନସ୍ତୋତ୍ର—ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-କୃତ ।

ଆତ୍ମନିର୍ଭର, ଆତ୍ମପ୍ରତ୍ୟୟ, କୃଷ୍ଣବର୍ଣ୍ଣ ପାଖରେ ଦର୍ପ ଓ ଦମ୍ଭର ଛବିପରି ପ୍ରତୀୟମାନ—ସଗର୍ବ ପଦକ୍ଷରଣ କରୁଛନ୍ତି । ଉପରେ ବର୍ଷାର ମେଘାଚ୍ଛନ୍ନ ଆକାଶର ଜୀମୂତମନ୍ଦ୍ର, ଚାରିଆଡ଼େ ଶୁଭ୍ରଶିର ତରଙ୍ଗକୁଳର ଲମ୍ଫଝମ୍ଫ ଗୁରୁଗର୍ଜନ, ପୋତଶ୍ରେଷ୍ଠର ସମୁଦ୍ରବଳ-ଉପେକ୍ଷାକାରୀ ମହାଯନ୍ତ୍ରର ହୁଁ-ହୁଂକାର—ସେ ଏକ ବିରାଟ ସମ୍ମେଳନ—ତନ୍ଦ୍ରାଚ୍ଛନ୍ନପରି ବିସ୍ମୟରସରେ ଆପ୍ଳୁତ ହୋଇ ଏହା ହିଁ ଶୁଣୁଛି; ସହସା ଯେପରି ଏହି ସମସ୍ତ ଭେଦ କରି ବହୁ ସ୍ତ୍ରୀପୁରୁଷକଣ୍ଠର ମିଶ୍ରଣୋତ୍ପନ୍ନ ଗମ୍ଭୀର ନାଦ ଓ ତାର-ସମ୍ମିଳିତ 'ରୁଲ୍ ବ୍ରିଟାନିୟା ରୁଲ୍ ଦି ଓ୍ୱେଭ୍‌ସ୍' ମହାଗୀତଧ୍ୱନି କର୍ଣ୍ଣକୁହରରେ ପ୍ରବେଶ କଲା । ଚମକି ଚାହିଁ ଦେଖେ—

ଜାହାଜ ଅତି ବେଶୀ ହଲୁଛି, ଆଉ ତୁ ଭାଇ ଦୁଇହାତରେ ମୁଣ୍ଡଟାକୁ ଧରି ଅନ୍ନପ୍ରାଶନର ଅନ୍ନର ପୁନରାବିଷ୍କାର ଚେଷ୍ଟାରେ ଅଛନ୍ତି । ସେକେଣ୍ଡ କ୍ଲାସ୍‌ରେ ଦୁଇଟି ବଙ୍ଗାଳି ପିଲା ପଢ଼ିବାକୁ ଯାଉଛନ୍ତି । ସେମାନଙ୍କର ଅବସ୍ଥା ଭାଇଙ୍କ ଅପେକ୍ଷା ମଧ୍ୟ ଖରାପ । ଗୋଟିଏ ତ ଏପରି ଭୟ ପାଇଛି ଯେ, ବୋଧ ହୁଏ କୂଳରେ ଓହ୍ଲାଇ ପାରିଲେ, ଏକାଥରକେ ଘର ଆଡ଼କୁ ଦୌଡ଼ି ପଳାଇବ । ଯାତ୍ରୀମାନଙ୍କ ମଧ୍ୟରେ ସେମାନେ ଦୁଇଟି, ଆଉ ଆମେ ଦୁଇଜଣ—ଭାରତବାସୀ, ଆଧୁନିକ ଭାରତର ପ୍ରତିନିଧି । ଯେଉଁ ଦୁଇଦିନ ଜାହାଜ ଗଙ୍ଗା ମଧ୍ୟରେ ଥିଲା, ତୁ-ଭାଇ 'ଉଦ୍‌ବୋଧନ' ସମ୍ପାଦକଙ୍କ ଗୁପ୍ତ ଉପଦେଶ ଫଳରେ 'ବର୍ତ୍ତମାନ ଭାରତ' ପ୍ରବନ୍ଧ ଶୀଘ୍ର ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ କରିପକାଉଥିଲେ । ଆଜି ମୁଁ ମଧ୍ୟ ସୁଯୋଗ ପାଇ ପଚାରିଲି, 'ଭାଇ, 'ବର୍ତ୍ତମାନ ଭାରତ'ର ଅବସ୍ଥା କିପରି ?' ଭାଇ ଥରେ ସେକେଣ୍ଡ କ୍ଲାସ ଆଡ଼କୁ ଚାହିଁ, ଥରେ ନିଜ ଆଡ଼କୁ ଚାହିଁ ଦୀର୍ଘନିଃଶ୍ୱାସ ଛାଡ଼ି ଜବାବ୍ ଦେଲେ 'ବଡ଼ ଶୋଚନୀୟ—ବହୁତ ଗୋଳିଆ ହୋଇଯାଉଛି ।'

ଏତେ ବଡ଼ ପଦ୍ମା ଛାଡ଼ି, ଗଙ୍ଗାର ମାହାତ୍ମ୍ୟ ହୁଗୁଳି ନାମକ ଧାରରେ କାହିଁକି ବର୍ତ୍ତମାନ, ତା'ର କାରଣ ଅନେକେ କହନ୍ତି ଯେ, ଭାଗୀରଥୀ-ମୁଖ ହିଁ ଗଙ୍ଗାର ପ୍ରଧାନ ଓ ଆଦି ଜଳଧାରା । ପରେ ଗଙ୍ଗା ପଦ୍ମାମୁଖ ହୋଇ ବାହାରି ଯାଇଛନ୍ତି । ଏହି ପ୍ରକାର 'ଟଲିସ୍ ନାଲ' ନାମକ ଜୋଡ଼ ମଧ୍ୟ ଆଦିଗଙ୍ଗା ହୋଇ, ଗଙ୍ଗାର ପ୍ରାଚୀନ ସ୍ରୋତ ଥିଲା । କବିକଙ୍କଣ ପୋତ-ବଣିକନାୟକଙ୍କୁ ଏହି ବାଟରେ ହିଁ ସିଂହଳ ଦ୍ୱୀପକୁ ନେଇ ଯାଇଥିଲେ । ପୂର୍ବେ ତ୍ରିବେଣୀ ପର୍ଯ୍ୟନ୍ତ ବଡ଼ ବଡ଼ ଜାହାଜ ଅନାୟାସରେ ପ୍ରବେଶ କରୁଥିଲା । ସପ୍ତଗ୍ରାମ ନାମକ ପ୍ରାଚୀନ ବନ୍ଦର ଏହି ତ୍ରିବେଣୀ ଘାଟର କିଛି ଦୂରରେ ସରସ୍ୱତୀ ଉପରେ ଥିଲା । ଅତି ପ୍ରାଚୀନକାଳରୁ ହିଁ ଏହି ସପ୍ତଗ୍ରାମ ବଙ୍ଗଦେଶର ବହିର୍ବାଣିଜ୍ୟର ପ୍ରଧାନ ବନ୍ଦର । କ୍ରମେ ସରସ୍ୱତୀର ମୁଖ ବନ୍ଦ ହେବାକୁ ଲାଗିଲା । ୧୫୩୭ ଖ୍ରୀଷ୍ଟାବ୍ଦକୁ ସେହି ମୁଖ ଏତେ ରୁଦ୍ଧ ହୋଇଗଲା ଯେ, ପର୍ତ୍ତୁଗୀଜମାନେ ଆପଣା ଆପଣା ଜାହାଜ ଆସିବା ପାଇଁ ଖଣ୍ଡେଦୂର ତଳକୁ ଯାଇ ଗଙ୍ଗା ଉପରେ ସ୍ଥାନ ନେଲେ । ତାହା ହିଁ ପରେ ବିଖ୍ୟାତ ହୁଗୁଳି-ନଗର । ୧୬ ଶତାବ୍ଦୀର ପ୍ରାରମ୍ଭରୁ ସ୍ୱଦେଶୀ ବିଦେଶୀ ସୌଦାଗରମାନେ ଗଙ୍ଗାରେ ଚଡ଼ା ପଡ଼ିବା ଭୟରେ ବ୍ୟାକୁଳ; କିନ୍ତୁ ହେଲେ କ'ଣ ହେବ,

ମନୁଷ୍ୟର ବିଦ୍ୟା ବୁଦ୍ଧି ଆଜି ପର୍ଯ୍ୟନ୍ତ ବଡ଼ ଗୋଟାଏ କିଛି କରିପାରି ନାହିଁ । ମା' ଗଙ୍ଗା କ୍ରମଶଃ ଶୀର୍ଣ୍ଣ ହୋଇ ଆସୁଛନ୍ତି । ୧୬୬୭ ଖ୍ରୀଷ୍ଟାବ୍ଦରେ ଏକ ଫରାସୀ ପାଦ୍ରୀ ଲେଖିଛନ୍ତି, ସୂତିର ନିକଟରେ ଭାଗୀରଥୀ-ମୁଖ ସେ ସମୟରେ ବୁଜି ହୋଇ ଯାଇଥିଲା । ଅନ୍ଧକୂପର ହଲ୍‌ୱେଲ୍ ମୁର୍ଶିଦାବାଦ ଯିବା ରାସ୍ତାରେ ଶାନ୍ତିପୁରରେ ପାଣି ନ ଥିଲା ବୋଲି, ଛୋଟ ନୌକା ନେବାକୁ ବାଧ୍ୟ ହୋଇଥିଲେ । ୧୭୯୭ ଖ୍ରୀଷ୍ଟାବ୍ଦରେ କାପ୍ତେନ୍ କୋଲବ୍ରୁକ୍ ସାହେବ ଲେଖିଛନ୍ତି ଯେ ଗ୍ରୀଷ୍ମକାଳରେ ଭାଗୀରଥୀ ଆଉ ଜଲାଙ୍ଗୀ* ନଦୀରେ ନୌକା ଚଳେ ନାହିଁ । ୧୮୬୨ଠାରୁ ୧୮୮୪ପର୍ଯ୍ୟନ୍ତ ଗ୍ରୀଷ୍ମକାଳରେ ଭାଗୀରଥୀରେ ନୌକା ଗମନାଗମନ ବନ୍ଦ ଥିଲା । ଏହା ମଧ୍ୟରେ ୨୪ ବର୍ଷ ଦୁଇ ବା ତିନିଫୁଟ ପାଣି ଥିଲା । ଖ୍ରୀଷ୍ଟାବ୍ଦ ୧୭ଶ ଶତାବ୍ଦୀରେ ଓଲନ୍ଦାଜମାନେ ହୁଗୁଳିର ଏକ ମାଇଲ ତଳେ ଚୁଁଚୁଡ଼ାରେ ବାଣିଜ୍ୟ ସ୍ଥାପନ କଲେ; ଫରାସୀମାନେ ଆହୁରି ପରେ ଆସି ତା'ର ଆହୁରି ତଳକୁ ଚନ୍ଦନନଗର ସ୍ଥାପନ କଲେ । ଜର୍ମାନ ଅଷ୍ଟେଣ୍ଡ କମ୍ପାନି ୧୭୨୩ ଖ୍ରୀଷ୍ଟାବ୍ଦରେ ଚନ୍ଦନନଗରର ୫ମାଇଲ ତଳକୁ ଅପର କୂଳରେ ବାଙ୍କୀପୁର ନାମକ ଜାଗାରେ ଆଡ୍‌ଡା ଖୋଲିଲେ । ୧୬୧୬ ଖ୍ରୀଷ୍ଟାବ୍ଦରେ ଦିନାମାରମାନେ ଚନ୍ଦନନଗରଠାରୁ ୮ ମାଇଲ ଦୂରରେ ଶ୍ରୀରାମପୁରଠାରେ ଆଡ୍‌ଡା କଲେ । ତାହାପରେ ଇଂରେଜମାନେ କଲିକତା ବସାଇଲେ, ଆହୁରି ତଳକୁ । ପୂର୍ବୋକ୍ତ ସମସ୍ତ ଜାଗାମାନଙ୍କୁ ହିଁ ଆଉ ଜାହାଜ ଯାଇପାରେ ନାହିଁ । କଲିକତା ଏପର୍ଯ୍ୟନ୍ତ ଖୋଲା । ତେବେ 'ପରେ କଣ ହେବ' ଏହି ଭାବନା ସମସ୍ତଙ୍କର ।

ତେବେ ଶାନ୍ତିପୁରର ଆଖପାଖ ପର୍ଯ୍ୟନ୍ତ ଗଙ୍ଗାରେ ଯେ ଗ୍ରୀଷ୍ମକାଳରେ ଏତେ ପାଣି ଥାଏ, ତା'ର ଗୋଟିଏ ବିଚିତ୍ର କାରଣ ଅଛି । ଉପରର ଧାରା ବନ୍ଦପ୍ରାପ୍ତ ହେଲେ ମଧ୍ୟ ରାଶୀକୃତ ପାଣି ମାଟି ମଧ୍ୟ ଦେଇ ଝରି ଗଙ୍ଗାରେ ଆସି ପଡ଼େ । ଗଙ୍ଗାର ଖାଲ ଏପର୍ଯ୍ୟନ୍ତ କୂଳଜମିଠାରୁ ଅନେକ ତଳେ । ଯଦି ଏହି ନଦୀତଳ କ୍ରମେ ମାଟି ବସି ଉଚ୍ଚ ହୋଇଉଠେ, ତାହା ହେଲେ ମୁସ୍କିଲ । ଆଉ ଗୋଟିଏ ଭୟର କିମ୍ବଦନ୍ତୀ ଅଛି, କଲିକତା ପାଖରେ ମଧ୍ୟ ମା' ଗଙ୍ଗା ଭୂମିକମ୍ପ ବା ଅନ୍ୟ କାରଣରୁ ମଝିରେ ମଝିରେ ଏପରି ଶୁଖି ଯାଇଛନ୍ତି ଯେ ମଣିଷ ଚାଲି ଚାଲି ପାରି ହୋଇଛନ୍ତି । ୧୭୭୦ ଖ୍ରୀଷ୍ଟାବ୍ଦରେ କୁଆଡ଼େ ଏହିପରି ହୋଇଥିଲା । ଆଉ ଗୋଟିଏ ରିପୋର୍ଟରୁ ମିଳେ ଯେ ୧୭୩୪ଖ୍ରୀଷ୍ଟାବ୍ଦ ୯ ଅକ୍‌ଟୋବର ଗୁରୁବାର ଦ୍ୱିପହରରେ ଭଟ୍ଟାବେଳେ ଗଙ୍ଗା ଏକଦମ୍ ଶୁଖିଗଲେ । ଠିକ୍ ବାର୍‌ବେଳାରେ ଏହା ଘଟିଥିଲେ କଅଣ ହୋଇଥାନ୍ତା ତମେମାନେ ବିଚାର କର—ଗଙ୍ଗା ବୋଧହୁଏ ଆଉ ଫେରି ନ ଆନ୍ତେ ।

ଏହା ତ ଗଲା ଉପର କଥା । ତଳେ ମହାଭୟ—ଜେମ୍‌ସ ଓ ମେରି ପଠା । ପୂର୍ବେ ଦାମୋଦର ନଦୀ କଲିକତାର ୩୦ ମାଇଲ ଉପରକୁ ଗଙ୍ଗାରେ ଆସି ପଡ଼ୁଥିଲା ।

---

* ଜଲାଙ୍ଗୀ ନଦୀ ନବଦ୍ୱୀପଠାରୁ କିଛି ଦୂରରେ ଭାଗୀରଥୀ ସହିତ ମିଳିତ ହୋଇଛି । ଏହି ସଙ୍ଗମ ପରଠାରୁ ହିଁ ଭାଗୀରଥୀର ନାମ ହୁଗୁଳି ହୋଇଛି ।

ବର୍ତ୍ତମାନ କାଳର ବଜବଜ ଗଡ଼ରେ ସେ ୩୦ ମାଇଲ ଉପରେ ଦକ୍ଷିଣରେ ଆସି ହାଜର । ତା'ର ପାଖ ୬ମାଇଲ ତଳକୁ ରୂପନାରାୟଣ ପାଣି ଢାଳୁଛନ୍ତି, ମଣିକାଞ୍ଚନ ଯୋଗ ହେତୁ ସେମାନେ ତ ଉତ୍କଟ ଆସନ୍ତି, କିନ୍ତୁ ଏ କାଦୁଅ ଧୋଇବ କିଏ ? ଫଳରେ ରାଶୀକୃତ ବାଲି । ସେ ସ୍ତୂପ କେତେବେଳେ ଏଠାରେ, କେତେବେଳେ ସେଠାରେ, କେତେବେଳେ ଟିକିଏ ଟାଣ, କେତେବେଳେ ନରମ ହେଉଛନ୍ତି । ସେ ଭୟର ସୀମା କାହିଁ ! ଦିନରାତି ତା'ର ମାପଚୁପ ହେଉଛି; ଟିକିଏ ଅନ୍ୟମନସ୍କ ହେଲେ ହିଁ ଦିନାକେତେ ମାପଚୁପ ଭୁଲିଗଲେ ହିଁ ଜାହାଜର ସର୍ବନାଶ । ପଠାକୁ ଛୁଇଁ ନ ଛୁଇଁଣୁ ତାହା ଓଲଟିପଡ଼ିବ, ନୁହେ ତ ସିଧାସଳଖ ଗ୍ରାସ ! ଏମିତି ବି ହୋଇଛି, ବଡ଼ ତିନ-ମାସ୍ତୁଲ ଜାହାଜ ଲାଗିବାର ଅଧଘଣ୍ଟାପରେ ହିଁ ଖାଲି ଟିକିଏ ମାସ୍ତୁଲମାତ୍ର ରହିଁ ରହିଲେ । ଏ ପଠା ଦାମୋଦର-ରୂପନାରାୟଣ ମୁହଁରେ ହିଁ । ଦାମୋଦର ବର୍ତ୍ତମାନ ସାନ୍ତାଳୀ ଗାଆଁକୁ ସେତେ ରାଜି ନୁହନ୍ତି, ଜାହାଜ ଷ୍ଟିମର ପ୍ରଭୃତି ଚଟଣି ପରି ଖାଉଛନ୍ତି । ୧୮୭୭ ଖ୍ରୀଷ୍ଟାବ୍ଦରେ କଲିକତାଠାରୁ କାଉଣ୍ଟ ଅଫ୍ ଷ୍ଟାର୍ଲିଂଗ ନାମକ ଗୋଟିଏ ଜାହାଜ ୧୪୪୪ ଟନ୍ ଗହମ ବୋଝ ନେଇ ଯାଉଥିଲା । ଏହି ବିକଟ ପଠାରେ ଯେମିତି ଲାଗିଲା, ଆଉ ତା'ର ଆଠମିନଟ୍ ମଧ୍ୟରେ 'ଖୋଜଖବର ମିଳିଲା ନାହିଁ ।' ୧୮୭୪ ସାଲରେ ୨୪୦୦ ଟନ୍ ବୋଝର ଗୋଟିଏ ଷ୍ଟିମରର ୨ମିନଟ ମଧ୍ୟରେ ସେହି ଦଶା ହେଲା । ଧନ୍ୟ ମା ତମର ମୁହଁ ! ଆମେମାନେ ଯେ ଭଲରେ ଭଲରେ ପାର ହୋଇଆସିଛୁ, ପ୍ରଣାମ କରୁଛୁ । ଗୁ-ଭାଇ କହିଲେ,'ମହାଶୟ, ମାଙ୍କୁ ବୋଦା ମନାସିବା ଉଚିତ ।' ମୁଁ ମଧ୍ୟ 'ତଥାସ୍ତୁ, ଦିନେ କାହିଁକି ଭାଇ, ପ୍ରତ୍ୟହ ।' ପରଦିନ ଗୁ-ଭାଇ ପୁଣି ପଚାରିଲେ, 'ମହାଶୟ, ସେ କଥା କ'ଣ ହେଲା ?' ସେ ଦିନ ଆଉ ଜବାବ ଦେଲି ନାହିଁ । ତା'ପରଦିନ ପୁଣି ପଚାରିବାକ୍ଷଣି ଖାଇବାବେଳେ ଗୁ-ଭାଇଙ୍କୁ ଦେଖାଇଦେଲି, ଛେଳି ମନାସିବା ଦୌଡ଼ଟା କେତେଦୂର ଚାଲିଛି । ଭାଇ ଅଳ୍ପ ବିସ୍ମିତ ହୋଇ କହିଲେ, 'ଏହି ତ ଆପଣ ଖାଉଛନ୍ତି ।' ସେତେବେଳେ ଅନେକ ଯତ୍ନ କରି ବୁଝାଇବାକୁ ହେଲା ଯେ, କୌଣସି ଗଙ୍ଗାହୀନ ଦେଶରେ କୁଆଡ଼େ କଲିକତାର ଜଣେ ପିଲା ଶ୍ୱଶୁର ଘରକୁ ଯାଇଥିଲା । ସେଠାରେ ଖାଇବାବେଳେ ଚାରିଆଡ଼େ ବାଦ୍ୟବାଜଣା, ପୁଣି ଶାଶୁଙ୍କର ବେଜାଏ ଜିଦ୍, ''ଅଗେ ଟିକିଏ ଦୁଧ ପିଅ ।'' ଜ୍ୱାଇଁ ଠଉରେଇଲେ—ବୋଧହୁଏ ଦେଶାଚାର । ଦୁଧ ବାଟିଆରେ ଯେମିତି ମୁହଁ ଲଗାଇଲେ, ସେହିକ୍ଷଣି ଚାରିଆଡ଼େ ବାଦ୍ୟବାଜଣା ବାଜିଉଠିଲା । ସେତେବେଳେ ତାଙ୍କ ଶାଶୁ ଆନନ୍ଦାଶ୍ରୁ ପରିପ୍ଳୁତା ହୋଇ ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରି କହିଲେ, ''ବାପା ! ତମେ ଆଜି ପୁତ୍ରର କାମ କଲ, ଏହି ତମ ପେଟରେ ଗଙ୍ଗାଜଳ ଅଛି, ଆଉ ଦୁଧ ମଧ୍ୟରେ ଥିଲା ତମ ଶ୍ୱଶୁରଙ୍କ ଅସ୍ଥିଚୂର୍ଣ୍ଣ ହୋଇ—ଶ୍ୱଶୁର ଗଙ୍ଗା ପାଇଲେ ।'' ଅତଏବ ହେ ଭାଇ ! ମୁଁ କଲିକତାର ମଣିଷ ଏବଂ ଜାହାଜରେ ବୋଦାର ବାହୁଲ୍ୟ, କ୍ରମାଗତ ମା' ଗଙ୍ଗାକୁ ବୋଦା ଦିଆଯାଉଛି, ତମେ କିଛିମାତ୍ର ଚିନ୍ତିତ ହୁଅ ନାହିଁ । ଭାଇ ଯେ ଗମ୍ଭୀର ପ୍ରକୃତି, କଥାଟା କେଉଁଠି ପହଞ୍ଚିଲା ବୁଝାଗଲା ନାହିଁ ।

## ଜାହାଜର କଥା

ଏ ଜାହାଜଟି କି ଆଶ୍ଚର୍ଯ୍ୟର ବସ୍ତୁ । ଯେଉଁ ସମୁଦ୍ରକୁ ଚାହିଁଲେ ଭୟ ହୁଏ, ଯାହା ମଝିରେ ଆକାଶଟା ନଇଁ ଆସି ମିଶିଯାଇଛି ବୋଧହୁଏ, ଯାହା ଗର୍ଭରୁ ସୂର୍ଯ୍ୟଦେବତା ଧୀରେ ଧୀରେ ଉଠନ୍ତି, ପୁଣି ବୁଡ଼ି ଯାଆନ୍ତି, ଯାହାର ଟିକିଏ ଭ୍ରୂଭଙ୍ଗରେ ପ୍ରାଣ ଅଡ଼ୁଆଠେ, ସେ ହୋଇଗଲେ ରାଜପଥ, ସବୁଠାରୁ ଶସ୍ତାପଥ ! ଏ ଜାହାଜ କଲା କିଏ ? କେହି କରି ନାହିଁ । ଅର୍ଥାତ୍ ମଣିଷର ପ୍ରଧାନ ସହାୟସ୍ୱରୂପ ଯେଉଁସବୁ କଳକବ୍ଜା ଅଛି, ଯାହା ନ ହେଲେ ଦଣ୍ଡେମାତ୍ର ଚଳେ ନାହିଁ, ଯାହାକୁ ଓଲଟ ପାଲଟ କଲେ ଆଉସବୁ କଳକାରଖାନାର ସୃଷ୍ଟି, ସେହିସବୁ ପରି ସମସ୍ତେ ମିଳିମିଶି କରିଛନ୍ତି । ଯେମିତି ଚକ; ଚକ ନ ହେଲେ କ'ଣ କୌଣସି କାମ ଚଳେ ? କେଁ-କଟର୍ ବଳଦ-ଶଗଡ଼ଠାରୁ ଜୟ ଜଗନ୍ନାଥଙ୍କ ରଥ ପର୍ଯ୍ୟନ୍ତ, ସୂତାକଟା ଚରଖାଠାରୁ ପ୍ରକାଣ୍ଡ ପ୍ରକାଣ୍ଡ କଳ କାରଖାନା ପର୍ଯ୍ୟନ୍ତ ସବୁ ଚଳେ ? ଏ ଚକ ପ୍ରଥମେ କଲା କିଏ ? କେହି କରି ନାହାନ୍ତି; ଅର୍ଥାତ୍ ସମସ୍ତେ ମିଶି କରିଛନ୍ତି । ପ୍ରାଥମିକ ମଣିଷ କୁରାଢ଼ିରେ କାଠ କାଟୁଛି, ବଡ଼ ବଡ଼ ଗଣ୍ଡି ଡାଳ ଜାଗାକୁ ଗଡ଼େଇ ଆଣୁଛି, କ୍ରମେ ତାକୁ କାଟି ନିଦା ଚକ ତିଆରି ହେଲା; କ୍ରମେ ଅର ନାହି, ଇତ୍ୟାଦି ଇତ୍ୟାଦି— ଆମର ଚକ । କେତେ ଲକ୍ଷ ବର୍ଷ ଲାଗିଗଲା, କେଜାଣି ? ତେବେ ଏ ଭାରତବର୍ଷରେ ଯାହା ହୁଏ, ତାହା ରହିଯାଏ । ତା'ର ଯେତେ ଉନ୍ନତି ହେଉନା କାହିଁକି, ଯେତେ ପରିବର୍ତ୍ତନ ହେଉନା କାହିଁକି, ତଳ ପାହାଚରେ ଉଠିବା ଲୋକ କେଉଁଠୁ ନା କେଉଁଠୁ ଆସି ଜୁଟି ଯାଆନ୍ତି, ଆଉ ସବୁ ପାହାଚଗୁଡ଼ିକ ରହିଯାଏ । ଗୋଟାଏ ବାଉଁଶ ଦେହରେ ଗୋଟାଏ ତାର ବାନ୍ଧି ବାଜଣା ହେଲା; ତା'ପରେ କ୍ରମେ ଗୋଟାଏ ଘୋଡ଼ାବାଳ ଛଡ଼ି ନେଇ ପ୍ରଥମ ବେହେଲା ହେଲା, କ୍ରମେ କେତେ ରୂପ ବଦଳି ହେଲା, କେତେ ତାର ହେଲା, ତନ୍ତ ହେଲା, ଛଡ଼ିର ନାମ ରୂପ ବଦଳିଲା, ଏସରାଜ୍ ସାରଙ୍ଗି ହେଲେ । କିନ୍ତୁ ଏପର୍ଯ୍ୟନ୍ତ ମଧ୍ୟ ଗାଡ଼ିବାଲା ମିଆଁମାନେ ଘୋଡ଼ାର କେତେଟା ବାଳ ନେଇ ଗୋଟାଏ ଘଡ଼ା ମଧ୍ୟରେ ବାଉଁଶର ବେଣ୍ଟ ବସାଇ କ୍ୟାଁ କୋଆଁ କରି 'ମନଓ୍ୱାର କାହାରର' ଜାଲବୁଣିବା ବୃତ୍ତାନ୍ତ* ଶୁଣାନ୍ତି ନାହିଁ କି ? ମଧ୍ୟପ୍ରଦେଶରେ ଦେଖାଯାଏ, ଏପର୍ଯ୍ୟନ୍ତ ନିଦା ଚକ ଗଡ଼ି ଗଡ଼ି ଯାଉଛି । ତେବେ ତାହା ନିଦା ବୁଦ୍ଧିର ପରିଚୟ ସତ୍ୟ, ବିଶେଷତଃ ଏହି ରବରଟାୟାର୍ର ଦିନରେ ।

ଅନେକ ପୁରୁଣାକାଳର ମଣିଷ ଅର୍ଥାତ୍ ସତ୍ୟଯୁଗର, ଯେତେବେଳେ ଆପାମର ସାଧାରଣ ଏପରି ସତ୍ୟନିଷ୍ଠ ଥିଲେ ଯେ, ଭିତରେ ଏକରକମ ଓ ବାହାରେ ଆଉ ଏକରକମ ହେବ, ତେଣୁ ଲୁଗା ପର୍ଯ୍ୟନ୍ତ ପିନ୍ଧୁ ନ ଥିଲେ । କାଳେ ସ୍ୱାର୍ଥପରତା ଆସିବ, ତେଣୁ

---

* "ମନଓ୍ୱାର କାହାରଓ୍ୱା ଜାଲ ବନୁରେ ।
ଦିନ୍‌କେ ମାରେ ମଛଲି, ରାତକୋ ବନୁ ଜାଲ ।
ଏୟସା ଦିକ୍‌ଦାରି ଜୟ୍‌ସା କଉକା ଜଞ୍ଜାଲ ।"
—ଏହି ଗୀତଟି ଗାଡ଼ିବାଲାମାନେ ସେତେବେଳେ ପ୍ରାୟ ଗାଉଥିଲେ ।

ବିବାହ କରୁ ନଥିଲେ; ଏବଂ ଭେଦବୁଦ୍ଧିରହିତ ହୋଇ ମୋଟ ଠେଙ୍ଗା-ପଥର-ଖଣ୍ଡ ସାହାଯ୍ୟ ନେଇ ସର୍ବଦା 'ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍' ବୋଧ କରୁଥିଲେ; ସେତେବେଳେ ପାଣିରେ ଯିବା ଆସିବା ପାଇଁ ସେମାନେ ଗଛର ମଝିଟାକୁ ପୋଡ଼ିପକାଇ ଅଥବା ଦୁଇ ସ୍ଥିର ଖଣ୍ଡ ଗଣ୍ଡି ଏକାଠି ବାନ୍ଧି 'ସାଲତି' ଭେଲା ଇତ୍ୟାଦି ସୃଷ୍ଟି କରୁଥିଲେ । ଓଡ଼ିଶା-ଠାରୁ କଲମ୍ବୋ ପର୍ଯ୍ୟନ୍ତ 'କଟ୍ଟମାରଣ' ଦେଖିଚ ତ ? ଭେଲା କିପରି ସମୁଦ୍ର ଭିତରେ ମଧ୍ୟ ବହୁ ଦୂର ପର୍ଯ୍ୟନ୍ତ ଚାଲିଯାଏ, ଦେଖିଛ ତ ? ତାହା ହିଁ ହେଲା— 'ଊର୍ଦ୍ଧ୍ୱମୂଳଂ ।'

ଆଉ ଏହି ଯେ ପୂର୍ବବଙ୍ଗଳା ମାଝିଙ୍କର ନୌକା—ଯେଉଁଥିରେ ଚଢ଼ି ଦରିଆରେ ପାଞ୍ଚ ପୀରଙ୍କୁ ଡାକିବାକୁ ହୁଏ; ସେ ଯେଉଁ ଚଟ୍ଟଗ୍ରାମମାଝି-ଅଧିଷ୍ଠିତ ବଜରା—ଯାହା ଟିକିଏ ପବନ ହେଲାକ୍ଷଣି ହାଲରେ ପାଣି ପାଏ ନାହିଁ ଏବଂ ଯାତ୍ରୀମାନଙ୍କୁ ଆପଣା ଆପଣା ଦେବତାଙ୍କ ନାମ ନେବାକୁ ହୁଏ; ସେହି ଯେ ପଶ୍ଚିମର 'ଭଡ଼' (ବଡ଼ ନୌକା)— ଯା' ଦେହରେ ନାନା ଚିତ୍ରବିଚିତ୍ର ଅଙ୍କା ପିତ୍ତଳ-ଆଖିଦିଆ, ଆହୁଲିଆ ଠିଆ ହୋଇ ଆହୁଲ ମାରନ୍ତି; ସେହି ଯେ ଶ୍ରୀମନ୍ତ ସୌଦାଗରଙ୍କ ନୌକା [କବି କଙ୍କଣଙ୍କ ମତରେ ଶ୍ରୀମନ୍ତ ଆହୁଲ ଜୋର୍‌ରେ ବଙ୍ଗୋପସାଗର ପାର ହୋଇଥିଲେ ଏବଂ ଗଲଦା (ବଗ୍ଗବାଲିଆ) ଚିଙ୍ଗୁଡ଼ିର ଜଣ ମଧ୍ୟରେ ପଡ଼ି, କିସ୍ତି ବାଟବଣା ହୋଇ, ବୁଡ଼ିଯିବାର ଯୋଗାଡ଼ ହୋଇଥିଲା, ସେହିଠାରେ କହଡ଼ି ଦେଖି କର୍ଣ୍ଡିମାଛ ଠଉରେଇଥିଲେ ଇତ୍ୟାଦି] ଓରଫ୍ ଗଙ୍ଗା-ସାଗରରେ ଗ୍ରୁପୁଆଙ୍ଗୋ ଉପରେ ସୁନ୍ଦର ଛଇଲ, ତଳେ ବାଉଁଶର ପଟାତନ, ଭିତରେ ଧାଡ଼ି ଧାଡ଼ି ଗଙ୍ଗାପାଣିର ମାଠିଆ (ଯେଉଁଥିରେ 'ମଡ଼ୁଆ ଗଙ୍ଗାସାଗର', ଠିକ୍ ହେଲା ନାହିଁ, ତମେମାନେ ଗଙ୍ଗାସାଗର ଯାଅ, ପୁଣି ଜନକଜନିଆ ଉତ୍ତର ପବନ ମାଡ଼ରେ 'ପଇଡ଼ ନଡ଼ିଆ ଚନ୍ଦ୍ରସରବତ' ଖାଅ ନା); ସେହି ଯେ 'ପାନ୍‌ସି' ନୌକା, ବାବୁମାନଙ୍କୁ ଅଫିସ୍ ନେଇଯାଏ, ପୁଣି ଘରକୁ ଆଣେ, 'ବାଲି'ର ମାଝି ଯାହାର ନାୟକ, ବଡ଼ ମଜବୁତ୍, ଭାରି ଓସ୍ତାଦ, କୋନ୍‌ନଗରରେ ମେଘ ଦେଖିଲାକ୍ଷଣି କିସ୍ତି ସମ୍ଭାଳୁଛି—ଏହିକ୍ଷଣି ଯାହା ଜବାନ୍‌ପୁରିଆ ଜବାନ୍‌ର ଦଖଲରେ ଚାଲିଯାଉଛି (ଯେଉଁମାନଙ୍କର ବୋଲି—'ଅଇଲ ଗାଇଲ ବାନେ ବାନ', ଯାହାଙ୍କ ଉପରେ ତମମାନଙ୍କର ମହନ୍ତ ମହାରାଜଙ୍କର 'ବଘାସୁର' ଧରି ଆଣିବାକୁ ହୁକୁମ ହୋଇଥିଲା, ଯେଉଁମାନେ ଭାବି ଅକୁଳ—'ଏ ସ୍ୱାମୀନାଥ ! ଏ ବଘାସୁର କହାଁ ମିଲେବ ଇତ ହାମ୍ ଜାନବ ନା') । ସେହି ଯେ ଗଧବୋଟ—ଯେ ସିଧାସିଧି ଯିବାକୁ ଜାଣନ୍ତି ନାହିଁ, ସେହି ଯେ ହୁଡ଼ି ଗୋଟାଏଠାରୁ ତିନ ମାସ୍ତୁଲ—ଲଙ୍କା, ମାଲଦ୍ୱୀପ ବା ଆରବଠାରୁ ନଡ଼ିଆ, ଖଜୁର, ଶୁଖୁଆ, ମାଛ ଇତ୍ୟାଦି ବୋଝେଇ ହୋଇ ଆସେ; ଆଉ କେତେ କହିବ, ସେସବୁ ହେଲା 'ଅଧଃଶାଖାପ୍ରଶାଖା' ।

ପାଲଦ୍ୱାରା ଜାହାଜ ଚଳାଇବା ଗୋଟିଏ ଆଶ୍ଚର୍ଯ୍ୟ ଆବିଷ୍କ୍ରିୟା । ପବନ ଯେଉଁ ଦିଗରୁ ବହୁନା କାହିଁକି, ଜାହାଜ ଆପଣା ଗମ୍ୟ-ସ୍ଥାନରେ ପହଞ୍ଚିବ ହିଁ ପହଞ୍ଚିବ । ତେବେ ପବନ ବିପକ୍ଷରେ ହେଲେ, ଟିକିଏ ଡେରି । ପାଲବାଲା ଜାହାଜ ଦେଖିବାକୁ କିପରି ସୁନ୍ଦର, ଦୂରରୁ ବୋଧହୁଏ, ଯେପରି ବହୁପକ୍ଷବିଶିଷ୍ଟ ପକ୍ଷୀରାଜ ଆକାଶରୁ ଓହ୍ଲାଉଛନ୍ତି ।

ପାଲର ଜାହାଜ କିନ୍ତୁ ବେଶୀ ସିଧା ଯାଇପାରେ ନାହିଁ; ପବନ ଟିକିଏ ବିପକ୍ଷ ହେଲେମାନେ ବଙ୍କାବଙ୍କି ଚାଲିବାକୁ ହୁଏ, ତେବେ ପବନ ଏକାଥରକେ ବନ୍ଦ ହେଲେ ମୁସ୍କିଲ—ପକ୍ଷ ଗୋଟାଇ ବସିରହିବାକୁ ପଡ଼େ । ମହାବିଷୁବ-ରେଖାର ନିକଟବର୍ତ୍ତୀ ଦେଶସମୂହରେ ଏବେ ମଧ୍ୟ ମଝିରେ ମଝିରେ ଏହିପରି ହୁଏ । ଆଜିକାଲି ପାଲଜାହାଜରେ ମଧ୍ୟ କାଠକାମ କମ୍, ସେ ମଧ୍ୟ ଲୌହନିର୍ମିତ । ପାଲଜାହାଜର କପ୍ତାନ କରିବା ବା ମାଲ୍ଲାଗିରି କରିବା ଷ୍ଟିମର ଅପେକ୍ଷା ଖୁବ୍ କଷ୍ଟ ଏବଂ ପାଲଜାହାଜର ଅଭିଜ୍ଞତା ନ ଥିଲେ କେବେହେଲେ ଭଲ କପ୍ତାନ ହୋଇପାରିବ ନାହିଁ । ପ୍ରତିପଦରେ ପବନ ଚିହ୍ନିବା, ଅନେକ ଦୂରରୁ ସଙ୍କଟ ଜାଗା ପାଇଁ ହୁସିଆର ହେବା, ଷ୍ଟିମର ଅପେକ୍ଷା ଏହି ଦୁଇଟି ଜିନିଷ ପାଲଜାହାଜରେ ଅତ୍ୟାବଶ୍ୟକ । ଷ୍ଟିମର ଅନେକଟା ହାତ ମଧ୍ୟରେ, କଳ ମୁହୂର୍ତ୍ତ ମଧ୍ୟରେ ବନ୍ଦ କରିଯାଇପାରେ । ସାମନାକୁ— ପଛକୁ, ଏ ପାଖକୁ— ସେପାଖକୁ ଯେପରି ଇଚ୍ଛା ଅଳ୍ପ ସମୟ ମଧ୍ୟରେ ଫେରାଇ ହୁଏ । ପାଲଜାହାଜ ପବନ ହାତରେ । ପାଲ୍ ଖୋଲିବାକୁ ବନ୍ଦ କରିବାକୁ ଆହୁରି ବଦଳାଉ ବଦଳାଉ ହୁଏତ ଜାହାଜ ଚଡ଼ାରେ ଲାଗିଯାଇ ପାରେ, ବୁଡ଼ିଥିବା ପାହାଡ଼ ଉପରେ ଚଢ଼ି ଯାଇପାରେ, ଅଥବା ଅନ୍ୟ ଜାହାଜ ସହିତ ଧକ୍କା ଲାଗିପାରେ । ଆଜିକାଲି ଆଉ ଯାତ୍ରୀ ବେଶୀ ପାଲଜାହାଜରେ ଯାଆନ୍ତି ନାହିଁ, କୁଲି ଛଡ଼ା । ପାଲଜାହାଜ ପ୍ରାୟ ମାଲ୍ ନେଇଯାଏ, ତା' ମଧ୍ୟ ଲୁଣ ପ୍ରଭୃତି ଶସ୍ତା ମାଲ । ଛୋଟ ଛୋଟ ପାଲଜାହାଜ, ଯେପରି 'ହୁଡ଼ି' ପ୍ରଭୃତି, ଉପକୂଳରେ ବାଣିଜ୍ୟ କରନ୍ତି । ସୁୟେଜଖାଲ ମଧ୍ୟରେ ଟାଣିବା ପାଇଁ ଷ୍ଟିମର ଭଡ଼ା କରି ହଜାର ହଜାର ଟଙ୍କା ଟିକସ ଦେବା ପାଲଜାହାଜକୁ ପୋଷାଏ ନାହିଁ । ପାଲଜାହାଜ ଆଫ୍ରିକା ବୁଲି ଛ'ମାସରେ ଇଂଲଣ୍ଡକୁ ଯାଏ । ପାଲଜାହାଜର ଏସବୁ ବାଧା ଯୋଗୁଁ ସେସମୟର ଜଳ-ଯୁଦ୍ଧ ସଙ୍କଟମୟ ଥିଲା । ଟିକିଏ ପବନର ଏଦିଗ ସେଦିଗ, ଟିକିଏ ସମୁଦ୍ର ସ୍ରୋତର ଏଦିଗ ସେଦିଗରେ ହାର ଜିତ ହୋଇଯାଉଥିଲା । ପୁଣି ସେସବୁ ଜାହାଜ କାଠର ଥିଲା । ଯୁଦ୍ଧବେଳେ କ୍ରମାଗତ ନିଆଁ ଲାଗିଯାଉଥିଲା । ପୁଣି ସେ ନିଆଁ ଲିଭାଇବାକୁ ପଡ଼ୁଥିଲା । ସେ ଜାହାଜର ଗଠନ ମଧ୍ୟ ଆଉ ଏକ ରକମର ଥିଲା । ଏକ ଦିଗ ଥିଲା ଚେପଟା, ଆଉ ଅନେକ ଉଚ୍ଚ, ପାଞ୍ଚମହଲା ଛ'ମହଲା । ଯେଉଁ ଦିଗଟା ଚେପଟା, ତା'ର ଉପର ମହଲାରେ ଗୋଟାଏ କାଠର ବାରଣ୍ଡା ବାହାରି ରହୁଥିଲା । ତା'ର ସାମନାରେ କମାଣ୍ଡରର କୋଠରୀ । ଏପାଖ ସେପାଖରେ ଅଫିସରମାନଙ୍କର । ତାହାପରେ ଗୋଟାଏ ମସ୍ତ ଛାତ-ଉପର, ମେଲ ଛାତ, ସେପାଖରେ ପୁଣି ଦୁଇ-ଚାରିଟା ଘର । ତଳ ମହଲାରେ ମଧ୍ୟ ସେହି ପ୍ରକାର ଢଙ୍କା ଅଗଣା, ତା' ତଳେ ମଧ୍ୟ ଅଗଣା, ତା' ତଳେ ଅଗଣା ଏବଂ ମାଝିମାନଙ୍କର ଶୋଇବା ସ୍ଥାନ, ଖାଇବା ସ୍ଥାନ ଇତ୍ୟାଦି । ପ୍ରତ୍ୟେକ ମହଲାର ଅଗଣା ଦୁଇପାଖରେ ତୋପ ବସା ହୋଇଥାଏ, ଧାଡ଼ି ଧାଡ଼ି କାନ୍ଥ ଦେହରେ କଟା ଅଛି, ତାହା ମଧ୍ୟରେ ତୋପର ମୁହଁ—ଦୁଇପାଖରେ ରାଶୀକୃତ ଗୋଳା (ପୁଣି ଯୁଦ୍ଧବେଳେ ବାରୁଦଥଳି) । ସେସମୟର ଯୁଦ୍ଧ-ଜାହାଜର ପ୍ରତ୍ୟେକ ମହଲା ମଧ୍ୟ ଅତି ତଳୁଆ ଥିଲା, ମୁଣ୍ଡନୁଆଁଇ ଚାଲିବାକୁ ହେଉଥିଲା । ସେତେବେଳେ

ନୌ-ଯୋଗା ଯୋଗାଡ଼ କରିବାକୁ ମଧ୍ଯ ଅନେକ କଷ୍ଟ ପାଇବାକୁ ହେଉଥିଲା । ସରକାରଙ୍କର ହୁକୁମ ଥିଲା ଯେ, ଯେଉଁଠାରୁ ଯାଉ, ଧରିବାନ୍ଧି ଭୁଲାଇ ଲୋକ ନେଇଯାଅ । ମା' ପାଖରୁ ପୁଅ, ସ୍ତ୍ରୀ ପାଖରୁ ସ୍ୱାମୀ ଜୋର୍ କରି ଛଡ଼ାଇ ନେଇଯାଉଥିଲେ । ଥରେ ଜାହାଜକୁ ଉଠାଇ ପାରିଲେ ହେଲା, ତାହାପରେ ବିଚରା କେତେବେଳେ ହୁଏତ ଜାହାଜ ଚଢ଼ିନାହିଁ—ଏକାଥରକେ ହୁକୁମ୍ ହେଉଥିଲା, ମାସ୍ତୁଲକୁ ଉଠ । ଭୟ ପାଇ ହୁକୁମ୍ ନ ଶୁଣିଲେ ହିଁ ଚାବୁକ୍ ! କେତେକ ମଧ୍ୟ ମରିଯାଉଥିଲେ । ଆଇନ କଲେ ଅମୀରମାନେ, ଦେଶ-ଦେଶାନ୍ତରର ବାଣିଜ୍ୟ ଲୁଟ୍‌ପାଟ୍ ରାଜତ୍ୱ ଭୋଗ କରିବେ ସେହିମାନେ, ଆଉ ଗରିବମାନଙ୍କର ଖାଲି ରକ୍ତପାତ, ଶରୀରପାତ, ଯାହା ଚିରକାଳ ଏହି ପୃଥିବୀରେ ହୋଇ ଆସୁଛି ! ବର୍ତ୍ତମାନ ସେହିସବୁ ଆଇନ ନାହିଁ; ଆଜିକାଲି ଆଉ 'ପ୍ରେସଗ୍ୟାଙ୍ଗ୍' ନାମରେ ଚଷା-ଭୂଷାର ହୃତ୍‌କମ୍ପ ହୁଏ ନାହିଁ । ଆଜିକାଲି ଖୁସିର ସଉଦା; ତେବେ ଅନେକଗୁଡ଼ାଏ ଚୋରଫୋର ଟୋକାଙ୍କୁ ଜେଲକୁ ନ ଦେଇ ଏହି ଯୁଦ୍ଧ-ଜାହାଜ-ନାବିକ କାର୍ଯ୍ୟ ଶିଖାଯାଏ ।

ବାଷ୍ପବଳ ଏସମସ୍ତକୁ ବଦଳାଇ ଦେଇଛି । ଆଜିକାଲି 'ପାଲ୍'-ଜାହାଜରେ ଅନାବଶ୍ୟକ ସାଜ । ପବନର ସହାୟତା ଉପରେ ନିର୍ଭର ଅତି ଅଳ୍ପ । ଝଡ଼ଝଞ୍ଜାର ଭୟ ମଧ୍ୟ ବହୁତ କମ୍ । କେବଳ, ଜାହାଜ ଯେପରି ପାହାଡ଼ ପର୍ବତରେ ଧକ୍କା ନ ଖାଏ, ଏହାକୁ ହିଁ ବଞ୍ଚାଇ ଚଳାଇବାକୁ ହୁଏ । ଯୁଦ୍ଧ-ଜାହାଜ ତ ଏକାଥରକେ ପୂର୍ବ ଅବସ୍ଥାଠାରୁ ବିଲ୍‌କୁଲ୍ ପୃଥକ୍ । ଦେଖିଲେ ତ ଜାହାଜ ବୋଲି ମନେ ହିଁ ହୁଏ ନାହିଁ । ଗୋଟିଏ ଗୋଟିଏ ସାନ ବଡ଼ ଭାସମାନ ଲୁହାର କିଲ୍ଲା । ତୋପ ମଧ୍ୟ ସଂଖ୍ୟାରେ ଅନେକ କମିଯାଇଛି । ତେବେ ଆଜିକାଲିର କଳତୋପ ନିକଟରେ ସେ ପ୍ରାଚୀନ ତୋପ ପିଲାଖେଳ ଛଡ଼ା ତ କିଛି ନୁହେଁ । ପୁଣି ଏହି ଯୁଦ୍ଧ-ଜାହାଜର ବେଗ ବା କଅଣ ? ସବୁଠାରୁ ଗ୍ରେଟଗୁଡ଼ିକ 'ଟର୍‌ପେଡ଼ୋ' ଛୁଡ଼ିବା ପାଇଁ, ତା'ଠାରୁ ଟିକିଏ ବଡ଼ଗୁଡ଼ାକ ଶତ୍ରୁର ବାଣିଜ୍ୟ-ପୋତ ଦଖଲ କରିବାକୁ, ପୁଣି ବଡ଼ ବଡ଼ ଗୁଡ଼ାକ ହେଉଛି ବିରାଟ ଯୁଦ୍ଧର ଆୟୋଜନ ।

ଆମେରିକା ଇଉନାଇଟେଡ୍ ଷ୍ଟେଟ୍‌ସ୍ ସିଭିଲ୍ ୱାର୍‌ବେଳେ ଐକ୍ୟରାଜ୍ୟପକ୍ଷ ଖଣ୍ଡେ କାଠର ଯୁଦ୍ଧ-ଜାହାଜ ଦେହରେ କେତେଗୁଡ଼ାଏ ଲୁହାରେଲ ଧାଡ଼ି ଧାଡ଼ି ବାନ୍ଧି ଘୋଡ଼ାଇ ଦେଇଥିଲେ । ବିପକ୍ଷର ଗୋଳା ତା' ଦେହରେ ଲାଗି ଫେରିଯିବାକୁ ଲାଗିଲା, ଜାହାଜର ବେଶୀ କିଛି କରିପାରିଲା ନାହିଁ । ସେତେବେଳେ ମତଲବ କରି ଜାହାଜ-ଦେହ ଲୁହା ଦେଇ ଘୋଡ଼ାହେବାକୁ ଲାଗିଲା, ଯେପରି କି ଦୁଇ ଶହ ମହଣର ଗୋଳା କାଠକୁ ଭେଦ ନ କରେ । ଏଆଡ଼େ ଜାହାଜ-ତୋପର ମଧ୍ୟ ତାଲିମ୍ ବଢ଼ିବାକୁ ଲାଗିଲା—ତା'ଠୁ ବଡ଼ ତୋପ; ତୋପ ଯେପରି ଆଉ ହାତରେ ଘୁଞ୍ଚେଇବାକୁ, ଉଠେଇବାକୁ, ଠେଲିବାକୁ, ଫୁଟେଇବାକୁ ନ ହୁଏ —ସବୁ କଳରେ ହୁଏ । ପାଞ୍ଚ ଶହ ଲୋକ ଯାହାକୁ ଟିକିଏ ମାତ୍ର ହଲେଇ ପାରିବେ ନାହିଁ, ଏପରି ତୋପ ଆଜିକାଲି ଗୋଟିଏ ଗ୍ରେଟପିଲା କଲଟିପି ଯେଉଁ ଆଡ଼କୁ ଇଚ୍ଛା ମୁହଁ ବୁଲାଉଛି, ଓହ୍ଲାଉଛି ଓ ଉଠାଉଛି, ଭର୍ତ୍ତି କରୁଛି,

ଫୁଟାଉଛୁ—ଆଉ ପୁଣି ତାହା ମଧ୍ୟ ବିଜୁଳି ପରି । ଯେପରି ଜାହାଜର ଲୁହାକାନ୍ଥ ମୋଟା ହେବାକୁ ଲାଗିଲା, ସେହିପରି ସାଙ୍ଗେ ସାଙ୍ଗେ ବଜ୍ରଭେଦୀ ତୋପର ମଧ୍ୟ ସୃଷ୍ଟି ହେବାକୁ ଲାଗିଲା । ଆଜିକାଲି ଜାହାଜ ଖଣ୍ଡକ ଇସ୍ପାତ କାନ୍ଥବାଲା କଲା, ଆଉ ତୋପଗୁଡ଼ାକ ଯମର ଗ୍ରେଟ ଭାଇ । ଗୋଟାଏ ଗୋଳା ଖାଇ, ଯେତେ ବଡ଼ ଜାହାଜ ହେଉ ନା କାହିଁକି, ଫାଟିଫୁଟି ଚୂରମାର୍ ! ତେବେ ଏହି 'ଲୁହାର ବାସର ଘର' ଯାହା ନକିନ୍ଦର ବାପା ସ୍ୱପ୍ନରେ ମଧ୍ୟ ଭାବି ନାହାନ୍ତି; ଏବଂ ଯାହା 'ସାଁ ତାଲି ପର୍ବତ'ର ଉପରେ ଠିଆ ନ ହୋଇ ସତୁରି ହଜାର ପାହାଡ଼ର ଢେଉ ଉପରେ ନାଚି ନାଚି ବୁଲେ, ଏହା ମଧ୍ୟ 'ଟର୍ପେଡୋ' ଭୟରେ ଅସ୍ଥିର । ସେ ହେଉଛି, କେତେକ ପରିମାଣରେ ଚୁରୁଟ୍ ପରି ଚେହେରା ଗୋଟିଏ ନଳ; ତାକୁ ଲକ୍ଷ୍ୟ କରି ଛାଡ଼ିଦେଲେ, ସେ ପାଣି ମଧ୍ୟରେ ମାଛପରି ବୁଡ଼ି ବୁଡ଼ି ଚାଲିଯାଏ । ତା'ପରେ ଯେଉଁଠି ଲାଗିବା କଥା, ସେଠି ଧକ୍କା ଲାଗିଲାକ୍ଷଣି ତା' ମଧ୍ୟରୁ ରାଶୀକୃତ ମହାବିସ୍ତାରଶୀଳ ପଦାର୍ଥ ସବୁର ବିକଟ ଶବ୍ଦ ଓ ବିସ୍ଫୋରଣ, ସାଙ୍ଗେ ସାଙ୍ଗେ ଯେଉଁ ଜାହାଜ ତଳେ ଏହି କାଣ୍ଡଟି ହୁଏ, ତାର 'ପୁନର୍ମୂଷିକୋ ଭବ' ଅର୍ଥାତ୍ କେତେକ ଲୁହାରେ, କେତେକ କୁଟାକାଠରେ ଏବଂ ବାକିତକ ଧୂମହିରେ ଓ ଅଗ୍ନିହିରେ ପରିଣମନ ! ଯେଉଁ ମଣିଷମାନେ ଏହି ଟର୍ପେଡୋ ଫାଟିବା ମୁହଁରେ ପଡ଼ିଯାଆନ୍ତି, ସେମାନଙ୍କ ମଧ୍ୟରୁ ଯିଏ ଖୋଜିଲେ ମିଳନ୍ତି, ସେମାନେ ପ୍ରାୟ 'କିମା' ପରି ହୋଇଥାନ୍ତି । ଏହି ସବୁ ଜଙ୍ଗୀ ଜାହାଜ ତିଆରି ହେବା ଦିନଠାରୁ ଜଳଯୁଦ୍ଧ ଆଉ ବେଶୀ କରିବାକୁ ପଡ଼େ ନାହିଁ । ଗୋଟାଏ ଦୁଇଟା ଲଢ଼େଇ, ଆଉ ଗୋଟାଏ ବଡ଼ ଜଙ୍ଗୀ ଫତେ ବା ଏକାଥରକେ ହାର୍ । ତେବେ ଏପ୍ରକାର ଜାହାଜ ନେଇ ଲଢ଼େଇ ହେବା ପୂର୍ବରୁ, ଲୋକେ ଯେପରି ଭାବୁଥିଲେ ଯେ ଦୁଇପକ୍ଷର କେହି ବଞ୍ଚିବେ ନାହିଁ, ଆଉ ଏକଦମ୍ ସବୁ ଉଡ଼ିପୋଡ଼ି ଯିବ, ସେଭଳି କିଛି ହୁଏ ନାହିଁ ।

ମଇଦାନୀ ଜଙ୍ଗବେଳେ ତୋପବନ୍ଧୁକରୁ ଉଭୟ ପକ୍ଷ ଉପରେ ଯେଉଁ ମୁଷଳଧାରାରେ ଗୋଳାଗୁଳି ବର୍ଷଣ ହୁଏ, ତା'ର ଗୋଟିଏ ଭାଗ ଯଦି ଲକ୍ଷ୍ୟରେ ଲାଗନ୍ତା ତ ଉଭୟ ପକ୍ଷର ଫୌଜ ମରି ଦୁଇ ମିନିଟରେ ଧୂଳି ହୋଇଯାଆନ୍ତେ । ସେହିପରି ଦରିଆରେ ଜଙ୍ଗୀ ଜାହାଜର ଗୋଳା ଯଦି ୫୦୦ରୁ ଗୋଟାଏ ଲାଗନ୍ତା ତ ଉଭୟ ପକ୍ଷର ଜାହାଜର ନାମ ବର୍ଣ୍ଣ ମଧ୍ୟ ରହନ୍ତା ନାହିଁ । ଆଶ୍ଚର୍ଯ୍ୟ ଏହି ଯେ ଯେତେ ତୋପ ବନ୍ଧୁକ ଉତ୍କର୍ଷ ଲାଭ କରୁଛି, ବନ୍ଧୁକର ଓଜନ ଯେତେ ହାଲୁକା ହେଉଛି, ଯେତେ ନଳୀର ଆକାରରେ ପରିପାଟି ହେଉଛି, ଯେତେ ଦୂରତା ବଢ଼ିଯାଉଛି, ଯେତେ ପୂରାଇବା, ଠେସିବାର କଳକବ୍ଜା ହେଉଛି, ଯେତେ ଶୀଘ୍ର ଶୀଘ୍ର ଶବ୍ଦ ହେଉଛି, ସେତେ ହିଁ ଯେପରି ଗୁଳି ବ୍ୟର୍ଥ ହେଉଛି । ପୁରୁଣା ଢଙ୍ଗର ପାଞ୍ଚ ହାତ ଲମ୍ବା ତୋଡ଼ାଦାର ଜଜାଲ, ଯାହାକୁ ଦୁଇ-ଖାଡ଼ିଆ କାଠ ଉପରେ ରଖି ଲକ୍ଷ କରିବାକୁ ହେଉଥିଲା, ଏବଂ ଫୁଁ ଫାଁ କରି ନିଆଁ ଲଗାଇବାକୁ ହେଉଥିଲା, ତାହାକୁ ସମ୍ବଳ କରି ବାରଖିଆ ଆଫ୍ରିଦି ଆଦ୍‌ମି ଅବ୍ୟର୍ଥ ସନ୍ଧାନ—ଆଉ ଆଧୁନିକ ସୁଶିକ୍ଷିତ ଫୌଜ, ନାନା କଳ-କାରଖାନାବିଶିଷ୍ଟ ବନ୍ଧୁକ

ହାତରେ ଧରି, ମିନଟ୍‌ରେ ୧୫୦ ଥର ଫୁଟାଇ ଖାଲି ପବନ ଗରମ କରନ୍ତି । ଅଳ୍ପ ସ୍ୱଳ୍ପ କଳକବ୍‌ଜା ଭଲ । ବେଶୀ କଳକବ୍‌ଜା ମଣିଷର ବୁଦ୍ଧିବୃତ୍ତିକୁ ଲୋପ କରି ଜଡ଼ପିଣ୍ଡ ତିଆରି କରେ । କାରଖାନାରେ ଲୋକଗୁଡ଼ାକ ଦିନକୁ ଦିନ, ରାତିକୁ ରାତି, ବର୍ଷକୁ ବର୍ଷ ସେହି ଗୋଟାଏ ପ୍ରକାର କାମ ହିଁ କରୁଛନ୍ତି—ଗୋଟିଏ ଗୋଟିଏ ଦଳରେ ଗୋଟାଏ ଗୋଟାଏ ଜିନିଷର ଗୋଟାଏ ଗୋଟାଏ ଟୁକୁରା ଗଢ଼ୁଛନ୍ତି । ପିନ୍‌ର ମୁଣ୍ଡ ଗଢ଼ୁଛି, ସୂତାର ଜୋଡ଼ କରୁଛି, ତନ୍ତ ସାଙ୍ଗରେ ଆଗପଛ କରୁଛି, ଆଜନ୍ମ । ଫଳରେ ସେହି କାମଟିକୁ ହରାଇବା ସଙ୍ଗେ ସଙ୍ଗେ ତା'ର ମରଣ—ଖାଇବାକୁ ପାଏ ନାହିଁ । ଜଡ଼ପରି ଗୋଟାଏ ପ୍ରକାର କାମ କରୁ କରୁ ଜଡ଼ବତ୍ ହୋଇଯାଏ । ସ୍କୁଲ ମାଷ୍ଟରି, କିରାନିଗିରି କରି ସେଥି ଯୋଗୁଁ ହସ୍ତୀମୂର୍ଖ ଜଡ଼ପିଣ୍ଡ ତିଆରି ହୁଏ ।

ବାଣିଜ୍ୟ-ଯାତ୍ରୀ ଜାହାଜର ଗଠନ ଅନ୍ୟ ଢଙ୍ଗର । ଯଦିବା କୌଣସି କୌଣସି ବାଣିଜ୍ୟ ଜାହାଜ ଏପରି ଢଙ୍ଗରେ ତିଆରି ଯେ ଯୁଦ୍ଧବେଳେ ଅତି ଅଳ୍ପ ଆୟାସରେ ଦୁଇ-ଚାରିଟା ତୋପ ବସାଇ ଅନ୍ୟାନ୍ୟ ନିରସ୍ତ୍ର ପଣ୍ୟପୋତକୁ ଘଉଡ଼ାଘଉଡ଼ି ଦେଇପାରେ ଏବଂ ସେଥିପାଇଁ ଭିନ୍ନ ଭିନ୍ନ ସରକାରଙ୍କଠାରୁ ସାହାଯ୍ୟ ପାଏ; ତଥାପି ସାଧାରଣତଃ ସବୁଗୁଡ଼ାକ ଯୁଦ୍ଧପୋତଠାରୁ ଅନେକ ତଫାତ୍ । ଏସବୁ ଜାହାଜ ପ୍ରାୟ ଆଜିକାଲି ବାଷ୍ପପୋତ ଏବଂ ପ୍ରାୟ ଏତେ ବଡ଼ ଓ ଏତେ ଦାମ୍ ଲାଗେ ଯେ କମ୍ପାନି ଭିନ୍ନ ଜଣେ ଲୋକର ନିଜର ଜାହାଜ ନାହିଁ କହିଲେ ଚଳେ । ଆମ ଦେଶର ଓ ଇଉରୋପର ବାଣିଜ୍ୟରେ ପି. ଏଣ୍ଡ ଓ. କମ୍ପାନିସବୁ ଅପେକ୍ଷାକୃତ ପ୍ରାଚୀନ ଓ ଧନୀ; ତା' ପରେ ବି. ଆଇ. ଏସ୍. ଏନ୍. କମ୍ପାନି; ଆଉ ମଧ୍ୟ ଅନେକ କମ୍ପାନି ଅଛି । ଭିନ୍ନ ସରକାରଙ୍କ ମଧ୍ୟରେ ମେସାଜାରି ମାରିଟାଇମ୍ ଫରାସୀ, ଅଷ୍ଟ୍ରିୟା ଲଏଡ଼୍, ଜର୍ମାନ୍ ଲଏଡ଼୍ ଏବଂ ଇଟାଲିୟାନ୍ ରୁବାଟିନୋ କମ୍ପାନି ପ୍ରସିଦ୍ଧ । ଏଥିମଧ୍ୟରୁ ପି. ଏଣ୍ଡ ଓ. କମ୍ପାନି ଯାତ୍ରୀ-ଜାହାଜ ସର୍ବାପେକ୍ଷା ନିରାପଦ ଓ କ୍ଷିପ୍ରଗାମୀ, ଲୋକଙ୍କର ଏହି ଧାରଣା । ମେସାଜାରିରେ ଭକ୍ଷ୍ୟ ଭୋଜ୍ୟର ବିଶେଷ ପାରିପାଟୀ ।

ଏଥର ଆମେ ଯେତେବେଳେ ଆସୁ, ସେତେବେଳେ ଏହି ଦୁଇ କମ୍ପାନି ପ୍ଲେଗ୍ ଭୟରେ କଳା ଲୋକ ନେବା ବନ୍ଦ କରି ଦେଇଥିଲେ ଏବଂ ଆମ ସରକାରଙ୍କର ଗୋଟିଏ ଆଇନ ଅଛି ଯେ, ଯେପରି କୌଣସି କଳା ଲୋକ ଏମିଗ୍ରାଣ୍ଟ ଅଫିସର ସାର୍ଟିଫିକେଟ ଛଡ଼ା ବାହାରକୁ ନ ଯାଆନ୍ତି । ଅର୍ଥାତ୍ ମୁଁ ଯେ ସ୍ୱ-ଇଚ୍ଛାରେ ବିଦେଶ ଯାଉଛି, କେହି ମୋତେ ଭୁଲେଇ-ଭାଲେଇ କେଉଁଠିକୁ ବିକିବା ପାଇଁ ବା କୁଲି କରିବାକୁ ନେଇଯାଉ ନାହିଁ, ଏଇଟା ସେ ଲେଖିଦେବାରୁ ଜାହାଜରେ ମୋତେ ନେଲେ । ଏହି ଆଇନ ଏତେ ଦିନ ହେଲା ଭଦ୍ରଲୋକର ବିଦେଶ ଯିବା ପକ୍ଷରେ ନୀରବ ଥିଲା, ବର୍ତ୍ତମାନ ପ୍ଲେଗ୍‌ର ଭୟରେ ଜାଗିଉଠିଛି; ଅର୍ଥାତ୍ ଯେ କେହି 'ନେଟିଭ' ବାହାରକୁ ଯାଉଛି, ତା' ଯେପରି ସରକାର ଖବର ପାଆନ୍ତି । ତେବେ ଆମେ ଦେଶରେ ଶୁଣୁ, ଆମ ଭିତରୁ ଅମୁକ ଭଦ୍ରଜାତି, ଅମୁକ ଛୋଟ ଜାତି । ସରକାରଙ୍କ ପାଖରେ ସମସ୍ତେ 'ନେଟିଭ' । ମହାରାଜା, ରାଜା, ବ୍ରାହ୍ମଣ,

କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସବୁ ଏକ ଜାତି 'ନେଟିଭ'। ସ୍କୁଲର ଆଇନ, ସ୍କୁଲର ସେ ପରୀକ୍ଷା, ସେସବୁ 'ନେଟିଭ' ପାଇଁ—ଧନ୍ୟ ଇଂରେଜ ସରକାର। କ୍ଷଣକ ପାଇଁ ମଧ୍ୟ ତମ କୃପାରେ ସବୁ 'ନେଟିଭ' ସଙ୍ଗରେ ସମତ୍ୱ ବୋଧ କଲି। ବିଶେଷ କରି, କାୟସ୍ଥକୁଳରେ ଏହି ଶରୀରର ପଇଦା ହେବାରୁ ମୁଁ ତ ଚୋର-ଦାୟରେ ଧରାପଡ଼ିଛି। ବର୍ତ୍ତମାନ ସବୁ ଜାତି ମୁହଁରେ ଶୁଣୁଛି, ସେମାନେ ନା କଣ ପକ୍କା ଆର୍ଯ୍ୟ! ତେବେ ପରସ୍ପର ମଧ୍ୟରେ ମତଭେଦ ଅଛି। କେହି ଚାରି ପା' ଆର୍ଯ୍ୟ, କେହି ଛଟାଙ୍କିଏ କମ୍, କେହି ଅଧମାଣ! ତେବେ ସମସ୍ତେ ଆମ ଦରପୋଡ଼ା ଜାତିଠାରୁ ବଡ଼, ଏ ବିଷୟରେ ଏକମତ! ପୁଣି ଶୁଣେ ସେମାନେ ଆଉ ଇଂରେଜମାନେ ନା କଅଣ ଏକ ଜାତି; ମାଉସୀପୁଅ ଭାଇ! ସେମାନେ କଳା ଲୋକ ନୁହନ୍ତି। ଏ ଦେଶକୁ ଦୟା କରି ଆସିଛନ୍ତି, ଇଂରେଜଙ୍କ ପରି। ଆଉ ବାଲ୍ୟ-ବିବାହ, ବହୁବିବାହ, ମୂର୍ତ୍ତିପୂଜା, ସତୀଦାହ, ଜନାନାପର୍ଦ୍ଦା ଇତ୍ୟାଦି ଇତ୍ୟାଦି ସେସବୁ ସେମାନଙ୍କ ଧର୍ମରେ ଆଦୌ ନାହିଁ। ସେସବୁ ଏହି କାୟସ୍ଥ-ଫାୟସ୍ଥଙ୍କ ବାପ-ଦାଦି କରୁଛନ୍ତି। ପୁଣି ସେମାନଙ୍କ ଧର୍ମଟା ଠିକ୍ ଇଂରେଜମାନଙ୍କ ଧର୍ମ ପରି। ସେମାନଙ୍କ ବାପ ଦାଦି ଠିକ୍ ଇଂରେଜଙ୍କ ପରି ଥିଲେ; କେବଳ ଖରାରେ ବୁଲି ବୁଲି କଳା ହୋଇଗଲେ! ଏକ୍ଷଣି ଆସ ନା ଆଗେଇ! ସମସ୍ତେ 'ନେଟିଭ'—ସରକାର କହୁଛନ୍ତି। ସେହି କଳା ମଧ୍ୟରେ ପୁଣି ଟିକିଏ ରଙ୍ଗ କମ୍ ବେଶୀ ବୁଝାପଡ଼େ ନାହିଁ; ସରକାର କହୁଛନ୍ତି—ସବୁ 'ନେଟିଭ'। ସାଜସଜା ହୋଇ ବସିଥିଲେ କଅଣ ହେବ କହ? ସେ ଟୋପି-ଫୋପି ମୁଣ୍ଡରେ ଦେଇ ଆଉ କଅଣ ହେବ କହ? ଯେତେ ଦୋଷ ହିନ୍ଦୁଙ୍କ ମୁଣ୍ଡରେ ଲଦି ସାହେବଙ୍କ ଦେହକୁ ଲାଗିଛି; ହେଲେ ଝଣ୍ଟା-ଗୋଇଠାର ଚୋଟଟା ବେଶୀ ଛଡ଼ା କମ୍ ପଡ଼ିବ ନାହିଁ। ଧନ୍ୟ ଇଂରେଜରାଜ! ତମର ଧନରେ, ପୁତ୍ରରେ ଲକ୍ଷ୍ମୀଲାଭ ତ ହୋଇଛି—ଆହୁରି ହେଉ, ଆହୁରି ହେଉ। କୌପୁନ, ଧୋତି ଖଣ୍ଡେ ପିନ୍ଧି ବଞ୍ଚେ। ତମ କୃପାରୁ ଖାଲି ପାଦରେ ଖାଲି ମୁଣ୍ଡରେ ହିଲ୍ଲୀ-ଦିଲ୍ଲୀ ଯାଏଁ, ତମ ଦୟାରୁ ହାତ ଚୁଟି ଗପାଗପ୍ ଡାଲିଭାତ ଖାଏଁ। ଦେଶୀ ସାହେବତ୍ୱ ଲୋଭେଇଥିଲା ଆଉ କଅଣ, ଠକେଇ ଦେଇଥିଲା ଆଉ କଅଣ! ଦେଶୀ ଲୁଗା ଛାଡ଼ିଲାକ୍ଷଣି, ଦେଶୀ ଚାଲି ଛାଡ଼ିଲାକ୍ଷଣି, ଇଂରେଜରାଜା ମୁଣ୍ଡରେ ଧରି ନାଚିବେ ବା ଶୁଣିଥିଲି। କରିବାକୁ ଯାଉଥିଲି ଆଉ କଅଣ, ଏହି ସମୟରେ ଗୋରା-ପାଦର ସବୁଟ୍ ଗୋଇଠାର ଠେଲାଠେଲି ଚାବୁକର ସଟାସଟ୍—ପଳା, ପଳା ସାହେବୀରେ କାମ ନାହିଁ, ନେଟିଭ କବ୍ଲା। 'ସଉକ ଶିଖିଥିଲି ସାହେବାଣୀ କେତେ, ଉଠିଗଲା ଗୋରାଙ୍କର ବୁଟ ପଦାଘାତେ।' ଧନ୍ୟ ଇଂରେଜ ସରକାର! ତମର 'ତକତ୍ ତାଜ ଅଚଳ ରାଜଧାନୀ' ହେଉ।

ଆଉ ଯାହା କିଛି ସାହେବ ହେବାର ସଉକ ଥିଲା ତୁଟାଇଦେଲେ ମାର୍କିନ ଠାକୁର। ଦାଢ଼ି କାଳରେ ଅସ୍ଥିର, କିନ୍ତୁ ଭଣ୍ଡାରି ଦୋକାନରେ ପଶିବା ମାତ୍ରେ କହିଲେ 'ଏ ଚେହେରା ଏଠାରେ ଚଳିବ ନାହିଁ।' ମନେକଲି, ବୋଧହୁଏ ପଗଡ଼ି ମୁଣ୍ଡରେ ଗେରୁଆ ରଙ୍ଗର ବିଚିତ୍ର ଧୋକଡ଼ା-ଯୁକ୍ତ ଦେହରେ ଅପରୂପ ଦେଖି ବାରିକର

ପସନ୍ଦ ହେଲ ନାହିଁ; ସୁତରାଂ ଗୋଟିଏ ଇଂରେଜୀ କୋଟ୍ ଆଉ ଟୋପି କିଣିଆଣିବା ଉପରେ—ସ୍ୱାମୀଙ୍କୁ ଜଣେ ଭଦ୍ର ମାର୍କିନଙ୍କ ସାଙ୍ଗରେ ଦେଖା; ସେ ବୁଝେଇଦେଲେ ଯେ ବରଂ ଧୋକଡ଼ା ଲୁଗା ଅଛି ତ ଭଲ, ଭଦ୍ରଲୋକମାନେ କିଛି କହିବେ ନାହିଁ, କିନ୍ତୁ ଇଉରୋପୀ ପୋଷାକ ପିନ୍ଧିଲେ ହିଁ ମୁସ୍କିଲ—ସମସ୍ତେ ଗୋଡ଼ାଇବେ। ଆଉ ଦୁଇଟା ଗୋଟାଏ ବାରିକ ଏହିପ୍ରକାରେ ରାସ୍ତା ଦେଖାଇଦେଲେ। ତହୁଁ ନିଜ ହାତରେ ଖିଅର ହେବାକୁ ବସିଲି। ଭୋକରେ ପେଟ ଜଳିଯାଏ, ଖାଇବାକୁ ଦୋକାନକୁ ଗଲି—'ଅମୁକ ଜିନିଷଟା ଦିଅ' କହିଲେ, 'ନାହିଁ'। 'ଏହି ଯେ ରହିଛି।' 'ଆହେ ବାବୁ ସିଧାକଥା ହେଉଛି' ତମର ଏଠାରେ ବସି ଖାଇବାକୁ ଜାଗା ନାହିଁ।' 'କାହିଁକି ହେ ବାବୁ?' 'ତମ ସାଙ୍ଗରେ ଯେ ଖାଇବ, ତା'ର ଜାତି ଯିବ।' ସେତେବେଳେ ଅନେକ ପରିମାଣରେ ମାର୍କିନ ମୁଲକକୁ ଦେଶ ପରି ଭଲ ଲାଗିବାକୁ ଲାଗିଲା। ଯାଉ ପାପ କଳା ଆଉ ଧଳା, ଆଉ ଏହି ନେଟିଭ ମଧ୍ୟରେ ସେ ପାଞ୍ଚପା ଆର୍ଯ୍ୟରକ୍ତ, ସେ ଚାରିପା, ସେ ଦେଢ଼ଛଟାଙ୍କି କମ୍, ଏ ଅଧଛଟାଙ୍କି, ଅଧତୋଳା ବେଶୀ ଇତ୍ୟାଦି—କହନ୍ତି 'ଛୁଚ୍ଛେଁର ଗୋଲାମ୍ ଚମ୍ପଚକେ, ତାର ମାଇନେ ଚୌଦ ସିକେ।' ଗୋଟାଏ ଡମ କହୁଥିଲା 'ଆମଠାରୁ ବଡ଼ ଜାତି କଅଣ ଦୁନିଆରେ ଅଛି? ଆମେ ହେଉଛୁଁ ଡମ୍ମମ୍ମ୍।' କିନ୍ତୁ ମଜାଟା ଦେଖୁଛ? ଜାତିର ବେଶୀ ବଟାଳିଆ କଥାଗୁଡ଼ାକ—ଯେଉଁଠି ଗାଁଆଲୋକେ ମାନନ୍ତି ନାହିଁ, ଗ୍ରୁବଁ ପଧାନ ସେହିଠାରେ।

ବାଷ୍ପପୋତ ବାୟୁପୋତ ଅପେକ୍ଷା ଖୁବ୍ ବଡ଼ ହୁଏ। ଯେଉଁସବୁ ବାଷ୍ପପୋତ ଆଟଲାଣ୍ଟିକ ପାରି କରେ, ସେମାନଙ୍କ ମଧ୍ୟରୁ ଖଣ୍ଡେ ଖଣ୍ଡେ ଆମର ଏହି 'ଗୋଲକୁଣ୍ଡା'* ଜାହାଜର ଠିକ୍ ଦେଢ଼ା। ଯେଉଁ ଜାହାଜଦ୍ୱାରା ଜାପାନରୁ ପାସିଫିକ୍ ପାରି ହେବାକୁ ହୋଇଥିଲା, ତାହା ମଧ୍ୟ ଖୁବ ବଡ଼ ଥିଲା। ଖୁବ୍ ବଡ଼ ଜାହାଜର ମଝିରେ ପ୍ରଥମ ଶ୍ରେଣୀ! ଦୁଇ ପାଖରେ କିଛି ଜାଗା, ତାହାପରେ ଦ୍ୱିତୀୟ ଶ୍ରେଣୀ ଓ 'ଷ୍ଟିୟରେଜ' ଏପାଖ ସେପାଖରେ। ଆଉ ଗୋଟାଏ ସୀମାରେ ଖଲାସୀମାନଙ୍କର ଓ ଚାକରମାନଙ୍କର ସ୍ଥାନ। 'ଷ୍ଟିୟରେଜ' ଯେପରି ତୃତୀୟ ଶ୍ରେଣୀ; ସେଥିରେ ଖୁବ୍ ଗରିବ ଲୋକ ଯାଆନ୍ତି; ଯେଉଁମାନେ ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ଦେଶକୁ ଉପନିବେଶ କରିବାକୁ ଯାଉଛନ୍ତି। ସେମାନଙ୍କ ରହିବା ସ୍ଥାନ ଅତି ସାମାନ୍ୟ ଏବଂ ହାତରେ ହାତରେ ଆହାର ଦିଅନ୍ତି। ଯେଉଁସବୁ ଜାହାଜ ହିନ୍ଦୁସ୍ଥାନ ଓ ଇଂଲଣ୍ଡ ମଧ୍ୟରେ ଯାତାୟାତ କରେ, ସେମାନଙ୍କର 'ଷ୍ଟିୟରେଜ' ନାହିଁ; ତେବେ ଡେକ୍‌ଯାତ୍ରୀ ଅଛନ୍ତି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ଖୋଲା ଜାଗା, ସେହି ସ୍ଥାନଟାରେ ସେମାନେ ବସି ଶୋଇ ଯାଆନ୍ତି। ତାହା ଦୂର ଦୂରକୁ ଯାତ୍ରାରେ ତ ଗୋଟିଏ ହେଲେ ଦେଖିଲି ନାହିଁ। କେବଳ ୧୮୯୩ ଖ୍ରୀଷ୍ଟାବ୍ଦରେ ଚୀନ ଦେଶକୁ ଯିବା ସମୟରେ ବମ୍ବେଠାରୁ କେତେଗୁଡ଼ିଏ ଚୀନାଲୋକ ବରାବର ହଂକଂ ପର୍ଯ୍ୟନ୍ତ ଡେକ୍‌ରେ

* ବି. ଆଇ. ଏସ୍. ଏନ୍. କୋ.ର ଖଣ୍ଡେ ଜାହାଜର ନାମ। ଏହି ଜାହାଜରେ ସ୍ୱାମୀଜୀ ଦ୍ୱିତୀୟଥର ବିଲାତ ଯାତ୍ରା କରିଥିଲେ।

ଯାଇଥିଲେ ।

ଝଡ଼ଝଞ୍ଜା ହେଲେ ହିଁ ଡେକ୍‌ଯାତ୍ରୀର ଖୁବ୍ କଷ୍ଟ; ଆଉ କେତେକ କଷ୍ଟ ଯେତେବେଳେ ବନ୍ଦରରେ ମାଲ ଓହ୍ଲାନ୍ତି । କେବଳ ଉପର 'ହରକେନ୍' ଡେକ୍ ଛଡ଼ା ସବୁ ଡେକ୍ ମଧ୍ୟରେ ଗୋଟାଏ କରି ବଡ଼ ଚୌକୋଣିଆ କଣା ରହିଛି । ସେହି ବାଟରେ ମାଲ ଓହ୍ଲାନ୍ତି ଏବଂ ଉଠାନ୍ତି । ସେହି ସମୟରେ ଡେକ୍-ଯାତ୍ରୀମାନଙ୍କର ଟିକିଏ କଷ୍ଟ ହୁଏ । ନୋହିଲେ କଲିକତାରୁ ସୁଏଜ ପର୍ଯ୍ୟନ୍ତ ଓ ଗରମ ଦିନରେ ଇଉରୋପରେ ମଧ୍ୟ ଡେକ୍‌ରେ ବଡ଼ ଆରାମ । ଯେତେବେଳେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଯାତ୍ରୀମାନେ ସେମାନଙ୍କର ସଜା-ସଜ କୋଠରି ମଧ୍ୟରେ ଗରମ-କଷ୍ଟରେ ତରଳମୂର୍ତ୍ତି ଧରିବାର ଚେଷ୍ଟା କରୁଥାନ୍ତି, ସେତେବେଳେ ଡେକ୍ ଯେପରିକି ସ୍ୱର୍ଗ । ଦ୍ୱିତୀୟ ଶ୍ରେଣୀ ଏହିସବୁ ଜାହାଜରେ ଭାରି ଖରାପ । କେବଳ ଗୋଟିଏ ନୂତନ ଜର୍ମାନ୍ ଲଏଡ୍ କମ୍ପାନି ହୋଇଛି, ଜର୍ମାନର ବର୍ଗେନ୍ ନାମକ ସହରରୁ ଅଷ୍ଟ୍ରେଲିଆ ଯାଏ, ସେମାନଙ୍କ ଦ୍ୱିତୀୟ ଶ୍ରେଣୀ ଖୁବ୍ ସୁନ୍ଦର, ଏପରି କି ହରକେନ୍ ଡେକ୍‌ରେ ମଧ୍ୟ ଘର ଅଛି ଏବଂ ଖାଇବାପିଇବା ପ୍ରାୟ ଗୋଲକୁଣ୍ଡାର ପ୍ରଥମ ଶ୍ରେଣୀ ପରି । ସେ ଲାଇନ୍ କଲମ୍ବୋକୁ ଛୁଇଁ ଯାଏ । ଏ ଗୋଲକୁଣ୍ଡା ଜାହାଜରେ ହରକେନ୍ ଡେକ୍ ଉପରେ କେବଳ ଦୁଇଟି ଘର ଅଛି; ଗୋଟିଏ ଏ ପାଖରେ ଆଉ ଗୋଟିଏ ସେପାଖରେ । ଗୋଟିକରେ ଥାଆନ୍ତି ଡାକ୍ତର, ଆଉ ଗୋଟିକୁ ଆମକୁ ଦେଇଥିଲେ । କିନ୍ତୁ ଗରମ ଭୟରେ ଆମେ ତଳ ମହଲକୁ ପଳାଇ ଆସିଲୁ । ଏ ଘରଟି ଜାହାଜ ଇଞ୍ଜିନ୍ ଉପରେ । ଜାହାଜ ଲୁହାର ହେଲେ ମଧ୍ୟ ଯାତ୍ରୀମାନଙ୍କର କୋଠରିଗୁଡ଼ିକ କାଠର; ଉପରେ ତଳେ ସେ କାଠ କାନ୍ଥରେ ବାୟୁ ସଞ୍ଚାର ପାଇଁ ଅନେକଗୁଡ଼ିଏ ଛିଦ୍ର ଥାଏ । କାନ୍ଥଗୁଡ଼ିକରେ 'ଆଇଭରି ପେଣ୍ଟ' ଲଗା; ଗୋଟିଏ ଗୋଟିଏ ଘରେ ତାହା ପାଇଁ ପ୍ରାୟ ପଚିଶ ପାଉଣ୍ଡ ଖରଚ ପଡ଼ିଛି । ଘର ମଧ୍ୟରେ ଗୋଟାଏ ଛୋଟ ଗାଲିଚା ପଡ଼ିଛି । ଗୋଟିଏ କାନ୍ଥ ଦେହରେ ଦୁଇଟି ଗୋଡ଼ ନ ଥାଇ ଲୁହା ଖଟିଆ ପରି ଲଗାଇ ଦିଆ-ହୋଇଛି; ଗୋଟିଏ ଉପରେ ଆଉ ଗୋଟିଏ । ଅପର କାନ୍ଥରେ ମଧ୍ୟ ଏହି ପ୍ରକାରର ଗୋଟିଏ 'ସୋଫା' । ଦରଜାର ଠିକ୍ ଓଲଟା ଦିଗରେ ମୁହଁ-ହାତ ଧୋଇବାର ଜାଗା, ତା'ଉପରେ ଖଣ୍ଡେ ଆରସି, ଦୁଇଟା ବୋତଲ, ପାଣି ପିଇବା ପାଇଁ ଦୁଇଟା ଗ୍ଲାସ । ପ୍ରତି ବିଛଣା ପାଖରେ ଗୋଟିଏ କରି ଜାଲିଦାର ପିତ୍ତଳର ଫ୍ରେମ୍ ଲଗା ରହିଛି । ଏହି ଜାଲିଦାର ଫ୍ରେମ୍ କାନ୍ଥ ଦେହରେ ଲଗିଯାଏ, ପୁଣି ଟାଣିଲେ ନଇଁଆସେ । ରାତିରେ ଯାତ୍ରୀମାନେ ଘଡ଼ି ଇତ୍ୟାଦି ଅତ୍ୟାବଶ୍ୟକ ଜିନିଷପତ୍ର ସେଥିରେ ରଖି ଶୁଅନ୍ତି । ତଳ ବିଛଣା ତଳେ ସିନ୍ଦୁକ ପେଟରା ରଖିବାର ଜାଗା । ସେକେଣ୍ଡ କ୍ଲାସର ଢଙ୍ଗରଙ୍ଗ ମଧ୍ୟ ସେହିପରି, ତେବେ ସ୍ଥାନ ସଙ୍କୀର୍ଣ୍ଣ ଓ ଜିନିଷପତ୍ର ହାଲୁକା । ଜାହାଜ କାରବାରଟା ପ୍ରାୟ ଇଂରେଜ-ମାନଙ୍କର ଏକଚାଟିଆ । ସେଥିପାଇଁ ଅନ୍ୟାନ୍ୟ ଜାତି ଯେଉଁସବୁ ଜାହାଜ କରିଛନ୍ତି, ସେଥିରେ ମଧ୍ୟ ଇଂରେଜ ଯାତ୍ରୀ ଅନେକ ବୋଲି ଖାଇବାପିଇବା ଅନେକ ପରିମାଣରେ ଇଂରେଜମାନଙ୍କ ପରି କରିବାକୁ ହୁଏ । ସମୟକୁ ମଧ୍ୟ ଇଂରେଜ ଧରଣରେ କରିବାକୁ

ହୋଇଥାଏ । ଇଂଲଣ୍ଡରେ, ଫ୍ରାନ୍ସରେ, ଜର୍ମାନୀରେ, ରୁଷିଆରେ ଖାଇବାପିଇବାରେ ଏବଂ ସମସ୍ତ ବିଷୟରେ ଅନେକ ପାର୍ଥକ୍ୟ ଅଛି । ଯେପରି ଆମ ଭାରତବର୍ଷରେ ବଙ୍ଗଳାରେ ହିନ୍ଦୁସ୍ଥାନରେ, ମହାରାଷ୍ଟ୍ରରେ, ଗୁଜୁରାଟରେ ଓ ମାନ୍ଦ୍ରାଜରେ ତଫାତ୍ ! କିନ୍ତୁ ଏସବୁ ପାର୍ଥକ୍ୟ ଜାହାଜରେ ଅଳ୍ପ ଦେଖାଯାଏ । ଇଂରାଜୀଭାଷୀ ଯାତ୍ରୀର ସଂଖ୍ୟାଧିକ୍ୟ ଯୋଗୁଁ ଇଂରାଜୀ ଢଙ୍ଗ ସବୁ ଗଢ଼ିଯାଉଛି ।

ବାଷ୍ପପୋତରେ ସର୍ବେସର୍ବା କର୍ତ୍ତା ହେଉଛନ୍ତି 'କାପ୍ତେନ' । ପୂର୍ବେ 'ହାଇ-ସି'ରେ* କାପ୍ତେନ୍ ଜାହାଜରେ ରାଜତ୍ୱ କରୁଥିଲେ । କାହାକୁ ସଜା ଦେଉଥିଲେ, ଡକାଏତ ଧରି ଫାସି ଦେଉଥିଲେ, ଇତ୍ୟାଦି । ଆଜିକାଲି ଏତେ ନାହିଁ, ତେବେ ଜାହାଜରେ ତାଙ୍କର ହୁକୁମ ହିଁ ଆଇନ । ତାଙ୍କ ତଳେ ଚାରିଜଣ ଅଫିସର୍ ବା (ଦେଶୀ ନାମ) 'ମାଲିମ୍', ତାହାପରେ ଚାରି ପାଞ୍ଚଜଣ ଇଞ୍ଜିନିୟର । ସେମାନଙ୍କର ଯେ 'ଚିଫ୍', ତାଙ୍କର ପଦ ଅଫିସର୍ ସଙ୍ଗେ ସମାନ । ସେ ପ୍ରଥମ ଶ୍ରେଣୀରେ ଖାଇବାକୁ ପାଆନ୍ତି । ଆଉ ଅଛନ୍ତି ଚାରି ପାଞ୍ଚଜଣ 'ସୁକାନି', ଯେଉଁମାନେ ହାତ ପାଲିକରି ଧରିଥାଆନ୍ତି । ଏମାନେ ମଧ୍ୟ ଇଉରୋପୀ । ବାକି ସମସ୍ତ ଚାକରବାକର, ଖଲାସୀ, କୋଇଲାବାଲା ହେଉଛନ୍ତି ଦେଶୀ ଲୋକ—ସମସ୍ତେ ମୁସଲମାନ । ହିନ୍ଦୁ କେବଳ ବମ୍ବାଇ ତରଫରେ ଦେଖିଥିଲି, ପି. ଏଣ୍ଡ ଓ. କମ୍ପାନିର ଜାହାଜରେ । ଚାକରମାନେ ଏବଂ ଖଲାସୀମାନେ କଲିକତାର, କୋଇଲାବାଲା ପୂର୍ବବଙ୍ଗର, ରାନ୍ଧୁଣିଆ ମଧ୍ୟ ପୂର୍ବବଙ୍ଗର କ୍ୟାଥଲିକ ଖ୍ରୀଷ୍ଟିଆନ୍ । ଆଉ ଚାରିଜଣ ମେହେନ୍ତର ଅଛନ୍ତି । କୋଠରୀରୁ ମଇଳା ପାଣି ସଫା ପ୍ରଭୃତି ମେହେନ୍ତରମାନେ କରନ୍ତି, ସ୍ନାନର ବନ୍ଦୋବସ୍ତ କରନ୍ତି, ପୁଣି ପାଇଖାନା ପ୍ରଭୃତି ଦୋରସ୍ତ ରଖନ୍ତି । ମୁସଲମାନ ଚାକର, ଖଲାସୀମାନେ ଖ୍ରୀଷ୍ଟିଆନଙ୍କ ରନ୍ଧା ଖାଆନ୍ତି ନାହିଁ । ସେଥିରେ ପୁଣି ଜାହାଜରେ ପ୍ରତ୍ୟହ ଘୁଷୁରି ତ ଅଛି । ତେବେ ଅନେକ ପରିମାଣରେ ଆଢୁଆଳରେ କାମ ସାରନ୍ତି । ଜାହାଜର ରନ୍ଧାଘର-ତିଆରି ରୁଟି ପ୍ରଭୃତି ସ୍ୱଚ୍ଛନ୍ଦରେ ଖାଆନ୍ତି ଏବଂ ଯେଉଁସବୁ କଲିକତା ଚାକର ନୂଆ ମୁକରର୍ ହୋଇଛନ୍ତି, ସେମାନେ ଉଢ଼ାଳରେ ଖାଇବାପିଇବା ବିଚାର କରନ୍ତି ନାହିଁ । ଲୋକମାନଙ୍କର ତିନୋଟି ମେସ୍ ଅଛି । ଗୋଟାଏ ଚାକରମାନଙ୍କର, ଗୋଟାଏ ଖଲାସୀମାନଙ୍କର, ଗୋଟାଏ କୋଇଲାବାଲାମାନଙ୍କର । ଜଣେ କରି ଭଣ୍ଡାରଘର ମାଲିକ ଅର୍ଥାତ୍ ରାନ୍ଧୁଣିଆ ଓ ଆଉ ଗୋଟିଏ ଚାକର, କମ୍ପାନି ପ୍ରତ୍ୟେକ ମେସ୍‌କୁ ଦିଅନ୍ତି । ପ୍ରତି ମେସ୍‌ରେ ଗୋଟିଏ ରନ୍ଧାଘର ପାଇଁ ସ୍ଥାନ ଅଛି । କଲିକତାରୁ କେତେକ ହିନ୍ଦୁ ଡେକ୍‌ଯାତ୍ରୀ କଲମ୍ବୋକୁ ଯାଉଥିଲେ; ସେମାନେ ଏହି ଘରେ ଚାକରମାନଙ୍କର ରନ୍ଧା ହୋଇଗଲେ, ରାନ୍ଧି ଖାଆନ୍ତି । ଚାକରବାକରମାନେ ପାଣି ମଧ୍ୟ ନିଜେ ନିଜେ କାଢ଼ି ପିଅନ୍ତି । ପ୍ରତି ଡେକ୍‌ରେ କାନ୍ଥଦେହରେ ଦୁଇ ପାଖରେ ଦୁଇଟି 'ପମ୍ପ୍', ଗୋଟିଏ ଲୁଣିଆ, ଗୋଟିଏ ମିଠା ପାଣିର, ସେଠାରୁ ମିଠା ପାଣି ନେଇ ମୁସଲମାନମାନେ ବ୍ୟବହାର କରନ୍ତି ।

* ସମୁଦ୍ରର ଯେଉଁଠାରେ କୌଣସି ଦିଗର କୂଳକିନାରା ଦେଖାଯାଏ ନାହିଁ, ଅଥବା ଯେଉଁଠାରୁ ନିକଟବର୍ତ୍ତୀ ଉପକୂଳ ଦୁଇ ତିନି ଦିନର ବାଟ ।

ଯେଉଁସବୁ ହିନ୍ଦୁମାନଙ୍କର କଳପାଣିରେ ଆପତ୍ତି ନାହିଁ, ଖିଅ:ପିଆର ସମ୍ପୂର୍ଣ୍ଣ ବିଚାର ରକ୍ଷା କରି ଏସବୁ ଜାହାଜରେ ବିଲାତ ପ୍ରଭୃତି ଦେଶକୁ ଯିବା ସେମାନଙ୍କର ଅତ୍ୟନ୍ତ ସୁବିଧା । ରନ୍ଧାଘର ମିଳେ, କାହା ଛୁଆଁ ପାଣି ପିଇବାକୁ ହୁଏ ନାହିଁ । ସ୍ନାନ ପର୍ଯ୍ୟନ୍ତ ପାଣି ଅନ୍ୟ କୌଣସି ଜାତି ଛୁଇଁବାର ଆବଶ୍ୟକତା ନାହିଁ; ଚାଉଳ, ଡାଲି, ଶାଗପତ୍ର, ମାଛ, ଦୁଧ, ଘିଅ, ସମସ୍ତ ଜାହାଜରେ ମିଳେ । ବିଶେଷ କରି ଏସବୁ ଜାହାଜରେ ଦେଶୀ ଲୋକମାନେ କାମ କରନ୍ତି ବୋଲି ଡାଲି, ଚାଉଳ, ମୂଳା, କୋବି, ଆଳୁ ପ୍ରଭୃତି ରୋଜ୍ ରୋଜ୍ ସେମାନଙ୍କୁ ବାହାର କରି ଦେବାକୁ ହୁଏ । ଗୋଟାଏ କଥା—'ପଇସା' । ପଇସା ଥିଲେ ହିଁ ସମ୍ପୂର୍ଣ୍ଣ ଆଚାର ରକ୍ଷା କରି ଯାଇ ହୁଏ ।

ଏହିସବୁ ବଙ୍ଗାଳୀ ଲୋକମାନେ ପ୍ରାୟ ଆଜକାଲି ସବୁ ଜାହାଜରେ— ଯେଉଁଗୁଡ଼ିକ କଲିକତାରୁ ଇଉରୋପକୁ ଯାଏ । ଏମାନଙ୍କର କ୍ରମେ ଗୋଟିଏ ଜାତି ସୃଷ୍ଟି ହୋଇଛି; କେତେଗୁଡ଼ିଏ ଜାହାଜୀ ପାରିଭାଷିକ ଶବ୍ଦର ମଧ୍ୟ ସୃଷ୍ଟି ହୋଇଛି । କପ୍ତାନକୁ ଏମାନେ କହନ୍ତି—'ବାଡ଼ିବାଲ', ଅଫିସର—'ମାଲିମ୍', ମାସ୍ତୁଲ୍—'ଡୋଲ', ପାଲ—'ସଡ଼', ଓହ୍ଲାଅ—'ଆରିଆ', ଉଠାଅ—'ହାବିସ' (Heave) ଇତ୍ୟାଦି ।

ଖଲସୀମାନଙ୍କର ଏବଂ କୋଇଲାବାଲାମାନଙ୍କର ଜଣେ କରି ସର୍ଦ୍ଦାର ଅଛନ୍ତି । ସେମାନଙ୍କ ନାମ 'ସାରଙ୍ଗ', ତା' ତଳେ ଦୁଇ-ତିନିଜଣ 'ଟିଣ୍ଡାଲ' ତା'ପରେ ଖଲସୀ ବା କୋଇଲାବାଲା ।

ଖାନ୍‌ସାମାମାନଙ୍କର (boy) କର୍ତ୍ତାର ନାମ 'ବଟ୍‌ଲର' (butler); ତା' ଉପରେ ଜଣେ ଗୋରା—'ଷ୍ଟୁଆର୍ଡ଼' । ଖଲସୀମାନେ ଜାହାଜ ଧୁଆଁପୋଛା, (ଦଉଡ଼ି) ପକେଇବା ଉଠେଇବା, ନୌକା ଓହ୍ଲାଇବା ଉଠେଇବା, ପାଲ ତୋଳିବା, ପାଲ ଓହ୍ଲାଇବା (ଯଦିଚ ବାଷ୍ପପୋତରେ ଏହା କଦାପି ହୁଏ) ଇତ୍ୟାଦି କାମ କରନ୍ତି । ସାରଙ୍ଗ ଓ ଟିଣ୍ଡଲମାନେ ସର୍ବଦା ହିଁ ସଙ୍ଗେ ସଙ୍ଗେ ବୁଲୁଛନ୍ତି ଏବଂ କାମ କରୁଛନ୍ତି । କୋଇଲାବାଲା ଇଞ୍ଜିନ୍ ଘରେ ନିଆଁ ଠିକ୍ ରଖୁଛନ୍ତି; ସେମାନଙ୍କ କାମ ଦିନରାତି ନିଆଁ ସଙ୍ଗରେ ଯୁଦ୍ଧ କରିବା, ଆଉ ଇଞ୍ଜିନ ଧୋଇପୋଛି ସଫା ରଖିବା । ସେ ବିରାଟ ଇଞ୍ଜିନ, ପୁଣି ତା'ର ଶାଖାପ୍ରଶାଖା ସଫା ରଖିବା କଅଣ ସହଜ କାମ ! 'ସାରଙ୍ଗ' ଏବଂ ତା'ର 'ଭାଇ' ଆସିଷ୍ଟାଣ୍ଟ ସାରଙ୍ଗ କଲିକତାର ଲୋକ, ବଙ୍ଗଳା କହନ୍ତି । ଅନେକ ପରିମାଣରେ ଭଦ୍ରଲୋକଙ୍କ ପରି; ଲେଖି ପଢ଼ି ଜାଣନ୍ତି, ସ୍କୁଲରେ ପଢ଼ିଥିଲେ, ଇଂରେଜୀ ମଧ୍ୟ କହନ୍ତି—କାମ ଚଳିବା ଭଳି । ସାରଙ୍ଗର ତେର ବର୍ଷର ପୁଅ କପ୍ତାନଙ୍କର ଚାକର—ଦରଜା ମୁହଁରେ ଥାଏ—ଅର୍ଦ୍ଦଳି । ଏହିସବୁ ବଙ୍ଗାଳୀ ଖଲସୀ, କୋଇଲାବାଲା, ଖାନସାମା ପ୍ରଭୃତିଙ୍କ କାମ ଦେଖି ସ୍ୱଜାତି ଉପରେ ଯେଉଁ ଗୋଟାଏ ହତାଶ ବୁଦ୍ଧି ଥିଲା, ତାହା ଅନେକ ପରିମାଣରେ କମିଗଲା । ଏମାନେ କିପରି ଧୀରେ ଧୀରେ ମଣିଷ ହୋଇ ଆସୁଛନ୍ତି, କିପରି ସବଳ ଶରୀର ହୋଇଛନ୍ତି, କିପରି ନିର୍ଭୀକ ଅଥଚ ଶାନ୍ତ ! ସେ ନେଟିଭ୍ ପାଦଚଟାଭାବ ମେହେନ୍ତରଗୁଡ଼ିକଙ୍କର ମଧ୍ୟ ନାହିଁ—କି ପରିବର୍ତ୍ତନ !

ଦେଶୀ 'ମାଛା'ମାନେ କାମ କରନ୍ତି ଭଲ, ମୁହଁରେ କଥାଟିଏ ନାହିଁ, ପୁଣି ସୁଉଚ୍ଚ ଖଣ୍ଡେ ଗୋରାଙ୍କ ଦରମାରୁ । ତଳଭରେ ଅନେକେ ଅସନ୍ତୁଷ୍ଟ; ବିଶେଷ କରି ଅନେକ ଗୋରାଙ୍କର ଅନ୍ନ ଯାଉଛି ଦେଖି ଖୁସି ନୁହନ୍ତି । ସେମାନେ ମଝିରେ ମଝିରେ ଗୋଲମାଲ କରନ୍ତି । ଆଉ ତ କିଛି କହିବାର ନାହିଁ; କାମରେ ଗୋରାଙ୍କଠାରୁ ଚଟ୍‌ପଟିଆ । ତେବେ କହନ୍ତି, ଝଡ଼ଝଞ୍ଜା ହେଲେ, ଜାହାଜ ବିପଦରେ ପଡ଼ିଲେ ଏମାନଙ୍କର ସାହସ ରହେ ନାହିଁ । ହରିବୋଲ ହରି ! କାମରେ ଦେଖାଯାଉଛି—ସେ ଅପବାଦ ମିଥ୍ୟା । ବିପଦ-ବେଳେ ଗୋରାମାନେ ଭୟରେ, ମଦ ଖାଇ, ଜଡ଼ ହୋଇ, ନିଷ୍କର୍ମା ହୋଇଯାଆନ୍ତି । ଦେଶୀ ଖଲାସୀ ବିନ୍ଦୁଟିଏ ମଦ ମଧ୍ୟ ଜନ୍ମରେ ଖାଏ ନାହିଁ, ଆଉ ଏପର୍ଯ୍ୟନ୍ତ କୌଣସି ମହାବିପଦରେ ଜଣେ ମଧ୍ୟ କାପୁରୁଷତ୍ୱ ଦେଖାଇ ନାହାନ୍ତି । ସତରେ ଦେଶୀ ସିପାହୀ କ'ଣ କାପୁରୁଷତ୍ୱ ଦେଖାଏ ? ତେବେ ନେତା ଦରକାର । ଜେନେରାଲ ଷ୍ଟ୍ରଙ୍ଗ୍ ନାମକ ଜଣେ ଇଂରେଜ ବନ୍ଧୁ ସିପାହୀ-ବିଦ୍ରୋହବେଳେ ଏ ଦେଶରେ ଥିଲେ । ସେ ବିପ୍ଲବର ଅନେକ କଥା କହୁଥିଲେ । ଦିନେ କଥାରେ କଥାରେ ପଚାରିଗଲି ଯେ, ସିପାହୀମାନଙ୍କର ଏତେ ତୋପ ବାରୁଦ ରସଦ ହାତରେ ଥିଲା, ପୁଣି ସେମାନେ ସୁଶିକ୍ଷିତ ଓ ବହୁଦର୍ଶୀ, ତେବେ ଏପରି ହାରି ମରିଲେ କାହିଁକି ? ଜବାବ ଦେଲେ ଯେ, ତାଙ୍କ ମଧ୍ୟରେ ଯେଉଁମାନେ ନେତା ହୋଇଥିଲେ, ସେମାନେ ଅନେକ ପଛରେ ଥାଇ 'ମାର ବାହାଦୂର', 'ଲଢ଼ ବାହାଦୂର', କରି ପାଟି କରୁଥିଲେ; ଅଫିସର୍ ଆଗେଇ ମୃତ୍ୟୁମୁଖକୁ ନ ଗଲେ କ'ଣ ସିପାହୀ ଲଢ଼ିବେ ? ସବୁ କାମରେ ଏହି କଥା । 'ଶିରଦାର ତ ସରଦାର', ମୁଣ୍ଡ ଦେଇପାର ତ ନେତା ହେବ । ଆମେ ସବୁ ଫାଙ୍କି ଦେଇ ନେତା ହେବାକୁ ଚାହୁଁ, ସେଥିରେ କିଛି ହିଁ ହୁଏ ନାହିଁ, କେହି ମାନନ୍ତି ନାହିଁ ।

## ଭାରତ—ବର୍ତ୍ତମାନ ଓ ଭବିଷ୍ୟତ

ଯେତେ ଆର୍ଯ୍ୟ ବାପାମାନଙ୍କର ପ୍ରଶଂସା କର, ଦିନରାତି ପ୍ରାଚୀନ ଭାରତର ଗୌରବଘୋଷଣା କର, ପୁଣି ଯେତେ ତୁମେମାନେ 'ଡମ୍ଭମ୍ଭମ୍' ବୋଲି ଡମ୍ଫାମି କର ନା କାହିଁକି, ତୁମେ ଉଚ୍ଚ ବର୍ଣ୍ଣମାନ କ'ଣ ବଞ୍ଚିଛ ? ତୁମେମାନେ ହେଉଛ ଦଶହଜାର ବର୍ଷର ମମି !! ଯେଉଁମାନଙ୍କୁ ''ଚଳମାଣ ଶ୍ମଶାନ' ବୋଲି ତୁମର ପୂର୍ବପୁରୁଷମାନେ ଘୃଣା କରିଛନ୍ତି, ଭାରତରେ ଯାହା କିଛି ବର୍ତ୍ତମାନ ଜୀବନ ଅଛି, ତାହା ସେମାନଙ୍କ ମଧ୍ୟରେ ହିଁ ଅଛି । ଆଉ 'ଚଳମାଣ ଶ୍ମଶାନ' ହେଉଛ ତୁମେମାନେ । ତୁମମାନଙ୍କର ଘରଦୁଆର ମିଉଜିୟମ୍, ତୁମମାନଙ୍କ ଆଚାରବ୍ୟବହାର ଚାଲିଚଳନ ଦେଖିଲେ ବୋଧହୁଏ ଯେପରି ବୁଢ଼ୀମା'ଙ୍କ ମୁହଁରୁ ଗଳ୍ପ ଶୁଣୁଛି ! ତୁମମାନଙ୍କ ସଙ୍ଗରେ ସାକ୍ଷାତ୍ ଆଳାପକରି ମଧ୍ୟ ଘରେ ଆସି ମନେହୁଏ ଯେପରି ଚିତ୍ରଶାଳିକାରେ ଛବି ଦେଖି ଆସିଲି ! ଏ ମାୟାର ସଂସାରରେ ଅସଲ ପ୍ରହେଳିକା, ଅସଲ ମରୁମରୀଚିକା ତୁମେମାନେ—ଭାରତର ଉଚ୍ଚବର୍ଣ୍ଣମାନେ । ତୁମେମାନେ ଭୂତକାଳ, ଲୁଙ୍, ଲଙ୍, ଲିଟ୍ ସବୁ ଏକ ସାଙ୍ଗରେ । ବର୍ତ୍ତମାନକାଳରେ

ତୁମମାନଙ୍କୁ ଦେଖୁଛୁ ବୋଲି ଯେ ବୋଧ ହେଉଛି, ଏହା ଅଜୀର୍ଣ୍ଣତାଜନିତ ଦୁଃସ୍ୱପ୍ନ । ଭବିଷ୍ୟତ ତୁମମାନଙ୍କର ଶୂନ୍ୟ, ତୁମେମାନେ ଇତ୍, ଲୋପ, ଲୁପ୍ । ସ୍ୱପ୍ନରାଜ୍ୟର ଲୋକ ତୁମେମାନେ, ଆଉ ଡେରି କରୁଚ କାହିଁକି ? ଭୂତ-ଭାରତ-ଶରୀରର ରକ୍ତମାଂସହୀନ କଙ୍କାଳକୁଳ ! ତୁମେମାନେ, କାହିଁକି ଶୀଘ୍ର ଶୀଘ୍ର ଧୂଳିରେ ପରିଣତ ହୋଇ ବାୟୁରେ ମିଶିଯାଉ ନାହଁ ? ହୁଁ, ତୁମମାନଙ୍କର ଅସ୍ଥିମୟ ଅଙ୍ଗୁଳିରେ ପୂର୍ବପୁରୁଷମାନଙ୍କ ସଞ୍ଚିତ କେତେଗୁଡ଼ିଏ ଅମୂଲ୍ୟ ରତ୍ନ ଅଙ୍ଗୁରୀୟକ ଅଛି, ତୁମମାନଙ୍କର ପୂତିଗନ୍ଧ ଶରୀର ଆଲିଙ୍ଗନରେ ପୂର୍ବକାଳର ଅନେକଗୁଡ଼ିଏ ରତ୍ନପେଟିକା ରକ୍ଷିତ ରହିଛି । ଏତେଦିନ ଦେବାର ସୁବିଧା ହୋଇ ନାହିଁ । ବର୍ତ୍ତମାନ ଇଂରେଜ ରାଜ୍ୟରେ, ଅବାଧ ବିଦ୍ୟାଚର୍ଚ୍ଚା ଦିନରେ ତାହା ଉତ୍ତରାଧିକାରୀମାନଙ୍କୁ ଦିଅ, ଯେତେ ଶୀଘ୍ର ପାରି ଦିଅ । ତୁମେମାନେ ଶୂନ୍ୟରେ ବିଲୀନ ହୁଅ; ଆଉ ନୂତନ ଭାରତ ବାହାରୁ । ବାହାରୁ ଲଙ୍ଗଳ ଧରି, ଚଷାର କୁଟୀର ଭେଦ କରି, କେଉଟ, ମାଝି, ମୋଚି, ମେହେନ୍ତର ଝୋପଡ଼ି ମଧ୍ୟରୁ । ବାହାରୁ ଗୁଡ଼ିଆ ଦୋକାନରୁ, ଚଣାଚୁରବାଲାର ଚୂଲି ପାଖରୁ । ବାହାରୁ କାରଖାନାରୁ, ହାଟରୁ ବଜାରରୁ । ବାହାରୁ ଝାଡ଼, ଜଙ୍ଗଲ, ପାହାଡ଼ ପର୍ବତରୁ । ଏମାନେ ସହସ୍ର ସହସ୍ର ବର୍ଷ ଅତ୍ୟାଚାର ସହିଛନ୍ତି —ନୀରବରେ ସହିଛନ୍ତି । ସେଥିରୁ ପାଇଛନ୍ତି ଅପୂର୍ବ ସହିଷ୍ଣୁତା । ସନାତନ ଦୁଃଖଭୋଗ କରିଛନ୍ତି—ସେଥିରେ ପାଇଛନ୍ତି ଅଟଳ ଜୀବନୀଶକ୍ତି । ଏମାନେ ମୁଠାଏ ଛତୁ ଖାଇ ଦୁନିଆ ଓଲଟାଇ ଦେଇପାରନ୍ତି; ଅଧଖଣ୍ଡ ରୁଟି ପାଇଲେ ତ୍ରିଲୋକ ଏମାନଙ୍କର ତେଜ ସହିବ ନାହିଁ । ଏମାନେ ରକ୍ତ-ବୀଜର ପ୍ରାଣସମ୍ପନ୍ନ । ପୁଣି ପାଇଛନ୍ତି ଅଦ୍ଭୁତ ସଦାଚାର ବଳ, ଯାହା ତ୍ରୈଲୋକ୍ୟରେ ନାହିଁ । ଏତେ ଶାନ୍ତି, ଏତେ ପ୍ରୀତି, ଏତେ ଭଲ ପାଇବା, ଏତେ ମୁହଁ ବନ୍ଦ କରି ଦିନରାତି ଖଟିବା ଏବଂ କାର୍ଯ୍ୟକାଳରେ ସିଂହର ବିକ୍ରମ !! ଅତୀତର କଙ୍କାଳଚୟ ! ଏହି ସାମନାରେ ତୁମର ଉତ୍ତରାଧିକାରୀ ଭବିଷ୍ୟତ୍ ଭାରତ । ତୁମର ରତ୍ନପେଟିକା, ତୁମର ମାଣିକ୍ୟର ମୁଦି, ପକାଇ ଦିଅ ଏମାନଙ୍କ ମଧ୍ୟରେ, ଯେତେ ଶୀଘ୍ର ପାରି ପକାଇଦିଅ; ଆଉ ତୁମେ ଶୂନ୍ୟରେ ବିଲୀନ ହୋଇ ଅଦୃଶ୍ୟ ହୋଇଯାଅ । କେବଳ କାନ ଡେରି ରଖ, ତୁମର ଯେପରି ବିଲୀନ ହେବ, ଶୁଣିବ କୋଟିଜୀମୂତସ୍ୟନ୍ଦୀ ତ୍ରୈଲୋକ୍ୟ-କମ୍ପନକାରୀ ଭବିଷ୍ୟତ୍ ଭାରତର ଉଦ୍‌ବୋଧନ-ଧ୍ୱନି 'ଓୟାହ—ଗୁରୁ କି ଫତେ ।'*

ଜାହାଜ ବଙ୍ଗୋପସାଗରରେ ଯାଉଛି । ଏ ସମୁଦ୍ର କୁଆଡ଼େ ଭାରି ଗଭୀର ! ଯାହା ଟିକିଏ ଅଳ୍ପ ଜଳ ଥିଲା, ସେତକ ମା' ଗଙ୍ଗା ହିମାଳୟକୁ ଗୁଣ୍ଡ କରି ପଶ୍ଚିମକୁ ଧୋଇ ଆଣି, ବୁଜି କରି ଜମି କରି ନେଇଛନ୍ତି । ସେ ଜମି ଆମର ବଙ୍ଗଳା ଦେଶ । ଆଉ ବଙ୍ଗଳା-ଦେଶ ବେଶୀ ଆଗଉ ନାହିଁ —ଏହି ସୁନ୍ଦରବନ ପର୍ଯ୍ୟନ୍ତ । କେହି କେହି କହନ୍ତି, ସୁନ୍ଦରବନ ପୂର୍ବେ ଗ୍ରାମ-ନଗରମୟ ଥିଲା । ଅନେକେ ଏବେ ଏକଥା ମାନିବାକୁ ଚାହାଁନ୍ତି ନାହିଁ । ଯାହା ହେଉ, ଏହି ସୁନ୍ଦର୍‌ବନ ମଧ୍ୟରେ, ଆଉ ବଙ୍ଗୋପସାଗରର ଉତ୍ତର ଭାଗରେ ଅନେକ

* ଗୁରୁ ହିଁ ଧନ୍ୟ ହୁଅନ୍ତୁ, ଗୁରୁ ହିଁ ଜୟଯୁକ୍ତ ହୁଅନ୍ତୁ । ଏହା ପଞ୍ଜାବ-ରାଜ୍ୟର ଶିଖସମ୍ପ୍ରଦାୟର ଉତ୍ସାହବାକ୍ୟ ଓ ରଣସଙ୍କେତ ।

କାରଖାନା ହୋଇଯାଇଛି । ଏହିସବୁ ସ୍ଥାନରେ ପର୍ତ୍ତୁଗୀଜ ଦସ୍ୟୁମାନଙ୍କର ଆଡ୍ଡା ହୋଇଥିଲା; ଆରାକାନ୍ ରାଜାଙ୍କର ଏସବୁ ସ୍ଥାନ ଅଧିକାର ପାଇଁ ବହୁ ଚେଷ୍ଟା, ମୋଗଲ ପ୍ରତିନିଧିଙ୍କର ଗଙ୍ଗାଲେଜ ପ୍ରମୁଖ ପର୍ତ୍ତୁଗୀଜ ଦସ୍ୟୁମାନଙ୍କୁ ଶାସିତ କରିବାର ନାନା ଉଦ୍ୟୋଗ; ବାରମ୍ବାର ଖ୍ରୀଷ୍ଟିଆନ୍, ମୋଗଲ, ମଗ, ବଙ୍ଗାଳୀଙ୍କର ଯୁଦ୍ଧ ।

## ଦକ୍ଷିଣୀ ସଭ୍ୟତା

ଏବେ ବଙ୍ଗୋପସାଗରର ସ୍ୱଭାବ ଚଞ୍ଚଳ, ସେଥିରେ ପୁଣି ଏହି ବର୍ଷାକାଳରେ ମୌସୁମୀ ସମୟରେ ଜାହାଜ ଖୁବ୍ ହଲି ହଲି ଯାଉଛି । ତେବେ ଏହି ତ ଆରମ୍ଭ, ପରେ ବା କ'ଣ ଅଛି ! ଯାଉଛି ମାନ୍ଦ୍ରାଜ । ଏହି ଦାକ୍ଷିଣାତ୍ୟର ବେଶୀ ଭାଗ ବର୍ତ୍ତମାନ ମାନ୍ଦ୍ରାଜ । ଜମିରେ କ'ଣ ହୁଏ ? ଭାଗ୍ୟବାନଙ୍କ ହାତରେ ପଡ଼ି ମରୁଭୂମି ମଧ୍ୟ ସ୍ୱର୍ଗ ହୁଏ । ନଗଣ୍ୟ କ୍ଷୁଦ୍ର ମାନ୍ଦ୍ରାଜ ସହର ଯାହାର ନାମ ଚନ୍ନାପଟ୍ଟନମ୍ ଅଥବା ମାନ୍ଦ୍ରାସପଟ୍ଟନମ୍, ଚନ୍ଦ୍ରଗିରି ରାଜା ଦଳେ ବଣିକଙ୍କୁ ବିକିଥିଲେ । ସେତେବେଳେ ଇଂରେଜମାନଙ୍କ ବ୍ୟବସାୟ 'ଜାଭା'ରେ । ବାନ୍ଟାମ୍ ସହର ଇଂରେଜମାନଙ୍କର ଏସିଆର ବାଣିଜ୍ୟ-କେନ୍ଦ୍ର । 'ମାନ୍ଦ୍ରାଜ' ପ୍ରଭୃତି ଇଂରେଜ କମ୍ପାନିର ଭାରତବର୍ଷର ବାଣିଜ୍ୟସ୍ଥାନ ସବୁ 'ବାନ୍ଟାମ୍' ଦ୍ୱାରା ପରିଚାଳିତ । ସେ ବାନ୍ଟାମ୍ କେଉଁଠି ? ଆଉ ସେ ମାନ୍ଦ୍ରାଜ କ'ଣ ହୋଇ ଠିଆହେଲା ! ଖାଲି 'ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀଃ' ନୁହେଁ ହେ ଭାଇ; ପଛରେ 'ମା'ର ବଳ' । ତେବେ ଉଦ୍ୟୋଗୀ ପୁରୁଷକୁ ହିଁ ମା' ବଳ ଦିଅନ୍ତି—ଏ କଥା ମଧ୍ୟ ମାନେ । ମାନ୍ଦ୍ରାଜ ମନେ ପଡ଼ିଲେ, ଖାଣ୍ଟି ଦକ୍ଷିଣଦେଶ ମନେପଡ଼େ । ଯଦିଚ କଲିକତାର ଜଗନ୍ନାଥଘାଟରେ ଦକ୍ଷିଣ ଦେଶର ଆଭାସ ମିଳେ, (ସେହି ଅର-ଖିଅର ମୁଣ୍ଡ, ଚୁଟିବନ୍ଧା, କପାଳରେ ଅନେକ ଚିତ୍ରବିଚିତ୍ର, ଶୁଣ୍ଡ ଲେଉଟା ଚଟିଯୋଡା, ଯେଉଁଥିରେ କେବଳ ପାଦର ଅଙ୍ଗୁଳି କେତୋଟି ପଶିପାରେ, ଆଉ ନସ୍ୟଦରବିଗଳିତ ନାସା ପିଲାପିଲିଙ୍କ ସର୍ବାଙ୍ଗରେ ଚନ୍ଦନଛାପା ଲଗାଇବାରେ ମଜବୁତ) ଓଡ଼ିଆ ବାହ୍ମଣଙ୍କୁ ଦେଖି । ଗୁଜୁରାଟୀ ବାହ୍ମଣ, କଳା କୁଚ୍‌କୁଚ୍ ଦେଶସ୍ଥ ବାହ୍ମଣ, ଧପ୍‌ଧପ୍ ଫରସା ବିଡ଼ାଳଚକ୍ଷୁ ଚଉଖୁଣ୍ଟିଆ ମୁଣ୍ଡ କୋକନସ୍ଥ ବ୍ରାହ୍ମଣ, ଯଦିଓ ଏମାନଙ୍କର ଏକପ୍ରକାର ବେଶ, ସମସ୍ତେ ଦକ୍ଷିଣୀ ବୋଲି ପରିଚିତ— କିନ୍ତୁ ଠିକ୍ ଦକ୍ଷିଣୀ ଢଙ୍ଗ ମାନ୍ଦ୍ରାଜୀଙ୍କଠାରେ । ସେ ରାମାନୁଜୀ ତିଳକ-ପରିବ୍ୟାପ୍ତ ଲଲାଟମଣ୍ଡଳ—ଦୂରରୁ ଯେପରି କ୍ଷେତରେ ଜଗିବା ପାଇଁ କଳା ହାଣ୍ଡିରେ ଚୂନ ବୋଳି ପୋଡ଼ାକାଠ ମୁଣ୍ଡରେ ବଦାଯାଇଛି, ଯେଉଁ ରାମାନୁଜୀ ତିଳକର ସାଗରେଦ୍ ରାମାନନ୍ଦୀ ତିଳକର ମହିମା ସମ୍ବନ୍ଧରେ ଲୋକେ କହନ୍ତି "ତିଲକ୍ ତିଲକ୍ ସବ୍‌କୋଇ କହେ, ପର ରାମାନନ୍ଦୀ ତିଲକ୍, ଦେଖତ ଗଙ୍ଗା-ପାରସେ ଯମ ଗୌଦ୍ୱାରକେ ଖିଡ଼କ !" (ଆମ ଦେଶରେ ଚୈତନ୍ୟସମ୍ପ୍ରଦାୟ ଲୋକଙ୍କ ସର୍ବାଙ୍ଗରେ ଛାପଦିଆ ଗୋସାଇଁ ଦେଖି ମାତାଲ ଲୋକ ଚିତାବାଘ ବୋଲି ଠଉରେଇଥିଲା—ଏ ମାନ୍ଦ୍ରାଜୀ ତିଳକ ଦେଖି ଚିତାବାଘ ଗଛକୁ ଚଢ଼ିଯାଏ !) ଆଉ ସେ ତାମିଲ୍ ତେଲେଗୁ ମାଲୟାଲମ୍ ବୋଲି—ଯାହା ଛ ବର୍ଷ ଶୁଣି

ମଧ୍ୟ ଏକ ବର୍ଣ୍ଣ ବୁଝିବାର ଜୋ ନାହିଁ, ଯେଉଁଥିରେ ପୁନଆଉ ନାନାରକମର 'ଲ'କାର ଓ 'ଢ'କାରର କାରଖାନା; ସେହି 'ମୁଡଗତନ୍ନିର ରସମ୍'[୧] ସହିତ ଖାଉ 'ସାପୁଡ଼ିବା' ଯାର ଗୋଟିଏ ଗୋଟିଏ ଗ୍ରାସରେ ଗ୍ରୀତ ଧଡ଼ପଡ କରାଉଥାଏ (ଏପରି ରାଗ ଆଉ ତେନ୍ତୁଳ !) । ସେହି 'ମିଠା ନିମପତ୍ର, ବୁଟଡାଲି, ମୁଗଡାଲି' ଫୋଡଣ ଦଧ୍ୟୋଦନ ଇତ୍ୟାଦି ଭୋଜନ; ଆଉ ସେ ଜଡାତେଲ ଲଗାଇ ସ୍ନାନ, ଜଡାତେଲରେ ମାଛଭଜା, ଏହା ନ ହେଲେ କି ଦକ୍ଷିଣ ମୁଲକ ହୁଏ ?

ପୁଣି, ଏହି ଦକ୍ଷିଣ ମୁଲକ ମୁସଲମାନ ରାଜତ୍ୱକାଳରେ ଏବଂ ତାହାର କେତେକ ଦିନ ଆଗରୁ ହିନ୍ଦୁଧର୍ମକୁ ବଞ୍ଚାଇ ରଖିଛି । ଏହି ଦକ୍ଷିଣ ମୁଲକରେ ହିଁ—ସାମନାରେ ଚୁଟି, ନଡ଼ିଆତେଲଖିଆ ଜାତିରେ ଶଙ୍କରାଚାର୍ଯ୍ୟଙ୍କ ଜନ୍ମ । ଏହି ଦେଶରେ ରାମାନୁଜ ଜନ୍ମଥିଲେ; ଏହା—ମଧ୍ୱମୁନିଙ୍କ ଜନ୍ମଭୂମି । ଏହିମାନଙ୍କ ପାଦତଳେ ବର୍ତ୍ତମାନ ହିନ୍ଦୁଧର୍ମ । ତୁମମାନଙ୍କ ଚୈତନ୍ୟ ସମ୍ପ୍ରଦାୟ ଏହି ମଧ୍ୱ-ସମ୍ପ୍ରଦାୟର ଶାଖା ମାତ୍ର; ଏହି ଶଙ୍କରଙ୍କର ପ୍ରତିଧ୍ୱନି କବୀର, ଦାଦୁ, ନାନକ, ରାମସନେହୀ ପ୍ରଭୃତି ସମସ୍ତେ; ଏହି ରାମାନୁଜଙ୍କ ଶିଷ୍ୟସମ୍ପ୍ରଦାୟ ଅଯୋଧ୍ୟା ପ୍ରଭୃତି ଦଖଲ କରି ବସିଛନ୍ତି । ଏହି ଦକ୍ଷିଣୀ ବ୍ରାହ୍ମଣମାନେ ହିନ୍ଦୁସ୍ଥାନର ବ୍ରାହ୍ମଣମାନଙ୍କୁ ବ୍ରାହ୍ମଣ ବୋଲି ସ୍ୱୀକାର କରନ୍ତି ନାହିଁ, ଶିଷ୍ୟ କରିବାକୁ ଚାହାନ୍ତି ନାହିଁ; ସେଦିନ ପର୍ଯ୍ୟନ୍ତ ସନ୍ନ୍ୟାସ ଦେଉ ନ ଥିଲେ । ଏହି ମାନ୍ଦ୍ରାଜୀମାନେ ବର୍ତ୍ତମାନ ମଧ୍ୟ ବଡ଼ ବଡ଼ ତୀର୍ଥସ୍ଥାନ ଦଖଲ କରି ବସିଛନ୍ତି । ଏହି ଦକ୍ଷିଣଦେଶରେ ହିଁ ଯେତେବେଳେ ଉତ୍ତର ଭାରତବାସୀ 'ଆଲ୍ଲା ହୋ ଆକବର, ଦୀନ୍ ଦୀନ୍' ଶବ୍ଦ ସାମନାରେ ଭୟରେ ଧନରତ୍ନ ଠାକୁରଦେବତା ସ୍ତ୍ରୀପୁତ୍ର ଛାଡ଼ି ଝାଡ଼ ଜଙ୍ଗଲ ମଧ୍ୟରେ ଲୁଚୁଥିଲେ, ସେତେବେଳେ ରାଜଚକ୍ରବର୍ତ୍ତୀ ବିଦ୍ୟାନଗରାଧିପତିଙ୍କର ଅଚଳ ସିଂହାସନ ପ୍ରତିଷ୍ଠିତ ଥିଲା । ଏହି ଦକ୍ଷିଣ ଦେଶରେ ହିଁ ସେହି ଅଦ୍ଭୁତ 'ସାୟନ'ଙ୍କର ଜନ୍ମ, ଯାହାଙ୍କର ଯବନବିଜୟୀ ବାହୁବଳରେ ବୁକ୍କରାଜାଙ୍କର ସିଂହାସନ, ମନ୍ତ୍ରଣାରେ ବିଦ୍ୟାନଗର ସାମ୍ରାଜ୍ୟ, ନୀତିମାର୍ଗରେ ଦାକ୍ଷିଣାତ୍ୟର ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତିଷ୍ଠିତ ଥିଲା—ଯାହାଙ୍କର ଅମାନବ ପ୍ରତିଭା ଓ ଅଲୌକିକ ପରିଶ୍ରମର ଫଳସ୍ୱରୂପ ସମସ୍ତ ବେଦରାଶିର ଟୀକା, ଯାହାଙ୍କର ଆଶ୍ଚର୍ଯ୍ୟ ତ୍ୟାଗ, ବୈରାଗ୍ୟ ଓ ଗବେଷଣାର ଫଳସ୍ୱରୂପ 'ପଞ୍ଚଦଶୀ' ଗ୍ରନ୍ଥ, ସେହି ସନ୍ନ୍ୟାସୀ ବିଦ୍ୟାରଣ୍ୟମୁନି ସାୟନଙ୍କର[୨] ଏହି ଜନ୍ମଭୂମି । ଏହି ମାନ୍ଦ୍ରାଜ ସେହି ତାମିଲ ଜାତିର ଆବାସ—ଯେଉଁମାନଙ୍କର ସଭ୍ୟତା ସର୍ବପ୍ରାଚୀନ, ଯେଉଁମାନଙ୍କର 'ସୁମେର' ନାମକ ଶାଖା 'ଇଉଫ୍ରେଟିସ୍' ତୀରରେ ଅତି ପ୍ରାଚୀନ କାଳରେ ପ୍ରକାଣ୍ଡ ସଭ୍ୟତା ବିସ୍ତାର କରିଥିଲା—ଯେଉଁମାନଙ୍କର ଜ୍ୟୋତିଷ, ଧର୍ମକଥା, ନୀତି, ଆଚାର ପ୍ରଭୃତି ଆସିରୀ, ବାବିଲୀ ସଭ୍ୟତାର ଭିତ୍ତି—ଯେଉଁମାନଙ୍କର ପୁରାଣ ସଂଗ୍ରହ ବାଇବେଲର ମୂଳ—ଯେଉଁମାନଙ୍କର ଆଉ ଏକ ଶାଖା ମାଲବାର ଉପକୂଳ

---

[୧] ଅତିରିକ୍ତ ରାଗ ତେନ୍ତୁଳି-ସଂଯୁକ୍ତ ହରଡ଼ ଡାଲିର ଝୋଳବିଶେଷ । ଏହା ଦକ୍ଷିଣୀମାନଙ୍କର ପ୍ରିୟଖାଦ୍ୟ । ମୁଡ଼ଗ୍ ଅର୍ଥ କଳାମରିଚ ଓ ତନ୍ନିର ଅର୍ଥ (ଡାଲିର) ଜଳ ।

[୨] କାହା କାହା ମତରେ ବେଦଭାଷ୍ୟକାର ସାୟନ ବିଦ୍ୟାରଣ୍ୟମୁନିଙ୍କର ଭ୍ରାତା ।

ଦେଇ ଅଦ୍ଭୁତ ମିଶର-ସଭ୍ୟତା ସୃଷ୍ଟି କରିଥିଲ—ଯେଉଁମାନଙ୍କ ପାଖରେ ଆର୍ଯ୍ୟମାନେ ଅନେକ ବିଷୟରେ ଋଣୀ । ଏମାନଙ୍କର ପ୍ରକାଣ୍ଡ ପ୍ରକାଣ୍ଡ ମନ୍ଦିର ଦାକ୍ଷିଣାତ୍ୟରେ ବୀର ଶୈବ ବା ବୀର ବୈଷ୍ଣବ ସମ୍ପ୍ରଦାୟର ଜୟ ଘୋଷଣା କରୁଛି । ଏହି ଯେ ଏତେ ବଡ଼ ବୈଷ୍ଣବଧର୍ମ, ଏହା ମଧ୍ୟ ଏହି 'ତାମିଲ' ନୀଚବଂଶୋଦ୍ଭୂତ 'ଶଠକୋପ'ରୁ ଉତ୍ପନ୍ନ ଯେ "ବିକ୍ରୀୟ ସୂର୍ପଂ ସ ଚଚାର ଯୋଗୀ" । ଏହି ତାମିଲ ଆଲଓ୍ୱାର୍ ବା ଭକ୍ତଗଣ ଅଦ୍ୟାବଧି ମଧ୍ୟ ସମଗ୍ର ବୈଷ୍ଣବସମ୍ପ୍ରଦାୟର ପୂଜ୍ୟ ହୋଇ ରହିଛନ୍ତି । ଏବେ ମଧ୍ୟ ଏ ଦେଶରେ ବେଦାନ୍ତର ଦ୍ୱୈତ, ବିଶିଷ୍ଟ ବା ଅଦ୍ୱୈତ, ସମସ୍ତ ମତର ଯେପରି ଚର୍ଚ୍ଚା, ସେପରି ଆଉ କେଉଁଠି ନାହିଁ । ଏବେ ମଧ୍ୟ ଧର୍ମରେ ଅନୁରାଗ ଏ ଦେଶରେ ଯେତେ ପ୍ରବଳ, ସେପରି ଆଉ କେଉଁଠାରେ ହେଲେ ନାହିଁ ।

ଚବିଶ ଜୁନ ରାତିରେ ଆମ ଜାହାଜ ମାନ୍ଦ୍ରାଜରେ ପହଞ୍ଚିଲା । ପ୍ରାତଃକାଳରେ ଉଠି ଦେଖେ, ସମୁଦ୍ର ମଧ୍ୟରେ ପାଚେରି ଦେଇ ଘେରି ମାନ୍ଦ୍ରାଜ ବନ୍ଦରରେ ରହିଛି । ଭିତରେ ସ୍ଥିର ଜଳ । ଆଉ ବାହାରେ ଉତ୍ତାଳ ତରଙ୍ଗ ଗରଜୁଛି; ପୁଣି ଥରେ ଥରେ ବନ୍ଦର କାନ୍ଥରେ ଲାଗି ଦଶ ବାର ହାତ ଡେଇଁ ପଡ଼ୁଛି, ଆଉ ଫେନମୟ ହୋଇ ବିଛି ହୋଇ-ଯାଉଛି । ସାମନାରେ ସୁପରିଚିତ ମାନ୍ଦ୍ରାଜର ଷ୍ଟ୍ରାଣ୍ଡରୋଡ଼ । ଦୁଇଜଣ ପୋଲିସ ଇନ୍‌ସପେକ୍ଟର, ଜଣେ ମାନ୍ଦ୍ରାଜୀ ଜମାଦାର, ଡଜନେ ପହରାବାଲା ଜାହାଜକୁ ଉଠିଲେ । ଅତି ଭଦ୍ରତାସହକାରେ ମୋତେ ଜଣାଇଲେ ଯେ, କଳାଲୋକଙ୍କର କୂଳକୁ ଯିବାର ହୁକୁମ୍ ନାହିଁ, ଗୋରାଙ୍କର ଅଛି । କଳା ଯେ ହେଉନା କାହିଁକି, ସେ ଯେଉଁପରି ଅସନା ଥାଏ, ସେଥିରେ ତାହାର ପ୍ଲେଗ୍‌ବୀଜ ନେଇ ବୁଲିବାର ଖୁବ୍ ସମ୍ଭାବନା । ତେବେ ମୋ ପାଇଁ ମାନ୍ଦ୍ରାଜୀମାନେ ବିଶେଷ ହୁକୁମ୍ ପାଇବାର ଦରଖାସ୍ତ କରିଛନ୍ତି । ବୋଧହୁଏ ପାଇବେ । କ୍ରମେ ଦୁଇ-ଚାରିଟି କରି ମାନ୍ଦ୍ରାଜୀ ବନ୍ଧୁମାନେ ନୌକାରେ ଚଢ଼ି ଜାହାଜ ପାଖକୁ ଆସିବାରେ ଲାଗିଲେ । ଛୁଆଁ ଛୁଇଁ ହେବାର ଜୋ ନାହିଁ, ଜାହାଜରୁ କଥା କୁହ । ଆଲସିଙ୍ଗା, ବିଲିଗିରି, ନରସିଂହାଚାର୍ଯ୍ୟ, ଡ଼ାକ୍ତର ନଞ୍ଜୁନ ରାଓ, କାଡି ପ୍ରଭୃତି ସବୁ ବନ୍ଧୁ-ମାନଙ୍କୁ ଦେଖିବାକୁ ପାଇଲି । ଆମ୍ବ, କଦଳୀ, ନଡ଼ିଆ, ରନ୍ଧା ଦଧ୍ୟୋଦନ, ରାଶୀକୃତ ଗଜା, ନିମକି ଇତ୍ୟାଦିର ବୋଝ ଆସିବାକୁ ଲାଗିଲା । କ୍ରମେ ଭିଡ଼ ହେବାକୁ ଲାଗିଲା । ପିଲାପିଲି, ବୁଢ଼ା, ନୌକାକୁ ନୌକା । ମୋର ବିଲାତି ବନ୍ଧୁ ମି. ଶ୍ୟାମିଏର ବାରିଷ୍ଟର ହୋଇ ମାନ୍ଦ୍ରାଜକୁ ଆସିଛନ୍ତି । ତାଙ୍କୁ ମଧ୍ୟ ଦେଖିବାକୁ ପାଇଲି । ରାମକୃଷ୍ଣାନନ୍ଦ ଆଉ କେତେଥର ନିର୍ଭୟରେ ଯିବା-ଆସିବା କଲେ । ସେମାନେ ସାରାଦିନ ସେହି ଖରାରେ ନୌକାରେ ଥିବେ । ଶେଷରେ ଧମକାଇବାରୁ ତେବେ ଗଲେ । କ୍ରମେ ଯେତେ ଖବର ହେଲା ଯେ ମୋତେ ଓହ୍ଲାଇବାକୁ ହୁକୁମ୍ ଦେବେ ନାହିଁ, ତେତେ ନୌକାର ଭିଡ଼ ଆହୁରି ବଢ଼ିବାକୁ ଲାଗିଲା । ଶରୀର ମଧ୍ୟ କ୍ରମାଗତ ଜାହାଜର ବାରଣ୍ଡାରେ ଉପରେ ଠିଆ ହୋଇ ହୋଇ ଅବସନ୍ନ ହୋଇ ଆସିବାକୁ ଲାଗିଲା । ସେତେବେଳେ ମାନ୍ଦ୍ରାଜୀ ବନ୍ଧୁମାନଙ୍କଠାରୁ ବିଦାୟ ମାଗିଲି, କ୍ୟାବିନ ମଧ୍ୟରେ ପ୍ରବେଶ କଲି । ଆଲସିଙ୍ଗା, 'ବ୍ରହ୍ମବାଦିନ' ଓ ମାନ୍ଦ୍ରାଜୀ

କାମଧନ୍ଦା ବିଷୟରେ ପରାମର୍ଶ କରିବାର ଅବସର ପାଇଲେ ନାହିଁ; ଫଳରେ ସେ କଲମ୍ବୋ ପର୍ଯ୍ୟନ୍ତ ଜାହାଜରେ ଗଲେ । ସନ୍ଧ୍ୟା ସମୟକୁ ଜାହାଜ ଛାଡ଼ିଲା । ସେତେ-ବେଳେ ଗୋଟାଏ ଗୋଳ ଉଠିଲା । ଖିଡ଼ିକି ଦେଇ ଉଙ୍କିମାରି ଦେଖେ, ହଜାରେ ଖଣ୍ଡେ ମାନ୍ଦ୍ରାଜୀ ସ୍ତ୍ରୀପୁରୁଷ, ବାଳକବାଳିକା ବନ୍ଦରର ବନ୍ଧ ଉପରେ ବସିଥିଲେ—ଜାହାଜ ଛାଡ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର ବିଦାୟସୂଚକ ରବ ! ମାନ୍ଦ୍ରାଜୀମାନଙ୍କର ଆନନ୍ଦ ହେଲେ ବଙ୍ଗଦେଶ ପରି ହୁଳହୁଳି ଦିଅନ୍ତି ।

ମାନ୍ଦ୍ରାଜଠାରୁ କଲମ୍ବୋ ଚାରିଦିନ । ଯେଉଁ ତରଙ୍ଗଭଙ୍ଗ ଗଙ୍ଗାସାଗରଠାରୁ ଆରମ୍ଭ ହୋଇଥିଲା, ତାହା କ୍ରମେ ବଢ଼ିବାରେ ଲାଗିଲା । ମାନ୍ଦ୍ରାଜ ପରେ ଆହୁରି ବଢ଼ିଗଲା । ଜାହାଜ ବେଜାଏ ଦୋହଲିବାରେ ଲାଗିଲା । ଯାତ୍ରୀମାନେ ମୁଣ୍ଡକୁ ଧରି ବାନ୍ତି କରି ଅସ୍ଥିର । ବଙ୍ଗାଳୀ ପିଲାଦୁଇଟି ମଧ୍ୟ ଭାରି 'ସିକ୍' । ଗୋଟିଏ ତ ଠଉରେଇଛି ମରିଯିବ; ତାକୁ ବହୁତ ବୁଝାଇ ସୁଝାଇ ଦିଆଗଲା ଯେ କିଛି ଭୟ ନାହିଁ, ଏପରି ସମସ୍ତଙ୍କର ହିଁ ହୁଏ, ଏଥିରେ କେହି ମଧ୍ୟ ମରନ୍ତି ନାହିଁ, କିଛି ହିଁ ନାହିଁ । ସେକେଣ୍ଡ କ୍ଲାସଟା ପୁଣି "ସ୍କ୍ରୁ"ର ଠିକ୍ ଉପରେ । ପିଲାଦୁଇଟିଙ୍କୁ କାଳା ଆଦମୀ ବୋଲି, ଗୋଟାଏ ଅନ୍ଧକୂପ ପରି ଘର ଥିଲା, ତାହା ମଧ୍ୟରେ ପୂରାଇଛନ୍ତି । ସେଠାକୁ ପବନ-ଦେବଙ୍କର ଯିବାର ହୁକୁମ୍ ନାହିଁ, ସୂର୍ଯ୍ୟଙ୍କର ମଧ୍ୟ ପ୍ରବେଶ ନିଷେଧ । ପିଲା ଦୁଇଟିଙ୍କ ଘର ଭିତରକୁ ଯିବାର ଜୋ ନାହିଁ; ପୁଣି ଛାତ ଉପରେ—ସେ କି ଦୋହଲା ! ପୁଣି ଯେତେବେଳେ ଜାହାଜର ଆଗଟା ଗୋଟାଏ ଢେଉର ଗହ୍ୱରରେ ବସିଯାଉଛି, ପୁଣି ପଛଟା ଉଚ୍ଚ ହୋଇ ଉଠୁଛି, ସେତେବେଳେ ସ୍କ୍ରୁଟା ପାଣିଛାଡ଼ା ହୋଇ ଶୂନ୍ୟରେ ଘୂରୁଛି, ଆଉ ସମସ୍ତ ଜାହାଜଟା ଠକ୍ ଠକ୍ ଠକ୍ ଠକ୍ କରି ହଲଉଠୁଛି । ସେକେଣ୍ଡ କ୍ଲାସଟା ଏହି ସମୟରେ ଯେପରି ବିରାଡ଼ି ମୂଷା ଧରି ଥରେ ଥରେ ଝାଡ଼ି ଦିଏ, ସେପରି ହଲୁଛି ।

ଯାହାହେଉ ବର୍ତ୍ତମାନ 'ମନ୍‌ସୁନ୍' ସମୟ । ଯେତେ ଭାରତ ମହାସାଗରର ପଶ୍ଚିମକୁ ଯିବ, ସେତେ ବଢ଼ିବ ଏହି ଝଡ଼ଝଞ୍ଜା । ମାନ୍ଦ୍ରାଜୀମାନେ ଅନେକ ଫଳମୂଳ ଦେଇଥିଲେ; ତାର ଅଧିକାଂଶ ଆଉ ଗଜା, ଦଧ୍ୟୋଦନ ପ୍ରଭୃତି ସମସ୍ତ ହିଁ ପିଲାମାନଙ୍କୁ ଦିଆଗଲା । ଆଲାସିଙ୍ଗା ତରତର ହୋଇ ଖଣ୍ଡେ ଟିକଟ କିଣି ଖାଲି ଗୋଡ଼ରେ ଜାହାଜକୁ ଚଢ଼ି ଆସିଲେ । ଆଲାସିଙ୍ଗା କହନ୍ତି, ସେ କେତେବେଳେ କେତେବେଳେ ଜୋତା ପିନ୍ଧନ୍ତି । ଦେଶ-ଦେଶ୍‌କେ ପ୍ରକାର ପ୍ରକାର ଚଳଣି । ଇଉରୋପରେ ସ୍ତ୍ରୀ-ଲୋକମାନଙ୍କର ପାଦ ଦିଶିବା ଅତି ଲଜ୍ଜାର କଥା; କିନ୍ତୁ ଅଧେ ଦେହ ଅଘୋଡ଼ା ରଖିବାରେ ଲଜ୍ଜା ନାହିଁ । ଆମ ଦେଶରେ ମୁଣ୍ଡଟା ଘୋଡ଼ାଇବାକୁ ନିଶ୍ଚୟ ହେବ, ତା ପିନ୍ଧିବାକୁ ଲୁଗା ଥାଉ ବା ନ ଥାଉ । ଆଲାସିଙ୍ଗା ପେରୁମଲ, ଏଡ଼ିଟର ବ୍ରହ୍ମବାଦନ୍, ମହୀଶୂରୀ ରାମାନୁଜ 'ରସମ୍'ଖିଆ ବ୍ରାହ୍ମଣ, ଖିଅର ହୋଇଥିବା ମୁଣ୍ଡରେ ସମସ୍ତ କପାଳବ୍ୟାପ୍ତ 'ତେଙ୍ଗଲେ' ତିଲକ, ସାଙ୍ଗରେ ସମ୍ବଳ 'ଗୋପନେ ଅତି ଯତନେ' ଆଣିଛନ୍ତି କିଅଣ, ଦୁଇଟି ପୁଟୁଳା ! ଗୋଟିକରେ ଚୂଡ଼ାଭଜା,

ଆରଟିରେ ମୁଡ଼ି-ମଣ୍ଟର । ଜାତି ବଞ୍ଚାଇ, ଏହି ମୁଡ଼ିମଣ୍ଟର ଖୋଇ ସିଲୋନ ଯିବାକୁ ହେବ । ଆଲସିଙ୍ଗା ଆଉ ଥରେ ସିଲୋନ ଯାଇଥିଲେ । ସେଥିରେ ବିରାଦର ଲୋକେ ଟିକିଏ ଗୋଳ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ପାରିଉଠିଲେ ନାହିଁ । ଭାରତବର୍ଷରେ ଏହି ଟିକକ ବଞ୍ଚିଛି ! ବିରାଦର ଲୋକେ ଯଦି କିଛି ନ କହିଲେ, ଆଉ କାହାର କିଛି କହିବାର ଅଧିକାର ନାହିଁ । ପୁଣି ସେ ଦକ୍ଷିଣୀ ବିରାଦର ଲୋକ—କେଉଁଠାର ଅଛନ୍ତି କେବଳ ପାଞ୍ଚଶ, କେଉଁଠାର ସାତଶ, କେଉଁଠାର ହଜାରଟି ପ୍ରାଣୀ—କନ୍ୟା ଅଭାବରୁ ଭଉଣୀକୁ ବିବାହ କରନ୍ତି । ଯେତେବେଳେ ମହୀଶୂରରେ ପ୍ରଥମ ରେଲ ହୁଏ, ଯେଉଁ ଯେଉଁ ବ୍ରାହ୍ମଣ ଦୂରରୁ ରେଲଗାଡ଼ି ଦେଖିବାକୁ ଯାଇଥିଲେ, ସେମାନେ ଜାତିଚ୍ୟୁତ ହୋଇଥିଲେ ! ଯାହାହେଉ, ଏହି ଆଲସିଙ୍ଗାଙ୍କ ପରି ମଣିଷ ପୃଥିବୀରେ ଅତି ଅଳ୍ପ; ଏପରି ନିଃସ୍ୱାର୍ଥ, ଏପରି ପ୍ରାଣପଣ ପରିଶ୍ରମୀ, ଏପରି ଗୁରୁ-ଭକ୍ତ, ଆଜ୍ଞାଧୀନ ଶିଷ୍ୟ ଜଗତରେ ଅଳ୍ପ ହେ ଭାଇ ! ଖିଅରିଆ ମୁଣ୍ଡ ଚୁଟିବନ୍ଧା, ଖାଲି ଗୋଡ଼, ଧୋତିପିନ୍ଧା ମାନ୍ଦ୍ରାଜୀ ଫାଷ୍ଟକ୍ଲାସରେ ଉଠିଲେ ! ବୁଲବୁଲି କରୁଛନ୍ତି, ଭୋକ କଲେ ମୁଡ଼ିମଣ୍ଟର ଖୋଉଛନ୍ତି । ମାନ୍ଦ୍ରାଜୀମାନଙ୍କୁ ଚାକରମାନେ 'ଚେଟି' ବୋଲି ଡାକନ୍ତି; ପୁଣି କହନ୍ତି 'ଏମାନଙ୍କର ଅନେକ ଟଙ୍କା ଅଛି, କିନ୍ତୁ ଲୁଗାପଟା ପିନ୍ଧିବେ ନାହିଁ କି ଖାଇବେ ନାହିଁ ।' ତେବେ ଆମ ସାଙ୍ଗରେ ପଡ଼ି ଏମାନଙ୍କର ଜାତିର ଦଫା ଗୋଳିଆ ହୋଇଯାଉଛି—ଚାକରମାନେ କହୁଛନ୍ତି । ବାସ୍ତବିକ କଥା—ତୁମମାନଙ୍କ ପାଲରେ ପଡ଼ି ମାନ୍ଦ୍ରାଜୀମାନଙ୍କର ଜାତିର ଦଫା ଅନେକ ପରିମାଣରେ ଗୋଳିଆ କାହିଁକି, ଜମି ଜମି ଆସୁଛି !

## ସିଂହଳ ଓ ବୌଦ୍ଧଧର୍ମ

ଆଲସିଙ୍ଗାଙ୍କର 'ସି-ସିକ୍‌ନେସ୍' ହେଲା ନାହିଁ । ତୁ-ଭାଇ ପ୍ରଥମେ ଟିକିଏ ଅଧେ କଷ୍ଟ ସମ୍ଭାଳି ଚୁପ୍‌ଚାପ୍ ବସିଛନ୍ତି । ଚାରିଦିନ—ତେଣୁ ନାନା ବାର୍ତ୍ତାଳାପରେ, 'ଇଷ୍ଟ ଗୋଷ୍ଠୀ'ରେ କଟିଲା । ସାମନାରେ କଲମ୍ବୋ । ଏହି ସିଂହଳ, ଲଙ୍କା । ଶ୍ରୀରାମଚନ୍ଦ୍ର ସେତୁ ବାନ୍ଧି ପାରି ହୋଇ ଲଙ୍କାର ରାବଣ ରାଜାଙ୍କୁ ଜୟ କରିଥିଲେ । ସେତୁ ତ ଦେଖିଛି; ସେତୁପତି ମହାରାଜାଙ୍କ ଘରେ, ଯେଉଁ ପଥର ଖଣ୍ଡିକ ଉପରେ ଭଗବାନ ରାମଚନ୍ଦ୍ର ତାଙ୍କର ପୂର୍ବପୁରୁଷଙ୍କୁ ପ୍ରଥମ ସେତୁପତି-ରାଜା କରିଥିଲେ, ତାହା ମଧ୍ୟ ଦେଖିଛି । କିନ୍ତୁ ଏ ପାପକୁ ବୌଦ୍ଧ ସିଲୋନୀ ଲୋକମାନେ ତ ମାନିବାକୁ ଚାହାନ୍ତି ନାହିଁ ! କହନ୍ତି, ଆମ ଦେଶରେ ଏ କିମ୍ବଦନ୍ତୀ ପର୍ଯ୍ୟନ୍ତ ନାହିଁ । ଆଉ ନାହିଁ କହିଲେ, କଅଣ ହେବ ?—'ଗୋଁସାଇଙ୍କ ପୋଥିରେ ଲେଖିଯାଇଛନ୍ତି ଯେ ।' ତା' ଉପରେ ଏମାନେ ନିଜ ଦେଶକୁ କହନ୍ତି—ସିଂହଳ । ଲଙ୍କା କହିବେ ନାହିଁ, କହିବେ କେଉଁଠାରୁ ? ଏମାନଙ୍କର ନା କଥାରେ ରାଗ ଅଛି, ନା କାର୍ଯ୍ୟରେ ରାଗ ଅଛି, ନା ପ୍ରକୃତିରେ ରାଗ ଅଛି !! ରାମ ବୋଲ—ଘାଗରାପିନ୍ଧା, ଖୋସାବନ୍ଧା, ପୁଣି ଚୁଟିରେ ମସ୍ତ ଖଣ୍ଡେ ଚିରୁଣିଦିଆ, ମାଇଚିଆ ଚେହେରା !

ପୁଣି—ସରୁ ସରୁ, ବାଙ୍କର ବାଙ୍କର, ନରମ ନରମ ଶରୀର ! ଏମାନେ କ'ଣ ରାବଣ-କୁମ୍ଭକର୍ଣ୍ଣଙ୍କର ପିଲା ? ଯାଇଛୁ, ଆଉ କ'ଣ ? କହନ୍ତି, ବଙ୍ଗଳା ଦେଶରୁ ଆସିଥିଲେ—ତା' ଭଲ କରିଥିଲେ । ଏହି ଯେ ଦଳେ ଦେଶରେ ଛଡ଼ିଛନ୍ତି, ମାଢ଼ପୀ ଲୋକଙ୍କ ପରି ବେଶଭୂଷା, ନରମ ନରମ ବୋଲି କହନ୍ତି, ବଙ୍କେଇ ହୋଇ ଚାଲନ୍ତି, କାହା ଆଖି ଉପରେ ଆଖି ରଖି କଥା କହିପାରନ୍ତି ନାହିଁ, ପୁଣି ଭୂମିଷ୍ଠ ହେଲାପରଠାରୁ ପ୍ରୀତି-କବିତା ଲେଖନ୍ତି, ଆଉ ବିରହଜ୍ୱାଳାରେ ହା-ହୁତାଶ କରନ୍ତି– ଏମାନେ କାହିଁକି ସିଲୋନକୁ ଯାଉ ନାହାନ୍ତି ! ପୋଡ଼ାମୁହାଁ ଗଭର୍ଣ୍ଣମେଣ୍ଟ କ'ଣ ଶୋଇଛନ୍ତି କି ହେ ? ସେ ଦିନ 'ପୁରୀରେ' କାହାକୁ ଧରପଗଡ଼ କରିବାକୁ ଯାଇ ହୁଲସ୍ଥୁଲ କରି ବସିଲେ; କହେ ରାଜଧାନୀରେ ଧରାଧରି କରି 'ପ୍ୟାକ୍' କରିବାର ମଧ୍ୟ ଅନେକ ଯେ ରହିଛି ।

ଗୋଟିଏ ମହାଦୁଷ୍ଟ ବଙ୍ଗାଳୀ ରାଜାର ପୁଅ ଥିଲା—ବିଜୟସିଂହ ବୋଲି । ସେ ବାପ ସଙ୍ଗରେ କଳି-ତକରାଳ କରି ନିଜ ପରି ଆଉ କେତେଗୁଡ଼ାଏ ସଙ୍ଗୀଙ୍କୁ ଧରି ଜାହାଜରେ ଭାସି ଭାସି ଲଙ୍କା ନାମକ ଟାପୁରେ ହାଜର । ସେତେବେଳେ ସେ ଦେଶରେ 'ବଣୁଆ ଜାତିର ଆବାସ, ଯେଉଁମାନଙ୍କର ବଂଶଧର ଆଜିକାଲି 'ବେଦ୍ଧା' ନାମରେ ବିଖ୍ୟାତ । ବଣୁଆ ରାଜା ବଡ଼ ଖାତିର କରି ରଖିଲେ, ଝିଅକୁ ବିଭା ଦେଲେ । କିଛିଦିନ ଭଲ ମଣିଷ ପରି ରହିଲେ; ତା'ପରେ ଦିନେ ମାଇପ ସାଙ୍ଗରେ ଯୁକ୍ତି କରି ହଠାତ୍ ରାତିରେ ସଦଳବଳେ ଉଠି ବଣୁଆ ରାଜାଙ୍କୁ ସରଦାରଗଣଙ୍କ ସହିତ ହାଣି ପକାଇଲେ । ତା'ପରେ ବିଜୟସିଂହ ହେଲେ ରାଜା, ଦୁଷ୍ଟାମିର ଏହିଠାରେ ମଧ୍ୟ ଶେଷ ହେଲା ନାହିଁ । ତା'ପରେ ଆଉ ତାଙ୍କୁ ବଣୁଆ ଝିଅ ରାଣୀ ଭଲ ଲାଗିଲା ନାହିଁ । ସେଥିଯୋଗୁଁ ଭାରତବର୍ଷରୁ ଆହୁରି ଲୋକବାକ, ଆହୁରି ଅନେକ ସ୍ତ୍ରୀ-ଲୋକ ଅଣାଇଲେ । ଅନୁରାଧା ବୋଲି ଗୋଟିଏ ସ୍ତ୍ରୀ-ଲୋକକୁ ତ ନିଜେ ବିବାହ କଲେ, ଆଉ ସେ ବଣୁଆ ସ୍ତ୍ରୀ-ଲୋକକୁ ଜଳାଞ୍ଜଳି ଦେଲେ; ସେ ଜାତିକୁ ଜାତି ନିପାତ କରିବାକୁ ଲାଗିଲେ । ବିଚରା ପ୍ରାୟ ପ୍ରାୟ ସମସ୍ତେ ମଲେ, କିଛି ଭାଗ ଝାଡ଼ ଜଙ୍ଗଲରେ ଆଜି ମଧ୍ୟ ବାସ କରୁଛନ୍ତି । ଏହିପ୍ରକାରେ ଲଙ୍କାର ନାମ ହେଲା 'ସିଂହଳ', ଆଉ ହେଲା ବଙ୍ଗାଳୀ ବଦମାସ୍ ଲୋକଙ୍କର ଉପନିବେଶ ! କ୍ରମେ ଅଶୋକ ମହାରାଜାଙ୍କ ଅମଳରେ ତାଙ୍କ ପୁଅ ମହେନ୍ଦ୍ର ଏବଂ କନ୍ୟା ସଂଘମିତ୍ରା ସନ୍ନ୍ୟାସ-ଧର୍ମ ଗ୍ରହଣ କରି ଧର୍ମ ପ୍ରଚାର କରିବାକୁ ସିଂହଳ ଟାପୁରେ ପହଞ୍ଚିଲେ । ଏମାନେ ଯାଇ ଦେଖିଲେ ଯେ ଲୋକଗୁଡ଼ିକ ବଡ଼ ଅବାଗିଆ ହୋଇଯାଇଛନ୍ତି । ଆଜୀବନ ପରିଶ୍ରମ କରି ସେମାନଙ୍କୁ ଯଥାସମ୍ଭବ ସଭ୍ୟ କରାଇଲେ, ଉତ୍ତମ ଉତ୍ତମ ନିୟମ କଲେ, ଆଉ ଶାକ୍ୟ ମୁନିଙ୍କ ସମ୍ପ୍ରଦାୟକୁ ଆଣିଲେ । ଦେଖୁ ଦେଖୁ ସିଲୋନିମାନେ ଖୁବ୍ ନିଷ୍ଠାପର ବୌଦ୍ଧ ହୋଇଉଠିଲେ । ଲଙ୍କାଦ୍ୱୀପର ମଧ୍ୟଭାଗରେ ଏକ ପ୍ରକାଣ୍ଡ ସହର ବସାଇଲେ, ତା' ନାମ ଦେଲେ ଅନୁରାଧାପୁରମ୍ । ଏପର୍ଯ୍ୟନ୍ତ ସେ ସହରର ଭଗ୍ନାବଶେଷ ଦେଖିଲେ, ଅକଲ ଗୁଡୁମ୍ ହୋଇଯାଏ । ପ୍ରକାଣ୍ଡ ପ୍ରକାଣ୍ଡ ସ୍ତୂପ, କୋଶ କୋଶ ପଥରର ଭଙ୍ଗାଘର ଠିଆ ହୋଇ ରହିଛି । ଆଉ କେତେକ ଜଙ୍ଗଲ ହୋଇ ରହିଛି, ଏପର୍ଯ୍ୟନ୍ତ ସଫା ହୋଇ

ନାହିଁ । ସିଲୋନ୍‌ମସ୍ତ ଲଣ୍ଡାମୁଣ୍ଡ, କରୋଙ୍ଗାଧାରୀ, ହଳଦିଆ ଚଦର ଘେରା ଭିକ୍ଷୁ ଭିକ୍ଷୁଣୀ ବାହି ହୋଇଗଲେ । ଜାଗା ଜାଗାରେ ବଡ଼ ବଡ଼ ମନ୍ଦିର ଠିଆ ହେଲା - ମସ୍ତ ମସ୍ତ ଧ୍ୟାନ-ମୂର୍ତ୍ତି, ଜ୍ଞାନମୁଦ୍ରାବିଶିଷ୍ଟ ପ୍ରଚାର-ମୂର୍ତ୍ତି, କରପଟରେ ଶୋଇଥିବା ମହାନିର୍ବାଣ-ମୂର୍ତ୍ତି ତା' ମଧ୍ୟରେ । ଆଉ କାନ୍ଥ ଦେହରେ ସିଲୋନୀମାନେ ଦୁଷ୍ଟାମି କଲେ ନରକରେ ତାଙ୍କର କି ହାଲ୍ ହୁଏ ତାହା ଅଙ୍କା, କେଉଁଟାକୁ ଭୂତ ଠେଙ୍ଗାଉଛି, କେଉଁଟାକୁ କରତରେ ଚିରୁଛି, କେଉଁଟାକୁ ପୋଡ଼ୁଛି, କେଉଁଟାକୁ ତାତିଲା ତେଲରେ ଭାଜୁଛି, କେଉଁଟାର ଛାଲ ଉତାରି ନେଉଛି—ସେ ମହା ବୀଭତ୍ସ କାରଖାନା ! ଏ 'ଅହିଂସା ପରମୋ ଧର୍ମଃ' ଭିତରେ ଯେ ଏପରି କାରଖାନା, କିଏ ଜାଣେ ବାପୁ ! ଚୀନର ଏହି ହାଲ; ଜାପାନରେ ମଧ୍ୟ ସେଇ କଥା । ଏ ଦିଗରେ ତ ଅହିଂସା, ପୁଣି ସଜା ଦେବାର ପରିପାଟୀ ଦେଖିଲେ ଆତ୍ମା-ପୁରୁଷ ଶୁଖିଯାଆନ୍ତି । ଜଣେ 'ଅହିଂସା ପରମୋ ଧର୍ମ' ଘରେ ପଶିଛି—ଚୋର । କର୍ତ୍ତାଙ୍କ ପୁଅମାନେ ତାକୁ ଧରି ବେଦମ୍ ପିଟୁଛନ୍ତି । ସେତେବେଳେ କର୍ତ୍ତା ଦୋତାଲା ବାରଣ୍ଡାରୁ ଆସି, ଗୋଲମାଲ ଦେଖି ଖବର ନେଇ ପାଟି କଲେ, 'ଆରେ ମାର ନା, ମାରନା; ଅହିଂସା ପରମୋ ଧର୍ମଃ ।' ପିଲାମାନେ ଅହିଂସାର ମାଡ଼ ବନ୍ଦ କରି ପଚାରିଲେ, 'ତେବେ ଚୋରକୁ କଣ କରିବା ଉଚିତ୍ ?' କର୍ତ୍ତା ଆଦେଶ ଦେଲେ, 'ଏହାକୁ ଥଳିରେ ପୂରାଇ ପାଣିରେ ପକାଇ ଦିଅ ।' ଚୋର ଯୋଡ଼ହାତ କରି ଆପ୍ୟାୟିତ ହୋଇ କହିଲା, 'ଆହା, କର୍ତ୍ତାଙ୍କର କି ଦୟା ?'

ବୌଦ୍ଧମାନେ ଭାରି ଶାନ୍ତ, ସବୁ ଧର୍ମ ଉପରେ ସମଦୃଷ୍ଟି, ଏହା ତ ଶୁଣିଥିଲି । ବୌଦ୍ଧପ୍ରଚାରକମାନେ ଆମ କଲିକତାକୁ ଆସି ରଙ୍ଗ-ବେରଙ୍ଗର ଗାଳି ଝାଡ଼ନ୍ତି, ଅଥଚ ସେମାନଙ୍କର ଯଥେଷ୍ଟ ପୂଜା କରାଯାଏ । ଅନୁରାଧାପୁରରେ ଥରେ ପ୍ରଚାର କରୁଛି, ହିନ୍ଦୁଙ୍କ ମଧ୍ୟରେ—ବୌଦ୍ଧଙ୍କ ମଧ୍ୟରେ ନୁହେଁ—ତାହା ମଧ୍ୟ ଖୋଲାପଡ଼ିଆରେ, କାହା ଜମିରେ ନୁହେଁ । ଏଥିମଧ୍ୟରେ ଦୁଇଆର ବୌଦ୍ଧ 'ଭିକ୍ଷୁ'-ଗୃହସ୍ଥ, ସ୍ତ୍ରୀ, ପୁରୁଷ—ଢାକ, ଢୋଲ, ଝାଞ୍ଜ ନେଇ ଆସି ଯେ ଯେଉଁ ବିକଟାଳ ଶବ୍ଦ ଆରମ୍ଭ କଲେ, ତା'ଆଉ କ'ଣ କହିବି ! ଲେକ୍‌ଚର ତ 'ଅଲମିତି' ହେଲା, ରକ୍ତାରକ୍ତି ହୁଏ ଆଉ କଅଣ ! ଅନେକ କରି ହିନ୍ଦୁମାନଙ୍କୁ ବୁଝାଇ ଦିଆଗଲା ଯେ, ଆମେ ଅନ୍ତତଃ ଟିକିଏ ଅହିଂସା କରିବା ଆସ । ସେତେବେଳେ ଯାଇ ଶାନ୍ତି ଆସିଲା ।

କ୍ରମେ ଉତ୍ତର ଦିଗରୁ ହିନ୍ଦୁ ତାମିଲକୁଳ ଧୀରେ ଧୀରେ ଲଙ୍କାରେ ପ୍ରବେଶ କଲେ । ବୌଦ୍ଧମାନେ ନିରୁପାୟ ହୋଇ ରାଜଧାନୀ ଛାଡ଼ି 'କାଣ୍ଡି' ନାମକ ପାର୍ବତ୍ୟ ସହର ସ୍ଥାପନ କଲେ । ତାମିଲମାନେ କିଛି ଦିନରେ ତାହା ମଧ୍ୟ ଛଡ଼ାଇନେଲେ ଏବଂ ହିନ୍ଦୁ ରାଜାଙ୍କୁ ଠିଆ କଲେ । ତା'ପରେ ଆସିଲେ ଫିରଙ୍ଗ୍‌ ଦଳ, ସ୍ପାନିସ୍ୟାର୍ଡ଼, ପର୍ତ୍ତୁଗୀଜ, ଓଲନ୍ଦାଜ । ଶେଷରେ ଇଂରେଜ ରାଜା ହୋଇଛନ୍ତି । କାଣ୍ଡିର ରାଜବଂଶ ତାଞ୍ଜୋରକୁ ପଠାଯାଇଛନ୍ତି, ପେନ୍‌ସନ୍ ଏବଂ ମୁଡ଼ଗତନ୍ନିର ଭାତ ଖାଉଛନ୍ତି ।

ଉତ୍ତର ସିଲୋନରେ ହିନ୍ଦୁଙ୍କ ଭାଗ ଅନେକ ଅଧିକ । ଦକ୍ଷିଣଭାଗରେ ବୌଦ୍ଧ ଓ ରଙ୍ଗ-ବେରଙ୍ଗର ଦୋମିଶା ଫିରଙ୍ଗି । ବୌଦ୍ଧମାନଙ୍କର ପ୍ରଧାନ ସ୍ଥାନ—ବର୍ତ୍ତମାନ

ରାଜଧାନୀ କଲମ୍ବୋ, ଆଉ ହିନ୍ଦୁମାନଙ୍କର ଜାଫନା । ଜାତିର ଗୋଳମାଳ ଏଠାରେ ଭାରତବର୍ଷଠାରୁ କମ୍ । ବୌଦ୍ଧମାନଙ୍କର ଟିକିଏ ଅଛି—ବିବାହବେଳେ । ଖାଇବା-ପିଇବାରେ ବୌଦ୍ଧମାନଙ୍କର ଆଦୌ ନାହିଁ; ହିନ୍ଦୁମାନଙ୍କର କିଛି କିଛି । ଯେତେ କଂସେଇ ସମସ୍ତେ ବୌଦ୍ଧ ଥିଲେ । ଆଜିକାଲି କମିଯାଉଛି; ଧର୍ମ ପ୍ରଚାର ହେଉଛି । ବୌଦ୍ଧମାନଙ୍କର ଅଧିକାଂଶ ଲୋକ ଇଉରୋପୀ ନାମ ଇନ୍ଦ୍ରୁମ, ପିନ୍ଦ୍ରୁମ ଆଜିକାଲି ବଦଳାଇ ନେଉଛନ୍ତି । ହିନ୍ଦୁମାନଙ୍କର ସବୁପ୍ରକାର ଜାତି ମିଶି ଗୋଟିଏ ହିନ୍ଦୁଜାତି ହୋଇଛି; ସେଥିରେ ଅନେକ ପରିମାଣରେ ପଞ୍ଜାବୀ ଜାଠମାନଙ୍କପରି ସବୁଜାତିର ଝିଅ, ମା', ବିବି ପର୍ଯ୍ୟନ୍ତ ବିଭା କରିବା ଚଳେ । ପିଲା ମନ୍ଦିରକୁ ଯାଇ ଏପୁଣ୍ଡ୍ର କାଟି 'ଶିବ, ଶିବ' କହି ହିନ୍ଦୁ ହୁଏ ! ସ୍ୱାମୀ ହିନ୍ଦୁ, ସ୍ତ୍ରୀ ଖ୍ରୀଷ୍ଟିଆନ୍ । କପାଳରେ ବିଭୂତି ଲଗାଇ 'ନମଃ ପାର୍ବତୀପତୟେ' କହିଲେ ହିଁ ଖ୍ରୀଷ୍ଟିଆନ୍ ସଦ୍ୟ ହିନ୍ଦୁ ହୋଇଯାଏ । ସେଥିଯୋଗୁଁ ତୁମମାନଙ୍କ ଉପରେ ଏଠାର ପାଦ୍ରୀ-ମାନଙ୍କର ଏତେ କ୍ରୋଧ । ତୁମମାନଙ୍କର ଯିବାଆସିବା ହେବା ଅବଧି ବହୁତ ଖ୍ରୀଷ୍ଟିଆନ୍ ବିଭୂତି ଲଗାଇ 'ନମଃ ପାର୍ବତୀପତୟେ' କହି ହିନ୍ଦୁ ହୋଇ ଜାତିରେ ମିଶିଛନ୍ତି । ଅଦ୍ୱୈତବାଦ ଓ ବୀରଶୈବବାଦ ଏଠାକାର ଧର୍ମ । ହିନ୍ଦୁ ଶବ୍ଦ ଜାଗାରେ ଶୈବ କହିବାକୁ ହୁଏ । ଚୈତନ୍ୟଦେବ ଯେଉଁ ନୃତ୍ୟକୀର୍ତ୍ତନ ବଙ୍ଗଦେଶରେ ପ୍ରଚାର କଲେ, ତା'ର ଜନ୍ମଭୂମି ଦାକ୍ଷିଣାତ୍ୟ, ଏହି ତାମିଲ ଜାତି ମଧ୍ୟରେ । ସିଲୋନର ତାମିଲ ଭାଷା ଖାଣ୍ଟି ତାମିଲ । ସିଲୋନର ଧର୍ମ ଖାଣ୍ଟି ତାମିଲ-ଧର୍ମ— ସେ ଲକ୍ଷେ ଲୋକଙ୍କର ଉନ୍ମାଦ କୀର୍ତ୍ତନ, ଶିବଙ୍କ ସ୍ତବଗାନ, ସେ ହଜାରେ ମୃଦଙ୍ଗର ଆବାଜ୍ ଓ ବଡ଼ ବଡ଼ କରତାଳର ଝାଞ୍ଜ ଆଉ ଏହି ବିଭୂତିଲଗା, ଗଳାରେ ମୋଟା ମୋଟା ରୁଦ୍ରାକ୍ଷ, ପହିଲ୍‌ମାନୀ ଚେହେରା, ଲାଲ୍ ଆଖି, ମହାବୀରଙ୍କ ପରି, ତାମିଲମାନଙ୍କର ମତୁଆଲା ନାଚ ନ ଦେଖିଲେ ବୁଝିହେବ ନାହିଁ ।

କଲମ୍ବୋର ବନ୍ଧୁମାନେ ଓହ୍ଲାଇବା ହୁକୁମ୍ ଆଣି ରଖିଥିଲେ; ଅତଏବ ଡଙ୍ଗାକୁ ଓହ୍ଲାଇ ବନ୍ଧୁବାନ୍ଧବଙ୍କ ସଙ୍ଗରେ ଦେଖାଶୁଣା ହେଲା । ସାର୍ କୁମାରସ୍ୱାମୀ ହିନ୍ଦୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି । ତାଙ୍କର ସ୍ତ୍ରୀ ଇଂରେଜ, ପୁଅଟି ଖାଲିଗୋଡ଼, କପାଳରେ ବିଭୂତି । ଶ୍ରୀଯୁକ୍ତ ଅରୁଣାଚଲମ୍ ପ୍ରମୁଖ ବନ୍ଧୁବାନ୍ଧବମାନେ ଆସିଲେ । ଅନେକ ଦିନପରେ ମୁଡ଼ଗ-ତନ୍ନିର ଖାଇବାକୁ ମିଳିଲା, ପୁଣି କିଙ୍ଗ୍ କୋକୋନଟ୍ । ସଇଡ଼ କେତେଗୁଡ଼ା ଜାହାଜକୁ ଉଠାଇଦେଲେ । ମିସେସ୍ ହିଗନ୍‌ସଙ୍କ ସଙ୍ଗରେ ଦେଖାହେଲା,ତାଙ୍କର ବୌଦ୍ଧ କନ୍ୟାଙ୍କର ବୋର୍ଡ଼ିଂ ସ୍କୁଲ ଦେଖିଲି । କାଉଣ୍ଟେସଙ୍କ ଘରଟା ମିସେସ୍ ହିଗିନ୍‌ସଙ୍କ ଅପେକ୍ଷା ପ୍ରଶସ୍ତ ଓ ସଜ୍ଜିତ । କାଉଣ୍ଟେସ୍ ଘରୁ ଟଙ୍କା ଆଣିଛନ୍ତି, ଆଉ ମିସେସ୍ ହିଗିନ୍‌ସ ଭିକ୍ଷା କରି ସେ ଟଙ୍କା କରିଛନ୍ତି । କାଉଣ୍ଟେସ୍ ନିଜେ ଗେରୁଆ ଲୁଗା ବଙ୍ଗଳା ଶାଢ଼ି ପରି ପିନ୍ଧନ୍ତି । ସିଲୋନ ବୌଦ୍ଧମାନଙ୍କ ମଧ୍ୟରେ ଏହି ଢଙ୍ଗ ଖବ୍ ଲାଗିଯାଇଛି, ଦେଖିଲି । ଗାଡ଼ି ଗାଡ଼ି ସ୍ତ୍ରୀଲୋକ ଦେଖିଲି, ସମସ୍ତେ ଏହି ରଙ୍ଗର ଶାଢ଼ିପିନ୍ଧା ।

ବୌଦ୍ଧମାନଙ୍କର ପ୍ରଧାନ ତୀର୍ଥ 'କାନ୍ଦି'ରେ ଦନ୍ତମନ୍ଦିର । ଏହି ମନ୍ଦିରରେ ବୁଦ୍ଧ-ଭଗବାନଙ୍କର ଗୋଟିଏ ଦାନ୍ତ ଅଛି । ସିଲୋନୀମାନେ କହନ୍ତି, ଏହି ଦାନ୍ତ ଆଗେ ପୁରୀରେ

ଜଗନ୍ନାଥ-ମନ୍ଦିରରେ ଥିଲା । ପରେ ନାନା ଗୋଳମାଳ ହୋଇ ସିଲୋନରେ ପହଞ୍ଚିଲା । ସେଠାରେ ମଧ୍ୟ ଗୋଳମାଳ କମ୍ ହୋଇ ନାହିଁ । ବର୍ତ୍ତମାନ ନିର୍ବିପଦରେ ଅବସ୍ଥାନ କରୁଛନ୍ତି । ସିଲୋନୀମାନେ ଆପଣା ଇତିହାସ ଭଲରୂପେ ଲେଖିରଖିଛନ୍ତି । ଆମ ପରି ନୁହେଁ —ଖାଲି ଆଷାଢ଼ିଆ ଗଳ୍ପ । ପୁଣି ବୌଦ୍ଧମାନଙ୍କର ଶାସ୍ତ୍ର କୁଆଡ଼େ ପ୍ରାଚୀନ ମାଗଧୀ-ଭାଷାରେ ଏହି ଦେଶରେ ସୁରକ୍ଷିତ ଅଛି ! ଏହି ସ୍ଥାନରୁ ବ୍ରହ୍ମ, ଶ୍ୟାମ ପ୍ରଭୃତି ଦେଶକୁ ଧର୍ମ ଯାଇଛି । ସିଲୋନୀ ବୌଦ୍ଧମାନେ ସେମାନଙ୍କ ଶାସ୍ତ୍ରୋକ୍ତ ଏକ ଶାକ୍ୟମୁନିଙ୍କୁ ମାନନ୍ତି ଏବଂ ତାଙ୍କର ଉପଦେଶ ମାନି ଚାଲିବାକୁ ଚେଷ୍ଟା କରନ୍ତି । ନେପାଳୀ, ସିକିମୀ, ଭୁଟାନୀ, ଲଦାଖୀ, ଚୀନା ଲୋକମାନେ ଜାପାନୀମାନଙ୍କ ପରି ଶିବପୂଜା କରନ୍ତି ନାହିଁ, ଆଉ 'ହ୍ରୀଂ ତାର୍' ଏସବୁ ଜାଣନ୍ତି ନାହିଁ । ତେବେ ଭୂତପ୍ରେତଙ୍କୁ ଡାକିବା ଅଛି । ବୌଦ୍ଧମାନେ ଶାସ୍ତ୍ର ଅନୁସାରେ ଉତ୍ତର ଓ ଦକ୍ଷିଣ ଦୁଇ ଆମ୍ନାୟରେ ବିଭକ୍ତ ହୋଇଯାଇଛନ୍ତି । ଉତ୍ତର ଆମ୍ନାୟମାନେ ନିଜକୁ କହନ୍ତି ମହାଯାନ; ଆଉ ଦକ୍ଷିଣୀ ଅର୍ଥାତ୍ ସିଂହଳୀ, ବ୍ରହ୍ମ, ଶ୍ୟାମୀ ପ୍ରଭୃତିଙ୍କୁ କହନ୍ତି ହୀନଯାନ । ମହାଯାନମାନେ ବୁଦ୍ଧଙ୍କର ପୂଜା ନାମମାତ୍ର କରନ୍ତି; ଅସଲ ପୂଜା ତାର୍ ଦେବୀଙ୍କର, ପୁଣି ଅବଲୋକିତେଶ୍ୱରଙ୍କର (ଜାପାନୀମାନେ, ଚୀନାମାନେ ଓ କୋରିଆନ୍‌ମାନେ କହନ୍ତି ଚକାନସୁନ); ଆଉ 'ହ୍ରୀଂ କ୍ଲୀଂ' ତନ୍ତ୍ରମନ୍ତ୍ରର ବଡ଼ ଧୂମ୍ । ତିବ୍ବତୀଗଣ ଅସଲ ଶିବଙ୍କ ଭୂତ । ଏମାନେ ସବୁ ହିନ୍ଦୁଙ୍କ ଦେବତା ମାନନ୍ତି, ଡମ୍ବରୁ ବଜାନ୍ତି, ମଲ ମଣିଷର ଖପ୍ପର ରଖନ୍ତି, ସାଧୁ-ହାଡ଼ର 'ଭୂଙ୍ଗି' ବଜାନ୍ତି, ମଦମାଂସର ଯମ । ଆଉ ଖାଲି ମନ୍ତ୍ର ଆଉଡ଼େଇ ରୋଗ, ଭୂତ, ପ୍ରେତ ଘଉଡ଼ଉଛନ୍ତି । ଚୀନ ଦେଶରେ ଓ ଜାପାନରେ ସବୁ ମନ୍ଦିର ଦେହରେ 'ଓଁ ହ୍ରୀଂ କ୍ଲୀଂ'—ସବୁ ବଡ଼ ବଡ଼ ସୁନେଲି ଅକ୍ଷରରେ ଲେଖା ଦେଖିଛି । ସେ ଅକ୍ଷର ବଙ୍ଗଳାର ଏତେ ପାଖାପାଖି ଯେ, ଭଲ ବୁଝାପଡ଼େ ।

ଅଲସିଙ୍ଗା କଲମ୍ବୋଠାରୁ ମାନ୍ଦ୍ରାଜ ଫେରିଗଲେ । ଆମେମାନେ ମଧ୍ୟ କୁମାର-ସ୍ୱାମୀଙ୍କ (କାର୍ତ୍ତିକଙ୍କ ନାମ—ସୁବ୍ରହ୍ମଣ୍ୟ, କୁମାରସ୍ୱାମୀ ଇତ୍ୟାଦି; ଦକ୍ଷିଣ-ଦେଶରେ କାର୍ତ୍ତିକଙ୍କର ଖସ ପୂଜା, ଖସ ମାନ; କାର୍ତ୍ତିକଙ୍କୁ ଓଁ-କାରର ଅବତାର କହନ୍ତି) ବଗିଚାର ଲେମ୍ବୁ, କେତେଗୁଡ଼ାଏ ପଇଡ଼-ରଜା (କିଙ୍ଗ୍ କୋକୋନଟ୍) ଦୁଇ ବୋତଲ ସରବତ ଇତ୍ୟାଦି ଉପହାର ସହିତ ପୁଣି ଜାହାଜକୁ ଉଠିଲୁଁ ।

## ମନ୍‌ସୁନ୍ : ଏଡେନ

୮ ଜୁନ୍ ପ୍ରାତଃକାଳରେ ଜାହାଜ କଲମ୍ବୋ ଛାଡ଼ିଲା । ଏଥର ଭରା ମନ୍‌ସୁନ୍ ମଧ୍ୟରେ ଗମନ । ଜାହାଜ ଯେତେ ଆଗକୁ ଯାଉଛି, ଝଡ଼ ସେତେ ହିଁ ବଢ଼ୁଛି, ବତାସ ସେତେ ହିଁ ବିକଟ ନିନାଦ କରୁଛି —ଉଭଶ୍ରାନ୍ତ ବୃଷ୍ଟି, ଅନ୍ଧକାର, ପ୍ରକାଣ୍ଡ ପ୍ରକାଣ୍ଡ ଢେଉ ଗର୍ଜି ଗର୍ଜି ଜାହାଜ ଉପରେ ଆସି ପଡ଼ୁଛି; ଡେକ୍ ଉପରେ ତିଷ୍ଠିବା ମୁଷ୍କିଲ । ଖାଇବା ଟେବୁଲ ଉପରେ ଆଡ଼ରେ ଲମ୍ବାରେ କାଠ ଦେଇ ଚୌକା ଚୌକା ଖୋଲିଦେଇଛନ୍ତି, ତା'ର ନାମ 'ଫିଡ଼ଲ' । ତା' ଉପରେ ଖାଇବା ଜିନିଷ ଡେଇଁ ପଡ଼ୁଛି । ଜାହାଜ କେ

ଙ୍କେ ଶବ୍ଦ କରୁଛୁ, ଯେପରି ବା ଭାଙ୍ଗି ଚୁରମାର ହୋଇଯିବ । କାପ୍ତେନ କହୁଛନ୍ତି, 'ଦେଖୁଛ ଏଥର ମନ୍‌ସୁନ୍‌ଟା ତ ଭାରି ବଳଟାଳ !' କାପ୍ତେନ ଭଲ ଲୋକ; ଚୀନ ଓ ଭାରତବର୍ଷ ନିକଟବର୍ତ୍ତୀ ସମୁଦ୍ରରେ ଅନେକ ଦିନ କଟାଇଛନ୍ତି; ରସିକ ଲୋକ, ଆଷାଢ଼ୁଆ ଗଳ୍ପ କରିବାରେ ଭାରି ମଜବୁତ୍ । କେତେ ପ୍ରକାର ଜଳଦସ୍ୟୁଙ୍କ ଗଳ୍ପ—ଚୀନା କୁଲି ଜାହାଜର ଅଫିସରଙ୍କୁ ମାରି ପକାଇ କିପରି ସମୁଦାୟ ଜାହାଜଟାକୁ ଲୁଟି କରି ନେଇ ପଳାନ୍ତି—ଏହି ପ୍ରକାର ବହୁତ ଗଳ୍ପ କରୁଛନ୍ତି । ଆଉ କଅଣ କରାଯିବ; ଲେଖାପଢ଼ା ଏ ଦୋହଲମାଡ଼ରେ ମୁସ୍କିଲ । କ୍ୟାବିନ ଭିତରେ ବସିବା କଷ୍ଟକର; ଝରକାଟା ବନ୍ଦ କରିଦିଆଯାଇଛି—ଢେଉ ଭୟରେ । ଦିନେ ତୁ-ଭାଇ ଟିକିଏ ଫିଟାଇ ରଖିଥିଲେ, ଗୋଟିଏ ଢେଉର ଟୁକୁରାଏ ଅଂଶ ଆସି ଜଳ-ପ୍ଲାବନ କରିଗଲା । ଉପରେ ସେହି ପଡ଼ିବା-ଉଠିବାର ଧୂମ କଅଣ ! ତାହାରି ଭିତରେ ତୁମର 'ଉଦ୍‌ବୋଧନ'ର କାମ ଅଳ୍ପ-ସ୍ୱଳ୍ପ ଚାଲିଛି, ମନେ ରଖ । ଜାହାଜରେ ଦୁଇଜଣ ପାଦ୍ରୀ ଉଠିଛନ୍ତି । ଜଣେ ଆମେରିକାନ୍ ସସ୍ତ୍ରୀକ, ଭାରି ଭଲ ମଣିଷ—ନାମ ବୋଗେଶ୍ । ବୋଗେଶ୍‌ର ସାତବର୍ଷ ହେଲା ବିବାହ ହୋଇଛି; ପୁଅଝିଅ ଛଅଟି ସନ୍ତାନ - ଚାକରମାନେ କହନ୍ତି ଖୋଦାଙ୍କର ବିଶେଷ ମେହେରବାନି—ପିଲାମାନଙ୍କର ସେ ଅନୁଭବ ହୁଏ ନାହିଁ ବୋଧହୁଏ । ଖଣ୍ଡେ କନ୍ଥା ପକାଇ ବୋଗେଶ୍-ଘରଣୀ ପିଲାପିଲାଗୁଡ଼ିକୁ ଡେକ ଉପରେ ଶୁଆଇ ଚାଲିଯାଆନ୍ତି । ସେମାନେ ଅପନା ହୋଇ କାନ୍ଦକାଟି ଗଡ଼ୁଥାନ୍ତି । ଯାତ୍ରୀମାନେ ସଦା ହିଁ ସଭୟ । ଡେକ୍‌ରେ ବୁଲିବାର ଜୋ ନାହିଁ, କାଳେ ବୋଗେଶ୍‌ଙ୍କ ପିଲାମାନଙ୍କୁ ମାଡ଼ି ପକାଇବେ । ଖୁବ୍ ସାନଟିକୁ ଗୋଟିଏ କାଠଦିଆ ଚାରିକୋଣିଆ ଟୋକେଇ ଭିତରେ ଶୁଆଇଦେଇ ବୋଗେଶ୍ ଅଉ ବୋଗେଶ୍‌ର ପାଦ୍ରିଣୀ ଲଗାଲଗି ହୋଇ କେତେ ଜାଗାରେ ଚାରିଦଣ୍ଡ ବସିଥାଆନ୍ତି; ତୁମର ଇଉରୋପୀୟ ସଭ୍ୟତା ବୁଝିବା କଷ୍ଟ ! ଆମେମାନେ ଯଦି ବାହାରେ କୁଳୁକୁଞ୍ଚା କରୁ କିମ୍ବା ଦାନ୍ତ ଘଷୁ— କହନ୍ତି କି ଅସଭ୍ୟ ! ଏ କାମଗୁଡ଼ାକୁ ଗୋପନରେ କରିବା ଉଚିତ୍ । ଆଉ ଦେହକୁ ଦେହ ଲଗାଲଗିଗୁଡ଼ିକ ଗୋପନରେ କଲେ ଭଲ ହୁଅନ୍ତା ନାହିଁ କି ? ତୁମେମାନେ ପୁଣି ଏ ସଭ୍ୟତାର ନକଲ କରିବାକୁ ଯାଉଛ ! ଯାହା ହେଉ, ପ୍ରୋଟେଷ୍ଟାଣ୍ଟ ଧର୍ମଟା ଉତ୍ତର-ଇଉରୋପର ଯେ କି ଉପକାର କରିଛି, ତାହା ପାଦ୍ରୀ ପୁରୁଷ ନ ଦେଖିଲେ ତୁମେମାନେ ବୁଝିପାରିବ ନାହିଁ । ଯଦି ଏହି ଦଶ କୋଟି ଇଂରେଜ ସବୁ ମରିଯାଆନ୍ତି, ଖାଲି ପୁରୋହିତ-କୁଳ ବଞ୍ଚିଥାଏ, ନେଉଡ଼ିଏ ବର୍ଷରେ ପୁଣି ଦଶ କୋଟି ସୃଷ୍ଟି ।

ଜାହାଜର ଟଲମଲରେ ଅନେକଙ୍କର ମୁଣ୍ଡ ଧରିଛି । ଟୁଟଲ ବୋଲି ଗୋଟିଏ ସାନ ଝିଅ ବାପ ସାଙ୍ଗରେ ଯାଉଛି, ତାର ମା' ନାହିଁ । ଆମମାନଙ୍କ ନିବେଦିତା ଟୁଟଲର ଓ ବୋଗେଶ୍‌ର ପିଲାପିଲାଙ୍କର ମା' ହୋଇ ପଡ଼ିଛି । ଟୁଟଲ ବାପ ପାଖରେ ମହୀଶୂରରେ ମଣିଷ ହୋଇଛି । ବାପ ପ୍ଲାଣ୍ଟର । ଟୁଟଲକୁ ପଚାରିଲି, "ଟୁଟଲ ! କେମିତି ଅଛ ?" ଟୁଟଲ କହିଲା, "ଏ ବଙ୍ଗଳାଟା ଭଲ ନୁହେଁ, ଭାରି ଦୋହଲୁଛି, ଅଉ ମୋ ଦେହ ଖରାପ କରୁଛି ।" ଟୁଟଲ ପାଖରେ ଘରଦ୍ୱାର ସବୁ ବଙ୍ଗଳା । ବୋଗେଶ୍‌ର ଗୋଟିଏ ରୋଗଣା

ପିଲାର ଖୁବ୍ ଅଯତ୍ନ; ବିଚରା ଦିନସାରା ଡେକ୍‌ର କାଠ ଉପରେ ଗଡ଼ୁଛି ! ବୁଢ଼ା କାପ୍ତେନ ମଝିରେ ମଝିରେ ଘରୁ ବାହାରିଆସି ତାକୁ ଚାମଚରେ ସୁରୁଆ ଖୁଆଇ ଦେଇ ଯାଆନ୍ତି, ଆଉ ତା'ର ଗୋଡ଼ଟି ଦେଖାଇ କହନ୍ତି, "କି ଯୋଟଣା ପିଲ, କି ଅଯତ୍ନ !"

ଅନେକେ ଅନନ୍ତ ସୁଖ ଚାହାଁନ୍ତି । ସୁଖ ଅନନ୍ତ ହେଲେ ଦୁଃଖ ମଧ୍ୟ ଯେ ଅନନ୍ତ ହୁଅନ୍ତା—ସେ କଥା କଅଣ ? ତାହାହେଲେ କଅଣ ଆମେ ଆଉ ଏଡେନ୍ ପହଞ୍ଚନ୍ତୁ । ଭାଗ୍ୟକୁ ସୁଖ-ଦୁଃଖ କିଛି ହିଁ ଅନନ୍ତ ନୁହେଁ । ସେଥିପାଇଁ ଛ'ଦିନର ବାଟ ଚଉଦ ଦିନ କରି ଦିନରାତି ବିଷମ ଝଡ଼ ମେଘ ଭିତରେ ମଧ୍ୟ ଶେଷରେ ଏଡେନରେ ପହଞ୍ଚିଗଲୁଁ । କଲମ୍ବୋରୁ ଯେତିକି ଆଗକୁ ଯିବାକୁ ହୁଏ, ସେତିକି ହିଁ ଝଡ଼ ବଢ଼େ, ସେତିକି ହିଁ ଆକାଶ ପୋଖରି, ସେତିକି ହିଁ ବୃଷ୍ଟି, ସେତିକି ହିଁ ବତାସର ବେଗ, ସେତିକି ହିଁ ଢେଉ—ସେ ବତାସ, ସେ ଢେଉ ଠେଲି କଅଣ ଜାହାଜ ଚାଲେ ? ଜାହାଜର ଗତି ଅଧା ହୋଇଗଲା—ସକୋତ୍ରା ଦ୍ୱୀପ ପାଖରେ ଯାଇ ବେଜାଏ ବଢ଼ିଲା । କାପ୍ତେନ କହିଲେ, 'ଏହି ସ୍ଥାନଟା ମନସୁନ୍‌ର କେନ୍ଦ୍ର; ଏଇଟା ପାରି ହୋଇପାରିଲେ ହିଁ କ୍ରମେ ସ୍ଥିର ସମୁଦ୍ର ।" ତାହା ହିଁ ହେଲା । ଏ ଦୁଃସ୍ୱପ୍ନ ମଧ୍ୟ କଟିଗଲା ।

୮ ତାରିଖ ସନ୍ଧ୍ୟା ସମୟରେ ଏଡେନ୍ । ଜାହାଜରୁ ଓହ୍ଲାଇବାକୁ ଦେବେ ନାହିଁ, କଳା ଗୋରା ମାନନ୍ତି ନାହିଁ । କୌଣସି ଜିନିଷ ଉଠାଇବାକୁ ଦେବେ ନାହିଁ । ଦେଖିବା ଜିନିଷ ମଧ୍ୟ ବେଶୀ ନାହିଁ । କେବଳ ଧୂ-ଧୂ ବାଲି—ରାଜପୁତାନାର ଭଳି - ବୃକ୍ଷହୀନ ତୃଣହୀନ ପାହାଡ଼ । ପାହାଡ଼ ଭିତରେ ଭିତରେ କିଲ୍ଲା; ଉପରେ ପଲଟଣର ବ୍ୟାରକ୍ । ସାମନାରେ ଅର୍ଦ୍ଧଚନ୍ଦ୍ରାକୃତି ହୋଟେଲ; ଆଉ ଦୋକାନଗୁଡ଼ିକ ଜାହାଜରୁ ଦେଖାଯାଉଛି । ଅନେକଗୁଡ଼ିଏ ଜାହାଜ ଠିଆ । ଖଣ୍ଡିଏ ଇଂରେଜୀ ଯୁଦ୍ଧ-ଜାହାଜ, ଖଣ୍ଡେ ଜର୍ମାନ ଜାହାଜ ଆସିଲା; ବାକିଗୁଡ଼ାକ ମାଲ ବା ଯାତ୍ରୀ ଜାହାଜ । ଗଲା ଥର ଏଡେନ୍ ଦେଖାଅଛି । ପାହାଡ଼ ପଛରେ ଦେଶୀ ପଲଟଣରେ ଛାଉଣି, ବଜାର । ସେଠାରୁ କେତେ ମାଇଲ ଗଲେ ପାହାଡ଼ ଦେହରେ ବଡ଼ ବଡ଼ ଗହ୍ୱର ତିଆରି ହୋଇଛି; ସେଥିରେ ବୃଷ୍ଟିଜଳ ଜମେ । ପୂର୍ବେ ଏହି ଜଳ ହିଁ ଥିଲା ଭରସା । ଏବେ ଯନ୍ତ୍ରଯୋଗେ ସମୁଦ୍ର ଜଳ ବାଷ୍ପ କରି, ପୁଣି ଥଣ୍ଡା କରି ପରିଷ୍କାର ପାଣି ହେଉଛି । ତାହା କିନ୍ତୁ ମହଙ୍ଗ । ଏଡେନ ଭାରତବର୍ଷର ହିଁ ଗୋଟିଏ ସହରପରି—ଦେଶୀ ଫୌଜ, ଦେଶୀ ଲୋକ ଅନେକ । ପାର୍ଶି ଦୋକାନଦାର, ସିନ୍ଧି ବେପାରୀ ଅନେକ । ଏ ଏଡେନ ଅତି ପ୍ରାଚୀନ ସ୍ଥାନ—ରୋମାନ୍ ବାଦଶା କନ୍‌ଷ୍ଟାନ୍‌ସିଉସ ଏଠାକୁ ଦଳେ ପାଦ୍ରୀ ପଠାଇ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର କରାଇଥିଲେ । ପରେ ଆରବମାନେ ସେ ଖ୍ରୀଷ୍ଟିଆନମାନଙ୍କୁ ମାରିପକାଇଲେ । ସେଥିରେ ରୋମି ସୁଲତାନ ପ୍ରାଚୀନ ଖ୍ରୀଷ୍ଟିଆନ ହାବସି ଦେଶର ବାଦଶାଙ୍କୁ ସେମାନଙ୍କୁ ସଜା ଦେବା ପାଇଁ ଅନୁରୋଧ କଲେ । ହାବସି ରାଜ ଫୌଜ ପଠାଇ ଏଡେନର ଆରବମାନଙ୍କୁ ଖୁବ୍ ସଜା ଦେଲେ । ପରେ ଏଡେନ ଇରାନର ସାମାନିଡ ବାଦଶାହମାନଙ୍କ ହାତକୁ ଗଲା । ସେମାନେ ହିଁ

କୁଆଡ଼େ ପ୍ରଥମେ ଜଳ ପାଇଁ ସେସବୁ ଗହ୍ୱର ଖୋଳାଇଥିଲେ । ତା'ପରେ, ମୁସଲମାନ ଧର୍ମର ଅଭ୍ୟୁଦୟ ପରେ ଏଡେନ୍ ଆରବମାନଙ୍କ ହାତକୁ ଯାଇଥିଲା । କେତେକାଳ ପରେ ପର୍ତ୍ତୁଗୀଜ ସେନାପତି ସେ ସ୍ଥାନ ଦଖଲର ବୃଥା ଉଦ୍ୟମ କରିଥିଲେ । ପରେ ତୁରସ୍କର ସୁଲତାନ ସେ ସ୍ଥାନ ପର୍ତ୍ତୁଗୀଜମାନଙ୍କୁ ଭାରତମହାସାଗରରୁ ତଡ଼ିବା ପାଇଁ—ଦରିଆର ଜଙ୍ଗୀ ଜାହାଜର ବନ୍ଦର କରିଥିଲେ ।

ପୁଣି ତାହା ନିକଟବର୍ତ୍ତୀ ଆରବ ମାଲିକଙ୍କ ଅଧିକାରକୁ ଯାଇଥିଲା । ପରେ ଇଂରେଜମାନେ କ୍ରୟ କରି ବର୍ତ୍ତମାନ ଏଡେନ୍ କରିଛନ୍ତି । ଆଜିକାଲି ପ୍ରତ୍ୟେକ ଶକ୍ତିମାନ୍ ଜାତିର ଯୁଦ୍ଧ-ପୋତନିଚୟ ପୃଥିବୀମୟ ଘୂରି ବୁଲୁଛି । କେଉଁଠି କ'ଣ ଗୋଳମାଳ ହେଉଛି ସେଥିରେ ସମସ୍ତେ ଦୁଇକଥା କହିବାକୁ ଚାହାଁନ୍ତି । ଆପଣା ଆପଣାର ପ୍ରାଧାନ୍ୟ, ସ୍ୱାର୍ଥ, ବାଣିଜ୍ୟ ରକ୍ଷା କରିବାକୁ ଚାହାଁନ୍ତି । ସୁତରାଂ ମଝିରେ ମଝିରେ କୋଇଲା ଦରକାର । ପର ଜାଗାରୁ କୋଇଲା ନେବା ଯୁଦ୍ଧବେଳେ ଚଳିବ ନାହିଁ ବୋଲି ଆପଣା ଆପଣାର କୋଇଲା ନେବାର ସ୍ଥାନ କରିବାକୁ ଚାହାଁନ୍ତି । ଭଲ ଭଲ ଗୁଡ଼ିକ ଇଂରେଜ ତ ନେଇସାରିଛି; ତାହାପରେ ଫ୍ରାନ୍ସ, ତା'ପରେ ଯେ ଯେଉଁଠି ପାଏ କାଢ଼ିନେଇ, କିଣି, ଖୋସାମତ କରି ଗୋଟିଏ ଗୋଟିଏ ଜାଗା କରିଛନ୍ତି ଏବଂ କରୁଛନ୍ତି । ସୁଏଜ ଖାଲ ବର୍ତ୍ତମାନ ଇଉରୋପ-ଏସିଆର ସଂଯୋଗ ସ୍ଥାନ । ସେଇଟା ଫରାସୀମାନଙ୍କ ହାତରେ । ସୁତରାଂ ଇଂରେଜ ଏଡେନରେ ଖୁବ୍ ଚାପି ବସିଛି, ପୁଣି ଅନ୍ୟାନ୍ୟ ଜାତି ମଧ୍ୟ ରେଡ୍-ସିର (ଲୋହିତସାଗର) କୂଳେ କୂଳେ ଗୋଟାଏ ଗୋଟାଏ ଜାଗା କରିଛନ୍ତି । କେତେବେଳେ କେତେବେଳେ ଜାଗା ନେଇ ଓଲଟା ଉତ୍ପାତ ହୋଇବସୁଛି । ସାତଶ' ବର୍ଷର ପଦଦଳିତ ଇଟାଲୀ କେତେ କଷ୍ଟରେ ନିଜ ଗୋଡ଼ରେ ଠିଆ ହେଲା, ହେବାକ୍ଷଣି ଭାବିଲା କ'ଣ ହେଲିରେ ! ବର୍ତ୍ତମାନ ଦିଗ୍‌ବିଜୟ କରିବାକୁ ହେବ । ଇଉରୋପର ଟିକିଏ ମଧ୍ୟ କାହାରି ନେବାର ଜୋ ନାହିଁ, ସମସ୍ତେ ମିଶି ତାକୁ ମାରିବେ । ଏସିଆରେ—ବଡ଼ ବଡ଼ ବାଘ ଭାଲୁ—ଇଂରେଜ, ରୁଷ, ଫରାସୀ, ଡଚ୍—ଏମାନେ ଆଉ କ'ଣ କିଛି ରଖିଛନ୍ତି ? ବର୍ତ୍ତମାନ ବାକି ଅଛି ଦୁଇ ଚାରି ଖଣ୍ଡ ଆଫ୍ରିକାରେ । ଇଟାଲୀ ସେହି ଆଡ଼କୁ ଚାଲୁଛି । ପ୍ରଥମେ ଉତ୍ତର-ଆଫ୍ରିକାରେ ଚେଷ୍ଟା କଲା । ସେଠାରେ ଫ୍ରାନ୍ସଦ୍ୱାରା ତଡ଼ାଖାଇ ପଳାଇ ଆସିଲା । ତା'ପରେ ଇଂରେଜମାନେ ରେଡ୍-ସି କୂଳରେ ଖଣ୍ଡେ ଜମି ଦେଲେ । ମତଲବ୍, ସେହି କେନ୍ଦ୍ରରୁ ଇଟାଲୀ ହାବ୍‌ସି-ରାଜ୍ୟ ଉଦରସାତ୍ କରୁ । ଇଟାଲୀ ମଧ୍ୟ ସୈନ୍ୟସାମନ୍ତ ନେଇ ଆଗକୁ ଚାଲିଲା, କିନ୍ତୁ ହାବ୍‌ସି ବାଦଶା ମେନେଲିକ ଏପରି ମାଡ଼ ଚଢ଼ାଇଲେ ଯେ, ବର୍ତ୍ତମାନ ଇଟାଲୀ ଆଫ୍ରିକା ଛାଡ଼ି ପ୍ରାଣ ବଞ୍ଚାଇବା କଷ୍ଟକର ହୋଇଛି । ରୁଷର ଖ୍ରୀଷ୍ଟିଆନୀ ଓ ହାବ୍‌ସିର ଖ୍ରୀଷ୍ଟିଆନୀ ପୁଣି କୁଆଡ଼େ ଏକାପ୍ରକାର—ତେଣୁ ରୁଷର ବାଦଶା ଭିତରେ ଭିତରେ ହାବ୍‌ସିମାନଙ୍କର ସହାୟ ।

# ରେଡ୍-ସି

ଜାହାଜ ତ ରେଡ୍-ସି ଭିତରେ ଯାଉଛି । ପାଦ୍ରୀ କହିଲେ, "ଏହି—ଏହି ରେଡ୍-ସି, ଇହୁଦୀ-ନେତା 'ମୁସା' ସଦଳବଳେ ପଦବ୍ରଜରେ ପାର ହୋଇଥିଲେ । ଆଉ ସେମାନଙ୍କୁ ଧରି ନେଇଯିବା ପାଇଁ ମିସରୀ ବାଦଶା ଫେରୋ ଯେଉଁ ଫୌଜ ପଠାଇଥିଲେ, ସେମାନେ କାଦୁଅରେ ରଥଚକ୍ର ବୁଡ଼ି, କର୍ଣ୍ଣଙ୍କ ପରି ଅଟକି ପାଣିରେ ବୁଡ଼ି ମରିଗଲେ ।" ପାଦ୍ରୀ ଆହୁରି କହିଲେ ଯେ, ଏକଥା ଆଜିକାଲି ବିଜ୍ଞାନଯୁକ୍ତିଦ୍ୱାରା ପ୍ରମାଣିତ ହୋଇପାରେ । ଆଜିକାଲି ସବୁ ଦେଶରେ ଧର୍ମର ଆଶ୍ଚର୍ଯ୍ୟଜନକ କଥାଗୁଡ଼ିକ ବିଜ୍ଞାନର ଯୁକ୍ତି ଦେଇ ପ୍ରମାଣ କରିବାର ଏକ ଢେଉ ଉଠିଛି । ମିଆଁ ! ଯଦି ପ୍ରାକୃତିକ ନିୟମରେ ସେହିସବୁ ହୋଇଥାଏ ତ ପୁଣି ତମର 'ୟାଭେ' ଦେବତା ମଝିରୁ ଆସନ୍ତି କାହିଁକି ? ଷଷ ମୁସ୍କିଲ ! ଯଦି ବିଜ୍ଞାନ-ବିରୁଦ୍ଧ ହୁଏ ତ ଆଶ୍ଚର୍ଯ୍ୟଜନକ କରାମତିଗୁଡ଼ିକ ଓ ତମର ଧର୍ମ ମିଥ୍ୟା । ଯଦି ବିଜ୍ଞାନସମ୍ମତ ହୁଏ, ତା' ହେଲେ ମଧ୍ୟ ତମର ଦେବତାର ମହିମାଟି ଅଧିକା କଥା ଓ ଆଉ ସବୁ ପ୍ରାକୃତିକ ଘଟଣାପରି ନିଜେ ନିଜେ ହେଉଛି । ପାଦ୍ରୀ ବୋଗେଶ୍ କହିଲେ, "ମୁଁ ଏତେ କଥା ଜାଣେ ନାହିଁ, ମୁଁ ବିଶ୍ୱାସ କରେ ।" ଏକଥା ମନ୍ଦ ନୁହେଁ—ଏହା ସହ୍ୟ ହୁଏ । ତେବେ ଏହି ଯେ ଦଳେ ଅଛନ୍ତି—ପର ବେଳକୁ ଦୋଷଟି ଦେଖାଇବାକୁ, ଯୁକ୍ତି ବାଢ଼ିବାକୁ ତତ୍ପର ! ନିଜ ବେଳେ କହନ୍ତି, 'ମୁଁ ବିଶ୍ୱାସ କରେ, ମୋ' ପ୍ରସ୍ତୁତ ମନ ସାକ୍ଷୀ ଦିଏ'—ସେମାନଙ୍କ କଥାଗୁଡ଼ାକ ଏକଦମ୍ ଅସହ୍ୟ । ଆହା, ମରିଯାଏଁ । ସେମାନଙ୍କର ପୁଣି ମନ ! ଛଟାଙ୍କିଏ ମଧ୍ୟ ନୁହେଁ, ପୁଣି ମହିଣେ—ପର ବେଳକୁ ସବୁ କୁସଂସ୍କାର, ବିଶେଷ ଯେଉଁଗୁଡ଼ାକ ସାହେବ କହିଛନ୍ତି; ପୁଣି ନିଜେ ଗୋଟାଏ କିମ୍ଭୂତକିମାକାର କଳ୍ପନା କରି କାନ୍ଦି ଅସ୍ଥିର !!

ଜାହାଜ କ୍ରମେ କ୍ରମେ ଉତ୍ତରକୁ ଯାଉଛି । ଏହି ରେଡ୍-ସିର କୂଳ ପ୍ରାଚୀନ ସଭ୍ୟତାର ଏକ ମହାକେନ୍ଦ୍ର । ଏହି ସେପାଖରେ ଆରବ ମରୁଭୂମି; ଏ ପାଖରେ ମିସର । ଏହି ସେହି ପ୍ରାଚୀନ ମିସର, ଏହି ମିସରୀମାନେ ପଣ୍ଟ୍ ଦେଶ (ସମ୍ଭବତଃ ମାଲବାର)ରୁ ରେଡ୍-ସି ପାରହୋଇ କେତେକ ହଜାର ବର୍ଷ ପୂର୍ବେ କ୍ରମେ କ୍ରମେ ରାଜ୍ୟ ବିସ୍ତାର କରି ଉତ୍ତରରେ ପହଞ୍ଚିଥିଲେ । ଏମାନଙ୍କର ଆଶ୍ଚର୍ଯ୍ୟଜନକ ଶକ୍ତି-ବିସ୍ତାର, ରାଜ୍ୟ-ବିସ୍ତାର, ସଭ୍ୟତା-ବିସ୍ତାର । ଯବନମାନେ ଏମାନଙ୍କ ଶିଷ୍ୟ । ଏମାନଙ୍କ ବାଦଶାମାନଙ୍କର ପିରାମିଡ଼ ନାମକ ଆଶ୍ଚର୍ଯ୍ୟଜନକ ସମାଧି-ମନ୍ଦିର, ନାରୀ ସିଂହୀ ମୂର୍ତ୍ତି । ଏମାନଙ୍କର ମୃତ ଦେହଗୁଡ଼ିକ ପର୍ଯ୍ୟନ୍ତ ଆଜି ମଧ୍ୟ ବିଦ୍ୟମାନ । ବାବରିକଟା ବାଳ, କଛାହୀନ ଧପ୍‌ଧପିଆ ଧୋତିପିନ୍ଧା, କାନରେ କୁଣ୍ଡଳ, ମିଶରୀ ଲୋକସବୁ ଏହି ଦେଶରେ ବାସ କରୁଥିଲେ । ଏହି ହିକସସ୍‌ବଂଶ, ଫେରୋବଂଶ, ଇରାନୀ ବାଦଶାହି, ସିକନ୍ଦର, ଟଲେମିବଂଶ ଏବଂ ରୋମକ ଓ ଆରବ ବୀରମାନଙ୍କର ରଙ୍ଗଭୂମି—ମିସର । ସେହି ସେତେକାଳ ପୂର୍ବେ ଏମାନେ ଆପଣାର ବୃତ୍ତାନ୍ତ ପାପିରସ୍ ପତ୍ରରେ, ପଥରରେ, ମାଟିବାସନ ଦେହରେ, ଚିତ୍ରାକ୍ଷରରେ ତନ୍ନ ତନ୍ନ କରି ଲେଖିଯାଇଛନ୍ତି ।

ଏହି ଭୂମିରେ ଆଇସିସ୍‌ଙ୍କ ପୂଜା, ହୋରସଙ୍କ ପ୍ରାଦୁର୍ଭାବ । ଏହି ପ୍ରାଚୀନ ମିସରୀ-ମାନଙ୍କ ମତରେ—ମଣିଷ ମଲେ, ତା'ର ସୂକ୍ଷ୍ମ ଶରୀର ବୁଲୁଥାଏ, କିନ୍ତୁ ମୃତ ଦେହର କୌଣସି ଅନିଷ୍ଟ ହେଲେ ହିଁ ସୂକ୍ଷ୍ମ ଶରୀରରେ ଆଘାତ ଲଗେ, ପୁଣି ମୃତ ଶରୀର ଧ୍ୱଂସ ହେବା କ୍ଷଣି ସୂକ୍ଷ୍ମ ଶରୀରର ଏକାନ୍ତ ନାଶ; ତେଣୁ ଶରୀର ରଖିବାକୁ ଏତେ ଯତ୍ନ । ତେଣୁ ରାଜା ବାଦଶାମାନଙ୍କର ପିରାମିଡ୍—କେତେ କୌଶଳ ! କି ପରିଶ୍ରମ ! ସବୁ ହିଁ ଆହା ବିଫଳ ! ଏହି ପିରାମିଡ୍ ଖୋଳି ନାନା କୌଶଳରେ ରାସ୍ତାର ରହସ୍ୟ ଭେଦକରି ରତ୍ନ-ଲୋଭରେ ଦସ୍ୟୁମାନେ ସେ ରାଜ-ଶରୀର ଚୋରି କରିଛନ୍ତି । ଆଜି ନୁହେଁ, ପ୍ରାଚୀନ ମିସରୀମାନେ ନିଜେ ମଧ୍ୟ କରିଛନ୍ତି । ପାଞ୍ଚ ସାତଶହ ବର୍ଷ ପୂର୍ବେ ଏହିସବୁ ଶୁଖିଲା ମଡ଼ା ଇହୁଦୀ ଓ ଆରବୀୟ ଡାକ୍ତରମାନେ ମହୌଷଧିଜ୍ଞାନରେ ଇଉରୋପ ତମାମ ରୋଗୀମାନଙ୍କୁ ଖୁଆଉଥିଲେ । ଆଜି ମଧ୍ୟ ବୋଧ ହୁଏ ତାହା ଇଉନାନି ହାକିମିର ଅସଲ 'ମାମିୟା' !!

ଏହି ମିସରକୁ ଟଲେମି ବାଦଶା'ଙ୍କ ସମୟରେ ସମ୍ରାଟ ଧର୍ମାଶୋକ ଧର୍ମପ୍ରଚାରକ ପଠାଇଥିଲେ । ସେମାନେ ଧର୍ମପ୍ରଚାର କରୁଥିଲେ, ରୋଗ ଭଲ କରୁଥିଲେ, ନିରାମିଷ ଖାଉଥିଲେ, ବିବାହ କରୁ ନ ଥିଲେ, ସନ୍ନ୍ୟାସୀ ଶିଷ୍ୟ କରୁଥିଲେ । ସେମାନେ ନାନା ସମ୍ପ୍ରଦାୟ ସୃଷ୍ଟି କଲେ—ଥେରାପିଉଟ୍, ଅସ୍‌ସିନି, ମାନିକି ଇତ୍ୟାଦି—ଯେଉଁଥିରୁ ବର୍ତ୍ତମାନ ଖ୍ରୀଷ୍ଟିଆନି ଧର୍ମର ସମ୍ଭବ । ଏହି ମିସର ହିଁ ଟଲେମିମାନଙ୍କର ରାଜତ୍ୱ-କାଳରେ ସର୍ବବିଦ୍ୟାର ଆକର ହୋଇଉଠିଥିଲା । ଏହି ମିସରରେ ହିଁ ସେହି ଆଲେକ-ଜେଣ୍ଡ୍ରିୟା ନଗର—ଯେଉଁ ସ୍ଥାନର ବିଦ୍ୟାଳୟ, ପୁସ୍ତକାଗାର, ବିଦ୍ୱଜ୍ଜନ ଜଗତ୍‌ପ୍ରସିଦ୍ଧ ହୋଇଥିଲେ । ସେ ଆଲେକଜେଣ୍ଡ୍ରିୟା ମୂର୍ଖ, ଉଗ୍ରଶୀଳ ଇତର ଖ୍ରୀଷ୍ଟିଆନମାନଙ୍କର ହାତରେ ପଡ଼ି ଧ୍ୱଂସ ପାଇଗଲା—ପୁସ୍ତକାଳୟ ଭସ୍ମୀଭୂତ ହେଲା, ବିଦ୍ୟାର ସର୍ବନାଶ ହେଲା । ଶେଷ ବିଦୁଷୀ ନାରୀଙ୍କୁ* ଖ୍ରୀଷ୍ଟିଆନମାନେ ନିହତ କରି ତାଙ୍କର ନଗ୍ନ ଦେହ ରାସ୍ତାରେ ରାସ୍ତାରେ ସବୁପ୍ରକାର ବୀଭତ୍ସ ଅପମାନ କରି ଟାଣି ବୁଲାଇ, ହାଡ଼ରୁ ଟିକି ଟିକି ମାଂସ ଅଲଗା କରି ପକାଇଥିଲେ !

ଆଉ ଦକ୍ଷିଣରେ—ବୀରପ୍ରସୂ ଆରବର ମରୁଭୂମି । କେତେବେଳେ ଆଲଖୋଲ୍ଲା-ଝୁଲା, ପଶମର ଚୋଗା ଦଉଡ଼ି ଦେଇ ଖଣ୍ଡେ ବଡ଼ ରୁମାଲ ମୁଣ୍ଡରେ ବନ୍ଧା—ବଦ୍ଦୁ ଆରବ ଦେଖିଛ ? ସେ ଚାଲି, ସେ ଠିଆହେବାର ଭଙ୍ଗି, ସେ ଚାହାଣି, ଆଉ କୌଣସି ଦେଶରେ ନାହିଁ । ଆପାଦମସ୍ତକରେ ମରୁଭୂମିର ଅନବରୁଦ୍ଧ ପବନର ସ୍ୱାଧୀନତା ଫୁଟି ବାହାରୁଛି —ସେହି ଆରବ । ଯେତେବେଳେ ଖ୍ରୀଷ୍ଟିଆନମାନଙ୍କର ଧର୍ମାନ୍ଧତା, ଗୋଠମାନଙ୍କର ବର୍ବରତା, ପ୍ରାଚୀନ ଇଉନାନ୍** ଓ ରୋମାନ୍ ସଭ୍ୟତାର ଲୋକମାନଙ୍କୁ ନିର୍ବାଣ କରିଦେଲେ, ସେତେବେଳେ ଇସ୍‌ଲାମ ଅନ୍ତରର ପୂତଗନ୍ଧ କ୍ରମାଗତ ସୁନାପଦ ଦେଇ

* ହାଇପେଶିୟା (hypatia)

** ଯବନ, ଗ୍ରୀକ୍

ଘୋଡ଼ାଇବାର ଚେଷ୍ଟା କରୁଥିଲା, ସେତେବେଳେ ଭାରତରେ ପାଟଳୀପୁତ୍ର ଓ ଉଜ୍ଜୟିନୀର ଗୌରବ-ରବି ଅସ୍ତାଚଳରେ । ଉପରେ ମୂର୍ଖ ଜାତ ରାଜନ୍ୟବର୍ଗ ଭିତରେ ଭୀଷଣ ଅଶ୍ଳୀଳତା ଓ କାମପୂଜାର ଆବର୍ଜ୍ଜନାରାଶି । ସେହି ସମୟରେ ଏହି ନଗଣ୍ୟ ପଶୁପ୍ରାୟ ଆରବଜାତି ବିଦ୍ୟୁତ୍-ବେଗରେ ଭୂମଣ୍ଡଳରେ ପରିବ୍ୟାପ୍ତ ହୋଇଗଲେ ।

ଏହି ଷ୍ଟିମରଟି ମକ୍କାଠାରୁ ଆସୁଅଛି, ଯାତ୍ରୀଭରା, ଏହି ଦେଖ, ଇଉରୋପୀ ପୋଷାକପିନ୍ଧା ତୁର୍କ, ଅଧା ଇଉରୋପୀବେଶରେ ମିଶରୀ, ସେହି ସିରିଆବାସୀ ମୁସଲମାନ ଇରାନୀବେଶରେ, ଆଉ ସେହି ଅସଲ ଆରବ ଧୋତିପିନ୍ଧା — କଚ୍ଛ ନାହିଁ । ମହମ୍ମଦଙ୍କ ପୂର୍ବେ, କାବାର ମନ୍ଦିରରେ ଉଲଗ୍ନ ହୋଇ ପ୍ରଦକ୍ଷିଣ କରିବାକୁ ହେଉଥିଲା । ତାଙ୍କ ସମୟଠାରୁ ଗୋଟିଏ ଧୋତି ପିନ୍ଧିବାକୁ ହୁଏ । ସେଥିପାଇଁ ଆମ ମୁସଲମାନମାନେ ନମାଜବେଳେ ପାଇଜାମାର ଦଉଡ଼ି ଖୋଲି, ଧୋତିର କଚ୍ଛ ଖୋଲି ଦିଅନ୍ତି । ଆଉ ଆରବମାନଙ୍କର ସେ କାଳ ନାହିଁ । କ୍ରମାଗତ କାଫ୍ରି, ସିଦ୍ଦି, ହବ୍‌ସି ରକ୍ତ ପ୍ରବେଶ କରି ଚେହେରା, ଉଦ୍ୟମ— ସବୁ ବଦଳିଯାଇଛି, ମରୁଭୂମିର ଆରବ ପୁନର୍ମୂଷିକ ହୋଇଛନ୍ତି । ଯେଉଁମାନେ ଉତ୍ତରରେ, ସେମାନେ ତୁରସ୍କ ରାଜ୍ୟରେ ବାସ କରନ୍ତି ଚୁପଚାପ୍ ହୋଇ । କିନ୍ତୁ ସୁଲତାନଙ୍କ ଖ୍ରୀଷ୍ଟିଆନ ପ୍ରଜାମାନେ ତୁରସ୍କକୁ ଘୃଣା କରନ୍ତି, ଆରବକୁ ଭଲ ପାଆନ୍ତି । "ଆରବମାନେ ଲେଖାପଢ଼ା ଶିଖି ଭଦ୍ରଲୋକ ହୁଅନ୍ତି । ଏତେ ଉତ୍ପାତିଆ ନୁହନ୍ତି"— ସେମାନେ କହନ୍ତି । ପୁଣି ଖାଣ୍ଟି ତୁର୍କମାନେ ଖ୍ରୀଷ୍ଟିଆନମାନଙ୍କ ଉପରେ ଖୁବ୍ ଅତ୍ୟାଚାର କରନ୍ତି ।

ମରୁଭୂମି ଅତ୍ୟନ୍ତ ଉତ୍ତପ୍ତ ହେଲେ ମଧ୍ୟ ସେ ଗରମ ଦୁର୍ବଳ କରେ ନାହିଁ । ସେଥିରେ ଲୁଗାରେ ଦେହମୁଣ୍ଡ ଢାଙ୍କି ରଖିଲେ ଆଉ କିଛି ଅସୁବିଧା ନାହିଁ । ଶୁଷ୍କ ଗରମି— ଦୁର୍ବଳ ତ କରେ ନାହିଁ, ବରଂ ବିଶେଷ ବଳକାରକ । ରାଜପୁତାନାର, ଆରବର, ଆଫ୍ରିକାର ଲୋକମାନେ ଏହାର ନିଦର୍ଶନ । ମାରୱାଡ଼ର ଗୋଟିଏ ଗୋଟିଏ ଜିଲ୍ଲାର ମଣିଷ, ଗୋରୁ, ଘୋଡ଼ା ସମସ୍ତେ ହିଁ ସବଳ ଓ ଆକାରରେ ବୃହତ୍ । ଆରବୀ ମଣିଷ ଓ ସିଦ୍ଦିମାନଙ୍କୁ ଦେଖିଲେ ଆନନ୍ଦ ହୁଏ । ଯେଉଁଠାରେ ଆର୍ଦ୍ର ଗରମି, ଯେପରି ବଙ୍ଗଳା ଦେଶ, ସେଠାରେ ଶରୀର ଅତ୍ୟନ୍ତ ଅବସନ୍ନ ହୋଇପଡ଼େ, ପୁଣି ସବୁ ଦୁର୍ବଳ ।

'ରେଡ୍-ସି' ନାମରେ ଯାତ୍ରୀମାନଙ୍କର ହୃତ୍‌କମ୍ପ ହୁଏ—ଭୟଙ୍କର ଗରମ— ପୁଣି ଏହି ଗରମକାଳ । ଡେକ୍‌ରେ ବସି ଯେ ଯେପରି ପାରୁଛି, ଗୋଟାଏ ଭୀଷଣ ଦୁର୍ଘଟଣାର ଗଳ୍ପ ଶୁଣାଉଛି । କାପ୍ତେନ ସମସ୍ତଙ୍କଠାରୁ ଉଚ୍ଚସ୍ୱରରେ କହୁଛନ୍ତି । ସେ କହିଲେ, "କେତେକ ଦିନ ପୂର୍ବେ ଖଣ୍ଡେ ଚୀନ ଯୁଦ୍ଧ-ଜାହାଜ ଏହି ରେଡ୍-ସି ବାଟେ ଯାଉଥିଲା । ତା'ର କ୍ୟାପଟେନ ଓ ଆଠଜଣ କୋଇଲାବାଲା ଖଲାସି ଗରମରେ ମରିଗଲେ ।" ବାସ୍ତବିକ କୋଇଲାବାଲା ଏକେ ଅଗ୍ନିକୁଣ୍ଡରେ ଠିଆ ହୋଇଥାଏ, ତା' ଉପରେ ପୁଣି 'ରେଡ୍-ସି'ର ନିଦାରୁଣ ଗରମ । ବେଳେ ବେଳେ ସେ ରାଗି ଉପରକୁ ଦୌଡ଼ି ଆସି ଝମ୍ପ ଦେଇ ପାଣିରେ ପଡ଼େ ଆଉ ବୁଡ଼ି ମରେ । କେତେବେଳେ ବା ଗରମରେ ତଳେ ମରିଯାଏ ।

ଏହିସବୁ ଗଳ୍ପ ଶୁଣି ହୃତ୍‌କମ୍ପ ହେବାର ତ ଯୋଗାଡ଼ । କିନ୍ତୁ ଅଦୃଷ୍ଟ ଭଲ, ଆମେମାନେ ବିଶେଷ ଗରମ କିଛି ହିଁ ପାଇଲୁ ନାହିଁ । ପବନ ଦକ୍ଷିଣୀ ନ ହୋଇ ଉତ୍ତରରୁ ଆସିବାକୁ ଲାଗିଲା—ସେ ଭୂମଧ୍ୟ-ସାଗରର ଥଣ୍ଡା ପବନ ।

## ସୁଏଜ୍ କେନାଲରେ : ମଗର ଶିକାର

୧୪ ଜୁଲାଇ ରେଡ଼-ସି ପାରିହୋଇ ଜାହାଜ ସୁଏଜରେ ପହଞ୍ଚିଲା । ସାମନାରେ—ସୁଏଜ ଖାଲ । ଜାହାଜରେ ସୁଏଜରେ ଓହ୍ଲାଇବାର ମାଲ ଅଛି । ତା' ଉପରେ ଆସିଛନ୍ତି ମିସରକୁ ପ୍ଲେଗ୍, ଆଉ ଆମେମାନେ ଆଣିଛୁ ସମ୍ଭବତଃ ପ୍ଲେଗ; ତେଣୁ ଦ'ତରଫା ଛୁଆଁ ଛୁଇଁ ଭୟ । ଏ ଛୁଆଁ ଛୁଇଁର ଜଟିଳତା ପାଖରେ ଆମର ଦେଶୀ ଛୁଆଁ ଛୁଇଁ କ'ଣ ପାସଙ୍ଗରେ ପଡ଼ିବ ! ମାଲ୍ ଓହ୍ଲାଇବ, କିନ୍ତୁ ସୁଏଜର କୁଲି ଜାହାଜ ଛୁଇଁପାରିବ ନାହିଁ । ଜାହାଜଖଲାସୀ ବିଚାରାମାନଙ୍କର ମହା ଆପଦ ! ସେମାନେ କୁଲି ହୋଇ କ୍ରେନଦ୍ୱାରା ମାଲ ଉଠାଇ ଶୂନ୍ୟେ ଶୂନ୍ୟେ ତଳେ ସୁଏଜ ନୌକାକୁ ପକାଉଛନ୍ତି—କୁଲିମାନେ ଡଙ୍ଗାରେ ନେଇଯାଉଛନ୍ତି । କମ୍ପାନୀ-ଏଜେଣ୍ଟ୍ ସାନ ଲଞ୍ଚରେ ଜାହାଜ ପାଖକୁ ଆସିଛନ୍ତି—ଉଠିବାର ହୁକୁମ ନାହିଁ । କପ୍ତେନଙ୍କ ସାଙ୍ଗରେ ଜାହାଜରୁ ନୌକାରେ କଥାବାର୍ତ୍ତା ହେଉଛନ୍ତି । ଏହା ତ ଭାରତବର୍ଷ ନୁହେଁ ଯେ, ଗୋରାଲୋକଙ୍କୁ ପ୍ଲେଗ୍ ଆଇନ-ଫାଇନ୍ ସମସ୍ତର ପାର—ଏଇଠାରେ ଇଉରୋପର ଆରମ୍ଭ । ସ୍ୱର୍ଗକୁ ମୂଷିକ-ବାହନ ପ୍ଲେଗ୍ ଆଲେ ଉଠିଯିବ ସେଥିପାଇଁ ଏତେ ଆୟୋଜନ । ପ୍ଲେଗ-ବିଷ ପ୍ରବେଶ ଦିନଠାରୁ ଦଶଦିନ ମଧ୍ୟରେ ଫୁଟି ବାହାରେ, ସେଥିଯୋଗୁଁ ଦଶଦିନର ଅଟକ । ଆମର କିନ୍ତୁ ଦଶ ଦିନ କଟିଯାଇଛି—ବିପଦ କଟିଯାଇଛି । କିନ୍ତୁ ମିଶରୀ ଲୋକଙ୍କୁ ଛୁଇଁଲାକ୍ଷଣି ପୁଣି ଦଶଦିନ ଅଟକ । ତାହା ହେଲେ ଆଉ ନେପଲ୍‌ସରେ ମଧ୍ୟ ଲୋକ ଓହ୍ଲାଇ ହେବ ନାହିଁ । ମାର୍ସାଇରେ ମଧ୍ୟ ନୁହେଁ—ସୁତରାଂ ଯାହା କିଛି କାମ ହେଉଛି, ସବୁ ମୂଲରୁ; ତେଣୁ ଧୀରେ ଧୀରେ ମାଲ୍ ଓହ୍ଲାଇବାକୁ ସାରାଦିନ ଲାଗିଯିବ । ରାତିରେ ଜାହାଜ ଅନାୟାସରେ କେନାଲ ପାର ହୋଇପାରେ, ଯଦି ସାମନାରେ ବିଜୁଳି ଆଲୁଅ ପାଏ; କିନ୍ତୁ ସେ ଆଲୁଅ ଲଗାଇବାକୁ ହେଲେ ସୁଏଜ ଲୋକଙ୍କୁ ଜାହାଜ ଛୁଇଁବାକୁ ହେବ । ବେଶ୍, ଦଶଦିନର କ୍ୱାରେଣ୍ଟାଇନ । ସୁତରାଂ ରାତିରେ ଯିବା ହେବ ନାହିଁ । ଚବିଶ ଘଣ୍ଟା ଏଠାରେ ପଡ଼ିଥାଅ, ସୁଏଜ ବନ୍ଦରରେ ।

ଏହା ଗୋଟିଏ ବଡ଼ ସୁନ୍ଦର ପ୍ରାକୃତିକ ବନ୍ଦର । ପ୍ରାୟ ତିନି ଦିଗରେ ବାଲିଢିପ, ଆଉ ପାହାଡ଼—ପାଣି ମଧ୍ୟ ଖୁବ୍ ଗଭୀର । ପାଣିରେ ଅସଂଖ୍ୟ ମାଛ ଓ ମଗର ଭାସି ଭାସି ବୁଲୁଛନ୍ତି । ଏହି ବନ୍ଦରରେ, ପୁଣି ଅଷ୍ଟ୍ରେଲିଆର ସିଡ୍‌ନି ବନ୍ଦରରେ ଯେତେ ମଗର, ଏପରି ଆଉ କେଉଁଠାରେ ନାହିଁ—ବାଗ ପାଇଲାକ୍ଷଣି ମଣିଷ ଖାଆନ୍ତି । ପାଣିକୁ ଓହ୍ଲାଇବ କିଏ ? ସାପ ଓ ମଗର ଉପରେ ମଣିଷର ଜନ୍ମରୁ କ୍ରୋଧ; ମଣିଷ ମଧ୍ୟ ଜନ୍ମରୁ ବାଗରେ ପାଇଲେ ସେମାନଙ୍କୁ ଛାଡ଼େ ନାହିଁ ।

ସକାଳଓଳି ଖାଇବାକୁ ଦେବା ଆଗରୁ ଶୁଣାଗଲା ଯେ ଜାହାଜ ପଛରେ ବଡ଼ ବଡ଼

ମଗର ଭାସି ଭାସି ବୁଲୁଛନ୍ତି । ଜଳଜନ୍ତୁ ମଗର ଆଉ କେବେ ପୂର୍ବେ ଦେଖାଯାଇ ନାହିଁ—ଗତ ଥର ଆସିବାବେଳେ ସୁଏଜରେ ଜାହାଜ ଅଳ୍ପ ସମୟ ହିଁ ଥିଲା, ସେ ପୁଣି ସହର ପାଖରେ । ମଗର ଖବର ଶୁଣିବାମାତ୍ରେ ଆମେ ତରତର ହୋଇ ଉପସ୍ଥିତ । ସେକେଣ୍ଡ କ୍ଲାସଟି ଜାହାଜ ପଛ ଉପରେ—ସେହି ଛାତରୁ ବାରଣ୍ଡା ଧରି ଧାଡ଼ି ଧାଡ଼ି ସ୍ତ୍ରୀପୁରୁଷ, ପିଲାପିଲି ଝୁଙ୍କି ମଗର ଦେଖୁଛନ୍ତି । ଆମେ ଯେତେବେଳେ ହାଜର ହେଲୁଁ, ସେତେବେଳକୁ ମଗର ମିଆଁମାନେ ଟିକିଏ ଘୁଞ୍ଚିଯାଇଛନ୍ତି, ମନଟା ବଡ଼ କ୍ଷୁଣ୍ଣ ହେଲା । କିନ୍ତୁ ଦେଖେ ଯେ ପାଣିରେ 'ଭୋଡ଼' ପରି ଏକ ପ୍ରକାର ମାଛ ଦଳଦଳ ହୋଇ ଭାସୁଛନ୍ତି । ଆଉ ଏକ ପ୍ରକାର ଶ୍ରେଷ୍ଠ ମାଛ ପାଣିରେ କିଲ୍‌ବିଲ୍ ହେଉଛନ୍ତି । ମଝିରେ ମଝିରେ ଗୋଟାଏ ଗୋଟାଏ ବଡ଼ ମାଛ, ଅନେକ ପରିମାଣରେ ଇଲିସି ମାଛ ଚେହେରା, ତୀରପରି ଏଦିଗରେ ସେଦିଗରେ ଦୌଡ଼ୁଛନ୍ତି । ମନେ ହେଲା, ବୋଧହୁଏ ଏହା ମଗରଛୁଆ । କିନ୍ତୁ ପଛର ଜାଣିଲି—ତାହା ନୁହେଁ । ଏହାର ନାମ 'ବନିଟୋ' । ପୂର୍ବେ ଏହା ବିଷୟରେ ପଢ଼ାଯାଇ ଥିଲା ଯତ ଏବଂ ମାଲଦ୍ୱୀପରୁ ଏହା ଶୁଖୁଆରୂପେ ଆମଦାନି ହୁଅନ୍ତି, ଜାହାଜ ଚଢ଼ି—ତାହା ମଧ୍ୟ ପଢ଼ାଥିଲା । ଏହାର ମାଂସ ଲାଲ ଓ ବଡ଼ ସୁସ୍ୱାଦୁ, ତାହା ମଧ୍ୟ ଶୁଣାଅଛି । ବର୍ତ୍ତମାନ ଏହାର ତେଜ ଓ ବେଗ ଦେଖି ଖୁସି ଲାଗିଲା । ଏତେବଡ଼ ମାଛଟା ତୀରପରି ପାଣିଭିତରେ ଧାଉଁଛି, ଆଉ ସେ ସମୁଦ୍ରର କାଚପରି ପାଣିରେ ତାର ପ୍ରତ୍ୟେକ ଅଙ୍ଗଭଙ୍ଗି ଦେଖାଯାଉଛି । କୋଡ଼ିଏ ମିନିଟ, ଅଧଘଣ୍ଟାଏ ଏହିପ୍ରକାର ବନିଟୋର ଧାଁ-ଧପଡ଼; ପୁଣି ଶ୍ରେଷ୍ଠ ମାଛର କିଲିବିଲି ତ ଦେଖାହେଲା । ଅଧଘଣ୍ଟାଏ ତିନକ୍ୱାର୍ଟର, କ୍ରମେ ତିକ୍ତ ବିରକ୍ତ ହୋଇ ଆସୁଛି, ଏପରି ସମୟରେ ଜଣେ କହିଲେ ଏ ହେଇଟି ହେଇଟି ! ଦଶ ବାରଜଣ କହି ଉଠିଲେ, ହେଇଟି ଆସୁଛି, ହେଇଟି ଆସୁଛି !! ଚାହିଁ ଦେଖେ, ଦୂରରେ ଗୋଟାଏ ପ୍ରକାଣ୍ଡ କାଳିଆ ବସ୍ତୁ ଭାସି ଆସୁଛି, ପାଞ୍ଚ ସାତ ଇଞ୍ଚ ପାଣିତଳେ । କ୍ରମେ ବସ୍ତୁଟା ଆଗକୁ ଆସିଲା । ପ୍ରକାଣ୍ଡ ଓସାରିଆ ମୁଣ୍ଡ ଦେଖାଦେଲା; ସେ ଗଜଂଆଡ଼ା ଚାଲି; ବନିଟୋର ସୋଁ-ସୋଁ ସେଥିରେ ନାହିଁ; ତେବେ ଥରେ ମୁଣ୍ଡ ବୁଲାଇଲେ ହିଁ ଗୋଟାଏ ବଡ଼ ଚକ୍କର ହେଲା । ବିଭୀଷଣ ମାଛ; ଗମ୍ଭୀର ଚାଲରେ ଚାଲି ଆସୁଛି—ପୁଣି ଆଗେ ଆଗେ ଗୋଟାଏ ଦୁଇଟା ଶ୍ରେଷ୍ଠ ମାଛ; ଆଉ କେତେଗୁଡ଼ାଏ ଶ୍ରେଷ୍ଠ ମାଛ ତା' ପିଠିରେ ପେଟରେ ଖେଳି ବୁଲୁଛନ୍ତି । କେଉଁଟା କେଉଁଟା ବା ଚାପିହୋଇ ତା' କାନ୍ଧରେ ବସିଛି । ଏ ହେଉଛନ୍ତି ସସାଙ୍ଗୋପାଙ୍ଗ ମଗର । ଯେଉଁ ମାଛସବୁ ମଗରର ଆଗରେ ଆଗରେ ଯାଉଛନ୍ତି, ସେମାନଙ୍କ ନାମ 'ଆଡ଼କାଠି ମାଛ'—ପାଇଲଟ୍ ଫିସ୍ । ସେମାନେ ମଗରକୁ ଶିକାର ଦେଖାଇ ଦିଅନ୍ତି, ଆଉ ବୋଧହୁଏ ପ୍ରସାଦଟା—ଅଇଁଠା ଟିକିଏ ପାଆନ୍ତି । କିନ୍ତୁ ମଗରର ସେ ମୁଖବ୍ୟାଦାନ ଦେଖିଲେ, ସେମାନେ ଯେ ବେଶୀ ସଫଳ ହୁଅନ୍ତି, ତାହା ବୋଧ ହୁଏ ନୁହେଁ । ଯେଉଁ ମାଛଗୁଡ଼ିକ ଆଖପାଖରେ ବୁଲୁଛନ୍ତି, ପିଠିରେ ଚଢ଼ି ବସୁଛନ୍ତି, ସେମାନେ ମଗର-'ଚୋଷକ' । ସେମାନଙ୍କର ଛାତି ପାଖରେ ପ୍ରାୟ ଚାରିଇଞ୍ଚ ଲମ୍ବ ଓ ଦୁଇଇଞ୍ଚ ଚଉଡ଼ା, ଚେପଟା ଗୋଲିଆ ଗୋଟିଏ ସ୍ଥାନ ଅଛି । ତା' ମଝିରେ ଇଂରେଜୀ ଅନେକ ରବରଜୋତା

ତଳେ ଯେପରି ଲମ୍ବା ଲମ୍ବା ଗାର ଥାଏ, ସେହିପରି ଜାଲିକଟା । ସେହି ଜାଗାଟା ଏହି ମାଛ ମଗର ଦେହରେ ଚପିରଖେ; ତେଣୁ ମଗର ଦେହରେ ପିଠିରେ ଚଢ଼ି ବୁଲିଲାପରି ଦେଖାଯାଏ । ଏମାନେ ବୋଧ ହୁଏ ମଗର ଦେହର ପୋକ ପ୍ରଭୃତି ଖାଇ ବଞ୍ଚନ୍ତି । ଏ ଦୁଇପ୍ରକାର ମାଛ ପରିବେଷ୍ଟିତ ନ ହୋଇ ମଗର ବାହାରନ୍ତି ନାହିଁ । ଅଉ ଏମାନଙ୍କୁ ନିଜର ସହାୟ ପରିଷଦ ମନେ କରି କିଛି ମଧ୍ୟ କରନ୍ତି ନାହିଁ । ଏ ମାଛ ଗୋଟାଏ ଗ୍ରେଟ ହାତସୂତାରେ ଧରାପଡ଼ିଲା । ତା'ର ଗୁଡରେ କୋତାର ତଳ ଟିକିଏ ଚପିଦେଇ ଗୋଡ଼ ଉଠାଇବାକ୍ଷଣି ସେଇଟା ଗୋଡ଼ ସାଙ୍ଗରେ ଚପିହୋଇ ଉଠିବାକୁ ଲାଗିଲା । ଏପରି ସେ ମଗର ଦେହରେ ଲାଗିଥାଏ ।

ସେକେଣ୍ଡ କ୍ଲାସ ଲୋକମାନଙ୍କର ବଡ଼ ଉତ୍ସାହ । ତାଙ୍କ ମଧ୍ୟରେ ଜଣେ ଫୌଜି ଲୋକ— ତାଙ୍କର ତ ଉତ୍ସାହର ସୀମା ନାହିଁ । କେଉଁଠାରୁ ଜାହାଜ ଭିତରୁ ଖୋଜି ଗୋଟାଏ ବଡ଼ ବନଶୀ ଯୋଗାଡ଼ କଲେ । ସେ 'ମାଛ ମାରିବାରେ ଓସ୍ତାଦ୍' । ସେଥିରେ ସେରେଖଣ୍ଡେ ମାଂସ ଭଲ ଦଉଡ଼ିଦ୍ୱାରା ଜୋର୍‌କରି ବାନ୍ଧିଲେ । ସେଥିରେ ପୁଣି ଗୋଟାଏ ମୋଟା ଦଉଡ଼ି ବନ୍ଧାହେଲା । ଶୁନିହାତ ଖଣ୍ଡେ ବାଦ୍ ଦେଇ ଖଣ୍ଡେ ବଡ଼ କାଠ ଭେରେଣ୍ଡା ସ୍ୱରୂପ ବନ୍ଧା ହେଲା । ତା'ପରେ ଭେରେଣ୍ଡା ସହିତ ବନଶୀଟା ଝୁପ୍ କରି ପାଣିକୁ ପକାଇ ଦିଆଗଲା । ଜାହାଜ ତଳେ ଖଣ୍ଡେ ପୋଲିସ ନୌକା—ଆମେ ଆସିବାବେଳଠାରୁ ସେ ପହରା ଦେଉଥିଲା, ଜାଲେ ଡଙ୍ଗା ସାଙ୍ଗରେ ଆମର କିଛି ଝୁଆଁଝୁଇଁ ହେବ । ସେ ନୌକାରେ ଦୁଇଜଣ ଲୋକ ସୁନ୍ଦର ଶୋଇଥିଲେ, ଆଉ ଯାତ୍ରୀମାନଙ୍କର ଯଥେଷ୍ଟ ଘୃଣାର ପାତ୍ର ହେଉଥିଲେ । ଏକ୍ଷଣି ସେମାନେ ବଡ଼ ବନ୍ଧୁ ହୋଇଉଠିଲେ । ଡକାଡକି ମାଡ଼ରେ ଆରବ ମିଆଁ ଆଖି ମଳି ମଳି ଉଠି ଠିଆହେଲେ । କଅଣ ଗୋଟାଏ ଗୋଳମାଳ ହେଉଛି ବୋଲି ଅଣ୍ଟା ଭିଡ଼ିବାକୁ ଯୋଗାଡ଼ କରୁଛନ୍ତି, ଏପରି ସମୟରେ ବୁଝିପାରିଲେ ଯେ ଏତେ ଡକାଡକି କେବଳ ତାଙ୍କ୍ର କଡ଼ି କାଠରୁଲି ମଗର ଧରିବା ଭେରେଣ୍ଡା ଥୋପ ସହିତ କିଛି ଦୂରକୁ ପକାଇଦେବାକୁ ଅନୁରୋଧ-ଧ୍ୱନି । ସେତେବେଳେ ସେ ନିଃଶ୍ୱାସ ଛାଡ଼ି ଆକର୍ଣ୍ଣ-ବିସ୍ତାର ହସଟାଏ ହସି ଗୋଟିଏ ବଲ୍ଲୀ ମୁଣ୍ଡରେ ଠେଲି ଠେଲି ଭେରେଣ୍ଡାକୁ ତ ଦୂରରେ ପକାଇଲେ, ଆଉ ଆମେ ଉଦ୍‌ଗ୍ରୀବ ହୋଇ ପାଦ ଆଙ୍ଗୁଳିରେ ଠିଆ ହୋଇ ବାରଣ୍ଡାରେ ଝୁଙ୍କି 'ଏହି ଆସିଲା, ଏହି ଆସିଲା'—ଶ୍ରୀମଗରଙ୍କ ପାଇଁ 'ସଚକିତ ନୟନଂ ପଶ୍ୟତି ତବ ପନ୍ଥାନ' ହୋଇ ରହିଲୁ । ଯାହା ପାଇଁ ମଣିଷ ଏହିପରି ଧଡ଼ପଡ଼ ହୁଏ, ସେ ଚିରକାଳ ଯାହା କରିଥାଏ, ସେଇଆ ହେବାକୁ ଲାଗିଲା— ଅର୍ଥାତ୍ 'ସଖି, ନ ଅଇଲେ ଶ୍ୟାମ ।' କିନ୍ତୁ ସବୁ ଦୁଃଖର ତ ଗୋଟାଏ ସୀମା ଅଛି । ସେତେବେଳେ ହଠାତ୍ ଜାହାଜରୁ ପ୍ରାୟ ଦୁଇଶ ହାତ ଦୂରରେ ଭିସ୍ତିର ମୁଣା ଆକାରର କ'ଣ ଗୋଟାଏ ଭାସିଉଠିଲା; ସାଙ୍ଗେ ସାଙ୍ଗେ 'ସେଇଟି ମଗର, ସେଇଟି ମଗର' ପାଟି ଶୁଭିଲା । 'ଚୁପ୍ ଚୁପ୍ ! ପିଲାଦଳ, ହଙ୍ଗର ପଳାଇବ । କହୁଛି, ଆରେ ଧଳା ଟୋପିଗୁଡ଼ାକ ଓହ୍ଲାଅ ନା, ମଗରଟା ଯେ ଡରିକି ଯିବ'— ଇତ୍ୟାକାର ଆବାଜ ଯେତେବେଳେ କର୍ଣ୍ଣ-କୁହରରେ ପ୍ରବେଶ କରୁଛି, ସେତେବେଳେ

ସେହି ମଗର ଲବଣ-ସମୁଦ୍ରଜନ୍ମା ବନଶୀଫଳଲଗ୍ନ ଶୂକରମାଂସ ପିଣ୍ଡୁଳାଟିକୁ ଉଦରାଗ୍ନିରେ ଭସ୍ମାବଶେଷ କରିବା ପାଇଁ ପାଲଟଣା ନୌକାପରି ସୋଁ କରି ଆଗରେ ଆସି ପହଞ୍ଚିଲା । ଅଉ ପାଞ୍ଚହାତ ଏଥର ମଗର ପାଟିରେ ଥୋପ ଲଗିବ । ସେ ଶ୍ରୀମତ୍‌ପୁଚ୍ଛ ଟିକିଏ ହଲିଲା । ସିଧା ଗତି ଚନ୍ଦ୍ରାକାରରେ ପରିଣତ ହେଲା । ଯାଃ, ମଗର ଚାଲିଗଲା ହୋ ! ପୁଣି ପୁଚ୍ଛ ଟିକିଏ ବଙ୍କେଇଲା, ଆଉ ସେହି ପ୍ରକାଣ୍ଡ ଶରୀର ବୁଲାଇ ବନଶୀମୁହାଁ ହୋଇ ଠିଆହେଲା । ପୁଣି 'ସୋଁ' କରି ଆସୁଛି—ହେଇଟି ହାଁ କରି—ବନଶୀ ଧରିବା ଉପରେ । ପୁଣି ସେହି ପାପ ଲଞ୍ଜ ହଲିଲା, ଆଉ ମଗର ଦେହ ବୁଲାଇ ଦୂରକୁ ଚାଲିଗଲା । ପୁଣି ସେହି ଚକ୍କର ଦେଇ ଆସୁଛି, ପୁଣି ହାଁ କରୁଛି, ହେଇଟି—ଥୋପଟା ପାଟିକୁ ନେଇଛି, ଏଥର—ହେଇଟି, ହେଇଟି—ଚିତ୍ ହୋଇ ପଡ଼ିଲା: ହୋଇଛି, ଥୋପ ଖାଇଛି—ଟାଣ ଟାଣ ଟାଣ—୪୦।୫୦ ଜଣଙ୍କ ଟାଣ, ପ୍ରାଣପଣେ ଟାଣ । କି ଜୋର୍ ମାଛର । କି ଝଟପଟ—କପରି ହାଁ ! ଟାଣ ଟାଣ, ପାଣିରୁ ହେଇଟି ଉଠିଲା, ହେଇଟି ପାଣିରେ ବୁଲୁଛି । ପୁଣି ଚଢ଼େଇଛି, ଟାଣ ଟାଣ । ଯାଃ, ଥୋପ ଖୋଲିଗଲା । ମଗର ପଳାଇଲା । 'ସେଥିପାଇଁ ତ, ତମର କପରି ତରତର ବାବୁ ! ଟିକିଏ ସମୟ ଦେଲେ ନା ଥୋପ ଗିଳିବ ! ଚଢ଼େଇଲା ଛଣି କ'ଣ ଟାଣିବାକୁ ହୁଏ ?'—ଆଉ 'ଗତସ୍ୟ ଶୋଚନା ନାସ୍ତି' । ମଗର ତ ବନଶୀ ଛିଡ଼ି ଦେ ଦୌଡ଼ । ଆଡ଼କାଟ ମାଛକୁ ଉପଯୁକ୍ତ ଶିକ୍ଷା ଦେଲା କି ନା, ଖବର ପାଇ ନାହିଁ । ମୋଟରେ ମଗରଟା ପଳାଇଲା । ପୁଣି ସେଇଟା 'ବାଘୁଆ'—ବାଘ ପରି କଳା କଳା ଗାରକଟା । ଯାହା ହେଉ 'ବାଘୁଆ' ବନଶୀ ସନ୍ନିଧି ପରିତ୍ୟାଗ କରିବା ପାଇଁ 'ସ-ଆଡ଼କାଟୀ-ରକ୍ତଗ୍ଲେଷା ଅନ୍ତର୍ଦ୍ଧେ ।'

କିନ୍ତୁ ନିହାତି ହତାଶ ହେବାର ପ୍ରୟୋଜନ ନାହିଁ ଏହି ତ ପଳାସ୍ତମାନ 'ବାଘୁଆର' ଦେହକୁ ଲାଗି ଆଉ ଗୋଟାଏ ପ୍ରକାଣ୍ଡ 'ଚେପ୍‌ଟାମୁହାଁ' ଚାଲିଆସୁଛି ! ଆହା, ମଗରମାନଙ୍କର ଭାଷା ନାହିଁ ! ନହେଲେ 'ବାଘୁଆ' ନିଶ୍ଚିତ ପେଟର ଖବର ତାକୁ ଦେଇ ସାବଧାନ କରିଦିଅନ୍ତା । ନିଶ୍ଚିତ କହନ୍ତା, 'ଦେଖ ହେ ସାବଧାନ, ସେଠାକୁ ଗୋଟାଏ ନୂଆ ଜନ୍ତୁ ଆସିଛି, ବଡ଼ ସୁସ୍ୱାଦୁ ସୁଗନ୍ଧ ମାଂସ, କିନ୍ତୁ ତାହାର କି ଟାଣ ହାଡ଼ ! ଏତେକାଳ ମଗରଗିରି କରିଛି, କେତେ ପ୍ରକାର ଜନ୍ତୁ—ଜୀଅନ୍ତା, ମଲା, ଦରମଲା—ଉଦରସ୍ଥ କରିଛି, କେତେପ୍ରକାର ହାଡ଼ଗୋଡ଼, ଇଟା-ପଥର, କାଠିକୁଟା ପେଟରେ ପୂରାଇଛି, କିନ୍ତୁ ଏ ହାଡ଼ ପାଖରେ ଆଉସବୁ ଲହୁଣୀ ହେ ଲହୁଣୀ !! ଏହି ଦେଖ ନା—ମୋ ଦାନ୍ତର ଦଶା, ମାଢ଼ିର ଦଶା କ'ଣ ହୋଇଛି'—କହି, ଅରେ ସେହି ଆଜଟିଦେଶ-ବିସ୍ମୃତ ମୁଖ ବ୍ୟାଦାନ କରି ଆଗନ୍ତୁକ ମଗରକୁ ଅବଶ୍ୟ ହିଁ ଦେଖାନ୍ତା । ସେ ମଧ୍ୟ ପ୍ରାଚୀନ-ବୟସ-ସୁଲଭ ଅଭିଜ୍ଞତା ସହକାରେ—ଚେଙ୍ଗ ମାଛର ପିତ୍ତ, କୁଜା ଭେକଟିର ପ୍ଲୀହା ଓ ଶାମୁକାର ଅଣ୍ଡା ପୁରୁଆ ଇତ୍ୟାଦି ସମୁଦ୍ରଜ ମହୌଷଧର କୌଣସିଟା ନା କୌଣସିଟା ବ୍ୟବହାରର ଉପଦେଶ ଦିଅନ୍ତା ହିଁ ଦିଅନ୍ତା । କିନ୍ତୁ ଯେତେବେଳେ ସେସବୁ କିଛି ହିଁ ହେଲା ନାହିଁ, ସେତେବେଳେ ହୁଏତ ମଗରମାନଙ୍କର ଅତ୍ୟନ୍ତ ଭାଷାର ଅଭାବ, ନରୁବା

ବୁଝା ଅଛୁ, କିନ୍ତୁ ପାଣି ଭିତରେ କଥା କହିବା ଚଳେ ନାହିଁ ! ଅତଏବ ଯେତେଦିନ ମଗଜି ଅକ୍ଷର ଆବିଷ୍କାର ନ ହୋଇଛି, ସେତେଦିନ ସେ ଭାଷାର ବ୍ୟବହାର ବା କିପରି ହେବ ? ଅଥବା 'ବାଘୁଆ' ମଣିଷଦେହଧାରୀ ହୋଇ ମଣିଷର ଧାରୁ ପାଇଛି, ସେଥିପାଇଁ 'ଚେପ୍‌ଟାମୁହାଁଙ୍କୁ' ଅସଲ ଖବର କିଛି ନ କହି, ମୁରୁକି ହସି "ଆହେ, ଭଲ ଅଛ ତ" କହି ଚାଲିଗଲା । "ମୁଁ ଏକା କ'ଣ ଠକ ହେବ ?"

'ଆଗେ ଯାନ୍ତି ଭଗୀରଥ ଶଙ୍ଖ ବଜାଇଣ, ପଛେପଛ ଯାନ୍ତି ଗଙ୍ଗା···'—ଶଙ୍ଖ-ଧ୍ୱନି ତ ଶୁଣାଯାଉ ନାହିଁ, କିନ୍ତୁ ଆଗେ ଆଗେ ଚାଲିଛନ୍ତି, 'ପାଇଲଟ୍ ଫିସ୍' ଆଉ ପଛେ ପଛେ ପ୍ରକାଣ୍ଡ ଶରୀର ହଲାଇ ଆସୁଛନ୍ତି 'ଚେପ୍‌ଟା'; ତାଙ୍କ ଆଖପାଖରେ ନୃତ୍ୟ କରୁଛନ୍ତି 'ମଗର-ଚୋଷକ' ମାଛ । ଆହା ସେ ଲୋଭ କ'ଣ ଛାଡ଼ିହୁଏ ? ଦଶହାତ ଦଉଡ଼ି ଉପରେ ଚକ୍‌ଚକ୍ ହୋଇ ତେଲ ଭାସୁଛି, ଆଉ ଖୁସ୍‌ବୁ କେତେଦୂର ଯାଉଛି, ତାହା 'ଚେପ୍‌ଟା ହିଁ' କହିପାରେ । ତା' ଉପରେ ସେ କି ଦୃଶ୍ୟ—ଧଳା, ନାଲି, ଜରଦା—ଏକା ଜାଗାରେ ! ଅସଲ ଇଂରେଜୀ ଶୂକରର ମାଂସ, କଳା ପ୍ରକାଣ୍ଡ ବଡ଼ ବନଶୀ ଚାରିଆଡ଼େ ବନ୍ଧା, ପାଣି ଭିତରେ, ରଙ୍ଗବେରଙ୍ଗର ଗୋପୀମଣ୍ଡଳମଧ୍ୟସ୍ଥ କୃଷ୍ଣଙ୍କ ପରି ଝୁଲୁଛି !!

ଏଥର ସମସ୍ତେ ଚୁପ୍—ହଲଚଲ ହୁଅ ନାହିଁ, ଆଉ ଦେଖ—ତରତର ହୁଅ ନାହିଁ । ମୋଟରେ ଦଉଡ଼ି ପାଖରେ ପାଖରେ ହେଇ । ହେଇ ବନଶୀ ପାଖେ ପାଖେ ବୁଲୁଛି, ଥୋପଟା ମୁହଁକୁ ନେଇ ହଲେଇ ହାଲେଇ ଦେଖୁଛି ! ଦେଖ ! ଚୁପ୍ ଚୁପ୍—ଏହିଥର ଚିତ୍ ହେଲା । ହେଇଟି ଗୋଟାଏ କଡ଼ରେ ଗିଳୁଛି; ଚୁପ୍, ଗିଳିବାକୁ ଦିଅ । ଯେତେବେଳେ 'ଚେପ୍‌ଟା' ଅବସରକ୍ରମେ ଆଡ଼ୁଆ ହୋଇ ଥୋପ ଉଦରସ୍ଥ କରି ଯେପରି ଚାଲିଯିବାକୁ ବସିଲା, ସେମିତି ପଡ଼ିଲା ଟାଣ ! ବିସ୍ମିତ 'ଚେପ୍‌ଟା' ପାଟି ଝାଡ଼ି ଚାହିଁଲା ସେଇଟାକୁ ପକାଇଦେବାକୁ—ଓଲଟା ଉତ୍ପାତ !! ବନଶୀ ଗଲା ବନ୍ଧ, ଆଉ ଉପରେ ପିଲା, ବୁଢ଼ା, ଯବାନ—ଦେ ଟାଣ । ହେଇଟି, ମଗର ମୁଣ୍ଡଟା ପାଣି ଭୁଡ଼ି ଉଠିଲା—ଟାଣ ଭାଇ ଟାଣ । ଏହି ଯେ—ପ୍ରାୟ ଅଧେଖଣ୍ଡ ମଗର ପାଣି ଉପରେ ! ବାପ୍‌ରେ, କି ମୁହଁ ! ଆହେ, ସେଇଟା ସବୁଯାକ ମୁହଁ ଆଉ ବେକ ତ ! ଟାଣ—ହେଇଟି, ସବୁଟା ପାଣି ଛାଡ଼ିଛି । ହେଇଟି ବନଶୀଟା ବନ୍ଧିଛି—ଓଠ ଏପାଖ ସେପାଖ—ଟାଣ । ରହ, ରହ—ହେ ଆରବ ପୁଲିସ-ମାନେ, ତା' ଲାଞ୍ଜଆଡ଼େ ଗୋଟାଏ ଦଉଡ଼ି ବାନ୍ଧିଦିଅ ତ—ନୋହିଲେ ହେ ଏତେବଡ଼ ଜନ୍ତୁଟାକୁ ଟାଣି ଉଠାଇବା କଷ୍ଟକର । ସାବଧାନ ହୋଇ ଭାଇ, ସେ ଲାଞ୍ଜମାଡ଼ରେ ଘୋଡ଼ାର ଗୋଡ଼ ମଧ୍ୟ ଭାଙ୍ଗିଯାଏ । ପୁଣି ଟାଣ— କି ଭାରି ହେ ? ଏ ମା'—ଏ କଅଣ ? ହେଇଟି ହେ, ମଗର ପେଟତଳେ ଏ ଝୁଲୁଛି କଅଣ ? ଏସବୁ ଯେ—ଅନ୍ତନାଡ଼ି ! ନିଜ ଓଜନରେ ନିଜର ଅନ୍ତନାଡ଼ି ବାହାରିଲା ଯେ ! ଯାଉ, ସେଇଟା କାଟିଦିଅ, ପାଣିରେ ପଡ଼ୁ, ଓଜନ କମୁ । ଟାଣ ଭାଇ, ଟାଣ । ଏ ଯେ ରକ୍ତର ଝରଣା ହେ ! ଆଉ ଲୁଗାର ମାୟା କଲେ ଚଳିବ ନାହିଁ । ଟାଣ ହେଇଟି ଆସିଲା । ଏଥର ଜାହାଜ ଉପରେ ପକାଅ; ଭାଇ ହୁସିଆର, ଖୁବ୍ ହୁସିଆର, ତଡ଼ି ଆସି ଏକ କାମୁଡ଼ାରେ ଗୋଟାଏ ହାତ ଶେଷ—

ଆଉ ସେ ଲଞ୍ଜକୁ ସାବଧାନ । ଏଥର, ଏଥର ଦଉଡ଼ି ଗୁଡ଼—ଭୁସ୍ ! ବାପ୍‌ରେ, କି ମଗର ! କିପରି ଭୁସ୍ କରି ଜାହାଜ ଉପରେ ପଡ଼ିଲା ! ସାବଧାନର ମାଡ଼ ନାହିଁ—ସେ କଡ଼ିକାଠଟା ଧରି ତା' ମୁଣ୍ଡରେ ପିଟ ହେ । ଫୌଜିମ୍ୟାନ, ତୁମେ ସିପାହୀ ଲୋକ, ଏହା ତୁମର କାମ । 'ସତେ ତ'— ରକ୍ତବୋଳା ଦେହରେ, ଲୁଗାରେ ଫୌଜିଯାତ୍ରୀ, କଡ଼ିକାଠ ଉଠାଇ ଦୁମ୍-ଦୁମ୍ ଦେବାକୁ ଲାଗିଲା ମଗର ମୁଣ୍ଡରେ । ଆଉ ସ୍ତ୍ରୀଲୋକମାନେ—'ଆହା ! କି ନିଷ୍ଠୁର, ମାରନା' ଇତ୍ୟାଦି ଚିତ୍କାର କରିବାକୁ ଲାଗିଲେ, ଅଥଚ ଦେଖିବାକୁ ମଧ୍ୟ ଛାଡ଼ିଲେ ନାହିଁ । ତା'ପରେ ସେ ବୀଭତ୍ସ କାଣ୍ଡ ଏହିଠାରେ ହିଁ ବିରାମ ହେଉ । କିପରି ସେ ମଗରର ପେଟ ଚିରା ହେଲା, କିପରି ରକ୍ତନଦୀ ବହିବାକୁ ଲାଗିଲା, କିପରି ସେ ମଗର ଛିନ୍ନ-ଅନ୍ତ୍ର, ଭିନ୍ନ-ଦେହ, ଛିନ୍ନ ହୃଦୟ ହୋଇ ମଧ୍ୟ କେତେକ୍ଷଣ କମ୍ପିବାକୁ ଲାଗିଲା, ହଲିବାକୁ ଲାଗିଲା; କିପରି ତା'ର ପେଟରୁ ଅସ୍ଥି, ଚର୍ମ, ମାଂସ, କାଠି-କୁଟା ରାଶିକୃତ ବାହାରିଲା—ସେସବୁ କଥା ଥାଉ । ଏପର୍ଯ୍ୟନ୍ତ ଯେ, ସେଦିନ ମୋ ଖିଆପିଆର ଦଫା ମାଟି ହୋଇ ଯାଇଥିଲା । ସବୁ ଜିନିଷରେ ହିଁ ସେହି ମଗରର ଗନ୍ଧ ବୋଧ ହେବାକୁ ଲାଗିଲା ।

ଏ ସୁଏଜ ଖାଲ ଖାତ-ସ୍ଥାପତ୍ୟର ଗୋଟିଏ ଅଦ୍ଭୁତ ନିଦର୍ଶନ । ଫର୍ଡିନେଣ୍ଡ ଲେସେପ୍‌ସ ନାମକ ଜଣେ ଫରାସୀ ସ୍ଥପତି ଏହି ଖାଲ ଖନନ କରିଥିଲେ । ଭୂମଧ୍ୟସାଗର ଆଉ ଲୋହିତସାଗରର ସଂଯୋଗ ହୋଇ ଇଉରୋପ ଏବଂ ଭାରତବର୍ଷ ମଧ୍ୟରେ ବ୍ୟବସାୟ-ବାଣିଜ୍ୟର ଅତ୍ୟନ୍ତ ସୁବିଧା ହୋଇଛି । ମାନବଜାତିର ଉନ୍ନତିର ବର୍ତ୍ତମାନ ଅବସ୍ଥା ପାଇଁ ଯେତେଗୁଡ଼ାଏ କାରଣ ପ୍ରାଚୀନ କାଳରୁ କାର୍ଯ୍ୟ କରିଛି, ତାହା ମଧ୍ୟରେ ବୋଧହୁଏ ଭାରତର ବାଣିଜ୍ୟ ସର୍ବପ୍ରଧାନ । ଅନାଦିକାଳରୁ ଉର୍ବରତାରେ ଏବଂ ବାଣିଜ୍ୟ-ଶିଳ୍ପରେ ଭାରତ ପରି ଦେଶ ଆଉ କଅଣ ଅଛି ? ଦୁନିଆର ଯେତେ ସୂତାଲୁଗା, ତୁଳା, ପାଟ, ନୀଳ, ଲାକ୍ଷା, ଚାଉଳ, ହୀରା, ମୋତି ଇତ୍ୟାଦିର ବ୍ୟବହାର ୧୦୦ ବର୍ଷ ଆଗ ପର୍ଯ୍ୟନ୍ତ ଥିଲା, ତାହା ସମସ୍ତ ହିଁ ଭାରତବର୍ଷରୁ ଯାଉଥିଲା । ତାହା ଛଡ଼ା ଉତ୍କୃଷ୍ଟ ରେଶମି ପଶମି କିଂଖାବ ଇତ୍ୟାଦି ଏ ଦେଶପରି ଆଉ କେଉଁଠାରେ ହେଉ ନ ଥିଲା । ପୁଣି ଲବଙ୍ଗ, ଅଳେଇଚ, ମରିଚ, ଜାଇଫଳ, ଜାୟତ୍ରି ପ୍ରଭୃତି ନାନାବିଧ ମସଲାର ସ୍ଥାନ ଭାରତବର୍ଷ । ସୁତରାଂ ଅତି ପ୍ରାଚୀନକାଳରୁ ଯେଉଁ ଦେଶ ଯେତେବେଳେ ସଭ୍ୟ ହେଉଥିଲେ, ସେ ଦେଶ ସେତେବେଳେ ଏହି ଜିନିଷମାନ ପାଇଁ ଭାରତ ଉପରେ ନିର୍ଭର କରୁଥିଲେ । ଏହି ବାଣିଜ୍ୟ ଦୁଇଟି ପ୍ରଧାନ ଧାରାରେ ଚାଲୁଥିଲା; ଗୋଟିଏ ସ୍ଥଳପଥରେ ଆଫଗାନ ଇରାନ ଦେଶବାଟେ, ଆଉ ଗୋଟିଏ ଜଳପଥରେ ରେଡ୍-ସି ଦେଇ । ସିକନ୍ଦର ଶା' ଇରାନ-ବିଜୟ ପରେ ନିୟାର୍କସ ନାମକ ସେନାପତିଙ୍କୁ ଜଳପଥରେ ସିନ୍ଧୁନଦୀର ମୁହାଣବାଟେ ସମୁଦ୍ର ପାରିହୋଇ ଲୋହିତସାଗର ଦେଇ ରାସ୍ତା ଦେଖିବାକୁ ପଠାଇଥିଲେ । ବାବିଲ, ଇରାନ୍, ଗ୍ରୀସ୍, ରୋମ୍ ପ୍ରଭୃତି ପ୍ରାଚୀନ ଦେଶର ଐଶ୍ୱର୍ଯ୍ୟ ଯେ କେତେ ପରିମାଣରେ ଭାରତର ବାଣିଜ୍ୟ ଉପରେ ନିର୍ଭର କରୁଥିଲା, ତାହା ଅନେକେ ଜାଣନ୍ତି ନାହିଁ । ରୋମ୍-ଧ୍ୱଂସ ପରେ ମୁସଲମାନ ବାଗ୍‌ଦାଦ ଓ ଇଟାଲୀସ୍ଥ ଭେନିସ୍ ଓ ଜେନୋଆ, ଭାରତୀୟ ବାଣିଜ୍ୟର ପ୍ରଧାନ ପାଶ୍ଚାତ୍ୟ

କେନ୍ଦ୍ର ହୋଇଥିଲା । ଯେତେବେଳେ ତୁର୍କମାନେ ରୋମ୍ ସାମ୍ରାଜ୍ୟ ଦଖଲ କରି ଇଟାଲୀୟ-ମାନଙ୍କର ଭାରତ-ବାଣିଜ୍ୟର ରାସ୍ତା ବନ୍ଦ କରିଦେଲେ, ସେତେବେଳେ ଜେନୋଆନିବାସୀ କଲମ୍ବସ (କ୍ରିଷ୍ଟୋଫର୍ କଲମ୍ବସ) ଆଟଲାଣ୍ଟିକ ପାରିହୋଇ ଭାରତକୁ ଆସିବାର ନୂତନ ରାସ୍ତା ବାହାର କରିବାର ଚେଷ୍ଟା କଲେ, ଫଳ—ଆମେରିକା ମହାଦ୍ୱୀପର ଆବିଷ୍କ୍ରିୟା । ଆମେରିକାରେ ପହଞ୍ଚି ମଧ୍ୟ କଲମ୍ବସଙ୍କର ଭ୍ରମ ଯାଇନଥିଲା ଯେ, ଏହା ଭାରତବର୍ଷ ନୁହେଁ । ସେଥିପାଇଁ ଆମେରିକାର ଆଦିମ ନିବାସୀମାନେ ଏପର୍ଯ୍ୟନ୍ତ ମଧ୍ୟ 'ଇଣ୍ଡିଆନ' ନାମରେ ଅଭିହିତ । ବେଦରେ ସିନ୍ଧୁନଦୀର 'ସିନ୍ଧୁ' 'ଇନ୍ଦୁ' ଦୁଇଟିଯାକ ନାମ ମିଳେ । ଇରାନୀମାନେ ତାକୁ 'ହିନ୍ଦୁ', ଗ୍ରୀକ୍‌ମାନେ 'ଇଣ୍ଡୁସ୍' କରି ପକାଇଲେ; ସେଥିରୁ ଇଣ୍ଡିଆ—ଇଣ୍ଡିଆନ୍ । ମୁସଲମାନ ଧର୍ମର ଅଭ୍ୟୁଦୟରେ 'ହିନ୍ଦୁ' ରହିଗଲା—କଳା (ଖରାପ), ଯେପରି ବର୍ତ୍ତମାନ—'ନେଟିଭ୍' ।

ଏ ଭିତରେ ପର୍ତ୍ତୁଗୀଜମାନେ ଭାରତର ନୂତନ ପଥ—ଆଫ୍ରିକା ବୁଲି ଆବିଷ୍କାର କଲେ । ଭାରତ-ଲକ୍ଷ୍ମୀ ପର୍ତ୍ତୁଗାଲ ଉପରେ ସଦୟ ହେଲେ; ପରେ ଫରାସୀ, ଓଲନ୍ଦାଜ, ଦିନାମାର, ଇଂରେଜ । ଇଂରେଜ ଘରେ ଭାରତର ବାଣିଜ୍ୟ, ରାଜସ୍ୱ ସମସ୍ତ ହିଁ; ସେଥିଯୋଗୁ ଇଂରେଜ ଆଜିକାଲି ସମସ୍ତଙ୍କ ଉପରେ ବଡ଼ଜାତି । ତେବେ ଆଜିକାଲି ଆମେରିକା ପ୍ରଭୃତି ଦେଶରେ ଭାରତର ଜିନିଷପତ୍ର ଅନେକ ସ୍ଥଳରେ ଭାରତ ଅପେକ୍ଷା ମଧ୍ୟ ଉତ୍ତମ ଉତ୍ପନ୍ନ ହେଉଛି, ସେଥିଯୋଗୁଁ ଭାରତର ଆଉ ସେତେ ଆଦର ନାହିଁ । ଏ କଥା ଇଉରୋପୀୟ-ମାନେ ସ୍ୱୀକାର କରିବାକୁ ଚାହାଁନ୍ତି ନାହିଁ । ଭାରତ—ନେଟିଭପୂର୍ଣ୍ଣ, ଭାରତ ଯେ ସେମାନଙ୍କର ଧନ-ସଭ୍ୟତାର ପ୍ରଧାନ ସହାୟ ଓ ସମ୍ବଳ, ସେ କଥା ମାନିବାକୁ ଚାହାଁନ୍ତି ନାହିଁ, ବୁଝିବାକୁ ମଧ୍ୟ ଚାହାଁନ୍ତି ନାହିଁ । ଆମେମାନେ ମଧ୍ୟ ବୁଝାଇବାକୁ କ'ଣ ଛାଡ଼ିବୁ ? ଭାବି ଦେଖ, କଥାଟା କ'ଣ ? ଏହି ଯେଉଁମାନେ ଚଷା-ଭୂଷା, ତନ୍ତୀ-ଜୋଲା ଭାରତର ନଗଣ୍ୟ ମଣିଷ —ବିଜାତିବିଜିତ ସ୍ୱଜାତିନିନ୍ଦିତ ଛୋଟ ଜାତି, ସେମାନେ ଆବହମାନ କାଳ ନିରବରେ କାମ କରିଯାଉଛନ୍ତି, ସେମାନଙ୍କ ପରିଶ୍ରମର ଫଳ ମଧ୍ୟ ସେମାନେ ପାଉ ନାହାନ୍ତି ! କିନ୍ତୁ ଧୀରେ ଧୀରେ ପ୍ରାକୃତିକ ନିୟମରେ ଦୁନିଆମସ୍ତ କେତେ ପରିବର୍ତ୍ତନ ହୋଇଯାଉଛି । ଦେଶ, ସଭ୍ୟତା, ପ୍ରାଧାନ୍ୟ ଓଲଟପାଲଟ ହୋଇଯାଉଛି ।

ହେ ଭାରତର ଶ୍ରମଜୀବୀ ! ତୁମମାନଙ୍କର ନୀରବ, ଅନବରତ-ନିନ୍ଦିତ ପରିଶ୍ରମର ଫଳସ୍ୱରୂପ ବାବିଲ, ଇରାନ୍, ଆଲେକ୍‌ଜାଣ୍ଡ୍ରିଆ, ଗ୍ରୀସ୍, ରୋମ୍, ଭେନିସ୍, ଜେନୋଆ, ବାଗ୍‌ଦାଦ, ସମରକନ୍ଦ, ସ୍ପେନ୍, ପର୍ତ୍ତୁଗାଲ, ଫରାସୀ, ଦିନାମାର, ଓଲନ୍ଦାଜ ଓ ଇଂରେଜଙ୍କର କ୍ରମାନ୍ୱୟରେ ଆଧିପତ୍ୟ ଓ ଐଶ୍ୱର୍ଯ୍ୟ । ଆଉ ତୁମେ ?—କିଏ ଭାବେ ଏକଥା ? ସ୍ୱାମୀଜୀ ! ତୁମମାନଙ୍କର ପିତୃପୁରୁଷ ଦି'ଖଣ୍ଡ ଦର୍ଶନ ଲେଖିଛନ୍ତି, ଦଶ ଖଣ୍ଡ କାବ୍ୟ ଲେଖିଛନ୍ତି, ଦଶଟା ମନ୍ଦିର ତୋଳିଛନ୍ତି—ତୁମ ଡାକମାଡ଼ରେ ଗଗନ ଫାଟୁଛି; ଆଉ ଯେଉଁମାନଙ୍କ ରୁଧିରସ୍ରାବରେ ମନୁଷ୍ୟଜାତିର ଯାହା କିଛି ଉନ୍ନତି—ତାଙ୍କର ଗୁଣଗାନ କିଏ କରୁଛି ? ଲୋକଜୟୀ ଧର୍ମବୀର ରଣବୀର କାବ୍ୟବୀର ସମସ୍ତଙ୍କ ଆଖି ଆଗରେ,

ସମସ୍ତଙ୍କର ପୂଜ୍ୟ; କିନ୍ତୁ କେହି ଯେଉଁଠାରେ ଦେଖନ୍ତି ନାହିଁ, କେହି ଯେଉଁଠାରେ ଟିକିଏ ବାହାବା ଦିଅନ୍ତି ନାହିଁ, ଯେଉଁଠାରେ ସମସ୍ତେ ଘୃଣା କରନ୍ତି, ସେଠାରେ ବାସ କରି ଅପାର ସହିଷ୍ଣୁତା, ଅନନ୍ତ ପ୍ରୀତି ଓ ନିର୍ଭୀକ କାର୍ଯ୍ୟକାରିତା; ଆମର ଗରିବମାନେ ଘର ଦୁଆରେ ଦିନରାତି ଯେ ମୁହଁ ବୁଜି କର୍ତ୍ତବ୍ୟ କରି ଯାଉଛନ୍ତି, ସେଥିରେ କ'ଣ ବୀରତ୍ୱ ନାହିଁ ? ବଡ଼ କାମ ହାତକୁ ଆସିଲେ ଅନେକେ ବୀର ହୁଅନ୍ତି, ଦଶ ହଜାର ଲୋକଙ୍କର ବାହାବା'ର ସାମନାରେ କାପୁରୁଷ ମଧ୍ୟ ଅକ୍ଳେଶରେ ପ୍ରାଣ ଦିଏ, ଘୋର ସ୍ୱାର୍ଥପର ମଧ୍ୟ ନିଷ୍କାମ ହୁଏ; କିନ୍ତୁ ଅତି କ୍ଷୁଦ୍ର କାର୍ଯ୍ୟରେ ସମସ୍ତଙ୍କର ଅଜାଣତରେ ମଧ୍ୟ ଯେ ସେହି ନିଃସ୍ୱାର୍ଥପରତା କର୍ତ୍ତବ୍ୟପରାୟଣତା ଦେଖାଏ, ସେହି ଲୋକ ହିଁ ଧନ୍ୟ – ସେ ତୁମେମାନେ —ଭାରତର ଚିରପଦଦଳିତ ଶ୍ରମଜୀବୀ ! —ତୁମମାନଙ୍କୁ ପ୍ରଣାମ କରୁଛି ।

ଏ ସୁଏଜ ଖାଲ ମଧ୍ୟ ଅତି ପ୍ରାଚୀନ ଜିନିଷ । ପ୍ରାଚୀନ ମିଶରର 'ଫେରୋ' ବାଦଶାହାମାନଙ୍କ ସମୟରେ କେତେଗୁଡ଼ିଏ ଲବଣାମ୍ବୁ ଜୋଡ଼ି ସଂଯୁକ୍ତ କରି ଉଭୟସମୁଦ୍ରସ୍ପର୍ଶୀ ଗୋଟିଏ ଖାଲ ତିଆରି ହୋଇଥିଲା । ମିଶରରେ ରୋମ୍ ରାଜ୍ୟର ଶାସନକାଳରେ ମଧ୍ୟ ବେଳେ ବେଳେ ଏହି ଖାଲକୁ ମୁକ୍ତ ରଖିବାର ଚେଷ୍ଟା ହେଉଥିଲା । ପରେ ମୁସଲମାନ ସେନାପତି ଅମରୁ ମିଶର ବିଜୟ କରି ଏହି ଖାଲର ବାଲୁକା ଉଦ୍ଧାର ଓ ଅଙ୍ଗପ୍ରତ୍ୟଙ୍ଗ ବଦଳାଇ ଏକପ୍ରକାର ନୂଆ କରି ପକାଇଲେ ।

ତାହାପରେ ଆଉ କେହି ବେଶୀ କିଛି କରି ନାହାନ୍ତି । ତୁରସ୍କ ସୁଲତାନଙ୍କ ପ୍ରତିନିଧି, ମିଶର ଖେଦିବ ଇସମାଇଲ ଫରାସୀମାନଙ୍କ ପରାମର୍ଶରେ ଅଧିକାଂଶ ଫରାସୀ ଅର୍ଥରେ ଏହି ଖାଲ ଖୋଳାଇଲେ । ଏହି ଖାଲର ମୁସ୍କିଲ ହେଉଛି ଯେ, ମରୁଭୂମି ମଧ୍ୟଦେଇ ଯାଇଥିବା ଯୋଗୁଁ ପୁନଃ ପୁନଃ ବାଲିରେ ଭରିଯାଏ । ଏହି ଖାଲ ମଧ୍ୟରେ ବଡ଼ ବାଣିଜ୍ୟ-ଜାହାଜ ଖଣ୍ଡେ ଏକାଥରକେ ଯାଇପାରେ । ଶୁଣିଛି ଯେ, ଅତି ବୃହତ୍ ରଣ-ତରୀ ବା ବାଣିଜ୍ୟ-ଜାହାଜ ଏକାଥରକେ ଯାଇପାରେ ନାହିଁ । ଆଜିକାଲି ଖଣ୍ଡେ ଜାହାଜ ଯାଉଛି, ଆଉ ଖଣ୍ଡେ ଆସୁଛି, ଏ ଦୁହିଁଙ୍କ ମଧ୍ୟରେ ସଂଘାତ ହୋଇପାରେ—ଏଥିପାଇଁ ସମସ୍ତ ଖାଲଟି କେତେଗୁଡ଼ିଏ ଭାଗରେ ବିଭକ୍ତ କରାହୋଇଛି ଏବଂ ପ୍ରତ୍ୟେକ ଭାଗର ଦୁଇ ମୁହଁରେ କେତେକ ସ୍ଥାନ ଏପରିଭାବରେ ପ୍ରଶସ୍ତ କରି ଦିଆ ହୋଇଛି, ଯେଉଁଥିରେ ଦୁଇତିନି ଖଣ୍ଡ ଜାହାଜ ଏକତ୍ର ରହିପାରେ । ଭୂମଧ୍ୟସାଗର ମୁହଁରେ ପ୍ରଧାନ ଅଫିସ, ଆଉ ପ୍ରତ୍ୟେକ ବିଭାଗରେ ହିଁ ରେଲ-ଷ୍ଟେସନପରି ଷ୍ଟେସନ । ସେହି ପ୍ରଧାନ ଅଫିସରେ ଜାହାଜଟି ଖାଲରେ ପ୍ରବେଶ କରିବାମାତ୍ରେ କ୍ରମାଗତ ତାରଦ୍ୱାରା ଖବର ଯାଉଥାଏ । କେତେ ଖଣ୍ଡ ଆସୁଛି, କେତେ ଖଣ୍ଡ ଯାଉଛି ଏବଂ ପ୍ରତି ମୁହୂର୍ତ୍ତରେ ସେସବୁ କିଏ କେଉଁଠି, ତା' ଖବର ଯାଉଛି ଏବଂ ଗୋଟିଏ ବଡ଼ ନକ୍ସା ଉପରେ ଚିହ୍ନିତ ହେଉଛି । ଗୋଟିକ ସାମନାକୁ ଯଦି ଆଉ ଗୋଟିଏ ଆସେ, ସେଥିପାଇଁ ଏକ ଷ୍ଟେସନର ହୁକୁମ ନ ପାଇ ଆଉ ଏକ ଷ୍ଟେସନ ପର୍ଯ୍ୟନ୍ତ ଜାହାଜ ଯାଇପାରେ ନାହିଁ ।

ଏହି ସୁଏଜ ଖାଲ ଫରାସୀମାନଙ୍କ ହାତରେ । ଯଦିବା 'ଖାଲ-କମ୍ପାନି'ର

ଅଧିକାଂଶ ସେୟାର ବର୍ତ୍ତମାନ ଇଂରେଜମାନଙ୍କର, ତଥାପି ସମସ୍ତ କାର୍ଯ୍ୟ ଫରାସୀମାନେ କରନ୍ତି । ଏହା ରାଜନୈତିକ ମୀମାଂସା ।

## ଭୂମଧ୍ୟସାଗର

ଏଥର ଭୂମଧ୍ୟସାଗର । ଭାରତବର୍ଷର ବାହାରେ ଏପରି ସ୍ମୃତିପୂର୍ଣ୍ଣ ସ୍ଥାନ ଆଉ ନାହିଁ—ଏସିଆ, ଆଫ୍ରିକା, ପ୍ରାଚୀନ ସଭ୍ୟତାର ଅବଶେଷ । ଏକଜାତୀୟ ରୀତିନୀତି ଖାଇବାପିଇବା ଶେଷ ହେଲା—ଆଉ ଏକ ପ୍ରକାର ଆକୃତି-ପ୍ରକୃତି, ଆହାର-ବିହାର, ପରିଚ୍ଛଦ, ଆଚାର-ବ୍ୟବହାର ଆରମ୍ଭ ହେଲା । ଇଉରୋପ ଆସିଲା । ଖାଲି ତାହା ନୁହେଁ—ନାନା ବର୍ଣ୍ଣ, ଜାତି, ସଭ୍ୟତା, ବିଦ୍ୟା ଓ ଆଚାରର ବହୁଶତାବ୍ଦୀବ୍ୟାପୀ ଯେ ମହା—ସମ୍ମିଶ୍ରଣରେ ଫଳସ୍ୱରୂପ ଏହି ଆଧୁନିକ ସଭ୍ୟତା, ସେ ସମ୍ମିଶ୍ରଣର ମହାକେନ୍ଦ୍ର ଏହିଠାରେ । ଯେଉଁ ଧର୍ମ, ଯେଉଁ ବିଦ୍ୟା, ଯେଉଁ ସଭ୍ୟତା, ଯେଉଁ ମହାବୀର୍ଯ୍ୟ ଆଜି ଭୂମଣ୍ଡଳ ପରିବ୍ୟାପ୍ତ ହୋଇଛି, ଏହି ଭୂମଧ୍ୟସାଗରର ଚତୁଃପାର୍ଶ୍ୱ ହିଁ ତା'ର ଜନ୍ମଭୂମି । ଏହି ଦକ୍ଷିଣରେ—ଭାସ୍କର୍ଯ୍ୟ-ବିଦ୍ୟାର ଆକର, ବହୁ ଧନଧାନ୍ୟପ୍ରସୂ, ଅତି ପ୍ରାଚୀନ—ମିଶର; ପୂର୍ବରେ—ଫିନିସିଅନ, ଫିଲିଷ୍ଟିନ, ଇହୁଦୀ, ମହାବଳ ବାବିଲ, ଆସୀରି ଓ ଇରାନୀ ସଭ୍ୟତାର ପ୍ରାଚୀନ ରଙ୍ଗଭୂମି—ଏସିଆ-ମାଇନର; ଉତ୍ତରରେ—ସର୍ବାଶ୍ଚର୍ଯ୍ୟମୟ ଗ୍ରୀକ୍‌ଜାତିର ପ୍ରାଚୀନ ଲୀଳାକ୍ଷେତ୍ର ।

ସ୍ୱାମୀଜୀ ! ଦେଶ ନଦୀ ପାହାଡ଼ ସମୁଦ୍ରର କଥା ତ ଅନେକ ଶୁଣିଲ; ଏକ୍ଷଣି ପ୍ରାଚୀନ କାହାଣୀ କିଛି ଶୁଣ । ଏ ପ୍ରାଚୀନ କାହାଣୀ ଅତି ଅଦ୍ଭୁତ । ଗଳ୍ପ ନୁହେଁ—ସତ୍ୟ, ମାନବଜାତିର ଯଥାର୍ଥ ଇତିହାସ । ଏହିସବୁ ପ୍ରାଚୀନ ଦେଶ କାଳସାଗରରେ ପ୍ରାୟ ଲୁପ୍ତ ହୋଇଥିଲା । ଯାହା କିଛି ଲୋକେ ଜାଣିଥିଲେ, ତାହା ପ୍ରାୟ ପ୍ରାଚୀନ ଯବନ ଐତିହାସିକଙ୍କର ଅଦ୍ଭୁତ ଗଳ୍ପପୂର୍ଣ୍ଣ ପ୍ରବନ୍ଧ ଅଥବା ବାଇବଲ ନାମକ ଇହୁଦୀ-ପୁରାଣର ଅତ୍ୟଦ୍ଭୁତ ବର୍ଣ୍ଣନା ମାତ୍ର । ଆଜିକାଲି ପୁରୁଣା ପଥର, ଘର, ଟାଇଲ୍‌ରେ ଲେଖା ପୋଥି, ପୁଣି ଭାଷା-ବିଶ୍ଳେଷ ଶତମୁଖରେ ଗଳ୍ପ କରୁଛି । ଏ ଗଳ୍ପ ମୂଳରୁ ଆରମ୍ଭ ହୋଇଛି, ଏହିକ୍ଷଣି କେତେ ଆଶ୍ଚର୍ଯ୍ୟ କଥା ବାହାରି ପଡ଼ୁଛି, ପରେ କଅଣ ବାହାରିବ କିଏ ଜାଣେ ? ଦେଶଦେଶାନ୍ତରର ମହାମହାପଣ୍ଡିତ ଦିନରାତି ଟିକିଏ ଖଣ୍ଡେ ଶିଳାଲେଖ ବା ଭଙ୍ଗା ବାସନ ବା ଗୋଟିଏ ଘର ବା ଖଣ୍ଡେ ଟାଇଲ୍ ନେଇ ମୁଣ୍ଡ ଘୂରାଉଛନ୍ତି, ଆଉ ସେ କାଳର ଲୁପ୍ତ ବାର୍ତ୍ତା ବାହାର କରୁଛନ୍ତି ।

ଯେତେବେଳେ ମୁସଲମାନ ନେତା ଓସମାନ୍ କନ୍‌ଷ୍ଟାଣ୍ଟିନୋପଲ ଦଖଲ କଲେ, ସମସ୍ତ ପୂର୍ବ-ଇଉରୋପରେ ଇସଲାମର ଧ୍ୱଜା ସଗର୍ବରେ ଉଡ଼ିବାକୁ ଲାଗିଲା, ସେତେବେଳେ ପ୍ରାଚୀନ ଗ୍ରୀକ୍‌ମାନଙ୍କର ଯେଉଁସବୁ ପୁସ୍ତକ, ବିଦ୍ୟାବୁଦ୍ଧି ସେମାନଙ୍କର ନିର୍ବୀର୍ଯ୍ୟ ବଂଶଧର-ମାନଙ୍କ ପାଖରେ ଲୁଚି ରହିଥିଲା, ତାହା ପଶ୍ଚିମ ଇଉରୋପକୁ ପଳାୟମାନ ଗ୍ରୀକ୍‌ମାନଙ୍କ ସଙ୍ଗେ ସଙ୍ଗେ ବିସ୍ତୃତ ହୋଇଗଲା । ଗ୍ରୀକ୍‌ମାନେ ରୋମ୍‌ର ବହୁକାଳ ପଦାନତ ହୋଇ ମଧ୍ୟ

ବିଦ୍ୟାବୁଦ୍ଧିରେ ରୋମକମାନଙ୍କର ଗୁରୁ ଥିଲେ । ଏପରିକି ଗ୍ରୀକ୍‌ମାନେ ଖ୍ରୀଷ୍ଟିଆନ ହେବା ଯୋଗୁଁ ଏବଂ ଗ୍ରୀକ୍‌ଭାଷାରେ ଖ୍ରୀଷ୍ଟିଆନମାନଙ୍କ ଧର୍ମଗ୍ରନ୍ଥ ଲିଖିତ ହେବା ଯୋଗୁଁ ସମଗ୍ର ରୋମକ ସାମ୍ରାଜ୍ୟରେ ଖ୍ରୀଷ୍ଟଧର୍ମର ବିଜୟ ହୁଏ । କିନ୍ତୁ ପ୍ରାଚୀନ ଗ୍ରୀକ୍, ଯେଉଁମାନଙ୍କୁ ଆମେ ଯବନ କହୁଁ, ଯେଉଁମାନେ ଇଉରୋପୀ ସଭ୍ୟତାର ଆଦିଗୁରୁ, ସେମାନଙ୍କର ସଭ୍ୟତାର ଚରମ ଉତ୍ଥାନ ଖ୍ରୀଷ୍ଟିଆନମାନଙ୍କର ଅନେକ ପୂର୍ବରୁ । ଖ୍ରୀଷ୍ଟିଆନ ହୋଇ ସେମାନଙ୍କର ବିଦ୍ୟାବୁଦ୍ଧି ସମସ୍ତ ଲୋପ ପାଇଗଲା; କିନ୍ତୁ ଯେପରି ହିନ୍ଦୁମାନଙ୍କ ଘରେ ପୂର୍ବପୁରୁଷମାନଙ୍କ ବିଦ୍ୟାବୁଦ୍ଧି କିଛି କିଛି ରକ୍ଷିତ ଅଛି, ସେହିପରି ଖ୍ରୀଷ୍ଟିଆନ ଗ୍ରୀକ୍‌ମାନଙ୍କ ପାଖରେ ଥିଲା । ସେହିସବୁ ପୁସ୍ତକ ଚାରିଆଡ଼େ ଖେଳାଇ ହୋଇଗଲା । ସେଥିରୁ ଇଂରେଜ, ଜର୍ମାନ, ଫ୍ରେଞ୍ଚ୍ ପ୍ରଭୃତି ଜାତି ମଧ୍ୟରେ ପ୍ରଥମ ସଭ୍ୟତାର ଉନ୍ମେଷ । ଗ୍ରୀକ୍‌ଭାଷା, ଗ୍ରୀକ୍-ବିଦ୍ୟା ଶିଖିବାର ଗୋଟାଏ ନିଶା ଲାଗିଗଲା । ପ୍ରଥମେ ଯାହା କିଛି ଏହିସବୁ ପୁସ୍ତକରେ ଥିଲା, ତାହା ହାଡ଼ ସୁଦ୍ଧା ଗିଳାହେଲା । ତାହାପରେ ଯେତେବେଳେ ନିଜର ବୁଦ୍ଧି ମାର୍ଜିତ ହୋଇଆସିବାକୁ ଲାଗିଲା ଏବଂ କ୍ରମେ କ୍ରମେ ପଦାର୍ଥ ବିଦ୍ୟାର ଅଭ୍ୟୁତ୍ଥାନ ହେବାକୁ ଲାଗିଲା, ସେତେବେଳେ ଏସବୁ ଗ୍ରନ୍ଥର ସମୟ, ପ୍ରଣେତା, ବିଷୟ, ଯଥାତଥ୍ୟ ଇତ୍ୟାଦିର ଗବେଷଣା ଚାଲିବାକୁ ଲାଗିଲା । ଖ୍ରୀଷ୍ଟିଆନମାନଙ୍କ ଧର୍ମଗ୍ରନ୍ଥଗୁଡ଼ିକ ଛଡ଼ା ପ୍ରାଚୀନ ଅଖ୍ରୀଷ୍ଟିଆନ ଗ୍ରୀକ୍‌ମାନଙ୍କର ସମସ୍ତ ଗ୍ରନ୍ଥ ଉପରେ ମତାମତ ପ୍ରକାଶ କରିବାକୁ ତ ଆଉ କୌଣସି ବାଧା ରହିଲା ନାହିଁ, ଫଳତଃ ବାହ୍ୟ ଓ ଆଭ୍ୟନ୍ତର ସମାଲୋଚନାର ଏକ ବିଦ୍ୟା ବାହାରିପଡ଼ିଲା ।

ମନେକର, ଖଣ୍ଡେ ପୁସ୍ତକରେ ଲେଖାଅଛି ଯେ ଅମୁକ ସମୟରେ ଅମୁକ ଘଟଣା ଘଟିଥିଲା । କେହି ଦୟାକରି ଗୋଟିଏ ପୁସ୍ତକରେ ଯାହା କିଛି ଲେଖିଛନ୍ତି ବୋଲି କ'ଣ ତାହା ସତ୍ୟ ହେବ ? ଲୋକେ, ବିଶେଷତଃ ସେକାଳର, ଅନେକ କଥା କଳ୍ପନା କରି ଲେଖୁଥିଲେ; ପୁଣି ପ୍ରକୃତି, ଏପରି କି ଆମର ପୃଥିବୀ ସମ୍ବନ୍ଧରେ ସେମାନଙ୍କର ଜ୍ଞାନ ଅଳ୍ପ ଥିଲା । ଏହିସବୁ କାରଣରୁ ଗ୍ରନ୍ଥୋକ୍ତ ବିଷୟର ସତ୍ୟାସତ୍ୟ ନିର୍ଦ୍ଧାରଣରେ ବିଷମ ସନ୍ଦେହ ଜନ୍ମିବାକୁ ଲାଗିଲା । ମନେକର, ଜଣେ ଗ୍ରୀକ୍ ଐତିହାସିକ ଲେଖିଛନ୍ତି ଯେ, ଅମୁକ ସମୟରେ ଭାରତବର୍ଷରେ ଚନ୍ଦ୍ରଗୁପ୍ତ ବୋଲି ଜଣେ ରାଜା ଥିଲେ । ଯଦି ଭାରତବର୍ଷର ଗ୍ରନ୍ଥରେ ମଧ୍ୟ ଏହି ସମୟରେ ଏହି ରାଜାଙ୍କ ନାମର ଉଲ୍ଲେଖ ଦେଖାଯାଏ, ତାହାହେଲେ ବିଷୟଟା ଅନେକ ପରିମାଣରେ ପ୍ରମାଣିତ ହେଲା । ଯଦି ଚନ୍ଦ୍ରଗୁପ୍ତ ଅମଳର କେତେଗୁଡ଼ିଏ ଟଙ୍କା ମିଳେ ବା ତାଙ୍କ ସମୟର ଗୋଟିଏ ଘର ମିଳେ, ଯେଉଁଥିରେ ତାଙ୍କ କଥା ଉଲ୍ଲେଖ ଅଛି, ତାହାହେଲେ ଆଉ କୌଣସି ଗୋଳମାଳ ରହିଲା ନାହିଁ ।

ମନେକର, ପୁଣି ଗୋଟିଏ ପୁସ୍ତକରେ ଲେଖାଅଛି ଯେ, ଗୋଟିଏ ଘଟଣା ସିକନ୍ଦର ବାଦ୍‌ଶାଙ୍କ ସମୟର; କିନ୍ତୁ ତା' ମଧ୍ୟରେ ଜଣେ ଦୁଇଜଣ ରୋମକ ବାଦଶାହାଙ୍କର ଉଲ୍ଲେଖ ଅଛି, ଏପରିଭାବରେ ରହିଛି ଯେ ପ୍ରକ୍ଷିପ୍ତ ହେବା ଅସମ୍ଭବ ନୁହେଁ—ତାହାହେଲେ ସେ ପୁସ୍ତକଟି ସିକନ୍ଦର ବାଦଶାହାଙ୍କ ସମୟର ନୁହେଁ ବୋଲି ପ୍ରମାଣିତ ହେଲା ।

ଅଥବା ଭାଷା—ସମସ୍ତ ସମୟରେ ସବୁଭାଷା ପରିବର୍ତ୍ତିତ ହେଉଛି, ପୁଣି ଜଣେ ଜଣେ ଲେଖକଙ୍କର ଗୋଟାଏ ଗୋଟାଏ ଢଙ୍ଗ ଥାଏ । ଯଦି ଗୋଟିଏ ପୁସ୍ତକରେ ବିନା କାରଣରେ ଗୋଟାଏ ଅପ୍ରାସଙ୍ଗିକ ବର୍ଣ୍ଣନା ଲେଖକର ବିପରୀତ ଢଙ୍ଗରେ ଥାଏ, ତାହାହେଲେ ସେଇଟା ପ୍ରକ୍ଷିପ୍ତ ବୋଲି ସନ୍ଦେହ ହେବ । ଏ ଧରଣର ନାନାପ୍ରକାର ସନ୍ଦେହ, ସଂଶୟ, ପ୍ରମାଣପ୍ରୟୋଗ କରି ଗ୍ରନ୍ଥତତ୍ତ୍ୱ-ନିର୍ଣ୍ଣୟର ଗୋଟିଏ ବିଦ୍ୟା ବାହାରିପଡ଼ିଲା ।

ତାହା ଉପରେ ଆଧୁନିକ ବିଜ୍ଞାନ ଦ୍ରୁତପଦ ସଞ୍ଚାର କରି ନାନା ଦିଗରୁ ରଶ୍ମି ବିକୀରଣ କରିବାକୁ ଲାଗିଲା; ଫଳ—ଯେଉଁ ପୁସ୍ତକରେ ଯେକୌଣସି ଘଟନା ଲେଖା ଅଛି, ତାହା ଏକାବେଳକେ ଅବିଶ୍ୱାସ୍ୟ ହୋଇପଡ଼ିଲା ।

ସବୁ ଉପରେ—ମହାତରଙ୍ଗରୂପକ ସଂସ୍କୃତଭାଷାର ଇଉରୋପରେ ପ୍ରବେଶ ଏବଂ ଭାରତବର୍ଷରେ, ଇଉଫ୍ରେଟିସ ନଦୀତଟରେ ଓ ମିସର ଦେଶରେ ପ୍ରାଚୀନ ଶିଳାଲେଖର ପୁନଃ ଗଠନ; ପୁଣି ବହୁକାଳ ଭୂଗର୍ଭରେ ବା ପର୍ବତପାର୍ଶ୍ୱରେ ଲୁକ୍କାୟିତ ମନ୍ଦିରମାନଙ୍କର ଆବିଷ୍କ୍ରିୟା ଓ ସେମାନଙ୍କର ଯଥାର୍ଥ ଇତିହାସର ଜ୍ଞାନ । ପୂର୍ବେ କହିଛି ଯେ, ଏ ନୂତନ ଗବେଷଣା-ବିଦ୍ୟା 'ବାଇବେଲ' ବା 'ନିଉ ଟେଷ୍ଟାମେଣ୍ଟ' ଗ୍ରନ୍ଥଗୁଡ଼ିକୁ ଅଲଗା ରଖିଥିଲା । ବର୍ତ୍ତମାନ ତ ମାର-ଧର, ଜୀଅନ୍ତା-ପୋଡ଼ା ଆଉ ନାହିଁ, କେବଳ ସମାଜର ଭୟ; ତାହା ଉପେକ୍ଷା କରି ଅନେକଗୁଡ଼ିଏ ପଣ୍ଡିତ ଉକ୍ତ ପୁସ୍ତକଗୁଡ଼ିକୁ ମଧ୍ୟ ଅନେକ ବିଶ୍ଳେଷଣ କରିଛନ୍ତି । ଆଶାକରେ, ହିନ୍ଦୁ ପ୍ରଭୃତି ଧର୍ମପୁସ୍ତକକୁ ସେମାନେ ଯେପରି ବେପରୁଆ ହୋଇ ଟିକଟିକି କରନ୍ତି, ସମୟବେଳେ ସେହିପରି ସତ୍‌ସାହସର ସହିତ ଇହୁଦୀ ଓ ଖ୍ରୀଷ୍ଟିଆନ ପୁସ୍ତକାଦିକୁ ମଧ୍ୟ କରିବେ । ଏକଥା କହୁଛି କାହିଁକି, ତା'ର ଗୋଟିଏ ଉଦାହରଣ ଦିଏ—'ମାସ୍‌ପେରୋ' ବୋଲି ଜଣେ ମହାପଣ୍ଡିତ, ମିସର୍ ପ୍ରତ୍ନତତ୍ତ୍ୱର ଅତି-ପ୍ରତିଷ୍ଠ ଲେଖକ 'ଇସ୍ତୋଆର ଆଁସିଏନ ଓରିଆନ୍ତାଲ' ବୋଲି ମିସର୍ ଓ ବାବିଲମାନଙ୍କର ଗୋଟିଏ ପ୍ରକାଣ୍ଡ ଇତିହାସ ଲେଖିଛନ୍ତି । କେତେକ ବର୍ଷ ପୂର୍ବେ ଉକ୍ତ ଗ୍ରନ୍ଥର ଗୋଟିଏ ଇଂରେଜ ପ୍ରତ୍ନତତ୍ତ୍ୱବିତ୍‌ଙ୍କର ଇଂରେଜୀ ତର୍ଜମା ପଢ଼ିଥିଲି । ଏଥର ବ୍ରିଟିଶ ମିଉଜିୟମର (British Museum) ଜଣେ ଅଧ୍ୟକ୍ଷଙ୍କୁ କେତେଖଣ୍ଡ ମିସର ଓ ବାବିଲ ସମ୍ବନ୍ଧୀୟ ଗ୍ରନ୍ଥ ବିଷୟରେ ପଚାରିବାରୁ ମାସ୍‌ପେରୋଙ୍କ ଗ୍ରନ୍ଥ କଥା ଉଠିଲା । ସେଥିରେ ମୋ ପାଖରେ ଉକ୍ତ ଗ୍ରନ୍ଥର ତର୍ଜମା ଅଛି ଶୁଣି ସେ କହିଲେ ଯେ, ସେଥିରେ ହେବ ନାହିଁ; ଅନୁବାଦକ ଟିକିଏ ଜାଠ ଖ୍ରୀଷ୍ଟିଆନ; ଏଥିଯୋଗୁଁ ଯେଉଁ ଯେଉଁଠାରେ ମାସ୍‌ପେରୋଙ୍କ ଅନୁସନ୍ଧାନ ଖ୍ରୀଷ୍ଟଧର୍ମକୁ ଆଘାତ କରିଛି, ସେସବୁଠାରେ ଗୋଳମାଳ କରି ଦିଆଯାଇଛି ! ମୂଳ ଫରାସୀ ଭାଷାର ଗ୍ରନ୍ଥ ପଢ଼ିବାକୁ କହିଲେ । ପଢ଼ି ଦେଖେ—ଠିକ ସେହି କଥା—ଏହା ଯେ ବିଷମ ସମସ୍ୟା ! ଧର୍ମାନ୍ଧତାଟିକକ କିପରି ଜିନିଷ ଜାଣିଛ ତ ? ସତ୍ୟାସତ୍ୟ ସବୁ ବିଣ୍ଡା ବାନ୍ଧିଯାଏ । ସେହିଦିନଠାରୁ ସେସବୁ ଗବେଷଣା ଗ୍ରନ୍ଥ ଉପରେ ଅନେକ ପରିମାଣରେ ଶ୍ରଦ୍ଧା କମିଯାଇଛି ।

ଆଉ ଏକ ନୂତନ ବିଦ୍ୟା ଜନ୍ମିଛି, ଯାହାର ନାମ ଜାତିବିଦ୍ୟା; ଅର୍ଥାତ୍ ମନୁଷ୍ୟର

ରଙ୍ଗ, କେଶ, ଚେହେରା ମୁଣ୍ଡ-ଗଠନ, ଭାଷା ପ୍ରଭୃତି ଦେଖି ଶ୍ରେଣୀବଦ୍ଧ କରିବା ।

ଜର୍ମନମାନେ ସବୁବିଦ୍ୟାରେ ବିଶାରଦ ହେଲେ ମଧ୍ୟ ସଂସ୍କୃତ ଓ ପ୍ରାଚୀନ ଆସିରୀୟ ବିଦ୍ୟାରେ ବିଶେଷ ପଟୁ; 'ବର୍ଗସ' ପ୍ରଭୃତି ଜର୍ମାନର ପଣ୍ଡିତ ଏହାର ନିଦର୍ଶନ । ଫରାସୀମାନେ ପ୍ରାଚୀନ ମିସରର ତତ୍ତ୍ୱ-ଉଦ୍ଧାରରେ ବିଶେଷ ସଫଳ । 'ମାସ୍ପେରୋ' ପ୍ରମୁଖ ପଣ୍ଡିତମଣ୍ଡଳୀ ଫରାସୀ । ଓଲନ୍ଦାଜ ଲୋକମାନେ ଇହୁଦୀ ଓ ପ୍ରାଚୀନ ଖ୍ରୀଷ୍ଟଧର୍ମର ବିଶ୍ଳେଷଣରେ ବିଶେଷ ପ୍ରତିଷ୍ଠ—'କୁନା' (Kuenen) ପ୍ରଭୃତି ଲେଖକ ଜଗତ୍ପ୍ରସିଦ୍ଧ । ଇଂରେଜମାନେ ଅନେକ ବିଦ୍ୟା ଆରମ୍ଭ କରି ଦେଇ ତାହାପରେ ଓହରିଯାଆନ୍ତି ।

ଏସବୁ ପଣ୍ଡିତମାନଙ୍କର ମତ ବିଷୟରେ କିଛି କହେ । ଯଦି ଭଲ ନ ଲଗେ, ସେମାନଙ୍କ ସଙ୍ଗରେ କଳିଗୋଳ କର, ମୋତେ ଦୋଷ ଦିଅ ନାହିଁ ।

ହିନ୍ଦୁ, ଇହୁଦୀ, ପ୍ରାଚୀନ ବାବିଲ, ମିସରୀ ପ୍ରଭୃତି ପ୍ରାଚୀନ ଜାତିଙ୍କ ମତରେ ସମସ୍ତ ମନୁଷ୍ୟ ଏକ ଆଦିମ ପିତାମାତାଙ୍କଠାରୁ ଅବତୀର୍ଣ୍ଣ ହୋଇଛନ୍ତି । ଏକଥା ବର୍ତ୍ତମାନ ବଡ଼ଲୋକମାନେ ମାନିବାକୁ ଚାହାଁନ୍ତି ନାହିଁ ।

କଳା ମଚମଚ, ନାକଥେନ, ମୋଟା ଓଠ, ଗଡ଼ାଣିଆ କପାଳ ଓ କୁଞ୍ଚୁକୁଞ୍ଚିଆ କେଶ 'କାଫ୍ରି' ଦେଖିଛ ? ପ୍ରାୟ ସେହି ଢଙ୍ଗରେ ଗଢ଼ଣ, ତେବେ ଆକାରରେ ଛୋଟ, କେଶ ଏତେ କୁଞ୍ଚୁକୁଞ୍ଚିଆ ନୁହେଁ, ସାନ୍ତାଲ ଆଣ୍ଡାମାନ ଭିଲ ଦେଖିଛ ? ପ୍ରଥମ ଶ୍ରେଣୀର ନାମ ନିଗ୍ରୋ (Negro) । ଏମାନଙ୍କର ବାସଭୂମି ଆଫ୍ରିକା । ଦ୍ୱିତୀୟ ଜାତିର ନାମ ନେଗ୍ରିଟୋ (Negrito)—ଛୋଟ ନିଗ୍ରୋ । ଏମାନେ ପ୍ରାଚୀନ କାଳରେ ଆରବର କେତେକ ଅଂଶରେ, ଇଉଫ୍ରେଟିସ ତଟ-ଅଂଶରେ ପାରସ୍ୟର ଦକ୍ଷିଣଭାଗରେ, ସାରା ଭାରତବର୍ଷରେ, ଆଣ୍ଡାମାନ ପ୍ରଭୃତି ଦ୍ୱୀପରେ, ମାଳୟ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ବାସ କରୁଥିଲେ । ଆଜକାଲି ଭାରତର କୌଣସି କୌଣସି ଝାଡ଼-ଜଙ୍ଗଲରେ, ଆଣ୍ଡାମାନରେ ଏବଂ ଅଷ୍ଟ୍ରେଲିଆରେ ଏମାନେ ବାସ କରୁଛନ୍ତି ।

ଲେପଚା, ଭୁଟିଆ, ଚୀନା ପ୍ରଭୃତିଙ୍କୁ ଦେଖିଛ ? ସାଧା ରଙ୍ଗ ବା ହଳଦିଆ, ସିଧା କଳା କେଶ । କଳା ଆଖି, କିନ୍ତୁ ଆଖି କୋଣାକୋଣିବଜା, ଦାଢ଼ିନିଶ ଅଳ୍ପ, ଚେପ୍ଟା ମୁଖ, ଆଖିତଳ ହାଡ଼ ଦୁଇଟା ଭାରି ଉଚ୍ଚ ।

ନେପାଳ, ବର୍ମା, ସାଏମି, ମାଳୟି, ଜାପାନୀ ଦେଖିଛ ?—ଏମାନେ ସେହି ଗଢ଼ଣ; ତେବେ ଆକାରରେ ସାନ ।

ଏ ଶ୍ରେଣୀର ଦୁଇ ଜାତିର ନାମ ମଙ୍ଗୋଲ ଓ ମଙ୍ଗୋଲ-ଇଡ୍ (ଛୋଟ ମଙ୍ଗୋଲ) । 'ମଙ୍ଗୋଲ' ଜାତି ଏକ୍ଷଣି ଅଧିକାଂଶ ଏସିଆଖଣ୍ଡ ଦଖଲ କରି ବସିଛନ୍ତି । ଏହିମାନେ ମଙ୍ଗୋଲ, କଲାମୁଖ ହୁନ୍, ଚୀନ, ତାତାର, ତୁର୍କ, ମାନଚୁ, କିର୍ଗିଜ ପ୍ରଭୃତି ବିବିଧ ଶାଖାରେ ବିଭକ୍ତ ହୋଇ ଏକା ଚୀନା ଓ ଜାପାନଙ୍କୁ ଛାଡ଼ି ତମ୍ବୁ ନେଇ ଆଜି ଏ ଦେଶ, କାଲି ସେ ଦେଶ, ମେଣ୍ଢାଛେଳି ଗୋରୁଘୋଡ଼ା ଚରାଇ ବୁଲନ୍ତି । ଆଉ ବାଗ ପାଇଲେ ପଙ୍ଗପାଳ ପରି ଆସି ଦୁନିଆ ଓଲଟପାଲଟ କରିଦିଅନ୍ତି । ଏମାନଙ୍କର ଆଉ ଗୋଟିଏ ନାମ

'ରୁସନ' । ଇସନ୍ ରୁସନ୍—ସେହି ରୁସନ ।

ରଙ୍ଗ କଳା, କନ୍ତୁ ସିଧା କେଶ, ସିଧା ନାକ, ସିଧା କଳା ଆଖି ପ୍ରାଚୀନ ମିସର, ପ୍ରାଚୀନ ବାବିଲୋନଆରେ ବାସ କରୁଥିଲେ ଏବଂ ଅଧୁନା ଭାରତ ତମାମ—ବିଶେଷରେ ଦକ୍ଷିଣ ଦେଶରେ ବାସ କରନ୍ତି । ଇଉରୋପରେ ମଧ୍ୟ ଗୋଟାଏ ଅଧେ ଜାଗାରେ ଚିହ୍ନ ମିଳେ—ଏମାନେ ଏକ ଜାତି । ଏମାନଙ୍କର ପାରିଭାଷିକ ନାମ 'ଦ୍ରାବିଡ଼' ।

ଗୋରା ରଙ୍ଗ, ସିଧା ଆଖି, କନ୍ତୁ ନାକ କାନ—ଗ୍ରମଛେଲ ମୁହଁପର ବଙ୍କା ଆଉ ଶେଷଟା ମୋଟା, କପାଳ ଗଡ଼ାଣିଆ, ଓଠ ମୋଟା, ଯେପରି ଉତ୍ତର ଆରବର ଲୋକ; ବର୍ତ୍ତମାନ ଇହୁଦୀ, ପ୍ରାଚୀନ ବାବିଲ, ଆସିରି, ଫିନସ ପ୍ରଭୃତି । ଏମାନଙ୍କର ଭାଷା ମଧ୍ୟ ଏକ ପ୍ରକାରର; ଏମାନଙ୍କର ନାମ ସେମିଟିକ୍ ।

ଆଉ ଯେଉଁମାନେ ସଂସ୍କୃତପର ଭାଷା କହନ୍ତି, ସିଧା ନାକ ମୁଖ ଆଖି, ରଙ୍ଗ ଗୋରା, କେଶ କଳା ବା କଟା, ଆଖି କଳା ବା ନୀଳ, ଏମାନଙ୍କର ନାମ ଆରଆନ ।

ବର୍ତ୍ତମାନ ସବୁ ଜାତି ଏହିସବୁ ଜାତିର ସମ୍ମିଶ୍ରଣରେ ଉତ୍ପନ୍ନ । ଏମାନଙ୍କ ମଧ୍ୟରେ ଯେଉଁ ଜାତିର ଭାଗ ଅଧିକ ଯେଉଁ ଦେଶରେ, ସେହି ଦେଶର ଭାଷା ଆକୃତି ଅଧିକାଂଶ ସେହି ଜାତିପରି ।

ଉଷ୍ଣ ଦେଶ ହେଲେ ଯେ ରଙ୍ଗ କଳା ହୁଏ ଓ ଶୀତଳ ଦେଶ ହେଲେ ଯେ ବର୍ଣ୍ଣ ଗୋରା ହୁଏ, ଏକଥା ଆଜିକାଲି ଅନେକ ଲୋକ ମାନନ୍ତି ନାହିଁ । କଳା ଓ ଗୋରା ମଧ୍ୟରେ ଯେ ବର୍ଣ୍ଣଗୁଡ଼ିକ, ସେଗୁଡ଼ିକ ଅନେକଙ୍କ ମତରେ ଜାତିମିଶ୍ରଣ ଯୋଗୁଁ ଉତ୍ପନ୍ନ ହୋଇଛି ।

ମିସର ଓ ପ୍ରାଚୀନ ବାବିଲର ସଭ୍ୟତା ପଣ୍ଡିତମାନଙ୍କର ମତରେ ସର୍ବାପେକ୍ଷା ପ୍ରାଚୀନ । ଏହିସବୁ ଦେଶରେ ଖ୍ରୀ. ପୂ. ୬୦୦୦ ବର୍ଷ ବା ତତୋଧିକ କାଳର କୋଠା ଘର-ଦ୍ୱାର ମିଳେ । ଭାରତବର୍ଷରେ ବେଶୀ ହେଲେ ଚନ୍ଦ୍ରଗୁପ୍ତଙ୍କ ସମୟର ଯଦି କିଛି ମିଳେ, ଖ୍ରୀ. ପୂ. ୩୦୦ ବର୍ଷ ମାତ୍ର । ତାହା ପୂର୍ବର ଘରଦ୍ୱାର ଏପର୍ଯ୍ୟନ୍ତ ମିଳି ନାହିଁ* । ତେବେ ତାହାର ବହୁ ପୂର୍ବରୁ ପୁସ୍ତକାଦି ଅଛି, ଯାହା ଅନ୍ୟ କୌଣସି ଦେଶରେ ମିଳେ ନାହିଁ । ପଣ୍ଡିତ ବାଳଗଙ୍ଗାଧର ତିଲକ ପ୍ରମାଣ କରିଛନ୍ତି ଯେ ହିନ୍ଦୁଙ୍କର 'ବେଦ' : ଅନ୍ତତଃ ଖ୍ରୀ: ପୂ: ପାଞ୍ଚ ହଜାର (୫୦୦୦) ବର୍ଷ ଆଗେ ବର୍ତ୍ତମାନ ଆକାରରେ ଥିଲା ।

## ଇଉରୋପୀୟ ସଭ୍ୟତା

ଏହି ଭୂମଧ୍ୟସାଗର ପ୍ରାନ୍ତ—ଯେଉଁ ଇଉରୋପୀ ସଭ୍ୟତା ବର୍ତ୍ତମାନ ବିଶ୍ୱଜୟୀ, ତାହାର ଜନ୍ମଭୂମି । ଏହି ତଟଭୂମିରେ ମିସର, ବାବିଲ, ଫିନକ୍, ଇହୁଦୀ ପ୍ରଭୃତି ସେମିଟିକ୍ ଜାତିବର୍ଗ ଓ ଇରାନ, ଯବନ, ରୋମକ ପ୍ରଭୃତି ଆର୍ଯ୍ୟ ଜାତିର ସମ୍ମିଶ୍ରଣରେ—ବର୍ତ୍ତମାନ ଇଉରୋପୀୟ ସଭ୍ୟତା ।

---

* କେତେକ ବର୍ଷ ପୂର୍ବେ ପଞ୍ଜାବର ହରପ୍ପା ଓ ସିନ୍ଧୁଦେଶସ୍ଥ ମହେଞ୍ଜୋଦାରୋ ଗ୍ରାମରେ ଭୂଗର୍ଭରେ ଖ୍ରୀ: ପୂ: ୩୦୦୦ ବର୍ଷ ପୂର୍ବର ସଭ୍ୟତାର ନିଦର୍ଶନ ସବୁ ମିଳିଛି ।—ସମ୍ପାଦକ

'ରୋଜେଣ୍ଟା ଷ୍ଟୋନ' ନାମକ ଖଣ୍ଡେ ବୃହତ୍ ଶିଳାଲେଖ ମିସରରେ ମିଳିଥିଲା । ତା' ଉପରେ ଜୀବଜନ୍ତୁର ଲଙ୍ଗୁଡ଼ ଇତ୍ୟାଦି ରୂପ, ଚିତ୍ରଲିପିରେ ଲିଖିତ ଗୋଟିଏ ଲେଖ ଅଛି । ତା' ତଳେ ଆଉ ଏକପ୍ରକାର ଲେଖ, ସବୁର ତଳେ ଗ୍ରୀକ୍‌ଭାଷା ଅନୁଯାୟୀ ଲେଖ । ଜଣେ ପଣ୍ଡିତ ଏହି ତିନି ଲେଖକୁ ଏକ ବୋଲି ଅନୁମାନ କରନ୍ତି । 'କପ୍ଟ' ନାମକ ଯେଉଁ ଖ୍ରୀଷ୍ଟିଆନ ଜାତି ଆଜିକାଲି ମଧ୍ୟ ମିସରରେ ବର୍ତ୍ତମାନ ଏବଂ ଯେଉଁମାନେ ପ୍ରାଚୀନ ମିସରି-ମାନଙ୍କର ବଂଶଧର ବୋଲି ପରିଚିତ, ସେମାନଙ୍କ ଲେଖା ସାହାଯ୍ୟରେ ସେ ଏହି ପ୍ରାଚୀନ ମିସରି-ଲିପିର ଉଦ୍ଧାର କରିଥିଲେ । ଏହିପରି ବାବିଲମାନଙ୍କର ଇଟା ଓ ଟାଇଲରେ ଖୋଦିତ ଭଲ୍ଲାଗ୍ରପରି ଲିପି ମଧ୍ୟ କ୍ରମେ ଉଦ୍ଧାର ହୁଏ । ଏ ଦିଗରେ ଭାରତବର୍ଷର ଲଙ୍ଗଳା-କୃତି କେତେଗୁଡ଼ିଏ ଲେଖ ମହାରାଜା ଅଶୋକଙ୍କ ସମସାମୟିକ ଲିପି ବୋଲି ଆବିଷ୍କୃତ ହେଲା । ଏତଦପେକ୍ଷା ପ୍ରାଚୀନ ଲିପି ଭାରତବର୍ଷରେ ମିଳି ନାହିଁ । ମିସରମସ୍ଥ ନାନାପ୍ରକାର ମନ୍ଦିର, ସ୍ତମ୍ଭ, ଶବାଧାର ଇତ୍ୟାଦିରେ ଯେଉଁସବୁ ଚିତ୍ରଲିପି ଲିଖିତ ଥିଲା, କ୍ରମେ ସେଗୁଡ଼ିକ ପଠିତ ହୋଇ ପ୍ରାଚୀନ ମିସର-ତତ୍ତ୍ୱ ବିଶଦ କରିପକାଉଛି ।

ମିସରମାନେ ସମୁଦ୍ର ପାରି ହୋଇ 'ପୁଣ୍ଟ' ନାମକ ଦକ୍ଷିଣ ଦେଶରୁ ମିସରରେ ପ୍ରବେଶ କରିଥିଲେ । କିଏ କିଏ କହନ୍ତି ଯେ ଏହି 'ପୁଣ୍ଟ' ବର୍ତ୍ତମାନ ମାଲବାର ଏବଂ ମିସରସ୍ଥା ଓ ଦ୍ରାବିଡ଼ିଆ ଏକ ଜାତି । ଏହାଙ୍କର ପ୍ରଥମ ରାଜାଙ୍କର ନାମ 'ମେନୁସ୍' । ଏମାନଙ୍କର ପ୍ରାଚୀନ ଧର୍ମ ମଧ୍ୟ କୌଣସି କୌଣସି ଅଂଶରେ ଆମମାନଙ୍କ ପୌରାଣିକ କଥା ପରି । 'ଶିବୁ' ଦେବତା 'ନୁଇ' ଦେବୀଙ୍କଦ୍ୱାରା ଆଚ୍ଛାଦିତ ହୋଇଥିଲେ, ପରେ ପୁଣି ଏକ ଦେବତା 'ଶୁ' ଆସି ବଳପୂର୍ବକ 'ନୁଇ'ଙ୍କୁ ଉଠାଇଦେଲେ । 'ନୁଇ'ଙ୍କ ଶରୀର ଆକାଶ ହେଲା, ଦୁଇହାତ ଓ ଦୁଇଗୋଡ଼ ହେଲ ସେହି ଆକାଶର ଚାରି ସ୍ତମ୍ଭ । ଆଉ 'ଶିବୁ' ହେଲେ ପୃଥିବୀ । 'ନୁଇ'ଙ୍କ ପୁତ୍ର କନ୍ୟା 'ଅସିରିସ୍' ଓ 'ଇସିସ୍' ମିସରର ପ୍ରଧାନ ଦେବଦେବୀ ଏବଂ ସେମାନଙ୍କ ପୁତ୍ର 'ହୋରସ୍' ସର୍ବୋପାସ୍ୟ । ଏହି ତିନି ଜଣ ଏକ ସଙ୍ଗରେ ଉପାସିତ ହୁଅନ୍ତି । 'ଇସିସ୍' ପୁଣି ଗୋ-ମାତାରୂପେ ପୂଜିତ ।

ପୃଥିବୀରେ 'ନୀଳ' ନଦୀପରି ଆକାଶରେ ଏହିପ୍ରକାର ନୀଳନଦ ଅଛି—ପୃଥିବୀର ନୀଳନଦ ତାହାର୍ ଅଂଶ ମାତ୍ର । ଏମାନଙ୍କ ମତରେ ସୂର୍ଯ୍ୟଦେବ ନୌକାଦ୍ୱାରା ପୃଥିବୀ ପରିଭ୍ରମଣ କରନ୍ତି; ବେଳେ ବେଳେ 'ଅହି' ନାମକ ସର୍ପ ତାଙ୍କୁ ଗ୍ରାସ କରନ୍ତି; ସେତେବେଳେ ଗ୍ରହଣ ହୁଏ ।

ଚନ୍ଦ୍ରଦେବଙ୍କୁ ଗୋଟିଏ ଶୂକର ମଝିରେ ମଝିରେ ଆକ୍ରମଣ କରିଥାଏ ଏବଂ ଖଣ୍ଡ ଖଣ୍ଡ କରିପକାଏ । ପରେ ୧୫ ଦିନ ତାଙ୍କୁ ଭଲ ହେବାକୁ ଲାଗେ । ମିସରର ଦେବତାସବୁ କିଏ 'ଶୃଗାଲମୁଖ', କିଏ 'ଛଞ୍ଚାଣ-ମୁଖଯୁକ୍ତ', କିଏ 'ଗୋ-ମୁଖ' ଇତ୍ୟାଦି ।

ସଙ୍ଗେ ସଙ୍ଗେ ଇଉଫ୍ରେଟିସ୍ ତୀରରେ ଅଉ ଏକ ସଭ୍ୟତାର ଉତ୍‌ଥାନ ହୋଇ-ଥିଲା । ସେମାନଙ୍କ ମଧ୍ୟରେ 'ବାଲ' 'ମୋଲକ' 'ଇସ୍ତାରତ' ଓ 'ଦମୁଜି' ପ୍ରଧାନ । 'ଇସ୍ତାରତ' 'ଦମୁଜି' ନାମକ ମେଷ-ପାଳକର ପ୍ରଣୟରେ ଆବଦ୍ଧ ହେଲେ । ଗୋଟିଏ

ବଗନ୍ଧ 'ତମୁଜ'ଙ୍କୁ ମାରି ପକାଇଲା । ପୃଥିବୀତଳେ ପରଲୋକରେ 'ଇସ୍ତାରତ' 'ତମୁଜ'ଙ୍କ ଅନ୍ୱେଷଣରେ ଗଲେ । ସେଠାରେ 'ଆଲତ୍' ନାମକ ଭୟଙ୍କରୀ ଦେବୀ ତାଙ୍କୁ ବହୁ ଯନ୍ତ୍ରଣା ଦେଲେ । ଶେଷରେ 'ଇସ୍ତାରତ' କହିଲେ ଯେ, ମୁଁ 'ତମୁଜ'ଙ୍କୁ ନ ପାଇଲେ ମର୍ତ୍ତ୍ୟ-ଲୋକକୁ ଆଉ ଯିବି ନାହିଁ । ମହା ମୁସ୍କିଲ—ଏ ହେଲେ କାମଦେବୀ; ଏ ନ ଆସିଲେ ମଣିଷ, ଜନ୍ତୁ, ଗଛପତ୍ର ଆଉ କିଛି ଜନ୍ମିବ ନାହିଁ । ସେତେବେଳେ ଦେବତାମାନେ ସିଦ୍ଧାନ୍ତ କଲେ ଯେ ପ୍ରତିବର୍ଷ 'ତମୁଜ' ଚାରିମାସ ରହିବେ ପରଲୋକରେ, ପାତାଳରେ—ଆଉ ଆଠମାସ ରହିବେ ମର୍ତ୍ତ୍ୟଲୋକରେ । ସେତେବେଳେ 'ଇସ୍ତାରତ୍' ଫେରି ଆସିଲେ—ବସନ୍ତର ଆଗମନ ହେଲା, ଶସ୍ୟାଦି ଜନ୍ମିଲା ।

ଏହି 'ତମୁଜ' ପୁଣି 'ଆଦୁନେଇ' ବା 'ଆଦୁନିସ୍' ନାମରେ ବିଖ୍ୟାତ । ସମସ୍ତ 'ସେମିଟିକ' ଜାତିମାନଙ୍କର ଧର୍ମ କିଞ୍ଚିତ୍ ଅବାନ୍ତର ଭେଦରେ ପ୍ରାୟ ଏକାପ୍ରକାର ଥିଲା । ବାବିଲ, ଇହୁଦୀ, ଫିନିକ ଓ ପରବର୍ତ୍ତୀ ଆରବମାନଙ୍କର ଏକପ୍ରକାର ଉପାସନା ଥିଲା । ପ୍ରାୟ ସବୁ ଦେବତାଙ୍କ ନାମ 'ମୋଲକ୍' (ସେଉଁ ଶବ୍ଦଟି ବଙ୍ଗଳା ଭାଷାରେ ମାଲିକ, ମୁଲ୍ଲୁକ ଇତ୍ୟାଦି ରୂପରେ ଏପର୍ଯ୍ୟନ୍ତ ରହିଛି) ଅଥବା 'ବାଲ୍'; ତେବେ ଅବାନ୍ତର ଭେଦ ଥିଲା । କାହା କାହା ମତରେ—ଏ 'ଆଲତ୍' ଦେବତା ପରେ ଆରବମାନଙ୍କର 'ଆଲ୍ଲା' ହେଲେ । ଏହିସବୁ ଦେବତାପୂଜା ମଧ୍ୟରେ କେତେଗୁଡ଼ିଏ ଭୟାନକ ଓ ଜଘନ୍ୟ ବ୍ୟାପାର ମଧ୍ୟ ଥିଲା । 'ମୋଲକ୍' ବା 'ବାଲ'ଙ୍କ ପାଖରେ ପୁତ୍ରକନ୍ୟାଙ୍କୁ ଜୀବନ୍ତ ପୋଡ଼ା ହେଉଥିଲା । 'ଇସ୍ତାରତ୍'ଙ୍କ ମନ୍ଦିରରେ ସ୍ୱାଭାବିକ ଓ ଅସ୍ୱାଭାବିକ କାମସେବା ପ୍ରଧାନ ଅଙ୍ଗ ଥିଲା ।

ଇହୁଦୀ ଜାତିର ଇତିହାସ ବାବିଲ ଅପେକ୍ଷା ଅନେକ ଆଧୁନିକ । ପଣ୍ଡିତମାନଙ୍କ ମତରେ ବାଇବେଲ ନାମକ ଧର୍ମଗ୍ରନ୍ଥ ଖ୍ରୀ:ପୂ ୫୦୦ ଶତାବ୍ଦୀଠାରୁ ଆରମ୍ଭ ହୋଇ ଖ୍ରୀଷ୍ଟପର ପର୍ଯ୍ୟନ୍ତ ଲିଖିତ ହୁଏ । ବାଇବେଲର ଅନେକ ଅଂଶ ଯାହା ପୂର୍ବର ବୋଲି ପ୍ରଥିତ, ତାହା ଅନେକ ପରର । ଏହି ବାଇବେଲର ସ୍ଥୂଳ କଥାଗୁଡ଼ିକ 'ବାବିଲ' ଜାତିର—ବାବିଲ-ମାନଙ୍କର ସୃଷ୍ଟି-ବର୍ଣ୍ଣନା, ଜଳପ୍ଲାବନ ବର୍ଣ୍ଣନା ଅନେକ ସ୍ଥଳରେ ବାଇବେଲ ଗ୍ରନ୍ଥରେ ସମଗ୍ର ଗୃହୀତ । ତାହା ଉପରେ ପାରସୀ ବାଦଶାହାମାନେ ଯେତେବେଳେ ଏସିଆ-ମାଇନର ଉପରେ ରାଜତ୍ୱ କଲେ, ସେହି ସମୟରେ ଅନେକ 'ପାରସୀ'-ମତ ଇହୁଦୀଙ୍କ ମଧ୍ୟରେ ପ୍ରବେଶ କଲା । ବାଇବେଲର ପ୍ରାଚୀନ ଭାଗ ମତରେ ଏହି ଜଗତ ହିଁ ସବୁ; ଆତ୍ମା ବା ପରଲୋକ ନାହିଁ । ନବୀନ ଭାଗରେ 'ପାରସୀମାନଙ୍କ' ପରଲୋକବାଦ, ମୃତର ପୁନରୁତ୍ଥାନ ଇତ୍ୟାଦି ଦୃଷ୍ଟ ହୁଏ ଏବଂ ସଇତାନ-ବାଦଟି ସମ୍ପୂର୍ଣ୍ଣ ପାରସୀମାନଙ୍କର ।

ଇହୁଦୀମାନଙ୍କର ଧର୍ମର ପ୍ରଧାନ ଅଙ୍ଗ 'ୟାଭେ' ନାମକ 'ମୋଲକ୍'ଙ୍କର ପୂଜା । ଏହି ନାମଟି କିନ୍ତୁ ଇହୁଦୀ ଭାଷାର ନୁହେଁ, କାହା କାହା ମତରେ ଏହିଟି ମିସରୀ ଶବ୍ଦ । କିନ୍ତୁ ଏହା କେଉଁଠାରୁ ଆସିଲା, କେହି ଜାଣନ୍ତି ନାହିଁ । ବାଇବେଲରେ ବର୍ଣ୍ଣନା ଅଛି ଯେ, ଇହୁଦୀମାନେ ମିସରରେ ଆବଦ୍ଧ ହୋଇ ଅନେକ ଦିନ ଥିଲେ, ସେସବୁ ଏବେଣି କେହି ବେଶୀ ମାନନ୍ତି ନାହିଁ ଏବଂ 'ଇବ୍ରାହିମ', 'ଇସହାକ', 'ଇଉସୁଫ' ପ୍ରଭୃତି ଗୋତ୍ରପିତା-

ମାନଙ୍କର ରୂପକ ବୋଲି ପ୍ରମାଣ କରନ୍ତି ।

ଇହୁଦୀମାନେ 'ୟାଭେ' ଏ ନାମ ଉଚ୍ଚାରଣ କରୁ ନ ଥିଲେ; ତାହା ସ୍ଥାନରେ 'ଆଦୁନୋଇ' କହୁଥିଲେ । ଯେତେବେଳେ ଇହୁଦୀମାନେ ଇସ୍ରେଲ ଓ ଇଫ୍ରେମ ଏହି ଦୁଇ ଶାଖାରେ ବିଭକ୍ତ ହେଲେ, ସେତେବେଳେ ଦୁଇ ଦେଶରେ ଦୁଇଟି ପ୍ରଧାନ ମନ୍ଦିର ନିର୍ମିତ ହେଲା । ଜେରୁଜେଲମରେ ଇସ୍ରେଲମାନଙ୍କର ଯେଉଁ ମନ୍ଦିର ନିର୍ମିତ ହେଲା, ସେଥିରେ 'ୟାଭେ' ଦେବତାଙ୍କର ଗୋଟିଏ ନର-ନାରୀ-ସଂଯୋଗ-ମୂର୍ତ୍ତି ଏକ ସିନ୍ଦୁକ ଭିତରେ ରକ୍ଷିତ ହେଉଥିଲା । ଦ୍ୱାରଦେଶରେ ଗୋଟିଏ ବୃହତ୍ ପୁଂ-ଚିହ୍ନ ସ୍ତମ୍ଭ ଥିଲା । ଇଫ୍ରେମରେ 'ୟାଭେ' ଦେବତା ସୁନାମୋଡ଼ା ବୃଷଭ-ମୂର୍ତ୍ତିରେ ପୂଜିତ ହେଉଥିଲେ ।

ଉଭୟ ସ୍ଥାନରେ ଜ୍ୟେଷ୍ଠପୁତ୍ରକୁ ଦେବତାଙ୍କ ପାଖରେ ଜୀବନ୍ତ ଅଗ୍ନିରେ ଆହୁତି ଦିଆଯାଉଥିଲା ଏବଂ ଦଳେ ସ୍ତ୍ରୀଲୋକ ଏହି ଦୁଇ ମନ୍ଦିରରେ ବାସ କରୁଥିଲେ । ସେମାନେ ମନ୍ଦିର ମଧ୍ୟରେ ବେଶ୍ୟାବୃତ୍ତି କରି ଯାହା ଉପାର୍ଜନ କରୁଥିଲେ, ତାହା ମନ୍ଦିରର ବ୍ୟୟରେ ଲାଗୁଥିଲା ।

କ୍ରମେ ଇହୁଦୀମାନଙ୍କ ମଧ୍ୟରେ ଦଳେ ଲୋକଙ୍କର ପ୍ରାଦୁର୍ଭାବ ହେଲା । ସେମାନେ ଗୀତ ବା ନୃତ୍ୟଦ୍ୱାରା ଆପଣା ମଧ୍ୟରେ ଦେବତା-ଆବେଶ କରୁଥିଲେ । ଏମାନଙ୍କ ନାମ ନବୀ ବା prophet (ଭାବବାଦୀ) । ଏମାନଙ୍କ ମଧ୍ୟରୁ ଅନେକେ ଇରାନମାନଙ୍କ ସଂସର୍ଗରେ ମୂର୍ତ୍ତି-ପୂଜା, ପୁତ୍ରବଳି, ବେଶ୍ୟାବୃତ୍ତି ଇତ୍ୟାଦିର ବିପକ୍ଷ ହୋଇପଡ଼ିଲେ । କ୍ରମେ ବଳି ଜାଗାରେ ହେଲା 'ସୁନ୍ନତ୍'; ବେଶ୍ୟା-ବୃତ୍ତି, ମୂର୍ତ୍ତି ଆଦି କ୍ରମେ ଉଠିଗଲା; କ୍ରମେ ଏହି ନବୀ-ସମ୍ପ୍ରଦାୟ ମଧ୍ୟରୁ ଖ୍ରୀଷ୍ଟିଆନ ଧର୍ମର ସୃଷ୍ଟି ହେଲା ।

'ଈଶା' ନାମକ କୌଣସି ପୁରୁଷ କେବେବେଳେ ଜନ୍ମିଥିଲେ କି ନାହିଁ, ଏହା ନେଇ ବିଷମ ବିତଣ୍ଡା । 'ନ୍ୟୁ ଟେଷ୍ଟାମେଣ୍ଟ'ର ଯେଉଁ ଚାରିଗୋଟି ପୁସ୍ତକ, ତା' ମଧ୍ୟରୁ 'ସେଣ୍ଟ ଜନ୍' ନାମକ ପୁସ୍ତକ ତ ସମ୍ପୂର୍ଣ୍ଣ ଅଗ୍ରାହ୍ୟ ହୋଇଛି । ବାକି ତିନିଖଣ୍ଡ କୌଣସି ଏକ ପ୍ରାଚୀନ ପୁସ୍ତକ ଦେଖି ଲେଖା—ଏହି ସିଦ୍ଧାନ୍ତ; ତାହା ମଧ୍ୟ 'ଈଶା'-ହଜରତଙ୍କର ଯେଉଁ ସମୟ ନିର୍ଦ୍ଦିଷ୍ଟ ଅଛି, ତାହାର ଅନେକ ପରେ ।

ଆଉ ମଧ୍ୟ ଯେଉଁ ସମୟରେ 'ଈଶା' ଜାତ ହୋଇଥିଲେ ବୋଲି ପ୍ରସିଦ୍ଧି ଅଛି, ସେହି ସମୟରେ ଏହି ଇହୁଦୀମାନଙ୍କ ମଧ୍ୟରେ ଦୁଇ ଜଣ ଐତିହାସିକ ଜନ୍ମିଥିଲେ— 'ଜୋସିଫୁସ' ଓ 'ଫିଲୋ' । ଏମାନେ ଇହୁଦୀମାନଙ୍କର କ୍ଷୁଦ୍ର କ୍ଷୁଦ୍ର ସମ୍ପ୍ରଦାୟର ଉଲ୍ଲେଖ କରିଛନ୍ତି; କିନ୍ତୁ 'ଈଶା' ବା ଖ୍ରୀଷ୍ଟିଆନମାନଙ୍କର ନାମ ମଧ୍ୟ ନାହିଁ, ଅଥବା ରୋମାନ୍ ଜଜ୍ ତାଙ୍କୁ କ୍ରୁଶରେ ମାରିବାକୁ ହୁକୁମ ଦେଇଥିଲେ, ଏହାର କୌଣସି କଥା ହିଁ ନାହିଁ । ଜୋସିଫସଙ୍କ ପୁସ୍ତକରେ ଏକ ଛତ୍ର ଥିଲା, ତାହା ଏବେ ପ୍ରକ୍ଷିପ୍ତ ବୋଲି ପ୍ରମାଣିତ ହୋଇଛି ।

ରୋମକମାନେ ଏହି ସମୟରେ ଇହୁଦୀମାନଙ୍କ ଉପରେ ରାଜତ୍ୱ କରୁଥିଲେ, ଗ୍ରୀକ୍‌ମାନେ ସବୁ ବିଦ୍ୟା ଶିଖାଉଥିଲେ । ଏମାନେ ସମସ୍ତେ ଇହୁଦୀମାନଙ୍କ ସମ୍ବନ୍ଧରେ ଅନେକ କଥା ଲେଖିଛନ୍ତି; କିନ୍ତୁ 'ଈଶା' ବା ଖ୍ରୀଷ୍ଟିଆନମାନଙ୍କର କୌଣସି କଥା ନାହିଁ ।

ପୁଣି ମୁସ୍କିଲ ଯେ ଯେଉଁସବୁ କଥା, ଉପଦେଶ ବା ମତ 'ନିଉ ଟେଷ୍ଟାମେଣ୍ଟ' ଗ୍ରନ୍ଥରେ ଲିଖିତ ଅଛି, ସେସମସ୍ତ ନାନା ଦିଗ୍‌ଦେଶରୁ ଆସି ଖ୍ରୀଷ୍ଟାବ୍ଦର ପୂର୍ବେ ହିଁ ଇହୁଦୀମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ଏବଂ 'ହିଲେଲ୍' ପ୍ରଭୃତି ଋଷିମାନେ (ଉପଦେଶକ) ପ୍ରଚାର କରୁଥିଲେ । ପଣ୍ଡିତମାନେ ତ ଏହିସବୁ କହୁଛନ୍ତି, ତେବେ ଅନ୍ୟର ଧର୍ମ ସମ୍ବନ୍ଧରେ ଯେପରି ଧାଇଁକରି ଗୋଟାଏ କଥା କହିପକାନ୍ତି, ନିଜ ଦେଶର ଧର୍ମ ସମ୍ବନ୍ଧରେ ତାହା କହିଲେ କଅଣ ଆଉ ଦମାକ୍ ରହିବ ? ସୁତରାଂ ଶନୈଃ ଶନୈଃ ଯାଉଛନ୍ତି । ଏହାର ନାମ 'ହାଇଅର କ୍ରିଟିସିଜମ୍' (Higher criticism) ।

ପାଶ୍ଚାତ୍ୟ ବୁଧମଣ୍ଡଳୀ ଏହିପ୍ରକାରେ ଦେଶଦେଶାନ୍ତରର ଧର୍ମ, ନୀତି, ଜାତି ଇତ୍ୟାଦିର ଆଲୋଚନା କରୁଛନ୍ତି । ଆମ ବଙ୍ଗଳା ଭାଷାରେ କିଛି ହିଁ ନାହିଁ । ହେବ କିପରି —ଏକେ ବିଚରା ୧୦ ବର୍ଷ ହାଡ଼ଗୋଡ଼ଭଙ୍ଗା ପରିଶ୍ରମ କରି ଯଦି ଏହିପ୍ରକାର ଖଣ୍ଡେ ବହି ତର୍ଜମା କଲା ତ, ସେ ନିଜେ ବା ଖାଇବ କ'ଣ; ପୁଣି ବହି ବା ଛପାଇବ କ'ଣ ଦେଇ ?

ଏକେ ଦେଶ ଅତି ଦରିଦ୍ର, ପୁଣି ବିଦ୍ୟା ଏକାଥରକେ ନାହିଁ କହିଲେ ଚଳେ । ଏପରି ଦିନ କ'ଣ ହେବ ଯେ ଆମେ ନାନାପ୍ରକାର ବିଦ୍ୟାର ଚର୍ଚ୍ଚା କରିବା ? 'ମୂକଂ କରୋତି ବାଚାଳଂ; ପଙ୍ଗୁମ୍ ଲଙ୍ଘୟତେ ଗିରିଂ—ଯତ୍ କୃପା'...!—ମା ଜଗଦମ୍ବା ହିଁ ଜାଣନ୍ତି ।

ଜାହାଜ ନେପଲସ୍‌ରେ ଲାଗିଲା—ଆମେ ଇଟାଲୀରେ ପହଞ୍ଚିଲୁଁ । ଏହି ଇଟାଲୀର ରାଜଧାନୀ ରୋମ୍ ! ଏହି ରୋମ୍, ସେହି ପ୍ରାଚୀନ ମହାବୀର୍ଯ୍ୟ ରୋମ୍‌ସାମ୍ରାଜ୍ୟର ରାଜଧାନୀ—ଯାହାର ରାଜନୀତି, ଯୁଦ୍ଧବିଦ୍ୟା, ଉପନିବେଶ ସଂସ୍ଥାପନ, ପରଦେଶ ବିଜୟ ଏପର୍ଯ୍ୟନ୍ତ ମଧ୍ୟ ସମଗ୍ର ପୃଥିବୀର ଆଦର୍ଶ ।

ନେପଲସ୍ ଛାଡ଼ି ଜାହାଜ ମାର୍ସାଇଲ୍‌ରେ ଲାଗିଥିଲା । ତାହାପରେ ଏକାଥରକେ ଲଣ୍ଡନ ।

ଇଉରୋପ ସମ୍ବନ୍ଧରେ ତ ସେମାନଙ୍କର ନାନା କଥା ଶୁଣାଅଛ । ସେମାନେ କ'ଣ ଖାଆନ୍ତି, କ'ଣ ପିନ୍ଧନ୍ତି, କ'ଣ ରୀତି-ନୀତି-ଆଚାର ଇତ୍ୟାଦି, ତା' ମୁଁ ଆଉ କ'ଣ କହିବ । ତେବେ ଇଉରୋପୀ ସଭ୍ୟତା କ'ଣ, ଏହାର ଉତ୍ପତ୍ତି କେଉଁଠାରୁ, ଆମ ସଙ୍ଗରେ ଏହାର କି ସମ୍ବନ୍ଧ, ଏ ସଭ୍ୟତାର କେତେ ପରିମାଣରେ ଆମମାନଙ୍କର ନେବା ଉଚିତ—ଏ ସମ୍ବନ୍ଧରେ ଅନେକ କଥା କହିବାର ରହିଲା । ଶରୀର କାହାକୁ ଛାଡ଼େ ନାହିଁ, ଭାଇ, ଅତଏବ ଦାରାନ୍ତରେ ସେସବୁ କଥା କହିବାକୁ ଚେଷ୍ଟା କରିବ । ଅଥବା କହି କ'ଣ ହେବ ? ବକାବକି ଲୁହାବୋଲାରେ ଆମ (ବିଶେଷତଃ ବଙ୍ଗାଳୀ) ପରି କିଏ ବା ମଜବୁତ୍ ? ଯଦି ପାର ତ କରି ଦେଖାଅ । କାର୍ଯ୍ୟ କଥା କହୁ, ମୁଖକୁ ବିଶ୍ରାମ ଦିଅ । ତେବେ ଗୋଟିଏ କଥା କହିରଖେ, ଗରିବ ନିମ୍ନ ଜାତି ମଧ୍ୟରେ ବିଦ୍ୟା ଓ ଶକ୍ତିର ପ୍ରବେଶ ଯେଉଁଦିନଠାରୁ ହେବାକୁ ଲାଗିଲା, ସେହିଦିନଠାରୁ ଇଉରୋପ ଉଠିବାକୁ ଲାଗିଲା । ରାଶି ରାଶି ଅନ୍ୟ ଦେଶର ଆବର୍ଜ୍ଜନାତୁଲ୍ୟ ପରିତ୍ୟକ୍ତ ଦୁଃଖୀ ଗରିବ ଆମେରିକାରେ ସ୍ଥାନ ପାଇଲେ, ଆଶ୍ରୟ

ପାଇଲେ । ଏହିମାନେ ହିଁ ଆମେରିକାର ମେରୁଦଣ୍ଡ ! ବଡ଼ ମଣିଷ, ପଣ୍ଡିତ, ଧନୀ—ଏମାନେ। ଶୁଣିଲେ ବା ନ ଶୁଣିଲେ, ବୁଝିଲେ ବା ନ ବୁଝିଲେ ତୁମମାନଙ୍କୁ ଗାଳିଦେଲେ ବା ପ୍ରଶଂସା କଲେ, କିଛି ଯାଏ ଆସେ ନାହିଁ । ଏମାନେ ହେଉଛନ୍ତି ଶୋଭା ମାତ୍ର, ଦେଶର 'ବାହାର୍' । କୋଟି କୋଟି ଗରିବ ନୀଚ ଯେଉଁମାନେ, ସେମାନେ ହିଁ ହେଉଛନ୍ତି ପ୍ରାଣ । ସଂଖ୍ୟାରେ ଆସେ ଯାଏ ନାହିଁ, ଧନ ବା ଦାରିଦ୍ର୍ୟରେ ଯାଏ ଆସେ ନାହିଁ, କାୟ-ମନ-ବାକ୍ୟ ଯଦି ଏକ ହୁଏ, ମୁଠାଏ ଲୋକ ପୃଥିବୀ ଓଲଟାଇ ଦେଇପାରିବେ—ଏହି ବିଶ୍ୱାସଟି ଭୁଲ ନୁହେଁ । ବାଧା ଯେତେ ହେବ, ସେତେ ଭଲ । ବାଧା ନ ପାଇଲେ କ'ଣ ନଦୀର ବେଗ ହୁଏ ? ଯେଉଁ ଜିନିଷ ଯେତେ ନୂତନ ହେବ, ଯେତେ ଉତ୍ତମ ହେବ, ସେ ଜିନିଷ ପ୍ରଥମେ ସେତେ ଅଧିକ ବାଧା ପାଇବ । ବାଧା ହିଁ ତ ସିଦ୍ଧିର ପୂର୍ବଲକ୍ଷଣ । ବାଧା ନାହିଁ ତ ସିଦ୍ଧି ମଧ୍ୟ ନାହିଁ—ଅଲମିତି ।

## ୟୁରୋପରେ

ଆମ ଦେଶରେ କହନ୍ତି, ପାଦରେ ଚକ୍ରଚିହ୍ନ ଥିଲେ ସେ ଲୋକ ବହୁଭ୍ରମଣକାରୀ ହୁଏ । ମୋ ପାଦରେ ବୋଧହୁଏ ସବୁଯାକ ଚକ୍ର । 'ବୋଧହୁଏ' କହୁଛି କାହିଁକି ? ପାଦ ନିରୀକ୍ଷଣ କରି, ଚକ୍ର ଆବିଷ୍କାର କରିବା ପାଇଁ ଅନେକ ଚେଷ୍ଟା କରିଛି, କିନ୍ତୁ ସବୁ ଚେଷ୍ଟା ଏକାଥରକେ ବିଫଳ । ସେ ଶୀତର ମାଡ଼ରେ ପାଦ ଫାଟି ଖାଲି ଚକଡ଼ା ଚକଡ଼ା ହୋଇଛି, ସେଥିଯୋଗୁଁ ଚକ୍ରଫକ୍ର କିଛି ଦେଖାଗଲା ନାହିଁ । ଯାହାହେଉ—ଯେତେବେଳେ କିମ୍ବଦନ୍ତୀ ରହିଛି, ସେତେବେଳେ ମାନିନେଲି ଯେ ମୋ ପାଦ ଚକ୍ରମୟ । ଫଳ କିନ୍ତୁ ସାକ୍ଷାତ୍— ମନେକଲି ଯେ ପ୍ୟାରିସ୍‌ରେ ବସି କେତେ ଦିନ ଫରାସୀ ଭାଷା-ସଭ୍ୟତା ଆଲୋଚନା କରାଯିବ, ପୁରୁଣା ବନ୍ଧୁବାନ୍ଧବଙ୍କୁ ତ୍ୟାଗ କରି ଜଣେ ଗରିବ ଫରାସୀ ନବୀନ ବନ୍ଧୁ ବସାରେ ଯାଇ ବାସକଲି (ସେ ଇଂରେଜୀ ଜାଣନ୍ତି ନାହିଁ, ମୋର ଫରାସୀ ଅଜଣା—ସେ ଏକ ଅଦ୍ଭୁତ ବ୍ୟାପାର) । ବାସନା ଯେ, ବୋବା ହୋଇ ବସିରହିବାର ଅପାରଗତାରୁ ବାଧ୍ୟ ହୋଇ ଫରାସୀ ଭାଷା କହିବାର ଉଦ୍ୟୋଗ ହେବ, ଆଉ ମନକୁ ମନ ଫରାସୀ ଭାଷା ଆସି ପଡ଼ିବ । କିନ୍ତୁ ତାହା ହେଲା କେଉଁଠି ? ଚାଲିଲି ଭିଏନା, ତୁର୍କି, ଗ୍ରୀସ୍, ଇଜିପ୍ଟ, ଜେରୁଜେଲମ୍ ପର୍ଯ୍ୟଟନ କରିବାକୁ । ଭବିତବ୍ୟ କିଏ ଘୁଞ୍ଚାଇବ କହ । ତମକୁ ପତ୍ର ଲେଖୁଛି ମୁସଲମାନ-ପ୍ରଭୁତ୍ୱର ଅବଶିଷ୍ଟ ରାଜଧାନୀ କନଷ୍ଟାଣ୍ଟିନୋପଲଠାରୁ ।

ସଙ୍ଗରେ ସଙ୍ଗୀ ତିନିଜଣ—ଦୁଇଜଣ ଫରାସୀ, ଜଣେ ଆମେରିକୀୟ । ତମର ପରିଚିତା ମିସ୍ ମ୍ୟାକଲାଉଡ୍, ଫରାସୀ ପୁରୁଷ ବନ୍ଧୁ ମସିୟସ୍ ଜୁଲ ବୋଆ, ଫ୍ରାନ୍ସର ଜଣେ ସୁପ୍ରତିଷ୍ଠିତ ଦାର୍ଶନିକ ଓ ସାହିତ୍ୟଲେଖକ, ଆଉ ଫରାସିନୀ ବନ୍ଧୁ ଜଗତ୍‌ବିଖ୍ୟାତ ଗାୟିକା ମାଦ୍‌ମୋଆଜେଲ୍ କାଲ୍‌ଭେ । ଫରାସୀ ଭାଷାରେ 'ମିଷ୍ଟର' ହେଉଛି 'ମସିୟସ୍' ଆଉ 'ମିସ୍' ହେଉଛି 'ମାଦ୍‌ମୋଆଜେଲ୍'—'ଜ'ଟା ପୂର୍ବ ବଙ୍ଗଳାର ଜ । ମାଦମୋଆ-ଜେଲ କାଲ୍‌ଭେ ଆଧୁନିକ କାଳର ସର୍ବଶ୍ରେଷ୍ଠା ଗାୟିକା—ଅପେରା-ଗାୟିକା । ଏହାଙ୍କର

ଗୀତର ଏତେ ସମାଦର ଯେ, ଏହାଙ୍କର ତନି ଲକ୍ଷ, ଚାରି ଲକ୍ଷ ଟଙ୍କା ବାର୍ଷିକ ଆୟ କେବଳ ଗୀତ ଗାଇ। ଏହାଙ୍କ ସହିତ ମୋର ପରିଚୟ ପୂର୍ବରୁ।

ପାଶ୍ଚାତ୍ୟ ଦେଶର ସର୍ବଶ୍ରେଷ୍ଠା ଅଭିନେତ୍ରୀ ମାଡାମ୍ ସାରା ବାର୍ଣ୍ଣହାର୍ଡ୍, ଆଉ ସର୍ବଶ୍ରେଷ୍ଠା ଗାୟିକା କାଲ୍‌ଭେ—ଦୁଇଜଣ ହିଁ ଫରାସୀ, ଦୁଇଜଣ ହିଁ ଇଂରେଜୀ ଭାଷାରେ ସମ୍ପୂର୍ଣ୍ଣ ଅନଭିଜ୍ଞ, କିନ୍ତୁ ଇଂଲଣ୍ଡ ଓ ଆମେରିକାକୁ ମଝିରେ ମଝିରେ ଯାଆନ୍ତି ଓ ଅଭିନୟ କରି ଓ ଗୀତ ଗାଇ ଲକ୍ଷଲକ୍ଷ ଡଲାର (Dollar) ସଂଗ୍ରହ କରନ୍ତି। ଫରାସୀ ଭାଷା-ସଭ୍ୟତାର ଭାଷା—ପାଶ୍ଚାତ୍ୟ-ଜଗତରେ ଭଦ୍ରଲୋକର ଚିହ୍ନ - ସମସ୍ତେ ଜାଣନ୍ତି; ସୁତରାଂ ଏମାନଙ୍କର ଇଂରାଜୀ ଶିଖିବାର ଅବକାଶ ଓ ପ୍ରବୃତ୍ତି ନାହିଁ।

ମାଡାମ୍ ବାର୍ଣ୍ଣହାର୍ଡ୍ ବର୍ଷୀୟସୀ; କିନ୍ତୁ ସଜବାଜ ହୋଇ ଯେତେବେଳେ ମଞ୍ଚକୁ ଉଠନ୍ତି, ସେତେବେଳେ ଯେଉଁ ବୟସ, ଯେଉଁ ଲିଙ୍ଗ ଅଭିନୟ କରନ୍ତି, ତା'ର ଅବିକଳ ନକଲ! ବାଳିକା ବାଳକ, ଯାହା କହ ତାହା ହିଁ ଅବିକଳ – ଆଉ ସେ ଆଶ୍ଚର୍ଯ୍ୟ ସ୍ୱର! ଏମାନେ କହନ୍ତି, ତାଙ୍କ କଣ୍ଠରେ ରୂପାର ତାର ବାଜେ! ବାର୍ଣ୍ଣହାର୍ଡ୍‌ଙ୍କ ଅନୁରାଗ ବିଶେଷ ଭାରତବର୍ଷ ଉପରେ। ମୋତେ ବାରମ୍ବାର କହିଲେ, ତମର ଦେଶ 'ଏେର୍‌ଜାସିଏନ, ଏେସିଭିଲକେ'—ଅତି ପ୍ରାଚୀନ, ଅତି ସୁସଭ୍ୟ। ବର୍ଷେ ଭାରତବର୍ଷ ସଂକ୍ରାନ୍ତ ଗୋଟିଏ ନାଟକ ଅଭିନୟ କରିଥିଲେ। ସେଥିରେ ମଞ୍ଚ ଉପରେ ବିଲ୍‌କୁଲ୍ ଏକ ଭାରତବର୍ଷର ରାସ୍ତା ଠିଆ କରାଇ ଦେଇଥିଲେ—ଝିଅ, ପୁଅ, ପୁରୁଷ, ସାଧୁ, ନାଗା – ବିଲ୍‌କୁଲ୍ ଭାରତବର୍ଷ !! ଅଭିନୟାନ୍ତେ ମୋତେ କହିଲେ 'ମୁଁ ମାସେ ପର୍ଯ୍ୟନ୍ତ ପ୍ରତ୍ୟେକ ମିଉଜିୟମ୍ ବୁଲି ଭାରତର ପୁରୁଷ, ନାରୀ, ପୋଷାକ, ରାସ୍ତାଘାଟ ସହିତ ପରିଚିତ ହୋଇଛି।' ବାର୍ଣ୍ଣହାର୍ଡ୍‌ଙ୍କର ଭାରତ ଦେଖିବା ଇଚ୍ଛା ଅତି ପ୍ରବଳ—'ସେ ମ ର୍‌ୟାଭ' (Ce mon rave), 'ସେ ମ ର୍‌ୟାଭ'—ସେ ମୋର ଜୀବନସ୍ୱପ୍ନ। ପୁଣି ପ୍ରିନ୍‌ସ ଅଫ୍ ଓ୍ୱେଲ୍‌ସ * ତାଙ୍କୁ ବାଘ ହାତୀ ଶିକାର କରାଇଦେବା ପାଇଁ ପ୍ରତିଶ୍ରୁତ। ତେବେ ବାର୍ଣ୍ଣହାର୍ଡ୍ କହନ୍ତି—ସେ ଦେଶକୁ ଗଲେ ଲକ୍ଷେ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ନ କଲେ କ'ଣ ହେବ? ଟଙ୍କାର ଅଭାବ ତାଙ୍କର ନାହିଁ—'ଲ ଡିଭିନ୍ ସାରା!!' (La divine Sarah) –'ଦେବୀ ସାରା'—ତାଙ୍କର ପୁଣି ଟଙ୍କାର ଅଭାବ କ'ଣ? ଯାହାଙ୍କର ସ୍ପେଶାଲ ଟ୍ରେନ ଛଡ଼ା ଗତାଗତ ନାହିଁ—ସେପ୍ରକାର ବିଳାସ, ଇଉରୋପର ଅନେକ ରାଜରାଜୁଡ଼ା ପାରନ୍ତି ନାହିଁ; ଯାହାଙ୍କର ଥିଏଟରରେ ମାସକ ଆଗରୁ ଟିକେଟ ଦୁଇଗୁଣ ଦାମରେ କିଣି ରଖିଲେ, ତେବେ ସ୍ଥାନ ମିଳେ, ତାଙ୍କର ଟଙ୍କାର ବିଶେଷ ଅଭାବ ନାହିଁ, ତେବେ ସାରା ବାର୍ଣ୍ଣହାର୍ଡ୍ ବେଜାଏ ଖର୍ଚ୍ଚୀ। ତାଙ୍କର ଭାରତଭ୍ରମଣ ସେଥିଯୋଗୁଁ ବର୍ତ୍ତମାନ ସ୍ଥଗିତ ରହିଲା।

ମାଡ୍‌ମୋଆଜେଲ୍ କାଲ୍‌ଭେ ଏ ଶୀତରେ ଗାଇବେ ନାହିଁ, ବିଶ୍ରାମ କରିବେ। ଇଜିପ୍ଟ ପ୍ରଭୃତି ନାତିଶୀତ ଦେଶକୁ ଚାଲିଛନ୍ତି। ମୁଁ ଯାଉଛି—ଏହାଙ୍କର ଅତିଥି ହୋଇ। କାଲ୍‌ଭେ ଯେ କେବଳ ସଙ୍ଗୀତର ଚର୍ଚ୍ଚା କରନ୍ତି, ତାହା ନୁହେଁ; ବିଦ୍ୟା ଯଥେଷ୍ଟ; ଦର୍ଶନଶାସ୍ତ୍ର

* ପରେ ରାଜା ସପ୍ତମ ଏଡ୍‌ଓ୍ୱାର୍ଡ୍

ଓ ଧର୍ମଶାସ୍ତ୍ରର ବିଶେଷ ସମାଦର କରନ୍ତି । ଅତି ଦରିଦ୍ର ଅବସ୍ଥାରେ ଜନ୍ମ ହୋଇଥିଲା; କ୍ରମେ ନିଜର ପ୍ରତିଭାବଳରେ ବହୁ ପରିଶ୍ରମ କରି, ବହୁ କଷ୍ଟ ସହି ବର୍ତ୍ତମାନ ପ୍ରଭୂତ ଧନ —ରଜା-ବାଦଶାହାଙ୍କର-ସମ୍ମାନର ଈଶ୍ୱରୀ ।

ମାଡାମ୍ ମେଲ୍‌ବା, ମାଡାମ୍ ଏମା ଏମସ୍ ପ୍ରଭୃତି ବିଖ୍ୟାତ ଗାୟିକା ସବୁ ଅଛନ୍ତି; ଜାଁ ଦେ ରେଜକ ଲମ୍ବା ପ୍ଲାଁସ ପ୍ରଭୃତି ଅତି ବିଖ୍ୟାତ ଗାୟକ ସବୁ ଅଛନ୍ତି—ଏମାନେ ସମସ୍ତେ ଦୁଇ ତିନି ଲକ୍ଷ ଟଙ୍କା ବାର୍ଷିକ ରୋଜଗାର କରନ୍ତି ! କିନ୍ତୁ କାଲ୍‌ଭେଙ୍କର ବିଦ୍ୟା ସଙ୍ଗେ ସଙ୍ଗେ ଏକ ଅଭିନବ ପ୍ରତିଭା ! ଅସାଧାରଣ ରୂପଯୌବନ, ପ୍ରତିଭା ଆଉ ଦୈବୀକଣ୍ଠ—ଏସବୁ ଏକତ୍ର ସଂଯୋଗରେ କାଲଭେ ଗାୟିକାମଣ୍ଡଳୀର ଶୀର୍ଷସ୍ଥାନୀୟା ହୋଇଛନ୍ତି । କିନ୍ତୁ ଦୁଃଖ-ଦାରିଦ୍ର୍ୟଠାରୁ ବଳି ଶିକ୍ଷକ ଆଉ କେହି ନାହିଁ ! ସେ ଶୈଶବର ଅତି କଠିନ ଦାରିଦ୍ର୍ୟ, ଦୁଃଖ, କଷ୍ଟ—ଯାହା ସାଙ୍ଗରେ ଦିନରାତି ଯୁଦ୍ଧ କରି କାଲଭେଙ୍କର ଏହି ବିଜୟ-ଲାଭ, ସେହି ସଂଗ୍ରାମ ତାଙ୍କ ଜୀବନରେ ଏକ ଅପୂର୍ବ ସହାନୁଭୂତି, ଏକ ଗଭୀର ଭାବ ଆଣି ଦେଇଛି । ପୁଣି ଏ ଦେଶରେ ଉଦ୍ୟୋଗ ଯେପରି, ଉପାୟ ମଧ୍ୟ ସେପରି । ଆମ ଦେଶରେ ଉଦ୍ୟୋଗ ଥିଲେ ମଧ୍ୟ ଉପାୟର ଏକାନ୍ତ ଅଭାବ । ବଙ୍ଗାଳୀ ଝିଅର ବିଦ୍ୟା ଶିଖିବାର ସମଧିକ ଇଚ୍ଛା ଥିଲେ ମଧ୍ୟ ଉପାୟ ଅଭାବରେ ବିଫଳ—ବଙ୍ଗଳା ଭାଷାରେ କ'ଣ ଶିଖିବାର ଅଛି ? ଖୁବ୍ ଜୋର୍ ପଚା ନଭେଲ, ନାଟକ ! ପୁଣି ବିଦେଶୀ ଭାଷାରେ ବା ସଂସ୍କୃତ ଭାଷାରେ ଆବଦ୍ଧ ବିଦ୍ୟା, ଦୁଇ ଚାରି ଜଣଙ୍କପାଇଁ ମାତ୍ର । ଏହିସବୁ ଦେଶରେ ନିଜର ଭାଷାରେ ଅସଂଖ୍ୟ ପୁସ୍ତକ; ତା' ଉପରେ ଯେତେବେଳେ ଯେଉଁ ଭାଷାରେ ଗୋଟାଏ ନୂଆ କିଛି ବାହାରୁଛି, ତତ୍‌କ୍ଷଣାତ୍ ତା'ର ଅନୁବାଦ କରି ସାଧାରଣ ସମକ୍ଷରେ ଉପସ୍ଥାପିତ କରୁଛନ୍ତି ।

ମସିୟଁ ଜୁଲ୍ ବୋଆ ପ୍ରସିଦ୍ଧ ଲେଖକ; ଧର୍ମସବୁର, କୁସଂସ୍କାରସବୁର ଐତିହାସିକ ତତ୍ତ୍ୱ ଆବିଷ୍କାରରେ ବିଶେଷ ନିପୁଣ । ମଧ୍ୟଯୁଗରେ ଇଉରୋପରେ ଯେଉଁସବୁ ସଇତାନ-ପୂଜା, ଯାଦୁ, ମାରଣ, ଉଚ୍ଚାଟନ ଛୁଟାଛଟା, ମନ୍ତ୍ରତନ୍ତ୍ର ଥିଲା ଏବଂ ଆଜିକାଲି ମଧ୍ୟ ଯାହା କିଛି ଅଛି, ସେସବୁ ଇତିହାସବଦ୍ଧ କରି ଏହାଙ୍କର ଏକ ପ୍ରସିଦ୍ଧ ପୁସ୍ତକ । ଏ ସୁକବି ଏବଂ 'ଭିକ୍ଟର ହ୍ୟୁଗୋ', 'ଲ ମାର୍ଟିନ' ପ୍ରଭୃତି ଫରାସୀ ମହାକବି ଏବଂ 'ଗେଟେ', 'ସିଲର୍' ପ୍ରଭୃତି ଜର୍ମାନ ମହାକବିମାନଙ୍କ ଭିତରେ ଯେ ଭାରତର ବେଦାନ୍ତ-ଭାବ ପ୍ରବେଶ କରିଛି, ସେହି ଭାବର ପୋଷକ । ବେଦାନ୍ତର ପ୍ରଭାବ ଇଉରୋପରେ କାବ୍ୟ ଓ ଦର୍ଶନଶାସ୍ତ୍ରରେ ସମଧିକ । ଭଲ କବି ମାନେ ହିଁ ଦେଖୁଛି ବେଦାନ୍ତୀ; ଦାର୍ଶନିକତତ୍ତ୍ୱ ଲେଖିବାକୁ ଗଲେ ହିଁ ଘୁରେଇ-ଫେରେଇ ବେଦାନ୍ତ । ତେବେ କେହି କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ, ନିଜର ସମ୍ପୂର୍ଣ୍ଣ ନୂତନତ୍ୱ ବାହେଲ ରଖିବାକୁ ଚାହାନ୍ତି—ଯେପରି ହାର୍ବର୍ଟ ସ୍ପେନସର୍ ପ୍ରଭୃତି; କିନ୍ତୁ ଅଧିକାଂଶ ହିଁ ସ୍ପଷ୍ଟ ସ୍ୱୀକାର କରନ୍ତି ଏବଂ ନ କରି ଯିବେ କୁଆଡ଼େ—ଏହି ତାର, ରେଲ୍‌ଓ୍ୱେ, ଖବରକାଗଜର ଦିନରେ ? ଏ ଅତି ନିରଭିମାନ ଶାନ୍ତପ୍ରକୃତି ଏବଂ ସାଧାରଣ ଅବସ୍ଥାର ଲୋକ ହେଲେ ମଧ୍ୟ ଅତି ଯତ୍ନ କରି ମୋତେ ନିଜ ବସାରେ ପ୍ୟାରିସରେ ରଖିଥିଲେ । ବର୍ତ୍ତମାନ ଏକସଙ୍ଗରେ ଭ୍ରମଣରେ ଚାଲିଛନ୍ତି ।

କନ୍‌ଷ୍ଟାଣ୍ଟିନୋପଲ ପର୍ଯ୍ୟନ୍ତ ପଥର ସଙ୍ଗୀ ଆଉ ଏକ ଦମ୍ପତି—ପେସ୍ତର୍ ହ୍ୟାସାନ୍ଥ ଏବଂ ତାଙ୍କର୍ ସହଧର୍ମିଣୀ । ପେସ୍ତର୍, ଅର୍ଥାତ୍ ପିତା, ହ୍ୟାସାନ୍ଥ ଥିଲେ କ୍ୟାଥଲିକ ସମ୍ପ୍ରଦାୟର ଏକ କଠୋର ତପସ୍ୱୀ-ଶାଖାଭୁକ୍ତ ସନ୍ନ୍ୟାସୀ । ପାଣ୍ଡିତ୍ୟ ଓ ଅସାଧାରଣ ବାଗ୍ମିତାଗୁଣରେ ଏବଂ ତପସ୍ୟା ପ୍ରଭାବରେ ଫରାସୀ ଦେଶରେ ଏବଂ ସମଗ୍ର କ୍ୟାଥଲିକ ସମ୍ପ୍ରଦାୟରେ ଏହାଙ୍କର ଅତିଶୟ ପ୍ରତିଷ୍ଠା ଥିଲା । ମହାକବି ଭିକ୍‌ଟର ହ୍ୟୁଗୋ ଦୁଇଜଣ ଲୋକଙ୍କର ଫରାସୀ ଭାଷାର ପ୍ରଶଂସା କରୁଥିଲେ—ତା' ମଧ୍ୟରେ ପେସ୍ତର୍ ହ୍ୟାସାନ୍ଥ ଜଣେ । ଚାଳିଶବର୍ଷ ବୟଃକ୍ରମ କାଳରେ ପେସ୍ତର୍ ହ୍ୟାସାନ୍ଥ ଜଣେ ଆମେରିକା ନାରୀର ପ୍ରଣୟାବଦ୍ଧ ହୋଇ ତାଙ୍କୁ ବିବାହ କରିପକାଇଲେ—ମହା-ହୁଲସ୍ଥୁଲ ପଡ଼ିଗଲା; ଅବଶ୍ୟ କ୍ୟାଥଲିକ ସମାଜ ତତ୍‌କ୍ଷଣାତ୍ ତାଙ୍କୁ ତ୍ୟାଗ କଲେ । ଖାଲି ପାଦ, ଆଲଖୋଲାପିନ୍ଧା ତପସ୍ୱୀବେଶ ପକାଇଦେଇ ପେସ୍ତର୍ ହ୍ୟାସାନ୍ଥ ଗୃହସ୍ଥର ହ୍ୟାଟ୍, କୋଟ୍, ବୁଟ୍ ପିନ୍ଧି ହେଲେ—ମସିୟଁ ଲୟ୍‌ଜନ୍ । ମୁଁ କିନ୍ତୁ ତାଙ୍କୁ ତାଙ୍କ ପୂର୍ବନାମରେ ଡାକେ । ସେ ଅନେକ ଦିନର କଥା, ଇଉରୋପପ୍ରସିଦ୍ଧ ଗୋଳମାଳ । ପ୍ରୋଟେଷ୍ଟାଣ୍ଟମାନେ ତାଙ୍କୁ ସମାଦରରେ ଗ୍ରହଣ କଲେ, କ୍ୟାଥଲିକମାନେ ଘୃଣା କରିବାକୁ ଲାଗିଲେ । ପୋପ୍ ତାଙ୍କର ଗୁଣାତିଶଯ୍ୟ ଯୋଗୁଁ ତାଙ୍କୁ ତ୍ୟାଗ କରିବାକୁ ନ ଚାହିଁ କହିଲେ, 'ତୁମେ ଗ୍ରୀକ୍ କ୍ୟାଥଲିକ ପାଦ୍ରୀ ହୋଇ ରହ (ସେ ଶାଖାର ପାଦ୍ରୀ ଥରେ ମାତ୍ର ବିବାହ କରିବାକୁ ପାଆନ୍ତି, କିନ୍ତୁ ବଡ଼ ପଦ ପାଆନ୍ତି ନାହିଁ), କିନ୍ତୁ ରୋମାନ୍ ଚର୍ଚ୍ଚ ତ୍ୟାଗ କର ନାହିଁ ।' କିନ୍ତୁ ଲୟ୍‌ଜନ୍-ଗୃହିଣୀ ତାଙ୍କୁ ଟାଣିଓଟାରି ପୋପଙ୍କ ଘରୁ ବାହାର କଲେ । କ୍ରମେ ପୁତ୍ର-ପୌତ୍ର ହେଲା; ବର୍ତ୍ତମାନ ଅତି ସ୍ଥବିର ଲୟ୍‌ଜନ୍ ଜେରୁଜେଲମକୁ ଯାଉଛନ୍ତି—ଖ୍ରୀଷ୍ଟିଆନ ଆଉ ମୁସଲମାନମାନଙ୍କ ମଧ୍ୟରେ ଯେପରି ସଦ୍ଭାବ ହେବ, ସେହି ଚେଷ୍ଟାରେ । ତାଙ୍କର ଗୃହିଣୀ ବୋଧହୁଏ ଅନେକ ସ୍ୱପ୍ନ ଦେଖିଥିଲେ ଯେ, ଲୟ୍‌ଜନ୍ ଦ୍ୱିତୀୟ ମାର୍ଟିନ ଲୁଥର ହେବେ ବା ପୋପଙ୍କ ସିଂହାସନ ଓଲଟାଇ ପକାଇଦେବେ—ଭୂମଧ୍ୟସାଗରରେ ! ସେସବୁ ତ କିଛି ହିଁ ହେଲା ନାହିଁ; ହେଲା—ଫରାସୀମାନେ କହନ୍ତି, 'ଇତୋନଷ୍ଟସ୍ତତୋଭ୍ରଷ୍ଟଃ' । କିନ୍ତୁ ମାଡାମ୍ ଲୟ୍‌ଜନ୍‌ଙ୍କର ସେ ନାନା ଦିବାସ୍ୱପ୍ନ ଚାଲିଛି ! ବୃଦ୍ଧ ଲୟ୍‌ଜନ୍ ଅତି ମିଷ୍ଟଭାଷୀ, ନମ୍ର, ଭକ୍ତ-ପ୍ରକୃତିର ଲୋକ । ମୋ ସାଙ୍ଗରେ ତାଙ୍କର ଦେଖାହେଲେ ହିଁ କେତେ କଥା—ନାନା ଧର୍ମର ନାନା ମତର । ତେବେ ଭକ୍ତ ମଣିଷ ଅଦ୍ୱୈତବାଦକୁ ଟିକିଏ ଭୟ କରିବା ଅଛି । ସ୍ତ୍ରୀଙ୍କ ଭାବଟା ବୋଧହୁଏ ମୋ ଉପରେ କିଛି ବିରୂପ । ବୃଦ୍ଧଙ୍କ ସଙ୍ଗରେ ଯେତେବେଳେ ମୋର ତ୍ୟାଗ ବୈରାଗ୍ୟ ସନ୍ନ୍ୟାସର ଚର୍ଚ୍ଚା ହୁଏ, ସ୍ଥବିର ପ୍ରାଣରେ ସେ ଚିରଦିନର ଭାବ ଜାଗିଉଠେ, ଓ ଗୃହିଣୀଙ୍କର ବୋଧହୁଏ ଦେହ କସମସ୍ କରେ । ତା' ଉପରେ ସ୍ତ୍ରୀ-ପୁରୁଷ ସମସ୍ତ ଫରାସୀମାନେ ଯେତେ ଦୋଷ ଗୃହିଣୀ ଉପରେ ପକାନ୍ତି; କହନ୍ତି,'ସେ ମାଇକିନିଆ ଆମର ଜଣେ ମହାତପସ୍ୱୀ ସାଧୁଙ୍କୁ ନଷ୍ଟ କରିଦେଇଛି ।' ଗୃହିଣୀଙ୍କର କିଛି ବିପଦ ଅଛି ନିଶ୍ଚୟ, ପୁଣି ବାସ ହେଉଛି ପ୍ୟାରିସ୍‌ରେ—କ୍ୟାଥଲିକମାନଙ୍କ ଦେଶରେ । ବାହା ହୋଇଥିବା ପାଦ୍ରୀଙ୍କୁ ଏମାନେ ଦେଖିଲେ ଘୃଣା କରନ୍ତି । ଭାରିଯା-ପିଲା ନେଇ ଧର୍ମପ୍ରଚାର ଏହି କ୍ୟାଥଲିକମାନେ

ଆଦୌ ସହ୍ୟ କରିବେ ନାହିଁ । ସ୍ତ୍ରୀଙ୍କର ପୁଣି ଟିକିଏ ଉଗ୍ରତା ଅଛି କି ନା । ଅରେ ଗୃହିଣୀ ଜଣେ ଅଭିନେତ୍ରୀଙ୍କ ଉପରେ ଘୃଣା ପ୍ରକାଶ କରି କହିଲେ, 'ତୁମେ ବିବାହ ନ କରି ଅମୁକଙ୍କ ସଙ୍ଗରେ ବାସ କରୁଛ, ତୁମେ ଭାରି ଖରାପ ।' ସେ ଅଭିନେତ୍ରୀ ଝଟ୍ ଜବାବ ଦେଲେ, 'ମୁଁ ତମ ଅପେକ୍ଷା ଲକ୍ଷ ଗୁଣରେ ଭଲ । ମୁଁ ଜଣେ ସାଧାରଣ ମଣିଷ ସଙ୍ଗରେ ବାସ କରେ, ଆଇନ ମୁତାବକ ବିବାହ ନ କଲେ ନ କରିଛି; ଆଉ ତମେ ମହାପାପୀ—ଏତେ ବଡ଼ ଜଣେ ସାଧୁଙ୍କ ଧର୍ମ ନଷ୍ଟ କଲ ! ଯଦି ତମର ପ୍ରେମର ଢେଉ ଏତେ ଉଠିଥିଲା, ତେବେ ତ ସାଧୁଙ୍କର ସେବା-ଦାସୀ ହୋଇ ରହିଥାନ୍ତ, ତାଙ୍କୁ ବାହା ହୋଇ ଗୃହସ୍ଥ କରି ଉତ୍ସନ୍ନ କଲ କାହିଁକି ?' 'ପଶ୍ଚକଖାରୁ ଶଗାର'ର କଥା ଶୁଣି ଯେଉଁ ଦେଶରେ ହସୁଥିଲି, ତା'ର ଆଉ ଗୋଟିଏ ଦିଗ ଦେଇ ମାନେ ହୁଏ, ଦେଖୁଛ ?

ମୁଁ ସମସ୍ତ ଶୁଣେ ଏବଂ ଚୁପ୍ କରି ରହେ । ମୋଟରେ ପେସ୍ତର୍ ହ୍ୟାସାନ୍ଥ ବଡ଼ ପ୍ରେମିକ ଓ ଶାନ୍ତ । ସେ ଖୁସୀ ଅଛନ୍ତି ତାଙ୍କର ସ୍ତ୍ରୀ-ପିଲାଙ୍କୁ ନେଇ—ଦେଶତମାମ ଲୋକ-ମାନଙ୍କର ସେଥିରେ ଯାଏ-ଆସେ କଅଣ ? ତେବେ ଗୃହିଣୀଟି ଟିକିଏ ଶାନ୍ତ ହେଲେ ବୋଧହୁଏ ସବୁ ମେଣ୍ଟିଯିବ । ତେବେ କ'ଣ ଜାଣ ଭାଇ, ମୁଁ ଦେଖୁଛି ଯେ, ପୁରୁଷ ଆଉ ସ୍ତ୍ରୀ ମଧ୍ୟରେ ସବୁଦେଶରେ ବୁଝିବାର ଓ ବିଚାର କରିବାର ରାସ୍ତା ଅଲଗା । ପୁରୁଷ ଗୋଟିଏ ଦିଗ ଦେଇ ବୁଝିବ, ସ୍ତ୍ରୀଲୋକ ଆଉ ଗୋଟିଏ ଦେଇ ବୁଝିବ । ପୁରୁଷର ଯୁକ୍ତି ଏକପ୍ରକାର, ସ୍ତ୍ରୀଲୋକର ଆଉ ଏକପ୍ରକାର । ପୁରୁଷ ସ୍ତ୍ରୀଲୋକକୁ ମାଫ୍ କରେ, ଆଉ ପୁରୁଷ ଉପରେ ଦୋଷ ଲଦେ; ସ୍ତ୍ରୀଲୋକ ପୁରୁଷକୁ ମାଫ୍ କରେ, ଆଉ ସବୁ ଦୋଷ ସ୍ତ୍ରୀଲୋକ ଉପରେ ଲଦେ ।

ଏମାନଙ୍କ ସଙ୍ଗରେ ମୋର ବିଶେଷ ଲାଭ ଏହି ଯେ ସେହି ଏକ ଆମେରିକା ଛଡ଼ା ଏମାନେ କେହି ଇଂରେଜୀ ଜାଣନ୍ତି ନାହିଁ, ଇଂରେଜୀ ଭାଷାରେ କଥା ଏକଦମ୍ ବନ୍ଦ* ଫଳରେ କୌଣସି ପ୍ରକାରରେ ମୋତେ କଥା କହିବାକୁ ହେଉଛି ଫରାସୀ ଏବଂ ଶୁଣିବାକୁ ହେଉଛି ଫରାସୀ ।

ପ୍ୟାରିସ୍ ନଗରୀରୁ ବନ୍ଧୁବର ମ୍ୟାକ୍ସିମ୍ ନାନା ସ୍ଥାନକୁ ଚିଠିପତ୍ର ଯୋଗାଡ଼ କରି ଦେଇଛନ୍ତି, ଯେପରିକି ଦେଶସବୁ ଯଥାଯଥ ଭାବରେ ଦେଖାହୁଏ । ମ୍ୟାକ୍ସିମ୍—ବିଖ୍ୟାତ 'ମ୍ୟାକସିମ୍ ଗନ୍'ର ନିର୍ମାତା; ଏହି ତୋପରେ କ୍ରମାଗତ ଗୋଳା ଚାଲୁଥାଏ—ଆପଣାଛାଏଁ ଭର୍ତ୍ତି ହୁଏ, ଆପଣାଛାଏଁ ଫୁଟେ - ବିରାମ ନାହିଁ । ମ୍ୟାକ୍ସିମ୍ ଜନ୍ମରେ ଜଣେ ଆମେରିକାନ୍, ବର୍ତ୍ତମାନ ଇଂଲଣ୍ଡରେ ବାସ, ତୋପ କାରଖାନା ଇତ୍ୟାଦି । ମ୍ୟାକ୍ସିମ୍ ତୋପର କଥା ବେଶୀ କହିଲେ ବିରକ୍ତ ହୁଏ; କହେ, 'ଆରେ ବାବା, ମୁଁ କଅଣ ଆଉ କିଛି କରି ନାହିଁ—ସେହି ମଣିଷମରା କଳଟା ଛଡ଼ା ?' ମ୍ୟାକସିମ୍ ଚୀନଭକ୍ତ, ଭାରତଭକ୍ତ,

* ପାଶ୍ଚାତ୍ୟ ଜାତି ମଧ୍ୟରେ ଗୋଟିଏ ରୀତି ହେଉଛି—ଗୋଟିଏ ଦଳ ମଧ୍ୟରେ ସମସ୍ତେ ଯେଉଁ ଭାଷା ଜାଣନ୍ତି, ଏକାଠି ଅବସ୍ଥାନକାଳରେ ସେହି ଭାଷାରେ କଥା ନ କହିବା ଅସଭ୍ୟତାର ପରିଚାୟକ ।

ଧର୍ମ ଓ ଦର୍ଶନାଦି ସମ୍ବନ୍ଧରେ ସୁଲେଖକ । ମୋର ବହିପତ୍ର ପଢ଼ି ଅନେକ ଦିନରୁ ମୋ ଉପରେ ବିଶେଷ ଅନୁରାଗ—ବେଶୀ ଅନୁରାଗ । ଆଉ ମ୍ୟାକ୍ସିମ୍ ସବୁ ରାଜାରାଜୁଡ଼ାଙ୍କୁ ତୋପ ବିକି ସବୁଦେଶରେ ଜଣାଶୁଣା; କିନ୍ତୁ ତାଙ୍କର ବିଶେଷ ବନ୍ଧୁ ଲି ହୁଂ ଚୁଙ୍ଗ, ବିଶେଷ ଶ୍ରଦ୍ଧା ଚୀନ ଉପରେ, ଧର୍ମାନୁରାଗ 'କଂଫୁଛ'-ମତରେ' ଚୀନା ନାମ ନେଇ ବେଳେ ବେଳେ କାଗଜରେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ବିପକ୍ଷରେ ଲେଖା ହୁଏ । ସେମାନେ ଚୀନରେ କ'ଣ କରିବାକୁ ଯାଆନ୍ତି, କାହିଁକି ବା ଯାଆନ୍ତି ଇତ୍ୟାଦି । ମ୍ୟାକ୍ସିମ ପାଦ୍ରିମାନଙ୍କର ଚୀନରେ ଧର୍ମପ୍ରଚାର ଆଦୌ ସହ୍ୟ କରିପାରନ୍ତି ନାହିଁ । ମ୍ୟାକ୍ସିମ୍ଙ୍କ ଗୃହିଣୀଟି ମଧ୍ୟ ଠିକ ଅନୁରୂପ—ଚୀନଭକ୍ତ, ଖ୍ରୀଷ୍ଟିଆନ-ଘୃଣା ! ପିଲାପିଲି ନାହାନ୍ତି, ବୁଢ଼ା ମଣିଷ—ଅଗାଧ ଧନ ।

ଯାତ୍ରାର ଠିକ୍ ହେଲା—ପ୍ୟାରିସଠାରୁ ରେଲଯୋଗେ ଭିଏନା; ତାହାପରେ କନଷ୍ଟାଣ୍ଟିନୋପଲ, ତାହାପରେ ଜାହାଜଦ୍ୱାରା ଏଥେନ୍ସ, ଗ୍ରୀସ୍; ତାହାପରେ ଭୂମଧ୍ୟସାଗର ପାରହୋଇ ଇଜିପ୍ଟ; ତାହାପରେ ଏସିଆ-ମାଇନର, ଜେରୁଜେଲମ୍ ଇତ୍ୟାଦି । 'ଓରିଆଁଣ୍ଟାଲ ଏକ୍ସପ୍ରେସ ଟ୍ରେନ' ପ୍ୟାରିସଠାରୁ ଇସ୍ତାମ୍ବୁଲ ପର୍ଯ୍ୟନ୍ତ ଧାଏଁ ପ୍ରତିଦିନ । ସେଥିରେ ଆମେରିକାର ନକଲରେ ଶୋଇବାର, ବସିବାର, ଖାଇବାର ସ୍ଥାନ । ଠିକ୍ ଆମେରିକାର ଗାଡ଼ିପରି ସୁସମ୍ପନ୍ନ ନ ହୋଇଥିଲେ ମଧ୍ୟ କେତେକ ପରିମାଣରେ ସେହିପରି । ସେ ଗାଡ଼ିରେ ଚଢ଼ି ୨୪ ଅକ୍ଟୋବର ଦିନ ପ୍ୟାରିସ୍ ଛାଡ଼ିବାକୁ ହେଉଛି ।

## ଫ୍ରାନ୍ସ ଓ ଜର୍ମାନି

ଆଜି ୨୩ ଅକ୍ଟୋବର; କାଲି ସନ୍ଧ୍ୟା ସମୟରେ ପ୍ୟାରିସରୁ ବିଦାୟ । ଏ ବର୍ଷ ଏ ପ୍ୟାରିସ୍ ସଭ୍ୟଜଗତରେ ଏକ କେନ୍ଦ୍ର; ଏ ବର୍ଷ ମହା-ପ୍ରଦର୍ଶନୀ । ନାନା ଦିଗ୍‌ଦେଶସମାଗତ ସଜ୍ଜନ-ସଙ୍ଗମ । ଦେଶଦେଶାନ୍ତରର ମନୀଷୀଗଣ ନିଜ ନିଜ ପ୍ରତିଭା-ପ୍ରକାଶରେ ସ୍ୱଦେଶର ମହିମା ବିସ୍ତାର କରୁଛନ୍ତି ଆଜି ଏହି ପ୍ୟାରିସ୍‌ରେ । ଏ ମହାକେନ୍ଦ୍ରର ଭେରୀଧ୍ୱନି ଆଜି ଯାହାଙ୍କର ନାମ ଉଚ୍ଚାରଣ କରିବ, ସେ ନାଦ-ତରଙ୍ଗ ସଙ୍ଗରେ ତାଙ୍କର ସ୍ୱଦେଶକୁ ସର୍ବଜନ-ସମକ୍ଷରେ ଗୌରବାନ୍ୱିତ କରିବ । ଆଉ ମୋର ଜନ୍ମଭୂମି—ଏ ଜର୍ମାନ, ଫରାସୀ, ଇଂରେଜ, ଇଟାଲି ପ୍ରଭୃତି ବୁଧ-ମଣ୍ଡଳୀ-ମଣ୍ଡିତ ମହାରାଜଧାନୀରେ ତୁମେ କେଉଁଠି ବଙ୍ଗଭୂମି ? କିଏ ତୁମର ନାମ ନିଏ ? କିଏ ତୁମର ଅସ୍ତିତ୍ୱ ଘୋଷଣା କରେ ? ସେ ବହୁ ଗୌରବର୍ଣ୍ଣ ପ୍ରତିଭମଣ୍ଡଳୀ ମଧ୍ୟରୁ ଏକ ଯୁବା ଯଶସ୍ୱୀ ବୀର ବଙ୍ଗଭୂମିର, ଆମର ମାତୃଭୂମିର ନାମ ଘୋଷଣା କଲେ—ସେ ବୀର ଜଗତ୍‌ପ୍ରସିଦ୍ଧ ବୈଜ୍ଞାନିକ ଡାକ୍ତର ଜେ. ସି ବୋସ । ଏକା ଯୁବା ବଙ୍ଗାଳୀ ବୈଦ୍ୟୁତିକ, ଆଜି ବିଦ୍ୟୁତ୍‌ବେଗରେ ପାଶ୍ଚାତ୍ୟ ମଣ୍ଡଳୀକୁ ନିଜର ପ୍ରତିଭା-ମହିମାରେ ମୁଗ୍ଧ କଲେ—ସେ ବିଦ୍ୟୁତ୍‌ସଞ୍ଚାର ମାତୃଭୂମିର ମୃତପ୍ରାୟ ଶରୀରରେ ନବଜୀବନ-ତରଙ୍ଗ ସଞ୍ଚାର କଲା ! ସମଗ୍ର ବୈଦ୍ୟୁତିକମଣ୍ଡଳୀର ଶୀର୍ଷସ୍ଥାନୀୟ ଆଜି ଜଗଦୀଶ ବସୁ । ଭାରତବାସୀ, ବଙ୍ଗବାସୀ ଧନ୍ୟ ବୀର ! ବସୁ ଓ ତାଙ୍କର ସତୀ, ସାଧ୍ୱୀ,

ସର୍ବଗୁଣସମ୍ପନ୍ନା ଗୃହିଣୀ ଯେଉଁ ଦେଶକୁ ଯାଆନ୍ତି, ସେଠାରେ ଭାରତର ମୁଖ ଉଜ୍ଜ୍ୱଳ କରନ୍ତି, ବଙ୍ଗାଳିର ଗୌରବ ବର୍ଦ୍ଧନ କରନ୍ତି ।

ଧନ୍ୟ ଦମ୍ପତି ! ଆଉ ମି. ଲେଗେଟ୍ ପ୍ରଭୂତ ଅର୍ଥବ୍ୟୟରେ ତାଙ୍କର ପ୍ୟାରିସସ୍ଥ ପ୍ରାସାଦରେ ଭୋଜନାଦି ବ୍ୟପଦେଶରେ ନିତ୍ୟ ନାନା ଯଶସ୍ୱୀ ଯଶସ୍ୱିନୀ ନରନାରୀଙ୍କ ସମାଗମ ସିଦ୍ଧ କରୁଛନ୍ତି—ତାହାର ଅନ୍ତ ଶେଷ । କବି, ଦାର୍ଶନିକ, ବୈଜ୍ଞାନିକ, ନୈତିକ, ସାମାଜିକ, ଗାୟକ, ଗାୟିକା, ଶିକ୍ଷକ, ଶିକ୍ଷୟିତ୍ରୀ, ଚିତ୍ରକର, ଶିଳ୍ପୀ, ଭାସ୍କର, ବାଦକ ପ୍ରଭୃତି ନାନାଶ୍ରେଣୀର ଗୁଣୀଗଣଙ୍କ ସମାବେଶ ମିଷ୍ଟର୍ ଲେଗେଟଙ୍କର ଆତିଥ୍ୟ-ସମାଦର-ଆକର୍ଷଣରେ ତାଙ୍କର ଗୃହରେ । ସେ ପର୍ବତ-ନିର୍ଝରବୁଲ୍ୟ କଥାଛଟା, ଅଗ୍ନିସ୍ଫୁଲିଙ୍ଗବତ୍ ଚତୁର୍ଦ୍ଦିଗ୍-ସମୁତ୍ଥିତ ଭାବବିକାଶ, ମୋହିନୀ ସଙ୍ଗୀତ, ମନୀଷି-ମନଃସଂଘର୍ଷ-ସମୁତ୍ଥିତ ଚିନ୍ତାମନ୍ତ୍ର ପ୍ରବାହ ସମସ୍ତଙ୍କୁ ଦେଶକାଳ ଭୁଲାଇ ଦେଇ ମୁଗ୍ଧ କରି ରଖିଥିଲା !—ତାହା ମଧ୍ୟ ଶେଷ ।

ସବୁଜିନିଷର ଅନ୍ତ ଅଛି । ଆଜ ଆଉ ଥରେ ପୁଞ୍ଜୀକୃତ-ଭାବରୂପ-ସ୍ଥିରସୌଦାମିନୀ, ଏହି ଅପୂର୍ବ-ଭୂସ୍ୱର୍ଗ-ସମାବେଶ ପ୍ୟାରିସ-ଏକ୍‌ଜିବିସନ୍ ଦେଖି ଆସିଲି ।

ଆଜ ଦୁଇତିନି ଦିନ ଧରି ପ୍ୟାରିସରେ କ୍ରମାଗତ ବୃଷ୍ଟି ହେଉଛି । ଫ୍ରାନ୍‌ସପ୍ରତି ସଦା ସଦୟ ସୂର୍ଯ୍ୟଦେବ କେତେ ଦିନ ହେଲା ବିରୂପ । ନାନାଦିଗ୍‌ଦେଶାଗତ ଶିଳ୍ପଶିଳ୍ପୀ, ବିଦ୍ୟା ଓ ବିଦ୍ୱାନ୍‌ଙ୍କ ପଛରେ ଗୂଢ଼ଭାବରେ ପ୍ରବାହିତ ଇନ୍ଦ୍ରିୟବିଳାସର ସ୍ରୋତ ଦେଖି ଘୃଣାରେ ସୂର୍ଯ୍ୟଙ୍କ ମୁଖ ମେଘକଳୁଷିତ ହୋଇଛି, ଅଥବା କାଷ୍ଠ ବସ୍ତ୍ର ଓ ନାନାରାଗରଞ୍ଜିତ ଏ ମାୟା ଅମରାବତୀର ଆଶୁ ବିନାଶ ଭାବି ସେ ଦୁଃଖରେ ମେଘାବଗୁଣ୍ଠନରେ ମୁଖ ଘୋଡ଼ାଇଲେ ।

ଆମେମାନେ ମଧ୍ୟ ପଳେଇଲେ ବଞ୍ଚିବୁ । ଏକ୍‌ଜିବିସନ୍ ଭଙ୍ଗା ଗୋଟିଏ ବୃହତ୍ ବ୍ୟାପାର । ଏହି ଭୂସ୍ୱର୍ଗ ନନ୍ଦନୋପମ ପ୍ୟାରିସର ରାସ୍ତା ଅଣ୍ଠୁଏ କାଦୁଅ, ଚୂନବାଲିରେ ପୂର୍ଣ୍ଣ ହେବ । ଗୋଟାଏ ଦୁଇଟା ପ୍ରଧାନ ଛଡ଼ା ଏକ୍‌ଜିବିସନ୍‌ର ସବୁ ଘରଦ୍ୱାର, କାଠ-କୁଟା, ଛୁଣ୍ଡାକନା ଆଉ ଚୂନକାମର ଖେଳ ଛଡ଼ା ତ ଆଉ କିଛି ନୁହେଁ—ଯେପରି ସମସ୍ତ ସଂସାର ! ଯେତେବେଳେ ଭଙ୍ଗା ହେବ, ସେ ଚୂନର ଗୁଣ୍ଡା ଉଡ଼ି ଦମ୍ ଅଟକେଇ ଦିଏ ! ଛୁଣ୍ଡାକନା ବାଲି ପ୍ରଭୃତି ରାସ୍ତାଘାଟକୁ କଦର୍ଯ୍ୟ କରିପକାଏ । ତା' ଉପରେ ପୁଣି ବୃଷ୍ଟି ହେଲେ—ସେ ବିରାଟ କାଣ୍ଡ ।

୪ ଅକ୍ଟୋବର ସନ୍ଧ୍ୟା ସମୟରେ ଟ୍ରେନ୍ ପ୍ୟାରିସ୍ ଛାଡ଼ିଲା । ଅନ୍ଧକାର ରାତି—ଦେଖିବାର କିଛି ହିଁ ନାହିଁ । ମୁଁ ଆଉ ମସିୟସ୍ ବୋଆ ଗୋଟାଏ କୋଠରୀରେ—ଶୀଘ୍ର ଶୀଘ୍ର ଶୟନ କଲୁ । ନିଦ୍ରାରୁ ଉଠି ଦେଖେ—ଆମେମାନେ ଫରାସୀ ସୀମା ଛାଡ଼ି ଜର୍ମାନ ସାମ୍ରାଜ୍ୟରେ ଉପସ୍ଥିତ । ଜର୍ମାନ ପୂର୍ବେ ବିଶେଷ କରି ଦେଖାଅଛି, ତେବେ ଫ୍ରାନ୍‌ସପରେ ଜର୍ମାନ—ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱୀ ଭାବ । 'ଯାତ୍ୟେକତୋଽସ୍ତଶିଖରଂ ପତିରୋଷଧୀନାଂ'—ଏକ ଦିଗରେ ଭୁବନସ୍ପର୍ଶୀ ଫ୍ରାନ୍‌ସ୍ ପ୍ରତିହିଂସାନଳରେ ପୋଡ଼ି ପୋଡ଼ି ଧୀରେ ଧୀରେ ପାଉଁଶ ହୋଇଯାଉଛି; ଆଉ ଏକ ଦିଗରେ କେନ୍ଦ୍ରୀକୃତ ନୂତନ ମହାବଳ ଜର୍ମାନ ମହାବେଗରେ

ଉଦସ୍ତଶୀଖରାଭିମୁଖକୁ ଗ୍ଭଲିଛୁ ।

କୃଷ୍ଣକେଶ, ଅପେକ୍ଷାକୃତ ଖର୍ବକାୟ, ଶିଳ୍ପ-ପ୍ରାଣ, ବିଳାସପ୍ରିୟ, ଅତି ସୁସଭ୍ୟ, ଫରାସୀର ଶିଳ୍ପବିନ୍ୟାସ; ଆଉ ଏକଦିଗରେ ହିରଣ୍ୟକେଶ, ଦୀର୍ଘାକାର, ଦିଙ୍‌ନାଗ ଜର୍ମାନର ସ୍ଥୂଳ-ହସ୍ତାବଲେପ । ପ୍ୟାରିସ୍ ପରେ ପାଶ୍ଚାତ୍ୟ ଜଗତରେ ଆଉ ନଗରୀ ନାହିଁ; ସବୁ ସେହି ପ୍ୟାରିସ୍‌ର ନକଲ—ଅନ୍ତତଃ ଚେଷ୍ଟା । କିନ୍ତୁ ଫରାସୀରେ ସେ ଶିଳ୍ପସୁଷମାର ସୂକ୍ଷ୍ମ ସୌନ୍ଦର୍ଯ୍ୟ; ଜର୍ମାନରେ, ଇଂଲଣ୍ଡରେ, ଆମେରିକାରେ ତାହାର ଅନୁକରଣ, ସ୍ଥୂଳ । ଫରାସୀର ବଳବିନ୍ୟାସ ମଧ୍ୟ ଯେପରି କି ରୂପପୂର୍ଣ୍ଣ; ଜର୍ମାନର ରୂପ-ବିକାଶ-ଚେଷ୍ଟା ମଧ୍ୟ ବିଭୀଷଣ । ଫରାସୀ-ପ୍ରତିଭାର ମୁଖମଣ୍ଡଳ କ୍ରୋଧାକ୍ତ ହେଲେ ମଧ୍ୟ ସୁନ୍ଦର; ଜର୍ମାନ ପ୍ରତିଭାର ମଧୁର ହାସ୍ୟ-ବିମଣ୍ଡିତ ଆନନ ମଧ୍ୟ ଯେପରି କି ଭୟଙ୍କର । ଫରାସୀ-ସଭ୍ୟତା ସ୍ନାୟୁମୟ, କର୍ପୂର ପରି—କସ୍ତୁରୀ ପରି ଏକ ମୁହୂର୍ତ୍ତିକରେ ଉଡ଼ି ଘରଦ୍ୱାର ଭରିଦିଏ; ଜର୍ମାନ-ସଭ୍ୟତା ପେଶୀମୟ, ସୀସା ପରି—ପାରଦ ପରି ଭାରୀ, ଯେଉଁଠାରେ ପଡ଼ିଛି ତ ପଡ଼ିରହିଛି । ଜର୍ମାନର ମାଂସପେଶୀ କ୍ରମାଗତ ଅଶ୍ରାନ୍ତଭାବରେ ଠୁକ୍‌ଠାକ୍ ହାତୁଡ଼ି ଆଜନ୍ମ ମାରିପାରେ; ଫରାସୀର ନରମ ଶରୀର—ସ୍ତ୍ରୀଲୋକଙ୍କ ପରି; କିନ୍ତୁ ଯେତେବେଳେ କେନ୍ଦ୍ରୀଭୂତ ହୋଇ ଆଘାତ କରେ, ସେ କମାରର ଗୋଟିଏ ମାଡ଼; ତା'ର ବେଗ ସହ୍ୟ କରିବା ଅତ୍ୟନ୍ତ କଠିନ ।

ଜର୍ମାନ ଫରାସୀ ନକଲରେ ବଡ଼ ବଡ଼ ଘର ଅଟ୍ଟାଳିକା ବନାଉଛନ୍ତି, ବୃହତ୍ ବୃହତ୍ ମୂର୍ତ୍ତି—ଅଶ୍ୱାରୋହୀ, ରଥୀ—ସେ ପ୍ରାସାଦ-ଶିଖରରେ ସ୍ଥାପନ କରୁଛନ୍ତି; କିନ୍ତୁ ଜର୍ମାନର ଦି' ମହଲା ଘର ଦେଖିଲକ୍ଷଣି ପଚାରିବାକୁ ଇଚ୍ଛା ହୁଏ—ଏ ଘର କ'ଣ ମଣିଷ ରହିବା ପାଇଁ, ନା ହାତୀ-ଓଟର 'ଅସ୍ତାବଲ' ? ଆଉ ଫରାସୀର ପାଞ୍ଚମହଲା ହାତୀ-ଘୋଡ଼ା ରଖିବାର ଘର ଦେଖି ଭ୍ରମ ହୁଏ ଯେ, ଏ ଘରେ ବୋଧହୁଏ ପରୀ ବାସ କରୁଥିବେ ।

ଆମେରିକା ଜର୍ମାନ-ପ୍ରବାହରେ ଅନୁପ୍ରାଣିତ, ଲକ୍ଷ ଲକ୍ଷ ଜର୍ମାନ୍ ପ୍ରତ୍ୟେକ ସହରରେ । ଭାଷା ଇଂରେଜୀ ହେଲେ କ'ଣ ହେବ—ଆମେରିକା ଧୀରେ ଧୀରେ ଜର୍ମାନ୍ ହୋଇଯାଉଛି । ଜର୍ମାନର ପ୍ରବଳ ବଂଶବିସ୍ତାର; ଜର୍ମାନ୍ ଅତି କଷ୍ଟସହିଷ୍ଣୁ । ଆଜି ଜର୍ମାନ୍ ଇଉରୋପର ଆଦେଶ-ଦାତା, ସମସ୍ତଙ୍କ ଉପରେ ! ଅନ୍ୟାନ୍ୟ ଜାତିର ଅନେକ ପୂର୍ବେ ଜର୍ମାନ୍ ପ୍ରତ୍ୟେକ ନରନାରୀଙ୍କୁ ରାଜଦଣ୍ଡର ଭୟ ଦେଖାଇ ବିଦ୍ୟା ଶିଖାଇଛି । ଆଜି ସେ ବୃକ୍ଷର ଫଳ ଭୋଗ କରୁଛି । ଜର୍ମାନର ସୈନ୍ୟ ପ୍ରତିଷ୍ଠାରେ ସର୍ବଶ୍ରେଷ୍ଠ; ଜର୍ମାନ ପ୍ରାଣପଣ କରିଛି ଯୁଦ୍ଧପୋତରେ ମଧ୍ୟ ସର୍ବଶ୍ରେଷ୍ଠ ହେବାକୁ; ଜର୍ମାନର ପଣ୍ୟନିର୍ମାଣ ଇଂରେଜକୁ ମଧ୍ୟ ପରାଭୂତ କରିଛି ! ଇଂରେଜର ଉପନିବେଶରେ ମଧ୍ୟ ଜର୍ମାନ-ପଣ୍ୟ । ଜର୍ମାନ୍ ମନୁଷ୍ୟ ଧୀରେ ଧୀରେ ଏକାଧିପତ୍ୟ ଲାଭ କରୁଛି; ଜର୍ମାନୀ-ସମ୍ରାଟଙ୍କ ଆଦେଶରେ ସର୍ବଜାତି ଚୀନକ୍ଷେତ୍ରରେ ଅବନତ ମସ୍ତକରେ ଜର୍ମାନ ସେନାପତିଙ୍କର ଅଧୀନତା ସ୍ୱୀକାର କରିଛନ୍ତି ।

ଦନଯାରୀ ଟ୍ରେନ ଜର୍ମାନ ଭିତରେ ଗ୍ଭଲିଲା; ଉପରଓଲ ଜର୍ମାନ୍ ଆଧିପତ୍ୟର ପ୍ରାଚୀନ କେନ୍ଦ୍ର—ବର୍ତ୍ତମାନ ପରରାଜ୍ୟ—ଅଷ୍ଟ୍ରିୟା ସୀମାରେ ଉପସ୍ଥିତ । ଏ ଇଉରୋପରେ

ବୃନ୍ଦବାର କେତେଗୁଡ଼ିଏ ଜିନିସ ଉପରେ ବେଜାଏ ଶୁଲ୍କ; ଅଥବା କୌଣସି କୌଣସି ପଣ୍ୟ ସରକାରଙ୍କର ଏକଚାଟିଆ, ଯେପରି ତମାଖୁ । ପୁଣି ରୁଷ ଓ ତୁର୍କିରେ ତୁମ ରାଜ୍ୟର ଛାଡ଼ପତ୍ର ନ ଥିଲେ ଏକାଥରକେ ପ୍ରବେଶ ନିଷେଧ; ଛାଡ଼ପତ୍ର ଅର୍ଥାତ୍ ପାସପୋର୍ଟ ଏକାନ୍ତ ଆବଶ୍ୟକ । ତାହାଛଡ଼ା, ରୁଷ ଏବଂ ତୁର୍କିରେ ତମର ବହିପତ୍ର, କାଗଜ ସବୁ କାଢ଼ିନେବେ । ତା'ପରେ ପଢ଼ିଶୁଣି ଯଦି ବୁଝିନ୍ତି ଯେ, ତୁମ ପାଖରେ ତୁର୍କି ବା ରୁଷର ରାଜତ୍ୱ ବା ଧର୍ମ ବିପକ୍ଷରେ କୌଣସି ବହି ବା କାଗଜ ନାହିଁ, ତାହାହେଲେ ସେସବୁ ସେହିକ୍ଷଣି ଫେରାଇ-ଦେବେ—ନଚେତ୍ ସେସବୁ ବହି, କାଗଜ ବାଜ୍ୟାପ୍ତ କରିନେବେ । ଅନ୍ୟ ଅନ୍ୟ ଦେଶରେ ଏ ପୋଡ଼ା ତମାଖୁର ହାଙ୍ଗାମା ବହୁତ ବେଶୀ । ସିନ୍ଦୁକ, ପେଟରା, ଗଣ୍ଠିଲି—ସବୁ ଖୋଲି ଦେଖାଇବାକୁ ହେବ, ତମାଖୁ ପ୍ରଭୃତି ଅଛି କି ନାହିଁ । ପୁଣି କନ୍‌ଷ୍ଟାଣ୍ଟିନୋପଲ୍ ଆସିବାକୁ ହେଲେ ଦୁଇଟା ବଡ଼—ଜର୍ମାନି ଓ ଅଷ୍ଟ୍ରିଆ ଏବଂ ଅନେକ-ଗୁଡ଼ିଏ କ୍ଷୁଦ୍ର ଦେଶ ଭିତରେ ଆସିବାକୁ ହୁଏ; ଶେଷଟଗୁଡ଼ିକ ପୂର୍ବେ ତୁରସ୍କର ପ୍ରଜା ଥିଲେ, ବର୍ତ୍ତମାନ ସ୍ୱାଧୀନ ଖ୍ରୀଷ୍ଟିଆନ ରାଜାମାନେ ଏକତ୍ର ହୋଇ ମୁସଲମାନମାନଙ୍କ ହାତରୁ ଯେତେ ପାରିଛନ୍ତି, ଖ୍ରୀଷ୍ଟିଅନ-ପୂର୍ଣ୍ଣ ପ୍ରଜା ଛଡ଼ାଇ ନେଇଛନ୍ତି । ଏ କ୍ଷୁଦ୍ର ପିମ୍ପୁଡ଼ିଙ୍କ କାମୁଡ଼ା ବଡ଼ମାନଙ୍କ ଅପେକ୍ଷା ବହୁତ ଅଧିକ ।

## ଅଷ୍ଟ୍ରିୟା ଓ ହଙ୍ଗେରି

୨୫ ଅକ୍ଟୋବର ସନ୍ଧ୍ୟା ପରେ ଟ୍ରେନ୍ ଅଷ୍ଟ୍ରିୟାର ରାଜଧାନୀ ଭିଏନା ନଗରରେ ପହଞ୍ଚିଲା । ଅଷ୍ଟ୍ରିୟା ଓ ରୁଷିଅର ରାଜବଂଶୀୟ ନରନାରୀଙ୍କୁ ଅର୍କ-ଡ୍ୟୁକ୍ ଓ ଆର୍କ-ଡଚେସ୍ କହନ୍ତି । ଏ ଟ୍ରେନରୁ ଦୁଇଜଣ ଆର୍କ-ଡ୍ୟୁକ ଭିଏନାରେ ଓହ୍ଲାଇବେ; ସେମାନେ ନ ଓହ୍ଲାଇଲା ପର୍ଯ୍ୟନ୍ତ ଅନ୍ୟାନ୍ୟ ଯାତ୍ରୀମାନଙ୍କର ଓହ୍ଲାଇବାର ଅଧିକାର ନାହିଁ । ଆମେ ଅପେକ୍ଷା କରି ରହିଲୁ । ନାନାପ୍ରକାର ଜରିକାମର ବର୍ଦ୍ଦି ପିନ୍ଧା କେତେକ ସୈନିକ ପୁରୁଷ ଏବଂ ପରଲଗା ଟୋପି ମୁଣ୍ଡରେ ଜଣ କେତେ ସୈନ୍ୟ ଆର୍କ-ଡ୍ୟୁକଙ୍କ ପାଇଁ ଅପେକ୍ଷା କରୁଥିଲେ । ସେମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ଅର୍କ-ଡ୍ୟୁକ ଦୁହେଁ ଓହ୍ଲାଇଗଲେ । ଆମେ ମଧ୍ୟ ବଞ୍ଚିଲୁ—ଶୀଘ୍ର ଓହ୍ଲାଇ ସିନ୍ଦୁକ-ପତ୍ର ପାସ୍ କରାଇବାର ଉଦ୍ୟୋଗ କରିବାରେ ଲାଗିଲୁ । ଯାତ୍ରୀ ଅତି ଅଳ୍ପ; ସିନ୍ଦୁକପତ୍ର ଦେଖାଇ ଛାଡ଼ କରାଇବାକୁ ବେଶି ଡେରି ଲାଗିଲା ନାହିଁ । ପୂର୍ବରୁ ଗୋଟାଏ ହୋଟେଲ ଠିକଣା କରାହୋଇଥିଲା । ସେ ହୋଟେଲର ଲୋକ ଗାଡ଼ି ନେଇ ଅପେକ୍ଷା କରୁଥିଲା । ଆମେମାନେ ମଧ୍ୟ ଯଥାସମୟରେ ହୋଟେଲରେ ପହଞ୍ଚିଲୁ । ସେ ରାତିରେ ଆଉ ଦେଖାଶୁଣା କ'ଣ ହେବ ! ପରଦିନ ପ୍ରାତଃ-କାଳରେ ସହର ଦେଖିବାକୁ ବାହାରିଲୁ ।

ସମସ୍ତ ହୋଟେଲରେ ହିଁ ଏବଂ ଇଉରୋପର ଇଂଲଣ୍ଡ ଓ ଜର୍ମାନି ଛଡ଼ା ପ୍ରାୟ ସବୁଦେଶରେ ଫରାସୀ ଚଳଣି । ହିନ୍ଦୁଙ୍କ ପରି ଦୁଇଥର ଖିଆ । ପ୍ରାତଃକାଳରେ, ଦୁଇପ୍ରହରବେଳେ, ସନ୍ଧ୍ୟାସମୟରେ ୮ଟା ମଧ୍ୟରେ । ପ୍ରଥମରେ ଅର୍ଥାତ୍ ୮।୯ଟା

ସମୟରେ ଟିକିଏ କଫି ପାନ କରାଯାଏ । ଚା'ର ବ୍ୟବହାର—ଇଂଲଣ୍ଡ ଓ ରୁଷିଆ ଛଡ଼ା ଅନ୍ୟତ୍ର ଖୁବ୍ କମ୍ । ଦିନ-ଭୋଜନର ଫରାସୀ ନାମ—'ଦେଜୁନେ' ଅର୍ଥାତ୍ ଉପବାସ-ଭଙ୍ଗ, ଇଂରାଜୀ 'ବ୍ରେକଫାଷ୍ଟ' । ସାୟଂ ଭୋଜନର ନାମ 'ଦିନେ'—ଇଂରାଜୀ 'ଡିନାର' । ରୁଷିଆରେ ଚା'ପାନର ଅତ୍ୟନ୍ତ ଧୂମ୍—ବେଳାଏ ଅଣ୍ଡା, ଆଉ ଚୀନ ସନ୍ନିକଟ । ଚୀନର ଚା' ଖୁବ୍ ଉତ୍ତମ ଚା' । ସେଥିରୁ ଅଧିକାଂଶ ଯାଏ ରୁଷିଆକୁ । ରୁଷର ଚା-ପାନ ମଧ୍ୟ ଚୀନର ଅନୁରୂପ, ଅର୍ଥାତ୍ ଦୁଧମିଶା ନୁହେଁ । ଦୁଧ ମିଶାଇଲେ ଚାହା ବା କଫି ବିଷପରି ଅପକାରକ । ଅସଲ ଚା-ପାୟୀ ଜାତି ଚୀନା; ଜାପାନ, ରୁଷ, ମଧ୍ୟ-ଏସିଆବାସୀ ବିନା ଦୁଧରେ ଚା' ପାନ କରନ୍ତି । ତଦ୍‌ବତ୍ ପୁଣି ତୁର୍କ ପ୍ରଭୃତି ଆଦିମ କଫିପାୟୀ ଜାତି ବିନା ଦୁଗ୍ଧରେ କଫି ପାନ କରନ୍ତି । ତେବେ ରୁଷିଆରେ ସେଥିରେ ଖଣ୍ଡେ କାଗେଜିଲେମ୍ବୁ ଏବଂ ମୁଣ୍ଡାଏ ଚିନି ଚା'ରେ ପକାଇ ଦିଅନ୍ତି । ଗରିବମାନେ ମୁଣ୍ଡାଏ ଚିନି ପାଟିରେ ରଖି ତା' ଉପରେ ଚା' ପାନ କରନ୍ତି ଏବଂ ଜଣକର ପିଇବା ଶେଷହେଲେ ଆଉ ଜଣକୁ ସେ ଚିନିମୁଣ୍ଡାଟି ବାହାର କରି ଦିଅନ୍ତି । ସେ ବ୍ୟକ୍ତି ମଧ୍ୟ ସେ ଚିନିମୁଣ୍ଡାଟା ପାଟିରେ ରଖି ପୂର୍ବପରି ଚା'ପାନ କରନ୍ତି ।

ଭିଏନା ସହର ପ୍ୟାରିସ୍‌ର ନକଲରେ ଶ୍ରେଷ୍ଠ ସହର । ତେବେ ଅଷ୍ଟ୍ରିଆନ୍‌ମାନେ ହେଉଛନ୍ତି ଜାତିରେ ଜର୍ମାନ୍ । ଅଷ୍ଟ୍ରିଆର ବାଦଶାହା ଏତେକାଳ ପ୍ରାୟ ସମସ୍ତ ଜର୍ମାନର ବାଦଶାହା ଥିଲେ । ବର୍ତ୍ତମାନ କାଳରେ ପ୍ରୁସରାଜ ଭିଲହେଲମ୍‌ଙ୍କର ଦୂରଦର୍ଶିତା ଯୋଗୁଁ, ମନ୍ତ୍ରିବର ବିସମାର୍କଙ୍କର ଅପୂର୍ବ ବୁଦ୍ଧି-କୌଶଳ ଯୋଗୁଁ, ପୁଣି ସେନାପତି ଫନ୍‌ମଲ୍‌ଟକଙ୍କ ଯୁଦ୍ଧ-ପ୍ରତିଭା ଯୋଗୁଁ ପ୍ରୁସରାଜ ଅଷ୍ଟ୍ରିଆ ଛଡ଼ା ସମସ୍ତ ଜର୍ମାନୀର ଏକାଧିପତି ବାଦଶାହା । ହୃତଶ୍ରୀ, ହୃତବୀର୍ଯ୍ୟ ଅଷ୍ଟ୍ରିଆ କୌଣସି ପ୍ରକାରେ ପୂର୍ବକାଳର ନାମ-ଗୌରବ ରକ୍ଷା କରୁଛନ୍ତି । ଅଷ୍ଟ୍ରିଆ-ରାଜବଂଶ ହ୍ୟାପ୍‌ସବର୍ଗବଂଶ, ଇଉରୋପର ସର୍ବାପେକ୍ଷା ପ୍ରାଚୀନ ଓ ଅଭିଜାତ ରାଜବଂଶ । ଯେଉଁ ଜର୍ମାନ୍ ରାଜନ୍ୟକୁଳ ଇଉରୋପର ପ୍ରାୟ ସର୍ବଦେଶରେ ସିଂହାସନରେ ଅଧିଷ୍ଠିତ, ଯେଉଁ ଜର୍ମାନର ଶ୍ରେଷ୍ଠ ଶ୍ରେଷ୍ଠ କରଦ ରାଜା ଇଂଲଣ୍ଡ ଓ ରୁଷିଆରେ ମଧ୍ୟ ମହାବଳ ସାମ୍ରାଜ୍ୟଶୀର୍ଷରେ ସିଂହାସନ ସ୍ଥାପନ କରିଛନ୍ତି, ସେହି ଜର୍ମାନର ବାଦଶାହା ଏତେକାଳ ଥିଲେ ଏହି ଅଷ୍ଟ୍ରିୟ-ରାଜବଂଶ । ସେ ମାନ, ସେ ଗୌରବର ଇଚ୍ଛା ସମ୍ପୂର୍ଣ୍ଣ ଅଷ୍ଟ୍ରିଆର ରହିଛି—ନାହିଁ ଶକ୍ତି ।

ତୁର୍କକୁ ଇଉରୋପରେ 'ଆତୁର ବୃଦ୍ଧ ପୁରୁଷ' କହନ୍ତି । ଅଷ୍ଟ୍ରିଆକୁ 'ଆତୁରା ବୃଦ୍ଧା ସ୍ତ୍ରୀ' କହିବା ଉଚିତ । ଅଷ୍ଟ୍ରିଆ କ୍ୟାଥଲିକ ସମ୍ପ୍ରଦାୟଭୁକ୍ତ; ସେଦିନ ପର୍ଯ୍ୟନ୍ତ ଅଷ୍ଟ୍ରିଆ ସାମ୍ରାଜ୍ୟର ନାମ ଥିଲା—'ପବିତ୍ର ରୋମ୍ ସାମ୍ରାଜ୍ୟ' । ବର୍ତ୍ତମାନ ଜର୍ମାନ ପ୍ରୋଟେଷ୍ଟାଣ୍ଟ-ପ୍ରବଳ; ଅଷ୍ଟ୍ରିୟ ସମ୍ରାଟ ଚିରକାଳ ପୋପ୍‌ଙ୍କର ଦକ୍ଷିଣ-ହସ୍ତ, ଅନୁଗତ ଶିଷ୍ୟ, ରୋମକ ସମ୍ପ୍ରଦାୟର ନେତା । ବର୍ତ୍ତମାନ ଇଉରୋପରେ କ୍ୟାଥଲିକ ବାଦଶାହା କେବଳ ଏକ ଅଷ୍ଟ୍ରିୟ ସମ୍ରାଟ । କ୍ୟାଥଲିକ ସଂଘର 'ବଡ଼' ଝିଅ ଫ୍ରାନ୍ସ ବର୍ତ୍ତମାନ ପ୍ରଜାତନ୍ତ୍ର; ସ୍ପେନ, ପର୍ତ୍ତୁଗାଲ, ଅଧଃପତିତ ! ଇଟାଲୀ ପୋପ୍‌ଙ୍କର ସିଂହାସନ ମାତ୍ର ସ୍ଥାପନ ପାଇଁ ସ୍ଥାନ

ଦେଇଛୁ । ପୋପଙ୍କର ଐଶ୍ୱର୍ଯ୍ୟ, ରାଜ୍ୟ, ସମସ୍ତ କାଢ଼ି ନେଇଛନ୍ତି । ଇଟାଲୀର ରାଜା ଓ ରୋମ୍‌ର ପୋପଙ୍କର ମୁହଁ ଚାହାଁଚାହିଁ ନାହିଁ, ବିଶେଷ ଶତ୍ରୁତା । ପୋପଙ୍କର ରାଜଧାନୀ ରୋମ୍ ବର୍ତ୍ତମାନ ଇଟାଲୀର ରାଜଧାନୀ । ପୋପଙ୍କର ପ୍ରାଚୀନ ପ୍ରାସାଦ ଦଖଲ କରି ରାଜା ବାସ କରୁଛନ୍ତି; ପୋପଙ୍କର ପ୍ରାଚୀନ ଇଟାଲୀ-ରାଜ୍ୟ ବର୍ତ୍ତମାନ ପୋପଙ୍କର ଭ୍ୟାଟିକାନ୍ (Vatican) ପ୍ରାସାଦର ଚତୁଃସୀମାରେ ଆବଦ୍ଧ ! କିନ୍ତୁ ପୋପଙ୍କର ଧର୍ମ ସମ୍ବନ୍ଧରେ ପ୍ରାଧାନ୍ୟ ଆଜିପର୍ଯ୍ୟନ୍ତ ବହୁତ—ସେ କ୍ଷମତାର ବିଶେଷ ସହାୟ ଅଷ୍ଟ୍ରିଆ । ଅଷ୍ଟ୍ରିଆ ଅଥବା ପୋପ-ସହାୟ ଅଷ୍ଟ୍ରିଆର ବହୁକାଳବ୍ୟାପୀ ଦାସତ୍ୱ ବିରୋଧରେ—ନବ୍ୟ ଇଟାଲୀର ଅଭ୍ୟୁତ୍ଥାନ । ଅଷ୍ଟ୍ରିଆ ସେଥିଯୋଗୁଁ ବିପକ୍ଷ— ଇଟାଲୀକୁ ହରାଇ ବିପକ୍ଷ । ମଝିରୁ ଇଂଲଣ୍ଡର କୁପରାମର୍ଶରେ ନବୀନ ଇଟାଲୀ ମହାସୈନ୍ୟବଳ, ରଣପୋତବଳ ସଂଗ୍ରହରେ ବଦ୍ଧକର ହେଲା । ସେ ଟଙ୍କା କେଉଁଠି ? ଋଣଜାଲରେ ଜଡ଼ିତ ହୋଇ ଇଟାଲୀ ଉତ୍ସନ୍ନ ହେବା ଦଶାରେ ପଡ଼ିଛି । ପୁଣି କେଉଁଠାରୁ ଉତ୍ପାତ—ଅଫ୍ରିକାରେ ରାଜ୍ୟ ବିସ୍ତାର କରିବାକୁ ଚଳି । ହାବ୍‌ସି ବାଦଶାହାଙ୍କ ପାଖରେ ହାରି ହତଶ୍ରୀ ହତମାନ ହୋଇ ବସିପଡ଼ିଛି । ଏ ଭିତରେ ପ୍ରୁସିଆ ମହାଯୁଦ୍ଧରେ ହରାଇ ଅଷ୍ଟ୍ରିଆକୁ ବହୁଦୂରକୁ ହଟେଇ ଦେଲା । ଅଷ୍ଟ୍ରିଆ ଧୀରେ ଧୀରେ ମରିଯାଉଛି, ଆଉ ଇଟାଲୀ ନବଜୀବନର ଅପବ୍ୟବହାର ଯୋଗୁ ଉଦବିଗ୍ନ ଜାଲବଦ୍ଧ ହୋଇଛି ।

ଅଷ୍ଟ୍ରିଆ ରାଜବଂଶର ବର୍ତ୍ତମାନ ମଧ୍ୟ ଇଉରୋପର ସବୁ ରାଜବଂଶ ଅପେକ୍ଷା ଅହଂକାର ! ସେମାନେ ଅତି ପ୍ରାଚୀନ, ଅତି ବଡ଼ ବଂଶ । ଏ ବଂଶର ବିବାହାଦି ଖୁବ୍ ଦେଖିଶୁଣି ହୁଏ । କ୍ୟାଥଲିକ୍ ନ ହେଲେ ସେ ବଂଶ ସଙ୍ଗରେ ବିବାହ ହୁଏ ନାହିଁ । ଏହି ବଡ଼ ବଂଶର ଧପାଙ୍ଗୀରେ ପଡ଼ି, ମହାବୀର ନ୍ୟାପୋଲିଅଁଙ୍କର (ନେପୋଲିଅନ୍) ଅଧଃପତନ !! କେଉଁଠାରୁ ତାଙ୍କ ମୁଣ୍ଡରେ ପଶିଲା ଯେ, ବଡ଼ ରାଜବଂଶରେ ବିବାହ କରି ପୁତ୍ର-ପୌତ୍ରାଦିକ୍ରମେ ଗୋଟିଏ ମହାବଂଶ ସ୍ଥାପନ କରିବେ । ଯେଉଁ ବୀର, 'ଆପଣ କେଉଁ ବଂଶରେ ଅବତୀର୍ଣ୍ଣ ?'—ଏ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, 'ମୁଁ କେଉଁ ବଂଶର ସନ୍ତାନ ନୁହେଁ, ମୁଁ ମହାବଂଶର ସ୍ଥାପକ', ଅର୍ଥାତ୍ ମୋ'ଠାରୁ ମହିମାନ୍ୱିତ ବଂଶ ଚାଲିବ, ମୁଁ କୌଣସି ପୂର୍ବପୁରୁଷଙ୍କର ନାମ ନେଇ ବଡ଼ ହେବା ପାଇଁ ଜନ୍ମି ନାହିଁ, ସେହି ବୀରଙ୍କର ଏହି ବଂଶମର୍ଯ୍ୟାଦାରୂପକ ଅନ୍ଧକୂପରେ ପତନ ହେଲା !

ରାଣୀ ଜୋସେଫିନ୍‌ଙ୍କୁ ପରିତ୍ୟାଗ, ଯୁଦ୍ଧରେ ପରାଜିତ କରି ଅଷ୍ଟ୍ରିଆ ବାଦଶାହାଙ୍କ କନ୍ୟା-ଗ୍ରହଣ, ମହାସମାରୋହରେ ଅଷ୍ଟ୍ରିଆ ରାଜକନ୍ୟା ମେରି ଲୁଇସ୍‌ଙ୍କ ସହିତ ବୋନାପାର୍ଟଙ୍କ ବିବାହ, ପୁତ୍ରଜନ୍ମ, ସଦ୍ୟଜାତ ଶିଶୁକୁ ରୋମ୍ ରାଜ୍ୟରେ ଅଭିଷିକ୍ତୀ-କରଣ, ନ୍ୟାପୋଲିଅଁଙ୍କର (ନେପୋଲିଅନ) ପତନ, ଶ୍ୱଶୁରଙ୍କ ଶତ୍ରୁତା, ଲାଇପଜିଗ୍, ଓ୍ୱାଟରଲୁ, ସେଣ୍ଟ ହେଲେନା, ରାଣୀ ମେରି ଲୁଇସଙ୍କର ସପୁତ୍ର ପିତୃଗୃହରେ ବାସ, ସାମାନ୍ୟ ସୈନିକ ସହିତ ବୋନାପାର୍ଟ ସାମ୍ରାଜ୍ଞୀଙ୍କର ବିବାହ, ଏକମାତ୍ର ପୁତ୍ର ରୋମ ରାଜ୍ୟରେ ମାତାମହଙ୍କ ଗୃହରେ ମୃତ୍ୟୁ—ଏସବୁ ଇତିହାସପ୍ରସିଦ୍ଧ କଥା ।

ଫ୍ରାନ୍ସ୍ ବର୍ତ୍ତମାନ ଅପେକ୍ଷାକୃତ ଦୁର୍ବଳ ଅବସ୍ଥାରେ ପଡ଼ି ପ୍ରାଚୀନ ଗୌରବ ସ୍ମରଣ କରୁଛି—ଆଜିକାଲି ନ୍ୟାପୋଲିଅଁ ସଂକ୍ରାନ୍ତ ପୁସ୍ତକ ଅନେକ । ସାର୍ଦ୍ (Sardou) ପ୍ରଭୃତି ନାଟ୍ୟକାର ନ୍ୟାପୋଲିଅଁଙ୍କ ସମ୍ବନ୍ଧରେ ଅନେକ ନାଟକ ଲେଖିଛନ୍ତି; ମାଡାମ୍ ବାର୍ଣ୍ଣହାର୍ଡ଼, ରେଜାଁ ପ୍ରଭୃତି ଅଭିନେତ୍ରୀ, କଫେଲାଁ ପ୍ରଭୃତି ଅଭିନେତାଗଣ ସେସବୁ ପୁସ୍ତକ ଅଭିନୟ କରିବା ଯୋଗୁଁ ପ୍ରତି ରାତିରେ ଥିଏଟର ଭରିଉଠୁଛି । ସମ୍ପ୍ରତି 'ଲେଗ୍ଲଁ' (ଗରୁଡ଼-ଶାବକ) ନାମକ ଏକ ପୁସ୍ତକ ଅଭିନୟ କରି ମାଡ଼ାମ୍ ବାର୍ଣ୍ଣହାର୍ଡ଼ ପ୍ୟାରିସ୍ ନଗରୀରେ ମହାଆକର୍ଷଣ ଉପସ୍ଥିତ କରିଛନ୍ତି ।

'ଗରୁଡ଼-ଶାବକ' ହେଉଛନ୍ତି ବୋନାପାର୍ଟଙ୍କର ଏକମାତ୍ର ପୁତ୍ର, ମାତାମହଙ୍କ ଗୃହରେ ଭିଏନାର ପ୍ରାସାଦରେ ଏକପ୍ରକାର ନଜରବନ୍ଦୀ । ଅଷ୍ଟ୍ରିଆ ବାଦଶାହାଙ୍କ ମନ୍ତ୍ରୀ, ଧୂର୍ତ୍ତ 'ମେଟାରନିକ୍' ବାଳକର ମନରେ ପିତାଙ୍କର ଗୌରବକାହାଣୀ ଯେପରି ଆଦୌ ସ୍ଥାନ ନ ପାଏ, ସେ ବିଷୟରେ ସର୍ବଦା ସଚେଷ୍ଟ । କିନ୍ତୁ ଦୁଇ ଚାରିଜଣ ବୋନାପାର୍ଟଙ୍କର ପୁରାତନ ସୈନିକ ନାନା କୌଶଳରେ ସନ୍ବ୍ରୁନ୍-ପ୍ରାସାଦରେ ଅଜ୍ଞାତଭାବରେ ବାଳକର ଭୃତ୍ୟରୂପରେ ଗୃହୀତ ହେଲେ । ସେମାନଙ୍କର ଇଚ୍ଛା—କୌଣସି ପ୍ରକାରେ ବାଳକକୁ ଫ୍ରାନ୍ସରେ ହାଜର କରାଇବା ଏବଂ ସମବେତ-ଇଉରୋପୀୟ-ରାଜନ୍ୟଗଣ-ପୁନଃସ୍ଥାପିତ ବୁର୍ବୋଁ-ବଂଶକୁ ତଡ଼ି ଦେଇ ବୋନାପାର୍ଟ-ବଂଶ ସ୍ଥାପନ କରିବା । ଶିଶୁ ମହାବୀର-ପୁତ୍ର; ପିତାଙ୍କ ରଣଗୌରବ କାହାଣୀ ଶୁଣି ସେ ସୁପ୍ତ ତେଜ ଅତି ଶୀଘ୍ର ଜାଗିଉଠିଲା । ଚକ୍ରାନ୍ତକାରୀମାନଙ୍କ ସଙ୍ଗରେ ବାଳକ ସନ୍ବ୍ରୁନ୍-ପ୍ରାସାଦରୁ ଦିନେ ପଳାୟନ କଲା; କିନ୍ତୁ ମେଟାରନିକଙ୍କର ତୀକ୍ଷ୍ଣ ବୁଦ୍ଧି ପୂର୍ବରୁ ଜାଣିପାରିଥିଲା, ସେ ଯାତ୍ରା ବନ୍ଦ କରିଦେଲେ । ବୋନାପାର୍ଟ-ପୁତ୍ରଙ୍କୁ ସନ୍ବ୍ରୁନ୍ ପ୍ରାସାଦକୁ ଫେରାଇ ଆଣିଲେ; ବଦ୍ଧପକ୍ଷ 'ଗରୁଡ଼-ଶିଶୁ' ଭଗ୍ନହୃଦୟରେ ଅତି ଅଳ୍ପଦିନରେ ହିଁ ପ୍ରାଣତ୍ୟାଗ କଲା !

ଏ ସନ୍ବ୍ରୁନ୍-ପ୍ରାସାଦ, ସାଧାରଣ ପ୍ରାସାଦ; ଅବଶ୍ୟ—ଘରଦ୍ୱାର ଖୁବ୍ ସଜ୍ଜିତ ବିସ୍ତୃତ; କୌଣସି ଘରେ ଖାଲି ଚୀନର କାମ, କୌଣସି ଘରେ ଖାଲି ହିନ୍ଦ୍ କାଠର କାମ, କୌଣସି ଘରେ ଅନ୍ୟ ଦେଶର—ଏହିପ୍ରକାର; ଏବଂ ପ୍ରାସାଦସ୍ଥ ଉଦ୍ୟାନ ଅତି ମନୋରମ; କିନ୍ତୁ ବର୍ତ୍ତମାନ ଯେତେ ଲୋକ ଏ ପ୍ରାସାଦ ଦେଖିବାକୁ ଯାଉଛନ୍ତି, ସମସ୍ତେ ସେହି ବୋନାପାର୍ଟ-ପୁତ୍ର ଯେଉଁ ଘରେ ଶୋଉଥିଲେ, ଯେଉଁ ଘରେ ପଢ଼ୁଥିଲେ, ଯେଉଁ ଘରେ ତାଙ୍କର ମୃତ୍ୟୁ ହୋଇଥିଲା—ସେସବୁ ଦେଖିବାକୁ ଯାଉଛନ୍ତି । ଅନେକ ବେକୁବ୍ ଫରାସୀ-ଫରାସିଣୀ ରକ୍ଷୀ-ପୁରୁଷଙ୍କୁ ପଚାରୁଛନ୍ତି, 'ଲେଗ୍ଲଁଙ୍କ' ଘର କେଉଁଟା, କେଉଁ ବିଛଣାରେ 'ଲେଗ୍ଲଁ' ଶୋଉଥିଲେ !! ମର୍ ବେକୁବ୍ ! ଏମାନେ ଜାଣନ୍ତି, ବୋନାପାର୍ଟଙ୍କର ପୁଅ । ଏମାନଙ୍କର ଝିଅକୁ ଜୁଲମ୍ କରି କାଢ଼ି ନେଇ ସମ୍ବନ୍ଧ ହୋଇଥିଲା; ସେହି ଘୃଣା ଏମାନଙ୍କର ଆଜି ମଧ୍ୟ ଯାଇନାହିଁ ! ନାତି—ରଖିବାକୁ ହୁଏ, ନିରାଶ୍ରୟ, ରଖିଥିଲେ; ତାଙ୍କୁ 'ରୋମ୍‌ରାଜ' ପ୍ରଭୃତି କୌଣସି ଉପାଧି ଦେଉ ନ ଥିଲେ, ଖାଲି ଅଷ୍ଟ୍ରିଆର ନାତି—ତେଣୁ ଡିଉକ୍—ଖାଲି ଏତିକି । ତାଙ୍କୁ ବର୍ତ୍ତମାନ ତୁମେ 'ଗରୁଡ଼-ଶିଶୁ' କରି ଖଣ୍ଡେ

ବହି ଲେଖିଛି, ଆଉ ତାଙ୍କ ଉପରେ ନାନା କଳ୍ପନା ଜୁଟାଇ, ମାଡାମ୍ ବାର୍ଣ୍ଣହାର୍ଡଙ୍କ ପ୍ରଭାବରେ ଗୋଟାଏ ଖୁବ୍ ଆକର୍ଷଣ ହୋଇଛି; ଏ ଅଷ୍ଟ୍ରିୟ ରକ୍ଷୀ ସେ ନାମ କିପରି ଜାଣିବ, କହ ? ତାହାଛଡ଼ା ସେ ବହିରେ ଲେଖା ହୋଇଛି ଯେ, ନ୍ୟାପୋଲିଅଁ -ପୁତ୍ରଙ୍କୁ ଅଷ୍ଟ୍ରିୟାନ ବାଦଶାହା ମେଟାରନିକଙ୍କ ପରାମର୍ଶରେ ଏକପ୍ରକାର ମାରିପକାଇଲେ । ରକ୍ଷୀ 'ଲେଗ୍ଲିଁ' ଶୁଣି ମୁହଁକୁ ହାଣ୍ଡି କରି ଗୁଣୁ ଗୁଣୁ ହେଉହେଉ ଘରଦ୍ୱାର ଦେଖାଇବାକୁ ଲାଗିଲା; କଅଣ କରିବ, ବକ୍‌ସିସ୍‌ଟା ଛାଡ଼ିବା ହିଁ ଭାରି ମୁସ୍କିଲ । ତା'ପରେ, ଏସବୁ ଅଷ୍ଟ୍ରିଆ ପ୍ରଭୃତି ଦେଶରେ ସୈନିକ ବିଭାଗରେ ଦରମା ନାହିଁ କହିଲେ ଚଳେ; ଏକପ୍ରକାର ପେଟକୁ ଭାତଗଣ୍ଡାଏ ମିଳିବା ଭଳି ରହିବାକୁ ହୁଏ; ଅବଶ୍ୟ କେତେକ ବର୍ଷ ପରେ ସେମାନେ ଘରକୁ ଫେରିଯାଆନ୍ତି । ରକ୍ଷୀର ମୁହଁ ଅନ୍ଧକାର ହୋଇ ସ୍ୱଦେଶପ୍ରିୟତା ପ୍ରକାଶ କଲା, ହାତ କିନ୍ତୁ ଆପଣାଛାଏଁ ବକ୍‌ସିସ୍ ପାଇଁ ଲମ୍ବିଆସିଲା । ଫରାସୀଦଳ ରକ୍ଷୀହାତକୁ ରୌପ୍ୟ-ସଂଯୁକ୍ତ କରି 'ଲେଗ୍ଲିଁ'ଙ୍କର ଗଳ୍ପ କରିକରି ଓ ମେଟାରନିକଙ୍କୁ ଗାଳି ଦେଇ ଦେଇ ଘରକୁ ଫେରିଲେ—ରକ୍ଷୀ ଲମ୍ବା ସଲାମ୍ କରି ଦ୍ୱାର ବନ୍ଦ କଲା । ମନେ ମନେ ସମଗ୍ର ଫରାସୀ ଜାତିର ଅବଶ୍ୟ ଶ୍ରାଦ୍ଧ କରିଥିଲା ।

ଭିଏନା ସହରରେ ଦେଖିବା ଜିନିଷ . ମିଉଜିୟମ୍—ବିଶେଷ ବୈଜ୍ଞାନିକ ମିଉଜିୟମ୍ । ବିଦ୍ୟାର୍ଥୀଙ୍କ ବିଶେଷ ଉପକାରକ ସ୍ଥାନ । ନାନାପ୍ରକାର ପ୍ରାଚୀନ ଲୁପ୍ତ ଜୀବର ଅସ୍ଥ୍ୟାଦି ସଂଗ୍ରହ ଅନେକ । ଚିତ୍ରଶାଳିକାରେ ଓଲନ୍ଦାଜ ଚିତ୍ରକରମାନଙ୍କର ଚିତ୍ର ହିଁ ଅଧିକ; ଓଲନ୍ଦାଜ ସମ୍ପ୍ରଦାୟରେ ରୂପ ବାହାର କରିବା ଚେଷ୍ଟା ଭାରି କମ୍; ଜୀବ-ପ୍ରକୃତିର ଅବିକଳ ଅନୁକରଣ ଏ ସମ୍ପ୍ରଦାୟର ପ୍ରାଧାନ୍ୟ । ଜଣେ ଶିଳ୍ପୀ କେତେ ବର୍ଷ ଧରି ଟୋକେଇଏ ମାଛର ଚିତ୍ର ଆଙ୍କିଛି, ଅଥବା ବୋଟେ ମାଂସ, ଅଥବା ଗିଲାସେ ପାଣି—ସେ ମାଛ, ମାଂସ, ଗିଲାସେ ପାଣି ଚମତ୍କାରଜନକ ! କିନ୍ତୁ ଓଲନ୍ଦାଜ ସମ୍ପ୍ରଦାୟର ଝିଅଙ୍କ ଚେହେରା ସବୁ ଯେପରି କୁସ୍ତିବାଲା ପହିଲିମାନ୍ ।

ଭିଏନା ସହରରେ ଜର୍ମାନ୍ ପାଣ୍ଡିତ୍ୟ ଓ ବୁଦ୍ଧିବଳ ଅଛି; କିନ୍ତୁ ଯେଉଁ କାରଣରୁ ତୁର୍କି ଧୀରେ ଧୀରେ . ଅବସନ୍ନ ହୋଇଗଲା, ସେହି କାରଣ ଏଠାରେ ମଧ୍ୟ ବର୍ତ୍ତମାନ—ଅର୍ଥାତ୍ ନାନା ବିଭିନ୍ନ ଜାତି ଓ ଭାଷାର ସମାବେଶ । ଅସଲ ଅଷ୍ଟ୍ରିଆର ଲୋକ—ଜର୍ମାନ-ଭାଷୀ, କ୍ୟାଥଲିକ; ହଙ୍ଗେରିର ଲୋକ ତାତାରବଂଶୀୟ, ଭାଷା ଅଲଗା; ପୁଣି କେତେକ ଗ୍ରୀକ୍‌ଭାଷୀ, ଗ୍ରୀକମତର ଖ୍ରୀଷ୍ଟିଆନ୍ । ଏସବୁ ବିଭିନ୍ନ ସମ୍ପ୍ରଦାୟକୁ ଏକୀଭୂତକରଣର ଶକ୍ତି ଅଷ୍ଟ୍ରିଆର ନାହିଁ । ସୁତରାଂ ଅଷ୍ଟ୍ରିଆର ଅଧଃପତନ ।

ବର୍ତ୍ତମାନ କାଳରେ ଇଉରୋପଖଣ୍ଡରେ ଜାତୀୟତାର ଏକ ମହାତରଙ୍ଗର ପ୍ରାଦୁର୍ଭାବ । ଏକ ଭାଷା, ଏକ ଧର୍ମ, ଏକ ଜାତିର ସମସ୍ତ ଲୋକଙ୍କର ଏକତ୍ର ସମାବେଶ । ଯେଉଁଠାରେ ସେହିପ୍ରକାର ଏକତ୍ର ସମାବେଶ ସୁସିଦ୍ଧ ହେଉଛି, ସେହିଠାରେ ହିଁ ମହାବଳର ପ୍ରାଦୁର୍ଭାବ ହେଉଛି; ଯେଉଁଠାରେ ତାହା ଅସମ୍ଭବ, ସେହିଠାରେ ହିଁ ସର୍ବନାଶ । ବର୍ତ୍ତମାନ ଅଷ୍ଟ୍ରିୟ ସମ୍ରାଟଙ୍କର ମୃତ୍ୟୁପରେ ଅବଶ୍ୟ ଜର୍ମାନ୍ ଅଷ୍ଟ୍ରିୟ ସାମ୍ରାଜ୍ୟର

ଜର୍ମାନବର୍ଷ ଅଂଶଟିକୁ ଉଦରସାତ୍ କରିବାକୁ ଚେଷ୍ଟା କରିବ । ରୁଷ ପ୍ରଭୃତି ଅବଶ୍ୟ ବାଧା ଦେବେ; ମହା-ଆହବର ସମ୍ଭାବନା । ବର୍ତ୍ତମାନ ସମ୍ରାଟ ଅତି ବୃଦ୍ଧ—ସେ ଦୁର୍ଯୋଗ ଆଶୁସମ୍ଭାବୀ । ଜର୍ମାନ-ସମ୍ରାଟ ତୁର୍କିର ସୁଲତାନଙ୍କର ଆଜିକାଲି ସହାୟ । ସେ ସମୟରେ ଯେତେବେଳେ ଜର୍ମାନ ଅଷ୍ଟ୍ରିଆ ଗ୍ରାସିବାକୁ ମୁଖ-ବ୍ୟାଦାନ କରିବ, ସେତେବେଳେ ରୁଷ-ବିଦ୍ୱେଷୀ ତୁର୍କ ରୁଷକୁ କେତେକ ପରିମାଣରେ ବାଧା ତ ଦେବ—ସୁତରାଂ ଜର୍ମାନ୍-ସମ୍ରାଟ ତୁର୍କ ସହିତ ବିଶେଷ ମିତ୍ରତା ଦେଖାଉଛନ୍ତି ।

ଭିଏନାରେ ତିନି ଦିନ, ବିରକ୍ତ କରିଦେଲା । ପ୍ୟାରିସ୍ ପରେ ଇଉରୋପ ଦେଖିବା, ଚର୍ବ୍ୟଚୋଷ୍ୟ ଖାଇ ତେନ୍ତୁଳି ଚଟଣି ଚାଖିବା ପରି । ସେହି ଲୁଗାପଟା, ଖାଇବା ପିଇବା, ସେହିସବୁ ଏକା ଢଙ୍ଗ । ଦୁନିଆ ତମାମ୍ ସେହି ଏକ କିମ୍ଭୂତ କଳା ଜାମା, ସେହି ଏକ ବିକଟ ଟୋପି ! ଉପରେ ମେଘ ଆଉ ତଳେ କିଲିବିଲି ହେଉଛନ୍ତି ଏହି କଳା ଟୋପି, କଳାକୁଣ୍ଢିଙ୍କ ଦଳ—ଦମ୍ ଯେପରି ଅଟକାଇ ଦିଏ । ଇଉରୋପ ତମାମ୍ ସେହି ଏକ ପୋଷାକ, ସେହି ଏକା ଚାଲିଚଳନ ହୋଇଆସୁଛି । ପ୍ରକୃତିର ନିୟମ—ଏହିସବୁ ମୃତ୍ୟୁର ଚିହ୍ନ ! ଶତ ଶତ ବର୍ଷ କସରତ୍ କରାଇ ଆମର ଆର୍ଯ୍ୟମାନେ ଆମମାନଙ୍କୁ ଏପରି ତାଲିମ୍ କରିଦେଇଛନ୍ତି ଯେ, ଆମେ ଏକ ଢଙ୍ଗରେ ଦାନ୍ତ ଘଷୁ, ମୁହଁ ଧୋଉ, ଖାଇବା ପିଇବା ଇତ୍ୟାଦି ଇତ୍ୟାଦି; ଏହାର ଫଳ, ଆମେ କ୍ରମେ କ୍ରମେ କେତେଗୁଡ଼ିଏ ଯନ୍ତ୍ର ହୋଇଯାଉଛୁ; ପ୍ରାଣ ବାହାରିଯାଇଛି, ଖାଲି ଯନ୍ତ୍ରଗୁଡ଼ିଏ ଘୂରିବୁଲୁଛୁ ! ଯନ୍ତ୍ର 'ନା' କହେ ନାହିଁ, 'ହଁ' କହେ ନାହିଁ, ନିଜ ମୁଣ୍ଡ ଖରଚ କରେ ନାହିଁ, 'ଯେନାସ୍ୟ ପିତରୋ ଯାତାଃ'—(ବାପଦାଦା ଯେଉଁ ବାଟ ଦେଇ ଯାଇଛନ୍ତି) ସେହି ଆଡ଼କୁ ଚାଲିଯାଆନ୍ତି । ତା'ପରେ ପଚି ମରିଯାଆନ୍ତି । ଏମାନଙ୍କର ମଧ୍ୟ ତାହା ହେବ ! 'କାଳସ୍ୟ କୁଟିଳା ଗତିଃ'; ସମସ୍ତେ ଏକା ପୋଷାକ, ଏକା ଖାଇବା, ଏକା ଠାଣିରେ କଥା କହିବା ଇତ୍ୟାଦି ଇତ୍ୟାଦି—ହେଉ ହେଉ କ୍ରମେ ସମସ୍ତେ ଯନ୍ତ୍ର, କ୍ରମେ ସମସ୍ତେ 'ଯେନାସ୍ୟ ପିତରୋ ଯାତାଃ' ହେବେ—ତାହାପରେ ପଚି ମରିବା !

୨୮ ଅକ୍ଟୋବର ରାତି ୯ଟା ବେଳେ ସେହି ଓରିଏଣ୍ଟ ଏକ୍ସପ୍ରେସ୍ ଟ୍ରେନ ପୁଣି ଧରିଲୁ । ୩୦ ଅକ୍ଟୋବର ଦିନ ଟ୍ରେନ ପହଞ୍ଚିଲା କନ୍‌ଷ୍ଟାଣ୍ଟିନୋପ୍‌ଲରେ । ଏହି ଦୁଇ ରାତି ଗୋଟିଏ ଦିନ ଟ୍ରେନ ଚାଲିଲା ହଙ୍ଗେରି, ସର୍ଭିଆ ଓ ବୁଲଗେରିଆ ଭିତରେ । ହଙ୍ଗେରିର ଅଧିବାସୀ ଅଷ୍ଟ୍ରିୟ ସମ୍ରାଟଙ୍କର ପ୍ରଜା । କିନ୍ତୁ ଅଷ୍ଟ୍ରିୟ ସମ୍ରାଟଙ୍କର ଉପାଧି 'ଅଷ୍ଟ୍ରିଆର ସମ୍ରାଟ୍ ଓ ହଙ୍ଗେରିର ରାଜା' । ହଙ୍ଗେରିର ଲୋକ ଏବଂ ତୁର୍କିମାନେ ଏକ ଜାତି, ତିବ୍ବତୀଙ୍କର ପାଖାପାଖି । ହଙ୍ଗେରିର ଲୋକମାନେ କାସ୍ପିୟାନ ହ୍ରଦର ଉତ୍ତର ବାଟେ ଇଉରୋପରେ ପ୍ରବେଶ କରିଛନ୍ତି, ଆଉ ତୁର୍କିମାନେ ଧୀରେ ଧୀରେ ପାରସ୍ୟର ପଶ୍ଚିମ ପ୍ରାନ୍ତ ହୋଇ ଏସିଆ-ମାଇନର ବାଟେ ଇଉରୋପ ଦଖଲ କରିଛନ୍ତି । ହଙ୍ଗେରିର ଲୋକ ଖ୍ରୀଷ୍ଟିଆନ, ତୁର୍କ ମୁସଲମାନ । କିନ୍ତୁ ସେ ତାତାର ରକ୍ତର ଯୁଦ୍ଧପ୍ରିୟତା ଉଭୟଙ୍କ ପାଖରେ ବିଦ୍ୟମାନ । ହଙ୍ଗେରିମାନେ ଅଷ୍ଟ୍ରିଆଠାରୁ ତଫାତ୍ ହେବା ପାଇଁ ବାରମ୍ବାର ଯୁଦ୍ଧ କରନ୍ତି । ବର୍ତ୍ତମାନ କେବଳ ନାମକୁ ମାତ୍ର ଏକତ୍ର । ଅଷ୍ଟ୍ରିୟ ସମ୍ରାଟ୍ ନାମକୁ ହଙ୍ଗେରିର ରାଜା ।

ଏମାନଙ୍କର ରାଜଧାନୀ ବୁଦାପେଷ୍ଟ ଅତି ପରିଷ୍କାର ସୁନ୍ଦର ସହର । ହଙ୍ଗେରି ଜାତି ଆନନ୍ଦପ୍ରିୟ ସଙ୍ଗୀତପ୍ରିୟ—ପ୍ୟାରିସ୍‌ରେ ସବୁ ଜାଗାରେ ହଙ୍ଗେରିଆନ୍ ବ୍ୟାଣ୍ଡ୍ ।

## ତୁରସ୍କ

ସର୍ଭିଆ ବୁଲଗେରିଆ ପ୍ରଭୃତି ତୁର୍କିର ଜିଲ୍ଲା ଥିଲା । ରୁଷ-ଯୁଦ୍ଧ ପରେ ପ୍ରକୃତ-ପକ୍ଷରେ ସ୍ୱାଧୀନ; ତେବେ ସୁଲତାନ ବର୍ତ୍ତମାନ ମଧ୍ୟ ବାଦଶାହା ଏବଂ ସର୍ଭିଆ-ବୁଲଗେରିଆର ପରରାଷ୍ଟ୍ର ସଂକ୍ରାନ୍ତରେ କୌଣସି ଅଧିକାର ନାହିଁ । ଇଉରୋପରେ ତିନୋଟି ଜାତି ସଭ୍ୟ—ଫରାସୀ, ଜର୍ମାନ ଆଉ ଇଂରେଜ । ଅନ୍ୟମାନଙ୍କର ଦୁର୍ଦ୍ଦଶା ଆମମାନଙ୍କ ପରି; ଅଧିକାଂଶ ଏତେ ଅସଭ୍ୟ ଯେ ଏସିଆରେ ଏତେ ନୀଚ କୌଣସି ଜାତି ନାହିଁ । ସର୍ଭିଆ-ବୁଲଗେରିଆ ସାରା ସେହି ମାଟି ଘର, ଛିଣ୍ଡା କନାପିନ୍ଧା ମଣିଷ, ଆବର୍ଜ୍ଜନାରାଶି—ମନେ ହୁଏ ଯେପରି ନିଜ ଦେଶକୁ ଆସିଲି ! ତା'ପରେ ଖ୍ରୀଷ୍ଟିଆନ କି ନା—ଦୁଇ ଘୁଷୁରି ଅବଶ୍ୟ ଥାନ୍ତି । ଦୁଇ ଶହ ଅସଭ୍ୟ ଲୋକ ଯେଉଁ ମଇଳା କରିପାରନ୍ତି ନାହିଁ, ଗୋଟାଏ ଘୁଷୁରି ତା' କରିଦିଏ । ମାଟି ଘର, ତା'ର ମାଟି ଛାତ, ଛିଣ୍ଡା ଲୁଗାପଟା ପିନ୍ଧା, ଶୂକର-ସହାୟ ସର୍ଭିଆ ବା ବୁଲ୍‌ଗାର୍ ! ବହୁ ରକ୍ତସ୍ରୋତରେ, ବହୁ ଯୁଦ୍ଧ ପରେ ତୁର୍କିର ଦାସତ୍ୱ ଘୁଞ୍ଚିଛି; କିନ୍ତୁ ସଙ୍ଗେ ସଙ୍ଗେ ବିଷମ ଉତ୍ପାତ୍—ଇଉରୋପୀ ଢଙ୍ଗରେ ଫୌଜ ଗଢ଼ିବାକୁ ହେବ, ନୋହିଲେ କାହାରି ଘଡ଼ିକ ପାଇଁ ନିସ୍ତାର ନାହିଁ । ଅବଶ୍ୟ ଦୁଇଦିନ ଆଗେ ବା ପରେ ସେସବୁ ରୁଷର ଉଦରସାତ୍ ହେବ, କିନ୍ତୁ ତେବେ ମଧ୍ୟ ସେହି ଦୁଇଦିନ ଅସମ୍ଭବ—ଫୌଜ ବିନା ! 'କନ୍‌ସ୍କ୍ରିପସନ୍' ଦରକାର ।

କୁକ୍ଷଣରେ ଫ୍ରାନ୍‌ସ ଜର୍ମାନ ପାଖରେ ପରାସ୍ତ ହେଲା । କ୍ରୋଧରେ ଆଉ ଭୟରେ ଫ୍ରାନ୍‌ସ ଦେଶତମାମ ଲୋକଙ୍କୁ ସିପାହୀ କଲା । ପୁରୁଷମାନେ କିଛିଦିନ ପାଇଁ ସିପାହୀ ହେବାକୁ ହେବ, ଯୁଦ୍ଧ ଶିଖିବାକୁ ହେବ, କାହାରି ନିସ୍ତାର ନାହିଁ । ତିନି ବର୍ଷ 'ବାରିକ୍'ରେ ବାସ କରିବାକୁ ହେବ । କୋଟିପତିର ପୁଅ ହେଉ ନା କାହିଁକି, ବନ୍ଧୁକ କାନ୍ଧରେ ପକାଇ ଯୁଦ୍ଧ ଶିଖିବାକୁ ହେବ । ଗଭର୍ଣ୍ଣମେଣ୍ଟ ଖାଇବାକୁ ପିନ୍ଧିବାକୁ ଦେବେ, ଆଉ ବେତନ ରୋଜ ପଇସାଏ । ତାହାପରେ ତାକୁ ଦୁଇ ବର୍ଷ ସଦା ପ୍ରସ୍ତୁତ ରହିବାକୁ ହେବ ନିଜ ଘରେ; ତା'ପରେ ଆହୁରି ୧୫ ବର୍ଷ ତାକୁ ଦରକାର ହେଲାମାତ୍ରେ ଯୁଦ୍ଧ ପାଇଁ ହାଜର ହେବାକୁ ହେବ । ଜର୍ମାନୀ ସିଂହକୁ ରଗାଇଛି, ତାକୁ ମଧ୍ୟ ସେହି କାରଣରୁ ତିଆରି ହେବାକୁ ହେଲା; ଅନ୍ୟାନ୍ୟ ଦେଶ ମଧ୍ୟ ଏହାର ଭୟରେ ସେ, ତାହାର ଭୟରେ ଏ—ସମସ୍ତ ଇଉରୋପମୟ ସେହି କନ୍‌ସ୍କ୍ରିପସନ୍—ଏକା ଇଂଲଣ୍ଡ ଛଡ଼ା । ଇଂଲଣ୍ଡଦ୍ୱୀପ, ଜାହାଜ କ୍ରମାଗତ ବଢ଼ୁଛି, କିନ୍ତୁ ଏ ବୋଆର-ଯୁଦ୍ଧରେ ଶିକ୍ଷା ପାଇ ବୋଧହୁଏ ବା କନ୍‌ସ୍କ୍ରିପସନ୍ ହୋଇପାରେ । ରୁଷର ଲୋକସଂଖ୍ୟା ସମସ୍ତଙ୍କ ଅପେକ୍ଷା ଅଧିକ, ଫଳରେ ରୁଷ ସମସ୍ତଙ୍କ ଅପେକ୍ଷା ବେଶୀ ଫୌଜ ଠିଆ କରି ଦେଇପାରେ । ବର୍ତ୍ତମାନ ଏହି ଯେ ସର୍ଭିଆ, ବୁଲଗେରିଆ ପ୍ରଭୃତି ବେଚାରା ଦେଶସବୁ ତୁର୍କିକୁ ଭାଙ୍ଗି ଇଉରୋପୀମାନେ

ବନାଇଛନ୍ତି, ସେମାନଙ୍କର ଜନ୍ମ ହେଉ ନ ହେଉ ଆଧୁନିକ ସୁଶିକ୍ଷିତ ସୁସଜ୍ଜିତ ଫୌଜ, ତୋପ ପ୍ରଭୃତି ଦରକାର । କିନ୍ତୁ ଶେଷରେ ସେ ପଇସା ଯୋଗାଇବ କିଏ ? ତଥା ତେଣୁ ଛିଣ୍ଡାକନା ଦେହରେ ଦେଇଛି—ଆଉ ସହରରେ ଦେଖିବ କେତେଗୁଡ଼ିଏ ପୋଷାକପତ୍ର ପିନ୍ଧି ସିପାହି । ଇଉରୋପମୟ ସିପାହି, ସିପାହି—ସର୍ବତ୍ର ହିଁ ସିପାହି । ତେବେ ସ୍ୱାଧୀନତା ଗୋଟାଏ ଜିନିଷ, ଗୋଲାମି ଆଉ ଗୋଟାଏ; ପରେ ଯଦି ଜୋର୍ କରି କରାଏ ତ ଅତି ଭଲ କାମ କରିବାକୁ ଇଚ୍ଛା ହୁଏ ନାହିଁ । ନିଜର ଦାୟିତ୍ୱ ନ ଥିଲେ କେହି କୌଣସି ବଡ଼ କାମ କରିପାରେ ନାହିଁ । ସ୍ୱର୍ଣ୍ଣଶୃଙ୍ଖଳଯୁକ୍ତ ଗୋଲାମିଠାରୁ ପେଟେ ଖାଇ ଛିଣ୍ଡା ଲେଙ୍ଗୁଟି ପିନ୍ଧିଥିବା ସ୍ୱାଧୀନତା ଲକ୍ଷ ଗୁଣରେ ଶ୍ରେୟଃ । ଗୋଲାମ୍‌ର ଇହଲୋକରେ ନରକ, ପରଲୋକରେ ମଧ୍ୟ ତାହା ହିଁ । ଇଉରୋପର ଲୋକେ ସେହି ସର୍ବିଆ, ବୁଲଗାର୍ ପ୍ରଭୃତିଙ୍କୁ ଥଟ୍ଟା ବିଦ୍ରୂପ କରନ୍ତି—ସେମାନଙ୍କର ଭୁଲ, ଅପାରଗତାକୁ ନେଇ ଥଟ୍ଟା କରନ୍ତି । କିନ୍ତୁ ଏତେକାଳ ଦାସତ୍ୱ ପରେ କ'ଣ ଦିନକରେ କାମ ଶିଖିପାରିବେ ? ଭୁଲ କରିବେ, ସନ୍ଦେହ ନାହିଁ, ଦୁଇଶହ କରିବେ; କରି ଶିଖିବେ, ଶିଖି ଠିକ୍ କରିବେ । ଦାୟିତ୍ୱ ହାତରେ ପଡ଼ିଲେ ଅତି ଦୁର୍ବଳ ସବଳ ହୁଏ—ଅଜ୍ଞାନ ବିଚକ୍ଷଣ ହୁଏ ।

ରେଲଗାଡ଼ି ହଙ୍ଗେରି, ରୋମାନିଆ ପ୍ରଭୃତି ଦେଶ ମଧ୍ୟରେ ଚାଲିଲା । ମୃତପ୍ରାୟ ଅଷ୍ଟ୍ରିୟା ସାମ୍ରାଜ୍ୟରେ ଯେଉଁସବୁ ଜାତି ବାସ କରନ୍ତି, ତାଙ୍କ ମଧ୍ୟରେ ହଙ୍ଗେରିଆନ୍-ମାନଙ୍କଠାରେ ଜୀବନୀ-ଶକ୍ତି ଏପର୍ଯ୍ୟନ୍ତ ବର୍ତ୍ତମାନ ରହିଛି । ଯାହାକୁ ଇଉରୋପିୟାନ୍ ମନୀଷିଗଣ ଇଣ୍ଡୋ-ୟୁରୋପିୟାନ୍ ବା ବା ଆର୍ଯ୍ୟ ଜାତି କହନ୍ତି, ଇଉରୋପରେ ଗୋଟିଏ ଦୁଇଟି କ୍ଷୁଦ୍ର ଜାତି ଛଡ଼ା ଆଉ ସମସ୍ତ ଜାତି ସେହି ମହାଜାତିର ଅନ୍ତର୍ଗତ । ଯେଉଁ ଗୋଟିଏ ଦୁଇଟି ଜାତି ସଂସ୍କୃତପର ଭାଷା କହନ୍ତି ନାହିଁ, ହଙ୍ଗେରିଆନ୍‌ମାନେ ସେମାନଙ୍କର ଅନ୍ୟତମ । ହଙ୍ଗେରିଆନ୍ ଓ ତୁର୍କ ଏକ ଜାତି । ଅପେକ୍ଷାକୃତ ଆଧୁନିକ ସମୟରେ ଏହି ମହାପ୍ରବଳ ଜାତି ଏସିଆ ଓ ଇଉରୋପ-ଖଣ୍ଡରେ ଆଧିପତ୍ୟ ବିସ୍ତାର କରିଛି । ଯେଉଁ ଦେଶକୁ ବର୍ତ୍ତମାନ ତୁର୍କୀସ୍ଥାନ କୁହାଯାଏ, ପଶ୍ଚିମରେ ହିମାଳୟ ଓ ହିନ୍ଦୁକୁଶ ପର୍ବତର ଉତ୍ତରରେ ସ୍ଥିତ, ସେହି ଦେଶ ହିଁ ଏହି ତୁର୍କଜାତିର ଆଦି-ନିବାସଭୂମି । ସେ ଦେଶର ତୁର୍କୀ ନାମ 'ଚଗଓଇ' । ଦିଲ୍ଲୀର ମୋଗଲ-ବାଦଶାହ--ବଂଶ, ବର୍ତ୍ତମାନ ପାରସ୍ୟ-ରାଜବଂଶ, କନ୍‌ଷ୍ଟାଣ୍ଟିନୋପଲ୍-ପତି ତୁର୍କବଂଶ ଓ ହଙ୍ଗେରିଆନ୍ ଜାତି—ସମସ୍ତେ ସେହି 'ଚଗଓଇ' ଦେଶରୁ କ୍ରମେ ଭାରତବର୍ଷରୁ ଆରମ୍ଭ କରି ଇଉରୋପ ପର୍ଯ୍ୟନ୍ତ ଆପଣା ଅଧିକାର ବିସ୍ତାର କରିଛନ୍ତି ଏବଂ ଆଜି ମଧ୍ୟ ଏହିସବୁ ବଂଶ ଆପଣାକୁ 'ଚଗଓଇ' ବୋଲି ପରିଚୟ ଦିଅନ୍ତି ଓ ଏକଭାଷାରେ କଥାବାର୍ତ୍ତା କରନ୍ତି । ତୁର୍କମାନେ ବହୁକାଳ ପୂର୍ବେ ଅବଶ୍ୟ ଅସଭ୍ୟ ଥିଲେ । ମେଣ୍ଢା ଘୋଡ଼ା ଗୋରୁପଲ ସାଙ୍ଗରେ ସ୍ତ୍ରୀ-ପୁତ୍ର, ଘରକରଣା ସମେତ, ଯେଉଁଠାରେ ପଶୁପଲର ଚରିବାର ଉପଯୋଗୀ ଘାସ ପାଉଥିଲେ, ସେହିଠାରେ ତମ୍ବୁ ପକାଇ କିଛିଦିନ ବାସ କରୁଥିଲେ । ଘାସ ପାଣି ସେଠାରେ ସରିଆସିଲେ ଅନ୍ୟତ୍ର ଚାଲିଯାଉଥିଲେ । ଆଜିକାଲି ମଧ୍ୟ ଏହି ଜାତିର ଅନେକ ବଂଶ ମଧ୍ୟ-ଏସିଆରେ

ଏହି ସ୍ଥଳରେ ବାସ କରୁଛନ୍ତି । ମୋଗଲ ପ୍ରଭୃତି ମଧ୍ୟ-ଏସିଆସ୍ଥ ଜାତିମାନଙ୍କ ସହିତ ଏମାନଙ୍କର ସ୍ପଷ୍ଟାଗତ ସମ୍ପୂର୍ଣ୍ଣ ଐକ୍ୟ—ଅବୟବଗତ କିଛି ତଫାତ୍, ମୁଣ୍ଡର ଗଠନରେ ଓ ହନୁହାଡ଼ର ଉଚ୍ଚତାରେ ତୁର୍କିର ମୁଖ ମୋଗଲର ସମାକାର; କିନ୍ତୁ ତୁର୍କିର ନାକ ଚେପଟା ନୁହେଁ, ଅଧିକ ସୁଦୀର୍ଘ ଆଖି ସିଧା ଓ ବଡ଼, କିନ୍ତୁ ମୋଗଲଙ୍କ ପରି ଦୁଇ ଆଖିର ମଝିରେ ବ୍ୟବଧାନ ଅନେକ ପରିମାଣରେ ବେଶୀ । ଅନୁମାନ ହୁଏ ଯେ, ବହୁକାଳରୁ ଏହି ତୁର୍କିଜାତି ମଧ୍ୟରେ ଆର୍ଯ୍ୟ ଓ ସେମେଟିକ୍ ରକ୍ତ ପ୍ରବେଶ ଲାଭ କରିଛି । ସନାତନ କାଳରୁ ଏହି ତୁର୍କି ଜାତି ଅତ୍ୟନ୍ତ ଯୁଦ୍ଧପ୍ରିୟ । ଆଉ ଏହି ଜାତି ସହିତ ସଂସ୍କୃତ-ଭାଷୀ, ଗାନ୍ଧାରୀ ଓ ଇରାଣୀର ମିଶ୍ରଣରେ—ଆଫଗାନ, ଖିଲିଜି, ହାଜରା, ବରକଜାଇ ୟୁସଫଜାଇ ପ୍ରଭୃତି ଯୁଦ୍ଧପ୍ରିୟ, ସର୍ବଦାରଣୋନ୍ମତ୍ତ ଭାରତବର୍ଷର ନିଗ୍ରହକାରୀ ଜାତିମାନଙ୍କର ଉତ୍ପତ୍ତି । ଅତି ପ୍ରାଚୀନ କାଳରେ ଏହି ଜାତି ବାରମ୍ବାର ଭାରତବର୍ଷର ପଶ୍ଚିମ ପ୍ରାନ୍ତସ୍ଥ ଦେଶସବୁ ଜୟ କରି, ବଡ଼ ବଡ଼ ରାଜ୍ୟ ସଂସ୍ଥାପନ କରିଥିଲେ । ସେତେବେଳେ ଏମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ, ଅଥବା ଭାରତବର୍ଷ ଦଖଲ କରିବା ପରେ ବୌଦ୍ଧ ହୋଇଯାଉଥିଲେ । କାଶ୍ମୀରର ପ୍ରାଚୀନ ଇତିହାସରେ ହୁଷ୍କ, ଯୁଷ୍କ, କନିଷ୍କ ନାମକ ତିନି ପ୍ରସିଦ୍ଧ ତୁରସ୍କ ସମ୍ରାଟଙ୍କର କଥା ଅଛି । ଏହି କନିଷ୍କ ହିଁ 'ମହାଯାନ' ନାମରେ ଉତ୍ତରାମ୍ନାୟ ବୌଦ୍ଧଧର୍ମର ସଂସ୍ଥାପକ ।

ବହୁକାଳ ପରେ ଏମାନଙ୍କର ଅଧିକାଂଶ ହିଁ ମୁସଲମାନ ଧର୍ମ ଗ୍ରହଣ କଲେ ଏବଂ ବୌଦ୍ଧଧର୍ମର ମଧ୍ୟ-ଏସିଆସ୍ଥ ଗାନ୍ଧାର, କାବୁଲ ପ୍ରଭୃତି ପ୍ରଧାନ ପ୍ରଧାନ କେନ୍ଦ୍ରସବୁକୁ ଏକାବେଳକେ ଉତ୍ସନ୍ନ କରିଦେଲେ । ମୁସଲମାନ ହେବାପୂର୍ବେ ଏମାନେ ଯେତେବେଳେ ଯେଉଁ ଦେଶ ଜୟ କରୁଥିଲେ, ସେ ଦେଶର ସଭ୍ୟତା, ବିଦ୍ୟା ଗ୍ରହଣ କରୁଥିଲେ ଏବଂ ଅନ୍ୟାନ୍ୟ ଦେଶର ବିଦ୍ୟାବୁଦ୍ଧି ଆକର୍ଷଣ କରି ସଭ୍ୟତା ବିସ୍ତାର ପାଇଁ ଚେଷ୍ଟା କରୁଥିଲେ । କିନ୍ତୁ ମୁସଲମାନ ହୋଇ ଏମାନଙ୍କର ଯୁଦ୍ଧପ୍ରିୟତାଟିକ କେବଳ ବିଦ୍ୟମାନ; ବିଦ୍ୟା ଓ ସଭ୍ୟତାର ନାମଗନ୍ଧ ନାହିଁ, ବରଂ ଯେଉଁ ଦେଶ ଜୟ କରନ୍ତି, ସେ ଦେଶର ସଭ୍ୟତା କ୍ରମେ କ୍ରମେ ଲିଭିଯାଏ । ବର୍ତ୍ତମାନ ଅଫଗାନ, ଗାନ୍ଧାର ପ୍ରଭୃତି ଦେଶରେ ସ୍ଥାନେ ସ୍ଥାନେ ସେମାନଙ୍କର ବୌଦ୍ଧ ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ ଅପୂର୍ବ ସ୍ତୂପ, ମଠ, ମନ୍ଦିର, ବିରାଟ ମୂର୍ତ୍ତିମାନ ବିଦ୍ୟମାନ । ତୁର୍କି-ମିଶ୍ରଣ ଓ ମୁସଲମାନ ହେବା ଫଳରେ ସେସବୁ ମନ୍ଦିରାଦି ପ୍ରାୟ ଧ୍ୱଂସ ପାଇ ଯାଇଛି ଓ ଆଧୁନିକ ଆଫଗାନ ପ୍ରଭୃତି ଏପରି ଅସଭ୍ୟ ମୂର୍ଖ ହୋଇଯାଇଛନ୍ତି ଯେ, ସେସବୁ ପ୍ରାଚୀନ ସ୍ଥାପତ୍ୟ ନକଲ କରିବା ଦୂରରେ ଥାଉ, ଜିନ ପ୍ରଭୃତି ଅପଦେବତାଙ୍କ ଦ୍ୱାରା ନିର୍ମିତ ବୋଲି ବିଶ୍ୱାସ କରନ୍ତି ଏବଂ ମଣିଷର ଯେ ଏତେ ବଡ଼ କାରଖାନା କରିବା ସାଧ୍ୟ ନୁହେଁ, ତାହା ସ୍ଥିର ଧାରଣା କରିଛନ୍ତି । ବର୍ତ୍ତମାନ ପାରସ୍ୟ ଦେଶର ଦୁର୍ଦ୍ଦଶାର ପ୍ରଧାନ କାରଣ ଏହି ଯେ, ରାଜବଂଶ ହେଉଛନ୍ତି ପ୍ରବଳ ଅସଭ୍ୟ ତୁର୍କିଜାତି ଏବଂ ପ୍ରଜାମାନେ ହେଉଛନ୍ତି ଅତି ସୁସଭ୍ୟ ଆର୍ଯ୍ୟ—ପ୍ରାଚୀନ ପାରସ୍ୟ ଜାତିର ବଂଶଧର । ଏହିଭାବରେ ସୁସଭ୍ୟ ଆର୍ଯ୍ୟବଂଶୋଦ୍ଭବ ଗ୍ରୀକ୍ ଓ ରୋମାନ୍‌ମାନଙ୍କର ଶେଷ ରଙ୍ଗଭୂମି କନ୍‌ଷ୍ଟାଣ୍ଟିନୋପଲ୍ ସାମ୍ରାଜ୍ୟ ମହାବଳ ବର୍ବର ତୁରସ୍କର ପଦତଳେ ଉତ୍ସନ୍ନ

ହୋଇଯାଇଛି । କେବଳ ଭାରତବର୍ଷର ମୋଗଲ ବାଦଶାହାମାନେ ଏ ନିୟମର ବହିର୍ଭୂତ ଥିଲେ; ତାହା ବୋଧ ହୁଏ ହିନ୍ଦୁ ଭାବ ଓ ରକ୍ତସମ୍ମିଶ୍ରଣର ଫଳ । ରାଜପୁତ ବାରଟ ଓ ଚାରଣମାନଙ୍କର ଇତିହାସଗ୍ରନ୍ଥରେ ଭାରତବିଜେତା ସମସ୍ତ ମୁସଲମାନବଂଶ ହିଁ ତୁରସ୍କ ନାମରେ ଅଭିହିତ । ଏ ଅଭିଧାନ ଟି ବଡ଼ ଠିକ୍—କାରଣ, ଭାରତବିଜେତା ମୁସଲମାନ-ବାହିନୀଚୟ ଯେ କୌଣସି ଜାତିରେ ପରିପୂର୍ଣ୍ଣ ଥାଉ ନା କାହିଁକି, ନେତୃତ୍ୱ ସର୍ବଦା ଏହି ତୁରସ୍କ ଜାତିର ହିଁ ଥିଲା ।

ବୌଦ୍ଧଧର୍ମତ୍ୟାଗୀ ମୁସଲମାନ ତୁରସ୍କମାନଙ୍କ ନେତୃତ୍ୱରେ ଓ ବୌଦ୍ଧ ବା ବୈଦିକଧର୍ମତ୍ୟାଗୀ ତୁରସ୍କାଧୀନ ଏବଂ ତୁରସ୍କର ବାହୁବଳରେ ମୁସଲମାନକୃତ ହିନ୍ଦୁ ଜାତିର ଅଂଶବିଶେଷଦ୍ୱାରା ପୈତୃକ ଧର୍ମରେ ସ୍ଥିତ ଅପର ବିଭାଗମାନଙ୍କର ବାରମ୍ବାର ବିଜୟର ନାମ—'ଭାରତବର୍ଷରେ ମୁସଲମାନ ଆକ୍ରମଣ, ଜୟ ଓ ସାମ୍ରାଜ୍ୟ ସଂସ୍ଥାପନ' । ଏହି ତୁରସ୍କମାନଙ୍କ ଭାଷା ଅବଶ୍ୟ ସେମାନଙ୍କ ଚେହେରା ପରି ବହୁମିଶ୍ରିତ ହୋଇଯାଇଛି—ବିଶେଷତଃ ଯେଉଁସବୁ ଦଳ ମାତୃଭୂମି 'ଚୁଗଓଇ'ଠାରୁ ଯେତେ ଦୂରରେ ଯାଇ ପଡ଼ିଛନ୍ତି, ସେମାନଙ୍କ ଭାଷା ସେତେ ମିଶ୍ରିତ ହୋଇଯାଇଛି । ଏଥର ପାରସ୍ୟର ଶା' ପ୍ୟାରିସ୍‌ର ପ୍ରଦର୍ଶନୀ ଦେଖି କନ୍‌ଷ୍ଟାଣ୍ଟିନୋପଲ୍ ଦେଇ ରେଲରେ ସ୍ୱଦେଶକୁ ଗଲେ । ଦେଶକାଳର ଅନେକ ବ୍ୟବଧାନ ଥିଲେ ମଧ୍ୟ ସୁଲତାନ ଓ ଶା' ସେହି ପ୍ରାଚୀନ ତୁର୍କୀ ମାତୃଭାଷାରେ କଥୋପକଥନ କଲେ । ତେବେ ସୁଲତାନଙ୍କର ତୁର୍କୀ—ଫାର୍ସୀ, ଆରବୀ ଓ ଦୁଇ ଚାରି ଗ୍ରୀକ୍ ଶବ୍ଦରେ ମିଶ୍ରିତ; ଶା'ଙ୍କର ତୁର୍କୀ—ଅପେକ୍ଷାକୃତ ଶୁଦ୍ଧ ।

ପ୍ରାଚୀନ କାଳରେ ଏହି ଚୁଗଓଇ-ତୁରସ୍କର ଦୁଇ ଦଳ ଥିଲେ । ଏକ ଦଳର ନାମ 'ଧଳା-ମେଣ୍ଢା' ଦଳ, ଆଉ ଗୋଟିଏ ଦଳର ନାମ 'କଳା-ମେଣ୍ଢା' ଦଳ । ଦୁଇ ଦଳଯାକ ଜନ୍ମଭୂମି କାଶ୍ମୀରର ଉତ୍ତରଭାଗରୁ ମେଣ୍ଢା ଚରାଇ ଚରାଇ ଓ ଦେଶ ଲୁଟ୍‌ପାଟ୍ କରୁ କରୁ କ୍ରମେ କାସ୍ପିୟାନ ହ୍ରଦ ନିକଟରେ ଆସି ଉପସ୍ଥିତ ହେଲେ । ଧଳାମେଣ୍ଢାମାନେ କାସ୍ପିୟାନ ହ୍ରଦର ଉତ୍ତରବାଟେ ଇଉରୋପରେ ପ୍ରବେଶ କଲେ ଓ ଧ୍ୱଂସାବଶିଷ୍ଟ ରୋମ୍ ରାଜ୍ୟରୁ ଖଣ୍ଡେ ନେଇ ହଙ୍ଗେରି ନାମକ ରାଜ୍ୟ ସ୍ଥାପନ କଲେ । କଳା-ମେଣ୍ଢାମାନେ କାସ୍ପିୟାନ ହ୍ରଦର ଦକ୍ଷିଣବାଟରେ ଯାଇ କ୍ରମେ ପାରସ୍ୟର ପଶ୍ଚିମଭାଗ ଅଧିକାର କଲେ, କକେସସ୍ ପର୍ବତ ଲଙ୍ଘନ କରି କ୍ରମେ ଏସିଆ-ମାଇନର ପ୍ରଭୃତି ଆରବମାନଙ୍କ ରାଜ୍ୟ ଦଖଲ କରି ବସିଲେ; କ୍ରମେ ଖଲିଫାଙ୍କର ସିଂହାସନ ଅଧିକାର କରି ପଶ୍ଚିମ ରୋମ୍ ସାମ୍ରାଜ୍ୟର ଯେଉଁତକ ବାକି ଥିଲା, ସେତକ ମଧ୍ୟ ଉଦରସାତ୍ କଲେ । ଅତି ପ୍ରାଚୀନକାଳରେ ଏହି ତୁରସ୍କ ଜାତି ଖୁବ୍ ସର୍ପ-ପୂଜା କରୁଥିଲେ । ବୋଧହୁଏ ପ୍ରାଚୀନ ହିନ୍ଦୁମାନେ ଏମାନଙ୍କୁ ନାଗ-ତକ୍ଷକାଦି ବଂଶ କହୁଥିଲେ । ତା'ପରେ ଏମାନେ ବୌଦ୍ଧ ହୋଇଗଲେ; ପରେ ଯେତେବେଳେ ଯେଉଁ ଦେଶ ଜୟ କରୁଥିଲେ, ପ୍ରାୟ ସେହି ଦେଶର ଧର୍ମ ଗ୍ରହଣ କରୁଥିଲେ । ଅପେକ୍ଷାକୃତ ଆଧୁନିକ କାଳରେ ଯେଉଁ ଦୁଇ ଦଳ କଥା ଆମେମାନେ କହୁଛୁ, ତାଙ୍କ ମଧ୍ୟରୁ ଧଳା-

ମେଣ୍ଢାମାନେ ଖ୍ରୀଷ୍ଟିଆନମାନଙ୍କୁ ଜୟ କରି ଖ୍ରୀଷ୍ଟିଆନ ହୋଇଗଲେ; କଳାମେଣ୍ଢାମାନେ ମୁସଲମାନମାନଙ୍କୁ ଜୟ କରି ମୁସଲମାନ ହୋଇଗଲେ । ତେବେ ଏମାନଙ୍କର ଖ୍ରୀଷ୍ଟିଆନୀ ବା ମୁସଲମାନୀରେ, ଅନୁସନ୍ଧାନ କଲେ, ନାଗପୂଜାର ସ୍ତର ଏବଂ ବୌଦ୍ଧ-ସ୍ତର ବର୍ତ୍ତମାନ ମଧ୍ୟ ମିଳେ ।

ହଙ୍ଗେରିଆନମାନେ ଜାତି ଓ ଭାଷାରେ ତୁରସ୍କ ହେଲେ ମଧ୍ୟ ଧର୍ମରେ ଖ୍ରୀଷ୍ଟିଆନ —ରୋମାନ୍ କ୍ୟାଥଲିକ୍ । ସେକାଳର ଧର୍ମାନ୍ଧତା—ଭାଷା, ରକ୍ତ, ଦେଶ ପ୍ରଭୃତି କୌଣସି ବନ୍ଧନୀ ମାନୁ ନ ଥିଲା । ହଙ୍ଗେରିଆନମାନଙ୍କର ସାହାଯ୍ୟ ନ ପାଇଥିଲେ ଅଷ୍ଟ୍ରିଆ ପ୍ରଭୃତି ଖ୍ରୀଷ୍ଟିଆନ ରାଜ୍ୟ ଅନେକ ସମୟରେ ଆତ୍ମରକ୍ଷା କରିବାକୁ ସମର୍ଥ ହୋଇ ନ ଥାନ୍ତେ । ବର୍ତ୍ତମାନ କାଳରେ ବିଦ୍ୟାର ପ୍ରଚାର, ଭାଷାତତ୍ତ୍ୱ, ଜାତିତତ୍ତ୍ୱର ଆବିଷ୍କାରଦ୍ୱାରା ରକ୍ତଗତ ଓ ଭାଷାଗତ ଏକତ୍ୱର ଅଧିକ ଆକର୍ଷଣ ହେଉଛି; ଧର୍ମଗତ ଏକତ୍ୱ କ୍ରମେ ଶିଥିଳ ହୋଇଯାଉଛି । ଏଥିଯୋଗୁଁ କୃତବିଦ୍ୟ ହଙ୍ଗେରିଆନ ଓ ତୁରସ୍କ ମଧ୍ୟରେ ଗୋଟାଏ ସ୍ୱଜାତୀୟତ୍ୱ-ଭାବ ଠିଆ ହୋଇଛି ।

ଅଷ୍ଟ୍ରିଆ ସାମ୍ରାଜ୍ୟର ଅନ୍ତର୍ଗତ ହେଲେ ମଧ୍ୟ ହଙ୍ଗେରି ବାରମ୍ବାର ତା'ଠାରୁ ପୃଥକ୍ ହେବାକୁ ଚେଷ୍ଟା କରୁଛି । ଅନେକ ବିପ୍ଲବ-ବିଦ୍ରୋହ ଫଳରେ ଏହା ହୋଇଛି ଯେ, ହଙ୍ଗେରି ବର୍ତ୍ତମାନ ନାମକୁମାତ୍ର ଅଷ୍ଟ୍ରିଆ ସାମ୍ରାଜ୍ୟର ଗୋଟିଏ ପ୍ରଦେଶ ଅଛି ସତ; କିନ୍ତୁ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱାଧୀନ । ଅଷ୍ଟ୍ରିଆ ସମ୍ରାଟଙ୍କ ନାମ 'ଅଷ୍ଟ୍ରିଆର ବାଦଶାହା ଓ ଓ ହଙ୍ଗେରିର ରାଜା ।' ହଙ୍ଗେରିର ସମସ୍ତ ଅଲଗା ଏବଂ ଏଠାରେ ପ୍ରଜାମାନଙ୍କ କ୍ଷମତା ସମ୍ପୂର୍ଣ୍ଣ । ଅଷ୍ଟ୍ରିଆର ବାଦଶାହାଙ୍କୁ ଏଠାରେ ନାମମାତ୍ର ନେତା କରି ରଖାହୋଇଛି । ଏତିକି ସମ୍ବନ୍ଧ ଯେ ସବୁଦିନେ ରହିବ, ତାହା ବୋଧହୁଏ ନୁହେଁ । ତୁର୍କୀସ୍ୱଭାବସିଦ୍ଧ ରଣକୁଶଳତା, ଉଦାରତା ପ୍ରଭୃତି ଗୁଣ ହଙ୍ଗେରିଆନଙ୍କଠାରେ ପ୍ରଚୁର ବିଦ୍ୟମାନ । ଅପିଚ ମୁସଲମାନ ନ ହୋଇଥିବା ଯୋଗୁଁ—ସଙ୍ଗୀତାଦି ଦେବଦୁର୍ଲଭ ଶିଳ୍ପକୁ ସଇତାନର କୁହୁକ ବୋଲି ନ ଭାବିଥିବା କାରଣରୁ ସଙ୍ଗୀତରେ ହଙ୍ଗେରିଆନ ଅତି କୁଶଳୀ ଓ ଇଉରୋପ ସାରା ପ୍ରସିଦ୍ଧ ।

ପୂର୍ବେ ମୋର ଧାରଣା ଥିଲା, ଥଣ୍ଡା ଦେଶର ଲୋକେ ଲଙ୍କାମରିଚ ରାଗ ଖାଆନ୍ତି ନାହିଁ—ଏହା କେବଳ ଉଷ୍ଣପ୍ରଧାନ ଦେଶର ବଦଭ୍ୟାସ । କିନ୍ତୁ ଯେଉଁ ଲଙ୍କା ଖାଇବା ହଙ୍ଗେରିରେ ଆରମ୍ଭ ହେଲା ଓ ରୋମାନିଆ ବୁଲଗେରିଆ ପ୍ରଭୃତିରେ ସପ୍ତମରେ ପହଞ୍ଚିଲା, ତା' ପାଖରେ ବୋଧହୁଏ ମାନ୍ଦ୍ରାଜୀ ମଧ୍ୟ ହାର ମାନିଯିବେ ।

# ପରିବ୍ରାଜକର ଡାୟେରୀ

## ପ୍ରଥମ ଅଂଶ

### କନ୍‌ଷ୍ଟାଣ୍ଟିନୋପ୍‌ଲ

କନ୍‌ଷ୍ଟାଣ୍ଟିନୋପଲର ପ୍ରଥମ ଦୃଶ୍ୟ ରେଳରୁ ଦେଖାଗଲା । ପ୍ରାଚୀନ ସହର—ପଗାର (ପାଚିରି ଭେଦକରି ବାହାରିଛି), ଅଲିଗଳି, ମଇଳା, କାଠର ଘର ଇତ୍ୟାଦି—କିନ୍ତୁ ଏ ସବୁଥିରେ ଗୋଟିଏ ବିଚିତ୍ରତାଜନିତ ସୌନ୍ଦର୍ଯ୍ୟ ଅଛି । ଷ୍ଟେସନରେ ବହି ନେଇ ବିଷମ ଗୋଳମାଳ । ମାଦ୍‌ମୋଏଜେଲ୍ କାଲ୍‌ଭେ ଓ ଜୁଲ୍ ବୋଆ ଫରାସୀ ଭାଷାରେ ଶୁଲ୍କ କର୍ମଚାରୀମାନଙ୍କୁ ଢେର ବୁଝାଇଲେ—କ୍ରମେ ଉଭୟ ପକ୍ଷର କଳହ । କର୍ମଚାରୀ-ମାନଙ୍କର 'ହେଡ଼ ଅଫିସର୍' ତୁର୍କ; ଟେଲିଗ୍ରାମ୍ ଆସି ହାଜର; ସୁତରାଂ ଝଗଡ଼ା ଅଳ୍ପରେ ମିଟିଗଲା । ସବୁ ବହି ଦେଲେ, ଦୁଇଖଣ୍ଡ ଦେଲେ ନାହିଁ । କହିଲେ—'ଏହି ହୋଟେଲକୁ ପଠାଉଛୁ'—ସେ ଆଉ ପଠାଇବା ହେଲା ନାହିଁ । ଷ୍ଟାମ୍ବୁଲ ବା କନ୍‌ଷ୍ଟାଣ୍ଟିନୋପ୍‌ଲ ସହର ବଜାର ଦେଖାଗଲା—'ଫୋଣ୍ଟ' ବା ସମୁଦ୍ରର ବନ୍ଦର ଧାରେ ଧାରେ 'ପେରେ' ବା ବିଦେଶୀମାନଙ୍କର କ୍ୱାର୍ଟର, ହୋଟେଲ ଇତ୍ୟାଦି—ସେଠାରୁ ଗାଡ଼ି କରି ସହର ଭ୍ରମଣ ଓ ପରେ ବିଶ୍ରାମ । ସନ୍ଧ୍ୟା ପରେ 'ଉଡ୍‌ସ୍ ପାଶା' ଦର୍ଶନ ପାଇଁ ଗମନ । ପରଦିନ ବୋଟ ଚଢ଼ି ବାଷ୍ଫୋର-ଭ୍ରମଣେ ଯାତ୍ରା । ଭାରି ଥଣ୍ଡା, ଜୋର୍ ପବନ, ପ୍ରଥମ ଷ୍ଟେସନରେ ମୁଁ ଆଉ ମିସ୍ ମ୍ୟା—ଓହ୍ଲାଇଗଲୁଁ । ସିଦ୍ଧାନ୍ତ ହେଲା—ସେପାରି ସ୍କୁଟାରିରେ ଯାଇ ପେଥର ହ୍ୟାସାନ୍ଥଙ୍କ ସଙ୍ଗେ ଦେଖା କରିବା । ଭାଷା ଜଣା ନ ଥିବାରୁ ବୋଟଭଡ଼ା ଇଙ୍ଗିତ କରି ସେପାରିକୁ ଗମନ ଓ ଗାଡ଼ି ଭଡ଼ା କଲୁ । ବାଟରେ ସୁଫି ଫକିରଙ୍କର 'ତାକିୟା' ଦର୍ଶନ—ଏହି ଫକିରମାନେ ଲୋକଙ୍କର ରୋଗ ଭଲ କରନ୍ତି । ତା'ର ପ୍ରଥା ଏହିପରି—ପ୍ରଥମେ ଝୁଙ୍କି ଝୁଙ୍କି କଲ୍‌ମା ପଢ଼ିବ, ତା'ପରେ ନୃତ୍ୟ, ତା'ପରେ ଭାବ, ତା'ପରେ ରୋଗୀର ଶରୀର ମାଡ଼ି ଦେଇ ରୋଗ ଭଲ ।

ପେଥର ହ୍ୟାସାନ୍ଥଙ୍କ ସଙ୍ଗରେ ଆମେରିକାର କଲେଜ ସମ୍ବନ୍ଧୀୟ ଅନେକ କଥା-ବାର୍ତ୍ତା । ଆରବର ଦୋକାନ ଓ ବିଦ୍ୟାର୍ଥୀ ତୁର୍କ ଦର୍ଶନ । ସ୍କୁଟାରିରୁ ପ୍ରତ୍ୟାବର୍ତ୍ତନ । ନୌକା ଖୋଜି ମିଳିବା—ସେ କିନ୍ତୁ ଠିକ୍ ଜାଗାକୁ ଯାଇ ନ ପାରିବା । ଯାହା ହେଉ, ଯେଉଁଠାରେ ଓହ୍ଲାଇଲୁ, ସେଠାରୁ ଟ୍ରାମ୍ ଚଢ଼ି ଘରକୁ (ଷ୍ଟାମ୍ବୁଲ ହୋଟେଲକୁ) ଫେରିବା । ମିଉଜିୟମ୍—ଷ୍ଟାମ୍ବୁଲର ଯେଉଁଠାରେ ପ୍ରାଚୀନ ଅନ୍ଦର ମହଲ ଥିଲା, ଗ୍ରୀକ୍ ବାଦଶାହା-ମାନଙ୍କର—ସେହିଠାରେ ପ୍ରତିଷ୍ଠିତ । ଅପୂର୍ବ sarcophagi (ଶବ ଦେହରକ୍ଷା କରିବାର ପ୍ରସ୍ତରନିର୍ମିତ ଆଧାର) ଇତ୍ୟାଦି ଦର୍ଶନ । ତୋପଖାନାର ଉପରୁ ସହରର ମନୋହର ଦୃଶ୍ୟ । ଅନେକ ଦିନ ପରେ ଏଠାରେ ବୁଟଭଜା ଖାଇ ଆନନ୍ଦ । ତୁର୍କୀ ପଲାଉ, କବାବ୍ ଇତ୍ୟାଦି ଏଠାରେ ଖାଇବା ଜିନିଷ । ସ୍କୁଟାରିର କବରଖାନା । ପ୍ରାଚୀନ ପ୍ରାଚୀର

ଦେଖିବାକୁ ଗିବା । ପାଟେର ମଧ୍ୟରେ ଜେଲ—ଭୟଙ୍କର । ହକ୍‌ସପାଶାଙ୍କ ସହିତ ଦେଖା ଓ ବାଷ୍ଟୋଉଯାତ୍ରା । ଫରାସୀ ପରରାଷ୍ଟ୍ରସଚିବଙ୍କର (Charge d' Affairs) ଅଧୀନସ୍ଥ କର୍ମଚାରୀଙ୍କ ସହିତ ଭୋଜନ (dinner)—ଜଣେକ ଗ୍ରୀକ୍ ପାଶା ଓ ଜଣେ ଆଲବାନି ଭଦ୍ରଲୋକଙ୍କ ସହିତ ଦେଖା । ପେସ୍ତର ହିୟାସାନ୍ଥଙ୍କ ଲେକ୍‌ଚର ପୁଲିସ ବନ୍ଦ କରିଛି; ସୁତରାଂ ମୋର ଲେକ୍‌ଚର ମଧ୍ୟ ବନ୍ଦ । ଦେବନମଲ୍ ଓ ଚୌବେଜୀ (ଜଣେ ଗୁଜରାଟି ବ୍ରାହ୍ମଣ)ଙ୍କ ସହିତ ସାକ୍ଷାତ୍ । ଏଠାରେ ହିନ୍ଦୁସ୍ଥାନୀ, ମୁସଲମାନ ଇତ୍ୟାଦି ଅନେକ ଭାରତବର୍ଷୀୟ ଲୋକ ଅଛନ୍ତି । ତୁର୍କୀ ଫିଲଲଜି । ନୁର୍‌ବେଙ୍କ କଥା—ତାଙ୍କର ବୁଢ଼ାବାପା ଫରାସୀ ଥିଲେ । ଏମାନେ କହନ୍ତି, କାଶ୍ମୀରି ପରି ସୁନ୍ଦର । ଏଠାରେ ସ୍ତ୍ରୀଲୋକମାନଙ୍କର ପରଦାହୀନତା । ବେଶ୍ୟାଭାବ ମୁସଲମାନୀ । ଖୁର୍ଦ୍ଦ ପାଶା ଆର୍ମାନି (Arian) ଆରମିନିୟାନ୍ ହତ୍ୟାର କଥା । ଆରମିନିଆନଙ୍କର ବାସ୍ତବିକ କୌଣସି ଦେଶ ନାହିଁ । ଯେଉଁସବୁ ସ୍ଥାନରେ ସେମାନେ ବାସ କରନ୍ତି, ସେଠାରେ ମୁସଲମାନ ଅଧିକ । ଆର୍‌ମିନିୟା ବୋଲି କୌଣସି ସ୍ଥାନ ଅଜ୍ଞାତ । ବର୍ତ୍ତମାନ ସୁଲତାନ ଖୁର୍ଦ୍ଦମାନଙ୍କୁ ହାମିଦିଯେ ରେସଲା ତିଆର କରୁଛନ୍ତି, ସେମାନଙ୍କୁ କଜାକ୍‌ମାନଙ୍କ (Cossack)ପରି ଶିକ୍ଷା ଦିଆଯିବ ଏବଂ ସେମାନେ Conscriptionରୁ ଖଲାସ ହେବେ ।

ବର୍ତ୍ତମାନ ସୁଲତାନ, ଆର୍ମିନିୟାନ୍ ଓ ଗ୍ରୀକ୍ ପେଟ୍ରିୟାର୍କ୍‌ମାନଙ୍କୁ ଡାକି କହିଲେ, ତୁମେମାନେ କର ନ ଦେଇ ସିପାହି ହୁଅ (conscription), ତୁମର ଜନ୍ମଭୂମି ରକ୍ଷା କର । ସେଥିରେ ସେମାନେ ଜବାବ ଦେଲେ ଯେ ଫୌଜ ହୋଇ ଲଢ଼ାଇରେ ଯାଇ ମୁସଲମାନ ସିପାହିମାନଙ୍କ ସହିତ ଏକତ୍ର ମଲେ ଖ୍ରୀଷ୍ଟିଆନ ସିପାହିମାନଙ୍କର କବରରେ ଗୋଲମାଲ ହେବ । ଉତ୍ତରରେ ସୁଲତାନ କହିଲେ ଯେ, ପ୍ରତ୍ୟେକ ପଲଟନ୍‌ରେ ତା' ହେଲେ ମୋଲ୍ଲା ଓ ପାଦ୍ରୀ ରହିବେ ଏବଂ ଲଢ଼େଇରେ ଯେତେବେଳେ ଖ୍ରୀଷ୍ଟିଆନ ଓ ଓ ମୁସଲମାନ ଫୌଜଙ୍କ ଶବଦେହ ସବୁ ଏକତ୍ର ଗୋଟିଏ ଗଡା କବରରେ ପୋତିବାକୁ ବାଧ୍ୟ ହେବେ, ସେତେବେଳେ ଦୁଇ ଧର୍ମର ପାଦ୍ରୀ ଶ୍ରାଦ୍ଧମନ୍ତ୍ର (funeral service) ପଢ଼ିବେ; ନ ହେଲେ କାଳେ ଗୋଟିଏ ଧର୍ମର ଲୋକର ଆତ୍ମା ଅଧିକା ଅନ୍ୟ ଧର୍ମର ଶ୍ରାଦ୍ଧମନ୍ତ୍ର ଶୁଣିନେବେ । ଖ୍ରୀଷ୍ଟିଆନମାନେ ରାଜି ହେଲେ ନାହିଁ—ସୁତରାଂ ସେମାନେ କର ଦିଅନ୍ତି । ସେମାନଙ୍କର ରାଜି ନ ହେବାର ଭିତରି କାରଣ ହେଉଛି, ଭୟ ଯେ ମୁସଲମାନମାନଙ୍କ ସଙ୍ଗରେ ଏକତ୍ର ବାସ କରି ପଛେ ସବୁ ମୁସଲମାନ ହୋଇଯିବେ । ବର୍ତ୍ତମାନ ଷ୍ଟାମ୍ବୁଲର ବାଦଶାହା ବଡ଼ କ୍ଳେଶସହିଷ୍ଣୁ—ପ୍ରାସାଦରେ ଥିଏଟର ଇତ୍ୟାଦି ଆମୋଦ-ପ୍ରମୋଦ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ନିଜେ ବନ୍ଦୋବସ୍ତ କରନ୍ତି । ପୂର୍ବ ସୁଲତାନ ମୁରାଦ୍ ବାସ୍ତବିକ ନିତାନ୍ତ ଅକର୍ମଣ୍ୟ ଥିଲେ—ଏ ବାଦଶାହା ଅତି ବୁଦ୍ଧିମାନ । ଯେଉଁ ଅବସ୍ଥାରେ ଏ ରାଜ୍ୟ ପାଇଥିଲେ, ସେଥିରୁ ଏତେ ସମ୍ଭାଳି ଉଠିଛନ୍ତି ଯେ, ଆଶ୍ଚର୍ଯ୍ୟ ! ପାର୍ଲାମେଣ୍ଟ ଏଠାରେ ଚଳିବ ନାହିଁ ।

## ଦ୍ୱିତୀୟ ଅଂଶ

### ଏଥେନ୍ସ, ଗ୍ରୀସ୍

ଦିନ ଦଶଟା ସମୟରେ କନ୍‌ଷ୍ଟାଣ୍ଟିନୋପଲ ତ୍ୟାଗ । ଏକ ରାତ୍ରି ଏକ ଦିନ ସମୁଦ୍ରରେ । ସମୁଦ୍ର ଖୁବ୍ ସ୍ଥିର । କ୍ରମେ ସୁବର୍ଣ୍ଣ ଶୃଙ୍ଗ (Golden Horn) ଓ ମାର୍ମୋରା ଦ୍ୱୀପପୁଞ୍ଜ । ମାର୍ମୋରାର ଗୋଟିକରେ ଗ୍ରୀକ୍‌ଧର୍ମର ମଠ ଦେଖିଲୁ । ଏଠାରେ ପୂର୍ବକାଳରେ ଧର୍ମଶିକ୍ଷାର ଭଲ ସୁବିଧା ଥିଲା—କାରଣ ଏକ ଦିଗରେ ଏସିଆ, ଆଉ ଗୋଟିଏ ଦିଗରେ ଇଉରୋପ । ମେଡ଼ିଟରେନ ଦ୍ୱୀପପୁଞ୍ଜ ପ୍ରାତଃକାଳରେ ଦେଖିବାକୁ ଯାଇ ପ୍ରଫେସର ଲେପର୍‌ଙ୍କ ସହିତ ସାକ୍ଷାତ୍—ପୂର୍ବେ ପାଚିୟାପ୍ପା କଲେଜରେ ମାନ୍ଦ୍ରାଜରେ ଏହାଙ୍କ ସହିତ ପରିଚୟ ହୁଏ । ଗୋଟିଏ ଦ୍ୱୀପରେ ଗୋଟିଏ ମନ୍ଦିରର ଭଗ୍ନାବଶେଷ ଦେଖିଲି—ନେପଚୁନଙ୍କ ମନ୍ଦିର ଅନୁମାନ, କାରଣ—ସମୁଦ୍ରତଟରେ । ସନ୍ଧ୍ୟାପରେ ଏଥେନ୍ସରେ ପହଞ୍ଚିଲି । ଗୋଟିଏ ରାତି କ୍ୱାରେଣ୍ଟାଇନରେ ରହି ସକାଳଓଳି ଓହ୍ଲାଇବାର ହୁକୁମ ହେଲା ! ବନ୍ଦର ପାଇରିଉସ ଛୋଟ ସହର । ବନ୍ଦରଟି ଅତି ସୁନ୍ଦର, ସବୁ ଇଉରୋପ ପରି, କେବଳ ମଝିରେ ମଝିରେ ଜଣେ ଅଧେ ଘାଗରାପିନ୍ଧା ଗ୍ରୀକ୍ । ସେଠାରୁ ପାଞ୍ଚ ମାଇଲ ଗାଡ଼ି କରି ସହରର ପ୍ରାଚୀନ ପ୍ରାଚୀର, ଯାହା ଏଥେନ୍ସକୁ ବନ୍ଦର ସହିତ ସଂଯୁକ୍ତ କରୁଥିଲା, ତାହା ଦେଖିବାକୁ ଯିବାହେଲା । ତା'ପରେ ସହର-ଦର୍ଶନ—ଆକ୍ରୋପଲିସ, ହୋଟେଲ, ବାଡ଼ି-ଘରଦ୍ୱାର, ଅତି ପରିଷ୍କାର । ରାଜବାଟିଟି ସାନ । ସେହି ଦିନ ହିଁ ପୁଣି ପାହାଡ଼ ଉପରେ ଉଠି ଆକ୍ରୋପଲିସ୍, ବିଜୟାଙ୍କ ମନ୍ଦିର, ପାରଥେନନ୍ ଇତ୍ୟାଦି ଦର୍ଶନ କରାଗଲା । ମନ୍ଦିରଟିରେ ଶ୍ୱେତ-ମର୍ମରରେ ନିର୍ମିତ କେତୋଟି ଭଗ୍ନାବଶେଷ ସ୍ତମ୍ଭ ମଧ୍ୟ ଦଣ୍ଡାୟମାନ ଦେଖିଲି । ପରଦିନ ପୁଣି ମାଦମୋଏଜେଲ ମେଲକାର୍ବିଙ୍କ ସହିତ ଏହିସବୁ ଦେଖିବାକୁ ଗଲି—ସେ ଏସବୁ ସମ୍ବନ୍ଧରେ ନାନା ଐତିହାସିକ କଥା ବୁଝାଇ ଦେଲେ । ଦ୍ୱିତୀୟ ଦିନ ଓଲିମ୍ପିୟାନ୍ ଜୁପିଟରଙ୍କ ମନ୍ଦିର, ଥିଏଟର ଡାଇଓନିସିୟସ ଇତ୍ୟାଦି ସମୁଦ୍ରତଟ ପର୍ଯ୍ୟନ୍ତ ଦେଖାହେଲା । ତୃତୀୟ ଦିନ ଏଲୁସି ଯାତ୍ରା, ଏହା ଗ୍ରୀକମାନଙ୍କର ପ୍ରଧାନ ଧର୍ମସ୍ଥାନ । ଇତିହାସପ୍ରସିଦ୍ଧ ଏଲୁସି-ରହସ୍ୟର (Eleusinian Mistery) ଅଭିନୟ ଏହିଠାରେ ହିଁ ହେଉଥିଲା । ଏଠାକାର ପ୍ରାଚୀନ ଥିଏଟର ଜଣେ ଧନୀ ଗ୍ରୀକ୍ ନୂଆ କରି ତିଆରି କରିଦେଇଛନ୍ତି । Olympian gamesର ପୁନରାୟ ବର୍ତ୍ତମାନ କାଳରେ ପ୍ରଚଳନ ହୋଇଛି । ସେ ସ୍ଥାନଟି ସ୍ପାର୍ଟା ନିକଟରେ । ସେଥିରେ ଆମେରିକାନମାନେ ଅନେକ ବିଷୟରେ ଜିତନ୍ତି । ଗ୍ରୀକମାନେ କିନ୍ତୁ ଦୌଡ଼ରେ ସେ ସ୍ଥାନରୁ ଏଥେନ୍ସର ଏହି ଥିଏଟର ପର୍ଯ୍ୟନ୍ତ ଆସିବାରେ ଜିତନ୍ତି । ତୁର୍କଙ୍କ ପାଖରେ ଏହି ଗୁଣର (ଦୌଡ଼ର) ବିଶେଷ ପରିଚୟ ମଧ୍ୟ ସେମାନେ ଏଥର ଦେଇଛନ୍ତି । ଚତୁର୍ଥ ଦିନ ଦଶଟାବେଳେ ରୁଷ ଷ୍ଟିମର 'ଜାର୍' ଆରୋହଣ କରି ଇଜିପ୍ଟକୁ ଯାତ୍ରୀ ହେବାକୁ ହେଲା । ଘାଟକୁ ଆସି ଜାଣିଲି ଷ୍ଟିମର ଛାଡ଼ିବ ୪ଟା ବେଳେ—ଆମେମାନେ ବୋଧହୁଏ

ଚଞ୍ଚଳ ଆସିବୁଁ, କମ୍ବା ମାଲ ଉଠାଇବାକୁ ଡେର ହେବ । ଅଗତ୍ୟା ୫୭୨ରୁ ୪୮୭ ଖ୍ରୀ: ପୂର୍ବେ ଆବିର୍ଭୂତ ଏକେଲଦାସ ଓ ତାଙ୍କର ତିନ ଶିଷ୍ୟ ଫିଡ଼ିୟସ, ମିରଣ, ପଲିକ୍ଲେଟର ସ୍ରୃଷ୍ଟିର କିଛୁ ପରିଚୟ ନେଇ ଆସିବାକୁ ହେଲା । ଏବେ ଖୁବ୍ ଗରମ ଆରମ୍ଭ । ରୁଷୀୟ ଜାହାଜରେ ଷ୍ଟ୍ରୁ ଉପରେ ଫାଷ୍ଟ କ୍ଲାସ । ବାକି ସବୁ ଯାକ ଡେକ୍—ଯାତ୍ରୀ, ଗୋରୁ ଆଉ ମେଣ୍ଢାରେ ପୂର୍ଣ୍ଣ । ଏ ଜାହାଜରେ ପୁଣି ବରଫ ମଧ୍ୟ ନାହିଁ ।

ତୃତୀୟ ଅଂଶ

## ପାରି ଲୁଭର (Louvre) ମିଉଜିୟମ୍

ମିଉଜିଅମ୍ ଦେଖି ଗ୍ରୀକ୍‌କଳାର ତିନ ଅବସ୍ଥା ବୁଝିପାରିଲି । ପ୍ରଥମ 'ମିସେନି' (Mycencean), ଦ୍ୱିତୀୟ ଯଥାର୍ଥ ଗ୍ରୀକ୍ । ଆଚେନି ରାଜ୍ୟ (Achaean) ସନ୍ନିହିତ ଦ୍ୱୀପ-ପୁଞ୍ଜରେ ଅଧିକାର ବିସ୍ତାର କରିଥିଲା—ଆଉ ସେହି ସଙ୍ଗରେ ଏହିସବୁ ଦ୍ୱୀପରେ ପ୍ରଚଳିତ ଏସିଆରୁ ଗୃହୀତ ସମସ୍ତ କଳାବିଦ୍ୟାର ମଧ୍ୟ ଅଧିକାରୀ ହୋଇଥିଲା । ଏହିପରି ପ୍ରଥମେ ଗ୍ରୀସରେ କଳାବିଦ୍ୟାର ଆବିର୍ଭାବ । ଅତିପୂର୍ବ ଅଜ୍ଞାତ କାଳଠାରୁ ଖ୍ରୀ: ପୂ: ୭୭୬ ବର୍ଷ ଯାବତ୍ 'ମିସେନି' ଶିଳ୍ପର କାଳ । ଏହି 'ମିସେନି' ଶିଳ୍ପ ପ୍ରଧାନତଃ ଏସିଆ ଶିଳ୍ପର ଅନୁକରଣରେ ବ୍ୟାପୃତ ଥିଲା । ତା'ପରେ ୭୭୬ ଖ୍ରୀ: ପୂ: କାଳଠାରୁ ୧୪୬ ଖ୍ରୀ:ପୂ: ପର୍ଯ୍ୟନ୍ତ 'ହେଲେନିକ' ବା ଯଥାର୍ଥ ଗ୍ରୀକ୍ ଶିଳ୍ପର ସମୟ । ଡୋରିୟନ ଜାତିଦ୍ୱାରା ଆଚେନି ସାମ୍ରାଜ୍ୟ ଧ୍ୱଂସ ପରେ ଇଉରୋପଖଣ୍ଡସ୍ଥ ଓ ଦ୍ୱୀପପୁଞ୍ଜନିବାସୀ ଗ୍ରୀକ୍‌ମାନେ ଏସିଆଖଣ୍ଡରେ ବହୁ ଉପନିବେଶ ସ୍ଥାପନ କଲେ । ସେଥିରେ ବାବିଲ ଓ ଇଜିପ୍ଟ ସହିତ ସେମାନଙ୍କର ଘୋରତର ସଙ୍ଘର୍ଷ ଉପସ୍ଥିତ ହେଲା । ସେଥିରୁ ଗ୍ରୀକ୍-ଆର୍ଟର ଉତ୍ପତ୍ତି ହୋଇ କ୍ରମେ ଏସିଆ-ଶିଳ୍ପର ଭାବ ତ୍ୟାଗ କରି ସ୍ୱଭାବର ଯଥାଯଥ ଅନୁକରଣ-ଚେଷ୍ଟା ଏଠାକାର ଶିଳ୍ପରେ ଜନ୍ମିଲା । ଗ୍ରୀକ୍ ଆଉ ଅନ୍ୟ ପ୍ରଦେଶର ଶିଳ୍ପର ତଫାତ୍ ଏହି ଯେ ଗ୍ରୀକ୍‌ଶିଳ୍ପ ପ୍ରାକୃତିକ ସ୍ୱାଭାବିକ ଜୀବନର ଯାଥାତଥ୍ୟ ଜୀବନ୍ତ ଘଟନାସମୂହ ବର୍ଣ୍ଣନା କରୁଛି ।

ଖ୍ରୀ: ପୂ: ୭୭୬ରୁ ଖ୍ରୀ: ପୂ: ୪୭୫ ପର୍ଯ୍ୟନ୍ତ 'ଆର୍କେଇକ୍' ଗ୍ରୀକ୍ ଶିଳ୍ପର ସମୟ । ଏପର୍ଯ୍ୟନ୍ତ ମୂର୍ତ୍ତିଗୁଡ଼ିକ କାଠପରି ଶକ୍ତ (Stiff)—ଜୀବନ୍ତ ନୁହେଁ । ଓଠ ଅଳ୍ପ ମେଲା, ଯେପରି କି ସବୁବେଳେ ହସୁଛି । ଏ ବିଷୟରେ ଏହିଗୁଡ଼ିକ ଇଜିପ୍ଟର ଶିଳ୍ପଗଠିତ ମୂର୍ତ୍ତି ପରି । ସବୁ ମୂର୍ତ୍ତିଗୁଡ଼ିକ ଦୁଇ ଗୋଡ଼ ସିଧା କରି (କାଠ) ହୋଇ ଠିଆ ହୋଇଛନ୍ତି । କେଶ ଦାଢ଼ି ସମସ୍ତ ସରଳରେଖାକାରରେ (regular lines) ଖୋଦିତ; ବସ୍ତ୍ର ସମସ୍ତ ମୂର୍ତ୍ତିଦେହରେ ଲଗିରହିଛି—ପେଣ୍ଡୁଲା ହୋଇ—ପତନଶୀଳ ବସ୍ତ୍ର ପରି ନୁହେଁ ।

'ଆର୍କେଇକ' ଗ୍ରୀକ-ଶିଳ୍ପ ପରେ 'କ୍ଲାସିକ୍' ଗ୍ରୀକ-ଶିଳ୍ପର କାଳ—୪୭୫ ଖ୍ରୀ:ପୂ:-ଠାରୁ ୩୨୩ ଖ୍ରୀ: ପୂ: ପର୍ଯ୍ୟନ୍ତ; ଅର୍ଥାତ୍ ଏଥେନ୍ସର ପ୍ରଭୁତ୍ୱ କାଳରୁ ଆରମ୍ଭ କରି ସମ୍ରାଟ ଆଲେକଜାଣ୍ଡରଙ୍କ ମୃତ୍ୟୁକାଳ ପର୍ଯ୍ୟନ୍ତ ଉକ୍ତ ଶିଳ୍ପର ଉନ୍ନତି ଓ ବିସ୍ତାରକାଳ । ପିଲୋପନେଶସ୍ ଓ ଆଟିକା ରାଜ୍ୟ ଏହି ସମୟର ଶିଳ୍ପର ଚରମ ଉନ୍ନତି-ସ୍ଥାନ । ଏଥେନ୍ସ

ଆଟିକା ରାଜ୍ୟର ପ୍ରଧାନ ସହର ଥିଲା । କଳାବିଦ୍ୟାନିପୁଣ ଜଣେ ଫରାସୀ ପଣ୍ଡିତ ଲେଖିଛନ୍ତି, —'(କ୍ଲାସିକ) ଗ୍ରୀକ୍ ଶିଳ୍ପ ଚରମ ଉନ୍ନତି କାଳରେ ବିଧିବଦ୍ଧ ପ୍ରଣାଳୀ-ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱାଧୀନଭାବ ପ୍ରାପ୍ତ ହୋଇଥିଲା । ଏହା ସେତେବେଳେ କୌଣସି ଦେଶର କଳାବିଧି-ବନ୍ଧନ ହିଁ ସ୍ୱୀକାର କରି ନାହିଁ କିମ୍ବା ତଦନୁଯାୟୀ ଆପଣାକୁ ନିୟନ୍ତ୍ରିତ କରି ନାହିଁ । ସ୍ଥାପତ୍ୟର ଚୂଡ଼ାନ୍ତ ନିଦର୍ଶନ ସ୍ୱରୂପ ମୂର୍ତ୍ତିସମୂହ ଯେଉଁ କାଳରେ ନିର୍ମିତ ହୋଇଥିଲା, କଳାବିଦ୍ୟାର ସମୁଜ୍ଜ୍ୱଳ ସେହି ଖ୍ରୀ: ପୂ: ପଞ୍ଚମ ଶତାବ୍ଦୀର କଥା ଯେତେ ଆଲୋଚନା କରାଯାଏ, ସେତେ ହିଁ ପ୍ରାଣରେ ଦୃଢ଼ ଧାରଣା ହୁଏ ଯେ, ବିଧିନିୟମର ସମ୍ପୂର୍ଣ୍ଣ ବହିର୍ଭୂତ ହୋଇଥିବା ଯୋଗୁଁ ଗ୍ରୀକ୍ ଶିଳ୍ପ ସଜୀବ ହୋଇଉଠିଥିଲା ।' ଏହି 'କ୍ଲାସିକ୍' ଗ୍ରୀକ ଶିଳ୍ପର ସମ୍ପ୍ରଦାୟ—ପ୍ରଥମ ଆଟିକ, ଦ୍ୱିତୀୟ ପିଲୋପନେସିୟାନ । ଆଟିକ ସମ୍ପ୍ରଦାୟରେ ପୁଣି ଦୁଇ ପ୍ରକାର ଭାବ—ପ୍ରଥମ, ମହାଶିଳ୍ପୀ ଫିଡ଼ିୟସଙ୍କର ପ୍ରତିଭାବଳ; 'ଅପୂର୍ବ ସୌନ୍ଦର୍ଯ୍ୟ-ମହିମା ଏବଂ ବିଶୁଦ୍ଧ ଦେବଭାବର ଗୌରବ, ଯାହା କୌଣସି କାଳରେ ମାନବ-ମନରେ ଆପଣା ଅଧିକାର ହରାଇବ ନାହିଁ'—ଏହା ବୋଲି ଜଣେ ଫରାସୀ ପଣ୍ଡିତ ନିର୍ଦ୍ଦେଶ କରିଛନ୍ତି । ସ୍କୋପାସ ଆଉ ପ୍ରାକ୍‌ସିଟେଲେସ୍ ଆଟିକ ସମ୍ପ୍ରଦାୟର ଦ୍ୱିତୀୟ ଭାବର ପ୍ରଧାନ ଶିକ୍ଷକ । ଏହି ସମ୍ପ୍ରଦାୟର କାର୍ଯ୍ୟ, ଶିଳ୍ପକୁ ଧର୍ମ ସାଙ୍ଗରୁ ଏକାବେଳକେ ବିଚ୍ୟୁତ କରି କେବଳମାତ୍ର ମଣିଷର ଜୀବନ-ବିବରଣରେ ନିଯୁକ୍ତ ରଖିବା ।

'କ୍ଲାସିକ' ଗ୍ରୀକ୍ ଶିଳ୍ପର ପିଲୋପନେସିୟାନ ନାମକ ଦ୍ୱିତୀୟ ସମ୍ପ୍ରଦାୟର ପ୍ରଧାନ ଶିକ୍ଷକ ପଲିକ୍ଲେଟସ୍ ଓ ଲିସିପସ୍ । ଏମାନଙ୍କ ମଧ୍ୟରୁ ଜଣେ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରେ ଏବଂ ଅନ୍ୟ ଜଣକ ଖ୍ରୀ: ପୂ: ଚତୁର୍ଥ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପ୍ରଧାନ ଲକ୍ଷ୍ୟ—ମାନବଶରୀରର ଗଢ଼ଣ ପରିମାଣର ଅନ୍ଦାଜ (proportion) ଶିଳ୍ପରେ ଯଥାଯଥ ରଖିବାର ନିୟମ ପ୍ରବର୍ତ୍ତନ କରିବା ।

୩୨୩ ଖ୍ରୀ: ପୂ:ରୁ ୧୪୬ ଖ୍ରୀ: ପୂ: କାଳ ପର୍ଯ୍ୟନ୍ତ ଅର୍ଥାତ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁପରଠାରୁ ରୋମାନ୍‌ମାନଙ୍କ ଦ୍ୱାରା ଆଟିକା ବିଜୟକାଳ ପର୍ଯ୍ୟନ୍ତ ଗ୍ରୀକ୍ ଶିଳ୍ପ ଦେଖିବାକୁ ମିଳେ । ଜାକଜମକର ବିଶେଷ ଚେଷ୍ଟା ଓ ମୂର୍ତ୍ତିଗୁଡ଼ିକୁ ପ୍ରକାଣ୍ଡ ପ୍ରକାଣ୍ଡ କରିବାର ଚେଷ୍ଟା ଏହି ସମୟରେ ଗ୍ରୀକ୍ ଶିଳ୍ପରେ ଦେଖାଯାଏ । ତାହାପରେ ରୋମାନ୍-ମାନଙ୍କର ଗ୍ରୀକ୍ ଅଧିକାର ସମୟରେ ଗ୍ରୀକ୍ ଶିଳ୍ପ ତଦ୍ଦେଶୀୟ ପୂର୍ବ-ଶିଳ୍ପୀମାନଙ୍କ କାର୍ଯ୍ୟର ନକଲ ମାତ୍ର କରି ସନ୍ତୁଷ୍ଟ । ଆଉ ନୂତନ ମଧ୍ୟରେ ଅବିକଳ କୌଣସି ଲୋକର ମୁଖ ନକଲ କରିବା ।

# ପ୍ରାଚ୍ୟ ଓ ପାଶ୍ଚାତ୍ୟ

## ପ୍ରଥମ ସଂସ୍କରଣର ଭୂମିକା

ଏ ପ୍ରବନ୍ଧଟି 'ଉଦ୍‌ବୋଧନ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏଥିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଦୋଷଗୁଣ ବିଚାର କରାଯାଇଛି । ସ୍ୱାମୀ ବିବେକାନନ୍ଦଙ୍କର ଏହା ମୌଳିକ ରଚନା । ତାଙ୍କର ଗଭୀର ମନସ୍ୱୀତା ଓ ଭୂୟୋଦର୍ଶନର ବିଶିଷ୍ଟ ପରିଚୟ ଏଥିରୁ ଜଣାପଡ଼େ । ଆମର ସମାଜରେ ଦୁଇ ଶ୍ରେଣୀର ଲୋକ ଦେଖାଯାଆନ୍ତି । ପ୍ରଥମ ଶ୍ରେଣୀଙ୍କ ମତ—ପାଶ୍ଚାତ୍ୟର ଯାହା କିଛି ସବୁ ହିଁ ଉତ୍ତମ ଓ ସର୍ବାଙ୍ଗସୁନ୍ଦର, ଆମ ଦେଶର ଜିନିଷରେ ଦେଖିବାର ବା ଭାବିବାର ଆଦୌ କିଛି ନାହିଁ । ଅନ୍ୟ ଶ୍ରେଣୀ ଠିକ୍ ଏହାର ବିପରୀତ ମତାବଲମ୍ବୀ—ହିନ୍ଦୁ-ସମାଜରେ ଯେ କୌଣସି କିଛି ଦୋଷ ଥାଇପାରେ, ତାହା ଏକାବେଳକେ ଅସମ୍ଭବ । ପାଶ୍ଚାତ୍ୟ ଜାତି ଓ ପାଶ୍ଚାତ୍ୟ-ସଭ୍ୟତା ଆଜି ସାରା ପୃଥିବୀରେ ବ୍ୟାପ୍ତ । ସେମାନଙ୍କ ନିକଟରୁ କିଛି ନା କିଛି ଶିଖିବାର ଓ ଜାଣିବାର ଯେ ଅଛି, ତାହା ସେମାନଙ୍କ କଳ୍ପନାର ବହିର୍ଭୂତ । ଏହି ପ୍ରବଳ ସ୍ରୋତର ଘାତ-ପ୍ରତିଘାତରେ ହିନ୍ଦୁ-ସମାଜ ଆତ୍ମହରା । ଆମର ଆଶା, ଚିନ୍ତାଶୀଳ ବ୍ୟକ୍ତି ମାନେ ସ୍ୱାମୀଜୀଙ୍କର ଏହି ପ୍ରବନ୍ଧ ଅନୁଶୀଳନଦ୍ୱାରା ଯଥାର୍ଥ ବାଟରେ ଅଗ୍ରସର ହୋଇପାରିବେ ।

# ପ୍ରାଚ୍ୟ ଓ ପାଶ୍ଚାତ୍ୟ

[ସ୍ୱାମୀଜୀଙ୍କର ଏହି ମୌଳିକ ରଚନାଟି ପ୍ରଥମେ ଉଦ୍‌ବୋଧନ ପତ୍ରିକାରେ ଦ୍ୱିତୀୟ ଓ ତୃତୀୟ ବର୍ଷରେ 'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ନାମରେ ଧାରାବାହିକ ଭାବରେ ପ୍ରକାଶିତ ଓ ମୁଦ୍ରିତ ହୋଇଥିଲା ।]

ସଲିଳବିପୁଳା ଉଚ୍ଛ୍ୱାସମୟୀ ନଦୀ, ନଦୀତଟରେ ନନ୍ଦନବିନିନ୍ଦିତ ଉପବନ, ତନ୍ମଧ୍ୟରେ ଅପୂର୍ବ କାରୁକାର୍ଯ୍ୟମଣ୍ଡିତ ରତ୍ନଖଚିତ ମେଘସ୍ପର୍ଶୀ ମର୍ମର ପ୍ରାସାଦ; ପାର୍ଶ୍ୱରେ, ସମ୍ମୁଖରେ, ପଶ୍ଚାତ୍‌ରେ, ଭଗ୍ନ ମୃଣ୍ମୟ ପ୍ରାଚୀର ଜୀର୍ଣ୍ଣଛାଦ, ଦୃଷ୍ଟବଂଶକଙ୍କାଳ କୁଟୀରକୁଳ, ଇତସ୍ତତଃ ଶୀର୍ଣ୍ଣଦେହ ଛିନ୍ନ-ବସନ ଯୁଗ-ଯୁଗାନ୍ତରର ନିରାଶାବ୍ୟଞ୍ଜିତବଦନ ନରନାରୀ, ବାଳକ-ବାଳିକା; ମଧ୍ୟରେ ମଧ୍ୟରେ ସମଧର୍ମୀ ସମ-ଶରୀର ଗୋ-ମହିଷ ବଳୀବର୍ଦ୍ଦ; ଚାରିଆଡ଼େ ଆବର୍ଜନାରାଶି—ଏହା ଆମମାନଙ୍କର ବର୍ତ୍ତମାନ ଭାରତ ।

ଅଟ୍ଟାଳିକାବକ୍ଷରେ ଜୀର୍ଣ୍ଣ କୁଟୀର, ଦେବାଳୟକ୍ରୋଡ଼ରେ ଆବର୍ଜନାସ୍ତୂପ, ପଟ୍ଟଶାଟାବୃତର ପାର୍ଶ୍ୱଚର କୌପୀନଧାରୀ, ବହ୍ୱନ୍ନତୃପ୍ତର ଚତୁର୍ଦ୍ଦିଗରେ କ୍ଷୁତ୍‌କ୍ଷାମ ଜ୍ୟୋତିଃହୀନ-ଚକ୍ଷୁର କାତର ଦୃଷ୍ଟି—ଆମମାନଙ୍କର ଜନ୍ମଭୂମି ।

ବିସୂଚିକାର ବିଭୀଷଣ ଆକ୍ରମଣ, ମହାମାରୀର ଉତ୍ସାଦନ, ମ୍ୟାଲେରିଆର ଅସ୍ଥିମଜ୍ଜାଚର୍ବଣ, ଅନଶନ-ଅର୍ଦ୍ଧାଶନ-ସହଜଭାବ, ମଝିରେ ମଝିରେ ମହାକାଳରୂପୀ ଦୁର୍ଭିକ୍ଷର ମହୋତ୍ସବ, ରୋଗଶୋକର କୁରୁକ୍ଷେତ୍ର, ଆଶା-ଉଦ୍ୟମ-ଆନନ୍ଦ-ଉତ୍ସାହର କଙ୍କାଳ-ପରିପ୍ଲୁତ ମହାଶ୍ମଶାନ, ତନ୍ମଧ୍ୟରେ ଧ୍ୟାନମଗ୍ନ ମୋକ୍ଷପରାୟଣ ଯୋଗୀ—ଇଉରୋପୀୟ ପର୍ଯ୍ୟଟକ ଏହା ଦେଖେ ।

ତ୍ରିଂଶକୋଟି ମାନବପ୍ରାୟ ଜୀବ—ବହୁଶତାବ୍ଦୀ ଯାବତ୍ ସ୍ୱଜାତି ବିଜାତି, ସ୍ୱଧର୍ମୀ ବିଧର୍ମୀର ପଦଭରେ ନିଷ୍ପୀଡ଼ିତ-ପ୍ରାଣ, ଦାସସୁଲଭ-ପରିଶ୍ରମସହିଷ୍ଣୁ, ଦାସବତ୍ ଉଦ୍ୟମହୀନ, ଆଶା-ହୀନ, ଅତୀତ-ହୀନ, ଭବିଷ୍ୟତ୍-ବିହୀନ, 'ଯେନତେନ ପ୍ରକାରେଣ' ବର୍ତ୍ତମାନ ପ୍ରାଣଧାରଣ ମାତ୍ର ପ୍ରତ୍ୟାଶୀ, ଦାସୋଚିତ ଈର୍ଷାପରାୟଣ, ସ୍ୱଜନୋନ୍ନତି-ଅସହିଷ୍ଣୁ, ହତାଶବତ୍ ଶ୍ରଦ୍ଧାହୀନ, ବିଶ୍ୱାସହୀନ, ଶୃଗାଳବତ୍ ନୀଚ ଚାତୁରୀପ୍ରତାରଣାସହାୟ, ସ୍ୱାର୍ଥ-ପରତାର ଆଧାର, ବଳବାନର ପଦଲେହକ, ଅପେକ୍ଷାକୃତ ଦୁର୍ବଳର ଯମସ୍ୱରୂପ, ବଳହୀନ ଆଶାହୀନର ସମୁଚିତ କଦର୍ଯ୍ୟ-ବୀଭତ୍ସ-କୁସଂସ୍କାରପୂର୍ଣ୍ଣ, ନୈତିକ ମେରୁଦଣ୍ଡ-ହୀନ, ପୂତିଗନ୍ଧପୂର୍ଣ୍ଣ-ମାଂସଖଣ୍ଡବ୍ୟାପୀ କୀଟକୁଳ ପରି ଭାରତ-ଶରୀରରେ ପରିବ୍ୟାପ୍ତ—ଇଂରାଜ ରାଜପୁରୁଷ-ଚକ୍ଷୁରେ ଆମମାନଙ୍କର ଛବି ।

ନବବଳ-ମଧୁପାନମତ୍ତ ହିତାହିତ-ବୋଧହୀନ ହିଂସ୍ରପଶୁପ୍ରାୟ ଭୟାନକ, ସ୍ତ୍ରୀଜିତ, କାମୋନ୍ମତ୍ତ, ଆପାଦମସ୍ତକ ସୁରାସିକ୍ତ, ଆଚାରହୀନ, ଶୌଚହୀନ, ଜଡ଼ବାଦୀ, ଜଡ଼ସହାୟ, ଛଳେ-ବଳେ-କୌଶଳେ ପରଦେଶ-ପରଧନାପହରଣପରାୟଣ, ପରଲୋକରେ

ବିଶ୍ୱାସହୀନ, ଦେହାତ୍ମବାଦୀ, ଦେହପୋଷଣୈକଜୀବନ—ଭାରତବାସୀ-ଚକ୍ଷୁରେ ପାଶ୍ଚାତ୍ୟ ଅସୁର ।

ଏତ ଗଲା ଉଭୟ ପକ୍ଷର ବୁଦ୍ଧିହୀନ ବହିର୍ଦୃଷ୍ଟି ଲୋକର କଥା । ଇଉରୋପୀ ବିଦେଶୀ ସୁଶୀତଳ ସୁପରିଷ୍କୃତ ସୌଧଶୋଭିତ ନଗରାଂଶରେ ବାସ କରନ୍ତି, ଆମର 'ନେଟିଭ୍' ପଡ଼ାଗୁଡ଼ିକୁ ନିଜ ଦେଶର ପରିଷ୍କାର-ପରିଚ୍ଛନ୍ନ ସହର ସହିତ ତୁଳନା କରନ୍ତି । ଭାରତବାସୀ ଯେଉଁମାନଙ୍କ ସଙ୍ଗେ ସେମାନଙ୍କର ସଂସର୍ଗ ହୁଏ, ତାହା କେବଳ ଦଳେ ଲୋକ—ଯେଉଁମାନେ ସାହେବର ଚାକିରି କରନ୍ତି । ଆଉ ଦୁଃଖ-ଦାରିଦ୍ର୍ୟ ତ ବାସ୍ତବିକ ଭାରତବର୍ଷ ପରି ପୃଥିବୀର ଆଉ କେଉଁଠି ନାହିଁ । ମଇଳା-ଆବର୍ଜନା ଚାରିଆଡ଼େ ତ ପଡ଼ିରହିଛି । ଇଉରୋପୀ-ଚକ୍ଷୁରେ ଏ ମଇଳାର, ଏ ଦାସବୃତ୍ତିର, ଏ ନୀଚତା ମଧ୍ୟରେ ଯେ କିଛି ଭଲ ଥିବା ସମ୍ଭବ, ତାହା ବିଶ୍ୱାସ ହୁଏ ନାହିଁ ।

ଆମେମାନେ ଦେଖୁଁ, ସେମାନେ ଶୌଚ କରନ୍ତି ନାହିଁ, ଆଚମନ କରନ୍ତି ନାହିଁ, ଯାହା ତାହା ଖାଆନ୍ତି, ବାଛବିଚାର ନାହିଁ । ମଦ ଖାଇ ସ୍ତ୍ରୀଲୋକକୁ କାଖରେ ଧରି ଧେଇ ଧେଇ ହୋଇ ନାଚ—ଏ ଜାତି ଭିତରେ କଅଣ ଭଲରେ ବାପ !

ଦୁଇ ଦୃଷ୍ଟି ହିଁ ବହିର୍ଦୃଷ୍ଟି, ଭିତର କଥା ବୁଝି ପାରନ୍ତି ନାହିଁ । ବିଦେଶୀଙ୍କୁ ଆମେମାନେ ସମାଜରେ ମିଶିବାକୁ ଦେଉ ନାହିଁ, 'ମ୍ଲେଚ୍ଛ' ବୋଲି କହୁ—ସେମାନେ ମଧ୍ୟ 'କଳାଦାସ' ବୋଲି ଆମମାନଙ୍କୁ ଘୃଣା କରନ୍ତି ।

ଏ ଦୁଇଟି ମଧ୍ୟରେ କିଛି ସତ୍ୟ ଅବଶ୍ୟ ହିଁ ଅଛି; କିନ୍ତୁ ଦୁଇ ଦଳ ହିଁ ଭିତରର ଅସଲ ଜିନିଷ ଦେଖିନାହାନ୍ତି ।

ପ୍ରତ୍ୟେକ ମଣିଷ ଭିତରେ ଗୋଟାଏ ଭାବ ଅଛି; ବାହାରର ମଣିଷଟା ସେହି ଭାବର ବହିଃପ୍ରକାଶ ମାତ୍ର—ଭାଷା ମାତ୍ର । ସେହିପରି ପ୍ରତ୍ୟେକ ଜାତିର ଗୋଟିଏ ଜାତୀୟ ଭାବ ଅଛି । ଏହି ଭାବ ଜଗତରେ କାର୍ଯ୍ୟ କରୁଛି—ସଂସାରର ସ୍ଥିତି ପାଇଁ ଆବଶ୍ୟକ । ଯେଉଁ ଦିନ ସେ ଆବଶ୍ୟକତାଟିକ ଚାଲିଯିବ, ସେଦିନ ସେ ଜାତି ବା ବ୍ୟକ୍ତିର ନାଶ ହେବ । ଆମେମାନେ ଭାରତବାସୀ ଯେ ଏତେ ଦୁଃଖ-ଦାରିଦ୍ର୍ୟ, ଘରେ-ବାହାରେ ଉତ୍ପାତ ସହି ବଞ୍ଚିଛୁ, ତା' ଅର୍ଥ, ଆମର ଗୋଟିଏ ଜାତୀୟ ଭାବ ଅଛି, ଯେଉଁଟା ଜଗତ ପାଇଁ ଏବେ ବି ଆବଶ୍ୟକ । ଇଉରୋପୀୟମାନଙ୍କର ସେହିପରି ଗୋଟିଏ ଜାତୀୟ ଭାବ ଅଛି, ଯେଉଁଟା ନ ହେଲେ ସଂସାର ଚଳିବ ନାହିଁ । ସେଥିପାଇଁ ସେମାନେ ପ୍ରବଳ । ଏକାଥରକେ ନିଃଶକ୍ତି ହେଲେ କଅଣ ମଣିଷ ଆଉ ବଞ୍ଚିପାରେ ? ଜାତିଟା ବ୍ୟକ୍ତିର ସମଷ୍ଟି ମାତ୍ର; ଏକାଥରକେ ନିଃଶକ୍ତି ନିଷ୍କର୍ମା ହେଲେ ଜାତିଟା କଅଣ ବଞ୍ଚିବ ? ହଜାର ବର୍ଷର ନାନାପ୍ରକାର ହାଙ୍ଗାମାରେ ଜାତିଟା ମଲା ନାହିଁ କାହିଁକି ? ଆମମାନଙ୍କ ରୀତିନୀତି ଯଦି ଏତେ ଖରାପ ତ ଆମେମାନେ ଇତିମଧ୍ୟରେ ଉଚ୍ଛନ୍ନ ହୋଇଗଲୁ ନାହିଁ କାହିଁକି ? ବିଦେଶୀ ବିଜେତାମାନଙ୍କର ଚେଷ୍ଟାର ତ୍ରୁଟି କଅଣ ହୋଇଛି ? ତଥାପି ସବୁ ହିନ୍ଦୁ ମରି ଶେଷ ହୋଇ ନ ଗଲେ କାହିଁକି—ଅନ୍ୟାନ୍ୟ ଅସଭ୍ୟ ଦେଶରେ ଯାହା ହୋଇଛି ? ଭାରତର କ୍ଷେତ୍ର ଜନମାନବହୀନ କାହିଁକି

ହୋଇ ନ ଥିଲା, ବିଦେଶୀମାନେ ସେତେବେଳେ ତ ଆସି ଘୁଷୁ-ବାଘ କରି ବାସ କରନ୍ତେ, ଯେପରି ଆମେରିକାରେ, ଅଷ୍ଟ୍ରେଲିଆରେ, ଆଫ୍ରିକାରେ ହୋଇଛି ଏବଂ ହେଉଛି ! ତେବେ ବିଦେଶୀ, ତୁମେ ନିଜକୁ ଯେତେ ବଳବାନ ଭାବ, ସେଇଟା କଳ୍ପନା । ଭାରତରେ ମଧ୍ୟ ବଳ ଅଛି, ମାଲ ଅଛି, ଏଇଟି ପ୍ରଥମେ ବୁଝ । ଆଉ ବୁଝ ଯେ, ଆମମାନଙ୍କର ଏବେ ମଧ୍ୟ ଜଗତର ସଭ୍ୟତା-ଭଣ୍ଡାରକୁ କିଛି ଦେବାର ଅଛି ଓ ସେଥିପାଇଁ ଆମେମାନେ ବଞ୍ଚି ରହିଛୁଁ । ଏଇଟି ତୁମେ ଭଲକରି ବୁଝ—ଯେଉଁମାନେ ଅନ୍ତର୍ବାହ୍ୟ ସାହେବ ସାଜି ବସିଛ ଏବଂ 'ଆମେମାନେ ନରପଶୁ, ତୁମେମାନେ ହେ ଇଉରୋପୀ ଲୋକ, ଆମମାନଙ୍କୁ ଉଦ୍ଧାର କର' ବୋଲି କାନ୍ଦି କାନ୍ଦି ବୁଲୁଛ । ଆଉ, ଯୀଶୁ ଆସି ଭାରତରେ ବସିଛନ୍ତି ବୋଲି 'ହାସେନ ହୋସେନ' କରୁଛ (ଗ୍ରୀତକୁ ବାଢ଼ଉଛ) । ଆହେ ବାପା, ଯୀଶୁ ମଧ୍ୟ ଆସି ନାହାନ୍ତି, ଜିହୋବା ମଧ୍ୟ ଆସିନାହାନ୍ତି, ଆସିବେ ମଧ୍ୟ ନାହିଁ । ସେମାନେ ବର୍ତ୍ତମାନ ନିଜ ନିଜ ଘର ସମ୍ଭାଳୁଛନ୍ତି । ଆମମାନଙ୍କ ଦେଶକୁ ଆସିବାର ସମୟ ନାହିଁ । ଏ ଦେଶରେ ସେହି ବୁଢ଼ା ଶିବ ବସି ରହିଛନ୍ତି, ମା କାଳୀ ବୋଦା ଖାଉଛନ୍ତି, ଆଉ ବଂଶୀଧାରୀ ବଂଶୀ ବଜାଉଛନ୍ତି । ସେ ବୁଢ଼ା ଶିବ ଷଣ୍ଢ ଚଢ଼ି ଭାରତ ବର୍ଷରୁ ଏକ ଦିଗରେ ସୁମାତ୍ରା, ବୋର୍ଣ୍ଣିଓ, ସେଲିବସ, ମସ୍ତ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଆମେରିକାର କୂଳ ପର୍ଯ୍ୟନ୍ତ ଡମ୍ବରୁ ବଜାଇ ଏକଦା ବୁଲିଛନ୍ତି । ଆଉ ଗୋଟାଏ ଦିଗରେ ତିବ୍ବତ, ଚୀନ, ଜାପାନ, ସାଇବେରିଆ ପର୍ଯ୍ୟନ୍ତ ବୁଢ଼ା ଶିବ ଷଣ୍ଢ ଚରାଇଛନ୍ତି, ଏବେ ବି ଚରାଉଛନ୍ତି । ସେହି ଯେ ମା' କାଳୀ—ସେ ଚୀନ୍, ଜାପାନ ପର୍ଯ୍ୟନ୍ତ ପୂଜା ଖାଉଛନ୍ତି, ତାହାଙ୍କୁ ହିଁ ଯୀଶୁଙ୍କ ମା' ମେରୀ ରୂପେ ଖ୍ରୀଷ୍ଟାନମାନେ ପୂଜା କରୁଛନ୍ତି । ସେହି ଯେ ହିମାଳୟ ପାହାଡ଼ ଦେଖୁଛ, ତାହାର ଉତ୍ତରରେ କୈଳାସ, ସେଠାରେ ବୁଢ଼ା ଶିବର ପ୍ରଧାନ ଆଖଡ଼ା । ସେହି କୈଳାସକୁ ଦଶମୁଣ୍ଡ, କୋଡ଼ିଏ ହାତ ରାବଣ ହଲାଇ ପାରିନାହିଁ ! ତାହା କଅଣ ଏବେ ପାଦ୍ରୀ-ଫାଦ୍ରୀର କାମ !! ସେ ବୁଢ଼ା ଶିବ ଡମ୍ବରୁ ବଜାଇବେ, ମା' କାଳୀ ବୋଦା ଖାଇବେ, ଆଉ କୃଷ୍ଣ ବଂଶୀ ବଜାଇବେ—ଏ ଦେଶରେ ଚିରକାଳ । ଯଦି ପସନ୍ଦ ନ ହୁଏ, ଖସିଯାଉନ'ହଁ କାହିଁକି ? ତୁମମାନଙ୍କର ଦି ଚାରିଜଣଙ୍କ ପାଇଁ ସାରା ଦେଶର ଲୋକଙ୍କୁ ମହାହରକତ ହେବାକୁ ପଡ଼ିବ କାହିଁକି ? ଚରି ବୁଲି ଖାଉନା କାହିଁକି ? ଏତେ ବଡ଼ ଦୁନିଆଟା ତ ପଡ଼ି ରହିଛି । ତା' ନୁହେଁ । ଶକ୍ତି କାହିଁ ? ସେହି ବୁଢ଼ା ଶିବର ଅନ୍ନ ଖାଇବେ, ଆଉ ନିମକହାରାମୀ କରିବେ, ଯୀଶୁଙ୍କର ଜୟ ଗାଇବେ, ହାୟ ହାୟ !! ସେହି ଯେ ସାହେବମାନଙ୍କ ପାଖରେ ପିଲାଙ୍କପରି କାନ୍ଦ ଯେ 'ଆମେମାନେ ଅତି ନୀଚ, ଆମେମାନେ ଅତି ଅପଦାର୍ଥ, ଆମମାନଙ୍କର ସବୁ ଖରାପ'—ଏ କଥା ଠିକ୍ ହୋଇପାରେ । ତୁମେମାନେ ଅବଶ୍ୟ ସତ୍ୟବାଦୀ; ତେବେ ସେ ଆମମାନଙ୍କ ଭିତରେ ସାରା ଦେଶଟାକୁ ମିଶାଉଛ କାହିଁକି ? ଏଇଟା କେଉଁ ଦେଶର ଭଦ୍ରତା ହେ ବାପ ?

ପ୍ରଥମେ ବୁଝିବାକୁ ହେବ ଯେ, ଏପରି କୌଣସି ଗୁଣ ନାହିଁ, ଯାହା କୌଣସି ଜାତିବିଶେଷର ଏକାଧିକାର । ତେବେ କୌଣସି ବ୍ୟକ୍ତିଠାରେ ଯେପରି, ସେହିପରି କୌଣସି କୌଣସି ଜାତିରେ କୌଣସି କୌଣସି ଗୁଣର ଆଧିକ୍ୟ, ପ୍ରାଧାନ୍ୟ ।

# ଧର୍ମ ଓ ମୋକ୍ଷ

ଆମମାନଙ୍କ ଦେଶରେ 'ମୋକ୍ଷଲାଭେଚ୍ଛାର' ପ୍ରାଧାନ୍ୟ, ପାଶ୍ଚାତ୍ୟରେ 'ଧର୍ମ'ର । ଆମେମାନେ ଚାହୁଁ କ'ଣ—'ମୁକ୍ତି' । ସେମାନେ ଚାହାଁନ୍ତି କ'ଣ—'ଧର୍ମ' । ଧର୍ମ କଥାଟା ମୀମାଂସକମାନଙ୍କ ମତରେ ବ୍ୟବହୃତ ହେଉଛି ।

ଧର୍ମ କ'ଣ ? ଯାହା ଇହଲୋକ ବା ପରଲୋକରେ ସୁଖଭୋଗର ପ୍ରବୃତ୍ତି ଦିଏ । ଧର୍ମ ହେଉଛି କ୍ରିୟାମୂଳକ । ଧର୍ମ ମଣିଷକୁ ଦିନରାତି ସୁଖ ଖୋଜାଉଛି, ସୁଖ ପାଇଁ ଖଟାଉଛି ।

ମୋକ୍ଷ କ'ଣ ? ଯାହା ଶିଖାଏ ଯେ, ଇହଲୋକର ସୁଖ ମଧ୍ୟ ଗୋଲାମି, ପରଲୋକରେ ମଧ୍ୟ ତାହା ହିଁ । ଏହି ପ୍ରକୃତିର ନିୟମ ବାହାରେ ଏ ଲୋକ ମଧ୍ୟ ନୁହେଁ, ପରଲୋକ ମଧ୍ୟ ନୁହେଁ, ତେବେ ସେହି ଦାସତ୍ୱ—ଲୁହା-ଶିକୁଳି ଆଉ ସୁନା-ଶିକୁଳି । ତା' ପରେ ପ୍ରକୃତି ମଧ୍ୟରେ ଯାହା ବିନାଶଶୀଳ ସେ ସୁଖ ରହିବ ନାହିଁ । ଅତଏବ ମୁକ୍ତ ହେବାକୁ ହେବ, ପ୍ରକୃତିର ବନ୍ଧନ ବାହାରକୁ ଯିବାକୁ ହେବ, ଶରୀର-ବନ୍ଧନ ବାହାରକୁ ଯିବାକୁ ହେବ, ଦାସତ୍ୱ ହେଲେ ଚଳିବ ନାହିଁ । ଏହି ମୋକ୍ଷ-ମାର୍ଗ କେବଳ ଭାରତରେ ଅଛି, ଅନ୍ୟତ୍ର ନାହିଁ । ଏଥିପାଇଁ ଯାହା ଶୁଣୁଛୁ ଯେ, ମୁକ୍ତପୁରୁଷ ଭାରତରେ ହିଁ ଅଛନ୍ତି, ଅନ୍ୟତ୍ର ନାହାନ୍ତି, ତାହା ଠିକ୍ । ତେବେ ପରେ ଅନ୍ୟତ୍ର ମଧ୍ୟ ହେବେ । ତାହା ତ ଆନନ୍ଦର ବିଷୟ । ଏକଦା ଏହି ଭାରତବର୍ଷରେ ଧର୍ମର ଆଉ ମୋକ୍ଷର ସାମଞ୍ଜସ୍ୟ ଥିଲା । ସେତେବେଳେ ଯୁଧିଷ୍ଠିର, ଅର୍ଜୁନ, ଦୁର୍ଯ୍ୟୋଧନ, ଭୀଷ୍ମ, କର୍ଣ୍ଣ ପ୍ରଭୃତିଙ୍କ ସଙ୍ଗେ ସଙ୍ଗେ ବ୍ୟାସ, ଶୁକ, ଜନକାଦି ମଧ୍ୟ ବିଦ୍ୟମାନ ଥିଲେ । ବୌଦ୍ଧମାନଙ୍କ ପରଠାରୁ ଧର୍ମଟା ଏକାଥରକେ ଅନାଦୃତ ହେଲା, ଖାଲି ମୋକ୍ଷମାର୍ଗ ହିଁ ପ୍ରଧାନ ହେଲା । ସେଥିପାଇଁ ଅଗ୍ନି-ପୁରାଣରେ ରୂପକଛଳରେ କହୁଛି ଯେ, ଗୟାସୁର (ବୁଦ୍ଧ)[1] ସମସ୍ତଙ୍କୁ ମୋକ୍ଷମାର୍ଗ ଦେଖାଇ ଜଗତକୁ ଧ୍ୱଂସ କରିବାର ଉପକ୍ରମ କରିଥିଲେ, ତେଣୁ ଦେବତାମାନେ ଆସି ଛଳକରି ତାଙ୍କୁ ଚିରଦିନ ପାଇଁ ଶାନ୍ତ କରିଥିଲେ । ଫଳରେ ଏହି ଯେ ଦେଶର ଦୁର୍ଗତି କଥା ସମସ୍ତଙ୍କ ମୁହଁରୁ ଶୁଣୁଛ, ତାହା ସେହି ଧର୍ମର ଅଭାବ । ଯଦି ଦେଶଯାକର ଲୋକ ମୋକ୍ଷ-ଧର୍ମ

---

[1] ଗୟାସୁର ଓ ବୁଦ୍ଧଦେବଙ୍କ ଅଭିନ୍ନତ୍ୱ ସମ୍ବନ୍ଧରେ ସ୍ୱାମୀଜୀଙ୍କ ମତ ପରେ ପରିବର୍ତ୍ତିତ ହୋଇଥିଲା । ସେ ଦେହତ୍ୟାଗର ଅଳ୍ପ ଦିନ ପୂର୍ବେ କାଶୀଧାମଠାରୁ ଜଣେକ ଶିଷ୍ୟଙ୍କୁ ଯେଉଁପତ୍ର ଲେଖିଛନ୍ତି, ସେଥିରେ ଏକସ୍ଥାନରେ କହିଛନ୍ତି : ଅଗ୍ନି-ପୁରାଣରେ ଗୟାସୁର ସମ୍ବନ୍ଧରେ ଯେଉଁ ଉଲ୍ଲେଖ ଅଛି, ସେଥିରେ (ଯେପରି ଡଃ ରାଜେନ୍ଦ୍ରଲାଲ ମିତ୍ରଙ୍କ ମତ) ବୁଦ୍ଧଦେବଙ୍କୁ ଲକ୍ଷ୍ୟ କରାଯାଇ ନାହିଁ । ତାହା କେବଳ ପୂର୍ବରୁ ପ୍ରଚଳିତ ଗୋଟିଏ ଉପାଖ୍ୟାନ ମାତ୍ର ।··· ବୁଦ୍ଧ ଯେ ଗୟଶୀର୍ଷ ପର୍ବତକୁ ବାସ କରିବାକୁ ଯାଇଥିଲେ, ସେଥିରୁ ସେହି ସ୍ଥାନ ଯେ ପୂର୍ବରୁ ଥିଲା, ତାହା ପ୍ରମାଣିତ ହେଉଛି ।

—ଉଦ୍‌ବୋଧନ, ୮ମ ବର୍ଷ, ୫୮୮ ପୃଷ୍ଠା

ଅନୁଶୀଳନ କରନ୍ତୁ, ତାହା ତ ଭଲ କଥା; କିନ୍ତୁ ତାହା ହବ ନାହିଁ । ଭୋଗ ନ ହେଲେ ତ୍ୟାଗ ହବ ନାହିଁ । ଆଗେ ଭୋଗ କର, ପରେ ତ୍ୟାଗ ହେବ । ନ ହେଲେ ନିସ୍ତାରଣରେ ଦେଶସାର୍ ଲୋକ ମିଶି ସାଧୁ ହେଲେ, ଏଆଡ଼ ନୁହେଁ କି ସେଆଡ଼ ନୁହେଁ । ଯେତେବେଳେ ବୌଦ୍ଧରାଜ୍ୟରେ ଗୋଟାଏ ଗୋଟାଏ ମଠରେ ଲକ୍ଷେ ଲେଖାଏଁ ସାଧୁ, ସେତିକବେଳେ ହିଁ ଦେଶଟି ଠିକ୍ ଉଚ୍ଛନ୍ନ ଯିବା ମୁହଁରେ ପଡ଼ିଛି । ବୌଦ୍ଧ, ଖ୍ରୀଷ୍ଟାନ, ମୁସଲମାନ, ଜୈନ—ସେମାନଙ୍କର ଗୋଟାଏ ଭ୍ରମ ଯେ ସମସ୍ତଙ୍କ ପାଇଁ ସେହି ଗୋଟିଏ ଆଇନ, ଗୋଟିଏ ନିୟମ । ଏହା ଗୋଟିଏ ମସ୍ତବଡ଼ ଭୁଲ; ଜାତି, ବ୍ୟକ୍ତି ପ୍ରକୃତି ଭେଦରେ ଶିକ୍ଷା-ବ୍ୟବହାର-ନିୟମ ସବୁ ଅଲଗା । ଜୋର୍ କରି ଏକ କରିବାକୁ ଗଲେ କ'ଣ ହେବ ? ବୌଦ୍ଧମାନେ କହିଲେ, 'ମୋକ୍ଷ ପରି ଆଉ କଅଣ ଅଛି, ଦୁନିଆସାରା ମୁକ୍ତି ନେବ ଚାଲ'—କିନ୍ତୁ ତାହା କଅଣ ହବ ? 'ତୁମେ ଗୃହସ୍ଥ ମଣିଷ, ତୁମର ସେସବୁ କଥାରେ ବେଶୀ ଆବଶ୍ୟକତା ନାହିଁ, ତୁମେ ତୁମର୍ ସ୍ୱଧର୍ମ କର'—ଏ କଥା କହୁଛି ହିନ୍ଦୁର ଶାସ୍ତ୍ର । ଠିକ୍ କଥା ହିଁ ସେଇଆ । ହାତେ ଡେଇଁପାରୁ ନାହିଁ, ଲଙ୍କା ପାରିହେବ ! ଏହା କ'ଣ କାମର କଥା ? ଦୁଇଟା ମଣିଷ ମୁହଁରେ ଅନ୍ନ ଦେବାକୁ ଶକ୍ତି ନାହିଁ, ଦୁଇଟା ଲୋକ ସହିତ ଏକ-ବୁଦ୍ଧି ହୋଇ ଗୋଟାଏ ସାଧାରଣ ହିତକର କାମ କରିପାରୁ ନାହିଁ—ମୋକ୍ଷ ନେବାକୁ ଧାଉଁଛ !! ହିନ୍ଦୁ ଶାସ୍ତ୍ର କହୁଛନ୍ତି ଯେ, 'ଧର୍ମ' ଅପେକ୍ଷା 'ମୋକ୍ଷ'ଟା ଅବଶ୍ୟ ଅନେକ ବଡ଼—କିନ୍ତୁ ଆଗେ ଧର୍ମଟି କରିବା ଦରକାର । ବୌଦ୍ଧମାନେ ଏହି ସ୍ଥାନରେ ହିଁ ଗୋଳିଆ କରି ଯେତେ ଉତ୍ପାତ କରିପକାଇଲେ ନାହିଁ ତ ଆଉ କଅଣ ! ଅହିଂସା ଠିକ୍, 'ନିର୍ବୈର' ବଡ଼ କଥା; କଥା ତ ଭଲ, ତେବେ ଶାସ୍ତ୍ର କହୁଛନ୍ତି—ତୁମେ ଗୃହସ୍ଥ, ତୁମ ଗାଲରେ ଚାପୁଡ଼ାଟାଏ ଯଦି କେହି ମାରିବ, ତାକୁ ଦଶ ଚାପୁଡ଼ା ଯଦି ଫେରାଇ ନ ଦିଅ, ତୁମେ ପାପ କରିବ । 'ଆତତାୟିନମାୟାନ୍ତଂ'[୧] ଇତ୍ୟାଦି । ହତ୍ୟା କରିବାକୁ ଆସିଛି, ଏପରି ବ୍ରହ୍ମବଧରେ ମଧ୍ୟ ପାପ ନାହିଁ—ମନୁ କହିଛନ୍ତି । ଏହା ସତ କଥା, ଏହିଟା ଭୁଲିବା କଥା ନୁହେଁ । ବୀରଭୋଗ୍ୟା ବସୁନ୍ଧରା—ବୀର୍ଯ୍ୟ ପ୍ରକାଶ କର; ସାମ, ଦାନ, ଭେଦ, ଦଣ୍ଡନୀତି ପ୍ରକାଶ କର, ପୃଥିବୀ ଭୋଗ କର, ତେବେ ତୁମେ ଧାର୍ମିକ । ଆଉ ନାତ, ଝାଡ଼ୁ-ପାହାର ଖାଇ ଚୁପ୍ ହୋଇ ଘୃଣିତ ଜୀବନଯାପନ କଲେ ଇହକାଳରେ ମଧ୍ୟ ନରକଭୋଗ, ପରଲୋକରେ ମଧ୍ୟ ତାହା ହିଁ । ଏହିଟି ଶାସ୍ତ୍ରର ମତ । ସତ୍ୟ, ସତ୍ୟ, ପରମସତ୍ୟ—ସ୍ୱଧର୍ମ କର ହେ ବାପ ! ଅନ୍ୟାୟ କର ନାହିଁ, ଅତ୍ୟାଚାର କର ନାହିଁ, ଯଥାସାଧ୍ୟ ପରୋପକାର କର । କିନ୍ତୁ ଗୃହସ୍ଥ ପକ୍ଷରେ ଅନ୍ୟାୟ ସହ୍ୟ କରିବା ପାପ; ତତ୍କ୍ଷଣାତ ପ୍ରତିବିଧାନ

---

୧ ଗୁରୁଂ ବା ବାଲବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ୍ ।
ଆତତାୟିନମାୟାନ୍ତଂ ହନ୍ୟାଦେବାବିଚାରୟନ୍ ॥—ମନୁ, ୮, ୩୫୦

ଆତତାୟୀ କିଏ—

ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣିର୍ଧନାପହଃ ।
କ୍ଷେତ୍ରଦାରାପହାରୀ ଚ ଷଡ଼େତେ ହ୍ୟାତତାୟିନଃ ॥—ଶୁକ୍ରନୀତି

କରିବା ପାଇଁ ଚେଷ୍ଟା କରିବାକୁ ହେବ । ମହା-ଉତ୍ସାହରେ ଅର୍ଥୋପାର୍ଜନ କର, ସ୍ତ୍ରୀ-ପରିବାର ଦଶ ଜଣଙ୍କ ପ୍ରତିପାଳନ, ଦଶଟା ହିତକର କାର୍ଯ୍ୟାନୁଷ୍ଠାନ କରିବାକୁ ହେବ । ଏହା ନ ପାରିଲେ ତୁମେ କି ମଣିଷ ? ଗୃହସ୍ଥ ହିଁ ନୁହଁ—ପୁଣି ଚାହୁଁଛ 'ମୋକ୍ଷ' ! !

ପୂର୍ବେ କହିଛି ଯେ, ଧର୍ମ ହେଉଛି କାର୍ଯ୍ୟମୂଳକ । ଧାର୍ମିକର ଲକ୍ଷଣ ହେଉଛି, ସଦା କାର୍ଯ୍ୟଶୀଳତା । ଏପରି କି ଅନେକ ମୀମାଂସକଙ୍କ ମତରେ ବେଦରେ ଯେଉଁ ସ୍ଥଳରେ କାର୍ଯ୍ୟ କରିବାକୁ କହୁ ନାହିଁ, ସେ ସ୍ଥାନଗୁଡ଼ିକ ବେଦ ହିଁ ନୁହେଁ । 'ଆମ୍ନାୟସ୍ୟ କ୍ରିୟାର୍ଥତ୍ୱାତ୍ ଆନର୍ଥକ୍ୟଂ ଅତଦର୍ଥାନାଂ'—ଜୈମିନିସୂତ୍ର ୧ । ୨ । ୧ । 'ଓଁକାରଧ୍ୟାନେ ସର୍ବାର୍ଥସିଦ୍ଧି', 'ହରି ନାମରେ ସର୍ବପାପନାଶ', 'ଶରଣାଗତର ସର୍ବାପ୍ତି' ଏସବୁ ଶାସ୍ତ୍ରବାକ୍ୟ ସାଧୁବାକ୍ୟ ଅବଶ୍ୟ ସତ୍ୟ; କିନ୍ତୁ ଦେଖିପାରୁଛ ଯେ ଲକ୍ଷ ଲକ୍ଷ ଲୋକ ଓଁକାର ଜପି ମରୁଛନ୍ତି, ହରିନାମରେ ମତୁଆଲା ହେଉଛନ୍ତି, ଦିନରାତି 'ପ୍ରଭୁ ଯାହା କରିବେ' କହୁଛନ୍ତି, ଏବଂ ପାଉଛନ୍ତି—ଘୋଡ଼ାଡିମ୍ବ । ତା' ଅର୍ଥ ବୁଝିବାକୁ ହେବ ଯେ, କାହାର ଜପ ଯଥାର୍ଥ ହୁଏ ? କାହା ମୁଖରେ ହରିନାମ ବଜ୍ରବତ୍ ଅମୋଘ ? କିଏ ଯଥାର୍ଥ ଶରଣ ନେଇପାରେ ? ଯାହାର କର୍ମ କରି ଚିତ୍ତଶୁଦ୍ଧି ହୋଇଛି, ଅର୍ଥାତ୍ ଯେ 'ଧାର୍ମିକ' ।

ପ୍ରତ୍ୟେକ ଜୀବ ଶକ୍ତିପ୍ରକାଶର ଗୋଟିଏ ଗୋଟିଏ କେନ୍ଦ୍ର । ପୂର୍ବ କର୍ମଫଳରେ ସେ ଶକ୍ତି ସଞ୍ଚିତ ହୋଇଅଛି, ଆମେମାନେ ତାହାକୁ ହିଁ ନେଇ ଜନ୍ମିଛୁ । ଯେତେକ୍ଷଣ ସେ ଶକ୍ତି କାର୍ଯ୍ୟରୂପରେ ପ୍ରକାଶ ନ ହେଉଛି, ସେତେବେଳଯାଏ କିଏ ସ୍ଥିର ହୋଇ ରହିବ କହ ? ସେତେବେଳଯାଏ, ଭୋଗ କିଏ ଘୁଞ୍ଚାଇବ କହ ? ତେବେ ଦୁଃଖ-ଭୋଗଠାରୁ ସୁଖ-ଭୋଗଟା ଭଲ ନୁହେଁ ? କୁକର୍ମ ଅପେକ୍ଷା ସୁକର୍ମଟା ଭଲ ନୁହେଁ ? ପୂଜ୍ୟପାଦ ଶ୍ରୀରାମପ୍ରସାଦ କହିଛନ୍ତି, 'ଭଲ ମନ୍ଦ ଦୁଇଟା କଥା, ଭଲଟା ତା'ର କରିବା ଭଲ' ।

ବର୍ତ୍ତମାନ ଭଲଟା କଅଣ ? 'ମୁକ୍ତିକାମର ଭଲ' ଅନ୍ୟରୂପ, 'ଧର୍ମକାମର ଭଲ' ଆଉ ଗୋଟିଏ ପ୍ରକାର । ଏହା ଗୀତାପ୍ରକାଶକ ଶ୍ରୀଭଗବାନ୍ ଏତେ କରି ବୁଝାଇଛନ୍ତି, ଏହି ମହାସତ୍ୟ ଉପରେ ହିନ୍ଦୁର ସ୍ୱଧର୍ମ, ଜାତିଧର୍ମ ଇତ୍ୟାଦି । 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ'—ଇତ୍ୟାଦି ଭଗବଦ୍‌ବାକ୍ୟ ମୋକ୍ଷକାମ ପାଇଁ । ଆଉ 'କ୍ଳୈବ୍ୟଂ ମାସ୍ମ ଗମଃ ପାର୍ଥ' ଇତ୍ୟାଦି, 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' ଇତ୍ୟାଦି, ଧର୍ମଲାଭର ଉପାୟ ଭଗବାନ୍ ଦେଖାଇଛନ୍ତି ! ଅବଶ୍ୟ, କର୍ମ କରିବାକୁ ଗଲେ ହିଁ କିଛି ନା କିଛି ପାପ ଆସିବ । ଆସିଲେ ବା; ଉପବାସ ଅପେକ୍ଷା ଅଧାପେଟ ଭଲ ନୁହେଁ ? କିଛି ନ କରିବା-ଠାରୁ—ଜଡ଼ଠାରୁ ଭଲମନ୍ଦମିଶ୍ର କର୍ମ କରିବା ଭଲ ନୁହେଁ ? ଗୋରୁମାନେ ମିଥ୍ୟା କଥା କହନ୍ତି ନାହିଁ, କାନ୍ଥଗୁଡ଼ାକ ଚୋରି କରନ୍ତି ନାହିଁ, ତଥାପି ସେମାନେ ଗୋରୁ ହିଁ ଥାଆନ୍ତି, ଆଉ କାନ୍ଥ-ହିଁ ଥାଏ । ମଣିଷ ଚୋରି କରେ, ମିଥ୍ୟା କୁହେ, ପୁଣି ସେହି ମଣିଷ ହିଁ ଦେବତା ହୁଏ । ସତ୍ତ୍ୱପ୍ରାଧାନ୍ୟ ଅବସ୍ଥାରେ ମଣିଷ ନିଷ୍କ୍ରିୟ ହୁଏ, ପରମଧ୍ୟାନାବସ୍ଥା ପ୍ରାପ୍ତ ହୁଏ; ରଜଃପ୍ରାଧାନ୍ୟରେ ଭଲମନ୍ଦ କ୍ରିୟା କରେ, ତମଃପ୍ରାଧାନ୍ୟରେ ପୁଣି ନିଷ୍କ୍ରିୟ ଜଡ଼ ହୁଏ । ଏବେ ବାହାରୁ, ଏହି ସତ୍ତ୍ୱପ୍ରଧାନ ହୋଇଛି କି ତମଃପ୍ରଧାନ ହୋଇଛି, କେମିତି ବୁଝିବ

କହ ? ସୁଖଦୁଃଖପାର ନିସ୍ତରଙ୍ଗ ଶାନ୍ତରୂପ ସତ୍ତ୍ୱ ଅବସ୍ଥାରେ ଆମେମାନେ ଅଛୁଁ, କି ପ୍ରାଣହୀନ ଜଡ଼ପ୍ରାୟ ଶବ୍ଦ ଅଭାବରେ ନିସ୍ତରଙ୍ଗ ମହାତାମସିକ ଅବସ୍ଥାରେ ପଡ଼ି ଭୂଇଁ ହୋଇ ଧୀରେ ଧୀରେ ପଚିଯାଉଛୁଁ, ଏ କଥାର ଜବାବ ଦିଅ—ନିଜ ମନକୁ ପଚାର ! ଜବାବ କଅଣ ଆଉ ଦେବାକୁ ହବ—'ଫଳେନ ପରିଚୀୟତେ' । ସତ୍ତ୍ୱପ୍ରାଧାନ୍ୟରେ ମଣିଷ ନିଷ୍କ୍ରିୟ ହବ, ଶାନ୍ତ ହବ, କିନ୍ତୁ ସେ ନିଷ୍କ୍ରିୟତ୍ୱ ମହାଶକ୍ତି କେନ୍ଦ୍ରୀଭୂତ ହୋଇ ହବ, ସେ ଶାନ୍ତି ମହାବୀର୍ଯ୍ୟର ପିତା । ସେ ମହାପୁରୁଷଙ୍କୁ ଆଉ ଆମମାନଙ୍କ ପରି ହାତଗୋଡ଼ ହଲାଇ କାମ କରିବାକୁ ହୁଏ ନାହିଁ, ତାଙ୍କ ଇଚ୍ଛାମାତ୍ରେ ଅବଲୀଳାକ୍ରମେ ସବୁ କାର୍ଯ୍ୟ ହୋଇଯାଏ । ସେହି ପୁରୁଷ ହିଁ ସତ୍ତ୍ୱଗୁଣପ୍ରଧାନ ବ୍ରାହ୍ମଣ, ସର୍ବଲୋକପୂଜ୍ୟ; ତାଙ୍କୁ କି ଆଉ 'ପୂଜାକର' ବୋଲି ଘରେ ଘରେ କାନ୍ଦି ବୁଲିବାକୁ ହବ ? ଜଗଦମ୍ବା ତାଙ୍କର କପାଳଫଳକରେ ନିଜ ହାତରେ ଲେଖି ଦିଅନ୍ତି ଯେ, ଏହି ମହାପୁରୁଷଙ୍କୁ ସମସ୍ତେ ପୂଜା କର ଆଉ ଜଗତ ଅବନତ ମସ୍ତକ ହୋଇ ଶୁଣିଥାଏ । ସେହି ମହାପୁରୁଷ ହିଁ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ' ଇତ୍ୟାଦି । ଆଉ ସେହି ଯେ ଗେଡ଼ା ଗେଡ଼ା ସବୁଆ ସବୁଆ, ଛୋଟ ଗିଳିଗିଳି କଥା କହେ, ଛୁଣ୍ଚା ନେକେଡ଼ା କନା ପରି ସାତଦିନର ଉପବାସୀ ପରି ସରୁ ଆବାଜ, ସାତ ଗୁପୁଡ଼ାରେ କଥା କହେ ନାହିଁ, ସେଗୁଡ଼ାକ ହେଉଛି ତମୋଗୁଣ, ସେଗୁଡ଼ାକ ମୃତ୍ୟୁର ଚିହ୍ନ, ତାହା ସତ୍ତ୍ୱଗୁଣ ନୁହେଁ, ତାହା ପଚା ଦୁର୍ଗନ୍ଧ । ଅର୍ଜୁନ ସେହି ଦଳରେ ପଡ଼ିଥିଲେ ବୋଲି ପରା ଭଗବାନ୍ ଏତେ କରି ବୁଝାଉଛନ୍ତି ଗୀତାରେ ? ପ୍ରଥମେ ଭଗବାନଙ୍କ ମୁଖରୁ କି କଥା ବାହାରିଲା ଦେଖ, 'କ୍ଳୈବ୍ୟଂ ମାସ୍ମ ଗମଃ ପାର୍ଥ'—ଶେଷ, 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' । ସେହି ଜୈନ, ବୌଦ୍ଧ ପ୍ରଭୃତିଙ୍କ ହାବୁଡ଼ରେ ପଡ଼ି ଆମେମାନେ ସେହି ତମୋଗୁଣ ଦଳରେ ପଡ଼ିଛୁ—ସାରାଦେଶ ମିଶି କେତେ 'ହରି' ବୋଲି ଦେଉଛୁଁ, ଭଗବାନଙ୍କୁ ଡାକୁଛୁ, ଭଗବାନ ଶୁଣୁ ହିଁ ନାହାନ୍ତି, ଆଜକୁ ହଜାରେ ବର୍ଷ । ଶୁଣିବେ ବା କାହିଁକି ? ଆହାମ୍ମକର କଥା ମଣିଷ ହିଁ ଶୁଣନ୍ତି ନାହିଁ—ଆଉ ଭଗବାନ ! ବର୍ତ୍ତମାନ ଉପାୟ ହେଉଛି ସେହି ଭଗବଦ୍‌ବାକ୍ୟ ଶୁଣିବା, 'କ୍ଳୈବ୍ୟଂ ମାସ୍ମ ଗମଃ ପାର୍ଥ'; 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' ।

ବର୍ତ୍ତମାନ ଚାଲୁ ପାଶ୍ଚାତ୍ୟ ଆଉ ପ୍ରାଚ୍ୟର କଥା । ପ୍ରଥମେ ଗୋଟିଏ ତାମସା ଦେଖ । ଇଉରୋପୀମାନଙ୍କ ଠାକୁର ଯୀଶୁ ଉପଦେଶ ଦେଇଛନ୍ତି ଯେ ନିର୍ବୈର ହୁଅ, ଗୋଟାଏ ଗାଲରେ ଚାପୁଡ଼ା ମାରିଲେ ଆର ଗାଲ ଦେଖାଇଦିଅ । କାମ କାର୍ଯ୍ୟ ବନ୍ଦ କର, ଗଣ୍ଠିରି ପୁଟୁଳି ବାନ୍ଧି ବସିଥାଅ, ମୁଁ ପୁଣି ଆସୁଛି, ଦୁନିଆଟା ଏହି ଦୁଇ ଚାରିଦିନ ମଧ୍ୟରେ ହିଁ ନାଶ ହୋଇଯିବ । ଆଉ ଆମ ଠାକୁର କହୁଛନ୍ତି—ମହା ଉତ୍ସାହରେ ସର୍ବଦା କାର୍ଯ୍ୟ କର, ଶତ୍ରୁ ନାଶ କର, ଦୁନିଆକୁ ଭୋଗ କର । 'କିନ୍ତୁ ଓଲଟା ବୁଝିଲୁ ରାମ' ହେଲା—ସେମାନେ ଇଉରୋପୀୟମାନେ ଯୀଶୁଙ୍କ କଥାଟାକୁ ଗ୍ରାହ୍ୟ ଭିତରକୁ ହିଁ ଆଣିଲେ ନାହିଁ । ସଦା ମହାରଜୋଗୁଣ, ମହା-କାର୍ଯ୍ୟଶୀଳ ମହା-ଉତ୍ସାହରେ ଦେଶଦେଶାନ୍ତରର ଭୋଗ ସୁଖ ଆକର୍ଷଣ କରି ଭୋଗ କରୁଛନ୍ତି । ଆଉ ଆମେମାନେ କୋଣରେ ବସି, ଗଣ୍ଠିରି ପୁଟୁଳି ବାନ୍ଧି,

ଉନ୍ନତ ମରଣ ସ୍ତବନା ସ୍ତୁତିକୁଁ, 'ନଳିନୀଦଳଗତଜଳମତିତରଳଂ ତଦ୍ୱଜ୍ଜୀବନମତିଶୟ-ଚପଳମ୍'[1] ଗାଉଛୁଁ, ଆଉ ଯମ-ଭୟରେ ହାତଗୋଡ଼ ପେଟ ଭିତରେ ପଶୁଛି । ଆଉ ପୋଡ଼ା ଯମ ମଧ୍ୟ ସେଥିପାଇଁ ବାଗ ପାଉଛି, ସାରା ଦୁନିଆର ରୋଗ ଆମ ଦେଶରେ ପଶିଛି । ଗୀତାର ଉପଦେଶ ଶୁଣିଲା କିଏ ? ନା—ଇଉରୋପୀ । ଆଉ ଯୀଶୁଖ୍ରୀଷ୍ଟଙ୍କ ଇଚ୍ଛା ଅନୁସାରେ କାମ କରୁଛି କିଏ ? ନା—କୃଷ୍ଣଙ୍କର ବଂଶଧରମାନେ !! ଏ କଥାଟା ବୁଝିବାକୁ ହେବ । ମୋକ୍ଷମାର୍ଗର ଉପଦେଶ ପ୍ରଥମେ ବେଦରେ ହିଁ ଦେଇଛି । ତା'ପରେ ବୁଦ୍ଧ ହିଁ କହ ଅବା ଯୀଶୁ ହିଁ କହ, ସବୁ ସେହିଠାରୁ ହିଁ ତ ଯାହା କିଛି ଗ୍ରହଣ । ଆଚ୍ଛା, ସେମାନେ ଥିଲେ ସନ୍ନ୍ୟାସୀ—'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ'—ଭଲ କଥା, ଉତ୍ତମ କଥା । ତେବେ ବଳପୂର୍ବକ ସାରା ଦୁନିଆକୁ ସେହି ମୋକ୍ଷମାର୍ଗରେ ନେଇଯିବାର ଚେଷ୍ଟା କାହିଁକି ? ଘଷିମାଜି ରୂପ, ଆଉ ଧରିବାନ୍ଧି ପୀରତ କେଉଁଠି ହୁଏ ? ଯେଉଁ ମଣିଷଟା ମୋକ୍ଷ ଚାହେଁ ନାହିଁ, ପାଇବାର ଉପଯୁକ୍ତ ନୁହେଁ, ତା' ପାଇଁ ବୁଦ୍ଧ ବା ଯୀଶୁ କି ଉପଦେଶ ଦେଇଛନ୍ତି କହ—କିଛି ହିଁ ନାହିଁ । 'ତୁ ଏତ ମୋକ୍ଷ ପାଇବ କିନ୍ତୁ, ନ ହେଲେ ତୁମେ ଉଚ୍ଛନ୍ନ ହୁଅ' ଏ ଦୁଇ କଥା ! ମୋକ୍ଷ ଛଡ଼ା ଯାହା କିଛି ଚେଷ୍ଟା କରିବ, ସେ ବାଟଘାଟ ତୁମର ବନ୍ଦ । ତୁମେ ଯେ ଏ ଦୁନିଆଟାକୁ ଟିକିଏ ଭୋଗ କରିବ, ତାର କୌଣସି ରାସ୍ତା ମଧ୍ୟ ନାହିଁ । ବରଂ ପ୍ରତିପଦରେ ବାଧା । କେବଳ ବୈଦିକ ଧର୍ମରେ ଏହି ଚତୁର୍ବର୍ଗ-ସାଧନର ଉପାୟ ଅଛି—ଧର୍ମ, ଅର୍ଥ, କାମ, ମୋକ୍ଷ । ବୁଦ୍ଧ କଲେ ଆମମାନଙ୍କ ସର୍ବନାଶ, ଯୀଶୁ କଲେ ଗ୍ରୀସ୍-ରୋମ୍‌ର ସର୍ବନାଶ !!! ତାପରେ, ଭାଗ୍ୟଫଳରେ ଇଉରୋପୀଗୁଡ଼ାକ ପ୍ରୋଟେଷ୍ଟାଣ୍ଟ (Protestant) ହୋଇ ଯୀଶୁଙ୍କ ଧର୍ମକୁ ଝାଡ଼ି ଫୋପାଡ଼ି ଦେଲେ; ହାଁଶ୍ୱାସ ମାରି ବଞ୍ଚିଲେ । ଭାରତରେ କୁମାରିଲ ପୁଣି କର୍ମମାର୍ଗ ଚଳାଇଲେ, ଶଙ୍କର ଆଉ ରାମାନୁଜ ଚତୁର୍ବର୍ଗର ସମନ୍ୱୟସ୍ୱରୂପ ସନାତନ ବୈଦିକ ମତ ପୁଣି ପ୍ରବର୍ତ୍ତନ କଲେ, ଦେଶଟାର ବଞ୍ଚିବା ପାଇଁ ପୁଣି ଉପାୟ ହେଲା । ତେବେ ଭାରତବର୍ଷରେ ତିରିଶକୋଟି ଲୋକ, ଡେରି ହେଉଛି । ତିରିଶକୋଟି ଲୋକଙ୍କୁ ଚେତାଇବା କଅଣ ଏକାଦିନକେ ହୋଇପାରେ ?

ବୌଦ୍ଧଧର୍ମ ଆଉ ବୈଦିକ ଧର୍ମର ଉଦ୍ଦେଶ୍ୟ ଏକ । ତେବେ ବୌଦ୍ଧମତର ଉପାୟଟି ଠିକ୍ ନୁହେଁ । ଉପାୟ ଯଦି ଠିକ୍ ହୁଅନ୍ତା ତ ଆମମାନଙ୍କର ଏ ସର୍ବନାଶ ହେଲା କାହିଁକି ? 'କାଳକ୍ରମେ ହୁଏ' କହିଲେ କ'ଣ ଚଳିବ ? କାଳ କଅଣ କାର୍ଯ୍ୟ-କାରଣ ସମ୍ବନ୍ଧ ଛାଡ଼ି କାମ କରିପାରେ ?

## ସ୍ୱଧର୍ମ ବା ଜାତିଧର୍ମ

ଅତଏବ ଉଦ୍ଦେଶ୍ୟ ଏକ ହେଲେ ମଧ୍ୟ ଉପାୟହୀନତାଦ୍ୱାରା ବୌଦ୍ଧମାନେ ଭାରତବର୍ଷକୁ ପତିତ କରିଛନ୍ତି । ବୌଦ୍ଧ ବନ୍ଧୁମାନେ ରାଗିଯିବେ, ଯିବେ; ଘରର ଭାତ ଦ'ଟା

---

[1] ଶଙ୍କରାଚାର୍ଯ୍ୟ-କୃତ 'ମୋହମୁଦ୍‌ଗର', ୫

ବେଶୀକରି ଖାଇବେ । ସତ୍ୟଟା କହିବା ଉଚିତ । ଉପାୟ ହେଉଛି ବୈଦିକ ଉପାୟ— ଜାତିଧର୍ମ, ସ୍ୱଧର୍ମ, ଯେଉଁଟି ବୈଦିକ ଧର୍ମର, ବୈଦିକ ସମାଜର ଭିତ୍ତି । ଆମେରିକାରେ ଅନେକ ବନ୍ଧୁଙ୍କୁ ରଗାଇଲି । ଅନେକ ବନ୍ଧୁ କହୁଛନ୍ତି ଯେ, ଏ ଦେଶର ଲୋକଙ୍କୁ ଖୋସାମଦ କରାହେଉଛି । ଗୋଟାଏ କଥା ସେମାନଙ୍କ ପାଇଁ କହି ରଖାଯାଉଛି ଯେ, ଦେଶର ଲୋକଙ୍କୁ ଖୋସାମଦ କଲେ ମୋ ଲାଭଟା କଅଣ ? ଖାଇବାକୁ ନ ପାଇ ମଲେ ଦେଶର ଲୋକେ ମୁଠାଏ ଅନ୍ନ ଦିଅନ୍ତି ନାହିଁ; ଭିକ୍ଷା ଶିକ୍ଷା କରି, ବାହାରୁ ଆଣି, ଦୁର୍ଭିକ୍ଷଗ୍ରସ୍ତ ଅନାଥଙ୍କୁ ଯଦି ଖୁଆଏ ତ ସେଥିରେ ଭାଗ ନେବା ପାଇଁ ଦେଶଲୋକଙ୍କର ବିଶେଷ ଚେଷ୍ଟା, ଯଦି ପାଆନ୍ତି ନାହିଁ ତ ଗାଳିଫଜଲ୍ କରି ଅସ୍ଥିର !! ହେ ସ୍ୱଦେଶୀୟ ପଣ୍ଡିତମଣ୍ଡଳୀ ! ଏହି ତ ଆମମାନଙ୍କ ଦେଶର ଲୋକ, ତାଙ୍କୁ ପୁଣି କି ଖୋସାମଦ ? ତେବେ ସେମାନେ ଉନ୍ମାଦ ହୋଇଛନ୍ତି । ଉନ୍ମାଦକୁ ଯେ ଔଷଧ ଖୁଆଇବାକୁ ଯିବ, ତା' ହାତରେ ଦୁଇଦଶଟା କାମୁଡ଼ା ଅବଶ୍ୟ ହିଁ ଉନ୍ମାଦ ଦେବ, ତାହା ସତ୍ତ୍ୱେ ଯେ ଔଷଧ ଖୁଆଇବାକୁ ଯାଏ, ସେ ହିଁ ଯଥାର୍ଥ ବନ୍ଧୁ ।

ଏହି 'ଜାତିଧର୍ମ', 'ସ୍ୱଧର୍ମ' ହିଁ ସବୁ ଦେଶରେ ସାମାଜିକ କଲ୍ୟାଣର ଉପାୟ, ମୁକ୍ତିର ସୋପାନ । ଏହି ଜାତିଧର୍ମ 'ସ୍ୱଧର୍ମ' ନାଶ ସଙ୍ଗେ ସଙ୍ଗେ ଦେଶଟାର ଅଧଃପତନ ହୋଇଛି । ତେବେ ନଧିଆ, ସିଦ୍ଧିଆ ଯାହା ଜାତିଧର୍ମ, ସ୍ୱଧର୍ମ ବୋଲି ବୁଝିଛନ୍ତି, ସେଇଟା ଓଲଟା ଉତ୍ପାତ; ନଧିଆ ଜାତିଧର୍ମର ଘୋଡ଼ାଡିମ୍ବ ବୁଝିଛନ୍ତି, ତାଙ୍କ ଗାଆଁର ଆଚାରକୁ ହିଁ ସନାତନ ଆଚାର ବୋଲି ଧାରଣା କରୁଛନ୍ତି, ନିଜ କୋଳକୁ ଝୋଳ ଟାଣି ଆଣୁଛନ୍ତି, ଆଉ ଉଚ୍ଛନ୍ନ ଦେଉଛନ୍ତି । ମୁଁ ଗୁଣଗତ ଜାତି କଥା କହୁ ନାହିଁ, ବଂଶଗତ ଜାତି କଥା କହୁଛି, ଜନ୍ମଗତ ଜାତି କଥା କହୁଛି । ଗୁଣଗତ ଜାତି ହିଁ ଆଦ୍ୟ ସ୍ୱୀକାର କରୁଛି; କିନ୍ତୁ ଗୁଣ ଦୁଇ-ସ୍ତର ପୁରୁଷରେ ବଂଶଗତ ହୋଇ ଛିଡ଼ା ହୁଏ । ସେହି ଅସଲ ଜାଗାରେ ମାଡ଼ ପଡ଼ୁଛି । ନହେଲେ ସର୍ବନାଶ ହେଲା କାହିଁକି ? 'ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ' ।[୧] କେମିତି ଏ ଘୋର ବର୍ଣ୍ଣସାଙ୍କର୍ଯ୍ୟ ଉପସ୍ଥିତ ହେଲା, ଧଳା ରଙ୍ଗ କଳା କାହିଁକି ହେଲା, ସତ୍ତ୍ୱଗୁଣ ରଜୋଗୁଣପ୍ରଧାନ—ତମୋଗୁଣରେ କାହିଁକି ଉପସ୍ଥିତ ହେଲା, ସେସବୁ ବହୁତ କଥା, ବାଗନ୍ତରେ କହିବାକୁ ରହିଲା । ଆପାତତଃ ଏଇଟିକକ ବୁଝ ଯେ, ଜାତିଧର୍ମ ଯଦି ଠିକ୍ ଠିକ୍ ଥାଏ, ତେବେ ଦେଶର ଅଧଃପତନ ହେବ ନାହିଁ । ଏହି କଥା ଯଦି ସତ୍ୟ ହୁଏ, ତା ହେଲେ ଆମମାନଙ୍କର ଅଧଃପତନ କାହିଁକି ହେଲା ? ଅବଶ୍ୟ ହିଁ ଜାତିଧର୍ମ ଉଚ୍ଛନ୍ନ ହୋଇଯାଇଛି । ଅତଏବ ଯାହାକୁ ତୁମେମାନେ ଜାତିଧର୍ମ କହୁଛ, ସେଇଟା ଠିକ୍ ଓଲଟା । ପ୍ରଥମେ ପୁରୁଣା ପୋଥିପତ୍ର ଭଲ କରି ପଢ଼, ସଙ୍ଗେ ସଙ୍ଗେ ଦେଖିପାରିବ ଯେ, ଶାସ୍ତ୍ର ଯାହାକୁ ଜାତିଧର୍ମ କହୁଛି, ତାହା ସର୍ବତ୍ର ହିଁ ପ୍ରାୟ ଲୋପ ପାଇଛି । ତା'ପରେ, କେମିତି ତାହା ପୁଣି ଆସିବ, ତହିଁର ଚେଷ୍ଟା କର; ତାହା ହେଲେ ହିଁ ପରମ କଲ୍ୟାଣ ନିଶ୍ଚିତ । ମୁଁ ଯାହା ଶିଖିଛି ଯାହା ବୁଝିଛି, ତାହା ହିଁ ତୁମମାନଙ୍କୁ କହୁଛି; ମୁଁ ତ ଆଉ

୧ ଗୀତା, ୩।୨୪

ବିଦେଶରୁ ତୁମମାନଙ୍କ ହିତ ପାଇଁ ଆମଦାନୀ ହୋଇ ନାହିଁ ଯେ, ତୁମର ଆହାମ୍ମକପଣିଆର ମଧ୍ୟ ବୈଜ୍ଞାନିକ ବ୍ୟାଖ୍ୟା ଦେବାକୁ ହେବ ? ବିଦେଶୀ ବନ୍ଧୁଙ୍କର ଯାଏ କେତେ ଆସେ କେତେ ? ବାହାବାହା ଲାଭ ହେଲେ ହିଁ ହେଲା । ତୁମମାନଙ୍କ ମୁହଁରେ ଚୂନକାଳି ଲଗିଲେ ଯେ ମୋ ମୁହଁରେ ଲଗିବ, ତା'ର କଅଣ ଯାଏ ଆସେ ?

ପୂର୍ବେ କହିଛୁ ଯେ ପ୍ରତ୍ୟେକ ଜାତିର ଗୋଟିଏ ଜାତୀୟ ଉଦ୍ଦେଶ୍ୟ ଅଛି । ପ୍ରାକୃତିକ ନିୟମାଧୀନରେ ବା ମହାପୁରୁଷମାନଙ୍କ ପ୍ରତିଭାବଳରେ ପ୍ରତ୍ୟେକ ଜାତିର ସାମାଜିକ ରୀତି-ନୀତି ସେହି ଉଦ୍ଦେଶ୍ୟଟିକୁ ସଫଳ କରିବାର ଉପଯୋଗୀ ହୋଇ ଗଢ଼ିହୋଇଯାଇଛି । ପ୍ରତ୍ୟେକ ଜାତିର ଜୀବନରେ ସେହି ଉଦ୍ଦେଶ୍ୟଟି ଏବଂ ତଦୁପଯୋଗୀ ଉପାୟରୂପୀ ଆଚାରକୁ ଛାଡ଼ି ଆଉ ସମସ୍ତ ରୀତି-ନୀତି ହିଁ ଅଧିକା କଥା । ଏହି ଅଧିକା କଥା ହୋଇଥିବା ରୀତି-ନୀତିଗୁଡ଼ିକର ହ୍ରାସ-ବୃଦ୍ଧିରେ ଅତି ବେଶୀ କିଛି ଯାଏ ଆସେ ନା; କିନ୍ତୁ ଯଦି ସେହି ଅସଲ ଉଦ୍ଦେଶ୍ୟଟିରେ ମାଡ଼ ବସେ, ସେତିକିବେଳେ ସେହି ଜାତିର ନାଶ ହୋଇଯିବ ।

ପିଲା ଦିନେ ଗଳ୍ପ ଶୁଣିଛ ଯେ, ରାକ୍ଷସୀର ପ୍ରାଣ ଗୋଟିଏ ପକ୍ଷୀ ମଧ୍ୟରେ ଥିଲା । ସେ ପକ୍ଷୀଟାର ନାଶ ନ ହେଲେ, ରାକ୍ଷସୀର କୌଣସି କ୍ରମେ ନାଶ ହେବ ନାହିଁ; ଏ ମଧ୍ୟ ତାହା ହିଁ । ପୁଣି ଦେଖିବା ଯେ, ଯେଉଁ ଅଧିକାରଗୁଡ଼ିକ ଜାତୀୟ ଜୀବନ ପାଇଁ ଏକାନ୍ତ ଆବଶ୍ୟକ ନୁହେଁ, ସେ ଅଧିକାରଗୁଡ଼ାକ ସବୁ ଯାଉ ନା କାହିଁକି, ସେ ଜାତି ସେଥିରେ ବେଶୀ ଆପତ୍ତି କରେ ନାହିଁ, କିନ୍ତୁ ଯେତେବେଳେ ଯଥାର୍ଥ ଜାତୀୟ ଜୀବନରେ ମାଡ଼ ବସେ, ତତ୍କ୍ଷଣାତ୍ ମହାବଳରେ ପ୍ରତିଘାତ କରିଥାଏ ।

ତିନୋଟି ବର୍ତ୍ତମାନ ଜାତିର ତୁଳନା କର, ଯେଉଁମାନଙ୍କ ଇତିହାସ ତୁମେମାନେ ଅଳ୍ପବହୁତ ଜାଣ—ଫରାସୀ, ଇଂରେଜ, ହିନ୍ଦୁ । ରାଜନୈତିକ ସ୍ୱାଧୀନତା ଫରାସୀ ଜାତିର ଚରିତ୍ରର ମେରୁଦଣ୍ଡ । ପ୍ରଜାମାନେ ସବୁ ଅତ୍ୟାଚାର ବିନା ବାଧାରେ ସହନ୍ତି, ପେଷିଦିଅ, ପଦେ କଥା ନାହିଁ, ସାରାଦେଶକୁ ଟାଣି ନେଇ ବଳପୂର୍ବକ ସିପାହୀ କର, ଆପତ୍ତି ନାହିଁ; କିନ୍ତୁ ଯେମିତି ସେ ସ୍ୱାଧୀନତା ଉପରେ ହାତ କେହି ଦେଇଛି, ସେମିତି ସମସ୍ତ ଜାତି ଉନ୍ମାଦବତ୍ ପ୍ରତିଘାତ କରିବ । କେହି କାହାର ଉପରେ ଚାପି ବସି ହୁକୁମ ଚଳେଇପାରିବ ନାହିଁ, ଏଇଟା ହିଁ ଫରାସୀ ଚରିତ୍ରର ମୂଳମନ୍ତ୍ର । 'ଜ୍ଞାନୀ, ମୂର୍ଖ, ଧନୀ, ଦରିଦ୍ର, ଉଚ୍ଚବଂଶ, ନୀଚବଂଶ—ରାଜ୍ୟଶାସନରେ, ସାମାଜିକ ସ୍ୱାଧୀନତାରେ ଆମର ସମାନ ଅଧିକାର !' ଏହା ଉପରେ କେହି ହାତ ଦେବାକୁ ଗଲେ ହିଁ ତାକୁ ଭୋଗିବାକୁ ପଡ଼ିବ ।

ଇଂରାଜ-ଚରିତ୍ରରେ ବ୍ୟବସାୟ-ବୁଦ୍ଧି, ଆଦାନ ପ୍ରଦାନ ପ୍ରଧାନ; ଯଥାଭାଗ ନ୍ୟାୟବିଭାଗ—ଇଂରେଜର ଅସଲ କଥା । ରାଜା, କୁଳୀନ-ଜାତି-ଅଧିକାର, ଇଂରେଜ ମୁଣ୍ଡ ନୁଆଁଇ ସ୍ୱୀକାର କରିଥାଏ; କେବଳ ଯଦି ଅଣ୍ଟାରୁ ପଇସା ବାହାର କରିବାକୁ ହେବ ତ ହିସାବ ମାଗିବ । ରାଜା ଅଛନ୍ତି, ଭଲ କଥା—ମାନ୍ୟ କରୁଛି, କିନ୍ତୁ ଟଙ୍କା ଯଦି ତୁମେ

ମାଗୁଛ ତ ତାହାର କାର୍ଯ୍ୟ-କାରଣ ହିସାବପତ୍ରରେ ମୁଁ ବୁଇଷ୍ଟର ପଦ କହିବ ବୁଝିବ, ତେବେ ଦେଖ । ରାଜା ବଳପୂର୍ବକ ଟଙ୍କା ଆଦାୟ କରିବାକୁ ଯାଇ ମହାବିପ୍ଳବ ଉପସ୍ଥିତ କରାଇଲେ; ରାଜାଙ୍କୁ ମାରିପକାଇଲେ ।

ହିନ୍ଦୁ କହୁଛନ୍ତି କଅଣ କି, ରାଜନୈତିକ ସାମାଜିକ ସ୍ୱାଧୀନତା, ଭଲ କଥା; କିନ୍ତୁ ଅସଲ ଜିନିଷ ହେଉଛି ପାରମାର୍ଥିକ ସ୍ୱାଧୀନତା—'ମୁକ୍ତି' । ଏଇଟି ହିଁ ଜାତୀୟ ଜୀବନୋଦ୍ଦେଶ୍ୟ; ବୈଦିକ କୁହ, ଜୈନ କୁହ, ବୌଦ୍ଧ କୁହ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ ବା ଦ୍ୱୈତ ଯାହା କିଛି କୁହ, ଏସବୁ ଏଠାରେ ଏକ ମତ । ସେ ସ୍ଥାନଟାରେ ହାତ ଦିଅ ନାହିଁ; ତାହା ହେଲେ ସର୍ବନାଶ; ତା' ଛଡ଼ା ଯାହା କର, ଚୁପ୍ ହୋଇ ରହିଛି । ଗୋଇଠା ମାର, 'କଳା' କୁହ, ସର୍ବସ୍ୱ କାଢ଼ିନିଅ—ବେଶୀ କିଛି ଆସିବ ନାହିଁ କି ଯିବ ନାହିଁ; କିନ୍ତୁ ଏ ଦୁଆରଟା ମେଲା ରଖ । ଏହି ଦେଖ, ବର୍ତ୍ତମାନ କାଳରେ ପଠାଣବଂଶମାନେ ଆସୁଥିଲେ ଯାଉଥିଲେ, କେହି ସୁସ୍ଥିର ହୋଇ ରାଜ୍ୟ କରିପାରୁ ନ ଥିଲେ; କାହିଁକି ନା, ସେହି ହିନ୍ଦୁ ଧର୍ମ ଉପରେ କ୍ରମାଗତ ଆଘାତ କରୁଥିଲେ । ଆଉ ମୋଗଲ-ରାଜ୍ୟ କପରି ସୁଦୃଢ଼ପ୍ରତିଷ୍ଠ, କପରି ମହାବଳ ହେଲା କାହିଁକି ? ମୋଗଲମାନେ ସେହି ସ୍ଥାନଟାରେ ମାଡ଼ ଦେଇ ନାହାନ୍ତି—ହିନ୍ଦୁମାନେ ହିଁ ତ ମୋଗଲ ସିଂହାସନର ଭିତ୍ତି—ଜାହାଙ୍ଗୀର, ଶାହାଜାହାନ, ଦାରାସେକୋ, ଏମାନଙ୍କର ସମସ୍ତଙ୍କର ମା ତ ହିନ୍ଦୁ । ଆଉ ଦେଖ, ଯେମିତି ମୁହାଁପୋଡ଼ା ଆଉରଙ୍ଗଜେବ ପୁଣି ସେହି ସ୍ଥାନଟାରେ ଆଘାତ ଦେଲା, ସେମିତି ଏତେ ବଡ଼ ମୋଗଲ-ରାଜ୍ୟ ସ୍ୱପ୍ନପରି ଉଡ଼ିଗଲା । ସେହି ଯେ ଇଂରେଜର ସୁଦୃଢ଼ ସିଂହାସନ; ଏହା କାହା ଉପରେ ? ସେହି ଧର୍ମରେ ହାତ କୌଣସି କ୍ରମେ ଦିଏ ନାହିଁ ବୋଲି । ପାଦରୀ-ପୁଙ୍ଗବମାନେ ଟିକିଏ ଅଧେ ଚେଷ୍ଟା କରି ହିଁ ତ ୫୭ ସାଲର ହାଙ୍ଗାମା ଉପସ୍ଥିତ କରିଥିଲେ । ଇଂରାଜ-ମାନେ ଯେତେବେଳଯାଏ ଏହା ଭଲକରି ବୁଝିବେ ଏବଂ ପାଳନ କରିବେ, ସେତେବେଳଯାଏ ସେମାନଙ୍କର 'ତକତ ତାଜ ଅଚଳ ରାଜଧାନୀ ।' ବିଜ୍ଞ ବହୁଦର୍ଶୀ ଇଂରେଜମାନେ ମଧ୍ୟ ଏ କଥା ବୁଝନ୍ତି, ଲର୍ଡ଼ ରବର୍ଟସଙ୍କ 'ଭାରତବର୍ଷରେ ୪୧ ବର୍ଷ'[୧] ନାମକ ପୁସ୍ତକ ପଢ଼ି ଦେଖ ।

ବର୍ତ୍ତମାନ ବୁଝିପାରୁଛ ତ, ଏ ରାକ୍ଷସୀର ପ୍ରାଣପକ୍ଷୀଟି କେଉଁଠି ?—ଧର୍ମରେ । ସେହିଟିକୁ କେହି ନାଶ କରିପାରି ନାହାନ୍ତି ବୋଲି ଜାତିଟା ଏତେ ସହି ବର୍ତ୍ତମାନ ମଧ୍ୟ ବଞ୍ଚିଛି । ଆଚ୍ଛା, ଜଣେ ଦେଶୀ ପଣ୍ଡିତ କହୁଛନ୍ତି ଯେ, ସେ ସ୍ଥାନଟାରେ ପ୍ରାଣକୁ ରଖିବା ଏତେ ଆବଶ୍ୟକ କଅଣ ? ସାମାଜିକ ବା ରାଜନୈତିକ ସ୍ୱାଧୀନତାରେ ରଖୁ ନାହଁ କାହିଁକି ? ଯେପରି ଅନ୍ୟାନ୍ୟ ଅନେକ ଦେଶରେ ହୋଇଛି । କଥାଟି ତ ହେଉଛି ସହଜ । ଯଦି ତର୍କଛଳରେ ସ୍ୱୀକାର କରାଯାଏ ଯେ, ଧର୍ମ କର୍ମ ସବୁ ମିଥ୍ୟା, ତା' ହେଲେ ମଧ୍ୟ କଅଣ ହେଉଛି ଦେଖ । ଅଗ୍ନି ତ ଗୋଟାଏ, ପ୍ରକାଶ ବିଭିନ୍ନ । ସେହି ଗୋଟାଏ ମହାଶକ୍ତି ହିଁ ଫରାସୀଙ୍କଠାରେ ରାଜନୈତିକ ସ୍ୱାଧୀନତା, ଇଂରେଜଙ୍କଠାରେ ବାଣିଜ୍ୟ ସୁବିସ୍ତାର-

[୧] *Fortyone Years in India,* Lord Roberts, Ch. 30,31

ବିସ୍ତାର ଆଉ ହିନ୍ଦୁଙ୍କ ପ୍ରାଣରେ ମୁକ୍ତିଲାଭେଚ୍ଛାରୂପେ ବିକଶିତ ହୋଇଛି । କିନ୍ତୁ ଏହି ମହାଶକ୍ତିର ପ୍ରେରଣାରେ କେତେକ ଶତାବ୍ଦୀ ନାନା ସୁଖଦୁଃଖ ଭିତର ଦେଇ ଫରାସୀ ବା ଇଂରେଜ ଚରିତ୍ର ଗଢି ଉଠିଛି ଏବଂ ତାହାର ପ୍ରେରଣାରେ ଲକ୍ଷ ଲକ୍ଷ ଶତାବ୍ଦୀର ଆବର୍ତ୍ତନରେ ହିନ୍ଦୁଙ୍କର ଜାତୀୟ ଚରିତ୍ରର ବିକାଶ । ଏଣୁ ପଚାରେ ଆମମାନଙ୍କର ଲକ୍ଷ ଲକ୍ଷ ବର୍ଷର ସ୍ୱଭାବ ଛାଡ଼ିବା ସହଜ ନା ତୁମ ବିଦେଶୀର ଦୁଇ ଶହ ପାଞ୍ଚଶହ ବର୍ଷର ସ୍ୱଭାବ ଛାଡ଼ିବା ସହଜ ? ଇଂରେଜମାନେ କାହିଁକି ଧର୍ମପ୍ରାଣ ହେଉ ନାହାନ୍ତି ? ମାରମାର କଟାକଟି-ଗୁଡ଼ିକୁ ଭୁଲି ଶାନ୍ତଶିଷ୍ଟ ହୋଇ ବସୁନାହାନ୍ତି କାହିଁକି ?

ଅସଲ କଥା ହେଉଛି ଯେଉଁ ନଦୀଟା ପାହାଡ଼ରୁ ୧୦୦୦ କୋଶ ଓହ୍ଲାଇ ଆସିଛି, ତାହା କ'ଣ ପୁଣି ପାହାଡ଼କୁ ଫେରିଯାଏ ନା ଯାଇପାରେ ? ଯିବାକୁ ଯଦି ଏକାନ୍ତ ଚେଷ୍ଟା କରେ, ତା'ହେଲେ ଏଆଡ଼େ ସେଆଡ଼େ ବିଛୁଳ ହୋଇ କେବଳ ମରିଯିବ । ସେ ନଦୀ ଯେପରି ହିଁ ହେଉ ସମୁଦ୍ରକୁ ଯିବ, ଦୁଇ ତିନ ଦିନ ଆଗରେ ବା ଦୁଇ ଦିନ ପରେ, ଦୁଇଟା ଭଲ ସ୍ଥାନ ମଧ୍ୟରେ ନ ହେଲେ ଅରେ ଦୁଇଥର ଅଳିଆଗଦା ଭେଦ କରି । ଯଦି ଏ ଦଶହଜାର ବର୍ଷର ଜାତୀୟ ଜୀବନଟା ଭୁଲ ହୋଇଥାଏ ତେବେ ଆଉ ତ ଏବେ ଉପାୟ ନାହିଁ । ବର୍ତ୍ତମାନ ଗୋଟିଏ ନୂଆ ଚରିତ୍ର ଗଢ଼ିବାକୁ ଗଲେ ହିଁ ମରିଯିବା ଛଡ଼ା ତ ଆଉ କିଛି ହେବ ନାହିଁ ।

କିନ୍ତୁ ଏ ବୁଦ୍ଧିଟି ମୂଳରୁ ଶେଷଯାଏ ଭୁଲ, ମାଫ୍କର, ଅଳ୍ପଦର୍ଶୀର କଥା । ଦେଶବିଦେଶକୁ ଆଗେ ଯାଅ ଏବଂ ଅନେକ ଦେଶର ଅବସ୍ଥା ଭଲକରି ଦେଖ, ନିଜ ଆଖିରେ ଦେଖ, ପର ଆଖିରେ ନୁହେଁ, ତା'ପରେ ଯଦି ମୁଣ୍ଡ ଥାଏ ତ ବୁଝ, ତା'ଉପରେ ନିଜର ପୁରାଣ ପୋଥିପତ୍ର ପଢ଼, ଭାରତବର୍ଷର ଦେଶଦେଶାନ୍ତରର ଭଲକରି ଦେଖ, ବୁଦ୍ଧିମାନ୍ ପଣ୍ଡିତ ଆଖିରେ ଦେଖ, ଗଜମୂର୍ଖଙ୍କ ଆଖିରେ ନୁହେଁ; ସବୁ ଦେଖିପାରିବ ଯେ, ଜାତିଟା ଠିକ୍ ବଞ୍ଚିଛି, ପ୍ରାଣ ଧକ୍ ଧକ୍ ହେଉଛି, ଉପରେ ପାଉଁଶ ଢଙ୍କା ହୋଇଛି ମାତ୍ର । ଆଉ ଦେଖିବ ଯେ, ଏ ଦେଶର ପ୍ରାଣ ଧର୍ମ, ଭାଷା ଧର୍ମ, ଭାବ ଧର୍ମ; ଆଉ ତୁମର ରାଜନୀତି, ସମାଜନୀତି, ରାସ୍ତା ଓଳେଇବା, ପ୍ଲେଗ ନିବାରଣ, ଦୁର୍ଭିକ୍ଷଗ୍ରସ୍ତଙ୍କୁ ଅନ୍ନଦାନ, ଏସବୁ ଚିରକାଳ ଏ ଦେଶରେ ଯାହା ହୋଇଥାଏ, ତାହା ହିଁ ହେବ, ଅର୍ଥାତ୍ ଧର୍ମବାଟେ ହୁଏ ତ ହେବ, ନ ହେଲେ ଘୋଡ଼ାଡିମ୍ବ, ତୁମର ପାଟିତୁଣ୍ଡ ହିଁ ସାର ।

ତା'ଛଡ଼ା ଉପାୟ ତ ସବୁ ଦେଶରେ ହିଁ ସେହି ଗୋଟାଏ, ଅର୍ଥାତ୍ ଜଣ କେତେ ଶକ୍ତିମାନ୍ ପୁରୁଷ ଯାହା କରୁଛନ୍ତି, ତାହା ହେଉଛି, ବାକିଗୁଡ଼ାକ ଖାଲି 'ଭେଡ଼ିଆଧସାନ'[୧] ଛଡ଼ା ତ ଆଉ କିଛି ନୁହେଁ । ତୁମର ସେହି 'ପାର୍ଲମେଣ୍ଟ' ଦେଖିଲି, 'ସିନେଟ୍' ଦେଖିଲି । ଭୋଟ୍, ବ୍ୟାଲଟ୍, ମେଜରିଟି, ସବୁ ଦେଖିଲି । ସବୁଦେଶରେ ସେହି

[୧] ନ୍ୟାୟଶାସ୍ତ୍ରରେ ଯାହାକୁ 'ଗଡ୍ଡଳିକା-ପ୍ରବାହ' କୁହାଯାଏ । ଯେପରି ଗୋଟାଏ ମେଷର ଅନୁକରଣରେ ଅନ୍ୟାନ୍ୟ ମେଷସମୂହ ତଦନୁରୂପ କାର୍ଯ୍ୟ କରିବାରେ ପ୍ରବୃତ୍ତ ହୁଅନ୍ତି ।

ଗୋଟିଏ କଥା । ଶକ୍ତିମାନ୍ ପୁରୁଷମାନେ ଯେଉଁ ଆଡ଼କୁ ଇଚ୍ଛା, ସମାଜକୁ ଚଳାଉଛନ୍ତି, ବାକିଗୁଡ଼ାକ ମେଣ୍ଢାପଲ । ତେବେ ଭାରତବର୍ଷରେ ଶକ୍ତିମାନ୍ ପୁରୁଷ କିଏ ? ନା, ଧର୍ମବୀର । ସେମାନେ ଆମ ସମାଜକୁ ଚଳାନ୍ତି । ସେହିମାନେ ହିଁ ସମାଜର ରୀତି-ନୀତି ବଦଳାଇବା ଦରକାର ହେଲେ ବଦଳାଇ ଦିଅନ୍ତି । ଆମେମାନେ ତୁନିହୋଇ ଶୁଣୁ, ଆଉ କରୁ । ତେବେ ଏଥିରେ ତୁମର ଅଧିକା ଭାଗ, ସେହି ମେଜରିଟି, ଲୋଟ୍ ପ୍ରଭୃତି ହାଙ୍ଗାମାଗୁଜଡ଼ା ନାହିଁ, ଏତିକିମାତ୍ର ପ୍ରଭେଦ ।

ଅବଶ୍ୟ ଭୋଟ ବ୍ୟାଲଟ ସହିତ ପ୍ରଜାମାନଙ୍କର ଯେଉଁ ଗୋଟାଏ ଶିକ୍ଷା ହୁଏ, ସେଇଟା ଆମେମାନେ ପାଉ ନା; କିନ୍ତୁ ରାଜନୀତି ନାମରେ ଯେଉଁ ଚୋରଦଳ ଦେଶ ଲୋକଙ୍କର ରକ୍ତ ଶୋଷି ସମସ୍ତ ଇଉରୋପୀୟ ଦେଶରେ ଖାଉଛନ୍ତି, ମୋଟା ତାଜା ହେଉଛନ୍ତି, ସେ ଦଳ ମଧ୍ୟ ଆମ ଦେଶରେ ନାହିଁ । ସେହି ଲାଞ୍ଚମିଛର ଧୁମ୍, ସେହି ଦିନରେ ଡକାଇତି, ଯାହା ପାଶ୍ଚାତ୍ୟ ଦେଶରେ ହୁଏ । ଯଦି ଭିତର କଥା ଦେଖନ୍ତ ତ ମଣିଷ ଉପରେ ହତାଶ ହୋଇଯାଆନ୍ତ । 'ଗୋରସ ଗଲି ଗଲି ଫିରେ, ସୁରା ବୈଠ୍ ବିକାୟ । ସତୀକୋ ନା ମିଲେ ଧୋତି, କସ୍‌ବିନ୍ ପହିନେ ଖାସା ॥'[୧] ଯେଉଁମାନଙ୍କ ହାତରେ ଟଙ୍କା, ସେମାନେ ରାଜ୍ୟ-ଶାସନ ନିଜ ହାତମୁଠା ଭିତରେ ରଖିଛନ୍ତି, ପ୍ରଜାମାନଙ୍କୁ ଲୁଟି କରୁଛନ୍ତି, ଶୋଷୁଛନ୍ତି । ତା' ପରେ ସିପାହୀ କରି ଦେଶ-ଦେଶାନ୍ତରକୁ ମରିବାକୁ ପଠାଉଛନ୍ତି, ଜୟ ହେଲେ ସେମାନଙ୍କ ଘର ଧନଧାନ୍ୟରେ ଭରିଯିବ । ଆଉ ପ୍ରଜାଗୁଡ଼ାକ ତ ସେହିଠାରେ ହିଁ ମଲେ—ହେ ରାମ ! ଚମକି ପଡ଼ ନାହିଁ, ଭୁଲଣରେ ଭୁଲି ଯାଅ ନାହିଁ ।

ଗୋଟାଏ କଥା ବୁଝି ଦେଖ । ମଣିଷ ଆଇନ୍ କରେ ନା ଆଇନ୍ ମଣିଷ କରେ ? ମଣିଷ ଟଙ୍କା ତିଆରି କରନ୍ତି, ନା ଟଙ୍କା ମଣିଷକୁ ତିଆରି କରେ ? ମଣିଷ ନାମ-ଯଶ କରନ୍ତି, ନା ନାମଯଶ ମଣିଷକୁ ତିଆରି କରନ୍ତି ?

ମଣିଷ ହୁଅ । ଦେଖିବ ସଙ୍ଗେ ସଙ୍ଗେ ସେସବୁ ନିଜେ ନିଜେ ଗଡ଼ି ଗଡ଼ି ଆସିବ । ପରସ୍ପର ସହିତ କୁଳକୁକୁରଙ୍କ କାମୁଡ଼ା କାମୁଡ଼ି ଛାଡ଼ି ସଦୁଦ୍ଦେଶ୍ୟ, ସଦୁପାୟ, ସତ୍‌ସାହସ, ସଦ୍‌ବୀର୍ଯ୍ୟ ଅବଲମ୍ବନ କର । ଯଦି ଜନ୍ମିଛ ତ ଗୋଟାଏ ସ୍ମୃତି ରଖିଯାଅ । 'ତୁଳସୀ ଜବ୍ ଜଗମେ ଆୟୋ ଜଗ ହସେ ତୁମ ରୋୟେ, ଏଇସି କରନୀ କର ଚଲୋ କି ତୁମ ହସେ ଜଗ ରୋୟେ ॥'—ଯେତେବେଳେ ତୁମେ ଜନ୍ମିଥିଲ ତୁଳସୀ, ସମସ୍ତେ ହସିଥିଲେ, ତୁମେ କାନ୍ଦିବାରେ ଲାଗିଲ; ଏବେ ଏପରି କାମ କରି ଚାଲ ଯେ, ତୁମେ ହସି ହସି ମରିବ, ଆଉ ଜଗତ ତୁମ ପାଇଁ କାନ୍ଦିବ । ଏପରି ହୋଇପାରିଲେ ତୁମେ ମଣିଷ, ନ ହେଲେ ତୁମେ କିଅଣ ?

---

[୧] ଗଳିରେ ଗଳିରେ ଦୁଗ୍ଧ ବୁଲାଇ ବିକିବାକୁ ହୁଏ, କିନ୍ତୁ ସୁରା ଗୋଟାଏ ସ୍ଥାନରେ ବସି ବିକ୍ରୟ ହୁଏ । ସତୀ ନାରୀକୁ ପରିଧାନ ପାଇଁ ବସ୍ତ୍ର ମିଳେ ନାହିଁ, ଅସତୀ ସୁବେଶ ପରିଧାନ କରେ । ଧନ୍ୟ କଳିଯୁଗର ପ୍ରଭାବ ! —ତୁଳସୀଦାସ

ଆଉ ଗୋଟାଏ କଥା ବୁଝ ଭାଇ—ଅବଶ୍ୟ ଆମର ଅନ୍ୟାନ୍ୟ ଜାତି ପାଖରୁ ଅନେକ ଶିଖିବାର ଅଛି । ଯେଉଁ ମଣିଷଟା କହେ, ମୋର ଶିଖିବାର ନାହିଁ, ସେ ମରିବାକୁ ବସିଛି; ଯେଉଁ ଜାତିଟା କହେ, ଆମେ ସବୁ ଜାଣୁ, ସେ ଜାତିର ଅବନତିର ଦିନ ଅତି ନିକଟ । 'ଯେତେ ଦିନ ବଞ୍ଚିଥାଏ ସେତେ ଦିନ ଶିଖେ ।' ତେବେ ଦେଖ, ଜିନିଷଟାକୁ ଆମମାନଙ୍କ ଢଙ୍ଗରେ ପକାଇନେବାକୁ ହେବ, ଏଇ ମାତ୍ର । ଆଉ ଅସଲଟାକୁ ସବୁଦା ବଞ୍ଚାଇ ବାକି ଜିନିଷ ଶିଖିବାକୁ ହେବ । ଖାଇବାଟା ତ ସବୁ ଦେଶରେ ହିଁ ଗୋଟାଏ, ତେବେ ଆମେମାନେ ଗୋଡ଼ ଜାକି ବସି ଖାଉଁ, ବିଲାତିମାନେ ଗୋଡ଼ ଝୁଲେଇ ବସି ଖାଆନ୍ତି । ଏବେ ଭାବ ଯେ ମୁଁ ସେମାନଙ୍କ ଧରଣର ରନ୍ଧା ଖାଉଛି, ତାହା ବୋଲି କଅଣ ସେମାନଙ୍କ ପରି ମୋତେ ଗୋଡ଼ ଝୁଲେଇବାକୁ ହେବ ? ତା' ହେଲେ ମୋ ଗୋଡ଼ ଯେ ଯମରାଜାଙ୍କ ଘରକୁ ଯିବାରେ ଦାଖଲ ହୋଇଯାଏ—ଟଣ ଟଣ ହୋଇ ପ୍ରାଣ ଯିବାଭଳି ହୋଇ ନ ଯିବ ତ ଆଉ କଅଣ ? ସେଇ କାରଣରୁ ଗୋଡ଼ ଜାକି ସେମାନଙ୍କ ଖାଦ୍ୟ ଖାଇବି ହିଁ ଖାଇବି । ସେହିପରି ବିଦେଶୀ ଯାହା କିଛି ଶିଖିବାକୁ ହେବ, ସେଇଟା ଆମ ପରି କରି—ଗୋଡ଼ ଜାକି, ଅସଲ ଜାତୀୟ ଚରିତ୍ରଟି ବଜାୟ ରଖିବାକୁ ହେବ । ସେଥିପାଇଁ କହନ୍ତି, ଲୁଗା ଦ୍ୱାରା କଅଣ ମଣିଷ ହୁଅନ୍ତି ନା ମଣିଷ ଲୁଗା ପିନ୍ଧେ ? ଶକ୍ତିମାନ୍ ପୁରୁଷ ଯେଉଁ ପୋଷାକ ପିନ୍ଧନ୍ତୁ ନା କାହିଁକି, ଲୋକେ ମାନିବେ; ଆଉ ମୋ ଭଳି ଅହଂକାରୀ ଧୋବା ବସ୍ତା କାନ୍ଧରେ ବୋହି ବୁଲିଲେ ମଧ୍ୟ ଲୋକେ ତାକୁ ଗ୍ରାହ୍ୟ କରିବେ ନାହିଁ ।

## ଶରୀର ଓ ଜାତି-ତତ୍ତ୍ୱ

ଏବେ ଗୌରଚନ୍ଦ୍ରିକାଟା ବେଶୀ ବଡ଼ ହୋଇଗଲା; ତେବେ ଦୁଇ ଦେଶକୁ ତୁଳନା କରିବା ସହଜ ହେବ, ଏଇ ଭଣିତା ପରେ । ସେମାନେ ବି ଭଲ—ଆମେମାନେ ବି ଭଲ, 'କାକୋ ନିନ୍ଦୋ, କାକୋ ବନ୍ଦୋ, ଦୁନୋ ପାଲ୍ଲା ଭାରୀ ।' ତେବେ ଏତିକି ଯେ ଭଲର ପ୍ରକାରଭେଦ ଅଛି ।

ମଣିଷ ଭିତରେ ଅଛି ଆମମାନଙ୍କ ମତରେ ତିନୋଟି ଜିନିଷ । ଶରୀର ଅଛି, ମନ ଅଛି, ଆତ୍ମା ଅଛନ୍ତି । ପ୍ରଥମେ ଶରୀର-କଥା ଦେଖାଯାଉ, ଯାହା ସବୁଠାରୁ ବାହାରର ଜିନିଷ ।

ଶରୀର ଶରୀର ଭିତରେ କେତେ ଭେଦ, ପ୍ରଥମେ ଦେଖ । ନାକ ମୁହଁର ଗଠନ, ଲମ୍ବା, ଚୌଡ଼ା, ରଙ୍ଗ କେଶ—କେତେ ରକମର ତଫାତ୍ ।

ଆଧୁନିକ ପଣ୍ଡିତମାନଙ୍କ ମତରେ ରଙ୍ଗର ତଫାତ୍ ବର୍ଣ୍ଣସାଙ୍କର୍ଯ୍ୟରେ ଉପସ୍ଥିତ ହୁଏ । ଗରମ ଦେଶ, ଥଣ୍ଡା ଦେଶ ଭେଦରେ ପରିବର୍ତ୍ତନ ଅବଶ୍ୟ ହୁଏ; କିନ୍ତୁ କଳା ଗୋରାର ଅସଲ କାରଣ, ପୈତୃକ । ଅତି ଶୀତଳ ଦେଶରେ ମଧ୍ୟ ମଇଳା ରଙ୍ଗର ଜାତି ଦେଖାଯାଉଛି, ଏବଂ ଅତି ଉଷ୍ଣ ଦେଶରେ ମଧ୍ୟ ଧପଧପିଆ ସଫା ଜାତି ବାସ କରୁଛନ୍ତି । କାନାଡ଼ାନିବାସୀ ଆମେରିକାର ଆଦିମ ମଣିଷ ଓ ଉତ୍ତରମେରୁସନ୍ନିହିତ ଦେଶନିବାସୀ

ଏସ୍କିମୋ ପ୍ରଭୃତଙ୍କର ଖୁବ୍ ମଇଳା ରଙ୍ଗ, ପୁଣି ମହାବଣ୍ଟୁବରେଖାର ଉପରସ୍ଥିତ ଦ୍ୱୀପରେ ମଧ୍ୟ ସାଦାରଙ୍ଗର ଆଦିମ ଜାତିର ବାସ; ବୋର୍ଣ୍ଣିଓ, ସେଲିବସ୍ ପ୍ରଭୃତି ଦ୍ୱୀପପୁଞ୍ଜ ଏହାର ନିଦର୍ଶନ ।

ବର୍ତ୍ତମାନ ଆମମାନଙ୍କ ଶାସ୍ତ୍ରକାରମାନଙ୍କ ମତରେ, ହିନ୍ଦୁଙ୍କ ଭିତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଏହି ତିନି ଜାତି ଏବଂ ଚୀନ, ହୂନ, ଦରଦ୍, ପହ୍ଲବ, ଯବନ ଏବଂ ଖଶ୍, ଏସବୁ ଭାରତର ବହିଃସ୍ଥିତ ଜାତି, ଏମାନେ ହେଉଛନ୍ତି ଆର୍ଯ୍ୟ । ଶାସ୍ତ୍ରୋକ୍ତ ଚୀନ ଜାତି ଏହି ବର୍ତ୍ତମାନ 'ଚୀନାମ୍ୟାନ୍' ନୁହେଁ; ସେମାନେ ତ ସେକାଳରେ ନିଜକୁ ଆଦୌ 'ଚୀନା' କହୁ ନ ଥିଲେ । 'ଚୀନ' ବୋଲି ଗୋଟିଏ ବଡ଼ ଜାତି କାଶ୍ମୀରର ଉତ୍ତର-ପୂର୍ବଭାଗରେ ଥିଲେ; ଦରଦ୍‌ମାନେ ମଧ୍ୟ ଯେଉଁଠାରେ ଏବେ ଭାରତ ଆଉ ଆଫଗାନିସ୍ଥାନ ମଧ୍ୟରେ ପାହାଡ଼ିଆ ଜାତିସବୁ, ସେଠାରେ ଥିଲେ । ପ୍ରାଚୀନ ଚୀନ ଜାତିର ପାଞ୍ଚ ଦଶଟା ବଂଶଧର ବର୍ତ୍ତମାନ ସୁଦ୍ଧା ଅଛନ୍ତି । ଦରଦସ୍ଥାନ ବର୍ତ୍ତମାନ ମଧ୍ୟ ବିଦ୍ୟମାନ । 'ରାଜତରଙ୍ଗିଣୀ' ନାମକ କାଶ୍ମୀରର ଇତିହାସରେ ବାରମ୍ବାର ଦରଦ୍‌ରାଜଙ୍କ ପ୍ରଭୁତ୍ୱର ପରିଚୟ ମିଳେ । ହୂନ୍ ନାମକ ପ୍ରାଚୀନ ଜାତି ଅନେକ ଦିନ ଭାରତବର୍ଷର ଉତ୍ତର-ପଶ୍ଚିମାଂଶରେ ରାଜତ୍ୱ କରିଥିଲେ । ଏବେ ତିବ୍ବତୀୟମାନେ ନିଜକୁ ହୂନ କହନ୍ତି । କିନ୍ତୁ ସେଇଟା ବୋଧହୁଏ 'ହିଉନ୍' । ଫଳରେ ମନୂକ୍ତ ହୂନ ଆଧୁନିକ ତିବ୍ବତୀୟ ନୁହଁନ୍ତି; ତେବେ ଏପରି ହୋଇପାରେ ଯେ, ସେହି ଆର୍ଯ୍ୟ ହୂନ ଏବଂ ମଧ୍ୟ-ଏସିଆର ସମାଗତ କୌଣସି ମୋଗଲୀୟ ଜାତିର ସମିଶ୍ରଣରେ ବର୍ତ୍ତମାନ ତିବ୍ବତୀୟମାନଙ୍କର ଉତ୍ପତ୍ତି । ପ୍ରଜାବଲସ୍କି ଏବଂ ଡ୍ୟୁକ୍ଡ଼ ଆରଲିଆଁ ନାମକ ରୁଷ ଓ ଫରାସୀ ପର୍ଯ୍ୟଟକମାନଙ୍କ ମତରେ ତିବ୍ବତର ସ୍ଥାନେ ସ୍ଥାନେ ବର୍ତ୍ତମାନ ମଧ୍ୟ ଆର୍ଯ୍ୟ-ମୁଖଚକ୍ଷୁବିଶିଷ୍ଟ ଜାତି ଦେଖିବାକୁ ମିଳେ ।

ଯବନ ହେଉଛି ଗ୍ରୀକ୍‌ମାନଙ୍କର ନାମ । ଏ ନାମଟା ଉପରେ ଅନେକ ବିବାଦ ହୋଇଯାଇଛି । ଅନେକଙ୍କ ମତରେ, 'ଯବନ' ଏହି ନାମଟା 'ୟୋନିୟା' (Ionia) ନାମକ ସ୍ଥାନବାସୀ ଗ୍ରୀକ୍‌ମାନଙ୍କ ସମ୍ପର୍କରେ ପ୍ରଥମେ ବ୍ୟବହୃତ ହୁଏ, ଏଥିପାଇଁ ମହାରାଜ ଅଶୋକଙ୍କର ପାଲିଲେଖରେ 'ଯୋନ' ନାମରେ ଗ୍ରୀକ୍‌ଜାତି ଅଭିହିତ । ପରେ 'ଯୋନ'ରୁ ସଂସ୍କୃତ ଯବନ ଶବ୍ଦର ଉତ୍ପତ୍ତି । ଆମ ଦେଶର କୌଣସି କୌଣସି ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ମତରେ 'ଯବନ' ଶବ୍ଦ ଗ୍ରୀକ୍‌ବାଚୀ ନୁହେଁ । କିନ୍ତୁ ଏସବୁ ହିଁ ଭୁଲ । 'ଯବନ' ଶବ୍ଦ ହିଁ ଆଦି ଶବ୍ଦ, କାରଣ କେବଳ ଯେ ହିନ୍ଦୁମାନେ ହିଁ ଗ୍ରୀକମାନଙ୍କୁ ଯବନ କହୁଥିଲେ, ତାହା ନୁହେଁ, ପ୍ରାଚୀନ ମିଶରୀ ଓ ବାବିଲମାନେ ମଧ୍ୟ ଗ୍ରୀକ୍‌ମାନଙ୍କୁ ଯବନ ନାମରେ ଆଖ୍ୟାତ କରୁଥିଲେ । ପହ୍ଲବ ଶବ୍ଦରେ, ପେହ୍ଲବି ଭାଷାବାଦୀ ପ୍ରାଚୀନ ପାରସୀ ଜାତି । 'ଖଶ୍' ଶବ୍ଦର ବର୍ତ୍ତମାନ ସୁଦ୍ଧା ଅର୍ଦ୍ଧସଭ୍ୟ ପାର୍ବତ୍ୟ ଦେଶବାସୀ ଆର୍ଯ୍ୟଜାତି; ବର୍ତ୍ତମାନ ସୁଦ୍ଧା ହିମାଳୟରେ ସେହି ନାମରେ ସେହି ଶବ୍ଦ ବ୍ୟବହୃତ ହୁଏ । ବର୍ତ୍ତମାନ ଇଉରୋପୀମାନେ ମଧ୍ୟ ଏହି ଅର୍ଥରେ ଖଶମାନଙ୍କର ବଂଶଧର । ଅର୍ଥାତ ଯେଉଁସବୁ ଆର୍ଯ୍ୟଜାତି ପ୍ରାଚୀନ କାଳରେ ଅସଭ୍ୟ ଅବସ୍ଥାରେ ଥିଲେ, ସେମାନେ ସମସ୍ତେ ଖଶ୍ ।

ଆଧୁନିକ ପଣ୍ଡିତମାନଙ୍କ ମତରେ, ଆର୍ଯ୍ୟମାନଙ୍କର ନାଲିମିଶା ଧଳା ରଙ୍ଗ, କଳା ବା ନାଲି କେଶ, ସିଧା ନାକ, ଆଖି ଇତ୍ୟାଦି ଏବଂ ମୁଣ୍ଡର ଗଠନ, କେଶର ରଙ୍ଗ ଭେଦରେ କିଛି ତଫାତ୍ । ଯେଉଁଠାରେ ରଙ୍ଗ କଳା, ସେଠାରେ ଅନ୍ୟାନ୍ୟ କଳା ଜାତିଙ୍କ ସାଙ୍ଗରେ ମିଶି ଏପରି ହୋଇଛି । ଏମାନଙ୍କ ମତରେ ହିମାଳୟର ପଶ୍ଚିମ ପ୍ରାନ୍ତସ୍ଥିତ ଦୁଇଗୋଟି ଜାତି ବର୍ତ୍ତମାନ ସୁଦ୍ଧା ପୂରା ଆର୍ଯ୍ୟ ଅଛନ୍ତି, ବାକି ସବୁ ଖେଚେଡ଼ି ଜାତି, ନ ହେଲେ କଳା କାହିଁକି ହେଲେ ? କିନ୍ତୁ ଇଉରୋପୀ ପଣ୍ଡିତମାନଙ୍କର ବର୍ତ୍ତମାନ ମଧ୍ୟ ଭାବିବା ଉଚିତ ଯେ, ଦକ୍ଷିଣ ଭାରତରେ ମଧ୍ୟ ଅନେକ ଶିଶୁଙ୍କର ନାଲି କେଶ ଜନ୍ମେ; କିନ୍ତୁ ଦୁଇ ଚାରି ବର୍ଷରେ ହିଁ କେଶ ପୁଣି କଳା ହୋଇଯାଏ ଏବଂ ହିମାଳୟରେ ଅନେକଙ୍କର ନାଲି କେଶ, ନୀଳ ବା କଞ୍ଚା ଆଖି ।

ଏବେ ପଣ୍ଡିତମାନେ ଲଢ଼େଇ କରୁଛନ୍ତି 'ଆର୍ଯ୍ୟ' ନାମ ହିନ୍ଦୁମାନେ ହିଁ ନିଜ ଉପରେ ଚିରକାଳ ବ୍ୟବହାର କରିଛନ୍ତି । ଶୁଦ୍ଧ ହେଉ, ମିଶ୍ର ହେଉ, ହିନ୍ଦୁମାନଙ୍କର ନାମ ଆର୍ଯ୍ୟ, ବାସ୍ । କଳା ବୋଲି ଘୃଣା ହେଉଛି, ଇଉରୋପୀୟମାନେ ଅନ୍ୟ ନାମ ନିଅନ୍ତୁ, ଆମର ସେଥିରେ କଅଣ ଅଛି ?

କିନ୍ତୁ କଳା ହେଉ, ଗୋରା ହେଉ, ଦୁନିଆର ସବୁ ଜାତିଠାରୁ ଏହି ହିନ୍ଦୁ ଜାତି ସୁଶ୍ରୀ, ସୁନ୍ଦର । ଏ କଥା ମୁଁ ନିଜ ଜାତିର ବଡ଼ାଇ କରି କହୁନାହିଁ; କିନ୍ତୁ ଏହା ଜଗତପ୍ରସିଦ୍ଧ । ଶତକଡ଼ା ସୁଶ୍ରୀ ନରନାରୀଙ୍କ ସଂଖ୍ୟା ଏ ଦେଶ ଭଳି ଆଉ କେଉଁଠି ଅଛି ? ତା' ଉପରେ ଭାବି ଦେଖ, ଅନ୍ୟାନ୍ୟ ଦେଶରେ ସୁଶ୍ରୀ ହେବା ପାଇଁ ଯାହା ଲାଗେ, ଆମ ଦେଶରେ ତା'ଠାରୁ ଢେର ବେଶୀ; କାହିଁକି ନା, ଆମମାନଙ୍କର ଶରୀର ଅଧିକାଂଶ ହିଁ ମେଲା । ଅନ୍ୟ ଦେଶରେ ଲୁଗାପଟା ଢାଙ୍କି, ବସ୍ତ୍ରୀକୁ କ୍ରମାଗତ ସୁଶ୍ରୀ କରିବାର ଚେଷ୍ଟା । କିନ୍ତୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପାଶ୍ଚାତ୍ୟମାନେ ଆମମାନଙ୍କ ଅପେକ୍ଷା ଅଧିକ ସୁଖୀ । ଏସବୁ ଦେଶରେ ୭୦ ବର୍ଷର ପୁରୁଷଙ୍କୁ ଯବାନ କହନ୍ତି, ୫୦ ବର୍ଷର ସ୍ତ୍ରୀ-ଲୋକ ଯୁବତୀ । ଅବଶ୍ୟ ଏମାନେ ଭଲ ଖାଆନ୍ତି, ଭଲ ପିନ୍ଧନ୍ତି, ଦେଶ ଭଲ ଏବଂ ସବାପେକ୍ଷା ଅସଲ କଥା ହେଉଛି, ଅଳ୍ପ ବୟସରେ ବାହା ହୁଅନ୍ତି ନାହିଁ । ଆମ ଦେଶରେ ଯେଉଁ ଗୋଟାଏ ଦୁଇଟା ବଳବାନ୍ ଜାତି ଅଛନ୍ତି, ସେମାନଙ୍କୁ ପଚାରି ଦେଖ, କେତେ ବୟସରେ ବାହା ହୁଅନ୍ତି । ଗୋର୍ଖା, ପଞ୍ଜାବୀ, ଜାଠ ଓ ଆଫ୍ରିଦି ପ୍ରଭୃତି ପାର୍ବତ୍ୟମାନଙ୍କୁ ପଚାରି । ତା'ପରେ ଶାସ୍ତ୍ର ପଢ଼ି ଦେଖ—୩୦, ୨୫, ୨୦ – ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟର ବିବାହ-ବୟସ । ଆୟୁ, ବଳ, ବୀର୍ଯ୍ୟରେ ଏମାନଙ୍କର ଓ ଆମମାନଙ୍କର ଅନେକ ପ୍ରଭେଦ; ଆମମାନଙ୍କର ବଳ, ବୁଦ୍ଧି, ଭରସା—ତିନି ପାରିହେଲେ ଫରସା; ଏମାନେ ସେତେବେଳେ ହିଁ ଦେହଝାଡ଼ି ଉଠୁଛନ୍ତି ।

ଆମେମାନେ ନିରାମିଷାଶୀ, ଆମମାନଙ୍କର ଅଧିକାଂଶ ରୋଗ ପେଟରେ; ଉଦରଭଙ୍ଗରେ ବୁଢ଼ାବୁଢ଼ୀ ମରନ୍ତି । ଏମାନେ ମାଂସାଶୀ, ଏମାନଙ୍କର ଅଧିକ ରୋଗ ହିଁ ଛାତିରେ । ହୃଦ୍‌ରୋଗରେ, ଫୁସ୍‌ଫୁସ୍ ରୋଗରେ ଏମାନଙ୍କ ବୁଢ଼ା-ବୁଢ଼ୀ ମରନ୍ତି । ଜଣେ ଏ ଦେଶୀ ବିଜ୍ଞ ଡାକ୍ତର-ବନ୍ଧୁ ପଚାରିଛନ୍ତି ଯେ, ପେଟର ରୋଗଗ୍ରସ୍ତ ଲୋକମାନେ କଅଣ ପ୍ରାୟ

ନିରୁତ୍ସାହ ବୈରାଗ୍ୟବାନ୍ ହୁଅନ୍ତି ? ହୃଦଯନ୍ତ୍ର ପ୍ରଭୃତି ଶାରୀରିକ ରୋଗରେ ଆଶା ବିଶ୍ୱାସ ପୂରା ଥାଏ । ହଇଜାରୋଗୀ ମୂଳରୁ ହିଁ ମୃତ୍ୟୁଭୟରେ ଅସ୍ଥିର ହୁଏ । ଯକ୍ଷ୍ମାରୋଗୀ ମରିବା-ବେଳଯାଏ ବିଶ୍ୱାସ ରଖେ ଯେ, ସେ ଭଲ ହୋଇଯିବ । ଅତଏବ ସେଇଥିପାଇଁ କଅଣ ଇତର ଲୋକ ସର୍ବଦା ମରଣ ମରଣ ଆଉ ବୈରାଗ୍ୟ ବୈରାଗ୍ୟ କରୁଛନ୍ତି ? ମୁଁ ତ ଏପର୍ଯ୍ୟନ୍ତ ଉତ୍ତର ଦେଇପାରି ନାହିଁ; କିନ୍ତୁ କଥାଟା ଭାବିବା ଯୋଗ୍ୟ । ଆମ ଦେଶରେ ଦାନ୍ତରୋଗ ଓ କେଶରୋଗ, ଖୁବ୍ କମ୍ । ଏସବୁ ଦେଶରେ ଅତି ଅଳ୍ପ ଲୋକଙ୍କର ହିଁ ନିଜର ସ୍ୱାଭାବିକ ଦାନ୍ତ ଆଉ ଗୁରଆଡ଼େ ଝୁନ୍ଦୁରି ମୁଣ୍ଡ । ଆମେମାନେ ନାକ ଫୋଡ଼ାଉଛୁଁ, କାନ ଫୋଡ଼ାଉଛୁଁ ଗହଣା ପିନ୍ଧିବା ପାଇଁ । ଏମାନେ ବର୍ତ୍ତମାନ ଭଦ୍ରଲୋକମାନେ ପ୍ରାୟ ନାକ-କାନ ଫୋଡ଼ାନ୍ତି ନାହିଁ; କିନ୍ତୁ ଅଣ୍ଟାକୁ ବାନ୍ଧି ବାନ୍ଧି, ମେରୁଦଣ୍ଡକୁ ବଙ୍କା କରି, ପ୍ଲୀହା ଯକୃତକୁ ସ୍ଥାନଭ୍ରଷ୍ଟ କରି ଶରୀରଟାକୁ ହତଶ୍ରୀ କରିପକାନ୍ତି । ଗଢ଼ନ ଗଢ଼ନ କରି ଏମାନେ ମରନ୍ତି, ତେଣୁ ସେହି ବସ୍ତ୍ରାବଳି ଲୁଗା ଉପରେ ଗଢ଼ନ ରଖିବାକୁ ହେବ ।

## ପୋଷାକ ଓ ଫେସନ୍

ଏମାନଙ୍କ ପୋଷାକ କାମକାର୍ଯ୍ୟ କରିବା ପାଇଁ ଅତ୍ୟନ୍ତ ଉପଯୋଗୀ; ଧନୀଲୋକର ସ୍ତ୍ରୀମାନଙ୍କର ସାମାଜିକ ପୋଷାକ ଛଡ଼ା ଝିଅଙ୍କ ପୋଷାକ ମଧ୍ୟ ଲକ୍ଷ୍ମୀଛଡ଼ା । ଆମମାନଙ୍କ ଝିଅମାନଙ୍କ ଶାଢ଼ୀ, ଆଉ ପୁରୁଷମାନଙ୍କର ଜୋଗା ଚପକନ୍ ପଗଡ଼ିର ସୌନ୍ଦର୍ଯ୍ୟ ଏ ପୃଥିବୀରେ ତୁଳନା ନାହିଁ । ଭିନ୍ନ ଭିନ୍ନ ପୋଷାକରେ ଯେତେ ରୂପ ଯେତେ ଆଣ୍ଟାଯାଟରେ ହୁଏ ନାହିଁ । ଆମମାନଙ୍କ ପୋଷାକ ସବୁ ହିଁ ଭିନ୍ନ ଭିନ୍ନ; କିନ୍ତୁ ଆମମାନଙ୍କର କାମକାର୍ଯ୍ୟର ପୋଷାକ ନାହିଁ; କାମ କରିବାକୁ ଗଲେ ହିଁ ଲୁଗାପଟା ବିସର୍ଜନ ଯାଏ । ଏମାନଙ୍କ ଫେସନ୍ ଲୁଗାରେ; ଆମମାନଙ୍କ ଫେସନ୍ ଗହଣାରେ; ଏବେ କିଛି କିଛି ଲୁଗାରେ ମଧ୍ୟ ହେଉଛି । ଫେସନ୍ କଅଣ ? ଫେସନ୍ ଢଙ୍ଗ । ସ୍ତ୍ରୀଲୋକମାନଙ୍କ ଲୁଗାର ଢଙ୍ଗ—ପ୍ୟାରିସ୍ ସହରରୁ ବାହାରେ; କିନ୍ତୁ ପୁରୁଷମାନଙ୍କର ଲଣ୍ଡନରୁ । ପୂର୍ବେ ପ୍ୟାରିସ୍‌ର ନର୍ତ୍ତକୀମାନେ ଏହି ଢଙ୍ଗ ଆରମ୍ଭ କରୁଥିଲେ । ଜଣେ ବିଖ୍ୟାତ ନଟୀ ଯେଉଁ ପୋଷାକ ପିନ୍ଧିଲା, ସମସ୍ତେ ସାଙ୍ଗେ ସାଙ୍ଗେ ଦୌଡ଼ିଲେ ତାହା ହିଁ କରିବାକୁ । ଏବେ ଦୋକାନୀମାନେ ଢଙ୍ଗ କରନ୍ତି । କେତେ କୋଟି ଟଙ୍କା ଯେ ଏହି ପୋଷାକ କରିବାରେ ଲାଗେ ପ୍ରତିବର୍ଷ, ତାହା ଆମେମାନେ ବୁଝି ଉଠିପାରି ନାହୁଁ । ଏ ପୋଷାକ ଗଢ଼ିବା ଗୋଟାଏ ପ୍ରକାଣ୍ଡ ବିଦ୍ୟା ହୋଇପଡ଼ିଛି । କେଉଁ ସ୍ତ୍ରୀଲୋକର ଦେହର, କେଶର ରଙ୍ଗ ସଙ୍ଗେ କେଉଁ ରଙ୍ଗର ଲୁଗା ସାଜିବ; କାହା ଶରୀରର କେଉଁ ଗଢ଼ଣଟା ଢାଙ୍କିବାକୁ ହେବ, କେଉଁଟା ବା ପରିସ୍ଫୁଟ କରିବାକୁ ହେବ, ଇତ୍ୟାଦି ବହୁତ ମୁଣ୍ଡ ଖରଚ କରି ପୋଷାକ ତିଆରି ହୁଏ । ତା'ପରେ ଦୁଇ ଚାରି ଜଣ ଉଚ୍ଚପଦସ୍ଥ ମହିଳା ଯାହା ପିନ୍ଧିବେ, ବାକି ସମସ୍ତଙ୍କୁ ତାହା ହିଁ ପିନ୍ଧିବାକୁ ହୁଏ, ନ ପିନ୍ଧିଲେ ଜାତି ଯାଏ !! ଏହାର ନାମ ଫେସନ୍ । ପୁଣି ଏହି ଫେସନ୍ ଘଡ଼ି ଘଡ଼ି ବଦଳୁଛି, ବର୍ଷରେ ଚାରି ଋତୁରେ ନୂଆ ଥର ନିଶ୍ଚୟ ବଦଳିବ; ତା' ଛଡ଼ା ଅନ୍ୟ ସମୟରେ ମଧ୍ୟ ଅଛି ।

ଯେଉଁମାନେ ବଡ଼ ମଣିଷ, ସେମାନେ ଦରଜିଦ୍ୱାରା ପୋଷାକ କରାଇନଅନ୍ତି; ଯେଉଁମାନେ ମଧ୍ୟବିତ୍ତ ଭଦ୍ରଲୋକ, ସେମାନେ କେତେକ ନିଜ ହାତରେ, କେତେକ ଖୁଚୁରା-ଖୁଚୁରା ସ୍ତ୍ରୀ-ଦରଜି ହାତରେ ନୂତନ ଧରଣର ପୋଷାକ ଗଢ଼ାଇନଅନ୍ତି । ପରବର୍ତ୍ତୀ ଫେସନ୍ ଯଦି ନିକଟବର୍ତ୍ତୀ ଧରଣର ହୁଏ, ତେବେ ପୁରୁଣା ଲୁଗା ବଦଳାବଦଳି କରି-ନଅନ୍ତି, ନହୁଏ ବା ନୂତନ କିଣନ୍ତି । ବଡ଼ ମଣିଷମାନେ ସବୁ ଋତୁରେ ଲୁଗାଗୁଡ଼ିକ ଚାକର-ବାକରଙ୍କୁ ଦାନ କରନ୍ତି । ମଧ୍ୟବିତ୍ତମାନେ ବିକି ଦିଅନ୍ତି, ସେତେବେଳେ ସେ ଲୁଗାଗୁଡ଼ାକ ଇଉରୋପୀ ଲୋକମାନଙ୍କର ଉପନିବେଶ ସ୍ଥାନ ଆଫ୍ରିକା, ଏସିଆ, ଅଷ୍ଟ୍ରେଲିଆରେ ଯାଇ ହାଜର ହୁଏ ଏବଂ ସେମାନେ ପିନ୍ଧନ୍ତି । ଯେଉଁମାନେ ଖୁବ୍ ଧନୀ, ସେମାନଙ୍କ ଲୁଗା ପ୍ୟାରିସ୍‌ରୁ ତିଆରି ହୋଇ ଆସେ; ବାକି ଲୋକେ ନିଜ ଦେଶରେ ସେଗୁଡ଼ିକୁ ନକଲ କରି ପିନ୍ଧନ୍ତି । କିନ୍ତୁ ସ୍ତ୍ରୀ-ଲୋକମାନଙ୍କ ଟୋପିଟା ଅସଲ ଫରାସୀ ହେବ ହିଁ ହେବ । ଯାହାର ତାହା ନାହିଁ, ସେ ଲେଡ଼ି ନୁହେଁ ।

ଇଂରେଜ ସ୍ତ୍ରୀ-ଲୋକମାନଙ୍କର ଆଉ ଜର୍ମାନ ସ୍ତ୍ରୀ-ଲୋକମାନଙ୍କର ପୋଷାକ ଭାରି ଖରାପ । ସେମାନେ ସାଧାରଣତଃ ପ୍ୟାରିସ୍ ଢଙ୍ଗରେ ପୋଷାକ ପିନ୍ଧନ୍ତି ନାହିଁ—ପାଞ୍ଚ ଦଶ ଜଣ ବଡ଼ ମଣିଷଙ୍କ ଛଡ଼ା । ଏଥିପାଇଁ ଅନ୍ୟାନ୍ୟ ଦେଶର ସ୍ତ୍ରୀ-ଲୋକମାନେ ତାଙ୍କୁ ଥଟ୍ଟା କରନ୍ତି । ଇଂରେଜ ପୁରୁଷମାନେ କିନ୍ତୁ ଖୁବ୍ ଭଲ ପୋଷାକ ପିନ୍ଧନ୍ତି—ଅନେକେ ହିଁ । ଆମେରିକାର ସ୍ତ୍ରୀ-ପୁରୁଷ ସମସ୍ତେ ହିଁ ଖୁବ୍ ଭଲ ଢଙ୍ଗର ପୋଷାକ ପିନ୍ଧନ୍ତି । ଯଦ୍ୟପି ଆମେରିକାନ୍ ଗଭର୍ଣ୍ଣମେଣ୍ଟ ପ୍ୟାରିସ୍ ବା ଲଣ୍ଡନରୁ ଆମଦାନି ପୋଷାକ ଉପରେ ଚଢ଼ା ମହାସୁଲ ବସାଏ, ଯେଉଁଥିରେ କି ବିଦେଶୀ ମାଲ୍ ଏ ଦେଶକୁ ନ ଆସେ, ତଥାପି ମହାସୁଲ ଦେଇ ମଧ୍ୟ ଏହି ସ୍ତ୍ରୀଲୋକମାନେ ପ୍ୟାରିସ୍ ଓ ପୁରୁଷମାନେ ଲଣ୍ଡନରେ ତିଆରି ପୋଷାକ ପିନ୍ଧନ୍ତି । ନାନା ରକମର ନାନା ରଙ୍ଗର ପଶମ ଲୁଗା, ବନାତ, ରେଶମୀ କପଡ଼ା ରୋଜ ରୋଜ ବାହାରୁଛି, ଲକ୍ଷ ଲକ୍ଷ ଲୋକ ସେଥିରେ ଲାଗିଛନ୍ତି । ଲକ୍ଷ ଲକ୍ଷ ଲୋକ ତାକୁ କଟାକଟି କରି ପୋଷାକ କରୁଛନ୍ତି । ଠିକ୍ ଢଙ୍ଗର ପୋଷାକ ନ ହେଲେ ଜେଣ୍ଟଲମ୍ୟାନ୍ ବା ଲେଡ଼ିର ରାସ୍ତାକୁ ବାହାରିବା ହିଁ ମୁସ୍କିଲ ।

ଆମମାନଙ୍କ ଦେଶରେ ଏ ଫେସନର ହାଙ୍ଗାମା କିଛି କିଛି ଗହଣାରେ ପଶୁଛି । ଏସବୁ ଦେଶରେ ପଶମ-ରେଶମ-ତନ୍ତୀମାନଙ୍କର ନଜର ଦିନରାତି କଅଣ ବଦଳୁଛି ବା ନ ବଦଳୁଛି—ଲୋକେ କେଉଁ ରକମ ପସନ୍ଦ କରୁଛନ୍ତି—ତା' ଉପରେ ଅଥବା ନୂଆ ଗୋଟାଏ କରି ଲୋକଙ୍କ ମନ ଆକର୍ଷିତ କରିବାର ଚେଷ୍ଟା କରୁଛନ୍ତି । ଥରେ ଅନ୍ଦାଜ ଲାଗି ଗଲେ ହିଁ, ସେ ବ୍ୟବସାଦାର ବଡ଼ ଲୋକ । ଯେତେବେଳେ ତୃତୀୟ ନେପୋଲିଅନ୍ ଫରାସୀ ଦେଶର ବାଦଶାହ ଥିଲେ, ସେତେବେଳେ ସାମ୍ରାଜ୍ଞୀ ଅଜେନି ପାଶ୍ଚାତ୍ୟ ଜଗତର ବେଶଭୂଷାର ଅଧିଷ୍ଠାତ୍ରୀ ଦେବୀ । ତାଙ୍କର କାଶ୍ମୀରୀ ଶାଲ ଭାରି ପସନ୍ଦ ଥିଲା । ଫଳରେ ଲକ୍ଷ ଲକ୍ଷ ଟଙ୍କାର ଶାଲ ଇଉରୋପ ପ୍ରତିବର୍ଷ କିଣୁଥିଲା । ତାଙ୍କର ପତନ ଅବଧି ସେ ଢଙ୍ଗ ବଦଳି ଯାଇଛି । ଶାଲ ଆଉ ବିକ୍ରୀ ହେଉ ନାହିଁ । ଆଉ ଆମ ଦେଶର ଲୋକେ ଚଳବାଟରେ ହିଁ ଚାଲନ୍ତି । ନୂଆ

ଗୋଟାଏ କିଛି କରି ସମସ୍ତ ଅନୁସାରେ ବଜାର ଦଖଲ କରିପାରିଲେ ନାହିଁ; କାଶ୍ମୀର ଖୁବ୍ ଧକ୍କା ଖାଇଲା; ବଡ଼ ବଡ଼ ସଉଦାଗର ଗରିବ ହୋଇଗଲେ । ଏ ସଂସାର, ଦେଖ ତୋର ନା ମୋର, କେହି କାହାପାଇଁ ଠିଆ ହୋଇ ରହିଛି ? ସେମାନେ ଦଶଆଖି, ଦ'ଶ ହାତରେ ଦେଖୁଛନ୍ତି ଖଟୁଛନ୍ତି; ଆମେମାନେ—'ଗୋସେଇଁଙ୍କ ଯାହା ପୋଥିରେ' ଲେଖି ନାହାନ୍ତି—ତାହା କେବେ କରିବୁ ନାହିଁ, କରିବା ଶକ୍ତି ସୁଦ୍ଧା ଚାଲିଯାଇଛି । ଅନ୍ନ ବିନା ହାହାକାର !! ଦୋଷ କାହାର ? ପ୍ରତିବିଧାନର ଚେଷ୍ଟା ଓ ଛେନାଗୁଡ଼, ଖାଲି ଚିତ୍କାର ହେଉଛି; କୋଣରୁ ବାହାର ନା—ଦୁନିଆଟା କଅଣ, ଚାହିଁ ଦେଖ ନା । ବୁଦ୍ଧିବୃତ୍ତି ଆପେ ଆପେ ଆସିବ ।

ଦେବାସୁର ଗଳ୍ପ ତ ଜାଣିଛ । ଦେବତାମାନେ ଆସ୍ତିକ । ସେମାନେ ଆତ୍ମାରେ, ଈଶ୍ୱରଙ୍କଠାରେ ଓ ପରଲୋକରେ ବିଶ୍ୱାସ କରନ୍ତି । ଅସୁରମାନେ କହୁଛନ୍ତି, ଇହଲୋକରେ ପୃଥିବୀ ଭୋଗ କର, ଏହି ଶରୀରଟାକୁ ସୁଖୀ କର । ଦେବତା ଭଲ କି ଅସୁର ଭଲ, ସେ ପ୍ରଶ୍ନ ଉଠୁନାହିଁ । ବରଂ ପୁରାଣର ଅସୁରଗୁଡ଼ାକ ତ ଦେଖୁଛି ମଣିଷପରି, ଦେବତାଗୁଡ଼ାକ ତ ଅନେକାଂଶରେ ହୀନ । ବର୍ତ୍ତମାନ ଯଦି ବୁଝ ଯେ, ତୁମମାନେ ଦେବତାଙ୍କ ପିଲା ଆଉ ପାଶ୍ଚାତ୍ୟମାନେ ଅସୁରବଂଶ, ତାହା ହେଲେ ହିଁ ଦୁଇଦେଶକୁ ଭଲଭାବରେ ବୁଝିପାରିବ ।

## ପରିଚ୍ଛନ୍ନତା

ପ୍ରଥମେ ଶରୀର ବିଷୟ ବିଚାର୍ଯ୍ୟ । ବାହ୍ୟାଭ୍ୟନ୍ତର ଶୁଦ୍ଧି ହେଉଛି—ପବିତ୍ରତା । ମାଟି, ଜଳ ପ୍ରଭୃତି ଦ୍ୱାରା ଶରୀର ଶୁଦ୍ଧ ହୁଏ; ଉତ୍ତମ । ଦୁନିଆରେ ଏପରି ଜାତି କେଉଁଠାରେ ନାହାଁନ୍ତି, ଯେଉଁମାନଙ୍କ ଶରୀର ହିନ୍ଦୁଙ୍କ ପରି ସଫା । ହିନ୍ଦୁ ଛଡ଼ା ଆଉ କୌଣସି ଜାତି ମଧ୍ୟ ଜଳଶୌଚ କରନ୍ତି ନାହିଁ । ତଥାପି ପାଶ୍ଚାତ୍ୟମାନଙ୍କୁ ଚୀନାମାନେ କାଗଜ ବ୍ୟବହାର କରିବାକୁ ଶିଖାଇଛନ୍ତି—କିଛି ହେଲେ ବଞ୍ଚିଲ । ସ୍ନାନ ମଧ୍ୟ ନାହିଁ କହିଲେ ଚଳେ । ଏବେ ଇଂରେଜମାନେ ଭାରତକୁ ଆସି ସ୍ନାନ ପୂରାଇଛନ୍ତି ଦେଶରେ । ତଥାପି ଯେଉଁମାନେ ବିଲାତରେ ପଢ଼ି ଆସିଛନ୍ତି ସେମାନଙ୍କୁ ପଚାର—ଯେ ସ୍ନାନର କି କଷ୍ଟ । ଯେଉଁମାନେ ସ୍ନାନ କରନ୍ତି—ତାହା ସପ୍ତାହରେ ଦିନେ—ସେଦିନ ଭିତରର ଲୁଗା ଅଣ୍ଡରଓ୍ୱାର୍ ବଦଳାନ୍ତି । ଅବଶ୍ୟ ଏବେ ପଇସାବାଲାଙ୍କ ଭିତରେ ଅନେକ ନିତ୍ୟସ୍ନାୟୀ । ଆମେରିକାନ୍‌ମାନେ ଟିକିଏ ବେଶୀ । ଜର୍ମାନ କେବେକେମିତି, ଫରାସୀ ପ୍ରଭୃତି କସ୍ମିନ୍‌କାଳେ ମଧ୍ୟ କରନ୍ତି ନାହିଁ !!! ସ୍ପେନ୍, ଇଟାଲୀ ଅତି ଗରମ ଦେଶ, ସେତିକି ନୁହେଁ—ରାଶୀକୃତ ରସୁଣ ଖାଇବା, ଦିନରାତି ଘର୍ମାକ୍ତ, ଆଉ ସାତଜନ୍ମରେ ଜଳସ୍ପର୍ଶ ମଧ୍ୟ ନୁହେଁ । ସେ ଦେହର ଗନ୍ଧରେ ଭୂତର ଚଉଦ ପୁରୁଷ ପଳାଏ—ଭୂତ ତ ଛୁଆ । 'ସ୍ନାନ' ମାନେ କଅଣ—ମୁହଁଟି ମୁଣ୍ଡଟି ଧୋଇବା, ହାତ ଧୋଇବା—ଯାହା ବାହାରକୁ ଦେଖାଯାଏ । ଆଉ ପୁଣି କଅଣ ? ପ୍ୟାରିସ, ସଭ୍ୟତାର ରାଜଧାନୀ ପ୍ୟାରିସ, ରଙ୍ଗ-ଢଙ୍ଗ ଭୋଗବିଳାସର ଭୂସ୍ୱର୍ଗ ପ୍ୟାରିସ୍, ବିଦ୍ୟାଶିଳ୍ପର କେନ୍ଦ୍ର ପ୍ୟାରିସ୍, ସେହି ପ୍ୟାରିସ୍‌ରେ ବର୍ଷେ ଜଣେ ବଡ଼ ଧନୀ ବନ୍ଧୁ ନିମନ୍ତ୍ରଣ କରି ଆଣିଲେ । ଗୋଟାଏ ପ୍ରାସାଦୋପମ ବିରାଟ ହୋଟେଲରେ ନେଇ ରଖିଲେ—ରାଜଭୋଗ ଖାଇବା ପିଇବା

କିନ୍ତୁ ସ୍ନାନର ନାମଟା ମଧ୍ୟ ନାହିଁ । ଦୁଇ ଦିନଯାଏ ସହ୍ୟ କରି ଶେଷରେ ଆଉ ପାରିହେଲା ନାହିଁ । ଶେଷରେ ବନ୍ଧୁଙ୍କୁ କହିବାକୁ ହେଲା—ଭାଇ, ତୁମର ଏ ରାଜଭୋଗ ତୁମ ପାଖରେ ଥାଉ, ମୋତେ ବର୍ତ୍ତମାନ ଗାଧୁଆ ନ ଦେଲେ ମୋର ବଞ୍ଚିବା ଅସମ୍ଭବ ହେବ । ଏ ଦାରୁଣ ଗ୍ରୀଷ୍ମକାଳ, ସେଥିରେ ସ୍ନାନ କରିବାର ଜୁ ନାହିଁ, ପାଗଳା କୁକୁର ପରି ହେବାର ବ୍ୟବସ୍ଥା ହୋଇଛି । ସେତେବେଳେ ବନ୍ଧୁ ଦୁଃଖିତ ହୋଇ ଚିଡ଼ି କହିଲେ, ଏପରି ହୋଟେଲରେ ରହିବାକୁ ହେବ ନାହିଁ, ଭଲ ଜାଗା ଖୋଜିନେବା । ୧୨ଟା ପ୍ରଧାନ ପ୍ରଧାନ ହୋଟେଲରେ ଖୋଜା ହେଲା, ସ୍ନାନର ସ୍ଥାନ କେଉଁଠି ହେଲେ ନାହିଁ । ଅଲଗା ସ୍ନାନାଗାର ସବୁ ଅଛି, ସେଠାକୁ ଯାଇ ୪।୫ ଟଙ୍କା ଦେଲେ ଥରେ ସ୍ନାନ ହେବ । ହରିବୋଲ ହରି ! ସେଦିନ ଉପରଓଳି କାଗଜରେ ପଢ଼ାଗଲା—ବୁଢ଼ୀଟିଏ ସ୍ନାନ କରିବା ପାଇଁ ଟବ୍ ଭିତରେ ବସିଥିଲା, ସେହିଠାରେ ସେ ମରିଯାଇଛି !! ଫଳରେ ଜନ୍ମ ଭିତରେ ଥରେ ବୁଢ଼ୀର ଚମଡ଼ା ସାଙ୍ଗରେ ଜଳସ୍ପର୍ଶ ହେଉ ହେଉ ଚଟ୍ପଟାଙ୍ଗ !! ଏହାର ଗୋଟିଏ କଥା ଅତିରଞ୍ଜିତ ନୁହେଁ । ରୁଷ ଫ୍ରାନ୍ସ୍ ଗୁଡ଼ାକ ତ ଅସଲ ମ୍ଳେଚ୍ଛ । ଏହି ତିବ୍ବତଠାରୁ ତ ଏହି ଢଙ୍ଗ ଆରମ୍ଭ । ଆମେରିକାରେ ଅବଶ୍ୟ ପ୍ରତ୍ୟେକ ବସାଘରେ ଗୋଟାଏ କରି ସ୍ନାନଘର ଓ ପାଣି ପାଇପର ବନ୍ଦୋବସ୍ତ ଅଛି ।

କିନ୍ତୁ ତଫାତ୍ ଦେଖ । ଆମେମାନେ ସ୍ନାନକରୁ କାହିଁକି ? ଅଧର୍ମ ଭୟରେ; ପାଶ୍ଚାତ୍ୟମାନେ ହାତ-ମୁହଁ ଧୁଅନ୍ତି—ପରିଷ୍କାର ହେବେ ବୋଲି । ଆମମାନଙ୍କର—ପାଣି ଢାଳିଲେ ହିଁ ହେଲା, ତାହା ତେଲ ଜରଜର ହେଉ, ଆଉ ମଇଳା ଲାଗିଥାଉ । ପୁଣି ଦକ୍ଷିଣୀ ଭାଇ ସ୍ନାନ କରି ଏପରି ଲମ୍ବା ଚଉଡ଼ା ତିଲକ କାଟିଲେ ଯେ, ଝାମା ପଥରର ମଧ୍ୟ ସାଧ୍ୟ ନୁହେଁ ତାକୁ ଘଷି ଲିଭାଇବା । ପୁଣି ଆମମାନଙ୍କ ସ୍ନାନ ସହଜ କଥା, ଯେଉଁଠାରେ ହେଲେ ବୁଡ଼ି ପକାଇଲେ ହେଲା । ସେମାନଙ୍କର—ବସ୍ତାଏ ଲୁଗା ଖୋଲିବାକୁ ହେବ, ତାହାର ବନ୍ଧନ ହିଁ ବା କେଉଁଣ ! ଆମର ଦେହ ଦେଖାଇବାରେ ଲଜ୍ଜା ନାହିଁ; ତାଙ୍କର ବେଜାଏ । ତେବେ ପୁରୁଷ ପୁରୁଷ ଭିତରେ କିଛି ମାନ ନାହିଁ—ବାପପୁଅ ଆଗରେ ଉଲଗ୍ନ ହେବ—ଦୋଷ ନାହିଁ । କିନ୍ତୁ ସ୍ତ୍ରୀମାନଙ୍କ ସାମନାରେ ଆପାଦମସ୍ତକ ଢାଙ୍କିବାକୁ ହିଁ ହେବ ।

'ବହିର୍ଶୌଚ' ଅର୍ଥାତ୍ ପରିଷ୍କାର ରହିବାଟା, ଅନ୍ୟାନ୍ୟ ଆଚାରପରି, କେବେ କେବେ ଅତ୍ୟାଚାର ବା ଅନାଚାର ହୋଇପଡ଼େ । ଇଉରୋପୀ କହେ ଯେ, ଶରୀର ସମ୍ବନ୍ଧୀୟ ସବୁ କାର୍ଯ୍ୟ ଅତି ଗୋପନରେ କରିବା ଉଚିତ । ଉତ୍ତମ କଥା । ଏ ଶୌଚାଦି ତ ଦୂରର କଥା, ଲୋକମାନଙ୍କ ମଧ୍ୟରେ ଛେପ ପକାଇବା ଗୋଟାଏ ମହା ଅଭଦ୍ରତା ! ଖାଇସାରି ମୁହଁ ଧୋଇବା ସମସ୍ତଙ୍କ ସାମନାରେ ଅତି ଲଜ୍ଜାର କଥା, କାହିଁକି ନା କୁଳୁକୁଞ୍ଚା କରିବାକୁ ସେଥିରେ ପଡ଼େ । ଲୋକଲଜ୍ଜା ଭୟରେ, ସେମାନେ ଖାଇପିଇ ମୁହଁଟି ପୋଛି ବସିଥାଆନ୍ତି; କ୍ରମେ ଦାନ୍ତର ସର୍ବନାଶ ହୁଏ । ସଭ୍ୟତା ଭୟରେ ଅନାଚାର । ଆମମାନଙ୍କର ପୁଣି ଦୁନିଆଁ ଲୋକଙ୍କ ସାମନ ରେ, ରାସ୍ତାରେ ବସି, ବାନ୍ତିର ନକଲ କରି କରି ମୁହଁ ଧୂଆଯାଏ, ଦାନ୍ତ ଘଷାଯାଏ—ଏଇଟା ଅତ୍ୟାଚାର । ସେସବୁ କାର୍ଯ୍ୟ ଗୋପନରେ କରିବା ଉଚିତ ନିଶ୍ଚିତ, ତେବେ କରିବା ମଧ୍ୟ ଅନୁଚିତ ।

ପୁଣି ଦେଶ ଭେଦରେ ଯେଉଁସବୁ କାର୍ଯ୍ୟ ଅନିବାର୍ଯ୍ୟ, ସେଗୁଡ଼ାକ ସମାଜ ସହିନଏ ! ଆମମାନଙ୍କ ଗରମ ଦେଶରେ ଆମେ ଖାଇବାକୁ ବସି ଅଧଗରା ପାଣିପିଇ ଯାଉ—ମୁଁ ଏବେ ହେଉଡ଼ ନ ଗ୍ଲାଡ଼ ପିବ କୁଆଡ଼େ; କିନ୍ତୁ ହେଉଡ଼ ମାରିବା ପାଶ୍ଚାତ୍ୟ ଦେଶର ଅତି ଅଭଦ୍ରର କାମ । କିନ୍ତୁ ଖାଉ ଖାଉ ରୁମାଲ୍ ବାହାର କରି ସୁଁ ସୁଁ । ନାକ ପୋଛ—ସେତେ ଦୋଷର ନୁହେଁ; ଆମମାନଙ୍କ ଦେଶରେ ଘୃଣାର କଥା । ଏ ଥଣ୍ଡା ଦେଶରେ ମଝିରେ ମଝିରେ ନାକ ନ ପୋଛି ରହି ହେବ ନାହିଁ ।

ମଇଳାକୁ ଏମାନେ ଅତ୍ୟନ୍ତ ଘୃଣା କରନ୍ତି, ଆମେମାନେ କିନ୍ତୁ ମଇଳା ହୋଇ ରହିଥାଉ ଅନେକ ସମୟରେ । ମଇଳାକୁ ଆମର ଏତେ ଘୃଣା ଯେ ଛୁଇଁଲେ ଗାଧୋଇ-ବାକୁ ହେବ; ସେହି ଭୟରେ ସ୍ତୂପାକୃତ ମଇଳାକୁ ଦୁଆର ପାଖରେ ପଚିବାକୁ ଛାଡ଼ି ଦେଉ; ନ ଛୁଇଁଲେ ହିଁ ହେଲ ! ଏଆଡ଼େ ଯେ ନରକକୁଣ୍ଡରେ ବାସ ହେଉଛୁ, ତାହା ନୁହେଁ ଆଉ କଅଣ ? ଗୋଟିଏ ଅନାଚାର ଭୟରେ ଆଉ ଗୋଟିଏ ମହାଘୋର ଅନାଚାର । ଗୋଟାଏ ପାପ ଏଡ଼ାଇବାକୁ ଯାଇ ଆଉ ଗୋଟାଏ ଗୁରୁତର ପାପ କରୁଛୁ । ଯାହା ଘରେ ମଇଳା, ସେ ପାପୀ, ସେଥିରେ ଆଉ ସନ୍ଦେହ କଅଣ ? ତା'ର ଦଣ୍ଡ ମଧ୍ୟ ତାକୁ ମରି ପାଇବାକୁ ହେବ ନାହିଁ—ଖୁବ୍ ବେଶୀ ଅପେକ୍ଷା ମଧ୍ୟ କରିବାକୁ ହେବ ନାହିଁ ।

ଆମମାନଙ୍କ ରନ୍ଧା ପରି ପରିଷ୍କାର ରନ୍ଧା ଆଉ କେଉଁଠାରେ ମଧ୍ୟ ନାହିଁ । ବିଲାତି ଖାଇବା ଶୃଙ୍ଖଳା ପରି ପରିଷ୍କାର ପଦ୍ଧତି ଆମମାନଙ୍କର ନାହିଁ । ଆମମାନଙ୍କ ରାନ୍ଧୁଣୀ ସ୍ନାନ କରିଛି, ଲୁଗା ବଦଳାଇଛି; ହାଣ୍ଡି କୁଣ୍ଡେଇ ଚୁଲି ସବୁ ଧୋଇ ମାଜି ସଫା କରିଛି; ନାକ ମୁହଁ ଦେହରେ ହାତ ବାଜିଲେ ସଙ୍ଗେ ସଙ୍ଗେ ହାତ ଧୋଇ ପୁଣି ଖାଦ୍ୟଦ୍ରବ୍ୟରେ ହାତ ଦେଉଛି ! ବିଲାତି ରାନ୍ଧୁଣୀର ଚଉଦ ପୁରୁଷରେ କେହି ସ୍ନାନ କରି ନାହାନ୍ତି; ରାନ୍ଧୁ ରାନ୍ଧୁ ଚାଖନ୍ତି, ପୁଣି ସେହି ଚାମଚ ହାଣ୍ଡିରେ ବୁଡ଼ାନ୍ତି ।

ରୁମାଲ ବାହାର କରି ସୁଁ କରି ନାକ ପୋଛନ୍ତି, ପୁଣି ସେହି ହାତରେ ମଇଦା ଦଳନ୍ତି । ଶୌଚରୁ ଆସିଲେ—କାଗଜ ବ୍ୟବହାର କରି ମଧ୍ୟ ହାତ ଧୋଇବାର ନାଆଁ ଧରନ୍ତି ନାହିଁ; ସେହି ହାତରେ ରାନ୍ଧିବାରେ ଲାଗିଯାଆନ୍ତି, କିନ୍ତୁ ସଫା ଧପ୍ ଧପ୍ ଲୁଗା ଆଉ ଟୋପି ପିନ୍ଧନ୍ତି । ହୁଏତ ଗୋଟାଏ ବଡ଼ କାଠ କୁଣ୍ଡ ମଧ୍ୟରେ ଦୁଇଟା ମଣିଷ ଉଲଗ୍ନ ହୋଇ ଠିଆ ହୋଇ ରାଶୀକୃତ ମଇଦା ଉପରେ ନାଚୁଛନ୍ତି—କଅଣ ନା ମଇଦା ଦଳା ହେଉଛି । ଗରମ ଦିନ—ଦରବିଗଳିତ ଝାଳ ଗୋଡ଼ବାଟେ ଗଡ଼ି ସେହି ମଇଦାରେ ପଶୁଛି । ତା'ପରେ ସେଥିରେ ରୁଟି ତିଆରି ଯେତେବେଳେ ହେଲା, ସେତେବେଳେ ଦୁଗ୍ଧଫେନନିଭ ତଉଲିଆ ଉପରେ ଚୀନା ବାସନରେ ସଜ୍ଜିତ ହୋଇ ପରିଷ୍କାର ଚାଦର ବିଛା ହୋଇଥିବା ଟେବୁଲ ଉପରେ, ପରିଷ୍କାର ଲୁଗା ପିନ୍ଧିଥିବା କହୁଣୀ ପର୍ଯ୍ୟନ୍ତ ସାଦା ଦସ୍ତାନା ପିନ୍ଧିଥିବା ଚାକର ତାକୁ ଆଣି ସାମନାରେ ରଖିଲ । କୌଣସି ଜିନିଷ ହାତରେ କାଳେ ଛୁଇଁବାକୁ ପଡ଼ିବ, ସେଥିପାଇଁ କହୁଣୀ ପର୍ଯ୍ୟନ୍ତ ଦସ୍ତାନା ।

ଆମମାନଙ୍କର ସ୍ନାନ କରିଥିବା ବ୍ରାହ୍ମଣ, ପରିଷ୍କାର ବାସନରେ ପରିଷ୍କାର ହାଣ୍ଡିରେ,

ଶୁଦ୍ଧ ହୋଇ ସ୍ୱଚ୍ଛ ଗୋମୟସିକ୍ତ ମାଟି ଉପରେ ଥାଳିସୁଦ୍ଧା ଅନ୍ନ ବ୍ୟଞ୍ଜନ ବାଢ଼ିଲା; ବ୍ରାହ୍ମଣ ଲୁଗା ଚୁମୁଟିଲେ ମଇଳା ଆସିବ । ହୁଏତ ମାଟି ମଇଳା ଗୋବର ଆଉ ଝୋଳ, କଦଳୀ-ପତ୍ର ଛିଣ୍ଡିବା କାରଣରୁ, ଏକାକାର ହୋଇ, ଗୋଟାଏ ଅପୂର୍ବ ଆସ୍ୱାଦ ଉପସ୍ଥିତ କଲେ !

ଆମେମାନେ ଦିବ୍ୟ ସ୍ନାନ କରି ଖଣ୍ଡେ ତେଲ-ଚକଟା ମଇଳା ଲୁଗା ପିନ୍ଧିଲୁ, ଆଉ ଇଉରୋପୀୟମାନେ, ମଇଳା ଦେହରେ, ନ ଗାଧୋଇ ଗୋଟାଏ ସଫା ଧପ୍ ଧପ୍ ପୋଷାକ ପିନ୍ଧିଲେ । ଏଇଟି ଭଲ କରି ବୁଝ, ଏଇଟି ଅତି ମୂଳ ତଫାତ୍—ହିନ୍ଦୁର ସେହି ଯେ ଅନ୍ତର୍ଦୃଷ୍ଟି ତାହା ଆଖିଚଛ ଯାଏ ସବୁ କାମରେ । ହିନ୍ଦୁ-ଛିଣ୍ଡା କନ୍ଥିକନାରେ ଗୁଡ଼ାଇ କୋହିନୂର ରଖେ; ବିଲାତି—ସୁନା ବାକ୍ସରେ ମାଟିର ଢେଲା ରଖେ ! ହିନ୍ଦୁର ଶରୀର ପରିଷ୍କାର ହେଲେ ହେଲା, ଲୁଗା ଯାହା ତାହା ହେଉ । ବିଲାତିରେ ଲୁଗା ସଫା ଥିଲେ ହେଲା, ଦେହରେ ମଇଳା ଥାଉ ନା କାହିଁକି ! ହିନ୍ଦୁର ଘରଦ୍ୱାର ଧୁଆମଜା ହୋଇ ସଫା, ଘର ବାହାରେ ନରକକୁଣ୍ଡ ଥାଉ ନା କାହିଁକି ! ବିଲାତର ଚଟାଣ କାରପେଟ୍ ଢଙ୍କା ଝକ୍ ଝକ୍, ମଇଳା ସବୁ ଢଙ୍କା ରହିଲେ ହେଲା !! ହିନ୍ଦୁର ପୟୋନାଳୀ ରାସ୍ତା ଉପରେ—ଦୁର୍ଗନ୍ଧରେ ବେଶୀ କଛି ଯାଏ ଆସେ ନାହିଁ । ବିଲାତରେ ପୟୋନାଳୀ ରାସ୍ତା ତଳେ—ଟାଇଫଏଡ଼ ଜ୍ୱରର ବସା !! ହିନ୍ଦୁ କରୁଛନ୍ତି ଭିତର ସାଫ୍ । ବିଲାତି କରୁଛନ୍ତି ବାହାରେ ସାଫ୍ ।

ଦରକାର କଅଣ ? ପରିଷ୍କାର ଶରୀରରେ ପରିଷ୍କାର ଲୁଗା ପିନ୍ଧିବା । ମୁହଁ ଧୋଇବା, ଦାନ୍ତ ଘଷିବା, ସବୁ ଦରକାର—କିନ୍ତୁ ଗୋପନରେ । ଘର ପରିଷ୍କାର ଦରକାର, ରାସ୍ତାଘାଟ ପରିଷ୍କାର ଦରକାର । ପରିଷ୍କାର ରାନ୍ଧୁଣୀ, ପରିଷ୍କାର ହାତର ରନ୍ଧା ଦରକାର । ପୁଣି ପରିଷ୍କାର ମନୋରମ ସ୍ଥାନରେ ପରିଷ୍କାର ପାତ୍ରରେ ଖାଇବା ଦରକାର । 'ଆଚାରଃ ପ୍ରଥମୋ ଧର୍ମଃ (ମନୁ, ୧।୧୦୮) । ଆଚାରର ପ୍ରଥମ ପୁଣି ପରିଷ୍କାର ହେବା—ସବୁ ଭାବରେ ପରିଷ୍କାର ହେବା । ଆଚାରଭ୍ରଷ୍ଟ ହେଲେ କେବେ ହେଲେ ଧର୍ମ ହେବ ? ଅନାଚାରୀର ଦୁଃଖ ଦେଖୁ ନା, ଦେଖି ମଧ୍ୟ ଶିଖୁ ନାହଁ ? ଏତେ ହଇଜା, ଏତେ ମହାମାରୀ, ମ୍ୟାଲେରିଆ, କାହାର ଦୋଷ ? ଆମମାନଙ୍କ ଦୋଷ । ଆମେମାନେ ମହା ଅନାଚାରୀ !!!

## ଆହାର ଓ ପାନୀୟ

ଆହାର ଶୁଦ୍ଧ ହେଲେ ମନ ଶୁଦ୍ଧ ହୁଏ, ମନ ଶୁଦ୍ଧ ହେଲେ ଆତ୍ମା ସମ୍ବନ୍ଧୀୟ ଅଚଳା ସ୍ମୃତି ହୁଏ—ଏ ଶାସ୍ତ୍ରବାକ୍ୟ ଆମମାନଙ୍କ ଦେଶର ସବୁ ସମ୍ପ୍ରଦାୟ ହିଁ ମାନୁଛନ୍ତି । ତେବେ ଶଙ୍କରାଚାର୍ଯ୍ୟଙ୍କ ମତରେ ଆହାର ଶବ୍ଦର ଅର୍ଥ ଇନ୍ଦ୍ରିୟ, ଆଉ ରାମାନୁଜାଚାର୍ଯ୍ୟଙ୍କ ମତରେ ଭୋଜ୍ୟଦ୍ରବ୍ୟ । ସର୍ବବାଦୀସମ୍ମତ ସିଦ୍ଧାନ୍ତ ଏହି ଯେ, ଦୁଇ ଅର୍ଥ ହିଁ ଠିକ୍ । ବିଶୁଦ୍ଧ ଆହାର ନ ହେଲେ ଇନ୍ଦ୍ରିୟ ସବୁ ଯଥାଯଥ କାର୍ଯ୍ୟ କେମିତି ବା କରିବେ ? କଦର୍ଯ୍ୟ ଆହାରରେ ଇନ୍ଦ୍ରିୟସବୁର ଗ୍ରହଣଶକ୍ତିର ହ୍ରାସ ହୁଏ ବା ବିପର୍ଯ୍ୟୟ ହୁଏ, ଏ କଥା ସମସ୍ତଙ୍କର ହିଁ ପ୍ରତ୍ୟକ୍ଷ ।

ଅଜୀର୍ଣ୍ଣ ଦୋଷରେ ଗୋଟାଏ ଜିନିଷକୁ ଆଉ ଗୋଟାଏ ବୋଲି ଭ୍ରମ ହେବା ଏବଂ ଆହାର ଅଭାବରେ ଦୃଷ୍ଟି ଆଦି ଶକ୍ତିର ହ୍ରାସ ସମସ୍ତେ ହିଁ ଜାଣନ୍ତି । ସେହି ପ୍ରକାର କୌଣସି ବିଶେଷ ଆହାର ବିଶେଷ ଶାରୀରିକ ଏବଂ ମାନସିକ ଅବସ୍ଥା ଉପସ୍ଥିତ କରିଥାଏ । ତାହା ମଧ୍ୟ ଭୂୟୋଦର୍ଶନସିଦ୍ଧ । ଆମମାନଙ୍କ ସମାଜରେ ଯେ ଏତେ ଖାଦ୍ୟାଖାଦ୍ୟର ବାଛବିଚାର, ତାହା ମୂଳରେ ମଧ୍ୟ ଏହି ତତ୍ତ୍ୱ; ଯଦ୍ୟପି ଅନେକ ବିଷୟରେ ଆମେମାନେ ବସ୍ତୁକୁ ଭୁଲି ଆଧାରଟାକୁ ନେଇ ଟଣାଟଣି କରୁଛୁଁ ବର୍ତ୍ତମାନ ।

ରାମାନୁଜାଚାର୍ଯ୍ୟ ଭୋଜ୍ୟଦ୍ରବ୍ୟ ସମ୍ବନ୍ଧରେ ତିନୋଟି ଦୋଷ ବାଞ୍ଚିବାକୁ କହୁଛନ୍ତି । ଜାତିଦୋଷ, ଅର୍ଥାତ୍ ଯେଉଁ ଦୋଷ ଭୋଜ୍ୟଦ୍ରବ୍ୟର ଜାତିଗତ; ଯେପରି ପିଆଜ ରସୁଣ ଇତ୍ୟାଦି ଉତ୍ତେଜକ ଦ୍ରବ୍ୟ ଖାଇଲେ ମନରେ ଅସ୍ଥିରତା ଆସେ ଅର୍ଥାତ୍ ବୁଦ୍ଧିଭ୍ରଷ୍ଟ ହୁଏ । ଆଶ୍ରୟଦୋଷ, ଅର୍ଥାତ୍ ଯେଉଁ ଦୋଷ ବ୍ୟକ୍ତିବିଶେଷର ସ୍ପର୍ଶରୁ ଆସେ; ଦୁଷ୍ଟ ଲୋକର ଅନ୍ନ ଖାଇଲେ ଦୁଷ୍ଟ ବୁଦ୍ଧି ଆସିବ ହିଁ, ସତ୍ ବ୍ୟକ୍ତିର ଅନ୍ନରେ ସଦ୍‌ବୁଦ୍ଧି ଇତ୍ୟାଦି । ନିମିତ୍ତଦୋଷ ଅର୍ଥାତ୍ ମଇଳା କଦର୍ଯ୍ୟ କୀଟ-କେଶାଦି-ଦୁଷ୍ଟ ଅନ୍ନ ଖାଇଲେ ମଧ୍ୟ ମନ ଅପବିତ୍ର ହେବ । ଏହା ମଧ୍ୟରୁ ଜାତିଦୋଷ ଏବଂ ନିମିତ୍ତ ଦୋଷରୁ ବଞ୍ଚିବା ଚେଷ୍ଟା ସମସ୍ତେ ହିଁ କରିପାରନ୍ତି, ଆଶ୍ରୟ-ଦୋଷରୁ ବଞ୍ଚିବା ସମସ୍ତଙ୍କ ପକ୍ଷରେ ସହଜ ନୁହେଁ । ଏହି ଆଶ୍ରୟ ଦୋଷରୁ ବଞ୍ଚିବା ପାଇଁ ହିଁ ଆମମାନଙ୍କ ଦେଶରେ ଛୁଆଁ-ଧାରଣା ଛୁଅଁନା ଛୁଅଁନା । ତେବେ ଅନେକ ସ୍ଥଳରେ ହିଁ 'ଓଲଟା ସମଝିଲୁ ରାମ' ହୋଇଯାଏ ଏବଂ ମାନେ ନ ବୁଝି ଗୋଟାଏ କିମ୍ଭୂତକିମାକାର କୁସଂସ୍କାରରେ ପରିଣତ ହୋଇଯାଏ । ଏ ସ୍ଥଳରେ ଲୋକାଚାର ଛାଡ଼ି ଲୋକଗୁରୁ ମହାପୁରୁଷ-ମାନଙ୍କ ଆଚାର ହିଁ ଗ୍ରହଣୀୟ । ଶ୍ରୀଚୈତନ୍ୟଦେବ ପ୍ରଭୃତି ଜଗଦ୍‌ଗୁରୁମାନଙ୍କର ଜୀବନୀ ପଢ଼ି ଦେଖ, ସେମାନେ ଏ ସମ୍ବନ୍ଧରେ କି ବ୍ୟବହାର କରିଯାଇଛନ୍ତି । ଜାତିଦୁଷ୍ଟ ଅନ୍ନ ଭୋଜନ ସମ୍ବନ୍ଧରେ ଭାରତବର୍ଷପରି ଶିକ୍ଷାର ସ୍ଥଳ ବର୍ତ୍ତମାନ ସୁଦ୍ଧା ପୃଥିବୀରେ କେଉଁଠି ନାହିଁ । ସମସ୍ତ ଭୂମଣ୍ଡଳରେ, ଆମମାନଙ୍କ ଦେଶପରି ପବିତ୍ର ଦ୍ରବ୍ୟ ଆହାର କରୁଥିବା ଏପରି ଆଉ କୌଣସି ଦେଶ ନାହିଁ । ନିମିତ୍ତଦୋଷ ସମ୍ବନ୍ଧରେ ବର୍ତ୍ତମାନ କାଳରେ ଅତ୍ୟନ୍ତ ଭୟଙ୍କର ଅବସ୍ଥା ହୋଇ ଛିଡ଼ା ହୋଇଛି; ଗୁଡ଼ିଆ ଦୋକାନ, ବଜାର ଖାଇବା, ଏସବୁ ମହା ଅପବିତ୍ର ଦେଖା ହିଁ ଯାଉଛି, କିପରି ନିମିତ୍ତଦୋଷ ଦୁଷ୍ଟ ମଇଳା ଆବର୍ଜ୍ଜନା ପଚା ସଢ଼ା ସବୁ ସେଥିରେ ଅଛନ୍ତି—ଏହାର ଫଳ ହେଉଛି ସେହି କାରଣରୁ । ଏହି ଯେ ଘରେ ଘରେ ଅଜୀର୍ଣ୍ଣ ତାହା ସେହି ଗୁଡ଼ିଆ ଦୋକାନ, ବଜାର ଖାଇବାର ଫଳ । ଏହି ଯେ ପ୍ରସ୍ରାବ-ବେମାରୀର ପ୍ରକୋପ, ତାହା ତ ସେହି ଗୁଡ଼ିଆ ଦୋକାନ । ସେହି ଯେ ପଡ଼ାଗାଆଁ-ଲୋକଙ୍କର ସେତେ ଅଜୀର୍ଣ୍ଣ ଦୋଷ, ପ୍ରସ୍ରାବ ବେମାରି ହୁଏ ନାହିଁ, ତାହାର ପ୍ରଧାନ କାରଣ ହୋଇଛି ଲୁଚି କଚୁରି ପ୍ରଭୃତି 'ବିଷଲଡ଼ୁଙ୍କର' ଅଭାବ । ଏ କଥା ବିସ୍ତାର କରି ପରେ କହୁଛି ।

ଏହା ତ ଗଲା ଖାଇବା ପିଇବା ସମ୍ବନ୍ଧରେ ପ୍ରାଚୀନ ସାଧାରଣ ନିୟମ । ଏ ନିୟମ ଭିତରେ ପୁଣି ଅନେକ ମତାମତ ପ୍ରାଚୀନକାଳରେ ଚାଲିଛି ଏବଂ ଆଧୁନିକ କାଳରେ ଚାଲୁଛି । ପ୍ରଥମେ ପ୍ରାଚୀନକାଳରୁ ଆଧୁନିକକାଳ ପର୍ଯ୍ୟନ୍ତ ଗୋଟାଏ ମହାବିବାଦ, ଆମିଷ

ଆଉ ନିରାମିଷ । ମାଂସ ଭୋଜନ ଉପକାରକ, ନା ଅପକାରକ ? ତା'ଛଡ଼ା ଜୀବହତ୍ୟା ନ୍ୟାଯ୍ୟ ବା ଅନ୍ୟାଯ୍ୟ, ଏ ଚୋଟାଏ ମହା ବିତଣ୍ଡା ଚିରଦିନର । ଏକପକ୍ଷ କହୁଛନ୍ତି—କୌଣସି କାରଣରେ ମଧ୍ୟ ହତ୍ୟାରୂପକ ପାପ କରିବା ଉଚିତ ନୁହେଁ; ଆଉ ଏକପକ୍ଷ କହୁଛନ୍ତି—ରଖ ତୁମ କଥା, ହତ୍ୟା ନ କଲେ ପ୍ରାଣଧାରଣ ହିଁ ହେବ ନାହିଁ । ଶାସ୍ତ୍ରୀମାନଙ୍କ ଭିତରେ ମହା ଗୋଳମାଳ । ଶାସ୍ତ୍ରରେ ଗୋଟିଏ ଜାଗାରେ କୁହାଯାଇଛି, ଯଜ୍ଞସ୍ଥଳରେ ହତ୍ୟା କର —ପୁଣି କହୁଛନ୍ତି, ଜୀବଘାତ କର ନାହିଁ । ହିନ୍ଦୁମାନେ ସିଦ୍ଧାନ୍ତ କରିଛନ୍ତି ଯେ, ଯଜ୍ଞ ଛଡ଼ା ଅନ୍ୟତ୍ର ହତ୍ୟା କରିବା ପାପ । କିନ୍ତୁ ଯଜ୍ଞ କରି ସୁଖରେ ମାଂସ ଭୋଜନ କର । ଏପରି କି, ଗୃହସ୍ଥ ପକ୍ଷରେ ଅନେକଗୁଡ଼ିଏ ନିୟମ ଅଛି ଯେ, ସେହି ସେହି ସ୍ଥଳରେ ହତ୍ୟା ନ କଲେ ପାପ – ଯେମିତି କି ଶ୍ରାଦ୍ଧାଦି । ସେଠାରୁ ସ୍ଥଳକୁ ନିମନ୍ତ୍ରିତ ହୋଇ ମାଂସ ନ ଖାଇଲେ ପଶୁ-ଜନ୍ମ ହୁଏ – ମନୁ କହୁଛନ୍ତି । ଅନ୍ୟ ପକ୍ଷରେ ଜୈନ ବୌଦ୍ଧ ବୈଷ୍ଣବ କହୁଛନ୍ତି ଯେ, ଆମେ ତୁମର ଶାସ୍ତ୍ର ମାନୁ ନା, ହତ୍ୟା କରିବା କୌଣସି କ୍ରମେ ହେବ ନାହିଁ । ବୌଦ୍ଧ ସମ୍ରାଟ ଅଶୋକ, ଯେ ଯଜ୍ଞ କରିବା ବା ନିମନ୍ତ୍ରଣ କରି ମାଂସ ଖୁଆଇବ, ତାକୁ ସଜା ଦେଇଛନ୍ତି । ଆଧୁନିକ ବୈଷ୍ଣବ ପଡ଼ିଛନ୍ତି କିଛି ଅଡୁଆରେ—ସେମାନଙ୍କ ଠାକୁର ରାମ ବା କୃଷ୍ଣ ମଦ-ମାଂସ ମଜାରେ ଖାଇଛନ୍ତି—ରାମାୟଣ ମହାଭାରତରେ ରହିଛି ସୀତାଦେବୀ ଗଙ୍ଗାଙ୍କୁ ମାଂସ, ଭାତ ଆଉ ହଜାରେ କଳସୀ ମଦ ମାଗୁଛନ୍ତି ।[୧] ବର୍ତ୍ତମାନ କାଳରେ ଶାସ୍ତ୍ର ମଧ୍ୟ ଶୁଣିବେ ନାହିଁ, ମହାପୁରୁଷମାନେ କହିଛନ୍ତି ବୋଲି କହିଲେ ମଧ୍ୟ ଶୁଣନ୍ତି ନାହିଁ । ପାଶ୍ଚାତ୍ୟ ଦେଶରେ ଏମାନେ ଲଢ଼ୁଛନ୍ତି ଯେ, ମାଂସ ଖାଇଲେ ରୋଗ ହୁଏ, ନିରାମିଷାଶୀ ନିରୋଗ ହୁଏ, ଇତ୍ୟାଦି । ଗୋଟିଏ ପକ୍ଷ କହୁଛନ୍ତି ଯେ, ମାଂସାହାରୀମାନଙ୍କର ସମସ୍ତ ରୋଗ; ଅପରପକ୍ଷ କହୁଛନ୍ତି, ସେଗୁଡ଼ିକ ଗଳ୍ପ କଥା, ତାହାହେଲେ ହିନ୍ଦୁମାନେ ନିରୋଗ ହୁଅନ୍ତେ । ଆଉ ଇଂରେଜ ଆମେରିକାନ୍ ପ୍ରଭୃତି ପ୍ରଧାନ ପ୍ରଧାନ ମାଂସାହାରୀ ଜାତି, ଏତେବେଳକୁ ରୋଗରେ ଧ୍ୱଂସ ପାଇ ଯାଆନ୍ତେଣି । ଏକପକ୍ଷ କହୁଛନ୍ତି, ଛାଗଳ ଖାଇଲେ ଛେଳିଆ ବୁଦ୍ଧି ହୁଏ, ଶୂକର ଖାଇଲେ ଶୂକରର ବୁଦ୍ଧି ହୁଏ, ମାଛ ଖାଇଲେ ମାଛୁଆ ବୁଦ୍ଧି ହୁଏ । ଅପର ପକ୍ଷ କହୁଛନ୍ତି ଯେ କୋବି ଖାଇଲେ କୋବିଆ ବୁଦ୍ଧି, ଆଳୁ ଖାଇଲେ ଆଳୁଆ ବୁଦ୍ଧି ଏବଂ ଭାତ ଖାଇଲେ ଭାତୁଆ ବୁଦ୍ଧି । ଜଡ଼ବୁଦ୍ଧିଠାରୁ ଚୈତନ୍ୟବୁଦ୍ଧି ହେବା ଭଲ । ଏକପକ୍ଷ କହୁଛନ୍ତି,

---

[୧] ସୀତାମାଦାୟ ବାହୁଭ୍ୟାଂ ମଧୁମୈରେୟକଂ ଶୁଚି ।
ପାୟୟାମାସ କାକୁତ୍ସ୍ଥଃ ଶଚୀମିନ୍ଦ୍ରୋ ଯଥାମୃତମ୍ ॥
ମାଂସାନି ଚ ସୁମିଷ୍ଟାନି ବିବିଧାନି ଫଳାନି ଚ ।
ରାମସ୍ୟାଭ୍ୟବହାରାର୍ଥଂ କିଙ୍କରାସ୍ତୂର୍ଣ୍ଣମାହରନ୍ ॥—ରାମାୟଣ, ଉତ୍ତରକାଣ୍ଡ, ୫୨
ସୁରାଘଟସହସ୍ରେଣ ମାଂସଭୂତୌଦନେନ ଚ ।
ଯକ୍ଷ୍ୟେ ତ୍ୱାଂ ପ୍ରୀୟତାଂ ଦେବୀ ପୁରୀଂ ପୁନରୁପାଗତା ॥-ରାମାୟଣ, ଅଯୋଧ୍ୟାକାଣ୍ଡ, ୫୫
ଉଭୌ ମଧ୍ୱାସବକ୍ଷିବୌ ଉଭୌ ଚନ୍ଦନଚର୍ଚ୍ଚିତୌ ।
ଉଭୌ ପର୍ଯ୍ୟଙ୍କରଥିନୌ ଦୃଷ୍ଟୌ ମେ କେଶବାର୍ଜ୍ଜୁନୌ ॥—ମହାଭାରତ, ଆଦିପର୍ବ

ଛୋଲଡାଲିରେ ଯାହା ଅଛି ମାଂସରେ ମଧ୍ୟ ତାହା ହିଁ; ଅପରପକ୍ଷ କହୁଛନ୍ତି, ପବନରେ ମଧ୍ୟ ତାହା ହିଁ, ତେବେ ତୁମେ ପବନ ଖାଇ ରହ। ଏକପକ୍ଷ କହୁଛନ୍ତି ଯେ, ନିରାମିଷ ଖାଇ ମଧ୍ୟ ଲୋକମାନେ କେତେ ପରିଶ୍ରମ କରିପାରନ୍ତି; ଅପରପକ୍ଷ କହୁଛନ୍ତି, ତାହାହେଲେ ନିରାମିଷାଶୀ ଜାତି ହିଁ ପ୍ରଧାନ ହୁଅନ୍ତେ; ଚିରକାଳ ମାଂସାଶୀ ଜାତି ହିଁ ବଳବାନ ଓ ପ୍ରଧାନ। ମାଂସାହାରୀ କହୁଛି, ହିନ୍ଦୁଙ୍କୁ ଚାହିଁ ଦେଖ, ସେମାନେ ଖାଇବାକୁ ପାଆନ୍ତି ନାହିଁ. ଭାତ ଖାଇ ଶାଗପତ୍ର ଖାଇ ମରନ୍ତି, ସେମାନଙ୍କର ଦୁର୍ଦ୍ଦଶା ଦେଖ—ଆଉ ଜାପାନୀମାନେ ମଧ୍ୟ ତାହା ହିଁ ଥିଲେ; ମାଂସାହାର ଆରମ୍ଭ କରିବା ଅବଧି ସେମାନଙ୍କ ଚେହେରା ବଦଳି ଯାଇଛି। ଭାରତବର୍ଷରେ ଦେଢ଼ଲକ୍ଷ ସିପାହୀ, ଏମାନଙ୍କ ମଧ୍ୟରୁ କେତେ ଜଣ ନିରାମିଷ ଖାଆନ୍ତି ଦେଖ, ଉତ୍ତମ ସିପାହୀ ଗୋର୍ଖା ବା ଶିଖ୍‌ଙ୍କୁ କେହି କେବେ ନିରାମିଷାଶୀ ଦେଖିଛ? ଏକପକ୍ଷ କହୁଛନ୍ତି ଯେ, ମାଂସାହାରରେ ବଦ୍‌ହଜମ; ଆଉ ଏକ ପକ୍ଷ କହୁଛନ୍ତି—ସବୁ ଭୁଲ, ନିରାମିଷାଶୀଗୁଡ଼ାଙ୍କର ହିଁ ସବୁ ପ୍ରକାର ପେଟର ରୋଗ। ଏକପକ୍ଷ କହୁଛନ୍ତି, ତୁମର କୋଷ୍ଠକାଠିନ୍ୟ ରୋଗ ଶାଗପତ୍ର ଖାଇ ଜୋଲାପବତ୍ ଭଲ ହୋଇଯାଏ, ତା' ବୋଲି, କ'ଣ ସାରାଦୁନିଆକୁ ତାହା ହିଁ କରାଇବାକୁ ହେବ? ମୋଟରେ, ଚିରକାଳ ମାଂସାଶୀ ଜାତି-ମାନେ ହିଁ ଯୁଦ୍ଧବୀର ଚିନ୍ତାଶୀଳ ଇତ୍ୟାଦି। ମାଂସାଶୀ ଜାତିମାନେ କହୁଛନ୍ତି ଯେ, ଯେତେବେଳେ ଯଜ୍ଞର ଧୂମ ଦେଶସାରା ଉଠୁଥିଲା, ସେତେବେଳେ ହିଁ ହିନ୍ଦୁମାନଙ୍କ ମଧ୍ୟରେ ଉନ୍ନତମସ୍ତିଷ୍କସମ୍ପନ୍ନ ବ୍ୟକ୍ତି ବାହାରିଛନ୍ତି. ଏ ବାବାଜୀଗିରି ହେବାଠାରୁ ଗୋଟାଏ ମଧ୍ୟ ମଣିଷ ଜନ୍ମିଲା ନାହିଁ। ଏ କାରଣରୁ ମାଂସାଶୀମାନେ ଭୟରେ ମାଂସାହାର ଛାଡ଼ିବାକୁ ଚାହାଁନ୍ତି ନାହିଁ! ଆମମାନଙ୍କ ଦେଶରେ ଆର୍ଯ୍ୟସମାଜୀ ସମ୍ପ୍ରଦାୟ ମଧ୍ୟରେ ଏ ବିବାଦ ଉପସ୍ଥିତ। ଗୋଟିଏ ପକ୍ଷ କହୁଛନ୍ତି ଯେ, ମାଂସ ଖାଇବା ଏକାନ୍ତ ଆବଶ୍ୟକ। ଆର ପକ୍ଷ କହୁଛନ୍ତି, ଏକାନ୍ତ ଅନ୍ୟାୟ। ଏହି ତ ବାଦବିବାଦ ଚାଲିଛି।

ସବୁ ପକ୍ଷ ଦେଖି ଶୁଣି ମୋର ତ ବିଶ୍ୱାସ ହେଉଛି ଯେ, ହିନ୍ଦୁମାନେ ହିଁ ଠିକ୍, ଅର୍ଥାତ୍ ହିନ୍ଦୁମାନଙ୍କର ସେହି ଯେ ବ୍ୟବସ୍ଥା ଯେ, ଜନ୍ମ-କର୍ମ-ଭେଦରେ ଆହାରାଦି ସମସ୍ତ ହିଁ ପୃଥକ୍, ଏଇଟା ହିଁ ସିଦ୍ଧାନ୍ତ। ମାଂସ ଖାଇବା ଅବଶ୍ୟ ଅସଭ୍ୟତା। ନିରାମିଷ ଭୋଜନ ଅବଶ୍ୟ ପବିତ୍ରତର। ଯାହାଙ୍କର ଉଦ୍ଦେଶ୍ୟ କେବଳ ମାତ୍ର ଧର୍ମଜୀବନ, ତାଙ୍କ ପକ୍ଷରେ ନିରାମିଷ, ଆଉ ଯାହାକୁ ଖଟି ଖଟି ଏହି ସଂସାରରେ ଦିବାରାତ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଜୀବନତରୀ ଚଳାଇବାକୁ ହେବ, ତାକୁ ମାଂସ ଖାଇବାକୁ ହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର ଅଛି କଅଣ! ଯେତେଦିନ ମନୁଷ୍ୟ ସମାଜରେ ଏହି ଭାବ ଥିବ, 'ବଳବାନର ଜୟ', ସେତେଦିନ ମାଂସ ଖାଇବାକୁ ହେବ ବା ଅନ୍ୟ କୌଣସି ପ୍ରକାର ମାଂସପରି ଉପଯୋଗୀ ଆହାର ଆବିଷ୍କାର କରିବାକୁ ହେବ। ନ ହେଲେ ବଳବାନର ପଦତଳେ ଦୁର୍ବଳ ପେଷି ହୋଇଯିବେ। ରାମ ବା ଶ୍ୟାମ ନିରାମିଷ ଖାଇ ଭଲ ଅଛନ୍ତି କହିଲେ ଚଳିବ ନାହିଁ। ଜାତି ଜାତିର ତୁଳନା କରି ଦେଖ।

ପୁଣି ନିରାମିଷାଶୀମାନଙ୍କ ମଧ୍ୟରେ ସୁଦ୍ଧା କନ୍ଦଳ ଲାଗିଛି। ଗୋଟିଏ ପକ୍ଷ କହୁଛନ୍ତି

ଯେ ଭାତ, ଆଳୁ, ଗହମ, ଯବ, ଜନାର ପ୍ରଭୃତି ଖାଦ୍ୟ ମଧ୍ୟ କିଛି ନୁହେଁ, ସେସବୁକୁ ମଣିଷ ବନେଇଛି, ସେସବୁ ଖାଇବା ଦ୍ୱାରା ହିଁ ଯେତେ ରୋଗ । ଶର୍କରା-ଉତ୍ପାଦକ ଖାଦ୍ୟ (Starchy) ରୋଗର ଘର । ଘୋଡ଼ାଗୋରୁଙ୍କୁ ଘରେ ବସାଇ ଚାଉଳ ଗହମ ଖୁଆଇଲେ ରୋଗୀ ହୋଇ ଯାଆନ୍ତି, ପୁଣି ପଡ଼ିଆକୁ ଛାଡ଼ିଦେଲେ କଅଁଳ ଘାସ ଖାଇ ସେମାନଙ୍କ ରୋଗ ଭଲ ହୋଇଯାଏ । ଘାସ ଶାଗପତ୍ର ପ୍ରଭୃତି ହରିତ୍ ଦ୍ରବ୍ୟରେ ଶର୍କରା-ଉତ୍ପାଦକ ପଦାର୍ଥ ଅତି କମ୍ । ବନମଣିଷ ବାଦାମ ଓ ଘାସ ଖାଆନ୍ତି । ଆଳୁ ଗହମ ଇତ୍ୟାଦି ଖାଆନ୍ତି ନାହିଁ; ଯଦି ଖାଆନ୍ତି ତ ଅପକ୍ୱ ଅବସ୍ଥାରେ, ଯେତେବେଳେ ଷ୍ଟାର୍ଚ୍ଚ (starch) ଅଧିକ ହୋଇନାହିଁ । ଏସବୁ ନାନାପ୍ରକାର ବିତଣ୍ଡା ଚାଲିଛି । ଏକ ପକ୍ଷ କହୁଛନ୍ତି, ଶୁଖିଲା ମାଂସ ଓ ଯଥେଷ୍ଟ ଫଳ ଏବଂ ଦୁଗ୍ଧ ଏହି ଭୋଜନ ହିଁ ଦୀର୍ଘ ଜୀବନର ଉପଯୋଗୀ । ବିଶେଷତଃ ଫଳ, ଫଳାହାରୀ ଅନେକ ଦିନ ପର୍ଯ୍ୟନ୍ତ ଯୁବା ଥାଏ, କାରଣ ଫଳର ଖଟା ହାଡ଼ଗୋଡ଼ରେ ଜଙ୍ଗ୍ ଧରିବାକୁ ଦିଏ ନାହିଁ ।

ବର୍ତ୍ତମାନ ସର୍ବବାଦୀସମ୍ମତ ହୋଇଛି ଯେ, ପୁଷ୍ଟିକର ଅଥଚ ଶୀଘ୍ର ହଜମ ହେବ ଏପରି ଖାଦ୍ୟ ଖାଇବା । ଅଳ୍ପ ଆୟତନରେ ବହୁପ୍ରକାର ପୁଷ୍ଟିଯୁକ୍ତ ଅଥଚ ଶୀଘ୍ର ପାକ ହେବ, ଏପରି ଖାଇବା ଦରକାର । ଯେଉଁ ଖାଇବାରେ ପୁଷ୍ଟି କମ୍ ତାହା ବସ୍ତାଏ ଖଣ୍ଡେ ଖାଇବା ଦରକାର, ଫଳରେ ସାରା ଦିନ ଲାଗେ ତାକୁ ହଜମ କରିବାକୁ; ଯଦି ହଜମରେ ହିଁ ସବୁ ଶକ୍ତିଟିକକ ଗଲା, ତେବେ ଅନ୍ୟ କାମ କରିବାକୁ ଶକ୍ତି କେଉଁଠୁ ଆସିବ ?

ଭଜା ଜିନିଷ ଗୁଡ଼ାକ ଅସଲ୍ ବିଷ । ଗୁଡ଼ିଆ ଦୋକାନ ଯମପୁର । ଘିଅ ତେଲ ଗରମ ଦେଶରେ ଯେତେ ଅଳ୍ପ ଖାଇବାକୁ ହୁଏ, ସେତେ କଲ୍ୟାଣ । ଘିଅଠାରୁ ଲହୁଣୀ ଶୀଘ୍ର ହଜମ ହୁଏ । ମଇଦାରେ କିଛି ନାହିଁ, ଦେଖିବାକୁ କେବଳ ଧଳା । ଗହମର ସମସ୍ତ ଭାଗ ଯେଉଁଥିରେ ଅଛି, ଏପରି ଅଟା ହିଁ ସୁଖାଦ୍ୟ । ଆମମାନଙ୍କ ବଙ୍ଗଳା ଦେଶ ପାଇଁ ଏପର୍ଯ୍ୟନ୍ତ ମଧ୍ୟ ଦୂର ପଲ୍ଲୀଗ୍ରାମରେ ଯେଉଁ ସବୁ ଆହାରର ବନ୍ଦୋବସ୍ତ ଅଛି, ତାହା ହିଁ ପ୍ରଶସ୍ତ । କୌଣସି ପ୍ରାଚୀନ ବଙ୍ଗାଳୀ କବି ଲୁଚି କଚୁରିର ବର୍ଣ୍ଣନା କରୁଛନ୍ତି । ସେ ଲୁଚି କଚୁରି ଆସିଛି ପଶ୍ଚିମରୁ । ସେଠାରେ ମଧ୍ୟ କଦବା କ୍ୱଚିତ୍ ଲୋକେ ଖାଆନ୍ତି । ଉପରେ ଉପରେ 'ପାକ ରସୁଇ' ଖାଇଥାଏ ଏପରି ଲୋକ ତ ଦେଖି ନାହିଁ ! ମଥୁରାର ଚୌବେ ପହିଲମାନ ଲୁଚି-ଲଡ଼ୁ ପ୍ରିୟ; ଦୁଇ ଚାରିବର୍ଷରେ ହିଁ ଚୌବେଙ୍କ ହଜମର ସର୍ବନାଶ ହୁଏ, ଆଉ ଚୌବେଜୀ ଚୂରଣ ଖାଇ ଖାଇ ମରନ୍ତି ।

ଗରିବମାନେ ଖାଇବାକୁ ପାଆନ୍ତି ନାହିଁ ବୋଲି ଅନାହାରରେ ମରନ୍ତି; ଧନୀମାନେ ଅଖାଦ୍ୟ ଖାଇ ଅନାହାରରେ ମରନ୍ତି । ଯାହା ତାହା ପେଟରେ ପୂରେଇବାଠାରୁ ଉପବାସ ଭଲ । ଗୁଡ଼ିଆ ଦୋକାନର ଖାଇବାରେ ଖାଦ୍ୟଦ୍ରବ୍ୟ କିଛିହେଲେ ନାହିଁ, ଏକଦମ୍ ଓଲଟା ଅଛନ୍ତି, ବିଷ-ବିଷ-ବିଷ । ପୂର୍ବେ ଲୋକେ କଦବାକ୍ୱଚିତ୍ ସେ ପାପଗୁଡ଼ିକ ଖାଉଥିଲେ; ଏବେ ସହରର ଲୋକେ ବିଶେଷତଃ ବିଦେଶୀ ଯେଉଁମାନେ ସହରରେ ବାସ କରନ୍ତି, ସେମାନଙ୍କର ନିତ୍ୟ-ଭୋଜନ ହେଉଛି ଏହିସବୁ । ଏଥିରେ ଅଜୀର୍ଣ୍ଣରୋଗରେ ଅପମୃତ୍ୟୁ ହେବ,

ସେଥିରେ ବଡ଼ନ କଅଣ ! ରୋଗ ହେଲେ ମଧ୍ୟ କଟୁର କଲପି ଗାତରେ ପକାଇ ଦେଇ, ପଇସାଭର ମୁଡ଼ି କିଣି ଖାଅ — ଶଯ୍ୟା ହେବ, କିଛି ଖାଇବା ମଧ୍ୟ ହେବ । ଭାତ, ଡାଲି, ଅଟାର ରୁଟି, ମାଛ, ଶାଗ, ଦୁଧ ଯଥେଷ୍ଟ ଖାଦ୍ୟ । ତେବେ ଡାଲି ଦକ୍ଷିଣୀମାନଙ୍କ ପରି ଖାଇବା ଉଚିତ । ଅର୍ଥାତ୍ ଡାଲିର ଝୋଲମାନ, ଦାନାଟା ଗୋରୁଙ୍କୁ ଦିଅ । ମାଂସ ଖାଇବା ପାଇଁ ପଇସା ଥାଏ, ଖାଅ, ତେବେ ସେ ପଶ୍ଚିମୀ ନାନାରକମ ଗରମ ମସଲାଗୁଡ଼ାକ ବାଦ୍ ଦେଇ । ମସଲାଗୁଡ଼ାକ ଖାଇବା ଜିନିଷ ନୁହେଁ—ସେଗୁଡ଼ାକ ଅଭ୍ୟାସର ଦୋଷ । ଡାଲି ଅତି ପୁଷ୍ଟିକର ଖାଦ୍ୟ, ତେବେ ଅତି ଦୁଷ୍ପାଚ୍ୟ । ଯୋଖାଡ ହୋଇ ନ ଥିବା ବଣଡାଲି ଅତି ସୁପାଚ୍ୟ ଏବଂ ସୁସ୍ୱାଦୁ; ପ୍ୟାରିସ୍ ରାଜଧାନୀରେ ଏହାର ସୁପ୍ ଗୋଟାଏ ବିଖ୍ୟାତ ଖାଦ୍ୟ । କଞ୍ଚା ବରକୁ ଖୁବ୍ ସିଝକର, ତା'ପରେ ତାକୁ ଯେମିତି ପାଣିସହିତ ମିଶାଇଦିଅ । ତା'ପରେ ଗୋଟାଏ ଦୁଧଛାଙ୍କୁଣୀ ପରି ତାର ଛାଙ୍କୁଣୀରେ ଛାଣିଦେଲେ ଚୋପାଗୁଡ଼ାକ ବାହାରି ଆସିବ । ବର୍ତ୍ତମାନ ହଳଦୀ, ଧନିଆ, ଜଗୁମରିଚ, ଲଙ୍କାମରିଚ, ଯାହା ଦେବାର ଦେଇ ସନ୍ତୁଳ ଦିଅ, ଉତ୍ତମ ସୁସ୍ୱାଦୁ ସୁପାଚ୍ୟ ଡାଲି ହେଲା । ଯଦି ଗୋଟାଏ ବୋଦାମୁଣ୍ଡ ବା ମାଛମୁଣ୍ଡ ତା' ସହିତ ଥାଏ ତ ଉପାଦେୟ ହୁଏ ।

ଏହି ଯେ ଏତେ ପରସ୍ତା-ରୋଗର ଧୁମ୍ ଦେଶରେ, ତାହାର ଅଧିକାଂଶ ହିଁ ଅଜୀର୍ଣ୍ଣ-ଜନିତ, ଦୁଇଚାରିଜଣଙ୍କର ମୁଣ୍ଡଘୂରା, ବାକି ସବୁ ବଦ୍ହଜମ । ପେଟ ପୂରିଲେ ହିଁ କଅଣ ଖାଇବା ହେଲା ? ଯେଉଁତକ ହଜମ ହେବ, ସେତିକ ହିଁ ଖାଇବା । ପେଟ ଓହଳି ପଡ଼ିବା ବଦ୍ହଜମର ପ୍ରଥମ ଚିହ୍ନ । ଶୁଖିଯିବା ବା ମୋଟା ହେବା ଦୁଇଟା ହିଁ ବଦ୍ହଜମ । ଗୋଡର ମାଂସ ଲୁହାପରି ଟାଣ ହେବା ଦରକାର । ପ୍ରସ୍ରାବରେ ଚିନି ବା ଆଲବୁମେନ (Albu-men) ଦେଖାଦେଇଛି ବୋଲି 'ହାଁ' କରି ବସ ନାହିଁ । ଯେସବୁ ଆମମାନଙ୍କ ଦେଶରେ କିଛି ନୁହେଁ । ତାହା ଖାତିର ଭିତରକୁ ମଧ୍ୟ ଆଣ ନାହିଁ । ଖାଇବା ଆଡ଼କୁ ଖୁବ ନଜର ଦିଅ ଯେପରି ଅଜୀର୍ଣ୍ଣ ନ ହୁଏ । ଖୋଲା ହାଓ୍ୱାରେ ଯେତେକ୍ଷଣ ସମ୍ଭବ ରହିବ । ଖୁବ ଚାଲି ଆଉ ପରିଶ୍ରମ କର୍ଯା ଯେପରି ହେଲେ ମଧ୍ୟ କ୍ଷତି ନାଅ, ଆଉ ବଦରିକାଶ୍ରମକୁ ତୀର୍ଥଯାତ୍ରା କର । ହରିଦ୍ୱାରଠାରୁ ଗୋଡ଼ରେ ଚାଲି ୧୦୦ କୋଶ ଠେଲି ପାହାଡ଼ ଚଢ଼ି ବଦରିକାଶ୍ରମ ଯିବା ଆସିବା ପରେ ହେଲେ ହିଁ ସେହି ପ୍ରସାଦର ବେଗମ୍-ଫେଗମ୍ ଭୂତ ଲାଗିବା ପରି ଉଡ଼ି-ଯିବ । ଡାକ୍ତର ଫାକ୍ତର ପାଖକୁ ଆସିବାକୁ ଦିଅ ନାହିଁ, ସେମାନେ ଅଧିକାଂଶ 'ଭଲକରି ପାରିବ ନାହିଁ, ମନ୍ଦ କରିବ, କଅଣ ଦେବୁ କହ' । ପାରିଲେ ଔଷଧ ଖାଅ ନାହିଁ । ରୋଗରେ ଯଦି ଅଣାଏ ମରନ୍ତି, ଔଷଧରେ ମରନ୍ତି ପନ୍ଦରଅଣା ! ଯଦି ପାର ପ୍ରତିବର୍ଷ ଦୁର୍ଗାପୂଜା ଛୁଟି ସମୟରେ ଚାଲି ଚାଲି ଗାଆଁକୁ ଯାଅ । ଧନୀ ହେବା, ଆଉ କୋଡ଼ିର ବାଦଶାହ ହେବା —ଦେଶରେ ଏକା କଥା ହୋଇଯାଇଛି । ଯାହାକୁ ଧରି ଚଲାଇବାକୁ ହୁଏ, ଖୁଆଇ ଦେବାକୁ ହୁଏ, ସେ ତ ଜୀବନ୍ତ ରୋଗୀ, ସେ ତ ହତଭାଗ୍ୟ । ଯେ ଲୁଚିଖଣ୍ଡକୁ ଛଣ୍ଡାଇ ଛଣ୍ଡାଇ ଖାଉଛି, ସେ ତ ମରି ରହିଛି । ଯେ ଏକାଦମ୍‌ରେ ଦଶକୋଶ ଚାଲି ନ ପାରେ, ସେ ମଣିଷ ନା କିଆ ? ଇଚ୍ଛାକରି ରୋଗ, ଅକାଳମୃତ୍ୟୁ ଡାକି ଆଣିଲେ କିଏ କଅଣ କରିବ ?

ପୁଣି ସେ ଯେଉଁ ପାଉଁରୁଟି, ସେ ହେଉଛନ୍ତି ବିଷ, ତାକୁ ଛୁଅଁ ନା ଏକଦମ୍ । ଖଟା ମିଶିଲେ ହିଁ ମଇଦା ଆଉ ଗୋଟାଏ ପ୍ରକାର ହୋଇଯାଏ । କୌଣସି ଖଟାମିଶା ଜିନିଷ ଖାଇବ ନାହିଁ, ଏ ବିଷୟରେ ଆମମାନଙ୍କ ଶାସ୍ତ୍ରରେ ଯେଉଁ ସର୍ବପ୍ରକାର ଖଟାମିଶା ଜିନିଷର ନିଷେଧ ଅଛି, ଏହା ବଡ଼ ସତ୍ୟ । ଶାସ୍ତ୍ରରେ ଯେକୌଣସି ଜିନିଷ ମିଠାରୁ ଖଟା ହୋଇଛି, ତାହାର ନାମ 'ଶୁକ୍ତ' ତାହା ଖାଇବା ନିଷେଧ,— କେବଳ ଦହି ଛଡ଼ା । ଦହି ଅତି ଉପାଦେୟ, ଉତ୍ତମ ଜିନିଷ । ଯଦି ନିତାନ୍ତ ପାଉଁରୁଟି ଖାଇବାକୁ ହୁଏ, ତାକୁ ପୁନର୍ବାର ଖୁବ୍ ନିଆଁରେ ସେକି ଖାଅ ।

ଅଶୁଦ୍ଧ ଜଳ ଆଉ ଅଶୁଦ୍ଧ ଭୋଜନ ରୋଗର କାରଣ । ଆମେରିକାରେ ଏହି ଜଳ-ଶୁଦ୍ଧିର ଖୁବ ଆଡ଼ମ୍ବର । ଏବେ ସେ ଫିଲ୍‌ଟର୍‌ର ଯୁଗ ସରିଯାଇଛି । ଅର୍ଥାତ ଫିଲ୍‌ଟର୍ ଜଳକୁ ଛାଣିଦିଏ ମାତ୍ର, କିନ୍ତୁ ରୋଗର ବୀଜ ଯେଉଁସବୁ କୀଟାଣୁ ସେଥିରେ ଥାଏ, କଲେରା, ପ୍ଲେଗ୍‌ର ବୀଜ, ତାହା ଯେପରି ସେପରି ଥାଏ; ଅଧିକନ୍ତୁ ଫିଲ୍‌ଟର୍‌ଟି ସ୍ୱୟଂ ସେସବୁ ବୀଜର ଜନ୍ମଭୂମିରେ ପରିଣତ ହୁଅନ୍ତି । କଲିକତାରେ ଯେତେବେଳେ ପ୍ରଥମେ ଫିଲ୍‌ଟର୍ ସଫା ଜଳ ଚାଲିଲା, ସେତେବେଳେ ପାଞ୍ଚବର୍ଷ କଲେରା ହୋଇନାହିଁ ବୋଲି ଶୁଣାଯାଏ । ତା'ପରେ ଯାହାକୁ ତାହା, ଅର୍ଥାତ୍ ସେହି ଫିଲ୍‌ଟର୍ ମହାଶୟ ଏବେ ସ୍ୱୟଂ କଲେରା-ବୀଜର ଆବାସ ହୋଇ ଛିଡ଼ା ହୋଇଛନ୍ତି । ଫିଲ୍‌ଟର୍ ମଧ୍ୟରେ ଦେଶୀ ତିନିକାଠିଆ ଉପରେ ସେହି ଯେ ତିନି ମାଠିଆ ଥିବା ଫିଲ୍‌ଟର୍, ତାହା ଉତ୍ତମ, ତେବେ ଦୁଇ ତିନିଦିନ ଅନ୍ତରରେ ବାଲି ବା କୋଇଲା ବଦଳାଇ ଦେବାକୁ ହେବ ବା ଫୋପାଡ଼ି ଦେବାକୁ ହେବ । ଆଉ ସେହି ଯେ ଟିକିଏ ଫିଟ୍‌କିରି ଦେବା ଗଙ୍ଗାତୀରସ୍ଥ ଗ୍ରାମର ଅଭ୍ୟାସ, ସେଇଟି ସବୁଠାରୁ ଭଲ । ଫିଟ୍‌କିରି ଗୁଣ୍ଡ ଯଥାସମ୍ଭବ ମାଟି ମଇଳା ଓ ରୋଗର ବୀଜ ସଙ୍ଗରେ ଧୀରେ ଧୀରେ ତଳକୁ ବସିଯାଆନ୍ତି । ଗଙ୍ଗାଜଳ ମାଠିଆରେ ପୂରାଇ ଟିକିଏ ଫିଟ୍‌କିରିଗୁଣ୍ଡ ଦେଇ ବିଶୋଧିତ କରି ଯେ ଆମେମାନେ ବ୍ୟବହାର କରୁଁ, ତାହା ତୁମର ବିଲାତି ଫିଲ୍‌ଟର୍ ମିଲ୍‌ଟରର ଚଉଦପୁରୁଷ ମୁଣ୍ଡରେ ଝାଡ଼ୁ ବାଡ଼ାଏ, କଳପାଣିଠାରୁ ଶହେଗୁଣ ଭଲ । ତେବେ ପାଣି ଫୁଟାଇ ନେଇପାରିଲେ ନିର୍ଭୟ ହୁଏ ନିଶ୍ଚୟ । ଫିଟିକିରି ମିଶାଇଥିବା ଜଳ ଫୁଟାଇ ଥଣ୍ଡା କରି ବ୍ୟବହାର କର, ଫିଲ୍‌ଟର ଗାତକୁ ପକେଇ ଦିଅ । ଏବେ ଆମେରିକାରେ ବଡ଼ ବଡ଼ ଯନ୍ତ୍ର ଯୋଗେ ଜଳକୁ ଏକଦମ୍ ବାଷ୍ପ କରିଦିଅନ୍ତି, ପୁଣି ସେହି ବାଷ୍ପକୁ ଜଳ କରନ୍ତି, ତା'ପରେ ଆଉ ଗୋଟାଏ ଯନ୍ତ୍ରଦ୍ୱାରା ବିଶୁଦ୍ଧ ବାୟୁ ତା' ଭିତରେ ପୂରାଇ ଦିଅନ୍ତି, ଯେଉଁ ବାୟୁଟା ବାଷ୍ପ ହେବା ସମୟରେ ବାହାରିଯାଏ, ସେ ଜଳ ଅତି ବିଶୁଦ୍ଧ; ଘରେ ଘରେ ଏବେ ଦେଖୁଛ ତାହା ହିଁ ।

ଯାହାର ଦୁଇପଇସା ଅଛି, ଆମ ଦେଶରେ ସେ ପିଲାପିଲାଗୁଡ଼ାଙ୍କୁ ନିତି କଚୁରି ମଣ୍ଡା ମିଠାଇ ଖୁଆଉଛି !! ଭାତ, ରୁଟି ଖାଇବା ଅପମାନ !! ଏଥିରେ ପିଲାପିଲାଗୁଡ଼ାକ ନଡ଼ନଡ଼ିଆ ପେଟୁଆ ପଶୁଭଳି ହେବେ ନାହିଁ ତ ଆଉ କ'ଣ ? ଏତେ ବଡ଼ ଷଣ୍ଢ ଜାତି ଇଂରେଜ, ଯେଉଁମାନଙ୍କର ବରଫ ଦେଶରେ ବାସ, ଦିନରାତି କସରତ୍ କରନ୍ତି, ସେମାନେ

ଭଜାଭଜି ମିଠାଇ ମଣ୍ଡା ନାଆଁ ଶୁଣିଲେ ଡରଯାଆନ୍ତି । ଆଉ ଆମେ ଅଗ୍ନିକୁଣ୍ଡରେ ବାସ କରୁଛୁ, ଗୋଟାଏ ଘରୁ ଆଉ ଗୋଟାଏ ଘରକୁ ମଧ୍ୟ ଚାଲିବୁଲି କରୁନାହୁଁ, ଆଉ ଆହାର ଲୁଚି କଚୁରି ମିଠାଇ, ଘିଅଭଜା, ତେଲଭଜା !! ସେକାଳର ଗାଉଁଲି ଜମିଦାର ଦଶକୋଶ ଚାଲିଯାଉଥିଲେ, ଦୁ କେଜି କଇମାଛ ଝୋଳଭାତ ଚୋବେଇ ଖାଉଥିଲେ, ୧୦୦ ବର୍ଷ ବଞ୍ଚୁଥିଲେ । ସେମାନଙ୍କର ପିଲାପିଲିଗୁଡ଼ାକ କଲିକତାକୁ ଆସିଲେ, ଆଖିରେ ଚଷମା ଦିଅନ୍ତି, ଲୁଚି କଚୁରି ଖାଆନ୍ତି, ଦିନସାରା ଗାଡ଼ି ଚଢ଼ନ୍ତି, ଆଉ ପ୍ରସ୍ରାବ-ବେମାରି ହୋଇ ମରନ୍ତି; 'କଲିକତି' ହାଓ୍ୱାର ଏହା ହିଁ ଫଳ !! ଆଉ ସର୍ବନାଶ କରୁଛନ୍ତି ଏହି ଅପଦାର୍ଥ ଡାକ୍ତର ବୈଦ୍ୟଗୁଡ଼ାକ । ସେମାନେ ସବ୍‌ଜାନ୍ତା, ଔଷଧ ବଳରେ ସେମାନେ ସବୁ କରିପାରନ୍ତି । ଟିକିଏ ପେଟ ଗରମ ହୋଇଛି ତ ସାଙ୍ଗେ ସାଙ୍ଗେ ଟିକିଏ ଔଷଧ ଦିଅ; ବୈଦ୍ୟ ମଧ୍ୟ କହେ ନାହିଁ ଯେ, ଛାଡ଼ ଔଷଧ, ଯାଅ ଦି'କୋଶ ବୁଲି ଆସ, ନାନା ଦେଶ ଦେଖୁଛୁ, ନାନା ରକମର ଖାଇବା ମଧ୍ୟ ଦେଖୁଛୁ । ତେବେ ଆମର ଭାତ ଡାଲି, ଝୋଳ, ଚଡ଼ଚଡ଼ି, ଶୁକ୍ତାନି, ଭଣ୍ଡାପାଣ୍ଡିଆ ପାଇଁ ପୁନର୍ଜନ୍ମ ନେବାକୁ ଚାହିଁବା ମଧ୍ୟ ଖୁବ୍ ବଡ଼କଥା ମନେ ହେଉନାହିଁ । ଦାନ୍ତ ଥିବାବେଳେ ତୁମେମାନେ ଦାନ୍ତର ମର୍ଯ୍ୟାଦା ବୁଝ ନାହିଁ; ଏହା ହିଁ ଅବଶୋଷ । ଖାଇବା ନକଲ କଅଣ ଇଂରେଜଠାରୁ ଆମର କରିବାକୁ ହେବ । ଏତେ ଟଙ୍କା କାହିଁ ? ବର୍ତ୍ତମାନ ଆମ ଦେଶ ଉପଯୋଗୀ ଯଥାର୍ଥ ବଙ୍ଗାଳୀ ଖାଦ୍ୟ, ଉପାଦେୟ ପୁଷ୍ଟିକର ଓ ଶସ୍ତା । ଖାଦ୍ୟ ହେଉଛି ପୂର୍ବ-ବଙ୍ଗଳାରେ, ଯେତେଦୂର ସମ୍ଭବ ସେମାନଙ୍କୁ ନକଲ କର । ଯେତେ ପଶ୍ଚିମ ଆଡ଼କୁ ଚାଲିବ, ସେତେ ହିଁ ଖରାପ, ଶେଷରେ ବରଡାଲି ଆଉ ମାଛ ଖଣ୍ଟା ମାତ୍ର—ଅଧାସାନ୍ତାଳୀ ବୀରଭୂମି ବାଙ୍କୁଡ଼ାରେ ରହିବ । ତୁମେମାନେ କଲିକତାର ଲୋକ, ସେହି ଯେ ସର୍ବନାଶିଆ ମଇଦା ଆପୁଡ଼ୁଥିବା ଗୁଡ଼ିଆ ଦୋକାନ ରୂପକ ସର୍ବନାଶିଆ ଫାସ ଫିଟାଇ ବସିଛ । ତାହାର ମୋହିନୀ ଯୋଗୁଁ ବୀରଭୂମି, ବାଙ୍କୁଡ଼ା ଟୋକେଇ ଟୋକେଇ ମୁଢ଼ି ଦାମୋଦରରେ ଫୋପଡ଼ା ହେଉଛି । ବରଡାଲି ଗାତକୁ ଗଲାଣି, ଆଉ ପୋସ୍ତବଟା କାନ୍ଥରେ ଲିପା ହେଲାଣି । ଢାକା ବିକ୍ରମପୁର ମଧ୍ୟ ବଡ଼ମାଛ, କଛୁପାଦ ପାଣିରେ ଛାଡ଼ିଦେଇ, 'ସଭ୍ୟ' ହେଉଛି । ନିଜେ ତ ଉଚ୍ଛନ୍ନ ହେଲାଣି, ପୁଣି ସାରା ଦେଶକୁ ସେମିତି କରିବାକୁ ବସିଛ । ତୁମେମାନେ ଖାସ ସଭ୍ୟ, ଏହି ହେଉଛି ସହରିଆ ଲୋକ ! ତୁମମାନଙ୍କ ମୁହଁରେ ନିଆଁ ! ସେମାନେ ପୁଣି ଏମିତି ନିର୍ବୋଧ ଯେ, ସେହି କଲିକତାର ଆବର୍ଜନାଗୁଡ଼ାକ ଖାଇ ଉଦରାମୟ ହୋଇ ମର-ମର ହେବେ ପଛକେ ତଥାପି କହିବେ ନାହିଁ ଯେ, ଏଗୁଡ଼ାକ ହଜମ ହେଉନାହିଁ, କହିବେ—ଲୁଣିଆ ଲାଗୁଛି !! କୌଣସି ପ୍ରକାରେ ହେଉ ସହରିଆ ହେବେ ।

ଖାଇବା ସମ୍ବନ୍ଧରେ ତ ମୋଟରେ ଏସବୁ କଥା ଶୁଣିଲ । ଏବେ ପାଶ୍ଚାତ୍ୟବାସୀମାନେ କଅଣ ଖାଆନ୍ତି ଏବଂ ଏମାନଙ୍କ ଆହାର କ୍ରମଶଃ କିପରି ପରିବର୍ତ୍ତିତ ହେଉଛି, ତାହା ମଧ୍ୟ କିଛି କହୁଛି ।

ଗରିବ ଅବସ୍ଥାରେ ସବୁ ଦେଶର ଖାଦ୍ୟ ହିଁ ଧାନ୍ୟ ବିଶେଷ ଏବଂ ଶାଗ ତରକାରୀ;

ମାଛ ମାଂସ ବିଳାସ ସାମଗ୍ରୀ ଭଳି ଏବଂ ଏହା ଚଟଣିପରି ବ୍ୟବହୃତ ହୁଏ । ଯେଉଁ ଦେଶରେ ଯେଉଁ ଶସ୍ୟ ପ୍ରଧାନ ଫସଲ, ତାହା ଗରିବମାନଙ୍କର ପ୍ରଧାନ ଖାଦ୍ୟ, ଅନ୍ୟାନ୍ୟ ଜିନିଷ ଆନୁଷଙ୍ଗିକ । ଯେମିତି ବଙ୍ଗଳା, ଓଡ଼ିଶା ଓ ମାଡ୍ରାଜ ଉପକୂଳରେ ଏବଂ ମାଲବାର ଉପକୂଳରେ ଭାତ ପ୍ରଧାନ ଖାଦ୍ୟ; ତା'ସହିତ ଡାଲି ତରକାରି, କେବେ କେବେ ମାଛ ମାଂସ ଚଟଣିବତ୍ ।

ଭାରତବର୍ଷର ଅନ୍ୟାନ୍ୟ ସବୁ ଦେଶରେ ଅବସ୍ଥାପନ୍ନ ଲୋକଙ୍କ ପାଇଁ ପ୍ରଧାନ ଖାଦ୍ୟ ଗହମ ରୁଟି ଓ ଭାତ । ସାଧାରଣ ଲୋକଙ୍କର ନାନାପ୍ରକାର ବାଜରା, ମଡ଼ୁଆ, ଜନାର, ଝିଙ୍ଗୋରା ପ୍ରଭୃତି ଧାନ୍ୟର ରୁଟି ପ୍ରଧାନ ଖାଦ୍ୟ ।

ଶାଗ, ତରକାରି, ଡାଲି, ମାଛ, ମାଂସ ସବୁ ହିଁ ସମଗ୍ର ଭାରତବର୍ଷରେ ସେହି ରୁଟି ବା ଭାତକୁ ସୁସ୍ୱାଦୁ କରିବା ପାଇଁ ବ୍ୟବହାର—ତେଣୁ ସେମାନଙ୍କ ନାମ ବ୍ୟଞ୍ଜନ । ଏପରି କି ପଞ୍ଜାବ, ରାଜପୁତାନା ଓ ଦାକ୍ଷିଣାତ୍ୟ ଦେଶରେ ଅବସ୍ଥାପନ୍ନ ଆମିଷାଶୀ ଲୋକମାନେ, ଏପରି କି ରାଜାମାନେ ମଧ୍ୟ, ନିତ୍ୟ ନାନାପ୍ରକାର ମାଂସ ଭୋଜନ କରୁଥିଲେ ହେଁ ରୁଟି ବା ଭାତ ହିଁ ସେମାନଙ୍କର ପ୍ରଧାନ ଖାଦ୍ୟ । ଯେଉଁ ବ୍ୟକ୍ତି ଅଧସେର ମାଂସ ନିତ୍ୟ ଖାଏ, ସେ ସେରେ ରୁଟି ତାହା ସହିତ ନିଶ୍ଚୟ ଖାଏ ।

ପାଶ୍ଚାତ୍ୟଦେଶରେ ଏବେ ଯେଉଁସବୁ ଗରିବ ଦେଶ ଅଛି ଏବଂ ଧନୀ ଦେଶର ଗରିବ-ମାନଙ୍କ ମଧ୍ୟରେ ସେହି ପ୍ରକାର ରୁଟି ଏବଂ ଆଳୁ ହିଁ ପ୍ରଧାନ ଖାଦ୍ୟ, ମାଂସ ଚଟଣି ମାତ୍ର—ତାହା ମଧ୍ୟ କଦବା କ୍ୱଚିତ୍ । ସ୍ପେନ, ପର୍ତ୍ତୁଗାଲ, ଇଟାଲି ପ୍ରଭୃତି ଅପେକ୍ଷାକୃତ ଉଷ୍ଣ ଦେଶରେ ଯଥେଷ୍ଟ ଦ୍ରାକ୍ଷା ଜନ୍ମେ ଏବଂ ଦ୍ରାକ୍ଷା-ମଦ ଅତି ଶସ୍ତା । ସେସବୁ ମଦରେ ମାଦକତା ମଧ୍ୟ ନାହିଁ (ଅର୍ଥାତ୍ ପିଁପାଏ ଖଣ୍ଡେ ନ ଖାଇଲେ ତ ଆଉ ନିଶା ହେବ ନାହିଁ ଏବଂ ତାହା ମଧ୍ୟ କେହି ଖାଇପାରିବେ ନାହିଁ) ଏବଂ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ । ସେ ଦେଶର ଦରିଦ୍ର ଲୋକେ ଏଥିପାଇଁ ମାଛ ମାଂସ ଜାଗାରେ ସେହି ଦ୍ରାକ୍ଷା-ରସଦ୍ୱାରା ପୁଷ୍ଟି ସଂଗ୍ରହ କରନ୍ତି । କିନ୍ତୁ ଉତ୍ତରାଞ୍ଚଳ, ଯେପରି ରୁଷିଆ, ସୁଇଡେନ ନରଓୱେ ପ୍ରଭୃତି ଦେଶରେ ଦରିଦ୍ର ଲୋକଙ୍କ ଆହାର ପ୍ରଧାନତଃ ରାଇ ନାମକ ଧାନ୍ୟର ରୁଟି ଓ ଖଣ୍ଡେ ଦୁଇଖଣ୍ଡ ଶୁଖିଲା ମାଛ ଓ ଆଳୁ ।

ଇଉରୋପରେ ଅବସ୍ଥାପନ୍ନ ଲୋକଙ୍କର ଏବଂ ଆମେରିକାର ଆବାଳବୃଦ୍ଧବନିତାଙ୍କର ଖାଇବା ଆଉ ଏକ ପ୍ରକାର । ଅର୍ଥାତ୍, ରୁଟି, ଭାତ, ପ୍ରଭୃତି ଚଟଣି ଏବଂ ମାଛମାଂସ ହିଁ ହେଉଛି ମୁଖ୍ୟ ଖାଦ୍ୟ । ଆମେରିକାରେ ରୁଟି ଖାଇବା ନାହିଁ କହିଲେ ହିଁ ହୁଏ । ଯଦି ମାଛ ମାଂସ ହିଁ ଆସିଲା, ତାକୁ ସେମିତି ଖାଇବାକୁ ହେବ, ଭାତ-ରୁଟିର ସଂଯୋଗରେ ନୁହେଁ, ଏଥିପାଇଁ ପ୍ରତ୍ୟେକ ଥର ଥାଳି ବଦଳା ହୁଏ । ଯଦି ଦଶଟା ଖାଇବା ଜିନିଷ ଥାଏ ତ ଦଶ ଥର ଥାଳି ବଦଳାଇବାକୁ ହୁଏ । ମନେ କର, ଆମମାନଙ୍କ ଦେଶରେ ପ୍ରଥମେ କେବଳ ଶୁକ୍ତ ଆସିଲା, ତା'ପରେ ଥାଳି ବଦଳାଇ କେବଳ ଡାଲି ଆସିଲା, ପୁଣି ଥାଳି ବଦଳାଇ କେବଳ ଝୋଳ ଆସିଲା, ପୁଣି ଥାଳି ବଦଳାଇ ଦି'ଟା ଭାତ, ନୁହେଁ ତ ଦି'ଖଣ୍ଡ ଲୁଚି

ଇତ୍ୟାଦି । ଏହାର ଲାଭ ଭିତରେ ଏତିକି ଯେ, ନାନା ଜିନିଷ ଅଳ୍ପ ଅଳ୍ପ ଖିଆଯାଏ, ପେଟ ବୋଝେଇ କରାହୁଏ ନାହିଁ ।

ଫରାସୀ ଚଳଣି, ସକାଳ ଓଳି 'କଫି' ଏବଂ ଖଣ୍ଡେ ଅଧେ ରୁଟି ମଖନ, ଦପହରେ ମାଛ ମାଂସ ଇତ୍ୟାଦି; ରାତିରେ ଭୂରି ଭୋଜନ । ଇଟାଲି, ସ୍ପେନ ପ୍ରଭୃତି ଜାତିମାନଙ୍କର ସେହି ପ୍ରକାର; ଜର୍ମାନମାନେ କ୍ରମାଗତ ଖାଉଛନ୍ତି—ପାଞ୍ଚ ଥର ଛଅ ଥର, ପ୍ରତ୍ୟେକ ଥର ଅଳ୍ପ ବହୁତ ମାଂସ । ଇଂରେଜମାନେ ତିନି ଥର; ସକାଳେ ଅଳ୍ପ, କିନ୍ତୁ ମଝିରେ ମଝିରେ କଫି ଓ ରୁଟି ଅଛି । ଆମେରିକାନ୍‌ମାନଙ୍କର ତିନି ଥର—ଉତ୍ତମ ଭୋଜନ ପ୍ରଚୁର ମାଂସ ।

ତେବେ ଏସବୁ ଦେଶରେ 'ଡିନର୍'ଟା ପ୍ରଧାନ ଖାଦ୍ୟ । ଧନୀ ହେଲେ ତାହାର ଫରାସୀ ରାନ୍ଧୁଣୀ ଫରାସୀ ଚଳଣି । ପ୍ରଥମେ ଟିକଏ ଅଧେ ଲୁଣି ମାଛ ବା ମାଛମଞ୍ଜି ବା କୌଣସି ଚଟଣି ବା ସବ୍‌ଜି । ଏଇଟା ହେଉଛି କ୍ଷୁଧାବୃଦ୍ଧି, ତା'ପରେ ସୁପ୍; ତା'ପରେ ଆଜିକାଲି ଫେସନ—ଗୋଟାଏ ଫଳ, ତା'ପରେ ମାଛ, ତା'ପରେ ମାଂସର ଗୋଟାଏ ତରକାରି, ତା'ପରେ ଖଣ୍ଡେ ମାଂସ ଶୂଲ୍ୟ, ତା' ସହିତ କଞ୍ଚା ସବ୍‌ଜି, ତା'ପରେ ଅରଣ୍ୟ-ମାଂସ ମୃଗପକ୍ଷ୍ୟାଦି; ତା'ପରେ ମିଷ୍ଟାନ୍ନ, ଶେଷରେ କୁଲଫି—'ମଧୁରେଣ ସମାପୟେତ୍' । ଧନୀ ହେଲେ ପ୍ରାୟ ପ୍ରତି ଥର ଥାଳି ବଦଳିବା ସଙ୍ଗେ ସଙ୍ଗେ ମଦ ବଦଳା ହେଉଛି—ସେରି, କ୍ଲାରେଟ୍, ସାଁପେନ୍ ଇତ୍ୟାଦି ଏବଂ ମଝିରେ ମଝିରେ ମଦର କୁଲଫି ଟିକଏ ଅଧେ । ଥାଳି ବଦଳିବା ସଙ୍ଗେ ସଙ୍ଗେ କଣ୍ଟା ଚାମଚ ସବୁ ବଦଳା ହେଉଛି, ଆହାରାନ୍ତେ 'କଫି'—ବିନା ଦୁଗ୍ଧ, ଆସବ-ମଦ୍ୟ ସାନ ସାନ ଗ୍ଲାସରେ ଏବଂ ଧୂମ୍ରପାନ । ଖାଇବା ପ୍ରକାର ସାଙ୍ଗରେ ମଦର ପ୍ରକାର ଦେଖାଇ ପାରିଲେ ତେବେ 'ବଡ଼ ମଣିଷ ଢଙ୍ଗ' କହିବେ । ଥରେ ଖାଇବାରେ ଆମ ଦେଶରେ ଗୋଟିଏ ମଧ୍ୟବିତ୍ତ ଲୋକ ସର୍ବସ୍ୱାନ୍ତ ହୋଇଯାଇପାରେ, ଏମାନେ ଖାଇବାରେ ଏପରି ଆଡ଼ମ୍ବର କରନ୍ତି ।

ଆର୍ଯ୍ୟମାନେ ଗୋଟାଏ ପୀଢ଼ାରେ ବସୁଥିଲେ, ଗୋଟାଏ ପୀଢ଼ାକୁ ଆଉଜୁଥିଲେ ଏବଂ ଜଳଚୌକି ଉପରେ ଥାଳି ରଖି ଗୋଟିଏ ଥାଳିରେ ହିଁ ସବୁ ଖାଇବା ଖାଉଥିଲେ । ଏ ଚଳଣି ଆଜି ପର୍ଯ୍ୟନ୍ତ ପଞ୍ଜାବ, ରାଜପୁତାନା, ମହାରାଷ୍ଟ୍ର ଓ ଗୁର୍ଜ୍ଜର ଦେଶରେ ବିଦ୍ୟମାନ । ବଙ୍ଗାଳୀ, ଓଡ଼ିଆ, ତେଲଙ୍ଗି, ମାଲବାରି ପ୍ରଭୃତି ମାଟିରେ ବସି 'ହାପୁଡ଼ନ୍ତି' । ମହୀଶୂରର ମହାରାଜ ମଧ୍ୟ ମାଟି ଉପରେ ମଞ୍ଜି କଦଳୀପତ୍ର ବିଛାଇ ଘିଅ ଡାଲି ଖାଆନ୍ତି । ମୁସଲମାନ-ମାନେ ଚାଦର ବିଛାଇ ଖାଆନ୍ତି । ବର୍ମା, ଜାପାନୀ ପ୍ରଭୃତି ଠୁଙ୍କା ହୋଇ ବସି ମାଟିରେ ଥାଳି ରଖି ଖାଆନ୍ତି । ଚୀନାମାନେ ଚେୟାରରେ ବସି ଟେବୁଲ ଉପରେ ଖାଦ୍ୟ ରଖି କାଠ ଓ ଚାମଚ ଯୋଗେ ଖାଆନ୍ତି । ରୋମାନ୍ ଓ ଗ୍ରୀକ୍‌ମାନେ କାଉଚରେ ଶୋଇ ଟେବୁଲ ଉପରୁ ହାତ ଦ୍ୱାରା ଆଣି ଖାଆନ୍ତି । ଇଉରୋପୀମାନେ ଟେବୁଲ ଉପରୁ, ଚୌକିରେ ବସି, ହାତ ଦ୍ୱାରା ପୂର୍ବେ ଖାଉଥିଲେ, ଏବେ ନାନା ପ୍ରକାର କଣ୍ଟାଚାମଚ ।

ଚୀନର ଖାଇବାଟା ଗୋଟାଏ କସରତ୍, ଏଥିରେ ସନ୍ଦେହ ନାହିଁ—ଯେପରି ଆମର ପାନବାଲାମାନେ ଦୁଇଖଣ୍ଡ ସମ୍ପୂର୍ଣ୍ଣ ଅଲଗା ଲୁହା ପାତକୁ ହାତର କାଇଦାରେ କଇଞ୍ଚିଭଳି

କାମ କରନ୍ତି, ଚୀନାମାନେ ସେହିପରି ଦୁଇଟା କାଠିକୁ ଡାହାଣ ହାତର ଦୁଇଟା ଅଙ୍ଗୁଳି ଆଉ ମୁଠାର କାଇଦାରେ ଚମୁଟା ପରି କରି ଶାକାଦି ମୁହଁକୁ ନିଅନ୍ତି । ପୁଣି ସେ ଦୁଇଟାକୁ ଏକାଠି କରି, ତାଟିଆଏ ଭାତ ମୁହଁ ପାଖକୁ ଆଣି, ସେ କାଠିଦ୍ୱୟନିର୍ମିତ ଖଣ୍ଡ ଯୋଗେ ଠେଲି ଠେଲି ମୁହଁରେ ପୂରନ୍ତି ।

ସମସ୍ତ ଜାତିର ଆଦିମ ପୁରୁଷ ବୁଆଡ଼େ ପ୍ରଥମ ଅବସ୍ଥାରେ ଯାହା ପାଉଥିଲେ, ତାହା ଖାଉଥିଲେ । ଗୋଟାଏ ଜନ୍ତୁ ମାରିଲେ ସେଇଟାକୁ ମାସେ ପର୍ଯ୍ୟନ୍ତ ଖାଉଥିଲେ; ପଚିଗଲେ ମଧ୍ୟ ତାକୁ ଛାଡ଼ୁ ନ ଥିଲେ । କ୍ରମେ ସଭ୍ୟ ହୋଇ ଉଠିଲେ, ଚାଷବାସ ଶିଖିଲେ, ଅରଣ୍ୟ ପଶୁକୁଳ ପରି ଦିନେ ବେଦମ୍ ଖିଆ, ଆଉ ଚାରି ପାଞ୍ଚ ଦିନ ଅନଶନ, ଏ ଅବସ୍ଥା କ୍ରମେ ଘୁଞ୍ଚିଲା; ଆହାର ନିତ୍ୟ ଜୁଟିବାରେ ଲାଗିଲା; କିନ୍ତୁ ପଚା ଜିନିଷ ଖାଇବା ଚଳଣି ରହିଗଲା । ପଚା ଦୁର୍ଗନ୍ଧ ଗୋଟାଏ ଯାହା କିଛି ହେଉ ଆବଶ୍ୟକ, ତାହା ଭୋଜ୍ୟଠାରୁ ନୈମିତ୍ତିକ ଆଦରର ଚଟଣି ହୋଇ ରହିଗଲା ।

ଏସ୍କିମୋ ଜାତି ବରଫ ଭିତରେ ବାସ କରନ୍ତି । ଶସ୍ୟ ସେ ଦେଶରେ ଆଦୌ ଜନ୍ମେ ନାହିଁ; ନିତ୍ୟ ଭୋଜନ, ମାଛ ମାସ । ୧୦।୫ ଦିନରେ ଅରୁଚି ବୋଧ ହେଲେ, ଖଣ୍ଡେ ପଚା ମାଂସ ଖାଇଲେ ଅରୁଚି ଛାଡ଼େ ।

ଇଉରୋପୀମାନେ ଏବେ ସୁଦ୍ଧା ବନ୍ୟ ପଶୁ ପକ୍ଷୀର ମାଂସ ନ ପଚିଲେ ଖାଆନ୍ତି ନାହିଁ । ତଟକା ପାଇଲେ ମଧ୍ୟ ଯେତେବେଳ ପର୍ଯ୍ୟନ୍ତ ପଚି ଦୁର୍ଗନ୍ଧ ନ ହୋଇଛି, ସେପର୍ଯ୍ୟନ୍ତ ତାକୁ ଟଙ୍ଗାଇ ରଖନ୍ତି । କଲିକତାରେ ପଚା ହରିଣ ମାଂସ ପଡ଼ି ରହେ ନାହିଁ; ପଚା ଭେକଟି ମାଛର ଉପାଦେୟତା ପ୍ରସିଦ୍ଧ । ଇଂରେଜମାନଙ୍କର ପନୀର ଯେତେ ପଚିବ, ସେଥିରେ ଯେତେ ପୋକ ସାଲୁବାଲୁ ହେବେ, ସେତେ ହିଁ ଉପାଦେୟ । ପଳାୟନମାନ ପନୀର-କୀଟକୁ ମଧ୍ୟ ଗୋଡ଼େଇ ଗୋଡ଼େଇ ଧରି ମୁହଁରେ ପୂରନ୍ତି—ତାହା ବୁଆଡ଼େ ଅତ୍ୟନ୍ତ ସୁସ୍ୱାଦୁ !! ନିରାମିଷାଶୀ ହୋଇ ମଧ୍ୟ ପିଆଜ ରସୁଣ ପାଇଁ ଲାଳସା; ଦକ୍ଷିଣୀ ବ୍ରାହ୍ମଣର ପିଆଜ ରସୁଣ ନ ହେଲେ ଖାଇବା ହେବ ନାହିଁ । ଶାସ୍ତ୍ରକାରମାନେ ମଧ୍ୟ ସେ ବାଟ ବନ୍ଦ କରିଦେଲେ । ପିଆଜ, ରସୁଣ, ଗ୍ରାମ୍ୟ ଶୂକର, ଗ୍ରାମ୍ୟ କୁକୁଡ଼ା ଖାଇବା ଗୋଟିଏ ଜାତି ପାଇଁ ପାପ, ଦଣ୍ଡ ହେଉଛି ଜାତି ହରେଇବା । ଯେଉଁମାନେ ଏ କଥା ଶୁଣିଲେ, ସେମାନେ ଭୟରେ ପିଆଜ ରସୁଣ ଛାଡ଼ିଲେ; କିନ୍ତୁ ତାହାଠାରୁ ବିଷମ ଦୁର୍ଗନ୍ଧ ହେଙ୍ଗୁ ଖାଇବା ଆରମ୍ଭ କଲେ ! ପାହାଡ଼ିଆ ରକ୍ଷଣଶୀଳ ହିନ୍ଦୁ ରସୁଣିଆ ଘାସ ପିଆଜ ରସୁଣ ଜାଗାରେ ଧରିଲେ । ସେ ଦୁଇଟାର ନିଷେଧ ତ ଆଉ ପୋଥିରେ ନାହିଁ ।

ସବୁ ଧର୍ମରେ ଖାଇବା ପିଇବାର ଗୋଟାଏ ବିଧି-ନିଷେଧ ଅଛି; ନାହିଁ କେବଳ କିରସ୍ତାନୀ ଧର୍ମରେ । ଜୈନ, ବୌଦ୍ଧ ମାଛ ମାଂସ ଖାଆନ୍ତି ନାହିଁ । ଜୈନ ପୁଣି ଯାହା ମାଟିତଳେ ଜନ୍ମେ, ଆଳୁ, ମୂଳା ପ୍ରଭୃତି ତାହା ମଧ୍ୟ ଖାଆନ୍ତି ନାହିଁ । ଖୋଳିବାକୁ ଗଲେ ପୋକ ମରିବେ, ଅନ୍ଧାରବେର କାଳେ ପୋକ ଖାଇ ହୋଇଯିବେ, ଏଣୁ ରାତିରେ ଖାଆନ୍ତି ନାହିଁ । ଇହୁଦୀମାନେ ଯେଉଁ ମାଛରେ କାତି ନାହିଁ, ତାହାକୁ ଖାଆନ୍ତି ନାହିଁ, ଘୁଷୁରି ଖାଆନ୍ତି

ନାହିଁ, ଯେଉଁ ଜନ୍ତୁ ଦ୍ୱିଶଫ[୧] ନୁହେଁ ଏବଂ ପାକୁଳି କରେ ନାହିଁ, ତାକୁ ମଧ୍ୟ ଖାଆନ୍ତି ନାହିଁ । ପୁଣି ବିଷମ କଥା, ଦୁଧ ବା ଦୁଗ୍ଧୋତ୍ପନ୍ନ କୌଣସି ଜିନିଷ ଯଦି ହାଣ୍ଡିଶାଳରେ ପଶେ, ଯେତେବେଳେ ମାଛ ମାଂସ ରନ୍ଧା ହେଉଛି, ତା' ହେଲେ ସେସବୁ ଫୋପାଡ଼ି ଦେବାକୁ ହେବ । ଏହି କାରଣରୁ ରକ୍ଷଣଶୀଳ ଇହୁଦୀ ଅନ୍ୟ କୌଣସି ଜାତିର ରନ୍ଧା ଖାଏ ନାହିଁ । ପୁଣି ହିନ୍ଦୁଙ୍କପରି ଇହୁଦୀମାନେ ବୃଥା ମାଂସ[୨] ଖାଆନ୍ତି ନାହିଁ । ଯେପରି ବଙ୍ଗଳାଦେଶ ଓ ପଞ୍ଜାବରେ ମାଂସର ନାମ 'ମହାପ୍ରସାଦ' । ଇହୁଦୀମାନେ ସେହି ପ୍ରକାରେ ମହାପ୍ରସାଦ ଅର୍ଥାତ୍ ଯଥାନିୟମରେ ବଳିଦାନ ନ ହେଲେ, ମାଂସ ଖାଆନ୍ତି ନାହିଁ । ଫଳରେ ହିନ୍ଦୁଙ୍କପରି ଇହୁଦୀମାନଙ୍କର ମଧ୍ୟ ଯେକୌଣସି ଦୋକାନରୁ ମାଂସ କିଣିବାର ଅଧିକାର ନାହିଁ । ମୁସଲମାନମାନେ ଇହୁଦୀମାନଙ୍କର ଅନେକ ନିୟମ ମାନନ୍ତି, ତେବେ ଏତେ କଡ଼ାକଡ଼ି କରନ୍ତି ନାହିଁ; ଦୁଧ, ମାଛ, ମାଂସ ଏକା ସାଙ୍ଗରେ ଖାଆନ୍ତି ନାହିଁ, ଏହି ମାତ୍ର; ଛୁଆଁ ଛୁଇଁ ହେଲେ ଯେ ସର୍ବନାଶ, ଏତେ ମାନନ୍ତି ନାହିଁ । ଇହୁଦୀମାନଙ୍କର ଆଉ ହିନ୍ଦୁମାନଙ୍କର ଅନେକ ସୌସାଦୃଶ୍ୟ ଖାଇବା ସମ୍ବନ୍ଧରେ; ତେବେ ଇହୁଦୀମାନେ ବନ୍ୟ ଶୂକର (ବାର୍‌ହା) ମଧ୍ୟ ଖାଆନ୍ତି ନାହିଁ, ହିନ୍ଦୁମାନେ ଖାଆନ୍ତି । ପଞ୍ଜାବରେ ମୁସଲମାନ ଓ ହିନ୍ଦୁଙ୍କର ବିଷମ ସଂଘାତ ଥିବାରୁ ବନ୍ୟ ଶୂକର ପୁଣି ହିନ୍ଦୁମାନଙ୍କର ଗୋଟିଏ ଅତ୍ୟାବଶ୍ୟକ ଖାଇବା ହୋଇ ଠିଆ ହୋଇଛି । ରାଜପୁତମାନଙ୍କ ମଧ୍ୟରେ ବନ୍ୟ ଶୂକର ଶିକାର କରି ଖାଇବା, ଗୋଟାଏ ଧର୍ମବିଶେଷ । ଦକ୍ଷିଣ ଦେଶରେ ବ୍ରାହ୍ମଣ ଛଡ଼ା ଅନ୍ୟାନ୍ୟ ଜାତି ମଧ୍ୟରେ ଗ୍ରାମ୍ୟ ଶୂକର ଯଥେଷ୍ଟ ଚଳେ । ହିନ୍ଦୁମାନେ ବଣୁଆ କୁକୁଡ଼ା ଖାଆନ୍ତି, ଗାଉଁଲି କୁକୁଡ଼ା ଖାଆନ୍ତି ନାହିଁ । ବଙ୍ଗଳା ଦେଶଠାରୁ ନେପାଳ ଓ କାଶ୍ମୀର ହିମାଳୟ—ଗୋଟିଏ ଧରଣର ଚଳଣି । ମନୁଙ୍କ ଖାଇବାପ୍ରଥା ଏହି ଅଞ୍ଚଳରେ ହିଁ ସମଧିକ ଆଜି ମଧ୍ୟ ବିଦ୍ୟମାନ ।

କିନ୍ତୁ କୁମାୟୁନଠାରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ, ବଙ୍ଗାଳୀ, ବିହାରୀ, ପ୍ରୟାଗୀ ଓ ନେପାଳୀଠାରୁ ମଧ୍ୟ ମନୁଙ୍କ ଆଇନର ବିଶେଷ ପ୍ରଚାର । ଯେପରି ବଙ୍ଗାଳୀ କୁକୁଡ଼ା ବା କୁକୁଡ଼ାଅଣ୍ଡା ଖାଆନ୍ତି ନାହିଁ, କିନ୍ତୁ ହଂସ-ଅଣ୍ଡା ଖାଆନ୍ତି, ନେପାଳୀମାନେ ମଧ୍ୟ ତାହା ହିଁ; କିନ୍ତୁ କୁମାୟୁନଠାରୁ ତାହା ମଧ୍ୟ ଚଳେ ନାହିଁ । କାଶ୍ମୀରୀମାନେ ବଣୁଆ ହଂସର ଅଣ୍ଡା ପାଇଲେ ସୁଖରେ ଖାଆନ୍ତି, କିନ୍ତୁ ଗ୍ରାମ୍ୟ ହଂସର ନୁହେଁ ।

ଆଲ୍ଲାହାବାଦ ପରଠାରୁ ହିମାଳୟ ଛାଡ଼ି ଭାରତବର୍ଷର ଅନ୍ୟ ସମସ୍ତ ଦେଶରେ ଯେ ଛେଳି ଖାଏ, ସେ କୁକୁଡ଼ା ମଧ୍ୟ ଖାଏ ।

ଏସବୁ ବିଧି-ନିଷେଧ ମଧ୍ୟରେ ଅଧିକାଂଶ ଯେ ସ୍ୱାସ୍ଥ୍ୟ ପାଇଁ, ସେଥିରେ ସନ୍ଦେହ ନାହିଁ । ତେବେ ସବୁ ଜାଗାରେ ସମାନ ପାରନ୍ତି ନାହିଁ । ଘୁଷୁରି, କୁକୁଡ଼ା ଯାହା ତାହା ଖାଆନ୍ତି, ଅତି ଅପରିଷ୍କାର ଜାନୁଆର, ଫଳରେ ନିଷେଧ; ବଣୁଆ ଜାନୁଆର କିଏ ଖାଏ, କିଏ ଦେଖିବାକୁ ଯାଉଛି ! ତାହା ଛଡ଼ା ରୋଗ—ବଣୁଆ ଜାନୁଆର୍‌ର କମ୍ ।

---

୧ ଦ୍ୱିଶଫ—ଖଣ୍ଡିତଖୁର ।

୨ ବୃଥା ମାଂସ—ଦେବତା ଉଦ୍ଦେଶ୍ୟରେ ଯାହା ନିବେଦିତ ନୁହେଁ ।

ପେଟରେ ଅମ୍ଳାଧିକ୍ୟ ହେଲେ ଦୁଗ୍ଧ ଏକାଥରକେ ଦୁଷ୍ପାଚ୍ୟ, ଏପରି କି ଏକା ଥରକେ ଗୋଟିଏ ଗ୍ଲାସ୍ ଦୁଧ ପିଇ କେବେ କେବେ ସଦ୍ୟ ମୃତ୍ୟୁ ଘଟିଛି । ଦୁଧ—ଯେପରି ଶିଶୁମାନେ ମାତୃସ୍ତନ୍ୟ ପାନ କରନ୍ତି, ସେହିପରି ଢୋକେ ଢୋକେ ଖାଇଲେ ତେବେ ଶୀଘ୍ର ହଜମ ହୁଏ, ନଚେତ୍ ବା ଅନେକ ଡେରି ଲାଗିଥାଏ । ଦୁଧ ଗୋଟାଏ ଗୁରୁପାକ ଜିନିଷ, ମାଂସ ସହିତ ହଜମ ଆହୁରି ଗୁରୁପାକ, ସେହି କାରଣରୁ ଏ ନିଷେଧ ଇହୁଦୀମାନଙ୍କ ମଧ୍ୟରେ । ମୂର୍ଖ ମାତା କଅଁଳା ପୁଅକୁ ଜୋର୍ କରି ଢକ୍ ଢକ୍ କରି ଦୁଧ ଖୁଆଏ ଆଉ ଦୁଇ ଛଅ ମାସ ମଧ୍ୟରେ ମୁଣ୍ଡରେ ହାତ ଦେଇ କାନ୍ଦେ !! ଏଠାରେ ଡାକ୍ତରମାନେ ପୂର୍ଣ୍ଣବୟସ୍କ ପାଇଁ ମଧ୍ୟ ପାଏ ଦୁଧ ଧୀରେ ଧୀରେ ଅଧଘଣ୍ଟାରେ ଖାଇବା ବିଧି ଦିଅନ୍ତି; କଅଁଳା ପିଲାଙ୍କ ପାଇଁ 'ଫିଡ଼ିଂ ବଟଲ' ଛଡ଼ା ଉପାୟାନ୍ତର ନାହିଁ । ମା ବ୍ୟସ୍ତ କାମରେ—ଦାସୀ ଗୋଟାଏ ଶାମୁକାରେ ପିଲାଟାକୁ ଚୁପିଧରି ସଁ ସଁ ଦୁଧ ଖୁଆଉଛି !! ଲାଭ ମଧ୍ୟରେ ଏହି ଯେ ରୋଗା ପିଲାଗୁଡ଼ାକ ବେଶୀ ବଡ଼ ହେଉ ନାହାନ୍ତି, ସେମାନେ ସେହିଠାରେ ହିଁ ସାରି ଜନ୍ମ ପାଇଁ ଦୁଧ ଖାଉଛନ୍ତି । ଆଉ ଯେଉଁଗୁଡ଼ାକ ଏ ବିଷମ ଖୁଆଇବା ମଧ୍ୟରେ ଠେଲି ପେଲି ଉଠୁଛନ୍ତି, ସେଗୁଡ଼ାକ ପ୍ରାୟ ସୁସ୍ଥକାୟ ଏବଂ ବଳିଷ୍ଠ ।

ସେକାଳର ଏନ୍ତୁଡ଼ିଶାଳ, ଦୁଧ ଖୁଆଇବା ପ୍ରଭୃତି ହାତରୁ ଯେଉଁ ପିଲାପିଲାଗୁଡ଼ାକ ବଞ୍ଚିଯାଉଥିଲେ, ସେମାନେ ଏକପ୍ରକାର ସୁସ୍ଥ ସବଳ ଆଜୀବନ ରହୁଥିଲେ । ମା-ଷଷ୍ଠୀଙ୍କର ସାକ୍ଷାତ୍ ବରପୁତ୍ର ନ ହେଲେ କଅଣ ଆଉ ସେକାଳରେ ଗୋଟାଏ ପିଲା ବଞ୍ଚୁଥିଲା !! ସେ ସେକାସେକ, ଦାଗିବା ଫୋଡ଼ିବା ପ୍ରଭୃତି ମଧ୍ୟ ଦେଇ ବଞ୍ଚିଉଠିବା, ପ୍ରସୂତି ପ୍ରସୂତ—ଉଭୟଙ୍କ ପକ୍ଷରେ ଦୁଃସାଧ୍ୟ ବ୍ୟାପାର ଥିଲା । ହରିଲୁଟ୍‌ର ତୁଳସୀ-ଚହଟ ମୂଳର ପିଲା ଓ ମା—ଦୁହେଁ ପ୍ରାୟ ବଞ୍ଚି ଯାଉଥିଲେ ସାକ୍ଷାତ୍ ଯମରାଜାଙ୍କ ଦୂତ ଚିକିତ୍ସକଙ୍କ ହାତରୁ ରକ୍ଷା ପାଇଯାଉଥିଲେ ବୋଲି ।

## ବେଶଭୂଷା

ସବୁ ଦେଶରେ, ଲୁଗାପଟାରେ କିଛି ନା କିଛି ଭଦ୍ରତା ନିହିତ ଥାଏ । 'ବେତନ ନ ଜାଣିଲେ ଭଦ୍ର ଅଭଦ୍ର ବୁଝିବ କେମିତି ?' କେବଳ ବେତନରେ ନୁହେଁ, 'ଲୁଗା ନ ଦେଖିଲେ ଭଦ୍ର ଅଭଦ୍ର ବୁଝିବ କେମିତି' ସବୁ ଦେଶରେ କିଛି ନା କିଛି ଚଳନ । ଆମ ଦେଶରେ ଖାଲି ଦେହରେ ଭଦ୍ରଲୋକ ରାସ୍ତାକୁ ବାହାରି ପାରନ୍ତି ନାହିଁ, ଭାରତର ଅନ୍ୟାନ୍ୟ ପ୍ରଦେଶରେ ପୁଣି ପଗଡ଼ି ମୁଣ୍ଡରେ ନ ଦେଇ କେହି ହେଲେ ରାସ୍ତାକୁ ବାହାରନ୍ତି ନାହିଁ । ପାଶ୍ଚାତ୍ୟ ଦେଶରେ ଫରାସୀମାନେ ବରାବର ସବୁ ବିଷୟରେ ଅଗ୍ରଣୀ—ତାଙ୍କର ଖାଇବା ତାଙ୍କର ପୋଷାକ ସମସ୍ତେ ନକଲ କରନ୍ତି । ଏବେ ମଧ୍ୟ ଇଉରୋପର ଭିନ୍ନ ଭିନ୍ନ ଦେଶରେ ବିଶେଷ ବିଶେଷ ପୋଷାକ ବିଦ୍ୟମାନ; କିନ୍ତୁ ଭଦ୍ର ହେଲେ ହିଁ, ଦୁଇ ପଇସା ହେଲେ ହିଁ, ସଙ୍ଗେ ସଙ୍ଗେ ସେ ପୋଷାକ ଅନ୍ତର୍ଦ୍ଧାନ ହୁଅନ୍ତି, ଆଉ ଫରାସୀ ପୋଷାକର ଆବିର୍ଭାବ । କାବୁଲି ପାଇଜାମା-ପିନ୍ଧା ଓଲନ୍ଦାଜ ଚଷା, ଘାଗରା-ପିନ୍ଧା ଗ୍ରୀକ୍,

ଢକଣ-ପୋଷାକ ପିନ୍ଧା ରୁଷ, ଯେଉଁକ୍ଷଣି ଭଦ୍ର ହୁଅନ୍ତି, ସେହିକ୍ଷଣି ଫରାସୀ କୋଟ ପେଣ୍ଟାଲୁନରେ ଆବୃତ ହୁଅନ୍ତି । ସ୍ତ୍ରୀଲୋକମାନଙ୍କ କଥା ଥାଉ, ତାଙ୍କର ପଇସା ହୋଇଛି ତ ପ୍ୟାରିସ୍ ରାଜଧାନୀର ପୋଷାକ ପିନ୍ଧିବାକୁ ହେବ ହିଁ ହେବ । ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀ ଏବେ ଧନୀ ଜାତି; ସେସବୁ ଦେଶରେ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ—ସେହି ଫରାସୀର ନକଲ । ତେବେ ଆଜିକାଲି ପ୍ୟାରିସ ଅପେକ୍ଷା ଲଣ୍ଡନରେ ପୁରୁଷମାନଙ୍କ ପୋଷାକ ଉତ୍କୃଷ୍ଟତର, ତେଣୁ ପୁରୁଷମାନଙ୍କ 'ଲଣ୍ଡନ-ମେଡ୍' ଆଉ ସ୍ତ୍ରୀଲୋକମାନଙ୍କର ପ୍ୟାରିସିୟେନ୍ ନକଲ । ଯେଉଁମାନଙ୍କର ବେଶୀ ପଇସା, ସେମାନେ ସେ ଦୁଇ ସ୍ଥାନରୁ ତିଆରି ପୋଷାକ ବାରମାସ ବ୍ୟବହାର କରନ୍ତି । ଆମେରିକା ବିଦେଶୀ ଆମଦାନୀ ପୋଷାକ ଉପରେ ପ୍ରଚୁର ଶୁଳ୍କ ବସାଏ, ସେ ମହାଶୁଳ୍କ ଦେଇ ମଧ୍ୟ ପ୍ୟାରିସ୍-ଲଣ୍ଡନର ପୋଷାକ ପିନ୍ଧିବାକୁ ହେବ । ଏ କାମ ଏକା ଆମେରିକାନ୍‌ମାନେ ପାରନ୍ତି—ଆମେରିକା ଏବେ କୁବେରଙ୍କର ପ୍ରଧାନ ଆଡ୍ଡା ।

ପ୍ରାଚୀନ ଆର୍ଯ୍ୟଜାତିମାନେ ଧୋତି ଚାଦର ପିନ୍ଧୁଥିଲେ; କ୍ଷତ୍ରିୟମାନଙ୍କର ପାଇଜାମା ଓ ଲମ୍ବା କୁରୁତା, ଲଢ଼େଇବେଳେ । ଅନ୍ୟ ସମୟରେ ସମସ୍ତଙ୍କର ଧୋତି ଚାଦର । କିନ୍ତୁ ପଗଡ଼ି ଥିଲା । ଅତି ପ୍ରାଚୀନ କାଳରେ ଭାରତ ବର୍ଷରେ ସ୍ତ୍ରୀ-ପୁରୁଷ ସମସ୍ତେ ପଗଡ଼ି ପିନ୍ଧୁଥିଲେ । ଏବେ ଯେପରି ବଙ୍ଗଳା ବ୍ୟତୀତ ଅନ୍ୟାନ୍ୟ ପ୍ରଦେଶରେ ଖଣ୍ଡେ କୌପୁନୀ ଥିଲେ ହିଁ ଶରୀର ଘୋଡ଼ାଇବା କାମ ହେଲା, କିନ୍ତୁ ପଗଡ଼ିଟା ଦରକାର, ପ୍ରାଚୀନ କାଳରେ ମଧ୍ୟ ତାହା ହିଁ ଥିଲା, ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ । ବୌଦ୍ଧମାନଙ୍କ ସମୟର ଯେଉଁସବୁ ଭାସ୍କର୍ଯ୍ୟମୂର୍ତ୍ତି ମିଳି ଥାଏ, ସେଥିରେ ସ୍ତ୍ରୀପୁରୁଷ ସମସ୍ତେ କୌପୀନ-ପିନ୍ଧା । ବୁଦ୍ଧଦେବଙ୍କ ବାପା କୌପୁନୀ ପିନ୍ଧି ବସିଛନ୍ତି ସିଂହାସନରେ, ତଦ୍‌ବତ ମାଆ ମଧ୍ୟ ବସିଛନ୍ତି—ଅଧିକା କଥା, ଗୋଡ଼ରେ ବୋଝେ ମଲ ଓ ହାତରେ ବଳା; କିନ୍ତୁ ପଗଡ଼ି ଅଛି !! ସମ୍ରାଟ ଧର୍ମାଶୋକ ଧୋତି ପିନ୍ଧି, ଚାଦର ବେକରେ ପକାଇ, ଖାଲି ଦେହରେ, ଗୋଟାଏ ଡମ୍ବରୁ ଆକାର ଆସନରେ ବସି ନାଚ ଦେଖୁଛନ୍ତି । ନର୍ତ୍ତକୀମାନେ ଉଲଗ୍ନ, ଅଣ୍ଟାଠାରୁ କେତେଗୁଡ଼ାଏ ଛିଣ୍ଡାକନା ଖଣ୍ଡ ଖଣ୍ଡ ହୋଇ ଝୁଲୁଛି । ମରଦ, ପଗଡ଼ି ଅଛି । ଚୁଟି ଫୁଟି ସବୁ ସେହି ପଗଡ଼ିରେ । ତେବେ ରାଜସାମନ୍ତମାନେ ଗୋଡ଼ମୁଣା ଆଉ ଲମ୍ବା ଅଙ୍ଗିପିନ୍ଧା—ଖ୍ରେସ୍ତ ଗୋଡ଼ମୁଣା ଆଉ ଢ୍ରେଗା । ସାରଥୀ ନଳରାଜ ଏପରି ରଥ ଚଳାଇଲେ ଯେ, ରାଜା ଋତୁପର୍ଣ୍ଣଙ୍କ ଚାଦର କୁଆଡ଼େ ପଡ଼ିଗଲା, ରାଜା ଋତୁପର୍ଣ୍ଣ ଖୋଲା ଦେହରେ ବାହା ହେବାକୁ ଚାଲିଲେ । ଧୋତି ଚାଦର ଆର୍ଯ୍ୟମାନଙ୍କ ଚିରନ୍ତନ ପୋଷାକ, ଏଇଥିପାଇଁ କିମ୍ବା କର୍ମ ବେଳେ ଧୋତି ଚାଦର ପିନ୍ଧିବାକୁ ହିଁ ହୋଇଥାଏ ।

ପ୍ରାଚୀନ ଗ୍ରୀକ୍ ଓ ରୋମାନ୍‌ମାନଙ୍କ ପୋଷାକ ଥିଲା ଧୋତି ଚାଦର; ଥାନେ ବୃହତ୍ ଲୁଗା ଓ ଚାଦର—ନାମ 'ତୋଗା', ତାହାର ଅପଭ୍ରଂଶ ଏହି ଚୋଗା । ତେବେ ବେଳେବେଳେ ଗୋଟାଏ ଲୁଙ୍ଗୀ ମଧ୍ୟ ପିନ୍ଧା ହେଉଥିଲା । ଯୁଦ୍ଧକାଳରେ ଗୋଡ଼ମୁଣା ଓ ଜାମା । ସ୍ତ୍ରୀ-ଲୋକମାନଙ୍କର ଗୋଟାଏ ଖୁବ୍ ଲମ୍ବା ଚଉଡ଼ା ଚାରିକୋଣିଆ କୁରୁତା,

ଯେପରି ଦୁଇଖଣ୍ଡ ବଡ଼ଣା-ଗୁଦର କାନ୍ଧରେ ସିଲେଇ, ଚଉଡ଼ା ଅଡ଼ଟା ମେଲ । ତା' ଭିତରେ ପଶି ଅଣ୍ଟାଟାକୁ ବାନ୍ଧିବ ଦୁଇ ଥର—ଗୁଡ଼ ତଳେ, ଆଉ ଥରେ ପେଟ ତଳେ । ତା'ପରେ ଉପରର ମେଲ ଦୁଇପ୍ରସ୍ଥ ଦୁଇ ହାତରେ ଦୁଇ କାଗାରେ ଉଠାଇ ମୋଟା ଛୁଞ୍ଚିରେ ଅଟକାଇ ଦେଲେ—ଯେପରି ଉତ୍ତରାଖଣ୍ଡର ପାହାଡ଼ୀମାନେ କମ୍ବଳ ପିନ୍ଧନ୍ତି । ସେ ପୋଷାକ ଅତି ସୁନ୍ଦର ଓ ସହଜ । ଉପରେ ଖଣ୍ଡେ ଗୁଦର ।

କଟା ଲୁଗା କେବଳ ଇରାନୀମାନେ ପ୍ରାଚୀନ କାଳରୁ ପିନ୍ଧନ୍ତି । ବୋଧହୁଏ ଚୀନାମାନଙ୍କ ପାଖରୁ ଶିଖି । ଚୀନାମାନେ ହେଉଛନ୍ତି ସଭ୍ୟତା, ଅର୍ଥାତ୍ ଭୋଗବିଳାସ ସୁଖସ୍ୱାଚ୍ଛନ୍ଦ୍ୟର ଆଦିଗୁରୁ । ଅନାଦି କାଳରୁ ଚୀନାମାନେ ଟେବୁଲରେ ଖାଆନ୍ତି, ଚୌକିରେ ବସନ୍ତି, ଯନ୍ତ୍ରତନ୍ତ୍ର କେତେ ଖାଇବା ପାଇଁ ଏବଂ କଟା ପୋଷାକ ନାନା ରକମ, ପାଇଜାମା, କୁରୁତା, ଟୋପିଫୋପି ପିନ୍ଧନ୍ତି ।

ସିକନ୍ଦର ସା ଇରାନ୍ ଜୟ କରି, ଧୋତି ଗୁଦର ଫିଙ୍ଗି ପାଇଜାମା ପିନ୍ଧିବାରେ ଲାଗିଲେ । ସେଥିରେ ତାଙ୍କର ସ୍ୱଦେଶୀ ସୈନ୍ୟମାନେ ଏପରି ରାଗିଗଲେ ଯେ, ବିଦ୍ରୋହ ହେବା ପରି ହୋଇଥିଲା । ଟାଣୁଆ ସିକନ୍ଦର ନଚ୍ଛୋଡ଼ବନ୍ଧା—ପାଇଜାମା କୁରୁତା ଚଳେଇ ଦେଲେ ।

ଗରମ ଦେଶରେ ଲୁଗାର ଦରକାର ହୁଏ ନାହିଁ । କୌପୀନ ମାତ୍ରରେ ହିଁ ଲଜ୍ଜା ନିବାରଣ, ବାକି କେବଳ ଅଳଙ୍କାର । ଥଣ୍ଡା ଦେଶରେ ଶୀତ ମାଡ଼ରେ ଅସ୍ଥିର । ଅସଭ୍ୟ ଅବସ୍ଥାରେ ଜାନୁଆରର ଚମଡ଼ା ଟାଣି ପିନ୍ଧିଲେ, କ୍ରମେ କମ୍ବଳ ଓ ଜାମା ପାଇଜାମା ଇତ୍ୟାଦି ନାନା ରକମର ପୋଷାକ ପିନ୍ଧିଲେ । ତା'ପରେ ଖାଲି ଦେହରେ ଗହଣା ପିନ୍ଧିବାକୁ ଗଲେ ହିଁ ତ ଥଣ୍ଡାରେ ମୃତ୍ୟୁ, ସେହି କାରଣରୁ ଅଳଙ୍କାରପ୍ରିୟତାଟା ସେହି ଲୁଗା ଉପରେ ଯାଇ ପଡ଼ିଲା । ଯେପରି ଆମମାନଙ୍କ ଦେଶରେ ଗହଣାର ଫେସନ ବଦଳେ, ଏମାନଙ୍କର ସେମିତି ଘଡ଼ିଘଡ଼ି ବଦଳୁଛି ଲୁଗାର ଫେସନ ।

ଥଣ୍ଡା ଦେଶ ମାତ୍ରେ ହିଁ ଏଥିପାଇଁ ସର୍ବଦା ସର୍ବାଙ୍ଗକୁ ନ ଢାଙ୍କି କାହାରି ଆଗକୁ ବାହାରିବାର କୁ ନାହିଁ । ବିଲାତରେ ଠିକ୍ ଠିକ୍ ପୋଷାକଟି ନ ପିନ୍ଧି ଘର ବାହାରକୁ ଯିବାର କୁ ନାହିଁ । ପାଶ୍ଚାତ୍ୟ ଦେଶରେ ସ୍ତ୍ରୀଲୋକମାନଙ୍କର ଗୋଡ଼ ଦେଖାଇବା ଅତିଶୟ ଲଜ୍ଜା; କିନ୍ତୁ ବେକ ଓ ଛାତିର ଖଣ୍ଡେ ଅଂଶ ଦେଖାଇବା ହୋଇପାରେ । ଆମ ଦେଶରେ ମୁହଁ ଦେଖାଇବା ଅତିଶୟ ଲଜ୍ଜା; କିନ୍ତୁ ସେ ଓଢ଼ଣାଟଣା ମାଡ଼ରେ ଶାଢ଼ୀ ଅଣ୍ଟାକୁ ଉଠିଲେ ଉଠୁ, ସେଥିରେ ଦୋଷ ନାହିଁ । ରାଜପୁତାନାରେ ଓ ହିମାଚଳରେ ଅଙ୍ଗ ଢାଙ୍କି ତଳ ପେଟ ଦେଖାନ୍ତି ! ! !

ପାଶ୍ଚାତ୍ୟ ଦେଶରେ ନର୍ତ୍ତକୀ ଓ ବେଶ୍ୟାମାନେ ଲୋକ ଭୁଲାଇବା ପାଇଁ ଅନାଚ୍ଛାଦିତ । ଏମାନଙ୍କର ନାଚର ମାନେ, ତାଲେତାଲେ ଶରୀର ଅନାବୃତ କରି ଦେଖାଇବା । ଆମମାନଙ୍କ ଦେଶରେ ଭଦ୍ରଲୋକଙ୍କ ଘରର ସ୍ତ୍ରୀଲୋକମାନଙ୍କର ଖାଲି ଦେହ; ନର୍ତ୍ତକୀ ବେଶ୍ୟା ସର୍ବାଙ୍ଗ ଢଙ୍କା । ପାଶ୍ଚାତ୍ୟ ଦେଶରେ ସ୍ତ୍ରୀଲୋକମାନଙ୍କର ସର୍ବଦା ଦେହ ଢଙ୍କା,

ଦେହ ଖୋଲା କଲେ ଆକର୍ଷଣ ବେଶୀ ହୁଏ; ଆମମାନଙ୍କର ଦେଶରେ ଦିନ ରାତି ଖୋଲା ଦେହ; ପୋଷାକ ପିନ୍ଧି ଢାଙ୍କିଢୁଙ୍କି ଥିଲେ ହିଁ ଆକର୍ଷଣ ଅଧିକ । ମାଲବାର ଦେଶରେ ମାଇପି ମିଣିପଙ୍କର କୌପୀନ ଉପରେ ବହିର୍ବାସ ମାତ୍ର; ଆଉ ବସ୍ତ୍ରମାତ୍ର ହିଁ ନାହିଁ । ବଙ୍ଗାଳୀମାନଙ୍କର ମଧ୍ୟ ତାହା ହିଁ, ତେବେ କୌପୀନ ନାହିଁ ଏବଂ ପୁରୁଷମାନଙ୍କ ସାକ୍ଷାତ୍‌ରେ ସ୍ତ୍ରୀଲୋକମାନେ ଦେହଟା ଘୋଡ଼ାଘୋଡ଼ି ହୋଇ ଢାଙ୍କନ୍ତି ।

ପାଶ୍ଚାତ୍ୟ ଦେଶରେ ପୁରୁଷ ଆଗରେ ପୁରୁଷ ସର୍ବାଙ୍ଗ ଅକ୍ଳେଶରେ ଉଲଗ୍ନ ହୁଅନ୍ତି— ଆମମାନଙ୍କ ସ୍ତ୍ରୀଲୋକମାନଙ୍କ ପରି । ବାପ ପୁଅ ସର୍ବାଙ୍ଗ ଉଲଗ୍ନ ହୋଇ ସ୍ନାନାଦି କରନ୍ତି, ଦୋଷ ନାହିଁ । କିନ୍ତୁ ସ୍ତ୍ରୀଲୋକଙ୍କ ସାମନାରେ ବା ରାସ୍ତାଘାଟରେ ବା ନିଜ ଘର ଛଡ଼ା ସର୍ବାଙ୍ଗ ଆବୃତ ହେବା ଦରକାର ।

ଏକା ଚୀନ୍ ଛଡ଼ା ସବୁଦେଶରେ ଏ ଲଜ୍ଜା ସମ୍ବନ୍ଧରେ ଅନେକ ଅଦ୍ଭୁତ ବିଷୟ ଦେଖୁଛି—କୌଣସି ବିଷୟରେ ବେଜାଏ ଲଜ୍ଜା, ପୁଣି ତଦପେକ୍ଷା ଅଧିକ ଲଜ୍ଜାକର ବିଷୟରେ ମୋଟେ ଲଜ୍ଜା ନାହିଁ । ଚୀନ୍‌ର ସ୍ତ୍ରୀ-ପୁରୁଷ ସର୍ବଦା ଆପାଦମସ୍ତକ ଆବୃତ । ଚୀନ୍‌ରେ କନଫୁଚିଙ୍କର ଚେଲା, ବୁଦ୍ଧଙ୍କ ଚେଲା, ବଡ଼ ନୀତି ଦୋରସ୍ତ । ଖରାପ କଥା, ଚାଲି, ଚଳନ—ତତ୍‌କ୍ଷଣାତ୍ ସଜା । କିରସ୍ତାନ ପାଦ୍ରୀ ଯାଇ ଚୀନ୍ ଭାଷାରେ ବାଇବେଲ୍ ଛପାଇ ପକାଇଲେ । ଏବେ ବାଇବେଲ-ପୁରାଣ ହେଉଛନ୍ତି ହିନ୍ଦୁଙ୍କ ପୁରାଣର ଚଉଦ ପୁରୁଷ—ସେ ଦେବତା-ମଣିଷର ଅଦ୍ଭୁତ କଳଙ୍କ କଥା ପଢ଼ି ଚୀନା ତ ରାଗରେ ଅସ୍ଥିର । କହିଲେ, 'ଏହି ବହି କୌଣସିମତେ ଏ ଦେଶରେ ଚଳେଇଦିଆ ହେବ ନାହିଁ, ଏହା ତ ଅତି ଅଶ୍ଳୀଳ ବହି; ତା'ପରେ ପାଦ୍ରୀଆଣୀମାନେ ଛାତିଖୋଲା ସାନ୍ଧ୍ୟ ପୋଷାକ ପିନ୍ଧି, ପର୍ଦ୍ଦା ବାହାର ହୋଇ ଚୀନାମାନଙ୍କୁ ନିମନ୍ତ୍ରଣକୁ ଆହ୍ୱାନ କଲେ । ଚୀନାମାନଙ୍କର ମୋଟା ବୁଦ୍ଧି । କହିଲେ —'ସର୍ବନାଶ ! ଏହି ଖରାପ ବହି ପଢ଼ାଇ, ଆଉ ଏହି ମାଇପିମାନଙ୍କର ଖୋଲା ଦେହ ଦେଖାଇ, ଆମମାନଙ୍କ ଟୋକାଗୁଡ଼ାଙ୍କୁ ଖରାପ କରି ଦେବା ପାଇଁ ଏ ଧର୍ମ ଆସିଛି ।' ଏହା ହିଁ ହେଉଛି ଚୀନର କିରସ୍ତାନମାନଙ୍କ ଉପରେ ମହାକ୍ରୋଧ । ନତୁବା ଚୀନରେ କୌଣସି ଧର୍ମ ଉପରେ ମଧ୍ୟ ଆଘାତ କରନ୍ତି ନାହିଁ । ଶୁଣିଛି ଯେ, ପାଦ୍ରୀମାନେ ଏବେ ଅଶ୍ଳୀଳ ଅଂଶ ତ୍ୟାଗ କରି ବାଇବେଲ ଛପାଇଛନ୍ତି; କିନ୍ତୁ ଚୀନାମାନେ ସେଥିରେ ଆହୁରି ସନ୍ଦିହାନ ।

ପୁଣି ଏ ପାଶ୍ଚାତ୍ୟ ଦେଶରେ ଦେଶ ବିଶେଷରେ ଲଜ୍ଜାଘୃଣାର ତାରତମ୍ୟ ଅଛି । ଇଂରେଜ ଆମେରିକାନମାନଙ୍କ ଲାଜ ସରମ ଗୋଟାଏ ରକମ, ଫରାସୀର ଆଉ ଏକ ରକମ, ଜର୍ମାନର ଆଉ ଗୋଟାଏ ରକମ । ରୁଷ ଆଉ ତିବ୍ବତୀ ଅତି ପାଖାପାଖି, ତୁରସ୍କର ଆଉ ଗୋଟାଏ ଭିନ୍ନ ରୀତି, ଇତ୍ୟାଦି ।

## ରୀତିନୀତି

ଆମମାନଙ୍କ ଦେଶଠାରୁ ଇଉରୋପରେ ଓ ଆମେରିକାରେ ମଳମୂତ୍ରାଦି ତ୍ୟାଗରେ ଅତ୍ୟନ୍ତ ଲଜ୍ଜା । ଆମେମାନେ ହେଉଛୁ ନିରାମିଷଭୋଜୀ—କୁଣ୍ଡିଏ ଘାସ ପତ୍ର ଆହାର । ପୁଣି

ବେଳାଏ ଗରମ ଦେଶ, ଏକାଦମ୍‌ରେ ଲୋଟା ଭରି ପାଣି ପିଇବା ଦରକାର । ପଶ୍ଚିମୀ ଚଷା ସେଦେଶରେ ଛତୁ ଖାଇଲା ; ତା'ପରେ କୂଅକୁ କୂଅ ପାଣି ଖାଲି କରିପକାଇଲା, ପାଣି ପିଇବା ଠେଲିରେ । ଗରମ ସମୟରେ ଆମେମାନେ ବାଉଁଶ (ବାଉଁଶନଳୀ) ବାହାର କରି ଦେଉ, ଲୋକଙ୍କୁ ପାଣି ପିଆଇବାକୁ । ଏହି କାରଣରୁ ସେସବୁ କୁଆଡ଼େ ଯିବ କହ ? ଦେଶଟା ବିଷ୍ଠାମୂତ୍ରମୟ ନ ହୋଇ ଯାଏ କୁଆଡ଼େ ? ଗୋରୁଗୁହାଳ, ଘୋଡ଼ାର ଅସ୍ତାବଲ, ଆଉ ବାଘ-ସିଂହର ପିଞ୍ଜରା ତୁଳନା କରି ଦେଖି !

କୁକୁର ଆଉ ଛେଳିର ତୁଳନା କରି ଦେଖି ? ପାଶ୍ଚାତ୍ୟଦେଶର ଆହାର ମାଂସମୟ, ଫଳରେ ଅଳ୍ପ; ଆଉ ଥଣ୍ଡା ଦେଶରେ ପାଣି ପିଇବା ନାହିଁ କହିଲେ ହିଁ ହୁଏ । ଭଦ୍ରଲୋକର ସାନ ସାନ ଗ୍ଲାସରେ ଟିକିଏ ମଦ ଖାଇବା । ଫରାସୀମାନେ ଜଳକୁ କହନ୍ତି ବେଙ୍ଗର ରସ, ତାହା କିଅଣ ପିଇବା ଚଳେ ? କେବଳ ଆମେରିକାନ୍ ପାଣି ପିଅନ୍ତି କିଛି ବେଶୀ, କାରଣ ସେମାନଙ୍କ ଦେଶରେ ଗରମୀ ଦିନରେ ଭୟଙ୍କର ଗରମ, ନିଉୟର୍କ କଲିକତାଠାରୁ ମଧ୍ୟ ଗରମ । ଆଉ ଜର୍ମାନମାନେ ଖୁବ୍ 'ବିୟର' ପାନ କରନ୍ତି—କିନ୍ତୁ ସେ ଖାଇବା ସାଙ୍ଗରେ ନୁହେଁ ।

ଥଣ୍ଡା ଦେଶରେ ସବଦା ସର୍ଦ୍ଦି ହେବାର ସମ୍ଭାବନା; ଗରମ ଦେଶରେ ଖାଇବାକୁ ବସି ଢକ ଢକ ପାଣି । ଏମାନେ ଫଳରେ ନ ଛିଙ୍କି ଯିବେ କୁଆଡ଼େ, ଆଉ ଆମେମାନେ ହେଉଡ଼ି ନ ମାରି ଯିବୁ କୁଆଡ଼େ ? ଏବେ ଦେଖ ନିୟମ—ସେ ଦେଶରେ ଖାଇବାକୁ ବସି ଯଦି ହେଉଡ଼ି ମାରିଛ ତାହା ଅଶିଷ୍ଟତାର ଚରମ । କିନ୍ତୁ ରୁମାଲ ବାହାର କରି ସେଥିରେ ଭଡ଼ ଭଡ଼ କରି ସିଙ୍ଗାଣି ପୋଛ । ଏଥିରେ ସେମାନଙ୍କର ଘୃଣା ହୁଏ ନାହିଁ । ଆମମାନଙ୍କର ହେଉଡ଼ି ନ ମାରିଲେ ନିମନ୍ତ୍ରକ ଖୁସି ହୁଅନ୍ତି ନାହିଁ । କିନ୍ତୁ ପାଞ୍ଚଜଣଙ୍କ ସହିତ ଖାଇବାକୁ ବସି ଭଡ଼ ଭଡ଼ କରି ସିଙ୍ଗାଣି ପୋଛିବାଟା ଅସହ୍ୟ ।

ସ୍ତ୍ରୀଲୋକମାନଙ୍କ ସାମନାରେ ଇଂଲଣ୍ଡରେ ଆମେରିକାରେ ମଳମୂତ୍ରର ନାଆଁ ଧରିବାର ଜୁ ନାହିଁ । ପାଇଖାନାକୁ ଲୁଚିକରି ଯିବାକୁ ହେବ । ପେଟ ଗରମ ହୋଇଛି, ବା ପେଟର କୌଣସି ପ୍ରକାର ଖରାପର କଥା ସ୍ତ୍ରୀଲୋକମାନଙ୍କ ସାମନାରେ କହିବାର ଜୁ ନାହିଁ; ଅବଶ୍ୟ ବୁଢ଼ୀ ଫୁଡ଼ୀ ଆଗରେ କୁହାଯାଇପାରେ । ସ୍ତ୍ରୀଲୋକମାନେ ମଳମୂତ୍ର ଚାପି ମରିବେ ପଛକେ, ତେବେ ବି ପୁରୁଷ ଆଗରେ ସେ ନାଆଁ ଟି କହିବେ ନାହିଁ ।

ଫରାସୀଦେଶରେ ଏତେ ନୁହେଁ । ସ୍ତ୍ରୀଲୋକମାନଙ୍କ ମଳମୂତ୍ର ସ୍ଥାନ ପାଖରେ ହିଁ ପୁରୁଷମାନଙ୍କର; ଏମାନେ ଏ ଦୁଆର ଦେଇ ଯାଉଛନ୍ତି, ସେମାନେ ସେ ଦୁଆରଦେଇ ଯାଉଛନ୍ତି; ଅନେକ ସ୍ଥାନରେ ଗୋଟାଏ ଦୁଆର, ଘର ଅଲଗା । ରାସ୍ତାର ଦୁଇ ପାଖରେ ମଝିରେ ମଝିରେ ପ୍ରସ୍ରାବର ସ୍ଥାନ, ସେଥିରେ ଖାଲି ପିଠିଟା ଢାଙ୍କି ହୁଏ ମାତ୍ର, ସ୍ତ୍ରୀଲୋକମାନେ ଦେଖୁଛନ୍ତି, ସେଥିରେ ଲଜ୍ଜା ନାହିଁ—ଆମମାନଙ୍କ ପରି । ଅବଶ୍ୟ ସ୍ତ୍ରୀଲୋକମାନେ ଏପରି ଅନାବୃତ ସ୍ଥାନକୁ ଯାଆନ୍ତି ନାହିଁ । ଜର୍ମାନ୍‌ମାନଙ୍କର ଆହୁରି କମ୍ ।

ଇଂରେଜ ଓ ଆମେରିକାନ୍‌ମାନେ କଥାବାର୍ତ୍ତାରେ ମଧ୍ୟ ଭାରି ସାବଧାନ, ସ୍ତ୍ରୀଲୋକ-

ମାନଙ୍କ ସାମନାରେ । ଏପରିକି ଗୋଡ଼ କହିବା ପର୍ଯ୍ୟନ୍ତ ଜୁ ନାହିଁ । ଫରାସୀମାନେ ଆମ-ମାନଙ୍କ ପରି ମୁହଁ ଖୋଲା; ଜର୍ମାନ, ରୁଷ ପ୍ରଭୃତି ସମସ୍ତଙ୍କ ସାମନାରେ ଅଶ୍ଳୀଳ କରନ୍ତି ।

କିନ୍ତୁ ମା ପୁଅ, ଭାଇ ଭଉଣୀ ବାପଙ୍କ ଭିତରେ—ପ୍ରେମପ୍ରଣୟ କଥା ଅବାଧରେ ଚାଲେ । ବାପ ଝିଅର ପ୍ରଣୟୀର (ଭବିଷ୍ୟତ୍ ବରର) କଥା ନାନାପ୍ରକାର ଅଶ୍ଳୀଳକରି ଝିଅକୁ ପଚାରେ । ଫରାସୀ ଝିଅ ସେଥିରେ ଅବନତମୁଖୀ, ଇଂରାଜର ଝିଅ ବ୍ରୀଡ଼ାଶୀଳା, ଆଉ ମାର୍କିନ ଝିଅ ଚଟାପଟ ଜବାବ ଦିଏ । ଚୁମ୍ବନ ଓ ଆଲିଙ୍ଗନଟା ଦୋଷାବହ ନୁହେଁ, ଅଶ୍ଳୀଳ ନୁହେଁ । ସେସବୁ କଥା କହିବା ଚଳେ । ଆମେରିକାରେ ପରିବାରର ପୁରୁଷ ବନ୍ଧୁ ମଧ୍ୟ ଆତ୍ମୀୟତା ହେଲେ ଘରର ଯୁବତୀ ଝିଅମାନଙ୍କୁ ସେକହ୍ୟାଣ୍ଡ ସ୍ଥଳେ ଚୁମ୍ବନ କରନ୍ତି । ଆମମାନଙ୍କ ଦେଶରେ ପ୍ରେମ-ପ୍ରଣୟର ନାମ ଗନ୍ଧ ପର୍ଯ୍ୟନ୍ତ ଗୁରୁଜନମାନଙ୍କ ସାମନାରେ ହେବାର ଜୁ ନାହିଁ ।

ଏମାନଙ୍କର ଅନେକ ଟଙ୍କା । ଅତି ପରିଷ୍କାର ଏବଂ ଉପଯୁକ୍ତ ପୋଷାକ ନ ପିନ୍ଧିଲେ ଶ୍ରେଷ୍ଠଲୋକ—ତା'ର ସମାଜକୁ ଯିବାର ଜୁ ନାହିଁ । ପ୍ରତ୍ୟହ ଧୋବ କାମିଜ, କଲର ପ୍ରଭୃତି ଦୁଇ ତିନଥର ଭଦ୍ରଲୋକଙ୍କୁ ବଦଳାଇବାକୁ ହେବ । ଗରିବମାନେ ଏତେ ବେଶୀ ପାରନ୍ତି ନାହିଁ; ଉପର ଲୁଗାରେ ଗୋଟାଏ ଦାଗ, ଗୋଟାଏ କୁଞ୍ଚ ଥିଲେ ହିଁ ମୁସ୍କିଲ । ନଖ କଣରେ, ହାତରେ, ମୁହଁରେ ଟିକିଏ ମଇଳା ଥିଲେ ହିଁ ମୁସ୍କିଲ । ଗରମରେ ପଚ ସଢ଼ି ଯାଅ, ଆଉ ଯାହା ହିଁ ହେଉ, ହାତ ମୋଜା ପିନ୍ଧି ଯିବାକୁ ହିଁ ହେବ, ନ ହେଲେ ରାସ୍ତାରେ ହାତ ମଇଳା ହୁଏ ଏବଂ ସେ ହାତ କୌଣସି ସ୍ତ୍ରୀଲୋକ ହାତରେ ଦେଇ ସମ୍ଭାଷଣ କରିବାଟା ଅତି ଅଭଦ୍ରତା । ଭଦ୍ରସମାଜରେ ଛେପ ପକାଇବା ବା କୁଳକୁଞ୍ଚା କରିବା ବା ଦାନ୍ତ ଖୁଣ୍ଟିବା ଇତ୍ୟାଦି କଲେ ତତ୍‌କ୍ଷଣାତ୍ ଚଣ୍ଡାଳତ୍ୱ-ପ୍ରାପ୍ତି !!

## ପାଶ୍ଚାତ୍ୟରେ ଶକ୍ତିପୂଜା

ଧର୍ମ ଏମାନଙ୍କର ଶକ୍ତିପୂଜା, ଅଧା ବାମାଚାର ଧରଣର; ପଞ୍ଚ ମକାରର ଶେଷ ଅଙ୍ଗଗୁଡ଼ାକୁ ବାଦ ଦେଇ । 'ବାମେ ବାମା···ଦକ୍ଷିଣେ ପାନପାତ୍ରଂ···ଅଗ୍ରେ ନ୍ୟସ୍ତଂ ମରିଚସହିତଂ ଶୂକରସ୍ୟୋଷ୍ଣମାଂସଂ···କୌଳଧର୍ମଃ ପରମଗହନୋ ଯୋଗିନାମପ୍ୟ-ଗମ୍ୟଃ ।'[୧] ପ୍ରକାଶ୍ୟ, ସର୍ବସାଧାରଣ, ଶକ୍ତିପୂଜା ବାମାଚାର—ମାତୃଭାବ ମଧ୍ୟ ଯଥେଷ୍ଟ । ପ୍ରୋଟେଷ୍ଟ୍ୟାଣ୍ଟ ତ ଇଉରୋପରେ ନଗଣ୍ୟ—ଧର୍ମ ତ କ୍ୟାଥଲିକ । ସେ ଧର୍ମରେ ଜିହୋବା, ଯୀଶୁ ତ୍ରିମୂର୍ତ୍ତି, ସବୁ ଅନ୍ତର୍ଦ୍ଧାନ, ଜଗି ବସିଛନ୍ତି 'ମା' ! ଶିଶୁ-ଯୀଶୁ— 'ମା' କୋଳରେ ! ଲକ୍ଷ ଲକ୍ଷ ସ୍ଥାନରେ, ଲକ୍ଷ ଲକ୍ଷ ରକମରେ, ଲକ୍ଷ ଲକ୍ଷ ରୂପରେ ଅଟ୍ଟାଳିକାରେ; ବିରାଟ ମନ୍ଦିରରେ, ପଥପ୍ରାନ୍ତରେ, ପର୍ଣ୍ଣକୁଟୀରରେ, 'ମା' 'ମା' 'ମା' । ବାଦଶା ଡାକୁଛି 'ମା', ଜଙ୍ଗ-ବାହାଦୁର (Field-Marshal) ସେନାପତି ଡାକୁଛି 'ମା', ଧ୍ୱଜାହସ୍ତରେ ସୈନିକ ଡାକୁଛି 'ମା', ପୋତବକ୍ଷରେ ନାବିକ ଡାକୁଛି 'ମା', ଜୀର୍ଣ୍ଣବସ୍ତ୍ର ଧୀବର ଡାକୁଛି 'ମା', ରାସ୍ତା କଡ଼ରେ ଭିକାରୀ ଡାକୁଛି 'ମା' । 'ଧନ୍ୟ ମେରି', 'ଧନ୍ୟ ମେରି' ଦିନରାତି ଏ ଧ୍ୱନି ଉଠୁଛି ।

[୧] ଆନନ୍ଦ ସ୍ତୋତ୍ରମ୍

ଅଉ ସ୍ତ୍ରୀ-ଲୋକମାନଙ୍କ ପୂଜା । ଏ ଶକ୍ତିପୂଜା କେବଳ କାମ ନୁହେଁ, କିନ୍ତୁ ଯେ ଶକ୍ତି-ପୂଜା କୁମାରୀ-ସଧବା-ପୂଜା ଆମମାନଙ୍କ ଦେଶରେ କାଶୀ କାଳୀଘାଟ ପ୍ରଭୃତି ତୀର୍ଥ ସ୍ଥାନରେ ହୁଏ, ବାସ୍ତବିକ ପ୍ରତ୍ୟକ୍ଷ, କଳ୍ପନା ନୁହେଁ—ସେହି ଶକ୍ତିପୂଜା । ତେବେ ଆମମାନଙ୍କ ପୂଜା ସେହି ତୀର୍ଥସ୍ଥାନରେ ହିଁ, ସେହିକ୍ଷଣ ମାତ୍ର; ଏମାନଙ୍କର ଦିନ ରାତି, ବାର ମାସ । ପ୍ରଥମେ ସ୍ତ୍ରୀ ଲୋକର ଆସନ, ପ୍ରଥମେ ଶକ୍ତିଙ୍କର ବସନ ଭୂଷଣ, ଭୋଜନ, ଉଚ୍ଚ ସ୍ଥାନ, ଆଦର, ଖାତିର । ଏହା ଯାହା ତାହା ସ୍ତ୍ରୀ-ଲୋକର ପୂଜା, ଚିହ୍ନା ଅଚିହ୍ନାର ପୂଜା, ଭଦ୍ରକୁଳରେ ତ କଥା ହିଁ ନାହିଁ, ରୂପସୀ ଯୁବତୀର ତ କଥା ହିଁ ନାହିଁ । ଏ ପୂଜା ଇଉରୋପରେ ଆରମ୍ଭ କଲେ ମୁର୍‌ମାନେ, ମୁସଲମାନ୍ ଆରବମିଶ୍ର ମୁର୍‌ମାନେ, ଯେତେବେଳେ ସେମାନେ ସ୍ପେନ୍ ବିଜୟ କରି ଆଠ ଶତାବ୍ଦୀ ରାଜତ୍ୱ କଲେ, ସେହି ସମୟରେ । ସେମାନଙ୍କଠାରୁ ଇଉରୋପରେ ସଭ୍ୟତାର ଉନ୍ମେଷ, ଶକ୍ତିପୂଜାର ଅଭ୍ୟୁଦୟ । ମୁର୍‌ମାନେ ଭୁଲି ଗଲେ, ଶକ୍ତିହୀନ ଶ୍ରୀହୀନ ହେଲେ । ସ୍ୱସ୍ଥାନଚ୍ୟୁତ ହୋଇ ଆଫ୍ରିକାର କୋଣରେ ଅସଭ୍ୟ ପ୍ରାୟ ହୋଇ ବାସ କରିବାକୁ ଲାଗିଲେ । ସେ ଶକ୍ତି ସଞ୍ଚାର ହେଲା ଇଉରୋପରେ, 'ମା' କିନ୍ତୁ ମୁସଲମାନଙ୍କୁ ଛାଡ଼ି ଉଠିଲେ କ୍ରିଶ୍ଚାନ ଘରେ ।

## ୟୁରୋପର ନବଜନ୍ମ

**ଏ ଇଉରୋପ କଅଣ ? କଳା, ଅଧାକଳା, ହଳଦିଆ, ନାଲି, ଏସିଆ, ଆଫ୍ରିକା, ଆମେରିକାର ସବୁ ମଣିଷ ଏମାନଙ୍କର ପଦାନତ କାହିଁକି ? ଏମାନେ କାହିଁକି ବା ଏ କଳି-ଯୁଗରେ ଏକାଧିପତି ?**

ଏ ଇଉରୋପକୁ ବୁଝିବାକୁ ଗଲେ ପାଶ୍ଚାତ୍ୟ ଧର୍ମର ଆକର ଫ୍ରାନସକୁ ବୁଝିବାକୁ ହେବ । ପୃଥିବୀର ଆଧିପତ୍ୟ ଇଉରୋପରେ, ଇଉରୋପର ମହାକେନ୍ଦ୍ର ପ୍ୟାରିସ୍ ପାଶ୍ଚାତ୍ୟ ସଭ୍ୟତା, ରୀତିନୀତି, ଆଲୋକ ଅନ୍ଧାର, ଭଲ ମନ୍ଦ, ସବୁର ଶେଷ ପରିପୁଷ୍ଟ ଭାବ ଏହିଠାରେ —ଏହି ପ୍ୟାରିସ୍ ନଗରୀରେ ।

ଏ ପ୍ୟାରିସ୍ ଗୋଟାଏ ମହାସମୁଦ୍ର—ମଣି, ମୁକ୍ତା, ପ୍ରବାଳ ଯଥେଷ୍ଟ, ପୁଣି ମକର କୁମ୍ଭୀର ମଧ୍ୟ ଅନେକ । ଏହି ଫ୍ରାନ୍ସ ଇଉରୋପର କର୍ମକ୍ଷେତ୍ର । ସୁନ୍ଦର ଦେଶ—ଚୀନର କେତେକ ଅଂଶ ଛଡ଼ା, ଏପରି ଦେଶ ଆଉ କେଉଁଠି ନାହିଁ । ନାତିଶୀତୋଷ୍ଣ, ଅତି ଉର୍ବରା, ଅତିବୃଷ୍ଟି ନାହିଁ, ଅନାବୃଷ୍ଟି ନାହିଁ, ସେ ନିର୍ମଳ ଆକାଶ, ମିଠା ରୌଦ୍ର, ଘାସର ଶୋଭା, ସାନ ସାନ ପାହାଡ଼, ଚିନାର ବାଉଁଶ ପ୍ରଭୃତି ଗଛ, ସାନ ସାନ ନଦୀ, ସାନ ସାନ ପ୍ରସ୍ରବଣ, ସେ ଜଳରେ ରୂପ, ସ୍ଥଳରେ ମୋହ, ବାୟୁରେ ଉନ୍ମତ୍ତତା, ଆକାଶରେ ଆନନ୍ଦ । ପ୍ରକୃତି ସୁନ୍ଦର, ମଣିଷ ମଧ୍ୟ ସୌନ୍ଦର୍ଯ୍ୟପ୍ରିୟ । ଆବାଳବୃଦ୍ଧବନିତା, ଧନୀ ଦରିଦ୍ର, ସେମାନଙ୍କର ଘରଦ୍ୱାର କ୍ଷେତ ମଇଦାନ ଘସି ମାଜି, ସଜେଇ ଗୁଜେଇ ଛବିଟିଭଳି କରି ରଖିଛନ୍ତି । ଏକା ଜାପାନ ଛଡ଼ା, ଏ ଭାବ ଆଉ କେଉଁଠି ମଧ୍ୟ ନାହିଁ । ସେହି ଇନ୍ଦ୍ରଭୁବନ ଅଟ୍ଟାଳିକାପୁଞ୍ଜ, ନନ୍ଦନକାନନ ଉଦ୍ୟାନ, ଉପବନ—ଚଷାର କ୍ଷେତକୁ ମିଶାଇ, ସବୁ

ଭିତରେ କିଭଳି ରୂପ; କିଭଳି ସୂଚନା ଦେଖିବା ଚେଷ୍ଟା ଏବଂ ସଫଳ ମଧ୍ୟ ହୋଇଛୁ। ଏହି ଫ୍ରାନ୍ସ ପ୍ରାଚୀନକାଳରୁ ଗୋଲଓ୍ୱା (Gauls), ରୋମକ, ଫ୍ରାଁ (Franks) ପ୍ରଭୃତି ଜାତିର ସଂଘର୍ଷଭୂମି; ଏହି ଫ୍ରାଁ ଜାତି ରୋମ୍‌ସାମ୍ରାଜ୍ୟର ବିନାଶ ପରେ ଇଉରୋପରେ ଏକାଧିପତ୍ୟ ଲାଭ କଲା, ଏମାନଙ୍କ ବାଦଶା ଶାର୍ଲାମାଏଁନ୍ ଇଉରୋପରେ କରଶ୍ଚାନ ଧର୍ମ ତରବାରି ବଳରେ ଚଳାଇ ଦେଲେ, ଏହି ଫ୍ରାଁ ଜାତିଠାରୁ ହିଁ ଏସିଆଖଣ୍ଡରେ ଇଉ-ରୋପର ପରିଚ—ସେଥିପାଇଁ ଆଜି ମଧ୍ୟ ଇଉରୋପୀ ଆମମାନଙ୍କ ପାଖରେ ଫ୍ରାଁଙ୍କି, ଫେରଙ୍ଗି, ଫ୍ରାଁଙ୍କ, ଫିରଙ୍ଗି ଇତ୍ୟାଦି।

ସଭ୍ୟତାର ଆଦର ପ୍ରାଚୀନ ଗ୍ରୀସ୍ ବୁଡ଼ିଗଲା। ରାଜଚକ୍ରବର୍ତ୍ତୀ ରୋମ୍ ବର୍ବର ଆକ୍ରମଣ-ତରଙ୍ଗରେ ତଳକୁ ଗଲିଗଲା। ଇଉରୋପର ଆଲୁଅ ଲିଭିଗଲା, ଏଆଡ଼େ ଆଉ ଗୋଟାଏ ଅତି ବର୍ବର ଜାତିର ଏସିଆଖଣ୍ଡରେ ପ୍ରାଦୁର୍ଭାବ ହେଲା—ଆରବ ଜାତି। ମହାବେଗରେ ସେ ଆରବ-ତରଙ୍ଗ ପୃଥିବୀ ଢାଙ୍କିବାରେ ଲାଗିଲା। ମହାବଳ ପାରସ୍ୟ ଆରବର ପଦାନତ ହେଲା, ମୁସଲମାନ ଧର୍ମ ଗ୍ରହଣ କରିବାକୁ ହେଲା, କିନ୍ତୁ ତାହା ଫଳରେ ମୁସଲମାନ ଧର୍ମ ଆଉ ଗୋଟାଏ ରୂପ ଧାରଣ କଲା; ସେ ଆରବୀ ଧର୍ମ ଓ ପାରସିକ ସଭ୍ୟତା ସମ୍ମିଳିତ ହେଲା।

ଆରବର ତରବାରି ସଙ୍ଗେ ସଙ୍ଗେ ପାରସ୍ୟ ସଭ୍ୟତା ମାଡ଼ିଯିବାକୁ ଲାଗିଲା। ଏହି ପାରସ୍ୟ ସଭ୍ୟତା ପ୍ରାଚୀନ ଗ୍ରୀସ୍ ଓ ଭାରତବର୍ଷରୁ ନିଆ। ପୂର୍ବ ପଶ୍ଚିମ, ଦୁଇ ଦିଗରୁ ମହାବଳରେ ମୁସଲମାନ-ତରଙ୍ଗ ଇଉରୋପ ଉପରେ ଆଘାତ କଲା, ସଙ୍ଗେ ସଙ୍ଗେ ବର୍ବର ଅନ୍ଧ ଇଉରୋପରେ ଜ୍ଞାନାଲୋକ ବହି ହୋଇ ପଡ଼ିବାରେ ଲାଗିଲା। ପ୍ରାଚୀନ ଗ୍ରୀକ୍‌ମାନଙ୍କର ବିଦ୍ୟା ବୁଦ୍ଧି ଶିଳ୍ପ ବର୍ବରାକ୍ରାନ୍ତ ଇଟାଲିରେ ପ୍ରବେଶ କଲା, ଧରାରାଜଧାନୀ ରୋମ୍‌ର ମୃତ ଶରୀରରେ ପ୍ରାଣସ୍ପନ୍ଦନ ହେବାକୁ ଲାଗିଲା—ସେ ସ୍ପନ୍ଦନ ଫ୍ଲରେନ୍ସ ନଗରୀରେ ପ୍ରବଳ ରୂପ ଧାରଣ କଲା, ପ୍ରାଚୀନ ଇଟାଲି ନବଜୀବନରେ ବଞ୍ଚି ଉଠିବାକୁ ଲାଗିଲା—ଏହାର ନାମ ରେନେସାଁ (Renaissance), ନବଜନ୍ମ। କିନ୍ତୁ ସେ ନବଜନ୍ମ ହେଲା ଇଟାଲିର। ଇଉରୋପର ଅନ୍ୟାନ୍ୟ ଅଂଶର ସେତେବେଳେ ପ୍ରଥମ ଜନ୍ମ। ସେ ଖ୍ରୀଷ୍ଟାବ୍ଦ ଷୋଡ଼ଶ ଶତାବ୍ଦୀରେ ଯେତେବେଳେ ଆକବର, ଜାହାଙ୍ଗୀର, ସାଜାହାଁ ପ୍ରଭୃତି ମୋଗଲ ସମ୍ରାଟ ଭାରତରେ ମହାବଳ ସାମ୍ରାଜ୍ୟ ତୋଳିଛନ୍ତି, ସେହି ସମୟରେ ଇଉରୋପର ଜନ୍ମ ହେଲା।

ଇଟାଲି ବୁଢ଼ା ଜାତି, ଥରେ ନିଦରୁ ଉଠି ପୁଣି ପାଖ ଫେରି ଶୋଇଲା। ସେ ସମୟରେ ନାନା କାରଣରୁ ଭାରତବର୍ଷ ମଧ୍ୟ ଜାଗି ଉଠିଥିଲା କହୁଁଛୁ; ଆକବରଙ୍କଠାରୁ ତିନି ପୁରୁଷ ରାଜତ୍ୱରେ ବିଦ୍ୟା ବୁଦ୍ଧି ଶିଳ୍ପର ଆଦର ଯଥେଷ୍ଟ ହୋଇଥିଲା; କିନ୍ତୁ ଅତି ବୃଦ୍ଧ ଜାତି ନାନା କାରଣରୁ ପୁଣି ପାଖ ଫେରି ଶୋଇଲା।

ଇଉରୋପରେ, ଇଟାଲିର ପୁନର୍ଜନ୍ମ ଯାଇ ଲାଗିଲା, ଅଭିନବ ଫ୍ରାଁ ଜାତିରେ। ଚାରିଆଡ଼ୁ ସଭ୍ୟତାର ଧାରା ସବୁ ଆସି ଫ୍ଲରେନ୍ସ ନଗରୀରେ ଏକତ୍ର ହୋଇ ନୂତନ ରୂପ ଧାରଣ କଲା; କିନ୍ତୁ ଇଟାଲି ଜାତିରେ ସେ ବୀର୍ଯ୍ୟଧାରଣର ଶକ୍ତି ନ ଥିଲା, ଭାରତ ପରି ସେ

ଉନ୍ମେଷ ସେହିଠାରେ ହିଁ ଶେଷ ହୋଇ ଯାଇଥାଆନ୍ତା, କିନ୍ତୁ ଇଉରୋପର ସୌଭାଗ୍ୟ, ଏହି ନୂତନ ଫ୍ରାନ୍ସ ଜାତି ଆଦରରେ ସେ ତେଜ ଗ୍ରହଣ କଲା । ନବୀନ ରକ୍ତ, ନବୀନ ଜାତି ସେ ତରଙ୍ଗରେ ମହାସାହସରେ ନିଜର ତରଣୀ ଭସାଇ ଦେଲା, ସେ ସ୍ରୋତର ବେଗ କ୍ରମଶଃ ବଢ଼ିବାକୁ ଲାଗିଲା । ସେହି ଗୋଟାଏ ଧାରା ଶତଧାର ହୋଇ ବଢ଼ିବାରେ ଲାଗିଲା । ଇଉରୋପର ଅନ୍ୟାନ୍ୟ ଜାତି ଲୋଲୁପ ହୋଇ ନାଳ କାଟି ସେ ଜଳ ଆପଣା ଆପଣା ଦେଶକୁ ନେଇଗଲେ ଏବଂ ସେଥିରେ ନିଜ ନିଜର ଜୀବନୀଶକ୍ତି ଢାଳି ତାହାର ବେଗ, ତାହାର ବିସ୍ତାର ବଢ଼ାଇବାରେ ଲାଗିଲେ, ଭାରତକୁ ଆସି ସେ ତରଙ୍ଗ ଲାଗିଲା; ଜାପାନ ସେ ବନ୍ୟାରେ ବଞ୍ଚି ଉଠିଲା, ସେ ଜଳପାନ କରି ମତ୍ତ ହୋଇ ଉଠିଲା; ଜାପାନ ଏସିଆର ନୂତନ ଜାତି ।

## ପ୍ୟାରିସ୍ ଓ ଫ୍ରାନ୍ସ

ଏହି ପ୍ୟାରିସ୍ ନଗରୀ ସେ ଇଉରୋପୀ ସଭ୍ୟତା-ଗଙ୍ଗାର ଗୋମୁଖ । ଏ ବିରାଟ ରାଜଧାନୀ ମର୍ତ୍ତ୍ୟର ଅମରାବତୀ, ସଦାନନ୍ଦନଗରୀ । ଏ ଭୋଗ, ଏ ବିଳାସ, ଏ ଆନନ୍ଦ ନା ଲଣ୍ଡନରେ, ନା ବର୍ଲିନରେ, ନା ଆଉ କେଉଁଠି ! ଲଣ୍ଡନରେ, ନିଉୟର୍କରେ ଧନ ଅଛି; ବର୍ଲିନରେ ବିଦ୍ୟାବୁଦ୍ଧି ଯଥେଷ୍ଟ; ନାହିଁ ସେ ଫରାସୀ ମାଟି, ଆଉ ସର୍ବାପେକ୍ଷା ନାହିଁ ସେ ଫରାସୀ ମଣିଷ । ଧନ ଥାଉ, ବିଦ୍ୟାବୁଦ୍ଧି ଥାଉ, ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଥାଉ—ମଣିଷ କାହିଁ ? ଏ ଅଦ୍ଭୁତ ଫରାସୀ ଚରିତ୍ର ପ୍ରାଚୀନ ଗ୍ରୀକ୍ ମରି ଜନ୍ମିଛି ଯେପରି—ସଦା ଆନନ୍ଦ, ସଦା ଉତ୍ସାହ, ଅତି ହାଲୁକା, ପୁଣି ଅତି ଗମ୍ଭୀର, ସବୁ କାମରେ ଉତ୍ତେଜନା, ପୁଣି ବାଧା ପାଇଲେ ହିଁ ନିରୁତ୍ସାହ । କିନ୍ତୁ ସେ ନୈରାଶ୍ୟ ଫରାସୀ ମୁହଁରେ ଅଧିକ ସମୟ ନ ଥାଏ, ପୁଣି ଜାଗିଉଠେ ।

ଏହି ପ୍ୟାରିସ୍ ବିଶ୍ୱବିଦ୍ୟାଳୟ ଇଉରୋପର ଆଦର୍ଶ । ଦୁନିଆର ବିଜ୍ଞାନ-ସଭା ଏମାନଙ୍କ ଏକାଡେମିର ନକଲ; ଏହି ପ୍ୟାରିସ୍ ଔପନିବେଶ ସାମ୍ରାଜ୍ୟର ଗୁରୁ, ସବୁ ଭାଷାରେ ହିଁ ଯୁଦ୍ଧଶିଳ୍ପର ସଞ୍ଜ୍ଞା ଏବେ ମଧ୍ୟ ଅଧିକାଂଶ ଫରାସୀ; ଏମାନଙ୍କ ରଚନାର ନକଲ ସବୁ ଇଉରୋପୀ ଭାଷାରେ, ଦର୍ଶନ ବିଜ୍ଞାନ ଶିଳ୍ପର ଏହି ପ୍ୟାରିସ୍ ଖଣି, ସବୁ ଜାଗାରେ ଏମାନଙ୍କ ନକଲ ।

ଏମାନେ ହେଉଛନ୍ତି ସହରିଆ, ଆଉ ସବୁ ଜାତି ଯେପରି କି ଗାଉଁଲି । ଏମାନେ ଯାହା କରନ୍ତି, ତାହା ୫୦ ବର୍ଷ, ୨୫ ବର୍ଷ ପରେ ଜର୍ମାନ୍ ଇଂରେଜ ନକଲ କରନ୍ତି, ତାହା ବିଦ୍ୟାରେ ହେଉ, ଶିଳ୍ପରେ ହେଉ, ବା ସମାଜନୀତିରେ ହିଁ ହେଉ । ଏ ଫରାସୀ ସଭ୍ୟତା ସ୍କଟଲାଣ୍ଡରେ ଲାଗିଲା । ସ୍କଟରାଜ ଇଂଲଣ୍ଡର ରାଜା ହେଲେ, ଫରାସୀ ସଭ୍ୟତା ଇଂଲଣ୍ଡକୁ ଜଗାଇଦେଲା—ସ୍କଟରାଜ ଷ୍ଟୁଆର୍ଟ ବଂଶ ସମୟରେ ଇଂଲଣ୍ଡରେ ରୟାଲ ସୋସାଇଟି ପ୍ରଭୃତିର ସୃଷ୍ଟି ।

ଆଉ ଏହି ଫ୍ରାନ୍ସ ସ୍ୱାଧୀନତାର ଆବାସ । ପ୍ରଜାଶକ୍ତି ମହାବେଗରେ ଏହି ପ୍ୟାରିସ୍

ନଗରୀରୁ ଇଉରୋପକୁ ଉଠାଇଦି ପକାଇଛି, ସେହିଦିନଠାରୁ ଇଉରୋପର ନୂତନ ମୂର୍ତ୍ତି ହୋଇଛି । ସେ 'ଏଗାଲିତେ, ଲିବାର୍ତ୍ତେ, ଫ୍ରାତେର୍ନିତେ'ର (Egalite, Liberte, Fraternite)—ଧ୍ୱନି ଫ୍ରାନ୍ସରୁ ଚାଲିଯାଇଛି; ଫ୍ରାନ୍ସ ଅନ୍ୟ ଭାବ, ଅନ୍ୟ ଉଦ୍ଦେଶ୍ୟ ଅନୁସରଣ କରୁଛି; କିନ୍ତୁ ଇଉରୋପର ଅନ୍ୟାନ୍ୟ ଜାତି ଏବେ ସୁଦ୍ଧା ସେହି ଫରାସୀ ବିପ୍ଳବର ପୁନରାବୃତ୍ତି କରୁଛି ।

ଜଣେ ସ୍କଟ୍‌ଲାଣ୍ଡ ଦେଶର ପ୍ରସିଦ୍ଧ ବୈଜ୍ଞାନିକ ପଣ୍ଡିତ ମୋତେ ସେ ଦିନ କହିଲେ ଯେ, ପ୍ୟାରିସ୍‌ହେଉଛି ପୃଥିବୀର କେନ୍ଦ୍ର; ଯେଉଁ ଦେଶ ଯେଉଁ ପରିମାଣରେ ଏହି ପ୍ୟାରିସ-ନଗରୀ ସହିତ ନିଜର ଯୋଗ ସ୍ଥାପନ କରିବାରେ ସମର୍ଥ ହେବ, ସେ ଜାତି ସେତେ ପରିମାଣରେ ଉନ୍ନତି ଲାଭ କରିବ । କଥାଟା କିଛି ଅତିରଞ୍ଜିତ ସତ୍ୟ; କିନ୍ତୁ ଏ କଥାଟା ମଧ୍ୟ ସତ୍ୟ ଯେ, ଯଦି କାହାର କୌଣସି ନୂତନ ଭାବ ଏ ଜଗତକୁ ଦେବାର ଥାଏ ତ ଏହି ପ୍ୟାରିସ ହେଉଛି ସେ ପ୍ରଚାରର ସ୍ଥାନ । ଏହି ପ୍ୟାରିସ୍‌ରେ ଯଦି ଧ୍ୱନି ଉଠେ ତ ଇଉରୋପ ଅବଶ୍ୟ ହିଁ ପ୍ରତିଧ୍ୱନି କରିବ । ଭାସ୍କର, ଚିତ୍ରକର ଗାୟକ, ନର୍ତ୍ତକୀ ଏହି ମହାନଗରୀରେ ପ୍ରଥମ ପ୍ରତିଷ୍ଠା ଲାଭକରିପାରିଲେ, ଆଉ ସବୁଦେଶରେ ସହଜରେ ହିଁ ପ୍ରତିଷ୍ଠା ପାଆନ୍ତି ।

ଆମମାନଙ୍କ ଦେଶରେ ଏହି ପ୍ୟାରିସ୍‌ନଗରୀର ବଦ୍‌ନାମ ଶୁଣିବାକୁ ମିଳେ, ଏ ପ୍ୟାରିସ୍ ମହାକଦର୍ଯ୍ୟ ବେଶ୍ୟାପୂର୍ଣ୍ଣ ନରକକୁଣ୍ଡ । ଅବଶ୍ୟ ଏକଥା ଇଂରେଜମାନେ ହିଁ କହି-ଥାଆନ୍ତି ଏବଂ ଅନ୍ୟ ଦେଶର ଯେଉଁସବୁ ଲୋକଙ୍କ ପଇସା ଅଛି ଏବଂ ଜିହ୍ୱୋପସ୍ଥ ଛଡ଼ା ଦ୍ୱିତୀୟ ଭୋଗ ଜୀବନରେ ଅସମ୍ଭବ, ସେମାନେ ଅବଶ୍ୟ ବିଳାସମୟ ଜିହ୍ୱୋପସ୍ଥର ଉପକରଣମୟ ପ୍ୟାରିସକୁ ହିଁ ଦେଖନ୍ତି !

କିନ୍ତୁ ଲଣ୍ଡନ, ବର୍ଲିନ, ଭିଏନା, ନିଉୟର୍କ ମଧ୍ୟ ସେହି ବାରବନିତାପୂର୍ଣ୍ଣ, ଭୋଗର ଉଦ୍ୟୋଗପୂର୍ଣ୍ଣ; ତେବେ ତଫାତ୍ ଏହି ଯେ, ଅନ୍ୟ ଦେଶର ଇନ୍ଦ୍ରିୟଚର୍ଚ୍ଚା ପଶୁବତ୍, ପ୍ୟାରିସର, ସଭ୍ୟ ପ୍ୟାରିସ୍‌ର ମଇଳା ସୁନା-ପତରରେ ମୋଡ଼ା; ବନ୍ୟ ଶୂକରର ପଙ୍କରେ ଲୋଟିବା, ଆଉ ମୟୂରର ପୁଚ୍ଛମେଲି ନାଚରେ ଯେ ତଫାତ୍, ଅନ୍ୟାନ୍ୟ ସହରର ପୈଶାଚିକ ଭୋଗ ଆଉ ଏ ପ୍ୟାରିସ୍ ବିଳାସର ସେହି ତଫାତ୍ ।

ଭୋଗ-ବିଳାସର ଇଚ୍ଛା କେଉଁ ଜାତିରେ ନାହିଁ କହ ? ନ ହେଲେ ଦୁନିଆରେ ଯାହାର ଦି' ପଇସା ହୁଏ, ସେ ସାଙ୍ଗେ ସାଙ୍ଗେ ପ୍ୟାରିସ୍ ନଗରୀ ଅଭିମୁଖରେ ଧାଆନ୍ତି କାହିଁକି ? ରାଜା ବାଦଶାମାନେ ଛଦ୍ମନାମ ନାଆଁ ଭଣ୍ଡାଇ ଏ ବିଳାସ-ବିବର୍ତ୍ତରେ ସ୍ନାନ କରି ପବିତ୍ର ହେବା ପାଇଁ ଆସନ୍ତି କାହିଁକି ? ଇଚ୍ଛା ସବୁଦେଶରେ, ଉଦ୍ୟୋଗର ତ୍ରୁଟି କେଉଁଠି କମ୍ ଦେଖୁ ନାହିଁ; ତେବେ ଏମାନେ ସୁସିଦ୍ଧ ହୋଇଛନ୍ତି, ଭୋଗ କରି ଜାଣନ୍ତି, ବିଳାସର ସପ୍ତମରେ ପହଞ୍ଚିଛନ୍ତି ।

ତାହା ମଧ୍ୟ ଅଧିକାଂଶ କଦର୍ଯ୍ୟ ନାଚ ତାମସା ବିଦେଶୀ ପାଇଁ । ଫରାସୀ ବଡ଼ ସାବଧାନ, ବାଜେ ଖରଚ କରେ ନାହିଁ । ଏହି ଘୋର ବିଳାସ, ଏହିସବୁ ହୋଟେଲ, କାଫେ, ଯେଉଁଥିରେ ଥରେ ଖାଇଲେ ସର୍ବସ୍ୱାନ୍ତ ହେବାକୁ ହୁଏ, ଏସବୁ ବିଦେଶୀ ସମ୍ଭାର

ଧନୀମାନଙ୍କ ପାଇଁ । ଫରାସୀମାନେ ବଡ଼ ସୁସଭ୍ୟ, ଆଦବ୍ କାଇଦା ବହୁତ, ଖାତର ଖୁବ୍ କରନ୍ତି, ପଇସାଗୁଡ଼ିକ ସବୁ ବାହାର କରି ନିଅନ୍ତି, ଆଉ ମୁରୁକି ମୁରୁକି ହସନ୍ତି ।

ତା' ଛଡ଼ା, ଆଉ ଗୋଟିଏ ତାମସା ଏହି ଯେ, ଆମେରିକାନ୍, ଜର୍ମାନ, ଇଂରାଜ ପ୍ରଭୃତି ଖୋଲା ସମାଜ, ବିଦେଶୀ ଚଟ୍ କରି ସବୁ ଦେଖି ଶୁଣି ପାରନ୍ତି । ଦୁଇ ଚାରି ଦିନର ଆଳାପରେ ହିଁ ଆମେରିକାନ୍ ଘରେ ଦଶ ଦିନ ବାସ କରିବା ପାଇଁ ନିମନ୍ତ୍ରଣ କରିଥାଏ; ଜର୍ମାନ୍ ତଦ୍ରୂପ, ଇଂରାଜ ଟିକିଏ ବିଳମ୍ବରେ । ଫରାସୀ ଏ ବିଷୟରେ ବଡ଼ ତଫାତ୍ । ପରିବାର ମଧ୍ୟରେ ଅତ୍ୟନ୍ତ ପରିଚିତ ନ ହେଲେ, ଆଉ ବାସ କରିବା ପାଇଁ ନିମନ୍ତ୍ରଣ କରେ ନାହିଁ । କିନ୍ତୁ ଯେତେବେଳେ ବିଦେଶୀ ସେ ପ୍ରକାର ସୁବିଧା ପାଏ, ଫରାସୀ ପରିବାର ଦେଖିବାର ଜାଣିବାର ଅବକାଶ ପାଏ, ସେତେବେଳେ ଆଉ ଗୋଟାଏ ଧାରଣା ହୁଏ । କହେ, ମାଛ ବଜାର ଦେଖି ଅନେକ ବିଦେଶୀ ଯେ ଆମ ଜାତୀୟ ଚରିତ୍ର ସମ୍ବନ୍ଧରେ ମତାମତ ପ୍ରକାଶ କରନ୍ତି—ସେଇଟା କିପରି ନିର୍ବୋଧପଣ ? ସେହିପରି ଏ ପ୍ୟାରିସ୍ । ଅବିବାହିତା ଝିଅ ଏ ଦେଶରେ ଆମ ଦେଶ ପରି ସୁରକ୍ଷିତା, ସେମାନେ ସମାଜରେ ପ୍ରାୟ ମିଶିବାକୁ ପାଆନ୍ତି ନାହିଁ । ବାହା ପରେ ତେବେ ନିଜ ସ୍ୱାମୀ ସହିତ ସମାଜରେ ମିଶନ୍ତି, ବାହାତୋଳା ମା ବାପ ହିଁ ଅନ୍ତି, ଆମପରି ! ଆଉ ଏମାନେ ଆମୋଦ-ପ୍ରିୟ, କୌଣସି ବଡ଼ ସାମାଜିକ ବ୍ୟାପାର ନର୍ତ୍ତକୀର ନାଚ ନ ହେଲେ ସମ୍ପୂର୍ଣ୍ଣ ହୁଏ ନାହିଁ । ଯେପରି ଆମର ବାହାଘର ପୂଜା ପର୍ବ ନର୍ତ୍ତକୀର ଆଗମନ । ଇଂରେଜ ସାରୁଖିଆ-ମୁହଁ, ଅନ୍ଧକାର ଦେଶରେ ବାସ କରେ, ସଦା ନିରାନନ୍ଦ, ସେମାନଙ୍କ ମତରେ ଏହା ବଡ଼ ଅଶ୍ଳୀଳ; କିନ୍ତୁ ଥିଏଟରରେ ହେଲେ ଆଉ ଦୋଷ ନାହିଁ । ଏ କଥାଟା ମଧ୍ୟ କହୁଛି ଯେ, ଏମାନଙ୍କ ନାଚଟା ଆମମାନଙ୍କ ଆଖିରେ ଅଶ୍ଳୀଳ ନିଶ୍ଚୟ । ତେବେ ଏମାନଙ୍କର ଦେହସହା ହୋଇଯାଇଛି । ନଙ୍ଗୁଳି ନାଚ ସର୍ବତ୍ର, ତାହା ଗ୍ରାହ୍ୟ ମଧ୍ୟରେ ନୁହେଁ; କିନ୍ତୁ ଇଂରାଜ ଆମେରିକାନ୍ ଦେଖିବାକୁ ମଧ୍ୟ ଛାଡ଼ିବେ ନାହିଁ, ଆଉ ଘରକୁ ଯାଇ ଗାଳି ଦେବାକୁ ମଧ୍ୟ ଛାଡ଼ିବେ ନାହିଁ ।

ସ୍ତ୍ରୀ ସମ୍ବନ୍ଧୀୟ ଆଚାର ପୃଥିବୀର ସର୍ବଦେଶରେ ହିଁ ଏକ ପ୍ରକାର ଅର୍ଥାତ୍ ପୁରୁଷ ମଣିଷର ଅନ୍ୟ ସ୍ତ୍ରୀ ସଂସର୍ଗରେ ବେଶୀ ଦୋଷ ହୁଏ ନାହିଁ; କିନ୍ତୁ ସ୍ତ୍ରୀଲୋକ ବେଳକୁ ମୁସ୍କିଲ । ତେବେ ଫରାସୀ ପୁରୁଷ ଟିକିଏ ଖୋଲା, ଅନ୍ୟ ଦେଶର ଧନୀ ଲୋକମାନେ ଯେପରି ଏ ସମ୍ବନ୍ଧରେ ବେପରୁଆ, ସେହିପରି । ଆଉ ଇଉରୋପୀ ପୁରୁଷ ସାଧାରଣ ସେ ବିଷୟଟା ଏତେ ଦୋଷର ଭାବନ୍ତି ନାହିଁ । ଅବିବାହିତର ସେ ବିଷୟରେ ପାଶ୍ଚାତ୍ୟ ଦେଶରେ ବେଶୀ ଦୋଷ ନୁହେଁ: ବରଂ ବିଦ୍ୟାର୍ଥୀ ଯୁବକ ସେ ବିଷୟରେ ଏକାନ୍ତ ବିରତ ରହିଲେ ଅନ୍ୟ-ସ୍ଥଳରେ ତା'ର ମା' ବାପ ଦୋଷାବହ ବିବେଚନା କରନ୍ତି; ପଛେ ପୁଅଟା 'ସ୍ତ୍ରୈଣମୁହାଁ' ହେବ । ପୁରୁଷର ଗୋଟାଏ ଗୁଣ ପାଶ୍ଚାତ୍ୟ ଦେଶରେ ଦରକାର—ସାହସ; ଏମାନଙ୍କର 'ଭର୍ଚ୍ୟୁ' (virtue) ଶବ୍ଦ ଆଉ ଆମମାନଙ୍କର 'ବୀରତ୍ୱ' ଗୋଟାଏ ଶବ୍ଦ । ସେ ଶବ୍ଦର ଇତିହାସରେ ହିଁ ଦେଖ, ଏମାନେ କାହାକୁ ପୁରୁଷର ସତତା କହନ୍ତି । ସ୍ତ୍ରୀ-ଲୋକମାନଙ୍କ ପକ୍ଷରେ ସତୀତ୍ୱ ଅତ୍ୟାବଶ୍ୟକ ନିଶ୍ଚୟ ।

ଏସବୁ କଥା କହିବାର ଉଦ୍ଦେଶ୍ୟ ଏହି ଯେ, ପ୍ରତ୍ୟେକ ଜାତିର ଗୋଟାଏ ଗୋଟାଏ ନୈତିକ ଜୀବନୋଦ୍ଦେଶ୍ୟ ଅଛି, ସେହି ସ୍ଥାନରୁ ସେ ଜାତିର ରୀତିନୀତି ବିଚାର କରିବାକୁ ହେବ। ସେମାନଙ୍କ ଆଖିରେ ସେମାନଙ୍କୁ ଦେଖିବାକୁ ହେବ। ଆମ ଆଖିରେ ଏମାନଙ୍କୁ ଦେଖିବା, ଆଉ ଏମାନଙ୍କ ଆଖିରେ ଆମକୁ ଦେଖିବା—ଏ ଦୁଇଟା ଭୁଲ।

ଆମମାନଙ୍କ ଉଦ୍ଦେଶ୍ୟ ଏ ବିଷୟରେ ଏମାନଙ୍କର ଠିକ୍ ଓଲଟା, ଆମମାନଙ୍କର ବ୍ରହ୍ମଚାରୀ (ବିଦ୍ୟାର୍ଥୀ) ଶବ୍ଦ ଆଉ କାମଜିତ୍ୱ ଗୋଟିଏ। ବିଦ୍ୟାର୍ଥୀ ଆଉ କାମଜିତ୍ ଏକା କଥା।

ଆମମାନଙ୍କ ଉଦ୍ଦେଶ୍ୟ ମୋକ୍ଷ। ବ୍ରହ୍ମଚର୍ଯ୍ୟ ବିନା ତାହା କିପରି ହେବ, କହ ? ଏମାନଙ୍କ ଉଦ୍ଦେଶ୍ୟ ଭୋଗ, ବ୍ରହ୍ମଚର୍ଯ୍ୟର ଆବଶ୍ୟକ ସେତେ ନାହିଁ; ତେବେ ସ୍ତ୍ରୀଲୋକର ସତୀତ୍ୱ ନାଶ ହେଲେ ପିଲାପିଲି ଜନ୍ମ ହୁଏ ନାହିଁ ଏବଂ ସମସ୍ତ ଜାତିର ଧ୍ୱଂସ। ପୁରୁଷ ମଣିଷ ଦଶଗଣ୍ଡା ବାହାହେଲେ ସେତେ କ୍ଷତି ନାହିଁ, ବରଂ ବଂଶବୃଦ୍ଧି ବେଶୀ ହୁଏ। ସ୍ତ୍ରୀଲୋକର ଗୋଟିଏ ଛଡ଼ା ଆଉ ଗୋଟାଏ ଏକ ସଙ୍ଗରେ ଚଳେ ନାହିଁ—ଫଳ ବନ୍ଧ୍ୟାତ୍ୱ। ତେଣୁ ସବୁ ଦେଶରେ ସ୍ତ୍ରୀଲୋକର ସତୀତ୍ୱ ଉପରେ ବିଶେଷ ଆଗ୍ରହ, ପୁରୁଷ ବିଷୟରେ ସବୁ ଛାଡ଼ 'ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି।'[୧]

ଯାହାହେଉ ମୋଟରେ ଏମିତି ସହର ଆଉ ଭୂମଣ୍ଡଳରେ ନାହିଁ। ପୂର୍ବକାଳରେ ଏ ସହର ଥିଲା ଆଉ ଗୋଟାଏ ପ୍ରକାର, ଠିକ୍ ଆମମାନଙ୍କ କାଶୀର ବଙ୍ଗାଳିଟୋଲା ପରି। ବଙ୍କାଟଙ୍କା ଗଳିରାସ୍ତା, ମଝିରେ ମଝିରେ ଦୁଇଟା ଘରକୁ ଏକ କରିଥିବା ଖିଲାଣ, କାନ୍ଥ ଦେହରେ କୂଅ ଇତ୍ୟାଦି। ଏଥର ଏକ୍‌ଜିବିସନ୍‌ରେ ଗୋଟାଏ ସାନ ପୁରୁଣା ପ୍ୟାରିସ୍ ତିଆରି କରିଯାଇଛି। ସେ ପ୍ୟାରିସ୍ କୁଆଡ଼େ ଯାଇଛି, କ୍ରମିକ ବଦଳିଛି, ଥରେ ଥରେ ଲଢ଼େଇ ବିଦ୍ରୋହ ହୋଇଛି, କେତେକ ଅଂଶ ଭାଙ୍ଗି ଚୂରମାର ହୋଇଯାଇଛି, ପୁଣି ପରିଷ୍କାର ନୂତନ ଢଙ୍ଗର ପ୍ୟାରିସ୍ ସେହି ସ୍ଥାନରେ ଉଠିଛି!

ବର୍ତ୍ତମାନ ପ୍ୟାରିସ୍ ଅଧିକାଂଶ ହିଁ ତୃତୀୟ ନେପୋଲିଅନ୍‌ଙ୍କର ତିଆରି। ତୃତୀୟ ନେପୋଲେଅନ୍ ମାରି କାଟି ଜୁଲମ୍ କରି ବାଦଶା ହେଲେ। ଫରାସୀ ସେହି ପ୍ରଥମ ବିପ୍ଳବ ହେବା ଅବଧି ସତତ ଟଳମଳ; ସେହି କାରଣରୁ ବାଦଶା ପ୍ରଜାମାନଙ୍କୁ ଖୁସି କରି ରଖିବା ପାଇଁ, ଆଉ ପ୍ୟାରିସ ନଗରୀରେ ସତତ ଚଞ୍ଚଳ ଗରିବ ଲୋକମାନଙ୍କୁ କାମ ଦେଇ ଖୁସି କରିବା ପାଇଁ କ୍ରମାଗତ ରାସ୍ତା ଘାଟ ତୋରଣ ଥିଏଟର ପ୍ରଭୃତି ଗଢ଼ିବାରେ ଲାଗିଲେ। ଅବଶ୍ୟ ପ୍ୟାରିସର ସବୁ ପୁରାତନ ମନ୍ଦିର ତୋରଣ ସ୍ତମ୍ଭ ପ୍ରଭୃତି ରହିଲା। ରାସ୍ତାଘାଟ ସବୁ ନୂତନ ହୋଇଗଲା। ପୁରୁଣା ସହର—ପାଚେରି ଆଦି ସବୁ ଭାଙ୍ଗି ବୁଲଭାରର ଅଭ୍ୟୁଦୟ ହେବାରେ ଲାଗିଲା ଏବଂ ସେଥିରୁ ହିଁ ଏ ସହରର ସର୍ବୋତ୍ତମ ରାସ୍ତା ପୃଥିବୀରେ ଅଦ୍ୱିତୀୟ ଶାଁଜେଲିଜେ ରାସ୍ତା ତିଆରି ହେଲା। ଏ ରାସ୍ତା ଏତେ ଚଉଡ଼ା ଯେ,

---

୧ ଗୀତା, ୩।୩୩

ମଝିରେ ଓ ଦୁଇପାଖରେ ବଗିଚା ରହିଛି ଏବଂ ଏକ ସ୍ଥାନରେ ଅତି ବୃହତ୍ ଗୋଲାକାର ହୋଇ ଛୁଡ଼ା ହୋଇଛି—ତାର ନାମ 'ପ୍ଲାସ୍ ଦ ଲା କନକର୍ଦ' ( Place de la concorde )। ଏହି ପ୍ଲାସ୍ ଦ ଲା କନକର୍ଦର ଚାରିଆଡ଼େ ପ୍ରାୟ ସମାନ୍ତରାଳରେ ଫ୍ରାନ୍ସର ପ୍ରତ୍ୟେକ ଜିଲାର ଗୋଟିଏ ଗୋଟିଏ ପାଷାଣ ନାରୀମୂର୍ତ୍ତି । ତାହା ମଧ୍ୟରେ ଗୋଟିଏ ମୂର୍ତ୍ତି ହେଉଛି ଷ୍ଟ୍ରାସ-ବୁର୍ଗ ନାମକ ଜିଲାର । ସେ ଜିଲା ଏବେ ଡଚ୍ (ଜର୍ମାନ)-ମାନେ ୧୮୭୧ ସାଲର ଲଢ଼େଇ ପରଠାରୁ କାଢି ନେଇଛନ୍ତି । କିନ୍ତୁ ସେହି ଦୁଃଖ ଫ୍ରାନ୍ସର ଆଜି ମଧ୍ୟ ଯାଉନାହିଁ, ସେ ମୂର୍ତ୍ତି ଦିନରାତି ପ୍ରେତୋଦ୍ଦିଷ୍ଟ ଫୁଲମାଳରେ ଢଙ୍କା । ଯେଉଁ ଧରଣର ମାଳ ଲୋକେ ଆତ୍ମୀୟସ୍ୱଜନଙ୍କ କବର ଉପରେ ଦେଇ ଆସନ୍ତି, ସେହି ଧରଣର ବୃହତ୍ ମାଳ ଦିନରାତି ସେହି ମୂର୍ତ୍ତି ଉପରେ କେହି ନା କେହି ଦେଇଯାଉଛି ।

ଦିଲ୍ଲୀର ଚାନ୍ଦନିଚୌକ କେତେକ ଅଂଶରେ ଏହି 'ପ୍ଲାସ ଦ ଲା କନକର୍ଦ ପରି' ଏକ କାଳରେ ଥିଲା ବୋଲି ବୋଧହୁଏ । ସ୍ଥାନେ ସ୍ଥାନେ ଜୟସ୍ତମ୍ଭ, ବିଜୟତୋରଣ, ଆଉ ବିରାଟ ନରନାରୀ ସିଂହାଦି ଭାସ୍କର୍ଯ୍ୟ ମୂର୍ତ୍ତି । ମହାବୀର ପ୍ରଥମ ନେପୋଲିଅନ୍ଙ୍କର ସ୍ମାରକ ଗୋଟିଏ ସୁବୃହତ୍ ଧାତୁନିର୍ମିତ ବିଜୟସ୍ତମ୍ଭ । ତା' ଦେହରେ ନେପୋଲିଅନ୍ଙ୍କ ସମୟର ଯୁଦ୍ଧ ବିଜୟ ଅଙ୍କିତ । ଉପରେ ତାଙ୍କ ମୂର୍ତ୍ତି । ଆଉ ଗୋଟିଏ ସ୍ଥାନରେ ପ୍ରାଚୀନ ଦୁର୍ଗ ବାସ୍ତିଲ (Bastile] ଧ୍ୱଂସର ସ୍ମାରକ ଚିହ୍ନ । ସେତେବେଳେ ରାଜାମାନଙ୍କର ଏକାଧିପତ୍ୟ ଥିଲା, ଯାହାକୁ ତାହାକୁ ଯେତେବେଳେ ସେତେବେଳେ ଜେଲରେ ପୂରାଇ ଦେଉଥିଲେ । ବିଚାର ନାହିଁ, କିଛି ନାହିଁ, ରାଜା ଗୋଟାଏ ହୁକୁମନାମ ଲେଖି ଦେଇଥିଲେ । ତାହାର ନାମ 'ଲେଟର ଦ କ୍ୟାଶେ'—ମାନେ, ରାଜମୁଦ୍ରାଙ୍କିତ ଲିପି । ତା'ପରେ ସେ ବ୍ୟକ୍ତି କିଛି କରିଛି କି ନା, ଦୋଷୀ କି ନିର୍ଦ୍ଦୋଷ, ତାହାର ଆଉ ପଚରା ପଚରି ନାହିଁ, ଏକାଥରକେ ନେଇ ପୂରାଇଲେ ସେହି ବାସ୍ତିଲରେ । ସେଠାରୁ ବିଶେଷ କେହି ଆଉ ବାହାରୁ ନ ଥିଲେ । ରାଜାମାନଙ୍କ ପ୍ରଣୟିନୀମାନେ କାହାରି ଉପରେ ରାଗିଲେ ରାଜାଙ୍କ ପାଖରୁ ସେହି ମୋହରଟା ମରାଇନେଇ ସେ ବ୍ୟକ୍ତିକୁ ବାସ୍ତିଲକୁ ଠେଲି ଦେଉଥିଲେ । ପରେ ଯେତେବେଳେ ସାରା ଦେଶର ଲୋକେ ଏସବୁ ଅତ୍ୟାଚାରରେ କ୍ଷିପ୍ତ ହୋଇ ଉଠିଲେ, ବ୍ୟକ୍ତିଗତ ସ୍ୱାଧୀନତା, ସବୁ ସମାନ, ସାନ ବଡ଼ କିଛି ହିଁ ନୁହେଁ, ଏ ଧ୍ୱନି ଉଠାଇଲେ, ପ୍ୟାରିସ୍‌ର ଲୋକେ ଉନ୍ମତ୍ତ ହୋଇ ରାଜାରାଣୀଙ୍କୁ ଆକ୍ରମଣ କଲେ, ସେ ସମୟରେ ପ୍ରଥମେ ହିଁ ଏ ମଣିଷର ଅତ୍ୟାଚାରର ଘୋର ନିଦର୍ଶନ ବାସ୍ତିଲ ଭୂମିସାତ୍ କଲେ, ସେ ସ୍ଥାନଟାରେ ରାତିଏ ପର୍ଯ୍ୟନ୍ତ ନାନା ଗୀତ ଆମୋଦ କଲେ । ତା'ପରେ ରାଜା ପଳାଇ ଯାଉଥିଲେ, ତାଙ୍କୁ ଧରି ପକାଇଲେ, ରାଜାଙ୍କ ଶ୍ୱଶୁର ଅଷ୍ଟ୍ରିଆର ବାଦଶା ଜ୍ୱାଇଁର ସାହାଯ୍ୟ ପାଇଁ ସୈନ୍ୟ ପଠାଇଛନ୍ତି ଶୁଣି ପ୍ରଜାମାନେ କ୍ରୋଧରେ ଅନ୍ଧ ହୋଇ ରାଜାରାଣୀଙ୍କୁ ମାରି ପକାଇଲେ, ସାରା ଦେଶର ଲୋକେ 'ସ୍ୱାଧୀନତା-ସମର' ନାମରେ ମାତିଗଲେ । ଫ୍ରାନ୍ସ ପ୍ରଜାତନ୍ତ୍ର ହେଲା, ଅଭିଜାତ ବ୍ୟକ୍ତିଙ୍କ ମଧ୍ୟରୁ ଯାହାକୁ ଧରିଲେ, ତାକୁ ହିଁ ମାରି ପକାଇଲେ । କେହି କେହି ଉପାଧି ପଦବୀ ଛାଡ଼ି ପ୍ରଜାଙ୍କ ଦଳରେ ମିଶିଗଲେ । କେବଳ ସେତିକି

ନୁହେଁ, 'କହିଲେ, ଯାଉ ଦୁନିଆର ଲୋକ ତୁମେ ଉଠ, ରଜା ଫଜା ଅତ୍ୟାଚାରୀ ସବୁ ମାରି ପକାଅ, ସବୁ ପ୍ରଜା ସ୍ୱାଧୀନ ହୁଅନ୍ତୁ, ସମସ୍ତେ ସମାନ ହୁଅନ୍ତୁ !' ସେତେବେଳେ ସାରା ଇଉରୋପର ରଜାମାନେ ଭୟରେ ଅସ୍ଥିର ହୋଇ ଉଠିଲେ—ଏ ନିଆଁ ପଛେ ନିଜ ଦେଶରେ ଲାଗେ, ପଛେ ନିଜ ସିଂହାସନ ଗଡ଼ିପଡ଼େ, ତେଣୁ ତାକୁ ଲିଭାଇବା ପାଇଁ ବଦ୍ଧ-ପରିକର ହୋଇ ଚାରିଆଡ଼ୁ ଫ୍ରାନ୍ସ ଆକ୍ରମଣ କଲେ । ଏଆଡ଼େ ପ୍ରଜାତନ୍ତ୍ରର କର୍ତ୍ତୃପକ୍ଷମାନେ 'ଲ ପାତ୍ରି ଆ ଦାଁଜେ'—'ଜନ୍ମଭୂମି ବିପଦରେ'—ଏହା ଘୋଷଣା କରିଦେଲେ, ସେ ଘୋଷଣା ନିଆଁ ପରି ସାରା ଦେଶରେ ବ୍ୟାପ୍ତହୋଇପଡ଼ିଲା । ପିଲା, ବୁଢ଼ା, ସ୍ତ୍ରୀ, ପୁରୁଷ 'ମାର୍ସାଇଏ' (La Marseillaise) ମହାଗୀତ ଗାଉ ଗାଉ ଉତ୍ସାହପୂର୍ଣ୍ଣ ଫ୍ରାନ୍ସର ମହାଗୀତ ଗାଉ ଗାଉ—ଦଳକୁ ଦଳ, ଜୀର୍ଣ୍ଣବସନ, ସେ ଶୀତରେ ନଗ୍ନ-ପଦ, ଅତ୍ୟଳ୍ପାନ୍ନ ଫରାସୀ ପ୍ରଜା-ଫୌଜ ବିରାଟ ସମଗ୍ର ଇଉରୋପୀୟ ଚମୂର ସମ୍ମୁଖୀନ ହେଲେ, ବଡ଼ ସାନ ଧନୀ ଦରିଦ୍ର ସମସ୍ତେ ବନ୍ଧୁକ କାନ୍ଧରେ ପକାଇ ବାହାରିଲେ—'ପରିତ୍ରାଣାୟ···ବିନାଶାୟ ଚ ଦୁଷ୍କୃତାମ୍'[୧] ବାହାରିଲେ । ସମଗ୍ର ଇଉରୋପ ସେ ବେଗ ସହ୍ୟ କରିପାରିଲା ନାହିଁ । ଫରାସୀ ଜାତି ଆଗରେ ସୈନ୍ୟମାନଙ୍କ ସ୍କନ୍ଧରେ ଠିଆ ହୋଇଥିଲେ ଜଣେ ବୀର । ତାଙ୍କର ଅଙ୍ଗୁଳି ଇସାରାରେ ଧରା କମ୍ପିବାକୁ ଲାଗିଲା; ସେ ହେଉଛନ୍ତି ନେପୋଲିଅନ୍ ।

ସ୍ୱାଧୀନତା, ସାମ୍ୟ, ଭ୍ରାତୃତ୍ୱ—ବନ୍ଧୁକନଳୀ ମାଧ୍ୟମରେ ତରବାରି-ଧାରଦ୍ୱାରା ଏହାକୁ ଇଉରୋପର ଅସ୍ଥିମଜ୍ଜାରେ ପ୍ରବେଶ କରାଇଦେଲେ—ତିନି-ରଙ୍ଗା କକାର୍ଡ଼ର ଜୟ ହେଲା । ତା'ପରେ, ନେପୋଲିଅନ୍ ଫ୍ରାନ୍ସ ମହାରାଜ୍ୟକୁ ଦୃଢ଼ବଦ୍ଧ ସାବସ୍ତ କରିବା ପାଇଁ ବାଦଶା ହେଲେ । ତା'ପରେ ତାଙ୍କ କାର୍ଯ୍ୟ ଶେଷ ହେଲା; ପିଲା ହେଲା ନାହିଁ ବୋଲି ସୁଖଦୁଃଖର ସଙ୍ଗିନୀ ଭାଗ୍ୟଲକ୍ଷ୍ମୀ ରାଣୀ ଜୋସେଫିନ୍‌ଙ୍କୁ ତ୍ୟାଗ କଲେ । ଅଷ୍ଟ୍ରିଆର ବାଦଶାହଙ୍କ ଝିଅକୁ ବାହା ହେଲେ । ଜୋସେଫିନ୍‌ଙ୍କୁ ଛାଡ଼ିବା ସଙ୍ଗେ ସଙ୍ଗେ ତାଙ୍କର ସେ ଭାଗ୍ୟ ବଦଳିଗଲା । ରୁଷ୍ ଜୟ କରିବାକୁ ଯାଇ ବରଫରେ ତାଙ୍କ ଫୌଜ ମରିଗଲେ । ଇଉରୋପ ବାଗ ପାଇ ତାଙ୍କୁ ଜୋର୍ କରି ସିଂହାସନ ତ୍ୟାଗକରାଇ ଗୋଟାଏ ଦ୍ୱୀପକୁ ପଠାଇ ଦେଲେ; ପୁରୁଣା ରଜାଙ୍କ ବଂଶର ଜଣକୁ ସିଂହାସନରେ ବସାଇଲେ ।

ମଲା ସିଂହ ସେ ଦ୍ୱୀପରୁ ପଳାଇ ଆସି ପୁଣି ଫ୍ରାନ୍ସରେ ହାଜର ହେଲା, ସାରା ଫ୍ରାନ୍ସର ଲୋକେ ପୁଣି ତାଙ୍କୁ ମୁଣ୍ଡାଇ ନେଲେ, ରଜା ପଳାଇଲା । କିନ୍ତୁ କପାଳ ଫାଟିଛି, ଆଉ ଯୋଡ଼ିହେଲା ନାହିଁ—ପୁଣି ସାରା ଇଉରୋପ ମିଶି, ତାଙ୍କୁ ହରାଇ ଦେଲେ, ନେପୋଲିଅନ୍ ଇଂରେଜମାନଙ୍କର ଗୋଟିଏ ଜାହାଜକୁ ଉଠି ଶରଣାଗତ ହେଲେ; ଇଂରେଜମାନ ତାଙ୍କୁ ସେଣ୍ଟ ହେଲେନା ନାମକ ଗୋଟାଏ ଦୂର ଦ୍ୱୀପରେ ଆମରଣ ବନ୍ଦୀ କରି ରଖିଥିଲେ । ପୁଣି ପୁରୁଣା ରଜା ଆସିଲା, ତାଙ୍କ ପୁତୁରା ରଜା ହେଲା । ପୁଣି ଫ୍ରାନ୍ସର ଲୋକେ କ୍ଷିପ୍ତ ହେଲେ, ରଜା ଫଜାଙ୍କୁ ଘଉଡ଼ି ଦେଲେ, ପୁଣି ପ୍ରଜାତନ୍ତ୍ର ହେଲା । ମହାବୀର ନେପୋଲିଅନ୍‌ଙ୍କର ଜଣେ ପୁତୁରା ଏ ସମୟରେ କ୍ରମେ ଫ୍ରାନ୍ସର ପ୍ରୀତିପାତ୍ର ହେଲେ, କ୍ରମେ

---

[୧] ଗୀତା, ୪।୮

ଦିନେ ଷଡ଼ଯନ୍ତ୍ର କରି ନିଜକୁ ବାଦଶାହ ଘୋଷଣା କଲେ । ସେ ଥିଲେ ତୃତୀୟ ନେପୋଲିଅନ୍; ଦିନା କେତେ ତାଙ୍କର ଖୁବ୍ ପ୍ରତାପ ହେଲା । କିନ୍ତୁ ଜର୍ମାନ୍ ଯୁଦ୍ଧରେ ହାରି ତାଙ୍କ ସିଂହାସନ ଗଲା, ପୁଣି ଫ୍ରାନ୍ସ ପ୍ରଜାତନ୍ତ୍ର ହେଲା । ସେହିଦିନଠାରୁ ପ୍ରଜାତନ୍ତ୍ର ଚାଲିଛି ।

## ପରିଣାମବାଦ

ଯେଉଁ ପରିଣାମବାଦ ଭାରତର ପ୍ରାୟ ସବୁ ସମ୍ପ୍ରଦାୟର ମୂଳଭିତ୍ତି, ଏବେ ସେ ପରିଣାମବାଦ ଇଉରୋପୀ ବହିର୍ବିଜ୍ଞାନରେ ପ୍ରବେଶ କରିଛି । ଭାରତ ଛଡ଼ା ଅନ୍ୟତ୍ର ସବୁ ଦେଶର ଧର୍ମରେ ଏହା ଥିଲା ଯେ, ଦୁନିଆଟା ସବୁ ଖଣ୍ଡ ଖଣ୍ଡ, ଅଲଗା ଅଲଗା । ଈଶ୍ୱର ଜଣେ ଅଲଗା, ପ୍ରକୃତି ଗୋଟିଏ ଅଲଗା, ମଣିଷ ଗୋଟିଏ ଅଲଗା, ସେହିପରି ପଶୁ-ପକ୍ଷୀ, କୀଟପତଙ୍ଗ, ଗଛପତ୍ର, ମାଟି, ପଥର, ଧାତୁ ପ୍ରଭୃତି ସବୁ ଅଲଗା ଅଲଗା ! ଭଗବାନ ସେହିପରି ଅଲଗା ଅଲଗା କରି ସୃଷ୍ଟି କରିଛନ୍ତି ।

ଜ୍ଞାନ ଅର୍ଥ ବହୁ ମଧ୍ୟରେ ଏକ ଦେଖିବା । ଯେଉଁଗୁଡ଼ାକ ଅଲଗା, ତଫାତ୍ ବୋଲି ଆପାତତଃ ବୋଧ ହେଉଛି, ସେମାନଙ୍କ ମଧ୍ୟରେ ଐକ୍ୟ ଦେଖିବା । ଯେଉଁ ସମ୍ବନ୍ଧରେ ଏହି ଐକ୍ୟ ମଣିଷ ଦେଖିବାକୁ ପାଏ, ସେହି ସମ୍ବନ୍ଧଟାକୁ 'ନିୟମ' କହନ୍ତି; ଏହାର ନାମ ପ୍ରାକୃତିକ ନିୟମ ।

ପୂର୍ବେ କହିଛି ଯେ, ଆମମାନଙ୍କ ବିଦ୍ୟା ବୁଦ୍ଧି ଚିନ୍ତା ସବୁ ଆଧ୍ୟାତ୍ମିକ, ସମସ୍ତ ବିକାଶ ଧର୍ମରେ । ଆଉ ପାଶ୍ଚାତ୍ୟରେ ସେସବୁ ବିକାଶ ବାହାରେ, ଶରୀରରେ, ସମାଜରେ । ଭାରତବର୍ଷରେ ଚିନ୍ତାଶୀଳ ମନୀଷୀମାନେ କ୍ରମେ ବୁଝିପାରିଲେ ଯେ, ସେ ଅଲଗା ଭାବଟା ଭୁଲ; ସେ ସବୁ ଅଲଗା ମଧ୍ୟରେ ସମ୍ବନ୍ଧ ରହିଛି; ମାଟି, ପଥର, ଗଛପତ୍ର, ଜନ୍ତୁ, ମଣିଷ, ଦେବତା, ଏପରି କି ଈଶ୍ୱର ସ୍ୱୟଂ—ଏହା ମଧ୍ୟରେ ଐକ୍ୟ ରହିଛି । ଅଦ୍ୱୈତବାଦୀ ଏହାର ଚରମ ସୀମାରେ ପହଞ୍ଚିଲେ, କହିଲେ ଯେ, ସମସ୍ତ ହିଁ ସେହି ଏକର ବିକାଶ । ବାସ୍ତବିକ ଏହି ଅଧ୍ୟାତ୍ମ ଓ ଅଧିଭୂତ ଜଗତ ଏକ, ଏହାର ନାମ 'ବ୍ରହ୍ମ' । ଆଉ ଯେ ଅଲଗା ଅଲଗା ବୋଧ ହେଉଛନ୍ତି, ତାହାଙ୍କ ନାମ 'ମାୟା', 'ଅବିଦ୍ୟା' ଅର୍ଥାତ୍ ଅଜ୍ଞାନ । ଏ ହେଲା ଜ୍ଞାନର ଚରମ ସୀମା ।

ଭାରତବର୍ଷର କଥା ଛାଡ଼ିଦିଅ । ବିଦେଶରେ ଯଦି ଏ କଥାଟା ଏବେ କେହି ବୁଝି ନ ପାରନ୍ତି, ତାଙ୍କୁ ଆଉ ପଣ୍ଡିତ କେମିତି କହିବ । ମୋଟରେ ଏମାନଙ୍କ ଅଧିକାଂଶ ପଣ୍ଡିତ ହିଁ ଏଇଟା ଏବେ ବୁଝିଛନ୍ତି; ଏମାନଙ୍କ ଧାରଣା ଜଡ଼ ବିଜ୍ଞାନ ଭିତର ଦେଇ । ସେ 'ଏକ' ହୋଇ କିପରି 'ବହୁ' ହେଲେ, ଏ କଥା ଆମେମାନେ ମଧ୍ୟ ବୁଝୁ ନା, ଏମାନେ ମଧ୍ୟ ବୁଝନ୍ତି ନାହିଁ । ଆମ୍ଭେମାନେ ମଧ୍ୟ ସିଦ୍ଧାନ୍ତ କରି ଦେଇଛୁ ଯେ, ତାହା ବୁଦ୍ଧିର ଅତୀତ । ଏମାନେ ମଧ୍ୟ ତାହା ହିଁ କରିଛନ୍ତି; ତେବେ ସେ 'ଏକ' କେଉଁ କେଉଁ ରକମ ହୋଇଛନ୍ତି, କେଉଁ କେଉଁ ରକମ ଜାତିତ୍ୱ ବ୍ୟକ୍ତିତ୍ୱ ପାଉଛନ୍ତି, ଏଇଟା ବୁଝିହୁଏ ଏବଂ ଏଇଟାକୁ ଖୋଜିବା ନାମ ବିଜ୍ଞାନ (Science) ।

# ସମାଜର କ୍ରମବିକାଶ

ଏହି କାରଣରୁ ଏବେ ଏ ଦେଶରେ ପ୍ରାୟ ସମସ୍ତେ ପରିଣାମବାଦୀ—**Evolutionist** । ଯେପରି ସାନ ଜାନୁଆର ବଦଳି ବଡ଼ ଜାନୁଆର ହେଉଛି, ବଡ଼ ଜାନୁଆର କେବେ କେବେ ଶ୍ରେଷ୍ଠ ହେଉଛି, ଲୋପ ପାଉଛି; ସେହିପରି ମଣିଷ ଯେ, ଏକ ସୁସଭ୍ୟ ଅବସ୍ଥାରେ ହଠାତ୍ ଜନ୍ମ ନେଇଛି, ଏ କଥା ଆଉ କେହି ବିଶ୍ୱାସ କରୁନାହାନ୍ତି । ବିଶେଷତଃ ଏମାନଙ୍କ ବାପ, ଅଜା, କାଲି ବା ପଅର ଦିନ ବର୍ବର ଥିଲେ, ସେଠାରୁ ଅଳ୍ପ ଦିନ ମଧ୍ୟରେ ଏହି ଅବସ୍ଥା । ଏହି କାରଣରୁ ଏମାନେ କହୁଛନ୍ତି ଯେ, ସବୁ ମଣିଷ କ୍ରମେ କ୍ରମେ ଅସଭ୍ୟ ଅବସ୍ଥାରୁ ଉଠିଛନ୍ତି ଏବଂ ଉଠୁଛନ୍ତି । ଆଦିମ ମଣିଷ କାଠ ପଥରର ଯନ୍ତ୍ରତନ୍ତ୍ର ନେଇ କାମ ଚଳାଉଥିଲା, ଚମଡ଼ା ବା ପତ୍ର ପିନ୍ଧି ଦିନ କଟାଉଥିଲା, ପାହାଡ଼ ଗୁହାରେ ବା ପକ୍ଷୀ ବସା ପରି କୁଡ଼ିଆ ଘରେ ଗୁଜରାଣ ମେଣ୍ଟାଉଥିଲା । ଏହାର ନିଦର୍ଶନ ସବୁ ଦେଶର ମାଟିତଳେ ମିଳୁଛି ଏବଂ କୌଣସି କୌଣସି ସ୍ଥାନରେ ସେ ଅବସ୍ଥାରେ ମଣିଷ ସ୍ୱୟଂ ବିଦ୍ୟମାନ । କ୍ରମେ ମଣିଷ ଧାତୁ ବ୍ୟବହାର କରିବାକୁ ଶିଖିଲା, ତାହା ନରମ ଧାତୁ—ଟିଣ ଆଉ ତମ୍ବା । ତାକୁ ମିଶାଇ ଯନ୍ତ୍ରତନ୍ତ୍ର ଅସ୍ତ୍ରଶସ୍ତ୍ର କରିବାକୁ ଶିଖିଲା । ପ୍ରାଚୀନ ଗ୍ରୀକ୍ ବାବିଲ ମିଶରୀମାନେ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ଲୁହାର ବ୍ୟବହାର ଜାଣି ନ ଥିଲେ, ଯେତେବେଳେ ସେମାନେ ଅପେକ୍ଷାକୃତ ସଭ୍ୟ ହୋଇଥିଲେ, ବହି ପତ୍ର ଲେଖୁଥିଲେ, ସୁନା ରୂପା ବ୍ୟବହାର କରୁଥିଲେ, ସେତେବେଳ ପର୍ଯ୍ୟନ୍ତ । ଆମେରିକା ମହାଦ୍ୱୀପର ଆଦିମ ନିବାସୀଙ୍କ ମଧ୍ୟରେ ମେକ୍ସିକୋ 'ପେରୁ' 'ମାୟା' ପ୍ରଭୃତି ଜାତି ଅପେକ୍ଷାକୃତ ସୁସଭ୍ୟ ଥିଲେ, ପ୍ରକାଣ୍ଡ ପ୍ରକାଣ୍ଡ ମନ୍ଦିର ନିର୍ମାଣ କରୁଥିଲେ, ସୁନାରୂପାର ଖୁବ ବ୍ୟବହାର ଥିଲା (ଏପରିକି ସେ ସୁନା ରୂପା ଲୋଭରେ ହିଁ ସ୍ପାନି ଲୋକମାନେ ତାଙ୍କର ଧ୍ୱଂସ ସାଧନ କଲେ) । କିନ୍ତୁ ସେସମସ୍ତ କାର୍ଯ୍ୟ ଚକ୍‌ମକି ପଥରର ଅସ୍ତ୍ରଦ୍ୱାରା ଅନେକ ପରିଶ୍ରମରେ କରୁଥିଲେ । ଲୁହାର ନାମ-ଗନ୍ଧ ମଧ୍ୟ ଜାଣି ନ ଥିଲେ ।

ଆଦିମ ଅବସ୍ଥାରେ ମଣିଷ ତୀର ଧନୁ ବା ଜାଲିର ଉପାୟରେ ଜନ୍ତୁ, ଜାନୁଆର ଓ ମାଛ ଧରି ଖାଉଥିଲେ । କ୍ରମେ କୃଷିବାସ ଶିଖିଲେ, ପଶୁପାଳନ କରିବାକୁ ଶିଖିଲେ । ବଣର ଜାନୁଆରକୁ ବଣରୁ ଆଣି ନିଜ କାମ କରାଇବାରେ ଲାଗିଲେ । ଅଥବା ସମୟମତେ ଆହାର ପାଇଁ ମଧ୍ୟ ଜାନୁଆର ପାଳିବାରେ ଲାଗିଲେ । ଗୋରୁ, ଘୋଡ଼ା, ଶୂକର, ହାତୀ, ଓଟ, ମେଣ୍ଢା, ଛେଳି, କୁକୁଡ଼ା ପ୍ରଭୃତି ପଶୁପକ୍ଷୀ ମଣିଷର ଗୃହପାଳିତ ହେବାକୁ ଲାଗିଲା ! ଏହା ମଧ୍ୟରେ କୁକୁର ହେଉଛନ୍ତି ମଣିଷର ଆଦିମ ବନ୍ଧୁ ।

ପୁଣି କୃଷିବାସ ଆରମ୍ଭ ହେଲା । ଯେଉଁ ଫଳ-ମୂଳ, ଶାକ-ସବ୍‌ଜି, ଧାନ-ଚାଉଳ ମଣିଷମାନେ ଖାଆନ୍ତି, ତାହାର ବଣୁଆ ଅବସ୍ଥା ଆଉ ଗୋଟାଏ ଧରଣର । ଏହି ମଣିଷର ଯତ୍ନରେ ବଣୁଆ ଫଳ, ବଣୁଆ ଘାସ, ନାନାପ୍ରକାର ସୁଖାଦ୍ୟ ବୃହତ୍ ଓ ଉପାଦେୟ ଫଳରେ ପରିଣତ ହେଲା । ପ୍ରକୃତିରେ ନିଜେ ନିଜେ ଦିନରାତି ଅଦଳବଦଳ ତ ହେଉଛି ।

ନାନାଜାତିର ବୃକ୍ଷଲତା ପଶୁପକ୍ଷୀ ଶରୀର ସଂସର୍ଗରେ ଦେଶ-କାଳ-ପରିବର୍ତ୍ତନରେ ନବୀନ ନବୀନ ଜାତିର ସୃଷ୍ଟି ହେଉଛି । କିନ୍ତୁ ମଣିଷ ସୃଷ୍ଟିର ପୂର୍ବ ପର୍ଯ୍ୟନ୍ତ ପ୍ରକୃତି ଧୀରେ ଧୀରେ ତରୁଲତା, ଜୀବଜନ୍ତୁ ବଦଳାଉଥିଲେ । ମଣିଷ ଜାତ ହେବାଠାରୁ ସେ ଶୀଘ୍ର ଶୀଘ୍ର ବଦଳାଇ ଦେବାରେ ଲାଗିଲେ । ସାଇଁ ସାଇଁ କରି ଗୋଟିଏ ଦେଶର ଗଛପତ୍ର ଜୀବଜନ୍ତୁ ଅନ୍ୟ ଦେଶକୁ ମଣିଷ ନେଇ ଯିବାକୁ ଲାଗିଲେ, ସେମାନଙ୍କର ପରସ୍ପର ମିଶ୍ରଣରେ ନାନାପ୍ରକାର ଅଭିନବ ଜୀବଜନ୍ତୁ, ଗଛପତ୍ର ମଣିଷଦ୍ୱାରା ସୃଷ୍ଟ ହେବାକୁ ଲାଗିଲା ।

ଆଦିମ ଅବସ୍ଥାରେ ବିବାହ-ପ୍ରଥା ନ ଥିଲା, କ୍ରମେ କ୍ରମେ ଯୌନସମ୍ବନ୍ଧ ଉପସ୍ଥିତ ହେଲା । ପ୍ରଥମେ ବୈବାହିକ ସମ୍ବନ୍ଧ ସବୁ ସମାଜରେ ମାଆ ଉପରେ ଥିଲା । ବାପର ବେଶୀ ଠିକଣା ରହୁ ନ ଥିଲା । ମାଆ ନାମରେ ପିଲାପିଲାଙ୍କର ନାମ ହେଉଥିଲା । ସ୍ତ୍ରୀଲୋକମାନଙ୍କ ହାତରେ ସବୁ ଧନ ରହୁଥିଲା ପିଲା ମଣିଷ କରିବା ପାଇଁ । କ୍ରମେ ଧନସମ୍ପତ୍ତି ପୁରୁଷ ହାତକୁ ଗଲା, ସ୍ତ୍ରୀଲୋକମାନେ ମଧ୍ୟ ପୁରୁଷ ହାତକୁ ଗଲେ । ପୁରୁଷ କହିଲା, 'ଯେପରି ଏ ଧନଧାନ୍ୟ ମୋର, ମୁଁ ଗୃହବାସ କରି ବା ଲୁଟତରାଜ କରି ଉପାର୍ଜନ କରିଛି, ଏଥିରେ ଯଦି କେହି ଭାଗ ବସାଏ ତ ମୁଁ ବିରୋଧ କରିବି', ସେହିପରି କହିଲା, 'ଏ ସ୍ତ୍ରୀଲୋକଗୁଡ଼ାକ ମୋର, ଏଥିରେ ଯଦି କେହି ହସ୍ତକ୍ଷେପ କରେ ତ ବିରୋଧ କରିବ ।' ବର୍ତ୍ତମାନ ବିବାହର ସୂତ୍ରପାତ ହେଲା । ସ୍ତ୍ରୀଲୋକ, ପୁରୁଷର ଲୋଟା ଡାଟିଆ ଗିଲାସ ପ୍ରଭୃତି ଅଧିକାର-ସାମଗ୍ରୀ ପରି ହେଲା । ପ୍ରାଚୀନ ରୀତି—ଗୋଟିଏ ଦଳର ପୁରୁଷ ଅନ୍ୟ ଦଳରେ ବାହା ହେଉଥିଲେ । ସେ ବିବାହ ମଧ୍ୟ ଜବରଦସ୍ତି—ସ୍ତ୍ରୀକୁ ଭିଡ଼ିଆଣି । କ୍ରମେ ସେ ଟଣାଟଣି ରୀତି ବଦଳିଗଲା, ସ୍ୱେଚ୍ଛାରେ ବିବାହ ଚାଲିଲା; କିନ୍ତୁ ସବୁ ବିଷୟର କିଞ୍ଚିତ୍ କିଞ୍ଚିତ ଆଭାସ ଥାଏ । ଏବେ ମଧ୍ୟ ପ୍ରାୟ ସବୁ ଦେଶରେ ବରକୁ ନକଲ ଆକ୍ରମଣ କରିଥାନ୍ତି । ବଙ୍ଗଳା ଦେଶରେ, ଇଉରୋପରେ ଚାଉଳ ଫୋପାଡ଼ି ବରକୁ ଆଘାତ କରନ୍ତି । ପଶ୍ଚିମାଞ୍ଚଳରେ କନ୍ୟାର ଆତ୍ମୀୟ ସ୍ତ୍ରୀଲୋକମାନେ ବରଯାତ୍ରୀମାନଙ୍କୁ ଗାଳିଗୁଲଜ କରନ୍ତି ଇତ୍ୟାଦି ।

## ଦେବତା ଓ ଅସୁର

ସମାଜର-ସୃଷ୍ଟି ହେବାକୁ ଲାଗିଲା । ଦେଶ ଭେଦରେ ସମାଜର ସୃଷ୍ଟି । ସମୁଦ୍ର କୂଳରେ ଯେଉଁମାନେ ବାସ କରୁଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଛ ଧରି ଜୀବିକା ନିର୍ବାହ କରୁଥିଲେ; ଯେଉଁମାନେ ସମତଳ ଜମିରେ ରହିଲେ, ସେମାନଙ୍କର ଚାଷବାସ; ଯେଉଁମାନେ ପାର୍ବତ୍ୟ ଦେଶରେ, ସେମାନେ ମେଣ୍ଢା ଚରାଇଲେ; ଯେଉଁମାନେ ମରୁମୟ ଦେଶରେ, ସେମାନେ ଛେଳି ଓଟ ଚରାଇବାରେ ଲାଗିଲେ; କେତେକ ଦଳ ଜଙ୍ଗଲ ମଧ୍ୟରେ ବାସ କରି ଶିକାର କରି ଖାଇବାରେ ଲାଗିଲେ । ଯେଉଁମାନେ ସମତଳ ଦେଶ ପାଇଲେ, ଚାଷବାସ ଶିଖିଲେ, ସେମାନେ ପେଟ ଦାଉରୁ ଅନେକ ପରିମାଣରେ ନିଶ୍ଚିନ୍ତ ହୋଇ ଚିନ୍ତା କରିବାର ଅବକାଶ ପାଇଲେ, ସେମାନେ ଅଧିକତର ସଭ୍ୟ ହେବାକୁ ଲାଗିଲେ । କିନ୍ତୁ ସଭ୍ୟତା ସଙ୍ଗେ ସଙ୍ଗେ ଶରୀର ଦୁର୍ବଳ ହେବାକୁ ଲାଗିଲା । ଯେଉଁମାନଙ୍କ ଶରୀର ଦିନରାତି

ଖୋଲା ପବନରେ ଥାଏ, ମାଂସପ୍ରଧାନ ଆହାର ସେମାନଙ୍କର, ଆଉ ଯେଉଁମାନେ ଘର ଭିତରେ ବାସ କରନ୍ତି, ଶସ୍ୟପ୍ରଧାନ ଆହାର, ଅନେକ ପାର୍ଥକ୍ୟ ହେବାର ଲାଗିଲା । ଶିକାରୀ, ପଶୁପାଳକ ବା ମତ୍ସ୍ୟଜୀବୀ ଆହାରର ଅନଟନ ହେଲେ ହିଁ ଡକାଇତି କରି ବା ଗଣ୍ଡିକଟା ହୋଇ ସମତଳବାସୀମାନଙ୍କୁ ଲୁଟିବା ଆରମ୍ଭ କଲେ । ସମତଳବାସୀମାନେ ଆତ୍ମରକ୍ଷା ପାଇଁ ଘନ ଦଳରେ ସନ୍ନିବିଷ୍ଟ ହେବାକୁ ଲାଗିଲେ, ସ୍ଥାନ ସ୍ଥାନ ରାଜ୍ୟ ସୃଷ୍ଟି ହେବାରେ ଲାଗିଲା ।

ଦେବତାମାନେ ଧାନ ଚାଉଳ ଖାଆନ୍ତି, ସୁସଭ୍ୟ ଅବସ୍ଥା, ଗ୍ରାମ, ନଗର, ଉଦ୍ୟାନରେ ବାସ, ପରିଧାନ ବୁଣା ଲୁଗା; ଆଉ ଅସୁରମାନଙ୍କର ପାହାଡ଼ ପର୍ବତ, ମରୁଭୂମି ବା ସମୁଦ୍ର କୂଳରେ ବାସ; ଆହାର ବନ୍ୟ ଜନ୍ତୁ, ବନ୍ୟ ଫଳମୂଳ, ପରିଧାନ ଛାଲ; ଆଉ ବଣୁଆ ଜିନିଷ ବା ମେଣ୍ଢା, ଛେଳି, ଗୋରୁ ବିନିମୟରେ ଦେବତାମାନଙ୍କ ପାଖରୁ ଯାହା ଧାନ ଚାଉଳ । ଦେବତାଙ୍କ ଶରୀର ଶ୍ରମ ସହିପାରେ ନାହିଁ, ଦୁର୍ବଳ । ଅସୁରର[୧] ଶରୀର ଉପବାସ, କୃଚ୍ଛ୍ର ଓ କଷ୍ଟ ସହନରେ ବଳକ୍ଷଣ ପଟୁ ।

ଅସୁରଙ୍କର ଆହାରାଭାବ ହେଲେ ସେମାନେ ଦଳ ବାନ୍ଧି ପାହାଡ଼ରୁ, ସମୁଦ୍ର କୂଳରୁ ଗ୍ରାମ ନଗର ଲୁଟିବାକୁ ଆସିଲେ । କେତେବେଳେ ବା ଧନଧାନ୍ୟ ଲୋଭରେ ଦେବତାମାନଙ୍କୁ ଆକ୍ରମଣ କରିବାକୁ ଲାଗିଲେ । ଦେବତାମାନେ ବହୁଜନ ଏକତ୍ର ହୋଇ ନ ପାରି ଅସୁର ହାତରେ ମୃତ୍ୟୁବରଣ କଲେ । ଆଉ ଦେବତାମାନେ ବୁଦ୍ଧିପ୍ରବଳ ହୋଇ ନାନାପ୍ରକାର ଯନ୍ତ୍ରତନ୍ତ୍ର ନିର୍ମାଣ କରିବାକୁ ଲାଗିଲେ । ବ୍ରହ୍ମାସ୍ତ୍ର, ଗରୁଡ଼ାସ୍ତ୍ର, ବୈଷ୍ଣବାସ୍ତ୍ର, ଶୈବାସ୍ତ୍ର ସବୁ ଦେବତାମାନଙ୍କର; ଅସୁରର ଅସ୍ତ୍ର ସାଧାରଣ, କିନ୍ତୁ ଦେହରେ ବିଷମ ବଳ । ବାରମ୍ବାର ଅସୁର ଦେବତାମାନଙ୍କୁ ହରାଇ ଦେଉଥିଲେ; କିନ୍ତୁ ଅସୁର ସଭ୍ୟ ହେବାକୁ ଜାଣେ ନାହିଁ । ଗୃହବାସ କରିପାରେ ନାହିଁ, ବୁଦ୍ଧି ଖରଚ କରି ଜାଣେ ନାହିଁ । ବିଜୟୀ ଅସୁର ଯଦି ବିଜିତ ଦେବତାମାନଙ୍କ ସ୍ୱର୍ଗରେ ରାଜ୍ୟ କରିବାକୁ ରହିଁାନ୍ତି ତ ସେ କିଛିଦିନ ମଧ୍ୟରେ ଦେବତାମାନଙ୍କ ବୁଦ୍ଧି କୌଶଳରେ ଦେବତାମାନଙ୍କ ଦାସ ହୋଇ ପଡ଼ିଯାଆନ୍ତି । ନଚେତ୍ ଅସୁର ଲୁଟିକରି ଆପଣା ସ୍ଥାନକୁ ଫେରିଯାଏ । ଦେବତାମାନେ ଯେତେବେଳେ ଏକତ୍ରିତ ହୋଇ ଅସୁରମାନଙ୍କୁ ତଡ଼ନ୍ତି, ସେତେବେଳେ ହୁଏତ ସେମାନଙ୍କୁ ସମୁଦ୍ର ମଧ୍ୟକୁ ତଡ଼ନ୍ତି, ନ ହେଲେ ପାହାଡ଼କୁ, ନ ହେଲେ ଜଙ୍ଗଲକୁ ତଡ଼ି ଦିଅନ୍ତି । କ୍ରମେ ଦୁଇ ପକ୍ଷରେ ଦଳ ବଢ଼ିବାରେ ଲାଗିଲା, ଲକ୍ଷ ଲକ୍ଷ ଦେବତା ଏକତ୍ର ହେବାକୁ ଲାଗିଲେ, ଲକ୍ଷ ଲକ୍ଷ ଅସୁର ଏକତ୍ର ହେବାକୁ ଲାଗିଲେ । ମହାସଙ୍ଘର୍ଷ, ମିଶାମିଶି, ଜଡ଼ାଜଡ଼ି ଚାଲିଲା ।

ଏ ସବୁ ପ୍ରକାରର ସଙ୍ଘର୍ଷ ମିଳାମିଶି ବର୍ତ୍ତମାନ ସମାଜ, ବର୍ତ୍ତମାନ ପ୍ରଥା ସବୁ ସୃଷ୍ଟ ହେବାକୁ ଲାଗିଲା, ନାନା ଧରଣର ନୂତନ ଖବର ସୃଷ୍ଟି ହେବାକୁ ଲାଗିଲା, ନାନା ବିଦ୍ୟାର ଆଲୋଚନା ଚାଲିଲା । ଦଳେ ଲୋକ ଭୋଗ ଉପଯୋଗୀ ବସ୍ତୁ ତିଆରି କରିବାରେ

[୧] ଦେବତା ଓ ଅସୁର ଏଠାରେ ଗୀତାର ୧୬ଶ ଅଧ୍ୟାୟରେ ବର୍ଣ୍ଣିତ ଦୈବୀ ଓ ଆସୁରୀସମ୍ପଦପ୍ରଧାନ ମାନବ (ଜାତି) ସମ୍ବନ୍ଧରେ ବ୍ୟବହୃତ ।

ଲଗିଲେ—ହାତଦ୍ୱାରା ବା ବୁଦ୍ଧି ଜରିଆରେ । ଦଳେ ସେସବୁ ଭୋଗ୍ୟ ଦ୍ରବ୍ୟ ରକ୍ଷାକରିବାରେ ଲଗିଲେ । ସମସ୍ତେ ମିଶି ସେସବୁ ବନ୍ଦୋବସ୍ତ କରିବାରେ ଲଗିଲେ; ଆଉ ମଝିରୁ ଦଳେ ଓସ୍ତାଦ୍ ଏ ଜାଗାର ଜିନିଷଟା ସେ ଜାଗାକୁ ନେଇ ଯିବାର ବେତନ ସ୍ୱରୂପ ସମସ୍ତ ଜିନିଷର ଅଧିକାଂଶ ଆତ୍ମସାତ୍ କରିବାକୁ ଶିଖିଲେ । ଜଣେ ଚାଷ କଲା, ଜଣେ ପହରା ଦେଲା, ଜଣେ ବୋହି ନେଇଗଲା, ଆଉଜଣେ କିଣିଲା । ଯେ ଚାଷ କଲା, ସେ ପାଇଲା ଘୋଡ଼ାଡିମ୍ବ; ଯେ ପହରା ଦେଲା, ସେ ଜୁଲମ୍ କରି କେତେକ ଅଂଶ ଆଗ ଭାଗ ନେଲା; ଅଧିକାଂଶ ନେଲେ ବ୍ୟବସାୟୀ, ଯେ ବୋହି ନେଇଗଲେ !! ଯେ କିଣିଲା, ସେ ଏସବୁର ଦାମ୍ ଦେଇ ମଲା !! ପହରାବାଲାର ନାମ ହେଲା ରାଜା, ମୋଟିଆର ନାମ ହେଲା ସଉଦାଗର । ଏ ଦୁଇ ଦଳ କାମ କଲେ ନାହିଁ—ଫାଙ୍କି ଦେଇ ମାଛମୁଣ୍ଡଟାକୁ ମାରିନେବାରେ ଲଗିଲେ । ଯେ ଜିନିଷ ତିଆରି କରିବାରେ ଲଗିଲା, ସେ ପେଟରେ ହାତ ଦେଇ 'ହା ଭଗବାନ୍ !' ଡାକିବାକୁ ଲଗିଲା ।

କ୍ରମେ ଏହିସବୁ ଭାବ ପେଞ୍ଚାପେଞ୍ଚି, ମହାଗଣ୍ଠି ଉପରେ ଗଣ୍ଠି, ଭୟ ଗଣ୍ଠି ହୋଇ ବର୍ତ୍ତମାନ ମହା ଜଟିଳ ସମସ୍ୟା ଉପସ୍ଥିତ । କଲୁ ଛୁଟା ମରେ ନାହିଁ । ଯେଉଁଗୁଡ଼ାକ ପୂର୍ବ ଜନ୍ମରେ[୧] ମେଣ୍ଢା ଚରାଉଥିଲେ, ମାଛ ଧରି ଖାଉଥିଲେ, ସେଗୁଡ଼ାକ ସଭ୍ୟ-ଜନ୍ମରେ ଗଣ୍ଠିକଟା ଡକାଇତ ପ୍ରଭୃତ ହେବାରେ ଲଗିଲେ । ବଣ ନାହିଁ ଯେ, ସେ ଶିକାର କରିବେ; ନିକଟରେ ପାହାଡ଼ ପର୍ବତ ନାହିଁ ଯେ ମେଣ୍ଢା ଚରାଇବେ; ଜନ୍ମ ଯୋଗୁଁ ଶିକାର ବା ମେଣ୍ଢା ଚରାଇବା ବା ମାଛ ଧରିବା କେଉଁଟାର ହିଁ ସୁବିଧା ପାଇଲେ ନାହିଁ—ସେମାନେ ତେଣୁ ଡକେଇତି କଲେ । ସେସବୁ କାମ ଯିବ କୁଆଡ଼େ ? ସେ ପ୍ରାତଃ-ସ୍ମରଣୀୟାମାନଙ୍କ କାଳର ସ୍ତ୍ରୀଲୋକ, ଏ ଜନ୍ମରେ ତ ଆଉ ଏକା ସାଙ୍ଗରେ ଅନେକ ବର ବାହା ହୋଇପାରେ ନାହିଁ, ତେଣୁ ହେଲେ ବେଶ୍ୟା । ଇତ୍ୟାଦି ରକମରେ ନାନା ଢଙ୍ଗର, ନାନା ଭାବର, ନାନା ସଭ୍ୟ ଅସଭ୍ୟ, ଦେବତା ଅସୁର ଜନ୍ମର ମଣିଷ ଏକତ୍ର ହୋଇ ହୋଇଛି ସମାଜ । ତେଣୁ ସବୁ ସମାଜରେ ଏହି ନାନା ରୂପରେ ଭଗବାନ ବିରାଜମାନ କରୁଛନ୍ତି—ସାଧୁ ନାରାୟଣ, ଡକାଯତ ନାରାୟଣ, ଇତ୍ୟାଦି । ପୁଣି ଯେଉଁ ସମାଜରେ ଯେଉଁଦଳ ସଂଖ୍ୟାରେ ଅଧିକ, ସେ ସମାଜର ଚରିତ୍ର ସେହି ପରିମାଣରେ ଦୈବୀ ବା ଆସୁରୀ ହେବାରେ ଲଗିଲା ।

ଜମ୍ବୁ ଦ୍ୱୀପର ସମଗ୍ର ସଭ୍ୟତା—ସମତଳ କ୍ଷେତ୍ରରେ, ବଡ଼ ବଡ଼ ନଦୀ କୂଳରେ, ଅତି ଉର୍ବର ଭୂମିରେ ଉତ୍ପନ୍ନ—ଇୟାଂସିକିୟାଂ ଗଙ୍ଗା ସିନ୍ଧୁ ଇଉଫ୍ରେଟିସର ତୀର । ଏସବୁ ସଭ୍ୟତାର ଆଦି ଭିତ୍ତି ଚାଷବାସ; ଏସବୁ ସଭ୍ୟତା ହିଁ ଦେବତାପ୍ରଧାନ । ଆଉ ଇଉରୋପର ସବୁ ସଭ୍ୟତା ହିଁ ପ୍ରାୟ ପାହାଡ଼ରେ, ନ ହେଲେ ସମୁଦ୍ରମୟ ଦେଶରେ ଜନ୍ମିଛି—ଡକାଇତ ଓ ଗଣ୍ଠିକଟା ଏ ସଭ୍ୟତାର ଭିତ୍ତି, ଏଥିରେ ଅସୁରଭାବ ଅଧିକ ।

ବର୍ତ୍ତମାନ କାଳରେ ଯେତେଦୂର ବୁଝାଯାଏ, ଜମ୍ବୁଦ୍ୱୀପର ମଧ୍ୟଭାଗ ଓ ଆରବର ମରୁଭୂମି ଅସୁରମାନଙ୍କର ପ୍ରଧାନ ଆଡ଼୍ଡା । ସେହି ସ୍ଥାନରୁ ଏକତ୍ର ହୋଇ ପଶୁପାଳକ ମୃଗୟା-

[୧] ସଭ୍ୟ ହେବା ପୂର୍ବରେ,

ଜାଷା ଅସୁରକୁଳ, ସଭ୍ୟ ଦେବତାମାନଙ୍କୁ ତଡ଼ି ଦୁନିଆ ସାରା ବସ୍ତାଇ ଦେଇଛନ୍ତି ।

ଇଉରୋପଖଣ୍ଡର ଆଦିମ ନିବାସୀ ଗୋଟିଏ ଜାତି ଅବଶ୍ୟ ଥିଲେ । ସେମାନେ ପର୍ବତଗହ୍ୱରରେ ବାସ କରୁଥିଲେ; ଯେଉଁମାନେ ତାଙ୍କ ମଧ୍ୟରେ ଟିକିଏ ବୁଦ୍ଧିମାନ, ସେମାନେ ଅଳ୍ପ ଗଭୀର ପୁଷ୍କରଣୀ ପାଣିରେ ଖୁଣ୍ଟ ପୋତି ମଞ୍ଚା ବାନ୍ଧି, ସେହି ମଞ୍ଚା ଉପରେ ଘରଦ୍ୱାର ନିର୍ମାଣ କରି ବାସ କରୁଥିଲେ । ଝିକ୍‌ମିକି ପଥରର ତୀର, ବର୍ଚ୍ଛାର ଫାଳ, ଝିକ୍‌ମିକିର ଛୁରୀ ଓ ପରଶୁଦ୍ୱାରା ସବୁ କାମ ଚଳାଉଥିଲେ ।

## ଦୁଇଜାତିର ସଂଘାତ

କ୍ରମେ ଜମ୍ବୁଦ୍ୱୀପର ନରସ୍ରୋତ ଇଉରୋପ ଉପରେ ପଡ଼ିବାକୁ ଲାଗିଲା । କେଉଁଠି କେଉଁଠି ଅପେକ୍ଷାକୃତ ସଭ୍ୟ ଜାତିର ଅଭ୍ୟୁଦୟ ହେଲା; ରୁଷଦେଶାନ୍ତର୍ଗତ କୌଣସି ଜାତିର ଭାଷା ଭାରତର ଦକ୍ଷିଣୀ ଭାଷାର ଅନୁରୂପ ।

କିନ୍ତୁ ଏସବୁ ଜାତି ବର୍ବର, ଅତି ବର୍ବର ଅବସ୍ଥାରେ ରହିଲେ । ଏସିଆମାଇନରରୁ ଦଳେ ସୁସଭ୍ୟ ମଣିଷ ସନ୍ନିକଟ ଦ୍ୱୀପପୁଞ୍ଜରେ ଉଦୟ ହେଲେ । ଇଉରୋପର ସନ୍ନିକଟ ସ୍ଥାନ ଅଧିକାର କଲେ, ନିଜର ବୁଦ୍ଧି ଆଉ ପ୍ରାଚୀନ ମିଶର ସାହାଯ୍ୟରେ ଗୋଟିଏ ଅପୂର୍ବ ସଭ୍ୟତା ସୃଷ୍ଟି କଲେ । ସେମାନଙ୍କୁ ଆମେମାନେ କହୁଁ ଯବନ ଓ ଇଉରୋପୀମାନେ କହନ୍ତି ଗ୍ରୀକ୍ । ପରେ ଇଟାଲୀରେ ରୋମକ ନାମକ ଅନ୍ୟ ଗୋଟିଏ ବର୍ବର ଜାତି, ଇଟ୍ରସ୍କାନ୍ ନାମକ ଗୋଟିଏ ସଭ୍ୟ ଜାତିକୁ ପରାଭୂତ କରି ସେମାନଙ୍କର ବୁଦ୍ଧିବିଦ୍ୟା ସଂଗ୍ରହ କରି ନିଜେ ସଭ୍ୟ ହେଲେ । କ୍ରମେ ରୋମକମାନେ ଗ୍ରୀସ୍ଆଦି ଅଧିକାର କଲେ, ଇଉରୋପଖଣ୍ଡର ଦକ୍ଷିଣ-ପଶ୍ଚିମ ଭାଗର ଯାବତୀୟ ଅସଭ୍ୟ ମଣିଷ ସେମାନଙ୍କର ପ୍ରଜା ହେଲେ । କେବଳ ଉତ୍ତର ଭାଗର ବଣଜଙ୍ଗଲରେ ବର୍ବର ଜାତିମାନେ ସ୍ୱାଧୀନ ରହିଲେ । କାଳକ୍ରମେ ରୋମ୍ ଐଶ୍ୱର୍ଯ୍ୟ-ବିଳାସପରତାରେ ଦୁର୍ବଳ ହେବାକୁ ଲାଗିଲା; ସେହି ସମୟରେ ପୁଣି ଜମ୍ବୁଦ୍ୱୀପ ଅସୁରବାହିନୀକୁ ଇଉରୋପ ଉପରେ ନିକ୍ଷେପ କଲା । ଅସୁର-ତାଡ଼ନାରେ ଉତ୍ତର-ଇଉରୋପୀ ବର୍ବର ରୋମ୍‌ସାମ୍ରାଜ୍ୟ ଉପରେ ପଡ଼ିଲେ ! ରୋମ୍ ଉତ୍ସନ୍ନ ହୋଇଗଲା । ଜମ୍ବୁଦ୍ୱୀପର ତାଡ଼-ନାରେ ଇଉରୋପର ବର୍ବର ଆଉ ଇଉରୋପର ଧ୍ୱଂସାବଶିଷ୍ଟ ରୋମକ-ଗ୍ରୀକ୍ ମିଶି ଗୋଟିଏ ଅଭିନବ ଜାତିର ସୃଷ୍ଟି ହେଲା । ଏହି ସମୟରେ ଇହୁଦୀଜାତି ରୋମ୍‌ଦ୍ୱାରା ପରାଜିତ ଓ ବିତାଡ଼ିତ ହୋଇ ଇଉରୋପ ସାରା ବିକ୍ଷିପ୍ତହୋଇ ପଡ଼ିଲେ । ସଙ୍ଗେ ସଙ୍ଗେ ସେମାନଙ୍କର ନୂତନ ଧର୍ମ କରିସ୍ତାନୀ ମଧ୍ୟ ବିସ୍ତୃତ ହୋଇଗଲା । ଏସବୁ ବିଭିନ୍ନ ଜାତି, ମତ, ପଥ, ନାନା-ପ୍ରକାର ଅସୁରକୁଳ, ମହାମାୟାଙ୍କ ଧାତୁ ତରଳାଇବାପାତ୍ରରେ ଦିବାରାତ୍ର ଯୁଦ୍ଧ-ହଣାକଟାର ନିଆଁରେ ତରଳି ମିଶିବାକୁ ଲାଗିଲେ; ସେଥିରୁ ହିଁ ଏହି ଇଉରୋପୀ ଜାତିର ସୃଷ୍ଟି ।

ହିନ୍ଦୁମାନଙ୍କ କଳା ରଙ୍ଗରୁ, ଉତ୍ତରରେ ଦୁଧପରି ଧଳା ରଙ୍ଗ, କଳା, କଟା, ନାଲି ବା ଧଳା କେଶ, କଳା ଆଖି, କଟା ଆଖି, ନୀଳ ଆଖି, ଦିବ୍ୟ ହିନ୍ଦୁଙ୍କପରି ନାକ ମୁହଁ ଆଖି ବା ଖିଲିକାତି ମୁହଁ ଚୀନାଙ୍କସମ—ଏହିସବୁ ଆକୃତିବିଶିଷ୍ଟ ଗୋଟିଏ ବର୍ବର, ଅତିବର୍ବର

ଇଉରୋପୀ ଜାତିର ସୃଷ୍ଟି ହୋଇଗଲା । କିଛିକାଳ ସେମାନେ ନିଜେ ନିଜେ ହଣାକଟା ହେବାକୁ ଲାଗିଲେ; ଉତ୍ତରରେ ଥିବା ଡକାଇତମାନେ ସୁଯୋଗ ପାଇଲେ ହିଁ ଅପେକ୍ଷାକୃତ ସଭ୍ୟଗୁଡ଼ାଙ୍କର ଉତ୍ପୀଡ଼ନ କରିବାରେ ଲାଗିଲେ । ମଝିରୁ କ୍ରିଶ୍ଚିଆନ ଧର୍ମର ଦୁଇ ଗୁରୁ ଇଟାଲୀର ପୋପ୍ (ଫରାସୀ, ଇଟାଲୀ ଭାଷାରେ କହନ୍ତି 'ପାପ'), ଆଉ ପଶ୍ଚିମରେ କନଷ୍ଟାଣ୍ଟି-ନୋପଲ୍‌ର ପାଟ୍ରିୟାର୍କ, ଏମାନେ ଏହି ଜନ୍ତୁପ୍ରାୟ ବର୍ବରବାହିନୀ ଉପରେ ସେମାନଙ୍କର ରାଜାରାଣୀ ସମସ୍ତଙ୍କ ଉପରେ କର୍ତ୍ତାଗିରି ଚଳାଇବାକୁ ଲାଗିଲେ ।

ଏଆଡ଼େ ପୁଣି ଆରବ ମରୁଭୂମିରେ ମୁସଲମାନ ଧର୍ମର ଉଦୟ ହେଲା । ବନ୍ୟପଶୁ ପ୍ରାୟ ଆରବ ଜଣେ ମହାପୁରୁଷଙ୍କ ପ୍ରେରଣା ବଳରେ ଅଦମ୍ୟ ତେଜରେ, ଅନାହତ ବଳରେ, ପୃଥିବୀ ଉପରେ ଆଘାତ କଲା । ପଶ୍ଚିମ ପୂର୍ବ ଦୁଇ ପ୍ରାନ୍ତରୁ ସେ ତରଙ୍ଗ ଇଉରୋପରେ ପ୍ରବେଶ କଲା । ସେ ସ୍ରୋତମୁହଁରେ ଭାରତ ଓ ପ୍ରାଚୀନ ଗ୍ରୀସ୍‌ର ବିଦ୍ୟାବୁଦ୍ଧି ଇଉରୋପରେ ପ୍ରବେଶ କରିବାକୁ ଲାଗିଲା ।

## ତାତାର ଜାତି

ଜମ୍ବୁଦ୍ୱୀପ ମଝିରୁ ସେଲ୍‌ଜୁକ୍ (Seljuk) ତାତାର ନାମକ ଅସୁର ଜାତି ମୁସଲମାନ ଧର୍ମ ଗ୍ରହଣ କରି ଏସିଆମାଇନର ପ୍ରଭୃତି ସ୍ଥାନ ଦଖଲ କରି ପକାଇଲା । ଆରବୀମାନେ ଭାରତବର୍ଷ ଜୟ ପାଇଁ ଅନେକ ଚେଷ୍ଟା କରି ମଧ୍ୟ ସଫଳ ହୋଇ ନ ଥିଲେ ! ମୁସଲମାନ-ଅଭ୍ୟୁଦୟ ସମଗ୍ର ପୃଥିବୀ ବିଜୟ କରି ମଧ୍ୟ ଭାରତବର୍ଷ ନିକଟରେ କୁଣ୍ଠିତ ହୋଇଗଲା । ସିନ୍ଧୁଦେଶ ଥରେ ଆକ୍ରମଣ କରିଥିଲେ ମାତ୍ର; କିନ୍ତୁ ରଖିପାରିଲେ ନାହିଁ; ତା' ପରଠାରୁ ଆଉ ଉଦ୍ୟମ କରି ନାହାନ୍ତି ।

କେତେକ ଶତାବ୍ଦୀ ପରେ ଯେତେବେଳେ ତୁର୍କି ପ୍ରଭୃତି ତାତାର ଜାତି ବୌଦ୍ଧ ଧର୍ମ ଛାଡ଼ି ମୁସଲମାନ ହେଲେ, ସେତେବେଳେ ଏହି ତୁର୍କୀମାନେ ସମଭାବରେ ହିନ୍ଦୁ, ପାର୍ଶୀ, ଆରବ ସମସ୍ତଙ୍କୁ ଦାସ କରି ପକାଇଲେ । ଭାରତବର୍ଷର ସମସ୍ତ ମୁସଲମାନ-ବିଜେତାଙ୍କ ମଧ୍ୟରେ ଜଣେ ମଧ୍ୟ ଆରବୀ ବା ପାର୍ଶୀ ନୁହନ୍ତି, ସମସ୍ତେ ତୁର୍କାଦି ତାତାର । ରାଜ-ପୁତାନାରେ ସବୁ ଆଗନ୍ତୁକ ମୁସଲମାନଙ୍କ ନାମ ତୁର୍କ—ତାହା ହିଁ ସତ୍ୟ, ଐତିହାସିକ । ରାଜପୁତାନାର ଚାରଣ ଯେ ଗାଇଲେ, 'ତୁରୁଗଣକୋ ବଢ଼ି ଜୋର୍' ତାହା ହିଁ ଠିକ୍ । କୁତବ୍‌ଉଦ୍ଦିନଠାରୁ ମୋଗଲ ବାଦଶାହ ପର୍ଯ୍ୟନ୍ତ, ସେ ସମସ୍ତେ ତାତାର, ଯେଉଁ ଜାତି ତିବ୍ବତ, ସେହି ଜାତି; କେବଳ ହୋଇଛନ୍ତି ମୁସଲମାନ, ଆଉ ହିନ୍ଦୁ ପାର୍ଶୀ ବାହା ହୋଇ ବଦଳିଛନ୍ତି ଚକାମୁଖ । ସେ ସେହି ପ୍ରାଚୀନ ଅସୁରବଂଶ । ଆଜି ମଧ୍ୟ କାବୁଲ, ପାରସ୍ୟ, ଆରବୀୟ କନ୍‌ଷ୍ଟାଣ୍ଟିନୋପଲ୍‌ରେ ସିଂହାସନରେ ବସି ରାଜତ୍ୱ କରୁଛନ୍ତି ସେହି ଅସୁର ତାତାର ! ଗାନ୍ଧାର,[୧] ଫାରସି, ଆରବ ସେହି ତୁରସ୍କର ଗୋଲାମି କରୁଛନ୍ତି । ବିରାଟ ଚୀନ-ସାମ୍ରାଜ୍ୟରେ ମଧ୍ୟ ସେହି ତାତାର ମାଞ୍ଚୁରଙ୍କ ପଦତଳେ; ତେବେ ସେ ମାଞ୍ଚୁ ନିଜର ଧର୍ମ ଛାଡ଼ି

[୧] କାନ୍ଦାହାରର ଅଧିବାସୀ ।

ନାହିଁ, ମୁସଲମାନ୍ ହୋଇ ନାହିଁ, ମହାଲାମାର (Grand Lama) ଚେଲା । ଏ ଅସୁର ଜାତି କସ୍ମିନ୍‌କାଳେ ବିଦ୍ୟାବୁଦ୍ଧିର ଚର୍ଚ୍ଚା କରେ ନାହିଁ, ଜାଣେ ମାତ୍ର ଲଢ଼ାଇ । ସେ ରକ୍ତ ନ ମିଶିଲେ ଯୁଦ୍ଧସ୍ପର୍ଦ୍ଧା ବେଶୀ ହୁଏ ନାହିଁ । ଉତ୍ତର-ଇଉରୋପ, ବିଶେଷ ରୁଷର ପ୍ରବଳ ଯୁଦ୍ଧସ୍ପର୍ଦ୍ଧା, ସେ ମଧ୍ୟ ତାତାର । ରୁଷ ଧମନୀରେ ତାତାର ରକ୍ତ । ଦେବାସୁର ଲଢ଼େଇ ଏବେ ମଧ୍ୟ ଚାଲିବ ଅନେକ କାଳ । ଦେବତା ଅସୁର-କନ୍ୟା ବାହା ହୁଅନ୍ତି, ଅସୁର ଦେବକନ୍ୟା କାଢ଼ି ଛଡ଼େଇ ନିଏ—ଏହିପରିଭାବରେ ପ୍ରବଳ ଖେଚେଡ଼ି ଜାତିର ସୃଷ୍ଟି ହୁଏ ।

ତାତାରମାନେ ଆରବୀ ଖଲିଫାଙ୍କ ସିଂହାସନ ଛଡ଼େଇ ନେଲେ, କ୍ରିଶ୍ଚାନମାନଙ୍କ ମହାତୀର୍ଥ ଜେରୁଜେଲମ୍ ପ୍ରଭୃତି ସ୍ଥାନ ଦଖଲ କରି କ୍ରିଶ୍ଚାନମାନଙ୍କ ତୀର୍ଥଯାତ୍ରା ବନ୍ଦ କରି ଦେଲେ । ଅନେକ କ୍ରିଶ୍ଚାନଙ୍କୁ ମାରି ପକାଇଲେ । କ୍ରିଶ୍ଚାନ ଧର୍ମର ଗୁରୁମାନେ ଚଡ଼ିଗଲେ; ଇଉରୋପମୟ ସେମାନଙ୍କର ସବୁ ବର୍ବର ଚେଲା, ରାଜା, ପ୍ରଜାଙ୍କୁ କ୍ଷିପ୍ତ କରି ପକାଇଲେ, ଦଳକୁ ଦଳ ଇଉରୋପୀ ବର୍ବର ଜେରୁଜେଲମ୍ ଉଦ୍ଧାର ପାଇଁ ଏସିଆମାଇନରକୁ ଚାଲିଲେ । କେତେକ ନିଜେ ନିଜେ ହଣାହଣି ହୋଇ ମଲେ । କେତେକ ରୋଗରେ ମଲେ । ବାକି ଲୋକ ମୁସଲମାନମାନଙ୍କୁ ମାରିବାକୁ ଲାଗିଲେ । ସେ ଘୋର ବର୍ବରମାନେ କ୍ଷିପ୍ତ ହୋଇ ଉଠିଥାନ୍ତି । ମୁସଲମାନମାନେ ଯେତେ ମାରନ୍ତି ସେତେ ଆସନ୍ତି । ତାହା ବଣୁଆର ଜିଦ୍ । ନିଜ ଦଳକୁ ଲୁଟି କରୁଛି, ଖାଇବାକୁ ନ ପାଇଲେ ମୁସଲମାନ ଧରି ଖାଇ ପକାଇଲେ । ଇଂରେଜ ରାଜା ରିଚାର୍ଡ଼ ମୁସଲମାନ-ମାଂସରେ ବିଶେଷ ଖୁସୀ ଥିଲେ, ପ୍ରସିଦ୍ଧି ଅଛି ।

ବଣୁଆ ମଣିଷ, ଆଉ ସଭ୍ୟ ମଣିଷର ଲଢ଼ାଇରେ ଯାହା ହୁଏ, ତାହା ହିଁ ହେଲା; ଜେରୁଜେଲମ୍ ପ୍ରଭୃତି ଅଧିକାର କରିବା ହେଲା ନାହିଁ । କିନ୍ତୁ ଇଉରୋପ ସଭ୍ୟ ହେବାରେ ଲାଗିଲା । ସେ ଚମଡ଼ାପିନ୍ଧା, କଞ୍ଚାମାଂସଖିଆ ବଣୁଆ ଇଂରେଜ, ଫରାସୀ, ଜର୍ମାନ ପ୍ରଭୃତି ଏସିଆର ସଭ୍ୟତା ଶିଖିବାକୁ ଲାଗିଲେ ! ଇଟାଲୀ ପ୍ରଭୃତି ସ୍ଥାନର ନାଗା ଫୌଜ ଦାର୍ଶନିକ ମତ ଶିଖିବାକୁ ଲାଗିଲେ; ଦଳେ କ୍ରିଶ୍ଚାନ ନାଗା (Knights-Templars) ଘୋର ଅଦ୍ୱୈତବେଦାନ୍ତୀ ହୋଇ ଉଠିଲେ; ଶେଷରେ ସେମାନେ କ୍ରିଶ୍ଚାନୀକୁ ଥଟ୍ଟା କରିବାକୁ ଲାଗିଲେ ଏବଂ ସେମାନଙ୍କର ଧନ ଅନେକ ସଂଗୃହୀତ ହୋଇଥିଲା; ସେତେବେଳେ ପୋପଙ୍କ ହୁକୁମରେ ଧର୍ମରକ୍ଷାର ଛଳରେ ଇଉରୋପୀ ରାଜାମାନେ ତାଙ୍କୁ ନିପାତ କରି ଧନ ଲୁଟି କରି ନେଲେ ।

## ଉଭୟ ସଭ୍ୟତାର ତୁଳନା

ମୁର୍ ନାମକ ମୁସଲମାନ ଜାତି ସ୍ପେନ (Spain) ଦେଶରେ ଅତି ସୁସଭ୍ୟ ରାଜ୍ୟ ସ୍ଥାପନ କରିଥିଲେ । ନାନା ବିଦ୍ୟା ଚର୍ଚ୍ଚା କଲେ, ଇଉରୋପରେ ପ୍ରଥମ ଇଉନିଭର୍ସିଟି ହେଲା; ଇଟାଲୀ, ଫ୍ରାନ୍‌ସ, ସୁଦୂର ଇଂଲଣ୍ଡରୁ ବିଦ୍ୟାର୍ଥୀ ବିଦ୍ୟା ଶିଖିବାକୁ ଆସିଲେ; ରାଜା-ରାଜୁଡ଼ାଙ୍କ ପିଲାମାନେ ଯୁଦ୍ଧବିଦ୍ୟା, ଆଚାର, କାଇଦା, ସଭ୍ୟତା ଶିଖିବାକୁ ଆସିଲେ । ଘର, ଦ୍ୱାର, ମନ୍ଦିର ସବୁ ନୂଆ ଢଙ୍ଗରେ ତିଆରି ହେବାକୁ ଲାଗିଲା ।

କିନ୍ତୁ ସମଗ୍ର ଇଉରୋପ ହୋଇ ପଡ଼ିଲା ଗୋଟାଏ ମହା-ସେନା-ନିବାସ—ସେ ଭାବ ଏବେ ବି ରହିଛି । ମୁସଲମାନମାନେ ଗୋଟିଏ ଦେଶ ଜୟ କଲେ, ରାଜା ନିଜ ପାଇଁ ଗୋଟାଏ ବଡ଼ ଟୁକୁରା ରଖି ବାକି ସେନାପତିମାନଙ୍କୁ ବାଣ୍ଟି ଦେଉଥିଲେ । ସେମାନେ ଖଜଣା ଦେଉ ନ ଥିଲେ, କିନ୍ତୁ ରାଜାଙ୍କର ଆବଶ୍ୟକ ହେଲେ ଏତେଗୁଡ଼ାଏ ସୈନ୍ୟ ଦେବାକୁ ହେବ । ଏହି ପ୍ରକାରେ ସଦା ପ୍ରସ୍ତୁତ ଫୌଜର ଅନେକ ଜଞ୍ଜାଳ ନ ରଖି, ଆବଶ୍ୟକ ବେଳରେ—ହାଜର ହେଉଥିବା ପ୍ରବଳ ଫୌଜ ପ୍ରସ୍ତୁତ ରହିଲା । ଆଜି ମଧ୍ୟ ରାଜପୁତାନାରେ ସେ ଭାବ କେତେକ ଅଛି, ସେଠାରୁ ମୁସଲମାନମାନେ ଏ ଦେଶକୁ ଆଣିଲେ । ଇଉରୋପୀ-ମାନେ ମୁସଲମାନର ଏ ଭାବ ନେଲେ । କିନ୍ତୁ ମୁସଲମାନମାନଙ୍କର ଥିଲା ରାଜା, ସାମନ୍ତଚକ୍ର, ଫୌଜ ଓ ବାକି ପ୍ରଜା । ଇଉରୋପରେ ରାଜା ସାମନ୍ତଚକ୍ର ଆଉ ବାକି ସବୁ ପ୍ରଜାଙ୍କୁ କରି-ପକାଇଲେ ଗୋଟିଏ ଧରଣର ଗୋଲାମ । ପ୍ରତ୍ୟେକ ମଣିଷ କୌଣସି ନା କୌଣସି ସାମନ୍ତର ଅଧିକୃତ ମଣିଷ ହୋଇ ବଞ୍ଚିରହିଲେ—ହୁକୁମ ମାତ୍ରେ ହିଁ ପ୍ରସ୍ତୁତ ହୋଇ ଯୁଦ୍ଧ-ଯାତ୍ରାରେ ହାଜର ହେବାକୁ ପଡ଼ୁଥିଲା ।

ଇଉରୋପୀ ସଭ୍ୟତା ନାମକ ବସ୍ତ୍ରର ଏହିସବୁ ହେଲା ଉପକରଣ । ଏହାର ତନ୍ତ ହେଉଛି—ଗୋଟିଏ ନାତିଶୀତୋଷ୍ଣ ପାହାଡ଼ିଆ ସମୁଦ୍ରତଟମୟ ପ୍ରଦେଶ; ଏହାର ତୂଳା ହେଉଛି—ସର୍ବଦା ଯୁଦ୍ଧପ୍ରିୟ ବଳିଷ୍ଠ, ନାନା ଜାତିର ମିଶ୍ରଣରେ ଏକ ମହାଖେଚେଡ଼ି ଜାତି । ଏହାର ତାନ ହେଉଛି—ଯୁଦ୍ଧ; ଆତ୍ମରକ୍ଷା ପାଇଁ ଧର୍ମରକ୍ଷା ପାଇଁ ଯୁଦ୍ଧ । ଯେ ତରବାରି ଚଳାଇପାରେ, ସେ ହୁଏ ବଡ଼; ଯେ ତରବାରି ଧରି ନ ପାରେ, ସେ ସ୍ୱାଧୀନତା ବିସର୍ଜ୍ଜନ ଦେଇ କୌଣସି ବୀରର ତରବାରି ଛାୟାରେ ବାସ କରିଥାଏ, ଜୀବନ ଧାରଣ କରିଥାଏ । ଏହାର ଭରଣୀ-ବାଣିଜ୍ୟ । ଏ ସଭ୍ୟତାର ଉପାୟ ତରବାରି, ସହାୟ ବୀରତ୍ୱ, ଉଦ୍ଦେଶ୍ୟ ଇହପାରଲୌକିକ ଭୋଗ ।

ଆମମାନଙ୍କର କଥାଟା କଅଣ ? ଆର୍ଯ୍ୟମାନେ ଶାନ୍ତିପ୍ରିୟ । କୃଷିବାସ କରି ଶସ୍ୟାଦି ଉତ୍ପନ୍ନ କରନ୍ତି, ଶାନ୍ତିରେ ସ୍ତ୍ରୀ-ପରିବାର ପାଳନ କରିପାରିଲେ ହିଁ ଖୁସି । ସେଥିରେ ନିଃଶ୍ୱାସ ମାରିବାର ଅବକାଶ ଯଥେଷ୍ଟ, ତେଣୁ ଚିନ୍ତାଶୀଳତାର, ସଭ୍ୟ ହେବାର ଅବକାଶ ଅଧିକ । ଆମମାନଙ୍କ ଜନକ ରାଜା ସ୍ୱହସ୍ତରେ ଲଙ୍ଗଳ ଚଳାନ୍ତି ଏବଂ ସେକାଳରେ ସର୍ବଶ୍ରେଷ୍ଠ ଆତ୍ମ-ବିତ୍ ମଧ୍ୟ ସେ । ଋଷି, ମୁନି, ଯୋଗୀଙ୍କର ଅଭ୍ୟୁଦୟ ମୂଳରୁ ସେମାନେ ପ୍ରଥମରୁ ହିଁ ଜାଣି-ଛନ୍ତି ଯେ, ସଂସାରଟା ଧୋକା, ଲଢ଼ାଇ କର ଆଉ ଲୁଟି ହିଁ କର, ଭୋଗ ବୋଲି ଯାହା ଖୋଜୁଛ ତାହା ଅଛି ଶାନ୍ତିରେ, ଶାନ୍ତି ଅଛି ଶାରୀରିକ ଭୋଗ ବିସର୍ଜ୍ଜନରେ; ଭୋଗ ରହିଛି, ମନଃଶୀଳତାରେ, ବୁଦ୍ଧିଚର୍ଚ୍ଚାରେ, ଶରୀର ଚର୍ଚ୍ଚାରେ ନାହିଁ । ଜଙ୍ଗଲ ଆବାଦ କରିବା ସେମାନଙ୍କ କାମ ।

ତା'ପରେ, ପ୍ରଥମେ ସେହି ପରିଷ୍କୃତ ଭୂମିରେ ନିର୍ମିତ ହେଲା ଯଜ୍ଞବେଦୀ, ଉଠିଲା ସେହି ନିର୍ମଳ ଆକାଶରେ ଯଜ୍ଞର ଧୂମ । ସେ ବାୟୁରେ ବେଦମନ୍ତ୍ର ପ୍ରତିଧ୍ୱନିତ ହେବାକୁ ଲାଗିଲା । ଗବାଦି ପଶୁ ନିଃଶଙ୍କରେ ଚରିବାକୁ ଲାଗିଲେ । ବିଦ୍ୟାଧର୍ମର ଗୋଡ଼ ତଳେ

ତରବାରି ରହିଲା । ତାହାର ଏକମାତ୍ର କାର୍ଯ୍ୟ ଧର୍ମରକ୍ଷା କରିବା, ମଣିଷ ଓ ଗବାଦି ପଶୁର ପରିତ୍ରାଣ କରିବା, ବୀରର ନାମ ଆପଦ୍‌ତ୍ରାତା କ୍ଷତ୍ରିୟ ।

ଲାଙ୍ଗଳ, ତରବାରି ସବୁର ଅଧିପତି ରକ୍ଷକ ହେଲେ ଧର୍ମ । ସେ ରାଜାଙ୍କ ରାଜା, ଜଗତ୍ ନିଦ୍ରିତ ହେଲେ ମଧ୍ୟ ସେ ସଦା ଜାଗରୂକ । ଧର୍ମର ଆଶ୍ରୟରେ ସମସ୍ତେ ରହିଲେ ସ୍ୱାଧୀନ ।

ସେହି ଇଉରୋପୀ ପଣ୍ଡିତ କହୁଛନ୍ତି ଯେ, ଆର୍ଯ୍ୟମାନେ କୁଆଡ଼ୁ ଉଡ଼ିଆସି ଭାରତର ବଣୁଆମାନଙ୍କୁ ମାରି-କାଟି ଜମି ଛଡ଼େଇ ନେଇ ବାସ କଲେ, ସେସବୁ ଅହଙ୍କାରୀ କଥା । ଆମ ପଣ୍ଡିତମାନେ ଦେଖୁଛନ୍ତି ସେ ହଁରେ ହଁ — ପୁଣି ସେସବୁ କପଟ ମିଥ୍ୟା କଥା ପିଲା-ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି । ଏହା ଅତି ଅନ୍ୟାୟ ।

ମୁଁ ମୂର୍ଖ ମଣିଷ, ଯାହା ବୁଝେ ତାହାକୁ ନେଇ ଏ ପ୍ୟାରିସ ସଭାରେ ବିଶେଷ ପ୍ରତିବାଦ କରିଛି । ଏ ଦେଶୀ ଏବଂ ସ୍ୱଦେଶୀ ପଣ୍ଡିତମାନଙ୍କୁ ପଚାରୁଛି, ସମୟ ପାଇଲେ ଆହୁରି ମଧ୍ୟ ସଂଶୟ ଉଠାଇବାର ଆଶା ଅଛି । ଏ କଥା ତୁମମାନଙ୍କୁ ମଧ୍ୟ କହୁଛି — ତୁମେମାନେ ପଣ୍ଡିତ ମଣିଷ, ପୋଥିପତ୍ର ଖୋଜି ଦେଖ ।

ଇଉରୋପୀମାନେ ଯେଉଁ ଦେଶରେ ବାଗ ପାଆନ୍ତି, ଆଦିମ ମଣିଷଙ୍କୁ ନାଶ କରି ନିଜେ ସୁଖରେ ବାସ କରନ୍ତି; ଅତଏବ ଆର୍ଯ୍ୟମାନେ ମଧ୍ୟ ତାହା ହିଁ କରିଛନ୍ତି !! ସେମାନେ ହା-ଘରିଆ, 'ହା-ଅନ୍ନ' 'ହା-ଅନ୍ନ' କରନ୍ତି, କାହାକୁ ଲୁଟିନେବେ, ମାରିବେ ବୋଲି ଘୂରି ବୁଲନ୍ତି — ଆର୍ଯ୍ୟମାନେ ମଧ୍ୟ ତାହା ହିଁ କରିଛନ୍ତି !! କହିବ ଏହାର ପ୍ରମାଣଟା କେଉଁଠି — ଅନ୍ଦାଜ ? ଘରେ ତୁମର ଅନ୍ଦାଜ ନେଇ ରଖ ।

କେଉଁ ବେଦରେ, କେଉଁ ସୂକ୍ତରେ, କେଉଁଠାରେ ଦେଖିଛ ଯେ, ଆର୍ଯ୍ୟମାନେ କେଉଁ ବିଦେଶରୁ ଏ ଦେଶକୁ ଆସିଛନ୍ତି ? କେଉଁଠି ପାଉଛ ଯେ, ସେମାନେ ବଣୁଆମାନଙ୍କୁ ମାରି କାଟି ପକାଇଛନ୍ତି ? ଶୁଖିଲା ଅହଙ୍କାର କଅଣ ଦରକାରଟା ? ଆଉ ରାମାୟଣ ପଢ଼ା ତ ହୋଇନାହିଁ — ବିନା କାରଣରେ ଗୋଟିଏ ବୃହତ୍ ଗଳ୍ପ ରାମାୟଣ ଉପରେ କାହିଁକି ତିଆରି କରୁଛ ?

ରାମାୟଣ କଅଣ ନା ଆର୍ଯ୍ୟମାନଙ୍କର ଦକ୍ଷିଣୀ ବଣୁଆ ବିଜୟ !! ସତେ — ରାମଚନ୍ଦ୍ର ଆର୍ଯ୍ୟ ରାଜା, ସୁସଭ୍ୟ, ଲଢ଼ିଛନ୍ତି କାହା ସହିତ ? ଲଙ୍କାର ରାଜା ରାବଣ ସହିତ । ସେ ରାବଣ କିଏ ରାମାୟଣ ପଢ଼ି ଦେଖ, ସେ ଥିଲେ ରାମଚନ୍ଦ୍ରଙ୍କ ଦେଶଠାରୁ ସଭ୍ୟତାରେ ବଡ଼ ସିନା, ଊଣା ନୁହେଁ । ଲଙ୍କାର ସଭ୍ୟତା ଅଯୋଧ୍ୟାଠାରୁ ବେଶୀ ଥିଲା । ତା'ପରେ ବାନରାଦି ଦକ୍ଷିଣୀ ଲୋକ ବିଜିତ ହେଲେ କେଉଁଠି ? ସେମାନେ ହେଲେ ସବୁ ଶ୍ରୀରାମଚନ୍ଦ୍ରଙ୍କ ବନ୍ଧୁ ମିତ୍ର । କେଉଁ ଗୁହକର, କେଉଁ ବାଲିର ରାଜ୍ୟ ରାମଚନ୍ଦ୍ର କାଢ଼ିନେଲେ — ତାହା କୁହ ନା ?

ହୋଇପାରେ, ଗୋଟାଏ ଦୁଇଟା ଜାଗାରେ ଆର୍ଯ୍ୟ ଆଉ ବଣୁଆମାନଙ୍କର ଯୁଦ୍ଧ ହୋଇଛି, ହୋଇପାରେ ଗୋଟାଏ ଦୁଇଟା ଧୂର୍ତ୍ତ ମୁନି ରାକ୍ଷସମାନଙ୍କ ଜଙ୍ଗଲ ମଧ୍ୟରେ ଧୂନି ଜଳାଇ ବସିଥିଲେ । ମିଟିକା ମାରି ଆଖି ବୁଜି ବସିଛି, ସେତେବେଳେ ରାକ୍ଷସମାନେ ଢେଲା

ପଥର ହାଡ଼ଗୋଡ଼ ପକାଇଲେ । ଯେମିତି ହାଡ଼ ଗୋଡ଼ ପକାଇଲେ, ସେମିତି ନାକକାନ୍ଦଣା ଧରି ରାଜାମାନଙ୍କ ନିକଟକୁ ଗମନ । ରାଜାମାନେ ଲୁହାର ଜାମା ପିନ୍ଧି, ଲୁହାର ଅସ୍ତ୍ରଶସ୍ତ୍ର ନେଇ ଘୋଡ଼ା ଚଢ଼ି ଆସିଲେ; ବଣୁଆଏ ହାଡ଼, ପଥର, ଠେଙ୍ଗା ନେଇ କେତେକ୍ଷଣ ଲଢ଼ିବେ ? ରାଜାମାନେ ମାରି ଧରି ଚାଲିଗଲେ । ଏହା ହୋଇପାରେ; କିନ୍ତୁ ଏଥିରେ ମଧ୍ୟ ବଣୁଆମାନଙ୍କ ଜଙ୍ଗଲ କାଢ଼ି ନେଇଛନ୍ତି, କେଉଁଠି ପାଉଛ ?

ଅତି ବିଶାଳ ନଦନଦୀପୂର୍ଣ୍ଣ, ଉଷ୍ଣପ୍ରଧାନ ସମତଳ କ୍ଷେତ୍ର—ଆର୍ଯ୍ୟସଭ୍ୟତାର ଜନ୍ମ । ଆର୍ଯ୍ୟପ୍ରଧାନ ନାନାପ୍ରକାର ସୁସଭ୍ୟ, ଅର୍ଦ୍ଧସଭ୍ୟ ଅସଭ୍ୟ ମଣିଷ—ଏ ବସ୍ତ୍ରର ତୁଳା; ଏହାର ଟାଣି ହେଉଛି—ବର୍ଣ୍ଣାଶ୍ରମାଚାର,[1] ଏହାର ଭରଣୀ—ପ୍ରାକୃତିକ ଦ୍ୱନ୍ଦ୍ୱ ଓ ସଂଘର୍ଷ ନିବାରଣ ।

ତୁମେ ଇଉରୋପୀ, କେଉଁ ଦେଶକୁ କେବେ ଭଲ କରିଛ ? ଅପେକ୍ଷାକୃତ ଅବନତ ଜାତିକୁ ଉଠାଇବାର ତୁମର ଶକ୍ତି କେଉଁଠି ? ଯେଉଁଠାରେ ଦୁର୍ବଳ ଜାତି ପାଇଛ, ସେମାନଙ୍କୁ ସମୂଳେ ଉତ୍ସାଦନ କରିଛ । ସେମାନଙ୍କ ଜମିରେ ତୁମେମାନେ ବାସ କରୁଛ, ସେମାନେ ଏକାଥରକେ ବିନଷ୍ଟ ହୋଇ ଯାଇଛନ୍ତି । ତୁମମାନଙ୍କର ଆମେରିକାର ଇତିହାସ କଅଣ ? ତୁମମାନଙ୍କର ଅଷ୍ଟ୍ରେଲିଆ ନିଉଜିଲାଣ୍ଡ ପ୍ୟାସିଫିକ ଦ୍ୱୀପପୁଞ୍ଜ, ତୁମମାନଙ୍କ ଆଫ୍ରିକା ?

ଆଜି କାହାନ୍ତି ସେସବୁ ବଣୁଆ ଜାତି ? ଏକାଥରକେ ନିପାତ, ବନ୍ୟ ପଶୁବତ୍ ସେମାନଙ୍କୁ ତୁମେମାନେ ମାରି ପକାଇଛ—ଯେଉଁଠି ତୁମର ଶକ୍ତି ନାହିଁ, ସେହିଠାରେ ମାତ୍ର ଅନ୍ୟ ଜାତି ଜୀବିତ ।

ଆଉ ଭାରତବର୍ଷ ତାହା କସ୍ମିନ୍‌କାଳେ ମଧ୍ୟ କରି ନାହିଁ । ଆର୍ଯ୍ୟମାନେ ଅତି ଦୟାଳୁ ଥିଲେ । ତାଙ୍କର ଅଖଣ୍ଡ ସମୁଦ୍ରବତ୍ ବିଶାଳ ହୃଦୟରେ, ଅମାନବ ପ୍ରତିଭାସମ୍ପନ୍ନ ମୁଣ୍ଡରେ ସେସବୁ ଆପାତରମଣୀୟ ପାଶବପ୍ରଣାଳୀ କୌଣସି କାଳରେ ମଧ୍ୟ ସ୍ଥାନ ପାଇ-ନାହିଁ । ସ୍ୱଦେଶୀ ଅହଙ୍କାସ୍ମ ! ଯଦି ଆର୍ଯ୍ୟମାନେ ବଣୁଆମାନଙ୍କୁ ମାରି ଧରି ବାସ କରିଥାଆନ୍ତେ, ତା ହେଲେ ଏ ବର୍ଣ୍ଣାଶ୍ରମର ସୃଷ୍ଟି କଅଣ ହୋଇଥାଆନ୍ତା ?

ଇଉରୋପର ଉଦ୍ଦେଶ୍ୟ—ସମସ୍ତଙ୍କୁ ନାଶ କରି, ଆମେ ବଞ୍ଚିଥିବୁ । ଆର୍ଯ୍ୟମାନଙ୍କ ଉଦ୍ଦେଶ୍ୟ ସମସ୍ତଙ୍କୁ ଆମମାନଙ୍କର ସମାନ କରିବୁ, ଆମଠାରୁ ବଡ଼ କରିବୁ । ଇଉରୋପରେ ସଭ୍ୟତାର ଉପାୟ—ତରବାରି; ଆର୍ଯ୍ୟର ଉପାୟ—ବର୍ଣ୍ଣବିଭାଗ । ଶିକ୍ଷା ସଭ୍ୟତାର ତାରତମ୍ୟରେ ସଭ୍ୟତା ଶିଖିବାର ସୋପାନ—ବର୍ଣ୍ଣ-ବିଭାଗ । ଇଉରୋପରେ ବଳବାନ୍‌ର ଜୟ, ଦୁର୍ବଳର ମୃତ୍ୟୁ; ଭାରତବର୍ଷର ପ୍ରତ୍ୟେକ ସାମାଜିକ ନିୟମ ଦୁର୍ବଳକୁ ରକ୍ଷା କରିବା ପାଇଁ ।

## ପରିଶିଷ୍ଟ

ଇଉରୋପୀମାନେ ଯାହାର ଏତେ ବଡ଼ାଇ କରନ୍ତି, ସେ 'ସଭ୍ୟତାର ଉନ୍ନତି'ର

---

[1] ପ୍ରାଚୀନ ଆର୍ଯ୍ୟ ସମାଜବ୍ୟବସ୍ଥାରେ ଚାରୋଟି ବର୍ଣ୍ଣ—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ର । ଚାରୋଟି ଆଶ୍ରମ—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ।

(progress of civilization) ଅର୍ଥ କଅଣ ? ତାହାର ଅର୍ଥ ଏହି ଯେ ଉଦ୍ଦେଶ୍ୟ-ସିଦ୍ଧି, ଅନୁଚିତ ଉପାୟକୁ ଉଚିତ କରେ । ଚୋରି, ମିଥ୍ୟା ଏବଂ ଫାଶୀ ଅଥବା Stanley ଦ୍ୱାରା ସମଭିବ୍ୟାହାରୀ କ୍ଷୁଧାର୍ତ୍ତ ମୁସଲମାନ ରକ୍ଷୀମାନଙ୍କର—ଗ୍ରାସେ ଅନ୍ନ ଚୋରି କରିବା ଯୋଗୁଁ ଚାବୁକ ମାଡ଼ ଏବଂ ଫାଶୀ, ଏସବୁର ଔଚିତ୍ୟ ବିଧାନ କରେ, 'ଦୂର ହୁଅ, ମୁଁ ସେଠାକୁ ଆସିବାକୁ ଚାହେଁ'—ଭଳି ବିଖ୍ୟାତ ଇଉରୋପୀୟ ନୀତି ଯାହାର ଦୃଷ୍ଟାନ୍ତ—ଯେଉଁଠାକୁ ଇଉରୋପୀୟ-ଆଗମନ, ସେହିଠାରେ ହିଁ ଆଦିମ ଜାତିର ବିନାଶ—ସେହି ନୀତିର ଔଚିତ୍ୟ ବିଧାନ କରେ ! ଏହି ସଭ୍ୟତାର ଅଗ୍ରସରତା ଲଣ୍ଡନ ନଗରୀର ବ୍ୟଭିଚାରକୁ ଏବଂ ପ୍ୟାରିସ୍‌ରେ ସ୍ତ୍ରୀପୁତ୍ରାଦିଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ପଳାଇବା ଏବଂ ଆତ୍ମହତ୍ୟା କରିବାକୁ 'ସାମାନ୍ୟ ଧୃଷ୍ଟତା' ଜ୍ଞାନ କରେ ଇତ୍ୟାଦି ।

ବର୍ତ୍ତମାନ ଇସଲାମ୍‌ର ପ୍ରଥମ ତିନି ଶତାବ୍ଦୀବ୍ୟାପୀ କ୍ଷିପ୍ର ସଭ୍ୟତାବିସ୍ତାର ସହିତ ଖ୍ରୀଷ୍ଟାନ ଧର୍ମର ପ୍ରଥମ ତିନି ଶତାବ୍ଦୀର ତୁଳନା କର । ଖ୍ରିଷ୍ଟାନ ଧର୍ମ ପ୍ରଥମ ତିନି ଶତାବ୍ଦୀରେ ଜଗତ୍‌ସମକ୍ଷରେ ଆପଣାକୁ ପରିଚିତ କରାଇବାକୁ ମଧ୍ୟ ସମର୍ଥ ହୋଇ ନାହିଁ, ଏବଂ ଯେତେବେଳେ Constantine-ର ତରବାରି ଏହାକୁ ରାଜ୍ୟ ମଧ୍ୟରେ ସ୍ଥାନ ଦେଲା, ସେହିଦିନଠାରୁ କେଉଁ କାଳେ ଖ୍ରିଷ୍ଟାନ ଧର୍ମ ଆଧ୍ୟାତ୍ମିକ ବା ସାଂସାରିକ ସଭ୍ୟତା ବିସ୍ତାରରେ କି ସାହାଯ୍ୟ କରିଛି ? ଯେଉଁ ଇଉରୋପୀୟ ପଣ୍ଡିତ ପ୍ରଥମେ ପ୍ରମାଣ କରନ୍ତି ଯେ, ପୃଥିବୀ ସଚଳା, ଖ୍ରିଷ୍ଟାନ ଧର୍ମ ତାଙ୍କୁ କି ପୁରସ୍କାର ଦେଇଥିଲା ? କେହି ବୈଜ୍ଞାନିକ କୌଣସି କାଳେ ଖ୍ରିଷ୍ଟାନ ଧର୍ମର ଅନୁମୋଦିତ ? ଖ୍ରିଷ୍ଟାନ ସଙ୍ଘର ସାହିତ୍ୟ କଅଣ ଦେଓଆନୀ ବା ଫୌଜଦାରୀ ବିଜ୍ଞାନ, ଶିଳ୍ପ ବା ପଣ୍ୟ-କୌଶଳର ଅଭାବ ପୂରଣ କରିପାରେ ? ଆଜି ପର୍ଯ୍ୟନ୍ତ 'ଚର୍ଚ୍ଚ' ପ୍ରୋଫେନ୍ (ଧର୍ମ ଭିନ୍ନ ଅନ୍ୟ ବିଷୟାବଲମ୍ବନରେ ଲିଖିତ) ସାହିତ୍ୟ ପ୍ରଚାରକୁ ଅନୁମତି ଦିଅନ୍ତି ନାହିଁ । ଆଜି ଯେଉଁ ମନୁଷ୍ୟର ବିଦ୍ୟା ଏବଂ ବିଜ୍ଞାନରେ ପ୍ରବେଶ ଅଛି, ତାହାର କଅଣ ଅକପଟ ଖ୍ରିଷ୍ଟାନ ହେବା ସମ୍ଭବ ? New Testamentରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୌଣସି ବିଜ୍ଞାନ ବା ଶିଳ୍ପର ପ୍ରଶଂସା ନାହିଁ । କିନ୍ତୁ ଏପରି ବିଜ୍ଞାନ ବା ଶିଳ୍ପ ନାହିଁ, ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୋରାନ ବା ହଦିସ୍‌ର ବହୁ ବାକ୍ୟଦ୍ୱାରା ଅନୁମୋଦିତ ଏବଂ ଉତ୍ସାହିତ ନୁହେଁ । ଇଉରୋପର ସର୍ବପ୍ରଧାନ ମନୀଷିଗଣ ଇଉରୋପର ଭୋଲଟେଆର୍, ଡାର୍‌ଉଇନ, ବୁକନାର, ଫ୍ଲାମାରିଅଁ, ଭିକ୍‌ଟର ହ୍ୟୁଗୋ-କୁଳ ବର୍ତ୍ତମାନ କାଳରେ ଖ୍ରିଷ୍ଟାନିଦ୍ୱାରା କଟୁଭାଷିତ ଏବଂ ଅଭିଶପ୍ତ; ଅପର ଦିଗରେ ଏହିସବୁ ପୁରୁଷଙ୍କୁ ଇସଲାମ ବିବେଚନା କରନ୍ତି ଯେ, ଏସବୁ ପୁରୁଷ ଆସ୍ତିକ, କେବଳ ଏମାନଙ୍କର ପୟଗମ୍ବର-ବିଶ୍ୱାସର ଅଭାବ । ଧର୍ମସବୁର ଉନ୍ନତିର ବାଧକତ୍ୱ ବା ସହାୟକତ୍ୱ ବିଶେଷ ରୂପରେ ପରୀକ୍ଷିତ ହେଉ; ଦେଖାଯିବ, ଇସଲାମ୍ ଯେଉଁଠାକୁ ଯାଇଛି, ସେଠାରେ ଆଦିମ ନିବାସୀମାନଙ୍କୁ ରକ୍ଷା କରିଛି । ସେସବୁ ଜାତି ସେଠାରେ ବିଦ୍ୟମାନ । ସେମାନଙ୍କର ଭାଷା, ଜାତୀୟତ୍ୱ ଆଜି ମଧ୍ୟ ବିଦ୍ୟମାନ ।

ଖ୍ରିଷ୍ଟାନ ଧର୍ମ କେଉଁଠି ଏପରି କାର୍ଯ୍ୟ ଦେଖାଇପାରେ ? ସ୍ପେନର ଆରବ,

ଅଷ୍ଟ୍ରେଲିଆର ଏବଂ ଆମେରିକାର ଆଦିମନିବାସୀମାନେ କେଉଁଠି ? ଖ୍ରିଷ୍ଟାନମାନେ ଇଉରୋପୀ ଇହୁଦୀମାନଙ୍କର କି ଦଶା ବର୍ତ୍ତମାନ କରିଛନ୍ତି ? ଏକ ଦାନଫଣ୍ଡାନ୍ତ କାର୍ଯ୍ୟପ୍ରଣାଳୀ ଛଡ଼ା ଇଉରୋପର ଆଉ କୌଣସି କାର୍ଯ୍ୟପଦ୍ଧତି ମଧ୍ୟ, ଗସ୍‌ପେଲର ଅନୁମୋଦିତ ନୁହେଁ— ଗସ୍‌ପେଲ ବିରୋଧରେ ସମୁତ୍‌ଥିତ । ଇଉରୋପରେ ଯାହା କିଛି ଉନ୍ନତି ହୋଇଛି, ତା'ହାର ପ୍ରତ୍ୟେକଟି ଖ୍ରିଷ୍ଟାନ ଧର୍ମର ବିପକ୍ଷରେ—ବିଦ୍ରୋହଦ୍ୱାରା । ଆଜି ଯଦି ଇଉରୋପରେ ଖ୍ରିଷ୍ଟାନୀର ଶକ୍ତି ଆଆନ୍ତା, ତାହାଲେ, 'ପାସ୍ତେର' ଏବଂ 'କକ୍' (Koch) ବୈଜ୍ଞାନିକମାନଙ୍କୁ ଜୀଅନ୍ତା ପୋଡ଼ନ୍ତେ, ଏବଂ ଡାରଉଇନ-କଳ୍ପମାନଙ୍କୁ ଶୂଳି ଦିଅନ୍ତେ । ବର୍ତ୍ତମାନ ଇଉରୋପରେ ଖ୍ରିଷ୍ଟାନୀ ଆଉ ସଭ୍ୟତା--ଅଲଗା ଜିନିଷ । ସଭ୍ୟତା, ବର୍ତ୍ତମାନ ତାହାର ପ୍ରାଚୀନ ଶତ୍ରୁ ଖ୍ରିଷ୍ଟାନୀର ବିନାଶ ପାଇଁ ପାଦ୍ରୀକୁଳର ଉତ୍ସାଦନରେ ଏବଂ ତାଙ୍କ ହାତରୁ ବିଦ୍ୟାଳୟ ଓ ଦାତବ୍ୟାଳୟ ସବୁ କାଢ଼ିନେବା ପାଇଁ କଟିବଦ୍ଧ ହୋଇଛି । ଯଦି ମୂର୍ଖ ଚଷାଦଳ ନ ଥାଆନ୍ତେ, ତା'ହେଲେ ଖ୍ରିଷ୍ଟାନୀ ତାହାର ଘୃଣିତ ଜୀବନ କ୍ଷଣେମାତ୍ର ଧାରଣ କରିବାକୁ ସମର୍ଥ ହୁଅନ୍ତା ନାହିଁ ଏବଂ ସମୂଳେ ଉତ୍ପାଟିତ ହୁଅନ୍ତା; କାରଣ, ନଗରସ୍ଥିତ ଦରିଦ୍ରବର୍ଗ ବର୍ତ୍ତମାନ ଖ୍ରିଷ୍ଟାନୀ ଧର୍ମର ପ୍ରକାଶ୍ୟ ଶତ୍ରୁ ! ଏହା ସହିତ ଇସଲାମ୍‌ର ତୁଳନା କର । ମୁସଲମାନ ଦେଶରେ ଯାବତୀୟ ପଦ୍ଧତି ଇସଲାମ ଧର୍ମ ଉପରେ ସଂସ୍ଥାପିତ ଏବଂ ଇସଲାମ୍‌ର ଧର୍ମଶିକ୍ଷକ-ମାନେ ସବୁ ରାଜକର୍ମଚାରୀମାନଙ୍କର ବହୁପୂଜିତ ଏବଂ ଅନ୍ୟ ଧର୍ମର ଶିକ୍ଷକମାନେ ମଧ୍ୟ ସମ୍ମାନିତ ।

ପାଶ୍ଚାତ୍ୟ ଦେଶରେ ଲକ୍ଷ୍ମୀ ସରସ୍ୱତୀଙ୍କ କୃପା ଏକତ୍ର । କେବଳ ଭୋଗର ଜିନିଷ ସଂଯୋଗ ହେଲେ ହିଁ ଏମାନେ କ୍ଷାନ୍ତ ନୁହନ୍ତି; କିନ୍ତୁ ସବୁ କାର୍ଯ୍ୟରେ ଟିକିଏ ସୁଛବି ଚାହାଁନ୍ତି । ଖାଇବା ପିଇବା ଘର-ଦ୍ୱାର ସବୁଥିରେ ଟିକିଏ ସୁଛବି ଦେଖିବାକୁ ଚାହାଁନ୍ତି । ଆମମାନଙ୍କ ଦେଶରେ ମଧ୍ୟ ସେ ଭାବ ଦିନେ ଥିଲା ଯେତେବେଳେ ଧନ ଥିଲା ! ଏବେ ଏକେ ଦାରିଦ୍ର୍ୟ, ତା' ଉପରେ ଆମେମାନେ 'ଇତୋନଷ୍ଟସ୍ତତୋଭ୍ରଷ୍ଟଃ' ହୋଇ ଯାଉଛୁ । ଯେଉଁ ଜାତୀୟ ଗୁଣଗୁଡ଼ିକ ଥିଲା, ତାହା ମଧ୍ୟ ଯାଉଛି--ପାଶ୍ଚାତ୍ୟ ଦେଶରୁ ମଧ୍ୟ କିଛି ପାଉନାହୁଁ । ଚାଲିବା ବସିବା କଥାବାର୍ତ୍ତାରେ ଗୋଟାଏ ସେକାଳିଆ କାଇଦା ଥିଲା, ତାହା ଉତ୍ସନ୍ନ ହୋଇ ଯାଇଛି, ଅଥଚ ପାଶ୍ଚାତ୍ୟ କାଇଦା ନେବାର ମଧ୍ୟ ସାମର୍ଥ୍ୟ ନାହିଁ । ପୂଜା ପାଠ ପ୍ରଭୃତି କିଛି ଥିଲା, ତାହା ତ ଆମେମାନେ ବଢ଼ିପାଣିରେ ଭସାଇ ଦେଉଛୁ—ଅଥଚ କାଳର ଉପଯୋଗୀ ଗୋଟାଏ ନୂତନ ଧରଣର କିଛି ତିଆରି ଏପର୍ଯ୍ୟନ୍ତ ମଧ୍ୟ ହୋଇପାରୁନାହିଁ; ଆମେମାନେ ଏହି ମଧ୍ୟରେଖାର ଦୁର୍ଦ୍ଦଶାରେ ବର୍ତ୍ତମାନ ପଡ଼ିଛୁ ।

ଭବିଷ୍ୟତ୍ ବଙ୍ଗଳାଦେଶ ଏବେ ମଧ୍ୟ ଗୋଡ଼ ଉପରେ ଠିଆ ହୋଇନାହିଁ । ବିଶେଷ ଦୁର୍ଦ୍ଦଶା ହୋଇଛି ଶିଳ୍ପର । ସେକାଳର ବୁଢ଼ୀମାନେ ଘରଦ୍ୱାରରେ ଚିତା ଦେଉଥିଲେ, କାନ୍ଥରେ ଚିତ୍ରବିଚିତ୍ର କରୁଥିଲେ । ସୁନ୍ଦର କରି କଦଳୀପତ୍ର କାଟୁଥିଲେ, ଖାଇବା ପିଇବା ନାନାପ୍ରକାର ଶିଳ୍ପଚାତୁରୀରେ ସଜାଉଥିଲେ, ସେସବୁ ଚୁଲିକି ଯାଇଛି ବା ଯାଉଛି ଶୀଘ୍ର ଶୀଘ୍ର ! ! ନୂତନ ଅବଶ୍ୟ ଶିଖିବାକୁ ହେବ, କରିବାକୁ ହେବ, କିନ୍ତୁ ତା' ବୋଲି କଅଣ

ପୁରୁଣାଗୁଡ଼ାକୁ ପାଣିରେ ଭସାଇଦେବା ନା କଅଣ ? ନୂତନ ତ ଶିଖିଛ ସାବୁପୋଡ଼ା, ଖାଲି ବାକ୍ୟସମ୍ବଳ !! କାମର ବିଦ୍ୟା କଅଣ ଶିଖିଛ ? ଏବେ ମଧ୍ୟ ଦୂର ପଲ୍ଲୀଗାଆଁରେ ପୁରୁଣା କାଠର କାମ, ଇଟାର କାମ, ଦେଖିଆସ ଯାଇ । କଲିକତାର ବଢ଼େଇ ଯୋଡ଼ାଏ ଦ୍ୱାର ମଧ୍ୟ ଗଢ଼ିପାରେ ନାହିଁ । ଦୁଆର କି ଅଡ଼ଗଡ଼ା ବୁଝିବାର ଜୋ ନାହିଁ !! କେବଳ ବଢ଼େଇଗିରି ମଧ୍ୟରେ ଅଛି ବିଲାତି ଯନ୍ତ୍ର କିଣିବା !! ଏହି ଅବସ୍ଥା ସବୁ ବିଷୟରେ ଠିଆ ହୋଇଛି । ନିଜର ଯାହା ଥିଲା ତ ସବୁ ଯାଉଛି, ଅଥଚ ବିଦେଶୀଠାରୁ ଶିଖିବା ମଧ୍ୟରେ ବାକ୍ୟ-ଯନ୍ତ୍ରଣା ମାତ୍ର !! ଖାଲି ପୋଥି ପଢ଼ୁଛ ଆଉ ପୋଥି ପଢ଼ୁଛ ! ଆମମାନଙ୍କର ବଙ୍ଗାଳୀ ଆଉ ବିଲାତରେ ଆଇରିସ୍, ଏ ଦୁଇଟା ଏକା ଧାତୁର ଜାତି । ଖାଲି ବକାବକି କରୁଛନ୍ତି । ବକ୍ତୃତାରେ ଏ ଦୁଇ ଜାତି ବେଜାଏ ପଟୁ । କାମର—ପଇସାଟାକର ବି ନୁହେଁ, ଅଧିକା ଏତିକି ଯେ, ଦିନରାତି ପରସ୍ପର ମଧ୍ୟରେ କଜିଆ କରି ମରୁଛନ୍ତି !!

ପରିଷ୍କାର ସଜାଇ ରଖିବା ଏ ଦେଶର ଏପରି ଅଭ୍ୟାସ ଯେ, ଅତି ଗରିବର ମଧ୍ୟ ସେ ବିଷୟରେ ନଜର । ଆଉ ନଜର ବାଧ୍ୟ ହୋଇ ଦେବାକୁ ହୁଏ, ପରିଷ୍କାର ଲୁଗାପଟା ନ ହେଲେ ତାକୁ କେହି କାମକାର୍ଯ୍ୟ ଦେବେ ନାହିଁ । ଚାକର, ଚାକରାଣୀ, ରାନ୍ଧୁଣୀ ସବୁ ଚକ୍ ଚକ୍ ଲୁଗା—ଦିବାରାତ୍ର । ଘରଦ୍ୱାର ଝାଡ଼ି ଝୁଡ଼ି, ଘଷି ମାଜି, ଫିଟ୍‌ଫାଟ୍ । ଏମାନଙ୍କର ପ୍ରଧାନ ଅଭ୍ୟାସ ଏହି ଯେ, ଯେଉଁଠି ସେଠି ଯାହା ତାହା କେବେହେଁ ପକାଇବେ ନାହିଁ ! ରନ୍ଧା ଘର ଚକ୍‌ଚକ୍—କଟାକଟି ଯାହା ପକାଇବାର ତାହା ଗୋଟିଏ ପାତ୍ରରେ ପକାଉଛି, ତା'ପରେ ସେଠାରୁ ଦୂରକୁ ନେଇଯାଇ ପକାଇବ । ଅଗଣାରେ ମଧ୍ୟ ପକାନ୍ତି ନାହିଁ । ରାସ୍ତାରେ ମଧ୍ୟ ପକାଇବେ ନାହିଁ ।

ଯେଉଁମାନଙ୍କର ଧନ ଅଛି, ସେମାନଙ୍କ ଘରଦ୍ୱାର ତ ଦେଖିବା ଜିନିଷ—ଦିନରାତି ସବୁ ଚକ୍‌ଚକ୍ ! ତା' ଉପରେ ନାନା ପ୍ରକାର ଦେଶବିଦେଶର ଶିଳ୍ପଦ୍ରବ୍ୟ ସଂଗ୍ରହ କରିଛନ୍ତି ! ଆମମାନଙ୍କର ବର୍ତ୍ତମାନ ସେମାନଙ୍କ ପରି ଶିଳ୍ପସଂଗ୍ରହରେ କାମ ନାହିଁ; କିନ୍ତୁ ଯେଉଁଗୁଡ଼ାକ ଉତ୍ପନ୍ନ ହେଉଛି, ସେଗୁଡ଼ାକୁ ଟିକିଏ ଯତ୍ନ କରିବାକୁ ହେବ, ନା—ନାହିଁ ? ସେମାନଙ୍କ ପରି ଚିତ୍ର ବା ଭାସ୍କର୍ଯ୍ୟବିଦ୍ୟା ହେବା ପାଇଁ ଆମମାନଙ୍କର ବର୍ତ୍ତମାନ ବହୁତ ଡେରି ! ସେ ଦୁଇଟା କାମରେ ଆମେମାନେ ଚିରକାଳ ହିଁ ଅପଟୁ । ଆମମାନଙ୍କ ଠାକୁର ଦେବତାଙ୍କୁ ସବୁ ଦେଖନା, ଜଗନ୍ନାଥଙ୍କଠାରେ ହିଁ ତାହା ମାଲୁମ୍ !! ଖୁବ୍ ଜୋର୍ ସେମାନଙ୍କର (ଇଉରୋପୀମାନଙ୍କର) ନକଲ କରି ତାହା ଗୋଟାଏ ଅଧେ ରବି ବର୍ମା ହେବେ । ସେମାନଙ୍କଠାରୁ ଦେଶୀ ରଙ୍ଗର ଚିତ୍ର କରିଥିବା ପଟ ଭଲ—ସେମାନଙ୍କ କାମରେ ତଥାପି ଝକଝକିଆ ରଙ୍ଗ ଅଛି । ସେସବୁ ରବି ବର୍ମା ଫର୍ମା ଚିତ୍ର ଦେଖିଲେ ଲଜ୍ଜାରେ ମୁଣ୍ଡ କଟିଯାଏ !! ବରଂ ଜୟପୁରର ସୋନାଲି ଚିତ୍ର, ଆଉ ଦୁର୍ଗାଠାକୁରଙ୍କର ଖୋଟିଚିତ୍ର ପ୍ରଭୃତି ଭଲ । ଇଉରୋପୀ ଭାସ୍କର୍ଯ୍ୟ ଚିତ୍ର ପ୍ରଭୃତିର କଥା ଅନ୍ୟଥରକୁ ଉଦାହରଣ ସହିତ କହିବି । ତାହା ଗୋଟିଏ ପ୍ରକାଣ୍ଡ ବିଷୟ ।

# ସନାତନ ଭାରତବର୍ଷ

## ପରିଚୟ

ଏହି ରଚନା ମଧ୍ୟରେ ଭବିଷ୍ୟତର ଭାରତ କିପରି ରୂପ ନେବ, କିପରି ଭାବରେ ଜଗତ-ସଭାରେ ଶ୍ରେଷ୍ଠ ଆସନ ଲାଭ କରିବ, ତାହାର ପ୍ରକୃଷ୍ଟ ପରିଚୟ ମିଳେ । ଅତୀତ ଓ ଭବିଷ୍ୟତର କୀର୍ତ୍ତିରାଜି ଆଧୁନିକ ସମୟରେ କିପରି ପରସ୍ପର ସମନ୍ୱୟ ସ୍ଥାପନ କରିବେ, ତାହାର ସୂଚନା ସ୍ୱାମୀଜି ଏଥିରେ ସୁସ୍ପଷ୍ଟ କରିଦେଇଛନ୍ତି ।

# ଆଦ୍ୟ ଭୂମିକା

ସ୍ୱାମୀ ବିବେକାନନ୍ଦଙ୍କ ସର୍ବତୋମୁଖୀ ପ୍ରତିଭା-ପ୍ରସୂତ ଏହି ଗ୍ରନ୍ଥଟି (ଏହାର ଆଦ୍ୟ ନାମ 'ବର୍ତ୍ତମାନ ଭାରତ') ବଙ୍ଗ ସାହିତ୍ୟରେ ଏକ ଅମୂଲ୍ୟ ରତ୍ନ । ତମସାଚ୍ଛନ୍ନ ଭାରତ-ଇତିହାସରେ ଗୋଟିଏ ପୂର୍ବାପର ସମ୍ବନ୍ଧ ଦେଖିବା ଅତି କମ୍ ଲୋକଙ୍କ ଭାଗ୍ୟରେ ଘଟେ । ସ୍ଥୂଳଦୃଷ୍ଟି ସାଧାରଣ ପାଠକ ଏଥିରେ ଦୁଇ ଗୋଟିଏ ଧର୍ମବୀର ବା କର୍ମବୀରଙ୍କର ମୂର୍ତ୍ତି ଏବଂ ଗୋଟିଏ ଦୁଇଟି ଧର୍ମବିପ୍ଳବ ବା ରାଜ୍ୟବିପ୍ଳବ ଅତି ଅସମ୍ବଦ୍ଧଭାବରେ ଗ୍ରଥିତ ବ୍ୟତୀତ ଅନ୍ୟ କିଛି ଦେଖନ୍ତି ନାହିଁ । ଗବେଷଣାଶୀଳ ଯଶୋଲିପ୍ସୁ ପାଶ୍ଚାତ୍ୟ-ପଣ୍ଡିତମାନଙ୍କର ସୂକ୍ଷ୍ମ ଦୃଷ୍ଟି ମଧ୍ୟ ପ୍ରାଚ୍ୟ ଜାତିସମୂହର ମାନସିକ ଗଠନ, ଆଚାର-ବ୍ୟବହାର, କାର୍ଯ୍ୟପ୍ରଣାଳୀ ପ୍ରଭୃତି ଦ୍ୱାରା ପ୍ରତିହତ ହୋଇ ଏଠାରେ ବହୁ ସମୟରେ ସରଳ ପଥ ତ୍ୟାଗ କରେ ଏବଂ କୁହୁଡ଼ିଘେରା କିମ୍ଭୂତକିମାକାର ମୂର୍ତ୍ତିମାନ ଦେଖିଥାଏ । ବିଶେଷତଃ ଯେଉଁ ଶକ୍ତି ଭାରତର ଅସ୍ଥିମଜ୍ଜାରେ ପ୍ରବିଷ୍ଟ, ଯାହାର ଖେଳ ବୈଦିକ ଅଧିକାରଠାରୁ ବୌଦ୍ଧ-ଅଧିକାର ପର୍ଯ୍ୟନ୍ତ ସବୁପ୍ରକାର ଉଚ୍ଚଭାବସମୂହର ସମାବେଶ କରି ଭାରତକୁ ଜଗତର ଶିରୋଭୂଷଣ କରିଥିଲା, ଯାହାର ହୀନଭାବରୁ ପୁନର୍ବାର ମୁସଲମାନ ପ୍ରଭୃତି ବିଜାତୀୟ ରାଜଗଣଙ୍କର ଭାରତରେ ପ୍ରବେଶ, ସେହି ଧର୍ମଶକ୍ତି ପାଶ୍ଚାତ୍ୟ ପଣ୍ଡିତଗଣଙ୍କର ଦୃଷ୍ଟିରେ ରହସ୍ୟମୟ ଅବାସ୍ତବ ମୂର୍ତ୍ତିବିଶେଷ ରୂପରେ ପ୍ରକାଶିତ; ସୁତରାଂ ଏହାଦ୍ୱାରା ଯେ ଜାତୀୟ ଉନ୍ନତି ଏବଂ ଅବନତିର ସମାଧାନ ହୋଇପାରେ, ଏହା ସେମାନଙ୍କ ବୁଦ୍ଧିର ସମ୍ପୂର୍ଣ୍ଣ ଅଗୋଚର । ବ୍ୟକ୍ତିଗତ ଭାବସମୂହ ହିଁ ସମଷ୍ଟିରୂପେ ସମାଜଗତ ହୋଇ ଜାତିବିଶେଷର ଜାତୀୟତା ସମ୍ପାଦନ କରେ । ଭିନ୍ନ ଭିନ୍ନ ଜାତିର ଏହି ଜାତୀୟତାଭାବ ପରସ୍ପରଠାରୁ ବିଭିନ୍ନ ହୋଇଥିବାରୁ ଗୋଟିଏ ଜାତି ପକ୍ଷରେ ଅପର ଜାତିର ଭାବ ବୁଝିବା ଦୁଷ୍କର ହୁଏ ଏବଂ ସେଥିପାଇଁ ଭାରତେତିହାସ ସମ୍ୟକ୍‌ଭାବରେ ବୁଝିବାକୁ ଯାଇ ପାଶ୍ଚାତ୍ୟ-ପଣ୍ଡିତଗଣ ବହୁ ସମୟରେ ବିଫଳମନୋରଥ ହୁଅନ୍ତି । ଆମମାନଙ୍କର ଧାରଣା, ଭାରତରେ ଯେ ଇତିହାସର ଅଭାବ ତାହା ନୁହେଁ, କିନ୍ତୁ ଏହାର ସମ୍ବନ୍ଧ ସଂଯୋଜନ କରିବାକୁ ଏକମାତ୍ର ଭାରତ-ସନ୍ତାନ ହିଁ ସମର୍ଥ ଏବଂ ଏହାର ଯଥାର୍ଥ ପାଠକ୍ରମ ସେମାନଙ୍କଦ୍ୱାରା ହିଁ ଦିନେ ନା ଦିନେ ଆବିଷ୍କୃତ ହେବ । ବହୁଳ ପରିଭ୍ରମଣ, ଗର୍ବିତ ରାଜକୁଳଠାରୁ ଆରମ୍ଭ କରି ଦରିଦ୍ର ପ୍ରଜା ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ସମଭାବରେ ମିଳନ, ଭାରତ ଓ ଭାରତେତର ଦେଶର ଆଚାର-ବ୍ୟବହାର ଏବଂ ଜାତୀୟତ୍ୱଭାବସମୂହର ନିରପେକ୍ଷ ଦର୍ଶନ, ଅଶେଷ ଅଧ୍ୟୟନ ଏବଂ ସ୍ୱଦେଶବାସୀଙ୍କ ପ୍ରତି ଅପାର ପ୍ରେମ ଓ ସେମାନଙ୍କର ଦୁଃଖରେ ଗଭୀର ସହାନୁଭୂତି ଫଳରେ ସ୍ୱାମୀଜୀଙ୍କ ମନରେ ଭାରତର ଯେଉଁ ଚିତ୍ର ଅଙ୍କିତ ହୋଇଥିଲା ଏହି ଗ୍ରନ୍ଥଟି ତାହାର ନିଦର୍ଶନ ସ୍ୱରୂପ ।

ଭାରତ-ଇତିହାସର ଜଟିଳ ପ୍ରଶ୍ନସମୂହର ସମାଧାନରେ ସେ କେତେଦୂର କୃତକାର୍ଯ୍ୟ ହୋଇଛନ୍ତି, ସେ ବିଷୟରେ ଆମମାନଙ୍କର କହିବାର କିଛି ନାହିଁ; ପାଠକମାନଙ୍କର କ୍ଷମତା

ଥାଏ ତ ବିଚାର କରି ଦେଖନ୍ତୁ । ତେବେ ସ୍ୱାମୀଜୀଙ୍କ ଭଳି ଅସାମାନ୍ୟ ଜୀବନ ଏବଂ ପ୍ରତିଭୋତ୍ପନ୍ନ ମୀମାଂସା ଯେ ଚିନ୍ତା ଓ ପାଠର ଯୋଗ୍ୟ, ଏ ବିଷୟରେ କିଏ ସନ୍ଦିହାନ ହୋଇପାରେ ?

ଏହି ଗ୍ରନ୍ଥଟି ପ୍ରଥମେ 'ବର୍ତ୍ତମାନ ଭାରତ' ନାମରେ ପ୍ରବନ୍ଧାକାରରେ ପାକ୍ଷିକ ପତ୍ର 'ଉଦ୍‌ବୋଧନ'ରେ ପ୍ରକାଶିତ ହୋଇଥିଲା । ସେତେବେଳେ ଅନେକେ କହୁଥିଲେ ଯେ, ଏହାର ଭାଷା ଅତି ଜଟିଳ ଓ ଦୁର୍ବୋଧ । ଏବେ ମଧ୍ୟ ହୁଏତ ଅନେକେ ଏ କଥା କହିବେ; କିନ୍ତୁ ଏବେ ଆମେ ସେହି ମତର ପକ୍ଷ ଅବଲମ୍ବନ କରି ଭାଷାର ଦୋଷ ସ୍ୱୀକାରପୂର୍ବକ 'ବର୍ତ୍ତମାନ ଭାରତ' ଉପହାର-ହସ୍ତରେ ସଲଜ୍ଜଭାବରେ ପାଠକଙ୍କ ନିକଟରେ ସମାଗତ ନୋହୁଁ । ଆମେମାନେ ଏଥିରେ ଭାବ ଓ ଭାଷାର ଅଦ୍ଭୁତ ସାମଞ୍ଜସ୍ୟ ଦେଖି ମୋହିତ ହୋଇଛୁ । ବଙ୍ଗଭାଷା ଯେ ଏତେ ଅଳ୍ପାୟତନରେ ଏତେ ଅଧିକ ଭାବରାଶି ପ୍ରକାଶରେ ସମର୍ଥ, ଏହା ଆମେ ଆଗରୁ ଆଉ କେଉଁଠାରେ ଦେଖିନାହୁଁ । ପଦଲାଳିତ୍ୟ ମଧ୍ୟ ବହୁ ସ୍ଥାନରେ ବିଶେଷ ବିକଶିତ । ଅନାବଶ୍ୟକୀୟ ଶବ୍ଦଚୟର ଏତେଦୂର ଅଭାବ ଯେ, ବୋଧହୁଏ ଲେଖକ ଯେପରି ପ୍ରତ୍ୟେକ ଶବ୍ଦର ଭାବ ମାପିଚୁପି ଆବଶ୍ୟକତା ଅନୁଯାୟୀ ପ୍ରୟୋଗ କରିଛନ୍ତି ।

ଅଧିକନ୍ତୁ ଏହା ଗୋଟିଏ ଦର୍ଶନଗ୍ରନ୍ଥ । ଭାରତ-ସମାଗତ ଯାବତୀୟ ଜାତିର ମାନସିକ ଭାବରାଶି-ସମୁଦ୍ଭୂତ ଦ୍ୱନ୍ଦ୍ୱ ଦଶସହସ୍ର ବର୍ଷ କାଳ ସେମାନଙ୍କୁ ପରିଚାଳିତ ଏବଂ ଧୀରେ ଧୀରେ ଶ୍ରେଣୀବଦ୍ଧ, ଉନ୍ନତ, ଅବନତ ଓ ପରିବର୍ତ୍ତିତ କରି ଦେଶରେ ସୁଖଦୁଃଖର ପରିମାଣ କିପରି କେତେବେଳେ ହ୍ରାସ, କେତେବେଳେ ବା ବୃଦ୍ଧି କରିଛି ଏବଂ ବିଭିନ୍ନ ଜାତିର ସମ୍ମିଶ୍ରଣ, ବିଭିନ୍ନ ଆଚାର ବ୍ୟବହାର, କାର୍ଯ୍ୟପ୍ରଣାଳୀ ମଧ୍ୟରେ ଏହି ଆପାତ-ଅସମ୍ବଦ୍ଧ ଭାରତୀୟ ଜାତିସମୂହ କେଉଁ ସୂତ୍ରରେ ବା ଆବଦ୍ଧ ହୋଇ ନିଜକୁ ହିନ୍ଦୁ ବୋଲି ସମଭାବରେ ପରିଚୟ ପ୍ରଦାନ କରୁଛି ଏବଂ କେଉଁ ଦିଗରେ ବା ଏମାନଙ୍କର ଭବିଷ୍ୟତ ଗତି, ସେହି ଗୁରୁତର ଦାର୍ଶନିକ ବିଷୟ ହିଁ 'ବର୍ତ୍ତମାନ ଭାରତ'ର ଆଲୋଚ୍ୟ ବିଷୟ । ଏହାର ଭାଷା କିପରି ଆଦିରସ ବା କରୁଣରସ ସଘଟିତ ନଭେଲ-ନାଟକାଦି ତୁଲ୍ୟ ହେବ, ତାହା ଆମେମାନେ ବୁଝିପାରୁ ନାହିଁ । ଦୁର୍ଭାଗ୍ୟକ୍ରମେ ଏ ଦେଶରେ ଏବେ ମଧ୍ୟ ଯଥାର୍ଥ ରସଜ୍ଞ ଲୋକର ଏକାନ୍ତ ଅଭାବ । ଗମ୍ଭୀର-ଚିନ୍ତାପ୍ରସୂତ ବିଜ୍ଞାନେତିହାସଦର୍ଶନାଦିର ଅଥବା ଆଦି ଓ କରୁଣ ଭିନ୍ନ ବୀର-ରସାଦିର ଲେଖକ ଓ ପାଠକ ଅତୀବ ବିରଳ । ସାଧାରଣ ଲୋକଙ୍କ କଥା ଛାଡ଼, ସେମାନଙ୍କର ରୁଚି ମାର୍ଜିତ ଏବଂ ବିଶୁଦ୍ଧ ହୋଇ ଚିନ୍ତାଶୀଳ ଲୋକମାନଙ୍କର ସମ୍ମାନାର୍ହ ହେବା ଏବେ ମଧ୍ୟ ବହୁ ଦୂରରେ । ଅତଏବ ଭାଷା ସମ୍ବନ୍ଧରେ ଏ ପ୍ରକାର ପ୍ରତିବାଦର ଉତ୍ତର ପ୍ରଦାନ ଆମେମାନେ ଅନାବଶ୍ୟକ ବିବେଚନା କଲୁ ଏବଂ ପାଠକମାନଙ୍କର ନିଜ ନିଜ ବିଚାରବୁଦ୍ଧି ହିଁ ଏ ସ୍ଥଳରେ ମୀମାଂସକ ।

ପରିଶେଷରେ ବ୍ରାହ୍ମଣାଦି ଉଚ୍ଚବର୍ଣ୍ଣ ଉପରେ ସ୍ୱାମୀଜୀଙ୍କର କିଛି ବିଶେଷ କଟାକ୍ଷ ଅଛି ବୋଲି ଯେଉଁ ପ୍ରତିବାଦ-ଧ୍ୱନି 'ବର୍ତ୍ତମାନ ଭାରତ'ର ପ୍ରଥମାବିର୍ଭାବ ସମୟରେ ଉଠି-

ଥିଲି, ସେ ବିଷୟରେ ମଧ୍ୟ ସ୍ୱପକ୍ଷରେ ବା ବିପକ୍ଷରେ କୌଣସି କଥା ନ କହି ପାଠକର ସତ୍ୟାନୁରାଗ ଏବଂ ସ୍ପଷ୍ଟବାଦିତା ଉପରେ ହିଁ ଆମେମାନେ ନିର୍ଭର କଲୁ । ସହସ୍ର ପ୍ରତିବାଦରେ ମଧ୍ୟ ସତ୍ୟର ଅପଳାପ ବା ଅସତ୍ୟର ପ୍ରତିଷ୍ଠା ହୁଏ ନାହିଁ ଏବଂ 'ମନ ଓ ମୁହଁ ଏକ କରିବା' ହିଁ ସତ୍ୟଲାଭର ପ୍ରଧାନ ସାଧନ, ଏହା ଯେପରି ଆମେ ନିତ୍ୟ ମନେ ରଖିପାରୁ । ନିନ୍ଦାର କଟୁ କଷାଘାତରେ ଅଭିଜାତ ବ୍ୟକ୍ତିର ହୃଦୟରେ ଆତ୍ମାନୁସନ୍ଧାନ ଏବଂ ସଂଶୋଧନେଚ୍ଛା ହିଁ ବଳବତୀ ହୁଏ; କିନ୍ତୁ ଇତର ବ୍ୟକ୍ତିର ହୃଦୟ ଏହି ଆଘାତରେ ଜଘନ୍ୟ ଅସତ୍ୟ, ହିଂସା, ସତ୍ୟଗୋପନ ପ୍ରଭୃତି କୁପ୍ରବୃତ୍ତିର ଆଶ୍ରୟ ଗ୍ରହଣ କରି ଅବନତିର ପଥରେ ଦ୍ରୁତ ପଦସଞ୍ଚାର ସହକାରେ ଅଗ୍ରସର ହୁଏ ।

ଏଠାରେ ଭାରତର ମହାକବିଙ୍କର କଥା ଆମମାନଙ୍କ ମନରେ ଉଦିତ ହେଉଅଛି, ଯଥା :

'ଅଲୋକସାମାନ୍ୟମଚିନ୍ତ୍ୟହେତୁକଂ
ନିନ୍ଦନ୍ତି ମନ୍ଦାଶ୍ଚରିତଂ ମହାତ୍ମନାମ୍ ।'

ଅଲମିତି

**ସାରଦାନନ୍ଦ**

## ବୈଦିକ ପୁରୋହିତଙ୍କ ଶକ୍ତି

ବୈଦିକ ପୁରୋହିତ ମନ୍ତ୍ରବଳରେ ବଳୀୟାନ୍ । ଦେବଗଣ ତାହାଙ୍କର ମନ୍ତ୍ରବଳରେ ଆହୂତ ହୋଇ ପାନଭୋଜନ ଗ୍ରହଣ କରନ୍ତି ଓ ଯଜମାନମାନଙ୍କୁ ଅଭୀପ୍ସିତ ଫଳ ପ୍ରଦାନ କରନ୍ତି । ଇହଲୌକିକ ମଙ୍ଗଳ କାମନାରେ ପ୍ରଜାବର୍ଗ, ରାଜନ୍ୟବର୍ଗ ମଧ୍ୟ ତାହାଙ୍କର ଦ୍ୱାରସ୍ଥ । ରାଜା ସୋମ[୧] ପୁରୋହିତଙ୍କର ଉପାସ୍ୟ, ବରଦ ଓ ମନ୍ତ୍ରପୁଷ୍ଟ; ଆହୁତି-ଗ୍ରହଣେପ୍ସୁ ଦେବଗଣ କାର୍ଯ୍ୟତଃ ପୁରୋହିତ ଉପରେ ସଦୟ । ଦୈବବଳ ଉପରେ ମାନବବଳ କ'ଣ ବା କରିପାରେ ? ମାନବଦଳର କେନ୍ଦ୍ରୀଭୂତ ରାଜା ମଧ୍ୟ ପୁରୋହିତବର୍ଗଙ୍କର ଅନୁଗ୍ରହପ୍ରାର୍ଥୀ । ସେମାନଙ୍କର କୃପାଦୃଷ୍ଟି ହିଁ ଯଥେଷ୍ଟ ସାହାଯ୍ୟ; ସେମାନଙ୍କର ଆଶୀର୍ବାଦ ସର୍ବଶ୍ରେଷ୍ଠ ବର । କେତେବେଳେ ବଶିଷ୍ଠିକାଫଳୁଳ ଆଦେଶ, କେତେବେଳେ ସହୃଦୟ ମନ୍ତ୍ରଣା, କେବେ ଅବା କୌଶଳମୟ ମାୟାଜାଲଦ୍ୱାରା ରାଜଶକ୍ତିକୁ ଅନେକ ସମୟରେ ପୁରୋହିତକୁଳର ନିର୍ଦ୍ଦେଶବର୍ତ୍ତୀ କରିଅଛୁ । ସବୁଠାରୁ ଅଧିକ ଭୟ—ପିତୃପୁରୁଷଗଣଙ୍କର ନାମ ଓ ନିଜର ଯଶୋଲିପି ପୁରୋହିତଙ୍କ ଲେଖନୀର ଅଧୀନ ।

ମହାତେଜସ୍ୱୀ ଜୀବଦଶାରେ ଯେତେ କୀର୍ତ୍ତିମାନ୍, ପ୍ରଜାବର୍ଗର ପିତୃମାତୃସ୍ଥାନୀୟ ହୁଅନ୍ତୁ ନା କାହିଁକି, ମହାସମୁଦ୍ରରେ ଶିଶିରବିନ୍ଦୁପାତ ପରି କାଳସମୁଦ୍ରରେ ତାହାଙ୍କର ଯଶଃସୂର୍ଯ୍ୟ ଚିରଦିନ ଅସ୍ତମିତ; କେବଳ ମହାସତ୍ରାନୁଷ୍ଠାୟୀ, ଅଶ୍ୱମେଧଯାଜୀ, ବର୍ଷାର ବାରିଦ ପରି ପୁରୋହିତମାନଙ୍କ ଉପରେ ଅଜସ୍ର ଧନ ବର୍ଷଣକାରୀ ରାଜାମାନଙ୍କର ନାମ ହିଁ ପୁରୋହିତ-ପ୍ରସାଦରୁ ଜାଜ୍ୱଲ୍ୟମାନ । ଦେବତାମାନଙ୍କର ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକ ବ୍ରାହ୍ମଣ୍ୟ ଜଗତରେ ନାମ-ମାତ୍ର-ଶେଷ; ପରୀକ୍ଷିତ, ଜନ୍ମେଜୟ ଆବାଳ-ବୃଦ୍ଧ-ବନିତାଙ୍କର ଚିର-ପରିଚିତ ।

## ରାଜା ଓ ପ୍ରଜାଙ୍କର ଶକ୍ତି

ରାଜ୍ୟରକ୍ଷା, ନିଜର ବିଳାସ, ବନ୍ଧୁବର୍ଗଙ୍କର ପୁଷ୍ଟି ଓ ସର୍ବାପେକ୍ଷା ପୁରୋହିତକୁଳର ତୁଷ୍ଟି ନିମିତ୍ତ ରାଜାରୂପକ ରବି ପ୍ରଜାବର୍ଗଙ୍କୁ ଶୋଷଣ କରନ୍ତି । ବୈଶ୍ୟମାନେ ରାଜାଙ୍କର ଖାଦ୍ୟ, ତାହାଙ୍କର ଦୁଗ୍ଧବତୀ ଗାଭୀ ।

କର-ଗ୍ରହଣରେ, ରାଜ୍ୟରକ୍ଷାରେ, ପ୍ରଜାବର୍ଗଙ୍କର ମତାମତ ପ୍ରତି ବିଶେଷ ଅପେକ୍ଷା ନାହିଁ; ହିନ୍ଦୁଜଗତରେ ତ ନାହିଁ, ବୌଦ୍ଧଜଗତରେ ମଧ୍ୟ ତଦ୍ରୂପ । ଯଦବା ଯୁଧିଷ୍ଠିର ବାରୁଣାବନ୍ତରେ ବୈଶ୍ୟଶୂଦ୍ରଙ୍କ ଘରେ ମଧ୍ୟ ପଦାର୍ପଣ କରୁଛନ୍ତି, ପ୍ରଜାମାନେ ରାମଚନ୍ଦ୍ରଙ୍କର ଯୌବରାଜ୍ୟରେ ଅଭିଷେକ ପ୍ରାର୍ଥନା କରୁଛନ୍ତି, ସୀତାଙ୍କର ବନବାସ ପାଇଁ ଗୋପନରେ ମନ୍ତ୍ରଣା କରୁଛନ୍ତି, କିନ୍ତୁ ସାକ୍ଷାତ୍ ପ୍ରତ୍ୟକ୍ଷ ସମ୍ବନ୍ଧରେ ରାଜ୍ୟର ପ୍ରଥାସ୍ୱରୂପ କୌଣସି

[୧] ସୋମଲତା—ବେଦରେ ଏହା 'ରାଜା ସୋମ' ନାମରେ ଅଭିହିତ ।

ବିଷୟରେ ପ୍ରଜାମାନଙ୍କର ଉଚ୍ଚବାଚ୍ୟ ନାହିଁ । ପ୍ରଜାଶକ୍ତି ଆପଣାର କ୍ଷମତା ଅପ୍ରତ୍ୟକ୍ଷ ଭାବରେ, ବିଶୃଙ୍ଖଳରୂପେ ପ୍ରକାଶ କରୁଛି । ସେହି ଶକ୍ତିର ଅସ୍ତିତ୍ୱରେ ପ୍ରଜାବର୍ଗର ଏପର୍ଯ୍ୟନ୍ତ ଜ୍ଞାନ ହୋଇନାହିଁ । ସେଥିରେ ସମବାୟର ଉଦ୍ୟୋଗ ବା ଇଚ୍ଛା ମଧ୍ୟ ନାହିଁ । ସେ କୌଶଳର ମଧ୍ୟ ସମ୍ପୂର୍ଣ୍ଣ ଅଭାବ, ଯାହାଦ୍ୱାରା କ୍ଷୁଦ୍ର କ୍ଷୁଦ୍ର ଶକ୍ତିପୁଞ୍ଜ ଏକୀଭୂତ ହୋଇ ପ୍ରଚଣ୍ଡ ବଳ ସଂଗ୍ରହ କରେ ।

ନିୟମର ଅଭାବ—ତାହା ମଧ୍ୟ ନୁହେଁ; ନିୟମ ଅଛି, ପ୍ରଣାଳୀ ଅଛି, ନିର୍ଦ୍ଧାରିତ ଅଂଶ ଅଛି, କରସଂଗ୍ରହ ଓ ସୈନ୍ୟଚାଳନା ବା ବିଚାର ସମ୍ପାଦନ ଅଥବା ଦଣ୍ଡପୁରସ୍କାର ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ନିୟମ ଅଛି; କିନ୍ତୁ ତାହାର ମୂଳରେ ଋଷିଙ୍କ ଆଦେଶ—ଦୈବଶକ୍ତି, ଈଶ୍ୱରାଦେଶ । ତାହାର ସ୍ଥିତିସ୍ଥାପକତ୍ୱ ଏକାବେଳକେ ନାହିଁ କହିଲେ ଚଳେ ଏବଂ ସେଥିରେ ପ୍ରଜାବର୍ଗର ସାଧାରଣ ମଙ୍ଗଳକର କାର୍ଯ୍ୟ ସାଧନୋଦ୍ଦେଶ୍ୟରେ ସହମତ ହେବାର ବା ସମବେତ ବୁଦ୍ଧିଯୋଗଦ୍ୱାରା ରାଜଗୃହୀତ ପ୍ରଜାର ଧନରେ ସାଧାରଣ ସ୍ୱତ୍ୱବୃଦ୍ଧି ଏବଂ ତା'ର ଆୟବ୍ୟୟ-ନିୟମନରେ ଶକ୍ତିଲାଭେଚ୍ଛାର କୌଣସି ପ୍ରକାର ଶିକ୍ଷାର ସମ୍ଭାବନା ନାହିଁ ।

ଆଇନ ମଧ୍ୟ ଏହିସବୁ ନିର୍ଦ୍ଦେଶ ପୁସ୍ତକରେ । ସୂତ୍ରକାରଙ୍କ ନିୟମ ଓ କାର୍ଯ୍ୟରେ ତାହାର ପରିଣତି, ଏ ଦୁହିଁଙ୍କ ମଧ୍ୟରେ ଦୂରତା ଅନେକ । ଜଣେ ରାମଚନ୍ଦ୍ର ଶତ ଶତ ଅଗ୍ନିବର୍ଣ୍ଣଙ୍କ[୧] ପରେ ଜନ୍ମଗ୍ରହଣ କରନ୍ତି । ଅନେକ ରାଜା ଆଜନ୍ମ ଚଣ୍ଡାଶୋକତ୍ୱ ଦେଖାଇ ଯାଇଛନ୍ତି । ଧର୍ମାଶୋକତ୍ୱ ଦେଖାଇଛନ୍ତି[୨] ଅତି ଅଳ୍ପସଂଖ୍ୟକ । ଆକବରଙ୍କ ପରି ପ୍ରଜାରକ୍ଷକଙ୍କ ସଂଖ୍ୟା ଆଓରଙ୍ଗଜେବଙ୍କ ପରି ପ୍ରଜାଭକ୍ଷକଙ୍କ ଅପେକ୍ଷା ଅନେକ ଅଳ୍ପ ।

ଯୁଧିଷ୍ଠିର ବା ରାମଚନ୍ଦ୍ର ବା ଧର୍ମାଶୋକ ବା ଆକବର, ଅନ୍ୟମାନେ ଯାହାଙ୍କ ମୁଖରେ ଅନ୍ନ ପ୍ରଦାନ କରନ୍ତି, ସେ କେହି ହୁଅନ୍ତୁ ନା କାହିଁକି, ତାହାଙ୍କର ଧର୍ମେ ନିଜର

୧ ଅଗ୍ନିବର୍ଣ୍ଣ—ସୂର୍ଯ୍ୟବଂଶୀୟ ରାଜା ବିଶେଷ । ସେ ପ୍ରଜାମାନଙ୍କ ସହିତ ସାକ୍ଷାତ୍ ନ କରି ଦିବାରାତ୍ର ଅନ୍ତଃପୁରରେ କଟାଉଥିଲେ । ଅତିରିକ୍ତ ଇନ୍ଦ୍ରିୟପରତା-ଦୋଷରୁ ଯକ୍ଷ୍ମାରୋଗରେ ଏହାଙ୍କର ମୃତ୍ୟୁ ହେଲା ।

୨ ଧର୍ମାଶୋକ—ଭାରତବର୍ଷର ଏକଛତ୍ର ସମ୍ରାଟ ଅଶୋକ । ସେ ଖ୍ରୀଷ୍ଟୀୟ ପ୍ରାୟ ତିନିଶତ ବର୍ଷ ପୂର୍ବେ ବିଦ୍ୟମାନ ଥିଲେ । ଭ୍ରାତୃହତ୍ୟା ପ୍ରଭୃତି ନୃଶଂସ କାର୍ଯ୍ୟଦ୍ୱାରା ସିଂହାସନ ଲାଭ କରିବା ଫଳରେ ସେ ପ୍ରଥମେ ଚଣ୍ଡାଶୋକ ନାମରେ ପ୍ରସିଦ୍ଧ ଥିଲେ । କଥିତ ଅଛି ଯେ, ସିଂହାସନ-ଲାଭର ପ୍ରାୟ ୯ ବର୍ଷ ପରେ ବୌଦ୍ଧଧର୍ମରେ ଦୀକ୍ଷିତ ହେବାରୁ ତାହାଙ୍କ ସ୍ୱଭାବର ଅଦ୍ଭୁତ ପରିବର୍ତ୍ତନ ସମ୍ପନ୍ନ ହେଲା । ଭାରତ ଓ ଭାରତେତର ଦେଶମାନଙ୍କରେ ବୌଦ୍ଧଧର୍ମର ବହୁଳ ପ୍ରଚାର ତାହାଙ୍କ ଦ୍ୱାରା ସାଧିତ ହୋଇଥିଲା । ଭାରତ, କାବୁଲ, ପାରସ୍ୟ ଏବଂ ପାଲେଷ୍ଟାଇନ୍ ପ୍ରଭୃତି ଦେଶରେ ଅଦ୍ୟାବଧି ଆବିଷ୍କୃତ ସ୍ତୂପ, ସ୍ତମ୍ଭ ଏବଂ ପର୍ବତଗାତ୍ରରେ ଖୋଦିତ ଶାସନାଦି ଏ ବିଷୟର ଭୂରିସାକ୍ଷ୍ୟ ପ୍ରଦାନ କରୁଅଛି । ଏହି ପ୍ରକାର ଧର୍ମାନୁରାଗ ଓ ପ୍ରଜାରଞ୍ଜନ ନିମିତ୍ତ ସେ ପରେ "ଦେବାନାଂ ପିୟୋ ପିୟଦର୍ଶୀ" (ଦେବତାମାନଙ୍କର ପ୍ରିୟ ପ୍ରିୟଦର୍ଶନ) ଧର୍ମାଶୋକ ବୋଲି ବିଖ୍ୟାତ ହୋଇଥିଲେ ।

ଅନ୍ନ ଉଠାଇ ଖାଇବାର ଶକ୍ତି ଲୋପ ପାଏ । ସବୁ ବିଷୟରେ ଅନ୍ୟମାନେ ଯାହାକୁ ରକ୍ଷା କରନ୍ତି, ତାହାର ଆତ୍ମରକ୍ଷା ଶକ୍ତିର ସ୍ଫୂର୍ତ୍ତି କଦାପି ହୁଏ ନାହିଁ । ସବୁବେଳେ ଶିଶୁପରି ପାଳିତ ହେଲେ ଅତି ବଳିଷ୍ଠ ଯୁବା ମଧ୍ୟ ଦୀର୍ଘକାୟ ଶିଶୁ ହୋଇଯାଏ । ଦେବତୁଲ୍ୟ ରାଜାଦ୍ୱାରା ସର୍ବତୋଭାବରେ ପାଳିତ ପ୍ରଜା କଦାପି ସ୍ୱାୟତ୍ତଶାସନ ଶିଖେ ନାହିଁ—ରାଜ-ମୁଖାପେକ୍ଷୀ ହୋଇ କ୍ରମେ ନିର୍ବୀର୍ଯ୍ୟ ଓ ନିଃଶକ୍ତି ହୋଇଯାଏ । ଏହି 'ପାଳିତ' 'ରକ୍ଷିତ' ଦୀର୍ଘସ୍ଥାୟୀ ହେଲେ ସର୍ବନାଶର କାରଣ ହୁଏ ।

## ସ୍ୱାୟତ୍ତଶାସନ

ମହାପୁରୁଷମାନଙ୍କର ଅଲୌକିକ ପ୍ରତିଭାଜ୍ଞାନୋତ୍ପନ୍ନ ଶାସ୍ତ୍ର-ଶାସିତ ସମାଜର ଶାସନ ରାଜା-ପ୍ରଜା, ଧନୀ-ନିର୍ଦ୍ଧନ, ମୂର୍ଖ-ବିଦ୍ୱାନ୍ ସମସ୍ତଙ୍କ ଉପରେ ଅବ୍ୟାହତ ହେବା ଅନ୍ତତଃ ବିଧିସିଦ୍ଧ; କିନ୍ତୁ କାର୍ଯ୍ୟରେ କେତେ ଦୂର ହୋଇଅଛି ବା ହୁଏ, ପୂର୍ବେ କୁହାଯାଇଅଛି । ଶାସିତମାନଙ୍କର ଶାସନକାର୍ଯ୍ୟରେ ଅନୁମତି—ଯାହା ଆଧୁନିକ ପାଶ୍ଚାତ୍ୟ ଜଗତର ମୂଳମନ୍ତ୍ର ଏବଂ ଯାହାର ଶେଷ ବାଣୀ ଆମେରିକାର ଶାସନପଦ୍ଧତି-ପତ୍ରରେ ଅତି ଉଚ୍ଚସ୍ୱରରେ ଘୋଷିତ ହୋଇଅଛି—"ଏ ଦେଶରେ ପ୍ରଜାମାନଙ୍କର ଶାସନ ପ୍ରଜାମାନଙ୍କ ଦ୍ୱାରା ଏବଂ ପ୍ରଜାମାନଙ୍କର କଲ୍ୟାଣ ନିମିତ୍ତ ହେବ"—ଯେ ଏକାବେଳକେ ଭାରତବର୍ଷରେ ନ ଥିଲା, ତାହା ମଧ୍ୟ ନୁହେଁ । ଯବନ[1] ପରିବ୍ରାଜକମାନେ ଅନେକଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନତନ୍ତ୍ର ଏ ଦେଶରେ ଦେଖିଥିଲେ; ବୌଦ୍ଧମାନଙ୍କ ଗ୍ରନ୍ଥରେ ମଧ୍ୟ ସ୍ଥାନେ ସ୍ଥାନେ ନିଦର୍ଶନ ମିଳେ ଏବଂ ପ୍ରକୃତିଦ୍ୱାରା[2] ଅନୁମୋଦିତ ଶାସନପଦ୍ଧତିର ବୀଜ ଯେ ନିଶ୍ଚିତ ଗ୍ରାମ୍ୟ-ପଞ୍ଚାୟତରେ ବିଦ୍ୟମାନ ଥିଲା ଏବଂ ବର୍ତ୍ତମାନ ମଧ୍ୟ ସ୍ଥାନେ ସ୍ଥାନେ ଅଛି, ସେହି ବିଷୟରେ ଆଉ ସନ୍ଦେହ ନାହିଁ । କିନ୍ତୁ ସେ ବୀଜ ଯେଉଁ ସ୍ଥାନରେ ଉପ୍ତ ହୋଇଥିଲା, ସେଠାରେ ଅଙ୍କୁର ଉଦ୍‌ଗତ ହେଲା ନାହିଁ; ଏ ଭାବ ଏହି ଗ୍ରାମ୍ୟପଞ୍ଚାୟତ ଭିନ୍ନ ସମାଜ ମଧ୍ୟରେ କେବେ ହେଁ ସମ୍ପ୍ରସାରିତ ହୋଇ ନାହିଁ ।

ଧର୍ମସମାଜର ତ୍ୟାଗୀମାନଙ୍କ ମଧ୍ୟରେ ବୌଦ୍ଧ ଯତିମାନଙ୍କର ମଠରେ ଏହି ସ୍ୱାୟତ୍ତ-ଶାସନପ୍ରଣାଳୀ ବିଶେଷରୂପେ ପରିବର୍ଦ୍ଧିତ ହୋଇଥିଲା । ତାହାର ନିଦର୍ଶନ ଯଥେଷ୍ଟ ଅଛି ଏବଂ ଅଦ୍ୟାପି ନାଗା ସନ୍ନ୍ୟାସୀଙ୍କ ମଧ୍ୟରେ ପଞ୍ଚର କ୍ଷମତା ଓ ସମ୍ମାନ, ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରେ ନାଗାର ଅଧିକାର ଓ ଉକ୍ତ ସମ୍ପ୍ରଦାୟ ମଧ୍ୟରେ ସମବାୟ-ଶକ୍ତିର କାର୍ଯ୍ୟ ଦେଖିଲେ ଚମତ୍କୃତ ହେବାକୁ ହୁଏ ।

## ବୌଦ୍ଧବିପ୍ଳବ ଓ ତାହାର ଫଳ

ବୌଦ୍ଧୋପପ୍ଳାବନ ସଙ୍ଗେ ସଙ୍ଗେ ପୁରୋହିତଶକ୍ତିର କ୍ଷୟ ଓ ରାଜନ୍ୟବର୍ଗଙ୍କ ଶକ୍ତିର

---

[1] ଗ୍ରୀକ୍

[2] ପ୍ରଜା

ବିକାଶ ହେଲା ।

ବୌଦ୍ଧଯୁଗର ପୁରୋହିତ ସର୍ବତ୍ୟାଗୀ, ମଠାଶ୍ରୟୀ, ଉଦାସୀନ । 'ଶାପେନ ଶରେଣ ବା'[1] ରାଜକୁଳକୁ ପଦାନତ କରି ରଖିବାକୁ ସେମାନଙ୍କର ଉତ୍ସାହ ବା ଇଚ୍ଛା ନାହିଁ । ଥିଲେ ମଧ୍ୟ ଆହୁତିଭୋକ୍ତା ଦେବକୁଳର ଅବନତି ସହିତ ସେମାନଙ୍କର ପ୍ରତିଷ୍ଠା ମଧ୍ୟ ନିମ୍ନାଭିମୁଖୀ; କେତେ ଶତ ବ୍ରହ୍ମା, ଇନ୍ଦ୍ରାଦି ବୁଦ୍ଧତ୍ୱପ୍ରାପ୍ତ ନରଦେବଙ୍କ ଚରଣରେ ପ୍ରଣତ ଏବଂ ଏହି ବୁଦ୍ଧତ୍ୱରେ ମନୁଷ୍ୟମାତ୍ରର ମଧ୍ୟ ଅଧିକାର ।

କାର୍ଯ୍ୟତଃ ରାଜଶକ୍ତିରୂପ ମହାବଳ ହସ୍ତୀ ଆଉ ପୁରୋହିତ-ହସ୍ତ-ଧୃତ ଦୃଢ଼ ସଂଯତ-ରଜ୍ଜୁ ନୁହେଁ; ସେ ଏଥର ଆପଣା ବଳରେ ସ୍ୱଚ୍ଛନ୍ଦଗାମୀ । ଏ ଯୁଗର ଶକ୍ତିକେନ୍ଦ୍ର ସାମଗାୟୀ, ଯଜ୍ଞଶୀଳ ପୁରୋହିତଠାରେ ନାହିଁ; ରାଜଶକ୍ତି ମଧ୍ୟ ଭାରତର ବିକୀର୍ଣ୍ଣ କ୍ଷତ୍ରିୟ ବଂଶ-ସମ୍ଭୂତ କ୍ଷୁଦ୍ର କ୍ଷୁଦ୍ର ମଣ୍ଡଳୀପତିଙ୍କଠାରେ ସମାହିତ ନୁହେଁ । ଏ ଯୁଗର ଦିଗ୍‌ଦିଗନ୍ତବ୍ୟାପୀ ଅପ୍ରତିହତ ଶାସନ, ଆସମୁଦ୍ର-କ୍ଷିତୀଶମାନେ ହିଁ ମାନବର ଶକ୍ତିକେନ୍ଦ୍ର । ଏ ଯୁଗର ନେତା ଆଉ ବିଶ୍ୱାମିତ୍ର, ବଶିଷ୍ଠ ନୁହନ୍ତି, କିନ୍ତୁ ସମ୍ରାଟ ଚନ୍ଦ୍ରଗୁପ୍ତ, ଧର୍ମାଶୋକ ପ୍ରଭୃତି । ବୌଦ୍ଧଯୁଗର ଏକଚ୍ଛତ୍ର ପୃଥିବୀପତି ସମ୍ରାଟମାନଙ୍କ ପରି ଭାରତର ଗୌରବ-ବୃଦ୍ଧିକାରୀ ରାଜାଗଣ ଆଉ କେବେ ଭାରତ ସିଂହାସନରେ ଆରୂଢ଼ ହୋଇ ନାହାଁନ୍ତି । ଏହି ଯୁଗ ଶେଷରେ ଆଧୁନିକ ହିନ୍ଦୁଧର୍ମ ଓ ରାଜପୁତାଦି ଜାତିର ଅଭ୍ୟୁତ୍‌ଥାନ । ଏମାନଙ୍କ ହସ୍ତରେ ଭାରତର ରାଜଦଣ୍ଡ ପୁନର୍ବାର ଅଖଣ୍ଡ ପ୍ରତାପରୁ ବିଚ୍ୟୁତ ହୋଇ ଶତଖଣ୍ଡ ହୋଇଗଲା । ଏହି ସମୟରେ ବ୍ରାହ୍ମଣ୍ୟଶକ୍ତିର ପୁନରଭ୍ୟୁତ୍‌ଥାନ ରାଜଶକ୍ତି ସହିତ ସହକାରୀ ଭାବରେ ଉଦ୍‌ଯୁକ୍ତ ହୋଇଥିଲା ।

ଏ ବିପ୍ଳବରେ—ବୈଦିକକାଳରୁ ଆରବ୍‌ଧ ହୋଇ ଜୈନ ଓ ବୌଦ୍ଧ ବିପ୍ଳବରେ—ବିରାଟ ରୂପରେ ସ୍ଫୁଟୀକୃତ ପୁରୋହିତ ଶକ୍ତି ଓ ରାଜଶକ୍ତିର ଯେଉଁ ଚିରନ୍ତନ ବିବାଦ, ତାହା ମେଣ୍ଟି ଯାଇଛି । ଏବେ ଏହି ଦୁଇ ମହାବଳ ପରସ୍ପରର ସହାୟକ; କିନ୍ତୁ ସେ ମହିମାନ୍ୱିତ କ୍ଷାତ୍ରବୀର୍ଯ୍ୟ ତ ନାହିଁ, ବ୍ରହ୍ମଚର୍ଯ୍ୟ ମଧ୍ୟ ଲୁପ୍ତ । ପରସ୍ପରର ସ୍ୱାର୍ଥର ସହାୟ ବିପକ୍ଷ ପକ୍ଷର ସମୂଳ ଉତ୍ପାଟନ, ବୌଦ୍ଧବଂଶର ସମୂଳ ନିଧନ ଇତ୍ୟାଦି କାର୍ଯ୍ୟରେ କ୍ଷତ୍ରିୟ-ବୀର୍ଯ୍ୟ ଏ ନୂତନ ଶକ୍ତି-ସଙ୍ଗମରେ ନାନା ଭାବରେ ବିଭକ୍ତ ହୋଇ ପ୍ରାୟ ପ୍ରାଣହୀନ ହୋଇ ପଡ଼ିଲା—ଶୋଣିତ-ଶୋଷଣ, ବୈର-ନିର୍ଯ୍ୟାତନ, ଧନହରଣାଦି ବ୍ୟାପାରରେ ନିୟତ ନିଯୁକ୍ତ ହୋଇ, ପୂର୍ବ ରାଜନ୍ୟବର୍ଗର ରାଜସୂୟାଦି ଯଜ୍ଞର ହାସ୍ୟୋଦ୍ଦୀପକ ଅଭିନୟର ଅଙ୍କପାତ ମାତ୍ର କରି, ଭାଟଚାରଣାଦି-ଚାଟୁକାର ଶୃଙ୍ଖଳିତ-ପଦ ଓ ମନ୍ତ୍ରତନ୍ତ୍ରର ମହାବାଗ୍‌ଜାଲ-ଜଡ଼ିତ ହୋଇ, ପଶ୍ଚିମ ଦେଶାଗତ ମୁସଲମାନ୍ ବ୍ୟାଧଜନତାର ସୁଲଭ ମୃଗୟାରେ ପରିଣତ ହେଲା ।

ଯେଉଁ ପୁରୋହିତ-ଶକ୍ତି ସହିତ ରାଜଶକ୍ତିର ସଂଗ୍ରାମ ବୈଦିକ କାଳରୁ ଚାଲୁଥିଲା, ଭଗବାନ ଶ୍ରୀକୃଷ୍ଣଙ୍କର ଅତିମାନସ ପ୍ରତିଭା ସ୍ୱୀୟ ଜୀବଦ୍ଦଶାରେ ଯାହାର ଯଜ୍ଞସ୍ତୁତିବାଦିତା ପ୍ରାୟ ଭଙ୍ଗ କରିଦେବାରେ କ୍ଷମ ହୋଇଥିଲା, ଯେଉଁ ବ୍ରାହ୍ମଣ୍ୟ-ଶକ୍ତି ଜୈନ ଓ ବୌଦ୍ଧ

---

୧ ମନ୍ତ୍ର ବା ଅସ୍ତ୍ର ଦ୍ୱାରା ।

ଉପପ୍ଲାବନରେ ଭାରତର କର୍ମକ୍ଷେତ୍ରରୁ ପ୍ରାୟ ଅପହୃତ ହୋଇଥିଲା, ଅଥବା ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ଧର୍ମର ଆଜ୍ଞାନୁବର୍ତ୍ତୀ ହୋଇ କଥଞ୍ଚିତ୍ ଜୀବନଧାରଣ କରୁଥିଲା, ଯାହା ମିହିରକୁଲାଦିଙ୍କ[1] ଭାରତାଧିକାରଠାରୁ କିଛିକାଳ ପ୍ରାଣପଣରେ ପୂର୍ବ-ପ୍ରାଧାନ୍ୟ ସ୍ଥାପନ କରିବାକୁ ଚେଷ୍ଟା କରିଥିଲା ଏବଂ ଏହି ପ୍ରାଧାନ୍ୟ ସ୍ଥାପନ ନିମିତ୍ତ ମଧ୍ୟଏସିଆର ସମାଗତ କ୍ରୂରକର୍ମା ବର୍ବର-ବାହିନୀର ପଦାନତ ହୋଇ ସେମାନଙ୍କର ବୀଭତ୍ସ ରୀତିନୀତି ସ୍ୱଦେଶରେ ସ୍ଥାପନ କରି, ବିଦ୍ୟାବିହୀନ ବର୍ବରଙ୍କୁ ଭୁଲାଇବା ପାଇଁ ସରଳ-ପଥ-ସ୍ୱରୂପ ମନ୍ତ୍ରତନ୍ତ୍ରମାତ୍ର ଆଶ୍ରୟ କରି ଏବଂ ସେଥିପାଇଁ ନିଜେ ସର୍ବତୋଭାବରେ ହତଶ୍ରଦ୍ୟ, ହତବୀର୍ଯ୍ୟ, ହତାଚାର ହୋଇ ଆର୍ଯ୍ୟାବର୍ତ୍ତକୁ ଗୋଟିଏ ପ୍ରକାଣ୍ଡ ବାମବୀଭତ୍ସ ଓ ବର୍ବରାଚାରର ଆବର୍ତ୍ତରେ ପରିଣତ କରିଥିଲା ଏବଂ ଯାହା କୁସଂସ୍କାର ଓ ଅନାଚାରର ଅବଶ୍ୟମ୍ଭାବୀ ଫଳସ୍ୱରୂପ ସାରହୀନ ଓ ଅତି ଦୁର୍ବଳ ହୋଇ ପଡ଼ିଥିଲା, ପଶ୍ଚିମରୁ ସମୁତ୍ଥିତ ମୁସଲମାନ୍ ଆକ୍ରମଣରୂପ ପ୍ରବଳବାୟୁର ସ୍ପର୍ଶ ମାତ୍ରକେ ତାହା ଶତଧା ଭଗ୍ନ ହୋଇ ମୃତ୍ତିକାରେ ପତିତ ହେଲା । ପୁନର୍ବାର କେବେ ଉତ୍ଥିତ ହେବ କି ନାହିଁ, କିଏ ଜାଣେ ?

## ମୁସଲମାନ ଅଧିକାର

ମୁସଲମାନ୍ ରାଜତ୍ୱରେ ଅପର ପକ୍ଷରେ ପୌରୋହିତ୍ୟଶକ୍ତିର ପ୍ରାଦୁର୍ଭାବ ଅସମ୍ଭବ । ହଜରତ୍ ମହମ୍ମଦ୍ ସର୍ବତୋଭାବରେ ସେହି ଶକ୍ତିର ବିପକ୍ଷ ଥିଲେ । ଯଥାସମ୍ଭବ ଏହି ଶକ୍ତିର ଏକାନ୍ତ ବିନାଶ ନିମିତ୍ତ ସେ ନିୟମାଦି କରିଯାଇଅଛନ୍ତି । ମୁସଲମାନ ରାଜତ୍ୱରେ ରାଜା ହିଁ ସ୍ୱୟଂ ପ୍ରଧାନ ପୁରୋହିତ; ସେ ମଧ୍ୟ ଧର୍ମଗୁରୁ ଏବଂ ସମ୍ରାଟ ହେଲେ ପ୍ରାୟ ସମୁଦାୟ ମୁସଲମାନ ଜଗତର ନେତା ହେବାର ଆଶା ରଖନ୍ତି । ୟାହୁଦୀ[2] ବା ଈସାଇଙ୍କ[3] ମୁସଲମାନମାନଙ୍କ ନିକଟରେ ସମ୍ୟକ୍ ଘୃଣ୍ୟ ନୁହଁନ୍ତି, ସେମାନେ ଅଳ୍ପ ବିଶ୍ୱାସୀ ମାତ୍ର; କିନ୍ତୁ କାଫେର୍[4] ମୂର୍ତ୍ତିପୂଜାକାରୀ ହିନ୍ଦୁ ଏ ଜୀବନରେ ବଳିଦାନ ଓ ଅନ୍ତେ ଅନନ୍ତ ନରକର ଭାଗୀ । ସେହି କାଫେର୍ଙ୍କର ଧର୍ମଗୁରୁମାନଙ୍କୁ, ପୁରୋହିତବର୍ଗଙ୍କୁ ଦୟା କରି କୌଣସି ପ୍ରକାରେ ଜୀବନ ଧାରଣ ମାତ୍ର କରିବା ନିମିତ୍ତ ମୁସଲମାନ ରାଜା ଆଜ୍ଞା ଦେଇପାରନ୍ତି; ତାହା ମଧ୍ୟ କେବେ କେବେ; ନତୁବା ରାଜାଙ୍କର ଧର୍ମାନୁରାଗ ଟିକିଏ ବୃଦ୍ଧି ପାଇଲା ମାତ୍ରେ କାଫେର୍-ହତ୍ୟାରୂପ ମହାଯଜ୍ଞର ଆୟୋଜନ !

ଏକଆଡ଼େ ରାଜଶକ୍ତି ଭିନ୍ନଧର୍ମୀ ଭିନ୍ନାଚାରୀ ପ୍ରବଳ ରାଜାମାନଙ୍କଠାରେ ସଞ୍ଚାରିତ; ଅନ୍ୟଆଡ଼େ ପୌରୋହିତ୍ୟ-ଶକ୍ତି ସମାଜ-ଶାସନାଧିକାରରୁ ସର୍ବତୋଭାବରେ ବିଚ୍ୟୁତ । ମନ୍ୱାଦି ଧର୍ମଶାସ୍ତ୍ରମାନଙ୍କ ସ୍ଥାନରେ କୋରାନୋକ୍ତ ଦଣ୍ଡନୀତି, ସଂସ୍କୃତ ଭାଷା ସ୍ଥାନରେ ପାରସୀ

---

[1] ମିହିରକୁଲ—ହୁନ୍‌ଜାତୀୟ ରାଜା ।

[2] ସେମେଟିକର ଯାହାଙ୍କୁ ଇହୁଦୀ କହନ୍ତି—Jew ।

[3] ଖ୍ରୀଷ୍ଟିଆନ ।

[4] ଇସ୍‌ଲାମ ଧର୍ମରେ ଅବିଶ୍ୱାସୀ ।

ଆରମ୍ଭ । ସଂସ୍କୃତ ଭାଷାରେ ବର୍ଜିତ ପୂର୍ଣିତ ହିନ୍ଦୁମାନଙ୍କର ଧର୍ମ-ମାତ୍ର ପ୍ରୟୋଜନ ରହିଲା, ଅତଏବ ପୁରୋହିତହସ୍ତରେ ତାହା ଯଥା କଥଞ୍ଚିତ୍ ପ୍ରାଣଧାରଣ କରିବାକୁ ଲାଗିଲା; ଆଉ ବ୍ରାହ୍ମଣ୍ୟ-ଶକ୍ତି ବିବାହାଦି ରୀତିନୀତି ପରିଚାଳନାରେ ଆପଣାର ଦୁରାକାଂକ୍ଷା ଚରିତାର୍ଥ କରିବାକୁ ରହିଲା, ତାହା ମଧ୍ୟ ଯେତେକ୍ଷଣ ମୁସଲମାନ ରାଜାଙ୍କର ଦୟା ।

ବୈଦିକ ଓ ତାହାର ସନ୍ନିହିତ ଉତ୍ତର କାଳରେ ପୌରୋହିତ୍ୟ-ଶକ୍ତିର ପୋଷଣ-ଦ୍ୱାରା ରାଜଶକ୍ତିର ସ୍ଫୂର୍ତ୍ତି ହୋଇ ନାହିଁ । ବୌଦ୍ଧବିପ୍ଳବ ପରେ ବ୍ରାହ୍ମଣ୍ୟ-ଶକ୍ତିର ବିନାଶ ସଙ୍ଗେ ସଙ୍ଗେ ଭାରତର ରାଜଶକ୍ତିର ସମ୍ପୂର୍ଣ୍ଣ ବିନାଶ ଆମେମାନେ ଦେଖିଅଛୁଁ । ବୌଦ୍ଧସାମ୍ରାଜ୍ୟର ବିନାଶ ଓ ମୁସଲମାନ ସାମ୍ରାଜ୍ୟର ସ୍ଥାପନ, ଏହି ଦୁଇକାଳ ମଧ୍ୟରେ ରାଜପୁତ୍ ଜାତିଦ୍ୱାରା ରାଜଶକ୍ତିର ପୁନରୁଦ୍ଭାବନର ଚେଷ୍ଟା ଯେ ବିଫଳ ହୋଇଥିଲା, ତାହାର ମଧ୍ୟ କାରଣ ପୌରୋହିତ୍ୟ-ଶକ୍ତିର ନବଜୀବନର ଚେଷ୍ଟା ।

ପଦଦଳିତ-ପୌରୋହିତ୍ୟ-ଶକ୍ତି ମୁସଲମାନ ରାଜା ବହୁପରିମାଣରେ ମୌର୍ଯ୍ୟ, ଗୁପ୍ତ, ଆନ୍ଧ୍ର, କ୍ଷାତ୍ରପାଦି[୧] ସମ୍ରାଟବର୍ଗଙ୍କର ଗୌରବଶ୍ରୀ ପୁନରୁଦ୍ଭାସିତ କରିବା ପାଇଁ କ୍ଷମ ହୋଇଥିଲା ।

ଏହି ପ୍ରକାରେ କୁମାରିଲ୍ଲଙ୍କଠାରୁ ଶ୍ରୀଶଙ୍କର ଓ ଶ୍ରୀରାମାନୁଜାଦି ପରିଚାଳିତ, ରାଜପୁତାଦିବାହୁ, ଜୈନବୌଦ୍ଧ-ରୁଧିରକ୍ତକଳେବର, ପୁନରଭ୍ୟୁତ୍ଥାନେଚ୍ଛୁ ଭାରତର ପୌରୋହିତ୍ୟ-ଶକ୍ତି ମୁସଲମାନାଧିକାର-ଯୁଗରେ ଚିରଦିନ ପାଇଁ ପ୍ରସୁପ୍ତ ରହିଲା । ଯୁଦ୍ଧ-ବିଗ୍ରହ, ପ୍ରତିଦ୍ୱନ୍ଦ୍ୱିତା ଏ ଯୁଗରେ କେବଳ ରାଜା ରାଜା ମଧ୍ୟରେ । ଏ ଯୁଗର ଶେଷରେ ଯେତେବେଳେ ହିନ୍ଦୁଶକ୍ତି ମହାରାଷ୍ଟ୍ର ବା ଶିଖବୀର୍ଯ୍ୟର ମଧ୍ୟଗତ ହୋଇ ହିନ୍ଦୁଧର୍ମର କଥଞ୍ଚିତ୍ ପୁନଃସ୍ଥାପନରେ ସମର୍ଥ ହୋଇଥିଲା, ସେତେବେଳ ମଧ୍ୟ ତାହା ସଙ୍ଗରେ ପୌରୋହିତ୍ୟ-ଶକ୍ତିର ବିଶେଷ କାର୍ଯ୍ୟ ନ ଥିଲା; ଏପରିକି ଶିଖମାନେ ପ୍ରକାଶ୍ୟ ଭାବରେ ବ୍ରାହ୍ମଣଚିହ୍ନାଦି ପରିତ୍ୟାଗ କରାଇ, ସ୍ୱଧର୍ମଲିଙ୍ଗରେ ଭୂଷିତ କରି ବ୍ରାହ୍ମଣସନ୍ତାନଙ୍କୁ ସ୍ୱସମ୍ପ୍ରଦାୟରେ ଗ୍ରହଣ କଲେ ।

## ଇଂଲଣ୍ଡର ଭାରତାଧିକାର

ଏହି ଭାବରେ ବହୁ ଘାତପ୍ରତିଘାତ ପରେ ରାଜଶକ୍ତିର ଶେଷ—ଜୟ ଭିନ୍ନଧର୍ମା-ବଲମ୍ବୀ ରାଜନ୍ୟଙ୍କ ନାମରେ କେତେକ ଶତାବ୍ଦୀ ଧରି ଭାରତ-ଆକାଶରେ ପ୍ରତିଧ୍ୱନିତ ହେଲା; କିନ୍ତୁ ଏହି ଯୁଗର ଶେଷଭାଗରେ ଧୀରେ ଧୀରେ ଗୋଟିଏ ଅଭିନବ ଶକ୍ତି ଭାରତ-ସଂସାରରେ ଆପଣାର ପ୍ରଭାବ ବିସ୍ତାର କରିବାକୁ ଲାଗିଲା ।

ଏ ଶକ୍ତି ଏତେ ନୂତନ, ଏହାର ଜନ୍ମ-କର୍ମ ଭାରତବାସୀ ପକ୍ଷରେ ଏପରି ଅଭାବନୀୟ, ଏହାର ପ୍ରଭାବ ଏପରି ଦୁର୍ଦ୍ଧର୍ଷ ଯେ, ବର୍ତ୍ତମାନ ସୁଦ୍ଧା ଅପ୍ରତିହତଦଣ୍ଡଧାରୀ ହେଲେ ହେଁ ମୁଷ୍ଟିମେୟ ମାତ୍ର ଭାରତବାସୀ ବୁଝୁଛନ୍ତି, ଏ ଶକ୍ତିଟି କ'ଣ । ଆମେମାନେ ଇଂଲଣ୍ଡର ଭାରତାଧିକାରର କଥା କହୁଅଛୁଁ ।

---

୧ କ୍ଷାତ୍ରପ—ଆର୍ଯ୍ୟାବର୍ତ୍ତ ଓ ଗୁଜୁରାଟର ପାରସ୍ୟଦେଶୀୟ ସମ୍ରାଟଗଣ ।

ଅତି ପ୍ରାଚୀନ କାଳରୁ ଧନଧାନ୍ୟପୂର୍ଣ୍ଣ ଭାରତର ବିଶାଳ କ୍ଷେତ୍ର ପ୍ରବଳ ବିଦେଶୀର ଅଧିକାର ସ୍ପୃହା ଉଦ୍ଦୀପିତ କରିଅଛି । ବାରମ୍ବାର ଭାରତବାସୀ ବିଜାତିର ପଦଦଳିତ ହୋଇଛି । ତେବେ ଇଂଲଣ୍ଡର ଭାରତାଧିକାରରୂପ ବିଜୟ-ବ୍ୟାପାରକୁ ଏତେ ଅଭିନବ କହୁ କାହିଁକି ?

ଅଧ୍ୟାତ୍ମବଳରେ ମନ୍ତ୍ରବଳରେ ଶାସ୍ତ୍ରବଳରେ ବଳୀୟାନ୍, ଶାପାସ୍ତ୍ର, ସଂସାର-ସ୍ପୃହାଶୂନ୍ୟ ତପସ୍ୱୀର ଭ୍ରୂକୁଟୀ ସମ୍ମୁଖରେ ଦୁର୍ଦ୍ଧର୍ଷ ରାଜଶକ୍ତିକୁ କମ୍ପାନ୍ୱିତ ହେବା ଭାରତବାସୀ ଚିରକାଳ ଦେଖି ଆସିଅଛି । ସୈନ୍ୟ-ସହାୟ, ମହାବୀର, ଶସ୍ତ୍ରବଳ ରାଜଗଣଙ୍କର ଅପ୍ରତିହତ ବୀର୍ଯ୍ୟ ଓ ଏକାଧିପତ୍ୟ, ସମ୍ମୁଖରେ ପ୍ରଜାକୁଳ, ସିଂହ ସମ୍ମୁଖରେ ଅଜାଯୂଥପରି ନିଃଶବ୍ଦରେ ଆଜ୍ଞା ବହନ କରେ, ତାହା ମଧ୍ୟ ଦେଖିଅଛି; କିନ୍ତୁ ଯେଉଁ ବୈଶ୍ୟକୁଳ—ରାଜଗଣଙ୍କ କଥା ଦୂରରେ ଥାଉ, ରାଜକୁଟୁମ୍ବଗଣର କାହାରି ସମ୍ମୁଖରେ ମହାଧନଶାଳୀ ହୋଇ ମଧ୍ୟ ସର୍ବଦା ବଦ୍ଧହସ୍ତ ଓ ଭୟତ୍ରସ୍ତ—ମୁଷ୍ଟିମେୟ ସେହି ବୈଶ୍ୟ ଏକତ୍ରିତ ହୋଇ ବ୍ୟବସାୟ ଅନୁରୋଧରେ ନଦୀ ସମୁଦ୍ର ଉଲ୍ଲଙ୍ଘନ କରି କେବଳ ବୁଦ୍ଧି ଓ ଅର୍ଥବଳରେ ଧୀରେ ଧୀରେ ଚିରପ୍ରତିଷ୍ଠିତ ହିନ୍ଦୁ ଓ ମୁସଲମାନ ରାଜାମାନଙ୍କୁ ଆପଣାର କ୍ରୀଡ଼ାପୁତ୍ତଳିକା କରି ପକାଇବେ, କେବଳ ତାହା ନୁହେଁ, ସ୍ୱଦେଶୀୟ ରାଜନ୍ୟବର୍ଗଙ୍କୁ ଅର୍ଥବଳରେ ଆପଣାର ଭୃତ୍ୟତ୍ୱ ସ୍ୱୀକାର କରାଇ ସେମାନଙ୍କର ଶୌର୍ଯ୍ୟବୀର୍ଯ୍ୟ ଓ ବିଦ୍ୟାବଳକୁ ନିଜର ଧନାଗମର ପ୍ରବଳ ଯନ୍ତ୍ର କରିନେବେ ଓ ଯେଉଁ ଦେଶର ମହାକବିର ଅଲୌକିକ ତୁଳିକାରେ ଉନ୍ମେଷିତ, ଗର୍ବିତ ଲର୍ଡ଼ ଜଣେ ସାଧାରଣ ବ୍ୟକ୍ତିକୁ କହୁଛନ୍ତି, 'ପାମର, ରାଜସାମନ୍ତଙ୍କର ପବିତ୍ର ଦେହ ସ୍ପର୍ଶ କରିବା ପାଇଁ ସାହସ କରୁଛୁ !'—ଅଚିରକାଳ ମଧ୍ୟରେ ଏହି ଦେଶର ପ୍ରବଳ ସାମନ୍ତବର୍ଗର ଉତ୍ତରାଧିକାରୀମାନେ ଯେ ଇଷ୍ଟ-ଇଣ୍ଡିଆ କମ୍ପାନୀ ନାମକ ବଣିକ-ସମ୍ପ୍ରଦାୟର ଆଜ୍ଞାବହ ଭୃତ୍ୟ ହୋଇ ଭାରତବର୍ଷକୁ ପ୍ରେରିତ ହେବା ମାନବଜୀବନର ଉଚ୍ଚାକାଙ୍କ୍ଷାର ଶେଷ ସୋପାନ ଭାବିବେ—ଭାରତବାସୀ କେବେ ହେଲେ ଦେଖି ନାହିଁ ! ! !

## ବୈଶ୍ୟଶକ୍ତିର ଅଭ୍ୟୁଦୟ

ସତ୍ତ୍ୱାଦି ଗୁଣତ୍ରୟର ବୈଷମ୍ୟ ଓ ତାରତମ୍ୟ-ପ୍ରସୂତ ବ୍ରାହ୍ମଣାଦି ଚତୁର୍ବର୍ଣ୍ଣ ସନାତନକାଳରୁ ସବୁ ସଭ୍ୟ ସମାଜରେ ବିଦ୍ୟମାନ ଅଛି । କାଳପ୍ରଭାବରେ ଆଉ ଦେଶ ଭେଦରେ ଏହି ଚତୁର୍ବର୍ଣ୍ଣର କୌଣସି କୌଣସିର ସଂଖ୍ୟାଧିକ୍ୟ ବା ପ୍ରତାପାଧିକ୍ୟ ଘଟିଥାଏ; କିନ୍ତୁ ପୃଥିବୀର ଇତିହାସ ଆଲୋଚନାରେ ବୋଧହୁଏ ଯେ, ପ୍ରାକୃତିକ ନିୟମ ଅନୁସାରେ ବ୍ରାହ୍ମଣାଦି ଚାରି ଜାତି ଯଥାକ୍ରମେ ବସୁନ୍ଧରା ଭୋଗ କରିବେ ।

ଚୀନ, ସୁମେର[୧], ବାବଲ[୨], ମିସର, ଖଲଦୟା[୩], ଆର୍ଯ୍ୟ, ଇରାନ[୪] ଇହୁଦୀ,

[୧] ଖଲଦିୟାର ଆଦିମ ନିବାସୀ ।

[୨] ପ୍ରାଚୀନ ବାବିଲନ୍ ନିବାସୀ ।

[୩] ଖଲଦିୟା ନିବାସୀ (Chaideans) ।

[୪] ପ୍ରାଚୀନ ପାରସ୍ୟ ନିବାସୀ ।

ଆରବ, ଏହିସବୁ ଜାତିଙ୍କ ମଧ୍ୟରେ ସମାଜ-ନେତୃତ୍ୱ ପ୍ରଥମ ଯୁଗରେ ବ୍ରାହ୍ମଣ ବା ପୁରୋହିତ ହସ୍ତରେ। ଦ୍ୱିତୀୟ ଯୁଗରେ କ୍ଷତ୍ରିୟକୁଳ ଅର୍ଥାତ୍ ରାଜସମାଜ ବା ଏକାଧିକାରୀ ରାଜାର ଅଭ୍ୟୁଦୟ।

ବୈଶ୍ୟ ବା ବାଣିଜ୍ୟଦ୍ୱାରା ଧନଶାଳୀ ସମ୍ପ୍ରଦାୟର ସମାଜନେତୃତ୍ୱ କେବଳ ଇଂଲଣ୍ଡ ପ୍ରମୁଖ ଆଧୁନିକ ପାଶ୍ଚାତ୍ୟ ଜାତିମାନଙ୍କ ମଧ୍ୟରେ ପ୍ରଥମେ ଘଟିଅଛି।

ଯଦ୍ୟପି ପ୍ରାଚୀନ ଟାୟର, କାର୍ଥେଜ୍ ଏବଂ ଅପେକ୍ଷାକୃତ ଅର୍ବାଚୀନ କାଳରେ ଭେନିସ୍ ଆଦି ବାଣିଜ୍ୟପ୍ରାଣ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ବହୁପ୍ରତାପଶାଳୀ ହୋଇଥିଲେ; କିନ୍ତୁ ସେଠାରେ ମଧ୍ୟ ବୈଶ୍ୟର ଅଭ୍ୟୁଦୟ ଘଟି ନାହିଁ।

ପ୍ରାଚୀନ ରାଜକୁଳର ବଂଶଧରମାନେ ସାଧାରଣ ବ୍ୟକ୍ତିଗଣ ଓ ଆପଣାର ଦାସବର୍ଗଙ୍କ ସହାୟତାରେ ଏହି ବାଣିଜ୍ୟ କରାଉଥିଲେ ଓ ତାହାର ଉଦ୍‌ବୃତ୍ତ ଭୋଗ କରୁଥିଲେ। ଦେଶ-ଶାସନାଦି କାର୍ଯ୍ୟରେ ସେହି କତିପୟ ପୁରୁଷଙ୍କ ବ୍ୟତୀତ ଅନ୍ୟ କାହାରି ମଧ୍ୟ କୌଣସି ବାଙ୍‌-ନିଷ୍ପତ୍ତିର ଅଧିକାର ନ ଥିଲା। ମିସରାଦି ପ୍ରାଚୀନ ଦେଶମାନଙ୍କରେ ବ୍ରାହ୍ମଣର ଶକ୍ତି ଅଳ୍ପଦିନ ପ୍ରାଧାନ୍ୟ ଉପଭୋଗ କରି ରାଜନ୍ୟଶକ୍ତିର ଅଧୀନ ଓ ସହାୟ ହୋଇ ବାସ କରିଥିଲା। ଚୀନ ଦେଶରେ କନ୍‌ଫୁସିୟସ୍‌ଙ୍କ (Confucius) ପ୍ରତିଭାରେ କେନ୍ଦ୍ରୀଭୂତ ରାଜଶକ୍ତି ସାର୍ଦ୍ଧ-ଦ୍ୱିସହସ୍ର ବର୍ଷରୁ ଅଧିକ କାଳ ପୌରୋହିତ୍ୟଶକ୍ତିକୁ ଆପଣାର ଇଚ୍ଛାନୁସାରେ ପାଳନ କରୁଅଛି ଏବଂ ଗତ ଦୁଇ ଶତାବ୍ଦୀ ଧରି ସର୍ବଗ୍ରାସୀ ତିବ୍ବତୀୟ ଲାମାମାନେ ରାଜଗୁରୁ ହୋଇ ମଧ୍ୟ ସର୍ବପ୍ରକାରେ ସମ୍ରାଟଙ୍କର ଅଧୀନ ହୋଇ କାଳ ଯାପନ କରୁଅଛନ୍ତି।

ଭାରତବର୍ଷରେ ରାଜଶକ୍ତିର ଜୟ ଓ ବିକାଶ ଅନ୍ୟାନ୍ୟ ପ୍ରାଚୀନ ସଭ୍ୟ ଜାତିମାନଙ୍କ ଅପେକ୍ଷା ଅନେକ ପରେ ହୋଇଥିଲା ଏବଂ ସେଥିପାଇଁ ଚୀନ, ମିସର ବାବିଲାଦି ଜାତିମାନଙ୍କର ଅନେକ ପରେ ଭାରତରେ ସାମ୍ରାଜ୍ୟର ଅଭ୍ୟୁତ୍ଥାନ। ଏକ ଇହୁଦୀ ଜାତି ମଧ୍ୟରେ ରାଜଶକ୍ତି ବହୁ ଚେଷ୍ଟା କରି ମଧ୍ୟ ପୌରୋହିତ୍ୟଶକ୍ତି ଉପରେ ସ୍ୱୀୟ ଆଧିପତ୍ୟ ବିସ୍ତାରରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିଲା। ବୈଶ୍ୟବର୍ଗ ମଧ୍ୟ ସେ ଦେଶରେ କେବେ ହେଲେ କ୍ଷମତା ଲାଭ କରି ନାହାନ୍ତି। ସାଧାରଣ ପ୍ରଜା ପୌରୋହିତ୍ୟ-ବନ୍ଧନ-ମୁକ୍ତ ହେବା ପାଇଁ ଚେଷ୍ଟା କରି ଅଭ୍ୟନ୍ତରରେ ଈଶାହି ଇତ୍ୟାଦି ଧର୍ମ-ସମ୍ପ୍ରଦାୟର ସଂଘର୍ଷରେ ଏବଂ ବାହାରେ ମହାବଳ ରୋମକ ରାଜ୍ୟର ପେଷଣରେ ଉଚ୍ଛିନ୍ନ ହୋଇଗଲା।

ଯେପରି ପ୍ରାଚୀନ ଯୁଗରେ ରାଜଶକ୍ତିର ପରାକ୍ରମରେ ବ୍ରାହ୍ମଣ୍ୟଶକ୍ତି ବହୁ ଚେଷ୍ଟା କରି ମଧ୍ୟ ପରାଜିତ ହୋଇଥିଲା, ସେହିପରି ଏହି ଯୁଗରେ ନବୋଦିତ ବୈଶ୍ୟଶକ୍ତିର ପ୍ରବଳ ଆଘାତରେ କେତେ ରାଜମୁକୁଟ ଧୂଳିବିଲୁଣ୍ଠିତ ହେଲା, କେତେ ରାଜଦଣ୍ଡ ଚିରଦିନ ପାଇଁ ଭଗ୍ନ ହେଲା। ଯେଉଁ କେତୋଟି ସିଂହାସନ ସୁସଭ୍ୟ ଦେଶରେ କଥଞ୍ଚିତ୍ ପ୍ରତିଷ୍ଠିତ ରହିଲା, ତାହା ମଧ୍ୟ ତୈଳ, ଲବଣ, ଶର୍କରା ଓ ସୁରାବ୍ୟବସାୟୀମାନଙ୍କର ପଣ୍ୟଲବ୍ଧ ପ୍ରଭୂତ ଧନରାଶିର ପ୍ରଭାବରେ, ଅମୀର ଓମରାହ ସାଜି ନିଜ ନିଜ ଗୌରବବିସ୍ତାରର ଆସ୍ପଦ ହେଲେ।

ଯେଉଁ ନୂତନ ମହାଶକ୍ତିର ପ୍ରଭାବରେ ମୁହୂର୍ତ୍ତିକ ମଧ୍ୟରେ ତଡ଼ିତ୍ପ୍ରବାହ ଏକ ମେରୁପ୍ରାନ୍ତରୁ ପ୍ରାନ୍ତାନ୍ତରକୁ ବାର୍ତ୍ତା ବହନ କରୁଅଛି, ମହାବଳ ପର୍ବତ ତୁଙ୍ଗତରଙ୍ଗାୟିତ ମହୋଦଧି ଯାହାର ରାଜପଥ, ଯାହାର ନିର୍ଦ୍ଦେଶରେ ଏକ ଦେଶର ପଣ୍ୟଚୟ ଅବଲୀଳାକ୍ରମେ ଅନ୍ୟ ଦେଶକୁ ସମାନୀତ ହେଉଅଛି ଏବଂ ଯାହାର ଆଦେଶରେ ସମ୍ରାଟ୍‌କୁଳ କମ୍ପମାନ, ସଂସାର-ସମୁଦ୍ରର ସର୍ବଜୟୀ ଏହି ବୈଶ୍ୟଶକ୍ତିର ଅଭ୍ୟୁତ୍ଥାନରୂପ ମହାତରଙ୍ଗର ଶୀର୍ଷସ୍ଥ ଶୁଭ୍ର ଫେନରାଶି ମଧ୍ୟରେ ଇଂଲଣ୍ଡର ସିଂହାସନ ପ୍ରତିଷ୍ଠିତ ।

ଅତଏବ ଇଂଲଣ୍ଡର ଭାରତାଧିକାର ବାଲ୍ୟଶ୍ରୁତ ଈଶାମସି ବା ବାଇବେଲ ପୁସ୍ତକର ଭାରତ ଜୟ ନୁହେଁ, ପଠାଣ ମୋଗଲ ଆଦି ସମ୍ରାଟ୍‌ଗଣଙ୍କର ଭାରତବିଜୟ ପରି ମଧ୍ୟ ନୁହେଁ । କିନ୍ତୁ ଈଶାମସି, ବାଇବେଲ, ରାଜପ୍ରାସାଦ, ଚତୁରଙ୍ଗବଳର ଭୂକମ୍ପକାରୀ ପଦକ୍ଷେପ, ତୂରୀଭେରୀର ନିନାଦ, ରାଜସିଂହାସନର ବହୁ ଆଡ଼ମ୍ବର—ଏସବୁର ପଶ୍ଚାତ୍‌ରେ ବାସ୍ତବ ଇଂଲଣ୍ଡ ବିଦ୍ୟମାନ । ସେ ଇଂଲଣ୍ଡର ଧ୍ୱଜା—କଳର ଚିମ୍ନି, ବାହିନୀ—ପଣ୍ୟପୋତ, ଯୁଦ୍ଧକ୍ଷେତ୍ର—ଜଗତର ପଣ୍ୟବୀଥିକା ଏବଂ ସାମ୍ରାଜ୍ଞୀ—ସ୍ୱୟଂ ସୁବର୍ଣ୍ଣାଙ୍ଗୀ ଶ୍ରୀ ।

ଏଥିପାଇଁ ପୂର୍ବେ କହିଅଛି ଯେ, ଏହା ଗୋଟିଏ ଅତି ଅଭିନବ ବ୍ୟାପାର—ଇଂଲଣ୍ଡର ଭାରତ-ବିଜୟ । ଏ ନୂତନ ମହାଶକ୍ତିର ସଂଘର୍ଷରେ ଭାରତରେ କି ନୂତନ ବିପ୍ଳବ ଉପସ୍ଥିତ ହେବ ଓ ତାହାର ପରିଣାମରେ କି ପରିବର୍ତ୍ତନ ସଂସାଧିତ ହେବ, ତାହା ଭାରତ-ଇତିହାସର ଗତକାଳରୁ ଅନୁମିତ ହେବାର ନୁହେଁ ।

## ପୁରୋହିତ-ଶକ୍ତି

ପୂର୍ବେ କହିଅଛି, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଚାରି ବର୍ଣ୍ଣ ପର୍ଯ୍ୟାୟକ୍ରମେ ପୃଥିବୀ ଭୋଗ କରନ୍ତି । ପ୍ରତ୍ୟେକ ବର୍ଣ୍ଣର ରାଜତ୍ୱକାଳରେ କେତେଗୁଡ଼ିଏ ଲୋକହିତକର ଓ କେତେଗୁଡ଼ିଏ ଅହିତକର କାର୍ଯ୍ୟର ଅନୁଷ୍ଠାନ ହୁଏ ।

ପୌରୋହିତ୍ୟ-ଶକ୍ତିର ଭିତ୍ତି ବୁଦ୍ଧିବଳ ଉପରେ—ବାହୁବଳ ଉପରେ ନୁହେଁ; ଏଥିପାଇଁ ପୁରୋହିତମାନଙ୍କର ପ୍ରାଧାନ୍ୟ ସଙ୍ଗେ ସଙ୍ଗେ ବିଦ୍ୟାଚର୍ଚ୍ଚାର ଆବିର୍ଭାବ । ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ଜଗତର ବାର୍ତ୍ତା ଓ ସହାୟତା ନିମିତ୍ତ ସର୍ବମାନବଙ୍କ ପ୍ରାଣ ସର୍ବଦା ବ୍ୟାକୁଳ । ସାଧାରଣଙ୍କର ସେଠାରେ ପ୍ରବେଶ ଅସମ୍ଭବ । ଜଡ଼ବ୍ୟୂହ ଭେଦ କରି ଇନ୍ଦ୍ରିୟସଂଯମୀ, ଅତୀନ୍ଦ୍ରିୟଦର୍ଶୀ, ସତ୍ତ୍ୱଗୁଣପ୍ରଧାନ ପୁରୁଷମାନେ ସେହି ରାଜ୍ୟରେ ଗତିବିଧି ରଖନ୍ତି, ସମ୍ବାଦ ଆଣନ୍ତି ଏବଂ ଅନ୍ୟକୁ ପଥ ପ୍ରଦର୍ଶନ କରନ୍ତି । ଏହିମାନେ ହିଁ ପୁରୋହିତ, ମାନବ-ସମାଜର ପ୍ରଥମ ଗୁରୁ, ନେତା ଓ ପରିଚାଳକ ।

ଦେବବତ୍ ପୁରୋହିତ ଦେବବତ୍ ପୂଜିତ ହୁଅନ୍ତି । ମୁଣ୍ଡଝାଳ ଗୋଡ଼ରେ ପକାଇ ସେମାନଙ୍କୁ ଅନ୍ନର ସଂସ୍ଥାନ କରିବାକୁ ହୁଏ ନାହିଁ । ସର୍ବଭୋଗର ଅଗ୍ରଭାଗ ଦେବପ୍ରାପ୍ୟ, ଦେବତାମାନଙ୍କର ମୁଖାଦି ପୁରୋହିତକୁଳ । ସମାଜ ତାହାଙ୍କୁ ଜ୍ଞାତ ବା ଅଜ୍ଞାତସାରରେ ଯଥେଷ୍ଟ ସମୟ ଦିଏ, କାର୍ଯ୍ୟତଃ ପୁରୋହିତ ଚିନ୍ତାଶୀଳ ହୁଅନ୍ତି ଏବଂ ସେଥିପାଇଁ ପୁରୋହିତ-

ପ୍ରାଧାନ୍ୟରେ ପ୍ରଥମ ବିଦ୍ୟାର ଉନ୍ମେଷ । ଦୁର୍ଦ୍ଧର୍ଷ କ୍ଷତ୍ରିୟ-ସିଂହ ଏବଂ ଭୟକମ୍ପିତ ପ୍ରଜା-ଅଜାଯୂଥ ମଧ୍ୟରେ ପୁରୋହିତ ଦଣ୍ଡାୟମାନ । ସିଂହର ସର୍ବନାଶେଚ୍ଛା ପୁରୋହିତ-ହସ୍ତଧୃତ ଅଧ୍ୟାତ୍ମରୂପ କଶାର ତାଡ଼ନରେ ନିୟମିତ । ଧନଜନ-ମଦୋନ୍ମତ୍ତ ଭୂପାଳବୃନ୍ଦଙ୍କ ଯଥେଚ୍ଛାଚାରରୂପ ଅଗ୍ନିଶିଖା ସମସ୍ତଙ୍କୁ ଭସ୍ମ କରିବା ପାଇଁ କ୍ଷମ; କେବଳ ଧନଜନହୀନ ଦରିଦ୍ର ତପୋବଳସହାୟ ପୁରୋହିତର ବାଣୀରୂପକ ଜଳରେ ସେ ଅଗ୍ନି ନିର୍ବାପିତ । ପୁରୋହିତ-ପ୍ରାଧାନ୍ୟରେ ସଭ୍ୟତାର ପ୍ରଥମ ଆବିର୍ଭାବ, ପଶୁତ୍ୱ ଉପରେ ଦେବତ୍ୱର ପ୍ରଥମ ବିଜୟ, ଜଡ଼ ଉପରେ ଚେତନର ପ୍ରଥମ ଅଧିକାର ବିସ୍ତାର, ପ୍ରକୃତିର କ୍ରୀତଦାସ ଜଡ଼ପିଣ୍ଡବତ୍ ମନୁଷ୍ୟ-ଦେହ ମଧ୍ୟରେ ଅସ୍ଫୁଟ ଭାବରେ ଯେଉଁ ଅଧୀଶ୍ୱରତ୍ୱ ଲୁକ୍କାୟିତ, ତାହାର ପ୍ରଥମ ବିକାଶ । ପୁରୋହିତ ଜଡ଼ଚୈତନ୍ୟର ପ୍ରଥମ ବିଭାଜକ, ଇହ-ପର-ଲୋକର ସଂଯୋଗ-ସହାୟ, ଦେବ-ମନୁଷ୍ୟର ବାର୍ତ୍ତାବହ, ରାଜା-ପ୍ରଜାର ମଧ୍ୟବର୍ତ୍ତୀ ସେତୁ । ବହୁ କଲ୍ୟାଣର ପ୍ରଥମାଙ୍କୁର ତାହାଙ୍କର ତପୋବଳରେ, ତାହାଙ୍କର ବିଦ୍ୟାନିଷ୍ଠାରେ, ତାହାଙ୍କର ତ୍ୟାଗମନ୍ତ୍ରରେ, ତାହାଙ୍କର ପ୍ରାଣ-ସିଞ୍ଚନରେ ସମୁଦ୍ଭୂତ । ଏଥିପାଇଁ ସର୍ବଦେଶରେ ପ୍ରଥମ ପୂଜା ସେ ପାଇଥିଲେ, ଏଥିନିମିତ୍ତ ତାହାଙ୍କର ସ୍ମୃତି ମଧ୍ୟ ଆମମାନଙ୍କ ପକ୍ଷରେ ପବିତ୍ର !

ଦୋଷ ମଧ୍ୟ ଅଛି; ପ୍ରାଣସ୍ଫୂର୍ତ୍ତି ସଙ୍ଗରେ ମୃତ୍ୟୁବୀଜ ମଧ୍ୟ ଉପ୍ତ । ଅନ୍ଧକାର ଆଲୋକ ସଙ୍ଗରେ ଚଳେ । ପ୍ରବଳ ଦୋଷ ମଧ୍ୟ ଅଛି, ଯାହା ସମୟରେ ସଂଯତ ନ ହେଲେ ସମାଜର ବିନାଶ ସାଧନ କରେ । ସ୍ଥୂଳ ମଧ୍ୟ ଦେଇ ଶକ୍ତିର ବିକାଶ ସାର୍ବଜନୀନ ପ୍ରତ୍ୟକ୍ଷ—ଅସ୍ତ୍ରଶସ୍ତ୍ରର ଛେଦ-ଭେଦ, ଅଗ୍ନ୍ୟାଦିର ଦାହିକାଦି ଶକ୍ତି ସ୍ଥୂଳ ପ୍ରକୃତିର ପ୍ରବଳ ସଂଘର୍ଷ ସମସ୍ତେ ଦେଖନ୍ତି, ସମସ୍ତେ ବୁଝନ୍ତି । ଏଥିରେ କାହାର ସନ୍ଦେହ ହୁଏ ନାହିଁ ବା ମନରେ ମଧ୍ୟ ଦ୍ୱିଧା ରହେ ନାହିଁ; କିନ୍ତୁ ଯେଉଁଠାରେ ଶକ୍ତିର ଆଧାର ଓ ବିକାଶକେନ୍ଦ୍ର କେବଳ ମାନସିକ, ଯେଉଁଠାରେ ବଳ କେବଳ ଶବ୍ଦ ବିଶେଷରେ, ଉଚ୍ଚାରଣବିଶେଷରେ, ଜପବିଶେଷରେ ବା ଅନ୍ୟାନ୍ୟ ମାନସିକ ପ୍ରୟୋଗବିଶେଷରେ, ସେଠାରେ ଆଲୁଅରେ ଅନ୍ଧାର ମିଶି ରହିଛି; ବିଶ୍ୱାସରେ ସେଠାରେ ଜୁଆର-ଭଟ୍ଟା ସ୍ୱାଭାବିକ, ପ୍ରତ୍ୟକ୍ଷରେ ମଧ୍ୟ ସେଠାରେ କେବେ କେବେ ସନ୍ଦେହ ହୁଏ । ଯେଉଁଠାରେ ରୋଗ, ଶୋକ, ଭୟ, ତାପ, ଈର୍ଷା, ବୈରନିର୍ଯାତନ ଇତ୍ୟାଦି ଉପସ୍ଥିତ ବାହୁବଳ ଛାଡ଼ି, ସ୍ଥୂଳ ଉପାୟ ଛାଡ଼ି, ଇଷ୍ଟସିଦ୍ଧି ନିମିତ୍ତ କେବଳ ସ୍ତମ୍ଭନ, ବଶୀକରଣ, ଉଚ୍ଚାଟନ, ମାରଣାଦିର ଆଶ୍ରୟ ଗ୍ରହଣ କରେ, ସ୍ଥୂଳ-ସୂକ୍ଷ୍ମର ମଧ୍ୟବର୍ତ୍ତୀ ଏହି କୁଜ୍ଝଟିକାମୟ, ପ୍ରହେଳିକାମୟ ଜଗତରେ ଯେଉଁମାନେ ନିୟତ ବାସ କରନ୍ତି, ସେମାନଙ୍କ ମଧ୍ୟରେ ଯେପରି ଗୋଟାଏ ଧୂମ୍ରମୟ ଭାବ ଆପେ ଆପେ ପ୍ରବିଷ୍ଟ ହୁଏ ! ସେ ମନ ସମ୍ମୁଖରେ ସରଳ-ରେଖା ପ୍ରାୟ ପଡ଼େ ନାହିଁ, ପଡ଼ିଲେ ମଧ୍ୟ ମନ ତାହାକୁ ବକ୍ର କରି ନିଏ । ଏହାର ପରିଣାମ ଅସରଳତା—ହୃଦୟର ଅତି ସଂକୀର୍ଣ୍ଣ, ଅତି ଅନୁଦାର ଭାବ; ଆଉ ସର୍ବାପେକ୍ଷା ମାରାତ୍ମକ, ନିଦାରୁଣ ଈର୍ଷାଭାବ-ପ୍ରସୂତ ଅପରସହିଷ୍ଣୁତା । ଯେଉଁ ବଳରେ ମୋର ଦେବତା ବଶ, ରୋଗାଦି ଉପରେ ଆଧିପତ୍ୟ, ଭୂତପ୍ରେତାଦି ଉପରେ ବିଜୟ, ଯାହାର ବିନିମୟରେ ମୋହର ପାର୍ଥିବ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଐଶ୍ୱର୍ଯ୍ୟ, ତାହା ଅନ୍ୟକୁ କାହିଁକି ଦେବି ? ପୁନଶ୍ଚ ତାହା

ସମ୍ପୂର୍ଣ୍ଣ ମାନସିକ । ଗୋପନ ରଖିବାର ମଧ୍ୟ ସୁବିଧା କେତେ ! ଏ ଘଟଣାଚକ୍ର ମଧ୍ୟରେ ମାନବ-ପ୍ରକୃତିର ଯାହା ହେବାର କଥା ତାହା ହୋଇଥାଏ—ସର୍ବଦା ଆତ୍ମଗୋପନ ଅଭ୍ୟାସ କରୁ କରୁ ସ୍ୱାର୍ଥପରତା ଓ କପଟତାର ଆଗମନ ଏବଂ ତାହାର ବିଷମୟ ଫଳ । କାଳକ୍ରମେ ଗୋପନେଚ୍ଛାର ପ୍ରତିକ୍ରିୟା ମଧ୍ୟ ଆପଣା ଉପରେ ଆସି ପଡ଼େ । ବିନାଭ୍ୟାସରେ, ବିନା ବିତରଣରେ ପ୍ରାୟ ସବୁ ବିଦ୍ୟାର ନାଶ; ଯାହା ବାକି ଥାଏ, ତାହା ମଧ୍ୟ ଅଲୌକିକ ଦୈବ ଉପାୟଦ୍ୱାରା ପ୍ରାପ୍ତ ବୋଲି ଆଉ ତାହାକୁ ମାର୍ଜିତ କରିବାର (ନୂତନ ବିଦ୍ୟାର କଥା ଦୂରେ ଥାଉ) ଚେଷ୍ଟା ମଧ୍ୟ ବୃଥା ବୋଲି ଧାରଣା ହୁଏ । ତାହାପରେ ବିଦ୍ୟାହୀନ, ପୁରୁଷକାରହୀନ, ପୂର୍ବପୁରୁଷମାନଙ୍କର ନାମମାତ୍ରଧାରୀ ପୁରୋହିତକୁଳ ପୈତୃକ ଅଧିକାର, ପୈତୃକ ସମ୍ମାନ, ପୈତୃକ ଆଧିପତ୍ୟ ଅକ୍ଷୁଣ୍ଣ ରଖିବା ନିମିତ୍ତ ଯେନତେନ ପ୍ରକାରେଣ ଚେଷ୍ଟା କରନ୍ତି; ଅନ୍ୟାନ୍ୟ ଜାତି ସଙ୍ଗରେ କାର୍ଯ୍ୟତଃ ବିଷମ ସଂଘର୍ଷ ।

ପ୍ରାକୃତିକ ନିୟମରେ ଜରାଜୀର୍ଣ୍ଣ ସ୍ଥାନରେ ନବ ପ୍ରାଣୋନ୍ମେଷର ପ୍ରତିଷ୍ଠାପନର ସ୍ୱାଭାବିକ ଚେଷ୍ଟାରୁ ତାହା ସମୁପସ୍ଥିତ ହୁଏ । ଏ ସଂଗ୍ରାମରେ ଜୟବିଜୟର ଫଳାଫଳ ପୂର୍ବେ ବର୍ଣ୍ଣିତ ହୋଇଅଛି ।

ଉନ୍ନତି ସମୟରେ ପୁରୋହିତର ଯେଉଁ ତପସ୍ୟା, ଯେଉଁ ସଂଯମ, ଯେଉଁ ତ୍ୟାଗ ସତ୍ୟର ଅନୁସନ୍ଧାନରେ ପ୍ରଯୁକ୍ତ ଥିଲା, ଅବନତିର ପୂର୍ବକାଳରେ ତାହା ହିଁ ପୁଣି କେବଳ ମାତ୍ର ଭୋଗ୍ୟସଂଗ୍ରହରେ ବା ଆଧିପତ୍ୟ-ବିସ୍ତାରରେ ସମ୍ପୂର୍ଣ୍ଣ ନିଃଯୋଜିତ । ଯେଉଁ ଶକ୍ତିର ଆଧାରତ୍ୱ ଯୋଗୁଁ ତାହାର ମାନ, ତାହାର ପୂଜା, ସେହି ଶକ୍ତି ସ୍ୱର୍ଗଧାମରୁ ଏବେ ନରକକୁ ସମାନୀତ । ଉଦ୍ଦେଶ୍ୟହରା, ଲକ୍ଷ୍ୟହରା ପୌରୋହିତ୍ୟଶକ୍ତି ଉର୍ଣ୍ଣାକୀଟବତ୍ ନିଜ କୋଷରେ ନିଜେ ଆବଦ୍ଧ; ଯେଉଁ ଶୃଙ୍ଖଳ ଅପରର ପାଦ ନିମନ୍ତେ ପୁରୁଷାନୁକ୍ରମରେ ଅତି ଯତ୍ନର ସହିତ ବିନିର୍ମିତ, ତାହା ନିଜର ଗତିଶକ୍ତିକୁ ଶତବେଷ୍ଟନ ଦ୍ୱାରା ପ୍ରତିହତ କରିଅଛି । ଯେଉଁସବୁ ପୁଙ୍ଖାନୁପୁଙ୍ଖ ବହିଃଶୁଦ୍ଧିର ଆଚାର-ଜାଲ ସମାଜକୁ ବଜ୍ରବନ୍ଧନରେ ରଖିବା ନିମିତ୍ତ ଚାରିଆଡ଼େ ବିସ୍ତୃତ ହୋଇଥିଲା, ତାହାର ତନ୍ତୁରାଶିଦ୍ୱାରା ଆପାଦମସ୍ତକ ବିଜଡ଼ିତ ପୌରୋହିତ୍ୟଶକ୍ତି ହତାଶ ହୋଇ ନିଦ୍ରିତ । ଆଉ ଉପାୟ ନାହିଁ, ଏ ଜାଲ ଛିଣ୍ଡିଲେ ଆଉ ପୁରୋହିତର ପୌରୋହିତ୍ୟ ରହେ ନାହିଁ । ଯେଉଁମାନେ ଏହି କଠୋର ବନ୍ଧନ ମଧ୍ୟରେ ସ୍ୱାଭାବିକ ଉନ୍ନତିର ବାସନାକୁ ଅତ୍ୟନ୍ତ ପ୍ରତିହତ ଦେଖି ଏ ଜାଲ ଛିଣ୍ଡାଇ ଅନ୍ୟାନ୍ୟ ଜାତିର ବୃତ୍ତି ଅବଲମ୍ବନଦ୍ୱାରା ଧନ-ସଞ୍ଚୟରେ ନିଯୁକ୍ତ, ସମାଜ ତତ୍‌କ୍ଷଣାତ୍ ସେମାନଙ୍କର ପୌରୋହିତ୍ୟ-ଅଧିକାର କାଢ଼ି ନେଉଛି । ଶିଖାହୀନ ଟେଶିକଟା, ଅର୍ଦ୍ଧ-ଇଉରୋପୀୟ ବେଶ-ଭୂଷା-ଆଚାରାଦିରେ ସୁମଣ୍ଡିତ ବ୍ରାହ୍ମଣର ବ୍ରାହ୍ମଣ୍ୟରେ ସମାଜ ବିଶ୍ୱାସୀ ନୁହେଁ । ପୁନଶ୍ଚ ଭାରତବର୍ଷରେ ଯେଉଁଠାରେ ଏହି ନବାଗତ ଇଉରୋପୀୟ ରାଜ୍ୟ, ଶିକ୍ଷା ଏବଂ ଧନାଗମର ଉପାୟ ବିସ୍ତୃତ ହେଉଅଛି, ସେହିଠାରେ ପୁରୁଷାନୁଗତ ପୌରୋହିତ୍ୟ-ବ୍ୟବସାୟ ପରିତ୍ୟାଗ କରି ଦଳ ଦଳ ହୋଇ ବ୍ରାହ୍ମଣଯୁବକବୃନ୍ଦ ଅନ୍ୟ ଜାତିର ବୃତ୍ତି ଅବଲମ୍ବନ କରି ଧନବାନ୍ ହେଉଛନ୍ତି ଏବଂ ସଙ୍ଗେ ସଙ୍ଗେ ପୁରୋହିତ-ପୂର୍ବପୁରୁଷଙ୍କର ଆଚାରବ୍ୟବହାର ଏକାବେଳକେ

ରସାତଳକୁ ଯାଉଅଛୁ ।

ଗୁର୍ଜର ଦେଶରେ ବ୍ରାହ୍ମଣଜାତି ମଧ୍ୟରେ, ପ୍ରତ୍ୟେକ ଅବାନ୍ତର ସମ୍ପ୍ରଦାୟ ମଧ୍ୟରେ ଦୁଇଟି ଲେଖାଁଏ ବିଭାଗ ଅଛୁ—ଗୋଟିଏ ପୁରୋହିତ-ବ୍ୟବସାୟୀ, ଅପରଟି ଅପର କୌଣସି ବୃତ୍ତିଦ୍ୱାରା ଜୀବିକା ନିର୍ବାହ କରେ । ଏହି ପୁରୋହିତ-ବ୍ୟବସାୟୀ ସମ୍ପ୍ରଦାୟଟି ସେହି ପ୍ରଦେଶରେ ବ୍ରାହ୍ମଣ ନାମରେ ଅଭିହିତ ଏବଂ ଅପର ସମ୍ପ୍ରଦାୟ ସେହି ଏକ ବ୍ରାହ୍ମଣ-କୁଳପ୍ରସୂତ ହେଲେ ମଧ୍ୟ ପୁରୋହିତ ବ୍ରାହ୍ମଣମାନେ ସେମାନଙ୍କ ସହିତ ଯୌନ ସମ୍ବନ୍ଧରେ ଆବଦ୍ଧ ହୁଅନ୍ତି ନାହିଁ । ଯଥା, 'ନାଗର ବ୍ରାହ୍ମଣ' କହିଲେ ଉକ୍ତ ବ୍ରାହ୍ମଣଜାତି ମଧ୍ୟରେ ଯେଉଁମାନେ ଭିକ୍ଷାବୃତ୍ତି ପୁରୋହିତ, ସେହିମାନଙ୍କୁ କେବଳ ବୁଝାଇବ । 'ନାଗର' କହିଲେ ଉକ୍ତ ଜାତିର ଯେଉଁମାନେ ରାଜକର୍ମଗ୍ରାହୀ ବା ବୈଶ୍ୟବୃତ୍ତି, ସେହିମାନଙ୍କୁ ବୁଝାଏ; କିନ୍ତୁ ଏକ୍ଷଣି ଦେଖାଯାଉଅଛୁ ଯେ, ଉକ୍ତ ପ୍ରଦେଶମାନଙ୍କରେ ମଧ୍ୟ ଏ ବିଭାଗ ଆଉ ଅଧିକ ଚଳେ ନାହିଁ । ନାଗର ବ୍ରାହ୍ମଣଙ୍କ ପୁତ୍ରମାନେ ମଧ୍ୟ ଇଂରାଜୀ ପଢ଼ି ରାଜକର୍ମଗ୍ରାହୀ ହେଉଛନ୍ତି, ଅଥବା ବାଣିଜ୍ୟାଦି ବ୍ୟାପାର ଅବଲମ୍ବନ କରୁଅଛନ୍ତି । ଟୋଲ୍‌ର ଅଧ୍ୟାପକମାନେ ସମସ୍ତ ପ୍ରକାର କଷ୍ଟ ସହ୍ୟ କରି ନିଜର ପୁତ୍ରମାନଙ୍କୁ ଇଂରାଜୀ ବିଶ୍ୱବିଦ୍ୟାଳୟରେ ପ୍ରବିଷ୍ଟ କରାଉ-ଅଛନ୍ତି ଏବଂ ବୈଦ୍ୟ କାୟସ୍ଥମାନଙ୍କର ବୃତ୍ତି ଅବଲମ୍ବନ କରାଉଅଛନ୍ତି । ଯଦି ଏହି ପ୍ରକାର ସ୍ରୋତ ଚାଲେ, ତାହାହେଲେ ବର୍ତ୍ତମାନ ପୁରୋହିତ-ଜାତି ଆଉ କେତେ ଦିନ ଏ ଦେଶରେ ରହିବେ, ଏହା ବିବେଚ୍ୟ ବିଷୟ—ଏଥିରେ ସନ୍ଦେହ ନାହିଁ । ଯେଉଁମାନେ ସମ୍ପ୍ରଦାୟ-ବିଶେଷ ବା ବ୍ୟକ୍ତିବିଶେଷଙ୍କ ଉପରେ ବ୍ରାହ୍ମଣଜାତିର ଅଧିକାର-ବିଚ୍ୟୁତ-ଚେଷ୍ଟାରୂପ ଦୋଷାରୋପ କରନ୍ତି, ସେମାନଙ୍କର ମଧ୍ୟ ଜାଣିବା ଉଚିତ ଯେ, ବ୍ରାହ୍ମଣଜାତି ପ୍ରାକୃତିକ ଅବଶ୍ୟମ୍ଭାବୀ ନିୟମର ଅଧୀନ ହୋଇ ଆପଣାର ସମାଧିମନ୍ଦିର ଆପେ ନିର୍ମାଣ କରୁଅଛନ୍ତି । ଏହା ହିଁ କଲ୍ୟାଣପ୍ରଦ—ପ୍ରତ୍ୟେକ ଅଭିଜାତ ଜାତିର ସ୍ୱହସ୍ତରେ ନିଜର ଚିତା ନିର୍ମାଣ କରିବା ପ୍ରଧାନ କର୍ତ୍ତବ୍ୟ ।

ଶକ୍ତି ସଞ୍ଚୟ ଯେଉଁ ପ୍ରକାର ଆବଶ୍ୟକ, ତାହାର ବିସ୍ତାରଣ ମଧ୍ୟ ସେହି ପ୍ରକାର ବା ତଦପେକ୍ଷା ଅଧିକ ଆବଶ୍ୟକ । ହୃତ୍ପିଣ୍ଡରେ ରୁଧିର ସଞ୍ଚୟ ଅତ୍ୟାବଶ୍ୟକ, ଶରୀରମୟ ତାହାର ସଞ୍ଚାଳନ ନ ହେଲେ ମୃତ୍ୟୁ । କୁଳବିଶେଷରେ ବା ଜାତିବିଶେଷରେ ସମାଜର କଲ୍ୟାଣ ନିମିତ୍ତ ବିଦ୍ୟା ବା ଶକ୍ତି କେନ୍ଦ୍ରୀଭୂତ ହେବା ଗୋଟିଏ ସମୟ ପାଇଁ ଅତି ଆବଶ୍ୟକ, କିନ୍ତୁ ସେହି କେନ୍ଦ୍ରୀଭୂତ ଶକ୍ତି କେବଳ ସର୍ବତଃ ସଞ୍ଚାର ନିମିତ୍ତ ପୁଞ୍ଜୀକୃତ । ଯଦି ତାହା ନ ହୁଏ, ସେ ସମାଜ-ଶରୀର ନିଶ୍ଚିତ ରୂପେ ମୃତ୍ୟୁମୁଖରେ କ୍ଷିପ୍ର ପତିତ ହୁଏ ।

## କ୍ଷତ୍ର ସ୍ନ ଶକ୍ତି

ଅପର ଦିଗରେ ରାଜସିଂହଠାରେ ମୃଗେନ୍ଦ୍ର-ଗୁଣଦୋଷରାଶି ସବୁଗୁଡ଼ିକ ବିଦ୍ୟମାନ । ଗୋଟିଏ ଆଡ଼େ ଆତ୍ମଭୋଗେଚ୍ଛାରେ କେଶରୀର କରାଳ ନଖରାଜି ତୃଣଗୁଳ୍ମଭୋଜୀ ପଶୁକୁଳର ହୃତ୍ପିଣ୍ଡ ବିଦାରଣ ପାଇଁ ମୁହୂର୍ତ୍ତେ ସୁଦ୍ଧା କୁଣ୍ଠିତ ନୁହେଁ; ପୁନଶ୍ଚ କବି କହୁଛନ୍ତି—

କ୍ଷୁତ୍‌କ୍ଷାମ ଜରାଜୀର୍ଣ୍ଣ ହେଲେ ମଧ୍ୟ ନୋଡ଼ାଗତ ଜମ୍ବୁକ ସିଂହର ଭକ୍ଷ୍ୟ ରୂପେ କଦାପି ଗୃହୀତ ହୁଏ ନାହିଁ ! ପ୍ରଜାକୁଳ ରାଜ-ଶାର୍ଦ୍ଦୂଳର ସ୍ୱେଚ୍ଛାରେ ବିଘ୍ନ ଉପସ୍ଥିତ କଲାମାତ୍ରେ ସେମାନଙ୍କର ସର୍ବନାଶ; ବିନୀତ ହୋଇ ରାଜାଜ୍ଞା ଶିରୋଧାର୍ଯ୍ୟ କଲେ ସେମାନେ ନିରାପଦ । କେବଳ ସେତିକି ନୁହେଁ; ସମାନ ପ୍ରଯତ୍ନ, ସମାନ ଅଭିପ୍ରାୟ ସାଧାରଣ ସ୍ୱାର୍ଥରକ୍ଷାର୍ଥେ ବ୍ୟକ୍ତିଗତ ସ୍ୱାର୍ଥତ୍ୟାଗ, ପୂର୍ବକାଳରେ କାହିଁକି, ଆଧୁନିକ ସମୟରେ ମଧ୍ୟ କୌଣସି ଦେଶରେ ସମ୍ୟକ୍‌ରୂପେ ଉପଲବ୍ଧ ହୋଇ ନାହିଁ । ରାଜରୂପ କେନ୍ଦ୍ର ସେଥିପାଇଁ ସମାଜଦ୍ୱାରା ସୃଷ୍ଟ । ଶକ୍ତିସମଷ୍ଟି ସେହି କେନ୍ଦ୍ରରେ ପୁଞ୍ଜୀକୃତ ଏବଂ ସେହିଠାରୁ ଚାରିଆଡ଼େ ସମାଜଶରୀରରେ ପ୍ରସୃତ । ବ୍ରାହ୍ମଣାଧିକାରରେ ଯେଉଁ ପ୍ରକାର ଜ୍ଞାନେଚ୍ଛାର ପ୍ରଥମ ଉଦ୍‌ବୋଧନ ଓ ଶୈଶବାବସ୍ଥାରେ ଯତ୍ନରେ ପରିପାଳନ, କ୍ଷତ୍ରିୟାଧିକାରରେ ସେହି ପ୍ରକାର ଭୋଗେଚ୍ଛାର ପୁଷ୍ଟି ଏବଂ ତତ୍‌ସହାୟକ ବିଦ୍ୟାନିଚୟର ସୃଷ୍ଟି ଓ ଉନ୍ନତି ।

ମହିମାନ୍ୱିତ ଲୋକେଶ୍ୱର କଅଣ ପର୍ଣ୍ଣକୁଟୀରରେ ଉନ୍ନତ ମସ୍ତକ ଲୁକ୍‌କାୟିତ ରଖି ପାରନ୍ତି ବା ଜନସାଧାରଣ-ଲଭ୍ୟ ଭୋଜ୍ୟାଦି ତାହାଙ୍କର ତୃପ୍ତି ସାଧନରେ କ୍ଷମ ହୋଇପାରେ ?

ନରଲୋକରେ ଯାହାଙ୍କର ମହିମାର ତୁଳନା ନାହିଁ, ଦେବତ୍ୱର ଆରୋପ ଯାହାଙ୍କଠାରେ, ତାହାଙ୍କର ଉପଭୋଗ୍ୟ ବସ୍ତୁ ଉପରେ ସାଧାରଣଙ୍କର ଦୃଷ୍ଟିକ୍ଷେପ ତ ମହାପାପ, ଲଭେଚ୍ଛାର ତ କଥା ହିଁ ନାହିଁ । ରାଜଶରୀର ସାଧାରଣ ଶରୀର ସଦୃଶ ନୁହେଁ, ତହିଁରେ ଅଶୌଚାଦି ଦୋଷ ସ୍ପର୍ଶ କରେ ନାହିଁ, ଅନେକ ଦେଶରେ ସେ ଶରୀରର ମୃତ୍ୟୁ ସୁଦ୍ଧା ହୁଏ ନାହିଁ । ଅସୂର୍ଯ୍ୟମ୍ପଶ୍ୟାରୂପା ରାଜଦାରାଗଣ ମଧ୍ୟ ଏହି ଭାବରୁ ସର୍ବତୋଭାବରେ ଲୋକଲୋଚନର ସାକ୍ଷାତ୍‌ରୁ ଆବରିତ । କାର୍ଯ୍ୟତଃ ପର୍ଣ୍ଣକୁଟୀର ସ୍ଥାନରେ ଅଟ୍ଟାଳିକାର ସମୁତ୍‌ଥାନ, ଗ୍ରାମ୍ୟ କୋଳାହଳ ପରିବର୍ତ୍ତେ ମଧୁର କୌଶଳକଳାବିଶିଷ୍ଟ ସଙ୍ଗୀତର ଧରାତଳକୁ ଆଗମନ । ସୁରମ୍ୟ ଆରାମ, ଉପବନ, ମନୋମୋହନ ଆଲେଖ୍ୟନିଚୟ, ଭାସ୍କର୍ଯ୍ୟରତ୍ନାବଳୀ, ସୁକୁମାର କୌଷେୟାଦି ବସ୍ତ୍ର—ଶନୈଃ ପଦସଞ୍ଚାରରେ ପ୍ରାକୃତିକ କାନନ, ଜଙ୍ଗଲ, ସ୍ଥୂଳ ବେଶଭୂଷାଦିର ସ୍ଥାନ ଅଧିକାର କରିବାକୁ ଲାଗିଲା । ଲକ୍ଷ ଲକ୍ଷ ବୁଦ୍ଧିଜୀବୀ ପରିଶ୍ରମ-ବହୁଳ କୃଷିକାର୍ଯ୍ୟ ତ୍ୟାଗ କରି ଅଳ୍ପଶ୍ରମସାଧ୍ୟ ଓ ସୂକ୍ଷ୍ମ ବୁଦ୍ଧିର ରଙ୍ଗଭୂମି ଶତ ଶତ କଳାରେ ମନୋନିବେଶ କଲେ । ଗ୍ରାମର ଗୌରବ ଲୁପ୍ତ ହେଲା । ନଗରର ଆବିର୍ଭାବ ହେଲା ।

ଭାରତବର୍ଷରେ ପୁଣି ବିଷୟଭୋଗତୃପ୍ତ ମହାରାଜଗଣ ଅନ୍ତେ ଅରଣ୍ୟାଶ୍ରୟୀ ହୋଇ ଅଧ୍ୟାତ୍ମବିଦ୍ୟାର ପ୍ରଥମ ଗଭୀର ଆଲୋଚନାରେ ପ୍ରବୃତ୍ତ ହେଉଥିଲେ । ଏତେ ଭୋଗ ପରେ ବୈରାଗ୍ୟ ଆସିବ ହିଁ ଆସିବ । ସେହି ବୈରାଗ୍ୟ ଏବଂ ଗଭୀର ଦାର୍ଶନିକ ଚିନ୍ତାର ଫଳସ୍ୱରୂପ ଅଧ୍ୟାତ୍ମ-ତତ୍ତ୍ୱରେ ଏକାନ୍ତ ଅନୁରାଗ ଏବଂ ମନ୍ତ୍ରବହୁଳ କ୍ରିୟାକାଣ୍ଡମାନଙ୍କରେ ଅତ୍ୟନ୍ତ ବିତୃଷ୍ଣା, ଉପନିଷଦ୍, ଗୀତା ଏବଂ ଜୈନ ଓ ବୌଦ୍ଧମାନଙ୍କର ଗ୍ରନ୍ଥରେ ବିସ୍ତୃତଭାବରେ ପ୍ରସ୍ଫୁରିତ । ଏ ସ୍ଥାନରେ ମଧ୍ୟ ଭାରତରେ ପୌରୋହିତ୍ୟ ଓ ରାଜନ୍ୟ—ଶକ୍ତିଦ୍ୱୟର ବିଷମ କଳହ । କର୍ମ-

କାଣ୍ଡର ବିକ୍ଷେପରେ ପୁରୋହିତର ବୃତ୍ତିନାଶ । ଫଳରେ ସ୍ୱଭାବତଃ ସର୍ବକାଳର ସର୍ବଦେଶର ପୁରୋହିତ ପ୍ରାଚୀନ ରୀତିନୀତିର ରକ୍ଷାରେ ବଦ୍ଧପରିକର; ଅପର ଦିଗରେ 'ଶାପ ଓ ଶର'-ଉଭୟହସ୍ତ[୧] ଜନକାଦି କ୍ଷତ୍ରିୟ-କୁଳ; ସେ ବିଷମ ଦ୍ୱନ୍ଦ୍ୱର କଥା ପୂର୍ବେ କୁହାଯାଇଅଛି ।

ପୁରୋହିତ ଯେପରି ସର୍ବବିଦ୍ୟା କେନ୍ଦ୍ରୀଭୂତ କରିବା ପାଇଁ ସଚେଷ୍ଟ, ରାଜା ସେହିପରି ସକଳ ପାର୍ଥିବଶକ୍ତିକୁ କେନ୍ଦ୍ରୀଭୂତ କରିବା ଲାଗି ଯତ୍ନବାନ୍ । ଉଭୟଙ୍କର ଉପକାରିତା ଅଛି । ଉଭୟ ବସ୍ତୁ ହିଁ ସମୟବିଶେଷରେ ସମାଜର କଲ୍ୟାଣ ପାଇଁ ଆବଶ୍ୟକ; କିନ୍ତୁ ତାହା କେବଳ ସମାଜର ଶୈଶବାବସ୍ଥାରେ । ଯୌବନପୂର୍ଣ୍ଣ-ଦେହ ସମାଜକୁ ବାଲୋପଯୋଗୀ ବସ୍ତ୍ରରେ ବଳପୂର୍ବକ ଆବଦ୍ଧ କରିବାକୁ ଚେଷ୍ଟା କଲେ—ହୁଏତ ସମାଜ ସ୍ୱୀୟ ତେଜରେ ବନ୍ଧନ ଛିନ୍ନ କରି ଅଗ୍ରସର ହୁଏ ଓ ଯେଉଁଠାରେ ତାହା କରିବାକୁ ଅକ୍ଷମ, ସେଠାରେ ଧୀରେ ଧୀରେ ପୁନର୍ବାର ଅସଭ୍ୟାବସ୍ଥାରେ ପରିଣତ ହୁଏ ।

ରାଜା ପ୍ରଜାମାନଙ୍କର ପିତାମାତା—ପ୍ରଜାମାନେ ତାହାଙ୍କର ଶିଶୁ ସନ୍ତାନ । ପ୍ରଜାମାନଙ୍କର ସର୍ବତୋଭାବରେ ରାଜମୁଖାପେକ୍ଷୀ ହୋଇ ରହିବା ଉଚିତ ଏବଂ ରାଜା ସର୍ବଦା ନିରପେକ୍ଷ ହୋଇ ଆପଣାର ଔରସଜାତ ସନ୍ତାନ ସଦୃଶ ସେମାନଙ୍କୁ ପାଳନ କରିବେ । କିନ୍ତୁ ଯେଉଁ ନୀତି ଗୃହରେ ପ୍ରଯୋଜିତ, ତାହା ସମଗ୍ର ଦେଶରେ ମଧ୍ୟ ପ୍ରଯୋଜ୍ୟ । ସମାଜ ଗୃହର ସମଷ୍ଟି ମାତ୍ର । 'ପ୍ରାପ୍ତେ ତୁ ଷୋଡ଼ଶେ ବର୍ଷେ' ଯଦି ପ୍ରତି ପିତାର ପୁତ୍ରକୁ ମିତ୍ରପରି ଗ୍ରହଣ କରିବା ଉଚିତ, ସମାଜ-ଶିଶୁ କି ସେହି ଷୋଡ଼ଶବର୍ଷ କେବେ ହେଁ ପ୍ରାପ୍ତ ହୁଏ ନାହିଁ ? ଇତିହାସର ସାକ୍ଷ୍ୟ ଏହି ଯେ, ସକଳ ସମାଜ ହିଁ ଗୋଟିଏ ସମୟରେ ଉକ୍ତ ଯୌବନଦଶାରେ ଉପନୀତ ହୁଏ ଏବଂ ସକଳ ସମାଜରେ ସାଧାରଣ ବ୍ୟକ୍ତିନିଚୟଙ୍କ ସହିତ ଶକ୍ତିମାନ୍ ଶାସନକାରୀମାନଙ୍କର ସଂଘର୍ଷ ଉପସ୍ଥିତ ହୁଏ । ଏ ଯୁଦ୍ଧରେ ଜୟ ପରାଜୟ ଉପରେ ସମାଜର ପ୍ରାଣ-ବିକାଶ ଓ ସଭ୍ୟତା ନିର୍ଭର କରେ ।

ଭାରତବର୍ଷ ଧର୍ମପ୍ରାଣ, ଧର୍ମ ହିଁ ଏ ଦେଶର ଭିତ୍ତି ଏବଂ ସକଳ ଉଦ୍ୟମର ଚିହ୍ନ । ବାରମ୍ବାର ଏ ବିପ୍ଳବ ଭାରତରେ ମଧ୍ୟ ଘଟିଅଛି । କେବଳ ଏ ଦେଶରେ ତାହା ଧର୍ମ ନାମରେ ସଂସାଧିତ । ଚାର୍ବାକ୍, ଜୈନ, ବୌଦ୍ଧ, ଶଙ୍କର, ରାମାନୁଜ, କବୀର, ନାନକ, ଚୈତନ୍ୟ, ବ୍ରାହ୍ମସମାଜ, ଆର୍ଯ୍ୟସମାଜ ଇତ୍ୟାଦି ସମସ୍ତ ସମ୍ପ୍ରଦାୟ ମଧ୍ୟରେ ସମ୍ମୁଖରେ ଫେନିଳ ବଜ୍ରଘୋଷୀ ଧର୍ମତରଙ୍ଗ, ପଶ୍ଚାତ୍‌ରେ ସମାଜନୈତିକ ଅଭାବର ପୂରଣ । ଅର୍ଥହୀନ ଶବ୍ଦନିଚୟର ଉଚ୍ଚାରଣଦ୍ୱାରା ଯଦି ସର୍ବକାମନା ସିଦ୍ଧ ହୁଏ, ତାହାହେଲେ କିଏ ଆଉ ବାସନାତୃପ୍ତି ନିମିତ୍ତ କଷ୍ଟସାଧ୍ୟ ପୁରୁଷକାରକୁ ଅବଲମ୍ବନ କରିବ ? ସମଗ୍ର ସମାଜ ଶରୀରରେ ଯଦି ଏହି ରୋଗ ପ୍ରବେଶ କରେ, ସମାଜ ଏକାବେଳକେ ଉଦ୍ୟମବିହୀନ ହୋଇ ବିନାଶ-ପ୍ରାପ୍ତ ହେବ । କାର୍ଯ୍ୟତଃ ପ୍ରତ୍ୟକ୍ଷବାଦୀ ଚାର୍ବାକ୍‌ମାନଙ୍କର ହୃତ୍‌ମାଂସଭେଦୀ ଶ୍ଳେଷର ଆବିର୍ଭାବ । ପଶୁମେଧ, ନରମେଧ, ଅଶ୍ୱମେଧ ଇତ୍ୟାଦି ବହୁଳ କର୍ମକାଣ୍ଡର ପ୍ରାଣ-ନିଷ୍ପୀଡ଼କ ଭାରରୁ ସମାଜକୁ

---

୧ କ୍ଷାତ୍ର ଓ ମନ୍ତ୍ରଶକ୍ତି ଯାହାଙ୍କର ସହାୟ

ସଦାଗ୍ରେର ଓ ଜ୍ଞାନମାହାତ୍ମ୍ୟ ଜୈନ ଏବଂ ଅଧିକାଂଶ ଜାତିମାନଙ୍କର ନିଦାରୁଣ ଅତ୍ୟାଗ୍ରରୁ ନିମ୍ନସ୍ତରସ୍ଥ ମନୁଷ୍ୟକୁଳକୁ ବୌଦ୍ଧ-ବିପ୍ଳବ ଭିନ୍ନ କିଏ ଉଦ୍ଧାର କରନ୍ତା ? ଯେତେବେଳେ ବୌଦ୍ଧଧର୍ମର ପ୍ରବଳ ସଦାଗ୍ରର ମହା ଅନାଗ୍ରରେ ପରିଣତ ହେଲା ଓ ସାମ୍ୟବାଦର ଆତିଶଯ୍ୟରେ ସ୍ୱଗୃହରେ ପ୍ରବିଷ୍ଟ ନାନା ବର୍ବର ଜାତିର ପୈଶାଚିକ ନୃତ୍ୟରେ ସମାଜ ଟଳଟଳାୟମାନ ହେଲା, ସେତେବେଳେ ଯଥାସମ୍ଭବ ପୂର୍ବଭାବ ପୁନଃସ୍ଥାପନ ନିମିତ୍ତ ଶଙ୍କର ଓ ରାମାନୁଜଙ୍କର ଚେଷ୍ଟା । ପୁଣି କବୀର, ନାନକ, ଚୈତନ୍ୟ, ବ୍ରାହ୍ମସମାଜ ଓ ଆର୍ଯ୍ୟସମାଜ ଜନ୍ମଗ୍ରହଣ ନ କରିଥିଲେ ହିନ୍ଦୁ ଅପେକ୍ଷା ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ସଂଖ୍ୟା ଯେ ଭାରତରେ ଅନେକ ଅଧିକ ହୋଇଥାଆନ୍ତା, ସେଥିରେ ସନ୍ଦେହ ମାତ୍ର ନାହିଁ ।

ନାନା ଧାତୁବିଶିଷ୍ଟ ଶରୀର ଓ ଅନନ୍ତ-ଭାବ-ତରଙ୍ଗଶାଳୀ ଚିତ୍ତର ଭୋଜ୍ୟ ଦ୍ରବ୍ୟ ସଦୃଶ ପ୍ରକୃଷ୍ଟ ଉପାଦାନ ଆଉ କଅଣ ? କିନ୍ତୁ ଯେଉଁ ଖାଦ୍ୟ ଦେହରକ୍ଷା ଓ ମନର ବଳ ସମାଧାନରେ ଏକାନ୍ତ ଆବଶ୍ୟକ, ତାହାର ଶେଷାଂଶ ଯଥାସମୟରେ ଶରୀରରୁ ବହିଷ୍କୃତ ହୋଇ ନ ପାରିଲେ ସବୁ ଅନର୍ଥର ମୂଳ ହୁଏ ।

## ବ୍ୟଷ୍ଟି ଓ ସମଷ୍ଟି ଜୀବନ

ସମଷ୍ଟିର ଜୀବନରେ ବ୍ୟଷ୍ଟିର ଜୀବନ, ସମଷ୍ଟିର ସୁଖରେ ବ୍ୟଷ୍ଟିର ସୁଖ, ସମଷ୍ଟିକୁ ଛାଡ଼ି ବ୍ୟଷ୍ଟିର ଅସ୍ତିତ୍ୱ ମଧ୍ୟ ଅସମ୍ଭବ—ଏ ଅନନ୍ତ ସତ୍ୟ—ଜଗତର ମୂଳ ଭିତ୍ତି । ଅନନ୍ତ ସମଷ୍ଟି ଦିଗରେ ସହାନୁଭୂତି ଯୋଗେ ତାହାର ସୁଖରେ ସୁଖ ଏବଂ ଦୁଃଖରେ ଦୁଃଖ ଭୋଗ କରି ଧୀରେ ଧୀରେ ଅଗ୍ରସର ହେବାଟା ବ୍ୟଷ୍ଟିର ଏକମାତ୍ର କର୍ତ୍ତବ୍ୟ । କେବଳ କର୍ତ୍ତବ୍ୟ ନୁହେଁ, ଏହାର ବ୍ୟତିକ୍ରମରେ ମୃତ୍ୟୁ—ପାଳନରେ ଅମରତ୍ୱ । ପ୍ରକୃତିର ଚକ୍ଷୁରେ ଧୂଳି ଦେବାର ଶକ୍ତି କାହାର ? ସମାଜର ଚକ୍ଷୁରେ ଅନେକ ଦିନ ପଟି ବାନ୍ଧି ରଖିବା ଚଳେ ନାହିଁ । ଉପରେ ଆବର୍ଜନା ରାଶି ଯେତେ ସଞ୍ଚିତ ହେଉ ନା କାହିଁକି, ସେହି ସ୍ତୂପର ତଳ-ଦେଶରେ ପ୍ରେମ-ସ୍ୱରୂପ ନିଃସ୍ୱାର୍ଥ ସାମାଜିକ ଜୀବନର ପ୍ରାଣସ୍ପନ୍ଦନ ହେଉଅଛି । ସର୍ବଂସହା ଧରିତ୍ରୀ ପରି ସମାଜ ଅନେକ ସହେ; କିନ୍ତୁ ଦିନେ ନା ଦିନେ ଜାଗି ଉଠେ ଏବଂ ସେହି ଉଦ୍‌ବୋଧନର ବୀର୍ଯ୍ୟଦ୍ୱାରା ଯୁଗଯୁଗାନ୍ତରରୁ ସଞ୍ଚିତ ମଳିନତା ଓ ସ୍ୱାର୍ଥପରତାରାଶି ଦୂରକୁ ନିକ୍ଷିପ୍ତ ହୁଏ ।

ତମସାଚ୍ଛନ୍ନ ପାଶବ-ପ୍ରକୃତି-ବିଶିଷ୍ଟ ମନୁଷ୍ୟ ଆମେ ସହସ୍ରଥର ଠିକି ମଧ୍ୟ ଏହି ମହାନ୍ ସତ୍ୟରେ ବିଶ୍ୱାସ କରୁ ନାହିଁ । ସହସ୍ରଥର ଠିକି ମଧ୍ୟ ପୁନଶ୍ଚ ଠକାଇବାକୁ ଯାଇ ଉନ୍ମତ୍ତବତ୍ କଳ୍ପନା କରୁ ଯେ, ଆମେ ପ୍ରକୃତିକୁ ବଞ୍ଚନା କରିବାରେ କ୍ଷମ । ଅତ୍ୟଳ୍ପଦର୍ଶୀ —ମନେକରୁଁ ଯେ, କୌଣସି ପ୍ରକାରେ ହେଉ ନିଜର ସ୍ୱାର୍ଥସାଧନଟି ଜୀବନର ଚରମ ଉଦ୍ଦେଶ୍ୟ ।

ବିଦ୍ୟା, ବୁଦ୍ଧି, ଧନ, ଜନ, ବଳ, ବୀର୍ଯ୍ୟ, ଯାହା କିଛି ପ୍ରକୃତି ଆମଠାରେ ସଞ୍ଚିତ କରନ୍ତି, ତାହା ପୁନର୍ବାର ସଞ୍ଚାର ନିମିତ୍ତ—ଏକଥା ମନେ ରହେ ନାହିଁ । ଗଚ୍ଛିତ ଧନରେ

ଆତ୍ମତୁଷ୍ଟି ହୁଏ, ସୁତରାଂ ସର୍ବନାଶର ସୂତ୍ରପାତ ।

ପ୍ରଜାସମଷ୍ଟିର ଶକ୍ତିକେନ୍ଦ୍ରରୂପ ରାଜା ଅତିଶୀଘ୍ର ଭୁଲିଯା'ନ୍ତି ଯେ, ତାହାଙ୍କଠାରେ ଶକ୍ତିସଞ୍ଚୟ କେବଳ 'ସହସ୍ରଗୁଣମୁତ୍ସ୍ରଷ୍ଟୁଂ' । ବେଣ[1] ରାଜାଙ୍କ ପରି ସେ ନିଜଠାରେ ସର୍ବଦେବତ୍ୱର ଆରୋପ କରି ଅନ୍ୟ ପୁରୁଷଙ୍କୁ କେବଳ ହୀନ ମନୁଷ୍ୟ ଭାବରେ ଦେଖନ୍ତି । 'ସୁ' ହେଉ ବା 'କୁ' ହେଉ, ତାହାଙ୍କର ଇଚ୍ଛାର ବ୍ୟାଘାତ ହେଉଛି ମହାପାପ । ପାଳନ ସ୍ଥାନରେ କାର୍ଯ୍ୟତଃ ପୀଡ଼ନ ଆସି ପଡ଼େ—ରକ୍ଷଣ ସ୍ଥାନରେ ଭକ୍ଷଣ । ଯଦି ସମାଜ ନିର୍ବୀର୍ଯ୍ୟ ହୁଏ, ନୀରବରେ ସହ୍ୟ କରେ, ରାଜା ଓ ପ୍ରଜା ଉଭୟେ ହୀନରୁ ହୀନତର ଅବସ୍ଥାରେ ଆସି ଉପସ୍ଥିତ ହୁଅନ୍ତି ଏବଂ ଶୀଘ୍ର ଅନ୍ୟ ବୀର୍ଯ୍ୟବାନ୍ ଜାତିର ଭକ୍ଷ୍ୟ ରୂପରେ ପରିଣତ ହୁଅନ୍ତି । ଯେଉଁଠାରେ ସମାଜଶରୀର ବଳବାନ୍, ଶୀଘ୍ର ଅତି ପ୍ରବଳ ପ୍ରତିକ୍ରିୟା ଉପସ୍ଥିତ ହୁଏ ଏବଂ ତାହାର ଆସ୍ଫାଳନରେ ଛତ୍ର, ଦଣ୍ଡ, ଚାମରାଦି ଅତି ଦୂରରେ ବିକ୍ଷିପ୍ତ ଓ ସିଂହାସନାଦି ଚିତ୍ରଶାଳିକାରକ୍ଷିତ ପ୍ରାଚୀନ ଦ୍ରବ୍ୟବିଶେଷ ପରି ହୋଇପଡ଼େ ।

## ବୈଶ୍ୟଶକ୍ତି

ଯେଉଁ ମହାଶକ୍ତିର ଭ୍ରୂଭଙ୍ଗରେ 'ଥରଥର ରକ୍ଷନାଥ କମ୍ପେ ଲଙ୍କାପୁରେ', ଯାହାର ହସ୍ତଧୃତ ସ୍ୱର୍ଣ୍ଣଖଣ୍ଡରୂପକ ଦକାଣ୍ଡର ପ୍ରତ୍ୟାଶାରେ ମହାରାଜଠାରୁ ଭିକ୍ଷୁକ ପର୍ଯ୍ୟନ୍ତ ବକପଙ୍କ୍ତି ପରି ବିନୀତ ମସ୍ତକରେ ପଶ୍ଚାଦ୍‌ଗମନ କରୁଅଛନ୍ତି, ସେହି ବୈଶ୍ୟଶକ୍ତିର ବିକାଶ ହିଁ ପୂର୍ବୋକ୍ତ ପ୍ରତିକ୍ରିୟାର ଫଳ ।

ବ୍ରାହ୍ମଣ କହିଲେ—ବିଦ୍ୟା ସବୁ ବଳର ବଳ, ମୁଁ ସେହି ବିଦ୍ୟା-ଉପଜୀବୀ, ସମାଜ ମୋର ଶାସନରେ ଚଳିବ । ଦିନାକେତେ ତାହା ହିଁ ହେଲା । କ୍ଷତ୍ରିୟ କହିଲେ—ଆମର ଅସ୍ତ୍ରବଳ ନ ଥିଲେ ବିଦ୍ୟାବଳ କେଉଁଦିନୁ ଲୋପ ପାଇଯାଇଥା'ନ୍ତା, ମୁଁ ହିଁ ଶ୍ରେଷ୍ଠ । କୋଷ ମଧ୍ୟରେ ଅସି-ଝନତ୍କାର ହେଲା, ସମାଜ ଅବନତ ମସ୍ତକରେ ଗ୍ରହଣ କଲା । ବିଦ୍ୟାର ଉପାସକ ମଧ୍ୟ ସର୍ବାଗ୍ରେ ରାଜୋପାସକରେ ପରିଣତ ହେଲେ । ବୈଶ୍ୟ କହୁଛନ୍ତି, "ଉନ୍ମାଦ ! 'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରଂ' ବୋଲି ତୁମେ ଯାହାକୁ କହୁଛ, ସେ ହିଁ ହେଉଛନ୍ତି ଏହି ମୁଦ୍ରାରୂପୀ ଅନନ୍ତ ଶକ୍ତିମାନ୍, ମୋହରି ହାତରେ । ଦେଖ, ଏହାର କୃପାରୁ ମୁଁ ମଧ୍ୟ ସର୍ବଶକ୍ତିମାନ୍ । ହେ ବ୍ରାହ୍ମଣ, ତୁମର ତପ, ଜପ, ବିଦ୍ୟାବୁଦ୍ଧି ଏହାର ପ୍ରସାଦରେ ମୁଁ ବର୍ତ୍ତମାନ କ୍ରୟ କରିବି । ହେ ମହାରାଜ, ତୁମର ଅସ୍ତ୍ରଶସ୍ତ୍ର, ତେଜବୀର୍ଯ୍ୟ ଏହାର କୃପାରୁ

[1] ବେଣ—ଭାଗବତୋକ୍ତ ରାଜା-ବିଶେଷ । କଥିତ ଅଛି, ସେ ନିଜକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବଗଣଙ୍କ ଅପେକ୍ଷା ଶ୍ରେଷ୍ଠ ଓ ପୂଜନୀୟ ବୋଲି ପ୍ରଚାର କରୁଥିଲେ । ଋଷିଗଣ ତାହାଙ୍କର ଏ ଅହଂକାର ଦୂର କରିବା ପାଇଁ କୌଣସି ସମୟରେ ସଦୁପଦେଶ ଦେବାକୁ ଆସିଲେ । ସେ ସେମାନଙ୍କୁ ତିରସ୍କାର କଲେ ଏବଂ ନିଜକୁ ପୂଜା କରିବାକୁ କହିବାରୁ ସେମାନଙ୍କ କୋପାନଳରେ ନିହତ ହେଲେ । ଭଗବାନ୍ ବିଷ୍ଣୁଙ୍କର ଅବତାର ବୋଲି ଗଣ୍ୟ ମହାରାଜ ପୃଥୁ ଏହି ବେଣ ରାଜାଙ୍କର ବାହୁମନ୍ଥନରୁ ଉତ୍ପନ୍ନ ।

ମୋହର ଅଭିମତସିଦ୍ଧ ପାଇଁ ପ୍ରଯୁକ୍ତ ହେବ । ଏହି ଯେ ଅତିବିସ୍ତୃତ, ଅତ୍ୟୁନ୍ନତ କାରଖାନା ସବୁ ଦେଖୁଅଛ, ଏମାନେ ମୋହର ମଧୁକ୍ରମ । ହେଇ ଦେଖ, ଅସଂଖ୍ୟ ମକ୍ଷିକାରୂପୀ ଶୂଦ୍ର-ବର୍ଗ ତହିଁରେ ଅନବରତ ମଧୁ ସଞ୍ଚୟ କରୁଛନ୍ତି; କିନ୍ତୁ ସେ ମଧୁ ପାନ କରିବ କିଏ ? ମୁଁ— ଯଥାକାଳେ ମୁଁ ପଶ୍ଚାଦ୍ଦେଶରୁ ସମସ୍ତ ମଧୁ ନିଷ୍ପୀଡ଼ନ କରି ନେଉଅଛି ।''

ବ୍ରାହ୍ମଣ କ୍ଷତ୍ରିୟାଧିପତ୍ୟରେ ଯେଉଁ ପ୍ରକାର ବିଦ୍ୟା ଓ ସଭ୍ୟତାର ସଞ୍ଚୟ, ବୈଶ୍ୟାଧିକାରରେ ସେହି ପ୍ରକାର ଧନର । ଯେଉଁ ଝଙ୍କାର ଝଙ୍କାର ଶ୍ରୁତିବର୍ଣ୍ଣର ମନୋହରଣ କରିବାକୁ କ୍ଷମ, ବୈଶ୍ୟର ବଳ ସେହି ଧନ । ସେହି ଧନ କାଳେ ବ୍ରାହ୍ମଣ ଠକାଇବ, ଅବା କ୍ଷତ୍ରିୟ ବଳାତ୍କାରଦ୍ୱାରା ନେଇଯିବ, ବୈଶ୍ୟର ସଦା ସର୍ବଦା ଏହି ଭୟ । ଆତ୍ମରକ୍ଷାର୍ଥ ସେଥିଯୋଗୁଁ ଶ୍ରେଷ୍ଠୀକୁଳ ଏକମତ । କୁସୀଦ-କଶାହସ୍ତ ବଣିକ—ସମସ୍ତଙ୍କର ହୃତ୍କମ୍ପ-ଉତ୍ପାଦକ । ଅର୍ଥବଳରେ ରାଜଶକ୍ତିକୁ ସଂକ୍ଷିପ୍ତ କରିବା ବିଷୟରେ ବଣିକ ସର୍ବଦା ବ୍ୟସ୍ତ । ଯାହାଦ୍ୱାରା ରାଜଶକ୍ତି ବୈଶ୍ୟବର୍ଗର ଧନଧାନ୍ୟ ସଞ୍ଚୟରେ କୌଣସି ବାଧା ନ ଜନ୍ମାଇ-ପାରେ, ସେଥିପାଇଁ ବଣିକ ସଦା ସଚେଷ୍ଟ; କିନ୍ତୁ ଶୂଦ୍ରକୁଳରେ ସେହି ଶକ୍ତିର ସଞ୍ଚାର ହେଉ, ଏ ଇଚ୍ଛା ବଣିକର ଆଦୌ ନାହିଁ ।

'ବଣିକ କେଉଁ ଦେଶକୁ ନ ଯାଏ ?' ନିଜେ ଅଜ୍ଞ ହୋଇ ମଧ୍ୟ ବାଣିଜ୍ୟର ଅନୁରୋଧରେ ଏକ ଦେଶର ବିଦ୍ୟାବୁଦ୍ଧି ଓ କଳାକୌଶଳ ବଣିକ ଅନ୍ୟ ଦେଶକୁ ଘେନିଯାଏ । ଯେଉଁ ବିଦ୍ୟା, ସଭ୍ୟତା ଓ କଳାବିଳାସରୂପକ ରୁଧିର ବ୍ରାହ୍ମଣ ଓ କ୍ଷତ୍ରିୟା-ଧିକାରରେ ସମାଜର ହୃତ୍ପିଣ୍ଡରେ ପୁଞ୍ଜୀକୃତ ହୋଇଥିଲା, ବଣିକର ପଣ୍ୟଗାର୍ଥ ନାଭିମୁଖୀ ପନ୍ଥାନିଚୟରୂପ ଧମନୀଦ୍ୱାରା ତାହା ସର୍ବତ୍ର ସଞ୍ଚାରିତ ହେଉଅଛି । ଏହି ବୈଶ୍ୟ-ପ୍ରାଦୁର୍ଭାବ ବ୍ୟତୀତ ଆଜି ଏକପ୍ରାନ୍ତର ଭକ୍ଷ୍ୟ, ଭୋଜ୍ୟ, ସଭ୍ୟତା, ବିଳାସ ଓ ବିଦ୍ୟା ଅନ୍ୟ ପ୍ରାନ୍ତକୁ କିଏ ଘେନିଯାନ୍ତା ?

## ଶୂଦ୍ର-ଜାଗରଣ

ଆଉ ଯେଉଁମାନଙ୍କର ଶାରୀରିକ ପରିଶ୍ରମରେ ବ୍ରାହ୍ମଣର ଆଧିପତ୍ୟ, କ୍ଷତ୍ରିୟର ଐଶ୍ୱର୍ଯ୍ୟ ଓ ବୈଶ୍ୟର ଧନଧାନ୍ୟ ସମ୍ଭବ, ସେମାନେ କେଉଁଠି ? ସମାଜର ଯେଉଁମାନେ ସର୍ବାଙ୍ଗ ହୋଇ ମଧ୍ୟ ସର୍ବଦେଶ ଓ ସର୍ବକାଳରେ 'ଜଘନ୍ୟପ୍ରଭବୋ ହି ସଃ' ବୋଲି ଅଭିହିତ, ସେମାନଙ୍କର ବୃତ୍ତାନ୍ତ କ'ଣ ? ଯେଉଁମାନଙ୍କର ବିଦ୍ୟାଲିପ୍ସେଚ୍ଛାରୂପକ ଗୁରୁତର ଅପରାଧରୁ ଭାରତରେ 'ଜିହ୍ୱାଚ୍ଛେଦ ଶରୀରଭେଦାଦି' ଦୟାପୂର୍ଣ୍ଣ ଦଣ୍ଡମାନ ପ୍ରଚଳିତ ଥିଲା, ଭାରତର ସେହି 'ଚଳମାନ ଶ୍ମଶାନ', ଭାରତେତର ଦେଶର 'ଭାରବାହୀ ପଶୁ' ସେହି ଶୂଦ୍ରଜାତିର ଗତି କଅଣ ହେଲା ? ଏ ଦେଶର କଥା କଅଣ କହିବ ? ଶୂଦ୍ରମାନଙ୍କର କଥା ଦୂରେ ଥାଉ, ଭାରତର ବ୍ରହ୍ମଣ୍ୟ ଏବେଣି ଅଧ୍ୟାପକ ଗୌରାଙ୍ଗଙ୍କଠାରେ, କ୍ଷତ୍ରିୟତ୍ୱ ରାଜଚକ୍ରବର୍ତ୍ତୀ ଇଂରେଜଙ୍କଠାରେ, ବୈଶ୍ୟତ୍ୱ ମଧ୍ୟ ଇଂରାଜର ଅସ୍ଥିମଜ୍ଜାରେ । ଭାରତବାସୀ-ଙ୍କର କେବଳ ଭାରବାହୀ ପଶୁତ୍ୱ, କେବଳ ଶୂଦ୍ରତ୍ୱ । ଦୁର୍ଭେଦ୍ୟ ତମସାବରଣ ଏବେ

ସମସ୍ତଙ୍କୁ ସମାନଭାବରେ ଆଚ୍ଛନ୍ନ କରିଅଛି । ଏବେ ଚେଷ୍ଟାରେ ତେଜ ନାହିଁ, ଉଦ୍ୟୋଗରେ ସାହସ ନାହିଁ, ମନରେ ବଳ ନାହିଁ, ଅପମାନରେ ଘୃଣା ନାହିଁ, ଦାସତ୍ୱରେ ଅରୁଚି ନାହିଁ, ହୃଦୟରେ ପ୍ରୀତି ନାହିଁ, ପ୍ରାଣରେ ଆଶା ନାହିଁ; ଅଛି ପ୍ରବଳ ଈର୍ଷା, ସ୍ୱଜାତିଦ୍ୱେଷ; ଅଛି ଦୁର୍ବଳର 'ଯେନ ତେନ ପ୍ରକାରେଣ' ସର୍ବନାଶସାଧନରେ ଏକାନ୍ତ ଇଚ୍ଛା, ଆଉ ବଳବାନର କୁକ୍କୁରବତ୍ ପଦଲେହନ । ବର୍ତ୍ତମାନ ତୃପ୍ତି ଐଶ୍ୱର୍ଯ୍ୟ-ପ୍ରଦର୍ଶନରେ, ଭକ୍ତି ସ୍ୱାର୍ଥସାଧନରେ, ଜ୍ଞାନ ଅନିତ୍ୟ-ବସ୍ତୁ-ସଂଗ୍ରହରେ, ଯୋଗ ପୈଶାଚିକ ଆଚାରରେ, କର୍ମ ପରର ଦାସତ୍ୱରେ, ସଭ୍ୟତା ବିଜାତୀୟ ଅନୁକରଣରେ, ବାଗ୍ମିତ୍ୱ କଟୁ ଭାଷଣରେ, ଭାଷାର ଉତ୍କର୍ଷ ଧନୀଙ୍କଙ୍କର ଅତ୍ୟଦ୍ଭୁତ ଚାଟୁବାଦରେ ବା ଜଘନ୍ୟ ଅଶ୍ଳୀଳତା-ବିସ୍ତାରଣରେ । ଏହି ଶୂଦ୍ରପୂର୍ଣ୍ଣ ଦେଶରେ ଶୂଦ୍ରଙ୍କର କଥା ବା କ'ଣ କହିବି ! ଭାରତେତର ଦେଶର ଶୂଦ୍ରକୁଳ ଯେପରି କିମ୍ବତ୍ ଜାଗ୍ରତ ହୋଇଛନ୍ତି; କିନ୍ତୁ ସେମାନଙ୍କର ବିଦ୍ୟା ନାହିଁ, ଅଛି କେବଳ ଶୂଦ୍ର-ସାଧାରଣ ସ୍ୱଜାତିଦ୍ୱେଷ । ସଂଖ୍ୟାରେ ବହୁ ହେଲେ କଅଣ ହେବ ? ଯେଉଁ ଏକତା ବଳରେ ଦଶ ଜଣ ଲକ୍ଷେ ଲୋକଙ୍କର ଶକ୍ତି ସଂଗ୍ରହ କରନ୍ତି, ସେ ଏକତା ଶୂଦ୍ରଠାରୁ ବର୍ତ୍ତମାନ ମଧ୍ୟ ବହୁ ଦୂରରେ; ଶୂଦ୍ରଜାତି ମାତ୍ରେ ଏଥିଯୋଗୁଁ ନୈସର୍ଗିକ ନିୟମରେ ପରାଧୀନ ।

କିନ୍ତୁ ଆଶା ଅଛି । କାଳ-ପ୍ରଭାବରେ ବ୍ରାହ୍ମଣାଦି ବର୍ଣ୍ଣ ମଧ୍ୟ ଶୂଦ୍ରର ନିମ୍ନାସନକୁ ସମାନୀତ ହେଉଅଛନ୍ତି ଓ ଶୂଦ୍ରଜାତି ମଧ୍ୟ ଉଚ୍ଚ ସ୍ଥାନକୁ ଉତ୍ତୋଳିତ ହେଉଛନ୍ତି । ଶୂଦ୍ରପୂର୍ଣ୍ଣ ରୋମକଦାସ ଇଉରୋପ କ୍ଷତ୍ରିୟବୀର୍ଯ୍ୟରେ ପରିପୂର୍ଣ୍ଣ । ମହାବଳ ଚୀନ୍ ଆମ ସମକ୍ଷରେ ଦ୍ରୁତ ପଦସଞ୍ଚାରରେ ଶୂଦ୍ରତ୍ୱ ପ୍ରାପ୍ତ ହେଉଅଛି, ନଗଣ୍ୟ ଜାପାନ କ୍ଷିପ୍ରବେଗରେ ଶୂଦ୍ରତ୍ୱକୁ ଦୂରକୁ ପକାଇ କ୍ରମଶଃ ଉଚ୍ଚବର୍ଣ୍ଣାଧିକାର ଲାଭ କରୁଅଛି । ଆଧୁନିକ ଗ୍ରୀସ୍ ଓ ଇଟାଲିର କ୍ଷତ୍ରିୟତାପତ୍ତି ଓ ତୁରସ୍କ-ସ୍ପେନାଦିର ନିମ୍ନାଭିମୁଖୀ ପତନ ମଧ୍ୟ ଏ ସ୍ଥଳରେ ବିବେଚ୍ୟ ।

ତଥାପି ଏପରି ସମୟ ଆସିବ, ଯେତେବେଳେ ଶୂଦ୍ରତ୍ୱ ସହିତ ଶୂଦ୍ରର ପ୍ରାଧାନ୍ୟ ହେବ, ଅର୍ଥାତ୍ ବୈଶ୍ୟତ୍ୱ କ୍ଷତ୍ରିୟତ୍ୱ ଲାଭ କରି ଶୂଦ୍ରଜାତି ଯେଉଁ ପ୍ରକାର ବଳବୀର୍ଯ୍ୟ ବିକାଶ କରୁଅଛି, ସେପରି ନୁହେଁ, ଶୂଦ୍ରଧର୍ମ-କର୍ମ ସହିତ ସର୍ବଦେଶର ଶୂଦ୍ରମାନେ ସମାଜରେ ଏକାଧିପତ୍ୟ ଲାଭ କରିବେ । ତାହାର ପୂର୍ବାଭାସଚ୍ଛଟା ପାଶ୍ଚାତ୍ୟ ଜଗତରେ ଧୀରେ ଧୀରେ ଉଦିତ ହେଉଅଛି ଏବଂ ସମସ୍ତେ ତାହାର ଫଳାଫଳ ଭାବି ବ୍ୟାକୁଳ । ସୋସ୍ୟାଲିଜମ୍, ଆନାର୍କିଜମ୍, ନିହିଲିଜମ୍[୧] ପ୍ରଭୃତି ସମ୍ପ୍ରଦାୟ ଏହି ବିପ୍ଳବର ଅଗ୍ରଗାମୀ ଧ୍ୱଜା । ଯୁଗ-

[୧] ସୋସ୍ୟାଲିଜମ୍ (Socialism)—୧୮୩୫ ଖ୍ରୀ:ଅ:ରେ ଇଉରୋପରେ ଏହି ମତର ଉତ୍ପତ୍ତି ହୋଇ ତାହାର ଭାବ ପ୍ରାୟ ସବୁ ଦେଶରେ ବିସ୍ତୃତ ହୋଇଅଛି ଓ ହେଉଅଛି । ଅର୍ଥନୀତି ଉପରେ ଏହି ମତର ପ୍ରଧାନ ଭିତ୍ତି । ଏହି ମତର ନାନା ପ୍ରକାର ଭେଦ ଅଛି । ଏହାର ସାର କଥାଟା ଏହି ଯେ, ବ୍ୟକ୍ତିଗତ ପରସ୍ପର-ପ୍ରତିଯୋଗୀ ମୂଳଧନକୁ ଯୌଥସମଷ୍ଟି ମୂଳଧନରେ ପରିଣତ କରିବା, ଯହିଁରେ ଶ୍ରମଜୀବୀମାନେ ସାମାନ୍ୟ ମାତ୍ର ବେତନ ନ ପାଇ, ମୂଳଧନୀଙ୍କର ଠିକ୍ ଅନୁରୂପ ନ ହେଲେ ହେଁ ଅନ୍ତତଃ ବର୍ତ୍ତମାନଠାରୁ ଅଧିକ ପରିମାଣରେ ଲାଭବାନ୍ ହୋଇପାରନ୍ତି ।

ଯୁଗାନ୍ତରର ପେଷଣ ଫଳରୁ ଶୂଦ୍ରମାନେ ହୁଏତ କୁକୁରବତ୍ ପଦଲେହକ ନତୁବା ହିଂସ୍ର-ପଶୁବତ୍ ନୃଶଂସ । ପୁନଶ୍ଚ ଚିରକାଳ ସେମାନଙ୍କର ବାସନା ନିଷ୍ଫଳ । ଏଥିପାଇଁ ଦୃଢ଼ତା ଓ ଅଧ୍ୟବସାୟ ସେମାନଙ୍କର ଏକାବେଳକେ ନାହିଁ ।

ପାଶ୍ଚାତ୍ୟ ଦେଶରେ ଶିକ୍ଷା-ବିସ୍ତାର ସତ୍ତ୍ୱେ ଶୂଦ୍ରଜାତିର ଅଭ୍ୟୁତ୍ଥାନର ଗୋଟିଏ ବିଷମ ପ୍ରତ୍ୟବାୟ ଅଛି । ତାହା ହେଉଛି ଗୁଣଗତ ଜାତି । ସେହି ଗୁଣଗତ ଜାତି ପ୍ରାଚୀନ କାଳରେ ଏହି ଦେଶରେ ମଧ୍ୟ ପ୍ରଚଳିତ ରହି ଶୂଦ୍ରକୁଳକୁ ଦୃଢ଼ ବନ୍ଧନରେ ଆବଦ୍ଧ କରି ରଖିଥିଲା । ଶୂଦ୍ରଜାତିର ପ୍ରଥମତଃ ବିଦ୍ୟାର୍ଜନ ବା ଧନସଞ୍ଚୟର ସୁବିଧା ଖୁବ୍ ଅଳ୍ପ; ତାହା ଉପରେ ଯଦି କାଳକ୍ରମେ ଜଣେ ଦୁଇଜଣ ଅସାଧାରଣ ପୁରୁଷ ଶୂଦ୍ରକୁଳରେ ଉତ୍ପନ୍ନ ହୁଅନ୍ତି, ଅଭିଜାତ ସମାଜ ତତ୍‌କ୍ଷଣାତ୍ ତାହାଙ୍କୁ ଉପାଧି-ମଣ୍ଡିତ କରି ଆପଣା ମଣ୍ଡଳୀକୁ ଉଠାଇ ନିଅନ୍ତି । ସେମାନଙ୍କର ବିଦ୍ୟାର ପ୍ରଭାବ ଓ ଧନର ଭାଗ ଅପର ଜାତିର ଉପକାରରେ ଲାଗେ, ଆଉ ତାଙ୍କ ନିଜର ଜାତି ତାଙ୍କ ବିଦ୍ୟା, ବୁଦ୍ଧି ଓ ଧନ କିଛି ପାଏ ନାହିଁ । କେବଳ ଏତିକି ନୁହେଁ, ଉପରିତନ ଜାତିର ଆବର୍ଜନାରାଶିରୂପ ଅକର୍ମଣ୍ୟ ମନୁଷ୍ୟଗଣ ଶୂଦ୍ରବର୍ଗଙ୍କ ମଧ୍ୟରେ ନିକ୍ଷିପ୍ତ ହୁଅନ୍ତି ।

ବେଶ୍ୟାପୁତ୍ର ବଶିଷ୍ଠ[୧] ଓ ନାରଦ, ଦାସୀପୁତ୍ର ସତ୍ୟକାମ ଜାବାଳ, ଧୀବର ବ୍ୟାସ, ଅଜ୍ଞାତପିତା କୃପ, ଦ୍ରୋଣ, କର୍ଣ୍ଣାଦି ସମସ୍ତେ ବିଦ୍ୟା ଓ ବୀରତ୍ୱର ଆଧାର ବୋଲି ବ୍ରାହ୍ମଣତ୍ୱ ବା କ୍ଷତ୍ରିୟତ୍ୱକୁ ଉନ୍ନୀତ ହେଲେ । ତହିଁରେ ବାରାଙ୍ଗନା, ଦାସୀ, ଧୀବର ବା ସାରଥିକୁଳର କି ଲାଭ ହେଲା ବିବେଚ୍ୟ । ପୁଣି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟକୁଳରୁ ପତିତମାନେ ସତତ ଶୂଦ୍ରକୁଳକୁ ସମାନୀତ ହେଉଥିଲେ ।

ଆଧୁନିକ ଭାରତରେ ଶୂଦ୍ରକୁଳୋତ୍ପନ୍ନ ମହାପଣ୍ଡିତଙ୍କର ବା କୋଟୀଶ୍ୱରଙ୍କର

---

ଆନାର୍କିଜମ୍ (Anarchism)—ବାକୁନିନ୍‌ଙ୍କୁ ଏହି ସମ୍ପ୍ରଦାୟର ପ୍ରଥମ ପ୍ରବର୍ତ୍ତକ କୁହାଯାଇପାରେ । ସେ ୧୮୧୪ ଖ୍ରୀ:ଅ:ରେ ଜନ୍ମଗ୍ରହଣ କରିଥିଲେ । ଏହି ମତର ମୋଟ କଥା ଏହି ଯେ—ସର୍ବପ୍ରକାର ବାହ୍ୟକର୍ତ୍ତୃତ୍ୱ ବା ଶାସନର ବିରୁଦ୍ଧାଚରଣ । ଏହି ମତାବଲମ୍ବୀମାନେ କହନ୍ତି, ପ୍ରତ୍ୟେକ ବ୍ୟକ୍ତି ଯଦି ତା' ନିଜ ପ୍ରକୃତିର ନିୟମାନୁଯାୟୀ ଚଲେ, ତେବେ ଆଉ କୌଣସି ପ୍ରକାର ରାଜ୍ୟଶାସନ ବା ଆଇନର ଆବଶ୍ୟକତା ରହିବ ନାହିଁ । ଏହାଙ୍କ ମତରେ, ସ୍ୱାଧୀନତନ୍ତ୍ରସମୂହର ସ୍ୱାଧୀନ ଭାବର ସମ୍ମେଳନ ହିଁ ସମାଜର ଆଦର୍ଶ ଏବଂ ବର୍ତ୍ତମାନ ଯହିଁରେ ସେ ଅବସ୍ଥା ଆସେ, ତାହା ପାଇଁ ସମସ୍ତଙ୍କର ଯେକୌଣସି ପ୍ରକାରେ ହେଉ ଚେଷ୍ଟା କରିବା ଉଚିତ ।

ନିହିଲିଜମ୍ (Nihilism)—ଏହି ମତ ଆନାର୍କିଜମ୍ ସଦୃଶ । କେବଳ କେତେକ ସାମାନ୍ୟ ମତ ପାର୍ଥକ୍ୟ ରହିଛି । ୧୮୭୨ ଖ୍ରୀ:ଅ:ରେ ରୁଷିଆରେ ଏହି ମତର ଉତ୍ପତ୍ତି ହେଲା । ଏମାନଙ୍କ ମତରେ ତିନୋଟି ଜିନିଷ ମିଥ୍ୟା—ଈଶ୍ୱର, ଗଭର୍ଣ୍ଣମେଣ୍ଟ ଓ ବିବାହ ।

୧ ବଶିଷ୍ଠଙ୍କ ଜନ୍ମବୃତ୍ତାନ୍ତ—ଋକ୍‌ବେଦ, ୭।୩୩।୧୧-୧୩ ।

ମଧ୍ୟ ସ୍ୱ-ସମାଜ ତ୍ୟାଗର ଅଧିକାର ନାହିଁ । କାର୍ଯ୍ୟତଃ ସେମାନଙ୍କର ବିଦ୍ୟା, ବୁଦ୍ଧି ଓ ଧନର ପ୍ରଭାବ ସ୍ୱ-ଜାତିଗତ ହୋଇ ସ୍ୱୀୟ ମଣ୍ଡଳୀର ଉନ୍ନତିକଳ୍ପେ ପ୍ରଯୁକ୍ତ ହେଉଅଛି । ଏହି ପ୍ରକାରେ ଭାରତର ଜନ୍ମଗତ ଜାତି, ମର୍ଯ୍ୟାଦା ଅତିକ୍ରମରେ ଅସମର୍ଥ ହୋଇ ବୃତ୍ତିମଧ୍ୟଗତ ଲୋକମାନଙ୍କର ଧୀରେ ଧୀରେ ଉନ୍ନତି ବିଧାନ କରୁଅଛି । ଯେପର୍ଯ୍ୟନ୍ତ ଭାରତରେ ଜାତି-ନିର୍ବିଶେଷରେ ଦଣ୍ଡ-ପୁରସ୍କାର-ସଞ୍ଚାରକାରୀ ରାଜା ଥିବେ, ସେପର୍ଯ୍ୟନ୍ତ ଏହି ପ୍ରକାର ନୀଚ ଜାତିର ଉନ୍ନତି ହେଉଥିବ ।

ସମାଜର ନେତୃତ୍ୱ ବିଦ୍ୟାବଳଦ୍ୱାରା ବା ବାହୁବଳଦ୍ୱାରା ବା ଧନବଳଦ୍ୱାରା ଅଧିକୃତ ହେଉ, ସେ ଶକ୍ତିର ଆଧାର ପ୍ରଜାପୁଞ୍ଜ । ଯେଉଁ ନେତୃସମ୍ପ୍ରଦାୟ ଯେତେ ପରିମାଣରେ ଏହି ଶକ୍ତ୍ୟାଧାରରୁ ଆପଣାକୁ ବିଶ୍ଳିଷ୍ଟ କରିବ, ତେତେ ପରିମାଣରେ ତାହା ଦୁର୍ବଳ । କିନ୍ତୁ ମାୟାର ଏପରି ବିଚିତ୍ର ଖେଳ, ଯାହାଙ୍କ ନିକଟରୁ ପରୋକ୍ଷରେ ବା ପ୍ରତ୍ୟକ୍ଷ ଭାବରେ ଛଳବଳ-କୌଶଳ ବା ପ୍ରତିଗ୍ରହ-ଦ୍ୱାରା ଏହି ଶକ୍ତି ପରିଗୃହୀତ ହୁଏ, ସେମାନେ ଅଚିରେ ନେତୃସମ୍ପ୍ରଦାୟର ଗଣନାରୁ ବହିଷ୍କୃତ ହୁଅନ୍ତି । ପୌରୋହିତ୍ୟଶକ୍ତି କାଳକ୍ରମେ ଶକ୍ତ୍ୟାଧାର ପ୍ରଜାପୁଞ୍ଜଠାରୁ ଆପଣାକୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ତାତ୍କାଳିକ ପ୍ରଜାସହାୟ ରାଜଶକ୍ତି ନିକଟରେ ପରାଭୂତ ହୁଏ । ରାଜଶକ୍ତି ମଧ୍ୟ ଆପଣାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ବିଚାର କରି ପ୍ରଜାକୁଳ ଓ ଆପଣା ମଧ୍ୟରେ ଦୁସ୍ତର ପରିଖା ଖନନ କରି ଅପେକ୍ଷାକୃତ ଅଧିକ ପରିମାଣରେ ସାଧାରଣ ପ୍ରଜା-ସହାୟ ବୈଶ୍ୟକୁଳ ହସ୍ତରେ ନିହତ ବା କ୍ରୀଡ଼ାପୁତ୍ତଳିକା ହୋଇଗଲା । ଏକ୍ଷଣି ବୈଶ୍ୟକୁଳ ଆପଣା ସ୍ୱାର୍ଥସିଦ୍ଧି କରିଅଛି; ଅତଏବ ପ୍ରଜାଙ୍କର ସହାୟତା ଅନାବଶ୍ୟକ ଜ୍ଞାନରେ ଆପଣାକୁ ପ୍ରଜାପୁଞ୍ଜଠାରୁ ସମ୍ପୂର୍ଣ୍ଣ ବିଭିନ୍ନ କରିବାର ଅପଚେଷ୍ଟା କରୁଅଛି; ଏହି ସ୍ଥାନରେ ଏହି ଶକ୍ତିର ମଧ୍ୟ ମୃତ୍ୟୁବୀଜ ଉପ୍ତ ହେଉଅଛି ।

ସାଧାରଣ ପ୍ରଜା ସମସ୍ତ ଶକ୍ତିର ଆଧାର ହୋଇ ମଧ୍ୟ ପରସ୍ପର ମଧ୍ୟରେ ଅନନ୍ତ ବ୍ୟବଧାନ ସୃଷ୍ଟି କରି ଆପଣାର ସମସ୍ତ ଅଧିକାରରୁ ବଞ୍ଚିତ ରହିଅଛନ୍ତି ଏବଂ ଯେତେ ଦିନ ଏହି ଭାବ ଥିବ, ସେତେ ଦିନ ରହିବେ । ସାଧାରଣ ବିପଦ, ଘୃଣା ଏବଂ ସାଧାରଣ ପ୍ରୀତି— ସହାନୁଭୂତିର କାରଣ । ମୃଗୟାଜୀବୀ ପଶୁକୁଳ ଯେଉଁ ନିୟମାଧୀନରେ ଏକତ୍ରିତ ହୁଅନ୍ତି, ମନୁଜବଂଶ ମଧ୍ୟ ସେହି ନିୟମାଧୀନରେ ଏକତ୍ରିତ ହୋଇ ଜାତି ବା ଦେଶବାସୀରେ ପରିଣତ ହୁଅନ୍ତି ।

ଏକାନ୍ତ ସ୍ୱଜାତି-ବାତ୍ସଲ୍ୟ ଓ ଏକାନ୍ତ ଇରାନ୍-ବିଦ୍ୱେଷ ଗ୍ରୀକ୍‌ଜାତିର, କାର୍ଥେଜ୍-ବିଦ୍ୱେଷ ରୋମ୍‌ର, କାଫେର-ବିଦ୍ୱେଷ ଆରବଜାତିର, ମୁର-ବିଦ୍ୱେଷ ସ୍ପେନର, ସ୍ପେନ୍-ବିଦ୍ୱେଷ ଫ୍ରାନ୍‌ସର, ଫ୍ରାନ୍‌ସ-ବିଦ୍ୱେଷ ଇଂଲଣ୍ଡ ଓ ଜର୍ମାନିର ଏବଂ ଇଂଲଣ୍ଡ-ବିଦ୍ୱେଷ ଆମେରିକାର ଉନ୍ନତିର (ପ୍ରତିଦ୍ୱନ୍ଦ୍ୱିତା ସମାଧାନ କରି) ଏକ ପ୍ରଧାନ କାରଣ ନିଶ୍ଚିତ ।

ସ୍ୱାର୍ଥ ହିଁ ସ୍ୱାର୍ଥତ୍ୟାଗର ପ୍ରଧାନ ଶିକ୍ଷକ । ବ୍ୟଷ୍ଟିର ସ୍ୱାର୍ଥ ପାଇଁ ସମଷ୍ଟିର କଲ୍ୟାଣ ଆଡ଼େ ପ୍ରଥମ ଦୃଷ୍ଟିପାତ । ସ୍ୱଜାତିର ସ୍ୱାର୍ଥରେ ନିଜର ସ୍ୱାର୍ଥ, ସ୍ୱଜାତିର କଲ୍ୟାଣରେ ନିଜର କଲ୍ୟାଣ । ବହୁଜନର ସହାୟତା ଭିନ୍ନ ଅଧିକାଂଶ କାର୍ଯ୍ୟ କୌଣସି ମତେ ଚଳେ ନାହିଁ, ଆତ୍ମରକ୍ଷା

ପର୍ଯ୍ୟନ୍ତ ଅସମ୍ଭବ । ଏହି ସ୍ୱାର୍ଥରକ୍ଷାର୍ଥ ସହକାରିତ୍ୱ ସର୍ବଦେଶରେ ସର୍ବଜାତିରେ ବିଦ୍ୟମାନ; ତେବେ ସ୍ୱାର୍ଥର ପରିଧିର ତାରତମ୍ୟ ଅଛି । ପ୍ରଜା-ଉତ୍ପାଦନ ଓ 'ଯେନ ତେନ ପ୍ରକାରେଣ' ଉଦର-ପୂର୍ତ୍ତିର ଅବସର ପାଇଲେ ଭାରତବାସୀଙ୍କର ସମ୍ପୂର୍ଣ୍ଣ ସ୍ୱାର୍ଥସିଦ୍ଧି; ଅଉ ଉଚ୍ଚବର୍ଣ୍ଣର ଏହା ଉପରେ ଧର୍ମର ବାଧା ନ ରହେ । ବର୍ତ୍ତମାନ ଭାରତରେ ଏତଦପେକ୍ଷା ଦୁରାଶା ଆଉ ନାହିଁ । ଏହା ହିଁ ଭାରତ-ଜୀବନର ଉଚ୍ଚତମ ସୋପାନ ।

ଭାରତବର୍ଷର ବର୍ତ୍ତମାନ ଶାସନ-ପ୍ରଣାଳୀରେ କେତେଗୁଡ଼ିଏ ଦୋଷ ବିଦ୍ୟମାନ, କେତେଗୁଡ଼ିଏ ପ୍ରବଳ ଗୁଣ ମଧ୍ୟ ଅଛି । ସର୍ବାପେକ୍ଷା କଲ୍ୟାଣ ଏହି ଯେ, ପାଟଳିପୁତ୍ର ସାମ୍ରାଜ୍ୟର ଅଧଃପତନଠାରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏ ପ୍ରକାର ଶକ୍ତିମାନ୍ ଓ ସର୍ବବ୍ୟାପୀ ଶାସନଯନ୍ତ୍ର ଅସ୍ମଦ୍ଦେଶରେ ପରିଚାଳିତ ହୋଇ ନାହିଁ । ବୈଶ୍ୟାଧିକାରର ଯେଉଁ ଚେଷ୍ଟାରେ ଏକ ପ୍ରାନ୍ତର ପଣ୍ୟଦ୍ରବ୍ୟ ଅନ୍ୟ ପ୍ରାନ୍ତରେ ଉପନୀତ ହେଉଅଛି, ସେହି ଚେଷ୍ଟା ଫଳରୁ ଦେଶ-ଦେଶାନ୍ତରର ଭାବରାଶି ବଳପୂର୍ବକ ଭାରତର ଅସ୍ଥି-ମଜ୍ଜାରେ ପ୍ରବେଶ କରୁଅଛି । ଏସବୁ ଭାବ ମଧ୍ୟରେ କେତେଗୁଡ଼ିଏ ଅତି କଲ୍ୟାଣକର, କେତେଗୁଡ଼ିଏ ଅମଙ୍ଗଳସ୍ୱରୂପ, ଆଉ କେତେକ ପରଦେଶବାସୀଙ୍କର—ଏ ଦେଶର ଯଥାର୍ଥ କଲ୍ୟାଣ-ନିର୍ଦ୍ଧାରଣରେ ଅଜ୍ଞତାର ପରିଚାୟକ ।

କିନ୍ତୁ ଗୁଣଦୋଷରାଶି ଭେଦ କରି ସବୁ ମଙ୍ଗଳର ପ୍ରବଳ ଚିହ୍ନ ଦେଖାଯାଉଅଛି ଯେ, ଏହି ବିଜାତୀୟ ଓ ପ୍ରାଚୀନ ସ୍ୱଜାତୀୟ ଭାବ-ସଂଘର୍ଷରୁ ଅଳ୍ପେ ଅଳ୍ପେ ଦୀର୍ଘସୁପ୍ତ ଜାତି ବିନିଦ୍ର ହେଉଅଛି । ଭୁଲ ହେଉ, କ୍ଷତି ନାହିଁ; ସକଳ କାର୍ଯ୍ୟରେ ଭ୍ରମପ୍ରମାଦ ଆମର ଏକମାତ୍ର ଶିକ୍ଷକ । ଯେ ଭ୍ରମରେ ପତିତ ହୁଏ, ଋତପଥ ତାହାର ହିଁ ପ୍ରାପ୍ୟ । ବୃକ୍ଷ ଭୁଲ କରେ ନା, ପ୍ରସ୍ତରଖଣ୍ଡ ମଧ୍ୟ ଭ୍ରମରେ ପଡ଼େ ନାହିଁ, ପଶୁକୁଳରେ ନିୟମର ବିପରୀତ ଆଚରଣ ଅତ୍ୟଳ୍ପ ଦୃଷ୍ଟ ହୁଏ; କିନ୍ତୁ ଭୂଦେବଙ୍କ ଉତ୍ପତ୍ତି ଭ୍ରମପ୍ରମାଦପୂର୍ଣ୍ଣ ନରକୁଳରେ । ଦନ୍ତଧାବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ କର୍ମ, ନିଦ୍ରାଭଙ୍ଗଠାରୁ ଶଯ୍ୟାଶ୍ରୟ ପର୍ଯ୍ୟନ୍ତ ସମସ୍ତ ଚିନ୍ତା—ଯଦି ଅନ୍ୟ କେହି ଆମ ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ନିର୍ଦ୍ଧାରିତ କରିଦିଏ ଏବଂ ରାଜଶକ୍ତିର ପେଷଣରୁ ସେହିସବୁ ନିୟମର ବଜ୍ରବନ୍ଧନ ଆମମାନଙ୍କୁ ବେଷ୍ଟିତ କରେ, ତାହାହେଲେ ଆମର ଆଉ ଚିନ୍ତା କରିବାର କଅଣ ଥାଏ ? ମନନଶୀଳ ବୋଲି ସିନା ଆମେ ମନୁଷ୍ୟ, ମନୀଷୀ, ମୁନି ! ଚିନ୍ତା-ଶୀଳତାର ବିଲୋପ ସଙ୍ଗେ ସଙ୍ଗେ ତମୋଗୁଣର ପ୍ରାଦୁର୍ଭାବ, ଜଡ଼ତ୍ୱର ଆଗମନ । ବର୍ତ୍ତମାନ ମଧ୍ୟ ପ୍ରତ୍ୟେକ ଧର୍ମନେତା, ସମାଜନେତା ସମାଜ ପାଇଁ ନିୟମ କରିବାରେ ବ୍ୟସ୍ତ ! ! ଦେଶରେ କଅଣ ନିୟମର ଅଭାବ ଅଛି ? ନିୟମର ପେଷଣରେ ଯେ ସର୍ବନାଶ ଉପସ୍ଥିତ, ତାହା କିଏ ବୁଝୁଛି ?

ସମ୍ପୂର୍ଣ୍ଣ ସ୍ୱାଧୀନ ସ୍ୱେଚ୍ଛାଚାରୀ ରାଜାଙ୍କ ଅଧୀନରେ ବିଜିତ ଜାତିବିଶେଷ ଘୃଣାର ପାତ୍ର ହୁଏ ନାହିଁ । ଅପ୍ରତିହତଶକ୍ତି ସମ୍ରାଟଙ୍କର ସବୁ ପ୍ରଜା ଉପରେ ସମାନ ଅଧିକାର, କୌଣସି ପ୍ରକାର ରାଜଶକ୍ତି-ନିୟମନରେ ଅଧିକାର ନାହିଁ । ସେ ସ୍ଥଳରେ ଜାତ୍ୟଭିମାନଜନିତ ବିଶେଷ ଅଧିକାର ଅଳ୍ପ ରହେ । କିନ୍ତୁ ଯେଉଁଠାରେ ପ୍ରଜା-ନିୟମିତ ରାଜା ବା ପ୍ରଜାତନ୍ତ୍ର ବିଜିତ

ଜାତିର ଶାସନ କରେ, ସେ ସ୍ଥାନରେ ବିଜୟୀ ଓ ବିଜିତ ମଧ୍ୟରେ ଅତି ବିସ୍ତୀର୍ଣ୍ଣ ବ୍ୟବଧାନ ନିର୍ମିତ ହୁଏ, ଏବଂ ଯେଉଁ ଶକ୍ତି ବିଜିତମାନଙ୍କର କଲ୍ୟାଣରେ ସମ୍ପୂର୍ଣ୍ଣ ନିଯୁକ୍ତ ହେଲେ ଅତ୍ୟଳ୍ପ କାଳରେ ବିଜିତ ଜାତିର ବହୁକଲ୍ୟାଣସାଧନରେ ସମର୍ଥ ହୁଅନ୍ତା, ସେ ଶକ୍ତିର ଅଧିକାଂଶ ବିଜିତ ଜାତିକୁ ସ୍ୱବଶରେ ରଖିବାର ଚେଷ୍ଟା ଓ ଆୟୋଜନରେ ପ୍ରଯୁକ୍ତ ହୋଇ ବୃଥା ବ୍ୟୟିତ ହୁଏ । ପ୍ରଜାତନ୍ତ୍ର ରୋମ୍ ଅପେକ୍ଷା ସମ୍ରାଡ଼ଧିଷ୍ଠିତ ରୋମକ ଶାସନରେ ବିଜାତୀୟ ପ୍ରଜାଙ୍କର ସୁଖ ଏହିନିମିତ୍ତ ଅଧିକ ହୋଇଥିଲା । ଏଥିପାଇଁ ବିଜିତ ଇହୁଦୀ-ବଂଶସମ୍ଭୂତ ହୋଇ ମଧ୍ୟ ଖ୍ରୀଷ୍ଟଧର୍ମ-ପ୍ରଚାରକ ପଲ (St. Paul) କେଶର (Caesar) ସମ୍ରାଟଙ୍କ ସମକ୍ଷରେ ଆପଣାର ଅପରାଧ-ବିଚାରର କ୍ଷମତା ପ୍ରାପ୍ତ ହୋଇଥିଲେ । ବ୍ୟକ୍ତିବିଶେଷ ଇଂରାଜ କୃଷ୍ଣବର୍ଣ୍ଣ ବା 'ନେଟିଭ୍' ଅର୍ଥାତ୍ ଅସଭ୍ୟ ବୋଲି ଆମମାନଙ୍କୁ ଅବଜ୍ଞା କଲେ, ଏଥିରେ କ୍ଷତି ବୃଦ୍ଧି ନାହିଁ । ଆପଣା ଆପଣା ମଧ୍ୟରେ ତଦପେକ୍ଷା ଅନେକ ଅଧିକ ଜାତିଗତ ଘୃଣାବୁଦ୍ଧି ଅଛି ଏବଂ ମୂର୍ଖ କ୍ଷତ୍ରିୟ ରାଜା ସହାୟକ ହେଲେ ବ୍ରାହ୍ମଣମାନେ ଯେ ଶୂଦ୍ରମାନଙ୍କର 'ଜିହ୍ୱାଚ୍ଛେଦ ଶରୀର-ଭେଦାଦି' ପୁନର୍ବାର କରିବାର ଚେଷ୍ଟା ନ କରିବେ, କିଏ କହିପାରେ ? ପ୍ରାଚ୍ୟ ଆର୍ଯ୍ୟାବର୍ତ୍ତରେ ସବୁ ଜାତି ମଧ୍ୟରେ ସାମାଜିକ ଉନ୍ନତି କଳ୍ପେ ଯେଉଁ କିଞ୍ଚିତ୍ ସଦ୍‌ଭାବ ଦୃଷ୍ଟ ହେଉଅଛି, ମହାରାଷ୍ଟ୍ର ଦେଶରେ ବ୍ରାହ୍ମଣମାନେ ମରହଟ୍ଟା ଜାତିର ଯେଉଁ ସ୍ତବସ୍ତୁତି ଆରମ୍ଭ କରିଛନ୍ତି, ନିମ୍ନ ଜାତିଙ୍କର ବର୍ତ୍ତମାନ ମଧ୍ୟ ତାହା ନିଃସ୍ୱାର୍ଥଭାବରୁ ସମୁତ୍‌ଥିତ ବୋଲି ଧାରଣା ହେଉ ନାହିଁ । କିନ୍ତୁ ଇଂରାଜ-ସାଧାରଣଙ୍କ ମନରେ କ୍ରମଶଃ ଗୋଟିଏ ଧାରଣା ଉପସ୍ଥିତ ହେଉଛି ଯେ, ଭାରତସାମ୍ରାଜ୍ୟ ତାହାଙ୍କ ଅଧିକାରଚ୍ୟୁତ ହେଲେ ଇଂରାଜଜାତିର ସର୍ବନାଶ ଉପସ୍ଥିତ ହେବ । ଅତଏବ 'ଯେନ ତେନ ପ୍ରକାରେଣ' ଭାରତରେ ଇଂଲଣ୍ଡାଧିକାର ପ୍ରବଳ ରଖିବାକୁ ହେବ । ଏହି ଅଧିକାର-ରକ୍ଷାର ପ୍ରଧାନ ଉପାୟ ଭାରତବାସୀଙ୍କ ବକ୍ଷରେ ଇଂରାଜଜାତିର 'ଗୌରବ' ସଦା ଜାଗରୂକ ରଖିବା । ଏହି ବୁଦ୍ଧିର ପ୍ରାବଲ୍ୟ ଓ ତାହାର ସହଯୋଗୀ ଚେଷ୍ଟାର ଉତ୍ତରୋତ୍ତର ବୃଦ୍ଧି ଦେଖି ଯୁଗପତ୍ ହାସ୍ୟ ଓ କରୁଣରସର ଉଦୟ ହୁଏ । ଭାରତନିବାସୀ ଇଂରାଜ ହୁଏତ ଭୁଲି ଯାଉଛନ୍ତି ଯେ, ଯେଉଁ ବୀର୍ଯ୍ୟ ଅଧ୍ୟବସାୟ ଓ ସ୍ୱଜାତିର ଏକାନ୍ତ ସହାନୁଭୂତି ବଳରେ ସେମାନେ ଏହି ରାଜ୍ୟ ଅର୍ଜନ କରିଛନ୍ତି, ଯେଉଁ ସଦା-ଜାଗରୂକ, ବିଜ୍ଞାନ-ସହାୟ ବାଣିଜ୍ୟ-ବୁଦ୍ଧିବଳରୁ ସର୍ବଧନପ୍ରସୂ ଭାରତଭୂମି ମଧ୍ୟ ଇଂଲଣ୍ଡର ପ୍ରଧାନ ପଣ୍ୟବୀଥିକା ହୋଇପଡ଼ିଛି, ଯେତେ ଦିନ ଜାତୀୟ ଜୀବନରୁ ଏହିସବୁ ଗୁଣ ଲୋପ ନ ପାଏ, ସେତେ ଦିନ ସେମାନଙ୍କର ସିଂହାସନ ଅଚଳ । ଏହିସବୁ ଗୁଣ ଯେତେ ଦିନ ଇଂରାଜର ଥିବ, ଏପରି ଭାରତରାଜ୍ୟ—ଶତ ଶତ ଲୁପ୍ତ ହେଲେ ମଧ୍ୟ ଶତ ଶତ ପୁନଃ-ଅର୍ଜିତ ହେବ । କିନ୍ତୁ ଯଦି ଏହିସବୁ ଗୁଣପ୍ରବାହର ବେଗ ମନ୍ଦୀକୃତ ହୁଏ, ତେବେ ବୃଥା-ଗୌରବ-ଘୋଷଣାରେ କି ସାମ୍ରାଜ୍ୟ ଶାସିତ ହେବ ? ଏଥି ନିମିତ୍ତ ଏସବୁ ଗୁଣର ପ୍ରାବଲ୍ୟ ସତ୍ତ୍ୱେ ଅର୍ଥହୀନ 'ଗୌରବ'-ରକ୍ଷା ପାଇଁ ଏତେ ଶକ୍ତିକ୍ଷୟ ନିରର୍ଥକ । ତାହା ପ୍ରଜାର କଲ୍ୟାଣରେ ନିୟୋଜିତ ହେଲେ ଶାସକ ଓ ଶାସିତ ଉଭୟ ଜାତିର ନିଶ୍ଚିତ ମଙ୍ଗଳପ୍ରଦ ।

# ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂଘର୍ଷ

ପୂର୍ବେ କୁହାଯାଇଅଛି ଯେ, ବାହ୍ୟ ଜାତିର ସଂଘର୍ଷରେ ଭାରତ କ୍ରମେ ବିନିଦ୍ର ହେଉଅଛି । ଏହି ଅଳ୍ପ ଜାଗରୂକତାର ଫଳସ୍ୱରୂପ ସ୍ୱାଧୀନ ଚିନ୍ତାର କିଞ୍ଚିତ୍ ଉନ୍ମେଷ । ଗୋଟିଏ ଆଡ଼େ ପ୍ରତ୍ୟକ୍ଷଶକ୍ତି-ସଂଗ୍ରହରୂପ ପ୍ରମାଣ-ବାହନ, ଶତସୂର୍ଯ୍ୟ-ଜ୍ୟୋତିଃ, ଅଧୁନିକ ପାଶ୍ଚାତ୍ୟ ବିଜ୍ଞାନର ଦୃଷ୍ଟି-ପ୍ରତିଘାତି ପ୍ରଭା; ଅନ୍ୟ ଆଡ଼େ ସ୍ୱଦେଶୀ ବିଦେଶୀ ବହୁ-ମନୀଷୀ-ଉଦ୍ଘାଟିତ ଯୁଗ-ଯୁଗାନ୍ତରର ସହାନୁଭୂତିଯୋଗେ ସର୍ବଶରୀରରେ କ୍ଷିପ୍ର ସଞ୍ଚାରି, ବଳଦାୟକ, ଆଶାପ୍ରଦ, ପୂର୍ବପୁରୁଷଗଣଙ୍କର ଅପୂର୍ବ ବୀର୍ଯ୍ୟ, ଅଲୌକିକ ପ୍ରତିଭା ଓ ଦେବ-ଦୁର୍ଲଭ ଆଧ୍ୟାତ୍ମିକ କାହାଣୀ । ଏକ ଆଡ଼େ ଜଡ଼ବିଜ୍ଞାନ, ପ୍ରଚୁର ଧନଧାନ୍ୟ, ପ୍ରଭୂତ ବଳସଞ୍ଚୟ, ତୀବ୍ର ଇନ୍ଦ୍ରିୟସୁଖ ବିଜାତୀୟ ଭାଷାରେ ମହାକୋଳାହଳ ଉତ୍ଥାପିତ କରିଅଛି; ଅନ୍ୟ ଆଡ଼େ ଏହି ମହାକୋଳାହଳ ଭେଦ କରି କ୍ଷୀଣ ଅଥଚ ମର୍ମଭେଦୀ ସ୍ୱରରେ ପୂର୍ବଦେବମାନଙ୍କର[୧] ଆର୍ତ୍ତନାଦ କର୍ଣ୍ଣରେ ପ୍ରବେଶ କରୁଅଛି । ସମ୍ମୁଖରେ ବିଚିତ୍ର ଯାନ, ବିଚିତ୍ର ପାନ, ସୁସଜ୍ଜିତ ଭୋଜନ, ବିଚିତ୍ର ପରିଚ୍ଛେଦରେ ଲଜ୍ଜାହୀନା ବିଦୁଷୀ ନାରୀକୁଳ, ନୂତନ ଭାବ, ନୂତନ ଭଙ୍ଗୀ ଅପୂର୍ବ ବାସନାର ଉଦୟ କରୁଅଛି । ପୁଣି ମଧ୍ୟେ ମଧ୍ୟେ ସେହି ଦୃଶ୍ୟ ଅନ୍ତର୍ହିତ ହୋଇ ବ୍ରତ, ଉପବାସ, ସୀତା, ସାବିତ୍ରୀ, ତପୋବନ, ଜଟାବଲ୍କଳ, କାଷାୟ, କୌପୀନ, ସମାଧି, ଆତ୍ମାନୁସନ୍ଧାନ ଉପସ୍ଥିତ ହେଉଅଛି । ଏକ ଆଡ଼େ ପାଶ୍ଚାତ୍ୟ ସମାଜର ସ୍ୱାର୍ଥପର ସ୍ୱାଧୀନତା, ଅନ୍ୟ ଆଡ଼େ ଆର୍ଯ୍ୟସମାଜର କଠୋର ଆତ୍ମବଳିଦାନ । ଏ ବିଷମ ସଂଘର୍ଷରେ ସମାଜ ଯେ ଆନ୍ଦୋଳିତ ହେବ, ତହିଁରେ ବିଚିତ୍ରତା କଅଣ ? ପାଶ୍ଚାତ୍ୟର ଉଦ୍ଦେଶ୍ୟ—ବ୍ୟକ୍ତିଗତ ସ୍ୱାଧୀନତା, ଭାଷା—ଅର୍ଥକରୀ ବିଦ୍ୟା, ଉପାୟ—ରାଷ୍ଟ୍ରନୀତି । ଭାରତର ଉଦ୍ଦେଶ୍ୟ—ମୁକ୍ତି, ଭାଷା—ବେଦ, ଉପାୟ—ତ୍ୟାଗ । ବର୍ତ୍ତମାନ ଭାରତ ଥରେ ଯେପରି ବୁଝୁଛି—ବୃଥା ଭବିଷ୍ୟତ୍ ଆଧ୍ୟାତ୍ମିକକଲ୍ୟାଣର ମୋହରେ ପଡ଼ି ଇହ-ଲୋକର ସର୍ବନାଶ କରୁଅଛି, ପୁଣି ମନ୍ତ୍ରମୁଗ୍ଧବତ୍ ଶୁଣୁଛି—"ଇତି ସଂସାରେ ସ୍ଫୁଟତର ଦୋଷଃ । କଥମିହ ମାନବ ତବ ସନ୍ତୋଷଃ ॥"[୨]

ଏକ ଦିଗରେ ନବ୍ୟ ଭାରତ ଭାରତୀ କହୁଛନ୍ତି—ପତିପତ୍ନୀ-ନିର୍ବାଚନରେ ଆମର ସମ୍ପୂର୍ଣ୍ଣ ସ୍ୱାଧୀନତା ହେବା ଉଚିତ; କାରଣ ଯେଉଁ ବିବାହ ଆମର ସମସ୍ତ ଭବିଷ୍ୟତ୍ ଜୀବନର ସୁଖଦୁଃଖ, ତାହା ଆମେ ସ୍ୱେଚ୍ଛାପ୍ରଣୋଦିତ ହୋଇ ନିର୍ବାଚନ କରିବା; ଅନ୍ୟ ଆଡ଼େ ପ୍ରାଚୀନ ଭାରତ ଆଦେଶ କରୁଛନ୍ତି—ବିବାହ ଇନ୍ଦ୍ରିୟସୁଖ ପାଇଁ ନୁହେଁ, ପ୍ରଜୋତ୍ପାଦନ ନିମିତ୍ତ । ଏହା ହେଲା ଏ ଦେଶର ଧାରଣା । ପ୍ରଜୋତ୍ପାଦନଦ୍ୱାରା ସମାଜରେ ଭାବୀ ମଙ୍ଗଳାମଙ୍ଗଳର ତୁମେ ଭାଗୀ । ଅତଏବ ଯେଉଁ ପ୍ରଣାଳୀରେ ବିବାହ କଲେ ସମାଜର ସର୍ବାପେକ୍ଷା କଲ୍ୟାଣ ସମ୍ଭବ, ତାହା କେବଳ ସମାଜରେ ପ୍ରଚଳିତ । ତୁମେ ବହୁଜନର ହିତ ନିମିତ୍ତ ନିଜର ସୁଖଭୋଗେଚ୍ଛା ତ୍ୟାଗ କର ।

---

୧ ପ୍ରାଚୀନ ଦେବଗଣଙ୍କର । ୨ ମୋହମୁଦ୍ଗର, ଶଙ୍କରାଚାର୍ଯ୍ୟ

ଏକ ଦିଗରେ ନବ୍ୟ ଭାରତ କହୁଛି—ପାଶ୍ଚାତ୍ୟ ଭାବ, ଭାଷା, ଆହାର, ପରିଚ୍ଛଦ ଓ ଆଚାର ଅବଲମ୍ବନ କଲେ ଆମେ ପାଶ୍ଚାତ୍ୟ ଜାତିଙ୍କ ପରି ବଳବୀର୍ଯ୍ୟସମ୍ପନ୍ନ ହେବା; ଅପର ଦିଗରେ ପ୍ରାଚୀନ ଭାରତ କହୁଛି—ମୂର୍ଖ, ଅନୁକରଣଦ୍ୱାରା ପରର ଭାବ ଆପଣାର ହୁଏ ନାହିଁ; ଅର୍ଜନ ନ କଲେ କୌଣସି ବସ୍ତୁ ନିଜର ହୁଏ ନାହିଁ । ସିଂହଚର୍ମରେ ଆଚ୍ଛାଦିତ ହେଲେ ଗଧଟି କ'ଣ ସିଂହ ହୁଏ ?

ଏକ ଦିଗରେ ନବ୍ୟ ଭାରତ କହୁଛି—ପାଶ୍ଚାତ୍ୟ ଜାତିମାନେ ଯାହା କରନ୍ତି, ତାହା କେବଳ ଭଲ; ଭଲ ନ ହେଲେ ସେମାନେ କିପରି ଭାବରେ ଏଡ଼େ ପ୍ରବଳ ହେଲେ ? ଅପର ଆଡ଼େ ପ୍ରାଚୀନ ଭାରତ କହୁଛି—ବିଦ୍ୟୁତ୍‌ର ଆଲୋକ ଅତି ପ୍ରବଳ; କିନ୍ତୁ କ୍ଷଣସ୍ଥାୟୀ । ବାଳକ, ତୁମର ଚକ୍ଷୁ ପ୍ରତିହତ ହେଉଅଛି, ସାବଧାନ !

ତେବେ କଅଣ ଆମର ପାଶ୍ଚାତ୍ୟ ଜଗତରୁ ଶିଖିବାର କିଛି ନାହିଁ ? ଆମର କଅଣ ଚେଷ୍ଟା ଯତ୍ନ କରିବାର କିଛି ପ୍ରୟୋଜନ ନାହିଁ ? ଆମେ କଅଣ ସମ୍ପୂର୍ଣ୍ଣ ? ଆମର ସମାଜ କଅଣ ସର୍ବତୋଭାବରେ ନିଶ୍ଛିଦ୍ର ? ଅନେକ ଶିଖିବାର ଅଛି, ଆମରଣ ଯତ୍ନ କରିବାକୁ ହେବ । ଯତ୍ନ ହେଲା ମାନବଜୀବନର ଉଦ୍ଦେଶ୍ୟ । ଶ୍ରୀରାମକୃଷ୍ଣ କହୁଥିଲେ, "ଯେତେ ଦିନ ବଞ୍ଚେ, ସେତେ ଦିନ ଶିଖେ ।" ଯେଉଁ ବ୍ୟକ୍ତି ବା ଯେଉଁ ସମାଜର ଶିଖିବାର କିଛି ନାହିଁ, ତାହା ମୃତ୍ୟୁମୁଖରେ ପତିତ ହୋଇଅଛି । ଶିଖିବାର ଅଛି, କିନ୍ତୁ ଭୟ ମଧ୍ୟ ଅଛି ।

କୌଣସି ଅଳ୍ପବୁଦ୍ଧି ବାଳକ ଶ୍ରୀରାମକୃଷ୍ଣଙ୍କ ସମକ୍ଷରେ ସର୍ବଦା ଶାସ୍ତ୍ରର ନିନ୍ଦା କରୁଥିଲା । ଥରେ ସେ ଗୀତାର ଅତ୍ୟନ୍ତ ପ୍ରଶଂସା କଲା । ତହୁଁ ଶ୍ରୀରାମକୃଷ୍ଣ କହିଲେ, "କେହି ଇଂରାଜ ପଣ୍ଡିତ ଗୀତାର ପ୍ରଶଂସା କରିଛନ୍ତି କି କଅଣ, ତେଣୁ ଏ ପ୍ରଶଂସା କରୁଛି ।"

ହେ ଭାରତ, ଏହା ହିଁ ପ୍ରବଳ ବିଭୀଷିକା । ପାଶ୍ଚାତ୍ୟ-ଅନୁକରଣ-ମୋହ ଏପରି ପ୍ରବଳ ହେଉଅଛି ଯେ, ଭଲମନ୍ଦର ଜ୍ଞାନ ଆଉ ବୁଦ୍ଧି-ବିଚାର, ଶାସ୍ତ୍ର ବା ବିବେକଦ୍ୱାରା ନିଷ୍ପନ୍ନ ହେଉ ନାହିଁ । ଶ୍ୱେତାଙ୍ଗ ଯେଉଁ ଭାବର ଓ ଯେଉଁ ଆଚାରର ପ୍ରଶଂସା କରେ, ତାହା କେବଳ ଭଲ; ସେମାନେ ଯାହାର ନିନ୍ଦା କରନ୍ତି, କେବଳ ତାହା ମନ୍ଦ ! ହା ଭାଗ୍ୟ ! ଏହାଠାରୁ ନିର୍ବୋଧତାର ପରିଚୟ ଆଉ କଅଣ ବା ଥାଇପାରେ ?

ପାଶ୍ଚାତ୍ୟ ନାରୀ ସ୍ୱାଧୀନ ଭାବରେ ବିଚରଣ କରେ, ଅତଏବ ତାହା କେବଳ ଭଲ; ପାଶ୍ଚାତ୍ୟ ନାରୀ ସ୍ୱୟମ୍ବରା, ଅତଏବ ତାହା ହେଲା ଉନ୍ନତିର ଉଚ୍ଚତମ ସୋପାନ; ପାଶ୍ଚାତ୍ୟ ପୁରୁଷ ଆମ ବେଶଭୂଷା, ଅଶନ-ବସନ ଘୃଣା କରେ, ଅତଏବ ତାହା ଅତି ମନ୍ଦ; ପାଶ୍ଚାତ୍ୟମାନେ ମୂର୍ତ୍ତିପୂଜା ଦୋଷାବହ ବୋଲି କହନ୍ତି, ତେଣୁ ମୂର୍ତ୍ତିପୂଜା ଅତି ଦୂଷିତ—ସନ୍ଦେହ କଅଣ ?

ପାଶ୍ଚାତ୍ୟବାସୀମାନେ କହନ୍ତି—ଜଣେ ମାତ୍ର ଦେବତାଙ୍କର ପୂଜା ମଙ୍ଗଳପ୍ରଦ, ଅତଏବ ଆମର ଦେବଦେବୀଙ୍କୁ ଗଙ୍ଗାଜଳରେ ବିସର୍ଜନ ଦିଅ । ପାଶ୍ଚାତ୍ୟମାନେ ଜାତିଭେଦ ଘୃଣିତ ବୋଲି ଜାଣନ୍ତି, ଅତଏବ ସର୍ବବର୍ଣ୍ଣ ଏକାକାର ହୁଅ । ପାଶ୍ଚାତ୍ୟମାନେ ବାଲ୍ୟ-

ବିବାହ ସର୍ବଦୋଷର ଆକର ବୋଲି କହନ୍ତି, ଅତଏବ ତାହା ମଧ୍ୟ ନିଶ୍ଚିତ ଭାବରେ ଅତି ମନ୍ଦ ।

ଆମେମାନେ ଏହିସବୁ ପ୍ରଥା ରକ୍ଷଣୋପଯୋଗୀ ଅଥବା ତ୍ୟାଗଯୋଗ୍ୟ—ଏହାର ବିଚାର କରୁନାହୁଁ, ତେବେ ଯଦି ପାଶ୍ଚାତ୍ୟମାନଙ୍କର ଅବଜ୍ଞା-ଦୃଷ୍ଟି ମାତ୍ର ହିଁ ଆମର ରୀତିନୀତିର ଜଘନ୍ୟତାର କାରଣ ହୁଏ, ତାହାର ପ୍ରତିବାଦ ଅବଶ୍ୟ କର୍ତ୍ତବ୍ୟ ।

ବର୍ତ୍ତମାନ ଲେଖକଙ୍କର ପାଶ୍ଚାତ୍ୟ ସମାଜ ସମ୍ବନ୍ଧରେ କିଛିଟା ପ୍ରତ୍ୟକ୍ଷ ଜ୍ଞାନ ହୋଇଅଛି । ତହିଁରେ ଏହି ଧାରଣା ହୋଇଅଛି ଯେ, ପାଶ୍ଚାତ୍ୟ ସମାଜ ଓ ଭାରତୀୟ ସମାଜର ମୂଳଗତି ଏବଂ ଉଦ୍ଦେଶ୍ୟର ଏତେ ପାର୍ଥକ୍ୟ ଯେ, ପାଶ୍ଚାତ୍ୟ ଅନୁକରଣରେ ଗଠିତ ସମ୍ପ୍ରଦାୟ ମାତ୍ରେ ହିଁ ଏ ଦେଶରେ ନିଷ୍ଫଳ ହେବେ । ଯେଉଁମାନେ ପାଶ୍ଚାତ୍ୟ ସମାଜରେ ବସବାସ ନ କରି, ପାଶ୍ଚାତ୍ୟ ସମାଜର ସ୍ତ୍ରୀ-ଜାତିର ପବିତ୍ରତା ରକ୍ଷା ନିମିତ୍ତ ସ୍ତ୍ରୀ-ପୁରୁଷ-ସମ୍ମିଶ୍ରଣର ଯେଉଁସବୁ ନିୟମ ଓ ବାଧା ପ୍ରଚଳିତ ଅଛି, ତାହା ନ ଜାଣି, ସ୍ତ୍ରୀ-ପୁରୁଷଙ୍କର ଅବାଧ ସମ୍ମିଶ୍ରଣକୁ ପ୍ରଶୟ ଦିଅନ୍ତି, ସେମାନଙ୍କ ସହିତ ଆମର ଅଣୁମାତ୍ର ସହାନୁଭୂତି ନାହିଁ । ପାଶ୍ଚାତ୍ୟ ଦେଶରେ ମଧ୍ୟ ଦେଖିଅଛୁ, ଦୁର୍ବଳ ଜାତିର ସନ୍ତାନମାନେ ଇଂଲଣ୍ଡରେ ଯଦି ଜନ୍ମିଥାନ୍ତି, ଆପଣାକୁ ସ୍ପାନିଆର୍ଡ୍, ପର୍ତ୍ତୁଗୀଜ, ଗ୍ରୀକ୍ ଇତ୍ୟାଦି ନ କହି ଇଂରାଜ ବୋଲି ପରିଚୟ ଦେଇଥାଆନ୍ତି ।

ବଳବାନଙ୍କ ଆଡ଼େ ସମସ୍ତେ ଯାଆନ୍ତି । ଗୌରବାନ୍ୱିତର ଗୌରବଚ୍ଛଟା ନିଜର ଗାତ୍ରରେ କୌଣସି ପ୍ରକାରେ ଟିକିଏ ଲାଗୁ, ଦୁର୍ବଳ ମାତ୍ରେ ଏହି ଇଚ୍ଛା କରନ୍ତି । ଯେତେବେଳେ ଭାରତବାସୀଙ୍କୁ ଇଉରୋପୀୟ ବେଶଭୂଷାରେ ମଣ୍ଡିତ ଦେଖେଁ, ସେତେବେଳେ ମନେ ହୁଏ, ଏମାନେ ପଦଦଳିତ, ବିଦ୍ୟାହୀନ ଦରିଦ୍ର ଭାରତବାସୀ ସହିତ ଆପଣାର ସ୍ୱଜାତୀୟତ୍ୱ ସ୍ୱୀକାର କରିବାରେ ବୋଧହୁଏ ଲଜ୍ଜିତ ! ଚତୁର୍ଦ୍ଦଶଶତ ବର୍ଷ ଯାବତ୍ ହିନ୍ଦୁ-ରକ୍ତରେ ପ୍ରତିପାଳିତ ପାର୍ସି ବର୍ତ୍ତମାନ ଆଉ 'ନେଟିଭ୍' ନୁହନ୍ତି । ଜାତିହୀନ ବ୍ରାହ୍ମଣମନ୍ୟର ବ୍ରହ୍ମଣ୍ୟଗୌରବ ନିକଟରେ ମହାରଥୀ କୁଳୀନ ବ୍ରାହ୍ମଣର ବଂଶମର୍ଯ୍ୟାଦା ମଧ୍ୟ ବିଲୀନ ହୋଇଯାଏ । ଆଉ ପାଶ୍ଚାତ୍ୟମାନେ ବର୍ତ୍ତମାନ ଶିକ୍ଷା ଦେଇଛନ୍ତି ଯେ, ଏହି ଯେ କଟିତଟ-ମାତ୍ର-ଆଚ୍ଛାଦନକାରୀ ଅଜ୍ଞ, ମୂର୍ଖ, ନୀଚ ଜାତି, ସେମାନେ ଅନାର୍ଯ୍ୟଜାତି !! ସେମାନେ ଆଉ ଆମର ନୁହନ୍ତି !!!

## ସ୍ୱଦେଶମନ୍ତ୍ର

ହେ ଭାରତ, ଏହି ପରାନୁବାଦ, ପରାନୁକରଣ, ପରମୁଖାପେକ୍ଷିତା, ଏହି ଦାସସୁଲଭ ଦୁର୍ବଳତା, ଏହି ଘୃଣିତ ଜଘନ୍ୟ ନିଷ୍ଠୁରତା—ଏତିକି ମାତ୍ର ସମ୍ବଳରେ ତୁମେ କଅଣ ଉଚ୍ଚାଧିକାର ଲାଭ କରିବ ? ଏହି ଲଜ୍ଜାକର କାପୁରୁଷତାର ସହାୟତାରେ ତୁମେ ବୀର-ଭୋଗ୍ୟା ସ୍ୱାଧୀନତା ଲାଭ କରିବ ? ହେ ଭାରତ, ଭୁଲ ନାହିଁ—ତୁମର ନାରୀଜାତିର ଆଦର୍ଶ—ସୀତା, ସାବିତ୍ରୀ, ଦମୟନ୍ତୀ; ଭୁଲ ନାହିଁ—ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ

ଶଙ୍କର; ଭୁଲ ନାହିଁ—ତୁମର ବିବାହ, ତୁମର ଧନ, ତୁମର ଜୀବନ, ଇନ୍ଦ୍ରିୟସୁଖ—ନିଜର ବ୍ୟକ୍ତିଗତ ସୁଖ ପାଇଁ ନୁହେଁ; ଭୁଲ ନାହିଁ—ତୁମେ ଜନ୍ମଦିନରୁ ମା'ଙ୍କ ପାଇଁ ବଳିପ୍ରଦତ୍ତ; ଭୁଲ ନାହିଁ—ତୁମର ସମାଜ ସେହି ବିରାଟ ମହାମାୟାଙ୍କର ଛାୟା ମାତ୍ର; ଭୁଲ ନାହିଁ—ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ ! ହେ ବୀର ! ସାହସ ଅବଲମ୍ବନ କର, ସଦର୍ପେ କୁହ—ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ । କୁହ—ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ; ତୁମେ ମଧ୍ୟ କଟୀମାତ୍ରବସ୍ତ୍ରାବୃତ ହୋଇ ସଦର୍ପେ ଡାକ କୁହ—ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ; କୁହ ଭାଇ—ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ, ଆଉ ଦିନ ରାତି କୁହ, 'ହେ ଗୌରୀନାଥ, ହେ ଜଗଦମ୍ବେ, ମୋତେ ମନୁଷ୍ୟତ୍ୱ ଦିଅ; ମା, ମୋର ଦୁର୍ବଳତା, କାପୁରୁଷତା ଦୂର କର, ମୋତେ ମନୁଷ୍ୟ କର ।'

# ବୀରବାଣୀ

# ପରିଚୟ

'ଗୀତବାଣୀ'ରେ ସ୍ୱାମୀ ବିବେକାନନ୍ଦ-ରଚିତ ବଙ୍ଗଳା କବିତାଗୁଡ଼ିକର ଓଡ଼ିଆ ଅନୁବାଦ ଓ ତତ୍ସହ ସଂସ୍କୃତ ସ୍ତୋତ୍ରଗୁଡ଼ିକର ଅନ୍ୱୟ, ଶବ୍ଦାର୍ଥ ଓ ଅନୁବାଦ ଦିଆଯାଇଛି । ଛନ୍ଦ ଅନୁରୋଧରେ ସଂସ୍କୃତ ସ୍ତୋତ୍ରଗୁଡ଼ିକର ଅଳ୍ପ କେତେକ ଶବ୍ଦ ପରିବର୍ତ୍ତିତ ହୋଇଛି ।

## ଶିବସ୍ତୋତ୍ରମ୍

### ଓଁ ନମଃ ଶିବାୟ

ନିଖିଳ-ଭୁବନ-ଜନ୍ମ-କ୍ଷେମଭଙ୍ଗ-ପ୍ରରୋହାଃ
ଅକଳିତମହିମାନଃ କଳ୍ପିତା ଯତ୍ର ତସ୍ମିନ୍ ।
ସୁବିମଳଗଗନାଭେ ଈଶସଂସ୍ଥେଽପ୍ୟନୀଶେ
ମମ ଭବତୁ ଭବେଽସ୍ମିନ୍ ଭାସୁରେ ଭାବବନ୍ଧଃ ॥ ୧ ॥

ଅନ୍ୱୟ ଓ ଶବ୍ଦାର୍ଥ

ଯତ୍ର (ଯେଉଁଠି) ନିଖିଳଭୁବନଜନ୍ମକ୍ଷେମଭଙ୍ଗପ୍ରରୋହାଃ (ସମୁଦାୟ ଜଗତର ଉତ୍ପତ୍ତି, କ୍ଷେମ ଅର୍ଥାତ୍ ସ୍ଥିତି, ଭଙ୍ଗ ଅର୍ଥାତ୍ ନାଶରୂପ, ପ୍ରରୋହ ଅର୍ଥାତ୍ ଅଙ୍କୁରସମୂହ) ଅକଳିତ ମହିମାନଃ (ଅକଳିତ ଅର୍ଥାତ୍ ଅଗଣିତ ମହିମା ଅର୍ଥାତ୍ ବିଭୂତିରୂପେ) କଳ୍ପିତାଃ (କଳ୍ପିତ ହୋଇଛି) ତସ୍ମିନ୍ (ସେହି) ସୁବିମଳ ଗଗନାଭେ (ସୁନିର୍ମଳ ଆକାଶତୁଲ୍ୟ) ଊ ଈଶସଂସ୍ଥେ ଅପି (ଯେ ଈଶ୍ୱରତୁଲ୍ୟ ଅବସ୍ଥିତ କିନ୍ତୁ) ଅନୀଶେ (ଯାହାଙ୍କର ଈଶ୍ୱର ଅର୍ଥାତ୍ ପ୍ରଭୁ ନାହିଁ) ଅସ୍ମିନ୍ (ଏହିରୂପ) ଭବେ (ମହାଦେବଙ୍କଠାରେ) ମମ (ମୋର) ଭାସୁରଃ (ଉଜ୍ଜ୍ୱଳ ଦୃଢ଼) ଭାବବନ୍ଧଃ (ପ୍ରେମରୂପ ବନ୍ଧନ) ଭବତୁ (ହେଉ) ॥ ୧ ॥

ବ୍ୟାଖ୍ୟା

ଯାହାଙ୍କଠାରେ ସମୁଦାୟ ଜଗତର ଉତ୍ପତ୍ତି, ସ୍ଥିତି, ଲୟରୂପକ ଅଙ୍କୁରସମୂହ ଅସଂଖ୍ୟ ବିଭୂତିରୂପେ କଳ୍ପିତ, ଯେ ସୁନିର୍ମଳ ଆକାଶତୁଲ୍ୟ, ଯେ ଜଗତର ଈଶ୍ୱରସ୍ୱରୂପ ଅବସ୍ଥିତ, କିନ୍ତୁ ଯାହାଙ୍କର ଆଉ କେହି ନିୟନ୍ତା ନାହିଁ, ସେହି ମହାଦେବଙ୍କଠାରେ ମୋର ପ୍ରେମ-ବନ୍ଧନ ଉଜ୍ଜ୍ୱଳ ଓ ଦୃଢ଼ ହେଉ ॥ ୧ ॥

ନିହତନିଖିଳମୋହେଽଧୀଶତା ଯତ୍ର ରୂଢ଼ା
ପ୍ରକଟିତପରପ୍ରେମ୍ଣା ଯୋ ମହାଦେବସଂଜ୍ଞଃ ।
ଅଶିଥିଲପରିରମ୍ଭଃ ପ୍ରେମରୂପସ୍ୟ ଯସ୍ୟ
ହୃଦି ପ୍ରଣୟତି ବିଶ୍ୱଂ ବ୍ୟାଜମାତ୍ରଂ ବିଭୁତ୍ୱମ୍ ॥ ୨ ॥

ଅନ୍ୱୟ ଓ ଶବ୍ଦାର୍ଥ

ନିହତନିଖିଳମୋହେ (ସମୁଦାୟ ମୋହ ଯାହାଙ୍କ ଦ୍ୱାରା ନଷ୍ଟ ହୋଇଛି) ଯତ୍ର (ଯାହାଙ୍କଠାରେ) ଅଧୀଶତା (ଈଶ୍ୱରତ୍ୱ) ରୂଢ଼ା (ପ୍ରତିଷ୍ଠିତ), ପ୍ରକଟିତପରପ୍ରେମ୍ଣା (ପ୍ରକାଶିତ ପରମପ୍ରେମଦ୍ୱାରା) ଯଃ(ଯେ) ମହାଦେବସଂଜ୍ଞଃ (ମହାଦେବ-ସଂଜ୍ଞା ବା ନାମ ଯାହାର), ଯସ୍ୟ (ଯେ) ପ୍ରେମରୂପସ୍ୟ (ପ୍ରେମସ୍ୱରୂପ) ଅଶିଥିଲପରିରମ୍ଭଃ (ଅଶିଥିଲ, ଯାହା ଶିଥିଲ ନୁହେ,

ଅର୍ଥାତ୍ ଦୃଢ଼, ପରିରମ୍ଭ ଅର୍ଥାତ୍ ଆଲିଙ୍ଗନ) ହୃଦି (ହୃଦୟରେ) ବିଶ୍ୱଂ (ସମୁଦାୟ) ବିଭୂତିଂ (ଐଶ୍ୱର୍ଯ୍ୟକୁ) ବ୍ୟାଜମାତ୍ରଂ (ଛଳନା ବା ମାୟା ମାତ୍ର) ପ୍ରସୂତେ (ପ୍ରତିଭାତ ହୁଏ) [ତସ୍ମିନ୍ ଅସ୍ମିନ୍ ଭବେ ମମ ଭାସୁରଃ ଭାବବନ୍ଧଃ ଭବତୁ—ଏହା ଉହ୍ୟ ବୁଝିବାକୁ ହେବ ] ॥ ୨ ॥

## ବ୍ୟାଖ୍ୟା

ଯେ ସମୁଦାୟ ଅଜ୍ଞାନ ନାଶ କରିଛନ୍ତି, ଯାହାଙ୍କଠାରେ ଈଶ୍ୱରତ୍ୱ ରୂଢ଼ (ସ୍ୱାଭାବିକଭାବେ ଅବସ୍ଥିତ), ଯେ (ହଳାହଳ ପାନକରି ଜଗତର ଜୀବଗଣଙ୍କ ପ୍ରତି) ପରମପ୍ରେମ ପ୍ରକାଶ କରି 'ମହାଦେବ' ଏହି ନାମରେ ଅଭିହିତ ହୋଇଛନ୍ତି, ପ୍ରେମସ୍ୱରୂପ ଯାହାଙ୍କ ଦୃଢ଼ ଆଲିଙ୍ଗନରେ ସମୁଦାୟ ଐଶ୍ୱର୍ଯ୍ୟ ହିଁ ଆମମାନଙ୍କ ହୃଦୟରେ କେବଳ ମାୟା ରୂପରେ ପ୍ରତିଭାତ ହୁଏ, ସେହି ମହାଦେବଙ୍କଠାରେ ମୋର ପ୍ରେମବନ୍ଧନ ଦୃଢ଼ ହେଉ ॥ ୨ ॥

ବହତି ବିପୁଲବାତଃ ପୂର୍ବସଂସ୍କାରରୂପଃ
ପ୍ରମଥତି ବଲବୃନ୍ଦଂ ଘୂର୍ଣ୍ଣିତେବୋର୍ମିମାଳା ।
ପ୍ରଚଲତି ଖଲୁ ଯୁଗ୍ମଂ ଯୁଷ୍ମଦସ୍ମତ୍ପ୍ରତୀତମ୍
ଅତିବିକଳିତରୂପଂ ନୌମି ଚିତ୍ତଂ ଶିବସ୍ଥମ୍ ॥ ୩ ॥

## ଅନ୍ୱୟ ଓ ଶବ୍ଦାର୍ଥ

ପୂର୍ବସଂସ୍କାରରୂପଃ (ପୂର୍ବସଂସ୍କାରରୂପକ) ବିପୁଲବାତଃ (ପ୍ରବଳ ବାୟୁ) ବହତି (ପ୍ରବାହିତ ହେଉଛି), [ ସଃ (ତାହା) ] ଘୂର୍ଣ୍ଣିତା (ଘୂର୍ଣ୍ଣାୟମାନ) ଊର୍ମିମାଳା ଇବ (ତରଙ୍ଗ-ସମୂହ ଭଳି) ବଲବୃନ୍ଦଂ (ବଳବାନ୍ ବ୍ୟକ୍ତିମାନଙ୍କୁ) ପ୍ରମଥତି (ଦଳି ଦେଉଛି) ଯୁଷ୍ମଦସ୍ମତ୍ପ୍ରତୀତମ୍ (ତୁମେ ଓ ମୁଁ ରୂପରେ ପ୍ରତିଭାତ) ଖଲୁ ଯୁଗ୍ମଂ (ଦ୍ୱନ୍ଦ୍ୱ) ପ୍ରଚଳତି (ଚାଲୁଛି), ଅତି-ବିକଳିତରୂପଂ (ଅତି ବିକୃତ ରୂପ) ଶିବସ୍ଥମ୍ (ଶିବଙ୍କଠାରେ ସଂସ୍ଥାପିତ) ଚିତ୍ତଂ (ଚିତ୍ତକୁ) [ଅହଂ (ମୁଁ) ] ନୌମି (ବନ୍ଦନା କରୁଛି) ॥ ୩ ॥

## ବ୍ୟାଖ୍ୟା

ପୂର୍ବସଂସ୍କାରରୂପକ ପ୍ରବଳ ବାୟୁ ପ୍ରବାହିତ ହେଉଛି । ଏହା ଘୂର୍ଣ୍ଣାୟମାନ ତରଙ୍ଗ-ସମୂହ ସଦୃଶ ବଳବାନ୍ ବ୍ୟକ୍ତିମାନଙ୍କୁ ଦଳି ଦେଉଛି । ତୁମେ-ମୁଁ ରୂପରେ ପ୍ରତିଭାତ ଦ୍ୱନ୍ଦ୍ୱ ଚାଲିଛି । ସେହି ଶିବଙ୍କଠାରେ ସଂସ୍ଥାପିତ ଅତିଶୟ ବିକାରଶୀଳ ଚିତ୍ତକୁ ମୁଁ ବନ୍ଦନା କରେ ॥ ୩ ॥

ଜନକ-ଜନିତ-ଭାବୋ ବୃତ୍ତୟଃ ସଂସ୍କୃତାଶ୍ଚ
ଅଗଣନ-ବହୁରୂପା ଯତ୍ର ଚୈକୋ ଯଥାର୍ଥଃ ।
ଶମିତବିକୃତିବାତେ ଯତ୍ର ନାନ୍ତର୍ବହିଶ୍ଚ
ତମହହ ହରମୀଡ଼େ ଚିତ୍ତବୃତ୍ତେର୍ନିରୋଧମ୍ ॥ ୪ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଜନକ-ଜନିତ-ଭାବଃ (କାର୍ଯ୍ୟ-କାରଣ-ଭାବ) ଚ (ଏବଂ) ସଂସ୍କୃତାଃ (ନିର୍ମଳ) ବୃତ୍ତୟଃ (ବୃତ୍ତିସମୂହ) ଅଗଣିତ-ବହୁରୂପାଃ (ଅସଂଖ୍ୟ ନାନାରୂପ) [ସନ୍ତି (ଅଛନ୍ତି)], ଯତ୍ର (ଯେଉଁଠାରେ) ଚ ଏକଃ (ଏକ ବସ୍ତୁ ହିଁ) ଯଥାର୍ଥଃ (ସତ୍ୟ), ଶମିତବିକୃତିବାତେ (ବିକାର-ରୂପକ ବାୟୁ ଶାନ୍ତ ହେଲେ) ଯତ୍ର (ଯେଉଁଠାରେ) ଅନ୍ତଃ (ଭିତର) ଚ (ଏବଂ) ବହିଃ (ବାହାର) ନ (ନାହିଁ), ଅହହ (ଆହା !) ତଂ (ସେହି) ଚିତ୍ତବୃତ୍ତେଃ (ଚିତ୍ତବୃତ୍ତିର) ନିରୋଧମ୍ (ନିରୋଧସ୍ୱରୂପ) ହରଂ (ମହାଦେବଙ୍କୁ) [ଅହଂ (ମୁଁ)] ଈଡ଼େ (ସ୍ତବ କରୁଅଛି) ॥ ୪ ॥

### ବ୍ୟାଖ୍ୟା

କାର୍ଯ୍ୟକାରଣଭାବ ଏବଂ ନିର୍ମଳ ବୃତ୍ତିସମୂହ ଅସଂଖ୍ୟ ନାନାରୂପ ହେଲେ ମଧ୍ୟ ଯେଉଁଠାରେ ଏକ ବସ୍ତୁ ହିଁ ଯଥାର୍ଥ, ବିକାରରୂପକ ବାୟୁ ଶାନ୍ତ ହେଲେ ଯେଉଁ ଭିତର ଓ ବାହାର ରହେ ନାହିଁ, ଆହା ! ସେହି ଚିତ୍ତବୃତ୍ତିର ନିରୋଧସ୍ୱରୂପ ମହାଦେବଙ୍କୁ ମୁଁ ସ୍ତବ କରୁଛି ॥ ୪ ॥

ଗଳିତତିମିରମାଳଃ ଶୁଭ୍ରତେଜଃପ୍ରକାଶଃ
ଧବଳକମଳଶୋଭଃ ଜ୍ଞାନପୁଞ୍ଜାଟ୍ଟହାସଃ ।
ଯମିଜନହୃଦଗମ୍ୟୋ ନିଷ୍କଳୋ ଧ୍ୟାୟମାନଃ
ପ୍ରଣତମବତୁ ମାଂ ସଃ ମାନସୋରାଜହଂସଃ ॥ ୫ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଗଳିତତିମିରମାଳଃ (ଯାହାଙ୍କଠାରୁ [ଅଜ୍ଞାନରୂପକ] ତିମିରମାଳା ଅର୍ଥାତ୍ ଅନ୍ଧକାରସମୂହ ଗଳିତ ଅର୍ଥାତ୍ ନଷ୍ଟ ହୋଇଯାଇଛି) ଶୁଭ୍ରତେଜଃପ୍ରକାଶଃ (ଶୁଭ୍ର ଜ୍ୟୋତିଭଳି ଯାହାଙ୍କର ପ୍ରକାଶ) ଧବଳକମଳଶୋଭଃ (ଶ୍ୱେତବର୍ଣ୍ଣ ପଦ୍ମଭଳି ଯାହାଙ୍କ ଶୋଭା) ଜ୍ଞାନପୁଞ୍ଜାଟ୍ଟହାସଃ (ଜ୍ଞାନସମୂହ ଯାହାଙ୍କର ଅଟ୍ଟହାସସ୍ୱରୂପ) ଯମିଜନହୃଦଗମ୍ୟଃ (ଯେ ସଂଯମୀଜନମାନଙ୍କ ହୃଦୟର ପ୍ରାପ୍ୟ) ନିଷ୍କଳଃ (ଯେ ଅଂଶରହିତ ଅର୍ଥାତ୍ ଅଖଣ୍ଡସ୍ୱରୂପ) ଧ୍ୟାୟମାନଃ (ଧ୍ୟାତ ହୋଇ) ସଃ (ସେହି) ମାନସଃ ରାଜହଂସଃ (ମନ [-ରୂପକ ସରୋବର ମଧ୍ୟରେ ଅବସ୍ଥିତ] ରାଜହଂସ [-ରୂପୀ ଶିବ]) ପ୍ରଣତଂ (ପ୍ରଣତ) ମାଂ (ମୋତେ) ଅବତୁ (ରକ୍ଷା କରନ୍ତୁ) ॥ ୫ ॥

### ବ୍ୟାଖ୍ୟା

ଯାହାଙ୍କଠାରୁ ଅଜ୍ଞାନରୂପକ ଅନ୍ଧକାରସମୂହ ନଷ୍ଟ ହୋଇଛି, ଶୁଭ୍ର ଜ୍ୟୋତିଭଳି ଯାହାଙ୍କ ପ୍ରକାଶ, ଯେ ଶ୍ୱେତବର୍ଣ୍ଣ ପଦ୍ମଭଳି ଶୋଭା ଧାରଣ କରିଛନ୍ତି, ଜ୍ଞାନରାଶି ଯାହାଙ୍କ ଅଟ୍ଟହାସସ୍ୱରୂପ, ଯେ ସଂଯମୀ ବ୍ୟକ୍ତିମାନଙ୍କ ହୃଦୟର ପ୍ରାପ୍ୟ, ଯେ ଅଖଣ୍ଡସ୍ୱରୂପ, ସେହି ମନୋରୂପ ସରୋବରର ରାଜହଂସ-ରୂପୀ ଶିବ, ପ୍ରଣତ ମୋଦ୍ୱାରା ଧ୍ୟାତ ହୋଇ ମୋତେ

ରକ୍ଷା କରନ୍ତୁ ॥ ୫ ॥

ଦୁରିତଦଳନଦକ୍ଷଂ ଦକ୍ଷଜାଦତ୍ତଦୋଷଂ
କଳିତକଳିକଳଙ୍କଂ କମ୍ରକହ୍ଲାରକାନ୍ତମ୍ ।
ପରହିତକରଣାୟ ପ୍ରାଣପ୍ରଚ୍ଛେଦପ୍ରୀତଂ
ନତନୟନନିୟୁକ୍ତଂ ନୀଳକଣ୍ଠଂ ନମାମଃ ॥ ୬ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଦୁରିତଦଳନଦକ୍ଷଂ (ପାପ ନାଶ କରିବାରେ ସମର୍ଥ) ଦକ୍ଷଜାଦତ୍ତଦୋଷଂ (ଦକ୍ଷଜା ଅର୍ଥାତ୍ ଦକ୍ଷକନ୍ୟା ସତୀ ଯାହାଙ୍କୁ କଦାପି ଦୋଷ ଦଅନ୍ତି ନାହିଁ, ଅଥବା ସତୀ ଯାହାଙ୍କୁ ଦୋଃ ଅର୍ଥାତ୍ ପାଣିଦାନ କରିଥିଲେ, ସତୀଙ୍କ ସହିତ ଯାହାଙ୍କର ବିବାହ ହୋଇଥିଲା—ସତୀପତି) କଳିତକଳିକଳଙ୍କମ୍ (ଯେ କଳିର ଦୋଷସମୂହକୁ ନଷ୍ଟ କରିଛନ୍ତି) କମ୍ରକହ୍ଲାର-କାନ୍ତମ୍ (ସୁନ୍ଦର କହ୍ଲାର ପୁଷ୍ପଭଳି ଯେ ମନୋହର) ପରହିତକରଣାୟ (ପରହିତ କରିବା ନିମିତ୍ତ) ପ୍ରାଣପ୍ରଚ୍ଛେଦପ୍ରୀତଂ (ପ୍ରାଣତ୍ୟାଗ କରିବାରେ ଯାହାଙ୍କର ସର୍ବଦା ପ୍ରୀତି) ନତନୟନନିୟୁକ୍ତଂ (ନତ—ପ୍ରଣତ ଜନଗଣଙ୍କପ୍ରତି ଯାହାଙ୍କ ନୟନ ନିୟୁକ୍ତ ରହିଛି, ଅର୍ଥାତ୍ ସେମାନଙ୍କ କଲ୍ୟାଣ ନିମିତ୍ତ ଯେ ସତତ ଚିନ୍ତା କରୁଛନ୍ତି) ନୀଳକଣ୍ଠଂ (ଜଗତର କଲ୍ୟାଣାର୍ଥେ ବିଷପାନଦ୍ୱାରା ଯାହାଙ୍କ କଣ୍ଠ ନୀଳବର୍ଣ୍ଣ ଧାରଣ କରିଛି, ସେହି ମହାଦେବଙ୍କୁ) [ବୟଂ (ଆମେମାନେ) ] ନମାମଃ (ପ୍ରଣାମ କରୁଛୁ) ॥ ୬ ॥

### ବ୍ୟାଖ୍ୟା

ଯେ ପାପ ନାଶ କରିବାକୁ ସମର୍ଥ, ଦକ୍ଷକନ୍ୟା ସତୀ ଯାହାଙ୍କଠାରେ ଦୋଷ-ଦର୍ଶନ କଦାପି କରି ନାହାନ୍ତି, ଅଥବା ସତୀ ଯାହାଙ୍କୁ ପାଣିପ୍ରଦାନ କରିଥିଲେ, ଯେ କଳିର ଦୋଷସମୂହକୁ ନାଶ କରନ୍ତି, ଯେ ସୁନ୍ଦର କହ୍ଲାର ପୁଷ୍ପଭଳି ମନୋହର, ପରର କଲ୍ୟାଣାର୍ଥେ ପ୍ରାଣତ୍ୟାଗ କରିବା ପାଇଁ ଯେ ସର୍ବଦା ପ୍ରୀତ, ପ୍ରଣତ ଜନମାନଙ୍କର କଲ୍ୟାଣ କରିବା ନିମିତ୍ତ ଯାହାଙ୍କ ଚକ୍ଷୁ ସର୍ବଦା ସେମାନଙ୍କ ପ୍ରତି ନିୟୁକ୍ତ ରହିଛି, ସେହି ନୀଳକଣ୍ଠ ମହାଦେବଙ୍କୁ ଆମେମାନେ ପ୍ରଣାମ କରୁଛୁ ॥ ୬ ॥

## ଅମ୍ବା-ସ୍ତୋତ୍ରମ୍

କା ତ୍ୱଂ ଶୁଭେ ଶିବକରେ ସୁଖଦୁଃଖହସ୍ତେ
ଆଘୂର୍ଣ୍ଣିତଂ ଭବଜଲଂ ପ୍ରବଲୋର୍ମିଭଙ୍ଗୈଃ ।
ଶାନ୍ତିଂ ବିଧାତୁମିହ କିଂ ବହୁଧା ବିଭଗ୍ନାଂ
ମାତଃ ପ୍ରୟତ୍ନପରମାସି ସଦୈବ ବିଶ୍ୱେ ॥ ୧ ॥

### ଅନ୍ୱୟ ଓ ଶବ୍ଦାର୍ଥ

[ହେ] ଶୁଭେ (କଲ୍ୟାଣମୟି) ଶିବକରେ (କଲ୍ୟାଣକାରିଣି) ସୁଖଦୁଃଖହସ୍ତେ (ସୁଖ

ଓ ଦୁଃଖ ଉଭୟ ଯାହାଙ୍କ ହସ୍ତସ୍ୱରୂପ) ମାତଃ ତ୍ୱଂ (ମା ତୁମେ) କା (କିଏ) ? ଭବଜଳଂ (ସଂସାର-ରୂପକ ଜଳ) ପ୍ରବଳୋର୍ମିଭଙ୍ଗୈଃ (ପ୍ରବଳ ତରଙ୍ଗସମୂହଦ୍ୱାରା) ଆଘୂର୍ଣ୍ଣିତଂ (ଘୂର୍ଣ୍ଣାୟମାନ ହେଉଛି) [ତ୍ୱଂ (ତୁମେ) ] କିଂ (କ'ଣ) ସଦା ଏବ (ସର୍ବଦା ହିଁ) ବିଶ୍ୱେ (ଜଗତରେ) ବହୁଧା (ନାନାପ୍ରକାରେ) ବିଭଗ୍ନାଂ (ଭଗ୍ନ ହୋଇଯାଇଛି ଯେ) ଶାନ୍ତିଂ (ଶାନ୍ତି) ବିଧାତୁଂ (ବିଧାନ ଅର୍ଥାତ୍ ପ୍ରତିଷ୍ଠା କରିବା ନିମିତ୍ତ) ଇହ (ଏହିଠାରେ) ପ୍ରଯତ୍ନ-ପରମା (ଯତ୍ନପର) ଅସି (ହେଉଛ) ?॥ ୧ ॥

### ବ୍ୟାଖ୍ୟା

ହେ କଲ୍ୟାଣମୟୀ ମାତଃ, ସୁଖ ଓ ଦୁଃଖ ତୁମର ହସ୍ତଦ୍ୱୟ, ତୁମେ କିଏ ? ସଂସାରରୂପକ ଜଳ ପ୍ରବଳ ତରଙ୍ଗସମୂହଦ୍ୱାରା ଘୂର୍ଣ୍ଣାୟମାନ ହେଉଛି । ତୁମେ କ'ଣ ସର୍ବଦା ନାନାପ୍ରକାରେ ଭଗ୍ନ ଶାନ୍ତିକୁ ଜଗତରେ ପ୍ରତିଷ୍ଠା କରିବା ନିମିତ୍ତ ଏଠାରେ ଯତ୍ନବତୀ ହେଉଛ ? ॥ ୧ ॥

ସମ୍ପାଦୟନ୍ତ୍ୟବିରତଂ ତ୍ୱବିରାମବୃତ୍ତା
ଯା ବୈ ସ୍ଥିତା କୃତଫଲଂ ତ୍ୱକୃତସ୍ୟ ନେତ୍ରୀ ।
ସା ମେ ଭବତ୍ୱନୁଦିନଂ ବରଦା ଭବାନୀ
ଜାନାମ୍ୟହଂ ଧ୍ରୁବମିଦଂ ଧୃତକର୍ମପାଶା ॥ ୨ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଯା (ଯେ) ତୁ ଅବିରାମବୃତ୍ତା (ନିତ୍ୟକ୍ରିୟାଶୀଳା) ଅବିରତଂ (ସର୍ବଦା) କୃତଫଲଂ (କୃତକର୍ମର ଫଳ) ସମ୍ପାଦୟନ୍ତୀ (ସଂଯୋଜନା କରି) ବୈ ସ୍ଥିତା (ଅବସ୍ଥିତା) ଯା (ଯେ) ତୁ ଅକୃତସ୍ୟ (ମୁକ୍ତପଦର) ନେତ୍ରୀ (ଯେ ନେଇଯାଆନ୍ତି) ସା (ସେହି) ଭବାନୀ (ଶିବା) ମେ (ମୋପ୍ରତି) ଅନୁଦିନଂ (ପ୍ରତିଦିନ, ସର୍ବଦା) ବରଦା (ବରପ୍ରଦାନକାରିଣୀ) ଭବତୁ (ହୁଅନ୍ତୁ) । ଅହଂ (ମୁଁ) ଧ୍ରୁବମ୍ (ନିଶ୍ଚିତ) ଜାନାମି (ଜାଣେ) ଇଦଂ (ସେ) ଧୃତକର୍ମପାଶା (କର୍ମରୂପକ ରଜ୍ଜୁକୁ ଧାରଣ କରି ରହିଛନ୍ତି) ॥ ୨ ॥

### ବ୍ୟାଖ୍ୟା

ଯେଉଁ ନିତ୍ୟକ୍ରିୟାଶୀଳା ଦେବୀ ସତତ କୃତକର୍ମର ଫଳ ସଂଯୋଜନା କରି ଅବସ୍ଥିତା, (ଯେଉଁମାନଙ୍କର କର୍ମ କ୍ଷୟ ହୋଇଯାଇଛି, ସେମାନଙ୍କୁ) ଯେ ମୋକ୍ଷପଦକୁ ନେଇଯାନ୍ତି, ସେହି ଭବାନୀ ମୋ ପ୍ରତି ସର୍ବଦା ବରପ୍ରଦାୟିନୀ ହୁଅନ୍ତୁ । ମୁଁ ନିଶ୍ଚିତଭାବରେ ଜାଣେ ଯେ, ସେ କର୍ମରୂପକ ରଜ୍ଜୁକୁ ଧାରଣ କରି ରହିଛନ୍ତି ॥ ୨ ॥

କିଂ ବା କୃତଂ କିମକୃତଂ କ୍ୱ କପାଳଲେଖଃ
କିଂ କର୍ମ ବା ଫଳମିହାସ୍ତି ହି ଯାଂ ବିନା ଭୋଃ ।

ଇଚ୍ଛାଗୁଣୈର୍ନିୟମିତା ନିୟମାଃ ସ୍ୱତନ୍ତ୍ରୈଃ
ଯସ୍ୟାଃ ସଦା ଭବତୁ ସା ଶରଣଂ ମମାଦ୍ୟା ॥ ୩ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଭୋଃ (ହେ) [ଜନାଃ (ଜନଗଣ) ] ଯାଂ (ଯାହାଙ୍କ) ବିନା (ବ୍ୟତୀତ) କିଂ ବା କୃତଂ (ପୁଣ୍ୟ ବା କ'ଣ) କିମ୍ (କି) ଅକୃତଂ (ଅକର୍ମ ବା ପାପ) କ୍ୱ (କେଉଁଠି) କପାଳ-ଲେଖଃ (କପାଳର ଲେଖା) କିଂ ବା (କି ବା) କର୍ମଫଳଂ (କର୍ମ ଓ ତାହାର ଫଳ) ଇହ (ଏହି ଜଗତରେ) ଅସ୍ତି (ଅଛି) ହି । ଯସ୍ୟାଃ (ଯାହାଙ୍କର) ସ୍ୱତନ୍ତ୍ରୈଃ (ସ୍ୱାଧୀନ) ଇଚ୍ଛାଗୁଣୈଃ (ଇଚ୍ଛାରୂପକ ରଜ୍ଜୁଦ୍ୱାରା) ନିୟମାଃ (ନିୟମସମୂହ) ନିୟମିତାଃ (ପରିଚାଳିତ) ସା (ସେହି) ଆଦ୍ୟା (ଆଦିକାରଣସ୍ୱରୂପା ଦେବୀ) ମମ (ମୋର) ସଦା (ସର୍ବଦା) ଶରଣଂ (ଆଶ୍ରୟସ୍ୱରୂପ) ଭବତୁ (ହୁଅନ୍ତୁ) ॥ ୩ ॥

### ବ୍ୟାଖ୍ୟା

ହେ (ନରଗଣ), ଏ ଜଗତରେ ଯାହା ବ୍ୟତୀତ ଧର୍ମ ବା ଅଧର୍ମ ଅଥବା କପାଳର ଲେଖା ବା କର୍ମ ବା (ତାହାର) ଫଳ, ଏସବୁ କିଛି ହୋଇପାରେ ନାହିଁ, ଯାହାଙ୍କ ସ୍ୱାଧୀନ-ଇଚ୍ଛାରୂପକ ରଜ୍ଜୁଦ୍ୱାରା ନିୟମସମୂହ ପରିଚାଳିତ, ସେହି ଆଦିକାରଣସ୍ୱରୂପା ଦେବୀ ସର୍ବଦା ମୋର ଆଶ୍ରୟସ୍ୱରୂପା ହୁଅନ୍ତୁ ॥ ୩ ॥

ସନ୍ତାନୟନ୍ତି ଜଲଧିଂ ଜନିମୃତ୍ୟୁଜାଲଂ
ସମ୍ଭାବୟନ୍ତ୍ୟବିକୃତଂ ବିକୃତଂ ବିଭଗ୍ନମ୍ ।
ଯସ୍ୟା ବିଭୂତୟ ଇହାମିତଶକ୍ତିପାଲାଃ
ନାଶ୍ରିତ୍ୟ ତାଂ ବଦ କୁତଃ ଶରଣଂ ବ୍ରଜାମଃ ॥ ୪ ॥

### ଅନ୍ୱୟ ଓ ଶବ୍ଦାର୍ଥ

ଇହ (ଏହି ସଂସାରରେ) ଯସ୍ୟାଃ (ଯାହାଙ୍କର) ଅମିତଶକ୍ତିପାଲାଃ (ଅପରିମିତ ଶକ୍ତିଶାଳୀ) ବିଭୂତୟଃ (ବିଭୂତିସମୂହ) ଜନିମୃତ୍ୟୁଜାଲଂ (ଜନ୍ମ-ମୃତ୍ୟୁରୂପକ ଜାଲ) ଜଲଧିଂ (ସମୁଦ୍ରକୁ) ସନ୍ତାନୟନ୍ତି (ବିସ୍ତାର କରୁଛନ୍ତି) ଅବିକୃତଂ (ଅବିକାରୀ ବସ୍ତୁକୁ) ବିକୃତଂ ବିଭଗ୍ନମ୍ (ବିକୃତ ଓ ଭଗ୍ନ) ସମ୍ଭାବୟନ୍ତି (କରୁଛନ୍ତି), ବଦ (କୁହ) ତାଂ (ତାହାଙ୍କୁ) ନ ଆଶ୍ରିତ୍ୟ (ଆଶ୍ରୟ ନ କରି) କୁତଃ (କେଉଁଠି) ଶରଣଂ (ଆଶ୍ରୟ) ବ୍ରଜାମଃ (ନେବା) ? ॥ ୪ ॥

### ବ୍ୟାଖ୍ୟା

ଏହି ସଂସାରରେ ଯାହାଙ୍କର ଅପରିମିତଶକ୍ତିଶାଳୀ ବିଭୂତିସମୂହ ଜନ୍ମମୃତ୍ୟୁଜାଲ-ରୂପକ ସମୁଦ୍ର ବିସ୍ତାର କରୁଛନ୍ତି ଏବଂ ଅବିକାରୀ ବସ୍ତୁକୁ ବିକୃତ ଓ ଭଗ୍ନ କରୁଛନ୍ତି, କୁହ, ତାହାଙ୍କୁ ଆଶ୍ରୟ ନ କରି କାହାର ଶରଣ ନେବା ? ॥ ୪ ॥

ମିତ୍ରେ ରିପୌ ତ୍ୱବିଷମଂ ତବପଦ୍ମନେତ୍ରମ୍
ସ୍ୱସ୍ଥେଽସୁଖେ ତ୍ୱବିତଥସ୍ତବ ହସ୍ତପାତଃ ।

ତ୍ରସ୍ତା ମୃତେଷ୍ଟେବ ଦୟା ତ୍ୱମୃତଞ୍ଚ ମାତଃ
ମୁଞ୍ଚନ୍ତୁ ମାଂ ନ ପରମେ ଶୁଭଦୃଷ୍ଟୟସ୍ତେ ॥ ୫ ॥

ଅନ୍ୱୟ ଓ ଶବ୍ଦାର୍ଥ

ତବ (ତୁମର) ପଦ୍ମନେତ୍ରମ୍ (ପଦ୍ମତୁଲ୍ୟ ଚକ୍ଷୁ) ମିତ୍ରେ ଶତ୍ରୌ (ବନ୍ଧୁ ଓ ଶତ୍ରୁ ପ୍ରତି) ତୁ ଅବିଷମଂ (ସମାନ) ସୁସ୍ଥେ (ସୁସ୍ଥ ବ୍ୟକ୍ତିଠାରେ) ଅସୁଖେ (ଅସୁଖୀ ବ୍ୟକ୍ତିଠାରେ) ତବ (ତୁମର) ତୁ ଅବିରତଃ (ସମାନ) ହସ୍ତପାତଃ (ହସ୍ତପ୍ରଦାନ); [ହେ] ମାତଃ, ମୃତେଃ (ମୃତ୍ୟୁର) ତ୍ରସ୍ତା (ତ୍ରସ୍ତା) ଚ ଅମୃତମ୍ ତୁ (ଏବଂ ଜୀବନ) [ଏହି ଉଭୟ] ତବ (ତୁମର) ଦୟା, (ହେ) ପରମେ (ଅନ୍ୟ ସର୍ବାପେକ୍ଷା ଉତ୍କୃଷ୍ଟ ବା ଶ୍ରେଷ୍ଠା [ଦେବି]) ତେ (ତୁମର) ଶୁଭଦୃଷ୍ଟୟଃ (ଶୁଭଦୃଷ୍ଟିସମୂହ) ମାଂ (ମୋତେ) ନ ମୁଞ୍ଚନ୍ତୁ (ପରିତ୍ୟାଗ ନ କରୁ) ॥ ୫ ॥

ବ୍ୟାଖ୍ୟା

ଶତ୍ରୁ-ମିତ୍ର ସମସ୍ତଙ୍କ ପ୍ରତି ତୁମର ପଦ୍ମନେତ୍ର ଦୃଷ୍ଟି ସମାନଭାବରେ ନିକ୍ଷିପ୍ତ ହେଉଛି, ସୁଖୀ-ଦୁଃଖୀ ସକଳ ବ୍ୟକ୍ତିଙ୍କୁ ତୁମେ ସମ ଭାବରେ ସ୍ପର୍ଶ କରୁଛ; ହେ ମାତଃ, ମୃତ୍ୟୁତ୍ରସ୍ତା ଓ ଜୀବନ—ଉଭୟ ହିଁ ତୁମର ଦୟା; ହେ ପରମେଶ୍ୱରି, ତୁମ ଶୁଭଦୃଷ୍ଟିସମୂହ ମୋତେ ଯେପରି ପରିତ୍ୟାଗ ନ କରେ ॥ ୫ ॥

କ୍ୱାମ୍ବା ଶିବା କ୍ୱ ଗୃଣନଂ ମମ ହୀନବୁଦ୍ଧେଃ
ଦୋର୍ଭ୍ୟାଂ ବିଧର୍ତ୍ତୁମିବ ଯାମି ଜଗଦ୍ୱିଧାତ୍ରୀଂ ।
ଚିନ୍ତ୍ୟଂ ଶ୍ରିୟା ସୁଚରଣଂ ତ୍ୱଭୟପ୍ରତିଷ୍ଠଂ
ସେବାପରୈରଭିନୁତଂ ଶରଣଂ ପ୍ରପଦ୍ୟେ ॥ ୬ ॥

ଅନ୍ୱୟ ଓ ଶବ୍ଦାର୍ଥ

[ସା (ସେହି)] ଶିବା (ମଙ୍ଗଳମୟୀ) ଅମ୍ବା (ମାତା) କ୍ୱ (କେଉଁଠି), ହୀନବୁଦ୍ଧେଃ ମମ (ହୀନବୁଦ୍ଧି ମୋର) ଗୃଣନଂ (ସ୍ତବବାକ୍ୟ) କ୍ୱ (କେଉଁଠି), ଦୋର୍ଭ୍ୟାଂ (ଦୁଇହସ୍ତଦ୍ୱାରା) ଜଗଦ୍ୱିଧାତ୍ରୀଂ (ଜଗତର ବିଧାତ୍ରୀଙ୍କୁ) ବିଧର୍ତ୍ତୁଂ (ଧରିବାରେ) ଇବ (ଯେପରି) ଯାମି (ଯାଉଛି) ଶ୍ରିୟା (ଲକ୍ଷ୍ମୀଙ୍କ ଦ୍ୱାରା) ଚିନ୍ତ୍ୟଂ (ଚିନ୍ତନୀୟ) ଅଭୟପ୍ରତିଷ୍ଠଂ (ଅଭୟର ଅର୍ଥାତ୍ ମୁକ୍ତିର ପ୍ରତିଷ୍ଠା ଯେଉଁଠି) ସେବାପରୈଃ (ସେବାପରାୟଣ ବ୍ୟକ୍ତିଙ୍କ ଦ୍ୱାରା) ଅଭିନୁତଂ (ବନ୍ଦିତ) ସୁଚରଣଂ (ସୁନ୍ଦର ପାଦପଦ୍ମରେ) ଶରଣଂ (ଆଶ୍ରୟ) ପ୍ରପଦ୍ୟେ (ନେଲି) ॥ ୬ ॥

ବ୍ୟାଖ୍ୟା

ସେହି କଲ୍ୟାଣକାରିଣୀ ମାତା କେଉଁଠି ଏବଂ ହୀନବୁଦ୍ଧି ମୋର ଏହି ସ୍ତବବାକ୍ୟ ବା କେଉଁଠି ? ମୁଁ ମୋର ଏହି କ୍ଷୁଦ୍ର ଦୁଇ ହସ୍ତଦ୍ୱାରା ଜଗତର ବିଧାତ୍ରୀଙ୍କୁ ଯେପରି ଧରିବାକୁ ଉଦ୍ୟତ ହେଉଛି । ଲକ୍ଷ୍ମୀ ଯାହାଙ୍କୁ ଚିନ୍ତା କରନ୍ତି, ଯାହାଙ୍କଠାରେ ମୁକ୍ତି ପ୍ରତିଷ୍ଠିତ, ସେବାପରାୟଣ ଜନଗଣ ଯାହାଙ୍କର ବନ୍ଦନା କରନ୍ତି, ମୁଁ ସେହି ସୁନ୍ଦର ପାଦ-

ପଦ୍ମରେ ଆଶ୍ରୟ ନେଲି ॥ ୬ ॥

ଯା ମାଂ ଚିରାୟ ବିନୟତ୍ୟତିଦୁଃଖମାର୍ଗୈଃ
ଆସଂସିଦ୍ଧେଃ ସ୍ୱକଲିତୈର୍ଲଲିତୈର୍ବିଲାସୈଃ ।
ଯା ମେ ମତିଂ ସୁବିଦଧେ ସତତଂ ଧରଣ୍ୟାଂ
ସାମ୍ବା ଶିବା ମମ ଗତିଃ ସଫଲେଽଫଲେ ବା ॥ ୭ ॥

ଅନ୍ୱୟ ଓ ଶବ୍ଦାର୍ଥ

ଯା (ଯେ) ମାଂ (ମୋତେ) ଚିରାୟ (ଚିରଦିନଧରି) ଆସଂସିଦ୍ଧେଃ(ସିଦ୍ଧିଲାଭ ନ ହେବା ପର୍ଯ୍ୟନ୍ତ) ସ୍ୱକଲିତୈଃ (ନିଜକୃତ) ଲଳିତୈଃ (ମନୋହର) ବିଳାସୈଃ (ଲୀଳାଦ୍ୱାରା) ଅତିଦୁଃଖମାର୍ଗୈଃ (ଅତି ଦୁଃଖମୟ ପଥରେ) ବିନୟତି (ନେଇଯାଉଛନ୍ତି), ଯା (ଯେ) ସତତଃ (ସର୍ବଦା) ଧରଣ୍ୟାଂ (ପୃଥିବୀରେ) ମେ (ମୋର) ମତିଂ (ବୁଦ୍ଧିକୁ) ସୁବିଦଧେ (ସୁ ଅର୍ଥାତ୍ ଉତ୍ତମରୂପେ ପରିଚାଳିତ କରୁଛନ୍ତି), ସା (ସେହି) ଶିବା (କଲ୍ୟାଣମୟୀ) ଅମ୍ବା (ମାତା) ସଫଲେ (ଫଳଲାଭ କଲେ ମଧ୍ୟ) ବା ଅଫଲେ (ଅଥବା ଫଳଲାଭ ନ କଲେ ମଧ୍ୟ) ମମ (ମୋର) ଗତିଃ (ଗତି) ॥ ୭ ॥

ବ୍ୟାଖ୍ୟା

ସିଦ୍ଧିଲାଭ ନ ହେବା ପର୍ଯ୍ୟନ୍ତ ଚିରଦିନ ଯେ ମୋତେ ନିଜକୃତ ମନୋହର ଲୀଳାଦ୍ୱାରା ଅତି ଦୁଃଖମୟ ପଥରେ ନେଇଯାଉଛନ୍ତି, ଯେ ସର୍ବଦା ପୃଥିବୀରେ ମୋ ବୁଦ୍ଧିକୁ ଉତ୍ତମରୂପେ ପରିଚାଳିତ କରୁଛନ୍ତି, ମୁଁ ସଫଳ ହୁଏ ବା ବିଫଳ ହୁଏ, ସେହି କଲ୍ୟାଣମୟୀ ଜନନୀ ହିଁ ମୋର ଗତି ॥ ୭ ॥

## (ସ୍ୱାମୀ ରାମକୃଷ୍ଣାନନ୍ଦ-କୃତ ପଦ୍ୟାନୁବାଦ)

(୧)

ତୋଳି ଘୋର ଊର୍ମିଭଙ୍ଗ ମହାବର୍ତ୍ତେ ତା'ର ସଙ୍ଗ
ଏ ଭବସାଗରେ କିଏ ଖେଳୁଛ କି ଖେଳନା,
ଶିବମୟୀ ମୂର୍ତ୍ତି ତୁମ ଶୁଭଙ୍କର, ଏ କି ଘୋର,
ସୁଖ ଦୁଃଖ ଧରି କରେ କର ସର୍ବେ ଛଳନା ।
କି ଏତେ ତୁମର କାମ, ସଦା ବ୍ୟସ୍ତ ବିଶ୍ୱଧାମ,
ଅଶାନ୍ତ ଧରାରେ କି ଗୋ ଶାନ୍ତିଦାନ ବାସନା ?

(୨)

ଛୁଣ୍ଡାଏ ଯେ କର୍ମପାଶ, ତାକୁ କର ଚିରଦାସ
ନିତ୍ୟଶାନ୍ତି ସୁଧାରାଶି ପିଆଉଛ, ଜନନୀ,
ଫଳ ଲାଗି କାମ କରେ କୃତ ଫଳ ଦେବାପରେ
ସଦା ହିଁ ଆକୁଳ ତୁମେ ଆଗୋ ହରଘରଣୀ,

ଜାଣେ ମା, ତୁମକୁ ମୁହିଁ କର୍ମପାଶେ ବାନ୍ଧ ନେଇ,
ବାନ୍ଧ ନା ବରଦେ, ମୋତେ, ନାଶ ଦୁଃଖ-ରଜନୀ ।

(୩)

କି କାରଣେ କାର୍ଯ୍ୟଚୟେ ଜଗତେ ପ୍ରକଟ ହୁଏ
ସୁକୃତ ଦୁଷ୍କୃତ କିବା ଲଲାଟ-ଲିଖିତ ରେ,
ନ ଦେଖି କେହି ତା' କୂଳ କୃତାନ୍ତ ଅଦୃଷ୍ଟ-ମୂଳ
ଧର୍ମାଧର୍ମେ ସୁଖଦୁଃଖ ଏ ନୁହେଁ ନିଶ୍ଚିତ ରେ,
ସ୍ୱତନ୍ତ୍ର ବିଧାନେ ଯା'ର ବନ୍ଧ ଅଛୁ ଏ ସଂସାର
ସେ ମୂଳଶକ୍ତିର ମୁହିଁ ସଦା ହିଁ ଆଶ୍ରିତ ରେ ।

(୪)

ଯାହାଙ୍କ ବିଭୂତିଚୟ ଲୋକପାଳ ସମୁଦାୟ,
ଯାହାଙ୍କ ଅମିତ ଶକ୍ତି କିଛି ବାଧା ମାନେ ନା,
ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି, ଯେ ସାଗରେ ନିରବଧି
ସେ ଅନନ୍ତ ଜଳନିଧି ଯାହାଙ୍କର ରଚନା,
ପ୍ରକୃତି - ବିକୃତିକାରୀ ଏହି ସବୁ କର୍ମସୂତ୍ରୀ
ଯାହା ବଳେ ବଳୀୟାନ, କର ତାଙ୍କ ଅର୍ଚ୍ଚନା ।

(୫)

ମା' ତୁମର କୃପାଦୃଷ୍ଟି ସମଭାବେ ସୁଧା ବୃଷ୍ଟି
ଶତ୍ରୁ-ମିତ୍ର ସମସ୍ତଙ୍କ ଉପରେ ହିଁ କରେ ଗୋ
ସମଭାବେ ଧନୀ-ଦୀନେ, ରକ୍ଷା କର ନିର୍ଦ୍ଧନେ,
ମୃତ୍ୟୁ ବା ଅମୃତ, ଦୁହେଁ ତବ କୃପା ଝରେ ଗୋ,
ଯାତେ ପଦେ ନିରୂପମେ ଭୂଲ ନାହିଁ ଏ ଅଧମେ,
ଶୁଭ-ଦୃଷ୍ଟି ତବ ଯେଣୁ ସର୍ବତାପ ହରେ ଗୋ ।

(୬)

ବିଶ୍ୱ - ପ୍ରସବିନୀ ତୁମେ କ୍ଷୁଦ୍ରବୁଦ୍ଧି ଜୀବ ଆମେ,
କରିବ ତୁମର ସ୍ତୁତି ବୃଥା ଏହି କଳ୍ପନା !
ସୀମାହୀନ ଦେଶକାଳେ, ଧରିଅଛ ବିଶ୍ୱଜାଳେ,
ତୁମକୁ ଧରିବା ହାତେ ଉନ୍ମାଦର ବାସନା.
ଅକିଞ୍ଚନ ଭକ୍ତ-ଧନ ରମାବିଭବ ଯେ ଚରଣ
ସେ ପଦେ ଶରଣ ଲଭେ, ଏହି ମାତ୍ର କାମନା ।

(୭)

ସ୍ୱରଚିତ ଲୀଳାଗାର ମନୋହର ଏ ସଂସାର
ସୁଖଦୁଃଖ ନେଇ ସଦା ନାନା ଖେଳ ଖେଳୁଛ,
ପୂର୍ଣ୍ଣଜ୍ଞାନ ଦେବ ଯେଣୁ ଜନ୍ମ, ସୁଖ ନାହିଁ ତେଣୁ,
ଦୁଃଖ-ପଥ ଦେଇ ମୋର କର ଧରି ଚାଲିଛ ।
ସଫଳ ନିଷ୍ଫଳ ହୁଏ, କେବେ ବୁଦ୍ଧି ନ ହରାଏ,
ତୁମରି ପ୍ରସାଦେ ତୁମେ ସଦା ମୋତେ ରଖିଛ,
ତୁମେ ଗତି ମୋର ତେଣୁ ସ୍ନେହେ ମା ଗୋ ପାଳୁଛ ।

## ଶ୍ରୀରାମକୃଷ୍ଣ-ଆରାତ୍ରିକ ଭଜନ

ମିଶ୍ର—ଚୌତାଲ

ଖଣ୍ଡନ-ଭବ-ବନ୍ଧନ, ଜଗବନ୍ଦନ ବନ୍ଦି ତୋମାୟ ।
ନିରଞ୍ଜନ, ନରରୂପଧର, ନିର୍ଗୁଣ, ଗୁଣମୟ ॥
ମୋଚନ-ଅଘଦୂଷଣ[୧], ଜଗଭୂଷଣ, ଚିଦ୍‌ଘନକାୟ ।
ଜ୍ଞାନାଞ୍ଜନ-ବିମଲ-ନୟନ ବୀକ୍ଷଣେ ମୋହ ଯାୟ ॥
ଭାସ୍ୱର ଭାବ-ସାଗର ଚିର-ଉନ୍ମଦ ପ୍ରେମ-ପାଥାର ।
ଭକ୍ତାର୍ଜନ-ଯୁଗଲଚରଣ, ତାରଣ-ଭବପାର ॥
ଜୃମ୍ଭିତ-ଯୁଗ-ଈଶ୍ୱର[୨], ଜଗଦୀଶ୍ୱର, ଯୋଗସହାୟ ।
ନିରୋଧନ, ସମାହିତ ମନ, ନିରଖି ତବ କୃପାୟ ॥
ଭଞ୍ଜନ-ଦୁଃଖଗଞ୍ଜନ[୩], କରୁଣାଘନ, କର୍ମକଠୋର[୪] ।
ପ୍ରାଣାର୍ପଣ-ଜଗତ-ତାରଣ, କୃନ୍ତନ-କଲିଡୋର[୫] ॥
ବଞ୍ଚନ-କାମକାଞ୍ଚନ, ଅତିନିନ୍ଦିତ-ଇନ୍ଦ୍ରିୟ-ରାଗ ।
ତ୍ୟାଗୀଶ୍ୱର, ହେ ନରବର, ଦେହ ପଦେ ଅନୁରାଗ ॥
ନିର୍ଭୟ, ଗତସଂଶୟ, ଦୃଢ଼ନିଶ୍ଚୟ- ମାନସବାନ୍ ।

---

୧ ମୋଚନ-ଅଘଦୂଷଣ—ମନୁଷ୍ୟଙ୍କୁ ଦୂଷିତ କରେ ଏପରି ଯେ ଅଘ ଅର୍ଥାତ୍ ପାପ, ତାହାକୁ ଯେ ମୋଚନ କରନ୍ତି ।

୨ ଜୃମ୍ଭିତ-ଯୁଗ-ଈଶ୍ୱର—ଯେ ଯୁଗ-ଈଶ୍ୱରରୂପେ ପ୍ରକାଶିତ ହୁଅନ୍ତି ।

୩ ଭଞ୍ଜନ-ଦୁଃଖଗଞ୍ଜନ—ଯେ ଦୁଃଖର ଗଞ୍ଜନକୁ ଭଞ୍ଜନ ଅର୍ଥାତ୍ ଦୂର କରିଛନ୍ତି ।

୪ କର୍ମ-କଠୋର—କର୍ମରେ ଯେ କଠୋର ଅର୍ଥାତ୍ ଦୃଢ଼, କର୍ମବୀର ।

୫ କୃନ୍ତନ-କଲି-ଡୋର—ଯେ କଳିର ବନ୍ଧନକୁ ଛେଦନ କରିଛନ୍ତି ।

ନିସ୍ତାରଣ-ଭକତ-ଶରଣ, ତ୍ୟଜି ଜାତିକୁଳ ମାନ୍* ॥
ନମିତ ତବ ଶ୍ରୀପଦ, ଭବ ଗୋଷ୍ପଦ-ବାରି ଯଥାସ୍ତୁ ।
ପ୍ରେମାର୍ପଣ, ସମଦରଶନ, ଜଗଜନ-ଦୁଃଖ ଯାସ୍ତୁ ॥

[ପୂର୍ବେ ଏହି ଗୀତଟି ନିମ୍ନଲିଖିତ ଭାବରେ ରଚିତ ହୋଇଥିଲା; କିନ୍ତୁ ସ୍ୱରର ବଙ୍କିମତା ଯୋଗୁଁ ସାଧାରଣ ଗାୟକପକ୍ଷେ ଗୀତଟି କଠିନ ହୋଇଉଠିଲା । ସେଥିପାଇଁ ସ୍ୱାମୀଜୀ ପରେ ଏହାକୁ ପୂର୍ବୋକ୍ତ ରୂପରେ ପରିବର୍ତ୍ତିତ କରିଥିଲେ ।

ଖଣ୍ଡନ-ଭବବନ୍ଧନ, ଜଗ-ବନ୍ଦନ, ବନ୍ଦି ତୋମାୟ୍ ।
ନିରଞ୍ଜନ, ନରରୂପଧର ନିର୍ଗୁଣ ଗୁଣମୟ୍ ॥
ନମୋ ନମୋ ପ୍ରଭୁ ବାକ୍ୟ-ମନାତୀତ
ମନୋବଚନୈକାଧାର,
ଜ୍ୟୋତିର ଜ୍ୟୋତି ଉଜଲ ହୃଦିକନ୍ଦର
ତୁମି ତମଭଞ୍ଜନ-ହାର** ।
ଧେ ଧେ ଧେ, ଲଙ୍ଗ ରଙ୍ଗ ଭଙ୍ଗ, ବାଜେ ଅଙ୍ଗ ସଙ୍ଗ ମୃଦଙ୍ଗ,
ଗାଇଛେ ଛନ୍ଦ ଭକତବୃନ୍ଦ, ଆରତି ତୋମାର ॥ ]

## ଶିବ-ସଙ୍ଗୀତ

(୧)

କର୍ଣ୍ଣାଟୀ—ଏକତାଲ

ତାଥେଇୟା ତାଥେଇୟା ନାଚେ ଭୋଲା,
ବୋମ୍ ବୋମ ବବ ବାଜେ ଗାଲ୍ ।
ଡିମି ଡିମି ଡିମି ଡମରୁ ବାଜେ, ଦୋଲୁଛି କପାଲମାଲ ।
ଜଟାର୍ ମଧ୍ୟେ ଗଙ୍ଗା ଗରଜେ, ଉଗାରି ଅନଲ ତ୍ରିଶୂଳ ରାଜେ,
ଧକ୍ ଧକ୍ ଧକ୍ ମୌଳିବନ୍ଧ ଜ୍ୱଲେ ଶଶାଙ୍କ-ଭାଲ୍ ।

(୨)

ତାଲ—ସୁର ଫାଙ୍କତାଲ

ହର ହର ହର ଭୂତନାଥ ପଶୁପତି ।
ଯୋଗେଶ୍ୱର ମହାଦେବ ଶିବ ପିନାକପାଣି ॥
ଊର୍ଦ୍ଧ୍ୱ ଜ୍ୱଳନ୍ତ ଜଟାଜାଲ ନାଚତ ବ୍ୟୋମକେଶ-ଭାଲ,
ସପ୍ତଭୁବନ ଧରତ ତାଲ, ଟଲମଲ-ଅବନୀ ॥

* ନିସ୍ତାରଣ...କୁଳ-ମାନ—ଜାତି-କୁଳମାନ ନ ଦେଖି ଯେ ବିନା କାରଣରେ ଭକ୍ତକୁ ଆଶ୍ରୟଦାନ କରନ୍ତି ।

** ତମଭଞ୍ଜନହାର—ଅଜ୍ଞାନ-ଦୂରକାରୀ ।

## ଶ୍ରୀକୃଷ୍ଣ ସଙ୍ଗୀତ

ମୂଲତାନ—ଢିମା ତେତାଲୀ

ମୁଝେ ବାର ବନୋୟାରୀ ସେଁଇୟା, ଯାନେ କୋ ଦେ ।
ଯାନେ କୋ ଦେରେ ସେଁଇୟା ଯାନେ କୋ ଦେ (ଆଜ୍ ଭଲା) ।
ମେରା ବନୋୟାରୀ, ବାଁଦୀ ତୁହାର
ଛୋଡ଼େ ଚତୁରାଇ ସେଇଁୟାଁ,
ଯାନେ କୋ ଦେ (ଆଜ୍ ଭଲା) (ମୋରେ ସେଇଁୟାଁ) ।
ଯମୁନା କା ନୀରେ, ଭରୋଁ ଗାଗରିୟା
ଜୋରେ* କହତ ସେଇଁୟାଁ, ଯାନେ କୋ ଦେ ॥

## ସୃଷ୍ଟି

ଖମ୍ବାଜ—ଚୌତାଲ

ଏକରୂପ, ଅରୂପ-ନାମ-ବରଣ, ଅତୀତ ଆଗାମୀ-କାଲ-ହୀନ,
ଦେଶହୀନ, ସର୍ବହୀନ, 'ନେତି ନେତି', ଯେଉଁଠି ବିରାମ ॥
ବହେ ସେହି ସ୍ଥାନୁ କାରଣ-ଧାର
ଧରଣ ବାସନା-ବେଶ ଉଜ୍ଜ୍ୱଳ,
ଗରଜି ଗରଜି ଉଠେ ତାର ବାରି
'ଅହମହମିତି' ସର୍ବକ୍ଷଣ ॥
ସେ ଅପାର ଇଚ୍ଛା-ସାଗରକୋଳେ
ଅଯୁତ ଅନନ୍ତ ତରଙ୍ଗ ଖେଳେ,
କେତେ ଯେ ରୂପ, କେତେ ଯେ ଶକତି
କେତେ ଗତି ସ୍ଥିତି, କେ କରେ ଗଣନ ॥
କୋଟି ଚନ୍ଦ୍ର—କୋଟି ତପନ
ଲଭିଲେ ସେହି ସାଗରେ ଜନମ,
ମହାଘୋର ରୋଳେ ଘୋଟିଲେ ଗଗନ,
କରି ଦଶଦିଶ ଜ୍ୟୋତିମଗନ ॥
ତହୁଁ ଉଠେ କେତେ ଜଡ଼ ଜୀବ ପ୍ରାଣୀ,
ସୁଖ ଦୁଃଖ ଜରା ଜନମ ମରଣ,
ସେହି ସୂର୍ଯ୍ୟ, ତା'ର କିରଣ; ଯିଏ ସୂର୍ଯ୍ୟ ସେ ହିଁ କିରଣ ॥

* ଜୋରେ—କରଯୋଡ଼ି ।

## ପ୍ରଳୟ ବା ଗଭୀର ସମାଧି

(ବାଗେଶ୍ରୀ—ଆଡ଼ା)

ନାହିଁ ସୂର୍ଯ୍ୟ, ନାହିଁ ଜ୍ୟୋତିଃ, ନାହିଁ ଶଶାଙ୍କ ସୁନ୍ଦର ।
ଭାସେ ବ୍ୟୋମେ ଛାୟାସମ ଛବି ବିଶ୍ୱ-ଚରାଚର ॥
ଅସ୍ଫୁଟ ମନ-ଆକାଶେ, ଜଗତସଂସାର ଭାସେ,
ଉଠେ ଭାସେ ବୁଡ଼େ ପୁନଃ ଅହଂ-ସ୍ରୋତେ ନିରନ୍ତର ॥
ଧୀରେ ଧୀରେ ଛାୟାମେଳା, ମହାଲୟେ ପ୍ରବେଶିଲ,
ବହେ ମାତ୍ର 'ମୁହିଁ' 'ମୁହିଁ'—ଏହି ଧାରା ଅନୁକ୍ଷଣ ॥
ସେହି ଧାରା ବନ୍ଦ ହେଲ, ଶୂନ୍ୟେ ଶୂନ୍ୟ ମିଶିଗଲ,
'ଅବାଙ୍ମନସୋଗୋଚରମ୍', ବୁଝେ—ପ୍ରାଣ ବୁଝେ ଯା'ର ॥

## ସଖାପ୍ରତି

ଅନ୍ଧାରେ ଆଲୋକ-ଅନୁଭବ, ଦୁଃଖେ ସୁଖ, ରୋଗେ ସ୍ୱାସ୍ଥ୍ୟଛଳ;
ପ୍ରାଣ-ସାକ୍ଷୀ ଶିଶୁର କ୍ରନ୍ଦନ*, ଏଠି ସୁଖ ଇଚ୍ଛ ମତିମାନ୍ ?
ଦ୍ୱନ୍ଦ୍ୱଯୁଦ୍ଧ ଚଳେ ଅନିବାର, ପିତା ପୁତ୍ରେ ନାହିଁ ଦିଏ ସ୍ଥାନ;
'ସ୍ୱାର୍ଥ' 'ସ୍ୱାର୍ଥ' ସଦା ଏହି ରବ, ଏଠି କାହିଁ ଶାନ୍ତିର ଆକାର ?
ସାକ୍ଷାତ୍ ନରକ ସ୍ୱର୍ଗମୟ** କେବା ପାରେ ଛାଡ଼ି ଏ ସଂସାର ?
କର୍ମ-ପାଶ ବନ୍ଧା ଯା'ର ଗଳେ—କ୍ରୀତଦାସ କହ ଯାଏ କାହିଁ ?

ଯୋଗ-ଭୋଗ, ଗାର୍ହସ୍ଥ୍ୟ-ସନ୍ନ୍ୟାସ, ଜପ ତପ, ଧନ-ଉପାର୍ଜନ,
ବ୍ରତ, ତ୍ୟାଗ, ତପସ୍ୟା କଠୋର, ସବୁ ମର୍ମ ଦେଖିଛୁ ଏଥର;
ଜାଣିଛୁ ସୁଖର ନାହିଁ ଲେଶ, ଶରୀରଧାରଣ ବିଡ଼ମ୍ବନ,
ଯେତେ ଉଚ୍ଚ ତୁମର ହୃଦୟ, ସେତେ ଦୁଃଖ ଜାଣିବ ନିଶ୍ଚୟ ।

---

* ଯେଉଁଠାରେ କ୍ରନ୍ଦନ ହିଁ ଶିଶୁ ଜୀବନର ଅସ୍ତିତ୍ୱର ପ୍ରମାଣସ୍ୱରୂପ, ସେଠାରେ ବୁଦ୍ଧିମାନ କଦାପି ସୁଖ ପ୍ରତ୍ୟାଶା କରନ୍ତି ନାହିଁ । ଏହି ସଂସାର ମାୟାର ରାଜ୍ୟ । ତେଣୁ ସବୁ ବିପରୀତ ଦେଖାଯାଏ—ଯଥା ଦୁଃଖରେ ସୁଖର ଅନୁଭବ ଇତ୍ୟାଦି । ଏଠାରେ ମନ୍ଦ ବସ୍ତୁକୁ ଭଲ ବୋଧ ହୁଏ ।

** ନରକ କଦର୍ଯ୍ୟ ସ୍ଥାନ, ଦୁଃଖର ଆଳୟ ହେଲେ ମଧ୍ୟ ତାହା ସ୍ୱର୍ଗ, ସୁନ୍ଦର ସ୍ଥାନ, ଆନନ୍ଦଭୂମି ବୋଲି ବୋଧ ହୁଏ । ସେହି ଗୋଟିଏ ଭାବ—'ଦୁଃଖରେ ସୁଖ' ଇତ୍ୟାଦି ।

ହୃଦବାନ୍ ନିଃସ୍ୱାର୍ଥ ପ୍ରେମିକ ! ଏ ଜଗତେ ନାହିଁ ତବ ସ୍ଥାନ;
ଲୌହପିଣ୍ଡ ସହେ ଯେ ଆଘାତ, ମର୍ମରର ମୂରତ କି ସହେ ?
ହୁଅ ଜଡ଼ପ୍ରାୟ, ଅତି ନୀଚ, ମୁଖେ ମଧୁ, ଅନ୍ତରେ ଗରଳ—
ସତ୍ୟହୀନ, ସ୍ୱାର୍ଥପରାୟଣ, ତେବେ ହେବ ଏ ସଂସାରେ ସ୍ଥାନ ।

ବିଦ୍ୟା ହେତୁ କରି ପ୍ରାଣପଣ, ଅର୍ଦ୍ଧେକ କରିଛି ଆୟୁକ୍ଷୟ—
ପ୍ରେମହେତୁ ଉନ୍ମାଦ ପରାୟେ, ପ୍ରାଣହୀନ ଛାୟାଟାକୁ ଧରି;
ଧର୍ମ ପାଇଁ କରେ କେତେ କଥା, ଗଙ୍ଗାତୀର ଶ୍ମଶାନ ଆଳୟ,
ନଦୀତୀର, ପର୍ବତଗହ୍ୱର, ଭିକ୍ଷାଶନେ କେତେ କାଳ ବ୍ୟୟ ।
ଅସହାୟ—ଛିନ୍ନବାସ ଧରି ଦ୍ୱାରେ ଦ୍ୱାରେ ଉଦର-ପୂରଣ—
ଭଗ୍ନଦେହ ତପସ୍ୟାର ଭାରେ, କି ଧନ ବା କଲି ଉପାର୍ଜନ ?

ଶୁଣ, କହେ ମରମର କଥା, ଜାଣିଛି ଜୀବନେ ସତ୍ୟ ସାର—
ତରଙ୍ଗ-ଆକୁଳ ଭବଘୋର, ଏକ ତରୀ କରେ ପାରାପାର—
ମନ୍ତ୍ର-ତନ୍ତ୍ର, ପ୍ରାଣ-ନିୟମନ, ମତାମତ, ଦର୍ଶନ-ବିଜ୍ଞାନ,
ତ୍ୟାଗ-ଭୋଗ—ବୁଦ୍ଧିର ବିଭ୍ରମ; 'ପ୍ରେମ' 'ପ୍ରେମ'—ଏହି ମାତ୍ର ଧନ ।

ଜୀବ ବ୍ରହ୍ମ, ମାନବ ଈଶ୍ୱର, ଭୂତ-ପ୍ରେତ-ଆଦି ଦେବଗଣ,
ପଶୁ-ପକ୍ଷୀ, କୀଟ-ଅଣୁକୀଟ—ଏହି ପ୍ରେମ ହୃଦେ ସଭିଙ୍କର ।
'ଦେବ' 'ଦେବ'—କହ ଅବା କିଏ ? କହ କିଏ ସବୁରେ ଚଳାଏ ?
ପୁତ୍ର ପାଇଁ ମାତା ଦିଏ ପ୍ରାଣ, ଦସ୍ୟୁ ହରେ—ପ୍ରେମର ପ୍ରେରଣ !!
ହୋଇ ବାକ୍ୟ-ମନ-ଅଗୋଚର, ସୁଖେଦୁଃଖେ ସେ ଯେ ଅଧିଷ୍ଠାନ,
ମହାଶକ୍ତି କାଳୀ ମୃତ୍ୟୁରୂପା, ମାତୃଭାବେ ତାଙ୍କ ଆଗମନ ।
ରୋଗ-ଶୋକ, ଦାରିଦ୍ର୍ୟ-ଯାତନା, ଧର୍ମାଧର୍ମ, ଶୁଭାଶୁଭ ଫଳ,
ସବୁଭାବେ ତାଙ୍କ ଉପାସନା, ଜୀବେ କହ କିଏ କି ବା କରେ ?

ଭ୍ରାନ୍ତ ସେହି ଯେ ବା ସୁଖ ମାଗେ, ଦୁଃଖ ମାଗେ ଉନ୍ମାଦ ସେ ଜନ—
ମୃତ୍ୟୁ ମାଗେ ସିଏ ଯେ ପାଗଳ, ଅମୃତତ୍ୱ ବୃଥା ଅକିଞ୍ଚନ ।
ଯେତେ ଦୂରେ ଯେତେ ଦୂରେ ଯାଅ ବୁଦ୍ଧିରଥେ କରି ଆରୋହଣ,
ଏହି ସେହି ସଂସାର-ଜଳଧି, ଦୁଃଖ-ସୁଖ କରେ ଆବର୍ତ୍ତନ ।

ପକ୍ଷହୀନ ଶୁଣ ବିହଙ୍ଗମ, ଏ ଯେ ନୁହେଁ ପଳାୟନ ପଥ
ବାରମ୍ବାର ପାଇଛ ଆଘାତ, ପୁଣି କାହିଁ ବୃଥା ଏ ଉଦ୍ୟମ ?
ଛାଡ଼ ବିଦ୍ୟା ଜପ ଯଜ୍ଞ ବଳ, ସ୍ୱାର୍ଥହୀନ ପ୍ରେମ ଯେ ସମ୍ବଳ,
ଦେଖ, ଶିକ୍ଷା ଦିଏ ପତଙ୍ଗମ—ଅଗ୍ନି ଶିଖା କର ଆଲିଙ୍ଗନ ।
ରୂପମୁଗ୍ଧ ଅନ୍ଧ କୀଟାଧମ, ପ୍ରେମମତ୍ତ ତୁମର ହୃଦୟ,
ହେ ପ୍ରେମିକ, ସ୍ୱାର୍ଥ-ମଳିନତା ଅଗ୍ନିକୁଣ୍ଡେ କର ବିସର୍ଜନ ।
ଭିକ୍ଷୁକର କେବେ ଲୁହ ସୁଖ ? କୃପା-ପାତ୍ର ହୋଇ କିବା ଫଳ ?
ଦିଅ ଆଉ ଫେରି ନାହିଁ ଚାହିଁ, ଥାଏ ଯଦି ହୃଦୟେ ସମ୍ବଳ ।
ଅନନ୍ତର ତୁମେ ଅଧିକାରୀ, ପ୍ରେମସିନ୍ଧୁ ହୃଦେ ବିଦ୍ୟମାନ,
'ଦିଅ, ଦିଅ'—ଯେବା ଫେରି ଚାହେଁ, ସିନ୍ଧୁ ତାର ହୁଏ ବିନ୍ଦୁ ସମ ।

ବ୍ରହ୍ମଠାରୁ କୀଟ-ପରମାଣୁ, ସର୍ବଭୂତେ ସେହି ପ୍ରେମମୟ,
ମନ ପ୍ରାଣ ଶରୀର ଅର୍ପଣ କର ସଖେ, ଏମାନଙ୍କ ପଦେ ।
ବହୁରୂପେ ସମ୍ମୁଖେ ତୁମର, ଛାଡ଼ି କାହିଁ ଖୋଜୁଛ ଈଶ୍ୱର ?
ଜୀବେ ପ୍ରେମ କରେ ଯେଉଁ ଜନ, ସେହି ଜନ ସେବଇ ଈଶ୍ୱର ।

## ନାଚୁ ତହିଁ ପରେ ଶ୍ୟାମା

[ ଏହି କବିତାରେ କୋମଳ ଓ କଠୋର ଭାବର ଚିତ୍ର ପାଖାପାଖି ଦେଖା-ହୋଇଛି । କୋମଳତା ସମସ୍ତଙ୍କର ପ୍ରିୟ, ତାହା ମଧ୍ୟ କୁହାଯାଇଛି—'ମନ ଚାହେଁ ହସର ହିଲ୍ଲୋଳ' ଇତ୍ୟାଦି । କଠୋର ଭାବ କେହି ଚାହାଁନ୍ତି ନାହିଁ, ସମସ୍ତେ ହିଁ ତାହାଠାରୁ ଦୂରରେ ରହିବାକୁ ଚାହାଁନ୍ତି । କିନ୍ତୁ କୋମଳପ୍ରାଣତା ଯଦି ଦାରିଦ୍ର୍ୟ, ଦୁଃଖ, ରୋଗ, ମହାମାରୀ ଇତ୍ୟାଦି ଦେଖି ଭୟରେ ଅଭିଭୂତ ହୋଇପଡ଼େ, ତେବେ ସେ କୋମଳତା ଯେ ଯଥାର୍ଥ ହିଁ ଦୁର୍ବଳତା ଓ କାପୁରୁଷତା, ତାକୁ ଦୂର କରି ସର୍ବଦା ମୃତ୍ୟୁକୁ ଆଲିଙ୍ଗନ କରିବାକୁ ପ୍ରସ୍ତୁତ ରହିବା ହିଁ ଯେ ବୀରତ୍ୱ ଓ ମନୁଷ୍ୟତ୍ୱ ଏବଂ ଏହିପ୍ରକାର କଠୋର ସାଧକ-ହୃଦୟରେ ଯେ ଶ୍ୟାମା ନୃତ୍ୟ କରନ୍ତି, ତାହା ଅତି ଅପୂର୍ବ-ଭାଷାରେ ବର୍ଣ୍ଣିତ ହୋଇଛି । ]

ଫୁଲ୍ଲ ଫୁଲ-ସୌରଭେ ଆକୁଳ, ମତ୍ତ ଅଳିକୁଳ ଗୁଞ୍ଜରୁଛି ପାଶେ ପାଶେ ।
ଶୁଭ୍ର ଶଶୀ ଯେହ୍ନେ ହାସ୍ୟରାଶି, ଯେତେ ସ୍ୱର୍ଗବାସୀ ବିତରନ୍ତି ଧରା-ବାସେ ॥
ମୃଦୁମନ୍ଦ ମଳୟ ପବନ, ଯା'ର ପରଶେ ଲାଗି ସ୍ମୃତିପଟ ଖୋଲେ ।
ନଦୀ, ନଦ, ସରସୀ-ହିଲ୍ଲୋଳ, ଭ୍ରମର ଚଞ୍ଚଳ, କେତେ ବା କମଳ ଦୋଳେ ॥
ଫେନମୟୀ ଝରେ ନିର୍ଝରିଣୀ—ତାନତରଙ୍ଗିଣୀ—ଗୁହା ଦିଏ ପ୍ରତିଧ୍ୱନି ।

ସ୍ୱରମସ୍ତ ପତଙ୍ଗନିଚୟ* ଲୁଚ ପତ୍ରେ ପତ୍ରେ ଶୁଣାଏ ସୁହାଗବାଣୀ ॥
ଚନ୍ଦ୍ରକର, ତରୁଣ ସ୍ୱପ୍ନର, ସ୍ୱର୍ଣ୍ଣିରୂଳକର, ଛୁଏଁ ମାତ୍ର ଧରାପଟେ ।
ବର୍ଣ୍ଣଖେଳ ବ୍ୟାପେ ଧରାତଳ ରାଗ ପରିଚୟ ସ୍ୱବରାଶି ଜାଗିଉଠେ ॥

ମେଘମନ୍ଦ୍ର କୁଳିଶ-ନିଃସ୍ୱନ, ମହାରଣ, ଭୂଲୋକ-ଦ୍ୟୁଲୋକ-ବ୍ୟାପୀ ।
ଅନ୍ଧକାର ଉଗାରେ ଅନ୍ଧାର, ହୁଁ ହୁଙ୍କାର ଶ୍ୱସୁଛୁ ପ୍ରଳୟବାୟୁ ॥
ଝଲକ ଝଲକ ତହିଁ ଧାଏଁ, ରକ୍ତକାୟ କରାଳ ବଜ୍ରଜ୍ୱାଳା ।
ଫେନମୟ ଗର୍ଜି ମହାକାୟେ, ଊର୍ମି ଧାଏଁ ଲଙ୍ଘନେ ପର୍ବତଚୂଡ଼ା ॥
ଘୋଷେ ଭୀମ ଗମ୍ଭୀର ଭୂତଳ ଟଳମଳ, ରସାତଳ ଧରା ଯାଏ ।
ପୃଥ୍ୱୀଚ୍ଛେଦ ଉଠୁଛୁ ଅନଳ, ମହାଚଳ ଚୂର୍ଣ୍ଣ ବେଗେ ହୋଇଯାଏ ॥

ଶୋଭାମୟ ମନ୍ଦିର-ଆଳୟ, ହ୍ରଦେ ନୀଳ ପୟ, ତହିଁ କୁବଳୟଶ୍ରେଣୀ ।
ଦ୍ରାକ୍ଷାଫଳ-ହୃଦୟ-ରୁଧିର** ଫେନଶୁଭ୍ରଶିର, କହେ ମୃଦୁ ମୃଦୁ ବାଣୀ ॥
ଶ୍ରୁତିପଥେ ବୀଣାର ଝଙ୍କାର, ବାସନା ବିସ୍ତାର, ରାଗ ତାଳ ମାନ ଲୟେ ।
କେତେମତେ ବ୍ରଜର ଉଚ୍ଛ୍ୱାସ, ଗୋପୀ-ତପ୍ତଶ୍ୱାସ, ଅଶ୍ରୁରାଶି ବହିଯାଏ ॥
ବିମ୍ବଫଳ ଯୁବତୀ-ଅଧର, ଭାବର ସାଗର—ନୀଳୋତ୍ପଳ ଦୁଇ ଆଖି ।
ଦୁଇ କର—ବାଞ୍ଛା ଅଗ୍ରସର, ପ୍ରେମର ପିଞ୍ଜର, ତହିଁ ବନ୍ଧା ପ୍ରାଣ-ପକ୍ଷୀ ॥

ଡାକେ ଭେରୀ, ବାଜେ ଝରର୍ ଝରର୍ ଦାମାମା
ନକ୍‌କାଡ଼ ବୀରଦର୍ପେ କମ୍ପେ ଧରା ।
ଘୋଷେ ତୋପ ବବ-ବବ-ବମ୍, ବବ-ବବ-ବମ୍ ବନ୍ଧୁକର କଡ଼କଡ଼ା ॥
ଧୂମେ ଧୂମେ ଭୀମ ରଣସ୍ଥଳ, ଗରଜ ଅନଳ ବମେ ଶତ ଜ୍ୱାଳାମୁଖୀ ।
ଫାଟେ ଗୋଳା ଲାଗେ ବୁକେ ଦେହେ,
କାହିଁ ଉଡ଼ିଯାଏ ଆସବାର ଘୋଡ଼ା ହାତୀ ॥
ପୃଥ୍ୱୀତଳ କମ୍ପେ ଥରଥର ଲକ୍ଷ ଅଶ୍ୱବର-ପୃଷ୍ଠେ ବୀର ମାତେ ରଣେ ।
ଭେଦ ଧୂମ ଗୋଳାବରଷଣ, ଗୁଳି ସନ୍‌ସନ୍ ଶତ୍ରୁ ତୋପ କାଢ଼ି ଆଣେ ॥

---

* ସ୍ୱରମସ୍ତ ପତଙ୍ଗନିଚୟ—ପକ୍ଷୀସମୂହର ଯେପରି କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ଏମାନେ ଯେପରି କେବଳ କେତେଗୁଡ଼ିଏ ସ୍ୱରର ସମଷ୍ଟି ।

** ଦ୍ରାକ୍ଷାଫଳର ରସ (ହୃଦୟ-ରୁଧିର)-ରୁ ମଦ ପ୍ରସ୍ତୁତ ହୁଏ । ତାହା ଗିଲାସରେ ଢାଳିଦେବା ମାତ୍ରେ ଉପରକୁ ଧଳା ଫେଣଯୁକ୍ତ ହୁଏ ଏବଂ ମୃଦୁ ମୃଦୁ ଶବ୍ଦ କରେ ।

ଆଗେ ଯାଏ ବୀର୍ଯ୍ୟ-ପରିଚୟ ପତାକା-ନିଚୟ, ଦଣ୍ଡେ ଝରେ ରକ୍ତଧାର ।
ସଙ୍ଗେ ସଙ୍ଗେ ପଦାତିକଦଳ, ବନ୍ଧୁକ ପ୍ରବଳ, ବୀରମଦେ ମତୁଆଳ ॥
ଏଇ ପଡ଼େ ଧ୍ୱଜାଧାରୀ ବୀର, ଅନ୍ୟ ବୀର ତାର ଧ୍ୱଜା ନେଇ ଆଗେ ଚଳେ ।
ତଳେ ତାର ଜମାହୋଇଯାଏ ମୃତ ବୀରକାୟେ, ତେବେ ପଛେ ନାହିଁ ଟଳେ ॥

ଦେହ ଚାହେଁ ସୁଖର ସଙ୍ଗମ, ଚିତ୍ତ-ବିହଙ୍ଗମ ସଙ୍ଗୀତ-ସୁଧାର ଧାର ।
ମନ ଚାହେଁ ହସର ହିଲ୍ଲୋଳ, ପ୍ରାଣ ସଦା ଲୋଳ ହୋଇବାକୁ ଦୁଃଖ ପାର ॥
ଛାଡ଼ି ହିମ ଶଶାଙ୍କ-କିରଣ, କେବା ଚାହେଁ ପୁଣ, ମଧ୍ୟାହ୍ନ-ତପନ-ଜ୍ୱାଳା ?
ପ୍ରାଣ ଯା'ର ଚଣ୍ଡ ଦିବାକର, ସ୍ନିଗ୍‌ଧ ଶଶଧର, ତାହା ପୁଣି ଲାଗେ ଭଲ ॥*
ସୁଖ ଲାଗି ସମସ୍ତେ କାତର, କିଏ ସେ ପାମର, ଦୁଃଖକୁ ଯେ ଭଲ ପାଏ ।
ସୁଖେ ଦୁଃଖ, ଅମୃତେ ଗରଳ, କଣ୍ଠେ ହଳାହଳ, ତଥାପି ଆଶାୟୀ ହୁଏ ॥
ରୁଦ୍ରମୁଖେ ଡରନ୍ତି ସକଳେ, କେହି ନାହିଁ ଲୋଡ଼େ ମୃତ୍ୟୁରୂପା ମୁକ୍ତକେଶୀ ।
ଉଷ୍ଣଧାର, ରୁଧିର-ଉଦ୍‌ଗାର, ଭୀମ ତରବାର ଖସାଇ ଦିଏ ରେ ବଂଶୀ ॥

ସତ୍ୟ ତୁମେ ମୃତ୍ୟୁରୂପା କାଳୀ, ସୁଖବନମାଳୀ ତୁମର ମାୟାର ଛାୟା[୧] ।
କରାଳିନି, କର ମର୍ମଚ୍ଛେଦ, ହେଉ ମାୟାଭେଦ, ସୁଖସ୍ୱପ୍ନ ଦେହେ ଦୟା ॥
ମୁଣ୍ଡମାଳା ତୁମକୁ ପିନ୍ଧାଇ, ଭୟେ ଫେର ଚାହିଁ, ନାମ ଦିଏ ଦୟାମୟୀ ।
ପ୍ରାଣ କମ୍ପେ, ଭୀମ ଅଟ୍ଟହାସେ, ନଗ୍ନ ଦିକ୍‌ବାସେ, କହେ ମା' ଦାନବଜୟୀ' ॥

---

* ପ୍ରାଣ ଯାର ଚଣ୍ଡ ଦିବାକର···ଲାଗେ ଭଲ—ଚନ୍ଦ୍ରର ପ୍ରାଣ ସୂର୍ଯ୍ୟ । କିନ୍ତୁ ସୂର୍ଯ୍ୟକୁ ଛାଡ଼ି ଚନ୍ଦ୍ରକୁ ସମସ୍ତେ ଭଲ ପାଆନ୍ତି ! କୋମଳ ଭାବ ସମସ୍ତଙ୍କର ଏଡ଼େ ପ୍ରିୟ !

୧ ସତ୍ୟ ତୁମେ ମୃତ୍ୟୁରୂପା କାଳୀ···ମାୟାର ଛାୟା—ପ୍ରଚଣ୍ଡ ସୂର୍ଯ୍ୟକିରଣ ଯେପରି ସୂର୍ଯ୍ୟର ଛାୟା ମାତ୍ର, ରୁଦ୍ରଭାବ ମଧ୍ୟ ସେହିପରି ଯଥାର୍ଥ ସତ୍ୟସ୍ୱରୂପ, ପ୍ରାଣସ୍ୱରୂପ ଏବଂ କୋମଳଭାବ (ସୁଖବନମାଳୀ) ସେହି ରୁଦ୍ରଭାବର ଛାୟା ମାତ୍ର । ସୁଖବନମାଳୀ—ଅନ୍ୟ କୌଣସି ଭାବସାହଚର୍ଯ୍ୟବଶତଃ ବିଳାସଭାବୋଦ୍ଦୀପକ । ଏହିସବୁ ଭାବ ଆପାତ-ମଧୁର ହେଲେ ମଧ୍ୟ ପ୍ରାଣଦାୟକ, ବଳଦାୟକ ନୁହେଁ ।

୨ ମୁଣ୍ଡମାଳା··ଦାନବଜୟୀ—କେବଳ ମାତ୍ର 'ସୁଖମୟ'-ଭାବରେ କେତେ ଦୂର କାପୁରୁଷତା ଆସିପାରେ, ତାହା ଦେଖା ହୋଇଅଛି । ଶ୍ୟାମା-ମା'ଙ୍କର ସାଧନ କରିବାକୁ ଯାଇ ମା'ଙ୍କର ମୁଣ୍ଡମାଳା ଦେଖି 'ଭୟରେ ଫେରିଯିବାକୁ ଚାହେଁ' ଏବଂ ନାମ ଦିଏ 'ଦୟାମୟୀ' । ପୁନଶ୍ଚ ଭୟରେ ମା'ଙ୍କୁ 'ଦାନବଜୟୀ' ବୋଲି କହେ । ଏଠାରେ ସାଧକର ଶ୍ୟାମା-ମା' ଉପରେ ପ୍ରେମ, ପ୍ରୀତି ନାହିଁ—ତାହା ସ୍ଥାନରେ ଅଛି ଭୟ, କାପୁରୁଷତା । ଶ୍ୟାମା ସେତେବେଳେ 'ମା' ନୁହନ୍ତି, ପରନ୍ତୁ 'ଦୟାମୟୀ' ଓ 'ଦାନବଜୟୀ ।'

ମୂର୍ଖେ କହେ ହେଉଥିବ ନଷ୍ଟସ୍ୱ, ଆସିଲେ ସମସ୍ତ ଦେବେ ସାଏ ଦେବା ଜାଣେ ।
ମୂର୍ଖ ତୁମେ, ସେଗ ମହାମାୟା ବ୍ୟପକୃତ ଭର ବିଭୂତ ଜଣେ ଜଣେ ॥

ଚେର ଝଞ୍ଜାବ, ଜଳକୁ ଲୁଣଥ, ଫେର ନାହିଁ ଚାହଁ, ପଛେ ଦେଖ ଭୟଙ୍କର ।
ଦୁଃଖ ଚାହଁ, ସୁଖ ହେବ କାଲେ, ଭକ୍ତିପୂଜାଛଳେ ସ୍ୱାର୍ଥ-ସିଦ୍ଧି ମନେ ଭର ॥
ଛାଗକଣ୍ଠ-ରୁଧିରର ଧାର, ଭୟର ସଞ୍ଚାର, ଦେଖି ତୋର ସ୍ନାୟୁ ଥରେ ।
କାପୁରୁଷ ! ଦୟାର ଆଧାର ! ଧନ୍ୟ ବ୍ୟବହାର ! ମର୍ମକଥା କହେ କା'ରେ[1] ?
ଭାଙ୍ଗ ବୀଣା—ପ୍ରେମସୁଧାପାନ, ମହା ଆକର୍ଷଣ—ଦୂର କର ନାରୀମାୟା ।
ଆଗୁଆନ, ସିନ୍ଧୁରୋଳେ ଗାନ, ଅଶ୍ରୁଜଳପାନ, ପ୍ରାଣପଣ, ଯାଉ କାୟା ॥
ଜାଗ ବୀର, ଘୁଞ୍ଚାଇ ସ୍ୱପନ, ମସ୍ତକେ ଶମନ, ଭୟ କି ତୁମକୁ ସାଜେ ।
ଦୁଃଖଭାର, ଏ ଭବ-ଈଶ୍ୱର, ମନ୍ଦିର ତାହାର ପ୍ରେତଭୂମି ଚିତାମଝେ ॥
ପୂଜା ତା'ର ସଂଗ୍ରାମ ଅପାର, ସଦା ପରାଜୟ, ନ ଡରାଉ ତାହା ଜମା ।
ଚୂର୍ଣ୍ଣ ହେଉ ସ୍ୱାର୍ଥ-ସାଧ ମାନ, ହୃଦୟ ଶ୍ମଶାନ, ନାଚୁ ତହିଁପରେ ଶ୍ୟାମା ॥

## ଗାଏ ଗୀତ ଶୁଣାଇ ତୁମକୁ

ଗାଏ ଗୀତ ଶୁଣାଇ ତୁମକୁ,
ଭଲ ମନ୍ଦ ନାହିଁ ଗଣେ,
ନ ଗଣେ ମୁଁ ଲୋକନିନ୍ଦା ଯଶକଥା ।
ଦାସ ତୁମ ଦୁହିଁଙ୍କର,
ସଶକ୍ତିକ ନମେ ତୁମ ପଦେ ।
ଅଛ ତୁମେ ପଛେ ଛିଡ଼ା ହୋଇ,
ତୁଣ୍ଡ ଫେରି ଦେଖେ ତବ ହସହସ ମୁଖ ।
ଗାଏ ବାରେ ବାରେ ଡରେ ନାହିଁ କାରେ,
ଜନ୍ମମୃତ୍ୟୁ ମୋର ପଦତଳେ ।
ଦାସ ତୁମ ଜନମେ ଜନମେ ଆହେ ଦୟାନିଧି !
ତବ ଗତି ଜଣା ନାହିଁ,
ମମ ଗତି—ତାହା ମଧ୍ୟ ନାହିଁ ଜଣା ।

---

୧ ଛାଗକଣ୍ଠ···କା'ରେ'—ବଳି ଦେବାକୁ ଯାଇ ରକ୍ତ ଦେଖି ଭୟରେ କମ୍ପିତ ଦେହ, ଭୟ, ଅବସାଦ ଇତ୍ୟାଦି ଦୁର୍ବଳତାର ଲକ୍ଷଣ । ପ୍ରେମ ମନୁଷ୍ୟକୁ ନିର୍ଭୀକ କରେ । ସ୍ୱାର୍ଥସିଦ୍ଧିର ଆଶାରେ କେବଳ କାହାର ସର୍ବନାଶ କରିବାକୁ ପୂଜାର ଆୟୋଜନ—ଅଥଚ ସେଭଳି ପୂଜା କରିବାବେଳେ ରକ୍ତ ଦେଖି ଭୟରେ ଅସ୍ଥିର ।

କେ ବା ସ୍ବୁହେଁ ଜାଣିବାରେ ?
ଭୁକ୍ତି ମୁକ୍ତି ଭକ୍ତି ଆଦି ଯେତେ,
ଜପ-ତପ ସାଧନ-ଭଜନ,
ଆଶା ତବ, ଦେଇଅଛୁ ତଡ଼ି;
ଅଛୁ ମାତ୍ର ଜଣାଜଣି-ଆଶା,
ତାହା ମଧ୍ୟ ପ୍ରଭୁ କର ଦୂର ।
ଚକ୍ଷୁ ଦେଖେ ଅଖିଳ ଜଗତ,
ଦେଖିବାକୁ ନ ସ୍ବୁହେଁ ନିଜକୁ,
କାହିଁକି ଦେଖିବ ?
ଦେଖିଲେ ପରର ରୂପ ଦେଖେ ନିଜ ରୂପ ।
ଚକ୍ଷୁ ତୁମେ ମମ, ତବ ରୂପ ସର୍ବଘଟେ ।

ପିଲାଖେଳ କରେ ତବ ସାଥେ,
କେବେ କ୍ରୋଧ କରେ ତୁମ ପରେ,
ସ୍ବୁହେଁ ଦୂରେ ଯିବାକୁ ପଳାଇ,
ମୁଣ୍ଡପରେ ତୁମେ ସ୍ଥିତେ ଛଡ଼ା,
ନିର୍ବାକ୍ ଆନନ, ଛଳଛଳ ଆଖି,
ସ୍ବୁହିଁ ରହ ମମ ମୁଖପରେ ।
ସଙ୍ଗେ ସଙ୍ଗେ ଫେରି, ଧରେ ତବ ପଦ,
କିନ୍ତୁ କ୍ଷମା ନାହିଁ ମାଗେ ।
ତୁମେ ନାହିଁ କର ରୋଷ ।
ପୁତ୍ର ତବ, ଅନ୍ୟ କେ ସହିବ ପ୍ରଗଲ୍‌ଭତା ?
ପ୍ରଭୁ ତୁମେ, ପ୍ରାଣସଖା ତୁମେ ମୋର ।
କେବେ ଦେଖେ ମୁଁ ହିଁ ତୁମେ, ତୁମେ ମୁହିଁ ।
ବାଣୀ ତୁମେ, ବୀଣାପାଣି କଣ୍ଠେ ମୋର,
ତରଙ୍ଗେ ତୁମର ଭାସିଯାଏ ନରନାରୀ ।
ସିନ୍ଧୁରୋଳେ ତବ ହୁହୁଙ୍କାର,
ଚନ୍ଦ୍ର ସୂର୍ଯ୍ୟ ତୁମର ବଚନ,
ମୃଦୁମନ୍ଦ ପବନ—ଆଳାପ,
ଏ ସକଳ ସତ୍ୟ କଥା ।
କିନ୍ତୁ ମାନେ—ଅତି ସ୍ଥୂଳଭାବ,
ତତ୍ତ୍ୱଜ୍ଞର ଏ ନୁହେଁ ବାରତା ।

ସୂର୍ଯ୍ୟ ଚନ୍ଦ୍ର ଚଳନ୍ତ ତାରା,
କୋଟି କୋଟି ମଣ୍ଡଳୀନିବାସ,
ଧୂମକେତୁ ବିଜୁଳି ଆଭାସ,
ସୁବିସ୍ତୃତ ଅନନ୍ତ ଆକାଶ—ମନ ଦେଖେ ।
କାମ, କ୍ରୋଧ, ଲୋଭ, ମୋହ ଆଦି
ଭଙ୍ଗ ଯଥା ତରଙ୍ଗ-ଲୀଳାର
ବିଦ୍ୟା-ଅବିଦ୍ୟାର ଘର,
ଜନ୍ମ ଜରା ଜୀବନମରଣ,
ସୁଖ-ଦୁଃଖ-ଦ୍ୱନ୍ଦ୍ୱଭରା,
କେନ୍ଦ୍ର ଯା'ର 'ଅହମହମିତି',
ଭୁଜଦ୍ୱୟ—ବାହାର ଅନ୍ତର,
ଆସମୁଦ୍ର ଆସୂର୍ଯ୍ୟଚନ୍ଦ୍ରମା,
ଆତାରକ ଅନନ୍ତ ଆକାଶ,
ମନ ବୁଦ୍ଧି ଚିତ୍ତ ଅହଙ୍କାର,
ଦେବ ଯକ୍ଷ ମାନବ ଦାନବ,
ପଶୁ ପକ୍ଷୀ କୃମି କୀଟଗଣ,
ଅଣୁକ ଦ୍ୱ୍ୟଣୁକ ଜଡ଼ ଜୀବ—
ସେହି ସମକ୍ଷେତ୍ରେ ଅବସ୍ଥିତ ।
ସ୍ଥୂଳ ଅତି ଏ ବାହ୍ୟ ବିକାଶ,
କେଶ ଯଥା ଶିରଃପରେ ।

ମେରୁତଟେ ହିମାନୀ ପର୍ବତ,
ଯୋଜନ ସେ ଯୋଜନ ବିସ୍ତାର;
ଅଭ୍ରଭେଦୀ ନିରଭ୍ର ଆକାଶେ
ଶତ ଉଠେ ଚୂଡ଼ା ତା'ର ।
ଝକମକ ଜ୍ୱଳେ ହିମଶିଳା
ଶତ ଶତ ବିଜୁଳି-ପ୍ରକାଶ !
ଉତ୍ତର ଅୟନେ ବିବସ୍ୱାନ,
ଏକୀଭୂତ ସହସ୍ରକିରଣ,
କୋଟି ବଜ୍ରସମ କରଧାର
ଢାଳେ ଯେବେ ତାହାର ଉପରେ,
ଶୃଙ୍ଗେ ଶୃଙ୍ଗେ ମୂର୍ଚ୍ଛିତ ଭାସ୍କର,

ଗଳେ ଚୂଡ଼ା ଶିଖର ଗହ୍ୱର,
ଝକଝ ଝନାଦେ ଖସିପଡ଼େ ଗିରିବର,
ସ୍ୱପ୍ନସମ ଜଳେ ଜଳ ଯାଏ ମିଶି ।
ସର୍ବବୃତ୍ତି ମାନସର ଯେବେ
ଏକୀଭୂତ ତୁମର କୃପାରେ,
କୋଟି ସୂର୍ଯ୍ୟ ଅତୀତ ପ୍ରକାଶ,
ଚନ୍ଦ୍ର-ସୂର୍ଯ୍ୟ ହୁଏ ଯେ ବିକାଶ,
ଡୁବିଯାଏ ରବି ଶଶୀ ତାରା,
ଆକାଶ ପାତାଳ ତଳାତଳ,
ଏ ବ୍ରହ୍ମାଣ୍ଡ ଗୋଷ୍ପଦ ସମାନ ।
ବାହ୍ୟଭୂମି ଅତୀତ ଗମନ,
ଶାନ୍ତ ଧାତୁ, ମନ ଆସ୍ଫାଳନ ନାହିଁ କରେ,
ଶ୍ଳଥ ଯେତେ ତନ୍ତ୍ରୀ ହୃଦୟର,
ଖୋଲିଯାଏ ସକଳ ବନ୍ଧନ,
ମାୟାମୋହ ହୁଏ ଦୂର,
ବାଜେ ତଥା ଅନାହତ ଧ୍ୱନି—ତବ ବାଣୀ :
ଶୁଣେ ସସମ୍ଭ୍ରମେ, ଦାସ ତବ ପ୍ରସ୍ତୁତ ସତତ
ସାଧିବାକୁ ତବ କାର୍ଯ୍ୟ ।

'ମୁହିଁ ବର୍ତ୍ତମାନ ।
ଅନନ୍ତ ବ୍ରହ୍ମାଣ୍ଡ ଗ୍ରାସେ ଯେବେ
ପ୍ରଳୟର କାଳେ
ଜ୍ଞାନ ଜ୍ଞେୟ ଜ୍ଞାତା ଲୟ,
ଅଲକ୍ଷଣ ଅତର୍କ୍ୟ ଜଗତ,
ନାହିଁ ରହେ ରବି ଶଶୀ ତାରା,
ସେ ମହାନିର୍ବାଣ, ନାହିଁ କର୍ମ କରଣ କାରଣ,
ମହା-ଅନ୍ଧକାର ଘୂରେ ଅନ୍ଧକାର-ବୁକେ,
ମୁହିଁ ବର୍ତ୍ତମାନ ।

'ମୁହିଁ ବର୍ତ୍ତମାନ ।
ଝିଣନ୍ୟ ଜଗତ ଶାନ୍ତ ସର୍ବଗୁଣଭେଦ,

ଏକାକାର ସୂକ୍ଷ୍ମ ରୂପ ଶୁଦ୍ଧ ପରମାଣୁକାନ୍ତ
ମୁହିଁ ବର୍ତ୍ତମାନ ।
'ମୁହିଁ ପୁଣି ହୁଏ ବଦଳିତ ।
ମମ ଶକ୍ତି ପ୍ରଥମ ବିକାର,
ଆଦ୍ୟ-ବାଣୀ ପ୍ରଣବ ଓଙ୍କାର
ବାଜେ ମହାଶୂନ୍ୟପଥେ,
ଅନନ୍ତ ଆକାଶ ଶୁଣେ ମହାନାଦ-ଧ୍ୱନି,
ଚେତେ ନିଦ୍ରା କାରଣମଣ୍ଡଳୀ,
ପାଏ ନବ ପ୍ରାଣ ଅନନ୍ତ ଅନନ୍ତ ପରମାଣୁ;
ଲମ୍ଫଝମ୍ଫ ଆବର୍ତ୍ତ ଉଚ୍ଛ୍ୱାସ
ଛୁଟେ କେନ୍ଦ୍ରପ୍ରତି—ଦୂର ବହୁଦୂରଠାରୁ;
ଚେତନ-ପବନ ତୋଳେ ଊର୍ମିମାଳା
ମହାଭୂତ-ସିନ୍ଧୁପରେ;
ପରମାଣୁ ଆବର୍ତ୍ତ ବିକାଶ,
ଆସ୍ଫାଳନ ପତନ ଉଚ୍ଛ୍ୱାସ,
ମହାବେଗେ ଧାଏଁ ସେ ତରଙ୍ଗରାଜି ।
ଅନନ୍ତ ଅନନ୍ତ ଖଣ୍ଡ ତା'ର
ଉତ୍କ୍ଷିପ୍ତ ପ୍ରତିଘାତ-ବଳେ
ଧାଏଁ ଶୂନ୍ୟପଥେ ଖଗୋଳମଣ୍ଡଳରୂପେ,
ଧାଏଁ ଗ୍ରହ ତାରା,
ଫେରେ ପୃଥ୍ୱୀ-ମନୁଷ୍ୟ-ଆବାସ ।

'ମୁହିଁ ଆଦ୍ୟ-କବି,
ମମ ଶକ୍ତି ବିକାଶ-ରଚନା
ଜଡ଼ ଜୀବ ଆଦି ଯେତେ
ମୁହିଁ କରେ ଖେଳା ଶକ୍ତିରୂପା ମମ ମାୟା-ସନେ
ଏକା ମୁହିଁ ହୁଏ ବହୁ ଦେଖିବାକୁ ଆପଣାର ରୂପ ।

'ମୁହିଁ ଆଦ୍ୟ-କବି,
ମମ ଶକ୍ତି ବିକାଶ-ରଚନା
ଜଡ଼ଜୀବ ଆଦି ଯେତେ ।

ମମ ଆଜ୍ଞାବଳେ
ବହେ ଝଞ୍ଜା ପୃଥିବୀ-ଉପରେ,
ଗର୍ଜେ ମେଘ ଅଶନି-ନିନାଦ,
ମୃଦୁମନ୍ଦ ମଳୟ-ପବନ
ଆସେ ଯାଏ ନିଃଶ୍ୱାସ-ପ୍ରଶ୍ୱାସରୂପେ;
ଢାଳେ ଶଶୀ ହିମକରଧାର,
ତରୁଲତା କରେ ଆଚ୍ଛାଦନ ଧରାବପୁ;
ଟେକେ ମୁଖ ଶିଶିରମାର୍ଜିତ
ଫୁଲ୍ଲ ଫୁଲ ରବି-ମୁଖେ ।'

## ସାଗର-ବକ୍ଷେ*

ନୀଳାକାଶେ ଭାସେ ମେଘକୁଳ,
ଶ୍ୱେତ, କୃଷ୍ଣ ବିବିଧ ବରଣ—
ତାରତମ୍ୟ କେତେ ତାରଲ୍ୟର,
ପୀତ ଭାନୁ ମାଗୁଛି ବିଦାୟ,
ରାଗଚ୍ଛଟା ଜଳଦର କୋଳେ ।

ବହେ ବାୟୁ ଆପଣା ଇଚ୍ଛାରେ,
ପ୍ରଭଞ୍ଜନ କରୁଛି ଗଠନ—
କ୍ଷଣେ ଗଢ଼େ, ଭାଙ୍ଗେ ଆଉ କ୍ଷଣେ—
କେତେମତେ ସତ୍ୟ ଅସମ୍ଭବ—
ଜଡ଼, ଜୀବ, ବର୍ଣ୍ଣ, ରୂପ, ଭାବ ।

ଏଇ ଆସେ ତୁଳାରାଶି ସମ,
ପରକ୍ଷଣେ ଦେଖ ମହାନାଗ,
ଦେଖ ସିଂହ ବିକାଶେ ବିକ୍ରମ,
ପୁଣି ଦେଖ ପ୍ରଣୟୀଯୁଗଳ;
ଶେଷେ ସବୁ ଆକାଶେ ମିଳାଏ ।

---

* ପାଶ୍ଚାତ୍ୟ ଦେଶରୁ ଦ୍ୱିତୀୟଥର ପ୍ରତ୍ୟାବର୍ତ୍ତନ ସମୟରେ ସ୍ୱାମୀଜୀ ଏହି କବିତା ରଚନା କରିଥିଲେ । ସେ ସମୟରେ ସ୍ୱାମୀଜୀ ସମ୍ଭବତଃ ଭୂମଧ୍ୟସାଗରର ପୂର୍ବଭାଗ ଅତିକ୍ରମ କରୁଥିଲେ ।

ତଳେ ସିନ୍ଧୁ ଗାଏ ନାନା ତାନ;
ମହାସ୍ୱାନ୍ ସେ ନୁହେଁ, ସ୍ୱରତ !
ଅମ୍ବୁରାଶି ବକ୍ଷଘାତ ଭ୍ରମର;
ରୂପରାଗ ହୋଇ ଜଲମଗ୍ନ
ଗାଏ ଏଥି, ନ କରେ ଗର୍ଜନ ।

# ପତ୍ରାବଳୀ

## ପରିଚିତି

ଏହି ଚିଠିଗୁଡ଼ିକରେ ଆମେ ସ୍ୱାମୀଜୀଙ୍କୁ ୧୮୮୮ ଖ୍ରୀଷ୍ଟାବ୍ଦଠାରୁ ତାଙ୍କର ମହାସମାଧିର (୪ ତାରିଖ, ଜୁଲାଇ ୧୯୦୨) ପୂର୍ବ ପର୍ଯ୍ୟନ୍ତ ନାନାବିଧ ଅବସ୍ଥା ମଧ୍ୟରେ ଦେଖିବାକୁ ପାଉଁ । ଐତିହାସିକ ଓ ଜୀବନଚରିତ-ଲେଖକଙ୍କ ପକ୍ଷରେ ଏହାର ମୂଲ୍ୟ କମ୍ ନୁହେଁ । ଏତଦ୍‌ବ୍ୟତୀତ ସେ କିପରି ସାଧନା ଏବଂ ମାନସିକ ଘାତ-ପ୍ରତିଘାତ ଭିତରଦେଇ ସାଫଲ୍ୟର ଚରମସୀମାରେ ଉପନୀତ ହୋଇଥିଲେ, ତାହାର ଆଭାସ ମଧ୍ୟ ଏଗୁଡ଼ିକ ମଧ୍ୟରେ ଆମେ ପାଇଥାଉଁ ।

ଆମେମାନେ ଦୃଢ଼ତାର ସହିତ କହିପାରୁ ଯେ, ସ୍ୱାମୀଜୀଙ୍କର ଅଗ୍ନିମୟୀ ବାଣୀସବୁ ତାଙ୍କର ପତ୍ରାବଳୀ ମଧ୍ୟରେ ମୂର୍ତ୍ତ ହୋଇ ଭାରତର ଜାତୀୟଜୀବନରେ ଏକ ଅପୂର୍ବ ଶକ୍ତି ସଞ୍ଚାର କରିଛି । କେବଳ ପରାଧୀନ ଭାରତରେ ଯେ ସ୍ୱାମୀଜୀଙ୍କ ବାଣୀଗୁଡ଼ିକର ସାର୍ଥକତା ଥିଲା, ତାହା ନୁହେଁ; ସ୍ୱାଧୀନ ଭାରତରେ ବି ତାହାର ଯଥେଷ୍ଟ ପ୍ରୟୋଜନ ରହିଛି । ସ୍ୱାମୀଜୀଙ୍କର ଦୃଷ୍ଟିରେ ଭାରତର ତଥା ବିଶ୍ୱର ଭାବୀ ସମାଜ କି ଭାବରେ ଗଠିତ ହେବ, ତାହାର କିପରି ରୂପ ହେବ ଏବଂ ସେଥିପାଇଁ କି କି ଉପାଦାନ ପ୍ରୟୋଜନ, ପତ୍ରଗୁଡ଼ିକରେ ସେସବୁର ଯଥେଷ୍ଟ ଇଙ୍ଗିତ ରହିଛି । ସେସବୁକୁ କାର୍ଯ୍ୟରେ ପରିଣତ କରିବା ଲାଗି ସେ ଦଳେ ତ୍ୟାଗୀ, ଦୃଢ଼ିଷ୍ଠ, ବଳିଷ୍ଠ, ମେଧାବୀ ଯୁବକ ଦରକାର କରିଥିଲେ । ସେହି ଯୁବକଦଳ ଭାରତକୁ ତାଙ୍କର ପରିକଳ୍ପିତ ଗ୍ରୁଞ୍ଚରେ ଢାଳି ଗଢ଼ିପାରିବେ ଏବଂ ବିଶ୍ୱ-ସଭ୍ୟତାର ଦରବାରରେ ଭାରତ ପାଇଁ ଯେଉଁ ମହିମାମୟ ସିଂହାସନ ନିର୍ଦ୍ଦିଷ୍ଟ ଅଛି ସେଥିରେ ତାକୁ ବସାଇବେ, ଏହା ହିଁ ଜଗତରେ ଶାନ୍ତି ଓ ଐକ୍ୟ-ସ୍ଥାପନର ଉପାୟ । ସ୍ୱାମୀଜୀଙ୍କର ମୂଳ ଓ ଶେଷ କଥା ହେଉଛି—'ମଣିଷ ଦରକାର ।' ଆମେମାନେ ଦେଶବାସୀଙ୍କୁ ତାଙ୍କର ଏହି ଐକାନ୍ତିକ ଆହ୍ୱାନରେ ଉଦ୍‌ବୁଦ୍ଧ ହେବାକୁ ଅନୁରୋଧ କରୁଛୁଁ ।

# ପତ୍ରାବଳୀ

୧  (ଶ୍ରୀଯୁକ୍ତ ପ୍ରମଦାଦାସ ମିତ୍ରଙ୍କୁ ଲିଖିତ)

ବୃନ୍ଦାବନ, ୧୨ ଅଗଷ୍ଟ ୧୮୮୮

ମାନ୍ୟବରେଷୁ,

ଶ୍ରୀଅଯୋଧ୍ୟା ବାଟ ହୋଇ ଶ୍ରୀବୃନ୍ଦାବନଧାମରେ ପହଞ୍ଚିଛି । କାଲିବାବୁଙ୍କ କୁଞ୍ଜରେ ରହିଛି—ସହରରେ ମନ ସଙ୍କୁଚିତ ହୋଇଯାଇଛି । ଶୁଣିଛି, ରାଧାକୁଣ୍ଡାଦି ସ୍ଥାନ ମନୋରମ । ତାହା ସହରଠାରୁ କିଞ୍ଚିତ୍ ଦୂରରେ । ଶୀଘ୍ର ହରିଦ୍ୱାର ଯିବି, ଇଚ୍ଛା ଅଛି । ହରିଦ୍ୱାରରେ ଆପଣଙ୍କର ଯଦି ଚିହ୍ନା ଲୋକ ଥାଆନ୍ତି, କୃପା କରି ତାଙ୍କ ପାଖକୁ ଏକ ପତ୍ର ଦିଅନ୍ତୁ । ତାହାହେଲେ ମୋ ପ୍ରତି ବିଶେଷ ଅନୁଗ୍ରହ କରାଯିବ । ଆପଣଙ୍କର ଏଠାକୁ ଆସିବା କଥା କଅଣ ହେଲା ? ଶୀଘ୍ର ଉତ୍ତର ଦେଇ କୃତାର୍ଥ କରିବେ । ଅଲମଧିକେନେତି ।

ଦାସ, ନରେନ୍ଦ୍ରନାଥ

୨  (ପ୍ରମଦାବାବୁଙ୍କୁ ଲିଖିତ) ଶ୍ରୀଶ୍ରୀଦୁର୍ଗାଶରଣଂ

ବୃନ୍ଦାବନ, ୨୦ ଅଗଷ୍ଟ ୧୮୮୮

ଈଶ୍ୱରଜ୍ୟୋତି ମହାଶୟେଷୁ,

ମୋର ଏକ ବୃଦ୍ଧ ଗୁରୁଭ୍ରାତା ସମ୍ପ୍ରତି କେଦାର ଓ ବଦରିକାଶ୍ରମ ଦର୍ଶନରୁ ଫେରି ବୃନ୍ଦାବନକୁ ଆସିଛନ୍ତି । ତାଙ୍କ ସହିତ ଗଙ୍ଗାଧରର ସାକ୍ଷାତ୍ ହେଲା । ଗଙ୍ଗାଧର ଦୁଇଥର ତିବ୍ବତ ଓ ଭୁଟାନ ପର୍ଯ୍ୟନ୍ତ ଯାଇଥିଲା । ଅତି ଆନନ୍ଦରେ ଅଛି । ତାକୁ ଦେଖି କାନ୍ଦି ଆକୁଳ ହେଲା । ଶୀତଦିନେ କନଖଲରେ ଥିଲା । ଆପଣଙ୍କର ପ୍ରଦତ୍ତ କଡ଼ା ତା' ହାତରେ ଆଜଯାଏ ଅଛି । ସେ ଫେରି ଆସୁଛି । ଏହି ମାସରେ ବୃନ୍ଦାବନ ଆସିବ । ମୁଁ ତାହାକୁ ଦେଖିବା ପ୍ରତ୍ୟାଶାରେ ହରିଦ୍ୱାର-ଗମନ କିଛିଦିନ ସ୍ଥଗିତ ରଖିଲି । ଆପଣଙ୍କର ସନ୍ନିପତ୍ତ୍ୱସ୍ଥି ସେହି ଶିବଭକ୍ତ ବ୍ରାହ୍ମଣଙ୍କୁ ମୋର କୋଟି ସାଷ୍ଟାଙ୍ଗ ପ୍ରଣାମ ଜଣାଇବେ ଓ ଆପଣ ଜାଣିବେ । ଅଲମିତି ।

ଦାସ, ନରେନ୍ଦ୍ରନାଥ

୩  (ପ୍ରମଦାବାବୁଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ବରାହନଗର ମଠ, ମାର୍ଗଶୀର ୫ଦିନ, ସୋମବାର ୧୨୯୫ (୧୯।୧୧।୧୮୮୮)

ପୂଜ୍ୟପାଦ ମହାଶୟ,

ଆପଣଙ୍କ ପ୍ରେରିତ ପୁସ୍ତକଦ୍ୱୟ ପ୍ରାପ୍ତ ହୋଇଛି ଏବଂ ଆପଣଙ୍କ ଅଗାଧ ହୃଦୟର ଉପଯୁକ୍ତ ପରିଚୟସୂଚକ ଅଦ୍ଭୁତ ସ୍ନେହରସାପ୍ଲୁତ ଲିପି ପାଠ କରି ଆନନ୍ଦରେ ପୂର୍ଣ୍ଣ ହୋଇଛି । ମହାଶୟ ମୋ ଭଳି ଜଣେ ଭିକ୍ଷାଜୀବୀ ଉଦାସୀନ ପ୍ରତି ଏତେ ସ୍ନେହ ପ୍ରକାଶ

14. Greycoat gardens
Westminster. S.W. London.
3rd Dec. 96

Dear Alberta — Herewith I enclose a letter of Mabel to forward to you. I have enjoyed the news in it very much and so I am sure you will.

I am to start from here for India on the 16th and to take the steamer at Naples. I will therefore be in Italy for some days and in Rome 3 or 4 days. I will be very happy to look in to say good bye to you. Capt and Mrs Sevier from England are going to India with me and they will be with me in Italy of course — you saw them last summer. I intend to return to the U.S. and to Europe thence in about a year.

With all love & blessings
Vivekananda

[ ସ୍ୱାମୀଜୀଙ୍କ ସ୍ୱହସ୍ତଲିଖିତ ଖଣ୍ଡିଏ ପତ୍ର ]

କରନ୍ତୁ, ଏହା ମୋର ପ୍ରାକ୍ତନର ସୁକୃତିବଶତଃ ସନ୍ଦେହ ନାହିଁ । ବେଦାନ୍ତ-ପ୍ରେରଣଦ୍ୱାରା ମହାଶୟ କେବଳ ମୋତେ ନୁହେଁ, ପରନ୍ତୁ ଭଗବାନ ରାମକୃଷ୍ଣଙ୍କର ସମୁଦାୟ ସନ୍ନ୍ୟାସୀ ଶିଷ୍ୟମଣ୍ଡଳୀଙ୍କୁ ଚିରକୃତଜ୍ଞତା-ପାଶରେ ଆବଦ୍ଧ କରିଅଛନ୍ତି । ସେମାନେ ଅବନତ ମସ୍ତକରେ ଆପଣଙ୍କୁ ପ୍ରଣିପାତ ଜଣାଉଛନ୍ତି । ପାଣିନିଙ୍କ ବ୍ୟାକରଣ କେବଳ ମୋ ନିମିତ୍ତ ପ୍ରାର୍ଥନା କରି ନାହିଁ, ପ୍ରତ୍ୟୁତ ଏ ମଠରେ ସଂସ୍କୃତ ଶାସ୍ତ୍ରର ବହୁଳ ଚର୍ଚ୍ଚା ହୋଇଥାଏ । ବଙ୍ଗଦେଶରେ ବେଦଶାସ୍ତ୍ରର ସମ୍ପୂର୍ଣ୍ଣ ଅପ୍ରଚାର କହିଲେ ଚଳେ । ଏହି ମଠର ଅନେକ ବ୍ୟକ୍ତି ସଂସ୍କୃତଜ୍ଞ ଏବଂ ବେଦର ସଂହିତାଦିଭାଗ ସମ୍ପୂର୍ଣ୍ଣରୂପେ ଆୟତ୍ତ କରିବା ପାଇଁ ସେମାନଙ୍କର ଏକାନ୍ତ ଅଭିଳାଷ । ସେମାନଙ୍କର ମତ, ଯାହା କରିବାକୁ ହେବ ତାହା ସମ୍ପୂର୍ଣ୍ଣରୂପେ କରିବେ । ଅତଏବ ପାଣିନିକୃତ ସର୍ବୋତ୍କୃଷ୍ଟ ବ୍ୟାକରଣ ଆୟତ୍ତ ନ ହେଲେ ବୈଦିକ ଭାଷାରେ ସମ୍ପୂର୍ଣ୍ଣ ଜ୍ଞାନ ହେବା ଅସମ୍ଭବ, ଏହି ବିବେଚନାରେ ଉକ୍ତ ବ୍ୟାକରଣ ଆବଶ୍ୟକ ହେଉଛି । 'ଲଘୁ' ଅପେକ୍ଷା ଆମମାନଙ୍କର ବାଲ୍ୟାଧୀତ 'ମୁଗ୍ଧବୋଧ' ଅନେକାଂଶରେ ଉତ୍କୃଷ୍ଟ । ଯାହାହେଉ, ମହାଶୟ ଅତି ପଣ୍ଡିତ ବ୍ୟକ୍ତି ଏବଂ ଏ ବିଷୟରେ ଆମମାନଙ୍କର ସଦୁପଦେଷ୍ଟା । ଆପଣ ବିବେଚନା କରି ଯଦି ଏ ବିଷୟରେ ଅଷ୍ଟାଧ୍ୟାୟୀ ସର୍ବୋତ୍କୃଷ୍ଟ ହୁଏ, ତାହାକୁ (ଯଦି ଆପଣଙ୍କର ସୁବିଧା ଓ ଇଚ୍ଛା ହୁଏ) ଦାନକରି ଆମମାନଙ୍କୁ ଚିର କୃତଜ୍ଞତାପାଶରେ ଆବଦ୍ଧ କରିବେ । ଏ ମଠରେ ଅତି ତୀକ୍ଷ୍ଣବୁଦ୍ଧି, ମେଧାବୀ ଏବଂ ଅଧ୍ୟବସାୟଶୀଳ ବ୍ୟକ୍ତିଙ୍କର ଅଭାବ ନାହିଁ । ଗୁରୁଙ୍କ କୃପାରୁ ସେମାନେ ଅଳ୍ପଦିନ ମଧ୍ୟରେ ଅଷ୍ଟାଧ୍ୟାୟୀ ଅଭ୍ୟାସ କରି ବେଦଶାସ୍ତ୍ର ବଙ୍ଗଦେଶରେ ପୁନରୁଜ୍ଜୀବିତ କରିପାରିବେ ବୋଲି ଭରସା କରେ । ମହାଶୟଙ୍କ ନିମନ୍ତେ ମୋ ଗୁରୁମହାରାଜଙ୍କର ଦୁଇଖଣ୍ଡି ଫଟୋଗ୍ରାଫ୍ ଏବଂ ତାହାଙ୍କର ଗ୍ରାମ୍ୟଭାଷାରେ ଉପଦେଶର କିୟଦଂଶ ଯାହା କୌଣସି ବ୍ୟକ୍ତି ସଙ୍କଳିତ କରି ମୁଦ୍ରିତ କରିଛନ୍ତି—ସେଥିରୁ ଦୁଇଖଣ୍ଡ ପ୍ରେରଣ କଲି । ଆଶା କରେ, ଗ୍ରହଣ କରି ଆମମାନଙ୍କୁ ଆନନ୍ଦିତ କରିବେ । ମୋର ଶରୀର ଅନେକ ପରିମାଣରେ ସୁସ୍ଥ ହୋଇଅଛି । ଭରସା, ଦୁଇ ତିନିମାସ ମଧ୍ୟରେ ମହାଶୟଙ୍କ ଚରଣ ଦର୍ଶନ କରି ସାର୍ଥକ ହେବି । କିମଧିକମିତି ।

ଦାସ, ନରେନ୍ଦ୍ରନାଥ

୪ (ପ୍ରମଦାବାବୁଙ୍କୁ ଲିଖିତ) ଶ୍ରୀଶ୍ରୀଦୁର୍ଗା

ବରାହନଗର, କଲିକତା, ୨୮ ନଭେମ୍ବର ୧୮୮୮

ପ୍ରଣାମ-ନିବେଦନମିଦଂ,

ମହାଶୟଙ୍କ ପ୍ରେରିତ ପାଣିନି ପୁସ୍ତକ ପ୍ରାପ୍ତ ହୋଇଅଛି । ଆମମାନଙ୍କର ବିଶେଷ କୃତଜ୍ଞତା ଜାଣିବେ । ମୁଁ ପୁଣି ଜ୍ୱରରେ ପଡ଼ିଥିଲି; ସେଥିପାଇଁ ଶୀଘ୍ର ଉତ୍ତର ଦେଇପାରି ନାହିଁ । କ୍ଷମା କରିବେ । ଶରୀର ଅତ୍ୟନ୍ତ ଅସୁସ୍ଥ । ମହାଶୟଙ୍କର ଶାରୀରିକ ଓ ମାନସିକ କୁଶଳ ନିମନ୍ତେ ମହାମାୟୀଙ୍କ ନିକଟରେ ପ୍ରାର୍ଥନା କରୁଅଛି । ଇତି ।

ଦାସ, ନରେନ୍ଦ୍ରନାଥ

୫ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବରାହନଗର, ମାଘ ୨୩ ଦିନ (୪।୨।୧୮୮୯)

ନମସ୍କାର ମହାଶୟ,

କେତେକ କାରଣବଶତଃ ଅଦ୍ୟ ମୋର ମନ ଅତି ସଙ୍କୁଚିତ ଓ କ୍ଷୁବ୍ଧ ହୋଇଥିଲା । ଏପରି ସମୟରେ ଆପଣଙ୍କର ମୋତେ ଅପାର୍ଥିବ ବାରାଣସୀ-ପୁରୀକୁ ଆବାହନ ପତ୍ର ଆସି ଉପସ୍ଥିତ ହେଲା । ଏହାକୁ ମୁଁ ବିଶ୍ୱେଶ୍ୱରଙ୍କ ବାଣୀରୂପେ ଗ୍ରହଣ କଲି । ସମ୍ପ୍ରତି ମୋର ଗୁରୁଦେବଙ୍କ ଜନ୍ମଭୂମି ଦର୍ଶନାର୍ଥେ ଗମନ କରୁଛି । ସେଠାରେ କେତେକ ଦିବସମାତ୍ର ଅବସ୍ଥାନ କରି ଆପଣଙ୍କ ସମୀପରେ ଉପସ୍ଥିତ ହେବି । କାଶୀନାଥଙ୍କ ଦର୍ଶନରେ ଯାହାର ମନ ବିଗଳିତ ନ ହୁଏ, ସେ ନିଶ୍ଚିତ ପାଷାଣରେ ନିର୍ମିତ । ମୋର ଶରୀର ଏହିକ୍ଷଣି ଅନେକ ପରିମାଣରେ ସୁସ୍ଥ । ଜ୍ଞାନାନନ୍ଦଙ୍କୁ ମୋର ପ୍ରଣାମ । ଯେତେଶୀଘ୍ର ପାରେ ମହାଶୟଙ୍କ ସନ୍ନିଧିରେ ଉପସ୍ଥିତ ହେବି । ଯାହା ବିଶ୍ୱେଶ୍ୱରଙ୍କ ଇଚ୍ଛା । କିମଧିକମିତି, ସାକ୍ଷାତ୍‌ରେ ସମସ୍ତ ଜାଣିବେ ।

ଦାସ, ନରେନ୍ଦ୍ରନାଥ

୬ (ଶ୍ରୀଯୁକ୍ତ ମହେନ୍ଦ୍ରନାଥ ଗୁପ୍ତଙ୍କୁ [ମାଷ୍ଟର ମହାଶୟଙ୍କୁ] ଲିଖିତ)

ଆଣ୍ଟପୁର*, ମାଘ ୨୭ ଦିନ, ୧୨୯୫ (୭।୨।୧୮୮୯)

ପ୍ରିୟ ମ—,

ମାଷ୍ଟର ମହାଶୟ, ମୁଁ ଆପଣଙ୍କୁ ଲକ୍ଷ ଲକ୍ଷ ଥର ଧନ୍ୟବାଦ ଦେଉଛି । ଆପଣ ରାମକୃଷ୍ଣଙ୍କୁ ଠିକ୍‌ରୂପେ ବୁଝିଛନ୍ତି । ହାୟ, ଅତି ଅଳ୍ପ ଲୋକ ହିଁ ତାହାଙ୍କୁ ବୁଝିପାରିଛନ୍ତି !

ଆପଣଙ୍କର, ନରେନ୍ଦ୍ରନାଥ

ପୁ:—ଯେଉଁ ଉପଦେଶାମୃତ ଭବିଷ୍ୟତରେ ଜଗତରେ ଶାନ୍ତି ବର୍ଷଣ କରିବ, କୌଣସି ବ୍ୟକ୍ତିକୁ ଯେତେବେଳେ ତାହା ଭିତରେ ସମ୍ପୂର୍ଣ୍ଣ ବୁଡ଼ି ରହିବାର ଦେଖେ, ସେତେବେଳେ ମୋ ହୃଦୟ ଆନନ୍ଦରେ ନୃତ୍ୟ କରେ ଏବଂ ମୁଁ ଯେ ଆନନ୍ଦରେ ଏକାବେଳକେ ଉନ୍ମତ୍ତ ହୋଇଯାଏ ନାହିଁ କାହିଁକି—ତାହା ହିଁ ଆଶ୍ଚର୍ଯ୍ୟ !

୭ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବରାହନଗର, ଫାଲ୍‌ଗୁନ ୧୧ ଦିନ (୨୧।୨।୧୮୮୯)

ମହାଶୟ,

କାଶୀଧାମକୁ ଯିବା ପାଇଁ ସଂକଳ୍ପ ଥିଲା ଏବଂ ମୋର ଗୁରୁଦେବଙ୍କ ଜନ୍ମଭୂମି ପରିଦର୍ଶନ ପରେ କାଶୀଧାମରେ ପହଞ୍ଚିବି—ଏହିପରି କଳ୍ପନା ଥିଲା; କିନ୍ତୁ ମୋର ଦୁରଦୃଷ୍ଟବଶତଃ ଉକ୍ତ ଗ୍ରାମକୁ ଯିବା ପଥରେ ଅତ୍ୟନ୍ତ ଜ୍ୱର ହେଲା ଏବଂ ତତ୍ପରେ କଲେରା

* ସ୍ୱାମୀ ପ୍ରେମାନନ୍ଦଙ୍କର ଜନ୍ମଭୂମି । ସ୍ୱାମୀଜୀ ଓ ତାହାଙ୍କର କେତେଜଣ ଗୁରୁଭ୍ରାତା ଏହି ସମୟରେ ଏ ସ୍ଥାନରେ ଅବସ୍ଥାନ କରୁଥିଲେ ।

ଭଲ ଝାଡ଼ା ଓ ବାନ୍ତି ହେଲା । ତିନି ଚାରିଦିନ ପରେ ପୁଣି ଜ୍ୱର ହୋଇଅଛି । ଏହିକ୍ଷଣି ଶରୀର ଏତେ ଦୁର୍ବଳ ଯେ ଦୁଇ ପାଦ ଚାଲିବାର ସାମର୍ଥ୍ୟ ମଧ୍ୟ ନାହିଁ । ଅତଏବ ବାଧ୍ୟ ହୋଇ ଏହିକ୍ଷଣି ପୂର୍ବୋକ୍ତ ସଂକଳ୍ପ ପରିତ୍ୟାଗ କରିବାକୁ ହେଲା । ଭଗବାନଙ୍କର କଅଣ ଇଚ୍ଛା ଜାଣେ ନାହିଁ; କିନ୍ତୁ ମୋ ଶରୀର ଏ ପଥର ନିତାନ୍ତ ଅନୁପଯୁକ୍ତ । ଯାହାହେଉ, ଶରୀର ବିଶେଷ ବଡ଼ କଥା ନୁହେଁ । କିଛିଦିନ ଏ ସ୍ଥାନରେ ରହି କିଞ୍ଚିତ୍ ସୁସ୍ଥ ହେବା ମାତ୍ରେ ମହାଶୟଙ୍କ ଚରଣ ଦର୍ଶନ କରିବାର ଅଭିଳାଷ ଅଛି । ବିଶ୍ୱେଶ୍ୱରଙ୍କ ଯାହା ଇଚ୍ଛା, ତାହା ହିଁ ହେବ । ଆପଣ ମଧ୍ୟ ଆଶୀର୍ବାଦ କରନ୍ତୁ ! ଜ୍ଞାନାନନ୍ଦ ଭାଇଙ୍କୁ ମୋର ପ୍ରଣାମ ଏବଂ ମହାଶୟ ମଧ୍ୟ ଜାଣିବେ । ଇତି ।

ଦାସ, ନରେନ୍ଦ୍ରନାଥ

୮ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବାଗବଜାର, କଲିକତା, ୨୧ ମାର୍ଚ୍ଚ ୧୮୮୯

ପୂଜନୀୟ ମହାଶୟ,

କେତେକ ଦିନ ହେଲା ଆପଣଙ୍କ ପତ୍ର ପାଇଅଛି । କୌଣସି ବିଶେଷ କାରଣ-ବଶତଃ ଉତ୍ତର ପ୍ରଦାନ କରିପାରି ନାହିଁ, କ୍ଷମା କରିବେ । ଶରୀର ଏହିକ୍ଷଣି ଅତ୍ୟନ୍ତ ଅସୁସ୍ଥ, ମଧ୍ୟେ ମଧ୍ୟେ ଜ୍ୱର ହେଉଅଛି; କିନ୍ତୁ ପ୍ଲୀହାଦି କୌଣସି ଉପସର୍ଗ ନାହିଁ । ହୋମିଓ-ପ୍ୟାଥିକ୍ ଚିକିତ୍ସା କରାଉଛି । ଅଧୁନା କାଶୀ ଯିବାର ସଂକଳ୍ପ ଏକାବେଳକେ ପରିତ୍ୟାଗ କରିବାକୁ ହୋଇଛି । ପରେ ଶରୀରର ଅବସ୍ଥା ଦେଖି ଈଶ୍ୱର ଯାହା କରିବେ, ହେବ । ଜ୍ଞାନାନନ୍ଦ ଭାଇଙ୍କ ସହିତ ଯଦି ସାକ୍ଷାତ୍ ହୁଏ, ଅନୁଗ୍ରହ କରି କହିବେ —ସେ ଯେପରି ମୋ ନିମନ୍ତେ ଅପେକ୍ଷା କରି ବସି ନ ରହନ୍ତି । ମୋର ଯିବା ଅତ୍ୟନ୍ତ ଅନିଶ୍ଚିତ । ଆପଣ ମୋର ପ୍ରଣାମ ଜାଣିବେ ଓ ଜ୍ଞାନାନନ୍ଦଙ୍କୁ ଜଣାଇବେ । ଇତି

ଦାସ, ନରେନ୍ଦ୍ରନାଥ

୯ (ପ୍ରମଦାବାବୁଙ୍କୁ ଲିଖିତ) ଶ୍ରୀଶ୍ରୀଦୁର୍ଗାଶରଣମ୍

ବରାହନଗର, ୨୬ ଜୁନ୍ ୧୮୮୯

ପୂଜ୍ୟପାଦ ମହାଶୟ,

ନାନା କାରଣରୁ ବହୁତ ଦିନ ହେଲା ଆପଣଙ୍କୁ କୌଣସି ପତ୍ରାଦି ଲେଖିପାରି ନାହିଁ, ସେଥିପାଇଁ କ୍ଷମା କରିବେ । ଅଧୁନା ଗଙ୍ଗାଧରଙ୍କର ସମ୍ବାଦ ପାଇଅଛି ଏବଂ ମୋର କୌଣସି ଗୁରୁଭ୍ରାତାଙ୍କ ସହିତ ସାକ୍ଷାତ୍ ହେବାରୁ ସେ ଦୁଇଜଣଯାକ ଉତ୍ତରାଖଣ୍ଡରେ ରହିଛନ୍ତି । ଆମମାନଙ୍କର ଏ ସ୍ଥାନରୁ ଚାରିଜଣ ଉତ୍ତରାଖଣ୍ଡରେ ରହିଛନ୍ତି, ଗଙ୍ଗାଧରଙ୍କୁ ମିଶାଇ ପାଞ୍ଚଜଣ । ଶିବାନନ୍ଦ ନାମକ ମୋର ଜଣେ ଗୁରୁଭ୍ରାତାଙ୍କ ସହିତ କେଦାରନାଥ ପଥରେ ଶ୍ରୀନଗର ନାମକ ସ୍ଥାନରେ ଗଙ୍ଗାଧରଙ୍କର ସାକ୍ଷାତ୍ ହେଲା । ଗଙ୍ଗାଧର ଏହି ସ୍ଥାନରୁ ଦୁଇଖଣ୍ଡ ପତ୍ର ଲେଖିଛନ୍ତି । ସେ ପ୍ରଥମ ବର୍ଷ ତିବ୍ବତ ପ୍ରବେଶ ନିମନ୍ତେ ଅନୁମତି ପାଇଲେ ନାହିଁ । ପରବର୍ଷ ପାଇଲେ । ଲାମାମାନେ ତାହାଙ୍କୁ ଅତ୍ୟନ୍ତ ଭଲ ପାଆନ୍ତି ।

ସେ ତିବ୍ବତୀ ଭାଷା ଶିକ୍ଷା କରିଛନ୍ତି । ସେ କହନ୍ତି, ତିବ୍ବତର ଶତକଡ଼ା ୯୦ ଜଣ ଲାମା; କିନ୍ତୁ ସେମାନେ ଏହିକ୍ଷଣି ତାନ୍ତ୍ରିକ ମତର ଉପାସନା ଅଧିକ ପରିମାଣରେ କରନ୍ତି । ଅତ୍ୟନ୍ତ ଶୀତଳ ଦେଶ—ଖାଦ୍ୟ ଅନ୍ୟ କିଛି ନାହିଁ—କେବଳ ଶୁଷ୍କ ମାଂସ । ଗଙ୍ଗାଧର ତାକୁ ହିଁ ଖାଇ ଖାଇ ଯାଇଥିଲେ । ମୋର ଶରୀର ମନ୍ଦ ନାହିଁ; କିନ୍ତୁ ମନର ଅବସ୍ଥା ଅତି ଭୟଙ୍କର !

ଦାସ, ନରେନ୍ଦ୍ର

୧୦ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବାଗ୍‌ବଜାର, କଲିକତା, ୪ ଜୁଲାଇ ୧୮୮୯

ପୂଜ୍ୟପାଦ ମହାଶୟ,

କାଲି ଆପଣଙ୍କ ପତ୍ରରୁ ସବିଶେଷ ଅବଗତ ହୋଇ ପରମ ଆନନ୍ଦିତ ହେଲି । ଆପଣଙ୍କୁ ପତ୍ର ଲେଖିବା ପାଇଁ ଗଙ୍ଗାଧରଙ୍କୁ ଅନୁରୋଧ କରିବା ନିମନ୍ତେ ଯେ ଆପଣ ଲେଖିଛନ୍ତି, ତାହାର କୌଣସି ସମ୍ଭାବନା ଦେଖୁ ନାହିଁ । କାରଣ ସେମାନେ ଆମମାନଙ୍କ ପାଖକୁ ପତ୍ର ଦେଉଛନ୍ତି; କିନ୍ତୁ ସେମାନେ କୌଣସି ସ୍ଥାନରେ ୨।୩ ଦିନ ରହୁ ନାହାନ୍ତି । ଅତଏବ ଆମମାନଙ୍କର କୌଣସି ପତ୍ରାଦି ପାଉ ନାହାନ୍ତି । ମୋର ପୂର୍ବ ଅବସ୍ଥାର କୌଣସି ଆତ୍ମୀୟ ଶିମୁଳତଳରେ (ବୈଦ୍ୟନାଥଙ୍କ ନିକଟରେ) ଗୋଟିଏ ବଙ୍ଗଳା କିଣିଛନ୍ତି । ସେହି ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟକର ହୋଇଥିବାରୁ ମୁଁ ସେଠାରେ କିଛିଦିନ ଥିଲି; କିନ୍ତୁ ଗ୍ରୀଷ୍ମର ଆତିଶଯ୍ୟରେ ଅତ୍ୟନ୍ତ ଉଦରାମୟ ହେବାରୁ ପଳାଇ ଆସିଲି ।

କାଶୀଧାମକୁ ଯାଇ ମହାଶୟଙ୍କ ଚରଣ ଦର୍ଶନ କରି ଏବଂ ସଦାଳାପରେ ଅବସ୍ଥାନ-ପୂର୍ବକ ଆତ୍ମାକୁ ଚରିତାର୍ଥ କରିବି—ଏହି ଇଚ୍ଛା ଯେ ଅନ୍ତରରେ କେତେ ବଳବତୀ, ତାହା ବାକ୍ୟରେ ବର୍ଣ୍ଣନା କରିପାରିବି ନାହିଁ; କିନ୍ତୁ ସବୁ ତାଙ୍କରି ହାତରେ । କିଏ ଜାଣେ, ମହାଶୟଙ୍କ ସହିତ ହୃଦୟର କି ଜନ୍ମାନ୍ତରୀଣ ଯୋଗ ଅଛି; ତାହା ନ ହେଲେ ଏହି କଲିକତାରେ ବହୁ ଧନୀ ମାନୀ ଲୋକ ମୋତେ ଯଥେଷ୍ଟ ସ୍ନେହ କରନ୍ତି; କିନ୍ତୁ ସେମାନଙ୍କର ସଙ୍ଗ ମୋତେ ସାତିଶୟ ବିରକ୍ତିକର ବୋଧହୁଏ । ଆଉ ମହାଶୟଙ୍କ ସହିତ ଦିନକର ଆଳାପରେ ହିଁ ପ୍ରାଣ ଏପରି ମୁଗ୍ଧ ହୋଇଅଛି ଯେ, ଆପଣଙ୍କୁ ହୃଦୟର ପରମାତ୍ମୀୟ ଓ ଧର୍ମବନ୍ଧୁ ରୂପେ ଗ୍ରହଣ କରିଛି । ମହାଶୟ ଭଗବାନଙ୍କର ପ୍ରିୟ ସେବକ । ଏହା ଗୋଟିଏ କାରଣ । ଅନ୍ୟଟି ବୋଧହୁଏ—

‘ତଚ୍ଚେତସା ସ୍ମରତି ନୂନମବୋଧପୂର୍ବଂ
ଭାବସ୍ଥିରାଣି ଜନନାନ୍ତରସୌହୃଦାନି ।’*

ଭୂୟୋଦର୍ଶନ ଏବଂ ସାଧନାର ଫଳସ୍ୱରୂପ ମହାଶୟଙ୍କର ଯେଉଁ ଉପଦେଶ, ସେଥିନିମନ୍ତେ ମୁଁ ଆପଣଙ୍କ ନିକଟରେ ଋଣୀ ରହିଲି । ନାନା ପ୍ରକାର ଅଭିନବ ମତ

* ପୂର୍ବଜନ୍ମର ପ୍ରୀତିର ସ୍ମୃତି ହିଁ ପରଜନ୍ମରେ ସହଜ ଆକର୍ଷଣ ରୂପେ ଦେଖାଦିଏ—ଅଭିଜ୍ଞାନଶକୁନ୍ତଳମ୍, କାଳିଦାସ

ମସ୍ତିଷ୍କରେ ଧାରଣ ହେତୁରୁ ଯେ ସମସ୍ତ ସମୟରେ ଯାତନା ଭୋଗ କରିବାକୁ ହୁଏ, ଏହା ଅତ୍ୟଥାର୍ଥ ଏବଂ ଅନେକ ସମୟରେ ମୁଁ ଏହା ଲକ୍ଷ୍ୟ କରିଛି ।

କିନ୍ତୁ ଏଥର ଅନ୍ୟପ୍ରକାର ରୋଗ । ଈଶ୍ବରଙ୍କର ମଙ୍ଗଳବିଧାନରେ ବିଶ୍ବାସ ମୋର ଯାଇ ନାହିଁ ଏବଂ ଯିବାର ମଧ୍ୟ ନୁହେଁ । ଶାସ୍ତ୍ରରେ ବିଶ୍ବାସ ମଧ୍ୟ ଟଳି ନାହିଁ; କିନ୍ତୁ ଭଗବାନଙ୍କ ଇଚ୍ଛାରେ ଗତ ପାଞ୍ଚ ସାତ ବର୍ଷ ଧରି ମୋର ଜୀବନ କ୍ରମାଗତ ନାନାପ୍ରକାର ବାଧାବିଘ୍ନ ସହିତ ସଂଗ୍ରାମରେ ପରିପୂର୍ଣ୍ଣ । ମୁଁ ଆଦର୍ଶ ଶାସ୍ତ୍ର ପାଇଛି, ଆଦର୍ଶ ମନୁଷ୍ୟ ଆଖିରେ ଦେଖିଛି, ଅଥଚ ପୂର୍ଣ୍ଣଭାବରେ ନିଜେ କିଛି କରିପାରୁ ନାହିଁ, ଏହା ହିଁ ଅତ୍ୟନ୍ତ କଷ୍ଟଦାୟକ ବିଷୟ । ବିଶେଷତଃ କଲିକତା ନିକଟରେ ରହିଲେ କିଛି ହେବାର କୌଣସି ଉପାୟ ଦେଖୁ ନାହିଁ । ମୋର ମାତା ଓ ଦୁଇଟି ଭାଇ କଲିକତାରେ ରହନ୍ତି । ମୁଁ ଜ୍ୟେଷ୍ଠ, ମଧ୍ୟମଟି ଏଥର ଫାଷ୍ଟ ଆର୍ଟସ ପଢ଼ୁଛି, ଆଉ ଗୋଟିଏ ଛୋଟ ।

ଏମାନଙ୍କର ଅବସ୍ଥା ପୂର୍ବେ ବହୁତ ଭଲ ଥିଲା; କିନ୍ତୁ ମୋର ପିତାଙ୍କର ମୃତ୍ୟୁ ସମୟଠାରୁ ଅତିଶୟ ଦୁଃସ୍ଥ । ଏପରି କି କେବେ କେବେ ଉପବାସରେ ଦିନ କଟେ । ତାହା ଉପରେ ଜ୍ଞାତିମାନେ ଦୁର୍ବଳ ଦେଖି ପୈତୃକ ବାସଭୂମିରୁ ତଡ଼ି ଦେଇଥିଲେ । ହାଇକୋର୍ଟରେ ମକଦ୍ଦମା କରି ସେହି ପୈତୃକ ଗୃହର ଅଂଶ ପାଇଛନ୍ତି ସତ୍ୟ, କିନ୍ତୁ ମକଦ୍ଦମାର ଯେପରି ଦାଉ, ସେଥିରେ ସର୍ବସ୍ବାନ୍ତ ହୋଇଛନ୍ତି ।

କେବେ କେବେ କଲିକତା ପାଖରେ ରହିଲେ ସେମାନଙ୍କର ଦୁରବସ୍ଥା ଦେଖି ରଜୋଗୁଣର ପ୍ରାବଲ୍ୟରେ ଅହଙ୍କାରର ବିକାରସ୍ବରୂପ କାର୍ଯ୍ୟକାରୀ ବାସନାର ଉଦୟ ହୁଏ । ସେହି ସମୟରେ ମନ ମଧ୍ୟରେ ହେଉଥିବା ଘୋର ଯୁଦ୍ଧ ବାଧେ । ସେହି ହେତୁରୁ ଲେଖିଥିଲି—ମନର ଅବସ୍ଥା ଖୁବ୍ ଭୟଙ୍କର । ଏଥର ସେମାନଙ୍କର ମକଦ୍ଦମା ଶେଷ ହୋଇଛି । ଆପଣ ଆଶୀର୍ବାଦ କରନ୍ତୁ, କିଛିଦିନ କଲିକତାରେ ରହି ସେମାନଙ୍କର ସମସ୍ତ ମୀମାଂସା କରି ଯେପରି ଏ ଦେଶରୁ ଚିରଦିନ ପାଇଁ ବିଦାୟ ନେଇପାରେ । ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ ସମୁଦ୍ରମାପଃ*···ଇତ୍ୟାଦି ।

ଆଶୀର୍ବାଦ କରନ୍ତୁ, ଯେପରି ମୋ ହୃଦୟ ମହା ଐଶବଳରେ ବଳୀୟାନ ହେଉ ଏବଂ ସକଳ ପ୍ରକାର ମାୟା ମୋଠାରୁ ଦୂରପରାହତ ହୋଇଯାଉ—For 'we have

* ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍,
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାପ୍ନୋତି ନ କାମକାମୀ ॥
—ଗୀତା, ୨।୭୦

—ଯେପରି ସମୁଦ୍ରରେ ବହୁ ନଦନଦୀରୁ ଅବିଶ୍ରାନ୍ତ ଜଳ ପ୍ରବେଶ କରେ; ଅଥଚ ସେଥିରେ ସମୁଦ୍ରର ହ୍ରାସବୃଦ୍ଧି ହୁଏ ନାହିଁ, ସେହିପରି ସମସ୍ତ କାମନା ଯାହାଙ୍କଠାରେ ପ୍ରବେଶ କରି ଲୟ ପ୍ରାପ୍ତ ହୁଏ, ଯାହାଙ୍କୁ ବିନ୍ଦୁମାତ୍ର ବିଚଳିତ କରିପାରେ ନାହିଁ, ସେ କେବଳ ଶାନ୍ତି ଲାଭ କରନ୍ତି । ଯେ କାମନାପୂର୍ବକ କାର୍ଯ୍ୟ କରନ୍ତି, ସେ ଶାନ୍ତି ଲାଭ କରି-ପାରନ୍ତି ନାହିଁ ।

taken up the Cross, Thou hast laid it upon us, and grant us strength that we bear it unto death. Amen.'*—Imitation of Christ.

ମୁଁ ଏବେକ୍ଷଣି କଲିକତାରେ ଅଛି । ମୋର ଠିକଣା—ବଲରାମ ବସୁଙ୍କ ଗୃହ, ୫୭ ନମ୍ବର ରାମକାନ୍ତ ବସୁ ଷ୍ଟ୍ରୀଟ, ବାଗ୍‌ବଜାର, କଲିକତା ।

ଦାସ, ନରେନ୍ଦ୍ର

୧୧ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ସିମଲା, କଲିକତା, ୧୪ ଜୁଲାଇ ୧୮୮୯

ପୂଜ୍ୟପାଦ ମହାଶୟ,

ମହାଶୟଙ୍କ ପତ୍ର ପାଇ ପରମ ପ୍ରୀତ ହେଲି । ଏପରି ଅବସ୍ଥାରେ ଅନେକ ଲୋକ ସଂସାର ଆଡ଼କୁ ଟାଣିବା ପାଇଁ ଉପଦେଶ ଦେଉଅଛନ୍ତି । ମହାଶୟ ସତ୍ୟଗ୍ରାହୀ ଏବଂ ବଜ୍ରସାର ସଦୃଶ ଦୃଢ଼ହୃଦୟବାନ୍ । ଆପଣଙ୍କ ଉତ୍ସାହ-ବାକ୍ୟରେ ଆଶ୍ୱାସିତ ହେଲି । ମୋର ଏ ସ୍ଥାନର ଗୋଳମାଳ ପ୍ରାୟ ସବୁ ତୁଟିଯାଇଛି । କେବଳ ଖଣ୍ଡିଏ ଜମି ବନ୍ଦୋବସ୍ତ କରିବା ନିମନ୍ତେ ଦଲାଲ ନିଯୁକ୍ତ କରିଛି । ଅତିଶୀଘ୍ର ବନ୍ଦୋବସ୍ତ ହେବାର ଆଶା ଅଛି । ତାହା ହୋଇଗଲେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ କାଶୀଧାମରେ ଆପଣଙ୍କ ସନ୍ନିକଟକୁ ଯିବି ।

ଆପଣ ୨୦ ଟଙ୍କାର ଏକକେତା ନୋଟ ପଠାଇଥିଲେ । ଆପଣ ଅତି ମହତ୍; କିନ୍ତୁ ମୋର ଦୁର୍ଭାଗ୍ୟ, ମହାଶୟଙ୍କ ପ୍ରଥମୋଦ୍ଦେଶ୍ୟ ପାଳନରେ ମୋର ମାତା ଭ୍ରାତାଙ୍କର ସାଂସାରିକ ଅହଙ୍କାର ପ୍ରତିବନ୍ଧକ ହେଲା; କିନ୍ତୁ ଦ୍ୱିତୀୟ ଉଦ୍ଦେଶ୍ୟ ଅର୍ଥାତ୍ ମୋର କାଶୀ-ଯିବା ନିମିତ୍ତ ବ୍ୟବହାର କରି ଚରିତାର୍ଥ ହେବି । ଇତି

ଦାସ, ନରେନ୍ଦ୍ର

୧୨ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବରାହନଗର, କଲିକତା, ୭ ଅଗଷ୍ଟ ୧୮୮୯

ପୂଜ୍ୟପାଦେଷୁ,

ପ୍ରାୟ ଏକ ସପ୍ତାହରୁ ଅଧିକ ହେବ, ଆପଣଙ୍କ ପତ୍ର ପାଇଛି । ସେହି ସମୟରେ ପୁନର୍ବାର ଜ୍ୱର ହେବାରୁ ଉତ୍ତର ଦେବା ପାଇଁ ଅସମର୍ଥ ଥିଲି, କ୍ଷମା କରିବେ । ମଝିରେ ଦେଢ଼ ମାସ ପର୍ଯ୍ୟନ୍ତ ଭଲ ଥିଲି; କିନ୍ତୁ ପୁନର୍ବାର ୧୦।୧୨ ଦିନ ହେଲା ଜ୍ୱର ହୋଇଥିଲା । ଏବେକ୍ଷଣି ଭଲ ଅଛି । ଗୋଟା କେତେକ ପ୍ରଶ୍ନ ଅଛି; ମହାଶୟଙ୍କର ବିସ୍ତୃତ ସଂସ୍କୃତଶାସ୍ତ୍ରଜ୍ଞାନ

* କାରଣ ଆମେମାନେ ଜଗତର ଦୁଃଖ-କଷ୍ଟରୂପ କ୍ରୁଶକୁ ବହନ କରିଅଛୁ; ହେ ପିତଃ, ତୁମେ ଏହା ଆମମାନଙ୍କ ସ୍କନ୍ଧରେ ଅର୍ପଣ କରିଛ । ଏବେକ୍ଷଣି ଆମମାନଙ୍କୁ ବଳ ଦିଅ, ଯେପରି ଆମେମାନେ ଏହା ଆମରଣ ବହନ କରିପାରିବୁଁ । ଓଁ ଶାନ୍ତି !—ଈଶା-ଅନୁସରଣ ।

—ଉତ୍ତର ଦେଇ ବାଧିତ କରିବେ ।

୧ । ସତ୍ୟକାମ ଜାବାଲ ଏବଂ ଜାନଶ୍ରୁତିଙ୍କର କୌଣସି ଉପାଖ୍ୟାନ ଛାନ୍ଦୋଗ୍ୟ-ଉପନିଷଦ୍ ବ୍ୟତୀତ ବେଦର ଅନ୍ୟ କୌଣସି ଅଂଶରେ ଅଛି କି ନାହିଁ ?

୨ । ଶଙ୍କରାଚାର୍ଯ୍ୟ ବେଦାନ୍ତଭାଷ୍ୟର ଅଧିକାଂଶ ସ୍ଥଳରେ ସ୍ମୃତି ଉଦ୍ଧୃତ କରିବାକୁ ଯାଇ ମହାଭାରତର ପ୍ରମାଣ ପ୍ରୟୋଗ କରିଛନ୍ତି; କିନ୍ତୁ ବନପର୍ବରେ ଅଜଗରୋପାଖ୍ୟାନରେ ଏବଂ ଉମା-ମହେଶ୍ୱର-ସମ୍ବାଦରେ ତଥା ଶାନ୍ତିପର୍ବରେ, ଯେଉଁ ଗୁଣଗତ ଜାତିତ୍ୱ ଅତି ସ୍ପଷ୍ଟ-ଭାବରେ ପ୍ରମାଣିତ, ତତ୍‌ସମ୍ବନ୍ଧରେ ତାହାଙ୍କର କୌଣସି ପୁସ୍ତକରେ କୌଣସି କଥା କହିଛନ୍ତି କି ନାହିଁ ?

୩ । ପୁରୁଷସୂକ୍ତର ଜାତି ପୁରୁଷାନୁଗତ ନୁହେଁ—ବେଦର କେଉଁ କେଉଁ ଅଂଶରେ ଏହାକୁ ଧାରାବାହିକ ପୁରୁଷାନୁଗତ କରାହୋଇଛି ?

୪ । ଶୂଦ୍ରମାନେ ଯେ ବେଦ ପଢ଼ିବେ ନାହିଁ—ଏ ପ୍ରକାର କୌଣସି ପ୍ରମାଣ ଆଚାର୍ଯ୍ୟ ବେଦରୁ ଦେଇପାରି ନାହାନ୍ତି । କେବଳ 'ଯଜ୍ଞେଽନବକ୍ଲୃପ୍ତଃ' ଏହା ହିଁ ଉଦ୍ଧୃତ କରି କହୁଛନ୍ତି ଯେ, ଯେତେବେଳେ ଯଜ୍ଞରେ ଅଧିକାର ନାହିଁ, ସେତେବେଳେ ଉପନିଷଦାଦି ପାଠରେ ମଧ୍ୟ ଅଧିକାର ନାହିଁ; କିନ୍ତୁ 'ଅଥାତୋ ବ୍ରହ୍ମଜିଜ୍ଞାସା'—ଏ ସ୍ଥଳରେ ଏହି ଆଚାର୍ଯ୍ୟ ମଧ୍ୟ କହୁଛନ୍ତି ଯେ, ଅଥ ଶବ୍ଦ 'ବେଦାଧ୍ୟୟନାଦନନ୍ତରମ୍'—ଏ ପ୍ରକାର ଅର୍ଥ ନୁହେଁ, କାରଣ ମନ୍ତ୍ର ଓ ବ୍ରାହ୍ମଣ ନ ପଢ଼ିଲେ ଯେ ଉପନିଷଦ୍ ପଢ଼ାଯାଏ ନାହିଁ, ଏହା ଅପ୍ରାମାଣ୍ୟ, ଏବଂ କର୍ମକାଣ୍ଡର ଶ୍ରୁତି ଓ ଜ୍ଞାନକାଣ୍ଡର ଶ୍ରୁତିରେ କୌଣସି ପୂର୍ବାପର ଭାବ ନାହିଁ । ଅତଏବ ଯଜ୍ଞାତ୍ମକ ବେଦ ନ ପଢ଼ିଲେ ମଧ୍ୟ ଉପନିଷଦ୍ ପାଠରେ ବ୍ରହ୍ମଜ୍ଞାନ ହୋଇପାରେ । ଯଦି ଯଜ୍ଞରେ ଓ ଜ୍ଞାନରେ ପୌର୍ବାପର୍ଯ୍ୟ ନ ରହିଲା, ତେବେ ଶୂଦ୍ରବେଳକୁ କାହିଁକି 'ନ୍ୟାୟପୂର୍ବକମ୍' ଇତ୍ୟାଦି ବାକ୍ୟଦ୍ୱାରା ଆଚାର୍ଯ୍ୟ ନିଜର ବାକ୍ୟକୁ ବ୍ୟାହତ କରୁଛନ୍ତି ? କାହିଁକି ଶୂଦ୍ର ଉପନିଷଦ୍ ପଢ଼ିବ ନାହିଁ ?

ମହାଶୟଙ୍କ ପାଖକୁ କୌଣସି ଖ୍ରୀଷ୍ଟିଆନ ସନ୍ନ୍ୟାସୀଙ୍କଦ୍ୱାରା ଲିଖିତ ଖଣ୍ଡିଏ 'Imitation of Christ' (ଈଶାନୁସରଣ) ନାମକ ପୁସ୍ତକ ପଠାଇଲି । ପୁସ୍ତକ ଖଣ୍ଡିକ ଅତି ଆଶ୍ଚର୍ଯ୍ୟ । ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ବି ଏଭଳି ତ୍ୟାଗ ବୈରାଗ୍ୟ ଓ ଦାସ୍ୟଭକ୍ତି ଥିଲା, ଦେଖିଲେ ବିସ୍ମିତ ହେବାକୁ ହୁଏ । ବୋଧହୁଏ ଆପଣ ଏ ପୁସ୍ତକ ପୂର୍ବରୁ ପଢ଼ିଥିବେ । ନ ପଢ଼ିଥିଲେ ତ ପଢ଼ି ମୋତେ ଚରିତାର୍ଥ କରିବେ । ଇତି

ଦାସ, ନରେନ୍ଦ୍ରନାଥ

୨୩ (ପ୍ରମଦାବାବୁଙ୍କ ଲିଖିତ) ଈଶ୍ୱରୋ ଜୟତି

ବରାହନଗର, ୧୭ ଅଗଷ୍ଟ ୮୮୯

ପୂଜ୍ୟପାଦେଷୁ

ମହାଶୟଙ୍କ ଶେଷ ପତ୍ରରେ—ଆପଣଙ୍କୁ ଉକ୍ତ ଅଭିଧାନ ଦେବାରେ ଟିକିଏ କୁଣ୍ଠିତ ହୋଇଅଛନ୍ତି; କିନ୍ତୁ ତାହା ମୋର ଦୋଷ ନୁହେଁ, ମହାଶୟଙ୍କ ଗୁଣର । ପୂର୍ବେ ଏକ

ପତ୍ରରେ ଆପଣଙ୍କୁ ଲେଖିଥିଲି ଯେ, ମହାଶୟଙ୍କ ଗୁଣରେ ମୁଁ ଏତେ ଆକୃଷ୍ଟ ଯେ, ବୋଧହୁଏ ଆପଣଙ୍କ ସହିତ ଜନ୍ମାନ୍ତରୀଣ କୌଣସି ସମ୍ବନ୍ଧ ଥିଲା । ମୁଁ ଗୃହସ୍ଥ ବୃତ୍ତେ ନାହିଁ କି ସନ୍ନ୍ୟାସୀ ବୃତ୍ତେ ନାହିଁ, ଯଥାର୍ଥ ସାଧୁତା, ଉଦାରତା ଓ ମହତ୍ତ୍ୱ ଯେଉଁ ସ୍ଥାନରେ ଅଛି, ସେହି ସ୍ଥାନରେ ହିଁ ମୋର ମସ୍ତକ ଚିରକାଳ ଅବନତ ହେଉ—ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ପ୍ରାର୍ଥନା କରେ—ଆଜିକାଲିକାର ମାନଭିକାରୀ, ପେଟବୈରାଗୀ ଏବଂ ଉଭୟଭ୍ରଷ୍ଟ ସନ୍ନ୍ୟାସାଶ୍ରମୀମାନଙ୍କ ମଧ୍ୟରେ ଲକ୍ଷକ ଭିତରେ ଜଣେ ହେଲେ ଯେପରି ଆପଣଙ୍କ ତୁଲ୍ୟ ମହାତ୍ମା ହୁଅନ୍ତୁ । ଆପଣଙ୍କ ଗୁଣର କଥା ଶୁଣି ମୋର ବ୍ରାହ୍ମଣଜାତୀୟ ସକଳ ଗୁରୁଭ୍ରାତା ମଧ୍ୟ ଆପଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛନ୍ତି ।

ମହାଶୟ, ମୋର ପ୍ରଶ୍ନ କେତୋଟିର ଯେଉଁ ଉତ୍ତର ଦେଇଛନ୍ତି, ତାହା ମଧ୍ୟରେ ଗୋଟିଏ ସମ୍ବନ୍ଧରେ ମୋର ଭ୍ରମ ସଂଶୋଧିତ ହେଲା । ସେଥିନିମନ୍ତେ ମହାଶୟଙ୍କ ନିକଟରେ ମୁଁ ଚିରଋଣବଦ୍ଧ ହୋଇ ରହିଲି । ଆଉ ଗୋଟିଏ ପ୍ରଶ୍ନ ଥିଲା— ଭାରତୀୟ ପୁରାଣୋକ୍ତ ଗୁଣଗତ ଜାତିସମ୍ବନ୍ଧରେ ଆପଣ କୌଣସି ମୀମାଂସାରେ କରିଅଛନ୍ତି କି ନାହିଁ ? ଯଦି କରିଥାନ୍ତି, କେଉଁ ପୁସ୍ତକରେ ? ଏତଦ୍ଦେଶୀୟ ପ୍ରାଚୀନ ମତ ଯେ ବଂଶଗତ, ସେଥିରେ ମୋର କୌଣସି ସନ୍ଦେହ ନାହିଁ, ଏବଂ ସ୍ପାର୍ଟାର ଲୋକମାନଙ୍କଦ୍ୱାରା ହେଲଟ୍‌ମାନଙ୍କ ଉପରେ ଅଥବା ମାର୍କିନ୍ ଦେଶରେ କାଫ୍ରୀମାନଙ୍କ ପ୍ରତି ଯେଉଁ ପ୍ରକାର ବ୍ୟବହାର ହୁଏ, ସମୟେ ସମୟେ ଶୂଦ୍ରମାନେ ଯେ ତଦପେକ୍ଷା ଅଧିକ ନିଗୃହୀତ ହେଉଥିଲେ, ସେଥିରେ କୌଣସି ସନ୍ଦେହ ନାହିଁ । ଆଉ ଜାତ୍ୟାଦି ସମ୍ବନ୍ଧରେ ମୋର କାହାରି ପ୍ରତି ପକ୍ଷପାତିତ୍ୱ ନାହିଁ । କାରଣ ମୁଁ ଜାଣେ, ଏହା ସାମାଜିକ ନିୟମ—ଗୁଣ ଏବଂ କର୍ମ-ପ୍ରସୂତ । ଯେ ନୈଷ୍କର୍ମ୍ୟ ଓ ନିର୍ଗୁଣତ୍ୱ ପ୍ରାପ୍ତ ହେବାକୁ ଇଚ୍ଛା କରନ୍ତି, ତାଙ୍କର ଜାତ୍ୟାଦିଭାବ ମନକୁ ଆଣିଲେ ହିଁ ସମୂହ କ୍ଷତି । ଏହି ସକଳ ବିଷୟରେ ଗୁରୁଙ୍କ କୃପାରୁ ମୋର ଏକ ପ୍ରକାର ବୁଦ୍ଧି ଅଛି, କିନ୍ତୁ ମହାଶୟଙ୍କର ମତାମତ ଜାଣିଲେ କୌଣସି ସ୍ଥାନରେ ସେସବୁକୁ ଦୃଢ଼ ଏବଂ କୌଣସି ସ୍ଥାନରେ ସଂଶୋଧିତ କରିନେବି । ଫେଣାକୁ ନ ଖେଞ୍ଚିଲେ ମହୁ ପଡ଼େ ନାହିଁ —ଅତଏବ ଆପଣଙ୍କୁ ଆଉ କେତେଗୋଟି ପ୍ରଶ୍ନ ପଚାରିବି, ମୋତେ ବାଳକ ଓ ଅଜ୍ଞ ମନେକରି ଯଥାଯଥ ଉତ୍ତର ଦେବେ, ରୁଷ୍ଟ ହେବ ନାହିଁ ।

୧ । ବେଦାନ୍ତସୂତ୍ରରେ ଯେଉଁ ମୁକ୍ତିର କଥା କୁହାଯାଏ, ତାହା ଏବଂ ଅବଧୂତ-ଗୀତାଦିରେ ଯେଉଁ ନିର୍ବାଣର କଥା ଅଛି, ତାହା ଏକ କି ନୁହେଁ ?

୨ । 'ସୃଷ୍ଟିବର୍ଜ୍ଜଂ' ଇତ୍ୟାଦି ସୂତ୍ରରେ ପୂର୍ଣ୍ଣ ଭଗବାନ କେହି ହୁଅନ୍ତି ନାହିଁ । ତେବେ ନିର୍ବାଣ କ'ଣ ?

୩ । ଚୈତନ୍ୟଦେବ ପୁରୀରେ ସାର୍ବଭୌମଙ୍କୁ କହିଥିଲେ ଯେ, ବ୍ୟାସସୂତ୍ର ମୁଁ ଜାଣେ, ତାହା ଦ୍ୱୈତବାଦ; କିନ୍ତୁ ଭାଷ୍ୟକାର ଅଦ୍ୱୈତ କରିଛନ୍ତି । 'ତାହା ଜାଣେ ନାହିଁ' —ଏହା କ'ଣ ସତ୍ୟ ? ପ୍ରବାଦ ଅଛି ଯେ ଚୈତନ୍ୟଦେବଙ୍କ ସହିତ ପ୍ରକାଶାନନ୍ଦ ସରସ୍ୱତୀଙ୍କର ଏ ବିଷୟରେ ବହୁତ ଆଲୋଚନା ହୋଇଥିଲା । ସେଥିରେ ଚୈତନ୍ୟଦେବ

ଜୟୀ ହୋଇଥିଲେ । ଚୈତନ୍ୟଙ୍କ କୃତ ଏକ ଭାଷ୍ୟ ଶୁଆଡ଼େ ଉକ୍ତ ପ୍ରକାଶାନନ୍ଦଙ୍କ ମଠରେ ଥିଲା ?

୪ । ଆର୍ଯ୍ୟଙ୍କ ବେଦରେ ପ୍ରଚ୍ଛନ୍ନ ବୌଦ୍ଧ ଶୁଣାଯାଇଛି । ପ୍ରଜ୍ଞାପାରମିତା ନାମକ ବୌଦ୍ଧମାନଙ୍କର ମହାଯାନ ଗ୍ରନ୍ଥର ମତ ସହିତ ଆର୍ଯ୍ୟ-ପ୍ରବର୍ତ୍ତିତ ବେଦାନ୍ତ ମତର ସମ୍ପୂର୍ଣ୍ଣ ସୌସାଦୃଶ୍ୟ ଅଛି । 'ପଞ୍ଚଦଶୀ'କାର ମଧ୍ୟ କହନ୍ତି ଯେ, ବୌଦ୍ଧମାନଙ୍କର ଶୂନ୍ୟ ଓ ଆମମାନଙ୍କର ବ୍ରହ୍ମ ଏକ ବସ୍ତୁ—ଏହାର ଅର୍ଥ କଅଣ ?

୫ । ବେଦାନ୍ତସୂତ୍ରରେ ବେଦର କୌଣସି ପ୍ରମାଣ କାହିଁକି ଦିଆଯାଇ ନାହିଁ ? ପ୍ରଥମରେ କୁହାଯାଇଅଛି, ଈଶ୍ୱରଙ୍କର ପ୍ରମାଣ ବେଦ ଏବଂ ବେଦ-ପ୍ରାମାଣ୍ୟ 'ପୁରୁଷ-ନିଃଶ୍ୱସିତମ୍' ବୋଲି । ଏହା କଅଣ ପାଶ୍ଚାତ୍ୟ ନ୍ୟାୟରେ ଯାହାକୁ 'argument in a circle'* କହନ୍ତି, ସେହି ଦୋଷଦୁଷ୍ଟ ନୁହେଁ ?

୬ । ବେଦାନ୍ତ କହିଲେ—ବିଶ୍ୱାସ କରିବାକୁ ହେବ, ତର୍କରେ ନିଷ୍ପତ୍ତି ହୁଏ ନାହିଁ । ତେବେ ଯେଉଁଠାରେ ନ୍ୟାୟ ଅଥବା ସାଂଖ୍ୟାଦିର ଅଣୁମାତ୍ର ଛିଦ୍ର ମିଳୁଛି, ସେତେବେଳେ ତର୍କଜାଲରେ ସେଗୁଡ଼ିକୁ ସମାଚ୍ଛନ୍ନ କରାଯାଇଛି କାହିଁକି ? ଆଉ ବିଶ୍ୱାସ ବା କାହାକୁ କରିବ ? ଯେ ଯାହାର ନିଜ ମତ ସ୍ଥାପନ କରିବାକୁ ପାଗଳ । 'ଏତେ ବଃ ସିଦ୍ଧାନାଂ କପିଳୋ ମୁନିଃ'** ସେ ମଧ୍ୟ ଯେବେ ବ୍ୟାସଙ୍କ ମତରେ ଅତିଭ୍ରାନ୍ତ, ତେବେ ବ୍ୟାସ ଯେ ଆହୁରି ଭ୍ରାନ୍ତ ନୁହନ୍ତି, କିଏ କହିବ ? କପିଳ କଅଣ ବେଦାଦି ବୁଝିପାରୁ ନ ଥିଲେ ?

୭ । ନ୍ୟାୟମତରେ 'ଆପ୍ତୋପଦେଶବାକ୍ୟଃ ଶବ୍ଦଃ', ଋଷିମାନେ ଆପ୍ତ ଏବଂ ସର୍ବଜ୍ଞ । ତାହାହେଲେ ସେମାନେ ସୂର୍ଯ୍ୟସିଦ୍ଧାନ୍ତଦ୍ୱାରା ସାମାନ୍ୟ ସାମାନ୍ୟ ଜ୍ୟୋତିଷିକ-ତତ୍ତ୍ୱରେ ଅଜ୍ଞ ବୋଲି ଆକ୍ଷିପ୍ତ ହେଉଛନ୍ତି କାହିଁକି ? ଯେଉଁମାନେ କହନ୍ତି—ପୃଥିବୀ ତ୍ରିକୋଣ, ବାସୁକି ପୃଥିବୀର ଧାରୟିତା ଇତ୍ୟାଦି, ସେମାନଙ୍କର ବୁଦ୍ଧିକୁ ଭବସାଗର ପାରର ଏକମାତ୍ର ଆଶ୍ରୟ ବୋଲି କିପରି ବୁଝାଯିବ ?

୮ । ଈଶ୍ୱର ସୃଷ୍ଟିକାର୍ଯ୍ୟରେ ଯଦି ଶୁଭାଶୁଭ କର୍ମକୁ ଅପେକ୍ଷା କରନ୍ତି, ତେବେ ତାଙ୍କର ଉପାସନାରେ ମୋର ଲାଭ କଅଣ ? ନରେଶଚନ୍ଦ୍ରଙ୍କର ଗୋଟିଏ ସୁନ୍ଦର ଗୀତ ଅଛି—

'କପାଳେ ଯା ଅଛି କାଳୀ ତାହା ହେବ ଯେବେ (ମା)
ଜୟ ଦୁର୍ଗା ଶ୍ରୀଦୁର୍ଗା ବୋଲି ଡାକ କମା ତେବେ ?'

୯ । ଏହା ସତ୍ୟ ଯେ, ବହୁବାକ୍ୟ ଗୋଟିଏ ଅଧେ ଦ୍ୱାରା ନିହତ ହେବା ଅନ୍ୟାୟ ।

---

* ଚକ୍ରକ—ଯାହା ବଳରେ ସିଦ୍ଧାନ୍ତ କରିହେବ, ତାହାକୁ ହିଁ ସିଦ୍ଧାନ୍ତଦ୍ୱାରା ସମର୍ଥନ କରିବା ।

** ସିଦ୍ଧଗଣଙ୍କ ମଧ୍ୟରେ ମୁଁ କପିଳ—ଗୀତା ୧୦।୨୬

ତାହାହେଲେ ଚିରପ୍ରଚଳିତ ମଧୁପର୍କାଦି ପ୍ରଥା* 'ଅଶ୍ୱମେଧଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତୃକମ୍' ଇତ୍ୟାଦି** ଗୋଟାଏ ଦୁଇଟା ବାକ୍ୟଦ୍ୱାରା ଚାହିଁକି ନିଷିଦ୍ଧ ହେଲା ? ବେଦ ଯଦି ନିତ୍ୟ ହୁଏ, ତେବେ ଏହା ଦ୍ୱାପରର, ଏହା କଳିର ଧର୍ମ ଇତ୍ୟାଦି ବଚନର ଅର୍ଥ ଓ ସାର୍ଥକତା କ'ଣ ?

୧୦ । ଯେଉଁ ଈଶ୍ୱର ବେଦବକ୍ତା, ସେ ହିଁ ବୁଦ୍ଧ ହୋଇ ବେଦକୁ ନିଷେଧ କରୁଛନ୍ତି । କେଉଁ କଥା ଶୁଣିବା ଉଚିତ ? ପଛ ବିଧି ପ୍ରବଳ ନା ଆଗ ବିଧି ପ୍ରବଳ ?

୧୧ । ତନ୍ତ୍ର କହନ୍ତି—କଳିରେ ବେଦମନ୍ତ୍ର ନିଷ୍ଫଳ । ମହେଶ୍ୱରଙ୍କର ବା କେଉଁ କଥା ମାନିବାକୁ ହେବ ?

୧୨ । ବେଦାନ୍ତସୂତ୍ରରେ ବ୍ୟାସ କହନ୍ତି ଯେ, ବାସୁଦେବ ସଙ୍କର୍ଷଣାଦି ଚତୁର୍ବ୍ୟୂହ ଉପାସନା ଠିକ ନୁହେଁ । ପୁଣି ସେହି ବ୍ୟାସ ମଧ୍ୟ ଭାଗବତାଦିରେ ଉକ୍ତ ଉପାସନାର ମାହାତ୍ମ୍ୟ ବିସ୍ତାର କରିଛନ୍ତି । ବ୍ୟାସ କଅଣ ପାଗଳ ?

ଆହୁରି ମଧ୍ୟ ଏହି ପ୍ରକାର ଅନେକ ସନ୍ଦେହ ଅଛି । ମହାଶୟଙ୍କର ପ୍ରସାଦରେ ଛିନ୍ନଦ୍ୱୈଧ ହେବି, ଏହି ଆଶା ରଖି ପରେ ସେଗୁଡ଼ିକ ଲେଖିବି । ଏ ସକଳ କଥା ସାକ୍ଷାତ୍ ନ ହେଲେ ସମସ୍ତ କହି ହେବ ନାହିଁ ଏବଂ ଆଶାନୁରୂପ ତୃପ୍ତି ମଧ୍ୟ ହେବ ନାହିଁ । ଗୁରୁଙ୍କ କୃପାରୁ ଶୀଘ୍ର ଭବତ୍‌ଚରଣ-ସମୀପରେ ଉପସ୍ଥିତ ହୋଇ ସମସ୍ତ ନିବେଦନ କରିବାର ବାସନା ରହିଲା । ଇତି ।

ଶୁଣିଅଛି, ବିନା ସାଧନାରେ ଶୁଦ୍ଧ ଯୁକ୍ତ୍ୟାଦି ବଳରେ ଏ ସକଳ ବିଷୟରେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ହୁଏ ନାହିଁ; କିନ୍ତୁ କେତେକ ପରିମାଣରେ ଆଶ୍ୱସ୍ତ ହେବା ପ୍ରଥମେ ବୋଧହୁଏ ଆବଶ୍ୟକ । କିମଧିକମିତି

ଦାସ, ନରେନ୍ଦ୍ର

୧୪ (ପ୍ରମଦାବାବୁଙ୍କୁ ଲିଖିତ) ଶ୍ରୀଶ୍ରୀଦୁର୍ଗା ସହାୟ

ବାଗ୍‌ବଜାର, କଲିକତା, ୨ ସେପ୍ଟେମ୍ବର ୧୮୮୯

ପୂଜ୍ୟପାଦେଷୁ,

ମହାଶୟଙ୍କର ଦୁଇଖଣ୍ଡି ପତ୍ର କେତେଦିନ ହେଲା ପାଇଛି । ମହାଶୟଙ୍କ ଅନ୍ତରରେ ଜ୍ଞାନ ଓ ଭକ୍ତିର ଅପୂର୍ବ ସମ୍ମିଳନ ଦେଖି ଅତିଶୟ ଆନନ୍ଦିତ ହୋଇଛି । ଆପଣ ଯୁକ୍ତିତର୍କ ପରିତ୍ୟାଗ କରିବା ପାଇଁ ଯେଉଁ ଉପଦେଶ ଦିଅନ୍ତି, ତାହା ଅତି ଯଥାର୍ଥ

* ମଧୁପର୍କ ବୈଦିକ ପ୍ରଥା—ଏଥିରେ ଗୋବଧର ପ୍ରୟୋଜନ ହେଉଥିଲା ।

** ଅଶ୍ୱମେଧଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତୃକମ୍
ଦେବରେଣ ସୁତୋତ୍ପତ୍ତିଂ କଲୌ ପଞ୍ଚ ବିବର୍ଜୟେତ୍ ।

ଅଶ୍ୱମେଧ ଗୋବଧ, ସନ୍ନ୍ୟାସ, ଶ୍ରାଦ୍ଧରେ ମାଂସଭୋଜନ ଏବଂ ଦେବରଙ୍କଦ୍ୱାରା ସୁତୋତ୍ପାଦନ କଳିକାଳରେ ଏହି ପାଞ୍ଚଟି କ୍ରିୟା ବର୍ଜନ କରିବ ।

ଏବଂ ତାହା ହିଁ ମଧ୍ୟ ପ୍ରତ୍ୟେକ ଜୀବନର ଉଦ୍ଦେଶ୍ୟ—'ଭିଦ୍ୟତେ ହୃଦୟଗ୍ରନ୍ଥି' ଇତ୍ୟାଦି । ତେବେ ମୋର ଗୁରୁମହାରାଜ ଯେପରି କହନ୍ତି, କଳସୀ ପୁରିବା ସମୟରେ ଭକ୍‌ଭକ୍ ଧ୍ୱନି କରେ, ପୂର୍ଣ୍ଣ ହେଲେ ନିସ୍ତବ୍ଧ ହୋଇଯାଏ—ମୋ ପକ୍ଷରେ ସେହିପରି ଜାଣିବେ । ବୋଧହୁଏ ଦୁଇତିନି ସପ୍ତାହ ମଧ୍ୟରେ ମହାଶୟଙ୍କ ସହିତ ସାକ୍ଷାତ୍ କରିପାରିବି । ଈଶ୍ୱର ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ । ଇତି

ଦାସ, ନରେନ୍ଦ୍ର

୧୫ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବାଗ୍‌ବଜାର, ୩ ଡିସେମ୍ବର ୧୮୮୯

ପୂଜ୍ୟପାଦେଷୁ,

ଅନେକ ଦିନ ହେଲା ଆପଣଙ୍କର କୌଣସି ପତ୍ର ପାଇ ନାହିଁ । ଭରସା କରେ, ଶାରୀରିକ ଓ ମାନସିକ କୁଶଳରେ ଅଛନ୍ତି । ସମ୍ପ୍ରତି ମୋର ଦୁଇଜଣ ଗୁରୁଭ୍ରାତା କାଶୀ-ଧାମକୁ ଯାଉଛନ୍ତି । ଜଣଙ୍କର ନାମ ରାଖାଲ ଓ ଅନ୍ୟଜଣଙ୍କର ନାମ ସୁବୋଧ । ପ୍ରଥମୋକ୍ତ ମହାଶୟ ମୋର ଗୁରୁଦେବଙ୍କର ଅତି ପ୍ରିୟପାତ୍ର ଥିଲେ ଏବଂ ସର୍ବଦା ତାଙ୍କ ସଙ୍ଗରେ ରହୁଥିଲେ । ଯଦି ସୁବିଧା ହୁଏ, ଏମାନେ ଯେଉଁ କେତେ ଦିନ ଉକ୍ତ ଧାମରେ ଅବସ୍ଥାନ କରିବେ, କୌଣସି ଛତ୍ରକୁ କହିଦେଇ ଅନୁଗୃହୀତ କରିବେ । ମୋର ସକଳ ସମ୍ବାଦ ଏମାନଙ୍କ ନିକଟରୁ ପାଇବେ, ମୋର ଅସଂଖ୍ୟ ପ୍ରଣାମର ସହିତ,

ଦାସ, ନରେନ୍ଦ୍ରନାଥ

ପୁଃ—

ଗଙ୍ଗାଧର ଏହିକ୍ଷଣି କୈଳାସାଭିମୁଖରେ ଯାଉଛନ୍ତି । ପଥରେ ତିବ୍ବତୀମାନେ ତାହାଙ୍କୁ ଫିରିଙ୍ଗୀର ଚର ମନେ କରି ମାରିଦେବାକୁ ଆସିଥିଲେ—ପରେ କୌଣସି କୌଣସି ଲାମା ଅନୁଗ୍ରହ କରି ଛାଡ଼ି ଦେଇଥିଲେ—ଏ ସମ୍ବାଦ ତିବ୍ବତ-ଯାତ୍ରୀ କୌଣସି ବ୍ୟବସାୟୀଙ୍କଠାରୁ ପାଇଛୁ । ଲାସା ନ ଦେଖିଲେ ଆମମାନଙ୍କ ଗଙ୍ଗାଧରଙ୍କର ରକ୍ତ ଶୀତଳ ହେବ ନାହିଁ । ଲାଭ ମଧ୍ୟରେ ଶାରୀରିକ କଷ୍ଟସହିଷ୍ଣୁତା ଅତ୍ୟନ୍ତ ବୃଦ୍ଧି ପାଇଛି, ସେ ଗୋଟିଏ ରାତି ଅନାଚ୍ଛାଦନରେ ବରଫ ଉପରେ ଶୟନ କରିଥିଲେ; ସେଥିରେ ମଧ୍ୟ ବିଶେଷ କଷ୍ଟ ହେଲା ନାହିଁ । ଇତି

ନରେନ୍ଦ୍ର

* ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ॥
—ମୁଣ୍ଡକୋପନିଷଦ୍ ୨,୨।୮

୧୬ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବରାହନଗର, କଲିକତା, ୧୩ ଡିସେମ୍ବର ୧୮୮୯

ପୂଜ୍ୟପାଦେଷୁ,

ଆପଣଙ୍କର ପତ୍ର ପାଇ ସବିଶେଷ ଅବଗତ ହେଲି—ପରେ ରାଖାଲଙ୍କ ପତ୍ରରୁ ତାଙ୍କର ଆପଣଙ୍କ ସହିତ ସାକ୍ଷାତ୍ ହୋଇଛି, ତାହା ମଧ୍ୟ ଜାଣିଲି । ଆପଣଙ୍କ ରଚିତ pamphlet (ପୁସ୍ତିକା) ପାଇଛି । Theory of Conservation of Energy (ଶକ୍ତିର ନିତ୍ୟତା—ଏହି ମତବାଦ) ଆବିଷ୍କୃତ ହେବା ପରେ ଇଉରୋପରେ ଏକ ପ୍ରକାର scientific (ବୈଜ୍ଞାନିକ) ଅଦ୍ୱୈତବାଦ ପ୍ରଚଳିତ ହେଉଅଛି, କିନ୍ତୁ ତାହା ପରିଣାମବାଦ । ଆପଣ ଏହା ସହିତ ଶଙ୍କରଙ୍କ ବିବର୍ତ୍ତବାଦର ଯେଉଁ ପାର୍ଥକ୍ୟ ଦେଖାଇଛନ୍ତି, ତାହା ଅତି ଉତ୍ତମ । ଜର୍ମାନ Transcendentalist-ମାନଙ୍କ* ଉପରେ ସ୍ପେନସରଙ୍କର ଯେଉଁ ବିଦ୍ରୂପ ଉଦ୍ଧୃତ କରିଛନ୍ତି, ତାହା ବୁଝି ପାରିଲି ନାହିଁ; ସେ ନିଜେ ଏମାନଙ୍କର ପ୍ରସାଦଭୋଜୀ । ଆପଣଙ୍କର ପ୍ରତିଦ୍ୱନ୍ଦ୍ୱୀ ଗଫ୍ (Gough) ସମ୍ୟକ୍‌ରୂପେ ହେଗେଲ୍ ବୁଝନ୍ତି କି ନାହିଁ, ସେବିଷୟରେ ସନ୍ଦେହ ଅଛି । ଯାହାହେଉ, ଆପଣଙ୍କର ଉତ୍ତର ଅତି pointed (ତୀକ୍ଷ୍ଣ) ଏବଂ thrashing (ସମ୍ପୂର୍ଣ୍ଣ ରୂପେ ବିପକ୍ଷ ଯୁକ୍ତି-ଖଣ୍ଡନକାରୀ) ।

ଦାସ, ନରେନ୍ଦ୍ରନାଥ

୧୭ (ଶ୍ରୀଯୁକ୍ତ ବଲରାମ ବସୁଙ୍କୁ ଲିଖିତ) ରାମକୃଷ୍ଣୋ ଜୟତି

ବୈଦ୍ୟନାଥ, ୨୪ ଡିସେମ୍ବର ୧୮୮୯

ନମସ୍କାରପୂର୍ବକମ୍,

ବୈଦ୍ୟନାଥରେ ପୂର୍ଣ୍ଣବାବୁଙ୍କ ବସାରେ କେତେଦିନ ହେଲା ଅଛି । ଶୀତ ବେଶୀ ନାହିଁ, ଶରୀର ମଧ୍ୟ ସମ୍ପୂର୍ଣ୍ଣ ଭଲ ନୁହେଁ—ହଜମ ହେଉ ନାହିଁ, ବୋଧହୁଏ ଜଳରେ ଲୌହାଧିକ୍ୟ ନିମନ୍ତେ । ସ୍ଥାନ, କାଳ, ସଙ୍ଗ—କିଛି ଭଲ ଲାଗିଲା ନାହିଁ । କାଲି କାଶୀ ଚାଲିଯାଉଛି । ଦେଓଘରରେ ଅଚ୍ୟୁତାନନ୍ଦ '—'ର ବସାରେ ଥିଲି । ସେ ଆମମାନଙ୍କର ସମ୍ବାଦ ପାଇଲେ ବିଶେଷ ଆଗ୍ରହପୂର୍ବକ ରଖିବା ନିମନ୍ତେ ବଡ଼ ଜିଦ୍ ଧରେ । ଶେଷରେ ଆଉ ଦିନେ ଦେଖା ହୋଇଥିଲା, ଛାଡ଼ିଲା ନାହିଁ । ସେ ବଡ଼ କର୍ମୀ; କିନ୍ତୁ ସଙ୍ଗରେ ୭।୮ ଜଣ ବୁଢ଼ୀ ସ୍ତ୍ରୀଲୋକ ଅଛନ୍ତି; 'ଜୟ ରାଧେ କୃଷ୍ଣ' ହିଁ ଅଧିକ—ରୁଚି ଭଲ, ଶ୍ରୀଶ୍ରୀଗୌରାଙ୍ଗଙ୍କର ମହିମା ! ତାହାର କର୍ମଚାରୀମାନେ ମଧ୍ୟ ଆମମାନଙ୍କୁ ଅତ୍ୟନ୍ତ ଭକ୍ତି କରନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ତାହା ଉପରେ ଭାରି ବିରକ୍ତ । ସେମାନେ ତା'ର ନାନା ସ୍ଥାନର କୁକର୍ମ କଥା କହିବାକୁ ଲାଗିଲେ ।

ପ୍ରସଙ୍ଗକ୍ରମେ ମୁଁ '—'ର କଥା ପକାଇଲି । ତୁମମାନଙ୍କର ତାହାଙ୍କ ସମ୍ବନ୍ଧରେ

---

* ଯେଉଁମାନେ କହନ୍ତି—ଇନ୍ଦ୍ରିୟଜନ୍ୟ-ଜ୍ଞାନ-ନିରପେକ୍ଷ ସ୍ୱତଃସିଦ୍ଧ ଆତ୍ମାର ମଧ୍ୟ ଏକ ପ୍ରକାର ଜ୍ଞାନ ଅଛି ।

ଅନେକ ଭ୍ରମ ବା ସନ୍ଦେହ ଅଛି, ସେଥିପାଇଁ ବିଶେଷ ଅନୁସନ୍ଧାନ କରି ଲେଖୁଛି । ତାହାଙ୍କୁ ଏ ସ୍ଥାନର ବୃଦ୍ଧ କର୍ମିବୃନ୍ଦମାନେ ମଧ୍ୟ ବଡ଼ ମାନ୍ୟ ଓ ଭକ୍ତି କରନ୍ତି । ସେ ଅତି ବାଳିକା ଅବସ୍ଥାରେ '—' ପାଖକୁ ଆସିଥିଲେ; ବିବାହର ସ୍ତ୍ରୀ ପରି ଥିଲେ । ଏପରି କି, '—'ର ମନ୍ତ୍ରଗୁରୁ ଭଗବାନ ଦାସ ବାବାଜୀ ମଧ୍ୟ ଜାଣିଥିଲେ ଯେ, ସେ ତାହାର ସ୍ତ୍ରୀ । ହେମାନେ କହନ୍ତି, ତାହାର ମା ତାହାକୁ '—' ପାଖରେ ଦେଇ ଯାଇଥିଲେ । ଯାହା ହେଉ, ତାଙ୍କର ଗୋଟିଏ ପୁତ୍ର ହେଲା ଓ ମରିଗଲା ଏବଂ ସେହି ସମୟରେ '—' କେଉଁଆଡ଼ୁ ଗୋଟାଏ 'ଜୟ ରାଧେ କୃଷ୍ଣ' ବ୍ରାହ୍ମଣୀ ଆଣି ଘରେ ରଖିଲେ । ଏହିସବୁ କାରଣରୁ ସେ ତାହାଙ୍କୁ ଛାଡ଼ି ପଳାଇଗଲେ । ଯାହା ହେଉ, ସମସ୍ତେ ଏକବାକ୍ୟରେ ସ୍ୱୀକାର କରନ୍ତି ଯେ, ତାଙ୍କ ଚରିତ୍ରରେ କୌଣସି ସମୟରେ କିଛି ଦୋଷ ନ ଥିଲା । ସେ ବିବାହର ଅତ୍ୟନ୍ତ ସତୀ ଥିଲେ ଏବଂ ତାଙ୍କର କେତେବେଳେ ହେଲେ '—' ସହିତ ସ୍ତ୍ରୀ ଭିନ୍ନ ଅନ୍ୟ କୌଣସି ବ୍ୟବହାର ବା ଅନ୍ୟ କାହାର ପ୍ରତି କୁ-ଭାବ ନ ଥିଲା । ଏତେ ଅଳ୍ପ ବୟସରେ ଆସିଥିଲେ ଯେ, ସେହି ସମୟରେ ଅନ୍ୟ ପୁରୁଷ-ସଂସର୍ଗ ସମ୍ଭବ ହୋଇପାରେ ନାହିଁ । ସେ '—'ର ନିକଟରୁ ପଳାଇ ଯିବା ପରେ ତାହାକୁ ଲେଖିଲେ ଯେ, ମୁଁ କୌଣସି ସମୟରେ ତୁମ ପ୍ରତି ସ୍ୱାମୀ ଭିନ୍ନ ଅନ୍ୟ ବ୍ୟବହାର ଦେଖାଇ ନାହିଁ; କିନ୍ତୁ ବେଶ୍ୟାସକ୍ତ ବ୍ୟକ୍ତି ସହିତ ବାସ କରିବା ମୋ ପକ୍ଷରେ ଅସମ୍ଭବ । ଏଠାର ପୁରାତନ କର୍ମିବୃନ୍ଦମାନେ ମଧ୍ୟ ଏହାକୁ ସଇତାନ ଓ ତାଙ୍କୁ ଦେବୀ ବୋଲି ବିଶ୍ୱାସ କରନ୍ତି ଓ କହନ୍ତି, 'ସେ ଯିବା ଦିନଠାରୁ ଏହାର ମତି-ଛନ୍ନ ହୋଇଛି ।'

ଏସବୁ ଲେଖିବାର ଉଦ୍ଦେଶ୍ୟ ଏହି ଯେ, ତାଙ୍କ ବାଲ୍ୟକାଳସମ୍ବନ୍ଧୀ ଗଳ୍ପରେ ମୁଁ ପୂର୍ବେ ବିଶ୍ୱାସ କରୁ ନ ଥିଲି । ଏ ସକଳ ଭାବ, ସମାଜରେ ଯାହାକୁ ବିବାହ କହନ୍ତି ନାହିଁ, ତାହା ମଧ୍ୟରେ ଏତେ ପବିତ୍ରତା—ମୁଁ romance (କାଳ୍ପନିକ ଗଳ୍ପ) ବୋଲି ଭାବୁଥିଲି, କିନ୍ତୁ ବିଶେଷ ଅନୁସନ୍ଧାନରେ ଜାଣିଛି—ସବୁ ଠିକ୍ । ସେ ଅତି ପବିତ୍ର, ଆବାଲ୍ୟ ପବିତ୍ର, ସେଥିରେ କୌଣସି ସନ୍ଦେହ ନାହିଁ । ସେହି ସକଳ ସନ୍ଦେହ ନିମନ୍ତେ ତୁମେ ମୁଁ ସମସ୍ତେ ତାଙ୍କ ନିକଟରେ ଅପରାଧୀ । ମୁଁ ତାଙ୍କୁ ଅସଂଖ୍ୟ ପ୍ରଣାମ କରୁଛି ଓ ଅପରାଧ ପାଇଁ କ୍ଷମା ମାଗୁଛି । ସେ ମିଥ୍ୟାବାଦିନୀ ନୁହନ୍ତି । ତାଙ୍କର ଧର୍ମରେ ଐକାନ୍ତିକୀ ଆସ୍ଥା ମଧ୍ୟ ଚିରକାଳ ଥିଲି, ଏ କଥା ମଧ୍ୟ ଶୁଣିଲି । ଏହିକ୍ଷଣି ଏହା ହିଁ ଶିଖିଲି, ଏପ୍ରକାର ତେଜ ମିଥ୍ୟାବାଦିନୀ ବ୍ୟଭିଚାରିଣୀଠାରେ ସମ୍ଭବ ନୁହେଁ ।

ଆପଙ୍କର ପୀଡ଼ା ଏପର୍ଯ୍ୟନ୍ତ ଭଲ ହୋଇ ନାହିଁ । ଏଠାରେ ବହୁତ ପଇସା ଖରଚ କରି ନ ପାରିଲେ ରୋଗୀର ବିଶେଷ ସୁବିଧା ହେବ ବୋଲି ଜଣାଯାଉ ନାହିଁ । ଯାହା ହେବ ବିବେଚନା କରିବେ । ସକଳ ଦ୍ରବ୍ୟ ହିଁ ଅନ୍ୟ ସ୍ଥାନରୁ ଅଣାଇବାକୁ ହେବ ।

ବିଶମ୍ବଦ, ନରେନ୍ଦ୍ରନାଥ

୫୮ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ବୈଦ୍ୟନାଥ, ୨୬ ଡିସେମ୍ବର ୧୮୮୯

ପୂଜ୍ୟପାଦେଷୁ,

ବହୁଦିନର ଚେଷ୍ଟା ପରେ ବୋଧହୁଏ ଏତେ ଦିନେ ଭବତ୍‌ସମୀପରେ ଉପସ୍ଥିତ ହେବାକୁ ସମର୍ଥ ହେଲି । ଦିନେ ଦୁଇଦିନ ମଧ୍ୟରେ କାଶୀଧାମରେ ଭବତ୍ ଚରଣସମୀପରେ ଉପସ୍ଥିତ ହେବି ।

ଏ ସ୍ଥାନରେ କଲିକତାର ଜଣେ ବାବୁଙ୍କ ବସାରେ କେତେ ଦିନ ହେଲି ଅଛି— କିନ୍ତୁ କାଶୀ ନିମନ୍ତେ ମନ ଅତ୍ୟନ୍ତ ବ୍ୟାକୁଳ ।

ଇଚ୍ଛା ଅଛି, ସେଠାରେ କିଛି ଦିନ ରହିବି ଏବଂ ମୋର ମନ୍ଦ ଭାଗ୍ୟକୁ ବିଶ୍ୱନାଥ ଓ ଅନ୍ନପୂର୍ଣ୍ଣା କ'ଣ କରିବେ, ଦେଖିବି । ଏଥର 'ଶରୀରଂ ବା ପାତୟାମି, ମନ୍ତ୍ରଂ ବା ସାଧୟାମି' ପ୍ରତିଜ୍ଞା କରିଛି—କାଶୀନାଥ ସହାୟ ହୁଅନ୍ତୁ ।

ଦାସ, ନରେନ୍ଦ୍ରନାଥ

୫୯ (ଶ୍ରୀଯୁକ୍ତ ବଳରାମ ବସୁଙ୍କୁ ଲିଖିତ) ରାମକୃଷ୍ଣୋ ଜୟତି

ଏଲାହାବାଦ, ୩୦ ଡିସେମ୍ବର ୧୮୮୯

ଶ୍ରୀଚରଣେଷୁ,

ଗୁପ୍ତ* ଆସିବା ସମୟରେ ଖଣ୍ଡେ ସ୍ଲିପ୍ ଦେଇ ଆସିଥିଲି ଏବଂ ପରଦିନ ଯୋଗେନ୍‌ର ଖଣ୍ଡେ ପତ୍ର ପାଇବାରୁ ସମସ୍ତ ଅବଗତ ହୋଇ ତତ୍‌କ୍ଷଣାତ୍ ଏଲାହାବାଦକୁ ଯାତ୍ରା କଲି । ପରଦିନ ପହଞ୍ଚି ଦେଖିଲି, ଯୋଗେନ୍ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଛି । ପାଣି ବସନ୍ତ (ଗୋଟାଏ ଦୁଇଟା 'ଇଚ୍ଛା' ମଧ୍ୟ ଥିଲା) ହୋଇଥିଲା । ଡାକ୍ତରବାବୁ ଅତି ସାଧୁବ୍ୟକ୍ତି ଏବଂ ସେମାନଙ୍କର ଗୋଟିଏ ସମ୍ପ୍ରଦାୟ ଅଛି । ସେମାନେ ଅତିଭକ୍ତ ଓ ସାଧୁସେବାପରାୟଣ; ସେମାନଙ୍କର ଖାସ୍ ଜିଦ୍—ମୁଁ ଏଠାରେ ମାଘମାସଟା ରହେ, ମୁଁ କିନ୍ତୁ କାଶୀ ଚାଲି-ଯାଉଛି । ଗୋଲାପ-ମା, ଯୋଗୀନ୍-ମା ଏଠାରେ କଳ୍ପବାସ କରିବେ । ବୋଧହୁଏ ନିରଞ୍ଜନ ମଧ୍ୟ ରହିବ, ଯୋଗେନ୍ କ'ଣ କରିବ ଜାଣେ ନାହିଁ । ଆପଣ କିପରି ଅଛନ୍ତି ?

ଈଶ୍ୱରଙ୍କ ନିକଟରେ ସପରିବାର ଆପଣଙ୍କର ମଙ୍ଗଳ ପ୍ରାର୍ଥନା କରୁଛି । ତୁଳସୀରାମ, ଚୂନୀବାବୁ ପ୍ରଭୃତିଙ୍କୁ ମୋର ନମସ୍କାରାଦି ଜଣାଇବେ । କିମଧିକମିତି—

ଦାସ, ନରେନ୍ଦ୍ରନାଥ

୬୦ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ପ୍ରୟାଗଧାମ, ପୌଷ ୧୭ ଦିନ (୩୧।୧୨।୧୮୮୯)

ପୂଜ୍ୟପାଦେଷୁ,

ଦିନେ ଦୁଇଦିନ ମଧ୍ୟରେ କାଶୀ ଯାଉଛି ବୋଲି ଆପଣଙ୍କୁ ଏକ ପତ୍ର ଲେଖିଥିଲି;

---

* ସ୍ୱାମୀ ସଦାନନ୍ଦ

କିନ୍ତୁ ବିଧାତାର ନିର୍ବନ୍ଧ କିଏ ଖଣ୍ଡନ କରିବ ? ଯୋଗେନ୍ଦ୍ର ନାମକ ମୋର ଜଣେ ଗୁରୁଭ୍ରାତା ଚିତ୍ରକୂଟ, ଓଙ୍କାରନାଥ ପ୍ରଭୃତି ଦର୍ଶନ କରି ଏ ସ୍ଥାନକୁ ଆସି ବସନ୍ତରୋଗରେ ଆକ୍ରାନ୍ତ ହୋଇଛନ୍ତି ବୋଲି ସମ୍ବାଦ ପାଇଲି । ତେଣୁ ତାଙ୍କର ସେବା କରିବା ନିମନ୍ତେ ଏ ସ୍ଥାନରେ ଆସି ଉପସ୍ଥିତ ହେଲି । ମୋର ଗୁରୁଭାଇ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ଏହି ସ୍ଥାନରେ କେତେଜଣ ବଙ୍ଗାଳୀବାବୁ ଅତ୍ୟନ୍ତ ଧର୍ମନିଷ୍ଠ ଓ ଅନୁରାଗୀ; ସେମାନେ ମୋର ବହୁତ ଯତ୍ନ ନେଉଛନ୍ତି ଏବଂ ସେମାନଙ୍କର ବିଶେଷ ଆଗ୍ରହ ଯେ, ମୁଁ ଏହି ସ୍ଥାନରେ ମାଘମାସରେ କଳ୍ପବାସ କରିବି । ମୋର ମନ କିନ୍ତୁ 'କାଶୀ କାଶୀ' ବୋଲି ଅତ୍ୟନ୍ତ ବ୍ୟାକୁଳ ହେଉଛି ଏବଂ ଆପଣଙ୍କୁ ଦେଖିବା ନିମନ୍ତେ ମନ ଅତି ଚଞ୍ଚଳ । ଦୁଇ ଚାରିଦିନ ମଧ୍ୟରେ ଏମାନଙ୍କର ନିର୍ବନ୍ଧାତିଶଯ୍ୟ ପରିତ୍ୟାଗ କରି ଯାହାଦ୍ୱାରା ବାରାଣସୀପୁରପତିଙ୍କ ପବିତ୍ର ରାଜ୍ୟରେ ଉପସ୍ଥିତ ହୋଇପାରିବି, ସେଥିନିମନ୍ତେ ବିଶେଷ ଚେଷ୍ଟା କରୁଛି । ଅଚ୍ୟୁତାନନ୍ଦ ସରସ୍ୱତୀ ନାମକ ମୋର କୌଣସି ଗୁରୁଭ୍ରାତା ସନ୍ନ୍ୟାସୀ ଯଦି ଆପଣଙ୍କ ନିକଟକୁ ମୋର ସନ୍ଧାନ ନେବାକୁ ଯାଆନ୍ତି, କହିବେ ଯେ, ମୁଁ ଶୀଘ୍ର କାଶୀ ଯାଉଛି । ସେ ଅତି ସଜ୍ଜନ ଓ ପଣ୍ଡିତ ଲୋକ । ବାଧ୍ୟ ହୋଇ ତାହାଙ୍କୁ ବାଙ୍କୀପୁରରେ ଛାଡ଼ି ଆସିଛି । ରାଖାଲ ଓ ସୁବୋଧ କିଅଣ ବର୍ତ୍ତମାନ ମଧ୍ୟ କାଶୀରେ ଅଛନ୍ତି ? ଏ ବର୍ଷ କୁମ୍ଭମେଳା ହରିଦ୍ୱାରରେ ହେବ କି ନାହିଁ ତାହାର ତଥ୍ୟ ଲେଖି ଅନୁଗୃହୀତ କରିବେ । କିମଧିକମିତି ।

ଅନେକ ସ୍ଥାନରେ ଅନେକ ଜ୍ଞାନୀ, ଭକ୍ତ, ସାଧୁ ଓ ପଣ୍ଡିତ ଦେଖିଲି । ଅନେକେ ମଧ୍ୟ ଅତ୍ୟନ୍ତ ଯତ୍ନ କରନ୍ତି; କିନ୍ତୁ 'ଭିନ୍ନରୁଚିର୍ହି ଲୋକଃ'; ଆପଣଙ୍କ ସଙ୍ଗରେ ପ୍ରାଣର କିପରି ଗୋଟାଏ ଆକର୍ଷଣ ଅଛି—ଅନ୍ୟ କେଉଁଠାରେ ଏତେ ଭଲ ଲାଗେ ନାହିଁ । ଦେଖିବି, କାଶୀନାଥ କିଅଣ କରୁଛନ୍ତି ।

ଦାସ, ନରେନ୍ଦ୍ର

ଠିକଣା—ଡାକ୍ତର ଗୋବିନ୍ଦଚନ୍ଦ୍ର ବସୁଙ୍କ ଘର, ଚକ୍, ଏଲାହାବାଦ ।

୬୧ (ଶ୍ରୀଯୁକ୍ତ ବଳରାମ ବସୁଙ୍କୁ ଲିଖିତ) ଶ୍ରୀଶ୍ରୀରାମକୃଷ୍ଣୋ ଜୟତି

ଏଲାହାବାଦ, ୫ ଜାନୁଆରି ୧୮୯୦

ନମସ୍କାର ନିବେଦନଞ୍ଚ,

ମହାଶୟଙ୍କ ପତ୍ରରୁ ଆପଣଙ୍କ ପୀଡ଼ାର ସମାଚାର ଜ୍ଞାତ ହୋଇ ବିଶେଷ ଦୁଃଖିତ ହେଲି । ବୈଦ୍ୟନାଥ change (ବାୟୁ-ପରିବର୍ତ୍ତନ) ସମ୍ବନ୍ଧରେ ଆପଣଙ୍କୁ ଯେଉଁ ପତ୍ର ଲେଖିଥିଲି ତାହାର ସାରକଥା ଏହି ଯେ, ଆପଣଙ୍କ ପରି ଦୁର୍ବଳ ଅଥଚ ଅତ୍ୟନ୍ତ ସୁକୁମାର-ଶରୀର ଲୋକଙ୍କର ଅଧିକ ଅର୍ଥ ବ୍ୟୟ ନ କଲେ ଉକ୍ତ ସ୍ଥାନରେ ଚଳିବା ଅସମ୍ଭବ । ଯଦି ପରିବର୍ତ୍ତନ ହିଁ ଆପଣଙ୍କ ପକ୍ଷରେ ବିଧି ହୁଏ ଏବଂ ଯଦି ଶସ୍ତା ଖୋଜି ଖୋଜି ଓ ହେଲା କରୁ କରୁ ଏତେଦିନ ବିଳମ୍ବ କରିଥାଆନ୍ତି, ତାହାହେଲେ ଦୁଃଖର ବିଷୟ, ସନ୍ଦେହ ନାହିଁ ।···

ବୈଦ୍ୟନାଥ ପବନ ବିଷୟରେ ଅତ୍ୟନ୍ତ ଉତ୍କୃଷ୍ଟ, କିନ୍ତୁ ଜଳ ଭଲ ନୁହେଁ, ପେଟ ଭୀଷଣ ଖରାପ କରେ—ମୋର ପ୍ରତ୍ୟହ ଅମ୍ଳ ହେଉଥିଲା । ଏହା ପୂର୍ବରୁ ଆପଣଙ୍କୁ ଏକ ପତ୍ର ଲେଖିଥିଲି—ତାହା କ'ଣ ଆପଣ ପାଇଛନ୍ତି, ନା bearing (ବିନା ମାସୁଲରେ ପ୍ରେରିତ) ଦେଖି the devil take it * କରିଛନ୍ତି ? ମୁଁ କହେ change (ବାୟୁ-ପରିବର୍ତ୍ତନ) କରିବାକୁ ହୁଏତ ଶୁଭସ୍ୟ ଶୀଘ୍ରଂ । ରାଗିବେ ନାହିଁ—ଆପଣଙ୍କର ଗୋଟିଏ ସ୍ୱଭାବ ଏହି ଯେ, କ୍ରମାଗତ 'ବ୍ରାହ୍ମଣଗୋରୁ' ଖୋଜୁଥାଆନ୍ତି; କିନ୍ତୁ ଦୁଃଖର ବିଷୟ, ଏ ଜଗତରେ ସବୁ ସମୟରେ ତାହା ମିଳେ ନାହିଁ । ଆତ୍ମାନଂ ସତତଂ ରକ୍ଷେତ୍ । Lord, have mercy (ଭଗବତ୍କୃପାରେ ହିଁ ସବୁ ହୁଏ) ଠିକ୍ କଥା, କିନ୍ତୁ He helps him who helps himself (ଯେ ଉଦ୍ୟମୀ, ଭଗବାନ ତାକୁ ହିଁ ଦୟା କରନ୍ତି) । ଆପଣ ଖାଲି ଟଙ୍କା ବଞ୍ଚାଇବାକୁ ଯଦି ଚାହାନ୍ତି, Lord (ଭଗବାନ) କ'ଣ ବାପାଙ୍କ ଘରୁ ଟଙ୍କା ଆଣି ଆପଣଙ୍କର change (ବାୟୁପରିବର୍ତ୍ତନ) କରାଇବେ ? ଯଦି ଏତେ ପରିମାଣରେ Lordଙ୍କ ଉପରେ ନିର୍ଭର କରନ୍ତି, ଡାକ୍ତର ଡାକିବେ ନାହିଁ ।··· ଯଦି ଆପଣଙ୍କୁ suit ନ କରେ (ସହ୍ୟ ନ ହୁଏ) କାଶୀ ଯିବେ—ମୁଁ ମଧ୍ୟ କେତେ ଦିନରୁ ଯାଇଥାଆନ୍ତି, ଏ ସ୍ଥାନର ବାବୁମାନେ ଭୁଲ୍ କାହାନ୍ତି, ଦେଖାଯାଉ କଅଣ ହେଉଛି ।···

କିନ୍ତୁ ପୁନର୍ବାର କହୁଛି, changeରେ (ବାୟୁପରିବର୍ତ୍ତନ ନିମନ୍ତେ) ଯଦି ଯିବାକୁ ହୁଏ, କୃପଣତା ହେତୁରୁ ଇତସ୍ତତଃ ହେବେ ନାହିଁ, ତାହାହେଲେ ତାହାର ନାମ ଆତ୍ମଘାତ । ଆତ୍ମଘାତୀର ଗତି ଭଗବାନ ମଧ୍ୟ କରିପାରିବେ ନାହିଁ । ତୁଳସୀବାବୁ ପ୍ରଭୃତି ସମସ୍ତଙ୍କୁ ମୋର ନମସ୍କାର ଜଣାଇବେ । ଇତି

ନରେନ୍ଦ୍ରନାଥ

୨୨ (ଶ୍ରୀ ସଙ୍କେଶ୍ୱର ଭଟ୍ଟାଚାର୍ଯ୍ୟଙ୍କୁ ଲିଖିତ)

ଏଲାହାବାଦ, ୫ ଜାନୁଆରି ୧୮୯୦

ପ୍ରିୟ ଫକୀର,

ଗୋଟିଏ କଥା ତୁମକୁ କହୁଛି—ତାହା ସର୍ବଦା ସ୍ମରଣ ରଖିବ । ମୋ ସହିତ ତୁମମାନଙ୍କର ଆଉ ଦେଖା ନ ହୋଇପାରେ । ନୀତିପରାୟଣ ଓ ସାହସୀ ହୁଅ, ହୃଦୟ ଯେପରି ସମ୍ପୂର୍ଣ୍ଣ ଶୁଦ୍ଧ ରହେ । ସମ୍ପୂର୍ଣ୍ଣ ନୀତିପରାୟଣ ଓ ସାହସୀ ହୁଅ —ପ୍ରାଣର ଭୟ ପର୍ଯ୍ୟନ୍ତ ରଖ ନାହିଁ । ଧର୍ମର ମତାମତ ନେଇ ମଥା ଘୂରାଅ ନାହିଁ । କାପୁରୁଷମାନେ ହିଁ ପାପ କରିଥାନ୍ତି, ବୀର କଦାପି ପାପ କରେ ନାହିଁ—ମନ ଭିତରକୁ ମଧ୍ୟ ପାପ-ଚିନ୍ତାକୁ ପ୍ରବେଶ କରାଇଦିଅ ନାହିଁ । ସମସ୍ତଙ୍କୁ ଭଲ ପାଇବା ପାଇଁ ଚେଷ୍ଟା କରିବ । ନିଜେ ମନୁଷ୍ୟ ହୁଅ ଏବଂ ରାମ, ପ୍ରଭୃତି ଯେଉଁମାନେ ତୁମର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଛନ୍ତି, ସେମାନଙ୍କୁ ମଧ୍ୟ ସାହସୀ, ନୀତିପରାୟଣ ଓ ସହାନୁଭୂତିସମ୍ପନ୍ନ କରିବା ପାଇଁ ଚେଷ୍ଟା କରିବ । ହେ ବତ୍ସଗଣ, ତୁମମାନଙ୍କ ନିମନ୍ତେ ନୀତିପରାୟଣତା ଓ ସାହସ ବ୍ୟତୀତ ଅନ୍ୟ କୌଣସି ଧର୍ମ

---

* ଭାବାର୍ଥ—ଗ୍ରହଣ ନ କରି ଫେରାଇ ଦେଇଛନ୍ତି ।

ନାହିଁ; ଏହା ବ୍ୟତୀତ ଧର୍ମର ଆଉ କୌଣସି ମତାମତ ତୁମମାନଙ୍କ ପାଇଁ ନୁହେଁ । ଯେପରି କାପୁରୁଷତା, ପାପ, ଅସଦାଚରଣ ବା ଦୁର୍ବଳତା ଆଦୌ ନ ରହେ; ବାକି ନିଜେ ନିଜେ ଆସିବ । ରାମକୁ କଦାପି ଥିଏଟର ବା କୌଣସି ପ୍ରକାର ଚିତ୍ତ-ଦୌର୍ବଲ୍ୟକାରକ ଆମୋଦ-ପ୍ରମୋଦକୁ ନେଇ ଯିବ ନାହିଁ ବା ଯିବାକୁ ଦେବ ନାହିଁ ।

ତୁମର, ନରେନ୍ଦ୍ରନାଥ

୨୩ ଏଲାହାବାଦ, ୫ ଜାନୁଆରି ୧୮୯୦

ପ୍ରିୟ ରାମ, କୃଷ୍ଣମୟୀ ଓ ଇନ୍ଦୁ,

ବତ୍ସଗଣ, ମନେରଖ, କାପୁରୁଷ ଓ ଦୁର୍ବଳଗଣ ହିଁ ପାପାଚରଣ କରନ୍ତି ଓ ମିଥ୍ୟା କଥା କହନ୍ତି । ସାହସୀ ଓ ସବଳଚିତ୍ତ ବ୍ୟକ୍ତିଗଣ ସର୍ବଦା ନୀତିପରାୟଣ । ନୀତିପରାୟଣ, ସାହସୀ ଓ ସହାନୁଭୂତିସମ୍ପନ୍ନ ହେବା ପାଇଁ ଚେଷ୍ଟା କର । ଇତି

ତୁମମାନଙ୍କର, ନରେନ୍ଦ୍ରନାଥ

୨୪ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରେ ଜୟତି

ଶ୍ରୀଯୁକ୍ତ ସତୀଶଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଘର
ଗୋରାବଜାର, ଗାଜୀପୁର, ଶୁକ୍ରବାର, ୨୪ ଜାନୁଆରି ୧୮୯୦

ପୂଜ୍ୟପାଦେଷୁ,

ଅଜିକୁ ତିନିଦିନ ହେଲା ଗାଜୀପୁରରେ ପହଞ୍ଚିଛି । ଏଠାରେ ମୋର ବାଲ୍ୟସଖା ଶ୍ରୀଯୁକ୍ତ ବାବୁ ସତୀଶଚନ୍ଦ୍ର ମୁଖୋପାଧ୍ୟାୟଙ୍କ ବସାରେ ଅଛି; ସ୍ଥାନଟି ଅତି ମନୋରମ । ଅଦୂରରେ ଗଙ୍ଗା ଅଛନ୍ତି, କିନ୍ତୁ ସ୍ନାନ ପାଇଁ ଖୁବ୍ କଷ୍ଟ—ପଥ ନାହିଁ ଏବଂ ବାଲିଚଡ଼ା ଅତିକ୍ରମ କରିବାକୁ ଭାରି କଷ୍ଟ ହୁଏ । ମୋ ବନ୍ଧୁଙ୍କ ପିତା ଶ୍ରୀଯୁକ୍ତ ଈଶାନଚନ୍ଦ୍ର ମୁଖୋପାଧ୍ୟାୟ ମହାଶୟ—ଯେଉଁ ମହାନୁଭବଙ୍କ କଥା ମୁଁ ଆପଣଙ୍କୁ କହିଥିଲି— ଏହି ସ୍ଥାନରେ ଅଛନ୍ତି । ଅଦ୍ୟ ସେ କାଶୀଧାମକୁ ଯାଉଛନ୍ତି, କାଶୀ ଦେଇ କଲିକତା ଯିବେ । ମୋର ଭାରି ଇଚ୍ଛା ଥିଲା, ଏହାଙ୍କ ସଙ୍ଗରେ ପୁନର୍ବାର କାଶୀ ଯାନ୍ତି; କିନ୍ତୁ ଯେଉଁ ନିମନ୍ତେ ଆସିଛି—ଅର୍ଥାତ୍ ବାବାଜୀଙ୍କୁ* ଦେଖିବା—ତାହା ଏପର୍ଯ୍ୟନ୍ତ ହୋଇ ନାହିଁ ! ଅତଏବ ଦୁଇ ଚାରି ଦିନ ବିଳମ୍ବ ହେବ । ଏହି ସ୍ଥାନରେ ସବୁକିଛି ଭଲ, ବାବୁମାନେ ଅତି ଭଦ୍ର, କିନ୍ତୁ ଅତ୍ୟନ୍ତ westernised (ପାଶ୍ଚାତ୍ୟଭାବାପନ୍ନ); ପୁଣି ଦୁଃଖର ବିଷୟ ଯେ, ମୁଁ western idea (ପାଶ୍ଚାତ୍ୟଭାବ) ଉପରେ ହିଁ ଖଡ୍ଗହସ୍ତ । କେବଳ ମୋର ବନ୍ଧୁଙ୍କର ସେସବୁ idea (ଭାବ) ଅତି ଅଳ୍ପ । କି ବସ୍ତ୍ରବ୍ୟବସାୟୀ ସଭ୍ୟତା ଫିରିଙ୍ଗୀ ଆଣିଛି ! କି materialistic (ଜଡ଼ଭାବର) ଧନ୍ଦା ହିଁ ଲଗାଇଛି ! ବିଶ୍ୱନାଥ ଏହି ସକଳ ଦୁର୍ବଳ-ହୃଦୟକୁ ରକ୍ଷା କରନ୍ତୁ । ପରେ ବାବାଜୀଙ୍କୁ ଦେଖି ବିଶେଷ ବୃତ୍ତାନ୍ତ ଲେଖିବି । ଇତି ।

ଦାସ, ବିବେକାନନ୍ଦ

---

* ଗାଜୀପୁରର ବିଖ୍ୟାତ ଯୋଗୀ ପଓହାରୀ ବାବା ।

ପୁଃ—ଭଗବାନ ଶୁକଙ୍କର ଜନ୍ମଭୂମିରେ ଆଜ ବୈରାଗ୍ୟକୁ ଲୋକମାନେ ପାଗଳାମି ଓ ପାପ ମନେକରନ୍ତି ! ଅହୋ ଭାଗ୍ୟ !

୨୫ (ଶ୍ରୀଯୁକ୍ତ ବଳରାମ ବସୁଙ୍କୁ ଲିଖିତ) ଶ୍ରୀରାମକୃଷ୍ଣୋ ଜୟତି

ଗାଜୀପୁର, ୩୦ ଜାନୁଆରି ୧୮୯୦

ପୂଜ୍ୟପାଦେଷୁ,

ମୁଁ ଏହିକ୍ଷଣି ଗାଜୀପୁରରେ ସତୀଶବାବୁଙ୍କ ନିକଟରେ ରହିଛି । ଯେଉଁ କେତେଗୋଟି ସ୍ଥାନ ଦେଖି ଆସିଛି, ତନ୍ମଧ୍ୟରେ ଏଇଟି ସ୍ୱାସ୍ଥ୍ୟକର । ବୈଦ୍ୟନାଥର ପାଣି ଭାରି ଖରାପ, ହଜମ ହୁଏ ନାହିଁ । ଏଲାହାବାଦରେ ସ୍ଥାନ ଅତ୍ୟନ୍ତ ଘିଞ୍ଜି । କାଶୀରେ ଯେଉଁ କେତେ ଦିନ ଥିଲି, ଦିନରାତି ଜ୍ୱର ହେଉଥିଲା—ଏତେ ମ୍ୟାଲେରିଆ । ଗାଜୀପୁରର, ବିଶେଷତଃ ମୁଁ ଯେଉଁ ସ୍ଥାନରେ ରହେ, ଜଳବାୟୁ ଅତି ସ୍ୱାସ୍ଥ୍ୟକର । ପଓହାରି ବାବାଙ୍କ ଘର ଦେଖି ଆସିଛି । ଚାରିଦିଗରେ ଉଚ୍ଚ ପ୍ରାଚୀର, ଇଂରେଜୀ ବଙ୍ଗଳାପରି, ଭିତରେ ବଗିଚା ଅଛି, ବଡ଼ ବଡ଼ ଘର, chimney etc. (ଚିମିନି ଇତ୍ୟାଦି) । କାହାରିକୁ ପ୍ରବେଶ କରାଇ ଦିଅନ୍ତି ନାହିଁ, ଇଚ୍ଛା ହେଲେ ଦ୍ୱାରଦେଶକୁ ଆସି ଭିତରୁ କେବଳ କଥା କହନ୍ତି । ଦିନେ ଯାଇ ବସି ବସି ଶୀତ ଭୋଗି ଫେରିଆସିଛି । ରବିବାରଦିନ କାଶୀ ଯିବି । ଏହାମଧ୍ୟରେ ବାବାଜୀଙ୍କ ସହିତ ଦେଖା ହେଲା ତ ହେଲା—ନ ହେଲେ ଏହି ପର୍ଯ୍ୟନ୍ତ । ପ୍ରମଦାବାବୁଙ୍କ ବଗିଚା ସମ୍ବନ୍ଧରେ କାଶୀରୁ ସ୍ଥିର କରି ଲେଖିବି । କାଲୀ ଭଟ୍ଟାଚାର୍ଯ୍ୟ ଯଦି ନିତାନ୍ତ ଆସିବାକୁ ଚାହେଁ, ମୁଁ ରବିବାରଦିନ କାଶୀକୁ ଗଲେ ଯେପରି ଆସିବ—ନ ଆସିଲେ ହିଁ ଭଲ । କାଶୀରେ ଦୁଇଚାରିଦିନ ରହି ଶୀଘ୍ର ହୃଷୀକେଶ ଚାଲିଯାଉଛି, ପ୍ରମଦା ବାବୁଙ୍କ ସାଙ୍ଗରେ ଗଲେ ମଧ୍ୟ ଯାଇପାରେ । ଆପଣମାନେ ଏବଂ ତୁଳସୀରାମ ସମସ୍ତେ ମୋର ଯଥାଯୋଗ୍ୟ ନମସ୍କାରାଦି ଜାଣିବେ ଏବଂ ଫକୀର, ରାମ, କୃଷ୍ଣମୟୀ ପ୍ରଭୃତିଙ୍କୁ ମୋର ଆଶୀର୍ବାଦ ।

ଦାସ, ନରେନ୍ଦ୍ର

ପୁଃ—ମୋ ମତରେ ଆପଣ କିଛିଦିନ ଗାଜୀପୁରକୁ ଆସି ରହିଲେ ଖୁବ୍ ଭଲ ହୁଅନ୍ତା । ଏଠାରେ ସତୀଶ ବଙ୍ଗଳା ଠିକ୍ କରି ଦେଇପାରିବେ ଓ ଗଗନଚନ୍ଦ୍ର ରାୟ ନାମକ ଜଣେ ବାବୁ ଅଫିମ ଅଫିସ୍‌ର head (ବଡ଼ବାବୁ), ସେ ସତ୍‌ପରୋପକାରୀ ଭଦ୍ର, ପରୋପକାରୀ ଓ social (ଲୋକମାନଙ୍କ ସଙ୍ଗରେ ମିଶିପାରନ୍ତି) । ଏମାନେ ସବୁ ଠିକ୍ କରିଦେବେ । ଘରଭଡ଼ା ୧୫ । ୨୦ ଟଙ୍କା; ଚାଉଳ ମହାର୍ଘ, ଦୁଗ୍ଧ ୧୬ ସେର ୨୦ ସେର, ଆଉ ସବୁ ଅତ୍ୟନ୍ତ ଶସ୍ତା । ଅଧିକନ୍ତୁ ଏମାନଙ୍କର ତତ୍ତ୍ୱାବଧାନରେ କୌଣସି ପ୍ରକାର କ୍ଳେଶ ହେବାର ସମ୍ଭାବନା ନାହିଁ; କିନ୍ତୁ କିଛି expensive (ବେଶୀ ଖରଚ), ୪୦ । ୫୦ ଟଙ୍କାରୁ ଅଧିକ ପଡ଼ିବ । କାଶୀ damned malarious (କାଶୀରେ ଭୟଙ୍କର ମ୍ୟାଲେରିଆ) । ପ୍ରମଦାବାବୁଙ୍କ ବଗିଚାରେ କୌଣସି ସମୟରେ ରହି ନାହିଁ—ସେ ସଙ୍ଗ ଛାଡ଼ିବାକୁ ଦିଅନ୍ତି ନାହିଁ । ବଗିଚାଟି ଅତି ସୁନ୍ଦର, ଖୁବ୍ furnished (ସୁସଜ୍ଜିତ) ଏବଂ ବଡ଼ ଓ ଖୋଲା । ଏଥର ଯାଇ ରହି ଦେଖି ମହାଶୟଙ୍କୁ ଲେଖିବି । ଇତି ।

ନରେନ୍ଦ୍ର

୨୭ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜିପୁର, ୩୧ ଜାନୁଆରି ୧୮୯୦

ପୂଜ୍ୟପାଦେଷୁ,

ବାବାଜୀଙ୍କ ସହିତ ଦେଖା ହେବା ଭାରି ମୁସ୍କିଲ । ସେ ଘରର ବାହାରକୁ ଆସନ୍ତି ନାହିଁ । ଇଚ୍ଛା ହେଲେ ଦ୍ୱାରପାଖକୁ ଆସି ଭିତରୁ କଥା କହନ୍ତି । ଅତି ଉଚ୍ଚ ପ୍ରାଚୀର-ବେଷ୍ଟିତ ଉଦ୍ୟାନସମନ୍ୱିତ ଏବଂ ଚିମିନିଦ୍ୱୟ-ଶୋଭିତ ତାହାଙ୍କ ଘର ଦେଖି ଆସିଛି, ଭିତରେ ପ୍ରବେଶର ଇଚ୍ଛା ନାହିଁ । ଲୋକମାନେ କହନ୍ତି, ଭିତରେ ଗୁମ୍ଫା ଅର୍ଥାତ୍ ମାଟିତଳେ ଗମ୍ଭୀର ଘର ଅଛି, ସେ ତାହା ଭିତରେ ରହନ୍ତି, କଅଣ କରନ୍ତି ସେହି କେବଳ ଜାଣନ୍ତି, କେହି କେବେ ଦେଖି ନାହାନ୍ତି । ଦିନେ ଯାଇ ଅନେକ ଶୀତ ସହି ବସି ଚାଲି ଆସିଛି, ଆଉ ଚେଷ୍ଟା କରି ଦେଖିବି । ରବିବାର ଦିନ କାଶୀଧାମକୁ ଯାତ୍ରା କରିବି । ଏ ସ୍ଥାନର ବାବୁମାନେ ଛାଡ଼ୁ ନାହାନ୍ତି, ନ ହେଲେ ବାବାଜୀ ଦେଖିବାର ଇଚ୍ଛା ମୋର କମିଗଲଣି । ଆଜି ମଧ୍ୟ ଚାଲି ଯାଉଥାନ୍ତି; ଯାହା ହେଉ ରବିବାର ଦିନ ଯାଉଛି । ଆପଣଙ୍କର ହୃଷୀକେଶ ଯିବା କଅଣ ହେଲା ?

ଦାସ, ନରେନ୍ଦ୍ର

ପୁଃ—ଗୁଣ ମଧ୍ୟରେ ସ୍ଥାନଟି ଅତି ସ୍ୱାସ୍ଥ୍ୟକର ।—ନରେନ୍ଦ୍ର

୨୭ (ପ୍ରମଦାବାବୁଙ୍କୁ ଲିଖିତ) ଓଁ ବିଶ୍ୱେଶ୍ୱରୋ ଜୟତି

ଗାଜିପୁର, ୪ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କ ପତ୍ର ମଧ୍ୟ ପାଇଛି ଏବଂ ବହୁ ଭାଗ୍ୟଫଳରେ ବାବାଜୀଙ୍କର ସାକ୍ଷାତ୍ ହୋଇଛି । ଏ ଅତି ମହାପୁରୁଷ—ବିଚିତ୍ର ବ୍ୟାପାର, ଏବଂ ଏହି ନାସ୍ତିକତା-ଦିନରେ ଭକ୍ତି ଓ ଯୋଗର ଅତ୍ୟାଶ୍ଚର୍ଯ୍ୟ କ୍ଷମତାର ଅଦ୍ଭୁତ ନିଦର୍ଶନ । ମୁଁ ଏହାଙ୍କର ଶରଣାଗତ ହୋଇଛି, ମୋତେ ଆଶ୍ୱାସ ମଧ୍ୟ ଦେଇଛନ୍ତି । ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । ବାବାଜୀଙ୍କର ଇଚ୍ଛା—କେତେକ ଦିନ ମୁଁ ଏହି ସ୍ଥାନରେ ରହେ, ସେ ଉପକାର କରିବେ । ଅତଏବ ଏହି ମହାପୁରୁଷଙ୍କ ଆଜ୍ଞାନୁସାରେ କେତେକ ଦିନ ଏହି ସ୍ଥାନରେ ରହିବି । ଏଥିରେ ଆପଣ ମଧ୍ୟ ଆନନ୍ଦିତ ହେବେ, ସନ୍ଦେହ ନାହିଁ । ପତ୍ରରେ ଲେଖିଲି ନାହିଁ । କଥା ଅତି ବିଚିତ୍ର । ସାକ୍ଷାତ୍‌ରେ ସବୁ ଜାଣିବେ । ଏମାନଙ୍କର ଲୀଳା ନ ଦେଖିଲେ ଶାସ୍ତ୍ରରେ ପୂର୍ଣ୍ଣ ବିଶ୍ୱାସ ହୁଏ ନାହିଁ ।

ଦାସ, ନରେନ୍ଦ୍ର

ପୁଃ—ଏ ପତ୍ରର ବିଷୟ ଗୋପନ ରଖିବେ । ଇତି—ନରେନ୍ଦ୍ର

୬୮ (ବଲରାମବାବୁଙ୍କୁ ଲିଖିତ) ଶ୍ରୀରାମକୃଷ୍ଣ ଜୟତି

ଗାଜୀପୁର, ୬ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ପଓହାରି ବାବାଙ୍କ ସହିତ ଆଳାପ—ଅତି ଆଶ୍ଚର୍ଯ୍ୟ ମହାତ୍ମା ! ବିନୟ, ଭକ୍ତି ଏବଂ ଯୋଗମୂର୍ତ୍ତି । ଆଚାରୀ ବୈଷ୍ଣବ, କିନ୍ତୁ ଦ୍ୱେଷବୁଦ୍ଧିରହିତ । ମହାପ୍ରଭୁଙ୍କ- (ଶ୍ରୀଚୈତନ୍ୟ) ଠାରେ ଖୁବ୍ ଭକ୍ତି, ପରମହଂସଙ୍କ ସମ୍ପର୍କରେ କହନ୍ତି, "ସେ ଏକ ଅବତାର" । ମୋତେ ଖୁବ୍ ଭଲ ପାଉଛନ୍ତି । ତାଙ୍କର ଅନୁରୋଧରେ କିଛିଦିନ ପାଇଁ ଏଠାରେ ରହିଛି । ସେ ଦୁଇରୁ ଛଅମାସ ଏକାଦିକ୍ରମେ ସମାଧିସ୍ଥ ରହନ୍ତି । ବଙ୍ଗଳା ପଢ଼ିପାରନ୍ତି । ପରମହଂସଙ୍କର ଫଟୋଗ୍ରାଫ୍ ରଖିଛନ୍ତି । ବର୍ତ୍ତମାନ ତାଙ୍କ ସଙ୍ଗେ ସାକ୍ଷାତ୍ ହେଉ ନାହିଁ । ଦୁଆର ଆଢ଼ୁଆଳରୁ କଥା କହନ୍ତି । ଏପରି ମଧୁର କଥା ମୁଁ କେବେ ଶୁଣି ନ ଥିଲି । ଏହାଙ୍କ ସମ୍ବନ୍ଧରେ ଆହୁରି ଅନେକ କଥା, ବର୍ତ୍ତମାନ କହିପାରିବି ନାହିଁ । ଏହାଙ୍କ ଲାଗି ଖଣ୍ଡେ ଚୈତନ୍ୟଭାଗବତ ଏ ପତ୍ର ପଢ଼ିବା ସଙ୍ଗେ ସଙ୍ଗେ ଯେଉଁଠୁ ପାଅ ପଠାଇବ । ଗଗନଚନ୍ଦ୍ର ରାୟ, ଅଫିମ ଡିପାର୍ଟମେଣ୍ଟ, ଗାଜୀପୁର—ଏହି ଠିକଣାରେ ପଠାଇବ । ଏଥିରେ ଯେପରି ଅନ୍ୟଥା ନ ହୁଏ । ଇଏ ତୁମମାନଙ୍କର ଜଣେ ଆଦର୍ଶ ବୈଷ୍ଣବ, ଖୁବ୍ ପଣ୍ଡିତ, କିନ୍ତୁ ତାଙ୍କୁ ଜାଣିବା ସହଜ ନୁହେଁ । ଏହାଙ୍କର ଜଣେ ହୃଦେ (ଅର୍ଥାତ୍ ବଡ଼ଭାଇ) ପାଖରେ ଅଛି—ସେ ମଧ୍ୟ ଘର ଭିତରକୁ ଯାଇପାରେ ନାହିଁ । ତେବେ ହୃଦେ ଭଳି···ନୁହେଁ । ଚୈତନ୍ୟମଙ୍ଗଳ ଯଦି ଛପା ହୋଇଥାଏ, ତାହା ହେଲେ ତାହା ମଧ୍ୟ ପଠାଇବ । ଏହାଙ୍କୁ ସେ ଗ୍ରହଣ କଲେ ତୁମର ପରମ ଭାଗ୍ୟ ବୋଲି ଜାଣିବ । ଏ କାହାଠାରୁ କିଛି ନିଅନ୍ତି ନାହିଁ । କଅଣ ଖାଆନ୍ତି, କଅଣ କରନ୍ତି କେହି ଜାଣନ୍ତି ନାହିଁ । ମୁଁ ଏହି ଜାଗାରେ ଅଛି ବୋଲି କାହାକୁ କହିବ ନାହିଁ ଏବଂ ମୋତେ ମଧ୍ୟ କାହାର ଖବର ଦେବ ନାହିଁ । ମୁଁ ଗୋଟିଏ ବଡ଼ କାମରେ ଖୁବ୍ ବ୍ୟସ୍ତ ଅଛି ।

ଦାସ, ନରେନ୍ଦ୍ର

୬୯ (ପ୍ରମଦାବାବୁଙ୍କୁ ଲିଖିତ) ବିଶ୍ୱେଶ୍ୱରୋ ଜୟତି

ଗାଜୀପୁର, ୭ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ଏହିକ୍ଷଣି ଆପଣଙ୍କ ପତ୍ର ପାଇ ସାତିଶୟ ପ୍ରୀତି ପ୍ରାପ୍ତ ହେଲି । ବାବାଜୀ ଆଚାରୀ ବୈଷ୍ଣବ; ଯୋଗ, ଭକ୍ତି ଓ ବିନୟର ମୂର୍ତ୍ତି କହିଲେ ହେବ । ତାଙ୍କ କୁଟୀର ଚତୁର୍ଦ୍ଦିଗରେ ପ୍ରାଚୀର ଦିଆଯାଇଛି, ତାହା ମଧ୍ୟରେ କେତେଗୋଟି ଦ୍ୱାର ଅଛି । ଏହି ପ୍ରାଚୀର ମଧ୍ୟରେ ଏକ ଅତି ଦୀର୍ଘ ସୁଡ଼ଙ୍ଗ ଅଛି, ତନ୍ମଧ୍ୟରେ ଏ ସମାଧିସ୍ଥ ହୋଇ ପଡ଼ିଥାଆନ୍ତି; ଯେତେବେଳେ ଉପରକୁ ଆସନ୍ତି, ସେତେବେଳେ ଲୋକମାନଙ୍କ ସଙ୍ଗରେ କଥାବାର୍ତ୍ତା କରନ୍ତି । କଅଣ ଖାଆନ୍ତି, କେହି ଜାଣନ୍ତି ନାହିଁ; ଏଥିନିମନ୍ତେ ତାଙ୍କୁ ପଓହାରି ବାବା କହନ୍ତି । ମଝିରେ ଥରେ ଏକାବେଳକେ ୫ ବର୍ଷ ଗର୍ତ୍ତ ମଧ୍ୟରୁ ବାହାରିଲେ ନାହିଁ, ଲୋକମାନେ ମନେକଲେ

ଯେ, ଶରୀର ଗୁଡ଼ ଅଛନ୍ତି, କିନ୍ତୁ ପୁଣି ବାହାରିଛନ୍ତି । ଏଥର କିନ୍ତୁ ଦେଖା ଦଅନ୍ତି ନାହିଁ; କେବେ ଦ୍ୱାର ଅଢ଼ଆଳରୁ କଥା କହନ୍ତି । ଏପରି ମଧୁର କଥା ମୁଁ କେବେ ଶୁଣି ନାହିଁ । କୌଣସି direct (ସିଧାସଳଖ) ପ୍ରଶ୍ନର ଉତ୍ତର ଦଅନ୍ତି ନାହିଁ; କହନ୍ତି, 'ଦାସ କ୍ୟା ଜାନେ ?' କେବେ କଥା କହୁ କହୁ ଅଗ୍ନି ବାହାରେ । ମୁଁ ଖୁବ୍ ଜିଦ୍ ଧରିବାରୁ କହିଲେ ଯେ, 'ଆପଣ କିଛି ଦିନ ଏ ସ୍ଥାନରେ ରହି ମୋତେ କୃତାର୍ଥ କରନ୍ତୁ ।' ଏପରି କେବେ କହନ୍ତି ନାହିଁ; ଏଥିରୁ ବୁଝିଲି, ମୋତେ ଆଶ୍ୱାସ ଦେଲେ ଏବଂ ଯେତେବେଳେ ବାଧ କରେ, ସେତେବେଳେ କହନ୍ତି, କିଛି ଦିନ ରହନ୍ତୁ । ଏହି ଆଶାରେ ଅଛି । ଏ ଅତି ପଣ୍ଡିତ ବ୍ୟକ୍ତି, କିନ୍ତୁ କିଛି ହିଁ ପ୍ରକାଶ ପାଏ ନାହିଁ; ପୁଣି କର୍ମକାଣ୍ଡ ମଧ୍ୟ କରନ୍ତି—ପୂର୍ଣ୍ଣିମାଠାରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ହୋମ ହୁଏ । ଅତଏବ ଏହା ମଧ୍ୟରେ ଗର୍ତ୍ତକୁ ଯିବେ ନାହିଁ, ନିଶ୍ଚିତ । ଅନୁମତି କଅଣ ନେବି, direct ଉତ୍ତର ଦେବେ ନାହିଁ । 'ଦାସ୍‌କେ ଭାଗ୍ୟ' ଇତ୍ୟାଦି ବହୁତ କହିବେ । ଯଦି ଆପଣଙ୍କର ଇଚ୍ଛା ଥାଏ, ପତ୍ର ପଢ଼ି ଚାଲି ଆସନ୍ତୁ । ଏହାଙ୍କ ଶରୀର ଚାଲିଗଲେ ଖୁବ୍ ଅବଶୋଷ ରହିବ—ଦୁଇଦିନରେ ଦେଖା ଅର୍ଥାତ୍ ଉଡ଼ାଳରୁ କଥା କହି ଯାଇପାରିବେ । ମୋର ବନ୍ଧୁ ସତୀଶବାବୁ ଅତି ସମାଦରରେ ଆପଣଙ୍କୁ ଗ୍ରହଣ କରିବେ । ଆପଣ ପତ୍ର ପଢ଼ି ଚାଲି ଆସନ୍ତୁ । ଏହା ମଧ୍ୟରେ ମୁଁ ବାବାଜୀଙ୍କୁ କହିବି ।

ଦାସ, ନରେନ୍ଦ୍ରନାଥ

ପୁଃ—ଏହାଙ୍କ ସଙ୍ଗ ନ ହେଲେ ବି ଏଭଳି ମହାପୁରୁଷଙ୍କ ନିମନ୍ତେ କୌଣସି ପ୍ରକାର କଷ୍ଟ ମଧ୍ୟ ବୃଥା ହେବ ନାହିଁ, ନିଶ୍ଚିତ । ଅଲମିତ୍ୟତିବିସ୍ତରେଣ ।

ଦାସ, ନରେନ୍ଦ୍ର

୩୦ (ବଳରାମବାବୁଙ୍କୁ ଲିଖିତ) ଶ୍ରୀରାମକୃଷ୍ଣୋ ଜୟତି

ଗାଜୀପୁର, ୧୧ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କ ପ୍ରେରିତ ପୁସ୍ତକ ପାଇଅଛି । ହୃଷୀକେଶରେ (ଅମୁକଙ୍କୁ) ପୁଣି ଜ୍ୱର ହୋଇଅଛି—ମ୍ୟାଲେରିଆ ହେଲା ବୋଧହୁଏ । ଯାହାଙ୍କୁ କେବେ ଜ୍ୱର ହୁଏ ନାହିଁ, ହେଲେ ସେମାନଙ୍କୁ ଶୀଘ୍ର ଛାଡ଼େ ନାହିଁ । ମୁଁ ମଧ୍ୟ ପ୍ରଥମ ଜ୍ୱର ବେଳେ ଏହି ପ୍ରକାର ଭୋଗିଛି । ତାହା ପୂର୍ବରୁ କେବେ ଜ୍ୱର ହୋଇନାହିଁ । ମୁଁ ହୃଷୀକେଶର କୌଣସି ଚିଠି ପାଇନାହିଁ । (ଅମୁକ) କେଉଁଠି ? ମୁଁ ଅଣ୍ଟାରେ କଷ୍ଟ ଭୋଗ କରୁଛି—ଆହ୍ଲାବାଦରୁ ଆରମ୍ଭ ହୋଇଛି । ମଝିରେ ଭଲ ହୋଇଯାଇଥିଲା, ପୁଣି ହୋଇଛି । ଅତଏବ ଏଠାରେ କିଛି ଦିନ ରହିବାକୁ ପଡ଼ିବ । ବାବାଜୀଙ୍କର ଏକାନ୍ତ ଅନୁରୋଧ, ମୁଁ କିଛି ଦିନ ରହେ । କାଶୀ ବୁଟି କଥା ଯାହା ଲେଖିଛନ୍ତି, ତାହା ସତ୍ୟ । କିନ୍ତୁ ସାଧୁ ଏହିଭଳି ହିଁ ମରନ୍ତି । ଡାଳ ଗେନା ଭଲ ନୁହେଁ । ଏଥର ଶୀଘ୍ର ଭାବୁ ହୋଇଯିବ । ଆଜି ମରିଗଲେ ହିଁ ଭଲ । ଯିଏ ଯେତେ ଶୀଘ୍ର ଯାଏ, ସେତେ ଲାଭ ।

ଦାସ, ନରେନ୍ଦ୍ର

୩୧ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜୀପୁର, ୧୩ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କର ଶାରୀରିକ ଅସୁସ୍ଥତା ଶୁଣି ଚିନ୍ତିତ ରହିଲି । ମୋର ମଧ୍ୟ ଅଣ୍ଟାରେ ଦରଜ ହୋଇଛି, ସମ୍ପ୍ରତି ଅତ୍ୟନ୍ତ ବଢ଼ିଛି ଓ କଷ୍ଟ ଦେଉଛି । ବାବାଜୀଙ୍କୁ ଦୁଇ ଦିନ ହେଲା ଦେଖିବାକୁ ଯାଇପାରି ନାହିଁ । ସେଥିପାଇଁ ମୋର ଖବର ନେବା ନିମନ୍ତେ ତାଙ୍କ ନିକଟରୁ ଜଣେ ଲୋକ ଆସିଥିଲେ—ଅତଏବ ଆଜି ଯିବି । ଆପଣଙ୍କର ଅସଂଖ୍ୟ ପ୍ରଣାମ ଜଣାଇବି । ଅଗ୍ନି ଯାହାର ହୁଏ, ଅର୍ଥାତ୍ ଅତି ଅଦ୍ଭୁତ ଗୂଢ଼ ଉତ୍ତର କଥା ଏବଂ ନିର୍ଭରର କଥା ଯାହାର ହୁଏ—ଏପରି ଅଦ୍ଭୁତ ତିତିକ୍ଷା ଏବଂ ବିନୟ କେବେ ଦେଖି ନାହିଁ । କୌଣସି ମାଲ୍ ଯଦି ପାଏ, ଆପଣଙ୍କର ସେଥିରେ ନିଶ୍ଚୟ ଭାଗ ଅଛି ଜାଣିବେ । କିମଧିକମିତି—

ଦାସ, ନରେନ୍ଦ୍ର

୩୨ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜୀପୁର, ୧୪ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ଗତ କାଲି ଆପଣଙ୍କୁ ଯେଉଁ ପତ୍ର ଲେଖିଛି, ସେଥିରେ ଶରତଭାଇଙ୍କ ପତ୍ର ଖଣ୍ଡିକ ପଠାଇବା ପାଇଁ କହିବାକୁ ବୋଧହୁଏ ଭୁଲିଯାଇଛି; ଅନୁଗ୍ରହ କରି ପଠାଇ ଦେବେ । ଗଙ୍ଗାଧରଭାଇଙ୍କଠାରୁ ଖଣ୍ଡିଏ ପତ୍ର ପାଇଛି । ସେ ଏବେ କାଶ୍ମୀର, ରାମବାଗ ସମାଧି, ଶ୍ରୀନଗରରେ ଅଛନ୍ତି । ମୁଁ Lumbagoରେ (ଅଣ୍ଟାଧରାରେ) ଖୁବ୍ କଷ୍ଟ ପାଉଛି । ଇତି

ଦାସ, ନରେନ୍ଦ୍ର

ପୁଃ—ରାଖାଲ୍ ଓ ସୁବୋଧ ଓଁକାର, ଗିର୍ଣ୍ଣାର, ଅବୁ, ବମ୍ବେ, ଦ୍ୱାରକା ଦେଖି ଏବେ ବୃନ୍ଦାବନରେ ଅଛନ୍ତି ।

ନରେନ୍ଦ୍ର

୩୩ (ବଳରାମବାବୁଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

C/o ସତୀଶଚନ୍ଦ୍ର ମୁଖୋପାଧ୍ୟାୟ, ଗୋରାବଜାର, ଗାଜୀପୁର, ୧୪।୨।୯୦

ପୂଜ୍ୟପାଦେଷୁ,

ଆପଣଙ୍କର ଅବଶୋଷ-ପତ୍ର ପାଇଛି । ମୁଁ ଶୀଘ୍ର ଏ ସ୍ଥାନ ପରିତ୍ୟାଗ କରୁ ନାହିଁ, ବାବାଜୀଙ୍କର ଅନୁରୋଧ ଭାଙ୍ଗିଦେବାର ଶକ୍ତି ନାହିଁ । ସାଧୁମାନଙ୍କର ସେବା କରି କ'ଣ ହେଲା ବୋଲି ଆକ୍ଷେପ କରିଛନ୍ତି । କଥାଟି ଠିକ୍ ଅଥଚ ଠିକ୍ ନୁହେଁ । Ideal blissର (ଆଦର୍ଶ ଆନନ୍ଦର) ଦିଗକୁ ଦେଖିବାକୁ ଗଲେ ଏ କଥା ସତ୍ୟ ସିନା, କିନ୍ତୁ ଯେଉଁ ସ୍ଥାନ ଛାଡ଼ି ଆସିଛନ୍ତି, ସେ ଦିଗକୁ ଅନାଇଲେ ମାନେ ଦେଖିପାରିବେ—ଥିଲେ ଗୋରୁ ହୋଇଛନ୍ତି ମନୁଷ୍ୟ, ହେବେ ଦେବତା ଏବଂ ଈଶ୍ୱର । ପରନ୍ତୁ ଏଭଳି 'କ'ଣ ହେଲା' 'କ'ଣ ହେଲା'

ଅତି ଭଲ—ଉନ୍ନତିର ଆଶାସ୍ୱରୂପ—ନ ହେଲେ କେହି ଉଠିପାରିବେ ନାହିଁ । 'ପଗଡ଼ି ବାନ୍ଧି ଭଗବାନ୍' ଯେ ଦେଖୁଛ, ତାହାର ସେହି ସ୍ଥାନରେ ହିଁ ଖତମ୍ । ଆପଣଙ୍କର ସର୍ବଦା ଯେ ମନେ ପଡ଼ୁଛି 'କଅଣ ହେଲ', ଆପଣ ଧନ୍ୟ, ନିଶ୍ଚିତ ଜାଣିବେ—ଆପଣଙ୍କର ମାଡ଼ ନାହିଁ ।

ମାତାଠାକୁରାଣୀଙ୍କୁ ଆଣିବା ପାଇଁ ଗିରିଶବାବୁଙ୍କ ସହିତ ଆପଣଙ୍କର କଅଣ ମତାନ୍ତର ହୋଇଛି ଗିରିଶବାବୁ ଲେଖିଛନ୍ତି—ସେ ବିଷୟରେ ମୋର କହିବାର କିଛି ନାହିଁ । ତେବେ ଆପଣ ଅତି ବୁଦ୍ଧିମାନ୍ ବ୍ୟକ୍ତି—କାର୍ଯ୍ୟସିଦ୍ଧିର ପ୍ରଧାନ ଉପାୟ ଯେ ଧୈର୍ଯ୍ୟ—ଏହା ଆପଣ ଠିକ୍‌ରୂପେ ବୁଝନ୍ତି, ସେ ବିଷୟରେ ଚପଳମତି ଆମେମାନେ ଆପଣଙ୍କ ନିକଟରେ ବହୁ ଶିକ୍ଷାର ଉପଯୁକ୍ତ, ସନ୍ଦେହ ନାହିଁ । କାଶୀରେ ମୁଁ—ଯୋଗୀନ୍‌ମାତାଙ୍କର ଗଲ୍ପ ନ ହୁଏ, ଏ ବିଷୟରେ ଦିନେ ବାଦାନୁବାଦ ଛଳରେ କହିଥିଲି । ତାହା ଛଡ଼ା ଆଉ ମୁଁ କୌଣସି ଖବର ଜାଣି ନାହିଁ ଏବଂ ଜାଣିବାକୁ ଇଚ୍ଛା ମଧ୍ୟ ରଖି ନାହିଁ । ମାତା-ଠାକୁରାଣୀଙ୍କର ଯେପରି ଇଚ୍ଛା ହେବ, ସେହିପରି କରିବେ । ମୁଁ କେଉଁ ନରାଧମ, ତାଙ୍କ ସମ୍ବନ୍ଧରେ କେଉଁ ବିଷୟରେ କଥା କହିବ ? ଯୋଗୀନ୍‌ମାତାଙ୍କୁ ଯେ ମନା କରିଥିଲି, ସେଥିରେ ଯଦି ଦୋଷ ହୋଇଥାଏ, ତାହା ପାଇଁ ଲକ୍ଷ ଲକ୍ଷ କ୍ଷମାପ୍ରାର୍ଥନା କରୁଛି । ଆପଣ ସଦ୍‌ବିବେଚକ—ଆପଣଙ୍କୁ କ'ଣ କହିବ ? କାନ ଦୁଇଟା, କିନ୍ତୁ ମୁଖ ଗୋଟାଏ; ବିଶେଷତଃ ଆପଣଙ୍କର ମୁଖ ବଡ଼ ଭଡ଼ା ଏବଂ ଫସ୍ ଫସ୍ କରି large promises (ବେଶୀ ବେଶୀ ଅଙ୍ଗୀକାର-ବାକ୍ୟ) ବାହାର ହୁଏ ନାହିଁ ବୋଲି ମୁଁ ମଧ୍ୟ ଆପଣଙ୍କ ଉପରେ ଅନେକ ସମୟରେ ବିରକ୍ତ ହୁଏ; କିନ୍ତୁ ବିଚାର କରି ଦେଖେ ଯେ, ଆପଣ ହିଁ ସଦ୍‌ବିବେଚନାର କାର୍ଯ୍ୟ କରନ୍ତି । 'Slow but sure' (ମନ୍ଦଗତି, କିନ୍ତୁ ନିଶ୍ଚିତଗାମୀ) ।

What is lost in power is gained in speed (ଶକ୍ତି ଯେଉଁ ପରିମାଣରେ ବ୍ୟୟିତ ହୁଏ, ସେହି ପରିମାଣରେ ଗତିବୃଦ୍ଧିରେ ତାହାର ଭରଣା ହୁଏ) । ଯାହା ହେଉ, ସଂସାରରେ କଥା ନେଇ କାର୍ଯ୍ୟ । କଥାର ଆବରଣକୁ ଦୂର କରିବାର (ସେଥିରେ ଆପଣଙ୍କ କୃପଣତାର ଆବରଣ—ଏତେ ଦୂରକର) ଅନ୍ତର୍ଦୃଷ୍ଟି ସମସ୍ତଙ୍କର ହୁଏ ନାହିଁ ଏବଂ ବହୁତ ସମୟ ସଙ୍ଗରେ ନ ରହିଲେ କୌଣସି ବ୍ୟକ୍ତିଙ୍କୁ ବୁଝିହୁଏ ନାହିଁ । ଏହା ମନେକରି ଏବଂ ଶ୍ରୀଶ୍ରୀଗୁରୁଦେବ ଓ ମାତାଠାକୁରାଣୀଙ୍କୁ ସ୍ମରଣ କରି ନିରଞ୍ଜନ ଯଦି ଆପଣଙ୍କୁ କିଛି କଟୂ କାଟବ୍ୟ କହିଥାଏ, କ୍ଷମା କରିବେ । 'ଧର୍ମ ଦଳରେ ନୁହେଁ, ଗଣ୍ଡଗୋଳରେ ନୁହେଁ'—ଗୁରୁଦେବଙ୍କର ଏହି ସକଳ ଉପଦେଶ ଭୁଲିଯାଉଛନ୍ତି କାହିଁକି ? ଆପଣଙ୍କର ଯାହା କରିବାର ସାଧ୍ୟ କରନ୍ତୁ; କିନ୍ତୁ ତାହାର କି ବ୍ୟବହାର ହେଲା କି ନ ହେଲା, ଭଲମନ୍ଦ ବିଚାର କରିବାର ଅଧିକାର ଆମମାନଙ୍କର ବୋଧହୁଏ ନାହିଁ । ଗିରିଶବାବୁ ଯେ ଆଘାତ ପାଇଛନ୍ତି, ଏହି କାରଣରୁ ଏ ସମୟରେ ମାତାଠାକୁରାଣୀଙ୍କର ସେବାରେ ତାଙ୍କର ବିଶେଷ ଶାନ୍ତିଲାଭ ହେବ । ସେ ଅତି ତୀକ୍ଷ୍ଣବୁଦ୍ଧି, ତାଙ୍କ ସମ୍ବନ୍ଧରେ ମୁଁ କଅଣ ବିଚାର କରିବ ? ପୁଣି ଗୁରୁଦେବ ଆପଣଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ । ଆପଣଙ୍କ ଗୃହ ଭିନ୍ନ ଅନ୍ୟ କେଉଁଠାରେ

ଅନ୍ନାଦ ଗ୍ରହଣ କରୁ ନ ଥିଲେ ଏବଂ ଶୁଣିଅଛୁ, ମାତାଠାକୁରାଣୀ ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରନ୍ତି—ଏ ସମସ୍ତ ମନେକରି ଆମମାନଙ୍କ ଭଳି ଚପଳମତି ବାଳକମାନଙ୍କର (ନିଜ ପୁତ୍ରକୃତ ଅପରାଧ ପରି) ସକଳ ଅପରାଧ ସହ୍ୟ ଓ କ୍ଷମା କରିବେ—ଅଧିକ କଅଣ ଲେଖିବି !

ଜନ୍ମୋତ୍ସବ କେବେ ହେବ ପତ୍ର ପଢ଼ିବାମାତ୍ରେ ଲେଖିବେ । ମୋର ଅଣ୍ଟା ଧରିଛି । ଆଉ କେତେଦିନ ପରେ ଏ ସ୍ଥାନଟି ଖୁବ୍ ସୁନ୍ଦର ଦେଖାଯିବ—କୋଶକୋଶ ବ୍ୟାପୀ ଗୋଲାପଫୁଲ-କଅଁଳରେ ଫୁଲ ଫୁଟିବ । ସେହି ସମୟରେ ସତୀଶ କେତେଗୁଡ଼ିଏ ସଜଫୁଲ-ଓ ଡାଳ ମହୋତ୍ସବ ଉପଲକ୍ଷେ ପଠାଇବ ବୋଲି କହୁଛି । ଯୋଗେନ୍ କେଉଁଠାରେ, କିପରି ଅଛି ? ବାବୁରାମ୍ କିପରି ଅଛି ? ସାରଦା କଅଣ ଏବେ ମଧ୍ୟ ସେହିପରି ଚଞ୍ଚଳ-ଚିତ୍ତ ? ଗୁପ୍ତ କଅଣ କରୁଛି ? ତାରକ ଭାଇ, ଗୋପାଳ ଭାଇ ପ୍ରଭୃତିଙ୍କୁ ମୋର ପ୍ରଣାମ । ମାଷ୍ଟରଙ୍କ ଭାଇପୁଅ କେତେଦୂର ପଢ଼ିଲା ? ରାମ, ଫକୀର ଓ କୃଷ୍ଣମୟୀକୁ ମୋର ଆଶୀର୍ବାଦ ଦେବେ । ସେମାନେ କିପରି ପଢ଼ାପଢ଼ି କରୁଛନ୍ତି ? ଭଗବାନ କରନ୍ତୁ, ଆପଣଙ୍କର ପୁଅ ଯେପରି 'ମଣିଷ' ହୁଏ—ନାମରଦ ନ ହୁଏ । ତୁଳସୀବାବୁଙ୍କୁ ମୋର ଲକ୍ଷ ଲକ୍ଷ ସାଦର ସମ୍ଭାଷଣ କହିବେ ଏବଂ ଏଥର ସାଣ୍ଡେଲ୍ ମଧ୍ୟ ଏକାଙ୍କା ନିଜର ଖଟଣି ଖଟି-ପାରିବ କି ନାହିଁ ? ଚୂନୀବାବୁ କିପରି ଅଛନ୍ତି ?···

ବଳରାମବାବୁ, ମାତାଠାକୁରାଣୀ ଯଦି ଆସିଥାନ୍ତି, ମୋର କୋଟି କୋଟି ପ୍ରଣାମ ଜଣାଇବେ ଓ ଆଶୀର୍ବାଦ କରିବାକୁ କହିବେ—ଯେପରି ମୋର ଅଟଳ ଅଧ୍ୟବସାୟ ହୁଏ, କିମ୍ବା ଏ ଶରୀରରେ ଯଦି ତାହା ଅସମ୍ଭବ, ଶୀଘ୍ର ଯେପରି ଏହାର ପତନ ହୁଏ ।

(ପରବର୍ତ୍ତୀ ପତ୍ର ଖଣ୍ଡିକ) ଗୁପ୍ତକୁ ଦେଖାଇବେ ।

ଦାସ, ନରେନ୍ଦ୍ର

୩୪ (ସ୍ୱାମୀ ସଦାନନ୍ଦଙ୍କୁ ଲିଖିତ)

୧୪ ଫେବୃଆରି ୧୮୯୦

କଲ୍ୟାଣବରେଷୁ,

ଆଶାକରେ ଶାରୀରିକ କୁଶଳରେ ଅଛ । ନିଜର ଜପତପ ସାଧନ ଭଜନ କରିବ ଓ ନିଜକୁ ଦାସାନୁଦାସ ଜାଣି ସମସ୍ତଙ୍କର ସେବା କରିବ । ତୁମେ ଯେଉଁମାନଙ୍କ ପାଖରେ ଅଛ, ମୁଁ ମଧ୍ୟ ସେମାନଙ୍କ ଦାସାନୁଦାସ ଓ ଚରଣରେଣୁର ଯୋଗ୍ୟ ନୁହେଁ—ଏହା ଜାଣି ସେମାନଙ୍କୁ ସେବା ଓ ଭକ୍ତି କରିବ । ଏମାନେ ଗାଳିଦେଲେ ବା ମାରିଲେ ମଧ୍ୟ କ୍ରୁଦ୍ଧ ହେବ ନାହିଁ । କୌଣସି ସ୍ତ୍ରୀଲୋକ ନିକଟକୁ ଯିବ ନାହିଁ—Hardy (କଷ୍ଟସହିଷ୍ଣୁ) ହେବାକୁ ଅଳ୍ପ ଅଳ୍ପ ଚେଷ୍ଟା କରିବ ଏବଂ କଷ୍ଟ ସହି ସହି କ୍ରମେ ଭିକ୍ଷାଦ୍ୱାରା ଶରୀର ଧାରଣ କରିବାକୁ ଚେଷ୍ଟା କରିବ । ଯେ କେହି ରାମକୃଷ୍ଣଙ୍କର ଦୋହାଇ ଦେବ, ସେହି ତୁମର ଗୁରୁ ବୋଲି ଜାଣିବ । କର୍ତ୍ତୃତ୍ୱ ସମସ୍ତେ କରିପାରନ୍ତି—ଦାସ ହେବା ଅତି କଠିନ । ବିଶେଷତଃ ତୁମେ ଶଶୀ କଥା ଶୁଣିବ । ଗୁରୁନିଷ୍ଠା, ଅଟଳ ଧୈର୍ଯ୍ୟ ଓ ଅଧ୍ୟବସାୟ ବ୍ୟତିରେକେ କିଛିମାତ୍ର

ହେବ ନାହିଁ—ନିଶ୍ଚିତ, ନିଶ୍ଚିତ ଜାଣିବ । Strict morality (କଠୋର ନୀତିପରାୟଣତା) ଆବଶ୍ୟକ—ଟିକିଏ ଏପାଖ ସେପାଖ ହେଲେ ସର୍ବନାଶ । ଇତି

ନରେନ୍ଦ୍ରନାଥ

୩୫ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜିପୁର, ୧୯ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

ମୁଁ ଗଙ୍ଗାଧରଭାଇଙ୍କୁ ଘୂରି ବୁଲିବାକୁ ନିଷେଧ କରି ଓ କୌଣସି ସ୍ଥାନରେ ବସି-ଯିବାକୁ ପରାମର୍ଶ ଦେଇ ଏବଂ ତିବ୍ବତରେ କି କି ସାଧୁ ଦେଖିଛନ୍ତି ଏବଂ ସେମାନଙ୍କର ଆଚାର ବ୍ୟବହାର ଉପରି, ସବିଶେଷ ଲେଖିବା ନିମନ୍ତେ ଏକ ପତ୍ର ଲେଖିଥିଲି । ତାହାର ଉତ୍ତରରେ ସେ ଯେଉଁ ପତ୍ର ଲେଖିଛନ୍ତି, ତାହା ଏହି ପତ୍ର ସହିତ ଆପଣଙ୍କ ନିକଟକୁ ପଠାଉଛି । କାଲୀ- (ଅଭେଦାନନ୍ଦ) ଭାଇଙ୍କର ହୃଷୀକେଶରେ ପୁନଃ ପୁନଃ ଜ୍ୱର ହେଉଛି । ତାଙ୍କ ପାଖକୁ ଏଠାରୁ ଏକ ଟେଲିଗ୍ରାମ୍ ପଠାଇଛି । ଉତ୍ତରରେ ମୋର ଯିବା ଆବଶ୍ୟକ ବୋଲି ଯଦି ସେ ବିବେଚନା କରନ୍ତି, ଏ ସ୍ଥାନରୁ ସିଧା ହୃଷୀକେଶକୁ ଯିବା ପାଇଁ ବାଧ୍ୟ ହେବି; ନଚେତ୍ ଦିନେ ଦୁଇଦିନ ମଧ୍ୟରେ ଆପଣଙ୍କ ନିକଟରେ ଉପସ୍ଥିତ ହେବି । ମହାଶୟ ହୁଏତ ଏହି ମାୟାର ପ୍ରପଞ୍ଚ ଦେଖି ହସିବେ—କଥା ମଧ୍ୟ ସେଇଆ ହେଉଛି, ତେବେ ଲୁହାର ଶିକୁଳି ଓ ସୁନାର ଶିକୁଳି—ସୁନାଶିକୁଳିର ଅନେକ ଉପକାର ଅଛି—ତାହା (ସେହି ଉପକାର) ହୋଇଗଲେ ଆପେ ଆପେ ଖସିଯିବ । ମୋ ଗୁରୁଦେବଙ୍କର ପୁତ୍ରଗଣ ମୋର ଅତି ସେବାର ପାତ୍ର—ଏହି ସ୍ଥାନରେ ହିଁ ଟିକିଏ duty (କର୍ତ୍ତବ୍ୟ)-ବୋଧ ଅଛି । ସମ୍ଭବତଃ କାଲୀଭାଇଙ୍କୁ ଏଲାହାବାଦକୁ ଅଥବା ଯେଉଁ ସ୍ଥାନରେ ସୁବିଧା ହେବ, ସେହି ସ୍ଥାନକୁ ପଠାଇ ଦେବି । ଆପଣଙ୍କ ଚରଣରେ ମୋର ଶତ ଶତ ଅପରାଧ ରହିଲା—ପୁତ୍ରସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ (ମୁଁ ଆପଣଙ୍କର ପୁତ୍ର, ଶରଣାଗତ, ମୋତେ ଶାସନ କରନ୍ତୁ, ଶିକ୍ଷା ଦିଅନ୍ତୁ) । କିମଧିକମିତି

ଦାସ, ନରେନ୍ଦ୍ର

୩୬ (ବଲରାମବାବୁଙ୍କୁ ଲିଖିତ) ଓଁ ନମଃ ଭଗବତେ ରାମକୃଷ୍ଣାୟ

ଗାଜିପୁର, ଫେବୃଆରି ୧୮୯୦*

ପୂଜ୍ୟପାଦେଷୁ,

...ଜଣେ କେହି ମୋତେ ଖଣ୍ଡେ ପତ୍ର ଲେଖିଛନ୍ତି । ସେଥିରେ ନାଁ ନାହିଁ । ସେହି ମହାତ୍ମା କିଏ ଜାଣିପାରିଲି ନାହିଁ । ସେ କିନ୍ତୁ ଦର୍ଶନଯୋଗ୍ୟ । ଯେ ପଓହାରୀ ବାବାଙ୍କ ଭଳି ମହାପୁରୁଷଙ୍କୁ ଗୋଷ୍ପଦଜଳ ବିବେଚନା କରନ୍ତି ଏବଂ ପୃଥିବୀରେ ଯାହାଙ୍କ ପାଇଁ ଶିକ୍ଷା

* କଲିକତା ଡାକଘର ଛାପ ୧୦।୨।୯୦

କହିବା ପାଇଁ କିଛି ନାହିଁ ଏବଂ ଶିକ୍ଷା କରିବାକୁ ଅତ୍ୟନ୍ତ ଅପମାନ ବିବେଚନା କରନ୍ତି, ଏଭଳି ନୂତନ ପୁରୁଷାବତାର ପ୍ରକୃତରେ ଦର୍ଶନଯୋଗ୍ୟ । ଭରସା କରୁଛି ଗଭର୍ଣ୍ଣମେଣ୍ଟ ଜାଣିପାରିଲେ ଖୁବ୍ ସମାଦରରେ ଆଲିପୁରର ଉଦ୍ୟାନରେ (ପଶୁପକ୍ଷୀଆଙ୍କର, ବଗିଚାରେ) ସ୍ଥାନ ଦେବେ । ମୋତେ ଆଶୀର୍ବାଦ କରିବାକୁ ତାଙ୍କୁ କହିବେ, ଯେପରିକି କୁକୁର, ବିଲୁଆ ପର୍ଯ୍ୟନ୍ତ ମୋର ଗୁରୁ ହୁଅନ୍ତି—ଏଭଳି ମହାପୁରୁଷଙ୍କ କଥା ବା କଅଣ ! ମୋର ଏ ସମୟରେ ସବୁ କିଛି ଶିଖିବା କଥା । ମୋର ଗୁରୁ କହନ୍ତି, 'ଯେପର୍ଯ୍ୟନ୍ତ ଜୀବନ ସେପର୍ଯ୍ୟନ୍ତ ଶିଖିବା'—ତାହାଙ୍କୁ କହିବେ ଯେ, ମୁଁ ହତଭାଗା । ସାତ ସମୁଦ୍ର ତେର ନଦୀ ଅଥବା ଲଙ୍କା ପାରି ହୋଇ ନାକରେ ତେଲ ଦେଇ ଶୋଇବାର ଅଧିକାର ମୋର ଅଛି କେଉଁଠି ?

ଦାସ, ନରେନ୍ଦ୍ର

ପୁଃ—ଗୋଲାପଜଳ ଇଶାନ ବାବୁଙ୍କ ଘରୁ* ତିଆର ହେଲେ ଅଣାଇ ନେବେ । ଫୁଲ ଏପର୍ଯ୍ୟନ୍ତ ଫୁଟି ନାହିଁ । ଇଶାନ୍‌ବାବୁଙ୍କ ଘରକୁ ପାଣି ପଠାଗଲା ।

୩୭ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଗାଜିପୁର, ଫେବୃଆରୀ ୧୮୯୦

ପ୍ରାଣାଧିକେଷୁ,

ତୁମ ପତ୍ର ପାଇ ଅତ୍ୟନ୍ତ ପ୍ରୀତ ହେଲି । ତିବ୍ବତ ସମ୍ବନ୍ଧରେ ଯେଉଁ କଥା ଲେଖିଛ, ତାହା ଅତି ଆଶାଜନକ; ମୁଁ ସେ ସ୍ଥାନକୁ ଯିବା ପାଇଁ ଥରେ ଚେଷ୍ଟା କରିବି । ସଂସ୍କୃତରେ ତିବ୍ବତକୁ 'ଉତ୍ତରକୁରୁବର୍ଷ' କହନ୍ତି—ଏହା ମ୍ଳେଚ୍ଛଭୂମି ନୁହେଁ । ପୃଥିବୀ ମଧ୍ୟରେ ସର୍ବାପେକ୍ଷା ଉଚ୍ଚ ଭୂମି, ଏଥିପାଇଁ ଶୀତ ବେଶୀ, କିନ୍ତୁ କ୍ରମେ କ୍ରମେ ସହ୍ୟ କରାଯାଇ-ପାରେ । ତିବ୍ବତୀୟ ଲୋକମାନଙ୍କର ଆଚାରବ୍ୟବହାର ତୁମେ ତ କିଛି ଲେଖି ନାହଁ—ଯଦି ଏତେ ଆତିଥେୟ, ତେବେ କାହିଁକି ତୁମକୁ ଯିବାକୁ ଦେଲେ ନାହିଁ ? ସବିଶେଷ ଲେଖିବ—ସବୁକଥା ଖୋଲି, ଖଣ୍ଡିଏ ବୃହତ୍ ପତ୍ରରେ । ତୁମେ ଆସିପାରିବ ନାହିଁ ଜାଣି ଦୁଃଖିତ ହେଲି । ତୁମକୁ ଦେଖିବା ପାଇଁ ବହୁତ ଇଚ୍ଛା ଥିଲା । ତୁମକୁ ସମଧିକ ଭଲପାଏ ବୋଲି ବୋଧହୁଏ । ଯାହା ହେଉ, ଏ ମାୟା ମଧ୍ୟ ମୁଁ କଟାଇବାକୁ ଚେଷ୍ଟା କରିବି ।

ତିବ୍ବତୀମାନଙ୍କର ଯେଉଁ ତନ୍ତ୍ରାଚାର କଥା କହିଛ, ତାହା ବୌଦ୍ଧଧର୍ମର ଶେଷ-ଦଶାରେ ଭାରତବର୍ଷରେ ମଧ୍ୟ ହୋଇଥିଲା । ମୋର ବିଶ୍ୱାସ ଯେ, ଆମମାନଙ୍କର ଯେଉଁସବୁ ତନ୍ତ୍ର ପ୍ରଚଳିତ ଅଛି, ବୌଦ୍ଧମାନେ ହିଁ ତାହାର ଆଦିମ ସ୍ରଷ୍ଟା । ଏହିସବୁ ତନ୍ତ୍ର ଆମମାନଙ୍କର ବାମାଚାରବାଦଠାରୁ ଅଧିକ ଭୟଙ୍କର (ସେଥିରେ ବ୍ୟଭିଚାର ଅତିମାତ୍ରାରେ ପ୍ରଶ୍ରୟ ପାଇଥିଲା) ଏବଂ ଏହି ପ୍ରକାର immorality (ନୀତିହୀନତା) ଦ୍ୱାରା ଯେତେବେଳେ (ବୌଦ୍ଧମାନେ) ନିର୍ବୀର୍ଯ୍ୟ ହେଲେ, ସେହି ସମୟରେ ହିଁ (ସେମାନେ) କୁମାରିଲ ଭଟ୍ଟଙ୍କ

* କଲିକତା ମେଛୁଆବଜାର କାର୍ତ୍ତି ସିନେମା ସାମ୍ନାରେ ।

ଦ୍ୱାରା ଦୂଷିତ ହୋଇଥିଲେ । ଯେପରି ସନ୍ନ୍ୟାସୀମାନେ ଶଙ୍କରଙ୍କୁ ଓ ବାଉଲମାନେ ମହାପ୍ରଭୁଙ୍କୁ secret (ଗୋପନରେ) ସ୍ତ୍ରୀସମ୍ଭୋଗୀ, ସୁରାପାୟୀ ଓ ନାନାପ୍ରକାର ଜଘନ୍ୟ-ଆଚରଣକାରୀ ବୋଲି କହନ୍ତି, ସେହିପରି modern (ଆଧୁନିକ) ତାନ୍ତ୍ରିକ ବୌଦ୍ଧମାନେ ବୁଦ୍ଧଦେବଙ୍କୁ ଘୋର ବାମାଚାରୀ କହନ୍ତି ଏବଂ ପ୍ରଜ୍ଞାପାରମିତୋକ୍ତ ତତ୍ତ୍ୱଗାଥା ପ୍ରଭୃତି ସୁନ୍ଦର ସୁନ୍ଦର ବାକ୍ୟର କୁତ୍ସିତ ବ୍ୟାଖ୍ୟା କରନ୍ତି; ଫଳ ଏହା ହୋଇଛି ଯେ, ଏବେ ଏହିକଣି ବୌଦ୍ଧମାନଙ୍କର ଦୁଇ ସମ୍ପ୍ରଦାୟ; ବର୍ମା ଓ ସିଂହଳର ଲୋକମାନେ ପ୍ରାୟ ତନ୍ତ୍ରକୁ ମାନନ୍ତି ନାହିଁ ଓ ତାହା ସଙ୍ଗେ ସଙ୍ଗେ ହିନ୍ଦୁ ଦେବଦେବୀଙ୍କୁ ମଧ୍ୟ ଦୂର କରିଛନ୍ତି ଏବଂ ଉତ୍ତରାଞ୍ଚଳର ବୌଦ୍ଧମାନେ ଯେଉଁ 'ଅମିତାଭ ବୁଦ୍ଧମ୍' ମାନନ୍ତି, ତାହାଙ୍କୁ ମଧ୍ୟ ସର୍ବତୋଭାବରେ ପରିତ୍ୟାଗ କରିଛନ୍ତି । ଫଳକଥା ଏହି, ଉତ୍ତରର ଲୋକମାନେ ଯେଉଁ 'ଅମିତାଭ ବୁଦ୍ଧମ୍' ଇତ୍ୟାଦି ମାନନ୍ତି, ତାହା ପ୍ରଜ୍ଞାପାରମିତାଦିରେ ନାହିଁ; କିନ୍ତୁ ଅନେକ ଦେବଦେବୀଙ୍କୁ ମାନିବା ଅଛି । ଆଉ ଏ ଦକ୍ଷିଣୀମାନେ ବଳପୂର୍ବକ ଶାସ୍ତ୍ର ଲଙ୍ଘନ କରି ଦେବଦେବୀଙ୍କୁ ବିସର୍ଜନ କରିଛନ୍ତି । ଯେଉଁ every thing for others ('ଯାହା କିଛି ସବୁ ପର ପାଇଁ'—ଏହି ମତ) ଜଗତରେ ବିସ୍ତୃତ ଦେଖୁଛ, ଏହି phase of Buddhism (ବୌଦ୍ଧଧର୍ମର ଏହି ଭାବ) ଆଜିକାଲି ଇଉରୋପକୁ ଖୁବ୍ strike କରିଛି (ଇଉରୋପର ମନକୁ ବହୁତ ପାଇଛି) । ଯାହାହେଉ, ଏହି phase (ଭାବ) ସମ୍ବନ୍ଧରେ ମୋର ବହୁତ କିଛି କହିବାକୁ ଅଛି—ଏ ପତ୍ରରେ ତାହା ହୋଇପାରିବ ନାହିଁ । ଯେଉଁ ଧର୍ମ ଉପନିଷଦ୍‌ରେ ବଦ୍ଧ ହୋଇଥିଲା, ବୁଦ୍ଧଦେବ ତାହାର ଦ୍ୱାରକୁ ଭାଙ୍ଗି ସରଳ କଥାରେ ଚଳିତ ଭାଷାରେ ବହୁଳ ପ୍ରଚାର କରିଥିଲେ । ନିର୍ବାଣରେ ତାହାଙ୍କର ବିଶେଷ ମହତ୍ତ୍ୱ କଅଣ ? ତାଙ୍କର ମହତ୍ତ୍ୱ in his unrivalled sympathy (ତାଙ୍କର ଅତୁଳନୀୟ ସହାନୁଭୂତିରେ) । ତାଙ୍କ ଧର୍ମରେ ଯେଉଁ ସବୁ ଉଚ୍ଚ ଅଙ୍ଗର ସମାଧି ପ୍ରଭୃତିର ଗୁରୁତ୍ୱ, ସେ ସମସ୍ତ ପ୍ରାୟ ବେଦରେ ଅଛି; ନାହିଁ ତାଙ୍କର intellect (ବୁଦ୍ଧି) ଏବଂ heart (ହୃଦୟ), ଯାହା ଜଗତରେ ଆଉ ହେଲା ନାହିଁ ।

ବେଦର ଯେଉଁ କର୍ମବାଦ, ତାହା Jew (ଇହୁଦି) ପ୍ରଭୃତି ସକଳ ଧର୍ମର କର୍ମବାଦ, ଅର୍ଥାତ୍ ଯଜ୍ଞ ଇତ୍ୟାଦି ବାହ୍ୟୋପକରଣ ଦ୍ୱାରା ଅନ୍ତର ଶୁଦ୍ଧି କରିବା—ଏ ପୃଥିବୀରେ ବୁଦ୍ଧଦେବ the first man (ପ୍ରଥମ ବ୍ୟକ୍ତି), ଯେ ଏହାର ବିପକ୍ଷରେ ଦଣ୍ଡାୟମାନ ହୋଇଛନ୍ତି । କିନ୍ତୁ ଭାବ, ଢଙ୍ଗ ସବୁ ପୁରାତନ ପରି ରହିଲା, ସେହି ତାହାଙ୍କର ଅନ୍ତଃକର୍ମ-ବାଦ—ସେହି ତାଙ୍କର ବେଦ ପରିବର୍ତ୍ତେ ସୂତ୍ରରେ ବିଶ୍ୱାସ କରିବାକୁ ହୁକୁମ୍ । ସେହି ଜାତି ମଧ୍ୟ ଥିଲା, ତେବେ ଗୁଣଗତ ହେଲା (ବୁଦ୍ଧଙ୍କ ସମୟରେ ଜାତିଭେଦ ଯାଇ ନାହିଁ); ଯେଉଁମାନେ ତାଙ୍କର ଧର୍ମକୁ ମାନନ୍ତି ନାହିଁ, ସେମାନଙ୍କୁ 'ପାଷଣ୍ଡ' କହିବା । 'ପାଷଣ୍ଡ'ଟା ବୌଦ୍ଧମାନଙ୍କର ଅତି ପୁରୁଣା ବୋଲି; ତେବେ କୌଣସି ସମୟରେ ବିଚରା ବୌଦ୍ଧମାନେ ତରବାରି ଚଳାଇ ନାହାନ୍ତି, ଏବଂ ଖୁବ୍ toleration (ଉଦାର ଭାବ) ଥିଲା । ତର୍କଦ୍ୱାରା ବେଦ ଉଡ଼ିଗଲା । କିନ୍ତୁ ତୁମ ଧର୍ମର ପ୍ରମାଣ ? ବିଶ୍ୱାସ କର !!—ଯେପରି ସବୁ ଧର୍ମରେ ଅଛି, ତାହା ହିଁ । ତେବେ ସେହି କାଳ ପାଇଁ ତାହାର ଅତ୍ୟନ୍ତ ଆବଶ୍ୟକତା ଥିଲା ଏବଂ

ସେଥିପାଇଁ ସେ ଅବତାର ହେଲେ । ତାଙ୍କର ମାୟାବାଦ କପିଳଙ୍କ ପରି, କିନ୍ତୁ ଶଙ୍କରଙ୍କର how far more grand and rational (କେତେ ମହତ୍ତର ଏବଂ ଅଧିକତର ଯୁକ୍ତିପୂର୍ଣ୍ଣ) ! ବୁଦ୍ଧ ଓ କପିଳ କେବଳ କହନ୍ତି—ଜଗତରେ ଦୁଃଖ ଦୁଃଖ, ପଳାଅ ପଳାଅ । ସୁଖ କଅଣ ବିଲ୍‌କୁଲ୍ ନାହିଁ ? ଯେପରି ବ୍ରାହ୍ମମାନେ କହନ୍ତି, ସବୁ ସୁଖ—ଏ ମଧ୍ୟ ସେହି ପ୍ରକାର କଥା । ଦୁଃଖ, ତେବେ କଅଣ କରିବ ? କେହି ଯଦି କହେ ଯେ, ସହି ସହି ଅଭ୍ୟାସ ହୋଇଗଲେ ଦୁଃଖ ମଧ୍ୟ ସୁଖପରି ବୋଧ ହେବ ? ଶଙ୍କର ଏ ବାଟ ଦେଇ ଯାଇ ନାହାନ୍ତି —ସେ କହନ୍ତି, 'ସନ୍ନାପି ଅସନ୍ନାପି, ଭିନ୍ନାପି ଅଭିନ୍ନାପି'—ଅଛି ଅଥଚ ନାହିଁ, ଭିନ୍ନ ଅଥଚ ଅଭିନ୍ନ, ଏହି ଯେଉଁ ଜଗତ୍, ଏହାର ତଥ୍ୟ ମୁଁ ଜାଣିବି— ଦୁଃଖ ଅଛି କି କଅଣ ଅଛି— ଭୂତ ଭୟରେ ମୁଁ ପଳାଉ ନାହିଁ । ମୁଁ ଜାଣିବି, ଜାଣିବାକୁ ଗଲେ ଯେ ଅନନ୍ତ ଦୁଃଖ, ତାହା ତ ପ୍ରାଣଭରି ଗ୍ରହଣ କରୁଛି; ମୁଁ କଅଣ ପଶୁ ଯେ, ଇନ୍ଦ୍ରିୟଜନିତ ସୁଖଦୁଃଖ ଓ ଜନ୍ମମରଣର ଭୟ ଦେଖାଉଛ ? ମୁଁ ଜାଣିବି—ଜାଣିବା ପାଇଁ ଜୀବନ ଦେବି । ଏ ଜଗତରେ ଜାଣିବାର କିଛି ହିଁ ନାହିଁ, ଅତଏବ ଯଦି ଏହି relativeର (ମାୟିକ ଜଗତର) ଉପରେ କିଛି ଆଏ—ଯାହାକୁ ଶ୍ରୀବୁଦ୍ଧ 'ପ୍ରଜ୍ଞାପାରମ୍' ବୋଲି ନିର୍ଦ୍ଦେଶ କରିଛନ୍ତି– ଯଦି ଆଏ, ତାହା ହିଁ ଚାହୁଁଛି । ସେଥିରେ ଦୁଃଖ ଆସୁ ବା ସୁଖ ଆସୁ I do not care (ମୁଁ ଗ୍ରାହ୍ୟ କରେ ନାହିଁ) । କି ଉଚ୍ଚ ଭାବ ! ଉପନିଷଦ୍ ଉପରେ ବୁଦ୍ଧଙ୍କ ଧର୍ମ ଗଠିତ ହୋଇଛି, ତାହା ଉପରେ ଶଙ୍କର-ବାଦ । କେବଳ ଶଙ୍କର, ବୁଦ୍ଧଙ୍କର ଆଶ୍ଚର୍ଯ୍ୟ heart (ହୃଦୟ) ଅଣୁମାତ୍ର ପାଇ ନାହାନ୍ତି, କେବଳ dry intellect (ଶୁଷ୍କ ଜ୍ଞାନବିଚାର)—ତନ୍ତ୍ର ଭୟରେ, mobର (ଇତର ଲୋକମାନଙ୍କର) ଭୟରେ ବଥ କାଟିବାକୁ ଯାଇ ହାତ ମଧ୍ୟ କାଟି ପକାଇଲେ । ଏସବୁ ବିଷୟରେ ଲେଖିବାକୁ ଗଲେ ପୋଥି ଲେଖିବାକୁ ହେବ, ମୋର ସେତିକି ବିଦ୍ୟା ମଧ୍ୟ ଆବଶ୍ୟକ—ଉଭୟର ଅଭାବ ।

ବୁଦ୍ଧଦେବ ମୋର ଇଷ୍ଟ, ମୋର ଈଶ୍ୱର । ତାଙ୍କର ଈଶ୍ୱରବାଦ ନାହିଁ—ସେ ନିଜେ ଈଶ୍ୱର, ମୁଁ ଖୁବ୍ ବିଶ୍ୱାସ କରେ । କିନ୍ତୁ 'ଇତି' କରିବାର ଶକ୍ତି କାହାର ନାହିଁ । ଈଶ୍ୱରଙ୍କର ମଧ୍ୟ ନିଜକୁ limited (ସୀମାବଦ୍ଧ) କରିବାର ଶକ୍ତି ନାହିଁ । ତୁମେ ଯେଉଁ 'ସୁତ୍ତନିପାତ'ରୁ ଗଣ୍ଡାରସୂତ୍ର ଅନୁବାଦ କରି ଲେଖିଛ, ତାହା ଅତି ଉତ୍ତମ । ସେହି ଗ୍ରନ୍ଥରେ ସେହିପରି ଆଉ ଗୋଟିଏ 'ଧନିୟ ସୂତ୍ର' ଅଛି, ସେଥିରେ ପ୍ରାୟ ଏହି ଭାବ । 'ଧମ୍ମପଦ' ମତରେ ମଧ୍ୟ ଏହିପରି ଅନେକ କଥା ଅଛି । କିନ୍ତୁ ସେ ମଧ୍ୟ ଶେଷରେ ଯେତେବେଳେ 'ଜ୍ଞାନବିଜ୍ଞାନ-ତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ'* —ଯାହାଙ୍କର ଶରୀର ଉପରେ ଅଣୁମାତ୍ର ଶାରୀରବୋଧ ନାହିଁ—ସେ ମଦମତ୍ତ ହସ୍ତୀପରି ଇତସ୍ତତଃ ବିଚରଣ କରିବେ । ମୋ ପରି କ୍ଷୁଦ୍ରପ୍ରାଣୀ ଏକ ସ୍ଥାନରେ ବସି ସାଧନ କରି ସିଦ୍ଧ ହେଲେ, ଯେତେବେଳେ ଏହି ପ୍ରକାର ଆଚରଣ କରିବ—ସେ ଦୂରରେ ଖୁବ୍ ଦୂରରେ ।

* ଗୀତା, ୬।୮

ଚଣ୍ଡାଳଶୂନ୍ୟମଦୈନ୍ୟଭୈକ୍ଷ୍ୟମଶନଂ ପାନଂ ସରିଦ୍‌ବାରିଷୁ
ସ୍ୱାତନ୍ତ୍ର୍ୟେଣ ନିରଙ୍କୁଶା ସ୍ଥିତିରଭୀର୍ନିଦ୍ରା ଶ୍ମଶାନେ ବନେ ।
ବସ୍ତ୍ରଂ କ୍ଷାଳନଶୋଷଣାଦିରହିତଂ ଦିଗ୍‌ବାସ୍ତୁ ଶଯ୍ୟା ମହୀ
ସଞ୍ଚାରୋ ନିଗମାନ୍ତବୀଥିଷୁ ବିଦାଂ କ୍ରୀଡ଼ା ପରେ ବ୍ରହ୍ମଣି ॥
ବିମାନମାଲମ୍ବ୍ୟ ଶରୀରମେତଦ୍ ଭୁନକ୍ତ୍ୟଶେଷାନ୍ ବିଷୟାନୁପସ୍ଥିତାନ୍ ।
ପରେଚ୍ଛୟା ବାଲବଦାତ୍ମବେତ୍ତା ଯୋଽବ୍ୟକ୍ତଲିଙ୍ଗୋଽନନୁଷକ୍ତବାହ୍ୟଃ ॥
ଦିଗମ୍ବରୋ ବାପି ଚ ସାମ୍ବରୋ ବା ତ୍ୱଗମ୍ବରୋ ବାପି ଚିଦମ୍ବରସ୍ଥଃ ।
ଉନ୍ମତ୍ତବଦ୍ୱାପି ଚ ବାଲବଦ୍‌ବା ପିଶାଚବଦ୍ୱାପି ଚରତ୍ୟବନ୍ୟାମ୍ ॥*

—ବ୍ରହ୍ମଜ୍ଞଙ୍କର ଭୋଜନ, ଚେଷ୍ଟା ବିନା ଉପସ୍ଥିତ ହୁଏ—ଯେଉଁଠାରେ ଜଳ, ତାହା ହିଁ ପାନ । ନିଜ ଇଚ୍ଛାରେ ସେ ଇତସ୍ତତଃ ପରିଭ୍ରମଣ କରୁଛନ୍ତି—ସେ ଭୟଶୂନ୍ୟ, କେତେବେଳେ ବନରେ, କେତେବେଳେ ଶ୍ମଶାନରେ ଶୟନ କରୁଛନ୍ତି ଏବଂ ଯେଉଁଠାରେ ବେଦ ଶେଷ ହୋଇଛି, ସେହି ବେଦାନ୍ତ-ପଥରେ ସଞ୍ଚରଣ କରୁଛନ୍ତି । ଆକାଶ ପରି ତାହାଙ୍କ ଶରୀର, ବାଳକଭଳି ପର-ଇଚ୍ଛାରେ ପରିଚାଳିତ; ସେ କେତେବେଳେ ଉଲଗ୍ନ, କେତେବେଳେ ଉତ୍ତମ-ବସ୍ତ୍ରଧାରୀ, କେତେବେଳେ ଜ୍ଞାନମାତ୍ର ହିଁ ଆଚ୍ଛାଦନ; କେତେବେଳେ ବାଳକବତ୍, କେତେବେଳେ ଉନ୍ମାଦବତ୍, କେତେବେଳେ ପିଶାଚବତ୍ ବ୍ୟବହାର କରୁଛନ୍ତି ।

ଗୁରୁଚରଣରେ ପ୍ରାର୍ଥନା କରୁଅଛି ଯେ, ତୁମର ତାହା ହିଁ ହେଉ ଏବଂ ତୁମେ ଗଣ୍ଡାରବତ୍ ଭ୍ରମଣ କର । ଇତି

ବିବେକାନନ୍ଦ

୩୮ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜୀପୁର, ୨୫ ଫେବୃଆରି ୧୮୯୦

ପୂଜ୍ୟପାଦେଷୁ,

Lumbago (କଟିବାତ) ଖୁବ୍ କଷ୍ଟ ଦେଉଛି, ନଚେତ୍ ଏହାପୂର୍ବରୁ ଯିବାକୁ ଚେଷ୍ଟା କରିଥାଆନ୍ତି । ଏ ସ୍ଥାନରେ ଆଉ ମନ ରହୁନାହିଁ । ତିନିଦିନ ହେଲା ବାବାଜୀଙ୍କ ସ୍ଥାନରୁ ଆସିଛି, କିନ୍ତୁ ସେ ଦୟାକରି ପ୍ରାୟ ପ୍ରତ୍ୟହ ମୋର ଖବର ନେଉଛନ୍ତି । ଅଣ୍ଟାଧରା ଟିକିଏ କମିଲେ ବାବାଜୀଙ୍କ ନିକଟରୁ ବିଦାୟ ନେବା ପାଇଁ ଯିବି । ମୋର ଅସଂଖ୍ୟ ପ୍ରଣାମ ଜାଣିବେ । ଇତି

ଦାସ, ନରେନ୍ଦ୍ର

---

* ଶଙ୍କରାଚାର୍ଯ୍ୟକୃତ 'ବିବେକଚୂଡ଼ାମଣି', ୫୩୮-୪୦

୩୯ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଗାଜୀପୁର, ମାର୍ଚ୍ଚ ୧୮୯୦

ପ୍ରାଣାଧିକେଷୁ,

କାଲି ତୁମର ପତ୍ର ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଛି । ଏଠାରେ ପଓହାରୀଜୀ ନାମକ ଯେଉଁ ଅଦ୍ଭୁତ ଯୋଗୀ ଓ ଭକ୍ତ ଅଛନ୍ତି, ଏବେ ତାଙ୍କର ପାଖରେ ରହୁଛି । ସେ ଘରୁ ବାହାରନ୍ତି ନାହିଁ—ଦ୍ୱାର ଆଡୁଆଳରୁ କଥାବାର୍ତ୍ତା କରନ୍ତି । ଘର ମଧ୍ୟରେ ଏକ ଗର୍ତ୍ତ ଅଛି, ତନ୍ମଧ୍ୟରେ ବାସ କରନ୍ତି । ଶୁଣୁଛି, ସେ ମାସ ମାସ ଧରି ସମାଧିସ୍ଥ ହୋଇ ରହନ୍ତି । ତାଙ୍କର ତିତିକ୍ଷା ଖୁବ୍ ଅଦ୍ଭୁତ । ଆମର ବଙ୍ଗଦେଶ ଭକ୍ତିର ଦେଶ ଓ ଜ୍ଞାନର ଦେଶ, ଯୋଗର ବାର୍ତ୍ତା ବିଲକୁଲ୍ ନାହିଁ କହିଲେ ଚଳେ । ଯାହା କିଛି ଅଛି, ତାହା କେବଳ ନିଃଶ୍ୱାସପ୍ରଶ୍ୱାସ ବନ୍ଦ କରିବା ଇତ୍ୟାଦି ହଠଯୋଗ—ତାହା ତ gymnastics (କସରତ) । ଏଥିପାଇଁ ଏହି ଅଦ୍ଭୁତ ରାଜଯୋଗୀଙ୍କ ନିକଟରେ ରହୁଛି—ସେ କେତେକ ଆଶା ମଧ୍ୟ ଦେଇଛନ୍ତି । ଏଠାରେ ଜଣେ ବାବୁଙ୍କର ଗୋଟିଏ ଛୋଟ ବଗିଚାରେ ଗୋଟିଏ ସୁନ୍ଦର ବଙ୍ଗଳା-ଘର ଅଛି; ଏହି ଘରେ ରହିବି ଏବଂ ଉକ୍ତ ବଗିଚାଟି ବାବାଜୀଙ୍କ କୁଟୀରର ଅତି ନିକଟରେ । ବାବାଜୀଙ୍କର ଜଣେ ଭାଇ ଏଠାରେ ସାଧୁମାନଙ୍କର ସତ୍କାର ନିମନ୍ତେ ରହନ୍ତି । ସେହି ସ୍ଥାନରେ ଭିକ୍ଷା କରିବି । ଅତଏବ ଏ ରଙ୍ଗ କେତେଦୂର ଯାଉଛି ଦେଖିବା ପାଇଁ ଏହିକ୍ଷଣି ପର୍ବତାରୋହଣ-ସଂକଳ୍ପ ତ୍ୟାଗ କଲି; ଏବଂ କଟିରେ ଦୁଇ ମାସ ହେଲା ଗୋଟିଏ ଦରଜ—ବାତ (lumbago)—ହୋଇଛି, ସେହି ହେତୁରୁ ପାହାଡ଼ରେ ଚଢ଼ିବା ଏବେ ଅସମ୍ଭବ । ଅତଏବ ବାବାଜୀ କ'ଣ ଦେବେ, ପଡ଼ି ରହି ଦେଖିବି ।

ମୋର motto (ମୂଳମନ୍ତ୍ର) ଏହି ଯେ, ଯେଉଁଠାରେ ଯାହା କିଛି ଉତ୍ତମ ପାଇବି, ତାହା ହିଁ ଶିକ୍ଷା କରିବି । ଏହାଦ୍ୱାରା ବରାହନଗରର ଅନେକେ ଭାବନ୍ତି ଯେ, ଗୁରୁଭକ୍ତିର ଲାଘବ ହେବ । ମୁଁ ଏକଥାକୁ ପାଗଳ ଏବଂ ଅନ୍ଧବିଶ୍ୱାସୀର କଥା ବୋଲି ମନେ କରେ; କାରଣ ସବୁ ଗୁରୁ ଏକ ଏବଂ ଜଗଦ୍-ଗୁରୁଙ୍କର ଅଂଶ ଓ ଆଭାସସ୍ୱରୂପ ।

ତୁମେ ଯଦି ଗାଜୀପୁରକୁ ଆସ, ଗୋରାବଜାରର ସତୀଶବାବୁ ଅଥବା ଗଗନବାବୁଙ୍କ ନିକଟକୁ ଆସିଲେ ମୋର ସନ୍ଧାନ ପାଇବ । ଅଥବା ପଓହାରୀବାବା ଏତେ ପ୍ରସିଦ୍ଧ ବ୍ୟକ୍ତି ଯେ, ଏହାଙ୍କ ନାମ କହିବା ମାତ୍ରେ ସମସ୍ତେ କହିଦେବେ ଏବଂ ତାଙ୍କ ଆଶ୍ରମକୁ ଯାଇ ପରମହଂସଜୀଙ୍କୁ ଖୋଜିଲେ ସମସ୍ତେ କହିଦେବେ । ମୋଗଲସରାଇ ଛାଡ଼ି ଦିଲଦାରନଗର ଷ୍ଟେସନରେ ଓହ୍ଲାଇଲେ Branch Railway (ଶାଖାରେଳ) ଗୋଟିଏ ଅଛି; ସେଥିରେ ତାରିଘାଟରେ—ଗାଜୀପୁରର ଅପର ପାର୍ଶ୍ୱରେ—ଓହ୍ଲାଇ ଗଙ୍ଗା ପାର ହୋଇ ଆସିବାକୁ ହୁଏ ।

ଏହିକ୍ଷଣି ମୁଁ ଗାଜୀପୁରରେ କିଛିଦିନ ରହିଲି; ଦେଖେ ବାବାଜୀ କ'ଣ କରୁଛନ୍ତି । ତୁମେ ଯଦି ଆସ, ଦୁଇଜଣ ଉକ୍ତ କୁଟୀରରେ କିଛିଦିନ ରହି ପରେ ପାହାଡ଼କୁ ବା ଯେଉଁ ସ୍ଥାନକୁ ହେବ, ଯିବା । ମୁଁ ଗାଜୀପୁରରେ ଅଛି, ଏ କଥା ବରାହନଗରରେ କାହାକୁ

ଲେଖିବ ନାହିଁ । ମୋର ଆଶୀର୍ବାଦ ଜାଣିବ ।

ସତତ ମଙ୍ଗଳାକାଙ୍କ୍ଷୀ, ନରେନ୍ଦ୍ର

୪୦ (ପ୍ରମଦାବାବୁଙ୍କୁ ଲିଖିତ) ଇଣ୍ଟରେ ଜସ୍ଥିତ

ଗାଜିପୁର, ୩ ମାର୍ଚ୍ଚ ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କ ପତ୍ର ଏହିକ୍ଷଣି ପାଇଲି । ଆପଣ ଜାଣନ୍ତି ନାହିଁ—କଠୋର ବୈଦାନ୍ତିକ ମତ ସତ୍ତ୍ୱେ ମୁଁ ଅତ୍ୟନ୍ତ ନରମ-ପ୍ରକୃତିର ଲୋକ । ତାହା ହିଁ ମୋର ସର୍ବନାଶ କରୁଛି । ଅଳ୍ପକରେ ଭୁଲିଯାଏ, କେତେ ଚେଷ୍ଟା କରେ, ଖାଲି ଆପଣଙ୍କର କଥା ଭାବେ; କିନ୍ତୁ ବାରମ୍ବାର ଅନ୍ୟର ଭାବନା ଭାବି ପକାଏ । ଏଥର ଖୁବ୍ କଠୋର ହୋଇ ନିଜର ଚେଷ୍ଟା ନିମନ୍ତେ ବାହାରି ହୋଇଥିଲି—ଏଲାହାବାଦରେ ଜଣେ ଭ୍ରାତାଙ୍କ ପୀଡ଼ାର ସମ୍ବାଦ ପାଇ ସଙ୍ଗେ ସଙ୍ଗେ ଯିବାକୁ ହେଲା । ପୁଣି ଏହି ହୃଷୀକେଶର ଖବର—ମନ ଦଉଡ଼ୁଛି । ଶରତ୍‌କୁ ଏକ ଟେଲିଗ୍ରାମ ପଠାଇଛି । ଆଜି ମଧ୍ୟ ଉତ୍ତର ଆସି ନାହିଁ । ଏପରି ସ୍ଥାନ, ଟେଲିଗ୍ରାମ୍ ଆସିବାକୁ ମଧ୍ୟ ଏତେ ଡେରି ! ଅଣ୍ଟାଧରା କୌଣସିମତେ ଛାଡ଼ିବାକୁ ଚାହେଁ ନାହିଁ, ଖୁବ୍ ଯନ୍ତ୍ରଣା ହେଉଛି । ପଓହାରୀଜୀଙ୍କ ସଙ୍ଗରେ ଆଉ ଦେଖା କରିବା ପାଇଁ କେତେ ଦିନ ହେଲା ଯାଇପାରି ନାହିଁ; କିନ୍ତୁ ତାଙ୍କର ଖୁବ୍ ଦୟା, ପ୍ରତ୍ୟହ ଲୋକ ପଠାଇ ଖବର ନିଅନ୍ତି; କିନ୍ତୁ ବର୍ତ୍ତମାନ ଦେଖୁଛି, 'ଓଲଟା ବୁଝିଲୁ ରାମ୍ !'—ଏଣେ ମୁଁ ତାଙ୍କ ଦ୍ୱାରରେ ଭିଖାରି, ସେ ପୁଣି ମୋଠାରୁ ଶିଖିବାକୁ ଚାହୁଁଛନ୍ତି । ବୋଧହୁଏ—ଏ ଏବେ ମଧ୍ୟ ପୂର୍ଣ୍ଣ ହୋଇ ନାହାନ୍ତି; କର୍ମ ଏବଂ ବ୍ରତ ଏବଂ ଆଚାର ଅତ୍ୟନ୍ତ, ଏବଂ ଅତ୍ୟନ୍ତ ଗୁପ୍ତଭାବ । ସମୁଦ୍ର ପୂର୍ଣ୍ଣ ହେଲେ କଦାପି ବେଳାବଦ୍ଧ ରହିପାରେ ନାହିଁ, ନିଶ୍ଚିତ । ଅତଏବ ଅନର୍ଥକ ଏହାଙ୍କୁ ଉଦ୍‌ବେଜିତ କରିବା ଠିକ୍ ନୁହେଁ, ସ୍ଥିର କରିଛି ଏବଂ ବିଦାୟ ନେଇ ଶୀଘ୍ର ପ୍ରସ୍ଥାନ କରିବି । କ'ଣ କରିବି, ବିଧାତା ନରମ କରି ମୋ କାଳ କରିଛନ୍ତି ! ବାବାଜୀ ଛାଡ଼ୁ ନାହାନ୍ତି, ପୁଣି ଗଗନବାବୁ (ଏହାଙ୍କୁ ଆପଣ ବୋଧହୁଏ ଜାଣନ୍ତି, ଅତି ଧାର୍ମିକ, ସାଧୁ ଏବଂ ସହୃଦୟ ବ୍ୟକ୍ତି) ଛାଡ଼ୁ ନାହାନ୍ତି । ଟେଲିଗ୍ରାମ୍‌ରେ ଯଦ୍ୟପି ମୋର ଯିବା ଆବଶ୍ୟକ ହୁଏ, ଯିବି; ଯଦ୍ୟପି ନ ହୁଏ, ଦୁଇଚାରିଦିନରେ କାଶୀଧାମରେ ଭବତ୍‌ସକାଶେ ଉପସ୍ଥିତ ହେବି । ଆପଣଙ୍କୁ ଛାଡ଼ୁ ନାହିଁ—ହୃଷୀକେଶକୁ ନିଶ୍ଚୟ ନେଇଯିବି, କୌଣସି ଓଜର ଆପତ୍ତି ଚଳିବ ନାହିଁ । ଶୌଚକଥା କ'ଣ କହୁଛନ୍ତି ? ପାହାଡ଼ରେ ପାଣି ଅଭାବ—ସ୍ଥାନର ଅଭାବ !! ତୀର୍ଥ ଏବଂ ସନ୍ନ୍ୟାସୀ—କଳିକାଳର !! ଟଙ୍କା ଖରଚ କଲେ, ସତ୍ରବାଲାମାନେ ଠାକୁର ଫିଙ୍ଗିଦେଇ ଘର ଛାଡ଼ି ଦିଅନ୍ତି, ସ୍ଥାନର କା କଥା !! କୌଣସି ଗୋଳମାଳ ନାହିଁ, ଏତେଦିନେ ଗରମ ଆରମ୍ଭ ହୋଇଛି, ତେବେ କାଶୀପରି ଗରମ ହେବ ନାହିଁ—ସେହି ତ ଭଲ । ଭରକାଳ ରାତିରେ ବେଶ୍ ଥଣ୍ଡା ହୁଏ, ସେଥିରେ ଭଲ ନିଦ ହେବା କଥା ।

ଆପଣ ଏତେ ଡରୁଛନ୍ତି କାହିଁକି ? ମୁଁ guarantee (ଦାୟୀ), ଆପଣ ନିରାପଦରେ ଘରକୁ ଫେରିବେ ଏବଂ କୌଣସି କଷ୍ଟ ହେବ ନାହିଁ । ବ୍ରିଟିଶ ରାଜ୍ୟରେ କଷ୍ଟ

ଫକୀରର, ଗୃହସ୍ଥର କୌଣସି କଷ୍ଟ ନାହିଁ, ଏହା ମୋର experience (ଅଭିଜ୍ଞତା) ।

ଏମିତି ଖାଲିରେ କ'ଣ କହୁଛି—ଆପଣଙ୍କ ସଙ୍ଗରେ ପୂର୍ବର ସମ୍ବନ୍ଧ ? ଖଣ୍ଡିଏ ଚିଠିରେ ମୋର ସମସ୍ତ resolution (ସଂକଳ୍ପ) ଭାସିଗଲା, ଆଉ ସବୁ ଛାଡ଼ିଛୁଡ଼ି ଧୀରେ ଧୀରେ କାଶୀ ଚାଲିଲି । ଇତି

ଗଙ୍ଗାଧରଭାଇଙ୍କୁ ପୁଣି ଖଣ୍ଡେ ଚିଠି ଲେଖିଛି, ଏଥର ତାଙ୍କୁ ମଠକୁ ଯିବା ପାଇଁ କହୁଛି । ଯଦି ଯାଆନ୍ତି, ଅବଶ୍ୟ କାଶୀ ହୋଇ ଯିବେ ଓ ଆପଣଙ୍କ ସହିତ ଦେଖା ହେବ । ଆଜିକାଲି କାଶୀର ସ୍ୱାସ୍ଥ୍ୟ କିପରି ? ଏ ସ୍ଥାନରେ ରହିବାରୁ ମୋର ମେଲେରିଆ ସମ୍ବନ୍ଧୀୟ ସବୁ (ଉପସର୍ଗ) ଦୂର ହୋଇଛି, କେବଳ କଟି-ବେଦନାରେ ଅସ୍ଥିର, ଦିନରାତି ବଢ଼ୁଛି ଏବଂ ଅତ୍ୟନ୍ତ କଷ୍ଟ ଦେଉଛି—କିପରି ବା ପାହାଡ଼ରେ ଚଢ଼ିବି, ଭାବୁଛି । ବାବାଜୀଙ୍କର ତିତିକ୍ଷା ଅଦ୍ଭୁତ, ତେଣୁ କିଛି ଭିକ୍ଷା କରୁଛି, କିନ୍ତୁ ଓଲଟା ହାତର ନାଁ ନାହିଁ, ଖାଲି ଗ୍ରହଣ ! ଖାଲି ଗ୍ରହଣ ! ଅତଏବ ମୋର ମଧ୍ୟ ପ୍ରସ୍ଥାନ ।

ଦାସ, ନରେନ୍ଦ୍ର

ପୁଃ—ଆଉ କୌଣସି ମିଆଁ ପାଖକୁ ଯିବି ନାହିଁ—

'ନିଜ ବାସେ ନିଜେ ତୁ ରହ, ନ ଯା' ମନ କାହା' ଘରେ,
ଯା' ଚାହିଁବୁ ତାହା ପାଇବୁ, ଖୋଜ ନିଜ ଅନ୍ତଃପୁରେ ।
ପରମଧନ ଏ ପରଶମଣି, ଯା' ଚାହିଁବୁ ତା' ଦେଇପାରେ,
ଏପରି କେତେ ମଣି ପଡ଼ିଛି ମନ, ଚିନ୍ତାମଣି-ନାଚ-ଦୁଆରେ ।'

ବର୍ତ୍ତମାନ ସିଦ୍ଧାନ୍ତ ଏହି ଯେ—ରାମକୃଷ୍ଣଙ୍କର ଦ୍ୱିତୀୟ ଆଉ ନାହାନ୍ତି, ସେ ଅପୂର୍ବ ସିଦ୍ଧି, ସେ ଅପୂର୍ବ ଅହେତୁକୀ ଦୟା, ସେ intense sympathy (ପ୍ରଗାଢ଼ ସହାନୁଭୂତି) ବଦ୍ଧ ଜୀବ ପାଇଁ—ଏ ଜଗତରେ ଆଉ ନାହିଁ । ହୁଏତ, ସେ ଅବତାର—ଯେପରି ସେ ନିଜେ କହୁଥିଲେ ଅଥବା ବେଦାନ୍ତଦର୍ଶନରେ ଯାହାଙ୍କୁ ନିତ୍ୟସିଦ୍ଧ ମହାପୁରୁଷ 'ଲୋକହିତାୟ ମୁକ୍ତୋଽପି ଶରୀରଗ୍ରହଣକାରୀ' କୁହାଯାଇଛି, ନିଶ୍ଚିତ ନିଶ୍ଚିତ ଇତି ମେ ମତିଃ, ଏବଂ ତାଙ୍କର ଉପାସନା ହିଁ ପାତଞ୍ଜଲୋକ୍ତ 'ମହାପୁରୁଷ-ପ୍ରଣିଧାନାଦ୍‌ବା' ।*

ତାଙ୍କର ଜୀବଦ୍ଦଶାରେ ସେ କୌଣସି ସମୟରେ ମୋର ପ୍ରାର୍ଥନା ଗରମଞ୍ଜୁର କରି ନାହାନ୍ତି—ମୋର ଲକ୍ଷ ଅପରାଧ କ୍ଷମା କରିଛନ୍ତି—ଏତେ ସ୍ନେହ ମୋର ପିତାମାତା କେବେ ଦେଇ ନାହାନ୍ତି । ଏହା କବିତ୍ୱ ନୁହେଁ, ଅତିରଞ୍ଜିତ ନୁହେଁ, ଏହା କଠୋର ସତ୍ୟ ଏବଂ ତାଙ୍କର ଶିଷ୍ୟମାନେ ହିଁ ଜାଣନ୍ତି । ବିପଦରେ, ପ୍ରଲୋଭନରେ 'ଭଗବାନ ରକ୍ଷାକର' କହି କାନ୍ଦି ଅସ୍ଥିର ହୋଇଛି—କେହି ଉତ୍ତର ଦେଇ ନାହାନ୍ତି—କିନ୍ତୁ ଏହି ଅଦ୍ଭୁତ ମହାପୁରୁଷ ବା ଅବତାର ବା ଯାହା ହୁଅନ୍ତୁ, ନିଜ ଅନ୍ତର୍ଯାମିତ୍ୱଗୁଣରେ ମୋର ସକଳ ବେଦନା ଜାଣି ନିଜେ ଡାକି ବଳପୂର୍ବକ ସକଳ ଅପହୃତ କରିଛନ୍ତି । ଯଦି ଆତ୍ମା ଅବିନାଶୀ

* ପାତଞ୍ଜଳ ଯୋଗସୂତ୍ରରେ 'ଈଶ୍ୱରପ୍ରଣିଧାନାଦ୍‌ବା' ବା ଚତୁଃ' ସୂତ୍ରଟିର ତାତ୍ପର୍ଯ୍ୟ ଏହିପରି ।

ହୁଏ—ଯଦି ଏବେ ମଧ୍ୟ ସେ ଆଆନ୍ତି, ମୁଁ ବାରମ୍ବାର ପ୍ରାର୍ଥନା କରୁଛି—ହେ ଅପାର ଦୟାନିଧେ, ହେ ମର୍ମୈକଶରଣଦାତା ରାମକୃଷ୍ଣ ଭଗବାନ୍, କୃପା କରି ମୋର ଏହି ନରଶ୍ରେଷ୍ଠ ବନ୍ଧୁବରଙ୍କର ସକଳ ମନୋବାଞ୍ଛା ପୂର୍ଣ୍ଣ କର । ଆପଣଙ୍କର ସମସ୍ତ ମଙ୍ଗଳ—ଏ ଜଗତରେ କେବଳ ଯାହାଙ୍କୁ ଅହେତୁକ-ଦୟାସିନ୍ଧୁ ଦେଖିଛି—ସେ ହିଁ କରନ୍ତୁ । ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଦାସ, ନରେନ୍ଦ୍ର

ପୁନଃ—ପତ୍ର ପଢ଼ିବାମାତ୍ରେ ଉତ୍ତର ଦେବେ ।—ନରେନ୍ଦ୍ର

୪୧ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

ଗାଜୀପୁର, ୮ ମାର୍ଚ୍ଚ ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କର ପତ୍ର ପାଇଲି ଅତଏବ ମୁଁ ମଧ୍ୟ ପ୍ରୟାଗ ଯାଉଛି । ଆପଣ ପ୍ରୟାଗରେ କେଉଁଠାରେ ରହିବେ, ଅନୁଗ୍ରହ କରି ଲେଖିବେ । ଇତି

ଦାସ, ନରେନ୍ଦ୍ର

ପୁଃ—ଦିନେ ଦୁଇଦିନ ମଧ୍ୟରେ ଅଭେଦାନନ୍ଦ ଯଦି ଆସନ୍ତି, ତାହାଙ୍କୁ କଲିକତାରେ ରଖାଇ ଦେଲେ ଅତ୍ୟନ୍ତ ଅନୁଗୃହୀତ ହେବ ।

ନରେନ୍ଦ୍ର

୪୨ ଓଁ ନମୋ ଭଗବତେ ଶ୍ରୀରାମକୃଷ୍ଣାୟ

ଗାଜୀପୁର, ୧୨ ମାର୍ଚ୍ଚ ୧୮୯୦

ବଲରାମବାବୁ,

Receipt (ରସିଦ) ପାଇବାମାତ୍ରେ ଲୋକ ପଠାଇ Fairlie place (ଫେୟାର୍ଲି ପ୍ଲେସ୍) ରେଲୱେ ଗୋଦାମରୁ ଗୋଲାପଫୁଲ ଅଣାଇ ଶଶୀ ପାଖକୁ ପଠାଇଦେବେ । ଅଣାଇବାରେ ବା ପଠାଇବାରେ ଯେପରି ବିଳମ୍ବ ନ ହୁଏ ।

ବାବୁରାମ Allahabad (ଏଲାହାବାଦ) ଶୀଘ୍ର ଯାଉଛି—ମୁଁ ଅନ୍ୟ ଏକ ଜାଗାକୁ ଚାଲିଲି ।

ନରେନ୍ଦ୍ର

P.S., ଡେରି ହେଲେ ସବୁ ଖରାପ ହୋଇଯିବ—ଏହା ନିଶ୍ଚିତ ଜାଣିବେ ।

ନରେନ୍ଦ୍ର

୪୩ (ବଲରାମବାବୁଙ୍କୁ ଲିଖିତ) ରାମକୃଷ୍ଣୋ ଜୟତି

ଗାଜୀପୁର, ୧୫ ମାର୍ଚ୍ଚ ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କ ପତ୍ର କାଲି ପାଇଛି । ସୁରେଶବାବୁଙ୍କ ପୀଡ଼ା ଅତ୍ୟନ୍ତ କଠିନ ଶୁଣି

ଅତି ଦୁଃଖିତ ହେଲି । ଅଦୃଷ୍ଟରେ ଯାହା ଅଛି, ତାହା ହିଁ ହେବ । ଆପଣଙ୍କର ମଧ୍ୟ ପୀଡ଼ା ହୋଇଛି, ଦୁଃଖର ବିଷୟ । ଅହଂବୁଦ୍ଧି ଯେତେଦିନ ଥାଏ, ସେତେଦିନ ଚେଷ୍ଟାରେ ତ୍ରୁଟି ହେଲେ ତାହାକୁ ଆଳସ୍ୟ ଏବଂ ଦୋଷ ଓ ଅପରାଧ କୁହାଯାଏ । ଯାହାଙ୍କର ଉକ୍ତ ବୁଦ୍ଧି ନାହିଁ, ତାଙ୍କ ସମ୍ବନ୍ଧରେ ତିତିକ୍ଷା ହିଁ ଭଲ । ଜୀବାତ୍ମାର ବାସଭୂମି ଏହି ଶରୀର କର୍ମର ସାଧନସ୍ୱରୂପ—ଏହାକୁ ଯେ ନରକକୁଣ୍ଡ କହନ୍ତି, ସେ ଅପରାଧୀ, ଏବଂ ଯିଏ ଅଯତ୍ନ କରନ୍ତି, ସେ ମଧ୍ୟ ଦୋଷୀ । ଯାହା ଯେତେବେଳେ ଆଗକୁ ଆସିବ, କିଛିମାତ୍ର କୁଣ୍ଠ କୁଣ୍ଠ ନ ହୋଇ ଯଥାଯଥ କାର୍ଯ୍ୟ କରିଯାଆନ୍ତୁ ।

'ନାଭିନନ୍ଦେତ ମରଣଂ ନାଭିନନ୍ଦେତ ଜୀବିତମ୍ ।
କାଳମେବ ପ୍ରତୀକ୍ଷେତ ନିର୍ଦ୍ଦେଶଂ ଭୃତ୍ୟକୋ ଯଥା ॥'

ଯେତିକି ସାଧ୍ୟ ସେତିକି କରିବା, ମରଣକୁ ଇଚ୍ଛା ନ କରି ଏବଂ ଜୀବନକୁ ଇଚ୍ଛା ନ କରି ଭୃତ୍ୟପରି ଆଜ୍ଞାକୁ ପ୍ରତୀକ୍ଷା କରି ରହିବା ହିଁ ଶ୍ରେଷ୍ଠ ଧର୍ମ ।

କାଶୀରେ ଅତ୍ୟନ୍ତ ଇନ୍‌ଫ୍ଲୁଏଞ୍ଜା ହେଉଛି—ପ୍ରମଦାବାବୁ ପ୍ରୟାଗ ଯାଇଛନ୍ତି । ବାବୁରାମ ହଠାତ୍ ଏ ସ୍ଥାନକୁ ଆସିଛି—ତା'ର ଜ୍ୱର ହୋଇଛି, ଏପରି ଅବସ୍ଥାରେ ବାହାରି ହେବା ଭଲ ହୋଇ ନାହିଁ । କାଳୀକୁ* ୫୧ ଟଙ୍କା ପଠାଯାଇଛି । ସେ ବୋଧହୁଏ ଗାଜିପୁର ହୋଇ କଲିକତାଅଭିମୁଖରେ ଯିବ । ମୁଁ କାଲି ଏ ସ୍ଥାନରୁ ଚାଲିଯାଉଛି । କାଳୀ ଆସି ଆପଣଙ୍କୁ ପତ୍ର ଲେଖିଲେ ଯାହା ହେବ, କରିବେ । ମୁଁ ଚାଲିଲି । ଆଉ ପତ୍ର ଲେଖିବେ ନାହିଁ । କାରଣ ମୁଁ ଏ ସ୍ଥାନରୁ ଚାଲିଯାଉଛି । ବାବୁରାମ ଭଲ ହୋଇ ଯାହା ଇଚ୍ଛା କରିବ । ବୋଧହୁଏ ରସିଦ୍ (ରସିଦ) ପାଇବା ମାତ୍ରେ ଫୁଲ ଅଣାଇଛନ୍ତି, ମାତାଠାକୁରାଣୀଙ୍କୁ ମୋର ଅସଂଖ୍ୟ ପ୍ରଣାମ ।

ଆପଣମାନେ ଆଶୀର୍ବାଦ କରନ୍ତୁ, ଯେପରି ମୋର ସମଦୃଷ୍ଟି ହୁଏ—ସହଜାତ ବନ୍ଧନକୁ ଛାଡ଼ି ସୃଷ୍ଟ-ବନ୍ଧନରେ ପୁଣି ଯେପରି ଫସି ନ ଯାଏ । ଯଦି କେହି ମଙ୍ଗଳକର୍ତ୍ତା ଥାଆନ୍ତି ଏବଂ ଯଦି ତାଙ୍କର ସାଧ୍ୟ ଓ ସୁବିଧା ହୁଏ—ଆପଣମାନଙ୍କର ପରମମଙ୍ଗଳ ହେଉ—ଏହା ହିଁ ମୋର ଦିବାରାତ୍ର ପ୍ରାର୍ଥନା । କିମଧିକମିତି— ଦାସ, ନରେନ୍ଦ୍ର

୪୪

ଗାଜିପୁର, ୧୫ ମାର୍ଚ୍ଚ ୧୮୯୦

ଅତୁଳବାବୁ,**

ଆପଣଙ୍କର ମନର ଅବସ୍ଥା ଖରାପ ଜାଣି ଅତି ଦୁଃଖିତ ହେଲି—ଯାହାଦ୍ୱାରା ଆନନ୍ଦରେ ରହିବେ, ତାହା ହିଁ କରନ୍ତୁ ।

'ଯାବଜ୍ଜନନଂ ତାବନ୍ମରଣଂ ତାବଜ୍ଜନନୀଜଠରେ ଶୟନଂ ।
ଇତି ସଂସାରେ ସ୍ଫୁଟତରଦୋଷଃ କଥମିହ ମାନବ ତବ ସନ୍ତୋଷଃ ॥'

ଦାସ, ନରେନ୍ଦ୍ର

* ସ୍ୱାମୀ ଅଭେଦାନନ୍ଦ ।

** ନାଟ୍ୟକାର ଗିରିଶ ଘୋଷଙ୍କ ଭାଇ ଶ୍ରୀ ଅତୁଳଚନ୍ଦ୍ର ଘୋଷ ।

ପୁଃ—ମୁଁ କାଲି ଏ ସ୍ଥାନରୁ ଚାଲିଯାଉଛି—ଦେଖେ, ଅଦୃଷ୍ଟ କେଉଁଆଡ଼କୁ ନେଇଯାଉଛି ।

୪୫ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଗାଜୀପୁର, ମାର୍ଚ୍ଚ, ୧୮୯୦

ପ୍ରାଣାଧିକେଷୁ,

ଏହିକ୍ଷଣି ତୁମର ଆଉ ଖଣ୍ଡିଏ ପତ୍ର ପାଇଲି—ଆବୁରୁଜାବୁରୁ—ବହୁକଷ୍ଟରେ ବୁଝିଲି । ପୂର୍ବ ପତ୍ରରେ ସମସ୍ତ ଲେଖିଛି, ତୁମେ ପତ୍ର ପଢ଼ି ଚାଲି ଆସିବ । ତୁମେ ନେପାଳ ଦେଇ ତିବ୍ବତକୁ ଯେଉଁ ପଥ କଥା କହୁଛ, ତାହା ମୁଁ ଜାଣେ । ଯେପରି ତିବ୍ବତକୁ ସହଜରେ କାହାରିକୁ ଯିବାକୁ ଦିଅନ୍ତି ନାହିଁ, ସେହିପରି ନେପାଳରେ ମଧ୍ୟ କାଷ୍ଠମୁଣ୍ଡ (କାଠମାଣ୍ଡୁ) ରାଜଧାନୀ ଓ ଗୋଟିଏ ଦୁଇଟି ତୀର୍ଥ ଛଡ଼ା କାହାରିକୁ କେଉଁଠାକୁ ଯିବାକୁ ଦିଅନ୍ତି ନାହିଁ; କିନ୍ତୁ ମୋର ଜଣେ ବନ୍ଧୁ ଏବେ ନେପାଳ-ରାଜାଙ୍କ ସ୍କୁଲର ଶିକ୍ଷକ—ତାଙ୍କ ପାଖରୁ ଶୁଣିଛି ଯେ ପ୍ରତିବର୍ଷ ଯେତେବେଳେ ନେପାଳରୁ ଚୀନ ଦେଶକୁ ରାଜକର ଯାଏ, ସେହି ସମୟରେ ଲାସାବାଟେ ଯାଏ । ଜଣେ ସାଧୁ ଯୋଗାଡ଼ କରି ସେହି ସମୟରେ ଲାସା, ଚୀନ ଏବଂ ମାଞ୍ଚୁରିୟାରେ (ଉତ୍ତର ଚୀନ୍)—ତାରାଦେବୀଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲେ । ଉକ୍ତ ବନ୍ଧୁ ଚେଷ୍ଟା କଲେ ଆମେମାନେ ମଧ୍ୟ ମାନ୍ୟ ଓ ଆଦରର ସହିତ ତିବ୍ବତ, ଲାସା, ଚୀନ୍ ସବୁ ଦେଖିପାରିବା । ଅତଏବ ତୁମେ ଅବିଲମ୍ବେ ଗାଜୀପୁରକୁ ଚାଲିଆସ । ଏଠାରେ ମୁଁ ବାବାଜୀଙ୍କ ପାଖରେ କିଛିଦିନ ରହି, ଉକ୍ତ ବନ୍ଧୁଙ୍କୁ ଚିଠିପତ୍ର ଲେଖି ନେପାଳ ଦେଇ ନିଶ୍ଚୟ ତିବ୍ବତ ପ୍ରଭୃତି ସ୍ଥାନକୁ ଯିବି । କିମଧିକମିତି । ଡାଲ୍‌ଦାର ନଗର ଷ୍ଟେସନରେ ଓହ୍ଲାଇ ଗାଜୀପୁରକୁ ଆସିବାକୁ ହୁଏ । ଡାଲ୍‌ଦାରନଗର ମୋଗଲ-ସରାଇ ଷ୍ଟେସନର ତିନି ଚାରି ଷ୍ଟେସନ ପରେ । ଏଠାରେ ଭଡ଼ା ଯୋଗାଡ଼ କରିପାରିଥିଲେ ପଠାଇଥାନ୍ତି; ଅତଏବ ତୁମେ ଯୋଗାଡ଼ କରି ଆସ । ଗଗନବାବୁ—ଯାହାଙ୍କ ଆଶ୍ରୟରେ ମୁଁ ଅଛି—ଏତେ ଭଦ୍ର, ଉଦାର ଏବଂ ହୃଦୟବାନ୍ ବ୍ୟକ୍ତି ଯେ କଅଣ ଲେଖିବି ! ସେ କାଲୀର ଜ୍ୱର ହେବା ଶୁଣି ହୃଷୀକେଶକୁ ତତ୍‌କ୍ଷଣାତ୍ ଭଡ଼ା ପଠାଇଲେ ଏବଂ ମୋ ପାଇଁ ଆହୁରି ଅଧିକ ବ୍ୟୟ କରିଛନ୍ତି । ଏ ଅବସ୍ଥାରେ ପୁଣି ତାଙ୍କୁ କାଶ୍ମୀରର ଭଡ଼ା ପାଇଁ ଭାରଗ୍ରସ୍ତ କରିବା ସନ୍ନ୍ୟାସୀର ଧର୍ମ ନୁହେଁ ଜାଣି ନିରସ୍ତ ହେଲି । ତୁମେ ଯୋଗାଡ଼ କରି ପତ୍ର ପାଇବା ମାତ୍ରେ ଚାଲି ଆସ । ଅମରନାଥ ଦେଖିବାର ପାଗଳାମି ଏବେ ଥାଉ । ଇତି

ନରେନ୍ଦ୍ର

### ୪୭ (ପ୍ରମଦାବାବୁଙ୍କୁ ଲିଖିତ) ପତ୍ରରୁ ଉଦ୍ଧୃତ

ଗାଜୀପୁର, ୩୧ ମାର୍ଚ୍ଚ ୧୮୯୦

ପୂଜ୍ୟପାଦେଷୁ,

ମୁଁ କେତେ ଦିନ ଏଠାରେ ନ ଥିଲି ଏବଂ ଆଜି ପୁନର୍ବାର ଚାଲିଯିବି । ଗଙ୍ଗାଧର ଭାଇ ଏହି ସ୍ଥାନକୁ ଆସିବା ନିମନ୍ତେ ଲେଖିଛି । ଯଦି ଆସନ୍ତି, ତାହାହେଲେ ତାଙ୍କ ସହି ଆପଣଙ୍କ ସନ୍ନିଧାନକୁ ଯିବି । କେତେଗୁଡ଼ିଏ ବିଶେଷ କାରଣବଶତଃ ଏ ସ୍ଥାନର କିଛି ଦୂରରେ ଏକ ଗ୍ରାମରେ ଗୁପ୍ତଭାବରେ କିଛି ଦିନ ରହିବି, ସେ ସ୍ଥାନରୁ ପତ୍ର ଲେଖିବାର କୌଣସି ସୁବିଧା ନାହିଁ । ତେଣୁ ଆପଣଙ୍କ ପତ୍ରର ଉତ୍ତର ଦେଇପାରି ନାହିଁ । ଗଙ୍ଗାଧର ଭାଇ ବୋଧହୁଏ ଆସୁଛନ୍ତି, ନ ହେଲେ ମୋ ପତ୍ରର ଉତ୍ତର ଆସିଥାଆନ୍ତା । ଅଭେଦାନନ୍ଦ ଭାଇ କାଶୀରେ ପ୍ରିୟ ଡାକ୍ତରଙ୍କ ନିକଟରେ ଅଛନ୍ତି । ଆଉ ଜଣେ ଗୁରୁଭାଇ ମୋ ପାଖରେ ଥିଲେ; ସେ ଅଭେଦାନନ୍ଦଙ୍କ ନିକଟକୁ ଯାଇଛନ୍ତି । ତାଙ୍କର ପହଞ୍ଚିବା ସମ୍ବାଦ ପାଇ ନାହିଁ । ତାଙ୍କ ଶରୀର ମଧ୍ୟ ଭଲ ନାହିଁ, ସେଥିପାଇଁ ଅତ୍ୟନ୍ତ ଚିନ୍ତିତ ଅଛି । ତାଙ୍କ ପ୍ରତି ମୁଁ ଅତ୍ୟନ୍ତ ନିଷ୍ଠୁର ବ୍ୟବହାର କରିଛି, ଅର୍ଥାତ୍ ମୋର ସଙ୍ଗ ତ୍ୟାଗ କରିବା ନିମନ୍ତେ ତାଙ୍କୁ ଅତ୍ୟନ୍ତ ବିରକ୍ତ କରିଛି । କଅଣ କରିବି, ମୁଁ ଖୁବ୍ ଦୁର୍ବଳ, ଅତ୍ୟନ୍ତ ମାୟାସମାଚ୍ଛନ୍ନ—ଆଶୀର୍ବାଦ କରନ୍ତୁ, ଯେପରି କଠିନ ହୋଇପାରେ । ମୋର ମାନସିକ ଅବସ୍ଥା ଆପଣଙ୍କୁ କଅଣ କହିବି ! ମନ ମଧ୍ୟରେ ନରକ ଦିବାରାତ୍ରି ଜଳୁଛି—କିଛି ମାତ୍ର ହେଲା ନାହିଁ, ଏ ଜନ୍ମ ବୋଧହୁଏ ଗୋଳମାଳ କରି ବିଫଳରେ ଗଲା । କଅଣ କରିବି, କିଛି ବୁଝିପାରୁ ନାହିଁ । ବାବାଜୀ ମିଠା ମିଠା କଥା କହନ୍ତି ଏବଂ ଅଟକାଇ ରଖନ୍ତି । ଆପଣଙ୍କୁ କ'ଣ କହିବି, ମୁଁ ଆପଣଙ୍କ ଚରଣରେ ଶତଶତ ଅପରାଧ କରୁଛି—ଅନ୍ତର୍ଯାତନାରେ କ୍ଷିପ୍ତ ବ୍ୟକ୍ତିଦ୍ୱାରା କୃତ ବୋଲି ଆପଣ ସେ ସକଳ ମାର୍ଜନା କରିବେ । ଅଭେଦାନନ୍ଦଙ୍କର ରକ୍ତାମାଶୟ ହୋଇଛି । କୃପା କରି ଯଦି ତାଙ୍କର ତତ୍ତ୍ୱ ନିଅନ୍ତି ଏବଂ ଯେ ଏ ସ୍ଥାନରୁ ଯାଇଛନ୍ତି, ତାଙ୍କ ସଙ୍ଗରେ ଯଦି ମଠକୁ ଫେରିଯିବାକୁ ଇଚ୍ଛା କରନ୍ତି, ପଠାଇଦେଲେ ବିଶେଷ ଅନୁଗୃହୀତ ହେବି । ମୋର ଗୁରୁଭାଇମାନେ ମୋତେ ଅତି ନିର୍ଦ୍ଦୟ ଓ ସ୍ୱାର୍ଥପର ମନେକରୁଛନ୍ତି । କଅଣ କରିବି, ମନ ଭିତରେ କିଏ ଦେଖିବ ? ମୁଁ ଦିନରାତି କି ଯାତନା ଭୋଗ କରୁଛି, କିଏ ଜାଣିବ ? ଆଶୀର୍ବାଦ କରନ୍ତୁ, ଯେପରି ଅଟଳ ଧୈର୍ଯ୍ୟ ଓ ଅଧ୍ୟବସାୟ ମୋର ହୁଏ । ମୋର ଶତକୋଟି ପ୍ରଣାମ ଜାଣିବେ ।

ଦାସ, ନରେନ୍ଦ୍ର

ପୁଃ—ପ୍ରିୟବାବୁ ଡାକ୍ତରଙ୍କ ଘର ସୋନାରପୁରାରେ ଅଭେଦାନନ୍ଦ ଅଛନ୍ତି । ମୋର ଅଣ୍ଟାଧରା ସେହିପରି ଅଛି ।

ଦାସ, ନରେନ୍ଦ୍ର

୪୭ (ସ୍ୱାମୀ ଅଭେଦାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଗାଜୀପୁର, ୨ ଏପ୍ରିଲ ୧୮୯୦

ଭାଇ କାଳୀ,

ତୁମର, ପ୍ରମଦାବାବୁଙ୍କର ଓ ବାବୁରାମର ହସ୍ତାକ୍ଷର ପାଇଛି । ମୁଁ ଏ ସ୍ଥାନରେ ଏକପ୍ରକାର ମନ୍ଦ ନାହିଁ । ତୁମର ମୋତେ ଦେଖିବାକୁ ଇଚ୍ଛା ହୋଇଛି । ମୋର ମଧ୍ୟ ସେହିପରି ବହୁତ ଇଚ୍ଛା ହେଉଛି—ସେହି ଭୟରେ ହିଁ ଯାଇପାରୁ ନାହିଁ—ତାହା ଛଡ଼ା ବାବାଜୀ ମନାକରନ୍ତି । ଦୁଇଗୋଟି ଦିନ ପାଇଁ ବିଦାୟ ନେଇ ଯିବାକୁ ଚେଷ୍ଟା କରିବି । କିନ୍ତୁ ଭୟ—କାଳେ ହୃଷୀକେଶୀ ଆକର୍ଷଣ ଏକାବେଳକେ ପାହାଡ଼କୁ ଟାଣିନେବ—ପୁଣି ଛାଡ଼ିବା ଖୁବ୍ କଠିନ ହେବ, ବିଶେଷତଃ ମୋ ଭଳି ଦୁର୍ବଳ ପକ୍ଷରେ । ଅଣ୍ଟାଧରା ମଧ୍ୟ କୌଣସିମତେ ଯାଉ ନାହିଁ—cadaverous (ଜଘନ୍ୟ) । ତେବେ ଅଭ୍ୟାସରେ ପଡ଼ି ଆସୁଛି । ପ୍ରମଦାବାବୁଙ୍କୁ ମୋର କୋଟି କୋଟି ପ୍ରଣାମ ଦେବ, ସେ ମୋର ଶରୀର ଓ ମନର ଶ୍ରେଷ୍ଠ ଉପକାରୀ ବନ୍ଧୁ ଏବଂ ତାଙ୍କ ନିକଟରେ ମୁଁ ବିଶେଷ ଋଣୀ । ଯାହା ହେବାର ହେବ । ଇତି

ଶୁଭାକାଙ୍କ୍ଷୀ, ନରେନ୍ଦ୍ର

୪୮ (ପ୍ରମଦାବାବୁଙ୍କୁ ଲିଖିତ)

ଗାଜୀପୁର, ୨ ଏପ୍ରିଲ ୧୮୯୦

ପୂଜ୍ୟପାଦେଷୁ,

ମହାଶୟ, ବୈରାଗ୍ୟାଦି ସମ୍ବନ୍ଧରେ ମୋତେ ଯେଉଁ ଆଜ୍ଞା କରିଛନ୍ତି, ମୁଁ ତାହା କେଉଁଠାରେ ପାଇବି ? ସେହି ଚେଷ୍ଟାରେ ହିଁ ନାନାସ୍ଥାନରେ ବୃଥା ପର୍ଯ୍ୟଟନ କରୁଛି । ଯଦି କେବେବେଳେ ଯଥାର୍ଥ ବୈରାଗ୍ୟ ହୁଏ, ମହାଶୟଙ୍କୁ କହିବି; ଆପଣ ମଧ୍ୟ ଯଦି କିଛି ପାଆନ୍ତି, ମୁଁ ଭାଗୀଦାର ଅଛି—ମନେରଖିବେ । କିମଧିକମିତି—

ଦାସ, ନରେନ୍ଦ୍ର

୪୯ (ପ୍ରମଦାବାବୁଙ୍କୁ ଲିଖିତ) ରାମକୃଷ୍ଣୋ ଜୟତି

ବରାହନଗର, ୧୦ ମେ ୧୮୯୦

ପୂଜ୍ୟପାଦେଷୁ,

ବହୁବିଧ ଗୋଳମାଳରେ ଏବଂ ପୁନରାୟ ଜ୍ୱର ହେବାରୁ ଆପଣଙ୍କୁ ପତ୍ର ଲେଖି-ପାରି ନାହିଁ । ଅଭେଦାନନ୍ଦଙ୍କ ପତ୍ରରେ ଆପଣଙ୍କ କୁଶଳ ଅବଗତ ହୋଇ ବିଶେଷ ଆନନ୍ଦିତ ହେଲି । ଗଙ୍ଗାଧର ଭାଇ ବୋଧହୁଏ ଏତେଦିନେ କାଶୀଧାମରେ ଆସି ପହଞ୍ଚିଛନ୍ତି । ଏ ସ୍ଥାନରେ ଏ ସମୟରେ ଯମରାଜ ବହୁ ବନ୍ଧୁ ଏବଂ ଆତ୍ମୀୟଙ୍କୁ ଗ୍ରାସ କରୁଛନ୍ତି । ସେଥି ପାଇଁ ବିଶେଷ ବ୍ୟସ୍ତ ଅଛି । ନେପାଳରୁ ମୋର କୌଣସି ପତ୍ର ବୋଧହୁଏ ଆସି ନାହିଁ । ବିଶ୍ୱନାଥ କେବେ ଏବଂ କିପରି ମୋତେ rest (ବିଶ୍ରାମ) ଦେବେ ଜାଣେ ନାହିଁ । ଟିକିଏ

ଗରମ ପଡ଼ିଲେ ଏ ସ୍ଥାନରୁ ପଳାଇବି; କେଉଁ ସ୍ଥାନକୁ ଯିବି ବୁଝିପାରୁ ନାହିଁ । ଆପଣ ମୋ ନିମନ୍ତେ ବିଶ୍ୱନାଥଙ୍କ ପାଖରେ ପ୍ରାର୍ଥନା କରିବେ, ଶ୍ରୀଲୀ ଯେପରି ମୋତେ ବଳ ଦିଅନ୍ତି । ଆପଣ ଭକ୍ତ ଏବଂ 'ମଦ୍‌ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ' ଇତି ଭଗବଦ୍‌ବାକ୍ୟ ସ୍ମରଣ କରି ଆପଣଙ୍କୁ ବିନୟ କରୁଛି । କିମଧିକମିତି—

ଦାସ, ନରେନ୍ଦ୍ର

୫୦ ଓଁ ନମୋ ଭଗବତେ ରାମକୃଷ୍ଣାୟ

ଗାଜୀପୁର, ୧୦ ମେ ୧୮୯୦

ପ୍ରିୟ ତୁଳସୀରାମ,

ଦୁଇ ଘଣ୍ଟାଦିନ ଭିତରେ ଝୁଡ଼ିଏ ଗୋଲାପ ଫୁଲ ତୁମର ଚନ୍ଦ୍ରପୁର ଠିକଣାରେ ପଠା ହେବ । ତୁମେ ଦୟାକରି ଏହା ସଙ୍ଗେ ସଙ୍ଗେ ଶଶୀ ନିକଟକୁ ପଠାଇଦେବ । (ବରାହନଗର ଶ୍ରୀରାମକୃଷ୍ଣ ମଠରେ)—ବି. ବସୁଙ୍କ ନାଁରେ ପଠାଅ ନାହିଁ । କାରଣ ସେ କୁଣ୍ଠ କୁଣ୍ଠ ହେବେ ଏବଂ ଫୁଲଗୁଡ଼ିକ ପାଇଁ ତାହା ମୂଲ୍ୟ ଭଲ ହେବ । ବୋଧହୁଏ, ତୁମର ଚନ୍ଦ୍ରପୁର କୋଇଲା ଡିପୋକୁ ପଠାଇଲେ ତୁମେ ସିଧା ପାଇପାରିବ । ଯଦି ଅସୁବିଧା ଥାଏ, ତାହାହେଲେ ସଙ୍ଗେ ସଙ୍ଗେ ମୋତେ ଲେଖ । ବାବୁରାମ ଏଠାରେ ଅଛି । ଦିନେ ଦୁଇଦିନ ମଧ୍ୟରେ ଏଲାହାବାଦ ଯିବ । ମୁଁ ଏଠାରୁ ଶୀଘ୍ର ପଳାଇଯିବି, ସମ୍ଭବତଃ 'ବେଙ୍ଗଲ' ଯିବି ଏବଂ ଆହୁରି ଉପରକୁ । ବଳରାମ ବାବୁ କ'ଣ କରୁଛନ୍ତି ? ମୋର ପ୍ରଣାମ ତୁମ ସମସ୍ତଙ୍କୁ ଜଣାଉଛି ।

ତୁମମାନଙ୍କର ନରେନ୍ଦ୍ର

୫୧ (ପ୍ରମଦାବାବୁଙ୍କୁ ଲିଖିତ) ଈଶ୍ୱରୋ ଜୟତି

୫୭ ରାମକାନ୍ତ ବସୁ ଷ୍ଟ୍ରୀଟ୍, ବାଗ୍‌ବଜାର, ୨୬ ମେ ୧୮୯୦

ପୂଜ୍ୟପାଦେଷୁ,

ବହୁ ବିପଦ-ଘଟଣାର ଆବର୍ତ୍ତ ଏବଂ ମନର ଆନ୍ଦୋଳନ ମଧ୍ୟରେ ପଡ଼ି ଆପଣଙ୍କୁ ଏହି ପତ୍ର ଲେଖୁଛି; ବିଶ୍ୱନାଥଙ୍କ ନିକଟରେ ପ୍ରାର୍ଥନା କରି ଏହାର ଯୁକ୍ତାଯୁକ୍ତତା ଏବଂ ସମ୍ଭାବ୍ୟତା ବିବେଚନା କରି ଉତ୍ତର ଦେଇ କୃତାର୍ଥ କରିବେ ।

୧ । ପ୍ରଥମରୁ ଆପଣଙ୍କୁ କହୁଛି ଯେ, ମୁଁ ରାମକୃଷ୍ଣଙ୍କର ଗୋଲାମ୍—ତାହାଙ୍କୁ 'ଦେଇ ତୁଳସୀଦଳ, ଦେହ ସମର୍ପିଲି' କରିଛି । ତାଙ୍କର ନିର୍ଦ୍ଦେଶ ଲଙ୍ଘନ କରିପାରିବି ନାହିଁ । ସେହି ମହାପୁରୁଷ ଯଦ୍ୟପି ୪୦ ବର୍ଷ ଯାବତ୍ ଏହି କଠୋର ତ୍ୟାଗ, ବୈରାଗ୍ୟ ଏବଂ ପବିତ୍ରତା ଓ କଠୋରତମ ସାଧନା କରି ଏବଂ ଅଲୌକିକ ଜ୍ଞାନ, ଭକ୍ତି, ପ୍ରେମ ଓ ବିଭୂତିବାନ୍ ହୋଇ ମଧ୍ୟ ଅକୃତକାର୍ଯ୍ୟ ହୋଇ ଶରୀର ତ୍ୟାଗ କରିଥାଆନ୍ତି, ତେବେ ଆମମାନଙ୍କର ଆଉ କ'ଣ ଭରସା ? ଅତଏବ ତାଙ୍କର ବାକ୍ୟ ଆପ୍ତବାକ୍ୟ ପରି ମୁଁ ବିଶ୍ୱାସ କରିବାକୁ ବାଧ୍ୟ ।

୨ । ମୋ ପ୍ରତି ତାଙ୍କର ନିର୍ଦ୍ଦେଶ ଏହି ଯେ, ତାଙ୍କଦ୍ୱାରା ସ୍ଥାପିତ ଏହି ତ୍ୟାଗୀ-ମଣ୍ଡଳୀର ଦାସତ୍ୱ ମୁଁ କରିବି, ଏଥିରେ ଯାହା ହେବାର ହେବ ଏବଂ ସ୍ୱର୍ଗ ବା ନରକ ବା ମୁକ୍ତି ଯାହା ଆସୁ ନେବାକୁ ରାଜି ଅଛି ।

୩ । ତାଙ୍କର ଆଦେଶ ଏହି ଯେ, ତାଙ୍କ ତ୍ୟାଗୀ ସେବକମଣ୍ଡଳୀ ଯେପରି ଏକତ୍ରିତ ରହନ୍ତି ଏବଂ ସେଥିନିମନ୍ତେ ମୁଁ ଭାରପ୍ରାପ୍ତ । ଅବଶ୍ୟ କେହି କେହି ଏଣେ ତେଣେ ବୁଲିବାକୁ ଗଲେ, ସେ ଅଲଗା କଥା—କିନ୍ତୁ ସେ ବୁଲିବା ମାତ୍ର, ତାଙ୍କର ମତ ଥିଲା, ଯେ ଜଣେ ପୂର୍ଣ୍ଣସିଦ୍ଧ—ତାଙ୍କର ଇତସ୍ତତଃ ବିଚରଣ ଶୋଭାପାଏ । ତାହା ଯେପର୍ଯ୍ୟନ୍ତ ହୋଇନାହିଁ, ଏକ ଜାଗାରେ ବସି ସାଧନାରେ ନିମଗ୍ନ ହେବା ଉଚିତ । ଆପଣାଛାଏଁ ଯେତେବେଳେ ସକଳ ଦେହାଦିଭାବ ଚାଲିଯିବ, ସେତେବେଳେ ଯାହାର ଯେ ପ୍ରକାର ଅବସ୍ଥା ହେବାର ହେବ, ନଚେତ୍ ପ୍ରବୃତ୍ତ ସାଧକ ପକ୍ଷରେ କ୍ରମାଗତ ବିଚରଣ ଅନିଷ୍ଟଜନକ ।

୪ । ଅତଏବ ଉକ୍ତ ନିର୍ଦ୍ଦେଶକ୍ରମେ ତାଙ୍କର ସନ୍ନ୍ୟାସୀମଣ୍ଡଳୀ ବରାହନଗରରେ ଗୋଟିଏ ପୁରାତନ ଜୀର୍ଣ୍ଣ ଗୃହରେ ଏକତ୍ରିତ ରହିଛନ୍ତି । ସୁରେଶଚନ୍ଦ୍ର ମିତ୍ର ଏବଂ ବଳରାମ ବସୁ ନାମକ ତାଙ୍କର ଦୁଇଜଣ ଗୃହସ୍ଥ ଶିଷ୍ୟ ସେମାନଙ୍କର ଆହାରାଦି ନିର୍ବାହ ଏବଂ ଘରଭଡ଼ା ଦିଅନ୍ତି ।

୫ । ଭଗବାନ୍ ରାମକୃଷ୍ଣଙ୍କର ଶରୀର ନାନା କାରଣରୁ (ଅର୍ଥାତ୍ ଖ୍ରୀଷ୍ଟିଆନ୍ ରାଜାଙ୍କର ଅଦ୍ଭୁତ ଆଇନ୍ ଜ୍ୱାଳାରେ) ଅଗ୍ନି ସମର୍ପଣ କରାହୋଇଥିଲା । ଏହି କାର୍ଯ୍ୟ ଯେ ଅତି ଗର୍ହିତ ସେଥିରେ ଆଉ ସନ୍ଦେହ ନାହିଁ । ଏହିକ୍ଷଣି ତାଙ୍କର ଭସ୍ମାବଶେଷ ଅସ୍ଥି ସଞ୍ଚିତ ଅଛି । ତାହା ଗଙ୍ଗାତୀରରେ କୌଣସି ସ୍ଥାନରେ ସମାହିତ କରି ଦେଇପାରିଲେ ଉକ୍ତ ମହାପାପରୁ କଥଞ୍ଚିତ୍ ବୋଧହୁଏ ମୁକ୍ତ ହେବ । ଉକ୍ତ ଅବଶେଷ ଏବଂ ତାଙ୍କ ଗଦିର ଏବଂ ପ୍ରତିକୃତିର ଯଥା ନିୟମରେ ଆମମାନଙ୍କ ମଠରେ ପ୍ରତ୍ୟହ ପୂଜା ହୋଇଥାଏ ଏବଂ ମୋର ଏକ ବ୍ରାହ୍ମଣ କୁଳୋଦ୍ଭବ ଗୁରୁଭ୍ରାତା ଉକ୍ତ କାର୍ଯ୍ୟରେ ଦିବାରାତ୍ର ଲାଗିଛନ୍ତି; ଏହା ଆପଣଙ୍କର ଅଜ୍ଞାତ ନୁହେଁ । ଉକ୍ତ ପୂଜାଦିର ବ୍ୟୟ ମଧ୍ୟ ଉକ୍ତ ଦୁଇ ମହାତ୍ମା କରନ୍ତି ।

୬ । ଯାହାଙ୍କ ଜନ୍ମରେ ଆମମାନଙ୍କର ବଙ୍ଗାଳୀକୁଳ ପବିତ୍ର ଓ ବଙ୍ଗଭୂମି ପବିତ୍ର ହୋଇଛି—ଯେ ଏହି ପାଶ୍ଚାତ୍ୟ ବାକ୍‌ଛଟାରେ ମୋହିତ ଭାରତବାସୀଙ୍କର ପୁନରୁଦ୍ଧାର ନିମନ୍ତେ ଅବତୀର୍ଣ୍ଣ ହୋଇଥିଲେ—ଯେ ସେଥିନିମନ୍ତେ ଅଧିକାଂଶ ତ୍ୟାଗୀ ଶିଷ୍ୟମଣ୍ଡଳୀ University men (ବିଶ୍ୱବିଦ୍ୟାଳୟର ଛାତ୍ରଗଣ) ମଧ୍ୟରୁ ସଂଗ୍ରହ କରିଥିଲେ, ଏହି ବଙ୍ଗ ଦେଶରେ ତାଙ୍କ ସାଧନଭୂମି ସନ୍ନିକଟରେ ତାଙ୍କର କୌଣସି ସ୍ମରଣଚିହ୍ନ ହେଲା ନାହିଁ, ଏହାଠାରୁ ଆଉ ଆକ୍ଷେପର କଥା କଅଣ ଅଛି ?

୭ । ପୂର୍ବୋକ୍ତ ଦୁଇ ମହାତ୍ମାଙ୍କର ଏକାନ୍ତ ଇଚ୍ଛା ଥିଲା ଯେ, ଗଙ୍ଗାତୀରରେ ଖଣ୍ଡିଏ ଜମି କିଣାଯାଇ ତାଙ୍କର ଅସ୍ଥି ସମାହିତ କରାହେଉ ଏବଂ ତାଙ୍କର ଶିଷ୍ୟବୃନ୍ଦ ସେଠାରେ ବାସକରନ୍ତୁ । ସୁରେଶ ବାବୁ ସେଥି ନିମନ୍ତେ ୫୧୦୦ଙ୍କା ଦେଇଥିଲେ ଏବଂ ଅଧିକ ମଧ୍ୟ ଦେବେ ବୋଲି କହିଥିଲେ; କିନ୍ତୁ ଈଶ୍ୱରଙ୍କର ଗୂଢ଼ ଅଭିପ୍ରାୟରେ ସେ କାଲି ରାତିରେ

ଇହଲୋକ ତ୍ୟାଗ କରିଛନ୍ତି । ବଳରାମ ବାବୁଙ୍କର ମୃତ୍ୟୁ ସମ୍ବାଦ ଆପଣ ପୂର୍ବରୁ ଜାଣିଛନ୍ତି ।

୮ । ଏବେ ତାଙ୍କର ଶିଷ୍ୟମାନେ ତାଙ୍କର ଏହି ଗଦି ଓ ଅସ୍ଥି ନେଇ କେଉଁଠାକୁ ଯିବେ, କିଛି ସ୍ଥିରତା ନାହିଁ (ବଙ୍ଗଦେଶର ଲୋକଙ୍କର କଥା ବେଶୀ, କାର୍ଯ୍ୟରେ ଅଗ୍ରସର ହୁଅନ୍ତି ନାହିଁ, ଆପଣ ଜାଣନ୍ତି) । ସେମାନେ ସନ୍ନ୍ୟାସୀ, ସେମାନେ ଏହିକ୍ଷଣି ଯେଉଁ ସ୍ଥାନକୁ ଇଚ୍ଛା ଯିବା ପାଇଁ ପ୍ରସ୍ତୁତ; କିନ୍ତୁ ସେମାନଙ୍କର ଏହି ଦାସ ମର୍ମାନ୍ତିକ ବେଦନା ପାଉଛି ଏବଂ ଭଗବାନ୍ ରାମକୃଷ୍ଣଙ୍କର ଅସ୍ଥି ସମାହିତ କରିବା ନିମନ୍ତେ ଗଙ୍ଗାତୀରରେ ଟିକିଏ ସ୍ଥାନ ହେଲ ନାହିଁ, ଏହା ଭାବି ମୋର ହୃଦୟ ବିଦୀର୍ଣ୍ଣ ହେଉଛି ।

୯ । ଟ୧୦୦୦ଙ୍କାରେ କଲିକତା ସନ୍ନିକଟରେ ଗଙ୍ଗାତୀରରେ ଜମି ଏବଂ ମନ୍ଦିର ହେବା ଅସମ୍ଭବ; ଅନ୍ୟୂନ ୫।୭ ହଜାର ଟଙ୍କାରୁ କମ୍‌ରେ ଜମି ହେବ ନାହିଁ ।

୧୦ । ବର୍ତ୍ତମାନ ଆପଣ ରାମକୃଷ୍ଣଙ୍କ ଶିଷ୍ୟମାନଙ୍କର ଏକମାତ୍ର ବନ୍ଧୁ ଏବଂ ଆଶ୍ରୟ ଅଛନ୍ତି । ପଶ୍ଚିମ ଦେଶରେ ଆପଣଙ୍କର ମାନସମ୍ଭ୍ରମ ଏବଂ ଆଳାପ ମଧ୍ୟ ଯଥେଷ୍ଟ; ମୁଁ ପ୍ରାର୍ଥନା କରୁଛି ଯେ, ଯଦି ଆପଣଙ୍କର ଅଭିରୁଚି ହୁଏ, ଉକ୍ତ ପ୍ରଦେଶର ଆପଣଙ୍କର ପରିଚିତ ଧାର୍ମିକ ଧନବାନ୍‌ମାନଙ୍କ ନିକଟରୁ ଚାନ୍ଦା କରି ଏହି କାର୍ଯ୍ୟ ନିର୍ବାହ କରିବା ଆପଣଙ୍କର ଉଚିତ କି ନା ବିବେଚନା କରିବେ । ଯଦି ଭଗବାନ୍ ରାମକୃଷ୍ଣଙ୍କର ସମାଧି ଏବଂ ତାହାଙ୍କ ଶିଷ୍ୟମାନଙ୍କର ବଙ୍ଗଦେଶରେ ଗଙ୍ଗାତଟରେ ଆଶ୍ରୟ-ସ୍ଥାନ ହେବା ଉଚିତ ବିବେଚନା କରନ୍ତି, ମୁଁ ଆପଣଙ୍କ ଅନୁମତି ପାଇଲାମାତ୍ରେ ଆପଣଙ୍କ ନିକଟରେ ଉପସ୍ଥିତ ହେବି ଏବଂ ଏହି କାର୍ଯ୍ୟ, ମୋର ପ୍ରଭୁଙ୍କର ଏବଂ ପ୍ରଭୁଙ୍କର ସନ୍ତାନମାନଙ୍କ ନିମନ୍ତେ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରିବାକୁ ଟିକିଏ ମାତ୍ର କୁଣ୍ଠିତ ନୁହେଁ । ବିଶେଷ ବିବେଚନା କରି ଏବଂ ବିଶ୍ୱନାଥଙ୍କ ନିକଟରେ ପ୍ରାର୍ଥନା କରି ଏହି କଥା ଅନୁଧାବନ କରିବେ । ମୋର ବିବେଚନାରେ ଯଦି ଏହି ଅତି ଅକପଟ, ବିଦ୍ୱାନ୍, ସତ୍‌କୁଳୋଦ୍ଭବ ଯୁବା ସନ୍ନ୍ୟାସୀଗଣ ସ୍ଥାନାଭାବରୁ ଏବଂ ସାହାଯ୍ୟାଭାବରୁ ରାମକୃଷ୍ଣଙ୍କର Ideal (ଆଦର୍ଶ) ଭାବ ଲାଭକରି ନ ପାରନ୍ତି, ତାହାହେଲେ ଆମମାନଙ୍କ ଦେଶର 'ଅହୋ ଦୁର୍ଦ୍ଦୈବମ୍' ।

୧୧ । ଯଦି କହନ୍ତି, 'ଆପଣ ସନ୍ନ୍ୟାସୀ, ଆପଣଙ୍କର ଏ ସକଳ ବାସନା କାହିଁକି ?' —ମୁଁ କହୁଛି, ମୁଁ ରାମକୃଷ୍ଣଙ୍କର ଦାସ—ତାଙ୍କର ନାମ ତାଙ୍କର ଜନ୍ମ ଓ ସାଧନଭୂମିରେ ଦୃଢ଼ ପ୍ରତିଷ୍ଠିତ କରିବାକୁ ଓ ତାଙ୍କ ଶିଷ୍ୟଗଣଙ୍କର ସାଧନାରେ ଅଣୁମାତ୍ର ସହାୟତା କରିବାକୁ ଯଦି ମୋତେ ଚୋରି, ଡକାୟତି କରିବାକୁ ହୁଏ, ମୁଁ ସେଥିରେ ମଧ୍ୟ ରାଜି । ଆପଣଙ୍କୁ ପରମାତ୍ମୀୟ ବୋଲି ଜାଣେ, ଆପଣଙ୍କୁ ସବୁ କହିଲି । ଏଥି ନିମନ୍ତେ କଲିକତାକୁ ଫେରି ଆସିଲି । ଆପଣଙ୍କୁ କହି ଆସିଛି; ଆପଣଙ୍କ ବିଚାରରେ ଯାହା ହେବ କରିବେ ।

୧୨ । ଯଦି କହନ୍ତି ଯେ—କାଶୀ ପ୍ରଭୃତି ସ୍ଥାନକୁ ଆସିଲେ ସୁବିଧା ହୁଅନ୍ତା, ଆପଣଙ୍କୁ କହୁଛି ଯେ, ତାହାଙ୍କ ଜନ୍ମଭୂମିରେ ଏବଂ ସାଧନାଭୂମିରେ ତାଙ୍କର ସମାଧି ହେବ ନାହିଁ, କି ପରିତାପ ! ଏବଂ ବଙ୍ଗଭୂମିର ଅବସ୍ଥା ଖୁବ୍ ଶୋଚନୀୟ । 'ତ୍ୟାଗ' କାହାକୁ

କହନ୍ତି, ଏ ଦେଶର ଲୋକମାନେ ସ୍ୱପ୍ନରେ ମଧ୍ୟ ଭାବନ୍ତି ନାହିଁ, କେବଳ ବିଳାସ ଓ ଇନ୍ଦ୍ରିୟପରତା ଓ ସ୍ୱାର୍ଥପରତା ଏ ଦେଶର ଅସ୍ଥିମଜ୍ଜା ଭକ୍ଷଣ କରୁଛି । ଭଗବାନ ଏ ଦେଶକୁ ବୈରାଗ୍ୟ ଓ ଅନାସକ୍ତି ପ୍ରେରଣ କରନ୍ତୁ । ଏ ଦେଶର ଲୋକଙ୍କର କିଛି ହିଁ ନାହିଁ, ମୋର ବିଶ୍ୱାସ ପଶ୍ଚିମ ଦେଶ ଲୋକଙ୍କର, ବିଶେଷତଃ ଧନୀମାନଙ୍କର ଏ ସକଳ କାର୍ଯ୍ୟରେ ଅନେକ ଉତ୍ସାହ । ଯାହା ବିବେଚନାରେ ହେବ, ଉତ୍ତର ଦେବେ । ଗଙ୍ଗାଧର ଆଜି ମଧ୍ୟ ପହଞ୍ଚି ନାହାନ୍ତି—କାଲି ହୁଏତ ଆସିପାରନ୍ତି । ତାଙ୍କୁ ଦେଖିବା ପାଇଁ ଖୁବ୍ ଉତ୍କଣ୍ଠା ହେଉଛି । ଇତି

ପୁନଃ—ଉଲ୍ଲିଖିତ ଠିକଣାରେ ପତ୍ର ଦେବେ ।

ଦାସ, ନରେନ୍ଦ୍ର

୫୨ (ପ୍ରମଦାବାବୁଙ୍କୁ ଲିଖିତ) ରାମକୃଷ୍ଣୋ ଜୟତି

ବାଗ୍‌ବଜାର, କଲିକତା, ୪ ଜୁନ ୧୮୯୦

ପୂଜ୍ୟପାଦେଷୁ,

ଆପଣଙ୍କର ପତ୍ର ପାଇଛି । ଆପଣଙ୍କର ପରାମର୍ଶ ଅତି ବୁଦ୍ଧିମାନର ପରାମର୍ଶ, ତଦ୍‌ବିଷୟରେ ସନ୍ଦେହ କ'ଣ— ତାହାଙ୍କର ଯାହା ଇଚ୍ଛା, ତାହା ହିଁ ହେବ—ଠିକ୍ କଥା । ଆମେମାନେ ମଧ୍ୟ ଏଠାରେ ସେଠାରେ ଦୁଇଚାରିଜଣ କରି ବୁଲୁଛୁ । ଗଙ୍ଗାଧର ଭାଇଙ୍କର ପତ୍ର ଦୁଇଖଣ୍ଡି ମୁଁ ମଧ୍ୟ ପାଇଛି—ଇନ୍‌ଫ୍ଲୁଏଞ୍ଜା ହେବାରୁ ଗଗନବାବୁଙ୍କ ଘରେ ଅଛନ୍ତି ଏବଂ ଗଗନବାବୁ ତାଙ୍କର ବିଶେଷ ସେବା ଓ ଯତ୍ନ କରୁଛନ୍ତି । ଆରୋଗ୍ୟ ହୋଇସାରି ଆସିବେ । ଆପଣ ଆମମାନଙ୍କର ସଂଖ୍ୟାତୀତ ଦଣ୍ଡବତ୍ ଜାଣିବେ । ଇତି

ଦାସ, ନରେନ୍ଦ୍ର

ପୁଃ—ଅଭେଦାନନ୍ଦ ପ୍ରଭୃତି ସମସ୍ତେ ଭଲ ଅଛନ୍ତି । ଇତି

ନରେନ୍ଦ୍ର

୫୩ (ସ୍ୱାମୀ ସାରଦାନନ୍ଦଙ୍କୁ ଲିଖିତ)

ବାଗ୍‌ବଜାର, କଲିକତା, ୬ ଜୁଲାଇ ୧୮୯୦

ପ୍ରିୟ ଶରତ୍ ଓ କୃପାନନ୍ଦ,

ତୁମମାନଙ୍କର ପତ୍ର ଯଥା ସମୟରେ ପାଇଛି । ଶୁଣୁଛି, ଆଲମୋଡ଼ା ଏହି ସମୟରେ ହିଁ ସର୍ବାପେକ୍ଷା ସ୍ୱାସ୍ଥ୍ୟକର, ତଥାପି ତୁମର ଜ୍ୱର ହୋଇଛି, ଆଶାକରେ ମେଲେରିଆ ନୁହେଁ । ଗଙ୍ଗାଧରଙ୍କ ନାମରେ ଯାହା ଲେଖିଛ, ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେ ଯେ ତିବ୍ବତରେ ଯାହା ତାହା ଖାଇଥିଲେ, ତାହା ସର୍ବୈବ ମିଥ୍ୟାକଥା···ଅଳ୍ପ ଟଙ୍କା ସଂଗ୍ରହ କରିବା କଥା ଲେଖିଛ । ସେ ଘଟଣା ହେଉଛି ଏହି—ତାହାଙ୍କୁ ମଝିରେ ମଝିରେ ଉଦାସୀ ବାବା ନାମକ ଏକ ବ୍ୟକ୍ତିଙ୍କ ନିମନ୍ତେ ଭିକ୍ଷା କରିବାକୁ ଏବଂ ତାଙ୍କୁ ପ୍ରତିଦିନ ବାରଅଣା ବା ଟଙ୍କାକର ଫଳାହାର ଯୋଗାଇବାକୁ ହେଉଥିଲା । ଗଙ୍ଗାଧର ବୁଝିପାରିଛନ୍ତି

ଯେ, ସେ ବ୍ୟକ୍ତି ଜଣେ ପକ୍କା ମିଥ୍ୟାବାଦୀ; କାରଣ ସେ ଯେତେବେଳେ ଏହି ବ୍ୟକ୍ତିଙ୍କ ସଙ୍ଗରେ ପ୍ରଥମେ ଗଲେ, ସେତେବେଳେ ସେ ତାହାଙ୍କୁ କହିଥିଲେ ଯେ, ହିମାଳୟରେ କେତେ ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଜିନିଷ ଦେଖିବାକୁ ମିଳେ । ଆଉ ଗଙ୍ଗାଧର ଏହି ଦରୁ ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଜିନିଷ ଏବଂ ସ୍ଥାନ ଦେଖିବାକୁ ନ ପାଇ ତାହାଙ୍କୁ ନିପଟ ମିଥ୍ୟାବାଦୀ ବୋଲି ଜାଣିଥିଲେ; ତଥାପି ତାଙ୍କର ଯଥେଷ୍ଟ ସେବା କରିଥିଲେ । 'ତା—' ଏହାର ସାକ୍ଷୀ । ବାବାଜୀଙ୍କ ଚରିତ୍ର ସମ୍ବନ୍ଧରେ ମଧ୍ୟ ସେ ସନ୍ଦେହର ଯଥେଷ୍ଟ କାରଣ ପାଇଥିଲେ । ଏହି ସକଳ ଘଟଣା ଏବଂ 'ତା'—ର ସହିତ ଶେଷ ସାକ୍ଷାତ୍ ହେବାଠାରୁ ସେ ଉଦାସୀଙ୍କ ଉପରେ ସମ୍ପୂର୍ଣ୍ଣ ବୀତଶ୍ରଦ୍ଧ ହୋଇଥିଲେ ଏବଂ ଏଥିନିମନ୍ତେ ଉଦାସୀ ପ୍ରଭୁଙ୍କର ଏତେ ରାଗ । ଆଉ ପଣ୍ଡାମାନେ—ସେ ପାଜିଗୁଡ଼ିକ ସମ୍ପୂର୍ଣ୍ଣ ପଶୁ । ତୁମେ ସେମାନଙ୍କୁ ଟିକିଏ ସୁଦ୍ଧା ବିଶ୍ୱାସ କରିବ ନାହିଁ ।

ମୁଁ ଦେଖୁଛି ଯେ, ଗଙ୍ଗାଧର ବର୍ତ୍ତମାନ ମଧ୍ୟ ସେହି ଆଗପରି କୋମଳ ପ୍ରକୃତିର ଶିଶୁଟିଏ ହୋଇ ରହିଛନ୍ତି । ଏହିସବୁ ଭ୍ରମଣ ଫଳରେ ତାଙ୍କର ଅସ୍ଥିର ଭାବ ଟିକିଏ କମିଛି; କିନ୍ତୁ ଆମମାନଙ୍କ ଏବଂ ଆମମାନଙ୍କ ପ୍ରଭୁଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ବଢ଼ିଛି ବରଂ, କମି ନାହିଁ । ସେ ନିର୍ଭୀକ, ସାହସୀ, ଅକପଟ ଏବଂ ଦୃଢ଼ନିଷ୍ଠ । କେବଳ ଏପରି ଜଣେ ଲୋକ ଆବଶ୍ୟକ, ଯାହାଙ୍କୁ ସେ ନିଜର ଭକ୍ତିଭାବରେ ମାନି ଚଳିବେ । ସେତିକି ହେଲେ ସେ ଜଣେ ଅତି ଚମତ୍କାର ଲୋକ ହୋଇ ବାହାରିବେ ।

ଏଥର ମୋର ଗାଜୀପୁର ପରିତ୍ୟାଗ କରିବାର ଇଚ୍ଛା ନ ଥିଲା ଅଥବା କଲିକତା ଆସିବା ପାଇଁ ମୋଟେ ଇଚ୍ଛା ନ ଥିଲା । କିନ୍ତୁ କାଳୀର ପୀଡ଼ା ସମ୍ବାଦ ପାଇ ମୋତେ କାଶୀ ଆସିବାକୁ ହେଲା ଏବଂ ବଳରାମବାବୁଙ୍କର ଆକସ୍ମିକ ମୃତ୍ୟୁ ମୋତେ କଲିକତାକୁ ଟାଣି ଆଣିଲା । ସୁରେଶବାବୁ ଓ ବଳରାମବାବୁ ଦୁଇଜଣଯାକ ଇହଲୋକରୁ ଚାଲିଗଲେ । ଗିରିଶଚନ୍ଦ୍ର ଘୋଷ ମଠର ଖରଚ ଚଳାଉଛନ୍ତି ଏବଂ ଆପାତତଃ ଭଲରେ ଭଲରେ ଦିନ କଟିଯାଉଛି । ମୁଁ ଶୀଘ୍ର (ଅର୍ଥାତ୍ ଭଡ଼ା ଟଙ୍କାଟା ଯୋଗାଡ଼ ହେବା ମାତ୍ରେ) ଆଲମୋଡ଼ା ଯିବା ପାଇଁ ସଙ୍କଳ୍ପ କରିଛି । ସେଠାରୁ ଗଙ୍ଗାତୀରରେ ଗାଡ଼ୋୱାଲର କୌଣସି ଏକ ସ୍ଥାନକୁ ଯାଇ ଦୀର୍ଘକାଳ ଧ୍ୟାନରେ ମଗ୍ନ ହେବାର ଇଚ୍ଛା; ଗଙ୍ଗାଧର ମୋ ସାଙ୍ଗରେ ଯାଉଛନ୍ତି । କହିବି କ'ଣ, ମୁଁ କେବଳ ଏହି ବିଶେଷ ଉଦ୍ଦେଶ୍ୟରେ ହିଁ ତାହାଙ୍କୁ କାଶ୍ମୀରରୁ ଓହ୍ଲାଇ ଆଣିଛି ।

ମୋର ମନେହୁଏ, ତୁମମାନଙ୍କର କଲିକତା ଆସିବା ନିମନ୍ତେ ଏତେ ବ୍ୟସ୍ତ ହେବାର ପ୍ରୟୋଜନ ନାହିଁ । ଯଥେଷ୍ଟ ବୁଲି ହୋଇଛି । ତାହା ଭଲ, ସତ: କିନ୍ତୁ ଦେଖୁଛି ତୁମେମାନେ ଏପର୍ଯ୍ୟନ୍ତ ଏକମାତ୍ର ଯେଉଁ ଜିନିଷଟି ତୁମମାନଙ୍କର କରିବା ଉଚିତ ଥିଲା, ସେଇଟି କରି ନାହଁ, ଅର୍ଥାତ୍ ଅଣ୍ଟା ଭିଡ଼ ଏବଂ ବସିପଡ଼ । ମୋ ମତରେ ଜ୍ଞାନ ବସ୍ତୁଟି ଏପରି କିଛି ସହଜ ଜିନିଷ ନୁହେଁ ଯେ, ତାକୁ 'ଉଠ ଲୋ ଝିଅ, ତୋର ବାହାଘର' ବୋଲି କହି କେବଳ ଉଠେଇ ଦେଲେ ହେଲା । ମୋର ଦୃଢ଼ଧାରଣା ଯେ, କୌଣସି ଯୁଗରେ କେତେ

ଜଣ ମୂର୍ଖମେଷ ଲୋକଙ୍କୁ ଗୁଡ଼ିଦେଲେ ଅନ୍ୟ କେହି ଜ୍ଞାନଲାଭ କରି ନାହାନ୍ତି ଏବଂ ସେହି ହେତୁରୁ ଆମମାନଙ୍କର କ୍ରମାଗତ ଏ ବିଷୟରେ ଲାଗିପଡ଼ି ରହିବା ଏବଂ ଅଗ୍ରସର ହୋଇଯିବା ଉଚିତ; ସେଥିରେ ଯଦି ମୃତ୍ୟୁ ହୁଏ, ତାହା ମଧ୍ୟ ସ୍ୱୀକାର କରିବାକୁ ହେବ। ଏହା ମୋର ପୁରୁଣା ଗୀତ, ଜାଣ ତ। ଆଉ ଆଜିକାଲିକାର ସନ୍ନ୍ୟାସୀମାନଙ୍କ ମଧ୍ୟରେ ଜ୍ଞାନ ନାମରେ ଯେଉଁ ଠକାମି ଚାଲୁଛି, ତାହା ମୋତେ ଜଣା ଅଛି। ସୁତରାଂ ତୁମେମାନେ ନିଶ୍ଚିନ୍ତ ରହ ଏବଂ ବୀର୍ଯ୍ୟବାନ ହୁଅ। ରାଖାଲ ଲେଖିଛନ୍ତି ଯେ, ଦକ୍ଷ (ସ୍ୱାମୀ ଜ୍ଞାନାନନ୍ଦ) ତାଙ୍କ ସଙ୍ଗରେ ବୃନ୍ଦାବନରେ ଅଛନ୍ତି ଏବଂ ସେ ସୁନା ପ୍ରସ୍ତୁତ ତିଆରି କରି ଶିଖିଛନ୍ତି ଏବଂ ଜଣେ ପକ୍କା 'ଜ୍ଞାନୀ' ହୋଇପାରିଛନ୍ତି। ଭଗବାନ୍ ତାଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ତୁମେମାନେ ମଧ୍ୟ କହ, 'ଶାନ୍ତିଃ ! ଶାନ୍ତିଃ !'

ମୋର ସ୍ୱାସ୍ଥ୍ୟ ବର୍ତ୍ତମାନ ଖୁବ୍ ଭଲ ଅଛି, ଆଉ ଗାଜିପୁରରେ ରହିବା ଫଳରେ ଯେଉଁ ଉନ୍ନତି ହୋଇଛି, ତାହା କିଛିକାଳ ରହିବ ବୋଲି ମୋର ବିଶ୍ୱାସ। ଯେଉଁସବୁ କାର୍ଯ୍ୟ କରିବ ବୋଲି ଗାଜିପୁରରୁ ଏଠାକୁ ଆସିଛି, ତାହା ଶେଷ କରିବାକୁ କିଛିଦିନ ଲାଗିବ। ସେହି ଆଗେ ଯେପରି ବୋଧ ହେଉଥିଲି, ମୁଁ ଏଠାରେ ସେପରି କେତେକ ପରିମାଣରେ ବିରୁଡ଼ି-ବସା ଭିତରେ ରହିଛି। ଏକା ଦୌଡ଼ରେ ମୁଁ ହିମାଳୟକୁ ଯିବା ପାଇଁ ବ୍ୟସ୍ତ। ଏଥର ଆଉ ପଓହାରିବାବା ଇତ୍ୟାଦି କାହାରି ପାଖକୁ ନୁହେଁ, ସେମାନେ କେବଳ ଲୋକଙ୍କୁ ନିଜ ଉଦ୍ଦେଶ୍ୟରୁ ଭ୍ରଷ୍ଟ କରିଦିଅନ୍ତି। ଏକାବେଳକେ ଉପରକୁ ଯାଉଛି।

ଆଲମୋଡ଼ାର ଜଳବାୟୁ କିପରି ଲାଗୁଛି ? ଶୀଘ୍ର ଲେଖିବ। ସାରଦାନନ୍ଦ, ବିଶେଷ କରି ତୁମର ଆସିବା ଦରକାର ନାହିଁ। ଗୋଟିଏ ଜାଗାରେ ସମସ୍ତେ ମିଳି ଗୋଳମାଳ କରିବାରେ ଆଉ ଆତ୍ମୋନ୍ନତିର ମୁଣ୍ଡ ଖାଇବାରେ କି ଫଳ ? ମୂର୍ଖ ପର୍ଯ୍ୟଟନକାରୀ ହୁଅ ନାହିଁ; ବୀରପରି ଅଗ୍ରସର ହୁଅ। 'ନିର୍ମାନମୋହା ଜିତସଙ୍ଗଦୋଷାଃ' ଇତ୍ୟାଦି। ଭଲ କଥା, ତୁମର ନିଆଁ କୁ ଡେଇଁବାର ଇଚ୍ଛା ହେଲା କାହିଁକି ? ଯଦି ଦେଖୁଛ ଯେ, ହିମାଳୟରେ ସାଧନା ହୋଇପାରୁ ନାହିଁ, ଅନ୍ୟ କୌଣସି ସ୍ଥାନକୁ ଯାଅ ନା।

ଏହି ଯେଉଁ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଛ, ଏଥିରେ—ତୁମେ ଯେ ଓହ୍ଲାଇ ଆସିବା ପାଇଁ ବ୍ୟାକୁଳ ହୋଇଛ, କେବଳ ମନର ଏହି ଦୁର୍ବଳତା ହିଁ ପ୍ରକାଶ ପାଉଛି। ଶକ୍ତିମାନ୍, ଉଠ ଏବଂ ବୀର୍ଯ୍ୟବାନ୍ ହୁଅ। କ୍ରମାଗତ କାର୍ଯ୍ୟ କରିଯାଅ, ବାଧା ବିପତ୍ତି ସହିତ ଯୁଦ୍ଧ କରିବାକୁ ଅଗ୍ରସର ହୁଅ। ଅଲମିତି।

ଏଠାରେ ସମସ୍ତ କୁଶଳ, କେବଳ ବାବୁରାମର ଟିକିଏ ଜ୍ୱର ହୋଇଛି।

ତୁମମାନଙ୍କର, ବିବେକାନନ୍ଦ

୫୪ (ଲାଲ ଗୋବିନ୍ଦ ସହାୟଙ୍କୁ ଲିଖିତ)

ଆଜମୀର, ୧୪ ଏପ୍ରିଲ ୧୮୯୧

ପ୍ରିୟ ଗୋବିନ୍ଦ ସହାୟ,

...ପବିତ୍ର ଏବଂ ନିଃସ୍ୱାର୍ଥ ହେବାକୁ ଚେଷ୍ଟା କର—ସେଥିରେ ହିଁ ସମଗ୍ର ଧର୍ମ ନିହିତ ।...

ଆଶୀର୍ବାଦକ, ବିବେକାନନ୍ଦ

୫୫ଇ*

ଆବୁ ପାହାଡ଼,
୩୦ ଏପ୍ରିଲ ୧୮୯୧

ପ୍ରିୟ ଗୋବିନ୍ଦ ସହାୟ,

ତୁମେ କଅଣ ସେହି ବ୍ରାହ୍ମଣ ବାଳକଟିର ଉପନୟନ ସମ୍ପନ୍ନ କରିଛ ? ତୁମେ ସଂସ୍କୃତ ପଢ଼ିଛ କି ? କେତେଦୂର ଅଗ୍ରସର ହେଲ ? ଆଶାକରେ, ପ୍ରଥମ ଭାଗ ନିଶ୍ଚୟ ଶେଷ କରିଥିବ । ତୁମେ ଯତ୍ନସହକାରେ ଶିବପୂଜା କରୁଛ ତ ? ଯଦି କରୁ ନ ଥାଅ, କରିବାକୁ ଚେଷ୍ଟା କର । 'ତୁମେ ପ୍ରଥମେ ଭଗବାନଙ୍କ ରାଜ୍ୟ ଅନ୍ୱେଷଣ କର—ତାହାହେଲେ ସବୁ ପାଇବ ।' ଭଗବାନଙ୍କୁ ଅନୁସରଣ କଲେ ତୁମେ ଯାହା ଇଚ୍ଛା କରିବ, ତାହା ପାଇପାରିବ । ...କମାଣ୍ଡର ସାହେବ ଦୁହିଁଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା ଜଣାଇବ । ସେମାନେ ଉଚ୍ଚପଦସ୍ଥ ହୋଇ ମଧ୍ୟ ମୋ ଭଳି ଏକ ଦରିଦ୍ର ଫକୀର ପ୍ରତି ଅତି ସଦୟ ବ୍ୟବହାର କରିଥିଲେ । ବତ୍ସଗଣ, ଧର୍ମର ରହସ୍ୟ କେବଳ ମତବାଦରେ ନୁହେଁ, ପରନ୍ତୁ ସାଧନା ମଧ୍ୟରେ ନିହିତ । ସତ୍ ହେବା ଏବଂ ସତ୍‌କର୍ମ କରିବାରେ ହିଁ ସମଗ୍ର ଧର୍ମ ପର୍ଯ୍ୟବସିତ । 'ଯେ କେବଳ 'ପ୍ରଭୁ' 'ପ୍ରଭୁ' ବୋଲି ଚିତ୍କାର କରେ, ସେ ନୁହେଁ, କିନ୍ତୁ ଯେ ସେହି ପରମ ପିତାଙ୍କର ଇଚ୍ଛା ଅନୁସାରେ କାର୍ଯ୍ୟ କରେ—ସେ ହିଁ ଧାର୍ମିକ ।' ତୁମେମାନେ ଆଲୱାରବାସୀ ଯେଉଁ କେତେଜଣ ଯୁବକ ଅଛ, ସମସ୍ତେ ଚମତ୍କାର ଲୋକ । ଆଶାକରେ, ଅଚିରେ ତୁମମାନଙ୍କ ମଧ୍ୟରୁ ଅନେକେ ସମାଜର ଅଳଙ୍କାରସ୍ୱରୂପ ଏବଂ ଜନ୍ମଭୂମିର କଲ୍ୟାଣର ହେତୁଭୂତ ହୋଇ ଉଠିବ । ଇତି

ଆଶୀର୍ବାଦକ, ବିବେକାନନ୍ଦ

ପୁଃ – ଯଦିବା ମଧ୍ୟେ ମଧ୍ୟେ ସଂସାରର ଗୋଟିଏ ଅଧେ ଧକ୍‌କା ଖାଅ, ତଥାପି ବିଚଳିତ ହୁଅ ନାହିଁ, ନିମିଷ ମଧ୍ୟରେ ତାହା ଭୁଲିଯିବ ଏବଂ ପୁନରାୟ ସବୁ ଠିକ୍‌ଠାକ ହୋଇଯିବ ।

୫୬ଇ*

ଆବୁ ପାହାଡ଼, ୧୮୯୧

ପ୍ରିୟ ଗୋବିନ୍ଦ ସହାୟ,

ମନ ଯେଉଁ ଦିଗକୁ ଯାଉନା କାହିଁକି, ନିୟମିତ ଜପ କରୁଥିବ । ହରବକ୍ସଙ୍କୁ କହିବ—ସେ ଯେପରି ପ୍ରଥମେ ବାମ ନାସାରେ, ପରେ ଦକ୍ଷିଣ ନାସାରେ ଏବଂ ପୁନରାୟ

ବାମ ନାସାରେ, ଏହି କ୍ରମରେ ପ୍ରାଣାୟାମ କରେ । ବିଶେଷ ପରିଶ୍ରମ କରି ସଂସ୍କୃତ ଶିଖିବ । ଇତି

ଆଶୀର୍ବାଦକ, ବିବେକାନନ୍ଦ

୫୭ସଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ) ୧୮୯୧

ପ୍ରିୟ ଦେୱାନ୍‌ଜୀ ସାହେବ,

ମୋର ସ୍ୱାସ୍ଥ୍ୟ ଓ ସୁଖ ସୁବିଧାର ସମ୍ବାଦ ନେବାକୁ ଆପଣ ଯେ ଜଣେ ଲୋକ ପଠାଇଛନ୍ତି ଏହା ଆପଣଙ୍କର ଅପୂର୍ବ ସହୃଦୟତା ଏବଂ ଆପଣଙ୍କ ପିତୃସୁଲଭ ଚରିତ୍ରର ସାମାନ୍ୟ ପରିଚୟ ମାତ୍ର । ମୁଁ ଏଠାରେ ଭଲ ଅଛି । ଆପଣଙ୍କ ସହୃଦୟତା ଯୋଗୁଁ ମୋର ଏଠାରେ କୌଣସି ଅଭାବ ନାହିଁ । ମୁଁ ଦୁଇ ଚାରିଦିନ ମଧ୍ୟରେ ଆପଣଙ୍କ ସହିତ ସାକ୍ଷାତ୍ କରିପାରିବି ବୋଲି ଆଶା କରେ । ଏଠାରୁ ଯିବାବେଳେ ମୋର କୌଣସି ଯାନ-ବାହନର ପ୍ରୟୋଜନ ନାହିଁ । ଅବରୋହଣ କଷ୍ଟସାଧ୍ୟ; କିନ୍ତୁ ଅଧିରୋହଣ ତଦପେକ୍ଷା କଷ୍ଟସାଧ୍ୟ । ଏ କଥା ଜଗତ୍‌ର ପ୍ରତ୍ୟେକ ବିଷୟ ସମ୍ବନ୍ଧରେ ସମଭାବରେ ସତ୍ୟ । ମୋର ଆନ୍ତରିକ କୃତଜ୍ଞତା ଗ୍ରହଣ କରିବେ । ଇତି

ଚିରବିଶ୍ୱସ୍ତ, ବିବେକାନନ୍ଦ

୫୮ସଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ବରୋଦା, ୨୬ ଏପ୍ରିଲ ୧୮୯୨

ପ୍ରିୟ ଦେୱାନ୍‌ଜୀ ସାହେବ,

ଆପଣଙ୍କର ପ୍ରୀତିପୂର୍ଣ୍ଣ ପତ୍ର ଏଠାରେ ପାଇ ବିଶେଷ ଆନନ୍ଦିତ ହେଲି । ନାଡ଼ିୟାଦ୍ ଷ୍ଟେସନଠାରୁ ଆପଣଙ୍କ ଘରକୁ ଯିବାକୁ ମୋର ଆଦୌ ଅସୁବିଧା ହୋଇ ନାହିଁ । ଆପଣଙ୍କ ଭାଇମାନଙ୍କ କଥା ଅବା କ'ଣ କହିବି ! ଆପଣଙ୍କ ଭାଇମାନେ ଯେପରି ହେବା ଉଚିତ, ସେମାନେ ଠିକ୍ ସେୟା । ଭଗବାନ ଆପଣଙ୍କ ପରିବାର ଉପରେ ତାଙ୍କର ଅଶେଷ ଆଶୀର୍ବାଦ ଅର୍ପଣ କରନ୍ତୁ । ମୋର ସମସ୍ତ ପରିବ୍ରାଜକ ଜୀବନରେ ଏପରି ପରିବାର ଅନ୍ୟତ୍ର ଦେଖି ନାହିଁ । ଆପଣଙ୍କ ବନ୍ଧୁ ଶ୍ରୀଯୁକ୍ତ ମଣିଭାଇ ମୋର ସମସ୍ତ ସୁବିଧା କରିଦେଇଛନ୍ତି; କିନ୍ତୁ ତାଙ୍କ ସଙ୍ଗେ ମିଳାମିଶାର ସୁଯୋଗ ସାମାନ୍ୟ ପାଇଛି, ମୁଁ ତାଙ୍କୁ ଦୁଇଥର ମାତ୍ର ଦେଖିଛି—ଥରେ ଏକ ମିନିଟ ପାଇଁ, ଆଉ ଥରେ ପ୍ରାୟ ଦଶ ମିନିଟ ପାଇଁ । ଦ୍ୱିତୀୟ ଥର ସେ ଏହି ଅଞ୍ଚଳର ଶିକ୍ଷା-ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ । ମୁଁ ପୁସ୍ତକାଳୟ ଓ ରବି ବର୍ମାଙ୍କ ଛବି ଦେଖିଲି । ଏଠାରେ ଦେଖିବାଯୋଗ୍ୟ ଏହା ହିଁ ଅଛି ! ସୁତରାଂ ଆଜି ଉପରଓଳି ବମ୍ବେ ଚାଲିଯାଉଛି । ଏଠାର ଦେୱାନ୍‌ଜୀଙ୍କୁ ବା (ଆପଣଙ୍କୁ ହିଁ) ତାଙ୍କର ସଦୟ ବ୍ୟବହାର ଯୋଗୁଁ ଧନ୍ୟବାଦ ଜଣାଉଛି । ବମ୍ବେଠାରୁ ସବିଶେଷ ଲେଖିବି । ଇତି

ଆପଣଙ୍କ ସ୍ନେହାବଦ୍ଧ, ବିବେକାନନ୍ଦ

ପୁଃ—ନାଡ଼ିୟାଦରେ ଶ୍ରୀଯୁକ୍ତ ମଣିଲାଲ ନାଭୁଭାଇଙ୍କ ସଙ୍ଗେ ସାକ୍ଷାତ୍ ହୋଇଥିଲି ।

ସେ ଅତି ବିଦ୍ୱାନ୍ ଓ ସାଧୁପ୍ରକୃତିର ଭଦ୍ରଲୋକ । ତାଙ୍କ ସାହଚର୍ଯ୍ୟରେ ମୁଁ ବିଶେଷ ଆନନ୍ଦ ଲାଭ କରିଛି ।

୫୯ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ପୁନା, ୧୫ ଜୁନ ୧୮୯୨

ପ୍ରିୟ ଦେବାନ୍‌ଜୀ ସାହେବ,

ଆପଣଙ୍କ ଶେଷ ଚିଠି ପାଇବା ପରଠାରୁ ଦୀର୍ଘକାଳ କଟିଗଲାଣି; ଆଶାକରେ, ମୁଁ ଆପଣଙ୍କର କୌଣସି ବିରାଗ ଘଟାଇ ନାହିଁ । ମୁଁ ଠାକୁର ସାହେବଙ୍କ ସହିତ ମହାବଲେଶ୍ୱରରୁ ଏଠାକୁ ଆସିଛି ଏବଂ ତାଙ୍କର ଘରେ ରହିଛି । ଏଠାରେ ଆଉ ଦୁଇ ଏକ ସପ୍ତାହ ରହିବାର ଇଚ୍ଛା ଅଛି; ପରେ ହାଇଦ୍ରାବାଦ ଦେଇ ରାମେଶ୍ୱର ଯିବି ।

ଏଥିମଧ୍ୟରେ ଜୁନାଗଡ଼ରେ ଆପଣଙ୍କ ପଥର ସମସ୍ତ କଣ୍ଟକ ନିଶ୍ଚିତ ଦୂର ହୋଇଯାଇଥିବ—ଅନ୍ତତଃ ତାହା ହିଁ ମୋର ଆଶା । ଆପଣଙ୍କ ସ୍ୱାସ୍ଥ୍ୟର ଖବର ପାଇବାକୁ ବିଶେଷ ଆଗ୍ରହ ହେଉଛି—ବିଶେଷତଃ ସେହି ମକଚ ହେବାର ।

ଭାଓନଗର ରାଜକୁମାରଙ୍କ ଶିକ୍ଷକ ଓ ଆପଣଙ୍କ ବନ୍ଧୁ ସେହି ସୁନ୍ଦର ଭଦ୍ରଲୋକଙ୍କ ସଙ୍ଗେ ଦେଖା ହୋଇଛି । ସେ ଅତି ସଜ୍ଜନ । ତାଙ୍କ ପରିଚୟ ଲାଭକରି ମୁଁ ନିଜକୁ ଭାଗ୍ୟବାନ୍ ମନେକରୁଛି । ସେ ଅତ୍ୟନ୍ତ ଅମାୟିକ ଓ ଉଦାରପ୍ରକୃତିର ଲୋକ ।

ଆପଣଙ୍କର ମହାମନା ସହୋଦରମାନଙ୍କୁ ଏବଂ ଆମର ସେଠାକାର ବନ୍ଧୁବର୍ଗଙ୍କୁ ମୋର ଅକୃତ୍ରିମ ଅଭିନନ୍ଦନ ଜଣାଇବେ । ଘରକୁ ପତ୍ର ଲେଖିଲାବେଳେ ଦୟାକରି ଶ୍ରୀଯୁକ୍ତ ନାଭୁଭାଇଙ୍କୁ ମୋର ଐକାନ୍ତିକ ଶୁଭେଚ୍ଛା ଜଣାଇବେ । ଆଶାକରେ, ଶୀଘ୍ର ଉତ୍ତର ଦେଇ କୃତାର୍ଥ କରିବେ ।

ଆପଣଙ୍କୁ ଓ ଆପଣଙ୍କ ପରିବାରର ସମସ୍ତଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା ଓ କୃତଜ୍ଞତା ଜଣାଉଛି ଏବଂ ସମସ୍ତଙ୍କର ମଙ୍ଗଳକାମନା କରୁଛି । ଇତି

ଭବଦୀୟ, ବିବେକାନନ୍ଦ

୬୦ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ବମ୍ବେ, ୧୮୯୨

ପ୍ରିୟ ଦେବାନ୍‌ଜୀ ସାହେବ,

ଏହି ପତ୍ରବାହକ ବାବୁ ଅକ୍ଷୟକୁମାର ଘୋଷ ମୋର ବିଶିଷ୍ଟ ବନ୍ଧୁ । ସେ କଲିକତାର ଏକ ସମ୍ଭ୍ରାନ୍ତ ବଂଶର ସନ୍ତାନ । ତାଙ୍କ ପରିବାରକୁ ଯଦିଓ ମୁଁ ପୂର୍ବରୁ ଜାଣେ, ତଥାପି ତାଙ୍କୁ ଖଣ୍ଡୋୟାଠାରେ ପ୍ରଥମ ଦେଖିବାକୁ ପାଇଲି ଏବଂ ସେହିଠାରେ ଆଲାପ ପରିଚୟ ହେଲା ।

ସେ ଖୁବ୍ ସତ୍ ଓ ବୁଦ୍ଧିମାନ୍ ଏବଂ କଲିକତା ବିଶ୍ୱବିଦ୍ୟାଳୟର ଅଣ୍ଡର ଗ୍ରାଜୁଏଟ୍ । ଆଜିକାଲି ବଙ୍ଗ ଦେଶର ଅବସ୍ଥା କି କଠିନ, ତାହା ଆପଣ ଜାଣନ୍ତି । ଏହି ଯୁବକ ଚାକିରି

ଅନ୍ୱେଷଣରେ ବାହାରିଛନ୍ତି । ମୁଁ ଆପଣଙ୍କର ସ୍ୱଭାବସୁଲଭ ସହୃଦୟତା ସହିତ ପରିଚିତ ଅଛି । ତେଣୁ ଏ ଯୁବକଙ୍କ ପାଇଁ କିଛି କରିବାକୁ ଅନୁରୋଧ କରିବାଦ୍ୱାରା ଆପଣଙ୍କୁ ନିଶ୍ଚୟ ବିରକ୍ତ କରୁ ନାହିଁ । ଅଧିକ ଲେଖିବା ନିଷ୍ପ୍ରୟୋଜନ; ଆପଣ ଦେଖିପାରିବେ, ସେ ସଚ୍ଚ୍ ଏବଂ ପରିଶ୍ରମୀ । ଯଦି ଆପଣଙ୍କ ସମପର୍ଯ୍ୟାୟର କୌଣସି ଜୀବ ପ୍ରତି ଟିକିଏ ଦୟା କଲେ ତାହାର ଜୀବନ ସୁଖମୟ ହୋଇପାରେ, ସେଥିପାଇଁ ଏହି ବାଳକ ତାହାର ଉପଯୁକ୍ତ ପାତ୍ର । ଅଭି ମଧ୍ୟ ଆପଣ ହେଉଛନ୍ତି ମହତ୍ ଓ ଦୟାଳୁ ଏବଂ ଆପଣଙ୍କୁ ଏକଥା ମନେପକେଇ ଦେବା ନିଷ୍ପ୍ରୟୋଜନ ବୋଲି ଭାବୁଛି ।

ଆଶାକରେ, ମୋର ଏହି ଅନୁରୋଧ ଯୋଗେ ଆପଣ ବିବ୍ରତ କିମ୍ବା ଉତ୍ତ୍ୟକ୍ତ ହେବେ ନାହିଁ । ଏହା ମୋର ପ୍ରଥମ ଓ ଶେଷ ଅନୁରୋଧ ଏବଂ ବିଶେଷ ଘଟଣାଚକ୍ରରେ ଏହା କରିବାକୁ ହେଲା । ଏବେ ଆପଣଙ୍କ ଦୟାଳୁ ପ୍ରାଣ ମୋର ଆଶା ଓ ଭରସା । ଇତି

ଭବଦୀୟ, ବିବେକାନନ୍ଦ

୭୯ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ବମ୍ବେ, ୨୨ ଅଗଷ୍ଟ ୧୮୯୨

ପ୍ରିୟ ଦେବାନ୍‌ଜୀ ସାହେବ,

ଆପଣଙ୍କ ପତ୍ର ପାଇ, ବିଶେଷତଃ ସେଥିରେ ମୋ ପ୍ରତି ଆପଣଙ୍କର ପୂର୍ବାନୁରୂପ ସ୍ନେହ ଅଛି, ଏହାର ପ୍ରମାଣ ପାଇ ଅତିଶୟ କୃତାର୍ଥ ହେଲି ।

ଆପଣଙ୍କ ଇନ୍ଦୋରର ବନ୍ଧୁଙ୍କର···ସହୃଦୟତା ସମ୍ବନ୍ଧରେ ବେଶୀ କିଛି ନ କହିବା ଭଲ ହେବ । ଅବଶ୍ୟ ସବୁ ଦକ୍ଷିଣୀ ସମାନ ନୁହନ୍ତି । ମୁଁ ଶଙ୍କର ପାଣ୍ଡୁରଙ୍ଗଙ୍କୁ ପତ୍ରଦ୍ୱାରା ଜଣାଇଥିଲି ଯେ—ମୁଁ ଲିମ୍‌ଡ଼ିର ଠାକୁର ସାହେବଙ୍କ ଘରେ ଆଶ୍ରୟ ଗ୍ରହଣ କରିଛି; ତହିଁର ଉତ୍ତରରେ ସେ ମହାବଳେଶ୍ୱରରେ ମୋ ପାଖକୁ ଯାହା ଲେଖିଥିଲେ, ତାହା ଉଦ୍ଧୃତ କଲେ ଆପଣ ବିଷୟଟି ବୁଝିପାରିବେ—

'ଆପଣ ଲିମ୍‌ଡ଼ିର ଠାକୁରଙ୍କୁ ସେଠାରେ ପାଇଛନ୍ତି ଜାଣି ଖୁବ୍ ଖୁସି ହେଲି; ନୋହିଲେ ଆପଣଙ୍କୁ ଭାରି ଅସୁବିଧାରେ ପଡ଼ିବାକୁ ହୋଇଥାନ୍ତା । କାରଣ, ଆମେ ମରାଠୀ-ମାନେ ଗୁଜରାଟୀମାନଙ୍କ ପରି ସେତେ ଅତିଥିପରାୟଣ ନୋହୁଁ ।' ···

ଆପଣଙ୍କ ଗଣ୍ଠିବ୍ୟଥା ସମ୍ପୂର୍ଣ୍ଣ ଉପଶମ ହୋଇଥିବା ଜାଣି ଖୁବ୍ ସୁଖୀ ହେଲି । ଦୟାକରି ଆପଣଙ୍କ ଭାଇଙ୍କୁ ମୋର ପ୍ରତିଜ୍ଞାଭଙ୍ଗଜନିତ କ୍ଷମା କରିବାକୁ କହିବେ । ମୁଁ ଏଠାରେ କେତେକ ସଂସ୍କୃତ ବହି ପାଇଛି ଏବଂ ଅଧ୍ୟୟନର ସାହାଯ୍ୟ ମିଳିଛି । ଅନ୍ୟତ୍ର ଏପରି ପାଇବାର ଆଶା କମ୍ । ସୁତରାଂ ଶେଷକରି ଯିବାକୁ ଆଗ୍ରହ ହେଉଛି । କାଲି ଆପଣଙ୍କ ବନ୍ଧୁ ଶ୍ରୀଯୁକ୍ତ ମନଃସୁଖାରାମଙ୍କ ସଙ୍ଗେ ଦେଖା ହେଲା ! ସେ ତାଙ୍କର ଜଣେ ସନ୍ନ୍ୟାସୀ ବନ୍ଧୁଙ୍କୁ ଘରେ ରଖିଛନ୍ତି । ସେ ମୋ ପ୍ରତି ଖୁବ୍ ସହୃଦୟ । ତାଙ୍କ ପୁଅ ମଧ୍ୟ ସ୍ନେହପର ।

ଏଠାରେ ପନ୍ଦର କୋଡ଼ିଏ ଦିନ ରହି ରାମେଶ୍ୱର ଯିବାର ଇଚ୍ଛା ଅଛି । ସେଠାରୁ

ଫେରିଲେ ଆପଣଙ୍କ ସଙ୍ଗେ ଦେଖା କରିବା ନିଶ୍ଚିତ ।

ଆପଣଙ୍କ ତୁଲ୍ୟ ଉଚ୍ଚମନା, ମହାପ୍ରାଣ ଓ ଦୟାଶୀଳମାନଙ୍କଦ୍ୱାରା ହିଁ ଜଗତର ପ୍ରକୃତ ଉନ୍ନତି ହୁଏ । ଅନ୍ୟମାନେ ସଂସ୍କୃତ କବିଙ୍କ ଭାଷାରେ 'ଜନନୀ-ଯୌବନ-ବନକୁଠାରାଃ' ।

ମୋ ପ୍ରତି ଆପଣଙ୍କର ପିତୃସୁଲଭ ସ୍ନେହ ଓ ଯତ୍ନ କଦାପି ଭୁଲିପାରୁ ନାହିଁ । ମୋ ପରି ଜଣେ ଫକୀର ଆପଣଙ୍କ ତୁଲ୍ୟ ଜଣେ ମହାଶକ୍ତିମାନ୍ ମନ୍ତ୍ରୀଙ୍କ ଉପକାରର କି ପ୍ରତିଦାନ ଦେଇପାରେ ? କେବଳ ଏତିକିମାତ୍ର ପ୍ରାର୍ଥନା କରିପାରେ ଯେ, ସର୍ବମଙ୍ଗଳମୟ ଭଗବାନ୍ ଆପଣଙ୍କୁ ଇହଲୋକବାଞ୍ଛିତ ସମସ୍ତ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ କରନ୍ତୁ । ଆଉ ମଧ୍ୟ ଆପଣଙ୍କୁ ଦୀର୍ଘାୟୁଯୁକ୍ତ କରି ଅବଶେଷରେ ତାଙ୍କ ଅନନ୍ତ ମଙ୍ଗଳ-ଶାନ୍ତିମୟ ପବିତ୍ର କୋଳକୁ ଟାଣି ନିଅନ୍ତୁ । ଇତି

ଭବଦୀୟ, ବିବେକାନନ୍ଦ

ପୁଃ—ଗୋଟିଏ ବିଷୟ ଅତି ଦୁଃଖର ସହିତ ଉଲ୍ଲେଖ କରୁଛି—ଏ ଅଞ୍ଚଳରେ ସଂସ୍କୃତ ଏବଂ ଅନ୍ୟାନ୍ୟ ଶିକ୍ଷାର ଏକାନ୍ତ ଅଭାବ । ଏ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଧର୍ମନାମରେ ପାନାହାର ଓ ଶୌଚାଦି ବିଷୟରେ ଅନେକ କୁସଂସ୍କାରପୂର୍ଣ୍ଣ ଦେଶାଚାର ରହିଛି । ଆଉ ମଧ୍ୟ ତାହା ଯେପରି ସେମାନଙ୍କଠାରେ ଧର୍ମର ଶେଷକଥା ! ହାୟ ବିଚରା-ମାନେ ! ଦୁଷ୍ଟ ଓ ଚତୁର ପୁରୋହିତମାନେ ସେମାନଙ୍କର ସମସ୍ତ ଅର୍ଥହୀନ ଆଚାର ଓ ଭଣ୍ଡାମି ବେଦର ଓ ହିନ୍ଦୁଧର୍ମର ସାର ବୋଲି ସେମାନଙ୍କୁ ଶିକ୍ଷା ଦେଉଛନ୍ତି । ବୋଧହୁଏ ଏସବୁ ପୁରୋହିତମାନେ କିମ୍ବା ସେମାନଙ୍କ ପିତୃ-ପିତାମହଗଣ ଗତ ଚାରିଶହ ପୁରୁଷ ଧରି ଖଣ୍ଡିଏ ହେଲେ ବେଦ ଦେଖି ନ ଥିବେ । ଲୋକସାଧାରଣ ସେସବୁ ପ୍ରତିପାଳନ କରିବାଦ୍ୱାରା ହୀନ ହୋଇପଡ଼ୁଛନ୍ତି । କଳିର ବ୍ରାହ୍ମଣରୂପୀ ରାକ୍ଷସମାନଙ୍କ କବଳରୁ ଭଗବାନ୍ ସେମାନଙ୍କୁ ରକ୍ଷା କରନ୍ତୁ ।

ମୁଁ ଆପଣଙ୍କ ନିକଟକୁ ଜଣେ ବଙ୍ଗାଳୀ ପିଲାକୁ ପଠାଇଛି । ଆଶାକରେ ତା' ପ୍ରତି ଟିକିଏ ସଦୟ ବ୍ୟବହାର କରିବେ । ଇତି

ବି—

୭୨ଇଂ (ଖେତଡ଼ିନିବାସୀ ପଣ୍ଡିତ ଶଙ୍କରଲାଲଙ୍କୁ ଲିଖିତ)

ବମ୍ବେ, ୨୦ ସେପ୍‌ଟେମ୍ବର ୧୮୯୨

ପ୍ରିୟ ପଣ୍ଡିତଜୀ ମହାରାଜ,

ମୁଁ ଯଥାସମୟରେ ଆପଣଙ୍କ ପତ୍ର ପାଇଛି । ମୁଁ ପ୍ରଶଂସାର ଉପଯୁକ୍ତ ନ ହେଲେ ମଧ୍ୟ, ମୋତେ ଯେ କାହିଁକି ପ୍ରଶଂସା କରାଯାଏ, ବୁଝିପାରୁ ନାହିଁ । ପ୍ରଭୁ ଯୀଶୁଙ୍କ କଥାରେ କହିବାକୁ ଗଲେ କହିବି ଯେ, 'ଭଲ ସେହି ଜଣେ ମାତ୍ର ଅଛନ୍ତି—ସ୍ୱୟଂ ପ୍ରଭୁ ଭଗବାନ୍ ।' ଅନ୍ୟମାନେ ତାଙ୍କ ହାତର ଯନ୍ତ୍ର ମାତ୍ର । 'ମହତୋ ମହୀୟାନ୍' ପରମଧାମାଧିଷ୍ଠିତ ଈଶ୍ୱର ଏକ ଉପଯୁକ୍ତ ବ୍ୟକ୍ତିଗଣ ଗୌରବର ପାତ୍ର; ମୋପରି ଅନୁପଯୁକ୍ତ ଲୋକ ନୁହେଁ । ବର୍ତ୍ତମାନ

ସ୍ଥଳରେ 'ଭୃତ୍ୟଟି ମଜୁରି ପାଇବାର ଉପଯୁକ୍ତ ନୁହେଁ'; ବିଶେଷତଃ ସେ ଆଉ କୌଣସି ପ୍ରଶଂସା ପାଇବାର ଅଧିକାର ନାହିଁ । ଆପଣଙ୍କ ଭୃତ୍ୟ ଯଦି କେବଳ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରେ, ସେଥିପାଇଁ ତାକୁ ପ୍ରଶଂସା କରିବେ କି ?

ଆଶାକରେ, ଆପଣ ସପରିବାର ସମ୍ପୂର୍ଣ୍ଣ କୁଶଳରେ ଥିବେ । ପଣ୍ଡିତ ସୁନ୍ଦରଲାଲଙ୍କ ଓ ମହାବ୍ୟ ଅଧ୍ୟାପକ* ଯେ ଅନୁଗ୍ରହପୂର୍ବକ ମୋତେ ସ୍ମରଣ କରୁଛନ୍ତି, ସେଥିପାଇଁ ମୁଁ ସେମାନଙ୍କ ନିକଟରେ ଚିରକୃତଜ୍ଞତା-ପାଶରେ ଆବଦ୍ଧ ।

ଏବେ ମୁଁ ଆପଣଙ୍କୁ ଅନ୍ୟ ଏକ ବିଷୟ କହିବାକୁ ଇଚ୍ଛା କରେ—ହିନ୍ଦୁମାନେ ଚିରଦିନ ସାଧାରଣ ସତ୍ୟଠାରୁ ବିଶେଷ ସତ୍ୟ ନିକଟରେ ଉପନୀତ ହେବାକୁ ଚେଷ୍ଟା କରି ଆସୁଛନ୍ତି । ମାତ୍ର କେବେହେଲେ ବିଶେଷ ବିଶେଷ ଘଟଣା କିମ୍ବା ସତ୍ୟର ବିଚାରଦ୍ୱାରା ସାଧାରଣ ସତ୍ୟରେ ଉପନୀତ ହେବାକୁ ଚେଷ୍ଟା କରି ନାହାନ୍ତି । ଆମର ସମସ୍ତ ଦର୍ଶନରେ ଆମେ ଦେଖୁଛୁ—ପ୍ରଥମେ ଗୋଟିଏ ସାଧାରଣ 'ପ୍ରତିଜ୍ଞା' ଧରିନେଇ ତାହା ଉପରେ ସୂକ୍ଷ୍ମାନୁସୂକ୍ଷ୍ମ ବିଚାର ଚାଲିଛି; କିନ୍ତୁ ସେହି ପ୍ରତିଜ୍ଞାଟି ହୁଏତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ବାଲକୋଚିତ । କେହି ମଧ୍ୟ ଏପରି ସାଧାରଣ ପ୍ରତିଜ୍ଞାମାନଙ୍କର ସତ୍ୟାସତ୍ୟ ବିଷୟରେ ଜିଜ୍ଞାସା ଅଥବା ଅନୁସନ୍ଧାନ କରନ୍ତି ନାହିଁ । ସୁତରାଂ ଆମମାନଙ୍କର ସ୍ୱାଧୀନ ଚିନ୍ତା ଏକ ପ୍ରକାର ନାହିଁ କହିଲେ ଚଳେ । ସେଥିପାଇଁ ଆମମାନଙ୍କ ଦେଶରେ ପର୍ଯ୍ୟବେକ୍ଷଣ ଓ ସାମାନ୍ୟୀକରଣ** ପ୍ରକ୍ରିୟାର ଫଳ-ସ୍ୱରୂପ ବିଜ୍ଞାନସମୂହର ଅତ୍ୟନ୍ତ ଅଭାବ ଦେଖାଯାଏ । ଏହାର କାରଣ କଅଣ ? ଏହାର ଦୁଇଟି କାରଣ ହୋଇପାରେ—ପ୍ରଥମତଃ ଏ ଦେଶରେ ଗ୍ରୀଷ୍ମର ଅତ୍ୟନ୍ତ ଆଧିକ୍ୟ ଆମମାନଙ୍କୁ କର୍ମପ୍ରିୟ ନ କରି ଅଧିକ ଶାନ୍ତିପ୍ରିୟ ଓ ଚିନ୍ତାପ୍ରିୟ କରିଛି । ଦ୍ୱିତୀୟତଃ, ପୁରୋହିତ ବ୍ରାହ୍ମଣମାନେ କେବେହେଲେ ବିଦେଶ ଭ୍ରମଣ କିମ୍ବା ସମୁଦ୍ରଯାତ୍ରା କରନ୍ତି ନାହିଁ । ସମୁଦ୍ରଯାତ୍ରା କିମ୍ବା ଦୂରଦେଶ ଭ୍ରମଣ ପାଇଁ ଲୋକେ ଯେ ନ ଯାଆନ୍ତି, ତାହା ନୁହେଁ; କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ବଣିକ । ପୌରୋହିତ୍ୟର ଅତ୍ୟାଚାର ଓ ସେମାନଙ୍କ ନିଜ ନିଜ ବ୍ୟବସାୟରେ ଲାଭର ଏକମାତ୍ର ଆକାଙ୍କ୍ଷା, ସେମାନଙ୍କ ମାନସିକ ଉନ୍ନତିର ସମ୍ଭାବନାକୁ ସମ୍ପୂର୍ଣ୍ଣ ରୋଧ କରିଥିଲା । ସୁତରାଂ ସେମାନଙ୍କ ପର୍ଯ୍ୟବେକ୍ଷଣ ଫଳରେ ମନୁଷ୍ୟଜାତିର ଜ୍ଞାନଭଣ୍ଡାର ବର୍ଦ୍ଧିତ ନ ହୋଇ ତାହାର ଅବନତି ହିଁ ହୋଇଥିଲା । କାରଣ, ସେମାନଙ୍କ ପର୍ଯ୍ୟବେକ୍ଷଣ ଦୋଷଯୁକ୍ତ ଥିଲା ଏବଂ ସେମାନଙ୍କ ପ୍ରଦତ୍ତ ବିବରଣ ଏତେ ଅତ୍ୟୁକ୍ତିପୂର୍ଣ୍ଣ ଓ କାଳ୍ପନିକ ଯେ, ବାସ୍ତବ ସହିତ ତାହାର ମୋଟେ ମେଳ ନାହିଁ ।

---

* ସ୍ୱାମୀଜୀ ଖେତଡ଼ିଠାରେ ଜନୈକ ପଣ୍ଡିତଙ୍କ ନିକଟରେ ପତଞ୍ଜଳିକୃତ ପାଣିନିସୂତ୍ରର ମହାଭାଷ୍ୟ ଶିକ୍ଷା କରିଥିଲେ । ତାଙ୍କୁ ଉଦ୍ଦେଶ୍ୟ କରି ସ୍ୱାମୀଜୀ 'ମହାବ୍ୟ ଅଧ୍ୟାପକ' କହିଛନ୍ତି ।

** Generalisation—ବିଶେଷ ବିଶେଷ ସତ୍ୟରୁ ଏକ ସାଧାରଣ ସିଦ୍ଧାନ୍ତରେ ଉପନୀତ ହେବା ।

ସୁତରାଂ ଆପଣ ବୁଝନ୍ତୁ, ଆମମାନଙ୍କୁ ବିଦେଶ ଯାଇ ଭ୍ରମଣ କରିବାକୁ ହେବ । ଅନ୍ୟ ଦେଶମାନଙ୍କରେ ସମାଜ-ଯନ୍ତ୍ର କିପରି ପରିଚାଳିତ ହେଉଅଛି, ତାହା ଆମମାନଙ୍କୁ ଦେଖିବାକୁ ହେବ । ଯଦି ଆମମାନଙ୍କୁ ପୁଣି ଥରେ ଗୋଟିଏ ଜାତିରୂପେ ଗଠିତ ହେବାକୁ ପଡ଼େ, ତେବେ ଅପର ଜାତିର ଚିନ୍ତାଧାରା ସହିତ ଆମମାନଙ୍କର ଅବାଧ ସମ୍ବନ୍ଧ ରଖିବାକୁ ହେବ । ସର୍ବୋପରି ଦରିଦ୍ର ଉପରେ ଅତ୍ୟାଚାରର ନିରୋଧ କରିବାକୁ ହେବ । ଏବେ ଆମେ କି ହାସ୍ୟାସ୍ପଦ ଅବସ୍ଥାରେ ଉପନୀତ ହୋଇ ନ ଥାଉଁ ? ଯଦି କୌଣସି ମେହେନ୍ତର କାହା ନିକଟକୁ ଯାଏ, ସେ ଲୋକ ତାକୁ ଏକ ସଂକ୍ରାମକ ରୋଗ ପରି ଘୃଣା କରେ; କିନ୍ତୁ ଯେବେ ପାଦ୍ରୀ ସାହେବ ମନ୍ତ୍ରପାଠ କରି ତା' ମୁଣ୍ଡରେ ପାଣି ସିଞ୍ଚି ଦିଅନ୍ତି, ଆଉ ସେ ଖଣ୍ଡେ ଜାମା (ଯେତେ ଛିଣ୍ଡା ଲେଙ୍କଡ଼ା ହୋଇଥିଲେ ମଧ୍ୟ) ପିନ୍ଧି ପକାଏ, ସେ ଖୁବ୍ ଖାଣ୍ଟି ହିନ୍ଦୁଙ୍କ ଘରେ ମଧ୍ୟ ପ୍ରବେଶ-ଅଧିକାର ପାଏ । ମୁଁ ତ ଏପରି ଲୋକ ଦେଖୁନାହିଁ, ଯେ କି ସେତେବେଳେ ତାକୁ ସାହସ କରି ଖଣ୍ଡେ ଚେୟାର ଦେବାକୁ କିମ୍ବା ତା' ସଙ୍ଗେ ପ୍ରେମରେ କରମର୍ଦ୍ଦନ କରିବାକୁ ମନାକରିପାରେ !! ଏହାଠାରୁ ଅଦୃଷ୍ଟର ଉପହାସ ଆଉ ଅଧିକ କଅଣ ହୋଇପାରେ ? ଏବେ ଏହି ପାଦ୍ରୀମାନେ ଦକ୍ଷିଣ ଦେଶରେ କଅଣ କରୁଛନ୍ତି—ଦେଖିଯାଆନ୍ତୁ । ଏମାନେ ଲକ୍ଷ ଲକ୍ଷ ନୀଚଜାତି ଲୋକଙ୍କୁ ଖ୍ରୀଷ୍ଟିଆନ୍ କରି ପକାଉଛନ୍ତି । ପୌରୋହିତ୍ୟର ଅତ୍ୟାଚାର ଭାରତରେ ସର୍ବାପେକ୍ଷା ଯେଉଁଠି ବେଶୀ, ସେହି ତିବାଙ୍କୁରରେ, ଯେଉଁଠାରେ ବ୍ରାହ୍ମଣମାନେ ସମୁଦାୟ ଭୂମିର ମାଲିକ ଏବଂ ସ୍ତ୍ରୀ-ଲୋକମାନେ ଏପରିକି ରାଜବଂଶୀୟା ରମଣୀମାନେ ବ୍ରାହ୍ମଣମାନଙ୍କ ଉପପତ୍ନୀତ୍ୱ ଲାଭ କରିବାକୁ ଖୁବ୍ ସମ୍ମାନଜନକ ମନେକରନ୍ତି—ସେଠାରେ ଚଉଥେଣା ଲୋକ ଖ୍ରୀଷ୍ଟିଆନ ହୋଇଗଲେଣି । କିନ୍ତୁ ମୁଁ ସେ ଲୋକମାନଙ୍କୁ ଦୋଷ ଦେଇପାରୁ ନାହିଁ । ସେମାନଙ୍କର କେଉଁ ବିଷୟରେ କଅଣ ଅଧିକାର ଅଛି କହନ୍ତୁ ତ ? ହେ ପ୍ରଭୁ ! ମନୁଷ୍ୟ କେବେ ଅପର ମନୁଷ୍ୟକୁ ଭାଇପରି ଦେଖିବ !

ଆପଣଙ୍କର, ବିବେକାନନ୍ଦ

୭୩ (ଶ୍ରୀଯୁକ୍ତ ହରିପଦ ମିତ୍ରଙ୍କୁ ଲିଖିତ)

ମାଡ଼ଗାଁଓ, ୧୮୯୩

କଲ୍ୟାଣବରେଷୁ,

ବର୍ତ୍ତମାନ ଆପଣଙ୍କର ଗୋଟିଏ ପତ୍ର ପାଇଲି । ମୁଁ ଏଠାରେ ନିରାପଦରେ ପହଞ୍ଚି ତତ୍ପରେ ପଞ୍ଜେମ ପ୍ରଭୃତି କେତେକ ଗ୍ରାମ ଓ ଦେବାଳୟ ଦର୍ଶନ କରିବାକୁ ଯାଇ ଆଜି ଫେରି ଆସିଛି । ଗୋକର୍ଣ୍ଣ, ମହାବଳେଶ୍ୱର ପ୍ରଭୃତି ଦର୍ଶନ କରିବାର ଇଚ୍ଛା ବର୍ତ୍ତମାନ ପରିତ୍ୟାଗ କଲି । କାଲି ସକାଳ ଟ୍ରେନରେ ଧାରବାଡ଼ ଯାତ୍ରା କରିବି । ମୁଁ ଯଷ୍ଟି ନେଇ ଆସିଛି । ଡାକ୍ତର ଯୁଗଡ଼େକରେର ମିତ୍ର ମୋର ଖୁବ ଯତ୍ନ କରୁଛନ୍ତି । ଭଟେ ସାହେବ ଓ ଅନ୍ୟାନ୍ୟ ମହାଶୟଙ୍କୁ ମୋର ଯଥାଯୋଗ୍ୟ ସମ୍ଭାଷଣ ଜଣାଇବେ । ଈଶ୍ୱର ଆପଣଙ୍କର ଓ ଆପଣଙ୍କ ପତ୍ନୀଙ୍କର ସର୍ବବିଧ କଲ୍ୟାଣ କରନ୍ତୁ । ପଞ୍ଜେମ ସହର ଖୁବ ପରିଷ୍କାର ।

ଏଠାରେ ଖ୍ରୀଷ୍ଟିଆନ୍‌ମାନେ କିଛି କିଛି ଲେଖାପଢ଼ା ଜାଣନ୍ତି । ହିନ୍ଦୁମାନେ ପ୍ରାୟ ସମସ୍ତେ ମୂର୍ଖ । ଇତି

ସଚ୍ଚିଦାନନ୍ଦ*

୭୪ଇଂ (ଶ୍ରୀଆଲାସିଙ୍ଗା ପେରୁମଲଙ୍କୁ ଲିଖିତ)

C/o, ବାବୁ ମଧୁସୂଦନ ଚଟ୍ଟୋପାଧ୍ୟାୟ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର
ଖୈରତାବାଦ, ହାଇଦ୍ରାବାଦ, ୨୧ ଫେବୃଆରୀ ୧୮୯୩

ପ୍ରିୟ ଆଲାସିଙ୍ଗା,

ତୁମ ବନ୍ଧୁ ସେହି ଯୁବକ ଗ୍ରାଜୁଏଟ ମୋତେ ଷ୍ଟେସନକୁ ନେଇ ଆସିଥିଲେ । ଜଣେ ବଙ୍ଗାଳୀ ଭଦ୍ରବ୍ୟକ୍ତିଙ୍କ ପାଖରେ ରହିଛି । କାଲି ତୁମ ଯୁବକବନ୍ଧୁଙ୍କ ନିକଟକୁ ଯାଇ ସେଠାରେ କିଛି ଦିନ ରହିବି । ଏଠାରେ ଦ୍ରଷ୍ଟବ୍ୟଗୁଡ଼ିକ ଦେଖାସରିଲେ କେତେକ ଦିନ ପରେ ମାନ୍ଦ୍ରାଜ ଫେରିବି । ମୁଁ ବଡ଼ ଦୁଃଖର ସହିତ ଜଣାଉଛି ଯେ, ଏବେ ରାଜପୁତାନାକୁ ଯିବା ସମ୍ଭବ ହେଉ ନାହିଁ । ଏଠାରେ ଆଜିଠାରୁ ଭୟଙ୍କର ଗରମ ହେଲାଣି— ରାଜପୁତାନାରେ କି ଭୟଙ୍କର ଗରମ ହେଉ ନ ଥିବ ? ମୁଁ ଆଦୌ ଗରମ ସହ୍ୟ କରି-ପାରେ ନାହିଁ । ତେଣୁ ଏହା ପରେ ମତେ ବାଙ୍ଗାଲୋର ଯିବାକୁ ହେବ । ତା'ପରେ ଉତକାମଣ୍ଡରେ ଗ୍ରୀଷ୍ମଟା କଟାଇବାକୁ ଇଚ୍ଛା । ଗରମରେ ମୋ ମୁଣ୍ଡର ଘିଅ ଭିତରେ ଯେପରି ଟକ୍ ଟକ୍ ଫୁଟେ ।

ଏବେ ମୋର ସବୁ ମତଲବ ଭାଙ୍ଗି ଚୂନା ହୋଇଗଲା । ସେଥିପାଇଁ ପ୍ରଥମରୁ ହିଁ ମାନ୍ଦ୍ରାଜରୁ ଶୀଘ୍ର ବାହାରି ପଡ଼ିବା ନିମନ୍ତେ ବ୍ୟସ୍ତ ହୋଇଥିଲି । ତା' କରିଥିଲେ ମୋତେ ଆମେରିକା ପଠାଇବାକୁ ଆର୍ଯ୍ୟାବର୍ତ୍ତର କୌଣସି ରାଜାଙ୍କୁ ଧରିବା ପାଇଁ ଯଥେଷ୍ଟ ସମୟ ସୁବିଧା ପାଇଥାନ୍ତି । କିନ୍ତୁ ହାୟ ! ଏବେ ବହୁତ ବିଳମ୍ବ ହୋଇଯାଇଛି । ପ୍ରଥମତଃ ଏ ଗରମରେ ମୁଁ ବୁଲାବୁଲି କରିପାରିବି ନାହିଁ—କଲେ ମରିଯିବି । ଦ୍ୱିତୀୟତଃ—ମୋର ରାଜପୁତାନାର ଘନିଷ୍ଠ ବନ୍ଧୁମାନେ ମୋତେ ପାଇଲେ ଅଟକାଇ ରଖିବେ—ପାଶ୍ଚାତ୍ୟ ଦେଶକୁ ଯିବାକୁ ଦେବେ ନାହିଁ । ତେଣୁ ମୋର ଇଚ୍ଛା ଥିଲା—ମୋ ବନ୍ଧୁମାନଙ୍କ ଅଜ୍ଞାତରେ କୌଣସି ନୂତନ ଲୋକକୁ ଧରିବି । କିନ୍ତୁ ମାନ୍ଦ୍ରାଜରେ ବିଳମ୍ବ ହେବା ଯୋଗୁଁ ମୋର ସବୁ ଆଶା ଭରସା ଚୂରମାର ହୋଇଯାଇଛି । ଏବେ ଅତିଦୁଃଖର ସହିତ ଗୋଟିଏ ଚେଷ୍ଟା ଛାଡ଼ିବାକୁ ହେଲା । ଈଶ୍ୱରଙ୍କର ଇଚ୍ଛା ପୂର୍ଣ୍ଣ ହେଉ—ଏହା ମୋର ପ୍ରାକ୍ତନ— ଅନ୍ୟ କାହାର ଦୋଷ ନାହିଁ । ତେବେ ତୁମେ ଏକ ପ୍ରକାର ନିଶ୍ଚିତ ଜାଣ ଯେ, ଅଳ୍ପ କେତେଦିନ ମଧ୍ୟରେ ମୁଁ ଦିନେ ଦୁଇଦିନ ପାଇଁ ମାନ୍ଦ୍ରାଜ ଯାଇ ତୁମ ସଙ୍ଗେ ଦେଖା କରି ବାଙ୍ଗାଲୋର ଆସିବି । ସେଠାରୁ ଉତକାମଣ୍ଡ ଯାଇ ଦେଖିବି, ଯଦି ମ—ମହାରାଜ

* ଆମେରିକା ଯାତ୍ରାର କିଛି ପୂର୍ବରୁ ଆମେରିକା ଯାତ୍ରା ପର୍ଯ୍ୟନ୍ତ ସ୍ୱାମୀଜୀ ନିଜକୁ 'ସଚ୍ଚିଦାନନ୍ଦ' ନାମରେ ପରିଚିତ କରାଉଥିଲେ ।

ମୋତେ ପଠାନ୍ତୁ । 'ସବୁ' କହିବାର କାରଣ, ମୁଁ କୌଣସି '—'ରଜାଙ୍କ ଅଙ୍ଗୀକାର-ବାକ୍ୟରେ ନିଶ୍ଚିତ ଭରସା ରଖେ ନାହିଁ । ସେମାନେ ତ ଆଉ ରାଜପୁତ ନୁହନ୍ତି; ରାଜପୁତ ବରଂ ପ୍ରାଣ ଦେବେ, କିନ୍ତୁ କଥାର ଖିଲାପ କରିବେ ନାହିଁ । ଯାହା ହେଉ—'ଯାବତ୍ ବଞ୍ଚେ, ତାବତ୍ ଶିଖେ' —ଏହି ଅଭିଜ୍ଞତା ହିଁ ଜଗତରେ ସର୍ବଶ୍ରେଷ୍ଠ ଶିକ୍ଷକ । 'ପ୍ରଭୋ ! ସ୍ୱର୍ଗରେ ଯେପରି ମର୍ତ୍ତ୍ୟରେ ମଧ୍ୟ ସେହିପରି ତୁମର ଇଚ୍ଛା ପୂର୍ଣ୍ଣ ହେଉ । ଅନନ୍ତ କାଳ ତୁମ ମହିମା ଜଗତରେ ଘୋଷିତ ହୋଇ ଆସୁଛି ଏବଂ ସବୁ ହିଁ ତୁମର ରାଜତ୍ୱ ।'

ତୁମେମାନେ ସମସ୍ତେ ମୋର ଶୁଭେଚ୍ଛା ଜାଣିବ । ଇତି

ତୁମମାନଙ୍କର, ସଚ୍ଚିଦାନନ୍ଦ

୬୫ଇଂ (ଡାଃ ନାଞ୍ଜୁଣ୍ଡ ରାଓଙ୍କୁ ଲିଖିତ)

ଖେତଡ଼ି, ରାଜପୁତାନା, ୨୭ ଏପ୍ରିଲ ୧୮୯୩

ପ୍ରିୟ ଡାକ୍ତର,

ଏହିକ୍ଷଣି ଆପଣଙ୍କ ପତ୍ର ପାଇଲି । ଅଯୋଗ୍ୟ ହେଲେ ମଧ୍ୟ ମୋ ପ୍ରତି ଆପଣଙ୍କ ପ୍ରୀତି ଯୋଗୁ ମୋର ବିଶେଷ କୃତଜ୍ଞତା ଜାଣିବେ । ବାଲାଜୀ ବିଚାରର ପୁତ୍ରର ଦେହ-ତ୍ୟାଗ ସମ୍ବାଦରେ ବିଶେଷ ଦୁଃଖିତ ହେଲି । 'ପ୍ରଭୁ ହିଁ ଦିଅନ୍ତି, ପୁଣି ପ୍ରଭୁ ହିଁ ନିଅନ୍ତି—ପ୍ରଭୁଙ୍କ ନାମ ଧନ୍ୟ ହେଉ !' ଆମେମାନେ ଜାଣୁ—କିଛି ନଷ୍ଟ ହୁଏ ନାହିଁ କିମ୍ବା ହୋଇ-ପାରେ ନାହିଁ । ତାଙ୍କ ନିକଟରୁ ଯାହା ଆସୁନା କାହିଁକି ସମ୍ପୂର୍ଣ୍ଣ ଶାନ୍ତ ଭାବରେ ମୁଣ୍ଡ ପାତି ନେବାକୁ ହେବ । ସେନାପତି ଯଦି ତାହାର ଅଧୀନସ୍ଥ ସେନାକୁ କମାଣ ମୁହଁକୁ ଯିବାକୁ ଆଦେଶ କରେ, ସେଥିରେ ସେନାର ଅଭିଯୋଗ କରିବା କିମ୍ବା ସେହି ଆଦେଶ ପାଳନରେ କିଞ୍ଚିତ୍ ମାତ୍ର ଅବହେଳା କରିବାର ଅଧିକାର ନାହିଁ । ବାଲାଜୀଙ୍କୁ ପ୍ରଭୁ ଏହି ଶୋକରେ ସାନ୍ତ୍ୱନା ଦିଅନ୍ତୁ ଏବଂ ଏହି ଶୋକ ଯେପରି ତାଙ୍କୁ ସେହି ପରମ କରୁଣାମୟୀ ଜନନୀଙ୍କ ନିକଟରୁ ନିକଟତର ଦେଶକୁ ନେଇଯାଏ ।

ମାନ୍ଦ୍ରାଜଠାରୁ ଜାହାଜରେ ଉଠିବା ପ୍ରସ୍ତାବ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ, ତାହା ବର୍ତ୍ତମାନ ଆଉ ହେବାର ସୁବିଧା ନାହିଁ । କାରଣ, ମୁଁ ପୂର୍ବରୁ ବମ୍ବେଠାରୁ ଉଠିବାର ସମସ୍ତ ବନ୍ଦୋବସ୍ତ କରିସାରିଛି । ଭଟ୍ଟାଚାର୍ଯ୍ୟ ମହାଶୟଙ୍କୁ କହିବେ, ରାଜା* କିମ୍ବା ମୋ ଗୁରୁଭାଇମାନଙ୍କର ମୋ ସଙ୍କଳ୍ପରେ ବାଧା ଦେବାର କିଛିମାତ୍ର ସମ୍ଭାବନା ନାହିଁ । ରାଜାଜୀଙ୍କର ତ ମୋ ପ୍ରତି ଅଗାଧ ସ୍ନେହ ।

ଗୋଟିଏ କଥା—ଚେଟୀର ଉକ୍ତିଟି ମିଥ୍ୟା ବୋଲି ପ୍ରମାଣିତ ହୋଇଛି । ମୁଁ ବେଶ୍ ଭଲ ଅଛି । ଦୁଇଏକ ସପ୍ତାହ ମଧ୍ୟରେ ମୁଁ ବମ୍ବେ ଯାତ୍ରା କରୁଛି ।

ସେହି ସର୍ବଶୁଭବିଧାତା ଆପଣମାନଙ୍କ ଐହିକ ଓ ପାରତ୍ରିକ ମଙ୍ଗଳବିଧାନ କରନ୍ତୁ — ଏହା ହିଁ ସଚ୍ଚିଦାନନ୍ଦର ନିରନ୍ତର ପ୍ରାର୍ଥନା ।

---

* ଖେତଡ଼ିର ରାଜା

ପୁ—ମୁଁ ଜଗମୋହନଙ୍କୁ ଆପଣଙ୍କ ନମସ୍କାର ଜଣାଇଛି । ସେ ମଧ୍ୟ ଆପଣଙ୍କୁ ତାଙ୍କ ପ୍ରତିନମସ୍କାର ଜଣାଇବା ପାଇଁ କହିଛନ୍ତି । ଇତି

ଛଚଇ° (ଶ୍ରୀଯୁକ୍ତ ଡି. ଆର. ବାଲଜୀ ରାଓଙ୍କୁ ଲିଖିତ) ୧୮୯୩

ପ୍ରିୟ ବାଲଜୀ,

'ଆମେମାନେ ଉଲଙ୍ଗ ଅବସ୍ଥାରେ ମାତୃଗର୍ଭରୁ ଭୂମିଷ୍ଠ ହୋଇଥାଉଁ, ଇହଲୋକରୁ ବିଦାୟବେଳେ ମଧ୍ୟ ଉଲଙ୍ଗ ଅବସ୍ଥାରେ ଯାଉଁ; ପ୍ରଭୁ ଦେଇଥିଲେ, ସେହି ପୁଣି ଗ୍ରହଣ କରିନେଲେ; ପ୍ରଭୁଙ୍କ ନାମ ଧନ୍ୟ ହେଉ !' ଯେତେବେଳେ ସେହି ପ୍ରାଚୀନ ଇହୁଦୀ ବଂଶୋଦ୍ଭୂତ ମହାତ୍ମା, ମନୁଷ୍ୟର ଅଦୃଷ୍ଟଚକ୍ରରେ ଯେତେଦୂର ଦୁଃଖକଷ୍ଟ ଆସିପାରେ, ତାହାର ଚୂଡ଼ାନ୍ତ ଭୋଗ କରିଥିଲେ, ସେତେବେଳେ ତାଙ୍କ ମୁଖରୁ ଉପର୍ଯ୍ୟୁକ୍ତ ବାଣୀ ନିର୍ଗତ ହୋଇଥିଲା, ସେ ମଧ୍ୟ ଭୁଲ କହି ନ ଥିଲେ । ତାଙ୍କର ଏହି ବାଣୀ ମଧ୍ୟରେ ଜୀବନର ଗୂଢ଼-ରହସ୍ୟ ନିହିତ ଅଛି । ସମୁଦ୍ରର ଉପରିଭାଗରେ ଉତ୍ତାଳ ତରଙ୍ଗମାଳା ନୃତ୍ୟ କରିପାରନ୍ତି, ପ୍ରବଳ ଝଟିକା ଗର୍ଜନ କରିପାରେ; କିନ୍ତୁ ତାହାର ଗଭୀରତମ ପ୍ରଦେଶରେ ଅନନ୍ତ ସ୍ଥିରତା, ଅନନ୍ତ ଶାନ୍ତି, ଅନନ୍ତ ଆନନ୍ଦ ବିରାଜମାନ ।

'ଶୋକାର୍ତ୍ତମାନେ ଧନ୍ୟ, କାରଣ ସେମାନେ ସାନ୍ତ୍ୱନା ପାଇବେ'; କାରଣ, ସେହି ମହାବିପଦରେ ହିଁ, ଯେତେବେଳେ ପିତାମାତାଙ୍କର କାତର କ୍ରନ୍ଦନରେ ଉଦାସୀନ କରାଳ କାଳର ପେଷଣଦ୍ୱାରା ହୃଦୟ ବିଦୀର୍ଣ୍ଣ ହେଉଥାଏ, ଯେତେବେଳେ ଗଭୀର ଦୁଃଖ ଓ ନୈରାଶ୍ୟରେ ପୃଥିବୀ ଅନ୍ଧକାରମୟ ବୋଧହୁଏ, ସେତିକିବେଳେ ଆମମାନଙ୍କର ଅନ୍ତର୍ଚ୍ଚକ୍ଷୁ ଉନ୍ମୀଳିତ ହୁଏ । ଯେତେବେଳେ ଦୁଃଖ ବିପଦ ଓ ନୈରାଶ୍ୟର ଘନାନ୍ଧକାରଦ୍ୱାରା ଚାରିଆଡ଼ ସମ୍ପୂର୍ଣ୍ଣ ଆଚ୍ଛନ୍ନ ବୋଧହୁଏ, ସେତିକିବେଳେ ଯେପରି ସେହି ନିବିଡ଼ ଅନ୍ଧକାର ମଧ୍ୟରୁ ହଠାତ୍ ଜ୍ୟୋତିଃ ଫୁଟିଉଠେ, ସତେ ଯେପରି ସ୍ୱପ୍ନ ଭାଙ୍ଗିଯାଏ, ଆଉ ସେତେବେଳେ ଆମେ ପ୍ରକୃତିର ମହାନ୍ ରହସ୍ୟ ସେହି ଅନନ୍ତ ସତ୍ତାକୁ ଦିବ୍ୟଚକ୍ଷୁରେ ଦେଖିବାକୁ ପାଉ ।

ଯେତେବେଳେ ଜୀବନଭାର ଏତେ ଦୁର୍ବହ ହୁଏ ଯେ, ତାହା ଅନେକ କ୍ଷୁଦ୍ରକାୟ ତରୀ ବୁଡ଼ାଇ ଦେଇପାରେ, ସେତିକିବେଳେ ପ୍ରତିଭାବାନ୍ ବୀରହୃଦୟ ବ୍ୟକ୍ତି ସେହି ଅନନ୍ତ, ପୂର୍ଣ୍ଣ ନିତ୍ୟାନନ୍ଦମୟ ସତ୍ତାମାତ୍ରସ୍ୱରୂପଙ୍କୁ ଦେଖେ, ଯେଉଁ ଅନନ୍ତ ପୁରୁଷ ବିଭିନ୍ନ ଦେଶରେ ବିଭିନ୍ନ ନାମରେ ଅଭିହିତ ଓ ପୂଜିତ । ସେତେବେଳେ ଯେଉଁ ଶୃଙ୍ଖଳ ତାକୁ ଏହି ଦୁଃଖମୟ କାରାରେ ଆବଦ୍ଧ କରି ରଖିଛି, ତାହା ଯେପରି କ୍ଷଣକାଳ ପାଇଁ ଭାଙ୍ଗିଯାଏ । ସେତେବେଳେ ସେହି ବନ୍ଧନମୁକ୍ତ ଆତ୍ମା କ୍ରମାଗତ ଉଚ୍ଚରୁ ଉଚ୍ଚତର ଭୂମି ଆରୋହଣ କରି ଅବଶେଷରେ ସେହି ପ୍ରଭୁଙ୍କର ସିଂହାସନର ନିକଟବର୍ତ୍ତୀ ହୁଏ, 'ଯେଉଁଠାରେ ଅତ୍ୟାଚାରର ଉତ୍ପୀଡ଼ନ ସହ୍ୟ କରିବାକୁ ହୁଏ ନାହିଁ, ଯେଉଁଠାରେ ପରିଶ୍ରାନ୍ତ ଜୀବ ବିଶ୍ରାମ ଲାଭ କରିବାକୁ ପାଏ ।'

ଭ୍ରାତଃ ! ଦିନରାତି ତାଙ୍କ ନିକଟରେ ପ୍ରାର୍ଥନା କରିବାକୁ ଭୁଲ ନାହିଁ; ଦିନରାତି କହିବାକୁ ଭୁଲ ନାହିଁ ଯେ, 'ପ୍ରଭୋ ! ତୁମର ଇଚ୍ଛା ପୂର୍ଣ୍ଣ ହେଉ ।'

'କାହିଁକି ? ପ୍ରଶ୍ନେ ଆମର ନାହିଁ ଅଧିକାର ।
କର୍ମ କର, କରି ମର—ଏହା ଅଟେ ସାର ॥'

ହେ ପ୍ରଭୋ ! ତୁମର ନାମ—ତୁମ ପବିତ୍ର ନାମ ଧନ୍ୟ ହେଉ । ତୁମର ଇଚ୍ଛା ପୂର୍ଣ୍ଣ ହେଉ । ପ୍ରଭୋ ! ଆମେ ଜାଣୁ, ଆମକୁ ତୁମ ଇଚ୍ଛା ଅଧୀନରେ ଚାଲିବାକୁ ହେବ – ଜାଣେ ପ୍ରଭୋ, ମା' ହାତରୁ ହିଁ ମାଡ଼ ଖାଉଛୁ; କିନ୍ତୁ ମନ ବୁଝିଲେ ମଧ୍ୟ ପ୍ରାଣ ବୁଝେ ନାହିଁ । ହେ ପ୍ରେମମୟ ପିତଃ ! ତୁମେ ଯେ ଏକାନ୍ତ ଆତ୍ମସମର୍ପଣ ଶିକ୍ଷା ଦେଉଛ—ହୃଦୟର ଜ୍ୱାଳା ତ ତାହା କରାଇ ଦେଉ ନାହିଁ !

ହେ ପ୍ରଭୋ ! ଆଖି ଆଗରେ ତୁମେ ତୁମର ସମସ୍ତ ଆତ୍ମୀୟସ୍ୱଜନଙ୍କ ମରିବା ଦେଖିଥିଲ ଏବଂ ଶାନ୍ତଚିତ୍ତରେ ବକ୍ଷରେ ହାତ ଦେଇ ନିଶ୍ଚିନ୍ତଭାବରେ ବସିଥିଲ । ତୁମେ ଆମମାନଙ୍କୁ ବଳ ଦିଅ । ଆସ ପ୍ରଭୋ, ଆସ ଆହେ ଆଚାର୍ଯ୍ୟଚୂଡ଼ାମଣି ! ତୁମେ ଆମକୁ ଶିଖାଇଛ, ସୈନିକକୁ କେବଳ ଆଦେଶ ପାଳନ କରିବାକୁ ହେବ, ତାହାର କଥା କହିବାର ଅଧିକାର ନାହିଁ । ଆସ ପ୍ରଭୋ, ଆସ ହେ ପାର୍ଥସାରଥୀ ! ଅର୍ଜୁନଙ୍କୁ ତୁମେ ଯେପରି ଏକ-ସମୟରେ ଶିଖାଇଥିଲ ଯେ, ତୁମର ଶରଣ ନେବା ହିଁ ଜୀବନର ସର୍ବଶ୍ରେଷ୍ଠ କାମ୍ୟ, ମୋତେ ସେହିପରି ଶିଖାଅ—ଯେପରି ପ୍ରାଚୀନ ମହାପୁରୁଷମାନଙ୍କ ସହିତ ମୁଁ ମଧ୍ୟ ଦୃଢ଼ତା ଓ ଶରଣାଗତ ସହକାରେ କହିପାରିବି—ଓଁ ଶ୍ରୀ—କୃଷ୍ଣାର୍ପଣମସ୍ତୁ । ପ୍ରଭୁ, ଆପଣଙ୍କ ଅନ୍ତରରେ ଶାନ୍ତି ଦିଅନ୍ତୁ—ଏହା ହିଁ ବିବାଗିନ ସଚ୍ଚିଦାନନ୍ଦର ପ୍ରାର୍ଥନା ।

**୬୬ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)**

ଖେତଡ଼ି, ୨୮ ଏପ୍ରିଲ ୧୮୯୩

ପ୍ରିୟ ଦେବାନ୍‌ଜୀ ସାହେବ,

ଇଚ୍ଛା ଥିଲା, ଏଠାକୁ ଆସିବା ବାଟରେ ନାଡ଼ିୟାଦ୍‌ରେ ଆପଣଙ୍କ ନିକଟକୁ ଯିବି ଏବଂ ମୋର ପ୍ରତିଜ୍ଞା ପୂର୍ଣ୍ଣ କରିବି; କିନ୍ତୁ କେତେକ ଘଟଣାଯୋଗୁଁ ବାଧା ପଡ଼ିଲା; ତାହା ମଧ୍ୟରେ ପ୍ରଧାନ ଏହି ଯେ, ଆପଣ ସେଠାରେ ନ ଥିଲେ । ହାମ୍‌ଲେଟ୍‌ର ଭୂମିକା ବାଦ୍ ଦେଇ 'ହାମ୍‌ଲେଟ' ଅଭିନୟ କରିବା ହାସ୍ୟକର ବ୍ୟାପାର ମାତ୍ର । ଆଉ ମୁଁ ନିଶ୍ଚିତ ଜାଣେ ଯେ, ଆପଣ ଅଳ୍ପ କେତେକ ଦିନ ମଧ୍ୟରେ ନାଡ଼ିୟାଦ୍ ଫେରିବେ । ଅଧିକନ୍ତୁ ମୁଁ ଦିନ କୋଡ଼ିଏ ମଧ୍ୟରେ ଯେତେବେଳେ ବମ୍ବେ ଯିବା ଦରକାର ସେତେବେଳେ ଆପଣଙ୍କର ସେଠାକୁ ଯିବା ପ୍ରସ୍ତାବଟା ପଛେଇ ଦେବା ଉଚିତ ମନେକଲି ।

ଖେତଡ଼ିର ରାଜାଜୀ ମୋତେ ଦେଖିବା ପାଇଁ ବିଶେଷ ଆଗ୍ରହାନ୍ୱିତ ହୋଇଥିଲେ ଏବଂ ମୋତେ ନେବା ପାଇଁ ତାଙ୍କ ପ୍ରାଇଭେଟ ସେକ୍ରେଟାରୀଙ୍କୁ ମାନ୍ଦ୍ରାଜ ପଠାଇଥିଲେ । ସୁତରାଂ ମୋତେ ଖେତଡ଼ି ଯାତ୍ରା କରିବାକୁ ହେଲା । ଏଠାରେ ଗରମ ଅସହ୍ୟ, ତେଣୁ ମୁଁ ଶୀଘ୍ର ଚାଲିଯାଉଛି ।

ଭଲ କଥା, ମୋର ପ୍ରାୟ ସମସ୍ତ ଦକ୍ଷିଣୀ ରାଜାମାନଙ୍କ ସହିତ ଆଲାପ ହୋଇଛି । ଆଉ, ବହୁତ ସ୍ଥାନରେ ବହୁତ ଅଦ୍‌ଭୁତ ଦୃଶ୍ୟ ଦେଖିଛି । ପୁଣି ଦେଖାହେଲେ

ସେ ସମସ୍ତ ସବିଶେଷ କହିବ । ମୁଁ ଜାଣେ, ଆପଣ ମୋତେ ଖୁବ୍ ଭଲ ପାଆନ୍ତି । ତେଣୁ ଆପଣଙ୍କର ସେଠାକୁ ନ ଯିବା ଯୋଗୁଁ ମୋର ଦୋଷ ଧରିବେ ନାହିଁ । ଯାହା ହେଉ, କିଛିଦିନ ମଧ୍ୟରେ ଯିବି ।

ଆଉ ଗୋଟିଏ କଥା । ଏବେ କଅଣ ଜୁନାଗଡ଼ରେ ଆପଣଙ୍କ ପାଖରେ ସିଂହଛୁଆ ଅଛନ୍ତି ? ଆମ ରାଜାଙ୍କ ପାଇଁ ସେଥିରୁ ଗୋଟିଏ ଧାର ଦେଇପାରିବେ କି ? ଆପଣଙ୍କର ପସନ୍ଦ ହେଲେ ସେ ତାହା ବଦଳରେ ରାଜପୁତାନାର କୌଣସି ଜନ୍ତୁ ଆପଣଙ୍କୁ ଦେଇପାରନ୍ତି ।

ଟ୍ରେନରେ ରତିଲାଲ ଭାଇଙ୍କ ସଙ୍ଗେ ସାକ୍ଷାତ୍ ହୋଇଥିଲା । ସେ ଠିକ୍ ସେହି ସୁନ୍ଦର ଅମାୟିକ ଭଦ୍ରଲୋକ ହିଁ ଅଛନ୍ତି । ଆଉ ଦେୱାନ୍‌ଜୀ ସାହେବ, ଆପଣଙ୍କ ପାଇଁ କଅଣ ଆଉ ଅଧିକ କାମନା କରିବି ?

ଚିର ଶୁଭମୟ ଓ ମଙ୍ଗଳମୟ ବିଧାତା ଜଗତ୍‌ପିତାଙ୍କର ଏତେଗୁଡ଼ିଏ ପୁତ୍ରକନ୍ୟାଙ୍କ ସେବାରେ ନିରତ ଥାଇ ଆପଣଙ୍କର ଯେଉଁ ପବିତ୍ର ଜୀବନ ସର୍ବତ୍ର ସୁପ୍ରଶଂସିତ ଓ ସମ୍ମାନିତ ହୋଇଛି, ତାହାର ଏହି ସୁ-ଅର୍ଜିତ ଶେଷଭାଗରେ ଭଗବାନ, ଆପଣଙ୍କର ସହାୟ ହୁଅନ୍ତୁ । ଓଁ

ଆପଣଙ୍କର ସ୍ନେହାବଦ୍ଧ, ବିବେକାନନ୍ଦ

୭୮ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ବମ୍ବେ, ୨୨ ମେ ୧୮୯୩

ଦେୱାନ୍‌ଜୀ ସାହେବ,

ଏବେ କେତେ ଦିନ ହେଲା ବମ୍ବେ ଆସିଛି । ଦୁଇ ଚାରି ଦିନ ପରେ ଏଠାରୁ ଚାଲିଯିବି । ଆପଣଙ୍କର ଯେଉଁ ବଣିଆ ବନ୍ଧୁଙ୍କ ନିକଟରେ ମୋର ରହିବା ସ୍ଥାନ ପାଇଁ ଲେଖିଥିଲେ, ସେ ଚିଠିରେ ଜଣାଇଦେଲେ ଯେ, ତାଙ୍କ ଘର ପୂର୍ବରୁ ଅତିଥିଅଭ୍ୟାଗତରେ ଭରି ଏବଂ ସେଥିମଧ୍ୟରୁ ଅନେକେ ମଧ୍ୟ ଅସୁସ୍ଥ । ସୁତରାଂ ମୋ ପାଇଁ ସ୍ଥାନ ମିଳିବା ସେଠାରେ ସମ୍ଭବ ନୁହେଁ । ସେଥିପାଇଁ ସେ ଦୁଃଖିତ । ତଥାପି ମୁଁ ଗୋଟିଏ ବେଶ୍ ସୁନ୍ଦର ଖୋଲା ଜାଗା ପାଇଛି । ଖେତଡ଼ି ମହାରାଜାଙ୍କ ପ୍ରାଇଭେଟ ସେକ୍ରେଟାରୀ ଓ ମୁଁ ବର୍ତ୍ତମାନ ଏକାଠି ଅଛୁ । ମୋ ପ୍ରତି ତାଙ୍କର ସ୍ନେହ ଓ ସହୃଦୟତା ନିମନ୍ତେ ମୁଁ ଯେ କେତେ କୃତଜ୍ଞ ତାହା ଭାଷାରେ ପ୍ରକାଶ କରିପାରୁ ନାହିଁ । ରାଜପୁତାନାର ଜନସାଧାରଣ ଯେଉଁ ଶ୍ରେଣୀର ଲୋକଙ୍କୁ 'ତାଜିମି ସର୍ଦ୍ଦାର' ବୋଲି ଅଭିହିତ କରିଥାଆନ୍ତି ଏବଂ ଯେଉଁମାନଙ୍କ ଅଭ୍ୟର୍ଥନା ସକାଶେ ସ୍ୱୟଂ ରାଜାଙ୍କୁ ମଧ୍ୟ ଆସନ ତ୍ୟାଗ କରି ଉଠିବାକୁ ହୁଏ, ଏ ସେହି ସର୍ଦ୍ଦାର-ଶ୍ରେଣୀର ଲୋକ । ଅଥଚ ସେ ଏତେ ନିରାଡ଼ମ୍ବର ଏବଂ ମୋତେ ଏପରି ଭାବରେ ସେବା କରିବାକୁ ପ୍ରସ୍ତୁତ ହୁଅନ୍ତି ଯେ, ବେଳେ ବେଳେ ମୁଁ ଅତ୍ୟନ୍ତ ଲଜ୍ଜା ବୋଧ କରେ ।...

ଏହି ବ୍ୟାବହାରିକ ଜଗତରେ ଏପରି ପ୍ରାୟ ଘଟିବା ଦେଖାଯାଏ ଯେ, ଖୁବ୍ ସତ୍‌ଲୋକମାନେ ମଧ୍ୟ ନାନା ପ୍ରକାର ଦୁଃଖ ଓ ଆପତ୍ତି ମଧ୍ୟରେ ପଡ଼ିଥାଆନ୍ତି । ଏହାର

ରହସ୍ୟ ଦୁର୍ଜ୍ଞେୟ ହୋଇପାରେ; କିନ୍ତୁ ମୋର ବ୍ୟକ୍ତିଗତ ଅଭିଜ୍ଞତା ଏହି ଯେ, ଏହି ଜଗତରେ ସବୁ କିଛି ମୂଳତଃ ସତ୍—ଉପରିସ୍ଥ ତରଙ୍ଗମାଳା ଯେକୌଣସି ଆକୃତିର ହେଲେ ମଧ୍ୟ ବାହ୍ୟ ଆବରଣର ଅନ୍ତରାଳରେ, ଗଭୀରତମ ପ୍ରଦେଶରେ ପ୍ରେମ ଓ ସୌନ୍ଦର୍ଯ୍ୟର ଏକ ଶାଶ୍ୱତ କ୍ଷେତ୍ର ବିରାଜିତ । ଯେପର୍ଯ୍ୟନ୍ତ ଆମେମାନେ ସେହି କ୍ଷେତ୍ରରେ ପହଞ୍ଚି ନ ପାରୁ—ସେପର୍ଯ୍ୟନ୍ତ ଅଶାନ୍ତ; କିନ୍ତୁ ଥରେ ଅଳକ ପାଇଁ ମାତ୍ର ସେହି ଶାନ୍ତି-ମଣ୍ଡଳରେ ପହଞ୍ଚି ହୁଏ, ତେବେ ଝଞ୍ଜାର ଗର୍ଜନ ଓ ବାୟୁର ତର୍ଜନ ଯେତେ ପ୍ରବଳ ହେଉ ନା କାହିଁକି—ପାଷାଣ-ଭିତ୍ତି ଉପରେ ପ୍ରତିଷ୍ଠିତ ଗୃହ ତହିଁରେ ତିଳେମାତ୍ର କମ୍ପିତ ହୁଏ ନାହିଁ ।

ଆଉ ମୁଁ ଏ କଥା ସମ୍ପୂର୍ଣ୍ଣ ବିଶ୍ୱାସ କରେ ଯେ, ଆପଣଙ୍କ ତୁଲ୍ୟ ପବିତ୍ର ଓ ନିଃସ୍ୱାର୍ଥ ବ୍ୟକ୍ତି—ଯାହାଙ୍କର ସମଗ୍ର ଜୀବନ ଅପରର କଲ୍ୟାଣସାଧନ ପାଇଁ ଉତ୍ସୃଷ୍ଟ, ସେ—ଗୀତା-ମୁଖରେ ଶ୍ରୀଭଗବାନ ଯାହାକୁ 'ବ୍ରାହ୍ମୀସ୍ଥିତ' ବୋଲି ଉଲ୍ଲେଖ କରିଅଛନ୍ତି—ସେହି ଶାଶ୍ୱତ ଦୃଢ଼ ଭୂମିରେ ଅବଶ୍ୟ ହିଁ ସ୍ଥିତି ଲାଭ କରିଛନ୍ତି ।

ଆପଣ ଯେଉଁ ଆଘାତ ପାଇଛନ୍ତି, ତାହା ଆପଣଙ୍କୁ ସେହି ବିରାଟ ସତ୍ତାର ସମୀପ-ବର୍ତ୍ତୀ କରୁ—ଯାହା ଇହଲୋକରେ ଓ ପରଲୋକରେ ଏକମାତ୍ର ପ୍ରେମର ଆସ୍ପଦ । ତାହା ହେଲେ ସେ ଯେ ସର୍ବକାଳରେ ସର୍ବଭୂତାନ୍ତରାତ୍ମାରୂପରେ ଅଧିଷ୍ଠିତ ଏବଂ ତାଙ୍କଠାରେ ଯେ ସମସ୍ତ ଜଗତ୍ ସ୍ଥିତ ଓ ଲୁପ୍ତ ହୁଏ; ତାହା ଆପଣ ଉପଲବ୍ଧି କରିପାରିବେ । ଓଁ ଶାନ୍ତିଃ ।

ଆପଣଙ୍କ ସ୍ନେହର, ବିବେକାନନ୍ଦ

ଇଂରାଜୀ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ଖେତଡ଼ି, ମଇ ୧୮୯୩

ପ୍ରିୟ ଦେବାନ୍‌ଜୀ ସାହେବ,

ଆପଣ ପତ୍ର ଲେଖିବା ପୂର୍ବରୁ ମୋ ପତ୍ର ନିଶ୍ଚୟ ପହଞ୍ଚି ନ ଥିବ । ଆପଣଙ୍କ ପତ୍ର ପାଠକରି ଯୁଗପତ୍ ହର୍ଷ ଓ ବିଷାଦ ଲାଭ କଲି । ହର୍ଷ ଏଥିଯୋଗୁଁ ଯେ, ଆପଣଙ୍କ ପରି ହୃଦୟବାନ୍, ଶକ୍ତିମାନ୍ ଓ ପଦମର୍ଯ୍ୟାଦାଶାଳୀ ଜଣେ ବ୍ୟକ୍ତିଠାରୁ ସ୍ନେହ ଲାଭ କରିବାର ସୌଭାଗ୍ୟ ମୋର ଘଟିଛି; ଆଉ ବିଷାଦ ଏଥିଯୋଗୁଁ ଯେ, ମୋର ଉଦ୍ଦେଶ୍ୟ ସମ୍ବନ୍ଧରେ ଆପଣଙ୍କର ପୁରାପୁରି ଭୁଲ ଧାରଣା ରହିଛି । ଆପଣ ବିଶ୍ୱାସ କରନ୍ତୁ, ମୁଁ ଆପଣଙ୍କୁ ପିତୃତୁଲ୍ୟ ଭଲପାଏ ଓ ଶ୍ରଦ୍ଧା କରେ ଏବଂ ଆପଣଙ୍କ ଓ ଆପଣଙ୍କ ପରିବାର ପ୍ରତି ମୋର କୃତଜ୍ଞତା ଅସୀମ । ପ୍ରକୃତ କଥା—ଆପଣଙ୍କର ସ୍ମରଣ ଥିବ ଯେ, ପୂର୍ବରୁ ମୋର ଚିକାଗୋ ଯିବାର ଅଭିଳାଷ ଥିଲା, ଏତିକିବେଳେ ମାନ୍ଦ୍ରାଜର ଲୋକେ ସ୍ୱତଃପ୍ରବୃତ୍ତ ହୋଇ ମହୀଶୂର ଓ ରାମନାଦ ମହାରାଜାମାନଙ୍କ ସାହାଯ୍ୟଯୋଗେ ମୋତେ ପଠାଇବାର ସବୁପ୍ରକାର ଆୟୋଜନ କରି ପକାଇଲେ । ଆପଣଙ୍କର ଅବଶ୍ୟ ସ୍ମରଣ ଆଇପାରେ ଯେ, ଖେତଡ଼ି ରାଜା ଓ ମୋ ମଧ୍ୟରେ ପ୍ରଗାଢ଼ ପ୍ରେମ ବିଦ୍ୟମାନ । ମୁଁ ନିଶ୍ଚିତ ଭାବରେ ତାଙ୍କୁ ଲେଖିଥିଲି

ଯେ, ମୋତେ ଆମେରିକା ଯିବାକୁ ହେଉଛି । ତେଣୁ ରାଜା ମନେକଲେ, ମୁଁ ଯିବା ପୂର୍ବରୁ ତାଙ୍କ ସଙ୍ଗେ ଦେଖାକରି ଯିବା ଅବଶ୍ୟ କର୍ତ୍ତବ୍ୟ; ଆଉମଧ୍ୟ ଗୋଟିଏ ବିଶେଷ କାରଣ ଅଛି । ଭଗବାନ ଖେତଡ଼ି ମହାରାଜାଙ୍କୁ ସିଂହାସନର ଗୋଟିଏ ଉତ୍ତରାଧିକାରୀ ଦେଇଛନ୍ତି ଏବଂ ସେଥିଯୋଗୁଁ ଏଠାରେ ଖୁବ୍ ଆମୋଦପ୍ରମୋଦ ଚାଲିଛି । ଅଧିକନ୍ତୁ, ମୋତେ ନିଶ୍ଚିତ ସେଠାକୁ ନେବା ପାଇଁ ସେ ତାଙ୍କର ପ୍ରାଇଭେଟ ସେକ୍ରେଟାରୀଙ୍କୁ ଏତେଦୂର ମାନ୍ଦ୍ରାଜ ପଠାଇ ଦେଇଥିଲେ । କାର୍ଯ୍ୟତଃ ମୋର ଖେତଡ଼ି ଆସିବା ଅନିବାର୍ଯ୍ୟ ହୋଇଉଠିଲା । ଏଥି ମଧ୍ୟରେ ନାଡ଼ିୟାଦ୍‌ରେ ଆପଣଙ୍କ ଭାଇଙ୍କୁ ଟେଲିଗ୍ରାମ୍ କରି ଆପଣ ସେଠାରେ ଅଛନ୍ତି କି ନାହିଁ ଜାଣିବାକୁ ଚାହିଁଥିଲି । ଦୁର୍ଭାଗ୍ୟକ୍ରମେ କୌଣସି ଉତ୍ତର ପାଇଲି ନାହିଁ । ଏଣେ ବିଚରା ପ୍ରାଇଭେଟ ସେକ୍ରେଟାରୀଙ୍କର ମାନ୍ଦ୍ରାଜ ଯାତାୟାତରେ ବିଶେଷ ଶ୍ରମ ହୋଇଥିଲା, ଆଉ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା—ଆମେ ଉତ୍ସବ ଦିବସ ପୂର୍ବରୁ ଖେତଡ଼ିରେ ପହଞ୍ଚି ନ ପାରିଲେ ମହାରାଜା ଅତ୍ୟନ୍ତ ଦୁଃଖିତ ହେବେ; ତେଣୁ ସେ ସଙ୍ଗେ ସଙ୍ଗେ ଜୟପୁର ପାଇଁ ଟିକେଟ କିଣି ମୋତେ ଯିବା ପାଇଁ ବାଧ୍ୟ କଲେ । ବାଟରେ ରତିଲାଲ୍ ସହିତ ଆମର ଦେଖା ହୁଏ । ତାଙ୍କଠାରୁ ଶୁଣିଲି ଯେ, ମୋ ଟେଲିଗ୍ରାମ୍ ପହଞ୍ଚିଥିଲା, ଯଥାସମୟରେ ଉତ୍ତର ମଧ୍ୟ ଦିଆଯାଇଥିଲା ଏବଂ ଶ୍ରୀଯୁକ୍ତ ବିହାରୀଦାସ ମଧ୍ୟ ମୋତେ ପ୍ରତୀକ୍ଷା କରିଥିଲେ ।

ଏବେ ଆପଣଙ୍କ ଉପରେ ବିଚାରଭାର ଦେଲି । କାରଣ, ଆପଣ ସର୍ବଦା ସୁବିଚାର କରିବାକୁ ନିଜର ବିଶେଷ କର୍ତ୍ତବ୍ୟରୂପେ ଗ୍ରହଣ କରିଛନ୍ତି । ମୁଁ ଏ ବିଷୟରେ କ'ଣ କରିବା ଉଚିତ ଥିଲା ଏବଂ କ'ଣ ବା କରିପାରିଥାନ୍ତି ? ମୁଁ ଓହ୍ଲାଇ ପଡ଼ିଥିଲେ ଖେତଡ଼ିର ଉତ୍ସବରେ ଯଥାସମୟରେ ଯୋଗ ଦେଇପାରି ନ ଥାନ୍ତି; ପ୍ରତ୍ୟୁତ ମୋ ଉଦ୍ଦେଶ୍ୟ ସମ୍ବନ୍ଧରେ ଭୁଲ ଧାରଣା ସୃଷ୍ଟି ହୁଅନ୍ତା; କିନ୍ତୁ ଆପଣଙ୍କର ଓ ଆପଣଙ୍କ ଭାଇଙ୍କର ମୋ ପ୍ରତି ଯେପରି ସ୍ନେହ ତାହା ମୁଁ ଜାଣେ; ତାହା ଛଡ଼ା ମୁଁ ଏହା ଜାଣିଥିଲି ଯେ, ଚିକାଗୋ ଯିବା ପଥରେ ମୋତେ ଅଳ୍ପ କେତେକ ଦିନ ମଧ୍ୟରେ ବମ୍ବେ ଯିବାକୁ ହେବ । ମୁଁ ଭାବିଲି ଯେ, ଆପଣଙ୍କର ସେଠାକୁ ଯିବାଟା ମୋ ଫେରିବା ବେଳକୁ ରଖିଦେବା ଉତ୍ତମ ସିଦ୍ଧାନ୍ତ ହେବ । ଆପଣ ବୋଧହୁଏ ମନେକରୁଛନ୍ତି ଯେ, ଆପଣଙ୍କ ଭାଇମାନେ ମୋତେ ଭଲ ଭାବରେ ଦେଖାଚାହାଁ ନ କରିବାରୁ ମୁଁ ଅପମାନିତ ହୋଇଛି—ଏଇଟା ଆପଣଙ୍କର ଗୋଟିଏ ଅଭିନବ ଆବିଷ୍କାର ସତ ! ମୁଁ ତ ତାହା ସ୍ୱପ୍ନରେ ମଧ୍ୟ ଭାବି ନାହିଁ, ଅଥବା ଆପଣ ହୁଏତ ମନୁଷ୍ୟର ମନକଥା ଜାଣିବା ବିଦ୍ୟା ଶିଖିଥିବେ—ଭଗବାନଙ୍କୁ ଜଣା ।

ଥଟ୍ଟା ଛାଡ଼ିଦେଲେ ମଧ୍ୟ ଦେବାନ୍‌ଜୀ ସାହେବ, ମୋର କୌତୁକପରାୟଣତା ଓ ଦୁଷ୍ଟାମି ଆଗପରି ରହିଛି; କିନ୍ତୁ ଆପଣ ଜାଣନ୍ତୁ ଯେ, ଜୁନାଗଡ଼ରେ ମୋତେ ଯେଉଁ ରୂପରେ ଦେଖିଥିଲେ, ମୁଁ ଏବେ ମଧ୍ୟ ସେହି ସରଳ ବାଳକ ହିଁ ରହିଛି ଏବଂ ଆପଣଙ୍କ ପ୍ରତି ମୋର ଭଲପାଇବା ପୂର୍ବପରି ଅଛି, ବରଂ ଶତଗୁଣ ବର୍ଦ୍ଧିତ ହୋଇଯାଇଛି; କାରଣ ଆପଣଙ୍କର ଏବଂ ଦକ୍ଷିଣଦେଶର ପ୍ରାୟ ସମସ୍ତ ଦେବାନ୍‌ମାନଙ୍କ ମଧ୍ୟରେ ତୁଳନା କରିବାର ସୁଯୋଗ ମୁଁ ପାଇଛି ଏବଂ ଭଗବାନ ଜାଣନ୍ତି, ଦକ୍ଷିଣଦେଶର ପ୍ରତ୍ୟେକ ରାଜଦରବାରରେ

ମୁଁ କିପରି ଶତମୁଖରେ ଆପଣଙ୍କର ପ୍ରଶଂସା ଗାଉଛି । ଅବଶ୍ୟ ମୁଁ ଜାଣେ ଯେ, ଆପଣଙ୍କ ସଦ୍‌ଗୁଣରାଶିର ଧାରଣା କରିବାକୁ ମୁଁ କେତେଦୂର ଅଯୋଗ୍ୟ ।

ଏତଦ୍‌ବ୍ୟତୀତ ଯଦି ଘଟଣାର ଯଥେଷ୍ଟ ବ୍ୟାଖ୍ୟା ନ ହୁଏ, ତେବେ ଆପଣଙ୍କୁ ଅନୁରୋଧ କରିବି ଯେ, ଆପଣ ମୋତେ ପିତୃତୁଲ୍ୟ କ୍ଷମା କରନ୍ତୁ । ମୁଁ ଆପଣଙ୍କ ସଦୃଶ ଉପକାରୀ ପ୍ରତି କେବେହେଲେ ଅକୃତଜ୍ଞ ହୋଇଛି—ଏହି ଧାରଣାର କବଳରେ ପଡ଼ି ମୁଁ ଯେପରି ଉତ୍ପୀଡ଼ିତ ନ ହୁଏ । ଇତି

ଭବଦୀୟ, ବିବେକାନନ୍ଦ

ପୁଃ—ଆପଣଙ୍କ ଭାଇଙ୍କ ମନରେ ଯେଉଁ ଭ୍ରାନ୍ତ ଧାରଣା ଜନ୍ମିଛି, ତାହା ଦୂର କରିବାର ଭାର ମୁଁ ଆପଣଙ୍କୁ ଦେଉଛି ଏବଂ ମୁଁ ଯଦି ସ୍ୱୟଂ ସଇତାନ ମଧ୍ୟ ହୁଏ, ତଥାପି ସେମାନଙ୍କର ମୋପ୍ରତି ଦୟା ଓ ବହୁ ପ୍ରକାର ଉପକାର କଥା ମୁଁ ଭୁଲିପାରୁ ନାହିଁ ।

ଅନ୍ୟ ଯେଉଁ ଦୁଇଜଣ ସ୍ୱାମୀଜୀ ଗତଥର ଜୁନାଗଡ଼ରେ ଆପଣଙ୍କଠାକୁ ଯାଇଥିଲେ, ସେମାନଙ୍କ ସମ୍ବନ୍ଧରେ ବକ୍ତବ୍ୟ ଏହି ଯେ, ସେମାନେ ମୋର ଗୁରୁଭାଇ ଏବଂ ସେଥିରୁ ଜଣେ ଆମମାନଙ୍କର ନେତା । ସେମାନଙ୍କ ସଙ୍ଗେ ତିନିବର୍ଷପରେ ଦେଖାହୁଏ ଏବଂ ଆମେ ସମସ୍ତେ ଆବୁ ପର୍ଯ୍ୟନ୍ତ ଏକସଙ୍ଗରେ ଆସିଥିଲୁ । ସେଠାରେ ମୁଁ ସେମାନଙ୍କୁ ଛାଡ଼ି ଆସିଛି । ଆପଣଙ୍କର ଇଚ୍ଛା ହେଲେ ବମ୍ବେ ଯିବା ବାଟରେ ମୁଁ ସେମାନଙ୍କୁ ନାଡ଼ିୟାଦ୍ ନେଇ ଯାଇପାରିବି । ଭଗବାନ ଆପଣଙ୍କର ଓ ଆପଣଙ୍କ ପରିବାରର ସମସ୍ତଙ୍କର ମଙ୍ଗଳ କରନ୍ତୁ । ବି.

୭୦ (ଶ୍ରୀମତୀ ଇନ୍ଦୁମତୀ ମିତ୍ରଙ୍କୁ ଲିଖିତ)

ବମ୍ବେ, ୨୪ ମେ ୧୮୯୩

କଲ୍ୟାଣୀୟାସୁ,

ମା, ତୁମର ଓ ହରିପଦ ବାବାଜୀଙ୍କର ପତ୍ର ପାଇ ପରମ ଆହ୍ଲାଦିତ ହେଲି । ସର୍ବଦା ପତ୍ର ଲେଖିପାରୁ ନାହିଁ ବୋଲି ଦୁଃଖିତ ହେବ ନାହିଁ । ଶ୍ରୀହରିଙ୍କ ନିକଟରେ ସବୁବେଳେ ତୁମର କଲ୍ୟାଣ ପ୍ରାର୍ଥନା କରୁଛି । ବେଲଗାଁ ବର୍ତ୍ତମାନ ଯାଇପାରୁ ନାହିଁ, କାରଣ ଏହି ତା ୩୧ ରିଖରେ ଏଠାରୁ ଆମେରିକା ଯାତ୍ରା କରିବାର ସମସ୍ତ ବନ୍ଦୋବସ୍ତ ହୋଇଯାଇଛି । ଆମେରିକା ଓ ଇଉରୋପ ପରିଭ୍ରମଣ କରି ଆସିଲେ ପ୍ରଭୁଙ୍କ ଇଚ୍ଛାରେ ପୁଣି ତୁମମାନଙ୍କୁ ଦର୍ଶନ କରିବି ।

ସବୁବେଳେ ଶ୍ରୀକୃଷ୍ଣଙ୍କଠାରେ ଆତ୍ମସମର୍ପଣ କରିବ । ସର୍ବଦା ମନେରଖିଥିବ ଯେ, ଆମେମାନେ ପ୍ରଭୁଙ୍କ ହାତର ପୁତ୍ତଳିକା ମାତ୍ର । ସର୍ବଦା ପବିତ୍ର ରହିବ । କାୟମନୋବାକ୍ୟରେ ମଧ୍ୟ ଯେପରି ଅପବିତ୍ର ନହୁଅ । ସର୍ବଦା ପରୋପକାର କରିବାକୁ ଯଥାସାଧ୍ୟ ଚେଷ୍ଟା କରିବ । ମନେରଖ, କାୟମନୋବାକ୍ୟରେ ପତିସେବା କରିବା ସ୍ତ୍ରୀମାନଙ୍କର ପ୍ରଧାନ ଧର୍ମ । ନିତ୍ୟ ଯଥାଶକ୍ତି ଗୀତାପାଠ କରୁଥିବ ।

ତୁମେ ଇନ୍ଦୁମତୀ 'ଦାସୀ' କାହିଁକି ଲେଖିଛ ? ବ୍ରାହ୍ମଣ ଓ କ୍ଷତ୍ରିୟ 'ଦେବ' ଓ 'ଦେବୀ' ଲେଖିବେ । ବୈଶ୍ୟ କିମ୍ବା ଶୂଦ୍ର 'ଦାସ' ଓ 'ଦାସୀ' ଲେଖିବେ । ଅପିଚ ଜାତି

ଇତ୍ୟାଦି ଆଧୁନିକ ବ୍ରାହ୍ମଣ ମହାତ୍ମାମାନେ କରିଛନ୍ତି । କିଏ କାହାର ଦାସ ? ସମସ୍ତେ ହିଁ ହରିଙ୍କ ଦାସ, ଅତଏବ ନିଜ ନିଜ ଗୋତ୍ର ନାମ—ଅର୍ଥାତ୍ ପିତୃ ନାମର ଶେଷଭାଗ ରହିବା ଉଚିତ, ଏହା ମଧ୍ୟ ପ୍ରାଚୀନ ବୈଦିକପ୍ରଥା, ଯଥା—ଇନ୍ଦ୍ରମତି ମିତ୍ର ଇତ୍ୟାଦି ।

ଆଉ କ'ଣ ଲେଖିବି ମା, ସର୍ବଦା ଜାଣିବ ଯେ, ମୁଁ ନିରନ୍ତର ତୁମର କଲ୍ୟାଣ ପ୍ରାର୍ଥନା କରୁଛି । ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରେ, ତୁମେ ଶୀଘ୍ର ପୁତ୍ରବତୀ ହୁଅ । ଆମେରିକାଠାରୁ ସେଠାର ଆଶ୍ଚର୍ଯ୍ୟ ବିବରଣୀପୂର୍ଣ୍ଣ ପତ୍ର ମଧ୍ୟେ ମଧ୍ୟେ ତୁମକୁ ଲେଖିବି । ବର୍ତ୍ତମାନ ମୁଁ ବମ୍ବେଠାରେ ଅଛି । ତା୩୧ ରିଖ ପର୍ଯ୍ୟନ୍ତ ରହିବି । ଖେତଡ଼ି ମହାରାଜାଙ୍କ ପ୍ରାଇଭେଟ ସେକ୍ରେଟାରୀ ମୋତେ ଜାହାଜରେ ବସାଇ ଦେବା ପାଇଁ ଆସିଛନ୍ତି । କିମଧିକମିତି—

ଆଶୀର୍ବାଦକ, ସଚ୍ଚିଦାନନ୍ଦ

୭୧ଇଂ (ଆମେରିକାପଥରେ—ଓରିଏଣ୍ଟାଲ ହୋଟେଲ)

ୟୋକୋହାମା, ୧୦ ଜୁଲାଇ ୧୮୯୩

ପ୍ରିୟ ଆଲାସିଙ୍ଗା, ବାଲାଜୀ, ଜି. ଜି. ଓ ଅନ୍ୟାନ୍ୟ ମାନ୍ଦ୍ରାଜୀ ବନ୍ଧୁଗଣ

ମୋର ଗତିବିଧି ସମ୍ବନ୍ଧରେ ତୁମମାନଙ୍କୁ ସର୍ବଦା ଖବର ଦେବା ମୋର ଉଚିତ ଥିଲା; ମୁଁ ତାହା କରିପାରି ନାହିଁ, ସେଥିପାଇଁ ମୋତେ କ୍ଷମା କରିବ । ଏପରି ଦୀର୍ଘ ଭ୍ରମଣରେ ପ୍ରତ୍ୟହ ବିଶେଷ ବ୍ୟସ୍ତ ରହିବାକୁ ହେଉଛି । ବିଶେଷତଃ ମୋର ତ କେବେ ନାନା ଜିନିଷପତ୍ର ସାଙ୍ଗରେ ନେଇ ବୁଲିବା ଅଭ୍ୟାସ ନ ଥିଲା । ଏବେ ଯାହା ସବୁ ସାଙ୍ଗରେ ଆଣିଛି, ସେଗୁଡ଼ିକର ତତ୍ତ୍ୱାବଧାନରେ ମୋର ସବୁ ଶକ୍ତି ବ୍ୟୟ ହେଉଛି । ବାସ୍ତବିକ୍ ଏ ଗୋଟିଏ ବିଷମ ଝଞ୍ଜଟ ।

ବମ୍ବେ ଛାଡ଼ି ଏକ ସପ୍ତାହ ମଧ୍ୟରେ କଲମ୍ବୋ ପହଞ୍ଚିଲି । ଜାହାଜ ପ୍ରାୟ ସାରାଦିନ ବନ୍ଦରରେ ରହିଲା । ଏହି ସୁଯୋଗରେ ଜାହାଜରୁ ଓହ୍ଲାଇ ସହର ଦେଖିବାକୁ ବାହାରିଲି । ଗାଡ଼ି ଖଣ୍ଡିଏ ଭଡ଼ା କରି କଲମ୍ବୋ ରାସ୍ତାମାନଙ୍କରେ ବୁଲିବାକୁ ଲାଗିଲି । ସେଠାର କେବଳ ଭଗବାନ ବୁଦ୍ଧଙ୍କ କଥା ମୋର ସ୍ମରଣ ଅଛି; ସେଠାରେ ବୁଦ୍ଧଦେବଙ୍କର ଗୋଟିଏ ବୃହତ୍ ପରିନିର୍ବାଣ-ମୂର୍ତ୍ତି ଶୟାନ ଅବସ୍ଥାରେ ରହିଛି । ମୁଁ ମନ୍ଦିରର ପୁରୋହିତମାନଙ୍କ ସଙ୍ଗେ କଥା କହିବାକୁ ଚେଷ୍ଟା କଲି; କିନ୍ତୁ ସେମାନେ ସିଂହଳୀ ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣି ନ ଥିବାରୁ ଚେଷ୍ଟାରୁ ବିରତ ହେଲି । ଏଠାରୁ ପ୍ରାୟ ୮୦ ମାଇଲ ଦୂରରେ ସିଂହଳ ମଧ୍ୟରେ ଅବସ୍ଥିତ କାଣ୍ଡି ସହର ସିଂହଳୀ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ; କିନ୍ତୁ ମୋର ସେଠାକୁ ଯିବାର ସମୟ ନ ଥିଲା । ଏଠାରେ ଗୃହସ୍ଥ ବୌଦ୍ଧମାନେ, କି ପୁରୁଷ କି ସ୍ତ୍ରୀ, ସମସ୍ତେ ମତ୍ସ୍ୟମାଂସଭୋଜୀ. କେବଳ ପୁରୋହିତମାନେ ନିରାମିଷାଶୀ । ସିଂହଳୀମାନଙ୍କ ପରିଚ୍ଛଦ ଓ ଚେହେରା ତୁମ ମାନ୍ଦ୍ରାଜୀମାନଙ୍କ ପରି । ସେମାନଙ୍କ ଭାଷା ସମ୍ବନ୍ଧରେ ମୁଁ କିଛି ଜାଣେ ନାହିଁ, ତେବେ ଉଚ୍ଚାରଣରୁ ମନେହୁଏ, ତାହା ତୁମମାନଙ୍କ ତାମିଲ୍ ଭାଷାର ଅନୁରୂପ ।

ତା'ପରେ ଜାହାଜ ପିନାଙ୍ଗରେ ଲଗିଲା; ଏହା ମାଲୟ ଉପଦ୍ୱୀପରେ ସମୁଦ୍ର ଉପରେ ଗୋଟିଏ କ୍ଷୁଦ୍ର ଭୂମିଖଣ୍ଡ ମାତ୍ର । ଏହା ଅତି କ୍ଷୁଦ୍ର ସହର ହେଲେ ମଧ୍ୟ ଅନ୍ୟାନ୍ୟ ସୁନିର୍ମିତ ନଗରମାନଙ୍କ ପରି ବେଶ୍ ପରିଷ୍କୃତ-ପରିଚ୍ଛନ୍ନ । ମାଲୟ-ଅଧିବାସୀ ସମସ୍ତେ ମୁସଲମାନ । ପୂର୍ବକାଳରେ ଏମାନେ ବାଣିଜ୍ୟ ବୋଇତଗୁଡ଼ିକର ବିଶେଷ ଭୀତିର କାରଣ ବିଖ୍ୟାତ ଜଳଦସ୍ୟୁ ଥିଲେ; କିନ୍ତୁ ଆଜି-କାଲିକାର ବୁରୁଜବାଲା ଯୁଦ୍ଧଜାହାଜମାନଙ୍କର ପ୍ରକାଣ୍ଡ କମାଣ ଭୟରେ ମାଲୟ-ବାସୀଗଣ ଅପେକ୍ଷାକୃତ କମ୍ ଗଣ୍ଡଗୋଳ କରିବାକୁ ବାଧ୍ୟ ହୋଇଛନ୍ତି ।

ପିନାଙ୍ଗଠାରୁ ସିଙ୍ଗାପୁର ଗଲି । ବାଟରେ ଦୂରରୁ ଉଚ୍ଚ ଶୈଳସମନ୍ୱିତ ସୁମାତ୍ରା ଦେଖିବାକୁ ପାଇଲି; ଆଉ କପ୍ତାନ ମୋତେ ପ୍ରାଚୀନକାଳର ଜଳଦସ୍ୟୁମାନଙ୍କର କେତେ-ଗୋଟି ଆଡ଼୍ଡା ଅଙ୍ଗୁଳି-ନିର୍ଦ୍ଦେଶରେ ଦେଖାଇଦେଲେ । ସିଙ୍ଗାପୁର ପ୍ରଣାଳୀ ଉପନିବେଶର ରାଜଧାନୀ । ଏଠାରେ ଗୋଟିଏ ସୁନ୍ଦର ଉଦ୍ଭିଦୋଦ୍ୟାନ ଅଛି; ସେଠାରେ ଅନେକ ଜାତିର ଭଲ 'ପାମ୍' (Palm) ସଂଗୃହୀତ ରହିଛି । 'ଭ୍ରମଣକାରୀର ପାମ୍' ନାମକ ସୁନ୍ଦର ତାଳବୃନ୍ତବତ୍ ପାମ୍ ଏଠାରେ ଅପର୍ଯ୍ୟାପ୍ତ ଜନ୍ମେ, ଆଉ 'ରୁଟିଫଳ' (bread-fruits) ବୃକ୍ଷ ମଧ୍ୟ ଏଠାରେ ସର୍ବତ୍ର । ମାନ୍ଦ୍ରାଜରେ ଯେପରି ଆମ୍ବ ଅପର୍ଯ୍ୟାପ୍ତ, ଏଠାରେ ମଧ୍ୟ ସେହିପରି ବିଖ୍ୟାତ ମାଙ୍ଗୋଷ୍ଟିନ ଅପର୍ଯ୍ୟାପ୍ତ, ତେବେ ଆମ୍ବ ସଙ୍ଗେ ଅବା କାହାର ତୁଳନା ହୋଇପାରେ ? ଏହି ସ୍ଥାନ ମାନ୍ଦ୍ରାଜ ଅପେକ୍ଷା ବିଷୁବରେଖାର ନିକଟବର୍ତ୍ତୀ ହେଲେ ମଧ୍ୟ ଏଠାରେ ଲୋକେ ମାନ୍ଦ୍ରାଜ ଲୋକଙ୍କର ଅଧା କଳା ହେବେ ନାହିଁ । ଏଠାରେ ଗୋଟିଏ ସୁନ୍ଦର ଯାଦୁଘର ମଧ୍ୟ ଅଛି । ଏଠାରେ ପାନ-ଦୋଷ ଓ ଲମ୍ପଟ୍ୟ ବେଶୀ ମାତ୍ରାରେ ଦେଖାଯାଏ । ଏହା ହିଁ ଏ ସ୍ଥାନର ଇଉରୋପୀୟ ଉପନିବେଶକମାନଙ୍କର ଯେପରି ପ୍ରଥମ କର୍ତ୍ତବ୍ୟ । ଆଉ ପ୍ରତ୍ୟେକ ବନ୍ଦରରେ ଜାହାଜର ପ୍ରାୟ ଅର୍ଦ୍ଧେକ ନାବିକ ଓହ୍ଲାଇ ଏପରି ସ୍ଥାନ ଅନ୍ୱେଷଣ କରନ୍ତି, ଯେଉଁଠାରେ ସୁରା ଓ ସଙ୍ଗୀତର ପ୍ରଭାବରେ ନରକ ରାଜତ୍ୱ କରେ । ଆଉ ସେ କଥା !

ତା'ପରେ ହଂକଂ । ସିଙ୍ଗାପୁର ମାଲୟ ଉପଦ୍ୱୀପର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସେଠାରେ ଆଇ ମନେହେଲା ମୁଁ ଯେପରି ଚୀନ୍ ଆସିଛି—ଚୀନ୍ ଭାବ ସେଠାରେ ଏତେ ପ୍ରବଳ । ସମସ୍ତ ମଜୁରିଆ କାମ, ବ୍ୟବସାୟ, ବାଣିଜ୍ୟ ବୋଧହୁଏ ଯେପରି ସେହିମାନଙ୍କ ହାତରେ । ଆଉ ହଂକଂ ତ ଖାଣ୍ଟି ଚୀନ୍; ଜାହାଜ କୂଳରେ ଲଙ୍ଗର କରିବା ସଙ୍ଗେ ସଙ୍ଗେ ଶହ ଶହ ଚୀନା ନୌକାରେ ଆସି ଡଙ୍ଗାରେ ନେଇଯିବା ପାଇଁ ତୁମକୁ ଘେରିସିବେ । ଏହି ନୌକାଗୁଡ଼ିକ ଟିକିଏ ନୂଆ ଧରଣର—ପ୍ରତ୍ୟେକରେ ଦୁଇଟି ଲେଖାଏଁ ହାଲ୍ । ମାଝିମାନେ ସପରିବାର ନୌକାରେ ବାସ କରନ୍ତି । ପ୍ରାୟ ଦେଖାଯାଏ ମାଝିର ସ୍ତ୍ରୀ ହାଲ ପାଖରେ ବସି ରହିଥାଏ । ଦୁଇହାତରେ ଗୋଟିଏ ହାଲ ଓ ଅନ୍ୟ ହାଲଟି ପାଦରେ ଚଳାଏ । ଦେଖାଯାଏ ଯେ, ଶତକଡ଼ା ନବେଜଣଙ୍କ ପିଠିରେ ଗୋଟିଏ ଥଳୀପରି ଜିନିଷ ଭିତରେ ଗୋଟିଏ କ୍ଷୁଦ୍ର ପିଲା ଏପରି ଭାବରେ ବନ୍ଧା ଥାଏ ଯେ, ଯେପରି ସେ

ଅନାୟାସରେ ହାତଗୋଡ଼ ହଲାଇପାରେ । ଚୀନା ପିଲା କପରି ମା-ପିଠିରେ ସମ୍ପୂର୍ଣ୍ଣ ଶାନ୍ତଭାବରେ ଝୁଲୁଛି ଏବଂ ଏଣେ ମା ତା'ର ସବୁ ଶକ୍ତି ପ୍ରୟୋଗ କରି ନୌକା ଚଳାଉଛି, ବେଳେବେଳେ ଖସି ବୋଝ ଠେଲୁଛି ଅଥବା ଅତି ଅଦ୍ଭୁତ ତତ୍ପରତାର ସହିତ ଗୋଟିଏ ନୌକାରୁ ଅନ୍ୟ ନୌକାକୁ ଡେଇଁପଡ଼ୁଛି—ତାହା ଏକ ମଜାର ଦୃଶ୍ୟ ! ଆଉମଧ୍ୟ ଏତେ ନୌକା ଓ ଷ୍ଟିମ୍‌ଲଞ୍ଚ ଭିଡ଼କରି କ୍ରମାଗତ ଯିବା ଆସିବା କରୁଛନ୍ତି ଯେ, ଚୀନା ପିଲାର ଗ୍ରେଟ ମୁଣ୍ଡଟି ପ୍ରତି ମୁହୂର୍ତ୍ତରେ ଗୁଣ୍ଡ ହୋଇଯିବାର ସମ୍ଭାବନା ରହିଛି; କିନ୍ତୁ ସେ ଆଡ଼କୁ ଖିଆଲ ନାହିଁ । ତା' ପାଇଁ ଏହି ମହାବ୍ୟସ୍ତ କର୍ମଜୀବନର କୌଣସି ଆକର୍ଷଣ ନାହିଁ । ତାହାର ପାଗଳପରି ବ୍ୟସ୍ତ ମା ମଝିରେ ମଝିରେ ତାକୁ ଖଣ୍ଡେ ଦ'ଖଣ୍ଡ ଝୁଡ଼ୁଲପିଠା ଦେଉଛନ୍ତି, ସେ ସେତେବେଳେ ତାହାର ଗଠନତନ୍ତ୍ର (anatomy) ନେଇ ହିଁ ସନ୍ତୁଷ୍ଟ । ଚୀନା ପିଲା ଗୋଟିଏ ସ୍ୱତମତ ଦାର୍ଶନିକ । ଯେତେବେଳେ ଭାରତୀୟ ପିଲା ଗୁରୁଣ୍ଡିବାକୁ ଅକ୍ଷମ, ସେହି ବୟସରେ ସେ ସ୍ଥିରଭାବରେ କାର୍ଯ୍ୟ କରିବାକୁ ଯାଏ । ସେ ବିଶେଷରୂପେ ବ୍ୟବହାରିକ ଦର୍ଶନ ଶିଖିଛି । ଚୀନ ଓ ଭାରତବାସୀ ଯେ 'ମମି'ରେ ପରିଣତପ୍ରାୟ ଏକ ପ୍ରାଣହୀନ ସଭ୍ୟତାର ସ୍ତରରେ ଅଟକି ରହିଛନ୍ତି, ଅତି ଦାରିଦ୍ର୍ୟ ହିଁ ତାହାର ଅନ୍ୟତମ କାରଣ । ସାଧାରଣ ହିନ୍ଦୁ କିମ୍ବା ଚୀନ୍‌ବାସୀ ପକ୍ଷରେ ତାହାର ପ୍ରାତ୍ୟହିକ ଅଭାବ ଏତେ ବେଶୀ ଯେ, ତା'ର ଆଉ କିଛି ଭାବିବାକୁ ଅବସର ନ ଥାଏ ।

ହଂକଂ ଅତି ସୁନ୍ଦର ସହର—ପାହାଡ଼ର ଢାଲୁ ଉପରେ ନିର୍ମିତ; ପାହାଡ଼ ଉପରେ ମଧ୍ୟ ବହୁ ବଡ଼ଲୋକ ବାସ କରନ୍ତି, ଏହା ସହର ଅପେକ୍ଷା ଅନେକ ଥଣ୍ଡା । ପାହାଡ଼ ଉପରେ ପ୍ରାୟ ସିଧାଭାବରେ ଟ୍ରାମ୍ ଯାଇଛି । ତାର ନିର୍ମିତ ଦଉଡ଼ି ସଂଯୋଗରେ ଏବଂ ବାଷ୍ପୀୟ ଶକ୍ତିଦ୍ୱାରା ଟ୍ରାମ୍‌ଗୁଡ଼ିକୁ ଉପରକୁ ଟାଣି ନିଆଯାଉଛି ।

ଆମେମାନେ ହଂକଂରେ ତିନିଦିନ ଥିଲୁ । ସେଠାରୁ କ୍ୟାଣ୍ଟନ୍ ଦେଖିବାକୁ ଯାଇଥିଲୁ । ହଂକଂଠାରୁ ଗୋଟିଏ ନଦୀରେ ୮୦ ମାଇଲ ଗଲେ କ୍ୟାଣ୍ଟନ ଯିବାକୁ ହୁଏ । ନଦୀଟି ଏତେ ଚଉଡ଼ା ଯେ, ଖୁବ୍ ବଡ଼ ବଡ଼ ଜାହାଜ ମଧ୍ୟ ଯାଇପାରେ । ଅନେକଗୁଡ଼ିଏ ଚୀନା ଜାହାଜ ହଂକଂ ଓ କ୍ୟାଣ୍ଟନ୍ ମଧ୍ୟରେ ଯାତାୟାତ କରନ୍ତି । ଆମେ ଉପରଓଳି ଗୋଟିଏ ଜାହାଜରେ ଚଢ଼ି ପରଦିନ ସକାଳେ କ୍ୟାଣ୍ଟନରେ ପହଞ୍ଚିଲୁ । ପ୍ରାଣର ସ୍ଫୂର୍ତ୍ତି ଓ କର୍ମବ୍ୟସ୍ତତା ମିଶି ଏଠାରେ କି ହୋଇଛି ! ନୌକାର ଭିଡ଼ ବା କେତେ ! ପାଣି ଯେପରି ଢାଙ୍କି ହୋଇଯାଇଛି । ଏହା କେବଳ ମାଲ ଓ ଯାତ୍ରୀ ନେଇଯିବା ନୌକା ନୁହେଁ, ହଜାର ହଜାର ନୌକା ରହିଛି—ଗୃହପରି ବାସୋପଯୋଗୀ । ସେଗୁଡ଼ିକ ମଧ୍ୟରେ ଅନେକଗୁଡ଼ିଏ ଅତି ସୁନ୍ଦର, ଅତି ବୃହତ୍ । ବାସ୍ତବିକ ସେଗୁଡ଼ିକ ଦୁଇମହଲା ତିନମହଲା କୋଠାଘର ପରି । ଘରପାଖରେ ବାରଣ୍ଡା ରହିଛି—ମଝିରେ ରାସ୍ତା ଯାଇଛି; କିନ୍ତୁ ସବୁଗୁଡ଼ିକ ପାଣିରେ ଭାସୁଛନ୍ତି !!

ଆମେ ଯେଉଁଠାରେ ଓହ୍ଲାଇଲୁ ସେହି ସ୍ଥାନଟିକୁ ଚୀନ୍ ସରକାର ବୈଦେଶିକ-

ମାନେ ବାସ କରିବାକୁ ଗୁଡ଼ି ଦେଇଛନ୍ତି । ଏହାର ସ୍ଥଳଭାଗରେ ନଦୀର ଉଭୟପାର୍ଶ୍ୱରେ ଅନେକ ମାଇଲ ପର୍ଯ୍ୟନ୍ତ ଏହି ବୃହତ୍ ସହର ଅବସ୍ଥିତ—ଏଠାରେ ଅଗଣିତ ଲୋକ ବାସ କରୁଛନ୍ତି । ଜୀବନ-ସଂଗ୍ରାମରେ ଜଣେ ଅନ୍ୟ ଜଣକୁ ଠେଲିପେଲି ଚାଲୁଛି—ପ୍ରାଣପଣେ ଜୀବନସଂଗ୍ରାମରେ ଜୟୀ ହେବାକୁ ଚେଷ୍ଟା କରୁଛି । ମହାକଳରବ, ମହାବ୍ୟସ୍ତତା ! କିନ୍ତୁ ଏଠାର ଅଧିବାସୀସଂଖ୍ୟା ଯେତେ ହେଉ, ଏଠାର କର୍ମପ୍ରବଣତା ଯେତେ ହେଉ, ଏହାପରି ମଇଳା ସହର ମୁଁ ଆଉ ଦେଖିନି । ତେବେ ଭାରତବର୍ଷର କୌଣସି ସହରକୁ ଯେଉଁ ହିସାବରେ ଆବର୍ଜନାପୂର୍ଣ୍ଣ କୁହାଯାଏ, ସେ ହିସାବରେ କହୁ ନାହିଁ । ଚୀନାମାନେ ତ ଟିକିଏ ହେଲେ ମଇଳା ବୃଥା ନଷ୍ଟ କରିବାକୁ ଦିଅନ୍ତି ନାହିଁ—ସେ ହିସାବରେ ନୁହେଁ, ଚୀନାମାନଙ୍କ ଦେହରୁ ଯେଉଁ ବିଷମ ଦୁର୍ଗନ୍ଧ ବାହାରେ, ତାହାର କଥା ମୁଁ କହୁଛି—ସେମାନେ ଯେପରି କି ବ୍ରତ ନେଇଛନ୍ତି, କଦାପି ସ୍ନାନ କରିବେ ନାହିଁ । ପ୍ରତ୍ୟେକ ଗୃହ ଗୋଟିଏ ଗୋଟିଏ ଦୋକାନ—ଲୋକଗୁଡ଼ିକ ଉପର ମହଲାରେ ବାସ କରନ୍ତି । ରାସ୍ତାଗୁଡ଼ିକ ଏତେ ସରୁ ଯେ, ରାସ୍ତାରେ ଚାଲିଲେ ଦୁଇପାଖର ଦୋକାନ ଦେହରେ ବାଜେ । ଦଶ ପାହୁଣ୍ଡ ନ ଯାଉଣୁ ମାଂସ ଦୋକାନ ଦେଖିପାରିବେ । ଏପରି ଦୋକାନ ମଧ୍ୟ ଅଛି, ଯେଉଁଠାରେ କୁକୁର-ବିରାଡ଼ିଙ୍କର ମାଂସ ବିକି ହୁଏ । ଅବଶ୍ୟ ନିତାନ୍ତ ଗରିବମାନେ ହିଁ କୁକୁର-ବିରାଡ଼ି-ମାଂସ ଖାଆନ୍ତି ।

ଆର୍ଯ୍ୟାବର୍ତ୍ତନିବାସିନୀ ହିନ୍ଦୁମହିଳାମାନଙ୍କର ଯେପରି ପର୍ଦ୍ଦା ଅଛି, ସେମାନଙ୍କୁ କେହି କେବେ ଦେଖିପାରେ ନାହିଁ, ଚୀନା ମହିଳାମାନଙ୍କର ସେହିପରି । ଅବଶ୍ୟ ଶ୍ରମଜୀବୀ ସ୍ତ୍ରୀଲୋକମାନେ ଲୋକମାନଙ୍କ ଆଗକୁ ବାହାରନ୍ତି । ଏମାନଙ୍କ ମଧ୍ୟରେ ଦେଖାଯାଏ ଜଣେ ଜଣେ ସ୍ତ୍ରୀଲୋକର ପାଦ ତୁମମାନଙ୍କ ଛୋଟପିଲାର ପାଦଠାରୁ ମଧ୍ୟ ଛୋଟ; ସେମାନେ ଚାଲିପାରୁଛନ୍ତି ବୋଲି ଠିକ୍ କୁହାଯାଇ ନ ପାରେ, ଛୋଟେଇ ଛୋଟେଇ ଅପ୍ ଅପ୍ କରି ଚାଲନ୍ତି ।

ମୁଁ କେତେକ ଚୀନ୍ ମନ୍ଦିର ଦେଖିବାକୁ ଗଲି । କ୍ୟାଣ୍ଟନରେ ଯେଉଁ ସର୍ବାପେକ୍ଷା ବୃହତ୍ ମନ୍ଦିରଟି ଅଛି, ତାହା ପ୍ରଥମ ବୌଦ୍ଧସମ୍ରାଟ୍ ଏବଂ ସର୍ବପ୍ରଥମ ୫୦୦ ଜଣ ବୌଦ୍ଧ-ଧର୍ମାବଲମ୍ବୀଙ୍କ ସ୍ମରଣାର୍ଥେ ଉତ୍ସର୍ଗୀକୃତ । ଅବଶ୍ୟ ସ୍ୱୟଂ ବୁଦ୍ଧଦେବ ପ୍ରଧାନ ମୂର୍ତ୍ତି । ତାଙ୍କ ତଳେ ସମ୍ରାଟ୍ ବସିଛନ୍ତି—ଆଉ ଦୁଇପାଖରେ ଶିଷ୍ୟଗଣଙ୍କର ମୂର୍ତ୍ତି—ସବୁ ମୂର୍ତ୍ତିଗୁଡ଼ିକ କାଠରେ ସୁନ୍ଦର ଭାବରେ ଖୋଦିତ ।

କ୍ୟାଣ୍ଟନରୁ ଆମେ ହଂକଂ ଫେରିଲୁ । ସେଠାରୁ ଜାପାନ ଗଲୁ । ନାଗାସାକି ବନ୍ଦରରେ ପ୍ରଥମେ କିଛିକ୍ଷଣ ପାଇଁ ଆମ ଜାହାଜ ଲାଗିଲା । ଆମେ କେତେକ ଘଣ୍ଟା ପାଇଁ ଓହ୍ଲାଇ ଗାଡ଼ି କରି ସହରରେ ବୁଲିଲୁ । ଚୀନ୍ ସଙ୍ଗେ କେତେ ପ୍ରଭେଦ ! ପୃଥିବୀ ମଧ୍ୟରେ ଯେତେ ପରିଷ୍କୃତ ଜାତି ଅଛନ୍ତି, ଜାପାନୀମାନେ ସେଥିରୁ ଅନ୍ୟତମ । ଏମାନଙ୍କର ସବୁ ବିଷୟ କେଡ଼େ ପରିଷ୍କାର ! ରାସ୍ତାଗୁଡ଼ିକ ପ୍ରାୟ ସବୁ ଚଉଡ଼ା, ସିଧା ଓ ବରାବର ସମାନ ଭାବରେ ଥିଆରି । ଏମାନଙ୍କର ଛୋଟ ଛୋଟ ସୁନ୍ଦର ଘରଗୁଡ଼ିକ ପିଞ୍ଜରା ସଦୃଶ । ପ୍ରାୟ

ପ୍ରତି ସହର ଓ ପଲ୍ଲୀର ପଶ୍ଚାଦ୍ଭୂରେ ଅବସ୍ଥିତ ଚିରବୃକ୍ଷ-ଆଚ୍ଛାଦିତ ଚିରହରିତ୍ ଶ୍ରେଷ୍ଠ ଶ୍ରେଷ୍ଠ ପାହାଡ଼ଗୁଡ଼ିକ, ଗୋରା ସୁନ୍ଦରକାୟ ଅଦ୍ଭୁତ ବେଶଧାରୀ, ଜାପାନୀ, ସେମାନଙ୍କର ପ୍ରତ୍ୟେକ ଚାଲିଚଳନ, ଅଙ୍ଗଭଙ୍ଗୀ ହାବଭାବ—ସବୁଗୁଡ଼ିକ ଛବିସଦୃଶ । ଜାପାନ 'ସୌନ୍ଦର୍ଯ୍ୟଭୂମି' । ପ୍ରାୟ ପ୍ରତ୍ୟେକ ଗୃହ ପଛରେ ଗୋଟିଏ ଲେଖାଏଁ ବଗିଚା ଅଛି—ତାହା ଜାପାନୀ ଫେଶନରେ କ୍ଷୁଦ୍ର କ୍ଷୁଦ୍ର ଗୁଳ୍ମତୃଣାଚ୍ଛାଦିତ ଭୂମିଖଣ୍ଡ, ଶ୍ରେଷ୍ଠ ଶ୍ରେଷ୍ଠ କୃତ୍ରିମ ଜଳପ୍ରଣାଳୀ ଏବଂ ପଥରଖଣ୍ଡଦ୍ୱାରା ଉତ୍ତମରୂପେ ସଜ୍ଜିତ ।

ନାଗସାକିଠାରୁ କୋବି ଗଲୁଁ । କୋବିଠାରେ ଜାହାଜ ଛାଡ଼ିଦେଲି, ସେଠାରୁ ସ୍ଥଳପଥରେ ୟୋକୋହାମା ଆସିଲୁଁ—ଜାପାନର ମଧ୍ୟବର୍ତ୍ତୀ ପ୍ରଦେଶଗୁଡ଼ିକ ଦେଖିବା ପାଇଁ । ମୁଁ ଜାପାନର ମଧ୍ୟପ୍ରଦେଶରେ ତିନୋଟି ବଡ଼ ବଡ଼ ସହର ଦେଖିଛି । ଓସାକା—ଏଠାରେ ନାନା ଶିଳ୍ପଦ୍ରବ୍ୟ ପ୍ରସ୍ତୁତ ହୁଏ; କିୟୋଟୋ—ପ୍ରାଚୀନ ରାଜଧାନୀ; ଟୋକିଓ—ବର୍ତ୍ତମାନର ରାଜଧାନୀ, ଟୋକିଓ କଲିକତାର ପ୍ରାୟ ଦୁଇଗୁଣ ହେବ । ଲୋକସଂଖ୍ୟା ମଧ୍ୟ କଲିକତାର ପ୍ରାୟ ଦୁଇଗୁଣ ।

ବିଦେଶୀମାନଙ୍କୁ ପ୍ରବେଶପତ୍ର ବିନା ଜାପାନ ଭିତରେ ଭ୍ରମଣ କରିବାକୁ ଦିଆଯାଏ ନାହିଁ ।

ଦେଖିଲେ ଜଣାପଡ଼େ, ଜାପାନୀମାନେ ବର୍ତ୍ତମାନ କାଳରେ କଅଣ ପ୍ରୟୋଜନ, ତାହା ବୁଝିପାରିଛନ୍ତି; ସେମାନେ ସମ୍ପୂର୍ଣ୍ଣ ଜାଗରିତ ହୋଇଛନ୍ତି । ସେମାନଙ୍କର ସମ୍ପୂର୍ଣ୍ଣରୂପେ ଶିକ୍ଷିତ ଓ ସୁନିୟନ୍ତ୍ରିତ ସ୍ଥଳସୈନ୍ୟ ଅଛନ୍ତି । ଏମାନଙ୍କର ଯେଉଁ କମାଣ ଅଛି, ତାହା ଏମାନଙ୍କ କର୍ମଚାରୀ ମଧ୍ୟରୁ ଜଣେ ଆବିଷ୍କାର କରିଛନ୍ତି । ସମସ୍ତେ କହନ୍ତି—ଏହା ଯେକୌଣସି ଜାତିର କମାଣ ଅପେକ୍ଷା ଊଣା ନୁହେଁ । ଆଉ ସେମାନେ ନୌବଳ ମଧ୍ୟ କ୍ରମାଗତ ବୃଦ୍ଧି କରୁଛନ୍ତି । ମୁଁ ଜଣେ ଜାପାନୀ ସ୍ଥପତି ଦ୍ୱାରା ନିର୍ମିତ ପ୍ରାୟ ଏକ ମାଇଲ ଲମ୍ବା ଗୋଟିଏ ସୁଡ଼ଙ୍ଗ (tunnel) ଦେଖିଛି ।

ଏମାନଙ୍କ ଦିଆସିଲି କାରଖାନା ଗୋଟିଏ ଦେଖିବାର ଜିନିଷ । ଏମାନଙ୍କର ଯେଉଁ ଜିନିଷର ଅଭାବ, ତାହାକୁ ନିଜ ଦେଶରେ ତିଆରି କରିବାକୁ ଚେଷ୍ଟା କରନ୍ତି । ଜାପାନୀମାନଙ୍କର ନିଜର ଗୋଟିଏ ଷ୍ଟିମର-ଲାଇନର୍ ଜାହାଜ ଚୀନ ଓ ଜାପାନ ମଧ୍ୟରେ ଯାତାୟାତ କରେ । ଏମାନେ ଶୀଘ୍ର ବମ୍ବେ ଏବଂ ୟୋକୋହାମା ମଧ୍ୟରେ ଜାହାଜ ଚଳାଇବାକୁ ଉଦ୍ୟମ କରୁଛନ୍ତି ।

ମୁଁ ଏମାନଙ୍କର ଅନେକଗୁଡ଼ିଏ ମନ୍ଦିର ଦେଖିଲି । ପ୍ରତି ମନ୍ଦିରରେ କେତେକ ସଂସ୍କୃତ-ମନ୍ତ୍ର ପ୍ରାଚୀନ ବଙ୍ଗଳା ଅକ୍ଷରରେ ଲେଖାଅଛି । ମନ୍ଦିରର ପୁରୋହିତମାନଙ୍କ ମଧ୍ୟରୁ ଅଳ୍ପ-ସଂଖ୍ୟକ ସଂସ୍କୃତ ବୁଝନ୍ତି; କିନ୍ତୁ ଏମାନେ ବେଶ୍ ବୁଦ୍ଧିମାନ୍ । ବର୍ତ୍ତମାନ କାଳରେ ସର୍ବ ଉନ୍ନତି ପାଇଁ ଯେଉଁ ପ୍ରବଳ ତୃଷ୍ଣା ଦେଖାଯାଏ, ତାହା ପୁରୋହିତମାନଙ୍କ ମଧ୍ୟରେ ପ୍ରବେଶ କରିଥିବାର ଦେଖାଯାଏ । ଜାପାନୀମାନଙ୍କ ସମ୍ବନ୍ଧରେ ମୋ ମନରେ ଅନେକ କଥା ଉଦିତ ହେଉଛି, ତାହା ଗୋଟିଏ ସଂକ୍ଷିପ୍ତ ଚିଠି ଭିତରେ ପ୍ରକାଶ କରିପାରୁ ନାହିଁ । ତେବେ

ଏତକ କହିପାରେ ଯେ, ଆମ ଦେଶର ଯୁବକମାନେ ଦଳ ଦଳ ହୋଇ ପ୍ରତିବର୍ଷ ଚୀନ ଓ ଜାପାନ ଯାଆନ୍ତୁ । ଜାପାନ ଯିବା ବିଶେଷ ଦରକାର; ଜାପାନୀମାନଙ୍କ ନିକଟରେ ଭାରତ ବର୍ତ୍ତମାନ ମଧ୍ୟ ସର୍ବପ୍ରକାର ଉଚ୍ଚ ଓ ମହତ୍ତ୍ୱ ପଦାର୍ଥର ସ୍ୱପ୍ନ-ରାଜ୍ୟସ୍ୱରୂପ ।

ତୁମେମାନେ ଏବେ କଅଣ କରୁଛ ? ସାରା ଜୀବନ କେବଳ ବାଜେ ଗପରେ କଟାଇ ଦେଉଛ । ଆସ, ଏମାନଙ୍କୁ ଦେଖିଯାଅ, ତା'ପରେ ଯାଅ—ଯିବା ପରେ ଲଜ୍ଜାରେ ମୁହଁ ଲୁଚାଇବ । ଭାରତର ସତେ ଯେପରି ଜରାଜୀର୍ଣ୍ଣ ଅବସ୍ଥା ହୋଇ ବୁଦ୍ଧିଭ୍ରଂଶ ହୋଇଛି । ତୁମେମାନେ ଦେଶ ଛାଡ଼ି ବାହାରକୁ ଗଲେ ତୁମମାନଙ୍କର ଜାତି ଯାଏ ! ହଜାର ବର୍ଷର କ୍ରମବର୍ଦ୍ଧମାନ ଏହି ଜମାଟ କୁସଂସ୍କାର-ବୋଝ ମୁଣ୍ଡରେ ଲଦି ବସିଛ, ହଜାର ହଜାର ବର୍ଷ ଧରି ଖାଦ୍ୟାଖାଦ୍ୟର ଶୁଦ୍ଧାଶୁଦ୍ଧତା ବିଚାର କରି ଶକ୍ତି କ୍ଷୟ କରୁଛ ! ପୌରୋହିତ୍ୟରୂପ ମୂର୍ଖାମିର ଗଭୀର ଘୂର୍ଣ୍ଣିରେ ଘୂରୁଛ ! ଶତଶତ ଯୁଗର ଅବିରାମ ସାମାଜିକ ଅତ୍ୟାଚାରଦ୍ୱାରା ତୁମମାନଙ୍କର ସବୁ ମନୁଷ୍ୟତ୍ୱ ଏକାବେଳକେ ନଷ୍ଟ ହୋଇଯାଇଛି—ତୁମେମାନେ କଅଣ କହୁଛ ଦେଖି ? ଆଉ ତୁମେମାନେ ବର୍ତ୍ତମାନ ବା କରୁଛ କ'ଣ ? ନିର୍ବୋଧ ତୁମେମାନେ ହାତରେ ବହି ଧରି ସମୁଦ୍ରତୀରରେ ପଦଚାରଣ କରୁଛ ! ଇଉରୋପୀୟ ମସ୍ତିଷ୍କପ୍ରସୂତ କୌଣସି ତତ୍ତ୍ୱର ଏକ କଣା ମାତ୍ର—ତାହା ମଧ୍ୟ ଖାଣ୍ଟି ଜିନିଷ ନୁହେଁ—ସେହି ଚିନ୍ତାର ଗରହଜମ ବିଷୟ କେତୋଟା କ୍ରମାଗତ ଚର୍ବିତଚର୍ବଣ କରୁଛ, ଆଉ ତୁମମାନଙ୍କ ପ୍ରାଣ ମନ ସେହି ୩୦ ଟଙ୍କାର କିରାଣୀଗିରିରେ ପଡ଼ି ରହିଛି, ନୋହିଲେ ଖୁବ୍ ଜୋର୍ ଗୋଟାଏ ଦୁଷ୍ଟ ଓକିଲ ହେବା ମତଲବ କରୁଛ । ଏହା ହିଁ ଭାରତୀୟ ଯୁବକଗଣଙ୍କ ସର୍ବୋଚ୍ଚ ଆକାଙ୍‌କ୍ଷା । ଆଉ ପୁଣି ପ୍ରତ୍ୟେକ ଛାତ୍ରର ଏପାଖେ ସେପାଖେ ପଲେ ଲେଖାଏଁ ପିଲା—ତା'ର ବଂଶଧରଗଣ—ବାବା ଖାଇବାକୁ ଦିଅ, ଖାଇବାକୁ ଦିଅ ବୋଲି ଉଚ୍ଚ ଚିତ୍କାର କରୁଛନ୍ତି ! କହୁଛି, ସମୁଦ୍ରରେ ପାଣିର କଅଣ ଅଭାବ ହେଉଛି ଯେ, ତୁମମାନଙ୍କର ବହି, ଗାଉନ, ବିଶ୍ୱବିଦ୍ୟାଳୟର ଡିପ୍ଲୋମା ପ୍ରଭୃତି ସମେତ ତୁମମାନଙ୍କୁ ବୁଡ଼ାଇ ଦେଇପାରୁ ନାହିଁ ?

ଆସ, ମନୁଷ୍ୟ ହୁଅ । ପ୍ରଥମେ ଦୁଷ୍ଟ ପୁରୋହିତମାନଙ୍କୁ ବାହାର କରିଦିଅ । କାରଣ ଏହି ମସ୍ତିଷ୍କହୀନ ଲୋକଗୁଡ଼ାକ କେବେହେଲେ ଭଲ ବାଟକୁ ଆସିବେ ନାହିଁ । ସେମାନଙ୍କ ହୃଦୟର କେବେହେଲେ ପ୍ରସାର ହେବ ନାହିଁ । ଶତଶତ ଶତାବ୍ଦୀର କୁସଂସ୍କାର ଓ ଅତ୍ୟାଚାରର ଫଳରେ ସେମାନଙ୍କର ଉଦ୍ଭବ; ଆଗେ ସେମାନଙ୍କୁ ନିର୍ମୂଳ କର । ଆସ, ମନୁଷ୍ୟ ହୁଅ । ନିଜ ନିଜର ସଂକୀର୍ଣ୍ଣ ଗର୍ତ୍ତରୁ ବାହାରି ଆସି ଦେଖ—ସବୁ ଜାତି କିପରି ଉନ୍ନତିପଥରେ ଚାଲିଛନ୍ତି । ତୁମେ କଅଣ ମନୁଷ୍ୟଙ୍କୁ ଭଲ ପାଅ ? ତୁମେ କଅଣ ଦେଶକୁ ଭଲପାଅ ? ତା'ହେଲେ ଆସ, ଆମେମାନେ ଭଲ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବା । ପଛକୁ ଚାହଁ ନାହିଁ—ଅତି ପ୍ରିୟ ଆତ୍ମୀୟ ସ୍ୱଜନ କାନ୍ଦନ୍ତୁ; ତଥାପି ପଛକୁ ଚାହଁ ନାହିଁ, ସାମନାକୁ ଆଗେଇଯାଅ ।

ଭାରତମାତା ଅନ୍ତତଃ ସହସ୍ର ଯୁବକଙ୍କ ବଳି ଚାହାନ୍ତି । ମନେରଖ—ମନୁଷ୍ୟ ଦରକାର, ପଶୁ ନୁହେଁ । ପ୍ରଭୁ ତୁମମାନଙ୍କର ଏହି ଜଡ଼ବତ୍ ସଭ୍ୟତା ଭାଙ୍ଗିବା ପାଇଁ ଇଂରେଜ

ସରକାରଙ୍କୁ ପ୍ରେରଣ କରୁଛନ୍ତି । ଆଉମଧ୍ୟ ମାଡ୍ରାଜର ଲୋକମାନେ ଇଂରେଜମାନଙ୍କର ସ୍ୱାଭଭରେ ବସବାସ କରିବାର ପ୍ରଧାନ ସହାୟ ହୋଇଛନ୍ତି । ବର୍ତ୍ତମାନ ପଚ୍ଚୁରୁଛି, ସମାଜର ଏହି ନୂତନ ଅବସ୍ଥା ଆଣିବା ପାଇଁ ସର୍ବାନ୍ତଃକରଣରେ ପ୍ରାଣପଣେ ଯତ୍ନ କରିବେ, ଦରିଦ୍ର ପ୍ରତି ସହାନୁଭୂତିସମ୍ପନ୍ନ ହେବେ, ସେମାନଙ୍କର କ୍ଷୁଧାର୍ତ୍ତ ମୁଖରେ ଅନ୍ନପ୍ରଦାନ କରିବେ, ସର୍ବସାଧାରଣ ମଧ୍ୟରେ ଶିକ୍ଷା ବିସ୍ତାର କରିବେ, ଆଉ ତୁମମାନଙ୍କର ପୂର୍ବପୁରୁଷମାନଙ୍କ ଅତ୍ୟାଚାରରେ ଯେଉଁମାନେ ପଶୁ-ପଦବୀରେ ଉପନୀତ ହୋଇଛନ୍ତି, ସେମାନଙ୍କୁ ମନୁଷ୍ୟ କରିବା ପାଇଁ ଆମରଣ ଚେଷ୍ଟା କରିବେ, ମାଡ୍ରାଜ ଏପରି କେତେଜଣ ନିଃସ୍ୱାର୍ଥ ଯୁବକ ଦେବାକୁ ପ୍ରସ୍ତୁତ କି ?

···ମୋତେ କୁକ୍ କୋମ୍ପାନି, ଚିକାଗୋ—ଏହି ଠିକଣାରେ ପତ୍ର ଲେଖିବ ।

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଧୀର, ନିସ୍ତବ୍ଧ ଅଥଚ ଦୃଢ଼ଭାବରେ କାର୍ଯ୍ୟ କରିବାକୁ ହେବ । ଖବର-କାଗଜରେ ପ୍ରଚାର କରିବା ନୁହେଁ । ସର୍ବଦା ମନେରଖିବ, ନାମଯଶ ଆମର ଉଦ୍ଦେଶ୍ୟ ନୁହେଁ ।

ବି.

୭୨ଇଂ

ବ୍ରିଜ ମେଡୋଜ, ମେଟକାଫ୍, ମାସାଚୁସେଟସ୍

୨୦ ଅଗଷ୍ଟ ୧୮୯୩

ପ୍ରିୟ ଆଲାସିଙ୍ଗା,

କାଲି ତୁମ ପତ୍ର ପାଇଲି । ବୋଧହୁଏ ତୁମେ ଏହା ମଧ୍ୟରେ ମୁଁ ଜାପାନରୁ ଲେଖିଥିବା ପତ୍ରଟି ପାଇଛ । ଜାପାନରୁ ବାହାରି ମୁଁ ଭାଙ୍କୋଭରରେ* (Vancouver) ପହଞ୍ଚିଲି । ପ୍ରଶାନ୍ତ ମହାସାଗରର ଉତ୍ତରାଂଶ ଦେଇ ଆମକୁ ଯିବାକୁ ହେଲା । ଖୁବ୍ ଶୀତ ଥିଲା । ଗରମ-ବସ୍ତ୍ର ଅଭାବରେ ଖୁବ୍ କଷ୍ଟ ହୋଇଥିଲା । ଯାହା ହେଉ, କୌଣସିମତେ ଭାଙ୍କୋଭରଠାରେ ପହଞ୍ଚି ସେଠାରୁ କାନାଡ଼ା ଦେଇ ଚିକାଗୋରେ ପହଞ୍ଚିଲି । ସେଠାରେ ପ୍ରାୟ ବାରଦିନ ରହିଲି । ପ୍ରତିଦିନ ମେଳା ଦେଖିବାକୁ ଯାଉଥିଲି । ସେ ଏକ ବିରାଟ କାରଖାନା । ଅନ୍ତତଃ ଦଶଦିନ ନ ବୁଲିଲେ ସମୁଦାୟ ଦେଖିବା ଅସମ୍ଭବ । ବରଦା ରାଓ ଯେଉଁ ମହିଳାଙ୍କ ସହିତ ମୋର ଆଲାପ କରାଇ ଦେଇଥିଲେ, ସେ ଓ ତାଙ୍କ ସ୍ୱାମୀ ଚିକାଗୋସମାଜର ମହାଗଣ୍ୟମାନ୍ୟ ବ୍ୟକ୍ତି । ସେମାନେ ମୋ ପ୍ରତି ଖୁବ୍ ସଦୟ ବ୍ୟବହାର କରିଥିଲେ । କିନ୍ତୁ ଏଠାର ଲୋକେ ବିଦେଶୀମାନଙ୍କର ଖୁବ୍ ଯତ୍ନ କରିଥାନ୍ତି କେବଳ ଅନ୍ୟଙ୍କୁ ତାମସା ଦେଖାଇବା ପାଇଁ; ଅର୍ଥ ସାହାଯ୍ୟ କରିବାବେଳକୁ ପ୍ରାୟ ସମସ୍ତେ ହାତ ଘୁଞ୍ଚାଇ ନେଇଥାନ୍ତି । ଏ ବର୍ଷ ଏଠାରେ ଅତ୍ୟନ୍ତ ଦୁର୍ବତ୍ସର, ବ୍ୟବସାୟରେ ସମସ୍ତଙ୍କର କ୍ଷତି ହୋଇଛି; ସୁତରାଂ ମୁଁ ଚିକାଗୋରେ ଅଧିକ ଦିନ ରହିଲି ନାହିଁ । ଚିକାଗୋଠାରୁ ବୋଷ୍ଟନ୍ ଆସିଲି । ଲଲ୍ଲାଇ ବୋଷ୍ଟନ ପର୍ଯ୍ୟନ୍ତ ମୋ ସାଙ୍ଗରେ ଥିଲେ । ସେ ମଧ୍ୟ ମୋ ପ୍ରତି ଖୁବ୍

* କାନାଡ଼ା ନିକଟରେ ପ୍ରଶାନ୍ତ ମହାସାଗରରେ ଗୋଟିଏ ଦ୍ୱୀପ ଓ ବନ୍ଦର ।

ସହୃଦୟ ବ୍ୟବହାର କରିଥିଲେ । ··

ଏଠାରେ ମୋର ପ୍ରଚୁର ଖର୍ଚ୍ଚ ହେଉଛି । ତୁମର ସ୍ମରଣ ଥିବ, ତୁମେ ମୋତେ ୧୭୦ ପାଉଣ୍ଡର ନୋଟ୍ ଓ ନଗଦ ୯ ପାଉଣ୍ଡ ଦେଇଥିଲ । ବର୍ତ୍ତମାନ ଅଛି ୧୩୦ ପାଉଣ୍ଡ । ହାରାହାରି ମୋର ପ୍ରତିଦିନ ଏଠାରେ ଏକ ପାଉଣ୍ଡ ଲେଖାଏଁ ଖର୍ଚ୍ଚ ହେଉଛି । ଏଠାରେ ଗୋଟିଏ ଚୁରୁଟ୍‌ର ଦାମ୍ ଆମ ଦେଶର ଆଠଅଣା । ଆମେରିକାନ୍‌ମାନେ ଏତେ ଧନୀ ଯେ, ସେମାନେ ପାଣିପରି ଟଙ୍କା ଖର୍ଚ୍ଚ କରନ୍ତି; ଆଉ ମଧ୍ୟ ସେମାନେ ଆଇନ୍ କରି ସବୁ ଜିନିଷର ମୂଲ୍ୟ ଏତେ ବେଶୀ ରଖିଛନ୍ତି ଯେ, ଜଗତର ଅନ୍ୟ କୌଣସି ଜାତି ସେପରି ଏ ଦେଶରେ ଚଳି ନ ପାରେ । ସାଧାରଣ କୁଲି ପ୍ରତିଦିନ ୯।୧୦ ଟଙ୍କା ରୋଜଗାର କରେ ଓ ତାହା ଖରଚ କରିଥାଏ । ଏଠାକୁ ଆସିବା ପୂର୍ବରୁ ଯେଉଁସବୁ ସୁନେଲି ସ୍ୱପ୍ନ ଦେଖୁଥିଲି, ତାହା ଭାଙ୍ଗିଯାଇଛି । ବର୍ତ୍ତମାନ ଅସମ୍ଭବ ସହିତ ଯୁଦ୍ଧ କରିବାକୁ ହେଉଛି । କେତେ ଥର ଭାବିଲିଣି, ଏ ଦେଶରୁ ଚାଲିଯିବି; କିନ୍ତୁ ପୁଣି ମନେହୁଏ, ମୁଁ ଏକଜିଦିଆ ଲୋକ, ପୁଣି ଭଗବାନଙ୍କର ଆଦେଶ ପାଇଛି । ମୁଁ ସିନା କୌଣସି ପଥ ଦେଖିପାରୁ ନାହିଁ; କିନ୍ତୁ ତାଙ୍କ ଚକ୍ଷୁ ତ ସବୁ ଦେଖୁଛି । ମରେ-ବଞ୍ଚେ, ଉଦ୍ଦେଶ୍ୟ ଛାଡ଼ିବି ନାହିଁ ।

ତୁମେ ଅନୁଗ୍ରହପୂର୍ବକ ଥିଓସଫିଷ୍ଟମାନଙ୍କ ବିଷୟରେ ମୋତେ ଯେଉଁ ସାବଧାନ କରାଇଦେଇଛ, ତାହା ପିଲାଳିଆ କଥା ପରି ମୋର ମନେହୁଏ । ଏହା ଖାଣ୍ଟି ଖ୍ରୀଷ୍ଟିଆନ ଦେଶ—ଏଠାରେ ସେମାନଙ୍କର ଖୋଜ ଖବର କେହି ରଖେ କି ନାହିଁ ସନ୍ଦେହ । ଏପର୍ଯ୍ୟନ୍ତ କୌଣସି ଥିଓସଫିଷ୍ଟ ସହିତ ମୋର ଦେଖାହୋଇ ନାହିଁ । ଥରେ ଅଧେ କଥାପ୍ରସଙ୍ଗରେ କେହି କେହି ସେମାନଙ୍କ ବିଷୟ ଅତିଶୟ ଘୃଣାର ସହିତ ଉଲ୍ଲେଖ କରିବାର ଶୁଣିଛି । ଆମେରିକାନ୍‌ମାନେ ସେମାନଙ୍କୁ ଜୁଆଚୋର ବୋଲି ଭାବନ୍ତି ।

ବର୍ତ୍ତମାନ ମୁଁ ବୋଷ୍ଟନ୍‌ର ଗୋଟିଏ ଗାଁରେ ଜଣେ ବୃଦ୍ଧା ଭଦ୍ରମହିଳାଙ୍କ ଅତିଥି ରୂପେ ବାସ କରୁଛି । ଏହାଙ୍କ ସହିତ ରେଲଗାଡ଼ିରେ ହଠାତ୍ ସାକ୍ଷାତ୍ ହୁଏ । ସେ ମୋତେ ନିମନ୍ତ୍ରଣ କରି ତାଙ୍କ ନିକଟରେ ରଖିଛନ୍ତି । ଏଠାରେ ରହିବାଦ୍ୱାରା ମୋର ଗୋଟିଏ ସୁବିଧା ହୋଇଛି ଯେ, ମୋର ପ୍ରତ୍ୟହ ଯେଉଁ ଏକ ପାଉଣ୍ଡ ଲେଖାଏଁ ଖର୍ଚ୍ଚ ହେଉଥିଲା, ତାହା ବଞ୍ଚିଯାଇଛି । ଆଉ ତାଙ୍କର ଲାଭ ଏହି ଯେ, ସେ ତାଙ୍କର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଆଣି ଭାରତରୁ ଆସିଥିବା ଏକ ଅଦ୍ଭୁତ ଜୀବକୁ ଦେଖାଉଛନ୍ତି !! ଏସବୁ ଯନ୍ତ୍ରଣା ସହିବାକୁ ବାଧ୍ୟ । ମୋତେ ବର୍ତ୍ତମାନ—ଅନାହାର, ଶୀତ, ମୋର ଅଦ୍ଭୁତ ଧରଣର ପୋଷାକ ଯୋଗୁ ରାସ୍ତାରେ ଲୋକମାନଙ୍କର ବିଦ୍ରୂପ—ଏଗୁଡ଼ିକ ସହିତ ଯୁଦ୍ଧ କରି ଚଳିବାକୁ ହେଉଛି । ପ୍ରିୟ ବନ୍ଧୁ ! ଜାଣିଥିବ, କୌଣସି ମହତ୍ କାର୍ଯ୍ୟ ଗୁରୁତର ପରିଶ୍ରମ ଓ କଷ୍ଟସ୍ୱୀକାର ବିନା ହୁଏ ନାହିଁ । ମୋ ମହିଳାବନ୍ଧୁଙ୍କର ଜଣେ ଜ୍ଞାତିଭାଇ ଆଜି ମୋତେ ଦେଖିବାକୁ ଆସିବେ । ସେ ତାଙ୍କ ଭଉଣୀଠାକୁ ଲେଖିଛନ୍ତି, 'ପ୍ରକୃତ ହିନ୍ଦୁ-ସାଧକକୁ ଦେଖିଲେ ବିଶେଷ ଆନନ୍ଦ ଓ ଶିକ୍ଷା ମିଳିପାରେ, ସନ୍ଦେହ ନାହିଁ; କିନ୍ତୁ ମୁଁ ଏବେ ବୁଢ଼ା ହେଲିଣି । ଏସୋଟେରିକ୍ ବୌଦ୍ଧମାନେ ମୋତେ ଆଉ ଠକିପାରୁ ନାହାନ୍ତି ।' ଏଇ ତ

ଏଠାରେ ଥିଓସଫିର ପ୍ରଭାବ ଏବଂ ତାହା ପ୍ରତି ଏମାନଙ୍କର ଶ୍ରଦ୍ଧା । 'ମୋ—'ର ଏକ ସମୟରେ ବୋଷ୍ଟନ୍‌ର ଜଣେ ଖୁବ୍ ଧନୀ ମହିଳାଙ୍କ ନିକଟରେ ବିଶେଷ ଖାତିର ଥିଲା; କିନ୍ତୁ 'ମୋ —' ଯୋଗୁ ହିଁ ତାଙ୍କର ସବୁ ପ୍ରସାର ମାଟି ହୋଇଯାଇଛି । ଏବେ ଉକ୍ତ ମହିଳା 'ଏସୋଟେରିକ୍ ବୌଦ୍ଧଧର୍ମ' ଓ ସେହିପରି ସମସ୍ତ ବିଷୟର ପ୍ରବଳ ଶତ୍ରୁ ହୋଇ ପଡ଼ିଛନ୍ତି ।

ଜାଣିରଖ ଯେ, ଏହା ଖ୍ରୀଷ୍ଟିଆନମାନଙ୍କର ଦେଶ । ଏଠାରେ ଅନ୍ୟ କୌଣସି ଧର୍ମ ବା ମତର ପ୍ରତିଷ୍ଠା ତିଳେମାତ୍ର ନାହିଁ । ମୁଁ ଜଗତରେ କୌଣସି ସମ୍ପ୍ରଦାୟର ଶତ୍ରୁତାକୁ ଭୟ କରେ ନାହିଁ । ମୁଁ ଏଠାରେ ମେରି-ତନୟଙ୍କ ସନ୍ତାନଗଣଙ୍କ ମଧ୍ୟରେ ବାସ କରୁଛି; ପ୍ରଭୁ ଈଶା ମୋତେ ସାହାଯ୍ୟ କରିବେ । ଗୋଟିଏ ଜିନିଷ ଦେଖିପାରୁଛି, ଏମାନେ ମୋର ହିନ୍ଦୁଧର୍ମ ସମ୍ବନ୍ଧୀୟ ଉଦାରମତ ଓ ନାଜାରେଥର ଅବତାରଙ୍କ ପ୍ରତି ଶ୍ରଦ୍ଧା ଦେଖି ଖୁବ୍ ଆକୃଷ୍ଟ ହୋଇଛନ୍ତି । ମୁଁ ସେମାନଙ୍କୁ କହେ ଯେ, ମୁଁ ସେହି ଗାଲିଲୀୟ ମହାପୁରୁଷଙ୍କ ବିରୋଧରେ କିଛିମାତ୍ର କହେ ନାହିଁ । ଏତିକି ଯେ, ସେମାନେ ଯେପରି ଯୀଶୁଙ୍କୁ ମାନନ୍ତି, ତାହା ସଙ୍ଗେ ସଙ୍ଗେ ଭାରତୀୟ ମହାପୁରୁଷମାନଙ୍କୁ ମଧ୍ୟ ମାନିବା ଉଚିତ । ଏ କଥା ସେମାନେ ଆଦର ସହକାରେ ଗ୍ରହଣ କରିଛନ୍ତି । ବର୍ତ୍ତମାନ ମୋର ଏତିକି କାର୍ଯ୍ୟ ହୋଇଛି ଯେ, ଲୋକେ ମୋ ସମ୍ବନ୍ଧରେ କିଛି କିଛି ଜାଣିପାରିଛନ୍ତି ଏବଂ କଥାବାର୍ତ୍ତା ହେଉଛନ୍ତି । ଏଠାରେ ଏହିପରି ଭାବରେ ହିଁ କାର୍ଯ୍ୟ ଆରମ୍ଭ କରିବାକୁ ହେବ । ଏଥିପାଇଁ ଦୀର୍ଘ ସମୟ ଓ ଅର୍ଥର ପ୍ରୟୋଜନ । ଏବେ ଶୀତ ଆସୁଛି । ମୋତେ ସବୁପ୍ରକାର ଗରମ ପୋଷାକ ଯୋଗାଡ଼ କରିବାକୁ ହେବ, ପୁଣି ଏଠାର ଅଧିବାସୀମାନଙ୍କ ଅପେକ୍ଷା ମୋର ବେଶୀ ଲୁଗାପଟା ଦରକାର ।··· ବତ୍ସ ! ସାହସ ଅବଲମ୍ବନ କର । ଭଗବାନଙ୍କ ଇଚ୍ଛାରେ ଆମମାନଙ୍କଦ୍ୱାରା ଭାରତରେ ମହତ୍ କାର୍ଯ୍ୟ ସମ୍ପନ୍ନ ହେବ । ବିଶ୍ୱାସ କର, ଆମେ ହିଁ ମହତ୍ କର୍ମ କରିବା, ଗରିବ ଆମେମାନେ — ଯାହାଙ୍କୁ ଲୋକେ ଘୃଣା କରୁଛନ୍ତି, କିନ୍ତୁ ଯେଉଁମାନେ ଲୋକଙ୍କର ଦୁଃଖ ଯଥାର୍ଥ ପ୍ରାଣେପ୍ରାଣେ ବୁଝିଛନ୍ତି—ଏହି କାମ କରିବା । ରାଜାରାଜୁଡ଼ାଙ୍କ ଦ୍ୱାରା ମହତ୍ କାର୍ଯ୍ୟ ହେବାର ଆଶା ଅତି ଅଳ୍ପ ।

ଚିକାଗୋରେ ଏବେ ଗୋଟିଏ ବଡ଼ ମଜା କଥା ଘଟିଯାଇଛି । କପୁରଥଲାର ରାଜା ଏଠାକୁ ଆସିଥିଲେ ଏବଂ ଚିକାଗୋର କେତେ ଲୋକ ତାଙ୍କୁ କୃଷ୍ଟି-ବିଷ୍ଟି କରି ଟେକିଥିଲେ । ମେଳାସ୍ଥାନରେ ଏହି ରାଜାଙ୍କ ସହିତ ମୋର ଦେଖା ହୋଇଥିଲା; କିନ୍ତୁ ସେ ବଡ଼ ଲୋକ, ମୋପରି ଜଣେ ଫକୀର ସହିତ କାହିଁକି ବା କଥାବାର୍ତ୍ତା କରନ୍ତେ ? ଏଠାରେ ଜଣେ ଧୋତିପିନ୍ଧା ପାଗଳ ମରହଟ୍ଟା ବ୍ରାହ୍ମଣ ସେହି ମେଳାରେ କାଗଜ ଉପରେ ନଖ ସାହାଯ୍ୟରେ ପ୍ରସ୍ତୁତ ଛବି ବିକି କରୁଥିଲା । ସେ ଲୋକଟା ଖବରକାଗଜ-ରିପୋର୍ଟର୍-ମାନଙ୍କୁ ରାଜାଙ୍କ ବିରୋଧରେ ନାନା କଥା କହୁଥିଲା । ସେ କହୁଥିଲା—ଏ ବ୍ୟକ୍ତି ଖୁବ୍ ନୀଚ ଜାତିର ଲୋକ, ଏହି ରାଜାମାନେ କ୍ରୀତଦାସସ୍ୱରୂପ, ଏମାନେ ଦୁର୍ନୀତିପରାୟଣ ଇତ୍ୟାଦି; ଆଉ ଏହି ସତ୍ୟବାଦୀ ସମ୍ପାଦକମାନେ (?)—ଯେଉଁମାନଙ୍କ ଯୋଗୁଁ ଆମେରିକା ବିଖ୍ୟାତ—

ସେହି ଲୋକର କଥାରେ କିଛି ଗୁରୁତ୍ୱ ଦେବା ଇଚ୍ଛାରେ ତା' ପରଦିନ ସମ୍ବାଦପତ୍ରରେ ବଡ଼ ବଡ଼ ସ୍ତମ୍ଭ ବାହାର କଲେ, ସେମାନେ ଭାରତ'ଗତ ଜଣେ ଜ୍ଞାନୀ ପୁରୁଷଙ୍କର ବର୍ଣ୍ଣନା କଲେ—ଅବଶ୍ୟ ମୋତେ ହିଁ ସେମାନେ ଲକ୍ଷ୍ୟ କରିଥିଲେ ! ମୋତେ ସେମାନେ ସ୍ୱର୍ଗରେ ବସାଇ ଦେଇ ମୋ ମୁହଁରୁ ଏପରି କଥା ବାହାର କରାଇଲେ, ଯାହା ମୁଁ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲି; ଏହି ରାଜାଙ୍କ ବିଷୟରେ ମରହଟ୍ଟା ବ୍ରାହ୍ମଣଟି ଯେତେ ଯାହା କହିଥିଲା, ସେସବୁ ମୋର କଥା ବୋଲି ଲେଖିଲେ। ତଦ୍ୱାରା ଚିକାଗୋ ସମାଜ ଗୋଟିଏ ଧକ୍‌କା ଖାଇ ଶୀଘ୍ର ରାଜାଙ୍କୁ ପରିତ୍ୟାଗ କଲା । ଏହି ମିଥ୍ୟାବାଦୀ ସମ୍ବାଦପତ୍ର-ସମ୍ପାଦକମାନେ ମୋଦ୍ୱାରା ମୋ ସ୍ୱଦେଶୀଙ୍କୁ ବଡ଼ ଧକ୍‌କାଟାଏ ଦେଲେ । ଯାହାହେଉ—ଏଥିରୁ ବୁଝାଯାଉଛି ଯେ, ଏହି ଦେଶର ଟଙ୍କା ଅଥବା ଉପାଧିର ଜାକଜମକ ଅପେକ୍ଷା ବୁଦ୍ଧିର ଆଦର ବେଶୀ ।

କାଲି ନାରୀ-କାରାଗାରର ଅଧକ୍ଷ ମିସେସ୍ ଜନ୍‌ସନ୍ ମହୋଦୟା ଏଠାକୁ ଆସିଥିଲେ । (ଏଠାରେ କାରାଗାର ନ କହି ସଂଶୋଧନାଗାର କହନ୍ତି । ) ଆମେରିକାରେ ଯାହା ଯାହା ଦେଖିଲି, ସେଥିମଧ୍ୟରେ ଏହା ଏକ ଅତ୍ୟଦ୍ଭୁତ ଜିନିଷ । କାରାବାସୀମାନଙ୍କ ସହିତ କିପରି ସହୃଦୟ ବ୍ୟବହାର କରାଯାଏ, ଯଦ୍ୱାରା ସେମାନଙ୍କର ଚରିତ୍ର ସଂଶୋଧିତ ହେବ ଏବଂ ସେମାନେ ଫେରିଯାଇ ସମାଜର ଆବଶ୍ୟକୀୟ ଅଙ୍ଗରୂପେ ପରିଗଣିତ ହେବେ । କି ଅଦ୍ଭୁତ, କି ସୁନ୍ଦର ! ନ ଦେଖିଲେ ତୁମେମାନେ ବିଶ୍ୱାସ କରିପାରିବ ନାହିଁ । ଏହା ଦେଖିବା ପରେ ଯେତେବେଳେ ନିଜ ଦେଶର କଥା ଭାବିଲି, ସେତେବେଳେ ମୋ ପ୍ରାଣ ଅସ୍ଥିର ହୋଇ ଉଠିଲା । ଭାରତବର୍ଷରେ ଆମେ କ'ଣ ଗରିବ ପତିତ ସାମାନ୍ୟ ଲୋକ-ମାନଙ୍କ ବିଷୟରେ ଭାବୁ ? ସେମାନଙ୍କର ଉଣ୍ଡି ରହିବାର କୌଣସି ପନ୍ଥା ନାହିଁ, ପଳାଇବାର ରାହା ନାହିଁ କିମ୍ବା ଉଠିବାର କୌଣସି ଉପାୟ ନାହିଁ । ଭାରତର ଦରିଦ୍ର, ଭାରତର ପତିତ, ଭାରତର ପାପୀମାନଙ୍କର ସାହାଯ୍ୟକାରୀ କେହି ବନ୍ଧୁ ନାହିଁ । ସେ ଯେତେ ଚେଷ୍ଟା କରୁ, ତା'ର ଉଠିବା ପାଇଁ ଉପାୟ ନାହିଁ । ପ୍ରତିଦିନ ସେମାନେ ତଳକୁ ତଳକୁ ବୁଡ଼ି ଯାଉଛନ୍ତି । ରାକ୍ଷସତୁଲ୍ୟ ନୃଶଂସ ସମାଜ ସେମାନଙ୍କ ଉପରେ କ୍ରମାଗତ ଯେଉଁ ଆଘାତ କରୁଛି, ତାହାର ବେଦନା ସେମାନେ ବିଲକ୍ଷଣ ଅନୁଭବ କରୁଛନ୍ତି; କିନ୍ତୁ ସେମାନେ ଜାଣନ୍ତି ନାହିଁ—କେଉଁଠାରୁ ସେହି ଆଘାତ ଆସୁଛି । ସେମାନେ ଯେ ମନୁଷ୍ୟ, ଏହା ମଧ୍ୟ ସେମାନେ ଭୁଲିଗଲେଣି । ତାହାର ଫଳ ଦାସତ୍ୱ ଓ ପଶୁତ୍ୱ । ଚିନ୍ତାଶୀଳ ବ୍ୟକ୍ତିମାନେ ଏବେ ସମାଜର ଏହି ଦୁରବସ୍ଥା ବୁଝିଲେଣି, ମାତ୍ର ଦୁର୍ଭାଗ୍ୟ ଯେ, ସେମାନେ ସବୁ ଦୋଷ ହିନ୍ଦୁଧର୍ମ ଉପରେ ଲଦି ଦେଉଛନ୍ତି । ସେମାନେ ବୋଧହୁଏ ଭାବୁଛନ୍ତି—ଜଗତର ଏହି ମହତ୍ତମ ଧର୍ମକୁ ବିନାଶ କରିଦେବା ହିଁ ସମାଜ-ଉନ୍ନତିର ଏକମାତ୍ର ଉପାୟ । ଶୁଣ ବନ୍ଧୁ, ପ୍ରଭୁଙ୍କ କୃପାରୁ ମୁଁ ଏହାର ରହସ୍ୟ ଆବିଷ୍କାର କରିଛି । ହିନ୍ଦୁଧର୍ମର କୌଣସି ଦୋଷ ନାହିଁ । ହିନ୍ଦୁଧର୍ମ ତ ଶିକ୍ଷା ଦେଉଛି—ଜଗତରେ ଯେତେ ପ୍ରାଣୀ ଅଛନ୍ତି, ସମସ୍ତେ ତୁମ ଆତ୍ମାର ହିଁ ବିଭିନ୍ନ ରୂପ ମାତ୍ର । ସମାଜର ଏହି ହୀନାବସ୍ଥାର କାରଣ, କେବଳ ଏହି ତତ୍ତ୍ୱକୁ କାର୍ଯ୍ୟରେ ପରିଣତ ନ କରିବା, ସହୃଦୟତା ଓ ସହାନୁଭୂତିର ଅଭାବ । ପ୍ରଭୁ

ତୁମମାନଙ୍କ ନିକଟକୁ ବୁଦ୍ଧ ରୂପରେ ଆସି ଶିଖାଇଲେ, ତୁମମାନଙ୍କୁ ଦୁଃଖୀ ପାଇଁ, ଗରିବ ପାଇଁ, ପାପୀ ପାଇଁ ପ୍ରାଣ କନ୍ଦାଇବାକୁ, ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ; କିନ୍ତୁ ତୁମେ ତାଙ୍କ କଥାରେ କର୍ଣ୍ଣପାତ କଲ ନାହିଁ । ତୁମର ପୁରୋହିତମାନେ—ଭଗବାନ ଭ୍ରାନ୍ତ ମତ-ପ୍ରଚାରଦ୍ୱାରା ଅସୁରମାନଙ୍କୁ ମୋହିତ କରିବାକୁ ଆସିଥିଲେ ବୋଲି ଭୟଙ୍କର ଗଳ୍ପ ତିଆରି କଲେ । କିନ୍ତୁ ସତ୍ୟ, ଆମେମାନେ ହିଁ ଅସୁର, ଯେଉଁମାନେ ବିଶ୍ୱାସ କରିଥିଲେ, ସେମାନେ ନୁହନ୍ତି । ଆଜି ଯେପରି ଇହୁଦୀମାନେ ପ୍ରଭୁ ଯୀଶୁଙ୍କୁ ଅସ୍ୱୀକାର କରି ଆଜି ଗୃହହୀନ ଭିକ୍ଷୁକ ହୋଇ ସମସ୍ତଙ୍କଦ୍ୱାରା ଅତ୍ୟାଚରିତ ଓ ବିତାଡ଼ିତ ହୋଇ ବୁଲୁଛନ୍ତି, ତୁମେମାନେ ମଧ୍ୟ ସେହିପରି ଯେକୌଣସି ଜାତି ଇଚ୍ଛା କରୁଛି, ସେମାନଙ୍କର କ୍ରୀତଦାସ ହେଉଛ । ଅତ୍ୟାଚାରୀଗଣ ! ତୁମେମାନେ ଜାଣ ନାହିଁ ଯେ, ଅତ୍ୟାଚାର ଓ ଦାସତ୍ୱ ଗୋଟିଏ ଜିନିଷର ଏପାଖ ସେପାଖ—ଦୁଇଟିଯାକ ଏକା କଥା ।

ବାଲଜୀ ଓ ଜି.ଜି.ଙ୍କର ମନେଥାଇପାରେ, ଦିନେ ସନ୍ଧ୍ୟା ସମୟରେ, ପଣ୍ଡିଚେରି-ଠାରେ ଜଣେ ପଣ୍ଡିତଙ୍କ ସହିତ ସମୁଦ୍ରଯାତ୍ରା ସମ୍ବନ୍ଧରେ ମୋର ତର୍କବିତର୍କ ହୋଇଥିଲା । ତାଙ୍କର ନସହ ବିକଟ ଭଙ୍ଗୀ ଓ ତାଙ୍କର 'କଦାପି ନ' (କଦାପି ନୁହେଁ)—ସେ କଥା ମୋର ଚିରକାଳ ସ୍ମରଣ ରହିବ । ଏମାନଙ୍କ ଅଜ୍ଞତାର ଗଭୀରତା ଦେଖିଲେ ଅବାକ୍ ହେବାକୁ ହୁଏ । ସେମାନେ ବୁଝିପାରୁ ନାହାନ୍ତି ଯେ, ଭାରତ ଜଗତର ଗୋଟିଏ ଅତି କ୍ଷୁଦ୍ରାଂଶ ଏବଂ ସମୁଦାୟ ଜଗତ୍ ଏହି ତ୍ରିଂଶ କୋଟି ଲୋକଙ୍କୁ ଅତି ହେୟ ଦୃଷ୍ଟିରେ ଦେଖିଆଆନ୍ତି । ସେମାନେ ଭାବନ୍ତି, ଏମାନେ ଯେପରି କୀଟଭଳି ଭାରତର ମନୋରମ କ୍ଷେତ୍ରରେ ବିଚରଣ କରୁଛନ୍ତି ଏବଂ ଜଣେ ଅନ୍ୟ ଉପରେ ଅତ୍ୟାଚାର କରିବା ପାଇଁ ଚେଷ୍ଟା କରୁଛି । ସମାଜର ଏହି ଅବସ୍ଥାକୁ ଦୂର କରିବାକୁ ହେବ—ଧର୍ମକୁ ବିନଷ୍ଟ କରି ନୁହେଁ, ବରଂ ହିନ୍ଦୁଧର୍ମର ମହାନ୍ ଉପଦେଶଗୁଡ଼ିକର ଅନୁସରଣ କରି ଏବଂ ତାହା ସହିତ ହିନ୍ଦୁ-ଧର୍ମର ସ୍ୱାଭାବିକ ପରିଣତିସ୍ୱରୂପ, ବୌଦ୍ଧଧର୍ମର ଅଦ୍ଭୁତ ହୃଦୟବତ୍ତା ନେଇ । ଲକ୍ଷ ଲକ୍ଷ ନରନାରୀ ପବିତ୍ରତାର ଅଗ୍ନିମନ୍ତ୍ରରେ ଦୀକ୍ଷିତ ହୋଇ, ଭଗବାନଙ୍କଠାରେ ଦୃଢ଼ ବିଶ୍ୱାସ-ରୂପକ ବର୍ମରେ ସଜ୍ଜିତ ହୋଇ ଦରିଦ୍ର, ପତିତ ଓ ପଦଦଳିତମାନଙ୍କ ପ୍ରତି ସହାନୁଭୂତି-ଜନିତ ସିଂହବିକ୍ରମରେ ହୃଦୟ ଦମ୍ଭ କରନ୍ତୁ ଏବଂ ମୁକ୍ତି, ସେବା, ସାମାଜିକ ଉନ୍ନୟନ ଓ ସାମ୍ୟର ମଙ୍ଗଳମୟୀ ବାର୍ତ୍ତା ଦ୍ୱାରେ ଦ୍ୱାରେ ବିତରଣ କରି ସମଗ୍ର ଭାରତ ଭ୍ରମଣ କରନ୍ତୁ ।

ହିନ୍ଦୁଧର୍ମ ପରି ଅନ୍ୟ କୌଣସି ଧର୍ମ ଏତେ ଉଚ୍ଚତାନରେ ମାନବାତ୍ମାର ମହିମା ପ୍ରଚାର କରେ ନାହିଁ, ପୁନଶ୍ଚ ହିନ୍ଦୁଧର୍ମ ଯେପରି ପୈଶାଚିକଭାବରେ ଗରିବ ଓ ପତିତମାନଙ୍କ ତଣ୍ଟିରେ ଗୋଡ଼ ଦିଏ, ଜଗତରେ ଅନ୍ୟ କୌଣସି ଧର୍ମ ସେପରି କରେ ନାହିଁ । ଭଗବାନ ମୋତେ ଦେଖାଇ ଦେଇଛନ୍ତି, ଏଥିରେ ଧର୍ମର କିଛି ଦୋଷ ନାହିଁ । ତେବେ ହିନ୍ଦୁ-ଧର୍ମାବଲମ୍ବୀ ଆତ୍ମାଭିମାନୀ କେତେ ଜଣ ଭଣ୍ଡ 'ପାରମାର୍ଥିକ ଓ ବ୍ୟାବହାରିକ'* ମତଦ୍ୱାରା

* 'ପାରମାର୍ଥିକ ଓ ବ୍ୟାବହାରିକ'—ଯେତେବେଳେ ଲୋକଙ୍କୁ ବୁଝାଯାଏ, 'ତୁମ

ଯାବତୀୟ ଅତ୍ୟାଚାର ପାଇଁ ଆସୁରିକ ଯନ୍ତ୍ର କ୍ରମାଗତ ଆବିଷ୍କାର କରୁଛନ୍ତି ।

ନିର୍ବିଣ୍ଣ ହୁଅ ନାହିଁ । ସ୍ମରଣ ରଖ, ଭଗବାନ ଗୀତାରେ କହିଛନ୍ତି—'କର୍ମରେ ତୁମର ଅଧିକାର, ଫଳରେ ନୁହେଁ । ଅଣ୍ଟା ଭିଡ଼, ବତ୍ସ ! ପ୍ରଭୁ ମୋତେ ଏହି କାର୍ଯ୍ୟ କରିବା ପାଇଁ ଡାକିଛନ୍ତି । ମୁଁ ସମସ୍ତ ଜୀବନ ନାନା ଦୁଃଖକଷ୍ଟ ଭୋଗି ଆସିଛି । ମୋର ପ୍ରାଣପ୍ରିୟ ଆତ୍ମୀୟମାନଙ୍କୁ ଏକପ୍ରକାର ଅନାହାରରେ ମରିବା ମଧ୍ୟ ଦେଖିଛି । ମୋତେ ଲୋକେ ଅବଜ୍ଞା ଓ ଉପହାସ କରିଛନ୍ତି, ଜୁଆଚୋର, ବଦମାସ୍ କହିଛନ୍ତି (ବର୍ତ୍ତମାନ ମଧ୍ୟ ମାନ୍ଦ୍ରାଜରେ ଅନେକ ଲୋକ ମୋତେ ସେପରି ଭାବିଥାଆନ୍ତି) । ମୁଁ ଏସବୁ ସହ୍ୟ କରିଛି ସେହିମାନଙ୍କ ପାଇଁ, ଯେଉଁମାନେ ମୋତେ ଉପହାସ ଓ ଘୃଣା କରିଛନ୍ତି ! ବତ୍ସ ! ଏହି ଜଗତ୍ ଦୁଃଖର ଆଗାର ସତ୍ୟ; କିନ୍ତୁ ଏହା ମହାପୁରୁଷମାନଙ୍କ ପାଇଁ ଶିକ୍ଷାଳୟସ୍ୱରୂପ । ଏହି ସାଂସାରିକ ଦୁଃଖକ୍ଳେଶ ମଧ୍ୟରେ ସହାନୁଭୂତି, ସହିଷ୍ଣୁତା, ସର୍ବୋପରି ଅଦମ୍ୟ ଦୃଢ଼ ଇଚ୍ଛାଶକ୍ତିର ବିକାଶ ହୁଏ, ଯେଉଁ ଶକ୍ତିବଳରେ ମନୁଷ୍ୟ ସମଗ୍ର ଜଗତ୍ ଚୂର୍ଣ୍ଣ ବିଚୂର୍ଣ୍ଣ ହେଲେ ମଧ୍ୟ ତିଳେମାତ୍ର କମ୍ପିତ ହୁଏ ନାହିଁ । ଯେଉଁମାନେ ମୋତେ ଭଣ୍ଡ ବିବେଚନା କରନ୍ତି, ମୋର ସେମାନଙ୍କ ପାଇଁ ଦୁଃଖ ହୁଏ । ସେମାନଙ୍କର କିଛି ଦୋଷ ନାହିଁ । ସମାଜରେ ସେମାନେ ଯେତେ ଗଣ୍ୟମାନ୍ୟ ବିବେଚିତ ହେଲେ ମଧ୍ୟ ଜ୍ଞାନ-ରାଜ୍ୟରେ ନିତାନ୍ତ ଅପରିପକ୍ୱ ଶିଶୁ । ସେମାନଙ୍କ ଚକ୍ଷୁ ନିଜ ନିଜର କ୍ଷୁଦ୍ର ଦୃଷ୍ଟିକ୍ଷେତ୍ର ବାହାରେ ଆଉ କିଛି ଦେଖିପାରେ ନାହିଁ । ସେମାନଙ୍କର ନିୟମିତ କାର୍ଯ୍ୟ—ଆହାର, ପାନ, ଅର୍ଥୋପାର୍ଜନ ଓ ବଂଶବୃଦ୍ଧି—ଯେପରିକି ସବୁଗୁଡ଼ିକ ଗାଣିତିକ ନିୟମରେ ଅତି ସୁଶୃଙ୍ଖଳଭାବରେ କ୍ରମାନ୍ୱୟରେ ସମ୍ପାଦିତ ହୋଇଚାଲିଛି । ସେମାନେ ଏହାର ଅତିରିକ୍ତ କିଛି ଜାଣନ୍ତି ନାହିଁ । ବେଶ୍ ସୁଖୀ ସେମାନେ ! ସେମାନଙ୍କ ନିଦ୍ରାରେ କୌଣସି ପ୍ରକାର ବ୍ୟାଘାତ ହୁଏ ନାହିଁ । ଶତ ଶତ ଶତାବ୍ଦୀର ପାଶବ ଅତ୍ୟାଚାରଫଳରେ ସମୁତ୍ଥିତ ଶୋକ, ତାପ, ଦୈନ୍ୟ ଓ ପାପର ଯେଉଁ କାତରଧ୍ୱନିରେ ଭାରତାକାଶ ସମାକୁଳ ହୋଇଛି, ସେଥିରେ ମଧ୍ୟ ସେମାନଙ୍କର ଜୀବନ ସମ୍ବନ୍ଧରେ ସ୍ୱପ୍ନ-ବିଳାସରେ ବ୍ୟାଘାତ ହୁଏ ନାହିଁ । ସେହି ଶତ-ଶତ ଯୁଗବ୍ୟାପୀ ମାନସିକ, ନୈତିକ ଓ ଦୈହିକ ଅତ୍ୟାଚାର କଥା, ଯହିଁରେ ଭଗବାନଙ୍କର ପ୍ରତିମାସ୍ୱରୂପ ମନୁଷ୍ୟଙ୍କୁ ଭାରବାହୀ ଗର୍ଦ୍ଦଭ ଏବଂ ଭଗବତୀଙ୍କର ପ୍ରତିମାସ୍ୱରୂପା ରମଣୀଙ୍କୁ ସନ୍ତାନୋତ୍ପାଦିକା ଦାସୀ କରାଯାଇଛି ଏବଂ ଯାହା ଜୀବନକୁ ବିଷମୟ କରି ତୋଳିଛି, ତାହା ସେମାନଙ୍କର ମନରେ ସ୍ୱପ୍ନରେ ସୁଦ୍ଧା ଉଦିତ ହୁଏ ନାହିଁ; କିନ୍ତୁ ଅନ୍ୟ କେତେକ ଅଛନ୍ତି, ଯେଉଁମାନେ

---

ଶାସ୍ତ୍ରରେ ଅଛି, ସମସ୍ତଙ୍କ ମଧ୍ୟରେ ଏକ ଆତ୍ମା, ତେଣୁ ସମସ୍ତଙ୍କ ପ୍ରତି ସମଦର୍ଶୀ ହେବା ଏବଂ କାହାକୁ ହେୟ ମନେ ନ କରିବା ଶାସ୍ତ୍ରର ଆଦେଶ', ସେତେବେଳେ ସେମାନେ ତାହା କାର୍ଯ୍ୟରେ ପାଳନ କରିବା ପାଇଁ ବିନ୍ଦୁମାତ୍ର ଚେଷ୍ଟା ନ କରି ବରଂ ଉତ୍ତର ଦିଅନ୍ତି, 'ପାରମାର୍ଥିକ ଦୃଷ୍ଟିରେ ସେପରି ସମତା ଥିଲେ ମଧ୍ୟ ବ୍ୟାବହାରିକ ଦୃଷ୍ଟିରେ ସବୁ ପୃଥକ୍ ।' ଏହି ଭେଦଦୃଷ୍ଟି ଦୂରୀକରଣର ଚେଷ୍ଟା ନ କରିବାଦ୍ୱାରା ହିଁ ଆମମାନଙ୍କର ପରସ୍ପର ମଧ୍ୟରେ ଏତେ ହିଂସାଦ୍ୱେଷ ପୂରି ରହିଛି ।

ଦେଖୁଛନ୍ତି, ପ୍ରାଣେ ପ୍ରାଣେ ଅନୁଭବ କରୁଛନ୍ତି, ହୃଦୟର ରକ୍ତମୟ ଅଶ୍ରୁ ବିସର୍ଜନ କରୁଛନ୍ତି, ଯେଉଁମାନେ ଏହାର ପ୍ରତିକାର ପାଇଁ ବ୍ୟାକୁଳିତ ଏବଂ ଯେଉଁମାନେ ପ୍ରାଣପର୍ଯ୍ୟନ୍ତ ପଣ କରି ପ୍ରତିକାର ବିଧାନ ପାଇଁ ପ୍ରସ୍ତୁତ ରହିଛନ୍ତି । 'ଏମାନଙ୍କୁ ନେଇ ସ୍ୱର୍ଗରାଜ୍ୟ ବିରଚିତ ।' ଏହା କଅଣ ସ୍ୱାଭାବିକ ନୁହେଁ ଯେ, ଉଚ୍ଚଧାମରେ ଅବସ୍ଥିତ ଏହି ମହାପୁରୁଷମାନଙ୍କର—ସେହି ବିଷୋଦ୍‌ଗୀରଣକାରୀ ଘୃଣ୍ୟ କୀଟଗଣଙ୍କର ପ୍ରଳାପବାକ୍ୟ ଶୁଣିବାକୁ ଆଦୌ ଅବକାଶ ନାହିଁ ?

ଗଣ୍ୟମାନ୍ୟ, ଉଚ୍ଚପଦସ୍ଥ ଅଥବା ଧନୀମାନଙ୍କ ଉପରେ କୌଣସି ଭରସା ରଖ ନାହିଁ । ସେମାନଙ୍କ ମଧ୍ୟରେ ପ୍ରାଣଶକ୍ତି ନାହିଁ—ସେମାନେ ଏକ ପ୍ରକାର ମୃତକଳ୍ପ କହିଲେ ଚଳେ । ଭରସା ତୁମମାନଙ୍କ ଉପରେ—ଏହି ପଦମର୍ଯ୍ୟାଦାହୀନ, ନିର୍ଦ୍ଧନ କିନ୍ତୁ ବିଶ୍ୱାସୀ—ତୁମମାନଙ୍କ ଉପରେ । ଭଗବାନଙ୍କଠାରେ ବିଶ୍ୱାସ ରଖ । କୌଣସି ଚତୁରତାର ପ୍ରୟୋଜନ ନାହିଁ । ଚାଲାକିରେ କିଛି ହୁଏ ନାହିଁ । ଦୁଃଖୀମାନଙ୍କ ବ୍ୟଥା ଅନୁଭବ କର, ଆଉ ଭଗବାନଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କର—ସାହାଯ୍ୟ ଆସିବ ହିଁ ଆସିବ । ଦ୍ୱାଦଶ ବର୍ଷ କାଳ ମୁଁ ହୃଦୟରେ ଏହି ଭାବନା ନେଇ ଓ ମୁଣ୍ଡରେ ଏହି ଚିନ୍ତା ନେଇ ବୁଲିଛି । ମୁଁ ତଥାକଥିତ ବହୁ ଧନୀ ଓ ବଡ଼ଲୋକଙ୍କର ଦ୍ୱାରସ୍ଥ ହୋଇଛି; ସେମାନେ ମୋତେ କେବଳ ଜୁଆଚୋର ବୋଲି ଭାବିଛନ୍ତି । ହୃଦୟର ରକ୍ତ ମୋକ୍ଷଣ କରି କରି ଶେଷରେ ଅର୍ଦ୍ଧପୃଥିବୀ ଅତିକ୍ରମ କରି ମୁଁ ଏହି ସୁଦୂର ବିଦେଶରେ ସାହାଯ୍ୟପ୍ରାର୍ଥୀ ଭାବରେ ଉପସ୍ଥିତ ହୋଇଛି; କିନ୍ତୁ ମୋର ସ୍ୱଦେଶବାସୀମାନେ ଯେତେବେଳେ ମୋତେ ଜୁଆଚୋର ଭାବନ୍ତି, ସେତେବେଳେ ଆମେରିକାନ୍‌ମାନେ ଏପରି ଏକ ଅପରିଚିତ ବିଦେଶୀ ଭିକ୍ଷୁକକୁ ଅର୍ଥ ଭିକ୍ଷା କରିବା ଦେଖିଲେ କେତେ କଅଣ ବା ନ ଭାବିବେ ? କିନ୍ତୁ ଭଗବାନ ଅନନ୍ତ ଶକ୍ତିମାନ୍; ମୁଁ ଜାଣେ, ସେ ମୋତେ ସାହାଯ୍ୟ କରିବେ । ମୁଁ ଏ ଦେଶରେ ଅନାହାରରେ କିମ୍ବା ଶୀତରେ ମରିଯାଇପାରେ; କିନ୍ତୁ ହେ ମାନ୍ଦ୍ରାଜବାସୀ ଯୁବକଗଣ ! ମୁଁ ତୁମମାନଙ୍କ ନିକଟରେ ଏହି ଗରିବ, ଅଜ୍ଞ, ଅତ୍ୟାଚାରପୀଡ଼ିତମାନଙ୍କ ପାଇଁ ଏହି ସହାନୁଭୂତି, ଏହି ପ୍ରାଣପଣ ଚେଷ୍ଟା—ଦାୟସ୍ୱରୂପ ଅର୍ପଣ କରୁଛି । ଯାଅ, ଏହି ମୁହୂର୍ତ୍ତରେ ସେହି ପାର୍ଥ-ସାରଥିଙ୍କ ମନ୍ଦିରକୁ—ଯେ ଗୋକୁଳର ଦୀନଦରିଦ୍ର ଗୋପାଳମାନଙ୍କର ସଖା ଥିଲେ, ଯେ ଗୁହକ ଚଣ୍ଡାଳକୁ ଆଲିଙ୍ଗନ କରିବାକୁ କୁଣ୍ଠିତ ହୋଇ ନ ଥିଲେ, ଯେ ବୁଦ୍ଧ-ଅବତାରରେ ରାଜପୁରୁଷମାନଙ୍କର ଆମନ୍ତ୍ରଣ ଅଗ୍ରାହ୍ୟ କରି ଏକ ବେଶ୍ୟାର ନିମନ୍ତ୍ରଣ ଗ୍ରହଣ କରି ତାକୁ ଉଦ୍ଧାର କରିଥିଲେ; ଯାଅ, ତାଙ୍କ ନିକଟରେ ସାଷ୍ଟାଙ୍ଗ ହୋଇ ପଡ଼ିଯାଅ ଏବଂ ତାଙ୍କ ନିକଟରେ ଏକ ମହାବଳି ପ୍ରଦାନ କର; ବଳି—ଜୀବନବଳି ସେହିମାନଙ୍କ ପାଇଁ, ଯେଉଁମାନଙ୍କ ପାଇଁ ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇଥାଆନ୍ତି, ଯେଉଁମାନଙ୍କୁ ସେ ସର୍ବାପେକ୍ଷା ଭଲପାଆନ୍ତି, ସେହି ଦୀନ ଦରିଦ୍ର ପତିତ ଉତ୍ପୀଡ଼ିତମାନଙ୍କ ପାଇଁ । ତୁମେମାନେ ସାରା ଜୀବନ ଏହି ତିରିଶ କୋଟି ଭାରତବାସୀଙ୍କ ଉଦ୍ଧାର ପାଇଁ ବ୍ରତ ଗ୍ରହଣ କର; ଯେଉଁମାନେ ଦିନକୁ ଦିନ ବୁଡ଼ିଯାଉଛନ୍ତି ।

ଏହା ଗୋଟିଏ ଦିନର କାମ ନୁହେଁ । ପଥ ଭୀଷଣ କଣ୍ଟକପୂର୍ଣ୍ଣ; କିନ୍ତୁ ପାର୍ଥସାରଥି ଆମମାନଙ୍କର ସାରଥି ହେବାକୁ ମଧ୍ୟ ପ୍ରସ୍ତୁତ, ସନ୍ଦେହ ନାହିଁ । ତାଙ୍କ ନାମରେ ତାଙ୍କ ପ୍ରତି ଅନନ୍ତ ବିଶ୍ୱାସ ରଖି ଭାରତର ଶତଶତଯୁଗସଞ୍ଚିତ ପର୍ବତପ୍ରମାଣ ଅନନ୍ତ ଦୁଃଖରାଶିରେ ଅଗ୍ନିସଂଯୋଗ କରିଦିଅ, ତାହା ଭସ୍ମସାତ୍ ହେବ ହିଁ ହେବ ।

ତେବେ ଆସ, ଭ୍ରାତୃଗଣ ! ସମସ୍ୟାଟିର ଅନ୍ତଃସ୍ଥଳରେ ପ୍ରବେଶ କରି ଭଲ ଭାବରେ ଦେଖ । ଆମେମାନେ କ୍ଷୁଦ୍ରଶକ୍ତି ଏବଂ ବ୍ରତ ଗୁରୁତର; କିନ୍ତୁ ଆମେମାନେ ଜ୍ୟୋତିର ତନୟ, ଭଗବାନଙ୍କର ତନୟ । ଭଗବାନଙ୍କର ଜୟ ହେଉ— ଆମେମାନେ ସିଦ୍ଧି ଲାଭ କରିବା ହିଁ କରିବା । ଶତଶତ ଲୋକ ଏହି ଚେଷ୍ଟାରେ ପ୍ରାଣ ତ୍ୟାଗ କରିବେ, ପୁଣି ଶତ-ଶତ ଲୋକ ଏଥିରେ ବ୍ରତୀ ହେବାକୁ ପ୍ରସ୍ତୁତ ରହିବେ । ପ୍ରଭୁଙ୍କର ଜୟ ! ମୁଁ ଏଠାରେ ଅକୃତକାର୍ଯ୍ୟ ହୋଇ ମରିଯାଇପାରେ, ଅନ୍ୟ ଜଣେ ଏହି ଭାର ଗ୍ରହଣ କରିବ । ରୋଗଟା କ'ଣ ବୁଝିଲ ଏବଂ ଔଷଧ କ'ଣ ତାହା ମଧ୍ୟ ଜାଣିଲ, ବର୍ତ୍ତମାନ କେବଳ ବିଶ୍ୱାସୀ ହୁଅ । ଆମେ ଧନୀ କିମ୍ବା ବଡ଼ଲୋକମାନଙ୍କୁ ଗ୍ରାହ୍ୟ କରୁ ନାହୁଁ । ଆମେ ହୃଦୟହୀନ ମସ୍ତିଷ୍କସାର ବ୍ୟକ୍ତିମାନଙ୍କୁ ଓ ସେମାନଙ୍କ ନିସ୍ତେଜ ସମ୍ବାଦପତ୍ରର ପ୍ରବନ୍ଧସମୂହକୁ ମଧ୍ୟ ଗ୍ରାହ୍ୟ କରୁ ନାହୁଁ । ବିଶ୍ୱାସ, ବିଶ୍ୱାସ, ସହାନୁଭୂତି, ଅଗ୍ନିମୟ ବିଶ୍ୱାସ, ଅଗ୍ନିମୟ ସହାନୁଭୂତି । ଜୟ ପ୍ରଭୁ, ଜୟ ପ୍ରଭୁ ! ତୁଚ୍ଛ ଜୀବନ, ତୁଚ୍ଛ ମରଣ, ତୁଚ୍ଛ କ୍ଷୁଧା, ତୁଚ୍ଛ ଶୀତ । ଜୟ ପ୍ରଭୁ ! ଅଗ୍ରସର ହୁଅ, ପ୍ରଭୁ ଆମମାନଙ୍କର ନେତା । ପଛକୁ ଫେରି ଚାହଁ ନାହିଁ । କିଏ ପଡ଼ିଗଲା ଦେଖିବାକୁ ଯାଅ ନାହିଁ । ଆଗେଇ ଯାଅ, ସମ୍ମୁଖକୁ, ସମ୍ମୁଖକୁ । ଏହି ଭାବରେ ଅଗ୍ରଗାମୀ ହେବ—ଜଣେ ପଡ଼ିଗଲେ ଅନ୍ୟ ଜଣେ ତାହାର ସ୍ଥାନ ପୂରଣ କରିନେବ ।

କାଲି ମୁଁ ଏ ସ୍ଥାନରୁ ବୋଷ୍ଟନ୍ ଯାଉଛି । ସେଠାରେ ଗୋଟିଏ ବୃହତ୍ ମହିଳା-ସଭାରେ ବକ୍ତୃତା ଦେବାକୁ ହେବ । ସେମାନେ ରମାବାଈଙ୍କୁ ସାହାଯ୍ୟ କରୁଛନ୍ତି । ବୋଷ୍ଟନ୍ ଗଲେ ମୋତେ ପ୍ରଥମେ ଲୁଗା କିଣିବାକୁ ପଡ଼ିବ । ସେଠାରେ ବେଶୀ ଦିନ ରହିବାକୁ ହେଲେ ମୋର ଏ ଅପୂର୍ବ ପୋଷାକ ଚଳିବ ନାହିଁ । ରାସ୍ତାରେ ମୋତେ ଦେଖିବାକୁ ଶହଶହ ଲୋକ ଠିଆହୋଇ ଯାଆନ୍ତି । ସୁତରାଂ ମୋତେ କଳା ରଙ୍ଗର ଲମ୍ବା ଜାମା ପିନ୍ଧିବାକୁ ହେବ । କେବଳ ବକ୍ତୃତା ଦେବା ସମୟରେ ଗେରୁଆ ଆଲଖାଲ୍ଲା ଓ ପଗଡ଼ି ପିନ୍ଧିବି । କଅଣ କରିବି ? ଏଠାର ମହିଳାମାନେ ମୋତେ ଏହି ପରାମର୍ଶ ଦେଉଛନ୍ତି । ସେହିମାନେ ହିଁ ଏଠାରେ ସର୍ବମୟୀ କର୍ତ୍ତ୍ରୀ; ସେମାନଙ୍କର ସହାନୁଭୂତି ନ ପାଇଲେ ଚଳିବ ନାହିଁ । ଏହି ପତ୍ର ତୁମ ନିକଟରେ ପହଞ୍ଚିବା ପୂର୍ବରୁ ମୋ ପାଖରେ ବୋଧହୁଏ ୬୦।୭୦ ପାଉଣ୍ଡ ରହିଥିବ । ଅତଏବ କିଛି ଟଙ୍କା ପଠାଇବାକୁ ବିଶେଷ ଚେଷ୍ଟା କରିବ । ଏ ଦେଶରେ କିଛି କାର୍ଯ୍ୟ କରିବାକୁ ହେଲେ କିଛିଦିନ ଏଠାରେ ରହିବା ଦରକାର । ମୁଁ ଭଟ୍ଟାଚାର୍ଯ୍ୟ ମହାଶୟଙ୍କ ପାଇଁ ଫନୋଗ୍ରାଫ୍ ଦେଖିବାକୁ ଯାଇପାରି ନାହିଁ, କାରଣ ମୁଁ ତାଙ୍କ ପତ୍ର ଏଠାକୁ ଆସି ପାଇଲି । ପୁଣି ଯଦି ଚିକାଗୋ ଯାଏ, ତେବେ ସେଥିପାଇଁ ଚେଷ୍ଟା କରିବି । ମୁଁ ପୁଣି ଚିକାଗୋ ଯିବି କି ନାହିଁ, ଜାଣି ନାହିଁ ।

ସେଠାରେ ମୋର ବନ୍ଧୁମାନେ ମୋତେ ଭାରତର ପ୍ରତିନିଧି ହେବା ପାଇଁ କହିଥିଲେ, ଆଉ ବରଦା ରାଓ ଯେଉଁ ଭଦ୍ରବ୍ୟକ୍ତିଙ୍କ ସହିତ ମୋର ଆଳାପ କରାଇ ଦେଇଥିଲେ, ସେ ଚିକାଗୋ-ମେଳାର ଜଣେ କର୍ତ୍ତା । କିନ୍ତୁ ମୁଁ ପ୍ରତିନିଧି ହେବାକୁ ଅସ୍ୱୀକାର କଲି; କାରଣ, ଚିକାଗୋରେ ଏକମାସରୁ ଅଧିକ ରହିବାକୁ ଗଲେ ମୋର ସାମାନ୍ୟ ସମ୍ବଳ ଶେଷ ହୋଇଯାଇଥାନ୍ତା ।

କାନାଡ଼ା ବ୍ୟତୀତ ସମଗ୍ର ଆମେରିକାରେ ରେଲଗାଡ଼ିରେ ଭିନ୍ନ ଭିନ୍ନ ଶ୍ରେଣୀ ନାହିଁ । ସୁତରାଂ ମୋତେ ପ୍ରଥମ ଶ୍ରେଣୀରେ ଭ୍ରମଣ କରିବାକୁ ପଡ଼ିଲା; କାରଣ ତାହା ଛଡ଼ା ଅନ୍ୟ ଶ୍ରେଣୀ ନାହିଁ । ମୁଁ କିନ୍ତୁ ପୁଲମ୍ୟାନ୍ ଗାଡ଼ିରେ ଚଢ଼ିବାକୁ ସାହସ କରେ ନାହିଁ । ଏ ଗାଡ଼ି ଖୁବ୍ ଆରାମପ୍ରଦ, ଏଥିରେ ଭୋଜନ, ପାନ, ଶୟନ, ଏପରିକି ସ୍ନାନ କରିବାର ମଧ୍ୟ ସୁବନ୍ଦୋବସ୍ତ ଅଛି । ତୁମେ ମନେକରିବ, ଯେତେ ସେପରି କୌଣସି ହୋଟେଲରେ ରହିଛ; କିନ୍ତୁ ସେଥିରେ ବହୁତ ଖର୍ଚ୍ଚ ।

ଏଠାର ସମାଜ ଭିତରେ ପଶି ସେମାନଙ୍କୁ ଶିକ୍ଷା ଦେବା ଅତ୍ୟନ୍ତ କଠିନ । ବିଶେଷତଃ ବର୍ତ୍ତମାନ ସହରରେ କେହି ନାହାନ୍ତି, ସମସ୍ତେ ଗ୍ରୀଷ୍ମନିବାସମାନଙ୍କୁ ଚାଲି ଯାଇଛନ୍ତି । ଶୀତ ପଡ଼ିଲେ ପୁଣି ସମସ୍ତେ ସହରକୁ ଫେରିବେ, ସେତେବେଳେ ସେମାନଙ୍କୁ ପାଇବି । ସୁତରାଂ ମୋତେ ଏଠାରେ କିଛି ଦିନ ରହିବାକୁ ହେବ । ଏତେ ଚେଷ୍ଟା ପରେ ମୁଁ ସହଜରେ ଛାଡ଼ିଦେଇ ନାହିଁ । ତୁମେମାନେ ଯଥାଶକ୍ତି ମୋତେ ସାହାଯ୍ୟ କର । ଯଦି ତୁମେମାନେ ନ ପାରିବ, ମୁଁ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରି ଦେଖିବି । ଯଦି ମୁଁ ଏଠାରେ ରୋଗ, ଶୀତ କିମ୍ବା ଅନାହାରରେ ମରିଯାଏ, ତୁମେମାନେ ଏହି ବ୍ରତ ଗ୍ରହଣ କରି ପ୍ରାଣ-ପଣେ ଲାଗିଯିବ । ପବିତ୍ରତା, ସରଳତା ଓ ବିଶ୍ୱାସ । ମୁଁ ଯେଉଁଠାରେ ଥାଏ ନା କାହିଁକି, ମୋ ନାମରେ ଆସିଥିବା ସମସ୍ତ ଚିଠିପତ୍ର ଓ ଟଙ୍କା ମୋଠାକୁ ପଠାଇ ଦେବା ପାଇଁ କୁକ୍ କମ୍ପାନୀକୁ ମୁଁ କହି ଆସିଛି । 'ରୋମ୍ ନଗରୀ ଦିନକରେ ନିର୍ମିତ ହୋଇ ନାହିଁ ।' ଯଦି ତୁମେମାନେ ଟଙ୍କା ପଠାଇ ମୋତେ ଅନ୍ତତଃ ଛଅମାସ ଏଠାରେ ରଖାଇପାରିବ, ଆଶା କରେ—ସବୁ ସୁବିଧା ହୋଇଯିବ । ଏଥିମଧ୍ୟରେ ମୁଁ ଯେକୌଣସି କାଷ୍ଠଖଣ୍ଡ ସମ୍ମୁଖରେ ପାଉଛି, ତାହାକୁ ଧରି ଭାସିବାକୁ ଚେଷ୍ଟା କରୁଛି । ଯଦି ମୁଁ ନିଜ ଭରଣପୋଷଣର କୌଣସି ଉପାୟ କରିପାରିବି, ତତ୍କ୍ଷଣାତ୍ ତୁମମାନଙ୍କୁ ତାରଦ୍ୱାରା ଜଣାଇବି ।

ପ୍ରଥମେ ଆମେରିକାରେ ଚେଷ୍ଟା କରିବି; ଏଠାରେ ଅକୃତକାର୍ଯ୍ୟ ହେଲେ ଇଂଲଣ୍ଡରେ ଚେଷ୍ଟା କରିବି । ସେଥିରେ ମଧ୍ୟ କୃତକାର୍ଯ୍ୟ ନ ହେଲେ ଭାରତକୁ ଫେରିଯିବି ଓ ଭଗବାନଙ୍କ ପୁନରାଦେଶ ପ୍ରତୀକ୍ଷାରେ ରହିବି । 'ରା—'ର ପିତା ଇଂଲଣ୍ଡ ଯାଇଛନ୍ତି । ସେ ଘରକୁ ଫେରିବାକୁ ଖୁବ୍ ବ୍ୟସ୍ତ । ତାଙ୍କର ଭିତରଟି ଖୁବ୍ ଭଲ, ଉପରଟା କେବଳ ବଣିକସୁଲଭ କର୍କଶତା । ମୋ ଚିଠି ପହଞ୍ଚିବାକୁ କୋଡ଼ିଏ ଦିନରୁ ଅଧିକ ଲାଗିବ ।

ଏହି କିଛି ଇଂଲଣ୍ଡରେ ଏବେ ମଧ୍ୟ ଏତେ ଶୀତ ଯେ, ପ୍ରତ୍ୟହ ସକାଳେ ଏବଂ ରାତିରେ ନିଆଁ ଜଳାଇ ରଖିବାକୁ ହୁଏ । କାନାଡ଼ାରେ ଆହୁରି ଶୀତ । କାନାଡ଼ାର ଗ୍ରେଟ

ପାହାଡ଼ମାନଙ୍କ ଉପରେ ଯେପରି ବରଫ ପଡ଼ିବା ଦେଖିଛି, ଆଉ କୌଣସିଠାରେ ସେପରି ଦେଖି ନାହିଁ ।

ମୁଁ ପୁଣି ଏହି ସୋମବାର ଦିନ ସେଲେମ୍‌ରେ ଏକ ବୃହତ୍ ମହିଳାସଭାରେ ବକ୍ତୃତା ଦେବାକୁ ଯାଉଛି । ତଦ୍ୱାରା ମୋର ଆହୁରି ଅନେକ ସଭାସମିତି ସହିତ ପରିଚୟ ହେବ । ଏହିପରି କ୍ରମଶଃ ମୋର ପଥ ସୁଗମ ହୋଇପାରିବ, କିନ୍ତୁ ଏପରି କରିବାକୁ ହେଲେ ଏହି ଭୟାନକ ମହାର୍ଘ ଦେଶରେ ଅନେକ ଦିନ ରହିବାକୁ ହେବ ! ଭାରତରେ ଟଙ୍କାର ମୂଲ୍ୟ ତଳାହୋଇଯିବାରୁ ଏଠା ଲୋକଙ୍କ ମନରେ ମହା ଆଶଙ୍କାର ଉଦୟ ହେଉଛି । ବହୁ ମିଲ୍ ବନ୍ଦ ହୋଇଗଲଣି । ତେଣୁ ଏବେବେଳେ ସାହାଯ୍ୟର ଚେଷ୍ଟା ବୃଥା । ମୋତେ ସେଥିପାଇଁ କିଛିଦିନ ଅପେକ୍ଷା କରିବାକୁ ହେବ ।

ଏହିକ୍ଷଣି ଦରଜୀ ପାଖକୁ ଯାଇଥିଲି । କିଛି ଶୀତବସ୍ତ୍ରର ଅର୍ଡ଼ର ଦେଇ ଆସିଲି । ସେଥିରେ ୩୦୦ ଟଙ୍କା କିମ୍ବା ତହିଁରୁ ବେଶୀ ଲାଗିବ । ତାହା ଯେ ଖୁବ୍ ଭଲ ଲୁଗା ହେବ, ସେପରି ଭାବ ନାହିଁ, କେବଳ ଚଳନୀୟ ଧରଣର ହେବ । ଏଠାରେ ସ୍ତ୍ରୀଲୋକମାନେ ପୁରୁଷମାନଙ୍କର ପୋଷାକ ସମ୍ବନ୍ଧରେ ଖୁବ୍ ବାଛ ବିଚାର କରନ୍ତି, ଆଉ ଏ ଦେଶରେ ସେହିମାନଙ୍କର ହିଁ ପ୍ରଭୁତ୍ୱ । ମିଶନାରୀମାନେ ଏମାନଙ୍କ ବେକ ମୋଡ଼ି ଯଥେଷ୍ଟ ଅର୍ଥ ଆଦାୟ କରିଥାଆନ୍ତି । ଏମାନେ ରମାବାଈଙ୍କୁ ପ୍ରତିବର୍ଷ ଖୁବ୍ ସାହାଯ୍ୟ କରୁଛନ୍ତି । ଯଦି ମୋତେ ଏଠାରେ ରଖାଇବାକୁ ତୁମେମାନେ ଟଙ୍କା ପଠାଇ ନ ପାର, ତାହାହେଲେ ଏ ଦେଶରୁ ଫେରିଯିବା ପାଇଁ କିଛି ଟଙ୍କା ପଠାଅ । ଏଥିମଧ୍ୟରେ ଯଦି କିଛି ଶୁଭ ଖବର ହୁଏ, ମୁଁ ଲେଖିବି କିମ୍ବା ତାର କରିବି । 'କେବଲ୍' (ତାର) କରିବାକୁ ପ୍ରତ୍ୟେକ ଶବ୍ଦ ପାଇଁ ଲାଗେ ୪୧ ଟଙ୍କା ।

ତୁମମାନଙ୍କର, ବିବେକାନନ୍ଦ

୭୩ଇଂ (ଅଧ୍ୟାପକ ରାଇଟ୍‌ଙ୍କୁ ଲିଖିତ)

ସେଲେମ୍, ୩୦ ଅଗଷ୍ଟ ୧୮୯୩

ପ୍ରିୟ ଅଧ୍ୟାପକଜୀ*,

ମୁଁ ଆଜି ଏଠାରୁ ଚାଲିଯାଉଛି । ମନେହୁଏ ଚିକାଗୋଠାରୁ ଆପଣ କିଛି ଉତ୍ତର ପାଇଛନ୍ତି । ମି: ସ୍ୟାନ୍‌ବର୍ଣ୍ଣଙ୍କ ପାଖରୁ ପୂର୍ଣ୍ଣ ନିର୍ଦ୍ଦେଶ ସହିତ ଆମନ୍ତ୍ରଣ ପାଇଛି । ସୁତରାଂ ସୋମବାର ଦିନ ମୁଁ ସାରାଟୋଗାକୁ ଯାଉଛି । ଆପଣଙ୍କ ଗୃହିଣୀଙ୍କୁ ମୋର ଶ୍ରଦ୍ଧା ଜଣାଇବେ । ଅଷ୍ଟିନ୍ ଓ ଅନ୍ୟ ଶିଶୁମାନଙ୍କୁ ସ୍ନେହ ଦେବେ । ଆପଣ ପ୍ରକୃତରେ ଜଣେ ମହାତ୍ମା ଏବଂ ଶ୍ରୀମତୀ ରାଇଟ୍ ଅତୁଳନୀୟା ।

ପ୍ରୀତିବଦ୍ଧ, ବିବେକାନନ୍ଦ

* ବୋଷ୍ଟନର ଅଧ୍ୟାପକ J. H. Wright ସ୍ୱାମୀଜୀଙ୍କୁ ଚିକାଗୋର ଧର୍ମମହାସଭାରେ ପରିଚିତ କରାଇ ଦେଇଥିଲେ । ସ୍ୱାମୀଜୀ ତାହାଙ୍କୁ ଅଧ୍ୟାପକଜୀ କହୁଥିଲେ ଏବଂ ଚିଠିରେ ମଧ୍ୟ ଅନୁରୂପ ଲେଖୁଥିଲେ ।

୭୪ଇଂ ସେଲେମ୍, ୪ ସେପ୍ଟେମ୍ବର ୧୮୯୩

ପ୍ରିୟ ଅଧ୍ୟାପକଜୀ,

ଆପଣଙ୍କର ପ୍ରଦତ୍ତ ପରିଚୟ-ପତ୍ର ପାଇଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି । ଚିକାଗୋର ମିଃ ଥେଲ୍ସଙ୍କଠାରୁ ଖଣ୍ଡିଏ ଚିଠି ପାଇଛି । ଏଥିରେ ମହାସଭାର କେତେଜଣ ପ୍ରତିନିଧିଙ୍କ ନାମ ଏବଂ ଅନ୍ୟାନ୍ୟ ସମ୍ବାଦ ଅଛି ।

ମିସ୍ ସ୍ୟାନ୍‌ବର୍ଣ୍ଣଙ୍କ ନିକଟକୁ ପଠାଇଥିବା ଚିଠିରେ ଆପଣଙ୍କର ସମ୍ମାନିତ ଅଧ୍ୟାପକ ମୋତେ ପୁରୁଷୋତ୍ତମ ଯୋଶୀ ବୋଲି ଭୁଲ କରିଛନ୍ତି । ଏହି ଚିଠିରେ ସେ ଜଣାଇଛନ୍ତି ଯେ, ବୋଷ୍ଟନ୍‌ରେ ଏପରି ଗୋଟିଏ ସଂସ୍କୃତ ଗ୍ରନ୍ଥାଗାର ଅଛି, ଯାହା ଭଳି ଗୋଟିଏ ଗ୍ରନ୍ଥାଗାର ଭାରତରେ ପାଇବା ସନ୍ଦେହ । ଗ୍ରନ୍ଥାଗାରଟି ଦେଖିବାକୁ ପାଇଲେ ମୁଁ କେତେ ଖୁସି ନ ହେବ !

ମିଃ ସ୍ୟାନ୍‌ବର୍ଣ୍ଣ ମୋତେ ସୋମବାର ସାରାଟୋଗାକୁ ଯିବାକୁ କହିଛନ୍ତି ଏବଂ ତଦନୁସାରେ ମୁଁ ସେଠାକୁ ଯାଉଛି । ସେଠାରେ ମୁଁ 'ସ୍ୟାନାଟୋରିୟମ୍' ନାମକ ବୋର୍ଡିଂ ଗୃହରେ ରହିବ । ଯଦି ଏହା ମଧ୍ୟରେ ଚିକାଗୋରୁ କୌଣସି ସମ୍ବାଦ ଆସେ, ଆଶାକରେ ଆପଣ ତାହା ଅନୁଗ୍ରହ କରି ସାରାଟୋଗା ସ୍ୟାନାଟୋରିୟମ୍‌କୁ ପଠାଇ ଦେବେ ।

ଆପଣ, ଆପଣଙ୍କର ମହୀୟସୀ ପତ୍ନୀ ଏବଂ ଶିଶୁ ସନ୍ତାନମାନେ ମୋ ମନରେ ଏପରି ଛାପ ରଖିଛନ୍ତି, ଯାହା କୌଣସି ପ୍ରକାରେ ଲିଭିଯିବା ସମ୍ଭବ ନୁହେଁ । ମୁଁ ଆପଣମାନଙ୍କ ସଙ୍ଗରେ ରହୁଥିଲି ବେଳେ ପ୍ରକୃତରେ ସ୍ୱର୍ଗର ଆଖପାଖରେ ଥିଲି ପରି ମନେହେଉଥିଲା । ଯେ ସମସ୍ତ ବସ୍ତୁର ଦାତା, ସେ ଆପଣଙ୍କ ଉପରେ ତାଙ୍କର ଶ୍ରେଷ୍ଠ ଆଶୀର୍ବାଦ ବର୍ଷଣ କରନ୍ତୁ ।

କବିତା ଆକାରରେ କେତେକ ଧାଡ଼ି ଲେଖି ପଠାଉଛି । ମୋର ଏହି ଅତ୍ୟାଗ୍ରହ ଟିକକ ଆପଣ ସ୍ନେହ ସହକାରେ କ୍ଷମା କରିବେ, ଏହି ଆଶା ।

ଆପଣଙ୍କର ଚିରବନ୍ଧୁ, ବିବେକାନନ୍ଦ

ପାହାଡ଼େ ପର୍ବତେ ଓ ଉପତ୍ୟକାରେ
ଗୀର୍ଜା ମନ୍ଦିର ଓ ମସ୍‌ଜିଦରେ—
ବେଦ ବାଇବେଲ ଆଉ କୋରାନ୍‌ର ପୃଷ୍ଠାରେ
ଖୋଜିଛି ତୁମକୁ ମୁହିଁ ବିଫଳ କ୍ରନ୍ଦନେ ।
ମହାରଣ୍ୟେ ପଥଭ୍ରାନ୍ତ ବାଳକର ସମ
କାନ୍ଦି କାନ୍ଦି ଫେରିଛି ଏକାକୀ—
କେଉଁଠାରେ—କେଉଁଠାରେ ତୁମେ ମୋର ପ୍ରାଣ, ଆହେ ଭଗବାନ ?
ନାହିଁ, ପ୍ରତିଧ୍ୱନି କହେ ଖାଲି ନାହିଁ ।

ଦିବା, ରାତ୍ରି, ମାସ, ବର୍ଷ କଟିଯାଏ,
ଅଗ୍ନି ଜଳୁଥାଏ ଶିରେ
କିଭାବରେ ଦିନ ହୁଏ ରାତ୍ରି ନାହିଁ ଜାଣେ,
ହୃଦୟ ମୋ ଭାଙ୍ଗିଯାଏ ଦୁଇଭାଗ ହୋଇ ।
ଗଙ୍ଗାତୀରେ ଲୋଟିପଡ଼େ ବେଦନାରେ
ଯାଏ ମୁଁ ଖରାରେ ପୋଡ଼ି ଓ ବୃଷ୍ଟିରେ ଭିଜି,
ଏ ଧୂଳିକୁ ସିକ୍ତ କରେ ତପ୍ତ ଅଶ୍ରୁ ମୋର,
ହାହାକାର ମିଶିଯାଏ ଜଳକଲରବେ;
ସକଳ ଦେଶର ସକଳ ମତର ମହାପୁରୁଷଙ୍କୁ
ନାମ ନେଇ ଡାକଉଠେ ଅଧୀର ହୋଇ,
କହେ, ମୋତେ ପଥ ଦେଖାଅ, ଦୟା କର,
ଆହେ, ତୁମେମାନେ ଯିଏ ପହଞ୍ଚିଛ ରାସ୍ତାର ଶେଷରେ ।

କେତେବର୍ଷ କଟିଗଲା କରୁଣ ଆର୍ତ୍ତିନାଦେ,
ମୁହୂର୍ତ୍ତିଟା ମନେହୁଏ ଯେହ୍ନେ ଯୁଗ ଗୋଟେ,
ସେତେବେଳେ—ଦିନେ ମୋର ହାହାକାର ମଧ୍ୟେ
ଯେପରି କେ ଡାକଦେଲା ମୋତେ ମୋର ନାମ ଧରି ।

ମୃଦୁ ମଧୁ ଆସ୍ୱାଦନ ସମ ଏକ ସ୍ୱର—
'ପୁତ୍ର ! ମୋର ପୁତ୍ର ! ପୁତ୍ର ମୋର !'
ସେ କଣ୍ଠ ବାଜିଲା ହୃଦେ ଗୋଟିଏ ସ୍ୱରରେ—
ଆତ୍ମାର ପ୍ରତିଟି ତନ୍ତ୍ରୀ ଉଠିଲା ଝଙ୍କାରି ।

ଉଠି ହେଲି ଉଭା । କାହିଁ ସେହି ସ୍ୱର
ଯାହାକି ଡାକୁଛି ମୋତେ—ଏପରି ଭାବରେ ?
ଖୋଜି ବୁଲେ ଏଠି ସେଠି ସବୁଠାରେ,
ବାରେ ବାରେ—ପଥେ ଓ ପ୍ରାନ୍ତରେ ।
ଏହି ଏହି ପୁଣି ସେହି ଦୈବୀ ସ୍ୱର !
ଏହି ତ ଶୁଣୁଛି ମୁହିଁ, ମୋହର ଆହ୍ୱାନ !
ଆବେଗ ଓ ଆନନ୍ଦରେ ନିରୁଦ୍ଧ ହୃଦୟ
ବୁଡ଼ିଗଲା ପରମା ଶାନ୍ତିରେ ।

ଜଳ ଉଠେ ଆତ୍ମା ମୋର ପରମ ଜ୍ୟୋତିରେ
ଖୋଲିଗଲା ହୃଦୟର ଦ୍ୱାର,
ଆନନ୍ଦ ! ଆନନ୍ଦ ! ଏ କି ଅପରୂପ !
ପ୍ରିୟ ମୋର, ପ୍ରାଣ ମୋର, ସର୍ବସ୍ୱ ମୋହର,
ତୁମେ ଯେ ଏଠାରେ ଏତେ ପାଖେ—ମୋହର ହୃଦୟେ ?
ମୋହର ହୃଦୟେ ତୁମେ ନିତ୍ୟକାଳ ରାଜାର ଗୌରବେ !

ସେହିଦିନଠାରୁ ଯେବେ ଯେଉଁଠାକୁ ଯାଏ
ବୁଝିଛି ହୃଦୟେ, ତୁମେ ଅଛ ପାଖେ ପାଖେ
ପର୍ବତେ—ଉପତ୍ୟକାରେ—ଶିଖରେ—ସାନୁରେ—
ଦୂରେ ବହୁଦୂରେ, ଊର୍ଦ୍ଧ୍ୱେ ଆହୁରି ଊର୍ଦ୍ଧ୍ୱରେ !

ସୁନ୍ଦର କୋମଳ ଆଖି, ତାରକାର ଦ୍ୟୁତି,
ଉଦୟର ମହାନ୍ ଉଦ୍ଭାସ—
ସବୁରି ଅନ୍ତର-ଜ୍ୟୋତି ରୂପେ ପ୍ରକାଶିତ;
ତାଙ୍କ ଶକ୍ତି ସବୁ ଆଲୋକର ପ୍ରାଣ ।
ମହିମାର ଉଷା ସେ ଯେ, ସନ୍ଧ୍ୟା ବିଗଳିତ,
ଅନନ୍ତ ଓ ଅଶାନ୍ତ ସମୁଦ୍ର ସେ ଯେ,
ପ୍ରକୃତିର ସୁଷମାରେ, ପକ୍ଷୀର ସଙ୍ଗୀତେ
ଖାଲି ସେ ଯେ, ଏକମାତ୍ର ସେହି ।

ଘୋର ଦୁର୍ବିପାକେ ଯେବେ ବାଧା ହୋଇ ପଡ଼େ
ଅବସନ୍ନ ପ୍ରାଣ ଆଉ କ୍ଳାନ୍ତ ଓ କାତର,
ଯେବେ ହିଁ ପ୍ରକୃତି ମୋତେ ତୃପ୍ତ କରେ
ଷମାହୀନ ତାହାର ନିୟମେ—

ଶୁଣିଛି ତୁମର ସ୍ୱର ସେତେବେଳେ ପ୍ରିୟ !
କହିଛ ଗୋପନେ ମୃଦୁଭାବେ 'ମୁଁ ଆସିଛି',
ଜାଗିଅଛି ସେହି ସ୍ୱରେ; ତୁମର ସଙ୍ଗରେ
ସହସ୍ର ମୃତ୍ୟୁର ମୁଖେ ମୁହିଁ ଯେ ନିର୍ଭୟ ।
ତୁମେ ଅଛ ମାତାର ସଙ୍ଗୀତେ, ଶୁଣି ଯାହା
କୋଳଶିଶୁ ପଡ଼େ ଶୋଇ ଜନନୀର କୋଳେ,
ତୁମେ ଅଛ ଶିଶୁର ହସରେ ଖେଳରେ ବି
ଆଉ ତୁମେ ତାଙ୍କ ମେଳେ ଆଲୋକିତ କର !

ପବିତ୍ରହୃଦୟ ବନ୍ଧୁଗଣ ହୋଇଲେ ମିଳିତ
ତାଙ୍କ ମଧ୍ୟେ ଛିଡ଼ା ହୋଇଥାଅ ତୁମେ ।
ସୁଧା ଢାଳିଦିଅ ତୁମେ ମାତାର ଚୁମ୍ବନେ,
ତୁମେ ସ୍ୱର ଦିଅ ଶିଶୁ-ମା-ମା ଡାକେ ।
ପ୍ରାଚୀନ ଋଷିମାନଙ୍କ ତୁମେ ଭଗବାନ,
ସକଳ ମତର ତୁମେ ଚିରନ୍ତନ ଉତ୍ସ,
ବେଦ, ବାଇବେଲ୍ ଆଉ କୋରାନ୍ ଗାଉଛି
ତୁମ ନାମ ଉଚ୍ଚ କଣ୍ଠେ—ସମାନ ସ୍ୱରରେ ।

ଅଛ, ଅଛ, ତୁମେ ଅଛ
ଧାବମାନ ଜୀବନରେ ତୁମେ ମୋ ଆତ୍ମାର ଆତ୍ମା,
ଓଁ ତତ୍ ସତ୍ ଓଁ*—ମୋହର ଈଶ୍ୱର ତୁମେ,
ପ୍ରିୟ ମୋର, ମୁଁ ତୁମର, ଏକାନ୍ତ ତୁମର ।

୭୫ଇଂ

ଚିକାଗୋ, ୨ ଅକ୍ଟୋବର ୧୮୯୩

ପ୍ରିୟ ଅଧ୍ୟାପକଜୀ,

ମୋର ଦୀର୍ଘ ନୀରବତା ସମ୍ପର୍କରେ ଆପଣ କଅଣ ଭାବୁଛନ୍ତି ମୁଁ ଜାଣେ ନାହିଁ । ପ୍ରଥମତଃ ମୁଁ ଶେଷ ମୁହୂର୍ତ୍ତିରେ ବିନା ପ୍ରସ୍ତୁତିରେ ମହାସଭାରେ ଉପସ୍ଥିତ ହୋଇଥିଲି । ସେଥିପାଇଁ କିଛି ସମୟ ମୋତେ ଅତ୍ୟନ୍ତ ବ୍ୟସ୍ତ ରହିବାକୁ ପଡ଼ିଥିଲା । ଦ୍ୱିତୀୟତଃ ମହାସଭାରେ ପ୍ରାୟ ପ୍ରତିଦିନ ମୋତେ ବକ୍ତୃତା ଦେବାକୁ ପଡ଼ୁଛି, ଫଳରେ ଲେଖିବା ପାଇଁ ଆଦୌ ସମୟ ପାଇ ନାହିଁ । ଶେଷ ଏବଂ ସବୁଠାରୁ ବଡ଼ କଥା ଏହି ଯେ, ହେ ହୃଦୟବାନ୍ ବନ୍ଧୁ, ଆପଣଙ୍କ ନିକଟରେ ମୁଁ ଏପରି ଋଣୀ ଯେ, ଅସ୍ତବ୍ୟସ୍ତ ହୋଇ—କେବଳ ଚିଠିର ଉତ୍ତର ଦେବା ପାଇଁ—ଏଣୁ ତେଣୁ କିଛି ଗୋଟାଏ ଲେଖି ପଠାଇଲେ ତାହା ଆପଣଙ୍କର ଅହେତୁକ ସୌହାର୍ଦ୍ଦ୍ୟର ଅମର୍ଯ୍ୟାଦା ହୁଅନ୍ତା । ମହାସଭାର କାର୍ଯ୍ୟ ବର୍ତ୍ତମାନ ସରିଛି ।

ପ୍ରିୟ ଭ୍ରାତା, ସାରା ପୃଥିବୀର ବିଶିଷ୍ଟ ବକ୍ତା ଓ ଚିନ୍ତାଶୀଳ ବ୍ୟକ୍ତିମାନେ ସେହି ମହାସଭାରେ ଉପସ୍ଥିତ ଥିଲେ । ସେମାନଙ୍କ ସମ୍ମୁଖରେ ଛିଡ଼ା ହେବାକୁ ଏବଂ ବକ୍ତୃତା ଦେବାକୁ ମୋର ଅତ୍ୟନ୍ତ ଭୟ ହେଉଥିଲା । କିନ୍ତୁ ପ୍ରଭୁ ମୋତେ ଶକ୍ତି ଦେଇଛନ୍ତି । ପ୍ରାୟ

---

* 'ତତ୍ ସତ୍' : ସେହି ସତ୍ସ୍ୱରୂପ
[ସ୍ୱାମୀଜୀଙ୍କର ଟୀକା—'Tat Sat' means That only Real Existence]

ପ୍ରତିଦିନ ବୀରଭୂମି ମୁଁ ସଭାକକ୍ଷରେ ଶ୍ରୋତାମାନଙ୍କର ସମ୍ମୁଖୀନ ହୋଇଛି । ଯଦି ମୁଁ ସଫଳ ହୋଇଥାଏ, ସେ ହିଁ ଶକ୍ତି ସଞ୍ଚାର କରିଛନ୍ତି । ଯଦି ମୁଁ ଶୋଚନୀୟ ଭାବରେ ବ୍ୟର୍ଥ ହୋଇଥାଏ—ତାହା ଯେ ଘଟିବ, ଆଗରୁ ମୁଁ ଏକଥା ଜାଣିଥିଲି—କାରଣ ମୁଁ ଅତ୍ୟନ୍ତ ଅଜ୍ଞାନ ।

ଆପଣଙ୍କର ବନ୍ଧୁ ଅଧ୍ୟାପକ ବ୍ରାଡ୍‌ଲି ମୋ ପ୍ରତି ଖୁବ୍ ଦୟା ପ୍ରକାଶ କରିଛନ୍ତି ଏବଂ ସର୍ବଦା ମୋତେ ଉତ୍ସାହିତ କରିଛନ୍ତି । ଆହା ! ସମସ୍ତେ ମୋ ପ୍ରତି—ମୋ ପରି ନଗଣ୍ୟ ବ୍ୟକ୍ତି ପ୍ରତି ଯେ କିଭଳି ପ୍ରୀତିପରାୟଣ, ଭାଷାରେ ତାହା ପ୍ରକାଶ କରିହେବ ନାହିଁ । ପ୍ରଭୁ ଧନ୍ୟ, ତାଙ୍କର ଜୟ ହେଉ, ତାଙ୍କର କୃପାଦୃଷ୍ଟିରେ ଭାରତର ଦରିଦ୍ର ଅଜ୍ଞ ଜଣେ ସନ୍ନ୍ୟାସୀ ଏହି ମହାଶକ୍ତିଶାଳୀ ଦେଶରେ ପଣ୍ଡିତ ଧର୍ମଯାଜକମାନଙ୍କର ତୁଲ୍ୟ ଭାବରେ ଗଣ୍ୟ ହୋଇଛି । ପ୍ରିୟ ଭାଇ, ଜୀବନର ପ୍ରତ୍ୟେକ ଦିନ ମୁଁ ଯେଉଁ ଭାବରେ ପ୍ରଭୁଙ୍କର କରୁଣା ପାଉଛି, ମୋର ଇଚ୍ଛା ହୁଏ, ଛିନ୍ନବସ୍ତ୍ରରେ ଓ ମୁଷ୍ଟିଭିକ୍ଷାରେ ଯାପିତ ଲକ୍ଷ ଲକ୍ଷ ଯୁଗବ୍ୟାପୀ ଜୀବନ ଦେଇ ତାହାଙ୍କର କାର୍ଯ୍ୟ କରିଯାଏ—କର୍ମ ମଧ୍ୟ ଦେଇ ତାଙ୍କର ସେବା କରିଯାଏ ।

ଆହା, ମୋର ଏକାନ୍ତ ଇଚ୍ଛା, ଆପଣ ଏଠାକୁ ଆସି ଭାରତର କେତେଜଣ ମଧୁର-ଚରିତ୍ର ବ୍ୟକ୍ତିଙ୍କୁ ଦେଖିଯାଆନ୍ତୁ—କୋମଳପ୍ରାଣ ବୌଦ୍ଧଧର୍ମପାଳଙ୍କୁ, ବାଗ୍ମୀ ମଜୁମଦାରଙ୍କୁ—ଆପଣ ଅନୁଭବ କରିବେ, ସେହି ସୁଦୂର ଦରିଦ୍ର ଭାରତରେ ବି ଏଭଳି ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କର ହୃଦୟ ଏହି ବିଶାଳ ଶକ୍ତିଶାଳୀ ଦେଶର ମନୁଷ୍ୟମାନଙ୍କର ହୃଦୟ ସଙ୍ଗରେ ସମତାଳରେ ସ୍ପନ୍ଦିତ ହୋଇଥାଏ ।

ଆପଣଙ୍କର ପୁଣ୍ୟବତୀ ପତ୍ନୀଙ୍କୁ ମୋର ଅସୀମ ଶ୍ରଦ୍ଧା । ଆପଣଙ୍କର ମଧୁର ସନ୍ତାନ-ମାନଙ୍କୁ ମୋର ଅନନ୍ତ ସ୍ନେହ ଓ ଆଶୀର୍ବାଦ ।

ଯଥାର୍ଥ ଉଦାରମନା କର୍ଣ୍ଣେଲ ହିଗିନ୍‌ସନ୍ ମୋତେ କହୁଥିଲେ, ଆପଣଙ୍କ କନ୍ୟା ତାଙ୍କ କନ୍ୟାଙ୍କ ନିକଟକୁ ମୋ ବିଷୟରେ କିଛି ଲେଖିଛନ୍ତି । କର୍ଣ୍ଣେଲ ମୋ ପ୍ରତି ଯଥେଷ୍ଟ ସହାନୁଭୂତି-ପରାୟଣ । ମୁଁ ଆସନ୍ତାକାଲି ଏଭାନଷ୍ଟନ୍‌କୁ ଯାଉଛି । ଆଶାକରେ, ସେଠାରେ ଅଧ୍ୟାପକ ବ୍ରାଡ୍‌ଲିଙ୍କୁ ଦେଖିବି ।

ପ୍ରଭୁ ଆମ ସମସ୍ତଙ୍କୁ ପବିତ୍ରରୁ ପବିତ୍ରତର କରନ୍ତୁ, ଯାହା ଫଳରେ ଆମେମାନେ ଏହି ପାର୍ଥିବ ଦେହ ତ୍ୟାଗ କରିବା ପୂର୍ବରୁ ପରିପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନ ଯାପନ କରିପାରିବା ।

ବିବେକାନନ୍ଦ

( ପୃଥକ୍ ଖଣ୍ଡିଏ କାଗଜରେ ଲିଖିତ ପତ୍ରର ପର ଅଂଶ )

ମୁଁ ବର୍ତ୍ତମାନ ଏଠାକାର ଜୀବନଯାତ୍ରା ସଙ୍ଗରେ ନିଜକୁ ମିଳାଇ ନେବାର ଚେଷ୍ଟା କରୁଅଛି । ସମସ୍ତ ଜୀବନର ସକଳ ଅବସ୍ଥାକୁ ତାଙ୍କର ଦାନ ଭାବେ ଗ୍ରହଣ କରି ଶାନ୍ତଭାବରେ ତାହା ସହିତ ନିଜକୁ ଖାପ ଖୁଆଇନେବାକୁ ଚେଷ୍ଟା କରୁଛି । ଆମେରିକାରେ ପ୍ରଥମେ

ମୋର ଅବସ୍ଥା ଡଙ୍ଗାରେ ରଖାଯାଇଥିବା ମାଛ ଭଳି ଥିଲା । ମୁଁ ପ୍ରଭୁଙ୍କ ଦ୍ୱାରା ଚାଳିତ ହୋଇ ଆସିଛି—ମୋର ଆଶଙ୍କା ହେଲା, ଏତେଦିନ ଧରି ଯେଉଁ ଅଭ୍ୟସ୍ତ ଜୀବନର ଧାରା ବୋଧହୁଏ ଏଥର ତ୍ୟାଗ କରିବାକୁ ହେବ, ଏଥର ସମ୍ଭବତଃ ନିଜ ବ୍ୟବସ୍ଥା ନିଜକୁ କରିବାକୁ ପଡ଼ିବ—ଏହି ଧାରଣାଟି କି ଜଘନ୍ୟ ଅନ୍ୟାୟ ଆଉ ଅକୃତଜ୍ଞତା ! ବର୍ତ୍ତମାନ ମୁଁ ସ୍ପଷ୍ଟ ବୁଝିଛି ଯେ, ମୋତେ ହିମାଳୟର ତୁଷାର-ଶୈଳରେ କମ୍ବା ଭାରତର ଦଗ୍ଧ ପ୍ରାନ୍ତର ମଧ୍ୟରେ ଯେ ପଥ ଦେଖାଇଛନ୍ତି, ସେ ମଧ୍ୟ ଏଠାରେ ପଥ-ପ୍ରଦର୍ଶକ ହେବେ, ସାହାଯ୍ୟ କରିବେ । ତାଙ୍କର ଜୟ ହେଉ, ଅଶେଷ ଜୟ ହେଉ । ସୁତରାଂ ମୁଁ ପୁଣି ମୋର ପୁରାତନ ରୀତିଗୁଡ଼ିକରେ ଶାନ୍ତଭାବରେ ଦେହ ଢାଳି ଦେଇଛି । କେହି ଆଗେଇ ଆସି ମୋତେ ଭୋଜନ ଦେଉଛନ୍ତି, କେହି ହୁଏତ ଆଶ୍ରୟ ଦେଉଛନ୍ତି, କେହି କହୁଛନ୍ତି—ଆମମାନଙ୍କୁ ତାଙ୍କର କଥା ଆପଣ ଶୁଣାନ୍ତୁ । ମୁଁ ଜାଣେ ସେ ହିଁ ସେମାନଙ୍କୁ ପଠାଉଛନ୍ତି, ମୁଁ କେବଳ ନିର୍ଦ୍ଦେଶ ପାଳନ କରିଯିବି । ସେ ମୋତେ ସମସ୍ତ ଯୋଗାଉଛନ୍ତି । ତାଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେବ ।

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯୁ୍ୟପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥ ଗୀତା, ୯।୨୨

ଏସିଆରେ, ଇଉରୋପରେ, ଆମେରିକାରେ ଓ ଭାରତରେ ମରୁଭୂମି ମଧ୍ୟରେ ହିଁ ସେହି ଏକ ଜିନିଷ । ଆମେରିକାର ବାଣିଜ୍ୟ-ବ୍ୟସ୍ତତା ମଧ୍ୟରେ ସୁଦ୍ଧା ଅନ୍ୟ କିଛି ନୁହେଁ । ସେ ଏଠାରେ ନାହାନ୍ତି—ଏହା କ'ଣ ସମ୍ଭବ ? ଆଉ ଯଦି ସେ ମୋ ପାଖରେ ପ୍ରକୃତରେ ଏଠାରେ ନ ଆନ୍ତି, ତାହା ହେଲେ ନିଶ୍ଚିତ ରୂପେ ଧରିନେବି—ସେ ଚାହାଁନ୍ତି, ଏହି ତିନି ମିନିଟର ମାଟିର ଶରୀର ମୁଁ ଯେପରି ଛାଡ଼ିଦିଏ—ହଁ, ତା'ହେଲେ ତାହା ହିଁ ସେ ଚାହାଁନ୍ତି ଏବଂ ମୁଁ ଆନନ୍ଦରେ ତାହା ପାଳନ କରିବାର ଭରସା ରଖିଛି ।

ଭାତଃ, ଆମମାନଙ୍କର ସାକ୍ଷାତ୍ ଆଉ ହୁଏତ ଘଟିପାରେ, ନ ହୋଇ ମଧ୍ୟ ପାରେ, ତାହା ସେ ଜାଣନ୍ତି । ଆପଣ ବିଦ୍ୱାନ୍, ମହାନ୍ ଓ ପୁଣ୍ୟବାନ୍ । ଆପଣଙ୍କୁ ବା ଆପଣଙ୍କର ପତ୍ନୀଙ୍କୁ କିଛି ଶୁଣାଇବାର ସ୍ପର୍ଦ୍ଧା ମୁଁ କରୁ ନାହିଁ । ତେବେ ଆପଣଙ୍କର ସନ୍ତାନମାନଙ୍କ ନିମନ୍ତେ···

ପ୍ରିୟ ଶିଶୁବୃନ୍ଦ, ପିତାମାତାଙ୍କ ଅପେକ୍ଷା ସେ ତୁମମାନଙ୍କର ନିକଟତର । ତୁମେମାନେ ଫୁଲଭଳି ପବିତ୍ର ଓ ନିର୍ମଳ । ସେ ଭାବରେ ହିଁ ତୁମେମାନେ ରୁହ । ତା' ହେଲେ ସେ ତୁମମାନଙ୍କ ନିକଟରେ ନିଜକୁ ପ୍ରକାଶ କରିବେ । ବତ୍ସ ଅଷ୍ଟିନ୍ ! ତୁମେ ଖେଳିଲାବେଳେ ତୁମ ସଙ୍ଗରେ ଆଉ ଜଣେ ଖେଳୁଆଡ଼ ଖେଳୁଥାଆନ୍ତି, ତାଙ୍କ ଅପେକ୍ଷା ଅଉ କେହି ତୁମକୁ ଅଧିକ ଭଲ ପାଆନ୍ତି ନାହିଁ । ଆହା, ସେ କି କୌତୁକମୟ ! ଖେଳ ଛଡ଼ା ସେ ନାହାନ୍ତି । କେତେବେଳେ ବଡ଼ ବଡ଼ ଗୋଲକ ଯେନି ସେ ଖେଳ ଖେଳନ୍ତି, ସେମାନଙ୍କୁ ଆମେ କହୁ ପୃଥିବୀ ବା ସୂର୍ଯ୍ୟ । କେତେବେଳେ ସେ ତୁମଭଳି ଛୋଟ ପିଲମାନଙ୍କ ସଙ୍ଗରେ ଖେଳନ୍ତି, ହସି ହସି କେତେ ପ୍ରକାରର ଖେଳ ଖେଳୁଥାଆନ୍ତି । ତାଙ୍କୁ ଖୋଜ

ନେଇ ଖେଳିପାରିଲେ କିପରି ମଜା, ପରେ ତାହା ଖୁବ ଦେଖ ।

ପ୍ରିୟ ଅଧ୍ୟାପକଜୀ, ସମ୍ପ୍ରତି ମୁଁ ଏଣେତେଣେ ବୁଲୁଛି । ଚିକାଗୋକୁ ଗଲେ ମୁଁ ମିଃ ଓ ମିସେସ୍ ଲ୍ୟୟନଙ୍କୁ ଦେଖିବାକୁ ଯାଏ । ମୋର ସାକ୍ଷାତ୍ ଘଟିଥିବା ମହତ୍ତମ ବ୍ୟକ୍ତି-ମାନଙ୍କ ମଧ୍ୟରେ ଏମାନେ ଅନ୍ୟତମ । ଯଦି ଅନୁଗ୍ରହ କରି ମୋ ନିକଟକୁ କିଛି ଲେଖନ୍ତି, ଦୟାକରି ତାହା 'ମିଃ ଜନ୍, ବି. ଲ୍ୟନ, ୨୬୨ ମିଶିଗାନ୍ ଏଭିନଉ, ଚିକାଗୋ', ଏହି ଠିକଣାରେ ପଠାଇବେ ।

ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ ।
ବୌଦ୍ଧା ବୁଦ୍ଧ ଇତି ପ୍ରମାଣପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ ।
ସୋଽୟଂ ବୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥୋ ହରିଃ ।

ନୈୟାୟିକ ବା ଦ୍ୱୈତବାଦୀ ବିଖ୍ୟାତ ଦାର୍ଶନିକ ଉଦୟନାଚାର୍ଯ୍ୟ ଏହି ଶ୍ଳୋକଟି ରଚନା କରିଛନ୍ତି । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'କୁସୁମାଞ୍ଜଳି'ର ପ୍ରଥମରେ ହିଁ ଏହି ଆଶୀର୍ବାଣୀ ଉଚ୍ଚାରିତ ହୋଇଅଛି । ଏହି ଶ୍ଳୋକରେ ସେ ସୃଷ୍ଟିକର୍ତ୍ତା ଓ ପରମପ୍ରେମିକ ନୀତିନିୟନ୍ତାଙ୍କର ପ୍ରକାଶନିରପେକ୍ଷ ସତ୍ତାକୁ ପ୍ରତିପାଦନ କରିବା ନିମନ୍ତେ ଚେଷ୍ଟା କରିଛନ୍ତି ।

ଆପଣଙ୍କର ସଦାକୃତଜ୍ଞ ବନ୍ଧୁ, ବିବେକାନନ୍ଦ

୭୭ଇଂ

ଚିକାଗୋ, ୧୦ ଅକ୍ଟୋବର ୧୮୯୩

ପ୍ରିୟ ମିସେସ୍ ହେଲ୍‌ସ,

ଗତକାଲି ଆପଣଙ୍କର ଚିଠି ପାଇଛି । ବର୍ତ୍ତମାନ ମୁଁ ଚିକାଗୋର ବିଭିନ୍ନ ସ୍ଥାନରେ ବୁଲି ବକ୍ତୃତା ଦେଉଛି । ମୋ ବିବେଚନାରେ ତାହା ବେଶ ଭଲ ହେଉଛି । ପ୍ରତି ବକ୍ତୃତାରୁ ୩୦ରୁ ୪୦ ଡଲାର ମଧ୍ୟରେ ମିଳୁଛି, ବର୍ତ୍ତମାନ ଧର୍ମମହାସଭା ହେତୁ ମୋର ନାମ ଚିକାଗୋରେ ଏପରି ସୁପରିଚିତ ହୋଇପଡ଼ିଛି ଯେ, ଏହି କ୍ଷେତ୍ରଟି ତ୍ୟାଗ କରିବା ବର୍ତ୍ତମାନ ଯୁକ୍ତିଯୁକ୍ତ ହେବ ନାହିଁ । ମନେହୁଏ ଏ ବିଷୟରେ ଆପଣ ମଧ୍ୟ ନିଶ୍ଚୟ ଏକମତ ହେବେ । ଯାହାହେଉ, ମୁଁ ଶୀଘ୍ର ବୋଷ୍ଟନ୍‌କୁ ଯାଇପାରେ; ଠିକ୍ କେବେ, ତାହା ଅବଶ୍ୟ କହିପାରୁ ନାହିଁ । ଗତକାଲି ଷ୍ଟ୍ରୀଟର୍‌ରୁ ଫେରିଛି, ସେଠାରେ ଗୋଟିଏ ବକ୍ତୃତାରେ ୮୩ ଡଲାର ମିଳିଛି । ଏହି ସପ୍ତାହରେ ପ୍ରତିଦିନ ମୋର ବକ୍ତୃତା ଅଛି । ସପ୍ତାହ ଶେଷରେ ଆହୁରି ନିମନ୍ତ୍ରଣ ଆସିବ ବୋଲି ମୋର ବିଶ୍ୱାସ । ମିଃ ହେଲ୍‌ସଙ୍କୁ ମୋର ପ୍ରୀତି ଏବଂ ସମସ୍ତ ବନ୍ଧୁଙ୍କୁ ଶୁଭେଚ୍ଛାଦି ।

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୭୭ଇଂ

C/o ଜେ. ଵି. ଲ୍ୟନ୍,
୨୬୨ ମିଶିଗାନ୍ ଏଭିନ୍ୟୁ, ଚିକାଗୋ, ୨୬ ଅକ୍ଟୋବର ୧୮୯୩

ପ୍ରିୟ ଅଧ୍ୟାପକଜୀ,

ଆପଣ ଶୁଣି ଖୁସି ହେବେ ଯେ, ଏଠାରେ ମୋର କାର୍ଯ୍ୟ ଭଲ ଚାଲୁଛି ଏବଂ କେତେଜଣ ନିତାନ୍ତ ରକ୍ଷଣଶୀଳମାନଙ୍କୁ ବାଦ ଦେଲେ ପ୍ରାୟ ସମସ୍ତେ ମୋ ପ୍ରତି ଖୁବ୍ ସହୃଦୟ। ବିଭିନ୍ନ ଦୂର ଦେଶରୁ ବହୁ ମନୁଷ୍ୟ ଏଠାରେ ବହୁ ପରିକଳ୍ପନା, ଭାବ ଓ ଆଦର୍ଶ ପ୍ରଚାର କରିବା ଉଦ୍ଦେଶ୍ୟରେ ସମବେତ ହୋଇଛନ୍ତି ଏବଂ ଆମେରିକା ହିଁ ଏକମାତ୍ର ସ୍ଥାନ, ଯେଉଁଠାରେ ସବୁ ପ୍ରକାର ସାଫଲ୍ୟର ସମ୍ଭାବନା ଅଛି। ତେବେ ମୋର ପରିକଳ୍ପନା ବିଷୟରେ ଆଉ କିଛି ନ କହିବାକୁ ମୁଁ ଠିକ୍ କରିଛି। ତାହା ହିଁ ଭଲ।... ପରିକଳ୍ପନା ନିମନ୍ତେ ଏକାଗ୍ରଭାବରେ ଖଟିଯିବା ହିଁ ମୋର ଇଚ୍ଛା, ପରିକଳ୍ପନାଟି ରହିବ ଅନ୍ତରାଳରେ, ଯାହାରେ ମୁଁ ଅନ୍ୟାନ୍ୟ ବକ୍ତାଙ୍କ ଭଳି କାର୍ଯ୍ୟ କରିଯିବି।

ମୋତେ ଏଠାକୁ ଯେ ଆଣିଛନ୍ତି ଏବଂ ଏପର୍ଯ୍ୟନ୍ତ ଯେ ମୋତେ ତ୍ୟାଗ କରି ନାହାନ୍ତି, ସେ ନିଶ୍ଚୟ ମୁଁ ଏଠାରେ ଥିବା ପର୍ଯ୍ୟନ୍ତ ମୋତେ ତ୍ୟାଗ କରିବେ ନାହିଁ। ଆପଣ ଜାଣି ଆନନ୍ଦିତ ହେବେ, ମୁଁ ଭଲ କରୁଛି—ଏବଂ ଟଙ୍କା ପଇସା ପାଇବା ବିଷୟ ଯଦି କହନ୍ତି, ତା'ହେଲେ ଖୁବ୍ ଭଲ କରିବାର ଆଶା ମୁଁ ରଖେ। ଅବଶ୍ୟ ଏ ବିଷୟରେ ମୁଁ ଅତ୍ୟନ୍ତ ଅପକ୍ୱ, କିନ୍ତୁ ଶୀଘ୍ର ଏ ବ୍ୟବସାୟ-କୌଶଳ ଶିଖିନେବି। ଚିକାଗୋରେ ମୁଁ ଖୁବ୍ ଜନପ୍ରିୟ, ସୁତରାଂ ଏଠାରେ ଆଉ କିଛି କାଳ ରହି ଅର୍ଥ ସଂଗ୍ରହ କରିବାକୁ ଚାହେଁ।

ଆଗାମୀ କାଲି ସହରର ସର୍ବାପେକ୍ଷା ଅଧିକ ପ୍ରଭାବସମ୍ପନ୍ନ ମହିଳାମାନଙ୍କର 'ଫର୍ଟନାଇଟ୍ଲି କ୍ଲବ୍'ରେ ବୌଦ୍ଧଧର୍ମ ସମ୍ବନ୍ଧରେ ବକ୍ତୃତା ଦେବାକୁ ଯିବି। ହେ ହୃଦୟବାନ୍ ବନ୍ଧୁ! ଆପଣଙ୍କୁ କି ଭାବରେ ଧନ୍ୟବାଦ ଜଣାଇବି ଜାଣେ ନାହିଁ ଏବଂ ଯେ ଆପଣଙ୍କ ସଙ୍ଗରେ ମୋତେ ମିଳାଇ ଦେଇଛନ୍ତି ତାଙ୍କୁ କିପରି ଭାବରେ ଧନ୍ୟବାଦ ଦେବି ଜାଣେ ନାହିଁ। ବର୍ତ୍ତମାନ ମୋ ନିକଟରେ ପରିକଳ୍ପନାର ଯେଉଁ ସାଫଲ୍ୟ ସମ୍ଭବ ବୋଧ ହେଉଛି, ତାହା କେବଳ ଆପଣଙ୍କ ନିମନ୍ତେ।

ଇହଜଗତରେ ଅଗ୍ରଗତିର ପ୍ରତି ପଦକ୍ଷେପରେ ଆପଣ ଆନନ୍ଦ ଓ ଶାନ୍ତି ଲାଭ କରନ୍ତୁ। ଆପଣଙ୍କ ସନ୍ତାନମାନଙ୍କୁ ମୋର ପ୍ରୀତି ଓ ଆଶୀର୍ବାଦ।

ସଦା ପ୍ରୀତିବଦ୍ଧ, ବିବେକାନନ୍ଦ

୭୮ଇଂ

ଚିକାଗୋ
୨ ନଭେମ୍ବର ୧୮୯୩

ପ୍ରିୟ ଆଲସିଙ୍ଗା,

କାଲି ତୁମ ପତ୍ର ପାଇଲି। ମୋର ଗୋଟିଏ ମୂର୍ତ୍ତିର ଅବସ୍ଥାସ ଓ ଦୁର୍ବଳତା ଯୋଗୁଁ ତୁମେମାନେ ଏତେ କଷ୍ଟ ପାଇଛ, ସେଥିପାଇଁ ମୁଁ ଅତିଶୟ ଦୁଃଖିତ। ଯେତେ-

ବେଳେ ଛବିଲ ଦାସ ମୋତେ ଛାଡ଼ି ଚାଲିଗଲେ, ମୁଁ ନିଜକୁ ଏତେ ଅସହାୟ ଓ ନିଃସମ୍ବଳ ମନେକଲି ଯେ, ନିରାଶ ହୋଇ ତୁମମାନଙ୍କୁ ତାର କରିଥିଲି । ତା'ପରଠାରୁ ଭଗବାନ ମୋତେ ଅନେକ ବନ୍ଧୁ ଓ ସହାୟ ଦେଇଛନ୍ତି । ବୋଷ୍ଟନ୍ ନିକଟବର୍ତ୍ତୀ ଏକ ଗ୍ରାମରେ ଡକ୍ଟର ରାଇଟ୍‌ଙ୍କ ସହିତ ମୋର ଆଳାପ ହୁଏ । ସେ ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟର ଗ୍ରୀକ୍ ଭାଷାର ଅଧ୍ୟାପକ । ସେ ମୋ ପ୍ରତି ଅତିଶୟ ସହାନୁଭୂତି ଦେଖାଇଲେ, ଧର୍ମମହାସଭାକୁ ଯିବାର ବିଶେଷ ଆବଶ୍ୟକତା ବୁଝାଇଲେ । ସେ କହିଲେ, ଏହାଦ୍ୱାରା ସମଗ୍ର ଆମେରିକାନ୍ ଜାତି ସହିତ ମୋର ପରିଚୟ ହେବ । ମୋ ସଙ୍ଗେ କାହାର ଆଳାପ ନ ଥିଲା । ସୁତରାଂ ଏହି ଅଧ୍ୟାପକ ମୋ ପାଇଁ ସମୁଦାୟ ବନ୍ଦୋବସ୍ତ କରିବାର ଭାର ନିଜେ ନେଲେ । ଅବଶେଷରେ ମୁଁ ପୁନରାୟ ଚିକାଗୋ ଆସିଲି । ଏଠାରେ ଏକ ଭଦ୍ରଲୋକଙ୍କ ଘରେ ମୁଁ ସ୍ଥାନ ପାଇଲି । ଏହି ଘରେ ଧର୍ମମହାସଭାର ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମସ୍ତ ପ୍ରତିନିଧି ସ୍ଥାନ ପାଇଥିଲେ ।

'ମହାସଭା' ଖୋଲିବା ଦିନ ସକାଳେ ଆମେ ସମସ୍ତେ 'ଶିଳ୍ପପ୍ରାସାଦ' (Art palace) ନାମକ ଗୃହରେ ସମବେତ ହେଲୁଁ । ସେଠାରେ ମହାସଭାର ଅଧିବେଶନ ନିମନ୍ତେ ଗୋଟିଏ ବୃହତ୍ ଓ କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ଅସ୍ଥାୟୀ ହଲ୍ ନିର୍ମିତ ହୋଇଥିଲା । ଏଠାରେ ସର୍ବଜାତୀୟ ଲୋକେ ସମବେତ ହୋଇଥିଲେ । ଭାରତବର୍ଷରୁ ଆସିଥିଲେ ବ୍ରାହ୍ମସମାଜର ପ୍ରତାପଚନ୍ଦ୍ର ମଜୁମଦାର୍ ଓ ବମ୍ବେର ନଗରକାର । ବୀରଚାନ୍ଦ ଗାନ୍ଧୀ ଜୈନସମାଜର ପ୍ରତିନିଧିରୂପେ ଏବଂ ଆନିବେଶାନ୍ତ ଓ ଚକ୍ରବର୍ତ୍ତୀ ଥିଓସଫିର ପ୍ରତିନିଧିରୂପେ ଆସିଥିଲେ । ଏମାନଙ୍କ ମଧ୍ୟରେ ମଜୁମଦାର୍‌ଙ୍କ ସଙ୍ଗେ ମୋର ପୂର୍ବରୁ ପରିଚୟ ଥିଲା ଓ ଚକ୍ରବର୍ତ୍ତୀ ମୋ ନାଁ ଜାଣିଥିଲେ । ବସାଠାରୁ 'ଶିଳ୍ପପ୍ରାସାଦ' ପର୍ଯ୍ୟନ୍ତ ଗୋଟିଏ ଶୋଭାଯାତ୍ରା କରି ଯିବାକୁ ହେଲା ଏବଂ ଆମ ସମସ୍ତଙ୍କୁ ପ୍ଲାଟଫର୍ମ ଉପରେ ଶ୍ରେଣୀବଦ୍ଧଭାବରେ ବସାଇ ଦିଆଗଲା । କଳ୍ପନା କରି ଦେଖ, ତଳେ ଗୋଟିଏ ହଲ୍, ଆଉ ଉପରେ ଏକ ପ୍ରକାଣ୍ଡ ଗ୍ୟାଲେରି । ସେଥିରେ ଆମେରିକାର ସୁଶିକ୍ଷିତ ସମାଜର ବାଛି ବାଛି ୬।୭ ହଜାର ନରନାରୀ ଘିଞ୍ଚାଘିଞ୍ଚି ହୋଇ ବସିଛନ୍ତି । ପୁଣି ପ୍ଲାଟଫର୍ମ ଉପରେ ପୃଥିବୀର ସର୍ବଜାତୀୟ ପଣ୍ଡିତମାନଙ୍କର ସମାବେଶ । ଆଉ ମୁଁ, ଯେ କି ଜୀବନରେ କେବେହେଲେ ସାଧାରଣଙ୍କ ସମକ୍ଷରେ ବକ୍ତୃତା କରି ନାହିଁ, ସେ ଏହି ମହାସଭାରେ ବକ୍ତୃତା କରିବ ! ସଙ୍ଗୀତ, ବକ୍ତୃତା ପ୍ରଭୃତି ଅନୁଷ୍ଠାନ ଯଥାରୀତି ଧୂମ୍‌ଧାମ୍‌ର ସହିତ ସମ୍ପନ୍ନ ହେବା ପରେ ସଭା ଆରମ୍ଭ ହେଲା । ତା'ପରେ ଜଣ ଜଣ କରି ପ୍ରତିନିଧିମାନଙ୍କୁ ସଭାସମକ୍ଷରେ ପରିଚିତ କରାଇ ଦିଆଗଲା । ସେମାନେ ମଧ୍ୟ ଅଗ୍ରସର ହୋଇ କିଛି କିଛି କହିଲେ । ଅବଶ୍ୟ ମୋ ଛାତି ଧଡ଼ ଧଡ଼ ହେଉଥିଲା ଓ ଜିହ୍ୱା ଶୁଷ୍କ ପ୍ରାୟ ହୋଇଥିଲା । ମୁଁ ଏତେଦୂର ଡରିଗଲି ଯେ, ପୂର୍ବାହ୍ଣରେ ବକ୍ତୃତା କରିବାକୁ ଭରସା କଲି ନାହିଁ । ମଜୁମଦାର୍ ବେଶ୍ କହିଲେ, ଚକ୍ରବର୍ତ୍ତୀ ଆହୁରି ସୁନ୍ଦର କହିଲେ । ଖୁବ୍ କରତାଳିଧ୍ୱନି ହେବାକୁ ଲାଗିଲା । ସେମାନେ ସମସ୍ତେ ବକ୍ତୃତା ପ୍ରସ୍ତୁତ କରି ଆଣିଥିଲେ । ମୁଁ ନିର୍ବୋଧ, କିଛି ପ୍ରସ୍ତୁତ କରି ନାହିଁ । ମୁଁ ଦେବୀ ସରସ୍ୱତୀଙ୍କୁ

ପ୍ରଣାମ କରି ଅବସର ହେଲି । ଡକ୍ଟର ବ୍ୟାରୋଜ୍ ମୋର ପରିଚୟ କହିଦେଲେ । ମୋର ଗୈରିକ ବସନଦ୍ୱାରା ଶ୍ରୋତୃବୃନ୍ଦଙ୍କ ଚିତ୍ତ କିଛିଏ ଆକୃଷ୍ଟ ହୋଇଥିଲା । ମୁଁ ଆମେରିକାବାସୀଙ୍କୁ ଧନ୍ୟବାଦ ଦେଇ ଓ ଆଉ ଗୋଟିଏ ଦୁଇଟି କଥା କହି ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲି । ଯେତେବେଳେ ମୁଁ, 'ଆମେରିକାବାସୀ ଭଗିନୀ ଓ ଭ୍ରାତୃବୃନ୍ଦ' ବୋଲି ସଭାରେ ସମ୍ବୋଧନ କଲି, ସେତେବେଳେ ଦୁଇ ମିନିଟ ଧରି ଏପରି କରତାଳିଧ୍ୱନି ହେଲା ଯେ କାନ ଯେପରି ବଧିର ହୋଇଗଲା । ତା'ପରେ ମୁଁ କହିବାକୁ ଆରମ୍ଭ କଲି । ଯେତେବେଳେ ମୋ କହିବା ଶେଷ ହେଲା, ସେତେବେଳେ ମୁଁ ହୃଦୟର ଆବେଗରେ ଏକାବେଳକେ ଯେପରି ଅବଶ ହୋଇ ବସିପଡ଼ିଲି । ପରଦିନ ସବୁ ଖବରକାଗଜରେ ବାହାରିଲା, ମୋର ବକ୍ତୃତା ହିଁ ସେଦିନ ସମସ୍ତଙ୍କ ପ୍ରାଣକୁ ସ୍ପର୍ଶ କରିଛି । ସୁତରାଂ ସେତେବେଳେ ସମଗ୍ର ଆମେରିକା ମୋତେ ଜାଣିପାରିଲା । ସେହି ଶ୍ରେଷ୍ଠ ଟୀକାକାର ଶ୍ରୀଧର ସତ୍ୟ କହିଥିଲେ ଯେ, 'ମୂକଂ କରୋତି ବାଚାଳଂ'—ଭଗବାନ୍ ମୂକକୁ ମଧ୍ୟ ମହାବକ୍ତା କରିଦିଅନ୍ତି । ତାଙ୍କର ନାମ ଜୟଯୁକ୍ତ ହେଉ । ସେହିଦିନଠାରୁ ମୁଁ ଜଣେ ବିଖ୍ୟାତ ଲୋକ ହୋଇଗଲି । ଆଉ ଯେଉଁଦିନ ହିନ୍ଦୁ-ଧର୍ମ ସମ୍ବନ୍ଧରେ ମୋ ବକ୍ତୃତା ପାଠ କଲି, ସେଦିନ ହଲ୍‌ରେ ଏତେ ଲୋକ ହେଲେ ଯେ, ଆଉ କେବେ ସେପରି ହୋଇ ନାହାନ୍ତି । ଗୋଟିଏ ସମ୍ବାଦପତ୍ରରୁ ମୁଁ କିୟଦଂଶ ଉଦ୍ଧାର କରୁଛି :

'ମହିଳା—ମହିଳା—କେବଳ ମହିଳା—ସମସ୍ତ ସ୍ଥାନ ପୂର୍ଣ୍ଣ ହୋଇ କୋଣ ପର୍ଯ୍ୟନ୍ତ ଫାଙ୍କ ରହିଲା ନାହିଁ—ବିବେକାନନ୍ଦଙ୍କ ବକ୍ତୃତା ହେବା ପୂର୍ବରୁ ଅନ୍ୟ ଯେଉଁସବୁ ପ୍ରବନ୍ଧ ପଠିତ ହୋଇଥିଲା, ତାହା ଭଲ ନ ଲାଗିଲେ ମଧ୍ୟ କେବଳ ବିବେକାନନ୍ଦଙ୍କ ବକ୍ତୃତା ଶୁଣିବା ପାଇଁ ଅତିଶୟ ସହିଷ୍ଣୁତାର ସହିତ ସମସ୍ତେ ବସି ରହିଥିଲେ' ଇତ୍ୟାଦି । ସମ୍ବାଦ-ପତ୍ରମାନଙ୍କରେ ମୋ ସମ୍ବନ୍ଧରେ ଯେତେ ଯାହା ବାହାରିଛି, ସେସବୁ କାଟି ଯଦି ମୁଁ ତୁମ ପାଖକୁ ପଠାଇବି, ତୁମେ ଆଶ୍ଚର୍ଯ୍ୟ ହେବ; କିନ୍ତୁ ତୁମେ ଜାଣ ଯେ, ମୁଁ ନାମଯଶକୁ ଘୃଣା କରେ । ଏତିକି ଜାଣିଲେ ଯଥେଷ୍ଟ ହେବ ଯେ, ମୁଁ ଯେତେବେଳେ ପ୍ଲାଟଫର୍ମରେ ଠିଆ ହେଉଥିଲି, ସେତେବେଳେ ମୋ ପାଇଁ କର୍ଣ୍ଣବଧିରକାରୀ କରତାଳି ପଡ଼ିଯାଉଥିଲା । ପ୍ରାୟ ସମସ୍ତ କାଗଜ ମୋତେ ଖୁବ୍ ପ୍ରଶଂସା କରିଛନ୍ତି । ଅତ୍ୟନ୍ତ ମତାନ୍ଧମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, 'ଏହି ସୁନ୍ଦରମୁଖ ବୈଦ୍ୟୁତିକଶକ୍ତିଶାଳୀ ଅଦ୍ଭୁତ ବକ୍ତା ହିଁ ମହାସଭାର ଶ୍ରେଷ୍ଠ ଆସନ ଅଧିକାର କରିଛନ୍ତି' ଇତ୍ୟାଦି ଇତ୍ୟାଦି । ଏତିକି ଜାଣିଲେ ତୁମର ଯଥେଷ୍ଟ ହେବ ଯେ, ଏହା ପୂର୍ବରୁ ପ୍ରାଚ୍ୟ ଦେଶୀୟ କୌଣସି ବ୍ୟକ୍ତି ଆମେରିକାନ୍ ସମାଜ ଉପରେ ଏପରି ପ୍ରଭାବ ବିସ୍ତାର କରିପାରି ନାହାନ୍ତି ।

ଆମେରିକାନ୍‌ମାନଙ୍କ ଦୟାର କଥା କ'ଣ କହିବି ? ମୋର ଏବେ ଆଉ କୌଣସି ଅଭାବ ନାହିଁ । ମୁଁ ଖୁବ୍ ସୁଖରେ ଅଛି, ଏବଂ ୟୁରୋପ ଯିବାକୁ ମୋର ଯାହା ଟଙ୍କା ଲାଗିବ, ତାହା ମୁଁ ଏଠାରୁ ପାଇପାରିବି । ଅତଏବ ତୁମେମାନେ ଆଉ କଷ୍ଟ କରି ମୋପାଖକୁ ଟଙ୍କା ପଠାଇବାର ଆବଶ୍ୟକତା ନାହିଁ । ଗୋଟିଏ କଥା—ତୁମେ କଅଣ ଏକସଙ୍ଗେ

୮୦୦ ଟଙ୍କା ପଠାଇଥିଲ ? ମୁଁ ବ୍ରୁକ୍‌ଲମ୍ୟାନଠାରୁ କେବଳ ୩୦ ପାଉଣ୍ଡ ପାଇଛି । ଯଦି ତୁମେ ଓ ମହାରାଜା ପୃଥକ୍ ଭାବରେ ଟଙ୍କା ପଠାଇଥାଅ, ତେବେ ବୋଧହୁଏ କିଛି ଟଙ୍କା ଏପର୍ଯ୍ୟନ୍ତ ମୋ ପାଖରେ ପହଞ୍ଚି ନାହିଁ । ଯଦି ଏକତ୍ର ପଠାଇଥାଅ, ତେବେ ଥରେ ଅନୁସନ୍ଧାନ କର ।

ନରସିଂହାଚାର୍ଯ୍ୟ ନାମରେ ଗୋଟିଏ ବାଳକ ମୋ ପାଖରେ ଆସି ଜୁଟିଛି । ସେ ଗତ ତିନି ବର୍ଷ ଧରି ଚିକାଗୋ ସହରରେ ଅଳସ ଭାବରେ ସମୟ କଟାଉଥିଲା । ଏଣେ-ତେଣେ ବୁଲୁ ବା ଯାହା କରୁ, ମୁଁ ତାକୁ ଭଲ ପାଏ । ତୁମେ ଯଦି ତା' ସମ୍ବନ୍ଧରେ କିଛି ଜାଣିଥାଅ, ଲେଖିବ । ସେ ତୁମକୁ ଜାଣେ । ଯେଉଁ ବର୍ଷ ପ୍ୟାରିସ୍ ଏକ୍‌ଜିବିସନ୍ ହୋଇଥିଲା, ସେହିବର୍ଷ ସେ ଇଉରୋପକୁ ଆସିଥିଲା । ମୋର ପୋଷାକ ପ୍ରସ୍ତୁତ ପାଇଁ ଯେଉଁ ଗୁରୁତର ବ୍ୟୟ ହୋଇଛି, ସେସବୁ ଯାଇ ଏବେ ମୋ ହାତରେ ୨୦୦ ପାଉଣ୍ଡ ଅଛି । ଆଉ ମୋର ଘରଭଡ଼ା ଓ ଖାଇବା ଖର୍ଚ୍ଚ ପାଇଁ ଗୋଟିଏ ପଇସା ମଧ୍ୟ ଲାଗୁ ନାହିଁ । କାରଣ, ଇଚ୍ଛା କଲେ ଏ ସହରର ଅନେକ ସୁନ୍ଦର ସୁନ୍ଦର କୋଠାଘରେ ମୁଁ ରହିପାରେ । ଆଉ ମଧ୍ୟ ମୁଁ ବର୍ତ୍ତମାନ କାହାର ନା କାହାର ଅତିଥି ହୋଇ ରହିଛି । ଏ ଜାତିର ଏତେ ଅନୁସନ୍ଧିତ୍ସା ! ତୁମେ ଆଉ କେଉଁଠି ଏପରି ଦେଖିବ ନାହିଁ । ଏମାନେ ସବୁ ରହସ୍ୟ ଜାଣିବାକୁ ଇଚ୍ଛା କରନ୍ତି । ଆଉ ଏମାନଙ୍କର ରମଣୀମାନେ ଅନ୍ୟ ସମସ୍ତ ସ୍ଥାନର ରମଣୀମାନଙ୍କ ଅପେକ୍ଷା ଉନ୍ନତ । ଆଉମଧ୍ୟ ସାଧାରଣତଃ ଆମେରିକାନ୍ ନାରୀ, ଆମେରିକାନ୍ ପୁରୁଷ ଅପେକ୍ଷା ଅଧିକ ଶିକ୍ଷିତା ଓ ଉନ୍ନତ । ପୁରୁଷ ଅର୍ଥ ଉପାର୍ଜନରେ ସାରା ଜୀବନ ଦାସତ୍ୱ-ଶୃଙ୍ଖଳରେ ଆବଦ୍ଧ ରହନ୍ତି, ଏବଂ ସ୍ତ୍ରୀମାନେ ଅବକାଶ ପାଇ ନିଜ ନିଜ ଉନ୍ନତିର ଚେଷ୍ଟା କରନ୍ତି । ଏମାନେ ଖୁବ୍ ସହୃଦୟ ଓ ଅକପଟ । ଯେକୌଣସି ବ୍ୟକ୍ତିର ମୁଣ୍ଡରେ କୌଣସି ପ୍ରକାର ବାତିକ ଖିଆଲ ଥିଲେ ସେ ତାହା ଏଠାରେ ପ୍ରଚାର କରିବାକୁ ଆସେ । ମୁଁ ଲଜ୍ଜାର ସହିତ କହୁଛି ଯେ, ଏଠାରେ ଏପରି ଯେତେପ୍ରକାର ମତ ପ୍ରଚାର କରାଯାଏ, ତହିଁରୁ ଅଧିକାଂଶ ଯୁକ୍ତି-ସଙ୍ଗତ ନୁହେଁ । ସେଥିରେ ଅନେକ ଦୋଷ ଥାଏ । ତାହା କେଉଁ ଜାତିର ବା ନାହିଁ ? ମୁଁ ସଂକ୍ଷେପରେ ଜଗତର ସମୁଦାୟ ଜାତିର କାର୍ଯ୍ୟ ଓ ଲକ୍ଷଣ ଏହିପରି ନିର୍ଦ୍ଦେଶ କରିବାକୁ ଯାଉଛି : ଏସିଆ ସଭ୍ୟତାର ବୀଜ ବପନ କରିଥିଲା, ଇଉରୋପ ପୁରୁଷଜାତିର ଉନ୍ନତି-ବିଧାନ କରିଛି ଏବଂ ଆମେରିକା ନାରୀମାନଙ୍କର ଓ ସାଧାରଣ ଲୋକଙ୍କର ଉନ୍ନତିବିଧାନ କରୁଛି । ଏହା ଯେପରି ନାରୀ ଓ ଶ୍ରମଜୀବୀମାନଙ୍କର ସ୍ୱର୍ଗସ୍ୱରୂପ । ଆମେରିକାନ୍ ରମଣୀ ଓ ସାଧାରଣ ଲୋକଙ୍କ ସଙ୍ଗେ ଆମ ଦେଶଲୋକଙ୍କର ତୁଳନା କଲେ ତତ୍କ୍ଷଣାତ୍ ତୁମର ଏହି ଭାବ ଉଦିତ ହେବ । ଆଉ ମଧ୍ୟ ଏହି ଦେଶ ଦିନକୁ ଦିନ ଉଦାରଭାବାପନ୍ନ ହେଉଛି । ଭାରତରେ ଯେଉଁ 'ଦୃଢ଼ଚର୍ମ ଖ୍ରୀଷ୍ଟିଆନ' (ଏହା ଏମାନଙ୍କର କଥା) ଦେଖୁଛ, ସେମାନଙ୍କୁ ଦେଖି ଏମାନଙ୍କ ବିଚାର କର ନାହିଁ । ସେମାନେ ଏଠାରେ ଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଭାବରେ କମିଯାଉଛି । ଯେଉଁ ଆଧ୍ୟାତ୍ମିକତା ହିନ୍ଦୁମାନଙ୍କର ପ୍ରଧାନ ଗୌରବର ବସ୍ତୁ, ଏହି ମହାନ୍ ଜାତି ଦ୍ରୁତଗତିରେ ସେଆଡ଼କୁ ଅଗ୍ରସର ହେଉଛି ।

ହିନ୍ଦୁ ଯେପରି କେବେହେଲେ ତାହାର ଧର୍ମ ତ୍ୟାଗ ନ କରେ । ତେବେ ଧର୍ମକୁ ତା'ର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖିବାକୁ ହେବ ଏବଂ ସମାଜକୁ ଉନ୍ନତି କରିବାର ସ୍ୱାଧୀନତା ଦେବାକୁ ହେବ । ଭାରତର ସମସ୍ତ ସଂସ୍କାରକ ଏହି ଭ୍ରମରେ ପଡ଼ିଛନ୍ତି ଯେ, ପୌରୋହିତ୍ୟର ସର୍ବବିଧ ଅତ୍ୟାଚାର ଓ ଅବନତି ପାଇଁ ସେମାନେ ଧର୍ମକୁ ହିଁ ଦାୟୀ କରି ଆସିଛନ୍ତି; ସୁତରାଂ ସେମାନେ ହିନ୍ଦୁଧର୍ମର ଏହି ଅବିନଶ୍ୱର ଦୁର୍ଗକୁ ଭାଙ୍ଗିବାକୁ ଉଦ୍ୟତ ହେଲେ । ଫଳରେ କଅଣ ହେଲା ?—ନିଷ୍ଫଳତା ! ବୁଦ୍ଧଙ୍କଠାରୁ ଆରମ୍ଭ କରି ରାମମୋହନ ରାୟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଭ୍ରମ କରିଥିଲେ ଯେ, ଜାତିଭେଦ ଗୋଟିଏ ଧର୍ମବିଧାନ; ସୁତରାଂ ସେମାନେ ଧର୍ମ ଓ ଜାତି ଉଭୟକୁ ଏକସଙ୍ଗରେ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହେଲେ । ଏ ବିଷୟରେ ପୁରୋହିତଗଣ ଯେତେ ଏଣ୍ଡୁତେଣ୍ଡୁ କହନ୍ତୁ ନା କାହିଁକି, ଜାତି ଗୋଟିଏ ଅଚଳାୟତନରେ ପରିଣତ ସାମାଜିକ ବିଧାନ ଛଡ଼ା ଆଉ କିଛି ନୁହେଁ । ତାହା ନିଜର କାର୍ଯ୍ୟ ଶେଷ କରି ଏବେ ଭାରତଗଗନକୁ ଦୁର୍ଗନ୍ଧରେ ଆଚ୍ଛନ୍ନ କରିଛି । ଏହା ଦୂର ହୋଇ-ପାରେ, କେବଳ ଯଦି ଲୋକମାନଙ୍କର ହରାଇଥିବା ସ୍ୱାତନ୍ତ୍ର୍ୟବୁଦ୍ଧି ଫେରାଇ ଅଣାଯାଏ । ଏଠାରେ ଯେ କେହି ଜନ୍ମଗ୍ରହଣ କରିଛି, ସେ ଜାଣେ ଯେ, ସେ ଜଣେ ମଣିଷ । ଭାରତରେ ଯେ କେହି ଜନ୍ମଗ୍ରହଣ କରିଛି, ସେ ଜାଣେ ଯେ, ସେ ସମାଜର ଜଣେ କ୍ରୀତଦାସ ମାତ୍ର । ଆଉ ସ୍ୱାଧୀନତା ହିଁ ଉନ୍ନତିର ଏକମାତ୍ର ସହାୟକ । ସ୍ୱାଧୀନତା ହରଣ କରିନିଅ, ତା'ର ଫଳ ଅବନତି । ଆଧୁନିକ ପ୍ରତିଯୋଗିତା ପ୍ରବର୍ତ୍ତିତ ହେବା ସଙ୍ଗେ ସଙ୍ଗେ କେଡ଼େ ବେଗରେ ଜାତିଭେଦ ଉଠିଯାଉଛି ! ଏବେ ଏହାକୁ ଦୂର କରିବାକୁ ହେଲେ କୌଣସି ଧର୍ମର ଆବଶ୍ୟକତା ନାହିଁ । ଆର୍ଯ୍ୟାବର୍ତ୍ତରେ ବ୍ରାହ୍ମଣ ଦୋକାନଦାର, ଜୋତାବ୍ୟବସାୟୀ ଓ ଶୁଣ୍ଡି ଖୁବ୍ ଦେଖିବାକୁ ମିଳନ୍ତି । ଏହାର କାରଣ କେବଳ ପ୍ରତିଯୋଗିତା । ବର୍ତ୍ତମାନ ସରକାରଙ୍କ ଅଧୀନରେ କାହାର ଜୀବିକାର୍ଜନ ପାଇଁ ଯେକୌଣସି ବୃତ୍ତି ଅବଲମ୍ବନ କରିବାରେ ବାଧା ନାହିଁ । ଏହାର ଫଳ ପ୍ରବଳ ପ୍ରତିଯୋଗିତା । ସୁତରାଂ ହଜାର ହଜାର ବ୍ୟକ୍ତି ଯେଉଁ ଉଚ୍ଚପଦର ଉପଯୁକ୍ତ, ତାହା ପାଇବାକୁ ଚେଷ୍ଟା କରି ପାଉଛନ୍ତି; ତଳେ ପଡ଼ିରହି ଆଉ ସୁଯୋଗର ଅବହେଳା କରୁ ନାହାନ୍ତି ।

ମୁଁ ଏ ଦେଶରେ ଅନ୍ତତଃ ଶୀତକାଳଟା ରହିବି । ତା'ପରେ ଇଉରୋପ ଯିବି । ମୋର ଯାହା କିଛି ଆବଶ୍ୟକ, ମୋର ଆଶା—ଭଗବାନ ସବୁ ଯୋଗାଇଦେବେ । ସୁତରାଂ ସେବିଷୟରେ ତୁମମାନଙ୍କର ଆଉ କୌଣସି ଦୁଶ୍ଚିନ୍ତାର କାରଣ ନାହିଁ । ମୋ ପ୍ରତି ତୁମମାନଙ୍କର ଯେଉଁ ସ୍ନେହ, ତାହା ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ମୁଁ ଅକ୍ଷମ ।

ମୁଁ ଦିନକୁ ଦିନ ବୁଝିୁଛି, ପ୍ରଭୁ ମୋର ସଙ୍ଗେ ସଙ୍ଗେ ରହିଛନ୍ତି ଏବଂ ମୁଁ ତାଙ୍କ ଆଦେଶ ଅନୁସରଣ କରିବାକୁ ଚେଷ୍ଟା କରୁଛି । ତାଙ୍କର ଇଚ୍ଛା ପୂର୍ଣ୍ଣ ହେବ । ଏହି ଚିଠି ଖଣ୍ଡିକ ଖେତଡ଼ି ମହାରାଜାଙ୍କ ନିକଟକୁ ପଠାଇଦେବ, ଆଉ ଏହା ପ୍ରକାଶ କରିବ ନାହିଁ । ଆମେମାନେ ଜଗତ୍ ପାଇଁ ମହତ୍ ମହତ୍ କର୍ମ କରିବା, ଏବଂ ତାହା ନିଃସ୍ୱାର୍ଥଭାବରେ କରିବା, ନାମଯଶ ପାଇଁ ନୁହେଁ ।

"କାହିଁକି ପ୍ରଶ୍ନରେ ଆମ ନାହିଁ ଅଧିକାର । କାର୍ଯ୍ୟ କର, କରି ମର—ଏହା ଅଟେ ସାର ।" ସାହସ ଅବଲମ୍ବନ କର; ଆମମାନଙ୍କଦ୍ୱାରା ଓ ତୁମମାନଙ୍କଦ୍ୱାରା ମହତ୍ ମହତ୍ କାର୍ଯ୍ୟ ହେବ, ଏହି ବିଶ୍ୱାସ ରଖ । ଭଗବାନ ବଡ଼ ବଡ଼ କାର୍ଯ୍ୟ କରିବା ପାଇଁ ଆମମାନଙ୍କୁ ନିର୍ଦ୍ଦିଷ୍ଟ କରିଛନ୍ତି ଏବଂ ଆମେମାନେ ତାହା କରିବା । ତୁମେମାନେ ନିଜକୁ ପ୍ରସ୍ତୁତ କରି ରଖ; ଅର୍ଥାତ୍ ପବିତ୍ର, ବିଶୁଦ୍ଧ-ସ୍ୱଭାବ ଏବଂ ନିଃସ୍ୱାର୍ଥପ୍ରେମସମ୍ପନ୍ନ ହୁଅ । ଦୁଃଖୀ, ଦରିଦ୍ର, ପଦଦଳିତମାନଙ୍କୁ ଭଲପାଅ; ଭଗବାନ ତୁମକୁ ଆଶୀର୍ବାଦ କରିବେ । ସମୟେ ସମୟେ ରାମନାଦର ରାଜା ଓ ଅନ୍ୟସବୁ ବନ୍ଧୁମାନଙ୍କ ସହିତ ସାକ୍ଷାତ୍ କରିବ ଏବଂ ସେମାନେ ଯେପରି ଭାରତର ସାଧାରଣ ଲୋକଙ୍କ ପ୍ରତି ସହାନୁଭୂତିଶୀଳ ହୁଅନ୍ତି, ତାହାର ଚେଷ୍ଟା କରିବ । ସେମାନଙ୍କୁ କହି, ସେମାନେ ନିଜ ନିଜର ଉନ୍ନତିର ପ୍ରତିବନ୍ଧକ ହୋଇ ରହିଛନ୍ତି । ଯଦି ସେମାନେ ନିଜର ଉନ୍ନତିର ଚେଷ୍ଟା ନ କରନ୍ତି, ତେବେ ସେମାନେ 'ମନୁଷ୍ୟ'ନାମର ଯୋଗ୍ୟ ହେବେ ନାହିଁ । ଭୟ ତ୍ୟାଗ କର, ପ୍ରଭୁ ତୁମ ସାଙ୍ଗରେ ନିଶ୍ଚୟ ଅଛନ୍ତି । ସେ ନିଶ୍ଚୟ ଭାରତର ଲକ୍ଷ ଲକ୍ଷ ଅନଶନକ୍ଲିଷ୍ଟ ଓ ଅଜ୍ଞାନାନ୍ଧ ଜନଗଣଙ୍କୁ ଉନ୍ନତ କରିବେ । ଏଠାର ଗୋଟିଏ ରେଳବାଇ କୁଲି ତୁମ ଦେଶର ଅନେକ ଯୁବକ ଏବଂ ଅଧିକାଂଶ ରାଜା ରାଜୁଡ଼ାମାନଙ୍କଠାରୁ ଅଧିକ ଶିକ୍ଷିତ । ଆମେ ବା କାହିଁକି ସେମାନଙ୍କ ପରି ଶିକ୍ଷିତ ନ ହେବା ? ଅବଶ୍ୟ ହେବା । ପ୍ରତ୍ୟେକ ଆମେରିକାନ୍ ନାରୀ ଲକ୍ଷ ଲକ୍ଷ ହିନ୍ଦୁ ସ୍ତ୍ରୀଙ୍କଠାରୁ ଅଧିକ ଶିକ୍ଷିତା । ଆମ ମହିଳାମାନଙ୍କୁ କାହିଁକି ଏପରି ଶିକ୍ଷିତା କରି ନ ଦିବ ? ଅବଶ୍ୟ କରିବାକୁ ହେବ ।

ମନେକର ନାହିଁ ଯେ, ତୁମେମାନେ ଦରିଦ୍ର । ଅର୍ଥ କେବଳ ବଳ ନୁହେଁ; ସାଧୁତା—ପବିତ୍ରତା ହିଁ ବଳ । ଆସି ଦେଖ, ସମଗ୍ର ଜଗତରେ ଏହା ହିଁ ପ୍ରକୃତରେ ବଳ କି ନୁହେଁ । ଇତି

ଆଶୀର୍ବାଦକ, ବିବେକାନନ୍ଦ

ପୁଃ—ଭଲ କଥା, ତୁମ କକାଙ୍କର ପ୍ରବନ୍ଧ ପରି ଅଦ୍ଭୁତ କଥା ମୁଁ କେଉଁଠି ଦେଖି ନାହିଁ । ଏହା ଯେପରି ବ୍ୟବସାୟୀମାନଙ୍କର ଜିନିଷର ଗୋଟିଏ ତାଲିକା । ସୁତରାଂ ତାହା ଧର୍ମ-ମହାସଭାରେ ପଠନଯୋଗ୍ୟ ବିବେଚିତ ହେଲା ନାହିଁ । ତେଣୁ ନରସିଂହାଚାର୍ଯ୍ୟ ଗୋଟିଏ ପାଖ ହଲରେ ଏଥିରୁ କେତେକ ଅଂଶ ପାଠ କଲେ; କିନ୍ତୁ କେହି ଏହାର ଗୋଟିଏ ହେଲେ କଥା ବୁଝିଲେ ନାହିଁ । ତାଙ୍କୁ ଏ ବିଷୟରେ କିଛି କହିବ ନାହିଁ । ଅନେକଗୁଡ଼ିଏ ଭାବକୁ ଖୁବ୍ ଅଳ୍ପ କଥାରେ ପ୍ରକାଶ କରିବା ଗୋଟିଏ ବିଶେଷ ଶିଳ୍ପକଳା ବୋଲି କହିବାକୁ ହେବ । ଏପରିକି ମଣିଲାଲ ଦ୍ୱିବେଦୀଙ୍କ ପ୍ରବନ୍ଧକୁ ମଧ୍ୟ ଅନେକ କାଟଛାଣ୍ଟ କରିବାକୁ ପଡ଼ିଥିଲା । ପ୍ରାୟ ୧୦୦୦ରୁ ଅଧିକ ପ୍ରବନ୍ଧ ପଢ଼ାଯାଇଥିଲା । ସୁତରାଂ ଏପରି ବାଜେ ବକ୍ତୃତା ଶୁଣିବାକୁ କାହାର ସମୟ ନ ଥିଲା । ଅନ୍ୟାନ୍ୟ ବକ୍ତାମାନଙ୍କୁ ସାଧାରଣତଃ ଯେଉଁ ଅଧଘଣ୍ଟା ସମୟ ଦିଆଯାଇଥିଲା, ତା' ଅପେକ୍ଷା ମୋତେ ଅନେକ ଅଧିକ ସମୟ ଦିଆଯାଇଥିଲା । କାରଣ ଶ୍ରୋତାମାନଙ୍କୁ ଅଟକାଇ ରଖିବା ପାଇଁ ସର୍ବାପେକ୍ଷା ଲୋକପ୍ରିୟ

ବକ୍ତାମାନଙ୍କୁ ଶେଷକୁ ରଖାଯାଉଥିଲା । ମୋ ପ୍ରତି ଏମାନଙ୍କର କି ସହାନୁଭୂତି ! ଏବଂ ଏମାନଙ୍କର କେତେ ଧୈର୍ଯ୍ୟ ! ଭଗବାନ ସେମାନଙ୍କୁ ଆଶୀର୍ବାଦ କରନ୍ତୁ । ସେମାନେ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବସୁଥିଲେ—ମଝିରେ କେବଳ ଖାଇବା ପାଇଁ ଅଧଘଣ୍ଟା ଛୁଟି ---ଏହା ମଧ୍ୟରେ ପ୍ରବନ୍ଧ ପାଠ ଚାଲିଥାଏ, ସେଗୁଡ଼ିକ ମଧ୍ୟରେ ଅଧିକାଂଶ ବାଜେ ଓ ଅସାର; କିନ୍ତୁ ସେମାନେ ସେମାନଙ୍କର ପ୍ରିୟ ବକ୍ତାମାନଙ୍କର ବକ୍ତୃତା ଶୁଣିବା ପାଇଁ ଏତେ ସମସ୍ତ ବସି ରହୁଥାନ୍ତି । ସିଂହଳର ଧର୍ମପାଳ ମଧ୍ୟ ସେମାନଙ୍କର ଅନ୍ୟତମ ପ୍ରିୟ ବକ୍ତା ଥିଲେ । ସେ ଅତ୍ୟନ୍ତ ଅମାୟିକ ଏବଂ ଏହି ମହାସଭାର ଅଧିବେଶନ ସମୟରେ ତାଙ୍କ ସଙ୍ଗେ ମୋର ଖୁବ୍ ମିଳାମିଶା ହୋଇଥିଲା ।

ପୁନାରୁ ଆସିଥିବା ମିସ୍ ସୋରାବ୍‌ଜୀ ନାମ୍ନୀ ଜଣେ ଖ୍ରୀଷ୍ଟିଆନ ମହିଳା ଓ ଜୈନଧର୍ମ-ପ୍ରତିନିଧି ମିଷ୍ଟର ଗାନ୍ଧୀ ଏ ଦେଶରେ ଆଉ କିଛିଦିନ ରହି ବକ୍ତୃତା ଦେଇ ବୁଲି ଅର୍ଥୋ-ପାର୍ଜନର ଚେଷ୍ଟା କରିବେ । ଆଶା କରେ, ସେମାନଙ୍କ ଉଦ୍ଦେଶ୍ୟ ସଫଳ ହେବ । ଏଦେଶରେ ବକ୍ତୃତା କରିବା ଖୁବ୍ ଲାଭଜନକ ବ୍ୟବସାୟ । ଅନେକ ସମୟରେ ଏଥିଦ୍ୱାରା ପ୍ରଚୁର ଅର୍ଥ ମିଳେ । ତୁମେ ଯେତେ ପରିମାଣ ଲୋକଙ୍କୁ ଆକର୍ଷଣ କରିପାରିବ, ତା' ଉପରେ ଟଙ୍କା ପାଇବା ନିର୍ଭର କରେ । ମିଃ ଇଙ୍ଗାରସୋଲ୍ ପ୍ରତି ବକ୍ତୃତାରେ ୫୦୦ରୁ ୬୦୦ ଡଲାର ପର୍ଯ୍ୟନ୍ତ ପାଉଥାନ୍ତି । ସେ ଏ ଦେଶରେ ସର୍ବାପେକ୍ଷା ପ୍ରସିଦ୍ଧ ବକ୍ତା । ମୁଁ ଖେତଡ଼ି ମହାରାଜାଙ୍କୁ ମୋର ଆମେରିକାର ଫଟୋଗ୍ରାଫ ପଠାଇଛି । ଇତି

—ବି

୭୯ଇଂ

୫୪୧, ଡିଅରବର୍ଣ୍ଣ ଏଭିନଉ, ଚିକାଗୋ
୧୯ ନଭେମ୍ବର ୧୮୯୩

ପ୍ରିୟ ମିସେସ୍ ଉଡ଼୍ସ,

ଚିଠିର ଉତ୍ତର ଦେବାରେ ମୋର ବିଳମ୍ବ ନିମନ୍ତେ କ୍ଷମା କରିବେ । କେବେ ଆପଣଙ୍କ ସଙ୍ଗରେ ପୁଣି ସାକ୍ଷାତ୍ କରିପାରିବି ଜାଣେ ନାହିଁ । ଆଗାମୀ କାଲି ମ୍ୟାଡିସନ୍ ଏବଂ ମିନିଆପଲିସ୍ ଯାଉଛି । ଯେଉଁ ଇଂରେଜ ଭଦ୍ରଲୋକଙ୍କ ବିଷୟ ଆପଣ କହିଥିଲେ, ସେ ହେଲେ ଲଣ୍ଡନର ଡାକ୍ତର ମମେରି; ଲଣ୍ଡନର ଦରିଦ୍ରମାନଙ୍କ ମଧ୍ୟରେ ସେ କର୍ମୀ ଭାବରେ ସୁପରିଚିତ—ଅତି ମଧୁର ଚରିତ୍ରର ଲୋକ । ଆପଣ ବୋଧହୁଏ ଜାଣନ୍ତି ନାହିଁ, ପୃଥିବୀର ଏକମାତ୍ର ଧର୍ମୀୟ ସଂସ୍ଥା ଇଂଲଣ୍ଡ ଚର୍ଚ୍ଚ ଏଠାକୁ ପ୍ରତିନିଧି ପଠାଇ ନାହାନ୍ତି ଏବଂ କାଣ୍ଟରବରିର ଆର୍ଚ୍ଚବିଶପ ଧର୍ମମହାସଭାକୁ ପ୍ରକାଶ୍ୟ ଭାବରେ ନିନ୍ଦା କରିଥିଲେ ସୁଦ୍ଧା ଡାକ୍ତର ମମେରି ମହାସଭାକୁ ଆସିଥିଲେ ।

ହେ ସହୃଦୟ ବନ୍ଧୁ, ଆପଣଙ୍କୁ ଓ ଆପଣଙ୍କର କୃତୀ ପୁତ୍ରଙ୍କୁ ମୋର ପ୍ରୀତି ଜଣାଉଛି—ମୁଁ ସର୍ବଦା ଆପଣମାନଙ୍କ ନିକଟକୁ ଚିଠି ଲେଖେ ବା ନ ଲେଖେ, କିଛି ଯାଏ ଆସେ ନାହିଁ ।

ଆପଣ କିଅଣ ମୋର ବହିଗୁଡ଼ିକ ଏବଂ 'କଭର-ଅଲ'ଟିକୁ ମିଃ ହେଲ୍‌ଙ୍କ

ଠିକଣାରେ ଏକ୍ସପ୍ରେସ୍ ଯୋଗେ ପଠାଇପାରିବେ ? ସେଗୁଡ଼ିକ ମୋର ଦରକାର । ଏକ୍ସପ୍ରେସ୍‌ର ଦାମ ଏଠାରେ ଦିଆଯିବ । ଆପଣମାନଙ୍କ ଉପରେ ପ୍ରଭୁଙ୍କ ଆଶୀର୍ବାଦ ବର୍ଷିତ ହେଉ ।

ଆପଣଙ୍କର ସଦାବନ୍ଧୁ, ବିବେକାନନ୍ଦ

ପୁଃ—ମିସ୍ ସ୍ୟାନ୍‌ବର୍ଣ୍ଣ ବା ପୂର୍ବାଞ୍ଚଳର ଅନ୍ୟାନ୍ୟ ବନ୍ଧୁମାନଙ୍କ ନିକଟକୁ ଆପଣ କେତେବେଳେ ଚିଠି ଲେଖିଲେ ଅନୁଗ୍ରହ କରି ସେମାନଙ୍କୁ ମୋର ଗଭୀର ଶ୍ରଦ୍ଧା ଜଣାଇବେ ।

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୮୦ (ଶ୍ରୀଯୁକ୍ତ ହରିପଦ ମିତ୍ରଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

୫୪୧, ଡିଅରବର୍ଣ୍ଣ ଏଭିନିଉ, ଚିକାଗୋ,
୨୮ ଡିସେମ୍ବର ୧୮୯୩

କଲ୍ୟାଣବରେଷୁ,

ବାବାଜୀ, ତୁମ ପତ୍ର କାଲି ପାଇଛି । ତୁମେମାନେ ଯେ ମୋତେ ମନେରଖିଛ, ଏଥିରେ ମୋର ପରମ ଆନନ୍ଦ । ଭାରତର ଖବରକାଗଜରେ ଚିକାଗୋ-ବୃତ୍ତାନ୍ତ ପହଞ୍ଚିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ; କାରଣ, ମୁଁ ଯାହା କରେ, ତାହା ଗୋପନ ରଖିବାକୁ ଯଥୋଚିତ ଚେଷ୍ଟା କରେ । ଏ ଦେଶରେ ଆଶ୍ଚର୍ଯ୍ୟର ବିଷୟ ଅନେକ । ବିଶେଷତଃ ଏ ଦେଶରେ ଦରିଦ୍ର ଅଥବା ସ୍ତ୍ରୀ-ଦରିଦ୍ର ନାହାନ୍ତି କହିଲେ ଚଳେ ଓ ଏ ଦେଶର ସ୍ତ୍ରୀମାନଙ୍କ ପରି ସ୍ତ୍ରୀ ମୁଁ ଅନ୍ୟତ୍ର ଦେଖି ନାହିଁ । ଆମ ଦେଶରେ ସତ୍‌ପୁରୁଷ ଅନେକ ଅଛନ୍ତି; କିନ୍ତୁ ଏ ଦେଶର ସ୍ତ୍ରୀମାନଙ୍କ ପରି ସ୍ତ୍ରୀ ବହୁତ ଅଳ୍ପ । 'ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱ'*—ସେହି ଦେବୀ ସୁକୃତୀ ପୁରୁଷର ଗୃହରେ ସ୍ୱୟଂ ସ୍ତ୍ରୀରୂପେ ବିରାଜମାନା । ଏ କଥା ନିରାଟ ସତ୍ୟ । ଏ ଦେଶର ତୁଷାର ଯେପରି ଧବଳ, ସେହିପରି ବର୍ଣ୍ଣର ହଜାର ହଜାର ନାରୀ ଦେଖିଛି । ଏମାନେ କେଡ଼େ ସ୍ୱାଧୀନ ! ସବୁ କାର୍ଯ୍ୟ ଏମାନେ ହିଁ କରନ୍ତି । ସ୍କୁଲ୍ କଲେଜ ନାରୀମାନଙ୍କଦ୍ୱାରା ପୂର୍ଣ୍ଣ । ଆମ ପୋଡ଼ା ଦେଶରେ ସ୍ତ୍ରୀଲୋକଙ୍କର ଚଲିବାର ଜୁ ନାହିଁ । ଆଉ ଏମାନଙ୍କର କେତେ ଦୟା ! ଯେତେଦିନ ଏଠାକୁ ଆସିଛି, ଏମାନଙ୍କର ସ୍ତ୍ରୀମାନେ ଘରେ ସ୍ଥାନ ଦେଇଛନ୍ତି, ଖାଇବାକୁ ଦେଉଛନ୍ତି—ଲେକ୍‌ଚର ଦେବାର ସବୁ ବନ୍ଦୋବସ୍ତ କରିଦେଉଛନ୍ତି, ସଙ୍ଗରେ ନେଇ ବଜାର ଯାଆନ୍ତି; କ'ଣ ନ କରନ୍ତି, କହିପାରୁ ନାହିଁ । ଶତ ଶତ ଜନ୍ମ ଏମାନଙ୍କର ସେବା କଲେ ମଧ୍ୟ ଋଣମୁକ୍ତ ହେବି ନାହିଁ ।

ବାବାଜୀ, 'ଶକ୍ତି' ଶବ୍ଦର ଅର୍ଥ ଜାଣ ? ଶାକ୍ତ ଅର୍ଥ ମଦ, ଭାଙ୍ଗ ନୁହେଁ—ଯେ ଈଶ୍ୱରଙ୍କୁ ସମସ୍ତ ଜଗତରେ ବିରାଜିତ ମହାଶକ୍ତି ବୋଲି ଜାଣନ୍ତି ଏବଂ ସମଗ୍ର ସ୍ତ୍ରୀ-ଜାତି ମଧ୍ୟରେ ସେହି ମହାଶକ୍ତିଙ୍କର ବିକାଶ ଦେଖନ୍ତି; ଏମାନେ ତାହା ଦେଖନ୍ତି । ମନୁ ମହାରାଜ କହିଛନ୍ତି, 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ'**—ଯେଉଁଠାରେ

* ଚଣ୍ଡୀ, ୪।୫ । ** ମନୁସଂହିତା, ୩।୫୬

ସ୍ତ୍ରୀମାନେ ସୁଖୀ, ସେହି ପରିବାର ଉପରେ ଈଶ୍ୱରଙ୍କର ମହା କୃପା । ଏମାନେ ତାହା ହିଁ କରନ୍ତି । ତେଣୁ ଏମାନେ ସୁଖୀ, ବିଦ୍ୱାନ୍, ସ୍ୱାଧୀନ, ଉଦ୍ୟୋଗୀ; ଆଉ ଆମେ ସ୍ତ୍ରୀମାନଙ୍କୁ ନୀଚ, ଅଧମ, ମହାହେୟ, ଅପବିତ୍ର ମନେକରୁଁ ; ତେଣୁ ଆମେ ପଶୁ, ଦାସ, ଉଦ୍ୟମହୀନ, ଦରିଦ୍ର ।

ଏ ଦେଶର ଧନ କଥା କଅଣ କହିବି ? ପୃଥିବୀରେ ଏମାନଙ୍କ ପରି ଧନୀ ଜାତି ଆଉ ନାହାନ୍ତି । ଇଂରେଜମାନେ ଧନୀ ସତ୍ୟ; କିନ୍ତୁ ବହୁ ଦରିଦ୍ର ଲୋକ ଅଛନ୍ତି । ଏ ଦେଶରେ ଦରିଦ୍ର ନାହାନ୍ତି କହିଲେ ଚଳେ । ଗୋଟିଏ ଚାକର ରଖିବାକୁ ହେଲେ ଖାଇବା ପିନ୍ଧିବା ଛଡ଼ା ପ୍ରତିଦିନ ୬ ଟଙ୍କା ଦେବାକୁ ହୁଏ । ଇଂଲଣ୍ଡରେ ନିତ୍ୟ ଗୋଟିଏ ଟଙ୍କା । ଜଣେ କୁଲି ଦୈନିକ ୬ଟଙ୍କାରୁ କମ୍‌ରେ ଖଟେ ନାହିଁ; କିନ୍ତୁ ଖର୍ଚ୍ଚ ମଧ୍ୟ ସେହିପରି । ଖଣ୍ଡେ ଖରାପ ଚୁରୁଟ ମଧ୍ୟ ଚାରିଅଣାରୁ କମ୍‌ରେ ମିଳେ ନାହିଁ । ୨୪ ଟଙ୍କାରେ ଏକ ଯୋଡ଼ା ମଜବୁତ୍ ଜୋତା ହୁଏ । ଯେମିତି ରୋଜଗାର, ସେମିତି ଖର୍ଚ୍ଚ; ଏମାନେ ରୋଜଗାରରେ ଯେପରି, ଖର୍ଚ୍ଚରେ ମଧ୍ୟ ସେହିପରି ପାରଙ୍ଗମ ।

ଆଉ ଏମାନଙ୍କ ସ୍ତ୍ରୀମାନେ କି ପବିତ୍ର ! ୨୫।୩୦ ବର୍ଷରୁ କମ୍‌ରେ କାହାରି ବିବାହ ହୁଏ ନାହିଁ । ସେମାନେ ଆକାଶର ପକ୍ଷୀ ପରି ସ୍ୱାଧୀନ । ବଜାର, ହାଟ, ରୋଜଗାର, ଦୋକାନ, କଲେଜ, ପ୍ରଫେସର—ସବୁ କାମ କରନ୍ତି, ଅଥଚ କି ପବିତ୍ର ! ଯେଉଁମାନଙ୍କର ପଇସା ଅଛି, ସେମାନେ ଦିନରାତି ଗରିବଙ୍କର ଉପକାରରେ ବ୍ୟସ୍ତ । ଆଉ ଆମେ କ'ଣ କରୁଥାଉଁ ? ଆମର ଝିଅ ୧୧ ବର୍ଷରେ ବିବାହ ନ କଲେ ଖରାପ ହୋଇଯିବ । ଆମେ ସବୁ କଅଣ ମନୁଷ୍ୟ, ବାବାଜୀ ? ମନୁ କହିଛନ୍ତି, 'କନ୍ୟାପ୍ୟେବଂ ପାଳନୀୟା ଶିକ୍ଷଣୀୟାତି-ଯତ୍ନତଃ'—ବାଳକମାନେ ଯେପରି ୩୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରି ବିଦ୍ୟା ଶିକ୍ଷା କରନ୍ତି, କନ୍ୟାମାନଙ୍କ ପକ୍ଷରେ ସେପରି କରାଯିବା ଉଚିତ; କିନ୍ତୁ ଆମେମାନେ କଅଣ କରୁଛୁଁ ? ତୁମେମାନେ କନ୍ୟାମାନଙ୍କର ଉନ୍ନତି କରିପାରିବ ? ତେବେ ଆଶା ଅଛି, ନତୁବା ପଶୁଜନ୍ମ ଘୁଞ୍ଚିବ ନାହିଁ ।

ଦ୍ୱିତୀୟ କଥା—ଦରିଦ୍ର ଲୋକ । ଆମ ଦେଶରେ ନୀଚ କୁଳରେ ଯାହାର ଜନ୍ମ ହେଲା, ତା'ର କୌଣସି ଆଶା ଭରସା ନାହିଁ, ସେ ଗଲା । କାହିଁକି ହେ ବାବୁ ? କାହିଁକି ଏ ଅତ୍ୟାଚାର ? ଏ ଦେଶରେ ସମସ୍ତଙ୍କର ଆଶା ଭରସା ଅଛି, opportunities (ସୁବିଧା) ବି ଅଛି । ଆଜି ଯେ ଗରିବ, କାଲି ସେ ଧନୀ ହେବ, ବିଦ୍ୱାନ୍ ହେବ, ଜଗତ୍‌ମାନ୍ୟ ମଧ୍ୟ ହୋଇପାରିବ । ସମସ୍ତେ ଦରିଦ୍ରର ସହାୟତା କରିବା ପାଇଁ ବ୍ୟସ୍ତ । ଭାରତବାସୀଙ୍କର ହାରାହାରି ମାସିକ ଆୟ ୨ ଟଙ୍କା । ସମସ୍ତେ ରଡ଼ି କରୁଛନ୍ତି—ଆମେ ଗରିବ; କିନ୍ତୁ ଭାରତରେ ଦରିଦ୍ରମାନଙ୍କୁ ସହାୟତା କରିବା ପାଇଁ କେତୋଟି ସମିତି ଅଛି ? ଲକ୍ଷ ଲକ୍ଷ ଅନାଥମାନଙ୍କ ପାଇଁ କେତେ ଜଣ ଲୋକଙ୍କର ପ୍ରାଣ କାନ୍ଦୁଛି ? ହେ ଭଗବାନ୍, ଆମେ କଅଣ ମନୁଷ୍ୟ ! ଏହି ଯେ ତୁମ ଘର ଚାରିପାଖରେ ପଶୁପରି ହାଡ଼ି, ପାଣ—ସେମାନଙ୍କ ଉନ୍ନତି ପାଇଁ ତୁମେ କଅଣ କରୁଛ ? ସେମାନଙ୍କ ମୁହଁରେ ମୁଠାଏ ଅନ୍ନ ଦେବା ପାଇଁ କ'ଣ

କରଛ, କହିପାରିବ କି ? ତୁମେ ସେମାନଙ୍କୁ ଛୁଅଁ ନାହିଁ, ଦୂର୍ ଦୂର୍ ମାର୍ ମାର୍ କର । ଆମେ କଅଣ ମନୁଷ୍ୟ ? ଏହି ଯେ ତୁମର ହଜାର ହଜାର ସାଧୁ ବ୍ରାହ୍ମଣ ବୁଲୁଛନ୍ତି, ସେମାନେ ଏହି ଅଧଃପତିତ ଦରିଦ୍ର, ପଦଦଳିତ ଗରିବମାନଙ୍କ ପାଇଁ କଅଣ କରୁଛନ୍ତି ? କେବଳ କହୁଛନ୍ତି, 'ଛୁଅଁ ନା, ମୋତେ ଛୁଅଁ ନା' । ଏପରି ସନାତନ ଧର୍ମକୁ କଅଣ କରିପକାଇଛନ୍ତି ? ବର୍ତ୍ତମାନ ଧର୍ମ କେଉଁଠି ? ଖାଲି ଛୁଆଁ-ଅଛୁଆଁ-ଭେଦରେ—ମୋତେ ଛୁଅଁ ନା, ଛୁଅଁ ନା ।

ମୁଁ ଏ ଦେଶକୁ ଆସିଛି, ଦେଶ କିମ୍ବା ତାମସା ଦେଖିବାକୁ ନୁହେଁ, ନାଁ କରିବାକୁ ନୁହେଁ, ଏହି ଦରିଦ୍ରମାନଙ୍କ ପାଇଁ ଉପାୟ ବାହାର କରିବାକୁ । ସେହି ଉପାୟ କଅଣ, ପରେ ଜାଣିପାରିବ, ଯଦି ଭଗବାନ ସହାୟ ହୁଅନ୍ତି ।

ଏମାନଙ୍କର ଅନେକ ଦୋଷ ମଧ୍ୟ ଅଛି । ଧର୍ମ ବିଷୟରେ ଏମାନେ ଆମମାନଙ୍କ ଅପେକ୍ଷା ବହୁ ତଳେ; କିନ୍ତୁ ସାମାଜିକତା ସମ୍ବନ୍ଧରେ ଏମାନଙ୍କ ସ୍ଥାନ ବହୁତ ଉଚ୍ଚରେ । ଏମାନଙ୍କର ସାମାଜିକତ୍ୱ ଆମେ ଗ୍ରହଣ କରିବା ଏବଂ ଏମାନଙ୍କୁ ଆମର ଅଦ୍ଭୁତ ଧର୍ମ ଶିକ୍ଷା ଦେବା ।

କେବେ ଦେଶକୁ ଯିବି ଜାଣେ ନାହିଁ; ପ୍ରଭୁଙ୍କର ଇଚ୍ଛା ବଳବତୀ । ତୁମେ ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

୮୧ଇଂ (ମାଡ୍ରାଜ୍ ଭକ୍ତମାନଙ୍କୁ ଲିଖିତ)

୫୪୧, ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ, ୨୪ ଜାନୁଆରି ୧୮୯୪

ପ୍ରିୟ ବନ୍ଧୁଗଣ,

ତୁମମାନଙ୍କର ପତ୍ର ପାଇଛି । ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ, ମୋ ସମ୍ବନ୍ଧରେ ଅନେକ କଥା ଭାରତରେ ପହଞ୍ଚିଛି । 'ଇଣ୍ଟିରିଅର' ପତ୍ରିକାର ଯେଉଁ ସମାଲୋଚନା ଉଲ୍ଲେଖ କରିଛ, ତାହା ସମୁଦାୟ ଆମେରିକାବାସୀଙ୍କ ଭାବ ବୋଲି ମନେକରିବ ନାହିଁ । ସେ ପତ୍ରିକା କଥା ଏଠାରେ ପ୍ରାୟ କେହି ଜାଣନ୍ତି ନାହିଁ ଏବଂ ଏଠା ଲୋକେ ଏହାକୁ 'ନୀଳନାସିକ ପ୍ରେସ୍‌ବିଟେରିଆନ'ମାନଙ୍କ କାଗଜ ବୋଲି କହନ୍ତି । ଏହି ସମ୍ପ୍ରଦାୟ ଖୁବ ଧର୍ମାନ୍ଧ । ଅବଶ୍ୟ ସବୁ ନୀଳନାସିକ ଯେ ଅଭଦ୍ର, ତାହା ନୁହେଁ । ସାଧାରଣ ଯାହାକୁ ଆକାଶକୁ ଟେକି ଦେଉଛନ୍ତି, ତାକୁ ଆକ୍ରମଣ କରି ଟିକିଏ ବିଖ୍ୟାତ ହେବା ଅଭିପ୍ରାୟରେ ସେ ପତ୍ରିକା ଏପରି ଲେଖିଥିଲା । ଆମେରିକାର ଜନସାଧାରଣ ଏବଂ ପୁରୋହିତଙ୍କ ମଧ୍ୟରୁ ଅନେକେ ମୋର ଖୁବ୍ ଯତ୍ନ ନେଉଛନ୍ତି । କୌଣସି ବଡ଼ ଲୋକକୁ ଗାଳି-ଗୁଲଜ କରି ପତ୍ରିକାଗୁଡିକ ଖ୍ୟାତନାମା ହେବାର ସେହି କୌଶଳ ଏଠାରେ ସମସ୍ତେ ଜାଣନ୍ତି । ସୁତରାଂ ଏଠାର ଲୋକେ ସେସବୁ ଗ୍ରାହ୍ୟ କରନ୍ତି ନାହିଁ । ଅବଶ୍ୟ ଭାରତୀୟ ମିଶନାରୀଗଣ ଯେ ଏ କଥା ନେଇ ଗୋଟାଏ ଚହଲ ପକାଇବେ, ସେଥିରେ ସନ୍ଦେହ ନାହିଁ । ସେମାନଙ୍କୁ କହ—'ହେ ଇହୁଦୀ, ଲକ୍ଷ୍ୟ କର, ବର୍ତ୍ତମାନ ତୁମ ଉପରକୁ ଈଶ୍ୱରଙ୍କ ଦଣ୍ଡ ଓହ୍ଲାଇ ଆସୁଛି ।' ସେମାନଙ୍କ ପ୍ରାଚୀନ

ଗୃହର ଭିତ୍ତି ପର୍ଯ୍ୟନ୍ତ ଏବେ ଟଳମଳ ହେଉଛି । ଆଉ ସେମାନେ ପାଗଳ ପରି ଯେତେ ଚିତ୍କାର କରନ୍ତୁ ନା କାହିଁକି, ତାହା ଭାଙ୍ଗିବ ହିଁ ଭାଙ୍ଗିବ । ମିଶନାରୀମାନଙ୍କ ସକାଶେ ଅବଶ୍ୟ ମୋର ଦୁଃଖ ହୁଏ । ପ୍ରାଚ୍ୟ-ଦେଶବାସୀ ଅନେକେ ଏଠାକୁ ଦଳ ଦଳ ହୋଇ ଆସିବାଦ୍ୱାରା ସେମାନଙ୍କର ଭାରତରେ ବଡ଼ପଣ କରିବାର ଉପାୟ ବହୁ ପରିମାଣରେ କମି-ଯାଉଛି । କିନ୍ତୁ ଏମାନଙ୍କ ପ୍ରଧାନ ପ୍ରଧାନ ପୁରୋହିତମାନଙ୍କ ମଧ୍ୟରୁ ଜଣେ ହେଲେ ମୋର ବିରୋଧୀ ନୁହନ୍ତି । ଯାହାହେଉ, ଯେତେବେଳେ ପୋଖରୀରେ ପଶିଛି, ସେତେବେଳେ ଭଲରୂପେ ସ୍ନାନ ସାରି ଯିବି ।

ମୁଁ ସେମାନଙ୍କ ସମ୍ମୁଖରେ ଆମ ଧର୍ମର ଯେଉଁ ସଂକ୍ଷିପ୍ତ ବିବରଣ ପାଠ କରିଥିଲି, ସେହି ସମ୍ବନ୍ଧରେ ଗୋଟିଏ ସମ୍ବାଦପତ୍ରରୁ ଲେଖା କାଟି ପଠାଇଲି । ମୋର ଅଧିକାଂଶ ବକ୍ତୃତା ମୁହେଁ ମୁହେଁ । ଆଶାକରେ, ଏ ଦେଶରୁ ଚାଲିଯିବା ପୂର୍ବରୁ ସେଗୁଡ଼ିକ ପୁସ୍ତକା-କାରରେ ଗ୍ରଥିତ କରିପାରିବି । ଭାରତରୁ ମୋର କୌଣସି ସାହାଯ୍ୟ ପାଇବା ଦରକାର ନାହିଁ । ଏଠାରେ ମୋର ଯଥେଷ୍ଟ ଅଛି, ବରଂ ତୁମମାନଙ୍କ ନିକଟରେ ଯେଉଁ ଟଙ୍କା ଅଛି, ତାହାଦ୍ୱାରା ଏହି କ୍ଷୁଦ୍ର ବକ୍ତୃତାଟି ମୁଦ୍ରିତ ଓ ପ୍ରକାଶିତ କର ଏବଂ ବିଭିନ୍ନ ଦେଶୀୟ ଭାଷାରେ ଅନୁବାଦ କରି ଚାରିଆଡ଼େ ଏହାର ପ୍ରଚାର କର । ଏହାଦ୍ୱାରା ଆମ ଜାତି ସମ୍ମୁଖରେ ଆମମାନଙ୍କ ଆଦର୍ଶ ଜାଗରୂକ ରହିବ । ଅଉ ସେହି କେନ୍ଦ୍ର ବିଦ୍ୟାଳୟର କଥା ଏବଂ ଭାରତର ଚତୁର୍ଦ୍ଦିଗରେ ତାହାର ଶାଖା ବିଦ୍ୟାଳୟମାନ ସଂସ୍ଥାପନ କଥା ଭୁଲିଯିବ ନାହିଁ । ମୁଁ ଏଠାରେ ପ୍ରାଣପଣେ ସହାୟତା ଲାଭ ପାଇଁ ଚେଷ୍ଟା କରୁଛି । ତୁମେମାନେ ଭାରତରେ ଚେଷ୍ଟା କର ! ଖୁବ୍ ଦୃଢ଼ ଭାବରେ କାର୍ଯ୍ୟ କର । ରାମନାଥ ବା ଯେକୌଣସି ନାଥଙ୍କୁ ପାଇବ, ତାଙ୍କୁ ଧରି ତାଙ୍କ ସାହାଯ୍ୟରେ ଏହି କାର୍ଯ୍ୟ ପାଇଁ ଧୀରେ ଧୀରେ ଟଙ୍କା ସଂଗ୍ରହ କର । ଯଦିଓ ଏଠାରେ ବର୍ତ୍ତମାନ ଟଙ୍କାର ଖୁବ୍ ଅନଟନ, ତଥାପି ମୋର ଯେତେ-ଦୂର ସାଧ୍ୟ ମୁଁ ଚେଷ୍ଟା କରୁଛି । ଏଠାରେ ଏବଂ ଇଉରୋପରେ ଭ୍ରମଣ କରିବାର ସମୁଦାୟ ଖର୍ଚ୍ଚ ମୁଁ ଯଥେଷ୍ଟ ଯୋଗାଡ଼ କରିପାରିବି ।

ମୁଁ କିଡିର ପତ୍ର ପାଇଛି । ଜାତିଭେଦ ଉଠିଯିବ କି ରହିବ, ସେ ସମ୍ବନ୍ଧରେ ମୋର କିଛି କହିବାର ନାହିଁ । ମୋର ଉଦ୍ଦେଶ୍ୟ ଏହି ଯେ, ଭାରତ-ଅନ୍ତର୍ଗତ ବା ଭାରତର ବହିର୍ଭୂତ ମନୁଷ୍ୟଜାତି ଯେଉଁ ମହତ୍ ଚିନ୍ତାରାଶି ସୃଜନ କରିଯାଇଛନ୍ତି, ତାହା ଅତିହୀନ ଅତିଦରିଦ୍ରଙ୍କ ନିକଟରେ ମଧ୍ୟ ପ୍ରଚାରିତ ହେଉ; ତାହା ପରେ ସେମାନେ ନିଜେ ନିଜେ ଭାବନ୍ତୁ । ଜାତିଭେଦ ରହିବା ଉଚିତ କି ନା, ସ୍ତ୍ରୀଲୋକମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇବା ଉଚିତ କି ନୁହେଁ, ଏ ବିଷୟରେ ମୋର ମୁଣ୍ଡ ଖେଳାଇବା ଦରକାର ନାହିଁ । 'ଚିନ୍ତା ଓ କାର୍ଯ୍ୟର ସ୍ୱାଧୀନତା ଉପରେ ହିଁ ନିର୍ଭର କରେ ଜୀବନ, ଉନ୍ନତି ଏବଂ କଲ୍ୟାଣ ।' ଯେଉଁଠାରେ ତାହା ନାହିଁ, ସେଠାରେ ମନୁଷ୍ୟ ବର୍ଣ୍ଣ ଓ ଜାତିର ପତନ ଅବଶ୍ୟମ୍ଭାବୀ ।

ଜାତିଭେଦ ରହୁ ବା ନ ରହୁ, କୌଣସି ପ୍ରଣାଳୀବଦ୍ଧ ମତ ପ୍ରଚଳିତ ଥାଉ ବା ନ ଥାଉ, ଯେକୌଣସି ବ୍ୟକ୍ତି ବା ଶ୍ରେଣୀ ବା ବର୍ଣ୍ଣ ବା ଜାତି ବା ସମ୍ପ୍ରଦାୟ ଅପର କୌଣସି

ବ୍ୟକ୍ତିର ସ୍ୱାଧୀନ ଚିନ୍ତା ଓ କାର୍ଯ୍ୟଶକ୍ତିରେ ଯେତେ ବାଧା ହେବ, (ଅବଶ୍ୟ ଯେପର୍ଯ୍ୟନ୍ତ ତାହା ଅନ୍ୟର ଅନିଷ୍ଟ ନ କରେ)—ତାହା ଅତି ଅନ୍ୟାୟ ଏବଂ ଏପରି ହେଲେ ତାହାର ପତନ ଅବଶ୍ୟମ୍ଭାବୀ ।

ମୋ ଜୀବନରେ ଗୋଟିଏ ମାତ୍ର ଆକାଙ୍କ୍ଷା ଯେ, ମୁଁ ଏପରି ଏକ ଯନ୍ତ୍ର ସୃଷ୍ଟି କରିଯିବି—ଯାହା ପ୍ରତ୍ୟେକ ବ୍ୟକ୍ତି ନିକଟକୁ ଉଚ୍ଚ ଉଚ୍ଚ ଭାବରାଶି ବହନ କରି ନେବ । ତା'ପରେ ନର ହେଉ କିମ୍ବା ନାରୀ ହେଉ—ସେମାନେ ନିଜେ ନିଜର ଭାଗ୍ୟ ରଚନା କରିବେ । ଆମର ପୂର୍ବପୁରୁଷମାନେ ଏବଂ ଅନ୍ୟାନ୍ୟ ଜାତିମାନେ ଜୀବନର ଗୁରୁତର ସମସ୍ୟାଗୁଡ଼ିକ ସମ୍ବନ୍ଧରେ କଅଣ ଚିନ୍ତା କରିଛନ୍ତି, ତାହା ସମସ୍ତେ ଜାଣନ୍ତୁ । ବିଶେଷତଃ ସେମାନେ ଦେଖନ୍ତୁ—ଅନ୍ୟମାନେ ବର୍ତ୍ତମାନ ଦେଉଛି କରୁଛନ୍ତି । ତା'ପରେ ସେମାନେ କଅଣ କରିବେ, ସ୍ଥିର କରନ୍ତୁ । ରାସାୟନିକ ଦ୍ରବ୍ୟଗୁଡ଼ିକୁ ଆମେ ଏକସଙ୍ଗେ କେବଳ ରଖିଦେବା, ସେଗୁଡ଼ିକ ପ୍ରକୃତିର ନିୟମ ଅନୁସାରେ ଦାନା ବାନ୍ଧିବେ । ଆମେରିକାର ମହିଳାମାନଙ୍କ ସମ୍ବନ୍ଧରେ ବକ୍ତବ୍ୟ ଏହି ଯେ—ସେମାନେ ମୋର ପରମବନ୍ଧୁ । କେବଳ ଚିକାଗୋରେ ନୁହନ୍ତି, ସମଗ୍ର ଆମେରିକାରେ । ସେମାନଙ୍କ ଦୟା ଯୋଗୁଁ ମୁଁ ଯେ କେତେ-ଦୂର କୃତଜ୍ଞ, ତାହା ପ୍ରକାଶ କରିବା ମୋର ସାଧ୍ୟାତୀତ । ପ୍ରଭୁ ସେମାନଙ୍କୁ ଆଶୀର୍ବାଦ କରନ୍ତୁ । ଏ ଦେଶରେ ମହିଳାମାନେ ସମୁଦାୟ ଜାତୀୟ କୃଷ୍ଟିର ପ୍ରତିନିଧିସ୍ୱରୂପ ! ପୁରୁଷ-ମାନେ ଏତେ କାର୍ଯ୍ୟବ୍ୟସ୍ତ ଯେ, ଆତ୍ମୋତ୍କର୍ଷ ପାଇଁ ସମୟ ପାଆନ୍ତି ନାହିଁ । ଏଠାରେ ମହିଳାମାନେ ପ୍ରତ୍ୟେକ ବଡ଼ ବଡ଼ ଆନ୍ଦୋଳନର ପ୍ରାଣସ୍ୱରୂପ ।

ଭଟ୍ଟାଚାର୍ଯ୍ୟ ମହାଶୟଙ୍କୁ ଅନୁଗ୍ରହ କରି କହିବ, ମୁଁ ତାଙ୍କ ଫୋନୋଗ୍ରାଫ୍ କଥା ବିସ୍ମୃତ ହୋଇ ନାହିଁ । ତେବେ ଏଡିସନ ସମ୍ପ୍ରତି ଏହାର ଉନ୍ନତି ସାଧନ କରିଛନ୍ତି । ତାହା ଯେପର୍ଯ୍ୟନ୍ତ ନ ବାହାରିଛି, ସେପର୍ଯ୍ୟନ୍ତ ମୁଁ ତାହା କ୍ରୟ କରିବା ଯୁକ୍ତିସଙ୍ଗତ ମନେ-କରୁ ନାହିଁ ।

ଦୃଢ଼ଭାବରେ କାର୍ଯ୍ୟ କରିଯାଅ, ଅବିଚଳିତ ଅଧ୍ୟବସାୟଶୀଳ ହୁଅ ଓ ପ୍ରଭୁଙ୍କ-ଠାରେ ବିଶ୍ୱାସ ରଖ । କାର୍ଯ୍ୟରେ ଲାଗିଯାଅ । ଦୁଇଦିନ ଆଗେ ହେଉ ବା ପରେ ହେଉ, ମୁଁ ଯାଉଛି । ଆମ କାର୍ଯ୍ୟର ଏହି ମୂଳ କଥାଟି ସର୍ବଦା ମନେରଖିବ—'ଧର୍ମକୁ ଏକବିନ୍ଦୁ ସୁଦ୍ଧା ଆଘାତ ନ କରି ଜନସାଧାରଣଙ୍କ ଉନ୍ନତିବିଧାନ ।' ମନେରଖ—ଦରିଦ୍ରର କୁଟୀରରେ ହିଁ ଆମମାନଙ୍କ ଜାତୀୟ ଜୀବନ ସ୍ପନ୍ଦିତ ହେଉଛି; କିନ୍ତୁ ହାୟ, କେହି ଏମାନଙ୍କ ପାଇଁ କିଛି କରି ନାହାନ୍ତି । ଆମ ଆଧୁନିକ ସଂସ୍କାରକଗଣ ବିଧବା-ବିବାହ ନେଇ ବିଶେଷ ବ୍ୟସ୍ତ । ଅବଶ୍ୟ ସମସ୍ତ ସଂସ୍କାର-କାର୍ଯ୍ୟ ପ୍ରତି ମୋର ସହାନୁଭୂତି ଅଛି, କିନ୍ତୁ ବିଧବାମାନଙ୍କ ସ୍ୱାମୀ-ସଂଖ୍ୟା ଉପରେ କୌଣସି ଜାତିର ଅଦୃଷ୍ଟ ନିର୍ଭର କରେ ନାହିଁ, ତାହା ନିର୍ଭର କରେ—ଜନସାଧାରଣଙ୍କ ଅବସ୍ଥା ଉପରେ । ସେମାନଙ୍କୁ ଉନ୍ନତ କରିପାରିବ ? ସେମାନଙ୍କର ସ୍ୱାଭାବିକ ଆଧ୍ୟାତ୍ମିକ ପ୍ରକୃତି ନଷ୍ଟ ନ କରି ସେମାନଙ୍କୁ ନିଜ ଗୋଡ଼ରେ ନିଜେ ଠିଆହେବାକୁ ଶିଖାଇପାରିବ ? ତୁମେ କ'ଣ ସାମ୍ୟ, ସ୍ୱାଧୀନତା, କାର୍ଯ୍ୟ ଓ ଉତ୍ସାହରେ ଘୋର ପାଶ୍ଚାତ୍ୟ

ଏବଂ ଧର୍ମ-ବିଶ୍ୱାସ ଓ ସାଧନାରେ ଘୋର ହିନ୍ଦୁ ହୋଇପାରିବ ? ଏହା କରିବାକୁ ହେବ ଏବଂ ଆମେମାନେ ଏହା ହିଁ କରିବା । ତୁମେମାନେ ସମସ୍ତେ ଏହା ହିଁ କରିବାକୁ ଆସିଛ । ନିଜଠାରେ ବିଶ୍ୱାସ ରଖ । ପ୍ରବଳ ବିଶ୍ୱାସ ହିଁ ବଡ଼ ବଡ଼ କାର୍ଯ୍ୟର ଜନକ । ଆଗେଇ ଯାଅ, ଆଗେଇ ଯାଅ । ମୃତ୍ୟୁ ପର୍ଯ୍ୟନ୍ତ ଗରିବ, ପଦଦଳିତମାନଙ୍କ ଉପରେ ସହାନୁଭୂତି କରିବାକୁ ହେବ—ଏହା ଆମମାନଙ୍କର ମୂଳମନ୍ତ୍ର । ଆଗେଇ ଯାଅ, ବୀରହୃଦୟ ଯୁବକବୃନ୍ଦ !

ତୁମମାନଙ୍କର କଲ୍ୟାଣାକାଙ୍କ୍ଷୀ, ବିବେକାନନ୍ଦ

ପୁଃ—ଗୋଟିଏ କେନ୍ଦ୍ରବିଦ୍ୟାଳୟ ସ୍ଥାପନ କରି ସାଧାରଣ ଲୋକଙ୍କର ଉନ୍ନତିବିଧାନ ପାଇଁ ଚେଷ୍ଟା କରିବାକୁ ହେବ ଏବଂ ଏହି ବିଦ୍ୟାଳୟରେ ଶିକ୍ଷିତ ପ୍ରଚାରକମାନଙ୍କଦ୍ୱାରା ଗରିବମାନଙ୍କ ଘରେ ଘରେ ଯାଇ ସେମାନଙ୍କ ନିକଟରେ ବିଦ୍ୟା ଓ ଧର୍ମର ବିସ୍ତାର—ଏହି ଖବରଗୁଡ଼ିକୁ ପ୍ରଚାର କର । ସମସ୍ତେ ଯେପରି ଏ ବିଷୟରେ ସହାନୁଭୂତିଶୀଳ ହେବେ, ତାହାର ଚେଷ୍ଟା କର ।

ମୁଁ ତୁମମାନଙ୍କ ନିକଟକୁ ସର୍ବାପେକ୍ଷା ଉଚିତରର କେତେକ କାଗଜରୁ କିଛି କିଛି କାଟି ପଠାଉଛି । ଏଗୁଡ଼ିକ ମଧ୍ୟରେ ଡଃ ଟମାସ୍‌ଙ୍କ ଲେଖାଟି ବିଶେଷ ମୂଲ୍ୟବାନ୍ । କାରଣ ସେ ମର୍ଯ୍ୟାଦାଶୀ ନ ହେଲେ ମଧ୍ୟ ଆମେରିକାର ଜଣେ ଶ୍ରେଷ୍ଠ ଧର୍ମଯାଜକ । 'ଇଣ୍ଟିରିଅର୍' କାଗଜର ଅତିରିକ୍ତ ରକ୍ଷଣଶୀଳତା ଓ ମୋତେ ଗାଲି ଦେଇ ନାଁ ଜାହିର କରିବାର ଚେଷ୍ଟା ସତ୍ତ୍ୱେ ସେମାନେ ସ୍ୱୀକାର କରିଥିଲେ ଯେ, ମୁଁ ସର୍ବସାଧାରଣଙ୍କର ପ୍ରିୟ ବକ୍ତା ଥିଲି । ମୁଁ ସେଥିରୁ ମଧ୍ୟ କେତେକ ପଙ୍‌କ୍ତି କାଟି ପଠାଉଛି । ଇତି

—ବି.

୮୨ଇ° (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ଚିକାଗୋ, ୨୯ ଜାନୁଆରି ୧୮୯୪

ପ୍ରିୟ ଦେୱାନ୍‌ଜୀ ସାହେବ,

କେତେକ ଦିନ ତଳେ ଆପଣଙ୍କର ଶେଷ ଚିଠିଖଣ୍ଡି ପାଇଛି । ଆପଣ ମୋର ଦୁଃଖିନୀ ମା' ଓ ଛୋଟ ଭାଇମାନଙ୍କୁ ଦେଖିବାକୁ ଯାଇଥିଲେ, ଜାଣି ସୁଖୀ ହେଲି; କିନ୍ତୁ ଆପଣ ମୋ ଅନ୍ତରର ଏକମାତ୍ର କୋମଳ ସ୍ଥାନଟିକୁ ସ୍ପର୍ଶ କରିଛନ୍ତି । ଆପଣଙ୍କର ଜାଣିବା ଉଚିତ ଯେ, ମୁଁ ନିଷ୍ଠୁର ପଶୁ ନୁହେଁ । ଏହି ବିଶାଳ ସଂସାର ମଧ୍ୟରେ ମୋର ଭଲ ପାଇବାର ପାତ୍ର ଯଦି କେହି ଥାଏ, ତେବେ ସେ ମୋର ମା' । ତଥାପି ଏ ବିଶ୍ୱାସ ମୁଁ ଦୃଢ଼ଭାବରେ ପୋଷଣ କରିଆସିଛି ଏବଂ ଏବେ ମଧ୍ୟ କରୁଛି ଯେ, ଯଦି ମୁଁ ସଂସାର ତ୍ୟାଗ କରି ନ ଥାନ୍ତି, ତେବେ ମୋର ମହାନ୍ ଗୁରୁ ପରମହଂସ ଶ୍ରୀରାମକୃଷ୍ଣଦେବ ଯେଉଁ ବିରାଟ ସତ୍ୟର ପ୍ରଚାର ପାଇଁ ଜଗତରେ ଅବତୀର୍ଣ୍ଣ ହୋଇଥିଲେ, ତାହା ପ୍ରକାଶିତ ହୋଇପାରି ନ ଥାନ୍ତା । ଆଉ ତାହା ବ୍ୟତୀତ ଯେଉଁସବୁ ଯୁବକ ବର୍ତ୍ତମାନ ଯୁଗର ବିଳାସିତା ଓ ବସ୍ତୁତାନ୍ତ୍ରିକତାର ତରଙ୍ଗାଭିଘାତ ପ୍ରତିହତ କରିବା ନିମନ୍ତେ ସୁଦୃଢ଼ ପାଷାଣଭିତ୍ତି ସଦୃଶ ଦଣ୍ଡାୟମାନ ହୋଇଛନ୍ତି—ସେମାନଙ୍କର ବା କ'ଣ ଅବସ୍ଥା ହୋଇଥାଆନ୍ତା ? ଏମାନେ

ଭାରତର, ବିଶେଷ ଭାବରେ ବଙ୍ଗଳାର ଅଶେଷ କଲ୍ୟାଣସାଧନ କରିଛନ୍ତି । ଏହା ତ ଆରମ୍ଭ ମାତ୍ର ! ପ୍ରଭୁଙ୍କ କୃପାରେ ଏମାନେ ଏପରି କାର୍ଯ୍ୟ କରିଯିବେ, ଯାହା ଲାଗି ସମସ୍ତ ଜଗତ୍ ଯୁଗ ପରେ ଯୁଗ ଏମାନଙ୍କୁ ଆଶୀର୍ବାଦ କରିବ । ସୁତରାଂ ଏକ ଦିଗରେ ଭାରତର ଓ ବିଶ୍ବର ଭାବୀ ଧର୍ମସମ୍ବନ୍ଧୀୟ ମୋ ପରିକଳ୍ପନା ଏବଂ ଯେଉଁ ଉପେକ୍ଷିତ ଲକ୍ଷ ଲକ୍ଷ ନରନାରୀ ଦିନକୁ ଦିନ ଦୁଃଖର ତମୋମୟ ଗର୍ଭରେ ଧୀରେ ଧୀରେ ବୁଡ଼ିଯାଉଛନ୍ତି, ଯେଉଁମାନଙ୍କୁ ସାହାଯ୍ୟ କରିବାକୁ କିମ୍ବା ଯେଉଁମାନଙ୍କ ବିଷୟ ଚିନ୍ତା କରିବାକୁ ମଧ୍ୟ କେହି ନାହିଁ, ସେମାନଙ୍କ ପ୍ରତି ମୋର ସହାନୁଭୂତି ଓ ସ୍ନେହ, ଅନ୍ୟ ଦିଗରେ ମୋର ଯେତେ ନିକଟ ଆତ୍ମୀୟସ୍ବଜନ ସେମାନଙ୍କ ଦୁଃଖ ଓ ଦୁର୍ଗତିର କାରଣ ହେବା—ଏହି ଦୁଇଟି ମଧ୍ୟରୁ ପ୍ରଥମଟିକୁ ମୁଁ ବ୍ରତରୂପେ ବରଣ କରିଛି; ବାକି ଯାହା କିଛି, ତାହା ପ୍ରଭୁ ନିଶ୍ଚୟ ସମ୍ପନ୍ନ କରିବେ । ସେ ଯେ ମୋର ସଙ୍ଗେ ସଙ୍ଗେ ଅଛନ୍ତି, ସେଥିରେ ମୁଁ ନିଃସନ୍ଦେହ । ମୁଁ ଯେତେକ୍ଷଣ ଖାଣ୍ଟି ଅଛି, ସେପର୍ଯ୍ୟନ୍ତ ମୋର ପ୍ରତିରୋଧ କରିବାକୁ କେହି ସମର୍ଥ ହେବେ ନାହିଁ, କାରଣ ସେ ହିଁ ମୋର ସହାୟ ଅଛନ୍ତି । ଭାରତର ଅସଂଖ୍ୟ ନରନାରୀ ମୋତେ ବୁଝିପାରି ନାହାନ୍ତି । ଆଉ କିପରି ବା ପାରିବେ ? ବିଚାରମାନଙ୍କର ଚିନ୍ତାଧାରା ଦୈନିକ ଖାଇବା-ପିନ୍ଧିବା ଆଦି ଧରାବନ୍ଧା ନିୟମକାନୁନର ଗଣ୍ଡିକୁ କେବେହେଲେ ଅତିକ୍ରମ କରିପାରୁ ନାହିଁ ! କେବଳ ଆପଣଙ୍କ ସଦୃଶ ମହତ୍ତ୍ବ ଅନ୍ତଃକରଣବିଶିଷ୍ଟ ମୁଷ୍ଟିମେୟ କେତେ ଜଣ ମାତ୍ର ମୋର ଗୁଣଗ୍ରାହୀ । ଭଗବାନ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୋର ସମାଦର ହେଉ ବା ନ ହେଉ—ମୁଁ ଏହି ଯୁବକଦଳକୁ ସଙ୍ଘବଦ୍ଧ କରିବା ପାଇଁ ଜନ୍ମଗ୍ରହଣ କରିଛି । କେବଳ ସେହିମାନେ ନୁହନ୍ତି, ଭାରତର ନଗରେ ନଗରେ ଆହୁରି ଶତ ଶତ ଯୁବକ ମୋ ସହିତ ଯୋଗ ଦେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ଏମାନେ ଦୁର୍ଦ୍ଦମନୀୟ ତରଙ୍ଗ ଆକାରରେ ଭାରତଭୂମି ଉପର ଦେଇ ପ୍ରବାହିତ ହେବେ ଏବଂ ସର୍ବାପେକ୍ଷା ଦୀନ, ହୀନ ଓ ପଦଦଳିତମାନଙ୍କ ନିକଟକୁ ସୁଖ-ସ୍ବାଚ୍ଛନ୍ଦ୍ୟ, ନୀତି, ଧର୍ମ ଓ ଶିକ୍ଷା ବହନ କରିନେବେ—ଏହା ହିଁ ମୋର ଆକାଙ୍କ୍ଷା ଓ ବ୍ରତ, ମୁଁ ଏହାକୁ ଉଦ୍‌ଯାପନ କରିବି କିମ୍ବା ମୃତ୍ୟୁ ବରଣ କରିବି ।

ଆମ ଦେଶ ଲୋକଙ୍କର ନା ଅଛି ଭାବ ନା ସମାଦର କରିବାର କ୍ଷମତା ? ଉପରନ୍ତୁ ସହସ୍ର ବର୍ଷର ପରାଧୀନତା ଫଳରେ ଉତ୍କଟ ପରଶ୍ରୀକାତରତା ଓ ସନ୍ଦିଗ୍ଧ ପ୍ରକୃତି ଯୋଗୁ ଏମାନେ ଯେକୌଣସି ନୂତନ ଭାବଧାରାର ବିରୋଧୀ ହୋଇଉଠନ୍ତି । ତଥାପି ପ୍ରଭୁ ମହାନ୍ ।

ଆଲତି ଓ ଅନ୍ୟାନ୍ୟ ବିଷୟରେ ଆପଣ ଯାହା ଲେଖିଛନ୍ତି—ଭାରତର ସର୍ବତ୍ର ପ୍ରତ୍ୟେକ ମଠରେ ସେସବୁ ପ୍ରଥା ପ୍ରଚଳିତ ଥିବାର ଦେଖାଯାଏ ଏବଂ 'ଗୁରୁପୂଜା' ସାଧନାର ପ୍ରାଥମିକ କର୍ତ୍ତବ୍ୟ ବୋଲି ମଧ୍ୟ ବେଦରେ ଉକ୍ତ ହୋଇଛି । ଏହାର ଭଲମନ୍ଦ ଉଭୟ ଦିଗ ଅଛି ସତ୍ୟ, କିନ୍ତୁ ଏ କଥା ସ୍ମରଣ ରଖିବେ—ଆମମାନଙ୍କ ସଂପ୍ରଦାୟର ଅନନ୍ୟସାଧାରଣ ବୈଶିଷ୍ଟ୍ୟ ଏହି ଯେ, ନିଜର ମତାମତ ବା ବିଶ୍ୱାସ ଅନ୍ୟ ଉପରେ ଚାପି-

ଦେବାର ଅଧିକାର ଆମେ ରଖୁ ନାହିଁ । ଆମମାନଙ୍କ ମଧ୍ୟରେ ଅନେକେ କୌଣସି ପ୍ରକାର ମୂର୍ତ୍ତିପୂଜାରେ ବିଶ୍ୱାସୀ ନୁହନ୍ତି; କିନ୍ତୁ ତା' ବୋଲି ଅନ୍ୟର ସେପରି ବିଶ୍ୱାସରେ ବାଧାଦେବାର କୌଣସି ଅଧିକାର ତାଙ୍କର ନାହିଁ, କାରଣ ତାହାହେଲେ ଆମ ଧର୍ମର ମୂଳତତ୍ତ୍ୱକୁ ଲଙ୍ଘନ କରାହେବ । ଅଧିକନ୍ତୁ କେବଳ ମନୁଷ୍ୟ ମଧ୍ୟଦେଇ ଭଗବାନଙ୍କୁ ଜାଣିବା ସମ୍ଭବ । ଯେପରି ଆଲୋକ-ସ୍ପନ୍ଦନ ସର୍ବତ୍ର ଏପରିକି ତମୋମୟ କୋଣରେ ବିଦ୍ୟମାନ ଥିଲେ ମଧ୍ୟ କେବଳ ପ୍ରଦୀପ ମଧ୍ୟରେ ଏହା ଲୋକଚକ୍ଷୁର ଗୋଚର ହୋଇଥାଏ, ସେହିପରି ଯଦିଓ ଭଗବାନ ସର୍ବତ୍ର ବିରାଜିତ, ତଥାପି ଆମେ ତାଙ୍କୁ କେବଳ ବିରାଟ ମନୁଷ୍ୟରୂପରେ ହିଁ କଳ୍ପନା କରିପାରୁ । କରୁଣାମୟ, ରକ୍ଷକ, ସହାୟକ ପ୍ରଭୃତି ଭଗବାନ-ସମ୍ବନ୍ଧୀୟ ଭାବଗୁଡ଼ିକ ସମସ୍ତ ହିଁ ମାନବୀୟ ଭାବ; ମନୁଷ୍ୟ ସ୍ୱୀୟ ଦୃଷ୍ଟିଭଙ୍ଗୀ ଦେଇ ଭଗବାନଙ୍କୁ ଦେଖେ ବୋଲି ଏ ସମସ୍ତ ଭାବର ଉଦ୍ଭବ ହୋଇଛି । କୌଣସି ମନୁଷ୍ୟବିଶେଷଙ୍କୁ ଆଶ୍ରୟ କରି ଏସବୁ ଗୁଣାବଳୀର ବିକାଶ ସମ୍ଭବପର—ତାହାଙ୍କୁ ଗୁରୁ କହନ୍ତୁ, ଈଶ୍ୱରପ୍ରେରିତ ପୁରୁଷ କହନ୍ତୁ ଅଥବା ଅବତାର କହନ୍ତୁ । ନିଜ ଦେହର ପରିଧିକୁ ଆପଣ ଯେପରି ଡେଇଁ ଯାଇପାରନ୍ତି ନାହିଁ, ମନୁଷ୍ୟ ମଧ୍ୟ ସେହିପରି ନିଜ ପ୍ରକୃତିର ସୀମାକୁ ଲଙ୍ଘନ କରିପାରେ ନାହିଁ । ଯେଉଁ ଗୁରୁ ଆପଣଙ୍କର ଇତିହାସ-ବର୍ଣ୍ଣିତ ସମୁଦାୟ ଅବତାରପ୍ରଥିତ ପୁରୁଷମାନଙ୍କ ଅପେକ୍ଷା ଶତ ଶତ ଗୁଣରେ ଅଧିକ ପବିତ୍ର—ସେହି ପ୍ରକାର ଗୁରୁଙ୍କୁ ଯଦି କେହି ଆନୁଷ୍ଠାନିକଭାବରେ ପୂଜା କରେ, ତେବେ ତହିଁରେ କ୍ଷତି କଅଣ ? ଯଦି ଖ୍ରୀଷ୍ଟ, କୃଷ୍ଣ କିମ୍ବା ବୁଦ୍ଧଙ୍କୁ ପୂଜା କଲେ କୌଣସି କ୍ଷତି ହୁଏ ନାହିଁ, ତେବେ ଯେଉଁ ପୁରୁଷପ୍ରବର ଜୀବନରେ ଚିନ୍ତା କିମ୍ବା କାର୍ଯ୍ୟରେ ଲେଶମାତ୍ର ଅପବିତ୍ର କିଛି କରି ନାହାନ୍ତି—ଯାହାଙ୍କର ଅନ୍ତର୍ଦୃଷ୍ଟିସଞ୍ଜାତ ତୀକ୍ଷ୍ଣବୁଦ୍ଧି ଅନ୍ୟ ସମସ୍ତ ଏକଦେଶଦର୍ଶୀ ଅବତାରପ୍ରଥିତ ପୁରୁଷମାନଙ୍କ ଅପେକ୍ଷା ଊର୍ଦ୍ଧ୍ୱତର ସ୍ତରରେ ବିଦ୍ୟମାନ—ତାଙ୍କୁ ପୂଜା କଲେ କଅଣ କ୍ଷତି ହୋଇପାରେ ? ଦର୍ଶନ, ବିଜ୍ଞାନ କିମ୍ବା ଅନ୍ୟ କୌଣସି ବିଦ୍ୟାର ସହାୟତା ନ ନେଇ ଏହି ମହାପୁରୁଷ ହିଁ ଜଗତ-ଇତିହାସରେ ସର୍ବପ୍ରଥମେ ଏହି ତତ୍ତ୍ୱ ପ୍ରଚାର କଲେ ଯେ, 'ସତ୍ୟ ସମସ୍ତ ଧର୍ମରେ ନିହିତ ଅଛି, କେବଳ ଏହା କହିଦେଲେ ଚଳିବ ନାହିଁ, ପ୍ରକୃତ ସମସ୍ତ ଧର୍ମ ହିଁ ସତ୍ୟ ।' ଏହି ତଥ୍ୟ ହିଁ ଜଗତରେ ସର୍ବତ୍ର ପ୍ରତିଷ୍ଠା ଲାଭ କରିଛି ।

କିନ୍ତୁ ଏହି ମତକୁ ମଧ୍ୟ ଆମେ କାହା ଉପରେ ଜୋର୍ କରି ଚପିଦେଉ ନାହୁଁ । ମୋର ଗୁରୁଭାଇମାନଙ୍କ ମଧ୍ୟରେ କେହି ମଧ୍ୟ ଆପଣଙ୍କୁ ଏପରି କଥା କହି ନାହାନ୍ତି ଯେ, ତାଙ୍କ ଗୁରୁଙ୍କୁ ସମସ୍ତେ ପୂଜା କରିବା ଉଚିତ—ଏହା କେବେହେଲେ ହୋଇ ନ ପାରେ । ପକ୍ଷାନ୍ତରେ—ଯଦି କେହି ଏପରି ପୂଜା କରେ, ତେବେ ତାହାକୁ ବାଧା ଦେବାର ଅଧିକାର ଆମର ନାହିଁ । କାହିଁକି ବା ରହିବ ? ତାହାହେଲେ ପୃଥିବୀରେ ଅଦୃଷ୍ଟପୂର୍ବ ଅତୁଳନୀୟ ଏହି ସମାଜଟି—ଯେଉଁଠାରେ ଦଶଜଣ ମଣିଷ ଦଶଟି ଭିନ୍ନ ଭାବ ଅବଲମ୍ବନ କରି ମଧ୍ୟ ପରିପୂର୍ଣ୍ଣ ସାମ୍ୟ ମଧ୍ୟରେ ବାସ କରୁଛନ୍ତି—ବିନଷ୍ଟ ହୋଇଯିବ । ଦେବାନ୍‌ଜୀ, ଈଶ୍ୱର ମହାନ୍ ଓ କରୁଣାମୟ—ଧୈର୍ଯ୍ୟସହକାରେ ଅପେକ୍ଷା କରନ୍ତୁ, ଆହୁରି ବହୁତ କିଛି

ଦେଖିବାକୁ ପାଇବେ ।

ଆମେ ଯେ ପ୍ରତ୍ୟେକ ଧର୍ମମତକୁ ସତ୍ୟ କରୁ, କେବଳ ସେତିକି ନୁହେଁ, ଅଧିକନ୍ତୁ ସେଗୁଡ଼ିକୁ ଗ୍ରହଣ କରିଥାଉଁ ଏବଂ ସେହି ତତ୍ତ୍ୱ ପ୍ରଭୁଙ୍କ ସହାୟତାରେ ଜଗତରେ ପ୍ରଚାର କରିବାକୁ ଚେଷ୍ଟା କରୁଛୁଁ ।

କୌଣସି ଜାତି କିମ୍ବା ବ୍ୟକ୍ତିପକ୍ଷରେ ଉନ୍ନତି କରିବାକୁ ହେଲେ ତିନୋଟି ବିଷୟର ପ୍ରୟୋଜନ—

(୧) ସାଧୁତାଶକ୍ତି ଉପରେ ପ୍ରଗାଢ଼ ବିଶ୍ୱାସ ।

(୨) ହିଂସା ଓ ସନ୍ଦେହ ଭାବର ଏକାନ୍ତ ଅଭାବ ।

(୩) ଯେଉଁମାନେ ସତ୍ ହେବାକୁ କିମ୍ବା ସତ୍ କାର୍ଯ୍ୟ କରିବାକୁ ସଚେଷ୍ଟ, ସେମାନଙ୍କୁ ସହାୟତା କରିବା ।

କେଉଁ କାରଣରୁ ହିନ୍ଦୁଜାତି ତାହାର ଅଦ୍ଭୁତ ବୁଦ୍ଧି ଏବଂ ଅନ୍ୟାନ୍ୟ ଗୁଣାବଳୀ ସତ୍ତ୍ୱେ ଛିନ୍ନବିଚ୍ଛିନ୍ନ ହୋଇଗଲା ? ମୁଁ କହିବି, ହିଂସା । ଏହି ଦୁର୍ଭାଗା ହିନ୍ଦୁଜାତି ପରସ୍ପର ମଧ୍ୟରେ ଯେପରି ଜଘନ୍ୟଭାବରେ ଈର୍ଷାନ୍ୱିତ ଏବଂ ପରସ୍ପରର ଯଶଖ୍ୟାତିରେ ଯେପରି ହିଂସାପରାୟଣ, ତାହା କୌଣସି କାଳେ କେଉଁଠି ଦେଖାଯାଇ ନାହିଁ । ଯଦି ଆପଣ କେବେ ପାଶ୍ଚାତ୍ୟ ଦେଶକୁ ଆସନ୍ତି, ତେବେ ଏତଦ୍ଦେଶବାସୀଙ୍କ ମଧ୍ୟରେ ହିଂସାର ଅଭାବ ହିଁ ସର୍ବପ୍ରଥମେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ । ଭାରତବର୍ଷରେ ତିନିଜଣ ଲୋକ ମଧ୍ୟ ପାଞ୍ଚମିନିଟ୍ ପାଇଁ ଏକସଙ୍ଗରେ ମିଳିମିଶି କାର୍ଯ୍ୟ କରିପାରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି କ୍ଷମତା ପାଇଁ କଳହ କରିବାକୁ ଆରମ୍ଭ କରନ୍ତି, ଫଳରେ ସମଗ୍ର ପ୍ରତିଷ୍ଠାନଟି ଦୁରବସ୍ଥାରେ ପତିତ ହୁଏ । ହାୟ ଭଗବାନ୍ ! କେବେ ଆମେ ହିଂସା ଛାଡ଼ିବାକୁ ଶିକ୍ଷା ଲାଭ କରିବୁ !

ଏହିପରି ଗୋଟିଏ ଜାତି ମଧ୍ୟରେ, ବିଶେଷତଃ ବଙ୍ଗଦେଶରେ, ଏପରି ଦଳେ ଲୋକ ସୃଷ୍ଟି କରିବାକୁ ହେବ, ଯେଉଁମାନେ ମତର ବିଭିନ୍ନତା ସତ୍ତ୍ୱେ ପରସ୍ପର ସହିତ ଅବିଚ୍ଛେଦ୍ୟ ସ୍ନେହ-ପ୍ରୀତିସୂତ୍ରରେ ଆବଦ୍ଧ ରହିବେ—ଏହା କ'ଣ ବିସ୍ମୟକର ନୁହେଁ ? ଏହି ଦଳର ସଂଖ୍ୟା କ୍ରମଶଃ ବର୍ଦ୍ଧିତ ହେବ, ଏହି ଅଦ୍ଭୁତ ଉଦାର ଭାବ ଅପ୍ରତିହତ ବେଗରେ ସମଗ୍ର ଭାରତରେ ବ୍ୟାପିଯିବ ଏବଂ ଏହି ଦାସଜାତିର ଉତ୍ତରାଧିକାରସୂତ୍ରରେ ପ୍ରାପ୍ତ ଉତ୍କଟ ଅଜ୍ଞତା, ଘୃଣା, ଅନ୍ଧ-ସଂସ୍କାର ଜାତିବିଦ୍ୱେଷ, ହିଂସା ପ୍ରଭୃତି ସତ୍ତ୍ୱେ ସମଗ୍ର ଦେଶକୁ ବିଦ୍ୟୁତ୍‌ଶକ୍ତିରେ ଉଦ୍‌ବୁଦ୍ଧ କରିବ ।

ସର୍ବବ୍ୟାପୀ ବିଦ୍ୱେଷର ଏହି ମହାସମୁଦ୍ର ମଧ୍ୟରେ ଯେଉଁ କେତେଜଣ ମହାପ୍ରାଣ ମନୀଷୀ ବିଶାଳ ପ୍ରସ୍ତରଖଣ୍ଡ ସଦୃଶ ଉନ୍ନତ ଶିରରେ ଦଣ୍ଡାୟମାନ ରହିଛନ୍ତି—ଆପଣ ସେମାନଙ୍କ ମଧ୍ୟରେ ଅନ୍ୟତମ । ଭଗବାନ ଆପଣଙ୍କୁ ନିରନ୍ତର ଆଶୀର୍ବାଦ କରନ୍ତୁ । ଇତି

ଚିର ବିଶ୍ୱସ୍ତ, ବିବେକାନନ୍ଦ

୮୩ଇଂ

୫୪୧, ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ
୩ ମାର୍ଚ୍ଚ ୧୮୯୪

ପ୍ରିୟ କିଡି,

ମୁଁ ତୁମର ସବୁଗୁଡ଼ିକ ଚିଠି ପାଇଥିଲି; କିନ୍ତୁ କ'ଣ ଉତ୍ତର ଦେବି ଭାବିପାରିଲି ନାହିଁ । ତୁମ ଶେଷ ଚିଠି ପାଇ ଆଶ୍ୱସ୍ତ ହେଲି । ବିଶ୍ୱାସଦ୍ୱାରା ଯେ ଅଦ୍ଭୁତ ଅନ୍ତର୍ଦୃଷ୍ଟି ଲାଭ ହୁଏ ଏବଂ ଏକମାତ୍ର ଏହା ଯେ ମନୁଷ୍ୟକୁ ପରିତ୍ରାଣ କରିପାରେ, ଏପର୍ଯ୍ୟନ୍ତ ତୁମ ସହିତ ମୁଁ ଏକମତ; କିନ୍ତୁ ସେଥିରେ ମଧ୍ୟ ମତାନ୍ଧତା ଆସିବାର ଓ ଭବିଷ୍ୟତ ଉନ୍ନତିର ଦ୍ୱାର ରୁଦ୍ଧ ହେବାର ଆଶଙ୍କା ରହିଛି ।

ଜ୍ଞାନମାର୍ଗ ଖୁବ୍ ଭଲ; କିନ୍ତୁ ସେଥିରେ ଆଶଙ୍କା ଏହି ଯେ, ପରେ ତାହା କେବଳ ଶୁଷ୍କ ପାଣ୍ଡିତ୍ୟରେ ପରିଣତ ହୁଏ । ପ୍ରେମ ଭକ୍ତି ଖୁବ୍ ବଡ଼ ଓ ଭଲ ଜିନିଷ; କିନ୍ତୁ ସେଥିରେ ନିରର୍ଥକ ଭାବପ୍ରବଣତା ଆସି ଅସଲ ଜିନିଷଟି ନଷ୍ଟ ହୋଇଯିବାର ଯଥେଷ୍ଟ ଭୟ ଅଛି । ଏଗୁଡ଼ିକର ସାମଞ୍ଜସ୍ୟ ଦରକାର । ଶ୍ରୀରାମକୃଷ୍ଣଙ୍କ ଜୀବନ ଏହିପରି ସମନ୍ୱୟପୂର୍ଣ୍ଣ ଥିଲା । କିନ୍ତୁ ଏପରି ମହାପୁରୁଷଗଣ କେତେବେଳେ କ୍ୱଚିତ୍ ଜଗତକୁ ଆସିଥାଆନ୍ତି । ତେବେ ତାଙ୍କର ଜୀବନ ଓ ଉପଦେଶକୁ ଆଦର୍ଶସ୍ୱରୂପ ସମ୍ମୁଖରେ ରଖି ଆମେ ଅଗ୍ରସର ହୋଇ-ପାରିବା । ଆମମାନଙ୍କ ମଧ୍ୟରେ ବ୍ୟକ୍ତିଗତଭାବରେ ହୁଏତ ଜଣେ କେହି ସେପରି ପୂର୍ଣ୍ଣତା ଲାଭ କରିପାରିବେ ନାହିଁ; ତଥାପି ଆମେମାନେ ପରସ୍ପର ସହିତ ଭାବର ଆଦାନ-ପ୍ରଦାନ, ଭାବସାମ୍ୟ ଓ ଭାବସାମଞ୍ଜସ୍ୟବିଧାନ ଏବଂ ପରସ୍ପରର ଅଭାବ ପରିପୂର୍ଣ୍ଣ କରିବାଦ୍ୱାରା ସମଷ୍ଟି-ଗତଭାବରେ ତାହା ପାଇପାରୁଁ । ଏହାଦ୍ୱାରା ପ୍ରତ୍ୟେକଙ୍କ ଜୀବନରେ ସମନ୍ୱୟ-ଭାବର ପ୍ରକାଶ ହେବ ନାହିଁ ସତ; କିନ୍ତୁ କେତେକ ଲୋକଙ୍କ ମଧ୍ୟରେ ଗୋଟିଏ ସମନ୍ୱୟ ହେବ, ଏବଂ ତାହା ଅନ୍ୟାନ୍ୟ ପ୍ରଚଳିତ ଧର୍ମମତଠାରୁ ଏକ ସୁନିଶ୍ଚିତ ଅଗ୍ରଗତି, ଏଥିରେ ସନ୍ଦେହ ନାହିଁ ।

କୌଣସି ଧର୍ମକୁ ଫଳପ୍ରଦ ହେବାକୁ ହେଲେ ତାକୁ ନେଇ ଏକାବେଳକେ ମାତିଯିବା ଦରକାର; ଅଥଚ ଯଦ୍ଦ୍ୱାରା ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକ ଭାବ ନ ଆସେ, ତତ୍ପ୍ରତି ଲକ୍ଷ୍ୟ ରଖିବାକୁ ହେବ । ସେଥିନିମନ୍ତେ ଆମେ ଗୋଟିଏ 'ଅସାମ୍ପ୍ରଦାୟିକ ସମ୍ପ୍ରଦାୟ' ହେବାକୁ ଚାହୁଁ । ତଦ୍ଦ୍ୱାରା ସମ୍ପ୍ରଦାୟର ଯେଉଁ ସମସ୍ତ ଉପକାରିତା ତାହା ଆମେ ପାଇବୁ, ପୁଣି ତାହା ମଧ୍ୟରେ ସାର୍ବଭୌମ ଧର୍ମର ଉଦାରଭାବ ମଧ୍ୟ ରହିବ ।

ଯଦିଚ ଭଗବାନ ସର୍ବତ୍ର ଅଛନ୍ତି, ତଥାପି ତାଙ୍କୁ ଆମେ କେବଳ ମାନବଚରିତ୍ର ମାଧ୍ୟମରେ ଜାଣିପାରୁ । ଶ୍ରୀରାମକୃଷ୍ଣଙ୍କ ସଦୃଶ ଏତେ ଉନ୍ନତ ଚରିତ୍ର କୌଣସି କାଳରେ କୌଣସି ମହାପୁରୁଷଙ୍କର ହୋଇ ନାହିଁ; ସୁତରାଂ ତାଙ୍କୁ ହିଁ କେନ୍ଦ୍ର କରି ଆମମାନଙ୍କୁ ସଙ୍ଘବଦ୍ଧ ହେବାକୁ ହେବ; ଅଥଚ ପ୍ରତ୍ୟେକର ତାଙ୍କୁ ନିଜ ନିଜ ଭାବରେ ଗ୍ରହଣ କରିବାର ସ୍ୱାଧୀନତା ରହିବ—କେହି ଆଚାର୍ଯ୍ୟ କହୁ, କେହି ପରିତ୍ରାତା, କେହି ଈଶ୍ୱର, କେହି ଆଦର୍ଶ ପୁରୁଷ, କେହି ବା ମହାପୁରୁଷ କହୁ—ଯାହାର ଯେପରି ଖୁସି ।

ଆମେମାନେ ସାମାଜିକ ସାମ୍ୟବାଦ ବା ବୈଷମ୍ୟବାଦ କୌଣସିଟି ପ୍ରଚାର କରୁ ନାହୁଁ । ତେବେ ମୁଁ କହେ, ଶ୍ରୀରାମକୃଷ୍ଣଙ୍କ ନିକଟରେ ସମସ୍ତଙ୍କର ସମାନ ଅଧିକାର, ଆଉ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଯେପରି ମତ ବା କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବ, ସେ ଦିଗରେ ଆମର ବିଶେଷ ଦୃଷ୍ଟି ରହିଛି । ସମାଜ ନିଜ ଚିନ୍ତା ନିଜେ କରୁ । ଆମେ କୌଣସି ମତାବଲମ୍ବୀକୁ ବାଦ୍ ଦେବାକୁ ଯାଉ ନାହୁଁ—ସେ ନିରାକାର ଈଶ୍ୱରଙ୍କଠାରେ ବିଶ୍ୱାସୀ ହେଉ ବା 'ସର୍ବଂ ବ୍ରହ୍ମମୟଂ ଜଗତ୍' ଏ ମତରେ ବିଶ୍ୱାସବାନ୍ ହେଉ ବା ବହୁଦେବରେ ବିଶ୍ୱାସୀ ହେଉ, ଅଜ୍ଞେୟବାଦୀ ହେଉ ବା ନାସ୍ତିକ ହେଉ । କିନ୍ତୁ ଶିଷ୍ୟ ହେବାକୁ ଗଲେ ତାକୁ ଏତିକି ମାତ୍ର କରିବାକୁ ହେବ ଯେ, ସେ ଏପରି ଚରିତ୍ର ଗଠନ କରିବ—ତାହା ଯେପରି ଉଦାର, ସେହିପରି ଗଭୀର ହେବ ।

ଅପରର ଅନିଷ୍ଟକର ନ ହେଲେ ଆଚାର-ବ୍ୟବହାର, ଚରିତ୍ରଗଠନ ବା ଖାଦ୍ୟପେୟ ସମ୍ବନ୍ଧରେ ଆମେ କୌଣସି ବିଶେଷ ନୈତିକ ମତ ଉପରେ ଜୋର୍ ଦେଉ ନାହିଁ । ସେମାନଙ୍କୁ ଏତିକି କହି ଅମେ ଲୋକଙ୍କୁ ତାଙ୍କର ନିଜ ନିଜ ବିଚାର ଉପରେ ନିର୍ଭର କରିବାକୁ ଛାଡ଼ିଦେଉ, 'ଯାହା ଉନ୍ନତିର ଅନ୍ତରାୟ ବା ପତନରେ ସହାୟତା କରିଥାଏ, ତାହା ପାପ ବା ଅଧର୍ମ, ଏବଂ ଯାହା ଉନ୍ନତ ଓ ସମନ୍ୱୟ-ଭାବାପନ୍ନ ହେବାକୁ ସାହାଯ୍ୟ କରେ, ତାହା ହିଁ ଧର୍ମ ।'

ତା'ପରେ କେଉଁ ପଥ ଜଣକ ପାଇଁ ଠିକ୍ ଉପଯୋଗୀ, କେଉଁଥିରେ ଉପକାର ହେବ, ସେ ବିଷୟ ପ୍ରତ୍ୟେକେ ନିଜେ ନିଜେ ବାଛି ନେଇ ସେହି ପଥରେ ଯାଆନ୍ତୁ, ଏ ବିଷୟରେ ଆମେ ସମସ୍ତଙ୍କୁ ସ୍ୱାଧୀନତା ଦେଇଥାଉ । ଯଥା ଜଣକର ହୁଏତ ମାଂସ ଖାଇଲେ ସହଜରେ ଉନ୍ନତି ହୋଇପାରେ, ଆଉ ଜଣକର ଫଳମୂଳ ଖାଇ ରହିଲେ ହୁଏ । ଯାହାର ଯେପରି ଅଭିରୁଚି, ସେ ତାହା କରୁ; କିନ୍ତୁ ଜଣେ ଯାହା କରୁଛି, ତାହା ଯଦି ଅନ୍ୟ ଜଣେ କରେ, ତା'ର କ୍ଷତି ହୋଇପାରେ ବୋଲି ସେହି ଅପର ବ୍ୟକ୍ତିର କୌଣସି ଅଧିକାର ନାହିଁ ଯେ, ସେ ତାକୁ ଗାଳି ଦେବ; ଅପରକୁ ନିଜ ମତ ଗ୍ରହଣ କରିବା ଲାଗି ଜବରଦସ୍ତି କରିବା ତ ଦୂରର କଥା । କେତେକ ବ୍ୟକ୍ତିଙ୍କର ହୁଏତ ଦାରପରିଗ୍ରହଦ୍ୱାରା ଉନ୍ନତିରେ ଖୁବ୍ ସାହାଯ୍ୟ ହୋଇପାରେ, ଅନ୍ୟ ପାଇଁ ହୁଏତ ତାହାଦ୍ୱାରା ବିଶେଷ କ୍ଷତି ହୋଇଥାଏ । ଏଥିପାଇଁ ଅବିବାହିତ ବ୍ୟକ୍ତିର ବିବାହିତ ଶିଷ୍ୟକୁ ଏକଥା କହିବାର କୌଣସି ଅଧିକାର ନାହିଁ ଯେ, ସେ ଭୁଲ ବାଟରେ ଯାଉଛି, ଜୋର୍ କରି ତାକୁ ନିଜ ବାଟକୁ ଆଣିବା ତ ଦୂରର କଥା ।

ଆମମାନଙ୍କର ବିଶ୍ୱାସ—ପ୍ରାଣୀମାନେ ହିଁ ବ୍ରହ୍ମସ୍ୱରୂପ । ପ୍ରତ୍ୟେକ ଆତ୍ମା ଯେପରି ମେଘାଚ୍ଛାଦିତ ସୂର୍ଯ୍ୟ ସଦୃଶ; ଜଣକଠାରୁ ଅନ୍ୟ ଜଣକର ତଫାତ୍ କେବଳ ଏତିକି ଯେ—କେଉଁଠାରେ ସୂର୍ଯ୍ୟ ଉପରେ ମେଘର ଆବରଣ ଅତି ଘନ, କେଉଁଠାରେ ବା ଅଳ୍ପ ପତଳା । ଆମର ବିଶ୍ୱାସ—ଜ୍ଞାତସାରରେ ଅବା ଅଜ୍ଞାତସାରରେ ଏହା ସକଳ ଧର୍ମର ଭିତ୍ତିସ୍ୱରୂପ । ଆଉମଧ୍ୟ ଶାରୀରିକ, ମାନସିକ ବା ଆଧ୍ୟାତ୍ମିକ ସ୍ତରରେ ମାନବ-ଉନ୍ନତିର

ସମସ୍ତ ଇତିହାସରେ ସାରକଥା ଏହି ଯେ—ଏକ ଆତ୍ମା ହିଁ ବିଭିନ୍ନ ସ୍ତର ମଧ୍ୟ ଦେଇ ନିଜକୁ ପ୍ରକାଶ କରୁଛନ୍ତି ।

ଆମର ବିଶ୍ୱାସ—ଏହା ହିଁ ବେଦର ସାର ରହସ୍ୟ ।

ଆମର ବିଶ୍ୱାସ—ପ୍ରତ୍ୟେକ ବ୍ୟକ୍ତିର ଅପରକୁ ଈଶ୍ୱର ବୋଲି ଚିନ୍ତା କରିବା ଏବଂ ତାଙ୍କ ସଙ୍ଗେ ସେହି ଭାବରେ ବ୍ୟବହାର କରିବା ଉଚିତ । କାହାକୁ ଘୃଣା ବା ନିନ୍ଦା କରିବା କିମ୍ବା କାହାର କୌଣସି ଅନିଷ୍ଟ କରିବା ଉଚିତ ନୁହେଁ । ଏହା ଯେ କେବଳ ସନ୍ନ୍ୟାସୀର କର୍ତ୍ତବ୍ୟ, ତାହା ନୁହେଁ, ପ୍ରତ୍ୟେକ ନର-ନାରୀର ମଧ୍ୟ କର୍ତ୍ତବ୍ୟ ।

ଆମର ବିଶ୍ୱାସ—ଆତ୍ମାରେ ଲିଙ୍ଗଭେଦ କିମ୍ବା ଜାତିଭେଦ ନାହିଁ କିମ୍ବା ସେଥିରେ ଅପୂର୍ଣ୍ଣତା ନାହିଁ ।

ଆମର ବିଶ୍ୱାସ—ସମୁଦାୟ ବେଦ, ଦର୍ଶନ, ପୁରାଣ ଓ ତନ୍ତ୍ରରାଶି ମଧ୍ୟରେ କୌଣସିଠାରେ ସୂଚିତ ନାହିଁ ଯେ, ଆତ୍ମାର ଲିଙ୍ଗ, ଧର୍ମ ବା ଜାତିଭେଦ ଅଛି । ଏହି ହେତୁ ଯେଉଁମାନେ କହନ୍ତି, 'ଧର୍ମ ସମାଜସଂସ୍କାର ସମ୍ବନ୍ଧରେ କଅଣ କହିବ ?'—ସେମାନଙ୍କ ସହିତ ଆମେ ଏକମତ; କିନ୍ତୁ ସେମାନଙ୍କୁ ଆମର ଏହି କଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, କୌଣସି ସାମାଜିକ ବିଧାନ ଦେବାର କିମ୍ବା ଜୀବମାନଙ୍କ ମଧ୍ୟରେ ବୈଷମ୍ୟବାଦ ପ୍ରଚାର କରିବାର କୌଣସି ଅଧିକାର ଧର୍ମର ନାହିଁ । କାରଣ, ଧର୍ମର ଲକ୍ଷ୍ୟ ହେଉଛି—ଏହି କାଳ୍ପନିକ ଅନିଷ୍ଟକର ବୈଷମ୍ୟକୁ ସମ୍ପୂର୍ଣ୍ଣ ବିନାଶ କରିବା ।

ଯଦି କୁହାଯାଏ ଯେ, ଏହି ବୈଷମ୍ୟ ମଧ୍ୟଦେଇ ଗଲେ ସୁଦ୍ଧା ଆମେ ଚରମ ଅବସ୍ଥାରେ ସମତ୍ୱ ଓ ଏକତ୍ୱଭାବ ଲାଭ କରିପାରିବା, ତାହାର ଉତ୍ତର ଏହି ଯେ—ସେମାନେ ଯେଉଁ ଧର୍ମର ଦ୍ୱାରା ଦେଇ ପୂର୍ବୋକ୍ତ କଥାଗୁଡ଼ିକ କହୁଛନ୍ତି, ସେହି ଧର୍ମ ହିଁ ବାରମ୍ବାର କହୁଛି, 'ପଙ୍କଦ୍ୱାରା ପଙ୍କ ଧୋଇ ହୁଏ ନାହିଁ' । ବୈଷମ୍ୟ ଭିତରଦେଇ ସମତ୍ୱ ଲାଭ କରିବା—ଅସତ୍ କାର୍ଯ୍ୟ କରି ସତ୍ ହେବା ଭଳି ଅସମ୍ଭବ ।

ସୁତରାଂ ସାରକଥା ହେଉଛି, ସାମାଜିକ ବିଧାନଗୁଡ଼ିକ ଧର୍ମର ଅନୁମୋଦନକ୍ରମେ ସମାଜର ନାନା ଅବସ୍ଥା-ସଂଘାତରୁ ଉତ୍ପନ୍ନ । ଧର୍ମର ସାଂଘାତିକ ଭ୍ରମ ଏହି ଯେ, ସାମାଜିକ ବ୍ୟାପାରରେ ଧର୍ମ ହସ୍ତକ୍ଷେପ କଲା; କିନ୍ତୁ ଏବେ ପୁଣି ଭଣ୍ଡାମି କରି ନିଜେ ନିଜକୁ ଖଣ୍ଡନ କରି କହୁଛି, 'ସମାଜସଂସ୍କାର ଧର୍ମର କାମ ନୁହେଁ' । ଠିକ୍ କଥା ! ଏବେ ଧର୍ମ ଯେପରି ସମାଜସଂସ୍କାର କରିବାକୁ ନ ଯାଏ; ସେଥିପାଇଁ ଆମେ ଏ କଥା ମଧ୍ୟ କହୁଛୁ ଯେ, ଧର୍ମ ଯେପରି ସମାଜର ବିଧାନଦାତା ନ ହୁଏ । ଅନ୍ୟର ଅଧିକାରରେ ହସ୍ତକ୍ଷେପ ନ କରି ନିଜ ସୀମା ଭିତରେ ଆବଦ୍ଧ ରହିବା ହିଁ ଶ୍ରେୟସ୍କର । ତାହାହେଲେ, ସବୁ ଠିକ୍ ହୋଇଯିବ ।

(୧) ଶିକ୍ଷା ହେଉଛି—ମନୁଷ୍ୟର ଅନ୍ତର୍ନିହିତ ପୂର୍ଣ୍ଣତାର ପରିପ୍ରକାଶ ।

(୨) ଧର୍ମ ହେଉଛି—ମନୁଷ୍ୟର ଅନ୍ତର୍ନିହିତ ବ୍ରହ୍ମତ୍ୱର ପରିପ୍ରକାଶ ।

ସୁତରାଂ ଉପଯୁକ୍ତ ଉଭୟ ସ୍ଥଳରେ ଶିକ୍ଷକର କାର୍ଯ୍ୟ ହେଉଛି ପଥରୁ ଅନ୍ତରାୟ ଦୂର କରିବା । ମୁଁ ବାରମ୍ବାର କହିଥାଏ, 'ଅନ୍ୟର ଅଧିକାରରେ ହସ୍ତକ୍ଷେପ କରିବା ଅନୁଚିତ;

ସେଠାରେ ପାଳନ କଲେ ସବୁ ଠିକ୍ ହୋଇଯିବ ।' ଅର୍ଥାତ୍ ଆମର କର୍ତ୍ତବ୍ୟ କେବଳ ରାସ୍ତା ସଫା କରିବା । ବାକି ସବୁ ଭଗବାନ କରିନେବେ ।

ସୁତରାଂ ଧର୍ମ ଯେ କେବଳ ଆତ୍ମାକୁ ନେଇ, ସାମାଜିକ ବିଷୟରେ ତାହାର ହସ୍ତକ୍ଷେପ କରିବାର ଅଧିକାର ନାହିଁ—ଏ କଥା କହିବା ସଙ୍ଗେ ସଙ୍ଗେ ତୁମମାନଙ୍କର ମନେରଖିବା ଉଚିତ ଯେ, ପୂର୍ବରୁ ଯେତେ ଅନର୍ଥ ଘଟିଯାଇଛି, ସେ ସମ୍ବନ୍ଧରେ ମଧ୍ୟ ଏକଥା ସମ୍ପୂର୍ଣ୍ଣ ପ୍ରଯୋଜ୍ୟ । ଏହା କିପରି ଜାଣ ? ଧରିଯାଉ କେହିଜଣେ ଜୋର୍‌କରି ଅନ୍ୟର ବିଷୟ ଅପହରଣ କରିଛି; ଏବେ ସେହି ବ୍ୟକ୍ତି ନିଜ ବିଷୟର ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛି, ସେହି ସମୟରେ ପ୍ରଥମ ବ୍ୟକ୍ତି କାନ୍ଦକାନ୍ଦ ହୋଇ ମନୁଷ୍ୟର ଅଧିକାରରୂପ ମତବାଦ ଯେ କେଡ଼େ ପବିତ୍ର, ତାହା ପ୍ରଚାର କରିବାକୁ ଲଗିଲା !

ସମାଜର ପ୍ରତ୍ୟେକ ଶ୍ରେଷ୍ଠଶ୍ରେଷ୍ଠ ବିଷୟରେ ପୁରୋହିତମାନଙ୍କର ଏପରି ଉପରେ ପଡ଼ି ବିଧାନ ଦେବା କଅଣ ଦରକାର ଥିଲା ? ସେଥିଯୋଗୁଁ ହିଁ ଲକ୍ଷ ଲକ୍ଷ ଜନତା ଆଜି ଦୁଃଖ ଭୋଗୁଛନ୍ତି !

ତୁମେ ମାଂସାହାରୀ କ୍ଷତ୍ରିୟମାନଙ୍କ କଥା ଲେଖିଛ । କ୍ଷତ୍ରିୟମାନେ ମାଂସ ଖାଆନ୍ତୁ ବା ନ ଖାଆନ୍ତୁ, ହିନ୍ଦୁଧର୍ମ ଭିତରେ ଯାହା କିଛି ମହତ୍ ଓ ସୁନ୍ଦର ବିଷୟ ରହିଛି, ସେମାନେ ହିଁ ସେସମସ୍ତର ଜନ୍ମଦାତା । ଉପନିଷଦ୍ କେଉଁମାନେ ଲେଖିଥିଲେ ? ରାମ କଅଣ ଥିଲେ ? କୃଷ୍ଣ କଅଣ ଥିଲେ ? ବୁଦ୍ଧ କଅଣ ଥିଲେ ? ଜୈନମାନଙ୍କର ତୀର୍ଥଙ୍କରମାନେ କଅଣ ଥିଲେ ? କ୍ଷତ୍ରିୟମାନେ ଯେତେବେଳେ ଧର୍ମ-ଉପଦେଶ ଦେଇଛନ୍ତି, ସେତେବେଳେ ସେମାନେ ଜାତିବର୍ଣ୍ଣନିର୍ବିଶେଷରେ ପ୍ରତ୍ୟେକଙ୍କୁ ଧର୍ମର ଅଧିକାର ଦେଇଛନ୍ତି । ଆଉ ଯେତେବେଳେ ବ୍ରାହ୍ମଣମାନେ କିଛି ଲେଖିଛନ୍ତି ସେତେବେଳେ ସେମାନେ ଅନ୍ୟଙ୍କୁ ସମସ୍ତ ପ୍ରକାର ଅଧିକାରରୁ ବଞ୍ଚିତ କରିଛନ୍ତି । ଅହଙ୍କାରୀ, ଗୀତା ଆଉ ବ୍ୟାସସୂତ୍ର ପଢ଼ କିମ୍ବା ଆଉ କାହାଠାରୁ ଶୁଣିନିଅ । ଗୀତାରେ ସମସ୍ତ ନରନାରୀ, ସମସ୍ତ ଜାତି ଓ ବର୍ଣ୍ଣ ପାଇଁ ପଥ ଉନ୍ମୁକ୍ତ ରହିଛି; ଏବଂ ବ୍ୟାସ ଗରିବ ଶୂଦ୍ରମାନଙ୍କୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ବେଦର କପୋଳକଳ୍ପିତ ଅର୍ଥ କରିଛନ୍ତି । ଈଶ୍ୱର ଏପରି ସଙ୍କୀର୍ଣ୍ଣମନା ଅହମିକାଗ୍ରସ୍ତ ନୁହନ୍ତି ଯେ, ସାମାନ୍ୟ କିଛିଏ ମାଂସାହାରଯୋଗୁଁ ତାଙ୍କର ଦୟାନଦୀ ଶୁଷ୍କ ହୋଇଯିବ । ଯଦି ସେପରି ହୁଏ, ତାଙ୍କ ମୂଲ୍ୟ କାଣିକଉଡ଼ିଟିଏ ମଧ୍ୟ ହେବ ନାହିଁ । ଯାଉ ସେ ଅଛା କଥା ! ତୁମମାନଙ୍କ ଚିନ୍ତାଧାରାକୁ କେଉଁ ପ୍ରଣାଳୀରେ ନିୟମିତ କରିବାକୁ ହେବ, ଏହି ଚିଠିରେ ତାହାର କେତେକ ସୂଚନା ଦେଲି ।

ମୋଠାରୁ କିଛି ଆଶା କର ନାହିଁ । ମୁଁ ପୂର୍ବରୁ ତୁମକୁ ଲେଖିଛି ଓ କହୁଛି ଯେ, ମୋର ସ୍ଥିର ବିଶ୍ୱାସ—ମାନ୍ଦ୍ରାଜୀମାନଙ୍କଦ୍ୱାରା ହିଁ ଭାରତର ପରିତ୍ରାଣ ହେବ । ତେଣୁ କହୁଛି, ହେ ମାନ୍ଦ୍ରାଜବାସୀ ଯୁବକବୃନ୍ଦ, ତୁମ ମଧ୍ୟରୁ କେତେଜଣ ଏହି ନୂତନ ଭଗବାନ୍ ଶ୍ରୀରାମକୃଷ୍ଣଙ୍କୁ କେନ୍ଦ୍ର କରି ଏହି ନୂତନ ଭାବରେ ଏକାନ୍ତଭାବେ ମାତି ଉଠିପାରିବ କି ? ଭାବି ଦେଖ; ଉପାଦାନ ସଂଗ୍ରହ କରି ଗୋଟିଏ ସଂକ୍ଷିପ୍ତ ରାମକୃଷ୍ଣଜୀବନୀ ଲେଖି ଦେଖି ।

ସାବଧାନ ! ଯେପରି ତା' ମଧ୍ୟରେ କୌଣସି ଅଲୌକିକ ଘଟଣାର ସମାବେଶ ନ କର । ଅର୍ଥାତ୍ ଜୀବନୀ ଲେଖା ହେବ ତାଙ୍କ ଉପଦେଶମାନଙ୍କର ଉଦାହରଣସ୍ୱରୂପ । କେବଳ ତାଙ୍କର କଥା ତାହା ମଧ୍ୟରେ ରହିବ । ସାବଧାନ ! ସେଥିରେ ମୋତେ କିମ୍ବା ଅନ୍ୟ କୌଣସି ଜୀବିତ ବ୍ୟକ୍ତିଙ୍କୁ ଯେପରି ନ ଆଣ । ପ୍ରଧାନ ଲକ୍ଷ୍ୟ ରହିବ—ତାଙ୍କର ଶିକ୍ଷା ଆଉ ଉପଦେଶ ଜଗତକୁ ଜଣାଇଦେବା; ଜୀବନୀଟି କେବଳ ତାହାର ଉଦାହରଣସ୍ୱରୂପ ହେବ । ତାଙ୍କ ଜୀବନର ଅନ୍ୟାନ୍ୟ ଘଟଣା ଇତର ସାଧାରଣଙ୍କ ପାଇଁ ନୁହେଁ । ମୁଁ ନିଜେ ଅଯୋଗ୍ୟ ହେଲେ ମଧ୍ୟ ମୋ ଉପରେ ଗୋଟିଏ କର୍ତ୍ତବ୍ୟ ନ୍ୟସ୍ତ ଥିଲା—ଯେଉଁ ରତ୍ନ-ପେଡ଼ିଆ ମୋ ହାତରେ ଦିଆ ହୋଇଥିଲା, ତାହା ମାନ୍ଦ୍ରାଜକୁ ନେଇ ଆସି ତୁମମାନଙ୍କ ହସ୍ତରେ ଅର୍ପଣ କରିବା ।

କପଟୀ, ହିଂସୁକ, ଦାସତ୍ୱଭାବାପନ୍ନ, କାପୁରୁଷ, ଜଡ଼ବିଶ୍ୱାସୀ—ଏମାନଙ୍କଦ୍ୱାରା କିଛି ହୋଇପାରିବ ନାହିଁ । ଈର୍ଷା ଆମମାନଙ୍କ ଦାସସୁଲଭ ଜାତୀୟ ଚରିତ୍ରର କଳଙ୍କ । ଏପରିକି ସର୍ବଶକ୍ତିମାନ୍ ଭଗବାନ ମଧ୍ୟ ଈର୍ଷାପରବଶ ହେଲେ କିଛି କରିପାରିବେ ନାହିଁ ।

ମୋ ସମ୍ବନ୍ଧରେ ଏତିକି ବୁଝ ଯେ, ମୁଁ ଯାହା କରିବା କଥା ସବୁ ଶେଷ କରିଛି; ଏହା ହିଁ ଭାବ ଯେ, ସବୁ କାର୍ଯ୍ୟର ଦାୟିତ୍ୱ ତୁମମାନଙ୍କ ଉପରେ । ହେ ମାନ୍ଦ୍ରାଜବାସୀ ଯୁବକବୃନ୍ଦ ! ଜାଣି ରଖ, ତୁମେମାନେ ହିଁ ଏ କାର୍ଯ୍ୟର ପରିଚାଳନା ନିମନ୍ତେ ବିଧାତାଦ୍ୱାରା ନିର୍ଦ୍ଦିଷ୍ଟ । କାର୍ଯ୍ୟରେ ଲାଗିଯାଅ । ଈଶ୍ୱର ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ । ମୋ କଥା ଛାଡ଼ିଦିଅ—ମୋତେ ଭୁଲିଯାଅ । କେବଳ ରାମକୃଷ୍ଣଙ୍କୁ ପ୍ରଚାର କର—ତାଙ୍କର ଉପଦେଶ, ତାଙ୍କର ଜୀବନୀ ପ୍ରଚାର କର । କୌଣସି ବ୍ୟକ୍ତିବିଶେଷ କିମ୍ବା ସାମାଜିକ ପ୍ରଥା ବିରୋଧରେ କିଛି କୁହ ନାହିଁ । ଜାତିଭେଦ ସପକ୍ଷରେ ବା ବିପକ୍ଷରେ କିଛି କହ ନାହିଁ, ଅଥବା କୌଣସି ସାମାଜିକ କୁରୀତି ବିରୋଧରେ ମଧ୍ୟ କିଛି କହିବା ଦରକାର ନାହିଁ । କେବଳ ଲୋକମାନଙ୍କୁ ବୁଝାଇଦିଅ, 'ଉପରେ ପଡ଼ି ଅନ୍ୟ କାହାର ଅଧିକାରରେ ହସ୍ତକ୍ଷେପ କର ନାହିଁ', ସେତିକି ହେଲେ ସବୁ ଠିକ୍ ହୋଇଯିବ ।

ଆଲାସିଙ୍ଗା, ଜି. ଜି., ବାଲାଜୀ ଓ ଡାକ୍ତରଙ୍କୁ ପଚାର, ସେମାନେ ଏହା କରିପାରିବେ କି ନାହିଁ ? ସାହସୀ, ଦୃଢ଼ନିଷ୍ଠ, ପ୍ରେମିକ ଯୁବକବୃନ୍ଦ ! ସମସ୍ତେ, ମୋର ଆଶୀର୍ବାଦ ଗ୍ରହଣ କରିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୮୪ଇଂ (ହେଲ୍ ଭଗିନୀଗଣଙ୍କୁ ଲିଖିତ)

ଡେଟ୍ରଏଟ୍, ୧୨ ମାର୍ଚ୍ଚ ୧୮୯୪

ପ୍ରିୟ ଭଗିନୀଗଣ,

ମୁଁ ବର୍ତ୍ତମାନ ମିଷ୍ଟର ପାମାର୍‌ଙ୍କର ଅତିଥି । ସେ ଅତି ଚମତ୍କାର ଲୋକ । ପଥରଦିନ ରାତିରେ ତାଙ୍କର ଦଳେ ପ୍ରାଚୀନ ବନ୍ଧୁଙ୍କୁ ସେ ଭୋଜି ଦେଲେ—ପ୍ରତ୍ୟେକଙ୍କର

ବସ୍ତୁସ ଷାଠିଏରୁ ଅଧିକ ହେବ । ଏ ଉକ୍ତିଟିକୁ ସେ କହନ୍ତି, 'ପ୍ରବୁଣା ବନ୍ଧୁମାନଙ୍କର ଅଭ୍ୟର୍ଥନା' । ଗୋଟିଏ ନାଟ୍ୟଶାଳାରେ ଅଢ଼େଇ ଘଣ୍ଟା ବକ୍ତୃତା ଦେଲି । ସମସ୍ତେ ଖୁବ୍ ଖୁସି । ଏଥର ବୋଷ୍ଟନ୍ ଏବଂ ନିଉୟର୍କ ଯାଉଛି । ଏଠାର ଆସ୍ବଦ୍ଵାବ ସେଠାର ଖଚ ଚଳିଯିବ । ଫ୍ଲ୍ୟାଗ୍ ଓ ଅଧ୍ୟାପକ ରାଇଟ୍‌ଙ୍କର ଠିକଣା ମନେ ନାହିଁ । ମିଚିଗାନ୍‌କୁ ବକ୍ତୃତା ଦେବାକୁ ଯାଉ ନାହିଁ । ମିଃ ହଲ୍‌ଡେନ୍ ଆଜି ସକାଳେ ମିଚିଗାନ୍‌ରେ ବକ୍ତୃତା ଦେବା ପାଇଁ ମୋତେ ଅନେକ ବୁଝାଇଲେ; କିନ୍ତୁ ବର୍ତ୍ତମାନ ବୋଷ୍ଟନ୍ ଓ ନିଉୟର୍କ ଯାଇ ବୁଲି ଦେଖିବାକୁ ମୋର ଖୁବ୍ ଆଗ୍ରହ । ସତକଥା କହିବାକୁ ଗଲେ, ମୁଁ ଯେତେ ଜନପ୍ରିୟ ହେଉଛି ଏବଂ ମୋ ବାଗ୍ମିତାର ଉତ୍କର୍ଷ ହେଉଛି, ମୋର ସେତେ ଅସ୍ବସ୍ତିକର ବୋଧ ହେଉଛି । ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ବକ୍ତୃତା ଦେଇଛି, ତା' ମଧ୍ୟରେ ଶେଷଟା ହିଁ ସର୍ବୋତ୍କୃଷ୍ଟ । ମିଃ ପାମାର୍ ତାହା ଶୁଣି ଆନନ୍ଦରେ ତ ଆତ୍ମହରା; ଆଉ ଶ୍ରୋତାମାନେ ଏପରି ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ବକ୍ତୃତା ଶେଷ ହୋଇଯିବା ପରେ ମୁଁ ଜାଣିପାରିଲି —ଏତେ ଦୀର୍ଘ ସମୟ ଧରି ମୁଁ କହୁଛି । ଶ୍ରୋତାମାନଙ୍କ ଅମନୋଯୋଗ କିମ୍ବା ବିରକ୍ତି ବକ୍ତାର ଅଗୋଚର ରହେ ନାହିଁ । ଯାଉ—ଏସବୁ ବାଜେ ବିଷୟରୁ ଭଗବାନ ମୋତେ ରକ୍ଷା କରନ୍ତୁ—ମୋତେ ଏସବୁ ଆଉ ଭଲ ଲାଗୁ ନାହିଁ । ଖ୍ରୀଷ୍ଟର କରିବେ ତ ବୋଷ୍ଟନ୍ କିମ୍ବା ନିଉୟର୍କରେ ବିଶ୍ରାମ କରିବା ଅଭିପ୍ରାୟ ଅଛି । ତୁମେ ସମସ୍ତେ ମୋର ପ୍ରୀତି ଜାଣିବ । ଚିର ସୁଖୀ ହୁଅ । ଇତି

ତୁମମାନଙ୍କର ସ୍ନେହର ଭାଇ, ବିବେକାନନ୍ଦ

୮୫ଇଂ (ହେଲ ଭଗିନୀମାନଙ୍କୁ ଲିଖିତ)

ଡେଟ୍ରଏଟ୍, ୧୫ ମାର୍ଚ୍ଚ ୧୮୯୪

ସ୍ନେହର ଭଗିନୀଗଣ,

ବୁଢ଼ା ପାମାର୍‌ଙ୍କ ସହିତ ମୋର ବେଶ୍ ଜମିଯାଇଛି । ବୃଦ୍ଧ ସଜ୍ଜନ ଓ ସଦାନନ୍ଦ । ମୋର ବକ୍ତୃତା ପାଇଁ ଏକଶହ ସତାଇଶ ଡଲାର ପାଇଛି । ସୋମବାର ଦିନ ପୁଣି ଡେଟ୍ରଏଟ୍‌ରେ ବକ୍ତୃତା ଦେବି । ତୁମମାନଙ୍କ ମା' ମୋତେ କହିଛନ୍ତି—ଲିନ୍‌ର (Lynn) ଏକ ମହିଳାଙ୍କୁ ଚିଠି ଦେବା ପାଇଁ । ମୁଁ ତାଙ୍କୁ ତ କେବେ ଦେଖି ନାହିଁ । ବିନା ପରିଚୟରେ ଲେଖିବା ଭଦ୍ରତାସଙ୍ଗତ ହେବ କି ? ମହିଳାଙ୍କ ନାମରେ ବରଂ ଡାକରେ ମୋର ଗୋଟିଏ ଖ୍ରେଷ୍ଟ ପରିଚୟପତ୍ର ପଠାଇଦିଅ । ଆଉ ଲିନ୍ ପୁଣି କେଉଁଠାରେ ? ହଁ, ମୋ ବିଷୟରେ ସବୁଠାରୁ ମଜାକଥା ଲେଖିଛି ଏଠାର ଗୋଟିଏ ସମ୍ବାଦପତ୍ର—'ଝଞ୍ଜା-ସଦୃଶ ହିନ୍ଦୁଟି ଏଠାରେ ମିଃ ପାମାର୍‌ଙ୍କର ଅତିଥି । ମିଃ ପାମାର୍ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି, ଭାରତକୁ ଯାଉଛନ୍ତି । ତେବେ ତାଙ୍କର ଜିଦ୍, ଦୁଇଟି ବିଷୟରେ କିଛି ଅଦଳ ବଦଳ କରିଯାଉ—ତାଙ୍କ ଲଗ୍‌ହାଉସ୍ ଫାର୍ମର 'ପାର୍ଚେରନ' ଜାତୀୟ ଅଶ୍ବଗୁଡ଼ିକ ଜଗନ୍ନାଥ-ଦେବଙ୍କର ରଥ ଟାଣିବେ, ଆଉ ତାଙ୍କ ଜର୍ସି ଗାଈଗୁଡ଼ାଙ୍କୁ ହିନ୍ଦୁଙ୍କର ଗୋ-ଦେବୀ-ସମ୍ପ୍ରଦାୟଭୁକ୍ତ କରିନେବାକୁ ହେବ । ଏହି ଜାତୀୟ ଅଶ୍ବ ଓ ଗାଈ ମିଃ ପାମାର୍‌ଙ୍କ

ଲଗ୍‌ହାଉସ୍ ଫାର୍ମରେ ବହୁତ ଅଛନ୍ତି ଓ ଏଗୁଡ଼ିକୁ ସେ ଖୁବ୍ ଆଦର କରନ୍ତି ।

ପ୍ରଥମ ବକ୍ତୃତା ସମ୍ବନ୍ଧରେ ବନ୍ଦୋବସ୍ତ ଠିକ୍ ହୋଇ ନାହିଁ । ହଲ୍‌ର ଭଡ଼ା କେବଳ ଲାଗିଥିଲା ଏକ ଶହ ପଚାଶ ଡଲାର୍ । ହଲ୍‌ଡେନ୍‌କୁ ଛାଡ଼ି ଦେଇଛୁ । ଆଉ ଜଣେ ଜୁଟିଛି । ଦେଖେଁ, ତା'ର ବ୍ୟବସ୍ଥା ଭଲ ହେଉଛି କି ନାହିଁ । ମିଃ ପାମାର୍ ମୋତେ ସାରାଦିନ ହସାଉଛନ୍ତି । ଆଗାମୀ କାଲି ପୁଣି ଏକ ନୈଶ ଭୋଜ ହେବ । ଏପର୍ଯ୍ୟନ୍ତ ସବୁ ଭଲ ଚାଲିଛି; କିନ୍ତୁ ଜାଣେ ନାହିଁ, ଏଠାକୁ ଆସିବା ଦିନଠାରୁ ମନଟା କାହିଁକି ବିଶେଷ ଶ୍ରାନ୍ତ ବୋଧ ହେଉଛି ।

ବକ୍ତୃତା ଏବଂ ନାନା ବାଜେ କାର୍ଯ୍ୟରେ ମୁଁ ବିରକ୍ତ ହୋଇପଡ଼ିଛି । ଶତ ବିଚିତ୍ର ଧରଣର ମନୁଷ୍ୟନାମଧାରୀ କେତେଗୁଡ଼ିଏ ପ୍ରାଣୀଙ୍କ ସହିତ ମିଶି ମିଶି ମୁଁ ଉତ୍ୟକ୍ତ ହୋଇପଡ଼ିଛି । ମୋର ବିଶେଷ ପସନ୍ଦର ବସ୍ତୁଟି ଯେ କ'ଣ, ତାହା କହୁଛି : ମୁଁ ଲେଖିପାରେ ନାହିଁ, ବକ୍ତୃତା ମଧ୍ୟ ଦେଇପାରେ ନାହିଁ, କିନ୍ତୁ ମୁଁ ଗଭୀରଭାବେ ଚିନ୍ତା କରିପାରେ ଏବଂ ତାହା ଫଳରେ ଯେତେବେଳେ ଉଦ୍ଦୀପ୍ତ ହୋଇଯାଏ, ସେତେବେଳେ ବକ୍ତୃତାରେ ଅଗ୍ନି ବର୍ଷଣ କରିପାରେ; କିନ୍ତୁ ତାହା ଅଳ୍ପ—ଅତି ଅଳ୍ପସଂଖ୍ୟକ ବଚ୍ଛା ବଚ୍ଛା ଲୋକଙ୍କ ମଧ୍ୟରେ ହେବା ଉଚିତ୍ । ସେମାନଙ୍କର ଯଦି ଇଚ୍ଛା ହୁଏ, ମୋ ଭାବଗୁଡ଼ିକୁ ଜଗତରେ ପ୍ରଚାର କରନ୍ତୁ—କିନ୍ତୁ ମୁଁ କିଛି କରିବି ନାହିଁ । ଏହା କାର୍ଯ୍ୟର ଗୋଟିଏ ଯୁକ୍ତିଯୁକ୍ତ ବିଭାଗ ମାତ୍ର । ଜଣେ ବ୍ୟକ୍ତି କେବେ ଏକ ସମୟରେ ଚିନ୍ତା କରିବା ଏବଂ ସେହି ଚିନ୍ତାକୁ ପ୍ରଚାର କରିବାରେ ସଫଳ ହୋଇପାରେ ନାହିଁ । ଏହି ଭାବରେ ଯେଉଁସବୁ ଭାବ ପ୍ରଚାରିତ ହୁଏ, ତାହାର ମୂଲ୍ୟ କିଛି ନୁହେଁ । ଚିନ୍ତା ନିମନ୍ତେ, ବିଶେଷତଃ ଆଧ୍ୟାତ୍ମିକ ଚିନ୍ତା ନିମନ୍ତେ ପୂର୍ଣ୍ଣ ସ୍ୱାଧୀନତାର ପ୍ରୟୋଜନ । ସ୍ୱାଧୀନତାର ଏହି ଦାବି ଏବଂ ମନୁଷ୍ୟ ଯନ୍ତ୍ରବିଶେଷ ନୁହେଁ—ଏହି ତତ୍ତ୍ୱର ପ୍ରତିଷ୍ଠା ଯେହେତୁ ସମସ୍ତ ଧର୍ମଚିନ୍ତାର ସାର କଥା, ଅତଏବ ବାନ୍ଧିବନ୍ଧା ଯାନ୍ତ୍ରିକ ଧାରା ଅବଲମ୍ବନରେ ଏହି ଚିନ୍ତା ଅଗ୍ରସର ହୋଇପାରେ ନାହିଁ । ଯାନ୍ତ୍ରିକ ନିୟମାନୁବର୍ତ୍ତିତା ସ୍ତରକୁ ସବୁ କିଛି ଟାଣି ନେବାର ଏହି ଯେ ପ୍ରବୃତ୍ତି, ତାହା ଆଜି ପାଶ୍ଚାତ୍ୟ ଦେଶମାନଙ୍କୁ ଅପୂର୍ବ ସମ୍ପଦଶାଳୀ କରିଛି ସତ୍ୟ, କିନ୍ତୁ ଏହା ହିଁ ସେମାନଙ୍କ ନିକଟରୁ ସବୁ ପ୍ରକାର ଧର୍ମକୁ ବିତାଡ଼ିତ କରିଦେଇଛି । ସାମାନ୍ୟ ଯାହା କିଛି ଅବଶିଷ୍ଟ ଅଛି, ତାହାକୁ ମଧ୍ୟ ପାଶ୍ଚାତ୍ୟ ଯଥାପଦ୍ଧତି କସରତ୍‌ରେ ପର୍ଯ୍ୟବସିତ କରିଛି ।

ମୁଁ ବାସ୍ତବିକ୍ 'ଝଞ୍ଜା ସଦୃଶ' ନୁହେଁ, ବରଂ ଠିକ୍ ତା'ର ବିପରୀତ । ମୋର ଯାହା କାମ୍ୟ, ତାହା ଏଠାରେ ଲଭ୍ୟ ନୁହେଁ ଏବଂ ଏହି 'ଝଞ୍ଜାବର୍ତ୍ତମୟ' ଅବହାୱା ମୁଁ ଆଉ ସହ୍ୟ କରିପାରୁ ନାହିଁ । ପୂର୍ଣ୍ଣତ୍ୱଲାଭର ପଥ ଏହି ଯେ, ନିଜେ ଏହିପରି ଚେଷ୍ଟା କରିବା ଏବଂ ଅନ୍ୟ ଯେଉଁ ସ୍ତ୍ରୀ-ପୁରୁଷମାନେ ଏ ଦିଗରେ ସଚେଷ୍ଟ, ସେମାନଙ୍କୁ ଯଥାଶକ୍ତି ସାହାଯ୍ୟ କରିବା । ବେଣାପାଟରେ ମୁକ୍ତା ଫିଙ୍ଗି ସମସ୍ତ ସ୍ୱାସ୍ଥ୍ୟ ଓ ଶକ୍ତି ଅପବ୍ୟୟ କରିବା ମୋର କାର୍ଯ୍ୟ ନୁହେଁ—ମୁଷ୍ଟିମେୟ କେତେଜଣ ମହାମାନବ ସୃଷ୍ଟି କରିବା ମୋର ବ୍ରତ ।

ଏହିକ୍ଷଣି ଫ୍ଲ୍ୟାଗ୍‌ଙ୍କର ଖଣ୍ଡିଏ ପତ୍ର ପାଇଲି । ବକ୍ତୃତା ବିଷୟରେ ସେ ମୋତେ

ସାହାଯ୍ୟ କରିବାକୁ ଅକ୍ଷମ । ସେ କହନ୍ତି, 'ଆଗ ବୋଷ୍ଟନ୍ ଯାଆନ୍ତୁ ।' ଗୁଡ଼—ବକ୍ତୃତା ଦେବାର ଇଚ୍ଛା ଆଉ ମୋର ନାହିଁ । ମୋତେ ନେଇ ବ୍ୟକ୍ତି ବା ଶ୍ରୋତାବିଶେଷଙ୍କୁ ଖୁସି କରାଇବାର ଚେଷ୍ଟା, ଏହା ମୋତେ ଆଦୌ ଭଲ ଲାଗୁ ନାହିଁ । ଯାହା ହେଉ, ଏ ଦେଶରୁ ଚାଲିଯିବା ଆଗରୁ ଅନ୍ତତଃ ଦିନେ ଦୁଇଦିନ ପାଇଁ ଚିକାଗୋ ଫେରିଯିବି । ଈଶ୍ୱର ତୁମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

ତୁମମାନଙ୍କର ଚିରକୃତଜ୍ଞ ଭାଇ, ବିବେକାନନ୍ଦ

୮୭ଇ° (ମିସ୍ ଇସାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

ଡେଟ୍ରୟେଟ୍, ୧୭ ମାର୍ଚ୍ଚ ୯୪

ପ୍ରିୟ ଭଗିନି,

ତୁମର ପ୍ୟାକେଟ୍‌ଟି ଗତକାଲି ପାଇଛୁ । ସେହି ମୋଜାଗୁଡ଼ିକ ପଠାଇବାକୁ ହେଲା ବୋଲି ମୁଁ ଦୁଃଖିତ—ଏଠାରେ ମୁଁ ନିଜେ କିଛି ଯୋଗାଡ଼ କରି ନେଇ-ପାରିଥାଆନ୍ତି । ତେବେ ବସ୍ତୁଟି ତୁମର ଶ୍ରଦ୍ଧାର ପରିଚାୟକ ବୋଲି ମୁଁ ଖୁସି । ଯାହା ହେଉ, ମୋର ଝୁଲି ବର୍ତ୍ତମାନ ପୂରି ଭର୍ତ୍ତି । କିପରି ତାକୁ ବୋହି ବୁଲିବି ଜାଣିନି ।

ମିଃ ପାମାର୍‌ଙ୍କ ଘରେ ବେଶୀ ଦିନ ରହିବା ଯୋଗୁ ମିସେସ୍ ବ୍ୟାଗଲି କ୍ଷୁଣ୍ଣ ହେବାରୁ ଆଜି ତାଙ୍କ ଘରକୁ ଫେରିଆସିଛି । ପାମାର୍‌ଙ୍କ ଘରେ ବେଶ୍ ଭଲ ଭାବରେ କଟିଛି । ପାମାର୍ ପ୍ରକୃତରେ ଜଣେ ହୃଦୟଖୋଲା ଆମୋଦପ୍ରିୟ ମଉଜି ଲୋକ, ଖୁବ୍ କଡ଼ା 'ସ୍କଚ୍'ର ଭକ୍ତ; ଅତ୍ୟନ୍ତ ନିର୍ମଳ ଓ ଶିଶୁ ପରି ସରଳ ।

ମୁଁ ଚାଲି ଆସିବାରୁ ସେ ଖୁବ୍ ଦୁଃଖିତ ହେଲେ । କିନ୍ତୁ ମୋର ଅନ୍ୟ କିଛି କରିବାର ନ ଥିଲା । ଏଠାରେ ଜଣେ ସୁନ୍ଦରୀ ତରୁଣୀଙ୍କ ସହିତ ମୋର ଦୁଇଥର ସାକ୍ଷାତ୍ ହୋଇଛି । ତାଙ୍କ ନାମ ଠିକ୍ ମନେପଡ଼ୁ ନାହିଁ । ତାଙ୍କର ଯେପରି ବୁଦ୍ଧି, ସେହିପରି ରୂପ, ସେହିପରି ମଧ୍ୟ ଧର୍ମଭାବ; ସଂସାରର ଗୁଣ ଭିତରେ ସେ ନାହାନ୍ତି । ପ୍ରଭୁ ତାଙ୍କୁ କୃପା କରନ୍ତୁ । ସେ ଆଜି ସକାଳେ ମିସେସ୍ ମ୍ୟାକ୍‌ଡୁଭେଲ୍‌ଙ୍କ ସଙ୍ଗରେ ଆସିଥିଲେ ଏବଂ ଏପରି ଚମତ୍କାର ଭାବରେ କଥାବାର୍ତ୍ତା କଲେ, ଏପରି ଗଭୀର ଓ ଆଧ୍ୟାତ୍ମିକ ଭାବରେ—ଆହା, ମୁଁ ଅତ୍ୟନ୍ତ ମୋହିତ ହୋଇଗଲି ! ଯୋଗୀମାନଙ୍କ ସମ୍ବନ୍ଧରେ ତାଙ୍କୁ ସବୁ ଜଣାଅଛି, ଆଉ ଏହା ମଧ୍ୟରେ ସେ ଯୋଗାଭ୍ୟାସରେ ଯଥେଷ୍ଟ ଅଗ୍ରସର ହୋଇଛନ୍ତି ।

'ସମସ୍ତ ଜାଣିବାର ବାହାରେ ତୁମର ପଥ ।' ପ୍ରଭୁ ତାଙ୍କୁ କୃପା କରନ୍ତୁ, ଏପରି ନିଷ୍ପାପ, ଏତେ ପବିତ୍ର ! ତୁମମାନଙ୍କର ପବିତ୍ର ଓ ଆନନ୍ଦମୟ ମୁଖଗୁଡ଼ିକୁ ମଝେ ମଝେ ଯେ ଦେଖିବାକୁ ପାଏ, ତାହା ହିଁ ହେଲା ମୋର ଏହି ଉତ୍ସାହହୀନ ପରିଶ୍ରମ ଓ ଦୁଃଖମୟ ଜୀବନର ଶ୍ରେଷ୍ଠ ପୁରସ୍କାର । ବୌଦ୍ଧମାନଙ୍କର ଗୋଟିଏ ଉଦାର ପ୍ରାର୍ଥନାରେ ଅଛି, 'ଜଗତର ସମସ୍ତ ପୁଣ୍ୟାତ୍ମାଙ୍କୁ ମୁଁ ପ୍ରଣିପାତ କରେ ।' ଉକ୍ତ ପ୍ରାର୍ଥନାର ଯଥାର୍ଥ ତାତ୍ପର୍ଯ୍ୟ ମୁଁ ଉପଲବ୍ଧି କରେ, ଯେତେବେଳେ ମୁଁ ସେହି ପବିତ୍ର ମୁଖଗୁଡ଼ିକୁ ଦେଖିବାକୁ ପାଏ, ଯାହା ଉପରେ ପ୍ରଭୁ ଅଭ୍ରାନ୍ତ ଅକ୍ଷରରେ ନିଜ-ହାତରେ ଲେଖି ରଖିଛନ୍ତି—'ଏମାନେ ମୋର' ।

ତୁମେମାନେ ସତ୍ତ୍ୱସ୍ୱଭାବ, ଚିର-ପବିତ୍ର । ତୁମେ ସମସ୍ତେ ସୁଖୀ ହୁଅ । ପ୍ରଭୁ ତୁମମାନଙ୍କୁ କରୁଣା କରନ୍ତୁ । ଏହି ବୀଭତ୍ସ ପୃଥିବୀର କର୍ଦ୍ଦମ ଓ ଧୂଳିକଣା ଯେପରି କେବେହେଲେ ତୁମମାନଙ୍କର ଚରଣ ସୁଦ୍ଧା ସ୍ପର୍ଶ ନ କରୁ । ଫୁଲଭଳି ତୁମେମାନେ ଫୁଟିଛ, ସେହି ଭାବରେ ରୁହ ଏବଂ ଝରିଯାଅ—ଏହା ହିଁ ତୁମମାନଙ୍କ ଭ୍ରାତା ବିବେକାନନ୍ଦର ନିରନ୍ତର ପ୍ରାର୍ଥନା ।

ବିବେକାନନ୍ଦ

୮୭ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଡେଟ୍ରୟେଟ୍, ୧୮ ମାର୍ଚ୍ଚ ୧୮୯୪

ପ୍ରିୟ ଭଗିନୀ ମେରୀ,

କଲିକତାର ଚିଠିଖଣ୍ଡି ମୋ ନିକଟକୁ ପଠାଇଥିବାରୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଗୁରୁଦେବଙ୍କ ସମ୍ବନ୍ଧରେ ତୁମେ ମୋଠାରୁ ଅନେକ କଥା ଶୁଣିଛ । ତାଙ୍କର ଜନ୍ମତିଥି-ଅନୁଷ୍ଠାନର ଗୋଟିଏ ନିମନ୍ତ୍ରଣ-ପତ୍ର କଲିକତାରୁ ମୋର ଗୁରୁଭାଇମାନେ ମୋ ପାଖକୁ ଲେଖିଛନ୍ତି । ସୁତରାଂ ପତ୍ରଖଣ୍ଡି ତୁମ ପାଖକୁ ଫେରସ୍ତ ପଠାଉଛି । ପତ୍ରରେ ପୁଣି ଲେଖାଅଛି ଯେ, 'ମ—' କଲିକତାକୁ ଫେରିଯାଇ ରଟନା କରୁଛି ଯେ, ବିବେକାନନ୍ଦ ଆମେରିକାରେ ସବୁପ୍ରକାର ପାପକାର୍ଯ୍ୟ କରୁଛି ।... ଏହି ତ ତୁମମାନଙ୍କର ଆମେରିକାର 'ଅପୂର୍ବ ଆଧ୍ୟାତ୍ମିକ ପୁରୁଷ' ! ତାଙ୍କର ବା ଦୋଷ କ'ଣ ? ଯଥାର୍ଥ ତତ୍ତ୍ୱଜ୍ଞାନୀ ନ ହେବା ପର୍ଯ୍ୟନ୍ତ—ଅର୍ଥାତ୍ ଆତ୍ମାର ସ୍ୱରୂପ ପ୍ରତ୍ୟକ୍ଷ ନ କଲେ, ଆଧ୍ୟାତ୍ମିକ-ରାଜ୍ୟର ସଠିକ ସନ୍ଧାନ ନ ପାଇଲେ ମନୁଷ୍ୟ ବସ୍ତୁ ଓ ଅବସ୍ତୁର, ବାଗାଡ଼ମ୍ବର ଓ ଜ୍ଞାନ-ଗାମ୍ଭୀର୍ଯ୍ୟର ଏବଂ ଏ ଜାତୀୟ ଅନ୍ୟାନ୍ୟ ବିଷୟର ପାର୍ଥକ୍ୟ ବୁଝିପାରେ ନାହିଁ । 'ମ—' ବିଚରାର ଏତେଦୂର ଅଧଃପତନରେ ମୁଁ ବିଶେଷ ଦୁଃଖିତ । ଭଗବାନ ଭଦ୍ରଲୋକଟିକୁ ଦୟା କରନ୍ତୁ ।

ପତ୍ରରେ ସମ୍ବୋଧନାଂଶ ଇଂରାଜୀରେ । ନାମଟି ମୋର ବହୁ ପୂର୍ବର; ଲେଖକ ଶୈଶବର ଜଣେ ସାଥୀ; ବର୍ତ୍ତମାନ ମୋପରି ସନ୍ନ୍ୟାସୀ । ବେଶ୍ କବିତ୍ୱପୂର୍ଣ୍ଣ ନାମ ! ନାମର ଅଂଶମାତ୍ର ଲେଖିଛନ୍ତି, ସମସ୍ତଟା ହେଉଛି 'ନରେନ୍ଦ୍ର', ଅର୍ଥାତ୍ 'ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ' ('ନର' ଅର୍ଥ 'ମନୁଷ୍ୟ' ଓ 'ଇନ୍ଦ୍ର' ଅର୍ଥ 'ରାଜା', 'ଅଧିପତି')—ହାସ୍ୟାସ୍ପଦ ନୁହେଁ କି ? ଆମ ଦେଶରେ ନାମଗୁଡ଼ିକ ପ୍ରାୟ ଏହି ପ୍ରକାରର । ନାଚାର ! ମୁଁ କିନ୍ତୁ ନାମଟି ଯେ ଛାଡ଼ିପାରିଛି, ସେଥିରେ ଖୁବ୍ ଖୁସୀ ।

ମୁଁ ବେଶ୍ ଭଲ ଅଛି । ଆଶା କରେ ତୁମମାନଙ୍କର ସବୁ କୁଶଳ । ଇତି

ତୁମମାନଙ୍କର ଭାଇ, ବିବେକାନନ୍ଦ

୮୮ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

୫୪୧, ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ

୧୯ ମାର୍ଚ୍ଚ ୧୮୯୪

କଲ୍ୟାଣବରେଷୁ,

ଏ ଦେଶକୁ ଆସିବା ପରଠାରୁ ତୁମ ପାଖକୁ ପତ୍ର ଲେଖି ନାହିଁ । କିନ୍ତୁ ହରିଦାସ

ଦେଶାଇଙ୍କ* ପତ୍ରରୁ ସକଳ ସମାଚାର ଜାଣିଲି । ଜି. ସି. ଘୋଷ** ଏବଂ ତୁମେ ଯେ ହରିଦାସ ଦେଶାଇଙ୍କୁ ଯଥୋଚିତ ଖାତିର୍ କରିଛ, ତାହା ଅତି ଭଲ ।

ଏ ଦେଶରେ ମୋର କୌଣସି ଅଭାବ ନାହିଁ, ତେବେ ଭିକ୍ଷା ଚଳେ ନାହିଁ, ପରିଶ୍ରମ ଅର୍ଥାତ୍ ସ୍ଥାନେ ସ୍ଥାନେ ଉପଦେଶ ଦେବାକୁ ହୁଏ । ଏ ଦେଶରେ ଗରମ ଯେପରି, ଶୀତ ବି ସେହିପରି । ଗରମ କଲିକତା ଅପେକ୍ଷା କୌଣସି ଅଂଶରେ ଊଣା ନୁହେଁ । ଶୀତ କଥା କ'ଣ କହିବି—ସମଗ୍ର ଦେଶ, କେଉଁଠି ଦୁଇତିନି-ହାତ କେଉଁଠି ବା ଚାରିପାଞ୍ଚ ହାତ, ବରଫରେ ଆବୃତ । ଦକ୍ଷିଣଭାଗରେ ବରଫ ନାହିଁ । ବରଫ ତ ଶ୍ରେଷ୍ଠ ଜିନିଷ ! ଯେତେବେଳେ ପାରଦ ଜିରୋ ଉପରେ ୩୨ ଦାଗ୍‌ରେ ଥାଏ, ସେତେବେଳେ ବରଫ ପଡ଼େ । କଲିକତାରେ କଦାଚ ଜିରୋ ଉପରେ ୬୦° ହୁଏ, ଇଂଲଣ୍ଡରେ କଦାଚ ଜିରୋ ପାଖକୁ ଯାଏ । ଏଠାରେ ପାରଦର ସୂଅ ଜିରୋଠାରୁ ୪୦।୫୦ ଡିଗ୍ରୀ ତଳକୁ ଖସିଯାଏ । ଉତ୍ତରଭାଗରେ କାନାଡ଼ାରେ ପାରଦ ଜମିଯାଏ । ସେତେବେଳେ ଆଲ୍‌କୋହଲ ଥର୍ମୋମିଟର ବ୍ୟବହାର କରିବାକୁ ହୁଏ । ଯେତେବେଳେ ଖୁବ୍ ଥଣ୍ଡା, ଅର୍ଥାତ୍ ପାରଦ ଜିରୋ ତଳକୁ ୨୦ ଡିଗ୍ରୀରୁ ମଧ୍ୟ ତଳକୁ ଥାଏ, ସେତେବେଳେ ବରଫ ପଡ଼େ ନାହିଁ । ମୋ'ର ଧାରଣା ଥିଲା, ବରଫ ପଡ଼ିବା ମାନେ ଖୁବ୍ ଥଣ୍ଡା । ତା' ନୁହେଁ, ବରଫ ଅପେକ୍ଷାକୃତ ଗରମ ଦିନରେ ପଡ଼େ । ଅତିରିକ୍ତ ଥଣ୍ଡାରେ ଏକ ପ୍ରକାର ନିଶା ହୁଏ ! ଗାଡ଼ି ଚାଲେ ନାହିଁ, ଚକହୀନ ସ୍ଲେଜ ଖସିଯାଏ । ସବୁ କାଠପରି ଜମାଟ ବାନ୍ଧିଯାଏ—ନଦୀ, ନାଳ, ହ୍ରଦ ଉପରେ ହାତୀ ଚାଲି ଯାଇପାରେ ! ନାଏଗ୍ରାର ପ୍ରଚଣ୍ଡ ପ୍ରବାହଶୀଳ ବିଶାଳ ନିର୍ଝର ପଥର ପାଲଟିଯାଏ !!! କିନ୍ତୁ ମୁଁ ବେଶ୍ ଅଛି । ପ୍ରଥମେ ଟିକିଏ ଭୟ ହେଉଥିଲା, ପରେ କର୍ତ୍ତବ୍ୟବୋଧରେ ଦିନେ ରେଲଦ୍ୱାରା କାନାଡ଼ା ନିକଟରେ ତ, ତା' ପରଦିନ ଦକ୍ଷିଣ ଆମେରିକାରେ ଲେକ୍‌ଚର ଦେଇ ବୁଲୁଛି । ଗାଡ଼ି ଠିକ୍ ଘରପରି, steam pipe (ନଳଯୋଗେ ଚାଳିତ ବାଷ୍ପ) ଯୋଗେ ଖୁବ୍ ଗରମ, ଆଉ ଚାରିଆଡ଼େ ବରଫରାଶି ଚକ୍ ଚକ୍ ଧଳା—ସେ ଶୋଭା ଅପୂର୍ବ !

ଖୁବ୍ ଡର ଥିଲି ଯେ, ମୋ ନାକ କାନ ଖସିଯିବ; କିନ୍ତୁ ଆଜି ପର୍ଯ୍ୟନ୍ତ କିଛି ହୋଇ ନାହିଁ । ତେବେ ରାଶୀକୃତ ଗରମ ପୋଷାକ, ତା'ଉପରେ ଲୋମଯୁକ୍ତ ଚମଡ଼ାର କୋଟ, ଜୋତା, ଜୋତା ଉପରେ ପୁଣି ପଶମ ଜୋତା ଇତ୍ୟାଦି ଆବୃତ ହୋଇ ବାହାରକୁ ଯିବାକୁ ହୁଏ । ନିଃଶ୍ୱାସ ବାହାରକୁ ଆସୁ ନ ଆସୁଣୁ ଦାଢ଼ିରେ ଜମିଯାଉଛି । ସେଥିରେ ପୁଣି ତାମସା'ଟା କ'ଣ ଜାଣ ? ଘର ଭିତରେ ପାଣିରେ ଖଣ୍ଡେ ବରଫ ନ ପକାଇ ଏମାନେ ତାହା ପିଅନ୍ତି ନାହିଁ । କାରଣ ଘର ଭିତରଟା ଖୁବ୍ ଗରମ ତ, ସେଇଥିପାଇଁ । ପ୍ରତ୍ୟେକ ଘର ଓ ସିଡ଼ିକୁ steam pipe ଗରମ ରଖେ । କଳା-କୌଶଳରେ ଏମାନେ

* ହରିଦାସ ବିହାରୀଦାସ ଦେଶାଇ

** ଗିରିଶଚନ୍ଦ୍ର ଘୋଷ

ଅଦ୍ୱିତୀୟ; ଭୋଗବିଳାସରେ, ଅର୍ଥ ଉପାର୍ଜନରେ ଏବଂ ଖର୍ଚ୍ଚ କରିବାରେ ମଧ୍ୟ ଅଦ୍ୱିତୀୟ । ଜଣେ କୁଲିର ଦୈନିକ ମଜୁରି ୨ଟଙ୍କା, ଚାକରର ସେତିକି । ୩ଟଙ୍କାରୁ କମ୍‌ରେ ଠିକା ଗାଡ଼ି ମିଳେ ନାହିଁ । ଚାରିଅଣାରୁ କମ୍ ଦାମ୍‌ରେ ଚୁରୁଟ ନାହିଁ । ମଧ୍ୟମ ଧରଣର ଏକ ଯୋଡ଼ା ଜୋତା ୨୪ଟଙ୍କା । ୫୦୦ଟଙ୍କାରେ ଗୋଟିଏ ପୋଷାକ । ରୋଜଗାର ଯେପରି ଖର୍ଚ୍ଚ ମଧ୍ୟ ସେହିପରି । ଗୋଟିଏ ଲେକ୍‌ଚର ୨୦୦|୩୦୦|୫୦୦|୧୦୦୦|୩୦୦୦ଟଙ୍କା ପର୍ଯ୍ୟନ୍ତ । ମୁଁ ୫୦୦ଟଙ୍କା ପର୍ଯ୍ୟନ୍ତ ପାଇଛି ।* ଅବଶ୍ୟ ବର୍ତ୍ତମାନ ଏଠାରେ ମୋର ପୁଅବାର । ଏମାନେ ମୋତେ ଭଲ ପାଆନ୍ତି । ହଜାର ହଜାର ଲୋକ ମୋ କଥା ଶୁଣିବାକୁ ଆସନ୍ତି ।

ପ୍ରଭୁଙ୍କ ଇଚ୍ଛାରେ ମଜୁମଦାର୍ ମହାଶୟଙ୍କ ସହିତ ଏଠାରେ ଦେଖା । ପ୍ରଥମେ ଖୁବ୍ ପ୍ରୀତି, ପରେ ଯେତେବେଳେ ଚିକାଗୋର ସମସ୍ତ ନରନାରୀ ମୋ ଉପରେ ଅଜାଡ଼ି ହୋଇ ପଡ଼ିବାକୁ ଲାଗିଲେ, ମଜୁମଦାର୍ ଭାଇଙ୍କ ମନରେ ନିଆଁ ଜଳିଲା।··· ଭାଇ ମୁଁ ଦେଖି ଅବାକ୍ ! କହ ବାବା, ମୁଁ କଅଣ ତୁମ ଅନ୍ନରେ ବ୍ୟାଘାତ କରିଛି ? ଏ ଦେଶରେ ତୁମର ତ ଯଥେଷ୍ଟ ଖାତିର୍ । ତେବେ ମୋ ପରି ତୁମର ହେଲା ନାହିଁ, ଏଥିରେ ମୋର ଦୋଷ କଅଣ ? ··· ଆଉମଧ୍ୟ, ମଜୁମଦାର ପାର୍ଲାମେଣ୍ଟ ଅଫ୍ ରିଲିଜିଅନର ପାଦ୍ରୀମାନଙ୍କ ପାଖରେ ମୋର ଯଥେଷ୍ଟ ନିନ୍ଦା କରିଛନ୍ତି, 'ସେ କେହି ନୁହେଁ, ଗୋଟାଏ ଠକ ଜୁଆଚ୍ଚୋର; ତୁମ ଦେଶକୁ ସେ ଆସି କହୁଛି—ମୁଁ ଫକୀର' ଇତ୍ୟାଦି କହି ସେମାନଙ୍କ ମନ ମୋ ପ୍ରତି ଯଥେଷ୍ଟ ବିଗାଡ଼ିଦେଲେ । ବ୍ୟାରୋଜ୍ ପ୍ରେସିଡେଣ୍ଟଙ୍କୁ ଏପରି ବିଗାଡ଼ିଦେଲେ ଯେ, ସେ ମୋ ସହିତ ଭଲ ଭାବରେ କଥା ମଧ୍ୟ କହନ୍ତି ନାହିଁ । ସେମାନଙ୍କ ପୁସ୍ତକରେ ଓ ପାମ୍ଫଲେଟରେ ମୋତେ ଦାବି ଦେବା ପାଇଁ ଯଥାସାଧ୍ୟ ଚେଷ୍ଟା; କିନ୍ତୁ ବାବା, ଗୁରୁ ସହାୟ ! ମଜୁମଦାର୍ କଅଣ କହିବ ? ସମଗ୍ର ଅମେରିକାନ୍ ନେଶନ୍ ଯେ ମୋତେ ଭଲପାଏ, ଭକ୍ତି କରେ, ଟଙ୍କା ଦିଏ, ଗୁରୁପରି ମାନେ—ମଜୁମଦାର କରିବ କଅଣ ? ପାଦ୍ରୀ ଫାଦ୍ରୀଙ୍କର କଅଣ ଶକ୍ତି ? ଆଉମଧ୍ୟ ଏମାନେ ବିଦ୍ୱାନ୍ ଜାତି । ଏଠାରେ 'ଆମେ ବିଧବାଙ୍କର ବିବାହ

---

* ବିଖ୍ୟାତ ଚିକାଗୋ ବକ୍ତୃତା ପରେ ସ୍ୱାମୀଜୀ ଗୋଟିଏ Lecture Bureau (ବକ୍ତୃତା ସଂସ୍ଥା—ଏମାନେ ଭଲ ଭଲ ବକ୍ତା ସଂଗ୍ରହ କରି ସେମାନଙ୍କଦ୍ୱାରା ବକ୍ତୃତା ଦିଅାନ୍ତି ଏବଂ ବକ୍ତୃତାର ସମୁଦାୟ ବନ୍ଦୋବସ୍ତ କରନ୍ତି । ଟିକେଟ ବିକି କରି ଯେଉଁ ଟଙ୍କା ପାଆନ୍ତି, ତହିଁରୁ କେତେକାଂଶ ବକ୍ତାଙ୍କୁ ଦିଅନ୍ତି) ସହିତ ମିଶି କିଛିଦିନ ଆମେରିକାର ବିଭିନ୍ନ ସ୍ଥାନରେ ବକ୍ତୃତା ଦେଇଥିଲେ । ସେହି ସମୟରେ ଅନେକେ ତାଙ୍କୁ ଏପରି ବୁଝାଇଥିଲେ ଯେ, ପଇସା ନ ନେଲେ ସେଠାରେ କେହି ବକ୍ତୃତା ଶୁଣନ୍ତି ନାହିଁ । କିନ୍ତୁ ପରେ ଯେତେବେଳେ ସେ ଦେଖିଲେ, ଏହାଦ୍ୱାରା ସ୍ୱାଧୀନଭାବରେ କାର୍ଯ୍ୟ କରିବା ଅସମ୍ଭବ, ସେତେବେଳେ ସେମାନଙ୍କ ସହିତ ସମ୍ପର୍କ ତୁଟାଇ, ବକ୍ତୃତାଲବ୍ଧ ଧନରୁ ଅଧିକାଂଶ ଭାରତରେ ନାନା ସତ୍‌କାର୍ଯ୍ୟ ପାଇଁ ଦାନ କରି ବିନା ପଇସାରେ ବକ୍ତୃତା ଦେବାକୁ ଆରମ୍ଭ କଲେ ।

ଦେଇଁ ଏବଂ ପିତୁଳାପୂଜା କରୁ ନାହିଁ'—ଏସବୁ କଥା ଆଉ ନ ଚଳେ—ପାଦ୍ରୀମାନଙ୍କ ପାଖରେ କେବଳ ଚଳେ । ଭାଇ,. ଏମାନେ ଚାହାଁନ୍ତି ଫିଲସଫି, learning (ବିଦ୍ୟା), ଫାଙ୍କା ଗପ ଆଉ ଚଳିବ ନାହିଁ ।

ଧର୍ମପାଳ ଫିଲ୍ଟି ଦେଶ୍,··· ଭଲ ଲୋକ । ଏ ଦେଶରେ ତା'ର ଯଥେଷ୍ଟ ଆଦର ହୋଇଥିଲା । ଦାଦା ମଜୁମଦାରଙ୍କୁ ଦେଖି ମୋର ଅକଲ ଆସିଗଲା । ବୁଝିପାରିଲି, 'ଯେ ନିଘ୍ନନ୍ତି ପରହିତଂ ନିରର୍ଥକଂ ତେ କେ ନ ଜାନୀମହେ'—(ଭର୍ତ୍ତୃହରି) ।*

ଆରେ ଭାଇ, ସବୁ ଯାଏ, ଏହି ପୋଡ଼ା ହିଂସାଟା ଯାଏ ନାହିଁ । ଆମ ଭିତରେ ମଧ୍ୟ ଖୁବ୍ ଅଛି । ଏଇଟା ଆମ ଜାତିର ଦୋଷ, ଖାଲି ପରନିନ୍ଦା ଆଉ ପରଶ୍ରୀକାତରତା । ହାମ୍‌ବଡ଼ା, ଆଉ କେହି ବଡ଼ ନ ହୁଅନ୍ତୁ ।

ଏ ଦେଶର ସ୍ତ୍ରୀମାନଙ୍କ ପରି ସ୍ତ୍ରୀ ଜଗତରେ ନାହାନ୍ତି । କି ପବିତ୍ର, ସ୍ୱାଧୀନ, ସ୍ୱାପେକ୍ଷ ଓ ଦୟାଶୀଳା—ସ୍ତ୍ରୀମାନେ ହିଁ ଏ ଦେଶରେ ସବୁ । ବିଦ୍ୟା ବୁଦ୍ଧି ସବୁ ସେମାନଙ୍କ ଭିତରେ । 'ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷୁ' (ଯେ ପୁଣ୍ୟବାନ୍ ଗୃହରେ ସ୍ୱୟଂ ଲକ୍ଷ୍ମୀସ୍ୱରୂପିଣୀ) ଏହି ଦେଶରେ । ପୁଣି 'ପାପାତ୍ମନାଂ ହୃଦୟେଷ୍ୱଲକ୍ଷ୍ମୀଃ' (ପାପାତ୍ମାମାନଙ୍କ ହୃଦୟରେ ଅଲକ୍ଷ୍ମୀସ୍ୱରୂପିଣୀ) ଏହା ଆମ ଦେଶରେ, ଏଇଟି ବୁଝ । ହରେ, ହରେ, ଏଠାରେ ସ୍ତ୍ରୀମାନଙ୍କୁ ଦେଖି ମୋର ଅକ୍‌କଲ ଗୁଡ୍‌ଡ୍‌ମ୍ । 'ତ୍ୱଂ ଶ୍ରୀସ୍ତ୍ୱମୀଶ୍ୱରୀ ତ୍ୱଂ ହ୍ରୀଃ' ଇତ୍ୟାଦି (ତୁମେ ଲକ୍ଷ୍ମୀ, ତୁମେ ଈଶ୍ୱରୀ, ତୁମେ ହିଁ ଲଜ୍ଜାସ୍ୱରୂପିଣୀ) । 'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା' (ଯେଉଁ ଦେବୀ ଶକ୍ତିରୂପରେ ସର୍ବଭୂତରେ ଅବସ୍ଥିତା) ଇତ୍ୟାଦି । ଏ ଦେଶର ବରଫ ଯେପରି ଶୁଭ୍ର, ସେପରି ହଜାର ହଜାର ସ୍ତ୍ରୀଲୋକ ଅଛନ୍ତି, ଯେଉଁମାନଙ୍କର ମନ ସେହିପରି ପବିତ୍ର । ଆଉ ଆମ ଦେଶରେ ଦଶ ବର୍ଷ ବୟସରେ ସନ୍ତାନ ପ୍ରସବକାରିଣୀ !!! ପ୍ରଭୋ, ବର୍ତ୍ତମାନ ବୁଝିପାରୁଛି । ଆରେ ଭାଇ, 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ' (ଯେଉଁଠାରେ ସ୍ତ୍ରୀ-ଲୋକମାନେ ପୂଜିତା ହୁଅନ୍ତି, ସେସ୍ଥାନରେ ଦେବତାମାନେ ଆନନ୍ଦ କରନ୍ତି)—ବୁଢ଼ା ମନୁ କହିଛନ୍ତି । ଆମେମାନେ ମହାପାପୀ, ସ୍ତ୍ରୀ-ଲୋକମାନଙ୍କୁ ଘୃଣ୍ୟକୀଟ, ନରକମାର୍ଗ ଇତ୍ୟାଦି କହି କହି ଅଧୋଗତି ହୋଇଛୁ । ବାପ୍‌ରେ, ଆକାଶ ପାତାଳ ପ୍ରଭେଦ !! 'ଯାଥାତଥ୍ୟ ତୋଽର୍ଥାନ୍ ବ୍ୟଦଧାତ୍ ।'** (ଯଥୋପଯୁକ୍ତ ଭାବରେ କର୍ମଫଳ ବିଧାନ କରନ୍ତି) । ପ୍ରଭୁ କ'ଣ ଗପୁଡ଼ିଗିରିରେ ଭୁଲନ୍ତି ? ପ୍ରଭୁ କହିଛନ୍ତି, 'ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ'ଇତ୍ୟାଦି !***(ତୁମେ ହିଁ ସ୍ତ୍ରୀ, ତୁମେ ହିଁ ପୁରୁଷ, ତୁମେ ବାଳକ ଓ ତୁମେ ହିଁ ବାଳିକା) । ଆଉ ଆମେ କହୁଥାଉଁ—'ଦୂରମପସର ରେ ଚଣ୍ଡାଳ' (ଆରେ ଚଣ୍ଡାଳ ଦୂରକୁ ଘୁଞ୍ଚି ଯା), 'କେନୈଷା ନିର୍ମିତା ନାରୀ ମୋହିନୀ'

---

* ଯେଉଁମାନେ ନିରର୍ଥକ ପରର ଅନିଷ୍ଟ ସାଧନ କରନ୍ତି, ସେମାନେ ଯେ କିପରି ଲୋକ, ତାହା ଜାଣିପାରୁ ନାହିଁ ।

** ଈଶ ଉପନିଷଦ୍

*** ଶ୍ୱେତାଶ୍ୱତର ଉପନିଷଦ୍

ଇତ୍ୟାଦି (କିଏ ଏହି ମୋହିନୀ ନାରୀକୁ ନିର୍ମାଣ କରିଛି ?) ଆରେ ଭାଇ, ଦକ୍ଷିଣଦେଶରେ ଯାହା ଦେଖିଛୁ, ଉଚ୍ଚଜାତିର ନୀଚଜାତି ଉପରେ ଯେଉଁ ଅତ୍ୟାଚାର ! ମନ୍ଦିରମାନଙ୍କରେ ଦେବଦାସୀମାନଙ୍କର ଯେଉଁ ନାଚର ଧୂମ୍ ! ଯେଉଁ ଧର୍ମ ଗରିବର ଦୁଃଖ ଦୂର କରେ ନାହିଁ, ମନୁଷ୍ୟକୁ ଦେବତା କରେ ନାହିଁ, ତାହା ପୁଣି କଅଣ ଧର୍ମ ? ଆମମାନଙ୍କର କଅଣ ଆଉ ଧର୍ମ ଅଛି ? ଆମମାନଙ୍କର 'ଛୁଆଁ ଛୁତ ମାର୍ଗ', ଖାଲି 'ମୋତେ ଛୁଅଁ ନାହିଁ—ମୋତେ ଛୁଅଁ ନାହିଁ' । ହେ ହରି ! ଯେଉଁ ଦେଶର ବଡ଼ ବଡ଼ ମୁଣ୍ଡସବୁ ଆଜକୁ ଦୁଇ ହଜାର ବର୍ଷଧରି କେବଳ ବିଚାର କରିଛନ୍ତି—ଡାହାଣ ହାତରେ ଖାଇବି କି ବାମ ହାତରେ, ଡାହାଣ ବଗରୁ ପାଣି ନେବି କି ବାଁ ବଗରୁ ଏବଂ ଫଟ୍ ଫଟ୍ ସ୍ୱାହା, କ୍ରାଂ କ୍ରୂଂ ହୁଂ ହୁଂ କରନ୍ତି, ସେମାନଙ୍କର ଅଧୋଗତି ହେବ ନାହିଁ ତ ଆଉ କାହାର ହେବ ? 'କାଳଃ ସୁପ୍ତେଷୁ ଜାଗର୍ତ୍ତି କାଳୋ ହି ଦୁରତିକ୍ରମଃ' । (ସମସ୍ତେ ନିଦ୍ରିତ ହୋଇ ରହିଲେ ମଧ୍ୟ କାଳ ଜାଗରିତ ଥାଏ, କାଳକୁ ଅତିକ୍ରମ କରିହୁଏ ନାହିଁ) । ସବୁ ସେ ଜାଣୁଛନ୍ତି, ତାଙ୍କ ଆଖିରେ କିଏ ଧୂଳି ପକାଇବ ବାବା !

ଯେଉଁ ଦେଶରେ କୋଟି କୋଟି ଲୋକ ମହୁଲ ଫୁଲ ଖାଇ ରହନ୍ତି, ଆଉ ଦଶ-କୋଡ଼ିଏ ଲକ୍ଷ ସାଧୁ, ଦଶ କୋଟି ବ୍ରାହ୍ମଣ ସେହି ଗରିବମାନଙ୍କ ରକ୍ତ ଶୋଷି ଖାଆନ୍ତି, କିନ୍ତୁ ସେମାନଙ୍କ ଉନ୍ନତି ପାଇଁ କୌଣସି ଚେଷ୍ଟା କରନ୍ତି ନାହିଁ, ସେ କ'ଣ ଦେଶ ନା ନରକ ! ତାହା ଧର୍ମ, ନା ପୈଶାଚିକ ନୃତ୍ୟ ! ଭାଇ, ଏଇଟି ଭଲେଇକରି ବୁଝ—ଭାରତ-ବର୍ଷ ବୁଲି ବୁଲି ଦେଖିଛୁ ! ଏ ଦେଶ ଦେଖିଛୁ । କାରଣ ବିନା କଅଣ କାର୍ଯ୍ୟ ହୁଏ ? ପାପ ବିନା କଅଣ ସଜା ମିଳେ ? 'ସର୍ବଶାସ୍ତ୍ରପୁରାଣେଷୁ ବ୍ୟାସସ୍ୟ ବଚନଦ୍ୱୟଂ । ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନଂ ॥' (ସମୁଦାୟ ଶାସ୍ତ୍ର ଓ ପୁରାଣ ମଧ୍ୟରେ ବ୍ୟାସଙ୍କର ଦୁଇଟି ବାକ୍ୟ ଅଛି—ପରୋପକାରଦ୍ୱାରା ପୁଣ୍ୟ ଓ ପରପୀଡ଼ନଦ୍ୱାରା ପାପ ଉତ୍ପନ୍ନ ହୁଏ ।) ଏହା କ'ଣ ସତ୍ୟ ନୁହେଁ ?

ଭାଇ, ଏସବୁ ଦେଖି, ବିଶେଷତଃ ଏପରି ଦାରିଦ୍ର୍ୟ ଓ ଅଜ୍ଞତା ଦେଖି ମୋର ନିଦ ହେଲା ନାହିଁ; ଗୋଟିଏ ବୁଦ୍ଧି କୁଟିଲି—Cape Comorinରେ (କୁମାରିକା ଅନ୍ତରୀପରେ) ମା କୁମାରୀଙ୍କ ମନ୍ଦିରରେ ବସି, ଭାରତବର୍ଷର ଶେଷ ପଥରଖଣ୍ଡକ ଉପରେ ବସି—ଏହି ଯେ ଆମେ ଏତେଗୁଡ଼ିଏ ସନ୍ନ୍ୟାସୀ ଅଛୁଁ, ଘୂରି ଘୂରି ବୁଲୁଛୁଁ, ଲୋକଙ୍କୁ Metaphysics (ଦର୍ଶନ) ଶିକ୍ଷା ଦେଉଛୁଁ ଏସବୁ ପାଗଳାମି । 'ଖାଲି ପେଟରେ ଧର୍ମ ହୁଏ ନାହିଁ'—ଗୁରୁଦେବ କହୁ ନ ଥିଲେ କି ? ଏହି ଯେ ଗରିବମାନେ ପଶୁଭଳି ଜୀବନଯାପନ କରୁଛନ୍ତି, ତା'ର କାରଣ ମୂର୍ଖତା; ପାଜି ଲୋକମାନେ ଚାରିଯୁଗ ଧରି ଏମାନଙ୍କ ରକ୍ତ ଶୋଷି ଖାଇଛନ୍ତି, ଆଉ ଦୁଇ ଗୋଡ଼ରେ ଦଳିଛନ୍ତି ।

ମନେକର, କେତେଗୁଡ଼ିଏ ସନ୍ନ୍ୟାସୀ ଗାଁ ଗାଁ ବୁଲୁଛନ୍ତି—ସେମାନେ କ'ଣ କାମ କରୁଛନ୍ତି ?—ସେହିପରି କେତେଜଣ ନିଃସ୍ୱାର୍ଥ ପରହିତଚିକୀର୍ଷୁ ସନ୍ନ୍ୟାସୀ—ଗ୍ରାମେ ଗ୍ରାମେ ବିଦ୍ୟା ବିତରଣ କରି ବୁଲନ୍ତେ, ନାନା ଉପାୟରେ ନାନା କଥା, map, camera,

globe (ମାନଚିତ୍ର, କ୍ୟାମେରା, ଗ୍ଲୋବ) ଇତ୍ୟାଦି ସାହାଯ୍ୟରେ ଆସ୍ଥାଣ୍ଡାଳଙ୍କ ଉନ୍ନତକଲେ ଭୁଲନ୍ତେ, ତା'ହେଲେ ସମୟରେ ମଙ୍ଗଳ ହୋଇପାରିବ କି ନାହିଁ । ଏ ସମସ୍ତ ପ୍ଲାନ୍ ମୁଁ ଏହି କ୍ଷୁଦ୍ର ଚିଠିରେ ଲେଖିପାରୁ ନାହିଁ । ସାରକଥା If the mountain does not come to Mahommed, Mahommed must come to the mountain !* ଗରିବମାନେ ଏତେ ଗରିବ, ସେମାନେ ସ୍କୁଲ ପାଠଶାଳାମାନଙ୍କୁ ଆସିପାରନ୍ତି ନାହିଁ, ଆଉ କବିତା ଫବିତା ପଢ଼ି ସେମାନଙ୍କର କୌଣସି ଉପକାର ନାହିଁ । We as a nation have lost our individuality and that is the cause of all mischief in India. We have to give back to the nation its lost individuality and raise the masses. The Hindu, the Mahommedan, the Christian all have trampled them under foot. Again, the force to raise them must come from inside, i.e. from the orthodox Hindus. In every country the evils exist not with but against religion. Religion, therefore, is not to blame but men.**

ଏହା କରିବାକୁ ଗଲେ ପ୍ରଥମେ ଦରକାର ଲୋକ, ଦ୍ୱିତୀୟତଃ ଦରକାର ପଇସା । ଗୁରୁଙ୍କ କୃପାରୁ ମୁଁ ପ୍ରତି ସହରରେ ୧୦।୧୫ ଜଣ ଲୋକ ପାଇବି । ତା'ପରେ ପଇସା ଚେଷ୍ଟାରେ ଘୂରିଲି । ଭାରତବର୍ଷର ଲୋକେ ପଇସା ଦେବେ !!! Fools and dotards and selfishness personified (ମୂର୍ଖତା, ଲୁପ୍ତବୁଦ୍ଧି ଓ ସ୍ୱାର୍ଥପରତାର ମୂର୍ତ୍ତି)— ସେମାନେ ଦେବେ ! ସେଥିପାଇଁ ଆମେରିକା ଆସିଛି, ନିଜେ, ରୋଜଗାର କରିବି, କରି ଦେଶକୁ ଯିବି; and devote the rest of my life to the realisation of this one aim of my life (ଆଉ ମୋ ଜୀବନର ଅବଶିଷ୍ଟାଂଶ ଏହି ଏକମାତ୍ର ଉଦ୍ଦେଶ୍ୟ-

---

* ପାହାଡ଼ ଯଦି ମହମ୍ମଦଙ୍କ ନିକଟକୁ ନ ଆସେ, ମହମ୍ମଦ ପାହାଡ଼ ନିକଟକୁ ଯିବେ । ଅର୍ଥାତ୍ ଗରିବ ପିଲାମାନେ ସ୍କୁଲକୁ ଯାଇ ଯଦି ଲେଖାପଢ଼ା ଶିଖି ନ ପାରନ୍ତି, ସେମାନଙ୍କ ଘର ଘର ବୁଲି ସେମାନଙ୍କୁ ଶିକ୍ଷା ଦେବାକୁ ହେବ ।

** ଆମ ଜାତିଟା ନିଜର ବିଶେଷତ୍ୱ ହରାଇ ବସିଛି, ସେଥିପାଇଁ ଭାରତରେ ଏତେ ଦୁଃଖ କଷ୍ଟ । ସେହି ଜାତୀୟ ବିଶେଷତ୍ୱର ବିକାଶ ଯେପରି ହୁଏ, ତାହା କରିବାକୁ ହେବ ତଳୁଆ ଲୋକଙ୍କୁ—ଉଠାଇବାକୁ ହେବ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତେ ସେମାନଙ୍କୁ ପାଦରେ ଦଳିଛନ୍ତି । ପୁଣି ସେମାନଙ୍କୁ ଉଠାଇବାର ଯେଉଁ ଶକ୍ତି, ତାହା ଆମମାନଙ୍କୁ ନିଜ ଭିତରୁ ଆଣିବାକୁ ହେବ—ରକ୍ଷଣଶୀଳ ହିନ୍ଦୁମାନେ ହିଁ ଏ କାର୍ଯ୍ୟ କରିବେ । ସବୁ ଦେଶରେ ଯାହା କିଛି ଦୋଷ ଦେଖାଯାଏ, ତାହା ସେମାନଙ୍କ ଧର୍ମର ଦୋଷ ନୁହେଁ, ଧର୍ମ ଯଥାବିଧି ପାଳନ ନ କରିବାରୁ ଏହିସବୁ ଦୋଷ ଦେଖାଯାଏ । ସୁତରାଂ ଧର୍ମର କୌଣସି ଦୋଷ ନାହିଁ, ଲୋକମାନଙ୍କର ଦୋଷ ।

ସିଦ୍ଧି ପାଇଁ ଲାଗିବ ।)

ଯେପରି ଆମମାନଙ୍କ ଦେଶରେ social virtue (ସାମାଜିକ ଗୁଣ)ର ଅଭାବ, ସେହିପରି ଏ ଦେଶରେ spirituality (ଆଧ୍ୟାତ୍ମିକତା) ନାହିଁ, ମୁଁ ଏମାନଙ୍କୁ spirituality ଦେଉଛି, ଏମାନେ ମୋତେ ପଇସା ଦେଉଛନ୍ତି । କେତେଦିନରେ ସିଦ୍ଧକାମ ହେବି ଜାଣେ ନାହିଁ । ଆମମାନଙ୍କ ପରି ଏମାନେ hypocrite (କପଟୀ) ନୁହନ୍ତି; jealousy (ଈର୍ଷା) ଏମାନଙ୍କଠାରେ ଆଦୌ ନାହିଁ । ମୁଁ ହିନ୍ଦୁସ୍ଥାନର କାହା ଉପରେ ମଧ୍ୟ depend (ନିର୍ଭର) କରୁ ନାହିଁ । ନିଜେ ପ୍ରାଣ-ପଣ କରି ଉପାର୍ଜ୍ଜନ କରି ନିଜର plans carry out (ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ) କରିବି or die in the attempt (କିମ୍ବା ସେହି ଚେଷ୍ଟାରେ ହିଁ ମରିବି) ! 'ସନ୍ନିମିତ୍ତେ ବରଂ ତ୍ୟାଗୋ, ବିନାଶେ ନିୟତେ ସତି' (ଯେତେବେଳେ ମୃତ୍ୟୁ ନିଶ୍ଚିତ, ସେତେବେଳେ ସତ୍ ଉଦ୍ଦେଶ୍ୟରେ ଦେହ ତ୍ୟାଗ କରିବା ବରଂ ଭଲ) ।

ତୁମେ ହୁଏତ ମନେ କରିପାର, କି utopian nonsense (ଅସମ୍ଭବ ବାଜେ କଥା) ! You little know what is in me. (ମୋ ଭିତରେ କ'ଣ ଅଛି ତୁମେ ତାହା ମୋଟେ ଜାଣ ନାହିଁ) । ଆମମାନଙ୍କ ମଧ୍ୟରେ ଯଦି କେହି ମୋର ସହାୟତା କରେ in my plan (ମୋର ପରିକଳ୍ପନାର ସଫଳତା ପାଇଁ)—all right (ଖୁବ୍ ଉତ୍ତମ); ନୋହିଲେ କିନ୍ତୁ ଗୁରୁଦେବ will show me the way out (ମୋତେ ପଥ ଦେଖାଇ ଦେବେ) । ଇତି

ମା'ଙ୍କୁ ମୋର କୋଟି କୋଟି ସାଷ୍ଟାଙ୍ଗ ଦେବ । ତାଙ୍କ ଆଶୀର୍ବାଦ ଯୋଗୁଁ ମୋର ସର୍ବବିଧ ମଙ୍ଗଳ । ଏହି ପତ୍ର ବାହାର ଲୋକ ନିକଟରେ ପଢ଼ିବା ଅନାବଶ୍ୟକ । ଏ କଥା ସମସ୍ତଙ୍କୁ ଡାକି ପଚାର—ସମସ୍ତେ jealousy ତ୍ୟାଗ କରି ଏକତ୍ର ହୋଇ ରହିପାରିବେ କି ନା । ଯଦି ନ ପାରନ୍ତି, ଯେଉଁମାନେ ହିଂସାଭାବ ଛାଡ଼ି ନ ପାରିବେ—ସେ ଘରକୁ ଚାଲିଯିବା ହିଁ ଭଲ, ଏଥିରେ ସମସ୍ତଙ୍କର କଲ୍ୟାଣ ହେବ । ଏଇଟା ଆମମାନଙ୍କ ଜାତିର ଦୋଷ, national sin (ଜାତୀୟ ପାପ) !!! ଏ ଦେଶରେ ତାହା ନାହିଁ, ତେଣୁ ଏମାନେ ଏତେ ବଡ଼ ।

ଆମପରି କୂପମଣ୍ଡୂକ ଜଗତରେ ନ ଥିବେ । ଯେକୌଣସି ଦେଶରୁ ଗୋଟିଏ ନୂଆ ଜିନିଷ ଆସୁ, ଆମେରିକା ସବା ଆଗ ତାହା କିଣିନେବ; କିନ୍ତୁ ଆମେମାନେ ? 'ଆମପରି ଦୁନିଆଁରେ କେହି ନାହିଁ, 'ଆର୍ଯ୍ୟବଂଶ' !!!' ବଂଶ କେଉଁଠି ତାହା ଜଣା ନାହିଁ !···ଏକଲକ୍ଷ ଲୋକଙ୍କର ଦମନରେ ତିରିଶ କୋଟି ଜନତା କୁକୁର ପରି ବୁଲୁଛନ୍ତି—ସେମାନେ ପୁଣି ଆର୍ଯ୍ୟବଂଶ !!! କିମଧିକମିତି

ବିବେକାନନ୍ଦ

୯ଇଂ (ରେଭରେଣ୍ଡ ହ୍ୟୁମ୍‌ଙ୍କୁ ଲିଖିତ)

ଡେଟ୍ରୟେଟ୍, ୨୯ ମାର୍ଚ୍ଚ ୧୮୯୪

ପ୍ରିୟ ଭାଇ,

ଆପଣଙ୍କର ପତ୍ର ବର୍ତ୍ତମାନ ମୋ ପାଖରେ ପହଞ୍ଚିଛି । ମୁଁ ବ୍ୟସ୍ତ ଅଛି, ତେଣୁ ଆପଣଙ୍କ ପତ୍ରର କେତୋଟି ମାତ୍ର ବିଷୟ ସଂଶୋଧନର ସୁଯୋଗ ନେଉଛି ବୋଲି କ୍ଷମା କରିବେ ।

ପ୍ରଥମତଃ ପୃଥିବୀର କୌଣସି ଧର୍ମ ବା ଧର୍ମ-ସଂସ୍ଥାପକଙ୍କର ବିରୋଧରେ ମୋର କୌଣସି କଥା କହିବାର ନାହିଁ, ରହି ନପାରେ; ଆମ ଧର୍ମ ବିଷୟରେ ଆପଣମାନେ ଯାହା ଖୁସି ତାହା ଭାବନ୍ତୁ ନା କାହିଁକି । ସବୁ ଧର୍ମ ମୋ ନିକଟରେ ଅତ୍ୟନ୍ତ ପବିତ୍ର । ଦ୍ୱିତୀୟତଃ ମିଶନାରୀମାନେ ଆମର ମାତୃଭାଷାଗୁଡ଼ିକ ଶିକ୍ଷା କରନ୍ତି ନାହିଁ, ଏପରି କଥା ମୁଁ କହି ନାହିଁ; କିନ୍ତୁ ସେମାନଙ୍କ ମଧ୍ୟରେ ଅତି ଅଳ୍ପସଂଖ୍ୟକ ହିଁ (ଯେଉଁ ପ୍ରକୃତରେ କେହି ଆଅନ୍ତି) ସଂସ୍କୃତ ପ୍ରତି କୌଣସି ପ୍ରକାର ମନୋଯୋଗ ଦିଅନ୍ତି—ମୋର ଏହି ଅଭିମତରେ ବର୍ତ୍ତମାନ ସୁଦ୍ଧା ମୁଁ ସୁଦୃଢ଼ । ତା'ଛଡ଼ା ମୁଁ କୌଣସି ଧର୍ମସଂସ୍ଥା ବିରୋଧରେ କିଛି କହିଛି, ଏ କଥା ମଧ୍ୟ ସତ୍ୟ ନୁହେଁ, ଯଦିଓ—ସମଗ୍ର ଭାରତବର୍ଷକୁ କେବେହେଲେ ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ କରିବା ସମ୍ଭବ ହେବ ନାହିଁ—ମୋର ଏହି ଅଭିମତ ଉପରେ ବର୍ତ୍ତମାନ ସୁଦ୍ଧା ମୁଁ ଜୋର ଦେଉଛି । ପୁଣି ଖ୍ରୀଷ୍ଟଧର୍ମ ଦ୍ୱାରା ନିମ୍ନଶ୍ରେଣୀର ଲୋକମାନଙ୍କ ଅବସ୍ଥାର ଉନ୍ନତି ହୋଇଛି—ଏକଥା ମଧ୍ୟ ମୁଁ ଅସ୍ୱୀକାର କରୁଛି ଏବଂ ତତ୍ସଙ୍ଗେ ଏକଥା ମଧ୍ୟ ମୁଁ ଯୋଗ କରିଦେବାକୁ ଚାହେଁ—ଦକ୍ଷିଣଭାରତରେ ଭାରତୀୟ ଖ୍ରୀଷ୍ଟିଆନ୍‌ମାନେ କେବଳ ଯେ କ୍ୟାଥଲିକ୍ ତାହା ନୁହେଁ, ସେମାନଙ୍କର ନିଜ ଉକ୍ତି ଅନୁସାରେ ସେମାନେ ହେଲେ 'ଜାତି ମାନିବା ଖ୍ରୀଷ୍ଟିଆନ୍', ଅର୍ଥାତ୍ ସେମାନେ ଘନିଷ୍ଠ ଭାବେ ସେମାନଙ୍କର ଜାତିକୁ ଧରି ରହିଥାଆନ୍ତି, ଏବଂ ମୁଁ ଗମ୍ଭୀରଭାବରେ ବିଶ୍ୱାସ କରେ—ହିନ୍ଦୁସମାଜ ତା'ର ବର୍ଜନନୀତି ପରିହାର କଲେ ଏମାନଙ୍କ ମଧ୍ୟରୁ ଶତକଡ଼ା ନବେ ଭାଗ ନିଷ୍ଠୁ ତ୍ରୁଟିପୂର୍ଣ୍ଣ ଏହି ହିନ୍ଦୁଧର୍ମକୁ ଅବଲମ୍ବେ ଫେରିଆସିବେ ।

ପରିଶେଷରେ ମୋତେ 'ସ୍ୱଦେଶବାସୀ' ବୋଲି ସମ୍ବୋଧନ କରିଥିବାରୁ ମୁଁ ମୋର ଅନ୍ତରର ଅନ୍ତସ୍ଥଳରୁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଏହି ସର୍ବପ୍ରଥମ କୌଣସି ବିଦେଶୀ ଇଉରୋପୀୟ ଜଣେ ଘୃଣ୍ୟ ନେଟିଭଙ୍କୁ ଏ ଭାଷାରେ ସମ୍ବୋଧନ କରିବାକୁ ସାହସୀ ହେଲେ—ସେ ଭାରତରେ ଜାତ ବା ମିଶନାରୀ ବା ଯାହା ହୁଅନ୍ତୁ ନା କାହିଁକି । ବନ୍ଧୁବର, ଏହିପରି ଭାବରେ କ'ଣ ଭାରତବର୍ଷରେ ଆପଣ ମୋତେ ସମ୍ବୋଧନ କରିବାକୁ ସାହସ କରିବେ ? ଭାରତରେ ଜାତ ମିଶନାରୀମାନଙ୍କୁ ଅନୁଗ୍ରହ କରି କୁହନ୍ତୁ, ସେମାନେ ଯେପରି ଏହିଭାବରେ ଆମମାନଙ୍କୁ ସମ୍ବୋଧନ କରନ୍ତି, ଏବଂ ଯେଉଁମାନେ ଭାରତରେ ଜନ୍ମି ନାହାନ୍ତି, ସେମାନଙ୍କୁ କୁହନ୍ତୁ, ସେମାନେ ଯେପରି ଭାରତବାସୀଙ୍କୁ ସମପର୍ଯ୍ୟାୟର ମନୁଷ୍ୟ ବୋଲି ଗଣନା କରନ୍ତି । ଆଉ ବାକି ସବୁ ବିଷୟରେ—ଆପଣ ନିଜେ ହିଁ ମୋତେ

ବୋଲି ବୋଲି ଭାବବେ, ଯଦି ମୁଁ କେତେଗୁଡ଼ିଏ ଭ୍ରମଣ-ପର୍ଯ୍ୟଟକ ବା ଅଳୀକ-କାହାଣୀ-କାରଙ୍କର ବିବରଣ ଅନୁସାରେ ମୋର ଧର୍ମ ବା ସମାଜର ବିଚାର ହୋଇପାରେ ବୋଲି ସ୍ୱୀକାର କରନ୍ତିଏ। ଭ୍ରାତଃ, କ୍ଷମା କରିବେ, ଭାରତରେ ଜନ୍ମିଲେ ସୁଦ୍ଧା ଆମର ସମାଜ ବା ଧର୍ମ ବିଷୟରେ ଆପଣ କଅଣ ବା ଜାଣନ୍ତି ? କାରଣ, ସମାଜର ଦ୍ୱାର ଯେପରି ଭାବରେ ବନ୍ଦ, ସେଥିରେ କିଛି ଜାଣିବା ଅସମ୍ଭବ। ସର୍ବୋପରି, ସମସ୍ତେ ତାଙ୍କ ପୂର୍ବ ଧାରଣାର ମାପକାଠିରେ କୌଣସି ଜାତି ବା ଧର୍ମର ବିଚାର କରିଥାଆନ୍ତି—କରନ୍ତି ନାହିଁ କି ? ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଆପଣ ମୋତେ 'ସ୍ୱଦେଶବାସୀ' କହିଛନ୍ତି। ପୂର୍ବ ଓ ପଶ୍ଚିମ ମଧ୍ୟରେ ପ୍ରେମ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ବର୍ତ୍ତମାନ ସୁଦ୍ଧା ସମ୍ଭବ।

ଭ୍ରାତୃପ୍ରେମାବଦ୍ଧ, ବିବେକାନନ୍ଦ

୯୦ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଡେଟ୍ରୟେଟ୍, ୩୦ ମାର୍ଚ୍ଚ ୧୮୯୪

ପ୍ରିୟ ଭଗିନୀ,

ତୁମେ ଓ ମଦର୍ ଚର୍ଚ୍ଚ ଟଙ୍କା ପାଇଛ ଜଣାଇ ଯେଉଁ ଚିଠି ଦୁଇଟି ଲେଖିଛ, ତାହା ଏହିକ୍ଷଣି ଏକାସଙ୍ଗରେ ପାଇଲି। ଖେତଡ଼ିର ପତ୍ରଟି ପାଇ ସୁଖୀ ହେଲି; ସେଇଟି ତୁମ ପାଖକୁ ଫେରନ୍ତ ପଠାଉଛି। ପଢ଼ି ଦେଖ—ଲେଖକ ଚାହିଁଛନ୍ତି ଖବରକାଗଜର କେତେକ କଟିଂ। ଡେଟ୍ରୟେଟ୍‌ର କାଗଜଗୁଡ଼ିକ ବ୍ୟତୀତ ମୋ ପାଖରେ ଆଉ କିଛି ନାହିଁ, ତାହା ହିଁ ପଠାଇ ଦେଉଛି; ତୁମେ ମଧ୍ୟ କିଛି ସଂଗ୍ରହ କରିପାରିଲେ ପଠାଇଦିଅ—ଯଦି ଅବଶ୍ୟ ସୁବିଧା ହୁଏ। ଠିକଣା ଜାଣିଥିବ—ହିଜ୍ ହାଇନେସ୍ ଦି ମହାରାଜା ଅଫ୍ ଖେତଡ଼ି, ରାଜପୁତାନା, ଇଣ୍ଡିଆ।

ଚିଠିଖଣ୍ଡି ଯେପରି ତୁମର ଧାର୍ମିକ ପରିବାର ମଧ୍ୟରେ ରହିବ। ମିସେସ୍ ବ୍ରିଜ୍ ପ୍ରଥମେ ମୋତେ ଖଣ୍ଡିଏ ଖୁବ୍ କଡ଼ା ରାଗୁଆ ଚିଠି ଲେଖିଥିଲେ। ଆଜି ଟେଲିଗ୍ରାମ୍ ଯୋଗେ ଏକ ସପ୍ତାହ ପାଇଁ ତାଙ୍କ ଆତିଥ୍ୟଗ୍ରହଣର ନିମନ୍ତ୍ରଣ ପାଇଲି। ଏହା ପୂର୍ବରୁ ନିଉୟର୍କଠାରୁ ମିସେସ୍ ସ୍ମିଥ୍‌ଙ୍କର ଏକ ପତ୍ର ପାଇଛି—ସେ, ମିସ୍ ହେଲେନ୍ ଗୋଲ୍ଡ ଓ ଡାକ୍ତର—ମୋତେ ନିଉୟର୍କ ଯିବାକୁ ଆହ୍ୱାନ କରିଛନ୍ତି। ପୁଣି, ଆସନ୍ତା ମାସ ୧୭ ତାରିଖରେ ଲିନ୍ କ୍ଲବ୍ (Lynn Club)ର ନିମନ୍ତ୍ରଣ ଅଛି। ପ୍ରଥମେ ନିଉୟର୍କ ଯିବି, ତା'ପରେ ଲିନ୍‌ରେ ଯଥା ସମୟରେ ତାଙ୍କ ସଭାରେ ଉପସ୍ଥିତ ହେବି।

ଏଥିମଧ୍ୟରେ ମୁଁ ଯଦି ଚାଲି ନ ଯାଏ—ମିସେସ୍ ବ୍ୟାଗଲିଙ୍କର ଆଗ୍ରହ ମଧ୍ୟ ସେଇଆ—ତାହାହେଲେ ଆଗାମୀ ଗ୍ରୀଷ୍ମଋତୁରେ ସମ୍ଭବତଃ ଆନିସ୍କ୍ୱାମ୍ (Annisquam) ଯିବି। ମିସେସ୍ ବ୍ୟାଗଲି ସେଠାରେ ଗୋଟିଏ ସୁନ୍ଦର ଘର ବନ୍ଦୋବସ୍ତ କରି ରଖିଛନ୍ତି। ମହିଳା ଜଣକ ବେଶ୍ ଧର୍ମପ୍ରାଣା (spiritual), ମିଷ୍ଟର ପାମାର୍ କିନ୍ତୁ ବେଶ୍ ପାନାସକ୍ତ (spirituous)—ତା' ହେଲେ ମଧ୍ୟ ସଜ୍ଜନ। ଅଧିକ କଅଣ ? ମୁଁ ଶାରୀରିକ ଓ ମାନସିକ

ବେଶ୍ ଭଲ ଅଛୁ । ସ୍ନେହର ଭଗିନୀଗଣ ! ତୁମେମାନେ ସୁଖୀ—ଚିରସୁଖୀ ହୁଅ । ଭଲକଥା —ମିସେସ୍ ଶାର୍ମାନ୍ ନାନାପ୍ରକାରର ଉପହାର ଦେଇଛନ୍ତି—ନଖ କାଟିବା ଓ ଚିଠି ରଖିବାର ସରଞ୍ଜାମ, ଗୋଟିଏ ଗ୍ରେଟ ବ୍ୟାଗ୍, ଇତ୍ୟାଦି-ଇତ୍ୟାଦି—ଯଦିଓ ସେଗୁଡ଼ିକ ନେବାକୁ ଆପତ୍ତି ଥିଲି, ବିଶେଷତଃ ଶାମୁକା ହାଡ଼ର ବେଣ୍ଟଲଗା ସୌଖୀନ ନଖକଟା ସରଞ୍ଜାମ ବିଷୟରେ—ତଥାପି ତାଙ୍କର ବିଶେଷ ଆଗ୍ରହ ଯୋଗୁଁ ନେବାକୁ ହେଲା । ଏହି ବ୍ରସ୍ ନେଇ କଅଣ ଯେ କରିବ ଜାଣେ ନାହିଁ । ଭଗବାନ ସେଗୁଡ଼ିକର ହେଫାଜତ କରନ୍ତୁ । ସେ ମଧ୍ୟ ଗୋଟିଏ ଉପଦେଶ ଦେଇଛନ୍ତି—ମୁଁ ଯେପରି ଏହି ଆଫ୍ରିକା ପରିଚ୍ଛଦରେ ଭଦ୍ରସମାଜକୁ ନ ଯାଏ । ତେବେ ଆଉ କଅଣ ! ମୁଁ ଜଣେ ଭଦ୍ରସମାଜର ସଭ୍ୟ ! ହିଁ ! ଭଗବାନ୍ ! ଆଉ ପୁଣି କଅଣ ଦେଖିବାକୁ ହେବ ? ବେଶୀଦିନ ବଞ୍ଚି ରହିଲେ କେତେ ଅଦ୍ଭୁତ ଅଭିଜ୍ଞତା ନ ହୁଏ !

ତୁମ ଧାର୍ମିକ ପରିବାରର ସମସ୍ତଙ୍କୁ ଅଗାଧ ସ୍ନେହ ଜଣାଉଛି । ଇତି

ତୁମର ଭାଇ, ବିବେକାନନ୍ଦ

ନିଉୟର୍କ, ୯ ଏପ୍ରିଲ ୧୮୯୪

୯୧ଙ୍ଗ

ପ୍ରିୟ ଆଲସିଂଗା,

ତୁମର ଶେଷ ପତ୍ରଖଣ୍ଡି ମୁଁ କିଛିଦିନ ଆଗରୁ ପାଇଛି । ଦେଖ, ମୋତେ ଏଠାରେ ଏତେ ବ୍ୟସ୍ତ ରହିବାକୁ ଏବଂ ପ୍ରତିଦିନ ଏତେଗୁଡ଼ାଏ ଚିଠି ଲେଖିବାକୁ ପଡ଼ୁଛି ଯେ, ତୁମେ ମୋଠାରୁ ଘନ ଘନ ପତ୍ର ପାଇବା ଆଶା ରଖ ନାହିଁ । ଯାହା ହେଉ, ଏଠାରେ ଯାହା କିଛି ହେଉଛି, ତାହା ଯେପରି ତୁମେ ମୋଟାମୋଟି ଜାଣିପାର, ସେଥିପାଇଁ ମୁଁ ବିଶେଷ ଚେଷ୍ଟା କରିଥାଏ । ତୁମପାଖକୁ ଧର୍ମମହାସଭାସମ୍ବନ୍ଧୀୟ ଖଣ୍ଡିଏ ବହି ପଠାଇବା ପାଇଁ ମୁଁ ଚିକାଗୋକୁ ଲେଖିବି । ଇତିମଧ୍ୟରେ ତୁମେ ମୋର ଦୁଇଟି କ୍ଷୁଦ୍ର ବକ୍ତୃତା ନିଶ୍ଚୟ ପାଇଥିବ ।

ସେକ୍ରେଟରୀ ସାହେବ ମୋତେ ଲେଖିଛନ୍ତି, ମୋର ଭାରତ ଫେରିବା ଅବଶ୍ୟ କର୍ତ୍ତବ୍ୟ—କାରଣ, ଭାରତ ହିଁ ମୋର କର୍ମକ୍ଷେତ୍ର । ଏଥିରେ କୌଣସି ସନ୍ଦେହ ନାହିଁ; କିନ୍ତୁ ଭାଇମାନେ, ମୋତେ ଏପରି ପ୍ରକାଣ୍ଡ ମଶାଲ ଜଳାଇବାକୁ ହେବ, ଯାହାକି ସମଗ୍ର ଭାରତକୁ ଆଲୋକ ଦେବ । ତେଣୁ ବ୍ୟସ୍ତ ହୁଅ ନାହିଁ । ଈଶ୍ୱରଙ୍କ ଇଚ୍ଛାରେ ସବୁ ଯଥା-ସମୟରେ ହେବ । ମୁଁ ଆମେରିକାର ଅନେକ ବଡ଼ ବଡ଼ ସହରରେ ବକ୍ତୃତା ଦେଇଛି । ସେଥିରୁ ଯାହା ଟଙ୍କା ପାଇଛି, ତହିଁରେ ଏ ସ୍ଥାନର ଅତ୍ୟଧିକ ଖର୍ଚ୍ଚ ବହନ କରି ଫେରିବା-ଭଡ଼ା ପାଇଁ ଯଥେଷ୍ଟ ରହିବ । ମୋର ଏଠାରେ ବହୁତ ଭଲ ଭଲ ବନ୍ଧୁ ହୋଇଛନ୍ତି—ସେମାନଙ୍କ ମଧ୍ୟରୁ କେତେକଙ୍କର ସମାଜରେ ଯଥେଷ୍ଟ ପ୍ରତିପତ୍ତି ଅଛି । ଅବଶ୍ୟ ରକ୍ଷଣଶୀଳ ପାଦ୍ରୀମାନେ ମୋ ସଙ୍ଗେ ସିଧାସିଧି ଭାବରେ ନ ପାରିବାରୁ ମୋତେ ଗାଳିଗୁଲଜ ଓ ନିନ୍ଦାବାଦ କରିବାକୁ ଆରମ୍ଭ କରିଛନ୍ତି; ଆଉ 'ମ—' ବାବୁ ସେମାନଙ୍କୁ ସାହାଯ୍ୟ କରୁଛନ୍ତି । ସେ ନିଶ୍ଚୟ ହିଂସାରେ ପାଗଳ ହୋଇଯାଇଛନ୍ତି । ସେ ସେମାନଙ୍କୁ କହିଛନ୍ତି, ମୁଁ ଗୋଟାଏ

ଉସ୍ତଙ୍କର ଜୁଆଚ୍ଚୋର ଓ ବଦ୍‌ମାସ୍ । ପୁଣି କଲକତା ଯାଇ ସେଠାରେ ଲୋକଙ୍କୁ କହୁଛନ୍ତି, ମୁଁ ଘୋର ପାପରେ ମଗ୍ନ, ବିଶେଷତଃ ମୁଁ ବ୍ୟଭିଚାରରେ ଲିପ୍ତ ହୋଇପଡ଼ିଛି !! ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ । ଭାଇମାନେ, ବିନା ବାଧାରେ କୌଣସି ଭଲକାମ ସମ୍ପନ୍ନ ହୁଏ ନାହିଁ । ଶେଷ ପର୍ଯ୍ୟନ୍ତ ଯେ ଅଧ୍ୟବସାୟ ସହକାରେ ଲାଗିରହେ, ସେ ହିଁ କୃତକାର୍ଯ୍ୟ ହୁଏ । ମୁଁ ତୁମ ଭଗିନୀପତିଙ୍କ* ଲିଖିତ ପୁସ୍ତକଗୁଡ଼ିକ ଏବଂ ତୁମ ପାଗଳ ବନ୍ଧୁଙ୍କର ଆଉ ଖଣ୍ଡିଏ ଚିଠି ପାଇଛି । 'ଯୁଗ' ସମ୍ବନ୍ଧରେ ପ୍ରବନ୍ଧଟି ଖୁବ୍ ଚମତ୍କାର; ଏଥିରେ ଯୁଗର ଯେଉଁ ବ୍ୟାଖ୍ୟା କରାଯାଇଛି—ତାହା ଠିକ୍ ବ୍ୟାଖ୍ୟା; ତେବେ ମୁଁ ବିଶ୍ୱାସ କରୁଛି, ସତ୍ୟଯୁଗ ଆସି ଯାଇଛି—ଏହି ସତ୍ୟଯୁଗରେ ଏକ ବର୍ଣ୍ଣ, ଏକ ବେଦ ହେବ ଏବଂ ସମଗ୍ର ଜଗତରେ ଶାନ୍ତି ଓ ସମନ୍ୱୟ ସ୍ଥାପିତ ହେବ । ଏହି ସତ୍ୟଯୁଗର ଧାରଣା ଅବଲମ୍ବନ କରି ଭାରତ ପୁଣି ନବଜୀବନ ପାଇବ । ଏଥିରେ ବିଶ୍ୱାସ ସ୍ଥାପନ କର ।

ଯଦି ପାର—ଗୋଟିଏ କାମ କରିବା ଦରକାର । ତୁମେମାନେ ମାନ୍ଦ୍ରାଜରେ ଗୋଟିଏ ବଡ଼ ସଭା ଡକାଇପାରିବ ? ରାମନାଦର ରାଜା ବା ଏହିପରି ଜଣେ ବଡ଼ ଲୋକ ତାହାଙ୍କୁ ସଭାପତି କରି ସେହି ସଭାରେ ପ୍ରସ୍ତାବ କରିନେଇପାର ଯେ—ମୁଁ ଆମେରିକାରେ ହିନ୍ଦୁଧର୍ମ ଯେପରି ଭାବରେ ବ୍ୟାଖ୍ୟା କରିଛି, ସେଥିରେ ତୁମେମାନେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇଛ (ଅବଶ୍ୟ ତୁମେମାନେ ଯଦି ପ୍ରକୃତରେ ଏହିପରି ହୋଇଥାଅ) । ତାହାପରେ ସେହି ପ୍ରସ୍ତାବଟି 'ଚିକାଗୋ ହେରାଲ୍‌ଡ', 'ଇଣ୍ଟରଓସେନ', 'ନିଉୟର୍କ-ସନ୍' ଏବଂ ଡେଟ୍ରୟଟ (ମିଚିଗାନ୍)ଠାରୁ ପ୍ରକାଶିତ 'କମର୍ସିଆଲ ଆଡ୍‌ଭର୍ଟାଇଜର' କାଗଜମାନଙ୍କୁ ପଠାଇଦେବାକୁ ହେବ । ଚିକାଗୋ ଇଲିନଇସ୍-କାଉଣ୍ଟିରେ ଅବସ୍ଥିତ । 'ନିଉୟର୍କ-ସନ୍'ର ଆଉ କୌଣସି ବିଶେଷ ଠିକଣା ଦରକାର ନାହିଁ । ପ୍ରସ୍ତାବର କେତେକ ନକଲ ଧର୍ମ-ମହାସଭାର ସଭାପତି ଡଃ ବ୍ୟାରୋଜଙ୍କ ପାଖକୁ ଚିକାଗୋଠାକୁ ପଠାଇବ—ମୁଁ ତାଙ୍କ ଘରନମ୍ବରଟା ଭୁଲିଯାଇଛି, ରାସ୍ତାଟିର ନାମ ଇଣ୍ଡିଅନ୍ ଏଭିନିଉ । ଗୋଟିଏ ନକଲ ଡେଟ୍ରୟେଟର ମିସେସ୍ ଜେ. ଜେ. ବ୍ୟାଗ୍‌ଲିଙ୍କ ନାମରେ ପଠାଇବ । ତାଙ୍କ ଠିକଣା—ୱାସିଙ୍ଗ୍‌ଟନ୍ ଏଭିନିଉ । ଏହି ସଭାଟି ଯେତେ ବଡ଼ ହୋଇପାରେ, ଚେଷ୍ଟା କରିବ । ଯେତେ ବଡ଼ ବଡ଼ ଲୋକଙ୍କୁ ପାର, ଟାଣି ଆଣି ଏହି ସଭାରେ ଯୋଗଦେବା ପାଇଁ ଚେଷ୍ଟା କରିବ; ସେମାନେ ନିଜର ଦେଶ ଓ ନିଜର ଧର୍ମ ସକାଶେ ଏଥିରେ ଯୋଗଦେବା ଉଚିତ । ମହୀଶୂରର ମହାରାଜା ଓ ତାଙ୍କ ଦେୱାନ୍‌ଙ୍କଠାରୁ ଏହି ସଭା ଏବଂ ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ସମର୍ଥନ-ପତ୍ର ପାଇବାକୁ ଚେଷ୍ଟା କର—ଖେତଡ଼ି ମହାରାଜାଙ୍କଠାରୁ ମଧ୍ୟ ଏହିପରି ଚିଠି ଆଣିବାକୁ ଚେଷ୍ଟା କର । ମୋଟ ଉପରେ ସଭାଟି ଯେପରି ବହୁତ ବଡ଼ ହୁଏ ଏବଂ ବହୁତ ଲୋକ ହୁଅନ୍ତି, ତାହାର ଚେଷ୍ଟା କର ।

ଉଠ ବତ୍ସଗଣ—ଏହି କାମରେ ଲାଗିଯାଅ । ଯଦି ତୁମେମାନେ ଏତିକି କରିପାର, ତେବେ ଭବିଷ୍ୟତରେ ଆମେମାନେ ନିଶ୍ଚୟ ଅନେକ କାମ କରିପାରିବା ।

* ଅଧ୍ୟାପକ ରଙ୍ଗାଚାର୍ଯ୍ୟ

ପ୍ରସ୍ତାବଟି ଏପରି ଧରଣର ହେବ ଯେ, ମାନ୍ଦ୍ରାଜର ଯେଉଁ ହିନ୍ଦୁସମାଜ ମୋତେ ଏଠାକୁ ପଠାଇଥିଲେ, ସେମାନେ ମୋର ଏସ୍ଥାନର କାର୍ଯ୍ୟରେ ସମ୍ପୂର୍ଣ୍ଣ ସନ୍ତୋଷ ପ୍ରକାଶ କରୁଛନ୍ତି, ଇତ୍ୟାଦି ଇତ୍ୟାଦି ।

ଯଥାସମ୍ଭବ ଏହା ପାଇଁ ଚେଷ୍ଟା କର—ଏହା କିଛି ବଡ଼ କଥା ନୁହେଁ । ଯେତେଦୂର ପାର, ବିଭିନ୍ନ ସ୍ଥାନରୁ ଆମ କାର୍ଯ୍ୟର ସହାନୁଭୂତି-ପ୍ରକାଶକ ପତ୍ର ଯୋଗାଡ଼ କର ଏବଂ ସେଗୁଡ଼ିକୁ ଛପାଅ ଓ ଯେତେଶୀଘ୍ର ପାର ମାର୍କିନ୍ ସମ୍ବାଦପତ୍ରସମୂହକୁ ପଠାଅ । ବନ୍ଧୁଗଣ, ଏହାଦ୍ୱାରା ଅନେକ କାର୍ଯ୍ୟ ହୋଇପାରିବ । ଏଠାର 'ବ୍ରା—'ସମାଜର ଲୋକେ ଯାହା ଇଚ୍ଛା ତାହା କହୁଛନ୍ତି । ଏ କାମ ଯେତେ ଶୀଘ୍ର ହୁଏ; ସେମାନଙ୍କ ମୁହଁ ବନ୍ଦ କରିଦେବାକୁ ହେବ । ସନାତନ ହିନ୍ଦୁଧର୍ମର ଜୟ ହେଉ । ମିଥ୍ୟାବାଦୀ ଓ ପାଷଣ୍ଡମାନେ ପରାଭୂତ ହୁଅନ୍ତୁ । ଉଠ, ଉଠ ବନ୍ଧୁଗଣ, ଆମେ ନିଶ୍ଚୟ ଜୟଲାଭ କରିବା । ମୋ ଚିଠି-ଗୁଡ଼ିକର ପ୍ରକାଶ ସମ୍ବନ୍ଧରେ ବକ୍ତବ୍ୟ ଏହି—ଯେତେଦିନ ପର୍ଯ୍ୟନ୍ତ ମୁଁ ଭାରତକୁ ନ ଫେରିଛି, ସେତେଦିନଯାଏ ଏହିଗୁଡ଼ିକର ଯେତେ ଅଂଶ ପ୍ରକାଶ କରିବା ଉଚିତ, ସେତିକି ଆମମାନଙ୍କ ବନ୍ଧୁମାନଙ୍କ ନିକଟରେ ପ୍ରକାଶ କରାଯାଇପାରେ । ଥରେ କାମ ଆରମ୍ଭ କଲେ ମନରେ ଖୁବ୍ ଉନ୍ମାଦନା ଆସିଯିବ; କିନ୍ତୁ ମୁଁ କାମ ନ କରି ବଙ୍ଗାଳୀମାନଙ୍କପରି ଲମ୍ବା ଲମ୍ବା କଥା କହିବାକୁ ଇଚ୍ଛା କରେ ନାହିଁ ।

ଠିକ୍ କହିପାରୁ ନାହିଁ, ତେବେ ବୋଧହୁଏ କଲିକତାର ଗିରିଶ ଘୋଷ ଓ ମିଃ ମିତ୍ର ଆମ ଗୁରୁଦେବଙ୍କ ଭକ୍ତମାନଙ୍କୁ ନେଇ କଲିକତାରେ ଏପରି ସଭା ଆହ୍ୱାନ କରି-ପାରନ୍ତି । ଯଦି ପାରନ୍ତି ତ ଖୁବ୍ ଭଲ କଥା । କଲିକତାରେ ସେମାନେ ସଭା କଲେ ଏହି ଏକାପରି ପ୍ରସ୍ତାବ କରିନେବାକୁ କହିବ । କଲିକତାରେ ହଜାର ହଜାର ଲୋକ ଅଛନ୍ତି, ଯେଉଁମାନେ କି ମୋ କାର୍ଯ୍ୟପ୍ରତି ସହାନୁଭୂତିସମ୍ପନ୍ନ ।

ଆଉ ବିଶେଷ କିଛି ଲେଖିବାର ନାହିଁ । ଆମର ସମସ୍ତ ବନ୍ଧୁଙ୍କୁ ମୋର ସାଦର ସମ୍ଭାଷଣ ଜଣାଇବ—ମୁଁ ସର୍ବଦା ସେମାନଙ୍କର କଲ୍ୟାଣ ପ୍ରାର୍ଥନା କରୁଛି । ଇତି

ଆଶୀର୍ବାଦକ, ବିବେକାନନ୍ଦ

ପୁଃ—ସାବଧାନ ! ପତ୍ର ଲେଖିବା ବେଳେ ମୋ ନାମ ପୂର୍ବରୁ His Holiness ଲେଖିବ ନାହିଁ । ଏଠାରେ ଏହାକୁ ଅତ୍ୟନ୍ତ କିମ୍ଭୂତକିମାକାର ଭାବରେ ଦେଖନ୍ତି । ଇତି

—ବି.

୯୬ଇଂ (ଅଧ୍ୟାପକ ରାଇଟ୍‌ଙ୍କୁ ଲିଖିତ)

ନ୍ୟୁୟର୍କ, ୨୫ ଅପ୍ରେଲ ୧୮୯୪

ପ୍ରିୟ ଅଧ୍ୟାପକଜୀ,

ଆପଣଙ୍କର ଆମନ୍ତ୍ରଣ ନମ୍ରତେ ଗଭୀରଭାବରେ କୃତଜ୍ଞ । ମୁଁ ମେ ସାତ ତାରିଖରେ ଯାଉଛି । ବିଚାରି ? —ବନ୍ଧୁ ! ଆପଣଙ୍କର ପ୍ରୀତି ଏବଂ ମହତ୍ତ୍ୱପ୍ରାଣ ପଥରକୁ ମଧ୍ୟ ପଣ୍ଠୀର ପରି ଭଲ କୋମଳ କରିପାରେ !

ସେଲେମ୍‌ରେ ଲେଖକମାନଙ୍କର ପ୍ରାତଃଭୋଜନରେ ଯୋଗ ଦେଇପାରିଲି ନାହିଁ ବୋଲି ଦୁଃଖିତ ।

ସାତ ତାରିଖରେ ଫେରୁଛି ।

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୯୩ଇଂ (ମିସ୍ ଇସାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

ନ୍ୟୁୟର୍କ, ୨୬ ଅପ୍ରେଲ

ପ୍ରିୟ ଭଗିନି,

ଗତକାଲି ତୁମର ଚିଠି ପାଇଛି । ତୁମେ ଠିକ୍ କହୁଛ, ମୁଁ 'ଇଣ୍ଟିରିୟର୍' କାଗଜର ପାଗଳାମିରେ ବେଶ୍ ମଜା ଅନୁଭବ କରୁଛି । କିନ୍ତୁ ଭାରତର କାଗଜପତ୍ରର ଯେଉଁ ଡାକ ତୁମେ ଗତକାଲି ପଠାଇଛ, ତାହା ମଦର ଚର୍ଚ୍ଚଙ୍କ କହିବା ଅନୁସାରେ ଦୀର୍ଘ ବିରତି ପରେ ପ୍ରକୃତରେ ସୁସମ୍ବାଦ । ଏହା ମଧ୍ୟରେ ଦେବାନନ୍ଦଜୀଙ୍କର ଗୋଟିଏ ଚମତ୍କାର ପତ୍ର ଅଛି । ବୃଦ୍ଧ ଲୋକ ସେ, ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ, ଯଥାସାଧ୍ୟ ସାହାଯ୍ୟର ପ୍ରସ୍ତାବ ସେ ଦେଇଛନ୍ତି । ଏହା ଭିତରେ କଲିକତାରେ ପ୍ରକାଶିତ ମୋ ସମ୍ବନ୍ଧରେ ଖଣ୍ଡିଏ ଛୋଟ ପୁସ୍ତିକା ଅଛି; ଏଥିରେ ଦେଖାଗଲା—'ପ୍ରତ୍ୟାଦିଷ୍ଟ ବ୍ୟକ୍ତି' ତାଙ୍କ ନିଜ ଦେଶରେ ମର୍ଯ୍ୟାଦା ପାଇଲେ । ମୋ ଜୀବନରେ ଅନ୍ତତଃ ଥରକ ଲାଗି ଏହା ଦେଖିବାକୁ ପାଇଲି । ଆମେରିକା ଓ ଭାରତର ପତ୍ରପତ୍ରିକାରୁ ସଂଗୃହୀତ ମୋ ବିଷୟକ ଅଂଶଗୁଡ଼ିକ ତା' ମଧ୍ୟରେ ରହିଛି । କଲିକତାର ପତ୍ରଗୁଡ଼ିକର ଅଂଶସମୂହ ବିଶେଷଭାବେ ତୃପ୍ତିଦାୟକ, କିନ୍ତୁ ପ୍ରଶଂସା-ବାହୁଲ୍ୟ ନିମନ୍ତେ ସେଗୁଡ଼ିକୁ ତୁମ ପାଖକୁ ପଠାଇବି ନାହିଁ । ସେମାନେ ମୋ ସମ୍ବନ୍ଧରେ 'ଅପୂର୍ବ', 'ଅଦ୍ଭୁତ', 'ସୁବିଖ୍ୟାତ' ଭଳି ବହୁ ଆଜେବାଜେ କଥା କହିଛନ୍ତି; କିନ୍ତୁ ସେମାନେ ସମଗ୍ର ଜାତିର ହୃଦୟର କୃତଜ୍ଞତା ବହନ କରି ଆଣିଛନ୍ତି । ବର୍ତ୍ତମାନ ମୁଁ ଲୋକମାନଙ୍କର କଥା ଆଉ ଗ୍ରାହ୍ୟ କରୁ ନାହିଁ, ମୋ ନିଜ ଦେଶର ଲୋକମାନେ କହିଲେ ସୁଦ୍ଧା—କେବଳ ଗୋଟିଏ କଥା । ମୋର ବୁଢ଼ୀ ମା' ବର୍ତ୍ତମାନ ବଞ୍ଚିଛନ୍ତି; ସାରାଜୀବନ ସେ ଅସୀମ କଷ୍ଟ ପାଇଛନ୍ତି, ସେସବୁ ସତ୍ତ୍ୱେ ମନୁଷ୍ୟ ଓ ଭଗବାନଙ୍କ ସେବାରେ ମୋତେ ଉତ୍ସର୍ଗ କରିବାର ବେଦନା ସେ ସହ୍ୟ କରିଛନ୍ତି । କିନ୍ତୁ ତାଙ୍କର ଶ୍ରେଷ୍ଠ ଆଶାର ସର୍ବାପେକ୍ଷା ଅଧିକ ସ୍ନେହର ଯେଉଁ ସନ୍ତାନଟିକୁ ସେ ଦାନ କରିଛନ୍ତି, ସେ ଦୂର ଦେଶରେ ଯାଇ—କଲିକତାରେ ମଜୁମଦାର୍ ରଟନା କରୁଥିବା ଅନୁସାରେ—ଜଘନ୍ୟ କଦର୍ଯ୍ୟ ଜୀବନଯାପନ କରୁଛି, ଏ ସମ୍ବାଦ ପାଇଲେ ସେ ଅନ୍ତିମ ଦଶା ପ୍ରାପ୍ତ ହେବେ । କିନ୍ତୁ ପ୍ରଭୁ ମହାନ୍, ତାଙ୍କ ସନ୍ତାନର କ୍ଷତି କେହି କରିପାରିବେ ନାହିଁ ।

ମୁଁ ନ ଖୋଜିଲେ ସୁଦ୍ଧା ଝୁଲି ମଧ୍ୟରୁ ବିରାଡ଼ି ବାହାରି ପଡ଼ିଛି । ଏହି ସମ୍ପାଦକଟି କିଏ ଜାଣ ?—ଆମ ଦେଶର ଅନ୍ୟତମ ପ୍ରଧାନ ସମ୍ବାଦପତ୍ରର ସମ୍ପାଦକ, ଯେ ମୋର ବହୁ ପ୍ରଶଂସା କରିଛନ୍ତି ଏବଂ ଆମେରିକାକୁ ମୁଁ ହିନ୍ଦୁଧର୍ମର ପକ୍ଷ-ସମର୍ଥନ ନିମନ୍ତେ ଆସିଛି ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇଛନ୍ତି, ସେ ମଜୁମଦାରଙ୍କର ସମ୍ପର୍କିତ ଭାଇ !!

ହତଭାଗ୍ୟ ମଜୁମଦାର୍ ! ଈର୍ଷାରେ ଜଳଉଠି ମିଥ୍ୟାକଥା କହି ନିଜର ଉଦ୍ଦେଶ୍ୟକୁ ନିଜେ ନଷ୍ଟ କଲେ ମାତ୍ର ! ପ୍ରଭୁ ଜାଣନ୍ତି, ମୁଁ ଆତ୍ମସମର୍ଥନର କୌଣସି ଚେଷ୍ଟା କରି ନାହିଁ ।

'ଫୋରମ୍'ରେ ମିଃ ଗାନ୍ଧୀଙ୍କର ରଚନା ଏହା ପୂର୍ବରୁ ମୁଁ ପଢ଼ିଛି । ଯଦି ଗତ-ମାସର 'ରିଭିଉ ଅଫ ରିଭିଉଜ୍'ଟି ପାଅ, ତାହାହେଲେ ତାହାକୁ ମାଆଙ୍କ ନିକଟରେ ପାଠ କରିବ । ସେଥିରେ ଅଫିମ-ସଂକ୍ରାନ୍ତ ବିଷୟରେ ଭାରତୀୟ ଚରିତ୍ର ସମ୍ପର୍କରେ ବ୍ରିଟିଶ ଭାରତର ଜନୈକ ସର୍ବୋଚ୍ଚ ରାଜକର୍ମଚାରୀଙ୍କର ଅଭିମତ ପାଇବ । ସେ ଇଂରେଜମାନଙ୍କ ସଙ୍ଗରେ ହିନ୍ଦୁମାନଙ୍କର ତୁଳନା କରି ହିନ୍ଦୁମାନଙ୍କୁ ଆକାଶରେ ବସାଇଛନ୍ତି । ଆମ ଜାତିର ଜଣେ ଚରମତମ ଶତ୍ରୁ ଏହି ସାର୍ ଲେପେଲ ଗ୍ରିଫିନ୍ ! ତାଙ୍କର ଏହି ମତ ପରିବର୍ତ୍ତନର କାରଣ କଅଣ ?

ବୋଷ୍ଟନ୍‌ରେ ମିସେସ୍ ବ୍ରୀଡ଼ଙ୍କ ଗୃହରେ ମୋର ସମୟ ଚମତ୍କାର କଟିଛି । ଅଧ୍ୟାପକ ରାଇଟ୍‌ଙ୍କ ସଙ୍ଗରେ ସାକ୍ଷାତ୍ ମଧ୍ୟ ହୋଇଛି । ମୁଁ ପୁଣି ବୋଷ୍ଟନ୍ ଯାଉଛି । ଦରଜିମାନେ ମୋର ନୂତନ ଗାଉନ୍ ତିଆରି କରୁଛନ୍ତି । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟକୁ (ହାର୍ଭାର୍ଡ଼) ବକ୍ତୃତା ଦେବାକୁ ଯିବି । ସେଠାରେ ଅଧ୍ୟାପକ ରାଇଟ୍‌ଙ୍କର ଅତିଥି ହେବି । ବୋଷ୍ଟନ୍‌ର କାଗଜପତ୍ର ମୋତେ ବିରାଟ କରି ସ୍ୱାଗତ ଜଣାଇଛନ୍ତି ।

ଏହିସବୁ ବାଜେ ବ୍ୟାପାରରେ ମୁଁ ପରିଶ୍ରାନ୍ତ । ମେ ମାସ ଶେଷ ଆଡ଼କୁ ମୁଁ ଚିକାଗୋ ଯିବି । ସେଠାରେ କେତେଦିନ କଟାଇ ପୁଣି ପୂର୍ବ ଦିଗକୁ ଫେରି ଆସିବି ।

ଗତ ରାତିରେ ୱାଲଡର୍ଫ ହୋଟେଲରେ ବକ୍ତୃତା ଦେଇଛି । ମିସେସ୍ ସ୍ମିଥ୍ ପ୍ରତି ଟିକେଟ ଦୁଇ ଡଲାର କରି ବିକ୍ରୀ କରିଥିଲେ । ସଭା-ପୂର୍ଣ୍ଣ ଶ୍ରୋତାମଣ୍ଡଳୀ ପାଇଥିଲି, ଅବଶ୍ୟ ଘରଟି ବେଶୀ ବଡ଼ ନ ଥିଲା । ବର୍ତ୍ତମାନ ସୁଦ୍ଧା ଟଙ୍କା ପଇସାର ଦର୍ଶନ ପାଇ ନାହିଁ; ଆଜି ମଧ୍ୟରେ ପାଇବାର ଆଶା ରଖିଛି ।

ଲିନ୍‌ରେ ଯେଉଁ ଶହେ ଡଲାର ପାଇଛି, ତାହା ପଠାଇଲି ନାହିଁ । କାରଣ ନୂତନ ଗାଉନ୍ ତିଆରି ଇତ୍ୟାଦିରେ ଖର୍ଚ୍ଚ କରିବାକୁ ହେବ ।

ବୋଷ୍ଟନ୍‌ରେ ଟଙ୍କାର ଭରସା ନାହିଁ । ତଥାପି ଆମେରିକାର ମସ୍ତିଷ୍କଟିକୁ ସ୍ପର୍ଶ କରିବାକୁ ହେବ, ତହିଁରେ କମ୍ପନ ସୃଷ୍ଟି କରିବାକୁ ପଡ଼ିବ । ଦେଖେଁ, ଯଦି ପାରେ ।

ତୁମର ପ୍ରିୟ ଭ୍ରାତା, ବିବେକାନନ୍ଦ

୯୪ଇଂ (ମିସ୍ ଇସାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

ନ୍ୟୁୟର୍କ, ? (ଯଥାର୍ଥତଃ ୧) ମେ ୯୪

ପ୍ରିୟ ଭଗିନି,

ପୁସ୍ତିକାଟି ତୁମ ନିକଟକୁ ବର୍ତ୍ତମାନ ପଠାଇପାରିବି ବୋଲି ମନେହେଉ ନାହିଁ । ତେବେ ଗତକାଲି ଭାରତରୁ ସମ୍ବାଦପତ୍ରର ଯେଉଁସବୁ ଅଂଶ ଆସିଛି, ତାହା ତୁମ ନିକଟକୁ ପଠାଇ ଦେଉଛି । ସେଗୁଡ଼ିକ ପଢ଼ି ଅନୁଗ୍ରହ କରି ମିସେସ୍ ବ୍ୟାଗ୍‌ଲିଙ୍କ ନିକଟକୁ ପଠାଇ-ଦେବ । ଏହି ସମ୍ବାଦପତ୍ରଟିର ସମ୍ପାଦକ ହେଉଛନ୍ତି ମିଃ ମଜୁମଦାରଙ୍କ ଆତ୍ମୀୟ । ବିଚରା

ମଜୁମଦାରଙ୍କ ପାଇଁ ବର୍ତ୍ତମାନ ମୋର ଦୁଃଖ ହୁଏ !!

ମୋର କୋଟ୍‌ର ଠିକ୍ କମଳା ରଙ୍ଗଟି ଏଠାରେ ଖୋଜି ବାହାର କରିପାରିଲି ନାହିଁ । ସୁତରାଂ ସେହିଭଳି ଭଲ ରଙ୍ଗର ଯାହା ମିଳିଲା—ପୀତାଭ, ଚଳନ୍ତ—ତାହିଁରେ ଖୁସି ରହିବାକୁ ହେଲା । ଅଳ୍ପ କେତେଦିନ ମଧ୍ୟରେ କୋଟ୍‌ଟି ତିଆରି ହୋଇଯିବ ।

ସେଦିନ ଓଣ୍ଟାଲଡର୍ଫଠାରେ ବକ୍ତୃତାରୁ ୭୦ ଡଲାର ପାଇଛି । ଆସନ୍ତାକାଲିର ବକ୍ତୃତାରୁ ଆଉ କିଛି ପାଇବାର ଆଶା ରଖିଛି । ୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବୋଷ୍ଟନ୍‌ରେ ବକ୍ତୃତାଦି ଅଛି, ତେବେ ସେଠାରେ ସେମାନେ ଖୁବ୍ କମ୍ ପଇସା ଦିଅନ୍ତି ।

ଗତକାଲି ୧୩ ଡଲାର ଦେଇ ଗୋଟିଏ ପାଇପ୍ କିଣିଛି—ଦ୍ୱାହି ଦେଉଛି, ଫାଦର୍ ପୋପ୍‌ଙ୍କୁ ଏ କଥାଟି ଯେପରି ନ କୁହ । କୋଟ୍‌ର ଖର୍ଚ୍ଚ ପଡ଼ିବ ୩୦ ଡଲାର । ଖାଇବା ପିଇବା ଠିକ୍ ମିଳୁଛି ଏବଂ ଯଥେଷ୍ଟ ଟଙ୍କା । ଆଶା ହୁଏ, ଆଗାମୀ ବକ୍ତୃତା ପରେ ଅବିଳମ୍ବେ ବ୍ୟାଙ୍କରେ କିଛି ଜମା ରଖିପାରିବି ।

...ସନ୍ଧ୍ୟାବେଳେ ଗୋଟିଏ ନିରାମିଷ ନୈଶଭୋଜନରେ ବକ୍ତୃତା ଦେବାକୁ ଯାଉଛି !

ଠିକ୍, ମୁଁ ନିରାମିଷାଶୀ...କାରଣ ନିରାମିଷ ଭୋଜନ ଜୁଟିଲେ ତାହା ହିଁ ମୋର ରୁଚିକର ହୁଏ । ଲିମ୍ୟାନ୍ ଆବଟ୍‌ଙ୍କ ନିକଟରୁ ଆସନ୍ତା ରବିବାର ମଧ୍ୟାହ୍ନ ଭୋଜନର ଆଉ ଗୋଟିଏ ନିମନ୍ତ୍ରଣ ଅଛି । ମୋଟ ଉପରେ ସମସ୍ତ ଚମତ୍କାର କଟୁଛି । କେବଳ ଏହି ଜଘନ୍ୟ, ଅତି ଜଘନ୍ୟ ବିରକ୍ତିକର ବକ୍ତୃତାକୁ ବାଦ୍ ଦେଲେ ବୋଷ୍ଟନ୍‌ରେ ମଧ୍ୟ ସମସ୍ତ ସେଇଭଳି ସୁନ୍ଦର କଟିବ ବୋଲି ଆଶା ହୁଏ । ଯାହା ହେଉ ୧୯ ତାରିଖ ପାର ହେଲେ ସଙ୍ଗେ ସଙ୍ଗେ ଏକ ଲମ୍ଫରେ ବୋଷ୍ଟନ୍‌ରୁ ...ଚିକାଗୋକୁ ଯିବି...ତା'ପରେ ମନଇଚ୍ଛା ନିଃଶ୍ୱାସ ନେବି, ଆଉ ଦୁଇ ତିନି ସପ୍ତାହର ପୂର୍ଣ୍ଣ ବିଶ୍ରାମ । ସେତେବେଳେ ଦୃଢ଼ ହୋଇ ବସି କେବଳ ଗଳ୍ପ କରିବି, ଆଉ ପାଇପ୍ ଟାଣିବି ।

ଭଲ କଥା, ତୁମ ନିଉୟର୍କର ଲୋକମାନେ ଖୁବ୍ ଭଲ, କେବଳ ସେମାନଙ୍କର ମଗଜ ଅପେକ୍ଷା ଟଙ୍କା ବେଶୀ ।

ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ବକ୍ତୃତା ଦେବାକୁ ଯିବି । ବୋଷ୍ଟନ୍‌ରେ ତିନୋଟି ବକ୍ତୃତା ଆଉ ହାର୍ଭାର୍ଡରେ ତିନୋଟି—ମିସେସ୍ ବ୍ରୀଡ୍ ଏସମସ୍ତର ବ୍ୟବସ୍ଥା କରିଛନ୍ତି । ଏଠାରେ ମଧ୍ୟ ଏମାନେ କିଛି ଆୟୋଜନ କରିଛନ୍ତି । ସୁତରାଂ ଚିକାଗୋ ଯିବା ବାଟରେ ମୁଁ ଆଉଥରେ ନିଉୟର୍କ ଆସିବି । କିଛି କଡ଼ା ବାଣୀ ଶୁଣାଇ ଟଙ୍କାକଉଡ଼ି ପକେଟସ୍ଥ କରି ଚଞ୍ଚଳ ଚିକାଗୋ ଚାଲିଯିବି ।

ଚିକାଗୋରେ ମିଳୁ ନ ଥିବା ଏପରି କୌଣସି ଜିନିଷ ନିଉୟର୍କ ବା ବୋଷ୍ଟନ୍‌ରୁ ନେବା ଯଦି ତୁମର ଆବଶ୍ୟକ ଥାଏ, ଶୀଘ୍ର ଲେଖିବ । ବର୍ତ୍ତମାନ ମୋର ପକେଟ ଡଲାରରେ ପୂର୍ଣ୍ଣ । ତୁମେ ଯାହା ଚାହିଁବ ଏକ ମୁହୂର୍ତ୍ତରେ ପଠାଇଦେବି । ଏଥିରେ

ଅଶୋଭନ କିଛି ହେବ—ଏହା କଦାପି ମନେକରିବ ନାହିଁ । ମୋ ନିକଟରେ ଛଳନା ନାହିଁ । ମୁଁ ଯଦି ତୁମର ଭାଇ ହୁଏ, ତାହାହେଲେ କେବଳ ହିଁ ଭାଇ । ପୃଥିବୀରେ ଗୋଟିଏ ଜିନିଷକୁ ମୁଁ ଘୃଣା କରେ, ତାହା ହେଉଛି ଛଳନା ।

ତୁମର ସ୍ନେହର ଭାଇ, ବିବେକାନନ୍ଦ

୯୫ଇଂ (ଅଧ୍ୟାପକ ରାଇଟଙ୍କୁ ଲିଖିତ)

ନ୍ୟୁୟର୍କ, ୪ ମେ ୧୮୯୪

ପ୍ରିୟ ଅଧ୍ୟାପକଜୀ,

ଆପଣଙ୍କ ସହୃଦୟ ଲିପି ବର୍ତ୍ତମାନ ପାଇଲି । ଆପଣଙ୍କର କଥା ଅନୁସାରେ କାର୍ଯ୍ୟ କରି ମୁଁ ଖୁବ୍ ଖୁସି ହେବି, ଏହା କହିବା ବାହୁଲ୍ୟ ମାତ୍ର ।

କର୍ଣ୍ଣେଲ ହିଗିନ୍‌ସନ୍‌ଙ୍କ ଚିଠି ମଧ୍ୟ ପାଇଛି । ତାଙ୍କ ନିକଟକୁ ଉତ୍ତର ପଠାଉଛି । ମୁଁ ମେ ୭ ତାରିଖ ରବିବାର ବୋଷ୍ଟନ୍ ଯିବି । ମିସେସ୍ ହାଉଙ୍କର ମହିଳା କ୍ଲବ୍‌ରେ ସୋମବାର ଦିନ ବକ୍ତୃତା ଦେବାର କଥା ।

ଆପଣଙ୍କର ସଦା ବିଶ୍ୱସ୍ତ, ବିବେକାନନ୍ଦ

୯୬ଇଂ

୧୭ ବୀକନ୍ ଷ୍ଟ୍ରୀଟ, ବୋଷ୍ଟନ୍, ମେ ୧୮୯୪

ପ୍ରିୟ ଅଧ୍ୟାପକଜୀ,

ଏହା ମଧ୍ୟରେ ଆପଣ ପୁସ୍ତିକା ଏବଂ ଚିଠିଗୁଡ଼ିକ ପାଇଛନ୍ତି । ଯଦି ଆପଣ ଚାହାଁନ୍ତି, ଭାରତୀୟ ରାଜା ଓ ରାଜମନ୍ତ୍ରୀମାନଙ୍କର କେତେଗୁଡ଼ି ଚିଠି ଚିକାଗୋରୁ ପଠାଇପାରେ । ଏ ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣେ ଭାରତର ରାଜକୀୟ କମିଶନ୍‌ର ଅଧୀନ ବିଗତ 'ଅଫିମ କମିସନ୍'ର ଅନ୍ୟତମ ସଦସ୍ୟ ଥିଲେ । ମୁଁ ଯେ ପ୍ରତାରକ ନୁହେଁ, ତାହା ଆପଣଙ୍କୁ ବିଶ୍ୱାସ କରାଇଦେବା ନିମନ୍ତେ, ଆପଣ ଯଦି ପସନ୍ଦ କରନ୍ତି, ସେମାନଙ୍କୁ ଆପଣଙ୍କ ନିକଟକୁ ଲେଖିବାକୁ କହିବି । କିନ୍ତୁ ଭ୍ରାତଃ, ଏସବୁ ବିଷୟରେ ଗୋପନୀୟତା ଓ ଅପ୍ରତିକାର ହିଁ ଆମ ଜୀବନର ଆଦର୍ଶ ।

ମୋର କର୍ତ୍ତବ୍ୟ କେବଳ ତ୍ୟାଗ—ଗ୍ରହଣ ନୁହେଁ । ମୋ ମୁଣ୍ଡରେ ଗୋଟାଏ ଖିଆଲ ନ ଉଠିଥିଲେ ମୁଁ କଦାପି ଏଠାକୁ ଆସି ନ ଥାନ୍ତି । ଏଥିରେ ମୋର କାର୍ଯ୍ୟର ସହାୟତା ହେବ, ଏହି ଆଶାରେ ମୁଁ ଧର୍ମମହାସଭାରେ ଯୋଗଦାନ କରିଛି । ଅବଶ୍ୟ ମୋର ଦେଶବାସୀ ମୋତେ ପଠାଇବାକୁ ଚାହିଁଥିଲା ବେଳେ ମୁଁ ସର୍ବଦା ଆପତ୍ତି କରିଥିଲି; ମୁଁ ସେମାନଙ୍କୁ କହି ଆସିଛି, 'ମୁଁ ମହାସଭାରେ ଯୋଗଦାନ କରିପାରେ, ନ କରି ମଧ୍ୟ ପାରେ, ତୁମର ଯଦି ଖୁସି ହେଉଛି ମୋତେ ପଠାଇପାର ।' ସେମାନେ ମୋତେ ପୂର୍ଣ୍ଣ ସ୍ୱାଧୀନତା ଦେଇ ପଠାଇଛନ୍ତି । ତା'ପରେ ବାକି ସବୁ ଆପଣ କରିଛନ୍ତି !

ହେ ସହୃଦୟ ବନ୍ଧୁ, ସମସ୍ତ ପ୍ରକାରେ ଆପଣଙ୍କର ସନ୍ତୋଷ ବିଧାନ କରିବାକୁ ନ୍ୟାୟତଃ ମୁଁ ବାଧ୍ୟ । ଆଉ ବାକି ପୃଥିବୀରୁ ଅନ୍ୟ କାହାରି କଥାକୁ ମୁଁ ଗ୍ରାହ୍ୟ କରେ

ନାହିଁ । ଆତ୍ମସମର୍ଥନ ସନ୍ନ୍ୟାସୀର କାର୍ଯ୍ୟ ନୁହେଁ । ତେଣୁ ଆପଣଙ୍କ ନିକଟରେ ମୋର ପ୍ରାର୍ଥନା, ଆପଣ ଏ ପୁସ୍ତିକା ଏବଂ ଚିଠିପତ୍ର ପ୍ରଭୃତି କାହାକୁ ଦେଖାଇବେ ନାହିଁ କିମ୍ବା ଛାପିବେ ନାହିଁ । ବୃଦ୍ଧ ମିଶନାରୀମାନଙ୍କର ଆକ୍ରମଣକୁ ମୁଁ ଗ୍ରାହ୍ୟ କରେ ନାହିଁ । କିନ୍ତୁ ମଜୁମଦାରଙ୍କର ଈର୍ଷାର ଜ୍ୱାଳା ଦେଖି ମୁଁ ଦାରୁଣ ଆଘାତ ପାଇଛି । ପ୍ରାର୍ଥନା କରେ, ତାଙ୍କର ଯେପରି ଚୈତନ୍ୟୋଦୟ ହୁଏ । ସେ ଉତ୍ତମ ଓ ମହାନ୍ ବ୍ୟକ୍ତି, ସାରା ଜୀବନ ଅପରର ମଙ୍ଗଳ କରିବାକୁ ଚାହିଁଛନ୍ତି । ଅବଶ୍ୟ ଏହାଦ୍ୱାରା ମୋର ଆଚାର୍ଯ୍ୟଙ୍କର ଗୋଟିଏ କଥା ହିଁ ପୁଣି ପ୍ରମାଣିତ ହେଲା—'ଅଳନ୍ଧୁ ଘରେ ବାସ କଲେ, ତୁମେ ଯେତେ ସିଆଣା ହୁଅନା କାହିଁକି, ଦେହରେ କିଛି ନା କିଛି କଳା ନିଶ୍ଚୟ ଲାଗିବ ।' ସାଧୁ ଓ ପବିତ୍ର ହେବାର ଚେଷ୍ଟା ଯେତେ କଲେ ସୁଦ୍ଧା, ମନୁଷ୍ୟ ଯେତେଦିନ ଏହି ପୃଥିବୀରେ ଅଛି, ତା'ର ସ୍ୱଭାବ କିଛି ପରିମାଣରେ ନିଶ୍ଚୟ ନିମ୍ନଗାମୀ ହେବ ।

ଭଗବାନଙ୍କ ଆଡ଼କୁ ଯିବାର ପଥ, ସାଂସାରିକ ପଥର ଠିକ୍ ବିପରୀତ । ଈଶ୍ୱର ଏବଂ ଧନୈଶ୍ୱର୍ଯ୍ୟ ଏକସଙ୍ଗରେ କେହି କଅଣ କେତେବେଳେ ପାଇଛି ?

ମୁଁ କୌଣସି ଦିନ 'ମିଶନାରୀ' ନ ଥିଲି, କୌଣସି ଦିନ ମଧ୍ୟ ହେବି ନାହିଁ—ମୋର ସ୍ଥାନ ହିମାଳୟରେ । ପୂର୍ଣ୍ଣ ବିବେକ ସହିତ ପରିତୃପ୍ତ ହୃଦୟରେ ଅନ୍ତତଃ ଏହି କଥା ଆଜି ମୁଁ କହିପାରେ, 'ହେ ପ୍ରଭୁ, ମୋର ଭ୍ରାତାମାନଙ୍କର ଭୟଙ୍କର ଯାତନା ମୁଁ ଦେଖିଛି, ଯନ୍ତ୍ରଣା-ମୁକ୍ତିର ପଥ ମୁଁ ଖୋଜି ପାଇଛି—ପ୍ରତିକାର ନିମନ୍ତେ ଆପ୍ରାଣ ଚେଷ୍ଟା କରି କିନ୍ତୁ ବ୍ୟର୍ଥକାମ ହୋଇଛି । ପ୍ରଭୁ, ତୁମର ଇଚ୍ଛା ହିଁ ପୂର୍ଣ୍ଣ ହେଉ ।'

ତାଙ୍କର ଆଶୀର୍ବାଦ ଅନନ୍ତକାଳ ପର୍ଯ୍ୟନ୍ତ ଆପଣମାନଙ୍କ ଉପରେ ବର୍ଷିତ ହେଉ ।

ଆପଣମାନଙ୍କର ସ୍ନେହବଦ୍ଧ, ବିବେକାନନ୍ଦ

୫୪୧ ଡିଅରବର୍ଣ୍ଣ ଏଭିନିଉ, ଚିକାଗୋ

ମୁଁ ଆସନ୍ତାକାଲି କିମ୍ବା ପହରଦିନ ଚିକାଗୋ ଯାଉଛି ।

ଆପଣମାନଙ୍କର, ବି.

## ୯୭ (ସ୍ୱାମୀ ସାରଦାନନ୍ଦଙ୍କୁ ଲିଖିତ)

ଯୁକ୍ତରାଷ୍ଟ୍ର ଆମେରିକା, ୨୦ ମେ ୧୮୯୪

ପ୍ରିୟ ଶରତ୍,

ମୁଁ ତୁମର ପତ୍ର ପାଇଲି ଓ ଶଶୀ ଆରୋଗ୍ୟଲାଭ କରିଛି ଶୁଣି ସୁଖୀ ହେଲି । ମୁଁ ତୁମକୁ ଗୋଟିଏ ଆଶ୍ଚର୍ଯ୍ୟ କଥା କହୁଛି, ଶୁଣ । ଯେତେବେଳେ ତୁମମାନଙ୍କ ମଧ୍ୟରେ କେହି ଅସୁସ୍ଥ ହୋଇପଡ଼ିବେ, ସେତେବେଳେ ସେ ନିଜେ ଅଥବା ତୁମ ମଧ୍ୟରୁ ଅନ୍ୟ କେହି ତାହାକୁ ମନଶ୍ଚକ୍ଷୁରେ ପ୍ରତ୍ୟକ୍ଷ କରିବ । ଏହିପରି ଦେଖୁ ଦେଖୁ ମନେ ମନେ କହିବ ଓ ଦୃଢ଼ଭାବରେ କଳ୍ପନା କରିବ ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଅଛି । ଏହାଦ୍ୱାରା ସେ ଶୀଘ୍ର ଆରୋଗ୍ୟଲାଭ କରିବ । ଅସୁସ୍ଥ ବ୍ୟକ୍ତିକୁ ନ ଜଣାଇ ମଧ୍ୟ ତୁମେ ଏପରି କରିପାର । ସହସ୍ର

ମାଇଲ ବ୍ୟବଧାନରେ ମଧ୍ୟ ଏ କାର୍ଯ୍ୟ କରିଯାଇପାରେ । ଏକଥା ସବୁବେଳେ ମନେ-ରଖି ଆଉ କେବେହେଲେ ଅସୁସ୍ଥ ହୁଅ ନାହିଁ ।

***

ସାନ୍ନ୍ୟାଲ ତାଙ୍କ କନ୍ୟାମାନଙ୍କ ବିବାହ ବିଷୟ ଭାବି ଭାବି ଏତେ ଅସ୍ଥିର ହେଉଛନ୍ତି କାହିଁକି, ବୁଝିପାରୁ ନାହିଁ । ସେ ନିଜେ ଯେଉଁ ସଂସାରରୁ ପଳାଇ ଯିବା ପାଇଁ ଇଚ୍ଛୁକ, ତାଙ୍କ କନ୍ୟାମାନଙ୍କୁ ସେହି ପଙ୍କିଳ ସଂସାରରେ ନିମଗ୍ନ କରିବାକୁ ଇଚ୍ଛା କରନ୍ତି !!! ଏ ବିଷୟରେ ମୋର ଗୋଟିଏ ମାତ୍ର ସିଦ୍ଧାନ୍ତ ଥାଇପାରେ—ଏହା ସମ୍ପୂର୍ଣ୍ଣ ନିନ୍ଦନୀୟ । ବାଳକ ବାଳିକା—ଯାହାର ହୁଅନ୍ତୁ ନା କାହିଁକି, ମୁଁ ବିବାହର ନାମ ପର୍ଯ୍ୟନ୍ତ ଘୃଣା କରେ । ତୁମେ କଅଣ କହୁଛ ଯେ, ମୁଁ ଜଣକର ବନ୍ଧନରେ ସହାୟତା କରିବି ? କେଡ଼େ ନିର୍ବୋଧ ତୁମେ ! ମୋ ଭାଇ ମହିନ୍ ଯଦି ଆଜି ବିବାହ କରେ, ମୁଁ ତା' ସହିତ କୌଣସି ସଂସ୍ରବ ରଖିବି ନାହିଁ । ମୁଁ ଏ ବିଷୟରେ ସ୍ଥିରସଙ୍କଳ୍ପ । ବର୍ତ୍ତମାନ ବିଦାୟ—

ତୁମର, ବିବେକାନନ୍ଦ

୪୮ଇଂ (ଅଧ୍ୟାପକ ରାଇଟ୍‌ଙ୍କୁ ଲିଖିତ)

୫୪୧ ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ, ୨୪ମେ ୧୮୯୪

ପ୍ରିୟ ଅଧ୍ୟାପକଜୀ,

ଏହା ସହିତ ମୁଁ ଆପଣଙ୍କୁ ରାଜପୁତାନାର ଅନ୍ୟତମ ଶାସକ ମହାମାନ୍ୟ ଖେତଡ଼ି ମହାରାଜାଙ୍କ ପତ୍ର ପଠାଇ ଦେଉଛି; ଏବଂ ଭାରତର ଅନ୍ୟତମ ବୃହତ୍ ଦେଶୀୟ ରାଜ୍ୟ ଜୁନାଗଡ଼ର ପ୍ରାକ୍ତନ ମନ୍ତ୍ରୀଙ୍କ ପତ୍ର ମଧ୍ୟ ପଠାଇଲି । ସେ 'ଅଫିମ କମିଶନ୍'ର ଜଣେ ସଦସ୍ୟ ଏବଂ 'ଭାରତର ଗ୍ଲାଡ୍‌ଷ୍ଟୋନ୍' ନାମରେ ଖ୍ୟାତ । ମନେହୁଏ ଏଗୁଡ଼ିକ ପଢ଼ିଲେ ଆପଣଙ୍କର ବିଶ୍ୱାସ ହେବ ଯେ—ମୁଁ ପ୍ରତାରକ ନୁହେଁ ।

ଗୋଟିଏ ବିଷୟ ଆପଣଙ୍କୁ କହିବାକୁ ଭୁଲିଯାଇଥିଲି—ମୁଁ କେବେ ମିଷ୍ଟର ମଜୁମଦାରଙ୍କ 'ନେତା'*ଙ୍କର ମତାବଲମ୍ବୀ ହୋଇ ନାହିଁ । ଯଦି ମଜୁମଦାର ସେପରି କହିଥାଆନ୍ତି, ତା'ହେଲେ ସେ ସତ କଥା କହି ନାହାନ୍ତି ।

ଚିଠିଗୁଡ଼ିକ ପଢ଼ିଲା ପରେ ଅଣାକରେ ଅନୁଗ୍ରହ କରି ମୋ ପାଖକୁ ପଠାଇ ଦେବେ । ପୁସ୍ତିକାଟି ଦରକାର ନାହିଁ, ମୁଁ ଏହାର କିଛି ମୂଲ୍ୟ ଦେଉ ନାହିଁ ।

ପ୍ରିୟ ବନ୍ଧୁ, ମୁଁ ଯେ ଯଥାର୍ଥରେ ସନ୍ନ୍ୟାସୀ, ଏ ବିଷୟରେ ଆପଣଙ୍କୁ ସର୍ବପ୍ରକାରେ ଅଶ୍ୱସ୍ତ କରିବାକୁ ମୁଁ ଦାୟବଦ୍ଧ । କିନ୍ତୁ ତାହା କେବଳ 'ଆପଣଙ୍କୁ'; ବାକି ନିକୃଷ୍ଟ ଲୋକମାନେ କ'ଣ କହନ୍ତି ନ କହନ୍ତି, ମୁଁ ତାହାକୁ ଖାତିର୍ କରେ ନାହିଁ ।

'କିଏ ତୁମକୁ ସାଧୁ କହିବ, କିଏ କହିବ ଚଣ୍ଡାଳ, କିଏ କହିବ ଉନ୍ମାଦ, କିଏ କହିବ ଦାନବ, କୌଣସି କିଛିକୁ ଭ୍ରୂକ୍ଷେପ ନ କରି ନିଜ ବାଟରେ ଚାଲିଯାଅ'—ଏହି କଥା କହିଥିଲେ ବାର୍ଦ୍ଧକ୍ୟରେ ସନ୍ନ୍ୟାସଗ୍ରହଣକାରୀ ରାଜା ଭର୍ତ୍ତୃହରି—ଭାରତର ଜଣେ ପ୍ରାଚୀନ ସମ୍ରାଟ ଓ ମହାନ୍ ସନ୍ନ୍ୟାସୀ ।

* ସ୍ପଷ୍ଟତଃ କେଶବଚନ୍ଦ୍ର ସେନ୍

ଈଶ୍ୱରଙ୍କର ଅନନ୍ତ ଆଶୀର୍ବାଦ ଆପଣଙ୍କ ଉପରେ ବର୍ଷିତ ହେଉ । ଆପଣଙ୍କର ସନ୍ତାନମାନଙ୍କୁ ମୋର ସ୍ନେହ ଏବଂ ଆପଣଙ୍କ ମହାୟଶସ୍ୱୀ ପତ୍ନୀଙ୍କୁ ମୋର ଶ୍ରଦ୍ଧା ଜଣାଇ ଦେବେ ।

ଆପଣଙ୍କର ସଦାବାନ୍ଧବ, ବିବେକାନନ୍ଦ

ପୁଃ—ପଣ୍ଡିତ ଶିବନାଥ ଶାସ୍ତ୍ରୀଙ୍କ ଦଳ ସହିତ ମୋର ସମ୍ପର୍କ ଥିଲା । କିନ୍ତୁ ତାହା କେବଳ ସମାଜ-ସଂସ୍କାର ବିଷୟରେ । —ଙ୍କୁ ମୁଁ ସବୁବେଳେ ଆନ୍ତରିକତାହୀନ ବୋଲି ମନେକରୁଛି ଏବଂ ଏପର୍ଯ୍ୟନ୍ତ ସେହି ମତ ପରିବର୍ତ୍ତନର କୌଣସି କାରଣ ଘଟି ନାହିଁ । ଧର୍ମ ବିଷୟରେ ଅବଶ୍ୟ ମୋର ବନ୍ଧୁ ପଣ୍ଡିତଙ୍କ ସହିତ ମୋର ବିଶେଷ ମତପାର୍ଥକ୍ୟ ରହିଛି । ସେଥିରୁ ପ୍ରଧାନ ମତପାର୍ଥକ୍ୟ ହେଉଛି—ମୋ ପକ୍ଷରେ ସନ୍ନ୍ୟାସ ସର୍ବୋଚ୍ଚ ଆଦର୍ଶ, ତାଙ୍କ ପକ୍ଷରେ ପାପ । ସୁତରାଂ ବ୍ରାହ୍ମସମାଜୀମାନେ ସନ୍ନ୍ୟାସୀ ହେବାକୁ ପାପ ବୋଲି ତ ନିଶ୍ଚୟ ଭାବବେ ! !

ଆପଣଙ୍କର, ବି.

ବ୍ରାହ୍ମସମାଜ ଆପଣଙ୍କ ଦେଶର 'ଖ୍ରୀଷ୍ଟିଆନ୍ ସାଇନ୍ସ' ଦଳଭଳି କିଛି ସମୟ ପାଇଁ କଲିକତାରେ ବିସ୍ତୃତିଲାଭ କରିଥିଲା; ତା'ପରେ ଉଠିଯାଇଛି । ଏଥିରେ ମୁଁ ସୁଖୀ ନୁହେଁ କି ଦୁଃଖିତ ମଧ୍ୟ ନୁହେଁ । ତା'ର କାମ—ସମାଜ-ସଂସ୍କାର—ସେ କରିଛି । ଧର୍ମ ପାଇଁ ତା'ର ଦାନ କଣା କଉଡ଼ିଟିଏ ମଧ୍ୟ ନୁହେଁ । ସୁତରାଂ ଏହା ଲୋପ ପାଇଯିବ । ଯଦି ମ— ମନେକରନ୍ତି ଯେ, ମୁଁ ସେହି ମୃତ୍ୟୁର ଅନ୍ୟତମ କାରଣ, ତା'ହେଲେ ସେ ଭୁଲ କରୁଛନ୍ତି । ମୁଁ ଏବେ ମଧ୍ୟ ବ୍ରାହ୍ମସମାଜର ସଂସ୍କାରକାର୍ଯ୍ୟ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ । କିନ୍ତୁ ଏହି 'ଅସାର' ଧର୍ମ ପ୍ରାଚୀନ ବେଦାନ୍ତ ବିରୋଧରେ ଠିଆ ହୋଇ ନ ପାରେ । ମୁଁ କ'ଣ କରିବି ? ତାହା କ'ଣ ମୋର ଦୋଷ ? ମ—ଙ୍କୁ ବୁଢ଼ା ବୟସରେ ପିଲାଳିଆମି ଘୋଟିଛି ଏବଂ ସେ ଯେଉଁ ଫନ୍ଦି କରିଛନ୍ତି, ତାହା ଆପଣଙ୍କ ଖ୍ରୀଷ୍ଟିଆନ ମିଶନାରୀଙ୍କ ଫନ୍ଦିଠାରୁ ଯୁଝିଏ ହେଲେ କମ୍ ନୁହେଁ । ପ୍ରଭୁ ତାଙ୍କୁ କୃପା କରନ୍ତୁ ଏବଂ ଶୁଭ ପଥ ଦେଖାନ୍ତୁ ।

ଆପଣଙ୍କର, ବିବେକାନନ୍ଦ

ଆପଣ କେବେ ଏନିସ୍କୋୟାମ୍‌କୁ ଯାଉଛନ୍ତି ? ଅଷ୍ଟିନ୍ ଓ ବାର୍ଣ୍ଣମ୍‌ଙ୍କୁ ମୋର ସ୍ନେହ ଏବଂ ଆପଣଙ୍କ ପତ୍ନୀଙ୍କୁ ମୋର ଶ୍ରଦ୍ଧା । ଆପଣଙ୍କ ପାଇଁ ଗଭୀର ପ୍ରେମ ଓ କୃତଜ୍ଞତା, ଯାହା ଭାଷାରେ ପ୍ରକାଶ କରିବାକୁ ମୁଁ ଅସମର୍ଥ ।

ସଦାପ୍ରେମାବଦ୍ଧ, ବିବେକାନନ୍ଦ

୯୯ଇଂ

ଚିକାଗୋ, ୨୮ ମେ ୧୮୯୪

ପ୍ରିୟ ଆଲାସିଙ୍ଗା,

ମୁଁ ଆଗରୁ ତୁମ ପତ୍ରର ଉତ୍ତର ଦେଇପାରି ନାହିଁ, କାରଣ ମୁଁ ନିଉୟର୍କ ଓ ବୋଷ୍ଟନ୍ ମଧ୍ୟରେ କ୍ରମାଗତ ଘୂରି ବୁଲୁଥିଲି ଏବଂ ମୁଁ 'ନ—'ର ପତ୍ରକୁ ଅପେକ୍ଷା କରିଥିଲି । ମୋ ନିଜ ସମ୍ବନ୍ଧରେ କିଛି ଲେଖିବା ପୂର୍ବରୁ ତୁମକୁ 'ନ—'ର କଥା କିଛି କହିବି । ସେ

ସମସ୍ତଙ୍କୁ ନିରାଶ କରିଛି । କେତେଗୁଡ଼ିଏ କଦର୍ଯ୍ୟ ଦୁଷ୍ଟ ପୁରୁଷ ଓ ସ୍ତ୍ରୀ-ଲୋକମାନଙ୍କ ସହିତ ମିଶି ସେ ପୂରାପୂରି ବିପଥକୁ ଯାଇଛି । ଏବେ କେହି ତାକୁ ପାଖରେ ପୂରାଉ ନାହାନ୍ତି । ଯାହା ହେଉ, ଅଧୋଗତିର ଚରମ ସୀମାରେ ପହଞ୍ଚିବା ପରେ ସେ ମୋ ପାଖକୁ ସାହାଯ୍ୟ ପାଇଁ ପତ୍ର ଲେଖେ । ମୁଁ ମଧ୍ୟ ତାକୁ ଯଥାସାଧ୍ୟ ସାହାଯ୍ୟ କରିବି । ଯାହା ହେଉ, ତୁମେ ତାହାର ଆତ୍ମୀୟସ୍ୱଜନଙ୍କୁ କହିବ, ଦେଶକୁ ଫେରିଯିବା ପାଇଁ ସେମାନେ ଯେପରି ଶୀଘ୍ର ତା' ନିକଟକୁ ଭଡ଼ା ପଠାନ୍ତି । ସେମାନେ କୁକ୍ କମ୍ପାନି ନାମରେ ଟଙ୍କା ପଠାଇପାରନ୍ତି—ସେମାନେ ତାକୁ ନଗଦ ଟଙ୍କା ନ ଦେଇ ଭାରତ ପାଇଁ ଖଣ୍ଡିଏ ଟିକେଟ ଦେବେ । ମୋର ମନେହୁଏ, ପ୍ରଶାନ୍ତ ମହାସାଗର ରାସ୍ତାରେ ଯିବା ତା' ପକ୍ଷରେ ଭଲ—ସେ ରାସ୍ତାରେ କେଉଁଠାରେ ଓହ୍ଲାଇ ପଡ଼ିବାର କୌଣସି ପ୍ରଲୋଭନ ନାହିଁ । ବିଚରା ଖୁବ୍ କଷ୍ଟରେ ପଡ଼ିଛି । ଅବଶ୍ୟ ସେ ଯେପରି ଅନଶନ-କଷ୍ଟ ନ ପାଏ, ମୁଁ ସେ ଦିଗରେ ଦୃଷ୍ଟି ଦେବି । ଫଟୋଗ୍ରାଫ୍ ସମ୍ବନ୍ଧରେ ବକ୍ତବ୍ୟ, ବର୍ତ୍ତମାନ ମୋ ପାଖରେ ଖଣ୍ଡିଏ ହେଲେ ନାହିଁ—କେତେଖଣ୍ଡ ପଠାଇବାକୁ ଅର୍ଡ଼ର ଦେବି । ଖେତଡ଼ିର ମହାରାଜାଙ୍କ ପାଖକୁ ମୁଁ କେତେଖଣ୍ଡ ପଠାଇଥିଲି ଏବଂ ସେଥିମଧ୍ୟରୁ କେତେକ ସେ ଛପାଇଥିଲେ । ତାହିଁରୁ କେତେଖଣ୍ଡ ପଠାଇବାକୁ ତୁମେ ଲେଖିପାର ।

ଜାଣେ ନାହିଁ, ମୁଁ କେବେ ଭାରତ ଯିବି । ସବୁ ଭାର ପ୍ରଭୁଙ୍କ ଉପରେ ଛାଡ଼ିଦେବା ଭଲ । କାରଣ ସେ ମୋ ପଛେ ପଛେ ରହି ମୋତେ ଚଳାଉଛନ୍ତି ।

ମୋତେ ଛାଡ଼ି କାମ କରିଯିବାର ଚେଷ୍ଟା କର, ମନେକର, ଯେପରିକି ମୁଁ କେବେ ନ ଥିଲି । କୌଣସି ବ୍ୟକ୍ତି ବା ବିଷୟର ଅପେକ୍ଷା ରଖ ନାହିଁ । ଯାହା ପାର, କରିଯାଅ, କାହା ଉପରେ କିଛି ଆଶା ରଖ ନାହିଁ । ଧର୍ମପାଳ ଯେ ତୁମକୁ କହିଥିଲେ, ମୁଁ ଏ ଦେଶରୁ ଯେତେ ଇଚ୍ଛା ସେତେ ଟଙ୍କା ପାଇପାରିବି, ସେ କଥା ଠିକ୍ ନୁହେଁ । ଏ ବର୍ଷଟା ଏ ଦେଶରେ ଅତ୍ୟନ୍ତ ଦୁର୍ବତ୍ସର—ଏମାନେ ନିଜ ନିଜର ଦରିଦ୍ର ଲୋକମାନଙ୍କର ମଧ୍ୟ ସମସ୍ତ ଅଭାବ ଦୂର କରିପାରୁ ନାହାନ୍ତି । ଯାହା ହେଉ, ଏପରି ସମୟରେ ମୁଁ ଯେ ଏମାନଙ୍କ ନିଜ ବକ୍ତାମାନଙ୍କ ଅପେକ୍ଷା ଅନେକ ସୁବିଧା କରିପାରିଛି, ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ଦେବାକୁ ହୁଏ; କିନ୍ତୁ ଏଠାରେ ଭୟଙ୍କର ଖର୍ଚ୍ଚ ହେଉଛି । ଯଦିଓ ମୁଁ ପ୍ରାୟ ସର୍ବତ୍ର ଏବଂ ସର୍ବଦା ଭଲ ଭଲ ଓ ବଡ଼ ବଡ଼ ପରିବାର ମଧ୍ୟରେ ଆଶ୍ରୟ ପାଇଛି, ତଥାପି ଟଙ୍କା କେଉଁ ଆଡ଼େ ଉଡ଼ିଯାଉଛି ।

ମୁଁ କହିପାରୁ ନାହିଁ, ଆଗାମୀ ଗ୍ରୀଷ୍ମକାଳରେ ଏ ଦେଶରୁ ଚାଲିଯିବି କି ନାହିଁ । ଖୁବ୍ ସମ୍ଭବ ନାହିଁ । ଏଥିମଧ୍ୟରେ ତୁମେମାନେ ସଙ୍ଘବଦ୍ଧ ହୁଅ ଏବଂ ଆମ ଉଦ୍ଦେଶ୍ୟ ଯେପରି ଅଗ୍ରସର ହୁଏ, ତାହାର ଚେଷ୍ଟା କର । ବିଶ୍ୱାସ କର ଯେ, ତୁମେମାନେ ସବୁ କରିପାରିବ । ଜାଣି ରଖ ଯେ, ପ୍ରଭୁ ଆମମାନଙ୍କ ସଙ୍ଗରେ ରହିଛନ୍ତି ଏବଂ ଅଗ୍ରସର ହୁଅ, ହେ ବୀରହୃଦୟ ବାଳକଗଣ !

ମୋ ଦେଶ ମୋତେ ଯଥେଷ୍ଟ ଆଦର କରିଛି । ଆଦର କରୁ ବା ନ କରୁ ତୁମେ-

ମାନେ ଶୋଇପଡ଼ ନାହିଁ, ଶିଥିଳ-ପ୍ରଯତ୍ନ ହୁଅ ନାହିଁ । ମନେରଖ, ଆମ ଉଦ୍ଦେଶ୍ୟର ଏକ ବିନ୍ଦୁମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟରେ ପରିଣତ ହୋଇ ନାହିଁ । ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ କାର୍ଯ୍ୟ କର, ସେମାନଙ୍କୁ ଏକତ୍ର ଓ ସଙ୍ଘବଦ୍ଧ କର । ବଡ଼ ବଡ଼ କାର୍ଯ୍ୟ କେବଳ ବିଶେଷ ସ୍ୱାର୍ଥତ୍ୟାଗଦ୍ୱାରା ହିଁ ସମ୍ଭବ ହୋଇପାରେ । ସ୍ୱାର୍ଥର ଆବଶ୍ୟକତା ନାହିଁ, ନାମର ମଧ୍ୟ ନୁହେଁ—ଯଶର ବି ନୁହେଁ—ତାହା ତୁମର ଅବା ମୋର କିମ୍ବା ଆମ ଗୁରୁଦେବଙ୍କର ମଧ୍ୟ ନୁହେଁ । ଉଦ୍ଦେଶ୍ୟ ଓ ସଙ୍କଳ୍ପ ଯେପରି କାର୍ଯ୍ୟରେ ପରିଣତ ହେବ, ସେଥିପାଇଁ ଚେଷ୍ଟା କର । ହେ ବୀରହୃଦୟ ମହାନ୍ ବାଳକଗଣ ! ଉଠିପଡ଼ି କାର୍ଯ୍ୟରେ ଲାଗିଯାଅ । ନାମ, ଯଶ କିମ୍ବା ଅନ୍ୟ କୌଣସି ତୁଚ୍ଛ ବସ୍ତୁ ପାଇଁ ପଛକୁ ଦୃଷ୍ଟି ଫେରାଅ ନାହିଁ । ସ୍ୱାର୍ଥକୁ ସମ୍ପୂର୍ଣ୍ଣ ବିସର୍ଜନ କରି କାର୍ଯ୍ୟରେ ଲାଗ । ମନେରଖ—'ତୃଣୈର୍ଗୁଣତ୍ୱମାପନ୍ନୈର୍ବଧ୍ୟନ୍ତେ ମତ୍ତଦନ୍ତିନଃ'—ଅନେକଗୁଡ଼ିଏ ତୃଣକୁ ଏକତ୍ର କରି ରଜ୍ଜୁ ପ୍ରସ୍ତୁତ କଲେ ସେଥିରେ ମତ୍ତହସ୍ତୀକୁ ମଧ୍ୟ ବନ୍ଧା ଯାଇପାରେ । ତୁମ ସମସ୍ତଙ୍କ ଉପରେ ଭଗବାନଙ୍କ ଆଶିଷ ବର୍ଷିତ ହେଉ । ତୁମ ସମସ୍ତଙ୍କ ଭିତରେ ତାଙ୍କର ଶକ୍ତି ଆସୁ—ମୋର ବିଶ୍ୱାସ, ତାଙ୍କର ଶକ୍ତି ତୁମମାନଙ୍କ ଭିତରେ ହିଁ ରହିଛି । ବେଦ କହୁଛନ୍ତି, 'ଉଠ, ଜାଗ, ଯେପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଛ, ରହିଯାଅ ନାହିଁ' । ଜାଗ, ଜାଗ, ଦୀର୍ଘ ରଜନୀ ପ୍ରଭାତପ୍ରାୟ । ଦିବାଲୋକ ଦେଖାଗଲାଣି । ମହାତରଙ୍ଗ ଉଠିଛି । କେହି ଏହାର ବେଗ ରୋଧ କରିପାରିବେ ନାହିଁ । ମୋର ଚିଠିର ଉତ୍ତର ଦେବାରେ ବିଳମ୍ବ ହେଲେ ବିଷଣ୍ଣ କିମ୍ବା ନିରାଶ ହୁଅ ନାହିଁ । ଲେଖାରେ—ଗାର ଟାଣିବାରେ ଫଳ କ'ଣ ? ଉତ୍ସାହ, ବତ୍ସ ଉତ୍ସାହ—ପ୍ରେମ, ବତ୍ସ ପ୍ରେମ । ବିଶ୍ୱାସ, ଶ୍ରଦ୍ଧା । ଆଉ ଭୟ କର ନାହିଁ, ସର୍ବାପେକ୍ଷା ଗୁରୁତର ପାପ—ଭୟ ।

ସମସ୍ତଙ୍କୁ ମୋର ଆଶୀର୍ବାଦ । ମାନ୍ଦ୍ରାଜର ଯେଉଁ ମହାନୁଭବ ବ୍ୟକ୍ତିମାନେ ମୋ କାର୍ଯ୍ୟରେ ସହାୟତା କରିଥିଲେ, ସେସମସ୍ତଙ୍କୁ ମୋର ଅନନ୍ତ କୃତଜ୍ଞତା ଓ ସ୍ନେହ ଜଣାଉଛି । କିନ୍ତୁ ମୁଁ ସେମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେମାନେ ଯେପରି କାର୍ଯ୍ୟରେ ଶିଥିଳ ନ ହୁଅନ୍ତି । ଚାରିଆଡ଼େ ଭାବ ପ୍ରଚାର କରୁଥାଅ । ମନରେ ଗର୍ବ କର ନାହିଁ । ଧର୍ମାନ୍ଧମାନଙ୍କ ପରି ଜୋର୍ କରି କାହାକୁ କିଛି ବିଶ୍ୱାସ କରିବା ପାଇଁ ଚାପ ଦିଅ ନାହିଁ, କାହାର ବିରୋଧରେ ମଧ୍ୟ କିଛି କହ ନାହିଁ । ଆମର କାର୍ଯ୍ୟ କେବଳ ଭିନ୍ନ ଭିନ୍ନ ରାସାୟନିକ ଦ୍ରବ୍ୟ ଏକତ୍ର ରଖିଦେବା । ପ୍ରଭୁ ଜାଣନ୍ତି, କେବେ କିପରି ସେସବୁ ନିର୍ଦ୍ଦିଷ୍ଟ ରୂପ ଧାରଣ କରିବ । ସର୍ବୋପରି ମୋର ବା ତୁମମାନଙ୍କର କୌଣସି ସଫଳତା ପାଇଁ ଅହଂକାର କର ନାହିଁ । ବହୁ ବଡ଼ ବଡ଼ କାର୍ଯ୍ୟ ଏବେସୁଦ୍ଧା କରିବାକୁ ବାକି ଅଛି । ଭବିଷ୍ୟତରେ ଯାହା ହେବ, ତାହା ତୁଳନାରେ ବର୍ତ୍ତମାନର ସାମାନ୍ୟ ସିଦ୍ଧି ଅତି ତୁଚ୍ଛ । ବିଶ୍ୱାସ କର, ବିଶ୍ୱାସ କର, ପ୍ରଭୁଙ୍କ ଆଜ୍ଞା—ଭାରତର ଉନ୍ନତି ହେବ ହିଁ ହେବ, ଜନସାଧାରଣଙ୍କୁ ଏବଂ ଦରିଦ୍ରମାନଙ୍କୁ ସୁଖୀ କରିବାକୁ ହେବ, ଆଉ ଆନନ୍ଦିତ ହୁଅ ଯେ, ତୁମେମାନେ ହିଁ ତାଙ୍କର କାର୍ଯ୍ୟ କରିବାକୁ ନିର୍ବାଚିତ ଯନ୍ତ୍ର । ଧର୍ମର ବନ୍ୟା ଆସୁଛି । ମୁଁ ଦେଖିପାରୁଛି, ତାହା ପୃଥିବୀକୁ ଭସାଇ ନେଇଯାଉଛି—ଅଦମ୍ୟ, ଅନନ୍ତ, ସର୍ବଗ୍ରାସୀ ।

ସମସ୍ତେ ଆଗେଇ ଯାଅ, ସମସ୍ତଙ୍କର ଶୁଭେଚ୍ଛା ଏଥିରେ ଯୁକ୍ତ ହେଉ । ସମସ୍ତ ହସ୍ତ ଏହାର ପଥରେ ଥିବା ବାଧାକୁ ଆଡ଼େଇ ଦେଉ । ଜୟ ! ପ୍ରଭୁଙ୍କର ଜୟ !!

ଶ୍ରୀଯୁକ୍ତ ସୁବ୍ରହ୍ମଣ୍ୟ ଆୟାର, କୃଷ୍ଣସ୍ୱାମୀ ଆୟାର, ଭଟ୍ଟାଚାର୍ଯ୍ୟ ଏବଂ ମୋର ଅନ୍ୟାନ୍ୟ ବନ୍ଧୁମାନଙ୍କୁ ମୋର ଗଭୀର ଶ୍ରଦ୍ଧା ଓ ପ୍ରୀତି ଜଣାଇଦେବ । ସେମାନଙ୍କୁ କହିବ, ଯଦିଓ ସମୟାଭାବରୁ ସେମାନଙ୍କ ପାଖକୁ କିଛି ଲେଖିପାରୁ ନାହିଁ, ତଥାପି ହୃଦୟ ସେମାନଙ୍କ ପ୍ରତି ଗଭୀରଭାବରେ ଆକୃଷ୍ଟ । ମୁଁ ସେମାନଙ୍କ ଋଣ କଦାପି ପରିଶୋଧ କରିପାରିବି ନାହିଁ । ପ୍ରଭୁ ସେମାନଙ୍କୁ ଆଶୀର୍ବାଦ କରନ୍ତୁ ।

ମୋର କୌଣସି ସାହାଯ୍ୟର ଆବଶ୍ୟକତା ନାହିଁ । ତୁମେମାନେ କିଛି ଅର୍ଥ ସଂଗ୍ରହ କରି ଗୋଟିଏ ଫଣ୍ଡ କରିବାକୁ ଚେଷ୍ଟା କର । ସହରରେ ସର୍ବାପେକ୍ଷା ଦରିଦ୍ରମାନେ ଯେଉଁ ସ୍ଥାନରେ ବାସ କରନ୍ତି, ସେଠାରେ ଗୋଟିଏ ମାଟିଘରର କୁଡ଼ିଆ ଓ ଗୋଟିଏ ହଲ୍ ତିଆରି କର । କେତେଗୋଟି ମ୍ୟାଜିକ୍ ଲଣ୍ଠନ, କେତେଗୁଡ଼ିଏ ମ୍ୟାପ୍, ଗ୍ଲୋବ ଏବଂ କେତେକ ରାସାୟନିକ ଦ୍ରବ୍ୟ ଯୋଗାଡ଼ କର । ପ୍ରତିଦିନ ସନ୍ଧ୍ୟାବେଳେ ସେଠାରେ ଗରିବ ଓ ଅନୁନ୍ନତମାନଙ୍କୁ, ଏପରିକି, ଚଣ୍ଡାଳମାନଙ୍କୁ ମଧ୍ୟ ଏକାଠି କର । ପ୍ରଥମେ ସେମାନଙ୍କୁ ଧର୍ମ ଉପଦେଶ ଦିଅ, ତା'ପରେ ମ୍ୟାଜିକ୍ ଲଣ୍ଠନ ଓ ଅନ୍ୟାନ୍ୟ ଦ୍ରବ୍ୟ ସାହାଯ୍ୟରେ ଚଳିତ ଭାଷାରେ ଜ୍ୟୋତିଷ, ଭୂଗୋଳ ପ୍ରଭୃତି ଶିକ୍ଷା ଦିଅ । ଅଗ୍ନିମନ୍ତ୍ରରେ ଦୀକ୍ଷିତ ଏକ ଯୁବକଦଳ ଗଠନ କର । ତୁମମାନଙ୍କ ଉତ୍ସାହ-ଅଗ୍ନି ସେମାନଙ୍କ ଭିତରେ ଜାଳିଦିଅ ଏବଂ କ୍ରମଶଃ ଏହି ଦଳ ବଢ଼ାଇବାରେ ଲାଗ—କ୍ରମଶଃ ଏହି ଦଳର ପରିସର ବୃଦ୍ଧି ପାଉ । ତୁମେମାନେ ଯାହା ପାରୁଛ କର । ଯେତେବେଳେ ନଦୀରେ ଆଦୌ ପାଣି ନ ଥିବ, ସେତେବେଳେ ପାର ହେବି ବୋଲି ବସିରହ ନାହିଁ । ପତ୍ରିକା, ସମ୍ବାଦପତ୍ର ପ୍ରଭୃତିର ପରିଚାଳନା ଭଲ, ସନ୍ଦେହ ନାହିଁ; କିନ୍ତୁ ଚିରକାଳ କଲମପେଷା କିମ୍ବା ଚିତ୍କାର ଅପେକ୍ଷା ପ୍ରକୃତ କାର୍ଯ୍ୟ, ଯେତେ ଅଳ୍ପ ହେଲେ ମଧ୍ୟ, ଅନେକ ଭଲ । ଭଟ୍ଟାଚାର୍ଯ୍ୟଙ୍କ ଘରେ ଗୋଟିଏ ସଭା ଆହ୍ୱାନ କର । କିଛି ଟଙ୍କା ସଂଗ୍ରହ କରି ପୂର୍ବରୁ ମୁଁ ଯାହା ଯାହା କହିଛି, ସେଗୁଡ଼ିକ କିଣିପକାଅ । ଗୋଟିଏ କୁଡ଼ିଆ ଭଡ଼ା ନିଅ ଏବଂ କାମରେ ଲାଗିଯାଅ । ପତ୍ରିକାଦି ଗୌଣ, ଏହା ହିଁ ମୁଖ୍ୟ । ଯେକୌଣସି ପ୍ରକାରେ ହେଉ, ସାଧାରଣ ଦରିଦ୍ରମାନଙ୍କ ମଧ୍ୟରେ ଆମମାନଙ୍କୁ ପ୍ରଭାବ ବିସ୍ତାର କରିବାକୁ ହେବ । ଆରମ୍ଭରେ କାର୍ଯ୍ୟ ଖୁବ୍ ସାମାନ୍ୟ ହେଲେ ମଧ୍ୟ ଶୋଚନା କର ନାହିଁ, ସବୁ କାମ ଛୋଟରୁ ବଡ଼ ହୋଇଥାଏ । ସାହସ ଅବଲମ୍ବନ କର । ନେତା ହେବାକୁ ଯାଅ ନାହିଁ, ସେବା କର । ନେତୃତ୍ୱର ଏହି ପାଶବ ପ୍ରବୃତ୍ତି ଜୀବନ-ସମୁଦ୍ରରେ ଅନେକ ବଡ଼ ବଡ଼ ଜାହାଜକୁ ବୁଡ଼ାଇ ଦେଇଛି । ଏହି ବିଷୟରେ ବିଶେଷ ସତର୍କ ହୁଅ, ଅର୍ଥାତ୍ ମୃତ୍ୟୁକୁ ମଧ୍ୟ ତୁଚ୍ଛ ମନେକରି ନିଃସ୍ୱାର୍ଥଭାବରେ କାର୍ଯ୍ୟ କରିଯାଅ । ମୋର ଯାହାସବୁ କହିବାକୁ ଥିଲା, ସବୁ ତୁମପାଖକୁ ଲେଖିପାରିଲି ନାହିଁ । ହେ ବୀରହୃଦୟ ବାଳକଗଣ ! ପ୍ରଭୁ ତୁମମାନଙ୍କୁ ସବୁ ବୁଝାଇଦେବେ । ଲାଗ, ଲାଗ, ବତ୍ସଗଣ ! ପ୍ରଭୁଙ୍କର ଜୟ ! କିଡିକୁ ମୋର ସ୍ନେହ ଜଣାଇବ । ମୁଁ ସେକ୍ରେଟେରି ସାହେବଙ୍କ ପତ୍ର ପାଇଛି ।

ତୁମମାନଙ୍କ ସ୍ନେହର, ବିବେକାନନ୍ଦ

୧୦୦ ଇଂ

୫୪୧ ଡିଅରବର୍ଣ୍ଣ ଏଭିନ୍ୟୁ
୨୮ ଜୁନ୍ ୧୮୯୪

ପ୍ରିୟ ଅଧ୍ୟାପକଜୀ,

ଅନ୍ୟ ଚିଠିଗୁଡ଼ିକ ପଠାଇବାକୁ ଡେରି ହେଲା ବୋଲି କ୍ଷମା କରିବେ । ମୁଁ ସେଗୁଡ଼ିକୁ ଆଗରୁ ଖୋଜି ପାଇ ନାହିଁ । ସପ୍ତାହକ ମଧ୍ୟରେ ନ୍ୟୁୟର୍କ ଯାଉଛି ।

ଏନିସ୍କୋୟାମ୍‌କୁ ଯାଇପାରିବି କି ନାହିଁ, ଠିକ୍ ଜାଣେ ନାହିଁ । ମୁଁ ପୁଣି ନ ଲେଖିଲେ ଚିଠିଗୁଡ଼ିକ ମୋ ପାଖକୁ ପଠାଇବା ଦରକାର ନାହିଁ । ବୋଷ୍ଟନ୍‌ର ଖବର-କାଗଜରେ ମୋ ବିରୋଧରେ ଲେଖା ହୋଇଥିବା ସେହି ରଚନାଟିକୁ ଦେଖି ମିସେସ୍ ବାଗ୍‌ଲି ଖୁବ୍ ବିଚଳିତ ହୋଇଛନ୍ତି । ସେ ଡେଟ୍ରୟେଟ୍‌ରୁ ମୋ ପାଖକୁ ତା'ର ଗୋଟିଏ କପି ପଠାଇଛନ୍ତି ଏବଂ ଚିଠିପତ୍ର ଲେଖା ବନ୍ଦ କରି ଦେଇଛନ୍ତି । ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ । ସେ ମୋ ପ୍ରତି ସବୁବେଳେ ଖୁବ୍ ସଦୟ ଥିଲେ ।

ଭ୍ରାତଃ, ଆପଣଙ୍କ ଭଳି ବନ୍ଧୁତ୍ୱହୃଦୟ ସହଜରେ ମିଳନ୍ତି ନାହିଁ । ଏଇଟା ଗୋଟିଏ ଅଜବ ଜାଗା—ଆମର ଏଇ ଦୁନିଆଟା । ତେବେ ଏହି ଦେଶରେ, ଯେଉଁଠାରେ ମୁଁ ସମ୍ପୂର୍ଣ୍ଣ ଅପରିଚିତ, ସାମାନ୍ୟ 'ପରିଚୟ-ପତ୍ର' ମଧ୍ୟ ଯେତେବେଳେ ମୋର ନାହିଁ, ସେତେବେଳେ ଏଠାରେ ମଣିଷଙ୍କ ପାଖରୁ ଯେଉଁ ପରିମାଣରେ ସହୃଦୟତା ପାଇଛି, ତା' ପାଇଁ ଈଶ୍ୱରଙ୍କ ନିକଟରେ ମୁଁ ଗଭୀର ଭାବରେ କୃତଜ୍ଞ । ଶେଷ ପର୍ଯ୍ୟନ୍ତ ସବୁକିଛି ମଙ୍ଗଳମୁଖୀ ।

ସଦାକୃତଜ୍ଞ, ବିବେକାନନ୍ଦ

ପୁଃ—ପିଲାଙ୍କ ଲାଗି ଇଷ୍ଟ ଇଣ୍ଡିଆ କମ୍ପାନୀର ଷ୍ଟାମ୍ପ ପଠାଇଲି । ଯଦି ସେମାନଙ୍କର କାମରେ ଲାଗେ ।

୧୦୧ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

୫୪୧ ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ, ୨୦ ଜୁନ୍ ୧୮୯୪

ପ୍ରିୟ ଦେବାନ୍‌ଜୀ ସାହେବ,

ଆପଣଙ୍କର ଅନୁଗ୍ରହଲିପି ଆଜି ପାଇଲି । ଆପଣଙ୍କ ଭଳି ମହାପ୍ରାଣ ବ୍ୟକ୍ତିଙ୍କୁ ବିବେଚନାହୀନ କଠୋର ମନ୍ତବ୍ୟଦ୍ୱାରା ଦୁଃଖ ଦେଇଥିବାରୁ ମୁଁ ଅତ୍ୟନ୍ତ ମନଃକଷ୍ଟ ବୋଧକରୁଛି । ଆପଣଙ୍କର ମୃଦୁ ସଂଶୋଧନଗୁଡ଼ିକୁ ମୁଁ ନତମସ୍ତକରେ ମାନନେଲି । 'ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ।' କିନ୍ତୁ ଦେବାନ୍‌ଜୀ ସାହେବ, ଏ କଥା ଆପଣ ଭଲଭାବରେ ଜାଣନ୍ତୁ ଯେ, ଆପଣଙ୍କୁ ଭଲପାଏ ବୋଲି ଏପରି କଥା କହିଥିଲି । ଅସାକ୍ଷାତରେ ଯେଉଁମାନେ ମୋର ଦୁର୍ନାମ ରଟନା କରୁଛନ୍ତି, ସେମାନେ ପରୋକ୍ଷଭାବରେ ମୋର ଉପକାର ତ କରୁ ନାହାନ୍ତି—ପରନ୍ତୁ ଆମ ହିନ୍ଦୁସମାଜ ପକ୍ଷରୁ ଆମେରିକାର ଜନସାଧାରଣଙ୍କ ନିକଟକୁ ମୋର ପ୍ରତିନିଧିତ୍ୱ ବିଷୟରେ କୌଣସି କଥା ନ କହିବାରୁ ସେହି ଦୁର୍ନାମଗୁଡ଼ିକ ଯଥେଷ୍ଟ କ୍ଷତିର କାରଣ ହୋଇଛି । ମୁଁ ଯେ ଆମ ଦେଶର ପ୍ରତିନିଧି

—ଏ କଥା ଜଣେ ହେଲେ କେହି ଦେଶବାସୀ ଲେଖିଥିଲେ କି ? କିମ୍ବା ମୋ ପ୍ରତି ଆମେରିକାବାସୀଙ୍କର ସହୃଦୟତା ପାଇଁ ଧନ୍ୟବାଦଜ୍ଞାପକ ଗୋଟିଏ ବାକ୍ୟ କେହି ସେମାନଙ୍କଠାକୁ ପଠାଇଛନ୍ତି କି ? ପକ୍ଷାନ୍ତରେ, ମ—, ବମ୍ବେର ନା— ନାମରେ ଜଣେ ବ୍ୟକ୍ତି ଓ ପୁନାର ସା— ନାମରେ ଜଣେ ଖ୍ରୀଷ୍ଟିଆନ ମହିଳା ଆମେରିକାବାସୀଙ୍କ ନିକଟରେ ଉଚ୍ଚ ସ୍ୱରରେ ଏହି କଥା ହିଁ ଘୋଷଣା କରିଛନ୍ତି ଯେ, ମୁଁ ଜଣେ ପକ୍କା ଭଣ୍ଡ ଏବଂ ଆମେରିକାରେ ପଦାର୍ପଣ କରିବା ପରେ ମୁଁ ପ୍ରଥମ ଗେରୁଆ ବସ୍ତ୍ର ଧାରଣ କରିଛି । ଅବଶ୍ୟ ଏସବୁ ପ୍ରଚାର ଆମେରିକାରେ ମୋର ଅଭ୍ୟର୍ଥନା ଉପରେ କୌଣସି ପ୍ରଭାବ ପକାଇପାରି ନାହିଁ; କିନ୍ତୁ ଅର୍ଥସାହାଯ୍ୟ ବିଷୟରେ ଏହି ଭୟାବହ ଫଳ ଫଳିଛି ଯେ, ଆମେରିକାବାସୀଗଣ ମୋ ପାଇଁ ପୂରା ହାତ ଟାଣି ବସିଛନ୍ତି । ମୋର ଏ ଦେଶରେ ଏକବର୍ଷ ରହଣି-କାଳ ମଧ୍ୟରେ ଭାରତର ଜଣେ ହେଲେ ଖ୍ୟାତନାମା ଲୋକ ଏହି ଦେଶବାସୀଙ୍କୁ ଜଣାଇବା ଉଚିତ ମନେକଲେ ନାହିଁ ଯେ—ମୁଁ ପ୍ରତାରକ ନୁହେଁ । ଏହା ଉପରେ ପୁଣି ମିଶନାରି ସମ୍ପ୍ରଦାୟ ସର୍ବଦା ମୋର ଛିଦ୍ରାନୁସନ୍ଧାନରେ ତତ୍ପର ହୋଇ ରହିଛି ଏବଂ ଭାରତରେ ଖ୍ରୀଷ୍ଟିଆନ ପତ୍ରିକାଗୁଡ଼ିକରେ ମୋ ବିରୋଧରେ ଯାହା ପ୍ରକାଶିତ ହୋଇଛି, ତାହାର ଖଣ୍ଡିକାଣ୍ଡି ସଂଗ୍ରହ କରି ଏଠାର କାଗଜମାନଙ୍କରେ ଛପା ହୋଇଛି । ଆପଣମାନେ ଏତିକି ଜାଣିରଖନ୍ତୁ ଯେ, ଭାରତରେ ଖ୍ରୀଷ୍ଟିଆନ ଓ ହିନ୍ଦୁଙ୍କ ମଧ୍ୟରେ ଯେ କି ପାର୍ଥକ୍ୟ, ଏ ଦେଶର ଜନସାଧାରଣ ତାହାର ବେଶୀ କିଛି ଖବର ରଖନ୍ତି ନାହିଁ ।

ମୋର ଏଠାକୁ ଆସିବାର ମୁଖ୍ୟ ଉଦ୍ଦେଶ୍ୟ—ଗୋଟିଏ ବିଶେଷ କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ କରିବା । ମୁଁ ସମସ୍ତ ବିଷୟଟି ପୁନର୍ବାର ଆପଣଙ୍କୁ ବିସ୍ତାରିତ ଭାବରେ କହୁଛି ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ମୂଳ ପାର୍ଥକ୍ୟ ଏହି ଯେ, ପାଶ୍ଚାତ୍ୟ ଦେଶରେ ଜାତୀୟତାବୋଧ ଅଛି; କିନ୍ତୁ ଆମର ତାହା ନାହିଁ । ଅର୍ଥାତ୍, ଶିକ୍ଷା ଓ ସଭ୍ୟତା ଏଠାରେ (ପାଶ୍ଚାତ୍ୟରେ) ସାର୍ବଜନୀନ—ଜନସାଧାରଣଙ୍କ ମଧ୍ୟରେ ଅନୁପ୍ରବିଷ୍ଟ । ଭାରତ ଓ ଆମେରିକାର ଉଚ୍ଚ ବର୍ଣ୍ଣମାନଙ୍କ ମଧ୍ୟରେ ଖୁବ୍ ବେଶୀ ପାର୍ଥକ୍ୟ ନାହିଁ ସତ୍ୟ, କିନ୍ତୁ ଉଭୟ ଦେଶର ନୀଚବର୍ଣ୍ଣମାନଙ୍କ ମଧ୍ୟରେ ଆକାଶପାତାଳ ପ୍ରଭେଦ । ଭାରତବର୍ଷ ଜୟ କରିବା ଇଂରେଜମାନଙ୍କ ପକ୍ଷରେ ଏତେ ସହଜ ହୋଇଥିଲା କାହିଁକି ? କାରଣ, ସେମାନେ ଗୋଟିଏ ସଂଘବଦ୍ଧ ଜାତି ଥିଲେ—ଆମେ ତାହା ନ ଥିଲୁଁ । ଆମ ଦେଶରେ ଜଣେ ବଡ଼ଲୋକ ମରିଗଲେ ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଅନ୍ୟ ଜଣଙ୍କର ଅଭ୍ୟୁତ୍ଥାନର ଅପେକ୍ଷାରେ ବସିରହିବାକୁ ହୁଏ, କିନ୍ତୁ ଏ ଦେଶରେ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ ହୋଇଯାଏ । ଆପଣ ମରିଗଲେ (ଅବଶ୍ୟ ଭଗବାନ ତାହା ନ କରନ୍ତୁ—ଦେଶର ସେବା କରିବା ନିମନ୍ତେ ଆପଣଙ୍କୁ ସେ ଦୀର୍ଘାୟୁ କରନ୍ତୁ) ଆପଣଙ୍କ ସ୍ଥାନ ପୂରଣ କରିବା ପାଇଁ ଦେଶ ବହୁତ ଅସୁବିଧା ବୋଧ କରିବ ଏବଂ ତାହା ଏବେ ମଧ୍ୟ ଭଲ ଭଲ ଜଣାଯାଉଛି, କାରଣ, ଆପଣଙ୍କୁ ଅବସର ଗ୍ରହଣ କରିବାକୁ ଦିଆଯାଉ ନାହିଁ । ବସ୍ତୁତଃ ଦେଶରେ ମହତ୍ ବ୍ୟକ୍ତିଙ୍କର ଅଭାବ ଘଟିଛି । କାହିଁକି ଏପରି ହୋଇଛି ? କାରଣ ଏ ଦେଶରେ କୃତୀ ପୁରୁଷମାନଙ୍କର ଉଦ୍ଭବ-

କ୍ଷେତ୍ର ଅତି ବିସ୍ତୃତ; କିନ୍ତୁ ଆମ ଦେଶରେ ଅତି ସଂକୀର୍ଣ୍ଣ କ୍ଷେତ୍ର ମଧ୍ୟରେ ସେମାନଙ୍କର ଉଦ୍ଭବ ହୋଇଥାଏ । ଏ ଦେଶରେ ଶିକ୍ଷିତ ନରନାରୀଙ୍କ ସଂଖ୍ୟା ଅତ୍ୟନ୍ତ ବେଶୀ । ସେଥି ଯୋଗୁଁ ତିରିଶକୋଟି ଅଧିବାସୀଙ୍କ ଦେଶ ଭାରତବର୍ଷ ଅପେକ୍ଷା ତିନି-ଚାରି କିମ୍ବା ଛଅ କୋଟି ନରନାରୀ-ଅଧ୍ୟୁଷିତ ଏସବୁ ଦେଶରେ କୃତୀ ପୁରୁଷମାନଙ୍କ ଉଦ୍ଭବ-କ୍ଷେତ୍ର ବିସ୍ତୃତତର । ଆପଣ ସହୃଦୟ ବନ୍ଧୁ, ମୋତେ ଭୁଲ ବୁଝିବେ ନାହିଁ । ଆମମାନଙ୍କ ଜାତୀୟ ଜୀବନରେ ଏହା ଗୋଟିଏ ବିଶେଷ ତ୍ରୁଟି ଏବଂ ଏହା ଦୂର କରିବାକୁ ହେବ ।

ଜନସାଧାରଣଙ୍କୁ ଶିକ୍ଷିତ ଏବଂ ଉନ୍ନତ କରାଇବା ଜାତୀୟଜୀବନ-ଗଠନର ପନ୍ଥା । ଆମ ସମାଜ-ସଂସ୍କାରକମାନେ ଖୋଜି ପାଉ ନାହାନ୍ତି—କ୍ଷତଟି କେଉଁଠାରେ । ବିଧବା-ବିବାହ ପ୍ରଚଳନଦ୍ୱାରା ସେମାନେ ଜାତିକୁ ଉଦ୍ଧାର କରିବେ ବୋଲି ମନେକରୁଛନ୍ତି । ଆପଣ କ'ଣ ଭାବନ୍ତି ଯେ, ବିଧବାମାନଙ୍କ ସ୍ୱାମୀସଂଖ୍ୟା ଉପରେ କୌଣସି ଜାତିର ଭବିଷ୍ୟତ ନିର୍ଭର କରେ ? ଆମ ଧର୍ମର କୌଣସି ଅପରାଧ ନାହିଁ, କାରଣ ମୂର୍ତ୍ତିପୂଜାରେ ବିଶେଷ କିଛି ଯାଏ ଆସେ ନାହିଁ । ସମସ୍ତ ତ୍ରୁଟିମୂଳରେ ଏହି ଯେ, ପ୍ରକୃତ ଜାତି—ଯେଉଁମାନେ କୁଡ଼ିଆଘରେ ବାସ କରନ୍ତି, ସେମାନେ ସେମାନଙ୍କର ବ୍ୟକ୍ତିତ୍ୱ ଓ ମନୁଷ୍ୟତ୍ୱ ଭୁଲି ଗଲେଣି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ—ପ୍ରତ୍ୟେକଙ୍କ ପାଦତଳେ ପିଷ୍ଟ ହୋଇ ହୋଇ ସେମାନଙ୍କ ମନରେ ଏହି ଧାରଣା ଆସିଯାଇଛି ଯେ, ଧନୀମାନଙ୍କ ପାଦତଳେ ନିକ୍ଷେପିତ ହେବା ପାଇଁ ହିଁ ସେମାନଙ୍କର ଜନ୍ମ । ସେମାନଙ୍କର ଲୁପ୍ତ ବ୍ୟକ୍ତିତ୍ୱବୋଧ ଫେରାଇ ଆଣିବାକୁ ହେବ । ସେମାନଙ୍କୁ ଶିକ୍ଷିତ କରାଇବାକୁ ହେବ । ମୂର୍ତ୍ତିପୂଜା ରହିବ ବା ନ ରହିବ, କେତେ ଜଣ ବିଧବା ପୁନର୍ବିବାହ କରିବେ, ଜାତିଭେଦପ୍ରଥା ଭଲ କି ମନ୍ଦ, ତାହା ନେଇ ମୁଣ୍ଡ ଘୂରାଇବା ମୋର ଦରକାର ନାହିଁ । ପ୍ରତ୍ୟେକେ ନିଜ ନିଜର ମୁକ୍ତିପଥ ପ୍ରସ୍ତୁତ କରିବେ । ରାସାୟନିକ ଦ୍ରବ୍ୟମାନଙ୍କର ଏକତ୍ର ସମାବେଶ କରିଦେବା ହିଁ ଆମମାନଙ୍କର କର୍ତ୍ତବ୍ୟ—ଦାନା ବାନ୍ଧିବାର କାର୍ଯ୍ୟ ଭଗବାନଙ୍କ ନିୟମ ଅନୁସାରେ ସ୍ୱତଃ ହୋଇଯିବ । ଆସନ୍ତୁ, ଆମେ ସେମାନଙ୍କ ମଧ୍ୟରେ ଭାବର ପ୍ରଚାର କରିଯିବା—ଅବଶିଷ୍ଟ ସେମାନେ ନିଜେ ନିଜେ କରି-ନେବେ । ଏହାର ଅର୍ଥ, ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାବିସ୍ତାର କରିବାକୁ ହେବ । ସେଥିରେ ମଧ୍ୟ ଅସୁବିଧା ରହିଛି । ଦେବାଳିଆ ସରକାର କୌଣସି ସହାୟତା କରିବେ ନାହିଁ, କରିବାକୁ ସକ୍ଷମ ମଧ୍ୟ ନୁହନ୍ତି । ସୁତରାଂ ସେଦିଗରୁ ସହାୟତାର କୌଣସି ଆଶା ନାହିଁ ।

ଧରନ୍ତୁ, ଯଦି ଆମେ ଗ୍ରାମେ ଗ୍ରାମେ ଅବୈତନିକ ବିଦ୍ୟାଳୟ ଖୋଲିବାକୁ ସମର୍ଥ ହେବା, ତଥାପି ଦରିଦ୍ର ଘରର ପିଲାମାନେ ସେହି ସ୍କୁଲମାନଙ୍କରେ ପଢ଼ିବାକୁ ଆସିବେ ନାହିଁ; ସେମାନେ ବରଂ ସେହି ସମୟ ଭିତରେ ଜୀବିକାର୍ଜନ ପାଇଁ ଚାଷକାମ ଲାଗି ବାହାରି ପଡ଼ିବେ । ଅମର ନା ଅଛି ପ୍ରଚୁର ଅର୍ଥ—ନା ଅଛି ଏମାନଙ୍କୁ ଶିକ୍ଷାଗ୍ରହଣ ପାଇଁ ବାଧ୍ୟ କରିବାର କ୍ଷମତା । ସୁତରାଂ ସମସ୍ୟାଟି ନୈରାଶ୍ୟଜନକ ମନେହୁଏ; କିନ୍ତୁ ମୁଁ ଏହା ମଧ୍ୟରେ ଗୋଟିଏ ପନ୍ଥା ବାହାର କରିଛି । ତାହା ଏହି—ଯଦି ପର୍ବତ ମହମ୍ମଦଙ୍କ ନିକଟକୁ

ନ ଆସେ, ତେବେ ମହମ୍ମଦଙ୍କୁ ପର୍ବତ ନିକଟକୁ ଯିବାକୁ ହେବ ।* ଦରିଦ୍ର ଲୋକମାନେ ଯଦି ଶିକ୍ଷା ନିକଟରେ ପହଞ୍ଚି ନ ପାରିବେ (ଅର୍ଥାତ୍ ନିଜେ ନିଜେ ଶିକ୍ଷାଲାଭ ପାଇଁ ଯତ୍ନ ତତ୍ପର ନ ହେବେ) ତେବେ ଶିକ୍ଷାକୁ ହିଁ ଚାଷୀର ଲଙ୍ଗଳ ନିକଟରେ, ମଜୁରିଆର କାରଖାନାରେ ଏବଂ ଅନ୍ୟ ସବୁ ସ୍ଥାନରେ ପହଞ୍ଚିବାକୁ ହେବ । ପ୍ରଶ୍ନ ହୋଇପାରେ ଯେ, ତାହା କିପରି ସାଧିତ ହୋଇପାରିବ ? ଆପଣ ମୋର ଗୁରୁଭାଇମାନଙ୍କୁ ଦେଖିଥିବେ ? ଏବେ ଏହିପରି ନିଃସ୍ୱାର୍ଥ, ସତ୍ ଓ ଶିକ୍ଷିତ ଶହ ଶହ ବ୍ୟକ୍ତି ସମଗ୍ର ଭାରତବର୍ଷରେ ମୁଁ ପାଇପାରିବି । ସେହିମାନଙ୍କୁ ଗ୍ରାମେ ଗ୍ରାମେ, ଦ୍ୱାରେ ଦ୍ୱାରେ କେବଳ ଧର୍ମର ନୁହେଁ, ପରନ୍ତୁ ଶିକ୍ଷାର ଆଲୋକ ମଧ୍ୟ ବହନ କରି ଯିବାକୁ ହେବ । ଆମ ମହିଳାମାନଙ୍କ ଶିକ୍ଷା ପାଇଁ ବିଧବାମାନଙ୍କୁ ଶିକ୍ଷୟିତ୍ରୀ-କାମରେ ଲଗାଇବାକୁ ମୁଁ ପ୍ରାରମ୍ଭିକ ବ୍ୟବସ୍ଥା କରିଛି ।

ମନେକରନ୍ତୁ କୌଣସି ଏକ ଗ୍ରାମର ଅଧିବାସୀମାନେ ସାରାଦିନର ପରିଶ୍ରମ ପରେ ଗ୍ରାମକୁ ଆସି ଗୋଟିଏ ଗଛତଳେ ବା ଅନ୍ୟ କୌଣସି ସ୍ଥାନରେ ଏକାଠି ବସି ବିଶ୍ରମ୍ଭାଳାପରେ ସମୟ ଅତିବାହିତ କରୁଛନ୍ତି । ସେତିକିବେଳେ ଜଣେ ଦୁଇଜଣ ଶିକ୍ଷିତ ସନ୍ନ୍ୟାସୀ ସେମାନଙ୍କ ପାଖକୁ ଯାଇ ଛାୟା-ଚିତ୍ର କିମ୍ବା କ୍ୟାମେରା ସାହାଯ୍ୟରେ ଗ୍ରହ-ନକ୍ଷତ୍ରାଦି ସମ୍ବନ୍ଧରେ କିମ୍ବା ବିଭିନ୍ନ ଜାତି ଅଥବା ବିଭିନ୍ନ ଦେଶର ଇତିହାସ ସମ୍ବନ୍ଧରେ ଛବି ଦେଖାଇ କିଛି ଶିକ୍ଷା ଦେଲେ । ଏହିରୂପେ ଗ୍ଲୋବ୍, ମାନଚିତ୍ର ପ୍ରଭୃତି ସାହାଯ୍ୟରେ ମୁହେଁ ମୁହେଁ କେତେ ଜିନିଷ ଶିଖାଇ ଦିଆଯାଇ ନ ପାରେ ! ଦେବାନ୍‌ଜୀ ! ଚକ୍ଷୁ ହିଁ ଯେ ଜ୍ଞାନଲାଭର ଏକମାତ୍ର ଦ୍ୱାର ତାହା ନୁହେଁ, ପରନ୍ତୁ କର୍ଣ୍ଣଦ୍ୱାରା ମଧ୍ୟ ଶିକ୍ଷାର କାର୍ଯ୍ୟ ଯଥେଷ୍ଟ ହୋଇଥାଏ । ଏହିପରି ଭାବରେ ସେମାନଙ୍କୁ ନୂତନ ଚିନ୍ତାଧାରା ସହିତ ପରିଚିତ କରାଇ ନୈତିକ ଶିକ୍ଷା ଦିଆଯାଇପାରିଲେ ସେମାନଙ୍କର ଭବିଷ୍ୟତ୍ ଅପେକ୍ଷାକୃତ ଭଲ ହେବ ବୋଲି ଆଶା କରାଯାଇପାରେ । ଏହି ପର୍ଯ୍ୟନ୍ତ ଆମମାନଙ୍କ କର୍ତ୍ତବ୍ୟ, ଅବଶିଷ୍ଟ ସେମାନେ ନିଜେ ନିଜେ କରିବେ ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଯେ, ସନ୍ନ୍ୟାସୀଗଣ କାହିଁକି ଏପରି ତ୍ୟାଗବ୍ରତ ଗ୍ରହଣ କରିବେ ଏବଂ କାହିଁକି ବା ଏପ୍ରକାର କାର୍ଯ୍ୟ କରିବାକୁ ଅଗ୍ରସର ହେବେ ? ଉତ୍ତରରେ ମୁଁ କହିବି—ଧର୍ମର ପ୍ରେରଣାରେ ! ପ୍ରତ୍ୟେକ ନୂତନ ଧର୍ମ-ତରଙ୍ଗର ଗୋଟିଏ ନୂତନ କେନ୍ଦ୍ର ପ୍ରୟୋଜନ । ପ୍ରାଚୀନ ଧର୍ମ କେବଳ ନୂତନ କେନ୍ଦ୍ରର ସହାୟତାରେ ନୂତନ

* ପ୍ରବାଦ ଅଛି—ମହମ୍ମଦ ଥରେ ଘୋଷଣା କରିଥିଲେ, 'ମୁଁ ପର୍ବତକୁ ଡାକିଲେ ସେ ମୋ ନିକଟକୁ ଆସିବ ।' ଏହି ଅସମ୍ଭବ ବ୍ୟାପାର ଦେଖିବାକୁ ମହା-ଜନଗହଳି ହେଲା । ମହମ୍ମଦ ପର୍ବତକୁ ବାରମ୍ବାର ଡାକିଲେ, ତଥାପି ପର୍ବତ ଟିକିଏ ମାତ୍ର ହଲିଲା ନାହିଁ । ତହିଁରେ ମହମ୍ମଦ ସାମାନ୍ୟ ମାତ୍ର ବିଚଳିତ ନ ହୋଇ କହି ଉଠିଲେ, 'ପର୍ବତ ଯଦି ମହମ୍ମଦଙ୍କ ନିକଟକୁ ନ ଆସେ, ମହମ୍ମଦ ପର୍ବତ ନିକଟକୁ ଯିବେ ।' ତଦବଧି ଏହା ଗୋଟିଏ ପ୍ରବାଦବାକ୍ୟରୂପେ ପ୍ରଚଳିତ ।

ସ୍ୱଳ୍ପରେ ସଞ୍ଜୀବିତ ହୋଇପାରେ । ରକ୍ଷଣଶୀଳ ମତବାଦସବୁ ଛିଡ଼ଗଦାକୁ ଯାଉ— ସେଗୁଡ଼ିକ ଦ୍ୱାରା କୌଣସି କାର୍ଯ୍ୟ ହେବ ନାହିଁ । ଗୋଟିଏ ଖାଣ୍ଟି ଚରିତ୍ର, ଗୋଟିଏ ସତ୍ୟଜୀବନ, ଗୋଟିଏ ଶକ୍ତିର କେନ୍ଦ୍ର—ଜଣେ ଦେବ-ମାନବ ହିଁ ପଥ ଦେଖାଇବେ । ଏହି କେନ୍ଦ୍ରରେ ହିଁ ବିଭିନ୍ନ ଉପାଦାନ ଏକତ୍ର ହେବେ ଏବଂ ପ୍ରଚଣ୍ଡ ତରଙ୍ଗ ସଦୃଶ ସମାଜ ଉପରେ ପତିତ ହୋଇ ସବୁ କିଛି ଭସାଇ ନେଇଯିବେ, ସମସ୍ତ ଅପବିତ୍ରତା ଧୋଇ ପକାଇବେ । ଆଉ ଦେଖନ୍ତୁ, ଖଣ୍ଡିଏ କାଠକୁ ତାହାର ଆଁଶର ଅନୁକୂଳରେ ଯେପରି ସହଜରେ ଚିରିଯାଇପାରେ, ସେହିପରି ପ୍ରାଚୀନ ହିନ୍ଦୁଧର୍ମକୁ ହିନ୍ଦୁଧର୍ମର ମାଧ୍ୟମରେ ହିଁ ସଂସ୍କାର କରିବାକୁ ହେବ, ନବ୍ୟ ସଂସ୍କାର-ଆନ୍ଦୋଳନ ଦ୍ୱାରା ନୁହେଁ । ସେଥି ସଙ୍ଗେ ସଙ୍ଗେ ସଂସ୍କାରକମାନଙ୍କୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦେଶର ସଂସ୍କୃତିଧାରାଗୁଡ଼ିକୁ ନିଜ ଜୀବନରେ ମିଳିତ କରିବାକୁ ହେବ । ସେହି ମହା-ଆନ୍ଦୋଳନର ସୂତ୍ରପାତ ଦେଖିପାରୁଛନ୍ତି ବୋଲି ମନେହେଉଛି କି ? ସେହି ତରଙ୍ଗର ଆଗମନସୂଚକ ମୃଦୁ ଗମ୍ଭୀର ଧ୍ୱନି ଶୁଣିବାକୁ ପାଉଛନ୍ତି କି ? ସେହି ଶକ୍ତିକେନ୍ଦ୍ର—ସେହି ପଥପ୍ରଦର୍ଶକ ଦେବମାନବ, ଭାରତବର୍ଷରେ ହିଁ ଜନ୍ମଗ୍ରହଣ କରିଥିଲେ । ସେ ସେହି ମହାନ୍ ଶ୍ରୀରାମକୃଷ୍ଣ ପରମହଂସ ଏବଂ ତାଙ୍କୁ ହିଁ କେନ୍ଦ୍ର କରି ଏହି ଯୁବକଦଳ ଧୀରେ ଧୀରେ ସଂଘବଦ୍ଧ ହୋଇ ଉଠୁଛନ୍ତି । ଏହିମାନେ ହିଁ ଏ ମହାବ୍ରତର ଉଦ୍ଯାପନ କରିବେ ।

ଏହି କାର୍ଯ୍ୟ ପାଇଁ ସଂଘର ପ୍ରୟୋଜନ ଏବଂ ଅନ୍ତତଃ ପ୍ରାରମ୍ଭିକ ସାମାନ୍ୟ କିଛି ଅର୍ଥର ମଧ୍ୟ ପ୍ରୟୋଜନ; କିନ୍ତୁ ଭାରତରେ ଆମମାନଙ୍କୁ କିଏ ଅର୍ଥ ଦେବ ?··· ଦେୱାନ୍‌ଜୀ ସାହେବ, ସେଥିଯୋଗୁ ହିଁ ମୁଁ ଆମେରିକା ଚାଲି ଆସିଛି । ଆପଣଙ୍କର ସ୍ମରଣ ଥାଇପାରେ, ମୁଁ ସମସ୍ତ ଅର୍ଥ କେବଳ ଦରିଦ୍ରମାନଙ୍କଠାରୁ ହିଁ ସଂଗ୍ରହ କରିଥିଲି; ଧନୀ ସମ୍ପ୍ରଦାୟର ଦାନ ମୁଁ ଗ୍ରହଣ କରିପାରି ନାହିଁ, କାରଣ, ସେମାନେ ମୋର ଭାବ ବୁଝିପାରି ନାହାନ୍ତି । ଏ ଦେଶରେ ଏକବର୍ଷ ଧରି ବକ୍ତୃତା ଦେଇ ମଧ୍ୟ ମୁଁ ବିଶେଷ କିଛି କରିପାରି ନାହିଁ—ଅବଶ୍ୟ ମୋର ବ୍ୟକ୍ତିଗତ କୌଣସି ଅଭାବ ନାହିଁ; କିନ୍ତୁ ମୋର ପରିକଳ୍ପନାନୁଯାୟୀ କାର୍ଯ୍ୟ ନିମନ୍ତେ ଅର୍ଥସଂଗ୍ରହ ହୋଇପାରି ନାହିଁ । ତାହାର ପ୍ରଥମ କାରଣ, ଏ ବର୍ଷ ଆମେରିକାରେ ଅତ୍ୟନ୍ତ ଦୁର୍ବତ୍ସର ଚାଲିଛି, ହଜାର ହଜାର ଗରିବ ବେକାର ବସିଛନ୍ତି । ଦ୍ୱିତୀୟତଃ, ମିଶନାରୀଗଣ ଓ '—'ଗଣ ମୋ ମତବାଦ ଧ୍ୱଂସ କରିବାକୁ ଚେଷ୍ଟା କରୁଛନ୍ତି । ତୃତୀୟତଃ, ଗୋଟିଏ ବର୍ଷ ଅତୀତ ହୋଇଗଲା, କିନ୍ତୁ ମୋ ଦେଶର କେହି ଜଣେ ଆମେରିକାବାସୀଙ୍କୁ ଏ କଥା ଜଣାଇ ଦେଇପାରିଲେ ନାହିଁ ଯେ, ମୁଁ ସତ୍ୟରେ ହିଁ ସନ୍ନ୍ୟାସୀ, ପ୍ରତାରକ ନୁହେଁ ଏବଂ ମୁଁ ହିନ୍ଦୁଧର୍ମର ପ୍ରତିନିଧି । ସାମାନ୍ୟ ଏଇ କେତୋଟି କଥା ମାତ୍ର; କିନ୍ତୁ ତାହା ମଧ୍ୟ ସେମାନେ କହିପାରିଲେ ନାହିଁ ! ମୁଁ ସେଥିପାଇଁ ମୋ ଦେଶବାସୀଙ୍କୁ 'ବାହାବା' ଦେଉଛି; କିନ୍ତୁ ଏହା ସତ୍ତ୍ୱେ ଦେୱାନ୍‌ଜୀ ସାହେବ, ମୁଁ ସେମାନଙ୍କୁ ଭଲ ପାଏ । ମନୁଷ୍ୟର ସାହାଯ୍ୟକୁ ମୁଁ ଅବଜ୍ଞା ସହକାରେ ପ୍ରତ୍ୟାଖ୍ୟାନ କରେ । ଯେ ଗିରିଗୁହାରେ, ଦୁର୍ଗମ ଅରଣ୍ୟରେ ଓ ମରୁଭୂମିରେ ମୋ ସଙ୍ଗେ ସଙ୍ଗେ ଥିଲେ—ମୋର ବିଶ୍ୱାସ, ସେ ମୋ

ସଙ୍ଗେ ସଙ୍ଗେ ରହିବେ । ତାହା ଯଦି ନ ହୁଏ, ତେବେ ମୋ ଅପେକ୍ଷା ଅଧିକ ଶକ୍ତିମାନ୍ କେହି ପୁରୁଷ ଦିନେ ନା ଦିନେ ଭାରତବର୍ଷରେ ଜନ୍ମଗ୍ରହଣ କରି ଏହି ମହତ୍ କାର୍ଯ୍ୟ ସମ୍ପନ୍ନ କରିବେ । ଆଜି ସମସ୍ତ କଥା ଆପଣଙ୍କୁ ଖୋଲି କହିଲି । ହେ ମହାପ୍ରାଣ ବନ୍ଧୁ ! ମୋର ଏହି ଦୀର୍ଘ ପତ୍ରଯୋଗୁଁ ମୋତେ ମାର୍ଜନା କରିବେ । ମୁଷ୍ଟିମେୟ ଯେଉଁ କେତେ ଜଣ ମୋର ପ୍ରକୃତ ଦରଦୀ ଏବଂ ମୋ ପ୍ରତି ସଦୟ, ଆପଣ ସେମାନଙ୍କ ମଧ୍ୟରୁ ଜଣେ; ତେଣୁ ଆପଣ ମୋର ଏହି ଦୀର୍ଘ ପତ୍ର ଯୋଗୁଁ କ୍ଷମା କରିବେ । ହେ ବନ୍ଧୁ, ଆପଣ ମୋତେ ସ୍ୱପ୍ନବିଳାସୀ କିମ୍ବା କଳ୍ପନାପ୍ରିୟ ବୋଲି ଭାବିପାରନ୍ତି, କିନ୍ତୁ ଏତିକି ମାତ୍ର ବିଶ୍ୱାସ କରନ୍ତୁ ଯେ, ମୋର ଐକାନ୍ତିକତା ଅଛି ଏବଂ ମୁଁ ସମ୍ପୂର୍ଣ୍ଣ ନିଷ୍କପଟ । ମୋ ଚରିତ୍ରରେ ସର୍ବପ୍ରଧାନ ତ୍ରୁଟି ଏହି ଯେ, ମୁଁ ମୋ ଦେଶକୁ ଭଲ ପାଏ, ଅତି ନିବିଡ଼ଭାବରେ ଭଲ ପାଏ ।

ହେ ମହାପ୍ରାଣ ବନ୍ଧୁବର ! ଭଗବାନଙ୍କର ଆଶୀର୍ବାଦ ଆପଣ ଓ ଆପଣଙ୍କ ଆତ୍ମୀୟସ୍ୱଜନଙ୍କ ଉପରେ ନିରନ୍ତର ବର୍ଷିତ ହେଉ, ତାଙ୍କର ଅଙ୍ଗୁସ୍ଥା ଆପଣଙ୍କ ସମସ୍ତ ପ୍ରିୟଜନଙ୍କୁ ଆବୃତ କରି ରଖୁ । ଆପଣ ମୋର ଅନନ୍ତ କୃତଜ୍ଞତା ଗ୍ରହଣ କରନ୍ତୁ । ଆପଣଙ୍କ ନିକଟରେ ମୋର ଋଣ ଅପରିସୀମ, କାରଣ ଆପଣ କେବଳ ବନ୍ଧୁ ନୁହନ୍ତି, ପରନ୍ତୁ ଆଜୀବନ ଭଗବାନଙ୍କୁ ଏବଂ ମାତୃଭୂମିକୁ ଆପଣ ସମଭାବରେ ସେବା କରି ଆସିଛନ୍ତି । ଇତି

ଚିରକୃତଜ୍ଞ, ବିବେକାନନ୍ଦ

ପୁନଶ୍ଚ—ଆପଣଙ୍କ ନିକଟରୁ ଗୋଟିଏ ଅନୁଗ୍ରହ ଭିକ୍ଷା କରୁଛି । ମୁଁ ନିଉୟର୍କ ଫେରିଯାଉଛି । ଏହି (ହେଲ୍) ପରିବାର ମୋତେ ସର୍ବଦା ଆଶ୍ରୟ ଦେଇଛି ଓ ମୋତେ ନିଜ ସନ୍ତାନପରି ସ୍ନେହ କରିଛି ଏବଂ ମୋ ସ୍ୱଦେଶୀ ଲୋକଙ୍କର ଏବଂ ନିଜର ପୁରୋହିତମାନଙ୍କର କୁତ୍ସାରଟନା ସତ୍ତ୍ୱେ ଏବଂ ମୁଁ ସେମାନଙ୍କଠାରୁ କୌଣସି ପ୍ରମାଣଲିପି କିମ୍ବା ପରିଚୟପତ୍ର ଅଥବା ଏହିପରି କିଛି ଆଣିପାରି ନ ଥିଲେ ମଧ୍ୟ ସେମାନେ ପଶ୍ଚାଦ୍‌ପଦ ହୋଇ ନାହାନ୍ତି । ଆପଣ ଯଦି ଆଗ୍ରା ଓ ଲାହୋରରେ ପ୍ରସ୍ତୁତ ଦୁଇ ତିନି ଖଣ୍ଡ ଗାଲିଚା ମୋ ପାଖକୁ ପଠାଇ ପାରନ୍ତେ ତେବେ ସେମାନଙ୍କୁ ସାମାନ୍ୟ କିଛି ଉପହାର ଦେଇ ମନର ସାଧ ମେଣ୍ଟାନ୍ତି । ଏମାନେ ଘର ଭିତରେ ଭାରତୀୟ ଗାଲିଚା ପକାଇବାକୁ ଖୁବ୍ ଭଲପାଆନ୍ତି—ଏହା ସେମାନଙ୍କ ପକ୍ଷରେ ବିଶେଷ ଏକ ବିଳାସର ବସ୍ତୁ ।··· ଏଥିରେ ଯଦି ଅତ୍ୟଧିକ ଖର୍ଚ୍ଚ ଲାଗେ, ତେବେ ତାହା ମୁଁ ଚାହେଁ ନାହିଁ । ମୁଁ ନିଜେ ବେଶ୍ ଅଛି । ଖାଇବା ପିଇବା ଓ ଘରଭଡ଼ା ଦେବା ପାଇଁ ଏବଂ ମନ ହେଲେ ଦେଶକୁ ଫେରିଯିବା ପାଇଁ ମୋ ପାଖରେ ଯଥେଷ୍ଟ ଅର୍ଥ ଅଛି ।

ଆପଣଙ୍କର, ବି.

୧୦୨ଇ° (ମହୀଶୂରର ଭୂତପୂର୍ବ ମହାରାଜାଙ୍କୁ ଲିଖିତ)

ଚିକାଗୋ, ୨୩ଜୁନ୍ ୧୮୯୪

ମହାରାଜ,

ଶ୍ରୀନାରାୟଣ ଆପଣଙ୍କର ଓ ଆପଣଙ୍କ ପରିବାରବର୍ଗଙ୍କର କଲ୍ୟାଣ କରନ୍ତୁ । ଆପଣ ଅନୁଗ୍ରହପୂର୍ବକ ସାହାଯ୍ୟ କରିଥିବାରୁ ମୁଁ ଏ ଦେଶକୁ ଆସିବାକୁ ସମର୍ଥ ହୋଇଛି । ଏଠାକୁ ଆସିବା ପରେ ଏ ଦେଶରେ ସମସ୍ତେ ମୋତେ ବିଶେଷଭାବରେ ଜାଣିପାରିଛନ୍ତି । ଏ ଦେଶରେ ଅତିଥିପରାୟଣ ବ୍ୟକ୍ତିମାନେ ମୋର ସମୁଦାୟ ଅଭାବ ପୂରଣ କରିଦେଇଛନ୍ତି । ଅନେକ ବିଷୟରେ ଏହା ଏକ ଆଶ୍ଚର୍ଯ୍ୟ ଦେଶ ଏବଂ ଏମାନେ ଏକ ଅଦ୍ଭୁତ ଜାତି ! ପ୍ରଥମତଃ, କଳକାରଖାନାର ଉନ୍ନତି ବିଷୟରେ ଏ ଜାତି ଜଗତରେ ସର୍ବଶ୍ରେଷ୍ଠ । ଏ ଦେଶର ଲୋକେ ବିଭିନ୍ନ ଶକ୍ତିଗୁଡ଼ିକୁ ଯେପରି କାର୍ଯ୍ୟରେ ବିନିଯୋଗ କରିପାରନ୍ତି, ତାହା ଅନ୍ୟତ୍ର ନାହିଁ—ଏଠାରେ କେବଳ କଳ ଆଉ କଳ ! ପୁଣି ଦେଖନ୍ତୁ ଏମାନଙ୍କ ସଂଖ୍ୟା ସମୁଦାୟ ଜଗତର ଲୋକସଂଖ୍ୟାର କୋଡ଼ିଏ ଭାଗରୁ ଭାଗେ ହେବ; କିନ୍ତୁ ଜଗତର ସମସ୍ତ ଧନରାଶିର ଏକଷଷ୍ଠାଂଶ ଏମାନେ ଅଧିକାର କରି ବସିଛନ୍ତି । ଏମାନଙ୍କ ଐଶ୍ୱର୍ଯ୍ୟ-ବିଳାସର ସୀମା ନାହିଁ, ଆଉ ସବୁ ଜିନିଷ ହିଁ ଏଠାରେ ଅତିଶୟ ଦୁର୍ମୂଲ୍ୟ । ଏଠାରେ ଶ୍ରମିକର ମଜୁରି ଜଗତରେ ସର୍ବାପେକ୍ଷା ଅଧିକ, ତଥାପି ଶ୍ରମଜୀବୀ ଓ ପୁଞ୍ଜିପତିଙ୍କ ମଧ୍ୟରେ ନିତ୍ୟ ବିବାଦ ଲାଗି ରହିଛି ।

ତତ୍ପରେ ଆମେରିକାର ମହିଳାମାନଙ୍କ ଅବସ୍ଥା ପ୍ରତି ସହଜରେ ଦୃଷ୍ଟି ଆକୃଷ୍ଟ ହୁଏ । ପୃଥିବୀର ଅନ୍ୟ କୌଣସିଠାରେ ସ୍ତ୍ରୀ-ଜାତିର ଏତେ ଅଧିକାର ନାହିଁ । ସେମାନେ କ୍ରମଶଃ ସବୁ ବିଷୟ ନିଜ ହାତକୁ ନେଉଛନ୍ତି । ଆଉମଧ୍ୟ ଆଶ୍ଚର୍ଯ୍ୟର ବିଷୟ ଯେ, ଏଠାରେ ଶିକ୍ଷିତ ପୁରୁଷଙ୍କ ଅପେକ୍ଷା ଶିକ୍ଷିତା ମହିଳାଙ୍କ ସଂଖ୍ୟା ଅଧିକ । ଅବଶ୍ୟ ଖୁବ ଉଚ୍ଚ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ଅଧିକାଂଶ ପୁରୁଷ । ଏପର୍ଯ୍ୟନ୍ତ ଏମାନଙ୍କ ଭଲ ଦିଗ କହିଗଲି । ଏବେ ସେମାନଙ୍କ ଦୋଷ କଥା କହୁଛି । ପ୍ରଥମତଃ ମିଶନାରୀମାନେ ଭାରତବର୍ଷରେ ସେମାନଙ୍କ ଦେଶବାସୀଙ୍କର ଧର୍ମପ୍ରବଣତା ସମ୍ବନ୍ଧରେ ଯେତେ ବାଜେ ଗଳ୍ପ କରନ୍ତୁ ନା କାହିଁକି, ପ୍ରକୃତପକ୍ଷେ ଏ ଦେଶର ଛଅକୋଟି ନବେଲକ୍ଷ ଲୋକ ଭିତରେ ଅଧେ ଧର୍ମ ପାଳନ କରିଆସନ୍ତି । ଅବଶିଷ୍ଟ ଲୋକ କେବଳ ପାନ-ଭୋଜନ ଓ ଅର୍ଥ-ଉପାର୍ଜନ ବ୍ୟତୀତ ଅନ୍ୟ କୌଣସି ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ । ପାଶ୍ଚାତ୍ୟ-ଦେଶବାସୀ ଆମମାନଙ୍କର ଜାତିଭେଦ ସମ୍ବନ୍ଧରେ ଯେତେ ତୀବ୍ର ସମାଲୋଚନା କରନ୍ତୁ ନା କାହିଁକି, ସେମାନଙ୍କର ଜାତିଭେଦ ଆମ ଅପେକ୍ଷା ଜଘନ୍ୟ—ଅର୍ଥଗତ ଜାତିଭେଦ । ଆମେରିକାନ୍‌ମାନେ କହନ୍ତି—'ସର୍ବଶକ୍ତିମାନ୍ ଡଲାର' ଏଠାରେ ସବୁ କରିପାରେ; କିନ୍ତୁ ଏଣେ ଗରିବଙ୍କର ଠିକଣା ନାହିଁ । ନିଗ୍ରୋମାନଙ୍କ ଉପରେ (ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଦକ୍ଷିଣରେ ବାସ କରନ୍ତି) ଏମାନଙ୍କର ବ୍ୟବହାର ସମ୍ବନ୍ଧରେ ବକ୍ତବ୍ୟ—ଏହା ପୈଶାଚିକ । ସାମାନ୍ୟ ଅପରାଧରେ ସେମାନଙ୍କୁ ବିନା ବିଚାରରେ ଜୀବନ୍ତ ଅବସ୍ଥାରେ ଦେହରୁ ଚମଡ଼ା ଛାଡ଼ିଦେଇ

ମାରପକାନ୍ତି । ଏ ଦେଶରେ ଯେତେ ଆଇନ୍‌କାନୁନ୍, ଅନ୍ୟ କୌଣସି ଦେଶରେ ଏତେ ନ ଥିବ; କିନ୍ତୁ ଏ ଦେଶର ଲୋକେ ଆଇନର ମର୍ଯ୍ୟାଦା ଯେତେ କମ୍ ରଖି ଚଳନ୍ତି, ଅନ୍ୟ କୌଣସି ଦେଶରେ ତାହା ନାହିଁ ।

ମୋଟ ଉପରେ ଆମ ଦରିଦ୍ର ହିନ୍ଦୁମାନେ ଏମାନଙ୍କ ଅପେକ୍ଷା ଅନେକ ଅଧିକ ନୀତିପରାୟଣ । ଏମାନଙ୍କର ଧର୍ମ ହେଲା ଭଣ୍ଡାମି—ନାହିଁ ତ ମତାନ୍ଧତା । ପଣ୍ଡିତମାନେ ନାସ୍ତିକ, ଆଉ ଯେଉଁମାନେ ଠିକଏ ସ୍ଥିରବୁଦ୍ଧି ଓ ଚିନ୍ତାଶୀଳ, ସେମାନେ ନିଜ କୁସଂସ୍କାର ଓ ଦୁର୍ନୀତିପୂର୍ଣ୍ଣ ଧର୍ମ ଉପରେ ସମ୍ପୂର୍ଣ୍ଣ ବିରକ୍ତ । ସେମାନେ ନୂତନ ଆଲୋକ ନିମନ୍ତେ ଭାରତକୁ ଚାହିଁ ରହିଛନ୍ତି । ମହାରାଜ ! ଆପଣ ନ ଦେଖିଲେ ବୁଝିପାରିବେ ନାହିଁ ଯେ, ଏମାନେ ପବିତ୍ର ବେଦର ଗଭୀର ଚିନ୍ତାରାଶିର ଅତି ସାମାନ୍ୟ ଅଂଶ ମଧ୍ୟ କେତେ ଆଗ୍ରହର ସହିତ ଗ୍ରହଣ କରିଥାଆନ୍ତି, କାରଣ ଆଧୁନିକ ବିଜ୍ଞାନ ଧର୍ମ ଉପରେ ଯେପରି ବାରମ୍ବାର ତୀବ୍ର ଆକ୍ରମଣ କରୁଛି, ବେଦ ହିଁ କେବଳ ତାହାକୁ ବାଧା ଦେବାକୁ ସମର୍ଥ ଏବଂ ଧର୍ମ ସହିତ ବିଜ୍ଞାନର ସାମଞ୍ଜସ୍ୟ-ବିଧାନ ମଧ୍ୟ କରିପାରେ । ଏମାନଙ୍କର ଶୂନ୍ୟରୁ ସୃଷ୍ଟି, ସୃଷ୍ଟ ଆତ୍ମା, ସ୍ୱର୍ଗ ନାମକ ସ୍ଥାନରେ ସିଂହାସନ-ଉପବିଷ୍ଟ ଅତ୍ୟାଚାରୀ ଈଶ୍ୱର ଓ ଅନନ୍ତ ନରକାଗ୍ନି ପ୍ରଭୃତି ମତବାଦ ଉପରେ ସମସ୍ତ ଶିକ୍ଷିତ ବ୍ୟକ୍ତି ବିରକ୍ତ । ଆଉ ମଧ୍ୟ ସୃଷ୍ଟିର ଅନାଦିତ୍ୱ ଏବଂ ଆତ୍ମାର ନିତ୍ୟତ୍ୱ ଓ ଆତ୍ମାରେ ପରମାତ୍ମାଙ୍କ ସ୍ଥିତି ସମ୍ବନ୍ଧରେ ବେଦର ଗଭୀର ଉପଦେଶଗୁଡ଼ିକ କୌଣସି ନା କୌଣସି ଆକାରରେ ଅତି ଦ୍ରୁତ ଗ୍ରହଣ କରୁଛନ୍ତି । ପଚାଶ ବର୍ଷ ମଧ୍ୟରେ ଜଗତର ସମୁଦାୟ ଶିକ୍ଷିତ ବ୍ୟକ୍ତି ଆମ ପବିତ୍ର ବେଦର ଶିକ୍ଷାନୁଯାୟୀ ଆତ୍ମା ଓ ସୃଷ୍ଟି—ଉଭୟର ଅନାଦିତ୍ୱ ଉପରେ ବିଶ୍ୱାସବାନ୍ ହେବେ ଏବଂ ଈଶ୍ୱରଙ୍କୁ ଆମମାନଙ୍କର ସର୍ବୋଚ୍ଚ ପୂର୍ଣ୍ଣ ଅବସ୍ଥା ବୋଲି ବୁଝିବେ । ଏବେଠାରୁ ଏମାନଙ୍କର ବିଦ୍ୱାନ୍ ପୁରୋହିତମାନେ ଏହିଭାବରେ ବାଇବେଲର ବ୍ୟାଖ୍ୟା କରିବାକୁ ଆରମ୍ଭ କଲେଣି । ଭାରତରେ ଯେଉଁସବୁ ମିଶନାରୀ ଦେଖାଯାଆନ୍ତି, ସେମାନେ କୌଣସି ପ୍ରକାରରେ ଖ୍ରୀଷ୍ଟଧର୍ମର ପ୍ରତିନିଧି ନୁହନ୍ତି । ମୋର ସିଦ୍ଧାନ୍ତ ଏହି ଯେ, ପାଶ୍ଚାତ୍ୟବାସୀମାନଙ୍କର ଆହୁରି ଧର୍ମଶିକ୍ଷାର ପ୍ରୟୋଜନ ଓ ଆମମାନଙ୍କର ଆହୁରି ଐହିକ ଉନ୍ନତିର ପ୍ରୟୋଜନ ।

ଭାରତର ସମୁଦାୟ ଦୁର୍ଦ୍ଦଶାର ମୂଳ—ଜନସାଧାରଣଙ୍କର ଦାରିଦ୍ର୍ୟ । ପାଶ୍ଚାତ୍ୟ ଦେଶର ଦରିଦ୍ରମାନେ ପିଶାଚ-ପ୍ରକୃତି, ଆଉ ତୁଳନାରେ ଆମ ଦେଶର ଦେବପ୍ରକୃତି । ସୁତରାଂ ଆମ ପକ୍ଷରେ ଦରିଦ୍ରମାନଙ୍କର ଉନ୍ନତି-ସାଧନ ଅପେକ୍ଷାକୃତ ସହଜ । ଆମର ନିମ୍ନଶ୍ରେଣୀଙ୍କ ପାଇଁ କର୍ତ୍ତବ୍ୟ ଏହି ଯେ, କେବଳ ସେମାନଙ୍କୁ ଶିକ୍ଷା ଦେଇ ସେମାନଙ୍କର ବିନଷ୍ଟପ୍ରାୟ ବ୍ୟକ୍ତିତ୍ୱବୋଧ ଜାଗରିତ କରାଇବା । ଆମ ଦେଶର ସର୍ବସାଧାରଣ ଓ ରାଜନ୍ୟବୃନ୍ଦଙ୍କ ଆଗରେ ଏହି ଏକ ବିସ୍ତୃତ କାର୍ଯ୍ୟକ୍ଷେତ୍ର ପଡ଼ି ରହିଛି । ଏପର୍ଯ୍ୟନ୍ତ ଏ ବିଷୟରେ କିଛିମାତ୍ର ଚେଷ୍ଟା କରାଯାଇ ନାହିଁ । ପୁରୋହିତଶକ୍ତି ଓ ପରାଧୀନତା ସେମାନଙ୍କୁ ଶତ ଶତ ଶତାବ୍ଦୀ ଧରି ନିଷ୍ପେଷିତ କରିଛି । ଅବଶେଷରେ ସେମାନେ ଭୁଲିଯାଇଛନ୍ତି ଯେ, ସେମାନେ ମଧ୍ୟ ମନୁଷ୍ୟ । ସେମାନଙ୍କୁ ଉଚ୍ଚ ଭାବ ଦେବାକୁ ହେବ । ସେମାନଙ୍କର ଆଖି

ଖୋଲିଦେବାକୁ ହେବ, ଯେପରି ସେମାନେ ଦେଖିପାରିବେ—ଜଗତରେ କେଉଁଠି କ'ଣ ହେଉଛି । ତାହାହେଲେ ସେମାନେ ନିଜର ଉଦ୍ଧାର ପାଇଁ ନିଜେ ନିଜେ ସାଧନ କରିପାରିବେ । ପ୍ରତ୍ୟେକ ଜାତି, ପ୍ରତ୍ୟେକ ନରନାରୀ ନିଜର ଉଦ୍ଧାର ନିଜେ ହିଁ ସାଧନ କରିଥାଏ । ସେମାନଙ୍କୁ ଏତିକି ସାହାଯ୍ୟ କରିବାକୁ ହେବ— ସେମାନଙ୍କୁ କେତେ-ଗୁଡ଼ିଏ ଉଚ୍ଚ ଭାବ ଦେବାକୁ ହେବ । ଅବଶିଷ୍ଟ ଯାହା କିଛି, ଏହାର ଫଳ-ସ୍ୱରୂପ ସ୍ୱୟଂ ଆସିଯିବ । ଆମର କର୍ତ୍ତବ୍ୟ କେବଳ ରାସାୟନିକ ଉପାଦାନଗୁଡ଼ିକୁ ଏକତ୍ର କରିବା— ଏହାପରେ ପ୍ରାକୃତିକ ନିୟମରେ ହିଁ ତାହା ଦାନା ବାନ୍ଧିବ । ସୁତରାଂ ଆମର କର୍ତ୍ତବ୍ୟ— କେବଳ ସେମାନଙ୍କ ମୁଣ୍ଡରେ କେତେକ ଭାବ ପ୍ରବେଶ କରାଇଦେବା, ବାକି ଯାହା କିଛି, ସେମାନେ ନିଜେ ନିଜେ କରିନେବେ ।

ଭାରତରେ ଏହି କାର୍ଯ୍ୟ କରିବା ବିଶେଷ ଦରକାର । ଏହି ଚିନ୍ତା ଅନେକ ଦିନ ହେଲା ମୋ ମନରେ ରହିଛି । ଭାରତରେ ମୁଁ ଏହାକୁ କାର୍ଯ୍ୟରେ ପରିଣତ କରିପାରି ନାହିଁ, ସେଥିପାଇଁ ଏ ଦେଶକୁ ଆସିଛି । ଦରିଦ୍ରମାନଙ୍କୁ ଶିକ୍ଷା ଦେବା ବିଷୟରେ ପ୍ରଧାନ ବାଧା ହେଉଛି—ମନେକରନ୍ତୁ, ମହାରାଜ, ଗ୍ରାମେ ଗ୍ରାମେ ସେମାନଙ୍କ ପାଇଁ ଅବୈତନିକ ବିଦ୍ୟାଳୟ ଖୋଲିଗଲା, ତଥାପି ସେଥିରେ କିଛି ଉପକାର ହେବ ନାହିଁ, କାରଣ, ଭାରତରେ ଦାରିଦ୍ର୍ୟ ଏତେ ଅଧିକ ଯେ, ଦରିଦ୍ର ବାଳକଗଣ ବିଦ୍ୟାଳୟକୁ ନ ଯାଇ ସେମାନଙ୍କ ବାପାମାଆଙ୍କୁ ବରଂ କୃଷି କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଯିବେ, ଅଥବା ଅନ୍ୟ କୌଣସି ଜୀବିକାର୍ଜନ ପାଇଁ ଚେଷ୍ଟା କରିବେ; ସୁତରାଂ ଯେପରି ପର୍ବତ ମହମ୍ମଦଙ୍କ ନିକଟକୁ ନ ଯିବାରୁ ମହମ୍ମଦ ନିଜେ ପର୍ବତ ନିକଟକୁ ଯାଇଥିଲେ, ସେହିପରି ଦରିଦ୍ର ବାଳକମାନେ ଶିକ୍ଷା ପାଇବାକୁ ଆସି ନ ପାରିଲେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ଶିକ୍ଷିତ କରିବାକୁ ହେବ ।

ଆମ ଦେଶରେ ହଜାର ହଜାର ଦୃଢ଼ଚିତ୍ତ ନିଃସ୍ୱାର୍ଥ ସନ୍ନ୍ୟାସୀ ଅଛନ୍ତି, ସେମାନେ ଏବେ ଗାଁ ଗାଁ ବୁଲି ଲୋକମାନଙ୍କୁ ଧର୍ମଶିକ୍ଷା ଦେଉଛନ୍ତି । ଯଦି ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସାଂସାରିକ ପ୍ରୟୋଜନୀୟ ବିଦ୍ୟାସମୂହର ଶିକ୍ଷକରୂପେ ସଂଗଠିତ କରାଯାଏ, ତେବେ ସେମାନେ ଏବେ ଯେପରି ଏକ ସ୍ଥାନରୁ ଅପର ସ୍ଥାନକୁ ଯାଇ ଘରେଘରେ ଲୋକଙ୍କୁ ଧର୍ମଶିକ୍ଷା ଦେଉଛନ୍ତି, ତାହା ସଙ୍ଗେ ସଙ୍ଗେ ଲୌକିକ ବିଦ୍ୟା ମଧ୍ୟ ଶିକ୍ଷା ଦେଇପାରିବେ । ମନେକରନ୍ତୁ, ଏହିପରି ଦୁଇଜଣ ଲୋକ ଗୋଟିଏ କାମେରା, ଗୋଟିଏ ଗୋଲକ ଓ କେତେକ ମ୍ୟାପ୍ ନେଇ କୌଣସି ଗାଁକୁ ଗଲେ । ଏହି କାମେରା ଓ ଗୋଲକ ସାହାଯ୍ୟରେ ସେମାନେ ଅଜ୍ଞ ଲୋକମାନଙ୍କୁ ଜ୍ୟୋତିଷ ଓ ଭୂଗୋଳର ଅନେକ ବିଷୟ ଶିଖାଇପାରିବେ । ତା'ପରେ ଯଦି ବିଭିନ୍ନ ଜାତିର ଓ ଦେଶର ବିବରଣ ଗଳ୍ପଛଳରେ ସେମାନଙ୍କୁ କୁହାଯାଏ, ତେବେ ସମସ୍ତ ଜୀବନ ବହି ପଢ଼ି ସେମାନେ ଯାହା ନ ଜାଣନ୍ତେ, ତାହା ଅପେକ୍ଷା ଶହେଗୁଣ ଅଧିକ ବିଷୟ ଏହିପରି ମୁହେଁ ମୁହେଁ ଶିଖିଯାଇପାରିବେ । ଏଥିପାଇଁ ଗୋଟିଏ ସଙ୍ଘ ଗଠନ ଆବଶ୍ୟକ ଏବଂ ସେଥିପାଇଁ ଟଙ୍କା ମଧ୍ୟ ଦରକାର । ଭାରତରେ

ଏଥିପାଇଁ କାମ କରିବାକୁ ଅନେକ ଲୋକ ମିଳିବେ, କିନ୍ତୁ ଦୁଃଖର କଥା, ଟଙ୍କା ନାହିଁ । ଗୋଟିଏ ଚକକୁ ଗତିଶୀଳ କରିବା ପାଇଁ ପ୍ରଥମେ ବହୁତ କଷ୍ଟ ହୁଏ; ପରେ ମାତ୍ର ଘୂରାଇ ଦେଇପାରିଲେ ତାହା ଉତ୍ତରୋତ୍ତର ଅଧିକତର ବେଗରେ ଘୂରିବାକୁ ଲାଗେ । ମୁଁ ଆମ ଦେଶରେ ଏହି ବିଷୟ ପାଇଁ ଯଥେଷ୍ଟ ସାହାଯ୍ୟ ପ୍ରାର୍ଥନା କରିଛି; କିନ୍ତୁ ଧନୀମାନଙ୍କ ନିକଟରୁ ମୁଁ କିଛି ମାତ୍ର ସହାନୁଭୂତି ପାଇ ନାହିଁ । ମହାମାନ୍ୟ ମହାରାଜାଙ୍କ ସାହାଯ୍ୟରେ ମୁଁ ଏଠାକୁ ଆସିଛି । ଭାରତର ଦରିଦ୍ରମାନେ ମରନ୍ତୁ ବା ବଞ୍ଚନ୍ତୁ, ଆମେରିକାବାସୀଙ୍କର କିଛି ଯାଏ ଆସେ ନାହିଁ । ଆମ ନିଜ ଦେଶର ଲୋକେ ଯେତେବେଳେ ନିଜ ସ୍ୱାର୍ଥ ବ୍ୟତୀତ ଅନ୍ୟ କିଛି ଦେଖୁ ନାହାନ୍ତି, ସେତେବେଳେ ଏମାନେ ବା ଆମ କଥା କାହିଁକି ଭାବିବେ ?

ହେ ମହାମନା ରାଜନ୍ ! ଏହି ଜୀବନ କ୍ଷଣଭଙ୍ଗୁର, ଜଗତରେ ଧନ ମାନ ଐଶ୍ୱର୍ଯ୍ୟ—ସମସ୍ତ କ୍ଷଣସ୍ଥାୟୀ । ସେ ହିଁ କେବଳ ଜୀବିତ, ଯେ ଅନ୍ୟ ପାଇଁ ଜୀବନ ଧାରଣ କରେ । ଅବଶିଷ୍ଟ ବ୍ୟକ୍ତିଗଣ ବଞ୍ଚିରହି ମଧ୍ୟ ମୃତତୁଲ୍ୟ । ମହାରାଜାଙ୍କ ତୁଲ୍ୟ ମହାମନା ଜଣେ ରାଜବଂଶଧର ଇଚ୍ଛା କଲେ ଭାରତକୁ ପୁନର୍ବାର ନିଜ ଗୋଡ଼ରେ ଠିଆ କରାଇ ଦେଇ-ପାରନ୍ତି । ତାହାଦ୍ୱାରା ଭବିଷ୍ୟତ ବଂଶଧରଗଣ ଶ୍ରଦ୍ଧା ସହକାରେ ଆପଣଙ୍କର ନାମ ସ୍ମରଣ କରିବେ । ଈଶ୍ୱର କରନ୍ତୁ—ଆପଣଙ୍କର ମହତ୍ ଅନ୍ତଃକରଣ ଯେପରି ଅଜ୍ଞତାର ଗଭୀର ଅନ୍ଧକାର ମଧ୍ୟରେ ନିମଗ୍ନ ଭାରତର ଏହି ଲକ୍ଷ ଲକ୍ଷ ଦୀନହୀନ ସନ୍ତାନମାନଙ୍କ ପାଇଁ କାନ୍ଦୁ । ଏହା ହିଁ ପ୍ରାର୍ଥନା—

ବିବେକାନନ୍ଦ

୧୦୩ଇଂ (ରାଓ ବାହାଦୁର ନରସିଂହାଚାରିୟାରଙ୍କୁ ଲିଖିତ)

ଚିକାଗୋ, ୨୩ ଜୁନ ୧୮୯୪

ପ୍ରିୟ ମହାଶୟ,

ଆପଣ ମୋତେ ବରାବର ଅନୁଗ୍ରହ କରିଆସିଛନ୍ତି; ସେଥିପାଇଁ ମୁଁ ଆପଣଙ୍କ ନିକଟରେ ଗୋଟିଏ ବିଶେଷ ଅନୁରୋଧ କରିବାକୁ ସାହସୀ ହେଉଛି । ମିସେସ୍ ପଟାର ପାମାର୍ ଯୁକ୍ତରାଜ୍ୟର ଜଣେ ପ୍ରଧାନ ମହିଳା; ସେ ମହାମେଳାର ମହିଳାନେତ୍ରୀ ଥିଲେ । ସେ ସମଗ୍ର ଜଗତର ସ୍ତ୍ରୀମାନଙ୍କ ଅବସ୍ଥାରେ ଯେପରି ଉନ୍ନତି ହୁଏ, ସେ ବିଷୟରେ ବିଶେଷ ଉତ୍ସାହସମ୍ପନ୍ନା ଏବଂ ସ୍ତ୍ରୀମାନଙ୍କର ଗୋଟିଏ ବିରାଟ ପ୍ରତିଷ୍ଠାନର ସେ ପରିଚାଳିକା । ସେ ଲେଡି ଡଫରିନ୍‌ଙ୍କର ବିଶେଷ ବନ୍ଧୁ ଏବଂ ତାଙ୍କର ଧନ ଓ ପଦମର୍ଯ୍ୟାଦା ଯୋଗୁ ସେ ବହୁ ଇଉରୋପୀୟ ରାଜପରିବାରଙ୍କ ନିକଟରୁ ଅନେକ ଅଭ୍ୟର୍ଥନା ପାଇଛନ୍ତି । ସେ ଏ ଦେଶରେ ମୋ ପ୍ରତି ବିଶେଷ ସଦୟ ବ୍ୟବହାର କରିଛନ୍ତି । ଏବେ ସେ ଚୀନ୍, ଜାପାନ, ଶ୍ୟାମ ଓ ଭାରତ ଭ୍ରମଣରେ ବାହାରିଛନ୍ତି । ଅବଶ୍ୟ ଭାରତର ଶାସନକର୍ତ୍ତାଗଣ ଓ ବଡ଼ ବଡ଼ ଲୋକ-ମାନେ ତାଙ୍କର ଆଦର ଅଭ୍ୟର୍ଥନା କରିବେ; କିନ୍ତୁ ଇଂରେଜ ରାଜକର୍ମଚାରୀମାନଙ୍କ ସାହାଯ୍ୟନିରପେକ୍ଷ ହୋଇ ଆମ ସମାଜ ଦେଖିବା ନିମିତ୍ତ ସେ ବିଶେଷ ଉତ୍ସୁକା । ମୁଁ ବହୁ ଧୈର୍ଯ୍ୟରେ ଭାରତୀୟ ମହିଳାମାନଙ୍କ ଅବସ୍ଥାର ଉନ୍ନତି କରିବା ପାଇଁ ତାଙ୍କୁ

ଆପଣଙ୍କର ମହନୀୟ ଚେଷ୍ଟାର କଥା ଏବଂ ମଣ୍ଟ୍‌ଗୁମରିରେ ଆପଣଙ୍କ ଚମତ୍କାର କଲେଜର କଥା କହୁଛୁ । ମୋର ମନେହୁଏ, ଆମ ଦେଶର ଲୋକେ ଆମେରିକା ଆସିଲେ ଏମାନେ ଯେପରି ଯତ୍ନ ଓ ଅତିଥିସତ୍କାର କରିଥାଆନ୍ତି, ତାହାର ପ୍ରତିଦାନସ୍ୱରୂପ ଏହିପରି ବ୍ୟକ୍ତି-ମାନଙ୍କୁ କିଛିଏ ଆତିଥେୟତା ଦେଖାଇବା ଆମର କର୍ତ୍ତବ୍ୟ । ମୁଁ ଆଶା କରେ, ଆପଣ-ମାନେ ତାହାଙ୍କୁ ସାଦର ଅଭ୍ୟର୍ଥନା କରିବେ ଏବଂ ଆମ ଦେଶର ମହିଳାମାନଙ୍କର ଯଥାର୍ଥ ଅବସ୍ଥା ଦେଖାଇବା ପାଇଁ ସାହାଯ୍ୟ କରିବେ । ସେ ମିଶନାରି କିମ୍ବା ରକ୍ଷଣଶୀଳ ଖ୍ରୀଷ୍ଟିଆନ୍ ନୁହନ୍ତି—ଆପଣ ସେ ଭୟ କରିବେ ନାହିଁ । ଧର୍ମନିରପେକ୍ଷଭାବରେ ସେ ସମଗ୍ର ଜଗତର ସ୍ତ୍ରୀ-ଲୋକମାନଙ୍କର ଅବସ୍ଥାର ଉନ୍ନତି ପାଇଁ ହିଁ ଚେଷ୍ଟା କରିବାକୁ ଚାହାଁନ୍ତି । ତାଙ୍କ ଉଦ୍ଦେଶ୍ୟ ସାଧନରେ ଏହିପରି ସହାୟତା କଲେ ଏ ଦେଶରେ ମୋତେ ମଧ୍ୟ ବହୁ ପରିମାଣରେ ସାହାଯ୍ୟ କରିବା ହେବ । ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ଭବଦୀୟ ଚିରସ୍ନେହାସ୍ପଦ, ବିବେକାନନ୍ଦ

୧୦୪ଇଂ (ମିସ୍ ମେରି ହେଲ୍ ଓ ମିସ୍ ହେରିୟେଟ ହେଲ୍‌ଙ୍କୁ ଲିଖିତ)

ଚିକାଗୋ, ୨୬ ଜୁନ୍ '୮୯୪

ପ୍ରିୟ ଭଗିନୀଗଣ,

ଶ୍ରେଷ୍ଠ ହିନ୍ଦିକବି ତୁଳସୀଦାସ ତାଙ୍କ ରାମାୟଣର ମଙ୍ଗଳାଚରଣରେ କହିଛନ୍ତି—'ମୁଁ ସାଧୁ ଅସାଧୁ ଉଭୟଙ୍କର ଚରଣ ବନ୍ଦନା କରୁଛି; କିନ୍ତୁ ହାୟ, ଉଭୟେ ମୋପକ୍ଷରେ ସମାନ ଦୁଃଖପ୍ରଦ—ଅସାଧୁ ବ୍ୟକ୍ତି ମୋ ନିକଟକୁ ଆସିବା ମାତ୍ରେ ମୋତେ ଯାତନା ଦେଇଥାଏ, ଏବଂ ସାଧୁ ବ୍ୟକ୍ତି ମୋତେ ଛାଡ଼ିଯିବା ସମୟରେ ମୋର ପ୍ରାଣ ହରଣ କରି ନେଇଯାଆନ୍ତି ।'*

ମୁଁ କହେ ଏହା ଠିକ୍ । ମୋ ନିକଟରେ ଭଗବାନଙ୍କ ପ୍ରିୟ ସାଧୁ ଭକ୍ତମାନଙ୍କୁ ଭଲପାଇବା ଅପେକ୍ଷା ସୁଖ ଓ ଭଲପାଇବାର ଜିନିଷ ଆଉ କିଛି ନାହିଁ; ସେମାନଙ୍କ ବିଚ୍ଛେଦ ମୋ ପକ୍ଷରେ ମରଣତୁଲ୍ୟ ଯନ୍ତ୍ରଣା; କିନ୍ତୁ ଏସବୁ ଅନିବାର୍ଯ୍ୟ । ହେ ମୋର ପ୍ରିୟତମଙ୍କ ବଂଶୀଧ୍ୱନି ! ତୁମେ ପଥ ଦେଖାଇ ଚାଲ, ମୁଁ ଅନୁଗମନ କରୁଛି । ହେ ମହତ୍-ସ୍ୱଭାବା ମଧୁରପ୍ରକୃତି ସହୃଦୟା ପବିତ୍ର-ସ୍ୱଭାବାଗଣ ! ହାୟ, ମୁଁ ଯଦି ଷ୍ଟୋଇକ (Stoic) ଦାର୍ଶନିକମାନଙ୍କ ପରି ସୁଖ-ଦୁଃଖରେ ନିର୍ବିକାର ହୋଇପାରନ୍ତି !

ଆଶା କରେ ତୁମେମାନେ ସୁନ୍ଦର ଗ୍ରାମ୍ୟ ଦୃଶ୍ୟ ବେଶ୍ ଉପଭୋଗ କରୁଛ ।

'ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗର୍ତ୍ତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।'—ଗୀତା

---

* ବନ୍ଦୌ ସନ୍ତ ଅସନ୍ତନ ଚରଣା ।
ଦୁଃଖପ୍ରଦ ଉଭୟ ବୀଚ୍ କଛୁ ବରଣା ॥
ବିଛୁରତ ଏକ ପ୍ରାଣ ହରିଲେଇ ।
ମିଲତ ଏକ ଦାରୁଣ ଦୁଃଖ ଦେଇ ॥

—ସମସ୍ତ ପ୍ରାଣୀଙ୍କ ପକ୍ଷରେ ଯାହା ରାତି, ସଂଯମୀ ସେଥିରେ ଜାଗ୍ରତ ଥାଆନ୍ତି; ଏବଂ ପ୍ରାଣୀମାନେ ଯେଉଁଥିରେ ଜାଗ୍ରତ ଥାଆନ୍ତି—ଆତ୍ମଜ୍ଞାନୀ ମୁନିଙ୍କ ପକ୍ଷରେ ତାହା ରାତି-ସ୍ୱରୂପ ।

ଏହି ଜଗତ୍‌ର ଧୂଳି ପର୍ଯ୍ୟନ୍ତ ଯେପରି ତୁମମାନଙ୍କୁ ସ୍ପର୍ଶ କରି ନ ପାରେ; କାରଣ, କବିମାନେ କହିଥାଆନ୍ତି, ଜଗତ୍ ହେଉଛି ଗୋଟିଏ ପୁଷ୍ପାଚ୍ଛାଦିତ ଶବ ମାତ୍ର । ଏହାକୁ ସ୍ପର୍ଶ କର ନାହିଁ । ତୁମେମାନେ ସ୍ୱର୍ଗର ହୋମାପକ୍ଷୀର ଶାବକ—ଏହି ମଳିନତାର ପଙ୍କିଳ ପଲ୍ୱଲସ୍ୱରୂପ ଜଗତ୍‌କୁ ସ୍ପର୍ଶ କରିବା ପୂର୍ବରୁ ହିଁ ତୁମେମାନେ ଆକାଶ ଆଡ଼କୁ ଉଡ଼ିଯାଅ ।

'ଯେ ଅଛ ଚେତନ ଘୁମାଅ ନା ଆଉ !'

'ଜଗତ୍‌ର ଲୋକମାନେ ଭଲପାଇବା ପାଇଁ ଅନେକ ଜିନିଷ ଅଛି—ସେମାନେ ତାହା ଭଲପାଆନ୍ତୁ ! ଆମମାନଙ୍କର ପ୍ରେମାସ୍ପଦ ଜଣେ ମାତ୍ର—ସେହି ପ୍ରଭୁ । ଜଗତର ଲୋକେ ଯାହା କହନ୍ତୁ ନା କାହିଁକି, ଆମେ ସେସବୁ ଗ୍ରାହ୍ୟ କରୁ ନାହିଁ । ତେବେ ସେମାନେ ଯେତେବେଳେ ଆମ ପ୍ରେମାସ୍ପଦଙ୍କର ଛବି ଆଙ୍କିବାକୁ ଯାଆନ୍ତି ଏବଂ ତାଙ୍କୁ ନାନା ପ୍ରକାର କିମ୍ଭୂତ-କିମାକାର ବିଶେଷଣରେ ବିଶେଷିତ କରନ୍ତି, ସେତେବେଳେ ଆମର ଭୟ ହୁଏ । ସେମାନଙ୍କର ଯାହା ଖୁସି ତାହା କରନ୍ତୁ; ଆମ ନିକଟରେ ସେ କେବଳ ପ୍ରେମାସ୍ପଦ ମାତ୍ର - ସେ ମୋର ପ୍ରିୟତମ—ପ୍ରିୟତମ—ପ୍ରିୟତମ; ଆଉ କିଛି ନୁହନ୍ତି ।'

'ତାଙ୍କର କେତେ ଶକ୍ତି, କେତେ ଗୁଣ ଅଛି—ଏପରି କି ଆମମାନଙ୍କୁ କଲ୍ୟାଣ କରିବା ପାଇଁ କେତେ ଶକ୍ତି ଅଛି, ତାହା କିଏ ଜାଣିବାକୁ ଇଚ୍ଛା କରେ ? ଆମେ ଚିରଦିନ ପାଇଁ କହିରଖୁଛୁଁ, ଆମେ କିଛି ପାଇବା ପାଇଁ ଭଲପାଉ ନାହୁଁ । ଆମେ ପ୍ରେମର ଦୋକାନଦାର୍ ନୋହୁଁ, ଆମେ କୌଣସି ପ୍ରତିଦାନ ଚାହୁଁ ନାହିଁ, ଆମେ କେବଳ ଦେବାକୁ ଚାହୁଁଛୁ ।'

'ହେ ଦାର୍ଶନିକ ! ତୁମେ ତାଙ୍କର ସ୍ୱରୂପ, ତାଙ୍କର ଐଶ୍ୱର୍ଯ୍ୟ ଓ ତାଙ୍କ ଗୁଣର କଥା ମୋତେ କହିବାକୁ ଆସୁଛ ? ମୂର୍ଖ, ତୁମେ ଜାଣନା, ତାଙ୍କ ଅଧରର ଗୋଟିଏ ମାତ୍ର ଚୁମ୍ବନ ପାଇଁ ଆମ ପ୍ରାଣ ବାହାରିଯିବାର ଉପକ୍ରମ ହେଉଛି ! ତୁମର ସେସବୁ ବାଜେ କଥା ପୁଟୁଳି ବାନ୍ଧି ତୁମ ଘରକୁ ନେଇଯାଅ—ମୋ ପାଇଁ ମୋ ପ୍ରିୟତମଙ୍କର ଗୋଟିଏ ଚୁମ୍ବନ ପଠାଇଦିଅ—ପାରିବ ତ ?'

'ମୂର୍ଖ, ତୁମେ କାହା ସମ୍ମୁଖରେ ନତଜାନୁ ହୋଇ ଭୟରେ ପ୍ରାର୍ଥନା କରୁଛ ? ମୁଁ ମୋ ବେକର ହାର ନେଇ କଲ୍‌ଲେସ୍ ଭଳି ତାଙ୍କ ଗଳାରେ ପିନ୍ଧାଇ ଦେଇ ତହିଁରେ ଗୋଟିଏ ସୂତା ବାନ୍ଧି ତାଙ୍କୁ ମୋର ସଙ୍ଗେ ସଙ୍ଗେ ଟାଣିନେଇ ଯାଉଛି—ଭୟ ହୁଏ, କାଳେ ମୁହୂର୍ତ୍ତିକ ପାଇଁ ସେ ମୋ ପାଖରୁ ପଳାଇଯିବେ । ସେହି ହାର—ପ୍ରେମର ହାର, ସେହି ସୂତ୍ର—ପ୍ରେମର ଜମାଟବନ୍ଧା ଭାବର ସୂତ୍ର । ମୂର୍ଖ, ତୁମେ ତ ସୂକ୍ଷ୍ମତତ୍ତ୍ୱ ବୁଝ୍ ନାହଁ ଯେ, ଯେ ଅସୀମ ଅନନ୍ତସ୍ୱରୂପ ସେ ପ୍ରେମବନ୍ଧନରେ ମୋ ମୁଷ୍ଟି ମଧ୍ୟରେ ଧରା ପଡ଼ିଛନ୍ତି ।

ତୁମେ କଅଣ ଜାଣି ନାହିଁ ଯେ, ସେହି ଜଗନ୍ନାଥ ପ୍ରେମ-ଡୋରରେ ବନ୍ଧା ପଡ଼ନ୍ତି ! ତୁମେ କଅଣ ଜାଣି ନାହିଁ—ଯେ ଏତେ ବଡ଼ ଜଗତ୍ ଚଳାଉଛନ୍ତି, ସେ ବୃନ୍ଦାବନରେ ଗୋପୀମାନଙ୍କର ନୂପୁରଧ୍ୱନି ସଙ୍ଗେ ସଙ୍ଗେ ତାଳ ଦେଇ ନାଚୁଥିଲେ ?'

ପାଗଳଙ୍କ ପରି ଏଣୁତେଣୁ ଗୁଡ଼ାଏ କଅଣ ଲେଖିଦେଲି, ସେଥିପାଇଁ ମୋତେ କ୍ଷମା କରିବ । ଅବ୍ୟକ୍ତକୁ ବ୍ୟକ୍ତ କରିବା ପାଇଁ ବ୍ୟର୍ଥ ପ୍ରୟାସରୂପ ମୋର ଏହି ଧୃଷ୍ଟତା ମାର୍ଜନା କରିବ—ତାହା କେବଳ ପ୍ରାଣେ ପ୍ରାଣେ ଅନୁଭବ କରିବା ବିଷୟ । ସର୍ବଦା ମୋର ଶୁଭାଶୀର୍ବାଦ ଜାଣିବ ।

ତୁମମାନଙ୍କର ଭାଇ, ବିବେକାନନ୍ଦ

୧୦୫ଇ* (ଜନୈକ ମାନ୍ଦ୍ରାଜୀ ଶିଷ୍ୟଙ୍କୁ ଲିଖିତ)

୫୪୧, ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ, ୨୯ ଜୁନ ୧୮୯୪

ପ୍ରିୟ—,

ସେଦିନ ମସ୍ମାଶୁରଠାରୁ ଜ. ଜ.ର ଖଣ୍ଡିଏ ପତ୍ର ପାଇଲି । ଦୁଃଖର ବିଷୟ—ଜ. ଜ. ମୋତେ ସର୍ବଜ୍ଞ ମନେକରୁଛି; ତା' ନ ହେଲେ ସେ ଚିଠି ଉପରେ ତା'ର ଅଦ୍ଭୁତ କାନାଡ଼ା ଠିକଣାଟା ଆଉ ଟିକିଏ ପରିଷ୍କାର କରି ଲେଖିଥାଆନ୍ତା । ତା' ପରେ—ଚିକାଗୋ ଛଡ଼ା ଅନ୍ୟ କୌଣସି ଠିକଣାରେ ମୋ ପାଖକୁ ଚିଠି ପଠାଇବା ବଡ଼ଟ ଭୁଲ । ଅବଶ୍ୟ ପ୍ରଥମେ ମୁଁ ଭୁଲ କରିଛି—ଆମ ବନ୍ଧୁମାନଙ୍କର ସୂକ୍ଷ୍ମବୁଦ୍ଧି କଥା ମୋର ଭାବିବା ଉଚିତ ଥିଲା—ସେମାନେ ତ ମୋ ଚିଠିର ଉପରଭାଗରେ ଯେଉଁ ଠିକଣା ଦେଖିଲେ, ସେହିଠାକୁ ମୋ ନାମରେ ଚିଠି ପଠାଇ ଦେଉଛନ୍ତି । ଆମ ମାନ୍ଦ୍ରାଜର ବୃହସ୍ପତିମାନଙ୍କୁ କହିବ, ସେମାନେ ତ ଭଲରୂପେ ଜାଣନ୍ତି ଯେ, ତାଙ୍କ ଚିଠି ପହଞ୍ଚିବା ପୂର୍ବରୁ ହୁଏତ ମୁଁ ସେଠାରୁ ଏକ ହଜାର ମାଇଲ ଦୂରକୁ ଚାଲିଯାଇଥିବି, କାରଣ ମୁଁ କ୍ରମାଗତ ଘୂରି ବୁଲୁଛି । ଚିକାଗୋରେ ମୋର ଜଣେ ବନ୍ଧୁ ଅଛନ୍ତି, ତାଙ୍କର ଘର ହେଉଛି ମୋର ପ୍ରଧାନ ଆଡ୍ଡା । ଏଠାରେ ମୋ କାର୍ଯ୍ୟର ପ୍ରସାର-ଆଶା ପ୍ରାୟ ଶୂନ୍ୟ କହିଲେ ଚଳେ । କାରଣ, ଯଦିଓ ତାହାର ଖୁବ୍ ସମ୍ଭାବନା ଥିଲା; କିନ୍ତୁ ନିମ୍ନୋକ୍ତ କାରଣ ଯୋଗୁଁ ତାହାର ଆଶା ପ୍ରାୟ ନିର୍ମୂଳ ହୋଇଯାଇଛି—

ଭାରତର ଖବର ମୁଁ ଯାହା କିଛି ପାଉଛି, ତାହା କେବଳ ମାନ୍ଦ୍ରାଜ ଚିଠିରୁ । ତୁମମାନଙ୍କ ଚିଠିରୁ ସବୁବେଳେ ଶୁଣୁଛି, ଭାରତରେ ସମସ୍ତେ ମୋର ଖୁବ୍ ସୁଖ୍ୟାତି କରୁଛନ୍ତି— କିନ୍ତୁ ତାହା ତ ଘରୁଆ କଥା ହୋଇଯାଇଛି—ତାହା କେବଳ ତୁମେ ଜାଣୁଛ, ଆଉ ମୁଁ ଜାଣୁଛି; କାରଣ ଆଲାସିଙ୍ଗା ଦ୍ୱାରା ପ୍ରେରିତ କଟା ହୋଇଥିବା ତିନି ବର୍ଗଇଞ୍ଚ କାଗଜଖଣ୍ଡ ଛଡ଼ା କୌଣସି ଭାରତୀୟ ଖବରକାଗଜ ମୋ ସମ୍ବନ୍ଧରେ କିଛି ଲେଖିଥିବା ଏପର୍ଯ୍ୟନ୍ତ ଦେଖି ନାହିଁ । ଅନ୍ୟ ପକ୍ଷରେ, ଭାରତର ଖ୍ରୀଷ୍ଟିଆନମାନେ ଯାହା କିଛି କହୁଛନ୍ତି, ମିଶନାରୀମାନେ ସେଗୁଡ଼ିକୁ ଖୁବ୍ ଯତ୍ନରେ ସଂଗ୍ରହ କରି ଏଠାରେ ନିୟମିତ ପ୍ରକାଶ କରୁଛନ୍ତି ଏବଂ ଘର ଘର ବୁଲି ମୋ ବନ୍ଧୁମାନେ ଯେପରି ମୋତେ ପରିତ୍ୟାଗ

କରିବେ, ତାହାର ଚେଷ୍ଟା କରୁଛନ୍ତି । ସେମାନଙ୍କ ଉଦ୍ଦେଶ୍ୟ ଭଲଭାବରେ ସିଦ୍ଧ ହୋଇଛି, କାରଣ ଭାରତରେ ମୋ ପାଇଁ କେହି ପଦେହେଲେ କିଛି କହୁ ନାହିଁ । ଭାରତର ହିନ୍ଦୁ ପତ୍ରିକାଗୁଡ଼ିକ ମୋତେ ଆକାଶକୁ ଟେକିଦେଇ ପ୍ରଶଂସା କରିପାରନ୍ତି; କିନ୍ତୁ ସେମାନଙ୍କର ଗୋଟିଏ ହେଲେ କଥା ଆମେରିକାରେ ପହଞ୍ଚି ନାହିଁ । ସେଥିପାଇଁ ଏ ଦେଶର ଅନେକେ ଭାବୁଛନ୍ତି—ମୁଁ ଗୋଟାଏ ଜୁଆଚୋର । ଏକେ ତ ମିଶନାରୀମାନେ ମୋ ପଛରେ ଲାଗିଛନ୍ତି, ତା' ଉପରେ ଏଠାରେ ଥିବା ହିନ୍ଦୁମାନେ ହିଂସା କରି ସେମାନଙ୍କ ସହିତ ଯୋଗ ଦେଇଛନ୍ତି । ଏପରିସ୍ଥଳେ ମୋର ଗୋଟିଏ ହେଲେ କଥା ଜବାବ୍ ଦେବାକୁ ନାହିଁ । ଏବେ ମନେହେଉଛି, କେବଳ ମାନ୍ଦ୍ରାଜର କେତେଜଣ ପିଲା ବଳାବଳି କରିବାରୁ ଧର୍ମ-ମହାସଭାକୁ ଯିବା ପାଇଁ ମୋ ମନରେ ଗୋଟିଏ ବୋକାମି ପଶିଥିଲା, କାରଣ ସେମାନେ ତ ଯେତେହେଲେ ପିଲା । ଅବଶ୍ୟ ମୁଁ ଅନନ୍ତକାଳ ପାଇଁ ସେମାନଙ୍କ ନିକଟରେ କୃତଜ୍ଞ, କିନ୍ତୁ ସେମାନେ କେତେଜଣ ଉତ୍ସାହୀ ଯୁବକ ଛଡ଼ା ତ ଆଉ କିଛି ନୁହଁନ୍ତି—କାର୍ଯ୍ୟକ୍ଷମତା ଯେ ସେମାନଙ୍କର ଆଦୌ ନାହିଁ । ମୁଁ କୌଣସି ନିଦର୍ଶନପତ୍ର ନେଇ ଆସି ନାହିଁ, ଆଉ, ଯେତେବେଳେ କାହାର ଅର୍ଥ ସାହାଯ୍ୟ ଆବଶ୍ୟକ ହୁଏ, ସେତେବେଳେ ତା'ର ନିଦର୍ଶନ-ପତ୍ର ଥିବା ଦରକାର । ତା' ନୋହିଲେ ମିଶନାରୀ ଓ ବ୍ରାହ୍ମ-ସମାଜର ବିରୁଦ୍ଧାଚରଣ ଆଗରେ ମୁଁ ଯେ ଜୁଆଚୋର ନୁହେଁ, ଏ କଥା କିପରି ପ୍ରମାଣ କରିବି ? ଭାବିଥିଲି, କେତେକ ବାକ୍ୟ ମାତ୍ର ବ୍ୟୟ କରିବା ଭାରତ ପକ୍ଷରେ ବେଶୀ କିଛି କଠିନ କାର୍ଯ୍ୟ ହେବ ନାହିଁ । ଭାବିଥିଲି, ମାନ୍ଦ୍ରାଜ ଓ କଲିକତାରେ କେତେକ ଭଦ୍ରଲୋକ ମିଶି ଗୋଟିଏ ଗୋଟିଏ ସଭା କରି ମୋତେ ଏବଂ ସେଥିସଙ୍ଗେ ଆମେରିକାବାସୀଙ୍କୁ—ମୋ ପ୍ରତି ସହୃଦୟ ବ୍ୟବହାର କରିଥିବାରୁ – ଧନ୍ୟବାଦ ଦେଇ ପ୍ରସ୍ତାବ ପାସ୍ କରି ସେହି ପ୍ରସ୍ତାବଟିକୁ ଉକ୍ତ ସଭାର ସେକ୍ରେଟାରୀଙ୍କ ଜରିଆରେ ଆମେରିକାକୁ ଡଃ ବ୍ୟାରୋଜ୍ଙ୍କ ପାଖକୁ ପଠାଇ ଏଠାର ବିଭିନ୍ନ କାଗଜମାନଙ୍କରେ ପ୍ରକାଶ ପାଇଁ ତାଙ୍କୁ ଅନୁରୋଧ ଜଣାଇବେ । ସେହିପରି ବୋଷ୍ଟନ୍, ନିଉୟର୍କ ଓ ଚିକାଗୋର ବିଭିନ୍ନ କାଗଜକୁ ପଠାଇବା ମଧ୍ୟ ବିଶେଷ କଠିନ କାର୍ଯ୍ୟ ହେବ ନାହିଁ । ଏବେ ଦେଖୁଛି, ଭାରତ ପକ୍ଷରେ ଏହି କାର୍ଯ୍ୟଟି ଅତ୍ୟନ୍ତ ଗୁରୁତର ଓ କଠିନ—ଏହି ଏକ ବର୍ଷ ମଧ୍ୟରେ ଭାରତରେ ମୋ ପାଇଁ କେହି ଟିକିଏ ହେଲେ ପାଟି ଫିଟାଇଲେ ନାହିଁ, ଆଉ ଏଠାରେ ତ ସମସ୍ତେ ମୋର ବିପକ୍ଷରେ । ତୁମେ ନିଜ ଘରେ ବସି ମୋ ସମ୍ବନ୍ଧରେ ମନଇଚ୍ଛା ଯାହା କହିଲେ ମଧ୍ୟ ଏଠାରେ ସେ କଥା କିଏ ଜାଣୁଛି ? ଦୁଇ ମାସରୁ ଅଧିକ ହେବ ମୁଁ ଆଲାସିଙ୍ଗାକୁ ଏ ବିଷୟ ଲେଖିଥିଲି; କିନ୍ତୁ ସେ ମୋର ପତ୍ରର ଉତ୍ତର ସୁଦ୍ଧା ଦେଲା ନାହିଁ । ମୋର ଆଶଙ୍କା, ତା'ର ଉତ୍ସାହ ଥଣ୍ଡା ପଡ଼ିଗଲାଣି । ତେଣୁ ତୁମକୁ କହୁଛି, ଆଗ ଏ ବିଷୟଟି ବିବେଚନା କରି ଦେଖ, ତା'ପରେ ମାନ୍ଦ୍ରାଜୀ-ମାନଙ୍କୁ ଏ ଚିଠି ଦେଖାଅ । ଏଣେ ପୁଣି ମୋ ଗୁରୁଭାଇମାନେ ପିଲାଙ୍କ ଭଳି କେଶବ ସେନଙ୍କ ସମ୍ବନ୍ଧରେ ଅନେକ ବାଜେ କଥା କହୁଛନ୍ତି, ଆଉ ମାନ୍ଦ୍ରାଜୀମାନେ ମୁଁ ଥିଓସଫିଷ୍ଟମାନଙ୍କ ବିଷୟରେ ଯାହା ଚିଠିରେ ଲେଖିଥିଲି, ସେସବୁ ସେମାନଙ୍କୁ କହି

ଦେଉଛନ୍ତି—ଏଦ୍ୱାରା କେବଳ ଶତ୍ରୁ ସୃଷ୍ଟି କରାଯାଉଛି । ହାୟ ! ଭାରତରେ ଯଦି ଜଣେ ମାତ୍ର ମୁଣ୍ଡ ଥିବା ଲୋକ ମୋ କାର୍ଯ୍ୟରେ ସହାୟତା କରିବାକୁ ପାଆନ୍ତି ! କିନ୍ତୁ ବିଧାତାଙ୍କର ଇଚ୍ଛା ପୂର୍ଣ୍ଣ ହେବ, ମୁଁ ଏ ଦେଶରେ ଜୁଆଚ୍ଚୋର ବୋଲି ଗଣ୍ୟ ହେଲି । ନିଜର ବୋକାମି ନେଇ ବିନା ନିଦର୍ଶନପତ୍ରରେ ମୁଁ ଧର୍ମମହାସଭାକୁ ଗଲି—ଆଶା ଥିଲା, ମୋ ପଛକୁ ଅନେକେ ଆସିଯିବେ । ଏବେ ଦେଖୁଛି, ମୋତେ ଏକାକୀ ଧୀରେ ଧୀରେ କାର୍ଯ୍ୟ କରିବାକୁ ହେବ । ମୋଟକଥା, ଆମେରିକାନ୍‌ମାନେ ହିନ୍ଦୁମାନଙ୍କ ଅପେକ୍ଷା ଲକ୍ଷଗୁଣରେ ଭଲ ଏବଂ ମୁଁ ଅକୃତଜ୍ଞ ଓ ହୃଦୟହୀନମାନଙ୍କର ଦେଶ ଅପେକ୍ଷା ଏଠାରେ ବେଶୀ ଭଲକାମ କରିପାରିବି । ଯାହା ହେଉ, ମୋତେ କର୍ମ କରି ମୋର ପ୍ରାରବ୍ଧ କ୍ଷୟ କରିବାକୁ ହେବ । ମୋର ଆର୍ଥିକ ଅବସ୍ଥା ବିଷୟରେ କହିବାକୁ ଗଲେ ତାହା ବେଶ୍ ସ୍ୱଚ୍ଛଳ ଅଛି ଏବଂ ରହିବ ମଧ୍ୟ । ସମଗ୍ର ଆମେରିକାରେ ବିଗତ ଜନସୁମାରିରେ ଥିଓସଫିଷ୍ଟମାନଙ୍କର ସଂଖ୍ୟା ସର୍ବମୋଟ ୬୨୫ ଜଣ ମାତ୍ର—ସେମାନଙ୍କ ସଙ୍ଗେ ମିଶିଲେ ମୋର ସାହାଯ୍ୟ ହେବା ଦୂରେ ଥାଉ, ମୁହୂର୍ତ୍ତକ ମଧ୍ୟରେ ସବୁ କାର୍ଯ୍ୟ ପଣ୍ଡ ହୋଇଯିବ । ଆଲାସିଙ୍ଗା କହୁଛି, ଲଣ୍ଡନ୍ ଯାଇ ମିଃ ଓଲ୍‌ଡଙ୍କ ସଙ୍ଗେ ଦେଖା କରିବ, ଇତ୍ୟାଦି ଇତ୍ୟାଦି । ସେ କଅଣ ନିର୍ବୋଧଙ୍କ ପରି ବାଜେ ବକୁଛି । ବାଳକ କଅଣ କହୁଛି, ନିଜେ ହିଁ ବୁଝିପାରୁ ନାହିଁ । ଆଉ ଏହି ମାନ୍ଦ୍ରାଜୀ ଯୁବକଦଳ—ନିଜ ଭିତରେ ଗୋଟିଏ ହେଲେ କଥା ଗୋପନ ରଖିପାରୁ ନାହାନ୍ତି !! ସବୁବେଳେ ଗୁଡ଼ାଏ ବାଜେ କଥା ଗପୁଛନ୍ତି, କିନ୍ତୁ ଅସଲ କାର୍ଯ୍ୟ ବେଳକୁ କାହାର ଦେଖା ନାହିଁ !! ଏହି ବୋକାଗୁଡ଼ାକ କଅଣ ପଚାଶ ଜଣ ଲୋକଙ୍କୁ ନେଇ କେତୋଟି ସଭା କରି ମୋର ସାହାଯ୍ୟ ପାଇଁ ଗୋଟାକେତେ ଫାଙ୍କା କଥା ମଧ୍ୟ ପଠାଇପାରିଲେ ନାହିଁ । ସେମାନେ ପୁଣି ସାରାଜଗତକୁ ଶିକ୍ଷା ଦେବେ ବୋଲି ଲମ୍ବା ଲମ୍ବା କଥା କହୁଛନ୍ତି !

ମୁଁ ଫନୋଗ୍ରାଫ୍ ସମ୍ବନ୍ଧରେ ତୁମକୁ ଲେଖିଛି । ଏଠାରେ ଏକପ୍ରକାର ବୈଦ୍ୟୁତିକ ପଙ୍ଖା ଅଛି—ମୂଲ୍ୟ କୋଡ଼ିଏ ଡଲାର—ଖୁବ୍ ସୁନ୍ଦର ଚାଲେ—ବେଟେରୀରେ ୧୦୦ଘଣ୍ଟା ଚାଲେ—ତା'ପରେ ଯେକୌଣସି ବୈଦ୍ୟୁତିକ ଯନ୍ତ୍ରରୁ ବିଦ୍ୟୁତ୍ ସଞ୍ଚୟ କରିନେଲେ ହେଲା ।

ବିଦାୟ, ହିନ୍ଦୁମାନଙ୍କୁ ଯଥେଷ୍ଟ ଦେଖିଲି । ଏବେ ବିଧାତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ—ଯାହା ଆସୁ, ଅବନତ ମସ୍ତକରେ ସ୍ୱୀକାର କରୁଛି । ଯାହା ହେଉ ମୋତେ ଅକୃତଜ୍ଞ ଭାବ ନାହିଁ, ମାନ୍ଦ୍ରାଜୀମାନେ ମୋ ପାଇଁ ଯାହା କରିଛନ୍ତି, ମୁଁ ସେତିକି ପାଇବାର ଉପଯୁକ୍ତ ନ ଥିଲି; ଆଉ ସେମାନେ ନିଜ କ୍ଷମତାର ଅତିରିକ୍ତ କରିଛନ୍ତି । ମୋର ବୋକାମି ପଶିଥିଲା—କ୍ଷଣକ ପାଇଁ ଭୁଲିଯାଇଥିଲି ଯେ, ଆମେ ହିନ୍ଦୁମାନେ ଏପର୍ଯ୍ୟନ୍ତ ସୁଦ୍ଧା ମନୁଷ୍ୟ ହୋଇ ନାହୁଁ—କ୍ଷଣକ ପାଇଁ ଆତ୍ମନିର୍ଭରତା ହରାଇ ହିନ୍ଦୁମାନଙ୍କ ଉପରେ ନିର୍ଭର କରିଥିଲି—ତେଣୁ ଏପରି କଷ୍ଟ ଭୋଗିବାକୁ ହେଲା । ପ୍ରତି ମୁହୂର୍ତ୍ତରେ ଭାରତରୁ କିଛି ଆସିବ ବୋଲି ମୁଁ ଆଶା କରୁଥିଲି, କିନ୍ତୁ କିଛି ଆସିଲା ନାହିଁ । ବିଶେଷତଃ ଗତ

ଦୁଇମାସ ହେଲା ପ୍ରତି ମୁହୂର୍ତ୍ତରେ ମୋର ଉଦ୍‌ବେଗ ଓ ଯନ୍ତ୍ରଣାର ସୀମା ନ ଥିଲା—
ଭାରତରୁ ଖଣ୍ଡିଏ ଖବରକାଗଜ ମଧ୍ୟ ଆସିଲା ନାହିଁ !! ମୋର ବନ୍ଧୁମାନେ ମାସ ମାସ ଧରି
ଅପେକ୍ଷା କରି ମଧ୍ୟ କିଛି ଆସିଲା ନାହିଁ—ଗୋଟିଏ ଶବ୍ଦ ମଧ୍ୟ ଆସିଲା ନାହିଁ; ଫଳତଃ
ଅନେକଙ୍କର ଉତ୍ସାହ ଉଣା ହୋଇଗଲା ଏବଂ ଅନେକେ ମୋତେ ପରିତ୍ୟାଗ କଲେ ।
କିନ୍ତୁ ଏହା ମୋର ପଶୁଧର୍ମୀ ମନୁଷ୍ୟମାନଙ୍କ ଉପରେ ନିର୍ଭର କରିବାର ଶାସ୍ତିସ୍ୱରୂପ—
ମୋର ସ୍ୱଦେଶବାସୀଗଣ ଏପର୍ଯ୍ୟନ୍ତ ମନୁଷ୍ୟ ହୋଇ ନାହାନ୍ତି । ସେମାନେ ନିଜ ନିଜର
ପ୍ରଶଂସାବାଦ ଶୁଣିବାକୁ ଖୁବ୍ ପ୍ରସ୍ତୁତ; କିନ୍ତୁ ପଦେକଥା ମାତ୍ର କହି ସାହାଯ୍ୟ କରିବାର
ବେଳ ଆସିଲେ ସେମାନଙ୍କର ପତ୍ତା ମିଳିବ ନାହିଁ । ମାନ୍ଦ୍ରାଜୀ ଯୁବକମାନଙ୍କୁ ମୋର
ଅନନ୍ତକାଳ ପାଇଁ ଧନ୍ୟବାଦ—ପ୍ରଭୁ ସେମାନଙ୍କୁ ସର୍ବଦା ଆଶୀର୍ବାଦ କରନ୍ତୁ । କୌଣସି
ଭାବ ପ୍ରଚାର କରିବା ପାଇଁ ଆମେରିକା ଜଗତରେ ସର୍ବାପେକ୍ଷା ଉପଯୁକ୍ତ କ୍ଷେତ୍ର—ତେଣୁ
ମୁଁ ଶୀଘ୍ର ଆମେରିକା ଛାଡ଼ି ଯିବାକୁ କଳ୍ପନା କରୁ ନାହିଁ । କାହିଁକି ? ଏଠାରେ ଖାଇବା
ପିଇବାକୁ ପାଉଛି, ଅନେକେ ସହୃଦୟ ବ୍ୟବହାର କରୁଛନ୍ତି, ଆଉ ପାଞ୍ଚ ସାତଟା ଭଲ
କଥା କହି ଏହିସବୁ ପାଇ ପାରୁଛି ! ଏପରି ଉନ୍ନତମନା ଜାତିକୁ ଛାଡ଼ି ପଶୁପ୍ରକୃତି,
ଅକୃତଜ୍ଞ, ମସ୍ତିଷ୍କହୀନ, ଅନନ୍ତ ଯୁଗର କୁସଂସ୍କାରରେ ଆବଦ୍ଧ, ଦୟାହୀନ, ମମତାହୀନ,
ହତଭାଗ୍ୟମାନଙ୍କ ଦେଶରେ କଅଣ କରିବାକୁ ଯିବି ? ଅତଏବ ଆଉ ଥରେ

—ବିଦାୟ ! ଏହି ଚିଠିଖଣ୍ଡି ଟିକିଏ ବିବେଚନା କରି ଲୋକଙ୍କୁ ଦେଖାଇପାର !
ମାନ୍ଦ୍ରାଜୀମାନେ, ଏପରିକି ଆଲାସିଙ୍ଗା ପର୍ଯ୍ୟନ୍ତ, ଯାହା ଉପରେ ମୁଁ ଏତେ ଆଶା
କରିଥିଲି—ଖୁବ୍ ଗୋଟାଏ ସୁବିବେଚନାର କାର୍ଯ୍ୟ କରିଛନ୍ତି ବୋଲି ମନେହେଉ ନାହିଁ ।
ଭଲକଥା, ତୁମେ ମଜୁମଦାରଙ୍କ ଲିଖିତ 'ରାମକୃଷ୍ଣ ପରମହଂସଙ୍କ ସଂକ୍ଷିପ୍ତ ଜୀବନଚରିତ'*
କେତେଖଣ୍ଡ ଚିକାଗୋକୁ ପଠାଇ ପାରିବ କି ? କଲିକତାରେ ଅନେକ ଅଛି । ମୋର
ଠିକଣା—୫୪୧ନଂ ଡିଅରବର୍ଣ୍ଣ ଏଭିନିଉ,(ଷ୍ଟ୍ରୀଟ ନୁହେଁ),ଚିକାଗୋ, ଅଥବା C/O ଟମାସ
କୁକ୍, ଚିକାଗୋ - ଯେପରି ଭୁଲ୍ ନ ଯାଅ । ଅନ୍ୟ କୌଣସି ଠିକଣା ଦେଲେ ବହୁତ ଡେରି
ଓ ଗୋଲମାଲ ହେବ, କାରଣ ମୁଁ ସବୁବେଳେ ଏଣେତେଣେ ବୁଲୁଛି । ଚିକାଗୋ ମୋର
ଏଠାର ପ୍ରଧାନ କେନ୍ଦ୍ର, କିନ୍ତୁ ଏହି ବୁଦ୍ଧିଟିକକ ମୋ ମାନ୍ଦ୍ରାଜୀ ବନ୍ଧୁମାନଙ୍କ ମୁଣ୍ଡରେ
ନାହିଁ । ଅନୁଗ୍ରହପୂର୍ବକ ଜି. ଜି., ଆଲାସିଙ୍ଗା, ସେକ୍ରେଟେରୀ ଓ ଆଉ ଅନ୍ୟ ସମସ୍ତଙ୍କୁ ମୋର
ଚିର ଆଶୀର୍ବାଦ ଜଣାଇବ । ମୁଁ ସର୍ବଦା ସେମାନଙ୍କର କଲ୍ୟାଣ ପ୍ରାର୍ଥନା କରୁଛି । ମୁଁ
ସେମାନଙ୍କ ଉପରେ କିଛିମାତ୍ର ଅସନ୍ତୁଷ୍ଟ ହୋଇ ନାହିଁ—ମୁଁ ନିଜ ଉପରେ ହିଁ ଅସନ୍ତୁଷ୍ଟ ।
ମୁଁ ଜୀବନରେ ଏହି ଥରକ ପାଇଁ ଅନ୍ୟର ସାହାଯ୍ୟ ଉପରେ ନିର୍ଭର କରି ଭୀଷଣ ଭୁଲ
କରିଛି; ସେଥିପାଇଁ ଶାସ୍ତି ମଧ୍ୟ ଭୋଗ କରୁଛି । ଏହା ମୋ'ର ଦୋଷ, ସେମାନଙ୍କର
ନୁହେଁ । ପ୍ରଭୁ ମାନ୍ଦ୍ରାଜୀମାନଙ୍କୁ ଆଶୀର୍ବାଦ କରନ୍ତୁ—ସେମାନଙ୍କର ହୃଦୟ ବଙ୍ଗାଳୀ-
ମାନଙ୍କଠାରୁ ବହୁତ ଉନ୍ନତ । ବଙ୍ଗାଳୀମାନେ କେବଳ ବାକ୍ୟସାର—ସେମାନଙ୍କର

* Paramahansa Ramakrishna by Protap Chandra Majumdar

ହୃଦୟ ନାହିଁ, ସେମାନେ ଅସାର । ବିଦାୟ, ବିଦାୟ, ମୁଁ ବର୍ତ୍ତମାନ ସମୁଦ୍ରବକ୍ଷରେ ମୋ ତରଣୀ ମେଲି ଦେଇଛି—ଯାହା ହେବାର ହେଉ । ମୋର କଠୋର ସମାଲୋଚନା ନିମନ୍ତେ ମୋତେ କ୍ଷମା କରିବ । ବାସ୍ତବିକ୍ ମୋର କୌଣସି ପ୍ରକାର ଦାବିଦୁବା ନାହିଁ ! ମୋର ଯେତିକି ପାଇବାର ଅଧିକାର, ତୁମେମାନେ ତାହାଠାରୁ ବହୁଗୁଣ ବେଶୀ ମୋତେ ଦେଇଛ । ମୋର କର୍ମ ଅନୁସାରେ ମୁଁ ଫଳ ପାଇବି । ଯାହା ଘଟୁନା କାହିଁକି, ସବୁ ନୀରବରେ ମୁଣ୍ଡ ପାତି ସହିଯିବାକୁ ହେବ । ପ୍ରଭୁ ତୁମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ଇତି

ବିବେକାନନ୍ଦ

ପୁଃ—ବୋଧହୁଏ ଆଲାସିଙ୍ଗାର କଲେଜ ବନ୍ଦ ହୋଇଥିବ; କିନ୍ତୁ ମୁଁ ତାହାର କୌଣସି ଖବର ପାଇ ନାହିଁ । ସେ ମଧ୍ୟ ତା' ଘର ଠିକଣା ମୋତେ ଦେଇ ନାହିଁ । ଇତି

—ବି.

ମୋର ଆଶଙ୍କା ହେଉଛି, କିଡି ଦୂରେଇଗଲାଣି । —ବି.

୨୦୭ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ*) ଓଁ ନମୋ ଭଗବତେ ରାମକୃଷ୍ଣାୟ

୧୮୯୪ (ଗ୍ରୀଷ୍ମକାଳ)

ଅଭିନ୍ନହୃଦୟେଷୁ,

ତୁମମାନଙ୍କ ପତ୍ର ପାଇ ସମସ୍ତ ବିଷୟ ଅବଗତ ହେଲି । ବଲରାମବାବୁଙ୍କ ସ୍ତ୍ରୀଙ୍କର ଶୋକସମ୍ବାଦରେ ଦୁଃଖିତ ହେଲି । ପ୍ରଭୁଙ୍କ ଇଚ୍ଛା । ଏହା କର୍ମକ୍ଷେତ୍ର, ଭୋଗକ୍ଷେତ୍ର ନୁହେଁ, କାର୍ଯ୍ୟ ସରିଗଲେ ସମସ୍ତେ ନିଜ ଘରକୁ ଫେରିଯିବେ—କିଏ ଆଗ, କିଏ ବା ପଛ । ଫକୀର ଯାଇଛି, ପ୍ରଭୁଙ୍କର ଇଚ୍ଛା ।

ମହୋତ୍ସବ ବଡ଼ ଧୂମ୍‌ଧାମ୍‌ରେ ହୋଇଛି, ବେଶ୍ କଥା ! ତାଙ୍କର ନାମ ଯେତେ ପ୍ରଚାରିତ ହେବ ସେତେ ଭଲ; ତେବେ ଗୋଟିଏ କଥା—ମହାପୁରୁଷମାନେ ବିଶେଷ ଶିକ୍ଷା ଦେବାକୁ ଆସିଥାଆନ୍ତି, କେବଳ ନାମ ପାଇଁ ନୁହେଁ; କିନ୍ତୁ ଶିଷ୍ୟମାନେ ସେମାନଙ୍କ ଉପଦେଶଗୁଡ଼ିକୁ ବଢ଼ିପାଣିରେ ଭସାଇ ଦେଇ ନାମ ପାଇଁ ମରାମରି କରନ୍ତି—ଏଇତ ପୃଥିବୀର ଇତିହାସ । ତାଙ୍କ ନାମ ଲୋକେ ନିଅନ୍ତୁ ବା ନ ନିଅନ୍ତୁ, ମୁଁ ସେସବୁ କିଛି ଖାତିର୍ କରେ ନାହିଁ, କିନ୍ତୁ ତାଙ୍କର ଉପଦେଶ, ଜୀବନ, ଶିକ୍ଷା ଯେପରି ଜଗତରେ ପ୍ରଚାରିତ ହୁଏ, ସେଥିପାଇଁ ପ୍ରାଣପଣ ଚେଷ୍ଟା କରିବାକୁ ମୁଁ ପ୍ରସ୍ତୁତ । ମୋର ମହାଭୟ, ଶଶୀର ସେହି ଠାକୁରଘର । ଠାକୁରଘର ମନ୍ଦ ନୁହେଁ, ତେବେ ସେଇଟି all in all (ସର୍ବସ୍ୱ) କରି ସେହି ପୁରୁଣା ଢଙ୍ଗର nonsense (ବାଜେ ବ୍ୟାପାର) ଭଲ ଖର ପକାଇବାକୁ ଗୋଟାଏ tendency (ଝୁଙ୍କ) ଶଶୀ ଭିତରେ ଅଛି, ସେଥିପାଇଁ ମୋର ଭୟ । ମୁଁ ଜାଣେ, ଶଶୀ ଓ ନିରଞ୍ଜନ କାହିଁକି ସେହି ପୁରୁଣା ଛଣ୍ଡା ceremonial (ଅନୁଷ୍ଠାନ-ପଦ୍ଧତି) କୁ ନେଇ ବ୍ୟସ୍ତ । ସେମାନଙ୍କ spirit (ଅନ୍ତରାତ୍ମା) ଚାହେଁ work (କାର୍ଯ୍ୟ),

* ଏହି ପତ୍ରଟି ମଠର ସମସ୍ତ ସାଧୁମାନଙ୍କ ଉଦ୍ଦେଶ୍ୟରେ ଲିଖିତ ।

କୌଣସି outlet (ବାହାରିଯିବାର ପଥ) ନାହିଁ, ତେଣୁ ଘଣ୍ଟା ହଲାଇ energy (ଶକ୍ତି) ଖରଚ କରନ୍ତି ।

ଶଶୀ, ତୋତେ ଗୋଟିଏ ନୂତନ ବୁଦ୍ଧି ଦେଉଛୁ । ଯଦି କାର୍ଯ୍ୟରେ ପରିଣତ କରିପାରୁ ତେବେ ମୁଁ ଜାଣିବି ଯେ, ତୁମେମାନେ ମରଦ ଏବଂ କାମରେ ଆସିବ । ହରମୋହନ, ଭବନାଥ, କାଳୀକୃଷ୍ଣବାବୁ, ତାରକଭାଇ ପ୍ରଭୃତି ସମସ୍ତେ ମିଶି ପରାମର୍ଶ କର । କେତେଟା କ୍ୟାମେରା, କେତେଖଣ୍ଡ ମ୍ୟାପ୍, ଗ୍ଲୋବ୍, କିଛି chemicals (ରାସାୟନିକ ଦ୍ରବ୍ୟ) ଇତ୍ୟାଦି ଦରକାର । ତା'ପରେ ଗୋଟାଏ ବଡ଼ କୁଡ଼ିଆ ଦରକାର । ତା'ପରେ କେତେଜଣ ଗରିବ ଲୋକଙ୍କୁ ଆଣି ଏକାଠି କର । ତା'ପରେ ସେମାନଙ୍କୁ Astronomy, Geography (ଜ୍ୟୋତିଷ, ଭୂଗୋଳ) ପ୍ରଭୃତିର ଛବି ଦେଖାଅ ଏବଂ 'ରାମକୃଷ୍ଣ-ପରମହଂସ'ଙ୍କ ଉପଦେଶ ଦିଅ—କେଉଁ ଦେଶରେ କ'ଣ ହୁଏ, କଅଣ ହେଉଛି, ଏ ଦୁନିଆଟା କଅଣ, ଏସବୁ ବୁଝାଇ ସେମାନଙ୍କର ଯେପରି ଆଖି ଖୋଲେ, ତାହାର ଚେଷ୍ଟା କର—ସନ୍ଧ୍ୟାପରେ, ଦିନ ଦୁଇପ୍ରହର ସମୟରେ । ବରାହନଗରରେ ଅନେକ ଗରିବ ମୂର୍ଖ ଅଛନ୍ତି—ସେମାନଙ୍କ ଘରକୁ ଯାଅ, ସେମାନଙ୍କ ଆଖି ଖୋଲିଦିଅ । ପୋଥିପତ୍ରରେ କାମ ନାହିଁ—ମୁହେଁ ମୁହେଁ ଶିକ୍ଷା ଦିଅ । ତା'ପରେ ଧୀରେ ଧୀରେ centre extend (କେନ୍ଦ୍ରର ପ୍ରସାର) କର—ପାରିବ କି ? ନା, କେବଳ ଘଣ୍ଟି ହଲାଇବା ?

ମାନ୍ଦ୍ରାଜରୁ ତାରକଦାଦାଙ୍କ କଥା ସବୁ ଶୁଣିଛୁ । ସେମାନେ ତାଙ୍କ ଉପରେ ଖୁବ୍ ଖୁସୀ । ତାରକ-ଦା, ତୁମେ ଯଦି କିଛିଦିନ ମାନ୍ଦ୍ରାଜ ଯାଇ ସେଠାରେ ରହନ୍ତ, ତା' ହେଲେ ବହୁତ କାମ ହୁଅନ୍ତା; କିନ୍ତୁ ପ୍ରଥମେ ମୁଁ କହିବା କାମଟା ବରାହନଗରରେ ଆରମ୍ଭ କରିଯାଅ । ଯୋଗୀନ୍-ମା, ଗୋଲାପ-ମା କେତେଜଣ ବିଧବା ଚେଲା କରିପାରିବେ ନା ନାହିଁ ? ଆଉ ମଧ୍ୟ ତୁମେମାନେ ସେମାନଙ୍କ ମୁଣ୍ଡରେ କିଛି ପାଠଶାଠ ପୂରାଇପାରିବ କି ନାହିଁ ? ତା'ପରେ ସେମାନଙ୍କ ଘରେ ଘରେ ବୁଲି ରାମକୃଷ୍ଣ-ଭଜନ ସଙ୍ଗେ ସଙ୍ଗେ ବିଦ୍ୟାଶିକ୍ଷା ଦେବାକୁ ପଠାଇପାରିବ କି ନାହିଁ ? ··

ଉଠି ପଡ଼ି ଲାଗିଯାଅ ଦେଖି । ଆରେ ବାବୁ, ଶୁଖିଲା ଗପ ଆଉ ଘଣ୍ଟି ହଲାଇବାର କାଳ ଗଲାଣି—ଏଣିକି କାର୍ଯ୍ୟ କରିବାକୁ ହେବ । ଦେଖାଯାଉ, ବଙ୍ଗାଳୀମାନଙ୍କର ଧର୍ମ କେତେଦୂର ଯାଉଛି । ନିରଞ୍ଜନ ଲେଖିଛି ଯେ, ଲଟୁର ଗରମବସ୍ତ୍ର ଦରକାର । ଏଠା ଲୋକେ ଇଉରୋପ ଓ ଭାରତରୁ ଗରମ ବସ୍ତ୍ର ଆଣନ୍ତି । ଏଠାରେ ଗରମ ବସ୍ତ୍ରର ମୂଲ୍ୟ ଯାହା, କଲିକତାରେ ତାହାର ଚଉଠା ଦାମ୍‌ରେ ସେହି ଜିନିଷ ପାଇବ । ଲଟୁର··· ଅକ୍ଷେପ ଶୀଘ୍ର ଦୂର କରିବି । କେବେ ଇଉରୋପ ଯିବି ଜାଣେ ନାହିଁ । ମୋର ସମସ୍ତ ବିଷୟ ଅନିଶ୍ଚିତ—କେବଳ ଏ ଦେଶରେ ଗୋଟାଏ ପ୍ରକାର ଚାଲିଯାଉଛି, ଏତିକି ।

ଏ ବଡ଼ ମଜାର ଦେଶ । ଗରମ ପଡ଼ୁଛି—ଆଜି ସକାଳେ ଆମ ଦେଶର ବୈଶାଖ ମାସର ଗରମ, କିନ୍ତୁ ଉପରେଠିକ ଏଲାହାବାଦର ମାଘ ମାସର ଶୀତ !! ଚାରି ଘଣ୍ଟା

ଛିତରେ ଏତେ ପରିବର୍ତ୍ତନ ! ଏଠାର ହୋଟେଲ କଥା କଅଣ କହିବ ! ନିଉୟର୍କରେ ଗୋଟିଏ ହୋଟେଲ ଅଛି, ଯେଉଁଠାରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଦୈନିକ ଘରଭଡ଼ା, ଖାଇବା-ପିଇବା ଛଡ଼ା । ଭୋଗ-ବିଳାସର ଦେଶ ଇଉରୋପରେ ମଧ୍ୟ ଏପରି ନାହିଁ । ଏମାନେ ହେଉଛନ୍ତି ପୃଥିବୀ ମଧ୍ୟରେ ଧନଶାଳୀ—ଟଙ୍କା ମାଟି-ଗୋଡ଼ି ପରି ଖର୍ଚ୍ଚ କରନ୍ତି । ମୁଁ କ୍ୱଚିତ୍ ହୋଟେଲରେ ରହେ । ମୁଁ ପ୍ରାୟ ଏଠାରେ ବଡ଼ ବଡ଼ ଲୋକଙ୍କର ଅତିଥି—ବର୍ତ୍ତମାନ ମୁଁ ଜଣେ ବିଖ୍ୟାତ ଲୋକ । ସାରା ମୁଲକର ଲୋକେ ମୋତେ ଜାଣନ୍ତି, ସୁତରାଂ ଯେଉଁଠାକୁ ଯାଏ, ମୋତେ ହାତ ଧରି ଘରକୁ ଡାକି ନିଅନ୍ତି । ମିଃ ହେଲ୍, ଯାହାଙ୍କ ଘରେ ଚିକାଗୋରେ ମୋର centre (କେନ୍ଦ୍ର), ତାଙ୍କ ସ୍ତ୍ରୀଙ୍କୁ ମୁଁ 'ମା' ଡାକେ, ତାଙ୍କ ଝିଅମାନେ ମୋତେ 'ଦାଦା' ଡାକନ୍ତି; ଏପରି ମହାପବିତ୍ର ଦୟାଳୁ ପରିବାର ମୁଁ ତ ଆଉ ଦେଖି ନାହିଁ । ଆରେ ଭାଇ, ତାହା ନୋହିଲେ କି ଏମାନଙ୍କ ଉପରେ ଭଗବାନଙ୍କର ଏତେ କୃପା ହୁଅନ୍ତା ? କି ଦୟା ଏମାନଙ୍କର ! ଯଦି ଖବର ପାଇଲେ ଯେ, ଜଣେ ଗରିବ ଅମୁକ ଜାଗାରେ କଷ୍ଟରେ ରହିଛି, ସ୍ତ୍ରୀ-ପୁରୁଷ ସମସ୍ତେ ଯାଇ ତାକୁ ଖାଇବା-ପିଇବା ଲୁଗାପଟା ଦେବେ; ତା' ପାଇଁ କାମ ମଧ୍ୟ ଜୁଟାଇଦେବେ ! କିନ୍ତୁ ଆମେ କଅଣ କରୁଥାଉଁ !

ଏମାନେ ଗରମ ଦିନରେ ଘର ଛାଡ଼ି ବିଦେଶ କିମ୍ବା ସମୁଦ୍ରକୂଳକୁ ଯାଆନ୍ତି । ମୁଁ ମଧ୍ୟ କେଉଁ ଗୋଟାଏ ଜାଗାକୁ ଯିବି—ଏପର୍ଯ୍ୟନ୍ତ ଠିକ୍ କରି ନାହିଁ । ଏମାନେ ଦେଖିବାକୁ ଇଂରେଜମାନଙ୍କ ପରି । ବହୁପତ୍ର ସବୁ ଅଛି, କିନ୍ତୁ ବଡ଼ ମହର୍ଗ । ସେହି ମୂଲ୍ୟରେ ତାହାର ୫ଗୁଣ ଜିନିଷ କଲିକତାରେ ମିଳେ, ଅର୍ଥାତ୍ ଏମାନେ ବିଦେଶ ମାଲଆସିବାକୁ ଦିଅନ୍ତି ନାହିଁ । ପ୍ରଚୁର କର ବସାଇ ଦେବେ—ଫଳରେ ଆକାଶ ଛୁଆଁ ଦାମ୍ । ଏମାନେ ଲୁଗାପଟା ବେଶୀ ତିଆରି କରନ୍ତି ନାହିଁ । ଯନ୍ତ୍ରଶିଳ୍ପଦ୍ୱାରା ଗହମ, ଚାଉଳ, ତୁଳା ପ୍ରଭୃତି ଯଥେଷ୍ଟ ଉତ୍ପାଦନ କରନ୍ତି । ସେସବୁ ଶସ୍ତା ।

ଭଲ କଥା, ଏଠାରେ ଆଜିକାଲି ଇଲିଶିମାଛ ଅପର୍ଯ୍ୟାପ୍ତ । ଭରିପେଟ ଖାଅ, ସବୁ ହଜମ । ଫଳ ମଧ୍ୟ ଅନେକ—କଦଳୀ, ଲେମ୍ବୁ, ପିଜୁଳି, ଆପେଲ, ବାଦାମ, କିସ୍‌ମିସ୍, ଅଙ୍ଗୁର ଯଥେଷ୍ଟ, ଆଉମଧ୍ୟ ଅନେକ ପ୍ରକାର ଫଳ କାଲିଫର୍ଣ୍ଣିଆରୁ ଆସେ । ସପୁରୀ ଯଥେଷ୍ଟ; କିନ୍ତୁ ଆମ୍ବ, ଲିଚୁ ପ୍ରଭୃତି ନାହିଁ ।

ଏକ ପ୍ରକାର ଶାଗ ଅଛି, spinach (ସ୍ପିନାଚ୍)—ଯାହା ରାନ୍ଧିଲେ ଠିକ୍ ଆମର ଲେଉଟିଆ ଶାଗ ପରି ଖାଇବାକୁ ଲଗେ, ଆଉ ଏମାନେ ଯାହାକୁ Asparagus (ଆସ୍ପାରାଗସ୍) କହନ୍ତି, ତାହା ଠିକ ଯେପରି କଅଁଳ ଖଡ଼ାଡାଙ୍ଗ—କିନ୍ତୁ 'ଗୋପାଲମା'ର 'ଚଡ଼ଚଡ଼ି' ନାହିଁ ବାବା । ବିରି କିମ୍ବା ଅନ୍ୟ କୌଣସି ପ୍ରକାର ଡାଲି ନାହିଁ, ଏମାନେ ଜାଣନ୍ତି ବି ନାହିଁ । ଭାତ ଅଛି, ପାଉଁରୁଟି ଅଛି, ନାନା ରକମର ହରରଙ୍ଗୀ ମାଛମାଂସ ଅଛି । ଏମାନଙ୍କର ଖାଦ୍ୟ ଫରାସୀମାନଙ୍କ ପରି । ଦୁଧ ଅଛି, ଦହି କ୍ୱଚିତ୍, ଘୋଳ ଅପର୍ଯ୍ୟାପ୍ତ । ସର୍ବଦା ଲହୁଣୀ (cream)-ର ବ୍ୟବହାର । ଚା, କଫି ପ୍ରଭୃତିରେ ଏହି

ଲକ୍ଷଣୀ, ସର ନୁହେଁ—ଦୁଧର ଲକ୍ଷଣୀ । ଆଉ ମଖନ୍ ତ ଅଛି । ଆଉ କବା ଶୀତ, କବା ଗ୍ରୀଷ୍ମ, କ ଦନ କ ରାତ, କ ସର୍ଦ୍ଦି କ ଜ୍ୱର—ଅଜସ୍ର ବରଫ-ଅଣ୍ଡା ପାଣି । ଏମାନେ scientific (ବୈଜ୍ଞାନକ) ମଣିଷ, ସର୍ଦ୍ଦିରେ ଅଣ୍ଡା ପାଣି ପିଇଲେ ସର୍ଦ୍ଦି ବଢ଼େ, ଶୁଣିଲେ ହସନ୍ତି । ଖୁବ୍ ଖାଅ, ଖୁବ୍ ଭଲ । ଆଉ କୁଲ୍ଫି ପ୍ରଚୁର ନାନା ଆକାରର ।

ହରଙ୍କ ଇଚ୍ଛାରେ ନାଏଗ୍ରା ଜଳପ୍ରପାତ ୭।୮ ଥର ଦେଖିଲିଣି । ଖୁବ୍ grand (ଉଚ୍ଚଭାବୋଦ୍ଦୀପକ) ହେଲେ ମଧ୍ୟ ଯେପର ଶୁଣାଯାଏ, ସେତେ ନୁହେଁ । ଶୀତକାଳରେ ଥରେ Aurora Borealis* ପଡ଼ିଥିଲା । ଆଉ ଲେଖିବା ବିଷୟ କିଛି ଖୋଜି ପାଉ ନାହିଁ । ଏସବୁ ଚଠି ପତ୍ରାରେ ପକାଇବ ନାହିଁ ।

ମା-ଠାକୁରାଣୀଙ୍କ ଖର୍ଚ୍ଚପତ୍ର କପର ଚାଲିଛି ? ସେ କଥା ତ ତୁମେ କିଛି ଲେଖି ନାହଁ; ଖାଲି childish prattle (ପିଲାଳିଆ କଥା) !! ଏ ଜନ୍ମରେ ସେସବୁ ଜାଣିବାକୁ ବୋଧହୁଏ ମୋର ଆଉ ଅବକାଶ ନାହିଁ; next time (ଆସନ୍ତା ଥର) ଦେଖାଯିବ ।

ବୋଧହୁଏ ଯୋଗେନ୍ ଏହା ଭିତରେ ଭଲ ହୋଇଯିବଣି । ସାରଦାର ବୁଲାରୋଗ ଏପର୍ଯ୍ୟନ୍ତ ଶାନ୍ତ ହୋଇନାହିଁ । ଗୋଟିଏ power of organisation (ସଙ୍ଘ-ପରଚାଳନା ଶକ୍ତି) ଦରକାର—ବୁଝିଲ ? ତୁମମାନଙ୍କ ଭିତରେ ସେପର କାର୍ଯ୍ୟ ପାଇଁ କାହା ମୁଣ୍ଡରେ ମଗଜ ଅଛି କ ? ଯଦ ଥାଏ ତ ବୁଝି ଖେଳାଅ ଦେଖି— ତାରକଦାଦା, ଶରତ୍, ହର— ଏମାନେ ପାରବେ । ଶଶୀର originality (ମୌଳିକତା) ଖୁବ୍ କମ୍, ତେବେ ସେ ଖୁବ୍ good workman, persevering (କାର୍ଯ୍ୟଦକ୍ଷ ଆଉ ଅଧ୍ୟବସାୟୀ), ସେପର ହେବା ମଧ୍ୟ ନତାନ୍ତ ଆବଶ୍ୟକ, ଶଶୀ ଖୁବ୍ executive (କାର୍ଯ୍ୟତତ୍ପର), ଅବଶିଷ୍ଟ ଅନ୍ୟମାନେ— ଏମାନେ ଯାହା କହିବେ ସେହି ଅନୁସାରେ ଚାଲିବ । କେତେଜଣ ଚେଲା ଦରକାର—fiery youngmen (ଅଗ୍ନିମନ୍ତ୍ରରେ ଦୀକ୍ଷିତ ଯୁବକ), ବୁଝିପାରିଲ ?—Intelligent and brave (ବୁଦ୍ଧିମାନ୍ ଓ ସାହସୀ), ଯମ ଆଗକୁ ଯିବାକୁ ଭୟ ନ ଥିବ, ପହଁର ପହଁର ସାଗର ପାର ହେବାକୁ ପ୍ରସ୍ତୁତ, ବୁଝିଲ ? ଏହି ଧରଣର hundreds (ଶହ ଶହ) ଦରକାର— both (ଉଭୟ) ସ୍ତ୍ରୀ ଆଉ ପୁରୁଷ । ସେଥିପାଇଁ ପ୍ରାଣପଣ ଚେଷ୍ଟା କର— ଚେଲାଗୁଡ଼ିଏ ସଂଗ୍ରହ କର ଆଉ ଆମମାନଙ୍କର purity drilling (ପବିତ୍ରତାର ସାଧନ)-ଯନ୍ତ୍ରରେ ପକାଇଦଅ ।

ତୁମମାନଙ୍କର ପଇସାଟିକର ବୁଦ୍ଧି ଅକଲ ନାହିଁ । Indian Mirrorକୁ 'ପରମହଂସ ମହାଶୟ ନରେନ୍ଦ୍ରକୁ ଏପର କହୁଥିଲେ, ସେପର କହୁଥିଲେ' କାହିଁକି କହିଲ ? ଯେତେ ଅଜବ ବାଜେ କଥା—ପରମହଂସଙ୍କର କଅଣ ଆଉ କିଛି ନ ଥିଲା ?

---

* Aurora Borealis—(ସୁମେରୁ-ଜ୍ୟୋତି) ପୃଥିବୀର ଉତ୍ତରଭାଗରେ ରାତରେ (ସେଠାରେ କ୍ରମାଗତ ଛଅ ମାସ ରାତି) କେବେ କେବେ ଆକାଶରେ ଏକପ୍ରକାର କମ୍ପମାନ ବୈଦ୍ୟୁତକ ଆଲୋକ ଦେଖାଯାଇଥାଏ । ତାହା ନାନା ଆକାରର ଏବଂ ନାନା ବର୍ଣ୍ଣର । ତାହାକୁ ଅରୋରା ବୋରଆଲସ୍ କହନ୍ତି ।

କେବଳ thought-reading (ଚିନ୍ତାପଠନ) ଆଉ nonsense (ବାଜେ) ଅଳକ କଥା ! ଦୂଇ-ପଇସିଆ brain-ଗୁଡ଼ାକ ! ଘୃଣା ଲଗେ । ତୁମମାନଙ୍କ ବେଶୀଗୁଡ଼ାଏ ବୁଦ୍ଧି ଖେଳାଇବାକୁ ପଡ଼ିବ ନାହିଁ—ସରଳ ବଙ୍ଗଳାରେ କହୁଯା’ ଦେଖି ।

ବାବୁରାମଙ୍କର ଦୀର୍ଘ ପତ୍ରଟି ପଢ଼ିଲି । ବୁଢ଼ା ବଷ୍ଟୁଛି—ସୁଖର କଥା । ଗାଲ ଆଉ ହର ଲେଖିଛନ୍ତି—ତୁମମାନଙ୍କର ଆଡ୍ଡାଟା ଖୁବ୍ ମେଲେରିଆଗ୍ରସ୍ତ ଜାଗା । ରାଜାକୁ ଆଉ ହରକୁ ମୋର ଅନେକ ଅନେକ ଦଣ୍ଡବତ୍ ଲଠବତ୍ ଇଷ୍ଟକବତ୍ ଛତ୍ରୀବତ୍ ଦେବ । ବାବୁରାମ ଅନେକ delirium (ପ୍ରଳାପ) କରୁଛି । ସାଣ୍ଡେଲ ଯିବା ଆସିବା କରୁଛି, ବେଶ୍ ବେଶ । ଗୁପ୍ତକୁ ମୋର ସ୍ନେହ ଜଣାଇ ଗୋଟିଏ ପତ୍ର ଲେଖିବ ଓ ତା’ର ଯତ୍ନ ନେବ । ଧୀରେ ଧୀରେ ସବୁ ଠିକ୍ ହୋଇ ଆସିବ । ବେଶୀଗୁଡ଼ାଏ ଚିଠି ଲେଖିବାକୁ ସମୟ ପାଏ ନାହିଁ । ମୁଁ କେବେ lecture (ବକ୍ତୃତା) ଲେଖି ଦିଏ ନାହିଁ, ଗୋଟିଏ ଲେଖିକରି ଦେଇଥିଲି, ଯାହାକୁ ଛପାଇଛ । ଅନ୍ୟସବୁ ମୁହେଁ ମୁହେଁ, ଯାହା ମୁହଁକୁ ଆସିଲା—ଯାହା ଗୁରୁଦେବ ଯୋଗେଇ ଦିଅନ୍ତି । କାଗଜପତ୍ର ସହିତ ମୋର କୌଣସି ସମ୍ବନ୍ଧ ନାହିଁ । ଥରେ ଡେଟ୍ରୟେଟ୍‌ରେ ତିନିଘଣ୍ଟା ବକ୍ତୃତା ଝାଡ଼ିଥିଲି । ବେଳେ ବେଳେ ମୁଁ ନିଜେ ମଧ୍ୟ ଅବାକ୍ ହୋଇଯାଏ—ଆରେ, ତୋ ପେଟ ଭିତରେ ପୁଣି ଏତେ କଥା ଥିଲା !! ଏମାନେ କହୁଛନ୍ତି ବହି ଲେଖିବାକୁ । ଦେଖୁଛି, ଏଥର ଗୋଟାଏ କିଛି ଲେଖିବାକୁ ହେବ । ଏଇ ତ ମୁସ୍କିଲ ! କାଗଜ କଲମ ନେଇ କିଏ ଏତେ ହେଙ୍ଗାମ କରେ ବାବା !

ମୋର କୌଣସି ଚିଠି ପଦାରେ ପକାଇବ ନାହିଁ, ଖବରଦାର୍ ! ପିଲାଖେଳ ନା କଅଣ ? ଯାହା କରିବାକୁ କହୁଛି, ପାରିବ ତ କର, ନ ପାରିବ ତ ବୃଥା ଆଡ଼ମ୍ବର ଦେଖାଅ ନାହିଁ । ତୁମମାନଙ୍କ ଅଡ୍ଡା ଘରେ କେତୋଟା କୋଠରି ଅଛି—କିପରି ଚଳୁଛ ? ରାଜ୍‌କିଆ କେହି ଅଛି କି ନାହିଁ—ସବୁ ଲେଖିବ । ମା-ଠାକୁରାଣୀଙ୍କୁ ମୋର ଅନେକ ଅନେକ ସାଷ୍ଟାଙ୍ଗ ଜଣାଇବ । ତାରକଦାଦା ଆଉ ଶରତ୍‌ର ବୁଦ୍ଧି ଅନୁସାରେ ମୋ କହିବା କାର୍ଯ୍ୟଗୁଡ଼ିକ କରିବା ପାଇଁ ଚେଷ୍ଟା କରିବ—ଦେଖିବି ତୁମେସବୁ କେଡ଼େ ବାହାଦୁର୍ । ଏହି ସବୁ ସାମାନ୍ୟ କଥା କରି ନ ପାରିଲେ ତୁମମାନଙ୍କ ଉପରୁ ମୋର ସମସ୍ତ ଆସ୍ଥା ଓ ବିଶ୍ୱାସ ତୁଟିଯିବ । ତୁଚ୍ଛା ମିଛରେ ଗୋଟାଏ କଣ୍ଠୀଭଜା ଦଳ ବାନ୍ଧିବାକୁ ମୋର ଇଚ୍ଛା ନାହିଁ । I will wash my hands off you for ever (ମୁଁ ଚିରଦିନ ପାଇଁ ତୁମମାନଙ୍କ ସମ୍ପର୍କ ଛାଡ଼ିଦେବି) ।

ସମାଜକୁ, ଜଗତକୁ electrify (ବୈଦ୍ୟୁତିକଶକ୍ତିସମ୍ପନ୍ନ) କରିବାକୁ ହେବ । ବସି ବସି ଗପ ଆଉ ଘଣ୍ଟି ହଲାଇବା କ’ଣ କାମ ? ଘଣ୍ଟି ହଲେଇବା ଗୃହସ୍ଥର କାମ, ମହିନ୍ଦ୍ର ମାଷ୍ଟର, ରାମବାବୁ ତାହା କରନ୍ତୁ । ତୁମମାନଙ୍କ କାମ distribution and propagation of thought-currents (ଭାବପ୍ରବାହର ବିସ୍ତାର) । ତାହା କରିପାରିବ ତ କର, ନୋହିଲେ ବେକାର । ରୋଜଗାର କରି ଖାଅ । Eating the begging bread of idleness is of no use (ଅନାୟାସଲବ୍ଧ ଭିକ୍ଷାଧନ ଖାଇବା ନିରର୍ଥକ;

ନରେନ୍ଦ୍ର

ବୁଝିଲ ତ ? କମିଧିକମିତି ।

Character formed (ଚରିତ୍ର ଗଠିତ) ହୋଇଯାଉ, ତା'ପରେ ମୁଁ ଯିବି । ବୁଝିଲ ? ଦୁଇହଜାର, ଦଶହଜାର, କୋଡ଼ିଏହଜାର ସନ୍ନ୍ୟାସୀ ଦରକାର, ଉଭୟ ସ୍ତ୍ରୀ ଆଉ ପୁରୁଷ—ବୁଝିଲ ? ଗୌର-ମା, ଯୋଗେନ୍-ମା, ଗୋଲାପ-ମା—ଏମାନେ କଅଣ କରୁଛନ୍ତି ? at any risk (ଯେ କୌଣସିମତେ) ଚେଲା ଦରକାର । ସେମାନଙ୍କୁ କହ, ତୁମେମାନେ ମଧ୍ୟ ପ୍ରାଣପଣ ଚେଷ୍ଟା କର । ଗୃହସ୍ଥ ଚେଲାର କାମ ନୁହେଁ, ତ୍ୟାଗୀ ଦରକାର—ବୁଝିଲ ? ତୁମେ ପ୍ରତ୍ୟେକେ ୧୦୦ ଜଣ ଲେଖାଏଁ ନଣ୍ଡା କରି ପକାଅ, young educated men—not fools (ଶିକ୍ଷିତ ଯୁବକ – ବୋକା ନୁହେଁ), ତେବେ ଜାଣିବି, ତୁମେ ବାହାଦୁର୍ । ସୁରଆଡ଼େ ହୁଲସ୍ଥୁଲ ପକାଇବାକୁ ହେବ, ହୁକ୍କା ଛାଡ଼ି ଅଣ୍ଟା ଭିଡ଼ି ବାହାରି ପଡ଼ । ତାରକାଦାଦା, ମାନ୍ଦ୍ରାଜ କଲିକତା ମଧ୍ୟରେ ବିଦ୍ୟୁତ୍ ପରି କେତେଥର ଚକ୍କର ମାରୁ ତ । ସ୍ଥାନେ ସ୍ଥାନେ centre (କେନ୍ଦ୍ର) କର, ସ୍ତ୍ରୀ-ପୁରୁଷ ଯାହା ମିଳିବେ—ସମସ୍ତଙ୍କୁ ନଣ୍ଡା କରି ଚେଲା କରିନିଅ, ତା'ପରେ ମୁଁ ଯାଉଛି । ମହା spiritual tidal wave (ଆଧ୍ୟାତ୍ମିକ ବନ୍ୟା) ଆସୁଛି—ନୀଚ ମହତ୍ ହୋଇଯିବେ, ମୂର୍ଖ ମହାପଣ୍ଡିତଙ୍କର ଗୁରୁ ହେବାକୁ ସମର୍ଥ ହେବେ—ତାଙ୍କ କୃପାରେ—ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।

Life is ever expanding, contraction is death (ସମ୍ପ୍ରସାରଣ ହେଉଛି ଜୀବନ, ସଙ୍କୋଚନ ହିଁ ମୃତ୍ୟୁ) । ଯେଉଁ ଆତ୍ମମ୍ଭରି ନିଜର ଅସୁବିଧା ଖୋଜୁଛି, କୁଡ଼ିଆମି କରୁଛି, ତାହାର ନରକରେ ମଧ୍ୟ ସ୍ଥାନ ନାହିଁ । ଯେ ନିଜେ ନରକ ପର୍ଯ୍ୟନ୍ତ ଯାଇ ଜୀବ-ମାନଙ୍କ ପ୍ରତି କାତର ହୁଏ, ଚେଷ୍ଟା କରେ, ସେହି ଏକା ଶ୍ରୀରାମକୃଷ୍ଣଙ୍କର ସନ୍ତାନ—ଇତରେ କୃପଣାଃ (ଅନ୍ୟମାନେ କୃପାର ପାତ୍ର) । ଯେ ଏହି ମହାସନ୍ଧିପୂଜା ସମୟରେ ଅଣ୍ଟା ଭିଡ଼ି ଠିଆ ହୋଇ ଘରେ ଘରେ ଗ୍ରାମେ ଗ୍ରାମେ ତାଙ୍କର ବାର୍ତ୍ତା ବିତରଣ କରିବେ, ସେ ହିଁ ମୋର ଭାଇ, ସେ ହିଁ ତାଙ୍କର ସନ୍ତାନ, ଯେଉଁମାନେ ତାହା କରି ନ ପାରିବେ—ଏଥିକ ବେଳୁ ଭଲରେ ଭଲରେ ଚାଲିଯାଅ ।

ଏହି ଚିଠି ତୁମେ ସବୁ ପଢ଼ିବ—ଯୋଗେନ୍-ମା, ଗୋଲାପ-ମା ପ୍ରଭୃତିଙ୍କୁ ଶୁଣାଇବ । ଏହି test (ପରୀକ୍ଷା)—ଯେ ରାମକୃଷ୍ଣଙ୍କର ସନ୍ତାନ, ସେ ନିଜର ଭଲ ଚାହେଁ ନାହିଁ, ସେ 'ପ୍ରାଣାତ୍ୟୟେଽପି ପରକଲ୍ୟାଣ-ଚିକୀର୍ଷବଃ' (ପ୍ରାଣ ବାହାରି ଗଲେ ମଧ୍ୟ ପରହିତାକାଙ୍କ୍ଷୀ ହେବେ) । ଯେଉଁମାନେ ନିଜର ସୁଖ ଚାହାଁନ୍ତି, ଅଳସୁଆମି ଚାହାଁନ୍ତି, ଯେଉଁମାନେ ନିଜ ଜିଦ୍ ଆଗରେ ଅନ୍ୟମାନଙ୍କର ଶିର ବଳି ଦେବାକୁ ପ୍ରସ୍ତୁତ, ସେମାନେ ଆମର କେହି ନୁହନ୍ତି, ସେମାନେ ଏଥିକବେଳୁ ଭଲରେ ଭଲରେ ଅଲଗା ହୋଇଯାଆନ୍ତୁ । ତାଙ୍କର ଚରିତ୍ର, ତାଙ୍କର ଶିକ୍ଷା, ଧର୍ମ ଚାରିଆଡ଼େ ପ୍ରଚାର କର—ଏହା ହିଁ ସାଧନ, ଏହା ହିଁ ଭଜନ; ଏହି ସାଧନ, ଏହି ସିଦ୍ଧି । ଉଠ, ଉଠ, ମହାତରଙ୍ଗ ଆସୁଛି । Onward, onward, (ଆଗେଇ ଯାଅ, ଆଗେଇ ଯାଅ) । ତାଙ୍କ ନିକଟରେ ଆଚଣ୍ଡାଳ, ସ୍ତ୍ରୀ-ପୁରୁଷ,

ସମସ୍ତେ ପଢ଼ନ୍ତ—Onward onward, ନାମର ସମସ୍ୟ ନାହିଁ, ଯଶର ସମସ୍ୟ ନାହିଁ, ମୁକ୍ତିର ସମସ୍ୟ ନାହିଁ, ଭକ୍ତିର ସମସ୍ୟ ନାହିଁ, ସେସବୁ ପରେ ଦେଖାଯିବ । ବର୍ତ୍ତମାନ ଏହି ଜନ୍ମରେ ଅନନ୍ତ ବିସ୍ତାର—ତାଙ୍କ ମହାନ୍ ଚରିତର, ତାଙ୍କ ମହାନ୍ ଜୀବନର, ତାଙ୍କ ଅନନ୍ତ ଆତ୍ମାର । ଏତିକି ହିଁ କାର୍ଯ୍ୟ—ଆଉ କିଛି ନାହିଁ । ତାଙ୍କ ନାମ ଯେଉଁଠାକୁ ଯିବ, ସେଠାରେ କୀଟପତଙ୍ଗ ମଧ୍ୟ ଦେବତା ପାଲଟିଯିବେ—ହୋଇଯାଉଛନ୍ତି, ଦେଖି ମଧ୍ୟ ଦେଖି ପାରୁନାହଁ ? ଏହା କଅଣ ପିଲାଖେଳ, ଏ କଅଣ ଫଟାଣି କଥା, ଏହା କଅଣ ବଗୁଲିଆମି ! 'ଉତ୍ତିଷ୍ଠତ ଜାଗ୍ରତ'—ହରେ ହରେ ! ସେ ପଛରେ ରହିଛନ୍ତି । ମୁଁ ଆଉ ଲେଖିପାରୁ ନାହିଁ—onward —ଏହି କଥାଟି କେବଳ କହୁଛି –ଯେଉଁମାନେ ଏ ଚିଠି ପଢ଼ିବେ, ସେମାନଙ୍କ ଭିତରେ ମୋର spirit (ଶକ୍ତି) ଆସିବ—ବିଶ୍ୱାସ କର । Onward ହରେ ହରେ ! ଚିଠି ହାଟରେ ପକାଅ ନାହିଁ । ମୋ ହାତ ଧରି ଯେପରି କିଏ ସବୁ ଲେଖାଇଦେଉଛି । Onward, ହରେ ହରେ ! ସବୁ ଭାସିଯିବ—ହୁସିଆର୍—ସେ ଆସୁଛନ୍ତି । ଯେଉଁମାନେ ତାଙ୍କର ସେବା ପାଇଁ, ତାଙ୍କର ସେବା ନୁହେଁ—ତାଙ୍କ ସନ୍ତାନମାନଙ୍କର – ଗରିବଗୁରୁବା, ପାପୀତାପୀ, କୀଟ-ପତଙ୍ଗ ପର୍ଯ୍ୟନ୍ତ, ସେମାନଙ୍କର ସେବା ପାଇଁ, ଯେଉଁମାନେ ପ୍ରସ୍ତୁତ ହେବେ, ସେମାନଙ୍କ ଭିତରେ ସେ ଆସିବେ—ସେମାନଙ୍କ କଣ୍ଠରେ ସରସ୍ୱତୀ ବସିବେ, ସେମାନଙ୍କ ବକ୍ଷରେ ମହାମାୟା ମହାଶକ୍ତି ଅଧିଷ୍ଠିତା ହେବେ । ଯେଉଁଗୁଡ଼ାକ ନାସ୍ତିକ, ଅବିଶ୍ୱାସୀ, ନରାଧମ, ବିଳାସୀ—ସେମାନେ କଅଣ କରିବାକୁ ଆମ ଘରକୁ ଆସିଛନ୍ତି ? ସେମାନେ ବେଳହୁଁ ବାହାରିଯାଆନ୍ତୁ ।

ମୁଁ ଆଉ ଲେଖିପାରୁ ନାହିଁ, ଆଉ ଯାହା ରହିଲା ସେ ନିଜେ ଯାଇ କହନ୍ତୁ । ଇତି

ନରେନ୍ଦ୍ର

୧୦୭ଇ° (ମିସେସ ଜର୍ଜ ଡବ୍ଲ୍ୟୁ. ହେଲ୍‌ଙ୍କୁ ଲିଖିତ)

ଫିସ୍‌କିଲ୍ ଲ୍ୟାଣ୍ଡିଂ, ଏନ୍. ୱାଇ , ଜୁଲାଇ ୧୮୯୪

ମା,

କାଲି ଏଠାକୁ ଆସିଛି । କିଛିଦିନ ରହିବି । ନିଉୟର୍କଠାରେ ଆପଣଙ୍କର ଖଣ୍ଡିଏ ପତ୍ର ପାଇଥିଲି; କିନ୍ତୁ 'ଇଣ୍ଟିରିୟର୍' ପାଇ ନାହିଁ । ସେଥିପାଇଁ ଖୁସୀ ହୋଇଛି, କାରଣ ଏପର୍ଯ୍ୟନ୍ତ ମୁଁ ସମ୍ପୂର୍ଣ୍ଣ ସ୍ଥିତଧୀ ହୋଇ ନାହିଁ ଏବଂ ପ୍ରେସ୍‌ବିଟାରିୟାନ୍ ଧର୍ମଯାଜକମାନଙ୍କର —ବିଶେଷତଃ 'ଇଣ୍ଟିରିୟର୍'ମାନଙ୍କର ମୋ ପ୍ରତି ଯେଉଁ ନିଃସ୍ୱାର୍ଥ ସ୍ନେହ ଅଛି, ତାହା ଜାଣି ଏହି 'ପ୍ରେମିକ' ଖ୍ରୀଷ୍ଟିଆନ ମହୋଦୟମାନଙ୍କ ପ୍ରତି କାଳେ ମୋର ବିଦ୍ୱେଷ ଉଦ୍‌ବୁଦ୍ଧ ହେବ, ସେଥିପାଇଁ ଦୂରେଇ ରହିବାକୁ ଚାହେଁ । ଆମମାନଙ୍କର ଧର୍ମର ଶିକ୍ଷା ଏହି ଯେ—କ୍ରୋଧ ସଙ୍ଗତ (ସମର୍ଥନଯୋଗ୍ୟ) ହେଲେ ମଧ୍ୟ ମହାପାପ । ନିଜ ନିଜ ଧର୍ମ ହିଁ ଅନୁସରଣୀୟ । 'ସାଧାରଣ' ଓ 'ଧର୍ମଜ୍ଞାନୀ' ଭେଦରେ କ୍ରୋଧ, ହତ୍ୟା, ଅପବାଦ ପ୍ରଭୃତି ମଧ୍ୟରେ ଗତିଚେଷ୍ଟା ସତ୍ତ୍ୱେ କୌଣସି ପ୍ରଭେଦ ଦେଖିପାରୁ ନାହିଁ । ଏହି ସୂକ୍ଷ୍ମ ନୈତିକ ପାର୍ଥକ୍ୟ-ବୋଧ ଯେପରି ମୋ ସ୍ୱ-ଜାତିସ୍ୱମାନଙ୍କ ମଧ୍ୟରେ କେବେ ହେଲେ ପ୍ରବେଶ ନ କରେ । ଅନ୍ତା

ଆଉ, ଶୁଣନ୍ତୁ ମଦର୍ ଚର୍ଚ୍ଚ, ଆପଣଙ୍କୁ କହୁଛି— ଏମାନେ ସେଇ କପଟୀ, ଭଣ୍ଡ, ସ୍ୱାର୍ଥପର ଓ ପ୍ରତିଷ୍ଠାପ୍ରିୟ ତାହା ସ୍ପଷ୍ଟ ବୁଝିପାରି ମୁଁ ଏମାନଙ୍କର ଉନ୍ନତ ଅନୁଷ୍ଠାନକୁ ଆଉ ଲେଶମାତ୍ର ଖାତିର କରୁ ନାହିଁ ।

ଏଥର ଛବି କଥା କହିବି—ପ୍ରଥମେ ସେମାନେ କେତୋଗୋଟି ଆଣିଲେ, ପରେ ଆପଣ କେତେକ କପି ଆଣିଲେ । ଆପଣ ତ ଜାଣନ୍ତି ମୋଟ ୫୦ କପି ଦେବାର କଥା । ଏ ବିଷୟରେ ଭଉଣୀ ଇସାବେଲ୍ ମୋ ଅପେକ୍ଷା ବେଶୀ ଜାଣନ୍ତି ।

ଆପଣ ଓ ଫାଦର ପୋପ୍, ମୋର ଆନ୍ତରିକ ଶ୍ରଦ୍ଧା ଓ ପ୍ରୀତି ଜାଣିବେ । ଇତି

ଆପଣମାନଙ୍କର, ବିବେକାନନ୍ଦ

ପୁଃ—ଗରମ କିପରି ଉପଭୋଗ କରୁଛନ୍ତି ? ଏଠାରେ ତାପ ମୁଁ ବେଶ୍ ସହ୍ୟ କରି ପାରୁଛି । ସମୁଦ୍ରତୀରସ୍ଥ ସ୍ୱାମ୍ପସ୍କଟ୍ (Swampscott) ଯିବା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି ଜଣେ ଅତି ଧନୀ ମହିଳା; ଗତ ଶୀତରେ ନିଉୟର୍କଠାରେ ତାଙ୍କ ସଙ୍ଗେ ସାକ୍ଷାତ୍ ହୁଏ । ମୁଁ ତାଙ୍କୁ ଧନ୍ୟବାଦ ସହିତ ପ୍ରତ୍ୟାଖ୍ୟାନ ଜଣାଇଛି । ଏ ଦେଶରେ କାହାର ଆତିଥ୍ୟ ଗ୍ରହଣ କରିବା ବିଷୟରେ ମୁଁ ଖୁବ୍ ସତର୍କ—ବିଶେଷତଃ ଧନିକମାନଙ୍କର । ଆଉ କେତେ ଜଣ ବିଶିଷ୍ଟ ଧନବାନ୍ ମଧ୍ୟ ନିମନ୍ତ୍ରଣ କରିଥିଲେ—ସବୁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଦେଇଛି । ଏତେଦିନେ ଏମାନଙ୍କର କାର୍ଯ୍ୟକଳାପ ବେଶ୍ ବୁଝିପାରିଲି । ଆପଣମାନଙ୍କର ଆନ୍ତରିକତା ନିମନ୍ତେ ଭଗବାନ ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ; ହାୟ ! ଜଗତରେ ଏହା ଏତେ ବିରଳ !

ଆପଣଙ୍କ ସ୍ନେହର, ବି.

୧୦୮ନଂ (ହେଲ୍ ଭଗିନୀମାନଙ୍କୁ ଲିଖିତ)

ନିଉୟର୍କ, ୯ ଜୁଲାଇ ୧୮୯୪

ଭଗିନୀଗଣ,

ଜୟ ଜଗଦମ୍ବେ ! ମୁଁ ଆଶାରୁ ଅଧିକ ପାଇଛି । ମା ତାଙ୍କ ପ୍ରତିଜ୍ଞାକୁ ମର୍ଯ୍ୟାଦାରେ ଅଭିଭୂତ କରିଛନ୍ତି । ତାଙ୍କର ଦୟା ଦେଖି ମୁଁ ଶିଶୁପରି କାନ୍ଦୁଛି । ଭଗିନୀଗଣ ! ତାଙ୍କ ଦାସକୁ ସେ କୌଣସି କାଳେ ତ୍ୟାଗ କରନ୍ତି ନାହିଁ । ମୁଁ ତୁମମାନଙ୍କ ପାଖକୁ ଯେଉଁ ଚିଠିଗୁଡ଼ିକ ପଠାଇଛି, ତାହା ଦେଖିଲେ ସବୁ ବୁଝିପାରିବ । ଆମେରିକାର ଲୋକେ ଶୀଘ୍ର ଖବରକାଗଜଗୁଡ଼ିକ ପାଇଯିବେ । ପତ୍ରରେ ଯାହାଙ୍କର ନାମ ଅଛି, ସେମାନେ ଆମ ଦେଶର ବିଶିଷ୍ଟ ବ୍ୟକ୍ତି । ସଭାପତି ଥିଲେ କଲିକତାର ଏକ ଅଭିଜାତଶ୍ରେଷ୍ଠ, ଅପର ବ୍ୟକ୍ତି ମହେଶଚନ୍ଦ୍ର ନ୍ୟାୟରତ୍ନ, କଲିକତା ସଂସ୍କୃତ କଲେଜର ଅଧ୍ୟକ୍ଷ ଓ ଭାରତୀୟ ବ୍ରାହ୍ମଣସମାଜର ଶୀର୍ଷସ୍ଥାନୀୟ । ତାଙ୍କର ଏହି ମର୍ଯ୍ୟାଦା ସରକାରଙ୍କର ଅନୁମୋଦିତ । ଭଗିନୀଗଣ ! ମୁଁ କେଡ଼େ ପାଷଣ୍ଡ ! ତାଙ୍କର ଏତେ ଦୟା ପ୍ରତ୍ୟକ୍ଷ କରି ମଧ୍ୟ ମଝିରେ ମଝିରେ ପ୍ରାୟ ବିଶ୍ୱାସ ହରାଇଦେଉଛି ! ସେ ସର୍ବଦା ରକ୍ଷା କରୁଛନ୍ତି ଜାଣି ମଧ୍ୟ ବେଳେ ବେଳେ ମନ ବିଷାଦଗ୍ରସ୍ତ ହେଉଛି । ଭଗିନୀଗଣ ! ଜଣେ ମାତ୍ର ଭଗବାନ ଅଛନ୍ତି ଜାଣିବ —ସେ ପିତା, ସେ ମାତା; ତାଙ୍କର ସନ୍ତାନମାନଙ୍କୁ ସେ କେବେହେଲେ ପରିତ୍ୟାଗ

କରନ୍ତୁ ନାହିଁ—ନା, ନା, ନା । ନାନା ପ୍ରକାର ବିକୃତ ମତବାଦ ଭିତରେ ନ ପଶି ସବୁ ଛାଡ଼ି ଦେଇ ସରଳ ଶିଶୁପରି ତାଙ୍କର ଶରଣାଗତ ହୁଅ । ମୁଁ ଆଉ ଲେଖିପାରୁ ନାହିଁ, ସ୍ତ୍ରୀଲୋକଙ୍କ ପରି କାନ୍ଦୁଛି ।

ଜୟ ପ୍ରଭୁ, ଜୟ ଭଗବାନ୍ !

ତୁମମାନଙ୍କ ସ୍ନେହର, ବିବେକାନନ୍ଦ

୧୦୯ଇଂ

ଯୁକ୍ତରାଷ୍ଟ୍ର ଆମେରିକା,
୧୧ ଜୁଲାଇ ୧୮୯୪

ପ୍ରିୟ ଆଲାସିଙ୍ଗା,

ତୁମେ ୫୪୧ ନଂ ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ ବ୍ୟତୀତ ଅନ୍ୟ କୌଣସି ଠିକଣାରେ ମୋ ପାଖକୁ ଚିଠି ଦେବ ନାହିଁ । ତୁମର ଶେଷ ଚିଠିଖଣ୍ଡି ସାରା ଦେଶ ବୁଲି ବୁଲି ମୋ ପାଖରେ ପହଞ୍ଚିଲା; କିନ୍ତୁ ପତ୍ରଖଣ୍ଡି ଯେ ଶେଷରେ ପହଞ୍ଚିଲା, ମନ୍ଦ ନାହିଁ, ତା'ର କାରଣ, ଏଠାରେ ମୋତେ ସମସ୍ତେ ବେଶ୍ ଭଲ ଭାବରେ ଜାଣନ୍ତି । ସଭାର କେତୋଟି ପ୍ରସ୍ତାବ ଡଃ ବ୍ୟାରୋଜଙ୍କ ପାଖକୁ ପଠାଇବ—ତା' ସହିତ ଖଣ୍ଡିଏ ଚିଠି ଲେଖି ତହିଁରେ ମୋ ପ୍ରତି ସହୃଦୟ ବ୍ୟବହାର ନିମନ୍ତେ ତାଙ୍କୁ ଧନ୍ୟବାଦ ଜଣାଇବ ଏବଂ ତାହା ଆମେରିକାର କେତେକ ସମ୍ବାଦପତ୍ରରେ ପ୍ରକାଶ କରିବା ପାଇଁ ଅନୁରୋଧ କରିବ । ମିଶନାରୀମାନେ ମୋ ନାମରେ ଯେଉଁ ମିଥ୍ୟା ଅପବାଦ ଦେଉଛନ୍ତି, ମୁଁ କାହାର ପ୍ରତିନିଧି ନୁହେଁ—ଏହାଦ୍ୱାରା ତାହାର ଉତ୍ତମ ପ୍ରତିବାଦ ହେବ । ବତ୍ସ ! କାମ କିପରି କରିବାକୁ ହୁଏ, ଶିଖ । ଏହିପରି ଠିକ୍ ପ୍ରଣାଳୀରେ କାମ କରିପାରିଲେ ଆମେ ନିଶ୍ଚୟ ଖୁବ୍ ବଡ଼ ବଡ଼ କାମ କରିବାକୁ ନିଶ୍ଚୟ ସମର୍ଥ ହେବା । ଗତବର୍ଷ ମୁଁ କେବଳ ବୀଜବପନ କରିଛି—ଏ ବର୍ଷ ଫସଲ କାଟିବାକୁ ହେବ । ଏଥିମଧ୍ୟରେ ଭାରତରେ ଯେତେଦୂର ସମ୍ଭବ ଆନ୍ଦୋଳନ ଚଳାଅ । କିଡି ନିଜ ଭାବରେ ଚାଲୁ—ସେ ଠିକ୍ ରାସ୍ତାରେ ରହିବ । ମୁଁ ତା' ଭାର ନେଇଛି । ସେ ନିଜ ମତରେ ଚାଲୁ—ସେଥିପାଇଁ ତା'ର ପୂର୍ଣ୍ଣ ସ୍ୱାଧୀନତା ଅଛି । ତାହାକୁ ମୋର ଆଶୀର୍ବାଦ ଜଣାଇବ । ପତ୍ରିକା ଖଣ୍ଡିକ ବାହାର କର । ମୁଁ ମଝିରେ ମଝିରେ ପ୍ରବନ୍ଧ ପଠାଇବି । ବୋଷ୍ଟନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଜେ. ଏଇଚ୍. ରାଇଟ୍‌ଙ୍କ ପାଖକୁ ପ୍ରସ୍ତାବର ନକଲ ପଠାଇବ; ତା' ସହିତ ମଧ୍ୟ ଖଣ୍ଡିଏ ପତ୍ର ଲେଖି ତାଙ୍କୁ ଏଥିପାଇଁ ଧନ୍ୟବାଦ ଦେବ ଯେ, ସେ ଆମେରିକାରେ ମୋର ସର୍ବପ୍ରଥମ ବନ୍ଧୁଭାବରେ ସହାୟତା କରିଥିଲେ ଏବଂ ତାଙ୍କୁ ମଧ୍ୟ ଏହାକୁ ଖବରକାଗଜରେ ପ୍ରକାଶ କରିବା ପାଇଁ ଅନୁରୋଧ କରିବ—ତା' ହେଲେ ମିଶନାରୀମାନଙ୍କର ଏ କଥା (ମୁଁ ଯେ କାହାର ପ୍ରତିନିଧି ହୋଇ ଆସି ନାହିଁ) ମିଥ୍ୟା ପ୍ରମାଣିତ ହୋଇଯିବ । ଡେଟ୍ରୟେଟ୍‌ର ବକ୍ତୃତାରେ ମୁଁ ୯୦୦ ଡଲାର ଅର୍ଥାତ୍ ୨୭୦୦ ଟଙ୍କା ପାଇଥିଲି । ଅନ୍ୟାନ୍ୟ ବକ୍ତୃତାମାନଙ୍କରେ ଥରକେ ଏକଘଣ୍ଟାରେ ମୁଁ ୨୫୦୦ ଡଲାର୍ ଅର୍ଥାତ୍ ୭୫୦୦ ଟଙ୍କା ରୋଜଗାର କଲି; କିନ୍ତୁ ପାଇଲି ମାତ୍ର ୨୦୦ ଡଲାର୍ । ଗୋଟିଏ ଜୁଆଚୋର ବକ୍ତୃତା-କମ୍ପାନୀ ମୋତେ ଠକିଦେଲା । ମୁଁ ସେମାନଙ୍କ

ସମ୍ପର୍କ ଛାଡ଼ିଦେଇଛୁ । ଏଠାରେ ବହୁତ ଟଙ୍କା ଖର୍ଚ୍ଚ ହୋଇଗଲାଣି, ବର୍ତ୍ତମାନ ହାତରେ ଅଛି ମାତ୍ର ୩୦୦୦ ଡଲାର୍ । ଆସନ୍ତା ବର୍ଷ ମୋତେ ପୁଣି ଅନେକ ବିଷୟ ଛପାଇବାକୁ ହେବ ।

ମୁଁ ଏଣିକି ନିୟମିତ ଭାବରେ କାମ କରିବ ବୋଲି ଭାବୁଛି । କଲିକତାକୁ ଲେଖ, ସେମାନେ ମୋ ବିଷୟରେ ଓ ମୋର କାର୍ଯ୍ୟ ବିଷୟରେ ଯାହାକିଛି ଖବରକାଗଜରେ ବାହାରୁଛି, କିଛିମାତ୍ର ବାଦ୍ ନ ଦେଇ ଯେପରି ପଠାନ୍ତି, ତୁମେ ମଧ୍ୟ ମାନ୍ଦ୍ରାଜରୁ ପଠାଉଥାଅ । ଖୁବ୍ ଆନ୍ଦୋଳନ ଚଳାଅ । କେବଳ ଇଚ୍ଛାଶକ୍ତି-ବଳରେ ସବୁ ହୋଇଯିବ । କାଗଜ ଛପାଇବା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମୁଁ ମଝିରେ ମଝିରେ ତୁମ ପାଖକୁ ଟଙ୍କା ପଠାଇବାକୁ ଚେଷ୍ଟା କରିବି । ତୁମମାନଙ୍କୁ ସଂଘବଦ୍ଧ ହୋଇ ଗୋଟିଏ ସମିତି ସ୍ଥାପନ କରିବାକୁ ହେବ—ତାହାର ନିୟମିତ ଅଧିବେଶନ ହେବା ଦରକାର ଏବଂ ମୋ ପାଖକୁ ଯେତେ ପାର ସବୁ ଖବର ଲେଖୁଥିବ । ମୁଁ ଯେପରି ନିୟମିତ ଭାବରେ କାମ କରିପାରିବି, ତହିଁର ଚେଷ୍ଟା କରୁଛି । ଏ ବର୍ଷ ଅର୍ଥାତ୍ ଆଗାମୀ ଶୀତଋତୁରେ ମୁଁ ଅନେକ ଟଙ୍କା ପାଇବି—ସୁତରାଂ ମୋତେ ଅପେକ୍ଷା କରିବାକୁ ହେବ । ଏଥିମଧ୍ୟରେ ତୁମେମାନେ ଆଗେଇଯାଅ । ତୁମେ ପଲ୍ କେରସ୍‌ଙ୍କୁ ଖଣ୍ଡିଏ ଚିଠି ଲେଖ । ସେ ମୋର ଜଣେ ବନ୍ଧୁ, ତଥାପି ତୁମେମାନେ ତାଙ୍କୁ ଆମ ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କର । ମୋଟ କଥା, ଯେତେଦୂର ପାର, ଆନ୍ଦୋଳନ ଚଳାଅ—କେବଳ ସତ୍ୟର ଯେପରି ଅପଳାପ ନ ହୁଏ, ସେଥିପ୍ରତି ବିଶେଷ ଲକ୍ଷ୍ୟ ରଖ । ବତ୍ସଗଣ, କାମରେ ଲାଗିଯାଅ—ତୁମ ଭିତରେ ନିଆଁ ଜଳି ଉଠିବ । ମିସେସ୍ ଜି. ଡବ୍ଲିଉ. ହେଲ୍ ମୋର ପରମ ବନ୍ଧୁ—ମୁଁ ତାଙ୍କୁ 'ମା' ବୋଲି ଡାକେ ଏବଂ ତାଙ୍କ ଝିଅମାନଙ୍କୁ 'ଭଉଣୀ' କହେ । ତାଙ୍କଠାକୁ ମଧ୍ୟ ଖଣ୍ଡିଏ ପ୍ରସ୍ତାବ ପଠାଇଦିଅ—ଆଉ ଖଣ୍ଡିଏ ପତ୍ର ଲେଖି ତୁମମାନଙ୍କ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କର । ସଂଘବଦ୍ଧ ହୋଇ କାମ କରିବା ଆମର ଚରିତ୍ରରେ ଆଦୌ ନାହିଁ; ତାହା ଯେପରି ଆସେ, ତହିଁର ଚେଷ୍ଟା କରିବାକୁ ହେବ । ଏହା କରିବାର ରହସ୍ୟ ହେଉଛି ଈର୍ଷାର ଅଭାବ । ସବୁବେଳେ ତୁମର ଭାଇମାନଙ୍କ ସଙ୍ଗରେ ସହମତ ହେବା ପାଇଁ ପ୍ରସ୍ତୁତ ରହ—ସର୍ବଦା ମିଳିମିଶି ଶାନ୍ତ ଭାବରେ କାର୍ଯ୍ୟ କରିବାକୁ ଚେଷ୍ଟା କରିବ । ଏହା ହିଁ ସଂଘବଦ୍ଧ ହୋଇ କାର୍ଯ୍ୟ କରିବାର ସମଗ୍ର ରହସ୍ୟ । ସାହସର ସହିତ ଯୁଦ୍ଧ କର । ଜୀବନ ତ କ୍ଷଣସ୍ଥାୟୀ—ଗୋଟିଏ ମହତ୍ ଉଦ୍ଦେଶ୍ୟରେ ଜୀବନକୁ ସମର୍ପଣ କର ।

ତୁମେ ନରସିଂହ ସମ୍ବନ୍ଧରେ କିଛି ଲେଖୁନାହଁ କାହିଁକି ? ସେ ଏକ ପ୍ରକାର ଅନଶନରେ ଦିନ କାଟୁଛି । ମୁଁ ତାକୁ କିଛି ଦେଇଥିଲି, ପରେ ସେ କେଉଁଆଡ଼େ ଯେ ଚାଲିଗଲା, କିଛି ଜାଣେ ନାହିଁ—ସେ ମୋ ପାଖକୁ କିଛି ଲେଖେ ନାହିଁ । ଅକ୍ଷୟ ଭଲ ପିଲା, ମୁଁ ତାକୁ ଖୁବ୍ ଭଲ ପାଏ । ଥିଓସଫିଷ୍ଟମାନଙ୍କ ସଙ୍ଗେ ବିବାଦ କରିବା ଅନାବଶ୍ୟକ । ମୁଁ ଯାହା କିଛି ଲେଖୁଛି, ତାଙ୍କ ପାଖକୁ ଯାଇ ସବୁ ପ୍ରକାଶ କର ନାହିଁ । ବୋକା ! ଥିଓସଫିଷ୍ଟମାନେ ଆଗରୁ ଆସି ଆମ ପଥ ପରିଷ୍କାର କରି ଦେଇଛନ୍ତି—ଏ କଥା ଜାଣିଛ ତ ?

ଜର୍ଜ* ହେଉଛନ୍ତି ହିନ୍ଦୁ ଆଉ କର୍ଣ୍ଣେଲ୍ ଆଲକଟ୍ ବୌଦ୍ଧ । ଜର୍ଜ ଏଠାରେ ଜଣେ ଖୁବ୍ ଉପଯୁକ୍ତ ବ୍ୟକ୍ତି । ଏବେ ହିନ୍ଦୁ ଥିଓସଫିଷ୍ଟମାନଙ୍କୁ କହ, ସେମାନେ ଯେପରି ଜର୍ଜଙ୍କୁ ସମର୍ଥନ କରନ୍ତି । ଏପରି କି ଯଦି ତୁମେମାନେ ତାଙ୍କୁ ସମଧର୍ମାବଲମ୍ବୀ ବୋଲି ସମ୍ବୋଧନ କରି ଏବଂ ସେ ଆମେରିକାରେ ହିନ୍ଦୁଧର୍ମର ଗୌରବ ନିମନ୍ତେ ଯେଉଁ ପରିଶ୍ରମ କରୁଛନ୍ତି, ସେଥିପାଇଁ ଧନ୍ୟବାଦ ଜଣାଇ ଖଣ୍ଡେ ଚିଠି ଲେଖିପାର, ତଦ୍ୱାରା ତାଙ୍କ ଗ୍ରୁଡଟା ବୃଣ୍ଟେମୋଟ ହୋଇଯିବ । ଆମେ କୌଣସି ସମ୍ପ୍ରଦାୟରେ ଯୋଗ ଦେବା ନାହିଁ, କିନ୍ତୁ ସମସ୍ତ ସମ୍ପ୍ରଦାୟ ପ୍ରତି ସହାନୁଭୂତି ପ୍ରକାଶ କରିବା ଓ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରିବା ।

ଏ କଥା ମନେରଖ ଯେ, ମୁଁ ଆଜି କାଲି କ୍ରମାଗତ ଏଣେତେଣେ ଘୂରି ବୁଲୁଛି—ସୁତରାଂ '୫୪୧ ଡିଅରବର୍ଣ୍ଣ ଏଭିନିଉ, ଚିକାଗୋ' ହେଉଛି ମୋର କେନ୍ଦ୍ର । ସର୍ବଦା ଏହି ଠିକଣାରେ ପତ୍ର ଦେବ, ଆଉ ଭାରତରେ ଯାହାକିଛି ହେଉଛି, ସବୁ ଟିକିନିଖି ମୋତେ ଜଣାଇବ । କାଗଜରେ ଆମ ସମ୍ବନ୍ଧରେ ଯାହା କିଛି ବାହାରିବ, ତହିଁର ଟିକିଏ ମାତ୍ର ଅଂଶ ବାଦ୍ ନ ଦେଇ ମୋଠାକୁ ପଠାଇବାକୁ ଭୁଲିବ ନାହିଁ । ମୁଁ ଜି. ଜି. ପାଖରୁ ଖଣ୍ଡିଏ ସୁନ୍ଦର ପତ୍ର ପାଇଛି । ପ୍ରଭୁ ଏହି ବୀରହୃଦୟ ଓ ଆଦର୍ଶ-ଚରିତ୍ର ବାଳକମାନଙ୍କୁ ଆଶୀର୍ବାଦ କରନ୍ତୁ । ବାଲାଜୀ, ସେକ୍ରେଟେରି ଏବଂ ମୋର ଅନ୍ୟ ବନ୍ଧୁମାନଙ୍କୁ ସ୍ନେହ ଜଣାଇବ । କାମ କର—କାମ କର—ସମସ୍ତଙ୍କୁ ତୁମର ସ୍ନେହଦ୍ୱାରା ଜୟ କର । ମୁଁ ମହୀଶୂର ରାଜାଙ୍କୁ ଖଣ୍ଡିଏ ପତ୍ର ଲେଖିଛି ଓ କେତେକ ଫଟୋଗ୍ରାଫ୍ ପଠାଇଛି । ତୁମ ପାଖକୁ ଯେଉଁ ଫଟୋ ପଠାଇଛି, ତାହା ଏହା ଭିତରେ ନିଶ୍ଚୟ ପାଇଥିବ । ସେଥିରୁ ଗୋଟିଏ ରାମନାଦର ରାଜାଙ୍କୁ ଉପହାର ଦିଅ, ତାଙ୍କ ଭିତରେ ଯେତେଦୂର ପାରି—ଭାବ ଜାଗରିତ କର । ଖେତଡ଼ିର ରାଜାଙ୍କ ସହିତ ସର୍ବଦା ପତ୍ର ସମ୍ପର୍କ ରଖିବ । ବିସ୍ତାରର ଚେଷ୍ଟା କର । ମନେରଖ, ଜୀବନର ଏକମାତ୍ର ଚିହ୍ନ ହେଉଛି ଗତି ଓ ଉନ୍ନତି । ତୁମର ପତ୍ର ଆସିବା ବିଳମ୍ବ ଦେଖି ମୁଁ ପ୍ରାୟ ନିରାଶ ହୋଇ ପଡ଼ିଥିଲି—ଏବେ ଦେଖୁଛି, ତୁମର ନିର୍ବୋଧତା ଯୋଗୁ ଏତେ ଡେରି ହେଲା । ବୁଝିପାରୁଛ ତ, ମୁଁ କ୍ରମାଗତ ଘୂରୁଛି ଏବଂ ବିତରି ଚିଠିକୁ ନାନା ସ୍ଥାନରେ ଖୋଜି ମୋତେ ବାହାର କରିବାକୁ ହୋଇଛି । ତୁମ-ମାନଙ୍କୁ ବିଶେଷ କରି ମନେରଖିବାକୁ ହେବ ଯେ, ଯେପରି ସବୁ କାମ ଠିକ୍ ପ୍ରଣାଳୀ ଅନୁସାରେ କରିବାକୁ ହେବ । ସଭାରେ ଯେଉଁ ପ୍ରସ୍ତାବଗୁଡ଼ିକ ପାସ୍ ହୋଇଛି, ସେଗୁଡ଼ିକୁ ଧର୍ମମହାସଭାର ସଭାପତି, ଚିକାଗୋ, ଡାଃ. ଜେ. ଏଇଚ୍ ବ୍ୟାରୋଜଙ୍କ ନିକଟକୁ ପଠାଇବ ଏବଂ ତାଙ୍କୁ ଅନୁରୋଧ କରିବ ଯେ, ସେ ଯେପରି ଏହି ପ୍ରସ୍ତାବ ଓ ପତ୍ର ଖବରକାଗଜରେ ଛପାନ୍ତି ।

ଡଃ ବ୍ୟାରୋଜ୍ ଓ ଡଃ ପଲ୍ କେରସ୍ଙ୍କୁ ଏଗୁଡ଼ିକ ଛାପିବା ପାଇଁ ଅନୁରୋଧପତ୍ର ଯେପରି ଏହିଭଳି ସଭାର ପ୍ରତିନିଧିସ୍ଥାନୀୟ କେହି ପଠାନ୍ତି । ପୂନଷ୍ଟ ବିଶ୍ୱମହାମେଳାର

* ଥିଓସଫିକାଲ୍ ସୋସାଇଟିର ଆମେରିକା ଶାଖାର ଅଧ୍ୟକ୍ଷ ଥିଲେ ।

(ଡେଟ୍ରଏଟ୍, ମିଚିଗାନ୍) ସୁଦ୍ଧା, ସିନେଟର୍ ପାମାରଙ୍କ ପାଖକୁ ମଧ୍ୟ ପଠାଇବ—ସେ ମୋ ପ୍ରତି ଅତ୍ୟନ୍ତ ସହୃଦୟ ବ୍ୟବହାର କରିଥିଲେ । ମିସେସ୍ ଜେ. ବ୍ୟାଗ୍‌ଲିଙ୍କୁ ୪୫୯ ଓ୍ୱାସିଙ୍ଗଟନ୍ ଏଭିନ୍ୟୁ, ଡେଟ୍ରଏଟ୍, ଠିକଣାରେ ମଧ୍ୟ ପଠାଇବ ଓ ସେ ଯେପରି ତାହା ଖବରକାଗଜରେ ପ୍ରକାଶ କରନ୍ତି, ସେଥିପାଇଁ ତାଙ୍କୁ ଅନୁରୋଧ ଜଣାଇବ, ଇତ୍ୟାଦି । ଖବରକାଗଜ ପ୍ରଭୃତିରେ ପ୍ରକାଶ ହେବା କଥା ଗୌଣ—କିନ୍ତୁ ସେମାନଙ୍କ ପାଖକୁ ପଠାଇବା ହେଉଛି ମୁଖ୍ୟ, ଅର୍ଥାତ୍ ବ୍ୟାରୋଜ୍ ପ୍ରଭୃତି ପ୍ରତିନିଧିକଳ୍ପ ବ୍ୟକ୍ତିମାନଙ୍କ ମାଧ୍ୟମରେ ପ୍ରକାଶିତ ହେଲେ ତେବେ ତାହା ଏକ ନିଦର୍ଶନରୂପେ ଗଣ୍ୟ ହେବ । ଖବରକାଗଜରେ ଯାହା ତାହା ବାହାରିଲେ ନିଦର୍ଶନସ୍ୱରୂପ ଗଣ୍ୟ ହୁଏ ନାହିଁ । ସବୁଠାରୁ ବଡ଼ କଥା, ନିୟମ ଅନୁଯାୟୀ ଡଃ ବ୍ୟାରୋଜ୍‌ଙ୍କ ପାଖକୁ ପଠାଇବା ଏବଂ ଖବରକାଗଜରେ ପ୍ରକାଶ ପାଇଁ ତାଙ୍କୁ ଅନୁରୋଧ କରିବା । ମୁଁ ଏତେ କଥା ଲେଖିବାର କାରଣ ଏହି ଯେ, ତୁମେ ଅନ୍ୟ ଜାତିର ଆଦବ୍‌କାଇଦା ଠିକ୍ ଜାଣ ନାହିଁ । ଯଦି କଲିକତାରୁ ବଡ଼ ବଡ଼ ନାମ ଦିଆଯାଇ ଏପରି ସବୁ ଆସେ, ତେବେ—ଆମେରିକାନ୍‌ମାନେ ଯାହାକୁ କହନ୍ତି 'boom', ତାହା ମୁଁ ପାଇବି (ମୋ ସପକ୍ଷରେ ହୁରି ପଡ଼ିଯିବ) । ଆଉମଧ୍ୟ ଯୁଦ୍ଧରେ ଅଧା-ଅଧି ଜୟ ହୋଇପାରିବ । ସେତେବେଳେ ଇୟାଙ୍କିମାନଙ୍କର ବିଶ୍ୱାସ ହେବ ଯେ, ମୁଁ ଯଥାର୍ଥରେ ହିନ୍ଦୁମାନଙ୍କର ପ୍ରତିନିଧି, ତାହାପରେ ସେମାନେ ଗଣ୍ଠିରୁ ପଇସା କାଢ଼ିବାକୁ କୁଣ୍ଠିତ ହେବେ ନାହିଁ । ସ୍ଥିର ଭାବରେ ଲାଗିରହ, ଏପର୍ଯ୍ୟନ୍ତ ଆମେ ଅଦ୍ଭୁତ କାର୍ଯ୍ୟ କରି ଆସିଅଛୁଁ । ହେ ବୀରଗଣ, ଆଗେଇ-ଚାଲ, ଆମେ ନିଶ୍ଚୟ ଜୟ ଲାଭ କରିବା । ମାନ୍ଦ୍ରାଜରୁ ଯେଉଁ କାଗଜ ବାହାରିବା କଥା ଥିଲା, ତାହାର କଅଣ ହେଲା? ସଙ୍ଘବଦ୍ଧ ହୋଇ ସଭାସମିତି କର, କାମରେ ଲାଗିଯାଅ—ଏହା ହିଁ ଏକମାତ୍ର ଉପାୟ । କିଡିଦ୍ୱାରା ସବୁ ଲେଖାଉଥିବ, ତହିଁରେ ତା' ମିଜାଜ୍ ଠିକ୍ ରହିବ । ଏ ସମୟରେ ବେଶୀ ବକ୍ତୃତା କରିବାର ସୁବିଧା ନାହିଁ; ସୁତରାଂ ବର୍ତ୍ତମାନ ମୋତେ କଲମ ଧରି ଲେଖିବାକୁ ହେବ । ଅବଶ୍ୟ ସବୁବେଳେ ମୋତେ କଠିନ କାର୍ଯ୍ୟରେ ନିଯୁକ୍ତ ରହିବାକୁ ହେବ, ପୁଣି ଶୀତଋତୁରେ ଲୋକମାନେ ଘରକୁ ଫେରିଲେ ବକ୍ତୃତାଦି ଆରମ୍ଭ କରି ସଭାସମିତି ସ୍ଥାପନ କରିବ । ସମସ୍ତଙ୍କୁ ମୋର ଆଶୀର୍ବାଦ ଓ ସ୍ନେହ ଦେବ । ଖୁବ୍ ଶ୍ରମ କର । ସମ୍ପୂର୍ଣ୍ଣ ପବିତ୍ର ହୁଅ—ଉତ୍ସାହ-ଅଗ୍ନି ସ୍ୱତଃ ଜଳି ଉଠିବ ।

ଶୁଭାକାଙ୍କ୍ଷୀ, ବିବେକାନନ୍ଦ

ପୁଃ—ସମସ୍ତଙ୍କୁ ମୋର ସ୍ନେହ ଦେବ । ମୁଁ କଦାପି କାହାକୁ ଭୁଲି ନାହିଁ । ଆଳସ୍ୟଯୋଗୁଁ ସମସ୍ତଙ୍କୁ ଭିନ୍ନ ଭିନ୍ନ ପତ୍ର ଲେଖିପାରୁ ନାହିଁ । ପ୍ରଭୁ ତୁମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

ବି.

ପୁଃ—ତୁମ ଟ୍ରିପ୍ଲିକେନ୍‌ର ଠିକଣା କିମ୍ବା ଯଦି କୌଣସି ସମିତି ସ୍ଥାପନ କରିଥାଅ, ତା'ର ଠିକଣା ମୋ ପାଖକୁ ପଠାଇବ ।

ବି.

୧୨୦ଇ° (ହେଲ୍ ଭଗିନୀମାନଙ୍କୁ ଲିଖିତ)

ସୋଏ୍ୟାମସ୍କଟ୍, ୨୬ ଜୁଲାଇ ୧୮୯୪

ଭଗିନୀଗଣ,

ଦେଖ, ମୋ ଚିଠିଗୁଡ଼ିକ ଯେପରି ବାହାରକୁ ନ ଯାଏ । ଭଉଣୀ ମେରୀଙ୍କ ପାଖରୁ ଗୋଟିଏ ସୁନ୍ଦର ପତ୍ର ପାଇଛି । ଦେଖୁଛ ତ, ସମାଜରେ ମୁଁ କିପରି ବୁଲୁଛି । ଏସବୁ ଭଉଣୀ ଜୀନୀର ଶିକ୍ଷାର ଫଳ । ଖେଳିବା, ଦୌଡ଼ିବାରେ ସେ ଧୁରନ୍ଧର, ଗୋଟିଏ ମିନିଟ୍‌ରେ ୫୦୦ ହିସାବରେ ଅପଭ୍ରଷ୍ଟ ବ୍ୟବହାର କରିବାରେ ସେ ଦକ୍ଷ, କଥା କହିବାରେ ଅଦ୍ୱିତୀୟ, ଧର୍ମର ବିଶେଷ ଧାର ଧାରେ ନାହିଁ, ତେବେ ସେଇ ଯାହା ଟିକିଏ ଅଛି । ସେ ଆଜି ଘରକୁ ଗଲା, ମୁଁ ଗ୍ରୀନ୍‌ଏକର୍ ଯାଉଛି । ମିସେସ୍ ବ୍ରିଡ୍‌ଙ୍କ ନିକଟକୁ ଯାଇଥିଲି, ମିସେସ୍ ଷ୍ଟୋନ୍ ସେଠାରେ ଥିଲେ । ମିସେସ୍ ପୁଲମ୍ୟାନ୍ ପ୍ରଭୃତି ମୋର ଏଠାର ବିଶିଷ୍ଟ ବନ୍ଧୁମାନେ ମିସେସ୍ ଷ୍ଟୋନ୍‌ଙ୍କ ନିକଟରେ ଅବସ୍ଥାନ କରୁଛନ୍ତି । ସେମାନଙ୍କର ସୌଜନ୍ୟ ଆଗପରି ରହିଛି । ଗ୍ରୀନ୍‌ଏକର୍‌ରୁ ଫେରିବା ବାଟରେ କେତେକ ଦିନପାଇଁ ଏନିସ୍କୋୟାମ୍ ଯିବି ମିସେସ୍ ବ୍ୟାଗ୍‌ଲିଙ୍କୁ ସାକ୍ଷାତ୍ କରିବା ପାଇଁ । ଯାଃ—ସବୁ ଭୁଲିଯାଉଛି; ମାଛ ପରି ବୁଡ଼ ବୁଡ଼ ସମୁଦ୍ରରେ ସ୍ନାନ କରୁଛି—ବେଶ୍ ଭଲ ଲାଗୁଛି । 'ପ୍ରାନ୍ତର ମଧ୍ୟରେ'···('dans la plaine') ଇତ୍ୟାଦି କ'ଣ ଗୋଟାଏ ଗୀତ ହ୍ୟାରିଏଟ୍ ମୋତେ ଶିଖାଇଥିଲା, ତାହା ନର୍କକୁ ଯାଉ । ଜଣେ ଫରାସୀ ପଣ୍ଡିତ ମୋର ଅଦ୍ଭୁତ ଅନୁବାଦ ଶୁଣି ହସି ହସି ଗଡ଼ିଗଲେ । ତୁମେମାନେ ମୋତେ ଏମିତି ଫରାସୀ ଶିଖାଇଥିଲ, ବେକୁବ୍‌ଦଳ । ତୁମେମାନେ ଡଙ୍ଗା ଉପରେ ରଖା ଯାଇଥିବା ମାଛ ପରି ପାଟି ପାକୁଆକୁ କରୁଛ ତ ! ଭଲ ହୋଇଛି, ଗରମରେ ଝଲସି ହୋଇଯାଉଛ । ଆଃ, ଏଠାରେ କି ସୁନ୍ଦର ଥଣ୍ଡା ! ଯେତେବେଳେ ଭାବୁଛି ଯେ, ତୁମେ ଚାରିଜଣ ଗରମରେ ଝଲସି ପୋଡ଼ି ସିଝି ଯାଉଛ, ଆଉ ମୁଁ ଏଠାରେ କି ଚୋଖା ଥଣ୍ଡା ଉପଭୋଗ କରୁଛି, ସେତେବେଳେ ମୋର ଆନନ୍ଦ ଶତଗୁଣରେ ବଢ଼ି ଯାଉଛି । ଆ ହା ହା ହା !

ନିଉୟର୍କ ପ୍ରଦେଶର କୌଣସି ଏକ ସ୍ଥାନରେ ମିସ୍ ଫିଲିପ୍‌ସଙ୍କର ପାହାଡ଼, ହ୍ରଦ, ନଦୀ, ଜଙ୍ଗଲ-ଘେରା ସୁନ୍ଦର ସ୍ଥାନଟିଏ ଅଛି । ଆଉ କଅଣ ଦରକାର ? ମୁଁ ଯାଉଛି ସେହି ସ୍ଥାନଟିକୁ ହିମାଳୟରେ ପରିଣତ କରି ସେଠାରେ ଗୋଟିଏ ମଠ ଖୋଲିବି—ନିଶ୍ଚୟ । ତର୍ଜନ, ଗର୍ଜନ, ମାଡ଼ଗୋଳରେ ପଡ଼ିଥିବା ଉଠୁଥିବା ଆମେରିକାନ୍ ଧର୍ମର ମତଭେଦର ଆବର୍ତ୍ତନରେ ମୁଁ ଗୋଟିଏ ନୂଆ ବିରୋଧ ସୃଷ୍ଟି ନ କରି ଏ ଦେଶରୁ ଯାଉ ନାହିଁ ।

ସେହି ହ୍ରଦର କ୍ଷଣିକ ସ୍ମୃତି କେବେ କେବେ ତୁମମାନଙ୍କ ମନରେ ନିଶ୍ଚୟ ଜାଗି ଉଠୁଥିବ । ଦ୍ୱି'ପହର ଗରମରେ ଭାବିବ ଯେ, ତୁମେ ସେହି ହ୍ରଦର ସବାତଳକୁ ବୁଡ଼ି ଯାଉଛ, ଯେପର୍ଯ୍ୟନ୍ତ ବେଶ୍ ସ୍ନିଗ୍ଧ ବୋଧ ନ କରୁଛ । ତା'ପରେ ସେହି ତଳଦେଶର ସ୍ନିଗ୍ଧତା ମଝିରେ ଚୁପ୍ କରି ପଡ଼ି ରହିବ, ତନ୍ଦ୍ରାଚ୍ଛନ୍ନ ହୋଇ, କିନ୍ତୁ ନିଦ୍ରାଭିଭୂତ ହେବ ନାହିଁ—ସ୍ୱପ୍ନବିଜଡ଼ିତ ଅର୍ଦ୍ଧଚେତନ ଅବସ୍ଥାରେ । ଯେପରି ଅଫିମ-ନିଶା ହୁଏ, କିଛିଟା

ସେହିପରି । ଖୁସି ଚମତ୍କାର । ତା' ଉପରେ ଖୁବ୍ ବରଫ-ଥଣ୍ଡା ପାଣି ମିଳୁଥିବ । କେବେ କେବେ ହାତଗୋଡ଼ ଏପରି କେମିତି ହୋଇଯିବ ଯେ, ହାତ ମଧ୍ୟ କାବୁ ହୋଇ ପଡ଼ିବ । ଭଗବାନ ମୋତେ ରକ୍ଷା କରନ୍ତୁ ! ମୁଁ ଆଉ ଥଣ୍ଡା ପାଣିକୁ ଯିବ ନାହିଁ ।

ସ୍ନେହର ଆଧୁନିକାଗଣ ! 'ତୁମେ ସମସ୍ତେ ସୁଖିନୀ ହୁଅ'—ସର୍ବଦା ଏହି ପ୍ରାର୍ଥନା କରୁଛି ।

ବିବେକାନନ୍ଦ

୧୧୧ଈ (ମିସ୍ ମେରି ଓ ମିସ୍ ହ୍ୟାରିଏଟ୍ ହେଲ୍‌ଙ୍କୁ ଲିଖିତ)

ଗ୍ରୀନ୍‌ଏକର୍ ସରାଇ, ଇଲିଅଟ୍, ମେନ୍
୩୧ ଜୁଲାଇ ୧୮୯୪

ପ୍ରିୟ ଭଗିନୀଗଣ,

ବହୁଦିନ ହେବ ମୁଁ ତୁମମାନଙ୍କୁ କୌଣସି ପତ୍ର ଲେଖି ନାହିଁ । ଲେଖିବାକୁ ମଧ୍ୟ ବେଶୀ କିଛି ନ ଥିଲା ।

ଏଇଟା ଗୋଟାଏ ବଡ଼ 'ଧର୍ମଶାଳା' ଓ ଖମାର; ଏଠାରେ ଖ୍ରୀଷ୍ଟୀୟ ବୈଜ୍ଞାନିକମାନେ* ସେମାନଙ୍କ ସମିତିର ବୈଠକ ବସାଉଛନ୍ତି । ଯେଉଁ ମହିଳାଙ୍କ ମୁଣ୍ଡରେ ପ୍ରଥମେ ଏପରି ବୈଠକର କଳ୍ପନାଟି ଆସେ, ସେ ଗତ ବସନ୍ତ ସମୟରେ ନିଉୟର୍କଠାରେ ମୋତେ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ, ତେଣୁ ମୁଁ ଏଠାକୁ ଆସିଛି । ଏ ସ୍ଥାନଟି ଖୁବ୍ ସୁନ୍ଦର ଓ ଥଣ୍ଡା, ଏଥିରେ କୌଣସି ସନ୍ଦେହ ନାହିଁ, ଆଉ ମଧ୍ୟ ମୋର ଚିକାଗୋର ବହୁତ ପୁରୁଣା ବନ୍ଧୁ ଏଠାରେ ଅଛନ୍ତି । ତୁମମାନଙ୍କର ମିସେସ୍ ମିଲ୍‌ସ ଓ ମିସ୍ ଷ୍ଟକ୍‌ହ୍ୟାମ୍‌ଙ୍କ କଥା ମନେଥିବ । ସେମାନେ ଓ ଆଉ କେତେଜଣ ଭଦ୍ରଲୋକ ଓ ଭଦ୍ରମହିଳା ନଦୀକୂଳ ଖୋଲା ଜାଗାରେ ତମ୍ବୁ ପକାଇ ବାସ କରୁଛନ୍ତି । ସେମାନେ ଖୁବ୍ ଆନନ୍ଦରେ ଅଛନ୍ତି । କେବେ କେବେ ସେମାନେ ସାରାଦିନ, ତୁମେ ଯାହାକୁ ବୈଜ୍ଞାନିକ ପୋଷାକ କହ, ତାହା ପିନ୍ଧି ରହନ୍ତି । ପ୍ରାୟ ପ୍ରତିଦିନ ବକ୍ତୃତା ହୁଏ । ବୋଷ୍ଟନ୍‌ଠାରୁ ମି: କଲ୍‌ଭିଲ୍ ନାମକ ଜଣେ ଭଦ୍ରଲୋକ ଆସିଛନ୍ତି । ଲୋକେ କହନ୍ତି, ସେ ପ୍ରତିଦିନ ପ୍ରେତାବିଷ୍ଟ ହୋଇ ବକ୍ତୃତା ଦିଅନ୍ତି—'ୟୁନିଭର୍‌ସାଲ୍ ଟ୍ରୁଥ୍'ର ସମ୍ପାଦିକା, ଯେ କି 'ଜିମି. ମିଲସ୍' ପ୍ରାସାଦର ଉପର ମହଲରେ ରହୁଥିଲେ—ସେ ଏଠାରେ ଆସି ବସବାସ କରୁଛନ୍ତି । ସେ ଉପାସନା ପରିଚାଳନା କରୁଛନ୍ତି ଓ ମନଃଶକ୍ତିବଳରେ ସମସ୍ତ ପ୍ରକାର ରୋଗ ଭଲ କରିବା ଶିକ୍ଷା ଦେଉଛନ୍ତି—ମନେ ହୁଏ, ଏମାନେ ଶୀଘ୍ର ଅନ୍ଧକୁ ଚକ୍ଷୁଦାନ ଏବଂ ସେହି ଧରଣର ଅନେକ କାମ କରିପାରିବେ । ମୋଟ କଥା, ଏହି ସମ୍ମିଳନୀଟି ଅଦ୍ଭୁତ ଧରଣର । ଏମାନେ ସାମାଜିକ ଧରାବନ୍ଧା ନିୟମକୁ ବିଶେଷ ମାନନ୍ତି ନାହିଁ—ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଓ ବେଶ୍

* Christian Scientist—ଆମେରିକାର ଗୋଟିଏ ସମ୍ପ୍ରଦାୟ । ଏମାନେ ଯୀଶୁଖ୍ରୀଷ୍ଟଙ୍କ ପରି ଅଲୌକିକ ଉପାୟରେ ରୋଗ ଆରୋଗ୍ୟ କରିପାରନ୍ତି ବୋଲି ଦାବି କରନ୍ତି ।

ଆନନ୍ଦରେ ଅଛନ୍ତି । ମିସେସ୍ ମିଲ୍ସ୍ ଖୁବ୍ ପ୍ରତିଭାସମ୍ପନ୍ନା । ଅନ୍ୟାନ୍ୟ ଅନେକ ଭଦ୍ରମହିଳା ମଧ୍ୟ ସେହିପରି ।··· ଡେଟ୍ରୟେଟ୍‌ବାସିନୀ ଆଉ ଜଣେ ଉଚ୍ଚଶିକ୍ଷିତା ଭଦ୍ରମହିଳା ସମୁଦ୍ରତୀର-ଠାରୁ ପନ୍ଦର ମାଇଲ୍ ଦୂରବର୍ତ୍ତୀ ଗୋଟିଏ ଦ୍ୱୀପକୁ ମୋତେ ନେଇଯିବେ । ଆଶାକରେ ସେଠାରେ ଆମମାନଙ୍କର ପରମ ଆନନ୍ଦରେ ସମୟ କଟିବ । ମିସ୍ ଆର୍ଥର୍ ସ୍ମିଥ୍ ଏଠାରେ ରହିଛନ୍ତି । ମିସ୍ ଗାର୍ଣ୍ଣସି ହୋଷ୍ଟାମ୍ପ୍‌ଟନ୍‌ରୁ ଘରକୁ ଯାଇଛନ୍ତି । ମୁଁ ଏଠାରୁ ଏନିସ୍କୋୟାମ୍ ବୋଧହୁଏ ଯାଇପାରେ ।

ଏ ସ୍ଥାନଟି ସୁନ୍ଦର ଓ ମନୋରମ—ଏଠାରେ ସ୍ନାନ କରିବା ଖୁବ୍ ସୁବିଧାଜନକ । କୋରା ଷ୍ଟକ୍‌ହ୍ୟାମ ମୋ ପାଇଁ ଗୋଟିଏ ସ୍ନାନ-ପୋଷାକ କରି ଦେଇଛନ୍ତି – ମୁଁ ମଧ୍ୟ ହଂସ ପରି ପାଣିରେ ମଜା କରୁଛି—ଏପରି କି ପାଣି-କାଦୁଅରେ ବାସ କରୁଥିବା (ହଂସ କିମ୍ବା ବେଙ୍ଗ) ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ଏହା ଉପଭୋଗ୍ୟ ।

ଆଉ ବେଶୀ କିଛି ଲେଖିବାକୁ ନାହିଁ—ମୁଁ ଏବେ ଏତେ ବ୍ୟସ୍ତ ଯେ, ମଦର୍ ଚର୍ଚ୍ଚଙ୍କୁ ସ୍ୱତନ୍ତ୍ର ଭାବରେ ଲେଖିବାକୁ ମୋର ଅବସର ନାହିଁ । ମିସ୍ ହାଓ୍ଵଙ୍କୁ ମୋର ଶ୍ରଦ୍ଧା ଓ ପ୍ରୀତି ଜଣାଇବ ।

ବୋଷ୍ଟନ୍‌ର ମିଃ ଉଡ୍ ଏଠାରେ ଅଛନ୍ତି—ସେ ତୁମ ସମ୍ପ୍ରଦାୟର ଜଣେ ପ୍ରଧାନ ପୁରୋଧା, କିନ୍ତୁ 'ହୁଇର୍ପୁଲ୍' ମହୋଦୟାଙ୍କର* ସମ୍ପ୍ରଦାୟଭୁକ୍ତ ହେବାକୁ ତାଙ୍କର ଘୋର ଆପତ୍ତି । ସେଥିଯୋଗୁଁ ସେ ଦାର୍ଶନିକ-ରସାୟନିକ ଭୌତିକ-ଆଧ୍ୟାତ୍ମିକ ପ୍ରଭୃତି ଆହୁରି କେତେ କଥଣ ବିଶେଷଣ ଦେଇ ନିଜକୁ ଜଣେ ମନଃଶକ୍ତି-ପ୍ରଭାବରେ ଆରୋଗ୍ୟକାରଣୀ ବୋଲି ପରିଚିତ କରାଇବାକୁ ଇଚ୍ଛା କରନ୍ତି । କାଲି ଏଠାରେ ଏକ ଭୀଷଣ ଝଡ଼ ଉଠିଥିଲା —ତଦ୍ୱାରା ତମ୍ବୁଗୁଡ଼ିକର ଉତ୍ତମ ମଧ୍ୟମ 'ଚିକିତ୍ସା' ହୋଇଯାଇଛି । ଯେଉଁ ବଡ଼ ତମ୍ବୁ ମଧ୍ୟରେ ସେମାନଙ୍କର ବକ୍ତୃତା ଦିଆ ଚାଲିଥିଲା, ଏହି 'ଚିକିତ୍ସା' ଯୋଗୁଁ ତାହାର ଆଧ୍ୟାତ୍ମିକତା ଏତେ ବଢ଼ିଗଲା ଯେ, ତାହା ମର୍ତ୍ତ୍ୟଲୋକର ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅନ୍ତର୍ହିତ ହୋଇଛି, ଏବଂ ପ୍ରାୟ ଦୁଇଶହ ଚେୟାର ଆଧ୍ୟାତ୍ମିକ ଭାବରେ ଗଦ୍‌ଗଦ୍ ହୋଇ କ୍ଷେତର ସ୍ଥିରଦିଗରେ ନୃତ୍ୟ କରିବାକୁ ଆରମ୍ଭ କରିଥିଲେ । ମିଲସ କମ୍ପାନୀର ମିସେସ୍ ଫିଗସ ପ୍ରତ୍ୟହ ସକାଳେ ଗୋଟିଏ ଲେଖାଁଏ କ୍ଲାସ୍ କରୁଛନ୍ତି ଓ ମିସେସ୍ ମିଲ୍ସ ଅତ୍ୟନ୍ତ ବ୍ୟସ୍ତ ହୋଇ ଏଣେତେଣେ ଡିଆଁ ମାରି ବୁଲୁଛନ୍ତି—ସେମାନେ ସମସ୍ତେ ଖୁବ୍ ଆନନ୍ଦରେ ମାତି ଯାଇଛନ୍ତି । ବିଶେଷତଃ ମୁଁ କୋରାକୁ ଦେଖି ଖୁବ ଖୁସୀ ହୋଇଛି । ଗତ ଶୀତଋତୁରେ ସେ ବହୁତ କଷ୍ଟ ପାଇଛି—ଟିକିଏ ଆନନ୍ଦ କରିବା ତା' ପକ୍ଷରେ ଭଲ ହେବ ।

ତମ୍ବୁରେ ଏମାନେ ଯେପରି ସ୍ୱାଧୀନ ଭାବରେ ରହିଛନ୍ତି, ଶୁଣିଲେ ତୁମେ ଆଶ୍ଚର୍ଯ୍ୟ ହେବ—ତଥାପି ସେମାନେ ସମସ୍ତେ ହିଁ ଖୁବ ଭଲ ଓ ଶୁଦ୍ଧାତ୍ମା—କେବଳ ଟିକିଏ ଯାହା

---

* ଖ୍ରୀଷ୍ଟୀୟ ବୈଜ୍ଞାନିକ ସମ୍ପ୍ରଦାୟର ପ୍ରତିଷ୍ଠାତ୍ରୀ ମିସେସ୍ ଏଡିଙ୍କୁ ସ୍ୱାମୀଜୀ ବ୍ୟଙ୍ଗ କରି Mrs. Whirl-pool (ଘୂର୍ଣ୍ଣ୍ୟାବର୍ତ୍ତ) କହୁଥିଲେ—କାରଣ Eddy ଓ Whirl-pool ସମାନାର୍ଥକ ।

ଶିଖାଇଲି ।

ମୁଁ ଏଠାରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରହିବି; ତେଣୁ ତୁମେ ଯଦି ମୋ ଚିଠି ପାଇବା ମାତ୍ରେ ଉତ୍ତର ଦିଅ, ତେବେ ମୁଁ ଏଠାରୁ ଯିବା ପୂର୍ବରୁ ତାହା ପାଇପାରେ । ଏଠାରେ ଜଣେ ଯୁବକ ପ୍ରତିଦିନ ଗାଏ, ସେ ପେଶାଦାର; ତା'ର ସ୍ତ୍ରୀ ପତ୍ନୀ ଓ ଭଉଣୀ ସହିତ ଏଠାରେ ରହିଛି; ସ୍ତ୍ରୀ ପତ୍ନୀଟି ଭଲ ଗାଇପାରେ ଓ ସେ ପରମାସୁନ୍ଦରୀ । ଏଇ ସେଦିନ ରାତିରେ ଗୁହଣୀ ଭିତରେ ଥିବା ସମସ୍ତେ ଗୋଟାଏ ପାଇନ୍ ଗଛତଳେ ଶୋଇବାକୁ ଯାଇଥିଲେ—ମୁଁ ପ୍ରତିଦିନ ସକାଳେ ସେହି ଗଛତଳେ ହିନ୍ଦୁ ଢଙ୍ଗରେ ବସି ଏମାନଙ୍କୁ ଉପଦେଶ ଦେଇଥାଏ । ମୁଁ ମଧ୍ୟ ସେଦିନ ସେମାନଙ୍କ ସଙ୍ଗେ ଯାଇଥିଲି—ତାରକାଖଚିତ ଆକାଶ ତଳେ ଧରଣୀ-ଜନନୀଙ୍କ କୋଳରେ ଶୋଇ ରାତିଟା ଖୁବ୍ ଆନନ୍ଦରେ କଟିଲା—ମୁଁ ସେହି ଆନନ୍ଦ ମଧ୍ୟରୁ ଗୋଟିଏ ବିନ୍ଦୁ ସୁଦ୍ଧା ବାଦ୍ ଦେଇ ନାହିଁ ।

ବର୍ଷେ କାଳ ହାଡ଼ଭଙ୍ଗା ପରିଶ୍ରମ ପରେ ସେହି ରାତି ଯେ କି ଆନନ୍ଦରେ କାଟିଥିଲି—ମାଟିରେ ଶୟନ, ବଣରେ ଗଛତଳେ ବସି ଧ୍ୟାନ—ତାହା ତୁମମାନଙ୍କୁ କଅଣ କହିବି ! ଧର୍ମଶାଳାରେ ଯେଉଁମାନେ ରହୁଛନ୍ତି, ସେମାନେ ପ୍ରାୟ ଅବସ୍ଥାପନ୍ନ, କିନ୍ତୁ ତମ୍ବୁରେ ଥିବା ଲୋକମାନେ ସୁସ୍ଥ, ସବଳ, ଶୁଦ୍ଧ ଓ ଅକପଟ ନରନାରୀ । ମୁଁ ସେମାନଙ୍କୁ 'ଶିବୋଽହଂ' କହିବାକୁ ଶିଖାଏ ଏବଂ ସେମାନେ ତାହା ଆବୃତ୍ତି କରନ୍ତି । ସେମାନେ କି ସରଳ ଓ ଶୁଦ୍ଧ ଏବଂ କି ଅସୀମ ସାହସୀ ! ସୁତରାଂ ଏମାନଙ୍କୁ ଶିକ୍ଷା ଦେଇ ମୁଁ ପରମ ଆନନ୍ଦ ଓ ଗୌରବ ବୋଧ କରୁଛି । ଭଗବାନଙ୍କୁ ଧନ୍ୟବାଦ ଯେ, ସେ ମୋତେ ନିଃସ୍ୱ କରିଛନ୍ତି; ଈଶ୍ୱରଙ୍କୁ ଧନ୍ୟବାଦ ଯେ, ସେ ଏହି ତମ୍ବୁବାସୀମାନଙ୍କୁ ଦରିଦ୍ର କରିଛନ୍ତି । ସୌଖୀନ ବାବୁମାନେ ଓ ସୌଖୀନ ସ୍ତ୍ରୀଲୋକମାନେ ହୋଟେଲରେ ରହୁଛନ୍ତି; କିନ୍ତୁ ତମ୍ବୁବାସୀମାନଙ୍କ ସ୍ନାୟୁଗୁଡ଼ିକ ସତେ ଯେପରି ଲୁହାରେ ବନ୍ଧା, ମନ ତିନିପ୍ରସ୍ତ ଇସ୍ପାତରେ ଗଢ଼ା ଆଉ ଆତ୍ମା ଅଗ୍ନିମୟ । କାଲି ଯେତେବେଳେ ମୁଷଳଧାରାରେ ବର୍ଷା ହେଉଥିଲା ଏବଂ ଝଡ଼ରେ ସବୁ ଓଲଟପାଲଟ ହେଉଥିଲା, ସେତେବେଳେ ଏହି ନିର୍ଭୀକ ବୀରହୃଦୟ ବ୍ୟକ୍ତିମାନେ ଆତ୍ମାର ଅନନ୍ତ ମହିମାରେ ଦୃଢ଼ ବିଶ୍ୱାସ ରଖି ଝଡ଼ ଯେପରି ଉଡ଼ାଇ ନ ନିଏ, ସେଥିପାଇଁ ତମ୍ବୁର ଦଉଡ଼ିକୁ ଧରି କିପରି ଝୁଲୁଥିଲେ, ତାହା ଦେଖିଲେ ତୁମମାନଙ୍କ ହୃଦୟ ପ୍ରଶସ୍ତ ଓ ଉନ୍ନତ ହୁଅନ୍ତା । ମୁଁ ଏମାନଙ୍କ ପରି ଲୋକ ଦେଖିବାକୁ ୫୦ କୋଶ ପର୍ଯ୍ୟନ୍ତ ଯିବାକୁ ପ୍ରସ୍ତୁତ ଅଛି । ପ୍ରଭୁ ସେମାନଙ୍କୁ ଆଶୀର୍ବାଦ କରନ୍ତୁ । ଆଶା କରେ, ତୁମେ ତୁମର ସୁନ୍ଦର ପଲ୍ଲୀନିବାସରେ ଖୁବ୍ ଆନନ୍ଦରେ ଥିବ । ମୋ' ପାଇଁ ଏକ ମୁହୂର୍ତ୍ତ ମଧ୍ୟ ଭାବନା କର ନାହିଁ—ପ୍ରଭୁ ମୋ ପ୍ରତି ନିଶ୍ଚୟ ଦୃଷ୍ଟି ରଖିବେ, ଆଉ ଯଦି ନ ରଖନ୍ତି ନିଶ୍ଚିତ ଜାଣିବ, ମୋର ଯିବା ସମୟ ହୋଇଗଲା— ମୁଁ ଆନନ୍ଦରେ ଚାଲିଯିବି ।

'ହେ ମାଧବ, ଅନେକ ଲୋକ ତୁମକୁ ଅନେକ ଦ୍ରବ୍ୟ ଦିଅନ୍ତି—ମୁଁ ଗରିବ—ମୋର ଆଉ କିଛି ନାହିଁ, କେବଳ ଏହି ଦେହ, ମନ ଓ ଆତ୍ମା ଅଛି—ସେଗୁଡ଼ିକ ସବୁ ତୁମ ପାଦପଦ୍ମରେ ସମର୍ପଣ କଲି— ହେ ଜଗତ୍-ବ୍ରହ୍ମାଣ୍ଡର ଅଧୀଶ୍ୱର, ଦୟା କରି ଏଗୁଡ଼ିକୁ

ଗ୍ରହଣ କର—ନେବାକୁ ଅସ୍ୱୀକାର କଲେ ଚଳିବ ନାହିଁ ।' ମୁଁ ତେଣୁ ତାଙ୍କ ଚିରକାଳ ନିମନ୍ତେ ମୋର ସର୍ବସ୍ୱ ଦେଇଛୁ । ଗୋଟିଏ କଥା—ଏମାନେ କେତେକାଂଶରେ ଶୁଷ୍କ ଧରଣର ଲୋକ, ଆଉ ଦୁନିଆଁରେ ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ ଶୁଷ୍କ ନୁହନ୍ତି । ସେମାନେ 'ମାଧବ' ଅର୍ଥାତ୍ ଭଗବାନ ଯେ ରସସ୍ୱରୂପ ତାହା ଆଦୌ ବୁଝନ୍ତି ନାହିଁ । ସେମାନେ ହୁଏତ ଶୁଖିଲା ଜ୍ଞାନବିଚାର କରନ୍ତି ଅଥବା ଝଡ଼ା-ଫୁଙ୍କାରେ ରୋଗ ଭଲ କରିବା, ଟେବୁଲ୍ ଉପରେ ଭୂତ ଅଣାଇବା, ଡାହାଣୀବିଦ୍ୟା ଇତ୍ୟାଦି ପଛରେ ଗୋଡ଼ାନ୍ତି । ଏ ଦେଶରେ ଯେତେ ପ୍ରେମ, ସ୍ୱାଧୀନତା ଓ ତେଜର କଥା ଶୁଣାଯାଏ, ଆଉ କେଉଁଠାରେ ସେପରି ଶୁଣି ନାହିଁ; କିନ୍ତୁ ଏଠାର ଲୋକେ ଏଗୁଡ଼ିକୁ ବୁଝନ୍ତି ଖୁବ୍ କମ୍ । ଏଠାରେ ଈଶ୍ୱରଧାରଣା—'ସଭୟଂ ବଜ୍ରମୁଦ୍ୟତଂ', କିମ୍ବା ରୋଗ-ଆରୋଗ୍ୟକାରୀ ଶକ୍ତିବିଶେଷ ଅଥବା କୌଣସି ପ୍ରକାର ସ୍ପନ୍ଦନ ଇତ୍ୟାଦି, ଇତ୍ୟାଦି । ପ୍ରଭୁ ଏମାନଙ୍କର ମଙ୍ଗଳ କରନ୍ତୁ । ଏମାନେ ପୁଣି ଦିନରାତି ଶୁଆପରି 'ପ୍ରେମ ପ୍ରେମ ପ୍ରେମ' ଘୋଷୁଛନ୍ତି ।

ଏଥର ତୁମମାନଙ୍କୁ ସତ୍ କଳ୍ପନା ଓ ଶୁଭ ଚିନ୍ତାର ସାମଗ୍ରୀ କିଛି ଦେଉଛୁ । ତୁମେମାନେ ସତ୍-ସ୍ୱଭାବା ଓ ଉନ୍ନତ-ହୃଦୟା । ଏମାନଙ୍କ ପରି ଚୈତନ୍ୟକୁ ଜଡ଼ଭୂମିକୁ ଟାଣି ନ ଆଣି ଜଡ଼କୁ ଚୈତନ୍ୟରେ ପରିଣତ କର, ଅନ୍ତତଃ ପ୍ରତିଦିନ ଥରେ ସେହି ଚୈତନ୍ୟ-ରାଜ୍ୟର—ସେହି ଅନନ୍ତ ସୌନ୍ଦର୍ଯ୍ୟ, ଶାନ୍ତି ଓ ପବିତ୍ରତାର ରାଜ୍ୟର ଟିକିଏ ଆଭାସ ପାଇବାକୁ ଏବଂ ଦିନରାତି ସେହି ଭାବ-ଭୂମିରେ ବାସ କରିବାକୁ ଚେଷ୍ଟା କର । ଅସ୍ୱାଭାବିକ ଅଲୌକିକ କିଛି କୌଣସି ସମୟରେ ଖୋଜ ନାହିଁ, ସେସବୁକୁ ପାଦର ଅଙ୍ଗୁଳିଦ୍ୱାରା ମଧ୍ୟ ସ୍ପର୍ଶ କର ନାହିଁ । ତୁମମାନଙ୍କ ଆତ୍ମା ଦିବାରାତ୍ର ଅବିଚ୍ଛିନ୍ନ ତୈଳ-ଧାରା ପରି ତୁମ ହୃଦୟ-ସିଂହାସନବାସୀ ସେହି ପ୍ରିୟତମଙ୍କ ପାଦପଦ୍ମରେ ସଂଲଗ୍ନ ହେଉଥାଉ, ଆଉ ଯାହା କିଛି ଅର୍ଥାତ୍ ଦେହ ପ୍ରଭୃତି—ସେମାନଙ୍କର ଯାହା ହେବାର ହେଉ ।

ଜୀବନଟା କ୍ଷଣସ୍ଥାୟୀ ସ୍ୱପ୍ନମାତ୍ର, ଯୌବନ ଓ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ, ଦିବାରାତ୍ର କହ, 'ତୁମେ ମୋର ପିତା, ମାତା, ସ୍ୱାମୀ, ଦୟିତ, ପ୍ରଭୁ, ଈଶ୍ୱର—ମୁଁ ତୁମ ଛଡ଼ା ଆଉ କିଛି ଚାହେଁ ନାହିଁ, ଆଉ କିଛି ଚାହେଁ ନାହିଁ, ଆଉ କିଛି ଚାହେଁ ନାହିଁ । ତୁମେ ମୋ ମଧ୍ୟରେ, ମୁଁ ତୁମ ମଧ୍ୟରେ—ମୁଁ ତୁମେ, ତୁମେ ମୁଁ ।' ଧନ ଚାଲିଯାଏ, ସୌନ୍ଦର୍ଯ୍ୟ ବିଲୀନ ହୋଇଯାଏ, ଜୀବନ ଦ୍ରୁତଗତିରେ ଚାଲିଯାଏ, ଶକ୍ତି ଲୋପ ପାଇଯାଏ, କିନ୍ତୁ ପ୍ରଭୁ ଚିରଦିନ ରହିଥାଆନ୍ତି—ପ୍ରେମ ଚିରଦିନ ରହେ । ଯଦି ଏହି ଦେହ-ଯନ୍ତ୍ରଟାକୁ ଠିକ୍ ରଖିପାରିବାରେ କିଛି ଗୌରବ ଥାଏ, ତେବେ ଦେହ ଅସୁସ୍ଥ ହେଲେ ମଧ୍ୟ ଆତ୍ମାରେ ଅସୁସ୍ଥ ଭାବ ନ ଆଣିବା ଅଧିକ ଗୌରବର କଥା । ଜଡ଼ ସଙ୍ଗରେ କୌଣସି ସମ୍ପର୍କ ନ ରଖିବା ହିଁ—ତୁମେ ଯେ ଜଡ଼ ନୁହଁ, ତାହାର ଏକମାତ୍ର ପ୍ରମାଣ ।

ଈଶ୍ୱରଙ୍କ ଭାବରେ ଲାଗିରହ—ଦେହ ବା ଅନ୍ୟ କେଉଁଠାରେ କଅଣ ହେଉଛି, କିଏ ଗ୍ରାହ୍ୟ କରେ ? ଯେତେବେଳେ ନାନା ବିପଦ ଦୁଃଖ ଆସି ବିଭୀଷିକା ଦେଖାନ୍ତି, ସେତେବେଳେ କହ—'ହେ ମୋର ଭଗବାନ, ହେ ମୋର ପ୍ରିୟ !' ଯେତେବେଳେ

ମୃତ୍ୟୁର ଭୀଷଣ ଯାତନା ହେଉଥାଏ, ସେତେବେଳେ ମଧ୍ୟ କହ, 'ହେ ମୋର ଭଗବାନ, ହେ ମୋର ପ୍ରିୟ'; ଜଗତରେ ଯେତେପ୍ରକାର ଦୁଃଖ ବିପଦ ଆସିପାରେ ସେସବୁ ଆସିଲେ ସୁଦ୍ଧା କହ, 'ହେ ମୋର ଭଗବାନ୍, ହେ ମୋର ପ୍ରିୟ, ତୁମେ ଏହିଠାରେ ହିଁ ରହିଛ, ତୁମକୁ ମୁଁ ଦେଖୁଛି, ତୁମେ ମୋ ସଙ୍ଗରେ ରହିଛ, ତୁମକୁ ମୁଁ ଅନୁଭବ କରୁଛି । ମୁଁ ତୁମର, ମୋତେ ଟାଣିନିଅ ପ୍ରଭୁ; ମୁଁ ଏହି ଜଗତର ନୁହେଁ, ମୁଁ ତୁମର—ତୁମେ ମୋତେ ତ୍ୟାଗ କର ନାହିଁ ।' ହୀରାଖଣି ଛାଡ଼ି କାଚଖଣ୍ଡ ଅନ୍ୱେଷଣରେ ଯାଅ ନାହିଁ । ଏ ଜୀବନ ଗୋଟିଏ ମସ୍ତବଡ଼ ସୁଯୋଗ—ତୁମେମାନେ କଅଣ ଏହି ସୁଯୋଗକୁ ଅବହେଳା କରି ସାଂସାରିକ ସୁଖ-ଅନ୍ୱେଷଣରେ ଯିବ ? ସେ ସମସ୍ତ ଆନନ୍ଦର ପ୍ରସ୍ରବଣ—ସେହି ପରମ ବସ୍ତୁର ଅନୁସନ୍ଧାନ କର, ସେହି ପରମ ବସ୍ତୁ ହିଁ ତୁମମାନଙ୍କ ଜୀବନର ଲକ୍ଷ୍ୟ ହେଉ; ତାହା ହେଲେ ତୁମେ ନିଶ୍ଚୟ ସେହି ପରମ ବସ୍ତୁ ଲାଭ କରିବ । ସର୍ବଦା ମୋର ଆଶୀର୍ବାଦ ଜାଣିବ ।

ବିବେକାନନ୍ଦ

୧୧୬ଇଂ (ହେଲ୍ ଭଗିନୀମାନଙ୍କୁ ଲିଖିତ)

ଗ୍ରୀନ୍ଏକର୍, ୧୧ ଅଗଷ୍ଟ ୧୮୯୪

ପ୍ରିୟ ଭଗିନୀଗଣ,

ଏ ଯାବତ୍ ଗ୍ରୀନ୍ଏକର୍‌ରେ ଅଛି । ଜାଗାଟି ଭଲ ଲାଗିଲା । ସମସ୍ତେ ଖୁବ୍ ସହୃଦୟ । କେମ୍ବ୍ରିଜ୍‌ର ମିସେସ୍ ପ୍ର୍ୟାଟ୍ ନାମ୍ନୀ ଜଣେ ଚକାଗୋବାସିନୀ ମହିଳା ମୋ ପ୍ରତି ବିଶେଷ ଆକୃଷ୍ଟ ହୋଇ ପାଞ୍ଚଶହ ଡଲାର ଦେବାକୁ ଚାହିଁଥିଲେ । ମୁଁ ତାହା ପ୍ରତ୍ୟାଖ୍ୟାନ କରିଛି । ମୋତେ କିନ୍ତୁ କଥା ଦେବାକୁ ହୋଇଛି ଯେ, ଅର୍ଥର ପ୍ରୟୋଜନ ହେଲାମାତ୍ରେ ତାଙ୍କୁ ଜଣାଇବି । ଆଶାକରେ, ଭଗବାନ ମୋତେ ସେପରି ଅବସ୍ଥାରେ ପକାଇବେ ନାହିଁ । ଏକମାତ୍ର ତାଙ୍କର ସହାୟତା ମୋ ପକ୍ଷରେ ପର୍ଯ୍ୟାପ୍ତ ! ମା' ବା ତୁମ-ମାନଙ୍କର କୌଣସି ପତ୍ର ମୁଁ ପାଇ ନାହିଁ । କଲିକତାରୁ ମଧ୍ୟ ଫୋନୋଗ୍ରାଫ୍‌ଟି ପହଞ୍ଚିବା ସମ୍ବାଦ ମିଳି ନାହିଁ ।

ମୋ ଚିଠିରେ ଯଦି ପୀଡ଼ାଦାୟକ କିଛି ରହିଯାଇଥାଏ, ଆଶା କରେ ତୁମେ ବୁଝିପାରିବ ଯେ, ସେଇଟା ସ୍ନେହଭାବ ଯୋଗୁଁ ସେପରି ଲେଖା ହୋଇଥିଲା । ତୁମମାନଙ୍କ ଦୟା ନିମନ୍ତେ କୃତଜ୍ଞତା-ପ୍ରକାଶ ଅନାବଶ୍ୟକ । ଭଗବାନ ତୁମମାନଙ୍କୁ ସୁଖୀ କରନ୍ତୁ । ତାଙ୍କର ଅଶେଷ ଆଶୀର୍ବାଦ ତୁମମାନଙ୍କ ଓ ତୁମର ପ୍ରିୟଜନଙ୍କ ଉପରେ ବର୍ଷିତ ହେଉ । ତୁମମାନଙ୍କର ପରିବାରବର୍ଗଙ୍କଠାରେ ମୁଁ ଚିରଋଣୀ । ତୁମେମାନେ ତ ତାହା ଜାଣ ଏବଂ ଅନୁଭବ କର । ମୁଁ କଥାରେ ତାହା ପ୍ରକାଶ କରିବାକୁ ଅକ୍ଷମ । ରବିବାର ଦିନ ବକ୍ତୃତା ଦେବାକୁ ଯାଉଛି ପ୍ଲାଇମାଉଥ୍‌ଠାରେ କର୍ଣ୍ଣେଲ ହିଗିନ୍‌ସନ୍‌ଙ୍କର 'ସିମ୍ପାଥି ଅଫ୍ ରିଲିଜିଅନ୍‌ସ'ର ଅଧିବେଶନକୁ । କୋଲ୍ଡ ସ୍ପ୍ରିଙ୍ଗ୍-ହୋମ୍ ଗଛତଳେ ଆମ ଦଳର ଛବି ଉଠାଇଥିଲେ, ସେଥିରୁ ଖଣ୍ଡିଏ ଏଥି ସଙ୍ଗେ ପଠାଉଛି । ଏଇଟା କିନ୍ତୁ ନମୁନା ମାତ୍ର,

ଆଟ୍ଲେଣ୍ଟରେ ଅସ୍ପଷ୍ଟ ହୋଇଯିବ । ଏହାଠାରୁ ଭଲ କିଛୁ ପାଉ ନାହିଁ । ଅନୁଗ୍ରହ କରି ମିସ୍ ହାଉଙ୍କୁ ମୋର ଆନ୍ତରିକ କୃତଜ୍ଞତା ଓ ପ୍ରୀତି ଜଣାଇବ । ମୋ ପ୍ରତି ତାଙ୍କର ଅଶେଷ ଦୟା । ବର୍ତ୍ତମାନ ମୋର କୌଣସି କିଛୁ ପ୍ରୟୋଜନ ନାହିଁ । ପ୍ରୟୋଜନ ହେଲେ ଆନନ୍ଦର ସହିତ ଜଣାଇବ । ଭାବୁଛି, ଏଠାରେ ପ୍ଲାଇମାଉଥ୍‌ଠାରୁ ଦୁଇଦିନ ପାଇଁ ଫିସ୍‌କିଲ୍‌କୁ ଯିବ । ସେଠାରୁ ପୁଣି ତୁମମାନଙ୍କୁ ପତ୍ର ଦେବି । ଆଶା କରେ—ଆଶା କରେ କାହିଁକି—ଭଲରୂପେ ଜାଣେ, ତୁମେମାନେ ସୁଖରେ ଅଛ, କାରଣ ପବିତ୍ର ସଜ୍ଜନ କଦାପି ଅସୁଖୀ ହୁଏ ନାହିଁ । ଯେଉଁ ଅଳ୍ପ କେତେକ ସପ୍ତାହ ଏଠାରେ ରହିବ, ଆଶା କରେ ଆନନ୍ଦରେ କଟିବ । ଆଗାମୀ ଶରତ୍ କାଳରେ ନିଉୟର୍କରେ ରହିବ । ନିଉୟର୍କ ଚମତ୍କାର ଜାଗା । ସେଠାର ଲୋକମାନଙ୍କର ଯେପରି ଅଧ୍ୟବସାୟ, ଅନ୍ୟ ନଗରବାସୀମାନଙ୍କ ମଧ୍ୟରେ ତାହା ଦେଖାଯାଏ ନାହିଁ । ମିସେସ୍ ପଟାର୍ ପାମାର୍‌ଙ୍କର ଖଣ୍ଡିଏ ଚିଠି ପାଇଛି; ଅଗଷ୍ଟ ମାସରେ ତାଙ୍କ ସଙ୍ଗେ ଦେଖା କରିବାକୁ ଲେଖିଛନ୍ତି । ମହିଳା ଜଣକ ବେଶ୍ ସହୃଦୟ, ଉଦାର ଇତ୍ୟାଦି । ଅଧିକ ଆଉ କଅଣ ? 'ନୈତିକ ଅନୁଶୀଳନ ସମିତି'ର ସଭାପତି, ନିଉୟର୍କ-ନିବାସୀ ମୋର ବନ୍ଧୁ ଡାକ୍ତର ଜେନସ୍ ଏଠାରେ ଅଛନ୍ତି । ସେ ବକ୍ତୃତା ଦେବାକୁ ଆରମ୍ଭ କରିଛନ୍ତି । ମୁଁ ତାଙ୍କର ବକ୍ତୃତା ଶୁଣିବାକୁ ନିଶ୍ଚୟ ଯିବ । ତାଙ୍କ ସହିତ ମୋ ମତର ଖୁବ୍ ଐକ୍ୟ ଅଛି । ତୁମେମାନେ ଚିରସୁଖୀ ହୁଅ ।

ତୁମମାନଙ୍କର ଚିରଶୁଭାର୍ଥୀ ଭ୍ରାତା, ବିବେକାନନ୍ଦ

୧୧୩ଇଂ (ମିସ୍ ଇସାବେଲ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

ଏନିସ୍କୋୟାମ୍, ୨୦ ଅଗଷ୍ଟ ୧୮୯୪

ପ୍ରିୟ ଭଗିନି,

ତୁମର ଅତ୍ୟନ୍ତ ସହୃଦୟ ଲିପିଟି ଏନିସ୍କୋୟାମ୍‌ରେ ମୋ ପାଖରେ ଯଥାସମୟରେ ଆସି ପହଞ୍ଚିଛି । ମୁଁ ପୁନରାୟ ବ୍ୟାଗ୍‌ଲିଙ୍କ ସାଙ୍ଗରେ ଅଛି । ସେମାନେ ଯଥାପୂର୍ବ ସହୃଦୟ । ଅଧ୍ୟାପକ ରାଇଟ୍ ଏଠାରେ ନ ଥିଲେ । ତେବେ ଦୁଇଦିନ ପୂର୍ବେ ସେ ଆସିଛନ୍ତି ଏବଂ ଏକାସାଙ୍ଗରେ ଆମମାନଙ୍କର ଖୁବ ଭଲ ଭାବରେ ସମୟ କଟୁଛି । ଏଭାନଷ୍ଟନ୍‌ର ମିଷ୍ଟର୍ ବ୍ରାଉନ୍‌ଲି, ଯାହାଙ୍କ ସାଙ୍ଗରେ ତୁମର ସାକ୍ଷାତ୍ ହୋଇଥିଲା, ଏଠାରେ ଥିଲେ । କେତେଦିନ ବେଶ୍ ନୌକାଭ୍ରମଣ ହୋଇଛି ଏବଂ ଦିନେ ସନ୍ଧ୍ୟାରେ ନୌକା ଓଲଟି ଲୁଗାପଟା ସବୁ ଓଦା ହୋଇ ସତ୍ୟାନାଶ ।

ଗ୍ରୀନ୍‌ଏକର୍‌ରେ ମୋର ବେଶ୍ ଚମତ୍କାର ବିତିଛି । ସେମାନେ ସମସ୍ତେ ନିଷ୍ଠାପରାୟଣ ଓ ସହୃଦୟ । ଫ୍ୟାନି ହାର୍ଟଲି ଓ ମିସେସ୍ ମିଲ୍‌ସ ବୋଧହୁଏ ଇତିମଧ୍ୟରେ ଘରକୁ ଫେରି ଯାଇଛନ୍ତି ।

ଭାବୁଛି, ଏଠାରୁ ନିଉୟର୍କ ଫେରିଯିବ, ଅଥବା ବୋଷ୍ଟନ୍‌ରେ ମିସେସ୍ ଓଲବୁଲ୍‌ଙ୍କ ପାଖକୁ ଯାଇପାରେ । ସମ୍ଭବତଃ ତୁମେ ଏ ଦେଶର ବିଖ୍ୟାତ ବେହେଲା-ବାଦକ ମିଷ୍ଟର୍ ଓଲବୁଲ୍‌ଙ୍କ କଥା ଶୁଣିଛ । ଏ ତାଙ୍କର ବିଧବା ପତ୍ନୀ । ମହିଳା ଜଣକ ଖୁବ ଧର୍ମଶୀଳା ।

ସେ କେମ୍ବ୍ରିଜରେ ରହନ୍ତି ଏବଂ ଭାରତରୁ ଅଣାହୋଇଥିବା କାରୁକାର୍ଯ୍ୟମୟ କାଠରେ ତିଆରି ଗୋଟିଏ ସୁନ୍ଦର ବୈଠକଖାନା ତାଙ୍କର ଅଛି । ସେ ଚାହାନ୍ତି, ମୁଁ ଯେକୌଣସି ସମୟରେ ତାଙ୍କ ପାଖକୁ ଯାଏ ଏବଂ ତାଙ୍କର ବୈଠକଖାନାଟିକୁ ବକ୍ତୃତା ଲାଗି ବ୍ୟବହାର କରେ ।

ବୋଷ୍ଟନ୍ ଅବଶ୍ୟ ସବୁ କିଛି ପାଇଁ ଗୋଟିଏ ବୃହତ୍ତ କ୍ଷେତ୍ର, କିନ୍ତୁ ବୋଷ୍ଟନ୍‌ର ଲୋକମାନେ କୌଣସି ବିଷୟକୁ ଯେପରି ତତ୍ପରତାର ସହିତ ଗ୍ରହଣ କରନ୍ତି, ସେହିପରି ତତ୍ପରତାର ସହିତ ତ୍ୟାଗ କରିଥାନ୍ତି । ଅପର ପକ୍ଷରେ ନିଉୟର୍କବାସୀମାନେ ଟିକିଏ ଢିଲା ହେଲେ ମଧ୍ୟ ଯେତେବେଳେ ସେମାନେ କୌଣସି ବିଷୟକୁ ଧରନ୍ତି, ସେତେବେଳେ ଖୁବ୍ ଶକ୍ତ ଭାବରେ ଧରନ୍ତି ।

ମୋର ସ୍ୱାସ୍ଥ୍ୟ ବରାବର ବେଶ୍ ଭଲ ଅଛି ଏବଂ ଆଶା କରେ, ଭବିଷ୍ୟତରେ ମଧ୍ୟ ଭଲ ରହିବ । ମୋର ସଞ୍ଚୟକୁ ଖରଚ କରିବାର କୌଣସି କାରଣ ଏପର୍ଯ୍ୟନ୍ତ ଘଟି ନାହିଁ, ତଥାପି ମୁଁ ବେଶ୍ ଭଲ ଭାବରେ ଚଳି ଯାଉଛି । ମୁଁ ସବୁ ଅର୍ଥକରୀ ପରିକଳ୍ପନା ତ୍ୟାଗ କରିଛି । ଏବେ ଖାଲି ଟିକିଏ ଖାଦ୍ୟ ଓ ମୁଣ୍ଡ ଉପରେ ଟିକିଏ ଆଚ୍ଛାଦନ ପାଇଲେ ସମ୍ପୂର୍ଣ୍ଣ ତୃପ୍ତ ରହିବି ଓ କାମ କରିଯିବି ।

ଆଶା କରେ, ଗ୍ରୀଷ୍ମ-ଆବାସରେ ଆନନ୍ଦ ଉପଭୋଗ କରୁଛ । ଦୟାକରି ମୋର ଅପରସୀମ ଶ୍ରଦ୍ଧା ଓ ପ୍ରୀତି ମିସ୍ ହାଉ ଓ ମିଷ୍ଟର ଫ୍ରାଙ୍କ୍ ହାଉଙ୍କୁ ଜଣାଇବ ।

ସମ୍ଭବତଃ ପୂର୍ବ ଚିଠିରେ ତୁମକୁ କହିପାରି ନାହିଁ ଯେ, ମୁଁ କିପରି ଗଛତଳେ ରହୁଛି, ଶୋଉଛି ଓ ଧର୍ମପ୍ରଚାର କରୁଛି ଏବଂ ଅନ୍ତତଃ କେତେଦିନ ପାଇଁ ଆଉ ଥରେ ସ୍ୱର୍ଗୀୟ ପରିବେଶ ମଧ୍ୟରେ ନିଜକୁ ପାଇଛି ।

ଖୁବ୍ ସମ୍ଭବତଃ ଆଗାମୀ ଶୀତଋତୁରେ ନିଉୟର୍କରେ ମୋର କେନ୍ଦ୍ର କରିବି ଏବଂ ତାହା ସ୍ଥିର କରି ତୁମକୁ ଜଣାଇବି । ଏ ଦେଶରେ ଆହୁରି ରହିବା ବିଷୟରେ ଏପର୍ଯ୍ୟନ୍ତ କିଛି ସ୍ଥିର କରିପାରି ନାହିଁ । ମୁଁ ଏସବୁ ବିଷୟ ସ୍ଥିର କରିପାରେ ନାହିଁ । ସମୟ ଅପେକ୍ଷାରେ ରହିଛି । ପ୍ରଭୁ ଚିରକାଳ ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ—ଏହା ହିଁ ତୁମମାନଙ୍କର ସଦାସ୍ନେହଶୀଳ ଭାଇର ନିରନ୍ତର ପ୍ରାର୍ଥନା ।

ବିବେକାନନ୍ଦ

୧୯୪ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଏନିସ୍କୋୟାମ୍, ମିସେସ୍ ବ୍ୟାଗ୍‌ଲିଙ୍କ ନିବାସ
୩୧ ଅଗଷ୍ଟ ୧୮୯୪

ପ୍ରିୟ ଭଉଣୀ,

ମାନ୍ଦ୍ରାଜୀମାନଙ୍କର ଚିଠିଖଣ୍ଡିକ କାଲିର 'ବୋଷ୍ଟନ୍ ଟ୍ରାନ୍‌ସକ୍ରିପ୍ଟ' ପତ୍ରରେ ପ୍ରକାଶିତ ହୋଇଛି । ତୁମ ପାଖକୁ ଗୋଟିଏ କପି ପଠାଇବାକୁ ଇଚ୍ଛା ଅଛି । ଚିକାଗୋର କୌଣସି କାଗଜରେ ହୁଏତ ଦେଖିଥିବ । 'ଲୁକ୍ ଆଣ୍ଡ ସନ୍‌ଡ଼' ଅଫିସ୍‌ରେ ମୋର ଚିଠିପତ୍ର

ଥିବ । ଅନ୍ତତଃ ଆଗାମୀ ମଙ୍ଗଳବାର ପର୍ଯ୍ୟନ୍ତ ଏଠାରେ ଅଛି; ସେହିଦିନ ଏଠାରେ ବକ୍ତୃତା ଦେବି ।

ଡସ୍କାକର କୁକ୍ ଅଫିସରେ ମୋର କିଛି ପତ୍ର ଆସିଛି କି ନାହିଁ ସନ୍ଧାନ ନିଅ ଏବଂ ଆସିଥିଲେ ଏଠାକୁ ପଠାଇ ଦିଅ ।

କିଛିଦିନ ହେଲା ତୁମମାନଙ୍କର କୌଣସି ଖବର ପାଇ ନାହିଁ । ମଦର୍ ଚର୍ଚ୍ଚଙ୍କ ପାଖକୁ କାଲି ଦୁଇଟି ଛବି ପଠାଇଛି । ଆଶା କରେ, ତୁମମାନଙ୍କୁ ଭଲ ଲାଗିବ । ଭାରତ-ବର୍ଷର ଚିଠିପତ୍ରାଦି ସକାଶେ ମୁଁ ବିଶେଷ ଉଦ୍‌ବିଗ୍ନ । ସମସ୍ତଙ୍କୁ ମୋର ସ୍ନେହ ।

ତୁମର ଚିରସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

ପୁଃ—ତୁମେମାନେ କେଉଁଠି ଅଛ ଜାଣି ନଥିବାରୁ ଆଉ ଯାହା କିଛି ପଠାଇବାକୁ ଅଛି, ତାହା ପଠାଇପାରୁ ନାହିଁ ।

ବି.

୧୧୫ ଇଂ

ଯୁକ୍ତରାଷ୍ଟ୍ର, ଆମେରିକା
୩୧ ଅଗଷ୍ଟ ୧୮୯୪

ପ୍ରିୟ ଆଲସିଙ୍ଗା,

ଏହିକ୍ଷଣି 'ବୋଷ୍ଟନ୍ ଟ୍ରାନ୍‌ସକ୍ରିପ୍ଟ'ରେ ମାନ୍ଦ୍ରାଜ-ସଭାର ପ୍ରସ୍ତାବଗୁଡ଼ିକର ଅବଲମ୍ବନରେ ଲିଖିତ ସମ୍ପାଦକୀୟ ପ୍ରବନ୍ଧ ଦେଖିବାକୁ ପାଇଲି । ସେ ପ୍ରସ୍ତାବଗୁଡ଼ିକ ମୋ ପାଖରେ ଏପର୍ଯ୍ୟନ୍ତ ପହଞ୍ଚି ନାହିଁ । ଯଦି ତୁମେ ଏହା ପୂର୍ବରୁ ପଠାଇଥାଅ, ତେବେ ଶୀଘ୍ର ମିଳିଯିବ । ପ୍ରିୟ ବତ୍ସ ! ଏପର୍ଯ୍ୟନ୍ତ ତୁମେମାନେ ଅଦ୍ଭୁତ କାର୍ଯ୍ୟ କରିଛ । କେବେ କେବେ ମୁଁ ବିଚଳିତ ହୋଇ ଯାହା ଲେଖିଦିଏ, ସେକଥାକୁ ମନରେ ଧରିବ ନାହିଁ । ଭାବି ଦେଖ, ଦେଶଠାରୁ ପନ୍ଦର ହଜାର ମାଇଲ ଦୂରରେ ଏକାକୀ ଆସି ରହିଛି—ଧର୍ମାନ୍ଧ ଶତ୍ରୁଭାବାପନ୍ନ ଖ୍ରୀଷ୍ଟିଆନମାନଙ୍କ ସହିତ ବରାବର ଲଢ଼ାଇ କରି ଚାଲିବାକୁ ହେଉଛି—ତେଣୁ କେବେ କେବେ ଟିକିଏ ବିଚଳିତ ହୋଇଯାଏ । ହେ ବୀରହୃଦୟ ବତ୍ସ, ସବୁକଥା ମନେରଖି କାମ କରିଯାଅ । ବୋଧହୁଏ ଭଟ୍ଟାଚାର୍ଯ୍ୟ ମହାଶୟଙ୍କଠାରୁ ଶୁଣିଛ ଯେ, ମୁଁ ଜି. ଜି. ପାଖରୁ ସୁନ୍ଦର ପତ୍ର ଖଣ୍ଡିଏ ପାଇଥିଲି । ଠିକଣାଟା ଏପରି ଭାବରେ ଲେଖିଥିଲା ଯେ, ମୁଁ ତାହା ଆଦୌ ବୁଝିପାରିଲି ନାହିଁ । ତେଣୁ ତା' ପାଖକୁ ଉତ୍ତର ଦେଇପାରି ନାହିଁ । ତେବେ ସେ ଯାହା ଯାହା ଚାହିଁଥିଲା, ମୁଁ ସବୁ କରି ଦେଇଛି—ମୋର ଫଟୋଗ୍ରାଫ୍‌ଗୁଡ଼ିକ ପଠାଇଛି ଏବଂ ମହୀଶୂରର ରାଜାଙ୍କୁ ପତ୍ର ଲେଖିଛି । ଖେତଡ଼ିର ମହାରାଜାଙ୍କ ପାଖକୁ ଗୋଟିଏ ଫଟୋଗ୍ରାଫ୍ ପଠାଇଛି; କିନ୍ତୁ ଏପର୍ଯ୍ୟନ୍ତ ତାଙ୍କଠାରୁ ପ୍ରାପ୍ତି-ସ୍ୱୀକାର-ପତ୍ର ପାଇ ନାହିଁ । ଏହାର ଖବରଟା ତାଙ୍କଠାରୁ ନିଅ ତ । କୁକ୍ ଏଣ୍ଡ ସନ୍‌ସ, ରାମପାର୍ଟ ରୋ, ବମ୍ବେ ଠିକଣାରେ ମୁଁ ତାହା ପଠାଇଛି । ଏ ବିଷୟରେ ସବୁ ଖବର ବୁଝି ରାଜାଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖିବ । ଜୁନ୍ ୮ ତାରିଖରେ ଲେଖାଯାଇଥିବା ରାଜାଙ୍କର ଖଣ୍ଡିଏ ପତ୍ର ମୁଁ ପାଇଛି । ସେ ଯଦି ୮ ତାରିଖ ପରେ କିଛି ଲେଖିଥାଆନ୍ତି, ତେବେ ତାହା ମୁଁ ଏପର୍ଯ୍ୟନ୍ତ ପାଇନାହିଁ ।

ମୋ ସମ୍ବନ୍ଧରେ ଭାରତର ଖବରକାଗଜରେ କିଛି ବାହାରିଲେ ସେହି କାଗଜଖଣ୍ଡିକ ମୋ ପାଖକୁ ପଠାଇଦେବ। ମୁଁ ସେହି କାଗଜଟିରେ ତାହା ପଢ଼ିବାକୁ ଚାହେଁ—ବୁଝିଲ ? ଗୁରୁଚନ୍ଦ୍ରବାବୁ ମୋପ୍ରତି ଖୁବ୍ ସଦୟ ବ୍ୟବହାର କରିଛନ୍ତି, ତାଙ୍କ ସମ୍ବନ୍ଧରେ ମୋ ପାଖକୁ ବିସ୍ତାରିତ ଭାବରେ ଲେଖିବ। ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଇବ; କିନ୍ତୁ (ତୁମକୁ ଗୋପନରେ କହୁଛି) ଦୁଃଖର ବିଷୟ ଯେ, ତାଙ୍କ କଥା ମୋର କିଛି ମନେପଡ଼ୁ ନାହିଁ। ତୁମେ ତାଙ୍କ ସମ୍ବନ୍ଧରେ ସବୁ ବୁଝି ମୋତେ ବିସ୍ତାରିତ ବିବରଣ ଜଣାଇବ କି ? ଥିଓସଫିଷ୍ଟମାନେ ଏବେ ମୋତେ ପସନ୍ଦ କରୁଛନ୍ତି ସତ୍ୟ, କିନ୍ତୁ ଏ ଦେଶରେ ସେମାନଙ୍କର ସଂଖ୍ୟା ସର୍ବମୋଟ ୬୫୦ ଜଣ ମାତ୍ର। ତା'ପରେ ଖ୍ରୀଷ୍ଟୀୟ ବୈଜ୍ଞାନିକମାନେ ଅଛନ୍ତି, ସେମାନେ ସମସ୍ତେ ମଧ୍ୟ ମୋତେ ପସନ୍ଦ କରନ୍ତି; ସେମାନଙ୍କର ସଂଖ୍ୟା ପ୍ରାୟ ଦଶଲକ୍ଷ ହେବ। ମୁଁ ଉଭୟ ଦଳ ସହିତ କାମ କରେ ସତ; କିନ୍ତୁ କାହାରି ଦଳରେ ଯୋଗ ଦିଏ ନାହିଁ, ଏବଂ ଭଗବତ୍କୃପାରେ ଉଭୟ ଦଳକୁ ଠିକ୍ ବାଟକୁ ନେଇ ଆସିପାରିବ, କାରଣ ସେମାନେ କେବଳ କେତେଗୁଡ଼ିଏ ଅର୍ଦ୍ଧ-ଉପଲବ୍ଧ ସତ୍ୟକୁ ଆଉଡ଼ାଉଛନ୍ତି ମାତ୍ର।

ଏ ପତ୍ର ତୁମ ନିକଟରେ ପହଞ୍ଚିବା ପୂର୍ବରୁ ମୋର ଆଶା, ନରସିଂହ ଟଙ୍କାପଇସା ଇତ୍ୟାଦି ପାଇସାରିଥିବ।

ମୁଁ 'କ୍ୟାଟ୍' ପାଖରୁ ଗୋଟିଏ ପତ୍ର ପାଇଛି କିନ୍ତୁ ତା'ର ସବୁ ପ୍ରଶ୍ନର ଉତ୍ତର ଦେବାକୁ ଗଲେ ଖଣ୍ଡିଏ ବହି ଲେଖିବାକୁ ହେବ; ସୁତରାଂ ତୁମର ଏହି ପତ୍ର ଜରିଆରେ ତାକୁ ଆଶୀର୍ବାଦ ଜଣାଉଛି, ଏବଂ ତୁମକୁ ମନେ ପକାଇ ଦେବାକୁ କହୁଛି ଯେ, ଆମ ଉଭୟଙ୍କର ମତ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେଥିରେ କିଛି ଯାଏ ଆସେ ନାହିଁ—ସେ କୌଣସି ବିଷୟକୁ ଗୋଟିଏ ଭାବରେ ଦେଖୁଛି, ହୁଏତ ମୁଁ ଅନ୍ୟ ଭାବରେ ଦେଖୁଛି, ଏହି ଗୋଟିଏ ଜିନିଷକୁ ବିଭିନ୍ନ ଭାବରେ ଦେଖିବା କଥା ସ୍ୱୀକାର କରିନେଲେ ତ ଆମ ଦୁହିଁଙ୍କ ଭାବର ଏକପ୍ରକାର ସମନ୍ୱୟ ହୋଇଗଲା। ସୁତରାଂ ସେ ଯାହା ବିଶ୍ୱାସ କରୁ ନା କାହିଁକି—ସେଥିରେ କିଛି ଯାଏ ଆସେ ନାହିଁ —ସେ କାମ କରୁ।

ବାଲଜି, ଜି.ଜି., କିଡି, ଡାକ୍ତର ଓ ଆମର ବନ୍ଧୁମାନଙ୍କୁ ମୋର ପ୍ରୀତି ଜଣାଇବ ଏବଂ ଯେଉଁ ସ୍ୱଦେଶହିତୈଷୀ ମହାତ୍ମାମାନେ ସେମାନଙ୍କ ଦେଶ ପାଇଁ ମତଭିନ୍ନତା ଗ୍ରାହ୍ୟ ନ କରି ସାହସ ଓ ମହଦନ୍ତଃକରଣର ପରିଚୟ ଦେଇଛନ୍ତି, ସେସମସ୍ତଙ୍କୁ ମୋ ହୃଦୟର ଅଗାଧ ସ୍ନେହପ୍ରୀତି ଜଣାଇବ।

ଗୋଟିଏ ଗ୍ରେଟକାଟର ସମିତି ସ୍ଥାପନ କର, ତା'ର ମୁଖ-ପତ୍ରସ୍ୱରୂପ ଖଣ୍ଡିଏ ସାମୟିକ ପତ୍ରିକା ବାହାର କର—ତୁମେ ତା'ର ସମ୍ପାଦକ ହୁଅ। ଏ ପତ୍ରିକାଟି ବାହାର କରିବା ଓ କାମ ଆରମ୍ଭ କରିଦେବା ଲାଗି ଅତି କମରେ କେତେ ଖର୍ଚ୍ଚ ଲାଗିବ, ହିସାବ କରି ମୋତେ ଜଣାଇବ ଏବଂ ସମିତିର ନାମ ଓ ଠିକଣା ଜଣାଇବ। ତାହାହେଲେ ମୁଁ ସେଥିପାଇଁ ଟଙ୍କା ପଠାଇବି—କେବଳ ସେତିକି ନୁହେଁ, ଆମେରିକାର କେତେକଙ୍କୁ

ଧରି ସେମାନେ ଯେପରି ବର୍ଷକୁ ବର୍ଷ ମୋଟା ଚାନ୍ଦା ଦିଅନ୍ତି, ତାହାର ବ୍ୟବସ୍ଥା କରିବ । କଲିକତାରେ ମଧ୍ୟ ସେହିପରି କରିବାକୁ କହିବ । ମୋତେ 'ବ—'ର ଠିକଣା ପଠାଇବ । ସେ ବେଶ୍ ଭଲ ଓ ମହତ୍ ଲୋକ । ସେ ଆମମାନଙ୍କ ସାଙ୍ଗରେ ମିଶି ଭଲ କାମ କରିବ ।

ତୁମକୁ ସମସ୍ତ ବିଷୟର ଭାର ନେବାକୁ ହେବ—ସରଦାର ହିସାବରେ ନୁହେଁ, ସେବକ ଭାବରେ—ବୁଝିଲ ? ସାମାନ୍ୟ ଟିକିଏ କର୍ତ୍ତୃତ୍ୱ-ଭାବ ଦେଖାଇଲେ ଲୋକମାନଙ୍କ ମନରେ ଈର୍ଷାଭାବ ଜାଗିଉଠିବ—ସେଥିରେ ସବୁ ମାଟି ହୋଇଯିବ । ଯେ ଯାହା କହୁଛି ସେଥିରେ ହଁ ମାରିଯାଅ, କେବଳ ଚେଷ୍ଟା କର ମୋର ସବୁ ବନ୍ଧୁମାନଙ୍କୁ ଏକାଠି କରି ରଖିବାକୁ—ବୁଝିଲ ? ଆଉ ଆସ୍ତେ ଆସ୍ତେ କାମ କରି ତାହାର ଉନ୍ନତିର ଚେଷ୍ଟା କର । ଜି. ଜି. ଓ ଅନ୍ୟାନ୍ୟ ଯେଉଁମାନଙ୍କର ବର୍ତ୍ତମାନ ରୋଜଗାର କରିବା ଦରକାର ନାହିଁ, ସେମାନେ ଏବେ ଯେପରି କାର୍ଯ୍ୟ କରୁଛନ୍ତି ସେପରି କରିଯାଆନ୍ତୁ, ଅର୍ଥାତ୍ ଘୂରିଆଡ଼େ ଭାବ ପ୍ରଚାର କରନ୍ତୁ । ଜି. ଜି. ମହୀଶୂରରେ ଖୁବ୍ ଭଲ କାମ କରୁଛି । ଏହିପରି ତ କରିବାକୁ ହେବ । ଭବିଷ୍ୟତରେ ମହୀଶୂର ଆମମାନଙ୍କର ଗୋଟିଏ ବଡ଼ କର୍ମକେନ୍ଦ୍ର ହୋଇ ଉଠିବ ।

ମୁଁ ଏବେ ମୋର ଭାବଗୁଡ଼ିକୁ ପୁସ୍ତକାକାରରେ ଲିପିବଦ୍ଧ କରିବ ବୋଲି ଭାବୁଛି—ତା'ପରେ ଆସନ୍ତା ଶୀତକାଳରେ ସାରାଦେଶ ବୁଲି ସମିତି ସ୍ଥାପନ କରିବ । ଏ ଦେଶଟି ଗୋଟିଏ ବିରାଟ କାର୍ଯ୍ୟକ୍ଷେତ୍ର, ଏବଂ ଏଠାରେ ଯେତେ କାର୍ଯ୍ୟ ହୋଇଥିବ, ସେତେ ହିଁ ଇଂଲଣ୍ଡ ଏହି ଭାବ ଗ୍ରହଣ କରିବାକୁ ପ୍ରସ୍ତୁତ ହେବ । ହେ ବୀରହୃଦୟ ବତ୍ସ, ଏତେ ଦିନ ପର୍ଯ୍ୟନ୍ତ ଭଲ କାର୍ଯ୍ୟ କରି ଆସିଛ । ପ୍ରଭୁ ତୁମମାନଙ୍କ ଭିତରେ ସମସ୍ତ ଶକ୍ତି ଦେବେ ।

ମୋ ହାତରେ ବର୍ତ୍ତମାନ ୯୦୦୦ ଟଙ୍କା ଅଛି । ସେଥିରୁ କିଛି ଭାରତରେ କାମ ଆରମ୍ଭ କରିଦେବା ପାଇଁ ପଠାଇବି, ଆଉ ଏଠାରେ ଅନେକଙ୍କୁ ଧରି ସେମାନଙ୍କଦ୍ୱାରା ବାର୍ଷିକ, ଷାଣ୍ମାସିକ ବା ମାସିକ ହିସାବରେ ଟଙ୍କା ପଇସା ପଠାଇବାର ବନ୍ଦୋବସ୍ତ କରିବ । ତୁମେ ଆଗ ସମିତିଟା ଆରମ୍ଭ କରିଦିଅ ଓ କାଗଜଟା ବାହାର କରିଦିଅ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଯାହା ଆବଶ୍ୟକ ତାହାର ଯୋଗାଡ଼ଯନ୍ତ୍ର କର । ଏ ବିଷୟଟିକୁ ଖୁବ୍ ଅଳ୍ପ ଲୋକଙ୍କ ମଧ୍ୟରେ ଗୋପନ ରଖ, ସଙ୍ଗେ ସଙ୍ଗେ କିନ୍ତୁ ମାନ୍ଦ୍ରାଜରେ ଗୋଟିଏ ମନ୍ଦିର କରିବା ପାଇଁ ମହୀଶୂର ଓ ଅନ୍ୟାନ୍ୟ ସ୍ଥାନରୁ ଟଙ୍କାସଂଗ୍ରହର ଚେଷ୍ଟା କର—ସେଥିରେ ଗୋଟିଏ ପୁସ୍ତକାଳୟ ରହିବ, ଅଫିସ ଓ ଧର୍ମପ୍ରଚାରକମାନଙ୍କର ଅର୍ଥାତ୍ ଯଦି କୌଣସି ସନ୍ନ୍ୟାସୀ କିମ୍ବା ବୈରାଗୀ ଆସିଯାଆନ୍ତି, ସେମାନଙ୍କ ପାଇଁ ଘର ରହିବ । ଏହି ଭାବରେ ଆମେ ଧୀରେ ଧୀରେ କାର୍ଯ୍ୟରେ ଅଗ୍ରସର ହେବା ।

ସଦାସ୍ନେହାବଦ୍ଧ, ବିବେକାନନ୍ଦ

ପୁଃ—ତୁମେ ତ ଜାଣ, ଟଙ୍କା ରଖିବା—ଏପରିକି ଟଙ୍କା ଛୁଇଁବା ମଧ୍ୟ ମୋ ପକ୍ଷରେ ଭାରି ମୁସ୍କିଲ । ତାହା ମୋ ପକ୍ଷରେ ଅତିଶୟ ବିରକ୍ତିକର ହୁଏ ଏବଂ ଏହା

ମନକୁ ତଳକୁ ଟାଣିଆଣେ । ସେଥିପାଇଁ କାର୍ଯ୍ୟ ଏବଂ ଟଙ୍କା-କଉଡ଼ି ସଂକ୍ରାନ୍ତ ବିଷୟର ବନ୍ଦୋବସ୍ତ ପାଇଁ ତୁମମାନଙ୍କୁ ସଂଘବଦ୍ଧ ହୋଇ ଗୋଟିଏ ସମିତି ସ୍ଥାପନ କରିବାକୁ ହେବ । ଏଠାରେ ମୋର ଯେଉଁ ବନ୍ଧୁମାନେ ଅଛନ୍ତି, ସେମାନେ ମୋ ଟଙ୍କା-ପଇସାର ସମସ୍ତ ବନ୍ଦୋବସ୍ତ କରିଥାନ୍ତି—ବୁଝିଲ ? ଟଙ୍କା-ପଇସାର ଏହି ଭୟଙ୍କର ଦାୟିତ୍ୱରୁ ନିଷ୍କୃତି ପାଇଲେ ଟିକିଏ ନିଃଶ୍ୱାସ ମାରି ବଞ୍ଚିବି । ସୁତରାଂ ଯେତେଶୀଘ୍ର ତୁମେମାନେ ସଂଘବଦ୍ଧ ହୋଇପାର ଏବଂ ତୁମେ ସମ୍ପାଦକ ଓ କୋଷାଧ୍ୟକ୍ଷ ହୋଇ ମୋର ବନ୍ଧୁ ଏବଂ ସହାୟକମାନଙ୍କ ସହିତ ସାକ୍ଷାତ୍ ଭାବରେ ପତ୍ରାଦି ଆଦାନ ପ୍ରଦାନ କରିପାର, ସେତେ ହିଁ ତୁମମାନଙ୍କର ଏବଂ ମୋର—ଉଭୟଙ୍କର ମଙ୍ଗଳ । ଏହା ଅତିଶୀଘ୍ର ଆରମ୍ଭ କରି ମୋ ପାଖକୁ ଲେଖ । ସମିତିର ଗୋଟିଏ ଅସାଂପ୍ରଦାୟିକ ନାମ ଦେବ—ମୁଁ ଭାବୁଛି, 'ପ୍ରବୁଦ୍ଧ ଭାରତ' ନାମକରଣ ମନ୍ଦ ହୁଅନ୍ତା ନାହିଁ । ଏହି ନାମ ଦେଲେ ହିନ୍ଦୁମାନଙ୍କ ମନରେ କୌଣସି ଆଘାତ ନ ଦେଇ ବୌଦ୍ଧମାନଙ୍କୁ ମଧ୍ୟ ଆକର୍ଷଣ କରିହେବ । 'ପ୍ରବୁଦ୍ଧ' ଶବ୍ଦ (ପ୍ର = ସଙ୍ଗେ + ବୁଦ୍ଧ) 'ବୁଦ୍ଧ'ଙ୍କ ଅର୍ଥାତ୍ ଗୌତମ ବୁଦ୍ଧଙ୍କ ସହିତ 'ଭାରତ' ଯୋଡ଼ିଲେ ହିନ୍ଦୁଧର୍ମ ସହିତ ବୌଦ୍ଧଧର୍ମର ସମ୍ମେଳନ ବୁଝାଇପାରେ । ଯାହାହେଉ, ଆମର ଯେତେ ବନ୍ଧୁ ଅଛନ୍ତି, ସେମାନଙ୍କ ସଙ୍ଗେ ଏ ବିଷୟରେ ପରାମର୍ଶ କର—ସେମାନେ ଯାହା ଭଲ ବିବେଚନା କରିବେ ।

ମଠରେ ମୋର ଗୁରୁଭାଇମାନଙ୍କୁ ମଧ୍ୟ ଏହିପରି ସଂଘବଦ୍ଧ ହୋଇ କାମ କରିବାକୁ କହିବ; କିନ୍ତୁ ଟଙ୍କା-ପଇସା କାମ ତୁମକୁ ଦେଖିବାକୁ ହେବ । ସେମାନେ ସନ୍ନ୍ୟାସୀ, ଟଙ୍କା-କଉଡ଼ି ନେଇ ଘାଣ୍ଟି ହେବାକୁ ପସନ୍ଦ କରିବେ ନାହିଁ । ଆଲସିଙ୍ଗା, ଜାଣିରଖ—ଭବିଷ୍ୟତରେ ତୁମକୁ ବହୁତ ବଡ଼ ବଡ଼ କାମ କରିବାକୁ ହେବ । ଅଥବା ତୁମେ ଯଦି ଭଲ ବୁଝ, କେତେଜଣ ବଡ଼ଲୋକଙ୍କୁ ଧରି, ସେମାନଙ୍କୁ ରାଜି କରାଇ ସମିତିର କର୍ତ୍ତା ଭାବରେ ସେମାନଙ୍କର ନାମ ପ୍ରକାଶ କରିବ । ଅସଲ କାର୍ଯ୍ୟ କିନ୍ତୁ ତୁମକୁ କରିବାକୁ ହେବ । ସେମାନଙ୍କ ନାମରେ କାର୍ଯ୍ୟ ହାସଲ କରିବାକୁ ହେବ । ତୁମର ଯଦି ସାଂସାରିକ ଜଞ୍ଜାଳ ବେଶୀ ଥାଏ ଏବଂ ସେଥିଯୋଗୁଁ ସମୟର ଅଭାବ ହୁଏ, ତେବେ ଜି. ଜି. ସମିତିର ଏହି ବୈଷୟିକ ଦିଗଟିର ଭାର ନେଉ, କିନ୍ତୁ ମୁଁ ଆଶାକରେ ପେଟ ଚଳାଇବା ପାଇଁ ତୁମକୁ ଯେପରି କଲେଜ କାମ ଉପରେ ନିର୍ଭର କରିବାକୁ ନ ପଡ଼େ, ତାହାର ଚେଷ୍ଟା କରିବ । ତାହାହେଲେ ତୁମେ କିମ୍ବା ତୁମର ପରିବାରରେ କେହି ହେଲେ ଉପବାସରେ ନ ରହି ସର୍ବାନ୍ତଃକରଣରେ ଏହି କାମ କରିବାକୁ ସମର୍ଥ ହେବ । କାମରେ ଲାଗ, ବତ୍ସ, କାମରେ ଲାଗ । କାର୍ଯ୍ୟର କଠିନ ଭାଗଟି ଅନେକ ପରିମାଣରେ ସରଳ ହୋଇଆସିଛି । ଏଣିକି ପ୍ରତିବର୍ଷ କାମ ସହଜରେ ଗଡ଼ି ଗଡ଼ି ଚାଲିବ । ତୁମେ ଯଦି କୌଣସି ପ୍ରକାରେ କାର୍ଯ୍ୟଟିକୁ ଚଳାଇଯାଇପାର, ତାହାହେଲେ ମୁଁ ଭାରତକୁ ଫେରିଲେ କାର୍ଯ୍ୟର ନିଶ୍ଚୟ ଦ୍ରୁତ ଉନ୍ନତି ହୋଇପାରିବ । ତୁମେମାନେ ଯେ ଏତେଦୂର କରିଛ, ଏହା ଭାବି ଆନନ୍ଦିତ ହୁଅ । ଯେତେବେଳେ ମନରେ ନୈରାଶ୍ୟ ଆସିବ, ସେତେବେଳେ ଭାବି ଦେଖ, ଏକ ବର୍ଷ ମଧ୍ୟରେ

କେତେଦୂର କାମ ହୋଇପାରୁଛୁ । ଆମେ ନଗଣ୍ୟ ଅବସ୍ଥାରୁ ଉଠିଛୁ—ଏବେ ସମସ୍ତ ଜଗତ୍ ଆଶାପୂର୍ଣ୍ଣ ନୟନରେ ଆମକୁ ଚାହିଁ ରହିଛି । କେବଳ ଭାରତ କାହିଁକି, ସମଗ୍ର ଜଗତ୍ ଆମଠାରୁ ବଡ଼ ବଡ଼ ଜିନିଷ ଆଶା କରୁଛି । ନିର୍ବୋଧ ମିଶନାରୀଗଣ, ମ— ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିମାନେ, କେହି ହେଲେ ସତ୍ୟ, ପ୍ରେମ ଓ ଅକପଟତାକୁ ବାଧା ଦେଇ-ପାରିବେ ନାହିଁ । ତୁମର ମନ ଆଉ ବାକ୍ୟ ଏକ ହୋଇଛି କି ? ତୁମେ କଅଣ ମୃତ୍ୟୁଭୟକୁ ମଧ୍ୟ ତୁଚ୍ଛ କରି ନିଃସ୍ୱାର୍ଥଭାବରେ ରହିପାରିବ ? ତୁମ ହୃଦୟରେ ପ୍ରେମ ଅଛି ତ ? ଯଦି ଏସବୁ ତୁମଠାରେ ଥାଏ, ତାହାହେଲେ କାହାକୁ ହେଲେ ଏପରିକି ମୃତ୍ୟୁକୁ ମଧ୍ୟ ଭୟ କରିବାର କାରଣ ନାହିଁ । ଆଗେଇ ଯାଅ, ବତ୍ସଗଣ ! ସମଗ୍ର ଜଗତ୍ ଜ୍ଞାନାଲୋକ ଚାହୁଁଛି —ଉତ୍ସୁକ ନୟନରେ ସେହି ଜ୍ଞାନାଲୋକ ପାଇଁ ଆମମାନଙ୍କ ଆଡ଼କୁ ଚାହିଁ ରହିଛି । କେବଳ ଭାରତରେ ସେହି ଜ୍ଞାନାଲୋକ ରହିଛି—ଇନ୍ଦ୍ରଜାଲ, ଭେଲକି କିମ୍ବା ଶଠତାରେ ନୁହେଁ—ଅଛି ପ୍ରକୃତ ଧର୍ମର ମର୍ମ-କଥାରେ, ଉଚ୍ଚତମ ଆଧ୍ୟାତ୍ମିକ ସତ୍ୟର ମହିମାମୟ ଉପଦେଶରେ । ଜଗତକୁ ସେହି ଶିକ୍ଷାରେ ଭାଗୀ କରାଇବା ପାଇଁ ପ୍ରଭୁ ଏହି ଜାତିକୁ ନାନା ଦୁଃଖଦୁର୍ବିପାକ ଭିତରେ ମଧ୍ୟ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି । ଏବେ ସମୟ ଆସିଛି । ହେ ବୀରହୃଦୟ ଯୁବକଗଣ, ତୁମେମାନେ ବିଶ୍ୱାସ କର ଯେ, ତୁମେମାନେ ବଡ଼ ବଡ଼ କାମ କରିବା ପାଇଁ ଜନ୍ମିଛ । କୁକୁରର ଭେଁଭେଁ ରଡ଼ିରେ ଡରିଯାଅ ନାହିଁ—ଏପରି କି ଆକାଶରୁ ପ୍ରବଳ ବଜ୍ରପାତ ହେଲେ ମଧ୍ୟ ଭୟ କର ନାହିଁ—ମୁଣ୍ଡ ଟେକି ଠିଆ ହୁଅ, ଉଠ, କାମ କର ।

ତୁମମାନଙ୍କର, ବିବେକାନନ୍ଦ

୧୧୭ (ଶ୍ରୀ ମନ୍ମଥନାଥ ଭଟ୍ଟାଚାର୍ଯ୍ୟଙ୍କୁ ଲିଖିତ ପତ୍ରର ଅଂଶମାତ୍ର)

ଯୁକ୍ତରାଷ୍ଟ୍ର ଆମେରିକା, * ସେପ୍ଟେମ୍ବର ୧୮୯୪

ଭଟ୍ଟାଚାର୍ଯ୍ୟ ମହାଶୟ,

ଆପଣଙ୍କର ପ୍ରଣୟପୂର୍ଣ୍ଣ ପତ୍ର ପାଠକରି ଅତିଶୟ ପ୍ରୀତ ହେଲି । ଲୁଗା କିଣିବା ଯଲ୍ଲ ଯେତେଶୀଘ୍ର ଖୋଜି ଆପଣଙ୍କୁ ଲେଖିବି । ଏବେ ମୁଁ ଏନସ୍କୋୟାମ୍ ନାମକ ସମୁଦ୍ର-କୂଳ ଗାଁରେ ବିଶ୍ରାମ କରୁଛି । ଶୀଘ୍ର ସହରକୁ ଯାଇ ଅନୁସନ୍ଧାନ କରିବି । ଗରମ ସମୟରେ ଏହିସବୁ ସମୁଦ୍ରକୂଳ ଜାଗାଗୁଡ଼ିକ ଲୋକପୂର୍ଣ୍ଣ ହୋଇଯାଏ । କିଏ ଗାଧୋଇବାକୁ ଆସେ, କିଏ ବିଶ୍ରାମ କରିବାକୁ ଆସେ ।...

କ୍ରମେ ସବୁ ହେବ—'ଶନୈଃ ପନ୍ଥା ଶନୈଃ କନ୍ଥା ଶନୈଃ ପର୍ବତଲଙ୍ଘନମ୍' । କାଗଜପତ୍ର ସବୁ ପହଞ୍ଚିଯାଇଛି; ସେଥିରେ କୌଣସି ଗୋଳମାଳ ନାହିଁ । ଶତ୍ରୁଙ୍କର ମୁଖ ବନ୍ଦ ହୋଇଯାଇଛି ।... ମ— କହୁଛନ୍ତି 'ସେ ବଦ୍‌ମାସ୍' —ସେ ଆଡ଼କୁ କାନ ଦିଅନ୍ତୁ ନାହିଁ— ଏମାନଙ୍କର କେତେ ଗୁଣ, କେତେ ଦୟା ! ମୋର ଶତଜନ୍ମରେ ବି ଏମାନଙ୍କର ଋଣ ପରିଶୋଧ ହେବ ନାହିଁ—ମୁଁ ଆମେରିକା ସ୍ତ୍ରୀଲୋକମାନଙ୍କର ପୋଷ୍ୟ ପୁଅ—ଏମାନେ ଯଥାର୍ଥତଃ ମୋର ମାଆ—ଏମାନଙ୍କର କଲ୍ୟାଣ ହେବ ନାହିଁ ତ ଆଉ

କାହାର ହେବ ?

ଇତିମଧ୍ୟରେ ଗ୍ରୀନ୍‌ଏକର୍ ବୋଲି ଗୋଟିଏ ଜାଗାରେ କେତେ ଶହ ଏ ଦେଶର ବୁଦ୍ଧିଜୀବୀ ସ୍ତ୍ରୀ-ପୁରୁଷ ଏକାଠି ହୋଇଥିଲେ । ମୁଁ ସେଠାରେ ପ୍ରାୟ ଦୁଇମାସ ଥିଲି । ପ୍ରତିଦିନ ଗୋଟିଏ ଗଛତଳେ ଆମେ ହିନ୍ଦୁ ଫେସନ୍‌ରେ ବସୁଥିଲୁ ଓ ମୋ ଗୁରପଟେ ମୋର ଚେଲାଚେଲି ଘାସ ଉପରେ ବସୁଥିଲେ । ସବୁ ଦିନ ସକାଳେ ଉପଦେଶ ଦେଉଥିଲି— କେତେ ଆଗ୍ରହ ଏମାନଙ୍କର ! ଦେଶସାରା ଲୋକେ ମୋତେ ଜାଣନ୍ତି । ପାଦ୍ରୀମାନେ ଖସି ଯାଇଛନ୍ତି । ଅବଶ୍ୟ ସମସ୍ତେ ନୁହନ୍ତି, ଏମାନଙ୍କର learned (ଶିକ୍ଷିତ) ପାଦ୍ରୀଙ୍କ ମଧ୍ୟରୁ ଅନେକେ ମୋର ଚେଲା ଅଛନ୍ତି ।...

ମୁଁ ହେଉଛି ଏମାନଙ୍କର ପ୍ରତିପାଳିତ । ମୋତେ କେହି ଗାଳି ଦେଲେ ଏମାନଙ୍କର ନାରୀମହଲରେ ତାକୁ ଧିକ୍‌କାର କରାଯାଏ । କେବେ ଦେଶକୁ ଯିବି କହିପାରୁ ନାହିଁ—ବୋଧହୁଏ ଆସନ୍ତା ଶୀତକାଳରେ ଯିବି । ସେଠାରେ ଘୂରି ବୁଲିବା ଏବଂ ଏଠାରେ ମଧ୍ୟ ସେହି ଘୂରିବୁଲିବା । କମଧ୍ୟକମିତି । ଚିଠିଟା ପ୍ରକାଶ କରିବେ ନାହିଁ— ବୁଝିପାରୁଛନ୍ତି ତ—ଏବେ ମୋର ପ୍ରତ୍ୟେକ କଥାକୁ ହୁସିଆର୍ ହୋଇ କହିବାକୁ ପଡ଼େ— public man—ସମସ୍ତେ ଓର ଉଣ୍ଡି ରହିଛନ୍ତି ।... ବଶମ୍ବଦ, ବିବେକାନନ୍ଦ

୧୧୭ଇ॰ (ଲ୍ୟାଣ୍ଡସ୍‌ବର୍ଗ ନାମକ ଆମେରିକାନ୍ ସନ୍ନ୍ୟାସୀ ଶିଷ୍ୟଙ୍କୁ [କୃପାନନ୍ଦ] ଲିଖିତ)

ବେଲ୍‌ଭିଉ ହୋଟେଲ, ବୋଷ୍ଟନ୍, ୧୩ ସେପ୍‌ଟେମ୍ବର ୧୮୯୪

ତୁମେ କିଛି ମନେ କରିବ ନାହିଁ; ଗୁରୁ ହିସାବରେ ମୋର ତୁମକୁ ଉପଦେଶ ଦେବାର ଅଧିକାର ଥିବାରୁ ମୁଁ ଜୋର୍‌କରି କହୁଛି, ତୁମେ ନିଜର ବ୍ୟବହାର ସକାଶେ କିଛିସ୍ତ କିଛି ବସ୍ତ୍ର କିଣିବ; କାରଣ ତାହାର ଅଭାବ ତୁମ ପକ୍ଷରେ ଏ ଦେଶରେ କାର୍ଯ୍ୟ କରିବା ଦିଗରେ ପ୍ରତିବନ୍ଧକ ହୋଇପାରେ । ପରେ କାର୍ଯ୍ୟ ଆରମ୍ଭ କରିଦେବା ପରେ ଅବଶ୍ୟ ତୁମେ ଇଚ୍ଛାନୁସାରେ ପୋଷାକ ପିନ୍ଧିପାର, ସେଥିରେ କେହି ଆପତ୍ତି କରିବେ ନାହିଁ ।

ମୋତେ ଧନ୍ୟବାଦ ଦେବାର କୌଣସି ପ୍ରୟୋଜନ ନାହିଁ, କାରଣ ଏହା ମୋର କର୍ତ୍ତବ୍ୟ ମାତ୍ର । ହିନ୍ଦୁ ଆଇନ୍ ଅନୁସାରେ ଶିଷ୍ୟ ହିଁ ସନ୍ନ୍ୟାସୀର ଉତ୍ତରାଧିକାରୀ, ଯଦି ସନ୍ନ୍ୟାସଗ୍ରହଣ ପୂର୍ବରୁ ତାହାର କୌଣସି ପୁତ୍ର ଜାତ ହୋଇଥାଏ, ତଥାପି ସେ ଉତ୍ତରାଧିକାରୀ ନୁହେଁ । ଏ ସମ୍ବନ୍ଧ ଖାଣ୍ଟି ଆଧ୍ୟାତ୍ମିକ ସମ୍ବନ୍ଧ—ଇୟାଙ୍କିର 'ଅଭିଭାବକତ୍ୱ'-ବ୍ୟବସାୟ ନୁହେଁ, ବୁଝିପାରୁଥିବ ।

ତୁମର ସାଫଲ୍ୟ ପାଇଁ ପ୍ରାର୍ଥନା ଓ ଆଶୀର୍ବାଦ କରୁଛି । ଇତି

ତୁମର, ବିବେକାନନ୍ଦ

୧୧୮ଇ° (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ହୋଟେଲ ବେଲ୍‌ଭିଉ, ବୀକନ୍ ଷ୍ଟ୍ରୀଟ, ବୋଷ୍ଟନ୍
୧୩ ସେପ୍‌ଟେମ୍ବର ୧୮୯୪

ପ୍ରିୟ ଭଗିନି,

ଆଜି ସକାଳେ ତୁମ ପ୍ରୀତିପୂର୍ଣ୍ଣ ପତ୍ରଟି ପାଇଲି । ପ୍ରାୟ ଏକ ସପ୍ତାହ ହେଲା ଏହି ହୋଟେଲରେ ଅଛି । ଆଉ ମଧ୍ୟ କିଛି ଦିନ ବୋଷ୍ଟନ୍‌ରେ ରହିବି । ଅନେକଗୁଡ଼ିଏ ଗାଉନ୍ ତ ରହିଛି, ସେଗୁଡ଼ିକୁ ବୋହି ନେଇଯିବା ଆଦୌ ସହଜ ନୁହେଁ । ଏନିସ୍କୋୟାମ୍‌ରେ ଯେତେବେଳେ ଖୁବ୍ ଓଦାଗଲି, ସେତେବେଳେ ତୁମେ ଖୁବ୍ ପସନ୍ଦ କରୁଥିବା ମୋର ସେହି କଳା ପୋଷାକଟି ପିନ୍ଧିଥିଲି । ମନେ ହେଉଛି, ତାହା ଆଉ ନଷ୍ଟ ହେବ ନାହିଁ; ମୋର ନିର୍ଗୁଣ ବ୍ରହ୍ମଧ୍ୟାନ ଭିତରେ ତାହା ପ୍ରବେଶ କରିଛି । ଗ୍ରୀଷ୍ମକାଳଟି ଖୁବ୍ ଆନନ୍ଦରେ କଟାଇଛ ଶୁଣି ବିଶେଷ ଖୁସି ହେଲି । ମୁଁ ସେ ବାରବୁଲାଙ୍କ ପରି ବୁଲୁଛି । ଏବ୍‌ହିଉ-ଲିଖିତ ତିବ୍ବତଦେଶୀୟ ବାରବୁଲା ଲାମାମାନଙ୍କର ବର୍ଣ୍ଣନା ସମ୍ପ୍ରତି ପଢ଼ି ଖୁବ୍ ଆମୋଦ ଲାଭ କଲି—ଅମ ସନ୍ନ୍ୟାସୀସମ୍ପ୍ରଦାୟର ତାହା ଯଥାର୍ଥ ଚିତ୍ର ! ଲେଖକ କହିଛନ୍ତି, ଏମାନେ ଅଦ୍ଭୁତ ଲୋକ, ଖୁସି ଅନୁସାରେ ଆସି ଉପସ୍ଥିତ ହୋଇଯାନ୍ତି—ନିମନ୍ତ୍ରିତ ହୁଅନ୍ତୁ ବା ନ ହୁଅନ୍ତୁ, ଯେ କୌଣସି ଲୋକ ସଙ୍ଗରେ ବସି ଆହାର କରନ୍ତି; ଯଥାତଥା ସ୍ଥିତ ବା ପ୍ରସ୍ଥିତ । ଏପରି ପାହାଡ଼ ନାହିଁ, ଯାହା ସେମାନେ ଆରୋହଣ କରି ନାହାନ୍ତି, ଏପରି ନଦୀ ନାହିଁ, ଯାହା ସେମାନେ ଅତିକ୍ରମ କରିନାହାନ୍ତି । ସେମାନଙ୍କର ଅବିଦିତ କୌଣସି ଜାତି ନାହିଁ, ଅକଥିତ କୌଣସି ଭାଷା ନାହିଁ । ଲେଖକଙ୍କର ଅଭିମତ—ଯେଉଁ ଶକ୍ତିବଳରେ ଗ୍ରହମାନେ ସଦା ଘୂର୍ଣ୍ଣାୟମାନ, ତାହାର କିୟଦଂଶ ଭଗବାନ ଏମାନଙ୍କୁ ଦେଇଥିବେ । ଆଜି ଏହି ବାରବୁଲା ଲାମା ଲେଖିବା ପାଇଁ ଆଗ୍ରହାନ୍ୱିତ ହୋଇ ଦୋକାନରୁ ଲେଖିବାର ଯାବତୀୟ ଉପକରଣ ସହିତ, ବୋତାମଲଗା କାଠର ଫ୍ରେମ୍ ଦୁଆର ସହିତ ଗୋଟିଏ ପୋର୍ଟଫୋଲିଓ କିଣି ଆଣିଛି । ଶୁଭ ସଂକଳ୍ପ । ମନେହୁଏ, ଗତ ମାସରେ ଭାରତରୁ ବହୁତ ଚିଠିପତ୍ର ଆସିଛି । ମୋର ଦେଶବାସୀଗଣ ମୋ କାର୍ଯ୍ୟର ପ୍ରଶଂସା କରିଥିବାରୁ ମୁଁ ଅତ୍ୟନ୍ତ ଖୁସି । ସେମାନେ ଯଥେଷ୍ଟ କରିଛନ୍ତି । ଆଉ କିଛି ତ ଲେଖିବା ପାଇଁ ନାହିଁ । ଅଧ୍ୟାପକ ରାଇଟ୍, ତାଙ୍କର ସ୍ତ୍ରୀ ଓ ପିଲାମାନେ ଖୁବ୍ ଖାତିର ଓ ଯତ୍ନ କରିଥିଲେ, ସର୍ବଦା ଯେପରି କରିଆସନ୍ତି । ଭାଷାରେ ତାଙ୍କପ୍ରତି କୃତଜ୍ଞତା ଜଣାଇବାକୁ ଅକ୍ଷମ । ଏପର୍ଯ୍ୟନ୍ତ ସବୁ ଭଲରେ କଟିଛି । ତେବେ ଟିକିଏ ଉତ୍କଟ ସର୍ଦ୍ଦି ହୋଇଥିଲା । ବର୍ତ୍ତମାନ ଆଉ ନାହିଁ । ଅନିଦ୍ରା ପାଇଁ ଖ୍ରୀଷ୍ଟିଆନ ବିଜ୍ଞାନ (Christian Science) ଅନୁକରଣରେ ବେଶ୍ ଫଳ ପାଇଛି । ତୁମେମାନେ ସୁଖୀ ହୁଅ । ଇତି

ଚିରସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

ପୁଃ—ଅନୁଗ୍ରହ କରି ମା'ଙ୍କୁ ଜଣାଇ ଦେବ ଯେ, ମୋର ଆଉ କୋଟ୍ ଦରକାର ନାହିଁ ।

୧୧୯ଇ° (ମିସେସ୍ ଓଲ୍‌ବୁଲ୍‌ଙ୍କୁ ଲିଖିତ)

ହୋଟେଲ ବେଲ୍‌ଭ୍ୟୁ, ବିକନ୍ ଷ୍ଟ୍ରୀଟ୍, ବୋଷ୍ଟନ୍
୧୯ ସେପ୍‌ଟେମ୍ବର ୧୮୯୪

ମା' ସାରା,

ମୁଁ ତୁମକୁ କଦାପି ଭୁଲିଯାଇ ନାହିଁ । ତୁମେ କଅଣ ଭାବୁଛ ଯେ, ମୁଁ କେବେ ହେଲେ ଏତେ ଅକୃତଜ୍ଞ ହୋଇପାରେ ? ତୁମେ ମୋତେ ତୁମର ଠିକଣା ଦେଇ ନାହଁ, ତଥାପି ମିସ୍ ଫିଲିପ୍‌ସ ଲାଣ୍ଡସ୍‌ବର୍ଗଙ୍କ ପ୍ରେରିତ ସମ୍ବାଦରୁ ମୁଁ ତୁମର ଖବର ପାଉଛି । ବୋଧହୁଏ ମାନ୍ଦ୍ରାଜରୁ ମୋତେ ଯେଉଁ ଅଭିନନ୍ଦନପତ୍ର ପଠାଇଛନ୍ତି, ତାହା ତୁମେ ଦେଖିଛ । ତୁମକୁ ଏଥିରୁ କିଛି ଦେବା ପାଇଁ ମୁଁ ଲାଣ୍ଡସ୍‌ବର୍ଗଙ୍କ ନିକଟକୁ ପଠାଉଛି ।

ହିନ୍ଦୁ ସନ୍ତାନ କେବେ ମା'ଙ୍କୁ ଟଙ୍କା ଧାର ଦିଏ ନାହିଁ, ମା'ର ସନ୍ତାନ ଉପରେ ସର୍ବବିଧ ଅଧିକାର ରହିଛି, ସନ୍ତାନର ମଧ୍ୟ ମା' ଉପରେ ସେପରି ରହିଛି । ସେହି ତୁଚ୍ଛ ଡଲାର୍ କେତୋଟି ମୋତେ ଫେରାଇ ଦେବାକୁ କହିବାରୁ ତୁମ ଉପରେ ମୁଁ ଖୁବ୍ ରାଗିଛି, ତୁମର ଋଣ ମୁଁ କେବେ ହେଲେ ଶୁଝିପାରିବି ନାହିଁ ।

ମୁଁ ଏବେ ବୋଷ୍ଟନ୍‌ର କେତେକ ସ୍ଥାନରେ ବକ୍ତୃତା ଦେଉଛି । ବର୍ତ୍ତମାନ ମୁଁ ଏପରି ଗୋଟିଏ ସ୍ଥାନ ଖୋଜୁଛି, ଯେଉଁଠାରେ ନିଶ୍ଚିନ୍ତରେ ବସି ମୋ ନିଜର ଭାବରାଶିକୁ ଲିପିବଦ୍ଧ କରିପାରିବି । ବକ୍ତୃତା ଯଥେଷ୍ଟ ହୋଇଛି, ଏଣିକି ମୁଁ ଲେଖିବାକୁ ଚାହେଁ । ବୋଧହୁଏ ସେଥିପାଇଁ ମୋତେ ନିଉୟର୍କ ଯିବାକୁ ହେବ । ମିସେସ୍ ଗାର୍ଣ୍ଣସି ମୋପ୍ରତି ବିଶେଷ ସଦୟ ବ୍ୟବହାର କରିଥିଲେ ଏବଂ ସେ ସର୍ବଦା ମୋତେ ସାହାଯ୍ୟ କରିବାକୁ ଇଚ୍ଛୁକ । ମୁଁ ଭାବୁଛି, ତାଙ୍କର ସେଠାକୁ ଯାଇ ବହି ଲେଖିବି ।

ତୁମର ସଦାସ୍ନେହାସ୍ପଦ, ବିବେକାନନ୍ଦ

ପୁଃ—ଗାର୍ଣ୍ଣସିମାନେ ଏପର୍ଯ୍ୟନ୍ତ ଫିସ୍‌କିଲ୍‌ଠାରେ ଅଛନ୍ତି କି ସହରକୁ ଫେରିଲେଣି ଅନୁଗ୍ରହ କରି ମୋତେ ଜଣାଇବ । ଇତି

ବି.

# ତଥ୍ୟପଞ୍ଜୀ

## ଭାବବାର କଥା

ଗ୍ରନ୍ଥ-ପରିଚୟ : 'ଭାବବାର କଥା'ର ଅଧିକାଂଶ ପ୍ରବନ୍ଧ ଉଦ୍‌ବୋଧନ ପତ୍ରିକାରେ ପ୍ରକାଶିତ ହୋଇଥିଲା । କାଳାନୁକ୍ରମିକ ଭାବରେ ପ୍ରବନ୍ଧଗୁଡ଼ିକର ପ୍ରକାଶ ସମୟ ଏହିପରି ଅଟେ : ଉଦ୍‌ବୋଧନର ପ୍ରଥମ ବର୍ଷର ପ୍ରଥମ ସଂଖ୍ୟାରେ (ମାଘ ୧୩୦୫) ପ୍ରସ୍ତାବନା-ସ୍ୱରୂପ ସ୍ୱାମୀଜୀ ଯାହା ଲେଖିଥିଲେ ତାହା 'ପ୍ରସ୍ତାବନା' ନାମରେ ହିଁ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ଗ୍ରନ୍ଥାକାରରେ ସଂକଳନ ସମୟରେ 'ବର୍ତ୍ତମାନ ସମସ୍ୟା' ନାମରେ ପ୍ରକାଶିତ ହେଲା । ସେହି ବର୍ଷର ତୃତୀୟ ସଂଖ୍ୟାରେ 'ଜ୍ଞାନାର୍ଜନ', ପଞ୍ଚମ ସଂଖ୍ୟାରେ 'ମ୍ୟାକ୍‌ସମୂଲର-କୃତ ରାମକୃଷ୍ଣ ଓ ତାଙ୍କର ଉକ୍ତି' (ବର୍ତ୍ତମାନ ଗ୍ରନ୍ଥରେ 'ରାମକୃଷ୍ଣ ଓ ତାଙ୍କର ଉକ୍ତି' ନାମରେ ପ୍ରକାଶିତ), ୧୦ମ ଓ ୧୪ଶ ସଂଖ୍ୟାରେ 'ଭାବବାର କଥା' ନାମକ କାହାଣୀଗୁଚ୍ଛ ପ୍ରକାଶିତ ହୋଇଥିଲା ।

ଦ୍ୱିତୀୟ ବର୍ଷର ୬ଷ୍ଠ ସଂଖ୍ୟାରେ 'ବଙ୍ଗଳା ଭାଷା' ନାମକ ବିଖ୍ୟାତ ରଚନାଟି ପ୍ରକାଶିତ ହେଲା । ମୂଳତଃ ଏହା ସମ୍ପାଦକଙ୍କୁ ଲିଖିତ ଚିଠିର ଅଂଶ । ବଙ୍ଗଳା ଗଦ୍ୟର କ୍ରମବିକାଶର ଇତିହାସରେ ଏହି ରଚନାଟି ଚିରସ୍ମରଣୀୟ ସ୍ଥାନର ଅଧିକାରୀ ଅଟେ । ଚତୁର୍ଥ ବର୍ଷର ୯ମ ସଂଖ୍ୟାରେ 'ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ' ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା ।

### ରାମକୃଷ୍ଣ ଓ ତାଙ୍କର ଉକ୍ତି

ପୃଷ୍ଠା ପଙ୍‌କ୍ତି

୪ ୧୯ ମ୍ୟାକ୍‌ସମୂଲର୍‌ଙ୍କ ଲିଖିତ 'A Real Mahatman' ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା ୧୮୯୬ ଖ୍ରୀ: ଅଗଷ୍ଟ ସଂଖ୍ୟାର Ninteenth Century ପତ୍ରିକାରେ, ଏବଂ 'Ramakrishna : His Life and Sayings' (First Edition) ୧୮୯୮ ଖ୍ରୀ: ନଭେମ୍ବରରେ ପ୍ରକାଶିତ ହୋଇଥିଲା ।

୨-୩ ଇଷ୍ଟ ଇଣ୍ଡିଆ କମ୍ପାନୀର ବଦଳ ବ୍ୟୟରେ : ଦ୍ରଷ୍ଟବ୍ୟ ୯ମ ଖଣ୍ଡ, ସ୍ୱାମୀ-ଶିଷ୍ୟ-ସମ୍ବାଦ ।

୫ ୩ ଶ୍ରୌତ ଓ ଗୃହ୍ୟସୂତ୍ର : ବୈଦିକ ଯାଗଯଜ୍ଞର ପଦ୍ଧତିର ଅନୁଷ୍ଠାନ-କ୍ରମ-ସମ୍ବଳିତ ପ୍ରାଚୀନ ଗ୍ରନ୍ଥବିଶେଷ ଶ୍ରୌତସୂତ୍ର; ଜାତକର୍ମ ବିବାହ ପ୍ରଭୃତି ଗୃହସ୍ଥର ଅନୁଷ୍ଠେୟ ସଂସ୍କାରର ବିଧିସମ୍ବଳିତ ପ୍ରାଚୀନ ଗ୍ରନ୍ଥବିଶେଷ ଗୃହ୍ୟ-ସୂତ୍ର ।

ପୃଷ୍ଠା ପଙ୍କ୍ତି

୫ ୨୯ ଥିଓସଫି ସମ୍ପ୍ରଦାୟ : ମ୍ୟାଡାମ୍ ବ୍ଲାଭାଟ୍‌ସ୍କି (H. P. Blavatsky) ଓ କର୍ଣ୍ଣେଲ ଅଲକଟ୍ (H. S. Olcott) କର୍ତ୍ତୃକ ଆମେରିକାରେ ପ୍ରତିଷ୍ଠିତ— ୧୮୭୫ ଖ୍ରୀ: । ଭାରତବର୍ଷରେ ମାନ୍ଦ୍ରାଜ ନିକଟସ୍ଥ ଆଡିଆରେ ସୋସାଇଟିର ପ୍ରଧାନ କେନ୍ଦ୍ର । ଶ୍ରୀମତୀ ଆନି ବେସାନ୍ତ ୧୮୯୩ ଖ୍ରୀ:ରେ ଭାରତକୁ ଆସି ଏହାର ଉନ୍ନତିସାଧନ କରିଥିଲେ ।

୩୦ 'ବ୍ରହ୍ମବାଦିନ୍' : ଆଲସିଙ୍ଗା ପେରୁମଲ କର୍ତ୍ତୃକ ସ୍ୱାମୀଜୀଙ୍କର ଉପଦେଶ ଓ ନିର୍ଦ୍ଦେଶ ଅନୁସାରେ ମାନ୍ଦ୍ରାଜରୁ ପ୍ରକାଶିତ ଇଂରେଜୀ ପତ୍ରିକା ।

'ପ୍ରବୁଦ୍ଧ ଭାରତ' : ଡାକ୍ତର ନାଞ୍ଜୁଣ୍ଡ ରାଓଙ୍କର ଉଦ୍ୟୋଗରେ ସ୍ୱାମୀଜୀଙ୍କର ଉପଦେଶ ଓ ନିର୍ଦ୍ଦେଶ ଅନୁସାରେ ପ୍ରକାଶିତ ଇଂରାଜୀ ପତ୍ରିକା । ପ୍ରଥମେ ଯେତେବେଳେ ମାନ୍ଦ୍ରାଜରୁ ପ୍ରକାଶିତ ହୋଇଥିଲା, କିଡ଼ି ଅଦ୍ୱୈତନିକ କାର୍ଯ୍ୟାଧ୍ୟକ୍ଷ ଏବଂ ବି. ରାଜମ୍ ଆୟାର୍ ସମ୍ପାଦକଙ୍କ କାର୍ଯ୍ୟ କରୁଥିଲେ । ୧୮୯୮ ଖ୍ରୀ: ଜୁନ୍ ମାସରେ ରାଜମ୍ ଆୟାର୍‌ଙ୍କର ଅକାଳ ମୃତ୍ୟୁ ହେବାରୁ ମାନ୍ଦ୍ରାଜରୁ ମୁଦ୍ରଣକାର୍ଯ୍ୟ ଆଲମୋଡ଼ାକୁ ସ୍ଥାନାନ୍ତରିତ କରି ୧୮୯୮ ଖ୍ରୀ: ଅଗଷ୍ଟଠାରୁ ସ୍ୱାମୀ ସ୍ୱରୂପାନନ୍ଦଙ୍କର ସମ୍ପାଦନାରେ ପ୍ରକାଶିତ ହେଲ ।

୩୧-୩୨ ବାବୁ ପ୍ରତାପଚନ୍ଦ୍ର ମଜୁମଦାରଙ୍କ ଲିଖିତ ଶ୍ରୀରାମକୃଷ୍ଣଙ୍କ ବୃତ୍ତାନ୍ତ : ପ୍ରବନ୍ଧର ନାମ 'Paramahamsa Ramkrishna', ୧୮୭୯ ଖ୍ରୀ: ଅକ୍ଟୋବର ସଂଖ୍ୟା Theistic Quarterly Review ପତ୍ରିକାରେ ପ୍ରଥମ ପ୍ରକାଶିତ ହୋଇଥିଲା; ପରେ ଉଦ୍‌ବୋଧନ କାର୍ଯ୍ୟାଳୟରୁ ପୁସ୍ତିକା-ଆକାରରେ ପ୍ରକାଶିତ ହୋଇଛି ।

୬ ୧-୨ ଟନି ମହୋଦୟଙ୍କ ଲିଖିତ 'ରାମକୃଷ୍ଣ ଚରିତ' : 'A Modern Hindu Saint' ନାମକ ପ୍ରବନ୍ଧ ଇଂଲଣ୍ଡର ମାସିକ ପତ୍ରିକା Asiatic Quarterly Reviewର ୧୮୯୬ ଖ୍ରୀ: ଜାନୁଆରି ସଂଖ୍ୟାରେ ପ୍ରକାଶିତ । ଏହି ବିଷୟଟି Nineteenth Century ପତ୍ରିକାରେ ଆଲୋଚିତ ଏବଂ ପରେ The Imperial and Asiatic Quarterly Review and Oriental and Colonial Record (January 1898)-ରେ ପ୍ରକାଶିତ ହୋଇଥିଲା । C. H. Tawney ପ୍ରେସିଡେନ୍‌ସି କଲେଜର ତତ୍କାଳୀନ ପ୍ରିନ୍‌ସିପାଲ୍ ଏବଂ Director of Public Instruction, Bengal ଥିଲେ ।

୯ ୩ ପଓହାରୀ ବାବା : ଗାଜୀପୁରର ଯୋଗୀ ।

ରାଧାସ୍ୱାମୀ ସମ୍ପ୍ରଦାୟ : ପଞ୍ଜାବର ଅମ୍ବାଲା 'ସନ୍ତସତ୍' ମତର ଅନ୍ୟ ନାମ 'ରାଧାସ୍ୱାମୀ' । ଏମାନେ ବହୁଲାଂଶରେ କବୀରପନ୍ଥୀମାନଙ୍କ ପରି ।

ପୃଷ୍ଠା ପଙ୍କ୍ତି

ବର୍ତ୍ତମାନ ଏମାନେ ବହୁଭାଗରେ ବିଭକ୍ତ । ଆଗ୍ରାରେ ଏମାନଙ୍କର ବଡ଼ ପ୍ରତିଷ୍ଠାନ ଅଛି ।

୧୦ ୨୨ ବୁଦ୍ଧଦେବଙ୍କର କୃପାପାତ୍ରୀ ବେଶ୍ୟା ଅମ୍ବାପାଲୀ : ବୈଶାଳୀର ବାରବନିତା ଅମ୍ବାପାଲୀକୁ ଭଗବାନ ବୁଦ୍ଧ କୃପା କରିଥିଲେ ।

୨୩ ଯୀଶୁଙ୍କର ଦୟାପ୍ରାପ୍ତା ସାମରୀୟା ନାରୀ : ଦ୍ରଷ୍ଟବ୍ୟ ନିଉ ଟେଷ୍ଟାମେଣ୍ଟ (Gospel according to St. John, VIII, 3—11)

ଯୀଶାନୁସରଣ

୧୩ ୩ ଟମାସ୍ ଆ କେମ୍ପିସ୍ : ରୋମାନ୍ କ୍ୟାଥଲିକ୍ ସନ୍ନ୍ୟାସୀ । 'ଯୀଶାନୁସରଣ'ର ଲେଖକ ବୋଲି ପରିଚିତ ।

୮ ଆଜି ଯାହା ଅଛି ଖାଅ, କାଲି ପାଇଁ ଭାବ ନାହିଁ : 'Be not therefore anxious for the morrow.' (Matt. VI, 34)

୯ ଯାହାଙ୍କର ମୁଣ୍ଡ ରଖିବାର ସ୍ଥାନ ନାହିଁ : The foxes have holes, and the birds of the heaven have nests; but the Son of man hath not where to lay his head. (St. Mathew, Ch. VI)

୧୬ ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ : ଗୀତା ୧୮।୬୬

୨୬ ଯଦି 'ଯବନାଚାର୍ଯ୍ୟ' ପ୍ରଭୃତି···ଯାଇଥାନ୍ତି : ଭାରତୀୟ ହୋରାଶାସ୍ତ୍ରରେ ଯବନାଚାର୍ଯ୍ୟଙ୍କର ଗ୍ରନ୍ଥରୁ ପ୍ରମାଣ ଦିଆଯାଇଛି । ବରାହମିହିରଙ୍କର 'ବୃହତ୍ ସଂହିତା'ରେ ଏହାର ଭୂୟସୀ ପ୍ରଶଂସା ମଧ୍ୟ କରାଯାଇଛି । ଯଥା—

ମ୍ଲେଚ୍ଛା ହି ଯବନାସ୍ତେଷୁ ସମ୍ୟକ୍ ଶାସ୍ତ୍ରମିଦଂ ସ୍ଥିତମ୍ ।
ଋଷିବତ୍ ତେଽପି ପୂଜ୍ୟନ୍ତେ କିମ୍ପୁନର୍ଦୈବବିଦ୍ ଦ୍ୱିଜଃ ॥ ୨।୧୫

ବର୍ତ୍ତମାନ ସମସ୍ୟା

୨୬ ୪ 'ସିକନ୍ଦର୍ ସାହେବ' : ଆଲେକ୍‌ଜାଣ୍ଡର୍ ଦି ଗ୍ରେଟ୍ ।

୬ ଯୀଶାଦନାମଖ୍ୟାତ ଅଧ୍ୟାତ୍ମ-ତରଙ୍ଗରାଜି : ଖ୍ରୀଷ୍ଟଧର୍ମ-ପ୍ଲାବନ ।

୬-୭ ଆରବମାନଙ୍କର ଅଭ୍ୟୁଦୟ : ଆରବ ଦେଶରେ ଇସଲାମ୍ ଧର୍ମର ଉତ୍ଥାନ ଓ ଚତୁର୍ଦ୍ଦିଗରେ ସମ୍ପ୍ରସାରଣ । ହଜରତ୍ ମହମ୍ମଦଙ୍କର ଦେହାବସାନ ପରେ ପ୍ରାୟ ଏକ ଶତାବ୍ଦୀ ମଧ୍ୟରେ ହିଁ ଏହି ଧର୍ମର ଅଭ୍ୟୁଦୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିଲା ।

୨୮ ସମଗ୍ର ଭାରତ···ମଠରେ ପରିଣତ : ବୌଦ୍ଧଯୁଗରେ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଅବାଧ ସନ୍ନ୍ୟାସ-ପ୍ରଥା ଉଦ୍ଦେଶ୍ୟରେ କୁହାଯାଇଛି ।

ପୃଷ୍ଠା ପଙ୍କ୍ତି

୨୭ ୩ ନେପାଳାଦ ଦେଶ ପର ଅନୁଲୋମ : ଉଚ୍ଚବର୍ଣ୍ଣ ପୁରୁଷ ସହିତ ନିମ୍ନବର୍ଣ୍ଣା ସ୍ତ୍ରୀଲୋକର ବିବାହର ପ୍ରଥା ନେପାଳରେ ଅଛି ।

୨୯ ୭ ପଚ୍ଛୋଲୃତ ଜଳଠାରୁ ମୃତ ଜୀବାସ୍ଥି-ବିଶୋଧିତ ଶର୍କରା : କଳର ପାଣି ଅଶୁଦ୍ଧ ମନେକରି ମଧ୍ୟ ତାହା ପାନୀୟ ରୂପେ ବ୍ୟବହୃତ ହେଉଅଛି ଏବଂ ଚିନିକୁ ଶୋଧନ କରିବାରେ Bone Charcoal (ମୃତଜୀବାସ୍ଥି ଦ୍ୱାରା ପ୍ରସ୍ତୁତ ଅଙ୍ଗାର) ବ୍ୟବହୃତ ହୁଏ ଜାଣି ମଧ୍ୟ ସନାତନୀ ହିନ୍ଦୁମାନେ ତାହାକୁ ବ୍ୟବହାର କରୁଛନ୍ତି ।

ବଙ୍ଗଳା ଭାଷା

୩୦ ୩୦ ଶବରସ୍ୱାମୀ : ପୂର୍ବ ମୀମାଂସାର ଭାଷ୍ୟକାର, ଖ୍ରୀଃପୂଃ ୨ୟ ବା ୩ୟ ଶତାବ୍ଦୀ ।

୩୧ ପତଞ୍ଜଳଙ୍କ ମହାଭାଷ୍ୟ : ପାଣିନି ବ୍ୟାକରଣର ଦାର୍ଶନିକ ବ୍ୟାଖ୍ୟା ।

ଆଚାର୍ଯ୍ୟ ଶଙ୍କରଙ୍କର ଭାଷ୍ୟ : ଉପନିଷଦ୍, ଗୀତା ଓ ବେଦାନ୍ତସୂତ୍ରର ଭାଷ୍ୟ ।

## ଜ୍ଞାନାର୍ଜନ

ଏହି ପ୍ରବନ୍ଧରେ ସ୍ୱାମୀଜୀ ଜ୍ଞାନ-ଉପାର୍ଜନର ତିନୋଟି ମତ ଆଲୋଚନା କରିଛନ୍ତି : ପ୍ରଥମଟି—ପ୍ରାଚୀନପନ୍ଥୀମାନଙ୍କର, ଯେଉଁମାନଙ୍କର ବିଶ୍ୱାସ ଅଲୌକିକ ଉପାୟରେ ମାତ୍ର କେତେଜଣ ଅସାଧାରଣ ପୁରୁଷ ଏହି ଜ୍ଞାନ ଅର୍ଜନ କରିଛନ୍ତି, ତାଙ୍କଠାରୁ ଶିଷ୍ୟ-ପରମ୍ପରାକ୍ରମେ ଏହି ଜ୍ଞାନ ସଞ୍ଚାରିତ ହୋଇଅଛି । ଏହି ସମସ୍ତ ଗୁରୁଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଜ୍ଞାନଲାଭ କରିବାର ଉପାୟ ନାହିଁ ।

ଦ୍ୱିତୀୟ ମତ—ବୈଦାନ୍ତିକମାନଙ୍କର, ଯେଉଁମାନେ ମନେ କରନ୍ତି ଯେ, ଜ୍ଞାନ ସ୍ୱତଃସିଦ୍ଧ ବସ୍ତୁ, ଏହା ପ୍ରତ୍ୟେକଙ୍କ ଭିତରେ ହିଁ ପୂର୍ଣ୍ଣ ଭାବରେ ବିଦ୍ୟମାନ, କେବଳ କୁକାର୍ଯ୍ୟ ବା ଅନାଚାରଦ୍ୱାରା ଏହା ଉପରେ ଏକ ଆବରଣ ପଡ଼ିଛି; ସତ୍‌କର୍ମ, ଈଶ୍ୱର-ଭକ୍ତି, ଅଷ୍ଟାଙ୍ଗଯୋଗ ବା ଜ୍ଞାନଚର୍ଚ୍ଚା ଦ୍ୱାରା ଏହି ଆବରଣ ଦୂରୀଭୂତ ହୋଇ ଶୁଦ୍ଧ ଜ୍ଞାନ ବିକଶିତ ହେବ ।

ତୃତୀୟ ମତ—ପ୍ରତ୍ୟକ୍ଷବାଦୀ ଆଧୁନିକମାନଙ୍କର, ଯେଉଁମାନେ ମନେ କରନ୍ତି ଯେ, ଉପଯୁକ୍ତ ପରିବେଶ ସୃଷ୍ଟି କରିପାରିଲେ ହିଁ ଜ୍ଞାନ ଉପାର୍ଜିତ ହୋଇପାରେ । ଏଥିରେ କୌଣସି ଗୁରୁ ବା ମହାପୁରୁଷଙ୍କର ପ୍ରୟୋଜନ ନାହିଁ ।

ସ୍ୱାମୀଜୀ ଏହି ତିନୋଟି ମତ ଆଲୋଚନା କରି କହିଥିଲେ :

ଜ୍ଞାନ ମାନେ ହିଁ ଯଦି କୌଣସି ପୁରୁଷବିଶେଷଙ୍କର ଅଧିକୃତ ହୁଏ ଏବଂ ଏହିସବୁ ପୁରୁଷଙ୍କର ଆବିର୍ଭାବ ନ ହେବା ପର୍ଯ୍ୟନ୍ତ ଯଦି ଏହି ଜ୍ଞାନ-ସଞ୍ଚାରର କୌଣସି ପ୍ରକାର

ସମ୍ଭାବନା ନ ଥାଏ, ତା'ହେଲେ ସମାଜରେ ସମସ୍ତ ପ୍ରକାର ଜ୍ଞାନଲାଭେଚ୍ଛାର ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ଏହିଭଳି ପୁରୁଷଙ୍କର ଆବିର୍ଭାବ ନ ହେଲେ କାହାର ପକ୍ଷରେ ଜ୍ଞାନ-ଲାଭ ସମ୍ଭବ ନୁହେଁ ।

ଅନ୍ୟ ଦିଗରେ ଗୁରୁ ବା ମହାପୁରୁଷମାନଙ୍କର ସାହାଯ୍ୟ ବ୍ୟତୀତ ସ୍ୱ-ଇଚ୍ଛାରେ ପରିଚାଳିତ ହେଲେ ମଧ୍ୟ ଯଦି ଜ୍ଞାନଲାଭ ହୁଏ, ତା'ହେଲେ ଗୁରୁହୀନ ଅସଭ୍ୟ ସମାଜରେ ହିଁ ଏହାର ପ୍ରଥମ ବିକାଶ ଦେଖାଯାଇଥାଆନ୍ତା !

ଅତଏବ ଗୁରୁ ବା ମହାପୁରୁଷମାନଙ୍କର ସହାୟତା ଓ ପୁରୁଷକାର—ଉଭୟ ହିଁ ଜ୍ଞାନାର୍ଜନ ନିମିତ୍ତ ପ୍ରୟୋଜନ । ଗୁରୁସହାୟ ସମାଜ ଅଧିକତର ବେଗରେ ଅଗ୍ରସର ହୁଏ; କିନ୍ତୁ ଗୁରୁହୀନ ସମାଜରେ ମଧ୍ୟ (ପୁରୁଷକାର ସାହାଯ୍ୟରେ) କାଳେ ଗୁରୁଙ୍କର ଉଦୟ ଓ ଜ୍ଞାନର ବିକାଶ ହୋଇପାରେ ।

ପୃଷ୍ଠା ପଙ୍କ୍ତି

୩୨ ୫ କେତେଜଣ ମାତ୍ର ଜିନ ହୋଇଥିଲେ : ଏହା ଜୈନମାନଙ୍କର ମତ, ଏମାନଙ୍କର ସ୍ଥାନ ମୁକ୍ତପୁରୁଷମାନଙ୍କର ଅନେକ ଉପରେ, ହିନ୍ଦୁମାନଙ୍କର ଅବତାରଙ୍କ ପରି ।

୭ ବୁଦ୍ଧ ନାମକ ଅବସ୍ଥା ସମସ୍ତେ ପ୍ରାପ୍ତ ହୋଇପାରନ୍ତି : ଏହା ବୌଦ୍ଧ-ମାନଙ୍କର ମତ, ଭଗବାନ ଗୌତମ ବୁଦ୍ଧ ଏହା ପ୍ରଚାର କରିଛନ୍ତି, 'ଆତ୍ମ-ଦୀପୋ ଭବ'—ନିଜେ ହିଁ ନିଜର ଆଲୋକସ୍ୱରୂପ ହୁଅ ।

୧୦ 'ନୂ' (Noah) ଜିହୋବାଦେବଙ୍କ ଅନୁଗ୍ରହରେ···ଶିଖିଲେ : ଦ୍ରଷ୍ଟବ୍ୟ ଓଲ୍ଡ ଟେଷ୍ଟାମେଣ୍ଟ, O. T. Genesis, Chapter VI.

୧୫ ପୁନଶ୍ଚ ଦାର୍ଶନିକମାନେ ··: ଏହାର ପ୍ରଥମାଂଶ ଅଦ୍ୱୈତବାଦୀ ଓ ପରବର୍ତ୍ତୀ ଅଂଶ ବିଶିଷ୍ଟାଦ୍ୱୈତବାଦୀ ଓ ଦ୍ୱୈତବାଦୀ ବୈଦାନ୍ତିକମାନଙ୍କର ମତ ।

୩୩ ୧୨ ଅପରା ଓ ପରା ବିଦ୍ୟା : 'ଦ୍ୱେ ବିଦ୍ୟେ ବେଦିତବ୍ୟେ ଇତି ହ ସ୍ମ ଯଦ୍ ବ୍ରହ୍ମ-ବିଦୋ ବଦନ୍ତି—ପରା ଚୈବାପରା ଚ । ··· ଅଥ ପରା ଯୟା ତଦକ୍ଷରମ୍ ଅଧିଗମ୍ୟତେ ।'—ମୁଣ୍ଡକୋପନିଷଦ୍, ୧।୧।୪-୫

ପରା—ଆଧ୍ୟାତ୍ମିକ ଜ୍ଞାନ; ଅପରା—ଅନ୍ୟାନ୍ୟ ବିଷୟରେ ଜ୍ଞାନ ।

୩୪ ୨ ଜୁଲୁ : ଦକ୍ଷିଣ ଆଫ୍ରିକାର ଟୁଗେଲା ନଦୀର ଉତ୍ତରରେ ବାଣ୍ଟୁଗୋଷ୍ଠୀୟ ଜୁଲୁମାନଙ୍କର ପ୍ରଧାନ ବସବାସ ।

କାଫ୍ରି : 'କାଫେର' ବା (ଇସ୍ଲାମ୍ ଧର୍ମାନୁଯାୟୀ ଏକେଶ୍ୱରରେ) ଅବିଶ୍ୱାସୀ, କୃଷ୍ଣକାୟ ନିଗ୍ରୋମାନଙ୍କୁ ଦାସ-ବ୍ୟବସାୟୀ ଆରବଗଣ ଏହି ନାମରେ ଅଭିହିତ କରିଥିଲେ । ଆଫ୍ରିକାର ନିଗ୍ରୋ ଜାତିର ସାଧାରଣ ନାମ 'କାଫ୍ରି' ।

ହଟେଣ୍ଟଟ୍ : ଏମାନେ ଆଫ୍ରିକାର ଖର୍ବକାୟ ଅନିଗ୍ରୋ ଜାତି ।

ପୃଷ୍ଠା ପଙ୍‌କ୍ତି

୩୭ ୨୭ ସେ ଗୁଡଫଟା ମର୍ସିୟାର କାନ୍ଦଣା : ହଜରତ ମହମ୍ମଦଙ୍କର ବଂଶଧର ହାସେନ୍ ଓ ହୋସେନ୍ କାରବାଲା ମରୁପ୍ରାନ୍ତରରେ ଇୟାଜିଦ୍‌ମାନଙ୍କର ଚକ୍ରାନ୍ତରେ କରୁଣ ଭାବରେ ମୃତ୍ୟୁବରଣ କରିବାକୁ ବାଧ୍ୟ ହୋଇଥିଲେ । ତାହାର ସ୍ମରଣରେ ମହରମ୍-ଦିବସରେ ଶିୟା ସମ୍ପ୍ରଦାୟଭୁକ୍ତ ମୁସଲମାନମାନେ କଳା ପୋଷାକ ପିନ୍ଧି 'ଇୟା ହାସେନ୍, ଇୟା ହୋସେନ୍ !' କାତର ଧ୍ୱନି କରି କରି ଛାତିକୁ ବାଡ଼େଇ ବାଡ଼େଇ ଗଭୀର ଶୋକ ପ୍ରକାଶ କରନ୍ତି । ଏହା ହିଁ 'ମର୍ସିୟା-ଖଓୟାନି' ନାମରେ ପରିଚିତ ।

## ପରିବ୍ରାଜକ

ସ୍ୱାମୀଜୀଙ୍କର ଏହି ଭ୍ରମଣ-କାହାଣୀଟି 'ଉଦ୍‌ବୋଧନ' ପତ୍ରିକାର ପ୍ରଥମ ବର୍ଷର (୧୩୦୫-୦୬) ୧୫ ସଂଖ୍ୟାରୁ ପ୍ରକାଶିତ ହେବାକୁ ଲାଗିଲା । ଉଦ୍‌ବୋଧନରେ ପ୍ରକାଶ ସମୟରେ ପ୍ରଥମେ ଏହାର ନାମ ଥିଲା 'ବିଲାତ-ଯାତ୍ରୀର ପତ୍ର' । ଉଦ୍‌ବୋଧନର ଦ୍ୱିତୀୟ ବର୍ଷର (୧୩୦୬-୦୭) ପଞ୍ଚମ ସଂଖ୍ୟା ପର୍ଯ୍ୟନ୍ତ ଏହା ଏହି ନାମରେ ପ୍ରକାଶିତ ହୋଇଥିଲା । ତୃତୀୟ ବର୍ଷର (୧୩୦୭-୦୮) ପ୍ରଥମ ଓ ତୃତୀୟ ସଂଖ୍ୟାରେ ଏହାର ନାମ ହୁଏ 'ପରିବ୍ରାଜକ' ।

ପ୍ରଚଳିତ ଗଦ୍ୟର ଶିଳ୍ପୀରୂପେ ସ୍ୱାମୀଜୀଙ୍କର ସାହିତ୍ୟ-ପ୍ରତିଭାର ଅପୂର୍ବ ନିଦର୍ଶନ ଏହି ଗ୍ରନ୍ଥରେ ମିଳେ ।

୫୧ ୧ 'ମୋ'-କାରଟା ହୃଷୀକେଶୀ ଢଙ୍ଗରେ ଉଦାତ୍ତ : ଉତ୍ତର ଭାରତରେ ହୃଷୀକେଶ ଅଞ୍ଚଳେ ସନ୍ନ୍ୟାସୀମାନେ ପରସ୍ପରକୁ ଅଭିବାଦନ କରିବା ସମୟରେ 'ଓଁ ନମୋ ନାରାୟଣାୟ' କହି ସମ୍ବୋଧନ କରନ୍ତି । 'ନମୋ'-ର 'ମୋ' ଅଂଶଟି ଖୁବ୍ ଟାଣି ଉଚ୍ଚାରଣ କରନ୍ତି ।

୧୨ 'କ୍ୱ ସୂର୍ଯ୍ୟ ପ୍ରଭବୋ ··ବାନରେନ୍ଦ୍ରଃ' : ରଘୁବଂଶର 'କ୍ୱ ସୂର୍ଯ୍ୟପ୍ରଭବୋ ବଂଶଃ ··' ଶ୍ଳୋକଟିର ଅନୁସରଣରେ ରଚିତ ।

୧୯ ରଙ୍ଗକେଶ ବିଡ଼ାଳାକ୍ଷ : ମୁଣ୍ଡର ଲାଲକେଶ ଓ କଟାଚକ୍ଷୁ ଶ୍ୱେତାଙ୍ଗ ।

୫୨ ୧୨ କବି ଶ୍ୟାମାଚରଣ : ଘରୁ ବାହାରକୁ ଯାଉ ନ ଥିବା ବଙ୍ଗାଳୀଙ୍କୁ କଟାକ୍ଷ କରାଯାଇଛି ।

୫୪ ୧ 'ଜ୍ୱଳନ୍ତି ବ୍ରହ୍ମମୟେନ ତେଜସା' : 'ବ୍ରହ୍ମତେଜେ ଦୀପ୍ତ'—କୁମାରସମ୍ଭବ, ୫।୩୦ ।

ଥିଲେ—ନମୋ ବ୍ରହ୍ମଣେ, ହୋଇଛନ୍ତି—ନମୋନାରାୟଣାୟ :
ପ୍ରଥମଟି ବ୍ରାହ୍ମଣଙ୍କୁ, ଦ୍ୱିତୀୟଟି ସନ୍ନ୍ୟାସୀଙ୍କୁ ନମସ୍କାର କରିବା ସମୟରେ କୁହାଯାଏ, ଏଠାରେ ଅର୍ଥ—'ଥିଲେ ବ୍ରାହ୍ମଣ, ହୋଇଛନ୍ତି ସନ୍ନ୍ୟାସୀ ।'

ପୃଷ୍ଠା ପଙ୍‌କ୍ତି

୫୪ ୬-୭ ଜହ୍ନୁର କୁଟୀର ଭଙ୍ଗା : ଭଗୀରଥଙ୍କର ଗଙ୍ଗା ଆଣିବାର କାହାଣୀରେ ଏହି ଉପାଖ୍ୟାନଟି ରହିଛି ।

୧୮ 'ଏହି ଯେଉଁ ଘରଟି ଦେଖୁଛ' : ହିମଘର ବା cold-storage.

୫୮ ୩-୪ ଅନ୍ଧକୂପର ହଲ୍‌ଓ୍ୱେଲ୍ : ଅନ୍ଧକୂପ-ହତ୍ୟାର (Black Hole Tragedy) କାହାଣୀକୁ ବର୍ତ୍ତମାନର ଐତିହାସିକଗଣ ହଲ୍‌ଉଏଲ୍ ସାହେବଙ୍କର ମସ୍ତିଷ୍କପ୍ରସୂତ ବୋଲି ମନେ କରନ୍ତି । ହଲ୍‌ଉଏଲ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଥିଲେ ।

୭୧ ୨ ଊର୍ଦ୍ଧ୍ୱମୂଳମ୍ : ଭେଳାର ଗୋଟିଏ ପଟରେ ଗଛର ଚେରିଗୁଡ଼ିକ ଏକତ୍ର ବନ୍ଧାଯାଏ—ସେହି ପଟଟା ଉଚ୍ଚ । ତେଣୁ ରହସ୍ୟ କରି 'ଊର୍ଦ୍ଧ୍ୱମୂଳମ୍' କୁହାଯାଇଛି । କଥାଟି ଗୀତାର (୧୫।୧); ସେଠାରେ ସଂସାରରୂପକ ଅଶ୍ୱତ୍ଥ-ବୃକ୍ଷକୁ 'ଊର୍ଦ୍ଧ୍ୱମୂଳମ୍ ଅଧଃଶାଖମ୍' ଅର୍ଥାତ୍ ଏହାର ମୂଳ ଊର୍ଦ୍ଧ୍ୱରେ ଭଗବାନଙ୍କଠାରେ ଓ ଶାଖାଦି ନିମ୍ନରେ ବିସ୍ତୃତ ବୋଲି ବର୍ଣ୍ଣିତ ହୋଇଛି ।

୨୩ ମହାରାଜ ମହାରାଜ : ବେଲୁଡ଼ ମଠର ତଦାନୀନ୍ତନ ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜ ।

୭୩ ୯ ବର୍ତ୍ତମାନ ଆଉ 'ପ୍ରେସ ଗ୍ୟାଙ୍ଗ' ନାମରେ··· : ସେକାଳରେ ଇଂଲଣ୍ଡରେ (ଏବଂ ୟୁରୋପର ସମସ୍ତ ଦେଶରେ) ସାମରିକ ବାହିନୀରେ ବଳପୂର୍ବକ ଓ ଯଥେଚ୍ଛଭାବରେ ଲୋକଙ୍କୁ ନିଯୋଗ କରାଯାଉଥିଲା । ଏହି ପ୍ରଥାର ନାମ ଥିଲା ଇମ୍ପ୍ରେସ୍‌ମେଣ୍ଟ (impressment) ଏବଂ ଏହା ପ୍ରଥମେ ରାଜଶକ୍ତିର ବିଶେଷ କ୍ଷମତା ବଳରେ (Prerogative) ଏବଂ ପରେ ପାର୍ଲିଆମେଣ୍ଟରେ ଆଇନ କରି କାର୍ଯ୍ୟକରି କରାଯାଉଥିଲା । ସେନାବାହିନୀରେ ବଳପୂର୍ବକ ନିଯୁକ୍ତ କରିବାପ୍ରଥା ତୃତୀୟ ଜର୍ଜଙ୍କର ରାଜତ୍ୱକାଳରେ ବହୁଳାଂଶରେ ସୀମାବଦ୍ଧ ହୋଇଥିଲା । ୧୭୭୯ ଖ୍ରୀ:ରେ ଏକ ଆଇନରେ ନିର୍ଦ୍ଦେଶ ଦିଆ-ହେଲା ଯେ, କେବଳ ଅଳସ ଦୁର୍ବିନୀତ ଓ କର୍ମକୁଣ୍ଠ ଲୋକମାନେ ହିଁ ଏହିଭାବରେ ଧରା ହେବେ ଏବଂ ନିଯୁକ୍ତ ହୋଇପାରିବେ । ଊନବିଂଶ ଶତାବ୍ଦୀ-ଠାରୁ ଏହି ପ୍ରଥା ପ୍ରାୟ ଲୁପ୍ତ ହୋଇଛି ।

ନୌବାହିନୀରେ ନିଯୋଗ ଉଦ୍ଦେଶ୍ୟରେ ଲୋକମାନଙ୍କୁ ଧରିଆଣିବା ପାଇଁ ଗଭର୍ଣ୍ଣମେଣ୍ଟ ସଶସ୍ତ୍ର (Press-gang) ପଠାଉଥିଲେ । ଏମାନଙ୍କ ସଙ୍ଗରେ ସୈନ୍ୟ ପଠାଯାଉଥିଲା । ଦଳର ଲୋକମାନେ ରାତିର ଅନ୍ଧକାରରେ ଗ୍ରାମର ଲୋକଙ୍କ ଘରେ ଅତର୍କିତ ଭାବରେ ପ୍ରବେଶ କରି ଲୋକଙ୍କୁ ଧରୁଥିଲେ । କୌଶଳ ବା ପ୍ରଲୋଭନ ଦେଖାଇ ସେମାନଙ୍କୁ

ପୃଷ୍ଠା ପଙ୍କ୍ତି

ହୋଟେଲକୁ ନେଇଯାଇ ସେଠାରେ ଧରୁଥିଲେ ଏବଂ ଆହୁରି ନାନା ଧରଣର ଅତ୍ୟାଚାର ମଧ୍ୟ ସେମାନେ କରୁଥିଲେ ।

୭୩ ୨୩ ଆମେରିକାର ୟୁନାଇଟେଡ୍ ଷ୍ଟେଟ୍ସ ସିଭିଲୱାର୍ ବେଳେ ଆମେରିକାର ଦକ୍ଷିଣାଂଶରେ ଅବସ୍ଥିତ ୭ଟି ରାଷ୍ଟ୍ର ୧୮୬୧ ଖ୍ରୀ: ଫେବୃଆରି ମାସରେ ଏବଂ ଆଉ ୪ଟି ରାଷ୍ଟ୍ର କେତେମାସ ପରେ ନିଜକୁ ଯୁକ୍ତରାଷ୍ଟ୍ରରୁ ବିଚ୍ଛିନ୍ନ ଏବଂ ମାର୍କିନ ରାଷ୍ଟ୍ର ସମବାୟ (The Confederate States of America) ନାମରେ ଅଭିହିତ ଏକ ନୂତନ ରାଷ୍ଟ୍ରରେ ପରିଣତ ହୋଇ ଘୋଷଣା କଲେ । ଏହି ରାଷ୍ଟ୍ରଗୁଡ଼ିକରେ ଦାସତ୍ୱ-ପ୍ରଥା ବଳବତ୍ତର ଥିଲା ଏବଂ ଏହି କାରଣରୁ ଏହି ନୀତିବିରୋଧୀ ଯୁକ୍ତରାଷ୍ଟ୍ରର ଉତ୍ତରାଂଶର ରାଷ୍ଟ୍ରଗୁଡ଼ିକ ସହିତ ଏମାନଙ୍କର ମନୋମାଳିନ୍ୟ ବଢ଼ିଚାଲିଥିଲା । ଏହି ପ୍ରଥାର ଉଚ୍ଛେଦସାଧନ କରିବାକୁ ବଦ୍ଧପରିକର ଆବ୍ରାହମ୍ ଲିଙ୍କନ୍ (Abraham Lincoln) ୧୮୬୦ ଖ୍ରୀ: ନିର୍ବାଚନରେ ପ୍ରେସିଡେଣ୍ଟ ପଦ ଲାଭ କରିବାରୁ ଏମାନେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ଏହି କାରଣରୁ ୧୮୬୧ ଖ୍ରୀ: ଏପ୍ରିଲ ୧୨ ତାରିଖରେ ଗୃହଯୁଦ୍ଧ (civilwar) ଆରମ୍ଭ ହୋଇଥିଲା ।

୭୪ ୩୧ ବାରଖିଆ ଆଫ୍ରିଦି : ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରେ ତୁର୍କଜାତିର ସମ୍ମିଶ୍ରଣରେ ଉଦ୍ଭୂତ ପାର୍ବତ୍ୟଜାତି । ଏମାନେ ମୁସଲମାନ ଏବଂ ଏମାନଙ୍କର ଲକ୍ଷ୍ୟ ଅବ୍ୟର୍ଥ ।

୭୫ ୧୭ 'ଶିର୍‌ଦାର୍ ତ ସର୍‌ଦାର୍' : ନେତୃତ୍ୱ କରିବାକୁ ହେଲେ ନିଜର ଶିରମୁଣ୍ଡ ଆଗେ ଦେବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଏହା ଶିଖ ଜାତିର ଅଭ୍ୟୁଦୟ କାଳରେ ଅନ୍ୟତମ ପ୍ରଧାନ ନୀତି ଥିଲା ।

୨୩ ମମି : ପ୍ରାଚୀନ ମିଶରରେ ମୃତଦେହକୁ ନାନାପ୍ରକାର ମସଲା ପ୍ରଭୃତିଦ୍ୱାରା ବହୁକାଳ ଅବିକୃତ ରଖିବାର କୌଶଳ ଜଣାଥିଲା, ଏହିସମସ୍ତ ଦେହକୁ ମମି କୁହାଯାଏ ।

୩୧ ତୁମେମାନେ ଭୂତକାଳ—ଲୁଙ୍, ଲଙ୍ ଲିଟ୍ ସବୁ ଏକ ସାଙ୍ଗରେ : ତୁମେମାନେ ସମ୍ପୂର୍ଣ୍ଣ ଅତୀତର ବସ୍ତୁ । ଅତୀତ କାଳବାଚକ ସବୁ କେତୋଟି ରୂପର ସମଷ୍ଟି ।

୭୭ ୨ ଭବିଷ୍ୟତ ତୁମମାନଙ୍କର ଶୂନ୍ୟ, ତୁମେମାନେ ଇତ୍, ଲୋପ, ଲୁପ୍ : ବ୍ୟାକରଣର 'ଇତ୍'ଶବ୍ଦର ଅର୍ଥ ଅସ୍ଥାୟୀ ଅଂଶ, ଏହା ବିଶେଷ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, କାର୍ଯ୍ୟସିଦ୍ଧି ପରେ ଆଉ ରହେ ନାହିଁ । 'ଇତ୍'ର ଲୋପ ହୁଏ । ସ୍ୱାମୀଜୀ କହିଛନ୍ତି, ତୁମମାନଙ୍କର ମଧ୍ୟ ରହିବାର ଉଦ୍ଦେଶ୍ୟ ଶେଷ ହୋଇଛି—ଆଉ ପ୍ରୟୋଜନ ନାହିଁ ।

ପୃଷ୍ଠା ପଙ୍‌କ୍ତି

୭୩ ୩ ଗଣ୍ଡାଲେକ : ପ୍ରାଣଦଣ୍ଡରେ ଦଣ୍ଡିତ ଗଣ୍ଡାଲେକ ପଳାୟନ କରି ବଙ୍ଗଳାର ଦକ୍ଷିଣ ଉପକୂଳରେ ମାଧବପାଶାର ରାଜା ରାମଚନ୍ଦ୍ରଙ୍କର ସହାୟତାରେ ସନ୍ଦ୍ୱୀପ ଅଧିକାର କରି ସେଠାରେ ନିଜେ ହିଁ ସ୍ୱାଧୀନ ରାଜା ହୋଇ ବସିଲେ । ପର୍ତ୍ତୁଗୀଜ ପ୍ରଭୃତି ୟୁରୋପୀୟଗଣ ସେହି ସମୟରେ ଏହି ସମସ୍ତ ଅଞ୍ଚଳରେ କ୍ରୀତଦାସ-ବ୍ୟବସାୟ ଓ ଲୁଣ୍ଠତରାଜରେ ଲିପ୍ତ ଥିଲେ ।

୨୩ ରାମାନୁଜୀ ତିଲକ : ରାମାନୁଜୀ ସଂପ୍ରଦାୟର ବୈଷ୍ଣବଗଣ ବିଶିଷ୍ଟ ତିଲକ ବ୍ୟବହାର କରନ୍ତି ।

୨୫ ସାଗରେଦ୍ ରାମାନନ୍ଦୀ ତିଲକ : କବୀରଙ୍କର ଗୁରୁ ରାମାନନ୍ଦ—ରାମାନୁଜ ବୈଷ୍ଣବ ସଂପ୍ରଦାୟଭୁକ୍ତ ଥିଲେ ।

୭୪ ୧୦ ମଧ୍ୱମୁନି : ମଧ୍ୱାଚାର୍ଯ୍ୟ, ଦ୍ୱୈତବାଦର ଶ୍ରେଷ୍ଠ ଆଚାର୍ଯ୍ୟ ।

୧୧ ରାମସନେହୀ : ଶ୍ରୀରାମଚରଣ ନାମକ ସାଧକ ଏହି ସମ୍ପ୍ରଦାୟର ପ୍ରତିଷ୍ଠାତା । ୧୭୭୬ ଖ୍ରୀ:ରେ ଜୟପୁର ଅନ୍ତର୍ଗତ ସୁବାସେନ ଗ୍ରାମରେ ତାଙ୍କର ଜନ୍ମ । ରାମାୟତ ବୈଷ୍ଣବ ହେଲେ ମଧ୍ୟ ସେ ପ୍ରତିମାପୂଜାର ବିରୋଧୀ ଥିଲେ । ଏଣୁ ସେକାଳରେ ମଧ୍ୟ ତାହାଙ୍କୁ ଅନେକ ସ୍ଥାନରେ ଲାଞ୍ଛିତ ହେବାକୁ ପଡ଼ୁଥିଲା । ଅବଶେଷରେ ଶାହପୁରର ଅଧିପତି ଭୀମସିଂହ ତାଙ୍କୁ ଆଶ୍ରୟ ଦେଇଥିଲେ । ଏହି ଶାହପୁରରେ ହିଁ ରାମସନେହୀ ସଂପ୍ରଦାୟ ଗଢ଼ି ଉଠିଥିଲା ।

୨୦ ସାୟନ : ବେଦର ଭାଷ୍ୟକାର ବିଦ୍ୟାରଣ୍ୟ ମୁନି ।

୨୫ ତାମିଲ ଜାତି : ଦକ୍ଷିଣ ଭାରତର ଅଧିବାସୀଗଣଙ୍କର ଏବଂ ଭାଷାସମୂହର ସଂସ୍କୃତରେ ସାଧାରଣ ନାମ 'ତାମିଲ' । କ୍ୟାଲଡୋୟେଲ (Bishop Caldwell) ସାହେବଙ୍କ ମତରେ ଦ୍ରାବିଡ଼, ଦ୍ରାମିଲ, ଦାମିଲ—ଏହିପରି ବିଭିନ୍ନ ରୂପାନ୍ତର ମଧ୍ୟ ଦେଇ ପରିଶେଷରେ 'ତାମିଲ' ଶବ୍ଦଟି ଉତ୍ପନ୍ନ ହୋଇଛି । ଏହି ପ୍ରସଙ୍ଗରେ ସ୍ୱାମୀଜୀଙ୍କର 'ଆର୍ଯ୍ୟ ଓ ତାମିଲ ଜାତି' ପ୍ରବନ୍ଧ ଦ୍ରଷ୍ଟବ୍ୟ (ଏହି ଗ୍ରନ୍ଥାବଳୀର ୫ମ ଖଣ୍ଡରେ) ।

୭୫ ୪ 'ଷଣ୍ଟ୍‌କୋପ' : ଆଲ୍‌ବାର ବା ତାମିଲ ଦେଶୀୟ ବୈଷ୍ଣବ ଭକ୍ତ; ଏମାନଙ୍କୁ 'ଶଠକୋପ' ବୋଲି ମଧ୍ୟ କୁହାଯାଏ ।

୭୬ ୩୧–୩୨ ସାଙ୍ଗରେ ସମ୍ବଳ ଗୋପନେ ଅତି ଯତନେ : ଅଯୋଧ୍ୟାନାଥ ପାକଡ଼ାଶୀ-ରଚିତ ବ୍ରହ୍ମସଙ୍ଗୀତ 'ମନ ଚଲ ନିଜ ନିକେତନେ'-ର ଗୋଟିଏ ଅସମ୍ପୂର୍ଣ୍ଣ ଚରଣ ।

୭୭ ୨୨ ସେତୁପତି ମହାରାଜା : ରାମନାଦର ରାଜା ଭାସ୍କର୍ ସେତୁପତି ।

ପୃଷ୍ଠା ପଙ୍କ୍ତି

୭୮ ୧୦ ମହାଦୁଷ୍ଟ ବଙ୍ଗାଳୀ ରଜାର ପୁତ୍ର—ବିଜୟ ସିଂହ : 'ଦୀପବଂଶ' ଓ 'ମହାବଂଶ' ନାମକ ଦୁଇଟି ସିଂହଳୀ ଇତିବୃତ୍ତ ଅନୁସାରେ ସିଂହଳ ଦ୍ୱୀପର ସର୍ବପ୍ରଥମ ଆର୍ଯ୍ୟ ଅଭିବାସୀ ଦଳର (bands of immigrants) ନେତା ଥିଲେ ରାଜକୁମାର ବିଜୟ ସିଂ । ଇତିବୃତ୍ତ ଦୁଇଟିରେ ତାହାଙ୍କୁ 'ଲାଲ' ଦେଶୀୟ ଏବଂ ବଙ୍ଗଦେଶର ଜଣେ ରାଜକୁମାରୀଙ୍କର ପ୍ରପୌତ୍ର ବୋଲି ବର୍ଣ୍ଣନା କରାଯାଇଛି । ଅନେକଙ୍କ ମତରେ ଏହି 'ଲାଲ'ଦେଶ ବଙ୍ଗଦେଶର ରାଢ଼ ଅଞ୍ଚଳ କିମ୍ବା ପଶ୍ଚିମବଙ୍ଗଠାରୁ ଅଭିନ୍ନ । ଅତଏବ ବିଜୟସିଂହ ବଙ୍ଗାଳୀ ଥିଲେ, ଏହିପରି ପ୍ରତିପନ୍ନ ହୁଏ । କିନ୍ତୁ ପୁନଶ୍ଚ କୌଣସି କୌଣସି ଐତିହାସିକଙ୍କ ମତରେ 'ଲାଲ' ଦେଶ କହିଲେ ଲାଟ ବା ଗୁଜୁରାଟକୁ ବୁଝାଏ ।

୧୪-୧୫ ମହେନ୍ଦ୍ର ଓ ସଙ୍ଘମିତ୍ରା : ସମ୍ରାଟ ଅଶୋକଙ୍କର ପୁତ୍ର ଓ କନ୍ୟା । ଏମାନେ ଭିକ୍ଷୁ ଓ ଭିକ୍ଷୁଣୀ ହୋଇ ବୌଦ୍ଧଧର୍ମ ପ୍ରଚାରରେ ବ୍ରତୀ ହୋଇଥିଲେ ।

୮୩ ୧୭ ଏ ଏଡେନ ଅତି ପ୍ରାଚୀନ ସ୍ଥାନ···: ଅତି ପ୍ରାଚୀନ କାଳରୁ ୟୁରୋପ ଓ ଏସିଆ ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ ଯୋଗାଯୋଗ ବ୍ୟବସ୍ଥାରେ ଏଡେନ କେନ୍ଦ୍ରୀୟ ସ୍ଥାନ ଅଧିକାର କରିଥିଲା । 'Eryplus of the Erythraean sea' ନାମକ ପ୍ରାଚୀନ ପ୍ରସଙ୍ଗରେ ଏହି ନଗରୀର ଉଲ୍ଲେଖ ଅଛି ।

୧୯ ସେଥିରେ ରୋମି ସୁଲତାନ··· : ଷଷ୍ଠ ଶତାବ୍ଦୀର ପ୍ରାରମ୍ଭରେ ରୋମ୍‌ର ସମ୍ରାଟ ପ୍ରଥମ ଜଷ୍ଟିନିଅନ୍ (Justinian) ହାବସିରାଜ୍ କାଲେବ୍‌ଙ୍କୁ (Caleb or El. Eshaba) ଖ୍ରୀଷ୍ଟିଆନମାନଙ୍କ ଉପରେ ଆରବମାନଙ୍କର ଅତ୍ୟାଚାରର ପ୍ରତିଶୋଧ ନେବାକୁ ଅନୁରୋଧ କରିଥିଲେ । ଆନୁମାନିକ ୫୨୫ ଖ୍ରୀ: କାଲେବ ସସୈନ୍ୟ ଲୋହିତସାଗର ପାର ହୋଇ ଆରବ ଉପକୂଳରେ ଉପନୀତ ହେଲେ ଏବଂ ସମଗ୍ର ୟେମେନ୍ (Yemen) ଦେଶଟିକୁ ଅଧିକାର କଲେ । ପ୍ରାୟ ୫୦ ବର୍ଷକାଳ ଏହି ଭୂଭାଗ ହାବ୍‌ସିମାନଙ୍କର ଅଧୀନ ଥିଲା । ହାବ୍‌ସିଗଣ ଆରବକୁ କେନ୍ଦ୍ର କରି ସେମାନଙ୍କର ବାଣିଜ୍ୟ ସିଂହଳ ଏବଂ ଭାରତବର୍ଷ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ ଏବଂ ତତ୍ ସଙ୍ଗେସଙ୍ଗେ ପୂର୍ବରୋମକ ସାମ୍ରାଜ୍ୟ ସହିତ ମଧ୍ୟ ସେମାନଙ୍କର ସମ୍ବନ୍ଧ ସ୍ଥାପିତ ହୋଇଥିଲା । ଏହି ସମୟରେ ଆରବରେ ବିଶେଷ ସମୃଦ୍ଧି ଘଟିଥିଲା ।

୮୪ ୧୭ କିନ୍ତୁ ହାବ୍‌ସି ବାଦଶା ମେନେଲିକ୍ : ୧୮୯୬ ଖ୍ରୀ: ମାର୍ଚ୍ଚ ପହିଲା ତାରିଖରେ ଅଡୁଆ ବା ଆଡ଼ୋଆ (Adua or Adowa) ସନ୍ନିହିତ ଆଡ୍ୱା

ପୃଷ୍ଠା ପଙ୍କ୍ତି

(Abba Garima) ନାମକ ସ୍ଥାନରେ ହାବ୍‌ସି ସମ୍ରାଟ୍ (ହାବ୍‌ସି ଭାଷାରେ Negua) ଦ୍ୱିତୀୟ ମେନେଲିକ୍‌ଙ୍କର ସେନାବାହିନୀ ସହିତ ସଂଗ୍ରାମରେ ଏକ ବିପୁଳ ଇଟାଲୀୟ ସେନାବାହିନୀ ସମ୍ପୂର୍ଣ୍ଣ ରୂପେ ପରାଜିତ ଓ ପ୍ରାୟ ନିଶ୍ଚିହ୍ନ ହୋଇଥିଲେ ।

୮୫ ୨ ଇହୁଦୀ ନେତା 'ମୁସା'··· : ମୋଜେସ୍ ବା Moses. O. T. Exodus, Ch. 14.

୨୫ ନାରୀସିଂହୀ ମୂର୍ତ୍ତି : (Sphinx of Gizeh) ଆନୁମାନିକ ଖ୍ରୀ:ପୂ: ୨୮୦୦ ବର୍ଷ ପୂର୍ବେ ନିର୍ମିତ । ଏହାର ଦେହ ସିଂହର ଏବଂ ମସ୍ତକ ମିଶର-ରାଜ ଖାଫ୍ରା (Khafra)ଙ୍କର । ଉକ୍ତ ରାଜାଙ୍କର ସମାଧି ଉପରେ ନିର୍ମିତ ପିରାମିଡ୍ ସମ୍ମୁଖରେ ସ୍ଥାପିତ । ଅତି ଆଧୁନିକ କାଳରେ ହିଁ ଏହାର ତଥ୍ୟ ଆବିଷ୍କୃତ ହୋଇଛି ।

୮୬ ୮ ଆଇସିସ୍ ଓ ହୋରସ୍ : ମିଶରୀୟ ପୁରାଣରେ ଆଇସିସ୍ ଦେବତାମାନଙ୍କର ରାଣୀ ଏବଂ ଓସିରସ୍‌ଙ୍କର ଭଗ୍ନୀ ଓ ପତ୍ନୀ । ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ଗ୍ରୀସ୍‌ରେ ମଧ୍ୟ ଆଇସିସ୍‌ଙ୍କର ପୂଜା ପ୍ରବର୍ତ୍ତିତ ହୋଇଥିଲା । ପରେ ରୋମ୍‌ରେ ଏହି ଦେବୀଙ୍କର ପୂଜା ଖୁବ୍ ପ୍ରଚଳିତ ହୋଇଥିଲା । ଆଇସିସ୍ ଚନ୍ଦ୍ରର ପ୍ରତୀକ, ଓସିରସ୍ ସୂର୍ଯ୍ୟଙ୍କର ପ୍ରତୀକ । ଏମାନଙ୍କର ପୁତ୍ର ହୋରସ୍ । ଆଇସିସ୍ ଓ ଓସିରସ୍ ଜୁଇଦେବୀଙ୍କର କନ୍ୟା ଓ ପୁତ୍ର ।

୧୧ ଟଲେମି ବାଦ୍‌ଶା : ଖ୍ରୀ:ପୂ: ୩୩୨ ଅବ୍ଦରେ ଆଲେକ୍‌ଜାଣ୍ଡର ମିଶର ଅଧିକାର କଲେ । ତାଙ୍କର ମୃତ୍ୟୁପରେ ତାଙ୍କର ମେସିଡନୀୟ ସେନାପତି ଟଲେମି ବିଶାଳ ସାମ୍ରାଜ୍ୟ ମଧ୍ୟରେ ମିଶରକୁ ନିଜ ଭାଗରେ ଗ୍ରହଣ କଲେ ଏବଂ ଆଲେକ୍‌ଜାଣ୍ଡ୍ରିଆରେ ରାଜଧାନୀ ସ୍ଥାପନ କରି ପ୍ରଥମ ଟଲେମି (Ptolemy) ନାମ ଗ୍ରହଣ କରି ମିଶରର ରାଜା ହୋଇଥିଲେ । ବିଶ୍ୱ-ବିଖ୍ୟାତ କ୍ଲିଓପାଟ୍ରା (Cleopatra) ଏହି ବଂଶର ଶେଷ ଉତ୍ତରାଧିକାରିଣୀ ।

ଧର୍ମାଶୋକ : ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପୁତ୍ର ଅଶୋକ (ପ୍ରଥମ ବୟସରେ ଚଣ୍ଡାଶୋକ) ପରିଣତ ବୟସରେ ବୌଦ୍ଧଧର୍ମ ଗ୍ରହଣ କରି ବହୁ ସତ୍‌କାର୍ଯ୍ୟ କରାଇଥିବାରୁ ଏବଂ ବୌଦ୍ଧଧର୍ମ ପ୍ରଚାରରେ ଆପ୍ରାଣ ସାହାଯ୍ୟ କରିଥିବାରୁ ଧର୍ମାଶୋକ ନାମରେ ଆଖ୍ୟାତ ହୋଇଥିଲେ ।

୧୪ ଥେରାପିଉଟ୍ (ଥେରାପୁତ୍ର, ସ୍ଥବିରପୁତ୍ର) ଅସ୍‌ସିନୀ (ଇଶାନୀ) ମାନଙ୍କ (?): ମିଶର ଓ ଏସିଆ ମାଇନର୍‌ରେ ବୌଦ୍ଧଭାବରେ ପ୍ରଭାବିତ ବିଭିନ୍ନ ସାଧକ-ସମ୍ପ୍ରଦାୟଙ୍କର ନାମ । ଦ୍ରଷ୍ଟବ୍ୟ The Master as I saw him, p. 273 .

ପୃଷ୍ଠା ପଙ୍‌କ୍ତି

ଏହିସବୁଗୁଡ଼ିକରୁ ଖ୍ରୀଷ୍ଟଧର୍ମର ଉତ୍ପତ୍ତି : କେତେକ ଆଧୁନିକ ଐତିହାସିକଙ୍କ ମତରେ ଖ୍ରୀଷ୍ଟଧର୍ମ ଥେରାପୁଟି ଆସିନ ପ୍ରଭୃତି ବୌଦ୍ଧ ସମ୍ପ୍ରଦାୟରୁ ଉଦ୍ଭୂତ ।

୮୭ ୧୯ ପୁସ୍ତକାଳୟ ଭସ୍ମରାଶି ହେଲା : ଆଲେକ୍‌ଜାଣ୍ଡ୍ରିଆର ସେରାପିୟମ (Serapeum) ନାମକ ଅଟ୍ଟାଳିକାର ସୁବୃହତ୍ ପୁସ୍ତକାଗାର ଖ୍ରୀଷ୍ଟିଆନ୍‌ମାନେ ଧ୍ୱଂସ କଲେ । ଫଳରେ ଏହାର ଅମୂଲ୍ୟ ପୁସ୍ତକଗୁଡ଼ିକ ଅଗ୍ନିଦଗ୍ଧ, ବିକ୍ଷିପ୍ତ ଓ ବିନଷ୍ଟ ହୋଇଗଲା । ୬୩୯ ଖ୍ରୀ:ରେ ଆରବୀମାନେ ମିଶରବିଜୟ ସମୟରେ ଆଲେକ୍‌ଜାଣ୍ଡ୍ରିଆର ବିରାଟ ରାଷ୍ଟ୍ରୀୟ ପୁସ୍ତକାଗାରର ୭ ଲକ୍ଷରୁ ଅଧିକ ପୁସ୍ତକ ଧ୍ୱଂସ କରିଥିଲେ ବୋଲି ପାଶ୍ଚାତ୍ୟ ଐତିହାସିକଗଣଙ୍କ ଦ୍ୱାରା ପ୍ରଚାରିତ ଅପବାଦ ସମ୍ପୂର୍ଣ୍ଣ ଭିତ୍ତିହୀନ, ଏ ବିଷୟରେ କାହାର ସନ୍ଦେହ ନାହିଁ । ପୁସ୍ତକାଗାରଟି ଖ୍ରୀ:ପୂ: ୪୮ରେ ଜୁଲିୟସ୍ ସୀଜାର (Julius Caesar) କର୍ତ୍ତୃକ ଆଲେକ୍‌ଜାଣ୍ଡ୍ରିଆ ଅବରୋଧ ସମୟରେ ଅଗ୍ନିରେ ଭସ୍ମସାତ୍ ହୋଇଥିଲା । ଯାହା କିଛି ଅବଶିଷ୍ଟ ଥିଲା, ତାହା ଖ୍ରୀଷ୍ଟିଆନମାନେ ଧ୍ୱଂସ କରିଥିଲେ ।

୨୦ ବିଦୁଷୀ ନାରୀ: ହାଇପେସିଆ ନାମ୍ନୀ ଏହି ନାରୀ ଆଲେକ୍‌ଜାଣ୍ଡ୍ରିଆ ସହରରେ ସମ୍ଭବତଃ ୩୭୦ ଖ୍ରୀ:ରେ ଜନ୍ମଗ୍ରହଣ କରିଥିଲେ । ହାଇପେସିଆ ଆଲେକ୍‌ଜାଣ୍ଡ୍ରିଆରେ ଅଧ୍ୟାପନା କରୁଥିଲେ ଏବଂ ବେଦାନ୍ତର ସମଗୋତ୍ରୀୟ ନବ୍ୟ ପ୍ଲେଟୋବାଦୀୟ ଦର୍ଶନର (Neo-Platonism) ସମର୍ଥକମାନଙ୍କର ଶୀର୍ଷସ୍ଥାନୀୟା ଥିଲେ । ତାଙ୍କର ଅସାମାନ୍ୟ ଧୀଶକ୍ତି, ଓଜସ୍ୱିତା, ଶାଳୀନତା ଓ ସୌନ୍ଦର୍ଯ୍ୟରେ ବହୁ ଲୋକ ଆକୃଷ୍ଟ ହୋଇଥିଲେ । ରୋମ୍ ସମ୍ରାଟ କନ୍‌ଷ୍ଟାଣ୍ଟାଇନ୍‌ଙ୍କ ଦ୍ୱାରା ଆଇନତଃ ସ୍ୱୀକୃତିଲାଭର ଅନତିକାଳ ମଧ୍ୟରେ ହିଁ ଖ୍ରୀଷ୍ଟିଆନ ଧର୍ମର ନେତାଗଣ ପ୍ରାଚୀନ ଦର୍ଶନ ଓ ଧର୍ମମତ-ଗୁଡ଼ିକର ସମୂଳ ଉଚ୍ଛେଦସାଧନରେ ବଦ୍ଧପରିକର ହୋଇଥିଲେ । ସାଇରିଲ୍ (Cyril) ଆଲେକଜାଣ୍ଡ୍ରିଆର ପ୍ରଧାନ ଯାଜକଙ୍କର (Patriarch) ପଦ ଲାଭ କରିଥିଲେ ଏବଂ ହାଇପେସିଆ ତାଙ୍କର ପ୍ରରୋଚିତ ଧ୍ୱଂସଯଜ୍ଞରେ ଆହୁତି-ସ୍ୱରୂପା ହୋଇଥିଲେ (ମାର୍ଚ୍ଚ ୪୧୫ ଖ୍ରୀ: ) । ଯେପରି ବର୍ବରତା ଓ ନିଷ୍ଠୁରତା ସହକାରେ ଏକ କ୍ଷିପ୍ତ ଖ୍ରୀଷ୍ଟିଆନ ଜନତା ହାଇପେସିଆଙ୍କୁ ହତ୍ୟା କରିଥିଲେ, ଧର୍ମାନ୍ଧତାଜନିତ ପାପ ଓ ଅନାଚାରର ଇତିହାସରେ ତାହାର ଉଦାହରଣ ବିରଳ ।

୯୫ ୧୦ ଏ ସୁଏଜ ଖାଲ ମଧ୍ୟ ଅତିପ୍ରାଚୀନ ଜିନିଷ : ପ୍ରାଚୀନ ମିଶରର ଫାରାଓ ରାଜାମାନଙ୍କ ସମୟରେ ଗୋଟିଏ ଖାଲ କଟା ହୋଇଥିଲା । ମିଶର ରୋମ୍

ପୃଷ୍ଠା ପଂକ୍ତି

ଅଧୀନରେ ଥିବା ସମୟରେ ମଧ୍ୟ ଖାଲଟିକୁ ବ୍ୟବହାର-ଉପଯୋଗୀ ରଖିବା ପାଇଁ ଚେଷ୍ଟା ହୋଇଥିଲା । ହାରୁନ୍ ଅଲ୍ ରସିଦ୍‌ଙ୍କର ରାଜତ୍ୱକାଳରେ ମଧ୍ୟ ଏହି ଖାଲକୁ ଖୋଳାଇବାର ପରିକଳ୍ପନା ହୋଇଥିଲା । ୧୮୫୮ ଖ୍ରୀ:ରେ ତୃତୀୟ ନେପୋଲିୟନ୍‌ଙ୍କ ରାଜତ୍ୱକାଳରେ ମିଶରର ସୈୟଦ୍ ପାଶାଙ୍କର ଅନୁମତି ଓ ସାହାଯ୍ୟ ନେଇ ଫର୍ଡିନାଣ୍ଡ ଦ ଲେସେପସ୍ ନାମକ ଜଣେ ଫରାସୀ ଇଞ୍ଜିନିୟର ବର୍ତ୍ତମାନ ବିଦ୍ୟମାନ ଥିବା ଖାଲଟିକୁ ଖୋଳାଇଥିଲେ । ୧୦ ବର୍ଷ କାଳ ଚେଷ୍ଟାରେ ଓ ବହୁ ଅର୍ଥବ୍ୟୟରେ ୧୮୬୯ ଖ୍ରୀ: ରେ ଖାଲଟିକୁ ଜାହାଜ-ଚଳାଚଳ ପାଇଁ ଉପଯୁକ୍ତ କରାହେଲା । ମିଶରର ଖେଦଭ୍ ଇସମାଇଲ୍ (ସୈୟଦ ପାଶାଙ୍କ ପୁତ୍ର ) ଓ ଫରାସୀମାନେ ଏହି ଖାଲର ଯୁଗ୍ମ ମାଲିକ ଥିଲେ । ୧୮୭୫ ଖ୍ରୀ:-ଠାରୁ ଖେଦଭ୍‌ଙ୍କର ସମସ୍ତ ଅଂଶ ଇଂରେଜ ସରକାର କ୍ରୟ କରିଥିଲେ । ଇଂରେଜମାନେ ବେଶୀ ଅଂଶର ମାଲିକ ଥିଲେ, କିନ୍ତୁ କର୍ତ୍ତୃତ୍ୱ ଫରାସୀମାନଙ୍କ ହାତରେ ଥିଲା । ଗ୍ରୀକ୍‌ମାନଙ୍କର ଲେଖାରୁ ଜଣାଯାଏ ଯେ, ଖ୍ରୀ:ପୂ: ୧୩୦୦ ଶତାବ୍ଦୀରେ ମଧ୍ୟ ଏହି ସ୍ଥାନରେ ଗୋଟିଏ ଖାଲ ଥିଲା ଏବଂ ସେହି ପ୍ରାଚୀନ ଖାଲର ଗତିପଥରେ ବର୍ତ୍ତମାନ ଖାଲ କଟାଯାଇଛି । ମିଶର ସରକାର ନାସେରଙ୍କ (General Nasser) ନେତୃତ୍ୱରେ ଖାଲର ତତ୍ତ୍ୱାବଧାନ ସ୍ୱହସ୍ତରେ ଗ୍ରହଣ କରିଥିଲେ ।

୯୭ ୨୭ ମୁସଲମାନ ନେତା ଓସ୍‌ମାନ୍ : ତୁର୍କ ସୁଲତାନ୍ ୨ୟ ମହମ୍ମଦଙ୍କ ରାଜତ୍ୱ କାଳରେ ୧୪୫୩ ଖ୍ରୀ:ରେ କନଷ୍ଟାଣ୍ଟିନୋପଲକୁ ତୁର୍କୀମାନେ ଦଖଲ କରିଥିଲେ । ସେହି ଯୁଦ୍ଧର ନେତା ଓସମାନ୍ ତୁର୍କୀ ଥିଲେ ।

୯୯ ୩ ବର୍ଣ୍ଣୁଫ୍ (E. Burnouf) [ବର୍ଣସ୍—ପ୍ରମାଦଯୁକ୍ତ] : ପ୍ରଖ୍ୟାତ ପ୍ରାଚ୍ୟବିଦ୍ୟା-ବିଶାରଦ ଫରାସୀ ମନୀଷୀ (୧୮୦୧-୫୨) । ୧୮୩୨ ଖ୍ରୀ:ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କୋଡ଼ିଏ ବର୍ଷକାଳ ସେ କଲେଜ ଅଫ୍ ଫ୍ରାନ୍‌ସ (College de France)-ରେ ସଂସ୍କୃତ ଅଧ୍ୟାପକ ଥିଲେ । ତାଙ୍କ ଦ୍ୱାରା ରଚିତ 'ଜେନ୍ଦ ଆବେସ୍ତା' ସମ୍ବନ୍ଧୀୟ ଗ୍ରନ୍ଥାବଳୀ ପାଶ୍ଚାତ୍ୟ ଜଗତରେ ସମାଦର ଲାଭ କରେ । ୧୮୪୦ ଖ୍ରୀ:ରେ ଭାଗବତ-ପୁରାଣର ଅନୁବାଦ ଏବଂ ୧୮୪୪ ଖ୍ରୀ:-ରେ ବୌଦ୍ଧଧର୍ମର ଇତିହାସ (Historie de Buddhisma) ପ୍ରକାଶ କରିଥିଲେ । ପ୍ରସିଦ୍ଧ ଅଧ୍ୟାପକ ମାକ୍‌ସମୁଲାର୍ ତାଙ୍କର ଶିଷ୍ୟ ଥିଲେ ।

୬ କୁନା(Kuenen) : ଆବ୍ରାହମ୍ କୁନା (୧୮୨୮-୯୧) ହଲଣ୍ଡର ହାର୍ଲେମ୍‌ରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ବିଖ୍ୟାତ ବାଇବେଲ୍-ସମାଲୋଚକ । ୧୮୫୩ ଖ୍ରୀ:ରେ ଲାଇଡେନ୍ ବିଶ୍ୱବିଦ୍ୟାଳୟର ଧର୍ମ ବିଷୟର ଅଧ୍ୟାପକ-ପଦ

ପୃଷ୍ଠା ପଙ୍‌କ୍ତି

ପାଇଥିଲେ । ତାଙ୍କର ବିଖ୍ୟାତ ପୁସ୍ତକ 'Historico—Critical Inquiry into the Origin and Collection of the Books of the Old Covenant' (୧୮୭୧-୭୫) ।

୧୦୧ ୧ 'ରୋଜେଟ୍ଟା (ରୋସେଟ୍ଟା) ଷ୍ଟୋନ୍'…ଜଣେ ପଣ୍ଡିତ : ନେପୋଲିଅନ୍‌ଙ୍କର ମିଶର ଅଭିଯାନ କାଳରେ ଏହି ପ୍ରସ୍ତରଖଣ୍ଡ ବୋଷାର୍ଡ଼ (Boussard) ନାମକ ଜଣେ ଫରାସୀ ସାମରିକ କର୍ମଚାରୀ ଆବିଷ୍କାର କରିଥିଲେ । ରୋସେଟ୍ଟା—ନାମକ ନଗରରେ ଏହା ମିଳିଥିଲା ବୋଲି ଏହାର ଏପରି ନାମକରଣ କରାଯାଇଛି । ବିଖ୍ୟାତ ଫରାସୀ ପଣ୍ଡିତ ଚ୍ୟାମ୍ପୋଲିୟନ୍ (Champollion) ଏହି ପ୍ରସ୍ତର-ଲିପିର ପାଠୋଦ୍ଧାର କରିଥିଲେ ଏବଂ ଏହାର ସୂତ୍ର ଅନୁସରଣ କରି ପ୍ରାଚୀନ ମିଶରୀୟମାନଙ୍କର ସମସ୍ତ ଶିଳାଲିପି-ଗୁଡ଼ିକର ପାଠୋଦ୍ଧାରର ସୂତ୍ର ଅବିଷ୍କୃତ ହୁଏ । ପ୍ରସ୍ତରଖଣ୍ଡଟି ବର୍ତ୍ତମାନ ବ୍ରିଟିଶ୍ ମିଉଜିୟମ୍‌ରେ ସଂରକ୍ଷିତ ।

୧୦୩ ୫ ଇହୁଦୀମାନେ ଇସ୍ରେଲ ଓ ଇଫ୍ରେମ୍ ଏହି ଦୁଇ ଶାଖାରେ ବିଭକ୍ତ ହେଲେ: ସଲୋମନ୍‌ଙ୍କ ମୃତ୍ୟୁପରେ ଇହୁଦୀମାନେ ଦୁଇଭାଗରେ ବିଭକ୍ତ ହୋଇଥିଲେ; ଉତ୍ତରରେ ଇସ୍ରେଲ ଏବଂ ଦକ୍ଷିଣରେ ଜୁଡ଼ା । ଖ୍ରୀ:ପୂ: ୯୩୫ରୁ ୭୨୫ ପର୍ଯ୍ୟନ୍ତ ଏହି ଦୁଇ ରାଜ୍ୟ ବିଦ୍ୟମାନ ଥିଲା । ଇସ୍ରେଲମାନଙ୍କର ନେତା ଜେରୋବୋୟାମ୍ ଏବଂ ଜୁଡ଼ାର ନେତା ରେହୋବୋୟାମ୍ । ଉଭୟ ରାଜ୍ୟ ଇହୁଦୀମାନଙ୍କର ଏବଂ ଉଭୟ ନେତା ସଲୋମନ୍‌ଙ୍କ ପୁତ୍ର ଥିଲେ । ତଥାପି ଦୁଇ ରାଜ୍ୟ ମଧ୍ୟରେ ବନ୍ଧୁତ୍ୱ ନ ଥିଲା ।

୧୭ 'ଜୋସିଫୁସ୍' ଓ 'ଫିଲୋ' : ଫିଲୋ ଆଲେକ୍‌ଜାଣ୍ଡ୍ରିଆର ଜଣେ ଇହୁଦୀ ଲେଖକ (୪୦ଖ୍ରୀ:) । ତାହାଙ୍କୁ ଇହୁଦୀ ପ୍ଲେଟୋ କୁହାଯାଉଥିଲା । ଜୋସିଫୁସ୍ ଫ୍ଲେଭିୟସ୍ (୩୭ ?—୯୫ଖ୍ରୀ:) ଇହୁଦୀ ଐତିହାସିକ ଓ ଯୋଦ୍ଧା । ଇହୁଦୀମାନଙ୍କର ପ୍ରଥମରୁ ଆରମ୍ଭ କରି ୬୬ଖ୍ରୀ: ପର୍ଯ୍ୟନ୍ତ ରୋମ୍ ସହିତ ଯୁଦ୍ଧ-ବୃତ୍ତାନ୍ତର ଲେଖକ । ତାଙ୍କ ଲିଖିତ ଇତିହାସର ଇଂରେଜୀ ଅନୁବାଦ 'The Jewish Antiquities'.

୧୦୬ ୨୩ ଭିକ୍ଟର ହ୍ୟୁଗୋ : (Victor Hugo, ୧୮୦୨-୮୫) ବିଖ୍ୟାତ ଫରାସୀ କବି, ଔପନ୍ୟାସିକ ଓ ନାଟ୍ୟକାର ।

ଲା ମାର୍ଟିନ୍ : ଅଲ୍‌ଫୋନ୍‌ସୋ ମେରି ଲୁଇ ଡି ଲା ମାର୍ଟିନ୍ (୧୭୯୦-୧୮୬୯) ଫରାସୀ କବି, ଐତିହାସିକ ଓ ରାଜନୀତିଜ୍ଞ ।

ଗେଟେ : (Goethe, ୧୭୪୯-୧୮୩୨) ସର୍ବଶ୍ରେଷ୍ଠ ଜର୍ମାନ୍ କବି । 'ଫାଉଷ୍ଟ' ଏହାଙ୍କର ଅମର କାବ୍ୟ ।

ପୃଷ୍ଠା ପଙ୍କ୍ତି

ସିଲର (Schiller, ୧୭୫୯-୧୮୦୫) ବିଖ୍ୟାତ ଜର୍ମାନ୍ କବି ଓ ନାଟ୍ୟକାର । ଗେଟେଙ୍କ ପରେ ଏହାଙ୍କର ସ୍ଥାନ ।

୧୦୮ ୨୦ ମାର୍ଟିନ୍ ଲୁଥର୍ : (୧୪୮୩ ୧୫୪୬) ଜର୍ମାନ୍ ଧର୍ମସଂସ୍କାରକ । ସେ ହିଁ ପ୍ରୋଟେଷ୍ଟାଣ୍ଟ ଧର୍ମର ପ୍ରବର୍ତ୍ତକ ।

୧୧୨ ୩୦ ତୀନ କ୍ଷେତ୍ରରେ · ସ୍ୱୀକାର କରିଛନ୍ତି : ବକ୍ସାର ଅଭ୍ୟୁଦୟର ସମୟ (୧୯୦୦ ଖ୍ରୀ:) ୟୁରୋପୀୟ ଜାତିଗୁଡ଼ିକ ଜର୍ମାନର ନେତୃତ୍ୱରେ ଚୀନ ଆକ୍ରମଣ କରି ପେକିଂ ପର୍ଯ୍ୟନ୍ତ ଦଖଲ କରିଥିଲେ ଏବଂ ଅବାଧ ଲୁଟତରାଜ କରି ବହୁ ନରନାରୀଙ୍କୁ ହତ୍ୟା କରିଥିଲେ ।

୧୧୪ ୧୫ ଅଷ୍ଟ୍ରିଆର ବାଦଶାହା··· : ୧୨୭୩ ଖ୍ରୀ:ରେ ରୁଡ଼ଲ୍ଫ (Count of Hapsburg) ପବିତ୍ର ରୋମାନ୍ ସାମ୍ରାଜ୍ୟର (Holy Roman Empire) ସମ୍ରାଟ୍ ରୂପେ ନିର୍ବାଚିତ ହୋଇଥିଲେ । ଏହାର ତିନି ବର୍ଷ ପରେ ସେ ଅଷ୍ଟ୍ରିଆ ରାଷ୍ଟ୍ର (Archduchy) ଜୟ କରିଥିଲେ । ଏହି ସମୟ-ଠାରୁ ପାଞ୍ଚ ଶତାବ୍ଦୀରୁ କିଛି ଅଧିକ କାଳ ହ୍ୟାପସ୍‌ବର୍ଗ (Hapsburg) ବଂଶୀୟ ଅଷ୍ଟ୍ରିଆର ଶାସକଗଣ (Archduke) ବଂଶାନୁକ୍ରମେ ଏହି ସାମ୍ରାଜ୍ୟର ସମ୍ରାଟ୍ ପଦରେ ନିର୍ବାଚିତ ହୋଇଥିଲେ । ୧୮୦୬ ଖ୍ରୀ:ରେ ଫରାସୀ ସମ୍ରାଟ୍ ନେପୋଲିଅନ୍ ବାରମ୍ବାର ଅଷ୍ଟ୍ରିଅମାନଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ ଏବଂ କାର୍ଯ୍ୟତଃ ସମଗ୍ର ଜର୍ମାନୀକୁ ନିଜର ପଦାନତ କରି ଘୋଷଣା କରିଥିଲେ ଯେ ସେ 'ପବିତ୍ର ରୋମାନ ସମ୍ରାଟ୍' ଏହି ଉପାଧି ଅଗ୍ରାହ୍ୟ କରନ୍ତି । ଏହାର ଅବ୍ୟବହିତ ପରେ ତତ୍କାଳୀନ 'ପବିତ୍ର ରୋମାନ୍ ସମ୍ରାଟ୍' ଦ୍ୱିତୀୟ ଫ୍ରାନସିସ୍ (Francis II) ଏହି ଉପାଧି ପରିହାର କରି ନିଜକୁ ଅଷ୍ଟ୍ରିଆର ଉତ୍ତରାଧିକାରୀ ସମ୍ରାଟ ପ୍ରଥମ ଫ୍ରାନସିସ୍ (Francis I, Hereditary Emperor of Austria) ବୋଲି ଘୋଷଣା କରିଥିଲେ । ପ୍ରୁସିଆର ମହାନ୍ ଫ୍ରେଡ଼େରିକଙ୍କ (Frederick the Great) ସମୟରୁ (୧୭୪୦-। ୬ ଖ୍ରୀ:) ପ୍ରୁସିଆ ଏବଂ ଅଷ୍ଟ୍ରିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏହି ଦୁଇଟି ରାଷ୍ଟ୍ରର ଜୀବନ-ମରଣର ସମସ୍ୟାରୂପେ ଦେଖା ଦେଲା । ଜର୍ମାନୀରେ ଅଷ୍ଟ୍ରିଆର ପ୍ରାଧାନ୍ୟ କ୍ରମଶଃ ଅନ୍ତର୍ହିତ ହେବାକୁ ଲାଗିଲା ଏବଂ ପ୍ରୁସିଆର ଶକ୍ତି ଓ ଗୌରବ ବୃଦ୍ଧି ପାଇବାକୁ ଲାଗିଲା । ୧୮୬୬ ଖ୍ରୀ:ରେ ଅଷ୍ଟ୍ରିଆ 'ସପ୍ତସପ୍ତାହବ୍ୟାପୀ ଯୁଦ୍ଧରେ' (Seven Weeks' War) ପ୍ରୁସିଆ କର୍ତ୍ତୃକ ପରାଜିତ ହେଲା ଏବଂ ଏହାର କେତେ ବର୍ଷ ମଧ୍ୟରେ ପ୍ରୁସିଆର ପ୍ରଧାନମନ୍ତ୍ରୀ ବିସମାର୍କଙ୍କର ଅପୂର୍ବ ବୁଦ୍ଧିକୌଶଳରେ ଏକ ପରାକ୍ରମଶାଳୀ ଜର୍ମାନ୍ ରାଜ୍ୟ ସ୍ଥାପିତ ହେଲା (୧୮୭୧ ଖ୍ରୀ:) ।

ପୃଷ୍ଠା ପଙ୍‌କ୍ତି

୨୨୫ ୨ ଇଟାଲିର ରାଜା ଓ ରୋମ୍‌ର ପୋପ୍‌ଙ୍କର ମୁହଁ ଚାହାଁଚାହିଁ ନାହିଁ :
ଫରାସୀ ଗଣବିପ୍ଳବର ପ୍ରଭାବରେ ଏବଂ ବିଶେଷ କରି ଇଟାଲିରେ ନେପୋଲିଅନ୍‌ଙ୍କ ଦ୍ୱାରା ଗୋଟିଏ କ୍ଷଣସ୍ଥାୟୀ ଇଟାଲୀୟ ରାଜ୍ୟଗଠନ ଫଳରେ ଇଟାଲୀୟମାନଙ୍କ ମଧ୍ୟରେ ଜାତୀୟତାବୋଧ ଜାଗରିତ ହୋଇ-ଥିଲା । ଫରାସୀ ସମ୍ରାଟ ତୃତୀୟ ନେପୋଲିଅନ୍ ଏକ ବିରାଟ ଆନ୍ଦୋଳନର (The Risorgimento) କେନ୍ଦ୍ରସ୍ଥଳ ପୀଡ୍‌ମଣ୍ଟର ରାଜା ଦ୍ୱିତୀୟ ଭିକ୍ଟର୍ ଇମାନୁଏଲ୍‌ଙ୍କୁ ଅଷ୍ଟ୍ରିଆ ବିରୋଧରେ ସଂଗ୍ରାମରେ ସଶସ୍ତ୍ର ସାହାଯ୍ୟ ଦାନ କରିଥିଲେ । ଫଳରେ ପୋପ୍‌ଙ୍କ ରାଜ୍ୟ ବ୍ୟତୀତ ଇଟାଲୀୟ ସମସ୍ତ ରାଜ୍ୟ ପୀଡ୍‌ମଣ୍ଟ ସହିତ ସଂଯୁକ୍ତ ହେଲା, ଏବଂ ଭିକ୍ଟର ଇମାନୁଏଲ୍ ନବସୃଷ୍ଟ ଇଟାଲୀୟ ରାଜ୍ୟର ଅଧିପତି ବୋଲି ସ୍ୱୀକୃତ ହେଲେ । ତୃତୀୟ ନେପୋଲିଅନ୍ ନିଜର ସିଂହାସନର ସ୍ତମ୍ଭ-ସ୍ୱରୂପ ତାଙ୍କର ରୋମାନ କ୍ୟାଥଲିକ ପ୍ରଜାଗଣଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ରୋମ୍‌ରେ ଗୋଟିଏ ଦଳ ଫରାସୀ ସେନାବାହିନୀ ସଂସ୍ଥାପିତ କରି ପୋପ୍‌ଙ୍କ ରାଜ୍ୟ ରକ୍ଷା କରୁଥିଲେ । କିନ୍ତୁ ଫ୍ରାଙ୍କୋ-ଜର୍ମାନ୍ ଯୁଦ୍ଧରେ ତାଙ୍କର ପରାଜୟ ଏବଂ ଏହା ଫଳରେ ତାଙ୍କର ସିଂହାସନଚ୍ୟୁତି ଘଟିବାରୁ ଭିକ୍ଟର ଇମାନୁଏଲ୍ ସସୈନ୍ୟ ରୋମ୍ ଅଧିକାର କରି ଏହି ଇତିହାସପ୍ରଥିତ ନଗରୀକୁ ସ୍ୱାଧୀନ ଇଟାଲୀ ରାଜ୍ୟର ରାଜଧାନୀ ବୋଲି ଘୋଷଣା କଲେ (୧୮୭୧ ଖ୍ରୀ:) । ଏହିପରି ପୋପ୍‌ଙ୍କ ରାଷ୍ଟ୍ରର (temporal power) ଅବସାନ ହେଲା । କ୍ଷତିପୂରଣ ସ୍ୱରୂପ ଇଟାଲୀୟ ଗଭର୍ଣ୍ଣମେଣ୍ଟ ପୋପ୍‌ଙ୍କୁ ବାର୍ଷିକ ମୋଟା ଟଙ୍କାର ବୃତ୍ତି, Vatican ଓ Lateran ପ୍ରାସାଦଦ୍ୱୟରେ ତାଙ୍କର ସ୍ୱାଧୀନଭାବରେ ବସବାସର ସୁବିଧା, ଧର୍ମସମ୍ପର୍କୀୟ ବିଷୟରେ ଯାବତୀୟ କ୍ଷମତାର ଅକ୍ଷୁଣ୍ଣତା ଇତ୍ୟାଦି ପ୍ରସ୍ତାବ କରି ଗୋଟିଏ ଆଇନ ପାସ୍ କଲେ (The Law of Guarantees); କିନ୍ତୁ ପୋପ୍ ଏସମସ୍ତ ପ୍ରତ୍ୟାଖ୍ୟାନ କରି ନିଜକୁ ଇଟାଲୀୟ ସରକାରଙ୍କ ବନ୍ଦୀ ବୋଲି ଘୋଷଣା କରିଥିଲେ ଏବଂ ସେମାନେ କ୍ୟାଥଲିକ୍ ରାଷ୍ଟ୍ରମାନଙ୍କୁ ତାଙ୍କର ହୃତରାଜ୍ୟ ପୁନରୁଦ୍ଧାର କରିବାକୁ ଆହ୍ୱାନ ଦେଇଥିଲେ । ଏହା ନେଇ ଇଟାଲୀୟ ରାଜା ଏବଂ ପୋପ୍‌ଙ୍କ ମଧ୍ୟରେ ବିଶେଷ ଶତ୍ରୁତା ଆରମ୍ଭ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରେ ମୁହଁ ଦେଖାଦେଖି ବନ୍ଦ ହୋଇଯାଇଥିଲା ।

୭ ନବ୍ୟ ଇଟାଲୀର ଅଭ୍ୟୁତ୍ଥାନ···ନବଜୀବନର ଅପବ୍ୟବହାରରେ··· :
ସହସ୍ରାଧିକ ବର୍ଷର ବହୁଧାଖଣ୍ଡିତ, ବହିଃଶତ୍ରୁର ଆକ୍ରମଣରେ ଜର୍ଜରିତ, ବୈଦେଶିକ ଶକ୍ତିଗଣଙ୍କର ପଦାନତ ହୋଇ ରହିବା ପରେ ଊନବିଂଶ

ପୃଷ୍ଠା ପଙ୍କ୍ତି

ଶତାବ୍ଦୀର ମଧ୍ୟଭାଗରେ ଇଟାଲୀୟଗଣ ଯେଉଁ ସ୍ୱାଧୀନତା ଲାଭ କରିଥିଲେ, ତାହାର ସଦ୍‌ବ୍ୟବହାର ସେମାନେ ଆଦୌ କରିପାରିଲେ ନାହିଁ । କାଭୁର୍‌ଙ୍କ ଅକାଳ ମୃତ୍ୟୁ ପରେ ଦେଶର ଶାସନକ୍ଷମତା ଯେଉଁସବୁ ନେତାଙ୍କ ହାତରେ ପଡ଼ିଲା, ସେମାନେ ଦାରିଦ୍ର୍ୟପୀଡ଼ିତ ଦେଶବାସୀଙ୍କର ମଙ୍ଗଳସାଧନରେ ବ୍ୟାପୃତ ନ ରହି ବ୍ୟକ୍ତିଗତ ଓ ଦଳୀୟ ସ୍ୱାର୍ଥସଂରକ୍ଷଣରେ ଅଧିକତର ମନୋନିବେଶ କଲେ । ଦେଶବାସୀଙ୍କର ଦୃଷ୍ଟି ସେମାନଙ୍କର ଦୁର୍ନୀତି ଏବଂ ଦେଶର ଦୁରବସ୍ଥାରୁ ଅନ୍ୟତ୍ର ଆକର୍ଷଣ କରିବା ଉଦ୍ଦେଶ୍ୟରେ ସେମାନେ ବିଦେଶରେ ଇଟାଲୀୟ ସାମ୍ରାଜ୍ୟ-ସ୍ଥାପନର ସଂକଳ୍ପ କଲେ । ନାନା କାରଣରୁ ଉତ୍ତର ଆଫ୍ରିକାର ଦୁର୍ବଳରାଜ୍ୟଗୁଡ଼ିକ ପ୍ରତି ତାଙ୍କର ନଜର ପଡ଼ିଲା । ଏକ ସମୟରେ ରୋମକ ସାମ୍ରାଜ୍ୟ ଆଫ୍ରିକାରେ ବିସ୍ତୃତ ଥିଲା—ଏଣୁ ଏହି ବିଷୟରେ ଇଟାଲୀୟ ଜନସାଧାରଣଙ୍କର ସାହାଯ୍ୟ ମିଳିଗଲା । ଫ୍ରାନ୍‌ସ ସହିତ ମନୋମାଳିନ୍ୟ ଆରମ୍ଭ ହୋଇଗଲା, କାରଣ ଫ୍ରାନସ ମଧ୍ୟ ଆଫ୍ରିକାରେ ସାମ୍ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଥିଲା । ଏହି ସମୟରେ ଇଂଲଣ୍ଡ ମିଶରରେ ନିଜର ପ୍ରଭୁତ୍ୱ ସ୍ଥାପନ କରିଥିଲା ଏବଂ ଏଥିପାଇଁ ଫ୍ରାନ୍‌ସ ସହିତ କଳି କରି ମିଶରୀୟ ସୁଦାନର (The Sudan) ପ୍ରତି ଦୃଷ୍ଟିନିକ୍ଷେପ କରିଥିଲା । କିନ୍ତୁ ସୁଦାନରେ ଏହି ସମୟରେ 'ମେହେଦୀ' (The Mahdi = ପ୍ରେରିତ ପୁରୁଷ) ଅଭିହିତ ଜଣେ ଶକ୍ତିଶାଳୀ ପୁରୁଷଙ୍କର ଆବିର୍ଭାବ ହେବାରୁ କୌଣସି ସୁବିଧା ହୋଇନଥିଲା । ଏହି କାରଣରୁ ଇଂଲଣ୍ଡ ବନ୍ଧୁତ୍ୱର ଛଳନା କରି ଇଟାଲୀକୁ ଆଫ୍ରିକା ଆଡ଼େ ଅଗ୍ରସର ହେବାକୁ ପ୍ରରୋଚିତ କରିଥିଲା ।

ନିର୍ବୁଦ୍ଧି ବା ଦୁର୍ବୁଦ୍ଧି-ପ୍ରଣୋଦିତ ଇଟାଲୀୟ ସରକାର ସହଜରେ ଇଂଲଣ୍ଡ ପ୍ରମୁଖ ମହାନ୍ ଶକ୍ତିଗୁଡ଼ିକର (Great Powers) ରଚିତ ଫାନ୍ଦରେ ପଡ଼ିଗଲେ । ପ୍ରଧାନମନ୍ତ୍ରୀ କ୍ରିସ୍‌ପି (Crispi) strong man (ଶକ୍ତିଶାଳୀ ବ୍ୟକ୍ତି) ବୋଲି ପରିଚିତ ଥିଲେ ଏବଂ ନିଜର କ୍ଷମତା ବଜାୟ ରଖିବା ପାଇଁ ଯାହାକିଛି ପ୍ରୟୋଜନ ମନେ କରୁଥିଲେ, ତାହା କରିବାକୁ ପ୍ରସ୍ତୁତ ଥିଲେ । ସ୍ୱାର୍ଥବୁଦ୍ଧି-ପ୍ରଣୋଦିତ ଇଂଲଣ୍ଡ ଇଙ୍ଗିତ ଦେଲା—ସୁଦାନ-ସନ୍ନିହିତ ଇଥିଓପିଆ, ଆବିସିନିଆ ବା ହାବ୍‌ସିରାଜ୍ୟ ଆକ୍ରମଣ କରିବାକୁ । ଇଟାଲୀୟମାନେ ପ୍ରଥମେ କିଛି ସାଫଲ୍ୟ ହାସଲ କଲେ । ତା'ପରେ ଆସିଲା ହାବ୍‌ସିରାଜ ମେନେଲିକ୍‌ଙ୍କ ହସ୍ତରେ ଆଡ୍ରୋୟାର ଯୁଦ୍ଧରେ ଭୀଷଣ ପରାଜୟ (ଫେବୃଆରି, ୧୮୯୬) । ସେମାନଙ୍କର ସେନାବାହିନୀର ୧୪,୦୦୦ ସୈନ୍ୟଙ୍କ ମଧ୍ୟରୁ ୭,୬୦୦ ହତାହତ, ପ୍ରାୟ

ପୃଷ୍ଠା ପଙ୍‌କ୍ତି

୩,୦୦୦ ବନ୍ଦୀକୃତ, ଜଣେ ସେନାଧ୍ୟକ୍ଷ ବନ୍ଦୀକୃତ, ଦୁଇଜଣ ନିହତ ଏବଂ ଜଣେ ଆହତ ହୋଇଥିଲେ । କୃଷ୍ଣକାୟଗଣଙ୍କ ହାତରେ ଶ୍ୱେତାଙ୍ଗମାନଙ୍କର ଏତେବଡ଼ ପରାଜୟ ଇତିହାସରେ ଦ୍ୱିତୀୟ ଘଟି ନାହିଁ । ପୃଥିବୀରେ ଏବଂ ବିଶେଷ କରି ଶ୍ୱେତାଙ୍ଗମାନଙ୍କ କବଳିତ ଭାରତବର୍ଷ ପ୍ରମୁଖ ଦେଶଗୁଡ଼ିକରେ ଏହି ଘଟଣାର ପ୍ରଭାବ ପରିବ୍ୟାପ୍ତ ହେଲା । କ୍ରିସ୍‌ପି ପଦତ୍ୟାଗ କରିବାକୁ ବାଧ୍ୟ ହେଲେ ଏବଂ ତାଙ୍କ ସ୍ଥାନରେ ଅଭିଷିକ୍ତ ପ୍ରଧାନମନ୍ତ୍ରୀ ରୁଡିନି (Rudini) ଅଗତ୍ୟା ମେନେଲିକ୍‌ଙ୍କ ସହିତ ସନ୍ଧି କଲେ । କ୍ଷତିପୂରଣ ସ୍ୱରୂପ ମୋଟାଧରଣର ଅର୍ଥଦଣ୍ଡ ଦେବାକୁ ପଡ଼ିଲା ଏବଂ ଆବିସିନିଆଠାରୁ ପଛକୁ ହଟିଆସିବାକୁ ହେଲା ।

୧୧୬ ୫ ଲେଗ୍‌ଲଁ (L'aiglon = The Eagle) : ପ୍ରଥମ ନେପୋଲିଅନ୍ ୧୮୧୦ ଖ୍ରୀ:ରେ ଅଷ୍ଟ୍ରିଆର ରାଜକନ୍ୟା ମେରୀ ଲୁଇସୀଙ୍କୁ (୧୭୯୨-୧୮୪୭) ବିବାହ କରିଥିଲେ । ଏହି ବିବାହ ଫଳରେ ଜାତ ପୁତ୍ରଟିକୁ ଜନ୍ମମାତ୍ର (୧୮୧୧ ଖ୍ରୀ:) ଇଟାଲୀର ରାଜା ବୋଲି ଘୋଷଣା କରାଗଲା । ନେପୋଲିଅନଙ୍କ ପତନ ପରେ ମାତାମହ ଅଷ୍ଟ୍ରିଆ ରାଜ୍ୟର ସାନବ୍ରାନ୍ ପ୍ରାସାଦରେ ନିଜରବନ୍ଦୀ ରୂପେ ଜୀବନଯାପନ କରି ଏହି ପୁତ୍ର ୧୮୩୨ ଖ୍ରୀ:ରେ ଅକାଳରେ ଦେହତ୍ୟାଗ କଲେ । ଏହାଙ୍କର ନାମ ଦିଆହୋଇଥିଲା ଡ୍ୟୁକ୍ ଅଫ୍ ରାଇଖଷ୍ଟାଡ୍ । ଫରାସୀମାନେ ପୂର୍ବ ଗୌରବକୁ ସ୍ମରଣ କରି ଗରୁଡ଼-ଶାବକ (ଲେଗ୍‌ଲଁ) ନାମକରଣ କରିଥିଲେ ।

୧୦ ଚାଣକ୍ୟ ମେଟାର୍‌ନିକ୍ : ଚାଣକ୍ୟ ବା କୌଟିଲ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଗୁରୁ ଏବଂ ସର୍ବଜନ-ବିଦିତ ଅର୍ଥନୀତିଜ୍ଞ ଓ ରାଜନୀତିଜ୍ଞ । ଅଷ୍ଟ୍ରିଆର ପ୍ରଧାନମନ୍ତ୍ରୀ ମେଟାର୍‌ନିକ୍ (୧୭୭୩-୧୮୫୯) କୂଟନୀତି-ବିଶାରଦ ଥିଲେ । ଚାଣକ୍ୟଙ୍କ ସହିତ ତାଙ୍କର ତୁଳନା କରାଯାଇଛି ।

୧୨୭ ୨୧ ଏଲୁସି-ରହସ୍ୟ : ପ୍ରାଗ୍-ଐତିହାସିକ ଯୁଗରୁ ଗ୍ରୀସ୍‌ରେ ଏହି ଗୁପ୍ତଧର୍ମଚକ୍ର ପ୍ରଚଳିତ ଥିଲା । ଏହି ଅନୁଷ୍ଠାନରେ ଦେବୀ ଡେମିଟାର୍ ଓ ତାଙ୍କର କନ୍ୟା ପାର୍‌ସିଫୋନ୍‌ଙ୍କୁ (Persephone — ଶସ୍ୟ, ପୁଷ୍ପ ଓ ଉର୍ବରତାର ଦେବୀ) ତୁଷ୍ଟ କରାଯାଉଥିଲା । ଖ୍ରୀ:ପୂ: ୪୦୦ ଅବ୍ଦରେ ଏଥେନ୍‌ସରେ ଏହାକୁ ସରକାରୀ ଧର୍ମରେ ପରିଣତ କରାହେଲା । ହେମନ୍ତକାଳର ପ୍ରାରମ୍ଭରେ ହିଁ ୮।୯ ଦିନ ଉତ୍ସବ ହେଉଥିଲା । ୧୦୦ ଖ୍ରୀ: ପରେ ରୋମ୍‌ରେ ମଧ୍ୟ ଏହା ପ୍ରଚଳିତ ହୋଇଥିଲା ।

୨୩ Olympian Games : ବର୍ତ୍ତମାନ ଅଲିମ୍ପିକ୍ କ୍ରୀଡ଼ା-ପ୍ରତିଯୋଗିତା ପ୍ରତି ୪ ବର୍ଷ ଅନ୍ତରରେ ବିଭିନ୍ନ ଦେଶରେ ସଙ୍ଘଟିତ ହେଉଅଛି । ଯଦିଓ

ପୃଷ୍ଠା ପଙ୍‌କ୍ତି

୧୮୯୬ ଖ୍ରୀ:ରେ ପ୍ରଥମେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା, ତଥାପି ଗ୍ରୀସ୍ ଦେଶରେ ଏଲିସ୍‌ର ଅଲିମ୍ପିଆ ଉପତ୍ୟକାରେ ଅତିପ୍ରାଚୀନକାଳରୁ ପ୍ରତି ଚତୁର୍ଥ ବର୍ଷର ଜୁଲାଇ ମାସରେ ଜିଉସ୍ ଦେବତାଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡ଼ା-ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ହରକ୍ୟୁଲସ୍ ଏହି ପ୍ରତିଯୋଗିତା ଆରମ୍ଭ କରିଥିଲେ ବୋଲି କିମ୍ବଦନ୍ତୀ ଅଛି। କ୍ରୀଡ଼ାରେ ଜୟଲାଭ କଲେ ବିଜୟୀଙ୍କୁ କବିମାନଙ୍କ ଦ୍ୱାରା ରଚିତ ସଙ୍ଗୀତଦ୍ୱାରା ବନ୍ଦନା କରାଯାଉଥିଲା ଏବଂ ହରକ୍ୟୁଲସ୍‌ଙ୍କ ଦ୍ୱାରା ରୋପିତ ଅଲିଭ୍ ଗଛର ପତ୍ରଦ୍ୱାରା ମାଲାଭୂଷଣରେ ଶୋଭିତ କରାଯାଉଥିଲା। ଏହି କ୍ରୀଡ଼ା ୪୦୦ ଖ୍ରୀ: ବନ୍ଦ ହୋଇଯାଇଥିଲା। ଖ୍ରୀ: ପୂ: ୭୭୬ ଅବ୍ଦର ବହୁ ପରେ ଲିଖିତ ଏହି କ୍ରୀଡ଼ାର ଏକ ବିବରଣୀ ମିଳେ। ସୁତରାଂ ଏହି ବର୍ଷଟିକୁ ଆଖିରେ ରଖି ପ୍ରତି ଚାରିବର୍ଷ ଅନ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଛି। ଗ୍ରୀସ୍‌ରେ ଏହି କ୍ରୀଡ଼ା ପ୍ରାୟ ସହସ୍ରାଧିକ ବର୍ଷ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପୃଥିବୀର ପ୍ରାୟ ସମସ୍ତ ଦେଶ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛନ୍ତି।

## ପ୍ରାଚ୍ୟ ଓ ପାଶ୍ଚାତ୍ୟ

ଉଦ୍‌ବୋଧନ ପତ୍ରିକାର ଦ୍ୱିତୀୟ ଓ ତୃତୀୟ ବର୍ଷରେ (୧୩୦୬-୦୮) 'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ତୁଳନାତ୍ମକ ଆଲୋଚନାର ମଧ୍ୟଦେଇ ଏହି ଦୁଇଟି ଚିନ୍ତାଧାରାର ସମନ୍ୱୟ-ସାଧନ କରିବାର ସୁଚେଷ୍ଟା ସ୍ୱାମୀଜୀଙ୍କ ରଚନାବଳୀର ଏକ ପ୍ରଧାନ ସ୍ୱର। ସହଜ ଚଳିତ ଭାଷା ସାହାଯ୍ୟରେ ଏହି ଗ୍ରନ୍ଥରେ ସ୍ୱାମୀଜୀ ସେହି ଚିନ୍ତାଗୁଡ଼ିକୁ ସଂହତ ସାମଗ୍ରିକ ଆକାର ପ୍ରଦାନ କରିଛନ୍ତି। ତଥ୍ୟ-ବିଶ୍ଳେଷଣ ଓ ଭାଷାନୈପୁଣ୍ୟ ଦୃଷ୍ଟିରେ 'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ତଦାନୀନ୍ତନ ବଙ୍ଗଳା ଗଦ୍ୟ-ସାହିତ୍ୟରେ ଏକ ବିସ୍ମୟକର ସୃଷ୍ଟି।

୧୩୫ ୧ ଧର୍ମ ଓ ମୋକ୍ଷ : ମୀମାଂସକମାନଙ୍କ ମତରେ 'ଧର୍ମ' ଶବ୍ଦର ଅର୍ଥ ପୁଣ୍ୟ-କର୍ମ ଯାଗଯଜ୍ଞାଦି, ଯାହାଦ୍ୱାରା ଐହିକ ମଙ୍ଗଳ ଓ ପରଲୋକରେ ସ୍ୱର୍ଗପ୍ରାପ୍ତି ହୋଇଥାଏ। 'ମୋକ୍ଷ' ଶବ୍ଦର ଅର୍ଥ ସର୍ବବନ୍ଧନରୁ ମୁକ୍ତି ବା ଆତ୍ୟନ୍ତିକୀ ଦୁଃଖନିବୃତ୍ତି। ଏହା ହିଁ ବେଦାନ୍ତାଦି ଶାସ୍ତ୍ରଗୁଡ଼ିକର ମତ ଓ ଏହା ହିଁ ଚରମ ପୁରୁଷାର୍ଥ। ବ୍ରହ୍ମାବଗତ ନ ହେଲେ ଏହା ଲାଭ ହୁଏ ନାହିଁ। ଏଥିପାଇଁ ସକଳ ଐହିକଭୋଗ ପରିତ୍ୟାଗ କରିବାକୁ ହୁଏ।

୧୩୬ ୨୨ ସାମ-ଦାନ-ଭେଦ-ଦଣ୍ଡ : ମନୁସଂହିତା ପ୍ରଭୃତିରେ ଉଲ୍ଲିଖିତ ପ୍ରସିଦ୍ଧ ରାଜନୀତି—ରାଜାମାନଙ୍କର ଆଚରଣୀୟ ନୀତି।

୧୩୭ ୭-୭ ଆମ୍ନାୟସ୍ୟ କ୍ରିୟାର୍ଥତ୍ୱାତ୍-ଆନର୍ଥକ୍ୟମ୍ ଅତଦର୍ଥାନାମ୍ : ପୂର୍ବମୀମାଂସା-

ପୃଷ୍ଠା ପଙ୍କ୍ତି

ବାଦୀଗଣ କୁହନ୍ତି ଯେ, ଆମ୍ନାୟ ବା ବେଦର ଯେଉଁ ଅଂଶରେ କ୍ରିୟା ବା ଯଜ୍ଞାଦିର କଥା ଉଲ୍ଲିଖିତ ଅଛି, ତାହା ହିଁ ସତ୍ୟ । ଆଉ ଯେଉଁ ଯେଉଁ କ୍ଷେତ୍ରରେ ଏହା ନାହିଁ, ଯାହା କ୍ରିୟାର କଥା କୁହେ ନାହିଁ, ତାହା ଅନର୍ଥକ ବା ଅପ୍ରମାଣ । ଉପନିଷଦ୍‌ର 'ଅହଂ ବ୍ରହ୍ମାସ୍ମି' ବା 'ସୋଽହମ୍ ଅସ୍ମି' ପ୍ରଭୃତି ବାକ୍ୟଗୁଡ଼ିକ ମୀମାଂସକମାନଙ୍କ ମତରେ ନିରର୍ଥକ ।

(ଦ୍ରଷ୍ଟବ୍ୟ—ମୀମାଂସାଦର୍ଶନସୂତ୍ର, ୧।୨।୧)

୧୩୭ ୨୦ 'ମୁକ୍ତିକାମର ଭଲ' ଅନ୍ୟରୂପ, 'ଧର୍ମକାମର ଭଲ' ଆଉ ଗୋଟିଏ ପ୍ରକାର : ମୁକ୍ତିକାମ ବା ଜ୍ଞାନମାର୍ଗୀ ସକଳ ବନ୍ଧନରୁ ମୁକ୍ତ ହୋଇ ଆତ୍ମୋପଲବ୍ଧି କରିବାକୁ ଚାହାଁନ୍ତି । ଧର୍ମକାମ ଐହିକ ଓ ପାରତ୍ରିକ ଉଭୟ ପ୍ରକାର ସୁଖଲାଭ କରିବାକୁ ଇଚ୍ଛୁକ ।

୩୨ ସତ୍ତ୍ୱ, ରଜଃ ଓ ତମଃ : ଏହି ତିନୋଟି ଗୁଣର ବିଷୟ ଗୀତାର ୧୪ଶ ଅଧ୍ୟାୟରେ ବିସ୍ତାରିତ ଭାବରେ ଅଛି—

ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ॥ ୬ ॥
ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ॥ ୭ ॥
ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ॥ ୮ ॥

୧୩୮ ୧୬ ଧର୍ମ-ଅର୍ଥ-କାମ-ମୋକ୍ଷ : ଏହି ଚାରିଟି ପୁରୁଷାର୍ଥ ବୋଲି ଶାସ୍ତ୍ରରେ କଥିତ ଅଛି । ପୁରୁଷ ବା ଜୀବ କର୍ତ୍ତୃକ ବିଶେଷଭାବରେ ଈପ୍‌ସିତ ବା ପ୍ରାର୍ଥିତ ବୋଲି ଏଗୁଡ଼ିକ ପୁରୁଷାର୍ଥ । ସମସ୍ତ ପ୍ରାଣୀ ଏଥିମଧ୍ୟରୁ କୌଣସି ନା କୌଣସିଟିକୁ କାମନା କରନ୍ତି । 'କାମ' କେବଳ ନିଜର ସୁଖ ହିଁ ଚାହେଁ, ଅନ୍ୟର ସୁଖ ଚାହେଁ ନାହିଁ । 'ଅର୍ଥ' ଦ୍ୱାରା ଜୀବ ନିଜର ଏବଂ ଅନ୍ୟର ସୁଖ ଆକାଙ୍‌କ୍ଷା କରେ । 'ଧର୍ମ' ଅର୍ଥରେ ପାରତ୍ରିକ ବା ସ୍ୱର୍ଗାଦି ସୁଖ ବୁଝାଏ । ସର୍ବପ୍ରକାର ସୁଖ-ଦୁଃଖର ବନ୍ଧନରୁ ମୁକ୍ତିକୁ ହିଁ 'ମୋକ୍ଷ' କୁହାଯାଏ ।

୧୯ କୁମାରିଲ : କୁମାରିଲ ଭଟ୍ଟ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) ଶବର ସ୍ୱାମୀଙ୍କ ଲିଖିତ ଭାଷ୍ୟର ଟୀକା (ତନ୍ତ୍ରବାର୍ତ୍ତିକ)-ର ଲେଖକ ।

୧୩୯ ୨ 'ଜାତିଧର୍ମ' 'ସ୍ୱଧର୍ମ'···ଇତ୍ୟାଦି : ଜାତିଧର୍ମ ବା ସ୍ୱଧର୍ମ କଥା କହିବାକୁ ଯାଇ ସ୍ୱାମୀଜୀ ଗୀତାରେ କୁହାଯାଇଥିବା ସ୍ୱଧର୍ମର କଥା କହିଛନ୍ତି । ଗୀତାର ୧୮ଶ ଅଧ୍ୟାୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କର କର୍ମାଦି-ବିଭାଗ ପ୍ରଦର୍ଶନ କରାଯାଇଛି । (ଦ୍ରଷ୍ଟବ୍ୟ—ଗୀତା, ୧୮।୪୧-୪୭)

ପୃଷ୍ଠା ପଙ୍‌କ୍ତି

୧୪୧ ୨ ରାଜା ବଳପୂର୍ବକ···କରାଇଲେ : ଇଂଲଣ୍ଡରାଜ ପ୍ରଥମ ଚାର୍ଲସ ପ୍ରଜାମାନଙ୍କ ଉପରେ ଜୋର୍ କରି କରଭାର ଲଦିଦେଇ ଏବଂ ତାକୁ ଆଦାୟ କରିବାକୁ ଯାଇ ୧୬୪୨ ଖ୍ରୀ: ଅଗଷ୍ଟ ୨୨ରେ ଗୃହଯୁଦ୍ଧର ସୂତ୍ରପାତ କଲେ । ଏହାର ପରିଣାମ ୧୬୪୯ ଖ୍ରୀ: ଜାନୁଆରି ୩୦ରେ ଚାର୍ଲସଙ୍କର ଶିରଚ୍ଛେଦ ।

୧୪ ଜାହାଙ୍ଗୀର ଶାହାଜାହାନ୍ ··ହିନ୍ଦୁ : ଜାହାଙ୍ଗୀରଙ୍କର ମା ଅମ୍ବର-ରାଜ ବିହାରୀ ମଲ୍ଲଙ୍କ କନ୍ୟା ଯୋଧାବାଈ; ଦାରାସିକୋ ଓ ଆଉରଙ୍ଗଜେବଙ୍କର ମା ମମତାଜ ମହଲ ମୁସଲମାନ ।

୧୯ ୫୭ ସାଲର ହାଙ୍ଗାମା··· : ୧୮୫୭ ଖ୍ରୀ:ର ସିପାହୀ-ବିଦ୍ରୋହ । ଖ୍ରୀଷ୍ଟାନ୍ ପାଦ୍ରୀମାନେ ଯେ କେବଳ ସାଧାରଣ ଲୋକଙ୍କୁ ଛଳେ ବଳେ କୌଶଳେ ଧର୍ମାନ୍ତରିତ କରିବାକୁ ଚେଷ୍ଟା କରିଥିଲେ, ତାହା ନୁହେଁ, ସେମାନେ ଭାରତୀୟ ସୈନ୍ୟବାହିନୀ ଭିତରେ ମଧ୍ୟ ସେମାନଙ୍କର କାର୍ଯ୍ୟକଳାପ ପ୍ରସାରିତ କରିଥିଲେ । ଏତଦ୍‌ବ୍ୟତୀତ ହିନ୍ଦୁମାନଙ୍କର ଧର୍ମୀୟ ଓ ସାମାଜିକ ନାନାବିଧ ସଂସ୍କାରରେ ହସ୍ତକ୍ଷେପ କରିବା ପାଇଁ ସେମାନେ ବ୍ରିଟିଶ ସରକାରଙ୍କୁ ପ୍ରରୋଚିତ କରିଥିଲେ ।

୧୪୬ ୧୨ ରାଜତରଙ୍ଗିଣୀ : କଲ୍‌ହଣ-ଲିଖିତ କାଶ୍ମୀରର ଇତିହାସ ।

୨୧ Ionia (ଆୟୋନିଆ) : ଭୂମଧ୍ୟ-ସାଗରରେ ଅବସ୍ଥିତ ଗ୍ରୀସ୍ ଅନ୍ତର୍ଗତ ଦ୍ୱୀପ-ପୁଞ୍ଜ । ମହାରାଜ ଅଶୋକ ଗ୍ରୀକ୍ ରାଜାମାନଙ୍କ ନିକଟକୁ ବୌଦ୍ଧଧର୍ମ-ପ୍ରଚାରକମାନଙ୍କୁ ପଠାଇଥିଲେ; ସେହି ସୂତ୍ରରେ ଶିଳାଲେଖରେ 'ଯୋନ' ଜାତିର ଉଲ୍ଲେଖ ।

୧୪୮ ୨୮ ଯେତେବେଳେ ତୃତୀୟ ନେପୋଲିଅନ···ଅଜେନି : ଫରାସୀ ସମ୍ରାଟ ପ୍ରଥମ ନେପୋଲିଅନ୍‌ଙ୍କର ଭ୍ରାତୃଷ୍ପୁତ୍ର ଲୁଇ ନେପୋଲିଅନ୍, ୧୮୪୮ ଖ୍ରୀ: ଫରାସୀ ବିପ୍ଳବ ସମୟରେ ସ୍ଥାପିତ ଦ୍ୱିତୀୟ ରିପବ୍‌ଲିକର ପ୍ରେସିଡେଣ୍ଟ । ୧୮୫୨ ଖ୍ରୀ: 'ତୃତୀୟ ନେପୋଲିଅନ୍' ଉପାଧି ଧାରଣ କରି ସେ ଫ୍ରାନ୍‌ସର ସମ୍ରାଟ ହେଲେ ଓ ୧୮୭୦ ଖ୍ରୀ: ପର୍ଯ୍ୟନ୍ତ ଫରାସୀ ସାମ୍ରାଜ୍ୟର ସମ୍ରାଟ୍ ଥିଲେ । ୧୮୫୩ ଖ୍ରୀ:ରେ ଅଜେନି (Euge nie de Montijo)-ଙ୍କୁ ବିବାହ କରିଥିଲେ ।

୧୭୦ ୮ ମୁସଲମାନ ଆରବ ମିଶ୍ର···ଆଠ ଶତାବ୍ଦୀ ବ୍ୟାପୀ ରାଜତ୍ୱ କରିଥିଲେ : ୭୧୧ ଖ୍ରୀ:ରେ ମୁସଲମାନ ସେନାପତି ତାରିକ୍ ସ୍ପେନ ଜୟ କରିଥିଲେ । ମୁସଲମାନମାନେ ସେଠାରେ ୧୪୯୨ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

୧୭୧ ୧-୨ ଏହି ଫ୍ରାନ୍‌ସ ···ସଂଘର୍ଷଭୂମି : ଖ୍ରୀ:ପୂ: ୫୮-୫୧ ଅବ୍ଦରେ ଜୁଲିୟସ୍ ସିଜର ଗଲ୍‌ଦେଶ ଓ ସେଠାକାର ବହୁ ସ୍ୱାଧୀନ ଜାତିକୁ ରୋମ୍ ସାମ୍ରାଜ୍ୟର

ପୃଷ୍ଠା ପଙ୍କ୍ତି

ଅଧୀନକୁ ଆଣିଥିଲେ ଏବଂ ୪୦୦ ଖ୍ରୀ: ପର୍ଯ୍ୟନ୍ତ ରୋମ୍‌ରୁ ଗଲ୍ ଦେଶ ପର୍ଯ୍ୟନ୍ତ ଖ୍ରୀଷ୍ଟଧର୍ମ ବିସ୍ତାରଲାଭ କରିଥିଲା । ରୋମକ ସାମ୍ରାଜ୍ୟର ପତନ ସମୟରେ ବହୁ ବର୍ବରଜାତି ଗଲ୍ ଆକ୍ରମଣ କରିଥିଲେ । ତନ୍ମଧ୍ୟରେ ଫ୍ରାଁ ଜାତିର ନେତା କ୍ଲୋଭିସ (Clovis, ୪୬୬-୫୧୧) ସର୍ବପ୍ରଧାନ । ସେ ୪୮୬ ଖ୍ରୀ:ରେ 'ସଏସନ୍' ଯୁଦ୍ଧରେ ଗଲ୍ ଦେଶରୁ ରୋମ୍‌ର କ୍ଷମତାକୁ ଧ୍ୱଂସ କରି ଏକ ବୃହତ୍ ଫ୍ରାଁ ରାଜ୍ୟ ସ୍ଥାପନ କରିଥିଲେ । ଏହି ସମୟଠାରୁ ଗଲ୍ ଦେଶର ନାମ ହେଲା ଫ୍ରାନ୍ସ ।

୧୭୧ ୪ ଏମାନଙ୍କର ବାଦଶା ଶାର୍ଲମାଁଏନ୍ ··· : ମହାମତି ସମ୍ରାଟ ଚାର୍ଲସ (Charlemagne or Charles the Great)ନାମରେ ମଧ୍ୟ ପରିଚିତ । ୭୬୮ ଖ୍ରୀ:ରୁ ୮୧୪ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମଧ୍ୟଯୁଗର ୟୁରୋପୀୟ ନରପତିମାନଙ୍କ ମଧ୍ୟରେ ତାଙ୍କୁ ସର୍ବଶ୍ରେଷ୍ଠ ନରପତି ବୋଲି କୁହାଯାଏ । ଫ୍ରାଙ୍କ୍ ନାମକ ଜାତିର ରାଜା ହିସାବରେ ସେ ରାଜତ୍ୱ କରିଥିଲେ । ୭୯୭ ଖ୍ରୀ:ରେ ରୋମାନ୍ ସାମ୍ରାଜ୍ୟର ସମ୍ରାଟ୍-ପଦ ଖାଲି ପଡ଼ିବାରୁ ପୋପ୍ ୩ୟ ଲିଓଙ୍କ ଦ୍ୱାରା ୮୦୦ ଖ୍ରୀ:ରେ 'ପବିତ୍ର ରୋମାନ୍ ସମ୍ରାଟ' (Holy Roman Emperor) ଉପାଧିରେ ଭୂଷିତ ହୋଇଥିଲେ । ଗଲ୍ (ଫ୍ରାଙ୍କ), ଇଟାଲି ଏବଂ ସ୍ପେନ୍ ଓ ଜର୍ମାନୀର ବୃହତ୍ ଅଂଶ ଚାର୍ଲସଙ୍କର ସାମ୍ରାଜ୍ୟଭୁକ୍ତ ଥିଲା ଏବଂ ସେଠାରେ ସେ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ ।

୧୦ ଆଉ ଗୋଟାଏ ··ପ୍ରାଦୁର୍ଭାବ ହେଲା : ହଜରତ୍ ମହମ୍ମଦଙ୍କର (୫୭୦-୬୩୨) ନେତୃତ୍ୱରେ ଯାଯାବର ଆରବଜାତି ଇସଲାମ ଧର୍ମରେ ଦୀକ୍ଷିତ ହୋଇ ସଙ୍ଘବଦ୍ଧ ହେଲେ । ମାତ୍ର ଏକ ଶତାବ୍ଦୀ ମଧ୍ୟରେ ହିଁ ଏହି ଜାତି ଦୁର୍ଦ୍ଧର୍ଷ ହୋଇ ଉଠିଥିଲା ।

୧୧ ମହାବଳ ପାରସ୍ୟ··· ହେଲା : ୬୩୭ ଖ୍ରୀ:ରେ କାଦେସିୟା ଯୁଦ୍ଧରେ ଆରବମାନଙ୍କ ନିକଟରେ ପାରସ୍ୟ ପରାଜିତ ହେବାରୁ ପାରସ୍ୟ-ଭୂଭାଗ ଆରବମାନଙ୍କର କର୍ତ୍ତୃତ୍ୱାଧୀନକୁ ଆସିଥିଲା । ଏହି ସମୟରେ ଓମର୍ ଆରବମାନଙ୍କର ଖଲିଫା ଥିଲେ । ରୁସ୍ତମଙ୍କ ପରି ବୀର ପାରସ୍ୟବାହିନୀର ନେତୃତ୍ୱ ନେଇ ମଧ୍ୟ ପରାଜିତ ହେଲେ ।

୧୨ ପୂର୍ବ-ପଶ୍ଚିମ ··· ଆଘାତ କଲା : ୬ ୨ ଖ୍ରୀ:ରେ ଆରବଗଣ ମରକ୍କୋ ଜୟ କଲେ । ୭୧୧ ଖ୍ରୀ:ରେ ସେମାନେ ସେଠାରୁ ସ୍ପେନ୍‌ରେ ପ୍ରବେଶ କଲେ । ୭୩୨ ଖ୍ରୀ:ରେ ମୁସଲମାନ ମରକ୍କୋ-ଆରବଗଣ ଫ୍ରାନ୍ସରେ ପ୍ରବେଶ କଲେ; କିନ୍ତୁ ସେମାନେ ତୁର(Tours) ପର୍ଯ୍ୟନ୍ତ ଅଗ୍ରସର ହେବାରୁ ଚାର୍ଲସ ମାର୍ଟେଲ ତୁର୍ ଯୁଦ୍ଧରେ ଆରବମାନଙ୍କୁ ଶୋଚନୀୟ ଭାବରେ ପରାଜିତ

ପୃଷ୍ଠା ପଙ୍‌କ୍ତି

କରି ପୀରାନିଜ୍ ପର୍ବତମାଳାର ଅପର ପାର୍ଶ୍ୱକୁ ହଟି ଆସିବାକୁ ବାଧ୍ୟ କଲେ । ୟୁରୋପର ପୂର୍ବଭାଗରେ ଏସିଆର ଉରାଲ୍ ପର୍ବତମାଳାର ପାଦଦେଶରେ ହିଁ ଆରବ ରାଜତ୍ୱ ସୀମାବଦ୍ଧ ଥିଲା । ଅନବରତ ସଂଘର୍ଷ ଚାଲିଥିଲା । ୧୦୯୬ ଖ୍ରୀ:ଠାରୁ ୧୨୯୧ ଖ୍ରୀ: ପର୍ଯ୍ୟନ୍ତ କ୍ରୁସେଡ୍ । ୧୪୫୩ ଖ୍ରୀ:ରେ ସେଲଜୁକ୍ ତୁର୍କଜାତି କନଷ୍ଟାଣ୍ଟିନୋପଲ ଦଖଲ କରି ସମସ୍ତ ଦାନ୍ୟୁବ ଉପତ୍ୟକା ଆତ୍ମସାତ୍ କରିଥିଲେ । ସେମାନେ ହଙ୍ଗେରୀରେ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ଜନ ହୁନିୟାଡି ନାମକ ହଙ୍ଗେରୀ-ବୀର ସେମାନଙ୍କୁ ବାଧା ଦେଲେ ଏବଂ ୧୪୫୬ ଖ୍ରୀ:ରେ ତୁର୍କୀମାନଙ୍କୁ ବେଲଗ୍ରେଡ୍ ତ୍ୟାଗ କରିବାକୁ ବାଧ୍ୟ କଲେ ।

୨୨ ରେନେସାଁ : କ୍ରୁସେଡ୍ (Crusade) ବା ଧର୍ମଯୁଦ୍ଧ ମାଧ୍ୟମରେ ଖ୍ରୀଷ୍ଟାନ ଜାତିମାନଙ୍କ ସହିତ ମୁସଲମାନମାନଙ୍କ ସଂସର୍ଗ ଫଳରେ ୟୁରୋପରେ ଦର୍ଶନ-ବିଜ୍ଞାନର ଆଲୋକ ବିସ୍ତୃତ ହେବାକୁ ଲାଗିଲା ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ବା ଏହାର କିଛି ପୂର୍ବରୁ । ପରେ ୧୪୫୩ ଖ୍ରୀ:ରେ ତୁର୍କ ଜାତି କନଷ୍ଟାଣ୍ଟିନୋପଲ ଦଖଲ କରିବାରୁ ସେଠାରୁ ବଡ଼ ବଡ଼ ପଣ୍ଡିତଗଣ ଇଟାଲି ଯାଇ ବସବାସ କରିବାକୁ ଲାଗିଲେ । ଏହାଫଳରେ ପ୍ରାଚୀନ ଗ୍ରୀକ୍ ଓ ରୋମକ ସଭ୍ୟତାର ଆଲୋକ ୟୁରୋପରେ ବ୍ୟାପ୍ତ ହୋଇ ପଡ଼ିଲା । ମଧ୍ୟଯୁଗରେ ଏହି ଦୁଇଟି ପ୍ରାଚୀନ ସଭ୍ୟତାର କଥା ୟୁରୋପୀୟ-ମାନେ ପ୍ରାୟ ବିସ୍ମୃତ ହୋଇଯାଇଥିଲେ । ରେନେସାଁ ସମୟରୁ ଆଧୁନିକ ଯୁଗର ଆରମ୍ଭ ହେଲା ଏବଂ ୟୁରୋପର ସାହିତ୍ୟ, ସ୍ଥାପତ୍ୟ, ଚିତ୍ରକଳା ପ୍ରଭୃତିର ପୁନରୁଜ୍ଜୀବନ ହେଲା ।

୧୭୨ ୨୭ ସ୍କଟରାଜ ଇଂଲଣ୍ଡର ରାଜା ହେଲେ : ୧୬୦୩ ଖ୍ରୀ:ରେ ରାଣୀ ପ୍ରଥମ ଏଲିଜାବେଥ୍‌ଙ୍କ ମୃତ୍ୟୁପରେ ସ୍କଟଲାଣ୍ଡର ରାଜା ଷଷ୍ଠ ଜେମ୍ସ 'ପ୍ରଥମ ଜେମ୍ସ' ନାମ ଧାରଣକରି ଇଂଲଣ୍ଡର ରାଜା ହେଲେ । ଏହା ହିଁ ଷ୍ଟୁଆର୍ଟ ରାଜବଂଶ । ଷ୍ଟୁଆର୍ଟ ରାଜାମାନେ ୧୭୧୪ ଖ୍ରୀ: ପର୍ଯ୍ୟନ୍ତ ଇଂଲଣ୍ଡ ଶାସନ କଲେ । 'ରୟାଲ୍ ସୋସାଇଟି'ର ସୃଷ୍ଟି ହେଲା ୧୬୬୨ ଖ୍ରୀ:ରେ ରାଜା ଦ୍ୱିତୀୟ ଚାର୍ଲସଙ୍କ ଅମଳରେ ।

୧୭୩ ୨ ଏଗାଲିତେ… ଫ୍ରାତେର୍ନିତେ : ଫରାସୀ ବିପ୍ଳବର ମୂଳମନ୍ତ୍ର—egalite, liberte, fraternite—ସାମ୍ୟ, ମୈତ୍ରୀ, ସ୍ୱାଧୀନତା ।

୧୭୫ ୨୩ ଫରାସୀ ବିପ୍ଳବ : ୧୭୮୯ ଖ୍ରୀ:ରେ ଆରବ୍ଧ ଏହି ବିପ୍ଳବ ପ୍ରଥମେ ସାମନ୍ତତାନ୍ତ୍ରିକ ସମାଜ-ବ୍ୟବସ୍ଥାର ବିରୋଧରେ ଥିଲା, ପରେ ରାଜକୀୟ ସ୍ୱେଚ୍ଛାଚାରିତାର ବିରୋଧରେ ଏହାର ଗତି ପ୍ରବାହିତ ହେଲା । ଉନବିଂଶ

ଶତାବ୍ଦୀର ମଧ୍ୟକାଳ ପର୍ଯ୍ୟନ୍ତ ପଶ୍ଚିମ ୟୁରୋପର ଦେଶଗୁଡ଼ିକରେ ଫରାସୀ ବିପ୍ଲବର ପ୍ରଭାବ ଖୁବ୍ ପ୍ରବଳ ଥିଲା ।

୧୭୭ ୧୨ ପ୍ରଥମ ନେପୋଲିଅନ୍··· : ଇତିହାସପ୍ରସିଦ୍ଧ ନେପୋଲିଅନ୍ ବୋନାପାର୍ଟ ।

୧୪ ପ୍ରାଚୀନ ଦୁର୍ଗ ବାସ୍ତିଲ (Bastille) : କାରାଗାରରେ ରୂପାନ୍ତରିତ ଫରାସୀ ଦୁର୍ଗ । ଫରାସୀ ବିପ୍ଲବ ସମୟରେ ୧୭୮୯ ଖ୍ରୀ: ଜୁଲାଇ ୧୪ ତାରିଖ ଦିନ ଏକ କ୍ଷୁବ୍ଧ ଜନତା ଏହି ଦୁର୍ଗ ଆକ୍ରମଣ କଲେ । ଆଜି ମଧ୍ୟ ୧୪ ଜୁଲାଇ ଫରାସୀ ଦେଶର ଜାତୀୟ ଦିବସ ରୂପେ ପାଳିତ ହୁଏ ।

୨୭ ରାଜା ପଳାଇ ଯାଉଥିଲେ··· : ଫରାସୀ ରାଜା ଷୋଡ଼ଶ ଲୁଇ (Louis XVI) ଆତ୍ମରକ୍ଷା ନିମିତ୍ତ ଦେଶତ୍ୟାଗ ସମୟରେ ୧୭୯୧ ଖ୍ରୀ: ଜୁନ ୨୧ରେ ଭ୍ୟାରେନେସ୍ ନାମକ ସ୍ଥାନରେ ଧରା ପଡ଼ିଥିଲେ ।

ରାଜାଙ୍କର ଶ୍ୱଶୁର··· : ଏହି ସମୟରେ ଅଷ୍ଟ୍ରିଆର ସମ୍ରାଟ ଥିଲେ ଲିଓ ପୋଲ୍ଡ । ସେ ଷୋଡ଼ଶ ଲୁଇଙ୍କର ସ୍ତ୍ରୀ ମେରି ଏଣ୍ଟୋଇନେଟ୍ଙ୍କ ଭାଇ—ତାଙ୍କର ପିତା ନୁହନ୍ତି ।

୧୭୭ ୧୯ ଭାଗ୍ୟଲକ୍ଷ୍ମୀ ରାଣୀ ଜୋସେଫିନ୍ଙ୍କୁ··· : ନେପୋଲିଅନ୍ ୧୮୦୯ ଖ୍ରୀ:ରେ ଜୋସେଫିନ୍ଙ୍କୁ ପରିତ୍ୟାଗ କରି ୧୮୧୦ ଖ୍ରୀ:ରେ ଅଷ୍ଟ୍ରିଆର ରାଜକନ୍ୟା ମେରି ଲୁଇସ୍ଙ୍କୁ ବିବାହ କରିଥିଲେ । ୧୮୧୨ ଖ୍ରୀ:ରେ ରୁଷଦେଶ ଜୟ କରିବାକୁ ଯାଇ ନେପୋଲିଅନ୍ଙ୍କର ବିଖ୍ୟାତ 'ଗ୍ରାଣ୍ଡ ଆର୍ମି' ଧ୍ୱଂସପ୍ରାପ୍ତ ହେଲା ଏବଂ ତା'ପରଠାରୁ ତାଙ୍କର ପତନ ଆରମ୍ଭ ହେଲା ।

୨୩ ପୁରୁଣା ରାଜାଙ୍କ ବଂଶର ଜଣକୁ··· : ବୁର୍ବୋଁବଂଶୀୟ ଅଷ୍ଟାଦଶ ଲୁଇଙ୍କୁ ।

୧୭୮ ୨ ଜର୍ମାନ୍ ଯୁଦ୍ଧରେ··· : ୧୮୭୦ ଖ୍ରୀ:ରେ ଏହି ଯୁଦ୍ଧକୁ ଫ୍ରାଙ୍କୋ-ପ୍ରୁସିଆନ୍ ଯୁଦ୍ଧ (Franco Prussian War) କୁହାଯାଏ । ଏହି ଯୁଦ୍ଧ ଫଳରେ ଜର୍ମାନ୍ ସାମ୍ରାଜ୍ୟର ପ୍ରତିଷ୍ଠା ହେଲା ଏବଂ ଫ୍ରାନ୍ସରେ ପ୍ରଜାତନ୍ତ୍ର ଫେରି ଆସିଲା ।

୧୮୪ ୧୨ ସେଲ୍ଜୁକ୍ ତାତାର··· : ସେଲଜୁକ୍ (Seljuk) ନାମକ ତୁର୍କୀଜାତି (୧୦୩୭-୧୩୦୦ ଖ୍ରୀ:) ଆଫଗାନିସ୍ଥାନଠାରୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ଭୂଭାଗ ଶାସନ କରୁଥିଲେ ।

୨୪ କୁତବୁଦ୍ଦିନଠାରୁ···ସେହି ଜାତି : ଏକମାତ୍ର 'ଲୋଦି'ରାଜବଂଶ (୧୪୫୧-୧୫୨୬ ଖ୍ରୀ:) ଏହାର ବ୍ୟତିକ୍ରମ; ଏମାନେ ଜାତିରେ ଆଫଗାନ ଥିଲେ ।

୧୮୫ ୧୭ ରିଚାର୍ଡ : ପ୍ରଥମ ରିଚାର୍ଡ (Richard Coeur de Lion) ୧୧୮୯-୧୧୯୯ ଖ୍ରୀ: ପର୍ଯ୍ୟନ୍ତ ଇଂଲଣ୍ଡର ରାଜା ଥିଲେ । ସେ ମୁସଲମାନମାନଙ୍କ ବିରୋଧରେ ତୃତୀୟ ଧର୍ମଯୁଦ୍ଧରେ (କ୍ରୁସେଡ୍‌ରେ) ଯୋଗଦାନ କରିଥିଲେ (୧୧୮୯-୯୨), କିନ୍ତୁ ବିଶେଷ ସାଫଲ୍ୟ ଅର୍ଜନ କରିପାରି ନ ଥିଲେ ।

ପୃଷ୍ଠା ପଙ୍‌କ୍ତି

୧୮୫ ୨୨ ମୁର୍ ନାମକ···ୟୁରୋପରେ ପ୍ରଥମ ଯୁନିଭର୍ସିଟି··· : ଦଶମ ଶତାବ୍ଦୀରେ ସ୍ପେନ୍‌ର ସୁଲତାନ୍ ଦ୍ୱିତୀୟ ହାକମ୍ କର୍ଡୋଭା (Cordova)ରେ ପ୍ରଥମ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ସେତେବେଳେ ଏହି ବିଶ୍ୱବିଦ୍ୟାଳୟ ବିଶ୍ୱବିଖ୍ୟାତ ଥିଲା ।

୧୮୯ ୨ Stanley (ଷ୍ଟାନ୍‌ଲି) : (୧୮୪୧-୧୯୦୪) ଆଫ୍ରିକାର କଙ୍ଗୋ ନଦୀର ବିଖ୍ୟାତ ଆବିଷ୍କାରକ । ଅସଲ ନାମ ଜନ୍ ରୋଲାଣ୍ଡସ୍, ଓ୍ୱେଲ୍‌ସରେ ଜନ୍ମ; ଆମେରିକାକୁ ଯାଇ ପାଳକ ପିତାଙ୍କର ଉପାଧି ଗ୍ରହଣ କରିଥିଲେ ।

୧୩ ଯେତେବେଳେ Constantineର ତରବାରି··· : ରୋମାନ୍ ସମ୍ରାଟ୍ କନଷ୍ଟାଣ୍ଟାଇନ୍ ଖ୍ରୀଷ୍ଟଧର୍ମକୁ ତାଙ୍କ ରାଜ୍ୟ ମଧ୍ୟରେ ସ୍ୱୀକୃତ ପ୍ରଦାନ କଲେ ଆଣ୍ଟିଓଖ୍‌ଠାରେ ଗୋଟିଏ ଯୁଦ୍ଧରେ ଜୟଲାଭ କରିବା ପରେ (୨୧୩ ଖ୍ରୀ:) । କିନ୍ତୁ ପ୍ରାଚୀନ ରୋମାନ୍‌ମାନଙ୍କର ବହୁ ଦେବଦେବୀ-ପୂଜାର ଧାରା (Paganism) ଏହାର ପରେ ମଧ୍ୟ ବହୁଦିନ ଧରି ଚାଲିଥିଲା । ଯେଉଁମାନେ ଏହି ପ୍ରାଚୀନ ପଦ୍ଧତିରେ ପୂଜା କରୁଥିଲେ, ଖ୍ରୀଷ୍ଟାନ୍‌ମାନେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ, ଏପରିକି ସେମାନଙ୍କର ସ୍ତ୍ରୀଲୋକମାନଙ୍କୁ ଅପମାନନା କରିବାକୁ ଛାଡ଼ୁ ନ ଥିଲେ । (ହାଇପେଶିଆ 'ବିଦୁଷୀନାରୀ' ପ୍ରସଙ୍ଗ ଦ୍ରଷ୍ଟବ୍ୟ—୧ମ ଖଣ୍ଡର ପୃଷ୍ଠା ୮୨)

୧୫ ଯେଉଁ ୟୁରୋପୀୟ ପଣ୍ଡିତ ପ୍ରଥମ ପ୍ରମାଣ କରନ୍ତି ଯେ··· : ପୋଲାଣ୍ଡର ବୈଜ୍ଞାନିକ ନିକୋଲାସ୍ କୋପର୍ନିକସ୍ (୧୪୭୩-୧୫୪୩), ସେ ପାଦ୍ରୀ ହେବା ସତ୍ତ୍ୱେ ଚର୍ଚ୍ଚ ତାଙ୍କୁ ଶାସ୍ତି ଦେଇଥିଲା ।

୧୯୦ ୬ 'ପାସ୍ତେର' (Pasteur) ଏବଂ 'କକ୍' (Koch) : ଫରାସୀ ବୈଜ୍ଞାନିକ ଲୁଇ ପାସ୍ତେର୍ (୧୮୨୨-୧୮୯୫) ଜଳାତଙ୍କ (hydrophobia) ରୋଗର ଟୀକା ଆବିଷ୍କାରକ । କକ୍ (Robert Koch, ୧୮୪୩-୧୯୧୦) ଜର୍ମାନ୍ ଜୀବାଣୁତତ୍ତ୍ୱବିଦ୍ ।

୧୯୧ ୨୧ ସେମାନଙ୍କ ପରି···ଜଗନ୍ନାଥଙ୍କଠାରେ ବି ତାହା ମାଲୁମ : ଭାରତୀୟ ଭାସ୍କର୍ଯ୍ୟ ଓ ଚାରୁଶିଳ୍ପ ସମ୍ବନ୍ଧରେ ସ୍ୱାମୀଜୀଙ୍କର ରଚନାବଳୀରେ ଅନ୍ୟତ୍ର ଯେପରି ଶ୍ରଦ୍ଧା ପ୍ରକାଶ ପାଇଛି, ସେହି ଦୃଷ୍ଟିରୁ ଏହି ମନ୍ତବ୍ୟ ପରିହାସ ଛଳରେ କରାଯାଇଛି ବୋଲି ମନେହୁଏ ।

## ସନାତନ ଭାରତବର୍ଷ

'ଉଦ୍‌ବୋଧନ' ପତ୍ରିକାର ପ୍ରଥମବର୍ଷର (୧୩୦୫-୦୬) ୬, ୭, ୮, ୧୦, ୧୧ ସଂଖ୍ୟାରେ ଏବଂ ଦ୍ୱିତୀୟ ବର୍ଷର (୧୩୦୬-୦୭) ୨,୮ ସଂଖ୍ୟାରେ 'ବର୍ତ୍ତମାନ ଭାରତ'ନାମରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଭାରତବର୍ଷର ଇତିହାସ-ବିଶ୍ଳେଷଣରେ

ସ୍ୱାମୀଜୀଙ୍କର ମୌଳିକ ଦୃଷ୍ଟିଭଙ୍ଗୀର ପରିଚୟସ୍ୱରୂପେ ଏହି ଗ୍ରନ୍ଥ ଚିନ୍ତାଜଗତରେ ଉଚ୍ଚ ସ୍ଥାନର ଅଧିକାରୀ । ସାଧୁଭାଷାର ସହିତ ଓଜସ୍ୱୀ ପ୍ରକାଶରୂପେ ଏ ଗ୍ରନ୍ଥର ଗଦ୍ୟରୀତି ଲକ୍ଷଣୀୟ ।

ପୃଷ୍ଠା ପଙ୍କ୍ତି

୯୯ ୪ ରାଜା ସୋମ ପୁରୋହିତଙ୍କର ଉପାସ୍ୟ :

ସୋମଂ ରାଜାନଂ ଅବସେ ଅଗ୍ନିଂ ଗୀର୍ଭିର୍ହବାମହେ
ଆଦିତ୍ୟାନ୍ ବିଷ୍ଣୁଂ ବ୍ରହ୍ମାଣଞ୍ଚ ବୃହସ୍ପତିମ୍ । ଋଗ୍‌ବେଦ, ୧୦।୧୪୧।୩
ସୋମୋ ରାଜା ପ୍ରଥମୋ ବ୍ରହ୍ମଜାୟାଂ
ପୁନଃ ପ୍ରାୟଚ୍ଛଦହୃଣୀୟମାନଃ··· । ତତ୍ରୈବ, ୧୦।୧୦୯।୨

୧୪ ମହାସତ୍ରାନୁଷ୍ଠାୟୀ : ସତ୍ର—ଅନ୍ୟୂନ ଦ୍ୱାଦଶଦିନବ୍ୟାପୀ ଯଜ୍ଞ । ଯେପରି ସମ୍ବତ୍ସରବ୍ୟାପୀ ସତ୍ର ଗବାମୟନ । ଗବାମୟନ ୩୬୧ ଦିନ ବିଭିନ୍ନ ହୋମ-ଯଜ୍ଞାଦିଦ୍ୱାରା ନିଷ୍ପନ୍ନ ।

୨୧ ବୈଶ୍ୟମାନେ··· : ରାଜାଙ୍କ ଭୋଗ ପ୍ରତି ବୈଶ୍ୟ ସହାୟକ ମାତ୍ର, କିନ୍ତୁ ଅନ୍ନାଦି ଭଲ ଭୋଜ୍ୟ ନୁହେଁ ।

୨୦୦ ୧୨ ଆମେରିକାର ଶାସନ-ପଦ୍ଧତି-ପତ୍ରରେ··· : ଆମେରିକାରେ ଅବସ୍ଥିତ ଇଂଲଣ୍ଡର ଉପନିବେଶଗୁଡ଼ିକ ବିଦ୍ରୋହୀ ହୋଇ ଇଂଲଣ୍ଡର ସାର୍ବଭୌମ କ୍ଷମତାକୁ ଅସ୍ୱୀକାର କରି ସ୍ୱାଧୀନ ଯୁକ୍ତରାଷ୍ଟ୍ର ଗଠନ କରିଥିଲେ । ସେହି ସ୍ୱାଧୀନତା ଲାଭ ସମୟରେ (୧୭୮୩ ଖ୍ରୀ:) ଆମେରିକାର ପ୍ରଥମ ପ୍ରେସିଡେଣ୍ଟ ଜର୍ଜ ୱାସିଂଟନ୍ ପ୍ରମୁଖ ଆମେରିକାର ନେତୃବୃନ୍ଦ କର୍ତ୍ତୃକ ଘୋଷିତ 'ସ୍ୱାଧୀନତା-ପତ୍ର' (Charter of Liberty) ସମ୍ପର୍କରେ ଏହି କଥାର ଉଲ୍ଲେଖ ଅଛି ।

୧୫ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନତନ୍ତ୍ର··· : ବୁଦ୍ଧଦେବଙ୍କ ଆବିର୍ଭାବର ପ୍ରାକ୍‌କାଳରେ ଭାରତବର୍ଷରେ ଷୋଡ଼ଶ ମହାଜନପଦର ଉଲ୍ଲେଖ ମିଳେ । ଏହି ରାଷ୍ଟ୍ର-ଗୁଡ଼ିକ ଗଣତନ୍ତ୍ରଶାସିତ ରାଜ୍ୟ ଥିଲା । ଗ୍ରୀକ୍ ଲେଖକମାନଙ୍କର ରଚନାରୁ ଜଣାଯାଏ ଯେ, ଆଲେକ୍‌ଜାଣ୍ଡରଙ୍କ ଆକ୍ରମଣ ସମୟରେ ପଞ୍ଜାବ ଅଞ୍ଚଳରେ ବହୁ ସାଧାରଣତନ୍ତ୍ର-ଶାସିତ ରାଷ୍ଟ୍ର ଥିଲା ।

୧୭ ପ୍ରକୃତିଦ୍ୱାରା ଅନୁମୋଦିତ···ଗ୍ରାମପଞ୍ଚାୟତରେ ବିଦ୍ୟମାନ ଥିଲା : ମୌର୍ଯ୍ୟଶାସନ-ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ଅନେକ ରାଜକର୍ମଚାରୀଙ୍କ ସମ୍ପର୍କରେ ଏକଥା ବୁଝାଯାଏ ଯେ, ସେମାନେ ଶାସନକାର୍ଯ୍ୟରେ ଅଂଶ ଗ୍ରହଣ କଲେ ମଧ୍ୟ ବେତନଭୋଗୀ କର୍ମଚାରୀ ନ ଥିଲେ । ଗ୍ରାମ୍ୟ ମୁଖ୍ୟ ଅନେକ ସମୟରେ ଶାସନ-କାର୍ଯ୍ୟରେ ଅଂଶ ଗ୍ରହଣ କରୁଥିଲେ । ଦକ୍ଷିଣ ଭାରତରେ ଚୋଳ ରାଜତ୍ୱ କାଳରେ ଗ୍ରାମପଞ୍ଚାୟତ ଶାସନ-ବ୍ୟବସ୍ଥା

ପୃଷ୍ଠା ପଙ୍କ୍ତି

ଅତ୍ୟନ୍ତ ଉନ୍ନତ ଓ ସୁପରିକଳ୍ପିତ ଥିଲା ।

୨୦୧ ୧୨ ସମ୍ରାଟ ଚନ୍ଦ୍ରଗୁପ୍ତ : ମୌର୍ଯ୍ୟବଂଶୀୟ ସମ୍ରାଟ । ପଶ୍ଚିମରେ କାବୁଲ କାନ୍ଦାହାରଠାରୁ ଆରମ୍ଭ କରି ପୂର୍ବରେ ବିହାର (ବଙ୍ଗର କେତେକାଂଶ ସମ୍ଭବତଃ ଅନ୍ତର୍ଭୁକ୍ତ କରାଯାଇଥିଲା), ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଏବଂ ପୂର୍ବ ଓ ପଶ୍ଚିମରେ ସମୁଦ୍ର-ବିଧୌତ ପ୍ରାନ୍ତ ସମଗ୍ର ଭାରତବର୍ଷର ଅଧିପତି ଥିଲେ ଚନ୍ଦ୍ରଗୁପ୍ତ । ତାଙ୍କ ପୂର୍ବରୁ ସମଗ୍ର ଭାରତବର୍ଷରେ ଏହିପରି ରାଷ୍ଟ୍ରୀୟ ଐକ୍ୟ-ପ୍ରତିଷ୍ଠାର କୌଣସି ଉଲ୍ଲେଖ ଇତିହାସରେ ମିଳେ ନାହିଁ ।

୨୦୩ ୧୪ କୁମାରିଲ ଭଟ୍ଟ : ପୂର୍ବମୀମାଂସାବାଦୀ ତତ୍କାଳୀନ ଶ୍ରେଷ୍ଠ ପଣ୍ଡିତ । କଥିତ ଅଛି, ସେ ବୌଦ୍ଧମତକୁ ଖଣ୍ଡନ କରିବା ପାଇଁ ଛଦ୍ମବେଶରେ ବୌଦ୍ଧ ଗୁରୁଙ୍କ ନିକଟରେ ସମସ୍ତ ବୌଦ୍ଧଶାସ୍ତ୍ର ଅଧ୍ୟୟନ କରି ମୀମାଂସାବାଦର ଶ୍ରେଷ୍ଠତ୍ୱ ପ୍ରମାଣ କରିବା ନିମିତ୍ତ ତାଙ୍କର ଗୁରୁଙ୍କୁ ତର୍କଯୁଦ୍ଧକୁ ଆହ୍ୱାନ କରିଥିଲେ ଏବଂ ଏଥିରେ ଯେ ପରାଜିତ ହେବେ ତାଙ୍କୁ ମୃତ୍ୟୁବରଣ କରିବାକୁ ହେବ—ଏହିପରି ସର୍ତ୍ତ ଆରୋପ କରିଥିଲେ । ବୌଦ୍ଧଗୁରୁ ପରାଜିତ ହୋଇ ମୃତ୍ୟୁବରଣ କରିଥିଲେ । ଏହାର ପ୍ରାୟଶ୍ଚିତ୍ତସ୍ୱରୂପ କୁମାରିଲ ନିଜକୁ ତୁଷାନଳରେ ଦଗ୍ଧ କରିଥିଲେ । କଥିତ ଅଛି, ଏହି ଅବସ୍ଥାରେ ହିଁ ଆଚାର୍ଯ୍ୟ ଶଙ୍କରଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା ଏବଂ ତାଙ୍କର ପରାମର୍ଶରେ ହିଁ ତାଙ୍କର (କୁମାରିଲଙ୍କର) ଶ୍ରେଷ୍ଠ ଶିଷ୍ୟ ମଣ୍ଡନ ମିଶ୍ରଙ୍କୁ ଶଙ୍କର ଶାସ୍ତ୍ରୀୟ ବିଚାର ନିମିତ୍ତ ଆହ୍ୱାନ କରିଥିଲେ ଏବଂ ବିଚାରରେ ପରାଜିତ କରି ଶିଷ୍ୟରୂପେ ସନ୍ନ୍ୟାସୀ-ସଙ୍ଘରେ ଗ୍ରହଣ କରିଥିଲେ ।

ରାମାନୁଜ : ବେଦାନ୍ତର ବିଶିଷ୍ଟାଦ୍ୱୈତବାଦର ପ୍ରଧାନ ଆଚାର୍ଯ୍ୟ, ଏକାଦଶ ଶତାବ୍ଦୀରେ ଦାକ୍ଷିଣାତ୍ୟରେ ପେରେମବଦୁର୍ ଗ୍ରାମରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କ ମତରେ ବ୍ରହ୍ମ—ଜୀବ (ଚେତନ), ଜଗତ୍ (ଅଚେତନ ପଦାର୍ଥ) ଓ ଈଶ୍ୱର—ଏହି ତିନିଟି ରୂପରେ ଅଭିବ୍ୟକ୍ତ । ଜୀବ ସାଧନାଦି ଦ୍ୱାରା ଈଶ୍ୱରଙ୍କର ସାନ୍ନିଧ୍ୟ ଲାଭ କରିପାରେ; ଏହା ହିଁ ମୁକ୍ତି । ରାମାନୁଜଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ ଅଛି ଯେ, ତାଙ୍କ ଗୁରୁଙ୍କ ନିକଟରୁ ମନ୍ତ୍ରଲାଭ କରି ଗୁରୁଙ୍କର ବିଶେଷ ନିଷେଧ ସତ୍ତ୍ୱେ, ଅନନ୍ତ ନରକବାସ ହେବ ଜାଣି ମଧ୍ୟ ସେ ଏହି ମନ୍ତ୍ର ଆପାମର ସାଧାରଣଙ୍କୁ ଦାନ କରିଥିଲେ ।

ଶଙ୍କର : ବେଦାନ୍ତର ଅଦ୍ୱୈତବାଦର ପ୍ରଧାନ ଆଚାର୍ଯ୍ୟ । ଅନେକଙ୍କ ମତରେ ୭ମ ବା ୮ମ ଶତାବ୍ଦୀରେ ବୈଶାଖ ଶୁକ୍ଳ ପଞ୍ଚମୀରେ ଦାକ୍ଷିଣାତ୍ୟର

ପୃଷ୍ଠା ପଙ୍‌କ୍ତି

କେରଳ ପ୍ରଦେଶର କାଲାଡ଼ି ଗ୍ରାମରେ ନମ୍ବୁଦ୍ରି ବ୍ରାହ୍ମଣ ବଂଶରେ ତାଙ୍କର ଜନ୍ମ । ଶୈଶବରୁ ହିଁ ବେଦବେଦାନ୍ତାଦି ସକଳ ଶାସ୍ତ୍ରରେ ପାରଦର୍ଶିତା ଲାଭ କରି ୧୬ ବର୍ଷ ବୟସରେ ଭାଷ୍ୟ ରଚନା କରି ସେ ବେଦାନ୍ତ-ପ୍ରଚାରରେ ବ୍ରତୀ ହୋଇଥିଲେ । ପଦବ୍ରଜରେ ଭାରତବର୍ଷ ପରିଭ୍ରମଣ କରି ଯୁକ୍ତିତର୍କ ଦ୍ୱାରା ସେତେବେଳେ ପ୍ରଚଳିତ ସମସ୍ତ ମତବାଦର ଅସମ୍ପୂର୍ଣ୍ଣତା ପ୍ରମାଣ କରିଥିଲେ । ବେଦାନ୍ତ ପ୍ରଚାର କରିବା ନିମିତ୍ତ ଭାରତର ଚାରି ପ୍ରାନ୍ତରେ—ପୁରୀ, ଦ୍ୱାରକା, ହିମାଳୟ ଓ ଦାକ୍ଷିଣାତ୍ୟରେ ଯଥାକ୍ରମେ ଗୋବର୍ଦ୍ଧନ, ସାରଦା, ଜ୍ୟୋତିଃ (ଯୋଶୀ) ଓ ଶୃଙ୍ଗେରି ନାମକ ଚାରିଟି ମଠ ସ୍ଥାପନ ତାଙ୍କର ଅପୂର୍ବ କୀର୍ତ୍ତି । ଏହି ସମସ୍ତ ମଠମାନଙ୍କରୁ ବର୍ତ୍ତମାନ ସୁଦ୍ଧା ଅଦ୍ୱୈତବାଦ ପ୍ରଚାରିତ ହେଉଅଛି ।

୨୦୫ ୭ କାର୍ଥେଜ୍ : ଉତ୍ତର ଆଫ୍ରିକାରେ ଅବସ୍ଥିତ ଗୋଟିଏ ପ୍ରାଚୀନ ରାଜ୍ୟ । ରୋମ୍ ସାମ୍ରାଜ୍ୟର ଅଭ୍ୟୁତ୍‌ଥାନ ଫଳରେ ଏହି ସାମ୍ରାଜ୍ୟର ପତନ ଘଟିଥିଲା । ରୋମ୍ ଓ କାର୍ଥେଜ୍‌ମାନଙ୍କ ମଧ୍ୟରେ ଯୁଦ୍ଧ ରୋମ୍-ଇତିହାସରେ 'ପିଉନିକ୍' ଯୁଦ୍ଧ ନାମରେ ଖ୍ୟାତ—ପ୍ରସିଦ୍ଧ ସେନାପତି ହାନିବଲ୍ ରୋମ୍ ବିରୋଧରେ ଯୁଦ୍ଧରେ ପରାଜିତ ହୋଇଥିଲେ ।

ଭେନିସ୍ : ମଧ୍ୟଯୁଗୀୟ ଇଟାଲୀର ସମୁଦ୍ର ତୀରବର୍ତ୍ତୀ ଏକ ପ୍ରସିଦ୍ଧ ରାଜ୍ୟ । ଏହି ରାଜ୍ୟରେ ରାଜତନ୍ତ୍ର ପରିବର୍ତ୍ତେ ଧନୀ ବ୍ୟବସାୟୀମାନଙ୍କ ଦ୍ୱାରା ପରିଚାଳିତ ଅଭିଜାତ-ତାନ୍ତ୍ରିକ ଶାସନବ୍ୟବସ୍ଥା ପ୍ରଚଳିତ ଥିଲା ।

ଟାୟର : (Tyre) : ଭୂମଧ୍ୟସାଗରର ପୂର୍ବ ଉପକୂଳରେ ବର୍ତ୍ତମାନ ସିରିଆର ଅନ୍ତର୍ଗତ ଜେରୁଜେଲମ୍ ଓ ଡାମାସ୍କସ୍‌ର ମଧ୍ୟବର୍ତ୍ତୀ ଗୋଟିଏ ପ୍ରାଚୀନ ବନ୍ଦର । ଏଠାରେ ଇଜିପ୍ସୀୟ ସଭ୍ୟତାର ନିଦର୍ଶନ ମିଳେ । ଆଲେକ୍‌ଜାଣ୍ଡର୍‌ଙ୍କ ଦିଗ୍‌ବିଜୟ ବେଳେ ଟାୟାର୍ ସାହସର ସହିତ ଯୁଦ୍ଧ କରି ପରାଜିତ ହୋଇଥିଲେ ।

୨୧୧ ୨୪ ଚାର୍ବାକ୍ : ଖ୍ରୀ: ୬ଷ୍ଠ ଶତକର ନାସ୍ତିକବାଦୀ ହିନ୍ଦୁ ଦାର୍ଶନିକ । ତାଙ୍କର ମତବାଦରେ ଈଶ୍ୱର, ଆତ୍ମା, ପରକାଳ, ଜନ୍ମାନ୍ତର ପ୍ରଭୃତି ଅସ୍ୱୀକୃତ । ଇହକାଳସର୍ବସ୍ୱତା ଓ ଭୋଗବାଦ ଏହି ଦର୍ଶନର ମୂଳକଥା । ଏହି ଦର୍ଶନ 'ଲୋକାୟତ ଦର୍ଶନ' ନାମରେ ମଧ୍ୟ ପରିଚିତ ।

୨୫ ଆର୍ଯ୍ୟସମାଜ : କାଥିଆୱାଡ଼୍‌ରେ ଜାତ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ୧୮୭୫ ଖ୍ରୀ:ରେ ସ୍ଥାପିତ । ଏହି ସମାଜ ବେଦର ସଂହିତାଭାଗକୁ ଅପୌରୁଷେୟ ବୋଲି ସ୍ୱୀକାର କରେ, ସ୍ୱତଃପ୍ରାମାଣ୍ୟ ମାନେ, ମୂର୍ତ୍ତିପୂଜା ଶ୍ରାଦ୍ଧ ତର୍ପଣାଦି ମାନେ ନାହିଁ । ସତ୍ୟଧର୍ମ ଓ ଜ୍ଞାନ-ବିଜ୍ଞାନର ମୂଳମନ୍ତ୍ର

ପୃଷ୍ଠା ପଙ୍କ୍ତି

ବେଦରେ ହିଁ ରହିଅଛି । ସୁତରାଂ ଭାରତରେ ବୈଦିକ ଧର୍ମର ପୁନଃପ୍ରଚାରର ପ୍ରୟୋଜନ ଅଛି ବୋଲି ଏହି ସମାଜ ବିଶ୍ୱାସ କରେ । ସ୍ୱାମୀ ଦୟାନନ୍ଦଙ୍କ ବିଖ୍ୟାତ ଗ୍ରନ୍ଥର ନାମ 'ସତ୍ୟାର୍ଥପ୍ରକାଶ' ।

୨୧୪ ୨୯ ଭାରତର ବ୍ରାହ୍ମଣ୍ୟ···ଗୌରାଙ୍ଗଙ୍କଠାରେ : ଅଧ୍ୟୟନ ଅଧ୍ୟାପନା ଶାସ୍ତ୍ରଚର୍ଚ୍ଚା ପ୍ରଭୃତି ବ୍ରାହ୍ମଣମାନଙ୍କର କର୍ତ୍ତବ୍ୟ ବର୍ତ୍ତମାନ ଗୌରାଙ୍ଗ ବା ଇଂରେଜ ଅଧ୍ୟାପକଙ୍କର କର୍ତ୍ତବ୍ୟ ହୋଇଛି ।

୨୧୮ ୩୨ ପ୍ରଜା-ନିଯୁକ୍ତ ରାଜା : ଉଦାହରଣ—ଇଂଲଣ୍ଡର ରାଜା ।

୨୧୯ ୭ ପଲ୍ : ସେଣ୍ଟ ପଲ (?–୬୭ ?), ଏହାଙ୍କର ପ୍ରକୃତ ନାମ 'ସଲ୍' । ଖ୍ରୀଷ୍ଟାନ୍ ହେବାପରେ ନାମ ହେଲା 'ପଲ୍' । କାରାରୁଦ୍ଧ ଅବସ୍ଥାରେ ରୋମ୍ ସାମ୍ରାଜ୍ୟର ପ୍ରଜାଙ୍କର ଅଧିକାରରେ ବିଚାର ପ୍ରାର୍ଥନା କରିଲେ ତାହା ମଞ୍ଜୁର କରାଯାଇଥିଲା ।

୨୨୨ ୨୦ ଚତୁର୍ଦ୍ଦଶ ଶତବର୍ଷ···'ନେଟିଭ' ନୁହନ୍ତି : ମୁସଲମାନମାନଙ୍କ ଦ୍ୱାରା ପାରସ୍ୟ ଅଧିକୃତ ହେଲେ ଧର୍ମାନ୍ତରଗ୍ରହଣରେ ଅନିଚ୍ଛୁକ ଜରଥୁସ୍ତ୍ରଧର୍ମାବଲମ୍ବୀଗଣ ଭାରତକୁ ଆସି ସ୍ଥାୟୀଭାବରେ ବସବାସ କରିବାକୁ ଲାଗିଲେ । ଏମାନେ ବର୍ତ୍ତମାନ 'ପାର୍ଶୀ' ନାମରେ ପରିଚିତ । ଊନବିଂଶ ଶତାବ୍ଦୀରେ ଏମାନେ ଇଂରେଜମାନଙ୍କ ଭାବରେ ପ୍ରଭାବିତ ହୋଇ ନିଜକୁ ଭାରତବାସୀ ବୋଲି ପରିଚୟ ଦେବାକୁ କୁଣ୍ଠିତ ହୁଅନ୍ତି ।

୨୨୩ ୧୦ ବାର୍ଦ୍ଧକ୍ୟର ବାରାଣସୀ : ହିନ୍ଦୁମାନଙ୍କର ଚରମତମ ଆକାଙ୍କ୍ଷା ବାର୍ଦ୍ଧକ୍ୟରେ କାଶୀବାସ ଓ ସେଠାରେ ଦେହତ୍ୟାଗ । ହିନ୍ଦୁମାନଙ୍କର ବିଶ୍ୱାସ କାଶୀରେ ମରିଲେ ଶିବଲୋକପ୍ରାପ୍ତି ହୁଏ ।

୨୩୮-୯ 'ସୃଷ୍ଟି' ଓ 'ପ୍ରଳୟ' ସଙ୍ଗୀତ ରୂପେ ହିଁ ରଚିତ । କପରି ଅନାଦି ଅନନ୍ତ ନାମବର୍ଣ୍ଣହୀନ ବ୍ରହ୍ମଠାରୁ ଜଗତର ଉଦ୍ଭବ ହେଲା, ସ୍ୱାମୀଜୀ ତାଙ୍କର ଧ୍ୟାନ-ଲବ୍ଧ ଦୃଷ୍ଟି ନେଇ ତାଙ୍କର ଅନୁପମ ଭାଷାରେ 'ସୃଷ୍ଟି' କବିତାରେ ଏହାର ବର୍ଣ୍ଣନା କରିଛନ୍ତି । 'ପ୍ରଳୟ' କବିତାଟି 'ଗମ୍ଭୀର ସମାଧି' ନାମରେ ମଧ୍ୟ ପରିଚିତ । ଦେଶକାଳହୀନ ଆତ୍ମାରେ ଅତି ସୂକ୍ଷ୍ମ ବା କାରଣରୂପେ ପ୍ରଥମେ 'ବହୁ' ହେବାର ବାସନାର ଉଦ୍ଭବ ହୁଏ—'ବହୁସ୍ୟାଂ ପ୍ରଜାୟେୟ' (ତୈତ୍ତିରୀୟ ଉପ.); ଏଥିରୁ ଅହଂ ବା ମୁଁ-ବୁଦ୍ଧିର ଉଦ୍ଭବ ଏବଂ ସେଥିରୁ ସୂକ୍ଷ୍ମ ଓ ଜଡ଼ ଜଗତ ଏବଂ ସେଗୁଡ଼ିକର ସୁଖଦୁଃଖାଦିର ଉତ୍ପତ୍ତି ହେଉଅଛି । ଏହିପରି ଏକ ବ୍ରହ୍ମ-କାରଣରୁ ସୂକ୍ଷ୍ମ ଓ ସ୍ଥୂଳରୂପେ ଜଗତର ସୃଷ୍ଟି ହେଉଅଛି । ବ୍ରହ୍ମ ବ୍ୟତୀତ ଏମାନଙ୍କର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ ।

ପୃଷ୍ଠା ପଙ୍‌କ୍ତି

୨୩୯ ୧ ନାହିଁ ସୂର୍ଯ୍ୟ, ନାହିଁ ଜ୍ୟୋତି, ନାହିଁ ଶଶାଙ୍କ ସୁନ୍ଦର : ତୁଳନୀୟ କଠୋପନିଷଦ୍—'ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ' । ଏହି କବିତାରେ ବା ଗୀତରେ ସ୍ୱାମୀଜୀ ପର ପର ଧ୍ୟାନର ଚାରୋଟି ଅବସ୍ଥା ବର୍ଣ୍ଣନା କରିଛନ୍ତି । ପ୍ରଥମ ଅବସ୍ଥାରେ ଧ୍ୟାନର ପ୍ରାରମ୍ଭରେ ବିଶ୍ୱଜଗତର ଛବି ଛାୟାପରି ମନରେ ଭାସୁଥାଏ । ଦ୍ୱିତୀୟ ଅବସ୍ଥାରେ ଏହାର ବିଲୟ ହୋଇ କେବଳମାତ୍ର ଏହାର ସୂକ୍ଷ୍ମ ଅଂଶ ବା ଅସ୍ଫୁଟ ପ୍ରକାଶ ମନରେ ଉଦିତ ହେଉଥାଏ ଓ ସଙ୍ଗେ ସଙ୍ଗେ ଏହାର ବିଲୟ ମଧ୍ୟ ହେଉଥାଏ । ତୃତୀୟ ଅବସ୍ଥାରେ ଏହି ଅସ୍ଫୁଟ ପ୍ରକାଶ ମଧ୍ୟ ବନ୍ଦ ହୋଇଯାଏ ଏବଂ କେବଳମାତ୍ର ଗୋଟିଏ 'ଅହଂ'-ଧାରା ସେଠାରେ ଅନୁଭୂତ ହୁଏ । ଚତୁର୍ଥ ଅବସ୍ଥାରେ ଏହି 'ଅହଂ'-ଧାରା ମଧ୍ୟ ବନ୍ଦ ହୋଇ ମନର ସବୁପ୍ରକାର କ୍ରିୟାର ବିଲୟ ହୁଏ । ସେତେବେଳେ ଯାହା ରହେ, ତାହା ବାକ୍ୟମନ ଦ୍ୱାରା ପ୍ରକାଶିତ ହେବାର ନୁହେଁ; ଏହା 'ଅବାଙ୍‌ମନସୋଗୋଚରମ୍'—ବାକ୍ୟମନର ଅତୀତ ତୁରୀୟ ଅବସ୍ଥା ।

ସଖାପ୍ରତି

ଉଦ୍‌ବୋଧନ, ୧ମ ବର୍ଷ (୧୩୦୫–୦୬) ୨ୟ ସଂଖ୍ୟାରେ ଏହି କବିତାଟିରେ ସ୍ୱାମୀଜୀଙ୍କର ଜୀବନର ଅଭିଜ୍ଞତା ଛନ୍ଦୋବଦ୍ଧ ରୂପ ଲାଭ କରିଛି । ସୂତ୍ରାକାରରେ ସ୍ୱାମୀଜୀଙ୍କର ପ୍ରଧାନ ଭାବଗୁଡ଼ିକ ଏଥିରେ ମିଳେ ।

୨୩୯ ୯–୧୦ ଅନ୍ଧାରେ ଆଲୋକ-ଅନୁଭବ···ମତିମାନ୍ ? ଏହି ପୃଥିବୀରେ ମନୁଷ୍ୟ ଦୁଃଖକୁ ହିଁ ସୁଖ ବୋଲି ଭାବି ପରିତୃପ୍ତ । ଯାହା ପ୍ରକୃତରେ ଅନ୍ଧକାର ତାହାକୁ ଆଲୋକ, ଯାହା ଦୁଃଖ ତାହାକୁ ସୁଖ, ଯାହା ରୋଗ ତାହାକୁ ହିଁ ସ୍ୱାସ୍ଥ୍ୟ ବୋଲି ଆମେମାନେ ଭ୍ରମ କରୁଅଛୁ । କ୍ରନ୍ଦନ ହିଁ ଶିଶୁର ଜୀବନର ଲକ୍ଷଣ—ଅର୍ଥାତ ଦୁଃଖରେ ହିଁ ଏହି ଜଗତର ପରିଚୟ । ଏପରି ଜଗତରେ ବୁଦ୍ଧିମାନ୍ ବ୍ୟକ୍ତି ସୁଖର ଆଶା କରେ ନାହିଁ ।

୨୪୦ ୨ ଲୌହପିଣ୍ଡ ସହେ··· :

ଯେଉଁମାନଙ୍କର ହୃଦୟ କୁଟିଳତା ଓ ସ୍ୱାର୍ଥପରତାରେ ଲୌହ-କଠିନ ହୋଇଯାଇଛି, ସେମାନେ ଆଘାତ ସହ୍ୟ କରିପାରନ୍ତି, କୋମଳହୃଦୟ ନିଃସ୍ୱାର୍ଥ ବ୍ୟକ୍ତି ସେହି ଆଘାତ ସହ୍ୟ କରିପାରନ୍ତି ନାହିଁ । ସଂସାରରେ ସାଧାରଣ ମନୁଷ୍ୟ ଅପେକ୍ଷା ପ୍ରେମିକ-ହୃଦୟ ଅନେକ ବେଶୀ ଆଘାତ ପାଏ ।

ପୃଷ୍ଠା ପଂକ୍ତି

## ନାଚୁ ତାହାଁପରେ ଶ୍ୟାମା

ଉଦ୍‌ବୋଧନ ୨ୟ ବର୍ଷ (୧୩୦୬-୦୭) ପ୍ରଥମ ସଂଖ୍ୟାରେ ପ୍ରକାଶିତ । ଏହି କବିତାରେ ଜୀବନର କୋମଳ ଓ କଠୋର ଏବଂ ରୁଦ୍ର ଓ ମଧୁର ଭାବଗୁଡ଼ିକର ସଂଘର୍ଷ ନିଷ୍ଠୁରଭାବରେ ଫୁଟି ଉଠିଛି ।

ପ୍ରଥମ ସ୍ତବକରେ ଜଗତର ନୟନାଭିରାମ ମାଧୁର୍ଯ୍ୟର ଏବଂ ଦ୍ୱିତୀୟ ସ୍ତବକରେ ପୃଥିବୀର ନିର୍ମମ ଭୟଙ୍କର ଦିଗଟିର ପ୍ରକାଶ । ତୃତୀୟ ସ୍ତବକରେ ଲଳିତ ସୌନ୍ଦର୍ଯ୍ୟର ଜଗତ୍ । ଚତୁର୍ଥ ସ୍ତବକରେ (ତାକେ ଭେଣ୍ଟି···ନାହିଁ ଟଳେ) ଜୀବନର ଘାତ-ପ୍ରତିଘାତ-ମୁଖର ସଂଗ୍ରାମର ରୂପ । ପଞ୍ଚମ ସ୍ତବକରେ କୋମଳତା ପ୍ରତି ମନୁଷ୍ୟର ସ୍ୱାଭାବିକ ଆକାଙ୍‌କ୍ଷାର କାବ୍ୟରୂପ । ଶେଷରେ କୁହାଯାଇଛି, ସତ୍ୟ ତୁମେ ମୃତ୍ୟୁରୂପା କାଳୀ । ମୂଳଗୀତ : ଇଂରେଜୀ କବିତା 'Kali the Mother'.

୨୪୨ ୨୩ ଚନ୍ଦ୍ରକର···ଜାଗିଉଠେ :

ପ୍ରଭାତ-ସୂର୍ଯ୍ୟ ଯେପରି ସ୍ୱର୍ଣ୍ଣ ତୂଳିକାହାତରେ ନବୀନ ଶିଳ୍ପୀ । ସେହି ତୂଳିକାର ସ୍ୱର୍ଣ୍ଣମାଧ୍ୟକେ ନାନା ବର୍ଣ୍ଣଲୀଳାରେ ପୃଥିବୀ ଉଦ୍‌ଭାସିତ ହୁଏ, ସ୍ୱରର ପ୍ରକାଶ ଦେଖାଦିଏ, ନାନାଭାବ ଜାଗି ଉଠେ ।

୨୪୩ ୧ ଆଗେ ଯାଏ ବୀର୍ଯ୍ୟ-ପରିଚୟ···ଝରେ ରକ୍ତଧାର :

ଯୁଦ୍ଧକାମୀ ସୈନ୍ୟଦଳର ସମ୍ମୁଖ ଭାଗରେ ପତାକାଧାରୀ ସୈନ୍ୟମାନେ ଯାଇଥାଆନ୍ତି—ଆହତମାନଙ୍କର ରକ୍ତଧାର ପତାକାର ଦଣ୍ଡରୁ ବୋହି ପଡ଼େ ।

୩-୪ ଏଇ ପଡ଼େ ବୀର·· ନାହିଁ ଟଳେ :

ପତାକାଧାରୀ ବୀରର ପତନ ପରେ ଅନ୍ୟ ସୈନିକ ସେହି ପତାକା ବହନ କରି ଅଗ୍ରସର ହୁଏ ।

## ଗାଏ ଗୀତ ଶୁଣାଇ ତୁମକୁ

ଉଦ୍‌ବୋଧନ ୪ର୍ଥ ବର୍ଷ (୧୩୦୮-୦୯) ନବମ ସଂଖ୍ୟାରେ ପ୍ରକାଶିତ । ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ ଗାଜୀପୁରର ସିଦ୍ଧଯୋଗୀ ପଓହାରୀବାବାଙ୍କ ନିକଟରେ ଯୋଗ ଶିକ୍ଷା କରିବାକୁ ଇଚ୍ଛା କରିଥିଲେ ଏବଂ ଏକ ଗଭୀର ରାତିରେ ତାଙ୍କର ଗୁହାକୁ ଯିବା ପାଇଁ ଯେତେବେଳେ ପ୍ରସ୍ତୁତ ହେଉଛନ୍ତି—ସହସା ଦିବ୍ୟାଲୋକରେ ଉଦ୍‌ଭାସିତ କକ୍ଷରେ ଦେଖିଲେ, ତାଙ୍କର ଗୁରୁଦେବ ଶ୍ରୀରାମକୃଷ୍ଣ ସମ୍ମୁଖରେ ଠିଆ ହୋଇଛନ୍ତି । ସ୍ୱାମୀଜୀ ନିର୍ବାକ୍ ହୋଇ ଚଟାଣରେ ବସି ରହିଲେ । ପରଦିନ ରାତିରେ ପୁନର୍ବାର ଶ୍ରୀରାମକୃଷ୍ଣ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ! ଦିନପରେ ଦିନ ଏହି ଅଲୌକିକ ଦର୍ଶନ ଲାଭ କରିବାରୁ ଏଭାବରେ ଯୋଗଶିକ୍ଷା କରିବା ସମ୍ବନ୍ଧରେ ସ୍ୱାମୀଜୀଙ୍କର ମନ ପରିବର୍ତ୍ତିତ ହୋଇଥିଲା; ସେ

ପୃଷ୍ଠା ପଙ୍‌କ୍ତି

ସ୍ଥିର କଲେ, 'ନା, ଆଉ କାହା ନିକଟକୁ ଯିବି ନାହିଁ । ହେ ସଖିତ୍ରକ ରାମକୃଷ୍ଣ ! ତୁମେ ହିଁ ମୋର ସର୍ବସ୍ୱ ଗୁରୁ ଇଷ୍ଟ ଆରାଧ୍ୟ ଦେବତା, ମୁଁ ତୁମର ଦାସାନୁଦାସ ! ମୋର ଦୁର୍ବଳତା କ୍ଷମା କର ପ୍ରଭୁ !' କିଛି କାଳପରେ ରଚିତ ଏହି କବିତାଟିରେ ସ୍ୱାମୀଜୀଙ୍କର ଏହି ସମୟର ଅବ୍ୟକ୍ତ ବେଦନାର କାଳ୍ପନ୍ତ ଆଭାସ ଫୁଟି ଉଠିଛି ।

୧୮୯୪ ଖ୍ରୀ: ଗ୍ରୀଷ୍ମକାଳରେ ଆମେରିକାରୁ ବରାହନଗର ମଠସ୍ଥ ଜନୈକ ଗୁରୁଭାଇଙ୍କୁ ସ୍ୱାମୀଜୀ ଲେଖିଥିଲେ :

ତୁମର ପଢ଼ିବା ନିମିତ୍ତ ଦୁଇପଦ କବିତା ପଠାଇଲି ।
'ଗାଏ ଗୀତ ଶୁଣାଇ ତୁମକୁ,
... ... ...
ଏକା ମୁହିଁ ହୁଏ ବହୁ, ଦେଖିବାକୁ ଆପଣାର ରୂପ ।'

'ବର୍ତ୍ତମାନ ଏହି ପର୍ଯ୍ୟନ୍ତ । ପରେ ଯଦି କୁହ ତ ଆହୁରି ପଠାଇବି ।' ଏହି ଚିଠିର ଶେଷରେ ଅଛି : 'ମୋର କବିତା ନକଲ କରି ରଖ, ପରେ ଆହୁରି ପଠାଇବି ।'

ଏହି ପ୍ରସଙ୍ଗରେ ଦ୍ରଷ୍ଟବ୍ୟ : ଏହି ଗ୍ରନ୍ଥାବଳୀର ୬ଷ୍ଠ ଖଣ୍ଡରେ ୧୦୬ ସଂଖ୍ୟକ ଚିଠି ଏବଂ ୯ମ ଖଣ୍ଡରେ—ସ୍ୱାମୀ-ଶିଷ୍ୟ ସମ୍ବାଦ, ୪୦ଶ ଅଧ୍ୟାୟ ।

୨୪୬ ୫ କାମ କ୍ରୋଧ···କେଶ ଯଥା ଶିରଃପରେ :

ତୁଳନୀୟ ମୁଣ୍ଡକୋପନିଷଦ୍—୧ । ୧ । ୭

—ଯଥା ସତଃ ପୁରୁଷାତ୍ କେଶଲୋମାନି
ତଥାକ୍ଷରାତ୍ ସମ୍ଭବତୀହ ବିଶ୍ୱମ୍ ॥

୨୧ ମେରୁ ତଟେ···ସାଧିବାକୁ ତବ କାର୍ଯ୍ୟ : ମେରୁପ୍ରଦେଶର ପର୍ବତସମୂହ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ଥାଏ । ସୂର୍ଯ୍ୟାଲୋକ ପାଇବା ପରେ ସେହି ତୁଷାରରାଶି ତରଳ ପାଣିରେ ପରିଣତ ହୁଏ । ସେହିପରି ଭଗବତ୍-ଭକ୍ତିରେ ମନର ସବୁ ବୃତ୍ତି ସ୍ଥିର ହୋଇ ରହିଥାଏ, ଜ୍ଞାନାଲୋକର ପ୍ରକାଶରେ ବାହାରର ବନ୍ଧୁ ଭାବ ବିଗଳିତ ହୋଇ ଏକ ପରମ ସତ୍ୟର ଅନୁଭୂତିରେ ମନ ଲୀନ ହୁଏ । ସେହି ଶୁଦ୍ଧଚିତ୍ତରେ ଭଗବଦ୍‌ବାଣୀ ଧ୍ୱନିତ ହୁଏ ।

କବିତାର ଅବଶିଷ୍ଟାଂଶ ସେହି ଶ୍ରୁତ ବା ଅନୁଭୂତ ଭଗବଦ୍‌ବାଣୀର ହିଁ ପ୍ରତିଧ୍ୱନି ।

## ସାଗର-ବକ୍ଷରେ

୧୯୦୦ ଖ୍ରୀ: ଡିସେମ୍ବରରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ-ପଥରେ ରଚିତ; ସମ୍ଭବତଃ ଜାହାଜ ସେତେବେଳେ ଭୂମଧ୍ୟସାଗର ଅତିକ୍ରମ କରୁଥିଲା । ପାଶ୍ଚାତ୍ୟ ସଭ୍ୟତାର କୋଳାହଳର ତୁଳନାରେ ଭାରତୀୟ ସଭ୍ୟତାର ଶାନ୍ତଭାବ ତାଙ୍କୁ ଯେପରି ସ୍ୱଦେଶ ପ୍ରତି ଆକର୍ଷଣ କରୁଥିଲା ।

# ବ୍ୟକ୍ତି-ପରିଚୟ

[ପତ୍ରାବଳୀରେ ଉଲ୍ଲିଖିତ ବ୍ୟକ୍ତିଗଣଙ୍କର ପରିଚୟ*]

ଅକ୍ଷୟ—ଅକ୍ଷୟ କୁମାର ଘୋଷ, କଲିକତାର ସମ୍ଭ୍ରାନ୍ତ ବଂଶର ଯୁବକ । ମାନ୍ଦ୍ରାଜରେ ସ୍ୱାମୀଜୀଙ୍କ ସହିତ ତାଙ୍କର ବିଶେଷ ପରିଚୟ ହୁଏ । ପରେ ସେ କଲିକତା ହାଇକୋର୍ଟର ଆଟର୍ଣ୍ଣି ହୋଇଥିଲେ । ଇଂଲଣ୍ଡରେ ମିସ୍ ମୁଲରଙ୍କ ତତ୍ତ୍ୱାବଧାନରେ ସେ ଯେତେବେଳେ ଥିଲେ, ସ୍ୱାମୀଜୀ ତାଙ୍କ ଘରେ ଅତିଥି ହୋଇଥିଲେ ।

ଅକ୍ଷୟକୁମାର ସେନ୍—ଶ୍ରୀରାମକୃଷ୍ଣଙ୍କର ଶିଷ୍ୟ, 'ଶ୍ରୀରାମକୃଷ୍ଣ-ପୁଁଥି'ର ପ୍ରଣେତା । ସ୍ୱାମୀଜୀ ତାହାଙ୍କୁ 'ଶାଁକଚୁନ୍ନୀ ମାଷ୍ଟର' କହୁଥିଲେ । ସ୍ୱାମୀଜୀ 'ଶ୍ରୀରାମକୃଷ୍ଣ-ପୁଁଥି'ର ପ୍ରଭୂତ ପ୍ରଶଂସା କରି କହିଥିଲେ : ଏହି ଗ୍ରନ୍ଥ ଜନସାଧାରଣଙ୍କ ମଧ୍ୟରେ ଶ୍ରୀରାମକୃଷ୍ଣଙ୍କର ଜୀବନ ଓ ବାଣୀ ପ୍ରଚାର କରିବ ।

ଅଖଣ୍ଡାନନ୍ଦ, ସ୍ୱାମୀ (ଗଙ୍ଗାଧର, ଗଙ୍ଗା)—ଶ୍ରୀରାମକୃଷ୍ଣଙ୍କର ସନ୍ନ୍ୟାସୀ ଶିଷ୍ୟ, ଶ୍ରୀରାମକୃଷ୍ଣ ମଠ ଓ ମିଶନର ତୃତୀୟ ଅଧ୍ୟକ୍ଷ (୧୯୩୪-୩୭) । ସେ ପରିବ୍ରାଜକ ଅବସ୍ଥାରେ ଉତ୍ତରାଖଣ୍ଡର ଦୁର୍ଗମ ତୀର୍ଥମାନ ଦର୍ଶନ କରୁ କରୁ ହିମାଳୟ ଅତିକ୍ରମ କରି ତିବ୍ବତକୁ ଯାଇଥିଲେ । ସେଠାରେ ବୌଦ୍ଧ ମଠରେ କିଛି କାଳ କଟାଇ କାଶ୍ମୀର ହୋଇ ଦେଶକୁ ଫେରିଥିଲେ । ଅତଃପର ସ୍ୱାମୀଜୀ ତାଙ୍କୁ ହିମାଳୟ-ଭ୍ରମଣର ସାଥୀ କରିଥିଲେ । ସ୍ୱାମୀଜୀଙ୍କ ପରିକଳ୍ପିତ ସେବାର ଆଦର୍ଶକୁ ସେ ହିଁ ପ୍ରଥମେ କାର୍ଯ୍ୟରେ ରୂପାୟିତ କରିଥିଲେ—ପ୍ରଥମେ ଖେତଡ଼ିରେ, ପରେ ମୁର୍ଶିଦାବାଦରେ ।

ଅଚ୍ୟୁତାନନ୍ଦ ସରସ୍ୱତୀ (ଅଚୁ, ଅଚ୍ୟୁତ, ଗୁଣନିଧି)—ଦୟାନନ୍ଦ ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ପ୍ରଚାରକ । ପୂର୍ବ ନାମ ଗୁଣନିଧି ଭଟ୍ଟାଚାର୍ଯ୍ୟ । ସ୍ୱାମୀଜୀଙ୍କ ସହିତ କାଶ୍ମୀର-ଭ୍ରମଣ ସମୟରେ ସେ ଯେଉଁ ଡାଏରୀ ଲେଖିଥିଲେ, ସେଥିରୁ ସ୍ୱାମୀଜୀଙ୍କ ଜୀବନର ସେହି ସମୟର ଅନେକ ଘଟଣା ଜଣାଯାଏ ।

ଅଜୟ (ଅଜୟ ହରି)—ସ୍ୱରୂପାନନ୍ଦ ଦ୍ରଷ୍ଟବ୍ୟ ।

ଅଜିତ୍ ସିଂ—ରାଜପୁତାନାରେ ଖେତଡ଼ି ରାଜ୍ୟର ରାଜା, ସ୍ୱାମୀଜୀଙ୍କ ଶିଷ୍ୟ । ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ ତାଙ୍କ ପ୍ରାସାଦରେ କିଛିଦିନ ଅବସ୍ଥାନ କରିଥିଲେ । ସ୍ୱାମୀଜୀଙ୍କ ଆମେରିକା-ଯାତ୍ରା କାଳରେ ସେ ତାଙ୍କର ଆଲ୍‌ଖାଲ୍ଲା ଓ ପଗଡ଼ି ପ୍ରସ୍ତୁତ କରି ଦେଇଥିଲେ ଏବଂ ଯଥେଷ୍ଟ ଅର୍ଥ ସାହାଯ୍ୟ କରିଥିଲେ । ସ୍ୱାମୀ ଅଖଣ୍ଡାନନ୍ଦଙ୍କ ସାଙ୍ଗରେ ମଧ୍ୟ ତାଙ୍କର ଘନିଷ୍ଠ ସମ୍ବନ୍ଧ ଥିଲା । ସ୍ୱାମୀଜୀଙ୍କ ପ୍ରେରଣାରେ ଉଭୟେ ଖେତଡ଼ି ରାଜ୍ୟରେ ବହୁ

---

* କଳା ଅକ୍ଷରରେ ମୁଦ୍ରିତ ନାମଗୁଡ଼ିକର ପୃଥକ୍ ପରିଚୟ-ଟୀକା ଦ୍ରଷ୍ଟବ୍ୟ ।

ଜନହିତକର କାର୍ଯ୍ୟ ପ୍ରବର୍ତ୍ତନ କରିଥିଲେ । ନିଜ ବୟସରେ ମୋଗଲଯୁଗର ଗୋଟିଏ ପ୍ରାଚୀନ କୀର୍ତ୍ତିର ସଂସ୍କାରକାର୍ଯ୍ୟ ପରିଦର୍ଶନ କରିବାକୁ ଯାଇ ଏକ ମିନାର୍ ଉପରୁ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା । କଥିତ ଅଛି, ତାଙ୍କ ଅନୁରୋଧରେ ସ୍ୱାମୀଜୀ 'ବିବେକାନନ୍ଦ' ନାମ ଗ୍ରହଣ କରିଥିଲେ ।

ଅତୁଲବାବୁ—ଅତୁଲଚନ୍ଦ୍ର ଘୋଷ, ନାଟ୍ୟସମ୍ରାଟ୍ ଗିରିଶଚନ୍ଦ୍ର ଘୋଷଙ୍କ କନିଷ୍ଠ ଭ୍ରାତା (ଶ୍ରୀରାମକୃଷ୍ଣଦେବଙ୍କ ବିଶେଷ ଭକ୍ତ, କଲିକତା ହାଇକୋର୍ଟର ଓକିଲ ।

ଅଦ୍ୱୈତାନନ୍ଦ, ସ୍ୱାମୀ (ଗୋପାଳଦାଦା, ବୁଢ଼ା ଗୋପାଳ)—ଶ୍ରୀରାମକୃଷ୍ଣଙ୍କର ସନ୍ନ୍ୟାସୀ ଶିଷ୍ୟମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ । କାଶୀପୁର ଉଦ୍ୟାନବାଟୀରେ ଶ୍ରୀରାମକୃଷ୍ଣ-ଦେବ ତାଙ୍କ ପ୍ରଦତ୍ତ କେତୋଟି ଗେରୁଆ ବସ୍ତ୍ର ନରେନ୍ଦ୍ରନାଥ ପ୍ରମୁଖ ତ୍ୟାଗୀ ଯୁବକ ଭକ୍ତ-ମାନଙ୍କୁ ଦେଇଥିଲେ ।

ଅଦ୍ଭୁତାନନ୍ଦ, ସ୍ୱାମୀ (ଲାଟୁ)—ଶ୍ରୀରାମକୃଷ୍ଣଦେବଙ୍କ ସନ୍ନ୍ୟାସୀ ଶିଷ୍ୟ । ତାଙ୍କର ଅକ୍ଷର ପରିଚୟ ନ ଥିଲା; ଶ୍ରୀରାମକୃଷ୍ଣଦେବଙ୍କ କୃପାରେ ସେ ପରମ ଜ୍ଞାନର ଅଧିକାରୀ ହୋଇଥିଲେ ।

ଅଭୟାନନ୍ଦ—ମେରୀ ଲୁଇ ଦ୍ରଷ୍ଟବ୍ୟ ।

ଅଭେଦାନନ୍ଦ, ସ୍ୱାମୀ (କାଳୀ)—ଶ୍ରୀରାମକୃଷ୍ଣଦେବଙ୍କର ସନ୍ନ୍ୟାସୀ ଶିଷ୍ୟ । ସ୍ୱାମୀଜୀଙ୍କ ନିର୍ଦ୍ଦେଶରେ ସେ ପ୍ରଥମେ ଲଣ୍ଡନରେ ଓ ପରେ ନିଉୟର୍କରେ ବେଦାନ୍ତ ପ୍ରଚାର କରିବାକୁ ଯାଇଥିଲେ ଏବଂ ସେହି କାମରେ ୨୫ ବର୍ଷ ଆମେରିକାରେ ବିତାଇଥିଲେ ।

ଅଲକଟ୍, କର୍ଣ୍ଣେଲ୍—ବିଖ୍ୟାତ ଥିଓସଫିଷ୍ଟ ନେତା, କଲିକତାରେ ଥିଓସଫିକାଲ୍ ସୋସାଇଟିର ସ୍ଥାପୟିତା ।

ଅସୀମ—ଶ୍ରୀରାମକୃଷ୍ଣଙ୍କର ବାଗ୍‌ବଜାର-ନିବାସୀ ଭକ୍ତ, ଚୁନୀଲାଲ୍ ବାବୁଙ୍କ ପୁତ୍ର ।

ଆତ୍ମାନନ୍ଦ, ସ୍ୱାମୀ (ସୁକୁଲ)—ସ୍ୱାମୀଜୀଙ୍କ ସନ୍ନ୍ୟାସୀ ଶିଷ୍ୟ । ପୂର୍ବନାମ ଗୋବିନ୍ଦ ପ୍ରସାଦ ସୁକୁଲ । ଗୃହୀ-ଜୀବନରେ ଶ୍ରୀଶ୍ରୀମା'ଙ୍କ ନିକଟରେ ମନ୍ତ୍ର ଦୀକ୍ଷା ଲାଭ କରିଥିଲେ । ୧୮୯୬ ଖ୍ରୀ:ରେ ଆଲମ୍‌ବଜାର ମଠରେ ଯୋଗଦାନ କରିଥିଲେ । ୧୮୯୯ ଖ୍ରୀ:ରେ ବେଲୁଡ଼ ମଠରେ ସନ୍ନ୍ୟାସ-ଦୀକ୍ଷା ଗ୍ରହଣ କରିଥିଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ କଲିକତାରେ ପ୍ଲେଗ୍ ମହାମାରୀରେ ସ୍ୱାମୀ ସଦାନନ୍ଦଙ୍କ ସହିତ ସେବାକାର୍ଯ୍ୟରେ ଯୋଗ ଦେଇଥିଲେ । କିଛି କାଳ 'ଉଦ୍‌ବୋଧନ' ପତ୍ରିକା ପରିଚାଳନାରେ ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କର ସହକାରୀ ଥିଲେ । ମାନ୍ଦ୍ରାଜରେ ପ୍ରଚାର-କାର୍ଯ୍ୟରେ ସେ ସ୍ୱାମୀ ଶ୍ରୀରାମକୃଷ୍ଣାନନ୍ଦଙ୍କର ସହକାରୀ ଥିଲେ । ବାଙ୍ଗାଲୋର୍, ଢାକା ପ୍ରଭୃତି ମଠରେ ଅଧ୍ୟକ୍ଷ ଥିଲେ । ୧୯୨୩ ଖ୍ରୀ:ରେ କାଶୀଧାମରେ ତାଙ୍କର ଦେହତ୍ୟାଗ ହୋଇଥିଲା ।

ଆଲସିଙ୍ଗା, ପେରୁମଲ୍—ସ୍ୱାମୀଜୀଙ୍କର ବିଶେଷ ଅନୁଗତ ଶିଷ୍ୟ । ତାଙ୍କର

ନେତୃତ୍ୱରେ ମାନ୍ଦ୍ରାଜ ଯୁବକଗଣ ଦ୍ୱାରେଦ୍ୱାରେ ଭିକ୍ଷା କରି ସ୍ୱାମୀଜୀଙ୍କ ଆମେରିକା-ଯାତ୍ରାର ପାଥେୟ ସଂଗ୍ରହ କରିଥିଲେ । ସେ ଗୋଟିଏ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ, ପରେ ମାନ୍ଦ୍ରାଜରୁ ପ୍ରକାଶିତ 'ବ୍ରହ୍ମବାଦିନ୍' ପତ୍ରିକାର ସମ୍ପାଦନା କରିଥିଲେ ।

ଇଙ୍ଗାରସୋଲ୍— (୧୮୩୩—୯୯) ରବର୍ଟ ଇଙ୍ଗାର୍‌ସୋଲ୍, ଆମେରିକାବାସୀ ବିଖ୍ୟାତ ଅଜ୍ଞେୟବାଦୀ ଲେଖକ ଓ ବକ୍ତା । ବକ୍ତୃତା-କମ୍ପାନୀର କାର୍ଯ୍ୟକ୍ରମରେ ଏହାଙ୍କ ସହିତ ସ୍ୱାମୀଜୀଙ୍କର ପରିଚୟ ଏବଂ ଧର୍ମଦର୍ଶନାଦି ବିଷୟରେ ଆଲୋଚନା ହୋଇଥିଲା । ଏହାଙ୍କର ସ୍ପଷ୍ଟବାଦିତା ଓ ଆନ୍ତରିକତା ପାଇଁ ସ୍ୱାମୀଜୀ ଏହାଙ୍କୁ ଶ୍ରଦ୍ଧା କରୁଥିଲେ । ଏହାଙ୍କ ରଚିତ ଗ୍ରନ୍ଥାବଳୀ : The Gods and other Lectures; Some Mistakes of Moses.

ଇନ୍ଦୁ—ଶ୍ରୀରାମକୃଷ୍ଣଙ୍କର ଗୃହୀ ଶିଷ୍ୟ ବଳରାମବାବୁଙ୍କ ଦୌହିତ୍ରୀ ।

ଇନ୍ଦୁମତୀ ମିତ୍ର— ହରିପଦ ମିତ୍ରଙ୍କ ସ୍ତ୍ରୀ, ସ୍ୱାମୀଜୀଙ୍କ ଶିଷ୍ୟା ।

ଈଶାନ୍ ମୁଖୋପାଧ୍ୟାୟ— ସ୍ୱାମୀଜୀଙ୍କର ବାଲ୍ୟବନ୍ଧୁ ସତୀଶ୍‌ଚନ୍ଦ୍ରଙ୍କ ପିତା । ଶ୍ରୀରାମକୃଷ୍ଣ ଏହାଙ୍କ ଘରକୁ କେତେଥର ଯିବା ଆସିବା କରିଥିଲେ । 'କଥାମୃତ' ଦ୍ରଷ୍ଟବ୍ୟ ।

ଉଡ୍‌ସ, ମିସେସ୍ ଟ୍ୟାନାଟ୍— ଚିକାଗୋ ବକ୍ତୃତା ପୂର୍ବରୁ ୧୮୯୩ ଖ୍ରୀ: ଅଗଷ୍ଟ ମାସରେ ମିସେସ୍ ଟ୍ୟାନାଟ୍ ଉଡ୍‌ସ ସେଲେମେ ତାଙ୍କ ଘରକୁ ସ୍ୱାମୀଜୀଙ୍କୁ ଆମନ୍ତ୍ରଣ କରିଥିଲେ । ସ୍ୱାମୀଜୀ ସେଠାରେ ଏକ ସପ୍ତାହ ଥିଲେ ଏବଂ ବକ୍ତୃତା ଦେଇଥିଲେ । ଧର୍ମଯାଜକଗଣ ତାଙ୍କ ବିରୋଧରେ ସମାଲୋଚନା କରିଥିଲେ । ମିସେସ୍ ଉଡ୍‌ସ ଭଲ ବକ୍ତୃତା ଦେଉଥିଲେ; ରଚନା ପାଇଁ ମଧ୍ୟ ତାଙ୍କର ସୁନାମ ଥିଲା । ଦ୍ରଷ୍ଟବ୍ୟ : New Discoveries, pp. 27-28.

ଉପେନ୍— 'ବସୁମତୀ' ପତ୍ରିକାର ପ୍ରତିଷ୍ଠାତା ଉପେନ୍ଦ୍ରନାଥ ମୁଖୋପାଧ୍ୟାୟ । ଶ୍ରୀରାମକୃଷ୍ଣଙ୍କ ଭକ୍ତ ।

ଋଷିବର ମୁଖୋପାଧ୍ୟାୟ— ସେହି ସମୟର କାଶ୍ମୀରର ପ୍ରଧାନ ବିଚାରପତି, କାଶ୍ମୀର ଭ୍ରମଣକାଳରେ ଶ୍ରୀନଗରରେ ସ୍ୱାମୀଜୀ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ ।

ଏବଟ୍, ଲାଏମ୍ୟାନ୍—ବ୍ରୁକ୍‌ଲୀନ୍‌ର ପ୍ଲାଇମାଉଥ୍ କଂଗ୍ରେଗେସନାଲ୍ ଚର୍ଚ୍ଚର ଧର୍ମଯାଜକ ଏବଂ ସାମୟିକ ପତ୍ର 'Outlook'-ର ସମ୍ପାଦକ । ସମାଜ ଓ ଶିଳ୍ପ-ସଂସ୍କାରରେ ଏବଂ ଧର୍ମ-ଆନ୍ଦୋଳନରେ ସେ ଉଦ୍‌ଯୋଗୀ ଥିଲେ । ଚିକାଗୋ ଧର୍ମମହାସଭାରେ ଯୋଗଦାନ କରିଥିଲେ । ସେଠାରେ ସ୍ୱାମୀଜୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ।

ଏଲ୍‌ବାର୍ଟା—ମିସ୍ ଏଲ୍‌ବାର୍ଟା ଷ୍ଟାର୍ଜିସ୍, ମିସେସ୍ ଲେଗେଟ୍‌ଙ୍କ ପ୍ରଥମ ବିବାହର କନ୍ୟା; ପରେ କାଉଣ୍ଟେସ୍ ଅଫ୍ ସ୍ୟାଣ୍ଡ୍‌ଉଇଚ୍ ।

ଏଷ୍ପିନେଲ୍, ମିସେସ୍ ଏମିଲି— ସ୍ୱାମୀଜୀ ଯେତେବେଳେ ୧୯୦୦ ଖ୍ରୀ:ରେ ସାନ୍‌ଫ୍ରାନ୍‌ସିସ୍‌କୋ ଟାର୍କ ଷ୍ଟ୍ରୀଟ୍ ଫ୍ଲାଟ୍‌ରେ ବାସ କରୁଥିଲେ, ସେତେବେଳେ ଏହି

ଭଦ୍ର ମହିଳା ସେହି ଘରର କାମଦାମ ବୁଝୁଥିଲେ ।

ଓକାକୁରା, ମିଃ—କାକାଜୁ ଓକାକୁରା, ବିଖ୍ୟାତ ଜାପାନୀ ପ୍ରାଚ୍ୟଶିଳ୍ପବିଶେଷଜ୍ଞ; ସ୍ୱାମୀଜୀଙ୍କୁ ଜାପାନ ନେବା ପାଇଁ ଭାରତକୁ ଆସିଥିଲେ । ସ୍ୱାମୀଜୀଙ୍କ ସହିତ ବୁଦ୍ଧଗୟା, କାଶୀ ପ୍ରଭୃତି ତୀର୍ଥ ଭ୍ରମଣ କରିଥିଲେ ।

ଓସ୍ୱାଇକଫ୍ (ମିସେସ୍ କେଣ୍ଟୀ ମିଡ୍ ଓସ୍ୱାଇକଫ୍)—ସ୍ୱାମୀଜୀ ତାଙ୍କ ଘରେ କିଛି ଦିନ ପାଇଁ ଆତିଥ୍ୟ ଗ୍ରହଣ କରିଥିଲେ । ପରେ ସ୍ୱାମୀ ତୁରୀୟାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ 'ଭଗିନୀ ଲଳିତା' ନାମରେ ପରିଚିତା ହୋଇଥିଲେ । ତାଙ୍କର ଲସ୍ ଏଞ୍ଜେଲେସ୍‌ରେ ଘର 'ବିବେକାନନ୍ଦ ହୋମ୍' ନାମରେ ଖ୍ୟାତ । ଭଗିନୀ ଲଳିତାଙ୍କ ସେହି ଘରେ ହିଁ ହଲିଉଡ୍ ବେଦାନ୍ତ ସମିତି ପ୍ରତିଷ୍ଠିତ ।

ଓସ୍ୱାଲ୍‌ଡୋ, ମିସ୍ ଏସ୍. ଇ.—ସ୍ୱାମୀଜୀଙ୍କର ବ୍ରୁକ୍‌ଲିନ୍-ବାସିନୀ ଶିଷ୍ୟା, 'ଭଗିନୀ ହରିଦାସୀ' ନାମରେ ପରିଚିତା । ଥାଉଜେଣ୍ଡ ଆଇଲ୍ୟାଣ୍ଡ ପାର୍କରେ ସ୍ୱାମୀଜୀଙ୍କର କଥୋପକଥନଗୁଡ଼ିକୁ ସେ ଲିପିବଦ୍ଧ କରିଥିଲେ । ପରେ ସେଗୁଡ଼ିକ 'Inspired Talks' (ଦେବବାଣୀ) ନାମରେ ପ୍ରକାଶିତ । ସେ କିଛି କାଳ ନିଉୟର୍କ ବେଦାନ୍ତ-ସମିତିର ପରିଚାଳନା କରିଥିଲେ ଏବଂ ସ୍ୱାମୀଜୀଙ୍କ ପ୍ରଚାରକାର୍ଯ୍ୟରେ ଓ ଗ୍ରନ୍ଥସମ୍ପାଦନାରେ ସାହାଯ୍ୟ କରିଥିଲେ ।

କର୍ବିନ୍, ମିସ୍—ମିସ୍ ଥାର୍ସବୀଙ୍କର ବନ୍ଧୁ । ନିଉୟର୍କ ବେଦାନ୍ତ ସମିତି ସହିତ ସଂଶ୍ଳିଷ୍ଟ ଥିଲେ ।

କାନାଇ—ନିର୍ଭୟାନନ୍ଦ ଦ୍ରଷ୍ଟବ୍ୟ ।

କଙ୍ଗାର୍, ମିସେସ୍—ଚିକାଗୋ ଜନ୍ ବି. ଲ୍ୟନ୍‌ଙ୍କର ବିଧବା କନ୍ୟା । ଧର୍ମ-ମହାସଭାର ପ୍ରତିନିଧିରୂପରେ ସ୍ୱାମୀଜୀଙ୍କୁ ଲ୍ୟନ୍ ପରିବାରର ଗୃହରେ ସ୍ଥାନ ଦିଆଯାଇଥିଲା । ଉକ୍ତ କନ୍ୟା ପିତୃଗୃହରେ ବାସ କରୁଥିଲେ ଏବଂ ସ୍ୱାମୀଜୀଙ୍କ ଭାବରେ ଅନୁପ୍ରାଣିତ ହୋଇ ଜୀବନରେ ଶାନ୍ତି ଲାଭ କରିବାକୁ ସମର୍ଥ ହୋଇଥିଲେ ।

କାଲ୍‌ଭେ, ମାଡାମ୍—ଫରାସୀଦେଶୀୟ ବିଖ୍ୟାତ ଗାୟିକା । ଜୀବନର ଏକ ସଙ୍କଟ-ମୁହୂର୍ତ୍ତରେ ସ୍ୱାମୀଜୀଙ୍କ ସହିତ ଦେଖା ହୋଇଥିଲା । ସ୍ୱାମୀଜୀ ତାଙ୍କ ମନରୁ ସମସ୍ତ ଅଶାନ୍ତି ଦୂର କରିଦେଇଥିଲେ । ପଶ୍ଚିମ ଇଉରୋପ, ତୁର୍କୀସ୍ଥାନ, ମିଶର ପ୍ରଭୃତି ଦେଶ-ଭ୍ରମଣରେ ତାଙ୍କର ସାଥୀ ହୋଇଥିଲେ । ବହୁଦିନ ପରେ ମାଡାମ୍ କାଲ୍‌ଭେ ବେଲୁଡ଼ ମଠ ଦର୍ଶନ କରିବାକୁ ଆସିଥିଲେ । ଆତ୍ମଜୀବନୀର ଗୋଟିଏ ଅଧ୍ୟାୟରେ ସେ ସ୍ୱାମୀଜୀଙ୍କ ସମ୍ବନ୍ଧରେ ଲେଖିଛନ୍ତି ।

କାଲୀ (କାଲୀ ତପସ୍ୱୀ)—ଅଭେଦାନନ୍ଦ ଦ୍ରଷ୍ଟବ୍ୟ ।

କାଳୀଚରଣ ବାଁଡ଼ୁଜ୍ୟେ, ରେଭଃ—ଖ୍ରୀଷ୍ଟଧର୍ମାବଲମ୍ବୀ ପ୍ରସିଦ୍ଧ ଧର୍ମଯାଜକ । ଏକଦା ସେ କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଥିଲେ ।

କାଲୀକୃଷ୍ଣ—ବିରଜାନନ୍ଦ ଦ୍ରଷ୍ଟବ୍ୟ ।

କାଳୀକୃଷ୍ଣବାବୁ—କାଳୀ କୃଷ୍ଣ ଦତ୍ତ । ଗୋଟିଏ ବ୍ୟାଙ୍କ୍‌ର କ୍ୟାସିଅର୍ ।

କିଡ୍ଡି— ସ୍ୱାମୀଜୀଙ୍କ ଶିଷ୍ୟ ସିଙ୍ଗାରଭେଲୁ ମୁଦାଲିଅର୍, ମାଡ୍ରାଜ ଖ୍ରୀଷ୍ଟାନ କଲେଜର ବିଜ୍ଞାନର ସହକାରୀ ଅଧ୍ୟାପକ । ସ୍ୱାମୀଜୀ ତାଙ୍କୁ ବିଶେଷ ଭଲ ପାଉଥିଲେ । ସେ ପକ୍ଷୀ ପରି ସ୍ୱଳ୍ପାହାରୀ ଥିଲେ ବୋଲି ସ୍ୱାମୀଜୀ ତାହାଙ୍କୁ କିଡ୍ଡି ବୋଲି ଡାକୁଥିଲେ । ତାମିଲ୍ ଭାଷାରେ 'କିଡ୍ଡି' ଶବ୍ଦର ଅର୍ଥ ଚଢ଼େଇ । ମାଡ୍ରାଜରୁ 'ପ୍ରବୁଦ୍ଧ ଭାରତ' ପତ୍ରିକା ଯେତେବେଳେ ପ୍ରକାଶିତ ହେଉଥିଲା, ସେତେବେଳେ ସେ ତାହାର ଅବୈତନିକ କର୍ମାଧ୍ୟକ୍ଷ ଥିଲେ ।

କୃପାନନ୍ଦ, ସ୍ୱାମୀ—(ଦୁଇଜଣ) ଲ୍ୟାଣ୍ଡସବର୍ଗ ଏବଂ ବୈକୁଣ୍ଠନାଥ ସାନ୍ୟାଲ ଦ୍ରଷ୍ଟବ୍ୟ ।

କୃଷ୍ଣମୟୀ— ଭକ୍ତ ବଳରାମ ବସୁଙ୍କ କନିଷ୍ଠା କନ୍ୟା ।

କୃଷ୍ଣଲାଲ (କେଷ୍ଟଲାଲ, ବ୍ରହ୍ମଚାରୀ)—ପରେ ସ୍ୱାମୀ ଧୀରାନନ୍ଦ; ଶ୍ରୀଶ୍ରୀମାଙ୍କର ମନ୍ତ୍ର-ଶିଷ୍ୟ, ମଠରେ ପ୍ରଥମ ଦୁର୍ଗାପୂଜାର ପୂଜକ ଥିଲେ ।

କୃଷ୍ଣାନନ୍ଦ, ସ୍ୱାମୀ—ପୂର୍ବ ନାମ କୃଷ୍ଣପ୍ରସନ୍ନ ସେନ, ବିଖ୍ୟାତ ବକ୍ତା ଓ ହିନ୍ଦୁଧର୍ମ-ପ୍ରଚାରକ । ଭଗବଦ୍‌ଗୀତାର ଟୀକା-ଲେଖକ ।

କ୍ରିଷ୍ଟିନ୍ (କ୍ରିଷ୍ଟିନ), ଭଗିନୀ—ଡେଟ୍ରୟେଟର୍ ମିସ୍ କ୍ରିଷ୍ଟିନ୍ ଗ୍ରୀନ୍‌ଷ୍ଟିଡେଲ, ସ୍ୱାମୀଜୀଙ୍କ ଶିଷ୍ୟା । ଭାରତୀୟ ନାରୀଶିକ୍ଷା-କାର୍ଯ୍ୟରେ ଭଗିନୀ ନିବେଦିତାଙ୍କ ସହକର୍ମିଣୀ; ସ୍ୱାମୀଜୀ ତାଙ୍କ ଆଧ୍ୟାତ୍ମିକତାର ବିଶେଷ ପ୍ରଶଂସା କରୁଥିଲେ ।

ଖଗେନ୍—ବିମଳାନନ୍ଦ ଦ୍ରଷ୍ଟବ୍ୟ ।

ଖୋକା (ସୁବୋଧ)—ସୁବୋଧାନନ୍ଦ ଦ୍ରଷ୍ଟବ୍ୟ ।

ଗଙ୍ଗାଧର (ଗଙ୍ଗା, ଗ୍ୟାଞ୍ଜେସ୍)—ଅଖଣ୍ଡାନନ୍ଦ ଦ୍ରଷ୍ଟବ୍ୟ ।

ଗଗନବାବୁ—ଗାଜିପୁରନିବାସୀ ଗଗନଚନ୍ଦ୍ର ରାୟ । ସ୍ୱାମୀଜୀ ଓ ଅନ୍ୟାନ୍ୟ ଗୁରୁ-ଭାଇମାନେ ପରିବ୍ରାଜକ ଅବସ୍ଥାରେ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ସେ ହିଁ ପଓହାରୀ ବାବାଙ୍କ ସହିତ ସ୍ୱାମୀଜୀଙ୍କର ପରିଚୟ କରାଇ ଦେଇଥିଲେ ।

ଗାର୍ଣ୍ଣସି, ମିସେସ୍—ନିଉୟର୍କ-ବାସିନୀ ଶିଷ୍ୟା, ସ୍ୱାମୀଜୀ ୧୮୯୪ ଖ୍ରୀଷ୍ଟାବ୍ଦରେ କିଛିଦିନ ପାଇଁ ଗାର୍ଣ୍ଣସି-ପରିବାରରେ ବାସ କରିଥିଲେ ।

ଗିରିଶବାବୁ—ଗିରିଶଚନ୍ଦ୍ର ଘୋଷ, ବିଖ୍ୟାତ ନଟ ଓ ନାଟ୍ୟକାର, ଶ୍ରୀରାମକୃଷ୍ଣଙ୍କର ଅନ୍ୟତମ ପ୍ରଧାନ ଭକ୍ତ । ସ୍ୱାମୀଜୀ ତାଙ୍କୁ 'ଜି. ସି.' (G.C.) ବୋଲି ଡାକୁଥିଲେ ।

ଗୁଡ୍‌ଇୟର୍—ନିଉୟର୍କର ମିଃ ଓ ମିସେସ୍ ଓ୍ୱାଲ୍‌ଟର୍ ଗୁଡ୍‌ଇୟର୍; ଆମେରିକାରେ ବେଦାନ୍ତପ୍ରଚାର-କାର୍ଯ୍ୟରେ ସ୍ୱାମୀଜୀଙ୍କୁ ସାହାଯ୍ୟ କରିଥିଲେ ।

ଗୁଡ୍‌ଉଇନ୍, ମିଃ. ଜେ. ଜେ.—ସ୍ୱାମୀଜୀଙ୍କର ଜଣେ ପ୍ରିୟ ଅନୁଗତ ଇଂରେଜ ଶିଷ୍ୟ । ସ୍ୱାମୀଜୀଙ୍କର ବହୁ ବକ୍ତୃତା ସେ ସାଙ୍କେତିକ ଲିପିରେ ଲେଖି ରଖିଥିଲେ, ସେଥିପାଇଁ ସେଗୁଡ଼ିକୁ ପାଇବା ସମ୍ଭବପର ହୋଇଛି । ସ୍ୱାମୀଜୀ କହୁଥିଲେ—Faithful Goodwin

(ବିଶପ୍ତ ଗୁଡ଼୍‌ଉଇନ୍) । ସ୍ୱାମୀଜୀଙ୍କ ସହିତ ସେ ଆମେରିକା, ଇଉରୋପ ଓ ଭାରତର ଅନେକ ସ୍ଥାନ ଭ୍ରମଣ କରିଥିଲେ । ଦକ୍ଷିଣ ଭାରତର ଉଟକାମଣ୍ଡଠାରେ ତାଙ୍କର ଅପ୍ରତ୍ୟାଶିତ ମୃତ୍ୟୁରେ ବ୍ୟଥିତ ହୋଇ ସ୍ୱାମୀଜୀ 'Requiescat in Peace' କବିତାଟି ଲେଖିଥିଲେ ।

ଗୁଣନିଧି—ଅଚ୍ୟୁତାନନ୍ଦ ଦ୍ରଷ୍ଟବ୍ୟ ।

ଗୁପ୍ତ (ଶରତ୍‌ଚନ୍ଦ୍ର ଗୁପ୍ତ)—ସଦାନନ୍ଦ ଦ୍ରଷ୍ଟବ୍ୟ ।

ଗୁରୁମହାରାଜ—ଶ୍ରୀରାମକୃଷ୍ଣଦେବ ।

ଗେଡ଼ିସ୍, ଅଧ୍ୟାପକ—ସ୍କଟଲାଣ୍ଡର ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ସମାଜ-ବିଜ୍ଞାନର ଅଧ୍ୟାପକ ପ୍ୟାଟ୍ରିକ୍ ଗେଡ଼ିସ୍; କିଛିଦିନ ବମ୍ବେ ବିଶ୍ୱବିଦ୍ୟାଳୟର ସମାଜ-ବିଜ୍ଞାନର ଅଧ୍ୟାପନା କରିଥିଲେ । ପରେ ଫ୍ରାନ୍ସରେ ଗୋଟିଏ କଲେଜ ସ୍ଥାପନ କରିଥିଲେ ।

ଗୋପାଳଦାଦା (ବୁଢ଼ା ଗୋପାଳ)—ଅଦ୍ୱୈତାନନ୍ଦ ଦ୍ରଷ୍ଟବ୍ୟ ।

ଗୋପାଳ-ମା—କାମାରହାଟି-ନିବାସିନୀ ଅଘୋରମଣି ଦେବୀ, ଉଚ୍ଚ-ଅନୁଭୂତି-ସମ୍ପନ୍ନା ବାତ୍ସଲ୍ୟଭାବରେ ସିଦ୍ଧା ସାଧିକା । ଶ୍ରୀରାମକୃଷ୍ଣଦେବଙ୍କୁ ସେ ଗୋପାଳଭାବରେ ଦେଖୁଥିଲେ ଏବଂ ସେହି ଭାବର ଅଦ୍ଭୁତ ଦର୍ଶନାଦି ତାଙ୍କର ହେଉଥିଲା । ସ୍ୱାମୀଜୀ ତାଙ୍କର ଅତି ସ୍ନେହର ପାତ୍ର ଥିଲେ ।

ଗୋବିନ୍ଦଚନ୍ଦ୍ର ବସୁ, ଡାଃ—ଏଲାହାବାଦର ଡାକ୍ତର, ତୀର୍ଥପର୍ଯ୍ୟଟନ କାଳରେ (୧୮୮୮ ଖ୍ରୀ:) ସ୍ୱାମୀଜୀ ଓ ଅନ୍ୟାନ୍ୟ ଗୁରୁଭ୍ରାତାମାନେ ତାଙ୍କ ଘରେ କିଛି ଦିନ ଅବସ୍ଥାନ କରିଥିଲେ ।

ଗୋବିନ୍ଦଲାଲ ସା—ସ୍ୱାମୀଜୀଙ୍କର ଅଲମୋଡ଼ା-ନିବାସୀ ଭକ୍ତ ।

ଗୋବିନ୍ଦ ସହାୟ—ଆଲୱାର୍-ନିବାସୀ ସ୍ୱାମୀଜୀଙ୍କର ଶିଷ୍ୟ ।

ଗୋଲାପ-ମା—ଗୋଲାପମଣି ଦେବୀ, ଶ୍ରୀରାମକୃଷ୍ଣଙ୍କ ଶିଷ୍ୟା, ସେ ବହୁ ବର୍ଷ ଶ୍ରୀଶ୍ରୀମା'ଙ୍କର ସେବା କରିଥିଲେ । 'ଶୋକାତୁରା ବ୍ରାହ୍ମଣୀ'—ଏହି ନାମରେ 'କଥାମୃତ'ରେ ତାଙ୍କର ପରିଚୟ ଦିଆହୋଇଛି ।

ଗୌରି-ମା—(ଗୌରୀ-ମା, ଗୌରଦାସୀ) ଶ୍ରୀରାମକୃଷ୍ଣଦେବଙ୍କର ଶିଷ୍ୟା, ସନ୍ନ୍ୟାସିନୀ ।

ଗ୍ରିଫିନ୍, ଲେପେଲ୍—ସାର୍ ଲେପେଲ୍ ଗ୍ରିଫିନ୍ ଭାରତୀୟମାନଙ୍କର ବିରୁଦ୍ଧବାଦୀ ଥିଲେ । ରବୀନ୍ଦ୍ରରଚନାବଳୀରେ 'ସମୂହ'-ଗ୍ରନ୍ଥର ପରିଶିଷ୍ଟରେ ତାହାର ସାକ୍ଷ୍ୟ ମିଳେ ।

ଚକ୍ରବର୍ତ୍ତୀ, ଜ୍ଞାନେନ୍ଦ୍ରନାଥ—ଏଲାହାବାଦ୍‌ରେ ଅଧ୍ୟାପକ ଥିଲେ, ପରବର୍ତ୍ତୀ କାଳରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନ୍‌ସେଲର୍ ହୋଇଥିଲେ । ୧୮୯୩ ଖ୍ରୀଷ୍ଟାବ୍ଦରେ ଥିଓସଫି ସମ୍ପ୍ରଦାୟର ପ୍ରତିନିଧି ରୂପେ ଚିକାଗୋ ଧର୍ମମହାସଭାରେ ଯୋଗଦାନ କରିଥିଲେ ।

ଚାରୁ—ଚାରୁଚନ୍ଦ୍ର ବସୁ, ପାଲିଭାଷାରେ ପଣ୍ଡିତ, ପ୍ରସିଦ୍ଧ ପାଲିଗ୍ରନ୍ଥ 'ଧର୍ମପଦ'ର

ବଙ୍ଗଳା ଅନୁବାଦକ ଓ 'ଅଶୋକ-ଅନୁଶାସନ' ପ୍ରଭୃତି ପୁସ୍ତକର ଲେଖକ ।

ଚୁନିବାବୁ—ବାଗ୍‌ବଜାର-ନିବାସୀ ଚୁନିଲାଲ୍ ବସୁ, ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତ ।

ଛବିଲ ଦାସ—ବମ୍ବେର ବିଖ୍ୟାତ ବାରିଷ୍ଟର ଶେଠ୍ ରାମଦାସ ଛବିଲଦାସ । ଆମେରିକା-ଯାତ୍ରା ପୂର୍ବରୁ ସ୍ୱାମୀଜୀ ତାଙ୍କର ଅତିଥି ହୋଇଥିଲେ ।

ଜଗମୋହନ—ମୁନ୍‌ସୀ ଜଗମୋହନ ଲାଲ୍, ଖେତଡ଼ିର ମହାରାଜାଙ୍କର ପ୍ରାଇଭେଟ୍ ସେକ୍ରେଟେରି, ସ୍ୱାମୀଜୀଙ୍କର ଅନୁଗତ ଭକ୍ତ; ଆମେରିକା-ଯାତ୍ରା ସମୟରେ ସେ ସ୍ୱାମୀଜୀଙ୍କୁ ଜାହାଜରେ ଉଠାଇ ଦେଇଥିଲେ ।

ଜଜ୍– ଥିଓସଫିକାଲ୍ ସୋସାଇଟିର ଆମେରିକା-କେନ୍ଦ୍ରର ଅଧ୍ୟକ୍ଷ ।

ଜନ୍‌ସନ୍, ମିସେସ୍—ଇଂଲଣ୍ଡରେ ବେଦାନ୍ତ-ପ୍ରଚାରକାର୍ଯ୍ୟରେ ସ୍ୱାମୀଜୀଙ୍କୁ ନାନା ଭାବରେ ସାହାଯ୍ୟ କରିଥିଲେ ।

ଜନ୍‌ଷ୍ଟନ୍, ମିଃ (ଜନ୍‌ସନ୍)—ଚାର୍ଲସ ଜନ୍‌ସନ୍, ବ୍ରହ୍ମଚର୍ଯ୍ୟ-ବ୍ରତ ଗ୍ରହଣ ପରେ 'ବ୍ରହ୍ମଚାରୀ ଅମୃତାନନ୍ଦ' ନାମରେ ପରିଚିତ ହୋଇଥିଲେ । ମାୟାବତୀ ଅଦ୍ୱୈତ ଆଶ୍ରମରେ କେତେ ବର୍ଷ ବାସ କରିଥିଲେ ।

ଜିନ, ଭଗିନୀ—ସ୍ୱାମୀଜୀ ଯେତେବେଳେ ମିଃ ହିଉଏଲ୍ ବିଙ୍କଲିଙ୍କର ଅତିଥି ହୋଇ ମେମ୍‌ଫିସ୍‌ଙ୍କର ଗୋଟିଏ ବୋର୍ଡିଂ ହାଉସ୍‌କୁ ଯାଇଥିଲେ, ତାହାର ମାଲିକ ଥିଲେ ମିସ୍ ଭର୍ଜିନିଆ ମୁନ୍; ସମସ୍ତେ ତାଙ୍କୁ ଆଦରରେ 'ଭଗିନୀ ଜିନ' ବୋଲି ଡାକୁଥିଲେ । ମିସ୍ ମୁନ୍ ଉକ୍ତ ବୋର୍ଡିଂ ହାଉସ୍‌ରେ ସ୍ୱାମୀଜୀଙ୍କ ପାଇଁ ଗୋଟିଏ ଦରବାର ଆୟୋଜନ କରିଥିଲେ । ଦ୍ରଷ୍ଟବ୍ୟ New Discoveries, p. 144.

ଜି.ଜି.—ବାଙ୍ଗାଲୋରର ନରସିଂହାଚାରିଅର୍, ସ୍ୱାମୀଜୀଙ୍କର ଅନୁଗତ ଭକ୍ତ, ମାନ୍ଦ୍ରାଜରୁ ପ୍ରକାଶିତ 'ବ୍ରହ୍ମବାଦିନ୍' ପତ୍ରିକା ସହିତ ଯୁକ୍ତ ଥିଲେ ।

ଜୁଲ୍, ବୋଏ—ଫରାସୀ ଦେଶର ବିଖ୍ୟାତ ଦାର୍ଶନିକ ଓ ସାମ୍ବାଦିକ । ସ୍ୱାମୀଜୀ ପ୍ୟାରିସ୍‌ରେ କିଛିଦିନ ପାଇଁ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ସେ ସ୍ୱାମୀଜୀଙ୍କ ସଙ୍ଗରେ ଇଉରୋପର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ ।

ଜେନସ୍, ଡକ୍ଟର ଲୁଇ ଜି.—ପ୍ରସିଦ୍ଧ ବକ୍ତା ଓ ପଣ୍ଡିତ, ସେ ବ୍ରୁକଲିନ୍ ଏଥିକାଲ୍ ଅସୋସିଏସନ୍‌ର ସଭାପତି ଏବଂ ସ୍କୁଲ ଅଫ୍ କମ୍ପ୍ୟାରେଟିଭ୍ ରିଲିଜିଅନ୍‌ର ପ୍ରଧାନ ପରିଚାଳକ; ଅସୋସିଏସନ୍‌ରେ ହିନ୍ଦୁଧର୍ମ ପ୍ରସଙ୍ଗରେ ଧାରାବାହିକ ବକ୍ତୃତା କରିବା ପାଇଁ ସ୍ୱାମୀଜୀଙ୍କୁ ଆହ୍ୱାନ କରିଥିଲେ ।

ଜେମସ୍, ଡକ୍ଟର ଉଇଲିୟମ୍—ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରସିଦ୍ଧ ଦାର୍ଶନିକ ପଣ୍ଡିତ, 'Varieties of Religious Experience' ପ୍ରଭୃତି ଦାର୍ଶନିକ ଗ୍ରନ୍ଥର ଲେଖକ । ସ୍ୱାମୀଜୀଙ୍କ ସହିତ ବ୍ୟକ୍ତିଗତ ପରିଚୟ ଓ କଥାବାର୍ତ୍ତା ଫଳରେ ସେ ସ୍ୱାମୀଜୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ ।

ଜୋ—ମିସ୍ ଜୋସେଫିନ୍ ମ୍ୟାକ୍‌ଲାଉଡ୍ ଦ୍ରଷ୍ଟବ୍ୟ ।

ଟାଟା, ସାର୍ ଜାମ୍‌ସେଦ୍‌ଜୀ—ବମ୍ବେର ପ୍ରସିଦ୍ଧ ଧନକୁବେର । ଜାମସେଦ୍‌ପୁରରେ ବୃହତ୍ତ ଲୌହ ଓ ଇସ୍ପାତ କାରଖାନା, ବାଙ୍ଗାଲୋର୍‌ରେ ବୈଜ୍ଞାନିକ ଗବେଷଣାଗାର ପ୍ରଭୃତିର ପ୍ରତିଷ୍ଠାତା ।

ଟର୍ଣ୍ଣବୁଲ୍, ଡଃ—୧୮୯୭ ଖ୍ରୀଷ୍ଟାବ୍ଦର ଶେଷଭାଗରେ ଚିକାଗୋର ଡଃ ଟର୍ଣ୍ଣବୁଲ ନାମକ ସ୍ୱାମୀଜୀଙ୍କର ଜଣେ ଆମେରିକାନ୍ ଭକ୍ତ କଲିକତାକୁ ଆସିଥିଲେ । ସେ ଆଲମ୍‌ବଜାର ମଠକୁ ଆସି ସଂସ୍କୃତ ବ୍ୟାକରଣ ଶିଖୁଥିଲେ, ଜ୍ୟୋତିଷ-ବିଦ୍ୟା ଜାଣିଥିଲେ ଏବଂ ଶ୍ରୀରାମକୃଷ୍ଣଙ୍କର କୋଷ୍ଠୀ ବିଚାର କରି କହିଥିଲେ, 'ଏ ଜୀବର ଉଦ୍ଧାରକର୍ତ୍ତା ଓ ଅଜ୍ଞାନାନ୍ଧକାର-ନାଶକ ।'

ଟେସ୍‌ଲ—ମିଃ ନିକାଲେ ଟେସ୍‌ଲ, ଆମେରିକାର ଜଣେ ବିଖ୍ୟାତ ତଡ଼ିତ୍-ତତ୍ତ୍ୱବିଦ୍ । ସ୍ୱାମୀଜୀଙ୍କ ମୁଖରୁ ସାଂଖ୍ୟ ଦର୍ଶନର ବ୍ୟାଖ୍ୟା ଶୁଣି ମୁଗ୍ଧ ହୋଇଥିଲେ; ସେଥିରେ ବର୍ଣ୍ଣିତ ସୃଷ୍ଟି-ତତ୍ତ୍ୱ ଶ୍ରେଷ୍ଠ ବୋଲି ସ୍ୱୀକାର କରିଥିଲେ ।

ଠାକୁର ସାହେବ—ଗୁଜରାଟ ଅନ୍ତର୍ଗତ ଲିମଡିର ମହାରାଜା ଏବଂ ସ୍ୱାମୀଜୀଙ୍କର ଶିଷ୍ୟ । ସ୍ୱାମୀଜୀ ତାଙ୍କର ପ୍ରାସାଦରେ ଆତିଥ୍ୟ ସ୍ୱୀକାର କରିଥିଲେ ।

ଡଏସନ୍, ଅଧ୍ୟାପକ—ପଲ୍ ଡଏସନ୍ ଜର୍ମାନର ପ୍ରସିଦ୍ଧ ପ୍ରାଚ୍ୟଦର୍ଶନବିତ୍, କଏଲ୍ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ରର ଅଧ୍ୟାପକ । ସେ ଶାଙ୍କରଭାଷ୍ୟ-ସମେତ ବେଦାନ୍ତସୂତ୍ର, ୬୦ ଖଣ୍ଡ ଉପନିଷଦ୍ ଓ ମହାଭାରତର କିଛି ଅଂଶ ଜର୍ମାନ୍ ଭାଷାରେ ଅନୁବାଦ କରିଥିଲେ । ସେ ସ୍ୱାମୀଜୀଙ୍କୁ ନିଜ ବାସଭବନକୁ ଆମନ୍ତ୍ରଣ କରିଥିଲେ । ସ୍ୱାମୀଜୀ ତାଙ୍କ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି ।

ଡାକ୍ତର—ନାଞ୍ଜୁଣ୍ଡ ରାଓ ଦ୍ରଷ୍ଟବ୍ୟ ।

ଡାଚ୍ଚର, ମିସ୍—ସ୍ୱାମୀଜୀଙ୍କ ଶିଷ୍ୟା, ସେଣ୍ଟଲରେନ୍‌ସ ନଦୀବକ୍ଷରେ ସହସ୍ରଦ୍ୱୀପୋ-ଦ୍ୟାନରେ ତାଙ୍କର ନିର୍ଜନ ଆବାସରେ ସ୍ୱାମୀଜୀ କିଛିଦିନ ଅବସ୍ଥାନ କରି ବାରଜଣ ଶିଷ୍ୟ-ଶିଷ୍ୟାଙ୍କୁ ବେଦାନ୍ତ ଶିକ୍ଷା ଦେଇଥିଲେ ।

ଡେ, ଡାକ୍ତର—ସ୍ୱାମୀଜୀଙ୍କର ଭକ୍ତ ଡାକ୍ତର ଏଲେନ୍ ଡେ ।

ତାରକ (ତାରକଦାଦା)—ଶିବାନନ୍ଦ ଦ୍ରଷ୍ଟବ୍ୟ ।

ତୁରୀୟାନନ୍ଦ, ସ୍ୱାମୀ (ହରିନାଥ) - ଶ୍ରୀରାମକୃଷ୍ଣଦେବଙ୍କର ସନ୍ନ୍ୟାସୀ ଶିଷ୍ୟ, ଆବାଲ୍ୟ ବୈଦାନ୍ତିକ; ସ୍ୱାମୀଜୀ ଦ୍ୱିତୀୟଥର ଆମେରିକାକୁ ଯିବା ସମୟରେ ତାଙ୍କୁ ସାଙ୍ଗରେ ନେଇଯାଇଥିଲେ । ଆମେରିକାରେ 'ଶାନ୍ତି ଆଶ୍ରମ' ତାଙ୍କଦ୍ୱାରା ପ୍ରତିଷ୍ଠିତ । ତାଙ୍କର ଉଦ୍ଦୀପନାପୂର୍ଣ୍ଣ ପତ୍ରଗୁଡ଼ିକ ସାଧକ-ଜୀବନର ପଥନିର୍ଦ୍ଦେଶକ । ସ୍ୱାମୀଜୀ ତାଙ୍କୁ 'ହରିଭାଇ' କହୁଥିଲେ ।

ତୁଳସୀ—ନିର୍ମଳାନନ୍ଦ ଦ୍ରଷ୍ଟବ୍ୟ ।

ତୁଳସୀବାବୁ—ତୁଳସୀରାମ ଘୋଷ, ସ୍ୱାମୀ ପ୍ରେମାନନ୍ଦଙ୍କ ଜ୍ୟେଷ୍ଠଭ୍ରାତା; ସେ ଶ୍ରୀରାମକୃଷ୍ଣଦେବଙ୍କୁ ଅନେକ ଥର ଦର୍ଶନ କରିଥିଲେ ।

ତ୍ରିଗୁଣାତୀତାନନ୍ଦ, ସ୍ୱାମୀ (ସାରଦା)—ଶ୍ରୀରାମକୃଷ୍ଣଦେବଙ୍କର ସନ୍ନ୍ୟାସୀ ଶିଷ୍ୟ। ସ୍ୱାମୀଜୀଙ୍କ ନିର୍ଦ୍ଦେଶରେ ସେ 'ଉଦ୍‌ବୋଧନ' ପତ୍ରିକା ପ୍ରକାଶ କରିବାକୁ ଆରମ୍ଭ କରିଥିଲେ ଏବଂ ଆମେରିକା-ଯାତ୍ରାର ପୂର୍ବ ପର୍ଯ୍ୟନ୍ତ ତାହାର ସମ୍ପାଦକ ଥିଲେ। ପତ୍ରିକାର ପ୍ରକାଶ ଓ ପ୍ରଚାର ପାଇଁ ତାଙ୍କୁ ଅତ୍ୟନ୍ତ କଠିନ ପରିଶ୍ରମ କରିବାକୁ ପଡ଼ୁଥିଲା। ଆମେରିକାରେ ମଧ୍ୟ ସେ 'Voice of Freedom' ନାମକ ମାସିକ ପତ୍ରିକା ପ୍ରକାଶ କରିଥିଲେ। ସ୍ୟାନ୍ ଫ୍ରାନ୍‌ସିସ୍କୋର ବେଦାନ୍ତମନ୍ଦିର ତାଙ୍କ ଦ୍ୱାରା ହିଁ ପ୍ରତିଷ୍ଠିତ। ଆମେରିକାର ପଶ୍ଚିମ ଉପକୂଳରେ ବେଦାନ୍ତକୁ ସୁପ୍ରତିଷ୍ଠିତ କରିବା ଅନେକାଂଶରେ ତାଙ୍କର ହିଁ କୃତିତ୍ୱ। ସେ ଆମେରିକାରେ ଦେହତ୍ୟାଗ କରିଥିଲେ।

ଥାର୍ସବି, ମିସ୍ ଏମା—ବିଖ୍ୟାତ ଗାୟିକା, ପାଶ୍ଚାତ୍ୟରେ ବେଦାନ୍ତପ୍ରଚାର-କାର୍ଯ୍ୟରେ ସେ ନାନା ଭାବରେ ସ୍ୱାମୀଜୀଙ୍କୁ ସାହାଯ୍ୟ କରିଥିଲେ। ସେ ମିସେସ୍ ବୁଲ୍‌ଙ୍କ ବନ୍ଧୁ ଏବଂ ମିସ୍ ଫିଲିପ୍‌ସ ଓ ମିସ୍ ସ୍ମିଥ୍‌ଙ୍କ ସହିତ ନିଉୟର୍କ ବେଦାନ୍ତ-ସମିତିର ସଭ୍ୟା ହୋଇଥିଲେ।

ଦକ୍ଷ (ଦକ୍ଷରାଜା)—ସ୍ୱାମୀ ଜ୍ଞାନାନନ୍ଦ, କିଛି କାଳ ପାଇଁ ବରାହନଗର ମଠରେ ଥିଲେ।

ଦମ୍‌ଦମ୍ ମାଷ୍ଟର—ଯଜ୍ଞେଶ୍ୱରଚନ୍ଦ୍ର ଘୋଷ, ଦମ୍‌ଦମ୍‌ର ଗୋଟିଏ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ ବୋଲି ତାଙ୍କୁ 'ଦମ୍‌ଦମ୍ ମାଷ୍ଟର' କୁହାଯାଉଥିଲା। ବରାହନଗର ଓ ଆଲମ୍‌ବଜାର ମଠକୁ ଯାତାୟାତ କରୁଥିଲେ।

ଦୟାନନ୍ଦ, ସ୍ୱାମୀ— ଆର୍ଯ୍ୟସମାଜର ପ୍ରତିଷ୍ଠାତା ଦୟାନନ୍ଦ ସରସ୍ୱତୀ (୧୮୨୪-୮୩)। ସଂସ୍କୃତଜ୍ଞ ପଣ୍ଡିତ ସନ୍ନ୍ୟାସୀ—ବେଦକୁ ଅବଲମ୍ବନ କରି ଧର୍ମ ଓ ସମାଜ-ସଂସ୍କାରରେ ଅଗ୍ରଣୀ ହୋଇଥିଲେ। କଲିକତାରେ ଥିବା ସମୟରେ ଥରେ ଶ୍ରୀରାମକୃଷ୍ଣଙ୍କ ସହିତ ତାଙ୍କର ଦେଖା ହୋଇଥିଲା। ୧୮୭୫ ଖ୍ରୀଷ୍ଟାବ୍ଦରେ ବମ୍ବେଠାରେ ଆର୍ଯ୍ୟସମାଜ ପ୍ରତିଷ୍ଠା କରିଥିଲେ।

ଦାଶୁ— ଦାଶରଥି ସାନ୍ୟାଲ୍, ସ୍ୱାମୀଜୀଙ୍କର ସହପାଠୀ ଓ ବିଶେଷ ବନ୍ଧୁ, ପରେ କଲିକତା ହାଇକୋର୍ଟର ବିଖ୍ୟାତ ଓକିଲ ହୋଇଥିଲେ।

ଦୀନନାଥ (ଦୀନୁ)—ସଚ୍ଚିଦାନନ୍ଦ ଦ୍ରଷ୍ଟବ୍ୟ।

ଦେବେନ୍ଦ୍ରନାଥ ଠାକୁର, ମହର୍ଷି— କବି ରବୀନ୍ଦ୍ରନାଥ ଠାକୁରଙ୍କ ପିତା; ଊନବିଂଶ ଶତକର ଅନ୍ୟତମ ଚିନ୍ତାନାୟକ ଏବଂ ରାମମୋହନଙ୍କ ଭାବାଦର୍ଶରେ ଆଦି ବ୍ରାହ୍ମସମାଜର ପ୍ରତିଷ୍ଠାତା। ଏହାଙ୍କ ଉଦ୍ୟୋଗରେ 'ତତ୍ତ୍ୱବୋଧିନୀ' ପତ୍ରିକା ପ୍ରକାଶିତ ହୋଇଥିଲା।

ଧର୍ମପାଲ— ଅନାଗାରିକ ଧର୍ମପାଳ; କଲିକତା ମହାବୋଧି ସୋସାଇଟି ଏବଂ ସାରନାଥ ମହାବୋଧି ମନ୍ଦିରର ପ୍ରତିଷ୍ଠାତା। ୧୮୯୩ ଖ୍ରୀଷ୍ଟାବ୍ଦରେ ଚିକାଗୋ ଧର୍ମ-ମହାସଭାରେ ବୌଦ୍ଧଧର୍ମର ପ୍ରତିନିଧି ରୂପେ ଉପସ୍ଥିତ ଥିଲେ। ୧୮୯୮ ଖ୍ରୀଷ୍ଟାବ୍ଦରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ କରିବାକୁ ବେଲୁଡ଼ ମଠକୁ ଆସିଥିଲେ।

ଧୀରାମାତା (ସ୍ଥିରମାତା)—ବୁଲ୍ (ମିସେସ୍ ଓଲ୍) ଦ୍ରଷ୍ଟବ୍ୟ ।

ନ-ଘୋଷ୍— ନଗେନ୍ଦ୍ରନାଥ ଘୋଷ; ମେଟ୍ରୋପଲିଟାନ୍ କଲେଜର ଅଧ୍ୟକ୍ଷ ଏବଂ 'ଇଣ୍ଡିଆନ୍ ନେଶନ୍' ପତ୍ରିକାର ସମ୍ପାଦକ ।

ନଗରକାର, ବି. ବି.—ବମ୍ବେରୁ ପ୍ରାର୍ଥନା-ସମାଜର ପ୍ରତିନିଧି ରୂପେ ଚିକାଗୋ ଧର୍ମମହାସଭାରେ ଯୋଗଦାନ କରିଥିଲେ ଏବଂ ଉକ୍ତ ମହାସଭାର ଉପଦେଷ୍ଟା ପରିଷଦର ସଦସ୍ୟ ଥିଲେ ।

ନଗେନ୍ଦ୍ରନାଥ ଗୁପ୍ତ— ଲାହୋରର 'ଟ୍ରିବ୍ୟୁନ୍' ପତ୍ରିକାର ସମ୍ପାଦକ । ଆମେରିକାରୁ ଫେରି କାଶ୍ମୀର ଓ ପଞ୍ଜାବ ଭ୍ରମଣ ସମୟରେ ସ୍ୱାମୀଜୀ ତାଙ୍କର ଅତିଥି ହୋଇଥିଲେ । ଦ୍ରଷ୍ଟବ୍ୟ—Reflecti ns and Reminiscences : Nagendranath Gupta.

ନଞ୍ଜୁଣ୍ଡ ରାଓ, ଡାକ୍ତର— ମାନ୍ଦ୍ରାଜର (ମୟୂଲପୁର) ଅଧିବାସୀ, ସେହି ସମୟର ପ୍ରସିଦ୍ଧ ଚିକିତ୍ସକ, ସ୍ୱାମୀଜୀଙ୍କର ଅନୁଗତ ଭକ୍ତ । ସେ ମାନ୍ଦ୍ରାଜରୁ ପ୍ରକାଶିତ 'ପ୍ରବୁଦ୍ଧ ଭାରତ' ପତ୍ରିକା ପ୍ରକାଶର ପ୍ରଧାନ ଉଦ୍ୟୋଗୀ ଥିଲେ ।

ନରସିଂହାଚାରିଆର୍—ଜି. ଜି. ଦ୍ରଷ୍ଟବ୍ୟ ।

ନରସିଂହାଚାରିଆର୍, ରାଓ ବାହାଦୁର— ମହୀଶୂର ସରକାରଙ୍କର ପ୍ରତ୍ନତତ୍ତ୍ୱ-ବିଭାଗର ଡିରେକ୍ଟର ।

ନରସିଂହାଚାର୍ଯ୍ୟ (ନରସିମା)— ବୈଷ୍ଣବ ଓ ବିଶିଷ୍ଟାଦ୍ୱୈତବାଦୀ ସମ୍ପ୍ରଦାୟର ପ୍ରତିନିଧି ରୂପେ ଚିକାଗୋ ଧର୍ମମହାସଭାରେ ଯୋଗଦାନ କରିଥିଲେ । ଆମେରିକାରେ ସ୍ୱାମୀଜୀଙ୍କ ସହିତ ପରିଚୟ ହୋଇଥିଲା ।

ନ୍ୟାଡା (ନାଡୁ)— ସ୍ୱାମୀଜୀଙ୍କର ଭାଗିନେୟ । ମଠର ବ୍ରହ୍ମଚାରୀ ।

ନାଗ-ମହାଶୟ— ପୂର୍ବ ବଙ୍ଗର ଦୁର୍ଗାଚରଣ ନାଗ; ଶ୍ରୀରାମକୃଷ୍ଣଙ୍କର ଅନ୍ୟତମ ପ୍ରଧାନ ଗୃହୀ ଭକ୍ତ । ଗୃହୀ ହୋଇ ମଧ୍ୟ ସନ୍ନ୍ୟାସୀଙ୍କ ପରି ଜୀବନଯାପନ କରୁଥିଲେ ଏବଂ ଅତ୍ୟନ୍ତ ଭକ୍ତିମାନ ସାଧକ ଓ ଦୀନତାର ପ୍ରତିମୂର୍ତ୍ତି ଥିଲେ । ପାଶ୍ଚାତ୍ୟ ଦେଶରୁ କଲିକତା ଫେରିବା ପରେ ନାଗ-ମହାଶୟ ସ୍ୱାମୀଜୀଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସ୍ୱାମୀଜୀ ମଧ୍ୟ ପୂର୍ବବଙ୍ଗ ଭ୍ରମଣକାଳରେ ଦେଓଭୋଗ ଗ୍ରାମରେ ଥିବା ନାଗ-ମହାଶୟଙ୍କ ଘରକୁ ଯାଇଥିଲେ । ଦ୍ରଷ୍ଟବ୍ୟ— ଶ୍ରୀଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପ୍ରଣୀତ 'ସାଧୁ ନାଗ-ମହାଶୟ' (ବଙ୍ଗ ଭାଷାରେ) ।

ନାରାୟଣ ଦାସ—ସଂସ୍କୃତ ବୈୟାକରଣ ଓ ଖେତଡ଼ିର ରାଜା ଅଜିତ୍ ସିଂହଙ୍କ ସଭାପଣ୍ଡିତ; ସ୍ୱାମୀଜୀ ତାଙ୍କ ନିକଟରୁ ପତଞ୍ଜଳି-କୃତ ପାଣିନିସୂତ୍ରର ଟୀକା 'ମହାଭାଷ୍ୟ' ଅଧ୍ୟୟନ କରିଥିଲେ ଏବଂ ପତ୍ରାବଳୀରେ 'ମଦୀୟ ଅଧ୍ୟାପକ' ବୋଲି ଶ୍ରଦ୍ଧା ପ୍ରକାଶ କରିଛନ୍ତି ।

ନିତ୍ୟଗୋପାଳ— ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ; ପରେ ଜ୍ଞାନାନନ୍ଦ ଅବଧୂତ ।

ନିତ୍ୟାନନ୍ଦ, ସ୍ୱାମୀ (ଯୋଗେନ୍ ଚଟ୍ଟୋପାଧ୍ୟାୟ)— ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । ବରାହନଗରର ଅଧିବାସୀ, ମଠ ଆରମ୍ଭରୁ ଯିବା ଆସିବା କରୁଥିଲେ । ୧୮୯୭ ଖ୍ରୀଷ୍ଟାବ୍ଦରେ ଆଲମ୍‌ବଜାର ମଠରେ ସନ୍ନ୍ୟାସ ଗ୍ରହଣ କରିଥିଲେ । ଦୁର୍ଭିକ୍ଷ-ପୀଡ଼ିତ ମୁର୍ଶିଦାବାଦର ମହୁଲା ଗ୍ରାମରେ ରାମକୃଷ୍ଣ ମିଶନର ପ୍ରଥମ ସେବାକାର୍ଯ୍ୟରେ ସେ ସ୍ୱାମୀ ଅଖଣ୍ଡାନନ୍ଦଙ୍କ ଅନ୍ୟତମ ସହକାରୀ ଥିଲେ ।

ନିବେଦିତା, ଭଗିନୀ— ମିସ୍ ମାର୍ଗାରେଟ୍ ଇ ନୋବ୍‌ଲ୍; ସ୍ୱାମୀଜୀଙ୍କର ଶିଷ୍ୟା । ସ୍ୱାମୀଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତର ସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ । ଏ ଦେଶରେ ସ୍ତ୍ରୀ-ଶିକ୍ଷା-ବିସ୍ତାର-କାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ ଏବଂ ଭାରତର ମୁକ୍ତି-ଆନ୍ଦୋଳନ ସହିତ ମଧ୍ୟ ଜଡ଼ିତ ଥିଲେ । The Master as I saw Him, Notes of some Wanderings with Swami Vivekananda, Web of Indian Life, Cradle Tales of Hinduism ପ୍ରଭୃତି ଗ୍ରନ୍ଥର ରଚୟିତ୍ରୀ । ୧୯୧୧ ଖ୍ରୀଷ୍ଟାବ୍ଦରେ ଦାର୍ଜିଲିଂରେ ଦେହତ୍ୟାଗ କରିଥିଲେ । କଲିକତାରେ ବାଗ୍‌ବଜାର ଅଞ୍ଚଳରେ ଭାରତୀୟ ଆଦର୍ଶରେ ସ୍ତ୍ରୀ-ଶିକ୍ଷାଦାନ ପାଇଁ ଗୋଟିଏ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ; ବର୍ତ୍ତମାନ 'ନିବେଦିତା ବାଳିକା ବିଦ୍ୟାଳୟ' ନାମରେ ପରିଚିତ ।

ନିରଞ୍ଜନାନନ୍ଦ, ସ୍ୱାମୀ (ନିରଞ୍ଜନ)— ପୂର୍ବନାମ ନିତ୍ୟ ନିରଞ୍ଜନ ଘୋଷ । ଶ୍ରୀରାମକୃଷ୍ଣଙ୍କର ସନ୍ନ୍ୟାସୀ ଶିଷ୍ୟ । ନିର୍ଭୀକ ଓ ସରଳ ପ୍ରକୃତିର ଥିଲେ ବୋଲି ସ୍ୱାମୀଜୀ ତାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ।

ନିର୍ଭୟ, ନିର୍ଭୟାନନ୍ଦ— ପୂର୍ବାଶ୍ରମର ନାମ କାନାଇ ସେନ୍ । ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ ।

ନିର୍ମଳାନନ୍ଦ, ସ୍ୱାମୀ (ତୁଳସୀ)—କଲିକତା ବାଗ୍‌ବଜାର ଅଞ୍ଚଳର ଅଧିବାସୀ । ସେ କେତେଥର ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିଥିଲେ । ବରାହନଗର ମଠରେ ସ୍ୱାମୀଜୀଙ୍କ ନିକଟରୁ ସନ୍ନ୍ୟାସ ଗ୍ରହଣ କରିଥିଲେ । ୧୯୦୩ ଖ୍ରୀଷ୍ଟାବ୍ଦରେ ବେଦାନ୍ତ-ପ୍ରଚାରକାର୍ଯ୍ୟରେ ଆମେରିକାକୁ ପ୍ରେରିତ ହୋଇଥିଲେ । ପରେ ବାଙ୍ଗାଲୋର ଓ ଦକ୍ଷିଣ ଭାରତର ନାନା ସ୍ଥାନରେ ଧର୍ମପ୍ରଚାର କରିଥିଲେ ।

ନୀଳାମ୍ବରବାବୁ—ନୀଳାମ୍ବର ମୁଖୋପାଧ୍ୟାୟ, କାଶ୍ମୀର ରାଜ୍ୟର ପ୍ରଧାନମନ୍ତ୍ରୀ ଥିଲେ । ବେଲୁଡ଼ରେ ଗଙ୍ଗାତୀରସ୍ଥ ତାଙ୍କ ଘରେ ଶ୍ରୀଶ୍ରୀମା କିଛିଦିନ ବାସ କରିଥିଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ ଆଲମ୍‌ବଜାରରୁ ରାମକୃଷ୍ଣ ମଠ ସେଠାକୁ ସ୍ଥାନାନ୍ତରିତ ହୋଇଥିଲା ।

ନୋବଲ୍, ମିସ୍—ଭଗିନୀ ନିବେଦିତା ଦ୍ରଷ୍ଟବ୍ୟ ।

ପଣ୍ଡିତଜୀ ମହାରାଜ—ଶଙ୍କର ଲାଲ୍ ଦ୍ରଷ୍ଟବ୍ୟ ।

ପଲ୍ କେରସ୍, ଡଃ—ପ୍ରସିଦ୍ଧ ବୌଦ୍ଧ ଧର୍ମାବଲମ୍ବୀ; ବୁଦ୍ଧଙ୍କ ସମ୍ବନ୍ଧରେ ଗ୍ରନ୍ଥାଦିର ରଚୟିତା ।

ପଓହାରୀ ବାବା—ଗାଜୀପୁରର ବିଖ୍ୟାତ ଯୋଗୀ, ସ୍ୱାମୀଜୀ ତାଙ୍କ ନିକଟରୁ

ହଠଯୋଗ ଶିକ୍ଷା କରିବାକୁ ଇଚ୍ଛା କରି କିଛୁଦିନ ଯିବା ଆସିବା କରିଥିଲେ । ସ୍ୱାମୀଜୀଙ୍କ ଲେଖା 'ପଓହାରି ବାବା' ପ୍ରବନ୍ଧ ଦ୍ରଷ୍ଟବ୍ୟ, ୮ମ ଖଣ୍ଡ ।

ପାମାର୍, ଟମାସ—ବିଶ୍ୱମହାମେଳାର (World's Fair Commission) ସଭାପତି ମିଃ ଟମାସ୍ ପାମାରଙ୍କ ଡେଟ୍ରୟେଟ୍ ଘରେ ଅତିଥି ରୂପରେ ସ୍ୱାମୀଜୀ ଏକ ପକ୍ଷକାଳ ବାସ କରିଥିଲେ । ସେ ପୂର୍ବେ ସ୍ପେନ୍ ଦେଶରେ ଯୁକ୍ତରାଷ୍ଟ୍ରର ରାଜଦୂତ ଥିଲେ ଏବଂ ଯୁକ୍ତରାଷ୍ଟ୍ରର ସିନେଟର୍ ହୋଇଥିଲେ ।

ପୁରୁଷୋତ୍ତମ ଯୋଶୀ—ଚିକାଗୋ ଧର୍ମସଭାର ପ୍ରତିନିଧି ରୂପେ ଯୋଗଦାନ କରିଥିଲେ । ପ୍ରତାପ ମଜୁମଦାରଙ୍କର Lectures in America ଦ୍ରଷ୍ଟବ୍ୟ ।

ପୂର୍ଣ୍ଣଚନ୍ଦ୍ର ଘୋଷ—ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତ । ପିଲାଦିନେ 'କଥାମୃତ'-କାର ଶ୍ରୀମ-ଙ୍କ ହାତରେ ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିଥିଲେ । ପରେ ସରକାରୀ ଅର୍ଥ ବିଭାଗରେ ଚାକିରି କରିଥିଲେ ।

ପ୍ୟାରୀବାବୁ—ଉତ୍ତରପଡ଼ାର ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟ । ଚିକାଗୋ ବକ୍ତୃତା ପରେ ସ୍ୱାମୀଜୀଙ୍କୁ ସମର୍ଥନ କରିବା ପାଇଁ କଲିକତା ଟାଉନହଲରେ ୧୮୯୪ ଖ୍ରୀଷ୍ଟାବ୍ଦରେ ଯେଉଁ ସଭା ହୋଇଥିଲା, ତାହାର ସଭାପତି ଥିଲେ ।

ପ୍ରକାଶାନନ୍ଦ (ସୁଶୀଲ)—ସ୍ୱାମୀ ଶୁଦ୍ଧାନନ୍ଦଙ୍କ ଭ୍ରାତା, ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ; ୧୮୯୬ ଖ୍ରୀଷ୍ଟାବ୍ଦରେ ଆଲମ୍‌ବଜାର ମଠରେ ଯୋଗଦାନ ଓ ୧୮୯୭ ଖ୍ରୀଷ୍ଟାବ୍ଦରେ ସ୍ୱାମୀଜୀଙ୍କ ନିକଟରେ ସନ୍ନ୍ୟାସୀ-ଦୀକ୍ଷା । ପରେ 'ସାନଫ୍ରାନ୍‌ସିସ୍‌କୋ ବେଦାନ୍ତ ସୋସାଇଟି'ର ଅଧ୍ୟକ୍ଷ । ୧୯୨୭ ଖ୍ରୀଷ୍ଟାବ୍ଦରେ ସେହିଠାରେ ଦେହତ୍ୟାଗ କରିଥିଲେ ।

ପ୍ରତାପ ମଜୁମଦାର—କେଶବଚନ୍ଦ୍ର ସେନଙ୍କ ଦ୍ୱାରା ପ୍ରତିଷ୍ଠିତ 'ନବ ବିଧାନ' ବ୍ରାହ୍ମସମାଜର ଅନ୍ୟତମ ନେତା, ଶ୍ରୀରାମକୃଷ୍ଣଙ୍କ ନିକଟକୁ ସେ ବହୁଥର ଯିବା ଆସିବା କରିଥିଲେ ଏବଂ ତାଙ୍କ ସମ୍ବନ୍ଧରେ 'Hindu Saint' ନାମକ ଗୋଟିଏ ପ୍ରବନ୍ଧ ରଚନା କରିଥିଲେ । ଚିକାଗୋ ଧର୍ମମହାସଭାରେ ସେ ବ୍ରାହ୍ମସମାଜର ପ୍ରତିନିଧି ରୂପେ ଯୋଗଦାନ କରିଥିଲେ । 'Oriental Christ' ଲେଖି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଲିଖିତ 'Paramahansa Ramakrishna' ପୁସ୍ତିକା ଉଦ୍‌ବୋଧନ ଅଫିସରୁ ପ୍ରକାଶିତ ।

ପ୍ରମଦାଦାସ ମିତ୍ର—କାଶୀର ଜମିଦାର; ପାଣ୍ଡିତ୍ୟ, ଧର୍ମାନୁରାଗ ଓ ଶ୍ରୀରାମକୃଷ୍ଣଙ୍କ ଉପରେ ବିଶ୍ୱାସ ଓ ଭକ୍ତି ପାଇଁ ସ୍ୱାମୀଜୀ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ ଓ ଅନ୍ୟ ଗୁରୁଭ୍ରାତାଗଣ କାଶୀରେ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଲିଖିତ ଗୋଟିଏ ପ୍ରବନ୍ଧରେ ବେଦାନ୍ତଜ୍ଞାନ ସହିତ ତାଙ୍କର ଅପୂର୍ବ ଭକ୍ତି ଓ ବିଶ୍ୱାସ ପ୍ରକଟିତ ହୋଇଛି ।

ପ୍ରେମାନନ୍ଦ, ସ୍ୱାମୀ (ବାବୁରାମ)—ଶ୍ରୀରାମକୃଷ୍ଣ ଦେବଙ୍କ ସନ୍ନ୍ୟାସୀ ଶିଷ୍ୟ । ତାଙ୍କର ଭକ୍ତିମତୀ ମାତାଙ୍କର ଆମନ୍ତ୍ରଣରେ ସ୍ୱାମୀଜୀ ଓ ଅନ୍ୟାନ୍ୟ ଗୁରୁଭ୍ରାତାଗଣ ଆଁଟପୁରକୁ

ଯାଇଥିଲେ । ବଲରାମବାବୁ ଏହି ଭକ୍ତପରିବାରର ଜାମାତା ।

ଫକିର— ଯଜ୍ଞେଶ୍ୱର ଭଟ୍ଟାଚାର୍ଯ୍ୟ, ବଲରାମ ବସୁଙ୍କ ପୁତ୍ର ରାମକୃଷ୍ଣ ବସୁଙ୍କ ଗୃହଶିକ୍ଷକ । ସ୍ୱାମୀଜୀ ତାଙ୍କୁ 'ଫକିରୁଦ୍ଦୀନ ହାଲ୍‌ଦାର୍' କହୁଥିଲେ ।

ଫାର୍ମର୍, ମିସ୍— ମିସ୍ ସାରା ଫାର୍ମର୍ ବିଖ୍ୟାତ ତଡ଼ିତ୍‌ତତ୍ତ୍ୱବିଦ୍ ମୋଜେସ୍ ଫାର୍ମର୍‌ଙ୍କ କନ୍ୟା । ନିଉୟର୍କରେ ସ୍ୱାମୀଜୀଙ୍କ ସହିତ ପରିଚୟ ହୋଇଥିଲା ଏବଂ ଗ୍ରୀନ୍-ଏକର୍‌ରେ ନିଜ ଘରକୁ ସ୍ୱାମୀଜୀଙ୍କୁ ଆମନ୍ତ୍ରଣ କରିଥିଲେ । ସେ 'ଗ୍ରୀନ୍‌ଏକର୍ ରିଲିଜିୟସ୍ କନ୍‌ଫରେନ୍‌ସ'ର ପ୍ରତିଷ୍ଠାତ୍ରୀ । ସ୍ୱାମୀଜୀ ତାଙ୍କ ଘରେ କିଛିଦିନ ରହିଥିଲେ ।

ବଦ୍ରୀସା, ଲାଲା— ଆଲ୍‌ମୋଡ଼ା-ନିବାସୀ ବ୍ୟବସାୟୀ, ସ୍ୱାମୀଜୀଙ୍କର ଭକ୍ତ ।

ବନି, ମିଃ ଚାର୍ଲ୍‌ସ କ୍ୟାରଲ୍— ଆମେରିକାର ବିଖ୍ୟାତ ଆଇନଜ୍ଞ; ୧୮୯୦ ଖ୍ରୀଷ୍ଟାବ୍ଦରୁ 'International Law and Order League'-ର ସଭାପତି; ୧୮୯୦ ଖ୍ରୀଷ୍ଟାବ୍ଦ ୩୦ ଅକ୍ଟୋବରରେ ଗଠିତ World's Congress Auxiliary of the Columbian Exposition-ର ସଭାପତି ହୋଇଥିଲେ । ବିଭିନ୍ନ ମାନବିକ ବିଷୟ ଆଲୋଚନା ପାଇଁ କେତେଗୁଡ଼ିଏ ସମ୍ମେଳନ ଅନୁଷ୍ଠାନର କଥା ସେ ହିଁ ପ୍ରଥମେ ଚିନ୍ତା କରିଥିଲେ ।

ବଲରାମବାବୁ—ବଲରାମ ବସୁ, ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତ ଓ ରସଦ୍‌ଦାର୍ । ଶ୍ରୀରାମକୃଷ୍ଣ ବାଗ୍‌ବଜାରରେ ତାଙ୍କ ଘରକୁ ଅନେକଥର ଯାଇଥିଲେ ଏବଂ ଶ୍ରୀମା ଓ ସ୍ୱାମୀଜୀ ପ୍ରମୁଖ ଗୁରୁଭାଇମାନେ ସେଠାରେ ମଝିରେ ମଝିରେ ବାସ କରୁଥିଲେ । ୧୮୯୭ ଖ୍ରୀଷ୍ଟାବ୍ଦରେ ଏହି ଘରେ ହିଁ ଗୋଟିଏ ସଭାରେ 'ଶ୍ରୀରାମକୃଷ୍ଣ ମିଶନ'ର ସୂତ୍ରପାତ ହୋଇଥିଲା ।

ବସୁ, ଡାକ୍ତର—ବିଖ୍ୟାତ ବୈଜ୍ଞାନିକ ଜଗଦୀଶଚନ୍ଦ୍ର ବସୁ । ପ୍ୟାରିସ୍‌ରେ ଧର୍ମେତିହାସ ସମ୍ମେଳନରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ ହୋଇଥିଲା । 'ପରିବ୍ରାଜକ' ଗ୍ରନ୍ଥରେ 'ପାରିସ୍ ପ୍ରଦର୍ଶନୀ' ଦ୍ରଷ୍ଟବ୍ୟ ।

ବାବୁରାମ—ପ୍ରେମାନନ୍ଦ ଦ୍ରଷ୍ଟବ୍ୟ ।

ବାଙ୍ଗାର୍, ମିସେସ୍—ଜଣେ ସମାଜନେତ୍ରୀ, ୧୮୯୫ ଖ୍ରୀଷ୍ଟାବ୍ଦରେ ତାଙ୍କର ପୃଷ୍ଠ-ପୋଷକତାରେ ସ୍ୱାମୀଜୀ କେତେଗୁଡ଼ିଏ ଧାରାବାହିକ ବକ୍ତୃତା ଦେଇଥିଲେ । ସେଗୁଡ଼ିକ 'ବାଙ୍ଗାର୍‌ସ ଲେକ୍‌ଚର' ନାମରେ ପ୍ରସିଦ୍ଧ ।

ବାଲଗଙ୍ଗାଧର ତିଲକ—ମହାରାଷ୍ଟ୍ର ଦେଶର ବିଖ୍ୟାତ ମନୀଷୀ ଓ ରାଜନୈତିକ ନେତା । ଥରେ ଟ୍ରେନରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ ହୋଇଥିଲା । ସେ ସ୍ୱାମୀଜୀଙ୍କ ପ୍ରସଙ୍ଗରେ ସ୍ମୃତି-କଥା ଲେଖିଛନ୍ତି । ଭାରତର ଜାତୀୟ ମହାସମିତିର (Indian National Congress) ଅଧିବେଶନ ଉପଲକ୍ଷେ ସେ ଯେତେବେଳେ କଲିକତାକୁ ଆସିଥିଲେ, ସେତେବେଳେ ବେଲୁଡ଼ ମଠରେ ସ୍ୱାମୀଜୀଙ୍କ ସହିତ ଦେଖା କରିଥିଲେ ।

ବାଲାଜୀ—ଡି. ଆର୍. ବାଲାଜୀ ରାଓ; ସେ ପରେ ମାନ୍ଦ୍ରାଜ୍ ଇଣ୍ଡିଆନ ବ୍ୟାଙ୍କର ସେକ୍ରେଟାରୀ ହୋଇଥିଲେ ।

ବିଜୟ ଗୋସ୍ୱାମୀ—ବିଜୟକୃଷ୍ଣ ଗୋସ୍ୱାମୀ; ସ୍ୱାମୀଜୀଙ୍କର ସମସାମୟିକ ବଙ୍ଗଳା ଦେଶର ଜଣେ ଧର୍ମନେତା । ଶ୍ରୀରାମକୃଷ୍ଣଙ୍କର ଅତି ପ୍ରିୟପାତ୍ର । ପୂର୍ବରୁ ବ୍ରାହ୍ମସମାଜର ଆଚାର୍ଯ୍ୟ ଥିଲେ । ତାଙ୍କର ଅନେକ ଶିଷ୍ୟ ଓ ଭକ୍ତ ରହିଛନ୍ତି ।

ବିଜ୍ଞାନାନନ୍ଦ, ସ୍ୱାମୀ (ହରିପ୍ରସନ୍ନ)—ଶ୍ରୀରାମକୃଷ୍ଣଦେବଙ୍କ ଶିଷ୍ୟ; ଶ୍ରୀରାମକୃଷ୍ଣ ମଠ ଓ ମିଶନର ଚତୁର୍ଥ ଅଧ୍ୟକ୍ଷ (୧୯୩୭-୩୮) । ପ୍ରଥମ ଜୀବନରେ ଇଞ୍ଜିନିୟର ଥିଲେ । ୧୮୯୭ ଖ୍ରୀଷ୍ଟାବ୍ଦରେ ଶ୍ରୀରାମକୃଷ୍ଣ ସଙ୍ଘରେ ଯୋଗଦାନ କରିଥିଲେ । ସ୍ୱାମୀଜୀଙ୍କ ଆଦେଶରେ ତାଙ୍କର ପରିକଳ୍ପନାକୁ ନେଇ ସେ ଶ୍ରୀରାମକୃଷ୍ଣ-ମନ୍ଦିରର ନକ୍ସା କରିଥିଲେ । ସେହି ଅନୁସାରେ ବେଲୁଡ଼ ମଠରେ ମନ୍ଦିର ନିର୍ମିତ ହୋଇଥିଲା । ମଠରେ ସ୍ୱାମୀଜୀଙ୍କ ମନ୍ଦିର ତାଙ୍କର ପରିକଳ୍ପନା ଅନୁସାରେ ନିର୍ମିତ ହୋଇଛି ।

ବିନୟକୃଷ୍ଣ, ରାଜା —କଲିକତା ଶୋଭାବଜାର ରାଜପରିବାରର ରାଜା ବିନୟକୃଷ୍ଣ ଦେବ । ଆମେରିକାରୁ ପ୍ରତ୍ୟାବର୍ତ୍ତନ କରିବାପରେ ସ୍ୱାମୀଜୀଙ୍କୁ କଲିକତାରେ ଯେଉଁ ସଭାରେ ଅଭିନନ୍ଦନପତ୍ର ଦିଆହୋଇଥିଲା (ଫେବୃଆରି, ୧୮୯୭ ଖ୍ରୀଷ୍ଟାବ୍ଦ), ସେହି ସଭାରେ ସଭାପତିତ୍ୱ କରିଥିଲେ ।

ବିମଲା—କାଳୀକୃଷ୍ଣ ଠାକୁରଙ୍କର ଜାମାତା ।

ବିମଲାନନ୍ଦ (ଖଗେନ) —ସ୍ୱାମୀଜୀଙ୍କ ଶିଷ୍ୟ । ୧୮୯୯ ଖ୍ରୀଷ୍ଟାବ୍ଦରେ 'ପ୍ରବୁଦ୍ଧ ଭାରତ' ପତ୍ରିକାର ପରିଚାଳକ ରୂପେ ସ୍ୱାମୀଜୀ କର୍ତ୍ତୃକ ମାୟାବତୀ ଅଦ୍ୱୈତ ଆଶ୍ରମକୁ ପ୍ରେରିତ ହୋଇଥିଲେ । ୧୯୦୮ ଖ୍ରୀଷ୍ଟାବ୍ଦରେ ମାୟାବତୀରେ ତାଙ୍କର ଦେହତ୍ୟାଗ ହୋଇଥିଲା ।

ବିରଜାନନ୍ଦ (କାଳୀକୃଷ୍ଣ) —ସ୍ୱାମୀଜୀଙ୍କ ସେବକ ଓ ସନ୍ନ୍ୟାସୀ ଶିଷ୍ୟ । ଶ୍ରୀରାମକୃଷ୍ଣ ମଠ ଓ ମିଶନର ଷଷ୍ଠ ଅଧ୍ୟକ୍ଷ (୧୯୩୮-୫୧) । ସ୍ୱାମୀଜୀଙ୍କର ଇଂରାଜୀ ଜୀବନୀ ଓ ରଚନା ସଂଗ୍ରହର ସମ୍ପାଦନା ଓ ପ୍ରକାଶନରେ ତାଙ୍କର ଅବଦାନ ଅବିସ୍ମରଣୀୟ । ସ୍ୱାମୀ ଶ୍ରଦ୍ଧାନନ୍ଦ-ପ୍ରଣୀତ 'ଅତୀତର ସ୍ମୃତି' ଦ୍ରଷ୍ଟବ୍ୟ ।

ବିଲଗିରି—ବିଲଗିରି ଆୟେଙ୍ଗାର୍; ଆମେରିକାରୁ ପ୍ରତ୍ୟାବର୍ତ୍ତନ ପରେ ସ୍ୱାମୀଜୀ ମାନ୍ଦ୍ରାଜରେ ସମୁଦ୍ରତୀରସ୍ଥ 'କ୍ୟାସ୍‌ଲ କାର୍ଣ୍ଣାନ ବା ଆଇସ୍ ହାଉସ୍' ନାମକ ବିଲଗିରିଙ୍କର ପ୍ରାସାଦୋପମ ଗୃହରେ ଥିଲେ । ପରେ ରାମକୃଷ୍ଣାନନ୍ଦଙ୍କର ଅଧ୍ୟକ୍ଷତାରେ ଏଠାରେ ପ୍ରଥମ ଶ୍ରୀରାମକୃଷ୍ଣ ମଠ (ମାନ୍ଦ୍ରାଜ କେନ୍ଦ୍ର) ସ୍ଥାପିତ ହୋଇଥିଲା ।

ବିହାରିଦାସ ଭିନ୍ନ—ଲିମ୍‌ଡ଼ିର (କାଠିଆବାଡ଼) ଅଧିବାସୀ ।

ବୀରଚାନ୍ଦ ଗାନ୍ଧୀ—ବମ୍ବେର ବାରିଷ୍ଟର ବୀରଚାନ୍ଦ ଗାନ୍ଧୀ । ଜୈନଧର୍ମର ପ୍ରତିନିଧି ରୂପେ ଚିକାଗୋ ଧର୍ମସମ୍ମିଳନୀରେ ଯୋଗଦାନ କରିଥିଲେ । ସେହିଠାରେ ହିଁ ସ୍ୱାମୀଜୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ।

ବୁଲ୍, ମିସେସ୍ ଓଲି—ସ୍ୱାମୀଜୀଙ୍କର ଶିଷ୍ୟା, ନରଓ୍ୱେବାସୀ ବିଖ୍ୟାତ ବେହେଲା-ବାଦକ ମିଃ ଓଲି ବୁଲଙ୍କ ସ୍ତ୍ରୀ । ତାଙ୍କର ନିଜ ନାମ ସାରା (Sarah) । ବହୁ ପତ୍ରରେ ସ୍ୱାମୀଜୀ ତାଙ୍କୁ ମା' ବା 'ଧୀରମାତା' ବୋଲି ସମ୍ବୋଧନ କରିଛନ୍ତି । ବେଲୁଡ଼ ମଠ ସ୍ଥାପନ

ସମୟରେ ସେ ସ୍ୱାମୀଜୀଙ୍କୁ ଅର୍ଥ ସାହାଯ୍ୟ କରିଥିଲେ ଏବଂ ଅନ୍ୟ ଭାବରେ ମଧ୍ୟ ଭାରତରେ ଓ ପାଶ୍ଚାତ୍ୟରେ ତାଙ୍କ କାମରେ ସହାୟତା କରିଥିଲେ ।

ବେଲ୍, ମିସ୍ ଲଭିଆ—ସାନ୍ ଫ୍ରାନ୍‌ସିସ୍କୋ କ୍ୟାଲିଫର୍ଣ୍ଣିଆ ଷ୍ଟ୍ରିଟରେ ହୋମ୍ ଅଫ୍ ଟ୍ରୁଥର ନେତ୍ରୀ ଥିଲେ । ଓକ୍‌ଲାଣ୍ଡ ଇଉନିଟେରିଆନ 'ଚର୍ଚ୍ଚ'ରେ ସ୍ୱାମୀଜୀଙ୍କ ବକ୍ତୃତା ଶୁଣି ପ୍ରଭାବିତ ହୋଇଥିଲେ ଏବଂ କ୍ୟାମ୍ପ 'ଆଇଭି'-ର ବ୍ୟବସ୍ଥା ତାଙ୍କର ଚେଷ୍ଟାରେ ହୋଇଥିଲା ।

ବେସାନ୍ତ, ଡଃ ମିସେସ୍ ଆନି—ଥିଓସଫିକାଲ୍ ସୋସାଇଟିର ନେତ୍ରୀ ଓ ବକ୍ତା, କାଶୀ ହିନ୍ଦୁ କଲେଜ ଓ ସ୍କୁଲର ପ୍ରତିଷ୍ଠାତ୍ରୀ । ଚିକାଗୋ ଧର୍ମମହାସଭାରେ ସ୍ୱାମୀଜୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ତାଙ୍କ ଭାଷାରେ ସ୍ୱାମୀଜୀ ଜଣେ 'ଯୋଦ୍ଧା ସନ୍ନ୍ୟାସୀ' (Warrior Monk) । ଇଂଲଣ୍ଡରେ ତାଙ୍କର ବାସଭବନରେ ସ୍ୱାମୀଜୀ ଭକ୍ତି ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ପରେ ଆଲ୍‌ମୋଡ଼ାରେ ଉଭୟଙ୍କର ଥରେ ଦୁଇଥର ସାକ୍ଷାତ୍ ହୋଇଥିଲା ।

ବୈକୁଣ୍ଠନାଥ ସାନ୍ୟାଲ୍—'ସ୍ୱାମୀ କୃପାନନ୍ଦ' ନାମ ଗ୍ରହଣ କରି କିଛିକାଳ ପରିବ୍ରାଜକ ରୂପରେ ଉତ୍ତରାଖଣ୍ଡରେ ଭ୍ରମଣ କରିଥିଲେ । ସ୍ୱାମୀଜୀ ତାଙ୍କୁ 'ସ୍ୟାଣ୍ଡେଲ୍' କହୁଥିଲେ ।

ବୋଷ୍ଟା, ଜୁଲ୍—ଜୁଲ୍ ବୋଷ୍ଟା ଦ୍ରଷ୍ଟବ୍ୟ ।

ବ୍ୟାରୋଜ୍, ଡକ୍ଟର—ଚିକାଗୋର ପ୍ରେସ୍‌ବିଟେରିଆନ ଚର୍ଚ୍ଚର ଧର୍ମଯାଜକ ରେଭରେଣ୍ଡ ଜେ. ଏଚ୍. ବ୍ୟାରୋଜ୍ । ଚିକାଗୋ ଧର୍ମସମ୍ମେଳନର ଜେନେରାଲ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

ବ୍ୟାଗ୍‌ଲି, ମିସେସ୍—ମିଶିଗାନର ଗଭର୍ଣ୍ଣର ବ୍ୟାଗ୍‌ଲିଙ୍କ ପତ୍ନୀ । ୧୮୯୩ ଖ୍ରୀଷ୍ଟାବ୍ଦ ଚିକାଗୋ ବିଶ୍ୱମେଳାରେ (World's Fair) ମିସେସ୍ ବ୍ୟାଗ୍‌ଲି ଜଣେ ମହିଳା-କର୍ମାଧ୍ୟକ୍ଷ ନିଯୁକ୍ତ ହୋଇଥିଲେ । ଡେଲିଗେଟ୍‌ମାନଙ୍କର ସମ୍ବର୍ଦ୍ଧନାସଭାରେ ସ୍ୱାମୀଜୀଙ୍କ ସଙ୍ଗରେ ତାଙ୍କର ପରିଚୟ ହୋଇଥିଲା । ୧୮୯୪ ଖ୍ରୀଷ୍ଟାବ୍ଦ ଫେବୃଆରି ମାସରେ ସ୍ୱାମୀଜୀ ଡେଟ୍ରୟେଟ୍‌ରେ ମିସେସ୍ ବ୍ୟାଗ୍‌ଲିଙ୍କ ଗ୍ରାଣ୍ଡ ସର୍କସ ପାର୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ । ମିସେସ୍ ବ୍ୟାଗ୍‌ଲି ଡେଟ୍ରୟେଟ୍‌ର ସାମାଜିକ ଓ ସାଂସ୍କୃତିକ ଜୀବନର କର୍ଣ୍ଣଧାରମାନଙ୍କ ଉପସ୍ଥିତିରେ ସ୍ୱାମୀଜୀଙ୍କ ପାଇଁ ଏକ ସମ୍ବର୍ଦ୍ଧନାର ଆୟୋଜନ କରିଥିଲେ ।

ବ୍ରହ୍ମାନନ୍ଦ, ସ୍ୱାମୀ (ରାଖାଲ)—ଶ୍ରୀରାମକୃଷ୍ଣଙ୍କର ମାନସପୁତ୍ର ଓ ସନ୍ନ୍ୟାସୀ ଶିଷ୍ୟ, ଶ୍ରୀରାମକୃଷ୍ଣ ସଙ୍ଘରେ 'ରାଜା ମହାରାଜ' ନାମରେ ପରିଚିତ । ଶ୍ରୀରାମକୃଷ୍ଣ ମଠ ଓ ମିଶନର ପ୍ରଥମ ଅଧ୍ୟକ୍ଷ (୧୮୯୯-୧୯୨୨) । ସେ ହିଁ ସ୍ୱାମୀଜୀଙ୍କ ପରିକଳ୍ପିତ ସଙ୍ଘକୁ ଗଢ଼ିତୋଳିଥିଲେ ।

ବ୍ରିଡ୍, ମିସେସ୍—'ଲିନ୍'ର (ଆମେରିକା) ଜଣେ ସମାଜନେତ୍ରୀ ଏବଂ 'ନର୍ଥ ସୋର କ୍ଲବ'ର ଜଣେ ଗୁରୁତ୍ୱର ସଭ୍ୟା । ସ୍ୱାମୀଜୀ ତାଙ୍କ ଘରେ ଏକ ସପ୍ତାହ ଅବସ୍ଥାନ କରିଥିଲେ

ଏବଂ ଉକ୍ତ କ୍ଲବ୍ ଓ ଅକ୍ସଫୋର୍ଡ ହଲ୍‌ରେ ଜନସାଧାରଣଙ୍କ ସମକ୍ଷରେ ବକ୍ତୃତାର ବ୍ୟବସ୍ଥା କରିଥିଲେ । ମିସେସ୍ ବ୍ରୀଡ୍ ହାର୍ଭାର୍ଡରେ ମଧ୍ୟ ସ୍ୱାମୀଜୀଙ୍କ ବକ୍ତୃତାର ବ୍ୟବସ୍ଥା କରିଥିଲେ ।

ବ୍ରାଡ୍‌ଲି, ଅଧ୍ୟାପକ—ଡଃ ରାଇଟଙ୍କ ବନ୍ଧୁ ଅଧ୍ୟାପକ ବ୍ରାଡ୍‌ଲିଙ୍କ ସଙ୍ଗରେ ଏଭାନ୍‌ଷ୍ଟନ୍‌ରେ ସ୍ୱାମୀଜୀଙ୍କର ବନ୍ଧୁତା ହୋଇଥିଲା । ୧୮୯୪ ଖ୍ରୀଷ୍ଟାବ୍ଦ ଅଗଷ୍ଟରେ ଏନସ୍କୋୟାମ୍‌ରେ ମିସେସ୍ ବ୍ୟାଗ୍‌ଲିଙ୍କର ଅତିଥି ଥିବା ସମୟରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟଥର ସାକ୍ଷାତ୍ ହୋଇଥିଲା ।

ବ୍ଲଜେଟ୍, ମିସେସ୍ ଏସ୍. ଜେ.—ସ୍ୱାମୀଜୀ ୧୯୦୦ ଖ୍ରୀଷ୍ଟାବ୍ଦରେ ଲସ୍ ଆଞ୍ଜେଲ୍‌ସରେ ଏହି ବୃଦ୍ଧାଙ୍କ ଘରେ ପ୍ରାୟ ମାସେ କାଳ ବାସ କରିଥିଲେ । ଧର୍ମମହାସଭାରେ ଏହି ବୃଦ୍ଧା ସ୍ୱାମୀଜୀଙ୍କ ବକ୍ତୃତା ଶୁଣି ତାଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧାନ୍ୱିତା ହୋଇଥିଲେ ।

ଭଗବାନ ଦାସ ବାବାଜୀ—କାଲ୍‌ନାର ବିଶିଷ୍ଟ ବୈଷ୍ଣବ ସାଧକ ଓ ସିଦ୍ଧପୁରୁଷ ବୋଲି କଥିତ ।

ଭଟ୍ଟାଚାର୍ଯ୍ୟ—ମାନ୍ଦ୍ରାଜର ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ-ଜେନେରାଲ୍ ମନ୍ମଥନାଥ ଭଟ୍ଟାଚାର୍ଯ୍ୟ । ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ସେ କଲିକତା ସଂସ୍କୃତ କଲେଜର ଅଧ୍ୟକ୍ଷ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନଙ୍କର ପୁତ୍ର ଓ ସ୍ୱାମୀଜୀଙ୍କର କଲେଜ-ବନ୍ଧୁ ।

ଭଟ୍ଟାଚାର୍ଯ୍ୟ, ରଘୁନାଥ—ହରପ୍ରସାଦ ଶାସ୍ତ୍ରୀଙ୍କର ଜ୍ୟେଷ୍ଠ ଭ୍ରାତା । ଟିହିରିରାଜ୍ୟରେ ସ୍ୱାମୀଜୀ ୧୮୯୦ ଖ୍ରୀଷ୍ଟାବ୍ଦରେ ରଘୁନାଥବାବୁଙ୍କର ଅତିଥି ହୋଇଥିଲେ ।

ଭବନାଥ—ବରାହନଗର-ନିବାସୀ ଭବନାଥ ଚଟ୍ଟୋପାଧ୍ୟାୟ, ଶ୍ରୀରାମକୃଷ୍ଣ-ଦେବଙ୍କର ଗୃହୀଭକ୍ତ । ସ୍ୱାମୀଜୀଙ୍କ (ନରେନ୍ଦ୍ରନାଥଙ୍କ) ବିଶେଷ ବନ୍ଧୁ ।

ଭଟେ ସାହେବ—ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ ବେଲଗାଁଓରେ ଉପସ୍ଥିତ ହୋଇ ଜଣେ ବିଶିଷ୍ଟ ମରାଠୀ ଭଦ୍ରଲୋକଙ୍କର ଅତିଥି ହୋଇଥିଲେ । ତାଙ୍କର ପୁତ୍ର ଅଧ୍ୟାପକ ଜି. ଏମ୍. ଭଟେ ସେମାନଙ୍କର ଅଭିନବ ଅତିଥିଙ୍କ ସମ୍ପର୍କରେ ଗୋଟିଏ ସୁଦୀର୍ଘ ସ୍ମୃତିକଥା ଲେଖିଯାଇଛନ୍ତି । ଦ୍ରଷ୍ଟବ୍ୟ Reminiscences of Vivekananda.

ଭାସ୍କର ସେତୁପତି—ରାମନାଦର ରାଜା ଭାସ୍କର ସେତୁପତି, ସ୍ୱାମୀଜୀଙ୍କର ଶିଷ୍ୟ; ସେ ସ୍ୱାମୀଜୀଙ୍କୁ ଆମେରିକା ପ୍ରେରଣ ପାଇଁ ବିଶେଷ ଉଦ୍ୟୋଗୀ ଥିଲେ । ସ୍ୱାମୀଜୀ ଆମେରିକାରୁ ଫେରି ଭାରତ-ମାଟିରେ ଯେଉଁଠାରେ ପ୍ରଥମ ପଦାର୍ପଣ କରିଥିଲେ, ସେଠାରେ ସେ ଗୋଟିଏ ୪୦ ଫୁଟ ଉଚ୍ଚ ସ୍ମୃତିସ୍ତମ୍ଭ ନିର୍ମାଣ କରାଇଥିଲେ ।

ଭିମ୍ୟାନ୍, ଡଃ—ସ୍ୱାମୀଜୀ ବାଲ୍‌ଟିମୋର୍‌ରେ ରେଭରେଣ୍ଡ ଉଆଲ୍‌ଟର୍ ଭିମ୍ୟାନ୍ ଏବଂ ତାଙ୍କର ଭ୍ରାତୃବୃନ୍ଦଙ୍କର ଅତିଥି ଥିଲେ । ବାଲ୍‌ଟିମୋର୍‌ରେ ତାଙ୍କର ଭ୍ରାତାମାନଙ୍କ ଆୟୋଜନରେ ସ୍ୱାମୀଜୀ କେତୋଟି ବକ୍ତୃତା ଦେଇଥିଲେ । ଉଆଲ୍‌ଟର୍, ହିରାମ୍ ଓ କାର୍ଲ ଏହି ତିନି ଭାଇ ସ୍ୱାମୀଜୀଙ୍କ ବକ୍ତୃତାର ବ୍ୟବସ୍ଥା କରିଥିଲେ ।

ମଜୁମଦାର୍—ପ୍ରତାପଚନ୍ଦ୍ର ମଜୁମଦାର ଦ୍ରଷ୍ଟବ୍ୟ ।

ମଧୁସୂଦନ ଚଟ୍ଟୋପାଧ୍ୟାୟ—ହାଇଦ୍ରାବାଦର ଷ୍ଟେଟ୍ ଇଞ୍ଜିନିୟର୍ । ତାଙ୍କର ଅନୁରୋଧରେ ସ୍ୱାମୀଜୀ ମାଡ୍ରାଜରୁ ହାଇଦ୍ରାବାଦକୁ ଯାଇଥିଲେ ଏବଂ ଆମେରିକା ଯିବା ସମୟରେ ଗୋଟିଏ ବକ୍ତୃତା ମଧ୍ୟ ଦେଇଥିଲେ ।

ମନ୍ନ ଆୟ୍ୟାର୍—ସୁବ୍ରହ୍ମଣ୍ୟ ଆୟ୍ୟାର୍ ଦ୍ରଷ୍ଟବ୍ୟ ।

ମଣିଭାଇ—ବରୋଦା ରାଜ୍ୟର ଦେୱାନ୍ ବାହାଦୁର ମଣିଲାଲ୍ ନାଭୁଭାଇ । ହରି-ଦାସ ବିହାରୀଦାସଙ୍କର ବନ୍ଧୁ । ସ୍ୱାମୀଜୀ ତାଙ୍କ ଘରେ ତିନି ସପ୍ତାହ ଅତିଥି ହୋଇଥିଲେ ।

ମଣିଲାଲ ଦ୍ୱିବେଦୀ—ଉତ୍ତର ପ୍ରଦେଶର ଏହି ବ୍ରାହ୍ମଣ ବୈଦିକ ହିନ୍ଦୁଧର୍ମର ପ୍ରତିନିଧି ରୂପେ ଚିକାଗୋ ଧର୍ମମହାସଭାରେ ଯୋଗଦାନ କରିଥିଲେ ।

ମତି—ସଚ୍ଚିଦାନନ୍ଦ ଦ୍ରଷ୍ଟବ୍ୟ ।

ମହିମ (ମହିନ୍)—ମହେନ୍ଦ୍ରନାଥ ଦତ୍ତ, ସ୍ୱାମୀଜୀଙ୍କର ମଧ୍ୟମ ସହୋଦର ।

ମହିମ, ମହିମାଚରଣ ଚକ୍ରବର୍ତ୍ତୀ—ଶ୍ରୀରାମକୃଷ୍ଣଙ୍କ ନିକଟକୁ ଯିବା ଆସିବା କରୁଥିଲେ ।

ମହେନ୍ଦ୍ରନାଥ ବନ୍ଦୋପାଧ୍ୟାୟ (M. N. Banerjee)—ଦାର୍ଜିଲିଂର ସରକାରୀ ଓକିଲ । ସ୍ୱାମୀଜୀ ଦାର୍ଜିଲିଂରେ ତାଙ୍କ ଘରେ କିଛିଦିନ ବାସ କରିଥିଲେ ।

ମାତାଠାକୁରାଣୀ—ଶ୍ରୀରାମକୃଷ୍ଣସଙ୍ଘଜନନୀ ଶ୍ରୀଶ୍ରୀମା ସାରଦାଦେବୀ ।

ମଦର୍ ଚର୍ଚ୍ଚ—ମିସେସ୍ ହେଲ୍ ଦ୍ରଷ୍ଟବ୍ୟ ।

ମାର୍ଗଟ୍, ମାର୍ଗାରେଟ୍, ମାର୍ଗୋ, ମାର୍ଗୋରାଇଟ୍—ଭଗିନୀ ନିବେଦିତା ଦ୍ରଷ୍ଟବ୍ୟ ।

ମାଷ୍ଟର ମହାଶୟ—ମହେନ୍ଦ୍ରନାଥ ଗୁପ୍ତ, ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମ । 'ଶ୍ରୀଶ୍ରୀରାମକୃଷ୍ଣକଥାମୃତ'ର ପ୍ରଣେତା । 'କଥାମୃତ'ରେ ସେ ମାଷ୍ଟର, ମଣି, ଶ୍ରୀମ ପ୍ରଭୃତି ଛଦ୍ମନାମରେ ପରିଚିତ । ବିଦ୍ୟାସାଗର ସ୍କୁଲରେ ଶିକ୍ଷକତା କରୁଥିଲେ ଏବଂ ଛାତ୍ରମାନଙ୍କୁ ଶ୍ରୀରାମକୃଷ୍ଣଙ୍କ ନିକଟକୁ ଆଣୁଥିଲେ । ସେଥିପାଇଁ ଶ୍ରୀରାମକୃଷ୍ଣ ତାଙ୍କୁ 'ପିଲା ଧରା ମାଷ୍ଟର' କହୁଥିଲେ ।

ମିତ୍ର, ଡାକ୍ତର—ଆଶୁତୋଷ ମିତ୍ର କାଶ୍ମୀରର ବରିଷ୍ଠ ରାଜକର୍ମଚାରୀ ଥିଲେ ।

ମୂଲର, ମିସ୍ ହେନ୍‌ରିଏଟା—ସ୍ୱାମୀଜୀଙ୍କ ଭକ୍ତ ଇଂରେଜ ମହିଳା । ୧୮୯୭ ଖ୍ରୀଷ୍ଟାବ୍ଦରେ ସ୍ୱାମୀଜୀ କିଛିଦିନ ତାଙ୍କର ଅତିଥି ଥିଲେ । ବେଲୁଡ଼ରେ ମଠ ସ୍ଥାପନ କାର୍ଯ୍ୟରେ ସେ ଅର୍ଥ ସାହାଯ୍ୟ କରିଥିଲେ ।

ମୃଣାଳିନୀ ବସୁ—ସ୍ୱାମୀଜୀଙ୍କର ଶିଷ୍ୟା, ଦୂରସମ୍ପର୍କୀୟ ଆତ୍ମୀୟା; ଘର ବଡ଼ କାଗୁଲିଆ ।

ମ୍ୟାକ୍‌କିଣ୍ଡଲି, ମିସ୍ (ଇସାବେଲ)—ମିସ୍ ହେଲ୍‌ମାନଙ୍କ ସମ୍ପର୍କିତ ଭଗିନୀ । ଅନ୍ୟ ଭଗିନୀଙ୍କ ନାମ ହ୍ୟାରିୟେଟ୍ ।

ମ୍ୟାକ୍‌ଲିଅଡ୍, ମିସ୍ ଜୋସେଫାଇନ୍—ସ୍ୱାମୀଜୀଙ୍କର ପାଶ୍ଚାତ୍ୟ ଦେଶୀୟ ପ୍ରଧାନ ଅନୁରାଗୀ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମା । ସେ ସ୍ୱାମୀଜୀଙ୍କୁ ତାଙ୍କ କାର୍ଯ୍ୟରେ ସେବା

ସହାୟତା କରୁଥିଲେ । ତାଙ୍କର ଜୀବନ ସ୍ୱାମୀଜୀଙ୍କ ଭାବରେ ଅନୁପ୍ରାଣିତ ଥିଲା । ସ୍ୱାମୀଜୀ ତାଙ୍କୁ 'ଜୋ' ବୋଲି ସମ୍ବୋଧନ କରୁଥିଲେ । ମିସ୍ ମ୍ୟାକଲଉଡ୍ ବେଲୁଡ଼ ମଠକୁ ଆସି ଅନେକ ଥର ଅତିଥି ରୂପରେ ବାସ କରିଥିଲେ, ୧୯୪୯ ଖ୍ରୀଷ୍ଟାବ୍ଦରେ ଆମେରିକାର ହଲିଉଡ୍ ସହରରେ ତାଙ୍କର ଦେହତ୍ୟାଗ ହୋଇଥିଲା ।

ମ୍ୟାକ୍‌ସମୂଲର୍, ଏଫ୍.—ଅକ୍‌ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ପ୍ରାଚ୍ୟଦର୍ଶନ- ଓ ସଂସ୍କୃତ-ଭାଷାବିତ୍ ପ୍ରସିଦ୍ଧ ଜର୍ମାନ୍ ଅଧ୍ୟାପକ । ସେ ଇଷ୍ଟଇଣ୍ଡିଆ କମ୍ପାନୀର ଅର୍ଥ ସାହାଯ୍ୟରେ ଋକ୍-ବେଦ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ Sacred Books of the East (ପଚାଶ ଖଣ୍ଡରେ ସମ୍ପୂର୍ଣ୍ଣ) ଗ୍ରନ୍ଥମାଳାର ସେ ସମ୍ପାଦନା କରିଥିଲେ । ତାଙ୍କ ରଚିତ Ramakrishna: His life and Sayings ୧୮୯୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ।

ମ୍ୟାକ୍‌ସିମ୍, ହିରମ୍—ସ୍ୱାମୀଜୀଙ୍କର ବନ୍ଧୁ, ସ୍ୱୟଂକ୍ରିୟ ବନ୍ଧୁକ କାରଖାନାର ମାଲିକ ।

ଯଜ୍ଞେଶ୍ୱରବାବୁ—ଯଜ୍ଞେଶ୍ୱର ମୁଖୋପାଧ୍ୟାୟଙ୍କର ଅତିଥି ଭାବରେ ସ୍ୱାମୀଜୀ ପ୍ରଭୃତି ଗୁରୁଭ୍ରାତାଗଣ ମିରଟ୍‌ରେ କିଛି ଦିନ ବାସ କରିଥିଲେ । ପରେ ସେ 'ଜ୍ଞାନାନନ୍ଦ' ନାମ ଗ୍ରହଣ କରି (ଭାରତ ଧର୍ମମହାମଣ୍ଡଳରେ) ସନ୍ନ୍ୟାସୀ ହୋଇଥିଲେ ।

ଯୋଗାନନ୍ଦ ସ୍ୱାମୀ, (ଯୋଗେନ୍, ଯୋଗୀନ୍ଦ୍ରନାଥ)—ଶ୍ରୀରାମକୃଷ୍ଣଙ୍କର ସନ୍ନ୍ୟାସୀ ଶିଷ୍ୟ । ତାଙ୍କର ପ୍ରଧାନ କାମ ଥିଲା ଶ୍ରୀଶ୍ରୀମାଙ୍କର ସେବା । ୧୮୯୫ ଖ୍ରୀଷ୍ଟାବ୍ଦରେ କଲିକତା ଟାଉନହଲ୍‌ରେ ସ୍ୱାମୀଜୀଙ୍କ ସମର୍ଥନରେ ଅନୁଷ୍ଠିତ ସଭାର ସେ ଅନ୍ୟତମ ଉଦ୍ୟୋକ୍ତା ଥିଲେ ।

ଯୋଗୀନ୍-ମା—ଯୋଗୀନ୍ଦ୍ର ମୋହିନୀ ବିଶ୍ୱାସ, ଶ୍ରୀରାମକୃଷ୍ଣଦେବଙ୍କ ଶିଷ୍ୟା, ଶ୍ରୀଶ୍ରୀମାଙ୍କର ଅନ୍ତରଙ୍ଗ ସେବିକା ।

ରଘୁନାଥ ଭଟ୍ଟାଚାର୍ଯ୍ୟ—ଝିହରୀ ରାଜ୍ୟର ଦେବାନ୍, ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କର ଅଗ୍ରଜ ।

ରଙ୍ଗାଚାର୍ଯ୍ୟ, ଅଧ୍ୟାପକ—ଆଲସିଙ୍ଗା ପେରୁମଲ୍ଙ୍କ ଉଚିମାପଡ, ତ୍ରିଭେନ୍ଦ୍ରମ୍ କଲେଜର ରସାୟନଶାସ୍ତ୍ରର ଅଧ୍ୟାପକ ଥିଲେ । ଦକ୍ଷିଣ ଭାରତରେ ବୈଜ୍ଞାନିକ ଓ ପଣ୍ଡିତ ହିସାବରେ ତାଙ୍କର ବିଶେଷ ଖ୍ୟାତି ଥିଲା ।

ରବି ବର୍ମା—କେରଳ ଦେଶୀୟ ଚିତ୍ରଶିଳ୍ପୀ, ପାଶ୍ଚାତ୍ୟ ଶିଳ୍ପରୀତି ଅନୁକରଣ କରି ସୁଖ୍ୟାତି ଓ ସମୃଦ୍ଧି ଅର୍ଜନ କରିଥିଲେ । ସ୍ୱାମୀଜୀଙ୍କର 'ପ୍ରାଚ୍ୟ ଓ ପାଶ୍ଚାତ୍ୟ' ଗ୍ରନ୍ଥରେ ରବି ବର୍ମା ପ୍ରସଙ୍ଗ ଦ୍ରଷ୍ଟବ୍ୟ ।

ରମା ବାଈ—ମହାରାଷ୍ଟ୍ର ଦେଶୀୟା ବିଦୁଷୀ ହିନ୍ଦୁ ବିଧବା, ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, ସ୍ୱାମୀଜୀଙ୍କ ଆମେରିକା ଗମନର କିଛି ପୂର୍ବରୁ ସେ ସେହି ଦେଶରେ ଭାରତୀୟ ବାଲ୍ୟବିଧବାମାନଙ୍କ ପାଇଁ ଅର୍ଥସଂଗ୍ରହ ଉଦ୍ଦେଶ୍ୟରେ ନାନା ସ୍ଥାନରେ ସମିତି ଗଠନ କରିଥିଲେ ଏବଂ ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶାର କଥା ଅତିରଞ୍ଜିତ କରି ବର୍ଣ୍ଣନା

କରିଥିଲେ । ସ୍ୱାମୀଜୀ 'ବ୍ରୁକ୍‌ଲିନ୍ ରମାବାଈ ସର୍କଲ'ର ମହିଳାମାନଙ୍କ ନିକଟରେ 'ଭାରତ ଓ ଭାରତୀୟ ନାରୀମାନଙ୍କର ଯଥାର୍ଥ ଅବସ୍ଥା' ବିବୃତ କରିଥିଲେ ।

ରାଇଟ୍, ଜନ୍ ହେନରୀ—ଡକ୍ଟର୍ ରାଇଟ୍ ଥିଲେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗ୍ରୀକ୍ ଭାଷାର ଅଧ୍ୟାପକ । ସ୍ୱାମୀଜୀଙ୍କ ସାଙ୍ଗରେ ପରିଚୟ ହେଲାପରେ ତାଙ୍କର ଗଭୀର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଚିକାଗୋ ଧର୍ମମହାସମ୍ମେଳନରେ ଯୋଗଦାନ ପାଇଁ ସ୍ୱାମୀଜୀଙ୍କୁ ପ୍ରଦତ୍ତ ପରିଚୟ-ପତ୍ରରେ ଲେଖିଥିଲେ 'ଏ ଏପରି ଜଣେ ବ୍ୟକ୍ତି, ଯାହାଙ୍କର ପାଣ୍ଡିତ୍ୟ ଆମମାନଙ୍କର ଜ୍ଞାନୀ ଅଧ୍ୟାପକମାନଙ୍କର ମିଳିତ ପାଣ୍ଡିତ୍ୟକୁ ପରାଜିତ କରେ ।' ସ୍ୱାମୀଜୀ କେତେଥର ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ ।

ରାଖାଲ୍ (ରାଜା)—ବ୍ରହ୍ମାନନ୍ଦ ଦ୍ରଷ୍ଟବ୍ୟ ।

ରାଜେନ୍ଦ୍ର ଲାଲ ମିତ୍ର, ଡାକ୍ତର—ପ୍ରସିଦ୍ଧ ଐତିହାସିକ, କଲିକତା ଏସିଆଟିକ୍ ସୋସାଇଟିର ପ୍ରତିଷ୍ଠାତା ।

ରାମ— ରାମକୃଷ୍ଣ ବସୁ, ବଳରାମ ବସୁଙ୍କର ପୁତ୍ର ।

ରାମକୃଷ୍ଣାନନ୍ଦ, ସ୍ୱାମୀ (ଶଶୀ)—ଶ୍ରୀରାମକୃଷ୍ଣଦେବଙ୍କର ସନ୍ନ୍ୟାସୀ ଶିଷ୍ୟ । କାଶୀପୁରରେ ଗୁରୁସେବାରେ ଆତ୍ମନିୟୋଗ କରିଥିଲେ । ଶ୍ରୀରାମକୃଷ୍ଣଙ୍କ ମହାପ୍ରୟାଣ ପରେ ଶ୍ରୀରାମକୃଷ୍ଣପୂଜାରେ ତାଙ୍କର ନିଷ୍ଠା ଅତୁଳନୀୟ । ସ୍ୱାମୀଜୀଙ୍କ ଆଦେଶରେ ମାନ୍ଦ୍ରାଜକୁ ଯାଇ ଦାକ୍ଷିଣାତ୍ୟରେ ଶ୍ରୀରାମକୃଷ୍ଣ ସଙ୍ଘର ଅନ୍ୟତମ ବୃହତ୍ତ କେନ୍ଦ୍ରର ସୂତ୍ରପାତ କରିଥିଲେ ।

ରାମଦୟାଲ, ରାମଦୟାଲ୍ ବାବୁ—ଆଁଟପୁର ନିବାସୀ ରାମଦୟାଲ ଚକ୍ରବର୍ତ୍ତୀ, ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ; ବଳରାମ ବସୁଙ୍କ ପୁରୋହିତବଂଶୀୟ, କଲିକତା ହୋରମିଲର୍ କମ୍ପାନିରେ କାମ କରୁଥିଲେ ।

ରାମବାବୁ— ରାମଚନ୍ଦ୍ର ଦତ୍ତ; ଶ୍ରୀରାମକୃଷ୍ଣଦେବଙ୍କର ଅନ୍ୟତମ ପ୍ରଧାନ ଗୃହୀ ଭକ୍ତ, କାଁକୁଡ଼ଗାଛି 'ଯୋଗୋଦ୍ୟାନ'ର ପ୍ରତିଷ୍ଠାତା ।

ରାମଲାଲ୍—ରାମଲାଲ୍ ଚଟ୍ଟୋପାଧ୍ୟାୟ, ଶ୍ରୀରାମକୃଷ୍ଣଦେବଙ୍କ ଭାତୁଷ୍ପୁତ୍ର ।

ଲଗାନ୍, ଡାକ୍ତର— ସ୍ୱାମୀଜୀଙ୍କ ଶିଷ୍ୟ, ସାନ୍ ଫ୍ରାନ୍‌ସିସ୍‌କୋ ବେଦାନ୍ତ ସୋସାଇଟିର ସଭାପତି ।

ଲଟୁ—ଅଦ୍ଭୁତାନନ୍ଦ ଦ୍ରଷ୍ଟବ୍ୟ ।

ଲଲ୍ଲୀ—ବର୍ଗ୍ରା ସା ଦ୍ରଷ୍ଟବ୍ୟ ।

ଲାଲା ହଂସରାଜ—ଆର୍ଯ୍ୟସମାଜଭୁକ୍ତ ଲାଲା ହଂସରାଜ ସାହାଣୀ, ଲାହୋରର ଗୋଟିଏ କଲେଜର ଅଧ୍ୟକ୍ଷ ଥିଲେ । ଧର୍ମ ବିଷୟରେ ସ୍ୱାମୀଜୀଙ୍କ ସହିତ ତାଙ୍କର ଅନେକ ଆଲୋଚନା ହୋଇଥିଲା ।

ଲୁଇ, ମିସ୍ ମେରୀ—ଫରାସୀ ମହିଳା, ସ୍ୱାମୀଜୀଙ୍କର ଶିଷ୍ୟା, 'ଥାଉଜେଣ୍ଡ ଆଇଲାଣ୍ଡ ପାର୍କରେ' ସ୍ୱାମୀଜୀ ତାଙ୍କୁ ସନ୍ନ୍ୟାସବ୍ରତରେ ଦୀକ୍ଷିତ କରି ନାମକରଣ କଲେ 'ସ୍ୱାମୀ ଅଭୟାନନ୍ଦ' ।

ଲେଗେଟ୍ ମିଃ—ଫ୍ରାନ୍‌ସିସ୍, ଏଚ୍. ଲେଗେଟ୍ ନିଉୟର୍କର ବିଖ୍ୟାତ ସମ୍ଭ୍ରାନ୍ତ ବ୍ୟକ୍ତି । ସ୍ୱାମୀଜୀଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଏବଂ ନାନା ଭାବରେ ତାଙ୍କୁ ସହାୟତା କରିଥିଲେ । କେବେ କେବେ ସ୍ୱାମୀଜୀ ଆଦର କରି ମିଃ ଲେଗେଟ୍‌ଙ୍କୁ 'ଫ୍ରାଙ୍କିନ୍‌ସେନ୍‌ସ' ନାମରେ ଡାକୁଥିଲେ ।

ଲେଗେଟ୍, ମିସେସ୍—ମିସ୍ ମ୍ୟାକ୍‌ଲିଉଡ୍‌ଙ୍କ ବିଧବା ଭଉଣୀ ମିସେସ୍ ଷ୍ଟାର୍ଜିସ୍, ମି: ଲେଗେଟ୍‌ଙ୍କ ସହିତ ପରିଣୟସୂତ୍ରରେ ଆବଦ୍ଧ ହୋଇଥିଲେ । ଏହି ଦମ୍ପତିଙ୍କୁ ସ୍ୱାମୀଜୀ ବିଶେଷଭାବରେ ଆଶୀର୍ବାଦ କରିଥିଲେ । ସେମାନେ ମଧ୍ୟ ସର୍ବତୋଭାବରେ ସ୍ୱାମୀଜୀଙ୍କୁ ସାହାଯ୍ୟ କରୁଥିଲେ । ପ୍ରଥମ ବିବାହର ପୁତ୍ର ହଲିଷ୍ଟାର୍ ଓ କନ୍ୟା ଏଲ୍‌ବାର୍ଟା ।

ଲେଭିଞ୍ଜ ସାହେବ—ମୁର୍ଶିଦାବାଦର ତଦାନୀନ୍ତନ, ଜିଲ୍ଲା ମାଜିଷ୍ଟ୍ରେଟ ଇ. ଭି. ଲେଭିଞ୍ଜ ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଦୁର୍ଭିକ୍ଷ-ସେବାକାର୍ଯ୍ୟରେ ଓ ଅନାଥ-ଆଶ୍ରମ-ସ୍ଥାପନରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଏହି ସୂତ୍ରରେ ସ୍ୱାମୀଜୀଙ୍କ ସହିତ ତାଙ୍କର ପତ୍ରାଳାପ ହୋଇ-ଥିଲା ।

ଲ୍ୟାଣ୍ଡସ୍‌ବର୍ଗ—ହେର ଲିଅନ୍ ଲ୍ୟାଣ୍ଡସ୍‌ବର୍ଗ ଥିଲେ ଆମେରିକାନ୍ ନାଗରିକ, ଜନ୍ମଗତଭାବରେ ଋଷିୟାନ ଇହୁଦୀ । ଲ୍ୟାଣ୍ଡସ୍‌ବର୍ଗ ସ୍ୱାମୀଜୀଙ୍କ ପ୍ରଚାରକାର୍ଯ୍ୟରେ ସହାୟତା କରିଥିଲେ; ତେବେ କିଛିଦିନ ପାଇଁ ସ୍ୱାମୀଜୀଙ୍କୁ ଛାଡ଼ି ଚାଲିଯାଇଥିଲେ । ପରେ 'ଥାଉଜେଣ୍ଡ ଆଇଲ୍ୟାଣ୍ଡ ପାର୍କ'କୁ ପୁଣି ଆସିଥିଲେ ଏବଂ ସେଠାରେ ସ୍ୱାମୀଜୀ ତାଙ୍କୁ ସନ୍ନ୍ୟାସବ୍ରତରେ ଦୀକ୍ଷା ଦେଇ ନାମ ଦେଇଥିଲେ 'ସ୍ୱାମୀ କୃପାନନ୍ଦ' ।

ଶଙ୍କର ପାଣ୍ଡୁରଙ୍ଗ—ପୋରବନ୍ଦରର ବେଦଜ୍ଞ ପଣ୍ଡିତ । ଲିମ୍‌ଡିର ରାଜପ୍ରାସାଦରେ ଅବସ୍ଥାନ ସମୟରେ ସ୍ୱାମୀଜୀ ତାଙ୍କ ନିକଟରୁ ବେଦାନ୍ତର ବ୍ୟାସସୂତ୍ର ଅଧ୍ୟୟନ କରିଥିଲେ ।

ଶଙ୍କରଲାଲ୍, ପଣ୍ଡିତ—ସ୍ୱାମୀଜୀଙ୍କର ଖେତଡ଼ି-ନିବାସୀ ଭକ୍ତ । ସ୍ୱାମୀଜୀ ତାଙ୍କୁ ପଣ୍ଡିତଜୀ ମହାରାଜ' ବୋଲି ସମ୍ବୋଧନ କରୁଥିଲେ ।

ଶରତ୍—ସାରଦାନନ୍ଦ ଦ୍ରଷ୍ଟବ୍ୟ ।

ଶରତ୍‌ଚନ୍ଦ୍ର ଗୁପ୍ତ—ସଦାନନ୍ଦ ଦ୍ରଷ୍ଟବ୍ୟ ।

ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ—ସ୍ୱାମୀଜୀଙ୍କର ଗୃହୀ ଶିଷ୍ୟ । 'ସ୍ୱାମୀ-ଶିଷ୍ୟ-ସମ୍ବାଦ', 'ସାଧୁ ନାଗ-ମହାଶୟ' ପ୍ରଭୃତି ଗ୍ରନ୍ଥର ଲେଖକ । ପୂର୍ବବଙ୍ଗର ଅଧିବାସୀ ବୋଲି ସ୍ୱାମୀଜୀ କେବେ କେବେ ତାଙ୍କୁ ସ୍ନେହରେ 'ବାଙ୍ଗାଲ୍' ବୋଲି ଡାକୁଥିଲେ ।

ଶଶୀ—ରାମକୃଷ୍ଣାନନ୍ଦ ଦ୍ରଷ୍ଟବ୍ୟ ।

ଶଶୀ ଡାକ୍ତର—କଲିକତା ବାଗ୍‌ବଜାର-ନିବାସୀ ଡାକ୍ତର ଶଶିଭୂଷଣ ଘୋଷ୍ । ଶ୍ରୀରାମକୃଷ୍ଣଦେବଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ପରେ ତାଙ୍କର ଗୋଟିଏ ଜୀବନୀ ବଙ୍ଗ ଭାଷାରେ ଲେଖିଥିଲେ । ସେ ବଲରାମ-ମନ୍ଦିରରେ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ସଭାର 'ଅଣ୍ଡର ସେକ୍ରେଟାରୀ' ଥିଲେ ।

ଶଶୀ ସାନ୍ୟାଲ୍—କାଶୀନିବାସୀ ଜନୈକ ବ୍ରାହ୍ମଣ । ତାଙ୍କର ଅନେକ ଶିଷ୍ୟ ଥିଲେ ।

ଶାର୍ମିନ୍, ମିସେସ୍ ଫ୍ଲୋରେନ୍ସ—ଡେଟ୍ରୟେଟ୍‌ର ମିସେସ୍ ବ୍ୟାଗ୍‌ଲିଙ୍କ ବିବାହିତା କନ୍ୟା ।

ଶାଁକଚୁନ୍ନୀ—ଅକ୍ଷୟକୁମାର ସେନ୍ ଦ୍ରଷ୍ଟବ୍ୟ ।

ଶିବାନନ୍ଦ, ସ୍ୱାମୀ (ତାରକ, ତାରକଦା)—ଶ୍ରୀରାମକୃଷ୍ଣଦେବଙ୍କ ସନ୍ନ୍ୟାସୀ ଶିଷ୍ୟ, ଶ୍ରୀରାମକୃଷ୍ଣ ମଠ ଓ ମିଶନର ଦ୍ୱିତୀୟ ଅଧ୍ୟକ୍ଷ (୧୯୨୨-୩୪) । ସ୍ୱାମୀଜୀ ତାଙ୍କୁ 'ମହାପୁରୁଷ' କହୁଥିଲେ, ସେଥିପାଇଁ ମଠରେ ସେ 'ମହାପୁରୁଷ ମହାରାଜ' ନାମରେ ପରିଚିତ ।

ଶିବନାଥ ଶାସ୍ତ୍ରୀ—ସାଧାରଣ ବ୍ରାହ୍ମସମାଜର ଅନ୍ୟତମ ପ୍ରତିଷ୍ଠାତା । ଶ୍ରୀରାମକୃଷ୍ଣଙ୍କ ସହିତ ତାଙ୍କର ଅନେକ ଥର ସାକ୍ଷାତ୍ ହୋଇଥିଲା ।

ଶିବୁ—ଶିବରାମ ଚଟ୍ଟୋପାଧ୍ୟାୟ, ଶ୍ରୀରାମକୃଷ୍ଣଦେବଙ୍କ ଭ୍ରାତୁଷ୍ପୁତ୍ର ।

ଶୁଦ୍ଧାନନ୍ଦ, ସ୍ୱାମୀ (ସୁଧୀର)—ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । 'ଶ୍ରୀରାମକୃଷ୍ଣ ମଠ' ଓ ମିଶନର ଦ୍ୱିତୀୟ ସମ୍ପାଦକ (୧୯୨୭-୩୪) ଏବଂ ପଞ୍ଚମ ଅଧ୍ୟକ୍ଷ (୧୯୩୮) । ସ୍ୱାମୀଜୀଙ୍କର ବହୁଲେଖା ଓ ବକ୍ତୃତା ସେ ବଙ୍ଗଭାଷାରେ ଅନୁବାଦ କରିଥିଲେ । 'ଉଦ୍‌ବୋଧନ' ପତ୍ରିକାର ଆରମ୍ଭରୁ ତାହାର ପରିଚାଳନାରେ ସେ ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କର ପ୍ରଧାନ ସହକାରୀ ଥିଲେ; ପରେ ଉଦ୍‌ବୋଧନର ସମ୍ପାଦକ ହୋଇଥିଲେ । ସ୍ୱାମୀଜୀଙ୍କ ରଚିତ 'ମଠର ନିୟମାବଳୀ'ର ସେ ଥିଲେ ଲିପିକାର ।

ଶ୍ରୀମ—ମାଷ୍ଟର ଦ୍ରଷ୍ଟବ୍ୟ ।

ଶ୍ରୀଶବାବୁ—ଏଲାହାବାଦ-ନିବାସୀ ଶ୍ରୀଶଚନ୍ଦ୍ର ବସୁ । ତାଙ୍କର ଭ୍ରାତା ମେଜର୍ ବି. ଡି. ବସୁଙ୍କ ସହିତ ଏଲାହାବାଦରେ ପାଣିନି ପ୍ରେସ ସ୍ଥାପନ କରିଥିଲେ ଓ ଅନେକ ବହୁମୂଲ୍ୟ ଶାସ୍ତ୍ରଗ୍ରନ୍ଥ ପ୍ରକାଶ କରିଥିଲେ ।

ସଚ୍ଚିଦାନନ୍ଦ (୧), ସ୍ୱାମୀ—ସ୍ୱାମୀ ସାରଦାନନ୍ଦଙ୍କ ଶିଷ୍ୟ, ମଠରେ 'ବୁଢ଼ାବାବା' ବୋଲି ପରିଚିତ ।

ସଚ୍ଚିଦାନନ୍ଦ (୨), ସ୍ୱାମୀ—ପୂର୍ବନାମ ମତିଲାଲ ବନ୍ଦୋପାଧ୍ୟାୟ; ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । ୧୮୯୮ ଖ୍ରୀଷ୍ଟାବ୍ଦରେ ରାମକୃଷ୍ଣ ସଙ୍ଘରେ ଯୋଗଦାନ କରିଥିଲେ । ସ୍ୱାମୀଜୀଙ୍କ ଆଦେଶରେ ଆମେରିକାରେ କେତେବର୍ଷ ବେଦାନ୍ତ ପ୍ରଚାର କରିଥିଲେ ।

ସତୀଶଚନ୍ଦ୍ର—ଡନ୍ ସୋସାଇଟିର ବିଖ୍ୟାତ ସତୀଶଚନ୍ଦ୍ର ମୁଖୋପାଧ୍ୟାୟ, ସ୍ୱାମୀଜୀଙ୍କର ବାଲ୍ୟବନ୍ଧୁ, ହାଇକୋର୍ଟରେ ଓକିଲାତି କରୁଥିଲେ ଏବଂ 'Dawn' ପତ୍ରିକା ପ୍ରକାଶ କରୁଥିଲେ । ଆଲମ୍‌ବଜାର ମଠ ସହିତ ତାଙ୍କର ଯୋଗାଯୋଗ ଥିଲା ।

ସଦାନନ୍ଦ, ସ୍ୱାମୀ (ଗୁପ୍ତ, ଶରତ୍‌ଚନ୍ଦ୍ର ଗୁପ୍ତ)—ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । ହାତରସ୍ ରେଳ ଷ୍ଟେସନରେ ସହକାରୀ ଷ୍ଟେସନମାଷ୍ଟର ଥିଲେ । ୧୮୮୮ ଖ୍ରୀଷ୍ଟାବ୍ଦରେ ପରିବ୍ରାଜକ ସ୍ୱାମୀଜୀଙ୍କୁ ଦର୍ଶନ କରିବାପରେ ସର୍ବସ୍ୱ ତ୍ୟାଗ କରି ସେ ସ୍ୱାମୀଜୀଙ୍କ ଶିଷ୍ୟତ୍ୱ

ଗ୍ରହଣ କରିଥିଲେ ଏବଂ କଚ୍ଛଦେନ ଏକସଙ୍ଗରେ ଭ୍ରମଣ ପରେ ବରାହନଗର ମଠକୁ ଆସିଥିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ କଲିକତାରେ ପ୍ଲେଗ୍-ମହାମାରୀରେ ତାଙ୍କର ସେବାକାର୍ଯ୍ୟ ଉଲ୍ଲେଖଯୋଗ୍ୟ । ୧୯୧୧ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ ।

(ମ:) ଶରଫ୍‌ରାଜ ହୋସେନ୍—ନୈନିତାଲ୍‌ର ମୁସଲ୍‌ମାନ ଭଦ୍ରଲୋକ ସ୍ୱାମୀଜୀଙ୍କର ଭକ୍ତ ।

ସରଳା ଘୋଷାଲ୍—ପରେ ସରଳାଦେବୀ ଚୌଧୁରାଣୀ ନାମରେ ପରିଚିତା ହୋଇଥିଲେ । ରବୀନ୍ଦ୍ରନାଥ ଠାକୁରଙ୍କ ଭଗିନେୟୀ ।

ସାନ୍ୟାଲ (ସାଣ୍ଡେଲ)—ବୈକୁଣ୍ଠନାଥ ଦ୍ରଷ୍ଟବ୍ୟ ।

ସାରଦା—ତ୍ରିଗୁଣାତୀତାନନ୍ଦ ଦ୍ରଷ୍ଟବ୍ୟ ।

ସାରଦାନନ୍ଦ, ସ୍ୱାମୀ (ଶରତ୍)—ଶ୍ରୀରାମକୃଷ୍ଣଦେବଙ୍କ ସନ୍ନ୍ୟାସୀ ଶିଷ୍ୟ, ଶ୍ରୀରାମକୃଷ୍ଣ ମଠ ଓ ମିଶନର ପ୍ରଥମ ସମ୍ପାଦକ (୧୮୯୯-୧୯୨୭) । ସ୍ୱାମୀଜୀଙ୍କ ଆଦେଶରେ ଇଂଲଣ୍ଡ ଓ ଆମେରିକାରେ ବେଦାନ୍ତ ପ୍ରଚାର କରିଥିଲେ । 'ଶ୍ରୀଶ୍ରୀରାମକୃଷ୍ଣଲୀଳା ପ୍ରସଙ୍ଗ'—ରଚନା ତାଙ୍କର ଅକ୍ଷୟ କୀର୍ତ୍ତି । ସ୍ୱାମୀ ଯୋଗାନନ୍ଦଙ୍କ ପରେ ସେ ଶ୍ରୀଶ୍ରୀମାଙ୍କର ସେବାର ଭାର ଗ୍ରହଣ କରିଥିଲେ ।

ସାରା ବାର୍ଣ୍ଣହାର୍ଡ଼—ଫରାସୀଦେଶୀୟା ବିଖ୍ୟାତ ଅଭିନେତ୍ରୀ । ୧୮୯୫ ଖ୍ରୀଷ୍ଟାବ୍ଦରେ ନିଉୟର୍କରେ ଏବଂ ୧୯୦୦ ଖ୍ରୀଷ୍ଟାବ୍ଦରେ ପ୍ୟାରିସ୍‌ରେ ସ୍ୱାମୀଜୀଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା । ସେ ସ୍ୱାମୀଜୀଙ୍କୁ ବିଶେଷ ଶ୍ରଦ୍ଧା କରୁଥିଲେ ।

ସାରା ସି. ବୁଲ୍—(ମିସେସ୍ ଓଲି) ବୁଲ୍ ଦ୍ରଷ୍ଟବ୍ୟ ।

ସୁକୁଲ—ଆତ୍ମାନନ୍ଦ ଦ୍ରଷ୍ଟବ୍ୟ ।

ସୁଧୀର—ଶୁଦ୍ଧାନନ୍ଦ ଦ୍ରଷ୍ଟବ୍ୟ ।

ସୁବୋଧାନନ୍ଦ, ସ୍ୱାମୀ (ଖୋକା, ସୁବୋଧ)—ଶ୍ରୀରାମକୃଷ୍ଣଦେବଙ୍କ ସନ୍ନ୍ୟାସୀ ଶିଷ୍ୟ । ସେ ଅତ୍ୟନ୍ତ ସରଳ ଥିଲେ, ମଠରେ ସେ 'ଖୋକା ମହାରାଜ' ନାମରେ ପରିଚିତ ।

ସୁବ୍ରହ୍ମଣ୍ୟ ଆୟାର୍—ମାନ୍ଦ୍ରାଜର ପ୍ରସିଦ୍ଧ ବାରିଷ୍ଟର ସାର୍ ସୁବ୍ରହ୍ମଣ୍ୟ ଆୟାର୍ । ସ୍ୱାମୀଜୀଙ୍କର ଅନୁରାଗୀ, ମାନ୍ଦ୍ରାଜ ଅଭିନନ୍ଦନ-ସଭାର ସଭାପତି ଥିଲେ ।

ସୁରେନ୍—ସୁରେଶ୍ୱରାନନ୍ଦ ଦ୍ରଷ୍ଟବ୍ୟ ।

ସୁରେନ୍ଦ୍ର ଠାକୁର—କବି ରବୀନ୍ଦ୍ରନାଥଙ୍କ ମଧ୍ୟମ ଭ୍ରାତା ସତ୍ୟେନ୍ଦ୍ରନାଥ ଠାକୁରଙ୍କ ପୁତ୍ର ।

ସୁରେଶବାବୁ—ସୁରେନ୍ଦ୍ରନାଥ ମିତ୍ର, ଶ୍ରୀରାମକୃଷ୍ଣଦେବଙ୍କ ଅନ୍ୟତମ ଗୃହୀ ଭକ୍ତ । ଠାକୁର ତାଙ୍କୁ 'ସୁରେଶ' ବା 'ସୁରେନ୍ଦର' ବୋଲି ଡାକୁଥିଲେ । ଶ୍ରୀରାମକୃଷ୍ଣଙ୍କର କାଶୀପୁରରେ ଅବସ୍ଥାନ କାଳରେ ଏବଂ ପରେ ବରାହନଗର ମଠର ବ୍ୟୟନିର୍ବାହରେ ସାହାଯ୍ୟ କରିଥିଲେ । ସେ ଶ୍ରୀରାମକୃଷ୍ଣଙ୍କର ଚାରିଜଣ 'ରସଦ୍‌ଦାର୍'ଙ୍କ ମଧ୍ୟରୁ ଅନ୍ୟତମ ।

ସୁରେଶ ଦତ୍ତ—ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତ । ସେ 'ପରମହଂସଦେବଙ୍କ ଉକ୍ତି'

ନାମରେ ଗୋଟିଏ ଉପଦେଶ-ପୁସ୍ତକ ପ୍ରକାଶ କରିଥିଲେ । ହାଟଖୋଲାର ପ୍ରସିଦ୍ଧ ଦତ୍ତ-ବଂଶର ସନ୍ତାନ, ପ୍ରଥମେ ବ୍ରାହ୍ମସମାଜଭୁକ୍ତ ଥିଲେ ।

ସୁରେଶ୍ୱରାନନ୍ଦ—ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । ୧୮୯୮ ଖ୍ରୀଷ୍ଟାବ୍ଦରେ ସନ୍ନ୍ୟାସ-ଦୀକ୍ଷା ଗ୍ରହଣ କରିଥିଲେ । ସ୍ୱାମୀ ଅଖଣ୍ଡାନନ୍ଦଙ୍କ କର୍ତ୍ତୃକ ମୁର୍ଶିଦାବାଦର ମହୁଲାରେ ଦୁର୍ଭିକ୍ଷ-ପୀଡ଼ିତମାନଙ୍କ ପାଇଁ ୧୮୯୭ ଖ୍ରୀଷ୍ଟାବ୍ଦରେ ଯେଉଁ ସେବାକାର୍ଯ୍ୟ ଚାଲିଥିଲା, ସେଠାରେ ସ୍ୱାମୀଜୀଙ୍କ ନିର୍ଦ୍ଦେଶରେ ସେ ସହକାରୀ ଭାବରେ ପ୍ରେରିତ ହୋଇଥିଲେ ।

ସୁଶୀଲ୍—ପ୍ରକାଶାନନ୍ଦ ଦ୍ରଷ୍ଟବ୍ୟ ।

ସେଭିୟାର, ମିଃ (କ୍ୟାପ୍‌ଟେନ୍ ଜେ. ଏଚ୍.) ଓ ମିସେସ୍—ସ୍ୱାମୀଜୀଙ୍କର ବିଖ୍ୟାତ ଇଂରେଜ ଶିଷ୍ୟ ଓ ଶିଷ୍ୟା; ବେଦାନ୍ତପ୍ରଚାର କାର୍ଯ୍ୟରେ ସେମାନଙ୍କର ଜୀବନ ଉତ୍ସର୍ଗ କରିଥିଲେ ଏବଂ ସ୍ୱାମୀଜୀଙ୍କ ଇଚ୍ଛାନୁସାରେ 'ମାୟାବତୀ ଅଦ୍ୱୈତ ଆଶ୍ରମ' ପ୍ରତିଷ୍ଠା କରିଥିଲେ । କ୍ୟାପ୍‌ଟେନ୍ ସେଭିୟାର୍ ୧୯୦୦ ଖ୍ରୀଷ୍ଟାବ୍ଦରେ ମାୟାବତୀରେ ଦେହତ୍ୟାଗ କରିଥିଲେ । ମିସେସ୍ ସେଭିୟାର୍ ବହୁ ବର୍ଷ ମାୟାବତୀରେ ଏବଂ ଶ୍ୟାମଳାତାଲରେ ବାସ କରି ପରେ ୧୯୩୧ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ଦେହତ୍ୟାଗ କରିଥିଲେ । ରାମକୃଷ୍ଣ-ସଙ୍ଘରେ ସେ 'ମଦର୍' (mother) ବୋଲି ପରିଚିତା ।

ସୋରାବ୍‌ଜୀ, ମିସ୍—ମିସ୍ ଜିନ୍ ସୋରାବ୍‌ଜୀ ନାମ୍ନୀ ପାର୍ଶୀ ମହିଳା ପୁନାରୁ ପାର୍ଶୀଧର୍ମର ପ୍ରତିନିଧିରୂପେ ଚିକାଗୋ ସମ୍ମେଳନରେ ଯୋଗଦାନ କରିଥିଲେ ।

ଷ୍ଟର୍ଡ଼ି, ମିଃ ଇ.ଟି.—ଜଣେ ଇଂରେଜ ଭକ୍ତ; ପ୍ରଥମ ଜୀବନରେ ଭାରତବର୍ଷରେ ଥିଲେ ଏବଂ ଆଲମୋଡ଼ାରେ ତପସ୍ୟା କରିଥିଲେ । ଇଂଲଣ୍ଡରେ ବେଦାନ୍ତ-ପ୍ରଚାର କାର୍ଯ୍ୟରେ ସେ ସ୍ୱାମୀଜୀଙ୍କୁ ସାହାଯ୍ୟ କରିଥିଲେ ।

ସ୍ମିଥ୍, ମିସେସ୍—ସ୍ୱାମୀଜୀ ୧୮୯୪ ଖ୍ରୀ: ୨୪ ଅପ୍ରେଲରେ Woldorf Hotelରେ ମିସେସ୍ ଆର୍ଥର ସ୍ମିଥ୍‌ଙ୍କ ଆଲୋଚନା-ଚକ୍ରରେ 'ଭାରତବର୍ଷ ଓ ହିନ୍ଦୁଧର୍ମ' ପ୍ରସଙ୍ଗରେ ବକ୍ତୃତା ଦେଇଥିଲେ । ସେହି ସମୟରେ ମିଃ ଓ ମିସେସ୍ ଗାର୍ଣ୍ଣସିଙ୍କ ସାଙ୍ଗରେ ସ୍ୱାମୀଜୀଙ୍କର ବନ୍ଧୁତ୍ୱ ହୋଇଥିଲା । ମିସ୍ ଫିଲିପ୍‌ସ୍ ଓ ମିସେସ୍ ଏମା ଥାର୍ସବିଙ୍କ ସଙ୍ଗରେ ମିସେସ୍ ଆର୍ଥର ସ୍ମିଥ୍ ମଧ୍ୟ ପରେ ନିଉୟର୍କ ବେଦାନ୍ତ ସୋସାଇଟିର ସଭ୍ୟା ହୋଇଥିଲେ ।

ସାନ୍‌ବର୍ଣ୍ଣ, (ମିସ୍) କେଟ୍—ଏହି ବର୍ଷୀୟସୀ ବାଗ୍ମୀ ଲେଖିକା ଆମେରିକାରେ ସ୍ୱାମୀଜୀଙ୍କ ସାହାଯ୍ୟାର୍ଥେ ପ୍ରଥମେ ଅଗ୍ରଣୀ ହୋଇଥିଲେ । ବୋଷ୍ଟନ୍ ଯିବା ସମୟରେ ଟ୍ରେନ୍‌ରେ ପ୍ରଥମ ପରିଚୟ ପରେ ସେ ସ୍ୱାମୀଜୀଙ୍କୁ ମାସାଚୁସେଟସ୍‌ରେ ତାଙ୍କର 'ବ୍ରୀଜ-ମେଡୋଜ୍' ନାମକ ଫାର୍ମକୁ ଘେନି ଯାଇଥିଲେ ।

ସାନ୍‌ବର୍ଣ୍ଣ, ମିଃ ଫ୍ରାଙ୍କଲିନ୍ ବେଞ୍ଜାମିନ୍—ମିସେସ୍ କେଟ୍ ସାନ୍‌ବର୍ଣ୍ଣଙ୍କ ସମ୍ପର୍କିତ ଭ୍ରାତା; ସେ ଏହି 'ହିନ୍ଦୁ ସନ୍ନ୍ୟାସୀ'ଙ୍କ ବିରୋଧରେ ପ୍ରଥମେ ସନ୍ଦେହ ପୋଷଣ କରିଥିଲେ । ପରେ ବ୍ରୀଜ-ମେଡୋଜ୍‌ରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ ପରେ ତାଙ୍କର ମନୋଭାବ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇଥିଲା । ନିଉୟର୍କର ସାରଟୋଗା ସ୍ପ୍ରିଂରେ ଆମେରିକାନ୍ ସୋସିଆଲ୍

ସାଇନ୍‌ସ ଆସୋସିଏସନ୍‌ର ଗୋଟିଏ ସମ୍ମିଳନୀରେ ବକ୍ତୃତା ଦେବା ନିମନ୍ତେ ସେ ସ୍ୱାମୀଜୀଙ୍କୁ ଆମନ୍ତ୍ରଣ କରିଥିଲେ ।

**ସ୍ୱରୂପାନନ୍ଦ,** ସ୍ୱାମୀ (ଅଜୟ ହରି)—ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ । ବେଲୁଡ଼ରେ ନୀଳାମ୍ବର ମୁଖୋପାଧ୍ୟାୟଙ୍କ ଭଡ଼ାଟିଆ ମଠ-ଘରେ ସନ୍ନ୍ୟାସ-ଦୀକ୍ଷା (୧୮୯୮) ଗ୍ରହଣ କରିଥିଲେ । ପୂର୍ବାଶ୍ରମରେ ବହୁ ସଦନୁଷ୍ଠାନ ସହିତ ଯୁକ୍ତ ଥିଲେ ଓ ସୁବିଖ୍ୟାତ 'Dawn' ପତ୍ରିକାର ସମ୍ପାଦକ ମୁଖୋପାଧ୍ୟାୟଙ୍କ ଘନିଷ୍ଠ ସହଯୋଗୀ ଥିଲେ । ମାୟାବତୀ ଅଦ୍ୱୈତ ଆଶ୍ରମର ସେ ପ୍ରଥମ ଅଧ୍ୟକ୍ଷ ଏବଂ 'ପ୍ରବୁଦ୍ଧ ଭାରତ' ପତ୍ରିକାର ଦ୍ୱିତୀୟ ସମ୍ପାଦକ । ସ୍ୱାମୀଜୀଙ୍କର ଇଂରେଜୀ ଗ୍ରନ୍ଥାବଳୀ ସଙ୍କଳନରେ ଏବଂ ତାହାର କିୟଦଂଶର ମୁଦ୍ରଣରେ ତାଙ୍କର ଅକ୍ଲାନ୍ତ ଶ୍ରମ ଚିରସ୍ମରଣୀୟ । ୧୯୦୬ ଖ୍ରୀଷ୍ଟାବ୍ଦ ୨୭ ଜୁନ୍‌ରେ ନୈନୀତାଲ୍‌ରେ ତାଙ୍କର ଦେହତ୍ୟାଗ ହୋଇଥିଲା ।

ହରମୋହନ—ହରମୋହନ ମିତ୍ର; ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ ଏବଂ ସ୍ୱାମୀଜୀଙ୍କର ବନ୍ଧୁ । ସେ ସ୍ୱାମୀଜୀଙ୍କର କେତୋଟି ବହି ଭାରତରେ ସର୍ବପ୍ରଥମ ପ୍ରକାଶ କରିଥିଲେ ।

ହରି—ତୁରୀୟାନନ୍ଦ ଦ୍ରଷ୍ଟବ୍ୟ ।

ହରିଦାସ ବିହାରୀଦାସ ଦେଶାଇ—ଜୁନାଗଡ଼ର ଦେୱାନ୍; ସ୍ୱାମୀଜୀ ତାଙ୍କୁ 'ଦେୱାନ୍‌ଜୀ ସାହେବ' ଏବଂ କେତେବେଳେ 'ହରିଦାସ ଭାଇ' ବୋଲି ସମ୍ବୋଧନ କରୁଥିଲେ । ତାଙ୍କ ସାହାଯ୍ୟରେ ଭାରତର ବହୁ ରାଜାଙ୍କ ସହିତ ସ୍ୱାମୀଜୀଙ୍କର ପରିଚୟ ହୋଇଥିଲା ।

ହରିଦାସୀ, ଭଗିନୀ—ଓୟାଲ୍‌ଡୋ ଦ୍ରଷ୍ଟବ୍ୟ ।

ହରିପଦ ମିତ୍ର—ବେଲଗାଁଓର ଫରେଷ୍ଟ ଅଫିସର୍, ସ୍ୱାମୀଜୀଙ୍କର ଶିଷ୍ୟ; ପରିବ୍ରାଜକ ଅବସ୍ଥାରେ ସ୍ୱାମୀଜୀ କେତେଦିନ ପାଇଁ ତାଙ୍କରି ଆତିଥ୍ୟ ଗ୍ରହଣ କରିଥିଲେ । ତାଙ୍କର ନିବାସ ଥିଲା ବର୍ଦ୍ଧମାନ ଜିଲ୍ଲାର ଭୈଟା ଗ୍ରାମରେ ।

ହରିପ୍ରସନ୍ନ—ବିଜ୍ଞାନାନନ୍ଦ ଦ୍ରଷ୍ଟବ୍ୟ ।

ହରି ସିଂ—ଠାକୁର ହରି ସିଂ ଲାଡ୍‌ଖାନ । ସେ ଏକ ସମୟରେ ଜୟପୁର ରାଜ୍ୟର ପ୍ରଧାନ ସେନାପତି ଥିଲେ । ସେ ସ୍ୱାମୀଜୀଙ୍କର ଭକ୍ତ ଥିଲେ । ପରିବ୍ରାଜକ ଅବସ୍ଥାରେ ଭ୍ରମଣ କାଳରେ ସ୍ୱାମୀଜୀ କିଛି ଦିନ ପାଇଁ ତାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ ।

ହରଶ୍—ହରିଶ୍ଚନ୍ଦ୍ର ମୁସ୍ତଫୀ, ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ ।

ହାଉ, ମିସେସ୍—Battle Hymn of the Republic ଗ୍ରନ୍ଥର ଲେଖିକା ବିଖ୍ୟାତ ଜୁଲିଆ ଓୱାର୍ଡ଼ ହାଉ । ମିସେସ୍ ହାଉଙ୍କର 'Women's Club'ରେ ସ୍ୱାମୀଜୀ ୧୮୯୪ ଖ୍ରୀଷ୍ଟାବ୍ଦ ମେ ୧୭ ତାରିଖରେ ବକ୍ତୃତା ଦେଇଥିଲେ ।

ହଲିଷ୍ଟାର୍—ମିସେସ୍ ବେଟି ଷ୍ଟାର୍ଜିସ୍‌ଙ୍କ ପୁତ୍ର । ଏଲ୍‌ବାର୍ଟାଙ୍କ ଭାଇ ।

ହାଉଇସ୍, ମିଃ—ଚିକାଗୋ ମେଳାରେ ଆଙ୍ଗ୍ଲିକାନ୍ ଚର୍ଚ୍ଚର ଅନ୍ୟତମ ନେତା ମିଃ କ୍ୟାନନ୍ ହାଉଇସ୍‌ଙ୍କ ସହିତ ସ୍ୱାମୀଜୀ ପରିଚିତ ହୋଇଥିଲେ । ସେ ସ୍ୱାମୀଜୀଙ୍କ

ବକ୍ତୃତା ଶୁଣି ମୁଗ୍ଧ ହୋଇଥିଲେ । The Dead Pulpit ନାମକ ପ୍ରବନ୍ଧରେ ସେ Vivekanandaism-ପ୍ରସଙ୍ଗ ଆଲୋଚନା କରିଛନ୍ତି ।

ହିଉମ୍, ରେଭଃ—ଭାରତରେ ଜନ୍ମଗ୍ରହଣ କରିଥିଲେ ଏବଂ ଭାରତର ଖ୍ରୀଷ୍ଟାନ୍ ମିଶନର ଡିରେକ୍ଟର୍ ଥିଲେ । ସ୍ୱାମୀଜୀ ୧୮୯୪ ଖ୍ରୀଷ୍ଟାବ୍ଦ ୧୧ ମାର୍ଚ୍ଚରେ ଡେଟ୍ରୟେଟ୍‌ର ଅପେରା ହାଉସ୍‌ରେ ଭାରତର ଖ୍ରୀଷ୍ଟାନ୍ ମିଶନାରୀମାନଙ୍କର କାର୍ଯ୍ୟକଳାପର ସମାଲୋଚନା କରି ଗୋଟିଏ ବକ୍ତୃତା ଦେଇଥିଲେ । ରେଭଃ ହିଉମ୍ ତାହାର ପ୍ରତିବାଦ କରି ସ୍ୱାମୀଜୀଙ୍କୁ କେତୋଟି ପତ୍ର ଲେଖିଥିଲେ ଏବଂ ଗୋଟିଏ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ ।

ହିଗିନ୍‌ସ, ମିଃ ଚାର୍ଲସ—ବ୍ରୁକ୍‌ଲିନ୍ ଏଥିକାଲ୍ ଆସୋସିଏସନ୍‌ର ଜଣେ କର୍ମକୁଶଳୀ । ୧୮୯୪ ଖ୍ରୀଷ୍ଟାବ୍ଦ ନଭେମ୍ବରରେ ସେ ସ୍ୱାମୀଜୀଙ୍କ ସମ୍ବନ୍ଧରେ ଗୋଟିଏ ଦଶପୃଷ୍ଠାର ପୁସ୍ତିକା ଛପାଇ ପ୍ରାଚ୍ୟଧର୍ମ-ଅଧ୍ୟୟନରେ ଉତ୍ସାହୀମାନଙ୍କ ମଧ୍ୟରେ ବିତରଣ କରିଥିଲେ । ମିଃ ହିଗିନ୍‌ସ ନିଜ ଘରକୁ ସ୍ୱାମୀଜୀଙ୍କୁ ଆମନ୍ତ୍ରଣ କରିଥିଲେ । ଆମେରିକାନ୍ ଓ ଭାରତୀୟ ଉଭୟ ଦେଶର ସମ୍ବାଦପତ୍ର-ଗୁଡ଼ିକରୁ ସ୍ୱାମୀଜୀଙ୍କ ସମ୍ବନ୍ଧରେ ତଥ୍ୟ ଅବଲମ୍ବନ କରି ପୁସ୍ତକଟି ଲିଖିତ ।

ହିଗିନ୍‌ସନ, କର୍ଣ୍ଣେଲ ଉଏଣ୍ଟୱାର୍ଥ—ଧର୍ମ-ମହାସଭାର ପ୍ରତିନିଧି ଏବଂ ସେହି ଯୁଗର ଜଣେ ଉଦାର-ମତାବଲମ୍ବୀ ଲେଖକ । ୧୮୯୪ ଖ୍ରୀଷ୍ଟାବ୍ଦ ଅଗଷ୍ଟରେ ପ୍ଲାଇମାଉଥ୍-ଠାରେ ଅନୁଷ୍ଠିତ ଫ୍ରି ରିଲିଜିଅସ୍ ଆସୋସିଏସନ୍‌ର ସଭାରେ ବକ୍ତୃତା ପାଇଁ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ କରିଥିଲେ ।

ହୁଟ୍‌କୋ (ହୁଟ୍‌କୋ ଗୋପାଲ୍)—ଗୋପାଳଚନ୍ଦ୍ର ଘୋଷ୍, ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ । ମଝିରେ ମଝିରେ ହଠାତ୍ ଆସୁଥିଲେ ବୋଲି ଏହି ନାମ ହୋଇଥିଲା ।

ହେଲ୍, ମିଃ ଓ ମିସେସ୍—ସେମାନେ ଉଭୟେ ସ୍ୱାମୀଜୀଙ୍କୁ ବିଶେଷ ଭଲପାଉଥିଲେ । ଚିକାଗୋ ଧର୍ମ-ମହାସଭା ଆରମ୍ଭ ହେବାର ପୂର୍ବ ଦିନ ସ୍ୱାମୀଜୀ ଯେତେବେଳେ ଦେଖିଲେ, ଏହି ଅପରିଚିତ ଦେଶରେ ସେ ନିତାନ୍ତ ଅସହାୟ, ଠିକ୍ ସେହି ସମୟରେ ମିସେସ୍ ହେଲ୍‌ଙ୍କ ସହିତ ତାଙ୍କର ଦେଖା ହୋଇଥିଲା । ସେ ବିଶେଷ ଯତ୍ନ ସହକାରେ ସ୍ୱାମୀଜୀଙ୍କୁ ତାଙ୍କର ଘରକୁ ଆସିବାକୁ କହିଥିଲେ ଏବଂ ଧର୍ମ-ମହାସଭାରେ ଯେପରି ସ୍ୱାମୀଜୀ ହିନ୍ଦୁଧର୍ମର ପ୍ରତିନିଧି ରୂପେ ଗୃହୀତ ହୋଇପାରିବେ, ତାହାର ବ୍ୟବସ୍ଥା କରିଦେଇଥିଲେ । ସ୍ୱାମୀଜୀ ମିସେସ୍ ହେଲ୍‌ଙ୍କୁ 'ମା' ଏବଂ ତାଙ୍କର କନ୍ୟାମାନଙ୍କୁ 'ଭଉଣୀ' ବୋଲି ସମ୍ବୋଧନ କରୁଥିଲେ । ବେଳେ ବେଳେ ମିସେସ୍ ହେଲ୍‌ଙ୍କୁ 'ମଦର୍ ଚର୍ଚ୍ଚ' ଏବଂ ମିଃ ହେଲ୍‌ଙ୍କୁ 'ଫାଦର୍ ପୋପ୍' ବୋଲି କହୁଥିଲେ । ହେଲ୍-ପରିବାରର ସମସ୍ତଙ୍କ ସହିତ ତାଙ୍କର ବିଶେଷ ଅନ୍ତରଙ୍ଗତା ହୋଇଥିଲା । ପ୍ରଥମ ଭାଗରେ ଏହି ଘର ହିଁ ଥିଲା ସ୍ୱାମୀଜୀଙ୍କର ଆମେରିକା-ଠିକଣା । ସ୍ୟାମ୍ ଏମାନଙ୍କର ଏକମାତ୍ର ପୁତ୍ର ।

ହେଲ୍‌ବିସ୍ଟର୍ (Marie Halbaister)—ଫରାସୀ କ୍ୟାନେଡ଼ିଆନ୍ ମହିଳା ।

ଷ୍ଟୁର୍ଡେଙ୍କରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ ହୋଇଥିଲା । ସ୍ୱାମୀଜୀଙ୍କ ନିକଟରୁ ଯୋଗ ଓ ବେଦାନ୍ତ ଶିକ୍ଷାଲାଭ କରିଥିଲେ । ରାଜଯୋଗ ଗ୍ରନ୍ଥର ଫରାସୀ ଅନୁବାଦ ଆରମ୍ଭ କରିଥିଲେ ।

ହେଲ୍, ମିସ୍ ମେରି—ହେଲ୍ ପରିବାରର କନ୍ୟା । ସ୍ୱାମୀଜୀ ତାଙ୍କୁ ଭଉଣୀ ପରି ସ୍ନେହ କରୁଥିଲେ ।

ହେଲ୍, ମିସ୍ ହ୍ୟାରିଏଟ୍—ତଦେବ ।

ହେଲେନ୍, ମିସ୍ ମିଡ୍—ସ୍ୱାମୀଜୀଙ୍କର ଲସ୍-ଏଞ୍ଜେଲ୍ସ୍-ନିବାସିନୀ ଶିଷ୍ୟା; ଭଗିନୀ ଲଲିତା (ଓସ୍ୱାଇକଫ୍)-ଙ୍କ ଭଉଣୀ ।

ହ୍ୟାନ୍ସ୍‌ବରୋ, ଏଲିସ୍ (ମିସେସ୍ ହ୍ୟାନ୍ସବରୋ, ହ୍ୟାନ୍ସବର୍ଗ)—ସ୍ୱାମୀଜୀଙ୍କର ଲସ ଏଞ୍ଜେଲ୍ସ୍-ନିବାସିନୀ ଶିଷ୍ୟା; ଭଗିନୀ ଲଲିତାଙ୍କର ଆଉ ଜଣେ ଭଉଣୀ । କାଲିଫର୍ଣ୍ଣିଆ ଭ୍ରମଣକାଳରେ ସେ କିଛି କାଳ ସ୍ୱାମୀଜୀଙ୍କର ସେକ୍ରେଟାରି ରୂପେ କାମ କରିଥିଲେ । ସ୍ୱାମୀ ତ୍ରିଗୁଣାତୀତାନନ୍ଦ ତାଙ୍କର ନାମ ଦେଇଥିଲେ ଶାନ୍ତି ।

ହ୍ୟାମ୍‌ଲିନ୍, ମିସ୍—ସ୍ୱାମୀଜୀଙ୍କର ଭକ୍ତ; ନିଉୟର୍କରେ କ୍ଲାସ୍ ଚଳାଇବା କାମରେ ସ୍ୱାମୀଜୀଙ୍କୁ ବିଶେଷ ସାହାଯ୍ୟ କରିଥିଲେ ।

ହ୍ୟାମଣ୍ଡ, ମିଃ ଓ ମିସେସ୍ – ଇଂଲଣ୍ଡର ମିଃ ଏରିକ୍ ହ୍ୟାମଣ୍ଡ ଓ ତାଙ୍କର ପତ୍ନୀ ଉଭୟେ ସ୍ୱାମୀଜୀଙ୍କର ଭକ୍ତ ଥିଲେ । ମିଃ ହ୍ୟାମଣ୍ଡ୍ ସ୍ୱାମୀଜୀଙ୍କ ସମ୍ବନ୍ଧରେ କବିତା, ସ୍ମୃତି-କଥା ପ୍ରଭୃତି ଲେଖିଛନ୍ତି; ସେଗୁଡ଼ିକ ବ୍ରହ୍ମବାଦିନ୍ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ହ୍ୟାରି—ସେଭିୟାର୍ ଦ୍ରଷ୍ଟବ୍ୟ ।

# ନିର୍ଦ୍ଦେଶିକା


ଅକ୍ଷୟ କୁମାର (ଘୋଷ) —ସ୍ୱାମୀଜୀଙ୍କର ବନ୍ଧୁ ୩୦୦; -ଭଲ ପିଲା ୪୦୭
ଅଖଣ୍ଡାନନ୍ଦ ସ୍ୱାମୀ (ଗଙ୍ଗାଧର)—ତିବ୍ବତରେ ୧୫୩, ୧୭୫; ଓ 'ଉଦାସୀ ବାବା' ୧୯୫
ଅଚ୍ୟୁତାନନ୍ଦ ସରସ୍ୱତୀ (ଗୁଣନିଧି)—ଦେଓଘରରେ ୧୭୭; ସଜ୍ଜନ ଓ ପଣ୍ଡିତ ୧୭୯
ଅଜ୍ଞେୟବାଦୀ ୩୫୩
ଅତୁଲ (ଚନ୍ଦ୍ର ଘୋଷ) ୧୮୮
ଅଦ୍ୱୈତବାଦ—ଧର୍ମରାଜ୍ୟର ଶ୍ରେଷ୍ଠ ଆବିଷ୍କାର ୭
ଅଦ୍ୱୈତବାଦୀ ୨୭୮, ୩୫୩
ଅଦ୍ଭୁତାନନ୍ଦ (ଲାଟୁ) ୩୯୯
ଅନୁରାଧାପୁର ଭଗ୍ନାବଶେଷ ୭୯
ଅନୁଲୋମ ୧୭
ଅବତାର—ଚରିତ ୧; ଶ୍ରୀରାମକୃଷ୍ଣ- ୧; ଆଧ୍ୟାତ୍ମିକ ପ୍ରୟୋଜନରେ- ୩୧; -ପ୍ରସୂତ ପୁରୁଷ ୩୫୦
ଅବଧୂତ—ଗୀତା ୧୭୧
ଅବଲୋକିତେଶ୍ୱର (ଚକାନସ୍ୱନ୍) ୮୨
ଅଭେଦାନନ୍ଦ (କାଳୀ)—ଅସୁସ୍ଥ ୧୭୯, ୧୯୦, ୧୯୨
'ଅମିତାଭ ବୁଦ୍ଧମ୍' ୧୮୨
ଅର୍ଥବାଦ ୨
ଅରୁଣାଚଲମ୍ (ଶ୍ରୀଯୁକ୍ତ) ୮୦
ଅଶୋକ (ସମ୍ରାଟ)   ତାଙ୍କ ସମୟରେ ୭୮; -କର୍ତ୍ତୃକ ଧର୍ମପ୍ରଚାରକ ପ୍ରେରଣ ୮୭; ତାଙ୍କର ଶିଳାଲେଖ ୨୦୨; ତାଙ୍କର ପାଲିଲେଖ ୨୪୫; ବୌଦ୍ଧ ୨୫୪
'ଅଷ୍ଟାଧ୍ୟାୟୀ' ୧୫୫
ଅସ୍ସିନ—ସମ୍ପ୍ରଦାୟ ୮୭
ଅସିରସ୍—ମିଶରୀୟ ଦେବତା ୨୦୨
ଅଷ୍ଟ୍ରିୟା ଓ ହଙ୍ଗେରି ୨୨୩-୨୮; ହତଶ୍ରୀ ହତବୀର୍ଯ୍ୟ ୨୨୪; ସାମ୍ରାଜ୍ୟ ୨୨୪, ୨୧୩
ଅଷ୍ଟ୍ରିୟାନ୍—ଜର୍ମାନ ଭାଷା-ଭାଷୀ ଓ କ୍ୟାଥଲିକ ୨୨୪, ୨୨୫, ୨୨୭
ଅଷ୍ଟ୍ରେଲିଆ ଓ ଗ୍ରେଟ ନିଗ୍ରୋ ୯୯
'ଅହଂ'-ବୁଦ୍ଧି ଓ ଚେଷ୍ଟାରେ ତ୍ରୁଟି ୧୮୮
ଅହି—ମିଶରର ସର୍ପଦେବତା ୨୦୨

ଅହିଂସା—ପରମୋଧର୍ମ ୨୯; ଓ ନର୍ବେର ୧୩୫
'ଆଇସିସ୍'—ମିଶରୀୟ ଦେବତା ୮୬
ଆକ୍ରୋପଲିସ୍ ୧୨୬
ଆଚେନ୍ନ ରାଜ୍ୟ ୧୨୭
ଆଟିକାରାଜ୍ୟ ଓ କଳାଶିଳ୍ପ ୧୨୭, ୧୨୮
ଆତ୍ମା -ଏହାର ପ୍ରକୃତ ୩୨; ପ୍ରାଚୀନ ବାଇବେଲରେ ୧୦୨; ଏଥିରେ ଲିଙ୍ଗଭେଦ ବା ଜାତିଭେଦ ନାହିଁ ୩୫୪; ମେଘଦ୍ୱାରା ଆବୃତ ସୂର୍ଯ୍ୟ ସଦୃଶ ୩୫୩; ଏହାକୁ ନେଇ ଧର୍ମର କାର୍ଯ୍ୟ ୩୫୫
ଆଦମ୍ ୩୨,
ଆଧ୍ୟାତ୍ମିକ ଓ ଆଧିଭୌତିକ ଜ୍ଞାନ ୩୩, ୩୪
ଆଧ୍ୟାତ୍ମିକତା ହିନ୍ଦୁମାନଙ୍କର ୩୩୯; -ଦାନ ୩୬୬
ଆନାର୍କିଜମ୍ ୨୧୫
ଆନବେଶାନ୍ତ ୩୮୬
ଆପ୍ତବାକ୍ୟ ୨୯୨
ଆପ୍ରୋପଦେଶ ୧୩, ୨୬୩
ଆଫଗାନ—ଉତ୍ପତ୍ତି ୧୨୧
ଆମେରିକା (ମାର୍କିନ) ସେଠାରେ ସିଭିଲ୍ ଯୁଦ୍ଧ ୬୩; -ଆବିଷ୍କର୍ତ୍ତା ୯୪; ସେଠାକାର ଉତ୍ପନ୍ନ ଦ୍ରବ୍ୟ ୯୪, -ଜର୍ମାନରେ ୧୧୨; -ବାସୀଙ୍କ ଆହାର ୧୫୪, ୧୫୮, ୧୬୧; -ବାସୀଙ୍କ ବେଶଭୂଷା ୧୬୫; -ବାସୀଙ୍କ ସ୍ୱାଧୀନତା ୧୬୭; ସେଠାକାର ସମାଜ ୧୭୪; -ଭଦ୍ରଙ୍କର ଖର୍ଚ୍ଚ ୩୬୨, ୩୬୯; -ଖ୍ରୀଷ୍ଟାନ୍‌ମାନଙ୍କର ଦେଶ ୩୨୦; -ବାସୀର ଅନୁସନ୍ଧିତ୍ସା ୩୩୯; ଏଠାକାର ନାରୀ (ମହିଳା) ୩୩୯, ୩୪୪, ୩୪୬, ୩୬୩, ୩୮୮; -ବାସୀମାନଙ୍କର ସ୍ୱାମୀଜୀଙ୍କୁ ଭଲ ପାଇବା ୩୬୨; -ବାସୀଙ୍କର ସହୃଦୟତା ୩୮୩, ୩୯୫; -ମଜାର ଦେଶ ୩୯୯; -ଭାବ ପ୍ରଚାରର କ୍ଷେତ୍ର ୩୯୬; -ବିରାଟ କାର୍ଯ୍ୟକ୍ଷେତ୍ର ୪୨୦
ଆରବ, ଆରବୀ—ଜାତିର ଅଭ୍ୟୁଦୟ ୨୬, ୮୬, ୧୬୧; -ଭାଷା ୩୯, ୧୨୨; -ମରୁଭୂମି ୮୫, ୮୬; ବନ୍ଧୁ- ୮୬; ବୀରପ୍ରସୂ- ୮୬; -ରାଜ୍ୟ ଦଖଲ ୧୨୨; -ଜାତିର କାଫେର ସଙ୍ଗେ ବିଦ୍ୱେଷ ୨୧୬
ଆର୍ଯ୍ୟ (ଜାତି)—ସନ୍ତାନ ଅଧଃପତିତ ୨; ଓ ଆଧୁନିକ ଭାରତବାସୀ ୨୬; -ନାଟକ ୪୨; -ସ୍ୱର୍ଯ୍ୟ ୪୨; -ତାମିଲ ଜାତି ନିକଟରେ ଋଣୀ ୭୫; ଓ ସେମିଟିକ୍ ଜାତି ସମ୍ମିଶ୍ରଣ ୧୦୦; ଇଣ୍ଡୋ-ଇଉରୋପୀୟାନ୍ ୧୨୦; ତୁର୍କୀ ଜାତିରେ ଏହାର ରକ୍ତ ୧୨୧; ଭାରତର ବାହାରେ- ୧୪୫; -ବେଶଭୂଷା ୧୬୪; -ସଭ୍ୟତା ୧୮୮
ଆଇଅନ୍—ଜାତିବର୍ଗ ୧୦୦
ଆଲକଟ୍ (କର୍ଣ୍ଣେଲ)—ବୌଦ୍ଧ ୪୦୮

‘ଅଲନ୍ତ୍—ନାଲନଦ ଦେଶର ଦେବୀ ୧୦୨; -ରୁ ଜାହ୍ୱା ମତରେ ‘ଆଲ୍ଲା’ ୧୦୨
ଆଲସିଙ୍ଗା (ପେରୁମଲ)—ସ୍ୱାମୀଜୀଙ୍କର ସହପାଠୀ ୭୬; ଆଜ୍ଞାଧୀନ ଭକ୍ତ ୭୭
ଆଲେକ୍‌ଜେଣ୍ଡ୍ରିୟା ୮୭
ଆହାର ଏଥିରେ ପାର୍ଥକ୍ୟ ୬୯; -ଶବ୍ଦାର୍ଥ ୧୫୨; ଏହାର ତ୍ରିବିଧ ଦୋଷ ୧୫୩; ଆମିଷ ଓ ନିରାମିଷ- ୧୫୩-୪; ଶର୍କରା-ଉତ୍ପାଦକ ପଦାର୍ଥ ୧୫୭; ଖଟାମିଶା ଜିନିଷ- ୧୫୮; ଗରିବ ଓ ଧନୀର- ୧୬୦; ଆଦିମ ପୁରୁଷର ୧୬୨; -ସମ୍ବନ୍ଧେ ବିଧିନିଷେଧ ୧୬୨-୩
ଇଉଫ୍ରେଟିସ୍—ତୀର ୭୪, ୮୨; -ତଟରେ ଶିଳାଲେଖ ୯୮; -ତୀରରେ ସଭ୍ୟତା ୧୦୧
ଇଉରୋପ—ଭୂମିରେ ଉପନିବେଶ ୨୫; ଏହାର ବାଣିଜ୍ୟ ୬୫; ଏହାର ସ୍ୱାଧୀନତା ୧୬୬; ସେଠାରେ ସଂସ୍କୃତର ପ୍ରବେଶ ୯୮; ଏହାର ଉତ୍‌ଥାନ ୧୦୪; -ପର୍ଯ୍ୟନ୍ତ ତୁର୍କି ଅଧିକାର ୧୨୦; -ବାସୀ ଖଣ୍‌ମାନଙ୍କର ବଂଶଧର ୧୪୫; ସେଠାରେ ଶକ୍ତିପୂଜା ୧୬୦; ଏହାର ନବଜନ୍ମ ୧୬୦; ସେଠାରେ ପ୍ରଜାତନ୍ତ୍ର ୧୬୨; ଏହାର ପ୍ରଥମ ୟୁନିଭର୍ସିଟି ୧୮୫; -କରିଛୁ ପୁରୁଷମାନଙ୍କର ଉନ୍ନତ ୩୩୯
ଇଉରୋପୀ—ସଭ୍ୟତା ୨୬, ୯୬, ୧୦୦, ୧୮୬; -ଦୃଷ୍ଟିରେ ଭାରତବାସୀ ୧୩୧; -ରଜୋ-ପ୍ରଧାନ ୧୩୬; ଦେଶରେ ରାଜନୈତିକ ଅତ୍ୟାଚାର ୧୪୨; -ଆହାର ୧୬୦, ୧୬୨, -ବେଶଭୂଷା ୧୬୪; -ଦ୍ୱାରା ଆଦିମ ମଣିଷର ନାଶ ୧୮୭; -ସଭ୍ୟତାର ଉପାସ୍ୟ ୧୮୮
ଇଂରେଜ—ଆଧିପତ୍ୟ ୨୯; -ସରକାର ୬୬; ଏମାନଙ୍କର ଏକଷ୍ଟିଆ ଜାହାଜ କାରବାର ୬୮; -ରାଜ୍ୟରେ ଅବାଧ ବିଦ୍ୟାଚର୍ଚ୍ଚା ୭୨; -ସମସ୍ତଙ୍କ ଉପରେ ବଡ଼ ୯୪; ସଭ୍ୟତାର ଉନ୍ମେଷ ୯୬; -ଇଉରୋପର ଗୋଟିଏ ସଭ୍ୟ ଜାତି ୧୧୯; -ଚରିତ୍ରରେ ବ୍ୟବସାୟ-ବୁଦ୍ଧି ୧୪୦; ଆହାର ବିଷୟରେ- ୧୫୯, ୧୬୧
ଇଂଲଣ୍ଡ—ସେଠାରେ ଚା’ର ପ୍ରଚଳନ ୧୧୦; -ଜାହାଜ ବଢ଼ଉଛି ୧୧୯; ଫରାସୀ-ସଭ୍ୟତା ଏହାକୁ ଜଗାଇଦେଲା ୧୬୨; ଏହାର ଭାରତ ଅଧିକାର ୨୦୩, ଏହାର ଉନ୍ନତିର କାରଣ ୨୧୭
‘ଇଣ୍ଟିରିୟର୍’—ପତ୍ରିକାରେ ସ୍ୱାମୀଜୀଙ୍କ ବିରୋଧିତା ୩୦୫, ୩୪୮, ୩୬୨, ୪୦୪
‘ଇଣ୍ଡିଆ’—ନାମର ଉତ୍ପତ୍ତି ୯୪
‘ଇଣ୍ଡିଆନ୍ ମିରର୍’ (ପତ୍ରିକା) ୪୦୧
ଇଟାଲୀ ଏହାର ଅଭ୍ୟୁତ୍‌ଥାନ ୧୧୫, ତାହାର ପୋପ୍ ୧୧୫; ଏହାର ନବଜୀବନର ଅପବ୍ୟବହାର ୧୧୫; ଏହାର ନବଜନ୍ମ ୧୬୧
ଇଣ୍ଡୋ-ଇଉରୋପୀୟାନ୍ (ଆର୍ଯ୍ୟଜାତି) ୧୨୦
ଇଫ୍ରେମ—ଇହୁଦୀ ଜାତିର ଶାଖା ୧୦୨
ଇବ୍ରାହିମ୍—ଇହୁଦୀ ଜାତିର ଗୋଷ୍ଠୀ ପିତା ୧୦୨
ଇରାନ ୮୩, ୯୩, ୧୬୬

ଇରାନୀ—ସଭ୍ୟତା ୯୬; -କଟା ବସ୍ତ୍ର ପିନ୍ଧିବା ୧୭୭
ଇସ୍‌ଲାମ—ପୂର୍ବ ଇଉରୋପରେ ବିସ୍ତାର ୯୬; -ସଭ୍ୟତା ୧୮୯
ଇସହାକ୍—ଇହୁଦୀ ଗୋଷ୍ଠପିତା ୧୦୨
ଇଷ୍ଟ ଇଣ୍ଡିଆ କମ୍ପାନୀ—ଇଂରେଜ ବାଣିଜ୍ୟ-ସଂସ୍ଥା ୪, ୨୦୪, ୩୮୨
ଇସ୍ରାଏଲ୍, ଇସ୍ରେଲ—ଇହୁଦୀ ଶାଖା ୧୦୩
ଈର୍ଷା (ଦ୍ୱେଷ) ସାଂପ୍ରଦାୟିକ—୨; ଦାସ-ଜାତି-ସୁଲଭ- ୪, ୧୨; ହିନ୍ଦୁଜାତିର ୩୫୧, ୩୫୭
ଈଶା, ହଜରତ୍ ଓ ସାମସାୟୀ ନାମ ୧୦
'ଈଶାନୁସରଣ'—ସୂଚନା ୧୨
ଈସାୟୀ—(ଖ୍ରୀଷ୍ଟିଆନ) ୨୦୨
ଈଶ୍ୱର, ଭଗବାନ—ନର୍ତ୍ତରତା ୧୭; ବେଦ-ବକ୍ତା ୨୬୪; ଓ ସୃଷ୍ଟି ୨୬୩, -ମହାନ୍ ଓ କରୁଣାମୟ ୩୫୦; ତାଙ୍କୁ ଜାଣିବା ୩୫୨; -ଆନନ୍ଦର ପ୍ରସ୍ରବଣ ୪୧୫
ଉଦୟନାଚାର୍ଯ୍ୟ—ଦ୍ୱୈତବାଦୀ ଦାର୍ଶନିକ ୩୩୫
'ଉଦ୍‌ବୋଧନ' (ପତ୍ରିକା) ଏହାର ପ୍ରସ୍ତାବନା ୨୪; ଏହାର ଉଦ୍ଦେଶ୍ୟ ୨୯; -ସମ୍ପାଦକ ୫୭; ଏହାର କାମ ୮୨
ଉପନିଷଦ୍—ପାଠରେ ଅଧିକାର ୨୬୧; ଓ ବୌଦ୍ଧଧର୍ମ ୮୧-୨; -ଲେଖକ ୩୫୫
ଉପାସନା ତାନ୍ତ୍ରିକ ୨୫୮; ଚତୁର୍ଦ୍ଧ୍ୟହ ୨୬୪; ପାତଞ୍ଜଲୋକ୍ତ ୨୮୭
ଏଡେନ (ବନ୍ଦର) ୮୧, ୮୩, ୮୪
ଏଥେନ୍‌ସ ଏହାର ବିବରଣ ୧୨୬; ଆର୍ଟିକା ରାଜ୍ୟର ପ୍ରଧାନ ସହର ୧୨୮
ଏମା ଏମସ୍—ଗାୟିକା ୧୦୭
ଏସିଆ—ଅଧିକାଂଶ 'ମଙ୍ଗୋଲ୍'ଙ୍କ ଦଖଲରେ ୯୯; ସେଠାରେ ତୁର୍କୀ ଜାତି ୧୨୧; -ରୁ ଗ୍ରୀସ୍‌ରେ କଳାବିଦ୍ୟାର ଆବିର୍ଭାବ ୧୨୭; -ଖଣ୍ଡରେ ଗ୍ରୀକ୍ ଉପନିବେଶ ୧୨୭; -ସଭ୍ୟତାର ବୀଜ ବପନ କରେ ୩୩୯
ଏସିଆ ମାଇନର—ସେଠାରେ ଇରାନୀ ପ୍ରଭୃତି ସଭ୍ୟତା ୯୬; ସେଠାରେ ପାରସୀ ରାଜତ୍ୱ ୧୦୨
ଓସ୍‌ମାନ—ମୁସଲମାନ୍ ନେତା ୯୬
ଓସାକା (ଜାପାନ) ୩୧୭
କଜାକ୍ (Cossacks) ୧୨୫
କନିଷ୍କ—ବୌଦ୍ଧ ତୁରସ୍କ ସମ୍ରାଟ ୧୨୧
କନ୍‌ଷ୍ଟାଣ୍ଟିନୋପଲ୍—ମୁସଲମାନ କର୍ତ୍ତୃକ ଦଖଲ ୯୬; ମୁସଲମାନ୍‌ମାନଙ୍କର ରାଜଧାନୀ ୧୦୫; ଗ୍ରୀକ୍ ଓ ରୋମାନ୍‌ଙ୍କର ରଙ୍ଗଭୂମି ୧୨୧; -ପ୍ରାଚୀନ ସହର ୧୨୪; ଏହାର ପାତ୍ରି ସ୍କାର୍କ ୧୮୪

କପିଳ—ମୂଳ ୨୭୩; ଓ ଜଗତ୍ ୨୮୨
କପ୍ତ (Copts)—ମିଶରସ୍ଥ ଖ୍ରୀଷ୍ଟିଆନ ୧୦୧
କଚ୍ଛ କଙ୍କଣ—କାହାଣୀ ୫୭, ୭୧
କର୍ତ୍ତାଭଜା—ଦଳ ୪୦୨
କର୍ମ ନିଷ୍କାମ ୨, ୩୨; ବେଦୋକ୍ତ- ୨; -କାଣ୍ଡ ୨; -ଚିତ୍ତଶୁଦ୍ଧି କରେ ୧୩୬; ଓ ପାପ ୧୩୭; ଓ ଗୀତାର ଉପଦେଶ ୧୩୮; ଓ ସୃଷ୍ଟିକାର୍ଯ୍ୟରେ ଈଶ୍ୱର ୨୭୩, ଓ ଶଙ୍କର ୨୮୮; ଓ ପ୍ରାରବ୍ଧ ୪୯୭
କର୍ମଫଳ—ଦ୍ୱାରା ଶକ୍ତି ସଞ୍ଚୟ ୧୩୭
କଲମ୍ବସ ୯୪
କଲମ୍ବୋ ୩୧୩
କଲିକତା—ସ୍ଥାନୀୟ ଭାଷା ୩୦; -ବନ୍ଦର ୫୨; -ଠାରୁ ଇଉରୋପ-ଯାତ୍ରୀ ଜାହାଜର ସ୍ଥକରବାକର ୭୦
କଲ୍କିବାସ ୨୭୮
କମ୍ପୁଛ (ଚୀନର ଧର୍ମପ୍ରଚାରକ) ୧୧୦, ୧୭୭
କାମ, କାର୍ଯ୍ୟ—ସ୍ୱାର୍ଥଶୂନ୍ୟ ୧୯; ଏଥିରେ ବୁଦ୍ଧିମତ୍ତା ୨୧; ଧୀର, ନିସ୍ତବ୍ଧ, ଦୃଢ଼ଭାବରେ- ୩୧୯, ୩୪୬, ଭାରତରେ- ୩୭୪, ୩୮୦; ମୂଳକଥା ୩୪୭; ଏଥିରେ ବାଧା ୩୭୦; ସନ୍ନ୍ୟାସୀମାନଙ୍କର- ୩୭୪, ୩୯୦; ଏଥିରେ ସ୍ୱାର୍ଥତ୍ୟାଗ ୩୮୦, ୩୮୧; ଏଥିରେ ଉତ୍ସାହ ୩୮୧, ୪୦୯; ଆମେରିକାରେ ୪୨୦; ପ୍ରଣାଳୀ କ୍ରମେ ୪୦୭, ୪୦୮; ଏଥିର ରହସ୍ୟ ୪୦୭; ଇଂଲଣ୍ଡରେ ୪୨୦; ସଙ୍ଘବଦ୍ଧଭାବରେ ୪୨୧
କାଣ୍ଡି, କାନ୍ଦି—ପାର୍ବତ୍ୟ ସହର ୭୯; ସେଠାକାର ବୌଦ୍ଧଦନ୍ତ ମନ୍ଦିର ୮୦; ସିଂହଳୀ ବୌଦ୍ଧଧର୍ମର କେନ୍ଦ୍ର ୩୧୩
କାଫେର୍ ୨୦୨
କାଫ୍ରି (Negro)—ଦେଶ ୯୯; ବ୍ୟବହାର ୨୭୨
କାବା—ମନ୍ଦିର ୮୭
କଲାମୁଖ ଯାଯାବର-ଜାତି ୯୯
କାଲ୍‌ଭେ (ମାଡାମ୍)—ଫରାସୀ ଗାୟିକା ୧୦୬-୭, ୧୨୪
କାଳିଦାସ (ମହାକବି) ଓ ଗ୍ରୀକ୍ ପ୍ରଭାବ ୪୨; -କାଶ୍ମୀର-ଶାସନକର୍ତ୍ତା ୫୭
କାଶ୍ମୀର—ଇତିହାସ ୧୪୫; ଇଉରୋପରେ ଏହାର ଶାଲ୍ ୧୪୮; -ବାସୀର ଆହାର ୧୬୩
କାସ୍ପିୟାନ୍—ହ୍ରଦ ନିକଟରେ ତୁର୍କୀ ୧୨୨
କିର୍ଗିଜ—ମୋଗଲ୍ ଜାତିର ଶାଖା ୯୯
କୁମାରିଲ (କୁମାରିଲ ଭଟ୍ଟ) ୧୩୮, ୨୮୦

କୁମାରୀଙ୍କ ମନ୍ଦିର ୩୬୪
କୁନା (Kuenen) ୯୯
କେନ୍ଦ୍ର ପ୍ରୟୋଜନ (ପ୍ରସାର, ସ୍ଥାପନ) ଧର୍ମୀୟ- ୩୮୫; ଭାରତରେ- ୩୯୯, ୪୦୩; ଚିକାଗୋରେ- ୪୦୦
କେନ୍ଦ୍ର—ବିଦ୍ୟାଳୟ ୩୦୬
କେଶବଚନ୍ଦ୍ର ସେନ୍—ଶ୍ରୀରାମକୃଷ୍ଣଙ୍କର ଗ୍ରାମ୍ୟ ଭାଷା ସମ୍ବନ୍ଧରେ ୯
କେଶର (Caesar)—ରୋମ୍‌ର ସମ୍ରାଟ ୨୧୯
କୋଲ୍‌ବ୍ରୁକ୍—ଭାଗୀରଥୀ ସମ୍ବନ୍ଧରେ ୫୮
କାଣ୍ଟର୍‌ବେରୀର ଆର୍କବିଶପ ୩୪୨
କ୍ରୀତଦାସ ୩୨୩
ଖିଲଜି—ଜାତିର ଉତ୍ପତ୍ତି ୧୨୧
ଖେତଡ଼ି (ମହାରାଜ) ୩୦୬, ୩୦୮, ୩୧୦
'ଖ୍ରୀଷ୍ଟିଆନ ସାଇନ୍‌ସ' ୩୬୮
ଖ୍ରୀଷ୍ଟାନ୍, ଖ୍ରୀଷ୍ଟିଆନ—ସିଂହଳର ୮୦; ଓ ମୁସଲମାନ ୧୦୮, ହୁଙ୍ଗେରର ଲୋକ- ୧୧୮; -ପାଦ୍ରୀ ୧୨୫, ୧୬୬; -ମାନଙ୍କର ଆହାର ୧୬୨; -ମାନଙ୍କର ଦୁଇ ଗୁରୁ ୧୮୪; ନାଗା (Knights Templars) ୧୮୫; -ଦ୍ୱାରା ଆଦମ ଜାତି ନାଶ ୧୯୦
ଖ୍ରୀଷ୍ଟୀୟ ବୈଜ୍ଞାନିକମାନେ ୪୧୧-୨
ଗଙ୍ଗା—ହୃଷିକେଶର ୫୩; କଲିକତାର ୫୩; -ଜଳ-ପ୍ରୀତି ଓ ହିନ୍ଦୁ ୫୩, ଆଦି- ୫୬; ଶୁଖିଗଲେ ୫୮; ଏହାର ଖାଦ ଓ ଚଡ଼ା (ଜେମ୍‌ସ ଓ ମେରୀ) ୫୮; -ଜଳର ମାହାତ୍ମ୍ୟ ୫୯; -ଦ୍ୱାରା ହିମାଳୟ ଓ ଗୁଣ୍ଡକର ବଙ୍ଗଳା ୬୨; -କୂଳରେ ସଭ୍ୟତା ୧୮୨
ଗୀତା—ଧର୍ମ ସମନ୍ୱୟ-ଗ୍ରନ୍ଥ ୪୨; ଓ ମହାଭାରତ ୪୨-୩; ସମ୍ବନ୍ଧରେ ପାଶ୍ଚାତ୍ୟ ମତ ୪୩; ଏଥିରେ କର୍ମର ବାଣୀ ୩୨୪
ଗୁରୁ—ଜ୍ଞାନଦାତା ୩୨; ନଷ୍ଟା ୨୬୮; -ଜଗଦ୍‌ଗୁରୁଙ୍କର ଅଂଶ ୨୮୪; -ପୂଜା ୩୪୯-୫୦
ଗୋକର୍ଣ୍ଣ—ତୀର୍ଥସ୍ଥାନ ୩୦୪
ଗେଟେ—ବିଖ୍ୟାତ ଜର୍ମାନ କବି ୧୦୬
ଗ୍ରୀକ୍ (ଯବନ), ଗ୍ରୀସ୍—ଇଉରୋପୀୟ ସଭ୍ୟତାର ଆଦିଗୁରୁ ୨୫, ୯୬; ଓ ଭାରତୀୟ ଆଦର୍ଶର ପାର୍ଥକ୍ୟ ୨୬; -ବିଦ୍ୟା ଶିଖାଇବାରେ ୧୦୩; -କଳା ଓ ଶିଳ୍ପ ୧୨୬; -ସଭ୍ୟତାର ଆକର ୧୬୧; ଏହାର ଇରାନ-ବିଦ୍ୱେଷ ୨୧୬
'ଚକ୍ରକ'—ପାଶ୍ଚାତ୍ୟ ନ୍ୟାୟରେ ୨୬୩
ଚତୁର୍ବର୍ଗ—ସାଧନ ୧୩୮; ଏହାର ସମନ୍ୱୟ ୧୩୮
ଚନ୍ଦନ ନଗର—ଫରାସୀ ଉପନିବେଶ ୫୮

ଚନ୍ଦ୍ରଗିରର ରାଜା—କର୍ଣ୍ଣିକ ମାନ୍ଦ୍ରାଜ ବନ୍ଦସ୍ଥ ୭୩
ଚନ୍ଦ୍ରଦେବ ଓ ମିଶରୀ ପୁରାଣ ୧୦୧
'ଚଳମାଣ ଶ୍ମଶାନ' (ଜମ୍ମୁବର୍ଣ୍ଣି) ୭୧
ଚାର୍ବାକ—ନାସ୍ତିକବାଦୀ ସମ୍ପ୍ରଦାୟ ୨୧୧
ଚକାଗୋ—ଧର୍ମ-ମହାସଭା ୩୯, ୩୩୨, ୩୩୬, ୩୪୧, ୩୪୨, ୩୬୨, ୩୬୯
ଚୀନ—ସେଠାରେ ଖ୍ରୀଷ୍ଟଧର୍ମ ପ୍ରଚାରର ଚେଷ୍ଟା ୧୧୦, ୧୬୭; -ସ୍ତ-ପାସ୍ତୀ ୧୧୪; ଶାସ୍ତ୍ରୋକ୍ତ- ୧୪୫; -ରୁ କାଗଜ ବ୍ୟବହାର ୧୪୯; ଆହାର ସମ୍ବନ୍ଧରେ- ୧୬୧; -ସୁଖସ୍ୱାଚ୍ଛନ୍ଦ୍ୟର ଆଦିଗୁରୁ ୧୬୬; ସେଠାକାର ବେଶଭୂଷା ୧୬୬; -ବଡ଼ ଜାତଦୋରସ୍ତ ୧୬୭; ସେଠାକାର ମନ୍ଦର ଓ ମହିଳା ୩୧୬
ଚୁଁଚଡ଼ା—ଓଲନ୍ଦାଜ ବାଣିଜ୍ୟ ସ୍ଥାନ ୫୮
ଚୈତନ୍ୟଦେବ—ପ୍ରଚଳିତ ନୃତ୍ୟ-କୀର୍ତ୍ତନର ଜନ୍ମଭୂମି ୮୦; ଓ ଛୁଆଁ ଅଛୁଆଁ ୧୫୩, ଓ ସାର୍ବଭୌମ ୨୬୨; ଓ ଚାଉଳ ୨୮୧
ଚୈତନ୍ୟ ଓ ଜଡ଼ ୪୧୪
ଛୁଆଁ ଅଛୁଆଁ ଓ ଧର୍ମ ୩୪୫, ୩୬୪
ଜଗତ୍ ଓ ଈଶ୍ୱର ୧୯; ବାଇବେଲର ପ୍ରାଚୀନ ଭାଗ ମତରେ ୧୦୨; -ସୃଷ୍ଟାଚ୍ଛାଦିତ ଶବ ୩୯୩
ଜଗଦୀଶ ବୋସ୍—ବୈଜ୍ଞାନିକ ୧୧୦
ଜମ୍ବୁଦ୍ୱୀପ—ଠାରୁ ଜାପାନୀ ପଣ୍ଡିତ ୩୯; ଏହାର ସଭ୍ୟତାର କ୍ଷେତ୍ର ୧୮୨; ଇଉରୋପରେ ଏହାର ନରସ୍ରୋତ ୧୮୩; ଏହାର ସେଲଜୁକ୍ ତାତାର ଜାତି ୧୮୪
ଜାଠ—ବର୍ବରତା ୮୬
ଜାତି—ଗଠନବୈଚିତ୍ର୍ୟ ୯୮-୯; -ସମ୍ମିଶ୍ରଣ ୧୦୦; ବ୍ୟକ୍ତିର ସମଷ୍ଟି ୧୩୨; -ଧର୍ମ ୧୩୯; ବଂଶଗତ ଓ ଗୁଣଗତ-୧୩୯, ୨୬୨; -ତତ୍ତ୍ୱ ୧୪୪; -ସଂଘର୍ଷ ୧୮୩, ୨୨୦; -ବାତ୍ସଲ୍ୟ ୨୧୭; -ଭେଦ ଓ ସଂସ୍କାର ୩୪୬, ୩୮୪
ଜାତୀୟ—ଭାବ ୧୩୨; ଜୀବନ ଓ ଚରିତ୍ର ୧୪୦, ୧୪୨
ଜାପାନ, ଜାପାନୀ—ଆହାର ୧୬୧, ଏସିଆର ନୂତନ ଜାତି ୧୭୨; -'ସୌନ୍ଦର୍ଯ୍ୟ-ଭୂମି' ୩୧୭; ଓ ଚୀନର ତୁଳନା ୩୧୬; -ମନ୍ଦର ୩୧୭
ଜର୍ମାନ, ଜର୍ମାନୀ—ସେଠାରେ ପ୍ରଥମ ସଭ୍ୟତା ୯୭; -ସବୁ ବିଦ୍ୟାରେ ବିଶାରଦ ୯୯; ଓ ଓ ଫରାସୀର ତୁଳନା ୧୧୨; ଆମେରିକାରେ ଏହାର ପ୍ରଭାବ ୧୧୨; ଓ ତୁର୍କୀ ଓ ରୁଷ୍ ସମ୍ପର୍କ ୧୧୮; -ପୋଷାକ ଓ ଫେସନ୍ ୧୪୭, ୧୬୪, ୧୬୫, ୧୬୮; -ଆହାର ୧୬୧; -ପାନଶକ୍ତି ୧୬୮; -ସମାଜ ୧୭୪; -ଫ୍ରାନ୍ସ-ବିଦ୍ୱେଷ ୨୧୭; -Transcedentalist ୨୬୬
ଜାହାଜ—ର କଥା ୬୦; ପବନଚାଳିତ- ୬୧; ଯୁଦ୍ଧ- ୬୨-୩, ବାଷ୍ପ ଓ ଜଙ୍ଗୀ- ୬୪;

-ବର୍ଣ୍ଣନା ୬୮; -କର୍ମବ୍ୟବସ୍ଥା ୬୯; ଏହାର ପରିଭାଷା ୭୦
ଜନ—ସିଦ୍ଧ ପୁରୁଷ ୩୧
ଜହୋବା ଓ ନୂ (Noah) ୩୨
ଜୀବନ ବ୍ୟଷ୍ଟି ଓ ସମଷ୍ଟି- ୨୧୨; -ଉଦ୍ଦେଶ୍ୟ ୨୬୫, ୩୦୮; ବିସ୍ତାର ୪୦୪; -କ୍ଷଣସ୍ଥାୟୀ ୪୦୭, ୪୧୪
ଜେରୁଜେଲମ୍—ମନ୍ଦିର ୧୦୩; -ମହାତୀର୍ଥ ୧୮୫
ଜୈନ—ହିନ୍ଦୁ ୧୪୧; ଆହାର ୧୫୪, ୧୬୨; -ସମାଜ ୩୩୭; -ପ୍ରତିନିଧି ୩୪୨; ତୀର୍ଥଙ୍କର ୩୫୫
ଜୋସିଫସ୍—ଇହୁଦୀ ଐତିହାସିକ ୧୦୩
ଜ୍ଞାନ ଓ ବିଜ୍ଞାନ ୧; ସମଧିକ- ୧୮; ଶ୍ରେଷ୍ଠ- ୧୮; ସ୍ୱତଃସିଦ୍ଧ- ୩୨; ଅଲୌକିକ- ୩୨, ୨୯୨; ଆଧ୍ୟାତ୍ମିକ ଓ ଆଧିଭୌତିକ- ୩୩, ୩୪; -ବହୁ ମଧ୍ୟରେ ଏକ ଦେଖିବା ୧୬୮; ଓ ଭକ୍ତିର ଅପୂର୍ବ ସମ୍ମେଳନ ୨୬୪
ଜ୍ଞାନମାର୍ଗ—ଏହାର ପଥ ୩୨; (ଜ୍ଞାନର) ଦ୍ୱାର ୩୮୫
ଟମାସ୍ ଆ କେମ୍ପିସ୍ ୧୩
ଟଲେମି—ବଂଶ ୮୫; -ବାଦଶା ୮୬
ଟୋକିଓ—ଭ୍ରମଣ ୩୧୬; ସେଠାକାର ମନ୍ଦିର ଓ ପୁରୋହିତ ୩୧୬
ଡଚ୍ (ଓଲନ୍ଦାଜ) ସିଂହଳରେ- ୭୯; -ଚିତ୍ରକାର ୧୧୬
ଡାଇଓନିସିୟାସ୍—ଗ୍ରୀକ୍ ଥିଏଟର ୧୨୬
ତନ୍ତ୍ର—ମନ୍ତ୍ରାଦି ଓ ପୁରାଣାଦି- ୨; ଏହି ମତର ଉପାସନା ୨୫୮; ଓ ଶଙ୍କରାଚାର୍ଯ୍ୟ ୨୬୨; ଓ କଳିରେ ବେଦମନ୍ତ୍ର ୨୬୩; ଏହାର ସ୍ରଷ୍ଟା ୨୮୦; ତିବ୍ବତରେ ୨୮୦; ଓ ଆତ୍ମା ୩୫୪
ତମୋଗୁଣ—ସମୁଦ୍ର ୨୬; ଓ ଜଡ଼ତା ୩୩
ତାତାର—ଜାତି ୯୯; 'ସେଲଜୁକ୍'-୧୮୪; -ଜାତିର ଆଧିପତ୍ୟ ୧୮୪
ତାମିଲ (ଜାତି)—ମିଶରରେ ସଭ୍ୟତା ବିସ୍ତାର ୭୪-୫; -ଲଙ୍କାରେ ପ୍ରବେଶ ୭୯; ସିଂହଳରେ ଜାତିର ଧର୍ମ ଓ ଭାଷା ୮୦
ତାରାଦେବୀ—'ମହାଯାନ' ବୌଦ୍ଧ-ପୂଜିତ ୮୧; ଚୀନ୍‌ରେ ଏହାର ପୀଠ ୨୮୯
ତିବ୍ବତ—ସେ ସ୍ଥାନର ପୋଷାକ ୧୬୫, ୧୬୬
ତୁର୍କ, ତୁରସ୍କ, ତୁର୍କସ୍ଥାନ ଓ ଏଡେନ୍ ୮୪; ଓ ସୁଏଜ ୯୫; -କଙ୍କି-ପାସ୍ତୀ ୧୧୪; 'ଆତୁର ବୃଦ୍ଧ ପୁରୁଷ' ୧୧୪; ଓ ଜର୍ମାନ ଓ ରୁଷ୍ ୧୧୮; ଆଦି-ନିବାସ ୧୨୦; -ଇଉରୋପ ଓ ଏସିଆର ଆଧିପତ୍ୟ ୧୨୦; -ଜାତି ନାମ ୧୨୦; -ସମ୍ରାଟ୍ ହୁଷ୍ଟ ଆଦି ୧୨୧; -ଯୁଦ୍ଧପ୍ରିୟ ୧୨୧; ପୂର୍ବେ ଥିଲେ ବୌଦ୍ଧ ୧୨୧; -ମୁସଲମାନ ଧର୍ମଗ୍ରହଣରେ ବର୍ବରତା ୧୨୧; ଏମାନଙ୍କର ଦୁଇଟି ସମ୍ପ୍ରଦାୟ ୧୨୨; ଏମାନେ ସର୍ପପୂଜକ ୧୨୨
ତ୍ୟାଗ— ଶାନ୍ତିଦାତା ୨୬; ବିରାଗ ପରେ ୨୮

(ସ୍ୱାମୀ) ତ୍ରିଗୁଣାତୀତାନନ୍ଦ (ସାରଦା)—ତାଙ୍କର ଚଞ୍ଚଳଚିତ୍ତ ୨୭୮; ତାଙ୍କର ଶୂଳବେଗ ୪୦୧
ତ୍ରିତତ୍ତ୍ୱବାଦ ୧୫
ଥେରାପିଉଟ୍—ଧର୍ମ-ସମ୍ପ୍ରଦାୟ ୮୬
ଦଲ୍ମନ୍ଧର (ଜାତି) ୮୦
ଦରଦ—ଜାତି ୧୪୫; ଦରଦ ସ୍ଥାନ ୧୪୫
ଦରିଦ୍ର (ଗରିବ)— ଇଉରୋପ ଓ ଆମେରିକାର ୧୦୪; ଏମାନଙ୍କର ଆହାର ୧୨୦; ଭାରତରେ ଏମାନଙ୍କ ଉପରେ ଅତ୍ୟାଚାର ୩୦୪; ଭାରତର- ୩୨୨; ଓ ହିନ୍ଦୁଧର୍ମ ୩୨୨-୩, ୩୬୪; ଏମାନଙ୍କ ମଧ୍ୟରେ ମହତ୍ତ୍ୱ ଚିନ୍ତାରାଶିର ପ୍ରଚାର ୩୪୬; ଏମାନଙ୍କର ଶିକ୍ଷାଦାନ ୩୬୫, ୩୮୫, ୩୯୦, ୩୯୯; -ହିନ୍ଦୁର ୩୮୯; ଏମାନଙ୍କର ବ୍ୟକ୍ତିତ୍ୱବୋଧ ଜାଗରିତ ୩୮୯
ଦାରିଦ୍ର୍ୟ—ଭାରତ ଭଳି କେଉଁଠି ନାହିଁ ୧୩୨
ଦାକ୍ଷିଣାତ୍ୟ—ସେଠାରେ ସଭ୍ୟତା ୬୩, ୬୫; ସେଠାରେ ଆହାର ୧୬୦, ୧୬୨
ଦିନାମାର—ଶ୍ରୀରାମପୁରଠାରେ ୫୮; ଭାରତଠାରୁ ଏହାର ଐଶ୍ୱର୍ଯ୍ୟ ୯୪
ଦେବତା ଓ ଅସୁର ୧୮୦, ୧୮୩
ଦୋରସ୍ଥାନ-ଜାତି ୧୨୬
ଦ୍ୱୈତବାଦ ୧୪୧, ୨୬୨
ଦ୍ରାବିଡ଼—ଜାତି ୧୦୦
ଧର୍ମ—ଅନୁଭୂତ ୧; ସାର୍ବଭୌମ- ୨, ୩୫୨; -ପୁନରୁଦ୍ଧାରରେ ଅବତାର ୩; -ମହାଭାରତ ଓ ଶ୍ରୀରାମକୃଷ୍ଣ ୧୨; ଏହାର ଉତ୍ପତ୍ତି ୩୯; -ସମନ୍ୱୟ ୩୯, ୩୫୩; -କ୍ରିୟାମୂଳକ ୧୩୪, ୧୩୬; -ଦ୍ୱାରା ଚିତ୍ତଶୁଦ୍ଧି ୧୩୬; ସମାଜ-ସଂସ୍କାର ଏହାର କାର୍ଯ୍ୟ ନୁହେଁ ୩୫୪; ଏହାର ସଂଜ୍ଞା ୩୫୪; -ଦ୍ୱାରା ଗରିବର ଦୁଃଖ ଦୂର ୩୬୪; -ଖାଲି ପେଟରେ ହୁଏ ନାହିଁ ୩୬୪; ଏହା ଉପରେ ବିଜ୍ଞାନର ତୀବ୍ର ଆକ୍ରମଣ ୩୮୯
ନବୀ (Prophet) ୧୦୩
ନିହିଲିଜମ୍ (ନାସ୍ତିବାଦ) ୨୧୫
'ନାଇଣ୍ଟିଅ୍ ସେଞ୍ଚୁରୀ'—ପତ୍ରିକାରେ ମାକ୍ସମୁଲର୍ଙ୍କ ପ୍ରବନ୍ଧ ୬, ୭
ନାଗ—ତକ୍ଷକାଦି ବଂଶ (ପ୍ରାଚୀନ ତୁରସ୍କ) ୧୨୨
ନାଟକ—ଆର୍ଯ୍ୟ ଓ ଗ୍ରୀକ୍ ୪୨; କାଳିଦାସ ଓ ସେକ୍ସପିୟରଙ୍କର- ୪୨; ଗ୍ରୀକ୍ ପ୍ରଭାବାନ୍ୱିତ ହିନ୍ଦୁ- ୪୨
ନାରୀସିଂହୀ ମୂର୍ତ୍ତି (ମିଶରରେ) ୮୫
ନ୍ୟୁୟର୍କ—ଗରମ ସ୍ଥାନ ୧୬୮; -ଲୋକର ଉଦ୍ୟୋଗପୂର୍ଣ୍ଣ ୧୭୩
'ନ୍ୟୁୟର୍କ ସନ୍'—ପତ୍ରିକା ୩୭୦

ନିଗ୍ରୋ ଆଫ୍ରିକାର- ୯୯, ସ୍ଲେଭ- ୯୯; ଆମେରିକାରେ ଏମାନଙ୍କ ପ୍ରତି ପୈଶାଚିକ ବ୍ୟବହାର ୩୮୮
ନିବେଦିତା (ଭଗିନୀ)—ସ୍ୱାମୀଜୀଙ୍କର ସହଯାତ୍ରୀ ୮୨
ନିର୍ବାଣ ଓ ମୁକ୍ତି ୨୭୨
ନିର୍ଭରତା ଈଶ୍ୱରଙ୍କ ଉପରେ- ୧୭, ୨୭୦; ଓ ଆତ୍ମ ସମର୍ପଣ ୩୦୮; ଆତ୍ମା- ୩୯୭
ନୀଳନଦ—ମିଶର ପୁରାଣରେ ୧୦୧
ନୁ (Noah) ୩୨
ନେଗ୍ରିଟୋ—ସ୍ଲେଭ ନିଗ୍ରୋ ୯୯
ନେପ୍ଚୁନଙ୍କର ମନ୍ଦିର ୧୨୭
ନେପୋଲିଅନ୍ (ମହାବୀର) ୧୧୫-୭, ୧୭୭-୮; ଭୂତାସ୍ଥ ୧୪୮, ୧୭୮
ପଓହାରି ବାବା—ଏହାଙ୍କର ବାସସ୍ଥାନ ୨୭୨; -ନାମର ତାତ୍ପର୍ଯ୍ୟ ୨୭୪; ତାଙ୍କର ଉଦାରତା ଓ ବିନୟ ୨୭୪, ୨୮୪; -ରାଜଯୋଗୀ ୨୮୪; ଧାର୍ମିକ ଓ ସହୃଦୟ ୨୮୫
'ପଞ୍ଚଦଶୀ' ଓ ସାୟନାଚାର୍ଯ୍ୟ ୭୪; -ମତରେ ବ୍ରହ୍ମ ଓ ଶୂନ୍ୟ ୨୬୩
ପଞ୍ଚାୟତ (ଗ୍ରାମ୍ୟ) ଓ ସ୍ୱାୟତ୍ତ ଶାସନ ୨୦୦
ପତ୍ରିକା ପ୍ରକାଶନ (ସମିତି) ୪୨୧
ପଣ୍ଟ ଦେଶ—ଠାରୁ ମିଶରରେ ୮୫
ପରମହଂସ— ହେବାର ଯୋଗ୍ୟତା ୨୮
ପରଲୋକ—ବାଦ ପାରସୀମାନଙ୍କର ଓ ବାଇବେଲ୍‌ର ୧୦୨; ଧାର୍ମିକର- ୧୩୪; ଏଥିରେ ବିଶ୍ୱାସ ୧୪୯
ପରିଣାମବାଦ—ୟୁରୋପୀୟ ବିଜ୍ଞାନରେ ଓ ଭାରତରେ ୧୭୮
ପରିନିର୍ବାଣ—ମୂର୍ତ୍ତି ବୁଦ୍ଧଦେବଙ୍କର ୩୧୩
ପଲ୍ କେରସ ୪୦୭
ପାମାର (ପଟାର୍) ମିଃ ୩୫୭, ୩୫୮, ୪୦୯
'ପାରସୀ'—ପର ଇହୁଦୀମାନଙ୍କ ମଧ୍ୟରେ ୧୦୨
ପାରସ୍ୟ—ଏହାର ବର୍ତ୍ତମାନ ଦୁର୍ଦ୍ଦଶାର କାରଣ ୧୨୧; ତୁରସ୍କ ଅଧିକାରରେ ୧୨୨; ଆରବର ପଦାନତ ୧୭୧
ପ୍ୟାରି, ପ୍ୟାରିସ୍—ଧର୍ମେତିହାସ-ସଭା ୩୯; -ପ୍ରଦର୍ଶନୀ ୪୫; -ଅମରାବତୀ ସମ ୫୩; -କ୍ୟାଥଲିକମାନଙ୍କର ଦେଶ ୧୦୮; ଏହାର ପୋଷାକ ଓ ଫେଶନ୍ ୧୪୭; -ୟୁରୋପର ମହାକେନ୍ଦ୍ର ୧୭୦; ଓ ଫ୍ରାନ୍ସ ୧୭୨, ୧୭୭
ପାଶ୍ଚାତ୍ୟ ଓ ଭାରତ ୭, ୧୩୧, ୨୭୧, ୩୪୭, ୩୫୦, ୩୮୮, ୩୮୯; -ସାହିତ୍ୟ ୪୨; -ଧର୍ମ ଓ ସମାଜ ୧୩୪, ୧୩୮, ୧୩୯, ୨୨୧, ୩୮୯; ସ୍ୱାସ୍ଥ୍ୟ ୧୪୬; ପୋଷାକ ୧୪୭; -ଜାତି ଅସୁରବଂଶ ୧୪୯; ସେଠାକାର ପରିଚ୍ଛନ୍ନତା ୧୪୯; -ଆହାର ଓ ପାନୀୟ ୧୫୪,

୧୫୯, ୧୬୦; ମଧ୍ୟରେ ଫରାସୀ ଅଗ୍ରଣୀ ୧୬୪; -ବେଶଭୂଷା ୧୬୪; -ସ୍ୱାଧୀନତା ୧୬୭; ସେଠାରେ ଶକ୍ତିପୂଜା ୧୬୯; ଓ ପ୍ରାଚ୍ୟରେ ସଂଘର୍ଷ ୧୮୩, ୨୨୦; -ସଭ୍ୟତା ପ୍ରାଚ୍ୟର ତୁଳନାରେ ୧୮୫, ୩୮୩ ୧୮୮; ସେଠାକାର ଆଦିମ ନିବାସୀଙ୍କର ଦୁର୍ଦ୍ଦଶା ୧୯୦; -ନ୍ୟାସ୍ ୨୬୩, -ଦେଶର ଦରିଦ୍ରମାନେ ୩୮୯

ପିରାମିଡ୍—ମିଶରରେ ୮୬

'ପୁଣ୍ଟ'—ଦେଶ ୧୦୧

ପୁରୁଷସୂକ୍ତ ଏଥିରେ ଜାତି ୨୬୧

ପୁରୋହିତ—ଶକ୍ତିକ୍ଷୟ ୨୦୧, ୨୦୮; ମୁସଲମାନ ଅଧିକାରରେ- ୨୦୨; -ଶକ୍ତିର ଉତ୍ପତ୍ତି ୨୦୬; ଏମାନଙ୍କର ଅତ୍ୟାଚାର ୩୦୩, ୩୮୯

ପେଟ୍ରି ସ୍କାର୍କ—ଗ୍ରୀସ୍‌ରେ ୧୨୫

ପେରୁ (ଜାତି) ୧୬୯

ପୋପ୍ ଓ ଭ୍ୟାଟିକାନ୍ ୧୧୫; କରସ୍ତାନ ଧର୍ମଗୁରୁ ୧୮୪

ପର୍ତ୍ତୁଗୀଜ—ହୁଗୁଲି ନଦୀରେ ବାଣିଜ୍ୟ ୫୬; -ଦସ୍ୟୁମାନଙ୍କର ୬୩; ଏଡେନ୍‌ରେ- ୮୩; -ଭାରତର ଜଳପଥ ଆବିଷ୍କାରରେ ୯୪

ପ୍ରଜା—ଶକ୍ତି ଉପେକ୍ଷିତ ୧୯୯; -ଶକ୍ତିର ଆଧାର ୨୧୬

ପ୍ରଜ୍ଞା ପାରମିତା ୨୬୩, ୨୮୧

ପ୍ରତାପ ଚନ୍ଦ୍ର ମଜୁମଦାର— ଶ୍ରୀରାମକୃଷ୍ଣଙ୍କ ବିଷୟରେ ପ୍ରବନ୍ଧ ୫, ୯; ଚିକାଗୋ ଧର୍ମ-ମହାସଭାରେ ୩୩୬, ୩୬୨

ପ୍ରକୃତତତ୍ତ୍ୱ— ୯୮

ପ୍ରାଚ୍ୟ ଓ ପାଶ୍ଚାତ୍ୟ ୧୩୧; ସେଠାରେ ଧର୍ମ ଅବହେଳିତ ୧୩୮; ଜାତିତତ୍ତ୍ୱ ୧୪୪; -ପୋଷାକ ୧୪୬; ବେଶ-ଭୂଷା ୧୬୪; -ପରମାଣୁବାଦ ୧୬୮-୯; ଓ ପାଶ୍ଚାତ୍ୟର ମୂଳ ପାର୍ଥକ୍ୟ ୩୮୩

'ପ୍ରେସ୍-ଗ୍ୟାଙ୍ଗ୍' ୬୩

ପ୍ରୋଟେଷ୍ଟାଣ୍ଟ—ପ୍ରବଳ ଜର୍ମାନୀ ୧୧୪; ହୋଇ ୟୁରୋପୀୟମାନେ ବଞ୍ଚିଲେ ୧୩୮; ୟୁରୋପରେ ନଗଣ୍ୟ ୧୬୯

ଫଲେ—ଇହୁଦୀ ଐତିହାସିକ ୧୦୩

ଫେରୋ—ମିସରୀ ବାଦ୍‌ଶା ୮୫, ୯୫

ଫ୍ରାନ୍‌ସ, ଫରାସୀ—କ୍ୟାଥଲିକ୍ ପ୍ରଧାନ ୩୯, ୧୧୪; ଓ ସୁଏଜ୍ ଖାଲ ୮୪, ୯୩, ୯୫; ବାଣିଜ୍ୟ ଭାରତରେ ୯୪; -ପ୍ରତିଭା ଓ ସଭ୍ୟତା ୯୬, ୧୧୨, ୧୧୯, ୧୬୨; -ପ୍ରଦର୍ଶନୀ ୧୧୦; ଆହାର ସମ୍ବନ୍ଧରେ ୧୧୩-୪, ୧୬୧; ରାଜନୈତିକ ସ୍ୱାଧୀନତା ଏହାର ମେରୁଦଣ୍ଡ ୧୪୦; ସ୍ୱାଧୀନତା ୧୬୮; -ବିପ୍ଳବ ୧୬୫; -ପ୍ରଜାତନ୍ତ୍ର ୧୬୬-୭

ଫ୍ରାଁ, ଫ୍ରାଁକ (Franks)—ଜାତି ୧୬୧

ଫ୍ଲାମାରିଅଁ—ମନୀଷି ୧୮୯
ବକ୍ତୃତା (କମ୍ପାନୀ) ସଂସ୍ଥା ୩୬୨ (ପା.ଟୀ.) ୪୦୬
ବଙ୍ଗଦେଶ, ବଙ୍ଗଳା—ସେଠାରେ ଏକ ବର୍ଣ୍ଣରେ ଅବାନ୍ତର ବିଭାଗ ୨୬-୭; ଏହାର ରୂପ ୫୩, ୫୫; ସେଠାରେ ନୃତ୍ୟ କୀର୍ତ୍ତନ ପ୍ରଚୁର ୮୦; -ବାସୀଙ୍କର ଗୌରବ ବର୍ଦ୍ଧନ ୧୧୧; ଆହାର ସମ୍ବନ୍ଧରେ ୧୫୬, ୧୫୯, ୧୬୦; -ବାସୀଙ୍କର ବେଶଭୂଷା ୧୬୫; ସେଠାରେ ପ୍ରାଚୀନ ଶିଳ୍ପର ଦୁର୍ଦ୍ଦଶା ୧୯୦; ଭକ୍ତି ଓ ଜ୍ଞାନର ଦେଶ ୨୮୪; ସେଠାରେ ଶ୍ରୀରାମକୃଷ୍ଣଙ୍କର ସ୍ମରଣଚିହ୍ନ ୨୯୩; -ତ୍ୟାଗ ଜାଣେନା ୨୯୪-୫
ବଙ୍ଗୋପସାଗର—ବର୍ଣ୍ଣନା ୫୬, ୬୧, ୬୨
ବର୍ଣ୍ଣ—ବିଭାଗ ୧୮୮, ଚତୁଃ- ୨୦୪, ୨୦୬
ବର୍ଣ୍ଣସାଙ୍କର୍ଯ୍ୟ ଓ ଜାତିଗଠନ ୧୩୯, ୧୪୪
ବର୍ଣ୍ଣଫ—ସଂସ୍କୃତଜ୍ଞ ଜର୍ମାନ୍ ପଣ୍ଡିତ ୯୯ (ବର୍ଗସ—ମୁଦ୍ରଣତ୍ରୁଟି)
ବର୍ବର (Barbars)—ରୋମ୍‌ରେ ୧୭୧; ଆସୁର ୨୦୨
ବାଇବେଲ ଏହାର ମୂଳ ୭୪; ଓ ଗବେଷଣା ବିଦ୍ୟା ୯୮; ରଚନାର କାଳ ୧୦୨; ଏଥିରେ ପରଲୋକବାଦ ୧୦୨; 'ସେଣ୍ଟ ଜନ୍' ଅଂଶ ୧୦୩
ବାବିଲ, ବାବିଲୀ—ସଭ୍ୟତା ୬୪, ୯୬, ୧୦୦, ୧୦୧; -ଉପାସନା ୧୦୨
ବାମାଚାର—ପାଶ୍ଚାତ୍ୟରେ ୧୭୯; ବୌଦ୍ଧତନ୍ତ୍ରରେ- ୨୮୧
ବିଜୟ ସିଂହ ଓ ଲଙ୍କା ଅଭିଯାନ ୭୮
ବିଜ୍ଞାନ—ଇନ୍ଦ୍ରିୟ-ଗ୍ରାହ୍ୟ ଜ୍ଞାନ ୧; 'ଏକ' ଆଉ 'ବହୁ' ଖୋଜିବା ୧୭୮; ଓ ଧର୍ମର ସାମଞ୍ଜସ୍ୟ ୩୮୯
ବିଦ୍ୟା—ଗୁଣମାତ୍ର ୨୦; ପରା ଓ ଅପରା- ୩୩; ଭାରତୀୟ ଓ ଗ୍ରୀକ୍- ୪୧
ବିଦ୍ୟାନଗର—ଦାକ୍ଷିଣାତ୍ୟରେ ୭୪
ବିବର୍ତ୍ତବାଦ ଶଙ୍କରଙ୍କର ୨୭୭
ବିବାହ ବାଲ୍ୟ- ୭୬, ୨୨୧-୨; ବହୁ- ୭୬; ଏହାର ସୂତ୍ରପାତ ୧୮୦; -ନବ୍ୟ ଓ ପ୍ରାଚୀନ ମତରେ ୨୨୧; ବିଧବା- ୩୪୬, ୩୮୪
ବିବେକାନନ୍ଦ (ସ୍ୱାମୀ)—ପ୍ୟାରିସ୍ ଧର୍ମେତିହାସ-ସଭାରେ ୩୯; ତାଙ୍କର ଦରିଦ୍ରମାନଙ୍କ ପ୍ରତି ସହାନୁଭୂତି ୯୫, ୩୦୪, ୩୨୫, ୩୪୮, ୩୮୦; ସାଂସାରିକ ଅବସ୍ଥା ସମ୍ବନ୍ଧରେ ୨୬୦; ମାନସିକ ଅବସ୍ଥା ସମ୍ବନ୍ଧରେ ୨୫୯, ୨୯୦, ୨୯୨; ତାଙ୍କର ନିର୍ଭରତା ଓ ବିଶ୍ୱାସ ୩୨୫, ୩୪୧, ୩୮୦, ୩୮୬, ୪୦୫; ଗୁରୁଭାଇମାନଙ୍କ ପ୍ରତି ୨୭୯; ତାଙ୍କର ମୂଳ ମନ୍ତ୍ର ୨୮୪; -କଠୋର ବୈଦାନ୍ତିକ ୨୮୫; ତାଙ୍କର ପ୍ରକୃତି ୨୮୫, ୨୯୦; ଶ୍ରୀରାମକୃଷ୍ଣଙ୍କର ଦାସ ୨୯୨, ୨୯୪; ତାଙ୍କର ସଚ୍ଚିଦାନନ୍ଦ ନାମକରଣ ୩୧୩; ଆମେରିକାର କାର୍ଯ୍ୟରେ ଅସୁବିଧା ୩୨୦, ୩୨୬-୭, ୩୮୩, ୩୮୬; ଭଗବାନଙ୍କର ଆଦେଶପ୍ରାପ୍ତ ୩୨୦, ୩୨୪;

ତାଙ୍କର ବିଦେଶ ଯିବାର ଉଦ୍ଦେଶ୍ୟ ୩୨୫, ୩୪୫, ୩୮୩, ୩୮୬; ତାଙ୍କର କର୍ମ ପରିକଳ୍ପନା ୩୬୫, ୩୬୬, ୩୮୧, ୩୮୬, ୩୯୯; -ଧର୍ମମହାସଭାର ୩୩୭; -ଜାତିଭେଦ ସମ୍ବନ୍ଧରେ ୩୪୬; ତାଙ୍କର ଜୀବନର ଉଦ୍ଦେଶ୍ୟ ୩୪୬, ୩୪୯, ୩୬୫; ତାଙ୍କର ଆକାଙ୍‌କ୍ଷା ୩୪୭, ୩୪୯; ତାଙ୍କର ମାତୃଭକ୍ତି ୩୪୮; ତାଙ୍କର ସଂସାର ତ୍ୟାଗ ୩୪୮; ତାଙ୍କର ଦୃଢ଼ ପ୍ରତିଜ୍ଞା ୩୪୮; ଭବିଷ୍ୟତ ଇଙ୍ଗିତ ୩୫୨, ୩୮୦, ୪୦୩, ଧର୍ମ ଓ ଈଶ୍ୱର ସମ୍ବନ୍ଧରେ ୩୬୪; ତାଙ୍କ ପ୍ରତି ମିଶନାରୀମାନଙ୍କର ବିରୁଦ୍ଧାଚରଣ (ମିଥ୍ୟା ଅପବାଦ) ୩୮୩, ୩୮୬, ୩୯୫, ୪୦୬; ବିବାହ ସମ୍ବନ୍ଧରେ ତାଙ୍କ ମତ ୩୭୭, ୩୮୪; ତାଙ୍କର ହିନ୍ଦୁଧର୍ମର ପ୍ରତିନିଧିତ୍ୱ ୩୮୨, ୩୮୬, ୪୦୯; ତାଙ୍କର ସ୍ୱଦେଶ-ପ୍ରୀତି (ଦେଶକୁ ଭଲପାଇବା) ୩୮୭

ବିଶ୍ୱାସ ଭ୍ରମପୂର୍ଣ୍ଣ- ୨୧; ଶାସ୍ତ୍ରରେ- ୨୫୯, ୨୭୩; ଭଗବାନଙ୍କଠାରେ ୨୫୯, ୩୨୫, ୩୪୭; ଓ ବେଦାନ୍ତ ୨୬୩; ନିଜଠାରେ- ୩୨୬, ୩୪୮; -ଦ୍ୱାରା ଅନ୍ତର୍ଦୃଷ୍ଟି ଓ ମତାନ୍ଧତା ୩୫୨

ବିସ୍‌ମାର୍କ—ମନ୍ତ୍ରୀବର ୧୧୪

ସାର ବୈଷ୍ଣବ ୭୫

ସାର ଶୈବ ୭୫, ୮୦

ବୁକନାର୍ ୟୁରୋପୀୟ ମନୀଷୀ ୧୮୯

ବୁଦ୍ଧ (ଦେବ) ଓ ଅମ୍ବାପାଲୀ ୧୦; ସିଂହଳରେ- ୩୧୩; ଦନ୍ତମନ୍ଦିରରେ ତାଙ୍କର ଦାନ୍ତ ୮୦; ଓ ଗୟାସୁର ୩୪; ତାଙ୍କର ଅତୁଳନୀୟ ସହାନୁଭୂତି ୨୮୧; ଓ କର୍ମବାଦ ୨୮୧; ଓ ଜାତିଭେଦ ୨୮୧, ୩୪୦; -ଈଶ୍ୱର ୨୮୨; ଚୀନରେ ତାଙ୍କର ମୂର୍ତ୍ତି ୩୧୬; ଗରିବ ଦୁଃଖୀଙ୍କ ପ୍ରତି ତାଙ୍କର ସ୍ନେହ ୩୨୩, ୩୨୫

ବୁର୍ବୋଁ—ବଂଶ ୧୧୬

ବେଣ—ଭାଗବତୋକ୍ତ ରାଜା ୨୧୩

ବେଦ—ଅନାଦି, ଅନନ୍ତ ୧; ଏହାର ବିଭାଗ ୨; -ଶେଷ ୮, ୨୮୩; ବୌଦ୍ଧାଦି ମତର ଉତ୍ପତ୍ତିସ୍ଥାନ ୪୧; ଏଥିରେ 'ସିନ୍ଧୁ' ବା 'ଇନ୍ଦୁ' ନାମର ଉଲ୍ଲେଖ ୯୪; ଏହାର ପ୍ରାଚୀନତ୍ୱ ୧୦୧; ଏଥିରେ କର୍ମବାଦ ୨୮୧; ବଙ୍ଗଦେଶରେ ଏହାର ଅପପ୍ରଚାର ୨୫୫; -ପାଠ ଓ ଶୂଦ୍ର ୨୬୧, ୩୫୫; -ଈଶ୍ୱରଙ୍କର ପ୍ରମାଣ ୨୬୩; ଓ ବୁଦ୍ଧ ୨୬୪, ୨୮୧; ଓ ତନ୍ତ୍ର ୨୬୪; ଓ ଗୁରୁପୂଜା ୩୪୯; ଓ ଆତ୍ମା ୩୫୪; ଏହାର ଉପଦେଶ ୩୮୦; ଓ ଆଧୁନିକ ବିଜ୍ଞାନ ୩୮୯

ବେଦାନ୍ତ—ସାର୍ବଭୌମିକ ଧର୍ମର ଉପଦେଷ୍ଟା ୨; ଏଥିରେ ଆର୍ଯ୍ୟ ବିଦ୍ୟାର ବୀଜ ୪୨; ଦ୍ୱୈତ, ବିଶିଷ୍ଟ ବା ଅଦ୍ୱୈତ- ୭୫; ପାଶ୍ଚାତ୍ୟ ଦର୍ଶନ-ଶାସ୍ତ୍ରରେ ଏହାର ପ୍ରଭାବ ୧୦୭; -ଭାଷ୍ୟ ୨୬୧; -ସୂତ୍ର ୨୬୩, ୨୬୪; -ଦର୍ଶନରେ ନିତ୍ୟସିଦ୍ଧ ୨୮୬; ପ୍ରାଚୀନ- ୩୭୮

ବେଶଭୂଷା—ଦ୍ୱାରା ଭଦ୍ର ଅଭଦ୍ର ୧୬୪; ଧୋତି ସୁନ୍ଦର ୧୬୫; 'ଚୋଗା' 'ଚୋଗା' ୧୬୫; କୌପୀନ ୧୬୬
ବୈଦିକ—ଧର୍ମ ୩୯; -ପୁରୋହିତ ଶକ୍ତି ୧୯୮; -ଭାଷାଜ୍ଞାନ ୨୫୫
ବୈଶ୍ୟ—ଶକ୍ତିର ଅଭ୍ୟୁଦୟ ୨୦୪; -ଶକ୍ତିରେ; ଇଂଲଣ୍ଡର ପ୍ରତିଷ୍ଠା ୨୦୬; -ଶକ୍ତିର ବିକାଶ ୨୧୩
ବୈଷ୍ଣବ—ସମ୍ପ୍ରଦାୟ ୪୦; -ଧର୍ମର ଉତ୍ପନ୍ନ ୭୫
ବୋଗେଶ—ମାର୍କିନ୍ ପାଦ୍ରୀ ୮୨, ୮୫
ବୌଦ୍ଧ ଏସୋସିଏଶନ୍- ୭, ୩୨୦-୧; -ଉପପ୍ଲାବନ ୨୬, ୨୦୦; -ଚିନ୍ତା ୪୮, ୨୮୦; -ସ୍ତୂପ ୪୦; ସିଂହଳରେ- ୭୭, ୩୧୩; ଓ ତୁର୍କ ଜାତି ୧୨୧; ଧର୍ମରେ ମୋକ୍ଷ ମାର୍ଗ ୧୩୪; -ଧର୍ମର ଉଦ୍ଦେଶ୍ୟ ଓ ଉପାୟ ୧୩୮; -ସମ୍ପ୍ରଦାୟଙ୍କର ଆହାର ୧୬୨; -ବିପ୍ଳବ ୨୦୦, ୨୦୧; ଓ ପଞ୍ଚଦଶୀକାର ୨୬୩; -ଧର୍ମ ଓ ଉପନିଷଦ୍ ୨୮୧; ଚୀନରେ- ୩୧୬
ବ୍ୟାରୋଜ୍, ଡକ୍ଟର—ଧର୍ମସଭାର ସଭାପତି ୩୩୮, ୩୭୦, ୪୦୮
ବ୍ୟାସ (ଦେବ)—ଧୀବର ଓ ଶୂଦ୍ର ୨୧୬, ୩୫୫; ଓ ଉପାସନା ୨୬୪; ଓ କପିଲ ୨୬୩
ବ୍ରହ୍ମ ଓ ଜଗତ ୧୭୮, ୩୫୩; ଓ ବୌଦ୍ଧ 'ଶୂନ୍ୟ' ୨୬୩
ବ୍ରହ୍ମଚର୍ଯ୍ୟ—ଭାରତରେ ବିରଳ ନୁହେଁ ୧୦; ଓ ମୋକ୍ଷ ୧୭୫; ଓ ବିଦ୍ୟାଶିକ୍ଷା ୩୪୪
ବ୍ରାହ୍ମଣ ଆଧୁନିକ- ୩୦୨, ୩୦୪, ୩୪୫, ୩୬୪; ଓ କ୍ଷତ୍ରିୟ ୩୫୫
ବ୍ରାହ୍ମଧର୍ମ—ସମାଜସଂସ୍କାର ୩୨୮
ବାଉଲ୍, ଅଧ୍ୟାପକ ୩୩୩
ଭଗବାନ—ଭାବମୟ ୨; -ବେଦମୂର୍ତ୍ତି ୩; ଯୁଗାବତାର ରୂପେ ୩; ତାଙ୍କର ଦୟା ଓ ଉଦ୍ୟମ ୨୭୦; ତାଙ୍କ ଅନୁସରଣ କରିବାର ଫଳ ୨୯୮; -ଅନନ୍ତ ଶକ୍ତିମାନ୍ ୩୨୫; -ରସସ୍ୱରୂପ ୪୧୪
ଭର୍ତ୍ତୃହରି ଓ ସନ୍ନ୍ୟାସ ୩୭୬
ଭାବ ଓ ଭାଷା ୩୦; ପ୍ରତି ମନୁଷ୍ୟଠାରେ ଓ ଜାତିରେ ଏହାର ବୈଶିଷ୍ଟ୍ୟ ୧୩୨; -ସଂଘର୍ଷ ୨୧୮
ଭାରତ, ଭାରତବର୍ଷ— ନରକଭୂମିରେ ପରିଣତ ; ପୁନରୁଜ୍ଜୀବିତା କରିଛନ୍ତି ୩; -ବାସୀଙ୍କର ରୀତି ନୀତି ୫; ପାଶ୍ଚାତ୍ୟର ଦୃଷ୍ଟିରେ ୭, ୧୩୧; ସଭ୍ୟତାର ଉନ୍ମେଷ ୨୪; ଗ୍ରୀକ୍ ଆଦର୍ଶର ତୁଳନାରେ- ୨୬, ୪୧; ଏଠାରେ ରଜୋଗୁଣର ଅଭାବ ୨୨; ବର୍ତ୍ତମାନ ଓ ଭବିଷ୍ୟତ- ୭୧; ଏହାର ଗୌରବ ୭୧; ଓ ଭବିଷ୍ୟତ ୭୨; ଏହାର ବେଶଭୂଷା ୧୬୪, ୧୬୬; ଏହାର ବାଣିଜ୍ୟ ୯୪; ଏହାର ପଦଦଳିତ ଶ୍ରମଜୀବୀ ୯୪-୫; ଏହାର ସାନ୍ୟାଲ ପ୍ରଭୃତି ୯୯; -ସଭ୍ୟତାର ପ୍ରାଚୀନତ୍ୱ ୧୦୦; ଏହାର ଦାରିଦ୍ର୍ୟ ୧୩୨; ଓ କର୍ମମାର୍ଗ ୧୩୮; ଏହାର ଜାତୀୟ ଜୀବନ ୧୪୨; ଏହାର ପ୍ରାଣ ଧର୍ମ ୧୪୨, ୨୧୧; ଏଠିକାର ଆହାର ୧୬୦; -ଇତିହାସ ସଂକଳନ

ସମ୍ବନ୍ଧରେ ୧୯୫; ସେଠାରେ ସ୍ୱାୟତ୍ତଶାସନ ୨୦୦; ମୁସଲମାନ ଅଧିକାରରେ- ୨୦୨-୩; ଇଂଲଣ୍ଡ ଅଧିକାରରେ- ୨୦୩; ପାଶ୍ଚାତ୍ୟ ଜାତିସଂଘର୍ଷରେ ଏହାର ଜାଗରଣ ୨୨୦; ପାଶ୍ଚାତ୍ୟ ଅନୁକରଣର ମୋହ ଏଠାରେ ୨୨୧-୨୨; -ବାସୀର ସ୍ୱଦେଶମନ୍ତ୍ର ୨୨୨

ଭାରତର ଅଧଃପତନର କାରଣ—ଦରିଦ୍ର ସାଧାରଣଙ୍କୁ ଅବଜ୍ଞା କରିବା ୩୧୫, ୩୨୨, ୩୨୫, ୩୪୫, ୩୪୯, ୩୬୪, ୩ ୯; ସ୍ୱାଧୀନ ଚିନ୍ତାର ଅଭାବ ୩୦୩; ସାମାଜିକ ଅତ୍ୟାଚାର ୩୧୮, ୩୨୨, ୩୨୩; କୁସଂସ୍କାର ୩୧୮, ୩୪୫; ଧର୍ମର ଉପଦେଶ ଅନୁସରଣ ନ କରିବା ୩୨୩, ୩୬୪; ଅନଭିଜ୍ଞ ସଂସ୍କାରକ ୩୪୦, ୩୫୪; ସ୍ତ୍ରୀଜାତିର ଅବହେଳା ୩୪୪, ୩୬୩-୪; ଈର୍ଷା ଇତ୍ୟାଦି ଦୋଷରେ ୨୫୧, ୩୫୬, ୩୬୩, ୩୬୬; ଶିକ୍ଷା ଓ ସଂଘବଦ୍ଧତାର ଅଭାବ ୩୮୩

ଭାରତର ପୁନରୁଜ୍ଜୀବନର ଉପାୟ—ବିଦେଶଭ୍ରମଣ ଓ ଅପର ଜାତିର ସଂସ୍ପର୍ଶରେ ଆସିବା ୩୦୪; ଦରିଦ୍ର ସାଧାରଣଙ୍କର ଉନ୍ନତି ବିଧାନ ୩୦୪, ୩୨୩, ୩୨୫, ୩୪୧, ୩୪୬, ୩୬୪, ୩ ୧; ସମାଜ-ବ୍ୟବସ୍ଥାର ଉନ୍ନତି-ବିଧାନ ୩୧୯, ୩୨୨, ୩୫୪, ୩୬୪; ନୀଚ ଜାତିର ବ୍ୟକ୍ତିତ୍ୱବୋଧ ଜାଗରିତ କରାଇବା ୩୮୪, ୩୮୯; ଶିକ୍ଷା (ବିଦ୍ୟା) ବିସ୍ତାର ୩ ୯, ୩୪୮, ୩୬୪, ୩ ୧, ୩୮୪ ତ୍ୟାଗ, ସେବା ଓ ଆଜ୍ଞାବହତା ୩୪୧; ପବିତ୍ରତା, ସହିଷ୍ଣୁତା, ଅଧ୍ୟବସାୟ ଓ ଦୃଢ଼ ବିଶ୍ୱାସ (ଅନନ୍ତ ବିଶ୍ୱାସ) ୩୨୩, ୩୨୨, ୩୪୧, ୩୪୭, ୩୬୦, ୩୬୯; ଧର୍ମୋପଦେଶ ଅନୁସରଣ ଓ ବିତରଣ ୩୨୩; ଚିନ୍ତାରେ ଓ କାର୍ଯ୍ୟରେ ସ୍ୱାଧୀନତା ୩୪୦, ୩୪୬; ସ୍ତ୍ରୀଜାତିକୁ ଶିକ୍ଷାଦାନ ଓ ସମ୍ମାନ କରିବା ୩୪୧, ୩୪୪, ୩୬୩-୪; ଅହଂକାର, ଭୟ, ଈର୍ଷା ଓ ଶିଥିଳତା ତ୍ୟାଗ ୩୪୧, ୩୫୧, ୩୮୦, ୪୨୨; ସତ୍ୟ, ପ୍ରେମ ଓ ଅକପଟତାକୁ ବାଧା ୪୨୨

ଭାଷା ବୈଦେଶିକ- ୨୫; ସାଧାରଣ ଲୋକ ଉପଯୁକ୍ତ- ୨୯; -ଭାବର ବାହକ ୩୦

ଭାସ୍କର୍ଯ୍ୟ ଆର୍ଯ୍ୟ ଓ ଗ୍ରୀକ୍- ୨୫; ଭାରତୀୟ- ୪୨

ଭିଏନା—ଗ୍ରେଟ ସହର ୧୧୪; ସେଠାରେ ମିଉଜିୟମ୍ ୧୧୬; -ଭୋଗର ଉଦ୍ଦ୍ୟୋତ-ପୂର୍ଣ୍ଣ ୧୬୩

ଭୂତ—ଅଣାଇବା ୪୧୪

ଭୂମଧ୍ୟସାଗର ଏହାର ଅଣ୍ତାପତନ ୮୮; -ସ୍ମୃତିପୂର୍ଣ୍ଣ ସ୍ଥାନ ୯୬; ଘୂରଆଡେ ୟୁରୋପୀୟ ସଭ୍ୟତାର ଜନ୍ମଭୂମି ୯୬, ୧୦୦

ଭୋଗ—ଶେଷ ନ ହେଲେ ଯୋଗ ହୁଏ ନାହିଁ ୨୮; ସୁଖ- ୧୩୪; -ବିନା ତ୍ୟାଗ ହୁଏ ନାହିଁ ୧୩୫

ଭୋଲ୍ଟେଆର୍ ୧୮୯

ଭ୍ୟାଟିକାନ୍—ପୋପଙ୍କର ପ୍ରାସାଦ ୧୧୫

ମଠ ଓ ଗୁରୁପୂଜା ୩୪୯
ମତବାଦ ଶଙ୍କର କଟ୍ଟତା- ୨୭୬; ସବୁ କିଛୁ ପର ପାଇଁ- ୬୮୧
ମଧୁପର୍କ—ବୈଦିକ ପ୍ରଥା ୨୬୪
ମଧ୍ୱମୁନି— ଦାକ୍ଷିଣାତ୍ୟର ଦ୍ୱୈତବାଦୀ ୭୪
ମନୁ—ଉକ୍ତ ଧର୍ମ ୨୬; ତଙ୍ଗ୍ରସ୍ଥ ଆହାରବିଧି ୧୬୩; -ଆଦି ଧର୍ମଶାସ୍ତ୍ର ୨୦୨; -ସ୍ତ୍ରୀଲୋକ ସମ୍ବନ୍ଧରେ ୩୪୪, ୩୬୩
ମନଃଶକ୍ତି—ଦଳରେ ୪୧୧
ମମେଶ (ଡାକ୍ତର)—ଦରଦ୍ ବନ୍ଧୁ, ଇଂରେଜ ୩୪୨
ମହମ୍ମଦ, ହଜରତ୍ ୩୨, ୮୭, ୨୦୨
ମହାପୁରୁଷ ତାଙ୍କର ଇଚ୍ଛାରେ କାର୍ଯ୍ୟ ସମ୍ପନ୍ନ ୧୩୭; -ପ୍ରତିଭାବଳରେ ଜାତିର ଉନ୍ନତି ୧୪୦; ଉଚ୍ଚ ଧାମର- ୩୨୫; ଓ ଶିଷ୍ୟ ୩୯୮
ମହାଭାରତ ୪୨, ୨୬୧
'ମହାଯାନ'—ବୌଦ୍ଧ ସମ୍ପ୍ରଦାୟ ୮୧, ୬୮୧
ମହାପ୍ରସ୍ଥ—ଆହାର ସମ୍ବନ୍ଧରେ ୧୬୧
ମହିନ୍ (ମହେନ୍ଦ୍ର ଦତ୍ତ)—ସ୍ୱାମୀଜୀଙ୍କର ସହୋଦର ୩୭୭
ମହେଞ୍ଜୋଦାରୋ—ପ୍ରାଚୀନ ସଭ୍ୟତାର ନିଦର୍ଶନ ୧୦୦
ମାଗଧୀ (ଭାଷା) ପ୍ରାଚୀନ—୮୧
ମାତାଠାକୁରାଣୀ (ଶ୍ରୀଶ୍ରୀମା) ୨୭୭-୮
ମାନ୍ଦ୍ରାଜ— ଚନ୍ନାପଟ୍ଟନମ୍ ୭୩; ହେଠୋକାର ତୀର୍ଥସ୍ଥାନ ୭୪
ତାମିଲ୍ ସଭ୍ୟତାର ଆବାସ ୭୪; -ଉପକୂଳ ୧୬୦; ସେଠାରେ ସଭର ପ୍ରସ୍ତାବ ୩୭୦, ୩୯୫, ୪୧୮; ଓ ହିନ୍ଦୁସମାଜ ୩୭୧
ମଣିଷ, ମନୁଷ୍ୟ—ହୃଦୟରେ ଧର୍ମ-ପିପାସା ୮; ଏହାର ଜାତ-ବୈଶିଷ୍ଟ୍ୟ ୧୩୨; ଏହାର ମଧ୍ୟରେ ଶରୀର, ମନ ଓ ଆତ୍ମା ୧୪୪; ଆଦମ- ୧୭୯; ଏହାର କ୍ରମବିକାଶ ୧୭୯; ୧୮୦; ଏହାର ମଧ୍ୟରେ ହିଁ ଭଗବାନଙ୍କୁ ଜାଣିବା ୩୫୦; ବଡ଼ ହେବାକୁ ପ୍ରୟୋଜନ ୩୫୧
ମାନ୍ଦ୍ରାଜୀ—'ଚେଟ୍ଟି' ୭୭; -ଯୁବକମାନଙ୍କ ପ୍ରତି ୩୨୫, ୩୯୭; ସେମାନଙ୍କ ଦ୍ୱାରା ଭାରତର ପରିତ୍ରାଣ ହେବ ୩୫୫; -ଯୁବକଦଳ ୩୯୬
ମାରମୋରା—ଗ୍ରୀକ୍ ଧର୍ମର ମଠ ୧୨୬
'ମାର୍ସାଇଏ' (La Marseilles) ୧୭୭
ମାସ୍‌ପେରୋ—ଫରାସୀ ପଣ୍ଡିତ ୯୮-୯
ମାହେନ୍ଦୋ (ମହେନ୍ଦ୍ର, ଧର୍ମାଶୋକଙ୍କ ପୁତ୍ର) ୭୮
ମାୟା—ଅବିଦ୍ୟା ୧୭୮; -ପ୍ରପଞ୍ଚ ୨୭୯; -ବାଦ ଓ ବୁଦ୍ଧ ଏବଂ କପିଳ ୬୮୨

ମିଶର—ତାମିଲ ଉପନିବେଶ ୭୫; -ଏହାର ପ୍ରାଚୀନ କୀର୍ତ୍ତି ୮୫; ଏହାର ପିରାମିଡ୍ ୮୬; ଓ ପ୍ଲେଗ୍ ୮୮: ଏହାର ଶିଳାଲେଖ ୯୮, ୧୦୧; ଏହାର ପ୍ରାଚୀନ ତତ୍ତ୍ୱ ଓ ଦେବଦେବୀ ୯୯, ୧୦୦; ଏମାନଙ୍କର ଆଦ୍ୟ ନିବାସ 'ପୁନ୍ଟ' ଦେଶ ୧୦୧; ଏହାର ପୌରାଣିକ କଥା ୧୦୧
'ମିସେନ' (Mycenoean)—କଳାଶିଳ୍ପ ୧୨୭
ମୁକ୍ତି (ମୋକ୍ଷ)—ମାର୍ଗ ଭାରତରେ ୧୩୪; ଓ ଗ୍ରୀସ ୧୩୫; -ବେଦରେ ୧୩୮; ବା ପାରମାର୍ଥିକ ସ୍ୱାଧୀନତା ୧୪୧; ଓ ନିର୍ବାଣ ୨୬୨
ମୁର୍ ଏମାନଙ୍କର ସ୍ପେନ୍‌ରେ ଆଧିପତ୍ୟ ୧୭୦, ୧୮୫
ମୁସଲମାନ୍—ଧର୍ମର ଅଭ୍ୟୁଦୟ ପରେ ଏଡେନ ୮୪; -ମାନଙ୍କର ଭାରତ ଆକ୍ରମଣ ୧୨୨; ଓ ହିନ୍ଦୁର ବିଷମ ସଂଘାତ ୧୬୩; -ସଭ୍ୟତା ୧୮୫
ମୁସା—ଇହୁଦୀ ନେତା ୮୫
ମୂର୍ତ୍ତିପୂଜା ୬୬, ୧୦୩, ୩୫୦
ମେଟାରନିକ୍—ଅଷ୍ଟ୍ରିୟାର ବାଦଶାହାଙ୍କ ମନ୍ତ୍ରୀ ୧୧୭
ମେନୁସ୍—ପ୍ରଥମ ମିଶରୀ ରାଜା ୧୦୧
ମେନେଲିକ୍—ହାବ୍‌ସି ବାଦ୍‌ଶା ୮୪
ମୋଗଲ—ଏସିଆରେ ୧୨୧, ୧୪୫; ଭାରତରେ ୧୨୦, ୧୨୨, ୧୪୧
ମୋଲକ (Moloch)—ମିଶରୀ ଦେବତା ୧୦୧-୨
ମ୍ୟାକ୍‌ସମୁଲର୍, ଅଧ୍ୟାପକ—ପାଶ୍ଚାତ୍ୟ ସଂସ୍କୃତଜ୍ଞମାନଙ୍କର ଅଧିନାୟକ ୪; ଭାରତହିତୈଷୀ ୬; ଧର୍ମ-ଦର୍ଶନ-ସାହିତ୍ୟ-ସାମ୍ରାଜ୍ୟର ଚକ୍ରବର୍ତ୍ତୀ ୮; 'ରାମକୃଷ୍ଣ ଓ ତାଙ୍କ ଉକ୍ତି'ର ଲେଖକ ୮
ମ୍ୟାକ୍‌ସିମ୍—ଭାରତ-ଭକ୍ତ ୧୦୯; ଚୀନ-ଭକ୍ତ ୧୦୯
ମ୍ଳେଚ୍ଛ ୧୩, ୪୧, ୧୩୨, ୧୫୦
ଯଜ୍ଞ ଗୋମେଧ- ୨୬; ଅଶ୍ୱମେଧ- ୨୭, ୧୯୮, ୨୧୧, ୨୬୪; ପଶୁମେଧ- ୧୫୪; ରାଜସୂୟ- ୨୦୧; -ଅନ୍ତଃଶୁଦ୍ଧିର କାରଣ ୨୮୧
ଯବନ (ଗ୍ରୀକ୍)—ନାଟକ ୪୨; ମିଶରର ଶିଷ୍ୟ ୮୫; -ଶବ୍ଦର ଉତ୍ପତ୍ତି ୧୦୫; -ପରିବ୍ରାଜକ ୧୦୦
ଯବନାଚାର୍ଯ୍ୟ ୧୩
ଯୀଶୁ, ଯୀଶୁଖ୍ରୀଷ୍ଟ—ମେରୀଙ୍କ ପୁତ୍ର ୧୩୩, ୧୬୯; ତାଙ୍କ ଉପଦେଶ ୩୦୨; ତାଙ୍କୁ ଅସ୍ୱୀକାର କରି ଇହୁଦୀ ଜାତିର ଦୁର୍ଦ୍ଦଶା ୩୨୩
ଯୁଗାବତାର ଓ ଯୁଗଧର୍ମ ୪
ଯୁଙ୍କ—ତୁରସ୍କ-ସମ୍ରାଟ ୧୨୧
ରଜଃ—ଗୁଣ ୨୭-୮; -ଗୁଣର ଆସ୍ଫାଳନ ୫୩; -ଗୁଣର ପ୍ରାଧାନ୍ୟ (ପ୍ରାବଲ୍ୟ) ୧୩୬, ୨୫୯

ରବର୍ଟସ, ଲର୍ଡ଼ ୧୪୧
ରବି ବର୍ମା ୧୯୧, ୨୯୯
ରାଇଟ୍, ଅଧ୍ୟାପକ ତାଙ୍କ ସହିତ ମିଳନ ୩୩୬; ତାଙ୍କ ସହିତ ଆଳାପ ୩୨୭
'ରାଜତରଙ୍ଗିଣୀ' ୧୪୫
ରାଜପୁତାନା—ଆହାର ସମ୍ବନ୍ଧରେ ୧୬୦, ୧୬୧-୩; ସେଠାରେ ଦାରିଦ୍ର୍ୟ ଓ ସ୍ମରଣ ୧୨୨; ସେଠାକାର ବେଶଭୂଷା ୧୬୬
ରାଜା ଓ ପ୍ରଜାର ଶକ୍ତି ୧୯୮, ୨୦୦
'ରାବ୍'—ଇହୁଦୀ ଧର୍ମୋପଦେଷ୍ଟା ୧୦୪
(ଶ୍ରୀ) ରାମକୃଷ୍ଣ (ଗୁରୁଦେବ, ଭଗବାନ)—ଅବତୀର୍ଣ୍ଣ ୨; ବହିଃଶିକ୍ଷା ଉପେକ୍ଷିତ ୩; -ନବଯୁଗ ଧର୍ମପ୍ରବର୍ତ୍ତକ ୪; ମୂର୍ଖ ପୂଜାରୀ ୧୧; -ଉପଦେଶ ୨୦୧, ୨୫୬, ୨୭୭, ୩୬୪; ଭଗବାନ୍-୨୫୫, ୨୯୩; ତାଙ୍କର ଫଟୋ ୨୫୫; ଗୁରୁଦେବ- ୨୬୫, ୨୭୭; -ଅଦ୍ୱିତୀୟ ୨୮୬; ତାଙ୍କର ପ୍ରଗାଢ଼ ସହାନୁଭୂତି ୨୮୬; -ଅନ୍ତର୍ଯାମୀ ୨୮୬; -ପୂଜା ୨୯୩, ୩୫୦; -ଶରୀରରେ ଅଗ୍ନି ସମର୍ପଣ ୨୯୩, ତାଙ୍କର ସ୍ମରଣ ଚିହ୍ନ ୨୯୩; ସତ୍ୟ ତତ୍ତ୍ୱ ପ୍ରଚାରକ ୩୪୮, ୩୫୧; -ଜୀବନ ସମନ୍ୱୟପୂର୍ଣ୍ଣ ୩୫୨; ତାଙ୍କର ଶ୍ରେଷ୍ଠ ଚରିତ୍ର ୩୫୨; -ଜୀବନ-ଚରିତ (ଜୀବନୀ) ୩୫୫, ୩୯୭; ଓ ଭାରତର ଉନ୍ନତି ୩୮୦; -ଶକ୍ତିକେନ୍ଦ୍ର ୩୮୬
(ଶ୍ରୀ) ରାମକୃଷ୍ଣଙ୍କର ତ୍ୟାଗୀ ଶିଷ୍ୟମଣ୍ଡଳୀ—ବିଶ୍ୱବିଦ୍ୟାଳୟର ଛାତ୍ରଗଣ ୨୯୩; ଜମିର ଆଶ୍ରୟ ୨୯୪; ସେମାନଙ୍କର ଭବିଷ୍ୟତ ୩୪୮-୯; ସେମାନଙ୍କ ବୈଶିଷ୍ଟ୍ୟ ୩୪୯; ସେମାନଙ୍କ ଚରିତ୍ର ୩୫୩, ୩୮୬, ୪୦୩; ସେମାନଙ୍କର ଭାବ ଓ ଶିକ୍ଷା ୩୫୨-୩; ସେମାନଙ୍କର ଉଦ୍ଦେଶ୍ୟ ୩୭୯; ସେମାନଙ୍କର ପ୍ରୟୋଜନୀୟତା ୩୮୬, ୩୯୦
ରାମାନୁଜ—୭୩-୪; ଆହାର ସମ୍ବନ୍ଧରେ- ୧୫୨
ରାମାୟଣ—ସମ୍ବନ୍ଧରେ ୟୁରୋପରେ ଭ୍ରାନ୍ତ ଧାରଣା ୧୮୭; ଓ ତୁଳସୀ ଦାସ ୩୯୨
ରୁଷିଆ, ରୁଷ ସେଠାକାର ଚା'ପାନ ୧୧୪; ଜର୍ମାନ ଓ ତୁର୍କୀର ସହିତ ସମ୍ପର୍କ ୧୧୮; -ଆହାର ୧୬୦; -ବେଶଭୂଷା ୧୬୫, ୧୬୭
ରେଡ୍-ସି (ଲୋହିତ ସାଗର)—କୂଳରେ ଉପନିବେଶ ୮୫; -ପ୍ରାଚୀନ ସଭ୍ୟତାର ମହାକେନ୍ଦ୍ର ୮୫; -ଯାତ୍ରୀର ବୋମ୍ବେଟିଆ ୮୭
ରୋଜେଟ୍ଟାଷ୍ଟୋନ୍—ମିଶରର ଶିଳାଲେଖ ୧୦୧
ରୋମ୍, ରୋମକ—ଇହୁଦୀମାନଙ୍କ ଉପରେ ରାଜତ୍ୱ ୧୦୩; -ରାଜ୍ୟ ୧୨୨; -ବେଶଭୂଷା ୧୬୫; -ଜାତିର କାର୍ଥେଜ-ବିଦ୍ୱେଷ ୨୧୭; ଗୋଟିଏ ଦିନରେ ନିର୍ମିତ ହୋଇ ନାହିଁ ୩୨୭
ଲଣ୍ଡନ—ପୋଷାକ ଓ ଫେସନ ୧୪୭; ସେଠାକାର ବେଶଭୂଷା ୧୬୧; ସେଠାକାର ଭୋଗବିଳାସ ୧୭୩

ଲସ୍ତନ୍, ମିଃ ୩୩୫, ୩୩୭
ଲି ହୁଂ ଚଙ୍ଗ ୧୧୦
ଲୁଥର, ମାର୍ଟିନ୍ ୧୦୮
ଲୁଭର Louvre)—ମିଉଜିୟମ୍ ୧୨୭
ଲେଗ୍‌ଲ୍ଁ—(ଗରୁଡ଼-ଶାବକ) ୧୨୬-୭
ଲୋହିତ ସାଗର (Red Sea) ୯୩
ଲ୍ୟାଣ୍ଡସ୍‌ବର୍ଗ ୪୨୩
ଶକ୍ତି—ଐଶୀ ଓ ଜୀବର ୮, ୧୧; ପୂଜା ୧୬୯, ୧୭୦; ଏହାର ନିତ୍ୟତା ୨୬୬
ଶଙ୍କର ଲାଲ (ଖେତଡ଼ିର ପଣ୍ଡିତ) ୩୦୨
ଶଙ୍କରାଚାର୍ଯ୍ୟ—ବେଦାନ୍ତ ଭାଷ୍ୟକାର ୩୦, ୨୬୧; ଅଦ୍ୱୈତବାଦର ପ୍ରବର୍ତ୍ତକ ୭୪; ଆହାର ସମ୍ବନ୍ଧରେ ୧୫୨; 'ପ୍ରଚ୍ଛନ୍ନ ବୌଦ୍ଧ' ୨୬୩; ଓ ବିବର୍ତ୍ତବାଦ ଓ ବୈଜ୍ଞାନିକ ଅଦ୍ୱୈତ-ବାଦ ୨୬୬; ଓ ତନ୍ତ୍ର ୨୮୦; ଓ ଦୁଃଖ ଓ ବୁଦ୍ଧ ୨୮୨; ବୁଦ୍ଧଙ୍କ ସମ୍ବନ୍ଧରେ ସ୍ତୋତ୍ର ୨୮୩
ଶୟତାନ୍ (ସଇତାନ)—ବାଦ ୧୦୨; ଏହାର ପୂଜା ୧୦୬; ଏହାର କୃତିତ୍ୱ ୧୨୩
ଶରୀର ସୃଷ୍ଟି- ୮୬; ଏହାର ଭେଦ ୧୪୪; ଓ ଜାତିତତ୍ତ୍ୱ ୧୪୪; ହିନ୍ଦୁର ସୁଶ୍ରୀ- ୧୪୭
ଶାନ୍ତି – ଅର୍ଥ ୩୪୩
'ଶାପ ଓ ସ୍ତୂପ' ୨୦୧, ୨୧୧
ଶାଳଗ୍ରାମ ଶିଳା—ସମ୍ବନ୍ଧରେ ଜର୍ମାନ ପଣ୍ଡିତଙ୍କର ଭ୍ରାନ୍ତ ମତ ୪୦-୧; ବୌଦ୍ଧ ସ୍ତୂପର ପ୍ରତିରୂପ ୪୦
ଶାସ୍ତ୍ରପାଠ ୨୨
ଶିକ୍ଷା—ଭାରତରେ ଗ୍ରହଣୀୟ ୨୨୧; -ସମ୍ବନ୍ଧରେ ଶ୍ରୀରାମକୃଷ୍ଣଙ୍କର ଉକ୍ତି ୨୨୧; ସଂସ୍କୃତ- ୨୫୫, ୧୯୮-୯; ଏହାର ଭାରତ ଓ ଆମେରିକାର ତୁଳନା ୩୪୧; ଦ୍ୱାରା ବ୍ୟକ୍ତିତ୍ୱ ବୋଧ ୩୮୯; ଏହାର ପରିକଳ୍ପନା ୩୪୮, ୩୬୫, ୩୮୧, ୩୯୦, ୩୯୯; -ଅର୍ଥ ଓ ଶିକ୍ଷକଙ୍କର କାର୍ଯ୍ୟ ୩୫୪; ଏହା ହିଁ ଜାତୀୟ ଜୀବନ ଗଠନର ପନ୍ଥା ୩୮୪; -ବିସ୍ତାରରେ ଅସୁବିଧା (ବାଧା) ୩୮୪, ୩୯୦
ଶିବଲିଙ୍ଗ—ସମ୍ବନ୍ଧରେ ଭ୍ରାନ୍ତ ମତ ଖଣ୍ଡନ ୪୦-୧
ଶିଳାଲେଖ (ପ୍ରାଚୀନ) ୯୨, ୯୮
ଶିଲର୍ – ଜର୍ମାନ୍ କବି ୧୦୭
ଶୂଦ୍ର—ଭାରତର 'ଚଳମାନ ଶ୍ମଶାନ' ୨୧୪; -ଜାଗରଣ ୨୧୪; -ପ୍ରାଧାନ୍ୟ ଓ ସୋସିଆ-ଲିଜମ୍ ୨୧୫; କୁଳରେ ଉତ୍ପନ୍ନ ଅସାଧାରଣ ପୁରୁଷ ୨୧୬; ଓ ବେଦପାଠରେ ଅଧିକାର ୨୬୧, ୩୫୫, -ନିଗ୍ରହ ୨୬୨

ଶୂନ୍ୟବାଦ ୧୭୩
ଶ୍ରୀମନ୍ତ ସୌଦାଗର (କବି କଙ୍କଣ) ୬୧
ସଚ୍ଚିଦାନନ୍ଦ—ସ୍ୱାମୀଜୀଙ୍କର ଛଦ୍ମ ନାମ ୩୦୫-୬, ୩୦୮
ସତ୍ତ୍ୱ—ଗୁଣ ୧୭-୮; -ପ୍ରାଧାନ୍ୟ ୧୩୬; -ପ୍ରଧାନ ପୁରୁଷ ୧୦୭
ସତ୍ୟ—ଅତୀନ୍ଦ୍ରିୟ ଓ ପଞ୍ଚେନ୍ଦ୍ରିୟଗ୍ରାହ୍ୟ ୧; ସବୁ ସମୟରେ ମଧୁର ହୁଏ ନାହିଁ ୧୧; ଏହାର ଶିକ୍ଷା ୧୮; -ଅନୁସନ୍ଧାନ ୧୧, ୧୯; ପରମ- ୧୩୫; -ଲାଭର ପ୍ରଧାନ ସାଧନ ୧୯୬
ସତ୍ୟଯୁଗ—ଆସନ୍ନ ୩୭୦
ସନ୍ନ୍ୟାସୀ (ସାଧକ) ସମବାୟ ଶଭ୍ର ଓ ନାଗା-୧୦୦; ପକ୍ଷରେ କ୍ରମାଗତ ବିଚରଣ ଅନିଷ୍ଟ-ଜନକ ୧୯୩; ଏମାନଙ୍କର କର୍ତ୍ତବ୍ୟ ୩୫୪; -ଦ୍ୱାରା ବିଦ୍ୟା-ବିତରଣ ଓ ଧର୍ମଶିକ୍ଷା ୩୭୪-୫, ୩୮୫, ୩୯୦; ଏହାର ଉତ୍ତରାଧିକାରୀ ୪୧୩
ସପ୍ତଗ୍ରାମ—ପ୍ରାଚୀନ ବନ୍ଦର ୫୭
ସଭ୍ୟତା ପ୍ରାଚୀନ- ୧୦୦; ଇଉରୋପୀୟ- ୧୦୦, ୧୮୭-୮; ପ୍ରାଚ୍ୟ ଓ ପାଶ୍ଚାତ୍ୟ- ୧୮୫-୬; ଇସଲାମ ଓ ଖ୍ରୀଷ୍ଟାନ- ୧୮୯, ୧୯୦; ବସ୍ତ୍ରରେ ୧୬୧; ଭାରତର ଜଡ଼ବନ୍ଧ- ୩୧୮
ସମନ୍ୱୟ ଓ ଶ୍ରୀରାମକୃଷ୍ଣ ୩, ୩୫୧
ସମସ୍ୟା ବର୍ତ୍ତମାନ- ୧୪
ସମାଜ ଏହାର ଦୁରବସ୍ଥା ୩୩, ୩୧୧, ୩୧୪; ଗୁରୁସହାୟ ଓ ଗୁରୁହୀନ- ୩୪; ଏହାର କ୍ରମବିକାଶ ୧୭୯, ୧୮୦; ଆଦିମ- ୧୭୯; ଏଥିରେ ବିବାହର ସୂତ୍ରପାତ ୧୮୦; ଏଥିରେ ମା'ଙ୍କ ନାମରେ ସନ୍ତାନର ନାମ ୧୮୦; -ସଂସ୍କାର ଓ ଧର୍ମ ୩୧୨-୩, ୩୫୪, ୩୮୪; ଓ ଦରିଦ୍ର ପତିତ ୩୧୨; -ସଂସ୍କାରୋପାୟ ୩୧୩; ଅତୁଳନୀୟ- ୩୫୦
ସମିତି ୪୦୯, ୪୧୨, ୪୧୧
ସଂଘମିତ୍ରା ୭୮
ସଂସାର—ବାଦ (ପୁନର୍ଜନ୍ମବାଦ) ୬; ଅନ୍ତଃସାରଶୂନ୍ୟ ୧୪
ସଂସ୍କୃତ—ଭାଷା ଓ ଇଉରୋପ ଭାଷା ମଧ୍ୟରେ ସାଦୃଶ୍ୟ ୧୫; -ଭାଷା ଇଉରୋପରେ ୯୮; -ଭାଷାରେ ଜର୍ମାନମାନେ ପଟୁ ୯୮
ସାପର ପୂଜା (ପ୍ରାଚୀନ ତୁରସ୍କରେ) ୧୧୧
ସାର୍ଡ—ନାଟ୍ୟକାର ୧୧୬
ସାୟନ—ବିଦ୍ୟାରଣ୍ୟ ମୁନି ୭୪
ସିଂହଳ ସେଠାରେ ବୌଦ୍ଧଧର୍ମ ୭୭-୮; ସେଠାରେ ବଣୁଆ ଜାତି ବେଦ୍ଧା ୬୮; ସେଠାରେ ବଙ୍ଗାଳୀମାନଙ୍କର ଉପନିବେଶ ୭୮; ଓ ତାମିଲ ଜାତି ୭୯; -ବାସୀଙ୍କର ଚେହେରା ୩୧୩; -ବାସୀଙ୍କର ଭାଷା ୩୧୩
'ସୁନ୍ନତ' (ଇହୁଦୀ ପ୍ରଥା) ୧୦୩

ସୁବର୍ଣ୍ଣଶୃଙ୍ଗ (Golden Horn) ୧୨୬
'ସୁମେର'—ତାମିଲ୍ ଜାତିର ଶାଖା ୭୪, ୨୦୪
'ସୁମେରୁ-ଜ୍ୟୋତି' ୪୦୧ (ପା. ଟୀ.)
ସୁଏଜ୍ ଖାଲ—ଫରାସୀ ଅଧିକୃତ ୮୪; -ସୁନ୍ଦର ପ୍ରାକୃତିକ ବନ୍ଦର ୮୮; ସେଠାରେ ମଗର ଶିକାର ୮୮, ୯୩; ଖନନକାର୍ଯ୍ୟ ୯୩; -ଖାତ ସ୍ଥାପତ୍ୟର ଅଦ୍ଭୁତ ନିଦର୍ଶନ ୯୩; -ଭାରତ ଇଉରୋପ ବାଣିଜ୍ୟର ସୁବିଧା କରିଛି ୯୩; -କମ୍ପାନି ୯୫
ସୁରେଶ (ଚନ୍ଦ୍ର ମିତ୍ର)—ବାବୁର ମୃତ୍ୟୁ-ସମ୍ବାଦ ୨୯୩-୪
ସେବା ଦରିଦ୍ର- ୪୦୪
ସେମିଟିକ୍—ଜାତି ୧୦୦; -ରକ୍ତ ତୁର୍କୀ ଜାତିରେ ୧୨୧
ସୋସିଆଲିଜମ୍ ଓ ଶୂଦ୍ରଜାଗରଣ ୨୧୫-୭
ଷ୍ଟକହ୍ୟାମ୍, ମିସ୍ କୋର୍ ୪୧୧, ୪୧୨, ୪୧୫
ଷ୍ଟ୍ରଙ୍ଗ୍ (ଜେନେରାଲ) ଓ ସିପାହୀ ବିଦ୍ରୋହ ୭୧
ସ୍ତ୍ରୀଲୋକ ସେମାନଙ୍କର ପ୍ରଧାନ ଧର୍ମ ୩୧୨; ଏମାନଙ୍କ ପ୍ରତି ହେୟଜ୍ଞାନର ଫଳ ୩୪୪; ସେମାନଙ୍କର ଶିକ୍ଷା ଓ ମନୁଙ୍କର ଅନୁଶାସନ ୩୪୪; ସେମାନଙ୍କର ସ୍ୱାଧୀନତା ୩୪୬; ସେମାନଙ୍କର ଉନ୍ନତିର ଚେଷ୍ଟା ୩୯୨
ସ୍ଥାର୍ଟାର୍—ଦ୍ୱାର ହେକେଟ୍‌ମାନଙ୍କ ଉପରେ ଅତ୍ୟାଚାର ୨୭୨
ସ୍ପେନ୍, ସ୍ପାନ୍, ସ୍ପାନିସ୍ଯାର୍ଡ ଓ ମୁର ଜାତି ୧୮୬; ପ୍ରଥମ ୟୁନିଭର୍ସିଟି ୧୮୭; ସେମାନଙ୍କର ମୁର-ବିଦ୍ୱେଷ ୨୧୭
ସ୍ପେନ୍‌ସର୍ ହାରବର୍ଟ ୧୦୭, ୨୭୭
ସ୍ୱଦେଶ-ମନ୍ତ୍ର ୨୨୨
ସ୍ୱଧର୍ମ (ବା ଜାତିଧର୍ମ) ୧୩୮
ସ୍ୱର୍ଗ—ରାଜ୍ୟ ୧୬
ସ୍ୱାଧୀନତା ହିନ୍ଦୁ ଆଦର୍ଶ ପାରମାର୍ଥିକ- ୧୪୧; ରାଜନୈତିକ ଓ ସାମାଜିକ- ୧୪୧; -ଉନ୍ନତିର ସର୍ତ୍ତ ୩୪୦, ୩୪୭; ଚିନ୍ତା ଓ କାର୍ଯ୍ୟରେ ୩୪୬; ଆଧ୍ୟାତ୍ମିକ- ୩୫୮
ସ୍ୱାୟତ୍ତ ଶାସନ ଭାରତରେ- ୨୦୦
ହରପ୍ପା—ପ୍ରାଚୀନ ସଭ୍ୟତାର ନିଦର୍ଶନ ୧୦୦
ହରିଦ୍ୱାର ୧୫୭, ୨୬୯
ହାଇପେଶିୟା (ବିଦୁଷୀ) ୮୬ (ପାଦଟୀକା)
ହାଜରା—ଜାତି ୧୨୧
ହାଫିସ—ବାଦ୍‌ଶା ୮୩, ୮୪, ୧୧୫
ହିନ୍ଦୁ ଓ ଗଙ୍ଗା ୫୩; -ନାମର ଉତ୍ପତ୍ତି ୯୪; ଜାତିସ୍ଥ ଚରିତ୍ରର ବିକାଶ ୧୪୨; -ଶରୀର ୧୪୬; ଓ ବାହ୍ୟ ଶୁଚି ୧୪୯; -କରେ ଭିତର ସାଫ୍ ୧୫୨; -ଜାତିର ଆହାର ୧୫୫; -ଶାନ୍ତ-

ପ୍ରିସ୍ ୩୦୩; ସମୁଦ୍ରଯାତ୍ରା ସମ୍ବନ୍ଧରେ ୩୦୩; ତାହାର ବିଦେଶ-ଭ୍ରମଣ ୩୦୪; ତାହାର ନୀଚ ବର୍ଣ୍ଣ ଉପରେ ଅତ୍ୟାଚାର ୩୦୩; ମୂର୍ଖ- ୩୦୫; -ତାହାର ଅଭାବ ୩୧୫; -ମହିଳାର ପର୍ଦା ୩୧୬; -ତାହାର ଉନ୍ନତିର ଉପାୟ ୩୪୭; -ତାହାର ଅବନତିର କାରଣ ୩୫୧

ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ ୧; ଏହାର ଏକତା ୨; ଏହାର ରକ୍ଷାକର୍ତ୍ତା ୭୪; -ଶାସ୍ତ୍ରରେ 'ମୋକ୍ଷ' ଓ 'ଧର୍ମ' ୧୩୪-୫; ଏହାର ଉଦାର ମତ ୩୨୧; ଏହାର ଶିକ୍ଷା ୩୨୨, ୩୨୪; -ମହତ୍ତମ ଧର୍ମ ୩୨୨; -ଦ୍ୱାରା ମାନବାତ୍ମାର ମହିମା ପ୍ରଚାର ୩୨୩; -ଦ୍ୱାରା ଗରିବ ଓ ପତିତମାନଙ୍କର ଦଳନ ୩୨୩; -ଅବନତିର ଦୁର୍ଗ ୩୪୦; ଏହାର ସ୍ଥାନାବନ୍ଧା ୩୪୫, ୩୬୦; ଏହାକୁ କ୍ଷତ୍ରିୟଙ୍କର ଅବଦାନ ୩୫୫

ହିଲେଲ୍—ରବ୍ବି ୧୦୪

ହିସ୍ପାନିଆ, ସ୍ପେନ୍ ୧୦୮, ୧୦୯, ୧୨୪

ହଙ୍ଗେରି ଓ ଅଷ୍ଟ୍ରିଆ ୧୧୩, ୧୨୦

ହଙ୍ଗେରୀୟାନ—ତାତାର-ବଂଶୀୟ ୧୧୯; ଖ୍ରୀଷ୍ଟିଆନ୍ ୧୧୭

ହୁଣ - ତୁରସ୍କ ସମ୍ରାଟ ୧୨୧

କ୍ଷତ୍ରିୟ—ଶକ୍ତି ୨୦୯; ହିନ୍ଦୁଧର୍ମକୁ ଏମାନଙ୍କର ଦାନ ୩୫୫

'ୟାହେ' (ଦେବତା) ୮୫, ୧୦୨, ୧୦୩

ୟାହୁଦୀ (ଇହୁଦୀ)—ଉପାସନା ୧୦୨; -ତାହାର ଶାଖା ୧୦୩; ଐତିହାସିକ ୧୦୩; -ନବ ଧର୍ମଦାୟ ଓ ଖ୍ରୀଷ୍ଟଧର୍ମ ୧୦୩; ଅନ୍ୟାର ସମ୍ବନ୍ଧରେ ୧୬୩-୪; -ମାନଙ୍କୁ ପ୍ରେମ୍ ବିତାଡ଼ିତ କରେ ୧୮୩; ଏମାନଙ୍କ ଉପରେ ଖ୍ରୀଷ୍ଟିଆନ୍‌ମାନଙ୍କର ଅତ୍ୟାଚାର ୧୯୦

ୟୋନିଆ (Ionia) ୧୪୫